# ଦିବ୍ୟ ଜୀବନ

## ଦ୍ୱିତୀୟ ଖଣ୍ଡ-ଉତ୍ତରାର୍ଦ୍ଧ

'oaob.nitrkl.ac.in' images reprocessed

# ଦିବ୍ୟ ଜୀବନ

(ଦ୍ୱିତୀୟ ଖଣ୍ଡ—ଉତ୍ତରାର୍ଦ୍ଧ)

'oaob.nitrkl.ac.in' images reprocessed

ଶ୍ରୀଅରବିନ୍ଦ ସାହିତ୍ୟ-ସଂଗ୍ରହ

ଖଣ୍ଡ-୭

---

# ଦିବ୍ୟ ଜୀବନ

## (ଦ୍ୱିତୀୟ ଖଣ୍ଡ—ଉତ୍ତରାର୍ଦ୍ଧ)

**ଶ୍ରୀଅରବିନ୍ଦ**


ନବଜ୍ୟୋତି କାର୍ଯ୍ୟାଳୟ

ଶ୍ରୀଅରବିନ୍ଦ ଆଶ୍ରମ, ପଣ୍ଡିଚେରୀ-୨


'oaob.nitrkl.ac.in' images reprocessed

ଶ୍ରୀଅରବିନ୍ଦଙ୍କ 'The Life Divine (Vol. II, Part-II)' ଗ୍ରନ୍ଥର

ଓଡ଼ିଆ ଅନୁବାଦ ।

ଅନୁବାଦ :

ଶ୍ରୀ ଚିତ୍ତରଞ୍ଜନ ଦାସ

ପ୍ରଥମ ମୁଦ୍ରଣ ନଭେମ୍ବର, ୧୯୭୨

ସର୍ବସ୍ୱତ୍ୱ ସଂରକ୍ଷିତ

© ଶ୍ରୀଅରବିନ୍ଦ ଆଶ୍ରମ ଟ୍ରଷ୍ଟ, ପଣ୍ଡିଚେରୀ-୨

ପ୍ରକାଶକ :

ନବଜ୍ୟୋତି କାର୍ଯ୍ୟାଳୟ

ଶ୍ରୀଅରବିନ୍ଦ ଆଶ୍ରମ, ପଣ୍ଡିଚେରୀ-୨

ଏକ ସେଟ୍ (ଦଶଖଣ୍ଡ)ର ମୂଲ୍ୟ : ଟ ୨୫୦.୦୦

Printed at Sri Aurobindo Ashram Press, Pondicherry-2, India.

'oaob.nitrkl.ac.in' images reprocessed

# ସୂଚୀପତ୍ର

## ଦିବ୍ୟଜୀବନ (ଦ୍ୱିତୀୟ ଖଣ୍ଡ—ଉତ୍ତରାର୍ଦ୍ଧ)


| ବିଷୟ | ପୃଷ୍ଠା |
|---|---|
| ୧୫. ପରମ ସତ୍ୟ ଓ ପୂର୍ଣ୍ଣଜ୍ଞାନ | ୫୬୧ |
| ୧୬. ପୂର୍ଣ୍ଣଜ୍ଞାନ ଓ ଜୀବନର ଉଦ୍ଦେଶ୍ୟ : ଅସ୍ତିତ୍ୱର ଚାରି ସିଦ୍ଧାନ୍ତ | ୬୧୧ |
| ୧୭. ବିଦ୍ୟାଭିମୁଖୀ ପ୍ରଗତି ଈଶ୍ୱର, ମନୁଷ୍ୟ ଓ ଜଗତ୍ | ୬୫୪ |
| ୧୮ ବିକାଶର ଗତିଧାରା ଆରୋହଣ ଓ ପୂର୍ଣ୍ଣୋପଲବ୍ଧି | ୬୮୭ |
| ୧୯. ସପ୍ତଧା ଅବିଦ୍ୟାରୁ ସପ୍ତଧା ବିଦ୍ୟାକୁ | ୭୨୭ |
| ୨୦. ପୁନର୍ଜନ୍ମ-ଦର୍ଶନ | ୭୫୪ |
| ୨୧. ବିଶ୍ୱର ବ୍ୟବସ୍ଥାକ୍ରମ | ୭୯୩ |
| ୨୨. ପୁନର୍ଜନ୍ମ ଓ ଅନ୍ୟ ଲୋକତତ୍ତ୍ୱ : କର୍ମ, ଜୀବାତ୍ମା ଓ ଅମରତ୍ୱ ଲାଭ | ୮୩୭ |
| ୨୩. ପ୍ରକୃତିର ବିବର୍ତ୍ତନ ଓ ମନୁଷ୍ୟ | ୮୮୮ |
| ୨୪. ଆଧ୍ୟାତ୍ମିକ ମାନବର ବିକାଶ | ୯୨୮ |
| ୨୫. ରୂପାନ୍ତରର ତିନି ସୋପାନ | ୯୬୭ |
| ୨୬. ଆରୋହଣ : ଅତିମାନସ ଆଡ଼କୁ | ୧୦୪୫ |
| ୨୭. ବିଜ୍ଞାନମୟ ପୁରୁଷ | ୧୧୧୭ |
| ୨୮ ଦିବ୍ୟ ଜୀବନ | ୧୨୦୧ |


'oaob.nitrkl.ac.in' images reprocessed

# ଦିବ୍ୟ ଜୀବନ

(ଦ୍ୱିତୀୟ ଖଣ୍ଡ)

## ବିଦ୍ୟା ଓ ଅବିଦ୍ୟା
## — ଆଧ୍ୟାତ୍ମିକ ବିବର୍ତ୍ତନ

ଉତ୍ତରାର୍ଦ୍ଧ

## ସତ୍ୟଜ୍ଞାନ ଓ ଆଧ୍ୟାତ୍ମିକ ଆରୋହକ୍ରମ

'oaob.nitrkl.ac.in' images reprocessed

## ପଞ୍ଚଦଶ ପରିଚ୍ଛେଦ

# ପରମସତ୍ୟ ଓ ପୂର୍ଣ୍ଣଜ୍ଞାନ

ସତ୍ୟେନ ଲଭ୍ୟସ୍ତପସା ହ୍ୟେଷ ଆତ୍ମା ସମ୍ୟଗ୍ ଜ୍ଞାନେନ······ ।

—ମୁଣ୍ଡକ ଉପନିଷଦ, ୩ । ୧ । ୫

ସତ୍ୟ ଓ ସମ୍ୟକ୍ ଜ୍ଞାନଦ୍ୱାରା ଏହି ଆତ୍ମାକୁ ଲାଭ କରିବାକୁ ହେବ ।

······ସମଗ୍ରଂ ମାଂ ଯଥା ଜ୍ଞାସ୍ୟସି ତଚ୍ଛୃଣୁ ॥
ଯତତାମପି ସିଦ୍ଧାନାଂ କଶ୍ଚିନ୍ମାଂ ବେତ୍ତି ତତ୍ତ୍ୱତଃ ॥

—ଗୀତା, ୭ । ୧, ୩

ମୋତେ କିପରି ଭାବରେ ସମଗ୍ରରୂପେ ଜାଣିବାକୁ ହୁଏ, ସେଇକଥା ଶୁଣ । ······ଆପଣାର ସାଧନାରେ ଯେଉଁମାନେ ସିଦ୍ଧି ପ୍ରାପ୍ତ ହୋଇଛନ୍ତି, ସେମାନଙ୍କ ମଧ୍ୟରୁ କେହି ଜଣେହେଲେ ମୋର ସମସ୍ତ ସତ୍ୟଟିକୁ ଜାଣି ପାରିଛନ୍ତି କି ନାହିଁ ସନ୍ଦେହ ।

ତେବେ ଏହାହିଁ ହେଲା ଅବିଦ୍ୟାର ଉତ୍ପତ୍ତି, ଅବିଦ୍ୟାର ପ୍ରକୃତି; ଏବଂ ଏହିଗୁଡ଼ିକ ହେଲା ତାହାର ସୀମା । ଜ୍ଞାନ ସୀମାବଦ୍ଧ ହେବାରୁ ଅବିଦ୍ୟାର ଉତ୍ପତ୍ତି, ଆପଣାର ସମଗ୍ରତା ଏବଂ ପୂର୍ଣ୍ଣ ସତ୍ୟଟିରୁ ବ୍ୟକ୍ତଜୀବର ବିଚ୍ଛିନ୍ନ ହୋଇଯିବା ହେଉଛି ଅବିଦ୍ୟାର ଏକ ବିଶେଷ ଲକ୍ଷଣ । ଏବଂ ଚେତନାର ଏହି ବିଭିନ୍ନତାଧର୍ମୀ ବିକାଶ ଦ୍ୱାରାହିଁ ଅବିଦ୍ୟାର ସୀମାଗୁଡ଼ିକ ନିରୂପିତ ହୋଇଥାଏ; କାରଣ ଆମର ଯଥାର୍ଥ ଆତ୍ମସ୍ୱରୂପଠାରୁ ବିଚ୍ଛିନ୍ନ କରିଦେଇ ଏହା ଆମକୁ ଗୁହା ଭିତରେ କଳକରି ରଖିଦିଏ, ବସ୍ତୁଗୁଡ଼ିକର ସମ୍ପୂର୍ଣ୍ଣ ପ୍ରକୃତିଟିଠାରୁ ଆମକୁ ବିଚ୍ଛିନ୍ନ କରି ରଖେ ଏବଂ ଏକ ଆପାତ ଉପରିଭାଗସ୍ଥ ଅସ୍ତିତ୍ୱଭୂମିରେହିଁ ବଞ୍ଚି ରହିବାକୁ ଆମକୁ ବାଧ୍ୟ କରେ । ଆମେ ଯେଉଁ ସ୍ଥିତିରେ ଅଛୁ, ସେଠାରୁ ଆଗକୁ ଯାଇ ସମଗ୍ରତାର ସ୍ଥିତିଟିକୁ ବାହୁଡ଼ି ଆସିବା, ବର୍ତ୍ତମାନ ମହଜୁଦ ରହିଥିବା ସୀମାଗୁଡ଼ିକର ବିଲୁପ୍ତ ହୋଇଯିବା ଏବଂ ଆମର ମର୍ମଗତ ସମ୍ପୂର୍ଣ୍ଣ ସତ୍ୟଟିର ପୁନରାବିଷ୍କାର କରିବା, ଆପଣା ଜୀବନର ଅନ୍ତର୍ପଥରେ

'oaob.nitrkl.ac.in' images reprocessed

ପରମ ଜ୍ଞାନର ଅଭିମୁଖରେ ମୁହାଁଇ ଆସିବାର ଏହାହିଁ ହେଉଛି ଏକମାତ୍ର ସଙ୍କେତ, ଏହାହିଁ ହେଉଛି ତାହା'ର ବିପରୀତମୁଖୀ ଲକ୍ଷଣ । ଯେଉଁଠି ସୀମାବଦ୍ଧତା ଓ ବିଚ୍ଛିନ୍ନତା ରହିଛି, ସେଠାରେ ଏକ ମର୍ମଗତ ଓ ସମଗ୍ର ଚେତନାକୁ ଆଣି ଉପସ୍ଥାପିତ କରିବାକୁ ପଡ଼ିବ ଏବଂ ସେହି ଚେତନା ଆତ୍ମା ଓ ଅସ୍ତିତ୍ୱର ମୂଳ ସତ୍ୟ ଓ ସମଗ୍ର ସତ୍ୟଟି ସହିତ ତଦାତ୍ମକ ହୋଇ ରହିଥିବ । ସମଗ୍ର ପରମ ଜ୍ଞାନ କେଉଁଠୁ ବାହାରୁ ଆସି ଆବିର୍ଭୂତ ହେବ ନାହିଁ, କାରଣ ଏହା ସମଗ୍ର ସତ୍ୟଟି ମଧ୍ୟରେ ପୂର୍ବରୁହିଁ ଅବସ୍ଥିତ ରହିଛି । ଏପର୍ଯ୍ୟନ୍ତ ଅସ୍ତିତ୍ୱରେ ନଥିବା ଏକ ନୂତନ ତତ୍ତ୍ୱରୂପେ ଆମେ ଏହାର କଳ୍ପନା କରିପାରିବା ନାହିଁ ଯାହାକୁକି ନୂଆକରି ସୃଷ୍ଟି କରିବାକୁ ପଡ଼ିବ, ଆମର ଏହି ମନ ଯାହାକୁକି ନୂଆକରି ଅର୍ଜନ କରିବ, ନୂଆକରି ଶିଖିବ, ଯାହାର ଉଦ୍ଭାବନ ବା ରଚନା କରିବ । ବରଂ ଏହି କ୍ଷେତ୍ରରେ ଆମେ ଅବଶ୍ୟ କହିବା ଯେ ଏହାକୁ ଆବିଷ୍କାର କରିବାକୁ ପଡ଼ିବ ବା ଏହା ଉପରେ ରହିଥିବା ଆବରଣଟିକୁ ହଟାଇ ଦେବାକୁ ପଡ଼ିବ । ଯଥାର୍ଥତଃ ଏକ ଆଧ୍ୟାତ୍ମିକ ପ୍ରୟାସ ସମ୍ମୁଖରେ ଏହି ପରମସତ୍ୟ ନିଜକୁ ଆପେ ଆପେ ଉନ୍ମୋଚିତ କରି ଦେଇଥାଏ । କାରଣ ଆମର ଗଭୀରତର ଏବଂ ବୃହତ୍ତର ଆତ୍ମା ଭିତରେ ଏହା ଆବରଣ ତଳେ ପ୍ରଚ୍ଛନ୍ନ ହୋଇ ରହିଥାଏ । ଆମର ଆଧ୍ୟାତ୍ମିକ ଚେତନା ବସ୍ତୁତଃ ଏହାରି ଉପାଦାନରେହିଁ ତିଆରି ହୋଇଛି ଏବଂ ଏପରିକି ଆମର ତଥାକଥିତ ଉପରିଭାଗସ୍ଥ ଆତ୍ମାର ଭୂମିଟି ଉପରେ ମଧ୍ୟ ସେହି ଚେତନାଟିର ସମ୍ମୁଖରେ ଜାଗରୂକ ହୋଇ ଆମକୁ ତାହାର ଅଧିକାରିତ୍ୱ ଲାଭ କରିବାକୁ ପଡ଼ିବ । ଆମକୁ ସେହି ସମଗ୍ର ଆତ୍ମଜ୍ଞାନର ପୁନରୁଦ୍ଧାର କରିବାକୁ ହେବ; ଏବଂ ବିଶ୍ୱର ଆତ୍ମାଟି ମଧ୍ୟ ଆମ ନିଜର ଆତ୍ମା ହୋଇଥିବାରୁ ଆମକୁ ତଦ୍ଦ୍ୱାରା ଏକ ବିଶ୍ୱଜ୍ଞାନର ପୁନରୁଦ୍ଧାର କରିବାକୁ ପଡ଼ିବ । ମନ ଦ୍ୱାରା ଯେଉଁ ଜ୍ଞାନର ଅର୍ଜନ ବା ନିର୍ମାଣ ହୋଇଥାଏ, ତାହାର ଏକ ସତ୍ୟତା ଓ ଏକ ମୂଲ୍ୟ ଅବଶ୍ୟ ରହିଛି ସତ; ମାତ୍ର ଯେତେବେଳେ ଆମେ ବିଦ୍ୟା ଓ ଅବିଦ୍ୟାର ସ୍ୱଭାବନିରୂପଣ କରିବାକୁ ଯାଉଛୁ, ସେତେବେଳେ ଆମେ ତଦ୍ଦ୍ୱାରା ମନଃପ୍ରସୂତ ସେହି ଜ୍ଞାନର କଥା ଆଦୌ କହିବାକୁ ଯାଉ ନାହୁଁ ।

ଏକ ସମଗ୍ର ଆଧ୍ୟାତ୍ମିକ ଚେତନା ଆପଣା ମଧ୍ୟରେ ସତ୍ତାର ଯାବତୀୟ ସ୍ତରସୋପାନକୁ ବହନ କରୁଥାଏ । ମଧ୍ୟବର୍ତ୍ତୀ ସକଳ ସୋପାନର ମଧ୍ୟଦେଇ ତାହା ଉଚ୍ଚତମରୁ ନିମ୍ନତମ ସୋପାନଯାଏ ସବୁଗୁଡ଼ିକୁ ଏକତ୍ର ସମ୍ମିଳିତ କରି ରଖିଥାଏ ଏବଂ ସବୁଟିକୁ ନେଇ ଏକ ଅବିଭାଜ୍ୟ ସମଗ୍ରତାର ରଚନା କରିଥାଏ । ବସ୍ତୁସ୍ତରରଚନାର ଉଚ୍ଚତମ ଶିଖରରେ ତାହା ଆପଣାକୁ ପରମ ନିର୍ବିଶେଷର ସତ୍ୟ ଆଡ଼କୁ ଉନ୍ମୁକ୍ତ କରି ରଖିଥାଏ । ସେହି ସତ୍ୟ ହେଉଛି ଏକ ଅନିର୍ବଚନୀୟ ସତ୍ୟ, କାରଣ କେବଳ ଆପଣାର ଆତ୍ମଚେତନତାଟି ବ୍ୟତୀତ ଆଉ ସବୁକିଛି ଲାଗି ତାହା ଅତିଚେତନ

'oaob.nitrkl.ac.in' images reprocessed

ହୋଇ ରହିଥାଏ । ଆମ ସତ୍ତାର ସର୍ବନିମ୍ନ ପ୍ରାନ୍ତଟିରେ ଏହା ଆମ ପରିଣତିକ୍ରମଟିର ଆଦ୍ୟଭୂମି ଅଚିତ୍ ଅର୍ଥାତ୍ ଅଚେତନାଟିର ମଧ୍ୟ ଅବଧାରଣା କରୁଥାଏ, ମାତ୍ର ତଥାପି ଯୁଗପତ୍ ଭାବରେ ସେହିସବୁ ଗଭୀରତା ମଧ୍ୟରେ ଆପଣାକୁ ଆପେ ବିବର୍ତ୍ତିତ କରି ନେଉଥିବା ସେହି ପରମ ଏକ ତଥା ପରମ ସର୍ବ ବିଷୟରେ ମଧ୍ୟ ସଂବିତ୍‌ସମ୍ପନ୍ନ ହୋଇ ରହିଥାଏ, ପ୍ରଚ୍ଛନ୍ନ ପରମ ଚେତନାଟିକୁ ଅଚେତନାର ଭୂମି ଉପରେ ଆବରଣମୁକ୍ତ କରି ଦେଉଥାଏ । ଉଚ୍ଚତମ ଓ ନିମ୍ନତମ ଏହି ଦୁଇ କୋଟୀ ମଧ୍ୟରେ ବିଚରଣ କରି ଯାବତୀୟ ସୋପାନର ଅର୍ଥବ୍ୟଞ୍ଜନାଗୁଡ଼ିକୁ ପ୍ରକଟିତ ଓ ଉଦ୍ଭାସିତ କରି ଦେଉଥିବା ଏହି ସମଗ୍ର ଅଧ୍ୟାତ୍ମଚେତନାର ଦୃଷ୍ଟି ପରମ ଅନେକ ମଧ୍ୟରେ ପରମ ଏକର ପ୍ରକାଶରୂପଟିକୁ ଆବିଷ୍କାର କରିନିଏ, ଅନନ୍ତବିଶିଷ୍ଟ ବସ୍ତୁଗ୍ରାମର ବିଭେଦବହୁଳତା ମଧ୍ୟରେ ପରମ ଅନନ୍ତର ତଦାତ୍ମକତାକୁ ଆବିଷ୍କାର କରିନିଏ, ଅନନ୍ତସ୍ଥାନ କାଳର ଭୂମି ଉପରେ କାଳାତୀତ ଅନନ୍ତକାଳତାର ଉପସ୍ଥିତିକୁ ଆବିଷ୍କାର କରିନିଏ । ଏହି ଦୃଷ୍ଟିହିଁ ତା'ର ସମ୍ମୁଖରେ ବିଶ୍ୱର ଯଥାର୍ଥ ଅର୍ଥଟିକୁ ଉଦ୍ଭାସିତ କରିଦିଏ । ଏହି ଚେତନା ବିଶ୍ୱକୁ ଅପସାରିତ ବା ବିଲୁପ୍ତ କରିନିଏ ନାହିଁ । ଏହା ବିଶ୍ୱକୁ ଆପଣାର ଆଧ୍ୟାତ୍ମିକ ଭିତରକୁ ଆରୋହି ନିଏ, ତାହାକୁ ତାହାର ପ୍ରଚ୍ଛନ୍ନ ମର୍ମସତ୍ୟଟି ପ୍ରଦାନ କରି ତାହାର ରୂପାନ୍ତର ସାଧନ କରେ । ବ୍ୟକ୍ତିସତ୍ତାର ଅସ୍ତିତ୍ୱକୁ ମଧ୍ୟ ଏହା ବିଲୁପ୍ତ କରିଦିଏ ନାହିଁ, ବ୍ୟକ୍ତିଜୀବର ସତ୍ତା ଓ ପ୍ରକୃତିରେ ରୂପାନ୍ତର ଘଟାଏ । ସେଗୁଡ଼ିକର ସମ୍ମୁଖରେ ସେଗୁଡ଼ିକର ଯଥାର୍ଥ ତାତ୍ପର୍ଯ୍ୟଟିକୁ ଉଦ୍‌ଘାଟିତ କରିଦେଇ ଓ ପରମ ଦିବ୍ୟସତ୍ୟ ତଥା ଦିବ୍ୟପ୍ରକୃତିଠାରୁ ବିଚ୍ଛିନ୍ନ ହୋଇ ରହିବାର ବାଧାଟିକୁ ଅତିକ୍ରମ କରିବାରେ ସେମାନଙ୍କୁ ସାମର୍ଥ୍ୟସମ୍ପନ୍ନ କରାଇ ଏହା ସେହି ରୂପାନ୍ତର ଘଟାଇଥାଏ ।

ସମ୍ୟକ୍ ବା ସମଗ୍ର ଜ୍ଞାନକୁ ସ୍ୱୀକାର କରିନେଲେ ଏକ ଅଖଣ୍ଡ ଓ ସମଗ୍ର ପରମସତ୍ୟ ମଧ୍ୟ ରହିଛି ବୋଲି ଅବଶ୍ୟ ସ୍ୱୀକାର କରିବାକୁ ହେବ; କାରଣ ସମ୍ୟକ୍ ଜ୍ଞାନ ହେଉଛି ଏକ ପରମ ସତ୍ୟଚେତନା ବା ଋତ୍‌ଚିତ୍‌ର ବିଭୂତି ଏବଂ ଋତ୍‌ଚିତ୍ ହେଉଛି ସେହି ପରମ ସତ୍ୟରହିଁ ଚିତ୍, ତାହାର ସ୍ୱରୂପଚୈତନ୍ୟ । ମାତ୍ର ଆମର ଚେତନା ଯେତେବେଳେ ଯେଉଁ ସ୍ତରଟିରେ ରହିଛି ବା ବିଚରଣ କରୁଛି ପରମସତ୍ୟ ସମ୍ବନ୍ଧରେ ଆମର ଧାରଣା ଓ ବୋଧ ମଧ୍ୟ ସେହି ଅନୁସାରେ ବଦଳିବାରେ ଲାଗିଛି; ଏହି ଚେତନାଟିର ଦୃଷ୍ଟି, ତୁଳନାତ୍ମକ ଗୁରୁତ୍ୱବୋଧ ଓ ଗ୍ରହଣଶକ୍ତି ଅନୁସାରେ ସେହି ବୋଧ ବିଭିନ୍ନ ଭାବରେ ଫୁଟିଉଠୁଛି । ସେହି ଦୃଷ୍ଟି ଓ ଗୁରୁତ୍ୱବୋଧ କେତେବେଳେ ସଘନ ଓ ଏକନିବିଷ୍ଟ ହୋଇପାରେ ଏବଂ ଅନ୍ୟଗୁଡ଼ିକୁ ବାଦଦେଇ କେବଳ ଗୋଟିକ ଉପରେ କେନ୍ଦ୍ରିତ ହୋଇ ରହିପାରେ; ଅଥବା ବହୁପ୍ରସାରିତ ହୋଇ ଏହା ସବୁକିଛିକୁ ଆପଣା ଭିତରେ ଅନ୍ତର୍ଭୁକ୍ତ କରିପାରେ, ବ୍ୟାପ୍ତିକୁ ଆପଣାର ଧର୍ମ ବୋଲି

'oaob.nitrkl.ac.in' images reprocessed

ଗ୍ରହଣ କରିପାରେ । କେବଳ ଏକ ପରମ ନିର୍ବିଶେଷହିଁ ଅବସ୍ଥିତ ରହିଛି ବୋଲି ଦୃଢ଼ଭାବରେ ଘୋଷଣା କରିବା ବେଶ୍ ସମ୍ଭବ ହୋଇପାରେ । କେବଳ ସେତିକି ନୁହେଁ, ଆମର ଭାବନା ତଥା ଅଧ୍ୟାତ୍ମସିଦ୍ଧିର ଏକ ଅତ୍ୟନ୍ତ ଉଚ୍ଚ ସ୍ତରରେ ଆପଣା ଅଧିକାରର କ୍ଷେତ୍ରସୀମା ମଧ୍ୟରେ ଏହାର ଏକ ପ୍ରାମାଣ୍ୟ ଅବଶ୍ୟ ରହିଛି । ଏହାର ଅନୁବର୍ତ୍ତୀ ହୋଇ ପରମ ନିର୍ବିଶେଷ ସତ୍ତାକୁହିଁ ଏକମାତ୍ର ସତ୍ୟ ବୋଲି ଜୋର ଦିଆଯାଇ ପାରେ ଏବଂ ସେଥିଲାଗି ବ୍ୟକ୍ତିସତ୍ତା ଏବଂ ବିଶ୍ୱସୃଷ୍ଟିକୁ ସମ୍ପୂର୍ଣ୍ଣ ଭାବରେ ଅସ୍ୱୀକାର ଓ ଖଣ୍ଡନ କରି ଆତ୍ମଭାବର ସିଦ୍ଧିଲାଗି ଆମ ସତ୍ୟବୋଧର କ୍ଷେତ୍ର ମଧ୍ୟରୁ ତାହାକୁ ନିରାକୃତ ଓ ବିଲୁପ୍ତ କରି ରଖାଯାଇ ପାରେ । ଏହି ଦୃଷ୍ଟିରେ ଦେଖିଲେ ନିର୍ବିଶେଷ ବ୍ରହ୍ମହିଁ ଜୀବ ବା ବ୍ୟକ୍ତିସତ୍ତାର ଏକମାତ୍ର ସତ୍ୟରୂପ, ସେହି ନିର୍ବିଶେଷ ବ୍ରହ୍ମ ଏହି ବିଶ୍ୱବ୍ରହ୍ମାଣ୍ଡର ମଧ୍ୟ ଏକମାତ୍ର ସତ୍ୟରୂପ । ଆମେ ଯାହାକୁ ବ୍ୟକ୍ତି ବା ଜୀବ ବୋଲି କହୁଛୁ, ତାହା ହେଉଛି କେବଳ ଏକ ପ୍ରତିଭାସମାତ୍ର, ବ୍ରହ୍ମାଣ୍ଡରଚନାର ଭୂମି ଉପରେ ଏକ କାଳାଧୀନ ଆବିର୍ଭାବ ମାତ୍ର । ଏହି ବ୍ରହ୍ମାଣ୍ଡ ବା ବିଶ୍ୱ ମଧ୍ୟ ଏକ ପ୍ରତିଭାସ, ବ୍ୟକ୍ତି ବା ଜୀବର ତୁଳନାରେ ଏହା ଏକ ବୃହତ୍ତର ଓ ଅଧିକ ଜଟିଳ କାଳଗତ ପ୍ରତିଭାସ । ବିଦ୍ୟା ଓ ଅବିଦ୍ୟା ଦୁଇଟିଯାକ ଭୂମି କେବଳ ଏହି ପ୍ରତିଭାସ-ରାଜ୍ୟରହିଁ ଗୋଟିଏ ଗୋଟିଏ ସମ୍ପଦ ଏବଂ ଏକ ପରମ ଅତିଚେତନାର ଉପଲବ୍ଧି କରିବାକୁ ହେଲେ ଆମକୁ ସେହି ଦୁଇଟିଯାକକୁ ଅତିକ୍ରମ କରି ଚାଲିଯିବାକୁ ପଡ଼ିବ । ସେହି ପରମ ଅତିକ୍ରାନ୍ତତାର ଭୂମିରେ ଯାଇ ପହଞ୍ଚିଲେ ଅହଂବୋଧ ଓ ଜଗଦ୍‌ବୋଧ ଉଭୟେ ନିର୍ବାପିତ ହୋଇଯିବେ ଏବଂ ସେତେବେଳେ କେବଳ ପରମ ନିର୍ବିଶେଷତାହିଁ ଅବଶିଷ୍ଟ ରହିବ । କାରଣ ନିର୍ବିଶେଷ ବ୍ରହ୍ମ କେବଳ ଆପଣାର ଆତ୍ମତାଦାତ୍ମ୍ୟରେହିଁ ପ୍ରତିଷ୍ଠିତ ହୋଇ ରହିଛନ୍ତି ଏବଂ ଯାବତୀୟ ଅନ୍ୟ-ଜ୍ଞାନରୁ ଅତିକ୍ରାନ୍ତ ହୋଇ ରହିଛନ୍ତି । ସେଠାରେ ଜ୍ଞାତା ଓ ଜ୍ଞେୟ, ଏବଂ ଉଭୟେ ଏକତ୍ର ସମ୍ମିଳିତ ହେଉଥିବା ଜ୍ଞାନର ବୋଧହିଁ କୁଆଡ଼େ ଅନ୍ତର୍ହିତ ହୋଇଯାଇଛି, କୁଆଡ଼େ ଅତିକ୍ରାନ୍ତ ହୋଇ-ଯାଇଛି ଓ ଆପଣାର ପ୍ରାମାଣ୍ୟ ହରାଇ ବସିଛି । ଏବଂ ସେହି କାରଣରୁ ମନ ଓ ବାକ୍ ଲାଗି ନିର୍ବିଶେଷ ବ୍ରହ୍ମ ଅଗୋଚର ଓ ଅସାଧ୍ୟ ହୋଇ ରହିବାକୁ ବାଧ୍ୟ ହୋଇଛି । ଏହି ନିର୍ବିଶେଷ ଅଦ୍ୱୈତବାଦର ପ୍ରତିବାଦସ୍ୱରୂପ ବା ତାହାକୁ ଅଧିକ ସମ୍ପୂର୍ଣ୍ଣ କରିଦେବା ଉଦ୍ଦେଶ୍ୟରେ ଆମେ ଏହିପରି ଏକ ଦୃଷ୍ଟିର ଉପସ୍ଥାପନା କରିଛୁ : ଅବିଦ୍ୟା ହେଉଛି ଦିବ୍ୟ ବିଦ୍ୟାର ଏକ ସୀମାଯୁକ୍ତ ଅଥବା ସଙ୍କୁଚିତ କ୍ରିୟା ମାତ୍ର; ଖଣ୍ଡଚେତନ ଜୀବ ମଧ୍ୟରେ ବିଦ୍ୟା ସୀମାଯୁକ୍ତ ହୋଇ ରହିଛି ଓ ନିଶ୍ଚେତନ ମଧ୍ୟରେ ସଙ୍କୁଚିତ ହୋଇ ରହିଛି । ଯେଉଁ ଦର୍ଶନ କେବଳ ବ୍ରହ୍ମକୁହିଁ ସ୍ୱୀକାର କରୁଛି ଓ ଜୀବ ତଥା ଜଗତର ଅସ୍ତିତ୍ୱକୁ ଅସ୍ୱୀକାର କରୁଛି, ତାହାକୁ ବିଦ୍ୟା ବୋଲି ନକହି ଆମେ ଏକ ଉଚ୍ଚ କୋଟୀର ଅବିଦ୍ୟା ବୋଲି କହିପାରିବା । କାରଣ ସେହି ବିଦ୍ୟା ନିର୍ବିଶେଷ ବ୍ରହ୍ମର

'oaob.nitrkl.ac.in' images reprocessed

ଦୁଆରବନ୍ଧ ଯାଏ ଆସି ସେଇଠି ଅଟକ ଯାଇଛୁ । ଏହି ଦୁଆରବନ୍ଧର ସେପାଖରେ ଯାହାକିଛି ରହିଛି, ତାହା ସେହି ବ୍ରହ୍ମଲାଗି ସ୍ୱସଂବେଦ୍ୟ ହୋଇ ରହିଛି, ମାତ୍ର ମନଲାଗି ଅଗୋଚର ହୋଇ ରହିଛି । ମନ କେବେହେଲେ ତାହାକୁ ଜାଣିବାକୁ ସମର୍ଥ ହେବ ନାହିଁ ବୋଲି କୁହାଯାଉଛି । ଏହି ନିର୍ବିଶେଷ ଅଦ୍ୱୈତବାଦ ପଛରେ ଭାବନା ତଥା ପରମ ଅନୁଭୂତିଗତ ଏକ ସତ୍ୟ ଅବଶ୍ୟ ନିହିତ ରହିଛି; ମାତ୍ର କେବଳ ସେତିକକୁ ଏକ ସଂପୂର୍ଣ୍ଣ ଓ ସର୍ବଗ୍ରାହୀ ଅଧ୍ୟାତ୍ମଭାବନା ବୋଲି ଆଦୌ କୁହାଯାଇ ପାରିବ ନାହିଁ ଏବଂ ମାତ୍ର ସେତିକରେ ପରମ ଆଧ୍ୟାତ୍ମିକ ଅନୁଭୂତିର ସକଳ ସମ୍ଭାବନା କଦାପି ନିଃଶେଷିତ ହୋଇ ଯାଉ ନାହିଁ ।

ପ୍ରାଚୀନ ବେଦାନ୍ତଦର୍ଶନର କେବଳ ଗୋଟିଏ ପାର୍ଶ୍ୱସ୍ଥିତ ଭୂମି ଉପରେହିଁ ସତ୍ୟ, ଚେତନା ଓ ଜ୍ଞାନ ସମ୍ବନ୍ଧରେ ଏହି ଅଦ୍ୱୈତବାଦୀ ମତ ପ୍ରତିଷ୍ଠିତ ହୋଇ ରହିଛି । ମାତ୍ର ଆମେ ତାହାକୁ କଦାପି ବେଦାନ୍ତଦର୍ଶନର ସମୁଦାୟ ମତ ବୋଲି କହିପାରିବା ନାହିଁ । ଉପନିଷଦଗୁଡ଼ିକରେ ତଥା ପ୍ରାଚୀନତମ ବେଦାନ୍ତର ବୋଧଦୀପ୍ତ ଗ୍ରନ୍ଥାବଳୀରେ ଆମେ ପରମ ନିର୍ବିଶେଷ ବ୍ରହ୍ମଙ୍କୁ ସ୍ୱୀକାର କରାଯାଇଥିବାର ଦେଖିବାକୁ ପାଇବା, ନିରୁଟ ଓ ଅନିର୍ବଚନୀୟ ପରମ ଅତିକାନ୍ତତାର ଅନୁଭୂତିମୂଳକ ଅବବୋଧକୁ ସ୍ୱୀକାର କରାଯାଇଥିବାର ଦେଖିବାକୁ ପାଇବା । ମାତ୍ର ତାହାର କୌଣସି ବିରୋଧୀ ତତ୍ତ୍ୱରୂପେ ନୁହେଁ, ତାହାର ଏକ ଅନୁପୂରକ ସିଦ୍ଧାନ୍ତରୂପେ ଆମେ ଏକଥା ମଧ୍ୟ ଦେଖିବାକୁ ପାଇଥାଉ ଯେ ସେଥିରେ ଏକ ବିଶ୍ୱମୟ ପରମ ଦିବ୍ୟପୁରୁଷଙ୍କୁ ମଧ୍ୟ ସ୍ୱୀକାର କରି ନିଆଯାଇଛି । ବିଶ୍ୱମୟ ଆତ୍ମପୁରୁଷ ଏବଂ ବିଶ୍ୱଜଗତ ମଧ୍ୟରେ ବ୍ରହ୍ମର ସମ୍ଭୂତିକୁ ମଧ୍ୟ ଏକ ବୋଧାନୁଭୂତିରୂପେ ସ୍ୱୀକାର କରାଯାଇଛି । ଠିକ୍ ସେହିପରି ଭାବରେ ବ୍ୟକ୍ତି ବା ଜୀବ ମଧ୍ୟରେ ପରମ ଦିବ୍ୟସତ୍ୟ ଅଧିଷ୍ଠିତ ରହିଛି ବୋଲି ସ୍ୱୀକାର କରି ନିଆଯାଇଛି । ଏହାକୁ ମଧ୍ୟ ଏକ ବୋଧାନୁଭୂତି ବୋଲି କୁହାଯାଇଛି । କେବଳ ଏକ ପ୍ରତିଭାସରୂପେ ଏହାର କଳ୍ପନା କରାଯାଇ ନାହିଁ, ମାତ୍ର ଏକ ପ୍ରକୃତ ସମ୍ଭୂତି ବୋଲି ବର୍ଣ୍ଣନା କରାଯାଇଛି । କେବଳ ଗୋଟିଏ ପରମ ନିର୍ବିଶେଷ ବ୍ୟତୀତ ସତ୍ୟ ବୋଲି ଆଉ କୋଉଠି କିଛି ନାହିଁ, କେବଳ ଏକ ବିଶ୍ୱାତୀତ ପରମସତ୍ତାକୁ ସତ୍ୟ ବୋଲି ସ୍ୱୀକାର କରି ଆଉ ଯାବତୀୟ ସବୁକିଛିକୁ 'ନେତି ନେତି' ବୋଲି ବର୍ଜନ କରୁଥିବା ଏକ ଦର୍ଶନମତର ପରିବର୍ତ୍ତରେ ଏଠାରେ ଏକ ସର୍ବଗ୍ରାହୀ ସ୍ୱୀକୃତିମୂଳକ ଦୃଷ୍ଟିକୁ ଗ୍ରହଣ କରାଯାଇଛି ଏବଂ ସେହି ମାର୍ଗରେ ସମ୍ଭାବ୍ୟ ଦୂରତମ ପ୍ରାନ୍ତଯାଏ ଯିବାର ପ୍ରୟାସ କରାଯାଇଛି । ବିଶ୍ୱ ଓ ବିଶ୍ୱାତୀତକୁ ଗୋଟିଏ ଅଖଣ୍ଡତତ୍ତ୍ୱ ଓ ଅଦ୍ୱୈତଜ୍ଞାନର ଉଦାରତା ମଧ୍ୟରେ ବାନ୍ଧିକରି ରଖିବା,—ଉପନିଷଦର ଏହି ସର୍ବସ୍ୱୀକାରକ୍ଷମ ଧାରଣାଟି ମୂଳତଃ ଆମର ଦୃଷ୍ଟିଟି ସହିତ ମଧ୍ୟ ବେଶ୍ ମିଳିଯାଉଛି । କାରଣ ଏହି ଦର୍ଶନରେ ମଧ୍ୟ ଅବିଦ୍ୟାକୁ ବିଦ୍ୟାର ଏକ ଅଙ୍ଗୀକୃତ ଅଂଶ ବୋଲି

'oaob.nitrkl.ac.in' images reprocessed

ସୂଚିତ କରି ଦିଆଯାଇଛି, ବିଶ୍ୱଜ୍ଞାନକୁ ଆତ୍ମଜ୍ଞାନର ଏକ ଅଂଶ ବୋଲି ସୂଚିତ କରାଯାଇଛି । ପରମ ନିର୍ବିଶେଷ ବ୍ରହ୍ମଙ୍କର ଯାବତୀୟ ପରିପ୍ରକାଶର ଏକସୂତ୍ରତା ଓ ସତ୍ୟମୂଳତାକୁ ଈଶୋପନିଷଦ ବାରବାର ଘୋଷଣା କରି କହିଛି । କୌଣସି ଗୋଟିଏ ଅଂଶ ବା ବିଭାଗ ମଧ୍ୟରେ ସମଗ୍ର ସତ୍ୟଟିକୁ କିଳିକରି ରଖିବାକୁ ତାହା ସିଧା ନାସ୍ତି କରି ଦେଇଛି । ବ୍ରହ୍ମ ଅବିଚଳ, ପୁଣି ସେଇ ହେଉଛନ୍ତି ସତତ ଚଳମାନ । ସେଇ ସବୁରି ଅନ୍ତର ଭିତରେ, ପୁଣି ସେଇ ବାହାରେ । ଆଧ୍ୟାତ୍ମିକ ଦୃଷ୍ଟିରୁ ବିଚାର କରି ହେଉ କିମ୍ବା ଦେଶକାଳଗତ ବ୍ୟାପ୍ତିର ଭୂମି ଉପରେ ହେଉ, ଯାହାକିଛି ସନ୍ନିକଟ ହୋଇ ରହିଛି ଏବଂ ଯାହାକିଛି ଦୂରରେ ଅବସ୍ଥିତ ରହିଛି, ସବୁ ସେଇ ବ୍ରହ୍ମ ବ୍ୟତୀତ ଆଉ କିଛି ନୁହେଁ । ସେହି ପରମ ସ୍ଥିତି, ପୁଣି ସେଇ ହେଉଛି ସକଳ ସମ୍ଭୂତି; ସେଇ ଶୁଦ୍ଧ, ଅଶରୀ, ନିଃସ୍ପୃହ ଓ ଲକ୍ଷଣରହିତ; ପୁଣି ସେଇ ହେଉଛି କବି ଓ ମନୀଷୀ, ଯିଏକି ଏହି ବିଶ୍ୱଜଗତ ଓ ତାହାର ବସ୍ତୁସକଳକୁ ବିହିତ ଓ ବ୍ୟବସ୍ଥାଯୁକ୍ତ କରି ରଖିଛି । ସେଇ ପରମ ଏକରୂପେ ଅବସ୍ଥିତ ରହିଛନ୍ତି; ପୁଣି ଏହି ବିଶ୍ୱଜଗତରେ ଯାହାକିଛି ଆମର ବୋଧକୁ ଆସି ସ୍ପର୍ଶ କରୁଛି, ସିଏ ସେହି ଯାବତୀୟ ରୂପରେ ମଧ୍ୟ ସମ୍ଭୂତ ହେବାରେ ଲାଗିଛନ୍ତି । ସେଇ ସବୁରି ମଧ୍ୟରେ ନିହିତ ହୋଇ ରହିଛନ୍ତି, ପୁଣି ସର୍ବଭୂତାଧିବାସ ହୋଇ ମଧ୍ୟ ବିଦ୍ୟମାନ ଅଛନ୍ତି । ଆତ୍ମା ଅଥବା ଏହାର ବିସୃଷ୍ଟିମାନ ଯାହା ଭିତରୁ କଦାପି ପ୍ରତ୍ୟାଖ୍ୟାତ ହୋଇ ରହି ନାହିଁ, ତାହାକୁହିଁ ଏହି ଉପନିଷଦ ପରିପୂର୍ଣ୍ଣ ଓ ମୁକ୍ତିଦାୟକ ଜ୍ଞାନ ବୋଲି ସ୍ୱୀକାର କରିଛି । ନାନା ସୀମା ଭିତରେ ଆବଦ୍ଧ ହୋଇ ରହିଥିବା ଅହଂବୋଧୀ ମନ ସତେଅବା ବାହାରୁ ଆଇ ଜଗତ ଉପରେ ଦୃଷ୍ଟିପାତ କରେ, ଏହାକୁ ଆପଣାଠାରୁ ଭିନ୍ନ ଏକ ବସ୍ତୁପରି ଦେଖିଥାଏ । ମାତ୍ର ଅନ୍ୟପକ୍ଷରେ ଯେଉଁ ଚେତନା ବିଶ୍ୱଜଗତକୁ ଆପଣାର ଭିତରେହିଁ ଦେଖୁଥାଏ, ସେହି ଚେତନାଦ୍ୱାରା ସମ୍ପନ୍ନ ହୋଇ ମୁକ୍ତ ପୁରୁଷ ଏକ ଆନ୍ତର ଦୃଷ୍ଟିରେ ବିଶ୍ୱଜଗତର ଏହି ଯାବତୀୟ ବିଷୟକୁ କେବଳ ସେହି ପରମ ସ୍ୱୟମ୍ଭୂପୁରୁଷଙ୍କର ସମ୍ଭୂତିରୂପେ ପ୍ରତ୍ୟକ୍ଷ କରେ । ବିଶ୍ୱମୟ ଅବିଦ୍ୟା ମଧ୍ୟରେ ବାସ କରିବାକୁ ଆମେ ଏକ ଅନ୍ଧତା ବୋଲିହିଁ କହିବା, ମାତ୍ର ବିଦ୍ୟାର ଏକ ଅତି-ଐକାନ୍ତିକ ନିର୍ବିଶେଷତା ମଧ୍ୟରେ ଆପଣାକୁ କିଳି ରଖିବାକୁ ମଧ୍ୟ ସମାନ ଭାବରେ ଏକ ଅନ୍ଧତା ବୋଲି କୁହାଯିବ । ବ୍ରହ୍ମକୁ ଏକାଧାରରେ ଓ ଏକତ୍ର ଭାବରେ ଉଭୟ ବିଦ୍ୟା ଓ ଅବିଦ୍ୟା ବୋଲି ଜାଣିବା, ଏକାଧାରରେ ସମ୍ଭୂତି ଓ ଅସମ୍ଭୂତିର ମାର୍ଗ ଦେଇ ପରମ ସ୍ଥିତିକୁ ପ୍ରାପ୍ତ ହେବା, ବିଶ୍ୱାତୀତ ତଥା ବିଶ୍ୱଗତ ସତ୍ତାର ଉପଲବ୍ଧିକୁ ପରସ୍ପର ସହିତ ଏକତ୍ର ସମ୍ବନ୍ଧିତ କରି ରଖିବା, ଅତି-ଜାଗତିକ ଭୂମିଟିକୁ ଆପଣାର ମୂଳରୂପେ ଅନୁଭବ କରି ଜାଗତିକ ଭୂମିରେ ଏକ ସ୍ୱତଃ-ସବିତୃସମ୍ପନ୍ନ ପରିପ୍ରକାଶର ଉପଲବ୍ଧି କରିବା, —ଏହାହିଁ ହେଉଛି ସମଗ୍ର ଜ୍ଞାନ, ଏହାହିଁ ସମ୍ୟକ୍ ଜ୍ଞାନ । ଏହାହିଁ ଅମୃତତ୍ୱଲାଭ । ପରିପୂର୍ଣ୍ଣ ଜ୍ଞାନସମ୍ପନ୍ନ ଏହି ସମଗ୍ର

'oaob.nitrkl.ac.in' images reprocessed

ଚେତନାଟିହିଁ ଆମଲାଗି ଦିବ୍ୟ ଜୀବନର ଆଧାରଟିକୁ ନିର୍ମାଣ କରିବାରେ ସମର୍ଥ ହୁଏ ଏବଂ ତାହାର ଉପଲବ୍ଧିକୁ ସମ୍ଭବ କରିଥାଏ । ଏଥିରୁ ଆମେ ଏହି ନିଷ୍କର୍ଷରେ ପହଞ୍ଚି-ପାରିବା ଯେ ପରମନିର୍ବିଶେଷର ସତ୍ୟ କଦାପି ଏକ ଅନମନୀୟ ଓ ଅନିର୍ଦ୍ଦେଶ୍ୟ ଏକତ୍ୱରୂପେ ତିଷ୍ଠି ରହିପାରିବ ନାହିଁ, କେବଳ ବହୁତା ଏବଂ ଅନ୍ତର୍ବିଶିଷ୍ଟତାକୁ ବାଦ ଦେଇହିଁ ଉପଲବ୍ଧ ହୋଇ ପାରୁଥିବା ଏକ ବିଶୁଦ୍ଧ ସ୍ୱୟମ୍ଭୂସତ୍ତାକୁ ଛାଡ଼ିଦେଲେ ଆଉ ସବୁକିଛୁକୁ ଆପଣା ଭିତରୁ ବହିଷ୍କୃତ କରି ରଖିଥିବା ଏକ ଆନନ୍ତ୍ୟରୂପେ ମଧ୍ୟ ତିଷ୍ଠିପାରିବ ନାହିଁ; ମାତ୍ର ତାହାକୁ ଏହିସବୁ ଫାଙ୍କକୁ ଅତିକ୍ରମି ଯିବାକୁ ପଡ଼ିବ, ବସ୍ତୁତଃ ଭାବାତ୍ମକ ତଥା ଅଭାବାତ୍ମକ ଯାବତୀୟ ବର୍ଣ୍ଣନାର ଅତୀତ ହୋଇ ରହିବାକୁ ପଡ଼ିବ । ଯାବତୀୟ ସ୍ୱୀକାର ତଥା ଅସ୍ୱୀକାର ଏହାର କେବଳ ଭିନ୍ନଭିନ୍ନ ଦିଗଗୁଡ଼ିକହିଁ ପ୍ରକାଶ କରିବ; ଏବଂ ଯୁଗପତ୍ ଭାବରେ ଏକ ପରମ ସ୍ୱୀକୃତି ତଥା ଏକ ପରମ ଅସ୍ୱୀକୃତିର ମାର୍ଗ ଅନୁସରଣ କରିହିଁ ଆମେ ସେହି ନିର୍ବିଶେଷ ବ୍ରହ୍ମର ପରମଭୂମିରେ ଯାଇ ପହଞ୍ଚିପାରିବା ।

ତେବେ, ଗୋଟାଏ ପାଖରେ ପରମସତ୍ୟ ହିସାବରେ ଆମ ଆଗରେ ଏକ ନିର୍ବିଶେଷ ସ୍ୱୟମ୍ଭୂସତ୍ତା, ଏକ ନିତ୍ୟଚିରନ୍ତନ ଏକୈବ ଆତ୍ମସତ୍ତାର ଉପସ୍ଥାପନା କରାଯାଇଛି । ନିସ୍ତବ୍ଧ ଓ ନିସ୍ପନ୍ଦ ଆତ୍ମସତ୍ତା ଅର୍ଥାତ୍ ତଟସ୍ଥ ଓ ଅବିଚଳ ପୁରୁଷର ଅନୁଭୂତି ଦ୍ୱାରା ଆମେ ଏହି ଲକ୍ଷଣ ଓ ସମ୍ବନ୍ଧରହିତ ପରମ ନିର୍ବିଶେଷ ଆଡ଼କୁ ଅଗ୍ରସର ହୋଇପାରିବା; ସୃଷ୍ଟିକାରିଣୀ ଶକ୍ତି ଭ୍ରାନ୍ତି ଉତ୍ପାଦନ କରୁଥିବା ଏକ ମାୟାଶକ୍ତି କିମ୍ବା ନାନା ବିସୃଷ୍ଟି ମଧ୍ୟରେ ଆପଣାକୁ ଲୀଳାୟିତ କରି ରଖିଥିବା ପ୍ରକୃତି ଯାହା ହୋଇଥାଉ ପଛକେ, ଆମେ ତାହାକୁ କାଟିଦେଇ ଚାଲି ଯାଇ ପାରିବା, ବିଶ୍ୱରୂପୀ ଭ୍ରାନ୍ତିର ସକଳ ଆବର୍ତ୍ତ ମଧ୍ୟରୁ ସେହି ଚିରନ୍ତନ ଶାନ୍ତି ଓ ଶବ୍ଦହୀନତା ଭିତରକୁ ଅତିକ୍ରମ କରିଯିବା, ଆମର ଏହି ବ୍ୟକ୍ତିଭାବାପନ୍ନ ସତ୍ତାର କବଳ ଭିତରୁ ନିଷ୍କୃତି ଲାଭ କରି ସେହି ଏକମାତ୍ର ଓ ଯଥାର୍ଥ ପରମ ଅସ୍ତିତ୍ୱର ଦର୍ଶନ ଲାଭ କରିବା ଅର୍ଥାତ୍ ତାହାରି ଭିତରେ ଆପଣାକୁ ହଜାଇଦେବା,— ଆମକୁ ଏକଥା ମଧ୍ୟ କୁହାଯାଇଛି । ଏବଂ ଅନ୍ୟପାଖରେ ଆମ ଆଗରେ ପରମ ସମ୍ଭୂତିର ଏକ ଲୀଳା ପ୍ରସାରିତ ହୋଇ ରହିଛି ଯାହାକି ପରମ ସ୍ଥିତିରହିଁ ଏକ ଯଥାର୍ଥ ଚଳମାନତାରୂପେ ଆପଣାକୁ ପ୍ରସାରି ରଖିଛି । ସେଠାରେ ପରମ ସ୍ଥିତି ଓ ପରମ ସମ୍ଭୂତି ଉଭୟେ ସେଇ ଗୋଟିଏ ପରମସତ୍ୟର ଦୁଇଟି ସତ୍ୟରୂପେ ବିଦ୍ୟମାନ ରହିଛନ୍ତି । ଏହି ଦୁଇଟି ଭିତରୁ ପ୍ରଥମଟି ଏକ ଦାର୍ଶନିକ ଏକାନ୍ତବାଦକୁ ଭିତ୍ତି କରି ରହିଛି, ଯାହାକି ଆମ ସକଳ ଭାବନାର ଚରମ କୋଟୀରେ ଏବଂ ଆମ ଚେତନାର ଚରମ ବିନ୍ଦୁରେ ସକଳ ସମ୍ବନ୍ଧରହିତ ନିର୍ବିଶେଷ ବ୍ରହ୍ମକଳ୍ପନାକୁହିଁ ଏକମାତ୍ର ସତ୍ୟରୂପେ ଆପନା କରି ରଖିଛି । ଏହି କଳ୍ପନାର ପରିଣାମସ୍ୱରୂପ ସଚେତଅବା ଏକ ନ୍ୟାୟଗତ ଓ ବ୍ୟାବହାରିକ

'oaob.nitrkl.ac.in' images reprocessed

ଆବଶ୍ୟକତାର ବଶବର୍ତ୍ତୀ ହୋଇ ଆମକୁ ଆପେକ୍ଷିକତାର ଏହି ଜଗତଟିକୁ ଏକ ମିଥ୍ୟା ଓ ବାସ୍ତବତାହୀନ ସତ୍ତ୍ୱରୂପେ ବର୍ଜନହିଁ କରିବାକୁ ପଡ଼ୁଛି, ଏହାକୁ ଅସତ୍ କିମ୍ବା ଅନ୍ତତଃ ଏକ ନିମ୍ନସ୍ତରର ଓ ଅଚିରକ୍ଷଣସ୍ଥାୟୀ, କାଳାଧୀନ ଓ ବ୍ୟାବହାରିକ ଆଶୟଗତ ଅନୁଭୂତି ବୋଲି କହିବାକୁ ପଡ଼ୁଛି । ଆମର ଚେତନସତ୍ତ୍ୱଟିକୁ ଆପଣା ମିଥ୍ୟାବୋଧ ଅଥବା ଆପଣାଠାରୁ ନିମ୍ନତର ସ୍ତରର ବସ୍ତୁସୃଷ୍ଟିଗୁଡ଼ିକର ପାଶ ଭିତରୁ ମୁକ୍ତ କରିପାରିବା ଲାଗି ସେହି ଜଗତ୍‌ରୂପୀ ସୃଷ୍ଟିଟିକୁ ଆମ ଚେତନା ଭିତରୁ ଛିନ୍ନ କରିଦେବାକୁ ପଡ଼ୁଛି । ଦ୍ୱିତୀୟଟି ମଧ୍ୟ ପରମ ନିର୍ବିଶେଷ ସତ୍ତ୍ୱର କଳ୍ପନାଟିକୁ ଆଧାର କରି ଠିଆ ହୋଇଛି; ମାତ୍ର ସେହି କଳ୍ପନାକୁ ଇତି ବା ନେତି କୌଣସିପ୍ରକାର ମାର୍ଗରେ ଯେ କୌଣସିପ୍ରକାରେ ସୀମାବଦ୍ଧ କରି ଦିଆଯାଇ ପାରିବ ନାହିଁ, ସେକଥା ମଧ୍ୟ ସ୍ୱୀକାର କରାଯାଇଛି । ସେହି ନିର୍ବିଶେଷ ସତ୍ୟ କୌଣସି ଆପେକ୍ଷିକତା ମଧ୍ୟରେ ପାଶବଦ୍ଧ ହୋଇ ରହି ନାହିଁ, ଆପଣା ସତ୍ତ୍ୱଗତ ଶକ୍ତିରେ ସେଗୁଡ଼ିକ ଦ୍ୱାରା କୌଣସିପ୍ରକାରେ ସଙ୍କୁଚିତ ହୋଇ ରହି ନାହିଁ; ଏବଂ ଏହି ଅର୍ଥରେ ଆମେ ତାହାକୁ ସକଳ ସମ୍ବନ୍ଧର ଅତୀତ ବୋଲି କହିପାରିବା । ସର୍ବୋଚ୍ଚ ଓ ସର୍ବନିମ୍ନ, ଇତିବାଚକ ଓ ନେତିବାଚକ ଯାହାହେଉ ପଛକେ, ଆମର କୌଣସି ଆପେକ୍ଷିକ କଳ୍ପନାଦ୍ୱାରା ତାହାକୁ ବାନ୍ଧି ରଖିବା କିମ୍ବା ବାଡ଼ ଦେଇ ବର୍ଣ୍ଣନା କରିପାରିବା ଆଦୌ ସମ୍ଭବ ହେବ ନାହିଁ । ଏହା ଆମର ବିଦ୍ୟା ଓ ଅବିଦ୍ୟା ଉଭୟର ବନ୍ଧନରୁ ମୁକ୍ତ ହୋଇ ରହିଛି; ଆମର ଯାବତୀୟ ସତ୍ କଳ୍ପନା ଓ ଯାବତୀୟ ଅସତ୍‌କଳ୍ପନାରୁ ମୁକ୍ତ ହୋଇ ରହିଛି । ଅଥଚ କୌଣସି ପ୍ରକାର ଅସାମର୍ଥ୍ୟ ଦ୍ୱାରା ସମ୍ବନ୍ଧଗୁଡ଼ିକୁ ଧାରଣ, ପୋଷଣ, ସୃଜନ ଓ ପ୍ରକାଶ କରିବାର ତାହାର ଯେଉଁ ଶକ୍ତି ତହିଁରେ ତାହା କୌଣସିପ୍ରକାରେ ସୀମାବଦ୍ଧ ବା ସଙ୍କୁଚିତ ହୋଇପାରୁ ନାହିଁ । ଅନନ୍ତ ଏକତ୍ୱ ଏବଂ ଅନନ୍ତ ବହୁତ୍ୱରୂପେ ଆପଣାକୁ ପ୍ରକାଶିତ କରିବାର ଯେଉଁ ଶକ୍ତି ତା'ଠାରେ ରହିଛି, ଆମେ ତାହାକୁ ତା'ର ନିର୍ବିଶେଷତାରହିଁ ଏକ ଅନ୍ତର୍ନିହିତ ସାମର୍ଥ୍ୟ, ଲକ୍ଷଣ ଓ ପରିଣାମ ବୋଲି କହିପାରିବା ଏବଂ ଏହି ସମ୍ଭାବନାଟିକୁହିଁ ବିଶ୍ୱମୟ ଅସ୍ତିତ୍ୱର ଏକ ଯଥେଷ୍ଟ ବ୍ୟାଖ୍ୟା ବୋଲି ବୁଝାଯାଇ ପାରିବ । ଏକ ସମ୍ବନ୍ଧମୟ ବିଶ୍ୱଜଗତର ରୂପାୟନ ଲାଗି ପରମ ନିର୍ବିଶେଷଠାରେ ଯେଉଁ ସ୍ୱଭାବଗତ ସାମର୍ଥ୍ୟ ରହିଛି, ତଦ୍ଦ୍ୱାରା ସେ ଆଦୌ କୌଣସିପ୍ରକାରେ ବାଧ୍ୟ ହୋଇ ରହିନାହାନ୍ତି; କୌଣସି ବିଶ୍ୱର ରୂପାୟନ ନକରିବାକୁ ମଧ୍ୟ ସେ କୌଣସିପ୍ରକାରେ ବାଧ୍ୟ ହୋଇ ରହିନାହାନ୍ତି । ପରମ ନିର୍ବିଶେଷ ବ୍ରହ୍ମଙ୍କୁ ଆମେ ଏକ ତୁଚ୍ଛା ଶୂନ୍ୟଗର୍ଭତା ବୋଲି କଦାପି କହିପାରିବା ନାହିଁ । କାରଣ ଏକ ଶୂନ୍ୟଗର୍ଭ ବ୍ରହ୍ମଙ୍କୁ ଆଦୌ ବ୍ରହ୍ମ ବୋଲି କୁହାଯିବ ନାହିଁ । ତାହାକୁ ଏକ ଶୂନ୍ୟ ଅଥବା ଶୂନ୍ ବୋଲି କଳ୍ପନା କଲାବେଳେ, ଆମେ ତାହାକୁ ଜାଣିବା ବା ବୁଝିବାଲାଗି ଆମ ମନର ଯେଉଁ ଅସମର୍ଥତା ରହିଛି, କେବଳ ତାହାର ଏକ କଳ୍ପନାଗତ ପରିଚୟ

'oaob.nitrkl.ac.in' images reprocessed

ଦେଇଥାଉ । ଯାହାକିଛି ବର୍ତ୍ତମାନ ଅଛି ଓ ଭବିଷ୍ୟତରେ ଯା'ହାକିଛି ସମ୍ଭବ ହୋ'ଇପାରିବ, ବ୍ରହ୍ମ ଆପଣା ଭିତରେ ସେହି ସବୁକିଛିର ଅନିର୍ବଚନୀୟ ମର୍ମସତ୍ୟଟିକୁ ବହନ କରି ରହିଛି । ଏବଂ ଯେହେତୁ ବ୍ରହ୍ମ ଏହି ମର୍ମସତ୍ୟ ଓ ଏହି ସମ୍ଭାବନାଟିକୁ ବହନ କରୁଛି, ତେଣୁ ଏକଥା ମଧ୍ୟ ଅବଶ୍ୟ ସତ ଯେ ତାହା ଆପଣା ନିର୍ବିଶେଷତାର କୌଣସି ବା କୌଣସି ବିଭବର ସାହାଯ୍ୟରେ ଆମର ତଥା ବିଶ୍ୱର ମୂଳଭୂତ ଶାଶ୍ୱତ ସତ୍ୟଟିକୁ ଅଥବା ତାହାର ଅନ୍ତର୍ନିହିତ ଏପରିକି ନିଗୂଢ଼ ଅଥଚ ଉପଲବ୍ଧ୍ୟ ସତ୍ୟଟିକୁ ମଧ୍ୟ ଅବଶ୍ୟ ବହନ କରୁଛି । ଯେତେବେଳେ ସେହି ଉପଲବ୍ଧ୍ୟ ବା ସମ୍ଭାବ୍ୟ ସତ୍ୟଟି ବାସ୍ତବ ସତ୍ୟରୂପେ ଅବତୀର୍ଣ୍ଣ ହେଉଛି ବା ଯେତେବେଳେ ଏହି ଶାଶ୍ୱତ ସତ୍ୟ ଆପଣାର ସମ୍ଭାବନାଗୁଡ଼ିକୁ କ୍ଷେତ୍ର ଉପରେ ଆଣି ଉପସ୍ଥାପିତ କରାଉଛି, ସେତେବେଳେ ଆମେ ତାହାକୁହିଁ ସୃଷ୍ଟି ବୋଲି କହୁଛୁ ଓ ତାହାକୁହିଁ ବିଶ୍ୱଜଗତରୂପେ ଦେଖୁଛୁ ।

ତେଣୁ ନିର୍ବିଶେଷ ବ୍ରହ୍ମରୂପୀ ସତ୍ୟର କଳ୍ପନାରେ କିମ୍ବା ଉପଲବ୍ଧିରେ ଆମକୁ ପରିଣାମତଃ ବିଶ୍ୱରୂପୀ ସତ୍ୟଟିର କଦାପି ଖଣ୍ଡନ ବା ବର୍ଜନ କରିବାକୁ ପଡ଼ିବ ନାହିଁ ଯେତେବେଳେ ଆମେ ଏହି ବିଶ୍ୱଜଗତକୁ ମର୍ମତଃ ଅସତ୍ୟ ବୋଲି ମନେ କରିଥାଉ, ଏକ ରହସ୍ୟମୟ ଅବୋଧ ଶକ୍ତି ବା ମାୟା ଯେକୌଣସି ଏକ ଉପାୟରେ ଏହି ଜଗତକୁ ପ୍ରକଟ କରାଇଛି ବୋଲି କହିଥାଉ, ନିର୍ବିଶେଷ ବ୍ରହ୍ମ ଏହି ଜଗତପ୍ରତି ତଟସ୍ଥ ବା ଉଦାସୀନ ହୋଇ ବସିଛନ୍ତି, ଏହି ଜଗତ ତାଙ୍କଦ୍ୱାରା କୌଣସିପ୍ରକାରେ ପ୍ରଭାବିତ ହେଉ ନାହିଁ କିମ୍ବା ସିଏ ମଧ୍ୟ ଜଗତଦ୍ୱାରା କୌଣସିପ୍ରକାରେ ପ୍ରଭାବିତ ହେଉନାହାନ୍ତି ବୋଲି ଆମେ ବିଚାର କରିଥାଉ, ସେତେବେଳେ ତାହାକୁ ଆମ ମାନସିକ ଚେତନାର ଅଧ୍ୟାରୋପ ବୋଲିହିଁ କହିବାକୁ ପଡ଼ିବ । ସେହି ଅଧ୍ୟାରୋପ ଫଳରେହିଁ ଆମେ ସେହି ତଦ୍‌ରୂପ ବ୍ରହ୍ମକୁ ନାନା ସୀମା ଭିତରେ ଆଣି ବାନ୍ଧି ଦେଇଥାଉ । ଏବଂ ଯେତେବେଳେ ଆମର ଏହି ମାନସିକ ଚେତନା ସ୍ୱୟଂ ଆପଣାର ସୀମାଗୁଡ଼ିକୁ ଅତିକ୍ରମ କରିଯାଏ, ସେତେବେଳେ ତାହା ଆପଣାର ମାର୍ଗଟିକୁ ହରାଇବସେ, ଆପଣା ଜ୍ଞାନଗତ ସାଧନଗୁଡ଼ିକୁ ମଧ୍ୟ ହରାଇବସେ ଏବଂ କ୍ରମଶଃ ନିବୃତ୍ତି ଓ ନିର୍ବାପନ ଆଡ଼କୁ ଅଗ୍ରସର ହେବାରେ ଲାଗିଥାଏ । ସେତେବେଳେ ତାହାର ପ୍ରାକୃତ ଜଗତର ବୃତ୍ତିଗୁଡ଼ିକ ମଧ୍ୟ କ୍ରମେ ଶିଥିଳ ହୋଇଯାଏ ଅଥବା ତା'ର ହାତଛଡ଼ା ହୋଇ ରହେ । ଏତେଦିନ ଯାଏ ସେ ଯାହାକୁ ଏକମାତ୍ର ବାସ୍ତବ ଓ ସତ୍ୟ ବୋଲି ଜାଣି ଆସିଥିଲା, ବର୍ତ୍ତମାନ ତା' ଆଗରେ ସେଇଟି ସତ୍ୟ ବୋଲି ଅବଧୃତ ହୋଇ ରହିପାରେ ନାହିଁ । ଠିକ୍ ସେତିକିବେଳେ ଆମର କଳ୍ପନାକୁ ଶାଶ୍ୱତଭାବରେ ଅବ୍ୟକ୍ତ ରହିଥିବା ନିର୍ବିଶେଷ ପରବ୍ରହ୍ମଙ୍କ ଉପରେ ମଧ୍ୟ ଆମେ ସେହିଭଳି ଗୋଟିଏ ଅସମର୍ଥତାକୁ ଆଣି ଆରୋପିତ କରି ଦେଉଥାଉ । ବର୍ତ୍ତମାନ, ଯେଉଁ ଜଗତ ଆମକୁ

'oaob.nitrkl.ac.in' images reprocessed

ତୁଚ୍ଛା ଅସତ୍ୟ ବୋଲି ପ୍ରତୀତ ହେଉଥାଏ, ବ୍ରହ୍ମ ସେହି ଜଗତଠାରୁ ଅଲଗା ହୋଇ ରହିଛନ୍ତି ବା ତାହାପ୍ରତି ଉଦାସୀନ ରହିଛନ୍ତି ବୋଲି ଆମେ କହିବାକୁ ଲାଗୁ । ଏହି ଅବସ୍ଥାଟିରେ ପହଞ୍ଚି ଆମର ମନ ଯେପରି ଏକ ଉପଶମ ବା ଆତ୍ମନିର୍ବାପନର ଅବସ୍ଥାରେ ଆସି ରହିଛି, ଠିକ୍ ସେହିପରି ବ୍ରହ୍ମ ମଧ୍ୟ ସ୍ୱଭାବତଃ ଶୁଦ୍ଧ ନିର୍ବିଶେଷ ହୋଇଥିବାରୁ ଏହି ପ୍ରତିଭାସପୂରିତ ଜଗତଠାରୁ ସବୁପ୍ରକାରେ ସମ୍ପର୍କଚ୍ଛିନ୍ନ ହୋଇ ରହିଥିବେ ବୋଲି ଆମେ ଅନୁମାନ କରିନେଉ । ଆମେ ଭାବିନେଉ ଯେ ଜଗତକୁ ଜଗତ ବୋଲି ପ୍ରତ୍ୟୟ ଦେଇ ଓ ତାହାର ଗତିଶୀଳ ପୋଷଣ କରି ଯାହା ଆମଲାଗି ଜଗତକୁ ଏକ ସତ୍ୟରୂପେ ଅନୁଭୂତ କରାଇ ପାରନ୍ତା, ସେପରି କୌଣସି ସାମର୍ଥ୍ୟ ନିର୍ବିଶେଷ ବ୍ରହ୍ମଙ୍କଠାରେ ନାହିଁ । ଅଥବା, ସେଭଳି କୌଣସି ପ୍ରତ୍ୟୟ ସେଠାରେ ବିଦ୍ୟମାନ ରହିଥିଲେହେଁ ତାହାର ଇତିଭାବଟି ନେତି ବା ନାସ୍ତିଦ୍ୱାରା କବଳିତ ହୋଇ ରହିଛି, ତାହା ସତେଅବା ମାୟାର ଏକ ଜାଦୁଗରି ହୋଇ ରହିଛି । ମାତ୍ର ବ୍ରହ୍ମ ଓ ଜଗତ ମଧ୍ୟରେ ଏହିଭଳି ଏକ ଅନପନେୟ ବ୍ୟବଧାନ ଯେ ରହିବହିଁ ରହିବ, ତାହାକୁ ଅପରିହାର୍ଯ୍ୟ ବୋଲି ମାନିନେବା ସକାଶେ ଆଦୌ କୌଣସି ଦୃଢ଼ ଯୁକ୍ତି ନାହିଁ । ଆମର ଏହି ନାନାସୀମାସାପେକ୍ଷ ମାନବୀୟ ଚେତନାର କେତେଦୂର କଅଣ ସାମର୍ଥ୍ୟ ରହିଛି ବା ନରହିଛି, ତାହାରି ତର୍କରୁ ଦେଇ ଆମେ କଦାପି ଏକ ପରମ ସାମର୍ଥ୍ୟର ସୀମା ବିଚାର କରିପାରିବା ନାହିଁ । ମାନବୀୟ ଚେତନାର ଧାରଣାଗୁଡ଼ିକୁ ମାନରୂପେ ବ୍ୟବହାର କରି ଆମେ ତାହାକୁ ଏକ ପରମ ଆତ୍ମଜ୍ଞାନର କ୍ଷେତ୍ରରେ କଦାପି ପ୍ରୟୋଗ କରିପାରିବା ନାହିଁ । ଆପଣା ଭିତରୁ ପଳାଇ ବାହାରିଯିବା ପାଇଁ ଆମର ମନୋଗତ ଅଜ୍ଞାନ ଯାହାକୁ ଆବଶ୍ୟକ ବୋଲି ଅନୁଭବ କରୁଛି, ନିର୍ବିଶେଷ ବ୍ରହ୍ମଲାଗି ତାହା କଦାପି ଏକ ଆବଶ୍ୟକତା ବୋଲି ପ୍ରତିପାଦିତ ହୋଇପାରିବ ନାହିଁ । ଆପଣା ଭିତରୁ ପଳାଇ ଯିବାଲାଗି ନିର୍ବିଶେଷ ବ୍ରହ୍ମର ଆଦୌ କୌଣସି ଆବଶ୍ୟକତା ନାହିଁ; ଏବଂ ଯାହାକିଛି ତାହାର ଜ୍ଞାନଭୂମି ଭିତରକୁ ଆସିପାରୁଛି, ତାହାକୁ ଜାଣିବାକୁ ନାସ୍ତି କରିଦେବା ଲାଗି ମଧ୍ୟ ବ୍ରହ୍ମର ଆଦୌ କୌଣସି କାରଣ ନାହିଁ ।

ଗୋଟିଏ ପାଖରେ ବ୍ରହ୍ମଙ୍କୁ ଅବ୍ୟକ୍ତ ଓ ଅବିଜ୍ଞେୟ ବୋଲି କୁହାଯାଇଛି, ଏବଂ ଆଉଗୋଟିଏ ପାଖରେ ସେ ବ୍ୟକ୍ତ ଓ ଜ୍ଞେୟ ପରି ଅନୁଭୂତ ହେଉଛି । ଆମର ଅବିଦ୍ୟାଲାଗି ଅଂଶତଃ ବ୍ୟକ୍ତ ହୋଇ ରହିଛି; ମାତ୍ର ଯେଉଁ ପରମ ଦିବ୍ୟ ଜ୍ଞାନ ତାହାକୁ ଆପଣାର ଅନନ୍ତତା ମଧ୍ୟରେ ଧରିରଖିଛି, ତାହାଲାଗି ସମ୍ପୂର୍ଣ୍ଣରୂପେ ବ୍ୟକ୍ତ ହୋଇ ରହିଛନ୍ତି । ଆମର ଅବିଦ୍ୟା, ଅଥବା ଯେତେ ପ୍ରଶସ୍ତ ଓ ବ୍ୟାପକ ହେଲେ ମଧ୍ୟ ଆମର ମନୋଭୂମିଗତ ଜ୍ଞାନ ସେହି ଚରମ ଅବିଜ୍ଞେୟଙ୍କର ଆଦୌ କୌଣସି ଠାବ ବା ଠିକଣା କରିପାରିବେ ନାହିଁ;—ଯଦି ଏହି କଥା ସତ୍ୟ ହୋଇଥାଏ, ତେବେ

'oaob.nitrkl.ac.in' images reprocessed

ଏକଥା ମଧ୍ୟ ସମାନଭାବରେ ସତ୍ୟ ଯେ ଆମର ବିଦ୍ୟା ଦେଇ ହେଉ ବା ଆମର ଅବିଦ୍ୟା ଦେଇ ହେଉ, ଆମର ଏହି ଚତୁର ବୁଦ୍ଧିଟି ମଧ୍ୟ ସେହି ଅନିର୍ବଚନୀୟ ତତ୍ତ୍ୱସ୍ୱରୂପଙ୍କର ଏକ ବିଚିତ୍ର ବିଭୂତି ବ୍ୟତୀତ ଆଉ କିଛି ନୁହେଁ । କାରଣ ସେହି ପରମ ତତ୍ତ୍ୱସ୍ୱରୂପଙ୍କୁ ଛାଡ଼ିଦେଲେ ଯଦି ଏହି ବିଶ୍ୱଜଗତରେ ଆଉ କିଛିହେଲେ ନଥାଏ, ତେବେ ଏଠାରେ ଯାହାକିଛି ରୂପାୟିତ ହେଉଛି, ସବୁ ହେଉଛି କେବଳ ତାଙ୍କର ବିସୃଷ୍ଟି । ପ୍ରକଟ ବିଶ୍ୱର ଏହି ବହୁବିଚିତ୍ରତା ମଧ୍ୟରେ କେବଳ ସେହି ପରମ ଏକତ୍ୱଟିହିଁ ବିଦ୍ୟମାନ ରହିଛି ଏବଂ ସେହି ବହୁବିଭିନ୍ନତା ମଧ୍ୟରେ ଆମେ କେବଳ ସେହି ପରମ ଏକତ୍ୱକୁହିଁ ସ୍ପର୍ଶ କରିପାରୁଛୁ । ମାତ୍ର ତଥାପି, ଏକତ୍ୱ ଓ ବହୁତ୍ୱର ସହାବସ୍ଥାନକୁ ସ୍ୱୀକାର କରିନେଇ ପାରିଲେ ମଧ୍ୟ ବୁଦ୍ଧିର ଚରମ ରାୟକୁ ମାନିନେଇ ବିଶ୍ୱସମ୍ଭୂତିକୁ ତିରସ୍କୃତ କରି ରଖିବା ଆଦୌ ଅସମ୍ଭବ ନୁହେଁ । ଏବଂ ତା'ପରେ, ଏହି ବିଶ୍ୱକୁ ପରିତ୍ୟାଗ କରି ଆମକୁ ସେହି ନିର୍ବିଶେଷ ପରମସତ୍ତା ମଧ୍ୟକୁ ବାହୁଡ଼ିଆସି ସେଇଠାରେହିଁ ଆଶ୍ରୟ ନେବାକୁ ପଡ଼ିବ, ଏଭଳି ନିଷ୍ପତ୍ତି ଗ୍ରହଣ କରିବାଲାଗି ମଧ୍ୟ ସବୁବେଳେ ଏକ ସମ୍ଭାବନା ରହିଛି । ନିର୍ବିଶେଷ ପରମ ସତ୍ତାର ସତ୍ୟ ହେଉଛି ଏକ ପ୍ରକୃତ ସତ୍ୟ ଏବଂ ଆପେକ୍ଷିକ ବିଶ୍ୱଜଗତର ସତ୍ୟ ହେଉଛି ଏକ ଆଂଶିକ ସତ୍ୟ ଓ ତେଣୁ ଭ୍ରାନ୍ତିକର ସତ୍ୟ, ଏହିଭଳି ଏକ ତାରତମ୍ୟର ଅବତାରଣା କରି ଆମେ ଉକ୍ତ ନିଷ୍ପତ୍ତିରେ ଆସି ପହଞ୍ଚିପାରିବା ଓ ସେହିପରି ଏକ ରାୟ ଦେଇପାରିବା ।

କାରଣ ଆମର ଚେତନା ସମକ୍ଷରେ ବିଦ୍ୟାର କ୍ରମୋନ୍ମୋଚନ ହେଉଥିବା ସଙ୍ଗେ ସଙ୍ଗେ ଆମ ଭିତରେ ଏକ ଦ୍ୱୈତତାବୋଧ ବି ଆସି ଦେଖାଦେବ । ଗୋଟାଏ ପାଖରେ ଆମେ ପରମ ଏକକୁ ଦେଖିବା, ଆଉ ଗୋଟାଏ ପାଖରେ ପରମ ବହୁକୁ ଦେଖିବା; ସେହିପରି ଏପାଖରେ ଅନନ୍ତକୁ ଦେଖିବା ଓ ସେପାଖରେ ଅନ୍ତବିଶିଷ୍ଟତାକୁ ଦେଖିବା । ଗୋଟାଏ ପାଖରେ ସମ୍ଭୂତି ରହିଥିବ ଓ ଆଉଗୋଟାଏ ପାଖରେ ଅସମ୍ଭୂତି ନିତ୍ୟ-ସତ୍ତା ବିଦ୍ୟମାନ ରହିଥିବ । ଗୋଟାଏ ପାଖରେ ରୂପମୟ ରହିଥିବ ଓ ଆଉ ଗୋଟାଏ ପାଖରେ କୌଣସି ରୂପ ଗ୍ରହଣ କରୁନଥିବା ଅରୂପ ବିଦ୍ୟମାନ ଥିବ । ଗୋଟାଏ ପାଖରେ ପରମ ଚିନ୍ମୟତା ଓ ଆଉଗୋଟାଏ ପାଖରେ ପରମ ଜଡ଼; ଗୋଟାଏ ପାଖରେ ପରମ ଅତିଚେତନ ଓ ସେପାଖରେ ସବାତଳେ ପରମ ନିଶ୍ଚେତନ, —ଏହିପରି ଏକ ଦ୍ୱୈତତା ଆସି ଅନୁଭୂତ ହେବ । ଦ୍ୱୈତବୋଧର ଏହି କ୍ଷେତ୍ରଟିରୁ ନିଷ୍କୃତି ପାଇବା ଅଭିପ୍ରାୟରେ ଆମେ ଇଚ୍ଛାକଲେ ହୁଏତ ଦୁଇଟି ଭିତରୁ କୌଣସି ଗୋଟିକର ଉପଲବ୍ଧିକୁହିଁ ଜ୍ଞାନ ବୋଲି କହିବାକୁ ବାହାରିବା ଏବଂ ଅନ୍ୟଟିର ଉପସ୍ଥିତିକୁ ଅଜ୍ଞାନ ବା ଅବିଦ୍ୟା ବୋଲି କହିବା । ସେତେବେଳେ ସମ୍ଭୂତିର ନିମ୍ନତର ସତ୍ୟଟିରୁ ଅସମ୍ଭୂତ ନିତ୍ୟ-ସତ୍ତାର ବୃହତ୍ତର ସତ୍ୟ ମଧ୍ୟକୁ ଅପସରି ଯିବାହିଁ ଆମ ଜୀବନର

'oaob.nitrkl.ac.in' images reprocessed

ସର୍ବପରମ ଧ୍ୟେୟ ହୋଇ ରହିବ; ଆମେ ଅବିଦ୍ୟା ଭିତରୁ ବିଦ୍ୟା ଭିତରକୁ ସତେ-ଯେପରି ଗୋଟାଏ ଡିଆଁ ମାରି ଉଠିଯିବାକୁ ମନକରିବା ଓ ଅବିଦ୍ୟାକୁ ଗୋଟାସୁଦ୍ଧା ବର୍ଜନ କରି ବାହାରିବା, ଅନେକକୁ ଛାଡ଼ି ପରମ ଏକ ମଧ୍ୟକୁ ପ୍ରସ୍ଥାନ କରିବା, ଅନ୍ତବିଶିଷ୍ଟତାକୁ ଛାଡ଼ି ଅନ୍ତହୀନତା ମଧ୍ୟରେ ପ୍ରବେଶ କରିବା, ରୂପର ପାଶ ଛଡ଼ାଇଦେଇ ଅରୂପର ଆଶ୍ରୟ ନେବା, ଜଡ଼ଜଗତର ଏହି ଜୀବନ ଭିତରୁ ପରମ ଚିନ୍ମୟତା ମଧ୍ୟକୁ ବାହାରିଯିବା, ଆପଣାକୁ ନିଶ୍ଚେତନାର କବଳରୁ ମୁକ୍ତ କରି ଏକ ଅତିଚେତନ ଜୀବନର ସ୍ୱାତନ୍ତ୍ର୍ୟ ମଧ୍ୟକୁ ଚାଲିଯିବା । ଏହି ଉପାୟ ବା ସମାଧାନଟି ଭିତରେ ଆମେ ସତେଅବା ଏକ ମୂଳଗତ ବିରୋଧକୁହିଁ ସତ୍ୟ ବୋଲି ଧରି ନେଇଥାଉ; ପ୍ରତ୍ୟେକ ସୋପାନରେ ଆମକୁ ସତ୍ତାର ଦ୍ୱିବିଧ ସ୍ଥିତି ମଧ୍ୟରେ ଏପରି ଏକ ଅସାମଞ୍ଜସ୍ୟକୁ ମାନିନେବାକୁ ପଡ଼େ, ଯାହାକି ଏକ ଚରମ ମୀମାଂସକରୂପେ ଆମର ଆଗେଆଗେ ଗଲାପରି ମନେହୁଏ । କିମ୍ବା, ଯଦି ଦୁଇଟିଯାକ ସ୍ଥିତିକୁ ସେହି ଗୋଟିଏ ବ୍ରହ୍ମର ପ୍ରକାଶସାଧନ ବୋଲି ଧରି ନିଆଯାଏ, ତେବେ ସେତେବେଳେ ନିମ୍ନତର ସ୍ଥିତିଟିକୁ ଏକ ମିଥ୍ୟା ବା ଅପୂର୍ଣ୍ଣ ମାର୍ଗ ବୋଲି କହିବାକୁ ପଡ଼େ । ଧରିନିଆଯାଏ ଯେ ଏହି ମାର୍ଗରେ ଯାଇ କେବଳ ବିଫଳମନୋରଥହିଁ ହେବାକୁ ପଡ଼ିବ, ସେହି ମାର୍ଗର ମୂଲ୍ୟଗୁଡ଼ିକର ଅନୁସରଣ କରି ଆମକୁ କଦାପି ଚରମ ସନ୍ତୋଷ ମିଳିପାରିବ ନାହିଁ । ବହୁତ୍ୱର ପାଶଜାଲ ଭିତରେ ଅସନ୍ତୋଷଦଗ୍ଧ ହୋଇ, ସମ୍ମୁଖର ଧାବିଛି ଆମ ଆଗରେ ଯେଉଁ ପରମ ଆଲୋକ, ଶକ୍ତି ଓ ଆନନ୍ଦର ଉଦ୍‌ଘାଟନ କରିଦେଇ ପାରନ୍ତା, ତାହାକୁ ଶୂନ୍ୟ ମନେକରି ଆମକୁ ସେତେବେଳେ ଛିଡ଼ି ଡେଇଁ କେବଳ ସେହି ଏକାତ୍ମପ୍ରତ୍ୟୟର ଏକାଧିଷ୍ଠିତତା ଅଡ଼କୁ ଧାବିତ ହେବାକୁ ପଡ଼େ ଯେଉଁଠାରେ କି ଆଉ ଆତ୍ମ-ରୂପାୟନର କୌଣସି ଅଡ଼ୁଆ ଭିତରେ ପଡ଼ିବାକୁ ହୁଏ ନାହିଁ । ଆନନ୍ତ୍ୟର ପ୍ରବଳ ଆହ୍ୱାନରେ ସାନ୍ତର ନାନା ଡୋର ଭିତରେ ଚିରକାଳ ବାନ୍ଧିହୋଇ ରହିବାକୁ ଏକାନ୍ତ ଅସମର୍ଥ ହୋଇ ଏବଂ ସେଠାରେ କୌଣସି ସନ୍ତୋଷ, ପ୍ରସାର ବା ଶାନ୍ତି ପାଇ ନପାରି ଆମକୁ ଆତ୍ମପ୍ରକୃତି ଓ ବିଶ୍ୱପ୍ରକୃତିର ସକଳ ବନ୍ଧନକୁ ଏକାବେଳକେ କାଟିଦେବାକୁ ପଡ଼େ, ଯାହାକୁ କୌଣସି ପ୍ରକାର ସୀମାରେ ବାନ୍ଧି ରଖି ହେବ ନାହିଁ; ତାହା ବିଷୟରେ ସକଳ ମୂଲ୍ୟାୟନପ୍ରୟାସ ଏବଂ ପ୍ରତୀକ, ପ୍ରତିମା, ଆତ୍ମସଂଜ୍ଞା ଓ ସୀମାକଳ୍ପନାର ସକଳ ପ୍ରଚେଷ୍ଟାକୁ ଧ୍ୱଂସ କରି ଉଡ଼ାଇ ଦେବାକୁ ପଡ଼େ । ସେତେବେଳେ ଆତ୍ମାର ସକଳ କ୍ଷୁଦ୍ରତା ଓ ସକଳ ବିଭକ୍ତତା କୁଆଡ଼େ ହଜିଯାଏ ଏବଂ ସେ ଆପଣାର ସ୍ୱକୀୟ ଅନ୍ତହୀନତା ମଧ୍ୟରେ ଚିରସନ୍ତୋଷ ଲାଭ କରିଥାନ୍ତେ । ଏହି ଜଗତର ରୂପସଙ୍କୁଳତା ଦ୍ୱାରା ବିରକ୍ତ ହୋଇ ତାହାର ଶୋଭା ଓ ଅତିକ୍ଷଣସ୍ଥାୟୀ ମୋହ ବିଷୟରେ ଆମର ଭ୍ରମ ତୁଟିଯାଏ; ସେଗୁଡ଼ିକ ଯେପରି ମାତ୍ର ଅଳ୍ପସମୟ ଲାଗି ଆସି ପୁଣି ପଳାଇ ଯାଉଥା'ନ୍ତି ଓ ତଥାପି ଏକ ନିସ୍ୟୂତ ବ୍ୟର୍ଥ ଆବର୍ତ୍ତନରେ ବାରବାର ଆସିବାରେ ଲାଗିଥା'ନ୍ତି, ସେଥିରେ ଆମେ କେବଳ

'oaob.nitrkl.ac.in' images reprocessed

ନୈରାଶ୍ୟ ଓ କ୍ଲାନ୍ତିହିଁ ଅନୁଭବ କରିଥାଉ ଏବଂ ତେଣୁ ପ୍ରକୃତିର ଏହି ଯନ୍ତ୍ରବତ୍ ଆବର୍ତ୍ତନ ଭିତରୁ ଶାଶ୍ୱତ ପରମସତ୍ତାର ରୂପମୁକ୍ତ ତଥା ଲକ୍ଷଣମୁକ୍ତ ଭିତରକୁ ବାହାରି ଯିବାକୁହିଁ ଏକମାତ୍ର ପଥବୋଲି ଧରିନେଉ । ଜଡ଼ର ସ୍ଥୂଳତା ଆମ୍ଭାକୁ ଲଜ୍ଜିତ କରି ରଖିଛି, ପ୍ରାଣର ଏହି ଯାବତୀୟ ଉଦ୍ଦେଶ୍ୟହୀନ ଚଞ୍ଚଳତା ଓ କ୍ଷୁବ୍ଧତା କେବଳ ଧୈର୍ଯ୍ୟଚ୍ୟୁତିହିଁ ଘଟାଉଛି, ମନର ଏହି ଲକ୍ଷ୍ୟହୀନ ସତତ ଧାବନ କେବଳ କ୍ଳାନ୍ତ କରି ପକାଉଛି ଅଥବା ମନ ଆଗରେ ଯେତେଯାହା ଲକ୍ଷ୍ୟ ବା ଅଭୀଷ୍ଟ ରହିଛି, ସେଗୁଡ଼ାକ କେବଳ ବୃଥା ଲକ୍ଷ୍ୟ ଓ ବୃଥା ଅଭୀଷ୍ଟ ମାତ୍ର;—ତେଣୁ ପରମ ଚିନ୍ମୟତା'ର ଶାଶ୍ୱତ ବିଶ୍ରାନ୍ତି ଏବଂ ପବିତ୍ରତା ଓ ଅପାପବିଦ୍ଧତା ଭିତରେହିଁ ମୁକ୍ତି ଲଭ କରିବାକୁ ପଡ଼ିବ । ନିଶ୍ଚେତନର ସ୍ତର କେବଳ ଏକ ନିଦ୍ରାର ସ୍ତର ମାତ୍ର, କେବଳ ଏକ କାରାଗାର ମାତ୍ର; ଯାହାକୁ ଆମେ ଚେତନ ବୋଲି କହୁଛୁ, ତାହା ହେଉଛି ଆଦୌ କୌଣସି ଚରମ ଉଦ୍ଦେଶ୍ୟ ନଥିବା ନାନା ଶ୍ରମ ଓ ପ୍ରୟାସର ଏକ ମୂଢ଼ ଘୂର୍ଣ୍ଣନ ବା ଏକ ସ୍ୱପ୍ନର ବିଭ୍ରମ ମାତ୍ର । ତେଣୁ ଏସବୁରୁ ନିସ୍ତାର ଲାଭ କରିବାକୁ ହେଲେ ଆମକୁ ଅତିଚେତନ ମଧ୍ୟରେ ଯାଇ ଜାଗ୍ରତ ହେବାକୁ ପଡ଼ିବ, ଯେଉଁଠାରେକି ସେହି ପରମ ଶାଶ୍ୱତଙ୍କର ଆତ୍ମଜ୍ୟୋତିର୍ମୟ ଆନନ୍ଦମୟତା ମଧ୍ୟରେ ତମିସ୍ରା ଓ ଅର୍ଦ୍ଧତମିସ୍ରାର ସକଳ ଅନ୍ଧକାର ଦୂରୀଭୂତ ହୋଇଯିବ । ତେଣୁ ପରମ ଶାଶ୍ୱତହିଁ ଆମର ଏକମାତ୍ର ଆଶ୍ରୟ; ଆଉ ଯେତେ ଯାହା ରହିଛି, ସବୁ କେବଳ ମିଥ୍ୟା ଆଶ୍ୱାସନା ମାତ୍ର, ସବୁ କେବଳ ଅବିଦ୍ୟା ଓ ତାହାର ଜାଲପାଶ ବ୍ୟତୀତ ଆଉ କିଛି ନୁହେଁ, ପ୍ରାତିଭାସିକ ପ୍ରକୃତିବଶତା ମଧ୍ୟରେ ଆତ୍ମାର ଏକ ବିମୂଢ଼ ଘୂରିବୁଲିବା ବ୍ୟତୀତ ଆଉ କିଛି ନୁହେଁ ।

ବିଦ୍ୟା ଓ ଅବିଦ୍ୟା ବିଷୟରେ ଆମେ ଯେପରି କଳ୍ପନା କରିଛୁ, ତାହା ଏହି ନେତିବାଚକତାଟିକୁ ସମ୍ପୂର୍ଣ୍ଣ ବର୍ଜନ କରିଦେଉଛି ଓ ତାହାର ଆଧାରସ୍ୱରୂପ ବିରୋଧଗୁଡ଼ିକୁ ମଧ୍ୟ ଅସ୍ୱୀକାର କରୁଛି । ତାହା ଆମକୁ ଏକ ବୃହତ୍ତର ସମନ୍ୱୟର ସଙ୍କେତ ଦେଇଯାଉଛି । ସେହି ସମନ୍ୱୟକୁ ହୁଏତ ଏକ ଅଧିକ ଦୁରୂହ ସମନ୍ୱୟ ବୋଲି ବୁଝାଯାଇପାରେ । କାରଣ ଆମ ଦେଖିବାରେ ଏକ ଓ ଅନେକ, ରୂପ ଓ ଅରୂପ ବା ଅନ୍ତ ଓ ଅନନ୍ତ,—ଏହି ଆପାତବିରୋଧୀ ତତ୍ତ୍ୱଗୁଡ଼ିକ ପରସ୍ପରର ଯେତେ ବିରୋଧୀ ନୁହନ୍ତି, ତା'ଠାରୁ ଅଧିକ ପରିମାଣରେ ସେମାନେ ପରସ୍ପରର ଅନୁପୂରକ ଭାବରେହିଁ କାର୍ଯ୍ୟ କରୁଛନ୍ତି । ସେଗୁଡ଼ିକ ବ୍ରହ୍ମ[illegible] ଗୋଟିଏ [illegible] ନୁହନ୍ତି । ଅର୍ଥାତ୍ ଗୋଟିଏ ମୂଳକୁ ଗ୍ରହଣ କଲେ [illegible] କରିବାକୁ ପଡ଼ିବ, ସେକଥା ଆଦୌ ନୁହେଁ । ଆପଣାକୁ ଅନେକ ରୂପରେ [illegible] କରିବାକୁ ବ୍ରହ୍ମଙ୍କୁ ଆପଣାର ଏକତ୍ୱକୁ କଦାପି ଏକାବେଳକେ ଛାଡ଼ି ଆସିବାକୁ ପଡ଼େ ନାହିଁ । ଅନେକତ୍ୱ ମଧ୍ୟରେ ବି ଆପଣାକୁ ଆ[illegible]ର କରିନେଇ [illegible] ବ୍ରହ୍ମର [illegible]

'oaob.nitrkl.ac.in' images reprocessed

କୌଣସି ଅସମର୍ଥତ ନାହିଁ କିମ୍ବା ଆପଣାର ଏକତ୍ୱଟିକୁ ଫେରି ପାଇବାଲାଗି ଅନେକତ୍ୱକୁ ପୁନର୍ବାର ହରାଇ ବସିବାକୁ ମଧ୍ୟ ପଡ଼ୁ ନାହିଁ । ମାତ୍ର ଏକତ୍ୱ ଓ ଅନେକତ୍ୱ ସେହି ଗୋଟିଏ ବ୍ରହ୍ମର ଦୁଇଟି ମୂଲ୍ୟ ବା ବିଭାବ ହୋଇ ରହିଛି ଏବଂ ତାହା ଯୁଗପତ୍ ଭାବରେ ରହିଛି । ସେଥିମଧ୍ୟରୁ ଗୋଟିଏ ଆଉଗୋଟିକୁ ବୁଝି ପାରିବାର ସୂତ୍ର ବତାଇ ଦେଉଛି । ତେଣୁ ସେଗୁଡ଼ିକୁ ଆମେ ପରସ୍ପର ସହିତ ଆଦୌ କୌଣସି ମେଳ ନଥିବା ଦୁଇଟି ଭିନ୍ନଭିନ୍ନ ତତ୍ତ୍ୱ ବୋଲି ଆଦୌ ଭ୍ରମ କରିବା ନାହିଁ, ମାତ୍ର ସେହି ଏକ ପରମସତ୍ୟର ଦୁଇଟି ବିଭାବ ବୋଲି ଜାଣିବା । ତେଣୁ ପ୍ରତ୍ୟେକଟିକୁ କେବଳ ସ୍ୱତନ୍ତ୍ର ଭାବରେ ଅନୁଶୀଳନ କରି ନୁହେଁ, ଦୁଇଟିଯାକ ବିଭାବର ଏକତ୍ର ଉପଲବ୍ଧି ଦ୍ୱାରାହିଁ ଆମେ ବ୍ରହ୍ମର ଉପଲବ୍ଧି କରିବାର ବାଟ ପାଇପାରିବା । ଅବଶ୍ୟ ପୃଥକ୍ ଅନୁଶୀଳନ ଯେ ଏକାବେଳକେ ଅନୁଚିତ, ସେକଥା ଆଦୌ ନୁହେଁ; ଏପରିକି ତାହାକୁ ଆମ ଜ୍ଞାନସାଧନାର ଏକ ଅପରିହାର୍ଯ୍ୟ ସୋପାନ ବା ଅଂଶ ବୋଲି ମଧ୍ୟ ନିଶ୍ଚୟ ଗ୍ରହଣ କରାଯାଇପାରିବ । ବିଦ୍ୟା ବା ପରମଜ୍ଞାନ କହିଲେ ଯେ ସର୍ବଦା କେବଳ ସେହି ପରମ ଏକର ଜ୍ଞାନକୁହିଁ ବୁଝାଇବ, ସେଥିରେ କୌଣସି ସନ୍ଦେହ ନାହିଁ; ତାହା ସର୍ବଦା ସେହି ପରମ ଓ ଅନନ୍ତ ସତ୍ତାର ଉପଲବ୍ଧିକୁହିଁ ବୁଝାଇବ । ଅବିଦ୍ୟା ହେଉଛି ସେହି ପରମ ସତ୍ତାର ଏକ ଆତ୍ମବିସ୍ମୃତି, ବହୁତ୍ୱ ମଧ୍ୟରେ ବିବିକ୍ତ ହୋଇ ରହିବାର ଅନୁଭୂତି, ସମ୍ଭୂତିର ଅର୍ଦ୍ଧବୋଧ ଗୋଲକଧନ୍ଦା ଭିତରେ ବାସ କରି ତାହାରି ଭିତରେ ଘୂରିବୁଲିବା । ମାତ୍ର ସମ୍ଭୂତିର ସୋପାନ ଦେଇ ଗତି କରୁକରୁ ଯେତେବେଳେ ଆତ୍ମା ପରମ ସତ୍ତାଙ୍କୁ ଜାଣିବାକୁ ପାଏ ଓ ତାଙ୍କର ଜ୍ଞାନଭୂମିରେ ଜାଗ୍ରତ ହୋଇଉଠେ, ସେତେବେଳେ ଏହି ଭ୍ରମର ନିରାକରଣ ହୋଇଯାଏ । ସେହି ଏକ ପରମ ଓ ଶାଶ୍ୱତ ସତ୍ତା ଯେ ବହୁତ୍ୱର ଭୂମିରେ ଏହିସବୁ ଅସ୍ତିତ୍ୱରୂପେ ଅବତୀର୍ଣ୍ଣ ହୋଇଛନ୍ତି ଏବଂ କାଳାତୀତ ଅସ୍ତିତ୍ୱର ସର୍ବାନ୍ତର୍ଗତତା ମଧ୍ୟରେ ସେଗୁଡ଼ିକର ସତ୍ୟ ଆଗରୁ ଅନ୍ତର୍ନିହିତ ହୋଇ ରହିଥିବାରୁ ସେହିସବୁ ରୂପରେ ସମ୍ଭୂତ ହେବାଲାଗି ଯେ ପରମ ସତ୍ତାର ଅବଶ୍ୟ ସାମର୍ଥ୍ୟ ରହିଛି, ସେତେବେଳେ ଏହା ଆମ ଆଗରେ ସ୍ପଷ୍ଟ ହୋଇଯାଏ । ପରମ ସ୍ଥିତି ଓ ପରମ ସମ୍ଭୂତିକୁ ଏକତ୍ର ଧାରଣ କରି ରହିଥିବା ଏକ ଚେତନାକୁହିଁ ବ୍ରହ୍ମର ସମ୍ୟକ୍ ଜ୍ଞାନ ବୋଲି କୁହାଯିବ; ଏବଂ ଦୁଇଟି ମଧ୍ୟରୁ ଗୋଟିକୁ ଛାଡ଼ି କେବଳ ଗୋଟିକର ଅନୁଧାବନ କରିବାକୁ ଗଲେ ଆମେ ସେହି ସର୍ବଗତ ପରମ ସତ୍ୟର ଅନ୍ୟ ପାଖଟିକୁ ଦେଖିବାଲାଗି ଆଉ ଆଦୌ ସମର୍ଥ ହୋଇପାରିବା ନାହିଁ । ସକଳ ସମ୍ଭୂତିର ଅତୀତ ହୋଇ ରହିଥିବା ପରମ ସତ୍ତାର ପରିଚୟ ଲାଭ କଲେ ଆମେ ଜଗନ୍ମୟ ଅସ୍ତିତ୍ୱର ଲିପ୍ତତା ତଥା ଅଜ୍ଞାନର ବନ୍ଧନ ଭିତରୁ ମୁକ୍ତିଲାଭ କରିପାରିବା ଏବଂ ସେହି ମୁକ୍ତି ଆମକୁ ପରମ ସମ୍ଭୂତି ଓ ଜାଗତିକ ଅସ୍ତିତ୍ୱର ଏକ ବନ୍ଧନହୀନ ଅଧିକାର ମଧ୍ୟ ଆଣିଦେଇ ପାରିବ । ସମ୍ଭୂତିର ଜ୍ଞାନ

'oaob.nitrkl.ac.in' images reprocessed

ହେଉଛି ସମ୍ୟକ୍ ଜ୍ଞାନର ଗୋଟିଏ ଅଂଶ, ଆମର ଜୀବନଭୂମିରେ ତାହା ଏକ ଅବିଦ୍ୟାପରି କାର୍ଯ୍ୟ କରୁଛି, କାରଣ ଆମେ ତାହାରି ଭିତରେ ସତେଅବା କାରାରୁଦ୍ଧ ହୋଇ ରହିଥିବା ପରି ବାସ କରୁଛୁ । ଆମେ 'ଅବିଦ୍ୟାୟାଂ ଅନ୍ତରେ' ବା ଅନ୍ତଃସ୍ଥଳରେ ଛନ୍ଦିହୋଇ ରହିଛୁ । ପରମ ସତ୍ତାର ଏକତ୍ୱ ଆମ ଅଧିକାରର ବାହାରେ ରହିଛି । ଅଥଚ ସେହି ଏକତ୍ୱ ହେଉଛି ତାହାର ଯଥାର୍ଥ ଭୂମି, ତାହାର ଅସଲ ଉପାଦାନ ଓ ତାତ୍ପର୍ଯ୍ୟ । ତାହାହିଁ ଏହାକୁ ପ୍ରକଟ କରାଉଛି ଏବଂ ସେ ନଥିଲେ ଏଇଟି ମଧ୍ୟ କେବେହେଲେ ସମ୍ଭବ ହୋଇପାରନ୍ତା ନାହିଁ ।

ବସ୍ତୁତଃ, ସକଳ ସମ୍ବନ୍ଧଗତତାର ଅତୀତ କେବଳ ଏକ ଲକ୍ଷଣରହିତ ପରମ ଏକତ୍ୱର ଭୂମିରେ ବ୍ରହ୍ମ ଏକ ଓ ଅଦ୍ୱିତୀୟ ନୁହେଁ, ଏହି ବିଶ୍ୱଜଗତର ବିସୃଷ୍ଟତା ଓ ବହୁବିଧତା ମଧ୍ୟରେ ମଧ୍ୟ ସେ ଏକ, ଅନେକ ନୁହନ୍ତି । ବିଶ୍ୱଜନକାରୀ ଏହି ମନର ଯାବତୀୟ କରଣି ବିଷୟରେ ସେ ସତତ ଅବଗତ ରହିଥାଆନ୍ତି ସତ, ମାତ୍ର ନିଜେ କଦାପି ତାହାଦ୍ୱାରା ଆବଦ୍ଧ ହୋଇପଡ଼ନ୍ତି ନାହିଁ । ତେଣୁ ବହୁତ୍ୱ ଭିତରେ, ସମ୍ବନ୍ଧ ଓ ସମ୍ଭୂତ ମଧ୍ୟରେ ସେ ଯେତିକି ସହଜରେ ଆପଣା ଏକତ୍ୱର ସନ୍ଦର୍ଶନ କରିପାରନ୍ତି, ସେହି ବହୁତ୍ୱ, ସମ୍ବନ୍ଧତା ଓ ସମ୍ଭୂତ ମଧ୍ୟରୁ ଆପଣାକୁ ଅପସରାଇ ନେଇ ମଧ୍ୟ ଠିକ୍ ସେତିକି ସହଜରେ ଏକତ୍ୱର ସନ୍ଦର୍ଶନ କରିଥାଆନ୍ତି । ଆପଣାର ଜୀବନରେ ସେହି ବ୍ରହ୍ମର ଏକତ୍ୱକୁ ମଧ୍ୟ ପରିପୂର୍ଣ୍ଣ ଭାବରେ ଅନୁଭବ କରିବାକୁ ହେଲେ ଆମକୁ ବିଶ୍ୱଜଗତର ଅନନ୍ତ ଆତ୍ମବ୍ୟାକୃତ ମଧ୍ୟରେହିଁ ତାହାକୁ ଅର୍ଜନ କରିବାକୁ ପଡ଼ିବ । କାରଣ ବିଶ୍ୱଜଗତରେ ମଧ୍ୟ ସେହି ବ୍ରହ୍ମହିଁ ଅଛନ୍ତି ଓ ବିଶ୍ୱଜଗତର ସବୁକିଛି ସେହି ବ୍ରହ୍ମ ବ୍ୟତୀତ ଆଉକିଛି ନୁହେଁ । ଅନ୍ତହୀନ ଅନେକତାକୁ ଆମେ ଯେତେବେଳେ ଅନ୍ତହୀନ ପରମ ଏକତା ମଧ୍ୟରେ ଅନ୍ତର୍ଭୁକ୍ତ ଓ ଅଧିକୃତରୂପେ ଦେଖିବାକୁ ସମର୍ଥ ହେବା, କେବଳ ସେତିକିବେଳେ ଯାଇ ଆମେ ତାହାର ଯଥାର୍ଥ ବ୍ୟାଖ୍ୟା ପାଇପାରିବା ଓ ତାହାର ଯଥାର୍ଥ ଔଚିତ୍ୟଟିକୁ ଅନୁଭବ କରିପାରିବା । ମାତ୍ର ଏକଥା ମଧ୍ୟ ସମାନ ଭାବରେ ସତ ଯେ ଅନ୍ତହୀନ ଏକତା ଆପଣାକୁ ଆପଣା ଭିତରେ ଅବରୁଦ୍ଧ କରି ନରଖି ବାହାରକୁ ଉଚ୍ଛୁଳି ପଡ଼ିବାରେ ଲାଗିଛି ଓ ଅନ୍ତହୀନ ବହୁତ୍ୱ ମଧ୍ୟରେ ଆପଣାକୁ ଅଧିକାର କରି ରହିଛି । ଆପଣାର ଶକ୍ତିମତ୍ତାକୁ ଏହିପରି ଉଚ୍ଛୁଳାଇ ଓ ଅଜାଡ଼ି ଦେଇପାରିବା ଅଥଚ ତାହା ଭିତରେ ଆପଣାକୁ ହରାଇ ନବସିବା, ଆତ୍ମପରିଣତିର ଅନନ୍ତ ଓ ଅଜସ୍ର ବିଭାବନାରେ ମଧ୍ୟ ବିଭ୍ରାନ୍ତ ନହୋଇ ଉନ୍ମୁଖ ଅଥଚ ଅବିଚଳ ରହିବା, ଆତ୍ମବୈଚିତ୍ର୍ୟର ଅବାଧ ବିସ୍ତାରଣରେ ମଧ୍ୟ ତଥାପି ଆପେ ଆପଣା ଭିତରେ ବିଭକ୍ତ ହୋଇ ନପଡ଼ିବା,—ଏହାକୁହିଁ ଆମେ ମୁକ୍ତ ପୁରୁଷର ଉଦବ୍ୟ ବଳ ବୋଲି କହିପାରିବା, ଅମୃତମୟ ଆତ୍ମଜ୍ଞାନର ଅଧିକାରୀ ହୋଇଥିବା

'oaob.nitrkl.ac.in' images reprocessed

ଚେତନାମୟ ଆତ୍ମାର ଶକ୍ତି ବୋଲି କହିପାରିବା । ଆତ୍ମାର ଯେଉଁ ଆତ୍ମବୈଚିତ୍ର୍ୟ ମଧ୍ୟରେ ଆତ୍ମଜ୍ଞାନଚ୍ୟୁତ ମନ ରୁଦ୍ଧ ହୋଇ ରହିଥାଏ ଓ ବୈଚିତ୍ର୍ୟଗୁଡ଼ିକ ମଧ୍ୟରେ ବିକ୍ଷିପ୍ତ ହୋଇ ପଡ଼ିଥାଏ, ସେଗୁଡ଼ିକୁ ଆମେ ତଥାପି ଅନନ୍ତତାର ନିରାକୃତି ବୋଲି କହିବା ନାହିଁ । ସେଗୁଡ଼ିକ ହେଉଛି ପରମ ଅନନ୍ତତାର କେବଳ ଏକ ଅନ୍ତହୀନ ପରିପ୍ରକାଶ ମାତ୍ର ଏବଂ ସେହି ଅନନ୍ତତାକୁ ଛାଡ଼ିଦେଲେ ସେଗୁଡ଼ିକର ତିଷ୍ଠିରହିବା ଲାଗି ଆଉକୌଣସି ଅର୍ଥ କିମ୍ବା କାରଣହିଁ ନାହିଁ । ପରମ ଅନନ୍ତତା ମଧ୍ୟ ଯେତେ-ବେଳେ ଆପଣା ଅନନ୍ତ ସତ୍ତାର ଆନନ୍ଦଟିକୁ ଅଧିକାର କରି ରହିଥାଏ, ସେତେବେଳେ ବିଶ୍ୱରୂପରେ ଅନନ୍ତ ଆତ୍ମବ୍ୟାକୃତି ମଧ୍ୟରେ ବି ସେ ସେହି ଅନନ୍ତତାର ଆନନ୍ଦଟିକୁ ଅନୁଭବ କରୁଥାଏ । ଦିବ୍ୟ ପରମସତ୍ତା ଭିତରେ ଅଗଣିତ ରୂପ ପରିଗ୍ରହଣ ସକାଶେ ଆଦୌ କୌଣସି ଅକ୍ଷମତା ନାହିଁ, କାରଣ ସ୍ୱରୂପତଃ ସିଏ ହେଉଛନ୍ତି ସକଳ ରୂପର ଅତୀତ । ସେହି ରୂପଗୁଡ଼ିକୁ ଗ୍ରହଣ କରୁଛନ୍ତି ବୋଲି ସେ କଦାପି ଆପଣାର ଦିବ୍ୟ ସ୍ଥିତିଟିକୁ ହରାଇ ବସୁନାହାନ୍ତି, ମାତ୍ର ବରଂ ସେହି ରୂପଗୁଡ଼ିକରେହିଁ ଆପଣା ସତ୍ତାର ଆନନ୍ଦକୁ ଅଜାଡ଼ି ଦେବାରେ ଲାଗିଛନ୍ତି, ଆପଣା ଈଶ୍ୱରୀୟତାର ଗୌରବକୁ ତାହାରି ଭିତରେ ଆଣି ଅଜାଡ଼ି ଦେଉଛନ୍ତି । ସୁବର୍ଣ୍ଣ ଆପଣାକୁ ଯାବତୀୟ ନାନାବିଧ ଅଳଙ୍କାରରୂପେ ଗଢ଼ି ଥୋଇଦେଉଛି, ବା କେତେକେତେ ମୂଲ୍ୟ ଓ ମୁଦ୍ରାର ଆକାରରେ ତିଆରି ହୋଇ ବାହାରୁଛି, ମାତ୍ର ସେଥିଲାଗି ସୁବର୍ଣ୍ଣର ସୁବର୍ଣ୍ଣତ୍ୱରେ ଆଦୌ କୌଣସି ବ୍ୟାଘାତ ଆସି ଉପସ୍ଥିତ ହେଉ ନାହିଁ । ଠିକ୍ ସେହିପରି ଭୂଶକ୍ତି ମଧ୍ୟ ଆପଣାକୁ ନିବାସଯୋଗ୍ୟ କେତେକେତେ ଭୁବନରୂପେ ଗଢ଼ି ଥୋଇ ଦେଉଛି, କେତେ ପର୍ବତ ଓ କେତେ ଗହ୍ୱରର ଆକାର ଗ୍ରହଣ କରୁଛି, ସେହି ମାଟିକୁ ନେଇ ଚୁଲ୍ଲୀମୁଣ୍ଡଠାରୁ ଆରମ୍ଭ କରି ଯାବତୀୟ ଘରକରଣା ଯାଏ କେତେ ପ୍ରକାରର କେତେ ବାସନ ଓ ପାତ୍ର ତିଆରି ହେଉଛି ବା ଶକ୍ତ ଧାତୁର ରୂପରେ ସେଥିରୁ ଅସ୍ତ୍ର ଗଢ଼ା-ହେଉଛି, ଇଞ୍ଜିନ୍ ମଧ୍ୟ ତିଆରି ହେଉଛି; ମାତ୍ର ତଥାପି ଏହିସବୁ ରୂପାକୃତି ଜଡ଼-ଅସ୍ତିତ୍ୱର ମୂଳତତ୍ତ୍ୱସ୍ୱରୂପ ସର୍ବତ୍ର ଉପସ୍ଥିତ ରହିଥିବା ମୃତ୍ତିକାଶକ୍ତି ବା ଭୂଶକ୍ତି ଆପଣାର ଅପରିବର୍ତ୍ତନୀୟ ଦିବ୍ୟତାକୁ ଆଦୌ ହରାଇ ବସୁ ନାହିଁ । ଯାହାକୁ ଆମେ ଜଡ଼ ବା ମୂଳ ଉପାଦାନ ବୋଲି ଜାଣୁଛୁ, ତାହା ସୂକ୍ଷ୍ମ ହୋଇଥାଉ କିମ୍ବା ଘନ ହୋଇଥାଉ, ମାନସିକ ଅଥବା ଭୌତିକ ଯେକୌଣସି ଭୂମିର ହୋଇଥାଉ ପଛକେ, ତାହାକୁ ଆମେ ପରମ ଚିନ୍ମୟତାର ରୂପ ବା ଶରୀର ବୋଲିହିଁ ଜାଣିବା । ଯଦି ସେହି ଜଡ଼ ଭିତରେ ପରମ ଚିନ୍ମୟତାର ଆତ୍ମ-ଅଭିବ୍ୟକ୍ତି ଲାଗି ଏକ ଭୂମିରୂପେ ବ୍ୟବହୃତ ହୋଇ ପାରିବାର ସମ୍ଭାବନା ନିହିତ ହୋଇ ରହିନଥା'ନ୍ତା, ତେବେ ତାହା କଦାପି ସୃଷ୍ଟ ହୋଇ ନଥା'ନ୍ତା । ଏହି ଭୌତିକ ଜଗତ ବାହାରୁ ଦେଖିବାକୁ କେବଳ ଯେଉଁ ନିଶ୍ଚେତନା ପରି ବୋଧହେଉଛି, ତାହା ଆପଣା ଭିତରେ ଜ୍ୟୋତିର୍ମୟ ପରମ

'oaob.nitrkl.ac.in' images reprocessed

ଅନ୍ତଃଚେତନ ମଧ୍ୟରେ ଶାଶ୍ୱତ ଭାବରେ ଆପଣାକୁ ଉନ୍ମୋଚିତ କରି ରଖିଥିବା ଯାବତୀୟ ସମ୍ପଦକୁ ପ୍ରଚ୍ଛନ୍ନରୂପେ ଧାରଣ କରି ରଖିଛି । ଯାହାକିଛି ଗୁପ୍ତ ଓ ପ୍ରଚ୍ଛନ୍ନ ହୋଇ ରହିଛି, କାଳର ଭୂମି ଉପରେ ଧୀରେ ଧୀରେ ତାହାକୁହିଁ ପ୍ରକାଶିତ କରିବା, —ଏହାହିଁ ହେଉଛି ପ୍ରକୃତିର ଇଷ୍ଟସାଧନାର ଆନନ୍ଦ, ପ୍ରକୃତିର ଯାବତୀୟ ଆବର୍ତ୍ତନ ପଛରେ ତାହାହିଁ ଯଥାର୍ଥ ପ୍ରୟୋଜନରୂପେ ନିହିତ ହୋଇ ରହିଛି ।

ମାତ୍ର ସତ୍ୟ ଓ ଜ୍ଞାନର ପ୍ରକୃତି ବିଷୟରେ ଆହୁରି ଅନ୍ୟାନ୍ୟ କଳ୍ପନା ମଧ୍ୟ ରହିଛି, ଯାହାର ବିଚାର ଅବଶ୍ୟ କରିବାକୁ ପଡ଼ିବ । ଗୋଟିଏ ମତର ଉକ୍ତି ଅନୁସାରେ ଏଠି ଅସ୍ତିତ୍ୱ ବୋଲି ଯାହାକିଛି ରହିଛି, ତାହା ହେଉଛି କେବଳ ଏହି ମନର ସୃଷ୍ଟି, କେବଳ ଚେତନାର ଏକ ସଂରଚନା । ଏବଂ ଏପରି କ୍ଷେତ୍ରରେ ଚେତନାଠାରୁ ସ୍ୱତନ୍ତ୍ର ଓ ଭିନ୍ନ ହୋଇ ରହିଥିବା ଆଉ ଏକ ବିଷୟଗତ ସତ୍ୟର କଳ୍ପନା କେବଳ ଏକ ଭ୍ରମ ବ୍ୟତୀତ ଆଉ କିଛି ନୁହେଁ । କାରଣ ବସ୍ତୁଗୁଡ଼ିକର ପ୍ରକୃତିରେ ଏପରି ଏକ ସ୍ୱତନ୍ତ୍ର ଓ ସ୍ୱନିର୍ଭର ଅସ୍ତିତ୍ୱ ରହିଛି ବୋଲି ଆମେ ଆଦୌ କୌଣସି ପ୍ରମାଣ ପାଇବା ନାହିଁ । ଏହିପରି ଏକ ଦୃଷ୍ଟିରେ ବିଚାର କରି ବସିଲେ ଆମେ ଆହୁରି ଆଗକୁ ଯାଇ ସୃଜନଶୀଳ ଚେତନାକୁହିଁ ଏକମାତ୍ର ସତ୍ୟ ବୋଲି ଗ୍ରହଣ କରିନେବା ଅଥବା ପ୍ରକୃତିରେ କେଉଁଠିହେଲେ କୌଣସି ଅସ୍ତିତ୍ୱ ନାହିଁ ବୋଲି କହିବା ଏବଂ ଅସତ୍ ଅର୍ଥାତ୍ ଏକ ଚେତନାରହିତ ଶୂନ୍ୟଗର୍ଭତାକୁହିଁ ଏକମାତ୍ର ସତ୍ୟ ବୋଲି ପ୍ରତିଷ୍ଠା କରିବସିବା । କାରଣ, ଗୋଟିଏ ମତ ଅନୁସାରେ, ଚୈତନ୍ୟଦ୍ୱାରା ସଂରଚିତ ହୋଇଥିବା ବସ୍ତୁଗୁଡ଼ିକର ଆଦୌ କୌଣସି ବାସ୍ତବ ସତ୍ତା ନାହିଁ, ସେଗୁଡ଼ିକ କେବଳ ଗୋଟିଏ ଗୋଟିଏ ସଂରଚନା ମାତ୍ର । ଏପରିକି ଯେଉଁ ଚେତନା ସେମାନଙ୍କୁ ରଚନା କରିଛି, ତାହା ସ୍ୱୟଂ ମଧ୍ୟ କେବଳ କେତେଗୁଡ଼ିଏ ଅବବୋଧର ଏକ ସତତଧାବମାନ ପରମ୍ପରା ମାତ୍ର । ସେହି ଅବବୋଧଗୁଡ଼ିକ ପରସ୍ପର ସହିତ ସଂଲଗ୍ନ ହୋଇ ରହିଥିବା ପରି ମନେ ହୋଇଥା'ନ୍ତି, ତେଣୁ ଏକ ଅବିରାମ ସୂତ୍ରରେ ସଂଘଟିତ ହେଉଥିଲା ପରି ଲାଗନ୍ତି ଏବଂ ତେଣୁ ଏକ ଅବିରାମ କାଳଗତ ବୋଧର ଅବଧାରଣା କରିଥା'ନ୍ତି । ମାତ୍ର ଏଗୁଡ଼ିକର ପ୍ରକୃତିରେ କୌଣସି ସ୍ଥାୟୀ ଭୂମି ନଥାଏ, କାରଣ ସେଗୁଡ଼ିକ କେବଳ ବାସ୍ତବ ବୋଲି ପ୍ରତୀତହିଁ ହେଉଥା'ନ୍ତି । ଏଥିରୁ ଏହି ନିଷ୍କର୍ଷ ଉପୁଜୁଛି ଯେ ସତ୍ୟ କହିଲେ ଏଠାରେ ଏକାଧାରରେ ଯାବତୀୟ ଆତ୍ମଚେତନାମୟ ଅସ୍ତିତ୍ୱ ଓ ଅସ୍ତିତ୍ୱଗତ ଯାବତୀୟ ସ୍ପନ୍ଦନଧର୍ମର ଏକ ଶାଶ୍ୱତ ଅନବସ୍ଥାନକୁହିଁ ବୁଝାଇବ । ସେତେବେଳେ ଜ୍ଞାନ କହିଲେ ଏକ ସଂରଚିତ ବିଶ୍ୱରୂପୀ ପ୍ରତିଭାସ ଭିତରୁ ଆପଣାକୁ ଅପସାରି ଆଣି ସେହିଭଳି ଏକ ସତ୍ୟପାଖକୁ ବାହୁଡ଼ି ଆସିବାକୁ ବୁଝାଇବ । ଏହି କ୍ଷେତ୍ରରେ ଏକ ଦ୍ୱିବିଧ ଓ ପରିପୂର୍ଣ୍ଣ ଆତ୍ମନିର୍ବାପନ ସଂଘଟିତ ହେବ; ପୁରୁଷ ବିଲୟ



'oaob.nitrkl.ac.in' images reprocessed

ଲୀନ ବା ଅନ୍ତର୍ହିତ ହୋଇଯିବ, ପ୍ରକୃତିର ମଧ୍ୟ ନିର୍ବାପନ ବା ପ୍ରଶମନ ଘଟିବ । କାରଣ ଚେତନାମୟ ଆତ୍ମା ଓ ପ୍ରକୃତି,—ଏହି ଦୁଇଟି ତତ୍ତ୍ୱ ହେଉଛି ଆମ ସତ୍ତାର ଦୁଇଟି ଭିନ୍ନ ଭିନ୍ନ ବିଭବ, ଆମର ଜୀବନ ବା ଅସ୍ତିତ୍ୱ କହିଲେ ବସ୍ତୁତଃ ଏହି ଦୁଇଟିକୁହିଁ ବୁଝାଇଥାଏ; ଏବଂ ଦୁଇଟିଯାକର ନିରାକରଣ ଦ୍ୱାରା ଯେଉଁ ସିଦ୍ଧି ଲାଭ ହେବ, ତାହାକୁ ପରମ ନିର୍ବାଣ ବୋଲି କୁହାଯାଇ ପାରିବ । ତେଣୁ ସେହି କ୍ଷେତ୍ରରେ ଆମେ ଯାହାକୁ ବାସ୍ତବ ବୋଲି କହିବା, ତାହା ହୁଏତ ଏକ ପରମ ନିଶ୍ଚେତନ ହେବାକୁ ବାଧ୍ୟ ହେବ, ଯାହାକୁ ଆଧାରରୂପେ ବ୍ୟବହାର କରି ଏହି କ୍ଷଣିକତା ଓ ଏହିସବୁ ସଂରଚନାର ଆବିର୍ଭାବ ହେଉଛି; ଅଥବା ତାହାକୁ ଆତ୍ମସତ୍ତା ବା ଅସ୍ତିତ୍ୱଗତ ଯାବତୀୟ ବୋଧର ଅତୀତ ହୋଇ ରହିଥିବା ଏକ ଅତିଚେତନ ବୋଲି କୁହାଯିବ । ମାତ୍ର ଯେତେବେଳେ ଆମେ ଏହି ଉପରିଭାଗୀୟ ମନଃସ୍ତରଟାକୁ ଚେତନାର ସମୁଦାୟ କ୍ଷେତ୍ର ବୋଲି ସ୍ୱୀକାର କରିନେବା, କେବଳ ସେତିକିବେଳେ ଯାଇ ବସ୍ତୁପ୍ରତିଭାସ ସମ୍ବନ୍ଧରେ ବିଶ୍ୱବୋଧର ଏହି ଦୃଷ୍ଟିଟିକୁ ଆମେ ସତ୍ୟ ବୋଲି କହିପାରିବା । କେବଳ ମନୋଭୂମିଗତ କାର୍ଯ୍ୟକଳାପର ଏକ ବର୍ଣ୍ଣନା ଦେବାକୁ ଗଲାବେଳେ ତାହାର ଯଥାର୍ଥତା ନିଶ୍ଚୟ ରହିବ । କାରଣ ଏଥିରେ କଦାପି କୌଣସି ସନ୍ଦେହ ନାହିଁ ଯେ ମନର ଭୂମି ଉପରେ ସବୁକିଛି କେବଳ ଏକ ଅବିରାମ କ୍ଷଣିକତା ପରି ପ୍ରତୀତ ହୋଇଥାଏ, ସବୁକିଛି ଏକ ଅଚିରସ୍ଥାୟୀ ଚେତନାର ରଚନା ପରି ମନେ ହୋଇଥାଏ । ମାତ୍ର ଅସ୍ତିତ୍ୱ ତଥା ଜୀବନର ଏକ ସମ୍ପୂର୍ଣ୍ଣ ବିବରଣରୂପେ ଏହାର ଆଦୌ କୌଣସି ଯଥାର୍ଥତା ନାହିଁ । ଯଦି ଏକ ବୃହତ୍ତର ଓ ଗଭୀରତର ଆତ୍ମଜ୍ଞାନ ଓ ବିଶ୍ୱଜ୍ଞାନର ଅସ୍ତିତ୍ୱକୁ ସ୍ୱୀକାର କରି ନଆଯାଏ, ଯଦି ତାଦାତ୍ମ୍ୟଜ୍ଞାନକୁ ଏକ ସତ୍ୟ ବୋଲି ଗ୍ରହଣ କରାଯାଏ, ସେହି ଜ୍ଞାନକୁ ସ୍ୱଭାବଗତ ଭାବରେ ଧାରଣ କରି ରଖିଥିବା ଏକ ଚେତନା ଏବଂ ସେହି ଚେତନାକୁ ଶାଶ୍ୱତ ଆତ୍ମସଂବିତ୍ତିରୂପେ ବହନ କରି ରହିଥିବା ଏକ ପରମ-ସତ୍ତାକୁ ମାନି ନଆଯାଏ, ତେବେ ତାହାକୁ ଏକ ସମ୍ୟକ୍ ଦର୍ଶନ ବୋଲି ଆଦୌ କୁହାଯାଇ ପାରିବ ନାହିଁ । କାରଣ ସେତେବେଳେ ଆଶୟଗତ ଓ ବିଷୟଗତ ଦୁଇଟିଯାକ ପରିକଳନାହିଁ ସେହି ଚେତନା ଓ ସେହି ସତ୍ତାଲାଗି ଗୋଟିଏ ଗୋଟିଏ ଅନ୍ତରଙ୍ଗ ସତ୍ୟ ହୋଇ ରହିବ, ଦୁଇଟିଯାକ ତାହାର ସ୍ୱାଙ୍ଗୀଭୂତ ହୋଇ ରହିବ, ତା'ର ପରିଚୟର ଗୋଟିଏ ଗୋଟିଏ ଦିଗ ହୋଇ ରହିବ, ତାହାର ଅସ୍ତିତ୍ୱର ପ୍ରାମାଣ୍ୟ ହୋଇ ରହିବ ।

ଆଉଗୋଟିଏ ଦୃଷ୍ଟିକୋଣରୁ ବିଚାର କରି ବସିଲେ ସଂରଚନାପ୍ରବଣ ଏହି ମନ ବା ଚେତନାକୁ ଯଦି ଯଥାର୍ଥ ଓ ଏକମାତ୍ର ସତ୍ୟ ବୋଲି ଗ୍ରହଣ କରାଯାଏ, ତେବେ ଭୌତିକ ସତ୍ତା ଓ ବସ୍ତୁଗୁଡ଼ିକ ଦ୍ୱାରା ପରିପୂର୍ଣ୍ଣ ଏହି ଜଗତର ହୁଏତ ଏକ ଅସ୍ତିତ୍ୱ ରହିବା ସମ୍ଭବ ହେବ, ମାତ୍ର ସେହି ସଂରଚନା ସମ୍ପୂର୍ଣ୍ଣତଃ ଆଶୟଗତ ହୋଇ ରହିବ ।

'oaob.nitrkl.ac.in' images reprocessed

ଚେତନା ତା'ର ଆପଣା ଭିତରୁ ଉଦ୍ଧାର କରିଥିବା, ସେହି ଚେତନାଦ୍ୱାରା ବିଧୃତ ହୋଇ ରହିଥିବା ଏବଂ ଆପଣାର ପ୍ରଳୟ ସମୟରେ ସେହି ଚେତନା ଭିତରେହିଁ ବିଲୀନ ହୋଇ ଯାଉଥିବା ଆଶୟଗତ ସଂରଚନା ହୋଇ ରହିବ । କାରଣ, ଯଦି କେବଳ ଏତିକି ବ୍ୟତୀତ ଆଉ କିଛିହେଲେ ନଥାଏ, ସେହି ସୃଜନଶୀଳ ଶକ୍ତିଟିର ଆଶ୍ରୟରୂପେ ସାରତଃ କୌଣସି ଆଦିମୂଳ ସ୍ଥିତି କିମ୍ବା ସତ୍ତା ନଥାଏ, ଏବଂ ଏପରିକି ଅସତ୍ ବା ଶୂନ୍ୟ ମଧ୍ୟ ଯଦି ସୃଷ୍ଟିର ଆଧାର ହୋଇ ରହିନଥାଏ, ତେବେ ଏଠାରେ ଯାବତୀୟ ସବୁକିଛିକୁ ସୃଷ୍ଟି କରି ପାରୁଥିବା ଏହି ଚେତନା ସ୍ୱୟଂ ଅବଶ୍ୟ ଏକ ଅସ୍ତିତ୍ୱ ବା ଉପାଦାନ ହୋଇଥିବ । ଯଦି ଏହି ଚେତନା ଭିତରେ ସଂରଚନାର ସାମର୍ଥ୍ୟ ରହିଥାଏ, ତେବେ ସେଗୁଡ଼ିକ ତା'ର ଆପଣା ଉପାଦାନରୁହିଁ ଗଢ଼ା ହୋଇଥିବା ଗୋଟିଏ ଗୋଟିଏ ରଚନା ହୋଇଥିବ ଅଥବା ତା'ର ଆପଣା ଅସ୍ତିତ୍ୱର ଗୋଟିଏ ଗୋଟିଏ ରୂପ ହୋଇଥିବ । ଯେଉଁ ଚେତନା କୌଣସି ଏକ ପରମ ସତ୍‌ସ୍ୱରୂପର ସମ୍ପଦ ହୋଇ ନଥିବ କିମ୍ବା ସ୍ୱୟଂ ଏକ ସତ୍‌ସ୍ୱରୂପ ହୋଇ ନଥିବ, ତାହା ଏକ ଅସତ୍ୟ ବା ଅବାସ୍ତବତା ବ୍ୟତୀତ ଆଉ କ'ଣ ହୋଇପାରେ ? ସେତେବେଳେ ଆମେ ତାହାକୁ ଏକ ଶୂନ୍ୟଗର୍ଭିତାର ବୋଧଗତ ଶକ୍ତି ବା ଏକ ଶୂନ୍ୟଗର୍ଭିତା ମଧ୍ୟରେ ଅବସ୍ଥିତ ଏକ ବୋଧଗତ ଶକ୍ତିରୂପେ କଳ୍ପନା କରିପାରିବା ଯାହାକି ସେହି ଶୂନ୍ୟର ଭୂମି ଉପରେହିଁ ଅସତ୍ ମଧ୍ୟରୁ କେବଳ ଅବସ୍ତୁର ଏକ ବିକଳ୍ପଜାଲହିଁ ରଚନା କରିବାରେ ଲାଗିଛି । ମାତ୍ର ଅନ୍ୟ ସକଳ ସିଦ୍ଧାନ୍ତ ଅଗ୍ରାହ୍ୟ ବୋଲି ପ୍ରମାଣିତ ନହେବା ପର୍ଯ୍ୟନ୍ତ ଆମେ ଏହି ସିଦ୍ଧାନ୍ତଟିକୁ କଦାପି ଗ୍ରହଣ କରିପାରିବା ନାହିଁ । ଏଥିରୁ ଏକଥାଟି ଅତ୍ୟନ୍ତ ସ୍ପଷ୍ଟ ହୋଇଯିବା ଉଚିତ ଯେ ଯାହାକୁ ଆମେ ଚେତନା ବୋଲି ପ୍ରତ୍ୟକ୍ଷ କରୁଛୁ, ତାହା ନିଶ୍ଚୟ ମୂଳତଃ ଏକ ସତ୍ତା ବା ସତ୍‌ସ୍ୱରୂପତା ହୋଇଥିବ ଯାହାର ଚେତନାରୂପୀ ଉପାଦାନରୁହିଁ ଏହି ସବୁକିଛିର ସୃଷ୍ଟି ହେବାରେ ଲାଗିଛି ।

କିନ୍ତୁ ଯଦି ଆମେ ଏହିପରି ସ୍ଥଳରେ ସତ୍ତା ଓ ଚେତନାର ଦ୍ୱିଦଳ ବା ଦ୍ୱୈତ ସତ୍ୟଟିର ଭୂମିକୁ ଫେରିଯାଉ, ତେବେ ଆମେ ହୁଏତ ବେଦାନ୍ତ ପରି କେବଳ ମୂଳଭୂତ ଏକ ଅଦ୍ୱୟ ପରମସତ୍ତାର କଳ୍ପନା କରିବା ଅଥବା ସାଂଖ୍ୟସିଦ୍ଧାନ୍ତର ମାର୍ଗ ଧରି ଏକ ସତ୍ତାଗତ ଅନେକତ୍ୱର ଅବତାରଣା କରିବା, ଯାହାପାଖରେ ବା ଯେଉଁମାନଙ୍କ ପାଖରେ ଚେତନା ଅଥବା ଚେତନାଧର୍ମୀ କୌଣସି ଶକ୍ତିହିଁ ତା'ର ଏହିସବୁ ବିରଚନାଗୁଡ଼ିକୁ ଆଣି ଉପସ୍ଥାପିତ କରିବାରେ ଲାଗିଛି । ଯଦି ପରସ୍ପରଠାରୁ ଭିନ୍ନ ଅନେକ ମୌଳିକ ସତ୍ତାର ଅସ୍ତିତ୍ୱକୁ ସତ୍ୟ ବୋଲି କୁହାଯାଏ, ତେବେ ପ୍ରତ୍ୟେକେ ଆପଣା ଆପଣାର ଚେତନା ମଧ୍ୟରେ ଆପଣା ଆପଣାର ସ୍ୱକୀୟ ଜଗତରୂପେ ଅବସ୍ଥାନ କରିବେ ଅଥବା ଆପଣା ଆପଣାର ସ୍ୱକୀୟ ଜଗତଟିକୁ ସୃଷ୍ଟି କରିବାରେ

'oaob.nitrkl.ac.in' images reprocessed

ଲାଗିଥିବେ, ଏବଂ ଏକାଭଳି ଚଳୁଥିବା ପରି ମନେ ହେଉଥିବା ଏହି ଗୋଟିଏ ଜଗତରେ ସେଗୁଡ଼ିକ ମଧ୍ୟରେ ପାରସ୍ପରିକ ସମ୍ବନ୍ଧମାନ କିପରି ସ୍ଥାପିତ ହୋଇପାରିଲା, ତାହାର କାରଣ ନିର୍ଣ୍ଣୟ କରିବା ବଡ଼ କଷ୍ଟକର ହୋଇପଡ଼ିବ । ତେଣୁ ସେହି କ୍ଷେତ୍ରରେ ଗୋଟିଏ ସର୍ବଗତ ଚେତନା ବା ସର୍ବଗତ ଶକ୍ତିକୁ ସ୍ୱୀକାର କରିବା ଆବଶ୍ୟକ ହେବ; ସାଂଖ୍ୟରେ ଯେପରି ଗୋଟିଏ ପ୍ରକୃତିର କଳ୍ପନା କରାଯାଇଛି ଓ ତାହାକୁହିଁ ସମାନଧର୍ମୀ ଅନେକ ପୁରୁଷଙ୍କର ଅନୁଭୂତିକ୍ଷେତ୍ର ବୋଲି ଦର୍ଶାଇ ଦିଆଯାଇଛି, ଠିକ୍ ସେହିପରି । ସେହି ଗୋଟିଏ ଚେତନା ବା ଗୋଟିଏ ଶକ୍ତିର ଆଧାର ଉପରେହିଁ ସେଗୁଡ଼ିକ ମନଃକଳ୍ପିତ ଏକ ସମାନ ପ୍ରକୃତିର ବଶରେ ଆସି ପରସ୍ପର ସହିତ ସମ୍ମିଳିତ ହୁଅନ୍ତି । ବସ୍ତୁବିଷୟକ ଏହି ସିଦ୍ଧାନ୍ତଟିରେ ଏକ ବିଶେଷ ସୁବିଧା ରହିଛି ଯେ ଏଥିରେ ବହୁ ସତ୍ତା ଓ ବହୁ ବସ୍ତୁର ତତ୍ତ୍ୱଲାଗି ଏକ ସମର୍ଥନ ମିଳିଯାଏ । ସେଗୁଡ଼ିକର ବହୁଭିନ୍ନ ଅନୁଭୂତି ଭିତରେ ତଥାପି ଯେ ଏକ ଏକତ୍ୱ ବିଦ୍ୟମାନ ରହିଛି, ତାହାର ମଧ୍ୟ ଏକ ସମର୍ଥନ ମିଳିଥାଏ । ଏବଂ ତହିଁ ସଙ୍ଗେସଙ୍ଗେ ଏହି ସିଦ୍ଧାନ୍ତ ବ୍ୟକ୍ତି-ପୁରୁଷର ସ୍ୱକୀୟ ଓ ସ୍ୱତନ୍ତ୍ର ଆଧ୍ୟାତ୍ମିକ ପ୍ରଗତି ଓ ନିୟତିର ଏକ ଯଥାର୍ଥତା ମଧ୍ୟ ଆଣିଦେଇଥାଏ । ଏକ ଅଦ୍ୱୟ ଚେତନା ବା ଏକ ଅଦ୍ୱୟ ଶକ୍ତି ଆପଣା ଭିତରୁ ଅଗଣିତ ଅନେକ ଆକାରର ସୃଷ୍ଟି କରୁଛି ଏବଂ ଆପଣାର ଭୁବନ ମଧ୍ୟରେ ଅନେକ ଓ ଅଗଣିତ ସତ୍ତାଲାଗି ସ୍ଥାନ ଯୋଗାଇ ଦେଇପାରୁଛି, ଯଦି ଆମେ ଏହିଭଳି ଏକ ଅନୁମାନକୁ ସ୍ୱୀକାର କରିପାରିବା, ତେବେ ତା'ପରେ ଏକ ଅଦ୍ୱୟ ଓ ମୂଳଗତ ସତ୍ତାର କଳ୍ପନାକୁ ସ୍ୱୀକାର କରିନେବା ଆଦୌ କଷ୍ଟକର ହେବ ନାହିଁ ଯିଏକି ଏହି ଜଗତସ୍ଥ ଅନେକ ସତ୍ତାଙ୍କର ଆଧାର ହୋଇ ରହିଛି ବା ଯିଏକି ଅନେକ ସତ୍ତା ରୂପରେ ଆପଣାକୁ ବ୍ୟକ୍ତ କରିବାରେ ଲାଗିଛି । ସେହି ଅନେକ ସତ୍ତାଙ୍କୁ ଆମେ ତାହାର ଅଦ୍ୱୟ ଅସ୍ତିତ୍ୱରହିଁ ଅନେକ ଆତ୍ମା ବା ଆଧ୍ୟାତ୍ମିକ ସାମର୍ଥ୍ୟ ବୋଲି କହିପାରିବା । ଏବଂ ସେହିପରି ଏକଥା ମଧ୍ୟ କୁହାଯାଇ ପାରିବ ଯେ ଚେତନାର ସକଳ ବସ୍ତୁ ଓ ସକଳ ରଚନା କେବଳ ସେହି ପରମସତ୍ତାରହିଁ ରଚନାରୂପେ ଅନୁଭୂତ ହେବ । ଏହି ବହୁତ୍ୱ ଓ ଏହି ରଚନାଗୁଡ଼ିକୁ ସେହି ଏକମାତ୍ର ଯଥାର୍ଥ ଓ ପରମ ଅସ୍ତିତ୍ୱର ସତ୍ୟ ବୋଲି କୁହାଯାଇ ପାରିବ କିମ୍ବା ସେଗୁଡ଼ିକୁ କେବଳ ପ୍ରତିନିଧିମୂଳକ ବ୍ୟକ୍ତିପ୍ରତିରୂପ ବା କଳ୍ପନା ବୋଲି କୁହାଯିବ, ଅଥବା ସେହି ପରମ ଅସ୍ତିତ୍ୱର ପ୍ରତିନିଧିତ୍ୱ କରିବାଲାଗି ମନଦ୍ୱାରା ବିସୃଷ୍ଟ ହୋଇଥିବା ପ୍ରତୀକ ବା ମୂର୍ତ୍ତିରୂପେ କଳ୍ପନା କରାଯାଇ ପାରିବ, ଏଠାରେ ଏହି ପ୍ରଶ୍ନଟି ଅବଶ୍ୟ କରିବାକୁ ପଡ଼ିବ । ମନକୁ ଆମେ ସାଧାରଣତଃ ଯେପରି ଭାବରେ ଜାଣିଛୁ, ଏଠାରେ ସେହି ମନଟି କାର୍ଯ୍ୟ କରୁଛି କିମ୍ବା ଏକ ଅଧିକ ଗଭୀର ଓ ଅଧିକ ବୃହତ୍ତର ଏକ ଚେତନା କାର୍ଯ୍ୟକାରୀ ହେଉଛି ଯାହାର ଏକ ଉପରିଭାଗସ୍ଥ ସାଧନରୂପେ ମନ ସକ୍ରିୟ ହୋଇ ରହିଛି; ଯାହାର ଉଦ୍ଭାବନଗୁଡ଼ିକୁ

'oaob.nitrkl.ac.in' images reprocessed

କାର୍ଯ୍ୟରେ ପରିଣତ କରୁଛି ଓ ଯାହାର ଯାବତୀୟ ବିସୃଷ୍ଟିରେ ଆଲମ୍ବନମାତ୍ର ହୋଇ ରହିଛି, ପ୍ରଧାନତଃ ତାହାରି ଉପରେହିଁ ଉକ୍ତ ପ୍ରଶ୍ନଟିର ଉତ୍ତର ନିର୍ଭର କରୁଛି । ଯଦି ପ୍ରଥମଟିକୁହିଁ ସତ୍ୟ ବୋଲି କୁହାଯାଏ, ତେବେ ମନଦ୍ୱାରା ଦୃଷ୍ଟ ଓ ରଚିତ ହେଉଥିବା ବିଶ୍ୱର କେବଳ ଏକ ଆଶସ୍ୱଗତ, ପ୍ରତୀକବାଚକ ଓ ପ୍ରତିନିଧିସ୍ଥାନୀୟ ସତ୍ୟତା ରହିଛି ବୋଲି କୁହାଯାଇ ପାରିବ । ମାତ୍ର ଯଦି ଦ୍ୱିତୀୟଟି ସତ୍ୟ ହୋଇଥାଏ, ତେବେ ଏହି ବିଶ୍ୱଜଗତ ଓ ଏହାର ପ୍ରକୃତ ସତ୍ତା ଓ ବସ୍ତୁଗୁଡ଼ିକ ସେହି ଏକ ଓ ଅଦ୍ୱୟ ପରମ-ଅସ୍ତିତ୍ୱର ଯଥାର୍ଥ ସତ୍ୟରୂପେ ଅନୁଭୂତ ହୋଇପାରିବ, କେବଳ ତାହାରି ସତ୍ତାଗତ ସାମର୍ଥ୍ୟଦ୍ୱାରା ପ୍ରକାଶିତ ହେଉଥିବା ତାହାର ସତ୍ତାଗତ ରୂପାୟନ ବା ଶକ୍ତି ହୋଇ ରହିବ । ସେତେବେଳେ ମନ ବିଶ୍ୱଗତ ପରମସତ୍ୟ ଓ ତାହାର ସୃଜନାତ୍ମକ ଚେତନାଶକ୍ତି, ପ୍ରକୃତି ଓ ମାୟାର ପରିପ୍ରକାଶଗୁଡ଼ିକ ମଧ୍ୟରେ କେବଳ ଏକ ସେତୁ ହୋଇ ରହିବ, କେବଳ ଏକ ଭାଷ୍ୟକାରରୂପେ କାର୍ଯ୍ୟ କରିବ ।

ଏକଥା ଆମେ ସ୍ପଷ୍ଟ ଭାବରେ ଜାଣିସାରିଛୁ ଯେ ଆମର କେବଳ ଉପରିଭାଗସ୍ଥ ବହିଃସ୍ତର ବୁଦ୍ଧିଟିକୁ ନେଇ ଯେଉଁ ମନର ପ୍ରକୃତି ଆତଯାତ ହେଉଛି, ତାହା ହେଉଛି ଆମ ଅସ୍ତିତ୍ୱର ଏକ ଗୌଣ ସାମର୍ଥ୍ୟ ମାତ୍ର । କାରଣ ଏହା ଉପରେ ଅସମର୍ଥତା ଓ ଅଜ୍ଞାନର ଛାପ ମରାହୋଇଛି ଏବଂ ସେଥିରୁ ସଙ୍କେତ ମିଳୁଛି ଯେ ଏହି ମନ କେବଳ ଆଉ କାହାର ଏକ ସାଧନ ଭାବରେ କାର୍ଯ୍ୟ କରୁଛି, କୌଣସି ମୌଳିକ ସୃଜନ କରୁ ନାହିଁ । ଆମେ ବେଶ୍ ଦେଖିପାରୁଛୁ ଯେ ଯେଉଁସବୁ ବସ୍ତୁକୁ ତାହା ଇନ୍ଦ୍ରିୟଦ୍ୱାରା ଗ୍ରହଣ କରୁଛି, ତାହାକୁ ସେ ଯଥାର୍ଥରେ ଜାଣିପାରୁ ନାହିଁ କିମ୍ବା ବୁଝିପାରୁ ନାହିଁ । ସେଗୁଡ଼ିକ ଉପରେ ତାହାର କୌଣସି ସ୍ୱାଭାବିକ ନିୟନ୍ତ୍ରଣ ମଧ୍ୟ ନାହିଁ । ତେଣୁ ଅନେକ ପରିଶ୍ରମ କରି ସେ କେବଳ ଏକ କୃତ୍ରିମ ଜ୍ଞାନ ଓ ନିୟନ୍ତ୍ରଣଶକ୍ତି ଅର୍ଜନ କରିପାରୁଛି । ଏହିସବୁ ବସ୍ତୁକୁ ଯଦି ମନ ସ୍ୱୟଂ ରଚନା କରି ପାରୁଥା'ନ୍ତା, ସେଗୁଡ଼ିକୁ ଆପଣାର ଅନ୍ତର୍ଗତ ଶକ୍ତିଦ୍ୱାରା ସୃଷ୍ଟି କରୁଥା'ନ୍ତା, ତେବେ ତାହାକୁ ଆଉ ଏପରି ଏକ ପ୍ରାଥମିକ ଅସାମର୍ଥ୍ୟ ଆଦୌ ଭୋଗିବାକୁ ପଡ଼ନ୍ତା ନାହିଁ । ବ୍ୟକ୍ତିମନର ଏହି ଦୈନ୍ୟର ମୂଳରେ ହୁଏତ ଏହି କାରଣଟି ରହିଛି ଯେ ମନର ଶକ୍ତି ତଥା ଜ୍ଞାନ ହେଉଛି କେବଳ ଉପରିଭାଗସ୍ଥ ଶକ୍ତି ଓ ଜ୍ଞାନ ଓ ଏହା ସ୍ୱୟଂ ମୌଳିକ ନହୋଇ ଅନ୍ୟ କୌଣସି ତତ୍ତ୍ୱରୁ ଉଦ୍‌ଭୂତ ହୋଇଛି । ଏବଂ ଏହି ମନର ଅତୀତ ହୋଇ ହୁଏତ ଏକ ସମଗ୍ର ଓ ସର୍ବବ୍ୟାପ୍ତ ବିଶ୍ୱମନ ରହିଛି, ଯାହାକି ଏକ ସର୍ବଜ୍ଞ ଓ ସର୍ବଶକ୍ତିମାନ ସାମର୍ଥ୍ୟରୂପେ କାର୍ଯ୍ୟ କରୁଛି । ମାତ୍ର ମନର ପ୍ରକୃତି ଆମର ଜାଣିବାରେ ଅଜ୍ଞାନ ଭିତରେ ପଡ଼ିରହିଛି ଏବଂ ଜ୍ଞାନର ପିପାସା ଧରି ବୁଲୁଛି । ଏହି ମନ ଖଣ୍ଡ ଓ ଭଗ୍ନାଂଶଗୁଡ଼ିକୁ ଜାଣୁଛି, ବିଭାଜନଗୁଡ଼ିକୁ ନେଇ କାମ କରୁଛି ଏବଂ ସେଗୁଡ଼ିକରୁ ଏକ

'oaob.nitrkl.ac.in' images reprocessed

ସମଷ୍ଟିରେ ଆସି ପହଞ୍ଚିବା ଲାଗି ଚେଷ୍ଟା କରୁଛି, ଅନେକ ଖଣ୍ଡ ଓ ଅନେକ ଅଂଶକୁ ଏକାଠି ଯୋଡ଼ି ଗୋଟାଏ କିଛି ଗଢ଼ିବାର ଚେଷ୍ଟା କରୁଛି । ମାତ୍ର ଏହା ଭିତରେ ବସ୍ତୁଗୁଡ଼ିକର କୌଣସି ସାରସତ୍ୟ ନାହିଁ, ସେଗୁଡ଼ିକର ସମଗ୍ରତା ମଧ୍ୟ ଏଥିରେ ନାହିଁ । ଠିକ୍ ଏହିଭଳି ପ୍ରକୃତିର ଏକ ବିଶ୍ୱମନ ହୁଏତ ଆପଣାର ବିଶ୍ୱଜନୀନତା ବଳରେ ଆପଣାର ବିଭିନ୍ନ ଅଂଶ ଓ ଖଣ୍ଡଗୁଡ଼ିକର ସମଷ୍ଟିଟିକୁ ଜାଣିବାରେ ସମର୍ଥ ହୋଇପାରେ, ମାତ୍ର ତଥାପି ସେଥିରେ ମଧ୍ୟ ଅସଲ ଜ୍ଞାନଟିର ଅଭାବ ରହିଥିବ, ଏବଂ ସେହି ଅସଲ ଜ୍ଞାନଟି ବ୍ୟତୀତ ଯଥାର୍ଥରେ କୌଣସି ସମ୍ୟକ୍ ଜ୍ଞାନ ସମ୍ଭବ ହେବ ନାହିଁ । ଯେଉଁ ଚେତନାଟି ମଧ୍ୟରେ ଅସଲ ଓ ସମ୍ୟକ୍ ଜ୍ଞାନ ବିଦ୍ୟମାନ ରହିଛି, ଯାହାକି ଆପଣା ସାରସତ୍ୟର ଭୂମିରୁ ସମଗ୍ରତାର ଭୂମିକୁ ପ୍ରବାହିତ ହେଉଛି ଓ ପୁଣି ସେହି ସମଗ୍ରତାରୁହିଁ ଅଂଶଗୁଡ଼ିକ ଆଡ଼କୁ ଗତି କରୁଛି, ତାକୁ ଆମେ ଆଉ ମନ ବୋଲି କଦାପି କହିପାରିବା ନାହିଁ । ଆମେ ତାହାକୁ ଏକ ପରିପୂର୍ଣ୍ଣ ଋତଚିତ୍ ବୋଲି କହିବା, ଯାହାକି ଅତ୍ୟନ୍ତ ସ୍ୱାଭାବିକ ଭାବରେ ଅନ୍ତର୍ଗତ ଆତ୍ମଜ୍ଞାନ ତଥା ବିଶ୍ୱଜ୍ଞାନର ଅଧିକାରୀ ହୋଇ ରହିଛି । ଏଇଟିକୁ ଆଧାର କରିହିଁ ଆମେ ସତ୍ୟର ଆଶୟଗତ ସିଦ୍ଧାନ୍ତଟି ଉପରେ ଦୃଷ୍ଟିପାତ କରିବା । ଏକଥା ସତ ଯେ ଚେତନାଠାରୁ ଅଲଗା ହୋଇ ସ୍ୱତନ୍ତ୍ର ଭାବରେ ବିଷୟଗତ ସତ୍ୟ ବୋଲି ଆଦୌ କୌଣସି ପଦାର୍ଥ ନାହିଁ । ମାତ୍ର ବିଷୟଗତତା ମଧ୍ୟରେ ତଥାପି ଏକ ସତ୍ୟ ଅବସ୍ଥିତ ରହିଛି । ସେହି ସତ୍ୟଟି ହେଉଛି : ବସ୍ତୁଗୁଡ଼ିକର ଯଥାର୍ଥ ସତ୍ୟ ସେଗୁଡ଼ିକର ଭିତରେହିଁ ରହିଥିବା କୌଣସି ତତ୍ତ୍ୱରେହିଁ ନିହିତ ହୋଇ ରହିଛି, ଆମର ମନ ସେଗୁଡ଼ିକର ଯେତେବେଳେ ଯେଭଳି ଅର୍ଥ କରୁଛି, ଯଥାର୍ଥ ସତ୍ୟଟି ତାହାଠାରୁ ସର୍ବଦା ସ୍ୱତନ୍ତ୍ର ରହିଛି; ଅପଣା ଅବଲୋକନକୁ ଭୂମିରୂପେ ବ୍ୟବହାର କରି ମନ ତାହା ଉପରେ ଯେତେ ଯାହା ରଚନା ବା ବିରଚନା କରିବାରେ ଲାଗିଛି, ଯଥାର୍ଥ ତତ୍ତ୍ୱ ତାହାଠାରୁ ସର୍ବଦା ସ୍ୱତନ୍ତ୍ର ହୋଇ ରହିଛି । ମନର ଏହିସବୁ ବିରଚନା ବିଶ୍ୱଜଗତ ସମ୍ବନ୍ଧରେ ତାହାର ଆଶୟଗତ ପ୍ରତିରୂପ ବା ଚିତ୍ରଟିକୁ ନେଇ ଗଠିତ ହୋଇଛି । ମାତ୍ର ତଥାପି ଏହି ବିଶ୍ୱ ଓ ତାହାର ବସ୍ତୁଗୁଡ଼ିକ ଆଦୌ କେବଳ ଏକ ପ୍ରତିରୂପ ନୁହନ୍ତି, କେବଳ ଏକ ମନଃକଳ୍ପିତ ଚିତ୍ର ମଧ୍ୟ ନୁହନ୍ତି । ସାରତଃ ସେଗୁଡ଼ିକ ଚୈତନ୍ୟଦ୍ୱାରାହିଁ ସୃଷ୍ଟ ହୋଇଛନ୍ତି; ମାତ୍ର ଏଠାରେ ଆମେ ଯେଉଁ ଚୈତନ୍ୟର କଥା କହୁଛୁ, ତାହା ସତ୍ତା ସହିତ ଏକ ଓ ଅଭିନ୍ନ ହୋଇ ରହିଛି । ତାହାର ଉପାଦାନ ସହିତ ସତ୍ତାର ଉପାଦାନଟିର ଆଦୌ କୌଣସି ଭେଦ ନାହିଁ ଏବଂ ଯାହାର ଯାବତୀୟ ସୃଜନ ମଧ୍ୟ ସେହି ସତ୍ତାରହିଁ ଉପାଦାନରେ ଗଢ଼ାହୋଇଛି । ତେଣୁ ଚୈତନ୍ୟର ସେହି ସୃଜନଗୁଡ଼ିକୁ ମଧ୍ୟ ଆମେ ଅବଶ୍ୟ ସତ୍ୟ ବୋଲି କହିପାରିବା । ଏହି ବିଚାରଟି ଅନୁସାରେ ଆମେ ବିଶ୍ୱଜଗତକୁ କଦାପି ଚୈତନ୍ୟର କେବଳ ଏକ

'oaob.nitrkl.ac.in' images reprocessed

ବିଶୁଦ୍ଧ ଆଶସ୍ପୃଗତ ସୃଜନ ବୋଲି କହିପାରିବା ନାହିଁ । ଆଶସ୍ପୃଗତ ସତ୍ୟ ତଥା ବିଷସ୍ପୃଗତ ସତ୍ୟ ଦୁହେଁ ହେଉଛନ୍ତି ଗୋଟିଏ ଗୋଟିଏ ବାସ୍ତବ ସତ୍ୟ, ସେମାନେ ହେଉଛନ୍ତି ସେହି ଏକ ପରମସତ୍ୟର ଗୋଟିଏ ଗୋଟିଏ ବିଭବ ।

ଆମ ମାନବୀସ୍ପ ଭାଷାପ୍ରସ୍ପୋଗର ଆପେକ୍ଷିକତା ଓ ଅପୂର୍ଣ୍ଣ ବ୍ୟଞ୍ଜନାଶକ୍ତିର ସାହାଯ୍ୟ ନେଇ କୁହାଯାଇ ପାରିବ ଯେ ବସ୍ତୁ ମାତ୍ରକେ କେବଳ ଗୋଟିଏ ଗୋଟିଏ ପ୍ରତୀକ ମାତ୍ର; ଏହି ପ୍ରତୀକଗୁଡ଼ିକୁ ସେଭୂପରି ବ୍ୟବହାର କରି ଆମେ ଆମର ତଥା ସେହି ବସ୍ତୁଗୁଡ଼ିକର ଆଶ୍ରସ୍ପସ୍ୱରୂପ ସେହି ପରମ ତତ୍ତ୍ୱସ୍ୱରୂପର ଅଭିମୁଖରେ ଗତି କରୁ ଓ ତାହାର ନିକଟବର୍ତ୍ତୀ ହେଉ । ଏକତ୍ୱରୂପୀ ଆନନ୍ତ୍ୟତା ହେଉଛି ଗୋଟିଏ ପ୍ରତୀକ, ପୁଣି ଅନେକତ୍ୱରୂପୀ ଆନନ୍ତ୍ୟ ମଧ୍ୟ ଆଉରି ଗୋଟିଏ ପ୍ରତୀକ । ପୁଣି, ଅନେକତ୍ୱ ମଧ୍ୟରେ ଅବସ୍ଥିତ ପ୍ରତ୍ୟେକ ପଦାର୍ଥ ଆମକୁ ପଛକୁ ହାତ ଦେଖାଇ ସେହି ଏକତ୍ୱରହିଁ ଇଙ୍ଗିତ ଦେଉଥିବାରୁ ଏବଂ ଆମେ ଅନ୍ତବିଶିଷ୍ଟ ବୋଲି କହୁଥିବା ପ୍ରତ୍ୟେକ ପଦାର୍ଥ ବସ୍ତୁତଃ ଆଉ କୌଣସି ସତ୍ୟର ପ୍ରତିନିଧିତ୍ୱ କରୁଥିବା ଏକ ଚିହ୍ନ, ଏକ ରୂପଗତ ଆଭିମୁଖ୍ୟ ଓ ଅନନ୍ତ ସତ୍ତାର କେତେକ ଅଂଶକୁ ଗ୍ରୁପ୍ତାବୃତ କରି ରଖିଥିବା ଏକ ଛବିକଳ୍ପନାହିଁ ହୋଇଥିବାରୁ, ଯାହାକିଛି ଆମକୁ ଏହି ବିଶ୍ୱଜଗତର ବିଷସ୍ପୃରୂପେ ପ୍ରତୀସ୍ପମାନ ହେଉଛି, ଏହାର ଯାବତୀସ୍ପ ବସ୍ତୁ, ଯାବତୀସ୍ପ ଘଟଣା, ଯାବତୀସ୍ପ ଅବଧାରଣା ଓ ଯାବତୀସ୍ପ ଜୀବରୂପ,—ଏଗୁଡ଼ିକର ପ୍ରତ୍ୟେକକୁ ସେମାନଙ୍କର କ୍ଷେତ୍ରରେ ଆମେ ଗୋଟିଏ ଗୋଟିଏ ଇଙ୍ଗିତ, ସଙ୍କେତ ବା ପ୍ରତୀକ ବୋଲି କହିପାରିବା । ଆମର ଆଶସ୍ପୃଗତ ମନଟାଲାଗି ଅସ୍ତିତ୍ୱର ଅନନ୍ତତା ଗୋଟାଏ ପ୍ରତୀକ ପରି ଦେଖାଯାଉଛି ଓ ଅନସ୍ତିତ୍ୱର ଅନନ୍ତତା ମଧ୍ୟ ଆଉ ଗୋଟିଏ ପ୍ରତୀକ ପରି ଦେଖାଯାଉଛି । ପରବ୍ରହ୍ମଙ୍କର ବ୍ୟକ୍ତମଧ୍ୟ ସ୍ଥିତିର ଏକ ପ୍ରାନ୍ତରେ ପରମ ଅଚଳର ଆନନ୍ତ୍ୟ ରହିଛି, ଆଉ ଏକ ପ୍ରାନ୍ତରେ ପରମ ଅଚଳଚଳର ଆନନ୍ତ୍ୟ ରହିଛି । ଏବଂ ଏହି ଦୁଇ ପ୍ରାନ୍ତର ମଧ୍ୟବର୍ତ୍ତୀ ହୋଇ ରହିଥିବା ଆମର ଏହି ଜୀବନଗତ ଅସ୍ତିତ୍ୱ ଏବଂ ଗୋଟିକରୁ ଅନ୍ୟଟିକୁ ପଡ଼ିଥିବା ଆମର ଏହି ପଥରେ ସୋପାନ ସୋପାନ କରି ଆମରି ଭିତରେ ସେହି ପରମ ଅବ୍ୟକ୍ତଙ୍କୁ ବ୍ୟକ୍ତ କରିବାରହିଁ ସାଧନା ଚାଲିଛି । ସୋପାନ ସୋପାନ କରି ଆମେ ସେହି ସାଧନାର ଅଭିଯାନରେ ଗତି କରିବାକୁ ଲାଗିଛୁ ଓ ସତତ ତାହାର ତାତ୍ପର୍ଯ୍ୟଟିକୁହିଁ ଆପଣାର ଭାଷାରେ ପ୍ରକାଶ କରି ଚାଲିଛୁ । ଆପଣା ଅସ୍ତିତ୍ୱର ଏହି ଜନ୍ମ-ଉନ୍ମୋଚନ ପର୍ବରେ ଆମକୁ ପରିଶେଷରେ ଏହି ଅବ୍ୟକ୍ତର ଅନିର୍ବଚନୀସ୍ପ ପରମ ସାନ୍ନିଧ୍ୟର ଚେତନାଟିକୁ ଲାଭ କରିବାକୁ ପଡ଼ିବ, ପରମ ଆତ୍ମଚେତନା ଓ ବିଶ୍ୱଚେତନାରେ ଯାଇ ଉପନୀତ ହେବାକୁ ପଡ଼ିବ । ଏଠାରେ ଯାହାକିଛି ଅଛି ଓ ଯାହାକିଛି ନାହିଁ, ସବୁଟିକୁ କେବଳ ତାଙ୍କର ଅନାବରଣରୂପେ ଆବିଷ୍କାର କରିବାକୁ ପଡ଼ିବ ଯିଏକି କେବଳ ଆପଣାର ଶାଶ୍ୱତ ଓ ପରମ ସ୍ୱସ୍ପଂ ଜ୍ୟୋତି ବ୍ୟତୀତ ଆଉ

'oaob.nitrkl.ac.in' images reprocessed

କୌଣସି ପଦାର୍ଥ ସମ୍ମୁଖରେ ଆପଣାକୁ କେବେହେଲେ ସମ୍ପୂର୍ଣ୍ଣ ଭାବରେ ଅନାବୃତ ଓ ପ୍ରକାଶିତ କରି ଦେଉନାହାନ୍ତି ।

ମାତ୍ର ଏହିଭଳି ଭାବରେ ପ୍ରତୀକ ଦେଇ ସବୁକିଛିକୁ ଦେଖିବା ମଧ୍ୟ ସେହି ମନୋଭୂମିଗତ ଦେଖିବାର ଗୋଟିଏ ଧାରା । ଏହି ଧାରାଟିର ସାହାଯ୍ୟରେହିଁ ମନ ପରମ ଅସମ୍ଭୂତ ସହିତ ବାହ୍ୟ-ସମ୍ଭୂତର ରହିଥିବା ସମ୍ପର୍କଟିକୁ ବୁଝିବାକୁ ପ୍ରୟାସ କରିଥାଏ । ରୂପସମ୍ଭୂତର ଏକ ନିର୍ଦ୍ଦିଷ୍ଟ ସତ୍ୟକୁ ସୂଚାଇ ଦେଉଥିବା ଏକ ମନୋଗତ ପ୍ରତିରୂପ ହିସାବରେ ଏହାର ଯଥାର୍ଥତା ଅବଶ୍ୟ ରହିଛି । ମାତ୍ର ତା' ସହିତ ଏକଥାଟି ମଧ୍ୟ ସ୍ୱୀକାର କରିବାକୁ ପଡ଼େ ଯେ ବସ୍ତୁଗୁଡ଼ିକୁ ଏକ ପ୍ରତୀକମୂଳ୍ୟ ଦେଇ ଦେଖିବା ମାତ୍ରକେ ସେଗୁଡ଼ିକ କେବଳ ଗୋଟିଏ ଗୋଟିଏ ଅର୍ଥପୂର୍ଣ୍ଣ ସଙ୍କେତରେହିଁ ପରିଣତ ହୋଇଯାଆନ୍ତି ନାହିଁ, ଗଣିତର ସୂତ୍ରଗୁଡ଼ିକ ପରି କେବଳ ବସ୍ତୁସମ୍ବନ୍ଧିନ୍ନ ପ୍ରତୀକମାତ୍ର ହୋଇ ରହନ୍ତି ନାହିଁ ବା ଜ୍ଞାନପ୍ରାପ୍ତି ଲାଗି ମନ ଆପଣାର କାମରେ ଲଗାଉଥିବା କେବଳ ଅନ୍ୟାନ୍ୟ କେତୋଟି ସଙ୍କେତରେହିଁ ପର୍ଯ୍ୟବସିତ ହୁଅନ୍ତି ନାହିଁ । କାରଣ ଏହି ବିଶ୍ୱଜଗତ ଭିତରେ ରୂପାୟନ ଓ ସଂଘଟନରୂପେ ଯାହାକିଛି ରହିଛି, ସେଗୁଡ଼ିକ ହେଉଛି ଗୋଟିଏ ଗୋଟିଏ ସତ୍ୟ, ଏବଂ ସେଗୁଡ଼ିକ ମଧ୍ୟରେ ସେହି ପରମ ସତ୍ୟର ତାତ୍ପର୍ଯ୍ୟ ନିହିତ ହୋଇ ରହିଛି । ସେଗୁଡ଼ିକ ପରମ ତତ୍ତ୍ୱପୁରୁଷର ଆତ୍ମ-ଅଭିବ୍ୟକ୍ତି, ପରମ ସତ୍ତାଙ୍କର ଗତିସ୍ପନ୍ଦନ ଓ ସାମର୍ଥ୍ୟ । ଏଠି ରହିଥିବା ପ୍ରତ୍ୟେକଟି ରୂପ ସେଠାରେ ରହିଛି, କାରଣ ଏହାର ମଧ୍ୟରେ ନିବାସ କରୁଥିବା ପରମ ତତ୍ତ୍ୱର କୌଣସି ନା କୌଣସି ସାମର୍ଥ୍ୟକୁ ତାହା ଅଭିବ୍ୟକ୍ତ କରିବାରେ ଲାଗିଛି । ଏଠାରେ ଘଟୁଥିବା ପ୍ରତ୍ୟେକ ଘଟଣା ଆପଣା ପରିପ୍ରକାଶକ୍ରମର ଗତିଶୀଳ ପ୍ରକ୍ରିୟାଟିରେ ପରମ ସତ୍ତାଙ୍କର କୌଣସି ନା କୌଣସି ସତ୍ୟକୁ କାର୍ଯ୍ୟକାରୀ କରିବାଦ୍ୱାରା ଉପୁଜୁଥିବା ଗତିସ୍ପନ୍ଦନର ପରିଚାୟକ ହୋଇ ରହିଛି । ବିଶ୍ୱଭୁବନରେ ଏହିପରି ଏକ ଅର୍ଥର ବିଧାନ କାର୍ଯ୍ୟକାରୀ ହେଉଛି ବୋଲି ମନ ଆପଣାର କଳ୍ପିତ ଜ୍ଞାନରେ କୌଣସି ନା କୌଣସି ଯଥାର୍ଥତା ଖୋଜି ପାଉଛି; ଆଶୟଗତ ଭାବରେ ବିଶ୍ୱ ବୋଲି ସେ ଯାହାକିଛି ରଚନା କରୁଛି, ତାହାର କୌଣସି ନା କୌଣସି ଯଥାର୍ଥତା ରହିଛି । ଆମର ମନ ମୂଳତଃ ଇନ୍ଦ୍ରିୟ-ଗୁଡ଼ିକ ଦ୍ୱାରା ଏହି ଜଗତକୁ ଗ୍ରହଣ କରୁଛି, ସେଗୁଡ଼ିକୁ ଆପଣାର ଅର୍ଥବ୍ୟାଖ୍ୟା ଦେଉଛି । ମାତ୍ର କେବଳ ଏକ ଗୌଣ କର୍ତ୍ତା ଭାବରେହିଁ ସୃଷ୍ଟି କରୁଛି, କେବଳ ଆଉ କାହାର ସୃଷ୍ଟିଗୁଡ଼ିକୁ ଆଣି ପ୍ରତିଫଳିତ କରାଉଛି । ମନର ଯାବତୀୟ ପ୍ରତିଫଳନ-ଠାରୁ ସ୍ୱତନ୍ତ୍ର ଭାବରେ ଯେଉଁ ପରମସତ୍ତା ବିଦ୍ୟମାନ ରହିଛି, ମନ ଆପଣାର ଭୂମି ଉପରେ କେବଳ ତାହାର କେତେକ ସତ୍ୟକୁ ପ୍ରତିଫଳିତ କରିପାରୁଛି;—ଯାବତୀୟ ମନୋମୟ ଆଶୟଗତତାର କ୍ଷେତ୍ରରେ ଆମେ ଏତିକି କଥାକୁ ସାର ଓ ଯଥାର୍ଥ ବୋଲି ସ୍ୱୀକାର କରିନେଇ ପାରିବା । ପରମସତ୍ତାର ସେହି ସ୍ୱାତନ୍ତ୍ର୍ୟ କେତେବେଳେ

'oaob.nitrkl.ac.in' images reprocessed

ଭୌତିକ ବିଷୟୀଭୂତରୂପେ ଦେଖାଦେଉଛି ତ ପୁଣି କେତେବେଳେ ଅତିଭୌତିକ ବାସ୍ତବତାରୂପେ ଅନୁଭୂତ ହେଉଛି, ମନ ଯାହାର ସ୍ପର୍ଶ ପାଇପାରୁଛି, ମାତ୍ର ଭୂତେନ୍ଦ୍ରିୟଗୁଡ଼ିକ ପାଖରେ ଯାହା ମୋଟେ ଧରିଦେଉ ନାହିଁ । ତେବେ ନିଷ୍କର୍ଷ ହେଉଛି ଯେ ମନ ମୂଳତଃ ଏହି ବିଶ୍ୱଜଗତର ରଚୟିତା ନୁହେଁ । ମନ ହେଉଛି ଏକ ଅନ୍ତର୍ବର୍ତ୍ତୀ ସାମର୍ଥ୍ୟ, ସତ୍ତାର କେତୋଟି ବିଶେଷ ସତ୍ୟର କ୍ଷେତ୍ରରେ ଯାହାର କି ଏକ ଯଥାର୍ଥତା ରହିଛି । ମନ ହେଉଛି ଏକ ପ୍ରତିନିଧି, ଏକ ମଧ୍ୟସ୍ଥ ବ୍ୟକ୍ତି; ସମ୍ଭାବନା-ଗୁଡ଼ିକୁ ବାସ୍ତବରେ ପରିଣତ କରିବା ହେଉଛି ଏହାର କାର୍ଯ୍ୟ ଏବଂ ଏହିପରି ଭାବରେ ସୃଷ୍ଟିର ପ୍ରକ୍ରିୟାରେ ମନର ମଧ୍ୟ ଏକ ନିର୍ଦ୍ଦିଷ୍ଟ ଭାଗ ରହିଛି । ମାତ୍ର ଏକ ପରମ ଚେତନାହିଁ ଯଥାର୍ଥରେ ସବୁକିଛି ସୃଷ୍ଟି କରୁଛି, ବିଶ୍ୱାତୀତ ଅଥଚ ବିଶ୍ୱଗତ ପରମ ଚିତ୍‌ସତ୍ତା ମଧ୍ୟରେ ଅନ୍ତର୍ନିହିତ ହୋଇ ରହିଥିବା ଏକ ଶକ୍ତିହିଁ ପ୍ରକୃତରେ ସବୁକିଛି ସୃଷ୍ଟି କରୁଛି ।

ସତ୍ୟ ଓ ଜ୍ଞାନ ବିଷୟରେ ଏହି ସିଦ୍ଧାନ୍ତଟିର ଠିକ୍ ବିପରୀତ ଆଉ ଗୋଟିଏ ମତ ରହିଛି ଯାହାକି ଏକ ବିଷୟଗତ ସତ୍ୟକୁହିଁ ଏକମାତ୍ର ବିଶ୍ୱାସଯୋଗ୍ୟ ସମ୍ପୂର୍ଣ୍ଣ ସତ୍ୟରୂପେ ପ୍ରତିଷ୍ଠିତ କରିବାର ଚେଷ୍ଟା କରିଥାଏ । ଭୌତିକ ଅସ୍ତିତ୍ୱକୁହିଁ ଏକମାତ୍ର ମୂଳଗତ ଅସ୍ତିତ୍ୱ ବୋଲି ଗ୍ରହଣ କରି ଏହି ମତ ଆପଣାର କଳ୍ପନା ଆରମ୍ଭ କରିଥାଏ ଏବଂ ଚେତନା, ମନ, ଆତ୍ମା ବା ଚିତ୍‌ସତ୍ତା ପ୍ରଭୃତି ତତ୍ତ୍ୱର ଯଦି ପ୍ରକୃତରେ କୌଣସି ବାସ୍ତବ ସତ୍ୟ ଥାଏ, ତେବେ ତାହା ସେହି ଭୌତିକ ଶକ୍ତି ଦ୍ୱାରା ତାହାର ବିଶ୍ୱକ୍ରିୟାରୁ ସମ୍ଭୂତ ଏକ ଅସ୍ଥାୟୀ ପରିଣତି ବୋଲି କହିବାକୁ ଇଚ୍ଛା କରିଥାଏ । ଯାହାକିଛି ଭୌତିକ ବା ବିଷୟଗତ ନୁହେଁ, ସେହି ମତ ତାହାକୁ ଏକ ନିମ୍ନତର ସତ୍ୟ ବୋଲି କହେ ଓ ସେଗୁଡ଼ିକ କେବଳ ଭୌତିକ ଓ ବିଷୟଗତକୁହିଁ ଆଶ୍ରୟ କରି ରହିଛି ବୋଲି ଘୋଷଣା କରିଥାଏ । ଭୂତଧର୍ମୀ ମନ ପାଖରେ ଆପଣାର ଔଚିତ୍ୟ ପ୍ରମାଣ କରିବାକୁ ହେଲେ ସେଗୁଡ଼ିକୁ ଯେ ବିଷୟଗତ ପ୍ରମାଣର ସାହାଯ୍ୟ ନେବାକୁ ପଡ଼ିବ ଓ ସତ୍ୟରୂପେ ପରିଗଣିତ ହେବାର ଅନୁମତିପତ୍ର ପାଇବା ପୂର୍ବରୁ ଭୌତିକ ଓ ବାହ୍ୟ ବସ୍ତୁଗୁଡ଼ିକର ସତ୍ୟ ସହିତ ଆପଣାର ଏକ ସ୍ପଷ୍ଟ ଓ ସୁପରୀକ୍ଷିତ ସମ୍ବନ୍ଧ ରହିଛି ବୋଲି ଦେଖାଇବାକୁ ପଡ଼ିବ, ସେହି ମତରେ ଏଭଳି ବୁଝାଯାଇଥାଏ । ମାତ୍ର ଏଥିରେ କୌଣସି ସନ୍ଦେହ ନାହିଁ ଯେ ଏହି ସମାଧାନଟିକୁ ଏଭଳି ଅନମନୀୟ ଭାବରେ କଦାପି ଗ୍ରହଣ କରାଯାଇ ପାରିବ ନାହିଁ, କାରଣ ଏହା ଭିତରେ ଆଦୌ କୌଣସି ସମଗ୍ରତା ନାହିଁ, ଏହା ଜଗତ ଓ ଅସ୍ତିତ୍ୱର କେବଳ ଗୋଟିଏ ପାଖକୁହିଁ ଦେଖିବାରେ ସମର୍ଥ ହେଉଛି, ଏପରିକି କେବଳ ଗୋଟିଏ ମାତ୍ର ପ୍ରଦେଶ ବା ପ୍ରଖଣ୍ଡ ଉପରେହିଁ ଦୃଷ୍ଟିପାତ କରିପାରୁଛି ଏବଂ ବାକୀ ଯାହାକିଛି ବାହାରେ ରହିଗଲା, ତାହାର

'oaob.nitrkl.ac.in' images reprocessed

କୌଣସି ବ୍ୟାଖ୍ୟା ଦେଉ ନାହିଁ, ସେସବୁରେ ପ୍ରକୃତରେ କୌଣସି ସତ୍ୟ ଅନ୍ତର୍ନିହିତ ରହିଛି ବୋଲି ସ୍ୱୀକାର କରୁ ନାହିଁ, ତାହାର କୌଣସି ତାତ୍ପର୍ଯ୍ୟ ରହିଛି ବୋଲି ଅନୁଭବ କରୁ ନାହିଁ । ଯୁକ୍ତିଟିକୁ ତାହାର ଚରମ ପ୍ରାନ୍ତଟି ଯାଏ ନେଇଗଲେ ଏକଥା ବେଶ୍ କୁହାଯାଇ ପାରିବ ଯେ ଏହି ସିଦ୍ଧାନ୍ତ ଖଣ୍ଡେ ପଥର କିମ୍ବା ଗିନାଏ ଧୂଳିମାଳି-ଧୂଆଁକୁ ସତ୍ୟର ମଞ୍ଚ ଉପରେ ଏକ ଉଚ୍ଚତର ସ୍ତରରେ ନେଇ ବସାଇ ଦେବ, ଏବଂ ଭାବନା, ପ୍ରେମ, ସାହସ, ପ୍ରତିଭା, ମହତ୍ତ୍ୱ, ତଥା ଏକ ରହସ୍ୟାବୃତ ଓ ବିପଦସଙ୍କୁଳ ଜଗତର ସତତ ସମ୍ମୁଖୀନ ହେଉଥିବା ଏବଂ ତାହା ଉପରେ ପ୍ରଭୁତ୍ୱ ଅର୍ଜନ କରୁଥିବା ମନୁଷ୍ୟର ଆତ୍ମା ଓ ମନକୁ ଏକ ଗୌଣ ଓ ନିର୍ଭରଶୀଳ ସତ୍ୟ ବୋଲି କହିବ; ଏପରିକି ସେହି ସତ୍ୟର ପ୍ରକୃତରେ କୌଣସି ସାରବତ୍ତା କିମ୍ବା ସ୍ଥାୟିତ୍ୱ ନାହିଁ ବୋଲି ଯୁକ୍ତି କରିବ । କାରଣ ଆମ ଆଶୟଗତ ଦୃଷ୍ଟିରେ ଯେତେ ମହତ୍ତ୍ୱପୂର୍ଣ୍ଣ ମନେ ହେଉଥିଲେ ମଧ୍ୟ ଏହି ମତବାଦ କେବଳ ଏକ ବିଷୟଗତ ଭୌତିକ ଅସ୍ତିତ୍ୱପ୍ରତି ଏକ ବିଷୟଗତ ଭୌତିକ ସତ୍ତାର କେତୋଟି ପ୍ରତିକ୍ରିୟା ହିସାବରେହିଁ ସେଗୁଡ଼ିକର ଯାହାକିଛି ଯଥାର୍ଥତା ରହିଛି ବୋଲି କହିବାକୁ ଚାହାଁରିବ । ବିଷୟଗତ ସତ୍ୟଗୁଡ଼ିକ ସହିତ ସେମାନେ କେବଳ ଯେତିକି ସମ୍ପର୍କରେ ଆସୁଛନ୍ତି ଓ ସେଗୁଡ଼ିକ ଉପରେ ଯେତିକି ପ୍ରଭାବ ପକାଇ ପାରୁଛନ୍ତି, ତାହା ସେଗୁଡ଼ିକୁ ସେତିକି ଯଥାର୍ଥ ଓ ସେତିକି ବାସ୍ତବ ବୋଲି କହିବ । ଯଦି ଆତ୍ମା ବୋଲି ପ୍ରକୃତରେ କୌଣସି ପଦାର୍ଥ ଥାଏ, ତେବେ ତାହା ହେଉଛି ବିଷୟଗତ ଭାବରେ ବାସ୍ତବ ଏହି ବିଶ୍ୱପ୍ରକୃତିର କେବଳ ଏକ ଅବସ୍ଥାନ୍ତର ମାତ୍ର । କିନ୍ତୁ ଅନ୍ୟ ପକ୍ଷରେ ଏକଥା ମଧ୍ୟ କୁହାଯାଇ ପାରିବ ଯେ ବିଷୟୀ ରହିଛି ବୋଲିହିଁ ବିଷୟର କୌଣସି ସାର୍ଥକତା ରହିଛି । ଗ୍ରହଣ କରୁଥିବା ଆତ୍ମାଦ୍ୱାରା ଗୃହୀତ ହେଉଛି ବୋଲି ଗ୍ରାହ୍ୟବସ୍ତୁର ଯାହାକିଛି ମୂଲ୍ୟ ବା ମର୍ଯ୍ୟାଦା ରହିଛି । କାଳର ଭୂମି ଉପରେ ବିଷୟୀ ବା ଆତ୍ମାର ଅଭିଯାତ୍ରା ଲାଗି ଗ୍ରାହ୍ୟ ବିଷୟ ଏକ କ୍ଷେତ୍ର ହୋଇ ରହିଛି, ଏକ ଅବସର ସୃଷ୍ଟି କରି ଦେଉଛି ଓ ଏକ ସାଧନରୂପେ କାର୍ଯ୍ୟ କରୁଛି । ବିଷୟୀର ଅଭିବ୍ୟକ୍ତି ଲାଗି ଏକ ଭୂମିରୂପେ ବିଷୟର ସୃଷ୍ଟି ହେଉଛି । ଚିନ୍ମୟ ସତ୍ତାର ସମୂତିକ୍ରମରେ ବିଷୟଗତ ବିଶ୍ୱ କେବଳ ଏକ ସହାୟକ ବାହ୍ୟ ରୂପ ପରି କାର୍ଯ୍ୟ କରୁଛି । ଏହି ଜାଗତିକ କ୍ଷେତ୍ରରେ ତାହା ପ୍ରଥମ ଚରଣ ଓ ପ୍ରଥମ ଆଧାର ହୋଇ ରହିଛି; ମାତ୍ର ସେଥିଲାଗି ଆମେ ତାହାକୁ ସାରବସ୍ତୁ କିମ୍ବା ସତ୍ତାର ସର୍ବପ୍ରଧାନ ସତ୍ୟ ବୋଲି କଦାପି କହିପାରିବା ନାହିଁ । ଯେଉଁ ପରମସତ୍ୟ ଭୁବନର ପଟ୍ଟ ଉପରେ ଆପଣାକୁ ରୂପାୟିତ ଓ ବ୍ୟକ୍ତ କରି ଚାଲିଛି, ବିଷୟୀ ଓ ବିଷୟ ଉଭୟ ତତ୍ତ୍ୱ ହେଉଛନ୍ତି ତାହାର ଦୁଇଟି ଆବଶ୍ୟକ ଦିଗ । ଏଥିଲାଗି ଦୁଇଟିଯାକର ସମାନ ମୂଲ୍ୟ ରହିଛି । ଏବଂ ଏପରିକି ବିଷୟର ସଞ୍ଚରଣ ଭୂମିରେ ମଧ୍ୟ ଇନ୍ଦ୍ରିୟଗ୍ରାହ୍ୟ ବିଷୟ ପରି ଚେତନାର ଅତୀନ୍ଦ୍ରିୟ ବିଷୟଟି ସକାଶେ ମଧ୍ୟ ଗୃହୀତ ହେବାର ସମାନ ଅଧିକାର

'oaob.nitrkl.ac.in' images reprocessed

ରହିଛି । ବିଶ୍ୱରଲାଗି ଗ୍ରହଣ କରିବା ଆଗରୁ ପ୍ରଥମରୁହିଁ ତାହାକୁ କେବଳ ଆଶୟଗତ ଏକ ଚିତ୍ତବିଭ୍ରମ କହି ଉଡ଼ାଇ ଦେବାକୁ କାହାର କୌଣସି ଅଧିକାର ନାହିଁ ।

ବସ୍ତୁତଃ ବିଷୟୀମୂଳ ଓ ବିଷୟମୂଳ ଏ ଦୁଇଟିଯାକ ତତ୍ତ୍ୱ ବା ସତ୍ୟ ଆଦୌ ପରସ୍ପରଠାରୁ ସ୍ୱତନ୍ତ୍ର ଓ ଅସଂଲଗ୍ନ ନୁହନ୍ତି । ଦୁଇଟିଯାକ ପରସ୍ପର ଉପରେ ସବୁବେଳେ ନିର୍ଭର କରି ରହିଛନ୍ତି । ଚେତନାର ମାଧ୍ୟମରେ ସେହି ଏକ ପରମ ସତ୍ ଯେପରି ଆପଣା ଆଡ଼କୁ ଅନାଇ ରହିଛନ୍ତି, ଠିକ୍ ସେହିପରି ସେ ଆପଣାର ବିଷୟୀ ଚେତନାର ସମକ୍ଷରେ ଆପଣାକୁ ବିଷୟରୂପେ ନିବେଦନ କରି ଧରିଛନ୍ତି । ଏକଦେଶୀ ଦୃଷ୍ଟି ଅନୁସାରେ ଯାହା କେବଳ ଚେତନା ମଧ୍ୟରେ ଅବସ୍ଥିତ ରହିଛି ବୋଲି ବୁଝାଯାଏ, ତାହାର ପ୍ରକୃତରେ ଆଦୌ କୌଣସି ବାସ୍ତବ ସତ୍ୟତା ନଥାଏ; ଅଥବା ଆହୁରି ଅଧିକ ଠିକ୍ କରି କହିବାକୁ ଗଲେ, ଯେକୌଣସି ବସ୍ତୁ ହେଉ ପଛକେ, କେବଳ ଆମର ଅନ୍ତର୍ଗତ ଚେତନା ବା ଅନ୍ତରେନ୍ଦ୍ରିୟ ଯାହାର ସାକ୍ଷ୍ୟ ଦେଉଥିବ ମାତ୍ର ବହିଃସ୍ଥ ଭୌତିକ ଇନ୍ଦ୍ରିୟଗୁଡ଼ିକ ଯାହାଲାଗି କୌଣସି ଭୂମି ଯୋଗାଇ ପାରୁ ନଥିବେ ବା ଯାହାକୁ ବାସ୍ତବ ବୋଲି ଅନୁଭବ କରୁ ନଥିବେ, ତାହାର ମଧ୍ୟ କୌଣସି ବାସ୍ତବତା ବା ସତ୍ୟତା ନାହିଁ । ମାତ୍ର ଯେତେବେଳେ ବହିରିନ୍ଦ୍ରିୟଗୁଡ଼ିକ ବୋଧଗତ ବିଷୟଜଗତର ସଂବେଦନଟିକୁ ଚେତନା ଆଗରେ ଉନ୍ମୋଚିତ କରି ଧରିପାରନ୍ତି, ସେତିକିବେଳେ ଯାଇ ସେଗୁଡ଼ିକର ଆହୃତ ଜ୍ଞାନକୁ ବିଶ୍ୱାସଯୋଗ୍ୟ ବୋଲି ବୁଝାଯାଇ ପାରିବ । ବିଷୟଜଗତ ସମ୍ବନ୍ଧରେ ସେମାନଙ୍କର ଆନୀତ ବିବରଣୀରେ ଚେତନାହିଁ ତାତ୍ପର୍ଯ୍ୟ ଆଣି ଦେଇଥାଏ, ସେହି ବିବରଣୀର ବହିରଙ୍ଗ ଅର୍ଥରେ ଆପଣାର ଅନ୍ତର୍ଗତ ସଂବୃଦ୍ଧ ବ୍ୟାଖ୍ୟାଟିକୁ ଆଣି ଯୋଡ଼ିଦିଏ ଏବଂ ବିବେକର ସମର୍ଥନ ଦ୍ୱାରା ତାହାର ଔଚିତ୍ୟକୁ ସାର୍ଥକ କରେ । କାରଣ ବହିରିନ୍ଦ୍ରିୟଗୁଡ଼ିକର ସାକ୍ଷ୍ୟ ସର୍ବଦା ଦୋଷଯୁକ୍ତ ହୋଇ ରହିଥାଏ, ତାହାକୁ ସମ୍ପୂର୍ଣ୍ଣ ବିଶ୍ୱାସଯୋଗ୍ୟ ବୋଲି କହିହୁଏ ନାହିଁ ଏବଂ ଚରମ ସତ୍ୟ ବୋଲି କଦାପି ଗ୍ରହଣ କରିହୁଏ ନାହିଁ । କାରଣ ତାହା ବଡ଼ ଅସମ୍ପୂର୍ଣ୍ଣ ରହିଥାଏ ଏବଂ ସେଥିରେ ପ୍ରମାଦର ନାନା ଆଶଙ୍କା ମଧ୍ୟ ନିଶ୍ଚିତ ଭରି ରହିଥାଏ । ବସ୍ତୁତଃ ଆମ ଆଶୟଗତ ଚେତନାର କୌଣସି ସାହାଯ୍ୟ ନ ନେଇ ବିଷୟଗତ ଏହି ବିଶ୍ୱଟିକୁ ଯଥାର୍ଥ ଭାବରେ ଜାଣିପାରିବା ଲାଗି ଆମ ପାଖରେ ଆଉ ଅନ୍ୟ କୌଣସି ସାଧନ ନାହିଁ । ଆମର ବହିରିନ୍ଦ୍ରିୟଗୁଡ଼ିକ ଆମ ଚେତନାଗତ ଦୃଷ୍ଟିର କେବଳ ସାଧନ ହୋଇ ରହିଥା'ନ୍ତି । ଏହି ବିଶ୍ୱଜଗତ ତାହାର ଆଖିକୁ ଅର୍ଥାତ୍ ତାହାରି ଭିତରେ ଯେଉଁପରି ଦେଖାଯାଏ, ତାହା ଆମକୁ ମଧ୍ୟ ଠିକ୍ ସେହିପରି ଦେଖାଯାଏ । ମନୋମୟ ବା ଅତିରିନ୍ଦ୍ରିୟ ଦୃଶ୍ୟସାମଗ୍ରୀଗୁଡ଼ିକ ସମ୍ବନ୍ଧରେ ଏହି ବିଶ୍ୱତତ୍ତ୍ୱଚକ୍ଷୁର ସାକ୍ଷ୍ୟକୁ ଯଦି ଆମେ ଅସତ୍ୟ ବୋଲି ଅସ୍ୱୀକାର କରି ଉଡ଼ାଇଦେବାକୁ ବସିବା, ତେବେ ଇନ୍ଦ୍ରିୟଗ୍ରାହ୍ୟ ଜାଗତିକ ଦୃଶ୍ୟସାମଗ୍ରୀଗୁଡ଼ିକ ବିଷୟରେ ତାହା ଆମକୁ ଯେଉଁ ସାକ୍ଷ୍ୟ-

'oaob.nitrkl.ac.in' images reprocessed

ପ୍ରମାଣ ଆଣିଦେଉଛୁ, ତାହାକୁ ମଧ୍ୟ ସତ୍ୟ ବୋଲି ସ୍ୱୀକାର କରିବାକୁ ଆଦୌ ଯଥେଷ୍ଟ କାରଣ ନାହିଁ । ଚେତନାଗତ ଅନ୍ତର୍ଗତ ଅଥବା ଅତୀନ୍ଦ୍ରିୟ ବସ୍ତୁଗୁଡ଼ିକ ଯଦି ଅବାସ୍ତବ ପ୍ରତିପାଦିତ ହୁଅନ୍ତି, ତେବେ ବିଷୟଗତ ଓ ଇନ୍ଦ୍ରିୟଗ୍ରାହ୍ୟ ବାହ୍ୟ ଜଗତଟି ମଧ୍ୟ ସେହିପରି ଅବାସ୍ତବ ରହିବାର ଯାବତୀୟ ଆଶଙ୍କା ରହିଛି । କାରଣ ଦୁଇଟିଯାକ କ୍ଷେତ୍ରରେହିଁ ବୋଧଶକ୍ତି, ବିବେକ ଓ ପରୀକ୍ଷଣର ଆବଶ୍ୟକତା ରହିଛି । ମାତ୍ର ଏକଥା ସତ ଯେ ଭୌତିକ କିମ୍ବା ବାହ୍ୟ ଗ୍ରାହ୍ୟବସ୍ତୁର କ୍ଷେତ୍ରରେ ଆମେ ପରୀକ୍ଷଣର ଯେଉଁ ପଦ୍ଧତିଟିକୁ ସଫଳ ଭାବରେ ପ୍ରୟୋଗ କରିଥାଉ, ଆଶୟଗତ ଓ ଅତୀନ୍ଦ୍ରିୟ କ୍ଷେତ୍ରରେ ତାହାଠାରୁ ଭିନ୍ନ ଏକ ପଦ୍ଧତିର ସାହାଯ୍ୟ ନେବାକୁ ପଡ଼ିବ । ଆମର ଆଶୟଗତ ଅନୁଭୂତିଗୁଡ଼ିକୁ ଆମେ ପ୍ରମାଣ ଲାଗି ବହିରିନ୍ଦ୍ରିୟଗୁଡ଼ିକ ପାଖରେ ନେଇ ଠିଆ କରାଇପାରିବା ନାହିଁ । କାରଣ ଅବଲୋକନ ଲାଗି ଏଠାର ଏକ ସ୍ୱକୀୟ ମାନଦଣ୍ଡ ରହିଛି ଏବଂ ପ୍ରାମାଣ୍ୟସିଦ୍ଧିର ଏକ ସ୍ୱକୀୟ ଅନ୍ତରଙ୍ଗ ପଦ୍ଧତି ମଧ୍ୟ ରହିଛି । ଠିକ୍ ସେହିପରି ଅତୀନ୍ଦ୍ରିୟ ସତ୍ୟଗୁଡ଼ିକର ପ୍ରକୃତି ଏପରି ଯେ ଆମେ ସେଗୁଡ଼ିକୁ ଭୌତିକ କିମ୍ବା ଇନ୍ଦ୍ରିୟଗତ ମନର ବିଚାର ସମକ୍ଷରେ ଆଣି କଦାପି ଠିଆ କରାଇ ପାରିବା ନାହିଁ । ସେଗୁଡ଼ିକ ଯେତେବେଳେ ଭୌତିକତା ଓ ଇନ୍ଦ୍ରିୟଗତତା ମଧ୍ୟକୁ ଆପଣାକୁ ପ୍ରକ୍ଷେପିତ କରି ରଖିଥା'ନ୍ତି, କେବଳ ସେତିକିବେଳେ ଆମେ ସେକଥା କହିପାରିବା; ଏବଂ ସେତେବେଳେ ମଧ୍ୟ ସେଥିରୁ ଆମକୁ ଯେଉଁ ଅବଧାରିତ ସତ୍ୟ ମିଳିବ, ସେଇଟି ଅନେକତଃ ଅସମ୍ପୂର୍ଣ୍ଣ ରହିଯିବ ଏବଂ ଅତ୍ୟନ୍ତ ସତର୍କତାର ସହିତ ତାହାକୁ ଗ୍ରହଣ କରିବାର ପ୍ରୟୋଜନ ରହିଥିବ । ଜଡ଼ାତୀତ ବସ୍ତୁର ସ୍ୱରୂପନିରୂପଣ କରିବାକୁ ହେଲେ ଅନ୍ୟ ଏକ ପ୍ରକାରର ଇନ୍ଦ୍ରିୟର ପ୍ରୟୋଜନ ରହିଛି, ସତ୍ୟର ବିଶ୍ଳେଷଣ ଓ ପ୍ରତିଷ୍ଠା ଲାଗି ସେହି କ୍ଷେତ୍ରରେ ତାହାର ସ୍ୱରୂପ ଓ ସ୍ୱଭାବର ଅନୁକୂଳ ଏକ ଅନ୍ୟ ପଦ୍ଧତିର ପ୍ରୟୋଜନ ରହିଛି ।

ସତ୍ୟର ଏକାଧିକ ଓ ବିଭିନ୍ନ ଭୂମି ରହିଛି । ଯାହାକୁ ଆମେ ବିଷୟଗତ ବା ଭୌତିକ ବୋଲି କହୁଛୁ, ତାହା କେବଳ ଗୋଟିଏ ମାତ୍ର ଭୂମି । ପ୍ରତ୍ୟକ୍ଷ ଭାବରେ ଇନ୍ଦ୍ରିୟଗ୍ରାହ୍ୟ ହୋଇଥିବାରୁ ବହିର୍ବୃତ୍ତି ଜଡ଼ାଶ୍ରୟୀ ମନଲାଗି ଜଡ଼ର ଜଗତଟି ସତ୍ୟ ବୋଲି ଅନୁଭୂତ ହେଉଛି । ମାତ୍ର ଯାହା ଆଶୟଗତ ଓ ଯାହା ଜଡ଼ାତୀତ, ତାହାକୁ ଜାଣିପାରିବା ଲାଗି ସେହି ମନ ପାଖରେ ଆଦୌ କୌଣସି ସାଧନ ନାହିଁ । କେବଳ କେତୋଟି ଅତିଖଣ୍ଡିତ ଲକ୍ଷଣ ଓ ତଥ୍ୟ ଏବଂ ଅନୁମାନହିଁ ତା'ର ଏକମାତ୍ର ସମ୍ବଳ, ଓ ସେଗୁଡ଼ିକ ମଧ୍ୟ ପ୍ରମାଦଗ୍ରସ୍ତ ହୋଇ ପଡ଼ିବାର ଆଶଙ୍କା ସର୍ବଦା ରହିଛି । ବହିଃସ୍ଥ ଜଡ଼ଜଗତରେ ଘଟୁଥିବା ଘଟଣାଗୁଡ଼ିକୁ ଆମେ ଯେଉଁ ଭଳି ସତ ବୋଲି କହୁଛୁ, ଆମର ଆଶୟଗତ ଯାବତୀୟ ଗତିସ୍ପନ୍ଦନ ଓ ଅନ୍ତର୍ଗତ ଅନୁଭୂତିଗୁଡ଼ିକର କ୍ଷେତ୍ରରେ ଘଟୁଥିବା ଘଟଣାଚୟର ମଧ୍ୟ ସେହିଭଳି ସତ୍ୟତା ରହିଛି । ଜୀବର ମନ ଅପରୋକ୍ଷ

'oaob.nitrkl.ac.in' images reprocessed

ଅନୁଭବ ସାହାଯ୍ୟରେ ଆପଣା କ୍ଷେତ୍ରର କିଛିତ୍ ଖବର ରଖିବାକୁ ହୁଏତ ସମର୍ଥ ହୋଇଥାଏ, ମାତ୍ର ଅପରର ମନ ଭିତରେ କ'ଣସବୁ ଘଟୁଛି, ସେ ବିଷୟରେ ସିଏ କିଛି ହେଲେ ଜାଣିପାରେ ନାହିଁ । କେବଳ ଅପରକୁ ଆପଣା ସହିତ ତୁଳନା କରି ଅଥବା କେବଳ ବାହାରୁ ଆଇ ଅନାଇବା ସମୟରେ ସେ ଯାହାକିଛି ଲକ୍ଷଣ, ତଥ୍ୟ ବା ଅନୁମାନ ଆୟତ୍ତ କରିବାକୁ ସମର୍ଥ ହୋଇଥାଏ, ସେତିକିରୁ ଯାହା କିଛିତ୍ ବାଛି ବୁଝିଇବାକୁ ଚେଷ୍ଟା କରିଥାଏ । ମୁଁ ମୋ' ଲାଗି ଅନ୍ତର୍ଗତ ଭାବରେ ସତ୍ୟ ହୋଇ ରହିଥାଏ; ମାତ୍ର ମୋ' ଲାଗି ଅଦୃଶ୍ୟପ୍ରାୟ ହୋଇ ରହିଥିବା ଅନ୍ୟମାନଙ୍କର ଜୀବନ ମୋ' ଲାଗି କେବଳ ଏକ ପରୋକ୍ଷ ସତ୍ୟ ହୋଇ ରହିଥାଏ । ମୋର ଆପଣା ମନ, ପ୍ରାଣ ଓ ଇନ୍ଦ୍ରିୟଗୁଡ଼ିକ ଉପରେ ଅନ୍ୟମାନଙ୍କ ଜୀବନର ଯେତିକି ଅଂଶର ଆଘାତ ଆସି ଅନୁଭୂତ ହୁଏ, କେବଳ ସେତିକି ଅଂଶଟି ସହିତ ମୋର କିଛି ପରିଚୟ ଘଟେ । ଏହାହିଁ ହେଉଛି ମନୁଷ୍ୟର ଜଡ଼ମନର ସୀମା ଏବଂ ତାହା ମନୁଷ୍ୟର ମନ ଭିତରେ କେବଳ ଯାହା ଜଡ଼ଗତ ଓ ଭୌତିକ, ତାହାରି ଉପରେ ବିଶ୍ୱାସ ସ୍ଥାପନ କରିବାର ଏକ ଅଭ୍ୟାସ ପକାଇ ଦେଇଥାଏ; ଏବଂ ତା'ର ଅନୁଭୂତି ଓ ତା'ର ବୁଝିବାର ପରିସର ସହିତ ଯାହାକିଛି ଭଲ ଭାବରେ ଖାପ ନ ଖାଇଥାଏ ଏବଂ ତା'ର ଅର୍ଜିତ ବା ପ୍ରତିଷ୍ଠିତ ଜ୍ଞାନର ମାନ ସହିତ ଯାହାର ତାଳ ନମିଳେ, ସେସବୁକୁ ସନ୍ଦେହ କରିବା ଓ ସେସବୁର ପ୍ରାମାଣିକତାକୁ ଅସ୍ୱୀକାର କରିବାଲାଗି ପ୍ରରୋଚନା ଦେଇଥାଏ ।

ଅହଂକେନ୍ଦ୍ରିତ ଏହି ଦୃଷ୍ଟିକୋଣଟିକୁ ଏ ଯୁଗରେ ଜ୍ଞାନଲାଭର ଏକ ପ୍ରାମାଣିକ ମାନର ପାହିଆକୁ ଉଠାଇ ଦିଆଗଲାଣି । ପ୍ରକାଶ୍ୟରେ କିମ୍ବା ଅପ୍ରକାଶ୍ୟ ଭାବରେ ହେଉ ପଛକେ, ଏହାକୁ ଏକ ପୂର୍ବଗ୍ରାହ୍ୟ ମୂଳନୀତି ପରି ଧରି ନିଆଗଲାଣି ଯେ ସକଳ ସତ୍ୟକୁ ବ୍ୟକ୍ତିମନର ପରଖଭୂମି ଉପରେ ଅବଶ୍ୟ ବିଚାର କରି ଦେଖିବାକୁ ପଡ଼ିବ, ପ୍ରତ୍ୟେକ ମଣିଷର ବିବେକ ଓ ଅନୁଭବ ଉପରେ ତାହାକୁ ପରୀକ୍ଷା କରିବାକୁ ହେବ; ଏବଂ ତା' ନହେଲେ ପ୍ରାମାଣିକ ହେବାକୁ ହେଲେ ତାହାକୁ ଏକ ସାଧାରଣ ବା ସର୍ବଜନସମ୍ମତ ଅନୁଭୂତି ଦ୍ୱାରା ସମର୍ଥିତ ବା ପରୀକ୍ଷିତ କରିନେବାକୁ ପଡ଼ିବ । ମାତ୍ର ସତ୍ୟ ଓ ଜ୍ଞାନର ପରଖଲାଗି ଏହା ଯେ ଆଦୌ ଏକ ନିର୍ଭୁଲ ମାନଦଣ୍ଡ ନୁହେଁ, ଏଥିରେ କୌଣସି ସନ୍ଦେହ ରହିବା ଉଚିତ ନୁହେଁ । କାରଣ ଏହି ମାନଦଣ୍ଡଟି ଅନୁସାରେ ସ୍ୱାଭାବିକ ବା ସାଧାରଣ ମନକୁହିଁ ସର୍ବୋଚ୍ଚ ବିଧାୟକ ଓ ମୀମାଂସକ ବୋଲି ସ୍ୱୀକାର କରି ନିଆଯାଉଛି । ତାହାର ସୀମାବଦ୍ଧ ସାମର୍ଥ୍ୟ ଓ ଅନୁଭୂତିକୁ ସର୍ବେସର୍ବା ବୋଲି ମାନି ନିଆଯାଉଛି ଏବଂ ସାଧାରଣ ସ୍ତରର ବୁଦ୍ଧିଠାରୁ ଯାହା ଉପରେ ରହିଛି, ତାହାକୁ ଆଦୌ ବିଚାରକୁ ନିଆଯାଉ ନାହିଁ । ଏହାକୁହିଁ ଏକ ଚରମ ପରଖଦଣ୍ଡ ବୋଲି ମାନିନେବା ଦ୍ୱାରା ବ୍ୟକ୍ତିକୁହିଁ ପ୍ରତ୍ୟେକ କଥାରେ ଏକମାତ୍ର ବିଚାରକ ବୋଲି କହି

'oaob.nitrkl.ac.in' images reprocessed

ଏକ ଅହଂକେନ୍ଦ୍ରୀ ଭ୍ରମରହିଁ ସୃଷ୍ଟି କରାଯାଉଛି, ଜଡ଼ାଶ୍ରୟୀ ମନର ଏକ ଅନ୍ଧବିଶ୍ୱାସକୁ ପ୍ରଶ୍ରୟ ଦିଆଯାଉଛି ଏବଂ ମୋଟ ଉପରେ କହିବାକୁ ଗଲେ ଏକ ନିର୍ଧୂମ ଓ ବର୍ବର ଭ୍ରାନ୍ତିକୁ ସତ୍ୟର ଆସ୍ଥାନଟି ଦେଇ ଦିଆହେଉଛି । ପ୍ରତ୍ୟେକ ବ୍ୟକ୍ତି ଆପେ ବିଚାର କରି ସତ୍ୟ ଓ ଅସତ୍ୟର ନିର୍ଣ୍ଣୟ କରିବ, ଆପଣା ସାମର୍ଥ୍ୟର ପରିଧି ଅନୁସାରେ ଯେତିକି ଜାଣିପାରିବ ସେତିକି ଜାଣିବ, ଏହି ମାନଦଣ୍ଡଟିର ଉପସ୍ଥାପନା ପଛରେ କେବଳ ଏତିକିମାତ୍ର ସତ୍ୟ ନିହିତ ରହିଛି । ମାତ୍ର ସେ ଅଧିକରୁ ଅଧିକ ଶିଖିବାଲାଗି ସର୍ବଦା ପ୍ରସ୍ତୁତ ହୋଇ ରହିଥିବ ଏବଂ ଏକ ବୃହତ୍ତର ଜ୍ଞାନ ଲାଗି ଆପଣାକୁ ସତତ ଉନ୍ମୁକ୍ତ କରି ରଖିଥିବ, ତେବେ ଯାଇ ତା' ବିଚାରକୁ ଯଥାର୍ଥ ଓ ପ୍ରାମାଣିକ ବୋଲି କୁହାଯିବ । ଏପରି ଯୁକ୍ତିମାନ ଶୁଣିବାକୁ ମିଳିଥାଏ ଯେ ଭୌତିକ ସାକ୍ଷ୍ୟକୁ ମୂଳ କରି ଗ୍ରହଣ କରୁଥିବା ଏକ ମାନଦଣ୍ଡରୁ ହୁଡ଼ିଗଲେ ଓ ବ୍ୟକ୍ତିଗତ ବା ସର୍ବଜନସମ୍ମତ ଭୂମି ଉପରେ ପରଖି କରି ଦେଖିବାର ନୀତିରୁ ଓହରିଗଲେ ତଦ୍ଦ୍ୱାରା ନାନା ବିଷମ ଭ୍ରାନ୍ତିରେ ଆସି ପଡ଼ିବାହିଁ ସାର ହେବ ଏବଂ ଜ୍ଞାନର କ୍ଷେତ୍ରରେ ନାନା ଅପରୀକ୍ଷିତ ସତ୍ୟ ଓ କେବଳ ଆତ୍ମଖିଆଲି କଳ୍ପନାଗୁଡ଼ାକ ଆସି ପ୍ରବେଶ କରିଯିବ । ମାତ୍ର ଆମେ ଯେକୌଣସି ମାନଦଣ୍ଡକୁ ଧରିଥାଉ ପଛକେ, ଜ୍ଞାନର ଅନୁଧାବନ-କ୍ଷେତ୍ରରେ ଭୁଲ ଓ ଓ ଭ୍ରାନ୍ତି ରହିଥିବହିଁ ରହିଥିବ, ବ୍ୟକ୍ତିର ବ୍ୟକ୍ତିତ୍ୱ ତା' ଭିତରେ କେଉଁଠି ନା କେଉଁଠି ଅବଶ୍ୟ ଆସି ପଶିଯିବ ଏବଂ ବିଷୟୀର ନିଜସ୍ୱତା ସତ୍ୟର ଭୂମିକୁ ଅବଶ୍ୟ ସୀମାୟିତ କରି ରଖିଥିବ । ବସ୍ତୁସ୍ଥିତିକୁ ସବୁ ପ୍ରାଧାନ୍ୟ ଦେଇ ଯେକୌଣସି ମାନଦଣ୍ଡ ବା ପଦ୍ଧତିର ଆଶ୍ରୟ ନେଲେ ମଧ୍ୟ ସେଗୁଡ଼ାକୁ କଦାପି ବର୍ଜନ କରି ରଖିହେବ ନାହିଁ । ନୂତନ ଆବିଷ୍କାର କରିବାର ବାଟରେ ଭୁଲ କରିବାର ଏକ ସମ୍ଭାବନା ରହିଛି ବୋଲି କୌଣସି ନୂତନ ଆବିଷ୍କାରରେ ବାହାରିବାକୁ ନାସ୍ତି କରିବା ପକ୍ଷରେ ଆଦୌ କୌଣସି ଯୁକ୍ତି କେବେହେଲେ ରହିବ ନାହିଁ । ଏବଂ ବିଷୟୀ ବା ଆଶୟର କ୍ଷେତ୍ରରେ କୌଣସି ନୂତନ ଆବିଷ୍କାର କରିବାକୁ ଗଲେ ଅନୁସନ୍ଧାନ, ଅବଲୋକନ ଓ ପରୀକ୍ଷଣର ଏକ ବିଷୟୀମୂଳ ଅର୍ଥାତ୍ ଆଶୟପ୍ରଧାନ ପଦ୍ଧତିକୁହିଁ ଗ୍ରହଣ କରିବାକୁ ପଡ଼ିବ । ଜଡ଼ାତୀତ କ୍ଷେତ୍ରରେ ଗବେଷଣା କରି ବାହାରିଲେ ସେଥିଲାଗି ତଦନୁକୂଳ ସାଧନ ଓ ପଦ୍ଧତିମାନ ବାହାର କରିବାକୁ ପଡ଼ିବ, ସେଗୁଡ଼ିକୁ ଗ୍ରହଣ କରି ଆବଶ୍ୟକ ପରୀକ୍ଷା ଚଳାଇବାକୁ ହେବ । ଏହି ଜଡ଼ଜଗତର ବସ୍ତୁଗୁଡ଼ିକୁ ତଥା ଜଡ଼କ୍ଷେତ୍ରୀୟ ପ୍ରକୃତିରେ କାର୍ଯ୍ୟ କରୁଥିବା ଶକ୍ତିର ପ୍ରକ୍ରିୟାଟିକୁ ଆମେ ଯେଉଁଭଳି ପଦ୍ଧତି ଓ ପ୍ରଣାଳୀ-ଗୁଡ଼ିକ ସାହାଯ୍ୟରେ ପରୀକ୍ଷା କରୁଛୁ, ଉକ୍ତ ନୂତନ ପଦ୍ଧତିଗୁଡ଼ିକ ତାହାଠାରୁ ଅତ୍ୟନ୍ତ ଭିନ୍ନ ହେବାକୁ ବାଧ୍ୟ ହେବ ।

ଇଉରୋପରେ ଧର୍ମସଂସ୍କାରର ଅସ୍ପଷ୍ଟତାବାଦୀ ମୂଢ଼ତାଗୁଡ଼ାକ ଯେପରି ଏକଦା ବୈଜ୍ଞାନିକ ଉଦ୍‌ଭାବନର ପ୍ରସାରକୁ ବିରୋଧ କରିବାକୁ ବାହାରିଥିଲା, ଆଗରୁ

'oaob.nitrkl.ac.in' images reprocessed

ବଦ୍ଧମୂଳ ହୋଇ ରହିଥିବା କୌଣସି ସଂସ୍କାର ବା ଧାରଣାବଶ ହୋଇ ଯଦି ଆମେ ଅଧିକ ଅନୁସନ୍ଧାନ କରି ଦେଖିବାକୁ ମନା କରିଦେବା, ତେବେ ଜ୍ଞାନର ସମ୍ପ୍ରସାରଣ କ୍ଷେତ୍ରରେ ତାହା ଠିକ୍ ସେହିପରି ଏକ ପୂର୍ବଗ୍ରହ ଓ ମୂଢ଼ତାର ପରିଚାୟକ ହୋଇ ରହିବ । ଅନ୍ତରକ୍ଷେତ୍ରର ବୃହତ୍ତମ ଅନୁଭୂତିମାନ, ଆତ୍ମସତ୍ତାର ଅପରୋକ୍ଷ ଦର୍ଶନ, ବିଶ୍ୱମୟ ଚେତନାଗତତା, ମୁକ୍ତ ଆତ୍ମାର ଅନ୍ତର୍ଗତ ପ୍ରଶାନ୍ତି, ଗୋଟିଏ ମନର ଆଉ ଗୋଟିଏ ମନ ଉପରେ ପଡ଼ୁଥିବା ପ୍ରତ୍ୟକ୍ଷ ପ୍ରଭାବ, ଅନ୍ୟ ଚେତନା ବା ତାହାର ବିଷୟଗୁଡ଼ିକ ସହିତ ପ୍ରତ୍ୟକ୍ଷ ସଂସ୍ପର୍ଶରେ ଆସିବା ସମୟରେ ଚେତନାଦ୍ୱାରା ଉପଲବ୍ଧ ହେଉଥିବା ବସ୍ତୁସମ୍ବନ୍ଧୀ ଜ୍ଞାନ ଏବଂ ଆଧ୍ୟାତ୍ମିକ କ୍ଷେତ୍ରରେ କୌଣସି ମୂଲ୍ୟ ଓ ମହତ୍ତ୍ୱ ରଖିଥିବା ଅନୁଭୂତିମାନ,—ଏସବୁକୁ ଆମେ ଏସବୁ ବିଷୟରେ ଆଦୌ କୌଣସି ଅଭିଜ୍ଞତା ନଥିବା ତଥାକଥିତ ସାଧାରଣ ମନୋଭୂମି ସମକ୍ଷରେ ଆଣି ବିଚାରଲାଗି ଠିଆ କରିପାରିବା ନାହିଁ । ଆପଣା ଭିତରେ ଏହିସବୁ ଅଭିଜ୍ଞତାର ଅନୁପସ୍ଥିତି ବା ସେଥିଲାଗି ଆପଣାର ଅସମର୍ଥତାକୁ ଯେଉଁ ମନୋଭୂମି ଏସବୁକୁ ଅବାସ୍ତବ ବା ଅଯଥାର୍ଥ ବୋଲି କହିବାର ଏକ ପ୍ରମାଣ ବୋଲି ଭାବୁଛି, ତାହା ଏସବୁର କୌଣସି ବିଚାର ବା ଧାରଣା କରିପାରିବ ନାହିଁ । ଜଡ଼ଜଗତର ସତ୍ୟ ଓ ସୂତ୍ରଗୁଡ଼ିକୁ ଏବଂ ଜଡ଼ାୟତନ ପର୍ଯ୍ୟବେକ୍ଷଣରୁ ଲାଭ କରାଯାଉଥିବା ସାମାନ୍ୟ ନିଷ୍କର୍ଷ ଓ ଆବିଷ୍କାରଗୁଡ଼ିକୁ ଆମେ ମନର ଭୂମି ଉପରେ ବେଶ୍ ପରୀକ୍ଷା କରି ଦେଖିପାରିବା; ମାତ୍ର ସେହି କ୍ଷେତ୍ରରେ ମଧ୍ୟ ଯଥାର୍ଥରେ ବୁଝିବାର ଓ ନିର୍ଣ୍ଣୟରେ ପହଞ୍ଚିବାର ଦକ୍ଷତା ଲାଭ କରିବା ପୂର୍ବରୁ ଏସବୁ ବିଷୟରେ ଆପଣାର ସାମର୍ଥ୍ୟକୁ ଉଚିତ ତାଲିମ ମିଳିଥିବା ଆବଶ୍ୟକ । ଉଚିତ ତାଲିମ ପାଇ ନଥିବା ଯେକୌଣସି ବ୍ୟକ୍ତିର ମସ୍ତିଷ୍କ ଆପେକ୍ଷିକତାବାଦ ଓ ଅନ୍ୟାନ୍ୟ ଜଟିଳ ବୈଜ୍ଞାନିକ ସତ୍ୟଗୁଡ଼ିକର ଗଣିତକୁ ବୁଝିବା ଲାଗି ଆଦୌ ସମର୍ଥ ହେବ ନାହିଁ, କିମ୍ବା ସେସବୁର ପରିଣାମ ବା ପ୍ରକ୍ରିୟାଟିର ଠିକ୍ ଭୁଲ୍ ଆଦୌ ବିଚାର କରି-ପାରିବ ନାହିଁ । ଯାବତୀୟ ସତ୍ୟ ଓ ଯାବତୀୟ ଅନୁଭୂତିକୁ ସତ୍ୟ ଓ ଯଥାର୍ଥ ହେବାକୁ ହେଲେ ଠିକ୍ ସେହି ଅନୁଭୂତିଟି ଦ୍ୱାରା ଅଥବା ତତ୍ତୁଲ୍ୟ ଏକ ଅନୁଭୂତିଦ୍ୱାରା ପରୀକ୍ଷିତ ହୋଇ ପାରିବାକୁ ପଡ଼ିବ । ଠିକ୍ ସେହିପରି ବସ୍ତୁତଃ ସବୁ ମଣିଷ ଆଧ୍ୟାତ୍ମିକ ଅନୁଭୂତିର ଅଧିକାରୀ ହୋଇପାରିବେ, ତାହାର ଅନୁସରଣ କରିପାରିବେ ଓ ଆପଣାର ଜୀବନରେ ତାହାର ପରୀକ୍ଷା କରିବାକୁ ବି ସମର୍ଥ ହୋଇପାରିବେ; ମାତ୍ର କେବଳ ଯେତେବେଳେ ସେମାନେ ଉଚିତ ସାମର୍ଥ୍ୟ ଲାଭ କରିଥିବେ ବା ସେହି ଅନୁଭୂତି ଓ ସେହି ପରୀକ୍ଷଣ ସମ୍ଭବ ହେଲାଭଳି ଅନୁରୂପ ଅନ୍ତର୍ଗତ ପଦ୍ଧତିମାନ ଗ୍ରହଣ କରିପାରିବେ, ସେତେବେଳେ ଯାଇ ତାହା ସମ୍ଭବ ହେବ । ଏହିସବୁ ସ୍ୱତଃସ୍ପଷ୍ଟ ଓ ମୌଳିକ ସତ୍ୟଗୁଡ଼ିକ ବିଷୟରେ ଏଠାରେ କିଛିଟା ଆଲୋଚନା କରିବା ଆବଶ୍ୟକ, କାରଣ ମାନବୀୟ ମନୀଷାର ଏବକାର ଯୁଗରେ ଏହାର ଠିକ୍ ବିପରୀତ ଧାରଣାଗୁଡ଼ାକ କ୍ଷେତ୍ରର ସଙ୍କୋଚ

ବିଧାୟକ ହୋଇ ବସିଛନ୍ତି । ଅବଶ୍ୟ ଏକଥା ବି ସତ ଯେ କ୍ରମେ ସେଗୁଡ଼ିକ ପୁଣି ପଛକୁ ହଟିବାକୁ ଆରମ୍ଭ ମଧ୍ୟ କଲେଣି । ଏହି ଧାରଣାସବୁ ସମ୍ଭାବ୍ୟ ଜ୍ଞାନର ଏକ ଦୀର୍ଘବିସ୍ତୃତ କ୍ଷେତ୍ରର ବିକାଶପଥରେ ଏକାବେଳକେ ଅନ୍ତରାୟ ହୋଇ ଠିଆ ହୋଇଛନ୍ତି । ସେହି ଅନ୍ତର୍ଗତ ଓ ଅଧିଚେତନ ସତ୍ୟର, ସେହି ଆଧ୍ୟାତ୍ମିକ ଓ ଏପର୍ଯ୍ୟନ୍ତ ଅତିଚେତନ ହୋଇ ରହିଥିବା ସତ୍ୟର କେତେକେତେ ଗଭୀରତାର ସନ୍ଧାନ ପାଇବାକୁ ମନୁଷ୍ୟର ଅଭୀପ୍ସା ଆଜି ସକଳ ବନ୍ଧନରୁ ମୁକ୍ତ ହୋଇ ବାହାରୁ, ଜଡ଼ାଶ୍ରୟୀ ମନ ଓ ବିଷୟଗତ ବାହ୍ୟ ସ୍ଥୂଳବସ୍ତୁଗୁଡ଼ାକୁ ନେଇ ଗଠିତ ତାହାର କ୍ଷେତ୍ରଟି ମଧ୍ୟରେ ତାହା ଆଉ ଆପଣାକୁ ଅବରୁଦ୍ଧ କରି ନରଖୁ;—ଏହାହିଁ ହେଉଛି ସବୁଠାରୁ ବଡ଼ ମହତ୍ତ୍ୱପୂର୍ଣ୍ଣ ବିଷୟ । କାରଣ, ଯେଉଁ ଅବିଦ୍ୟା ଭିତରେ ଆମର ମନ ଓ ମନୋବିଚରଣ ବାନ୍ଧିହୋଇ ପଡ଼ିଛି, କେବଳ ସେହି ବାଟରେ ଯାଇ ପାରିଲେହିଁ ସେହି ଅବିଦ୍ୟାରୁ ମୁକ୍ତିଲାଭ କରିବା ସମ୍ଭବ ହେବ, କେବଳ ତାହାରିଦ୍ୱାରାହିଁ ପୂର୍ଣ୍ଣ ଚେତନାର ବିସ୍ତୃତି ମଧ୍ୟରେ ଉନ୍ମୋଚିତ ହୋଇଯିବା ସମ୍ଭବ ହେବ ଏବଂ ଆମେ ଏକ ଯଥାର୍ଥ ଓ ପରିପୂର୍ଣ୍ଣ ଆତ୍ମୋପଲବ୍ଧି ଓ ଆତ୍ମଜ୍ଞାନର ଅଧିକାରୀ ହୋଇପାରିବା ।

ଏକ ପୂର୍ଣ୍ଣ ଜ୍ଞାନର ଉପଲବ୍ଧି ଲାଗି ରହସ୍ୟଭେଦ କରିବାକୁ ପଡ଼ିଥାଏ, ଚେତନା ଓ ଅନୁଭୂତିର ଯାବତୀୟ ସମ୍ଭାବ୍ୟ କ୍ଷେତ୍ରର ଅନାବରଣ ଆବଶ୍ୟକ ହୋଇଥାଏ । କାରଣ ବାହାରୁ ସ୍ପଷ୍ଟ ହୋଇ ଦେଖା ଯାଉଥିବା ଏହି ଉପରିଭାଗଟାର ପଛରେ ଆମରି ଭିତରେ ଆମ ସତ୍ତାର କେତେକେତେ ଆଣସ୍ୱଗତ କ୍ଷେତ୍ର ପଡ଼ିରହିଛି । ଉପରି ପରସ୍ତକୁ ଭେଦି ଏହିସବୁ କ୍ଷେତ୍ରଯାଏ ଯିବାକୁ ପଡ଼ିବ, ସେଗୁଡ଼ିକର ସନ୍ଧାନ ନେବାକୁ ପଡ଼ିବ, ଏବଂ ସେସବୁ ବିଷୟରେ ଯାହାକିଛି ପରିଚୟ ମିଳିବ, ତାହାକୁ ସମଗ୍ର ସତ୍ୟର ପରିସରଟି ଭିତରେ ସ୍ୱୀକାର କରି ଆଣିବାକୁ ପଡ଼ିବ । ମାନବ-ଚେତନାର ଏକ ଅତିବିଶାଳ କ୍ଷେତ୍ରରୂପେ ଆଧ୍ୟାତ୍ମିକ ଅନୁଭବର ଏକ ଅନ୍ତର୍ଗତ ରାଜ୍ୟ ପଡ଼ିରହିଛି । ଆମକୁ ତାହାର ଗଭୀରତମ ଗଭୀରଯାଏ ପ୍ରବେଶ କରିବାକୁ ପଡ଼ିବ, ତାର ସୁଦୂରତମ ସୁଦୂରରେ ଯାଇ ପହଞ୍ଚିବାକୁ ହେବ । ଏହି ଜଡ଼ଭୂମିକୁ ଆମେ ଯେପରି ସତ୍ୟ ବୋଲି କହୁଛୁ, ଜଡ଼ାତୀତର ଭୂମିଟି ମଧ୍ୟ ଠିକ୍ ସେହିପରି ଏକ ସତ୍ୟ ଭୂମି; ସେହି ଜଡ଼ାତୀତକୁ ଜାଣିବା ହେଉଛି ପରିପୂର୍ଣ୍ଣ ଜ୍ଞାନଲାଭର ଏକ ଅପରିହାର୍ଯ୍ୟ ଅଂଶ । ଆମ ପରମ୍ପରା ଭିତରେ ଜଡ଼ାତୀତର ଜ୍ଞାନକୁ ରହସ୍ୟବାଦ ଓ ଗୁପ୍ତବିଦ୍ୟା ସହିତ ଯୋଡ଼ି ଦିଆଯାଇଛି, ଏବଂ ଗୁପ୍ତବିଦ୍ୟାକୁ ଏକ ଅନ୍ଧବିଶ୍ୱାସ ଓ ଅତିରେକୀ ଭ୍ରମକଳ୍ପନା ବୋଲି କହି ବହିଷ୍କୃତ କରି ରଖାଯାଇଛି । ମାତ୍ର ଗୂଢ଼ବିଦ୍ୟା ବା ଗୁପ୍ତବିଦ୍ୟା ମଧ୍ୟ ଏହି ଜୀବନର ଗୋଟିଏ ଅଂଶ । ଆମ ଜୀବନରେ ଯେଉଁସବୁ ଜଡ଼ାତୀତ ସତ୍ୟ କାର୍ଯ୍ୟ କରୁଛି, ତାହାରି ବିଷୟରେ ଗଭୀର ଅନୁସନ୍ଧାନ କରିବା ଏବଂ ସତ୍ତା ଓ ପ୍ରକୃତି ଉପରୁ ଅଦୃଶ୍ୟ ଓ ଗୁପ୍ତ

'oaob.nitrkl.ac.in' images reprocessed

ବିଧାନଗୁଡ଼ିକର ଅନାବରଣ କରିବା, ଏହାହିଁ ହେଲା କୌଣସି ଯଥାର୍ଥ ଗୁହ୍ୟବିଦ୍ୟାର ତାତ୍ପର୍ଯ୍ୟ । ଏହି ବିଦ୍ୟା ମନ ଓ ମାନସଶକ୍ତିର, ପ୍ରାଣ ଓ ପ୍ରାଣଶକ୍ତିର, ସୂକ୍ଷ୍ମଭୌତିକ ସତ୍ତ୍ୱା ତଥା ସୂକ୍ଷ୍ମଭୌତିକ ଶକ୍ତିର ଗୂଢ଼ ବିଧାନମାନ ଆବିଷ୍କାର କରିବାର ପ୍ରୟାସହିଁ କରିଥାଏ; ପ୍ରକୃତି ଆପଣାର ଯେଉଁସବୁ କାର୍ଯ୍ୟକୁ ଦୃଶ୍ୟମାନ ଉପରଭାଗଯାଏ ଆଣି ନାହିଁ, ସେହିଗୁଡ଼ିକୁ ନିର୍ଣ୍ଣୟ କରିବାର ପ୍ରୟାସ କରିଥାଏ । ପ୍ରାଣ ଓ ମନର ସାଧାରଣ ପ୍ରକ୍ରିୟାକ୍ଷେତ୍ରଟିକୁ ଅତିକ୍ରମ କରି ଆହୁରି ଅନ୍ୟାନ୍ୟ କ୍ଷେତ୍ରକୁ ମଧ୍ୟ ଯେପରି ମାନବାତ୍ମା ଓ ମାନବଚେତନାର ପ୍ରଭୁତ୍ୱ ପ୍ରସାରିତ ହୋଇଯାଇ ପାରିବ, ଆମ ଜଡ଼ଗତ ଅସ୍ତିତ୍ୱର ପ୍ରକ୍ରିୟାକ୍ଷେତ୍ରର ସେପାଖକୁ ମଧ୍ୟ ଯେପରି ମାନବଚେତନାର ଦଖଲ ରହିପାରିବ, ସେହି ଉଦ୍ଦେଶ୍ୟରେ ଗୁହ୍ୟବିଦ୍ୟା ସେହିସବୁ ନୂତନ-ଆବିଷ୍କୃତ ପ୍ରାକୃତିକ ସତ୍ୟ ଓ ସାମର୍ଥ୍ୟଗୁଡ଼ିକୁ ପ୍ରୟୋଗ କରି ଦେଖିବାଲାଗି ମଧ୍ୟ ମନ ବଳାଇଥାଏ । ଆମ ଅସ୍ତିତ୍ୱର ଆଧ୍ୟାତ୍ମିକ ପ୍ରଦେଶଟି ଆମ ଉପରଭାଗଟି ଏହି ମନଲାଗି ଗୂଢ଼ ବା ଗୁପ୍ତ ହୋଇ ରହିଛି, କାରଣ ଏହା ତଥାକଥିତ ସ୍ୱାଭାବିକ ଓ ସାଧାରଣ କ୍ଷେତ୍ରଟିର ସୀମାତିକ୍ରମ କରିଯାଇଛି ଏବଂ ଅପ୍ରାକୃତ ଓ ଅତୀନ୍ଦ୍ରିୟ ଅନୁଭୂତିର କେତେ ରାଜ୍ୟକୁ ସ୍ପର୍ଶ କରି ରହିଛି । ସେହି ଆଧ୍ୟାତ୍ମିକ ପ୍ରଦେଶରେ ଆମେ କେବଳ ଯେ ଆତ୍ମା ଓ ଚିନ୍ମୟସତ୍ତ୍ୱାର ଆବିଷ୍କାର କରି-ପାରିବା ତାହା ନୁହେଁ, ଆମେ ଆଧ୍ୟାତ୍ମିକ ଚେତନା ଓ ପରମ ଚିନ୍ମୟତାର ଉତ୍ତରାନ୍ତକାରୀ, ପ୍ରେରଣକାରୀ ତଥା ଦିଗ୍‌ଦର୍ଶନକାରୀ ଆଲୋକଟିକୁ ମଧ୍ୟ ଆବିଷ୍କାର କରିବାକୁ ସମର୍ଥ ହେବା, ଜ୍ଞାନଲାଭର ଅଧ୍ୟାତ୍ମମାର୍ଗଟିକୁ ଆବିଷ୍କାର କରିପାରିବା; କର୍ମ କରିବାର ଆଧ୍ୟାତ୍ମିକ ମାର୍ଗଟିକୁ ମଧ୍ୟ ଆବିଷ୍କାର କରିବା । ଏହିସବୁ ବିଷୟକୁ ଜାଣି ସେଗୁଡ଼ିକର ସତ୍ୟ ଓ ଅସାଧାରଣ ଶକ୍ତିଚୟକୁ ମନୁଷ୍ୟଜଗତର ଜୀବନରେ ଆଣି ପ୍ରଯୁକ୍ତ କରିପାରିବା,—ଏଇଟି ହେଉଛି ମନୁଷ୍ୟର ବିବର୍ତ୍ତିକ୍ରମରେ ଏକ ଆବଶ୍ୟକ ଅଙ୍ଗ । ତା'ର ସ୍ୱକୀୟ ମାର୍ଗରେ ଆମେ ବିଜ୍ଞାନକୁ ମଧ୍ୟ ଏକ ଗୂଢ଼ ବିଦ୍ୟା ବୋଲି କହି-ପାରିବା । କାରଣ ପ୍ରକୃତି ଆପଣା ଭିତରେ ଯେଉଁସବୁ ବିଧାନ ଓ ସୂତ୍ରକୁ ଲୁକ୍‌କାୟିତ କରି ରଖିଛି, ବିଜ୍ଞାନ ତାହାରି ଉପରେହିଁ ଆଲୋକପାତ କରେ; ପ୍ରକୃତିର ସାଧାରଣ କ୍ରିୟାତ୍ମକତାରେ ଯେଉଁସବୁ ଶକ୍ତିର କାର୍ଯ୍ୟକାରୀ ହେବା ଅଭିବ୍ୟକ୍ତ ହୋଇ ନରହିଛି, ବିଜ୍ଞାନ ସେହିଗୁଡ଼ିକୁ ଉନ୍ମୁକ୍ତ କରି ଦେବାରେ ଆପଣାର ଲବ୍ଧ ଜ୍ଞାନକୁ ଆଣି କାର୍ଯ୍ୟରେ ଲଗାଏ । ପ୍ରକୃତିର ଗୂଢ଼ ଶକ୍ତି ଓ ପ୍ରକ୍ରିୟାଗୁଡ଼ିକୁ ସଂଗଠିତ କରି ମନୁଷ୍ୟର ସେବାରେ ସେଗୁଡ଼ିକର ପ୍ରୟୋଗ କରେ । ଏସବୁକୁ ଆମେ ଜଡ଼ଭୂମିଗତ କେତେ କୁହୁକର ଏକ ବିଶାଳ ବିଦ୍ୟା ବୋଲି କହିପାରିବା । କାରଣ, ସତ୍ତ୍ୱାର ନିଗୂଢ଼ ସତ୍ୟ ଏବଂ ପ୍ରକୃତିର ନିଗୂଢ଼ ଶକ୍ତି ଓ ପ୍ରକ୍ରିୟାଗୁଡ଼ିକୁ ଜାଣି ସେଗୁଡ଼ିକୁ କାମରେ ଲଗାଇବା ବ୍ୟତୀତ ଆଉ ଅନ୍ୟ କୁହୁକ କେଉଁଠାରେ କ'ଣ ଥାଇପାରେ ? ହୁଏତ ଏପରି ବି ଆମର ଅନୁଭବକୁ ଆସିପାରେ ଯେ ଜଡ଼ର ପୂର୍ଣ୍ଣ ଜ୍ଞାନ ହାସଲ କରିବାକୁ ଏକ ଜଡ଼ାତୀତ



'oaob.nitrkl.ac.in' images reprocessed

ଜ୍ଞାନର ମଧ୍ୟ ଆବଶ୍ୟକତା ରହିଛି, କାରଣ ଜଡ଼ପ୍ରକୃତିର ପ୍ରକ୍ରିୟାବଳୀ ପଛରେ ଏକ ଜଡ଼ାତୀତ ତତ୍ତ୍ୱର ଦିଗ ମଧ୍ୟ ପ୍ରଚ୍ଛନ୍ନ ହୋଇ ରହିଛି; ଏକ ମନୋଗତ, ପ୍ରାଣଗତ ବା ଆଧ୍ୟାତ୍ମିକ ଶକ୍ତିମାନ୍ ପ୍ରଚ୍ଛନ୍ନ ହୋଇ ରହିଛି ଯାହାକି ଜ୍ଞାନର ଅନ୍ୟ କୌଣସି ସାଧନ ପାଖରେ ଆଦୌ ଧରା ଦେଉ ନାହିଁ ।

ବିଷୟଗତ ଜଡ଼ଭୂମିର ବାସ୍ତବସତ୍ୟହିଁ ମୂଳ ସତ୍ୟ ଓ ଏକମାତ୍ର ସତ୍ୟ ବୋଲି ଜିଦ୍ ଧରି ବସିବାର ପ୍ରକୃତିଟି ଜଡ଼ର ଆଧାରଭୂତ ସତ୍ୟ ଉପରେ ଭିତ୍ତି କରି ଠିଆହୋଇଛି । ମାତ୍ର ଏବେ ଯେଉଁସବୁ ଗବେଷଣା ହେଉଛି, ସେଥିରୁ ସ୍ପଷ୍ଟ ହୋଇ ଗଲାଣି ଯେ ଜଡ଼ ପ୍ରକୃତରେ ସର୍ବମୂଳ ସତ୍ୟ ନୁହେଁ, ଜଡ଼ ହେଉଛି ଶକ୍ତିର ଏକ ସଂରଚନା ମାତ୍ର । ସବୁରି ମୂଳରେ ଏକ ପ୍ରଚ୍ଛନ୍ନ ମନ ବା ଚେତନା ବିଧାୟକ ହୋଇ ରହିଛି, ଏବଂ ତାହାରି ସାମର୍ଥ୍ୟର ଏକ ଗତିରୂପରୂପେ ଶକ୍ତି ଅବସ୍ଥିତ ରହିଛି ଏବଂ ତାହାରି ନାନା ସୂତ୍ରରୂପେ ସେହି ଶକ୍ତିର ପ୍ରକ୍ରିୟା ଓ ଗଠନପର୍ଯ୍ୟାୟଗୁଡ଼ିକ କାର୍ଯ୍ୟ କରିବାରେ ଲାଗିଛି : ଏପରି କହିବା ବ୍ୟତୀତ ସେହି ଶକ୍ତିର କାର୍ଯ୍ୟ ଓ ବିସୃଷ୍ଟିଗୁଡ଼ିକର ଆଉ କୌଣସି ବ୍ୟାଖ୍ୟା କେତେଦୂର ଦିଆଯାଇ ପାରିବ, କ୍ରମେ ସେଥିରେ ମଧ୍ୟ ସମସ୍ତେ ସନ୍ଦେହ ପ୍ରକାଶ କରୁଛନ୍ତି । ତେଣୁ ଜଡ଼କୁହିଁ ଏକମାତ୍ର ସତ୍ୟରୂପ ବୋଲି ମାନିନେବାଟା ଆଉ ସମ୍ଭବ ହୋଇପାରିବ ନାହିଁ । ବିଶ୍ୱମୟ ସତ୍ତାର କେବଳ ଗୋଟିଏ ଗତିରୂପ ଉପରେ ଆପଣାର ସକଳ ଦୃଷ୍ଟିକୁ ଆବଦ୍ଧ କରି ରଖିବା, ଅନ୍ୟ ଯାବତୀୟ ଦିଗକୁ ହେଳା କରି କେବଳ ଗୋଟିଏ ଦିଗର ଅଭିନିବେଶରେ ଆପଣାକୁ ବାନ୍ଧିରଖିବା ଫଳରେହିଁ ଅସ୍ତିତ୍ୱର ଜଡ଼ବାଦୀ ବା ଜଡ଼ସର୍ବସ୍ୱ ବ୍ୟାଖ୍ୟାଟି ଆମର ସ୍ଥିତରେ ପରିଣତ ହୋଇଯାଇଛି । ଏଭଳି ଏକ ଐକାନ୍ତିକ ଅଭିନିବିଷ୍ଟତାର ନିଶ୍ଚୟ ଏକ ଆବଶ୍ୟକତା ରହିଛି ଏବଂ ସେଥିଲାଗି ଏହି ସ୍ଥିତିଟିକୁ ସ୍ୱୀକାର କରିନେବାରେ ଆଦୌ କୌଣସି ଆପତ୍ତି ଉଠୁ ନାହିଁ । ଆଧୁନିକ ଯୁଗରେ ଆପଣାକୁ ସିଦ୍ଧ କରିଥିବା ଜଡ଼ବିଜ୍ଞାନର ଅଗଣିତ ସୂକ୍ଷ୍ମ ଓ ସୁଦୂରପ୍ରସାରୀ ଉଦ୍ଭାବନମାନ ସେହି ଗତି ବା ପଦ୍ଧତିଟିର ଔଚିତ୍ୟକୁ ପ୍ରମାଣ କରିଦେଇ ସାରିଛି । ମାତ୍ର କୌଣସି ଏକଦର୍ଶୀ ଓ ଏକାଭିନିବେଶୀ ଜ୍ଞାନକୁ ଭିତ୍ତି କରି ଆମ ଜୀବନାସ୍ତିତ୍ୱର ସମୁଦାୟ ସମସ୍ୟାଟିର କୌଣସି ସମାଧାନ ମିଳିବ ନାହିଁ । ଏଥିଲାଗି କେବଳ ଜଡ଼ର ଯଥାର୍ଥ ରୂପ ଓ ପ୍ରକ୍ରିୟାଗୁଡ଼ିକୁ ଜାଣିଲେ ଯଥେଷ୍ଟ ହେବ ନାହିଁ; ମାତ୍ର ମନ ଓ ପ୍ରାଣର ସ୍ୱରୂପକୁ ମଧ୍ୟ ଜାଣିବାକୁ ହେବ, ସେଗୁଡ଼ିକର ପ୍ରକ୍ରିୟାଗୁଡ଼ିକୁ ଜାଣିବାକୁ ହେବ; ଏବଂ ତା' ସହିତ ଚିତ୍‌ସତ୍ତା ଓ ଆତ୍ମାକୁ ମଧ୍ୟ ଜାଣିବାକୁ ପଡ଼ିବ ଏବଂ ଏହି ଉପରିସ୍ଥ ଜଡ଼ଭୂମିଟିର ପଛରେ ଯେଉଁଠି ଯାହାକିଛି ରହିଛି, ସେଗୁଡ଼ିକର ପରିଚୟ ଲାଭ କରିବାକୁ ହେବ । ସେତେବେଳେ ଯାଇ ସମସ୍ୟାଟିର ଏକ ସମାଧାନରେ ପହଞ୍ଚି ପାରିବାଭଳି ଏକ ପୂର୍ଣ୍ଣ ଓ ସମଗ୍ର ଜ୍ଞାନ ଲାଭ କରିବା ସମ୍ଭବ ହୋଇପାରିବ । ଠିକ୍ ସେହି କାରଣରୁହିଁ

'oaob.nitrkl.ac.in' images reprocessed

ଅସ୍ତିତ୍ୱ ବିଷୟରେ ଯେଉଁସବୁ ମତବାଦ ଐକାନ୍ତିକ ଭାବେ କେବଳ ମନ ବା କେବଳ ପ୍ରାଣକୁହିଁ ସର୍ବବିଧାୟକ ମୂଳ ବୋଲି ମାନିନିଅନ୍ତି ଏବଂ ମନ କିମ୍ବା ପ୍ରାଣକୁହିଁ ଏକମାତ୍ର ମୂଳସତ୍ୟ ବୋଲି ବିଚାର କରନ୍ତି, ସେଗୁଡ଼ିକୁ ବି ଯଥାର୍ଥ ବୋଲି ଗ୍ରହଣ କରିନେବାକୁ ଏକ ଯଥେଷ୍ଟ ପ୍ରଶସ୍ତ ଭୂମି ଆଦୌ ମିଳିପାରେ ନାହିଁ । ମନ ବା ପ୍ରାଣ ଉପରେ ଏକାଗ୍ରନିବିଷ୍ଟ ରହି କେବଳ ତାହାରି ଆଲୋଚନା ଓ ସନ୍ଧାନ ମଧ୍ୟରେ ନିଜକୁ ଆବଦ୍ଧ ରଖିଲେ ହୁଏତ ଆମେ ଏହିସବୁ କ୍ଷେତ୍ରକୁ ବଡ଼ ଫଳପ୍ରଦ ଭାବରେ ତନ୍ନତନ୍ନ କରି ପରୀକ୍ଷା କରି ଦେଖିପାରିବା ଏବଂ ଏହାଦ୍ୱାରା ମନ ଓ ପ୍ରାଣର ପ୍ରକୃତି ଉପରେ ଅନେକ ଆଲୋକପାତ ସମ୍ଭବ ହେବ, ମାତ୍ର ଏଥିରୁ ଆମକୁ ସମସ୍ୟାଟିର କୌଣସି ପୂର୍ଣ୍ଣ ସମାଧାନ ମିଳିପାରିବ ନାହିଁ । ହୁଏତ ଏକଥା ବି ବେଶ୍ ସମ୍ଭବ ହୋଇପାରେ ଯେ ଯଦି ଆମେ ଅଧିଚେତନ ସତ୍ତାଟି ଉପରେ ଏକାଗ୍ରନିବିଷ୍ଟ ହୋଇ ରହିବା ଓ ତାହାକୁହିଁ ସର୍ବପ୍ରଧାନ ବୋଲି ଦେଖିବା, ଯଦି ଉପରିଭାଗସ୍ଥ ଏହି ବାହ୍ୟରଙ୍ଗ ଅସ୍ତିତ୍ୱକୁ ଏହାର ଏକମାତ୍ର ସତ୍ୟଟିକୁ ପରିପ୍ରକାଶିତ କରିବାର ଚେଷ୍ଟା କରୁଥିବା କେବଳ କେତେଗୁଡ଼ିଏ ପ୍ରସ୍ତାକର ଏକ ଗଠନ ବୋଲି କହିବା, ତେବେ ତଦ୍ୱାରା ହୁଏତ ଅଧିଚେତନ ଓ ତାହାର ପ୍ରକ୍ରିୟାଗୁଡ଼ିକ ଉପରେ ଏକ ଶକ୍ତିଶାଳୀ ଆଲୋକପାତ ବେଶ୍ ସମ୍ଭବ ହେବ ଏବଂ ତଦ୍ୱାରା ମନୁଷ୍ୟର ଶକ୍ତି ବହୁଗୁଣିତ ଓ ବହୁପ୍ରସାରିତ ହୋଇପାରିବ, ମାତ୍ର କେବଳ ସେତିକିଦ୍ୱାରା କୌଣସି ପୂର୍ଣ୍ଣ ସମାଧାନ ସମ୍ଭବ ହେବ ନାହିଁ ବା ସତ୍ୟର ପୂର୍ଣ୍ଣ ଜ୍ଞାନରେ ଉପନୀତ ହେବାଲାଗି ତାହା ଆମର ପଥପ୍ରଦର୍ଶକ ବି ହୋଇପାରିବ ନାହିଁ । ଆମ ଦୃଷ୍ଟିରେ ଆମେ ପରମ ଚିତ୍‌ସତ୍ତା ବା ଆତ୍ମାକୁହିଁ ସକଳ ଅସ୍ତିତ୍ୱର ସର୍ବମୂଳ ସତ୍ୟରୂପେ ଗ୍ରହଣ କରିଛୁ । ମାତ୍ର ଯଦି ଆମେ କେବଳ ଏହି ମୂଳ ସତ୍ୟଟି ଉପରେ ଏକାଗ୍ରନିବିଷ୍ଟ ହୋଇ ରହିବା ଏବଂ ମନ, ପ୍ରାଣ ଓ ଜଡ଼କୁ ଆତ୍ମା ଉପରେ ଆଣି ଲଦି ଦିଆଯାଇଥିବା କେବଳ ଏକ ଅଧ୍ୟାରୋପ ଅଥବା ପରମ ଚିତ୍‌ସତ୍ତା ଦ୍ୱାରା ପରିପାତ ହେଉଥିବା କେବଳ ବସ୍ତୁସାରଶୂନ୍ୟ ଗୁଡ଼ାଏ ଛାଇ ବୋଲି ଧରିନେଇ ସେଗୁଡ଼ିକର ଯାବତୀୟ ସତ୍ୟକୁ ଅସ୍ୱୀକାର କରି ବସିବା, ତେବେ ତଦ୍ୱାରା ଏକ ସ୍ୱତନ୍ତ୍ର ତଥା ମୌଳିକ ଆଧ୍ୟାତ୍ମିକ ଉପଲବ୍ଧି ଲାଗି ହୁଏତ ବେଶ୍ ସାହାଯ୍ୟ ମିଳିବ, ମାତ୍ର ବିଶ୍ୱଗତ ତଥା ବ୍ୟକ୍ତିଗତ ଅସ୍ତିତ୍ୱର ସତ୍ୟଟି ବିଷୟରେ ଏକ ସମ୍ୟକ୍ ଓ ଯଥାର୍ଥ ସମାଧାନ ପାଇବାରେ ତାହା ଆମକୁ କୌଣସି ସାହାଯ୍ୟ କରିବ ନାହିଁ ।

ଅସ୍ତିତ୍ୱ କହିଲେ ପ୍ରକୃତରେ ଏହାର ଯେତେଯେତେ ଦିଗକୁ ବୁଝାଇବା ଉଚିତ, ଏକ ପୂର୍ଣ୍ଣ ଜ୍ଞାନ ସେହି ସକଳ ଦିଗର ସତ୍ୟକୁ ଅବଶ୍ୟ ସ୍ପର୍ଶ କରୁଥିବ; ସେଗୁଡ଼ିକର ଜ୍ଞାନକୁ ତାହା ପୃଥକ୍ ପୃଥକ୍ ଭାବରେ ଧରିରଖି ପାରୁଥିବ, ଏବଂ ସମସ୍ତଟି ସହିତ ପ୍ରତ୍ୟେକର ଯେଉଁ ସମ୍ବନ୍ଧ ରହିଛି ଓ ପରମ ଚିତ୍‌ସତ୍ତାର ସତ୍ୟ ସହିତ

'oaob.nitrkl.ac.in' images reprocessed

ସମସ୍ତଟିର ଯେଉଁ ସମ୍ବନ୍ଧ ରହିଛି, ସେସବୁର ଜ୍ଞାନକୁ ମଧ୍ୟ ଧାରଣ କରି ରହିଥିବ । ଆମର ବର୍ତ୍ତମାନ ସ୍ଥିତି ଏକ ଅବିଦ୍ୟାର ସ୍ଥିତି ଏବଂ ଏହି ସ୍ଥିତିଟିରେ ଏକାବେଳକେ ଅନେକଆଡ଼େ ଅନ୍ୱେଷଣ ଲାଗି ରହିଛି, ଏକ ଅନେକମୁଖୀ ଜ୍ଞାନପିପାସା ବଳବତ୍ତର ରହିଛି । ମନୁଷ୍ୟ ସବୁକିଛିର ସତ୍ୟକୁ ଖୋଜିବାରେ ଲାଗିଛି ଓ ଜାଣିବାକୁ ଚାହୁଁଛି; ଏଥିଲାଗି ଆମେ ଦେଖିପାରୁଛୁ ଯେ ଯେଉଁ ମୂଳ ସତ୍ୟଟି ଏହି ବିଶ୍ୱର ଅନ୍ୟ ସକଳ ସତ୍ୟର ବ୍ୟାଖ୍ୟା କରିଦେଇ ପାରିବ, ଅର୍ଥାତ୍ ଯାହା ସକଳ ସତ୍ୟର ଆଧାର ହୋଇ ରହିଛି, ମନୁଷ୍ୟର ମନ କେତେ ଅଦମ୍ୟ ଭାବରେ ଓ କେତେ ବିଚିତ୍ର ପ୍ରକାରେ ସେହି ସତ୍ୟଟିର କେତେ କଳ୍ପନା କରିବାରେ ଲାଗିଛି; ମାତ୍ର ବସ୍ତୁତତ୍ତ୍ୱର ମୂଳଗତ ସତ୍ୟଟି ସହିତ ସେତିକିବେଳେ ପରିଚୟ ହୋଇପାରିବ, ଯେତେବେଳେ କି ସେ ଏକାଧାରରେ ସର୍ବମୂଳ ଓ ସର୍ବବିଧାୟକ ଅନାଦି ସତ୍ୟଟିର ଆବିଷ୍କାର କରିବାକୁ ସମର୍ଥ ହେବ । ଥରେ ସେହି ସତ୍ୟଟିର ଆବିଷ୍କାର କରିପାରିଲେ ତାହାରି ଭିତରେ ଅନ୍ୟ ସକଳ ସତ୍ୟର ପରିଚୟ ଘଟିବ ଓ ବ୍ୟାଖ୍ୟା ମିଳିଯିବ । କାରଣ, 'ତାହାକୁହିଁ ଜାଣିଲେ ସବୁକିଛି ଜାଣିବା ସମ୍ଭବ ହେବ ।' (ଯସ୍ମିନ୍ ବିଜ୍ଞାତେ ସର୍ବମିଦଂ ବିଜ୍ଞାତଂ ଭବତି ।) ସର୍ବମୂଳ ପରମସତ୍ୟହିଁ ସକଳ ଅସ୍ତିତ୍ୱର ସତ୍ୟ ହୋଇପାରିବା ଉଚିତ ଓ ତାହାକୁ ଆପଣା ଭିତରେ ଧାରଣ କରିପାରିବା ଉଚିତ । ତାହା ବ୍ୟକ୍ତିର, ବିଶ୍ୱର ତଥା ବିଶ୍ୱାତୀତ ଯାବତୀୟ ସମ୍ପଦର ସତ୍ୟ ହୋଇପାରିବା ଉଚିତ ଓ ସେଗୁଡ଼ିକୁ ଆପଣା ଭିତରେ ଧାରଣ କରିପାରିବା ଉଚିତ । ମନ ଏହିଭଳି ଏକ ସତ୍ୟର ଅନ୍ୱେଷଣରେ ବାହାରିଛି, ଜଡ଼ଠାରୁ ଆରମ୍ଭ କରି ଉଚ୍ଚତମ ଭୂମି ପର୍ଯ୍ୟନ୍ତ ଯେତେ ଯାହା ଅବସ୍ଥିତ ରହିଛି, ମନ ତାହାକୁ ପରୀକ୍ଷା କରିବାରେ ଲାଗିଛି ଏବଂ ତାହା ହୁଏତ କାଳେ ସେହି ପରମତତ୍ତ୍ୱହିଁ ହୋଇଥିବ ସେକଥା ଦେଖିବାକୁ ଚେଷ୍ଟାକରୁଛି । ମନର ଏହି ସନ୍ଧାନମାର୍ଗକୁ ଆମେ ଭୁଲ୍ ଦୃଷ୍ଟି ବା ବୋଧଦ୍ୱାରା ପରିଚାଳିତ ବୋଲି ଆଦୌ କହିପାରିବା ନାହିଁ । ଏହି ଅନୁସନ୍ଧାନକୁ ତାହାର ଶେଷ ସୋପାନ ପର୍ଯ୍ୟନ୍ତ ନେବାକୁ ପଡ଼ିବ ଏବଂ ଅନୁଭୂତିର ଉଚ୍ଚତମ ଓ ଚରମ ସୋପାନ-ଗୁଡ଼ିକୁ ମଧ୍ୟ ପରୀକ୍ଷା କରି ଦେଖିବାକୁ ହେବ, ଏହି କ୍ଷେତ୍ରରେ କେବଳ ଏତିକି ଆବଶ୍ୟକତାହିଁ ରହିଛି ।

ମାତ୍ର ଅବିଦ୍ୟାରୁ ଯାତ୍ରା ଆରମ୍ଭ କରି ଆମେ ବିଦ୍ୟା ଆଡ଼କୁ ଅଗ୍ରସର ହେଉଥିବାରୁ ଆମକୁ ପ୍ରଥମେ ଅବିଦ୍ୟାର ଗୋପନ ପ୍ରକୃତି ଏବଂ ସମ୍ପୂର୍ଣ୍ଣ ପରିସରଟିର ଆବିଷ୍କାର କରିବାକୁ ପଡ଼ିବ । ଦେଶ ଓ କାଳର ଅଧୀନ ହୋଇ ରହିଥିବା ଏକ ଜଡ଼ଜଗତରେ ପରସ୍ପରଠାରୁ ପୃଥକ୍ ହୋଇ ଭେଦ ମଧ୍ୟରେହିଁ ରହିଥିବାରୁ ଆମକୁ ସାଧାରଣତଃ ଯେଉଁ ଅବିଦ୍ୟା ଭିତରେ ବାସ କରିବାକୁ ପଡ଼ୁଛି, ସେହି ଅବିଦ୍ୟା ବିଷୟରେ ଯଦି ଆମେ ବିଚାର କରିବସିବା, ତେବେ ଯେକୌଣସି ଦିଗରୁ ତାହାର

'oaob.nitrkl.ac.in' images reprocessed

ବିସ୍ତୃର କରି ବାହାରିଲେ ମଧ୍ୟ ଆମେ ଅବଶ୍ୟ ଦେଖିବାକୁ ପାଇବା ଯେ ତାହାର ଅନ୍ଧକାରମୟ ଦିଗଟା କେବଳ ଏକ ବହିର୍ମୁଖୀ ଆତ୍ମ-ଅଜ୍ଞାନ ବ୍ୟତୀତ ଆଉ କିଛି ନୁହେଁ । ସକଳ ସତ୍ତା ତଥା ସକଳ ସମ୍ଭୂତିର ଉତ୍ସସ୍ୱରୂପ ସେହି ପରମ ନିର୍ବିଶେଷଙ୍କ ବିଷୟରେ ଆମେ ଅବିଦ୍ୟାଚ୍ଛନ୍ନ ହୋଇ ରହିଛୁ; ସତ୍ତାଗତ କେତେକ ଆଂଶିକ ସତ୍ୟ ଓ ସମ୍ଭୂତିଗତ କେତେକ କାଳଗତ ସମ୍ବନ୍ଧକୁହିଁ ଆମେ ଜଗଦସ୍ତିତ୍ୱର ସମୁଦାୟ ସତ୍ୟ ବୋଲି ଭ୍ରମ କରିବାରେ ଲାଗିଛୁ । ସେଇଟି ହେଉଛି ଆମର ପ୍ରଥମ ଅବିଦ୍ୟା, ଆମର ସର୍ବମୂଳ ଅବିଦ୍ୟା । ଦେଶକାଳାତୀତ, ଅବିଚଳ ଓ ପରିବର୍ତ୍ତନରହିତ ପରମ ଆତ୍ମାଙ୍କ ସମ୍ବନ୍ଧରେ ଆମେ ଅବିଦ୍ୟାଗ୍ରସ୍ତ ହୋଇ ରହିଛୁ । ଦେଶ ଓ କାଳର ସୀମା ଭିତରେ ଲାଗି ରହିଥିବା ବିଶ୍ୱମୟ ସମ୍ଭୂତିର ଏହି ଅବିରାମ ଗତି ଓ ପରିବର୍ତ୍ତନକୁହିଁ ଆମେ ଅସ୍ତିତ୍ୱର ସମୁଦାୟ ସତ୍ୟ ବୋଲି ଭ୍ରମ କରୁଛୁ । ସେଇଟି ହେଉଛି ଆମର ଦ୍ୱିତୀୟ ଅବିଦ୍ୟା, ଆମର ବିଶ୍ୱଗତ ଅବିଦ୍ୟା । ଆମେ ଆପଣାର ବିଶ୍ୱଗତ ଆତ୍ମା ବିଷୟରେ ଅବିଦ୍ୟାଜଡ଼ିତ ହୋଇ ରହିଛୁ; ବିଶ୍ୱସତ୍ତା, ବିଶ୍ୱଚେତନା ଓ ଯାବତୀୟ ସତ୍ତା ତଥା ସମ୍ଭୂତି ସହିତ ଆମର ଅନନ୍ତ ଏକତ୍ୱ ବିଷୟରେ ଅବିଦ୍ୟାଜଡ଼ିତ ହୋଇ ରହିଛୁ । ଆପଣାର ଅତିସୀମାବଦ୍ଧ ଅହଂବୋଧ ମନୋଭୂମି, ପ୍ରାଣଭୂମି ଓ ଶରୀରଭୂମିଟାକୁହିଁ ଆମେ ଆମର ଯଥାର୍ଥ ଆତ୍ମା ବୋଲି ଭ୍ରମ କରୁଛୁ ଏବଂ ତାହାର ବାହାରେ ରହିଥିବା ଆଉ ସକଳ ବିଷୟକୁ ଅନାତ୍ମା ବୋଲି ବିଚାରୁଛୁ । ଏଇଟି ହେଉଛି ଆମର ତୃତୀୟ ଅବିଦ୍ୟା, ଆମର ଅହଂବୋଧଗତ ଅବିଦ୍ୟା । କାଳର ଭୂମି ଉପରେ ଲାଗିରହିଥିବା ଆମର ଶାଶ୍ୱତ ସମ୍ଭୂତି ବିଷୟରେ ଆମେ ଅଜ୍ଞାନାଚ୍ଛନ୍ନ ହୋଇ ରହିଛୁ । କାଳ ଓ ଦେଶର ଏକ ଅତିକ୍ଷୁଦ୍ର ଆୟତନ ଭିତରେ ଆତଯାତ ହେଉଥିବା ଆମର ଏହି କ୍ଷୁଦ୍ର ଜୀବନଟିକୁହିଁ ଆମେ ଆପଣାର ଆଦି, ମଧ୍ୟ ଓ ଅନ୍ତ ବୋଲି ଭ୍ରମ କରି ପକାଉଛୁ । ସେଇଟି ହେଲା ଚତୁର୍ଥ ଅବିଦ୍ୟା, ଆମର କାଳଗତ ଅବିଦ୍ୟା । କାଳଗତ ଆମର ଏହି ଅତିକ୍ଷଣସ୍ଥାୟୀ ସମ୍ଭୂତି ଭିତରେ ମଧ୍ୟ ଆମେ ଆପଣାର ବୃହତ୍ ତଥା ବହୁବିଚିତ୍ର ସତ୍ତାଟି ବିଷୟରେ ଅଜ୍ଞାନ ରହିଛୁ; ଆମ ଭିତରେ ଆମର ବହିସ୍ତର ପରିଣତିଟି ଲାଗି ଅତିଚେତନ, ଅବଚେତନ, ଅନ୍ତର୍ଚେତନ ଏବଂ ପରିଚେତନ ହୋଇ ରହିଥିବା ଅଂଶଗୁଡ଼ିକ ବିଷୟରେ ଅଜ୍ଞାନ ରହିଛୁ । ସେହି ବହିସ୍ତର ପରିଣତିର ଭୂମି ଉପରେ ପ୍ରକାଶ୍ୟଭାବେ ମନର ଦର୍ପଣ ଉପରେ ଉକୁଟି ପାରୁଥିବା ମାତ୍ର ଅଳ୍ପକେତୋଟି ଅନୁଭୂତିକୁହିଁ ଆମେ ଆମର ସମୁଦାୟ ଅସ୍ତିତ୍ୱ ବୋଲି ଭ୍ରମ କରୁଛୁ । ଏଇଟି ହେଲା ପଞ୍ଚମ ଅବିଦ୍ୟା, ଆମର ମନୋଭୂମିଗତ ଅବିଦ୍ୟା । ଆମର ଏହି ପରିଣତିକ୍ରମଟି ଯେଉଁସବୁ ଉପାଦାନକୁ ନେଇ ଗଠିତ ହୋଇଛି, ସେବିଷୟରେ ଆମେ ଅଜ୍ଞାନ ଭିତରେ ବୁଡ଼ିରହିଛୁ । କେବଳ ମନ, ପ୍ରାଣ ବା ଶରୀରକୁ କିମ୍ବା ଏହି ତିନୋଟି ମଧ୍ୟରୁ ଯେକୌଣସି ଦୁଇଟିକୁ ଅଥବା ତିନୋଟିଯାକକୁ ଆମ ଅସ୍ତିତ୍ୱର ଯଥାର୍ଥ ତତ୍ତ୍ୱ

'oaob.nitrkl.ac.in' images reprocessed

ବା ଯଥାର୍ଥ ବିବରଣ ବୋଲି ଭ୍ରମ କରିବାରେ ଲାଗିଛୁ ଏବଂ ସେପରି କରିବାଦ୍ୱାରା ଯାହା ସେହି ଉନୋଟିଯାକକୁ ଧରିରଖିଛି ଓ ସଂଗୁପ୍ତ ଭାବରେ ଅଧିଷ୍ଠିତ ରହି ଯାହା ଉନୋଟିଯାକର ନିୟନ୍ତ୍ରଣ କରୁଛି ତଥା ଆପଣାର ଆବିର୍ଭାବଦ୍ୱାରା ସେଗୁଡ଼ିକର ସକଳ କ୍ରିୟାତ୍ମକତା ଉପରେ ସାର୍ବଭୌମ ବିଧାୟକ ହୋଇ ରହିଛି, ଆମେ ସେଇଟି ବିଷୟରେ ଦୃଷ୍ଟି ହରାଇ ବସୁଛୁ । ସେଇଟି ହେଉଛି ଷଷ୍ଠ ଅବିଦ୍ୟା, ସେଇଟି ଆମର ଗଠନଗତ ଅବିଦ୍ୟା । ଏହିସବୁ ଅବିଦ୍ୟାର ବଶବର୍ତ୍ତୀ ହୋଇ ଆମେ ଏହି ଜଗତରେ ଆମ ଜୀବନର ସତ୍ୟ ଜ୍ଞାନଟିକୁ ହରାଇ ବସୁଛୁ, ତାହାର ଯଥାର୍ଥ ନିୟନ୍ତ୍ରଣ କରିପାରୁ ନାହୁଁ ଓ ତାହାକୁ ଯଥାର୍ଥଭାବେ ଉପଭୋଗ କରିବାଲାଗି ଅସମର୍ଥ ହୋଇ ରହୁଛୁ । ଆମେ ଆପଣାର ଭାବନା, ଇଚ୍ଛା, ଇନ୍ଦ୍ରିୟବୋଧ ଓ କର୍ମଗୁଡ଼ିକ ବିଷୟରେ ସେହି ଅଜ୍ଞାନ ଭିତରେ ମଜ୍ଜି ରହିଛୁ; ନାନା ପ୍ରଶ୍ନ ଓ ଆହ୍ୱାନର ଆକାରରେ ଜଗତର ଯେଉଁ ଅଭିଘାତମାନ ନିତ୍ୟ ଆମପାଖରେ ଆସି ପହଞ୍ଚୁଛି, ଆମେ ପଦେ ପଦେ ସେଗୁଡ଼ିକର କେବଳ ଭୁଲ୍ ଜବାବହିଁ ଦେବାରେ ଲାଗିଛୁ, ନାନା ବିଚ୍ୟୁତି ଓ ବାସନାର ଅଡ଼ୁଆ ଭିତରେ ଭ୍ରମିବୁଲୁଛୁ, କେତେ କେତେ ବ୍ୟଗ୍ରଚେଷ୍ଟା ଓ ବ୍ୟର୍ଥତା, ସୁଖ ଓ ଦୁଃଖ ତଥା ପାପ ଓ ସ୍ଖଳନ ଭିତରେ ଧନ୍ଦିହୋଇ ମରୁଛୁ; ସବୁବେଳେ ଏକ ବନ୍ଧପଥ ଦେଇ ଗତି କରୁଛୁ, ସତତ ବଦଳି ବଦଳି ଯାଉଥିବା କୌଣସି ଏକ ଲକ୍ଷ୍ୟରେ ଯାଇ ପହଞ୍ଚିବା ସକାଶେ ଅନ୍ଧପ୍ରାୟ ଅଣ୍ଡାଳି ହେବାରେ ଲାଗିଛୁ । ସେଇଟି ହେଉଛି ସପ୍ତମ ଅବିଦ୍ୟା, ଆମର ବ୍ୟାବହାରିକ ଅବିଦ୍ୟା ।

ଅବିଦ୍ୟା ସମ୍ବନ୍ଧରେ ରହିଥିବା ଆମର ଧାରଣାଟିହିଁ ଜ୍ଞାନ ବା ବିଦ୍ୟା ସମ୍ବନ୍ଧରେ ଆମର ଧାରଣାଟିକୁ ସର୍ବଦା ନିରୂପିତ କରୁଥିବ ଏବଂ ତେଣୁ ଆମର ଜୀବନ କହିଲେ ସେହି ପରମ ଜ୍ଞାନର ଅସ୍ୱୀକାର କରୁଥିବା ଅଥଚ ତାହାର ଅନ୍ୱେଷଣ କରି ବାହାରିଥିବା ଅବିଦ୍ୟାକୁହିଁ ବୁଝାଉଥିବାରୁ ମନୁଷ୍ୟ ହିସାବରେ ଆମର ଯାବତୀୟ ଚେଷ୍ଟାର ଉଦ୍ଦେଶ୍ୟ ଏବଂ ବିଶ୍ୱଗତ ଯାବତୀୟ କର୍ମପ୍ରୟାସର ଲକ୍ଷ୍ୟଟିକୁ ମଧ୍ୟ କେବଳ ଅବିଦ୍ୟା ସମ୍ବନ୍ଧରେ ଆମର ଧାରଣାହିଁ ନିରୂପିତ କରୁଥିବ । ଆମର ଅବିଦ୍ୟା ପ୍ରକୃତରେ କ'ଣସବୁ ହରାଇବାରେ ଓ କ'ଣସବୁ ଏଡ଼ିବାରେ ଲାଗିଛି, ତାହାର ଆବିଷ୍କାର ଦ୍ୱାରା ଉପରେ ଆଲୋଚିତ ସପ୍ତବିଧ ଅବିଦ୍ୟାର ନିରାକରଣ ସାଧନ କରିପାରିଲେ ଅର୍ଥାତ୍ ଆମର ଚେତନା ଭିତରେ ଏକ ସପ୍ତବିଧ ଆତ୍ମ-ଉଦ୍‌ଘାଟନ ସଂଘଟିତ କରାଇପାରିଲେ ଯାଇ ଆମେ ପୂର୍ଣ୍ଣ ଜ୍ଞାନର ଅଧିକାର ଲାଭ କରିପାରିବା । ଏହା ସକଳ ବସ୍ତୁର ମୂଳଧାତା ସେହି ପରମ ନିର୍ବିଶେଷଙ୍କର ଜ୍ଞାନ ଲାଭ କରିବାକୁ ବୁଝାଇବ; ପରମ ଆତ୍ମା, ତତ୍ତ୍ୱସତ୍ତା ଓ ପରମ ସତ୍ତାର ଜ୍ଞାନକୁ ବୁଝାଇବ, ଏହି ବିଶ୍ୱଜଗତକୁ ପରମ-ଆତ୍ମାଙ୍କର ସମ୍ଭୂତରୂପ ବୋଲି ବୁଝାଇବ, ପରମ ସତ୍ତାର ସମ୍ଭୂତି ବା ପରମ ତତ୍ତ୍ୱପୁରୁଷଙ୍କର ଏକ

'oaob.nitrkl.ac.in' images reprocessed

ରୂପାନ୍ତର ବୋଲି ବୁଝାଇବ । ସେତେବେଳେ ଜଗତ କହିଲେ ଆମେ ଆମ ଯଥାର୍ଥ ଆତ୍ମସତ୍ତାର ଚେତନ ମଧ୍ୟରେ ଆମ ସହିତ ଏକାତ୍ମ ଓ ଅଭିନ୍ନ ହୋଇ ରହିଥିବା ଏକ ଜଗତକୁ ବୁଝିବା । ତେଣୁ ବର୍ତ୍ତମାନର ଭେଦଜ୍ଞାନଦ୍ୱାରା ଓ ଅହଂଗତ ଜୀବନଦ୍ୱାରା ଆମେ ଯେପରି ସେହି ଜଗତଠାରୁ ବିଚ୍ଛିନ୍ନ ହୋଇ ରହିଯାଉଛୁ, ସେତେବେଳେ ଆଉ ସେପରି ହେବ ନାହିଁ । ଆମର ଚୈତ୍ୟସତ୍ତାକୁ ସେତେବେଳେ ଆମେ ମୃତ୍ୟୁ ଓ ଇହଗତ ଅସ୍ତିତ୍ୱକୁ ଅତିକ୍ରମ କରି ରହିଥିବା କାଳାଧିଷ୍ଠିତ ଏକ ମୃତ୍ୟୁହୀନ ଅବିଚ୍ଛିନ୍ନତା ବୋଲି ଜାଣିବା । ଏହି ଉପରିଭାଗର ପଛରେ ରହିଥିବା ଆମର ବୃହତ୍ତର ଓ ଅନ୍ତରତର ଅସ୍ତିତ୍ୱର ପରିଚୟ ଲାଭ କରିବା । ଆପଣାର ମନ, ପ୍ରାଣ ଓ ଦେହକୁ ଆମେ ଅନ୍ତରସ୍ଥ ଆତ୍ମସତ୍ତା ଏବଂ ସେଗୁଡ଼ିକର ଊର୍ଦ୍ଧ୍ୱଦେଶରେ ଅବସ୍ଥିତ ରହିଥିବା ଅତିଚେତନ, ଆଧ୍ୟାତ୍ମିକ ଓ ଅତିମାନସ ସତ୍ତା ସହିତ ତାହାର ଯଥାର୍ଥ ସମ୍ବନ୍ଧଟି ଦେଇ ଜାଣିବାକୁ ପାଇବା । ଏବଂ ପରିଶେଷରେ, ଆମେ ଯଥାର୍ଥ ସୌଷମ୍ୟଟିର ଜ୍ଞାନ ଲାଭ କରିବା, ଏବଂ ଆମର ଭାବନା, ଇଚ୍ଛାଶକ୍ତି ଓ କ୍ରିୟାବଳୀକୁ ଯଥାର୍ଥ ଭାବରେ ବ୍ୟବହାର କରି ଜାଣିବା । ଆମର ସକଳ ପ୍ରକୃତିରେ ଏକ ରୂପାନ୍ତର ଘଟିବ ଏବଂ ତାହା ପରମ ଚିତ୍‌ସତ୍ତା, ପରମ ଆତ୍ମା, ଦିବ୍ୟତା ଓ ପୂର୍ଣ୍ଣ ଆଧ୍ୟାତ୍ମିକ ପରମସତ୍ୟରୂପେ ସଚେତନ ଭାବରେ ଅଭିବ୍ୟକ୍ତ ହୋଇଉଠିବ ।

ମାତ୍ର ଏହି ଜ୍ଞାନକୁ ଆମେ ଏକ ବୁଦ୍ଧିଲବ୍ଧ ଜ୍ଞାନ ବୋଲି ଭ୍ରମ କରିବା ନାହିଁ, ଯାହାକୁ କି ଆମେ ଆମ ଚେତନାର ବର୍ତ୍ତମାନ ଗ୍ରନ୍ଥିଟି ଭିତରେ ରହି ଶିଖିପାରିବା ଓ ଆୟତ୍ତ କରିପାରିବା । ଏହି ଜ୍ଞାନ ଏକ ନୂତନ ଅନୁଭୂତି ଓ ନୂତନ ପରିଣତିରୂପେ ଆମ ଭିତରେ ଆବିର୍ଭୂତ ହେବ, ଆମର ଚେତନା ଓ ସତ୍ତାକୁ ସମ୍ପୂର୍ଣ୍ଣରୂପେ ବଦଳାଇ ଦେବ । ଏଇଥିରୁହିଁ ପରମ ସମ୍ଭୂତିର ବିବର୍ତ୍ତନଧର୍ମୀ ପ୍ରକୃତିଟି ପ୍ରତିଷ୍ଠିତ ହୋଇଯାଉଛି, ଏବଂ ଆମର ମନୋଗତ ଅବିଦ୍ୟା ଯେ ଆମର ବିବର୍ତ୍ତନକ୍ରମରେ କେବଳ ଏକ ସୋପାନ ମାତ୍ର, ତାହା ସେହି କଥାଟିକୁ ପ୍ରମାଣିତ କରିଦେଉଛି । ତେଣୁ କେବଳ ଆମ ସତ୍ତା ଓ ଆମ ପ୍ରକୃତିର ଏକ ବିବର୍ତ୍ତନଦ୍ୱାରାହିଁ ପୂର୍ଣ୍ଣ ଜ୍ଞାନର ଆବିର୍ଭାବ ହୋଇପାରିବ । ଏବଂ ବିବର୍ତ୍ତନଗତ ରୂପାନ୍ତରର ଅନ୍ୟାନ୍ୟ ଯାବତୀୟ ପର୍ଯ୍ୟାୟ ପରି କାଳଗତ ଏକ ଧୀର ପ୍ରକ୍ରିୟାଦ୍ୱାରାହିଁ ସେହି ଆବିର୍ଭାବ ସମ୍ଭବ ହେବ । ମାତ୍ର ସେହି ଅନୁମାନଟିର ବିପକ୍ଷରେ ଏଠାରେ ଏହି ପ୍ରମାଣଟି ବାଡ଼ି ଦେଇହେବ ଯେ ସେହି ବିବର୍ତ୍ତନ ବର୍ତ୍ତମାନ ଏକ ସଚେତନ ପ୍ରକ୍ରିୟାରେ ପରିଣତ ହୋଇସାରିଲାଣି, ତେଣୁ ପ୍ରକ୍ରିୟାଟି ଅବଚେତନ ହୋଇ ରହିଥିଲାବେଳେ ବିବର୍ତ୍ତନର ପ୍ରକୃତି ଯେପରି ଥିଲା, ବର୍ତ୍ତମାନ ତାହା ଅବିକଳ ସେହିପରି ହେବାଲାଗି ଆଉ କୌଣସି ପ୍ରୟୋଜନ ନାହିଁ । ଚେତନାରେ ଏକ ପରିବର୍ତ୍ତନ ସଂଘଟିତ ହେଲେ ତାହାର ପରିଣାମସ୍ୱରୂପ ପୂର୍ଣ୍ଣଜ୍ଞାନର

'oaob.nitrkl.ac.in' images reprocessed

ଉପଲବ୍ଧି ହେବ; ତେଣୁ ଯେଉଁ ପ୍ରକ୍ରିୟାଟିରେ ଆମର ଇଚ୍ଛାଶକ୍ତି ଓ ଆମର ଉଦ୍ୟମ ଅବଶ୍ୟ ଏକ ଅଂଶ ଗ୍ରହଣ କରିବେ, ଯେଉଁଥିରେ ସେମାନେ ଆପଣାର ସୋପାନ ଓ ପଦ୍ଧତିମାନ ସ୍ୱୟଂ ଆବିଷ୍କାର କରି ସେଗୁଡ଼ିକର ପ୍ରୟୋଗ କରିପାରିବେ, କେବଳ ସେହିଭଳି ଏକ ପ୍ରକ୍ରିୟାଦ୍ୱାରାହିଁ ସେହି ଉପଲବ୍ଧି ସମ୍ଭବ ହେବ । ଏକ ସଚେତନ ଆତ୍ମରୂପାନ୍ତର ଦ୍ୱାରାହିଁ ଆମ ଭିତରେ ସେହି ପୂର୍ଣ୍ଣ ଜ୍ଞାନର ଉନ୍ମେଷ ଓ ବିକାଶ ହେବ । ତେଣୁ ବିବର୍ତ୍ତନର ଏହି ନୂତନ ପ୍ରକ୍ରିୟାଟିରେ ତାହାର ନିର୍ଣ୍ଣାୟକ ତତ୍ତ୍ୱଟି ପ୍ରାୟ କେଉଁ ପ୍ରକାରର ହେବ ଏବଂ ସେଥିରେ ପୂର୍ଣ୍ଣ ଜ୍ଞାନର କିଭଳି ଗତିସ୍ପନ୍ଦନମାନ ଅବଶ୍ୟ ଆବିର୍ଭୂତ ହେବ, ସେଗୁଡ଼ିକର ବିଚାର କରି ଦେଖିବା ବର୍ତ୍ତମାନ ଆବଶ୍ୟକ ହେବ । ଅଥବା, ଅନ୍ୟ ଭାଷାରେ କହିବାକୁ ଗଲେ, ଦିବ୍ୟ ଜୀବନର ଆଧାରରୂପେ କାର୍ଯ୍ୟ କରିବାକୁ ଯାଉଥିବା ଚେତନାଟିର ପ୍ରକୃତି ପ୍ରକୃତରେ କିପରି ହେବ ଏବଂ ସେହି ଜୀବନ କିପରି ଭାବରେ ଗଠିତ ହେବ ବା ଆପଣାର ଗଠନ କରିବ, ବାସ୍ତବରେ ପରିଣତ ହେବ ବା ସିଦ୍ଧ ହେବ ବୋଲି ଆଶା କରିଯାଇ ପାରେ, ବର୍ତ୍ତମାନ ସେହିସବୁ କଥାର ବିଚାର କରି ଦେଖିବା ଆବଶ୍ୟକ ।

'oaob.nitrkl.ac.in' images reprocessed

## ଷୋଡ଼ଶ ପରିଚ୍ଛେଦ

# ପୂର୍ଣ୍ଣ ଜ୍ଞାନ ଓ ଜୀବନର ଉଦ୍ଦେଶ୍ୟ : ଅସ୍ତିତ୍ୱର ଗୂଢ଼ସିଦ୍ଧାନ୍ତ

ଯଦା ସର୍ବେ ପ୍ରମୁଚ୍ୟନ୍ତେ କାମା ଯେଽସ୍ୟ ହୃଦି ଶ୍ରିତାଃ ।
ଅଥ ମର୍ତ୍ତ୍ୟଃ ଅମୃତୋ ଭବତି ଅତ୍ର ବ୍ରହ୍ମ ସମଶ୍ନୁତ···· ॥

—ବୃହଦାରଣ୍ୟକ ଉପନିଷଦ, ୪।୪।୭

ଯେତେବେଳେ ହୃଦୟକୁ ଆଶ୍ରୟ କରି ରହିଥିବା ସକଳ କାମନା ବିମୋଚିତ ହୋଇଯାଆନ୍ତି, ସେତେବେଳେ ମର୍ତ୍ତ୍ୟ ଅମୃତରେ ପରିଣତ ହୁଏ, ଏହି ଇହଲୋକରେ ମଧ୍ୟ ସେ ଶାଶ୍ୱତ ବ୍ରହ୍ମର ଅଧିକାରୀ ହୁଏ ।

ବ୍ରହ୍ମୈବ ସନ୍ ବ୍ରହ୍ମାପ୍ୟେତି ॥

—ବୃହଦାରଣ୍ୟକ ଉପନିଷଦ, ୪।୪।୬

ସେ ବ୍ରହ୍ମରେ ପରିଣତ ହୋଇ ସେହି ବ୍ରହ୍ମରେ ବିଲୀନ ହୋଇଯାଏ ।

ଅଥ ଅୟଂ ଅଶରୀରଃ ଅମୃତଃ ପ୍ରାଣୋ ବ୍ରହ୍ମୈବ ତେଜ ଏବ ॥

—ବୃହଦାରଣ୍ୟକ ଉପନିଷଦ, ୪।୪।୭

ଏହି ଅଶରୀରୀ ଓ ଅମୃତ ପ୍ରାଣ ଓ ତେଜ ହେଉଛି ବ୍ରହ୍ମ ।

ଅଣୁଃ ପନ୍ଥା ବିତତଃ ପୁରାଣୋ ମାଁ ସ୍ପୃଷ୍ଟୋଽନୁବିତ୍ତୋ ମୟୈବ ।
ତେନ ଧୀରା ଅପି ଯନ୍ତି ବ୍ରହ୍ମବିଦଃ ସ୍ୱର୍ଗଂ ଲୋକମିତ ଊର୍ଦ୍ଧ୍ୱଂ ବିମୁକ୍ତାଃ ॥

—ବୃହଦାରଣ୍ୟକ ଉପନିଷଦ, ୪।୪।୮

ସେହି ପୁରାତନ ପଥ ବଡ଼ ଦୀର୍ଘ, ବଡ଼ ଅଣଓସାରିଆ; ମୁଁ ସେହି ପଥକୁ ସ୍ପର୍ଶ କରିଛି, ମୁଁ ତାହାର ସନ୍ଧାନ ପାଇଛି । ଧୀର ଜ୍ଞାନୀ ବ୍ୟକ୍ତିମାନେ ବ୍ରହ୍ମକୁ ଜାଣି ଓ ବିମୁକ୍ତ ହୋଇ ଏଠାରୁ ସେହି ଊର୍ଦ୍ଧ୍ୱଲୋକକୁ ପ୍ରସ୍ଥାନ କରନ୍ତି ।

'oaob.nitrkl.ac.in' images reprocessed

ମାତା ଭୂମିଃ ପୁତ୍ରୋ ଅହଂ ପୃଥିବ୍ୟାଃ ।···
ନିଧିଂ ବିଭ୍ରତୀ ବହୁଧା ଗୁହା ବସୁ ମଣିଂ ହିରଣ୍ୟଂ ପୃଥିବୀ ଦଦାତୁ ମେ ।···
ଯେ ଗ୍ରାମା ଯଦରଣ୍ୟଂ ଯାଃ ସଭା ଅଧି ଭୂମ୍ୟାମ୍ ।
ଯେ ସଂଗ୍ରାମାଃ ସମିତୟସ୍ତେଷୁ ଚାରୁ ବଦେମ ତେ ॥

—ଅଥର୍ବବେଦ, ୧୨ । ୧ । ୧୨, ୪୪, ୫୬

ଭୂମି ହେଉଛି ମୋର ମାଆ, ମୁଁ ଏହି ପୃଥିବୀର ସନ୍ତାନ ।··· ସେହି ପୃଥିବୀ ଆପଣାର ବହୁବିଧ ସମ୍ପଦ ଓ ଗୁପ୍ତ ରହିଥିବା ମଣି ଓ ହିରଣ୍ୟକୁ ମୋ ହାତରେ ଆଣି ଅଜାଡି ଦେଇଯାଉ ! ହେ ପୃଥିବୀ, ତୋର ଗ୍ରାମରେ ଓ ତୋର ଅରଣ୍ୟରେ, ତୋର ସଭାରେ ତଥା ସଂଗ୍ରାମସବୁରେ ତୋର ଯେଉଁ ମାଧୁର୍ଯ୍ୟ ରହିଛି, ଆମେ ତାହାର ବର୍ଣ୍ଣନା କରିବାକୁ ସମର୍ଥ ହେଉ !

ସା ନୋ ଭୂତସ୍ୟ ଭବ୍ୟସ୍ୟ ପତ୍ନୀ ଉରୁଂ ଲୋକଂ ପୃଥିବୀ ନଃ କୃଣୋତୁ ॥···
ଯାର୍ଣ୍ଣବେଽଧି ସଲିଲମଗ୍ର ଆସୀଦ୍ ଯାଂ ମାୟାଭିରନ୍ୱଚରନ୍ ମନୀଷିଣଃ ।
ଯସ୍ୟା ହୃଦୟଂ ପରମେ ବ୍ୟୋମନ୍ ସତ୍ୟେନାବୃତମମୃତଂ ପୃଥିବ୍ୟାଃ ।
ସା ନୋ ଭୂମିସ୍ତ୍ୱିଷିଂ ବଲଂ ରାଷ୍ଟ୍ରେ ଦଧାତୂତ୍ତମେ ॥

—ଅଥର୍ବବେଦ, ୧୨ । ୧ । ୧, ୮

ଭୂତ ଓ ଭବିଷ୍ୟର ଅଧୀଶ୍ୱରୀ ଏହି ପୃଥିବୀ ଆମ ପାଇଁ ଏକ ବିପୁଳ ଜଗତର ନିର୍ମାଣ କରନ୍ତୁ ।···ଯିଏ ପ୍ରଥମେ ସମୁଦ୍ରରେ ଜଳ ହୋଇ ରହିଥିଲେ ଓ ମନୀଷୀମାନେ ଆପଣା ଜ୍ଞାନର ମାୟାରେ ଯାହାର ପଥ ଅନୁସରଣ କରୁଥାନ୍ତି, ପରମ ବ୍ୟୋମଲୋକରେ ଯାହାର ଅମୃତ ହୃଦୟ ସତ୍ୟ ଦ୍ୱାରା ଆବୃତ ହୋଇ ରହିଛି, ସେହି ପୃଥିବୀ ସେହି ଊର୍ଦ୍ଧ୍ୱତମ ରାଜ୍ୟରେ ଆମ ଲାଗି ତେଜ ଓ ବଳର ପ୍ରତିଷ୍ଠା କରନ୍ତୁ ।

ତ୍ୱଂ ତମଗ୍ନେ ଅମୃତତ୍ୱ ଉତ୍ତମେ ମର୍ତ୍ତଂ ଦଧାସି ଶ୍ରବସେ ଦିବେଦିବେ ।
ଯସ୍ତାତୃଷାଣ ଉଭୟାୟ ଜନ୍ମନେ ମୟଃ କୃଣୋଷି ପ୍ରୟ ଆ ଚ ସୂରୟେ ॥

—ଋକ୍‌ବେଦ, ୧ । ୩୧ । ୭

ହେ ଅଗ୍ନି, ତୁମେ ଦିନ ଦିନ ଧରି ଦିବ୍ୟ ଜ୍ଞାନର ଅଭିବୃଦ୍ଧି ଲାଗି ମର୍ତ୍ତ୍ୟକୁ ପରମ ଅମୃତତ୍ୱ ମଧ୍ୟରେ ପ୍ରତିଷ୍ଠିତ କରି ରଖ । ଯେଉଁ ଦ୍ରଷ୍ଟାର ଉଭୟ ଜନ୍ମ ସକାଶେ ତୃଷା ଜାଗ୍ରତ ହୋଇଛି, ତା' ପାଇଁ ତୁମେ ଦିବ୍ୟ ଆନନ୍ଦ ଓ ମାନୁଷୀ ସୁଖର ସୃଷ୍ଟି କର ।

ନଃ··· ଦେବ ! ଋତଂ ଚ ରାସ୍ୱାଦିତମୁରୁଷ୍ୟ ॥

—ଋକ୍‌ବେଦ, ୪ । ୨ । ୧୧

'oaob.nitrkl.ac.in' images reprocessed

ହେ ଦେବ, ତୁମେ ଆମ ଲାଗି ଅନନ୍ତର ରକ୍ଷା କର ଏବଂ ଅନନ୍ତବିଶିଷ୍ଟକୁ ଅକୃପଣ ଭାବରେ ଅଜାଡ଼ି ଦେଇଯାଅ ।

ମାତ୍ର ଚେତନାର ବିବର୍ତ୍ତନାତ୍ମକ ଆରୋହଣର ତତ୍ତ୍ୱ ଓ ପ୍ରକ୍ରିୟାଗୁଡ଼ିକୁ ପରୀକ୍ଷା କରି ଦେଖିବା ପୂର୍ବରୁ ପରମ ସତ୍ତାର ଓ ତାହାର ଅଭିବ୍ୟକ୍ତିର ମୌଳିକ ସତ୍ୟ ହିସାବରେ ପୂର୍ଣ୍ଣ ଜ୍ଞାନ ସମ୍ବନ୍ଧୀୟ ଆମର ସିଦ୍ଧାନ୍ତଟି କ'ଣସବୁ ଘୋଷଣା କରୁଛି, ଏବଂ କାର୍ଯ୍ୟକାରୀ ଦିଗ ଓ ଗତିଶୀଳ ବାସ୍ତବ ବୋଲି ସେହି ସିଦ୍ଧାନ୍ତ ଯାହାସବୁ ସ୍ୱୀକାର କରୁଛି ମାତ୍ର ଜଗତ ଓ ଜୀବନର ଏକ ପରିପୂର୍ଣ୍ଣ ବ୍ୟାଖ୍ୟା ଲାଗି ତାହାକୁ ଯଥେଷ୍ଟ ବୋଲି ଗ୍ରହଣ କରିପାରୁ ନାହିଁ, ସେହିସବୁ କଥାର ପୁନରୁଲ୍ଲେଖ କରିବା ଆବଶ୍ୟକ ବୋଲି ମନେହେଉଛି । କାରଣ ଜ୍ଞାନଗତ ସତ୍ୟ ଉପରେହିଁ ଆମର ଜୀବନସତ୍ୟ ଆଧାରିତ ହୋଇ ରହିବା ଉଚିତ ଏବଂ ତାହାହିଁ ଆମ ଜୀବନର ଉଦ୍ଦେଶ୍ୟକୁ ଅବଶ୍ୟ ନିର୍ଣ୍ଣୟ କରିବା ଉଚିତ । ଅସ୍ତିତ୍ୱର ଯେଉଁ ପରମ ସତ୍ୟଟି ଏଠାରେ ଏକ ମୂଳଭୂତ ନିଶ୍ଚେତନା ମଧ୍ୟରେ ନିଗୂଢ଼ ହୋଇ ରହିଛି, ତାହାର କ୍ରମଶଃ ବିକଶିତ ହୋଇ ଉଠିବାକୁହିଁ ଆମେ ଆମର ଆଲୋଚିତ ବିବର୍ତ୍ତନାତ୍ମକ ପ୍ରକ୍ରିୟା ବୋଲି ବୁଝିବା । ସ୍ୱୟଂ ଉନ୍ମେଷ ଲାଭ କରୁଥିବା ଏକ ଚେତନା ଏହି ସତ୍ୟକୁ ନିଶ୍ଚେତନ ଭିତରୁ ବାହାର କରି ପଦାକୁ ନେଇଆସେ । ଏବଂ ସେହି ଚେତନା ମଧ୍ୟ ଆପଣା ଆତ୍ମ-ଉନ୍ମୋଚନ ପଥରେ ସୋପାନ ପରେ ସୋପାନ ଅତିକ୍ରମ କରି ଅବଶେଷରେ ଆପଣା ମଧ୍ୟରେ ବସ୍ତୁଗୁଡ଼ିକର ପୂର୍ଣ୍ଣ ସତ୍ୟ ଓ ସମ୍ପୂର୍ଣ୍ଣ ଆତ୍ମଜ୍ଞାନଟିକୁ ପ୍ରକାଶିତ କରିବାକୁ ସମର୍ଥ ହୁଏ । ଯେଉଁ ପରମ ସତ୍ୟରୁ ସେହି ଚେତନାର ଏହି ଯାତ୍ରା ଆରମ୍ଭ ହୁଏ ଏବଂ ପରିଶେଷରେ ତାହାକୁ ଯାହା ପ୍ରକାଶିତ କରିଦେବାକୁ ହୁଏ, ତାହାରି ପ୍ରକୃତି ଉପରେହିଁ ବିବର୍ତ୍ତନର ଧାରାଟି ନିର୍ଭର କରିବାକୁ ବାଧ୍ୟ ହେବ, ତା'ର ପ୍ରକ୍ରିୟାଟିର ବିଭିନ୍ନ ସୋପାନ ଓ ସେଗୁଡ଼ିକର ତାତ୍ପର୍ଯ୍ୟ କେବଳ ତାହାରିଦ୍ୱାରା ନିର୍ଣ୍ଣିତ ହେବ ।

ପ୍ରଥମତଃ, ଆମେ ଏକ ନିର୍ବିଶେଷ ପରମ ବ୍ରହ୍ମକୁହିଁ ସକଳ ବସ୍ତୁର ମୂଳ, ଆଶ୍ରୟ ଓ ପ୍ରଚ୍ଛନ୍ନ ମର୍ମସତ୍ୟ ବୋଲି ମାନିନେଉଛୁ । ସେହି ନିର୍ବିଶେଷ ସତ୍ୟର କୌଣସି ସଂଜ୍ଞା କରିଯାଇ ପାରିବ ନାହିଁ, ମାନସ ଭାବନା ଓ ମନୋଗତ ଭାଷାଦ୍ୱାରା ତାହାର କୌଣସି ବର୍ଣ୍ଣନା କରିଯାଇ ପାରିବ ନାହିଁ । ଏହା ହେଉଛି ଆପେ-ବର୍ତ୍ତମାନ ଓ ଆପଣା ଲାଗି ଆତ୍ମ-ପ୍ରତିଜ୍ଞାତ । ଯାବତୀୟ ନିର୍ବିଶେଷ ସତ୍ୟ ଯେପରି ଆପେ-ବର୍ତ୍ତମାନ ଓ ଆପେ-ପ୍ରତିଜ୍ଞାତ, ଠିକ୍ ସେହିପରି । ମାତ୍ର ଆପଣାର ଇତିବାଚକ ଓ ନେତିବାଚକ ଯାବତୀୟ ବର୍ଣ୍ଣନା ଦେଇ ମନ ସେଗୁଡ଼ିକୁ ଅଲଗା ଅଲଗା କରି କିମ୍ବା ଏକାଠି ପ୍ରୟୋଗ କରି ଯେତେ ଯାହା ଚେଷ୍ଟା କରୁ ପଛକେ, ତଦ୍ଦ୍ୱାରା ସେ ଉକ୍ତ ନିର୍ବିଶେଷ

'oaob.nitrkl.ac.in' images reprocessed

ସତ୍ୟକୁ କୌଣସି ପ୍ରକାର ସୀମା ବା ଫଙ୍କାରେ କଦାପି ବାନ୍ଧିପାରିବ ନାହିଁ । ମାତ୍ର ମନ ଯାଙ୍କୁ ଏହି କ୍ଷେତ୍ରରେ ଏକ ଆଧ୍ୟାତ୍ମିକ ଚେତନା, ଏକ ଆଧ୍ୟାତ୍ମିକ ଜ୍ଞାନ ଅର୍ଥାତ୍ ଏକ ତାଦାତ୍ମ୍ୟଜ୍ଞାନ ରହିଛି, ଯଦ୍ୱାରା ପରମସତ୍ୟର ମୌଳିକ ତତ୍ତ୍ୱଗୁଡ଼ିକୁ ତଥା ତାହାର ଅଭିବ୍ୟକ୍ତ ସାମର୍ଥ୍ୟ ଏବଂ ରୂପାୟନଗୁଡ଼ିକୁ ଧରିବାକୁ ସମର୍ଥ ହୋଇପାରିବ । ସତ୍ ବୋଲି ଯେଉଁଠି ଯାହାକିଛି ରହିଛି, ତାହା ଏହି ବର୍ଣ୍ଣନାଟି ମଧ୍ୟରେ ଆସି ଅନ୍ତର୍ଭୁକ୍ତ ହୋଇଯାଉଛି, ଏବଂ ଜ୍ଞାନଦ୍ୱାରା ସେଗୁଡ଼ିକର ସ୍ୱକୀୟ ସତ୍ୟ ଏବଂ ଗୋପନ ରହସ୍ୟଟିକୁ ଭେଦ କରିପାରିଲେ ଆମେ ଯାବତୀୟ ସବୁକିଛିକୁ କେବଳ ସେହି ପରମସତ୍‌ର ଆତ୍ମପ୍ରକାଶ ବୋଲି ଦେଖିବାକୁ ପାଇବା, ସେଗୁଡ଼ିକୁ ସମସ୍ତଙ୍କୁ ସତ୍ୟ ବୋଲି ଜାଣିବାକୁ ପାଇବା । ଏହି ଅଭିବ୍ୟକ୍ତ ସତ୍ୟଟି ଏହିସବୁ ମୌଳିକ ତତ୍ତ୍ୱ ମଧ୍ୟରେ ଆପେ-ବର୍ତ୍ତମାନ ହୋଇ ରହିଛି; କାରଣ ପରମ ନିର୍ବିଶେଷ ମଧ୍ୟରେ ଶାଶ୍ୱତ ଓ ଅନ୍ତର୍ନିହିତ ସତ୍ୟ ରୂପରେ ଅବସ୍ଥିତ ରହିଥିବା କୌଣସି ନା କୌଣସି ଉପାଦାନ ଯେତେବେଳେ ପ୍ରକାଶ ଲାଭ କରୁଛି, ଯାବତୀୟ ମୂଳ ତତ୍ତ୍ୱ କହିଲେ କେବଳ ତାହାକୁହିଁ ବୁଝାଇବ । ମାତ୍ର ଯାହାକିଛି ମୂଳଭୂତ ନୁହେଁ ବା ଯାହାକିଛି ଚିରସ୍ଥାୟୀ ନୁହେଁ, ଆମେ ସେସବୁକୁ କେବଳ ପ୍ରାତିଭାସିକ ବୋଲି କହିବା, ଆପେ ପ୍ରକାଶିତ କରୁଥିବା ସତ୍ୟ ଉପରେ ନିର୍ଭର କରି ରହିଥିବା ରୂପ ଓ ସାମର୍ଥ୍ୟ ବୋଲି କହିବା । ସେହି ସତ୍ୟଟିର ବଳରେ ଆମେ ଏଇଟିକୁ ମଧ୍ୟ ଏକ ସତ୍ୟ ବୋଲି କହିବା, ଏବଂ ଆପଣା ତାତ୍ପର୍ଯ୍ୟର ସତ୍ୟଟି ସକାଶେ ମଧ୍ୟ ସତ୍ୟ ବୋଲି କହିବା, ଆପଣା ଭିତରେ ଏହା ଯାହାକୁ ବହନ କରିଚାଲିଛି, ତାହାରି ସତ୍ୟ ବୋଲି କହିବା । କାରଣ ସେହି ସତ୍ୟ ଯାହା, ଏହା ନିଜେ ମଧ୍ୟ ସେଇଆ, ଏହା ଆକସ୍ମିକ ନୁହେଁ, ଆଧାରହୀନ ନୁହେଁ, ଭ୍ରମାତ୍ମକ ନୁହେଁ କିମ୍ବା କେବଳ ବୃଥା ଗଢ଼ା ହୋଇଥିବା କୌଣସି ପଦାର୍ଥ ନୁହେଁ । ଏପରିକି, ମିଥ୍ୟା ସତ୍ୟକୁ କିମ୍ବା ମନ୍ଦ ଭଲକୁ ବିକୃତ ଓ ଆବୃତ କରି ରଖିଲାଭଳି ଯାହାକିଛି ବିକୃତ କରି ପକାଉଛି ଓ ଆବୃତ କରି ରଖୁଛି, ପରମ ନିଶ୍ଚେତନର ଗୋଟିଏ ଗୋଟିଏ ସତ୍ୟ-ପରିଣାମରୂପେ ତାହାର ମଧ୍ୟ କାଳଗତ ଏକ ସତ୍ୟତା ରହିଛି । ମାତ୍ର ଏହିସବୁ ବିପରୀତବାଚୀ ରୂପଗୁଡ଼ିକ ଆପଣା କ୍ଷେତ୍ରରେ ସତ୍ୟ ଓ ବାସ୍ତବ ହୋଇଥିଲେ ମଧ୍ୟ ସେଗୁଡ଼ିକୁ ଆମେ ମର୍ମଗତ ସତ୍ୟ ବୋଲି ଆଦୌ କହିପାରିବା ନାହିଁ । ଅଭିବ୍ୟକ୍ତିର ପ୍ରକ୍ରିୟାଟି ଲାଗି ସେଗୁଡ଼ିକର ଏକ ଅବଦାନ ରହିଛି ଏବଂ ଏହାର ଗତିସ୍ପନ୍ଦନରେ ଗୋଟିଏ ଗୋଟିଏ କାଳଗତ ରୂପ ଓ ସାମର୍ଥ୍ୟଭାବରେ ସେଗୁଡ଼ିକ ଏହାର ପରିକର ହୋଇ ରହିଛନ୍ତି ବୋଲି କହିପାରିବା । ପରମ ନିର୍ବିଶେଷର ଏକ ଆତ୍ମ-ଅଭିବ୍ୟକ୍ତି ହୋଇଥିବାରୁ ଏହି ବିଶ୍ୱ ମଧ୍ୟ ସତ୍ୟ । ଏବଂ ଏହି ବିଶ୍ୱରେ ଯାହାକିଛି ରହିଛି, ତାହା ମଧ୍ୟ ସତ୍ୟ, କାରଣ ଏହି ବିଶ୍ୱହିଁ ସେଗୁଡ଼ିକୁ ଗୋଟିଏ ଗୋଟିଏ ରୂପ ଦେଇଛି, ଗୋଟିଏ ଗୋଟିଏ ଆକାର ଦେଇଛି ।

'oaob.nitrkl.ac.in' images reprocessed

ପରମ ନିର୍ବିଶେଷ ଆପଣାକୁ ଦୁଇଟି ରୂପରେ ପ୍ରକାଶିତ କରନ୍ତି,—ଗୋଟିଏ ହେଉଛି ତାଙ୍କର ପରମ ସତ୍ତାର ରୂପ ଓ ଅନ୍ୟଟି ପରମ ସମ୍ଭୂତିର ରୂପ । ପରମ ସତ୍ତାର ଭୂମି ହେଉଛି ମୌଳିକ ସତ୍ୟର ଭୂମି, ପରମ ସମ୍ଭୂତିର ଭୂମି ହେଉଛି ଏକ ପରିଣାମୀ ସତ୍ୟର ଭୂମି । ପରମ ସମ୍ଭୂତି ପରମ ସତ୍ତାର ଏକ ଗତିଶୀଳ ସାମର୍ଥ୍ୟ ଓ ପରିଣାମ, ତାହାର ଏକ ସୃଜନାତ୍ମକ ଶକ୍ତି ଓ ଏକ କାର୍ଯ୍ୟାନ୍ୱିତ ରୂପ । ଏହି ସମ୍ଭୂତି ସତତ ବର୍ତ୍ତମାନ ରହିଛି, ମାତ୍ର ତଥାପି ସତତ ପରିବର୍ତ୍ତିତ ହେଉଛି; ପରିବର୍ତ୍ତନରହିତ ରୂପାତୀତ ସାରସତ୍ତ୍ୱର ଏକ ପରିବର୍ତ୍ତନଶୀଳ ପ୍ରକ୍ରିୟା ଓ ପରିଣାମରୂପେ ଏହା କାର୍ଯ୍ୟ କରୁଛି । ତେଣୁ ଯେତେଯେତେ ସିଦ୍ଧାନ୍ତ କେବଳ ସମ୍ଭୂତିକୁହିଁ ସ୍ୱୟଂସମ୍ପୂର୍ଣ୍ଣ ବୋଲି ଦେଖାଇବାର ଚେଷ୍ଟା କରନ୍ତି, ସେଗୁଡିକ କେବଳ ଅର୍ଦ୍ଧସତ୍ୟରହିଁ ପ୍ରକାଶ କରନ୍ତି; ପ୍ରକାଶଲୀଳାର କେବଳ ଆଂଶିକ ଜ୍ଞାନ ଲାଭ କରିବାଲାଗି ଏହାର ଏକ ଯଥାର୍ଥତା ରହିଛି । ସେହି ସିଦ୍ଧାନ୍ତଗୁଡିକ ଯେତିକି ସ୍ୱୀକାର କରନ୍ତି ଓ ଯେତିକି ଦେଖନ୍ତି, ତାହାର ଉପରେ ଏକ ଐକାନ୍ତିକ ଅଭିନିବେଶ ଦ୍ୱାରାହିଁ ସେମାନେ ସେହି ଜ୍ଞାନ ଅର୍ଜନ କରିଥା'ନ୍ତି । ମାତ୍ର ପରମ ସତ୍ତା ପରମ ସମ୍ଭୂତିଠାରୁ ମୂଳତଃ ଭିନ୍ନ ହୋଇ ନଥିବାରୁ, ତାହାର ଏକ ଅଂଶ ହୋଇ ତାହାର ଭିତରେ ରହିଥିବାରୁ, ତାହାର କ୍ଷୁଦ୍ରାତିକ୍ଷୁଦ୍ର ଅଣୁଠାରୁ ଆରମ୍ଭ କରି ତାହାର ସୀମାହୀନ ବିସ୍ତୃତି ଓ ପ୍ରସାର ମଧ୍ୟରେ ଅନ୍ତର୍ନିହିତ ଥିବାରୁହିଁ ଅନ୍ୟ ପ୍ରକୃତ ପକ୍ଷଟିରେ ସେହି ଜ୍ଞାନର ଏକ ଯଥାର୍ଥତା ରହିଥାଏ । ଆପଣାକୁ ମୂଳତଃ ସତ୍ତାରୂପେ ଜାଣିବାକୁ ସମର୍ଥ ହେଲେ ଯାଇ ସମ୍ଭୂତି ଆପଣାର ପୂର୍ଣ୍ଣ ପରିଚୟ ପାଇ ପାରିବ । ସମ୍ଭୂତିର ପ୍ରକ୍ରିୟା ମଧ୍ୟଦେଇ ଗତି କରୁଥିବା ଆତ୍ମା ଯେତେବେଳେ ସର୍ବୋଚ୍ଚ ପରମ ସତ୍ତା ଓ ପରମ ନିର୍ବିଶେଷର ପରିଚୟ ପାଏ ଏବଂ ପରମ ଅନନ୍ତ ଓ ଶାଶ୍ୱତଙ୍କର ସ୍ୱଭାବର ଅଧିକାରୀ ହୁଏ, ସେତିକବେଳେ ଯାଇ ସେ ଆତ୍ମଜ୍ଞାନ ଓ ଅମୃତତ୍ୱ ଲାଭ କରେ । ସେହି ଉପଲବ୍ଧି ହେଉଛି ଆମର ଏହି ଜୀବନ ଓ ଅସ୍ତିତ୍ୱର ଚରମ ଇଷ୍ଟ ଓ ଉଦ୍ଦେଶ୍ୟ, କାରଣ ତାହାହିଁ ହେଉଛି ଆମ ସତ୍ତାର ଅସଲ ସତ୍ୟ ଏବଂ ସେହି କାରଣରୁ ତାହାହିଁ ଆମର ଅନ୍ତର୍ନିହିତ ଅସଲ ଉଦ୍ଦେଶ୍ୟ ହୋଇ ରହିବା ଉଚିତ, ଆମ ପରିଣତି-ଯାତ୍ରାର ଆବଶ୍ୟକ ପରିଣାମ ହୋଇ ରହିବା ଉଚିତ । ଆମ ସତ୍ତାର ଏହି ସତ୍ୟଟିହିଁ ଆମର ଆତ୍ମା ମଧ୍ୟରେ ପରିପ୍ରକାଶର ଏକ ଆବଶ୍ୟକତାରେ ପରିଣତ ହୁଏ; ଜଡ଼ ଭିତରେ ତାହାହିଁ ଏକ ପ୍ରଚ୍ଛନ୍ନ ଶକ୍ତି ହୋଇ ରହିଥାଏ, ପ୍ରାଣର ସୋପାନରେ ଏକ ବାସନା ଓ ପ୍ରବୃତ୍ତିରୂପେ ପ୍ରକାଶ ପାଏ, ଏକ ଅଭିଳାଷ ଓ ଏକ ଅନ୍ୱେଷଣରୂପେ ଅନୁଭୂତ ହୁଏ; ଏବଂ ମନର ସ୍ତରକୁ ଆସି ଏକ ସଂକଳ୍ପ, ଉଦ୍ଦେଶ୍ୟ, ପ୍ରୟାସ ଓ ଅଭିପ୍ରାୟରୂପେ ଦେଖାଦିଏ । ଯାହା ପ୍ରଥମରୁହିଁ ଆପଣା ଭିତରେ ସଂଗୁପ୍ତ ହୋଇ ରହିଛି, ତାହାର ଅଭିବ୍ୟକ୍ତିକୁହିଁ ଆମେ ବିବର୍ତ୍ତନଶୀଳ ପ୍ରକୃତିର ପ୍ରଚ୍ଛନ୍ନ ରହିଥିବା ସମଗ୍ର ପ୍ରବୃତ୍ତିଟି ବୋଲି ଜାଣିବା ।

'oaob.nitrkl.ac.in' images reprocessed

ତେଣୁ ସେହି ପରମ ବିଶ୍ୱାତୀତ ଓ ନିର୍ବିଶେଷକୁହିଁ ମୂଳ କରି ଧରୁଥିବା ଦର୍ଶନମତସବୁ ଯେଉଁ ସତ୍ୟଟି ଉପରେ ଆପଣାକୁ ପ୍ରତିଷ୍ଠିତ ରଖିଥା'ନ୍ତି, ଆମେ ସେହି ସତ୍ୟଟିକୁହିଁ ଗ୍ରହଣ କରିବା । ମାୟାବାଦର ଚରମ ସିଦ୍ଧାନ୍ତଗୁଡ଼ିକୁ ଆମେ ସ୍ୱୀକାର କରୁ ନାହୁଁ ସତ, ମାତ୍ର ମନୋମୟ ଭୂମିରେ ଅବସ୍ଥିତ ଆତ୍ମା ଅର୍ଥାତ୍ ମନୋମୟ ସତ୍ତ୍ୱ ଯେତେବେଳେ ସମ୍ଭୂତିର ସ୍ତରଗୁଡ଼ିକ ସହିତ ଆପଣାର ସମ୍ପର୍କକୁ ଛିନ୍ନ କରି ପରମ ତତ୍ତ୍ୱରେ ଯାଇ ପହଞ୍ଚିବା ଲାଗି ବା ସେଥିରେ ପ୍ରବେଶ କରିବାଲାଗି ଇଚ୍ଛା ପୋଷଣ କରିବାକୁ ଲାଗେ, ସେତେବେଳେ ଆଧ୍ୟାତ୍ମିକ ବାସ୍ତବ ଅନୁଭୂତି ସକାଶେ ତାହାକୁ ଯେପରି ଭାବରେ ଦେଖିବାକୁ ବା ଅଗ୍ରସର ହେବାକୁ ହୋଇଥାଏ, ତାହାର ପନ୍ଥାରୂପେହିଁ ଆମେ ତଥାପି ମାୟାବାଦକୁ ସ୍ୱୀକାର କରି ନେଇ ପାରିବା । ମାତ୍ର ଏକଥାଟି ମଧ୍ୟ ସତ ଯେ ପରମ ଅନନ୍ତ ଓ ଶାଶ୍ୱତ ସତ୍ତ୍ୱଙ୍କର ଆତ୍ମବାର୍ତ୍ତାରୂପେ ସମ୍ଭୂତି ମଧ୍ୟ ଏକ ଅପରିହାର୍ଯ୍ୟ ସତ୍ୟ ହୋଇଥିବାରୁ ମାୟାବାଦକୁ ଅସ୍ତିତ୍ୱ ସମ୍ବନ୍ଧରେ ଏକ ସମ୍ପୂର୍ଣ୍ଣ ଦର୍ଶନ ବୋଲି ଆଦୌ କୁହାଯାଇ ପାରିବ ନାହିଁ । ଆପଣାକୁ ମୂଳତଃ ସତ୍ତ୍ୱରୂପେ ଜାଣିବା ଓ ତଥାପି ସମ୍ଭୂତିଗତ ହୋଇ ରହିବା,—ସମ୍ଭୂତି ମଧ୍ୟରେ ଗତି କରୁଥିବା ଆତ୍ମାଲାଗି ଏହି ଦୁଇଟିଯାକ ମଧ୍ୟ ଏକାବେଳକେ ସମ୍ଭବ ହୋଇପାରେ; ମର୍ମତଃ ଆପଣାକୁ ଅନନ୍ତ ଓ ଅସୀମ ପରମସତ୍ତ୍ୱ ବୋଲି ଜାଣି ସେ ତଥାପି ଅନ୍ତବିଶିଷ୍ଟତା ଓ ସୀମା ଭିତରେ ଆପଣାକୁ ପ୍ରକାଶିତ କରିଥିବା ପରମ ଅସୀମତାରୂପେ ଜାଣିପାରେ; କାଳାତୀତ ଶାଶ୍ୱତସତ୍ତ୍ୱରୂପେ ଅବସ୍ଥିତ ରହି ତଥାପି କାଳଗତ ଚିରନ୍ତନତାର ଆଧାରସ୍ଥିତ ତଥା କ୍ରମପରିଣତ ଗତିଶୀଳତା ମଧ୍ୟରେ ଆପଣାକୁ ଓ ଆପଣାର ଯାବତୀୟ କ୍ରିୟାକୁ ବେଶ୍ ଅବଲୋକନ ମଧ୍ୟ କରିପାରେ । ଏହି ଉପଲବ୍ଧି ହେଉଛି ସମ୍ଭୂତିର ଚରମ ଉପଲବ୍ଧି, ଆପଣାର ଗତିଶୀଳ ସତ୍ୟର ଭୂମି ଉପରେ ସତ୍ତ୍ୱର ଚରମ ପରିପୂର୍ଣ୍ଣତା । ତେଣୁ ବସ୍ତୁସମ୍ବନ୍ଧୀୟ ସମଗ୍ର ସତ୍ୟଟି ମଧ୍ୟରେ ଏଇଟି ମଧ୍ୟ ଅବଶ୍ୟ ଏକ ଅଂଶ ହୋଇ ରହିବ, କାରଣ କେବଳ ଏହାରଦ୍ୱାରାହିଁ ଏହି ବିଶ୍ୱଜଗତ ଏକ ପୂର୍ଣ୍ଣ ଆଧ୍ୟାତ୍ମିକ ତାତ୍ପର୍ଯ୍ୟ ଲାଭ କରିପାରିବ ଏବଂ ଆତ୍ମାର ଅଭିବ୍ୟକ୍ତ-ପ୍ରକ୍ରିୟାଟି ସକାଶେ ଏକ ଯଥାର୍ଥ ଔଚିତ୍ୟ ମଧ୍ୟ ମିଳିଯିବ । ମାତ୍ର ଅସ୍ତିତ୍ୱ ସମ୍ବନ୍ଧରେ ଯେଉଁ ବ୍ୟାଖ୍ୟା ବିଶ୍ୱ ତଥା ବ୍ୟକ୍ତିଗତ ଅସ୍ତିତ୍ୱକୁ ସକଳ ସାର୍ଥକତାରୁ ବଞ୍ଚିତ କରି ରଖିବାକୁ ଇଚ୍ଛା କରୁଥିବ, ତାହା କଦାପି ଏକ ସମ୍ପୂର୍ଣ୍ଣ ବ୍ୟାଖ୍ୟା ହୋଇପାରିବ ନାହିଁ ଏବଂ ତାହା ବାଢ଼ି ଦେଉଥିବା ସମାଧାନଟିକୁ ମଧ୍ୟ କଦାପି ଏକମାତ୍ର ଓ ଯଥାର୍ଥ ସମାଧାନ ବୋଲି କୁହାଯାଇ ପାରିବ ନାହିଁ ।

ଆମେ ଏଠାରେ ଆଉଗୋଟିଏ ସତ୍ୟର ଉଲ୍ଲେଖ କରିବାକୁ ଇଚ୍ଛା କରୁଛୁ : ପରମ ନିର୍ବିଶେଷର ମୌଳିକ ସତ୍ୟଟି ଆମର ଆଧ୍ୟାତ୍ମିକ ବୋଧ ସମ୍ମୁଖରେ ଏକ ଦିବ୍ୟ ପରମ ସତ୍ତ୍ୱର, ଏକ ବିଶ୍ୱାତୀତ ପରମସତ୍ୟର ସତ୍ତ୍ୱଗତ ଚେତନା ଓ ଆନନ୍ଦରୂପେ

'oaob.nitrkl.ac.in' images reprocessed

ପ୍ରତିଭାତ ହୋଇଥାଏ । ଆପେ-ବର୍ତ୍ତମାନରୂପେ ପ୍ରତିଭାତ ହୋଇଥିଲେ ମଧ୍ୟ ସକଳ ରୂପାୟନର ପଛରେ ରହିଥିବା ସେହି ଅବିଚଳ ପ୍ରଚ୍ଛନ୍ନ ସତ୍ୟ ବୋଲି ମଧ୍ୟ ଅନୁଭୂତ ହୋଇଥାଏ । କାରଣ ଯାହାକୁ ଆମେ ପରମସତ୍ତାର ମୂଳସତ୍ୟ ବୋଲି ଜାଣୁଛୁ, ସକଳ ସମ୍ଭୂତିର ମଧ୍ୟ ତାହାହିଁ ଅବଶ୍ୟ ମୂଳସତ୍ୟ ହୋଇଥିବ । ଏଠି ଯାହାକିଛି ପ୍ରକାଶିତ ହେଉଛି, ସବୁ କେବଳ ସେହି ପରମ ତତ୍ତ୍ୱସ୍ୱରୂପରହିଁ ପ୍ରକାଶ । କାରଣ, ଏପରିକି ଯାହାସବୁ ତାହାର ସମ୍ପୂର୍ଣ୍ଣ ବିପରୀତ ବସ୍ତୁ ବୋଲି ପ୍ରତୀତ ହୋଇଥାଏ, ତାହା ସେଗୁଡ଼ିକ ଭିତରେ ମଧ୍ୟ ବିଦ୍ୟମାନ ରହିଛି; ଏବଂ ତାହାକୁ ଉନ୍ମୋଚିତ କରିଦେବା ଲାଗି ସେମାନେ ପ୍ରଚ୍ଛନ୍ନ ଭାବରେ ଯେପରି ବାଧ୍ୟ ହେଉଛନ୍ତି; ସେଇଥିରୁହିଁ ବିବର୍ତ୍ତନର କ୍ରମଟି ସମ୍ଭବ ହେଉଛି । ଆପଣାର ସଂଗୁପ୍ତ ଚେତନାଟିର ବିକାଶ କରିବାଲାଗି ପରମ ନିଃଶ୍ଚେତନ ବାଧ୍ୟ ହେଉଛି । ଆପଣା ଭିତରେ ସେହି ପ୍ରଚ୍ଛନ୍ନ ଆଧ୍ୟାତ୍ମିକ ମର୍ମସତ୍ୟଟିର ଉଦ୍‌ଘାଟନ କରାଇ ଦେବାଲାଗି ତଥାକଥିତ ପରମ ଅସତ୍ ବାଧ୍ୟ ହେଉଛି । କ୍ରମଶଃ ବିକଶିତ ହେବାକୁ ଉଦ୍ଦିଷ୍ଟ ହୋଇ ରହିଥିବା ସତ୍ତାର ଏକ ବିରାଟ ଆନନ୍ଦକୁ ବ୍ୟକ୍ତ କରାଇଦେବା ସକାଶେ ଜଡ଼ର ବୋଧଶକ୍ତିହୀନ ସ୍ପନ୍ଦନରପେକ୍ଷତା ମଧ୍ୟ ବାଧ୍ୟ ହେବାରେ ଲାଗିଛି । ଆପଣାର ବିକାଶକ୍ରମରେ ସେହି ଚେତନା ଆପଣାକୁ ନିଜର ଗୌଣ ଆସ୍ଥାନଗୁଡ଼ିକ ମଧ୍ୟରୁ ମୁକ୍ତ କରି ଆଣିବ, ସୁଖ ଓ ଦୁଃଖର ପରସ୍ପରବିରୋଧୀ ଦ୍ୱୈତତା ମଧ୍ୟରୁ ମୁକ୍ତ କରି ଆଣିବ ଏବଂ ଅସ୍ତିତ୍ୱର ଯଥାର୍ଥ ଆନନ୍ଦ ଅର୍ଥାତ୍ ସେହି ଆଧ୍ୟାତ୍ମିକ ଆନନ୍ଦ ମଧ୍ୟରେ ବିକଶିତ ହୋଇଉଠିବ ।

ପରମସତ୍ତା ଅଦ୍ୱୟ ସତ୍ତା ସତ, ମାତ୍ର ତାହାର ଏହି ଅଦ୍ୱୟତା ହେଉଛି ଏକ ଅନ୍ତହୀନ ଅଦ୍ୱୟତା ଏବଂ ସେ ତାହାରି ଭିତରେ ଆପଣାର ଏକ ଅନ୍ତହୀନ ଅନେକତା ବା ବହୁବିଧତାକୁ ମଧ୍ୟ ଅନ୍ତର୍ଭୁକ୍ତ କରି ରଖିଛି । ଯିଏ ଅଦ୍ୱୟ ଏକ, ସେଇ ହେଉଛି ପରମ ସକଳ; ଏହା କେବଳ ଏକ ମର୍ମଗତ ପରମ ଅସ୍ତିତ୍ୱ ନୁହେଁ, ମାତ୍ର ଏକ ପରମ ସର୍ବଗତ ଅସ୍ତିତ୍ୱ । ପରମ ଏକର ସେହି ଅନନ୍ତ ବହୁବିଧତା ତଥା ପରମ ଅନେକର ସେହି ଶାଶ୍ୱତ ଅଦ୍ୱୟତା,—ଏହି ଦୁଇଟିଯାକ ହେଉଛି କେବଳ ଗୋଟିଏ ମୂଳସତ୍ୟର ଦୁଇଟି ସତ୍ୟ ଓ ଦୁଇଟି ବିଭାବ, ଏବଂ ଏହି ମୂଳସତ୍ୟଟି ଉପରେହିଁ ସକଳ ଜଗତ୍‌ପ୍ରକାଶ ପ୍ରତିଷ୍ଠିତ ହୋଇ ରହିଛି । ଜଗତ୍‌ପ୍ରକାଶଲୀଳାର ଏହି ଆଧାର-ଭୂତ ସତ୍ୟଟି ହେତୁ ଆମର ବିଶ୍ୱାନୁଭବର ଭୂମି ଉପରେ ପରମସତ୍ତା ଆମ ଆଗରେ ତିନୋଟି ବିଭିନ୍ନ ସ୍ଥିତିରେ ଆବିର୍ଭୂତ ହୋଇ ଥାଆନ୍ତି । ଗୋଟିଏ ହେଉଛି ବିଶ୍ୱାତୀତ ପରମ ଅସ୍ତିତ୍ୱ, ଦ୍ୱିତୀୟଟି ବିଶ୍ୱଗତ ପରମ ଚିତ୍‌ସତ୍ତା ଓ ତୃତୀୟରେ ଅନେକ ମଧ୍ୟରେ ଅବସ୍ଥିତ ରହିଥିବା ବ୍ୟକ୍ତିଭାବାପନ୍ନ ପରମ ଆତ୍ମା । ମାତ୍ର ଏହି ଅନେକତା ବା ବହୁବିଧତା ଆପଣା ଭିତରେ ଚେତନାର ଏକ ପ୍ରାତିଭାସିକ ବିଭାଜନକୁ ସ୍ୱୀକାର କରି

'oaob.nitrkl.ac.in' images reprocessed

ନେଇଥାଏ, ଏକ ପରିଣାମୀ ଅବିଦ୍ୟାକୁ ସ୍ୱୀକାର କରିନିଏ, ଯାହାର ଭୂମି ଉପରେ କି ଅନେକ ଅର୍ଥାତ୍ ବ୍ୟକ୍ତିରୂପ ଧାରଣ କରିଥିବା ସତ୍ତ୍ୱଗୁଡ଼ିକ ଆଉ ସେହି ଆପେ-ବର୍ତ୍ତିମାନ ଶାଶ୍ୱତ ଅଦ୍ୱିତୀୟତ୍ୱ ବିଷୟରେ ସଚେତନ ବା ସଂବିତ୍‌ସମ୍ପନ୍ନ ହୋଇ ରହିପାରନ୍ତି ନାହିଁ ଏବଂ ଆପଣା ଜୀବନଲୀଳାର ପରମ ଆଧାର ଓ ପରମ ବିଧାୟକ ସେହି ବିଶ୍ୱଗତ ଆତ୍ମାର ଏକତ୍ୱ ବିଷୟରେ ବିସ୍ମୃତ ହୋଇରହନ୍ତି । ମାତ୍ର ତଥାପି ସେଠାରେ ପ୍ରଚ୍ଛନ୍ନ ହୋଇ ରହିଥିବା ପରମ ଏକତ୍ୱଭାବଟିର ବଳରେ କ୍ରମସମ୍ଭୂତ ଆତ୍ମା ଆପଣାର ଅଦୃଶ୍ୟ ମୂଳସତ୍ତା ଏବଂ ବିବର୍ତ୍ତନଶୀଳ ପ୍ରକୃତିର ନିଗୂଢ଼ ଗୃପଦ୍ୱାରା ସତେଅବା ବାଧ୍ୟ ହୋଇ ଅବିଦ୍ୟାର ସେହି ସ୍ଥିତିଟି ମଧ୍ୟରୁ ବାହାରକୁ ବାହାରି ଆସେ ଏବଂ ଏହିପରି ଅଗ୍ରସର ହୋଇ ସେହି ଦ୍ୱିତୀୟହୀନ ପରମ ଦିବ୍ୟପୁରୁଷର ଜ୍ଞାନଟିକୁ ଫେରି ପାଇବାରେ ସମର୍ଥ ହୁଏ; ତାହା ସହିତ ଆପଣାର ଏକତ୍ୱ ଓ ଅଭିନ୍ନତ୍ୱବୋଧକୁ ଫେରିପାଏ, ସକଳ ବ୍ୟକ୍ତିସତ୍ତ୍ୱ ଓ ସମଗ୍ର ବିଶ୍ୱଜଗତ ସହିତ ଆପଣାର ଆଧ୍ୟାତ୍ମିକ ଏକତ୍ୱସୂତ୍ରଟିକୁ ମଧ୍ୟ ଫେରିପାଏ । ତାହାକୁ କେବଳ ବିଶ୍ୱଜଗତ ମଧ୍ୟରେ ଆପଣାର ଯଥାର୍ଥ ସ୍ଥିତିଟି ବିଷୟରେ ଯେ ସଂବିତ୍‌ସମ୍ପନ୍ନ ହେବାକୁ ହେବ ତା' ନୁହେଁ, ମାତ୍ର ସେହି ବିଶ୍ୱଜଗତକୁ ମଧ୍ୟ ଆପଣା ଭିତରେ ପୂର୍ଣ୍ଣ ସଂବିତ୍‌ସମ୍ପନ୍ନ ଭାବରେ ଅନୁଭବ କରିବାକୁ ପଡ଼ିବ ଏବଂ ବିଶ୍ୱଗତ ପରମସତ୍ତ୍ୱକୁ ଆପଣାରହିଁ ବୃହତ୍ତର ଆତ୍ମା ବୋଲି ଜାଣିବାକୁ ହେବ । ବ୍ୟକ୍ତି ଆପଣାକୁ ବିଶ୍ୱଗତ କରି ରଖିବ ଅର୍ଥାତ୍ ବିଶ୍ୱାନୁଭୂତିରେ ଭରିଦେବ ଏବଂ ଏହି ପ୍ରକ୍ରିୟାଟି ସହିତ ଗତି କଲାବେଳେ ସେ ଆପଣାର ବିଶ୍ୱାତୀତ ଲୋକୋତ୍ତରତ୍ୱ ବିଷୟରେ ମଧ୍ୟ ସଂବିତ୍‌ସମ୍ପନ୍ନ ହୋଇ ରହିବ । ଆତ୍ମା ଓ ବିଶ୍ୱରୂପ ଦ୍ୱୟନ ବିଷୟକ ସମଗ୍ର ସତ୍ୟଟି ଭିତରେ ସତ୍ୟକଳ୍ପନାର ଏହି ତିନୋଟିଯାକ ବିଭାବ ଅବଶ୍ୟ ଅନ୍ତର୍ଭୁକ୍ତ ହୋଇ ରହିବ ଏବଂ ତାହାରି ସାହାଯ୍ୟରେହିଁ ବିବର୍ତ୍ତନଧର୍ମୀ ପ୍ରକୃତିର ଚରମ ପ୍ରବୃତ୍ତି ଓ ପ୍ରକ୍ରିୟାଟିର ନିରୂପଣ କରିବାକୁ ପଡ଼ିବ ।

ଅସ୍ତିତ୍ୱ ସମ୍ବନ୍ଧରେ ଯେଉଁ ସିଦ୍ଧାନ୍ତସବୁ ବିଶ୍ୱାତୀତତା ପାଖରେ ଆସି ଅଟକି ଯାଆନ୍ତି ଓ ତାହାକୁ ଅଗ୍ରାହ୍ୟ କରନ୍ତି, ସେସବୁ ସବୁବେଳେ ସତ୍ତ୍ୱଗତ ସତ୍ୟର କେବଳ ଅପୂର୍ଣ୍ଣ ବିବରଣୀହିଁ ଦେଇଥା'ନ୍ତି । ସର୍ବେଶ୍ୱରବାଦ ବା ସର୍ବବ୍ରହ୍ମବାଦ ଈଶ୍ୱର ଏବଂ ବିଶ୍ୱଜଗତକୁ ଅଭିନ୍ନ ବୋଲି ଦେଖିଥାଏ । ଏହା ସତ୍ୟ, କାରଣ ଏଠି ଯାହାକିଛି ରହିଛି ତାହା ଈଶ୍ୱର ବ୍ୟତୀତ ଆଉ କିଛି ନୁହେଁ । ମାତ୍ର ଆପଣାର ଦୃଷ୍ଟିଟି ମଧ୍ୟରୁ ଏହା ବିଶ୍ୱାତୀତ ସତ୍ୟଟିକୁ ବାଦ୍ ଦେଇ ରଖେ, ତାହାକୁ ହରାଇ ବସିଥାଏ, ତେଣୁ ତାହା ସମଗ୍ର ସତ୍ୟଟିରେ ଉପନୀତ ହୋଇପାରେ ନାହିଁ । ଅନ୍ୟପକ୍ଷରେ, କେବଳ ବିଶ୍ୱଜଗତକୁହିଁ ସତ୍ୟ ବୋଲି ଘୋଷଣା କରୁଥିବା ଏବଂ ବ୍ୟକ୍ତିସତ୍ତ୍ୱକୁ ବିଶ୍ୱଶକ୍ତିରୁ ଉତ୍ପନ୍ନ କେବଳ ଏକ ଗୌଣ ତତ୍ତ୍ୱ ବୋଲି କହୁଥିବା ପ୍ରତ୍ୟେକ ସିଦ୍ଧାନ୍ତ ମଧ୍ୟ ପ୍ରମାଦରେ

'oaob.nitrkl.ac.in' images reprocessed

ପଡ଼ିଯାଏ, କାରଣ ବିଶ୍ୱନିୟମର ବହିର୍ଦୃଶ୍ୟମାନ ଓ ବାସ୍ତବ କେବଳ ଗୋଟିଏ ଦିଗ ଉପରେହିଁ ତାହା ଅତିରିକ୍ତ ମହତ୍ତ୍ୱ ଦେଇପକାଏ । କେବଳ ପ୍ରାକୃତ ବ୍ୟକ୍ତିଜୀବର କ୍ଷେତ୍ରରେ ଆମେ ଏହାକୁ ସତ୍ୟ ବୋଲି କହିପାରିବା, କିନ୍ତୁ ତଥାପି ସେଠିକି ବିଷୟରେ ମଧ୍ୟ ତାହା ସମ୍ପୂର୍ଣ୍ଣ ସତ୍ୟର ପରିଚୟ ଦେଇପାରେ ନାହିଁ । କାରଣ ପ୍ରାକୃତ ବ୍ୟକ୍ତିଜୀବ ବା ପ୍ରାକୃତସତ୍ତା ଯେ ବିଶ୍ୱଗତ ଶକ୍ତିରୁ ଉତ୍ପନ୍ନ ହୋଇଥାଏ, ସେକଥା ସତ; ମାତ୍ର ତହିଁ ସଙ୍ଗେ ସଙ୍ଗେ ଆମେ ତାହାକୁ ଆତ୍ମାର ଏକ ପ୍ରାକୃତ ବ୍ୟକ୍ତିତ୍ୱବାପନ୍ନତା ବୋଲି ମଧ୍ୟ କହିପାରିବା, ଅନ୍ତର୍ସତ୍ତା ତଥା ଅନ୍ତର୍ବ୍ୟକ୍ତିର ଏକ ଅଭିବ୍ୟକ୍ତିମୂଳକ ରୂପାୟନ ବୋଲି କହିପାରିବା । ଏବଂ ଏହି ଆତ୍ମା କଦାପି ଏକ ନଶ୍ୱର ଜୀବକୋଷ ନୁହେଁ ଅଥବା ବିଶ୍ୱାତ୍ମାର ଏକ ବିନାଶଶୀଳ ଅଂଶମାତ୍ର ମଧ୍ୟ ନୁହେଁ; ମାତ୍ର ପରମ ବିଶ୍ୱାତୀତତା ମଧ୍ୟରେହିଁ ତାହାର ଅମୃତମୟ ମୂଳସତ୍ୟଟି ନିହିତ ହୋଇ ରହିଛି । ଏକଥା ସତ ଯେ ବ୍ୟକ୍ତିସତ୍ତାର ମାଧ୍ୟମରେହିଁ ବିଶ୍ୱସତ୍ତା ଆପଣାକୁ ଅଭିବ୍ୟକ୍ତ କରିଥାଏ; ମାତ୍ର ଏକଥା ମଧ୍ୟ ସତ ଯେ ବିଶ୍ୱାତୀତ ପରମସତ୍ୟ ବି ବ୍ୟକ୍ତିସତ୍ତା ଓ ବିଶ୍ୱସତ୍ତା ଦୁଇଟିଯାକର ମାଧ୍ୟମରେ ଆପଣାକୁ ପ୍ରକାଶିତ କରିଥାଏ । ଆତ୍ମା ହେଉଛି ସର୍ବୋଚ୍ଚ ପରମ ସତ୍ତାଙ୍କର ଏକ ଶାଶ୍ୱତ ଅଂଶ, ଏହା କଦାପି ପ୍ରକୃତିର ଏକ ଖଣ୍ଡିତ ସ୍ତରକୁ ବୁଝାଏ ନାହିଁ । ମାତ୍ର କେବଳ ବ୍ୟକ୍ତିର ଚେତନା ମଧ୍ୟରେହିଁ ବିଶ୍ୱଜଗତ ବିଦ୍ୟମାନ ରହିଛି ବୋଲି କହୁଥିବା ପ୍ରତ୍ୟେକ ସିଦ୍ଧାନ୍ତକୁ ମଧ୍ୟ ଆମେ ସ୍ପଷ୍ଟତଃ ଏକ ଆଂଶିକ ସତ୍ୟ ବୋଲି କହିବା । ଅଧ୍ୟାତ୍ମ ସ୍ତରରେ ପହଞ୍ଚି ବ୍ୟକ୍ତି ସମଗ୍ର ବିଶ୍ୱକୁ ମଧ୍ୟ ନିଜର ବୋଧ ଭିତରକୁ ଆଣିବାରେ ସମର୍ଥ ହୁଏ ଏବଂ ସମଗ୍ର ବିଶ୍ୱକୁ ଧାରଣ କରି ରଖିବାଲାଗି ତା'ର ଚେତନା ଭିତରେ ସବୁବେଳେ ଶକ୍ତି ରହିଥାଏ, ଏହି ଯୁକ୍ତିଟି ଦେଖାଇ ଉକ୍ତ ସିଦ୍ଧାନ୍ତଟିର ଔଚିତ୍ୟକୁ ପ୍ରମାଣ କରିବାର ଚେଷ୍ଟା କରାଯାଏ । ମାତ୍ର ବିଶ୍ୱଜଗତ କିମ୍ବା ବ୍ୟକ୍ତିଚେତନା କାହାକୁ ହେଲେ ଅସ୍ତିତ୍ୱର ସର୍ବମୂଳ ସତ୍ୟ ବୋଲି କୁହାଯାଇ ପାରିବ ନାହିଁ, କାରଣ କେବଳ ବିଶ୍ୱାତୀତ ଦିବ୍ୟ ପରମସତ୍ତାଟି ଉପରେହିଁ ଦୁହେଁଯାକ ନିର୍ଭର କରି ରହିଛନ୍ତି, କେବଳ ତାହାରିଲାଗିହିଁ ଦୁହେଁଯାକ ଅସ୍ତିତ୍ୱ ଧାରଣ କରିଛନ୍ତି ।

ଏହି ପରମ ଦିବ୍ୟସତ୍ତା ଅର୍ଥାତ୍ ସଚ୍ଚିଦାନନ୍ଦ ଏକାଧାରରେ ନୈର୍ବ୍ୟକ୍ତିକ ଓ ବ୍ୟକ୍ତିତ୍ୱବାପନ୍ନ । ଏହା ଏକ ପରମ ଅସ୍ତିତ୍ୱ ତଥା ସକଳ ସତ୍ୟ, ସକଳ ଶକ୍ତି ଓ ସାମର୍ଥ୍ୟ ଓ ସକଳ ଅସ୍ତିତ୍ୱର ମୂଳ ଓ ଆଧାର; ମାତ୍ର ଏହା ଯୁଗପତ୍ ଭାବରେ ଏକ ବିଶ୍ୱାତୀତ ଓ ଚେତନାମୟ ସତ୍ତା । ଏହା ସର୍ବବ୍ୟକ୍ତିମାନ୍, ଚେତନାମୟ ସକଳ ସତ୍ତା ଯାହାର ଅନେକ ଆତ୍ମା ଓ ବ୍ୟକ୍ତିତ୍ୱ ରୂପରେ ଅବସ୍ଥାନ କରୁଛନ୍ତି । କାରଣ ସେହି ହେଉଛନ୍ତି ସେଗୁଡ଼ିକର ସର୍ବୋଚ୍ଚ ଆତ୍ମରୂପ ଏବଂ ବିଶ୍ୱଗତ ହୋଇ ବିରାଜି ରହିଥିବା ପରମ ଅଧିଷ୍ଠାତା । ବିଶ୍ୱଜଗତ ଭିତରେ ଜନ୍ମ ନେଇଥିବା ଜୀବାତ୍ମା ପକ୍ଷରେ

'oaob.nitrkl.ac.in' images reprocessed

ଆପଣାର ଏହି ସତ୍ୟଟିକୁ ଜାଣିବା ଓ ତାହାର ମଧ୍ୟକୁ ବିକଶିତ ହେବା ଏକାନ୍ତ ଆବଶ୍ୟକ; ପରମ ଦିବ୍ୟପୁରୁଷ ସହିତ ଆପଣାକୁ ଅଭିନ୍ନ ବୋଲି ଜାଣିବା, ଆପଣାର ପ୍ରକୃତିକୁ ସେହି ଦିବ୍ୟ ପ୍ରକୃତିର ଭୂମିକୁ ଉନ୍ନୋଳିତ କରିନେବା, ଆପଣାର ଅସ୍ତିତ୍ୱ ଓ ଆପଣାର ଚେତନାକୁ ସେହି ପରମ ଦିବ୍ୟ ଅସ୍ତିତ୍ୱ ଓ ଦିବ୍ୟ ଚେତନା ମଧ୍ୟକୁ ଉନ୍ନୋଳିତ କରିନେବା, ଆପଣାର ସତ୍ତାଗତ ଆନନ୍ଦକୁ ସେହି ପରମ ଦିବ୍ୟ ଆନନ୍ଦ ମଧ୍ୟକୁ ଉନ୍ନୋଳିତ କରିନେବା ଏକାନ୍ତ ଆବଶ୍ୟକ । ଏବଂ ଆପଣାର ସମ୍ଭୂତି-କ୍ଷେତ୍ରରେ ଏସବୁକୁ ଗ୍ରହଣ କରିନେବା, ଏହି ସମ୍ଭୂତିଟିକୁ ସେହି ଉଚ୍ଚତମ ପରମସତ୍ୟର ଏକ ଅଭିବ୍ୟକ୍ତିରେ ପରିଣତ କରିବା, ଆପଣାର ଅନ୍ତର ଭିତରେ ସେହି ପରମ ଦିବ୍ୟ ଆତ୍ମା ଓ ପରମ ସତ୍ତାଧୀଶ୍ୱରଙ୍କର ଅଧିକାରୀ ହୋଇ ରହିବା ଏବଂ ତହିଁ ସଙ୍ଗେ ସଙ୍ଗେ ସମ୍ପୂର୍ଣ୍ଣଭାବେ କେବଳ ତାଙ୍କରିଦ୍ୱାରା ଅଧିକୃତ ହୋଇ ରହିବା, ତାଙ୍କର ଦିବ୍ୟ ପରମଶକ୍ତି ଦ୍ୱାରା ଚାଳିତ ହେବା, ପରିପୂର୍ଣ୍ଣ ଆତ୍ମନିବେଦନ ଓ ସମର୍ପଣର ଭାବରେ ଜୀବନ ବଞ୍ଚିବା ଓ କର୍ମ କରିଯିବା,—ଏସବୁ ଏକାନ୍ତ ଆବଶ୍ୟକ । ଏବଂ ସେଇଥିଲାଗି ତାହାହିଁ ବିବର୍ତ୍ତନ ଧର୍ମୀ ଶକ୍ତିର ଅନ୍ତଃପ୍ରବୃତ୍ତି ଓ ତାହାର ଚରମ ଅଭିପ୍ରାୟ ହୋଇ ରହିଛି । ଅସ୍ତିତ୍ୱସମ୍ବନ୍ଧୀ ଯେଉଁ ଦ୍ୱୈତବାଦୀ ଓ ଈଶ୍ୱରବାଦୀ ମତଗୁଡ଼ିକ ଏହିସବୁର ସପକ୍ଷରେ ଥାଇ ପରମେଶ୍ୱର, ଆତ୍ମା ତଥା ଦିବ୍ୟ ପରମାଶକ୍ତିର ଶାଶ୍ୱତ ଓ ବାସ୍ତବ ଅସ୍ତିତ୍ୱ ଏବଂ ବିଶ୍ୱଗତ କ୍ରିୟାର ସମର୍ଥନ କରନ୍ତି, ସେଗୁଡ଼ିକ ମଧ୍ୟ ସମଗ୍ର ଅସ୍ତିତ୍ୱର ଏକ ସତ୍ୟକୁ ଅଭିବ୍ୟକ୍ତ କରିଥା'ନ୍ତି । ମାତ୍ର ଯଦି ସେଗୁଡ଼ିକର ଦର୍ଶନ ଈଶ୍ୱର ତଥା ଆତ୍ମାର ମର୍ମଗତ ଏକତ୍ୱକୁ ଅସ୍ୱୀକାର କରେ, ପରିପୂର୍ଣ୍ଣ ଏକତ୍ୱ ଲାଗି ଈଶ୍ୱର ଓ ଆତ୍ମାର କୌଣସି ସାମର୍ଥ୍ୟ ନାହିଁ ବୋଲି କହେ, ପ୍ରେମ, ଚେତନାର ସମ୍ମିଳନ, ଓ ଅସ୍ତିତ୍ୱ ମଧ୍ୟରେ ଅସ୍ତିତ୍ୱକୁ ନିମଜ୍ଜନ କରିଦେବା ଦ୍ୱାରା ଆତ୍ମା ପରମ ଦିବ୍ୟ ସତ୍ୟ ସହିତ ସଂଯୁକ୍ତ ହୋଇ ରହିଥିବା ଅବସ୍ଥାରେ ଉପଲବ୍ଧ ହେଉଥିବା ପରମ ଅନୁଭୂତିକୁ ଯଦି ସେହି ଦର୍ଶନ ଅଗ୍ରାହ୍ୟ କରି ଦେଉଥାଏ, ତେବେ ତାହା ତଥାପି ସମଗ୍ର ସତ୍ୟରେ ପହଞ୍ଚି ପାରେ ନାହିଁ ବୋଲି କହିବାକୁ ହେବ ।

ଆମର ଏହି ବିଶ୍ୱଜଗତରେ ପରମ ପୁରୁଷଙ୍କର ପ୍ରକାଶଲୀଳା ପ୍ରଥମେ ଏକ ସଂବୃତିର ଆକାର ଗ୍ରହଣ କରିଥାଏ । ଏହି ସଂବୃତି ହେଉଛି ଏକ ବିବୃତି ବା ବିବର୍ତ୍ତନ-କ୍ରମର ଆଦ୍ୟ ସୋପାନ । ଜଡ଼ର ଅବସ୍ଥା ହେଉଛି ଏହାର ନିମ୍ନତମ ସୋପାନ, ଏବଂ ପରମ ଚିତ୍‌ସତ୍ତା ହେଉଛି ଏହାର ସର୍ବୋଚ୍ଚ ଶିଖର । ସଂବୃତି ମଧ୍ୟକୁ ଏହି ଅବତରଣ କରିବାର ପର୍ଯ୍ୟାୟରେ ଆମେ ଅଭିବ୍ୟକ୍ତ ସତ୍ତାର ସାତୋଟି ଭିନ୍ନଭିନ୍ନ ତତ୍ତ୍ୱକୁ ବେଶ୍ ଲକ୍ଷ୍ୟ କରିପାରିବା, ଆପଣାକୁ ଅଭିବ୍ୟକ୍ତ କରୁଥିବା ଚେତନାର ସାତୋଟି ସୋପାନକୁ ଅନୁଭବ କରିପାରିବା, ସେଗୁଡ଼ିକ ଅନ୍ତର୍ନିହିତ ରହିଛନ୍ତି ବୋ'ଲି ବାସ୍ତବରୂପେ

'oaob.nitrkl.ac.in' images reprocessed

ଚହ୍ନି ନେଇ ପାରିବା ବା ସେଗୁଡ଼ିକର ପ୍ରତିଫଳନଟିକୁ ଅନୁଭବ କରିପାରିବା । ଏଥିରୁ ପ୍ରଥମ ତିନୋଟିଯାକ ହେଉଛନ୍ତି ଆଦି ତତ୍ତ୍ୱ ବା ଆଧାରଗତ ତତ୍ତ୍ୱ, ଏବଂ ସେମାନେ ଚେତନାର ଯେଉଁ ବିଶ୍ୱଗତ ବା ସର୍ବଗତ ଭୂମିଗୁଡ଼ିକର ରଚନା କରି ରଖିଛନ୍ତି, ଆମେ ଆପଣାକୁ ସେହିସବୁ ଭୂମିକୁ ଅବଶ୍ୟ ଉତ୍ତୋଳିତ କରି ନେଇ ପାରିବା । ଏବଂ ସେଠାରେ ଉପନୀତ ହୋଇ ଆମେ ଆଧ୍ୟାତ୍ମିକ ପରମସତ୍ୟର ମୌଳିକ ପରିପ୍ରକାଶ ଅର୍ଥାତ୍ ଆତ୍ମରୂପାୟନର ପରମ ଭୂମି ଅଥବା ସ୍ତରଗୁଡ଼ିକର ପରିଚୟ ଲାଭ କରିପାରିବା । ସେହି ଭୂମିର ସମ୍ମୁଖ ଭାଗରେ ପରମ ଦିବ୍ୟ ଅସ୍ତିତ୍ୱ, ପରମ ଦିବ୍ୟ-ଚେତନାର ଶକ୍ତି ଏବଂ ଅସ୍ତିତ୍ୱଗତ ଦିବ୍ୟ ଆନନ୍ଦର ପରମ ପ୍ରସନ୍ନତା,—ଏହି ତିନୋଟିଯାକର ଏକାନ୍ତ ସମାବେଶ ଅବସ୍ଥାପିତ ହୋଇ ରହିଛି । ଏଠାପରି ସେଠାରେ ସେଗୁଡ଼ିକ ପ୍ରଚ୍ଛନ୍ନ ବା ଆବୃତ ଭାବରେ ରହି ନାହିଁ, କାରଣ ସେଠାରେ ଆମେ ପୂର୍ଣ୍ଣ ଅନାବୃତ ଭାବରେ ସେଗୁଡ଼ିକର ସ୍ୱତନ୍ତ୍ର ସତ୍ତା ଓ ସତ୍ୟକୁ ଉପଲବ୍ଧି କରିବାକୁ ସମର୍ଥ ହୋଇଥାଉ । ଅତିମାନସ ଋତଚିତ୍‌ର ଏକ ଚତୁର୍ଥ ସତ୍ୟ ସେଗୁଡ଼ିକ ସହିତ ଯୁକ୍ତ ହୋଇ ରହିଥାଏ । ଅନ୍ତହୀନ ଅନେକତ୍ୱ ଭିତରେ ପରମ ଏକତ୍ୱଟିକୁ ଅଭିବ୍ୟକ୍ତ କରୁଥିବା ଏହି ବିଶେଷ ଶକ୍ତିଟିକୁ ଆମେ ପରମ ଅନନ୍ତସତ୍ତାର ଆତ୍ମବ୍ୟାକୃତିର ଶକ୍ତି ବୋଲି କହିବା । ପରମ ସତ୍ତା, ଚେତନା ଓ ଆନନ୍ଦର ଏହି ଚତୁର୍ଦ୍ଧା ଶକ୍ତିକୁ ନେଇ ଓ ପରମ ଚିତ୍‌ସତ୍ତାଙ୍କର ଶାଶ୍ୱତ ଆତ୍ମଜ୍ଞାନକୁ ଭିତ୍ତିକରି ଅଭିବ୍ୟକ୍ତିର ଏକ ଉପର-ମଣ୍ଡଳ ରଚିତ ହୋଇ ରହିଛି । ଯଦି ଆମେ ଏହି ତତ୍ତ୍ୱଗୁଡ଼ିକ ଭିତରେ କିମ୍ବା ପରମ ସତ୍ୟ ଆପଣାର ବିଶୁଦ୍ଧ ରୂପରେ ବିଦ୍ୟମାନ ଥିବା ଯେକୌଣସି ଭୂମିରେ ପ୍ରବେଶ କରିପାରିବା, ତେବେ ସେଠାରେ ଆମେ ଏକ ପରିପୂର୍ଣ୍ଣ ସ୍ୱାତନ୍ତ୍ର୍ୟ ଓ ପରିପୂର୍ଣ୍ଣ ଜ୍ଞାନର ପ୍ରତ୍ୟକ୍ଷ କରିବା । ସତ୍ତାର ଅବଶିଷ୍ଟ ତିନୋଟିଯାକ ସାମର୍ଥ୍ୟ ଓ ଭୂମି ବିଷୟରେ ବର୍ତ୍ତମାନ ମଧ୍ୟ ଆମର ପୂର୍ଣ୍ଣ ସଚେତ୍ ରହିଛି । ସେହି ଭୂମିଗୁଡ଼ିକ ଅଭିବ୍ୟକ୍ତିର ଏକ ତଳମଣ୍ଡଳର ରଚନା କରି ରହିଛନ୍ତି । ସେଗୁଡ଼ିକ ହେଉଛନ୍ତି ମନ, ପ୍ରାଣ ଓ ଜଡ଼ର ମଣ୍ଡଳ । ଏଗୁଡ଼ିକ ମଧ୍ୟ ବସ୍ତୁତଃ ଆମର ଆଲୋଚିତ ଊର୍ଦ୍ଧ୍ୱତର ତତ୍ତ୍ୱଗୁଡ଼ିକର ସାମର୍ଥ୍ୟ; ମାତ୍ର ଯେଉଁଠି ସେଗୁଡ଼ିକ ଆପଣାର ଆଧ୍ୟାତ୍ମିକ ଉତ୍ସରୁ ବିଚ୍ଛିନ୍ନ ହୋଇ ରହିବାର ଏକ ସ୍ଥିତିକୁ ଅଭିବ୍ୟକ୍ତ କରୁଥାʼନ୍ତି, ସେଠାରେ ବା ସେତେବେଳେ ତାହାର ପରିଣାମ ସ୍ୱରୂପ ଆପଣାର ପ୍ରାତିଭାସିକ ଭୂମିରେ ସେମାନେ ସ୍ୱକୀୟ ଓ ଯଥାର୍ଥ ଅବିଭାଜ୍ୟ ଅସ୍ତିତ୍ୱର ପରିବର୍ତ୍ତରେ ଏକ ବିଭକ୍ତ ଅସ୍ତିତ୍ୱ ମଧ୍ୟରେ ସ୍ଖଳିତ ହୋଇ ରହିଥାʼନ୍ତି । ଏହି ସ୍ଖଳନ ଓ ଏହି ବିଚ୍ଛିନ୍ନତା ସୀମାବଦ୍ଧ ଜ୍ଞାନର ଏକ ଅବସ୍ଥାକୁ ଜନ୍ମ ଦିଏ, ସେତେ-ବେଳେ ସେହି ଜ୍ଞାନ ଐକାନ୍ତିକ ଭାବରେ କେବଳ ଆପଣା ର ଅତିସୀମାବଦ୍ଧ ବିଶ୍ୱ-ରଚନାଟି ଭିତରେ ଆପଣାକୁ ଅଭିନିବିଷ୍ଟ କରି ରଖିଥାଏ ଏବଂ ତାହାର ପଛରେ ଯାହାକିଛି ରହିଛି, ତାହା ବିଷୟରେ ଏକାବେଳକେ ବିସ୍ମୃତ ହୋଇ ରହିଥାଏ ।

'oaob.nitrkl.ac.in' images reprocessed

ସତ୍ତାଟିକୁ ଏକାଠି ଯୋଡ଼ି ସୂତ୍ର ପରି ରହିଥିବା ଏକତ୍ୱଟିକୁ ମଧ୍ୟ ଭୁଲି ରହିଥାଏ । ଅର୍ଥାତ୍ ବିଶ୍ୱଗତ ତଥା ବ୍ୟକ୍ତିଗତ ଅବିଦ୍ୟାର ଏକ ଅବସ୍ଥା ଭିତରେ ପଡ଼ି ରହିଥାଏ ।

ଆମର ପ୍ରାକୃତ ଜୀବନଟି ଜଡ଼ର ଭୂମିରୁହିଁ ଉତ୍ପନ୍ନ ହୋଇଛି, ଏବଂ ସେହି ଜଡ଼ର ଭୂମି ଉପରକୁ ଅବତରଣ କରି ଆସିଥିବା ଅବସର୍ପିଣୀ ଧାରାଟି ଅବଶେଷରେ ଏକ ସମଗ୍ର ନିଶ୍ଚେତନରେ ପରିଣତ ହୋଇଛି । ସେହି ନିଶ୍ଚେତନ ମଧ୍ୟରୁହିଁ ଏକ ଧୀରଗତି ବିବର୍ତ୍ତନ ଦ୍ୱାରା ଏକ ସଂବୃତ ସତ୍ତା ଓ ସଂବୃତ ଚେତନାକୁ ଉନ୍ମିଷିତ ହୋଇ ଆସିବାକୁ ପଡ଼ିବ । ଏହି ଅନିବାର୍ଯ୍ୟ ବିବର୍ତ୍ତନ ପ୍ରକ୍ରିୟାଟି ନ୍ୟାୟତଃ ସର୍ବପ୍ରଥମେ ଜଡ଼ ଓ ଏକ ଜଡ଼ଜଗତର ବିକାଶ କରାଏ । ଜଡ଼ରେ ପ୍ରାଣର ଆବିର୍ଭାବ ହୁଏ, ପ୍ରାଣଧାରୀ ଜଡ଼ସତ୍ତାଗୁଡ଼ିକର ଆବିର୍ଭାବ ହୁଏ । ପ୍ରାଣ ମଧ୍ୟରେ ମନୋମୟତାର ପ୍ରକାଶ ଘଟେ, ଶରୀରଧାରୀ ଓ ମନନଶୀଳ ପ୍ରାଣୀମାନେ ଆସି ଦେଖାଦିଅନ୍ତି । ଜଡ଼ରୂପଗୁଡ଼ିକର ମାଧ୍ୟମରେ ମନ ଆପଣାର ସାମର୍ଥ୍ୟ ଓ କ୍ରିୟାକଳାପକୁ ସତତ ଅଭିବୃଦ୍ଧ କରାଇବାରେ ଲାଗିଥାଏ, ଏବଂ ଅଭିବୃଦ୍ଧିର ଏହି ସମ୍ମୁଖଯାତ୍ରାରେ ଅନିବାର୍ଯ୍ୟତଃ ଦିନେ ନା ଦିନେ ଅତିମାନସ ବା ଋତଚିତ୍ ମଧ୍ୟ ଆବିର୍ଭୂତ ହେବ । ନିଶ୍ଚେତନ ମଧ୍ୟରେ ଯେଉଁ ପ୍ରେରଣାଶକ୍ତିଟି ଲୁକ୍କାୟିତ ହୋଇ ରହିଛି ଏବଂ ଯେଉଁ ଆବଶ୍ୟକତା ଦ୍ୱାରା ପ୍ରେରିତ ହୋଇ ପ୍ରକୃତି ଆପଣାର ଯାବତୀୟ କାର୍ଯ୍ୟ କରୁଛି, ତାହାଦ୍ୱାରାହିଁ ଅନିବାର୍ଯ୍ୟତଃ ଅତିମାନସ ବା ଋତଚିତ୍ର ପ୍ରକାଶ ଘଟିବ । ଅତିମାନସର ଆବିର୍ଭାବ ସହିତ ଏକ ଅତିମାନସ ପ୍ରାଣୀ ଭିତରେ ପରମ ଚିତ୍ସତ୍ତାଙ୍କର ଆତ୍ମଜ୍ଞାନ ଓ ପୂର୍ଣ୍ଣ ଜ୍ଞାନ ପ୍ରକାଶିତ ହୋଇଉଠିବ । ଏବଂ ଠିକ୍ ସେହି ବିଧାନଦ୍ୱାରା ପ୍ରେରିତ ହୋଇ, ଏକ ଅନ୍ତର୍ନିହିତ ପ୍ରୟୋଜନ ଓ ଅନିବାର୍ଯ୍ୟତା ଦ୍ୱାରା ପରିଚାଳିତ ହୋଇ ସେହି ଅତିମାନସ ଆମର ଏହି ଇହଭୂମି ଉପରେ ଦିବ୍ୟ ସତ୍ତା, ଦିବ୍ୟ ଚେତନା ଓ ସତ୍ତାଗତ ଦିବ୍ୟ ଆନନ୍ଦର ଗତିଶୀଳ ପ୍ରକାଶକୁ ସମ୍ଭବ କରାଇବ । ଏହି ପୃଥିବୀ ଉପରେ ଘଟୁଥିବା ବିବର୍ତ୍ତନକର୍ମଟି ମଧ୍ୟରେ ଯେଉଁ ବିଧାନ ଓ ଯୋଜନାଟି କାର୍ଯ୍ୟ କରୁଛି, ଏହାହିଁ ହେଉଛି ତାହାର ମୂଳ ତାତ୍ପର୍ଯ୍ୟ । ଏହି ପ୍ରୟୋଜନଟିହିଁ ଏହି ବିବର୍ତ୍ତନର ଯାବତୀୟ ସୋପାନ ଓ ମାତ୍ରାର ନିର୍ଦ୍ଧାରଣ କରିବ, ଏହାର ପ୍ରେରକ ତତ୍ତ୍ୱ ଓ ପ୍ରକ୍ରିୟାଟିର ଦିଗ ବତାଇଦେବ । ମନ, ପ୍ରାଣ ଓ ଜଡ଼,—ଏହି ତିନୋଟିକୁ ଆମେ ଏହି ବିବର୍ତ୍ତନଟିରେ ଏପର୍ଯ୍ୟନ୍ତ ଉପଲବ୍ଧ ହୋଇଥିବା ତିନୋଟି ସାମର୍ଥ୍ୟ ବୋଲି କହିବା । ଏଗୁଡ଼ିକ ସହିତ ଆମେ ସୁପରିଚିତ । ଅତିମାନସ ଏବଂ ସଚ୍ଚିଦାନନ୍ଦଙ୍କର ତିନୋଟିଯାକ ବିଭାବ ବର୍ତ୍ତମାନ ଆମଲାଗି ଗୋଟିଏ ଗୋଟିଏ ପ୍ରଚ୍ଛନ୍ନ ତତ୍ତ୍ୱରୂପେ ବିଦ୍ୟମାନ ରହିଛନ୍ତି, ଏଗୁଡ଼ିକ ଏପର୍ଯ୍ୟନ୍ତ ପୁରୋଭାଗକୁ ଆସିନାହାନ୍ତି ଏବଂ ପ୍ରକାଶିତ ରୂପରେ ସେଗୁଡ଼ିକର ଉପଲବ୍ଧି ଏପର୍ଯ୍ୟନ୍ତ ବାକୀ ରହିଛି । କେବଳ ଇଙ୍ଗିତ ଓ ସଙ୍କେତଦ୍ୱାରାହିଁ ଆମେ ବର୍ତ୍ତମାନ ସେଗୁଡ଼ିକର ଆଭାସ

'oaob.nitrkl.ac.in' images reprocessed

ପାଇ ପାରୁଛୁ; ଏପରି ଏକ ଖଣ୍ଡିତ ଓ ଆଂଶିକ ବିସ୍ତାରୁ ତାହାର ଆଭାସ ପାଉଛୁ ଯାହାକି ଏପର୍ଯ୍ୟନ୍ତ ଆପଣାର ନିମ୍ନଭାଗସ୍ଥ ଗତିସ୍ପନ୍ଦନଟିରୁ ଆପଣାକୁ ମୁକୁଳାଇ ଆଣି ପାରି ନାହିଁ; ଏବଂ ସେହି କାରଣରୁ ତାହାର ପ୍ରଭାବଟି ଆମ ପାଖରେ ସହଜରେ ଧରା ଦେଉ ନାହିଁ । ମାତ୍ର ସେଗୁଡ଼ିକର ବିକାଶକୁ ମଧ୍ୟ ଆମେ ସମାନଭାବରେ ସମୂହଗତ ଆତ୍ମାର ନିସୃତିର ଏକ ଅଙ୍ଗ ବୋଲି କହିପାରିବା । ଏହି ପୃଥିବୀର ପ୍ରାଣଭୂମିରେ ଓ ଜଡ଼ମଧ୍ୟରେ କେବଳ ଯେ ମନ ଏକ ଉପଲବ୍ଧ ଓ ଗତିଶୀଳ ତତ୍ତ୍ୱ ହିସାବରେ କାର୍ଯ୍ୟ କରିବ ତାହା ନୁହେଁ, ମାତ୍ର ମନର ଊର୍ଦ୍ଧ୍ୱରେ ଆଉ ଯାହାକିଛି ରହିଛି, ଏଠାରେ ତାହା ମଧ୍ୟ ଉପଲବ୍ଧ ହେବ, ଏଠାରେ ତାହାର ବି ଗତିସଂଗ୍ରହ ହେବ । ସେଗୁଡ଼ିକର ଯେ ଏହି ଭୂମିପୃଷ୍ଠରେ ଅବତରଣ ହୋଇସାରିଛି, ସେଥିରେ କୌଣସି ସନ୍ଦେହ ନାହିଁ; ମାତ୍ର ତାହା ପାର୍ଥିବ ପ୍ରାଣ ଓ ଜଡ଼ ଭିତରେ ତଥାପି ଲୁକ୍‌କାୟିତ ହୋଇ ରହିଛି ।

ପୂର୍ଣ୍ଣ ଜ୍ଞାନ ବିଷୟକ ଆମର ସିଦ୍ଧାନ୍ତଟି ମନକୁ ଏକ ସୃଜନଶୀଳ ତତ୍ତ୍ୱରୂପେ ଗ୍ରହଣ କରିଛି, ତାହାକୁ ସେହି ପରମସତ୍ତାର ଏକ ସାମର୍ଥ୍ୟ ବୋଲି ଗ୍ରହଣ କରିଛି । ପ୍ରକାଶର ସମଗ୍ର ଭୂମି ଉପରେ ତାହା ମନର ଯଥୋଚିତ ସ୍ଥାନଟିକୁ ନିର୍ଦ୍ଦିଷ୍ଟ କରି-ଦେଇଛି । ଠିକ୍ ସେହିପରି ତାହା ପ୍ରାଣ ଓ ଜଡ଼କୁ ମଧ୍ୟ ପରମ ଚିତ୍‌ସତ୍ତାଙ୍କର ଗୋଟିଏ ଗୋଟିଏ ସାମର୍ଥ୍ୟ ବୋଲି ଗ୍ରହଣ କରିଛି ଏବଂ ସେଗୁଡ଼ିକ ଭିତରେ ବି ଏକ ସୃଜନଶୀଳ ଶକ୍ତି ଅବସ୍ଥିତ ରହିଛି ବୋଲି ଘୋଷଣା କରିଛି । ମାତ୍ର ବସ୍ତୁବିଷୟକ ଯେଉଁ ସିଦ୍ଧାନ୍ତ କେବଳ ମନକୁହିଁ ଏକମାତ୍ର ଓ ପରମ ସୃଜନଶୀଳ ଶକ୍ତି ବୋଲି ଗ୍ରହଣ କରିନିଏ ଏବଂ ଯେଉଁସବୁ ଦର୍ଶନମତ ପ୍ରାଣ ଅଥବା ଜଡ଼କୁ ମଧ୍ୟ ଠିକ୍ ସେହିପରି ସର୍ବସତ୍ୟ ଓ ସର୍ବ-ପ୍ରଧାନ ବୋଲି କହିଥା'ନ୍ତି, ସେମାନେ କେବଳ ଏକ ଅର୍ଦ୍ଧସତ୍ୟକୁ ପ୍ରକାଶ କରିଥା'ନ୍ତି ଓ ପୂର୍ଣ୍ଣ ଜ୍ଞାନର ବାହକ ହୋଇପାରନ୍ତି ନାହିଁ । ଏକଥା ସତ ଯେ ଆପଣାର ପ୍ରଥମ ଆବିର୍ଭାବ ସମୟରେ ଜଡ଼ ପ୍ରଧାନତମ ତତ୍ତ୍ୱ ହୋଇ ରହିଥାଏ; ତାହା ସକଳ ବସ୍ତୁର ଆଧାର ପରି ମନେ ହେଉଥାଏ ଏବଂ ଆପଣା କ୍ଷେତ୍ରଟିର ଆୟତନ ଭିତରେ ପ୍ରକୃତରେ ସକଳ ବସ୍ତୁର ଆଧାର ହୋଇ ରହିଥାଏ, ସକଳ ବସ୍ତୁର ରଚନା କରିଥାଏ ଏବଂ ସକଳ ବସ୍ତୁର ଚରମ ଅବସ୍ଥାରୂପେ କାର୍ଯ୍ୟ କରେ । ମାତ୍ର ସ୍ୱୟଂ ଜଡ଼ ଏପରି ଏକ ତତ୍ତ୍ୱର ଏକ ପରିଣାମ ବୋଲି ସିଦ୍ଧ ହେଲାଣି, ଯାହାକି ନିଜେ ଜଡ଼ ନୁହେଁ । ତାହା ହେଉଛି ଶକ୍ତି । ଏବଂ ଏହି ଶକ୍ତି ଏକ ଆପେ-ବର୍ତ୍ତିମାନ ତତ୍ତ୍ୱରୂପେ କେବଳ ଶୂନ୍ୟ ଭିତରେହିଁ କାର୍ଯ୍ୟ କରୁଛି ବୋଲି କଦାପି କୁହାଯାଇ ପାରିବ ନାହିଁ । ଏହା ହୁଏତ ଏକ ପ୍ରଚ୍ଛନ୍ନ ଚେତନା ଓ ସତ୍ତାର କାର୍ଯ୍ୟ ବୋଲି ସିଦ୍ଧ ହୋଇପାରିବ; ଏବଂ ଗଭୀର ଭାବରେ ସେହି ଶକ୍ତିର ପର୍ଯ୍ୟାଲୋଚନା କରି ଦେଖିଲେ ତାହା ଖୁବ୍ ସମ୍ଭବ ଏକ ପ୍ରଚ୍ଛନ୍ନ ଚେତନା ଓ ସତ୍ତାର କାର୍ଯ୍ୟ ବୋଲି ପ୍ରମାଣିତ ହୋଇଯିବା ପରି ବୋଧ ବି ହେଉଛି ।

'oaob.nitrkl.ac.in' images reprocessed

ଏବଂ ଯେତେବେଳେ ଅଧ୍ୟାତ୍ମ ଜ୍ଞାନ ଓ ଅନୁଭୂତିର ଉନ୍ମେଷ ହେବ, ସେତେବେଳେ ତାହା ଏକ ନିଶ୍ଚିତ ସତ୍ୟରେ ପରିଣତ ହୋଇଯିବ । ସେତେବେଳେ ଆମେ ଜଡ଼ ମଧ୍ୟରେ ଅବସ୍ଥିତ ସୃଜନାତ୍ମକ ଶକ୍ତିଟିକୁ ସେହି ପରମ ଚିତ୍ତସତ୍ତ୍ୱଗତ ସାମର୍ଥ୍ୟର ଏକ ଗତିସ୍ପନ୍ଦନରୂପେ ଦେଖିବାକୁ ପାଇବା । ସ୍ୱୟଂ ଜଡ଼ କଦାପି ସର୍ବମୂଳ ତଥା ଚରମ ସତ୍ୟ ହୋଇପାରିବ ନାହିଁ । ମାତ୍ର ଏଣେ ଯେଉଁ ସିଦ୍ଧାନ୍ତରେ ଜଡ଼ ଓ ଚିନ୍ମୟତ୍ୱକୁ ପରସ୍ପରଠାରୁ ଅଲଗା କରିଦେଇ ପରସ୍ପରର ବିପରୀତ ବୋଲି ଦେଖାଇବାର ଚେଷ୍ଟା କରାଯାଏ, ସେଇଟିକୁ ମଧ୍ୟ ଆମେ ଠିକ୍ ବୋଲି ଗ୍ରହଣ କରିବା ନାହିଁ । ଜଡ଼ ହେଉଛି ଚିନ୍ମୟତାର ଏକ ରୂପ, ତାହାର ଏକ ଅଧିଷ୍ଠାନକ୍ଷେତ୍ର, ଏବଂ ଏହିଠାରେ ଏହି ଜଡ଼ ମଧ୍ୟରେହିଁ ଚିନ୍ମୟତ୍ୱର ଉପଲବ୍ଧି କରାଯାଇ ପାରିବ ।

ଠିକ୍ ସେହିପରି ଏକଥା ମଧ୍ୟ ସତ ଯେ ଆବିର୍ଭୂତ ହେବା ସମୟରେ ପ୍ରାଣ ବି ଆପଣାକ୍ଷେତ୍ରରେ ସର୍ବପ୍ରଧାନ ହୋଇ ରହିଥାଏ, ଆପଣାର ପ୍ରକାଶ ଲାଗି ତାହା ଜଡ଼କୁ ଏକ ଯନ୍ତ୍ର ବା ସାଧନରୂପେ ବ୍ୟବହାର କରେ । ସେତେବେଳେ ଦୃଷ୍ଟିପାତ କଲେ ତାହା ସତେଅବା ସ୍ୱୟଂ ଏକ ପ୍ରଚ୍ଛନ୍ନ ଓ ମୌଳିକ ତତ୍ତ୍ୱପରି ମନେହୁଏ, ମନେହୁଏ, ସତେଯେପରି ତାହାହିଁ ସକଳ ପଦାର୍ଥର ସୃଷ୍ଟି କରୁଛି ଏବଂ ଆପଣାକୁ ଜଡ଼ର ନାନା ରୂପ ଭିତରେ ଲୁଚାଇ କରି ରଖିଛି । ଏହି ପ୍ରତୀତି ମଧ୍ୟରେ ବି ଏକ ସତ୍ୟ ରହିଛି ଏବଂ ଏହାକୁ ପୂର୍ଣ୍ଣ ଜ୍ଞାନର ଏକ ଅଙ୍ଗରୂପେ ଅବଶ୍ୟ ସ୍ୱୀକାର କରି ନେବାକୁ ପଡ଼ିବ । ପ୍ରାଣ ଯେ ମୌଳିକ ପରମସତ୍ୟ ନୁହେଁ ସେକଥା ଠିକ୍, ମାତ୍ର ତଥାପି ତାହା ସେହି ସତ୍ୟରହିଁ ଗୋଟିଏ ରୂପ, ସେହି ସତ୍ୟରହିଁ ଏକ ସାମର୍ଥ୍ୟ । ସେହି ସତ୍ୟଦ୍ୱାରା ପ୍ରେରିତ ହୋଇ ପ୍ରାଣ ତାହାର ଏକ ବ୍ରତଧାରୀରୂପେ ଜଡ଼ ଭିତରେ ଏକ ସୃଜନାତ୍ମକ ପ୍ରେରଣା ହୋଇ ରହିଛି । ତେଣୁ ପ୍ରାଣକୁ ମଧ୍ୟ ଏଠାରେ ଆମ କ୍ରିୟାସାଧନର ଏକ ଉପାଦାନରୂପେ ଗ୍ରହଣ କରିବାକୁ ପଡ଼ିବ । ପ୍ରାଣରୂପ ଗତିଶୀଳ ଆଶସ୍ପୃଷ୍ଟି ଭିତରେ ଆମକୁ ଏଠାରେ ପରମ ଦିବ୍ୟ ଅସ୍ତିତ୍ୱକୁ ନେଇ ଚାଲିଦେବାକୁ ପଡ଼ିବ । ମାତ୍ର ଆମେ ପ୍ରାଣକୁ ଏହିଭଳି ଏକ ରୂପରେ ଗ୍ରହଣ କରିବା, କାରଣ ଏହା ହେଉଛି ପରମ ଦିବ୍ୟ ଶକ୍ତିର ଏକ ଅନ୍ୟତମ ରୂପ, ଏବଂ ସେହି ପରମ ଦିବ୍ୟଶକ୍ତି ପ୍ରାଣଠାରୁ ଏକ ବୃହତ୍ତର ଶକ୍ତି । ପ୍ରାଣଶକ୍ତି କଦାପି ବସ୍ତୁଗୁଡ଼ିକର ସମୁଦାୟ ଭିତ୍ତି ନୁହେଁ ବା ସେଗୁଡ଼ିକର ଉତ୍ସ ବି ନୁହେଁ । ଆପଣାକୁ ସେହି ଦିବ୍ୟ ପରମସତ୍ତ୍ୱର ଏକ ଶକ୍ତିରୂପେ ନଜାଣିବା ପର୍ଯ୍ୟନ୍ତ ପ୍ରାଣଶକ୍ତି କଦାପି ପରିପୂର୍ଣ୍ଣତା ଲାଭ କରିପାରିବ ନାହିଁ, କଦାପି ପରିପୂର୍ଣ୍ଣ ସାର୍ଥକତା ପାଇପାରିବ ନାହିଁ ବା ଏପରିକି ଆପଣାର ଯଥାର୍ଥ ଗତି ଓ କ୍ରିୟାଟିକୁ ବୁଝିବାକୁ ସମର୍ଥ ହେବ ନାହିଁ । ସେହି ଊର୍ଦ୍ଧ୍ୱତର ପ୍ରକୃତିଟିର ଉଚ୍ଛଳ ସ୍ରୋତକୁ ବହନ କରିବାର ଏକ ମୁକ୍ତ ଧାରା ଭିତରକୁ ଆପଣାର କର୍ମକୁ ଉନ୍ନୋଳିତ ଓ ଉଦାତ୍ତ କରି ନନେବାଯାଏ ପ୍ରାଣଶକ୍ତି ସେହି ସାମର୍ଥ୍ୟଗୁଡ଼ିକୁ ଲାଭ କରିପାରିବ ନାହିଁ ।

'oaob.nitrkl.ac.in' images reprocessed

ସେହିପରି ମନ ମଧ୍ୟ ଆପଣା କ୍ଷେତ୍ରରେ ଆବିର୍ଭୂତ ହେଲାବେଳେ ଆଧିପତ୍ୟ ବିସ୍ତାର କରି ରହିଥାଏ । ପ୍ରାଣ ଓ ଜଡ଼କୁ ତାହା ଆପଣା ଅଭିବ୍ୟକ୍ତିର ସାଧନରୂପେ ବ୍ୟବହାର କରେ, ଆପଣାର ଅଭିବୃଦ୍ଧି ଓ ପ୍ରଭୁତ୍ୱ ଲାଗି ଏକ କ୍ଷେତ୍ରରୂପେ ବ୍ୟବହାର କରେ । ଏହା ଏପରି ଭାବରେ କାର୍ଯ୍ୟ କରିବାକୁ ଆରମ୍ଭ କରେ, ଯେଉଁଥିରୁ କି ତାହା ସ୍ୱୟଂ ସତେଅବା ସେହି ଯଥାର୍ଥ ଓ ପରମ ସତ୍ୟ ବୋଲି ମନେହୁଏ, ଅସ୍ତିତ୍ୱର ସ୍ରଷ୍ଟା ଓ ଏପରିକି ସାକ୍ଷୀ ବୋଲି ବି ମନେହୁଏ । ମାତ୍ର ଏହି ମନ ମଧ୍ୟ ଏକ ସୀମାବଦ୍ଧ ଶକ୍ତି, ଆଉ ଏକ ଶକ୍ତିରୁ ନିଷ୍ପନ୍ନ ହୋଇ ଆସିଥିବା ଏକ ଗୌଣ ଶକ୍ତି । ତାହା ଅଧିମାନସର ଏକ ପରିଣାମ, ଅଥବା ଏଠାରେ ପଡ଼ିଥିବା ଦିବ୍ୟ ଅଧିମାନସର ଏକ ଜ୍ୟୋତିର୍ମୟ ଛାୟା । ଏକ ବୃହତ୍ତର ଜ୍ଞାନର ଆଲୋକକୁ ଆପଣା ଭିତରେ ଗ୍ରହଣ କରିନେଇହିଁ ମନ ଆପଣାର ପରିପୂର୍ଣ୍ଣତା ଲାଭ କରିପାରିବ । ଆପଣା ଭିତରେ ରହିଥିବା ଅବିଦ୍ୟାଚ୍ଛନ୍ନ, ଅପୂର୍ଣ୍ଣ ଓ ଦ୍ୱନ୍ଦ୍ୱବିରୋଧମୟ ସାମର୍ଥ୍ୟ ଓ ମୂଲ୍ୟଗୁଡ଼ିକୁ ଏହାକୁ ଦିବ୍ୟଭାବରେ ସଜିସ୍ଥ ଓ ପ୍ରଭାବଶାଳୀ ହୋଇ ପାରୁଥିବା ଏକ ଶକ୍ତିମତ୍ତାରେ ତଥା ଅଧିମାନସ ଋତଚିତ୍ତର ସମତାତ୍ମକ ମୂଲ୍ୟଗୁଡ଼ିକରେ ରୂପାନ୍ତରିତ କରିଦେବାକୁ ପଡ଼ିବ । ଏହି ନିମ୍ନସ୍ଥ ମଣ୍ଡଳଟିରେ ଅବିଦ୍ୟାର ନାନା ବିରଚନାକୁ ବହନ କରି ଯେତେଯାହା ସାମର୍ଥ୍ୟ ଆତଯାତ ହେଉଛି, ଏକ ଶାଶ୍ୱତ ଆତ୍ମଜ୍ଞାନର ଊର୍ଦ୍ଧ୍ୱତର ମଣ୍ଡଳଟିରୁ ଆମ ପାଖକୁ ଅବତରଣ କରି ଆସୁଥିବା ଆଲୋକମୟତା ଦ୍ୱାରା ସେସବୁର କେବଳ ଏକ ରୂପାନ୍ତର ଘଟାଇ ପାରିଲେ ଯାଇ ସେଗୁଡ଼ିକ ଯଥାର୍ଥ ଆତ୍ମୋପଲବ୍ଧି ଲାଭ କରିପାରିବେ ।

ସତ୍ତାର ଏହି ତନୋଟିଯାକ ନିମ୍ନତର ସାମର୍ଥ୍ୟ ନିଶ୍ଚେତନକୁ ଭିତ୍ତି କରି ଠିଆ ହୋଇଛନ୍ତି ଏବଂ ସତେଅବା ସେଇଥିରୁ ଜାତ ଓ ତାହାରି ଆଶ୍ରିତ ହୋଇ ରହିଥିବା ପରି ବୋଧ ହେଉଛନ୍ତି : ନିଶ୍ଚେତନାର ଏହି କୃଷ୍ଣବର୍ଣ୍ଣ ଅଜଗର ନିଜର ପ୍ରକାଣ୍ଡ ଡେଣା ଓ ଅନ୍ଧକାରରୂପୀ ପିଠି ଉପରେ ଜଡ଼ଜଗତର ସମୁଦାୟ ଭାରଟିକୁ ବହନ କରି ରହିଛି; ଏହାର ଶକ୍ତିଗୁଡ଼ିକହିଁ ସତତଧାବମାନ ବସ୍ତୁଗୁଡ଼ିକୁ ଆତଯାତ କରାଉଛି, ଏହାର ଅସ୍ପଷ୍ଟ ସଙ୍କେତମାନ ସ୍ୱୟଂ ଚେତନାର ମଧ୍ୟ ଆଦ୍ୟବିନ୍ଦୁ ପରି ମନେହେଉଛି, ପ୍ରାଣଗତ ସକଳ ପ୍ରବେଗର ଉତ୍ସ ପରି ମନେହେଉଛି । ନିଶ୍ଚେତନାରୁହିଁ ସବୁକିଛି ଜନ୍ମଲାଭ କରିଛି ଓ ଏଣୁ ଏହି କ୍ଷେତ୍ରରେ ତାହାରିହିଁ ସବୁଠାରୁ ଅଧିକ ପ୍ରାଧାନ୍ୟ ରହିଛି,—ସେଥିଲାଗି ଜ୍ଞାନଜିଜ୍ଞାସାର ଏକ ନିର୍ଦ୍ଦିଷ୍ଟ ମତ ତାହାକୁହିଁ ଯଥାର୍ଥ ଜନକ ଓ ସ୍ରଷ୍ଟା ବୋଲି ଧରିନିଏ । ଏକଥା ଅବଶ୍ୟ ଗ୍ରହଣ କରି ନିଆଯିବ ଯେ ଏକ ନିଶ୍ଚେତନ ଶକ୍ତି ଓ ଏକ ନିଶ୍ଚେତନ ଉପାଦାନ ହେଉଛନ୍ତି ବିବର୍ତ୍ତନର କ୍ରମାନ୍ୱିତ ପଥରେ ଆମର ପ୍ରଥମ ବିନ୍ଦୁ । ମାତ୍ର ତଥାପି ସ୍ମରଣ ରଖିବାକୁ ପଡ଼ିବ ଯେ ଏଠାରେ ଏହି ବିବର୍ତ୍ତନ କ୍ଷେତ୍ରରେ ଏକ ଚେତନାମୟ ଚିତ୍ସତ୍ତାହିଁ ବିକାଶଲାଭ କରୁଛି, କୌଣସି ଏକ ନିଶ୍ଚେତନ ସତ୍ତା ଆଦୌ ବିକାଶ ଲାଭ କରୁ ନାହିଁ । କ୍ରମଶଃ ଊର୍ଦ୍ଧ୍ୱତର

'oaob.nitrkl.ac.in' images reprocessed

ହୋଇ ରହିଥିବା ନାନା ସତ୍ତାଗତ ସାମର୍ଥ୍ୟର ଏକ କ୍ରମପରମ୍ପରା ସେହି ନିଶ୍ଚେତନା ଏବଂ ତାହାର ପ୍ରାଥମିକ ବିରଚନାଗୁଡ଼ିକୁ ଭେଦ କରିବାରେ ଲାଗିଛି ଏବଂ ସେଗୁଡ଼ିକୁ ଚେତନାର ଅଧୀନ କରି ରଖୁଛି, ଯାହାଦ୍ୱାରା କି ବିବର୍ତ୍ତନର ମାର୍ଗରେ ସେଗୁଡ଼ିକ ତରଫରୁ ଉପୁଜୁଥିବା ବାଧା ଓ ବ୍ୟାଘାତର ବେଷ୍ଟନୀମାନ କ୍ରମେ ଭାଙ୍ଗିଭାଙ୍ଗି ଯାଉଛି, ସେଗୁଡ଼ିକର ଅସ୍ପଷ୍ଟତାରୂପୀ ଅଜଗରକୁଣ୍ଡଳୀମାନ ସତ୍ୟଜ୍ଞାନରୂପୀ ସେହି ସୂର୍ଯ୍ୟଦେବଙ୍କ ଜ୍ୟୋତିର୍ବାଣଦ୍ୱାରା ବିଦ୍ଧ ହୋଇଯାଉଛି । ଠିକ୍ ସେହିପରି ଆମ ଜଡ଼ୋପାଦାନର ସୀମା-ଗୁଡ଼ିକ ମଧ୍ୟ କ୍ରମଶଃ ହ୍ରାସ ହୋଇଯିବାରେ ଲାଗିଥିବ, ଶେଷରେ ତାହା ସେହି ସୀମା-ଗୁଡ଼ିକୁ ଅତିକ୍ରମ କରିଯିବ; ଏବଂ ଦିବ୍ୟ ଚେତନା, ଦିବ୍ୟ ଶକ୍ତି ଓ ଦିବ୍ୟ ଚିନ୍ମୟତ୍ୱର ବୃହତ୍ତର ବିଧାନଟି ଦ୍ୱାରା ଅଧିକୃତ ହୋଇ ମନ, ପ୍ରାଣ ଓ ଶରୀରରେ ମଧ୍ୟ ରୂପାନ୍ତର ଘଟିବ । ଅସ୍ତିତ୍ୱ ବିଷୟରେ ଯେତେଯାହା ଭିନ୍ନ ମତ ଓ ସିଦ୍ଧାନ୍ତମାନ ରହିଛି, ପୂର୍ଣ୍ଣ ଜ୍ଞାନ ସେଗୁଡ଼ିକର ପ୍ରତ୍ୟେକଟି ଭିତରୁ ପ୍ରାମାଣିକ ସତ୍ୟଗୁଡ଼ିକୁ ସ୍ୱୀକାର କରିନେଉଛି । ପ୍ରାମାଣିକ କହିଲେ ଏଠାରେ ଅବଶ୍ୟ ସେଗୁଡ଼ିକର ଆପଣା ଆପଣା କ୍ଷେତ୍ରରେ ପ୍ରାମାଣିକ ହେବାକୁ ବୁଝାଉଛି । ମାତ୍ର ତାହା ସେଗୁଡ଼ିକର ସୀମାବଦ୍ଧତା ଓ ଅସ୍ୱୀକାରର ସକଳ ବୃତ୍ତିକୁ ଦୂର କରିଦେବାକୁ ଚେଷ୍ଟା କରୁଛି, ସେହି ଏକ ଓ ସର୍ବଗତ ଅସ୍ତିତ୍ୱ ମଧ୍ୟରେ ଆମ ସତ୍ତାର ଯାବତୀୟ ସକଳ ଦିଗଗୁଡ଼ିକୁ ପରିପୂର୍ଣ୍ଣ କରି ଦେଉଥିବା ଏକ ବୃହତ୍ତର ସତ୍ୟ ମଧ୍ୟରେ ପୂର୍ଣ୍ଣ ଜ୍ଞାନ ଏହିସବୁ ଆଂଶିକ ଖଣ୍ଡସତ୍ୟଗୁଡ଼ିକୁ ସମନ୍ୱିତ ଓ ସୌଷମ୍ୟଯୁକ୍ତ କରି ରଖୁଛି ।

ଏହିଠାରେ ଆମେ ଆଉ ଟିକିଏ ଆଗକୁ ପାଦ ପକାଇବା ଓ କେବଳ ଆମର ଭାବନା ଓ ଅନ୍ତର୍ଗତ ଗତିସ୍ପନ୍ଦନଗୁଡ଼ିକୁ ନୁହେଁ, ମାତ୍ର ଆମ ଜୀବନର ସମଗ୍ର ଦିଗଟିକୁ ମଧ୍ୟ ଯେଉଁ ତତ୍ତ୍ୱଜ୍ଞାନଗତ ସତ୍ୟ ନିରୂପଣ କରୁଛି ବୋଲି ଆମେ କହୁଛୁ, ତାହାର ସ୍ୱରୂପ ବିଚାର କରିବାକୁ ଚେଷ୍ଟା କରିବା । ଏହି ସତ୍ୟକୁ ଆମେ ଆମର ଆତ୍ମାନୁଭବ ତଥା ବିଶ୍ୱାନୁଭବର ଏକ ନିଷ୍ପତ୍ତିଶୀଳ ସମାଧାନ ଖୋଜି ବାହାର କରିବାରେ ଏକ ପଥପ୍ରଦର୍ଶକ ବୋଲି ବି ସ୍ୱୀକାର କରିଛୁ । ଆମର ତତ୍ତ୍ୱଜ୍ଞାନ, ବିଶ୍ୱଜଗତର ମୂଳ ସତ୍ୟ ଏବଂ ଅସ୍ତିତ୍ୱର ଅସଲ ତାତ୍ପର୍ଯ୍ୟ ବିଷୟରେ ଆମର ମତ,— ସ୍ୱଭାବତଃ ଏହିଗୁଡ଼ିକହିଁ ଜୀବନ ସମ୍ବନ୍ଧରେ ଆମର ସମଗ୍ର ଧାରଣା ଓ ଜୀବନ ପ୍ରତି ଆମର ଦୃଷ୍ଟିକୋଣଟିକୁ ନିରୂପଣ କରିବ । ଏବଂ ଜୀବନର ଉଦ୍ଦେଶ୍ୟ ବିଷୟରେ ଆମର ଯାବତୀୟ କଳ୍ପନା ମଧ୍ୟ ତାହାକୁହିଁ ଆଧାର କରି ଠିଆହେବ । ସତ୍ତାର ଯାବତୀୟ ପ୍ରକ୍ରିୟା ଓ ସେହି ପ୍ରକ୍ରିୟାଗୁଡ଼ିକରୁ ଉପୁଜୁଥିବା ପ୍ରତିଭାସଠାରୁ ଅଲଗା କରି ଦେଖାଇ ଦେଇଭଳି ସତ୍ତାର ମୌଳିକ ସତ୍ୟ ଓ ତତ୍ତ୍ୱଗୁଡ଼ିକୁ ନିରୂପଣ କରିବାର ଏକ ଉଦ୍ୟମକୁ ଆମେ ତତ୍ତ୍ୱଦର୍ଶନ ବୋଲି କହିବା । ମାତ୍ର ବସ୍ତୁତଃ ସେହି ମୌଳିକ ସତ୍ୟଗୁଡ଼ିକ ଉପରେହିଁ ପ୍ରକ୍ରିୟାଗୁଡ଼ିକ ନିର୍ଭରଶୀଳ ହୋଇ ରହିଛି । ଆମ ଜୀବନର

'oaob.nitrkl.ac.in' images reprocessed

ନିଜସ୍ୱ ପ୍ରକ୍ରିୟା, ଏହାର ଉଦ୍ଦେଶ୍ୟ ଓ ପ୍ରଣାଳୀଗୁଡ଼ିକ ସମ୍ବନ୍ଧର ସତ୍ୟଟିକୁ ଆମେ ଯେପରି ଭାବରେ ଦେଖୁଛୁ, କେବଳ ତାହାର ଅନୁରୂପହିଁ ହେବା ଉଚିତ । ନହେଲେ ଯାହାକୁ ଆମେ ତତ୍ତ୍ୱଜ୍ଞାନ ବୋଲି କହୁବା, ତାହା ବୁଦ୍ଧିର କେବଳ ଏକ ଖେଳରେହିଁ ପର୍ଯ୍ୟବସିତ ହୋଇ ରହିବ, ଏବଂ ସେଥିରେ ଆଉ କୌଣସି କ୍ରିୟାତ୍ମକ ମହତ୍ତ୍ୱ ବି ରହିବ ନାହିଁ । ଏକଥା ସତ ଯେ ବୁଦ୍ଧି କେବଳ ସତ୍ୟଲାଗିହିଁ ସତ୍ୟର ଅନ୍ୱେଷଣ କରିବ ଏବଂ ଜୀବନ-ପ୍ରୟୋଜନର କୌଣସି ପୂର୍ବଗ୍ରହଯୁକ୍ତ ଧାରଣା ସେଥିରେ କୌଣସିପ୍ରକାର ଅନ୍ୟାୟ ହସ୍ତକ୍ଷେପ କରିବାକୁ ଆସିବ ନାହିଁ । ଏବଂ ତଥାପି ଯେଉଁ ସତ୍ୟଟିକୁ ଆମେ ଥରେ ଆବିଷ୍କାର କରିବାକୁ ସମର୍ଥ ହେବା, ଆମର ଅନ୍ତର୍ସତ୍ତା ତଥା ଆମର ବାହାରଙ୍ଗ ଯାବତୀୟ କାର୍ଯ୍ୟକଳାପରେ ତାହାକୁ ଉପଲବ୍ଧି ମଧ୍ୟ କରି ପାରିବାକୁ ହେବ । ଯଦି ସେପରି ନହୁଏ, ତେବେ ତାହାର ଏକ ବୁଦ୍ଧିଗତ ମୂଲ୍ୟ ରହିବ ସତ, ମାତ୍ର କୌଣସି ଯଥାର୍ଥ ସମଗ୍ରଜୀବନଗତ ମୂଲ୍ୟ କଦାପି ରହିବ ନାହିଁ । ଆମର ବୁଦ୍ଧି ଲାଗି ଏହା ଏକ ସତ୍ୟ ହୋଇ ରହିବ, ମାତ୍ର ଆମର ଜୀବନଲାଗି ଏହାର ଏକ ଭାବନାଗତ ପ୍ରହେଳିକାର ସମାଧାନଠାରୁ କୌଣସି ଅଧିକ ମୂଲ୍ୟ ରହିବ ନାହିଁ, ଅଥବା ତାହା ଏକ ବସ୍ତୁନିରପେକ୍ଷ ଅବାସ୍ତବତା କିମ୍ବା ଏକ ନିରର୍ଥକ ଲିପି ହୋଇ ରହିବ । ସତ୍ତାବିଷୟକ ସତ୍ୟ ଜୀବନର ସତ୍ୟର ନିର୍ଣ୍ଣାୟକ ହୋଇ ରହିବ । ଏପରି କଦାପି ହୋଇପାରିବ ନାହିଁ ଯେ ଦୁହିଁଙ୍କ ମଧ୍ୟରେ ଆଦୌ କୌଣସି ସମ୍ବନ୍ଧ ରହିବ ନାହିଁ କିମ୍ବା ଦୁହେଁ ପରସ୍ପର ଉପରେ ଆଦୌ ନିର୍ଭର କରି ରହିବେ ନାହିଁ । ଆମେ ଯାହାକୁ ଜୀବନର ସର୍ବୋଚ୍ଚ ଓ ପରମ ତାତ୍ପର୍ଯ୍ୟ ବୋଲି ଗ୍ରହଣ କରୁଥିବା, ଅସ୍ତିତ୍ୱର ମୌଳିକ ସତ୍ୟରୂପେ ଯାହାକୁ ସ୍ୱୀକାର କରୁଥିବା, ତାହାହିଁ ଆମ ଜୀବନଯାପନର କ୍ଷେତ୍ରରେ ମଧ୍ୟ ଗୃହୀତ ତାତ୍ପର୍ଯ୍ୟ ହୋଇ ରହିବ, ଆମର ଉଦ୍ଦେଶ୍ୟ ଓ ଆମର ଆଦର୍ଶ ହୋଇ ରହିବ ।

ଏହି ଦୃଷ୍ଟିରୁ ବିଚାର କରି ଦେଖିଲେ ଆମେ ମୋଟାମୋଟି ତିନୋଟି ପ୍ରଧାନ ସିଦ୍ଧାନ୍ତରେ ଆସି ପହଞ୍ଚିବା ଅଥବା ତିନିପ୍ରକାର ସିଦ୍ଧାନ୍ତରେ ଆସି ପହଞ୍ଚିବା । ପ୍ରତ୍ୟେକ ସିଦ୍ଧାନ୍ତର ଏକ ଅନୁରୂପ ମନୋଗତ ଦୃଷ୍ଟିଭଙ୍ଗୀ ରହିଥିବ ଏବଂ ଅସ୍ତିତ୍ୱସମ୍ବନ୍ଧୀ ସତ୍ୟ ଆମର ତିନୋଟି ଭିନ୍ନଭିନ୍ନ ଧାରଣା ଅନୁସାରେ ତିନୋଟି ବିଭିନ୍ନ ଆଦର୍ଶ ବିଷୟରେ ମଧ୍ୟ ରହିଥିବ । ସେଗୁଡ଼ିକୁ ଆମେ ବିଶ୍ୱାତୀତ, ବିଶ୍ୱଗତ ଏବଂ ଐହିକ, ଅପାର୍ଥିବ ବା ପାରଲୌକିକ ଏବଂ ପୂର୍ଣ୍ଣ, ସମଗ୍ର ବା ସମନ୍ୱୟମୂଳକ ବୋଲି କହିପାରିବା । ପ୍ରଥମ ଦୁଇଟି ମତବାଦ ନିଜକୁ ଅପର ମତଗୁଡ଼ିକରୁ ପୃଥକ୍ କରି ସ୍ଥାପନା କରିବାକୁ ଇଚ୍ଛା କରନ୍ତି, ମାତ୍ର ଶେଷ ସିଦ୍ଧାନ୍ତଟିରେ ଅନ୍ୟ ଦୁଇଟି ମତ ଅଥବା ସେଥିରୁ ଯେକୌଣସି ଦୁଇଟି ମତକୁ ନେଇ ଏକ ସମନ୍ୱୟ ସାଧନ କରିବାର ପ୍ରୟାସ କରାଯାଇ ଥାଏ । ଏହି ଶେଷୋକ୍ତ ପ୍ରକାରର ସିଦ୍ଧାନ୍ତଗୁଡ଼ିକରେ ଆମର ଆପଣା ସିଦ୍ଧାନ୍ତଟି ମଧ୍ୟ ଅନ୍ତର୍ଭୁକ୍ତ

'oaob.nitrkl.ac.in' images reprocessed

ହୋଇପାରିବ; ଆମ ଜାଗତିକ ଜୀବନକୁ ଆମେ ସମୂହର ଲୀଳା ଏବଂ ଦିବ୍ୟ ପରମସତ୍ତାଙ୍କୁ ତାହାର ଉତ୍ସ ଓ ଉଦ୍ଦେଶ୍ୟରୂପେ ସ୍ୱୀକାର କରିନେଉ । ଆମେ ନିମ୍ନୋନ୍ମୋଚିତ ହେବାରେ ଲାଗିଥିବା ଏକ ରୂପାୟନଲୀଳାର କଳ୍ପନା କରିଥାଉ, ଏକ ଆଧ୍ୟାତ୍ମିକ କ୍ରମବିବର୍ତ୍ତନକ୍ରମର କଳ୍ପନା କରୁ, ବିଶ୍ୱାତୀତ ଭୂମିଟି ଯାହାର ଉତ୍ସ ଓ ଆଶ୍ରୟ ହୋଇ ରହିଛି, ପାରଲୌକିକ ଭୂମି ଯାହାଲାଗି ଏକ ପରିବେଶ ଯୋଗାଇ ଦେଉଛି ଓ ସଂଯୋଜକ ବା ସେତୁ ହୋଇ ରହିଛି, ବିଶ୍ୱଗତ ବା ଐହିକ ଯାହାର କ୍ଷେତ୍ରରୂପେ କାର୍ଯ୍ୟ କରୁଛି ଏବଂ ମନୁଷ୍ୟର ମନ ଓ ପ୍ରାଣ ଯେଉଁଠି ଏହାର ମଧ୍ୟବର୍ତ୍ତୀ ଗ୍ରନ୍ଥି ହୋଇ ରହିଛି, ଏକ ଉଚ୍ଚତର ତଥା ଉଚ୍ଚତମ ପରିପୂର୍ଣ୍ଣତା ଆଡ଼କୁ ମୁକ୍ତିଲାଭ କରି ପାରିବାଲାଗି ଦିକ୍‌ପରିବର୍ତ୍ତନର ଏକ ବିନ୍ଦୁ ହୋଇ ରହିଛି । ପ୍ରଥମ ତିନୋଟି ସିଦ୍ଧାନ୍ତ ଠିକ୍ କେଉଁଠାକୁ ଆସି ତା'ପରେ ଜୀବନର ସମଗ୍ର ଓ ସମାବେଶକ ଦୃଷ୍ଟିଭଙ୍ଗୀଟିଠାରୁ ବାଟବାଙ୍ଗି ଅନ୍ୟଆଡ଼େ ଚାଲି ଯାଉଛନ୍ତି ଏବଂ ସେମାନେ ଯେଉଁସବୁ ସତ୍ୟ ଉପରେ ଠିଆହୋଇ ରହିଛନ୍ତି, ସେଗୁଡ଼ିକ କେତେଦୂର ସେହି ସମଗ୍ର ସିଦ୍ଧାନ୍ତଟି ସହିତ ଖାପ ଖାଇପାରିବେ, ଆମେ ବର୍ତ୍ତମାନ ସେହି କଥା ବିଚାର କରି ଦେଖିବା ।

ବିଶ୍ୱାତୀତର ସିଦ୍ଧାନ୍ତଟି କେବଳ ପରମ ଓ ସର୍ବୋଚ୍ଚ ସତ୍ତାକୁହିଁ ଏକମାତ୍ର ସମ୍ପୂର୍ଣ୍ଣ ସତ୍ୟ ବୋଲି ଗ୍ରହଣ କରେ । ବିଶ୍ୱ ତଥା ବ୍ୟକ୍ତିସତ୍ତାକୁ କେତେକ ପରିମାଣରେ ଅଳୀକ ବୋଲି ମନେକରିବା ବା ଭ୍ରମ ବୋଲି ଜାଣିବା ହେଉଛି ଏହି ଦର୍ଶନର ଏକ ବୈଶିଷ୍ଟ୍ୟ, ମାତ୍ର ଏହା ଏହି ଦର୍ଶନର ଆଦୌ ଏକ ପ୍ରଧାନ ମର୍ମ ନୁହେଁ, ତାହାର ପ୍ରଧାନ ବିଚାରଗୁଡ଼ିକରେ ଆଦୌ ଏକ ଅପରିହାର୍ଯ୍ୟ ଅଙ୍ଗ ନୁହେଁ । ବିଶ୍ୱଦୃଷ୍ଟିର ଚରମ ବ୍ୟାଖ୍ୟାରୂପଗୁଡ଼ିକରେ ଏହା ମାନବ-ଅସ୍ତିତ୍ୱର ପ୍ରକୃତରେ କୌଣସି ଅର୍ଥ ନାହିଁ ବୋଲି ବିଚାର କରିଥାଏ । ମାନବୀୟ ଅସ୍ତିତ୍ୱକୁ ଏହା ଆତ୍ମାର ଏକ ଭୁଲ ଅଥବା ଜୀବନବାସନାର ଏକ ପ୍ରଳାପ ବୋଲି କହେ, ଏହାକୁ ଏକ ଭ୍ରାନ୍ତି ବା ଅଜ୍ଞାନରୂପେ କଳ୍ପନା କରିଥାଏ, ଯାହାକି କୌଣସି ନା କୌଣସି ଉପାୟରେ ନିର୍ବିଶେଷ ବ୍ରହ୍ମସତ୍ତାକୁ ଆମଠାରୁ ଆଚ୍ଛନ୍ନ କରି ରଖିଥାଏ । ବିଶ୍ୱାତୀତ ସତ୍ୟ ହେଉଛି ଏକମାତ୍ର ଯଥାର୍ଥ ସତ୍ୟ; ଅଥବା, ଏଥିରେ କୌଣସି ସନ୍ଦେହ ନାହିଁ ଯେ ନିର୍ବିଶେଷ ପରମବ୍ରହ୍ମହିଁ ସକଳ ଅସ୍ତିତ୍ୱର ଆଦିମୂଳ, ସେଇ ସକଳ ଅସ୍ତିତ୍ୱର ଉଦ୍ଦେଶ୍ୟ । ଏହା ବ୍ୟତୀତ ଆଉ ଯାହାକିଛି ଅଛି, ତାହା କେବଳ ଏକ ମଧ୍ୟବର୍ତ୍ତୀ ଦୃଶ୍ୟ ମାତ୍ର ଓ ତାହାର କୌଣସି ସ୍ଥାୟୀ ତାତ୍ପର୍ଯ୍ୟ ନାହିଁ । ଯଦି ଏହାହିଁ ସତ୍ୟସାର ହୋଇଥାଏ, ତେବେ ଆମ ଆଗରେ କେବଳ ଗୋଟିଏମାତ୍ର କର୍ତ୍ତବ୍ୟହିଁ ରହିଛି । ଆମର ଅନ୍ତର୍ଗତ ବିବର୍ତ୍ତନ ଅଥବା ତତ୍ତ୍ୱଗତ ସତ୍ତାର କୌଣସି ପ୍ରଚ୍ଛନ୍ନ ବିଧାନ ତାହା ସମ୍ଭବ କଲା ମାତ୍ରକେ ପାର୍ଥିବ ତଥା ଅପାର୍ଥିବ ଯାବତୀୟ ଜୀବନକ୍ଷେତ୍ରରୁ ବାହାରି ପଳାଇଯିବାହିଁ

'oaob.nitrkl.ac.in' images reprocessed

ସେତେବେଳେ ବିଜ୍ଞତାର ଏକମାତ୍ର କାର୍ଯ୍ୟ ହେବ, କେବଳ ତାହାରିଦ୍ୱାରାହିଁ କୌଣସି ଯଥାର୍ଥ ପ୍ରୟୋଜନ ସାଧିତ ହେବ । ଅବଶ୍ୟ ଏହି ଭ୍ରମ କେବଳ ଆପଣା ନିକଟରେହିଁ ଏକ ସତ୍ୟ ହୋଇ ରହିଥାଏ; ଅର୍ଥାତ୍ ଆମେ ଯେତେବେଳଯାଏ ମାୟା ଭିତରେ ରହିଥାଉ, ସେତେବେଳେ ମାୟାଟାହିଁ ସତ୍ୟ ବୋଲି ମନେହୁଏ, ସେତେବେଳଯାଏ ଏହି ଅଳୀକ ବସ୍ତୁ ମଧ୍ୟରେ ପ୍ରକୃତରେ କୌଣସି ଅର୍ଥ ଓ ଉଦ୍ଦେଶ୍ୟ ରହିଥିଲା ପରି ମନେହୁଏ । ଏହି ଭ୍ରମ ମଧ୍ୟରେ ବାସ କରୁଥିବା ପର୍ଯ୍ୟନ୍ତ ତାହାର ବିଧାନ ଓ ତଥ୍ୟଗୁଡ଼ିକ ମାନି ଚଳିବାଲାଗି ଆମେ ବାଧ୍ୟ ହୋଇଥାଉ । ତଥାପି ମନେରଖିବାକୁ ହେବ ଯେ ତାହା ହେଉଛି କେବଳ ମାୟାଗତ ତଥ୍ୟ; କେବଳ ତଥ୍ୟ ମାତ୍ର, ସତ୍ୟ ନୁହେଁ; କେବଳ ବ୍ୟାବହାରିକ ସତ୍ୟ, ଯଥାର୍ଥ ସତ୍ୟ ନୁହେଁ । ମାତ୍ର ଯଥାର୍ଥ ଜ୍ଞାନର ଯେକୌଣସି ଦୃଷ୍ଟିକୋଣରୁ ବିଚାରି ଦେଖିଲେ, ବସ୍ତୁଗୁଡ଼ିକର ଯଥାର୍ଥ ସତ୍ୟର ମାପକାଠିରେ ମାପି ଦେଖିଲେ ଏହିସବୁ ଆତ୍ମ-ଭ୍ରାନ୍ତ ଆମକୁ ବିଶ୍ୱରୂପ ଏକ ପାଗଳଖାନାର ବିଧାନ ତୁଳନାରେ କୌଣସି ଗୁଣରେ ଭିନ୍ନ ବୋଲି ଆଦୌ ବୋଧ ହେବ ନାହିଁ । ଆମେ ଯେପର୍ଯ୍ୟନ୍ତ ପାଗଳ ହୋଇ ରହିଛୁ ଓ ଏହି ପାଗଳଖାନାରେ ବାସ କରୁଛୁ, ସେପର୍ଯ୍ୟନ୍ତ ଆମେ କେବଳ ତାହାରି ନିୟମଗୁଡ଼ିକ ଦ୍ୱାରାହିଁ ବାଧ୍ୟ ହୋଇ ରହିଛୁ । ଆମ ଆପଣା ଆପଣାର ରୁଚି ଓ ସ୍ୱଭାବ ଅନୁସାରେ ସେହି ନିୟମଗୁଡ଼ିକରୁ ଉପକୃତ ହେବା ଅଥବା ଦୁର୍ଯୋଗ ଭୋଗ କରିବା ବ୍ୟତୀତ ଆମଲାଗି ଆଉ କୌଣସି ଗତି ନାହିଁ । ମାତ୍ର ଏହି ପାଗଳ ଅବସ୍ଥାରୁ ଆରୋଗ୍ୟ ଲାଭ କରି ଆପଣାକୁ ଆଲୋକ, ସତ୍ୟ ଓ ସ୍ୱାତନ୍ତ୍ର୍ୟ ଆଡ଼କୁ ପରିଚାଳିତ କରି ନେଇଯିବା,—ଏହାହିଁ ଏହି କ୍ଷେତ୍ରରେ ସବୁବେଳେ ଆମର ଯଥାର୍ଥ ଲକ୍ଷ୍ୟ ହୋଇ ରହିବ । ଏହି ପୂର୍ବର କଠୋରତାକୁ ଯେତେ ଲଘୁ କରି କୁହାଯାଉ ନା କାହିଁକି ଏବଂ ଜୀବନ ଓ ବ୍ୟକ୍ତିସତ୍ତାକୁ ସାମୟିକ ଭାବରେ ଯେକୌଣସି ପ୍ରକାର ବୈଧତା ଦିଆଯାଉ ନା କାହିଁକି, ତଥାପି ଏହି ସିଦ୍ଧାନ୍ତଟିର ଦୃଷ୍ଟିକୋଣରୁ ବିଚାର କଲେ ଯେଉଁ ବିଧାନ ବା ମାର୍ଗ ଆମକୁ ସବୁଠାରୁ କମ୍ ସମୟରେ ଆତ୍ମଜ୍ଞାନ ପାଖକୁ ନେଇଯିବାଲାଗି ସହାୟକ ହୋଇପାରିବ ଏବଂ ସବୁଠାରୁ ସିଧା ଓ ଅଳପ ରାସ୍ତାରେ ଆମକୁ ନିର୍ବାଣ ପାଖରେ ନେଇ ପହଞ୍ଚାଇ ଦେଇପାରିବ, ତାହାହିଁ ଆମ ଜୀବନର ଯଥାର୍ଥ ବିଧାନ ହୋଇ ରହିବ । ବ୍ୟକ୍ତିସତ୍ତା ତଥା ବିଶ୍ୱସତ୍ତାର ନିର୍ବାପନ, ପରମ ନିର୍ବିଶେଷ ସତ୍ତା ମଧ୍ୟରେ ଆପଣାର ସମ୍ପୂର୍ଣ୍ଣ ପ୍ରଳୟ,—ଯଥାର୍ଥ ଆଦର୍ଶ କହିଲେ କେବଳ ଏହାକୁହିଁ ବୁଝାଇବ । ଆତ୍ମନିର୍ବାପନର ଏହି ଆଦର୍ଶଟିକୁ ବୌଦ୍ଧ ଦାର୍ଶନିକମାନେ ବଡ଼ ସାହସ ଓ ସ୍ପଷ୍ଟତା ସହିତ ଘୋଷଣା କରିଛନ୍ତି, ବେଦାନ୍ତ ଏହାକୁ ଆତ୍ମୋପଲବ୍ଧି ବା ଆପଣାର ସନ୍ଧାନ ପାଇବା ବୋଲି ବର୍ଣ୍ଣନା କରିଛି । ମାତ୍ର କେବଳ ଯେତେବେଳେ ଦୁଇଟିଯାକ ପରସ୍ପରସମ୍ବନ୍ଧିତ ଦୁଇଟି ତତ୍ତ୍ୱରୂପେ ପ୍ରତିଷ୍ଠିତ ହୋଇପାରିବେ, ସେତିକିବେଳେ ଯାଇ ପରମ

'oaob.nitrkl.ac.in' images reprocessed

ନିର୍ବିଶେଷ ସତ୍ତା ମଧ୍ୟରେ ରହିଥିବା ଆପଣାର ଯଥାର୍ଥ ସତ୍ତା ମଧ୍ୟକୁ ଆପଣାକୁ ବିକଶିତ କରାଇ ବ୍ୟକ୍ତିର ଏହି ଆତ୍ମୋପଲବ୍ଧି ସମ୍ଭବ ହୋଇପାରିବ । ଶେଷରେ ସମୁଦାୟ ବିଶ୍ୱଜଗତଟିକୁ କାଟି ପକାଉଥିବା ସେହି ପରମ ନିର୍ବିଶେଷ ସତ୍ୟର ଆତ୍ମପ୍ରତିଷ୍ଠାର କ୍ଷେତ୍ରରେ ତାହା କଦାପି ପ୍ରଯୁଜ୍ୟ ହୋଇପାରିବ ନାହିଁ । ଏକ ଅବାସ୍ତବ ବା କ୍ଷଣସ୍ଥାୟୀ ବ୍ୟକ୍ତି ମଧ୍ୟରେ ରହିଥିବା ଆପଣାର ମିଥ୍ୟା ବ୍ୟକ୍ତିଗତ ସତ୍ତାଟିକୁ ବିଲୁପ୍ତ କରିଦେଲେ ତାହା ସମ୍ଭବ ହେବ ନାହିଁ । ଯେଉଁଠି ଏକ ପକ୍ଷରେ ସେହି ବ୍ୟକ୍ତିଗତ ଚେତନାଲାଗି ବ୍ୟକ୍ତିଗତ ତଥା ବିଶ୍ୱଗତ ସକଳ ଅସ୍ତିତ୍ୱକୁ ବିନଷ୍ଟ କରି ଦିଆଯାଉଥିବ, ଅଥଚ ଅନ୍ୟପକ୍ଷରେ ଏଣେ ପରମ ନିର୍ବିଶେଷ ସତ୍ତାଙ୍କର ପୂର୍ଣ୍ଣ ଅନୁମୋଦନ ସହିତ ଏକ ବିଶ୍ୱମୟ, ଚିରନ୍ତନ ଓ ଦୁର୍ଦ୍ଧର୍ଷ ଅବିଦ୍ୟା ମଧ୍ୟରେ ଅଜ୍ଞାନାଚ୍ଛନ୍ନ ଏହି ଜଗତରେ ଉପାୟଶୂନ୍ୟ ଓ ଅପରିହାର୍ଯ୍ୟ ଭାବରେ ଏହିସବୁ ଭ୍ରାନ୍ତି ବର୍ତ୍ତମାନ ରହିଥିବ, ସେଠାରେ ସେହି ଆତ୍ମୋପଲବ୍ଧି କଦାପି ସମ୍ଭବ ହେବ ନାହିଁ ।

ମାତ୍ର ଅସ୍ତିତ୍ୱ ସମ୍ବନ୍ଧରେ ଏକ ବିଶ୍ୱାତୀତ ସିଦ୍ଧାନ୍ତକୁ ମାନିନେବାଦ୍ୱାରା ତାହାର ଅବଶ୍ୟମ୍ଭାବୀ ପରିଣାମସ୍ୱରୂପ ଯେ ଜୀବନକୁ ଏକ ତୁଚ୍ଛା ବ୍ୟର୍ଥତା ବୋଲି କହିବାକୁ ପଡୁଛି, ସେକଥା ସମ୍ପୂର୍ଣ୍ଣ ଠିକ୍ ନୁହେଁ । ଉପନିଷଦର ବେଦାନ୍ତ ତତ୍ତ୍ୱରେ ବ୍ରହ୍ମର ସମ୍ଭୂତିକୁ ଏକ ସତ୍ୟ ବୋଲି ଗ୍ରହଣ କରାଯାଇଛି, ତେଣୁ ସତ୍ୟର ରାଜ୍ୟ ମଧ୍ୟରେ ସେଠାରେ ସମ୍ଭୂତିଲାଗି ଏକ ସ୍ଥାନ ରହିଛି; ସେହି ସତ୍ୟ ମଧ୍ୟରେ ଜୀବନର ଏକ ସତ୍ୟମୟ ବିଧାନ ରହିଛି, ଆମ ସତ୍ତାର ସୁଖବାଦୀ ଉପାଦାନଟି ଲାଗି ପରିତୃପ୍ତିର ଏକ ଅନୁମୋଦନ ରହିଛି, କାଳଗତ ସତ୍ତାର ଆନନ୍ଦଭୋଗ ଲାଗି ସ୍ଥାନ ରହିଛି । ଅସ୍ତିତ୍ୱର ବ୍ୟାବହାରିକ ଶକ୍ତିଟିକୁ ଫଳପ୍ରଦ ଭାବରେ କାର୍ଯ୍ୟରେ ଲଗାଇବାର ପରାମର୍ଶ ରହିଛି, ଏଥିରେ ଥିବା ଚେତନାରୂପୀ କାର୍ଯ୍ୟକାରୀ ଶକ୍ତିଟିର ବିନିଯୋଗ କରିବାକୁ କୁହାଯାଇଛି । ମାତ୍ର ଯେତେବେଳେ ଜୀବନର କାଳଗତ ପରିଣତିଟିର ସତ୍ୟ ଓ ବିଧାନ ଅରେ ଆପଣାର ଚରିତାର୍ଥତା ଲାଭ କରିପାରିବ, ସେତେବେଳେ ଆତ୍ମାକୁ ଆପଣାର ଚରମ ଆତ୍ମୋପଲବ୍ଧିର କ୍ଷେତ୍ରକୁ ଫେରି ଆସିବାକୁ ହେବ ବୋଲି କୁହାଯାଇଛି; କାରଣ ଏକ ବନ୍ଧନମୁକ୍ତ ଅଥବା ଏହାର ମୂଳଭୂତ ସତ୍ତା, ଏହାର ଶାଶ୍ୱତ ଆତ୍ମା ତଥା କାଳାତୀତ ସତ୍ୟ ଭିତରକୁ ମୁକ୍ତି ଲାଭ କରିବା ହେଉଛି ଏହାର ସ୍ୱଭାବସିଦ୍ଧ ସର୍ବୋଚ୍ଚ ଚରିତାର୍ଥତା । ଏହି କ୍ଷେତ୍ରରେ ସମ୍ଭୂତିର ଏକ ଚକ୍ରାବର୍ତ୍ତନ ବିଦ୍ୟମାନ ରହିଛି; ଏହି ଚକ୍ର ଶାଶ୍ୱତ ପରମ ସତ୍ତାଠାରୁ ଆରମ୍ଭ ହୋଇ ପୁଣି ତାହାରି ମଧ୍ୟରେହିଁ ପରିସମାପ୍ତ ହେଉଛି । ଅଥବା, ସର୍ବୋଚ୍ଚ ସତ୍ତାକୁ ପୁରୁଷ ବା ପୁରୁଷୋତ୍ତମ-ରୂପେ କଳ୍ପନା କଲେ, ସମ୍ଭୂତି ଓ ଜାଗତିକ ଜୀବନଯାତ୍ରାକୁ ଆମେ ଏକ ଅସ୍ଥାୟୀ କ୍ରୀଡ଼ା ବା ଲୀଳାବିଳାସ ବୋଲି କହିବା । ଏକଥାଟି ଅତି ସ୍ପଷ୍ଟ ହୋଇଯାଉଛି ଯେ

'oaob.nitrkl.ac.in' images reprocessed

ସମ୍ଭୂତ ହେବାଲାଗି ପରମ ସତ୍ତ୍ୱଙ୍କର ଇଚ୍ଛାଟି ବ୍ୟତୀତ, ସମ୍ଭୂତିଲାଗି ତାଙ୍କ ଚେତନାର ଇଚ୍ଛା ଓ ଶକ୍ତିର ଆବେଗ ବ୍ୟତୀତ ଏବଂ ସମ୍ଭୂତିଜନିତ ତାଙ୍କର ଆନନ୍ଦଟି ବ୍ୟତୀତ ଏଠାରେ ଜୀବନର ଆଉ ଅନ୍ୟ କୌଣସି ତାତ୍ପର୍ଯ୍ୟ ନାହିଁ । ଯେତେବେଳେ ବ୍ୟକ୍ତିଠାରୁ ଏହି ସମ୍ଭୂତିର ଆକୃତିଟି ଅପସରି ଯାଏ, ଅଥବା ଚରିତାର୍ଥତା ଲାଭ କରିବା ପରେ ଆଉ ସକ୍ରିୟ ହୋଇ ରହେ ନାହିଁ, ସେତେବେଳେ ସେହି ବ୍ୟକ୍ତି ଲାଗି ସମ୍ଭୂତିର ଲୀଳାଟି ବନ୍ଦ ହୋଇଯାଏ । ମାତ୍ର ଅନ୍ୟଥା ବିଶ୍ୱଜଗତ ଯେପରି ଚାଲିଥିଲା ଠିକ୍ ସେହିପରି ଚାଲିଥାଏ, ଅର୍ଥାତ୍ ବାରବାର ପ୍ରକାଶିତ ଓ ରୂପାୟିତ ହେବାରେ ଲାଗିଥାଏ; କାରଣ ସମ୍ଭୂତିର ଆକୃତି ହେଉଛି ଏକ ଶାଶ୍ୱତ ଆକୃତି । ଏହା ସର୍ବଦା ସେହିପରି ଶାଶ୍ୱତହିଁ ରହିବ, କାରଣ ଏହା ହେଉଛି ଏକ ଶାଶ୍ୱତ ପରମ ଅସ୍ତିତ୍ୱର ଅନ୍ତର୍ନିହିତ ଆକୃତି । ଏଠାରେ କୁହାଯାଇପାରେ ଯେ ଏହି ମତବାଦଟିରେ ଗୋଟିଏ ଦୋଷ ରହିଯାଉଛି; ଏଥିରେ ବ୍ୟକ୍ତିର ଆଉ କୌଣସି ମୌଳିକ ସତ୍ୟ ରହୁ ନାହିଁ, ତାହାର ସ୍ୱଭାବଗତ ବା ଆଧ୍ୟାତ୍ମିକ ନିତ୍ୟାତ୍ମକତାର କୌଣସି ସ୍ଥାୟୀ ମୂଲ୍ୟ ଓ ତାତ୍ପର୍ଯ୍ୟ ରହୁଛି ବୋଲି ସ୍ୱୀକାର କରାଯାଉ ନାହିଁ । ଏହାର ଉତ୍ତରରେ ଏକଥା କୁହାଯାଇ ପାରିବ ଯେ ବ୍ୟକ୍ତିର ବ୍ୟକ୍ତି ହିସାବରେ ଏକ ସ୍ଥାୟୀ ତାତ୍ପର୍ଯ୍ୟ ରହୁ ଅର୍ଥାତ୍ ବ୍ୟକ୍ତିର କ୍ଷେତ୍ରରେ ଏକ ଶାଶ୍ୱତତାକୁ ସ୍ୱୀକାର କରାଯାଉ, କେବଳ ଆମର ବହିର୍ଭାଗୀୟ ଅବିଦ୍ୟାଚ୍ଛନ୍ନ ଚେତନାଟିର ପ୍ରମାଦରେ ପଡ଼ିହିଁ ଆମେ ଏଭଳି ଦାବି କରି ବସିଥାଉ । ବ୍ୟକ୍ତି ହେଉଛି ପରମସତ୍ତ୍ୱର ଏକ ଅସ୍ଥାୟୀ ସମ୍ଭୂତି, ଏବଂ ତାହାକୁହିଁ ଏକ ଯଥେଷ୍ଟ ମୂଲ୍ୟ ଓ ତାତ୍ପର୍ଯ୍ୟ ବୋଲି ବେଶ୍ ସ୍ୱୀକାର କରାଯାଇ ପାରିବ । ଏଠାରେ ଆହୁରି କହିରଖିବା ଉଚିତ ଯେ ଏକ ପରମଶୁଦ୍ଧ ଓ ନିର୍ବିଶେଷ ଅସ୍ତିତ୍ୱ ମଧ୍ୟରେ ଆମେ କଦାପି କୌଣସି ମୂଲ୍ୟ ବା ତାତ୍ପର୍ଯ୍ୟର ଅଧ୍ୟାସ କରିପାରିବା ନାହିଁ । ହଁ, ଏହି ବିଶ୍ୱଜଗତ ମଧ୍ୟରେ ମୂଲ୍ୟଗୁଡ଼ିକର ଅବଶ୍ୟ ଅସ୍ତିତ୍ୱ ରହିଛି ଓ ଏଠି ସେଗୁଡ଼ିକ ଅପରିହାର୍ଯ୍ୟ । ମାତ୍ର କେବଳ ଆପେକ୍ଷିକ ଓ ସାମୟିକ ବିରଚନାରୂପେହିଁ ସେଗୁଡ଼ିକୁ ଆମେ ଅପରିହାର୍ଯ୍ୟ ବୋଲି କହିପାରିବା । ପରମ କାଳର ଭୂମି ଉପରେ କୌଣସି ପରମ ମୂଲ୍ୟ ବା ଶାଶ୍ୱତ ଓ ଆପେ-ବର୍ତ୍ତିମାନ ତାତ୍ପର୍ଯ୍ୟର କଳ୍ପନା କରାଯାଇ ନପାରେ । ଏହି ଯୁକ୍ତିଟି ଏକ ଯଥାର୍ଥ ଯୁକ୍ତି ପରି ମନେହେଉଛି ଏବଂ ଏହାପରେ ବିଷୟଟି ସମ୍ବନ୍ଧରେ ଆଉ ବେଶୀକିଛି କୁହାଯାଇ ପାରିବ ନାହିଁ । ମାତ୍ର ତଥାପି ପ୍ରଶ୍ନଟି ଠିକ୍ ସେହିପରିହିଁ ରହିଯାଏ;—କାରଣ ଆମର ବ୍ୟକ୍ତିସତ୍ତ୍ୱ ଉପରେ ଦିଆଯାଇଥିବା ମହତ୍ତ୍ୱ, ଏହା ଉପରେ କରାଯାଉଥିବା ଦାବି ଓ ବ୍ୟକ୍ତିର ପରିପୂର୍ଣ୍ଣ ହେବା ଓ ମୁକ୍ତିଲାଭ କରିବା ଉପରେ ଦିଆଯାଉଥିବା ମୂଲ୍ୟ,—ଏଗୁଡ଼ିକ ଏତେ ଗୁରୁତ୍ୱପୂର୍ଣ୍ଣ ଯେ ତାହାକୁ କେବଳ ଏକ ଗୌଣ ନିସ୍ତାର କୌଶଳ ବୋଲି କହି ଆଦୌ ଉଡ଼ାଇ ଦିଆଯାଇ ପାରିବ ନାହିଁ; ପରମ ଶାଶ୍ୱତ ସତ୍ତ୍ୱଙ୍କର ବିଶ୍ୱମୟ ସମ୍ଭୂତିଚକ୍ରଟିର ବିରାଟ କେତେ-

'oaob.nitrkl.ac.in' images reprocessed

କେତେ ଆବର୍ତ୍ତନ ମଧ୍ୟରେ ଏହା କୁଣ୍ଡଳୀ ରଚନା କରି ପୁଣି ସେହି କୁଣ୍ଡଳୀକୁ ଖୋଲିବାର ଏକ ଅତି ଅକାର୍ଯ୍ୟକର ପରିଭ୍ରମଣ ବୋଲି କଦାପି କୁହାଯାଇ ପାରିବ ନାହିଁ ।

ଏହାପରେ ଆମେ ବିଶ୍ୱଗତ ବା ଐହିକ ମତବାଦଟିର ଆଲୋଚନା କରିବା । ଏଇଟି ହେଉଛି ବିଶ୍ୱାତୀତ ମତବାଦର ଠିକ୍ ବିପରୀତ । ବିଶ୍ୱଗତ ଅସ୍ତିତ୍ୱକୁ ଏହି ମତବାଦ ସତ୍ୟ ବୋଲି ମାନିଥାଏ । ଆଉରି ପାଦେ ଅଗ୍ରସର ହୋଇ ଏହା ଏହି ବିଶ୍ୱକୁହିଁ ଏକମାତ୍ର ସତ୍ୟ ବୋଲି କହେ, ଏବଂ ଏହାର ଏହି ମତଟି ସାଧାରଣତଃ ଭୌତିକ ବିଶ୍ୱଜଗତର ଜୀବନ ମଧ୍ୟରେହିଁ ସୀମାବଦ୍ଧ ହୋଇ ରହିଥାଏ । ଯଦି ଈଶ୍ୱର ବୋଲି କେଉଁଠି କିଛି ଥା'ନ୍ତି, ତେବେ ସେ ହେଉଛନ୍ତି ଏହି ଶାଶ୍ୱତ ସମ୍ଭୂତି । ଅଥବା, ଯଦି ଈଶ୍ୱର ବୋଲି ପ୍ରକୃତରେ କୌଣସି ତତ୍ତ୍ୱ ବିଦ୍ୟମାନ ନଥାଏ, ଏହି ପ୍ରକୃତି ହେଉଛି ଏକ ଅବିରାମ ଓ ଚିରନ୍ତନ ସମ୍ଭୂତି । ଏଠାରେ ପ୍ରକୃତି କହିଲେ ଆମେ ତାହାକୁ ଯେକୌଣସି ଅର୍ଥରେ ଗ୍ରହଣ କରିପାରୁ; ଏହାକୁ ଜଡ଼କୁ ନେଇ ଶକ୍ତିର ଏକ ଖେଳ ବୋଲି କହିପାରୁ କିମ୍ବା ବିଶ୍ୱଗତ ଅମିତ ପ୍ରାଣକୁ ନେଇ ଶକ୍ତିର ଏକ ଖେଳ ବୋଲି କହିପାରୁ ଅଥବା ପ୍ରାଣ ଓ ଜଡ଼ର ମଧ୍ୟରେ ବାସ କରୁଥିବା ଏକ ନୈର୍ବ୍ୟକ୍ତିକ ବିରାଟ ମନର ବି ସ୍ୱୀକାର କରିପାରୁ । ପୃଥିବୀ ହେଉଛି ଏହି ସମ୍ଭୂତିର କ୍ଷେତ୍ର ବା ଅସ୍ଥାୟୀ ଅନେକ କ୍ଷେତ୍ର ମଧ୍ୟରୁ ପୃଥିବୀ ହେଉଛି ଗୋଟିଏ; ମନୁଷ୍ୟ ହେଉଛି ଏଠି ସମ୍ଭବ ହୋଇ ପାରୁଥିବା ସର୍ବୋଚ୍ଚ ରୂପ ଅଥବା ସମ୍ଭୂତିର ଅସ୍ଥାୟୀ ନାନା ରୂପ ଭିତରୁ କେବଳ ଗୋଟିଏ ପ୍ରକାର ରୂପ । ବ୍ୟକ୍ତିଗତ ଭାବରେ ବିଚାର କଲେ ମନୁଷ୍ୟ ସମ୍ପୂର୍ଣ୍ଣ ଭାବରେ ମରଣଶୀଳ ହୋଇପାରେ; ପାର୍ଥିବ ଅସ୍ତିତ୍ୱର କେବଳ ଏକ ନିର୍ଦ୍ଦିଷ୍ଟ ଅଳ୍ପକାଳ ସକାଶେ ଏଠାରେ ମନୁଷ୍ୟଜାତି ଆତଯାତ ହୋଇପାରେ । ସୌରମଣ୍ଡଳ ମଧ୍ୟରେ ଆପଣା ଜୀବନ୍ତକାଳର ହୁଏତ ଏକ ଦୀର୍ଘତର କାଳ ସକାଶେ ଏହି ପୃଥିବୀରେ ଜୀବନର ଅବସ୍ଥିତି ଘଟିପାରେ । ସେହି ସୌରମଣ୍ଡଳଟି ମଧ୍ୟ ହୁଏତ ଦିନେ ନା ଦିନେ ଶେଷ ହୋଇ ଯାଇପାରେ କିମ୍ବା ଅନ୍ତତଃ ସମ୍ଭୂତିର ପ୍ରକ୍ରିୟାରେ ଏକ ସକ୍ରିୟ ଅଥବା ସୃଷ୍ଟିଶୀଳ ତତ୍ତ୍ୱ ହୋଇ ନ ରହି ପାରେ । ଆମେ ବାସ କରୁଥିବା ଏହି ବିଶ୍ୱଜଗତହିଁ ହୁଏତ ଧ୍ୱଂସ ପାଇ ଯାଇପାରେ କିମ୍ବା ଆପଣା ଶକ୍ତିର ବୀଜାବସ୍ଥାକୁ ସଙ୍କୁଚିତ ହୋଇ ଆସିପାରେ । ମାତ୍ର ସମ୍ଭୂତିର ତତ୍ତ୍ୱ ହେଉଛି ଏକ ଅନନ୍ତ ତତ୍ତ୍ୱ; ଅଥବା, ଏହି ଜଗତରୂପୀ ଅନ୍ଧକାରାଚ୍ଛନ୍ନ ଅସ୍ପଷ୍ଟତା ମଧ୍ୟରେ କୌଣସି ପଦାର୍ଥ ଯେତିକି ପରିମାଣରେ ଅନନ୍ତ ହୋଇପାରେ, ଅନ୍ତତଃ ସେତିକି ଶାଶ୍ୱତ । ଏହି କ୍ଷେତ୍ରରେ ମନୁଷ୍ୟ ବ୍ୟକ୍ତି-ରୂପରେ କାଳସ୍ଥ ଏକ ଚୈତ୍ୟସତ୍ତା ରୂପରେ ସ୍ଥାୟୀ ହୋଇ ରହିପାରେ ବୋଲି ବେଶ୍ ଅନୁମାନ କରାଯାଇପାରେ, ଏହି ପୃଥିବୀରେ ଅଥବା ଏହି ବିଶ୍ୱର ଅନ୍ୟ କୌଣସି ଜଡ଼ ଜଗତରେ ବାରବାର ଦେହ ଧାରଣ କରିବାଲାଗି ମନୁଷ୍ୟର ଏକ

'oaob.nitrkl.ac.in' images reprocessed

ଅବିଚ୍ଛିନ୍ନ ଅସ୍ତିତ୍ୱ ମଧ୍ୟ ଆଣିପାରେ, ଯଦିବା ତା' ଲାଗି ପରଲୋକ କିମ୍ବା ଅନ୍ୟଲୋକ ବୋଲି ଆଦୌ କିଛି ନଥାଇପାରେ। ସେହି କ୍ଷେତ୍ରରେ ହୁଏତ ବେଶ୍ ମନେ କରାଯାଇ ପାରେ ଯେ ଏକ ସତତବର୍ଦ୍ଧମାନ ପୂର୍ଣ୍ଣତା ବା ପୂର୍ଣ୍ଣତା ଆଡ଼କୁ ଅଗ୍ରସର ହେଉଥିବାର ଏକ ଆଦର୍ଶର ଅଥବା ବିଶ୍ୱର କୌଣସି ଏକ ସ୍ଥାନରେ ରହିଥିବା ଏକ ସ୍ଥାୟୀ ଆନନ୍ଦ ଅଭିମୁଖରେ ବିକଶିତ ହୋଇ ଉଠିବାର ଆକାଙ୍କ୍ଷାହିଁ ତାହାର ସେହି ଅନୁଷ୍ଠାନ ସମୂହକୁ ପରିଚାଳିତ କରି ନେଉଛି। ମାତ୍ର ଐହିକ ସତ୍ତାକୁ ଏକାନ୍ତ ଚରମ ବୋଲି ଗ୍ରହଣ କରିବାକୁ ବସିଲେ ଏହି ମତଟିକୁ ବଜାୟ ରଖିବା ବଡ଼ କଷ୍ଟକର ହୋଇପଡ଼େ। ମନୁଷ୍ୟର ଏକାଧିକ ବିଶ୍ୱରଗତ ଅନୁମାନ ଏହି ଧରଣରେ ଗଢ଼ି କରିବାର ପ୍ରବୃତ୍ତି ଦେଖାଇଛି, ମାତ୍ର କୌଣସି ସୁନିଶ୍ଚିତ ରୂପ ଧାରଣ କରିପାରି ନାହିଁ। ସମୂହର ନିତ୍ୟବର୍ତ୍ତମାନତାକୁ ସାଧାରଣତଃ ଏକ ବୃହତ୍ତର ଜଡ଼ାଶ୍ରିତ ସତ୍ତା ସହିତ ଯୁକ୍ତ କରି ଦିଆଯାଇ ଥାଏ।

ପାର୍ଥିବ ଜୀବନକୁ ଯେଉଁମାନେ ଏକମାତ୍ର ସତ୍ୟ ବୋଲି ମନେକରନ୍ତି ଅଥବା ଏହି ପୃଥିବୀକୁ ଜଡ଼ଗତ ବିଶ୍ୱର ଯାତ୍ରାପଥରେ ମନୁଷ୍ୟର ଏକ ସୀମାବଦ୍ଧ ଓ କ୍ଷୟନ୍ତ-କାଳସ୍ଥାୟୀ ଏକ ବାସସ୍ଥାନ ପରି ଦେଖନ୍ତି,—କାରଣ ହୁଏତ ଅନ୍ୟାନ୍ୟ ଗ୍ରହରେ ମଧ୍ୟ ମନନସମର୍ଥ ପ୍ରାଣୀମାନେ ବାସ କରୁଛନ୍ତି,—ମନୁଷ୍ୟ ମରଣଶୀଳ ଓ ଅଣ୍ଣ ଉପାୟଶୂନ୍ୟ ଭାବରେ ତାହାକୁ ଏହି ମରଣଶୀଳତାଟିକୁ ସହ୍ୟ କରିବାକୁ ପଡ଼ିବ, ଅଥବା କେବଳ ଆପଣାର ବ୍ୟକ୍ତିଗତ କିମ୍ବା କ୍ଷୁଦ୍ର ସାମୂହିକ ଜୀବନ ଓ କେତୋଟି ଜୀବନୋଦ୍ଦେଶ୍ୟ ମଧ୍ୟରେହିଁ ତାକୁ ଆପଣା ଜୀବନର ସକଳ କ୍ରିୟାକଳାପକୁ ଆବଦ୍ଧ କରି ରଖିବାକୁ ପଡ଼ିବ,—ଏହି ଦୁଇଟି ବାଟରୁ ଗୋଟିଏ ବାଛିନେବା ବ୍ୟତୀତ ସେମାନଙ୍କ ଲାଗି ଆଉ କୌଣସି ରାସ୍ତା ନଥାଏ। ସମୂହର ବିଧାନଗୁଡ଼ିକୁ ପରୀକ୍ଷା କରି ଦେଖିବା ଏବଂ ବୁଦ୍ଧି ଅଥବା ବୋଧି ଯେକୌଣସି ଭୂମିରେ ହେଉ ପଛକେ, କିମ୍ବା ଆପଣା ଜୀବନର ଅନ୍ତର୍ଗତ କ୍ଷେତ୍ରରେ ବା ଗତିଶୀଳ ଜୀବନର କ୍ଷେତ୍ରରେ ଆପଣା ଭିତରେ କିମ୍ବା ସେ ଯେଉଁ ଗୋଷ୍ଠୀ ବା ଜାତି ଭିତରେ ଜଣେ ସଦସ୍ୟ ହୋଇ ବାସ କରୁଛି ତାହା ଭିତରେ ରହିଥିବା ସମୂହଗତ ଅନ୍ତର୍ସମ୍ଭାବନାଗୁଡ଼ିକୁ ଆପଣାଲାଗି ଅଥବା ଆପଣାର ଗୋଷ୍ଠୀ ବା ସମୂହଟି ଲାଗି ଉପଲବ୍ଧି କରିପାରିବା ଉଦ୍ଦେଶ୍ୟରେ ସେହି ବିଧାନଗୁଡ଼ିକୁ ଯଥାସମ୍ଭବ ଆପଣାର କାର୍ଯ୍ୟରେ ଲଗାଇବା, —ପ୍ରତ୍ୟେକ ମନୁଷ୍ୟବ୍ୟକ୍ତି ପକ୍ଷରେ ଏହାକୁହିଁ ଏକମାତ୍ର ଉଚିତ ଓ ବିବେକୋଚିତ ମାର୍ଗ ବୋଲି କୁହାଯାଇପାରିବ, ଅବଶ୍ୟ ଯଦି ସେ କେବଳ ଆପଣାର ବ୍ୟକ୍ତିସ୍ୱାର୍ଥଗତ ଇଷ୍ଟଗୁଡ଼ିକର ସାଧନରେହିଁ ସନ୍ତୋଷ ଲାଭ କରିପାରୁ ନଥାଏ ଅଥବା ତାହାର ଶରୀର ମଧ୍ୟରୁ ପ୍ରାଣବାୟୁ ଉଡ଼ି ନଯାଇଥିବା ଯାଏ ଯେକୌଣସି ପ୍ରକାରରେ ତାକୁ ସେହି ଜୀବନଟିକୁ ବଞ୍ଚି କଟାଇ ଦେବାକୁ ପଡ଼ିବ ବୋଲି ସେ ଆପଣାର

'oaob.nitrkl.ac.in' images reprocessed

ଏକମାତ୍ର ଭାଗ୍ୟ ବୋଲି ଆଦରି ନେଇ ନଥାଏ । ଉପସ୍ଥିତ ବାସ୍ତବ କ୍ଷେତ୍ରଟି ଦ୍ୱାରା ଯଥାସମ୍ଭବ ଅଧିକ ଉପକୃତ ହୋଇପାରିବା ଏବଂ ଏହି ପୃଥିବୀରେ ଯେଉଁ ଉଚ୍ଚତମ ସମ୍ଭାବନାଗୁଡ଼ିକର ବିକାଶ ହୋଇପାରିବ ବା ବିକାଶ ହେଉଛି, ତାହାକୁ ଅନୁଭବ କରି ତାହାରି ଆଡ଼କୁ ଅଗ୍ରସର ହେବା, ଏହାହିଁ ମନୁଷ୍ୟର କର୍ତ୍ତବ୍ୟ ହୋଇ ରହିବ । ମନୁଷ୍ୟଜାତି କେବଳ ଏକ ସମୂହ ଭାବରେହିଁ ସମ୍ପୂର୍ଣ୍ଣ ଫଳପ୍ରଦରୂପେ ତାହା କରି ପାରିବ, ବ୍ୟକ୍ତି-ଓ ସମୂହକ୍ଷେତ୍ରରେ ନାନା କାର୍ଯ୍ୟ ଦ୍ୱାରା ତାହା କରିପାରିବ, କାଳର ପ୍ରକ୍ରିୟା ମଧ୍ୟରେ ଅବସ୍ଥିତ ରହି ଓ ଆପଣାର ସମୂହଗତ ଅନୁଭବର ବିବର୍ତ୍ତନ ମଧ୍ୟରେ ଠିଆହୋଇ ସେ ତାହା କରିପାରିବ । ମାତ୍ର ଜଣେ ମନୁଷ୍ୟ ହିସାବରେ ପ୍ରତ୍ୟେକ ବ୍ୟକ୍ତି ମଧ୍ୟ ଆପଣାର ସୀମାବଦ୍ଧ କ୍ଷେତ୍ରରେ ସେହି ଉଦ୍ଦେଶ୍ୟର ସାଧନ ଦିଗରେ ସହାୟକ ହୋଇପାରିବେ, ଜୀବନର ଯେଉଁ କ୍ଷୁଦ୍ର ଅବଧିଟି ତାହାରି ଭାଗରେ ପଡ଼ିଛି, ତାହାରି ଭିତରେ ବିଚରଣ କରି ମଧ୍ୟ ଜଣେ ବ୍ୟକ୍ତି ସ୍ୱୟଂ କେତେକ ପରିମାଣରେ ଏସବୁ କଥା ନିଷ୍ପନ୍ନ କରିପାରିବ । ମାତ୍ର ସମୂହର ବୁଦ୍ଧିଗତ, ନୈତିକ ଓ ପ୍ରାଣଭୂମିଗତ କଲ୍ୟାଣ ଓ ଭବିଷ୍ୟତ ପ୍ରଗତି ଦିଗରେହିଁ ବ୍ୟକ୍ତିର ବିଚାର ଓ କର୍ମର ଏକ ବିଶେଷ ଅବଦାନ ରହିଛି । ଆପଣାର ଜୀବନକୁ କେତେକ ପରିମାଣରେ ମହାନ୍ କରିପାରିବା ଲାଗି ତାହାର ସାମର୍ଥ୍ୟ ରହିଛି; ଜଣେ ବ୍ୟକ୍ତି ହିସାବରେ ବଡ଼ ଅପରିହାର୍ଯ୍ୟ ଭାବରେ ଓ ଅଚିରେ ତାକୁ ଏହି ସଂସାରରୁ ଲିଭି ଓ ଲୁଚିଯିବାକୁ ପଡ଼ିବ, ଏହି ସତ୍ୟଟିକୁ ଗ୍ରହଣ କରି ନେଇଥିଲେ ମଧ୍ୟ ସେ ତଥାପି ତା'ର ଆପଣା ମଧ୍ୟରେ ବିକଶିତ ହୋଇଥିବା ସଂକଳ୍ପ ଓ ବିଚାରଶକ୍ତିକୁ ଅବଶ୍ୟ ପୂର୍ଣ୍ଣଭାବରେ ନିୟୋଜିତ କରିପାରେ, ଏବଂ ସମସ୍ତ ମାନବଜାତି ଯେଉଁସବୁ ମହାନ୍ ଉଦ୍ଦେଶ୍ୟକୁ କାର୍ଯ୍ୟକାରୀ କରିବ ବା କରିପାରିବ, ସେଗୁଡ଼ିକ ସେହି ଉଦ୍ଦେଶ୍ୟଟି ଆଡ଼କୁ ପରିଚାଳିତ କରି ନେଇପାରେ । ଜୀବନର ଅତ୍ୟନ୍ତ ଜଡ଼ବାଦୀ ମତବାଦର କ୍ଷେତ୍ରଟିକୁ ବାଦ ଦେଲେ ଅନ୍ୟ କୌଣସି କ୍ଷେତ୍ରରେ ମନୁଷ୍ୟର ସମଷ୍ଟିଗତ ସତ୍ତାଟିର ଜୀବନ ଯେ ଆଦୌ ଚିରସ୍ଥାୟୀ ନୁହେଁ, ତଦ୍ୱାରା ଖୁବ୍ ବେଶୀ ବାଧା କଦାପି ଆସି ପହଞ୍ଚେ ନାହିଁ । କାରଣ ଯେତେଦିନଯାଏ ବିଶ୍ୱଗତ ଏହି ସମ୍ଭୂତି ମନୁଷ୍ୟ-ଶରୀର ଓ ମନୁଷ୍ୟ-ମନର ରୂପ ଗ୍ରହଣ କରିବାରେ ଲାଗିଥିବ, ସେତେଦିନଯାଏ ତା'ର ଆପଣାଦ୍ୱାରା ବିସୃଷ୍ଟ ଏହି ମନୁଷ୍ୟପ୍ରାଣୀ ଭିତରେ ବିକାଶଲାଭ କରିଥିବା ବିଚାର ଓ ସଙ୍କଳ୍ପ ସକ୍ରିୟ ଭାବରେ ଆପଣାର ଗନ୍ତବ୍ୟ ପଥରେ ଯିବାରେ ଲାଗିଥିବ, ଏବଂ ବୁଦ୍ଧିମତ୍ତାର ସହିତ ସେହି ପଥଟିର ଅନୁସରଣ କରିବାହିଁ ମନୁଷ୍ୟଜୀବନର ସ୍ୱଭାବଗତ ଓ ସର୍ବୋତ୍ତମ ବିଧାନ ହୋଇ ରହିଥିବ । ମଣିଷ ଯେତେଦିନଯାଏ ଏହି ପୃଥିବୀରେ ରହିଛି, ସେତେଦିନଯାଏ ମାନବଜାତିର କଲ୍ୟାଣ ଓ ପ୍ରଗତିର ତପସ୍ୟାହିଁ ଆମ କର୍ମର ବୃହତ୍ତମ କ୍ଷେତ୍ର ଓ ଇହଜୀବନର ସ୍ୱଭାବସିଦ୍ଧ ସୀମା ହୋଇ ରହିଥିବ । ମନୁଷ୍ୟଜାତି ଉନ୍ନତ ଓ ଅବିଚ୍ଛିନ୍ନ ଭାବରେ ଅନେକକାଳ

'oaob.nitrkl.ac.in' images reprocessed

ତିଷ୍ଠି ରହିବ ଏବଂ ତା'ର ସାମୂହିକ ଜୀବନର ମହତ୍ତ୍ୱ ଓ ଗୁରୁତ୍ୱପୂର୍ଣ୍ଣତା ପ୍ରତିଷ୍ଠିତ ହୋଇ ରହିଥିବ,—ଏହାହିଁ ନ୍ୟାୟତଃ ଆମ ଆଦର୍ଶଗୁଡ଼ିକର ପ୍ରକୃତି ଓ ପରିସରକୁ ନିରୂପିତ କରି ରଖିବ । ମାତ୍ର ଯଦି ଆମେ ସମଗ୍ର ମାନବତାର ପ୍ରଗତି ଓ ସମୃଦ୍ଧିକୁ ଅବାସ୍ତବ ବୋଲି କହିବା ଏବଂ ସେଥିରେ ଆମର କିଛି କରିବାର ନାହିଁ ବୋଲି ଆମ ଜୀବନରୁ ତାହାକୁ ବହିଷ୍କୃତ କରି ରଖିବା, ସେତେବେଳେ ତଥାପି ଏକ ବ୍ୟକ୍ତିସତ୍ତା ହିସାବରେ ମଧ୍ୟ ଆମର ସକଳ ଦାୟିତ୍ୱ ସେହିପରି ରହିଥିବ । ଏହି ବ୍ୟକ୍ତିଜୀବନରେ ଯଥାସମ୍ଭବ ଅଧିକ ପରିପୂର୍ଣ୍ଣତା ହାସଲ କରିବା ଓ ଆପଣା ପ୍ରକୃତିର ଆବେଦନ ଓ ଆହ୍ୱାନ ଅନୁସାରେ ଜୀବନର ଯଥାସମ୍ଭବ ବିକାଶସାଧନ କରିବା, ସେତେବେଳେ ଏଇଥିରେହିଁ ତା'ର ଜୀବନଗତ ତାତ୍ପର୍ଯ୍ୟଟି ନିହିତ ହୋଇ ରହିବ ।

ପାରତ୍ରିକ ଦର୍ଶନମତଟି ଜଡ଼ମୟ ବିଶ୍ୱକୁ ସତ୍ୟ ବୋଲି ସ୍ୱୀକାର କରେ ଏବଂ ଯାବତୀୟ ବିସ୍ତର ଓ ବିବେଚନରେ ଏହି ପୃଥିବୀ ତଥା ମନୁଷ୍ୟଜୀବନର ଅସ୍ଥାୟିତ୍ୱକୁ ଏକ ପ୍ରଥମ ସତ୍ୟରୂପେ ଗ୍ରହଣ କରିଥାଏ । ମାତ୍ର ତାହା ସହିତ ସେହି ମତ ଅନ୍ୟ ଜଗତ ଓ ଅସ୍ତିତ୍ୱଗତ ଭୂମିଗୁଡ଼ିକର ଅବଧାରଣା କରେ, ସେଗୁଡ଼ିକୁ ଶାଶ୍ୱତ ବୋଲି କହିଥାଏ ଅଥବା ଆମର ଏହି ଜଗତଟିର ତୁଳନାରେ ସେଗୁଡ଼ିକର ଅଧିକ ସ୍ଥାୟିତ୍ୱ ରହିଛି ବୋଲି ବିଶ୍ୱାସ କରେ । ମଣିଷର ଏହି ଦେହଗତ ଜୀବନର ମରଣଶୀଳତା ପଛରେ ତାହା ସେହି ମଣିଷର ଭିତରେ ଥିବା ଆତ୍ମାର ଅମରତ୍ୱର ଘୋଷଣା କରେ । ଅମରତ୍ୱ ଉପରେ, ଅର୍ଥାତ୍ ଶରୀରଟିକୁ ବାଦ ଦେଲେ ମଧ୍ୟ ମନୁଷ୍ୟର ବ୍ୟକ୍ତି-ଆତ୍ମା ଯେ ଶାଶ୍ୱତ ଓ ଅବିନାଶୀ ହୋଇ ରହିଛି, ତାହାରି ଉପରେ ଏକ ବିଶ୍ୱାସକୁହିଁ ଆମେ ଜୀବନଗତ ଏହି ଦୃଷ୍ଟିଟିର ମୂଳକଥା ବୋଲି କହିବା । ସେଇଥିରୁହିଁ ଏହି ଜଡ଼ଗତ ଓ ପାର୍ଥିବ ଅସ୍ତିତ୍ୱ ତୁଳନାରେ ଅସ୍ତିତ୍ୱର ଅନ୍ୟ ଉଚ୍ଚତର ଭୂମିମାନ ରହିଛି ବୋଲି ବିଶ୍ୱାସ କରିବାର ଆବଶ୍ୟକତା ଆସି ଉପୁଜିଥାଏ । କାରଣ ଶରୀରର ବନ୍ଧନ ଭିତରୁ ବାହାରି ଯାଇଥିବା ଏକ ଆତ୍ମା ପକ୍ଷରେ ଏହି ପୃଥିବୀରେ କୌଣସି ପ୍ରକାର ଅଧିଷ୍ଠାନ ଆଦୌ ସମ୍ଭବ ନୁହେଁ; ଜଡ଼ର ରୂପାୟନ ମଧ୍ୟରେ ଓ ସେହିଗୁଡ଼ିକୁ ନେଇ ଚାଲିଥିବା ଆଧ୍ୟାତ୍ମିକ, ମନୋଭୂମିଗତ, ପ୍ରାଣଗତ କିମ୍ବା ଭୌତିକ ଶକ୍ତିର କୌଣସି ନା କୌଣସି ଖେଳ ଉପରେହିଁ ଯେଉଁ ପୃଥିବୀର ଯାବତୀୟ କ୍ରିୟାତ୍ମକତା ନିର୍ଭର କରି ରହିଛି, ସେଠାରେ ଆତ୍ମାଲାଗି କୌଣସି ବାସଭୂମି ରହିବା କଦାପି ସମ୍ଭବ ହେବ ନାହିଁ । ମନୁଷ୍ୟର ଅସଲ ନିବାସ ଏଠି ଏହି ଜଗତରେ ନୁହେଁ, ତାହା ହେଉଛି ଆଉ କେଉଁଠି, ଏହି ଜଗତର ବାହାରେ; ଏବଂ ଏହି ପାର୍ଥିବ ଜୀବନ କୌଣସି ନା କୌଣସି ପ୍ରକାରେ ତାହାର ଅମୃତତ୍ୱ ମଧ୍ୟରେ କେବଳ ଗୋଟିଏ ଅଧ୍ୟାୟ ବା ଗୋଟିଏ ପର୍ଯ୍ୟାୟ ମାତ୍ର ଅଥବା ଏକ ସ୍ୱର୍ଗୀୟ ଓ ଆଧ୍ୟାତ୍ମିକ ଅସ୍ତିତ୍ୱଭୂମିରୁ ଏକ

'oaob.nitrkl.ac.in' images reprocessed

ଜଡ଼ମୟ ଅସ୍ତିତ୍ୱ ଭିତରକୁ ଏକ ସ୍ଖଳନ ବା ବିଚ୍ୟୁତି ମାତ୍ର;—ଏହି ମତବାଦଟିରୁ ଆମ ମନରେ ଏହିପରି ଏକ ଧାରଣା ଜନ୍ମିଥାଏ ।

ମାତ୍ର ଏହି ବିଚ୍ୟୁତି ବା ସ୍ଖଳନର ପ୍ରକୃତ ସ୍ୱଭାବ କ'ଣ, ଏହାର ମୂଳ କେଉଁଠି ଓ ଏହାର ଉଦ୍ଦେଶ୍ୟ ବା କ'ଣ ? ଅନେକ ଦିନରୁ ପ୍ରତିଷ୍ଠିତ ହୋଇ ଆସିଥିବା, ମାତ୍ର ଏବେ ଅନେକ ପରିମାଣରେ ଦୋହଲି ଯାଇଥିବା ବା ଅନେକଙ୍କ ପାଖରେ ବିଶ୍ୱାସ ହରାଇ ବସିଥିବା କେତେକ ଧର୍ମରେ ଏହି ବିଷୟରେ ଯେଉଁ ଧାରଣା ରହିଛି, ପ୍ରଥମେ ତାହାର ଆଲୋଚନା କରାଯାଉ । ସେହିସବୁ ଧର୍ମର ମତରେ ଏହି ପୃଥିବୀରେ ମୂଳତଃ ପ୍ରାଣଧାରୀ ଏକ ଭୌତିକ ଶରୀର ହିସାବରେହିଁ ମନୁଷ୍ୟର ସୃଷ୍ଟି ହୋଇଛି, ଏବଂ ଏକ ସର୍ବଶକ୍ତିମାନ୍ ସ୍ରଷ୍ଟାଙ୍କର ଆଦେଶରେ ସେହି ଭୌତିକ ଶରୀର ମଧ୍ୟରେ ଏକ ନବଜାତ ଆତ୍ମାର ସଞ୍ଚାର କରି ଦିଆଯାଇଛି ଅଥବା ତାହାକୁ ଯୁକ୍ତ କରି ରଖାଯାଇଛି । କେବଳ ଗୋଟିଏ ଥର ପାଇଁହିଁ ମନୁଷ୍ୟାତ୍ମାର ଏହି ଦେହଧାରଣ ଘଟିଥାଏ, ଏବଂ ଏହି ଏକକ ଅଧ୍ୟାୟଟିକୁ ସାଙ୍ଗ କରି ସେ ଶାଶ୍ୱତ ଆନନ୍ଦର ଆଉ ଏକ ଜଗତକୁ ପ୍ରୟାଣ କରେ ଅଥବା ଚିରନ୍ତନ ଯାତନା ଓ ଦଣ୍ଡଭୋଗର ଏକ ଜଗତକୁ ବିଦାୟ ନେଇଯାଏ; ତାହାର ଆଚରିତ କର୍ମଗୁଡ଼ିକ ମଧ୍ୟରେ ସାଧାରଣତଃ ଭଲ ବା ମନ୍ଦ କେଉଁଟି ପ୍ରଧାନ ହୋଇ ରହିଛି, ତାହାର ହିସାବ ଅନୁସାରେ ଅଥବା ଏକ ନିର୍ଦ୍ଦିଷ୍ଟ ଧର୍ମ, ଉପାସନାମାର୍ଗ ଓ ଈଶ୍ୱର ଓ ତା' ଭିତରେ ମଧ୍ୟସ୍ଥ ହୋଇ କାର୍ଯ୍ୟ କରୁଥିବା ଧର୍ମପ୍ରତିନିଧିଙ୍କୁ ସେ ଗ୍ରହଣ କରିଛି କିମ୍ବା ବର୍ଜନ କରିଛି, ଜାଣିବାକୁ ମନ ବଳାଇଛି ବା ତାହାର ଉପେକ୍ଷା କରିଛି ତାହାରି ଅନୁସାରେ କିମ୍ବା ତାର ସୃଷ୍ଟିକର୍ତ୍ତା ତାଙ୍କର ଖିଆଲ ମୁତାବକ ତା'ଲାଗି ଆଗରୁ ଯେଉଁଭଳି ଏକ ଗତିର ନିର୍ଦ୍ଧାରଣ କରି ରଖିଛନ୍ତି, ସେହି ଅନୁସାରେ ମନୁଷ୍ୟ ସେହି ପୁରସ୍କାର ବା ସେହି ଦଣ୍ଡ ପାଇବାକୁ ଯାଇଥାଏ । ମାତ୍ର ଜୀବନର ଏହି ପାରତ୍ରିକ ସିଦ୍ଧାନ୍ତଟିରେ ବୁଦ୍ଧିସମ୍ମତତା ଲାଗି ଏକ ଅତ୍ୟନ୍ତ ଗୌଣ ସ୍ଥାନ ରହିଛି ଏବଂ ଏଥିରେ ଅନେକ ସନ୍ଦେହାତ୍ମକ ମତ ଓ ସାଧନ-ପଦ୍ଧତିକୁ ସ୍ଥାନ ଦିଆଯାଇଛି । ଆମେ ଭୌତିକ ଶରୀର ଧରି ଏଠି ଜନ୍ମ ଗ୍ରହଣ କଲାବେଳେ ଯେ ଆମ ଭିତରେ ଏକ ଆତ୍ମାର ସୃଷ୍ଟି କରାଯାଉଛି, ଏହି କଳ୍ପନାଟିକୁ ମୂଳବିନ୍ଦୁରୂପେ ଗ୍ରହଣ କରି ଆମେ ହୁଏତ ତଥାପି ଅନୁମାନ କରିପାରିବା ଯେ ସମସ୍ତଙ୍କ କ୍ଷେତ୍ରରେ ପ୍ରଯୁଜ୍ୟ ହୋଇ ପାରୁଥିବା ଏକ ସ୍ୱାଭାବିକ ବିଧାନର ବଶବର୍ତ୍ତୀ ହୋଇ, ଖୋସା ଭିତରୁ ବାହାରକୁ ବାହାରି ଯାଇ ଓ ଆକାଶର ବିପୁଳ ଆଲୋକ ମଧ୍ୟରେ ଆପଣାର ବହୁବର୍ଣ୍ଣ ଡେଣାଗୁଡ଼ିକୁ ବିସ୍ତାରି ଦେଇ ପ୍ରଜାପତି ଯେପରି ଆନନ୍ଦରେ ବିଚରଣ କରୁଥାଏ, ଆମର ଏହି ଆତ୍ମାକୁ ମଧ୍ୟ ସେହିପରି ଜଡ଼ମୟ ତା'ର ମୂଳ ଗର୍ଭାଶୟଟି ଭିତରୁ ନିର୍ଗତ ହୋଇ ଜୀବାତ୍ମାଗତ ଅସ୍ତିତ୍ୱର ଅବଶିଷ୍ଟ ଭାଗଟିକୁ ଏହି ଜଗତର ଅତୀତ

'oaob.nitrkl.ac.in' images reprocessed

କୌଣସି ଏକ ଅପାର୍ଥିବ ଲୋକ ଭିତରେ ଯାଇ ଅତିବାହିତ କରିବାକୁ ପଡ଼ିବ । ଅଥବା ଆମେ ଏହାଠାରୁ ଅଧିକ ଗ୍ରହଣଯୋଗ୍ୟ ମଣି ଆମ୍ଭର ଏହି ପାର୍ଥିବ ଅସ୍ତିତ୍ୱ ପୂର୍ବରୁ ଆଉଏକ ଅସ୍ତିତ୍ୱ ରହିଥିଲା ବୋଲି ମଧ୍ୟ ଅନୁମାନ କରିପାରୁ, ସେହି ପୂର୍ବବର୍ତ୍ତୀ ଅସ୍ତିତ୍ୱଟିରୁ ଏହି ଜଡ଼ମୟତା ଭିତରକୁ ତାହାର ଏକ ପତନ କିମ୍ବା ଅବତରଣ ଘଟିଛି ଏବଂ ଏହାପରେ ତାହା ଏକ ସ୍ୱର୍ଗୀୟ ଅସ୍ତିତ୍ୱ ମଧ୍ୟକୁ ପୁନର୍ବାର ଆରୋହଣ କରିଯିବ ବୋଲି ଅନୁମାନ କରିପାରୁ । ଆମ୍ଭର ଏକ ପୂର୍ବ-ଅସ୍ତିତ୍ୱ ରହିଥିଲା ବୋଲି ଯଦି ସ୍ୱୀକାର କରାଯାଏ, ତେବେ ଏହି ଶେଷୋକ୍ତ ସମ୍ଭାବନାଟିକୁ ଏକ ସାମୟିକ ଘଟଣା ବୋଲି ଅସ୍ୱୀକାର କରିବାକୁ ଆମ ପାଖରେ ଆଉ କୌଣସି କାରଣ ରହିବ ନାହିଁ । ଅନ୍ୟ କୌଣସି ଏକ ଅସ୍ତିତ୍ୱଭୂମିରେ ବାସ କରୁଥିବା ଜୀବସତ୍ତା ଯେକୌଣସି ଉଦ୍ଦେଶ୍ୟର ସାଧନଲାଗି ମନୁଷ୍ୟର ଶରୀର ଓ ସ୍ୱଭାବକୁ ଗ୍ରହଣ କରିପାରିବ, ସେକଥା ବେଶ୍ ଅନୁମେୟ; ମାତ୍ର ସକଳ ପରିସ୍ଥିତିରେ କେବଳ ଏହାକୁହିଁ ଯେ ପାର୍ଥିବ ଅସ୍ତିତ୍ୱର ଏକମାତ୍ର ସିଦ୍ଧାନ୍ତ ବୋଲି ଗ୍ରହଣ କରିବାକୁ ପଡ଼ିବ ଅଥବା ଏହି ଜଡ଼ଜଗତର ବିସୃଷ୍ଟି ଲାଗି ଏକ ଯୁକ୍ତିସଙ୍ଗତ ଯଥେଷ୍ଟ କାରଣ ବୋଲି ମାନିନେବାକୁ ପଡ଼ିବ, ତାହା ଆଦୌ ସମୀଚୀନ ବୋଧ ହେଉ ନାହିଁ ।

ଜୀବ ଏହି ଜଗତକୁ କେବଳ ଯେ ଥରକପାଇଁ ଆସିଥାଏ, ବେଳେବେଳେ ତାହାକୁ କେବଳ ଏକ ପର୍ଯ୍ୟାୟ ବୋଲି ଅନୁମାନ କରାଯାଏ । ଆପଣା ବିକାଶର ଅନ୍ୟାନ୍ୟ ଅନେକ ପର୍ଯ୍ୟାୟ ଓ ଆପଣା ଯାତ୍ରାର ଏତେଗୁଡ଼ିଏ ପର୍ବସ୍ୱରୂପ ଜୀବ ଯେ ଗୋଟିକପରେ ଗୋଟିଏ ଜଗତକୁ ଅତିକ୍ରମ କରି ଆପଣା ଭିତରେ ଆପଣା ମୂଳଗତ ମହିମାଟିର ନିକଟବର୍ତ୍ତୀ ହୋଇ ରହିଥିବା ସତ୍ତାଟିର ବିକାଶସାଧନ କରିବାକୁ ସମର୍ଥ ହୁଏ, ସେତେବେଳେ ସେକଥା ଅନୁମାନ କରାଯାଏ । ଏହି କ୍ଷେତ୍ରରେ ଏହି ଜଡ଼ଜଗତ ବା ବିଶେଷ କରି ଏହି ପୃଥିବୀକୁ ଏକ ଦିବ୍ୟ ସାମର୍ଥ୍ୟ, ଦିବ୍ୟ ପ୍ରଜ୍ଞା ବା ଦିବ୍ୟ ଖିଆଲଦ୍ୱାରା ନାନାପ୍ରକାରେ ବୈଭବମୟ କରି ରଖିଦିଆ ଯାଇଥିବା ଏକ କ୍ଷେତ୍ର ବୋଲି ବୁଝାଯିବ, ଯେଉଁଠାରେକି ଜୀବର ଦୀର୍ଘ ଜୀବନ-ନାଟକର ଏହି ମଧ୍ୟପର୍ବଟି ଅଭିନୀତ ହୋଇପାରିବ । ଏହି ସମ୍ବନ୍ଧରେ ଆମେ ଯେଉଁ ମତବାଦଟି ଗ୍ରହଣ କରିବାକୁ ମନକରିବା, ସେହି ଅନୁସାରେ ଆମେ ଏହି ଜଗତଟିକୁ ଏକ କଠୋର ପରୀକ୍ଷାସ୍ଥଳ, ଏକ ବିକାଶକ୍ଷେତ୍ର ଅଥବା ଆଧ୍ୟାତ୍ମିକ ପତନ ଓ ନିର୍ବାସନର ଏକ ଦୃଶ୍ୟପଟ୍ଟ ବୋଲି ଗ୍ରହଣ କରିବା । ଭାରତୀୟ ଦର୍ଶନରେ ଏହିବିଷୟରେ ଏପରି ଏକ ମତ ବି ରହିଛି ଯାହାକି ଜଗତକୁ ଭଗବତ୍‌ଲୀଳାର ଏକ ଉଦ୍ୟାନ ବୋଲି ଭାବିଥାଏ, ଏକ ନିମ୍ନତର ପ୍ରକୃତିଦ୍ୱାରା ଗଢ଼ା ହୋଇଥିବା ଏହି ଜଗତରେ ବିଶ୍ୱବ୍ୟାପୀ ଅସ୍ତିତ୍ୱର ନାନା ପରିବେଶକୁ ନେଇ ଖେଳୁଥିବା ଦିବ୍ୟ ପରମସତ୍ତାର ଏକ କ୍ରୀଡ଼ାରୂପେ କଳ୍ପନା

'oaob.nitrkl.ac.in' images reprocessed

କରିଥାଏ । ଜନ୍ମଜନ୍ମାନ୍ତର ଧରି ଲାଗି ରହିଥିବା ଏକ ଅବତରଣକ୍ରମର ମଧ୍ୟ ଦେଇ ମନୁଷ୍ୟର ଆତ୍ମା ଏହି ଲୀଳାରେ ଅଂଶଗ୍ରହଣ କରିଥାଏ । ମାତ୍ର ଏକଥା ମଧ୍ୟ କଳ୍ପନା କରାଯାଏ ଯେ ଏହି ଆତ୍ମା ଅବଶେଷରେ ଦିନେବା ଦିନେ ପରମ ଦିବ୍ୟସତ୍ତାର ଯଥାଯୋଗ୍ୟ ଭୂମିଟି ମଧ୍ୟକୁ ପୁଣି ଆରୋହଣ କରି ଚାଲିଯିବ ଏବଂ ସେଠାରେ ଏକ ଶାଶ୍ୱତ ସାନ୍ନିଧ୍ୟ ଓ ମିଳନ ଉପଭୋଗ କରିବ । ଏହାଦ୍ୱାରା ସୃଜନାତ୍ମକ ପ୍ରକ୍ରିୟା ଓ ଆଧ୍ୟାତ୍ମିକ ପ୍ରତ୍ୟାବର୍ତ୍ତନ ଲାଗି ଏକ ଯୁକ୍ତିଗତ ସଙ୍ଗତି ମିଳିଯାଏ, ଯାହାକି ଆତ୍ମାର ଗତିପଥ ଓ ଆତ୍ମାର ଆବର୍ତ୍ତନ ବିଷୟରେ ଦିଆଯାଇଥିବା ଏହିଭଳି ଅନ୍ୟ ବର୍ଣ୍ଣନାଗୁଡ଼ିକରେ ଆଦୌ ଦେଖିବାକୁ ମିଳେ ନାହିଁ ଅଥବା ସୁସ୍ପଷ୍ଟଭାବରେ ସୂଚିତ ହୋଇ ନଥାଏ । ସେହି ଏକ ସାଧାରଣ ସିଦ୍ଧାନ୍ତଟି ବିଷୟରେ ଦିଆଯାଇଥିବା ଏହିସବୁ ନାନାବିଧ ବିବରଣ ଭିତରେ ଆମେ ସବୁବେଳେ ତିନୋଟି ମୌଳିକ ବିଶେଷ ଲକ୍ଷଣ ଦେଖିବାକୁ ପାଇବା । ପ୍ରଥମତଃ ବ୍ୟକ୍ତିସତ୍ତାଗତ ମାନବାତ୍ମାର ଅମରତ୍ୱ ଉପରେ ବିଶ୍ୱାସ, ଦ୍ୱିତୀୟତଃ ତାହାର ଏକ ଆବଶ୍ୟକ ପରିଣାମସ୍ୱରୂପ ପୃଥିବୀ ଉପରେ ସେହି ଆତ୍ମାର ପରିକ୍ରମଣକୁ ଏକ ସାମୟିକ ବା କ୍ଷଣସ୍ଥାୟୀ ଯାତ୍ରା ଅଥବା ଆପଣାର ସର୍ବୋଚ୍ଚ ଓ ଶାଶ୍ୱତ ପ୍ରକୃତିର ଏକ ବିଚ୍ୟୁତି ଏବଂ ତାହାର ଉପଯୁକ୍ତ ନିବାସରୂପେ ପୃଥିବୀ ବାହାରେ ଅବସ୍ଥିତ ଏକ ସ୍ୱର୍ଗର କଳ୍ପନା କରିବା; ଏବଂ ତୃତୀୟତଃ ଏହି ଆରୋହଣର ଉପାୟରୂପେ ଏବଂ ସେହି କାରଣରୁ ଏହି ଜଗତର ଜଡ଼ଜୀବନ ଲାଗି ଏକମାତ୍ର ଉଚିତ କର୍ତ୍ତବ୍ୟରୂପେ ଆମର ନୈତିକ ଓ ଆଧ୍ୟାତ୍ମିକ ସତ୍ତାଟିର ବିକାଶ ଉପରେ ଗୁରୁତ୍ୱ ଦେବା ।

ଏହି ତିନୋଟି ହେଉଛି ଆମ ଜୀବନ ଓ ଅସ୍ତିତ୍ୱକୁ ଅବଲୋକନ କରିବାର ତିନୋଟି ମୌଳିକ ରୀତି; ପ୍ରତ୍ୟେକଟିର ଜୀବନ ବିଷୟରେ ଏକ ମୌଳିକ ଦୃଷ୍ଟିଭଙ୍ଗୀ ରହିଛି ଏବଂ ସେଇଟିକୁ ଆମେ ଆମ ଅସ୍ତିତ୍ୱର କ୍ଷେତ୍ରରେ ଗ୍ରହଣ ବି କରିପାରିବା; ଏଗୁଡ଼ିକ ବ୍ୟତୀତ ଆଉ ଯାହାକିଛି ରହିଲା, ଆମେ ସେଗୁଡ଼ିକୁ ମଧ୍ୟବର୍ତ୍ତୀ ପଥ ବୋଲି କହିପାରିବା, ଅଥବା ଗୋଟିଏ ଗୋଟିଏ କିଞ୍ଚିତ୍ ପରିବର୍ତ୍ତିତ କିମ୍ବା ସମନ୍ୱିତ ସଂସ୍କରଣ ବୋଲି କହିବା ଯେଉଁଗୁଡ଼ିକ କି ଅଧିକ ସ୍ୱଚ୍ଛନ୍ଦତା ସହିତ ସମସ୍ୟାଟିର ଜଟିଳତା ସହିତ ନିଜକୁ ଖାପ ଖୁଆଇ ନେବାର ଚେଷ୍ଟା କରିଥା'ନ୍ତି । କାରଣ, ଜଣେ ଜଣେ ବ୍ୟକ୍ତି ଯାହାକିଛି କରିବାରେ ସଫଳ ହୁଅନ୍ତୁ ନା କାହିଁକି, ସାମୂହିକ ଭାବରେ ଦେଖିଲେ କୌଣସି ମନୁଷ୍ୟ ପକ୍ଷରେ ଆପଣାର ବ୍ୟାବହାରିକ ଜୀବନରେ ତାହାର ପ୍ରକୃତି ଉପରେ ଅନ୍ୟ ମତଗୁଡ଼ିକର ଦାବିକୁ ଏକାବେଳକେ ଉପେକ୍ଷା କରି ଏକାନ୍ତ ଭାବରେ ତିନୋଟି ମଧ୍ୟରୁ କେବଳ କୌଣସି ଗୋଟିଏ ଦୃଷ୍ଟିକୋଣର ପ୍ରଧାନ ଅଭିପ୍ରାୟଟି ଦ୍ୱାରା ଆପଣାକୁ ସବୁଦିନ ସକାଶେ କିମ୍ବା ସମ୍ପୂର୍ଣ୍ଣଭାବେ ପରିଚାଳିତ କରିନେବା ଆଦୌ ସମ୍ଭବ ନୁହେଁ । ସେ ସେଗୁଡ଼ିକ ମଧ୍ୟରୁ କୌଣସି ଦୁଇଟି ବା

'oaob.nitrkl.ac.in' images reprocessed

ଉତ୍ତୋଽଧିକ ଦୃଷ୍ଟିକୁ ଏକାଠି ଗୋଳାଇ ମିଶାଇ ବେଶ୍ ଏକ ଖେଚେଡ଼ି କରି ନେଇପାରେ, ସେଗୁଡ଼ିକ ମଧ୍ୟରେ ଆପଣା ଜୀବନର ଅଭିପ୍ରାୟଟିକୁ ନେଇ ଦ୍ୱନ୍ଦ୍ୱ ଲଗାଇ ଦେଇପାରେ, କିମ୍ବା ସେଇଟିକୁ ଭାଗ ଭାଗ କରି ଦେଇପାରେ, ଅଥବା କୌଣସି ପ୍ରକାର ସମନ୍ୱୟସାଧନର ବି ଉଦ୍ୟମ କରିପାରେ; ଏବଂ ଏହି ସବୁରେହିଁ ସେ ଆପଣା ଜୀବନର ବିଚିତ୍ର ଆକାଙ୍କ୍ଷା ଓ ଆବେଗର ଜାଲଟିର ସମ୍ମୁଖୀନ ହେବାକୁ ଚେଷ୍ଟା କରିପାରେ; ଓ ସେହିସବୁ ଆବେଗ ଯାହାର ସମର୍ଥନ ଲୋଡ଼ୁଥା'ନ୍ତି, ସେହି ମନୋଗତ ବୋଧିର ମଧ୍ୟ ସମ୍ମୁଖୀନ ହୋଇପାରେ। ସାଧାରଣତଃ ପ୍ରାୟ ସବୁ ମଣିଷ ଆପଣା ସାମର୍ଥ୍ୟ ଓ ଶକ୍ତିର ସର୍ବାଧିକ ଅଂଶଟିକୁ ଆପଣାର ଇହଲୌକିକ ଜୀବନଟି ଲାଗି ସମର୍ପିତ କରି ରଖିଥା'ନ୍ତି। ଏହି ପୃଥିବୀର ବ୍ୟକ୍ତିଗତ ତଥା ସାମୂହିକ ନାନା ଆବଶ୍ୟକତା, ସ୍ୱାର୍ଥ, ଅଭିଳାଷ, ଓ ଆଦର୍ଶ ଲାଗି ନିୟୋଜିତ କରିଥା'ନ୍ତି। ଏକଥାଟି ଆଦୌ ଅନ୍ୟ ପ୍ରକାର ହୋଇ ପାରି ନଥା'ନ୍ତା; କାରଣ ଶରୀରଟିର ଯତ୍ନ ନେବା, ଯଥେଷ୍ଟ ପରିମାଣରେ ଆମ ପ୍ରାଣଗତ ଓ ମନୋଗତ ସତ୍ତ୍ୱଦ୍ୱୟର ବିକାଶ ଓ ତର୍ପଣ ସାଧନ କରିବା, ମନୁଷ୍ୟର ସ୍ୱାଭାବିକ ବିକାଶ ହୋଇପାରିଲେ ମନୁଷ୍ୟ ଏକ ପରିପୂର୍ଣ୍ଣତା ହାସଲ କରିପାରିବ ଅଥବା ସେହି ପରିପୂର୍ଣ୍ଣତାର ସନ୍ନିକଟକୁ ଆସିପାରିବ, ଏହି ଧାରଣାଟିରୁ ଉଦ୍‌ଭୂତ ହେଉଥିବା ବ୍ୟକ୍ତିଗତ ତଥା ସାମୂହିକ ବୃହତ୍ ଉଚ୍ଚାଦର୍ଶ-ଗୁଡ଼ିକର ଅନୁଧାବନ କରିବା,—ଆମ ପାର୍ଥିବ ଜୀବନର ପ୍ରକୃତିଗତ ପରିବେଶଟିହିଁ ଆମ ଉପରେ ଏହିସବୁ ଦାୟିତ୍ୱଭାର ଲଦିଦେଇ ଯାଏ। ସେଗୁଡ଼ିକ ଏହାର ବିଧାନ-ଗୁଡ଼ିକର ଏକ ଅଂଶ ହୋଇ ରହିଥା'ନ୍ତି, ତାହାର ସ୍ୱାଭାବିକ ଆବେଗ ଓ ନିୟମ ପରି କାର୍ଯ୍ୟ କରୁଥା'ନ୍ତି, ଏହିଗୁଡ଼ିକଦ୍ୱାରାହିଁ ତାହାର ପୁଷ୍ଟି ସାଧିତ ହୁଏ ଏବଂ ଏଗୁଡ଼ିକ ବ୍ୟତୀତ ମଣିଷ କଦାପି ଆପଣାର ପୂର୍ଣ୍ଣ ମନୁଷ୍ୟତ୍ୱ ଅର୍ଜନ କରି ପାରୁନଥା'ନ୍ତା। ଆମ ଅସ୍ତିତ୍ୱ ଓ ଜୀବନ ବିଷୟରେ ଯେକୌଣସି ମତ ବା ଦୃଷ୍ଟିକୋଣ ଯଦି ସେହି ଦାୟିତ୍ୱ ବା କର୍ତ୍ତବ୍ୟଗୁଡ଼ିକୁ ଅବହେଳା କରେ, ଅଯଥା ସେଗୁଡ଼ିକର ମହତ୍ତ୍ୱକୁ କ୍ଷୁଦ୍ର କରି ଦେଖାଏ ଅଥବା ଅସହିଷ୍ଣୁ ଭାବରେ ସେଗୁଡ଼ିକର ନିନ୍ଦାବାଦ କରିବାକୁ ବସେ, ତେବେ ତାହାର ଅନ୍ୟସକଳ ସତ୍ୟ, ଉପାଦେୟତା ଓ ଉପଯୋଗିତା ଯାହାକିଛି ହୋଇଥାଉ ପଛକେ ଏବଂ ଏକ ବିଶେଷ ରୁଚି ଓ ମିଜାଜର ତଥା ଆଧ୍ୟାତ୍ମିକ ବିକାଶର ଏକ ନିର୍ଦ୍ଦିଷ୍ଟ ସ୍ତରରେ ଅବସ୍ଥିତ ବ୍ୟକ୍ତିମାନଙ୍କ ଲାଗି ତାହା ଯେତେଯାହା ଅନୁକୂଳ ଓ ଫଳପ୍ରଦ ହୋଇଥାଉ ପଛକେ, ମନୁଷ୍ୟଜୀବନର ଏକ ସାଧାରଣ ଓ ସମ୍ପୂର୍ଣ୍ଣ ନିୟମରୂପେ ସ୍ୱୀକୃତ ହେବାଲାଗି ଆମେ ତାହାକୁ ସେହି କାରଣରୁ ଏକାବେଳକେ ଅନୁପଯୁକ୍ତ ବୋଲି କହିବା। ଏଗୁଡ଼ିକ ହେଉଛି ପ୍ରକୃତିର ବିବର୍ତ୍ତନରେ ଗୋଟିଏ ଗୋଟିଏ ଆବଶ୍ୟକ ଅଂଶ; ତେଣୁ ମନୁଷ୍ୟସମାଜ ଯେପରି ଏହିସବୁ ଲକ୍ଷ୍ୟର କୌଣସି ଅବହେଳା ନକରେ, ପ୍ରକୃତି ସେକଥାଟି ଉପରେ ମଧ୍ୟ ସର୍ବଦା ନଜର ରଖିଥାଏ। କାରଣ

'oaob.nitrkl.ac.in' images reprocessed

ଆମର ଭିତରେ ଯେଉଁ ଦିବ୍ୟ ଯୋଜନାଟି କାର୍ଯ୍ୟକାରୀ ହେବାରେ ଲାଗିଛି, ସେଗୁଡ଼ିକ ମଧ୍ୟ ତାହାର ପ୍ରଣାଳୀ ଓ ପର୍ଯ୍ୟାୟଗୁଡ଼ିକ ଭିତରେ ଅନ୍ତର୍ଭୁକ୍ତ ହୋଇ ରହିଛନ୍ତି । ତେଣୁ ପ୍ରକୃତି ଆପଣାର ଏହି ପ୍ରଥମ ପର୍ଯ୍ୟାୟଗୁଡ଼ିକ ଉପରେ ଅବଶ୍ୟ ଏକ ସତର୍କ ଦୃଷ୍ଟି ରଖିଥିବ, ସେଗୁଡ଼ିକର ମାନସିକ ତଥା ଭୌତିକ ଭୂମିଟିକୁ ଦୃଢ଼କରି ରଖିଥିବ; ଆପଣାର ଏହି କାର୍ଯ୍ୟଟିକୁ ପ୍ରକୃତି କଦାପି ଗୌଣ ମନେକରି ପଛକୁ ଅପସାରି ନେବ ନାହିଁ, କାରଣ ଏଗୁଡ଼ିକ ହେଉଛି ପ୍ରକୃତିର ଯାବତୀୟ ବିରଚନାର ଭିତ୍ତିସ୍ୱରୂପ, ତାହାର ଶରୀରସ୍ୱରୂପ ।

ମାତ୍ର ସେହି ପ୍ରକୃତି ଆମ ଭିତରେ ଆଉ ଗୋଟିଏ ବୋଧର ବି ରୋପଣ କରି ରଖିଛି । ଆମେ ଗଢ଼ା ହୋଇଥିବା ଧାତୁଟି ଭିତରେ ଏପରି ଏକ ଉପାଦାନ ରହିଛି ଯାହାକି ମନୁଷ୍ୟଜୀବନର ଏହି ପ୍ରଥମ ପାର୍ଥିବ ପ୍ରକୃତିଟିର ସୀମାକୁ ଅତିକ୍ରମ କରି ରହିଛି;—ପ୍ରକୃତି ଏହି ବୋଧଟିକୁ ଆମ ଭିତରେ ଜାଗ୍ରତ କରି ରଖିଛି । ସେହି କାରଣରୁ ଜୀବନବିଷୟକ ଯେଉଁ ଦୃଷ୍ଟିକୋଣଟି ଏହି ଉଚ୍ଚତର ଓ ସୂକ୍ଷ୍ମତର ବୋଧଟିକୁ ଏଡ଼ିଦେଇ ଯାଉଥିବ ଏବଂ ଆମକୁ ରୁକ୍ଷ ଏକ ପାର୍ଥିବ ଜୀବନପ୍ରସ୍ତାବ ମଧ୍ୟରେ ବାନ୍ଧି ରଖିବାର ଧୃଷ୍ଟପଣ କରୁଥିବ, ମନୁଷ୍ୟସମାଜ ଖୁବ୍ ଅଧିକ ସମୟଲାଗି ସେପରି ଏକ ଦୃଷ୍ଟିକୋଣକୁ ଗ୍ରହଣ ବା ଅନୁଶୀଳନ କରିପାରିବ ନାହିଁ । ଏସବୁର ସେପାଖରେ ଆହୁରି କିଛି ରହିଛି, ଆମରି ଭିତରେ ଏକ ଆତ୍ମା ବା ଏକ ଚିନ୍ମୟସତ୍ତା ଅବସ୍ଥାନ କରୁଛି ଯାହାକୁ ମନ, ପ୍ରାଣ ବା ଦେହ ବୋଲି କଦାପି କୁହାଯାଇ ପାରିବ ନାହିଁ, ଯାହା ସେଗୁଡ଼ିକଠାରୁ ବୃହତ୍ତର, ସେଗୁଡ଼ିକର ସୃଜନପାତ ଦ୍ୱାରା ଆଦୌ ଆବଦ୍ଧ ନୁହେଁ;—ଏହିଭଳି ଏକ ଅନ୍ତର୍ବୋଧ, ଧାରଣା ବା ଅନୁଭୂତି ବାରବାର ଆମପାଖକୁ ଆସିଥାଏ, ଆମକୁ ଆବୋରି ଧରେ । ଜଣେ ସାଧାରଣ ମନୁଷ୍ୟ ଆପଣା ଜୀବନର କେତୋଟି ବିଶେଷ ଅସାଧାରଣ ମୁହୂର୍ତ୍ତକୁ ଏଥିଲାଗି ଉତ୍ସର୍ଗ କରିଦିଏ ଓ ସେହିପରି ଭାବରେହିଁ ଏକ ସହଜ ଉପାୟରେ ଏହି ଅନୁଭୂତିଟିର ପରିତୃପ୍ତି ସାଧନ କରେ । ଅଥବା ଆପଣା ଜୀବନର ଶେଷ ଅଂଶଟିକୁ, ଯେତେବେଳେ କି ତା'ର ପାର୍ଥିବ ସ୍ୱଭାବର ଉତ୍ସାହ ଓ ବ୍ୟଗ୍ରତାଗୁଡ଼ାକ ଶୀତଳ ହୋଇ ଆସିଥାଏ, ଏହି ଆକୂତିଟି ଲାଗି ନିୟୋଜିତ କରିବାରେ ଲାଗେ । ଅଥବା ସେ ସତେଅବା ଏକ ମୀମାଂସା କରିନେଲା ପରି ଭାବିବାକୁ ଲାଗେ ଯେ ଉଚ୍ଚତର ଓ ବୃହତ୍ତର ପାଇଁ ତାହାର ଏହି ବୋଧଟି ତା'ର ସ୍ୱାଭାବିକ ବା ନିତ୍ୟନୈମିତ୍ତିକ କର୍ମର ଭୂମିର ପଶ୍ଚାଦ୍ଦେଶରେ ଅଥବା ବହୁ ଊର୍ଦ୍ଧ୍ୱରେ ଅବସ୍ଥିତ ରହିଛି ଏବଂ ସେ ଅଳ୍ପବହୁତ କେବଳ ଅପୂର୍ଣ୍ଣ ଭାବରେହିଁ ଆପଣାର ପ୍ରକୃତି-କବଳିତ ଜୀବନଟିକୁ ସେଆଡ଼କୁ ଉଦ୍ଦିଷ୍ଟ କରି ରଖିପାରିବ । ଅନ୍ୟ ପକ୍ଷରେ ଜଣେ ଅସାଧାରଣ ମନୁଷ୍ୟ ଜୀବନର ଏକମାତ୍ର ଲକ୍ଷ୍ୟ ଓ ଏକମାତ୍ର ବିଧାନରୂପେ ପାର୍ଥିବକୁ ଛାଡ଼ି ଅପାର୍ଥିବଟି ଉପରେହିଁ ଆଉଜି ପଡ଼ିବାକୁ ବାହାରେ ଏବଂ ତା'ର ପାର୍ଥିବ

'oaob.nitrkl.ac.in' images reprocessed

ଜୀବନଭୋଗଗୁଡ଼ିକୁ ଯଥାସମ୍ଭବ ଅଧିକରୁ ଅଧିକ ଖର୍ବ ଓ ଅବଦମିତ କରି ରଖିବାକୁ ଚେଷ୍ଟା କରିଥାଏ । ଆପଣାର ସ୍ୱର୍ଗୀୟ ପ୍ରକୃତିଟିକୁ ଅଧିକରୁ ଅଧିକ ବିକଶିତ କରିବାର ଆଶା ରଖି ସେ ଏସବୁ କରିବାରେ ଲାଗିଥାଏ । ଅତୀତର ଏକାଧିକ ଯୁଗରେ ଏହି ଏକଦେଶୀ ଅପାର୍ଥିବତାର ଦୃଷ୍ଟିକୋଣଟି ମନୁଷ୍ୟର ମନ ଉପରେ ଏକ ଅତ୍ୟନ୍ତ ଶକ୍ତିଶାଳୀ ପ୍ରଭାବ ବିସ୍ତାର କରିଛି । ସେତେବେଳେ ଗୋଟିଏ ପାଖରେ ଆପଣାର ବୃହତ୍ତର ସ୍ୱାଭାବିକ ସମ୍ପ୍ରସାରଣଟି ଲାଗି ଆପଣାକୁ ଅସମର୍ଥ ମଣୁଥିବା ଏକ ଅପୂର୍ଣ୍ଣ ଓ ଏପ୍ରକାରସ୍ଥ ମନୁଷ୍ୟଜୀବନ ଏବଂ କେବଳ ମୁଷ୍ଟିମେୟ ମାତ୍ର କେତେକଙ୍କ ଜୀବନକୁ ଛାଡ଼ି-ଦେଲେ ଆପଣାର ଶୁଦ୍ଧ ଓ ସ୍ୱଚ୍ଛନ୍ଦ ଗତିସ୍ପନ୍ଦନଟିକୁ ଚରିତାର୍ଥ କରିବାରେ ଏକାନ୍ତ ଅସମର୍ଥ ହୋଇ ରହିଥିବା ସ୍ୱର୍ଗୀୟ ଜୀବନଲାଗି ଏକ ବ୍ୟାଧିତ ଓ ବୈରାଗ୍ୟପ୍ରଧାନ କାମନା ମଧ୍ୟରେହିଁ ମନୁଷ୍ୟର ଚିତ୍ତ ଆନ୍ଦୋଳିତ ହେବାରେ ଲାଗିଛି । ଆମ ଭିତରେ ବିବର୍ତ୍ତନଗତ ଯେତିକି ସାମର୍ଥ୍ୟ ରହିଛି, ସେ ବିଷୟରେ ସମ୍ପୂର୍ଣ୍ଣ ଆଖି ବୁଜି ଦେଇଥିବା ଏକ ମାନଦଣ୍ଡ ବା ସାଧନପଦ୍ଧତିର ନିରୂପଣ କରିଦେଇ ଅଥବା ଆମ ପ୍ରକୃତିର ତଥ୍ୟ ବିଧାନଟି ଅନୁସାରେ ଆମ ଭିତରେ ଏହି ଦୁଇଟିଯାକ ଭାବ ମଧ୍ୟରେ ଯେଉଁ ସମନ୍ୱୟର ସୂତ୍ରଟି ରହିଛି, ସେଥିପ୍ରତି କୌଣସି ଦୃଷ୍ଟି ନରଖି କେବଳ କୌଣସି ଗୋଟିଏ ମାତ୍ର ଭାବ ଉପରେ ଅତିରିକ୍ତ ଗୁରୁତ୍ୱ ଦେଇ ଆମର ଜୀବନକ୍ଷେତ୍ରରେ ଯେ ଗୋଟାଏ ମିଥ୍ୟା ସମରର ସୃଷ୍ଟି କରି ଦିଆଯାଇଛି, ଏଥିରୁ ଆମକୁ ତାହାର ସୂଚନାହିଁ ମିଳିଥାଏ ।

ମାତ୍ର ଆମର ମାନସିକ ଜୀବନରେ ଗଭୀରତା ଆସିବା ସଙ୍ଗେ ସଙ୍ଗେ ଓ ଆମ ଭିତରେ ସୂକ୍ଷ୍ମଜ୍ଞାନର ବିକାଶ ହେବା ସଙ୍ଗେ ସଙ୍ଗେ ଶେଷରେ ଆମ ଭିତରେ ଏହି ବୋଧ ଅବଶ୍ୟ ଜାଗ୍ରତ ହୋଇଉଠିବ ଯେ କେବଳ ପାର୍ଥିବ ଓ ଅପାର୍ଥିବହିଁ ସତ୍ତାର ସମୁଦାୟ ଅବସ୍ଥା ନୁହନ୍ତି । ଏହି ଦୁଇଟି ବ୍ୟତୀତ ଏକ ବର୍ଣ୍ଣାତୀତ ଉପାଦାନ ମଧ୍ୟ ରହିଛି ଯାହାକୁ କି ଆମେ ଆମ ଅସ୍ତିତ୍ୱର ସର୍ବୋଚ୍ଚ ଓ ସୁଦୂର ଉତ୍ସ ବୋଲି କହିପାରିବା । ଏହି ବୋଧଟି ସହିତ ଅତି ସହଜ ଭାବରେ ଏକ ଆଧ୍ୟାତ୍ମିକ ଆବେଗ ବା ଉତ୍ସାହ ଯୁକ୍ତ ହୋଇ ରହିଥାଏ, ତାହାର ସହିତ ଆତ୍ମାର ଭୂମିରେ ବିଚରଣ କରୁଥିବା ଏକ ଉଦାମତା ଓ ଉଦ୍ଦୀପନା ଆସି ଦେଖାଦିଏ । ଏକ ଦାର୍ଶନିକ ଦୃଷ୍ଟିସମ୍ପନ୍ନ ଉଦାସୀନତା ଅଥବା ଜାଗତିକ ବିଷୟରେ ଶାଣିତ ବୁଦ୍ଧିର ଅସହିଷ୍ଣୁତା ଆସି ପହଞ୍ଚେ । ସେହି ଅବସ୍ଥାଟିରେ ଉପନୀତ ହେବାଲାଗି ଇଚ୍ଛାଶକ୍ତି ଆକୁଳ ହୋଇଉଠେ, ଅଥବା ଜୀବନର ବାଧାଗୁଡ଼ିକ ଦ୍ୱାରା ନିରୁତ୍ସାହିତ ହୋଇ କିମ୍ବା ତାହାର ପରିଣାମଗୁଡ଼ିକ ଦ୍ୱାରା ନିରାଶ ହୋଇ ଜୀବନପ୍ରତି ଏକ ବ୍ୟାଧିତ ବିତୃଷ୍ଣା ପ୍ରକାଶ ପାଏ । ଏଗୁଡ଼ିକ ଭିତରୁ ଯେକୌଣସି ଗୋଟିଏ ଭାବର ଅଥବା ସବୁଗୁଡ଼ିକର ଏକତ୍ର ସମାହାର ହେତୁ କେବଳ ସେହି ସର୍ବୋଚ୍ଚ ପରମସତ୍ତାଙ୍କ ବ୍ୟତୀତ ଆଉ

ସବୁକିଛୁ ସମ୍ପୂର୍ଣ୍ଣ ନିଃସାର ଓ ମିଥ୍ୟା ବୋଲି ମନେହୁଏ, ମନୁଷ୍ୟର ଏହି ଜୀବନ ଏକ ବ୍ୟର୍ଥତା ବୋଲି ମନେହୁଏ, ବିଶ୍ୱମଧ୍ୟ ଅସ୍ତିତ୍ୱ ଅବାସ୍ତବ ଲାଗେ, ଏହି ପୃଥିବୀ ଜଡ଼ ବିରୂପ ଓ ନିର୍ମମ ବୋଲି ମନେହୁଏ, ସ୍ୱର୍ଗ ମଧ୍ୟ ଯଥେଷ୍ଟ ନୁହେଁ ବୋଲି ଲାଗେ ଏବଂ ଶରୀର ଗ୍ରହଣ କରି ପୁନଃପୁନଃ ଜନ୍ମ ନେବାର ସତେଅବା କୌଣସି ଉଦ୍ଦେଶ୍ୟ ନଥିବା ପରି ବୋଧହୁଏ । ଏହି କ୍ଷେତ୍ରରେ ମଧ୍ୟ ଜଣେ ସାଧାରଣ ମନୁଷ୍ୟ ଏହିସବୁ ଭାବନାଗୁଡ଼ିକ ସହିତ ବସ୍ତୁତଃ ଆଦୌ ବାଟ ଚାଲିପାରେ ନାହିଁ; ତା'ର ଜୀବନରେ ସେଗୁଡ଼ିକ ଖୁବ୍ ବେଶୀ ହେଲେ କେବଳ ଏକ ଧୂସରତା ଓ ଏକ ଅସ୍ଥିର ଅସନ୍ତୋଷ ଆଣିଦିଅନ୍ତି ଓ ଏହିପରି ଏକ ଜୀବନ ନେଇ ପଡ଼ି ରହିବାକୁ ସେ ଆପଣାକୁ ବାଧ୍ୟ ବୋଲି ଅନୁଭବ କରେ । ମାତ୍ର ଅସାଧାରଣ ମନୁଷ୍ୟ ଆପେ ଦେଖିଥିବା ସତ୍ୟଟିର ଅନୁସରଣ କରିବାଲାଗି ସବୁକିଛୁ ବର୍ଜନ କରି ଆସେ, ଏହିସବୁ ଭାବନା ତା'ର ଆଧ୍ୟାତ୍ମିକ ଆକାଂକ୍ଷା ଲାଗି ଆବଶ୍ୟକ ଖାଦ୍ୟରୂପେ କାର୍ଯ୍ୟ କରନ୍ତି ଏବଂ ଯେଉଁ ଉପଲବ୍ଧିଟି ତା'ର ଆଗରେ ବର୍ତ୍ତମାନ କେବଳ ଏକମାତ୍ର ତାତ୍ପର୍ଯ୍ୟପୂର୍ଣ୍ଣ ବସ୍ତୁ ବୋଲି ଦେଖାଯାଏ, ସେଗୁଡ଼ିକ ସେଥିଲାଗି ଏକ ପ୍ରେରଣା ଦେବାରେ ଲାଗନ୍ତି । ଇତିହାସରେ ଆମେ ଏପରି ଏକାଧିକ ଯୁଗର ବା ଦେଶର ଉଦାହରଣ ପାଇବା, ଯେତେବେଳେ ବା ଯେଉଁଠାରେ କି ଅସ୍ତିତ୍ୱ ବିଷୟରେ ଏହି ଦୃଷ୍ଟିକୋଣଟି ଏକ ଅତ୍ୟନ୍ତ ଶକ୍ତିଶାଳୀ ପ୍ରଭାବ ପକାଇ ପାରିଥିଲା; ସେତେବେଳେ ସେହି ଜନଗୋଷ୍ଠୀର ଏକ ପ୍ରଧାନ ଅଂଶ ବୈରାଗୀର ଜୀବନାଦର୍ଶ ଆଡ଼କୁ ସ୍ପଷ୍ଟ ଟଳି କରି ରହିଥିଲା । ଅବଶ୍ୟ ସେମାନଙ୍କ ସମସ୍ତଙ୍କ ପାଖରେ ଯେ ପ୍ରକୃତରେ ଏହିପରି ଏକ ଆହ୍ୱାନ ଆସି ପହଞ୍ଚିଥିଲା, ସେକଥା ଆଦୌ ନୁହେଁ । ଏବଂ ଗୋଷ୍ଠୀ ଭିତରେ ବାସ କରୁଥିବା ଅନ୍ୟମାନେ ତଥାକଥିତ ନିତ୍ୟନୈମିତ୍ତିକ ଜୀବନଗୁଡ଼ାକୁ ନେଇ ପଡ଼ି ରହିଥିଲେ ମାତ୍ର ମର୍ମତଃ ତାହାକୁ ପ୍ରକୃତରେ ଅବାସ୍ତବ ଓ ଅସାର ବୋଲି ବିଶ୍ୱାସ କରୁଥିଲେ । ଦୃଢ଼ତାର ସହିତ ସେହି ବିଶ୍ୱାସଟିର ବାରବାର କଥନ ଓ ଶ୍ରବଣ ଫଳରେ ତାହା ଜୀବନାବେଗର ଶକ୍ତିରେ କ୍ରମେ ଏକ ମନ୍ଦତା ଆଣିଦିଏ, ଜୀବନଗତ ଅଭିପ୍ରାୟଗୁଡ଼ିକୁ ତୁଚ୍ଛ ବୋଲି କହିବାକୁ ଅଧିକରୁ ଅଧିକ ପ୍ରବୃତ୍ତ ହୁଏ, ଏବଂ ଏପରିକି, ତାହାର ଏକ ସୂକ୍ଷ୍ମ ପ୍ରତିକ୍ରିୟା ସ୍ୱରୂପ ଅତ୍ୟନ୍ତ ଚୈତନ୍ୟସ୍ଥାନ ଏକ ସଂକୀର୍ଣ୍ଣ ଜୀବନଧାରା ଭିତରେ ମଣିଷକୁ ଅତିମାତ୍ରାରେ ବୁଡ଼ାଇ ରଖେ ଏବଂ ତାହାଫଳରେ ପରମ ଦିବ୍ୟସତ୍ତାଙ୍କର ବିଶ୍ୱଗତ ଅଭିବ୍ୟକ୍ତିଜନିତ ବୃହତ୍ତର ଆନନ୍ଦଟି ଦ୍ୱାରା ଆପଣାକୁ ପ୍ରତିଷ୍ଠିତ କରି ରଖିବାରେ ଆମକୁ ଅସମର୍ଥ କରିପକାଏ ଏବଂ ଯେଉଁ ମହାନ୍ ଓ ଦୂରଦୃଷ୍ଟିସମ୍ପନ୍ନ ମାନବୀୟ ଆଦର୍ଶଦ୍ୱାରା ଆମେ ଏକ ସାମୂହିକ ଆତ୍ମବିକାଶ ଦିଗରେ ପ୍ରବୃତ୍ତ ହୋଇଥାଉ ଏବଂ ସେଥିଲାଗି ଆବଶ୍ୟକ ସଂଗ୍ରାମ ଓ ସାଧନାଲାଗି ଯାହା ଆମକୁ ଉଦ୍‌ବୁଦ୍ଧ କରି ରଖିଥାଏ, ସେହି ଆଦର୍ଶ ସେତେବେଳେ ବିଫଳ ହୋଇ ପଡ଼ିରହେ । ସମ୍ଭବତଃ ଏହିଠାରେହିଁ ବିଶ୍ୱାତୀତ

'oaob.nitrkl.ac.in' images reprocessed

ଦର୍ଶନ ମଧ୍ୟରେ ତତ୍ତ୍ୱବ୍ୟାଖ୍ୟାର କ୍ଷେତ୍ରରେ କୌଣସିଠାରେ କିଞ୍ଚିତ୍ ଅପ୍ରାଚୁର୍ଯ୍ୟ ରହିଯାଇଛି, ହୁଏତ ସେଥିରେ ଏକ ଅତିରଞ୍ଜନ ରହିଯାଇଛି ବା କୌଣସି ଭ୍ରମାତ୍ମକ ବିରୋଧ ଦେଖାଦେଇଛି; ଯେଉଁ ଉଚ୍ଚ ସମୀକରଣ ଦ୍ୱାରା ଉଭୟ ମଧ୍ୟରେ ସାମଞ୍ଜସ୍ୟ ସ୍ଥାପିତ ହୋଇ ପାରିଥା'ନ୍ତା, ତାହା ହୁଏତ କୁଆଡ଼େ ଅପହୃତ ହୋଇ ରହିଛି, ସୃଷ୍ଟିର ସେହି ସମଗ୍ର ବୋଧ ଓ ସୃଷ୍ଟିକର୍ତ୍ତାଙ୍କର ସେହି ସମ୍ପୂର୍ଣ୍ଣ ସଙ୍କଳ୍ପଟି ସତେଅବା କେଉଁଠି ବାରିତ ହୋଇ ରହିଯାଉଛି ।

ବିଶ୍ୱଗତ ବିଶ୍ୱସ୍ପନ୍ଦନ ମଧ୍ୟରେ ତାହାର ଯଥାଯୋଗ୍ୟ ସ୍ଥାନରେ ଆମର ଏହି ସମଗ୍ର ଓ ଜଟିଳ ମାନବପ୍ରକୃତିର ପ୍ରକୃତ ଅର୍ଥଟିକୁ ଚିହ୍ନିନେଇ ପାରିଲେ ଆମଲାଗି ସେହି ଉଚ୍ଚ ସମୀକରଣ ଦୃଷ୍ଟିଗୋଚର ହୋଇପାରିବ । ନାନା ଉପାଦାନ ଦେଇ ନିର୍ମିତ ହୋଇଥିବା ଆମର ଜଟିଳ ସତ୍ତାଟିର ପ୍ରତ୍ୟେକ ଅଂଶକୁ ଓ ଆମର ବହୁମୁଖୀ ଆକାଂକ୍ଷାଟିକୁ ଏଥିଲାଗି ସେଗୁଡ଼ିକର ଯଥୋଚିତ ମୂଲ୍ୟ ଦେଇ ଦେଖିବାକୁ ପଡ଼ିବ, ସେଗୁଡ଼ିକର ଏକତ୍ୱ ତଥା ପରସ୍ପର ଭିନ୍ନତ୍ୱର ମୂଳଟିକୁ ଆବିଷ୍କାର କରିବାକୁ ପଡ଼ିବ । ଏକ ସମନ୍ୱୟ ବା ସମଗ୍ରତାର ବୋଧ ଦ୍ୱାରା ସେହି ଆବିଷ୍କାର ସମ୍ଭବ ହେବ; ଏବଂ ମନୁଷ୍ୟର ଆତ୍ମା ସ୍ପଷ୍ଟତଃ ବିବର୍ତ୍ତନଧର୍ମୀ ହୋଇଥିବାରୁ କେବଳ ଏକ ବିବର୍ତ୍ତନମୂଳକ ସମନ୍ୱୟ ଦ୍ୱାରାହିଁ ତାହାକୁ ଆବିଷ୍କାର କରି ପାରିବାର ଅଧିକତର ସମ୍ଭାବନା ରହିଛି । ପ୍ରାଚୀନ ଭାରତୀୟ ସଂସ୍କୃତିରେ ଏହିପରି ଏକ ସମନ୍ୱୟର ପ୍ରୟାସ କରାଯାଇଥିଲା । ତାହା ମନୁଷ୍ୟଜୀବନର ଚାରୋଟି ନ୍ୟାଯ୍ୟ ଅଭିପ୍ରାୟକୁ ସ୍ୱୀକାର କରି ନେଇଥିଲା,— ମନୁଷ୍ୟର ପ୍ରାଣଗତ ପ୍ରୟୋଜନ ଓ ଆବଶ୍ୟକତାମାନ, ତା'ର କାମନା ଓ ବାସନା, ତା'ର ନୈତିକ ତଥା ଧର୍ମଗତ ଆକାଂକ୍ଷା ଏବଂ ଚତୁର୍ଥତଃ ତାହାର ଚରମ ଆଧ୍ୟାତ୍ମିକ ଲକ୍ଷ୍ୟ ଓ ନିୟତି । ଅନ୍ୟ ଭାଷାରେ କହିଲେ ଏଗୁଡ଼ିକ ମନୁଷ୍ୟର ପ୍ରାଣ, ଦେହ ଓ ସଂବେଗଗତ ଦାବିଗୁଡ଼ିକୁ, ଈଶ୍ୱର, ପ୍ରକୃତି ତଥା ମନୁଷ୍ୟର ବିଧାନଗୁଡ଼ିକ ଜାଣିବା ଦ୍ୱାରା ନିୟନ୍ତ୍ରିତ ହେଉଥିବା ତା'ର ନୀତି ଓ ଧର୍ମର ଦାବିଗୁଡ଼ିକୁ ଏବଂ ଏକ ଅବିଦ୍ୟା-କବଳିତ ଇହ-ଅସ୍ତିତ୍ୱର ବନ୍ଧନ ଭିତରୁ ଚରମ ମୁକ୍ତି ଲାଭ କରି ସେ ଯେଉଁ ସନ୍ତୋଷ ବା ତୃପ୍ତିର ଅନ୍ୱେଷଣ କରୁଛି, ସେହି ପରମ ବିଶ୍ୱାତୀତ ସକାଶେ ତା' ଭିତରେ ରହିଥିବା ଆଧ୍ୟାତ୍ମିକ ଅଭୀପ୍ସାଟିର ଦାବିଗୁଡ଼ିକୁ ବୁଝାଉଥିଲା । ଜୀବନର ଏହି ଧାରଣାଟିକୁ ଭିତ୍ତି କରି ଆମ ପ୍ରାଚୀନ ସଂସ୍କୃତିରେ ତଦନୁରୂପ ଚାରୋଟି ଆଶ୍ରମର ବ୍ୟବସ୍ଥା ରହିଥିଲା । ପ୍ରଥମଟି ବ୍ରହ୍ମଚର୍ଯ୍ୟାଶ୍ରମ ଅର୍ଥାତ୍ ଶିକ୍ଷାପ୍ରାପ୍ତି ଓ ସଂସାରଲାଗି ପ୍ରସ୍ତୁତିର ଅବସ୍ଥା, ଦ୍ୱିତୀୟଟି ଗୃହସ୍ଥାଶ୍ରମ ଅର୍ଥାତ୍ ନୀତି ଓ ଧର୍ମର ଅନୁଶାସନ ଭିତରେ ରହି ଓ ତାହାଦ୍ୱାରା ପରିଚାଳିତ ହୋଇ ବାସନା ଓ ପ୍ରବୃତ୍ତିଗୁଡ଼ିକର ପରିତୃପ୍ତି ଲାଗି ଏକ ସ୍ୱାଭାବିକ ସଂସାରଜୀବନ ଯାପନ କରିବାର ଅବସ୍ଥା; ତୃତୀୟଟି ବାନପ୍ରସ୍ଥାଶ୍ରମ ଅର୍ଥାତ୍ ସଂସାରରୁ ଆପଣାକୁ କ୍ରମଶଃ ଅପସାରିତ କରିନେଇ ଆଧ୍ୟାତ୍ମିକ ଜୀବନଲାଗି

'oaob.nitrkl.ac.in' images reprocessed

ପ୍ରସ୍ତୁତ ହେବାର ଅବସ୍ଥା; ଏବଂ ଚତୁର୍ଥଟି ସନ୍ନ୍ୟାସ ଅର୍ଥାତ୍ ଜୀବନଗତ ଯାବତୀୟ ଆସକ୍ତିକୁ ପରିହାର କରି ଆପଣାକୁ ଚିନ୍ମୟତା ମଧ୍ୟରେ ଉନ୍ମୋଚିତ କରିଦେବାର ଅବସ୍ଥା । ଏଥିରେ କୌଣସି ସନ୍ଦେହ ନାହିଁ ଯେ ଯଦି ଏହି ବ୍ୟବସ୍ଥାଟିକୁ ଏକ ସାର୍ବଜନୀନ ବ୍ୟବସ୍ଥାରୂପେ ସ୍ୱୀକାର କରି ନିଆଯାଏ, ଯଦି ପ୍ରତ୍ୟେକ ବ୍ୟକ୍ତିକୁ ଆମ ଜୀବନଯାତ୍ରାର ଏହି ଧାରାଟିକୁ ଅନୁସରଣ କରି ବାଟ ଚାଲିବା ଲାଗି ପରାମର୍ଶ ଦିଆଯାଏ, ତେବେ ତଦ୍ୱାରା କେବଳ ଭୁଲହିଁ ହେବ; କାରଣ କେବଳ ଗୋଟିଏ ମାତ୍ର ଅଳ୍ପକାଳସ୍ଥାୟୀ ଜୀବନକାଳ ମଧ୍ୟରେ ବିବର୍ତ୍ତନର ଏହି ସମୁଦାୟ ବୃତ୍ତଟିର ପରିକ୍ରମା କରିପାରିବା ସମସ୍ତଙ୍କ ଲାଗି କଦାପି ସମ୍ଭବ ହେବ ନାହିଁ । ମାତ୍ର ଏକ ଆଧ୍ୟାତ୍ମିକ ମୁକ୍ତିଲାଗି ଯୋଗ୍ୟ ହୋଇପାରିବା ପୂର୍ବରୁ ଅନେକବାର ଜନ୍ମଗ୍ରହଣର ଦୀର୍ଘ ପରମ୍ପରା ମଧ୍ୟ ଦେଇ ଯିବାକୁ ପଡ଼ିବ ଓ ଆପଣା ବିବର୍ତ୍ତନର କ୍ରମଟିକୁ ସମ୍ପୂର୍ଣ୍ଣ କରିବାକୁ ପଡ଼ିବ, ସେଥିଲାଗି ସିଦ୍ଧାନ୍ତଟିରେ କିଞ୍ଚିତ୍ ପରିବର୍ତ୍ତନ କରି ଏହିପରି ଏକ ଘୋଷଣା କରାଯାଇଥିଲା । ଆପଣାର ଆଧ୍ୟାତ୍ମିକ ଅନ୍ତର୍ଦୃଷ୍ଟି, ଦୃଷ୍ଟିଗତ ପ୍ରସାରତା, ସନ୍ତୁଳନ ଓ ସମ୍ପୂର୍ଣ୍ଣତା ସହିତ ଏହି ସମନ୍ୱୟଟି ମନୁଷ୍ୟଜୀବନର ଆବେଦନଟିକୁ ଅନେକ ପରିମାଣରେ ଉଚ୍ଚକୁ ଉଠାଇ ନେବାରେ ଅନେକ ସାହାଯ୍ୟ କରିଥିଲା, ମାତ୍ର କାଳକ୍ରମେ ତାହା ଭାଙ୍ଗିରୁଜି ଗଲା । ତତ୍ପରବର୍ତ୍ତିରେ ସଂସାରତ୍ୟାଗର ପ୍ରେରଣାଟିକୁ ଅତିରଞ୍ଜିତ କରି ଦର୍ଶାଗଲା । ତଦ୍ୱାରା ପ୍ରଚଳିତ ହୋଇ ଆସୁଥିବା ବ୍ୟବସ୍ଥାଟିରେ ଆଉ ସମାନୁପାତିତା ରହିଲା ନାହିଁ ଏବଂ ଜୀବନ ପରସ୍ପରର ବିପରୀତ ଦୁଇଟି ଭିନ୍ନ ଭିନ୍ନ ଧାରାରେ ଦୁଇଭାଗ ହୋଇ କାଟି ହୋଇଗଲା । ଗୋଟିଏ ପାଖରେ ସ୍ୱାର୍ଥ ଓ ବାସନାଗୁଡ଼ିକ ଦ୍ୱାରା ସମ୍ଭଳିତ ତଥାକଥିତ ସ୍ୱାଭାବିକ ଜୀବନକୁ ରଖାଗଲା ଏବଂ ସେଥିରେ ଟିକିଏ ଟିକିଏ ଧର୍ମର ରଙ୍ଗ ଲଗାଇ ଦିଆଗଲା; ଏବଂ ଅପର ପାଖରେ ସଂସାରତ୍ୟାଗର ଆଦର୍ଶକୁ ଧରି ଠିଆ ହୋଇଥିବା ଅସାଧାରଣ ବା ଅସ୍ୱାଭାବିକ ଅନ୍ତର୍ଗତ ଜୀବନଟି ଉପସ୍ଥାପିତ ହୋଇ ରହିଲା । ବସ୍ତୁତଃ ପୂର୍ବତନ ପର୍ଯ୍ୟାୟର ସେହି ସମନ୍ୱୟ ମଧ୍ୟରେହିଁ ଏହି ଅତିରଞ୍ଜନର ମଞ୍ଜିଟି ପୋତାହୋଇ ରହିଥିଲା ଏବଂ ଶେଷରେ ତାହାର ଭିତରେ ରୁଦ୍ଧ ହୋଇ ରହିବା ବ୍ୟତୀତ ଆଉ ଅନ୍ୟ ଗତି ନଥିଲା । କାରଣ ଜୀବନଠାରୁ ଖସି ପଳାଇଯିବାକୁହିଁ ଯଦି ଏକ କାମ୍ୟ ଉଦ୍ଦେଶ୍ୟ ବୋଲି ଗ୍ରହଣ କରାଯାଏ, ଜୀବନଗତ ପରିପୂର୍ଣ୍ଣତାର ଅନ୍ୟ କୌଣସି ଉଚ୍ଚ ଉଦ୍ଦେଶ୍ୟକୁ ସମ୍ମୁଖରେ ଧରି ରଖିବାକୁ ଆମର ଯଦି ଆଉ ମନେ ନରହେ, ଯଦି ଜୀବନ ତା'ର ଆଧ୍ୟାତ୍ମିକ ତାତ୍ପର୍ଯ୍ୟଟିକୁ ହରାଇ ବସେ, ତେବେ ସେହି କ୍ଷେତ୍ରରେ ମନୁଷ୍ୟର ବୁଦ୍ଧି ଓ ଇଚ୍ଛାଶକ୍ତି କେବଳ ଆପଣାର ଧୈର୍ଯ୍ୟହିଁ ହରାଇ ବସିବ; ଯେଉଁ ବାଟେ ଗଲେ ସବୁଠାରୁ କମ୍ ବାଟ ଚାଲିବାକୁ ହେବ, କେବଳ ସେହିବାଟ ଧରିବାକୁ ଇଚ୍ଛା କରିବ ଓ ଅନ୍ୟସବୁ ବିରକ୍ତିକର ଓ ଅଧିକ ସମୟସାପେକ୍ଷ ବାଟଗୁଡ଼ିକର କବଳରୁ ଯଥାସମ୍ଭବ କ୍ଷିପ୍ରତ

'oaob.nitrkl.ac.in' images reprocessed

ଯାଇବାର ଉଦ୍ୟମ କରିବାରେ ଲାଗିବ । ସେ କଥା ଯଦି କରି ନପାରିବ ଅର୍ଥାତ୍ ସବୁଠାରୁ ଅଳପ ବାଟରେ ଯିବାଲାଗି ଯଦି ତା' ପାଖରେ ଆବଶ୍ୟକ ଶକ୍ତି ନଥିବ, ତେବେ ସେ କେବଳ ଆପଣା ଅହଂ ଓ ତାହାର ପରିତୃପ୍ତିଗୁଡ଼ାକୁ ନେଇକରି ପଡ଼ିରହିବ ଏବଂ ଏହି ଜଗତରେ ତା'ର ଉପଲବ୍ଧି ଲାଗି ଆଉ ବୃହତ୍ତର କିଛି ରହିବ ନାହିଁ । ଆଧ୍ୟାତ୍ମିକ ଓ ପାର୍ଥିବ,—ଆମର ଜୀବନଟା ଏହିପରି ଦୁଇଫାଳ ହୋଇ ବିଭକ୍ତ ହୋଇଯିବ; ଗୋଟାକରୁ ଅନ୍ୟଟିକୁ ଯିବାକୁ ହେଲେ କେବଳ ଗୋଟିକୁ ଛାଡ଼ି ଅନ୍ୟଟି ଉପରକୁ ଡେଇଁପଡ଼ିବା ବ୍ୟତୀତ ସେତେବେଳେ ଆଉ ଅନ୍ୟ ପନ୍ଥାହିଁ ରହିବ ନାହିଁ; ଆମ ପ୍ରକୃତିର ଏହିସବୁ ଭାଗଗୁଡ଼ିକ ମଧ୍ୟରେ ଏକ ସମନ୍ୱୟ ବା ସୌଷମ୍ୟ ସ୍ଥାପନ କରିବାଲାଗି ଆଉ ଅବକାଶ ନଥିବ ।

ଏକ ସେତୁ ହିସାବରେ ଆମେ ଏକ ଆଧ୍ୟାତ୍ମିକ ବିବର୍ତ୍ତନର ଧାରାକୁ ସ୍ୱୀକାର କରିନେବା; ଜନ୍ମରୁ ଜନ୍ମାନ୍ତର ହୋଇ ପରମସତ୍ତା ଏଠାରେ ଆପଣାକୁ ଉନ୍ମୋଚିତ ଓ ଅଭିବ୍ୟକ୍ତ କରୁଛନ୍ତି, ଅଭିବ୍ୟକ୍ତିର ସେହି ଲୀଳାରେ ମନୁଷ୍ୟ ମଧ୍ୟସ୍ଥଳରେ ରହିଛି ଓ ନିମିତ୍ତରୂପେ ବ୍ୟବହୃତ ହେଉଛି ଏବଂ ଆପଣାର ଉଚ୍ଚତମ ସୋପାନଟିରେ ଉପନୀତ ହୋଇ ମନୁଷ୍ୟର ଜୀବନ ସେଥିରେ ଏକ ନିଶ୍ଚିତ ଓ ଗୁରୁତ୍ୱପୂର୍ଣ୍ଣ ମୋଡ଼ପରି କାର୍ଯ୍ୟ କରୁଛି ବୋଲି ସ୍ୱୀକାର କରିନେବା । ଐହିକ ଓ ଚିନ୍ମୟ ସତ୍ତା ମଧ୍ୟରେ ସୁସମତା ସ୍ଥାପନ କରିବାକୁ ହେଲେ ଏହିଭଳି ଗୋଟିଏ ସେତୁର ଆବଶ୍ୟକତା ରହିଛି । କାରଣ ଏହି ଉଦାର ଦୃଷ୍ଟିଟି ମଧ୍ୟରେ ଆମେ ମନୁଷ୍ୟର ସମଗ୍ର ପ୍ରକୃତିଟିକୁ ସ୍ୱୀକାର କରିନେଇ ପାରିବା ଏବଂ ଇହଲୋକ, ସ୍ୱର୍ଗଲୋକ ତଥା ସର୍ବୋଚ୍ଚ ପରମସତ୍ୟଟି ଲାଗି ତାହାର ଆକର୍ଷଣର ଯେଉଁ ତିନୋଟି ପ୍ରବାହ ରହିଛି, ତାହାର ନ୍ୟାଯ୍ୟସଙ୍ଗତ ସ୍ଥାନଟିକୁ ମଧ୍ୟ ଚିହ୍ନିନେଇ ପାରିବା । ଉଚ୍ଚତର ଅଧ୍ୟାତ୍ମଚେତନାର ଆଲୋକ, ସାମର୍ଥ୍ୟ ଓ ଆନନ୍ଦଦ୍ୱାରା ଗୃହୀତ ନହେଲେ, ତାହାଠାରୁ ନୂତନ ଅର୍ଥବ୍ୟଞ୍ଜକତା ଲାଭ ନକଲେ ଓ ତାହାଦ୍ୱାରା ଆପଣା ଭିତରେ ରୂପାନ୍ତର ନଘଟାଇଲେ ମନ, ପ୍ରାଣ ଓ ଦେହର ନିମ୍ନତର ଚେତନାଟି କଦାପି ଆପଣାର ସମ୍ପୂର୍ଣ୍ଣ ତାତ୍ପର୍ଯ୍ୟଟିକୁ ଆବିଷ୍କାର କରିପାରିବ ନାହିଁ; ଏବଂ ଅପର ପକ୍ଷରେ ନିମ୍ନତର ଚେତନାଟିକୁ କେବଳ ବର୍ଜିତ କରି ରଖିଥିବା ଯାଏ ଉଚ୍ଚତର ଚେତନାଟି ମଧ୍ୟ ନିମ୍ନତରଟି ସହିତ ଆପଣାର ଯଥାର୍ଥ ଓ ପରିପୂର୍ଣ୍ଣ ସମ୍ବନ୍ଧରେ ସମ୍ବନ୍ଧିତ ହୋଇ ରହିପାରିବ ନାହିଁ; ମାତ୍ର ଉଚ୍ଚତର ଚେତନା ଯଦି ନିମ୍ନତର ଚେତନାଟିକୁ ଆପଣାମଧ୍ୟରେ ଗ୍ରହଣ କରିନେଇ ପାରିବ, ତାହାକୁ ଆପଣା ପ୍ରଭାବଦ୍ୱାରା ପ୍ରଭାବିତ କରିବ, ତାହାର ଅପୂର୍ଣ୍ଣ ମୂଲ୍ୟଗୁଡ଼ିକୁ ପରିପୂର୍ଣ୍ଣ କରିବ, ତାହାକୁ ଏକ ନୂତନ ବ୍ୟଞ୍ଜନା ଦେଇ ତାହାର ପ୍ରକାଶ କରିବ ଓ ସେଥିରେ ଏକ ରୂପାନ୍ତର ଘଟାଇବ,—ଅର୍ଥାତ୍ ମାନସିକ, ପ୍ରାଣଗତ ଓ ଦେହସ୍ଥ ପ୍ରକୃତିକୁ ଏକ

'oaob.nitrkl.ac.in' images reprocessed

ଅତିମାନସ ଅଧ୍ୟାତ୍ମଭୂମିକୁ ଉତ୍ତୋଳିତ କରି ନେଇଆସିବ;—କେବଳ ଏହିସବୁ ସତ୍ୟର ଆଧାର ଉପରେହିଁ ଆମର ଆଲୋଚିତ ବିରୋଧଗୁଡ଼ିକରେ ପରିପୂର୍ଣ୍ଣ ସମାଧାନ ସମ୍ଭବ ହେବ । ପାର୍ଥିବ ଦର୍ଶନର ଆଦର୍ଶଟିହିଁ ଆଧୁନିକ ମନର କ୍ଷେତ୍ରରେ ବଡ଼ ଶକ୍ତିଶାଳୀ ହୋଇ ରହିଆସିଛି, ଏହାହିଁ ମନୁଷ୍ୟ ଓ ପୃଥିବୀସ୍ଥ ତା'ର ଜୀବନକୁ ଏବଂ ମାନବସମାଜର ସମୂହଗତ ଆଶା ଓ ଅଭିଳାଷକୁ ପ୍ରାଧାନ୍ୟ ଆଣିଦେଇଛି ଏବଂ ଏକ ସମାଧାନ ଲାଗି ବାରମ୍ବାର ଦାବି କରି ଆସିଛି । ଏଥିରୁ ଏହିସବୁ ଉପକାର ହାସଲ ହୋଇଛି, ଏହିସବୁ ଲାଭ ମିଳିଛି । ମାତ୍ର ଜୀବନର କେବଳ ଗୋଟିଏ ଦିଗ ଉପରେ ଅତିରିକ୍ତ ଗୁରୁତ୍ୱ ଦେଇ ଏବଂ ଅନ୍ୟଗୁଡ଼ିକୁ ଅବହେଳା କରି ଏହା ମାନବୀୟ ଅଭିକ୍ରମର ପରିସରକୁ ବଡ଼ ଅନ୍ୟାୟଭାବରେ ସୀମାବଦ୍ଧ କରି ରଖିଛି; ତାହା ଭିତରେ ଯାହା ସର୍ବୋଚ୍ଚ ସୋପାନରେ ରହିଛି ଏବଂ ଅବଶେଷରେ ଯାହା ତାହାର ବୃହତ୍ତର ସମ୍ପଦ ବୋଲି ଉପଲବ୍ଧ ହେବ, ଏହା ସେଇଟିକୁ ଉପେକ୍ଷାଭାବ ଦେଖାଇଛି; ଏବଂ ଏହିଭଳି ସୀମାବଦ୍ଧ କରି ପକାଇବା ଦ୍ୱାରାହିଁ ଆପଣା ଅଭୀଷ୍ଟର ପରିପୂର୍ଣ୍ଣ ଅନୁଶୀଳନ ଲାଗି ଆପଣାକୁ ବଡ଼ ଅସମର୍ଥ କରି ରଖିଛି । ଯଦି ମନହିଁ ମନୁଷ୍ୟ ଓ ପ୍ରକୃତି ମଧ୍ୟରେ ଉଚ୍ଚତମ ସାମଗ୍ରୀ ହୋଇଥାଆନ୍ତା, ତେବେ ହୁଏତ ଏହି ବ୍ୟର୍ଥତାର କୌଣସି ପ୍ରଶ୍ନ ଉଠୁନଥା'ନ୍ତା । ମାତ୍ର ତଥାପି ପରିସରଟି ନିଶ୍ଚୟ ସୀମାବଦ୍ଧ ହୋଇ ପଡ଼ୁଥା'ନ୍ତା, ସମ୍ଭାବନାଟି ଅପ୍ରଶସ୍ତ ହୋଇ ରହୁଥା'ନ୍ତା ଓ ସମ୍ମୁଖସ୍ଥ ଦିଗବଳୟଟି ବଡ଼ ସଙ୍କୁଚିତ ହୋଇ ପଡ଼ୁଥା'ନ୍ତା । ମାତ୍ର ଯଦି ମନ ଚେତନାର କେବଳ ଏକ ଆଂଶିକ ଉନ୍ମୋଚନରହିଁ ସୂଚନା ଦେଉଥାଏ ଏବଂ ଆମ ସମଷ୍ଟିଗତ ଜୀବନରେ କାର୍ଯ୍ୟ କରୁଥିବା ପ୍ରକୃତିଟି ଯଦି ମନର ସୀମାକୁ ଅତିକ୍ରମ କରି ରହିଥିବା ଆହୁରି ଅନେକ ଶକ୍ତିଲାଗି ସାମର୍ଥ୍ୟ ରଖିଥାଏ, ତେବେ ଏହି ଇହଲୋକରେ ଆମର ସକଳ ଆଶା ଯେ ସେହିସବୁ ଶକ୍ତିର ବିକାଶ ଉପରେ ନିର୍ଭର କରିବ, କେବଳ ସେତିକି ନୁହେଁ; ମାତ୍ର ଆମର କ୍ରମାରୋହକ୍ରମରେ ଏହାହିଁ ଆମଲାଗି ସର୍ବୋଚିତ ପଥ ହୋଇ ରହିବ । ଏବଂ ଇହଲୋକର ପରେ ମଧ୍ୟ ଆମକୁ ସେଥିରୁ କ'ଣ ସବୁ ମିଳିବ, ବର୍ତ୍ତମାନ ସେସବୁର ଆଲୋଚନା କରିବା ଲାଗି ଏଠାରେ କୌଣସି ପ୍ରସଙ୍ଗ ଉଠୁ ନାହିଁ ।

କେବଳ ମନୁଷ୍ୟର ମନହିଁ ଯାହାର ଅଭିମୁଖରେ ଅଗ୍ରସର ହେବାକୁ ସମର୍ଥ ହେବ, ସେହି ବୃହତ୍ତର ଓ ମହତ୍ତର ଚେତନାର ଉନ୍ମୀଳନ ବ୍ୟତୀତ ମନ ଓ ପ୍ରାଣ ସେମାନଙ୍କର ପରିପୂର୍ଣ୍ଣ ରୂପରେ କଦାପି ବିକଶିତ ହୋଇପାରିବେ ନାହିଁ । ଏହି ବୃହତ୍ତର ଓ ମହତ୍ତର ଚେତନା ହେଉଛି ସେହି ଅଧ୍ୟାତ୍ମଚେତନା; କାରଣ ଅଧ୍ୟାତ୍ମ-ଚେତନା ଅନ୍ୟ ଯାବତୀୟ ଚେତନାଠାରୁ କେବଳ ଯେ ଏକ ଉଚ୍ଚତର ସ୍ତରରେ ଅବସ୍ଥିତ ରହିଛି ତା' ନୁହେଁ, ମାତ୍ର ଏହା ଅଧିକ ଆୟତନର ଭୂମି ଉପରେ ବିସ୍ତୃତ ହୋଇ ବି ରହିଛି । ଏହି ଚେତନା ଏକ ବିଶ୍ୱଗତ ତଥା ବିଶ୍ୱାତୀତ ଚେତନା; ଏହି ଚେତନାହିଁ

'oaob.nitrkl.ac.in' images reprocessed

ମନ ଓ ପ୍ରାଣକୁ ଆପଣାର ଆଲୋକ ମଧ୍ୟକୁ ଉତ୍ତୋଳିତ କରି ନେଇଯାଇ ପାରିବ ଏବଂ ସେ ଦୁହେଁ ଯାହାକିଛିର ଅନ୍ୱେଷଣ କରୁଛନ୍ତି, ସେମାନଙ୍କ ଲାଗି ସେଗୁଡ଼ିକର ଯଥାର୍ଥ ଓ ପୂର୍ଣ୍ଣ ଉପଲବ୍ଧି ସମ୍ଭବ କରାଇ ପାରିବ । କାରଣ ଏହି ଚେତନା ଭିତରେ ଜ୍ଞାନର ଏକ ବୃହତ୍ତର ସାମର୍ଥ୍ୟ ରହିଛି, ଗଭୀରତର ଶକ୍ତି ଓ ସଂକଳ୍ପର ଉତ୍ସ ଏହାରି ଭିତରେ ରହିଛି, ପ୍ରେମ, ଆନନ୍ଦ ଓ ସୌନ୍ଦର୍ଯ୍ୟର ଅଗାଧ ଓ ଐଶ୍ୱର୍ଯ୍ୟଶାଳୀ ଭଣ୍ଡାର ପ୍ରସାରିତ ହୋଇ ରହିଛି । ଜ୍ଞାନ, ଶକ୍ତି ଓ ଆନନ୍ଦ,—ଆମର ମନ, ପ୍ରାଣ ଓ ଶରୀର ଏହି ସମ୍ପଦଗୁଡ଼ିକରହିଁ ଅନ୍ୱେଷଣ କରୁଛନ୍ତି; ଏବଂ ଯାହାର ପ୍ରଭାବରେ ସେମାନେ ଏହିସବୁର ପରମ ପ୍ରାଚୁର୍ଯ୍ୟ ଲାଭ କରିପାରିବେ, ତାହାକୁ ବର୍ଜନ କଲେ କେବଳ ସେହିମାନଙ୍କରହିଁ ଚରମୋତ୍କର୍ଷ ଲାଭ ଅସମ୍ଭବ ହୋଇ ରହିବ । ଏହାର ବିପରୀତ ଦିଗରେ ଆଉଏକ ଅତିରଞ୍ଜନ ମଧ୍ୟ ରହିଛି ଯାହାକି କେବଳ ଏକ ବର୍ଣ୍ଣହୀନ ଶୁଦ୍ଧ ଚିନ୍ମୟସତ୍ତାରେ ଯାଇ ପହଞ୍ଚିବା ଲାଗି ଅଧୀର ହେଉଥାଏ; ତାହା ଚିନ୍ମୟସତ୍ତାର ସୃଜନାତ୍ମକ ବିସୃଷ୍ଟିକୁ ପଣ୍ଡ କରି ରଖେ ଏବଂ ପରମ ଦିବ୍ୟ ପୁରୁଷ ଆପଣାର ସତ୍ତାମଧ୍ୟରେ ଯାହାକିଛି ପ୍ରକାଶ କରୁଛନ୍ତି, ଆମକୁ ସେସବୁରୁ ବଞ୍ଚିତ କରିପକାଏ । ସେହି କ୍ଷେତ୍ରରେ ଯେଉଁଭଳି ଏକ ବିବର୍ତ୍ତନ ଲାଗି ଅବକାଶ ରହିଯାଏ, ସେଥିରେ କୌଣସି ଅର୍ଥ ନଥାଏ କିମ୍ବା ପରିପୂର୍ଣ୍ଣତା ନଥାଏ । କାରଣ ପରିଣତିର କ୍ଷେତ୍ରରେ ଆଜିପର୍ଯ୍ୟନ୍ତ ଯାହାକିଛିର ଉଦ୍ଭବ ହୋଇଛି, ସେଗୁଡ଼ିକର ମୂଲୋତ୍ପାଟନହିଁ ତାହାର ପରମ ପୁରୁଷାର୍ଥ ହୋଇ ରହେ । ଆମ ସତ୍ତାର ପ୍ରବିସୃଷ୍ଟିକୁ କେବଳ ଅବିଦ୍ୟାଗ୍ରସ୍ତ ହୋଇ ରହିବାର ଓ ପୁଣି ସେଥିରୁ ଫେରି ଆସିବାର ଏକ ଉଦ୍ଦେଶ୍ୟହୀନ ପରିଭ୍ରମଣରେ ପର୍ଯ୍ୟବସିତ କରି ରଖେ; ଅଥବା ତାହା ବିଶ୍ୱଗତ ସମ୍ଭୂତିର ଏପରି ଏକ ଚକ୍ରାବର୍ତ୍ତନରେ ପରିଣତ ହୁଏ, ଯାହାର ନିର୍ଗମନଦ୍ୱାର କେବଳ ଏକ ପଳାୟନପଥ ହୋଇ ରହେ । ପାର୍ଥିବ ଓ ଅପାର୍ଥିବ ଏହି ଉଭୟ ଦର୍ଶନର ମଧ୍ୟବର୍ତ୍ତୀ ହୋଇ ରହିଥିବା ପାରଲୌକିକ ଦର୍ଶନର ଆକାଂକ୍ଷା ମଧ୍ୟ ସତ୍ତାର ଊର୍ଦ୍ଧ୍ୱତମ ଓ ନିମ୍ନତମ ଦୁଇଟିଯାକ ଦିଗକୁ କାଟି ପକାଇବାକୁ ବାହାରେ । ଏହା ଏକତ୍ୱର ଶିଖର-ଅନୁଭୂତିଟି ଆଡ଼କୁ ଆଦୌ ଅଗ୍ରସର ହୁଏ ନାହିଁ, ତେଣୁ ସତ୍ତାର ଉଚ୍ଚତମ ଅଂଶର ସାର୍ଥକତାରେ ମଧ୍ୟ ବାଧା ଆସି ପହଞ୍ଚେ । ଏବଂ ଅନ୍ୟଆଡ଼େ ପ୍ରାକୃତ ଭୂମିଟିରେ ମଧ୍ୟ ତାହା ସେଇଟିକୁ ଖର୍ବ କରି ରଖିଥାଏ, କାରଣ ଜଡ଼ଜଗତରେ ଆତ୍ମାର ଅବଚ୍ଛିନ୍ନ ଓ ସ୍ଥୂଳ ଶରୀର ମଧ୍ୟରେ ତାହାର ଆତ୍ମପ୍ରକାଶର ଗଭୀର ତାତ୍ପର୍ଯ୍ୟଟିକୁ ଗ୍ରହଣ କରି ପାରିବାଲାଗି ଆମର ବୋଧଶକ୍ତିକୁ ତାହା ଯଥାର୍ଥ ଭାବରେ ଜାଗ୍ରତ କରେ ନାହିଁ । ମାତ୍ର ଏକତ୍ୱର ଏକ ବୃହତ୍ତ୍ୱ ସମ୍ବୁଦ୍ଧତା ଦ୍ୱାରା ଏକ ଅଖଣ୍ଡ ସମଗ୍ରତା ସ୍ଥାପନ କରିପାରିଲେ ଯାଇ ସମତାର ପୁନଃପ୍ରତିଷ୍ଠା ହୁଏ, ସତ୍ତାର ସମଗ୍ର ସତ୍ୟଟି ଆଲୋକିତ ହୋଇଉଠେ ଏବଂ ପ୍ରକୃତିର ସକଳ ସୋପାନଗୁଡ଼ିକ ପରସ୍ପର ସହିତ ଏକତ୍ର ଯୁକ୍ତ ହୋଇ ରହେ ।

'oaob.nitrkl.ac.in' images reprocessed

ଏହି ସମ୍ୟକ୍ ଜ୍ଞାନ ବା ସମଗ୍ର ଦର୍ଶନରେ ବିଶ୍ୱାତୀତ ପରମସତ୍ୟହିଁ ସର୍ବୋଚ୍ଚ ସତ୍ୟରୂପେ ପ୍ରତିଷ୍ଠିତ ହୋଇ ରହେ । ଏହାର ଉପଲବ୍ଧି କରିହିଁ ଆମେ ଆମ ଚେତନାର ଉଚ୍ଚତମ ସୀମା ବୋଲି କହିପାରିବା । ମାତ୍ର ଏହି ସର୍ବୋଚ୍ଚ ଓ ପରମସତ୍ତାହିଁ ବିଶ୍ୱଗତ ସତ୍ତା, ବିଶ୍ୱଗତ ଚେତନା, ବିଶ୍ୱଗତ ଇଚ୍ଛାଶକ୍ତି ଏବଂ ବିଶ୍ୱଗତ ପ୍ରାଣ । ସର୍ବୋଚ୍ଚ ପରମସତ୍ତା ଏଗୁଡ଼ିକୁ ଆପଣା ବାହାରେ ପ୍ରସାରିତ କରି ରଖି ନାହିଁ, ସେଗୁଡ଼ିକୁ ଆପଣା ଭିତରେହିଁ ଧରି ରଖିଛି; ଏକ ବିପରୀତ ତତ୍ତ୍ୱ ହିସାବରେ ନୁହେଁ, ମାତ୍ର ଆପଣାର ଆତ୍ମ-ଉନ୍ମୋଚନ ଓ ଆତ୍ମ-ଅଭିବ୍ୟକ୍ତିରୂପେ ଆପଣାର ଶକ୍ତି ଭିତରେ ଧରିରଖିଛି । ବିଶ୍ୱସତ୍ତା କାହାରି ଏକ ନିରର୍ଥକ ଖିଆଲ୍ ନୁହେଁ, କେବଳ ଏକ ଉଦ୍ଭଟ କଳ୍ପନା ନୁହେଁ କିମ୍ବା ଆକସ୍ମିକ ଭୁଲ୍ ମଧ୍ୟ ନୁହେଁ । ଏଥିରେ ଏକ ଦିବ୍ୟ ତାତ୍ପର୍ଯ୍ୟ ଓ ସତ୍ୟ ନିହିତ ହୋଇ ରହିଛି । ଚିନ୍ମୟ ସତ୍ତାର ବହୁବିଚିତ୍ର ଆତ୍ମ-ଅଭିବ୍ୟକ୍ତି ହେଉଛି ଏହାର ପରମ ତାତ୍ପର୍ଯ୍ୟ, ସ୍ୱୟଂ ପରମ ଦିବ୍ୟସତ୍ତାହିଁ ଏହାର ରହସ୍ୟ ଭେଦ କରିବାର ଯଥାର୍ଥ ଚାବିକାଠି । ଚିନ୍ମୟସତ୍ତାର ପରିପୂର୍ଣ୍ଣ ଆତ୍ମପ୍ରକାଶ,—ଏହାହିଁ ହେଉଛି ଆମର ଇହଲୌକିକ ଅସ୍ତିତ୍ୱର ସର୍ବପ୍ରଧାନ ଲକ୍ଷ୍ୟ ଓ ଉଦ୍ଦେଶ୍ୟ । କିନ୍ତୁ ଅନ୍ତର ଭିତରେ ସର୍ବୋଚ୍ଚ ପରମସତ୍ୟର ଚେତନା ସ୍ଫୁରିତ ନହେଲେ ସେହି ଉଦ୍ଦେଶ୍ୟ କଦାପି ଉପଲବ୍ଧ ହେବ ନାହିଁ । କାରଣ କେବଳ ସେହି ପରମ ନିର୍ବିଶେଷ ସତ୍ତାର ସ୍ପର୍ଶ ଲାଭ କରିପାରିଲେ ଯାଇ ଆମେ ଆମ ଭିତରେ ବିରାଜି ରହିଥିବା ପରମ ନିର୍ବିଶେଷଟି ପାଖରେ ପହଞ୍ଚିପାରିବା । ମାତ୍ର ବିଶ୍ୱରୂପେ ଅବସ୍ଥିତ ସତ୍ୟଟିକୁ ବାଦ୍ ଦେଲେ ମଧ୍ୟ ତାହା ସମ୍ଭବ ହେବ ନାହିଁ । ତେଣୁ ଆମକୁ ବିଶ୍ୱଗତ ହେବାକୁ ପଡ଼ିବ, କାରଣ ବିଶ୍ୱଗତତା ମଧ୍ୟରେ ଉନ୍ମୋଚିତ ହୋଇ ନପାରିବା ପର୍ଯ୍ୟନ୍ତ ବ୍ୟକ୍ତି ଅସମ୍ପୂର୍ଣ୍ଣ ହୋଇ ରହିଥିବ । ସର୍ବୋଚ୍ଚ ପରମସତ୍ତାରେ ଯାଇ ପହଞ୍ଚିବା ସକାଶେ ଯଦି ବ୍ୟକ୍ତି ଆପଣାକୁ ପରମ ସକଳସ୍ୱରୂପଠାରୁ ବିଚ୍ଛିନ୍ନ କରି ରଖେ, ତେବେ ସର୍ବୋଚ୍ଚ ଶିଖରରେ ପହଞ୍ଚି ସେ ଆପଣାକୁ ହରାଇ ବସିବ; ମାତ୍ର ଆପଣା ଭିତରେ ବିଶ୍ୱମୟ ଚେତନାଟିକୁ ଧାରଣ କରି ରଖିପାରିଲେ, ସେ ଆତ୍ମାର ସମଗ୍ରତାଟିକୁ ଫେରିପାଇବ ଓ ତଥାପି ପରମ ବିଶ୍ୱାତୀତ ମଧ୍ୟରେ ଆପଣାର ଯଥାର୍ଥ ଲାଭଟିକୁ ଅକ୍ଷୁଣ୍ଣ ରଖିପାରିବ । ବିଶ୍ୱାତୀତ ସତ୍ତା ଓ ତା'ର ଆପଣାର ବ୍ୟକ୍ତିସତ୍ତା ଉଭୟେ ବିଶ୍ୱଭାବର ପୂର୍ଣ୍ଣତା ମଧ୍ୟରେ ପରିପୂର୍ଣ୍ଣତା ଲାଭ କରିବେ । ଆପଣାକୁ ଅଭିବ୍ୟକ୍ତ କରୁଥିବା ଚିନ୍ମୟତାର ପରିପୂର୍ଣ୍ଣତା ସକାଶେ ବିଶ୍ୱାତୀତ, ବିଶ୍ୱଗତ ତଥା ବ୍ୟକ୍ତି, ଏହି ତିନୋଟିଯାକର ଏକତ୍ରୋପଲବ୍ଧିକୁ ଅପରିହାର୍ଯ୍ୟ ବୋଲି ଗ୍ରହଣ କରିବାକୁ ପଡ଼ିବ । କାରଣ ଏହି ବିଶ୍ୱଜଗତହିଁ ତାହାର ସମଗ୍ର ଆତ୍ମପ୍ରକାଶର କ୍ଷେତ୍ର ଏବଂ ବ୍ୟକ୍ତିର ଜୀବନ ମଧ୍ୟଦେଇହିଁ ଏହାର ବିବର୍ତ୍ତନଧର୍ମୀ ଆତ୍ମ-ଉନ୍ମୋଚନଟି ଏଠାରେ ଆପଣାର ଶୀର୍ଷଦେଶରେ ଆସି ଉପନୀତ ହୋଇଥାଏ । ମାତ୍ର ସେଥିପାଇଁ କେବଳ ଯେ ବ୍ୟକ୍ତିର ଏକ ସତ୍ୟମୟ ସତ୍ତା ରହିଛି ବୋଲି ଜାଣିବାକୁ ପଡ଼ିବ

'oaob.nitrkl.ac.in' images reprocessed

ତା' ନୁହେଁ, ପରମସତ୍ତା ତଥା ବିଶ୍ୱମୟ ସକଳ ଅସ୍ତିତ୍ୱ ସହିତ ମଧ୍ୟ ଆମର ପ୍ରଚ୍ଛନ୍ନ ଓ ଶାଶ୍ୱତ ଏକତ୍ୱର ବୋଧଟିକୁ ପରିସ୍ଫୁଟ କରିବାକୁ ହେବ । ଆପଣାର ସମଗ୍ର ସ୍ୱରୂପଟିକୁ ଉପଲବ୍ଧି କରିବାର ପ୍ରଚେଷ୍ଟାରେ ବ୍ୟକ୍ତିର ଆତ୍ମାକୁ ବିଶ୍ୱାତ୍ମକତା ଓ ବିଶ୍ୱାତୀତତାର ଭୂମି ଉପରେ ମଧ୍ୟ ଜାଗ୍ରତ ହେବାକୁ ପଡ଼ିବ ।

ଆମର ଏହି ପୃଥିବୀଟି ବ୍ୟତୀତ ଆଉ ଅନ୍ୟାନ୍ୟ ଲୋକ ଯେ ଅବଶ୍ୟ ଅବସ୍ଥିତ ରହିଛି, ତାହା ସତ୍ୟ । କାରଣ ଆମେ ଯେ କେବଳ ଏହି ଜଡ଼ର ଭୂମିଟିରେହିଁ ବାସ କରୁଛୁ, ସେକଥା ଆଦୌ ନୁହେଁ । ଆମ ଚେତନାର ଆହୁରି ଅନ୍ୟାନ୍ୟ ଭୂମିସବୁ ମଧ୍ୟ ରହିଛି, ଯେଉଁଠାରେ କି ଆମେ ଯାଇ ପହଞ୍ଚିପାରିବା ଏବଂ ଯେଉଁସବୁ ଭୂମି ସହିତ ଆମର ଗୋପନ ଯୋଗସୂତ୍ର ମଧ୍ୟ ସ୍ଥାପିତ ହୋଇ ରହିଛି । ଆମର ଆତ୍ମାଲାଗି ଉନ୍ମୁକ୍ତ ହୋଇ ରହିଥିବା ବୃହତ୍ତର ଭୂମିଗୁଡ଼ିକରେ ଯାଇ ପହଞ୍ଚିବାକୁ ମନ ନକରିବା, ସେଗୁଡ଼ିକର ଅନୁଭୂତି ଲାଭ ନକରିବା, ସେଗୁଡ଼ିକର ବିଧାନ ସହିତ ପରିଚିତ ହୋଇ ସେଗୁଡ଼ିକୁ ଆପଣା ମଧ୍ୟରେ ପ୍ରକାଶିତ ନକରିବା,—ଏସବୁକୁ କେବଳ ଆମ ସତ୍ତାର ସମ୍ଭାବ୍ୟ ଉଚ୍ଚତା ଓ ପୂର୍ଣ୍ଣତାଗୁଡ଼ିକୁ ବ୍ୟାହତ କରି ରଖିବା ବ୍ୟତୀତ ଆଉ କ'ଣ କୁହାଯାଇ ପାରେ ? ମାତ୍ର ଉଚ୍ଚତର ଚେତନାର ସେହିସବୁ ଲୋକ ପୂର୍ଣ୍ଣତା ଲାଭ କରିଥିବା ଆତ୍ମା ଲାଗି କେବଳ ଏକମାତ୍ର ସମ୍ଭାବ୍ୟ ଜଗତ ଓ ବାସସ୍ଥାନ ନୁହେଁ । ପରିବର୍ତ୍ତନରହିତ କୌଣସି ଏକ ବିଶେଷ ଲୋକ ବା ଜଗତରେହିଁ ଯେ ଆପଣାକୁ ବିଶ୍ୱାତ୍ମକ ଭାବରେ ଅଭିବ୍ୟକ୍ତ କରୁଥିବା ଚିନ୍ମୟସତ୍ତାର ଚରମ ବା ସମଗ୍ର ବୋଧର ଦର୍ଶନ ମିଳିବ, ସେକଥା ମଧ୍ୟ ନୁହେଁ । ଜଡ଼ର ଏହି ଜଗତ, ଏହି ପୃଥିବୀ ଓ ଏହି ମାନବଜୀବନ,—ଏଗୁଡ଼ିକୁ ଆମେ ସେହି ପରମ ଚିନ୍ମୟସତ୍ତାର ଆତ୍ମ-ଅଭିବ୍ୟକ୍ତିଗତ ଗୋଟିଏ ଗୋଟିଏ ଅଂଶ ବୋଲି ଜାଣିବା । ଏଗୁଡ଼ିକ ମଧ୍ୟରେ ବି ଦିବ୍ୟ ସମ୍ଭୂତିର ସମ୍ଭାବନା ରହିଛି । ତାହା ହେଉଛି ଏକ ବିବର୍ତ୍ତନାତ୍ମକ ସମ୍ଭାବନା, ଓ ତାହା ଆପଣା ଭିତରେ ଅନ୍ୟ ସକଳ ଲୋକର ସମ୍ଭାବନାକୁ ଧାରଣ କରି ରଖିଛି । ଏହିସବୁ ସମ୍ଭାବନା ଏପର୍ଯ୍ୟନ୍ତ ଉପଲବ୍ଧ ହୋଇ ନାହିଁ, ମାତ୍ର ଆମ ସମ୍ଭାବ୍ୟତାର ସୀମା ମଧ୍ୟରେ ବିଦ୍ୟମାନ ରହିଛି । ଆମର ଜାଗତିକ ଇହଜୀବନକୁ ଅଦିବ୍ୟ, ଅସାର ଓ ଦୁଃଖମୟ କେବଳ ଏକ ପଙ୍କମୟତା ଭିତରେ ଆସି ପଡ଼ିଯିବା ବୋଲି କୁହାଯିବ ନାହିଁ; କୌଣସି ଏକ ଶକ୍ତି ଏକ ଦୃଶ୍ୟ ବସ୍ତୁରୂପେ ଆପଣା ପାଖରେ ଅଥବା ଦେହଧାରୀ ଜୀବ ପାଖରେ ସେହି ଜୀବନଟାକୁ ଏପରିଭାବରେ ଆଣି ଉପସ୍ଥାପିତ କରି ରଖିଛି ଯେ ସେଠାରେ ଜୀବକୁ କେବଳ ଦୁଃଖହିଁ ଭୋଗ କରିବାକୁ ହେବ ଏବଂ ତା'ପରେ ସେହି ଜୀବକୁ ଏହି ଜଗତ ଭିତରୁ କାଢ଼ି ଫୋପାଡ଼ି ଦିଆଯିବ,—ଏସବୁ କିଛି ସତ୍ୟ ନୁହେଁ । ଜଗତର ଏହି ଭୂମି ଉପରେହିଁ ସତ୍ତାର ବିବର୍ତ୍ତନାତ୍ମକ ଆତ୍ମ-ଉନ୍ମୋଚନ

'oaob.nitrkl.ac.in' images reprocessed

ସଂଘଟିତ ହେବାରେ ଲାଗିଛି, ଏହି ଉନ୍ମୋଚନର ମଧ୍ୟଦେଇ ସତ୍ତା ଏକ ପରମ ଆଧ୍ୟାତ୍ମିକ ଆଲୋକ, ଶକ୍ତିମତ୍ତା, ଆନନ୍ଦ ତଥା ଏକତ୍ୱର ପ୍ରକାଶ ଆଡ଼କୁ ଅଗ୍ରସର ହେଉଛି; ମାତ୍ର ଆପଣାର ଉପଲବ୍ଧି କରିବାରେ ଲାଗିଥିବା ଚିନ୍ମୟ ସତ୍ତାର ଅନେକ ବିଚିତ୍ରତାକୁ ମଧ୍ୟ ତାହା ଆପଣା ଭିତରେ ଅନ୍ତର୍ଭୁକ୍ତ କରି ରଖିଛି । ଏହି ଜଗତ୍ସୃଷ୍ଟିର ପଛରେ ଏକ ସର୍ବଦର୍ଶୀ ଉଦ୍ଦେଶ୍ୟ ନିହିତ ହୋଇ ରହିଛି । ଏହାର ଯାବତୀୟ ବିରୋଧ ଓ ଜଟିଳତା ମଧ୍ୟରେ ଏକ ଦିବ୍ୟ ଅଭିପ୍ରାୟ ଓ ଯୋଜନା ଆପଣାକୁ କାର୍ଯ୍ୟକାରୀ କରାଉଛି । ଆତ୍ମାର ଆରୋହଣ ଓ ପ୍ରକୃତିର ପ୍ରଚେଷ୍ଟା ଆମକୁ ଯେ ଏକ ବହୁମୁଖୀ ସିଦ୍ଧି ଆଡ଼କୁ ବହନ କରି ନେଉଛି, ସେହିସବୁ ବିରୋଧ ଓ ଜଟିଳତା ଆମକୁ କେବଳ ତାହାରି ଏକ ସଙ୍କେତହିଁ ଦେଉଛି ।

ଏକଥା ସତ ଯେ ଆତ୍ମା ଏହି ପୃଥିବୀର ସୀମାଗୁଡ଼ିକୁ ଅତିକ୍ରମ କରି ଏକ ବୃହତ୍ତର ଚେତନାର ଆହୁରି କେତେ କେତେ ଲୋକକୁ ଆରୋହଣ କରି ଯାଇପାରିବ, ମାତ୍ର ଏକଥା ମଧ୍ୟ ସତ ଯେ ସେହିସବୁ ଲୋକର ଶକ୍ତି ଅଥବା ଏକ ବୃହତ୍ତର ଚେତନାର ଶକ୍ତିକୁ ଏଠାରେ ମଧ୍ୟ ବିକାଶ ଲାଭ କରିବାକୁ ପଡ଼ିବ । ସେହି ସମ୍ଭାବନାକୁ ରୂପ ଦେବାର ଏକ ସାଧନରୂପେହିଁ ଆତ୍ମା ଏଠାରେ ରୂପ ଗ୍ରହଣ କରି ଅବତୀର୍ଣ୍ଣ ହୋଇଛି । ପରମ ଚେତନା ଭିତରେ ଯେତେଯେତେ ଉଚ୍ଚତର ଶକ୍ତି ରହିଛି, ତାହା ଅବଶ୍ୟ ବର୍ତ୍ତମାନ ଅଛି, କାରଣ ସେସବୁ ହେଉଛି କେବଳ ସେହି ସର୍ବୋଚ୍ଚ ଓ ପରମ ସତ୍ତାରହିଁ ସତ୍ୟ । ଆମର ଏହି ପାର୍ଥିବ ଅସ୍ତିତ୍ୱଟିର ମଧ୍ୟ ସେହି ସତ୍ୟ ରହିଛି; କାରଣ ଏହି ପୃଥିବୀ ସେହି ଅଦ୍ୱିତୀୟ ପରମସତ୍ତାରୁହିଁ ସମ୍ଭୂତ ହୋଇଛି ଏବଂ ଆପଣାର ଏହି ସମ୍ଭୂତି ମଧ୍ୟରେହିଁ ସେ ଏହି ଉଚ୍ଚତର ଶକ୍ତିଗୁଡ଼ିକର ରୂପାୟନ ଘଟାଇବ । ଏଠି ବର୍ତ୍ତମାନ ଆମେ ତାଙ୍କର କେବଳ ଏକ ଆବୃତ ଓ ଖଣ୍ଡିତ ରୂପକୁହିଁ ଦେଖିବାକୁ ପାଉଛୁ, ଏବଂ ଆପଣାକୁ କେବଳ ସେହି ପ୍ରଥମ ରୂପଟିର ବୋଧ ଭିତରେ କଳି ରଖିଲେ, ଏକ ଅପୂର୍ଣ୍ଣ ମାନବତ୍ୱର ବର୍ତ୍ତମାନ ସ୍ୱଭାବସୂଚିତରୂପ ଭିତରେ ସୀମାବଦ୍ଧ କରି ରଖିଲେ ତଦ୍ଦ୍ୱାରା ଆମେ କେବଳ ଆମର ଦିବ୍ୟ ସମ୍ଭାବନାଗୁଡ଼ିକୁହିଁ ବାରିତ କରି ରଖିବା । ଆମର ଏହି ମନୁଷ୍ୟଜୀବନକୁ ଆମେ ଏକ ବୃହତ୍ତର ବ୍ୟଞ୍ଜନା ଦେଇ ଦେଖିବା ଏବଂ ଆମରି ଭିତରେ ଆମର ସାରସତ୍ତ୍ୱରୂପେ ଯେଉଁ ଅନେକ ଅଧିକତର ସମ୍ପଦଟି ପ୍ରଚ୍ଛନ୍ନ ହୋଇ ରହିଛି, ଆମେ ତାହାକୁହିଁ ପ୍ରକାଶିତ କରିଦେବା । କେବଳ ଆମ ଅମରତ୍ୱର ଆଲୋକକ୍ଷେତ୍ରଟି ମଧ୍ୟରେହିଁ ଆମ ମର୍ତ୍ତ୍ୟତ୍ୱର ଏକ ଔଚିତ୍ୟ ଓ ସାର୍ଥକତା ରହିଛି । ସେହି ସ୍ୱର୍ଗୀୟ ଧାମଗୁଡ଼ିକ ଆଡ଼କୁ ଓ ଅମୃତତ୍ୱର ସେହି ପଥ ଉପରକୁ ଆପଣାକୁ ଉନ୍ମୋଚିତ କରିଦେଇ ପାରିଲେ ଯାଇ ଆମେ ସେହି ଅମୃତତ୍ୱକୁ ଜାଣିପାରିବା, ଓ ସେହି ଅମୃତତ୍ୱକୁହିଁ ଧାରଣ କରିପାରିବା । ଯେତେବେଳେ ବ୍ୟକ୍ତି ସତ୍ତାର ସେହି ଊର୍ଦ୍ଧ୍ୱତର ଭୂମିଗୁଡ଼ିକରେ ପ୍ରବେଶ କରିପାରିବ, ପରମ ସତ୍ତାଙ୍କର ସେହି

'oaob.nitrkl.ac.in' images reprocessed

ଆଲୋକଟିକୁ ପ୍ରତ୍ୟକ୍ଷ କରିବ ଏବଂ ସେହି ପରମ, ଦିବ୍ୟ ଓ ଶାଶ୍ୱତ ଅଧିକାରୀଙ୍କର ସତ୍ତା ଓ ସାମର୍ଥ୍ୟ ମଧ୍ୟରେ ଆପଣାର ଜୀବନଟିକୁ ବଞ୍ଚିପାରିବ, କେବଳ ସେତିକବେଳେ ଯାଇ ସେ ଆପଣାକୁ ଯଥାର୍ଥ ଭାବରେ ଦେଖିବାକୁ ପାଇବ ଓ ଆପଣା ଜଗତଟିର ଦିବ୍ୟ ଉପଯୋଗ କରିବାକୁ ସମର୍ଥ ହେବ ।

ଏକ ଆଧ୍ୟାତ୍ମିକ ବିବର୍ତ୍ତନ ଓ ଆରୋହଣ ଯଦି ପ୍ରକୃତରେ ଆମର ଜନ୍ମ ତଥା ଜାଗତିକ ଜୀବନର ଅସଲ ବ୍ୟଞ୍ଜନା ହୋଇ ରହିନଥା'ନ୍ତା, ତେବେ ଏଭଳି ଏକ ପୂର୍ଣ୍ଣତାର ଉପଲବ୍ଧି କଦାପି ସମ୍ଭବ ହୁଅନ୍ତା ନାହିଁ । ଏହି ପୂର୍ଣ୍ଣତାର ଉପଲବ୍ଧି ଓ ଏହାରି ମଧ୍ୟରେ ପ୍ରଚ୍ଛନ୍ନ ହୋଇ ରହିଥିବା ଏକ ଅପାର ପରିପୂର୍ଣ୍ଣ ଆତ୍ମପ୍ରକାଶ ଯେ ଏହି ପାର୍ଥିବ ଅସ୍ତିତ୍ୱର ସର୍ବମୂଳ ତାତ୍ପର୍ଯ୍ୟ, ଜଡ଼ର ଭୂମି ଉପରେ ମନ, ପ୍ରାଣ ଓ ଚିତ୍ସତ୍ତାର ବିବର୍ତ୍ତନ ଆମକୁ ଠିକ୍ ସେହି ସଙ୍କେତଟିହିଁ ଦେଇଯାଉଛି । ପରମ ଚିନ୍ମୟସତ୍ତା ଭିତରେ ଯାହାକିଛି ତାହାର ସମସ୍ତ ପରିଚୟ ହୋଇ ରହିଛି, ସେସବୁର ଏକ ପରିପୂର୍ଣ୍ଣ ବିବୃତି ତଥା ତାହାର ବିବର୍ତ୍ତନଗତ ଆତ୍ମବିବୃତି,—ଆମେ ଆମ ଜଡ଼ଭୂମିଗତ ଅସ୍ତିତ୍ୱଟିକୁ ଏହି ଦୁଇଟିଯାକର ସମ୍ମିଳନ ବୋଲି ଜାଣିବା । ଏହି ଦୁଇଟିଯାକ ଧାରା ମଧ୍ୟକୁ ନଯାଇ ମଧ୍ୟ ପରମ ଚିତ୍ସତ୍ତାର ଆତ୍ମପ୍ରକାଶ ସମ୍ଭବ ହୋଇପାରେ । ସେହି ଆତ୍ମପ୍ରକାଶ ନିରନ୍ତର ତାଙ୍କର ଆତ୍ମଜ୍ୟୋତିଦ୍ୱାରାହିଁ ଉଦ୍ଭାସିତ, ସେଠାରେ କେବେହେଲେ କୌଣସି ଆବରଣର ଛାୟା ପଡ଼େ ନାହିଁ । ଠିକ୍ ସେହିପରି ସ୍ୱତଃସିଦ୍ଧ ଓ ସ୍ୱତଃପୂର୍ଣ୍ଣ ଭାବରେ ତାଙ୍କର ନିତ୍ୟ ବିଭୂତିଗୁଡ଼ିକର ମଧ୍ୟ ବହୁଧା ପ୍ରକାଶ ଘଟିପାରେ; ଊର୍ଦ୍ଧ୍ୱତର ଜଗତଗୁଡ଼ିକରେ ସମ୍ଭୂତି ଏହି ତତ୍ତ୍ୱଟିରହିଁ ଅନୁସରଣ କରିଥାଏ । ସେଠାରେ ପ୍ରକାଶ ନିତ୍ୟସିଦ୍ଧ ହୋଇ ରହିଥାଏ, ତାହାକୁ ସେଠାରେ କୌଣସି କ୍ରମବିବର୍ତ୍ତନର ଧାରା ମାନିବାକୁ ପଡ଼େ ନାହିଁ । ସେଠାରେ ପ୍ରତ୍ୟେକ ବିଭୂତି ସ୍ୱୟଂପୂର୍ଣ୍ଣ ହୋଇ ରହିଥା'ନ୍ତି, ମାତ୍ର ଏକ ନିତ୍ୟସ୍ଥିର ବିଶ୍ୱସୂତ୍ରର ଆୟତନ ମଧ୍ୟରେ ରହିଥା'ନ୍ତି । ମାତ୍ର ଆତ୍ମ-ଅବିଦ୍ୟାର ଦ୍ୱାରା ମଧ୍ୟ ଆପଣାକୁ ପ୍ରକାଶ କରିବାର ଏକ ସମ୍ଭାବନା ରହିଛି । ଆପଣାକୁ ଆବୃତ ଓ ସମ୍ବୃତ କରି ରଖି ପୁନର୍ବାର ଆପଣାକୁ ଖୋଜି ପାଇବାର ଏକ ସାହସିକ ତପସ୍ୟାରୂପେ ଓ ତାହାରି ମଧ୍ୟଦେଇ ଏହି ପ୍ରକାଶ ସଂଘଟିତ ହୋଇଥାଏ । ଆମର ଏହି ଜଗତଟିରେହିଁ ସମ୍ଭୂତିର ସେହି ତତ୍ତ୍ୱଟି କାର୍ଯ୍ୟ କରୁଥାଏ । ଜଡ଼ର ଭୂମି ଭିତରେ ଚେତନାର ସମ୍ବୃତ ହୋଇ ରହିବା ଏବଂ ଚିତ୍ସତ୍ତାର ଲୁକ୍କାୟିତ ହୋଇ ରହିବାକୁ ଆମେ ଉକ୍ତ ସମ୍ଭୂତିର ପ୍ରଥମ ଚରଣ ବା ପ୍ରଥମ ଆବିର୍ଭାବ ବୋଲି ଜାଣିବା ।



'oaob.nitrkl.ac.in' images reprocessed

ପରମ ନିଶ୍ଚେତନ ମଧ୍ୟରେ ଚିତ୍‌ସତ୍ତାର ସମ୍ଭୂତି,—ଏଇଟି ହେଲା ଆରମ୍ଭପର୍ବ; ଏକ ବିବର୍ତ୍ତନଶୀଳ ଆଂଶିକ ଜ୍ଞାନର ନାନା ସମ୍ଭାବନାକୁ ନେଇ ସଂଘଟିତ ହେଉଥିବା ଲୀଳା ବା କ୍ରୀଡ଼ା ସହିତ ଅବିଦ୍ୟା ମଧ୍ୟରେ ସେହି ଚିତ୍‌ସତ୍ତାର ସମ୍ଭୂତି,—ଏଇଟି ମଧ୍ୟପର୍ବ । ଏଇଥିରୁହିଁ ଆମ ବର୍ତ୍ତମାନ ପ୍ରକୃତିଟିର ଯାବତୀୟ ବିରୋଧ ସଞ୍ଜାତ ହୋଇଥାଏ । ଏହି ଭୂମିରେ ଅବସ୍ଥିତ ଆମର ଯାବତୀୟ ଅପୂର୍ଣ୍ଣତା କେବଳ ଏକ ମଧ୍ୟବର୍ତ୍ତୀ ଅବସ୍ଥାରହିଁ ସୂଚନା ଦେଇଥାଏ, ଏପର୍ଯ୍ୟନ୍ତ ପୂର୍ଣ୍ଣତା ଲାଭ କରିନଥିବା ଏକ ପରିପୁଷ୍ଟିର ସୂଚନା ଦେଇଥାଏ, ଆପଣାର ବାଟକୁ ଆସୁଥିବା ଏକ ପ୍ରୟାସର ସୂଚନା ଦିଏ । ଚିତ୍‌ସତ୍ତାର ଆତ୍ମଜ୍ଞାନ ଓ ତାହାର ଦିବ୍ୟ ସତ୍ତା ତଥା ଚେତନାର ଆତ୍ମ-ସାମର୍ଥ୍ୟଗତ ପରିପୂର୍ଣ୍ଣ ପ୍ରକାଶ,—ଏଇଟି ହେଉଛି ଶେଷ ପର୍ବ, ସମ୍ଭୂତିର ଚରମ ଲୀଳା । ଜୀବନକୁ ଆଧାର କରି ଚିତ୍‌ସତ୍ତାର ଯେଉଁ କ୍ରମାରୋହୀ ଆତ୍ମ-ଅଭିବ୍ୟକ୍ତିର ପ୍ରକ୍ରିୟା ଚାଲିଛି, ଏହିଗୁଡ଼ିକ ହେଉଛି ସେହି ସମ୍ପୂର୍ଣ୍ଣ କ୍ରମଟିର ତିନୋଟି ପର୍ବ । ପ୍ରଥମ ଯେଉଁ ପର୍ବଦୁଇଟିର କ୍ରିୟା ଆରମ୍ଭ ହୋଇ ସାରିଲାଣି, ହଠାତ୍ ଦେଖିଲା-ବେଳକୁ ସେଗୁଡ଼ିକ ସମ୍ଭୂତିକ୍ରମର ଶେଷ ଓ ପୂର୍ଣ୍ଣପ୍ରକାଶର ପର୍ବଟିର ସମ୍ଭାବନାକୁ ସତେଅବା ଖଣ୍ଡନ କରୁଥିବା ପରି ବୋଧ ହୋଇଥା'ନ୍ତି, ମାତ୍ର ନ୍ୟାୟତଃ ସେଗୁଡ଼ିକ ଏହାର ଆବିର୍ଭାବର ଅଭିବ୍ୟଞ୍ଜନାଟିକୁହିଁ ବହନ କରୁଥା'ନ୍ତି । କାରଣ, ଯଦି ନିଶ୍ଚେତନା ଭିତରୁ ଚେତନାର ବିବର୍ତ୍ତନ ଘଟିଛି, ତେବେ ବିବର୍ଦ୍ଧିତ ହୋଇ ସାରିଥିବା ଆଂଶିକ ଚେତନାଟି ଯେ ପୂର୍ଣ୍ଣ ଚେତନାରେ ବିକଶିତ ହୋଇ ଉଠିବ, ସେଥିରେ ଆଦୌ କୌଣସି ସନ୍ଦେହ ନାହିଁ । ଆମର ଏହି ପାର୍ଥିବ ପ୍ରକୃତି ଏକ ପରିପୂର୍ଣ୍ଣ ଓ ଦିବ୍ୟତାଦ୍ୱାରା ଅନୁସିକ୍ତ ଜୀବନର ସନ୍ଧାନରେ ବାହାରିଛି; ଏବଂ ଏହି ସନ୍ଧାନହିଁ ପ୍ରକୃତି ମଧ୍ୟରେ ଅବସ୍ଥିତ ରହି କାର୍ଯ୍ୟ କରୁଥିବା ସେହି ପରମ ଦିବ୍ୟ-ସଙ୍କଳ୍ପଟିର ସଙ୍କେତ ଦେଇଯାଉଛି । ଏଇଟି ବ୍ୟତୀତ ଆହୁରି ଅନ୍ୟାନ୍ୟ ଅଭୀପ୍ସା ଓ ଅନ୍ୱେଷଣମାନ ମଧ୍ୟ ରହିଛି ଓ ସେଗୁଡ଼ିକ ମଧ୍ୟ ଆତ୍ମପରିପୂର୍ଣ୍ଣତାର ପଥ ଖୋଜି ପାଉଛନ୍ତି । ସେହି ପରମ ଶାନ୍ତି ବା ପରମନିଶ୍ଚଳତା ମଧ୍ୟକୁ ଅପସରି ଯିବା, ପରମ ଦିବ୍ୟ ସାନ୍ନିଧ୍ୟର ଆନନ୍ଦ ଭିତରକୁ ଆପଣାକୁ ପ୍ରତ୍ୟାହୃତ କରିନେବା,—ଆମର ଏହି ପୃଥିବୀଗତ ଅସ୍ତିତ୍ୱର କ୍ଷେତ୍ରରେ ଆମ୍ଭଲାଗି ଏହିସବୁ ସମ୍ଭାବନାର ଦ୍ୱାର ମଧ୍ୟ ଉନ୍ମୁକ୍ତ ହୋଇ ରହିଛି । କାରଣ ଆପଣାକୁ ଅଭିବ୍ୟକ୍ତ କରିବାର ପର୍ବରେ ପରମ ଅନନ୍ତଙ୍କର ଅନେକ ସମ୍ଭାବନା ସର୍ବଦା ବିଦ୍ୟମାନ ରହିଛି ଏବଂ ସେ ଏହି ଅଭିବ୍ୟକ୍ତି କ୍ରମର ସୂତ୍ର-ଜାଲରେ ଆଦୌ ବାନ୍ଧି ହୋଇ ପଡ଼ିନାହାନ୍ତି । ମାତ୍ର ଆଲୋଚିତ କୌଣସି ଅପସାରଣ ବା ପ୍ରତ୍ୟାହାରକୁ ଇହସମ୍ଭୂତିର ମୌଳିକ ଅଭିପ୍ରାୟ ବୋଲି କୁହାଯାଇ ପାରିବ ନାହିଁ । କାରଣ ତା' ହୋଇଥିଲେ ଏଠି ଏକ ବିବର୍ତ୍ତନଧର୍ମୀ ଆରୋହକ୍ରମର ଆଦୌ କୌଣସି ପ୍ରୟୋଜନହିଁ ରହି ନଥା'ନ୍ତା । ଇହଜଗତରେ ଯେ ଏହି ଆରୋହକ୍ରମଟି ଚାଲିଛି,

'oaob.nitrkl.ac.in' images reprocessed

ଏହିଠାରେହିଁ ଏକ ଅସ୍ପପରପୂର୍ଣ୍ଣତାକୁ ଆମେ ତାହାର ଏକମାତ୍ର ଉଦ୍ଦେଶ୍ୟ ବୋଲି ଜାଣିବା । ଏକ ପୂର୍ଣ୍ଣତାପ୍ରାପ୍ତ ସମୂର୍ତ୍ତ ମଧ୍ୟରେ ପରମପୁରୁଷ ଆପଣାକୁ ଉନ୍ମୋଚିତ କରିବେ,—ଆମେ ଏହାକୁହିଁ ଏହିଭଳି ଏକ ଅଭେଦଧର୍ମୀ ଜୀବାତ୍ମଙ୍କର ଏକମାତ୍ର ତାତ୍ପର୍ଯ୍ୟ ଓ ଅର୍ଥ ବୋଲି ଗ୍ରହଣ କରିବା ।

'oaob.nitrkl.ac.in' images reprocessed

ସପ୍ତଦଶ ପରିଚ୍ଛେଦ

# ବିଦ୍ୟାଭିମୁଖୀ ପ୍ରଗତି :
# ଈଶ୍ୱର, ମନୁଷ୍ୟ ଓ ଜଗତ

ତତ୍ତ୍ୱମସି, ଶ୍ୱେତକେତୋ !

—ଛାନ୍ଦୋଗ୍ୟ ଉପନିଷଦ, ୬ । ୮ । ୭

ଶ୍ୱେତକେତୁ ! ତୁମେ ହେଉଛ ସେଇ !

ବ୍ରହ୍ମୈବ ଜୀବଃସକଳଂ ଜଗଚ୍ଚ...... ।

—ବିବେକଚୂଡ଼ାମଣି, ଶ୍ଳୋକ ୪୭୯

ଜୀବ ବ୍ରହ୍ମବ୍ୟତୀତ ଅନ୍ୟ କିଛି ନୁହେଁ, ସମୁଦାୟ ଜଗତ ମଧ୍ୟ ବ୍ରହ୍ମ ।

ପ୍ରକୃତିଂ ବିଦ୍ଧି ମେ ପରାମ୍ । ଜୀବଭୂତାଂ......ଯୟେଦଂ ଧାର୍ଯ୍ୟତେ ଜଗତ୍ ॥
ଏତଦ୍ୟୋନୀନି ଭୂତାନି ସର୍ବାଣି...... ॥

—ଗୀତା, ୭ । ୫, ୬

ମୋର ପରାପ୍ରକୃତିହିଁ ଜୀବରୂପରେ ସମ୍ଭୂତ ହୋଇଛି ଏବଂ ସେହି ପ୍ରକୃତି ଏହି ଜଗତକୁ ଧାରଣ କରି ରହିଛି । ସକଳ ଭୂତ ସେଇଥିରୁହିଁ ଜନ୍ମଲାଭ କରିଛନ୍ତି ।

ତ୍ୱଂ ସ୍ତ୍ରୀ ତ୍ୱଂ ପୁମାନସି ତ୍ୱଂ କୁମାର ଉତ ବା କୁମାରୀ ।
ତ୍ୱଂ ଜୀର୍ଣ୍ଣୋ ଦଣ୍ଡେନ ବଞ୍ଚସି;... ... ...
ନୀଲଃ ପତଙ୍ଗୋ ହରିତୋ ଲୋହିତାକ୍ଷଃ ॥

—ଶ୍ୱେତାଶ୍ୱତର ଉପନିଷଦ, ୪ । ୩, ୪

ତୁମେ ସ୍ତ୍ରୀ, ତୁମେ ପୁରୁଷ; ତୁମେ କୁମାର, ତୁମେ କୁମାରୀ । ଜରାଗ୍ରସ୍ତ ହୋଇ ତୁମେହିଁ ବାଡ଼ି ଉପରେ ଭରାଦେଇ ବାଟ ଚାଲ । ତୁମେ ନୀଳ ପକ୍ଷୀ, ତୁମେ ହରିତ ପକ୍ଷୀ, ତୁମେହିଁ ଲୋହିତବର୍ଣ୍ଣ ପକ୍ଷୀ ।

'oaob.nitrkl.ac.in' images reprocessed

ତସ୍ୟାବୟବଭୂତୈସ୍ତୁ ବ୍ୟାପ୍ତଂ ସର୍ବମିଦଂ ଜଗତ୍ ॥

—ଶ୍ୱେତାଶ୍ୱତର ଉପନିଷଦ, ୪।୧୦

ତାଙ୍କର ଅବୟବରୂପୀ ପ୍ରାଣୀମାନଙ୍କ ଦ୍ୱାରାହିଁ ଏହି ସମଗ୍ର ଜଗତ ବ୍ୟାପ୍ତ ଓ ପରିପୂର୍ଣ୍ଣ ହୋଇ ରହିଛି ।

ପରମ ଦିବ୍ୟ ଅସ୍ତିତ୍ୱ ବା ଆଧ୍ୟାତ୍ମିକ ପରମସତ୍ୟର ନିଶ୍ଚେତନ ପରି ପ୍ରତୀତ ହେଉଥିବା ଜଡ଼ମଧ୍ୟରେ ସଂବୃତ ହେବା,—ଏଇଟି ହେଲା ବିବର୍ତ୍ତନର ଆଦ୍ୟ ବିନ୍ଦୁ । ମାତ୍ର ସେହି ସତ୍ୟ ସ୍ୱଭାବତଃ ଏକ ଶାଶ୍ୱତ ଅସ୍ତିତ୍ୱ, ଏକ ଶାଶ୍ୱତ ଚେତନା ତଥା ଅସ୍ତିତ୍ୱଗତ ଏକ ଶାଶ୍ୱତ ଆନନ୍ଦ । ତେଣୁ ଏହି କ୍ଷେତ୍ରରେ ଯେଉଁ ବିବର୍ତ୍ତନର ପ୍ରକ୍ରିୟାଟି କାର୍ଯ୍ୟକାରୀ ହେବ, ତାହା କେବଳ ଏହି ପରମ ଅସ୍ତିତ୍ୱ, ପରମ ଚେତନା ଓ ଅସ୍ତିତ୍ୱଗତ ପରମ ଆନନ୍ଦକୁହିଁ ପ୍ରକାଶିତ କରିବ; ଅବଶ୍ୟ ପ୍ରଥମ ଚରଣଗୁଡ଼ିକରେ ଏହାର ମର୍ମଗତ ସତ୍ୟ ବା ସମଗ୍ରତାକୁ ପ୍ରକାଶ କରିବ ନାହିଁ, ମାତ୍ର ବିବର୍ତ୍ତନମୂଳକ ଏଭଳି ପର୍ଯ୍ୟାୟ ଓ ରୂପଗୁଡ଼ିକର ସୃଷ୍ଟି କରିବ, ଯାହାକି ଏହାକୁ ପ୍ରକାଶ କରୁଥିବେ ଅଥବା ଏହାକୁ ଆପଣା ଭିତରେ ଲୁକ୍କାୟିତ କରି ରଖିଥିବେ । ପରମ ନିଶ୍ଚେତନ ମଧ୍ୟରୁ ବିବର୍ତ୍ତନର ପ୍ରଥମ ରୂପାୟନବେଳେ ଜଡ଼ର ଉପାଦାନରୂପେହିଁ ପରମ ଅସ୍ତିତ୍ୱର ଆବିର୍ଭାବ ହୋଇଥାଏ, ଏବଂ ଏକ ନିଶ୍ଚେତନ ଶକ୍ତିହିଁ ଜଡ଼ର ସୃଷ୍ଟି କରେ । କେବଳ ସଂବୃତ ଅବସ୍ଥାରେ ରହିଥିବା ଓ ଜଡ଼ ମଧ୍ୟରେ ପରିଦୃଶ୍ୟମାନ ହେଉ ନଥିବା ଚେତନା ପ୍ରଥମେ ପ୍ରାଣସ୍ପନ୍ଦନର ଛଦ୍ମରୂପ ଧାରଣ କରି ଉନ୍ମିଷିତ ହୋଇଥାଏ । ସେଥିରେ ପ୍ରାଣ ଥାଏ, ମାତ୍ର ଚେତନା ନଥାଏ । ଏବଂ ତା'ପରେ ଆପଣାକୁ ଏକ ଚେତନ ଜୀବନର ନାନା ଅପୂର୍ଣ୍ଣ ସୂତ୍ର ଭିତରେ ପକାଇ ଏହା ସେହି ଜଡ଼ ଉପାଦାନର ନାନାବିଧ କ୍ରମରୂପାୟନ ମଧ୍ୟଦେଇ ଆପଣାକୁ ଆବିଷ୍କାର କରିବାର ଉଦ୍ୟମ କରୁଥାଏ । ଏହିସବୁ ରୂପାୟନ ଆପଣାକୁ ଆପଣାର ପୂର୍ଣ୍ଣତର ଅଭିବ୍ୟକ୍ତି ଲାଗି ଅଧିକରୁ ଅଧିକ ଅନୁକୂଳିତ କରି ରଖିବାରେ ଲାଗିଥା'ନ୍ତି । ଏକ ଜଡ଼ଗତ ନିଷ୍ପ୍ରାଣତା ଓ ନିଶ୍ଚେତନତାର ଆଦ୍ୟ ବୋଧଶୂନ୍ୟତାକୁ ଆପଣା ଉପରୁ ଫିଙ୍ଗିଦେଇ ପ୍ରାଣଗତ ଚେତନା ଆପଣାର ଅନିବାର୍ଯ୍ୟ ପ୍ରଥମ ସଞ୍ଚରଣଭୂମିସ୍ୱରୂପ ସେହି ଅବିଦ୍ୟା ଭିତରେହିଁ ଆପଣାକୁ ଅଧିକରୁ ଅଧିକ ପୂର୍ଣ୍ଣଭାବରେ ଆବିଷ୍କାର କରିବାର ଚେଷ୍ଟା କରୁଥାଏ । ମାତ୍ର ପ୍ରଥମ ସ୍ତରରେ ଏହା କେବଳ ଏକ ମାନସିକ ଅବବୋଧର ସାମର୍ଥ୍ୟ ଲାଭ କରିବାରେ ସଫଳ ହୁଏ, ଆପଣା ସହିତ ତଥା ବସ୍ତୁଗୁଡ଼ିକ ସହିତ ତାହାର କେବଳ ଏକ ପ୍ରାଣଗତ ପରିଚୟ ଘଟେ, ଏକ ପ୍ରାଣଗତ ଅବବୋଧ ଘଟେ ଯାହାକି ଆପଣା ରୂପାୟନର ପ୍ରଥମ ଅବସ୍ଥାଗୁଡ଼ିକରେ ଅନ୍ୟ ପ୍ରାଣ ଓ ଜଡ଼ର ସଂସ୍ପର୍ଶଗୁଡ଼ିକୁ ପ୍ରତିସଂସ୍ପର୍ଶ ଜଣାଉଥିବା କେବଳ ଏକ ଅନ୍ତର୍ଗତ ବୋଧ ଉପରେହିଁ ନିର୍ଭର କରି ରହିଥାଏ । ଇନ୍ଦ୍ରିୟବୋଧର

'oaob.nitrkl.ac.in' images reprocessed

ଅପ୍ରାଚୁର୍ଯ୍ୟକୁ ସାଧନରୂପେ ବ୍ୟବହାର କରି ଚେତନା ଯଥାଶକ୍ତି ଆପଣା ମଧ୍ୟରେ ନିହିତ ହୋଇ ରହିଥିବା ସତ୍ତ୍ୱଗତ ଆନନ୍ଦଟିକୁ ଅଭିବ୍ୟକ୍ତ କରିବାର ଚେଷ୍ଟା କରୁଥାଏ; ମାତ୍ର କେବଳ ଆଂଶିକ ଦୁଃଖ ଓ ସୁଖ ବ୍ୟତୀତ ଏହା ଆଉ ଅଧିକ କିଛି ଅଭିବ୍ୟକ୍ତ କରିପାରେ ନାହିଁ । ମନୁଷ୍ୟର ସ୍ତରକୁ ଆସି ଏହି ଶକ୍ତିସଞ୍ଚରଣୀ ଚେତନା ମନରୂପେ ଆବିର୍ଭୂତ ହୁଏ ଏବଂ ଏହି ମନ ଭିତରେ ଆପଣାକୁ ଓ ବସ୍ତୁଗୁଡ଼ିକୁ ଅଧିକ ସ୍ପଷ୍ଟଭାବରେ ଜାଣିବାର ସାମର୍ଥ୍ୟ ରହିଥାଏ । ମାତ୍ର ଏହି ଶକ୍ତି ତଥାପି କେବଳ ଏକ ଆଂଶିକ ଓ ସୀମାବଦ୍ଧ ଶକ୍ତି ହୋଇ ରହିଥାଏ; ଏହା ସମଗ୍ରତା ଲାଭ କରି ନଥାଏ, ମାତ୍ର ତଥାପି ସେଠାରେ ସମଗ୍ର ଆବିର୍ଭାବର ଏକ ପ୍ରାଥମିକ ବୋଧମୟ ଅନ୍ତର୍ନିହିତତା ଏବଂ ନିଶ୍ଚିତ ସମ୍ଭାବନା ବେଶ୍ ଦୃଷ୍ଟିଗୋଚର ହେବାକୁ ଲାଗେ । ସେହି ସମଗ୍ର ଆବିର୍ଭାବ ବା ପରିପ୍ରକାଶକୁ ଆମେ ବିବର୍ତ୍ତନରତ ପ୍ରକୃତିର ଅସଲ ଉଦ୍ଦେଶ୍ୟ ବୋଲି ଜାଣିବା ।

ଏହି ବିଶ୍ୱଜଗତରେ ମନୁଷ୍ୟ ଆପଣାର ପ୍ରତିଷ୍ଠା କରିବ,—ଏଇଟି ତା'ର ସର୍ବପ୍ରଥମ ବ୍ରତ । ମାତ୍ର ଏହା ବ୍ୟତୀତ ସେ ଆପଣାର ବିବର୍ତ୍ତନ ବି ଘଟାଇବ ଓ ଆପଣାକୁ ଅତିକ୍ରମ କରିବ । ଆପଣାର ଆଂଶିକ ସତ୍ତାକୁ ସେ ଏକ ପୂର୍ଣ୍ଣ ସତ୍ତାରୂପେ ପ୍ରସାରିତ କରିଦେବ; ଆପଣାର ଆଂଶିକ ଚେତନାକୁ ଏକ ପୂର୍ଣ୍ଣ ଚେତନାରେ ପରିଣତ କରିବ । ସିଏ ଆପଣାର ପରିବେଶଟି ଉପରେ ଆପଣାର ପ୍ରଭୁତ୍ୱଟିକୁ ପ୍ରତିଷ୍ଠିତ କରିବ ସତ, ମାତ୍ର ସେ ସମଗ୍ର ବିଶ୍ୱ ସହିତ ବି ମିଳିତ ହେବ, ସମଗ୍ର ବିଶ୍ୱକୁ ସମନ୍ୱିତ ଓ ସୌଷମ୍ୟମଣ୍ଡିତ କରିବ । ଆପଣା ବ୍ୟକ୍ତିତ୍ୱର ଉପଲବ୍ଧି କରିବ ସତ, ମାତ୍ର ତାହା ସହିତ ତାକୁ ଏହି ବ୍ୟକ୍ତିତ୍ୱକୁ ଏକ ବିଶ୍ୱବ୍ୟକ୍ତିତ୍ୱରୂପେ ବିସ୍ତୃତ ଓ ସମ୍ପ୍ରସାରିତ ବି କରିବାକୁ ପଡ଼ିବ, ସତ୍ତ୍ୱଗତ ଏକ ବିଶ୍ୱମୟ ଆଧ୍ୟାତ୍ମିକ ଆନନ୍ଦର ଅଧିକାରୀ ହେବାକୁ ପଡ଼ିବ । ସେ ଏଠି ଆପଣାର ଏକ ରୂପାନ୍ତର ଘଟାଇବ; ତା'ର ମନୋଗତ ଭୂମିରେ ଯାହାକିଛି ତମସାବୃତ, ପ୍ରମାଦଗ୍ରସ୍ତ ଓ ଅବିଦ୍ୟାଚ୍ଛନ୍ନ ହୋଇ ରହିଛି, ମନୁଷ୍ୟ ସେଗୁଡ଼ିକୁ ପରିଶୁଦ୍ଧ କରିବ, ସେଗୁଡ଼ିକରେ ଏକ ପରିମାର୍ଜନ ଘଟାଇବ । ଏବଂ ପରିଶେଷରେ ତାକୁ ଜ୍ଞାନ, ସଂକଳ୍ପ, ଅନୁଭୂତି, କର୍ମ ତଥା ଚରିତ୍ରର ଏକ ମୁକ୍ତ ଓ ଉଦାରପ୍ରସାରିତ ସୌଷମ୍ୟ ଏବଂ ଜ୍ୟୋତିର୍ମୟତାର ଆବେଷ୍ଟନ ଭିତରେ ଯାଇ ପହଞ୍ଚିବାକୁ ପଡ଼ିବ । ଏହିସବୁହିଁ ମନୁଷ୍ୟପ୍ରକୃତି ଭିତରେ ଅତିସ୍ପଷ୍ଟ ଅଭିପ୍ରାୟରୂପେ ନିହିତ ହୋଇ ରହିଛି । ସୃଜନାତ୍ମିକା ପରମାଶକ୍ତି ତାହାର ବୁଦ୍ଧିକୁ ଏହି ଆଦର୍ଶଟିଦ୍ୱାରା ଅନୁପ୍ରାଣିତ କରି ରଖିଛି, ତାର ମନ ଓ ପ୍ରାଣର ଉପାଦାନ ଭିତରେ ଏହି ଆବଶ୍ୟକତାଟିର ରୋପଣ କରି ରଖିଛି । ମାତ୍ର କେବଳ ଏକ ବୃହତ୍ତର ସତ୍ତା ଓ ବୃହତ୍ତର ଚେତନାରୂପେ ବିକଶି ଉଠିପାରିଲେ ଯାଇ ମନୁଷ୍ୟ ଏସବୁଥିରେ ସିଦ୍ଧି ଲାଭ କରିପାରିବ । ଆପଣାକୁ ଅଧିକ ପ୍ରସାର ଦେବାକୁ ପଡ଼ିବ, ଅଧିକ ପୂର୍ଣ୍ଣ

'oaob.nitrkl.ac.in' images reprocessed

କରିବାକୁ ପଡ଼ିବ, ଆପଣାକୁ ଅନ୍ତର ବିବର୍ତ୍ତିତ କରିନେବାକୁ ପଡ଼ିବ । ତାହାର ଏହି ଜାଗତିକ ଓ ଆପାତ ପ୍ରକୃତିରେ ସେ ଆଂଶିକ ଓ ଅଳ୍ପକାଳସ୍ଥାୟୀ ଭାବରେ ଯେତିକି ହୋଇ ରହିଛି, ତାହାକୁ ଅତିକ୍ରମ କରି ତାହାର ଆତ୍ମସତ୍ତା ଓ ଚିନ୍ମୟତା ମଧ୍ୟରେ ଯେଉଁ ପରିପୂର୍ଣ୍ଣତାଟି ପ୍ରଚ୍ଛନ୍ନ ହୋଇ ରହିଛି ଏବଂ ତେଣୁ ଆପଣାର ଏହି ବିସୃଷ୍ଟ ରୂପରେ ସେ ଯାହା ଅବଶ୍ୟ ହୋଇପାରିବ, ମନୁଷ୍ୟ ତାହାରି ମଧ୍ୟକୁ ଆପଣାକୁ ବିବର୍ତ୍ତିତ କରିନେବ । ଏହି ଜଗତରେ ଯେ ମଣିଷର ସୃଷ୍ଟି ହୋଇଛି, ତାହା ପଛରେ ଏହି ମୂଳ ଉଦ୍ଦେଶ୍ୟଟି ନିହିତ ହୋଇ ରହିଛି । ଏଠି ଏହି ଜଗତରେ ଏକ ବୃହତ୍ତର ଜୀବନର ସମ୍ଭାବନା ଅବଶ୍ୟ ରହିଛି, ଏହି ଆଶାହିଁ ବିଶ୍ୱଜାଗତିକ ଯାବତୀୟ ପ୍ରତିଭାସ ମଧ୍ୟରେ ଏଠାରେ ମନୁଷ୍ୟର ଜୀବନକୁ ଏକ ଔଚିତ୍ୟ ଦେଇ ରଖିଛି । ବାହାରୁ ଦେଖିଲେ ମନୁଷ୍ୟ କେବଳ କ୍ଷଣକ ଲାଗି ଆସି ପୁଣି କୁଆଡ଼େ ମିଳାଇ ଯାଉଥିବା ଏକ ଅକିଞ୍ଚନ ଜୀବପରି ପ୍ରତୀତ ହେଉଛି । ଆପଣାର ଜଡ଼ଶରୀରଟା ଭିତରେ ସେ ସତେଅବା କେତେପ୍ରକାରେ ରୁଦ୍ଧହୋଇ ରହିଛି, ଏକ ଅତିସୀମାବଦ୍ଧ ମନର କ୍ଷୁଦ୍ରାୟତନ ଭିତରେ ବନ୍ଦୀ ହୋଇ ରହିଛି । ସେହି ବହିସ୍ତର ଆପାତ ମଣିଷକୁ ଅନ୍ତରସ୍ଥ ପ୍ରକୃତ ମଣିଷରୂପେ ବିକଶିତ ହେବାକୁ ପଡ଼ିବ । ବର୍ତ୍ତମାନ ସେ ଆପଣାର ତଥା ଅବସ୍ଥାର ଅଧୀନ ହୋଇ ରହିଛି, ସେତେବେଳେ ସେ ଆପଣାର ତଥା ଆପଣା ପରିବେଶର ସ୍ୱାମୀ ହୋଇ ପ୍ରତିଷ୍ଠିତ ହେବ, ବିଶ୍ୱପୁରୁଷ ସହିତ ଏକାତ୍ମକତା ଲାଭ କରିବ । ତାତ୍ତ୍ୱିକ ଭାଷାର ବୋଝକୁ କମ୍ କରିଦେଇ ଅଧିକ ପରିଷ୍କାର କରି କହିବାକୁ ଗଲେ ପ୍ରକୃତିର ଅଧୀନ ହୋଇ ରହିଥିବା ମଣିଷ ଏକ ଦିବ୍ୟ ମନୁଷ୍ୟରୂପେ ବିବର୍ତ୍ତିତ ହୋଇ ଉଠିବ । ମୃତ୍ୟୁରୂପୀ ମହାକାଳର ସନ୍ତାନ ହୋଇ ରହିବାକୁ ବାଧ୍ୟ ହେଉଥିବା ମନୁଷ୍ୟ ଅମୃତତ୍ୱ ଲାଭ କରିବ, ଅମୃତର ସନ୍ତାନରୂପେ ଆପଣାକୁ ଜାଣିବ । ଠିକ୍ ଏହି କାରଣରୁହିଁ ଆମେ ଜଗତର ମନୁଷ୍ୟଜନ୍ମକୁ ବିଶ୍ୱର ବିବର୍ତ୍ତନକ୍ରମରେ ଏକ ସୁନିଶ୍ଚିତ ମୋଡ଼ ବୋଲି ବର୍ଣ୍ଣନା କରିପାରିବା, ଜାଗତିକ ପ୍ରକୃତିରେ ଏକ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ସୋପାନ ବୋଲି କହିପାରିବା ।

ଏଥିରୁ ଆମେ ତତ୍‌କ୍ଷଣାତ୍ ଏହି ସିଦ୍ଧାନ୍ତରେ ପହଞ୍ଚିବା ଯେ ଆମେ ଏହି ମାର୍ଗରେ ଗତି କରି ଯେଉଁ ବିଦ୍ୟାର ଅଧିକାର ଲାଭ କରିବା, ତାହା ଏକ ବୁଦ୍ଧିଗତ ସତ୍ୟ ନୁହେଁ; ଆପଣା ସମ୍ବନ୍ଧରେ ଓ ଏହି ବସ୍ତୁଜଗତ ସମ୍ବନ୍ଧରେ କେବଳ ଏକ ଯଥାର୍ଥ ବିଶ୍ୱାସ ରଖିବା, ଯଥାର୍ଥ ମତ ପୋଷଣ କରିବା କିମ୍ବା ଯଥାର୍ଥ ଭାବରେ ଅବହିତ ରହିବା ନୁହେଁ । ବିଦ୍ୟା ବା ଜ୍ଞାନ କହିଲେ କେବଳ ଆମର ଉପରିଭାଗସ୍ଥ ମନଟାହିଁ ଏହିସବୁ ଧାରଣା କରି ବସିଥାଏ । ଭଗବାନଙ୍କ ବିଷୟରେ, ଆମ ନିଜ ବିଷୟରେ ଓ ଏହି ଜଗତ ବିଷୟରେ ମାନସିକ କର୍ଷଣ ଓ କଳ୍ପନଦ୍ୱାରା କୌଣସି ଏକ ଅବଧାରଣାରେ ଆସି ପହଞ୍ଚିବା,—ଏହି ଉଦ୍ଦେଶ୍ୟଟିକୁ ଆମେ ମଣିଷର ବୁଦ୍ଧିଲାଗି

'oaob.nitrkl.ac.in' images reprocessed

ଏକ ଉତ୍ତମ ଉଦ୍ଦେଶ୍ୟ ବୋଲି ଜାଣିଲେ ମଧ୍ୟ ପରମ ଚିନ୍ମୟତା ଲାଗି ତାହା ତଥାପି ବଡ଼ କ୍ଷୁଦ୍ର ଓ ଅଯଥେଷ୍ଟ ପ୍ରତିପାଦିତ ହେବ । କେବଳ ଏତିକରେହିଁ ଆମକୁ ଯେଉଁ ସିଦ୍ଧି ମିଳିବ, ତାହା ଆମକୁ ଅମୃତତ୍ୱର ଚେତନାସମ୍ପନ୍ନ ସନ୍ତାନରୂପେ କଦାପି ତୃପ୍ତ କରିପାରିବ ନାହିଁ । ପ୍ରାଚୀନ ଭାରତୀୟ ଦର୍ଶନ ଜ୍ଞାନ କହିଲେ ଏକ ଚେତନା-ସମ୍ପନ୍ନତାକୁହିଁ ବୁଝୁଥିଲା ଏବଂ ସେହି ଚେତନା ମଧ୍ୟରେ ପ୍ରତ୍ୟକ୍ଷ ଦର୍ଶନ ଓ ଆତ୍ମ-ଅନୁଭବଦ୍ୱାରା ଲବ୍ଧ ସେହି ପରମ ସତ୍ୟଟି ପ୍ରତିଷ୍ଠିତ ହୋଇ ରହିଥିଲା । ଆମେ ଯାହାକୁ ସର୍ବୋଚ୍ଚ ତଥା ପରମ ବୋଲି ଜାଣିଛୁ, ତାହାର ରୂପରେ ସମ୍ଭୂତ ହେବା ବା ସ୍ୱୟଂ ତାହାହିଁ ହୋଇପାରିବା,—ଏହି ସଙ୍କେତଟିରୁହିଁ ଆମ ଯଥାର୍ଥ ଜ୍ଞାନବତ୍ତ୍ୱର ପ୍ରମାଣ ମିଳିପାରିବା ଉଚିତ । ଠିକ୍ ସେହି କାରଣଟି ସକାଶେ ସତ୍ୟ ଓ ଧର୍ମୋଚିତତା ବିଷୟରେ ଆମର ଯେଉଁ ବୁଦ୍ଧିଗତ ବୋଧ ରହିଛି ଅଥବା ବ୍ୟାବହାରିକ କ୍ଷେତ୍ରରେ ଯେଉଁ ଜ୍ଞାନ ଆମକୁ ସାଫଲ୍ୟ ଦେଇପାରିବ ବୋଲି ଲାଗୁଛି ତାହାର ସହିତ ତାଳ ରଖି ଆମର ବାସ୍ତବ ଜୀବନଟିକୁ ଓ ଆମର ଯାବତୀୟ କର୍ମକୁ ଯଥାଶକ୍ତି ଗଢ଼ିବାର ଉଦ୍ୟମ କରିବାକୁ ଜୀବନର ଏକ ନୈତିକ କିମ୍ବା ପ୍ରାଣଗତ ଚରିତାର୍ଥତା ଅବଶ୍ୟ ବୁଝାଯାଇ ପାରିବ ସତ, ମାତ୍ର ତାହା କଦାପି ଆମ ଜୀବନର ଚରମ ଲକ୍ଷ୍ୟ ନୁହେଁ ବା ହୋଇପାରିବ ନାହିଁ । ଆମର ଅସଲ ସତ୍ତା ମଧ୍ୟରେ ବିକଶିତ ହୋଇ ଉଠିବା, ଆମର ପରମ ଚିନ୍ମୟ ସତ୍ତା ଅର୍ଥାତ୍ ପରମ ଅସ୍ତିତ୍ୱ, ଚେତନା, ଆନନ୍ଦ ତଥା ସଚ୍ଚିଦାନନ୍ଦର ସେହି ସର୍ବୋଚ୍ଚ ଓ ବିଶ୍ୱାତ୍ମକ ସତ୍ତା ମଧ୍ୟରେ ବିକଶିତ ହୋଇ ଉଠିବା,—ଏହାହିଁ ଆମ ଜୀବନର ଲକ୍ଷ୍ୟ ହୋଇ ରହିବା ଉଚିତ ।

ଆମେ ଏଠି ଅସ୍ତିତ୍ୱ ବୋଲି ଯାହାକିଛି କହୁଛୁ, ସେସବୁ ସେହି ପରମ ଅସ୍ତିତ୍ୱକୁ ଆଶ୍ରୟ କରି ରହିଛି, ଆମର ଭିତରେ ସେଇ ପରମ ଅସ୍ତିତ୍ୱହିଁ ବିବର୍ତ୍ତିତ ହେବାରେ ଲାଗିଛି । ଆମେ ସମସ୍ତେ ତାହାର ଏକ ସତ୍ତାରୂପେ ଅବସ୍ଥିତ ରହିଛୁ, ସେହି ପରମ ଚେତନାର ଏକ ଚେତନାମୟ ସ୍ଥିତିରୂପେ ଅବସ୍ଥିତ ରହିଛୁ, ସେହି ଚେତନାମୟ ପରମ ଶକ୍ତିର ଏକ ଶକ୍ତି ହୋଇ ରହିଛୁ ଏବଂ ସେହି ପରମ ଆନନ୍ଦରୁ ସମ୍ଭୂତ ହୋଇଥିବା ଏକ ସତ୍ତାଗତ, ଚେତନାଗତ ଓ ଶକ୍ତିଗତ ଆନନ୍ଦାକାଙ୍କ୍ଷାରୂପେ ଅବସ୍ଥିତ ରହିଛୁ । ଆମ ଅସ୍ତିତ୍ୱର ମୂଳ ସିଦ୍ଧାନ୍ତ କହିଲେ ସବୁବେଳେ ଏହାକୁହିଁ ବୁଝାଇବ । ମାତ୍ର ଆମ ଜୀବନର ଉପରି ଭାଗରେ ଏହିସବୁର ଯେପରି ରୂପାୟନ ହେବାରେ ଲାଗିଛି, ସେହି ରୂପାୟନଗୁଡ଼ିକୁ ଆମେ ସେହି ପରମ ଅସ୍ତିତ୍ୱ ବୋଲି କହିବା ନାହିଁ, କାରଣ ଏଠାରେ ଅବିଦ୍ୟାର ଭାଷାରେ ତାହାର ଏକ ଭୁଲ ଅନୁବାଦ ମାତ୍ର ହୋଇ ରହିଛି । ଆମର ଏହି 'ମୁଁ' କଦାପି ସେହି ଆଧ୍ୟାତ୍ମିକ ସତ୍ତା ନୁହେଁ ଯିଏକି ସେହି ପରମ ଦିବ୍ୟ ଅସ୍ତିତ୍ୱ ଉପରେ ଦୃଷ୍ଟିପାତ କରି 'ତତ୍ତ୍ୱମସି' ବୋଲି କହିପାରିବ ।

'oaob.nitrkl.ac.in' images reprocessed

ଆମର ଏହି ମନୋଭୂମି କଦାପି ସେହି ଆଧ୍ୟାତ୍ମିକ ଚେତନାମୟତା ନୁହେଁ ବା ଆମର ଏହି ଇଚ୍ଛାଶକ୍ତିଟା ମଧ୍ୟ କଦାପି ସେହି ଚେତନାମୟ ସାମର୍ଥ୍ୟ ନୁହେଁ । ଆମ ଜୀବନର ଦୁଃଖ ଓ ସୁଖ, ଏବଂ ଏପରିକି ଆମେ ଯାହାକୁ ଆମର ଶୀର୍ଷତମ ଆନନ୍ଦ ଓ ବିସ୍ମୟରତା ବୋଲି କହୁଛୁ, ସେଗୁଡ଼ାକ କଦାପି ସେହି ସତ୍ତ୍ୱଗତ ଆନନ୍ଦ ନୁହେଁ । ଏହି ଉପରି-ଭାଗରେ ଆମେ ତଥାପି ଏକ ଅହଂ ହୋଇ ରହିଛୁ ଓ ଆତ୍ମାର ସନ୍ଧାନ କରୁଛୁ; ଆମର ଅବିଦ୍ୟା କ୍ରମଶଃ ଜ୍ଞାନମୁଖୀ ହେବାର ପ୍ରୟାସ କରୁଛି, ଆମର ଇଚ୍ଛାଶକ୍ତି ଯଥାର୍ଥ ଶକ୍ତିଲାଭର ସାଧନାରେ ଉଦ୍ୟତ ହୋଇ ରହିଛି, ଆମର ଆକାଙ୍କ୍ଷା ସତ୍ତ୍ୱ ଭିତରୁ ଆନନ୍ଦର ଅନ୍ୱେଷଣ କରିଚାଲିଛି । ଜଣେ ଅର୍ଦ୍ଧ-ଅନ୍ଧ ଦ୍ରଷ୍ଟା ଆତ୍ମାକୁ ନଜାଣିଥିଲେ ମଧ୍ୟ ଆତ୍ମାର ବର୍ଣ୍ଣନା କରିବାକୁ ଯାଇ ଅନୁପ୍ରେରଣାବଶତଃ ଯେଉଁ ବାଣୀ ଉଚ୍ଚାରଣ କରିଥିଲେ, ତାହାକୁ ଟିକିଏ ବଦଳାଇ କରି ଆମେ ଏଠାରେ କହିପାରିବା ଯେ ଆମେ ଆପଣାକୁ ଅତିକ୍ରମ କରିହିଁ ଆପଣାକୁ ଲାଭ କରିବା; ଏହି ଅତିକ୍ରମଣର ଓ ବିପର୍ଯ୍ୟୟର ଆବଶ୍ୟକତାଟିକୁହିଁ ଆମ ଉପରେ ଲଦି ଦିଆଯାଇଛି, ଆପଣା ଉପରେ ଏକ ଅଦୃଶ୍ୟ ଗ୍ରହମୂର୍ତ୍ତିକୁ ବହନ କରୁଥିବା ଏକ କ୍ଷୁଦ୍ରକୁ ଆଣି ଆମ ଉପରେ ଲଦି ଦିଆଯାଇଛି । ମଣିଷର ନିମ୍ନଦେଶରେ ଅବସ୍ଥିତ ପରମ ନିଶ୍ଚେତନାରୂପୀ ପ୍ରହେଳିକାଟି ତାକୁ ତା'ର ସତ୍ତ୍ୱର ଯଥାର୍ଥ ସ୍ୱରୂପ କ'ଣ ବୋଲି ପଚାରି ସେହି ପ୍ରଶ୍ନଟିର ଉତ୍ତର ପାଇବା ଲାଗି ଅପେକ୍ଷା କରି ବସିଛି, ମନୁଷ୍ୟର ଭିତରେ ଥାଇ ଓ ତାହାର ଊର୍ଦ୍ଧ୍ୱଦେଶରେ ଅବସ୍ଥିତ ରହି ଅନନ୍ତ ଚେତନା ଓ ଶାଶ୍ୱତ ପ୍ରଜ୍ଞାରୂପୀ ପ୍ରହେଳିକା ଏକ ଜ୍ୟୋତିର୍ମୟ ଆବରଣ ମଧ୍ୟରେ ଥାଇ ଏକ ଅବୋଧ୍ୟ ଦିବ୍ୟ ମାୟାର ବେଶରେ ତାହାର ସମ୍ମୁଖୀନ ହେବାରେ ଲାଗିଛି । ତେଣୁ ଅହଂର ସୀମାଗୁଡ଼ାକୁ ପାର ହୋଇ ଆପଣାର ଯଥାର୍ଥ ଆତ୍ମାଟିକୁ ଫେରିପାଇବା, ଆମର ଯଥାର୍ଥ ସତ୍ତ୍ୱଟିର ଜ୍ଞାନଲାଭ କରିବା, ଏହାର ଅଧିକାରୀ ହୋଇ ରହିବା ଏବଂ ସତ୍ତ୍ୱର ସେହି ଯଥାର୍ଥ ଆନନ୍ଦଟିକୁ ଆପଣାର ସମ୍ପଦରେ ପରିଣତ କରିବା,—ଏହାହିଁ ହେଉଛି ଏଠି ଇହଜଗତରେ ଆମ ଜୀବନର ଚରମ ଅର୍ଥ ଓ ଚରମ ତାତ୍ପର୍ଯ୍ୟ, ଆମ ବ୍ୟକ୍ତିଗତ ତଥା ପାର୍ଥିବ ଅସ୍ତିତ୍ୱର ଗୋପନ ମର୍ମ ।

ବୁଦ୍ଧିଗତ ଜ୍ଞାନ ଓ ବ୍ୟାବହାରିକ କର୍ମ ହେଉଛି ପ୍ରକୃତିର ଗୋଟିଏ ଗୋଟିଏ ଉପାୟ ବା ସାଧନମାତ୍ର । ଆମର ଆପାତ ପ୍ରକୃତି ମଧ୍ୟରେ ଆମେ ଆମ ସତ୍ତ୍ୱ, ଚେତନା, ଶକ୍ତି ଓ ଆନନ୍ଦସାମର୍ଥ୍ୟର ଯେତିକି ଅଂଶ ଉପଲବ୍ଧି କରିଛୁ, ଏହିସବୁ ଉପାୟର ସାହାଯ୍ୟରେ ଆମେ କେବଳ ସେହି ଅଂଶଟିକୁ ଅଭିବ୍ୟକ୍ତ କରିବାଲାଗି ସମର୍ଥ ହେଉ; ଏବଂ ସେଗୁଡ଼ିକ ଦ୍ୱାରା ଆମେ ଅଧିକ ଜାଣିବାରେ ପ୍ରୟାସୀ ହେଉ, ଅଧିକ ଅଭିବ୍ୟକ୍ତି ଓ ଅଧିକ ଉପଲବ୍ଧି ଲାଗି ପ୍ରୟାସୀ ହେଉ; ଯେଉଁ ଅଧିକତର

'oaob.nitrkl.ac.in' images reprocessed

କ୍ଷେତ୍ରଟି ତଥାପି ଉପଲବ୍ଧ ହେବାକୁ ବାକୀ ରହିଛି, ସର୍ବଦା ତାହାର ଭିତରକୁ ଅଧିକରୁ ଅଧିକ ବିକଶିତ ହେବାଲାଗି ଉଦ୍ୟମ କରୁଥାଉ । ମାତ୍ର ଆମର ବୁଦ୍ଧି, ଆମର ମନୋଗତ ଜ୍ଞାନ କିମ୍ବା ଆମର କର୍ମଗତ ଇଚ୍ଛା, ଏସବୁ ଆମର କେବଳ ଏକମାତ୍ର ସାଧନ ନୁହନ୍ତି, ଆମ ଚେତନା ଓ ସାମର୍ଥ୍ୟର କେବଳମାତ୍ର ସରଞ୍ଜାମ ନୁହନ୍ତି । ଆମର ଭିତରେ ତାହାର ବାସ୍ତବ ତଥା ସମ୍ଭାବ୍ୟ କ୍ରୀଡ଼ା ଓ ସାମର୍ଥ୍ୟର ଭୂମିରେ କାର୍ଯ୍ୟ କରୁଥିବା ଯେଉଁ ସତ୍ତ୍ୱଗତ ଶକ୍ତିଟିକୁ ଆମେ ପ୍ରକୃତି ବୋଲି ଅଭିହିତ କରିଥାଉ, ତାହା ଆପଣା ଚେତନାଟିର ବ୍ୟବସ୍ଥା କରିବାରେ ଏବଂ ଶକ୍ତିର ପ୍ରୟୋଜନାରେ ନିରନ୍ତର ନାନାପ୍ରକାର ଜଟିଳତା ଓ ବୈଚିତ୍ର୍ୟଦ୍ୱାରା ପରିପୂର୍ଣ୍ଣ ହୋଇ ରହିଥାଏ । ଏହି ଜଟିଳତା ଭିତରୁ ଆମେ ଆପଣାର କାର୍ଯ୍ୟରେ ଲଗାଇ ପାରିବାଭଳି ଯେଉଁସବୁ ବସ୍ତୁ ବା ଘଟଣାଗୁଡ଼ିକର ଆବିଷ୍କାର କରୁ ଅଥବା ଆବିଷ୍କାରଯୋଗ୍ୟ ବୋଲି ମନେକରୁ, ଆମକୁ ସେହିଗୁଡ଼ିକର ଅନ୍ତର୍ନିହିତ ଉଚ୍ଚତମ ବା ସୂକ୍ଷ୍ମତମ ସମ୍ଭାବ୍ୟ ମୂଲ୍ୟଗୁଡ଼ିକୁ ରୂପ ଦେବାକୁ ପଡ଼ିବ, ଏବଂ ତାହାର ବିସ୍ତୃତତମ ଓ ସମୃଦ୍ଧତମ ଶକ୍ତିଗୁଡ଼ିକୁ ଆମ ପରମ ଲକ୍ଷ୍ୟଟିର ଉପଲବ୍ଧି ଲାଗି ନିୟୋଜିତ କରିବାକୁ ପଡ଼ିବ । ସେହି ପରମ ଲକ୍ଷ୍ୟଟି ହେଉଛି ଆପଣାକୁ ସମୃଦ୍ଧ କରିବା, ଆପଣାକୁ ଚେତନାଯୁକ୍ତ କରିବା, ଆପଣାର ଉପଲବ୍ଧ ସତ୍ତ୍ୱ ଏବଂ ଆପଣା ତଥା ବସ୍ତୁ ସମ୍ବନ୍ଧରେ ଆମର ଜ୍ଞାନର କ୍ଷେତ୍ରରେ ସତତ ଅଭିବୃଦ୍ଧି ଲାଭ କରିବା, ଶକ୍ତି ଓ ଆନନ୍ଦର ଐଶ୍ୱର୍ଯ୍ୟରେ ଉତ୍ତରୋତ୍ତର ମଣ୍ଡିତ ହେବାରେ ଲାଗିଥିବା, ଏବଂ ଏହି ପୃଥିବୀରେ ତଥା ଆପଣା ଜୀବନରେ ଗତିଶୀଳ ଭାବରେ ଏପରି ଏକ କର୍ମସଂସ୍ଥା ଦ୍ୱାରା ସେହି ସମୃଦ୍ଧି ଓ ସିଦ୍ଧିକୁ ଅଭିବ୍ୟକ୍ତ କରିପାରିବା, ଯେପରିକି ଆମେ ତଥା ଏହି ପୃଥିବୀ ସମ୍ଭାବ୍ୟ ଉଚ୍ଚତମ ଶିଖରଟିର ଅଭିମୁଖରେ ବିକଶିତ ଓ ସତତ ଆହୁରି ବିକଶିତ ହେବାରେ ଲାଗିଥିବେ, ସେହିଆଡ଼କୁ ଅଗ୍ରସର ଓ ସତତ ଆହୁରି ଅଗ୍ରସର ହେଉଥିବେ, ବିଶ୍ୱଜନୀନତା ଓ ଅନନ୍ତତାର ସମ୍ଭାବ୍ୟ ବୃହତ୍ତମ ଔଦାର୍ଯ୍ୟଟିର ଅଧିକରୁ ଅଧିକ ନିକଟବର୍ତ୍ତୀ ହେବାରେ ଲାଗିଥିବେ । ଯୁଗ ଯୁଗ ଧରି ମଣିଷ କରି ଆସିଥିବା ଓ ଆସୁଥିବା ସକଳ ଚେଷ୍ଟା, ତା'ର ସକଳ କର୍ମ, ତା'ର ସମାଜ, କଳାତ୍ମକ ପ୍ରକାଶ, ନୀତିଗତ ଜୀବନ, ବିଜ୍ଞାନ ଓ ଧର୍ମ, ତା'ର ମନୋଗତ, ପ୍ରାଣମୟ, ଶାରୀରିକ ତଥା ଆଧ୍ୟାତ୍ମିକ ଅସ୍ତିତ୍ୱକୁ ଅଭିବ୍ୟକ୍ତ ଓ ସମୃଦ୍ଧ ଦେଇ ଆସିଥିବା ତା'ର ବହୁବିଚିତ୍ର ଯାବତୀୟ କାର୍ଯ୍ୟକଳାପ,—ସେଗୁଡ଼ିକ ହେଉଛି ଏହି ପ୍ରକୃତିପ୍ରୟାସର ବିରାଟ ନାଟକଟିରେ ଗୋଟିଏ ଗୋଟିଏ ଅଙ୍କ ବା ଦୃଶ୍ୟସ୍ୱରୂପ ଏବଂ ସେଗୁଡ଼ିକର ସୀମାବଦ୍ଧ ଓ ଆପାତ ଲକ୍ଷ୍ୟଗୁଡ଼ିକର ପଛରେ ଏତିକି ବ୍ୟତୀତ ଆଉ କୌଣସି ଯଥାର୍ଥ ତାତ୍ପର୍ଯ୍ୟ ନାହିଁ କିମ୍ବା ଯଥାର୍ଥ ଭିତ୍ତି ମଧ୍ୟ ନାହିଁ । ଏହି ବ୍ୟକ୍ତିସତ୍ତ୍ୱ ଦିନେ ନା ଦିନେ ସେହି ଦିବ୍ୟ ବିଶ୍ୱାତ୍ମକତା ଓ ପରମ ଅନନ୍ତତାରେ ଯାଇ ଉପନୀତ ହେବ, ସେ

'oaob.nitrkl.ac.in' images reprocessed

ସେହିଠାରେ ନିବାସୀ ହୋଇ ରହିବ, ତାହାକୁହିଁ ଲାଭ କରିବ, ତାହାହିଁ ହେବ, ଓ ଆପଣାର ସମଗ୍ର ସତ୍ତାର ଚେତନା, ଶକ୍ତି ଓ ଆନନ୍ଦ ଭିତରେ ସେ କେବଳ ତାହାକୁହିଁ ଜାଣିବ, ତାହାକୁ ଅନୁଭବ କରିବ ଓ ତାହାର ପ୍ରକାଶ ଘଟାଇବ;—ପ୍ରାଚୀନ ବୈଦିକ ଋଷିମାନେ ଜ୍ଞାନ ବା ବିଦ୍ୟା କହିଲେ ସର୍ବଦା ଏହାକୁହିଁ ବୁଝୁଥିଲେ, ଏହି ଅମରତ୍ୱଲାଭକୁହିଁ ସେମାନେ ମନୁଷ୍ୟର ଚରିତାର୍ଥତାର ମହୋପଲବ୍ଧି ହିସାବରେ ତାହାର ସମ୍ମୁଖରେ ଉତ୍ତୋଳିତ କରି ଧରିଥିଲେ ।

ମାତ୍ର ମଣିଷର ମନୋଭୂମିଟି ଯେପରି ଧାରାରେ ଗଢ଼ାହୋଇଛି, ତା'ର ଯେଉଁ ଅନ୍ତର୍ଲୋକନ ଓ ବହିର୍ଲୋକନର ସାମର୍ଥ୍ୟ ରହିଛି, ଆପଣା ଇନ୍ଦ୍ରିୟ ଓ ଦେହର ଜଗତରେ ସେ ଯେପରି ମୂଳତଃ ଏକ ଆପେକ୍ଷିକତା ମଧ୍ୟରେ ବାନ୍ଧହୋଇ ରହିଛି, କେବଳ ବ୍ୟକ୍ତ ଓ ଆପାତପ୍ରତୀୟମାନ ଭିତରେ ତାହାର ଦୃଷ୍ଟି ଯେପରି ସୀମାବଦ୍ଧ ହୋଇ ରହିଛି, ତଦ୍ଦ୍ୱାରା କେବଳ ଗୋଟିଏ ଲେଖାଏଁ ପାଦ ଆଗକୁ ପକାଇ ପାହାଚ ପାହାଚ ହୋଇ ଅଗ୍ରସର ହେବା ବ୍ୟତୀତ ମନୁଷ୍ୟର ଆଉ କୌଣସି ଉପାୟ ନାହିଁ । ପ୍ରଥମ ଅବସ୍ଥାରେ ସେ କେବଳ ଅନ୍ଧାର ଭିତରେ ବାଟ ଖୋଜୁଥିବା ପରି ବଡ଼ ଅବିଦ୍ୟାଚ୍ଛନ୍ନଭାବରେ ଏହି ବିଶାଳ ବିବର୍ତ୍ତନର ଯାତ୍ରାରେ ଆଗକୁ ଯିବାକୁ ବାଧ୍ୟ ହୁଏ । ଏହି ପ୍ରଥମ ଅବସ୍ଥାରେ ସତ୍ତାକୁ ତାହାର ଅଖଣ୍ଡ ଏକତ୍ୱଗତ ପରିପୂର୍ଣ୍ଣତାରେ ଦେଖିପାରିବା ମନୁଷ୍ୟ ପକ୍ଷରେ ଆଦୌ ସମ୍ଭବ ହୁଏ ନାହିଁ । କେବଳ ବୈଚିତ୍ର୍ୟର ମାଧ୍ୟମରେହିଁ ସେହି ସତ୍ତା ତାହାର ଦୃଷ୍ଟିଗୋଚର ହୁଏ । ଏବଂ ତା'ର ଯାବତୀୟ ଜ୍ଞାନାନୁସନ୍ଧାନ କେବଳ ତିନୋଟି ମୁଖ୍ୟ ପ୍ରକରଣକୁ ନେଇ ବ୍ୟାପୃତ ରହିଥାଏ ଓ ତାହାଲାଗି ଏହି ତିନୋଟି ପ୍ରକରଣ ଭିତରେହିଁ ତା' ଜ୍ଞାନର ସକଳ ବୈଚିତ୍ର୍ୟ ଠୁଳସମସ୍ତ ହୋଇ ରହିଥାଏ । ଏହି ତିନୋଟି ପ୍ରକରଣ ହେଉଛି : ସେ ନିଜେ ଅର୍ଥାତ୍ ମଣିଷ ବା ବ୍ୟକ୍ତି-ଆତ୍ମା, ଈଶ୍ୱର ଏବଂ ପ୍ରକୃତି । ଆପଣାର ସ୍ୱଭାବଗତ ଅବିଦ୍ୟାମୟ ସତ୍ତାରେ ସେ କେବଳ ପ୍ରଥମଟି ବିଷୟରେହିଁ କୌଣସି ପ୍ରତ୍ୟକ୍ଷ ଅନୁଭୂତି ବା ଯବିତ୍ ଲାଭ କରିବାକୁ ସମର୍ଥ ହୋଇଥାଏ । ସେ ଆପଣାକୁ ଦେଖେ, ଅର୍ଥାତ୍ ବ୍ୟକ୍ତିସତ୍ତାକୁ ଦେଖେ । ବାହାରକୁ ଦେଖିବାକୁ ଏହି ବ୍ୟକ୍ତିସତ୍ତା ଆପଣାର ଅସ୍ତିତ୍ୱରେ ଅନ୍ୟ ସବୁଟିଠାରୁ ଅଲଗା ହୋଇ ରହିଥାଏ, ଏବଂ ତଥାପି ତାହା ଅବଶିଷ୍ଟ ସତ୍ତାଭୂମିଟି ସହିତ ସର୍ବଦା ଅଭିନ୍ନ ଓ ଅବିଚ୍ଛିନ୍ନ ହୋଇ ରହିଥାଏ । ତାହା ଆପଣା ଭିତରେ ସ୍ୱୟଂସମ୍ପୂର୍ଣ୍ଣ ହେବାକୁ ଚେଷ୍ଟା କରୁଥାଏ, ମାତ୍ର ତଥାପି ଆପଣା ପାଖରେ ସର୍ବଦା ଅପୂର୍ଣ୍ଣ ଓ ଅଯଥେଷ୍ଟ ହୋଇ ରହିଥାଏ । କାରଣ ଅବଶିଷ୍ଟ ସକଳସତ୍ତାଠାରୁ ଅଲଗା ହୋଇ, ସେଗୁଡ଼ିକଠାରୁ କୌଣସି ସାହାଯ୍ୟ ନନେଇ ଏବଂ ବିଶ୍ୱସତ୍ତାଠାରୁ ସ୍ୱତନ୍ତ୍ରଭାବରେ ତଥା ବିଶ୍ୱପ୍ରକୃତି ଉପରେ କୌଣସିପ୍ରକାରେ ନିର୍ଭରଶୀଳ ନହୋଇ

'oaob.nitrkl.ac.in' images reprocessed

ବ୍ୟକ୍ତିସତ୍ତା ଯେ କେବେହେଲେ ଜଗତକୁ ଆସେ ନାହିଁ, କେବେହେଲେ ଏଠାରେ ଏକୁଟିଆ ଅବସ୍ଥାନ କରେ ନାହିଁ ଓ କେବେହେଲେ ଏକୁଟିଆ ହୋଇ ଯେ ଆପଣାର ଚରମ ସିଦ୍ଧିରେ ଉପନୀତ ହୋଇପାରେ ନାହିଁ, ଆମେ କେବଳ ଏହାହିଁ ଦେଖିଆସିଛୁ । ଦ୍ୱିତୀୟତଃ ଆଉଗୋଟିଏ ଏପରି ବସ୍ତୁ ରହିଛି ଯାହାକୁ କି ସେ ଆପଣାର ମନ, ଇନ୍ଦ୍ରିୟସକଳ ଓ ସେଗୁଡ଼ିକ ଉପରେ ତାହାର କ୍ରିୟାଫଳରେ କେବଳ ପରୋକ୍ଷ ଭାବରେହିଁ ଜାଣେ, ମାତ୍ର ତାକୁ ସର୍ବଦା ଅଧିକରୁ ଅଧିକ ପରିପୂର୍ଣ୍ଣଭାବରେ ଜାଣିବାର ଚେଷ୍ଟା କରୁଥାଏ । କାରଣ ସତ୍ତାର ଏହି ଅବଶିଷ୍ଟ ଅଂଶଟିକୁ ଏଡ଼ିଦେଇ ସେ ଆଦୌ ବାହାରି ଯାଇପାରେ ନାହିଁ, ଅଥଚ ତାହା ସହିତ ଅତ୍ୟନ୍ତ ଅନ୍ତରଙ୍ଗଭାବରେ ଏକୀଭୂତ ହୋଇ ରହିଥିଲେହେଁ ସେ ତାହାଠାରୁ ଅତ୍ୟନ୍ତ ବିଚ୍ଛିନ୍ନ ହୋଇ ରହିଥାଏ । ଏହି ଅବଶିଷ୍ଟ ସତ୍ତାଟିକୁ ଆମେ ବିଶ୍ୱ ବୋଲି କହିବା, ଜଗତ ଓ ପ୍ରକୃତି ବୋଲି କହିବା । ଅନ୍ୟ ଯେଉଁ ବ୍ୟକ୍ତିସତ୍ତାଗୁଡ଼ିକୁ ସେ ସର୍ବଦା ଆପଣାର ସଦୃଶ ବୋଲି ଭାବେ ଓ ପୁଣି ବିସଦୃଶ ବୋଲି ମନେ କରିଥାଏ, ସେଗୁଡ଼ିକୁ ମଧ୍ୟ ଆମେ ଏହାର ଅନ୍ତର୍ଭୁକ୍ତ କରି ଗ୍ରହଣ କରିବା । କାରଣ ଉଦ୍ଭିଦ ତଥା ଇତରପ୍ରାଣୀ ପର୍ଯ୍ୟନ୍ତ ସମସ୍ତଙ୍କ ସହିତ ତାହାର ଏହିପରି ସାମ୍ୟ ଓ ବୈଷମ୍ୟ ବିଦ୍ୟମାନ ରହିଥାଏ । ପ୍ରତ୍ୟେକେ ସତେଅବା ଅପଣା ଆପଣାର ଧାରାଟିକୁ ଅନୁସରଣ କରି ଯାଉଥିବା ପରି ମନେ ହେଉଥା'ନ୍ତି, ଆପଣାଠାରୁ ଭିନ୍ନ ଏକ ସତ୍ତାପରି ମନେ ହେଉଥା'ନ୍ତି; ମାତ୍ର ତଥାପି ପ୍ରତ୍ୟେକେ ମର୍ମଗତ ସେହି ଗୋଟିଏ ଗତିସ୍ପନ୍ଦନ ଦ୍ୱାରାହିଁ ପରିଚାଳିତ ହେଉଥା'ନ୍ତି ଏବଂ ଆପଣାର ସ୍ୱକୀୟ ଅବସ୍ଥାନ୍ତରଟିରେ ଅବସ୍ଥିତ ରହି ପ୍ରତ୍ୟେକେ ପ୍ରକୃତି-ପରିଣାମର ସେହି ଗୋଟିଏ ବିଶାଳ ଧାରାର ଅନୁବର୍ତ୍ତନ କରୁଥା'ନ୍ତି । ଶେଷରେ, ସେ ଆଉଗୋଟିଏ ବସ୍ତୁର ଦର୍ଶନ କରିଥାଏ ବା କେବଳ ଆଭାସମାତ୍ର ପାଇଥାଏ, କେବଳ ସମ୍ପୂର୍ଣ୍ଣ ପରୋକ୍ଷଭାବରେ କିଛିଟା ଅନୁମାନ କରିବା ବ୍ୟତୀତ ଯାହା ବିଷୟରେ କି ତାହାର ଆଦୌ କୌଣସି ଜ୍ଞାନ ନଥାଏ । କାରଣ କେବଳ ଆପଣା ମଧ୍ୟଦେଇହିଁ ସେ ତାହାକୁ ଜାଣେ; ଆପଣାର ସତ୍ତା ଓ ସତ୍ତାଗତ ଲକ୍ଷ୍ୟ ଏବଂ ଆକୂତିଟି ଦ୍ୱାରା ଅଥବା ଏହି ଜଗତ ଓ ତାହା ଯେଉଁଆଡ଼କୁ ନିର୍ଦ୍ଦେଶ କରି ଦେଉଥାଏ, କେବଳ ତାହାରି ସାହାଯ୍ୟରେହିଁ ସେହି ବସ୍ତୁର କିଛିଟା ଆଭାସ ପାଏ । ସେ ଅନୁଭବ କରେ ସେ ଅନ୍ଧକାର ଭିତରେ ବାଟ ଖୋଜୁଥିବାବେଳେ ସତେଅବା ସେଇଠି ଯାଇ ପହଞ୍ଚିବାକୁହିଁ ଉଦ୍ୟମ କରୁଛି ଓ ଆପଣାର ନାନା ଅପୂର୍ଣ୍ଣ କଳ୍ପନାଟି ଦ୍ୱାରା କେବଳ ତାହାକୁହିଁ ପ୍ରକାଶ କରିବାର ଉଦ୍ୟମ କରୁଛି; ଅଥବା, ଅନ୍ତତଃ ଏହିସବୁ କଳ୍ପନାଟିଦ୍ୱାରା ସହିତ ସେହି ଅଦୃଶ୍ୟ ପରମସତ୍ୟ ଓ ସଗୁପ୍ତ ପରମ-ଅନନ୍ତତାର ପ୍ରକୃତରେ କଭଳ ସମ୍ବନ୍ଧ ରହିଛି, ସେ ବିଷୟରେ ସମ୍ପୂର୍ଣ୍ଣ ଅଜ୍ଞ ରହି ମଧ୍ୟ ସେହି ଅଜ୍ଞାତ ଓ ସଗୁପ୍ତ ସମ୍ବନ୍ଧଗୁଡ଼ିକ ଉପରେହିଁ ସେ ସେଗୁଡ଼ିକୁ ନେଇ ପ୍ରତିଷ୍ଠିତ କରିଦେଉଛି ।

'oaob.nitrkl.ac.in' images reprocessed

ଏହି ଅଜ୍ଞାତ ଚୂଡ଼ାନ୍ତ ବସ୍ତୁଟିକୁ ମନୁଷ୍ୟ ଈଶ୍ୱର ବୋଲି ଅଭିହିତ କରିଥାଏ । ଏବଂ ଶବ୍ଦଟି ଦ୍ୱାରା ସେ ଏପରି ଏକ ବସ୍ତୁକୁ ବା ଜଣେ ବ୍ୟକ୍ତିକୁ ବୁଝେ, ଯିଏ ସର୍ବୋଚ୍ଚ, ଯିଏ ପରମ, ଯିଏ ଦିବ୍ୟ, ଯିଏ ଆଦିକାରଣ ଓ ଯିଏ ସବୁକିଛି; ଈଶ୍ୱର କହିଲେ ସିଏ ଏସବୁଥିରୁ କୌଣସି ଗୋଟିଏ କିମ୍ବା ଏକାଧାରରେ ସବୁକିଛି ବୋଲି ବୁଝିଥାଏ । ଏହି ଜଗତରେ ଯାହାକିଛି ଆଂଶିକ ଓ ଅପୂର୍ଣ୍ଣ ହୋଇ ରହିଛି, ଈଶ୍ୱର କହିଲେ ସେ ଏସବୁର ପରିପୂର୍ଣ୍ଣତା ବା ସମଗ୍ରତାକୁ ବୁଝିଥାଏ, ଏହିସବୁ ଅସଂଖ୍ୟ ଆପେକ୍ଷିକତାର ଚରମ ନିର୍ବିଶେଷତା ବୋଲି ବୁଝିଥାଏ; ତାହାକୁ ସେହି ପରମ ଅବିଜ୍ଞାତ ବୋଲି ବୁଝିଥାଏ ଯାହାଙ୍କର ପରିଚୟ ଲାଭ କଲେ ବିଜ୍ଞାତ ବା ପରିଚିତ ସକଳ ବସ୍ତୁର ଯଥାର୍ଥ ଗୂଢ଼ସତ୍ୟଟି ତା'ଲାଗି ଅଧିକରୁ ଅଧିକ ବୋଧ ହୋଇ ଆସିଥାଏ । ମନୁଷ୍ୟ ଏହି ତିନୋଟିଯାକ ବିଭାବ ବା ପ୍ରକରଣକୁ ଅସ୍ୱୀକାର କରିବାର ଚେଷ୍ଟା କରିଆସିଛି । ସେ ତା'ର ଆପଣାର ଯଥାର୍ଥ ଅସ୍ତିତ୍ୱଟିକୁ ଅସ୍ୱୀକାର କରିବାର ଚେଷ୍ଟା କରିଛି, ଏହି ବିଶ୍ୱବିସୃଷ୍ଟିର ଯଥାର୍ଥ ଅସ୍ତିତ୍ୱକୁ ଅସ୍ୱୀକାର କରିବାକୁ ଚେଷ୍ଟା କରିଛି ଏବଂ ଈଶ୍ୱରଙ୍କର ଯଥାର୍ଥ ଅସ୍ତିତ୍ୱଟିକୁ ମଧ୍ୟ ଅସ୍ୱୀକାର କରିବାକୁ ଚେଷ୍ଟା କରିଛି । ମାତ୍ର ଏହି ଯାବତୀୟ ଅସ୍ୱୀକାର ପଛରେ ଜ୍ଞାନଲାଭ କରିବାଲାଗି ତା'ର ସତତ ପ୍ରୟାସର ଆବଶ୍ୟକତାଟି ସର୍ବଦା ଲୁକ୍କାୟିତ ହୋଇ ରହିଆସିଛି; କାରଣ ଏହି ତିନି ବିଭାବକୁ ଏକ ଏକତ୍ୱ-ସୂତ୍ରରେ ଗଣ୍ଠାଇ ରଖିବାର ପ୍ରୟୋଜନଟିକୁ ସେ ସବୁବେଳେ ଅନୁଭବ କରିଛି । ଏପରିକି ସେପରି କରିବାଲାଗି ତିନୋଟି ମଧ୍ୟରୁ କୌଣସି ଦୁଇଟିକୁ ତଳକୁ ଦାବିଦେବା କିମ୍ବା ତୃତୀୟଟି ମଧ୍ୟରେ ସେହି ଦୁଇଟିକୁ ଏକାବେଳକେ ବୁଡ଼ାଇଦେବା ଅପରିହାର୍ଯ୍ୟ ହୋଇ ପଡ଼ିଲେ ମଧ୍ୟ ସିଏ ତଥାପି ସେଥିରୁ ପଶ୍ଚାତ୍‌ପଦ ହୋଇ ନାହିଁ । ଏଇଟି କରି ପାରିବାଲାଗି ସେ ଆପଣାକୁ କାରଣ ବୋଲି ପ୍ରତିଷ୍ଠିତ କରିଦେଇଛି ଏବଂ ବାକୀ ଯାହାକିଛି ରହିଲା ତାହାକୁ କେବଳ ମନର ବିସୃଷ୍ଟି ବୋଲି ଘୋଷଣା କରିଛି । ଅଥବା କେବଳ ପ୍ରକୃତିକୁହିଁ କାରଣରୂପେ ପ୍ରତିଷ୍ଠିତ କରି ବାକୀ ସବୁକିଛିକୁ କେବଳ ପ୍ରକୃତି-ଶକ୍ତିରୁ ଜାତ ହୋଇଥିବା ପ୍ରତିଭାସ ବୋଲି କହିଛି । କିମ୍ବା କେବଳ ଈଶ୍ୱର ବା ନିର୍ବିଶେଷ ଏକ ପରମସତ୍ତାକୁ ମୂଳ ବୋଲି ମାନିନେଇଛି ଏବଂ ତା'ର ବାହାରେ ଥିବା ଅବଶିଷ୍ଟ ଆଉସବୁକୁ କେବଳ ଗୋଟିଏ ଗୋଟିଏ ଭ୍ରମ ବୋଲି କହିଛି, ଏକ ଅବୋଧ ମାୟାଶକ୍ତିଦ୍ୱାରା ସେହି ପରମ ତତ୍ତ୍ୱସ୍ୱରୂପ ଆପଣା ଉପରେ କିମ୍ବା ଆମ ଉପରେ ବିସ୍ତାର କରି ରଖିଥିବା ଭ୍ରାନ୍ତି ବୋଲି କହିଛି । ଏହି ଅସ୍ୱୀକୃତିଗୁଡ଼ିକ ମଧ୍ୟରୁ କୌଣସି ଗୋଟିଏ ମଧ୍ୟ ସମ୍ପୂର୍ଣ୍ଣ ସନ୍ତୋଷଜନକ ହୋଇପାରେ ନାହିଁ, କୌଣସିଟି ଆମକୁ ସମସ୍ୟାଟିର ମୂଳ ସମାଧାନ ଦେଇପାରେ ନାହିଁ ବା ଏକ ଅବିସମ୍ବାଦିତ ଓ ନିଶ୍ଚିତ ସିଦ୍ଧାନ୍ତରୂପେ ଗୃହୀତ ହୋଇପାରେ ନାହିଁ । ଇନ୍ଦ୍ରିୟଗ୍ରାହ୍ୟତା ଦ୍ୱାରା ଶାସିତ ତା'ର ବୁଦ୍ଧି ତିନୋଟି ମଧ୍ୟରୁ ଯେଉଁଟିକୁ ପ୍ରକୃତ ସମାଧାନ ବୋଲି କହିବାଲାଗି ସବୁଠାରୁ

'oaob.nitrkl.ac.in' images reprocessed

ଅଧିକ ଇଚ୍ଛୁକତା ଦେଖାଏ, ସେଇଟିର କ୍ଷେତ୍ରରେ ଏକଥା ସବୁଠାରୁ ଅଧିକ ପରିମାଣରେ ପ୍ରଯୁଜ୍ୟ ହୋଇଥାଏ । ମାତ୍ର ସେହି ସିଦ୍ଧାନ୍ତଟି ଆଦୌ ନେଣ୍ଟିଭନ ଦୃଷ୍ଟି ଉପରେ ନାହିଁ; କାରଣ ଈଶ୍ବରଙ୍କୁ ଅସ୍ବୀକାର କରିବା ବସ୍ତୁତଃ ତା'ର ଯଥାର୍ଥ ଅନ୍ୱେଷଣଟିକୁ ଓ ତା'ର ସର୍ବପରମ ସତ୍ୟଟିକୁହିଁ ଅସ୍ୱୀକାର କଲାପରି ହୁଏ । ପ୍ରକୃତିକୁହିଁ ଏକମାତ୍ର ସତ୍ୟବୋଲି ସ୍ୱୀକାର କରୁଥିବା ନାସ୍ତିକତାର ଯେତେଯେତେ ଯୁଗ ଆସିଛି, ସେଗୁଡ଼ିକ ସର୍ବଦା ବଡ଼ ଅଳ୍ପକାଳସ୍ଥାୟୀ ହୋଇଛି, କାରଣ ସେଗୁଡ଼ିକ ମନୁଷ୍ୟ ଭିତରେ ଗୋପନଭାବରେ ଅଧିଷ୍ଠିତ ହୋଇ ରହିଥିବା ସତ୍ୟଜ୍ଞାନଟିର ଆଦୌ ସନ୍ତୋଷଭାଜନ ହୋଇପାରି ନାହାନ୍ତି । ଏହା କଦାପି ଆମର ଚରମ ବେଦ ବୋଲି ସ୍ୱୀକୃତ ହୋଇପାରିବ ନାହିଁ, କାରଣ ମନୋମୟ ସକଳ ଜ୍ଞାନ ଅନ୍ତରସ୍ଥ ଯେଉଁ ବେଦଟିର ପ୍ରକାଶ ଲାଗି ପ୍ରୟାସୀ ହୋଇ ରହିଛନ୍ତି, ତାହା ସହିତ ଏହାର ଆଦୌ କୌଣସି ମେଳ ନାହିଁ । ଯେଉଁ ମୁହୂର୍ତ୍ତଟିଠାରୁ ଏହି ମେଳ ନଥିବାଟା ଅନୁଭୂତ ହୋଇଛି, ଆମର ସକଳ ସମାଧାନ ଯେତେ କୌଶଳପୂର୍ଣ୍ଣ ହୋଇଥାଉ ବା ନିପୁଣ ନ୍ୟାୟବୁଦ୍ଧି ଦୃଷ୍ଟିରୁ ଯେତେ ପରିପୂର୍ଣ୍ଣ ହୋଇଥାଉ ପଛକେ, ତାହା ସେହି ମୁହୂର୍ତ୍ତଠାରୁହିଁ ମନୁଷ୍ୟ ଭିତରେ ବିରାଜିତ ରହିଥିବା ଚିରନ୍ତନ ପରମସାକ୍ଷୀଙ୍କ ପାଖରେ ଅଯୋଗ୍ୟ ବୋଲି ସାବ୍ୟସ୍ତ ହୋଇଛି; ସେଇଟି ଆଉ ଗ୍ରହଣୀୟ ହୋଇପାରି ନାହିଁ । ତେଣୁ ଏଇଟିକୁ ଆମେ ଜ୍ଞାନର ଶେଷକଥା ବୋଲି କଦାପି କହିପାରିବା ନାହିଁ ।

ମନୁଷ୍ୟ ବାହାରକୁ ଆପଣାଲାଗି ଯେତିକି ଦିଶୁଛି, ତାହାଲାଗି କେବଳ ସେତିକି ଆଦୌ ପର୍ଯ୍ୟାପ୍ତ ନୁହେଁ; ମନୁଷ୍ୟ ଏହି ଜଗତଠାରୁ ବିଚ୍ଛିନ୍ନ ନୁହେଁ, ସିଏ ପରମ ସର୍ବମୟତା କିମ୍ବା ଶାଶ୍ୱତତା ବି ନୁହେଁ । ତେଣୁ ତାହାର ମନ, ପ୍ରାଣ ଓ ଦେହ ସ୍ପଷ୍ଟତଃ ଯେଉଁ ବିଶ୍ୱର ଏକ ଅତିକ୍ଷୁଦ୍ର ଓ ଅଣୁପ୍ରମାଣ ଅଂଶମାତ୍ର ହୋଇ ରହିଛନ୍ତି, କେବଳ ମନୁଷ୍ୟ ଦେଇ ସେହି ବିଶ୍ୱର କୌଣସି ବ୍ୟାଖ୍ୟା କରାଯାଇ ନପାରେ । ପୁଣି ଏହି ପରିଦୃଶ୍ୟମାନ ଜଗତଟି ମଧ୍ୟ ଆପଣା ଭିତରେ ଆପେ କଦାପି ପର୍ଯ୍ୟାପ୍ତ ନୁହେଁ ବୋଲି ଦୃଷ୍ଟିଗୋଚର ହୋଇଥାଏ । ଏପରିକି ଏହାର ଅଦୃଶ୍ୟ ଜଡ଼ଶକ୍ତିଗୁଡ଼ିକର ସାହାଯ୍ୟରେ ମଧ୍ୟ ଏହାର କୌଣସି ସ୍ପଷ୍ଟ ବ୍ୟାଖ୍ୟା ମିଳେ ନାହିଁ । କାରଣ ଏହି ବିଶ୍ୱଜଗତରେ ତଥା ଆପଣା ଭିତରେ ମନୁଷ୍ୟ ଏପରି ଅନେକ ବସ୍ତୁର ସଂସ୍ପର୍ଶରେ ଆସିଥାଏ ଯାହାକି ସେହି ଜଗତର ତଥା ତା'ର ଆପଣାର ଯାବତୀୟ ସୀମାକୁ ଅତିକ୍ରମ କରି ରହିଥିଲା ପରି ବୋଧ ହୁଏ । ଏହି ଜଗତ ଓ ସେ ନିଜେ ସଚେତଅବା ସେହିସବୁ ନିହିତ ବସ୍ତୁର କେବଳ ଗୋଟିଏ ମାତ୍ର ଦିଗ, ଏକ ବହିରାବରଣ ଏବଂ ଏପରିକି ଗୋଟାଏ ମୁଖା ପରି ମନେ ହୋଇଥାଏ । ମନୁଷ୍ୟର ବୁଦ୍ଧି କହ, ବୋଧ କହ ବା ତା'ର ଅନୁଭୂତି କହ,—ଏଗୁଡ଼ିକ ମଧ୍ୟରୁ କୌଣସି ଗୋଟିଏ ମଧ୍ୟ

'oaob.nitrkl.ac.in' images reprocessed

ଏକ ପରମ ଅଦ୍ୱିତୀୟ ପୁରୁଷ ଅଥବା ପରମ ଅଦ୍ୱୟତତ୍ତ୍ୱକୁ ବାଦ ଦେଇ ଆଦୌ ତିଷ୍ଠି ରହିପାରିବେ ନାହିଁ, ଯାହାଙ୍କର ଅଥବା ଯାହା ସହିତ କି ବିଶ୍ୱଗତ ଏହିସବୁ ସାମର୍ଥ୍ୟ କୌଣସି ନା କୌଣସି ସମ୍ବନ୍ଧଦ୍ୱାରା ସମ୍ବନ୍ଧିତ ହୋଇ ରହିଛି, ଯାହାଙ୍କର ବା ଯାହା ସହିତ ସେ ନିଜେ ମଧ୍ୟ ସମ୍ବନ୍ଧିତ ହୋଇ ରହିଛି, ଯିଏ ବା ଯାହା ସେଗୁଡ଼ିକର ଆଶ୍ରୟ ହୋଇ ରହିଛି ଓ ସେଗୁଡ଼ିକୁ ଆପଣା ଆପଣାର ତାତ୍ପର୍ଯ୍ୟ ଦେଇ ରଖିଛି । ଏହିସବୁ ଅନ୍ତବିଶିଷ୍ଟତାକୁ ଆପଣା ଭିତରେ ଧାରଣ କରିଥିବା ଏକ ଅନନ୍ତତା ଅବଶ୍ୟ ରହିଛି, ସେ ଏହିକଥା ଅନୁଭବ କରୁଛି । ସେ ଅନୁଭବ କରୁଛି ଯେ ପରିଦୃଶ୍ୟମାନ ଏହି ଜଗତର ସବୁକିଛି ମଧ୍ୟରେ, ସବୁକିଛିର ପଛରେ ଓ ସବୁକିଛିକୁ ବେଷ୍ଟନ କରି ଏକ ଅନନ୍ତତା ଅବଶ୍ୟ ରହିଛି; ତାହାହିଁ ଏହି ଅସଂଖ୍ୟ ଓ ଗଣନାତୀତ ସକଳ ପଦାର୍ଥର ସୌଷମ୍ୟ, ପାରସ୍ପରିକ ସମ୍ବନ୍ଧ ଓ ମର୍ମଗତ ଏକତାଲାଗି ଆଧାରରୂପେ କାର୍ଯ୍ୟ କରୁଛି । ଆପଣାର ବିଶ୍ୱରକ୍ଷେତ୍ରରେ ସେ ଏକ ପରମତତ୍ତ୍ୱର ଆବଶ୍ୟକତା ଅନୁଭବ କରୁଛି ଯାହା ଉପରେ କି ଏହି ଅଗଣିତ ଓ ଅନ୍ତବିଶିଷ୍ଟ ଆପେକ୍ଷିକତାଗୁଡ଼ିକ ଆପଣାର ଅସ୍ତିତ୍ୱ ଲାଗି ନିର୍ଭର କରି ରହିଛନ୍ତି । ସେ ବସ୍ତୁଗୁଡ଼ିକର ଏକ ପରମସତ୍ୟର ଆବଶ୍ୟକତା ଅନୁଭବ କରୁଛି, ବିଶ୍ୱଜଗତରେ ଆତଯାତ ହେଉଥିବା ଏହିସବୁ ସଂଖ୍ୟାତୀତ ସତ୍ତ୍ୱକୁ ଜନ୍ମ ଦେଉଥିବା ଓ ଧାରଣ କରି ରଖିଥିବା ଏକ ସୃଷ୍ଟିକାରୀ ସାମର୍ଥ୍ୟ ବା ଶକ୍ତି ବା ପରମସତ୍ତ୍ୱର ଆବଶ୍ୟକତା ଅନୁଭବ କରୁଛି । ସିଏ ଏହାକୁ ଯେଉଁ ନାମରେ ଅଭିହିତ କରୁ ନା କାହିଁକି, ତାହାକୁ ଏହିପରି ଏକ ପରମ ପରାତ୍ପର ବସ୍ତୁ, ଏକ ଦିବ୍ୟ ସତ୍ୟ, ଏକ, ପରମ କାରଣ ଏକ ପରମ ଅନନ୍ତ ଓ ଶାଶ୍ୱତ, ଏକ ନିତ୍ୟ ଓ ପରିପୂର୍ଣ୍ଣଙ୍କ ପାଖରେ ଆସି ପହଞ୍ଚିବାକୁହିଁ ପଡ଼ିବ, ଏହି ଜଗତର ସବୁକିଛି ଯାହା ଆଡ଼କୁ ଗତି କରୁଛନ୍ତି ଓ ଯାହାର ଆକାଙ୍କ୍ଷାକୁ ବହନ କରି ରହିଛନ୍ତି; ଏକ ପରମ ସର୍ବଗତତା ପାଖରେ ଆସି ପହଞ୍ଚିବାକୁ ପଡ଼ିବ ଯାହାମଧ୍ୟରେ କି ସବୁକିଛି ଅନନ୍ତ କାଳଲାଗି ଅବସ୍ଥିତ ରହିଛନ୍ତି ଏବଂ ଯାହା ବ୍ୟତୀତ ସେଗୁଡ଼ିକର କୌଣସି ଅସ୍ତିତ୍ୱ କଦାପି ସମ୍ଭବ ହୁଅନ୍ତା ନାହିଁ ।

ତଥାପି ଅନ୍ୟଦୁଇଟି ବାସ୍ତବ ଅର୍ଥାତ୍ ବ୍ୟକ୍ତିସତ୍ତ୍ୱ ଓ ଜଗତକୁ ବାଦ ଦେଇ ସେ କେବଳ ଏହି ପରମ ନିର୍ବିଶେଷ ତତ୍ତ୍ୱକୁ ଏକ ସ୍ୱୟଂସମ୍ପୂର୍ଣ୍ଣ ତତ୍ତ୍ୱରୂପେ ଯଥାର୍ଥତଃ ଆଦୌ ଗ୍ରହଣ କରିପାରିବ ନାହିଁ । କାରଣ ତଦ୍ୱାରା ସେ ସମାଧାନ କରିବାଲାଗି ଏଠାରେ ଜନ୍ମଗ୍ରହଣ କରିଥିବା ସମସ୍ୟାଟିକୁ ବଳପୂର୍ବକ ଡେଇଁ କରି ପଳାଇଯିବା ପରିହିଁ ହେବ । ଏବଂ ତଦ୍ୱାରା ସେ ନିଜେ ଓ ଏହି ବିଶ୍ୱଜଗତ ତା'ଲାଗି କେବଳ ଏକ ଅବୋଧ ରହସ୍ୟମୟତା କିମ୍ବା ଏକ ଉଦ୍ଦେଶ୍ୟହୀନ ରହସ୍ୟ ହୋଇ ରହିଥିବ । ଏପରି ଏକ ସମାଧାନ ଦ୍ୱାରା ତା' ବୁଦ୍ଧିର କିୟଦଂଶକୁ କିମ୍ବା ତା'ର ବିଶ୍ରାମବାସନାକୁ

'oaob.nitrkl.ac.in' images reprocessed

ହୃଦୟର କାମନାର ପରିତୃପ୍ତି ମିଳିଯିବ; ଠିକ୍ ଯେପରି ବିଶ୍ୱାତୀତ ଯାବତୀୟ ସତ୍ୟକୁ ଅସ୍ୱୀକୃତ କରି ରଖି ଓ ଜଡ଼ପ୍ରକୃତିକୁ ଏକ ଈଶ୍ୱରଙ୍କ ସ୍ଥାନକୁ ଟେକି ନେଇ ତା'ର ଜଡ଼ବୁଦ୍ଧିଟା ଘରେ ସହଜରେ ପରିତୃପ୍ତ ହୋଇ ରହୁଛି, ସେହିପରି । ମାତ୍ର ସେପରି କରି ତା'ର ହୃଦୟ, ତା'ର ଇଚ୍ଛାଶକ୍ତି ଏବଂ ତା'ର ସତ୍ତାର ସବଳତମ ଓ ସଘନତମ ଅଂଶଗୁଡ଼ିକ ନିରର୍ଥକ ହୋଇ ପଡ଼ିରହୁଛି, ସେଗୁଡ଼ିକ ଉଦ୍ଦେଶ୍ୟହୀନ ଓ ଔଚିତ୍ୟହୀନ ହୋଇ ରହୁଛି; ଅଥବା ମନେହେଉଛି ଯେପରି ସେଗୁଡ଼ିକ ଶୁଦ୍ଧ ପରମ ଅସ୍ତିତ୍ୱଙ୍କ ଶାଶ୍ୱତ ପ୍ରଶାନ୍ତିମୟତା ଉପରେ ଆରୋପିତ କିମ୍ବା ବିଶ୍ୱର ଶାଶ୍ୱତ ନିଶ୍ଚେତନତା ମଧ୍ୟରେ ଅବସ୍ଥିତ ଏକ ଉଦ୍ଦେଶ୍ୟହୀନ ଓ ଆକସ୍ମିକ ନିର୍ବୋଧତାର ଏକ ନିଃସାର ଓ ଅସ୍ଥିର ଗ୍ରନ୍ଥିସ୍ପନ୍ଦନ ପରି ହୋଇ ରହୁଛି । ବିଶ୍ୱ ମଧ୍ୟ ସେଠାରେ ପରମ ଅନନ୍ତଙ୍କର ଏକ ସ୍ୱପ୍ନରଚିତ ମିଥ୍ୟାମୟତା ହୋଇ ପଡ଼ିରହୁଛି; ବିରାଟ ଓ ପ୍ରଚଣ୍ଡ ରୂପରେ ସଚେତଅବା ମନୁଷ୍ୟ ଉପରେ ଅକାଡ଼ି ହୋଇ ପଡ଼ିବାକୁ ଆସୁଥିବା ପରି ମନେ ହେଉଥିଲେ ମଧ୍ୟ ତାହା ବସ୍ତୁତଃ ସ୍ୱତଃବିରୋଧମୟ ଏକ ଅବାନ୍ତରତା ହୋଇ ପଡ଼ିରହୁଛି, ବିସ୍ମୟ, ସୌନ୍ଦର୍ଯ୍ୟ ଓ ଆନନ୍ଦର କେବଳ ଏକ ମିଥ୍ୟାଭାଣ କରୁଥିବା ଏକ ଦୁଃଖମୟ ଓ ଯନ୍ତ୍ରଣାପୂର୍ଣ୍ଣ ପ୍ରହେଳିକା ହୋଇ ରହୁଛି । ଅଥବା ଆମେ ଏପରିସ୍ଥଳେ ଏହାକୁ ସଂଗଠିତ ଅନ୍ଧଶକ୍ତିର ଏକ ବିରାଟ ଖେଳ ବୋଲି କହିପାରିବା ଯାହାର କି ଆଦୌ କୌଣସି ଅର୍ଥହିଁ ନାହିଁ; ଏବଂ ତା'ର ନିଜ ସତ୍ତାକୁ ମଧ୍ୟ ଏକ ଅସ୍ଥାୟୀ ଓ ଅତିକ୍ଷୁଦ୍ର ଅବାନ୍ତରତା ବୋଲି କହିପାରିବା ଯାହାକି ବଡ଼ ଅବୋଧ ଭାବରେ ବିଶ୍ୱରୂପୀ ସେହି ନିରର୍ଥକ ବିରାଟତା ମଧ୍ୟରେ ସଂଘଟିତ ହେଉଥିବା ଏକ ଘଟଣା ପରି ହୋଇ ରହୁଛି । ଏବାଟରେ ଯାଇ ଆମର ଚେତନାକୁ ଆଦୌ କୌଣସି ସନ୍ତୋଷ ବା ଚରିତାର୍ଥତା ମିଳେ ନାହିଁ । ଏହି ଜଗତ ଓ ମନୁଷ୍ୟ ଭିତରେ ଆତ୍ମପ୍ରକାଶ କରିଥିବା ଶକ୍ତିଟିକୁ ମଧ୍ୟ କୌଣସି ସନ୍ତୋଷକାରୀ ଚରିତାର୍ଥତା ମିଳେ ନାହିଁ । ଆମର ମନ ଏପରି ଏକ ସତ୍ୟର ଅନ୍ୱେଷଣ କରି ବୁଲୁଥାଏ ଯାହାକି ସବୁକିଛିକୁ ଏକତ୍ର କରି ବାନ୍ଧିରଖିଛି, ଯାହାଦ୍ୱାରା କି ପ୍ରକୃତି ମନୁଷ୍ୟର ଜୀବନ ମଧ୍ୟରେ ଓ ମନୁଷ୍ୟ ପ୍ରକୃତି ମଧ୍ୟରେ ପରିପୂର୍ଣ୍ଣତା ଲାଭ କରୁଛି, ଏବଂ ଉଭୟେ ଆପଣାକୁ ଈଶ୍ୱରଙ୍କ ମଧ୍ୟରେ ପରିପୂର୍ଣ୍ଣ କରିପାରୁଛନ୍ତି, କାରଣ ମନୁଷ୍ୟ ଓ ପ୍ରକୃତି ଉଭୟଙ୍କ ମଧ୍ୟରେହିଁ ପରମ ଦିବ୍ୟ ସତ୍ତା ପରିଶେଷରେ ଆପଣାକୁ ଉନ୍ମୋଚିତ କରି ଦେଉଛନ୍ତି ।

ଏହି ତିନୋଟିଯାକ ସତ୍ୟକୁ ସାରତଃ ଗୋଟିଏ ବୋଲି ଗ୍ରହଣ କରିନେବା ଓ ତାହାକୁ ସେହିପରି ଭାବରେ ଅନୁଭବ କରିବା,—ଏହାହିଁ ସକଳ ବିଦ୍ୟା ଓ ସକଳ ଜ୍ଞାନର ମର୍ମସୋପାନ । ସେମାନଙ୍କର ଏହି ଏକତା ଓ ପୂର୍ଣ୍ଣତାର ଅଭିମୁଖରେହିଁ ବିକାଶମାନ ଆତ୍ମଚେତନା ଆପଣାକୁ ଉନ୍ମୋଚିତ କରିବାରେ ଲାଗିଥାଏ, ଏବଂ ଆପଣାକୁ

'oaob.nitrkl.ac.in' images reprocessed

ନେଇ ପରିତୃପ୍ତି ଓ ପରିପୂର୍ଣ୍ଣତା ଲାଭ କରିବାକୁ ହେଲେ ତାହାକୁ ଅବଶ୍ୟ ସେଇଠାରେ ଯାଇ ପହଞ୍ଚିବାକୁ ହେବ । କାରଣ ଆଲୋଚିତ ଏକତ୍ରିତିର ଉପଲବ୍ଧି ବ୍ୟତିରେକେ ଆମକୁ ତିନୋଟିଯାକରୁ କୌଣସି ଗୋଟିଏ ବିଷୟରେ ମଧ୍ୟ ପୂର୍ଣ୍ଣ ଜ୍ଞାନ ମିଳେ ନାହିଁ । ଏହି ଏକତ୍ୱହିଁ ପ୍ରତ୍ୟେକଟି ସକାଶେ ତା'ର ପରିପୂର୍ଣ୍ଣତା ଲାଗି ଅପରିହାର୍ଯ୍ୟ ସର୍ତ୍ତରୂପେ କାର୍ଯ୍ୟ କରେ ଏବଂ ପ୍ରତ୍ୟେକଟିକୁ ତା'ର ଏହି ପରିପୂର୍ଣ୍ଣ ପରିଚୟରେ ଜାଣିବାଦ୍ୱାରାହିଁ ତିନୋଟିଯାକ ଆମର ଚେତନା ଭିତରେ ଆସି ସମ୍ମିଳିତ ହୁଅନ୍ତି ଓ ମୂଳତଃ ଗୋଟିଏ ତତ୍ତ୍ୱ ହୋଇ ରହନ୍ତି । ଏକ ସମଗ୍ର ଜ୍ଞାନରେହିଁ ସକଳ ଜାଣିବା ଗୋଟିଏ ଜାଣିବାରେ ପରିଣତ ହେବ ଏବଂ ଏକ ଅବିଭାଜ୍ୟ ଜ୍ଞାନରୂପେ ପ୍ରତିଷ୍ଠିତ ହେବ । ତା' ନହେଲେ ତିନୋଟିକୁ ପରସ୍ପରଠାରୁ ବିଚ୍ଛିନ୍ନ କରି ପକାଇ ଗୋଟିକୁ ସଂସାର ବୋଲି ମାନି ଓ ଅବଶିଷ୍ଟ ଦୁଇଟିକୁ ବାଦ ଦେଇ ଯେଉଁ ଏକତ୍ୱର ବୋଧ ସମ୍ଭବ ହେବ, କେବଳ ସେଇଥିରେ ସନ୍ତୁଷ୍ଟ ରହିବା ବ୍ୟତୀତ ଆମର ଆଉ ଉପାୟ ନଥାଏ । ତେଣୁ ମନୁଷ୍ୟର ଆପଣା ବିଷୟରେ, ଜଗତ ବିଷୟରେ ଓ ଈଶ୍ୱରଙ୍କ ବିଷୟରେ ଯେଉଁ ଜ୍ଞାନ ରହିଛି, ତାହାକୁ ପ୍ରସାରିତ କରିଦେବାକୁ ପଡ଼ିବ; ଏବଂ ଶେଷରେ ସେଇଗୁଡ଼ିକର ସମଗ୍ରତା ଓ ସମ୍ପୂର୍ଣ୍ଣତା ମଧ୍ୟରେହିଁ ସେ ସେଗୁଡ଼ିକର ପାରସ୍ପରିକ ଅନ୍ତର୍ଗତତା ଓ ଏକତାଟିର ପରିଚୟ ପାଇବ । କାରଣ ସେଗୁଡ଼ିକୁ କେବଳ ଆଂଶିକ ଭାବରେ ଜାଣିଥିବା ପର୍ଯ୍ୟନ୍ତ ତା'ର ସକଳ ଜାଣିବାର କ୍ଷେତ୍ରରେ ଏକ ଅସଂପୂର୍ଣ୍ଣତାହିଁ ରହିଯାଉଥିବ, ସେଥିରୁ ଭେଦବୋଧ ଜନ୍ମୁଥିବ; ଏବଂ ଯେପର୍ଯ୍ୟନ୍ତ ସେଗୁଡ଼ିକ ମଧ୍ୟରେ ଏକ ଏକାନ୍ତ ସମାବେଶ ନକରି ସେ ସେଗୁଡ଼ିକୁ ଉପଲବ୍ଧି କରି ନପାରିବ, ସେ ସେଗୁଡ଼ିକର ସମ୍ପୂର୍ଣ୍ଣ ସତ୍ୟଟି ସହିତ ପରିଚିତ ହୋଇପାରିବ ନାହିଁ କିମ୍ବା ଏହି ଅସ୍ତିତ୍ୱର ମୂଳତାତ୍ପର୍ଯ୍ୟଟିର ପତ୍ତାହିଁ ପାଇବ ନାହିଁ ।

ଏପରି କହି ସର୍ବୋଚ୍ଚ ପରମସତ୍ତାର ସ୍ୱୟମ୍ଭୂତା ଓ ସ୍ୱୟଂସମ୍ପୂର୍ଣ୍ଣତାକୁ ଆଦୌ ଅସ୍ୱୀକାର କରାଯାଉ ନାହିଁ । ଈଶ୍ୱର ଆପଣା ଭିତରେ ଆପେ ବର୍ତ୍ତମାନ ରହିଛନ୍ତି; ଏହି ବିଶ୍ୱ ଅଥବା ମନୁଷ୍ୟର ଅସ୍ତିତ୍ୱକୁ ଆଶ୍ରା କରି ସେ ଆଦୌ ଅବସ୍ଥାନ କରୁନାହାନ୍ତି । ଅପର ପକ୍ଷରେ ବିଶ୍ୱ ଓ ମନୁଷ୍ୟହିଁ ଈଶ୍ୱରଙ୍କ ଅସ୍ତିତ୍ୱକୁ ଆଶ୍ରା କରି ଅବସ୍ଥାନ କରୁଛନ୍ତି । ବ୍ରହ୍ମ ବା ଈଶ୍ୱରଙ୍କର ସତ୍ତା ସହିତ ସେମାନଙ୍କର ସତ୍ତା ଏକ ହୋଇ ରହିଛି, କେବଳ ଏହି ଦୃଷ୍ଟିରୁହିଁ ସେଗୁଡ଼ିକର ଏକ ସ୍ୱୟଂପୂର୍ଣ୍ଣ ଅସ୍ତିତ୍ୱ ରହିଛି ବୋଲି କୁହାଯାଇପାରେ । ମାତ୍ର ତଥାପି ସେମାନେ ଈଶ୍ୱରଶକ୍ତିର ଗୋଟିଏ ଗୋଟିଏ ପ୍ରକାଶରୂପ ମାତ୍ର, ଏବଂ ତାଙ୍କର ଶାଶ୍ୱତ ଅସ୍ତିତ୍ୱଟି ଭିତରେ ମଧ୍ୟ ସେଗୁଡ଼ିକର ଆଧ୍ୟାତ୍ମିକ ସତ୍ୟଟି କୌଣସି ନା କୌଣସି ପ୍ରକାରେ ଅବଶ୍ୟ ବର୍ତ୍ତମାନ ରହିଥିବ, କାରଣ ତା' ନହେଲେ ସେଗୁଡ଼ିକର ଅଭିବ୍ୟକ୍ତ ବା ପ୍ରକାଶଲାଗି ଆଉ କୌଣସି ସମ୍ଭାବନା ରହିବ ନାହିଁ ଅଥବା ପ୍ରକାଶିତ ରୂପରେ ସେଗୁଡ଼ିକର ଆଦୌ କୌଣସି



'oaob.nitrkl.ac.in' images reprocessed

ତାତ୍ପର୍ଯ୍ୟହିଁ ନଥିବ । ଏହି ଜଗତରେ ଯାହା ମନୁଷ୍ୟର ରୂପ ଗ୍ରହଣ କରି ଆବିର୍ଭୂତ ହୋଇଛି, ତାହା ହେଉଛି ପରମ ଦିବ୍ୟପୁରୁଷଙ୍କର ଏକ ବ୍ୟକ୍ତିଭାବାପନ୍ନ ସତ୍ତା; ପରମ ଦିବ୍ୟପୁରୁଷଙ୍କର ବହୁଧା ସଂପ୍ରସାରଣ ହେଉଛି ବ୍ୟକ୍ତିଭାବାପନ୍ନ ଯାବତୀୟ ସତ୍ତାର ଆତ୍ମାସ୍ୱରୂପ। (ଏକୋ ବଶୀ ସର୍ବଭୂତାନ୍ତରାତ୍ମା,—କଠ ଉପନିଷଦ, ୫ । ୧୨) ପୁନଶ୍ଚ, କେବଳ ଆତ୍ମଜ୍ଞାନ ତଥା ବିଶ୍ୱଜ୍ଞାନର ମଧ୍ୟଦେଇହିଁ ମନୁଷ୍ୟ ଈଶ୍ୱରଜ୍ଞାନରେ ଆସି ଉପନୀତ ହେଉଛି ଏବଂ ଅନ୍ୟ କୌଣସି ବାଟରେ ମନୁଷ୍ୟ ପକ୍ଷରେ ଏହାର ଉପଲବ୍ଧି ଆଦୌ ସମ୍ଭବ ନୁହେଁ । ଈଶ୍ୱରଙ୍କର ପ୍ରକାଶିତ ହେବାକୁ ବର୍ଜନ କରି ନୁହେଁ, ମାତ୍ର ଏହି ବିଷୟରେ ରହିଥିବା ତା'ର ଅଜ୍ଞାନଟିକୁ ଓ ସେହି ଅଜ୍ଞାନଜନିତ ଯାବତୀୟ ପରିଣାମକୁ ବର୍ଜନ କରିହିଁ ମନୁଷ୍ୟ ଆପଣାକୁ ଉନ୍ମୀଳିତ କରି ନେଇପାରିବ ଓ ସେହି ପରମ ଦିବ୍ୟ ଅସ୍ତିତ୍ୱର ସର୍ବଗ୍ରାହିତା ଭିତରେ ଆପଣାର ସତ୍ତା, ଚେତନା, ସାମର୍ଥ୍ୟ ଓ ଆନନ୍ଦକୁ ସମର୍ପି ଦେଇପାରିବ । ସେ କେବଳ ଗୋଟିଏ ପ୍ରକାଶିତ ରୂପ ଅର୍ଥାତ୍ ଆପଣାର ମଧ୍ୟଦେଇ ଏକଥା କରିପାରିବ, ଅଥବା ଅନ୍ୟ ଏକ ପ୍ରକାଶିତ ରୂପ ବା ଏହି ବିଶ୍ୱଜଗତକୁ ମାଧ୍ୟମରୂପେ ବ୍ୟବହାର କରି ତାହା କରିପାରିବ । କେବଳ ଆପଣାକୁ ମାଧ୍ୟମରୂପେ ବ୍ୟବହାର କରି ଏଠାରେ ଉପନୀତ ହୋଇପାରିଲେ ସେ ଅନିର୍ବଚନୀୟ ନିର୍ବିଶେଷ ତତ୍ତ୍ୱ ମଧ୍ୟରେ ଆପଣାର ବ୍ୟକ୍ତିଚେତନାଟିକୁ ବୁଡ଼ାଇ ଦେଇପାରେ, ନିର୍ବାପିତ କରି ଦେଇପାରେ ଏବଂ ସେହି ପ୍ରତିସ୍ଥିତିଦ୍ୱାରା ବିଶ୍ୱଜଗତକୁ ହରାଇ ଦେଇପାରେ । ଅପର ପକ୍ଷରେ କେବଳ ବିଶ୍ୱକୁହିଁ ମାଧ୍ୟମରୂପେ ବ୍ୟବହାର କରି ସେଠାରେ ଉପନୀତ ହେଲେ ସେ ଆପଣାର ବ୍ୟକ୍ତିସତ୍ତାଟିକୁ ହୁଏତ ବିଶ୍ୱସତ୍ତାର ନୈର୍ବ୍ୟକ୍ତିକତା ମଧ୍ୟରେ ଅଥବା ବିଶ୍ୱଗତ ଚେତନଶକ୍ତିର ଏକ ଗତିଶୀଳ ଆତ୍ମା ଭିତରେ ନେଇ ବୁଡ଼ାଇ ଦେଇପାରେ । ଏପରି ଅଗ୍ରସର ହୋଇ ସେ ହୁଏତ ବିଶ୍ୱାତ୍ମା ଭିତରେ ବିଲୀନ ହୋଇ ଯାଇପାରେ ଅଥବା ବିଶ୍ୱଶକ୍ତି-ପ୍ରବାହର ଏକ ନୈର୍ବ୍ୟକ୍ତିକ ଧାରାପଥରେ ଆପଣାକୁ ପରିଣତ କରି ଦେଇପାରେ । ମାତ୍ର ଦୁଇଟିଯାକକୁ ସମଗ୍ର ଓ ସମାନଭାବରେ ଗ୍ରହଣ କରି ଅଗ୍ରସର ହେଲେ ଏବଂ ଉଭୟ ପଥର ପୂର୍ଣ୍ଣତାଟିର ଅନୁସରଣ କରି ଓ ଉଭୟକୁ ଅତିକ୍ରମ କରି ପରମ ଦିବ୍ୟତାର ଯାବତୀୟ ବାସ୍ତବଗୁଡ଼ିକୁ ଉପଲବ୍ଧି କରିପାରିଲେ ସେ ଏହି ଉଭୟ ପଥର ସୀମାକୁ ଅତିକ୍ରମ କରିଯାଏ ଏବଂ ସେହି ଅତିକ୍ରାନ୍ତି ମଧ୍ୟରେହିଁ ଦୁଇଟିଯାକ ପଥକୁ ପରିପୂର୍ଣ୍ଣ କରିଦିଏ । ଆପଣାର ସତ୍ତା ମଧ୍ୟରେ ସେ ପରମ ଦିବ୍ୟସତ୍ତାକୁ ଧରି ରଖିଥାଏ, ଏବଂ ଯୁଗପତ୍ ଭାବରେ ସ୍ୱୟଂ ସେହି ପରମ ଦିବ୍ୟ ସତ୍ତା, ଦିବ୍ୟ ଚେତନା, ଆଲୋକ, ସାମର୍ଥ୍ୟ, ଆନନ୍ଦ ତଥା ଜ୍ଞାନଦ୍ୱାରା ସମାବୃତ, ସମ୍ପ୍ରବିଷ୍ଟ, ସର୍ବବ୍ୟାପ୍ତ ଓ ଅଧିକୃତ ହୋଇ ରହିଥାଏ । ସେ ଆପଣା ଭିତରେ ପରମେଶ୍ୱରଙ୍କୁ ଧରି ରଖିଥାଏ, ଏହି ବିଶ୍ୱଜଗତ ମଧ୍ୟରେ ବି ପରମେଶ୍ୱରଙ୍କୁ ଧରି ରଖିଥାଏ । ସେହି ପରମ ସର୍ବଜ୍ଞାନମୟତା ତା'ପାଖରେ ତାହାର ରୂପରେ ଆପଣା

'oaob.nitrkl.ac.in' images reprocessed

ବସ୍ତୁସୃଷ୍ଟିର ଔଚିତ୍ୟଟିକୁ ପ୍ରମାଣିତ କରି ରଖିଥା'ନ୍ତି ଏବଂ ତାହାର ପରିପୂର୍ଣ୍ଣତା ଦ୍ୱାରା ଆପଣାର ବସ୍ତୁସୃଷ୍ଟି ଏହି ଜଗତଟିର ଔଚିତ୍ୟକୁ ମଧ୍ୟ ପ୍ରମାଣ କରି ଦେଉଥା'ନ୍ତି । ଏକ ଅତିମାନସ ପରାପ୍ରକୃତି ଭିତରକୁ ଆରୋହଣ କରିଯାଇ ପାରିଲେ ଏବଂ ଏଠାରେ ଅବସ୍ଥିତ ବସ୍ତୁସୃଷ୍ଟି ରୂପଟି ମଧ୍ୟକୁ ତାହାର ଶକ୍ତିଗୁଡ଼ିକ ଅବତରଣ କରିଆସିଲେ ଏହିସବୁ ଉପଲବ୍ଧି ସମ୍ପୂର୍ଣ୍ଣଭାବରେ ସତ୍ୟ ଓ ସଫଳ ହୋଇଉଠିବ । ମାତ୍ର ବର୍ତ୍ତମାନ ଯେତେବେଳେ ସେହି ସମ୍ପୂର୍ଣ୍ଣସିଦ୍ଧି ଏଠୁ ଅନେକ ଦୂରରେ ରହିଛି ଓ ଅତ୍ୟନ୍ତ କଷ୍ଟସାଧ୍ୟ ବୋଲି ପ୍ରତୀତ ହେଉଛି, ସେତେବେଳେ ମଧ୍ୟ ଆମର ଅନ୍ନ, ପ୍ରାଣ ଓ ମନୋମୟ ଏହି ପ୍ରକୃତିରେ ଏକ ଆଧ୍ୟାତ୍ମିକ ପ୍ରତିଫଳନ ଅଥବା ଗ୍ରହଣ ଦ୍ୱାରା ଆମେ ଆପଣାର ଅନ୍ତଶ୍ଚେତନା ମଧ୍ୟରେ ସେହି ଯଥାର୍ଥ ଜ୍ଞାନକୁ ବାସ୍ତବ ବୋଲି ଅନୁଭବ କରିପାରିବା ।

ମାତ୍ର ଆପଣାର ଆରୋହଣପଥରେ ଅନେକଦୂର ଅଗ୍ରସର ହୋଇ ନଯିବା ପର୍ଯ୍ୟନ୍ତ ତା' ସତ୍ତାର ଏହି ଆଧ୍ୟାତ୍ମିକ ସତ୍ୟ ତଥା ଯଥାର୍ଥ ଉଦ୍ଦେଶ୍ୟଟି ବିକଶି ଉଠିବାର ଅନୁମତି ପାଏ ନାହିଁ । କାରଣ, ଆପଣା ପ୍ରକୃତିର ପରିଣତିମୂଳକ ସୋପାନଗୁଡ଼ିକ ଦେଇ ଗତି କଲାବେଳେ ମନୁଷ୍ୟର ପ୍ରଥମକାଳୀନ ପ୍ରସ୍ତୁତିମୂଳକ କର୍ତ୍ତବ୍ୟ ହେଉଛି ଆପଣାର ବ୍ୟକ୍ତିତ୍ୱଟିକୁ ସୁଦୃଢ଼, ସମ୍ପୂର୍ଣ୍ଣ ଓ ଶକ୍ତିଶାଳୀ ଭାବରେ ଧାରଣ କରି ରଖିବା, ତାହାର ପ୍ରତିଷ୍ଠାଟିକୁ ସ୍ୱୀକାର କରିବା, ତାହାର ଯାବତୀୟ ବୈଶିଷ୍ଟ୍ୟ ଓ ସମ୍ପନ୍ନତା-ଗୁଡ଼ିକୁ ସ୍ପଷ୍ଟରୂପେ ଚିହ୍ନି ରଖିବା । ଫଳତଃ, ପ୍ରଥମ ଅବସ୍ଥାଟିରେ ତାହାକୁ ପ୍ରଧାନତଃ ନିଜର ଅହଂଟିକୁ ନେଇହିଁ ବ୍ୟାପୃତ ରହିବାକୁ ପଡ଼ିବ । ଆପଣା ପରିଣତିର ଏହି ଅହଂପ୍ରଧାନ ପର୍ଯ୍ୟାୟଟିରେ ଏହି ବିଶ୍ୱଜଗତ ଓ ଅନ୍ୟମାନେ ତାକୁ ତା'ର ଆପଣାଠାରୁ କମ୍ ମହତ୍ତ୍ୱପୂର୍ଣ୍ଣ ବୋଲି ବୋଧ ହେବେ, ଅନ୍ୟପ୍ରକାରେ କହିଲେ କେବଳ ତାହାର ଆତ୍ମପ୍ରତିଷ୍ଠା ସକାଶେହିଁ ନାନାବିଧ ସହାୟକ କିମ୍ବା ଅବସର ରୂପରେ ସେଗୁଡ଼ିକର ଯାହାକିଛି ମହତ୍ତ୍ୱ ରହିଥିବ । ଏହି ପର୍ଯ୍ୟାୟରେ ଈଶ୍ୱର ମଧ୍ୟ ତାକୁ ତା' ନିଜଠାରୁ କମ୍ ମହତ୍ତ୍ୱପୂର୍ଣ୍ଣ ବୋଲି ଅନୁଭୂତ ହେବେ; ଏବଂ ସେହି କାରଣରୁହିଁ ଧର୍ମପରିଣତିର ପ୍ରଥମ ଅବସ୍ଥାଗୁଡ଼ିକରେ ଅର୍ଥାତ୍ ଧର୍ମଗତ ବିକାଶର ନିମ୍ନତର ସ୍ତରଗୁଡ଼ିକରେ ଈଶ୍ୱର ବା ସକଳ ଦେବତା ସତେଅବା କେବଳ ମଣିଷପାଇଁହିଁ ତିଷ୍ଠି ରହିଥିବାପରି ବ୍ୟବହାର ପାଇବେ, କେବଳ ତାହାର ତୃପ୍ତିସାଧନର ପରମଶକ୍ତିସମ୍ପନ୍ନ ଯନ୍ତ୍ରରୂପେହିଁ ତିଷ୍ଠି ରହିଥିବେ; ଆପଣାର ଅଭାବ, ଆବଶ୍ୟକତା ଓ ବାସନାଗୁଡ଼ିକର ପୂରଣ ନିମିତ୍ତ ସେ ଯେଉଁ ପୃଥିବୀଟିରେ ବାସ କରୁଛି, ସେହି ପୃଥିବୀକୁ ଆପଣାର ଅଧୀନରେ ରଖିବାର କାର୍ଯ୍ୟରେ ସେମାନେ ତାହାର ସାହାଯ୍ୟକାରୀ ହୋଇ ରହିଥିବେ । ଆପଣା ସ୍ତରର ଯାବତୀୟ କଳୁଷ, ହିଂସ୍ରତା ତଥା ଅଶୋଧନ ସହିତ ଅହଂପ୍ରଧାନ ବିକାଶରୂପୀ ପ୍ରଥମ ସ୍ତରଟିକୁ ତା'ର ଆପଣା କ୍ଷେତ୍ରରେ ଆମେ କଦାପି ପ୍ରକୃତିର ଏକ ମନ୍ଦ ଅଭିପ୍ରାୟ

'oaob.nitrkl.ac.in' images reprocessed

କିମ୍ବା ଭ୍ରମ ବୋଲି ବିସ୍ମର କରିବା ନାହିଁ; ମନୁଷ୍ୟର ପ୍ରଥମ ସାଧନାଟି ପାଇଁ ଏହା ସର୍ବଥା ଆବଶ୍ୟକ । ଆପଣାର ନିଜ ବ୍ୟକ୍ତିତ୍ୱଟିକୁ ଆବିଷ୍କାର କରିବା ହେଉଛି ମନୁଷ୍ୟର ଏହି ପ୍ରଥମ ସାଧନା; ନିମ୍ନତର ଅବଚେତନର ଯେଉଁ ଭୂମିଟିରେ ବ୍ୟକ୍ତି ଏହି ପୃଥିବୀର ମିଶ୍ରିତ ଚେତନାଟି ଦ୍ୱାରା କାବୁ ହୋଇ ରହିଥାଏ ଏବଂ ପ୍ରକୃତିର ଯନ୍ତ୍ରବତ୍ କ୍ରିୟାଗୁଡ଼ିକ ପାଖରେ ସମ୍ପୂର୍ଣ୍ଣ ଦାସ ହୋଇ ରହିଥାଏ, ତାହାରି କବଳରୁ ସମ୍ପୂର୍ଣ୍ଣ ମୁକ୍ତ ହେବା ହେଉଛି ମନୁଷ୍ୟର ପ୍ରଥମ ସାଧନା । ଏହି ପ୍ରକୃତିର ସମ୍ମୁଖରେ ମନୁଷ୍ୟ ଆପଣାର ବ୍ୟକ୍ତିତ୍ୱକୁ ପ୍ରତିଷ୍ଠିତ କରି ରଖିବ, ଆପଣା ବ୍ୟକ୍ତିତ୍ୱକୁ ଏକ ବିଶେଷ ସତ୍ୟରୂପେ ଚିହ୍ନି ରଖିବ, ଶକ୍ତିଶାଳୀ ଭାବରେ ସେ ଆପଣା ଜୀବନଟିକୁ ବଞ୍ଚିବ ଓ ଜୀବନରେ ଯାହା ହେବାର କଥା ହେବ; ଶକ୍ତି, ଜ୍ଞାନ ତଥା ସମ୍ଭୋଗଲାଗି ତା' ଭିତରେ ରହିଥିବା ଯାବତୀୟ ସାମର୍ଥ୍ୟକୁ ବିକଶିତ କରାଇ ଆଣିବ ଯେପରିକି ଅଧିକରୁ ଅଧିକ ଶକ୍ତିମତ୍ତା ଓ ପୂର୍ଣ୍ଣକର୍ତ୍ତୃତ୍ୱ ସହିତ ସେ ସେହି ସାମର୍ଥ୍ୟଗୁଡ଼ିକୁ ପ୍ରକୃତିର କ୍ଷେତ୍ରରେ ତଥା ଏହି ଜଗତରେ ନିୟୋଜିତ କରିପାରିବ । ଏହି ପ୍ରଥମ ଉଦ୍ଦେଶ୍ୟଟିର ସାଧନଲାଗିହିଁ ତା'ର ଆତ୍ମବିଭେଦମୂଳକ ଅହଂବୋଧଟି ତାକୁ ଦିଆଯାଇଛି । ଯେପର୍ଯ୍ୟନ୍ତ ସେ ତା'ର ବ୍ୟକ୍ତିତ୍ୱ, ତା'ର ବିଶିଷ୍ଟତ୍ୱ ଓ ବିଶିଷ୍ଟ ସାମର୍ଥ୍ୟଗୁଡ଼ିକର ବିକାଶସାଧନ ନକରିଛି, ସେପର୍ଯ୍ୟନ୍ତ ସେ ଆପଣା ସମ୍ମୁଖସ୍ଥ ବୃହତ୍ତର କାର୍ଯ୍ୟଗୁଡ଼ିକ ସକାଶେ କଦାପି ଯୋଗ୍ୟ ହୋଇପାରିବ ନାହିଁ, କିମ୍ବା ଉଚ୍ଚତର, ବୃହତ୍ତର ଓ ଦିବ୍ୟତର ଉଦ୍ଦେଶ୍ୟଗୁଡ଼ିକ ପାଇଁ ଆପଣାର ସାମର୍ଥ୍ୟଗୁଡ଼ିକୁ ସଫଳ ଭାବରେ ଉଦ୍ଦିଷ୍ଟ କରିପାରିବ ନାହିଁ । ବିଦ୍ୟାର ରାଜ୍ୟ ଭିତରେ ଆପଣାର ପରିପୂର୍ଣ୍ଣତା ଲାଭ କରିବା ପୂର୍ବରୁ ତାକୁ ଅବିଦ୍ୟାର ରାଜ୍ୟରେ ସ୍ୱପ୍ରତିଷ୍ଠ ହେବାକୁ ପଡ଼ିବ ।

କାରଣ ଏକ ବିବର୍ତ୍ତନାତ୍ମକ ଧାରାର ଅନୁସରଣ କରି ପରମ ନିଶ୍ଚେତନ ମଧ୍ୟରୁ ବାହାରି ଆସିବାର ଏହି ପ୍ରକ୍ରିୟାଟିର ସଞ୍ଚାର ଦୁଇପ୍ରକାର ଶକ୍ତିଦ୍ୱାରା ସମ୍ଭବ ହୋଇଥାଏ : ଗୋଟିଏ ହେଉଛି ପ୍ରଚ୍ଛନ୍ନ ବିଶ୍ୱଚେତନା ଓ ଆରଟି ହେଉଛି ଉପରିଭାଗରେ ଆପଣାକୁ ବ୍ୟକ୍ତ କରି ପାରୁଥିବା ବ୍ୟକ୍ତିଚେତନା । ଉପରିଭାଗସ୍ଥ ବ୍ୟକ୍ତି ପାଇଁ ପ୍ରଚ୍ଛନ୍ନ ବିଶ୍ୱଚେତନା ପ୍ରଚ୍ଛନ୍ନ ଓ ଅଧିଚେତନ ହୋଇ ରହିଥାଏ, ଏହି ବିଶ୍ୱଚେତନାହିଁ ଆପଣାକୁ ବ୍ୟବସ୍ଥାବଦ୍ଧ କରି ବହିଃସ୍ତରରେ ବିବିକ୍ତ ବସ୍ତୁ ଓ ସତ୍ତାଗୁଡ଼ିକର ସୃଷ୍ଟି କରିଥାଏ । ମାତ୍ର ବିବିକ୍ତ ବସ୍ତୁ ତଥା ବ୍ୟକ୍ତିସତ୍ତାର ଶରୀର ଓ ମନକୁ ବ୍ୟବସ୍ଥାବଦ୍ଧ କରୁଥିବା ସମୟରେ ତାହା ଚେତନାର ଗୋଷ୍ଠୀସାମର୍ଥ୍ୟଗୁଡ଼ିକୁ ମଧ୍ୟ ସୃଷ୍ଟି କରି ଦେଉଥାଏ ଏବଂ ଏହି ସାମର୍ଥ୍ୟସବୁ ବିଶ୍ୱପ୍ରକୃତିର ଆଶରୂଗତ ରୂପାୟନ ହୋଇ ରହିଥା'ନ୍ତି । ମାତ୍ର ସେହି ରୂପାୟନଗୁଡ଼ିକୁ ତାହା କୌଣସି ସଂଗଠିତ ମନ ବା ଶରୀର ଯୋଗାଇ ଦିଏନାହିଁ; ତାହା ସେଗୁଡ଼ିକୁ ବ୍ୟକ୍ତିସମଷ୍ଟିର ଆଧାର ଉପରେ ପ୍ରତିଷ୍ଠିତ କରିରଖେ, ସେଗୁଡ଼ିକ ସକାଶେ ଏକ ଗୋଷ୍ଠୀମନର ବିକାଶ କରାଏ, ସତତ

'oaob.nitrkl.ac.in' images reprocessed

ପରିବର୍ତ୍ତିତ ହେଉଥିବା ଅଥଚ ଏକ ଅବିଚ୍ଛିନ୍ନ ଧାରା ମଧ୍ୟରେ ରହିଥିବା ଗୋଷ୍ଠୀଶରୀରର ହିଁ ବିକାଶ ଘଟାଏ । ଏଥିରୁ ଅତ୍ୟନ୍ତ ସ୍ପଷ୍ଟ ହୋଇଯାଉଛି ଯେ କେବଳ ବ୍ୟକ୍ତିମାନେ ଅଧିକରୁ ଅଧିକ ଚେତନାଶୀଳ ହେଉଥିବା ସଙ୍ଗେସଙ୍ଗେହିଁ ଗୋଷ୍ଠୀସତ୍ତା ମଧ୍ୟ ଅଧିକରୁ ଅଧିକ ଚେତନାଶୀଳ ହେବାକୁ ସମର୍ଥ ହୁଏ । ବ୍ୟକ୍ତିର ଅଭିବୃଦ୍ଧି ହେଉଛି ଗୋଷ୍ଠୀ-ସତ୍ତାର ଅନ୍ତର୍ଗତ ଅଭିବୃଦ୍ଧି ଲାଗି ଏକାନ୍ତ ଆବଶ୍ୟକ ଓ ଅପରିହାର୍ଯ୍ୟ; ଏଠାରେ ଏହି ଅନ୍ତର୍ଗତ ଅଭିବୃଦ୍ଧିକୁ ଯେକୌଣସି ଗୋଷ୍ଠୀର ବାହ୍ୟ ଶକ୍ତି ଏବଂ ବାହ୍ୟ ବିସ୍ତୃତିଠାରୁ ସ୍ୱତନ୍ତ୍ର କରି ଜାଣିରଖିବାକୁ ହେବ । ଅର୍ଥାତ୍ ଆମେ ଦେଖିପାରୁଛୁ ଯେ ବ୍ୟକ୍ତିସତ୍ତାର ଏହି କ୍ଷେତ୍ରରେ ଏକ ଦ୍ୱିବିଧ ମହତ୍ତ୍ୱ ରହିଛି : ବ୍ୟକ୍ତିର ମାଧ୍ୟମରେହିଁ ବର୍ଣ୍ଣଗତ ଚକ୍ରସତ୍ତା ଆପଣାର ସମଷ୍ଟିଗତ ଏକକଗୁଡ଼ିକୁ ସଙ୍ଗଠିତ କରିପାରୁଛି, ସେଗୁଡ଼ିକୁ ଆତ୍ମ-ଅଭିବ୍ୟକ୍ତିସମ୍ପନ୍ନ ଓ ପ୍ରଗତିସମର୍ଥ କରିପାରୁଛି; ଏବଂ ବ୍ୟକ୍ତିର ମାଧ୍ୟମରେହିଁ ତାହା ପ୍ରକୃତିକୁ ପରମ ନିଶ୍ଚେତନାର ସୋପାନଟିରୁ ଅତିଚେତନର ସୋପାନକୁ ଉତ୍ତୋଳିତ କରିନେଉଛି ଏବଂ ଏହାକୁ ପରମ ବିଶ୍ୱାତୀତ ପାଖରେ ନେଇ ପହଞ୍ଚାଇ ଦେଉଛି । ଆପଣାର ପିଣ୍ଡୀକୃତ ଅବସ୍ଥାରେ ଗୋଷ୍ଠୀଚେତନା ପରମ ନିଶ୍ଚେତନାର ନିକଟବର୍ତ୍ତୀ ହୋଇ ରହିଛି । ଏହାମଧ୍ୟରେ ଏକ ଅବଚେତନ ଓ ଅସ୍ପଷ୍ଟତାଚ୍ଛନ୍ନ ନିଜାକ୍ ଗତିସ୍ପନ୍ଦନ ରହିଛି ଯାହାକି ଆପଣାର ଅଭିବ୍ୟକ୍ତି ଲାଗି ଜଣେ ବ୍ୟକ୍ତିର ସାହାଯ୍ୟ ଆବଶ୍ୟକ କରୁଛି । କାରଣ ଜଣେ ବ୍ୟକ୍ତିଦ୍ୱାରାହିଁ ତାହା ଆଲୋକକୁ ଆସିପାରିବ, ସଙ୍ଗଠିତ ଓ ଫଳପ୍ରସୂ ହୋଇପାରିବ । କେବଳ ଆପଣାକୁ ନେଇ ରହିଥିବା ପର୍ଯ୍ୟନ୍ତ ପିଣ୍ଡୀକୃତ ଗୋଷ୍ଠୀ-ଚେତନା ମଧ୍ୟ ଏକ ଅସ୍ପଷ୍ଟ, ଅର୍ଦ୍ଧଗଠିତ ବା ଅଗଠିତ ଅଧିଚେତନ ଏବଂ ସାଧାରଣ ଭାବରେ ଅବଚେତନ ରହିଥିବା ଓ ଉପର ସ୍ତରକୁ ଉତ୍ଥିତ ହେଉଥିବା ଏକ ଆବେଗ ବଳରେହିଁ ଗତିସ୍ପନ୍ଦିତ ହେଉଥାଏ । ସମ୍ପୂର୍ଣ୍ଣ ଅନ୍ଧ ଅଥବା ଅର୍ଦ୍ଧଦୃଷ୍ଟିସମ୍ପନ୍ନ ଏକ ଏକମତସିଦ୍ଧି ଆଡ଼କୁ ଏହାର ଅତିବଳ୍ପ ପ୍ରବଣତା ରହିଥାଏ ଏବଂ ସେଥିଲାଗି ସମୂହରୂପେ ଅଗ୍ରସର ହେଉଥିବା ସମୟରେ ତାହା ବ୍ୟକ୍ତିକୁ ସର୍ବଦା ତଳକୁ ଦବାଇ ରଖିବାକୁ ବସିଥାଏ । ଗୋଷ୍ଠୀଚେତନା ଯେତେବେଳେ ଭାବିବାକୁ ଆରମ୍ଭ କରେ, ସେତେବେଳେ ତାହା କୌଣସି ଅନୁରସୂତ୍ର, ଆଦର୍ଶମତ, ଘୋଷଣାବାକ୍ୟ, ସଙ୍କେତମୟ ଶବ୍ଦ ଅଥବା ସାଧାରଣସମ୍ମତ କୌଣସି ଅଶୋଧିତ ଓ ଆପଣାରଚିତ ଧାରଣାଟାକୁହିଁ ଆଶ୍ରୟ କରି ଭାବିଥାଏ, ପରମ୍ପରା ହୋଇ ଚାଲି ଆସୁଥିବା ଓ ସମସ୍ତଙ୍କଦ୍ୱାରା ଚିରାଭ୍ୟସ୍ତରୂପେ ଗୃହୀତ ହେଉଥିବା ବିଚାରଗୁଡ଼ାକରହିଁ ଆଶ୍ରୟ ନେଇଥାଏ । କୌଣସି କର୍ମରେ ପ୍ରବୃତ୍ତ ହେଲାବେଳେ ଯଦି ତାହା କେବଳ ଏକ ସହଜାତ ଅନ୍ଧପ୍ରବୃତ୍ତି କିମ୍ବା ଆବେଗଦ୍ୱାରା ପ୍ରେରିତ ନହୁଏ, ତା'ହେଲେ ଗୋଠରେ ପଶି ଗୋଠମନୋଭାବର ନିୟମଗୁଡ଼ାକୁ ଅନ୍ଧପରି ମାନିହିଁ ସେ ସେହି କାର୍ଯ୍ୟ କରୁଥାଏ, କେବଳ ଗୋଠ ବା ଦଳର ସଂସ୍କାରଗୁଡ଼ାକ ଅନୁସାରେ କାର୍ଯ୍ୟ କରୁଥାଏ । ଯଦି ଗୋଷ୍ଠୀ ଭିତରେ ଏପରି

'oaob.nitrkl.ac.in' images reprocessed

ଜଣେ ବ୍ୟକ୍ତି ବା କେତେଜଣ ଶକ୍ତିଶାଳୀ ବ୍ୟକ୍ତି ରହିଥିବେ, ଯେଉଁମାନେ ଗୋଷ୍ଠୀକୁ ରୂପାୟିତ, ସଂଗଠିତ, ପ୍ରକାଶିତ ଓ ପରିଚାଳିତ କରି ପାରୁଥିବେ, ତେବେ ପିଣ୍ଡୀଭୂତ ଏହି ଗୋଷ୍ଠୀ-ଚେତନା, ଗୋଷ୍ଠୀ-ଜୀବନ ଓ ଗୋଷ୍ଠୀର କାର୍ଯ୍ୟ ଅସାଧାରଣ ଭାବରେ ଫଳପ୍ରସୂ ହୋଇପାରିବ । ପର୍ବତଗାତ୍ରରୁ ସ୍ଖଳିତ ବିରାଟ ହିମସ୍ତୂପ କିମ୍ବା ଏକ ଅତିପ୍ରବଳ ଝଡ଼ପରି ବେଳେବେଳେ ଗୋଷ୍ଠୀ ବା ସମୂହର ଗତି ଓ କ୍ରିୟା ହଠାତ୍ ଦୁର୍ବାର ବି ହୋଇ ଉଠିପାରେ । ଯେଉଁଠି ସମୂହଚେତନା ପାଖରେ ବ୍ୟକ୍ତିକୁ ଦବାଇ କରି ବା ସଂପୂର୍ଣ୍ଣ ଅଧୀନ କରି ରଖାଯାଏ, ସେଠାରେ ତଦ୍ଦ୍ୱାରା ଏକ ଜାତି ବା ଏକ ଗୋଷ୍ଠୀ ହୁଏତ ଅତୁଳ ବ୍ୟାବହାରିକ ସଫଳତା ଲାଭ କରିପାରେ । ଅବଶ୍ୟ ଯଦି ଅଧିଚେତନ ଗୋଷ୍ଠୀସତ୍ତା ଏକ ସୁଦୃଢ଼ ପରମ୍ପରା ସୃଷ୍ଟି କରିବାରେ ସମର୍ଥ ହୁଏ ଅଥବା ଏହାର ଅନ୍ତର୍ଭାବ ଓ ନିର୍ଦ୍ଦେଶନାକୁ ରୂପାୟିତ କରିବାଭଳି ଯଦି ତାହା ଏକ ଦଳ, ଶ୍ରେଣୀ କିମ୍ବା ମୁଖ୍ୟର ସନ୍ଧାନ ପାଇପାରେ, ତେବେଯାଇ ଏପରି ସମ୍ଭବ ହୋଇପାରେ । ଯେଉଁସବୁ ସ୍ଥାନରେ ସାମରିକ ରାଷ୍ଟ୍ରସବୁ ପ୍ରଭୂତ ବଳଶାଳୀ ହୋଇଛନ୍ତି, ଯେଉଁଠାରେ ସମୂହଜୀବନର କୌଣସି ବିଶେଷ ସଂସ୍କୃତିକୁ କଠୋର ଓ ଅନମନୀୟ ଭାବରେ ଲାଦି ଦିଆଯାଇ ସମୂହ ବା ଗୋଷ୍ଠୀକୁ ବଳଶାଳୀ କରାଯାଇଛି ଅଥବା ଯେତେବେଳେ ପୃଥିବୀ ଜୟ କରି କୌଣସି ବୀର ସଫଳ ହୋଇ ବାହାରିଛନ୍ତି, ସେଠି ପ୍ରତ୍ୟେକ କ୍ଷେତ୍ରରେ ପ୍ରକୃତିର ଏହି ଗୁପ୍ତ ନିୟମଟି କାର୍ଯ୍ୟ କରିଛି । ମାତ୍ର ଏହି ସଫଳତା ବା ନୈପୁଣ୍ୟ ହେଉଛି କେବଳ ବାହ୍ୟ ଜୀବନର ନୈପୁଣ୍ୟ, ଏବଂ ଏହି ବାହ୍ୟ ଜୀବନ ଆମ ସତ୍ତାର ସର୍ବୋଚ୍ଚ କିମ୍ବା ସର୍ବଶେଷ ସୋପାନ ନୁହେଁ । କାରଣ ଆମ ଭିତରେ ଏକ ମନ ରହିଛି, ଏକ ଆତ୍ମା ଓ ଚିତ୍‌ସତ୍ତା ମଧ୍ୟ ରହିଛି; ଏବଂ ଯେପର୍ଯ୍ୟନ୍ତ ଆମର ଜୀବନ ଆପଣା ଭିତରେ ଏକ ବିକଶମାନ ଚେତନା ଓ ଏକ ବିକଶମାନ ମନକୁ ବହନ ନକରିଛି, ଏବଂ ଯେପର୍ଯ୍ୟନ୍ତ ଆମର ପ୍ରାଣ ଓ ମନ ଆତ୍ମା ଅର୍ଥାତ୍ ସେହି ଅନ୍ତର୍ବାସୀ ପରମ ଚିତ୍‌ସତ୍ତାର ଅଭିବ୍ୟକ୍ତ ରୂପ, ଓ ତାହାର ଏକ ମୁକ୍ତସାଧନରୂପେ କାର୍ଯ୍ୟ କରି ନାହିଁ, ସେପର୍ଯ୍ୟନ୍ତ ଆମର ଜୀବନରେ ଆଦୌ କୌଣସି ଯଥାର୍ଥ ମୂଲ୍ୟ ନାହିଁ ବୋଲି ସ୍ୱୀକାର କରିବାକୁ ପଡ଼ିବ ।

ମାତ୍ର ଏହି ମନର ବିକାଶ ଓ ପ୍ରଗତି, ଆତ୍ମାର ଅଭିବୃଦ୍ଧି ଏବଂ ଏପରିକି ଆମ ସମୂହଜୀବନର ମନ ଓ ଆତ୍ମାର କ୍ଷେତ୍ରରେ ଯାବତୀୟ ବିକାଶ, ପ୍ରଗତି ଓ ଅଭିବୃଦ୍ଧି କେବଳ ସେହି ବ୍ୟକ୍ତି ଉପରେହିଁ ନିର୍ଭର କରି ରହିଥାଏ, କେବଳ ତାହାର ଯଥେଷ୍ଟ ମୁକ୍ତି ଓ ସ୍ୱାତନ୍ତ୍ର୍ୟ ଲାଭ କରିବା ଉପରେ ନିର୍ଭର କରୁଥାଏ । ସମୂହର ପିଣ୍ଡଟା ଭିତରେ ଯାହା ଏପର୍ଯ୍ୟନ୍ତ ଅନଭିବ୍ୟକ୍ତ ହୋଇ ରହିଛି, ଅବଚେତନ ମଧ୍ୟରୁ ଯାହା ଏପର୍ଯ୍ୟନ୍ତ ବିକଶିତ ହୋଇପାରି ନାହିଁ, ଯାହା ଏପର୍ଯ୍ୟନ୍ତ ଭିତରୁ ବାହାରକୁ ଆସି ନାହିଁ ଅଥବା ପରମ ଅତିଚେତନ ମଧ୍ୟରୁ ଯାହା ଅବତୀର୍ଣ୍ଣ ହୋଇ ଆସି ନାହିଁ, ତଦ୍ଦ୍ୱାରା ଅଭିବ୍ୟକ୍ତ,

'oaob.nitrkl.ac.in' images reprocessed

ପ୍ରକାଶ, ବିକାଶ ଓ ଅବତରଣ ସକାଶେ ବ୍ୟକ୍ତିର ବିଶେଷ ଓ ସ୍ୱତନ୍ତ୍ର ସାମର୍ଥ୍ୟ ଉପରେହିଁ ତାହା ନିର୍ଭର କରେ । ସମୂହ ବା ସାମୂହିକ ସତ୍ତା ହେଉଛି ଏକ ଘନୀଭୂତ ପିଣ୍ଡ ପରି, ଏହା ରୂପାୟନର ଏକ କ୍ଷେତ୍ର ମାତ୍ର । ବ୍ୟକ୍ତି ହେଉଛି ସତ୍ୟଦ୍ରଷ୍ଟା । ବ୍ୟକ୍ତିହିଁ ସତ୍ୟକୁ ଚିହ୍ନେ, ରୂପଗୁଡ଼ିକୁ ତିଆରି କରେ । ସମଷ୍ଟିର ଭିତରେ ପଶି ବ୍ୟକ୍ତି ଆପଣାର ଅନ୍ତର୍ନିର୍ଦ୍ଦେଶନା ହରାଇବସେ, ଏବଂ ସମୂହର ପିଣ୍ଡ ଭିତରେ କେବଳ ଏକ ଏକକ ବା କ୍ଷୁଦ୍ରକୋଷରେ ପରିଣତ ହୋଇଯାଏ । ସେତେବେଳେ ସେ କେବଳ ସମୂହର ଇଚ୍ଛାଦ୍ୱାରାହିଁ ଅନ୍ଧଭାବରେ ପରିଚାଳିତ ହୁଏ, କେବଳ ସମୂହର ବିଚାରଣା ଓ କ୍ଷଣ-ପ୍ରକୁପିତ ଆବେଗଦ୍ୱାରା ପରିଚାଳିତ ହୁଏ । ମାତ୍ର ବ୍ୟକ୍ତି ସମୂହ ମଧ୍ୟରୁ ଆଡ଼େଇ ଯାଇ ଅଲଗା ଠିଆହୋଇ ପାରିବା ଉଚିତ, ସମୂହ ଭିତରେ ଆପଣାର ବୈଶିଷ୍ଟ୍ୟଗତ ସତ୍ୟଟିର ପ୍ରତିଷ୍ଠା କରିପାରିବା ଉଚିତ । ଯେପରି ଦେହର କ୍ଷେତ୍ରରେ ସେ ସ୍ୱକୀୟ ଓ ଅନନ୍ୟ ଭାବରେ କିଛି ନା କିଛି ବିକଶିତ କରାଇ ପାରିଛି ଓ ସାଧାରଣ ଦୈହିକତା ମଧ୍ୟରେ ତାକୁ ତା'ର ଅନନ୍ୟତା ଓ ସ୍ୱକୀୟତା ଦ୍ୱାରା ଜଣେ ବ୍ୟକ୍ତି ହିସାବରେ ଚିହ୍ନିନେବା ସମ୍ଭବ ହୋଇପାରୁଛି, ଠିକ୍ ସେହିପରି ତାହାର ମନ ବି ସାଧାରଣ ମନୋଗତତା ମଧ୍ୟରୁ ଏକ ସ୍ୱକୀୟ ପରିଚୟରେ ଆପଣାକୁ ବାହାରକୁ ବାହାର କରି ଆଣିବ, ତାହାର ଆପଣା ପ୍ରାଣ ମଧ୍ୟ ସମୂହକ୍ଷେତ୍ରସ୍ଥ ପ୍ରାଣଗତ ଏକବିଧତା ମଧ୍ୟରେ ଆପଣାର ବୈଶିଷ୍ଟ୍ୟଟିକୁ ଅନୁଭବ କରିପାରିବ । ଏପରିକି ପରିଶେଷରେ ଆପଣାର ଯଥାର୍ଥ ଉପଲବ୍ଧି ଲାଗି ବ୍ୟକ୍ତିକୁ ଆପଣା ଭିତରକୁ ଅପସରି ଯିବାକୁ ପଡ଼ିବ; ଏବଂ କେବଳ ଆପଣାର ପରିପୂର୍ଣ୍ଣ ଉପଲବ୍ଧି ଦ୍ୱାରାହିଁ ସେ ସବୁରି ସହିତ ଆପଣାର ତତ୍‌ଗତ ଏକତ୍ୱଟିକୁ ମଧ୍ୟ ଲାଭ କରିପାରିବ । ଯଦି ସେ ମନ, ପ୍ରାଣ ଓ ଦେହର କ୍ଷେତ୍ରରେ ସମସ୍ତଙ୍କ ସହିତ ଏକତ୍ୱ ଖୋଜି ବୁଲୁଥାଏ, ମାତ୍ର ଯଦି ଏଣେ ଆପଣାର ବ୍ୟକ୍ତିତ୍ୱଟିକୁ ଯଥେଷ୍ଟ ପରିମାଣରେ ଶକ୍ତିସମ୍ପନ୍ନ କରି ନଥାଏ, ତେବେ ପରିଣାମତଃ ତାକୁ ହୁଏତ ସମଷ୍ଟିଗତ ଚେତନା ପାଖରେ ଏକାବେଳକେ କାବୁ ହୋଇ ରହିବାକୁ ପଡ଼ିପାରେ, ଆପଣାର ଆତ୍ମଗତ, ମନୋଗତ ତଥା ପ୍ରାଣଗତ ପରିପୂର୍ଣ୍ଣତାକୁ ସେ ହରାଇ ବସିପାରେ ଏବଂ ସମଷ୍ଟିରୂପୀ ଦେହଟା ଭିତରେ କେଉଁଠି ଏକ କୋଷାଣୁ ପରି ନିଶ୍ଚିହ୍ନ ହୋଇ ରହିଯାଇ ପାରେ । ସେତେବେଳେ ସମୂହସତ୍ତା ହୁଏତ ଅତ୍ୟନ୍ତ ପରାକ୍ରମଶାଳୀ ହୋଇ ବ୍ୟକ୍ତି ଉପରେ ଅତିରିକ୍ତ ପ୍ରାଦୁର୍ଭାବ ବିସ୍ତାର କରିପାରେ, ଏବଂ ସମ୍ଭବତଃ ସ୍ୱୟଂ ଆପଣାର ସାବଲୀଳତାଟିକୁ ହରାଇ ବସିପାରେ, ଆପଣାର ବିକାଶଶୀଳ ଗତିଧର୍ମଟିକୁ ମଧ୍ୟ ହରାଇ ଦେଇପାରେ । ଯେଉଁଠି ଗୋଷ୍ଠୀ ମଧ୍ୟରେ ବ୍ୟକ୍ତି ସର୍ବତୋଭାବେ କ୍ରିୟାଶୀଳ ହେବାର କ୍ଷେତ୍ର ପାଇଛି, ଯେଉଁଠି ମନୋଗତ, ପ୍ରାଣଗତ କିମ୍ବା ଆଧ୍ୟାତ୍ମିକ କ୍ଷେତ୍ରରେ ସେ ସଜୀବ ରହିପାରିଛି, ସେହିଠାରେହିଁ ମନୁଷ୍ୟଜାତିର ଇତିହାସରେ ମହାନ୍ ବିକାଶସମୃଦ୍ଧ ଯୁଗମାନ ସଂଘଟିତ ହୋଇପାରିଛି ।

'oaob.nitrkl.ac.in' images reprocessed

ଏବଂ ଠିକ୍ ଏହି କାରଣରୁହିଁ ପ୍ରକୃତି ଏହି ଅହଂର ଉଦ୍ଭାବନ କରିଛି, ଯେପରିକି ବ୍ୟକ୍ତି ସମୂହର ପିଣ୍ଡଗତ ନିଶ୍ଚେତନତା ବା ଅବଚେତନା ମଧ୍ୟରୁ ଆପଣାକୁ ଛିନ୍ନ କରି ନେଇପାରିବ ଏବଂ ଏକ ସ୍ୱାତନ୍ତ୍ର୍ୟସମ୍ପନ୍ନ ସଜୀବ ମନ, ସଜୀବ ପ୍ରାଣଶକ୍ତି, ଆତ୍ମା ଓ ଚିତ୍ସତ୍ତାରୂପେ ବିକଶିତ ହୋଇପାରିବ; ଆପଣାର ଚତୁଃପାର୍ଶ୍ୱସ୍ଥ ଜଗତଟି ସହିତ ଆପଣାକୁ ଖିଅ ଲଗାଇ ରଖିପାରିବ, ଅଥଚ ଗୋଟାସୁଦ୍ଧା ତାହାରି ଗ୍ରାସରେ ପଡ଼ିଯିବ ନାହିଁ କିମ୍ବା ତାହାରି ଭିତରେ ବୁଡ଼ିଯିବ ନାହିଁ, ଏକ ବୈଶିଷ୍ଟ୍ୟସମ୍ପନ୍ନ ସତ୍ତା ହିସାବରେ ତଥାପି ତାହାର ଏକ ଅସ୍ତିତ୍ୱ ରହିଥିବ ଓ ଆପଣାକୁ ସେ ସେହିଭଳି ପ୍ରେରିତ କରି ପାରୁଥିବ । କାରଣ ଏକଥା ଅବଶ୍ୟ ସତ ଯେ ବ୍ୟକ୍ତି ବିଶ୍ୱସତ୍ତାର ଗୋଟିଏ ଅଂଶ, ମାତ୍ର ତଥାପି କେବଳ ଏକ ଅଂଶଠାରୁ ସେ ଆହୁରି ଅଧିକ । ସିଏ ହେଉଛି ଏକ ଆତ୍ମା ଯିଏକି ପରମ ବିଶ୍ୱାତୀତତା ମଧ୍ୟରୁ ଏଠାକୁ ଅବତୀର୍ଣ୍ଣ ହୋଇ ଆସିଛି । ଏଠାରେ ସେ ହଠାତ୍ ସେହି ବିଶ୍ୱାତୀତତାକୁ ପ୍ରକାଶ କରିପାରୁ ନାହିଁ, କାରଣ ସେ ଏହି ବିଶ୍ୱଗତ ନିଶ୍ଚେତନାର ଅତ୍ୟନ୍ତ ସନ୍ନିକଟବର୍ତ୍ତୀ ହୋଇ ରହିଛି; ମୂଳସ୍ଥ ପରମ ଅତିଚେତନର ଯଥେଷ୍ଟ ନିକଟବର୍ତ୍ତୀ ହୋଇପାରି ନାହିଁ । ଏକ ଆତ୍ମା ଓ ଚିଦ୍ଗତତାରୂପେ ଆପଣାର ପରିଚୟ ପାଇବା ପୂର୍ବରୁ ତାକୁ ପ୍ରଥମେ ମନୋଗତ ତଥା ପ୍ରାଣଗତ ଅହଂରୂପେ ଆପଣାକୁ ଆବିଷ୍କାର କରିବାକୁ ପଡ଼ିବ ।

ତଥାପି, ଆପଣାର ଅହଂଗତ ବ୍ୟକ୍ତିତ୍ୱର ଆବିଷ୍କାର କରିବାକୁ କଦାପି ଆପଣାକୁ ଜାଣିବା ବୋଲି କୁହାଯାଇ ପାରିବ ନାହିଁ । କାରଣ ଯାହାକୁ ଆମେ ଯଥାର୍ଥ ଅଧ୍ୟାତ୍ମସ୍ତରର ବ୍ୟକ୍ତି ବୋଲି କହୁବା, ସେ ଆମର ଏହି ମନୋଗତ ଅହଂ ନୁହେଁ, ପ୍ରାଣଗତ ଓ ଦେହଗତ ଅହଂ ମଧ୍ୟ ନୁହେଁ । ଜିଜ୍ଞାସାଗତ ପ୍ରାଧାନ୍ୟ ଦୃଷ୍ଟିରୁ ବିଚାର କରି ଦେଖିଲେ ବିକଶିତ ହେବାର ଏହି ପ୍ରଥମ ଚରଣଟିକୁ ଆମେ ମୁଖ୍ୟତଃ ଇଚ୍ଛାଶକ୍ତିର, ସାମର୍ଥ୍ୟର ଓ ଅହଂଗତ ଆତ୍ମଚରିତାର୍ଥତାର ଏକ ନିମ୍ନଭୂମି ବୋଲି କହୁବା ଏବଂ କେବଳ ଗୌଣଭାବରେହିଁ ଜ୍ଞାନର ଏକ ଭୂମି ବୋଲି କହିପାରିବା । ତେଣୁ ଏପରି ଏକ ମୁହୂର୍ତ୍ତ ଅବଶ୍ୟ ଆସିବ, ଯେତେବେଳେ କି ମନୁଷ୍ୟ ଆପଣା ଅହଂଗତ ସତ୍ତାଟିର ଏହି ତମସାଚ୍ଛନ୍ନ ଉପରିଭାଗଟାରୁ ଦୃଷ୍ଟି ଭେଦାଇ ଆହୁରି ତଳକୁ ଅବଲୋକନ କରିବାର ଅତ୍ୟାବଶ୍ୟକତା ଅନୁଭବ କରିବ ଏବଂ ଆପଣାକୁ ଯଥାର୍ଥଭାବରେ ଜାଣିବାକୁ ଚେଷ୍ଟା କରିବ । ସେତେବେଳେ ସେ ଅସଲ ମଣିଷଟିର ଆବିଷ୍କାର କରି ବାହାରିବ । ତା' ନହେଲେ ସେ ଏହି ଅଧିବାଟରେ ପ୍ରକୃତିର ପ୍ରାଥମିକ ପାଠଶାଳାର ଏହି ସୋପାନଟିରେହିଁ ଅଟକି ରହିବ ଏବଂ ତା'ର ଅଧିକ ଗଭୀର ଓ ଅଧିକ ପ୍ରସାରଯୁକ୍ତ ଶିକ୍ଷାଗୁଡ଼ିକର ଭୂମିରେ ଆଉ କେବେହେଲେ ପ୍ରବେଶ କରିପାରିବ ନାହିଁ । ସେହି ପରିସ୍ଥିତିରେ ସେ ବ୍ୟାବହାରିକ ଜ୍ଞାନ ଓ କର୍ମକୁଶଳତାରେ ଯେତେଯାହା ଧୁରନ୍ଧର ହୋଇଥାଉ ନା କାହିଁକି, ତାକୁ ତଥାପି ପଶୁର ତୁଳନାରେ କେବଳ ଏକତ

ଟିକିଏମାତ୍ର ଉର୍ଦ୍ଧରେ ଅବସ୍ଥିତ ବୋଲି ବୁଝାଯାଇ ପାରିବ । ତେଣୁ ପ୍ରଥମତଃ ତାକୁ ଆପଣାର ସ୍ୱକୀୟ ମନୋଗତ ଗଠନ ଓ ବିଚରଣ ଆଡ଼କୁ ଦୃଷ୍ଟିପାତ କରିବାକୁ ପଡ଼ିବ, ଏବଂ ଏହାର ବିଭିନ୍ନ ପ୍ରକୃତିଗତ ଉପାଦାନ ଅର୍ଥାତ୍ ଅହଂ, ମନ ତଥା ମନୋଗତ ଯାବତୀୟ ସାଧନ, ପ୍ରାଣ ଓ ଶରୀରକୁ ଗୋଟିଏ ଗୋଟିଏ ବିଶିଷ୍ଟ ଭୂମିରୂପେ ଚହ୍ନିବାକୁ ପଡ଼ିବ । ଏହିପରି ଭାବରେ ସେ କ୍ରମେ ଏହି ସତ୍ୟଟି ଅନୁଭବ କରିବ ଯେ (କେବଳ ପ୍ରକୃତିଗତ ଉପାଦାନଗୁଡ଼ିକର ନିଷ୍ପତ୍ତି ବ୍ୟତୀତ) ତାହାର ସମସ୍ତ ଅସ୍ତିତ୍ୱଟିକୁ ଜାଣିବାକୁ ହେଲେ ଆଉ ଏକ ଅନ୍ୟ ବ୍ୟାଖ୍ୟାର ମଧ୍ୟ ଆବଶ୍ୟକତା ରହିଛି; ଏବଂ କେବଳ ଏକ ଅହଂସର୍ବସ୍ୱ ଆତ୍ମପ୍ରତିଷ୍ଠା ଓ ଆତ୍ମସମର୍ପଣ ବ୍ୟତୀତ ମଧ୍ୟ ଆପଣାର କର୍ମପ୍ରବୃତ୍ତି ଲାଗି ଆଉ ଏକ ଅନ୍ୟ ଲକ୍ଷ୍ୟର ଆବଶ୍ୟକତା ରହିଛି । ସେ ହୁଏତ ପ୍ରକୃତି ଭିତରେ ଅଥବା ମନୁଷ୍ୟସମାଜ ଭିତରେ ସେହି ଲକ୍ଷ୍ୟଟିର ଅନ୍ୱେଷଣ କରିପାରେ ଏବଂ ଏହିପରି ଭାବରେ ଆପଣା ପୃଥିବୀର ଅବଶିଷ୍ଟ ଅଂଶଟି ସହିତ ଆପଣାର ଏକତ୍ୱଟିକୁ ଆବିଷ୍କାର କରିବାଲାଗି ଯାତ୍ରା ଆରମ୍ଭ କରି ଦେଇପାରେ । ଅଥବା, ସେ ଏକ ଅତିପ୍ରାକୃତିକ ସତ୍ତା କିମ୍ବା ଈଶ୍ୱରଙ୍କ ମଧ୍ୟରେ ସେହି ଲକ୍ଷ୍ୟର ନିରୂପଣ କରିବାରେ ପ୍ରବୃତ୍ତ ହୋଇପାରେ ଏବଂ ଏହିପରି ଭାବରେ ପରମ ଦିବ୍ୟତ୍ୱ ସହିତ ଆପଣାର ଏକତ୍ୱଟିକୁ ଆବିଷ୍କାର କରିବାଲାଗି ଯାତ୍ରା ଆରମ୍ଭ କରି ଦେଇପାରେ । କାର୍ଯ୍ୟତଃ, ସେ ଏହି ଉଭୟ ପଥରହିଁ ଅନୁଶୀଳନ କରେ, ବାରବାର ପଥଚ୍ୟୁତ ହେଉଥାଏ, ଏପାଖ ସେପାଖ ହେବାରେ ଲାଗିଥାଏ; ଏବଂ ଆପଣା ଅନ୍ୱେଷଣ ଓ ଆବିଷ୍କାରର ଏହି ଦ୍ୱୈତମାର୍ଗରେ ସେ ଯେଉଁ ବହୁବିଧ ଖଣ୍ଡସତ୍ୟଗୁଡ଼ିକର ପରିଚୟ ପାଇଥାଏ, ସେହିଗୁଡ଼ିକ ଅନୁସାରେ ସେ ଗୋଟିକ ପରେ ଗୋଟିଏକୁ ଆପଣାର ସର୍ବୋପାଦେୟ ସମାଧାନରୂପେ ଗ୍ରହଣ କରିବାରେ ଲାଗିଥାଏ, ମାତ୍ର ତଥାପି ସନ୍ତୁଷ୍ଟ ହୋଇ ପାରୁନଥାଏ ।

ମାତ୍ର ତଥାପି ଆପଣାର ଏହି ପର୍ଯ୍ୟାୟଟିରେ ଏହି ସକଳ ଅନୁଧାବନର ମଧ୍ୟ ଦେଇ ସେ ଅନୁକ୍ଷଣ କେବଳ ଆପଣାକୁହିଁ ଆବିଷ୍କାର କରିବାକୁ ଚାହୁଥାଏ, ଆପଣାକୁହିଁ ଜାଣିବାକୁ ଓ ପରିପୂର୍ଣ୍ଣ କରିବାକୁ ଚାହୁଥାଏ । ପ୍ରକୃତି ତଥା ଈଶ୍ୱରଙ୍କ ସମ୍ବନ୍ଧରେ ସେ ଯେଉଁ ଜ୍ଞାନ ଅର୍ଜନ କରେ, ସେଗୁଡ଼ିକ କେବଳ ତା'ର ଆତ୍ମଜ୍ଞାନ-ଲାଭରେହିଁ ସହାୟକ ହୋଇଥା'ନ୍ତି, ତା'ର ସତ୍ତାଟିର ପରିପୂର୍ଣ୍ଣତା ଅର୍ଜନ କରିବାରେ ଓ ତା'ର ବ୍ୟକ୍ତିଗତ ଆତ୍ମ-ଅସ୍ତିତ୍ୱର ସର୍ବୋଚ୍ଚ ଲକ୍ଷ୍ୟଟିର ପ୍ରାପ୍ତି ଦିଗରେ ସହାୟକ ହୋଇଥାଆନ୍ତି । ଯଦି ସେ ଆପଣାର ଅନ୍ୱେଷଣକୁ ପ୍ରକୃତି ଓ ବିଶ୍ୱଜଗତ ଆଡ଼କୁ ନିର୍ଦ୍ଦେଶିତ କରି ରଖିଥାଏ, ତେବେ ଏକ ମନୋଭୂମିଗତ ଓ ପ୍ରାଣଗତ ଅର୍ଥରେ ସେ ଆତ୍ମଜ୍ଞାନ ଓ ଆତ୍ମବିଜୟର ଏକ ଚରିତ୍ରକୁ ଆପଣାର ଈପ୍ସିତ ଚରିତ୍ରରୂପେ ଗ୍ରହଣ କରି ନେଇପାରେ; ଆମେ ଯେଉଁ ପୃଥିବୀଟିରେ ବାସ କରୁଛୁ, ସେହି ପୃଥିବୀ ଉପରେ

'oaob.nitrkl.ac.in' images reprocessed

ବିଜୟ ହାସଲ କରିବା ଅର୍ଥରେ ଗ୍ରହଣ କରି ନେଇପାରେ । ପୁନଶ୍ଚ, ଯଦି ସେ ଆପଣାର ଅନ୍ୱେଷଣକୁ ଈଶ୍ୱରଙ୍କ ଆଡ଼କୁ ନିର୍ଦ୍ଦେଶିତ କରି ରଖିଥାଏ, ସେତେବେଳେ ମଧ୍ୟ ସେ ଠିକ୍ ଏହି ଚରିତ୍ରକୁ ଆପଣାର ଚରମ ବୋଲି ଗ୍ରହଣ କରି ନେଇପାରେ, ମାତ୍ର ସେତେବେଳେ ସେ ପୃଥିବୀ ଓ ଆତ୍ମାର ଅଭୀପ୍ସାଗୁଡ଼ିକୁ ଏକ ଉଚ୍ଚତର ଆଧ୍ୟାତ୍ମିକ ଅର୍ଥରେ ଗ୍ରହଣ କରେ, ଅଥବା ସେ ଧର୍ମଲିପ୍ତ ମନର ଦୃଷ୍ଟିରେ ଅତ୍ୟନ୍ତ ପରିଚିତ ଓ ଅତ୍ୟନ୍ତ କାର୍ଯ୍ୟବିଧାୟକ ଭଳି ଦେଖାଯାଉଥିବା ଅନ୍ୟ ଅର୍ଥଟିକୁ ମଧ୍ୟ ସ୍ୱୀକାର କରି ନେଇପାରେ ଏବଂ ହୁଏତ ଏହି ପୃଥିବୀର ଅତୀତ ହୋଇ ରହିଥିବା କୌଣସି ନା କୌଣସି ସ୍ୱର୍ଗରେ ଅଥବା ଏକ ପରମ-ଆତ୍ମା ବା ପରମ-ଅନାତ୍ମା ମଧ୍ୟରେ ଆପଣାକୁ ବ୍ୟକ୍ତିଗତ ଭାବରେ ନିମଜ୍ଜିତ କରିଦେବା ଦ୍ୱାରା ଉପଲବ୍ଧ ହେଉଥିବା ଏକ ଆନନ୍ଦଘନ ଅବସ୍ଥା ଅଥବା ନିର୍ବାଣ ଭିତରେ କେବଳ ଆପଣାଲାଗିହିଁ ଏକ ମୁକ୍ତିର ଚଳିତ କରି ବାହାରିପାରେ । ଅବଶ୍ୟ ସ୍ମରଣ ରଖିବାକୁ ହେବ ଯେ ଏହିସବୁ ଅନୁଧାବନର ସକଳ ପ୍ରକ୍ରିୟାଟି ମଧ୍ୟରେ ଜଣେ ବ୍ୟକ୍ତିହିଁ ବ୍ୟକ୍ତିଗତ ଆତ୍ମଜ୍ଞାନର ଅନୁସନ୍ଧାନ କରୁଥାଏ; ଏବଂ ଏହା ବ୍ୟତୀତ ଆଉ ଯାହାକିଛି ରହିଥାଏ, ଏପରିକି ତା'ର ସକଳ ପରହିତୈଷଣା, ମନୁଷ୍ୟଜାତି ପ୍ରତି ଶ୍ରଦ୍ଧା ଓ ମନୁଷ୍ୟଜାତିର ସେବା, ଆତ୍ମତ୍ୟାଗ କିମ୍ବା ଆତ୍ମନିଲୀନତାର ସକଳ ଉତ୍ସାହ,—ଯାହାକିଛିକୁ ସେ ଆପଣା ବିଚ୍ଛିନ୍ନ ଅସ୍ତିତ୍ୱଟିର ପରମ ଲକ୍ଷ୍ୟ କରି ରଖିଥାଏ,—ସେ ସେସବୁଥିରେ ଯେତେ ଯେତେ ସୂକ୍ଷ୍ମ ଛଦ୍ମନାମର ବ୍ୟଞ୍ଜନା ଦେଇ ରଖିଥାଉ ପଛକେ, ତା'ର ସ୍ୱବ୍ୟକ୍ତିତ୍ୱର ଉପଲବ୍ଧି କରିବାର ସେହି ଗୋଟିଏ ମାତ୍ର ଲକ୍ଷ୍ୟଟିକୁ ହାସଲ କରିବା ଦିଗରେ ସେଗୁଡ଼ିକ ସହାୟକ ଓ ସାଧନ ହୋଇ ରହିଥା'ନ୍ତି । ଏଗୁଡ଼ିକ ହୁଏତ କେବଳ ଏକ ସମ୍ପ୍ରସାରିତ ଅହଂମନ୍ୟତା ବୋଲି ମନେ ହୋଇପାରେ ଏବଂ ସେଥିଲାଗି ବିବିକ୍ତ ଅହଂକୁହିଁ ମନୁଷ୍ୟସତ୍ତାର ମର୍ମସତ୍ୟ ବୋଲି କୁହାଯାଇପାରେ । ଏହି ଅହଂ ହୁଏତ ଶେଷପର୍ଯ୍ୟନ୍ତ ସେହି ଅହଂ ହୋଇ ରହିଥିବ, ଅଥବା ସେତେଦିନ ଯାଏ ରହିଥିବ ଯେତେଦିନ ଯାଏ ମନୁଷ୍ୟ ସକଳ ବୈଶିଷ୍ଟ୍ୟରହିତ ଶାଶ୍ୱତ ଅନନ୍ତ ମଧ୍ୟରେ ଆପଣାକୁ ସମ୍ପୂର୍ଣ୍ଣ ଭାବରେ ନିର୍ବାପିତ କରି ନଦେଇଛି ଓ ସେହିପରି ଭାବରେ ଏହି ଅହଂର କବଳରୁ ମୁକ୍ତିଲାଭ ନ କରିଛି । ମାତ୍ର ମନୁଷ୍ୟସତ୍ତାର ମର୍ମଦେଶରେ ଏକ ଗଭୀରତର ସତ୍ୟ ପ୍ରଚ୍ଛନ୍ନ ହୋଇ ରହିଛି ଯାହାକୁ ମନୁଷ୍ୟର ବ୍ୟକ୍ତିଭାବାପନ୍ନତା ଓ ତାହାର ଦାବିଗୁଡ଼ିକୁ ଏକ ଔଚିତ୍ୟ ଦେଇଯାଉଛି । ଏହି ପ୍ରଚ୍ଛନ୍ନ ସତ୍ୟ ହେଉଛି ମନୁଷ୍ୟର ଭିତରେ ଅବସ୍ଥିତ ଥିବା ଆଧ୍ୟାତ୍ମିକ ଓ ଶାଶ୍ୱତ ବ୍ୟକ୍ତିଟିର ସତ୍ୟ ଅର୍ଥାତ୍ ପୁରୁଷର ସତ୍ୟ ।

ବ୍ୟକ୍ତି ଭିତରେହିଁ ଅଧ୍ୟାତ୍ମପୁରୁଷ ବା ଦିବ୍ୟ ପୁରୁଷ ଅବସ୍ଥିତ ରହିଛନ୍ତି; ଏବଂ ଏହି କାରଣରୁହିଁ ପରିପୂର୍ଣ୍ଣତା ଅର୍ଥାତ୍ ମୁକ୍ତିଲାଭ, ଅଥବା ପାଶ୍ଚାତ୍ୟ ବିଶ୍ୱରରେ

'oaob.nitrkl.ac.in' images reprocessed

ଯାହାକୁ ପରିତ୍ରାଣ ବୋଲି କୁହାଯାଇଛି, ତାହା କେବଳ ବ୍ୟକ୍ତିର ଜୀବନରେହିଁ ସମ୍ଭବ ହେବ, ସମୂହ ବା ଗୋଷ୍ଠୀର ଜୀବନରେ ହେବ ନାହିଁ । କାରଣ ଗୋଷ୍ଠୀ ଅର୍ଥାତ୍ ସମଷ୍ଟି ଲାଗି ଆମେ ଯାହାକିଛି ପରିପୂର୍ଣ୍ଣତାର ଆକାଙ୍କ୍ଷା ରଖିଥାଉ ନା କାହିଁକି, ତାହା କେବଳ ଏହି ସମଷ୍ଟିକୁ ଗଠନ କରିଥିବା ବ୍ୟକ୍ତିର ପରିପୂର୍ଣ୍ଣତା ମଧ୍ୟ-ଦେଇହିଁ ସମ୍ଭବ ହେବ । ବ୍ୟକ୍ତିହିଁ ପରମ ତତ୍ତ୍ୱ, ତେଣୁ ଆପଣାର ସତ୍ୟରୂପଟିକୁ ଆବିଷ୍କାର କରିବା ହେଉଛି ସେହି ବ୍ୟକ୍ତିର ପରମ ଆବଶ୍ୟକତା । ପରମ ଓ ସର୍ବୋଚ୍ଚ ସତ୍ତା ପାଖରେ ଆପଣାକୁ ପରିପୂର୍ଣ୍ଣ ଭାବରେ ସମର୍ପିତ କରିଦେଲେ, ସେହି ପରିପୂର୍ଣ୍ଣ ଆତ୍ମଦାନ ଦ୍ୱାରା କେବଳ ବ୍ୟକ୍ତିହିଁ ଆପଣାକୁ ପରିପୂର୍ଣ୍ଣ ଭାବରେ ଆବିଷ୍କାର କରିଥାଏ । ମନୋଗତ, ପ୍ରାଣଗତ, ଦେହଗତ ଓ ଏପରିକି ଆଧ୍ୟାତ୍ମିକ ଅହଂବୋଧର ବିଲୋପ-ସାଧନ ଘଟାଇ କେବଳ ସେହି ଅରୂପ ଓ ଅସୀମ ବ୍ୟକ୍ତିସତ୍ତାହିଁ ଆପଣାର ଅନନ୍ତତା ମଧ୍ୟରେ ପ୍ରବେଶ କରିବାଜନିତ ଶାନ୍ତି ଓ ଆନନ୍ଦକୁ ପ୍ରାପ୍ତ ହୋଇଥାଏ । ଯେ ଯଥାର୍ଥତଃ କିଛି ନୁହେଁ ବା କେହି ନୁହେଁ ଅଥବା ଯାହାକିଛି ବା ଯେକେହି ଅଛନ୍ତି, ସେସବୁ କେବଳ ତାହାର ବ୍ୟତୀତ ଆଉ କିଛି ନୁହେଁ, ବା ସକଳ ବସ୍ତୁର ଅତୀତ ହୋଇ ରହିଥିବା ସେହି ପରମ ଅଦ୍ୱୟ ବା ଏକ ବ୍ୟତୀତ ଆଉ କିଛି ନୁହେଁ, ଏହି ଉପଲବ୍ଧିଟିରେ ବ୍ୟକ୍ତି ମଧ୍ୟରେ ଅବସ୍ଥିତ ସେହି ବ୍ରହ୍ମହିଁ ଏହି ବିରାଟ ସମ୍ମିଳନଟି ଘଟାଇଥାଆନ୍ତି, ଏହି ଅପୂର୍ବ ଯୋଗଟିକୁ ସମ୍ଭବ କରିଥା'ନ୍ତି । ଏହି ସମ୍ମିଳନରେ ସେହି ବ୍ରହ୍ମରହିଁ ଏକ ସତ୍ତାଗତ ଏକକ ଆପଣା ଶାଶ୍ୱତ ଅନ୍ତରର ବିରାଟ, ସର୍ବ-ସମାବେଶକାରୀ ବା ପରମ ଓ ସକଳର ଅତୀତ ଏକତ୍ୱଟି ସହିତ ଯୁକ୍ତ ହୋଇଯାଏ । ଅହଂର ସୀମାକୁ ଅବଶ୍ୟ ଅତିକ୍ରମ କରି ଚାଲିଯିବାକୁ ହେବ, ମାତ୍ର ଆପଣା ଭିତରେ ରହିଥିବା ଆତ୍ମାର ସୀମାଟିକୁ ଅତିକ୍ରମ କରି ସେପାଖକୁ ଯିବା ଆଦୌ ସମ୍ଭବ ହେବ ନାହିଁ । ଆତ୍ମାକୁ ତାହାର ବିଶ୍ୱାତୀତ ତଥା ବିଶ୍ୱମୟ ରୂପରେ କେବଳ ଉପଲବ୍ଧି କରାଯାଏ । କାରଣ ଆତ୍ମା ଅହଂ ନୁହେଁ; କାରଣ ତାହା ପରମ ସର୍ବଗତତା ତଥା ପରମ ଏକତ୍ୱ ସହିତ ଏକରୂପ ଓ ଅଭିନ୍ନ ହୋଇ ରହିଥାଏ । ଏବଂ ଏହି ଆତ୍ମାର ଆବିଷ୍କାର କରି ଆମେ ଆମରି ଭିତରେ ବିଦ୍ୟମାନ ଥିବା ସେହି ପରମ ସର୍ବଗତତା ଓ ପରମ ଏକତ୍ୱରହିଁ ଆବିଷ୍କାର କରିଥାଉ । ସେତେବେଳେ ସକଳ ବିରୋଧ ଅପଗତ ହୋଇ ଯାଏ, ସକଳ ଭେଦବୋଧ ଅନ୍ତର୍ହିତ ହୋଇଯାଏ, ମାତ୍ର ଆତ୍ମା ବା ଆଧ୍ୟାତ୍ମିକ ସତ୍ୟସମ୍ପଦଟି ସେହିପରି ବିରାଜିତ ରହିଥାଏ । ସେତେବେଳେ ସେହି ବିମୋଚକ ପରମ ବିଜ୍ଞାନଜ୍ୟୋତି ଦ୍ୱାରା ତାହା ପରମ ଏକତ୍ୱ ଓ ପରମ ସର୍ବଗତତା ସହିତ ଅଭିନ୍ନରୂପେ ସମ୍ମିଳିତ ହୋଇ ଯାଇଥାଏ ।

ତେଣୁ ଯେତେବେଳେ ମନୁଷ୍ୟ ତାହାର ବହିଃସ୍ଥ ସତ୍ତା ଅର୍ଥାତ୍ ତାହାର ଆପାତପ୍ରତୀୟମାନ ଆତ୍ମାଟି ସହିତ ରହିଥିବା ପ୍ରକୃତି ଓ ଭଗବାନଙ୍କ ସମ୍ବନ୍ଧଟି

ଭିତରେ ଲିପ୍ତ ଓ ଅଭିନ୍ନବିଷ୍ଟ ହୋଇ ରହିବାର ସୀମାଗୁଡ଼ାକୁ କାଟି ସେପାଖକୁ ଚାଲି ଯାଇପାରେ, ସେତିକିବେଳେ ଯାଇ ଭିତରର ଆତ୍ମଜ୍ଞାନର ପ୍ରଥମ ଉନ୍ମେଷ ଘଟେ । ଏହି ଜ୍ଞାନାନୁଭବର ଗୋଟିଏ ସୋପାନରେ କେବଳ ଏହି ଜୀବନଟି ଯେ ସମ୍ପୂର୍ଣ୍ଣ ଜୀବନ ନୁହେଁ, ସେକଥା ଜାଣିବାକୁ ହୁଏ; ଆପଣାର କାଳଗତ ଶାଶ୍ୱତତାର ବୋଧରେ ଆସି ପହଞ୍ଚିବାକୁ ହୁଏ, ଯାହାକୁ ଆମେ ଆତ୍ମାର ଅମରତ୍ୱ ବୋଲି କହିଥାଉ, ସେହି ଅନ୍ତର୍ଗତ ନିତ୍ୟବର୍ତ୍ତମାନତାର ଏକ ପ୍ରତ୍ୟକ୍ଷ ସଂବିତ୍ତି ଲାଭ କରିବାକୁ ହୁଏ । ଏହି ଜଡ଼ଗତ ସୋପାନଟିର ସେପାଖରେ ଆହୁରି ଅନେକ ସୋପାନ ରହିଛି, ତା'ର ପଛରେ ଓ ତା'ର ସମ୍ମୁଖରେ ଆହୁରି କେତେକେତେ ଜୀବନ ପଡ଼ିରହିଛି ବା ଅନ୍ତତଃ ଏକ ପୂର୍ବବର୍ତ୍ତୀ ଓ ଏକ ପରବର୍ତ୍ତୀ ଅସ୍ତିତ୍ୱ ଅବଶ୍ୟ ରହିଛି, ଯେତେବେଳେ ମନୁଷ୍ୟର ଏହି ସତ୍ୟଟି ସହିତ ପରିଚୟ ଘଟେ, ସେତେବେଳେ ସେ କାଳାଧୀନତାର ଏହି ତାତ୍କାଳିକ ମୁହୂର୍ତ୍ତଗୁଡ଼ିକର ବାଡ଼କୁ କାଟିଦେଇ ଆପଣା ନିତ୍ୟଶାଶ୍ୱତତାର ଅଧିକାର ମଧ୍ୟକୁ ଆପଣାକୁ ପ୍ରସାରିତ କରିଦିଏ ଓ ବର୍ତ୍ତମାନର ଏହି କାଳଗତ ଅଜ୍ଞାନ ଭିତରୁ ମୁକ୍ତିଲାଭ କରିବା ଲାଗି ପ୍ରସ୍ତୁତ ହୋଇଯାଏ । ଆଗକୁ ଆହୁରିଗୋଟିଏ ସୋପାନରେ ଆପଣାର ଉପରିଭାଗସ୍ଥ ଏହି ଜାଗ୍ରତ ଅବସ୍ଥାଟି ଆପଣା ସତ୍ତାର କେବଳ ଗୋଟିଏ ମାତ୍ର ଅଂଶ ବୋଲି ଅନୁଭୂତ ହୁଏ; ପରମ ନିଶ୍ଚେତନା ତଥା ଅବଚେତନ ଓ ଅଧିଚେତନର ଗଭୀରତାଗୁଡ଼ିକୁ କଳନା କରି ବାହାରିବାକୁ ପଡ଼େ ଏବଂ ଅତିଚେତନର ଉଚ୍ଚତ ଗୁଡ଼ିକୁ ଆରୋହଣ କରିଯିବାକୁ ହୁଏ । ଏହିପରି ଭାବରେ ଆପଣାର ଚିତ୍ତଗତ ଅବିଦ୍ୟାଟି ଅପସରି ଯିବାକୁ ଆରମ୍ଭ କରେ । ଅଗ୍ରବର୍ତ୍ତୀ ତୃତୀୟ ସୋପାନରେ କେବଳ ନିମିତ୍ତ ବା ସାଧନ ପରି ବ୍ୟବହୃତ ହେଉଥିବା ଏହି ମନ, ପ୍ରାଣ ଓ ଶରୀର ବ୍ୟତୀତ ତାହା ମଧ୍ୟରେ ଆଉକିଛି ଯେ ଅବଶ୍ୟ ରହିଛି, ମନୁଷ୍ୟ ତାହାର ଆବିଷ୍କାର କରେ । ତାହା ଭିତରେ କେବଳ ଯେ ସତତ-ବିକାଶମାନ ଓ ମରଣଶୀଳ ଏକ ବ୍ୟକ୍ତି-ଆତ୍ମା ଅବସ୍ଥିତ ରହି ତାହାର ସମଗ୍ର ପ୍ରକୃତିଟିକୁ ଧରିରଖିଛି ତାହା ନୁହେଁ, ମାତ୍ର ଏକ ଶାଶ୍ୱତ ଓ ପରିବର୍ତ୍ତନରହିତ ଆତ୍ମା ଓ ଚିତ୍‌ସତ୍ତା ଯେ ବିଦ୍ୟମାନ ରହିଛି, ତାହାର ଆବିଷ୍କାର କରିବାକୁ ପଡ଼େ । ଏହି ସୋପାନରେ ତାକୁ ଆପଣାର ଆଧ୍ୟାତ୍ମିକ ସତ୍ତାଟିର ବିଭିନ୍ନ ବିଷୟ ବା ଉପାଦାନଗୁଡ଼ିକୁ ଜାଣିବାକୁ ହୋଇଥାଏ; ଏବଂ ଏହିପରି ଅଗ୍ରସର ହୋଇ ସେ ପରିଶେଷରେ ତା'ମଧ୍ୟରେ ଅବସ୍ଥିତ ସବୁକିଛିକୁ ସେହି ଚିତ୍‌ସତ୍ତାରହିଁ ଏକ ଅଭିବ୍ୟକ୍ତି ବୋଲି ଆବିଷ୍କାର କରେ ଏବଂ ଆପଣାର ନିମ୍ନତର ତଥା ଊର୍ଦ୍ଧ୍ୱତର ଅସ୍ତିତ୍ୱ ମଧ୍ୟରେ ରହିଥିବା ସଂଯୋଗକାରୀ ସୀମାଟିକୁ ମଧ୍ୟ ସ୍ପଷ୍ଟଭାବରେ ଚିହ୍ନିନେବାକୁ ସମର୍ଥ ହୁଏ । ଏହିପରି ଭାବରେ ସେ ଆପଣାର ଉପାଦାନଗତ ଅବିଦ୍ୟାଟିକୁ ଦୂର କରିବାକୁ ଆରମ୍ଭ କରେ । ଆତ୍ମା ଓ ଚିତ୍‌ସତ୍ତାର ଆବିଷ୍କାର କରି ସେ ଈଶ୍ୱରଙ୍କୁ ଆବିଷ୍କାର କରେ । ଏହି କାଳଗତ ଆତ୍ମାଟିର ଅତୀତ

'oaob.nitrkl.ac.in' images reprocessed

ହୋଇ ଏକ ପରମ ଆତ୍ମା ଯେ ବର୍ତ୍ତମାନ ରହିଛି, ସେ ତାହା ଦେଖିବାକୁ ସମର୍ଥ ହୁଏ । ବିଶ୍ୱଚେତନାର ଅନ୍ତର୍ବର୍ତ୍ତୀ ସେହି ପରମ-ଆତ୍ମାକୁ ସେ ପ୍ରକୃତି ଓ ସତ୍ତ୍ୱଗତ ଏହି ଜଗତର ପଶ୍ଚାଦ୍ଦେଶରେ ଅବସ୍ଥିତ ରହିଥିବା ଦ୍ରବ୍ୟ ପରମସତ୍ୟରୂପେ ଦେଖିବାକୁ ପାଏ । ସେହି ପରମ ନିର୍ବିଶେଷଙ୍କର ଭାବନା ଓ କଳନା ଆଡ଼କୁ ତାହାର ମନ ଉନ୍ମୋଚିତ ହୋଇଯାଏ ଏବଂ ଆତ୍ମା, ବ୍ୟକ୍ତି ତଥା ଏହି ବିଶ୍ୱବ୍ରହ୍ମାଣ୍ଡକୁ ସେ ସେହି ନିର୍ବିଶେଷଙ୍କରହିଁ ଅନେକ ବିଭୂତି ବା ବିବୃତି ବୋଲି ଜାଣେ । ତାକୁ ଆପଣାର ଅଧୀନ କରି ରଖିଥିବା ବିଶ୍ୱଗତ, ଅହଂଗତ ତଥା ମୂଳଭୂତ ଅଜ୍ଞାନଗୁଡ଼ାକର ଶୃଙ୍ଖଳବନ୍ଧନ କ୍ରମେ ଶିଥିଳ ହେବାକୁ ଆରମ୍ଭ କରେ । ଆପଣାର ଅସ୍ତିତ୍ୱଟିକୁ ଏହି ସଂପ୍ରସାରଣକାମୀ ଆତ୍ମଜ୍ଞାନର ଗ୍ରନ୍ଥିଟି ଭିତରେ ନେଇ ପକାଇବାକୁ ସେ ଯେତିକି ଚେଷ୍ଟା କରୁଥାଏ, ତା'ର ଜୀବନ, ବିଗ୍ରହ ଓ କର୍ମର ସମସ୍ତ ଦୃଷ୍ଟି ଓ ଉଦ୍ଦେଶ୍ୟଟି ସେତିକି କ୍ରମବର୍ଦ୍ଧମାନ ଭାବରେ ପରିବର୍ତ୍ତିତ ଓ ରୂପାନ୍ତରିତ ହୋଇ ଯାଉଥାଏ । ଆପଣା ବିଷୟରେ ତଥା ଆପଣାର ପ୍ରକୃତି ଓ ଇହ ଅସ୍ତିତ୍ୱର ଉଦ୍ଦେଶ୍ୟଟି ବିଷୟରେ ତାହାର ଯେଉଁ ବ୍ୟାବହାରିକ ଅଜ୍ଞାନ ରହିଥାଏ, ତାହା ହ୍ରାସ ହେବାରେ ଲାଗେ । ବର୍ତ୍ତମାନ ସେ ଏପରି ଏକ ପଥ ଉପରେ ଆସି ପାଦ ପକାଏ ଯାହାକି ତାକୁ ଏକ ସୀମାବଦ୍ଧ ଓ ଖଣ୍ଡିତ ଜୀବନର ମିଥ୍ୟା ଓ କଷଣଯାତନାରୁ ବାହାରକୁ ବାହାର କରିନିଏ, ତାକୁ ଏକ ଯଥାର୍ଥ ଓ ପରିପୂର୍ଣ୍ଣ ଜୀବନର ଅଧିକାରୀ କରାଏ ।

ଏହି ତିନୋଟି ବିଷୟରୁ ଯାତ୍ରା ଆରମ୍ଭ କରି ସେ ଯେତିକି ଯେତିକି ଆଗକୁ ଯିବାରେ ଲାଗିଥାଏ, ସେ ସୋପାନ ସୋପାନ କରି ତିନୋଟିଯାକର ମୂଳଗତ ଏକତ୍ୱଟିକୁ ସେତିକି ସେତିକି ଆବିଷ୍କାର କରୁଥାଏ । କାରଣ, ପ୍ରଥମତଃ ଆପଣାର ଅଭିବ୍ୟକ୍ତ ସତ୍ତ୍ୱଟିରେ ସେ ଆପଣାକୁ ଏହି ବିଶ୍ୱଜଗତ ଓ ପ୍ରକୃତି ସହିତ ଏକରୂପ କରି ଦେଖେ । ମନ, ପ୍ରାଣ ଓ ଦେହ, କାଳର ଆବର୍ତ୍ତନ ମଧ୍ୟରେ ଅବସ୍ଥିତ ତା'ର ଆତ୍ମା, ତଥା ଚେତନ, ଅବଚେତନ ଓ ଅତିଚେତନରୂପୀ ତିନୋଟିଯାକ ଅବସ୍ଥା—ଏଗୁଡ଼ିକ, ଏଗୁଡ଼ିକ ମଧ୍ୟରେ ରହିଥିବା ବହୁବିଚିତ୍ର ନାନା ସମ୍ବନ୍ଧ ଏବଂ ସେହିସବୁ ସମ୍ବନ୍ଧରୁ ଜାତ ହେଉଥିବା ପରିଣାମ,—ଏସବୁର ସମଷ୍ଟିକୁହିଁ ସେ ବିଶ୍ୱଜଗତ ଓ ପ୍ରକୃତି ବୋଲି ଜାଣିବାକୁ ପାଏ । ମାତ୍ର ସେ ଏକଥାଟି ମଧ୍ୟ ଦେଖିବାରେ ସମର୍ଥ ହୁଏ ଯେ ଏଗୁଡ଼ିକର ପଛରେ ଓ ଏଗୁଡ଼ିକର ଭିତ୍ତିରୂପେ ଯାହା ରହିଛି, ସେଗୁଡ଼ିକର ସକଳ ମଧ୍ୟରେ ସିଏ ମଧ୍ୟ ଈଶ୍ୱରଙ୍କ ସହିତ ଏକ ହୋଇ ଅବସ୍ଥିତ ରହିଛି । କାରଣ ଦେଶକାଳାତୀତ ପରମ ନିର୍ବିଶେଷ ସତ୍ତ୍ୱା, ବ୍ରହ୍ମ ବା ଆତ୍ମାହିଁ ଏହି ବିଶ୍ୱଜଗତରେ ଅଭିବ୍ୟକ୍ତ ହୋଇଥିବା ଆତ୍ମା ଓ ସକଳ ପ୍ରକୃତିର ଅଧୀଶ୍ୱରରୂପେ ବିରାଜିତ ରହିଛନ୍ତି; ଏବଂ ଈଶ୍ୱର କହିଲେ ଆମେ କେବଳ ଏହିଗୁଡ଼ିକୁହିଁ ବୁଝିଥାଉ । ଏହି ସବୁକିଛି ମଧ୍ୟଦେଇ ସେହି ଈଶ୍ୱରଙ୍କ

'oaob.nitrkl.ac.in' images reprocessed

ସହିତହିଁ ତା'ର ଆପଣା ସତ୍ତାର ଖିଅ ଲାଗି ରହିଛି ଏବଂ ତାହା ତାଙ୍କରିଠାରୁହିଁ ସମ୍ଭୂତ ହୋଇଛି । ସେଇ ହେଉଛି ସେହି ପରମ ନିର୍ବିଶେଷ ସତ୍ତା, ଆପଣାର ବହୁବିଧତା ମଧ୍ୟରେ, ବିଶ୍ୱ ମଧ୍ୟରେ ଆପଣାକୁ ପ୍ରକ୍ଷେପିତ କରି ରଖିଥିବା ଓ ପ୍ରକୃତିର ଆବରଣ ତଳେ ପ୍ରଚ୍ଛନ୍ନ ରହିଥିବା ପରମ ଆତ୍ମା । ଏହି ଦୁଇଟିଯାକ ଉପଲବ୍ଧିରେ ସେ ଅପର ଯାବତୀୟ ଆତ୍ମା ଓ ସତ୍ତାଗୁଡ଼ିକ ସହିତ ଆପଣାର ଏକତ୍ୱଟିକୁ ଆବିଷ୍କାର କରିନିଏ । ପ୍ରକୃତି ମଧ୍ୟରେ ଆପେକ୍ଷିକ ଭାବରେ ଅର୍ଥାତ୍ ନାନା ସମ୍ବନ୍ଧତତାର ମଧ୍ୟଦେଇ ସେ ଏହି ଏକତ୍ୱଟିକୁ ଅନୁଭବ କରେ । କାରଣ ପ୍ରକୃତିର କ୍ଷେତ୍ରରେ ମନ, ପ୍ରାଣ, ଜଡ଼ ଓ ଆତ୍ମାରେ ତଥା ଯାବତୀୟ ବିଶ୍ୱତତ୍ତ୍ୱ ଓ ବିଶ୍ୱପରିଣାମର ମଧ୍ୟଦେଇ ସେ ସକଳଭୂତ ସହିତ ଏକ ହୋଇ ରହିଥାଏ । ଶକ୍ତି ଓ ଶକ୍ତିଗତ ସକଳ କ୍ରିୟା ଏବଂ ତତ୍ତ୍ୱ ଓ ତତ୍ତ୍ୱଗତ ବିନ୍ୟାସର ଯାବତୀୟ ପରିଣାମ ଯେତେ ବିଚିତ୍ର ହୋଇଥିଲେ ମଧ୍ୟ ସେହି ଏକତ୍ୱରେ କୌଣସି ବ୍ୟତିକ୍ରମ ଘଟେ ନାହିଁ । ମାତ୍ର ଈଶ୍ୱରଙ୍କ ମଧ୍ୟରେ ବା ବ୍ରହ୍ମ'ସ୍ୱଭାବରେ ସେହି ଅନୁଭବ ଅନନ୍ୟନିରପେକ୍ଷ ହୋଇଥାଏ, କାରଣ ସେହି ଏକ ନିର୍ବିଶେଷ ପରମ ଆତ୍ମା ଓ ଚିତ୍ସତ୍ତାହିଁ ସବୁକିଛିର ଶାଶ୍ୱତ ଆତ୍ମା, ସେଗୁଡ଼ିକର ବିବିଧ ବିଚିତ୍ରତାଗୁଡ଼ିକୁ କେବଳ ସେଇ ଅଧିକାର କରି ରହିଛନ୍ତି ଓ ସେଇ ଭୋଗ କରୁଛନ୍ତି । ଈଶ୍ୱର ଓ ପ୍ରକୃତି ମଧ୍ୟରେ ରହିଥିବା ଏକରୂପତାଟି ତା' ପାଖରେ କଦାପି ଅପ୍ରକାଶ୍ୟ ହୋଇ ରହିପାରେ ନାହିଁ, କାରଣ ସେ ପରିଶେଷରେ ଏକଥା ମଧ୍ୟ ଅନୁଭବ କରେ ଯେ ସେହି ନିର୍ବିଶେଷ ବ୍ରହ୍ମହିଁ ଏହିସବୁ ବିଶେଷର ରୂପଧାରଣ କରିଛନ୍ତି । ସେତେବେଳେ ସେ ଯାବତୀୟ ତତ୍ତ୍ୱକୁ ସେହି ପରମ ଚିତ୍ସତ୍ତାଙ୍କରହିଁ ଏକ ପରିପ୍ରକାଶ ବୋଲି ପ୍ରତ୍ୟକ୍ଷ କରେ, ସେହି ପରମାତ୍ମାହିଁ ଏହିସବୁ ଯାବତୀୟ ରୂପରେ ସମ୍ଭୂତ ହୋଇଛନ୍ତି ବୋ'ଲି ଆବିଷ୍କାର କରେ । ସେ ଅନୁଭବ କରିପାରେ ଯେ ସେହି ପରମପ୍ରଭୁଙ୍କର ଶକ୍ତି ଓ ଚେତନାହିଁ ପ୍ରକୃତି ରୂପରେ ପ୍ରତିଭାତ ହୋଇଛି ଏବଂ ଏହି ବିଶ୍ୱ ମଧ୍ୟରେ କାର୍ଯ୍ୟ କରିବାରେ ଲାଗିଛି । ଏହିପରି ଆମର ଆତ୍ମଜ୍ଞାନପଥରେ ଅଗ୍ରସର ହୋଇ ଆମେ ପରିଶେଷରେ ତାହାଙ୍କୁହିଁ ଆବିଷ୍କାର କରିଥାଉ, ଏବଂ ତାହାଙ୍କୁ ଜାଣିବାଦ୍ୱାରା ଆମ ଆତ୍ମା ସହିତ ଏକ ଓ ଅଭିନ୍ନରୂପେ ସବୁକିଛିକୁ ଜାଣିବା ମଧ୍ୟ ସମ୍ଭବ ହୁଏ, ତାହାଙ୍କୁ ଲାଭ କରି ଆପଣାର ଆତ୍ମଭାବ ମଧ୍ୟରେ ସବୁକିଛି ଲାଭ କରାଯାଏ ଏବଂ ସେହି ସବୁକିଛି ଲାଭ କରିବାର ଆନନ୍ଦଟିକୁ ଅନୁଭବ କରାଯାଏ ।

ଠିକ୍ ସେହିପରି ଭାବରେ ଏହି ଏକତ୍ୱର ଅନୁଭବ କରିବାଦ୍ୱାରା ମନୁଷ୍ୟର ବିଶ୍ୱଜ୍ଞାନ ମଧ୍ୟ ତା'ର ମନକୁ ସେହି ବିପୁଳ ଉନ୍ମୋଚନର କ୍ଷେତ୍ରକୁ ବହନ କରି ନେଇଯାଏ । କାରଣ ପ୍ରକୃତିକୁ କେବଳ ଜଡ଼, ଶକ୍ତି ଓ ପ୍ରାଣରୂପେ ଜାଣିବାକୁ ଗଲେ ମଧ୍ୟ ସେଗୁଡ଼ିକ ସହିତ ମନଶ୍ଚେତନାର ପ୍ରକୃତରେ କେଉଁଭଳି ସମ୍ବନ୍ଧ ରହିଛି,

'oaob.nitrkl.ac.in' images reprocessed

ସେଇଟିକୁ ହିଁ ଯଥେଷ୍ଟ ଗଭୀର ଭାବରେ ବୁଝିବାକୁ ହୋଇଥାଏ; ଏବଂ ମନର ଯଥାର୍ଥ ପ୍ରକୃତିଟିକୁ ଥରେ ଜାଣିବାକୁ ସମର୍ଥ ହେଲେହିଁ ସେ ତାହାର ଅବଶ୍ୟମ୍ଭାବୀ ଫଳସ୍ୱରୂପ ଏହି ବହିର୍ଭାଗୀୟ ସକଳ ପ୍ରତିଭାସର ବାଡ଼ କାଟି ସେପାଖକୁ ଚାଲିଯିବାକୁ ସମର୍ଥ ହୁଏ । ଶକ୍ତିର ଯାବତୀୟ କ୍ରିୟା ଭିତରେ ସଗୁପ୍ତ ହୋଇ ରହିଥିବା ଓ ଏହି ଜଡ଼ ଓ ପ୍ରାଣର ପ୍ରତିଭାସମୟ ଜଗତ ମଧ୍ୟରେ କାର୍ଯ୍ୟ କରୁଥିବା ଇଚ୍ଛାଶକ୍ତି ତଥା ବୁଦ୍ଧିକୁ ମଧ୍ୟ ତାହାକୁ ଆବିଷ୍କାର କରିବାକୁ ପଡ଼ିଥାଏ; ଏହି ଗୋଟିଏ ଜ୍ଞାନମୟୀ ଶକ୍ତି ଯେ ଜାଗ୍ରତ ଚେତନା, ଅବଚେତନା ଓ ଅତିଚେତନା ଭିତରେ ସମାନଭାବରେ ବିଦ୍ୟମାନ ରହିଛି, ତାକୁ ସେତେବେଳେ ସେକଥାଟି ବୁଝିବାକୁ ପଡ଼ିଥାଏ । ଏହି ବିଶ୍ୱର ଜଡ଼ଦେହ ଭିତରେ ତାକୁ ଆତ୍ମାର ପ୍ରତ୍ୟକ୍ଷ କରିବାକୁ ପଡ଼ିଥାଏ । ଏହି ଯେଉଁସବୁ ବାସ୍ତବଗୁଡ଼ିକ ମଧ୍ୟରେ ମନୁଷ୍ୟ ଅବଶିଷ୍ଟ ବିଶ୍ୱ ସହିତ ଆପଣାର ଏକତ୍ୱଟିକୁ ଜାଣିବା ଲାଗି ସମର୍ଥ ହୁଏ, ସେଇଗୁଡ଼ିକୁ ସାଧନରୂପେ ଗ୍ରହଣ କରି ପ୍ରକୃତିର ସତ୍ୟଭେଦ କରିବାର ଚେଷ୍ଟା ଅବ୍ୟାହତ ରଖିଥିଲେ ମନୁଷ୍ୟ ଦୃଶ୍ୟମାନ ଏହି ସବୁକିଛିର ପଛରେ ଅବସ୍ଥିତ ଏକ ପରାପ୍ରକୃତିର ଆବିଷ୍କାର କରିଥାଏ; ପରମ କାଳଗତତା ତଥା କାଳାତୀତତା ମଧ୍ୟରେ, ଦେଶ ତଥା ଦେଶାତୀତତାରେ ପରମ ଚିନ୍ମୟତ୍ତ୍ୱର ଏକ ପରମ ଶକ୍ତିକୁ ଆବିଷ୍କାର କରିଥାଏ । ପରମାତ୍ମାଙ୍କର ଏକ ଚେତନ ସାମର୍ଥ୍ୟର ଆବିଷ୍କାର କରିଥାଏ, ଯାହାକୁ ଆଶ୍ରୟ କରି ଆତ୍ମା ସକଳ ଭୂତରେ ପରିଣତ ହୋଇଛନ୍ତି, ପରମ ନିର୍ବିଶେଷ ଆପଣାକୁ ଅଗଣିତ ବିଶେଷରୂପେ ପ୍ରକାଶିତ କରି ରଖିଛନ୍ତି । ଅର୍ଥାତ୍ ସେତେବେଳେ ସେ ପ୍ରକୃତିକୁ କେବଳ ଜଡ଼ଶକ୍ତି, ପ୍ରାଣଶକ୍ତି କିମ୍ବା ମନଃଶକ୍ତିରୂପେହିଁ ଜାଣେ ନାହିଁ, ପ୍ରକୃତିଗତ କେବଳ ନାନାବିଧ ବାହ୍ୟରୂପଭାବରେ ଦେଖେ ନାହିଁ, ମାତ୍ର ତାହାକୁ ସକଳ ସତ୍ତାର ସେହି ଦିବ୍ୟ ପରମପ୍ରଭୁଙ୍କର ଜ୍ଞାନ ଓ ସଂକଳ୍ପଗତ-ଶକ୍ତିରୂପେ ମଧ୍ୟ ଦେଖିଥାଏ, ସ୍ୱସ୍ୱରୂପେ ଅବସ୍ଥିତ ସେହି ପରମ ଶାଶ୍ୱତ ଓ ପରମ ଅନନ୍ତଙ୍କର ଚେତନାମୟ ଶକ୍ତିରୂପେ ପ୍ରତ୍ୟକ୍ଷ କରିଥାଏ ।

ମନୁଷ୍ୟର ଯାବତୀୟ ଅନ୍ୱେଷଣ ମଧ୍ୟରୁ ଈଶ୍ୱର-ଅନ୍ୱେଷଣହିଁ ତାହାକୁ ସବୁଠାରୁ ଅଧିକ ଉଦ୍ଦୀପନା ଆଣି ଦେଇଥାଏ, ତାହାକୁ ସବୁଠାରୁ ଅଧିକ ଆବିଷ୍ଟ କରି ରଖେ । ପ୍ରକୃତି ଉପରେ ଦୃଷ୍ଟିପାତ କରି ସେ ଯେତେବେଳେ ପ୍ରଥମେ ବଡ଼ ଅସ୍ପଷ୍ଟଭାବରେ ତାହାର ରହସ୍ୟଟି ବିଷୟରେ ପ୍ରଶ୍ନମାନ କରିବାକୁ ଆରମ୍ଭ କରେ ଏବଂ ଯେତେବେଳେ ସେ ଆପଣା ଭିତରେ ତଥା ସେହି ପ୍ରକୃତି ଭିତରେ କୌଣସି ଏକ ଅଦୃଶ୍ୟଶକ୍ତି ବିଦ୍ୟମାନ ରହିଛି ବୋଲି ଅନୁଭବ କରେ, ସେତେବେଳେ ସେଇଠାରୁହିଁ ତା'ର ଈଶ୍ୱର-ଅନ୍ୱେଷଣ ଅର୍ଥାତ୍ ବ୍ରହ୍ମଜିଜ୍ଞାସା ମଧ୍ୟ ଆରମ୍ଭ ହୋଇଥାଏ । ଆଧୁନିକ ବିଜ୍ଞାନର ଉକ୍ତିକୁ ସମର୍ଥନ କରି ଦେବାତ୍ମବାଦ, ପ୍ରେତପୂଜା ଓ ଭୂତପୂଜାରୁ ଏବଂ

'oaob.nitrkl.ac.in' images reprocessed

ପ୍ରାକୃତିକ ଶକ୍ତିଗୁଡ଼ିକରେ ଦେବତ୍ୱର ଆରୋପ କରିବାର ପ୍ରବୃତ୍ତିରୁହିଁ ଧର୍ମର ପ୍ରଥମ ଅଙ୍କୁରୋଦ୍‌ଗମ ହୋଇଛି ବୋଲି ସ୍ୱୀକାର କରିନେଲେ ମଧ୍ୟ ତଥାପି ଜାଣିରଖିବା ଉଚିତ ଯେ ଧର୍ମୋପାସନାର ଏହି ପ୍ରଥମ ଓ ଆଦିମ ଆଲମ୍ବନଗୁଡ଼ିକ ସେହି ଆଦିମ ଯାବତୀୟ ରୂପାକୃତି ମଧ୍ୟରେ ଅବଚେତନ ସ୍ତରର ଏକ ବୋଧିଗତ ଦୃଷ୍ଟିକୁହିଁ ଆପଣା ଭିତରେ ବହନ କରି ରହିଥିଲେ, ସେଗୁଡ଼ିକରେ ଅଦୃଶ୍ୟ ଭାବରେ ପଡ଼ିଥିବା ନାନା ପ୍ରଭାବ ଏବଂ ଅକଳନୀୟ ନାନା ଶକ୍ତିର ଅସ୍ତିତ୍ୱ ବିଷୟରେ ଏକ ବଡ଼ ଅସ୍ପଷ୍ଟ ଓ ଅଜ୍ଞାନମୟ ଅନୁଭୂତି ନିହିତ ହୋଇ ରହିଥିଲା । ଯାହା ଆମକୁ ବାହାରୁ ନିଶ୍ଚେତନ ପରି ଦେଖାଯାଉଛି, ତାହା'ର ମଧ୍ୟରେ ଅବଶ୍ୟ ଏକ ସତ୍ତା, ଇଚ୍ଛା ଓ ବୁଦ୍ଧି ରହିଛି ବୋଲି ବଡ଼ ଅସ୍ପଷ୍ଟ ଭାବରେ ମନେ ହେଉଥିଲା । ଦୃଶ୍ୟ ପଛରେ ଏକ ଅଦୃଶ୍ୟ ବିଦ୍ୟମାନ ରହିଛି, ବସ୍ତୁଗୁଡ଼ିକ ମଧ୍ୟରେ ଆପଣାକୁ ପ୍ରଚ୍ଛନ୍ନ କରିଥିବା ଏକ ଚେତନ ଚିତ୍‌ସତ୍ତା ଶକ୍ତିର ଯାବତୀୟ ଯନ୍ତ୍ରାତ୍ମକତା ମଧ୍ୟରେ ଆପଣାକୁ ବିତରିତ କରି ରଖିଛି ବୋଲି ମନେ ହେଉଥିଲା । ଏହି ପ୍ରଥମ ଅବବୋଧଗୁଡ଼ିକ ବଡ଼ ଅସ୍ପଷ୍ଟ, ଆଦିମ ଓ ଅଯଥେଷ୍ଟ ହୋଇ ରହିଥିଲା ସତ, ମାତ୍ର ତଥାପି ତାହା ଭିତରେ ମନୁଷ୍ୟହୃଦୟ ଓ ମନୁଷ୍ୟମନର ଯେଉଁ ଆକାଙ୍‌କ୍ଷା ଓ ଅନ୍ୱେଷଣର ଦର୍ଶନ ଆମକୁ ମିଳିଥାଏ, ଏହାଦ୍ୱାରା ତାହାର ମୂଲ୍ୟ ବା ସତ୍ୟଟି ଆଦୌ କୌଣସି ଗୁଣରେ ଊଣା ହୋଇଯାଉ ନାହିଁ । କାରଣ ବିଜ୍ଞାନ ସମେତ ଆମର ଯାବତୀୟ ଅନ୍ୱେଷଣ ଓ ଅନୁସନ୍ଧାନ ପ୍ରଚ୍ଛନ୍ନ ହୋଇ ରହିଥିବା ନାନା ସତ୍ୟର କେବଳ ଏକ ଅସ୍ପଷ୍ଟ ଅନୁମାନମୂଳକ ଓ ଅଜ୍ଞାନମୟ ବୋଧରୁହିଁ ଆପଣାର ଯାତ୍ରା ଆରମ୍ଭ କରିବ ଏବଂ ସେଇଠୁ ଆଗକୁ ପାଦ ପକାଇ ପ୍ରଥମେ କେବଳ ଅବିଦ୍ୟାର କୁଜ୍‌ଝଟିକାଦ୍ୱାରା ଆମଠାରୁ ଆବୃତ, ଆଚ୍ଛାଦିତ ଓ ଆଚ୍ଛନ୍ନ ହୋଇ ରହିଥିବା ସେହି ପରମ ସତ୍ୟର ଏକ ଅଧିକରୁ ଅଧିକ ଜ୍ୟୋତିର୍ମୟ ସାକ୍ଷାତ୍କାର ଆଡ଼କୁ ଅଗ୍ରସର ହେଉଥିବ । ଈଶ୍ୱର ସ୍ୱରୂପତଃ ଯାହା, ଠିକ୍ ତ ହାହିଁ ହୋଇ ରହିଛନ୍ତି ବୋଲିହିଁ ମନୁଷ୍ୟ ଆଜି ଯାହା ହୋଇପାରିଛି ଓ ଯେଉଁଠି ଆସି ପହଞ୍ଚିପାରିଛି, ତାହା ଯେ ସମ୍ଭବ ହୋଇଛି; ସକଳ ବସ୍ତୁ ଓ ସକଳ ପଦାର୍ଥର ମୂଳତଃ କେବଳ ଗୋଟିଏ ଦେହ ଓ ଗୋଟିଏ ଆତ୍ମା ରହିଛି, ଯେତେ ଅପୂର୍ଣ୍ଣ ହୋଇ ରହିଥିଲେ ମଧ୍ୟ ମାନବସମାଜ ଯେ ଏହି ଇହଭୂମିରେ ଏପର୍ଯ୍ୟନ୍ତ ଉପଲବ୍ଧ ହୋଇଥିବା ପରପ୍ରକାଶଟିର ଏକ ସମ୍ପୂର୍ଣ୍ଣ ରୂପର ନିଦର୍ଶନ ହୋଇ ରହିଛି, ଏବଂ ମନୁଷ୍ୟ ଭିତରେ ଯାହା ଅସମ୍ପୂର୍ଣ୍ଣ ହୋଇ ରହିଛି, ଦିବ୍ୟତାର ଉପଲବ୍ଧି ଦ୍ୱାରାହିଁ ଯେ ତାହା ଆପଣାର ପୂର୍ଣ୍ଣତା ଲାଭ କରିପାରିବ, ନରୋତ୍ତମ ନାରାୟଣଙ୍କ ଭିତରେ ନରତ୍ୱର ଆରୋପ କରିବାକୁ ମନ ବଳାଉଥିବା ପ୍ରବୃତ୍ତିଟିକୁ ଆମେ ଆପଣାର କଳ୍ପନାରୂପ ସାହାଯ୍ୟରେ କେବଳ ସେହି ସତ୍ୟଟିର ସ୍ୱୀକାର କରିନେବା ବୋଲି କହିପାରିବା । ମନୁଷ୍ୟ ଯେ ସର୍ବତ୍ର କେବଳ ଆପଣାକୁହିଁ ଦେଖିଥାଏ ଏବଂ ତାହାକୁହିଁ ଈଶ୍ୱର ରୂପରେ ଉପାସନା

'oaob.nitrkl.ac.in' images reprocessed

କରେ, ସେକଥାଟି ମଧ୍ୟ ସତ୍ୟ; ମାତ୍ର ଏହି କ୍ଷେତ୍ରଟିରେ ମଧ୍ୟ ସେ ଅନ୍ଧକାର ଓ ଅନିଶ୍ଚୟତା ଭିତରେ ହାତ ବୁଲାଇ ବୁଲାଇ ତା'ର ଅଜ୍ଞାନରୂପ ହାତଟା ଏକ ସତ୍ୟ ଉପରେ ଆସି ପଡ଼ିଯାଇଛି ବୋଲି କୁହାଯାଇପାରିବ । ସେହି ସତ୍ୟଟିର ପୂର୍ଣ୍ଣ ଲାଭକରି ସେ ଆପଣାର ସତ୍ତା ଓ ପରମ ସତ୍ତାକୁ ଗୋଟିଏ ବୋଲି ଜାଣିଛି, ଇହଜଗତକୁ ପରମ ତତ୍ତ୍ୱସ୍ୱରୂପର ଏକ ଆଂଶିକ ପ୍ରତିଫଳନ ବୋଲି ଜାଣିଛି । ସକଳ ସ୍ଥାନରେ ଓ ସକଳ ଭୂତରେ ଆପଣାର ବୃହତ୍ତର ଆତ୍ମାଟିକୁ ପ୍ରତ୍ୟକ୍ଷ କରିବାକୁ ହେଲେ ସେ ତାକୁ ଈଶ୍ୱରଙ୍କର ସାକ୍ଷାତ ଲାଭ କରିବାକୁ ହେବ, ବସ୍ତୁଗୁଡ଼ିକରେ ନିହିତ ହୋଇ ରହିଥିବା ପରମ ମର୍ମସତ୍ୟଟି ପାଖରେ ଅର୍ଥାତ୍ ସକଳ ଅସ୍ତିତ୍ୱର ଯଥାର୍ଥ ସତ୍ୟଟି ପାଖରେ ଆସି ପହଞ୍ଚିବାକୁ ପଡ଼ିବ, ସେ ସେକଥା ମଧ୍ୟ ଜାଣିବାକୁ ପାଇଛି ।

ଆମର ଏଠି କେତେ ବିଚିତ୍ର ଧର୍ମ ଓ ବିଚିତ୍ର ଦର୍ଶନର ଆବିର୍ଭାବ ହୋଇଛି ଏବଂ ସେଗୁଡ଼ିକର ଯାବତୀୟ ଦୃଷ୍ଟିଭିନ୍ନତା ଏବଂ ବିବଦମାନତା ପଛରେ ଯେ ଏକ ଏକତ୍ୱ ସର୍ବଦା ବିଦ୍ୟମାନ ରହିଛି, ତାହାକୁହିଁ ଆମେ ସେସବୁର ଗୁପ୍ତ ରହସ୍ୟ ବୋଲି ଜାଣିବା । କାରଣ ସେଗୁଡ଼ିକ ସମସ୍ତେ ସେହି ଏକ ପରମସତ୍ୟର କୌଣସି ନା କୌଣସି ଅଭିରୂପ ଅଥବା କୌଣସି ନା କୌଣସି ଗୋଟିଏ ଅଂଶ ବା ଦିଗର ସ୍ଫୂର୍ତ୍ତିଲାଭ କରିଛନ୍ତି ବା ସେହି ପରମସତ୍ୟର ଅଶେଷ ବିଭବ ମଧ୍ୟରୁ କୌଣସି ଗୋଟିଏ ବିଭବକୁ ଦେଖିବାରେ ସମର୍ଥ ହୋଇଛନ୍ତି । ସେଗୁଡ଼ିକ ମଧ୍ୟରୁ କେହି ଏହି ଜାଗତିକ ଜଡ଼ରଚନାକୁ ଅତି ଅସ୍ପଷ୍ଟ କ୍ଷୀଣ ଭାବରେ ସେହି ପରମ ଦିବ୍ୟପୁରୁଷଙ୍କର ଶରୀର ବୋଲି ଅନୁଭବ କରିଛନ୍ତି ଅଥବା ଇହଜଗତସ୍ଥ ପ୍ରାଣକୁ ସେହି ପରମ ଦିବ୍ୟ ଅସ୍ତିତ୍ୱର ଏକ ବୃହତ୍ ପ୍ରାଣସ୍ପନ୍ଦନରୂପେ ଜାଣିଛନ୍ତି ବା ସକଳ ବସ୍ତୁକୁ ସେହି ବିଶ୍ୱବ୍ୟାପ୍ତ ପରମ ମନର ଭାବନା ବୋଲି ଅନୁଭବ କରିଛନ୍ତି କିମ୍ବା ଏହିସବୁ ସୃଷ୍ଟ ପଦାର୍ଥର ପୃଷ୍ଠଭର ଓ ଅଧିକ ବିଶ୍ୱସ୍ୱକାଶୀ ଉଚ୍ଚ ଓ ନିର୍ମଳତାରୂପେ ଅବସ୍ଥିତ ରହିଥିବା ଏହି ସକଳଠାରୁ ବୃହତ୍ତର ଏକ ପରମ ଚିନ୍ମୟସତ୍ତା ସର୍ବତ୍ର ବିଦ୍ୟମାନ ରହିଛି ବୋଲି ଉପଲବ୍ଧି କରିଛନ୍ତି । ଆଉକେହି କେବଳ ନିଶ୍ଚେତନା ମଧ୍ୟରେହିଁ ଈଶ୍ୱରଙ୍କର ଅବସ୍ଥିତି ନିରୂପଣ କରିଛନ୍ତି, ଅର୍ଥାତ୍ ନିଶ୍ଚେତନ ସକଳ ବସ୍ତୁରେ ତାହାଙ୍କୁ ଏକମାତ୍ର ଚେତନାମୟ ସର୍ମଦରୂପେ ଆବିଷ୍କାର କରିଛନ୍ତି; ଅଥବା ତାଙ୍କୁ ଏପରି ଏକ ଅନିର୍ବଚନୀୟ ଓ ଅତିଚେତନ ସତ୍ତାରୂପେ ଅନୁଭବ କରିଛନ୍ତି ଯାହାଙ୍କର ସାନ୍ନିଧ୍ୟ ଲାଭ କରିବାକୁ ହେଲେ ଆମକୁ ଯେକୌଣସି ପ୍ରକାରେ ଆମର ଏହି ପାର୍ଥିବ ସତ୍ତାଟିକୁ ଛାଡ଼ି ଚାଲିଯିବାକୁ ପଡ଼ିବ, ଆମର ମନ, ପ୍ରାଣ ଓ ଶରୀରର ବିଲୁପ୍ତି ଘଟାଇବାକୁ ପଡ଼ିବ ଅଥବା ସକଳ ଭେଦବୋଧକୁ ଅତିକ୍ରମ କରି ତାହାଙ୍କୁହିଁ ଏକାଧାରରେ ଏହିସବୁ ବିଶିଷ୍ଟ ତତ୍ତ୍ୱ ବୋଲି ଆବିଷ୍କାର କରିବାକୁ ପଡ଼ିବ ଏବଂ ଭୟବିମୁକ୍ତ ଚିତ୍ତରେ



'oaob.nitrkl.ac.in' images reprocessed

ସେହି ପରିସ୍ଥିତିର ବୃହତ୍ତର ପରିଣାମଗୁଡ଼ିକୁ ସତ୍ୟବୋଲି ଗ୍ରହଣ କରିନେବାକୁ ପଡ଼ିବ। କେହି ବିଶ୍ୱ ଓ ବିଶ୍ୱଜନୀନତାକୁହିଁ ବିଶ୍ୱମୟ ସତ୍ତା ବୋଲି କହି ତାଙ୍କର ଆରାଧନା କରନ୍ତି ଅଥବା ପ୍ରତ୍ୟକ୍ଷବାଦୀମାନଙ୍କ ପରି କେବଳ ଏହି ମନୁଷ୍ୟସମାଜ ମଧ୍ୟରେହିଁ ତାଙ୍କୁ ଓ ଆପଣାକୁ ସୀମାବଦ୍ଧ କରି ଦେଖନ୍ତି; କିମ୍ବା ଅପର ଦିଗରେ ତାହାଙ୍କୁ କେବଳ ଏକ ଦେଶକାଳାତୀତ ପରିବର୍ତ୍ତନରହିତତା ବୋଲି ଅନୁଭବ କରିବାର ଏକାନ୍ତପ୍ରେରଣାରେ ପଡ଼ି ତାଙ୍କୁ ପ୍ରକୃତି ଓ ବିଶ୍ୱକ୍ଷେତ୍ରରୁ ବର୍ଜିତ ଓ ବହିଷ୍କୃତ କରି ରଖନ୍ତି। ପୁଣି କୌଣସି କୌଣସି ଧର୍ମ ଓ ଦର୍ଶନରେ ମାନବିକ ଅହଂର କେତେ ବିଚିତ୍ର ବା ସୁନ୍ଦର ବା ଅତିରଞ୍ଜିତ ରୂପରେ ସେହି ଈଶ୍ୱରଙ୍କର ଆରାଧନା କରାଯାଏ, ଅଥବା ମନୁଷ୍ୟର ଚରଇପସିତ ହୋଇ ରହିଥିବା କେତେକେତେ ଗୁଣ ଓ ସାମର୍ଥ୍ୟରେ ସେ ପରିପୂର୍ଣ୍ଣରୂପେ ବିଭୂଷିତ ହୋଇ ରହିଛନ୍ତି ବୋଲି କୁହାଯାଏ, ଈଶ୍ୱରଙ୍କର ପରମ ଦିବ୍ୟତ୍ୱ ସେମାନଙ୍କ ଆଗରେ ପରମ ଶକ୍ତି, ପରମ ପ୍ରେମ, ପରମ ସୌନ୍ଦର୍ଯ୍ୟ, ପରମ ଋତ ଓ ପ୍ରଜ୍ଞାରୂପେ ପ୍ରକାଶିତ ହୋଇ ଉଠିଥାଏ। କେହିକେହି ଈଶ୍ୱରଙ୍କୁ ପ୍ରକୃତିର ନିୟନ୍ତା ଓ ପରମକର୍ତ୍ତା ବୋଲି କଳ୍ପନା କରନ୍ତି, ତାଙ୍କୁ ଏହି ସକଳର ଜନ୍ମଦାତା ଓ ସ୍ରଷ୍ଟାରୂପେ ଦେଖନ୍ତି ଅଥବା ସ୍ୱୟଂ ପ୍ରକୃତି ବା ବିଶ୍ୱଜନନୀ-ରୂପେ ଦେଖନ୍ତି, ପରମ ପ୍ରେମିକ ଓ ଆତ୍ମାର ଆକର୍ଷକରୂପେ ତାଙ୍କର ଅନୁଧାବନ କରନ୍ତି ଅଥବା ତାଙ୍କୁ ଏହି ସକଳ ରଚନାର ପରମ ରଚୟିତାରୂପେ ସ୍ୱୀକାର କରି ତାଙ୍କର ସେବାରେ ରତ ରହନ୍ତି; ତାଙ୍କୁ ଅଦ୍ୱିତୀୟ ପରମେଶ୍ୱର ଅଥବା ଅନେକରୂପୀ ଦେବତା ବୋଲି ମାନି ପ୍ରଣାମ କରନ୍ତି। ତାଙ୍କୁ ଏକ ଅଦ୍ୱିତୀୟ ଦିବ୍ୟମାନବ କିମ୍ବା ସକଳ ମନୁଷ୍ୟ ମଧ୍ୟରେ ଅବସ୍ଥିତ ଦିବ୍ୟସତ୍ତା ବା ଦେବତା ବୋଲି ମାନନ୍ତି, ଅଥବା ଏକ ବୃହତ୍ତର ଚେତନା ଦ୍ୱାରା ଉଦ୍‌ବୁଦ୍ଧ ହୋଇ ସେହି ଅଦ୍ୱୟ ଓ ଏକର ଆବିଷ୍କାର କରନ୍ତି, ଯାହାଙ୍କର ସାନ୍ନିଧ୍ୟ ଲାଭ କରି ଆମେ ଆମର ଚେତନା, ଆମର ଯାବତୀୟ କର୍ମ ଓ ଆମର ଜୀବନକ୍ଷେତ୍ରରେ ସକଳ ବସ୍ତୁ ଓ ସକଳ ସତ୍ତା ସହିତ ସମ୍ମିଳିତ ହୋଇ ରହିବାରେ ସମର୍ଥ ହେଉ, କାଳ ଓ ଦେଶର ସକଳ ବସ୍ତୁ ସହିତ ସମ୍ମିଳିତ ହେଉ; ପ୍ରକୃତି, ପ୍ରାକୃତିକ ପ୍ରଭାବ ଏବଂ ଏପରିକି ତଦ୍ୱାରା ଅଚେତନ ଶକ୍ତିଗୁଡ଼ିକ ସହିତ ମଧ୍ୟ ସଂଯୁକ୍ତ ହୋଇପାରୁ। ମାତ୍ର ଏହି ଯାବତୀୟ ଧର୍ମ ଓ ଦର୍ଶନ ପଛରେ ସବୁବେଳେ ସେହି ଗୋଟିଏ ସତ୍ୟ ଆଧାରରୂପେ ରହିଥାଏ, କାରଣ ସବୁ ହେଉଛି କେବଳ ସେହି ଏକ ଦିବ୍ୟତା ଓ ଅନନ୍ତତା; ସମସ୍ତେ କେବଳ ତାହାରି ସନ୍ଧାନରେ ବାହାରିଛନ୍ତି। ସବୁକିଛି ମୂଳତଃ ସେହି ପରମ ଅଦ୍ୱୟସତ୍ ହିଁ ହୋଇଥିବାରୁ, ତାଙ୍କୁ ଆପଣାର ସମୀପରେ ପରିଣତ କରିବାକୁ ମନୁଷ୍ୟ ଯେଉଁ ମାର୍ଗର ଅନୁସରଣ କରିବ, ତାହା ଯେ ଅଶେଷ ପ୍ରକାରରେ ବୈଚିତ୍ର୍ୟମୟ ହୋଇ ରହିଥିବ, ଏଥିରେ ସନ୍ଦେହ କରିବାର ଆଉ କ'ଣ ଅଛି ? ଯେପରିକି ମନୁଷ୍ୟ ତାଙ୍କୁ ପରିପୂର୍ଣ୍ଣରୂପେ ଜାଣିବାରେ

'oaob.nitrkl.ac.in' images reprocessed

ସମର୍ଥ ହେବ, ହୁଏତ ସେଇଥିଲାଗିହିଁ ସିଏ ତାଙ୍କୁ ଏହିପରି ନାନା ବିଚିତ୍ର ଭାବରେ ଆବିଷ୍କାର କରିବ ବୋଲି ଅବଶ୍ୟ ଆବଶ୍ୟକ ଥିଲା । ମାତ୍ର ଯେତେବେଳେ ଜ୍ଞାନ ଆପଣାର ଉଚ୍ଚତମ ଶିଖରଗୁଡ଼ିକରେ ଯାଇ ଉପନୀତ ହୋଇପାରେ, କେବଳ ସେତିକିବେଳେ ଯାଇ ଏହାର ବିଭିନ୍ନ ବିଭାବ ମଧ୍ୟରେ ରହିଥିବା ପୂର୍ଣ୍ଣତମ ଏକତ୍ୱଟିର ଉପଲବ୍ଧି ସମ୍ଭବ ହୁଏ । ସେହି ଉଚ୍ଚତମ ଶିଖର ଉପରେ ଅବସ୍ଥିତ ରହି ବସ୍ତୁତତମ ଭାବରେ ଦେଖିବା ହେଉଛି ସର୍ବଶ୍ରେଷ୍ଠ ଦେଖିବା । କାରଣ ସେତେବେଳେ ଯାବତୀୟ ଜ୍ଞାନ ଆପଣାର ଆଧାରଭୂତ ସେହି ଗୋଟିଏ ସର୍ବସମାବେଶକାରୀ ତ ଦୃଷ୍ଟି ମଧ୍ୟରେ ଆସି ସମ୍ମିଳିତ ହୋଇଯାଏ । ସେତେବେଳେ ସକଳ ଧର୍ମ କେବଳ ସେହି ଏକ ପରମସତ୍ୟ ଆଡ଼କୁ ପଡ଼ିଥିବା ବିଭିନ୍ନ ମାର୍ଗରୂପେ ପରିଦୃଷ୍ଟ ହୁଅନ୍ତି, ସକଳ ଦର୍ଶନ କେବଳ ସେହି ଗୋଟିଏ ପରମସତ୍ୟର ଭିନ୍ନଭିନ୍ନ ଦିଗକୁ ଦେଖୁଥିବା ଭିନ୍ନଭିନ୍ନ ଦୃଷ୍ଟିକୋଣରୂପେ ଉପଲବ୍ଧ ହୁଅନ୍ତି । ସେତେବେଳେ ସକଳ ବିଜ୍ଞାନ ଆସି ଏକ ପରମ ବିଜ୍ଞାନରେ ମିଳିତ ହୁଅନ୍ତି । କାରଣ ଆମର ମନୋଗତ ତଥା ଇନ୍ଦ୍ରିୟଗତ ଜ୍ଞାନଦ୍ୱାରା ଏବଂ ଆମର ଅତୀନ୍ଦ୍ରିୟ ଦୃଷ୍ଟିଦ୍ୱାରା ଆମେ ଯାହାର ଅନୁସନ୍ଧାନରେ ବାହାରିଛୁ, ପରମେଶ୍ୱର, ମନୁଷ୍ୟ, ପ୍ରକୃତି ଓ ପ୍ରକୃତି ମଧ୍ୟରେ ଅବସ୍ଥିତ ଯାବତୀୟ ବସ୍ତୁର ଏକତ୍ୱ-ଉପଲବ୍ଧିରେହିଁ ଆମେ ତାହାକୁ ପରିପୂର୍ଣ୍ଣ ଓ ସମଗ୍ର ଭାବରେ ଉପଲବ୍ଧି କରିଥାଉ ।

ବ୍ରହ୍ମ ଅର୍ଥାତ୍ ସେହି ପରମ ନିର୍ବିଶେଷ ହେଉଛନ୍ତି ପରମ ଚିତ୍‌ସତ୍ତା, ସେଇ କାଳାତୀତ ପରମାତ୍ମା, କାଳକୁ ଅଧିକାର କରି ରହିଥିବା ପରମାତ୍ମା; ସେହିଁ ଏହି ପ୍ରକୃତିର ସର୍ବଗତ ଅଧୀଶ୍ୱର, ଏହି ବିଶ୍ୱର ସୃଷ୍ଟିକର୍ତ୍ତା ଓ ପରମ ଈଶ୍ୱର । ସେଇ ସକଳ ଅସ୍ତିତ୍ୱ ମଧ୍ୟରେ ଅନ୍ତର୍ନିହିତ ରହିଛନ୍ତି, ସେହି ପରମ ଆତ୍ମସ୍ୱରୂପରୁହିଁ ସକଳ ଆତ୍ମା ଜନ୍ମଲାଭ କରୁଛନ୍ତି ଓ ପୁଣି ତାଙ୍କରି ମଧ୍ୟକୁ ଫେରି ଯାଉଛନ୍ତି । ମନୁଷ୍ୟର ସର୍ବୋଚ୍ଚ ଈଶ୍ୱରବୋଧ ଏହାକୁହିଁ ପରମତତ୍ତ୍ୱର ସତ୍ୟରୂପେ ଉପଲବ୍ଧି କରିଥାଏ । ସେହି ଏକ ପରମ ନିର୍ବିଶେଷତା ସକଳ ବୈଶିଷ୍ଟ୍ୟ ଓ ଆପେକ୍ଷିକତା ମଧ୍ୟରେ ପ୍ରକାଶିତ ହେବାରେ ଲାଗିଛନ୍ତି, ସେହି ପରମ ଚିତ୍‌ସ୍ୱରୂପହିଁ ବିଶ୍ୱମନ, ବିଶ୍ୱପ୍ରାଣ ଓ ବିଶ୍ୱଜଡ଼-ରୂପେ ଦେହ ଗ୍ରହଣ କରିଛନ୍ତି; ପରମା ପ୍ରକୃତି କେବଳ ତାଙ୍କରି ଆତ୍ମଶକ୍ତି ହୋଇଥିବାରୁ ପ୍ରକୃତି ଯାହାକିଛି ସୃଷ୍ଟି କରୁଛି ବୋଲି ପ୍ରତୀତ ହେଉଛି, ତାହା ତା'ର ଆପଣା ସତ୍ତା ମଧ୍ୟରେ ଓ ଆପଣା ଚିତ୍‌ଶକ୍ତି ନିକଟରେ କେବଳ ତାହାରି ବହୁବିଚିତ୍ର ଆତ୍ମପ୍ରକାଶ, ପରମ ଆନନ୍ଦଦ୍ୱାରା ଉଲ୍ଲସିତ ହୋଇ ରହିଥିବା ଆପଣା ଚିନ୍ମୟ ଆତ୍ମାର ବହୁଧାରା ଆତ୍ମରୂପାୟନ ବ୍ୟତୀତ ଆଉ କିଛି ନୁହେଁ । ଏହି ପ୍ରକୃତି ଓ ବିଶ୍ୱଜଗତ ସମ୍ବନ୍ଧରେ ମନୁଷ୍ୟର ଯାବତୀୟ ଜ୍ଞାନ ତାକୁ କେବଳ ସତ୍ତାଗତ ଏହି ସତ୍ୟଟି ଆଡ଼କୁ ବାଟ ଦେଖାଇ ନେଇଯାଉଛି; ଏବଂ ଯେତେବେଳେ ତା'ର ପ୍ରକୃତିସମ୍ବନ୍ଧୀ ଜ୍ଞାନ ତା'ର

'oaob.nitrkl.ac.in' images reprocessed

ଈଶ୍ୱରଜ୍ଞାନ ସହିତ ଏକତ୍ର ସମ୍ମିଳିତ ହୋଇଯାଇ ପାରିବ, ସେ ସେତିକିବେଳେହିଁ ସେହି ସତ୍ୟଟିରେ ଉପନୀତ ହୋଇପାରିବ । ପରମ ତତ୍ତ୍ୱର ଏହି ସତ୍ୟଟି ମଧ୍ୟରେହିଁ ଏହି ବିଶ୍ୱରୂପୀ ଚକ୍ରାବର୍ତ୍ତନର ଔଚିତ୍ୟ ପ୍ରମାଣିତ ହୋଇଯାଉଛି । ଏହା ତାହାର କଦାପି ଖଣ୍ଡନ କରୁ ନାହିଁ । ସେହି ପରମ ଆତ୍ମସତ୍ତାହିଁ ଏହିସବୁ ସମ୍ଭୂତିର ରୂପ ଧାରଣ କରିଛି, ସେହି ପରମ ଆତ୍ମ ରେହିଁ ଏହିସବୁ ଅସ୍ତିତ୍ୱର ଶାଶ୍ୱତ ଏକତ୍ୱ ନିହିତ ହୋଇ ରହିଛି । ସୋଽହଂ,—ମୁଁ ହେଉଛି ସେଇ । ବିଶ୍ୱଭୁବନକୁ ଆତପ୍ତ କରୁଥିବା ଏହି ଶକ୍ତି କେବଳ ସେହି ପରମ ସ୍ୱୟମ୍ଭୂସତ୍ତାଙ୍କର ଚେତନାମୟ ଶକ୍ତିଟି ବ୍ୟତୀତ ଆଉ କିଛି ନୁହେଁ । ସେହି ଶକ୍ତିଦ୍ୱାରାହିଁ ସେ ବିଶ୍ୱଗତ ପ୍ରକୃତିର ମାଧ୍ୟମରେ ଆପଣାର ଅଗଣିତ ରୂପକୁ ଧାରଣ କରିବାରେ ଲାଗିଛନ୍ତି । ଆପଣାର ଦିବ୍ୟ ପ୍ରକୃତିଟିର ମଧ୍ୟଦେଇ ସେ ସକଳ ବିଶ୍ୱକୁ ଆବୋରିଧରି ଓ ତଥାପି ଏହି ବିଶ୍ୱର ଅତୀତ ହୋଇ ରହି ଆପଣାର ପୂର୍ଣ୍ଣ ସତ୍ତାଟିକୁ ବ୍ୟକ୍ତିସତ୍ତାର ପାତ୍ରଟିରେ ମଧ୍ୟ ଅବଶ୍ୟ ଢାଳିଦେଇ ପାରନ୍ତି; ସେତେବେଳେ ସେହି ଏକକଟି ମଧ୍ୟରେ, ସର୍ବଗତତା ମଧ୍ୟରେ ଓ ଏକକ ସହିତ ସେହି ସର୍ବଗତତାର ରହିଥିବା ସମ୍ବନ୍ଧଟି ମଧ୍ୟରେ ବି ତାଙ୍କର ଶକ୍ତି ଓ ସ୍ଥିତି ଅନୁଭୂତ ହେବାକୁ ଲାଗେ । ଈଶ୍ୱର ଓ ପ୍ରକୃତିକୁ ଆଶ୍ରୟ କରି ମନୁଷ୍ୟ ଆପଣା ବିଷୟରେ ଲାଭ କରୁଥିବା ସକଳ ଓ ସମ୍ପୂର୍ଣ୍ଣ ଜ୍ଞାନ ସତ୍ତାର ଏହି ସତ୍ୟଟିର ଭୂମିକୁହିଁ ଆପଣାକୁ ଉତ୍ତୋଳିତ କରିନଏ ଓ ତାହାରି ମଧ୍ୟରେ ବିସ୍ତୃତି ଲାଭ କରିଥାଏ । ଈଶ୍ୱରଙ୍କ ବିଷୟରେ ସମ୍ପୂର୍ଣ୍ଣ ଜ୍ଞାନ, ତା'ର ଆପଣା ବିଷୟରେ ସମ୍ପୂର୍ଣ୍ଣ ଜ୍ଞାନ ଏବଂ ପ୍ରକୃତି ବିଷୟରେ ସମ୍ପୂର୍ଣ୍ଣ ଜ୍ଞାନ,—ଏହି ତିନୋଟିଯାକ ଜ୍ଞାନସୂତ୍ର ଏକତ୍ର ସମ୍ମିଳିତ ହୋଇ ମନୁଷ୍ୟକୁ ତା'ର ଉଚ୍ଚତମ ଲକ୍ଷ୍ୟସ୍ଥଳରେ ନେଇ ପହଞ୍ଚାଇ ଦିଅନ୍ତି । ଏବଂ ଏହାରି ଭିତରେହିଁ ଆମେ ମନୁଷ୍ୟଜୀବନର ଅକ୍ଲାନ୍ତ ସାଧନାର ସେହି ବୃହତ୍ତ୍ୱ ଓ ପୂର୍ଣ୍ଣତ୍ୱ ସ୍ୱର୍ଗଟିର ସନ୍ଧାନ ପାଇଥାଉ । ତା'ର ଆପଣା ଚେତନା ମଧ୍ୟରେ ଈଶ୍ୱର, ଆତ୍ମା ତଥା ପ୍ରକୃତି ତିନୋଟିଯାକର ଚେତନ ଏକତ୍ୱ ସାଧନ କରିହିଁ ମନୁଷ୍ୟ ଆପଣା ପରିପୂର୍ଣ୍ଣତା ଲାଗି ଏକ ସୁଦୃଢ଼ ମୂଳଦୁଆ ପକାଇବାକୁ ସମର୍ଥ ହୁଏ, ସକଳ ସମନ୍ୱୟର ଉତ୍ପତ୍ତି ପାଇଁ ତାକୁ ଦୃଢ଼ ଭିତ୍ତି ମିଳିଯାଏ । ଏହି ଭୂମି ହେଉଛି ତା'ର ଅଭୀପ୍ସିତ ଉଚ୍ଚତମ ଓ ବୃହତ୍ତମ ଭୂମି, ଏକ ଦିବ୍ୟ ଚେତନା ଓ ଦିବ୍ୟ ଜୀବନର ପରିପ୍ରାପ୍ତି ଲାଗି ତା'ର ସୁଦୃଢ଼ ଭୂମି; ଏବଂ ଏହି ଭୂମିର ଆଦ୍ୟବିନ୍ଦୁଟିରୁହିଁ ସେ ତା'ର ଆତ୍ମଜ୍ଞାନ, ବିଶ୍ୱଜ୍ଞାନ ତଥା ବ୍ରହ୍ମଜ୍ଞାନର ପରିପୂର୍ଣ୍ଣ ବିବର୍ତ୍ତନଟି ଲାଗି ଯାତ୍ରା ଆରମ୍ଭ କରିପାରିବ ।

'oaob.nitrkl.ac.in' images reprocessed

### ଅଷ୍ଟାଦଶ ପରିଚ୍ଛେଦ

## ବିକାଶର ଗତିଧାରା  ଆରୋହଣ ଓ ପୂର୍ଣ୍ଣୋପଲବ୍ଧି

ଯତ୍ ସାନୋଃ ସାନୁମାରୁହତ୍,.........
ତଦିନ୍ଦ୍ରୋ ଅର୍ଥଂ ଚେତତି ॥

—ଋକ୍‌ବେଦ, ୧।୧୦।୨

ସେ ଶିଖରରୁ ଶିଖର ହୋଇ ଆରୋହଣ କରି ଯାଆନ୍ତି । ସେତେବେଳେ ଇନ୍ଦ୍ର ତାହାଙ୍କୁ ତାଙ୍କର ଏହି ଗତିର ଲକ୍ଷ୍ୟସ୍ଥଳ ସମ୍ବନ୍ଧରେ ସଚେତ କରିଦିଅନ୍ତି ।

ଦ୍ୱିମାତା ହୋତା ବିଦଥେଷୁ ସମ୍ରାଳନ୍ୱଗ୍ରଂ ଚରତି କ୍ଷେତି ବୁଧ୍ନଃ ॥

—ଋକ୍‌ବେଦ, ୩।୫୫।୭

ଦୁଇଟି ମାତାର ପୁତ୍ର ସେ ଆପଣା ଜ୍ଞାନାବସ୍ଥାରେ ସମ୍ରାଟଙ୍କ ପରି କରନ୍ତି, ସେ ସେହି ଶିଖର ଉପରେ ବିଚରଣ କରନ୍ତି, ଆପଣାର ବୁଧ୍ନ ମୂଳରେ ନିବାସ କରୁଥା'ନ୍ତି ।

ପୃଥିବ୍ୟାଃ ଅହମୁଦନ୍ତରିକ୍ଷଂ ଆରୁହଂ ଅନ୍ତରିକ୍ଷାତ୍ ଦିବମାରୁହମ୍ ।
ଦିବୋ ନାକସ୍ୟ ପୃଷ୍ଠାତ୍ ସ୍ୱର୍ଜ୍ୟୋତିରଗାମହମ୍ ॥

—ଯଜୁର୍ବେଦ, ୧୭।୬୭

ପୃଥିବୀରୁ ଉପରକୁ ଉଠି ମୁଁ ଅନ୍ତରିକ୍ଷ ବା ମଧ୍ୟଜଗତରେ ଆରୋହଣ କରିଛି, ଅନ୍ତରିକ୍ଷରୁ ସ୍ୱର୍ଗ ବା ଦ୍ୟୁଲୋକରେ ଯାଇ ଉପନୀତ ହୋଇଛି ଏବଂ ସ୍ୱର୍ଗପୃଷ୍ଠରୁ ସ୍ୱର୍ଲୋକର ଜ୍ୟୋତି ମଧ୍ୟରେ ପ୍ରବେଶ କରିଛି ।*

ପାର୍ଥିବ ପ୍ରକୃତିରେ ଅଭିବ୍ୟକ୍ତିର ବିକାଶଧାରାଟିର ପ୍ରକୃତରେ କି ତାତ୍ପର୍ଯ୍ୟ ରହିଛି ଓ ଚରମ ସୋପାନରେ ପହଞ୍ଚି ସେହି ଧାରା କେଉଁଆଡ଼କୁ ଗତି କରୁଛି ବା

* ଏଠାରେ ଜଡ଼, ପ୍ରାଣ, ଶୁଦ୍ଧ ମନ ଓ ଅତିମାନସ, ଏହି ଚାରୋଟି ଭୂମିକୁ ସୂଚିତ କରି ଦିଆଯାଇଛି ।

'oaob.nitrkl.ac.in' images reprocessed

ଗତି କରିବାଲାଗି ଉଦ୍ଦିଷ୍ଟ ହୋଇ ରହିଛି, ଏବିଷୟରେ ଏକ ସନ୍ତୋଷଜନକ ସ୍ପଷ୍ଟ ଧାରଣା କରିସାରିବା ପରେ, ଯେଉଁ ପ୍ରକ୍ରିୟାଟି ଦ୍ୱାରା ତାହା ଆପଣାର ଏହି ବର୍ତ୍ତମାନ ସ୍ତରରେ ଆସି ପହଞ୍ଚିପାରିଛି ଏବଂ ଯାହାକି ପରିବର୍ତ୍ତନ ଓ ଅଦଳବଦଳ କରି ମଧ୍ୟ ଯେଉଁ ପ୍ରକ୍ରିୟାଟି ଦ୍ୱାରା ଏହାର ଚରମ ବିକାଶଟି ନିୟନ୍ତ୍ରିତ ହେବ ଅର୍ଥାତ୍ ଏପର୍ଯ୍ୟନ୍ତ ବି ପ୍ରାଧାନ୍ୟ ବିସ୍ତାର କରି ରହିଥିବା ମନୋଗତ ଅଜ୍ଞାନକୁ ପାର ହୋଇ ତାହା ସଫଳ ଭାବରେ ଏକ ଅତିମାନସ ଚେତନା ଏବଂ ପରିପୂର୍ଣ୍ଣ ଜ୍ଞାନଭୂମିକୁ ଗତି କରି ଯାଇପାରିବ, ବର୍ତ୍ତମାନ ତାହାରି ସିଦ୍ଧାନ୍ତଗୁଡ଼ିକ ଉପରେ ଗଭୀର ଦୃଷ୍ଟିପାତ କରିବା ଓ ସେଗୁଡ଼ିକୁ ଭଲ ଭାବରେ ବୁଝିବା ଆବଶ୍ୟକ ଓ ଆମ ପକ୍ଷରେ ବେଶି ସମ୍ଭବ ହେବ । କାରଣ ଆମେ ଦେଖିଛୁ ଯେ ବିଶ୍ୱପ୍ରକୃତି ଆପଣା କ୍ରିୟାର ସାଧାରଣ ବିଧାନଟିରେ ସର୍ବଦା ଅପରିବର୍ତ୍ତନୀୟ ରହିଛି, କାରଣ ତାହା ବସ୍ତୁଗୁଡ଼ିକର ଏପରି ଏକ ସତ୍ୟ ଉପରେ ନିର୍ଭର କରି ରହିଛି, ପ୍ରୟୋଗର ଟିକିନିଖି କ୍ଷେତ୍ରରେ ସେଥିରେ କେତେ କେତେ ବୈଚିତ୍ର୍ୟ ପରିଦୃଷ୍ଟ ହେଉଥିଲେ ମଧ୍ୟ ତାହା ସିଦ୍ଧାନ୍ତତଃ ଅପରିବର୍ତ୍ତନୀୟ ହୋଇ ରହିଛି । ସର୍ବପ୍ରଥମେ ଆମେ ଏକଥାଟି ବେଶ୍ ଦେଖିପାରିବା ଯେ ଏହି ବିବର୍ତ୍ତନଟି ଜଡ଼ଗତ ନିଶ୍ଚେତନସ୍ତରରୁ ଉଦ୍‌ଭୂତ ହୋଇ ଆଧ୍ୟାତ୍ମିକ ଚେତନାର ଭୂମିରେ ଆସି ପୂର୍ଣ୍ଣତା ଲାଭ କରିଛି, ଅର୍ଥାତ୍ ଏହି କ୍ଷେତ୍ରରେ ଜଡ଼କୁ ଭୂମିରୂପେ ବ୍ୟବହାର କରି ପରମ ତତ୍ତ୍ୱସତ୍ତାର ଏକ ବିବର୍ତ୍ତନଧର୍ମୀ ଆତ୍ମରଚନା ଲାଗି ରହିଛି । ତେଣୁ ଏହି ଧାରାରେ ତିନିପ୍ରକାର ଲକ୍ଷଣ ବା ଅବସ୍ଥା ଅବଶ୍ୟ ଦେଖା ଦେଉଥିବ । ପ୍ରଥମତଃ, ପରିଣତିର କ୍ଷେତ୍ରରେ ଯେଉଁ କ୍ରମବର୍ଦ୍ଧମାନ ଚେତନା ସୂକ୍ଷ୍ମରୁ ସୂକ୍ଷ୍ମତର ଓ ଜଟିଳରୁ ଜଟିଳତର ହେବାରେ ଲାଗିଛି, କ୍ରମଶଃ ଅଧିକତର ପରିମାଣରେ ସଂଗଠିତ ଓ ସାମର୍ଥ୍ୟସମ୍ପନ୍ନ ହେବାରେ ଲାଗିଛି, ସେହି ଚେତନାର କ୍ରିୟାତ୍ମକତାଟିକୁ ସହଜରେ ବହନ କରିପାରିବା ଲାଗି ଅଧିକରୁ ଅଧିକ ସୂକ୍ଷ୍ମ ଓ ଜଟିଳ ଜଡ଼ରୂପଗୁଡ଼ିକ ମଧ୍ୟ କ୍ରମଶଃ ବିବର୍ତ୍ତିତ ହେବାରେ ଲାଗିଛନ୍ତି,—ଏଇଟି ହେଲା ଏହି ପରିଣତି ଧାରାର ଅପରିହାର୍ଯ୍ୟ ଅନ୍ନମୟ ଭିତ୍ତି । ଏହି ଭିତ୍ତିଟି ଉପରେ ସ୍ୱୟଂ ଚେତନା ମଧ୍ୟ ସୋପାନ ପରେ ସୋପାନ ଆରୋହଣ କରି ଏକ ଆରୋହଣଧର୍ମୀ ବିବର୍ତ୍ତନଧାରାରେ ଅଗ୍ରସର ହୋଇ ଯାଉଥିବ ଓ ତାହାକୁ ସୂଚାଇ ଦେବାଭଳି ବିବର୍ତ୍ତନପ୍ରକ୍ରିୟାର ପଥ ଉପରେ ଏକ ସର୍ପିଳ ଓ ଊର୍ଦ୍ଧ୍ୱଗତିଶୀଳ ରେଖା ଅତି ସ୍ପଷ୍ଟଭାବରେ ଅଙ୍କି ହୋଇ ଯାଉଥିବ । ପ୍ରତ୍ୟେକ ଉଚ୍ଚତର ସୋପାନରେ ଆସି ପହଞ୍ଚିବାବେଳେ ସେପର୍ଯ୍ୟନ୍ତ ବିବର୍ତ୍ତିତ ହୋଇ ସାରିଥିବା ଯାବତୀୟ ସାମଗ୍ରୀକୁ ସେହି ଉଚ୍ଚତର ସୋପାନଟି ମଧ୍ୟରେ ଗ୍ରହଣ କରିନେବା, ଯଥାସମ୍ଭବ ପରିପୂର୍ଣ୍ଣରୂପେ ସେଗୁଡ଼ିକର ରୂପାନ୍ତର ସାଧନ କରିବା ଏବଂ ସମଗ୍ର ସତ୍ତା ଓ ପ୍ରକୃତିର ପରିବର୍ତ୍ତିତ ସମ୍ପୂର୍ଣ୍ଣ କ୍ରିୟାଗତ ଧାରାଟି ମଧ୍ୟରେ ସେଗୁଡ଼ିକୁ ଯୋଡ଼ିଦେଇ ଏକ ପୂର୍ଣ୍ଣତାସମ୍ପାଦନ ଘଟାଇବା,—ଏଇଟି ମଧ୍ୟ ବିବର୍ତ୍ତନପ୍ରକ୍ରିୟାର

'oaob.nitrkl.ac.in' images reprocessed

ଗୋଟିଏ ଅଙ୍ଗ, କାରଣ ଏପରି ନହେଲେ ଏହି ବିବର୍ତ୍ତନ କଦାପି ସାର୍ଥକ ହୋଇପାରିବ ନାହିଁ ।

ଏହି ନିବିଡ଼ ପ୍ରକ୍ରିୟାର ଏକ ଅବଶ୍ୟମ୍ଭାବୀ ଶେଷପରିଣତିରୂପେ ଅବିଦ୍ୟାର କ୍ରିୟା ବିଦ୍ୟାର ଏକ କ୍ରିୟାରୂପେ ମୌଳିକ ଭାବରେ ପରିବର୍ତ୍ତିତ ହୋଇଯିବ, ଆମ ନିଶ୍ଚେତନାର ଭିତ୍ତିଟି ପୂର୍ଣ୍ଣ ଚେତନାର ଏକ ଭିତ୍ତିରୂପେ ପରିବର୍ତ୍ତିତ ହୋଇଯିବ । ଏହି ପରିପୂର୍ଣ୍ଣତା ବା ପରିପୂର୍ଣ୍ଣ ଅବସ୍ଥା ବର୍ତ୍ତମାନ ମଧ୍ୟ ବିଦ୍ୟମାନ ରହିଛି, ମାତ୍ର ଆମକୁ କେବଳ ଅଚେତନ ବୋଲି ଦିଶୁଥିବା ଏକ ଭୂମିରେ ତାହା ବିଦ୍ୟମାନ ରହିଛି । ପ୍ରତ୍ୟେକଟି ନୂତନ ସୋପାନ ଉଠି ଯାଉଥିବା ବେଳେ ତାହା ସଙ୍ଗେ ସଙ୍ଗେ ଆମର ପୂର୍ବତନ ପ୍ରକୃତିଟିରେ ଏକ ଆଂଶିକ ପରିବର୍ତ୍ତନ ଓ ନୂତନ କଳେବର ଘଟିବାରେ ଲାଗିଥିବ, ସେଇଟିକୁ ବଶରେ ଆଣି ଏକ ନୂତନ ମୌଳିକ ଉନ୍ମେଷର ଅଧୀନ କରି ରଖାଯାଉଥିବ । ନିଶ୍ଚେତନା ଏକ ଆଂଶିକ ଚେତନାରେ ପରିବର୍ତ୍ତିତ ହେବ, ଅର୍ଥାତ୍ ଅଧିକରୁ ଅଧିକ ଜ୍ଞାନ ଓ ଶକ୍ତିଲାଭର ଆକୃତିରେ ପରିପୂର୍ଣ୍ଣ ଏକ ଅବିଦ୍ୟାରୂପେ ପରିବର୍ତ୍ତିତ ହୋଇଯିବ । ମାତ୍ର ଏହିପରି ଭାବରେ ଉପରକୁ ଉଠି ଯାଉ ଯାଉ ଏପରି ଏକ ଆରୋହଣସ୍ଥାନ ଅବଶ୍ୟ ଆସି ପଡ଼ୁଥିବ, ଯେଉଁଠାରେ କି ନିଶ୍ଚେତନତା ଓ ଅବିଦ୍ୟାର ପୂର୍ଣ୍ଣ ଅବସାନ ଘଟିବ ଓ ତାହାର ସ୍ଥାନାପନ୍ନ ଭାବରେ ଜ୍ଞାନର, ଏକ ମୂଳଭୂତ ଯଥାର୍ଥ ଚେତନାର ଏକ ତତ୍ତ୍ୱ ପ୍ରତିଷ୍ଠିତ ହେବ, ଅର୍ଥାତ୍ ସେହି ପରମ ଚିତ୍‌ସତ୍ତାଙ୍କର ଚେତନାଟିର ପ୍ରତିଷ୍ଠା ହେବ । ନିଶ୍ଚେତନାକୁ ଆଶ୍ରୟରୂପେ ବ୍ୟବହାର କରି ଯେଉଁ ବିବର୍ତ୍ତନ ହୁଏ, ସେଇଟି ହେଲା ଆରମ୍ଭପର୍ବ; ଅବିଦ୍ୟାକୁ ଆଶ୍ରୟ କରି ହେଉଥିବା ସକଳ ବିବର୍ତ୍ତନ ହେଉଛି ମଧ୍ୟପର୍ବ; ମାତ୍ର ପରିଶେଷ ପର୍ବ ବା ପର୍ଯ୍ୟାୟଟିରେ ଚିତ୍‌ସତ୍ତା ଆପଣାର ଯଥାର୍ଥ ଚେତନାର ମଧ୍ୟରେହିଁ ମୁକ୍ତିଲାଭ କରେ, ବିଦ୍ୟାର ଭୂମି ଉପରେହିଁ ଏହି ବିବର୍ତ୍ତନ ସଂଘଟିତ ହୁଏ । ବିବର୍ତ୍ତନଧର୍ମୀ ପ୍ରକୃତି ଆପଣାର ପରିଣତି ପ୍ରକ୍ରିୟାରେ ଏପର୍ଯ୍ୟନ୍ତ ଏହି ବିଧାନ ଓ ଏହି ପଦ୍ଧତିଟିକୁ ଅନୁସରଣ କରିଆସିଛି ବୋଲି ଆମେ ଦେଖିବାକୁ ପାଉଛୁ ଏବଂ ତାହାର ପରବର୍ତ୍ତୀ ସୋପାନଗତ କ୍ରିୟାଗୁଡ଼ିକରେ ମଧ୍ୟ ତାହା ଠିକ୍ ସେହି ବିଧାନ ଓ ପଦ୍ଧତିର ଅନୁସରଣ କରିବ ବୋଲି ଏହିସବୁ ସୂଚନାରୁ ସ୍ପଷ୍ଟ ଅନୁମାନ କରାଯାଇ ପାରିବ । ପ୍ରଥମ ସୋପାନ ବା ପର୍ଯ୍ୟାୟଟିରେ ଆମେ ପ୍ରକୃତିଗତ ଏକ ଭିତ୍ତି ଦେଖିବାକୁ ପାଇବା ଯାହାମଧ୍ୟରେ କି ଉନ୍ମେଷ ଲାଭ କରିବାକୁ ନିରୂପିତ ହୋଇ ରହିଥିବ. ସକଳ ପଦାର୍ଥ ବୀଜରୂପେ ଅବସ୍ଥିତ ରହିଥିବ; ତା'ପରେ ସେହି ଭିତ୍ତିଟି ଉପରେ ଠିଆହୋଇ ପ୍ରକୃତି ସଂବୃତସ୍ଥ ସାମର୍ଥ୍ୟ ଏକ କ୍ରମାରୋହମୂଳକ ଗତିରେ ଉନ୍ମେଷଲାଭ କରିବେ ଓ କ୍ରିୟାଶୀଳ ହେବାକୁ ଲାଗିବେ, ଏବଂ ପରିଶେଷରେ ଅର୍ଥାତ୍ ଚରମ ସୋପାନଟିରେ ଏକ ସର୍ବୋଚ୍ଚ ଓ ପରମ ପ୍ରକାଶର ବାର୍ତ୍ତାବହରୂପେ ଏକ ସର୍ବପରମ ଶକ୍ତି ଆପଣାକୁ ଆବିର୍ଭୂତ କରାଇ

'oaob.nitrkl.ac.in' images reprocessed

ଆଣିବ,—ଏଗୁଡ଼ିକ ହେଉଛି ବିବର୍ତ୍ତନଧର୍ମୀ ପ୍ରକୃତିର ଯାତ୍ରାପଥରେ ଆବଶ୍ୟକ ଉନ୍ନୋଟି ପର୍ଯ୍ୟାୟ ।

ଆମକୁ ଯେଉଁ ସମସ୍ୟାଟିର ସମାଧାନ କରିବାକୁ ହେବ, ତାହାର ସ୍ୱରୂପଟିର ଅନୁସାରେ ଯେକୌଣସି ବିବର୍ତ୍ତନଧର୍ମୀ ପ୍ରକ୍ରିୟାକୁ ଆମେ କେବଳ କ୍ରମବିକାଶର ପ୍ରକ୍ରିୟା ବୋଲି କହିପାରିବା; ସତ୍ତା ବା ଉପାଦାନର କୌଣସି ପୂର୍ବପ୍ରତିଷ୍ଠିତ ମୌଳିକ ତତ୍ତ୍ୱର ଭୂମି ଉପରେହିଁ ଏହି ବିକାଶ ଘଟିବ; ସେହି ମୌଳିକ ତତ୍ତ୍ୱଟି ଆପଣା ମଧ୍ୟରେ ସଂବୃତ କରି ରଖିଥିବା କିମ୍ବା ସଂବୃତ କରି ରଖି ନଥିଲେ ଆପଣା ବାହାରୁ ଅନ୍ୟ କେଉଁଠାରୁ ଆପଣା ଭିତରକୁ ଗ୍ରହଣ କରି ଆଣୁଥିବା ଓ ଗ୍ରହଣ କରି ଆଣିବାବେଳେ ସେଥିରେ ଆବଶ୍ୟକ ପରିବର୍ତ୍ତନ ଘଟାଉଥିବା କୌଣସି ସାମଗ୍ରୀହିଁ ବିକାଶ ଲାଭ କରିବ । କାରଣ ଯାହାକିଛି ଆଗରୁ ଏହାର ଏକ ଅଂଶରୂପେ ଅବସ୍ଥିତ ନଥିବ ଓ ବାହାରୁ ଆସି ଏହା ଭିତରେ ପ୍ରବେଶ କରୁଥିବ, ଆପଣା ପ୍ରକୃତିର ବିଧାନଟି ଅନୁସାରେ ଏହା ତାହାକୁ ଗ୍ରହଣ କଲାବେଳେ ସେଥିରେ ନିଶ୍ଚୟ ଆବଶ୍ୟକ ପରିବର୍ତ୍ତନ ଘଟାଇବ । ଏପରିକି ଯଦି ଏହା ଏକ ସୃଜନଶୀଳ ବିବର୍ତ୍ତନ ବି ହୋଇଥାଏ, ଅର୍ଥାତ୍ ଏହା ଯଦି ସର୍ବଦା ପ୍ରଥମ ଭିତ୍ତିଟିରେ ଅବସ୍ଥିତ ନଥିବା ଓ ବାହାରୁ ଏହା ଭିତରକୁ ଆନୀତ ଓ ମୂଳ ଉପାଦାନଟି ଦ୍ୱାରା ଗୃହୀତ ହେଉଥିବା ସତ୍ତାଗତ ନୂତନ ସାମର୍ଥ୍ୟଗୁଡ଼ିକରହିଁ ପ୍ରକାଶ କରୁଥାଏ, ତେବେ ମଧ୍ୟ ଏହା ସେହି ବିବର୍ତ୍ତନର ଅନୁସରିତ ରୀତି ହୋଇ ରହିବ । ମାତ୍ର ଅପର ପକ୍ଷରେ ଯଦି ବିବର୍ତ୍ତିତ ହେବାକୁ ଯାଉଥିବା ନୂତନ ତତ୍ତ୍ୱ ବା ଅସ୍ତିତ୍ୱଶକ୍ତିଟି ସଂବୃତ ଭିତରେ ପୂର୍ବନିହିତ ହୋଇ ରହିଥାଏ, ଅର୍ଥାତ୍ ସେହି ପ୍ରଥମ ଭିତ୍ତିଟିରେ ଅବସ୍ଥିତ ଥାଏ ମାତ୍ର ଏପର୍ଯ୍ୟନ୍ତ ପ୍ରକଟିତ କିମ୍ବା ସଂଗଠିତ ହୋଇ ନଥାଏ, ତେବେ ଆବିର୍ଭୂତ ହେବା ସମୟରେ ସେଇଟିକୁ ମଧ୍ୟ ମୌଳିକ ଉପାଦାନଟିର ପ୍ରକୃତି ଓ ବିଧାନଗୁଡ଼ିକ ଦ୍ୱାରା ଆବଶ୍ୟକରୂପେ ପରିବର୍ତ୍ତିତ ହେବାକୁ ପଡ଼ିବ । କିନ୍ତୁ ତାହା ନିଜେ ମଧ୍ୟ ଆପଣାର ଶକ୍ତିବଳରେ ଓ ଆପଣା ପ୍ରକୃତିର ବିଧାନଟି ବଳରେ ସେହି ଉପାଦାନଟିକୁ ବି ପରିବର୍ତ୍ତିତ କରିଦେବ । ଏବଂ ଯଦି ତା'ସାଙ୍ଗକୁ ବିବର୍ତ୍ତନର ଏହି ଭୂମିଟିର ଊର୍ଦ୍ଧ୍ୱରେ ଆପଣାର ପୂର୍ବମହିମାରେ ପୂର୍ବରୁ ଅବସ୍ଥିତ ଥିବା ଓ ସେହି ଭୂମିଟିକୁ ଆପଣା ଅଧିକାରର ଆବେଷ୍ଟନ ଦ୍ୱାରା ଗ୍ରହଣ କରିନେବାକୁ ନିମ୍ନଦେଶକୁ ଓହ୍ଲାଇ ଆସିବାକୁ ଇଚ୍ଛା କରୁଥିବା ଏହାର ଆପଣା ମୂଳଗତ ତତ୍ତ୍ୱଟିର ଅବତରଣ ଏହାର ସହାୟତା କରିବାକୁ ଆସେ, ତେବେ ସେହି ନୂତନ ଶକ୍ତିଟି ହୁଏତ ଏକ ପ୍ରଧାନ ଉପାଦନରୂପେ ବି ଆପଣାକୁ ପ୍ରତିଷ୍ଠିତ କରିପାରିବ, ନିଜେହିଁ ଆଧାରଟିର ପୂର୍ଣ୍ଣ ନିୟନ୍ତ୍ରଣ କରିବ ଏବଂ ଯେଉଁ ପୃଥିବୀଟିରେ ତାହା ଉନ୍ମେଷ ଲାଭ କରୁଥିବ ଅର୍ଥାତ୍ ଯେଉଁ ପୃଥିବୀଟି ଭିତରକୁ ତାହା ପ୍ରବେଶ କରୁଥିବ, ତାହାର ଚେତନା ଓ କ୍ରିୟାକୁ ଅନେକ ପରିମାଣରେ ବଦଳାଇ ଦେବ, ସେଥିରେ ଏକ ମୌଳିକ ପରିବର୍ତ୍ତନ

'oaob.nitrkl.ac.in' images reprocessed

ଆଣିବ । ମାତ୍ର ବିବର୍ତ୍ତନର ଭୂମିରୂପେ ନିର୍ବାଚିତ ହୋଇଥିବା ମୂଳ ଉପାଦାନଟିର ବିଧାନ ଓ କ୍ରିୟାତ୍ମକତାକୁ ନୂଆକରି ଗଢ଼ିବାକୁ, ବଦଳାଇ ଦେବାକୁ ବା ସେଥିରେ ଏକ ବିପ୍ଳବ ଆଣିବାକୁ ଏହାର ପ୍ରକୃତରେ କେତେଦୂର ଶକ୍ତି ରହିଛି, ସେକଥା ତା' ନିଜର ମୌଳିକ ଶକ୍ତିମତ୍ତା ଉପରେହିଁ ନିର୍ଭର କରିବ । ଏହା ଯଦି ସ୍ୱୟଂ ପରମ ଅସ୍ତିତ୍ୱର ମୂଳ ତତ୍ତ୍ୱଟି ନହୋଇ ଥାଏ, ଯଦି ତାହା ଆଉ କୌଣସି ତତ୍ତ୍ୱରୁ ଏକ ଗୌଣ ତତ୍ତ୍ୱରୂପେ ଉଦ୍‌ଭୂତ ହୋଇ ଆସିଥାଏ, ଏକ ଆଦ୍ୟଶକ୍ତି ନହୋଇ କେବଳ ଏକ ନିମିତ୍ତଶକ୍ତିହିଁ ହୋଇଥାଏ, ତେବେ ଖୁବ୍ ସମ୍ଭବ ଯେ ତାହା କଦାପି ଏକ ସମ୍ପୂର୍ଣ୍ଣ ରୂପାନ୍ତର ଘଟାଇପାରିବ ନାହିଁ ।

ଏଠାରେ ଜଡ଼ଦ୍ୱାରା ନିର୍ମିତ ହୋଇଥିବା ଜଗତରେହିଁ ପ୍ରକୃତିର ବିବର୍ତ୍ତନଟି ଚାଲିଛି, ଏଠାରେ ଜଡ଼ହିଁ ଆଧାର ଓ ମୂଳ ଉପାଦାନ ହୋଇ ରହିଛି; ଜଡ଼ହିଁ ବସ୍ତୁଚୟର ଯାବତୀୟ ଅବସ୍ଥାର ପ୍ରଥମ ନିୟନ୍ତ୍ରକରୂପେ ପ୍ରତିଷ୍ଠିତ ରହିଛି । ଜଡ଼ରୁ ମନ ଓ ପ୍ରାଣର ବିବର୍ତ୍ତନ ଘଟୁଛି, ମାତ୍ର ଆପଣା କ୍ରିୟାର କ୍ଷେତ୍ରରେ ଏମାନେ ସର୍ବଦା ସୀମାବଦ୍ଧ ହୋଇ ରହିଛନ୍ତି, ଜଡ଼ର ଆବଶ୍ୟକତା ଅନୁସାରେ ଆପଣାକୁ କେତେକାଂଶରେ ଖାପ ଖୁଆଇ ନେଉଛନ୍ତି । ଆପଣାର କ୍ରିୟା ପ୍ରକାଶେ ସେମାନେ ଜଡ଼କୁହିଁ ସାଧନରୂପେ ବ୍ୟବହାର କରିବାକୁ ଓ ଜଡ଼ପ୍ରକୃତିର ବିଧାନଗତ ବଶ୍ୟତା ସ୍ୱୀକାର କରିବାକୁ ବାଧ୍ୟ ହେଉଛନ୍ତି । ଅବଶ୍ୟ ଏକଥା ମଧ୍ୟ ସତ ଯେ ସେମାନେ ଯାହାର ଅଧୀନ ହୋଇ ରହୁଛନ୍ତି ଓ ଯାହାକୁ ବ୍ୟବହାର କରୁଛନ୍ତି, ନିଜେ ମଧ୍ୟ ସେଥିରେ କେତେକ ପରିମାଣରେ ରୂପାନ୍ତର ଘଟାଇ ପାରୁଛନ୍ତି । କାରଣ ସେମାନେ ନିଶ୍ଚିତ ଭାବରେ ଜଡ଼ର ଉପାଦାନଟିକୁ ବଦଳାଇ ଦିଅନ୍ତି, ସେଥିରେ ଏକ ରୂପାନ୍ତର ଘଟାନ୍ତି; ପ୍ରଥମେ ଜଡ଼କୁ ଜୀବନ୍ତ କରନ୍ତି ଏବଂ ତା'ପରେ ସେଥିରେ ଚେତନା ଭରି ଦିଅନ୍ତି । ଜଡ଼ର ଜାଡ୍ୟ, ସ୍ଥାଣୁତା ଓ ନିଶ୍ଚେତନତାକୁ ଭାଙ୍ଗିଦେଇ ସେଥିରେ ଚେତନା, ଅନୁଭବଶକ୍ତି ଓ ପ୍ରାଣର ଗତିସ୍ପନ୍ଦନ ସଞ୍ଚାର କରାଇ ଦିଅନ୍ତି । ମାତ୍ର ତଥାପି ଜଡ଼ର ପ୍ରକୃତିକୁ ସମ୍ପୂର୍ଣ୍ଣ ଭାବରେ ବଦଳାଇ ପାରନ୍ତି ନାହିଁ । ସେମାନେ ତାକୁ ସମ୍ପୂର୍ଣ୍ଣ ଭାବରେ ଜୀବନ୍ତ ଓ ଚେତନାମୟ କରିପାରନ୍ତି ନାହିଁ । ବିବର୍ତ୍ତନଶୀଳ ପ୍ରାଣପ୍ରକୃତି ମୃତ୍ୟୁରେହିଁ ସମାପ୍ତ ହେବାକୁ ବାଧ୍ୟ ହୁଏ, ବିବର୍ତ୍ତନଶୀଳ ମନ ଜଡ଼ ଓ ପ୍ରାଣର ପ୍ରଭାବ ଭିତରେ ବନ୍ଦୀ ହୋଇ ପଡ଼େ । ନିଶ୍ଚେତନା ଭିତରେହିଁ ଏହାର ଚେରଗୁଡ଼ାକ ଲାଗି ରହିଥାଏ, ଅଜ୍ଞାନ ଦ୍ୱାରା ତାହା ବଡ଼ ସୀମାବଦ୍ଧ ହୋଇ ରହିଥାଏ । ମନର ନିୟନ୍ତ୍ରଣର ବାହାରେ ରହିଥିବା ପ୍ରାଣଗତ ନାନା ଶକ୍ତି ମନକୁ ଏଣେତେଣେ ଦଉଡ଼ାଇବାରେ ଲାଗିଥା'ନ୍ତି, ମନକୁ ଆପଣା କାମରେ ଲଗାଉଥା'ନ୍ତି । ଜଡ଼ଗତ ଶକ୍ତିଗୁଡ଼ାକ ମନକୁ ସଚେତନ ଏକ ଯନ୍ତ୍ରରେ ପରିଣତ କରିଦିଅନ୍ତି ଏବଂ ଆପଣାକୁ ଅଭିବ୍ୟକ୍ତ କରିବାଲାଗି ମନକୁ

'oaob.nitrkl.ac.in' images reprocessed

ସେହିମାନଙ୍କ ଉପରେ ନିର୍ଭର କରି ରହିବାକୁ ପଡ଼େ । ଏଥିରୁ ଯଥେଷ୍ଟ ଇଙ୍ଗିତ ମିଳିଯାଉଛି ଯେ ମନ କିମ୍ବା ପ୍ରାଣକୁ ଆମେ କଦାପି ସର୍ବମୂଳ ସୃଜନାତ୍ମିକା ଶକ୍ତି ବୋଲି କହିପାରିବା ନାହିଁ । ଜଡ଼ପରି ସେଗୁଡ଼ିକ ମଧ୍ୟ ଗୋଟିଏ ଗୋଟିଏ ମଧ୍ୟବର୍ତ୍ତୀ ଶକ୍ତି; ଏବଂ ବିବର୍ତ୍ତନର କ୍ରିୟାଧାରାରେ ଗୋଟିଏ ଗୋଟିଏ ସାଧନରୂପେ ଜଡ଼ ପରେ ସେମାନଙ୍କର ସ୍ଥାନ ରହିଛି । ଯଦି ଜଡ଼ଶକ୍ତି ମଧ୍ୟ ସେହି ସର୍ବମୂଳ ଶକ୍ତି ନହୋଇଥାଏ, ତେବେ ମନ ଓ ପ୍ରାଣଠାରୁ କୌଣସି ଊର୍ଦ୍ଧ୍ୱତର ଭୂମିରେହିଁ ଆମକୁ ତାହାର ସନ୍ଧାନ କରିବାକୁ ପଡ଼ିବ, ତେବେ ଏକ ଗଭୀରତର ପରମସତ୍ୟ ଅବଶ୍ୟ କେଉଁଠି ସଂଗୁପ୍ତ ହୋଇ ରହିଛି, ପ୍ରକୃତିର ଭୂମିରେ ଯାହାର ଆତ୍ମପ୍ରକାଶ ଏବେମଧ୍ୟ ହେବାକୁ ବାକି ରହିଛି ।

ତେଣୁ ଏକ ମୂଳଭୂତ, ସୃଜନାତ୍ମିକା ଓ ବିବର୍ତ୍ତନଧର୍ମୀ ଶକ୍ତି ଅବଶ୍ୟ ରହିଛି, ମାତ୍ର ଜଡ଼ ଏହି ବିବର୍ତ୍ତନରେ ସର୍ବମୂଳ ଉପାଦାନ ହୋଇଥିଲେ ମଧ୍ୟ, ସର୍ବମୂଳ ଓ ଚରମ ଶକ୍ତି କଦାପି ଏକ ନିଶ୍ଚେତନ ଜଡ଼ଶକ୍ତି ହୋଇପାରିବ ନାହିଁ । କାରଣ ତା'ହେଲେ ସେଠାରେ ପ୍ରାଣ ଓ ଚେତନା ଉପସ୍ଥିତ ରହିବାର ଆଉ କୌଣସି ପ୍ରସଙ୍ଗହିଁ ରହିବ ନାହିଁ, କାରଣ ଏକ ତୁଚ୍ଛା ନିଶ୍ଚେତନ ମଧ୍ୟରୁ କଦାପି ଚେତନାର ଉନ୍ମେଷ ହେବ ନାହିଁ କିମ୍ବା ଏକ ଜୀବନହୀନ ଶକ୍ତି ପ୍ରାଣକୁ ଜନ୍ମ ଦେଇପାରିବ ନାହିଁ । ଯେହେତୁ ପ୍ରାଣ ଓ ମନ କଦାପି ସେହି ସର୍ବମୂଳ ଶକ୍ତି ହୋଇପାରିବେ ନାହିଁ ବୋଲି ଆମେ ଜାଣି ପାରିଲୁଣି, ତେବେ ପ୍ରାଣଚେତନା ତଥା ମନଶ୍ଚେତନାଠାରୁ ବୃହତ୍ତର ଏକ ସଂଗୁପ୍ତ ପରମଚେତନା ଅବଶ୍ୟ ରହିଥିବ, ଜଡ଼ଗତ ଶକ୍ତିଠାରୁ ଅଧିକ ମର୍ମସ୍ଥ ଓ ମୂଳଗତ ହୋଇ ଏକ ପରମଶକ୍ତି ଅବଶ୍ୟ ରହିଥିବ । ମନଠାରୁ ବୃହତ୍ତର ହୋଇଥିବାରୁ ଏହା ଏକ ଅଧିମାନସ ଚିତ୍‌ଶକ୍ତିହିଁ ହୋଇଥିବ; ଜଡ଼େତର ଏକ ମର୍ମଗତ ମୌଳିକ ଉପାଦାନର ଶକ୍ତି ହୋଇଥିବାରୁ ଏହା ସକଳ ବସ୍ତୁର ପରମ ମର୍ମସତ୍ତ୍ୱ ଓ ପରମ ଉପାଦାନରୂପୀ ତତ୍ତ୍ୱରହିଁ ଏକ ଶକ୍ତି ହୋଇଥିବ, ପରମ ଚିତ୍‌ସତ୍ତାରହିଁ ଶକ୍ତି ହୋଇଥିବ । ମନର ବି ଏକ ସୃଜନକ୍ଷମ ଶକ୍ତି ରହିଛି, ଏକ ସୃଜନକ୍ଷମ ପ୍ରାଣଶକ୍ତି ମଧ୍ୟ ରହିଛି । ମାତ୍ର ସେଗୁଡ଼ିକ କେବଳ ଗୋଟିଏ ଗୋଟିଏ ଆଂଶିକ ଶକ୍ତି, କେବଳ ନିମିତ୍ତ ଭାବରେହିଁ କାର୍ଯ୍ୟ କରନ୍ତି, ସେଗୁଡ଼ିକ ମୂଳଶକ୍ତି କିମ୍ବା ବିଧାୟକ ଶକ୍ତି ନୁହନ୍ତି । ମନ ଓ ପ୍ରାଣ ଯେଉଁ ଜଡ଼ୋପାଦାନଟିକୁ ଆଧାର କରି ରହିଥା'ନ୍ତି, ତାହାକୁ ସେମାନେ ନିଶ୍ଚୟ କେତେକାଂଶରେ ବଦଳାଇ ଦେଇଥା'ନ୍ତି, ସେହି ଆଧାରର ଶକ୍ତିଟିକୁ ମଧ୍ୟ କେତେକାଂଶରେ ବଦଳାଇ ଦିଅନ୍ତି; ସେମାନେ ତାହାଦ୍ୱାରା କେବଳମାତ୍ର ନିୟନ୍ତ୍ରିତ ହୁଅନ୍ତି ନାହିଁ । ମାତ୍ର ଯେଉଁ ପରିମାଣରେ ବା ଯେଉଁ ମାର୍ଗରେ ଜଡ଼ଗତ ଏହି ପରିବର୍ତ୍ତନ ଓ ନିୟନ୍ତ୍ରଣ ଘଟେ, ଏକ ଅନ୍ତର୍ବାସୀ ଓ ସର୍ବଗ୍ରାହୀ ପରମ ଚିତ୍‌ସତ୍ତାହିଁ ତାହାର ନିରୂପଣ କରିଥାଏ; ଅଧିମାନସର ଏକ ପ୍ରଚ୍ଛନ୍ନ ଓ ଅନ୍ତର୍ଗତ ଆଲୋକ ଓ ଶକ୍ତି,

'oaob.nitrkl.ac.in' images reprocessed

ଏକ ଗୁପ୍ତ ଅଧ୍ୟାତ୍ମଶକ୍ତି ଅର୍ଥାତ୍ ଏକ ଅଦୃଶ୍ୟ ଆତ୍ମଜ୍ଞାନ ଓ ସର୍ବଜ୍ଞାନର ମଧ୍ୟଦେଇହିଁ ସେ ତାହା ନିରୂପଣ କରିଥାଏ । ଯଦି ପରିପୂର୍ଣ୍ଣ ରୂପାନ୍ତରହିଁ ଏହି କ୍ଷେତ୍ରରେ ଲକ୍ଷ୍ୟ ହୋଇ ରହେ, ତେବେ କେବଳ ଚିତ୍‌ସତ୍ତାର ସେହି ବିଧାନର ପରିପୂର୍ଣ୍ଣ ଆବିର୍ଭାବ ଦ୍ୱାରାହିଁ ତାହା ସାଧିତ ହୋଇପାରିବ, ତାହାର ଅତିମାନସ ଶକ୍ତି ବା ଅଧ୍ୟାତ୍ମଜ୍ଞାନକୁ ଜଡ଼ମଧ୍ୟରେ ପ୍ରବେଶ କରିବାକୁ ପଡ଼ିବ ଓ ଜଡ଼ ଭିତରେହିଁ ବିବର୍ତ୍ତିତ ହେବାକୁ ପଡ଼ିବ । ମନୋଭୂମିକୁ ତାହା ଅତିମାନସ ଭୂମିରେ ରୂପାନ୍ତରିତ କରିଦେବ, ଆମ ଭିତରେ ଅବସ୍ଥିତ ନିଶ୍ଚେତନକୁ ଚେତନରେ ପରିଣତ କରିଦେବ, ଆମର ଜଡ଼ଧର୍ମୀ ଉପାଦାନଗୁଡ଼ିକୁ ଅଧ୍ୟାତ୍ମ ଉପାଦାନରୂପେ ବଦଳାଇ ଦେବ, ଏବଂ ଆମର ଏହି ବିବର୍ତ୍ତନଶୀଳ ସତ୍ତା ଓ ପ୍ରକୃତିଟି ମଧ୍ୟରେ ଆପଣାର ଅଧ୍ୟାତ୍ମଜ୍ଞାନମୟ ଚେତନାର ବିଧାନଟିକୁ ପ୍ରତିଷ୍ଠିତ କରି ରଖିବ । ଚରମ ଆବିର୍ଭାବ ଓ ଉନ୍ମେଷର ପର୍ଯ୍ୟାୟସ୍ୱରୂପେ ଏହାକୁହିଁ ଗ୍ରହଣ କରିବାକୁ ପଡ଼ିବ, ଅଥବା ଏହାକୁ ଉନ୍ମେଷକ୍ରମର ଅନ୍ତତଃ ସେହି ପର୍ଯ୍ୟାୟସ୍ୱରୂପେ ଗ୍ରହଣ କରିବାକୁ ପଡ଼ିବ, ଯାହାକି ବିବର୍ତ୍ତନର ପ୍ରକୃତିଟିରେ ଏକ ବିଧାୟକ ପରିବର୍ତ୍ତନ ଆଣିଦେବ, ଏହାର ଅବିଦ୍ୟାଚ୍ଛନ୍ନ ସକଳ କ୍ରିୟା ଓ ନିଶ୍ଚେତନାର ସମ୍ପୂର୍ଣ୍ଣ ଭୂମିଟିକୁ ରୂପାନ୍ତରିତ କରିଦେବ ।

ଏକ ଜଡ଼ମୟ ବିଶ୍ୱରେ ପରମ ଚିତ୍‌ସତ୍ତାର କ୍ରମାରୋହୀ ଆତ୍ମ-ଅଭିବ୍ୟକ୍ତି ବା ବିବର୍ତ୍ତନର ଏହି ଧାରାଟିକୁ ଆପଣାର ପ୍ରତ୍ୟେକ ପଦକ୍ଷେପରେ ଏହି ସତ୍ୟଟି ସହିତ ତାଳ ରଖି ଚାଲିବାକୁ ହୁଏ ଯେ ଜଡ଼ୋପାଦାନର ରୂପ ତଥା କ୍ରିୟା ମଧ୍ୟରେ ଚେତନା ଓ ଶକ୍ତି ସଂବୃତ ହୋଇ ରହିଛି । କାରଣ ସଂବୃତ ଗୁପ୍ତ ଚେତନା ଓ ଶକ୍ତିକୁ ଜାଗ୍ରତ କରିହିଁ ବିବର୍ତ୍ତନଧାରାର ଏହି ଊର୍ଦ୍ଧ୍ୱାରୋହଣ ଗୋଟିଏ ତତ୍ତ୍ୱରୁ ଅନ୍ୟଗୋଟିଏ ତତ୍ତ୍ୱକୁ ଗତି କରୁଥାଏ, ଗୋଟିଏ ସ୍ତରରୁ ଆଉଗୋଟିଏ ସ୍ତରକୁ ଯିବାରେ ଲାଗିଥାଏ, ସଂଗୁପ୍ତ ହୋଇ ରହିଥିବା ପରମ ଚିତ୍‌ସତ୍ତାର ଗୋଟିଏ ଶକ୍ତିରୁ ଆଉଗୋଟିଏ ଶକ୍ତିକୁ ଗତି କରୁଥାଏ । ମାତ୍ର ଏହାଦ୍ୱାରା ଗୋଟିଏ ଅବସ୍ଥାରୁ ଏକ ଉଚ୍ଚତର ଅନ୍ୟ ଅବସ୍ଥାର ପ୍ରାପ୍ତି ମୁକ୍ତ ଭାବରେ ସଂଘଟିତ ହୁଏ ନାହିଁ । ଉନ୍ମେଷ ଲାଭ କରୁଥିବା ପ୍ରତ୍ୟେକ ସୋପାନ ବା ସାମର୍ଥ୍ୟର କ୍ରିୟାତ୍ମିକା ଶକ୍ତିଟି ସେହି ସୋପାନର ସ୍ୱପ୍ରକୃତିଗତ ବା ସ୍ୱଶକ୍ତିଗତ ମୁକ୍ତ, ପୂର୍ଣ୍ଣ ଓ ଶୁଦ୍ଧ ବିଧାନଦ୍ୱାରା ନିରୂପିତ ହୁଏ ନାହିଁ, ମାତ୍ର ତାହା ଆଂଶିକଭାବରେ ଜଡ଼ର ଯେଉଁ ଆଧାରଟିରେ ତାହାକୁ ପ୍ରକାଶ ଲାଭ କରିବାକୁ ହେବ, ତାହାଦ୍ୱାରାହିଁ ନିରୂପିତ ଓ ନିୟନ୍ତ୍ରିତ ହେଉଥାଏ; ଏବଂ ଆଂଶିକଭାବରେ, ସେ ଯେଉଁ ଅବସ୍ଥାରେ ଆସି ପହଞ୍ଚିଛି ବା ସ୍ୱୟଂ ଯେତିକି ଶକ୍ତି ଓ ସାମର୍ଥ୍ୟ ଲାଭ କରିପାରିଛି ଏବଂ ଜଡ଼ ଉପରେ ତାହା ଚେତନାର ଯେତିକି ଉପଲବ୍ଧି ସତ୍ୟକୁ ପ୍ରତିଷ୍ଠିତ କରିପାରିଛି, ତାହାଦ୍ୱାରାହିଁ ନିରୂପିତ ହୋଇଥାଏ । ଗୋଟିଏ ଦୃଷ୍ଟିରୁ ବିଚାର କରି ଦେଖିଲେ ଏହାର କାର୍ଯ୍ୟକାରିତା

'oaob.nitrkl.ac.in' images reprocessed

ଦୁଇଆଡ଼ର ଦୁଇଟି ପ୍ରଭାବ ମଧ୍ୟରେ ରହିଥିବା ଏକ ଭାରସାମ୍ୟଦ୍ୱାରା ନିର୍ଣ୍ଣିତ ହୋଇଥାଏ; ଏକପକ୍ଷରେ, ଯାହା ଉନ୍ମେଷ ବା ପ୍ରକାଶଲାଭ କରୁଛି, ତାହା ପ୍ରକୃତରେ ଯେଉଁକି ପରିମାଣରେ ବିଦ୍ୟମାନ ରହିଛି, ଏବଂ ଅପର ପକ୍ଷରେ ଉନ୍ମେଷଲାଭ କରୁଥିବା ସେହି ତତ୍ତ୍ୱଟି ଉପରେ ନିଶ୍ଚେତନାର ଯେଉଁ ପରିମାଣରେ ପ୍ରଭାବ ପଡ଼ୁଛି,—ଏହି ଦୁହିଁଙ୍କ ମଧ୍ୟରେ ରହିଥିବା ଏକ ଭାରସାମ୍ୟ ଦ୍ୱାରା ନିର୍ଣ୍ଣିତ ହୋଇଥାଏ । କାରଣ ସେହି ତତ୍ତ୍ୱଟି ଏପର୍ଯ୍ୟନ୍ତ ନିଶ୍ଚେତନା ଦ୍ୱାରା ଆଚ୍ଛନ୍ନ ହୋଇ ରହିଥାଏ, ଏପର୍ଯ୍ୟନ୍ତ ନିଶ୍ଚେତନା ତାହାକୁ ଭେଦକରି ରହିଥାଏ ଓ ଆପଣାର ଅଧିକାର ଓ ମୁଷ୍ଟିବନ୍ଧନଦ୍ୱାରା ତାହାକୁ ଏପର୍ଯ୍ୟନ୍ତ ଖର୍ବ କରି ରଖିଥାଏ । ଆମେ ଯେଉଁ ମନଟିର ସମ୍ପର୍କରେ ଆସିଥାଉ, ତାହା ପ୍ରକୃତରେ ମନର ଏକ ଶୁଦ୍ଧ ଓ ମୁକ୍ତ ରୂପ ନୁହେଁ; ମାତ୍ର ସେହି ମନ ତାହାକୁ ଆଚ୍ଛନ୍ନ କରି ରଖିଥିବା ଏକ ନିଶ୍ଚେତନାଦ୍ୱାରା ଆଚ୍ଛନ୍ନ ଓ ଖର୍ବ ହୋଇ ରହିଥାଏ, ଏବଂ ସେହି ମନ ନିଶ୍ଚେତନାର କବଳରୁ ଜ୍ଞାନକୁ ମୁକ୍ତ କରି ଆଣିବାଲାଗି ସତତ ଚେଷ୍ଟା କରୁଥାଏ ଓ ସତତ ସଂଗ୍ରାମ କରୁଥାଏ । ଚେତନାର କେତେ ଅଂଶ ପ୍ରକୃତରେ ସଂବୃତ ହୋଇ ରହିଛି ଓ ପ୍ରକୃତରେ କେତେ ଅଂଶ ପ୍ରକାଶଲାଭ କରିଛି, ସବୁକଥା ତାହାରି ଉପରେହିଁ ନିର୍ଭର କରୁଥାଏ । ଅଚେତନ ଜଡ଼ ଭିତରେ ଚେତନା ସମ୍ପୂର୍ଣ୍ଣଭାବରେ ସଂବୃତ ଅବସ୍ଥାରେ ରହିଥାଏ, ଜଡ଼ସ୍ଥ ଜୀବନର ପ୍ରଥମ ଓ ଅପ୍ରାଣୀ ରୂପଗୁଡ଼ିକର ସ୍ତରରେ ତାହି ଗୋଟିଏ ପାଖରେ ଅଚେତନ ସଂବୃତି ଓ ଅନ୍ୟ ପାଖରେ ସଚେତନ ପରିଣତି, ଏହି ଦୁହିଁଙ୍କର ମଝିଦାଢ଼ରେ ଠିଆହୋଇ ଦୋଳାୟମାନ ହେବାରେ ଲାଗିଥାଏ; ତା'ପରେ ଏକ ସଜୀବ ଦେହ ମଧ୍ୟରେ ବାସ କରୁଥିବା ମନର ସୋପାନରେ ଏହା ସଚେତନ ଭାବରେ ବିବର୍ତ୍ତିତ ହେଉଥାଏ ସତ, ମାତ୍ର ବଡ଼ ସୀମାବଦ୍ଧ ଓ ବ୍ୟାହତ ହୋଇ ରହିଥାଏ; ଏବଂ ଅବଶେଷରେ ଦେହଧାରୀ ମନୋମୟ ସତ୍ତା ଓ ପ୍ରକୃତି ମଧ୍ୟରେ ଅତିମାନସର ଜାଗରଣ ଦ୍ୱାରା ପୂର୍ଣ୍ଣବିବର୍ତ୍ତିତ ହୋଇ ପ୍ରକାଶ ଲାଭ କରିବାକୁ ଚେତନା ନିୟତିନିର୍ଦ୍ଦିଷ୍ଟ ହୋଇ ରହିଥାଏ ।

ବିବର୍ତ୍ତନଶୀଳ ଚେତନା ଆପଣାର ଗତିଧାରାରେ ଯେତେବେଳେ ଯେଉଁ ସ୍ତରରେ ଆସି ପହଞ୍ଚେ, ସେତେବେଳେ ସେହି ସ୍ତରର ଅନୁରୂପ ସତ୍ତାଗୁଡ଼ିକ ମଧ୍ୟ ଆବିର୍ଭୂତ ହୋଇଥା'ନ୍ତି । ଗୋଟିଏ ପରେ ଗୋଟିଏ ଆସିଲାପରି ପ୍ରଥମେ ଜଡ଼ଗତ-ରୂପ ଓ ଜଡ଼ଗତ ଶକ୍ତିମାନ ଦୃଷ୍ଟିଗୋଚର ହୁଅନ୍ତି, ତ'ପରେ ଉଦ୍‌ଭିଦ, ପ୍ରାଣୀ ଓ ଅର୍ଦ୍ଧପ୍ରାଣୀରୂପ ମନୁଷ୍ୟ ଆସନ୍ତି । ପୁଣି ପୂର୍ଣ୍ଣବିକଶିତ ମନୁଷ୍ୟର ଆବିର୍ଭାବ ହୁଏ ଓ ତା'ପରେ ସମ୍ପୂର୍ଣ୍ଣ ପରିଣତି ଲାଭ କରିନଥିବା ଅର୍ଥାତ୍ ମନୁଷ୍ୟଠାରୁ ଅଧିକ ପରିଣତି ଲାଭ କରିଥିବା ଅଧ୍ୟାତ୍ମସତ୍ତାମାନେ ଆସନ୍ତି । ମାତ୍ର ବିବର୍ତ୍ତନର ପ୍ରକ୍ରିୟାଟି ଅବିଚ୍ଛିନ୍ନ ଭାବରେ ଲାଗି ରହିଥିବାରୁ ଏହିସବୁ ସ୍ତର ମଧ୍ୟରେ ସେପରି କୌଣସି ସ୍ପଷ୍ଟ ବିଭାଜକ-ରେଖା ଟାଣିଦେବା ଆଦୌ ସମ୍ଭବ ହୁଏ ନାହିଁ । ଆଗକୁ ପଡ଼ୁଥିବା ଆପଣାର

'oaob.nitrkl.ac.in' images reprocessed

ପ୍ରତ୍ୟେକ ପାହ୍ନଣ୍ଡରେ ରୂପାୟନ ଆଗରୁ ଯାହାକିଛି ଥାଏ, ତାକୁ ମଧ୍ୟ ଆପଣା ଭିତରେ ଗ୍ରହଣ କରିନିଏ । ପ୍ରାଣୀ ଆପଣା ଭିତରେ ଉଦ୍ଭିଦ ତଥା ଜୀବନହୀନ ଜଡ଼କୁ ଗ୍ରହଣ କରିନିଏ, ମନୁଷ୍ୟ ପ୍ରାଣୀ ସହିତ ଅନ୍ୟ ଦୁଇଟିଙ୍କୁ ମଧ୍ୟ ଆପଣାର ଅନ୍ତର୍ଭୁକ୍ତ କରିନିଏ । ଗୋଟିଏ ସ୍ତରରୁ ଆଉଗୋଟିଏ ସ୍ତରକୁ ଗତି କରିବାର ଏହି ପ୍ରକ୍ରିୟାଟିର ମଝିରେ ସିଆଣିମାନ ପଡ଼ିଯାଏ ବା ପ୍ରକୃତର ନିଜସ୍ୱ ଅଭ୍ୟାସଟି ହେତୁ ଦୁଇଟି ସ୍ତରକୁ ଅଲଗା କରି ଦେଖାଇ ଦେଉଥିବା ମଧ୍ୟରେଖାମାନ କାଟି ହୋଇଯାଏ । ମାତ୍ର ଏହି ସିଆଣି ଅଥବା ରେଖାଗୁଡ଼ିକ କେବଳ ଗୋଟିଏ ଶ୍ରେଣୀକୁ ଆଉ ଗୋଟିଏ ଶ୍ରେଣୀରୁ ଅଲଗା କରି ଚିହ୍ନଟ କରିଦିଅନ୍ତି; କିମ୍ବା, ଯାହା ଆବିର୍ଭୂତ ହୋଇଛି, ତାହା ଯେପରି ପୁଣି ଆପଣାର ପୂର୍ବାବସ୍ଥାକୁ ଫେରି ଆସି ନପାରିବ, ତାହାର ଏକ ପ୍ରତିକାରବ୍ୟବସ୍ଥା ଆସି କରିଦିଅନ୍ତି; ମାତ୍ର ବିବର୍ତ୍ତନର ଅବିଚ୍ଛିନ୍ନ ସୂତ୍ରଟିକୁ ସେମାନେ କଦାପି ଛିନ୍ନ କରିଦେଇ ପାରନ୍ତି ନାହିଁ କିମ୍ବା ସେହି ଅବିଚ୍ଛିନ୍ନତାର ଖଣ୍ଡନ କରିପାରନ୍ତି ନାହିଁ । କେତେବେଳେ ଏକ ଅଜ୍ଞାତ ଓ ଅନନୁଭୂତ ପ୍ରକ୍ରିୟାଦ୍ୱାରା, କେତେବେଳେ ଏକ ଲମ୍ଫପ୍ରଦାନ କିମ୍ବା ସଙ୍କଟଦ୍ୱାରା ଅଥବା କେତେବେଳେ ସମ୍ଭବତଃ ଉପରୁ କୌଣସି ଶକ୍ତି ଆସି ଏହି ଭୂମିରେ ଆପଣାର ପ୍ରଭାବ ଅନୁଭୂତ କରାଇବାଦ୍ୱାରା ବିବର୍ତ୍ତନଶୀଳ ଚେତନା ଗୋଟିଏ ଅବସ୍ଥାରୁ ଆଉଗୋଟିଏ ଅବସ୍ଥାକୁ ଅଥବା ଗୋଟିଏ ପାବଚ୍ଛକ୍ରମରୁ ଅନ୍ୟ ଏକ ପାବଚ୍ଛକ୍ରମକୁ ଗତି କରିବାରେ ଲାଗିଥାଏ । ଶେଷୋକ୍ତ ଘଟଣାଟି ଘଟିବାବେଳେ ପ୍ରକୃତର କୌଣସି ଉର୍ଦ୍ଧ୍ୱତର ଭୂମିରୁ କାହାର ଏକ ଅବତରଣଦ୍ୱାରା, ପ୍ରାଣରେ ପ୍ରବିଷ୍ଟ ହୋଇ ଅନୁପ୍ରାଣିତ କରିବାଦ୍ୱାରା ବା ପ୍ରଭାବ-ବିସ୍ତାର କରିବାଦ୍ୱାରା ଏହି ସୋପାନାନ୍ତର ଅନୁକ୍ରମଣ ଘଟିଥାଏ । ମାତ୍ର ଯେକୌଣସି ଉପାୟରେ ହେଉ ପଛକେ, ଜଡ଼ ମଧ୍ୟରେ ପ୍ରଚ୍ଛନ୍ନ ହୋଇ ବାସ କରୁଥିବା ଏହି ସଂଗୁପ୍ତ-ଅଧିବାସୀ ଚେତନା ଏହିପରି ଭାବରେ ତଳ ପାହାଚଟିକୁ ପାରି ହୋଇ ଉପର ପାହାଚଟିକୁ ଉଠିଯିବାକୁ ସମର୍ଥ ହୋଇଥାଏ, ଆପଣାର ପୂର୍ବ ଅବସ୍ଥାଟିକୁ ଆପଣାର ବର୍ତ୍ତମାନ ଅବସ୍ଥା ମଧ୍ୟରେ ଗ୍ରହଣ କରି ନେଇଥାଏ ଏବଂ ଏହି ଦୁଇଟିଯାକ ଅବସ୍ଥାକୁ ଆପଣାର ସମ୍ଭାବ୍ୟ ଭବିଷ୍ୟତ ମଧ୍ୟରେ ଗ୍ରହଣ କରି ନେଇଥାଏ । ଏହିପରି ଭାବରେ ଏହା ପ୍ରଥମେ ଜଡ଼ ସତ୍ତ୍ୱା, ଜଡ଼ ରୂପ, ଜଡ଼ ଶକ୍ତି ଓ ଜଡ଼ ପ୍ରବୃତ୍ତିଗୁଡ଼ିକ ଭିତରେ ଆପଣାଲାଗି ଏକ ଆଧାର ପ୍ରସ୍ତୁତ କରିନିଏ । ସେଠାରେ ସେ ସତେଅବା ନିଶ୍ଚେତନ ହୋଇ ପଡ଼ି ରହିଥିବା ପରି ବୋଧ ହେଉଥାଏ; ମାତ୍ର ଆମେ ବର୍ତ୍ତମାନ ସ୍ପଷ୍ଟଭାବରେ ଜାଣିସାରିଲୁଣି ଯେ ତାହା ସେଠାରେ ମଧ୍ୟ ପ୍ରକୃତରେ ଅବଚେତନ ଭାବରେ ଆପଣାର କାର୍ଯ୍ୟ କରିବାରେ ଲାଗିଥାଏ । ତା'ପରେ ତାହା ଭିତରେ ପ୍ରାଣ ଓ ପ୍ରାଣଧାରୀ ସତ୍ତ୍ୱଗୁଡ଼ିକର ପ୍ରକାଶ ଲାଗି ସାମର୍ଥ୍ୟ ଆସି ପହଞ୍ଚେ, ଏବଂ ଜଡ଼ମୟ ବସ୍ତୁରେ ମନ ଓ ମନୋମୟ ସତ୍ତ୍ୱଗୁଡ଼ିକର ପ୍ରକାଶ ଲାଗି ସାମର୍ଥ୍ୟ ଆସେ । ଏବଂ ସେହି ଭୂମି ଉପରେ ଅତିମାନସ

'oaob.nitrkl.ac.in' images reprocessed

ତଥା ଅତିମାନସ ସତ୍ତାର ଅଭ୍ୟୁଦୟ ଘଟାଇବା ଲାଗି ମଧ୍ୟ ଏହି ଚେତନା ମଧ୍ୟରେ ଅବଶ୍ୟ ସାମର୍ଥ୍ୟ ରହିଛି । ଏହିପରି ଏକ ସୋପାନକ୍ରମ ଅତିକ୍ରମ କରି ବିବର୍ତ୍ତନର ବର୍ତ୍ତମାନ ପର୍ଯ୍ୟାୟଟିରେ ମନୁଷ୍ୟର ଆବିର୍ଭାବ ହୋଇଛି; ଏଇଠୁ ଅନାଇ ଏହି ମନୁଷ୍ୟଙ୍କୁ ସତେଯେପରି ବିବର୍ତ୍ତନର ସର୍ବଶେଷ ଓ ସର୍ବଶ୍ରେଷ୍ଠ ଆବିର୍ଭାବ ବୋଲି ଦେଖାଯାଉଛି, ମାତ୍ର ପ୍ରକୃତରେ ସେ ତାହାର ସର୍ବୋଚ୍ଚ ବା ଚରମ ଶିଖର ଆଦୌ ନୁହେଁ । କାରଣ ମନୁଷ୍ୟ ସ୍ୱୟଂ ଏକ ମଧ୍ୟବର୍ତ୍ତୀ ସତ୍ତା ହିସାବରେ ଏଠି ଆସି ପହଞ୍ଚିଛି ଏବଂ ବିବର୍ତ୍ତନର ସମଗ୍ର ଧାରାଟିରେ ଏକ ସନ୍ଧିସ୍ଥାନରେ ବା ଏକ ମୋଡ଼ଜାଗାରେ ଆସି ଠିଆହୋଇଛି । ଏହିପରି ଏକ ଅବିଚ୍ଛିନ୍ନ ଧାରାରେ ଗତି କରୁଥିବାରୁ ଯେକୌଣସି ନିର୍ଦ୍ଦିଷ୍ଟ କ୍ଷଣରେ ବିବର୍ତ୍ତନର ଏକ ଅତୀତ ଅବଶ୍ୟ ରହିଥିବ ଏବଂ ସେହି ଅତୀତର ମୌଳିକ ପରିଣାମଗୁଡ଼ିକ ସ୍ପଷ୍ଟ ଦୃଷ୍ଟିଗୋଚର ହେଉଥିବ; ଏହାର ଏକ ବର୍ତ୍ତମାନ ମଧ୍ୟ ରହିଥିବ ଯେଉଁଠି ମନୁଷ୍ୟ ଯେଉଁସବୁ ଲକ୍ଷ୍ୟସାଧନର ଉଦ୍ୟମ କରୁଥିବ, ସେସବୁ ସମ୍ଭୂତିର ପ୍ରକ୍ରିୟା ମଧ୍ୟଦେଇ ଗତି କରୁଥିବ; ଏବଂ ଏକ ଭବିଷ୍ୟତ ମଧ୍ୟ ରହିଥିବ ଯେତେବେଳେ କି ଏପର୍ଯ୍ୟନ୍ତ ଅନାଗତ ବା ଅବିବର୍ତ୍ତିତ ହୋଇ ରହିଥିବା କେତେକେତେ ସାମର୍ଥ୍ୟ ଓ କେତେକେତେ ରୂପ ଅବଶ୍ୟ ଉନ୍ମେଷ ଲାଭ କରିବେ ଓ ରୂପାୟନର ଲୀଳାଟି ପରିପୂର୍ଣ୍ଣ ଓ ସର୍ବସମ୍ପନ୍ନ ହେବାଯାଏ ଏହା କ୍ରମସ୍ଥ ଲାଗି ରହିଥିବ । ଏହି କ୍ଷେତ୍ରରେ ଅତୀତର ଇତିହାସଟି ହେଉଛି ଏକ ଅତି ମନ୍ଥର ଓ ଆସ୍ତେଆସ୍ତେ ଅବଚେତନ କ୍ରିୟାତ୍ମକତାର ଇତିହାସ, ଏବଂ କେବଳ ଉପରିଭାଗଟାରେହିଁ ଏହାର ଯାବତୀୟ ପରିଣାମ ଅନୁଭୂତ ହୋଇଛି । ଏହି ବିବର୍ତ୍ତନକୁ ଆମେ ଏକ ଅବଚେତନ ବିବର୍ତ୍ତନ ବୋଲି କହିପାରିବା । ଏହାର ବର୍ତ୍ତମାନ ପର୍ଯ୍ୟାୟଟି ହେଉଛି ଏକ ମଧ୍ୟବର୍ତ୍ତୀ ପର୍ଯ୍ୟାୟ, ଏହି ପର୍ଯ୍ୟାୟରେ ବିବର୍ତ୍ତନ ଏକ ଅନିଶ୍ଚିତ ସଫଳତାର ପଥରେ ଗତି କରୁଛି, ଯେଉଁଥିରେ କି ମନୁଷ୍ୟର ବୁଦ୍ଧି ସତ୍ତାଗତ ସେହି ପ୍ରଚ୍ଛନ୍ନ ବିବର୍ତ୍ତନଶୀଳ ଶକ୍ତିଟିଦ୍ୱାରା ସାଧନରୂପେ ବ୍ୟବହୃତ ହେବାରେ ଲାଗିଛି । ମାତ୍ର ଏହି ବୁଦ୍ଧି ସେହି ଶକ୍ତିର କାର୍ଯ୍ୟରେ ଅଂଶଗ୍ରହଣ କରୁଥିଲେ ମଧ୍ୟ ତଥାପି ତାହାର ପୂର୍ଣ୍ଣ ବିଶ୍ୱାସର ପାତ୍ର ହୋଇପାରି ନାହିଁ । ବିବର୍ତ୍ତନର ଏହି ପର୍ଯ୍ୟାୟଟି ଆପଣା ସମ୍ବନ୍ଧରେ କ୍ରମେ ସଚେତନ ହୋଇ ଆସୁଛି । ଏବଂ ବିବର୍ତ୍ତନର ଯେଉଁ ପରବର୍ତ୍ତୀ ପର୍ଯ୍ୟାୟଟି ଭବିଷ୍ୟତର ଗର୍ଭରେ ଅପେକ୍ଷା କରି ରହିଛି, ସେଥିରେ ଅଧ୍ୟାତ୍ମସତ୍ତା ଅଧିକରୁ ଅଧିକ ସଚେତନ ଭାବରେ ଆପଣାକୁ ଅବଶ୍ୟ ବିବର୍ତ୍ତିତ କରି ଆଣିବ ଏବଂ ପରିଶେଷରେ ଉନ୍ମେଷଧର୍ମୀ ଅଧ୍ୟାତ୍ମ ଜ୍ଞାନର ଜ୍ୟୋତିଟି ଦ୍ୱାରା ତାହା ଏକ ଆତ୍ମଜ୍ଞାନମୟ କ୍ରିୟା ଭିତରେ ଆପଣାକୁ ପରିପୂର୍ଣ୍ଣରୂପେ ଉନ୍ମୋଚିତ କରିଦେବ ।

ଏହି ଆବିର୍ଭାବକ୍ରମର ପ୍ରଥମ ଭିତ୍ତିରୂପେ ଜଡ଼ରୂପଗୁଡ଼ିକର ସୃଷ୍ଟି ହେଉଛି; ଏହି ରୂପଗୁଡ଼ିକ ପ୍ରଥମେ ନିଶ୍ଚେତନ ଓ ଜୀବନରହିତ ହୋଇ ରହୁଛି, ତା'ପରେ

'oaob.nitrkl.ac.in' images reprocessed

ପ୍ରାଣଯୁକ୍ତ ଓ ମନନକ୍ଷମ ଜଡ଼ର ଉଦ୍‌ଭବ ହେଉଛି, ଏକ ବୃହତ୍ତର ଚେତନ ସାମର୍ଥ୍ୟକୁ ଅଭିବ୍ୟକ୍ତ କରି ପାରିବାଭଳି ଅଧିକରୁ ଅଧିକ ସଗଠିତ ଦେହଧାରୀମାନଙ୍କର ଆବିର୍ଭାବ ଘଟୁଛି । ଜଡ଼ର ବିଗତିକୁ, ଜଡ଼ଗତ ଦେହଗଠନର ଏହି ବିଗତିକୁ ବିଜ୍ଞାନ ତନ୍ନତନ୍ନ କରି ଅଧ୍ୟୟନ କରିଛି । ମାତ୍ର ଅନ୍ୟ ଅନ୍ତର୍ଗତ ବିଗତି ଉପରେ ଅର୍ଥାତ୍ ଚେତନାର ବିଗତି ଉପରେ ଏପର୍ଯ୍ୟନ୍ତ ଅତି କମ୍ ଆଲୋକପାତ ହୋଇଛି; ଏବଂ ଏହି କ୍ଷେତ୍ରରେ ଯେଉଁ କ୍ଷୁଦ୍ରାୟତନ ଉପରେ ଆମର ଦୃଷ୍ଟି ପଡ଼ିଛି ତାହା ମୁଖ୍ୟତଃ ଚେତନାର ଭୌତିକ ଭୂମି ଓ ଯାନ୍ତ୍ରିକ ବିଧାୟନଟି ଉପରେ ପଡ଼ିଛି । ଆପଣାର ସ୍ୱଭାବଗତ ଧର୍ମ ଅନୁସାରେ ଚେତନା ଯେଉଁଭଳିଭାବରେ ଅଗ୍ରସର ହୋଇ କାର୍ଯ୍ୟ କରିଥାଏ, ତାହା ଉପରେ ପ୍ରାପ୍ତ କୌଣସି ଆଲୋକପାତ ହୋଇ ନାହିଁ । ବିବର୍ତ୍ତନର ପ୍ରକ୍ରିୟା ମଧ୍ୟରେ ଏକ ଅବିଚ୍ଛିନ୍ନତା ରହିଛି ବୋଲି ଆମେ ଏପର୍ଯ୍ୟନ୍ତ ଦେଖିଆସିଛୁ । ପ୍ରାଣ ଜଡ଼କୁ ଆପଣା ଭିତରକୁ ଗ୍ରହଣ କରି ନେଇଛି, ମନ ଅବମାନସ ପ୍ରାଣକୁ ଓ ବୁଦ୍ଧିସ୍ଥିତ ମନ, ପ୍ରାଣ ଓ ଇନ୍ଦ୍ରିୟଗତ ମନକୁ ଆପଣା ଭିତରକୁ ଗ୍ରହଣ କରି ନେଇଛି । ତଥାପି ଏହି ଧାରା ମଧ୍ୟରେ ଚେତନାର ଗୋଟିଏ ଅବସ୍ଥାକୁ ଅତିକ୍ରମ କରି ଆଉ ଗୋଟିଏ ଅବସ୍ଥାକୁ ଗତି କଲାବେଳେ ମଝିରେ ଏକ ଉପସାଗର ପରି ରହିଥିବା ବ୍ୟବଧାନଟିକୁ ହୁଏତ ଏକ ସେତୁଦ୍ୱାରା ଅଥବା ଲମ୍ଫପ୍ରଦାନ ଦ୍ୱାରା ଯେପରି ପାର ହୋଇ ଯିବାକୁ ପଡ଼ିଥାଏ, ତାହା ଆମର ଆଖିକୁ ଅସାଧ୍ୟ ବା ଅସମ୍ଭବ ପରି ଦେଖା-ଯାଏ । ଅତୀତରେ ଯେ କେହି ଏପରି ପାର ହୋଇ ପାରିଛନ୍ତି, ଆମେ ତାହାର କୌଣସି ସନ୍ତୋଷଜନକ ପ୍ରକୃତ ପ୍ରମାଣ ଆବିଷ୍କାର କରିପାରୁ ନାହିଁ, ବା ଯେଉଁଭଳି ଭାବରେ ସେମାନେ ଏହା କରି ପାରିଛନ୍ତି, ସେ ବିଷୟରେ ମଧ୍ୟ ଆମର ଦୃଢ଼ବୋଧ ହୁଏ ନାହିଁ । ଏପରିକି ବାହାର କ୍ଷେତ୍ରର ବିବର୍ତ୍ତନରେ ଅର୍ଥାତ୍ ଜଡ଼ରୂପଗୁଡ଼ିକର ବିକାଶରେ ଆମକୁ ପର୍ଯ୍ୟାପ୍ତ ତଥ୍ୟ ସୁସ୍ପଷ୍ଟଭାବରେ ମିଳି ଯାଉଥିଲେ ମଧ୍ୟ ତଥାପି ମଝିରେ ମଝିରେ ହଠାତ୍ ସେହି ଧାରାରେ କେଉଁଠି ଛିଅ ଛୁଡ଼ିଯାଇଥିବା ପରି ଦେଖାଯାଉଛି ଏବଂ ବିବର୍ତ୍ତନର ଅନେକ ସ୍ତର ଲୁପ୍ତ ହୋଇ ରହିଛି । ମାତ୍ର ଚେତନାର ଆବିର୍ଭାବ ହୋଇସାରିବା ପରେ ବିବର୍ତ୍ତନର ମାର୍ଗଟିକୁ ପ୍ରମାଣ ଦେଇ ବୁଝାଇପାରିବା ଆହୁରି କଷ୍ଟକର ହୋଇପଡ଼ୁଛି, କାରଣ ଏହି ସ୍ତରରେ ତାହା ଏକ ମାର୍ଗପରି ଦେଖା ନଯାଇ ସତେଯେପରି ଏକ ରୂପାନ୍ତର ପରି ଦେଖାଯାଉଛି । ଅବଶ୍ୟ ଏକଥା ହୋଇପାରେ ଯେ ଅବଚେତନର ରାଜ୍ୟଟିକୁ ଭେଦ କରିବା ସକାଶେ ଆମର ଆଦୌ କୌଣସି ଶକ୍ତି ନାହିଁ, ଅବମାନସର ଯଥାର୍ଥ ପ୍ରକୃତିଟିକୁ ଜାଣିବାକୁ ଓ ଆମର ମନୋଭୂମିଠାରୁ ଭିନ୍ନ ଆଉ ଏକ ନିମ୍ନତର ମନୋଭୂମିକୁ ଯଥେଷ୍ଟ ଭାବରେ ବୁଝି ପାରିବାକୁ ଆମେ ସମର୍ଥ ହେଉ ନାହୁଁ; ଏବଂ ସେଥିଲାଗି ଆମେ ସୂକ୍ଷ୍ମ ସ୍ତରଗୁଡ଼ିକୁ ଯଥାର୍ଥ ଭାବେ ବାରି କରି ଦେଖିପାରୁ ନାହୁଁ । ବିବର୍ତ୍ତନର ପ୍ରତ୍ୟେକ ସୋପାନରେ ତଥା ଦୁଇଟି ସୋପାନ ମଝିରେ ରହିଥିବା ସୀମାଟି

'oaob.nitrkl.ac.in' images reprocessed

ଉପରେ ରହିଥିବା ସୂକ୍ଷ୍ମ ସ୍ତରଗୁଡ଼ିକୁ ଆମେ ଆଦୌ ଦେଖିପାରୁ ନାହୁଁ । କେବଳ ଜଡ଼ଭୂମିଗତ ତଥ୍ୟଗୁଡ଼ିକୁ ଟିକିନିଖି କରି ଯାଞ୍ଚୁଥିବା ବୈଜ୍ଞାନିକ ମଧ୍ୟ ଏହିସବୁ ଫାଙ୍କ ଓ ଲୁପ୍ତସ୍ଥାନଗୁଡ଼ିକ ସତ୍ତ୍ୱେ ସମଗ୍ର ବିବର୍ତ୍ତନଟିର ଅବିଚ୍ଛିନ୍ନତା ଉପରେ ବିଶ୍ୱାସ ସ୍ଥାପନ କରିବାକୁ ପ୍ରବୃତ୍ତ ହୋଇଛି । ତେଣୁ ଯଦି ଆମେ ସେହିପରି ଭାବରେ ଅନ୍ତର୍ଗତ ବିବର୍ତ୍ତନର ଧାରାଟିକୁ ମଧ୍ୟ ନିରୀକ୍ଷଣ କରି ଦେଖିପାରିବା, ତେବେ ଏଥିରେ ଆଦୌ କୌଣସି ସନ୍ଦେହ ନାହିଁ ଯେ ଆମେ ଏହିସବୁ ବିଶାଳ ପରିବର୍ତ୍ତନର ସମ୍ଭାବନା ଓ ନିଷ୍ପତ୍ତିଗୁଡ଼ିକୁ ନିଶ୍ଚୟ ଆବିଷ୍କାର କରିପାରିବା । ମାତ୍ର ସ୍ତର ସ୍ତର ମଧ୍ୟରେ ଏକ ପ୍ରକୃତ ଓ ମୌଳିକ ପାର୍ଥକ୍ୟ ଅବଶ୍ୟ ରହିଛି; ଏତେଦୂର ପାର୍ଥକ୍ୟ ରହିଛି ଯେ ଗୋଟିଏ ସ୍ତରକୁ ପାର ହେଲେ ଆଉ ଗୋଟିଏ ସ୍ତରକୁ ଅତିକ୍ରମି ଯିବାର ଏହି ମାର୍ଗଟିକୁ ଏକ ସମ୍ପୂର୍ଣ୍ଣ ନୂତନ ସୃଜନ ବୋଲି ବେଶ୍ ବୁଝାଯାଇ ପାରିବ, ତାହାକୁ କେବଳ ଅତି ସହଜରେ ଅନୁମେୟ ଏକ ପ୍ରାକୃତ ବିକାଶ କିମ୍ବା ସହଜ ପୂର୍ବପରତାରେ ସଜାହୋଇ ରହିଥିବା ଓ ସ୍ପଷ୍ଟଭାବରେ ବାରି ହେଉଥିବା ସୋପାନଗୁଡ଼ିକ ଉପରେ କେବଳ ସତ୍ତ୍ୱର ଗୋଟିଏ ସ୍ତରକୁ ପାର ହୋଇ ଆଉ ଗୋଟିଏ ସ୍ତରରେ ପହଞ୍ଚିଯିବା ବୋଲି ନକହି ବରଂ ଏହି କ୍ଷେତ୍ରରେ ଏକ ଅଲୌକିକ ରୂପାନ୍ତରହିଁ ସାଧିତ ହେଉଛି ବୋଲି ବୁଝାଯାଇ ପାରିବ ।

ପ୍ରକୃତିର ପାବଚ୍ଛଶ୍ରେଣୀ ଦେଇ ଉପରକୁ ଉପରକୁ ପାଦ ପକାଉଥିବା ସଙ୍ଗେ ସଙ୍ଗେ ସ୍ତର ସ୍ତର ମଧ୍ୟରେ ରହିଥିବା ଏହି ବ୍ୟବଧାନଗୁଡ଼ିକ ଅଧିକ ଗଭୀର ହେବାରେ ଲାଗିଥିବ, ମାତ୍ର ସେଗୁଡ଼ିକର ପ୍ରସ୍ଥ କ୍ରମଶଃ କମି କମି ଆସୁଥିବ । ଧାତୁ ମଧ୍ୟରେ ବି ପ୍ରାଣ-ପ୍ରତିକ୍ରିୟାର ପ୍ରାଥମିକ ସଙ୍କେତମାନ ରହିଛି ବୋଲି ବିଜ୍ଞାନ ଏବେ ଘୋଷଣା କଲାଣି ଏବଂ ସେହି ସଙ୍କେତଗୁଡ଼ିକ ମୂଳତଃ ଉଦ୍ଭିଦ ମଧ୍ୟରେ ରହିଥିବା ପ୍ରାଣସଙ୍କେତର ସମାନଧର୍ମୀ ବି ହୋଇପାରେ; ମାତ୍ର ଆମେ ଯାହାକୁ ପ୍ରାଣମୟ ଜଡ଼ଦ୍ରବର ପାର୍ଥକ୍ୟ ବୋଲି କହିପାରିବା, ଧାତୁ ଓ ଉଦ୍ଭିଦ ମଧ୍ୟରେ ସେହି ପାର୍ଥକ୍ୟଟି ଏତେ ଅଧିକ ମାତ୍ରାରେ ରହିଛି ଯେ ଗୋଟିଏ ଆମକୁ ଗୋଟାସୁଦ୍ଧା ଜୀବନହୀନ ବୋଲି ଦେଖାଯାଉଛି ଏବଂ ଅନ୍ୟଟି ଆପାତ ଦୃଷ୍ଟିରୁ ସଚେତନ ନହେଲେହେଁ ଆମେ ତାହାକୁ ଏକ ଜୀବନଧାରୀ ପ୍ରାଣୀ ବୋଲି କହିପାରୁଛୁ । ବିବର୍ତ୍ତନର ସର୍ବୋଚ୍ଚ ସ୍ତରରେ ପହଞ୍ଚିଥିବା ଉଦ୍ଭିଦର ଜୀବନ ଓ ନିମ୍ନତମ ସ୍ତରରେ ରହିଥିବା ପ୍ରାଣୀ ମଧ୍ୟରେ ବ୍ୟବଧାନଟି ଅଧିକ ଗଭୀର ବୋଲି ସ୍ପଷ୍ଟ ଦେଖାଯାଉଛି; କାରଣ ଏଠାରେ ଗୋଟିଏ ପାଖରେ ମନ ମହଜୁଦ ରହିଛି ଓ ଅନ୍ୟ ପାଖଟିରେ ମନର କୌଣସି ଆପାତ ବା ପ୍ରାଥମିକ ସ୍ପଷ୍ଟ ଗତିସ୍ପନ୍ଦନ ମଧ୍ୟ ଆଦୌ ଦୃଷ୍ଟିଗୋଚର ହେଉ ନାହିଁ । ଗୋଟିକରେ ପ୍ରାଣଗତ ପ୍ରତିକ୍ରିୟାବିଶିଷ୍ଟ ଜୀବନ ବିଦ୍ୟମାନ ରହିଛି ସତ, ମାତ୍ର ମାନସିକ ଚେତନାର ଉପାଦାନଟି ସମ୍ପୂର୍ଣ୍ଣ ଅନାବୃତ ଅବସ୍ଥାରେ ରହିଛି; ସେଠାରେ କେବଳ ଗୁପ୍ତହୋଇ

'oaob.nitrkl.ac.in' images reprocessed

ରହିଥିବା, ବା ଅଚେତନ କିମ୍ବା ସମ୍ଭବତଃ କେବଳ ଏକ ଅବମାନସ ଇନ୍ଦ୍ରିୟସ୍ପନ୍ଦନଟି ସଘନ ଭାବରେ କ୍ରିୟାଶୀଳ ହୋଇ ରହିଛି । ଏବଂ ଅନ୍ୟଟିରେ ନିମ୍ନତମ ପ୍ରାଣୀର ସ୍ତରରେ, ଉଦ୍ଭିଦର ଅବଚେତନ ଜୀବନପ୍ରଣାଳୀ ମଧ୍ୟରେ ପ୍ରାଣ ଯେତେଦୂର ସଂକ୍ଷିପ୍ତ ଓ ସୁସ୍ଥାପିତ ହୋଇ ରହିଥିଲା, ଏଠାରେ ସେସବୁ ଭାବରେ ରହିନଥିବା ପରି ପ୍ରଥମେ ଦେଖା ଯାଉଥିଲେ ମଧ୍ୟ ଏବଂ ବ୍ୟକ୍ତ ଚେତନାର ନୂତନ ପଦ୍ଧତିଟି ତାହାକୁ ସମ୍ପୂର୍ଣ୍ଣଭାବରେ ନିୟନ୍ତ୍ରଣ କରୁନଥିଲେ ମଧ୍ୟ ତଥାପି ମନର ଅଭ୍ୟୁଦୟ ଘଟିଛି, ସଚେତନ ଜୀବନ ଦୃଷ୍ଟିଗୋଚର ହୋଇଛି ଏବଂ ଏକ ଗଭୀର ପରିବର୍ତ୍ତନ ସଂଘଟିତ ହୋଇଛି । ମାତ୍ର ଉଦ୍ଭିଦ ଓ ପ୍ରାଣୀ ମଧ୍ୟରେ ଦୈହିକ ଗଠନର କ୍ଷେତ୍ରରେ ଯେତେବେଶୀ ପାର୍ଥକ୍ୟ ରହିଥାଉ ନା କାହିଁକି, ଉଭୟର ପ୍ରାଣକ୍ଷେତ୍ରଗତ ସାଧାରଣ ବିଧାନ ଉଭୟଙ୍କ ମଧ୍ୟରେ ରହିଥିବା ବ୍ୟବଧାନର ବିସ୍ତାରକୁ ଅନେକ ହ୍ରାସ କରିଦେଇଛି, ମାତ୍ର ତାହାର ଗଭୀରତାଟିକୁ ଅବଶ୍ୟ ପୂରଣ କରିପାରି ନାହିଁ । ଉଚ୍ଚତମ ସ୍ତରରେ ରହିଥିବା ଇତରପ୍ରାଣୀ ଏବଂ ନିମ୍ନତମ ସ୍ତରରେ ଅବସ୍ଥିତ ମନୁଷ୍ୟ ମଧ୍ୟରେ ବି ମଝିରେ ଯେଉଁ ବ୍ୟବଧାନ ରହିଛି, ତାହାର ବିସ୍ତାର ଆହୁରି କମ୍, ମାତ୍ର ଗଭୀରତା ଅଧିକ ବେଶୀ । ଏଠାରେ ଏହି ବ୍ୟବଧାନଟି ହେଉଛି ଇନ୍ଦ୍ରିୟମନ ଓ ବୁଦ୍ଧି ମଧ୍ୟରେ ରହିଥିବା ବ୍ୟବଧାନ । କାରଣ ସଭ୍ୟତାଠାରୁ ଦୂରରେ ରହିଥିବା ମନୁଷ୍ୟର ସ୍ୱଭାବକୁ ଆମେ ଯେତେବେଶୀ ଅଶୋଧିତ ଓ ଆଦିମ ବୋଲି କହୁ ନା କାହିଁକି, ଆମେ ଏକଥାଟିକୁ କଦାପି ଅନ୍ୟଥା କରିଦେଇ ପାରିବା ନାହିଁ ଯେ ଆଦିମରୁ ଆଦିମତମ ସ୍ତରରେ ବାସ କରୁଥିବା ମଣିଷ ଇନ୍ଦ୍ରିୟମନ, ଭାବଗତ ପ୍ରାଣମୟତା ଓ ପ୍ରାଥମିକ ବ୍ୟାବହାରିକ ବୁଦ୍ଧିସମ୍ପନ୍ନତାର କ୍ଷେତ୍ରରେ ଇତରପ୍ରାଣୀର ସମତୁଲ୍ୟ ହୋଇଥିଲେ ମଧ୍ୟ ତାହା ପାଖରେ ମନୁଷ୍ୟତ୍ୱସ୍ୱରୂପ ବୁଦ୍ଧି ବିଦ୍ୟମାନ ରହିଛି, ଏବଂ ଯେତେଯାହା ସୀମିତ ଭାବରେ ହେଲେ ମଧ୍ୟ ସେ ଚିନ୍ତା କରିପାରୁଛି, ଓ ତାହା ଭିତରେ ଧାରଣା, ସଚେତନ ଉଦ୍ଭାବନା ତଥା ଧର୍ମଗତ ଓ ନୈତିକ ବିଚାରଣା ଓ ଅନୁଭୂତିର ସାମର୍ଥ୍ୟ ରହିଛି । ଏବଂ ଏକ ଜୀବଜାତି ହିସାବରେ ପ୍ରତ୍ୟେକ ମନୁଷ୍ୟର ଏହିସବୁ ଶକ୍ତି ମୂଳଗତ ହୋଇ ରହିଛି । ସବୁ ମନୁଷ୍ୟଙ୍କର ସମାନ ପ୍ରକାର ବୁଦ୍ଧି ରହିଛି; ଅବଶ୍ୟ ଏକଥା ସତ ଯେ ପୂର୍ବ ଶିକ୍ଷା ଓ ତାଲିମ, ଏବଂ ବୁଦ୍ଧିଗତ ସାମର୍ଥ୍ୟ, ଯୋଗ୍ୟତା ଓ କ୍ରିୟାଦକ୍ଷତାର ବିକାଶ ଦୃଷ୍ଟିରୁ ମନୁଷ୍ୟ ମନୁଷ୍ୟ ମଧ୍ୟରେ ପାର୍ଥକ୍ୟ ରହିଛି । ତଥାପି ଏହିସବୁ ଭେଦରେଖା ରହିଥିଲେ ମଧ୍ୟ ଆମେ ଆଉ କଦାପି ଏଭଳି ଏକ ଅନୁମାନ କରିପାରିବା ନାହିଁ ଯେ ଭଗବାନ୍ ବା ସେହିଭଳି କୌଣସି ସ୍ରଷ୍ଟାଶକ୍ତି ପ୍ରତ୍ୟେକ ଜାତି ଓ ଉପଜାତିକୁ ଘର ଭିତରୁ ବାହାର କଳଭଳି ସେମାନଙ୍କୁ ଏକ ନିର୍ଦ୍ଦିଷ୍ଟ ଶରୀର ଓ ସଚେତନତା ଦେଇ ଓ ଅଲଗା ଅଲଗା କରି ଏକାବେଳକେ ଗୋଟାସୁଦ୍ଧା ଗଢ଼ି ବାହାର କରି ଆଣିଛନ୍ତି; ଏବଂ ସେତିକରେ କାମ ସାରିଦେଇ ଆପଣାର ସୃଷ୍ଟି ଉପରେ ଦୃଷ୍ଟିପାତ



'oaob.nitrkl.ac.in' images reprocessed

କରି ତାହା ବେଶ୍ ଭଲ ହେଲା ବୋଲି ଅନୁଭବ କରିଛନ୍ତି । ବର୍ତ୍ତମାନ ଏକଥାଟି ସ୍ପଷ୍ଟ ହେବାରେ ଲାଗିଛି ଯେ କୌଣସି ଗୋପନ ସଚେତନ ବା ଅଚେତନ ସୃଷ୍ଟିଶକ୍ତି ଦ୍ରୁତ କିମ୍ବା ମନ୍ଥର ଗତିରେ ପ୍ରାଣଗତ, ଶରୀରଗତ ଅଥବା ମନୋଗତ କୌଣସି ଯାନ୍ତ୍ରିକ କୌଶଳର ପ୍ରୟୋଗ କରିବାଦ୍ୱାରା ହିଁ ଏହି ପରିବର୍ତ୍ତନଟିକୁ ସଂଘଟିତ କରାଇଛନ୍ତି, ଏବଂ ସମ୍ଭବତଃ ପରିବର୍ତ୍ତନଟିକୁ ସମ୍ପନ୍ନ କରିବା ପରେ ଯେଉଁସବୁ ରୂପ ବା ସୃଜନକୁ କେବଳ ଏକ ମଧ୍ୟବର୍ତ୍ତୀ ସୋପାନରୂପେ ବ୍ୟବହାର କରିବାକୁ ତିଆରି କରିଥିଲେ ଏବଂ ପ୍ରକୃତି-ବିବର୍ତ୍ତନର କ୍ଷେତ୍ରରେ ଯେଉଁଗୁଡ଼ିକ ଆଉ କୌଣସି କାମରେ ଲାଗି ନଥା'ନ୍ତେ କିମ୍ବା କୌଣସି ଉଦ୍ଦେଶ୍ୟର ସାଧନ କରିନଥା'ନ୍ତେ, ସେଗୁଡ଼ିକୁ ଗୋଟିଏ ଗୋଟିଏ ପୃଥକ୍ ପ୍ରକାର ହିସାବରେ ସଂରକ୍ଷିତ କରି ରଖିବାକୁ ଆଉ କୌଣସି ଚେଷ୍ଟା କରିନାହାନ୍ତି । ମାତ୍ର ମଝିରେ ରହି ଯାଇଥିବା ଫାଙ୍କ ବା ମଝିରୁ ଲୁପ୍ତ ହୋଇ ଯାଇଥିବା ଜୀବସ୍ତରଗୁଡ଼ିକ ବିଷୟରେ ଏହି ସିଦ୍ଧାନ୍ତଟି ବର୍ତ୍ତମାନ ମଧ୍ୟ କେବଳ ଏକ ଅନୁମାନମାତ୍ର ହୋଇ ରହିଛି ଏବଂ ଏହାକୁ ଏକ ସତ୍ୟରୂପେ ପ୍ରତିଷ୍ଠିତ କରିପାରିବା ଲାଗି ଆମ ପାଖରେ ଯଥେଷ୍ଟ ପ୍ରମାଣ ନାହିଁ । ସେକଥା ଯାହା ହୋଇଥାଉନା କାହିଁକି, ବିବର୍ତ୍ତନ-ଗତ ପରିବର୍ତ୍ତନର ବାହ୍ୟ ପ୍ରକ୍ରିୟାଟି ମଧ୍ୟରେ ନୁହେଁ, ମାତ୍ର ଅନ୍ତର୍ଗତ ଶକ୍ତିଟିର କ୍ରିୟା ମଧ୍ୟରେହିଁ ଆମେ ଏହିସବୁ ମୌଳିକ ପାର୍ଥକ୍ୟର ଅସଲ କାରଣ ଖୋଜି ପାଇପାରିବା । ଅନ୍ତର୍ଗତ ସେହି ଦିଗଟିରୁ ଏହାକୁ ଗଭୀରତର ଭାବରେ ଅନାଇ ଦେଖିବାକୁ ସମର୍ଥ ହେଲେ ଏହି କ୍ଷେତ୍ରରେ ପ୍ରକୃତ ସତ୍ୟଟିକୁ ବୁଝିପାରିବା ଲାଗି ଯେଉଁ ଅସୁବିଧା ରହିଛି, ତାହା ଦୂରୀଭୂତ ହୋଇଯିବ । ସେତେବେଳେ ବିବର୍ତ୍ତନର ଗୋଟିଏ ସୋପାନରୁ ଆଉଗୋଟିଏ ସୋପାନକୁ ହେଉଥିବା ପରିବର୍ତ୍ତନମାନ ବୋଧଗମ୍ୟ ହେବ ଏବଂ ବିବର୍ତ୍ତନ-ପ୍ରକ୍ରିୟା ଏବଂ ଏହାର ଅନୁସୃତ ପଦ୍ଧତିଟିର ପ୍ରକୃତିଗତ ଆବଶ୍ୟକତା ଦୃଷ୍ଟିରୁ ଏସବୁ ପରିବର୍ତ୍ତନ ଯେ ଅପରିହାର୍ଯ୍ୟ ଆମେ ସେକଥା ହୃଦୟଙ୍ଗମ କରି ପାରିବା ।

କାରଣ, ଏହି ପ୍ରଶ୍ନଟିର ବାହ୍ୟବିଜ୍ଞାନଗତ ଅର୍ଥାତ୍ ଭୌତିକ ଦିଗରୁ ନୁହେଁ, ମାତ୍ର ମନୋଭୂମିଗତ ଦିଗରୁ ବିଚାର କରି ଯଦି ଆମେ ଠିକ୍ କେଉଁଠି ପାର୍ଥକ୍ୟଟି ରହିଛି ବୋଲି ଅନୁସନ୍ଧାନ କରିବାକୁ ଯିବା, ତେବେ ଆମେ ବେଶ୍ ଦେଖିପାରିବା ଯେ ସତ୍ତାର ଆଉଏକ ଅନ୍ୟ ତତ୍ତ୍ୱର ସ୍ତରକୁ ଚେତନା ଆପଣାକୁ ସମୁନ୍ନୀତ କରି ନେଉଥିବାରୁହିଁ ପାର୍ଥକ୍ୟଟି ସଂଘଟିତ ହେଉଛି । ଜଡ଼ର ନିଶ୍ଚେତନ ଓ ଜୀବନହୀନ ତତ୍ତ୍ୱର ସ୍ତରଟିରେ ଧାତୁ ଦୃଢ଼ସୂତ୍ରବଦ୍ଧ ହୋଇଛି । ଧାତୁ ମଧ୍ୟରେ ପ୍ରାଣର ସଙ୍କେତ ଦେଉଥିବା କେତେକ ପ୍ରତିକ୍ରିୟା ତଥାପି ରହିଛି କିମ୍ବା ଅନ୍ତତଃ ଉଦ୍ଭିଦର ସ୍ତରକୁ ଆସି ପ୍ରାଣରୂପେ ବିକଶିତ ହେଉଥିବା କେତେକ ପ୍ରାଥମିକ ସ୍ପନ୍ଦନର ସୂଚନା ଧାତୁରୁ ମଧ୍ୟ ମିଳୁଛି ବୋଲି ଆମେ ଅନୁମାନ କରିବାକୁ ଗଲେ ମଧ୍ୟ ଆମେ ତେବେସୁଦ୍ଧା

'oaob.nitrkl.ac.in' images reprocessed

ଧାତୁର ପ୍ରାଣ ଥିବା ଏକ ବସ୍ତୁରୂପ ବୋଲି ଆଦୌ କହିବା ନାହିଁ । ଏହାର ଲକ୍ଷଣଗୁଡ଼ିକ ଦୃଷ୍ଟିରୁ ଏହାକୁ କେବଳ ଏକ ଜଡ଼ରୂପ ବୋଲି କହିବା । ପ୍ରାଣତତ୍ତ୍ୱର ଏକ ଅବଚେତନ ବିସ୍ତାର ଭୂମିରେ ଉଦ୍ଭିଦର ସ୍ଥାନ ନିର୍ଦ୍ଦିଷ୍ଟ ହୋଇ ରହିଛି । ମାତ୍ର ତା'ବୋଲି ଏକଥା ଆଦୌ ଠିକ୍ ନୁହେଁ ଯେ ଉଦ୍ଭିଦ ଜଡ଼ର ଆବୃତନରୁ ଆପଣାକୁ ସମ୍ପୂର୍ଣ୍ଣରୂପେ ମୁକ୍ତ କରିଦେଇଛି ଅଥବା କେବଳ ମନର ସ୍ତରରେହିଁ ଆପଣାର ସମ୍ପୂର୍ଣ୍ଣ ଅର୍ଥଟି ସହିତ ପ୍ରକାଶଲାଭ କରୁଥିବା ପ୍ରତିକ୍ରିୟାଗୁଡ଼ିକ ଲାଗି ଏଥିରେ କୌଣସି ସ୍ଥାନ ନାହିଁ । କାରଣ ଉଦ୍ଭିଦ ମଧ୍ୟରେ ବି ଅବମାନସ ପ୍ରତିକ୍ରିୟାମାନ ରହିଥିବା ପରି ଲାଗୁଛି, ଯାହାକି ଆମ୍ଭମାନଙ୍କ ଭିତରେ ସୁଖ, ଦୁଃଖ ଅଥବା ଆକର୍ଷଣ ଓ ବିକର୍ଷଣର ଭିତ୍ତିପର ହୋଇ ରହିଛି । ମାତ୍ର ତଥାପି ଉଦ୍ଭିଦ ହେଉଛି ପ୍ରାଣରହିଁ ଗୋଟିଏ ରୂପାୟନ; ଏହା କେବଳ ଜଡ଼ର ରୂପାୟନ ନୁହେଁ କିମ୍ବା ଆମକୁ ଯେତେଦୂର ଜଣା ଅଛି, ଆଦୌ ମନଶ୍ଚେତନାସମ୍ପନ୍ନ ସତ୍ତା ମଧ୍ୟ ନୁହେଁ । ମନୁଷ୍ୟ ଏବଂ ମନୁଷ୍ୟେତର ପ୍ରାଣୀ ଉଭୟେ ହେଉଛନ୍ତି ଚେତନ ସତ୍ତା; ମାତ୍ର ପ୍ରାଣଗତ ମନ ଓ ମାନସେନ୍ଦ୍ରିୟରେହିଁ ମନୁଷ୍ୟେତର ପ୍ରାଣୀର ସ୍ୱକୀୟ ସ୍ଥାନଟି ନିର୍ଦ୍ଧାରିତ ହୋଇ ରହିଛି ଏବଂ ଏହାର ସୀମାଗୁଡ଼ିକୁ ଡେଇଁ ପାରିବାଲାଗି ତାହାର ଆଦୌ କୌଣସି ସାମର୍ଥ୍ୟ ନାହିଁ । ଅପର ପକ୍ଷରେ ମନୁଷ୍ୟ ଆପଣାର ଇନ୍ଦ୍ରିୟମନ ଭିତରେ ସମ୍ପୂର୍ଣ୍ଣ ଏକ ନୂତନ ତତ୍ତ୍ୱର ଆଲୋକ ଲାଭ କରିପାରିଛି, ସେ ବୁଦ୍ଧିର ଅଧିକାରୀ ହୋଇପାରିଛି । ଏହି ବୁଦ୍ଧିକୁ ଏକାଧାରରେ ଅତିମାନସର ଏକ ପ୍ରତିଫଳନ ତଥା ଏକ ଅଧଃପତନ ବୋଲି ବୁଝାଯାଇ ପାରିବ, ଅଧ୍ୟାତ୍ମଜ୍ଞାନର ଏକ ଜ୍ୟୋତିରେଖା ବୋଲି ବୁଝାଯିବ ଯାହା ଆମର ଇନ୍ଦ୍ରିୟମନକୁ ଆସି ସ୍ପର୍ଶ କରିଛି ଓ ତାହାକୁ ତାହାର ଉତ୍ପତ୍ତିକାଳୀନ ରୂପଟିଠାରୁ ଭିନ୍ନ ଅନ୍ୟ ଏକ ବସ୍ତୁରେ ରୂପାନ୍ତରିତ କରିଦେଇଛି । କାରଣ ଠିକ୍ ଇନ୍ଦ୍ରିୟମନ ପରି ବୁଦ୍ଧି ମଧ୍ୟ ଯାହା ମଧ୍ୟରେ ଓ ଯାହା ସହାୟରେ କାର୍ଯ୍ୟ କରୁଛି, ତାହା ସମ୍ବନ୍ଧରେ ସେ ଯଥାର୍ଥରେ କିଛିହେଲେ ଜାଣି ନାହିଁ । ବୁଦ୍ଧି ଜ୍ଞାନକୁ ଖୋଜୁଛି, କାରଣ ଜ୍ଞାନକୁ ତାହା ଆପଣାର ସମ୍ପଦରେ ପରିଣତ କରିପାରି ନାହିଁ; ଏବଂ ଅତିମାନସ ପରି ତାହା ଜ୍ଞାନକୁ ଆପଣାର ଏକ ସ୍ୱାଭାବିକ ଅଧିକାରରୂପେ ଆପଣା ମଧ୍ୟରେ ପ୍ରତିଷ୍ଠିତ କରିପାରି ନାହିଁ । ଅର୍ଥାତ୍, ଅନ୍ୟ ଭାଷାରେ କହିଲେ, ରୂପାୟିତ ଅସ୍ତିତ୍ୱର ଏହି ଯାବତୀୟ ସୋପାନରେ ବିଶ୍ୱସତ୍ତା ଆପଣାର ଚେତନାଗତ ବିସ୍ତୃତିକୁ ଭିନ୍ନ ଭିନ୍ନ ତତ୍ତ୍ୱରେ ନିବଦ୍ଧ କରି ରଖିଛି; ଉଦାହରଣସ୍ୱରୂପ ମନୁଷ୍ୟ ଓ ମନୁଷ୍ୟେତର ପ୍ରାଣୀର କ୍ଷେତ୍ରରେ ସେହି ଗୋଟିଏ ତତ୍ତ୍ୱର ଉଚ୍ଚତର ଏବଂ ନିମ୍ନତର ସ୍ତରରେ ବୃତ୍ତିକୁ ଉପରତଳ କରି ସନ୍ନିବେଶିତ କରି ଦେଇଛି । ଅବଶ୍ୟ ଏକଥା ସତ୍ୟ ଯେ ଉଚ୍ଚତମ ସ୍ତରଟିକୁ ଏପର୍ଯ୍ୟନ୍ତ କାର୍ଯ୍ୟରେ ବ୍ୟବହୃତ କରାଯାଇ ନାହିଁ । ସତ୍ତାର ଗୋଟିଏ ତତ୍ତ୍ୱରୁ ସମ୍ପୂର୍ଣ୍ଣ ଆଉଗୋଟିଏ ତତ୍ତ୍ୱକୁ ନିଆଯାଉଥିବା ପଦକ୍ଷେପହିଁ ପରିବର୍ତ୍ତନଗୁଡ଼ିକୁ ଜନ୍ମ

'oaob.nitrkl.ac.in' images reprocessed

ଦେଉଛୁ, ମଝିରେ ମଝିରେ ସିଆଣ କାଟିଦେଉଛୁ, ବ୍ୟବଧାନର ରେଖାଗୁଡ଼ିକୁ ଗାଢ଼ଆ କରି ଟାଣିଦେଉଛୁ; ଏବଂ ସତ୍ତା ସତ୍ତା ମଧ୍ୟରେ ସେମାନଙ୍କର ସ୍ୱଭାବଗତ ସକଳ ପାର୍ଥକ୍ୟର କାରଣ ନହେଲେ ମଧ୍ୟ ତଥାପି ଲକ୍ଷଣଗତ ଏକ ମୌଳିକ ପାର୍ଥକ୍ୟର କାରଣ ହୋଇ ରହୁଛୁ ।

ମାତ୍ର ଏହି କଥାଟିକୁ ନିଶ୍ଚୟ ବୁଝିବାକୁ ପଡ଼ିବ ଯେ ଏହି ଆରୋହଣ ଅର୍ଥାତ୍ ପୂର୍ବାପର ଭାବରେ ଉଚ୍ଚରୁ ଉଚ୍ଚତର ତତ୍ତ୍ୱରେ ଆପଣାକୁ ନେଇ ସନ୍ନିବେଶିତ କରି ରଖିବାର ଏହି ପଦ୍ଧତିଟି ଆପଣାର ଗତିପଥରେ ଉପରକୁ ଉଠି ଯାଉଥିବା ସମୟରେ ନିମ୍ନତର ଭୂମିଗୁଡ଼ିକୁ କଦାପି ପରିତ୍ୟାଗ କରି ଚାଲିଯାଏ ନାହିଁ । ନିମ୍ନତର ଭୂମି-ଗୁଡ଼ିକରେ ଅବସ୍ଥିତ ସତ୍ତାର କୌଣସି ଏକ ସ୍ଥିତିରୁ ଯେପରି ଉଚ୍ଚତର ତତ୍ତ୍ୱଗୁଡ଼ିକ ସମ୍ପୂର୍ଣ୍ଣରୂପେ ବର୍ଜିତ ହୋଇ ରହିନଥାଏ, ଠିକ୍ ସେହିପରି । ତେଣୁ ପାର୍ଥକ୍ୟର ଏହି ମଧ୍ୟବର୍ତ୍ତୀ ତୀକ୍ଷ୍ଣ ରେଖାଗୁଡ଼ିକୁ ଦର୍ଶାଇ ବିବର୍ତ୍ତନର ସିଦ୍ଧାନ୍ତଟି ବିରୁଦ୍ଧରେ ଯେଉଁ ଆପତ୍ତି ଉଠାଯାଇଥାଏ, ଏହାଦ୍ୱାରା ତାହାର ଅପନୋଦନ ହୋଇଯାଏ । କାରଣ ଯଦି ଉଚ୍ଚତର ସ୍ତରଗୁଡ଼ିକର ଅଙ୍କୁରମାନ ନିମ୍ନତର ସୃଷ୍ଟିସ୍ତରରେ ବିଦ୍ୟମାନ ରହିଥାଏ ଓ ନିମ୍ନତର ସ୍ତରର ଲକ୍ଷଣଗୁଡ଼ିକୁ ଉଚ୍ଚତର ସ୍ତରମଧ୍ୟକୁ ବିବର୍ତ୍ତିତ ହୋଇ ଯାଉଥିବା ସତ୍ତା ଆପଣା ସହିତ ବହନ କରି ନେଉଥାଏ, ତେବେ ଆମେ ତାହାକୁହିଁ ନିଃସନ୍ଦେହ ଭାବରେ ଏକ ବିବର୍ତ୍ତନ-ପ୍ରକ୍ରିୟା ବୋଲି ଅବଶ୍ୟ କହିପାରିବା । ତେଣୁ ଏଠାରେ କେବଳ ଏପରି ଏକ ପ୍ରକ୍ରିୟାର ଆବଶ୍ୟକତା ରହିଛି ଯାହାଫଳରେ କି ନିମ୍ନତର ସୋପାନଟିରେ ରହିଥିବା ସତ୍ତା ଆପଣାକୁ ଏପରି ଏକ ଦ୍ୱାରଦେଶରେ ଆଣି ପ୍ରସ୍ତୁତ କରି ରଖିପାରିବ, ଯେଉଁଠାରେ କି ତାହାମଧ୍ୟରେ ଉଚ୍ଚତର ପ୍ରକାଶଲାଗି ଏକ ସମ୍ଭାବନା ଉନ୍ମୋଚିତ ହୋଇଯିବ । ସେହି ପାବଚ୍ଛିଦ୍ରରେ ନୂତନ ଶକ୍ତିଟି ଆପଣାର ପ୍ରଭାବ ବିସ୍ତାର କରି ରହିଥିବା ସେହି ଉଚ୍ଚତର ଭୂମିରୁ ତଳସ୍ଥ ଭୂମି ଉପରେ ଏକ ଚାପ ଆସି ପଡ଼ିବ ଏବଂ ତାହା ଅଳ୍ପବହୁତ ଦ୍ରୁତ ଓ ସୁନିଶ୍ଚିତ ଭାବରେ ଏକ ରୂପାନ୍ତର ଘଟାଇବାରେ ସହାୟକ ହୋଇପାରିବ । ସେତେବେଳେ ଏହି ରୂପାନ୍ତର ସତେଅବା ଗୋଟିଏ ସୋପାନରୁ ଆଉଗୋଟିଏ ପାହାଚକୁ ଡେଇଁପଡ଼ି ଉପରକୁ ଉଠି ଯାଉଥିବା ଭଳି ସଂଘଟିତ ହେବାକୁ ଆରମ୍ଭ କରିବ । ପ୍ରଥମେ ଅତି ମନ୍ଥର, ପ୍ରାୟ ଅଦୃଶ୍ୟ ଓ ଏପରିକି ଅବ୍ୟକ୍ତ ଗତିରେ ପ୍ରକୃତିର ଯେଉଁ ବିବର୍ତ୍ତନକ୍ରିୟାଟି ଆରମ୍ଭ ହୋଇଥିଲା, ଆପଣାର ଶେଷ ପର୍ଯ୍ୟାୟରେ ପହଞ୍ଚି ତାହା ଦ୍ରୁତ ବେଗରେ ଧାବମାନ ହେବାକୁ ଆରମ୍ଭ କରିବ ଓ ସତେଅବା ଆପଣାର କ୍ରମଟିକୁ ଭାଙ୍ଗିଦେଇ ବା ଆପଣାର କୌଣସି କୌଣସି ସ୍ତରକୁ ଲୁପ୍ତ କରିଦେଇ ସୀମାତିକ୍ରମ କରିଯିବ । ପ୍ରକୃତି ମଧ୍ୟକୁ ନିରୀକ୍ଷଣ କଲେ ବୋଧ ହୁଏ ସତେଯେପରି ନିମ୍ନତର ଚେତନାଭୂମିରୁ

'oaob.nitrkl.ac.in' images reprocessed

ଉଚ୍ଚତର ଚେତନାଭୂମିକୁ ଘଟିଥିବା ପରିବର୍ତ୍ତନସମୂହ ଏହି କ୍ଷେତ୍ରରେ ଏହିଭଳି ଏକ ବିଧାନର ଅନୁସରଣ କରି ଘଟିଆସିଛି ।

ପ୍ରକୃତରେ ଦେଖିବାକୁ ଗଲେ ପ୍ରାଣ, ମନ ତଥା ଅଧିମାନସ ଏମାନେ ସମସ୍ତେ ଜଡ଼ସ୍ତରର ଅଣୁମଧ୍ୟରେ ବିଦ୍ୟମାନ ଅଛନ୍ତି, ସେହି ଅଣୁ ଭିତରେ ମଧ୍ୟ କ୍ରିୟା କରୁଛନ୍ତି । ମାତ୍ର ସେଠାରେ ସେମାନେ ଅଦୃଶ୍ୟ, ସଂଗୁପ୍ତ ଓ ଅନ୍ତର୍ନିହିତ ହୋଇ ରହିଛନ୍ତି; ଶକ୍ତିର ଏକ ଅବଚେତନ ବା ଆପାତ ଦୃଷ୍ଟିରୁ ଅଚେତନ କ୍ରିୟାମଧ୍ୟରେ ଛନ୍ଦ ହୋଇ ରହିଛନ୍ତି । ସେଠାରେ ଏକ ଚିତ୍‌ସତ୍ତାହିଁ ପ୍ରେରକଶକ୍ତିରୂପେ କାର୍ଯ୍ୟ କରୁଛି; ମାତ୍ର ଯେଉଁ ବାହ୍ୟ ଆକାର ଓ ଶକ୍ତିକୁ ଆମେ ରୂପାୟିତ ବା ରୂପଗତ ଅସ୍ତିତ୍ୱ ବୋଲି କହିପାରିବା ଓ ଅନ୍ତର୍ଗତ ଓ ପ୍ରଚ୍ଛନ୍ନ ବିଧାୟକ ଚେତନାଟିରୁ ଯାହାକୁ ଆମେ ଭିନ୍ନ କରି ବେଶ୍ ଦେଖିପାରିବା, ତାହା ସତେଅବା କେବଳ ଜଡ଼ଗତ କ୍ରିୟାଟି ମଧ୍ୟରେ ଆପଣାକୁ ସମ୍ପୂର୍ଣ୍ଣ ଭାବରେ ହରାଇ ବସିଛି, ତାହାରି ମଧ୍ୟରେ ଏପରି ବୁଡ଼ିକରି ରହିଛି ଯେ ତାହା ଏକ ଅନମନୀୟ ଆତ୍ମବିସ୍ମୃତି ମଧ୍ୟରେ ବାନ୍ଧିହୋଇ ପଡ଼ିଛି ଏବଂ ଆପଣାର ସ୍ୱରୂପ ଓ ଆପଣାର କର୍ମ ବିଷୟରେ ସମ୍ପୂର୍ଣ୍ଣ ଅନବଗତ ହୋଇ ରହିଛି । ଏହି ଦୃଷ୍ଟିରୁ ବିଚାର କଲେ ଆମେ ଅଣୁ ଓ ଅତ୍ୟଣୁଗୁଡ଼ିକୁ ଗୋଟିଏ ଗୋଟିଏ ଚିରନ୍ତନ ନିଦ୍ରାଚ୍ଛନ୍ନ ବୋଲି ବେଶ୍ କହିପାରିବା । ପ୍ରତ୍ୟେକ ଜଡ଼ବସ୍ତୁ ମଧ୍ୟରେ ଏକ ବାହ୍ୟ ବା ରୂପଗତ ଚେତନା ଅବସ୍ଥିତ ରହିଛି ଯାହାକି କେବଳ ରୂପଟି ମଧ୍ୟରେହିଁ ସଂବୃତ ଓ ନିମଜ୍ଜିତ ହୋଇ ରହିଛି, ଯାହା ନିଦ୍ରାଗତ ରହିଛି ଏବଂ ଏକ ଅଜ୍ଞାତ ଏବଂ ଅନନୁଭୂତ ଅନ୍ତଃସତ୍ତା ଦ୍ୱାରା ପରିଚାଳିତ ସତେଅବା ଏକ ଅଚେତନତା ପରି ପ୍ରତୀତ ହେଉଛି । ସେହି ଅନ୍ତର୍ସତ୍ତା ସୁପ୍ତ ବସ୍ତୁଟି ମଧ୍ୟରେ ଜାଗ୍ରତ ହୋଇ ରହିଛି ଏବଂ ଉପନିଷଦରେ ତାହାକୁହିଁ ସର୍ବଭୂତାଧିବାସ ବୋଲି କୁହାଯାଇଛି । ସ୍ୱପ୍ନରେ ବା ନିଦ୍ରାରେ ବୁଲୁଥିବା ମନୁଷ୍ୟର ନିଦ୍ରା ତ ସମୟକ୍ରମେ ଭାଙ୍ଗି ବି ଯାଏ, ମାତ୍ର ବାହ୍ୟ ଓ ସଂବୃତ ଏହି ରୂପଗତ ଚେତନାଟିର ନିଦ୍ରା କଦାପି ଭାଙ୍ଗି ନାହିଁ ଏବଂ ପରମାଣୁ ଯେଉଁଭଳି ନିଦ୍ରାଗତ ହୋଇ ରହିଥିଲା, ଠିକ୍ ସେହିପରି ନିଦ୍ରାଗତ ହୋଇ ରହିଛି, କେବେହେଲେ ଜାଗରଣର ଦ୍ୱାରଦେଶରେ ଆସି ପହଞ୍ଚିପାରି ନାହିଁ । ଉଦ୍ଭିଦ ମଧ୍ୟରେ ଏହି ବାହ୍ୟ ରୂପଚେତନାଟି ତଥାପି ନିଦ୍ରାବସ୍ଥାରେ ରହିଛି, ମାତ୍ର ସେହି ନିଦ୍ରାରେ ସ୍ନାୟୁଗତ ନାନା ସ୍ୱପ୍ନସ୍ଫୁରଣର ସଞ୍ଚାର ହୋଇଛି, ସେହି ନିଦ୍ରା ଜାଗରଣ ଲାଗି ଉନ୍ମୁଖ ହୋଇ ରହିଛି, ମାତ୍ର ତଥାପି ଜାଗ୍ରତ ହୋଇ ନାହିଁ । ପ୍ରାଣର ଉନ୍ମେଷ ହୋଇ ସାରିଛି; ଅର୍ଥାତ୍ ସଂଗୁପ୍ତ ଚେତନାର ଶକ୍ତିଟି ଏତେଦୂର ଘନୀଭୂତ ହୋଇଛି ବା ଆପଣାକୁ ଶକ୍ତିର ଏପରି ଏକ ସୋପାନକୁ ଉଠାଇ ନେଇ ପାରିଛି ଯେ ସେଥିରେ କ୍ରିୟାତ୍ମକତାର ଏକ ନୂତନ ତତ୍ତ୍ୱର ବିକାଶ ହୋଇଛି, ଅର୍ଥାତ୍ ସେଥିରେ ଏକ ନୂତନ ତତ୍ତ୍ୱର ସାମର୍ଥ୍ୟ ଆବିର୍ଭୂତ ହୋଇଛି ଏବଂ ସେହି

'oaob.nitrkl.ac.in' images reprocessed

ନୂତନ ତତ୍ତ୍ୱଟିକୁ ଆମେ ପ୍ରାଣ ବା ପ୍ରାଣଶକ୍ତିରୂପେ ଦେଖିବାକୁ ପାଉଛୁ । ବାହ୍ୟ ଜଗତର ଅଭିଘାତ ଦ୍ୱାରା ଉଦ୍ଭିଦ ମଧ୍ୟରେ ସ୍ପନ୍ଦନ ଜାତ ହେଉଛି ସତ, ମାତ୍ର ସେହି ସ୍ପନ୍ଦନରେ ମନଶ୍ଚେତନାର କୌଣସି ସ୍ଥାନ ନାହିଁ । ବିଶୁଦ୍ଧ ଜଡ଼ଗତ କ୍ରିୟାଠାରୁ ସୂକ୍ଷ୍ମତର ଓ ଉଚ୍ଚତର ଏକ ନୂତନ ପ୍ରକାରର କ୍ରିୟାଶକ୍ତି ଉଦ୍ଭିଦ ମଧ୍ୟଦେଇ ପ୍ରକାଶିତ ହେଉଛି । ଏହା ସଙ୍ଗେ ସଙ୍ଗେ ଉଦ୍ଭିଦ ମଧ୍ୟରେ ଏକ ନୂତନ ସାମର୍ଥ୍ୟ ଆସି ଦେଖା-ଦେଉଛି ଯାହା ବଳରେ କି ତାହା ଆପଣାଠାରୁ ଭିନ୍ନ ଅନ୍ୟ ସତ୍ତା ତଥା ବିଶ୍ୱପ୍ରକୃତିରୁ ଆସୁଥିବା ଜଡ଼ଗତ ଓ ପ୍ରାଣଗତ ସଂସ୍ପର୍ଶଗୁଡ଼ିକୁ ଗ୍ରହଣ କରିପାରୁଛି ଏବଂ ସେଗୁଡ଼ିକୁ ଏହି ନବଜାଗ୍ରତ ପ୍ରାଣର ଭାଷାରେ ଓ ମୂଲ୍ୟରେ ଏବଂ ପ୍ରାଣଗତ ସ୍ପନ୍ଦନର ନାନା ବେଗମୟତା ଓ ଘଟଣାବଳୀରେ ରୂପାନ୍ତରିତ କରିଦେଇ ପାରୁଛି । କେବଳ ଜଡ଼ ଦେଇ ତିଆରି ହୋଇଥିବା ରୂପାୟନଗୁଡ଼ିକ କଦାପି ଏପରି କରି ପାରନ୍ତି ନାହିଁ ଆପଣାର ସଂସ୍ପର୍ଶଗୁଡ଼ିକୁ ସେମାନେ କଦାପି ପ୍ରାଣଗତ ମୂଲ୍ୟ କିମ୍ବା ଅନ୍ୟ କୌଣସିପ୍ରକାର ମୂଲ୍ୟରେ ରୂପାନ୍ତରିତ କରିଦେଇ ପାରନ୍ତି ନାହିଁ; କାରଣ, ଅତୀନ୍ଦ୍ରିୟ ଦର୍ଶନର ଗୁପ୍ତବିଦ୍ୟାର ପ୍ରମାଣଗୁଡ଼ିକୁ ଗ୍ରହଣ କରି ଜଡ଼ର ମଧ୍ୟ ଏକ ଗ୍ରହଣଶକ୍ତି ଅଛି ବୋଲି ସ୍ୱୀକାର କଲେ ମଧ୍ୟ ତଥାପି କେବଳ ମୂକଭାବରେ ଗ୍ରହଣ କରିବା ଏବଂ ଅଦୃଶ୍ୟ ଭାବରେ ପ୍ରତିକ୍ରିୟା ଜଣାଇବା ବ୍ୟତୀତ ଆଉ କିଛି କରିବାକୁ ସେହି ଗ୍ରହଣଶକ୍ତି ବା ବୋଧଶକ୍ତି ଯଥେଷ୍ଟ ଭାବରେ ଜାଗ୍ରତ ହୋଇ ନାହିଁ । ଏବଂ ଏହାର ଆଉଗୋଟିଏ କାରଣ ହେଉଛି ଯେ ଜଡ଼ର ସଂସ୍ପର୍ଶଗୁଡ଼ିକ ଦ୍ୱାରା ଯେଉଁସବୁ ଶକ୍ତି ପ୍ରସାରିତ ହେଉଛି, ତାହା ଏତେବେଶୀ ସୂକ୍ଷ୍ମ ଯେ ତାହା ରୂପାୟିତ ଜଡ଼ର ସ୍ଥୂଳ ଓ ଅଚୈତ ଘନୀଭୂତତା ଦ୍ୱାରା କୌଣସି ପ୍ରକାର କାର୍ଯ୍ୟରେ ଲାଗି ପାରୁ ନାହିଁ । ବୃକ୍ଷ ମଧ୍ୟରେ ଅବସ୍ଥିତ ପ୍ରାଣ ସେହି ବୃକ୍ଷର ଜଡ଼ଶରୀରଟା ଦ୍ୱାରାହିଁ ନିୟନ୍ତ୍ରିତ ହେଉଛି, ମାତ୍ର ତାହା ସେହି ଜଡ଼ଭୂମିଗତ ଅଭିବ୍ୟକ୍ତିଟିକୁ ସ୍ୱୟଂ ଗ୍ରହଣ କରି ନେଉଛି ଓ ତାହାକୁ ଏକ ନୂତନ ମୂଲ୍ୟ ବା ନୂତନ ନାନା ମୂଲ୍ୟରେ ଏକ ପରମ୍ପରାରେ ସମ୍ପନ୍ନ କରି ଦେଉଛି, ସେଥିରେ ପ୍ରାଣମୂଲ୍ୟ ଭରିଦେଉଛି ।

ମନୁଷ୍ୟେତର ପ୍ରାଣୀର ସ୍ତରରେ ମନ ଓ ଇନ୍ଦ୍ରିୟର ସ୍ଫୁରଣ ଘଟୁଛି ଏବଂ ଏହି ନୂତନ ସଂଘଟନଟିକୁ ଆମେ ଚେତନ ଜୀବନସତ୍ତା ବୋଲି କହୁଛୁ । ଏଠାରେ ମଧ୍ୟ ସେହି ଗୋଟିଏ ବିଧାନ କାର୍ଯ୍ୟ କରୁଛି । ସତ୍ତାର ଶକ୍ତି ଏଠାରେ ଏପରି ଭାବରେ ଘନୀଭୂତ ହେଉଛି ଓ ଏପରି ଉଚ୍ଚକୁ ଉଠିଯାଇ ପାରୁଛି ଯେ ଏହା ସତ୍ତାର ଏକ ନୂତନ ସାମର୍ଥ୍ୟକୁ ଗ୍ରହଣ କରିନେଇ ପାରୁଛି ବା ଏଥିରେ ସତ୍ତାଗତ ଏକ ନୂତନ ସାମର୍ଥ୍ୟ ବିକାଶଲାଭ କରୁଛି । ଏହି ନୂତନ ସାମର୍ଥ୍ୟଟି ହେଉଛି ମନର ସାମର୍ଥ୍ୟ । ଏହା ଏକ ନୂତନ ସାମର୍ଥ୍ୟ, ଅନ୍ତତଃ ଜଡ଼ର ଜଗତ ମଧ୍ୟରେ ଏହା ଏକ ନୂତନ ସାମର୍ଥ୍ୟ ବୋଲି ପ୍ରତୀତ ହେଉଛି । ପ୍ରାଣୀସତ୍ତା ଆପଣାର ମନୋମୟ ଭୂମିଟି ଉପରେ

'oaob.nitrkl.ac.in' images reprocessed

ଆପଣାର ତଥା ଅନ୍ୟମାନଙ୍କର ଅସ୍ତିତ୍ୱ ସମ୍ବନ୍ଧରେ ସଚେତନ ହୋଇପାରୁଛି, ଏହା ଏକ ଅଧିକ ଉଚ୍ଚ ଓ ଅଧିକ ସୂକ୍ଷ୍ମ ଭୂମିରେ ସକ୍ରିୟ ହୋଇପାରୁଛି, ଆପଣାଠାରୁ ଭିନ୍ନ ଅନ୍ୟବସ୍ତୁଗୁଡ଼ିକଠାରୁ ଅଧିକ ପ୍ରକାରର ଓ ଅଧିକ ପରିମାଣରେ ମନ, ପ୍ରାଣ ଓ ଦେହଗତ ସଂସ୍ପର୍ଶ ଗ୍ରହଣ କରୁଛି, ଏବଂ ଜଡ଼ଗତ ଓ ପ୍ରାଣଗତ ଅସ୍ତିତ୍ୱକୁ ଗ୍ରହଣ କରିନେଇ ସେଗୁଡ଼ିକରୁ ଯାହାକିଛି ପାଉଛି, ତାହାକୁ ଇନ୍ଦ୍ରିୟଗତ ତଥା ପ୍ରାଣମନଗତ ମୂଲ୍ୟରେ ରୂପାନ୍ତରିତ କରି ଦେଉଛି । ପ୍ରାଣୀ ଭିତରେ ଶରୀର ଓ ପ୍ରାଣର ବୋଧ ରହିଛି, ତା'ଠାରେ ମନର ବୋଧ ମଧ୍ୟ ବର୍ତ୍ତମାନ ରହିଛି । କାରଣ କେବଳ ଅନ୍ଧ ସ୍ନାୟୁଗତ ପ୍ରତିକ୍ରିୟାଗୁଡ଼ିକ ଉପରେହିଁ ତାହାକୁ ନିର୍ଭର କରିବାକୁ ପଡ଼ୁଛି ତାହା ନୁହେଁ, ମାତ୍ର ତାହା ଭିତରେ ଇନ୍ଦ୍ରିୟବୋଧ ରହିଛି, ସ୍ମୃତିର ଏକ ଭଣ୍ଡାର ରହିଛି; ଆବେଗ, ସଂସ୍କାର, ସଂବେଗ ଓ ସଂକଳ୍ପମାନ ରହିଛି, ମାନସିକ ସୂତ୍ରସମ୍ବନ୍ଧମାନ ରହିଛି, ଅନୁଭୂତ ଓ ଭାବନା ମଧ୍ୟ ରହିଛି । ପ୍ରାଣୀଠାରେ ଏକ ବ୍ୟାବହାରିକ ବୁଦ୍ଧି ମଧ୍ୟ ରହିଛି ଯାହାକି ସ୍ମୃତି, ସଂସ୍କାର, ବୃତ୍ତିପ୍ରେରକ ଅନ୍ତର୍ବୋଧ, ପର୍ଯ୍ୟବେକ୍ଷଣ ଏବଂ ଉପାୟ ଖୋଜି ବାହାର କରିବାର ଏକ ଶକ୍ତିକୁ ଉଦ୍ଭିକଶ ରହିଛି । ପ୍ରାଣୀ ଚତୁର ହୋଇ ପାରୁଛି, ଅବସ୍ଥା ଅନୁସାରେ ଉପାୟ ଠିକ୍ କରିପାରୁଛି ଏବଂ ଆଗରୁ ପରିକଳ୍ପନା କ କରିପାରୁଛି । ସେ ନୂତନ ବସ୍ତୁର ଉଦ୍ଭାବନ କରିପାରୁଛି, ତାହାର ଅନୁସାରେ ଆପଣାକୁ କେତେକ ପରିମାଣରେ ଅନୁକୂଳିତ କରିପାରୁଛି, ନୂତନ ପରିସ୍ଥିତିର ଆହ୍ୱାନଗୁଡ଼ିକୁ ଏପରି ବା ସେପରି ଟିକନଖି କରି ବଶ୍ୟ କରିପାରୁଛି ଏବଂ ତାହାର ସମ୍ମୁଖୀନ ହୋଇପାରୁଛି । ସବୁକଥା ପ୍ରାଣୀ ଭିତରେ କେବଳ ଏକ ଅର୍ଦ୍ଧଚେତନ ସହଜାତ ପ୍ରବୃତ୍ତିର ସ୍ତରରେ ରହି ନାହିଁ; ପ୍ରାଣୀର ମନ ମନୁଷ୍ୟବୁଦ୍ଧିକୁ ପ୍ରସ୍ତୁତ କରିବାରେ ଲାଗିଛି ।

ମାତ୍ର ଯେତେବେଳେ ଆମେ ମନୁଷ୍ୟ ପାଖରେ ଆସି ପହଞ୍ଚୁ, ସେତେବେଳେ ସମୁଦାୟ କ୍ଷେତ୍ରଟି ସଚେତନ ହୋଇ ଉଠିବାର ପ୍ରତ୍ୟକ୍ଷ କରୁ । ଯେଉଁ ବିଶ୍ୱଜଗତଟିର ଏକ କ୍ଷୁଦ୍ର ପ୍ରତିମୂର୍ତ୍ତିରୂପେ ସେ ଏଠାରେ ଅବସ୍ଥାନ କରୁଛି, ମନୁଷ୍ୟର ମଧ୍ୟଦେଇ ତାହାର ପ୍ରକୃତିଟିହିଁ ତାହାର ନିଜ ପାଖରେ ଉନ୍ମୋଚିତ ହେବାକୁ ଆରମ୍ଭ କରୁଛି । ଜଡ଼ତର ସ୍ତରରେ ବିଚରଣ କରୁଥିବା ପ୍ରାଣୀର ଜୀବନରେ ସ୍ୱପ୍ନବୀକ୍ଷଣାର କୌଣସି ସ୍ଥାନ ନାହିଁ, ଯାହାକି ଅତି ନିମ୍ନସ୍ତରରେ ରହିଥିବା ପ୍ରାଣୀମାନଙ୍କର ତଥାପି ଏକମାତ୍ର ବା ଅନେକ ପରିମାଣରେ ସ୍ୱଭାବଲକ୍ଷଣ ହୋଇ ରହିଛି । ମାତ୍ର ତାହାର ଜାଗ୍ରତ ମନୋମୟ ଜୀବନଟି ନାନା ସୀମାଦ୍ୱାରା ତଥାପି ସଙ୍କୁଚିତ ହୋଇ ରହିଛି; ଆପଣାର ପ୍ରାଣଗତ ଅସ୍ତିତ୍ୱ ଲାଗି ଯେତିକି ଦରକାର ହେଉଛି, କେବଳ ସେତିକି କରି ପାରିବାକୁ ସେ ସମର୍ଥ ହେଉଛି । ମନୁଷ୍ୟର ସ୍ତରକୁ ଆସି ସଚେତନ-ମନୋମୟତାର ଜାଗ୍ରତ-ପରିସର ଅନେକ ପରିମାଣରେ ବଢ଼ିଯାଉଛି;

'oaob.nitrkl.ac.in' images reprocessed

ଏବଂ ପ୍ରଥମ ଅବସ୍ଥାରେ ପୂର୍ଣ୍ଣମାତ୍ରାରେ ଆତ୍ମସଚେତନ ନ ହେଲେ ମଧ୍ୟ ବା କେବଳ ଉପରିସ୍ଥଗଠଣରେହିଁ ସଚେତନ ହୋଇ ରହୁଥିଲେ ମଧ୍ୟ ମନୁଷ୍ୟ ମଧ୍ୟରେ ଆପଣାର ଅନ୍ତର୍ଗତ ଓ ପୂର୍ଣ୍ଣରୂପ ସତ୍ତାଟି ଆଡ଼କୁ ଅଧିକରୁ ଅଧିକ ଉନ୍ମୋଚିତ ହୋଇ ପାରିବାର ସାମର୍ଥ୍ୟ ଅନ୍ତର୍ନିହିତ ହୋଇ ରହିଛି । ଆଦ୍ୟର ଦୁଇଟିଯାକ ଆରୋହଣପର୍ଯ୍ୟାୟ ପରି ଏହି ସ୍ତରରେ ମଧ୍ୟ ଚେତନ ଅସ୍ତିତ୍ୱର ସାମର୍ଥ୍ୟ ଏକ ନୂତନ ଶକ୍ତି ଓ ନାନା ସୂକ୍ଷ୍ମ କ୍ରିୟାତ୍ମକତାର ଏକ ନୂତନ ବିସ୍ତୃତି ମଧ୍ୟକୁ ଆପଣାକୁ ଉନ୍ମୋଳିତ କରି ନେଉଛି । ପ୍ରାଣଗତ ମନ ବିଗ୍ରହଣା ଓ ଭାବନାସମର୍ଥ ମନରେ ପରିଣତ ହେଉଛି, ପର୍ଯ୍ୟବେକ୍ଷଣ ଓ ଉଦ୍ଭାବନର ଏକ ଉଚ୍ଚତର ଶକ୍ତି ବିକାଶଲାଭ କରୁଛି । ସେହି ମନ କ୍ଷେତ୍ରଗତ ତଥ୍ୟଗୁଡ଼ିକୁ ଗ୍ରହଣ କରିପାରୁଛି, ସେଗୁଡ଼ିକର ସମ୍ବନ୍ଧ ନିରୂପଣ କରିପାରୁଛି, ତାହାର ପ୍ରକ୍ରିୟା ଓ ପରିଣାମଟି ସମ୍ବନ୍ଧରେ ସଚେତନ ହୋଇପାରୁଛି; ଏଥିରେ କଳ୍ପନା ଓ ସୌନ୍ଦର୍ଯ୍ୟସୃଷ୍ଟିର ସାମର୍ଥ୍ୟ ରହିଛି, ଅଧିକ ସ୍ଥିତିସ୍ଥାପକ ଏକ ଉଚ୍ଚତର ସ୍ତରର ଗ୍ରହଣଶୀଳତା ରହିଛି, ସବୁକଥାର ସମ୍ବନ୍ଧ ନିରୂପଣ କରି ସେଥିରୁ ଏକ ଅର୍ଥ ବାହାର କରିପାରୁଥିବା ବିବେକବୁଦ୍ଧି ରହିଛି; କେବଳ ଏକ ପ୍ରତିକ୍ଷେପଣ ଓ ପ୍ରତିକ୍ରିୟାର ସ୍ତରକୁ ଅତିକ୍ରମ କରି ତାହାର ବୁଦ୍ଧି ବର୍ତ୍ତମାନ ସବୁକିଛିକୁ ଆପଣାର ବଶକୁ ଆଣିପାରୁଛି, ସେଗୁଡ଼ିକୁ ବୁଝିପାରୁଛି ଓ ଆପଣା ମଧ୍ୟରେ ଆପଣାକୁ ତଟସ୍ଥ କରି ରଖିପାରୁଛି । ପୂର୍ବବର୍ତ୍ତୀ ସୋପାନଗୁଡ଼ିକର ଆରୋହଣକ୍ଷେତ୍ର ପରି ଏଠାରେ ମଧ୍ୟ ଚେତନାର ଭୂମିଟି ଆହୁରି ପ୍ରସାରିତ ହୋଇଯାଉଛି; ମନୁଷ୍ୟ ଏହି ବିଶ୍ୱଜଗତର ତଥା ଆପଣାର ଅଧିକ ବିଷୟ ଆପଣା ଭିତରେ ଗ୍ରହଣ କରିବାକୁ ସମର୍ଥ ହେଉଛି ଏବଂ ତାହାର ଏହି ଜ୍ଞାନ ମଧ୍ୟରେ ସେ ସଚେତନ ଅନୁଭୂତିର କେତେକେତେ ଉଚ୍ଚତର ଓ ପୂର୍ଣ୍ଣତର ରୂପକୁ ନେଇ ସଂଯୁକ୍ତ କରିଦେଇ ପାରୁଛି । ଏଠାରେ ଆରୋହଣର ସେଇ ତୃତୀୟ ସାମାନ୍ୟସୂତ୍ରଟିର ଉପାଦାନ ମଧ୍ୟ ଦେଖିବାକୁ ମିଳୁଛି; ମନ ନିମ୍ନରେ ଅବସ୍ଥିତ ଭୂମିଗୁଡ଼ିକୁ ଆପଣା ଭିତରେ ଗ୍ରହଣ କରିନେଉଛି ଏବଂ ସେଗୁଡ଼ିକର କ୍ରିୟା ଓ ପ୍ରତିକ୍ରିୟାରେ ଆପଣାର ସ୍ୱକୀୟ ବୁଦ୍ଧିଗତ ମୂଲ୍ୟଗୁଡ଼ିକୁ ନେଇ ଭରିଦେଉଛି । ଇତର ପ୍ରାଣୀମାନଙ୍କ ପରି ମନୁଷ୍ୟର ଯେ କେବଳ ଆପଣାର ଶରୀର ଓ ପ୍ରାଣ ବିଷୟରେ ଏକ ବୋଧ ରହିଛି ତା' ନୁହେଁ, ମାତ୍ର ପ୍ରାଣ ସମ୍ବନ୍ଧରେ ତାହାର ଏକ ବୁଦ୍ଧିଦୀପ୍ତ ବୋଧ ଓ ଧାରଣା ରହିଛି, ତାହାର ଦେହଗତ ବୋଧଟି ମଧ୍ୟ ସଚେତନତା ଓ ପର୍ଯ୍ୟବେକ୍ଷଣକ୍ଷମତାଦ୍ୱାରା ସମୃଦ୍ଧ ହୋଇଛି । ଇତରପ୍ରାଣୀର ମନୋମୟ ଜୀବନଟିକୁ ସେ ଆପଣା ମଧ୍ୟରେ ଗ୍ରହଣ କରି ନେଇଛି, ତା'ର ଭୌତିକ ଓ ଶରୀରଗତ ଜୀବନଟିକୁ ମଧ୍ୟ ଗ୍ରହଣ କରି ନେଇଛି । ଗ୍ରହଣ କରିନେବାର ପ୍ରକ୍ରିୟାଟିରେ ସେ ତାହାର କେତେକ ଉପାଦାନକୁ ହରାଇ ପକାଉଥିଲେ ମଧ୍ୟ, ଯେତିକି ଅଂଶକୁ ଆପଣା ଭିତରେ ଧାରଣ କରି ରଖିଛି, ସେ ତାହାକୁ ଏକ ଉଚ୍ଚତର ମୂଲ୍ୟରେ

'oaob.nitrkl.ac.in' images reprocessed

ବଳୀୟାନ୍ କରିଦେଇଛି । ତା' ମଧ୍ୟରେ ଏକ ବୁଦ୍ଧିଗତ ବୋଧ ରହିଛି ଓ ତାହାରି ସାହାଯ୍ୟରେ ସେ ଆପଣାର ଇନ୍ଦ୍ରିୟଗତ ବୋଧ, ସଂବେଗ, କର୍ମପ୍ରେରଣା, ସକଳ ଆବେଗମୟ ଇଚ୍ଛା ତଥା ମନୋଗତ ସୂତ୍ରସମ୍ବନ୍ଧଗୁଡ଼ିକର ଧାରଣା କରିପାରୁଛି । ଇତର ପ୍ରାଣୀର ସ୍ତରରେ ଯାହା ଭାବନା, ଅନୁଭୂତ ଓ ଇଚ୍ଛାର କେବଳ ଏକ ସ୍ଥୂଳପ୍ରକାରସ୍ଥ ଉପାଦାନମାତ୍ର ହୋଇ ରହିଥିଲା ଏବଂ କେବଳ ସ୍ଥୂଳଭାବରେହିଁ ନିୟନ୍ତ୍ରିତ ହେଉଥିଲା, ମନୁଷ୍ୟ ସେସବୁକୁ ସର୍ବାଙ୍ଗସୁନ୍ଦର ବସ୍ତୁରେ ପରିଣତ କରିଦେଇଛି ଓ ଆପଣାର ଅପୂର୍ବ କଳାନୈପୁଣ୍ୟର ପରିଚୟ ଦେଇପାରୁଛି । କାରଣ ଇତର ପ୍ରାଣୀର ମଧ୍ୟ ଭାବିବାର ସାମର୍ଥ୍ୟ ରହିଛି, ମାତ୍ର ସିଏ କେବଳ ସତେଅବା ଗୋଟାଏ ସ୍ୱୟଂଚାଳିତ ଯନ୍ତ୍ରପରିହିଁ ଭାବି ଶିଖିଛି ଓ ତାହାର ଭାବନା କେବଳ ସ୍ମୃତି ଓ ମାନସିକ ସମ୍ବନ୍ଧସୂତ୍ରର ଏକ ଯନ୍ତ୍ରବତ୍ କ୍ରମକୁ ଆଶ୍ରୟ କରି ରହିଛି । ପ୍ରକୃତିର ଇଙ୍ଗିତଗୁଡ଼ିକୁହିଁ ସେ କ୍ଷିପ୍ର ଅଥବା ମନ୍ଥର ଭାବରେ ଗ୍ରହଣ କରି ନେଉଛି ଏବଂ କେବଳ ବିଶେଷ କୌଣସି ପରିସ୍ଥିତିରେ ନିକଟତର ପର୍ଯ୍ୟବେକ୍ଷଣ ଓ କୌଶଳ-ପ୍ରୟୋଗର ଆବଶ୍ୟକତା ପଡ଼ିଲେ ଯାଇ ସେ ଅଧିକ ସଚେତନ କୌଣସି ବ୍ୟକ୍ତିଗତ କ୍ରିୟା ମଧ୍ୟରେ କେବଳ ସେହି ସମଷ୍ଟି ସକାଶେ ଜାଗ୍ରତ ହୋଇପାରୁଛି । ଇତର ପ୍ରାଣୀସ୍ତରରେ ବ୍ୟାବହାରିକ ବିବେକବୁଦ୍ଧିର କେତେକ ପ୍ରାଥମିକ ଓ ଅଶୋଧିତ ଉପାଦାନ ଅବଶ୍ୟ ରହିଛି, ମାତ୍ର ଆମେ ତାହାକୁ ମନୁଷ୍ୟ ମଧ୍ୟରେ ରହିଥିବା ଭାବନା ଓ ଅବଧାରଣାକ୍ଷମ ଏକ ସୁସଂଗଠିତ ଓ ସୁପ୍ରୟୋଜିତ ସାମର୍ଥ୍ୟ ବୋଲି କଦାପି କହିପାରିବା ନାହିଁ । ଇତରପ୍ରାଣୀର ସ୍ତରରେ ଜାଗ୍ରତ ହୋଇ ଆସୁଥିବା ଚେତନା ତା'ର ମନୋଭୂମିରେ କେବଳ ଏକ ଅକୁଶଳ ଓ ଆଦିମପ୍ରକାରର କାରିଗର ପରି କାମ କରୁଥାଏ, ମନୁଷ୍ୟ ଭିତରେ ତାହା ଏକ ସୂକ୍ଷ୍ମପୂର୍ଣ୍ଣ ଶୈଳୀରେ ପରିଣତ ହୋଇଯାଏ, ଏବଂ ଜଣେ ପରମଦକ୍ଷ ଓ ପାରଙ୍ଗମ ଶିଳ୍ପସ୍ରଷ୍ଟା ହୋଇ ପାରିବାର ସମ୍ଭାବନା ମଧ୍ୟ ରଖିଥାଏ । ମାତ୍ର ଏକଥା ସତ ଯେ ସେହି ସମ୍ଭାବନାଟିର ବିକାଶ ଲାଗି ସିଏ ଆଦୌ ଯଥେଷ୍ଟ ଚେଷ୍ଟା କରେ ନାହିଁ ।

ମାତ୍ର ଆମେ ଏଠାରେ ବର୍ତ୍ତମାନ ସୁଦ୍ଧା ବିକାଶର ଉଚ୍ଚତମ ସୋପାନରେ ଅବସ୍ଥିତ ଥିବା ମନୁଷ୍ୟପ୍ରାଣୀର ବିବର୍ତ୍ତନଟି ସମ୍ବନ୍ଧରେ ଦୁଇଟି ବିଶେଷ କଥାକୁ ପର୍ଯ୍ୟବେକ୍ଷଣ କରି ଦେଖିବା, ଏବଂ ତାହାହେଲେ ଆମେ ସମସ୍ୟାଟିର ହୃଦୟପ୍ରବେଶ କରିବାକୁ ସମର୍ଥ ହେବା । ପ୍ରଥମତଃ, ବିବର୍ତ୍ତନକ୍ରମର ନିମ୍ନତର ଅଂଶଗୁଡ଼ିକୁ ଆପଣା ଭିତରେ ଗ୍ରହଣ କରିନେବା ସମୟରେ ବିଶ୍ୱ ମଧ୍ୟରେ ପ୍ରଚ୍ଛନ୍ନରୂପେ କାର୍ଯ୍ୟ କରୁଥିବା ସେହି ବିବର୍ତ୍ତନଶୀଳ ଚୈତନ୍ୟ ଅର୍ଥାତ୍ ପରମ ବିଶ୍ୱସତ୍ତାଙ୍କର ଚକ୍ଷୁହିଁ ସ୍ୱାମୀ ଓ ନିୟନ୍ତ୍ରାରୂପେ ତଳକୁ ଅନାଇ ଦେଖୁଛି; ଆପଣା ଅଧିଷ୍ଠାନର ଶିଖରଟି ଉପରେ ଥାଇ ତାହା ନିମ୍ନରେ ଅବସ୍ଥିତ ସବୁକିଛି ଉପରେ ଦୃଷ୍ଟିପାତ କରୁଛି । ଏହି ତଳକୁ ଅନାଇ

'oaob.nitrkl.ac.in' images reprocessed

ଦେଖିବାଟିକୁ ଆମେ ସତ୍ତ୍ୱଗତ ଚେତନାଶକ୍ତିର ଦ୍ୱିବିଧ ଶକ୍ତି ବା ଦ୍ୱିଶକ୍ତି—ତାଙ୍କର ଇଚ୍ଛାଶକ୍ତି ଓ ତାଙ୍କର ଜ୍ଞାନଶକ୍ତି,—ବୋଲି କହିପାରିବା । ଏହିପରି ତଳକୁ ଅନାଇ ଚେତନା, ଅନୁଭୂତି ତଥା ପ୍ରକୃତିର ଏହି ନୂତନ, ନିମ୍ନଭୂମିଟିଠାରୁ ଭିନ୍ନ ଓ ପ୍ରଶସ୍ତତର ଭୂମିରୁ ସେ ନିମ୍ନସ୍ତରରେ ଅବସ୍ଥିତ ଜୀବନକୁ ବୁଝିବାରେ ପ୍ରବୃତ୍ତ ହୋଇ ରହିଛନ୍ତି, ତାହାର ଯାବତୀୟ ସମ୍ଭାବନାଗୁଡ଼ିକୁ ବିସ୍ତାର କରି ଦେଖୁଛନ୍ତି । ନିମ୍ନସ୍ଥ ଜୀବନକୁ ଗ୍ରହଣ କରି ତାହାକୁ ଏକ ଉଚ୍ଚତର ଭୂମିକୁ ଉତ୍ତୋଳିତ କରିନେବା, ତାହାକୁ ଉଚ୍ଚତର ମୂଲ୍ୟରେ ସମୃଦ୍ଧ କରିବା ଓ ତାହା ମଧ୍ୟରେ ଅନ୍ତର୍ନିହିତ ଉଚ୍ଚତର ସମ୍ଭାବନା-ଗୁଡ଼ିକୁ ତା' ଭିତରୁ ବିକଶିତ କରାଇ ଆଣିବାହିଁ ତାଙ୍କର ଉଦ୍ଦେଶ୍ୟ ହୋଇରହିଛି । ଏବଂ ସେ ଏହିସବୁ କରୁଛନ୍ତି, କାରଣ ନିମ୍ନତର ଜୀବନଟିର ସଂହାର କିମ୍ବା ବିନାଶ କରିବା ଲାଗି ତାଙ୍କର ଆଦୌ କୌଣସି ଅଭିପ୍ରାୟ ନାହିଁ; ମାତ୍ର, ସତ୍ତ୍ୱଗତ ଆନନ୍ଦହିଁ ତାଙ୍କର ନିତ୍ୟ କାର୍ଯ୍ୟ ହୋଇଥିବାରୁ ଏବଂ କେବଳ ଗୋଟିଏମାତ୍ର ମଧୁର ଅଥଚ ପରିବର୍ତ୍ତନ-ରହିତ ସଙ୍ଗୀତକୁ ବାରବାର ବଜାଇ ବହୁ ବିଚିତ୍ର ସ୍ୱରକୁ ଏକାଠି ଗୋଟିଏ ସଙ୍ଗତିରୂପେ ପ୍ରକାଶ କରିବା ତାଙ୍କ ସଙ୍ଗୀତଟିର ପଦ୍ଧତି ହୋଇଥିବାରୁ ସେ ନିମ୍ନତର ସ୍ୱରଗୁଡ଼ିକୁ ମଧ୍ୟ ଅନ୍ତର୍ଭୁକ୍ତ କରି ରଖିବାକୁ ଚାହାନ୍ତି ଏବଂ ସେଗୁଡ଼ିକ ମଧ୍ୟରେ ଏକ ଅଧିକ ଗଭୀର ଓ ଅଧିକ ସୂକ୍ଷ୍ମ ଅର୍ଥବ୍ୟଞ୍ଜନା ଭରିଦେଇ ସେଗୁଡ଼ିକର ଅପେକ୍ଷାକୃତ ଅଧିକ ନିମ୍ନସ୍ତରୀୟ ରୂପାୟନରେ ସେସବୁ ଯେତିକି ଆନନ୍ଦ ଦେଇ ପାରୁଥିଲେ, ସେଗୁଡ଼ିକରୁ ସେ ତାହାଠାରୁ ଅଧିକ ଆନନ୍ଦ ଲାଭ କରନ୍ତି । ସେଗୁଡ଼ିକୁ ସେ ଏହିପରି ଭାବରେ ଗ୍ରହଣ କରି ନେଉଥିବେ, ସେଥିଲାଗି ଏକ ଶକ୍ତିରୂପେ ସେଗୁଡ଼ିକଠାରୁ ଉଚ୍ଚତର ମୂଲ୍ୟଗୁଡ଼ିକୁ ଆପଣା ମଧ୍ୟକୁ ଗ୍ରହଣ କରିନେବା ଲାଗି ସେମାନଙ୍କର ସମ୍ମତିଟିକୁହିଁ ଦାବି କରନ୍ତି; ଏବଂ ସେଗୁଡ଼ିକ ଏହି ସମ୍ମତି ନଦେବା ପର୍ଯ୍ୟନ୍ତ ସେ ବଡ଼ ନିର୍ମମ ଭାବରେ ସେଗୁଡ଼ିକ ସହିତ ବ୍ୟବହାର କରିପାରନ୍ତି; ଏବଂ ଯେତେବେଳେ ସେ ପୂର୍ଣ୍ଣତାର ଉପଲବ୍ଧି ଲାଗି ଏକାନ୍ତ ଉତ୍ସୁକ ହୋଇଉଠନ୍ତି ଓ ଯେତେବେଳେ ଯଦି ସେଗୁଡ଼ିକ ତାଙ୍କର ସେହି ଅଭିପ୍ରାୟଟିରେ ସହମତ ନରଖନ୍ତି କିମ୍ବା ତାହା ବିରୁଦ୍ଧରେ ବିଦ୍ରୋହ କରି ବାହାରନ୍ତି, ତେବେ ସେଗୁଡ଼ିକୁ ସେ ପାଦତଳେ ଦଳି ଚୂନା କରିଦିଅନ୍ତି । ବସ୍ତୁତଃ ତାହାହିଁ ହେଉଛି ଯାବତୀୟ ନୀତିଗତ ଜୀବନ, ଶୃଙ୍ଖଳା ଓ ସଂଯମସାଧନର ପ୍ରକୃତ ଓ ଅନ୍ତରଙ୍ଗତମ ଅର୍ଥ ଓ ଉଦ୍ଦେଶ୍ୟ । ଅର୍ଥାତ୍ ଆମର ପ୍ରାଣମୟ, ଅନ୍ନମୟ ଓ ନିମ୍ନସ୍ଥ ମନୋମୟ ଜୀବନଭୂମିଗୁଡ଼ିକୁ ଆପଣାର ବଶରେ ଆଣି ଉପଯୁକ୍ତରୂପେ ଶିକ୍ଷା ଦେବାକୁ ପଡ଼ିବ, ସେଗୁଡ଼ିକୁ ଯଥାର୍ଥରେ ମଣ କରିବାକୁ ହେବ, ପରିଶୁଦ୍ଧ କରିବାକୁ ହେବ, ଏବଂ ସେଗୁଡ଼ିକ ଯେପରି ଉଚ୍ଚ ମାନସ ଓ ପରିଶେଷରେ ଅତିମାନସ ସମନ୍ୱୟ ଓ ସଙ୍ଗତିର ଗୋଟିଏ ଗୋଟିଏ ସ୍ୱରରେ ରୂପାନ୍ତରିତ ହୋଇପାରିବ, ସେଥିଲାଗି ସେଗୁଡ଼ିକୁ ଅନୁରୂପ ନମନୀୟ ଭାବରେ ପ୍ରସ୍ତୁତ

'oaob.nitrkl.ac.in' images reprocessed

କରିବାକୁ ପଡ଼ିବ;—ଏହାହିଁ ପ୍ରକୃତ ଉଦ୍ଦେଶ୍ୟ । ସେଗୁଡ଼ିକର କୌଣସି ଅଙ୍ଗଟିକୁ କାଟି ପକାଇବା କିମ୍ବା ସେଗୁଡ଼ିକର ବିନାଶ ସାଧନ କରିବା ଆଦୌ ଉଦ୍ଦେଶ୍ୟ ନୁହେଁ । ଏହି କ୍ଷେତ୍ରରେ ଆରୋହଣ ହେଉଛି ସର୍ବପ୍ରଥମ ଆବଶ୍ୟକତା; ମାତ୍ର ସକଳ ଅଂଶଗୁଡ଼ିକୁ ସଂଯୁକ୍ତ କରି ଏକ ପୂର୍ଣ୍ଣତାସ୍ଥାପନର ଇଚ୍ଛା ମଧ୍ୟ ତାହା ସହିତ ପ୍ରକୃତିର ଚିତ୍‌ସତ୍ତ୍ୱଟି ମଧ୍ୟରେ ଅନ୍ତର୍ନିହିତ ହୋଇ ରହିଛି ।

ଏକ ସମଗ୍ର ଉନ୍ମୀଳନ ଲାଗି, ସୃଷ୍ଟି ମଧ୍ୟରେ ଏକ ସମଗ୍ର ଗମ୍ଭୀରତା ଆଣି ତାହାକୁ ଅଧିକ ସୂକ୍ଷ୍ମ, ସୁନ୍ଦର ଓ ସମୃଦ୍ଧତର ଶକ୍ତିରେ ବଳୀୟାନ୍ କରିବାଲାଗି ଜ୍ଞାନ ଓ ଇଚ୍ଛାର ପୁଗଳଦୃଷ୍ଟିକୁ ନିମ୍ନସ୍ତର ଆଡ଼କୁ ପ୍ରସାରିତ କରି ରଖିବା, ଏହାହିଁ ଆରମ୍ଭରୁ ପ୍ରଚ୍ଛନ୍ନ ପରମ ଚିତ୍‌ସତ୍ତ୍ୱର ଲକ୍ଷ୍ୟ ହୋଇ ରହିଥାଏ । ଉଦାହରଣସ୍ୱରୂପ ଆମେ କହିପାରିବା ଯେ ଉଦ୍ଭିଦ-ଆତ୍ମା ଆପଣାର ସମଗ୍ର ଜଡ଼ଗତ ଅସ୍ତିତ୍ୱଟିକୁ ଏକ ସ୍ନାୟୁଗତ-ଭୌତିକ ଦୃଷ୍ଟିରେ ଦେଖୁଥାଏ, କାରଣ ତାହା ସେଥିମଧ୍ୟରୁ ସକଳ ପ୍ରାଣମୟ-ଭୌତିକ ପ୍ରଗାଢ଼ତାକୁ ଯଥାସମ୍ଭବ ଗ୍ରହଣ କରିନେବାକୁ ଇଚ୍ଛା କରୁଥାଏ । କାରଣ, ତାହାମଧ୍ୟରେ ସଚେତନପର ନିଃଶବ୍ଦ ପ୍ରାଣସ୍ପନ୍ଦନର ଏକ ତୀବ୍ର ଉତ୍ତେଜନା ରହିଥିବା ପରି ମନେହୁଏ, ଯାହାକି ଆମେ ସହଜରେ କଳ୍ପନା କରି ପାରୁ ନାହିଁ; ଉଦ୍ଭିଦ ତୁଳନାରେ ଯାହାର ମନ ଓ ଦେହ ଅଧିକ ଉନ୍ନତ ଓ ଅଧିକ ସାମର୍ଥ୍ୟଯୁକ୍ତ, ସେହି ଇତରପ୍ରାଣୀର ଜୀବନଭୂମି ମଧ୍ୟ ହୁଏତ ଉଦ୍ଭିଦର ଅପେକ୍ଷାକୃତ କମ୍ ପରିଣତ ଜୀବନଭୂମିରେ ଅନୁଭୂତ ହେଉଥିବା ଏହି ଉତ୍ତେଜନାର ତୀବ୍ରତାକୁ ଆଦୌ ସହନ ବା ବହନ କରିପାରେ ନାହିଁ । ଇତର ପ୍ରାଣୀସତ୍ତ୍ୱ ଆପଣାର ପ୍ରାଣଗତ ଓ ଭୌତିକ ଅସ୍ତିତ୍ୱଟିକୁ ଏକ ମନୋମୟ ଇନ୍ଦ୍ରିୟଗତ ଦୃଷ୍ଟିରେ ଦେଖିଥାଏ, କାରଣ ତାହା ଭିତରୁ ସେ ଯଥାସମ୍ଭବ ସକଳ ଇନ୍ଦ୍ରିୟଗତ ମୂଲ୍ୟକୁ ଗ୍ରହଣ କରିନେବାକୁ ଚାହିଁଥାଏ; ବିଶୁଦ୍ଧ ଇନ୍ଦ୍ରିୟବୋଧ, ଇନ୍ଦ୍ରିୟବୋଧଗତ ସଂବେଗ ତଥା ପ୍ରାଣବାସନା ଏବଂ ପ୍ରାଣଗତ ସୁଖର ପରିତୃପ୍ତି ଦିଗରୁ ଦେଖିବାକୁ ଗଲେ ଇତରପ୍ରାଣୀ ଏସବୁର ଯେଉଁ ପ୍ରଗାଢ଼ତାଟିକୁ ଅନୁଭବ କରିପାରେ, ମନୁଷ୍ୟର ଅନୁଭୂତିଠାରୁ ତାହା ଅନେକ ଅଧିକ । ସଂକଳ୍ପ ଓ ବୁଦ୍ଧିର ଭୂମିରେ ଦଣ୍ଡାୟମାନ ହୋଇ ମନୁଷ୍ୟ ସଚେତଭାବେ ତଳକୁ ଅନାଇ ଏସବୁ ଦେଖୁଥାଏ, ସେ ନିମ୍ନସ୍ଥ ଏହିସବୁ ପ୍ରଗାଢ଼ତାକୁ ଉପେକ୍ଷା କରେ । ମାତ୍ର ମନ, ପ୍ରାଣ ଓ ଇନ୍ଦ୍ରିୟଗୁଡ଼ିକରୁ ଅନ୍ୟ ଅନେକ ଉଚ୍ଚତର ମୂଲ୍ୟର ପ୍ରଗାଢ଼ତାଟିକୁ ଗ୍ରହଣ କରି ପାରିବାଲାଗି ସେ ନିମ୍ନସ୍ଥ ପ୍ରଗାଢ଼ତାଟିକୁ ଉପେକ୍ଷା କରେ । ଏହିସବୁ ଉଚ୍ଚତର ମୂଲ୍ୟକୁ ମନୁଷ୍ୟ ବୁଦ୍ଧିଗତ, ସୌନ୍ଦର୍ଯ୍ୟବୋଧଗତ ଓ ନୈତିକ ମୂଲ୍ୟ ବୋଲି କହେ, ଆଧ୍ୟାତ୍ମିକ, ମନୋଗତ ସ୍ତରରେ ଗତିଶୀଳ ବା ବ୍ୟାବହାରିକ ମୂଲ୍ୟ ବୋଲି କହେ । ଏହିସବୁ ଉଚ୍ଚତର ଉପାଦାନଦ୍ୱାରା ମନୁଷ୍ୟ ପ୍ରାଣଗତ ମୂଲ୍ୟଗୁଡ଼ିକର ଉପଯୋଗଭୂମିଟିକୁ

'oaob.nitrkl.ac.in' images reprocessed

ଅଧିକ ପ୍ରଶସ୍ତ, ଅଧିକ ଉଦାତ୍ତ ଏବଂ ଅଧିକ ଉଦ୍ବେଳିତ କରି ଦେବାକୁ ଚାହୁଁଥାଏ । ଇତର ପ୍ରାଣୀସ୍ତରର ପ୍ରବୃତ୍ତି ତଥା ସମ୍ଭୋଗଗୁଡ଼ିକୁ ସେ ଛାଡ଼ିଦେଇ ଆସେ ନାହିଁ; ମାତ୍ର ସେଗୁଡ଼ିକୁ ସେ ମନର ଭୂମିକୁ ଉଦ୍ବେଳିତ କରିନିଏ, ଆହୁରି ସ୍ୱଚ୍ଛ, ସୂକ୍ଷ୍ମ ଓ ଗ୍ରହଣଶୀଳ ଭାବରେ ସେଗୁଡ଼ିକୁ ମନର ଭୂମିକୁ ଉଠାଇ ନେଇଯାଏ । ଆପଣାର ସାଧାରଣ ବା ନିମ୍ନତର କ୍ଷେତ୍ରଟିରେ ଅବସ୍ଥିତ ଥିବା ସମୟରେ ମଧ୍ୟ ମନୁଷ୍ୟ ଠିକ୍ ଏହିପରି କରେ, ମାତ୍ର ଅଧିକରୁ ଅଧିକ ପରିଣତି ଲାଭ କରିବା ସଙ୍ଗେ ସଙ୍ଗେ ସେ ଆପଣାର ନିମ୍ନତର ସତ୍ତାଟିକୁ ଏକ କଠିନତର ପରୀକ୍ଷାର ସମ୍ମୁଖୀନ କରାଏ; ସେ ତାହାଠାରୁ ଏକ ରୂପାନ୍ତରର ଅନୁରୂପ କିଛି ଦାବି କରି ବସେ ଏବଂ ନିମ୍ନତର ସତ୍ତା ସେଥିରେ ସମ୍ମତ ନହେଲେ ବା ସହଯୋଗ ନକଲେ ସେ ତାହାକୁ ବର୍ଜନ କରିବାଲାଗି ମଧ୍ୟ ପ୍ରସ୍ତୁତ ହୋଇଯାଏ । ଆପଣାର ସୀମାକୁ ଅତିକ୍ରମ କରି ରହିଥିବା ଏକ ଆଧ୍ୟାତ୍ମିକ ଜୀବନଲାଗି ପ୍ରସ୍ତୁତ ହେବାର ଅଭିପ୍ରାୟରେ ମନ ଏହିଭଳି ଏକ ରୀତି ଅନୁସରଣ କରେ ।

ମାତ୍ର ଆପଣାର ଉଚ୍ଚତର ସୋପାନଟିରେ ପହଞ୍ଚି ମନୁଷ୍ୟ କେବଳ ତଳଆଡ଼କୁ କିମ୍ବା କେବଳ ଆପଣାର ଚତୁର୍ଦ୍ଦିଗକୁ ଅନାଇ ଦେଖେ ନାହିଁ, ଉପରକୁ ଅନାଇ ସେ ଆପଣାଠାରୁ ଆହୁରି ଊର୍ଦ୍ଧ୍ୱରେ ଯାହା ଅବସ୍ଥିତ ଥାଏ, ତାକୁ ମଧ୍ୟ ଦେଖେ; ଏବଂ ଭିତରକୁ ଅନାଇ ତା'ର ଆପଣା ଭିତରେ ଯାହା ସଂଗୁପ୍ତ ହୋଇ ରହିଥାଏ, ତାହାରି ଆଡ଼େ ଦୃଷ୍ଟିପାତ କରିବାର ପ୍ରୟାସ କରୁଥାଏ । ତାହାର ବିବର୍ତ୍ତନଧାରାଟି ମଧ୍ୟରେ କେବଳ ଯେ ବିଶ୍ୱସତ୍ତାର ତଳଆଡ଼କୁ ପଡ଼ିଥିବା ଦୃଷ୍ଟିଟି ସଚେତନ ହୋଇଉଠେ ତାହା ନୁହେଁ, ମାତ୍ର ତାହା ସଙ୍ଗେ ସଙ୍ଗେ ମନୁଷ୍ୟର ଚେତନ ଊର୍ଦ୍ଧ୍ୱମୁଖୀ ଏବଂ ଅନ୍ତର୍ମୁଖୀ ଦୃଷ୍ଟିଟି ମଧ୍ୟ ବିକଶିତ ହୁଏ । ପ୍ରକୃତି ତା' ଲାଗି କେବଳ ଯେତିକି କରିଛି ବା ତାକୁ ଯେତିକି ଆଣି ଯୋଗାଇ ଦେଇଛି, ଇତରପ୍ରାଣୀ ସତେଅବା ସେତିକରେ ସନ୍ତୁଷ୍ଟ ହୋଇ ରହିଥିବା ପରି ଜୀବନଧାରଣ କରୁଥାଏ; ଆପଣାର ଇତର ପ୍ରାଣୀଗତ ସତ୍ତାରେ ଯଦି ପ୍ରଚ୍ଛନ୍ନ ଚିତ୍‌ସତ୍ତାର ଊର୍ଦ୍ଧ୍ୱାଭିମୁଖ ଦୃଷ୍ଟିଲାଗି ଆଦୌ କୌଣସି ସ୍ଥାନ ରହିଥାଏ, ତେବେ ତାହା ସହିତ ଇତର ପ୍ରାଣୀର ଆଦୌ କୌଣସି ସଚେତନ ଯୋଗ ନଥାଏ, ତାହା ସେତେବେଳେ ମଧ୍ୟ କେବଳ ସେହି ପ୍ରକୃତିର କାର୍ଯ୍ୟ ହୋଇ ରହିଥାଏ । ମନୁଷ୍ୟହିଁ ପ୍ରଥମେ ଏହି ଊର୍ଦ୍ଧ୍ୱାଭିମୁଖ ଦୃଷ୍ଟିଟିକୁ ସଚେତନ ଭାବରେ ଆପଣାର ଏକ କାର୍ଯ୍ୟରେ ପରିଣତ କରିବାକୁ ସମର୍ଥ ହୁଏ । କାରଣ ସେତେବେଳେ ସେ ଆପଣାର ବୁଦ୍ଧିସଂଯୁକ୍ତ ଇଚ୍ଛାଶକ୍ତିର ଅଧିକାରୀ ହୋଇ ସାରିଥାଏ ଏବଂ ସେହି ଇଚ୍ଛାଶକ୍ତି ତଥାପି ଯଥାର୍ଥ ଅଧ୍ୟାତ୍ମଜ୍ଞାନର କେବଳ ଏକ ବିକୃତ ଜ୍ୟୋତିରେଖା ହୋଇ ରହିଥିଲେ ମଧ୍ୟ ମନୁଷ୍ୟର ଅନ୍ତର ଭିତରେ ସଚ୍ଚିଦାନନ୍ଦର ଯୁଗଳ ପ୍ରକୃତିଟି ଫୁଟିବାକୁ ଆରମ୍ଭ କରିଥାଏ । ଇତରପ୍ରାଣୀ ପରି ସେ

'oaob.nitrkl.ac.in' images reprocessed

କେବଳ ପ୍ରକୃତିଦ୍ୱାରାହିଁ ସମ୍ପୂର୍ଣ୍ଣରୂପେ ପରିଚାଳିତ ହେଉଥିବା ଏକ ଅବିକଶିତ ଚେତନସତ୍ତା ହୋଇ ରହେ ନାହିଁ, ତାହାର କାର୍ଯ୍ୟକାରୀ ଶକ୍ତିର କେବଳ ଏକ ଦାସ କିମ୍ବା ତାହାର ଯନ୍ତ୍ରବତ୍ ସାମର୍ଥ୍ୟଗୁଡ଼ିକର କ୍ରୀଡ଼ନକମାତ୍ର ହୋଇ ରହେ ନାହିଁ; ମାତ୍ର ଏକ ବିକଶମାନ ଚେତନ ଆତ୍ମା ଅର୍ଥାତ୍ ପୁରୁଷରେ ପରିଣତ ହେବାକୁ ଆରମ୍ଭ କରିଥାଏ ଓ ଏପର୍ଯ୍ୟନ୍ତ ଯାହା କେବଳ ପ୍ରକୃତିରହିଁ ସମ୍ପତ୍ତି ଓ ବ୍ୟାପାର ହୋଇ ରହିଥିଲା, ସେଥିରେ ହସ୍ତକ୍ଷେପ କରିବାକୁ ଆରମ୍ଭ କରେ । ସେଥିରେ ସେ ଆପଣାର ମଧ୍ୟ କିଛୁ କହିବାକୁ ରହିଛି ବୋଲି ଅନୁଭବ କରେ ଏବଂ ପରିଶେଷରେ ସେହି କ୍ଷେତ୍ରରେ ସ୍ୱୟଂ ପ୍ରଭୁ ହୋଇ ବସିବାକୁ ଚାହାଁରେ । ମାତ୍ର ସେ ତଥାପି ତାହା କରିପାରେ ନାହିଁ ଏବଂ ଜାଲଗୁଡ଼ାକ ଭିତରେ ଅତିରିକ୍ତ ଭାବରେ ଛନ୍ଦହୋଇ ରହିଥାଏ; ପ୍ରକୃତିର ପ୍ରତିଷ୍ଠିତ ଯନ୍ତ୍ରବିଧାନଗୁଡ଼ିକରେ ବଡ଼ ସଂଶ୍ଳିଷ୍ଟ ହୋଇ ପଡ଼ିଥାଏ । ମାତ୍ର, ଯେତେ ଅସ୍ପଷ୍ଟ ଓ ଅନିଶ୍ଚିତ ଭାବରେ ହେଲେ ମଧ୍ୟ ସେ ଏଠାରେ ମଧ୍ୟ ତା'ର ଭିତରେ ରହିଥିବା ଆତ୍ମା ବା ଚିତ୍ସତ୍ତା ଆହୁରି ଉଚ୍ଚକୁ ଆରୋହଣ କରିଯିବାକୁ ଇଚ୍ଛା କରୁଛନ୍ତି ବୋଲି ଅନୁଭବ କରେ, ଆପଣାର ଆତ୍ମଚେତନାଟିକୁ ଅଧିକ ପ୍ରଶସ୍ତ କରିଦେବାକୁ ଚାହୁଁଛନ୍ତି ବୋଲି ଅନୁଭବ କରେ । ତାହାର ଭିତରେ ଗୁପ୍ତ ହୋଇ ରହିଥିବା କେହି ଯେପରି ସ୍ପଷ୍ଟଭାବରେ ଜାଣିଥାଏ ଯେ ବର୍ତ୍ତମାନ ସୋପାନଟିର ଜନ୍ମଭୂମିରେ ନାନା ସୀମାଦ୍ୱାରା ବାନ୍ଧହୋଇ ପରିରୁଦ୍ଧ ରହିବା ସେହି ଈଶ୍ୱରତର ଆତ୍ମପ୍ରକୃତି ଅର୍ଥାତ୍ ପୁରୁଷ ପ୍ରକୃତିର କଦାପି ଇଚ୍ଛା ନୁହେଁ । ସେ ଏଭଳି ଅନେକ ନରହି ଆହୁରି ଉଚ୍ଚ ଶିଖରଗୁଡ଼ିକରେ ଆରୋହଣ କରିବ, ଆପଣାର ବିଚରଣଭୂମିଟିକୁ ସେ ଆହୁରି ପ୍ରଶସ୍ତ ଓ ବିସ୍ତୃତ କରିଦେବ, ଆପଣାର ଏହି ଜନ୍ମଭୂମିର ପ୍ରକୃତିଟିକୁ ସେ ରୂପାନ୍ତରିତ କରିଦେବ;—ଏହି ପୃଥିବୀର ଭୌତିକ ତଥା ପ୍ରାଣଗତ ରାଜ୍ୟ ଭିତରେ ଆପଣାଲାଗି ସ୍ଥାନଟିଏ ତିଆରି କରିନେଇ ସାରିବା ପରେ ଯେତେବେଳେ ଏହାର ପରବର୍ତ୍ତୀ ସମ୍ଭାବନାଗୁଡ଼ିକ ସମ୍ବନ୍ଧରେ ଚିନ୍ତା କରିବାଲାଗି ସେ କିଛିତ୍ ଅବସର ବା ଅବକାଶ ପାଏ, ସେତେବେଳେ ଏହିଗୁଡ଼ିକୁହିଁ ସେ ସତତ ଆପଣାର ସ୍ୱାଭାବିକ ଆକୃତିରୂପେ ଅନୁଭବ କରେ । କୌଣସି ମିଛ ଓ ଦମ୍ଭମୟ ଭ୍ରମର ବଶବର୍ତ୍ତୀ ହୋଇ ଯେ ସେ କଳ୍ପନାପ୍ରବଣ ଭାବରେ ଏଭଳି ଅନୁଭବ କରିବାକୁ ବାଧ୍ୟ ହୁଏ, ତାହା ନୁହେଁ; ମାତ୍ର କାରଣ ସେ ଏକ ଅପୂର୍ଣ୍ଣ ଅଥଚ କ୍ରମଶଃ ବିକାଶଶୀଳ ମନୋମୟ ସତ୍ତାରୂପେ ବିଚରଣ କରୁଥାଏ ଏବଂ ପୂର୍ଣ୍ଣତା ଲାଭ କରିବାଲାଗି ଆହୁରି ଅଧିକ ବିକଶିତ ହୋଇ ପାରିବାକୁ ପ୍ରୟାସ କରିବା ପାଇଁ ବାଧ୍ୟ ହୁଏ । ସେ ଅଧିକ ଓ ଆହୁରି ଅଧିକ ବିକାଶଲାଗି ପ୍ରୟାସୀ ହୋଇ ରହିଥାଏ, କାରଣ ଭୂପୃଷ୍ଠର ଅନ୍ୟାନ୍ୟ ଯାବତୀୟ ପ୍ରାଣୀମାନଙ୍କ ତୁଳନାରେ ତା'ଠାରେ ଏକ ଅଧିକ ସାମର୍ଥ୍ୟ ରହିଥାଏ, ମନଠାରୁ ଆହୁରି ଅଧିକ ଉଚ୍ଚତର ସ୍ତରରେ ତାହାର ମଧ୍ୟରେ ଯେଉଁ ଆତ୍ମା ବିଦ୍ୟମାନ ରହିଛି,

'oaob.nitrkl.ac.in' images reprocessed

ମନୁଷ୍ୟଠାରେ ସେହି ଆତ୍ମାଟିକୁ ସଚେତନ ଭାବେ ଅନୁଭବ କରିବାର ସାମର୍ଥ୍ୟ ଥାଏ। ଏବଂ ଯାହା ମନଠାରୁ ଆହୁରି ଊର୍ଦ୍ଧ୍ୱରେ ଅବସ୍ଥିତ ରହିଛି, ସେହି ଅତିମାନସ ବା ଚିଦ୍‌ଭୂମିକୁ ମଧ୍ୟ ସେ ସଚେତନ ଭାବରେ ଅନୁଭବ କରିପାରେ, ଆପଣାକୁ ତାହାଲାଗି ଉନ୍ମୁକ୍ତ କରି ଦେଇପାରେ, ତାହାକୁ ଆପଣା ମଧ୍ୟରେ ସ୍ୱୀକାର କରି ନେଇପାରେ, ତାହାରି ଆଡ଼କୁ ପାହାଚ ଉଠି ଅଗ୍ରସର ହୋଇପାରେ ଓ ତାହାର ଅଧିକାରୀ ମଧ୍ୟ ହୋଇପାରେ। ଆପଣା ଭିତରେ ଏକ ସଚେତନ ବିବର୍ତ୍ତନ ସାଧନ କରି ଆପଣାର ନିରୂପିତ ସୀମାଗୁଡ଼ିକୁ ପାର ହୋଇଯିବା, ଆପଣା ଭୂମିଟିର ବାହାରକୁ ଖୋଜି ପକାଇ ଆହୁରି ଉପରକୁ ଆରୋହଣ କରିବା,—ଏହି ସାମର୍ଥ୍ୟଟି ମନୁଷ୍ୟର ପ୍ରକୃତି ମଧ୍ୟରେ ରହିଛି, ଏହି ସାମର୍ଥ୍ୟ ପ୍ରତ୍ୟେକ ମନୁଷ୍ୟର ପ୍ରକୃତି ମଧ୍ୟରେ ରହିଛି। କେବଳ କୌଣସି କୌଣସି ବ୍ୟକ୍ତିଙ୍କର ଜୀବନରେ ନୁହେଁ, ଯଥାସମୟରେ ସମଗ୍ର ମନୁଷ୍ୟଜାତି ଲାଗି ମଧ୍ୟ ଏହି ସୀମାତିକ୍ରମଣ ଓ ଆରୋହଣ ନିଶ୍ଚୟ ସମ୍ଭବ ହୋଇପାରେ; ଗୋଟି ଗୋଟି କରି ପ୍ରତ୍ୟେକ ମଣିଷର ଜୀବନରେ ନହେଲେ ମଧ୍ୟ ତାହାର ସତ୍ତା ଓ ଜୀବନଯାପନର ଏକ ସାଧାରଣ ନିୟମ ରୂପରେ ଏହା ଅବଶ୍ୟ ସମ୍ଭବ ହୋଇ-ପାରେ। ଯଦି ମନୁଷ୍ୟଜାତି ସେଥିଲାଗି ଆପଣା ଭିତରେ ଯଥେଷ୍ଟ ଇଚ୍ଛାଶକ୍ତିର ବିକାଶ ସାଧନ କରିପାରେ, ତେବେ ବର୍ତ୍ତମାନର ଏହି ଅଦିବ୍ୟ ପ୍ରକୃତିର ସକଳ ଅପୂର୍ଣ୍ଣତା ମଧ୍ୟରୁ ଉପରକୁ ଉଠିଯାଇ ପାରିବାଲାଗି ସେ ଅବଶ୍ୟ ଆଶା ବାନ୍ଧିପାରେ; ବା ଅନ୍ତତଃ ଏକ ଉଚ୍ଚତର ସ୍ତରର ମନୁଷ୍ୟଜୀବନର ଭୂମିକୁ ଆପଣାକୁ ଉନ୍ନୀତ କରି ନେଇପାରେ ଏବଂ ଏକ ଦିବ୍ୟ ମାନବତ୍ୱ ଅର୍ଥାତ୍ ଅତିମାନବତ୍ୱର ପରମ ଓ ପରିପୂର୍ଣ୍ଣ ଉପଲବ୍ଧି ନକରି ପାରିଲେ ମଧ୍ୟ ସେହି ଚରମ ଲକ୍ଷ୍ୟଟିର ଅଧିକ ନିକଟବର୍ତ୍ତୀ ହୋଇପାରେ। ମାତ୍ର ସେକଥା ଯାହା ହୋଇଥାଉ ପଛକେ, ଆପଣାର ବିକାଶ-ପ୍ରୟାସରେ ଅଧିକରୁ ଅଧିକ ଉଠି ଚାଲିଯିବା ଲାଗି, ଆପଣା ଆଗରେ ଏକ ଆଦର୍ଶର ପ୍ରତିଷ୍ଠା କରି ରଖିବାଲାଗି ଓ ସେହି ଆଦର୍ଶରେ ଯାଇ ପହଞ୍ଚିବାକୁ ସତତ ଚେଷ୍ଟା କରିବାଲାଗି ମନୁଷ୍ୟ ମଧ୍ୟରେ କାର୍ଯ୍ୟ କରୁଥିବା ବିବର୍ତ୍ତନଧର୍ମୀ ପ୍ରକୃତିହିଁ ତାକୁ ବାଧ୍ୟ କରିବାରେ ଲାଗିଛି, ତାକୁ ପ୍ରେରଣା ଦେଇ ଦଉଡ଼ାଇ ନେବାରେ ଲାଗିଛି।

କିନ୍ତୁ ଆପଣାର ସୀମାଗୁଡ଼ିକୁ ଡେଇଁଯାଇ ବିବର୍ତ୍ତନଶୀଳ ସତ୍ତା ଯେଉଁ ଆତ୍ମସମ୍ପୂର୍ତ୍ତି ଲାଭ କରିଥାଏ, ତାହାର ଯଥାର୍ଥ ଶେଷପରିଣତି କେଉଁଠାରେ ? ମନର ଭୂମିରେ ଏହି ଆରୋହଣ ପରମ୍ପରାର ନାନା ସୋପାନ ରହିଛି, ଓ ଗୋଟିଏ ଗୋଟିଏ ସୋପାନ ମଧ୍ୟ ଆପଣା ମଧ୍ୟରେ କେତେକେତେ ମାତ୍ରା ବା ସ୍ତରକୁ ଧରିରଖିଛି। ଏହି ପଥଟି ପାହାଚ ପାହାଚ ହୋଇ ଉପରକୁ ଉଠି ଉଠି ଯାଇଛି, ଯାହାକୁ ଆମେ ଆମ ବୁଝିବାର ସୁବିଧା ସକାଶେ ଆମ ମାନସିକ ଚେତନା ତଥା ମାନସିକ ସତ୍ତାର ନାନା ଭୂମି ଓ ଉପଭୂମି ବୋଲି କହିପାରିବା। ଏହିପରି ପାହାଚ ଉଠିହିଁ ପ୍ରଧାନତଃ ଆମ

'oaob.nitrkl.ac.in' images reprocessed

ମାନସିକ ସତ୍ତାଟିର ବିକାଶ ସମ୍ଭବ ହୋଇଛି । ଏହି ସୋପାନଗୁଡ଼ିକରୁ ଆମେ ଯେକୌଣସିଟି ଉପରେ ଅବସ୍ଥିତ ହୋଇ ରହିପାରିବା ଏବଂ ତଥାପି ଆମ ତଳେ ରହିଥିବା ସୋପାନଗୁଡ଼ିକ ଉପରେ ନିର୍ଭର କରି ପାରୁଥିବା ଓ ଆହୁରି ଉପରକୁ ଅବସର-କ୍ରମେ କେତେ ସୋପାନ ଉଠିଯିବା ପାଇଁ ଆମ ଭିତରେ ଶକ୍ତି ବି ରହିଥିବ କିମ୍ବା ଆମ ସତ୍ତାର ଊର୍ଦ୍ଧ୍ୱତର ଭୂମିଗୁଡ଼ିକରୁ ଆସୁଥିବା ପ୍ରଭାବଗୁଡ଼ିକ ସମ୍ମୁଖରେ ଆମେ ଆପଣାର ପ୍ରତିସ୍ପନ୍ଦନ ବି ଜଣାଇ ପାରୁଥିବା । ବର୍ତ୍ତମାନ ଆମେ ସାଧାରଣତଃ ବୁଦ୍ଧିର ଏହି ନିମ୍ନତମ ଉପଭୂମି ଉପରେହିଁ ଭରାଦେଇ ଠିଆହେବାକୁ ସବୁଠାରୁ ନିରାପଦ ବୋଲି ଭାବିବାରେ ଲାଗିଛୁ । ଏହି ସ୍ତରଟିକୁ ଆମେ ଭୌତିକ-ମାନସିକ ସ୍ତର ବୋଲି ବି କହିପାରିବା, କାରଣ ଆପଣାର ତଥ୍ୟଗତ ସାକ୍ଷ୍ୟ ଏବଂ ବାସ୍ତବତାବୋଧ ନିକାଶେ ଏହାକୁ ଆମ ସ୍ଥୂଳ ମସ୍ତିଷ୍କ ଉପରେ ନିର୍ଭର କରି ରହିବାକୁ ପଡ଼ୁଛି, ସ୍ଥୂଳ ଇନ୍ଦ୍ରିୟ-ମନ ଓ ସ୍ଥୂଳ ଇନ୍ଦ୍ରିୟଗୁଡ଼ିକ ଉପରେ ନିର୍ଭର କରିବାକୁ ପଡ଼ୁଛି । ସେହି କ୍ଷେତ୍ରରେ ଜଣେ ସ୍ଥୂଳ ମନୁଷ୍ୟଜୀବରୂପେ ପ୍ରେରିତ ହୋଇ ବାହାରର ବସ୍ତୁଚୟ ଓ ଆପଣାର ବାହ୍ୟ ଜୀବନଟାକୁହିଁ ଆମେ ସବୁଠାରୁ ଅଧିକ ମହତ୍ତ୍ୱ ଦେଇ ଦେଖୁଛୁ ଏବଂ ଆଶୟଗତ ଅର୍ଥାତ୍ ଅନ୍ତର୍ଗତ ଅସ୍ତିତ୍ୱକୁ କମ୍ ମହତ୍ତ୍ୱପୂର୍ଣ୍ଣ ବୋଲି ଭାବୁଛୁ । ଏବଂ ଅନ୍ତର୍ଗତ ଅସ୍ତିତ୍ୱଟିକୁ ଯେତିକି ମହତ୍ତ୍ୱ ଦେଉଛୁ, ତାହାକୁ ବାହାରର ଅସ୍ତିତ୍ୱଟିର ବୃହତ୍ତର ଦାବିଗୁଡ଼ିକ ପାଖରେ ସେତିକି ଗୌଣ ବା ଅଧସ୍ତନ ବୋଲି ମନେକରୁଛୁ । ସ୍ଥୂଳ ଭୂତଶରୀରଧାରୀ ମନୁଷ୍ୟର ଏକ ପ୍ରାଣମୟ ଅଂଶ ମଧ୍ୟ ରହିଛି, ମାତ୍ର ତାହା ପ୍ରଧାନତଃ ଅବଚେତନ ଭୂମିଟିରୁ ଜନ୍ମଲାଭ କରୁଥିବା ପ୍ରାଣଚେତନାର କେବଳ ସହଜାତ ପ୍ରବୃତ୍ତି ଓ ଆବେଗର କେବଳ କେତୋଟି କ୍ଷୁଦ୍ରତର ରୂପାୟନଦ୍ୱାରା ଆପଣାକୁ ଗଠିତ କରି ରଖିଛି ଏବଂ ତାହାର ଭିତରେ କେତେକେତେ ଇନ୍ଦ୍ରିୟବୋଧ, କେତେକେତେ ବାସନା, ଅନୁଭୂତ ଓ ତୃପ୍ତି ଭିଡ଼ କରି ଭଉଁସା ବାନ୍ଧି ରହିଛନ୍ତି । ଏହି ଇନ୍ଦ୍ରିୟବୋଧ, ବାସନା, ଅନୁଭୂତ ଓ ତୃପ୍ତି କେବଳ ବାହ୍ୟ ବସ୍ତୁ ଓ ବାହ୍ୟ ସଂସ୍ପର୍ଶଗୁଡ଼ାକ ଉପରେ ନିର୍ଭରଶୀଳ ହୋଇ ଅଛନ୍ତି; କେବଳ ଯାହା ବ୍ୟାବହାରିକ, ଯାହାସବୁର ତାତ୍କାଳିକ ଉପଲବ୍ଧି ସମ୍ଭବ, ଯାହା ସମ୍ଭବ, ଯାହା ଅଭ୍ୟସ୍ତ, ଯାହା ସାଧାରଣ ଓ ସାମାନ୍ୟ, କେବଳ ସେଇଗୁଡ଼ାକ ମଧ୍ୟରେ ଘୁରାଇବୁଲାଇ ହୋଇଛନ୍ତି । ମନୁଷ୍ୟ ଭିତରେ ଏକ ମନୋମୟ ଅଂଶ ରହିଛି; ମାତ୍ର ସେଇଟା ମଧ୍ୟ ଅତି ଅଭ୍ୟସ୍ତ, ଅତି ପରମ୍ପରାଗତ, ବ୍ୟାବହାରିକ ଓ ବାହ୍ୟ ବିଷୟଗତ । ତାହାର ମନୋମୟ ଭୂମିରେ ଯାହାସବୁ ତାହାର ସ୍ଥୂଳ ଭୌତିକ ଓ ଇନ୍ଦ୍ରିୟବୋଧଗତ ଅସ୍ତିତ୍ୱଟିକୁ ଆଶ୍ରା ଓ ଆରାମ ଦେଇ ରଖିବାରେ, ତାହାର ଆବଶ୍ୟକତା ମେଣ୍ଟାଇବାରେ ଓ ତାହାର ପରିତୃପ୍ତି ଓ ସନ୍ତୋଷରେ କୌଣସି ପ୍ରୟୋଜନରେ ଲାଗନ୍ତି, କେବଳ ସେଇଗୁଡ଼ିକୁହିଁ ତାହା ସ୍ୱୀକୃତ ଓ ସମ୍ମାନ ଦେଇଥାଏ । କାରଣ କେବଳ ଜଡ଼ ଓ ଜଡ଼ମୟ ଜଗତ ଉପରେହିଁ ସ୍ଥୂଳ ମନ ଠିଆ

'oaob.nitrkl.ac.in' images reprocessed

ହୋଇ ରହିଥାଏ, କେବଳ ଶରୀର ଓ ଶରୀରଗତ ଜୀବନ ତଥା ଇନ୍ଦ୍ରିୟାନୁଭୂତ ଓ ଏକ ନିତ୍ୟସାଧାରଣ ବ୍ୟାବହାରିକ ମନୋମୟତା ତଥା ତାହାର ଅନୁଭୂତିଟିକୁ ସମ୍ବଳ କରି ରହିଥାଏ । ଯାହାକିଛି ଏହିସବୁ ସ୍ୱୀକୃତ କ୍ଷେତ୍ରଟିର ବାହାରେ ରହିଥାଏ, ସ୍ଥୂଳ ମନ ସେଗୁଡ଼ିକୁ ନେଇ ବାହ୍ୟ ଇନ୍ଦ୍ରିୟମାନସ ଉପରେ ନିର୍ଭର କରି ରହିଥିବା ଏକ ସୀମାବଦ୍ଧମାନ ଉପରମହଲଟିଏ ତିଆରି କରି ରଖେ । ତଥାପି ଜୀବନର ଏହିସବୁ ଉଚ୍ଚତର ଉପାଦାନଗୁଡ଼ିକୁ ସେ ହୁଏତ କେତେଗୁଡ଼ିଏ ସହାୟକ ଅପ୍ରଧାନବସ୍ତୁ ଅଥବା ତା' କଳ୍ପନାର ଏକ ପ୍ରୟୋଜନହୀନ ଅଥଚ ଆନନ୍ଦଦାୟକ ବିଳାସ ବୋଲି ମନେ କରୁଥାଏ; ସେଗୁଡ଼ିକୁ ଅନୁଭୂତ ଓ ଭାବନାର ଏକ ବସ୍ତୁନିରପେକ୍ଷ କ୍ଷେତ୍ରରୂପେ ଦେଖୁଥାଏ, ଅନ୍ତର୍ଗତ ବାସ୍ତବତାରୂପେ ଦେଖେ ନାହିଁ । ଅଥବା, ସେଗୁଡ଼ିକୁ ବାସ୍ତବ ବୋଲି ଗ୍ରହଣ କଲେ ମଧ୍ୟ ସେ ସେଗୁଡ଼ିକୁ ବାହ୍ୟବସ୍ତୁଗୁଡ଼ିକ ପରି ବାସ୍ତବ ଓ ମୂର୍ତ୍ତ ବୋଲି ଅନୁଭବ କରିପାରେ ନାହିଁ । କାରଣ ସେଗୁଡ଼ିକର ସ୍ୱରୂପଗତ ଉପାଦାନ ଜଡ଼ପଦାର୍ଥ ତୁଳନାରେ ଅଧିକ ସୂକ୍ଷ୍ମ ହୋଇଥିବାରୁ ସେଗୁଡ଼ିକର ବାସ୍ତବତାକୁ ମଧ୍ୟ ଅଧିକ ସୂକ୍ଷ୍ମଭାବରେ ଗ୍ରହଣ କରିବାକୁ ହୁଏ; ତେଣୁ ଏଗୁଡ଼ାକୁ ମନୁଷ୍ୟର ମନ ସ୍ଥୂଳ ଅପେକ୍ଷା କମ୍ ବାସ୍ତବତା ରହିଥିବା ସ୍ଥୂଳର କେବଳ ଏକ ସୂକ୍ଷ୍ମ ଆଶୟଗତ ବିସ୍ତାର ବୋଲି ମନେ କରୁଥାଏ । ମନୁଷ୍ୟ ଯେ ଏହିପରି ଭାବରେ ପ୍ରଥମେ ଜଡ଼ ଉପରେ ଅବସ୍ଥିତ ରହିବ ଓ ବାହ୍ୟ ତଥ୍ୟ ଓ ବାହ୍ୟ ଅସ୍ତିତ୍ୱକୁ ତାହାର ଉଚିତ ମୂଲ୍ୟ ଦେଇ ଦେଖିବ, ଏହା ଅପରିହାର୍ଯ୍ୟ; କାରଣ ଆମର ସତ୍ତାପାଇଁ ପ୍ରକୃତି ପ୍ରଥମେ ଏହାରି ବ୍ୟବସ୍ଥାହିଁ କରି ରଖିଛି ଏବଂ ଆମେ ଯେପରି ସେଇ ବ୍ୟବସ୍ଥାଟିକୁ ଗ୍ରହଣ କରିବା, ସେଥିଲାଗି ସର୍ବଦା ବଡ଼ ଜୋର ଦେଉଛି । ଆମ ଭିତରେ ରହିଥିବା ସ୍ଥୂଳ ମଣିଷଟିକୁ ପ୍ରକୃତି ସର୍ବଦା ତା'ର ଉଚିତ ଗୁରୁତ୍ୱ ଦେଇଆସିଛି, ଏହି ଜଗତରେ ସେହି ମନୁଷ୍ୟଟିର ବହୁଳ ବୃଦ୍ଧି ଘଟାଇଛି । ଏହାକୁ ସେ କେତେକାଂଶରେ ଜୀବନହୀନ ହେଲେମଧ୍ୟ ଏକ ନିଶ୍ଚିତ ଭୌତିକ ଭିତ୍ତିରୂପେ ସଂରକ୍ଷିତ କରି ରଖିଛି, ଯେପରିକି ଏହି ମାନବୀୟ ଆଧାରରେ ସେ ଉଚ୍ଚତର ବିକାଶପର୍ବଗୁଡ଼ିକର ସାଧନା ବଳବତ୍ତର ରଖିଥିବା ସମୟରେ ଆପେ ଠିଆହୋଇ ରହିବାର ଏକ ଭୂମିରୂପେ ଏହାକୁ ବ୍ୟବହାର କରିପାରିବ । ମାତ୍ର ମନୋଗତ ରୂପାୟନର ଏହି ପର୍ଯ୍ୟାୟଟିରେ ପ୍ରଗତିଲାଗି ଆଦୌ କୌଣସି ସାମର୍ଥ୍ୟ ନାହିଁ ଅଥବା କେବଳ ଏକ ଭୌତିକ ପ୍ରଗତିଲାଗିହିଁ ସାମର୍ଥ୍ୟ ରହିଛି । ଏଇଟି ହେଉଛି ଆମ ମନର କେବଳମାତ୍ର ପ୍ରଥମ ସ୍ତର; ମାତ୍ର ମାନବୀୟ କ୍ରମବିବର୍ତ୍ତନର ଏହି ସବାତଳ ପାହାଚଟିରେ ମନୁଷ୍ୟର ମନ କଦାପି ସବୁଦିନ ଲାଗି ରହିପାରିବ ନାହିଁ ।

ଭୌତିକ ବା ସ୍ଥୂଳମନର ଉପରକୁ ଏବଂ ଇନ୍ଦ୍ରିୟବୋଧଗତ ସ୍ଥୂଳ ପ୍ରକୃତିର ଆନ୍ତର ଶରୀରକୁ ଯେଉଁ ବୋଧଶକ୍ତି ଅବସ୍ଥିତ ରହିଛି, ଆମେ ତାହାକୁ ପ୍ରାଣଗତ ମନ

'oaob.nitrkl.ac.in' images reprocessed

ବୋଲି କହିପାରିବା । ଏହି ମନ ଏକ ଗତିଶୀଳ ମନ, ଏହା ପ୍ରାଣମୟ ଓ ସଂବେଦନଶୀଳ; ତଥାପି ବଡ଼ ଅସ୍ପଷ୍ଟ ଭାବରେ ହେଲେ ମଧ୍ୟ ତାହା ଚୈତ୍ୟସତ୍ତାଟି ଆଡ଼କୁ ଅଧିକ ଉନ୍ମୁକ୍ତ । ଜୀବଚେତନାର ଏକ ପ୍ରାଥମିକ ଆତ୍ମରୂପାୟନ ସାଧନ କରିବାଲାଗି ଏଥିରେ ସାମର୍ଥ୍ୟ ରହିଛି; ମାତ୍ର ଏହି ରୂପାୟନଟିକୁ କେବଳ ଏକ ଅଧିକ ଅସ୍ପଷ୍ଟ ପ୍ରାଣ-ଆତ୍ମା ବୋଲିହିଁ କୁହାଯିବ । ଚୈତ୍ୟସତ୍ତା ବୋଲି କୁହାଯିବ ନାହିଁ, ମାତ୍ର ପ୍ରାଣ-ପୁରୁଷର କେବଳ ଏକ ବହିଃକ୍ଷେତ୍ରଗତ ରୂପାୟନ ବୋଲି କୁହାଯିବ । ଏହି ପ୍ରାଣ-ଆତ୍ମାଟି ପ୍ରାଣମୟ ଭୁବନର ବସ୍ତୁଗୁଡ଼ିକୁ ବାସ୍ତବଭାବରେ ଅନୁଭବ କରିପାରେ, ସେଗୁଡ଼ିକର ସଂସ୍ପର୍ଶରେ ଆସିପାରେ ଏବଂ ଏହିଠାରେହିଁ ସେଗୁଡ଼ିକର ଉପଲବ୍ଧି କରିବାକୁ ଚେଷ୍ଟା କରେ । ପ୍ରାଣସତ୍ତା, ପ୍ରାଣ ଶକ୍ତି ଓ ପ୍ରାଣଗତ ପ୍ରକୃତିର ସନ୍ତୋଷବିଧାନ ଓ ଚରିତାର୍ଥତା ଉପରେ ଏହା ଅତୀବ ମହତ୍ତ୍ୱ ଦେଇଥାଏ । ଭୌତିକ ଅସ୍ତିତ୍ୱଟିକୁ ସେ ପ୍ରଧାନତଃ ପ୍ରାଣଗତ ଆବେଗର ଆତ୍ମପୂର୍ତ୍ତି ଲାଗି ରହିଥିବା ଏକ କ୍ଷେତ୍ରରୂପେହିଁ ଦେଖିଥାଏ; ମହଦାକାଙ୍କ୍ଷା, କ୍ଷମତା, ଦ୍ୱନ୍ଦ୍ୱ ଚରିତ୍ରବତ୍ତା, ପ୍ରେମ, ବାସନା ଓ ସାହସିକତା ଲାଗି ଏକ ଖେଳପଡ଼ିଆ ବୋଲି ମଣିଥାଏ । ଏହି ଜଗତରେ ବ୍ୟକ୍ତିଗତ, ସମାଜଗତ ଏବଂ ଏପରିକି ବିଶ୍ୱଗତଭାବରେ ମଧ୍ୟ ସେ ବାସନାର ଇଷ୍ଟଟିକୁ ଖୋଜି ବାହାର କରିବାକୁ ଚାହୁଁଥାଏ, ଦୁଃସାହସ ସହିତ ଆଗେଇ ଯିବାକୁ ଚାହୁଁଥାଏ, ନାନା ବିପଦ ଭିତରେ ହାତ ଦେବାକୁ ଚାହୁଁଥାଏ । ପ୍ରାଣଗତ ସାମର୍ଥ୍ୟଟିକୁ ନେଇ ସକଳପ୍ରକାର ପରୀକ୍ଷା ଓ ପ୍ରୟୋଗ କରିବାକୁ ଚାହୁଁଥାଏ ଓ ପ୍ରାଣଗତ ନୂତନ ଅଭିଜ୍ଞତା ଲାଗି ସତତ ଉଦ୍‌ଗ୍ରୀବ ହୋଇ ରହିଥାଏ । ଏବଂ ଜୀବନକୁ ଏହିପରି ଭାବରେ ତୃପ୍ତି ଦେଇ ରଖିବାର ଏହି ଉପାଦାନଟି ନଥିଲେ ଅର୍ଥାତ୍ ଏହି ବୃହତ୍ତର ଶକ୍ତି, ଆଗ୍ରହ ଓ ଉଦ୍ଦେଶ୍ୟମୂଳକତାଟି କାମ କରୁ ନଥିଲେ ଭୌତିକ ଅସ୍ତିତ୍ୱର ତା'ଲାଗି ପ୍ରକୃତରେ ଆଦୌ କୌଣସି ମୂଲ୍ୟ ନଥା'ନ୍ତା । ପ୍ରାଣଗତ ଏହି ମନୋଭୂମି ଆମ ଭିତରେ ପ୍ରଚ୍ଛନ୍ନ ରହିଥିବା ଅଧିଚେତନ ପ୍ରାଣସତ୍ତାଟିକୁ ଭିତ୍ତି କରି ଠିଆ ହୋଇଥାଏ ଏବଂ ଏକ ପ୍ରାଣଗତ ବିଶ୍ୱ ସହିତ ତାହାର ଏକ ପ୍ରଚ୍ଛନ୍ନ ସମ୍ପର୍କ ବି ରହିଥାଏ, ଯାହା ପାଖରେ କି ସେ ଆପଣାକୁ ସହଜରେ ଖୋଲି ଦେଇପାରେ ଏବଂ ତଦ୍ଦ୍ୱାରା ଏହି ଜଡ଼ଜଗତଟିର ପଛରେ ରହିଥିବା ଅଦୃଶ୍ୟ ନାନା ଗତିଶୀଳ ଶକ୍ତି ଓ ସତ୍ୟଗୁଡ଼ିକୁ ଅନୁଭବ କରିବାକୁ ସମର୍ଥ ହୁଏ । ଅନ୍ତର ଭିତରେ ଏକ ସୂକ୍ଷ୍ମ ପ୍ରାଣମୟ ମନ ମଧ୍ୟ ରହିଛି ଯିଏ କି ଆପଣାର ଅନୁଭବ ସକାଶେ ସ୍ଥୂଳ ଇନ୍ଦ୍ରିୟଗୁଡ଼ିକର କୌଣସି ସାକ୍ଷ୍ୟ ଦରକାର କରେ ନାହିଁ, ସେଗୁଡ଼ିକଦ୍ୱାରା କୌଣସିପ୍ରକାରେ ସଙ୍କୁଚିତ ହୋଇପଡ଼େ ନାହିଁ । କାରଣ ଏହି ଭୂମିରେ ରହି ଅବଲୋକନ କରୁଥିବା ସମୟରେ ଆମର ଅନ୍ତର୍ଗତ ପ୍ରାଣ ଓ ବିଶ୍ୱଜଗତର ଅନ୍ତର୍ଗତ ପ୍ରାଣଟି ମଧ୍ୟ ସତ୍ୟରୂପେ ଅନୁଭୂତ ହୋଇଥାଏ, ଏବଂ ସେଥିଲାଗି ଆମର ଜଡ଼ଦେହ ଏବଂ ଜଡ଼ଜଗତର ଯାବତୀୟ ପ୍ରତୀକ ଉପରେ ଆଦୌ ନିର୍ଭର କରିବାକୁ



'oaob.nitrkl.ac.in' images reprocessed

ପଡ଼େ ନାହିଁ । ଅଥଚ କେବଳ ଏହି ଦେହ, ଜଡ଼ଜଗତ ଓ ସେମାନଙ୍କର ପ୍ରତୀକଗୁଡ଼ିକୁହିଁ ଆମେ ପ୍ରକୃତି-ଅନ୍ତର୍ଗତ ଯାହାକିଛି ବିଷୟ ବା ବ୍ୟାପାର ବୋଲି ମାନିଥାଉ; ଯଦିଓ ଯେପରି ପ୍ରକୃତି ଭିତରେ କେବଳ ସ୍ଥୂଳ ଜଡ଼ ବିଷୟଗୁଡ଼ିକୁ ଛାଡ଼ି ଆଉ କୌଣସି ବୃହତ୍ତର ବିଷୟ କିମ୍ବା ବୃହତ୍ତର ସତ୍ୟ ନାହିଁ, ଆମେ ଠିକ୍ ସେହିଭଳି ଭାବ ନେଇଥାଉ । ସଚେତନ ଭାବେ ହେଉ କିମ୍ବା ଅଚେତନ ଭାବରେ ହେଉ, ଏହିସବୁ ପ୍ରଭାବଦ୍ୱାରା ଗଢ଼ା ହୋଇଥିବା ପ୍ରାଣମୟ ମନୁଷ୍ୟ ହେଉଛି ବାସନା ଓ ଇନ୍ଦ୍ରିୟାନୁଭୂତିର ମଣିଷ, ଶକ୍ତିସତ୍ତା ଓ କର୍ମ-ମୟତାର ମଣିଷ, ଆବେଗ ଓ ସଂବେଗର ମଣିଷ; ସିଏ ହେଉଛି ଗତିଶୀଳ ଓ ଚଳମାନ ମଣିଷ । ସିଏ ସ୍ଥୂଳ ଅସ୍ତିତ୍ୱଟିକୁ ହୁଏତ ଅନେକ ମହତ୍ତ୍ୱ ଦେଇ ଦେଖିପାରେ ଓ ପ୍ରକୃତ କ୍ଷେତ୍ରରେ ଦେଖି ମଧ୍ୟ ଥାଏ; ମାତ୍ର ଉପସ୍ଥିତ ଜଡ଼ଭୂମିଗତ ବାସ୍ତବତାଗୁଡ଼ିକ ଭିତରେ ଅତିଲିପ୍ତ ଭାବରେ ଛନ୍ଦିହୋଇ ରହିଥିବା ସମୟରେ ମଧ୍ୟ ସେ ଜଡ଼ଗତ ଜୀବନକୁ ପ୍ରାଣଗତ ଅନୁଭବ, ପ୍ରାଣଶକ୍ତିର ଉପଲବ୍ଧି, ପ୍ରାଣଗତ ପ୍ରସାର, ପ୍ରାଣର ସାମର୍ଥ୍ୟ, ପ୍ରାଣର ପ୍ରତିଷ୍ଠା ଓ ପ୍ରାଣର ବିସ୍ତୃତି ଦିଗରେ ଠେଲିଠେଲି ନେବାରେ ଲାଗିଥାଏ, କାରଣ ସତ୍ତାର ପରିବର୍ଦ୍ଧନ ଲାଗି ଏହିଗୁଡ଼ିକହିଁ ପ୍ରକୃତିର ପ୍ରାଥମିକ ପ୍ରେରଣା ଓ ଉପାୟ ହୋଇ ରହିଥାଏ । ଏହି ପ୍ରାଣପ୍ରେରଣା ଯେତେବେଳେ ସବୁଠାରୁ ଅଧିକ ପ୍ରଭାବଶାଳୀ ହୋଇଉଠେ, ସେତେବେଳେ ମନୁଷ୍ୟ ତାହାର ଯାବତୀୟ ବନ୍ଧନକୁ କାଟି ଫୋପାଡ଼ିଦିଏ, ନୂତନ କ୍ଷିତିଜର ଅନୁସନ୍ଧାନରେ ବାହାରିଯାଏ, ଭବିଷ୍ୟତର ଉତ୍ସାହମୟ ଆଗ୍ରହରେ ଅତୀତ ତଥା ବର୍ତ୍ତମାନର ଭୂମିଟିକୁ ଆଲୋଡ଼ିତ ଓ ବିକ୍ଷୁବ୍ଧ କରିପକାଏ । ତାହାର ମନୋଗତ ଜୀବନଟି ଅନେକ ସମୟରେ ଏହି ପ୍ରାଣଶକ୍ତି, ତଥା ତାହାର ବାସନା ଓ ଆବେଗଗୁଡ଼ିକର ଦାସ ହୋଇ ରହିଥାଏ, ଏବଂ ମନକୁ ଏକ ସାଧନରୂପେ ବ୍ୟବହାର କରି ସେ ସେଇଗୁଡ଼ିକୁହିଁ ଚରିତାର୍ଥ କରିବାକୁ ଇଚ୍ଛା କରୁଥାଏ । ମାତ୍ର ମନୋଗତ ବିଷୟଗୁଡ଼ିକରେ ଆପଣାର ଆଗ୍ରହକୁ ଶକ୍ତିଶାଳୀ ଭାବରେ ନିବିଷ୍ଟ କରି ରଖିପାରିଲେ ସିଏ ମନର ପଥରେ ମଧ୍ୟ ସାହସୀ ଯାତ୍ରୀ ହୋଇ ବାହାରି ଯାଇପାରେ, ମନୋଗତ ନାନା ନୂତନ ରୂପାୟନ ଲାଗି ବାଟ କାଢ଼ିପାରେ । ସେତେବେଳେ ସେ କୌଣସି ଆଦର୍ଶ ବା ବିଶ୍ୱାସଲାଗି ସୈନିକ ହୋଇ ବାହାରିପାରେ, ଜଣେ ସଂବେଦନଶୀଳ କଳାକାର ହୋଇପାରେ ଏବଂ ଜୀବନଦ୍ୱାରା ଉଦ୍‌ବୁଦ୍ଧ ଜଣେ ଗତିପ୍ରେରଣାମୟ କବି, କୌଣସି ବାଣୀର ପ୍ରଚାରକ ଅଥବା ବ୍ରତର ସାଧକ ମଧ୍ୟ ହୋଇପାରେ । ପ୍ରାଣଗତ ମନ ଧର୍ମତଃ ଅତ୍ୟନ୍ତ ଗତିଶୀଳ ହୋଇଥିବାରୁ ତାହା ବିବର୍ତ୍ତନଧର୍ମୀ ପ୍ରକୃତିର କ୍ରିୟା ଭିତରେ ଏକ ବଡ଼ ଶକ୍ତିରୂପେ କାର୍ଯ୍ୟ କରୁଥାଏ ।

ପ୍ରାଣମୟ ମନର ଏହି ସ୍ତରଟି ଉପରେ ଓ ଆହୁରି ଗଭୀର ଭାବରେ ପ୍ରସାରିତ ହୋଇ ରହିଥିବା ଆହୁରି ଏକ ମନୋମୟ ସ୍ତର ରହିଛି । ଏଇଟି ହେଉଛି ଶୁଦ୍ଧ

'oaob.nitrkl.ac.in' images reprocessed

ଭାବନା ଓ ବୁଦ୍ଧିର ସ୍ତର, ଯାହାକୁ ମନୋମୟ ଜଗତର ବିଷୟଗୁଡ଼ିକହିଁ ସବୁଠାରୁ ଅଧିକ ମହତ୍ତ୍ୱପୂର୍ଣ୍ଣ ବୋଲି ଅନୁଭବ କରିଥାଏ । ଦାର୍ଶନିକ, ବିଚାରକ, ବୈଜ୍ଞାନିକ, ବୁଦ୍ଧିମାନ୍ ସ୍ରଷ୍ଟା, ଆଦର୍ଶବାନ୍ ମନୁଷ୍ୟ, ଲିଖିତ ଅଥବା କଥିତ ବାଣୀର ସାଧକ ଏବଂ ଆଦର୍ଶବାଦୀ ତଥା ସ୍ୱପ୍ନଦର୍ଶୀମାନେ ଏହି ମନୋଭୂମିଟିର ପ୍ରଭାବମଣ୍ଡଳ ଭିତରେ ବିଚରଣ କରୁଥା'ନ୍ତି । ଆଉ ପୁଣି ମନୋମୟ ସତ୍ତ୍ୱର ଯେତିକି ଅଗ୍ରଗତି ହୋଇଛି, ଏମାନେ ତାହାର ସର୍ବୋଚ୍ଚ ଶିଖରରେ ବିଚରଣ କରୁଥା'ନ୍ତି । ମନୋମୟ ଏହି ମଣିଷଟିର ଆପଣା ଜୀବନଗତ ଏକ ପ୍ରାଣମୟ ଅଂଶ ଅବଶ୍ୟ ରହିଛି, ପ୍ରାଣଗତ, ଯାବତୀୟ କାମନା ଓ ବାସନା, ମହଦାକାଂକ୍ଷା ଓ ଆଶାକୁ ନେଇ ସିଏ ମଧ୍ୟ ଜୀବନ ବଞ୍ଚୁଛି, ନିମ୍ନତର ଇନ୍ଦ୍ରିୟବୋଧଗତ ସ୍ଥୂଳ ଓ ଭୌତିକ ଅଭିବୃତ୍ତି ମଧ୍ୟ ରହିଛି । ଏବଂ ନିମ୍ନସ୍ତରଟି ଅନେକ ସମୟରେ ତାହାର ମହତ୍ତର ମନୋମୟ ଅଂଶଟିର ସମକକ୍ଷ ହୋଇ ରହିପାରେ ଅଥବା ତା'ଠାରୁ ଅଧିକ ପରାକ୍ରମଶାଳୀ ବି ହୋଇପାରେ, ଯାହାଫଳରେ କି ତା'ର ମନୋମୟ ଅଂଶ ତା'ର ସବୁଠାରୁ ଅଧିକ ବିକଶିତ ଅଂଶ ହୋଇଥିଲେ ମଧ୍ୟ ତଥାପି ତାହା ତା'ର ସମସ୍ତ ପ୍ରକୃତିଟିର ନିୟନ୍ତ୍ରଣ କରିବାରେ ଓ ତାକୁ ଗଢ଼ିବାରେ ଅସମର୍ଥ ହୋଇ ପଡ଼ିପାରେ । ମାତ୍ର ତା'ର ସର୍ବୋତ୍ତମ ବିକାଶର ପର୍ଯ୍ୟାୟଟିରେ ମନ ଅନ୍ୟ ଏକ ରୂପ ଧାରଣ କରିଥାଏ, କାରଣ ସେତେବେଳେ ତା'ର ଭାବନାସମର୍ଥ ଇଚ୍ଛାଶକ୍ତି ଓ ବୁଦ୍ଧିହିଁ ତା'ଜୀବନର ପ୍ରାଣଗତ ଓ ଜଡ଼ଗତ ଭୂମିଗୁଡ଼ିକର ନିୟନ୍ତ୍ରଣ କରୁଥା'ନ୍ତି, ସେଗୁଡ଼ିକୁ ଆପଣାର ଅଧୀନ କରି ରଖିଥା'ନ୍ତି । ଏକଥା ସତ ଯେ ମନୋମୟ ମନୁଷ୍ୟ ଆପଣାର ପ୍ରକୃତିରେ କୌଣସି ରୂପାନ୍ତର ଘଟାଇ ପାରେ ନାହିଁ, ମାତ୍ର ସେ ଏଇଟିକୁ ଆପଣାର ନିୟନ୍ତ୍ରଣରେ ଆଣିପାରେ, ଏଥିରେ ଏକ ସମନ୍ୱୟର ଅବସ୍ଥା ସମ୍ଭବ କରିପାରେ, ତା' ଉପରେ ଆପଣା ମନୋଗତ ଆଦର୍ଶଟିର ବିଧାନକୁ ବିସ୍ତାର କରି ରଖିପାରେ, ସେଥିରେ ଏକ ଭାରସାମ୍ୟ ଆଣିପାରେ, ଅଥବା ତାହାର ପ୍ରକୃତିଟିକୁ ଶୋଧିତ ଓ ଉଦାତ୍ତ କରି ରଖିବାଲାଗି ତାହା ଉପରେ ଅନୁରୂପ ପ୍ରଭାବ ମଧ୍ୟ ପକାଇପାରେ । ଏସବୁ କରି ତାହା ଆମର ବିକୃତ ଓ ଅର୍ଦ୍ଧଗଠିତ ସତ୍ତ୍ୱ ମଧ୍ୟରେ ଏକାବେଳକେ ବହୁ ବ୍ୟକ୍ତିସତ୍ତ୍ୱର ଯେଉଁ ବିରୋଧ ଓ ଦ୍ୱନ୍ଦ୍ୱ ଲାଗି ରହିଥାଏ ଏବଂ ତାତ୍କାଳିକ ଭାବରେ କାମ ଚଳାଇନେବା ଲାଗି ସେଥିରେ ଯେଉଁ ତାଳପକାର ଅପକ୍ରମ ଲାଗିଥାଏ, ତାହା ଭିତରେ ଏକ ବୃହତ୍ତର ସଙ୍ଗତି ମଧ୍ୟ ଆଣିପାରେ । ସେ ଆପଣା ମନ ଓ ପ୍ରାଣର ପର୍ଯ୍ୟବେକ୍ଷକ ଓ ନିୟାମକରୂପେ ଆପଣାକୁ ଅବତୀର୍ଣ୍ଣ କରାଇପାରେ, ସେଗୁଡ଼ିକୁ ସଚେତନ ଭାବରେ ବିକଶିତ ବି କରାଇପାରେ ଏବଂ ସେହି ଦୃଷ୍ଟିରୁ ସେହି କ୍ଷେତ୍ରରେ ଆପଣାର ସ୍ରଷ୍ଟା ହୋଇ ରହିପାରେ ।

ଶୁଦ୍ଧ ବୁଦ୍ଧିଗତ ଏହି ମନର ପଛକୁ ଊର୍ଦ୍ଧ୍ୱର ଅନ୍ତର୍ଗତ ହୋଇ ଆମର ଅଧିଚେତନ ମନଟି ଅବସ୍ଥାନ କରୁଛି ଯାହାକି ମନୋମୟ ଭୂମିର ଯାବତୀୟ ବିଷୟକୁ

'oaob.nitrkl.ac.in' images reprocessed

ପ୍ରତ୍ୟକ୍ଷ ଭାବରେ ଜାଣିପାରୁଛୁ, ମନୋଜଗତର ଏକ ପୃଥିବୀ ଆଡ଼କୁ ଆପଣାକୁ ଉନ୍ମୋଚିତ କରି ରଖିଛୁ ଏବଂ ଜଡ଼ ତଥା ପ୍ରାଣର ଭୂମିରେ କ୍ରିୟାତ୍ମକ ହୋଇ ରହିଥିବା ସୂକ୍ଷ୍ମ ଓ ଅଦୃଶ୍ୟ ପ୍ରଭାବଗୁଡ଼ିକୁ ଅନୁଭବ କରିପାରୁଛୁ । ଆମର ଏହି ଭୂମିରେ ଥାଇ ଆମେ ସେହିସବୁ ପ୍ରଭାବ ବିଷୟରେ କେବଳ ଏକ ଅନୁମାନ କରିପାରୁଛୁ, ସେଗୁଡ଼ିକୁ ପ୍ରତ୍ୟକ୍ଷ ଭାବରେ ଅନୁଭବ କରିପାରୁ ନାହୁଁ । ଏହିସବୁ ଅସ୍ପର୍ଶ୍ୟ ଓ ଅତିସୂକ୍ଷ୍ମ ଭାବନା ମନୋମୟ ମନୁଷ୍ୟର ଅଧିଚେତନାରେ ବାସ୍ତବ ଓ ଅତ୍ୟନ୍ତ ସ୍ପଷ୍ଟଭାବରେ ଅନୁଭୂତ ହେଉଛି, ସେଗୁଡ଼ିକୁ ସେ ଏଭଳି ଗୋଟିଏ ଗୋଟିଏ ସତ୍ୟରୂପେ ଜାଣିବାକୁ ପାଉଛି, ଆମର ନିଜ ପ୍ରକୃତିରେ ଓ ଏହି ବିଶ୍ୱର ପ୍ରକୃତିରେ ଉପଲବ୍ଧ ହେବାଲାଗି ଯାହାର ଦାବିକୁ କି କଦାପି ଅସ୍ୱୀକାର କରାଯାଇ ପାରିବ ନାହିଁ । ସେହି ଅନ୍ତର୍ଗତ ଭୂମିରେ ଅବସ୍ଥିତ ରହି ଆମେ ମନ ଓ ମନୋମୟ ଆତ୍ମାକୁ ଶରୀରଭୂମିଠାରୁ ସ୍ୱତନ୍ତ୍ର ଗୋଟିଏ ଗୋଟିଏ ସମ୍ପୂର୍ଣ୍ଣ ସତ୍ୟ ବୋଲି ନିଶ୍ଚୟ ଅନୁଭବ କରିପାରିବା; ଏବଂ ଆମ ଶରୀର ମଧ୍ୟରେ ବାସ କରୁଥିଲା ପରି ଆମେ ଚେତନ ଭାବରେ ସେଗୁଡ଼ିକରେ ମଧ୍ୟ ବାସ କରିପାରିବା । ତେଣୁ ଏହି ମନ ଓ ମନୋଗତ ଭୂମିର ବିଷୟଗୁଡ଼ିକରେ ବାସ କରିପାରିବା, କେବଳ ଏକ ପ୍ରାଣ କିମ୍ବା ସ୍ଥୂଳ ଶରୀର ନହୋଇ ଏକ ବୁଦ୍ଧିସମ୍ପନ୍ନ ସତ୍ତ୍ୱା ହୋଇ ରହିବା, କେବଳ ଆଧ୍ୟାତ୍ମିକ ଜୀବନଟିକୁ ବାଦ ଦେଲେ ଆମେ ପ୍ରକୃତିର ସେ ସୋପାନମାଳାରେ ଏଇଟିକୁହିଁ ସମ୍ଭାବ୍ୟ ଉଚ୍ଚତମ ସ୍ଥିତିର ସୋପାନ ବୋଲି କହିବା । ମନୋମୟ ମଣିଷ, ଅର୍ଥାତ୍ ଆପେ ଆପଣାର ଶାସନ କରିପାରୁଥିବା ଓ ଆପଣାକୁ ଗଢ଼ି ପାରୁଥିବା ମନ ଓ ଇଚ୍ଛାଶକ୍ତିକୁହିଁ ଆମେ ମାନବୀୟ ଭୂମିରେ ପ୍ରକୃତିର ବିବର୍ତ୍ତନଶୀଳ ରଚନାତ୍ମକତାର ସ୍ୱାଭାବିକ ସର୍ବୋଚ୍ଚ ଶିଖର ବୋଲି ଜାଣିବା । ଏହି ସଂକଳ୍ପମୟ ମନ ଏକ ଆଦର୍ଶ ବିଷୟରେ ସର୍ବଦା ସଚେତ ରହିଥାଏ ଏବଂ ତାହାର ଉପଲବ୍ଧି ଲାଗି ଆପଣାକୁ ତତ୍ପର ରଖିଥାଏ । ଏହି ମନ ଓ ସଂକଳ୍ପର ମଣିଷ ହେଉଛି ଉଚ୍ଚ ବୁଦ୍ଧିସମ୍ପନ୍ନ ମଣିଷ, ସେଇ ବିଚାରବାନ୍ ଓ ଋଷି । ସତତ କର୍ମଦକ୍ଷ ଓ ବାହ୍ୟଜୀବନରେ ଆପଣାକୁ ସତ୍ୱର ପ୍ରତିଷ୍ଠା କରି ପାରୁଥିବା ପ୍ରାଣମୟ ମନୁଷ୍ୟ ପରି ମନୋମୟ ମନୁଷ୍ୟ ସେତେଦୂର ଗତିଶୀଳ, ସକ୍ରିୟ ଓ ତାତ୍କାଳିକ ସିଦ୍ଧି ଓ ପ୍ରଭାବସମ୍ପନ୍ନ ନହୋଇଥିଲେ ମଧ୍ୟ ତାହାର ଶକ୍ତି ପ୍ରାଣମୟ ପୁରୁଷର ଶକ୍ତିଠାରୁ କୌଣସି ଗୁଣରେ ଊଣା ନୁହେଁ, ଏବଂ ପରିଶେଷରେ ମାନବଜାତିକୁ ନୂତନ ପଥ ଦେଖାଇ ପାରିବା ଓ ତା'ର ସମ୍ମୁଖରେ ନୂତନ ନାନା ବିକଳ୍ପର ଉନ୍ମୋଚନ କରିପାରିବା ଦୃଷ୍ଟିରୁ ସମ୍ଭବତଃ ଅଧିକ ଶକ୍ତିଶାଳୀ । ମନୋଭୂମିର ଏହି ତିନୋଟି ସ୍ତର ପରସ୍ପରଠାରୁ ବଡ଼ ସ୍ପଷ୍ଟଭାବରେ ପୃଥକ୍ ହୋଇ ରହିଥିଲେହେଁ ଆମର ଦେଖିବାକୁ ତାହା ଅନେକ ସମୟରେ ପରସ୍ପର ସହିତ ମିଶିକରି ରହିଥିବା ପରି ଦେଖାଯାଏ ଏବଂ ଆମର ସାଧାରଣ ବୁଦ୍ଧିରେ ଆମେ ସେଗୁଡ଼ିକୁ ଆକସ୍ମିକ ଭାବରେ ବିକାଶଲାଭ କରିଥିବା ତିନୋଟି

'oaob.nitrkl.ac.in' images reprocessed

ମନୋମୟ ସ୍ତର ବୋଲି ଭାବି ନେଇଥାଉ ଏବଂ ସେସବୁ ମଧ୍ୟରେ ଅନ୍ୟ କୌଣସି ତାତ୍ପର୍ଯ୍ୟ ପ୍ରକୃତରେ ରହିଛି ବୋଲି ଆମକୁ ଆଦୌ ଦେଖାଯାଏ ନାହିଁ । ମାତ୍ର ସେଗୁଡ଼ିକ ସର୍ବଦା ତାତ୍ପର୍ଯ୍ୟପୂର୍ଣ୍ଣ ହୋଇ ରହିଥାଏ, କାରଣ ପ୍ରକୃତିର ବିବର୍ତ୍ତନଧାରାରେ ମନୋମୟ ସତ୍ତା ଆପଣା ଭିତରୁ ଉତ୍କର୍ଷ ଲାଭ କରିବାକୁ ଯେଉଁ-ଯାତ୍ରାରେ ବାହାରିଛି, ଏଗୁଡ଼ିକ ସେହି ଯାତ୍ରାପଥରେ ତିନୋଟି ଭିନ୍ନ ଭିନ୍ନ ସୋପାନ । ଏବଂ, ପ୍ରକୃତିର ବର୍ତ୍ତମାନ ସାମର୍ଥ୍ୟ ଦୃଷ୍ଟିରୁ ଭାବନାସମର୍ଥ ମନହିଁ ଏହି ବିବର୍ତ୍ତନର ଉଚ୍ଚତମ ସୋପାନ ହୋଇଥିବାରୁ ପ୍ରକୃତିମଧ୍ୟସ୍ଥ ସ୍ୱାଭାବିକ ମଣିଷଭୂମିରେ ପୂର୍ଣ୍ଣତାପ୍ରାପ୍ତ ମନୋମୟ ମଣିଷ ପ୍ରକୃତରେ ସବୁଠାରୁ ବିରଳ, ଓ ତାହାର ସ୍ଥାନ ଏହି ଭୂମିରେ ସମସ୍ତଙ୍କର ଉପରେ । ଏବଂ ଏତିକିଠାରୁ ଆହୁରି ଉପରକୁ ଉଠି ପାରିବାକୁ ହେଲେ ପ୍ରକୃତିକୁ ମନର ବର୍ତ୍ତମାନ ଭୂମିଟିରେ ଅଧ୍ୟାତ୍ମତତ୍ତ୍ୱର ଅବତରଣ କରାଇବାକୁ ପଡ଼ିବ ଏବଂ ତାହାକୁ ମନ, ପ୍ରାଣ ଓ ଦେହର ଭୂମିରେ ସଂସ୍ଥ କରି ପାରିବାକୁ ହେବ ।

କାରଣ ଆପଣାର ଉପରିସ୍ତରସ୍ଥ ମନର କ୍ଷେତ୍ରରେହିଁ ପ୍ରକୃତି ଆପଣାର ବିବର୍ତ୍ତନକ୍ରମରେ ମନ, ପ୍ରାଣ ଓ ଦେହର ମୂର୍ତ୍ତିଗୁଡ଼ିକୁ ରଚନା କରିଛି । ଏବଂ କେବଳ ଏତିକିଠାରୁ ଆହୁରି ଅଧିକ କରି ପାରିବାର ସାମର୍ଥ୍ୟ ଲାଭ କରିବାକୁ ହେଲେ ପ୍ରାକୃତିକ ଆମର ଏହି ଉପରିସ୍ତରଟିର ଆହୁରି ତଳକୁ ଲୁକ୍କାୟିତ ହୋଇ ରହିଥିବା ଅଦୃଶ୍ୟ ଉପାଦାନଟିକୁ ଅଧିକ ପର୍ଯ୍ୟାପ୍ତ ଭାବରେ ବ୍ୟବହାର କରିବାକୁ ପଡ଼ିବ, ଆହୁରି ଭିତରକୁ ଯାଇ ପ୍ରଚ୍ଛନ୍ନ ଆତ୍ମା ଅର୍ଥାତ୍ ଚୈତ୍ୟସତ୍ତାଟିକୁ ବାହାର କରି ଆଣିବାକୁ ପଡ଼ିବ, କିମ୍ବା, ଅନ୍ୟଭାବରେ କହିଲେ ଆମର ଏହି ସାଧାରଣ ମନଃସ୍ତରଟିରୁ ଆହୁରି ଉପରକୁ ଉଠି ଆଧ୍ୟାତ୍ମିକ ଅନ୍ତର୍ସତ୍ତା ମଧ୍ୟରୁ ପ୍ରତିଫଳିତ ଆଲୋକଦ୍ୱାରା ପ୍ଳାବିତ ଓ ଉଦ୍ଭାସିତ ହୋଇ ରହିଥିବା ସମ୍ବୋଧିଗତ ଚେତନା ଭିତରକୁ ପ୍ରବେଶ କରିବାକୁ ହେବ, ସେହି ବିଶୁଦ୍ଧ ଅଧ୍ୟାତ୍ମମନର ଭୂମିଗୁଡ଼ିକୁ ଆରୋହଣ କରିଯିବାକୁ ପଡ଼ିବ, ଯେଉଁଠାରେ କି ଅନନ୍ତ ସତ୍ତା ସହିତ ଆମର ପ୍ରତ୍ୟକ୍ଷ ସମ୍ପର୍କ ପ୍ରତିଷ୍ଠିତ ହୋଇ ରହିଛି, ଯେଉଁଠି ଆମେ ବସ୍ତୁଗୁଡ଼ିକର ଯଥାର୍ଥ ଆତ୍ମା ଓ ସର୍ବୋଚ୍ଚ ସତ୍ୟ ଅର୍ଥାତ୍ ସଚ୍ଚିଦାନନ୍ଦଙ୍କର ସ୍ପର୍ଶ ଲାଭ କରି ଅବସ୍ଥିତ ରହି ପାରିବା । ଆମର ଏହି ଉପରିସ୍ତରସ୍ଥ ପ୍ରାକୃତ ସତ୍ତାଟିର ତଳେ ଆମର ଭିତରେ ଏକ ଆତ୍ମା ରହିଛି, ଏକ ଅନ୍ତର୍ମନ ଓ ଅନ୍ତଃପ୍ରାଣ ରହିଛି, ଯାହାକି ଏହିସବୁ ସମ୍ଭାବ୍ୟ ଉର୍ଦ୍ଧ୍ୱତା ଆଡ଼କୁ ଆପଣାକୁ ଉନ୍ମୋଚିତ କରିଦେଇ ପାରିବ, ଆମର ଭିତରେ ଅବସ୍ଥିତ ସଙ୍ଗୁପ୍ତ ଅନ୍ତରାତ୍ମା ଆଡ଼କୁ ମଧ୍ୟ ଉନ୍ମୁକ୍ତ ହୋଇଯାଇ ପାରିବ; ଏବଂ ଏହିପରି ଏକ ଦ୍ୱିଧାରା ଉନ୍ମୋଚନକୁହିଁ ଆମେ ଏକ ନୂତନ ବିବର୍ତ୍ତନ-ଧର୍ମର ମର୍ମରହସ୍ୟ ବୋଲି ଜାଣି ରଖିବା । ତା'କବାଟସବୁ ଖୋଲିଗଲେ, ପାଚେରି-ଗୁଡ଼ିକ ଭାଙ୍ଗିଗଲେ ଓ ସୀମାଗୁଡ଼ାକ ଅପସରି ଗଲେ ଆମର ଚେତନା ଆପଣାର

'oaob.nitrkl.ac.in' images reprocessed

ଆରୋହଣକ୍ରମରେ ଏକ ଉଚ୍ଚତର ସୋପାନକୁ ଉଠିଯାଇ ପାରିବ ଏବଂ ଏକ ବୃହତ୍ତର ସମଗ୍ରତା ବା ପରିପୂର୍ଣ୍ଣତାର ଅଧିକାରୀ ହୋଇପାରିବ । ମନର ଆବିର୍ଭାବ ଓ ବିବର୍ତ୍ତନ ଯେପରି ପ୍ରକୃତିର ଯାବତୀୟ ସାମର୍ଥ୍ୟକୁ ମନୋମୟତା ଦ୍ୱାରା ସମ୍ପନ୍ନ କରି ରଖିଛି, ଏହି ନୂତନ ବିବର୍ତ୍ତନଟି ସେହିପରି ପ୍ରକୃତିର ଯାବତୀୟ ସାମର୍ଥ୍ୟକୁ ଏକ ଅଧ୍ୟାତ୍ମଭୂମିକୁ ଉନ୍ନୀତ କରି ନେଇଯିବ । ଏକଥା ସତ ଯେ ସାଧାରଣ ଭାବରେ ଦେଖିଲେ ମନୋମୟ ମନୁଷ୍ୟ ତାହାର ସ୍ୱପ୍ରକୃତିର ଭୂମିରେ ଯେତେଦୂର ପୂର୍ଣ୍ଣଭାବରେ ଆପଣାକୁ ବିକଶିତ କରାଇ ପାରିଛି, ତାହାର ନିମ୍ନସ୍ଥ କୌଣସି ସୋପାନରେ କେହି ସେତେଦୂର ସିଦ୍ଧି ଲାଭ କରି ପାରି ନାହିଁ କିମ୍ବା ଉପରସ୍ଥ ସୋପାନଗୁଡ଼ିକରେ ମଧ୍ୟ କେହି ଏତେବେଶୀ ଅଗ୍ରସର କରି ନାହିଁ । ତଥାପି ଏହି ମନୋମୟ ମନୁଷ୍ୟ କଦାପି ପ୍ରକୃତିର ବିବର୍ତ୍ତନଗତ ଶେଷ ଉଦ୍ୟମ ନୁହେଁ କିମ୍ବା ସର୍ବଶେଷ ସିଦ୍ଧି ମଧ୍ୟ ନୁହେଁ । ପ୍ରକୃତି ମନୁଷ୍ୟକୁ ତଥାପି ଏକ ଉଚ୍ଚତର ଓ ଅଧିକ ଆସ୍ପୃହଣୀୟାପେକ୍ଷ ସୋପାନ ଆଡ଼କୁ ଅଙ୍ଗୁଳିନିର୍ଦ୍ଦେଶ କରି ଦେଖାଇ ଦେଇଛି, ତାକୁ ଏକ ଆଧ୍ୟାତ୍ମିକ ଜୀବନାଦର୍ଶର ପ୍ରେରଣା ଦେଇଛି ଏବଂ ତାହାରି ମଧ୍ୟରେ ଏକ ଆଧ୍ୟାତ୍ମିକ ସତ୍ତ୍ୱାର ବିବର୍ତ୍ତନ ସକାଶେ କ୍ଷେତ୍ର ପ୍ରସ୍ତୁତ କରି ରଖିଛି । ମନୁଷ୍ୟର ସୃଷ୍ଟି କରି ପ୍ରକୃତି ଯେଉଁ ଅସାଧାରଣ ପ୍ରୟାସଟିରେ ହାତ ଦେଇଛି, ସମ୍ଭାବ୍ୟ ଅଧ୍ୟାତ୍ମମଣିଷଟିହିଁ ସେହି ସର୍ବୋଚ୍ଚ ଶିଖରର ବସ୍ତୁ ହୋଇ ରହିଛି । କାରଣ ଏଠାରେ ମନୋମୟ ସ୍ରଷ୍ଟା, ଭାବନାସମର୍ଥ କର୍ତ୍ତା, ଜ୍ଞାନୀ, ନୂତନ ସନ୍ଦେଶର ବାର୍ତ୍ତାବହ, ଆତ୍ମନିୟାମକ, ଆତ୍ମଶୃଙ୍ଖଳିତ ଓ ସୁସମଞ୍ଜସ ମନୋମୟ ସତ୍ତ୍ୱାର ବିବର୍ତ୍ତନ ଘଟାଇ ପ୍ରକୃତି ଆହୁରି ଉଚ୍ଚତର ସୋପାନଟିରେ ପାଦ ପକାଇବାର ଚେଷ୍ଟା କରିଛି, ଭିତରେ ଆହୁରି ଗଭୀରକୁ ଯିବାର ପ୍ରୟାସ କରିଛି, ଆତ୍ମା, ଅନ୍ତର୍ମନ ତଥା ହୃଦୟକୁ ତାହାରକୁ ବାହାରି ଆସିବାଲାଗି ଉଦ୍‌ବୋଧନ ଦେଇଛି, ଏଠାରେ ଅଧ୍ୟାତ୍ମମନ, ଉଚ୍ଚତର ମନ ଏବଂ ଅଧିମାନସର ସାମର୍ଥ୍ୟଗୁଡ଼ିକର ଅବତରଣ ଲାଗି ତପସ୍ୟା କରିଛି; ଏବଂ ସେହିସବୁର ଆଲୋକ ଓ ପ୍ରଭାବଦ୍ୱାରା ଏଠି ଏହି ଭୂମି ଉପରେ ଯୋଗୀ, ଦ୍ରଷ୍ଟା, ଭଗବଦ୍‌ବାର୍ତ୍ତାର ପ୍ରଚାରକ, ଭଗବତ୍‌ପ୍ରେମୀ, ଅଧ୍ୟାତ୍ମଜ୍ଞାନୀ, ସୁଫୀ ଓ ତତ୍ତ୍ୱଦ୍ରଷ୍ଟାର ସୃଷ୍ଟି କରି ପାରିବାକୁ ଶ୍ରଦ୍ଧା ରଖିଆସିଛି ।

ଆପଣାର ସୀମାକୁ ଡେଇଁ ଉପରକୁ ଯିବାଲାଗି ମଣିଷଲାଗି ଏହାହିଁ ଏକମାତ୍ର ଯଥାର୍ଥ ପନ୍ଥା, କାରଣ ଆମେ ଯେତେଦିନଯାଏ କେବଳ ଏହି ଉପର ପରସ୍ତଟାରେ ଧାଇଁ ବୁଲୁଥିବା ଓ ତାହାକୁହିଁ ଜୀବନ ବଞ୍ଚିବା ବୋଲି କହୁଥିବା, ଯେତେଦିନଯାଏ ଆମର ଚେତନାଗୁଡ଼ାକ ସମ୍ପୂର୍ଣ୍ଣ ଭାବରେ କେବଳ ଜଡ଼ର ଜଡ଼ମୟତା ଭିତରେହିଁ ରହିଥିବ, ସେତେବେଳଯାଏ ଆଉ ଉପରକୁ ଯାଇପାରିବା କଦାପି ସମ୍ଭବ ହେବ ନାହିଁ, ଏବଂ ଆମର ଏହି ବିବର୍ତ୍ତନଶୀଳ ସତ୍ତ୍ୱାରେ ଯେ ସେପରି କୌଣସି ନୂତନ

'oaob.nitrkl.ac.in' images reprocessed

ପରିବର୍ତ୍ତିତ ହୋଇ କେବେ ଏକ ନୂତନ ମନୁଷ୍ୟର ଆବିର୍ଭାବ ଘଟିବ, ଆମର ସେହି ଆଶା କେବଳ ଆଶାହିଁ ହୋଇ ରହିଥିବ । ପ୍ରାଣମୟ ମନୁଷ୍ୟ ଓ ମନୋମୟ ମନୁଷ୍ୟ ଧରିତ୍ରୀର ଏହି ଜୀବନଭୂମିରେ ଏକ ବିପୁଳ ପ୍ରଭାବ ପକାଇ ପାରିଛନ୍ତି, ସେମାନେ ମନୁଷ୍ୟଙ୍କୁ କେବଳ ଏକ ମନୁଷ୍ୟପ୍ରାଣୀର ସ୍ତରରୁ ତାହାର ବର୍ତ୍ତମାନ ଅବସ୍ଥାଟିକୁ ଅଗ୍ରସର କରାଇ ଆଣିଛନ୍ତି । ମନୁଷ୍ୟଭୂମିର ପରିବର୍ତ୍ତନକ୍ଷେତ୍ରରେ ଯେଉଁ ପ୍ରକୃତି ଆଗରୁ ପ୍ରତିଷ୍ଠିତ ହୋଇ ରହିଛି, କେବଳ ତାହାର ସୀମାଗୁଡ଼ିକ ଭିତରେହିଁ ସେମାନଙ୍କର ଯାବତୀୟ କ୍ରିୟା ଆବଦ୍ଧ ହୋଇ ରହିଛି । ସେମାନେ ଏହି ଭୂମିର ବୃତ୍ତଟିକୁ ଅଧିକ ବିସ୍ତୃତ କରିଦେଇ ପାରିବେ ସତ, ମାତ୍ର ଚେତନା କିମ୍ବା ତାହାର ମୌଳିକ କ୍ରିୟାଧାରାରେ ସେମାନେ କୌଣସି ଯଥାର୍ଥ ପରିବର୍ତ୍ତନ ଓ ରୂପାନ୍ତର ସମ୍ଭବ କରିପାରିବେ ନାହିଁ । ମନୋମୟ ମନୀଷୀମାନଙ୍କୁହିଁ ଅତିରିକ୍ତ ଭାବରେ ଉପରକୁ ଉଠାଇ ନେବା ଲାଗି ଅଥବା ପ୍ରାଣମୟ ମନୁଷ୍ୟ ଉପରେହିଁ ଅସ୍ୱାଭାବିକ ମହତ୍ତ୍ୱ ଦେଇ ତାକୁ ଅତିରିକ୍ତ ଭାବରେ ବୃଦ୍ଧି କରିବାର ଯେକୌଣସି ଚେଷ୍ଟା ଓ ଉତ୍ସାହ କେବଳ ଏହି ମନୁଷ୍ୟପ୍ରାଣୀମାନଙ୍କୁହିଁ ଅତିବଳଶାଳୀ କିମ୍ବା ଅତିକାମ କରି ତିଆରି କରିବ ସିନା, ମାତ୍ର ତାହା ମନୀଷୀର ଜୀବନରେ କୌଣସି ଯଥାର୍ଥ ରୂପାନ୍ତର ଘଟାଇ ପାରିବ ନାହିଁ, ମନୁଷ୍ୟ ଭିତରେ ଦିବ୍ୟତାର ସଞ୍ଚାର କରିବ ନାହିଁ । ଉଦାହରଣସ୍ୱରୂପ ନିତ୍‌ଶେ ଏହିପରି ଏକ ଅତିମାନବ ସ୍ଥିତିର କଳ୍ପନା କରିଥିଲେ । ମାତ୍ର ଯଦି ଆମେ ଆପଣା ଭିତରେ ଆପଣାର ଅନ୍ତର୍ଗତ ସତ୍ତାଟିର କ୍ଷେତ୍ରରେ ବଞ୍ଚିବା ଲାଗି ସମର୍ଥ ହୋଇପାରିବା ଏବଂ ଏହାକୁହିଁ ଆମ ଜୀବନର ପ୍ରତ୍ୟକ୍ଷ ବିଧାୟକରୂପେ ବସାଇ ପାରିବା, ଅର୍ଥାତ୍, ଯଦି ଆମେ ସତ୍ତାର ଆଧ୍ୟାତ୍ମିକ ଓ ବୋଧିପ୍ରଦୀପ୍ତ ଭୂମିରେ ନେଇ ଆପଣାକୁ ଉପସ୍ଥାପିତ କରିପାରିବା, ଓ ସେହିସବୁ ଭୂମିରୁ ତଥା ସେହିଗୁଡ଼ିକର ଶକ୍ତିଦ୍ୱାରାହିଁ ଆମର ପ୍ରକୃତିଟିକୁ ବଦଳାଇ ଦେଇପାରିବା, ତେବେ ଆମ ସମ୍ମୁଖରେ ସମ୍ପୂର୍ଣ୍ଣ ଅନ୍ୟ ଏକ ସମ୍ଭାବନା ଆସି ଉନ୍ମୋଚିତ ହୋଇଯିବ ।

ଆଧ୍ୟାତ୍ମିକ ମନୁଷ୍ୟ ହେଉଛି ଏହି ନୂତନ ପରିବର୍ତ୍ତନର ପ୍ରତୀକ, ପ୍ରକୃତିର ଭୂମି ଉପରେ ଏହି ନୂତନ ଓ ଉଚ୍ଚତର ତପସ୍ୟାର ପରିଣାମ । କାରଣ ବିବର୍ତ୍ତନାତ୍ମିକା ଶକ୍ତିର କ୍ଷେତ୍ରରେ ଏପର୍ଯ୍ୟନ୍ତ ହୋଇ ଆସିଥିବା ପ୍ରକ୍ରିୟାଟି ସହିତ ତୁଳନା କଲେ ଏହି ନୂତନ ପରିବର୍ତ୍ତନର ଦୁଇଟି ବୈଶିଷ୍ଟ୍ୟ ରହିଛି । ପ୍ରଥମତଃ ମନୁଷ୍ୟମନର ସଚେତନ ଚେଷ୍ଟାହିଁ ଏହି ପରିବର୍ତ୍ତନକୁ ଅଗ୍ରସର ଓ ପରିଚାଳିତ କରିନେଉଛି, ଓ ଦ୍ୱିତୀୟତଃ ସଚେତନ ଭାବରେ କେବଳ ଏହି ଉପରିଭାଗସ୍ଥ ପ୍ରକୃତିରହିଁ ଆମୂଳନବୃଦ୍ଧିରେ ଏହି ପରିବର୍ତ୍ତନ ଆପଣାକୁ ସୀମାବଦ୍ଧ କରି ରଖି ନାହିଁ; ଅବଚେତନାର ପ୍ରାଚୀରଗୁଡ଼ାକୁ ଏକାବେଳକେ ଭାଙ୍ଗି ପକାଇବାର ଏକ ପ୍ରଚେଷ୍ଟାଦ୍ୱାରା ଏହି ପରିବର୍ତ୍ତନ ସଂଘଟିତ ହେଉଛି । ଏବଂ ଭିତରେ ଆମ ବର୍ତ୍ତମାନ ସତ୍ତାଟିର ନିଗୂଢ଼ ମର୍ମସତ୍ୟଟି ଆଡ଼କୁ,

'oaob.nitrkl.ac.in' images reprocessed

ବାହାରେ ସମଗ୍ର ବିଶ୍ୱସତ୍ତା ଆଡ଼କୁ ଏବଂ ଊର୍ଦ୍ଧ୍ୱ ଦିଗରେ ଏକ ଉଚ୍ଚତର ଜୀବନତତ୍ତ୍ୱ ଆଡ଼କୁ ଆପଣାକୁ ସମ୍ପ୍ରସାରିତ କରିଦେବାର ଏକ ପ୍ରଚେଷ୍ଟା ଦ୍ୱାରା ଏହା ସଂଘଟିତ ହେଉଛି । କେବଳ ଆମର ଏହି ଉପରିବର୍ଗସ୍ଥ ବିଦ୍ୟା-ଅବିଦ୍ୟାର ବାଡ଼ ବା ଗାରଗୁଡ଼ାକୁ ଆହୁରି ଟିକିଏ ପ୍ରସାରିତ କରିଦେବା ବ୍ୟତୀତ ପ୍ରକୃତି ଏପର୍ଯ୍ୟନ୍ତ ଆଉ ଅଧିକ କିଛି ସାଧି କରି ପାରିନଥିଲା । ଆପଣାର ଆଧ୍ୟାତ୍ମିକ ପ୍ରଚେଷ୍ଟାଟିରେ ମଧ୍ୟ ତାହା କେବଳ ଅବିଦ୍ୟାର ବିଲୁପ୍ତିସାଧନ ଲାଗି ଚେଷ୍ଟା କରି ଆସିଥିଲା, ଭିତରେ ପ୍ରବେଶ କରି ସେଠାରେ ଆତ୍ମାର ଆବିଷ୍କାର କରିବା ଏବଂ ଆପଣା ଚେତନାର ଆୟତନଭୂମିରେ ଈଶ୍ୱର ତଥା ସର୍ବଭୂତ ସହିତ ଏକାତ୍ମକ ହୋଇ ରହିବାଲାଗିହିଁ ଚେଷ୍ଟା କରି ଆସିଥିଲା । ମନୁଷ୍ୟ ଭିତରେ କାର୍ଯ୍ୟ କରୁଥିବା ବିବର୍ତ୍ତନଶୀଳ ପ୍ରକୃତିର ମନୋମୟ ସୋପାନଟିରେ ଏହାହିଁ ଚରମ ଲକ୍ଷ୍ୟ; ଆମର ଅବିଦ୍ୟାକୁ ସମୂଳେ ବିଦ୍ୟାରେ ରୂପାନ୍ତରିତ କରିଦେବା ଲାଗି ଏଇଟି ହେଉଛି ପ୍ରଥମ ସୋପାନ । ଯେତେବେଳେ ଅନ୍ତର୍ଗତ ସତ୍ତା ତଥା ଊର୍ଦ୍ଧ୍ୱତର ଅଧ୍ୟାତ୍ମ-ସତ୍ତାଙ୍କର ପ୍ରଭାବ ପଡ଼ିବାକୁ ଆରମ୍ଭ ହୁଏ ଏବଂ ଆମର ଏହି ଉପରିସ୍ଥ ଭୂମିରେ ତାହା ଅନୁଭୂତ ଏବଂ ସ୍ୱୀକୃତ ହେବାକୁ ଲାଗେ, ସେଇଠାରୁହିଁ ଆଧ୍ୟାତ୍ମିକ ପରିବର୍ତ୍ତନର ସୂତ୍ରପାତ ହୁଏ । ମାତ୍ର ଆପଣାର ପ୍ରଚେଷ୍ଟାକୁ କେବଳ ଏତିକି ଭିତରେ ଆବଦ୍ଧ କରି ରଖିଲେ ତଦ୍ଦ୍ୱାରା ଏକ ପ୍ରଜ୍ଞାନ୍ୱିତ ମନୋମୟ ଆଦର୍ଶ ଅଭିମୁଖରେ ଗତି କରିହୁଏ ବା ଏକ ଧର୍ମଗତ ମନୋମୟତାର ବିକାଶ ହେବାକୁ ଆରମ୍ଭ କରେ, ଏକପ୍ରକାର ଧର୍ମଗତ ଭାବର ସ୍ଫୁରଣ ହୁଏ, ହୃଦୟ ଭିତରେ ଭକ୍ତିର ସଞ୍ଚାର ହୁଏ, ଆଚରଣରେ ଧାର୍ମିକତା ଆସି ପହଞ୍ଚେ । ଏହାକୁ ଆମେ ଚିତ୍ତସତ୍ତା ବା ଚିଦଗତ ସତ୍ୟ ଦିଗରେ ମନର ପ୍ରଥମ ପଦକ୍ଷେପ ବୋଲି କହିବା, ମାତ୍ର ଏହା ସମ୍ପୂର୍ଣ୍ଣ କିମ୍ବା ମୌଳିକ ପରିବର୍ତ୍ତନ ଆଣିବାରେ ଆଦୌ ସମର୍ଥ ହୁଏ ନାହିଁ । ସେଥିଲାଗି ଆହୁରି ଅନେକ ଅଧିକ କରିବାକୁ ହେବ, ଆପଣା ଅନ୍ତର୍ଗଭୀରର ଆହୁରି ତଳେ ଜୀବନ ବଞ୍ଚିବାକୁ ପଡ଼ିବ ଏବଂ ଆପଣାର ବର୍ତ୍ତମାନ ଚେତନାଟିର ସୀମାବାଡ଼ ଡେଇଁ ଯିବାକୁ ପଡ଼ିବ, ଆମ ପ୍ରକୃତିର ବର୍ତ୍ତମାନ ସୋପାନଟିକୁ ଅତିକ୍ରମ କରିବାକୁ ପଡ଼ିବ ।

ଏଥର ସ୍ପଷ୍ଟ ହୋଇଯାଉଛି ଯେ ଯଦି ଆମେ ଏହିପରି ଭାବରେ ଅନ୍ତର୍ଗଭୀରର ଆହୁରି ତଳକୁ ଯାଇ ବାସ କରିପାରିବା ଓ ଅବିରାମ ଭାବରେ ଆମର ଅନ୍ତଃଶକ୍ତିଗୁଡ଼ିକୁ ବାହାରର ସାଧନଯନ୍ତ୍ରଟି ମଧ୍ୟକୁ ପ୍ରବାହିତ କରିପାରିବା, ଅଥବା ଅଧିକ ଉଚ୍ଚ ଓ ପ୍ରଶସ୍ତ ସୋପାନମାନଙ୍କର ଅବସ୍ଥାନ କରିବା ଉଦ୍ଦେଶ୍ୟରେ ଆପଣାକୁ ଉତ୍ତୋଳିତ କରିଦେବା ଓ ସେହିସବୁ ସୋପାନର ଶକ୍ତିଗୁଡ଼ିକୁ ଆମର ଏହି ଜଡ଼-ଅସ୍ତିତ୍ୱର ଭୂମିଟି ଉପରେ ଆଣି ସଞ୍ଚାରିତ କରିପାରିବା,—ବର୍ତ୍ତମାନ ଆମେ ଯେତିକି କରିବାଲାଗି ସମର୍ଥ ହେଉଛୁ, କେବଳ ସେସବୁ ସୋପାନରୁ ଅବତୀର୍ଣ୍ଣ ହୋଇ ଆସୁଥିବା ପ୍ରଭାବଗୁଡ଼ିକୁ ଗ୍ରହଣ

'oaob.nitrkl.ac.in' images reprocessed

କରିନେବାରେହିଁ ସନ୍ତୁଷ୍ଟ ରହିବା ନାହିଁ, ତେବେ ତଦ୍ଦ୍ୱାରା ଆମ ଚେତନସତ୍ତାର ଶକ୍ତି ମଧ୍ୟ କ୍ରମେ ଉନ୍ମୋଚିତ ହେବାକୁ ଆରମ୍ଭ କରିବ ଏବଂ ସେଥିରୁ ଚେତନାର ଏକ ନୂତନ ତନ୍ତ୍ରର ସୃଷ୍ଟି ହେବ, କର୍ମଧାରାର ଏକ ନୂତନ ପରିସର ଉନ୍ମୁକ୍ତ ହୋଇଯିବ, ସକଳ ବସ୍ତୁକୁ ଏକ ନୂତନ ମୂଲ୍ୟ ଦେଇ ଦେଖିବାର ଚକ୍ଷୁ ଉପଲବ୍ଧ ହେବ । ଆମର ଚେତନା ଓ ଆମ ଜୀବନ ପ୍ରସାରିତ ହୋଇଯିବ, ସେହି ପ୍ରସାର ଆମ ଜୀବନାସ୍ତିତ୍ୱର ଏହି ନିମ୍ନତର ଭୂମିଗୁଡ଼ିକୁ ଆପଣା ମଧ୍ୟରେ ଗ୍ରହଣ କରିନେବ ଓ ସେଗୁଡ଼ିକରେ ରୂପାନ୍ତର ଘଟାଇବ । ସଂକ୍ଷେପରେ କହିଲେ ଏଭଳି ଏକ ଊର୍ଦ୍ଧ୍ୱବର୍ତ୍ତିନାତ୍ମକ ପ୍ରକ୍ରିୟାର ସୃଷ୍ଟି ହେବ, ଯାହାଦ୍ୱାରା କି ପ୍ରକୃତି ମଧ୍ୟରେ କାର୍ଯ୍ୟ କରୁଥିବା ପରମ ଚିଦ୍‌ଗତତା ଏକ ଉଚ୍ଚତର ମନୁଷ୍ୟର ସୃଷ୍ଟି କରିଦେବ । ଚରମ ଲକ୍ଷ୍ୟଟିଠାରୁ ଯେତେ ଦୂରବର୍ତ୍ତୀ ହୋଇ ରହିଥିଲେ ମଧ୍ୟ ପ୍ରତ୍ୟେକ ସୋପାନକୁ ଆମେ ଗୋଟିଏ ଗୋଟିଏ ପଦକ୍ଷେପ ବା ପଦକ୍ଷେପ ବୋଲି କହିପାରିବା, ଏକ ବୃହତ୍ତର ଓ ଅଧିକତର ଦିବ୍ୟ ସତ୍ତାର ଅଭିମୁଖରେ ଆମକୁ ଅଗ୍ରସର କରାଇ ନେଉଥିବା ଏକ ଅନ୍ତରଙ୍ଗତର ପଥ ବୋଲି କହିପାରିବା; ଏକ ବୃହତ୍ତର ଓ ଅଧିକତର ଦିବ୍ୟ ଶକ୍ତି ଓ ଦିବ୍ୟ ଚେତନା ଆଡ଼କୁ, ଦିବ୍ୟ ଜ୍ଞାନ ଓ ସଂକଳ୍ପ ଆଡ଼କୁ ତଥା ଦିବ୍ୟ ଅସ୍ତିତ୍ୱବୋଧ ଓ ଅସ୍ତିତ୍ୱଗତ ଆନନ୍ଦ ଆଡ଼କୁ ଅଗ୍ରସର କରାଇ ନେବାର ମାର୍ଗ ବୋଲି କହିପାରିବା । ଏହିପରି ଭାବରେହିଁ ଦିବ୍ୟ ଜୀବନ ଆଡ଼କୁ ଉନ୍ମୋଚିତ ହୋଇଯିବାର ପ୍ରଥମ ଦ୍ୱାରଟି ଖୋଲିଯିବା ସମ୍ଭବ ହେବ । ସକଳ ଧର୍ମ, ସଂଗୁପ୍ତବିଦ୍ୟାଗତ ସକଳ ଜ୍ଞାନ, ଅତିପ୍ରାକୃତ (ଅପ୍ରାକୃତ ବା ଅସ୍ୱାଭାବିକ ନୁହେଁ) ସକଳ ମନୋଗତ ଅନୁଭୂତି, ସକଳ ଯୋଗ ତଥା ଚୈତ୍ୟସତ୍ତାର ସକଳ ଅନୁଭବ ଓ ସକଳ ଶୃଙ୍ଖଳା ହେଉଛି ଆପଣାକୁ ଉନ୍ମୋଚିତ କରିବାରେ ଲାଗିଥିବା ସେହି ସଂଗୁପ୍ତ ଚିଦ୍‌ଗତ ସତ୍ୟର ପ୍ରଗତିପଥରେ ଗୋଟିଏ ଗୋଟିଏ ପଥପ୍ରଦର୍ଶକ ପଥର, ସେଇଆଡ଼କୁ ଦେଖାଇ ଦେଉଥିବା ଗୋଟିଏ ଗୋଟିଏ ସଙ୍କେତ ମାତ୍ର ।

ମାତ୍ର ସଚେତନ ଅବା କୌଣସି ନିମ୍ନାକର୍ଷଣ ଦ୍ୱାରା ଜଡ଼ଗତ ସ୍ଥୂଳଭୂମିଟି ଆଡ଼କୁ ସର୍ବଦା ଟାଣିହୋଇ ରହିବାକୁ ପଡ଼ୁଥିବାରୁ ମନୁଷ୍ୟଜାତିର ଗୋଡ଼ରେ ତଥାପି ଯେପରି ଏକ ପଥର ବନ୍ଧା ହୋଇ ରହିଛି, ମନୁଷ୍ୟଜାତି ଆଜି ମଧ୍ୟ ତଥାପି ଅବଜ୍ଞାତ ହୋଇ ରହିଥିବା ଜଡ଼ପୃଥିବୀର ଆକର୍ଷଣରେ ବୋଲି ମାନିବାରେ ଲାଗିଛି । ଆଜି ମଧ୍ୟ ସେ କେବଳ ମସ୍ତିଷ୍କଗତ ମନଃଚାର ନିୟନ୍ତ୍ରଣ ଭିତରେ ଛନ୍ଦିହୋଇ ରହିଛି, ଜଡ଼ବୁଦ୍ଧିର କବଳରେ ପଡ଼ିରହିଛି । ଏହିପରି ନାନା ବନ୍ଧନ ଓ ପାଶଦ୍ୱାରା ବାନ୍ଧି ହୋଇ ରହିଥିବାରୁ ସେ ସଙ୍କେତ ପାଉଥିଲେ ମଧ୍ୟ ତଥାପି କୁଣ୍ଠାବୋଧ କରୁଛି, ତଥାପି ଗୋଡ଼ ବାନ୍ଧି ବସିଛି ଓ ଚିଦ୍‌ଭୂମିଗତ ପ୍ରସ୍ତାବଟିର କଠୋର ଦାବିଗୁଡ଼ିକ ସମ୍ମୁଖରେ ସାହସ ନପାଉଥିବା ପରି ସେ ତଥାପି ପଛୁଆଇ ରହିଛି । ତାହା ଭିତରେ ଆଜି ବି ଏକ ସନ୍ଦେହାତ୍ମକ

'oaob.nitrkl.ac.in' images reprocessed

ନିର୍ବୋଧତା ଅନ୍ଧମାନଙ୍କରେ ଧାରି ରଖିଛି, ଅନ୍ତରିକ୍ତ ଆଳସ୍ୟ ତାକୁ ସବୁବେଳେ ଗିଳିକରି ରଖିଛି, ଅଭ୍ୟାସର କ୍ଷୁଦ୍ର ଗୁହାଟି ମଧ୍ୟରୁ ବାହାରି ଚାଲି ଆସିବାର ଆହ୍ୱାନ ଆସି ପହଞ୍ଚିଲା ବେଳକୁ ତା'ର ବୁଦ୍ଧିଗତ ତଥା ଅଧ୍ୟାତ୍ମକ୍ଷେତ୍ରରେ ଏକ ବିରାଟ ଭୀରୁତା ଏବଂ ରକ୍ଷଣଶୀଳତା ତାହାକୁ ସବୁବେଳେ ବଡ଼ ବିମୁଖ କରି ରଖିଛି । ଜୀବନ ଯେଉଁଠାରେ ଯାହା ଉପରେ ବିଜୟ ଲାଭ କରିବାକୁ ଇଚ୍ଛା କରେ ଓ ସେହି ଅନୁସାରେ ଆପଣାକୁ ପ୍ରେରିତ କରେ, ସେଠାରେ ସେ ଅବଶ୍ୟ ବିଜୟ ହାସଲ କରେ, ଜୀବନ-କ୍ଷେତ୍ରରୁ ଆମକୁ ସତତ ଏହାର କେତେକେତେ ପ୍ରମାଣ ଦେଖିବାକୁ ମିଳୁଛି । ଏପରିକି ଜଡ଼ବିଜ୍ଞାନର ସେହି ସମ୍ପୂର୍ଣ୍ଣ ନିମ୍ନତର ଶକ୍ତିଟି ମଧ୍ୟ କେତେକେତେ ଅଦ୍‌ଭୁତ ଓ ଅସାଧ୍ୟକୁ ସାଧ୍ୟ କରି ପାରୁଛି ! ମାତ୍ର ଏହିସବୁ ପ୍ରମାଣକୁ ଅହରହ ଦେଖୁଥିଲେ ମଧ୍ୟ ମନୁଷ୍ୟ ତଥାପି କୁଣ୍ଠା ଓ ସଂଶୟ ମଧ୍ୟରେ ଆପଣାକୁ ବାନ୍ଧି ରଖୁଛି, ନୂତନ ଆହ୍ୱାନଟିକୁ ବାରବାର ପ୍ରତ୍ୟାଖ୍ୟାନ କରି ରଖିବାରେ ଲାଗିଛି ଏବଂ ସେହି ଆହ୍ୱାନର ଜବାବ ଦେବାର ଦାୟିତ୍ୱଟିକୁ ମାତ୍ର କେତେଜଣ ବ୍ୟକ୍ତିବିଶେଷଙ୍କ ହାତରେ ଛାଡ଼ିଦେଇ ବସି-ଯାଉଛି । ମାତ୍ର ପରବର୍ତ୍ତୀ ଅନାଗତ ପଦକ୍ଷେପଟିର ଅଧିକାରୀ ହେବାକୁ ଚାହୁଁଥିଲେ ମନୁଷ୍ୟଜାତି ପକ୍ଷରେ କେବଳ ସେତିକରେ ରହିଯିବା ଆଦୌ ଯଥେଷ୍ଟ ହେବ ନାହିଁ । କାରଣ ଏକ ଜାତି ହିସାବରେ କେବଳ ଆଗକୁ ପଦଟିଏ ପକାଇ ପାରିଲେ ଯାଇ ତାହାପକ୍ଷରେ ଆତ୍ମାର ବିଜୟ ସୁନିଶ୍ଚିତ ହୋଇପାରିବ । କାରଣ ସେତେବେଳେ ପ୍ରକୃତିର ଗତିଧାରାରେ କୌଣସି ସ୍ଖଳନ ଘଟିଲେ କିମ୍ବା ତାହାର ପ୍ରୟାସରେ କୌଣସି ଶିଥିଳତା ଆସିଲେ ମଧ୍ୟ ତଥାପି ତାହାର ଅନ୍ତର ମଧ୍ୟରେ ଅବସ୍ଥିତ ରହିଥିବା ଚୈତ୍ୟ-ପୁରୁଷ ଆପଣାର ଏକ ପ୍ରଚ୍ଛନ୍ନ ସ୍ମୃତିର ବିନିଯୋଗ କରି ମନୁଷ୍ୟଜାତିକୁ ପୁଣି ଉପରକୁ ଆହ୍ୱାନ କରି ନେଇଯିବେ ଏବଂ ସେତେବେଳେ ତା'ର ଅତୀତ ତପସ୍ୟାବଳରେ ପରବର୍ତ୍ତୀ ସୋପାନଟିକୁ ଉଠିଯାଇ ପାରିବା ଅଧିକ ସହଜ ହୋଇଯିବ ଓ ସେହି ଆରୋହଣଟି ଦୀର୍ଘକାଳ ଲାଗି ସ୍ଥାୟୀ ହୋଇ ରହିବ । ବେଳେବେଳେ ସେହି ସ୍ମୃତି ନିମ୍ନତର ସ୍ତରଟିରେ ବା ଏକ ନିମ୍ନାଭିମୁଖୀ କୌଣସି ଆକର୍ଷଣରୂପେ ଆପଣାକୁ ଅନୁଭୂତ କରାଇଥାଏ, ଜାତିର ଆବର୍ତ୍ତିତ ପଥ ଉପରେ ପଛକୁ ଚାହିଁ ଅନାଇବାର ଏକ ଶକ୍ତିରୂପେ ପ୍ରକଟିତ ହୁଏ । ମାତ୍ର ସେହି ଶକ୍ତିକୁ ଆମେ ବସ୍ତୁତଃ ପ୍ରକୃତି ମଧ୍ୟରେ ସତତ ସଞ୍ଚରି ରହିଥିବା ଏକ ସ୍ମୃତିଶକ୍ତି ବୋଲି କହିବା । ଏହି ଶକ୍ତି ଆମକୁ କେବଳ ତଳକୁ ଟାଣି ରଖେ ନାହିଁ, ଉପରକୁ ମଧ୍ୟ ଟାଣି ନେଇଯାଏ; କେବଳ ପଛକୁ ଅନାଏ ନାହିଁ, ଆଗକୁ ମଧ୍ୟ ସ୍ପର୍ଦ୍ଧା କରେ । ମନୁଷ୍ୟଜାତିର ସେହି ଅତୀତ ତପସ୍ୟା, ତାହାର ପ୍ରବେଗ ଓ ପରିଣାମଟି ମଧ୍ୟ ତା'ର ଅବଚେତନ ମନର ଭଣ୍ଡାର ଭିତରେହିଁ ସଞ୍ଚିତ ହୋଇ ରହିଥାଏ । ଆମର ବିଗତ ବା ପୂର୍ବବର୍ତ୍ତୀ ଆବର୍ତ୍ତନଗୁଡ଼ିକରେ ଆମେ ପ୍ରକୃତରେ କେଉଁଭଳି ବିଜୟମାନ ଲାଭକରି ସାରିଛୁ ଓ ବର୍ତ୍ତମାନ ପରବର୍ତ୍ତୀ

'oaob.nitrkl.ac.in' images reprocessed

ସୋପାନଟିର ପ୍ରକୃତରେ କେତେ ନିକଟରେ ଆସି ଠିଆ ହୋଇଛୁ, ସେକଥା କିଏ କହିପାରିବ ? ଅବଶ୍ୟ ଏକଥା ଆଦୌ ଆବଶ୍ୟକ କିମ୍ବା ସମ୍ଭବ ମଧ୍ୟ ନୁହେଁ ଯେ ସମୁଦାୟ ମନୁଷ୍ୟଜାତିହିଁ ଆପଣାର ସତ୍ତ୍ୱଗୁଡ଼ିକୁ ମନୋଗତ ଭୂମିରୁ ଆଧ୍ୟାତ୍ମିକ ଭୂମି ଉପରକୁ ରୂପାନ୍ତରିତ କରିଆଣିବ; ମାତ୍ର ତଥାପି ସେହି ଆଦର୍ଶକୁ ଏକ ସାଧାରଣ ଆଦର୍ଶର ସ୍ୱୀକୃତ ଦେବାକୁ ପଡ଼ିବ, ସେହି ପ୍ରୟାସଟିକୁ ବହୁକ୍ଷେତ୍ରରେ ପରିବ୍ୟାପ୍ତ କରି ରଖିବାକୁ ହେବ ଏବଂ ସଚେତନ ଭାବରେ ଆପଣାକୁ ତାହାର ମଧ୍ୟରେ ଅନ୍ତର୍ନିବିଷ୍ଟ କରିବାକୁ ହେବ; ତେବେ ଯାଇ ପ୍ରବୃତ୍ତିର ଏହି ସ୍ରୋତଧାରାଟିକୁ ତାହାର ନିର୍ଦ୍ଦିଷ୍ଟ ଅଭୀଷ୍ଟଯାଏ ବହନ କରି ନେଇଯିବା ସମ୍ଭବ ହୋଇପାରିବ । ନଚେତ୍ ପରିଶେଷରେ ଯାହାକିଛି ଉପଲବ୍ଧ ହେବ, ତାହା କେବଳ ଅଳ୍ପସଂଖ୍ୟକ କେତେଜଣଙ୍କର ଉପଲବ୍ଧି ହୋଇ ରହିବ ଏବଂ ସେମାନେ ଏକ ନୂତନ ପର୍ଯ୍ୟାୟକୁ ଉନ୍ନୀତ ହେବ ଲଗି ସମର୍ଥ ହେବେ; ମାତ୍ର ଏଣେ ବୃହତ୍ତର ମାନବଜାତି ଆପଣାକୁ ଅନୁପଯୁକ୍ତ ବୋଲି ସାବ୍ୟସ୍ତ କରି ଯେଉଁଠି ଅଛି ସେଇଠି ରହିଥିବ, ଏବଂ କ୍ରମେ ଏକ ବିବର୍ତ୍ତନଗତ ଅଧଃପତନକୁହିଁ ସେ ଆପଣାର ଭାଗ୍ୟରୂପେ ଆଦରିନେବ କିମ୍ବା ଗୋଟାଏ ଜାଗାକୁ ଆସି ସ୍ଥାଣୁ ବା ଅଚଳ ହୋଇ ପଡ଼ିରହିବ, ସେକଥା କିଏ ନାହିଁ କରିପାରିବ ? କାରଣ କେବଳ ଅବିରାମ ଭାବରେ ଉପରକୁ ଓ ଆହୁରି ଉପରକୁ ଉଠିଯିବାର ସାଧନାଦ୍ୱାରାହିଁ ମନୁଷ୍ୟ-ଜାତି ଆପଣାକୁ ବଞ୍ଚାଇ ରଖିଛି ଏବଂ ବିସୃଷ୍ଟିର ପୁରୋଭାଗରେ ଆପଣାର ସ୍ଥାନଟିକୁ ପ୍ରତିଷ୍ଠିତ ରଖିଆସିଛି ।

ଏହି ରୂପାନ୍ତର ଓ ଆରୋହଣର ସକଳ ପ୍ରତିଷ୍ଠାଟିରେ ବିବର୍ତ୍ତନର ପ୍ରତିଷ୍ଠାଟି ଭିତ୍ତି ହୋଇ ରହିଛି, ସେହି ଭିତ୍ତିରୁ ଏକ ଆରୋହଣ ଆରମ୍ଭ ହେଉଛି, ସେହି ଆରୋହଣ ମଧ୍ୟରେ ଗତି କରୁକରୁ ଚେତନାର ଏକ ରୂପାନ୍ତର ଘଟୁଛି; ଏବଂ ଏହି ରୂପାନ୍ତର ଦ୍ୱାରା ଯେଉଁ ବୃହତ୍ତର ଶିଖରଦେଶରେ ପହଞ୍ଚିବା ସମ୍ଭବ ହେଉଛି ଏବଂ ଯେଉଁ ବସ୍ତୁତ ଉପଲବ୍ଧ ହେଉଛି, ତାହା ନିମ୍ନତର ଭୂମିଟିକୁ ମଧ୍ୟ ରୂପାନ୍ତରିତ କରି-ଦେଉଛି ଏବଂ ସମୁଦାୟ ପ୍ରକୃତଟିରେ ଏକ ନୂତନ ସମଗ୍ରତା ଓ ପୂର୍ଣ୍ଣତା ଆଣିଦେଉଛି । ଜଡ଼ ପ୍ରଥମ ଭିତ୍ତି ହୋଇ ରହିଛି, ପ୍ରକୃତ ଆରୋହଣ କରୁଛି, ଏବଂ ପ୍ରକୃତଦ୍ୱାରା ପ୍ରକୃତର ପ୍ରଥମେ ଅଚେତନ ବା ଅର୍ଦ୍ଧଚେତନ ଏକ ପରିବର୍ତ୍ତନ ଫଳରେ ସମଗ୍ରତା ବା ପୂର୍ଣ୍ଣତାର ସାଧନ ହେଉଛି । ମାତ୍ର ପ୍ରକୃତର ଏହିସବୁ କରଣୀର କ୍ଷେତ୍ରରେ ସତ୍ତ୍ୱାର ଏକ ପୂର୍ଣ୍ଣତର ଓ ଅଧିକ ସଚେତନ ଅଂଶଗ୍ରହଣ ଆରମ୍ଭ ହେବା ସଙ୍ଗେସଙ୍ଗେ ଅନିବାର୍ଯ୍ୟତଃ ସେହି ପ୍ରତିଷ୍ଠାଟିର ନିଜସ୍ୱଧର୍ମଟିରେ ମଧ୍ୟ ପରିବର୍ତ୍ତନ ଉପସ୍ଥିତ ହେଉଛି । ସେତେବେଳେ ଜଡ଼ରୂପ ସ୍ଥୂଳ ଭୂମିଟି ଅବଶ୍ୟ ବର୍ତ୍ତମାନ ରହୁଛି, ମାତ୍ର ଜଡ଼ ଆଉ ଚେତନାର ଭିତ୍ତି ହୋଇ ରହିପାରୁ ନାହିଁ । ସେତେବେଳେ ଆମେ ଚେତନାକୁ ମୂଳ ସ୍ୱରୂପତଃ ନିଶ୍ଚେତନା ମଧ୍ୟରୁ ଏକ ଉତ୍ସରଣ ବୋଲି ଆଦୌ କହିପାରିବା ନାହିଁ,

'oaob.nitrkl.ac.in' images reprocessed

ଅଥବା ବିଶ୍ୱସଂସ୍ପର୍ଶର ରୂପଦ୍ୱାରା ବାଧ୍ୟ ହୋଇ ଏକ ସଂଗୁପ୍ତ ଅନ୍ତର୍ଗତ ଅଧିଚେତନା ମଧ୍ୟରୁ ଉତ୍ସ୍ରିତ ଅସୁଥିବା ଏକ ଗୁପ୍ତଧାରା ବୋଲି ମଧ୍ୟ କହିପାରିବା ନାହିଁ । କାରଣ ସେତେବେଳେ ଊର୍ଦ୍ଧ୍ୱସ୍ଥ ସେହି ନୂତନ ଆଧ୍ୟାତ୍ମିକ ସ୍ଥିତି ଅଥବା ଆମର ଭିତରେ ସେହି ଅନାବୃତ ଆତ୍ମସ୍ଥିତିଟିହିଁ ବିକଶିତ ହୋଇ ଉଠୁଥିବା ସତ୍ତାଟିର ପ୍ରକୃତ ଭିତ୍ତି ହୋଇ ରହିବ । ସେତେବେଳେ ସେହି ଊର୍ଦ୍ଧ୍ୱଦେଶରୁ ଆଲୋକ, ଜ୍ଞାନ ତଥା ଇଚ୍ଛାଶକ୍ତିର ପ୍ରବାହଟି ଅବତରଣ କରି ଆସିବ; ଏବଂ ଆମର ଅନ୍ତର ଭିତରୁହିଁ ଆମର ସତ୍ତା ତାହାକୁ ଗ୍ରହଣ କରିନେବ ଏବଂ ତାହାହିଁ ବିଶ୍ୱାନୁଭବ ପ୍ରତି ଏହି ସତ୍ତାର ପ୍ରତିକ୍ରିୟା-ଗୁଡ଼ିକର ନିରୂପଣ କରିବ । ସତ୍ତାର ସମୁଦାୟ ଅଭିନିବେଶ ଏହି ନିମ୍ନଦେଶରୁ ଊର୍ଦ୍ଧ୍ୱକୁ ଅପସରି ଯିବ, ବହିର୍ଦେଶରୁ ଅପସରି ଆସି ଅନ୍ତର୍ଦେଶରେ ପ୍ରବେଶ କରିବ । ଆମର ଯେଉଁ ଉଚ୍ଚତର ତଥା ଅନ୍ତର୍ଗତତର ସତ୍ତାଟି ବିଷୟରେ ଆମେ ଏପର୍ଯ୍ୟନ୍ତ ଅଜ୍ଞ ହୋଇ ରହିଛୁ, ସେତେବେଳେ ଆମେ ସେହି ସତ୍ତାରେହିଁ ପରିଣତ ହୋଇଯିବା । ଏବଂ ଉପରିଭାଗରେ ବା ବାହାରେ ଥିବା ଯେଉଁ ସତ୍ତାଟିକୁ ଆମେ ଆମର ଅସଲ ସତ୍ତା ବା ପ୍ରକୃତ ଆମେ ବୋଲି ଭ୍ରମ କରୁଛୁ, ସେତେବେଳେ ତାହା ସମୁଦାୟ ସତ୍ତାଟିର କେବଳ ଏକ ଉନ୍ମୁକ୍ତ ସମ୍ମୁଖଭାଗ ଅଥବା ବହିର୍ବାଟିକା ହୋଇ ରହିବ, ଯାହାକୁ କି ଯଥାର୍ଥ ସତ୍ତା ବିଶ୍ୱ ସହିତ ସମ୍ବନ୍ଧସ୍ଥାପନ କରିବାଲାଗି ଏକ ପ୍ରବେଶଦ୍ୱାର ପରି ବ୍ୟବହାର କରିବ । ଯାହାକୁ ଆମେ ଆଜି ବହିର୍ଜଗତ ବୋଲି କହୁଛୁ, ଅଧ୍ୟାତ୍ମଚେତନା ଲାଗି ତାହା ଏକ ଅନ୍ତର୍ଜଗତରୂପେ ପରିଣତ ହେବ, ଏକତ୍ୱ ଓ ତାଦାତ୍ମ୍ୟର ଏକ ଜ୍ଞାନ ଓ ଅନୁଭୂତି ମଧ୍ୟରେ ସଂବେଷ୍ଟିତ ରହି ତାହା ସେହି ଚେତନାରହିଁ ଏକ ଅଂଶ ହୋଇ ରହିବ, ଚିନ୍ମୟ ମନର ବୋଧିସମୁଜ୍ଜ୍ୱଳ ଦୃଷ୍ଟି ତାହାକୁ ଭେଦ କରି ରହିଥିବ, ଚେତନା ସହିତ ଚେତନାର ପ୍ରତ୍ୟକ୍ଷ ସଂସ୍ପର୍ଶର ସ୍ପନ୍ଦନ ଜାଗ୍ରତ ହେବ, ଏବଂ ସବୁକିଛି ଏକ ଅଖଣ୍ଡ ଏକତ୍ୱ ମଧ୍ୟରେ ସମାହୃତ ହୋଇ ରହିବ । ଆମ ଭିତରେ ନିଶ୍ଚେତନ ହୋଇ ରହିଥିବା ସେହି ପୁରାତନ ଭିତ୍ତିଟି ଊର୍ଦ୍ଧ୍ୱାଗତ ଆଲୋକ ଓ ଚେତନାମୟତାର ସ୍ରୋତପ୍ଲାବନ ଦ୍ୱାରା ସଚେତନରେ ପରିଣତ ହେବ ଏବଂ ତାହାର ଗଭୀରତଳଦେଶ ପରମ ସଦ୍‌ବସ୍ତୁର ଉଚ୍ଚଭୂମିଗୁଡ଼ିକ ସହିତ ସଂଯୁକ୍ତ ହୋଇ ରହିବ । ସେହି ପୂର୍ଣ୍ଣ ଚେତନାମୟତାର ଭୂମି ଉପରେ ସତ୍ତା ଓ ପ୍ରକୃତିର ସମୂଳ ରୂପାନ୍ତର, ଏକତ୍ୱସିଦ୍ଧି ଓ ପରିପୂର୍ଣ୍ଣତାର ଉପଲବ୍ଧି ହେବ, ତାହାହିଁ ଆମ ଜୀବନର ଏକ ସମ୍ପୂର୍ଣ୍ଣ ସମନ୍ୱିତତା ଲାଗି ମଧ୍ୟ ଭିତ୍ତି ହୋଇ ରହିବ ।

'oaob.nitrkl.ac.in' images reprocessed

## ଊନବିଂଶ ପରିଚ୍ଛେଦ

# ସପ୍ତଧା ଅବିଦ୍ୟାରୁ ସପ୍ତଧା ବିଦ୍ୟାକୁ

ଅଜ୍ଞାନଭୂଃ ସପ୍ତପଦା ଜ୍ଞଭୂଃ ସପ୍ତପଦୈବ ହି ॥

—ମହୋପନିଷଦ, ୫ । ୧

ଅଜ୍ଞାନଭୂମିର ସାତୋଟି ପାଦ, ସେହିପରି ଜ୍ଞାନଭୂମିର ବି ସାତୋଟି ପାଦ ।

ଇମାଂ ଧିୟଂ ସପ୍ତଶୀର୍ଷ୍ଣୀଂ ପିତା ନ ଋତପ୍ରଜାତାଂ ବୃହତୀମବିନ୍ଦତ୍ ।
ତୁରୀୟଂ ସ୍ୱିଜ୍ଜନୟଦ୍ୱିଶ୍ୱଜନ୍ୟଃ ·····॥
ଋତଂ ଶଂସନ୍ତ ଋଜୁ ଦୀଧ୍ୟାନା ଦିବସ୍ପୁତ୍ରାସୋ ଅସୁରସ୍ୟ ବୀରାଃ ।
ବିପ୍ରଂ ପଦମଙ୍ଗିରସୋ ଦଧାନା ଯଜ୍ଞସ୍ୟ ଧାମ ପ୍ରଥମଂ ମନନ୍ତ ॥
······ଅଶ୍ମନ୍ମୟାନି ନହନା ବ୍ୟସ୍ୟନ୍ ।
ବୃହସ୍ପତିରଭିକନିକ୍ରଦଦ୍ଗାଃ·········॥
ଅବୋ ଦ୍ୱାଭ୍ୟାଂ ପର ଏକୟା ଗା ଗୁହା ତିଷ୍ଠନ୍ତୀରନୃତସ୍ୟ ସେତୌ ।
ବୃହସ୍ପତିସ୍ତମସି ଜ୍ୟୋତିରିଚ୍ଛନ୍ନୁଦୁସ୍ରା ଆକର୍ବି ହି ତିସ୍ର ଆବଃ ॥
ବିଭିଦ୍ୟା ପୁରଂ ଶୟଥେମପାର୍ଚୀ ନିସ୍ତ୍ରୀଣି ସାକମୁଦଧେରକୃନ୍ତତ୍ ।
ବୃହସ୍ପତିରୁଷସଂ ସୂର୍ଯଂ ଗାମ୍, ଅର୍କଂ ବିବେଦ ସ୍ତନୟନ୍ନିବ ଦ୍ୟୌଃ ॥

—ଋକ୍‌ବେଦ, ୧୦ । ୬୭ । ୧-୫

ସତ୍ୟରୁ ଜାତ ହୋଇଥିବା ସପ୍ତଶୀର୍ଷବିଶିଷ୍ଟ ବୃହତ୍ ଧୀକୁ ସେ ଲାଭ କଲେ, ଚୌଥିଟି ଏକ ତୁରୀୟ ଭୂମିର ସୃଷ୍ଟିକରି ସେ ବିଶ୍ୱମୟ ହେଲେ । ···ଦ୍ୟୌଦେବର ସେହି ପୁତ୍ରମାନେ, ସର୍ବଶକ୍ତିମାନ୍‌ଙ୍କର ସେହି ଯୋଦ୍ଧାମାନେ ଋଜୁତାରେ ଚିନ୍ତା କରି ସତ୍ୟକୁ ବାକ୍‌ମୟ କଲେ ଓ ବୋଧିର ଉଦ୍‌ଭାସିତ ଭୂମିଟିର ପ୍ରତିଷ୍ଠା କଲେ ଏବଂ ଅଧ୍ୱରର ମନ ଧରିଲେ ଯଜ୍ଞର ପ୍ରଥମ ଭୂମିଟିକୁ ଅନୁଭବ କଲେ । ସକଳ ପ୍ରଜ୍ଞାର ସ୍ୱାମୀ ପ୍ରସ୍ତରମୟ ଦୁର୍ଗବାଡ଼ଟିକୁ ଭାଙ୍ଗି ପକାଇଲେ ଓ ଅସ୍ୱେବମୟ ଗୋଷ୍ଠଟିକୁ ଅନାବ କରି ଆଣିଲେ । ······ଯେଉଁ ଗୋରୁଅମାନେ ଗୁପ୍ତ ସ୍ଥାନରେ ଅନୃତର

'oaob.nitrkl.ac.in' images reprocessed

ସେଠୁ ଉପରେ ନିମ୍ନସ୍ଥ ତିନି ଲୋକ ଏବଂ ଉପରେ ଥିବା ଲୋକର ମଝିରେ ଅବସ୍ଥିତ ରହିଥିଲେ, ସେହିମାନଙ୍କୁ ଆହ୍ୱାନ କରି ଆଣିଲେ । ଅନ୍ଧକାର ମଧ୍ୟରେ ଆଲୋକର କାମନା କରି ସେ କିରଣଯୂଥକୁ ଉପରକୁ ଉତ୍ତୋଳନ କରିଆଣିଲେ ଏବଂ ତିନୋଟିଯାକ ଜଗତକୁ ଅନାବରଣ କରିଦେଲେ । ଅନ୍ତସ୍ତଳରେ ଦୃଷ୍ଟିବହିର୍ଭୂତ ହୋଇ ରହିଥିବା ନଗରଟିକୁ ଖଣ୍ଡ ଖଣ୍ଡ କରି ଭାଙ୍ଗିଦେଇ ସେ ତିନୋଟିଯାକଙ୍କୁ ସମୁଦ୍ର ଭିତରୁ କାଟି ବାହାର କରି ଆଣିଲେ ଏବଂ ଉଷା ଓ ସୂର୍ଯ୍ୟର ଆବିଷ୍କାର କଲେ, ଆଲୋକ ତଥା ଆଲୋକମୟ ଜଗତର ଆବିଷ୍କାର କଲେ ।

ବୃହସ୍ପତିଃ ପ୍ରଥମଂ ଜାୟମାନୋ ମହୋ ଜ୍ୟୋତିଷଃ ପରମେ ବ୍ୟୋମନ୍ ।
ସପ୍ତାସ୍ୟସ୍ତୁବିଜାତୋ ରବେଣ ବି ସପ୍ତରଶ୍ମିରଧମତ୍ ତମାଂସି ॥

—ଋକ୍‌ବେଦ, ୪ । ୫୦ । ୪

ସେହି ପ୍ରଜ୍ଞାର ପ୍ରଭୁ ବା ବୃହସ୍ପତି, ଯିଏ ବହୁବାର ଜନ୍ମଗ୍ରହଣ କରିଛନ୍ତି, ଯାହାଙ୍କର ବାକ୍‌ରୂପୀ ସାତୋଟି ମୁଖ ରହିଛି, ଯିଏ ସପ୍ତରଶ୍ମି, ସେ ପ୍ରଥମେ ଯେତେବେଳେ ମହାଜ୍ୟୋତିର ପରମ ବ୍ୟୋମରେ ଜନ୍ମ ନଅନ୍ତି, ସେତେବେଳେ ସେ ଆପଣାର ରବଦ୍ୱାରା ସକଳ ତମୋମୟତାକୁ ଉଡ଼ାଇ ଦଅନ୍ତି ।

ଯାବତୀୟ ବିବର୍ତ୍ତନ କହିଲେ ମର୍ମତଃ ବ୍ୟକ୍ତ ସୃଷ୍ଟି ମଧ୍ୟରେ ଚେତନାଶକ୍ତିର ଏକ ସମାରୋହଣର ପ୍ରକ୍ରିୟାକୁହିଁ ବୁଝାଇବ; ଏହି ସମାରୋହଣ ହେବାରେ ଲାଗିଛି, ଯେପରିକି ବର୍ତ୍ତମାନ ମଧ୍ୟ ଯାହା ଅବ୍ୟକ୍ତ ସ୍ତରରେ ରହିଛି, ସତ୍ତା ତାହାର ବୃହତ୍ତର ଶକ୍ତି ମଧ୍ୟକୁ ଉତ୍ତୋଳିତ ହୋଇ ଯାଇପାରିବ, ଜଡ଼ରୁ ପ୍ରାଣକୁ ଉତ୍ତୋଳିତ ହେବ, ପ୍ରାଣରୁ ମନକୁ ଉତ୍ତୋଳିତ ହେବ ଏବଂ ଚିତ୍ତଗତ ସତ୍ତା ମଧ୍ୟକୁ ଉତ୍ତୋଳିତ ହୋଇଯିବ । ଏକ ମନୋମୟ ଅଭିବ୍ୟକ୍ତିର ଭୂମିରୁ ଏକ ଆଧ୍ୟାତ୍ମିକ ଓ ଅତିମାନସ ଅଭିବ୍ୟକ୍ତିର ଭୂମିକୁ ଉତ୍ତୋଳିତ ହୋଇ ଯିବାର ମାର୍ଗରେ ଆମକୁ ମଧ୍ୟ ଏହି ପଦ୍ଧତିର ଅନୁସରଣ କରିବାକୁ ପଡ଼ିବ; ତଥାପି ଅର୍ଦ୍ଧପ୍ରାଣୀର ସ୍ତରରେ ରହିଥିବା ଏହି ମନୁଷ୍ୟଭୂମିରୁ ଏକ ଦିବ୍ୟ ସତ୍ତା ଓ ଦିବ୍ୟ ଜୀବନଭୂମିକୁ ଆରୋହଣ କରି ଯିବାରେ ଏହାହିଁ ଆମର ମାର୍ଗ ହୋଇ ରହିବ । ଚେତନାର, ଚେତନାଗତ ଉପାଦାନ ଓ ଚେତନାଶକ୍ତିର ଏକ ନୂତନ ଆଧ୍ୟାତ୍ମିକ ଶିଖରରେ ଯାଇ ପହଞ୍ଚିବାକୁ ପଡ଼ିବ; ଏକ ନୂତନ ବିସ୍ତାର, ନୂତନ ଗଭୀରତା, ସୂକ୍ଷ୍ମତା ଓ ପ୍ରଗାଢ଼ତା ମଧ୍ୟରେ ଯାଇ ପହଞ୍ଚିବାକୁ ହେବ ଆମ ସତ୍ତାଟିକୁ ଉପରକୁ ଉଠାଇ ନେବାକୁ ହେବ, ତାହାକୁ ଅଧିକ ପ୍ରସାରିତ ଓ ସ୍ଥିତିସ୍ଥାପକ କରିବାକୁ ହେବ, ତାହାର ସାମର୍ଥ୍ୟକୁ ଅଧିକ ସମଗ୍ର କରିବାକୁ ହେବ । ଏବଂ ଆମର ମନ ଓ ମନର ଆହୁରି ତଳକୁ ରହିଥିବା ଯାବତୀୟ ଭୂମିକୁ ସେହି ବୃହତ୍ତର ଅସ୍ତିତ୍ୱ ମଧ୍ୟରେ ଉତ୍ତୋଳିତ ଓ ସ୍ୱୀକୃତ କରିନେବାକୁ ପଡ଼ିବ । ଭବିଷ୍ୟତରେ

'oaob.nitrkl.ac.in' images reprocessed

ଯେଉଁ ରୂପାନ୍ତରଟି ଘଟିବାକୁ ଯାଉଛି, ସେଥିରେ ବିବର୍ତ୍ତନର ପ୍ରକୃତରେ କୌଣସି ପରିବର୍ତ୍ତନ ହେବ ନାହିଁ, ବିବର୍ତ୍ତନଗତ ପ୍ରକ୍ରିୟାଟିର ତତ୍ତ୍ୱଟିରେ ମଧ୍ୟ କୌଣସି ପରିବର୍ତ୍ତନ ହେବ ନାହିଁ; ଏଠିସେଠି କେତେକ ପରିମାଣରେ ଭିନ୍ନ ରୂପ ଧାରଣ କଲେ ମଧ୍ୟ ମୂଳତଃ ସେଥିରେ କିଛି ପରିବର୍ତ୍ତନ ହେବ ନାହିଁ । ମାତ୍ର ସେହି ପରିବର୍ତ୍ତନର ବିସ୍ତାର ଓ ପ୍ରସାର ଅତ୍ୟନ୍ତ ବଢ଼ିଯିବ, ତାହାର ଗତି ବନ୍ଧନମୁକ୍ତ ହେବ, ତାହା ଅତ୍ୟନ୍ତ ଦ୍ରୁତ ଭାବରେ ହେବ । ଏକ ଉଚ୍ଚତର ଚେତନା ବା ସତ୍ତାଗତ ସ୍ଥିତି ମଧ୍ୟକୁ ରୂପାନ୍ତରିତ ହୋଇଯିବା,—ଏହା ଯେ କେବଳ ଯାବତୀୟ ଧର୍ମପଥ ଓ ଉଚ୍ଚତର ଯୋଗ ଓ ବୈରାଗ୍ୟର ପୂର୍ଣ୍ଣ ଲକ୍ଷ୍ୟ ଓ ପ୍ରକ୍ରିୟା ତାହା ନୁହେଁ, ମାତ୍ର ଆମର ସମସ୍ତ ଜୀବନର ଧାରାଟି ମଧ୍ୟ ଠିକ୍ ତାହାରି ଆଡ଼କୁ ଗତି କରି ଚାଲିଛି, ଆମ ଜୀବନର ଯାବତୀୟ ଶ୍ରମ ଓ ସାଧନାରେ ସର୍ବଦା ଏହି ଉଦ୍ଦେଶ୍ୟଟି ପ୍ରଚ୍ଛନ୍ନ ହୋଇ ରହିଛି । ଆମ ଭିତରେ କାର୍ଯ୍ୟ କରୁଥିବା ଜୀବନର ତତ୍ତ୍ୱଟି ମନ, ପ୍ରାଣ ଓ ଜଡ଼ର ଭୂମି ତିନୋଟିକୁ ଆଗରୁ ଅଧିକାର କରିସାରିଛି, ବର୍ତ୍ତମାନ ତାହା ସେହିଗୁଡ଼ିକ ମଧ୍ୟରେ ଆପଣାକୁ ସୁଦୃଢ଼ କରି ରଖିବା ଲାଗି ଓ ସେହିସବୁ ଭୂମିରେ ଆପଣାକୁ ପରିପୂର୍ଣ୍ଣ କରିବାର ଉଦ୍ଦେଶ୍ୟ ନେଇ କାର୍ଯ୍ୟ କରୁଛି । ମାତ୍ର ସତେଅବା ଆପଣାର ଅନ୍ତଃପ୍ରେରଣା ଦ୍ୱାରା ଚାଳିତ ହୋଇ ତାହା ଏଗୁଡ଼ିକର ସୀମାକୁ ପାର ହୋଇଯିବାକୁ ଓ ପ୍ରକୃତି ମଧ୍ୟରେ ଚେତନ ଆତ୍ମା ଯେପରି ଆପଣାକୁ ଉଦ୍‌ଘାଟିତ କରି ଦେଇ ପାରିବ, ସେଥିରେ ଏଗୁଡ଼ିକୁ ଯନ୍ତ୍ରରୂପେ ବ୍ୟବହୃତ କରି ପାରିବାକୁ ଏହି ସମ୍ପଦଗୁଡ଼ିକର ରୂପାନ୍ତର ସାଧନ କରିବାକୁ ଇଚ୍ଛା କରୁଛି । ଯଦି ଆମର ସତ୍ତାର ଗୋଟିଏ ଗୋଟିଏ ଅଂଶ ଅର୍ଥାତ୍ ଆମର ବୁଦ୍ଧି, ହୃଦୟ, ଇଚ୍ଛାଶକ୍ତି ଓ ପ୍ରାଣବାସନାଗତ ଆତ୍ମାହିଁ ଆପଣାର ଅପୂର୍ଣ୍ଣତା ଓ ଏହି ଜଗତଟି ପ୍ରତି ଏକାନ୍ତ ବିରକ୍ତ ହୋଇ ଏସବୁର ଆହ୍ୱାନଗୁଡ଼ିକରୁ ଖସିଯାଇ ଅସ୍ତିତ୍ୱର ଏକ ଉଚ୍ଚତର ସୋପାନରେ ଉପନୀତ ହେବାକୁ ଚେଷ୍ଟା କରୁଥାଏ, ପ୍ରକୃତିର ଅବଶିଷ୍ଟ ଅଂଶଟିକୁ ତା'ର ଆପଣା ଜିମାରେ ଛାଡ଼ିଦେଇ କିମ୍ବା ତାହାକୁ ବିନାଶ ହେବାକୁ ଦେଇ ସନ୍ତୁଷ୍ଟ ହୋଇ ରହିଥାଏ, ତେବେ ଏହାଦ୍ୱାରା ଆମର ଈପ୍ସିତ ସମ୍ପୂର୍ଣ୍ଣ ରୂପାନ୍ତରଟି କଦାପି ସମ୍ଭବ ହେବ ନାହିଁ, କିମ୍ବା ଅନ୍ତତଃ ଏହି ଜଗତଟିରେ କେବେହେଲେ ହେବ ନାହିଁ । ମାତ୍ର ଏହି ଛାଡ଼ି ଚାଲିଯିବାଟାହିଁ ଆମ ସତ୍ତା ବା ଅସ୍ତିତ୍ୱର ପୂର୍ଣ୍ଣତାର ପ୍ରବୃତ୍ତି ଆଦୌ ନୁହେଁ । ଆମର ଭିତରେ କାର୍ଯ୍ୟ କରୁଥିବା ପ୍ରକୃତି ଆମର ସମୁଦାୟ ସମ୍ଭବ କ୍ଷେତ୍ରଟିକୁ ନେଇ ଏବଂ ଏପର୍ଯ୍ୟନ୍ତ ବିବର୍ତ୍ତିତ ହୋଇ ସାରିଥିବା ସୃଷ୍ଟିର ଆହ୍ୱାନଟିକୁ ପାରି ହୋଇ ସତ୍ତାଗତ ତତ୍ତ୍ୱର ଏକ ଉଚ୍ଚତର ଭୂମି ମଧ୍ୟକୁ ଆରୋହଣ କରି ଯିବାକୁ ପ୍ରୟାସ କରିବାରେ ଲାଗିଛି । ମାତ୍ର ଏହି ଉଚ୍ଚତର ଭୂମିରେ ଆରୂଢ଼ ହୋଇ ସେହି ଉଚ୍ଚତର ତତ୍ତ୍ୱଟିର ଏକାନ୍ତ ପ୍ରଚେଷ୍ଟା ଲାଗି ତାହା ଯେ ନିମ୍ନତର ପ୍ରକୃତିଟିକୁ ଏକାବେଳକେ ବର୍ଜନ କରି ଆସିବ ବା ତାହାକୁ

'oaob.nitrkl.ac.in' images reprocessed

ସମ୍ପୂର୍ଣ୍ଣ ଭାବରେ ବିନଷ୍ଟ ବା ନିର୍ବାପିତ କରିଦେବ, ତାହା କଦାପି ତାହାର ପୂର୍ଣ୍ଣ ସଫଳତା ହୋଇନପାରେ । ଏକ ମନୋଗତ, ପ୍ରାଣଗତ ଓ ଦେହଗତ ଭୂମିକୁ ପାର ହୋଇ ତଦ୍‌ଗତତାର ମୂଳ ସତ୍ୟ ଓ ସାମର୍ଥ୍ୟ ମଧ୍ୟରେ ପ୍ରବେଶ କରିବା ପର୍ଯ୍ୟନ୍ତ ଯେ ଆମକୁ ଚେତନାର ଶକ୍ତିକୁ ଉତ୍ତୋଳିତ କରିନେବାକୁ ହେବ, ଏହା ଅପରିହାର୍ଯ୍ୟ; ମାତ୍ର କେବଳ ତାହାହିଁ ଏକମାତ୍ର ଉଦ୍ଦେଶ୍ୟ ନୁହେଁ କିମ୍ବା ଏକମାତ୍ର ସାଧନା ନୁହେଁ ।

ଆମର ଏହି ଆହ୍ୱାନଟି ହେଉଛି ଆମ ସତ୍ତାର ସମ୍ପୂର୍ଣ୍ଣ କ୍ଷେତ୍ରଟିରେ ଏକ ନୂତନ ଶିଖରଦେଶରେ ଜୀବନ ବଞ୍ଚିବାର ଆହ୍ୱାନ । ମାତ୍ର ସେହି ଶିଖରଦେଶରେ ଯାଇ ପହଞ୍ଚିବା ସକାଶେ ଆମକୁ ଆମର ସମୁଦାୟ ସଚଳ ଓ କ୍ରିୟାଶୀଳ ଅଂଶଟିକୁ ପ୍ରକୃତିର ଅସ୍ପଷ୍ଟ ଓ ଅନିରୂପିତ ଉପାଦାନଟି ମଧ୍ୟରେ ବିସର୍ଜି ଦେଇ ଏହି ମୁକ୍ତିଦାୟକ ବିଚ୍ୟୁତିଟିକୁ ସମ୍ଭବ କରି ପରମ ତତ୍ତ୍ୱସତ୍ତାର ଆନନ୍ଦମୟ ନିଷ୍ପନ୍ଦତା ମଧ୍ୟରେ ବାସ କରିବାକୁ ପଡ଼ିବ ନାହିଁ । ଅବଶ୍ୟ ଏହି ସାଧନାଲାଗି କେତେବେଳେ କୌଣସି ବାରଣ ନାହିଁ, ଏବଂ ଏହି ସାଧନାଦ୍ୱାରା ଆମେ ପରମ ଶାନ୍ତି ଓ ମୁକ୍ତି ମଧ୍ୟ ଲାଭ କରିପାରୁ; ମାତ୍ର ପ୍ରକୃତି ଆମଠାରୁ କେବଳ ଏତିକରୁ ଅନେକ ବେଶୀ ଆଶାକରେ । ପ୍ରକୃତି ଆଶାକରେ ଯେ ଆମ ଜୀବନର ସକଳ କ୍ଷେତ୍ରଟି ଓ ସମୁଦାୟ ଅଂଶଟି ଆଧ୍ୟାତ୍ମିକ ଚେତନାର କ୍ଷେତ୍ରକୁ ଉତ୍ତୋଳିତ ହୋଇଯିବ ଓ ପରମ ତଦ୍‌ଗତତାର ଏକ ଅଭିବ୍ୟକ୍ତି ଓ ବିଚିତ୍ର ସାମର୍ଥ୍ୟରେ ପରିଣତ ହେବ । ପ୍ରକୃତି ଭିତରେ ଅବସ୍ଥିତ ରହିଥିବା ପରମସତ୍ତାଙ୍କର ସମଗ୍ର ଉଦ୍ଦେଶ୍ୟଟି ହେଉଛି ଏକ ସମଗ୍ର ଓ ପରିପୂର୍ଣ୍ଣ ରୂପାନ୍ତର । ଆପଣାକୁ ଅଧିକରୁ ଅଧିକ ଉତ୍ତୋଳିତ କରିନେଇ ଆପଣାର ସୀମାଗୁଡ଼ିକୁ ଡେଇଁଯିବାର ଯେଉଁ ବିସ୍ମୟମୟ ଆକୂତି ରହିଛି, ସମଗ୍ର ରୂପାନ୍ତର ହେଉଛି ତାହାର ଅନ୍ତର୍ନିହିତ ପ୍ରକୃତ ତାତ୍ପର୍ଯ୍ୟ । ଏବଂ ଏହି କାରଣରୁହିଁ କେବଳ କୌଣସି ଏକ ନିର୍ଦ୍ଦିଷ୍ଟ ନୂତନ ତତ୍ତ୍ୱ ଭିତରକୁ ନିଜକୁ ଉତ୍ତୋଳିତ କରିନେବ ରେହିଁ ଏହି ପ୍ରକୃତିର ପ୍ରବୃତ୍ତିଟି ଆଦୌ ସୀମାବଦ୍ଧ ହୋଇ ରହି ନାହିଁ । ଏଠାରେ ଏହି ଉତ୍ତୋଳନ ଅର୍ଥାତ୍ ଏକ ନୂତନ ଉଚ୍ଚତର ସୋପାନରେ ଯାଇ ପହଞ୍ଚିବା କହିଲେ କଦାପି ଏକ ସଙ୍କୀର୍ଣ୍ଣ ଓ ସଘନ ଶିଖରଚୂଡ଼ାରେ ଯାଇ ପହଞ୍ଚିବାକୁହିଁ ବୁଝାଏ ନାହିଁ । ଏହି ଉତ୍ତୋଳନ ସଙ୍ଗେସଙ୍ଗେ ଏକ ବିସ୍ତାରଣ ମଧ୍ୟ ଉପଲବ୍ଧ ହୋଇଥାଏ ଏବଂ ଆପଣାର ଆବିର୍ଭାବ ଓ ଉଦ୍ଭବ ଲାଗି ଉଦ୍ଦିଷ୍ଟ ନୂତନ ତତ୍ତ୍ୱର ସାମର୍ଥ୍ୟଟି ଯେପରି ଆପଣାର ପରିପୂର୍ଣ୍ଣ ଲୀଳା ସକାଶେ ଯଥେଷ୍ଟ କ୍ଷେତ୍ର ମଧ୍ୟ ପାଇପାରିବ, ସେଥିଲାଗି ଜୀବନର ଏକ ବୃହତ୍ତର କ୍ଷେତ୍ରରେ ଏକ ଅନୁରୂପ ପରିବେଶର ପ୍ରତିଷ୍ଠା ବି ହୁଏ । ଏହି ଉତ୍ତୋଳନ ଓ ପ୍ରସାରଣ ଯେ କେବଳ ସେହି ନୂତନ ତତ୍ତ୍ୱଟିର ସ୍ୱରୂପଶକ୍ତିର ସ୍ୱକୀୟ ବୃହତ୍ତମ ଲୀଳାବିସ୍ତାର ମଧ୍ୟରେହିଁ ସୀମାବଦ୍ଧ ହୋଇ ରହିବ, ତାହା ନୁହେଁ; ଯାହାକିଛି ନିମ୍ନତର

'oaob.nitrkl.ac.in' images reprocessed

ସୋପାନରେ ଅବସ୍ଥିତ ରହିଛୁ, ତାହାକୁ ମଧ୍ୟ ଉଚ୍ଚତର ସୋପାନର ମୂଲ୍ୟ ଭିତରକୁ ଗ୍ରହଣ କରିନେବା ବି ଏହି କାର୍ଯ୍ୟକ୍ରମର ଅନ୍ତର୍ଭୁକ୍ତ ହୋଇ ରହିବ । ଦିବ୍ୟ ଓ ଆଧ୍ୟାତ୍ମିକ ଜୀବନ ମନୋଗତ, ପ୍ରାଣଗତ ଓ ଭୌତିକ ଜୀବନର ଏକ ଆଧ୍ୟାତ୍ମିକ ରୂପାନ୍ତର ଘଟାଇ ସେଗୁଡ଼ିକୁ କେବଳ ଆପଣା ମଧ୍ୟକୁ ଗ୍ରହଣ କରିନେବ ନାହିଁ; ମାତ୍ର ସେହି ଭୂମିଗୁଡ଼ିକ କେବଳ ଆପଣା ସୋପାନଟିରେହିଁ ବିଚରଣ କରୁଥିବା ପର୍ଯ୍ୟନ୍ତ ସେଗୁଡ଼ିକ ସେତିକି ଲୀଳାଲାଗି ଉନ୍ମୁକ୍ତ ହୋଇ ରହିଥିଲେ, ଦିବ୍ୟ ଜୀବନ ସେହି ଲୀଳାରେ ଅଧିକ ପ୍ରସାର ଓ ଅଧିକ ପରିପୂର୍ଣ୍ଣତା ଆଣିଦେବ । ଆମେ ଆମ ନିଜର ସୀମାଗୁଡ଼ିକୁ ଅତିକ୍ରମ କରି ବ୍ୟାପିଯିବାଦ୍ୱାରା ଆମର ମନ, ଦେହ ଓ ପ୍ରାଣଭୂମିଗତ ଅସ୍ତିତ୍ୱଟିକୁ କଦାପି ନଷ୍ଟ କରିଦେବାକୁ ପଡ଼ିବ ନାହିଁ, ଅଥବା ଆଧ୍ୟାତ୍ମିକତା ଦ୍ୱାରା ସଂଯମିତ ଓ ସଞ୍ଚାଳିତ ହେବାଦ୍ୱାରା ସେଗୁଡ଼ିକରେ ଆଦୌ କୌଣସି ଖର୍ବତା ଆସିବ ନାହିଁ ବା ସେଗୁଡ଼ିକ କୌଣସିପ୍ରକାରେ ବିପନ୍ନ ହେବ ନାହିଁ; ସେଗୁଡ଼ିକ ଅଧିକ ସମୃଦ୍ଧ ହୋଇପାରିବ ଓ ହେବ, ବିପୁଳତର ହେବ, ଅଧିକ ଶକ୍ତିଶାଳୀ ଓ ଅଧିକ ପରିପୂର୍ଣ୍ଣ ହେବ । ଦିବ୍ୟରୂପେ ପରିବର୍ତ୍ତିତ ହେବାଦ୍ୱାରା ସେଗୁଡ଼ିକ ମଧ୍ୟରେ ଏପରି ନାନା ସମ୍ଭାବନାର ଆବିର୍ଭାବ ହେବ, ଆଧ୍ୟାତ୍ମିକତା ବା ଦିବ୍ୟତାର ସଞ୍ଚାର ହେବା ପୂର୍ବରୁ ସେହିସବୁ ଭୂମିରେ ହୁଏତ ଯାହାର କଦାପି ଆବିର୍ଭାବ ହୋଇନଥା'ନ୍ତା ଓ ଏପରିକି ଯାହାର କଳ୍ପନା ମଧ୍ୟ କରାଯାଇ ପାରିନଥା'ନ୍ତା ।

ଏହି ବିବର୍ତ୍ତନ, ଉତ୍ତୋଳନ, ସମ୍ପ୍ରସାରଣ ତଥା ସମଗ୍ରୀକରଣର ଏହି ପ୍ରକ୍ରିୟାଟିକୁ ତାହାର ଆପଣାର ଧର୍ମ ଦୃଷ୍ଟିରୁ ଆମେ ସପ୍ତଧା ଅବିଦ୍ୟାର ଭୂମିରୁ ବାହାରି ସମଗ୍ର ବିଦ୍ୟା ମଧ୍ୟରେ ପ୍ରବେଶ କରିବାର ଏକ ବିକାଶକ୍ରମ ବା ଆରୋହଣ ବୋଲି କହିବା । ଆମ ଆଧାରଗତ ଅବିଦ୍ୟାଟି ହେଉଛି ସେହି ସପ୍ତଧା ଅବିଦ୍ୟାର ମୂଳ ଗ୍ରନ୍ଥି; ଏହି ଅବିଦ୍ୟାଟିହିଁ ଆମ ସମୂହର ଅସଲ ପ୍ରକୃତିଟିକୁ ବହୁବିଧ ଭ୍ରାନ୍ତିର ଆବରଣ ମଧ୍ୟରେ ଆଚ୍ଛନ୍ନ କରି ରଖିଥାଏ, ଆମର ସମସ୍ତ ଅସ୍ମିତା ସମ୍ବନ୍ଧରେ ଆମକୁ ଅଜ୍ଞ କରି ରଖିଥାଏ । ଏବଂ ଆମେ ବର୍ତ୍ତମାନ ଯେଉଁ ଭୂମିଟିରେ ବାସ କରୁଛୁ, ଏବଂ ଆମ ପ୍ରକୃତିର ଯେଉଁ ତତ୍ତ୍ୱଟି ଆମର ବର୍ତ୍ତମାନ ସ୍ଥିତିରେ ପ୍ରବଳ ହୋଇ ରହିଛି, କେବଳ ତାହାଦ୍ୱାରାହିଁ ଆମର ସତ୍ତା ଓ ଚେତନାକୁ ସୀମାବଦ୍ଧ କରି ରଖିବା ହେଉଛି ଏହି ଅବିଦ୍ୟାର ସର୍ବମୂଳ କଥା । ବର୍ତ୍ତମାନ ଆମେ ଜଡ଼ର ଭୂମିରେ ବାସ କରୁଛୁ, ଇନ୍ଦ୍ରିୟମନ ଦ୍ୱାରା ପରିଚାଳିତ ଆମର ମନୋଗତ ବୁଦ୍ଧିହିଁ ଆମର ବର୍ତ୍ତମାନ ସ୍ଥିତିରେ ଆମ ପ୍ରକୃତିର ପ୍ରବଳତମ ତତ୍ତ୍ୱରୂପରେ କାର୍ଯ୍ୟ କରୁଛି । ଏହି ଇନ୍ଦ୍ରିୟମନ ଜଡ଼ ଉପରେହିଁ ଠିଆ ହୋଇ ରହିଛି, ଜଡ଼କୁ ଭରାଦେଇ ଠିଆହୋଇଛି । ଫଳରେ, ଆମର ଇନ୍ଦ୍ରିୟଗୁଡ଼ିକ ଭୌତିକ ଅସ୍ତିତ୍ୱଟିର ସେତିକିକ ପରିଚୟ ଆମକୁ

'oaob.nitrkl.ac.in' images reprocessed

ଦେଉଛନ୍ତି ଏବଂ ପ୍ରାଣ ଓ ଜଡ଼ ମଧ୍ୟରେ ଗୋଟାଏ ପ୍ରକାର ସାଲିସ୍ କରି ଏଠାରେ ଜୀବନର ଯେଉଁ ରୂପଟିର ବିରଚନା ହୋଇଛି, ଆମର ମନୋଗତ ବୁଦ୍ଧି ଓ ତାହାର ଯେ ବିଶିଷ୍ଟ ସାମର୍ଥ୍ୟ କେବଳ ତାହାକୁ ନେଇ ବଦ୍ଧ ହୋଇ ରହିଛନ୍ତି । ଏହି ବଦ୍ଧ ହୋଇ ରହିବା ଓ ଏହାରି ଭିତରେ ଆପଣାକୁ ବନ୍ଦ କରି ରଖିବା ହେଉଛି ଆମ ଆଧାରଗତ ଅବିଦ୍ୟାର ଏକ ବିଶେଷ ଲକ୍ଷଣ । ଏହି ପ୍ରାକୃତ ଜଡ଼ବାଦ ଅଥବା ଜଡ଼ୀଭୂତ ପ୍ରାଣବାଦ, ଯାହାକି ଆମକୁ ଆମ ପରିଣତିର ପ୍ରଥମ ଅବସ୍ଥାଟି ସହିତହିଁ ଛନ୍ଦିଦେଇ ରଖିଛି, ତାହା ଏକ ଆତ୍ମସଙ୍କୋଚନ ଦ୍ୱାରା ଆମ ଜୀବନର ପ୍ରସାରଟିକୁ ବଡ଼ ଖର୍ବ କରି ରଖିଛି । ପୃଥ୍ୱୀ ମନୁଷ୍ୟର ଜୀବନସ୍ତରରେ ଏଇଟିର ପ୍ରତାପ ସବୁଠାରୁ ଅଧିକ ପ୍ରବଳ ହୋଇ ରହିଛି । ଏଥିରେ ଆଦୌ ସନ୍ଦେହ ନାହିଁ ଯେ ମନୁଷ୍ୟର ଏହି ସ୍ଥୂଳ ଅସ୍ତିତ୍ୱର ଭୂମିରେ ତାହାର ଏକ ପ୍ରାଥମିକ ଆବଶ୍ୟକତା ଅବଶ୍ୟ ରହିଛି; ମାତ୍ର ଏକ ମୂଳଭୂତ ଅବିଦ୍ୟାଚ୍ଛନ୍ନତା ଦ୍ୱାରା ସେହି ଆବଶ୍ୟକତାଟି କ୍ରମେ ଏକ ଶୃଙ୍ଖଳରେ ପରିଣତ ହୋଇଯାଉଛି ଏବଂ ସେହି ଶୃଙ୍ଖଳ ମଣିଷର ଗୋଡ଼ରେ ଏପରି ବାନ୍ଧିହୋଇ ରହିଛି ଯେ ତାହା ମନୁଷ୍ୟର ଆତ୍ମାନ୍ୱେଷଣ-ପଥରେ ପଦେ ପଦେ ତାକୁ ବାଧା ଦେବାରେ ଲାଗିଛି । ଫଳରେ ଏହି ଜଡ଼ମୟ ମନୋଗତ ବୁଦ୍ଧିଦ୍ୱାରାହିଁ ମନୁଷ୍ୟ-ଆତ୍ମାର ସମଗ୍ରତା, ଶକ୍ତି ଓ ସତ୍ୟ ଏଠି ନାନା ସୀମା ଓ ସଙ୍କୋଚ ମଧ୍ୟରେ ବାନ୍ଧି ହୋଇ ରହିଛି, ଆତ୍ମା ଏଠାରେ ଜଡ଼ପ୍ରକୃତିର ଅଧୀନ ହୋଇ ରହିଛି । ଏହି ସୀମାକୁ ଅତିକ୍ରମ କରି ବାହାରିଯିବା ଓ ଏହି ଅଧୀନତାର କବଳରୁ ଆପଣାକୁ ମୁକ୍ତ କରିନେବା,—ଆମ ମନୁଷ୍ୟସଂସାରର ଯଥାର୍ଥ ପ୍ରଗତି ଲାଗି ଏଇଟି ହେଉଛି ପ୍ରଥମ ଆବଶ୍ୟକତା, ତା'ର ଗତିପଥର ପ୍ରଥମ ପାଦ । କାରଣ ଆମର ଏହି ଅବିଦ୍ୟା ଏକ ସମ୍ପୂର୍ଣ୍ଣ ବା ଶୁଦ୍ଧ ଅବିଦ୍ୟା ନୁହେଁ; ଏହା ହେଉଛି ଚେତନାର ଏକ ସୀମାବଦ୍ଧତା । ବିଶୁଦ୍ଧ ଜଡ଼ସୃଷ୍ଟିର ଭୂମିରେ ସତ୍ତାର ଯାହା ଏକ ଲକ୍ଷଣ ହୋଇ ରହିଥାଏ, ମନୁଷ୍ୟସ୍ତରର ଅବିଦ୍ୟା ସେହି ସମ୍ପୂର୍ଣ୍ଣ ଅଚେତନତାର କଦାପି ସମବାଚୀ ହେବ ନାହିଁ । କାରଣ ସେହି କ୍ଷେତ୍ରରେ କେବଳ ଜଡ଼ ଯେ ସତ୍ତାର ଭୂମି ବା ଆଧାର ହୋଇ ରହିଥାଏ ତା' ନୁହେଁ, ସେଠାରେ ପ୍ରବଳତମ ତତ୍ତ୍ୱରୂପେ ସେହି ଜଡ଼ରହିଁ ରାଜତ୍ୱ ଚାଲିଥାଏ । ମନୁଷ୍ୟସ୍ତରର ଅବିଦ୍ୟା ହେଉଛି ସୀମା ଭିତରେ ଛନ୍ଦି ହୋଇ ପଡ଼ିଯାଇଥିବା ଏକ ବିଦ୍ୟା; ଏହା ଏକ ବିଭେଦକାରୀ ବିଦ୍ୟା, ଏବଂ ସ୍ଥୂଳତଃ ସତ୍ୟର ଏକ ମିଥ୍ୟା ଭ୍ରମ ସୃଷ୍ଟି କରୁଥିବା ବିଦ୍ୟା । ଆମକୁ ସେହି ସୀମା ଭିତରୁ ବାହାରି ଆସିବାକୁ ପଡ଼ିବ, ସେହି ମିଥ୍ୟା ଭିତରୁ ବାହାରି ଆସି ଆମକୁ ଆମ ଅଧ୍ୟାତ୍ମସତ୍ତାର ସତ୍ୟ ମଧ୍ୟରେ ପ୍ରବେଶ କରିବାକୁ ହେବ ।

ପ୍ରାଣ ଓ ଜଡ଼ର ଭୂମିରେ ଏହିପରି ଗ୍ରସ୍ତ ଓ ଏକାନ୍ତ ଭାବରେ ଅଭିନିବିଷ୍ଟ ହୋଇ ରହିବା,—ପ୍ରଥମ ପର୍ଯ୍ୟାୟରେ ଏହାର ଏକ ଯଥାର୍ଥତା ଓ ଆବଶ୍ୟକତା

'oaob.nitrkl.ac.in' images reprocessed

ନିଶ୍ଚୟ ରହିଛି । କାରଣ ଏହି ପ୍ରଥମ ପଦକ୍ଷେପଟି ପକାଇ ମନୁଷ୍ୟ ଭୌତିକ ପ୍ରକୃତିର ଅନ୍ତଃପ୍ରକୃତିକୁ ଜାଣିବ, ତାହାର ଅଧିକାରୀ ହେବ; ତାହାର ଇନ୍ଦ୍ରିୟମନ ତାହାକୁ ଭୌତିକ ପ୍ରକୃତି ବିଷୟରେ ଯେଉଁଭଳି ଜ୍ଞାନ ଆଣିଦେବ, ସେହିସବୁ ଜ୍ଞାନ ଓ ଅନୁଭୂତି ଉପରେ ଆପଣାର ଭାବନା ଓ ବୁଦ୍ଧିକୁ ଖଟାଇ ମନୁଷ୍ୟ ସେସବୁ କରିପାରିବ । ମାତ୍ର ଏଇଟି ହେଉଛି କେବଳ ଏକ ପ୍ରାରମ୍ଭିକ ପାଦ; ଏବଂ ଯଦି ଆମେ ଏହିଠାରେହିଁ ଅଟକି ଯିବାକୁ ମନସ୍ଥ କରିବା, ତେବେ ଆମେ ପ୍ରକୃତରେ କୌଣସି ଅଗ୍ରଗତି କଲୁ ବୋଲି କଦାପି କୁହାଯାଇ ପାରିବ ନାହିଁ । ଏହାଦ୍ୱାରା ଆମେ ଯେଉଁଠି ଥିଲେ କେବଳ ସେଇଠାରେହିଁ ରହିଥିବା, କେବଳ ଏହି ବାହ୍ୟ ଜଗତରେ ଟିକିଏ ହାତଗୋଡ଼ ମେଲାଇ ପାରିବାଲାଗି କିଞ୍ଚିତ୍ ସ୍ଥାନ କରିନେଇ ପାରିବା ଓ ଆମର ମନମଧ୍ୟ ଭୌତିକ ଜଗତଟି ବିଷୟରେ ଆମର ଆପେକ୍ଷିକ ଜ୍ଞାନକୁ କିଞ୍ଚିତ୍ ବଢ଼ାଇବାର ସାମର୍ଥ୍ୟ ଲାଭ କରିବ ଓ ତାହା ଉପରେ ଏକ ଯଥେଷ୍ଟ ଓ ଅନିଶ୍ଚିତ ଆଧିପତ୍ୟ ବିସ୍ତାର କରି ପାରିବ । ଏବଂ ତାହା ସହିତ ଆମର ପ୍ରାଣବାସନା ମଧ୍ୟ ଏହି ଜଡ଼ସତ୍ତା ଓ ଜଡ଼ଶକ୍ତି-ଚୟର ଭିଡ଼ଭିତରେ କେବଳ ଏଇଟାକୁ ଠେଲି ବା ସେଇଟାକୁ ଧକ୍କା ମାରି ପ୍ରତିପତ୍ତି ଦେଖାଇ ବୁଲିବାଲାଗି ଏକ ସୁଯୋଗ ପାଇପାରିବ । କୌଣସି ଭୌତିକ ବସ୍ତୁ-ସ୍ଥିତିଗତ ଜ୍ଞାନରେ ଯେତେବେଶୀ ବିସ୍ତାର ବା ପ୍ରସାର ଘଟୁ ନା କାହିଁକି ଓ ଏପରିକି ତାହା ଦୂରରୁ ଦୂରତର ନାନା ସୌରମଣ୍ଡଳ, ଭୂଗର୍ଭ ଓ ସାଗରର ଗଭୀରତମ ତଳ ଓ ଜଡ଼ଗତ ଉପାଦାନ ତଥା ଶକ୍ତିର ସୂକ୍ଷ୍ମରୁ ସୂକ୍ଷ୍ମତମ ସାମର୍ଥ୍ୟଗୁଡ଼ିକର କ୍ଷେତ୍ରରେ ପହଞ୍ଚି ତାହାକୁ ଆପଣାର ଗୋଚର ମଧ୍ୟକୁ ଆଣି ନା କାହିଁକି, ତଦ୍ୱାରା ଆମର ସର୍ବୋତ୍ତମ ବା ସବୁଠାରୁ ଅସଲ ଲାଭଟି କଦାପି ସମ୍ଭବ ହେବ ନାହିଁ; ଯେଉଁ ଉପାର୍ଜନଟି ଆମଲାଗି ସବୁଠାରୁ ଅଧିକ ଆବଶ୍ୟକ, ତାହା ଆମର କଦାପି ହସ୍ତଗତ ହେବ ନାହିଁ । ତେଣୁ ଜଡ଼ବିଜ୍ଞାନର କ୍ଷେତ୍ରରେ କେତେକେତେ ଦୁର୍ଗ ଜିଣି ଆମକୁ କେତେପ୍ରକାରେ ଅବାକ୍ କରି ଦେଉଥିଲେ ମଧ୍ୟ ଜଡ଼ବାଦର ସନ୍ଦେଶ ଓ ଜଡ଼ବାଦର ଆଦର୍ଶ ପରିଶେଷରେ କେବଳ ଏକ ବ୍ୟର୍ଥ ଓ ବଳହୀନ ଆଦର୍ଶ ବୋଲିହିଁ ସାବ୍ୟସ୍ତ ହେବ; ଏବଂ ଠିକ୍ ସେହି କାରଣରୁ ମଧ୍ୟ ଆପଣାର ସକଳ ନୈପୁଣ୍ୟ ଓ ସକଳ ସଫଳତା ସତ୍ତ୍ୱେ ଓ ଏହା ଆମଲାଗି କେତେକେତେ ଆରାମ ଆଣି ଖଞ୍ଜି ଦେଉଥିଲେହେଁ ଜଡ଼ବିଜ୍ଞାନ କେବଳ ଆପଣା ବଳରେ ମନୁଷ୍ୟସମାଜକୁ ସୁଖ ଦେଇପାରିବ ନାହିଁ କିମ୍ବା ତାହାର ଜୀବନକୁ ପରିପୂର୍ଣ୍ଣ କରିପାରିବ ନାହିଁ । କେବଳ ଆମ ସମଗ୍ର ସତ୍ତାଟିର ଯଥାର୍ଥ ବିକାଶଦ୍ୱାରାହିଁ ଆମକୁ ଯଥାର୍ଥ ସୁଖ ମିଳିବ, ଆମ ଜୀବନର ସମୁଦାୟ ଭୂମିଟିରେ ଆମେ ଯେଉଁ ବିଜୟଲାଭ କରିବା, ଆମ ଭିତରେ ତଥା ବାହାରେ, ଏବଂ ବାହାର ତୁଳନାରେ ଅଧିକତର ଭାବରେ ଆମ ଅନ୍ତର ଭିତରେ ଆମର ବ୍ୟକ୍ତ ତଥା ଅବ୍ୟକ୍ତ ପ୍ରକୃତିଟି ଉପରେ ଆମେ ଯେଉଁ କର୍ତ୍ତୃତ୍ୱ ଲାଭ କରିବା, ତାହାହିଁ ଆମକୁ ଯଥାର୍ଥ ସୁଖ ଆଣି

'oaob.nitrkl.ac.in' images reprocessed

ଦେବ । ଯେଉଁ ଭୂମିଟି ଉପରେ ଆମେ ଜୀବନ ଆରମ୍ଭ କରିଥିଲୁ, ତାହାର ବ୍ୟାସବୃତ୍ତଟିକୁ ଅଧିକରୁ ଅଧିକ ଲମ୍ବା କରି ତାହାର ଚାରିପାଖରେ କେବଳ ବଡ଼ ବଡ଼ ବୃତ୍ତ ଆଙ୍କିବାରେ ଲାଗିଥିଲେ ଆମକୁ ଆମ ଜୀବନର ଯଥାର୍ଥ ସମ୍ପୂର୍ଣ୍ଣତା କଦାପି ମିଳିବ ନାହିଁ, କେବଳ ସୀମା ଡେଇଁ ଯାଇପାରିଲେହିଁ ମିଳିବ । ତେଣୁ, ପ୍ରାଣ ଓ ଜଡ଼ର ଭୂମିରେ ଆବଶ୍ୟକ ପ୍ରଥମ ଭିତ୍ତିଟି ପଡ଼ିସାରିବା ପରେ ଆମକୁ ଆମ ଚେତନା-ଶକ୍ତିଟିକୁ ଆହୁରି ଉପରକୁ ଉଠାଇ ନେବାକୁ ହେବ; ସେହି ଶକ୍ତିଟିକୁ ଅଧିକ ଗଭୀର, ଅଧିକ ପ୍ରସାରିତ ଓ ଅଧିକ ଉଦାତ୍ତ କରିବାକୁ ପଡ଼ିବ । ପ୍ରଥମେ ଆପଣାର ମନୋଗତ ଅହଂସୀମାଗୁଡ଼ିକୁ ବନ୍ଧନମୁକ୍ତ କରି ଆମ ମନୋମୟ ଜୀବର ଏକ ମୁକ୍ତତର, ଶୁଦ୍ଧତର ତଥା ଉଦାତ୍ତତର ଲୀଳାକ୍ଷେତ୍ରରେ ପ୍ରବେଶ କରିବାକୁ ହେବ । କାରଣ ଆମର ଅସଲ ଅସ୍ତିତ୍ୱଟିକୁ ଯେତେଦୂର ଜଡ଼ମୟ ବୋଲି କୁହାଯିବ, ତାହାଠାରୁ ଅଧିକ ପରିମାଣରେ ମନୋମୟ ବୋଲି ଅବଶ୍ୟ କୁହାଯାଇ ପାରିବ; କାରଣ ଆମ ପ୍ରକୃତିର ଏହି ବ୍ୟକ୍ତ ଓ ନିମିତ୍ତରୂପ ଭୂମିଟିରେ ମଧ୍ୟ ଆମର ପ୍ରକୃତି ଆଦୌ ଜଡ଼ମୟ ନୁହେଁ, ତାହା ମନୋମୟ; ଆମର ସତ୍ତାଟି ମଧ୍ୟ ଜଡ଼ମୟ ସତ୍ତା ଅପେକ୍ଷା ଅଧିକ ପରିମାଣରେ ମନୋମୟ ସତ୍ତା । ଏହି ମନୁଷ୍ୟଭୂମିରେ ଆମର ଈପ୍ସିତ ପରିପୂର୍ଣ୍ଣତା ଓ ବିମୁକ୍ତି ଲାଭ କରିବାକୁ ହେଲେ ଏକ ପରିପୂର୍ଣ୍ଣ ମନୋମୟ ସତ୍ତାରୂପେ ବିକଶିତ ହେବାକୁହିଁ ଆମେ ଆମର ଏହି ମଧ୍ୟବର୍ତ୍ତୀ ପ୍ରଥମ ପଦକ୍ଷେପ ବୋଲି ଜାଣିବା । ଏହି ବିକାଶଲାଭ ଦ୍ୱାରା ଆମର ଆତ୍ମା ପ୍ରକୃତରେ ପରିପୂର୍ଣ୍ଣ ହୁଏ ନାହିଁ, ତାହା ମୁକ୍ତ ବି ହୁଏ ନାହିଁ; ମାତ୍ର ଏହା ଆମକୁ ଜଡ଼ର ତଥା ପ୍ରାଣର ଭୂମିବନ୍ଧନରୁ ମୁକୁଳାଇ ଆହୁ ପାହାଚେ ଉପରକୁ ଉଠାଇନିଏ ଏବଂ ଆମକୁ ବାନ୍ଧି ରଖିଥିବା ଅବିଦ୍ୟାର ଗ୍ରନ୍ଥିଟିକୁ ଫିଟାଇ ଦେବାରେ ଆମକୁ ପ୍ରସ୍ତୁତ କରିବାକୁ ଆରମ୍ଭ କରେ ।

ଆପଣାକୁ ଗୋଟିଏ ଗୋଟିଏ ପୂର୍ଣ୍ଣତର ମନୋମୟ ସତ୍ତାରୂପେ ସମ୍ମୂର୍ତ୍ତ କରାଇ ଆମେ ସତ୍ତା, ଚେତନା, ଶକ୍ତି, ସୁଖ ଓ ଆନନ୍ଦର ଏକ ସୂକ୍ଷ୍ମତର, ଉଚ୍ଚତର ତଥା ଅଧିକ ପ୍ରସାରିତ ଏକ ଭୂମିର ସମ୍ଭାବନାରେ ଆସି ଉପନୀତ ହେଉ; ମନୋମୟତାର ସୋପାନମାଳାରେ ଆମେ ଯେତିକି ଯେତିକି ଉପରକୁ ଯିବାଲାଗି ସମର୍ଥ ହେଉ, ସେହିସବୁ ସମ୍ପଦର ଏକ ବୃହତ୍ତର ସାମର୍ଥ୍ୟ ସେତିକି ସେତିକି ଆମର ଅଧିକାର ମଧ୍ୟକୁ ଆସିଥାଏ । ଏବଂ ତାହା ସଙ୍ଗେସଙ୍ଗେ ଆମ ମନୋଗତ ଚେତନାର ଭୂମିଟି ମଧ୍ୟ ଅଧିକ ଦୃଷ୍ଟିବାନ୍ ହୁଏ, ଅଧିକ ଶକ୍ତିମାନ୍ ହୁଏ ଏବଂ ଅଧିକ ସୂକ୍ଷ୍ମତା ଓ ଅଧିକ ସ୍ଥିତିସ୍ଥାପକତା ଲାଗି ସମର୍ଥ ହୁଏ । ଏବଂ ତେଣେ ପ୍ରାଣମୟ ଓ ଜଡ଼ମୟ ଜୀବନକୁ ମଧ୍ୟ ଆମେ ଅଧିକ ସାର୍ଥକ ଭାବରେ ଗ୍ରହଣ କରି ନେଇପାରୁ; ତାହାକୁ ଅଧିକ ଭଲଭାବରେ ଜାଣିପାରୁ, ଅଧିକ ଦକ୍ଷତା ସହିତ କାମରେ ଲଗାଇପାରୁ, ଏହାକୁ ମହତ୍ତର ନାନା ମୂଲ୍ୟରେ ଭୂଷିତ କରି ଦେଇପାରୁ; ତାହାର ବିଚରଣଭୂମିରେ ଅଧିକ ପ୍ରସାର ଆଣି ତାହାର କ୍ରିୟାକୁ ଅଧିକ ପ୍ରେରଣାମୟ

'oaob.nitrkl.ac.in' images reprocessed

କରିପାରୁ, ତାହାକୁ ସମ୍ପ୍ରସାରିତ କରି ତାହାକୁ ଏକ ବିଶାଳତର କ୍ଷେତ୍ରଲାଗି ଉନ୍ମୁଖ କରି ରଖିପାରୁ । ଆପଣା ପ୍ରକୃତିର ସ୍ୱଭାବଗତ ଶକ୍ତିରେ ମଣିଷ ହେଉଛି ଗୋଟିଏ ମନୋମୟ ସତ୍ତ୍ୱ, ମାତ୍ର ଆପଣା ଆବିର୍ଭାବର ପ୍ରଥମ ଚରଣଗୁଡ଼ିକରେ ସେ ଅଧିକତଃ ଏକ ମନୋମୟ ପ୍ରାଣୀ ବା ପଶୁହିଁ ହୋଇ ରହିଥାଏ, ଇତର ଯେକୌଣସି ପ୍ରାଣୀ ପରି ଆପଣାର ଦେହକ୍ଷେତ୍ରଗତ ଅନୁଭୂତି ମଧ୍ୟରେ ବହୁ ବ୍ୟସ୍ତଭାବରେ ବାନ୍ଧିହୋଇ ରହିଥାଏ । ଆପଣାର ମନଟାକୁ ମଧ୍ୟ ସେ ଆପଣା ପ୍ରାଣ ଓ ଦେହର କାମରେ ଲଗାଏ, ତାହାର ସ୍ୱାର୍ଥର ସାଧନରେ ଓ ତାହାର ଅଭିଳାଷଗୁଡ଼ିକର ପରିପୂରଣରେହିଁ ଲଗାଏ । ମନକୁ ଦେହ ଓ ପ୍ରାଣର ପରିକର କରି ରଖେ, ମନ୍ତ୍ରଣାଦାତା ବି କରେ; କିନ୍ତୁ ତଥାପି ସେମାନଙ୍କର ରାଜା ଓ ପ୍ରଭୁରୂପେ ପ୍ରତିଷ୍ଠିତ କରି ପାରିନଥାଏ । ଆପଣାର ମନୋଭୂମିରେ ମନୁଷ୍ୟ ଯେତିକି ଯେତିକି ବିକଶିତ ହୋଇଥାଏ, ତାହାର ମନ ଯେତିକି ପରିମାଣରେ ପ୍ରାଣ ଓ ଜଡ଼ର ଉତ୍ପାତ ଓ କବଳରୁ ଆପଣାକୁ ସ୍ୱତନ୍ତ୍ର ଓ ସ୍ୱାଧୀନରୂପେ ପ୍ରତିଷ୍ଠିତ କରିବାରେ ସମର୍ଥ ହେଉଥାଏ, ସେତିକି ସେତିକି ସେ ଜଣେ ମନୁଷ୍ୟ ହିସାବରେ ସମ୍ଭବ ହୁଏ । ଆପଣାର ମୁକ୍ତି ସାଧନ କରି ମନ ଏକପକ୍ଷରେ ପ୍ରାଣ ଓ ଜଡ଼ଗତତାକୁ ଶାସନ କରେ, ତାହାକୁ ଉଦ୍ଭାସିତ କରେ; ଏବଂ ଅପର ପକ୍ଷରେ ତାହାର ଶୁଦ୍ଧ ମନୋଗତ ଉଦ୍ଦେଶ୍ୟ ବା ଆକୂତି, ପ୍ରବୃତ୍ତି ତଥା ଜ୍ଞାନଲାଭର ପ୍ରଚେଷ୍ଟା-ମାନ ମଧ୍ୟ ଏକ ନିଜସ୍ୱ ମୂଲ୍ୟ ଲାଭ କରିବାକୁ ଆରମ୍ଭ କରେ । ନିମ୍ନତର ଭୂମିର ନିୟନ୍ତ୍ରଣରୁ ଓ ତାହାର ଭିତରେ ରୁଦ୍ଧହୋଇ ରହିବାରୁ ଆପଣାକୁ ମୁକ୍ତ କରି ମନ ପ୍ରାଣର କ୍ଷେତ୍ରରେ ଏକ ନିୟମବଦ୍ଧତା ଆଣିଦିଏ, ତାହାକୁ ଉତ୍କର୍ଷିତ ଓ ଶୋଧିତ କରେ, ସେଥିରେ ଏକ ଅଧିକ ସୂକ୍ଷ୍ମ ଭାରସାମ୍ୟ ତଥା ସୌଷମ୍ୟ ଆଣିଦିଏ । ସେତେବେଳେ ପ୍ରାଣ ଓ ଦେହର ଯାବତୀୟ ପ୍ରେରଣା ମନର ନିର୍ଦ୍ଦେଶରେହିଁ ପରିଚାଳିତ ହେବାକୁ ଲାଗନ୍ତି, ତାହାଦ୍ୱାରା ଶୃଙ୍ଖଳିତ ହୁଅନ୍ତି; ଏବଂ ଏକ ମନୋମୟ ଶକ୍ତିଦ୍ୱାରା ଯେତିକି ସମ୍ଭବ ସେତିକି ପରିମାଣରେ ରୂପାନ୍ତରିତ ବି ହୁଅନ୍ତି । ସେମାନେ ବିବେକ-ବୁଦ୍ଧିର ଅଧୀନ ହୋଇ କାର୍ଯ୍ୟ କରିବାକୁ ଶିଖନ୍ତି, ଏକ ସନ୍ଦୀପିତ ଇଚ୍ଛାଶକ୍ତିର ବୋଲ ମାନନ୍ତି; ଏକ ଜ୍ଞାନଗତ ବୋଧ ତଥା ରସବୋଧସମ୍ପନ୍ନ ବୁଦ୍ଧିମତ୍ତାର ଅନୁଗତ ହୋଇ ରହନ୍ତି । ଏହିସବୁ ସାମର୍ଥ୍ୟ ଯେତିକି ଅଧିକ ହେବାରେ ଲାଗିଥାଏ, ମନୁଷ୍ୟଜାତି ପ୍ରକୃତ ଅର୍ଥରେ ସେତିକି ମନୁଷ୍ୟୋଚିତ ହେବାରେ ସମର୍ଥ ହୁଏ, ମନୋମୟ ଭୂମିରେ ବିଚରଣ କରୁଥିବା ଏକ ଜାତିରେ ପରିଣତ ହୁଏ ।

ଗ୍ରୀକ୍ ଦାର୍ଶନିକମାନେ ଜୀବନର ଏହି ବୋଧଗତ ଆଦର୍ଶଟିକୁହିଁ ଆପଣାର ସମ୍ମୁଖରେ ରଖିଥିଲେ । ଗ୍ରୀକ୍ ଜୀବନ ଓ ଗ୍ରୀକ୍ ସଭ୍ୟତା ଏହି ଆଦର୍ଶର ସୂର୍ଯ୍ୟାଲୋକରେ ଯେପରି ଦୀପ୍ତରୂପରେ ଫୁଟିଉଠି ପାରିଥିଲା, ତାହାହିଁ ତାହାକୁ ସମସ୍ତଙ୍କଲାଗି ଏପରି

ଆକର୍ଷଣୀୟ କରି ରଖିଛୁ । ଏକ ପରବର୍ତ୍ତୀ କାଳରେ ଏହି ବୋଧଟି ନଷ୍ଟ ହୋଇ ଯାଇଥିଲା, ଏବଂ ଯେତେବେଳେ ପୁଣି ଫେରିଆସିଲା, ସେତେବେଳେ ଏହାର ପ୍ରଭା ଅନେକ ପରିମାଣରେ କ୍ଷୀଣ ହୋଇ ପଡ଼ିଥିଲା ଏବଂ ସେଥିରେ ଆହୁରି କେତେ କଅଣ ପଙ୍କିଳତା ଆସି ପ୍ରବେଶ କରିସାରିଥିଲା । ଗୋଟାଏ ଆଡ଼େ ଏକ ଆଧ୍ୟାତ୍ମିକ ଆଦର୍ଶଜନିତ ଉତ୍ତେଜନା, ଯେଉଁ ଆଦର୍ଶକୁ କ ସେମାନେ କେବଳ ବୁଦ୍ଧିର ବୁଝିବା ଦେଇ ବଡ଼ ଅପୂର୍ଣ୍ଣଭାବରେ ବୁଝିଥିଲେ ଏବଂ ଜୀବନର ପ୍ରୟୋଗକ୍ଷେତ୍ରରେ ଆଦୌ ଉପଲବ୍ଧି କରି ନଥିଲେ, ଯେଉଁ ଆଦର୍ଶ କେବଳ ସେମାନଙ୍କର ମନୋଗତ ଓ ନୀତିଗତ ଜୀବନରେହିଁ ଯାହାକିଛି ଭାବାତ୍ମକ ଓ ଅଭାବାତ୍ମକ ପ୍ରଭାବ ବିସ୍ତାର କରି ରହିଥିଲା,—ଏବଂ ତେଣେ ଅନ୍ୟଆଡ଼େ ସେମାନଙ୍କର ଜୀବନ ଉପରେ ଏକ ବିପୁଳ ଓ ପ୍ରବଳଶକ୍ତିଶାଳୀ ଏପରି ଏକ ପ୍ରାଣଗତ ବାସନାବେଗର ଚାପ ଆସି ପଡ଼ୁଥିଲା ଯାହାକି ସ୍ୱଚ୍ଛନ୍ଦ ଓ ସ୍ୱାଧୀନଭାବରେ ଆପଣାଲାଗି ଏକ ତୃପ୍ତିବିଧାୟକ ବାଟ ପାଇ ପାରୁନଥିଲା;—ଏହି ଦୁଇଟିଯାକହିଁ ମନର ପ୍ରଭୁତ୍ୱଲାଭ ଓ ପ୍ରାଣର ଭାରସାମ୍ୟକୁ ସମ୍ଭବ କରିବା ଦିଗରେ ବାଧକ ହୋଇ ରହିଲା, ପ୍ରାଣକ୍ଷେତ୍ରରେ ସୌନ୍ଦର୍ଯ୍ୟ ଓ ସୁଷମତାର ଉପଲବ୍ଧିରେ ପ୍ରତିବନ୍ଧକ ହେଲା । ଉଚ୍ଚତର ଆଦର୍ଶଗୁଡ଼ିକ ଲାଗି ଓ ପ୍ରାଣଭୂମିର ଏକ ବୃହତ୍ତର ପ୍ରସାରଲାଗି ଆପଣାକୁ ଉନ୍ମୋଚିତ କରିଦେବାର ଇଙ୍ଗିତ ମିଳିଥିଲା ସତ, ମାତ୍ର ଏକ ନୂତନ ଆଦର୍ଶର ଉପାଦାନଗୁଡ଼ିକ କେବଳ ଏକ ପ୍ରଭାବରୂପେହିଁ ତାହାର ଜୀବନକ୍ଷେତ୍ରରେ କିୟଦଂଶ ହୋଇ ପାରିଥିଲା କିନ୍ତୁ ତା' ଜୀବନର କର୍ତ୍ତୃତ୍ୱାତ୍ମକ ହୋଇ ପାରିଲା ନାହିଁ କିମ୍ବା ସେଥିରେ କୌଣସି ରୂପାନ୍ତର ଘଟାଇ ପାରିଲା ନାହିଁ । ଏବଂ ଏହିପରି ଭାବରେ ଅସ୍ପଷ୍ଟବୋଧ ଓ ଅନୁପଲବ୍ଧି ରହି ସେହି ଆଧ୍ୟାତ୍ମିକ ପ୍ରୟାସଟି ପରିଶେଷରେ ପରିତ୍ୟକ୍ତ ହୋଇ ରହିଲା; ତାହାର ନୈତିକ ପ୍ରଭାବର କିଞ୍ଚିତ୍ ଅବଶେଷ ରହିଗଲା ସତ, ମାତ୍ର ତାହାର ପ୍ରାଣସ୍ୱରୂପ ସେହି ଆଧ୍ୟାତ୍ମିକ ଉପାଦାନଟିରୁ ବଞ୍ଚିତ ହୋଇ ରହି ତାହା କ୍ରମେ ବୀର୍ଯ୍ୟହୀନ ଓ କଷ୍ଟଭାବ ହୋଇପଡ଼ିଲା । ଏବଂ ଜଡ଼ଗତ ବୁଦ୍ଧିବିକାଶର ବିପୁଳ ସହଯୋଗ ପାଇ ପ୍ରାଣଗତ ବାସନାଟାହିଁ ଜାତିର ଚିତ୍ତକୁ ଅଧିକାର କରି ରହିଲା । ଏହାର ପ୍ରଥମ ଫଳସ୍ୱରୂପ ଜ୍ଞାନ ଓ ନୈପୁଣ୍ୟର ଏକ ବିଶେଷ କ୍ଷେତ୍ରରେ ବିପୁଳ ଅଭିବୃଦ୍ଧି ଘଟିଲା; ଏବଂ ଏହାର ଏକ ଅତି ଆଧୁନିକ ପରିଣାମସ୍ୱରୂପ ଜାତିର ଜୀବନରେ ଆଧ୍ୟାତ୍ମିକଭୂମିଗତ ଏକ ବିନାଶକାରୀ ବ୍ୟାଧିଗ୍ରସ୍ତତା ଓ ବହୁକ୍ଷେତ୍ରୀୟ ବିଶୃଙ୍ଖଳା ଆସି ଦେଖାଦେଲା ।

କାରଣ ଖାଲି ମନଦ୍ୱାରା ଉଦ୍ଦେଶ୍ୟସିଦ୍ଧି ହୁଏ ନାହିଁ । ମନୋଗତ ବୁଦ୍ଧି ଯେତେବେଳେ ଆପଣା ବୃଦ୍ଧିର ଲୀଳାସଞ୍ଚାରଣ ଲାଗି ବିସ୍ତୃତତମ କ୍ଷେତ୍ର ପାଏ, ସେତେବେଳେ ମଧ୍ୟ ତାହା କେବଳ ଏକ ଅତି ଅପୂର୍ଣ୍ଣ ଅର୍ଦ୍ଧ ଆଲୋକର ସୃଷ୍ଟିଲାଗିହିଁ ସମର୍ଥ ହୋଇଥାଏ । ଏହି ଭୌତିକ ଜଗତ ବିଷୟରେ କେବଳ ଏକ ଉପରିଭାଗସ୍ଥ

'oaob.nitrkl.ac.in' images reprocessed

ମନୋଭୂମିଗତ ଜ୍ଞାନ ହାସଲ କଲେ ତାହା ଆମକୁ ପୂର୍ଣ୍ଣଭାବରେ ତଥାପି ବାଟ ଦେଖାଇ ପାରେ ନାହିଁ । କେବଳ ଭାବନାଶକ୍ତି ରହିଥିବା ଏକ ଇତରପ୍ରାଣୀ ସକାଶେ ତାହା ଯଥେଷ୍ଟ ହୋଇପାରେ, ମାତ୍ର ଏକ ଆଧ୍ୟାତ୍ମିକ ବିବର୍ତ୍ତନର ଅଭୀପ୍ସା ରଖିଥିବା ଓ ସେଥିଲାଗି ସାଧନା କରୁଥିବା ମନୋମୟ ସତ୍ତ୍ୱବିଶିଷ୍ଟ ମନୁଷ୍ୟସମୂହ ଲାଗି ତାହା କଦାପି ଯଥେଷ୍ଟ ନୁହେଁ । ଜଡ଼ସୀମିତ ବିଜ୍ଞାନଦ୍ୱାରା ଆମେ ସେହି ଜଡ଼ବସ୍ତୁଗୁଡ଼ିକର ଅସଲ ସତ୍ୟଟିକୁ ମଧ୍ୟ କଦାପି ପୂର୍ଣ୍ଣ ଭାବରେ ଲାଭ କରିପାରିବା ନାହିଁ, ଜଡ଼ବିଜ୍ଞାନ ଆମକୁ ଆମ ଭୌତିକ ଅସ୍ତିତ୍ୱଟିକୁ ଯଥାର୍ଥଭାବରେ ଆପଣାର କାମରେ ଲଗାଇବାର ବାଟ ବି ବତାଇଦେଇ ପାରିବ ନାହିଁ । କେବଳ ଏକ ବହିର୍ସୀମିତ ଜ୍ଞାନଦ୍ୱାରା ବା କେବଳ ଭୌତିକ ଓ ଯାନ୍ତ୍ରିକ ପ୍ରକୃତିଗତ ପ୍ରକ୍ରିୟାଗୁଡ଼ିକୁ ଜାଣି ସେଥିରୁ ସମ୍ଭବ ହେଉଥିବା ଜ୍ଞାନଦ୍ୱାରା ଆମେ ଏସବୁ ସମର୍ଥତା କଦାପି ଲାଭ କରିପାରିବା ନାହିଁ । ଯଥାର୍ଥଭାବେ ଜାଣିବାକୁ ହେଲେ ଓ ଲବ୍ଧ ଜ୍ଞାନକୁ ଯଥାର୍ଥଭାବରେ କାମରେ ଲଗାଇବାକୁ ହେଲେ ଆମକୁ ଏହି ଭୌତିକ ପ୍ରତିଭାସ ଓ ପ୍ରକ୍ରିୟାଟିର ସୀମାତିକ୍ରମ କରିବାକୁ ପଡ଼ିବ । ସେଗୁଡ଼ିକର ଭିତରେ ଓ ପଛରେ ଆହୁରି ଯାହାକିଛି ଅନ୍ତର୍ନିହିତ ହୋଇ ରହିଛି ତାହା ଜାଣିବାକୁ ପଡ଼ିବ । କାରଣ ଆମକୁ କେବଳ ଗୋଟିଏ ଗୋଟିଏ ଦେହବିଶିଷ୍ଟ ମନ ବୋଲି କହିଲେ ତଦ୍ୱାରା ଆମର ସମ୍ପୂର୍ଣ୍ଣ ପରିଚୟ କଦାପି ମିଳିବ ନାହିଁ; ଆମ ଭିତରେ ଏକ ଆଧ୍ୟାତ୍ମିକ ସତ୍ତ୍ୱା ରହିଛି, ଏକ ଆଧ୍ୟାତ୍ମିକ ତତ୍ତ୍ୱ ସେଠାରେ କାର୍ଯ୍ୟ କରୁଛି, ପ୍ରକୃତିର କ୍ଷେତ୍ରରେ ଏକ ଆଧ୍ୟାତ୍ମିକ ଭୂମି ମଧ୍ୟ ରହିଛି । ଆପଣାର ଚେତନ ସାମର୍ଥ୍ୟକୁ ଆମକୁ ତାହାରି ମଧ୍ୟକୁ ଉତ୍ତୋଳିତ କରି ନେବାକୁ ହେବ, ଏବଂ ତାହାରି ସାହାଯ୍ୟରେ ଆମ ସତ୍ତ୍ୱାର ପରିସର ଓ ଆମ କର୍ମପ୍ରକୃତିର କ୍ଷେତ୍ରଟିକୁ ଆହୁରି ପ୍ରସାରିତ କରିଦେବାକୁ ପଡ଼ିବ, ଏପରିକି ସେଇଟିକୁ ବିଶ୍ୱଗତ ଓ ଅନନ୍ତ ଭାବରେ ମଧ୍ୟ ପ୍ରସାରିତ କରିଦେବାକୁ ପଡ଼ିବ । ଆମର ଏହି ନିମ୍ନ ସୋପାନଗତ ଜୀବନଟିକୁ ତାହାରି ହାତରେ ସମର୍ପି ଦେଇ ସତ୍ୟଗତ ଆଧ୍ୟାତ୍ମିକ ସତ୍ୟଟିର ଆଲୋକ ଦ୍ୱାରା ଏକ ମହତ୍ତର ଉଦ୍ଦେଶ୍ୟ ଓ ବୃହତ୍ତର ପରିକଳ୍ପନାର ପୂର୍ତ୍ତି ଲାଗି ଏହାକୁ କାମରେ ଲଗାଇବାକୁ ପଡ଼ିବ । ଏକ ନିମ୍ନସ୍ତରସ୍ଥ ପ୍ରକୃତି ଯେପରି ଆମକୁ ଆବୋରି ଧରିଛି ଓ ଆପଣାର ଦଉଡ଼ିରେ ଆମକୁ ଇଚ୍ଛାମତେ ଟାଣିଟାଣି ନେଇଯାଉଛି, ତାହାରି ସୀମାଟିକୁ ପାର ହୋଇ ଯଥାର୍ଥ ସତ୍ତ୍ୱା ଓ ଯଥାର୍ଥ ଚେତନା ମଧ୍ୟରେ ପ୍ରକୃତିର ଅଧୀନ ହୋଇ ରହିଥିବା ଆମର ଏହି ସତ୍ତ୍ୱାଟିକୁ ସମାବିଷ୍ଟ ଓ ସମନ୍ୱିତ କରି ରଖି ନପାରିବା ପର୍ଯ୍ୟନ୍ତ ଏବଂ ପରମ ଚିନ୍ମୟତାର ଶକ୍ତିଦ୍ୱାରା ଓ ତାହାରି ଆନନ୍ଦଲାଗି ପ୍ରକୃତିଦତ୍ତ ଆମର ଏହି ସାଧନଗୁଡ଼ିକୁ ବ୍ୟବହାର କରି ନଶିଖିବା ପର୍ଯ୍ୟନ୍ତ ଆମ ମନର ଯାବତୀୟ ଶ୍ରମ ଓ ପ୍ରାଣର ଯାବତୀୟ ସଂଗ୍ରାମ କେବେହେଲେ କୌଣସି ସମାଧାନରେ ଆସି ପହଞ୍ଚି ପାରିବ ନାହିଁ । କେବଳ ସେତିକବେଳେ ଯାଇ ଆମର ଆଧାରଗତ ଅଜ୍ଞାନଟି, ଆମକୁ

'oaob.nitrkl.ac.in' images reprocessed

ସନ୍ତୃପ୍ତ କରି ରଖିଥିବା ଆମ ଅସ୍ତିତ୍ୱର ବାସ୍ତବ ଗଠନଟିକୁ ଘାରି ରହିଥିବା ଅଜ୍ଞାନଟି ଆମ ସତ୍ତା ଓ ସମ୍ଭୂତିର ଏକ ଯଥାର୍ଥ ଓ ଫଳଦାୟକ ଜ୍ଞାନରେ ରୂପାନ୍ତରିତ ହୋଇଯାଇ ପାରିବ । କାରଣ ତନ୍ମୟତା ଓ ତଦ୍‌ଗତତା ହେଉଛି ଆମର ପ୍ରକୃତ ପରିଚୟ; ଆମ ଅସ୍ତିତ୍ୱଧାରଣର ବର୍ତ୍ତମାନ ସ୍ତରରେ ଆମେ ମନକୁ ପ୍ରଧାନତମ ସାଧନରୂପେ ବ୍ୟବହାର କରୁଛୁ ଏବଂ ପ୍ରାଣ ଓ ଦେହକୁ ଗୋଟିଏ ଗୋଟିଏ ଗୌଣ ସାଧନରୂପେ ବ୍ୟବହାର କରୁଛୁ । ଜଡ଼ ଆମ ଅନୁଭୂତିର ସର୍ବାଦ୍ୟ କ୍ଷେତ୍ର ହୋଇ ରହିଛି ସତ, ମାତ୍ର ତାହା କଦାପି ତାହାର ଏକମାତ୍ର କ୍ଷେତ୍ର ହୋଇ ରହି ନାହିଁ । ମାତ୍ର ଏସବୁ କଥା କେବଳ ଆମର ବର୍ତ୍ତମାନ ସୋପାନଟିରେହିଁ ଲାଗୁ କରାଯାଇ ପାରିବ । ଆମର ଏହି ଅତି ଅପୂର୍ଣ୍ଣ ମାନସିକ ସାଧନଯନ୍ତ୍ରଟି କଦାପି ଆମ ବହୁବିଧ ସମ୍ଭାବନାର ଶେଷକଥା ନୁହେଁ । କାରଣ ଆମ ଭିତରେ ମନୋଗତ ସୀମାଗୁଡ଼ାକୁ ଅତିକ୍ରମ କରି ଓ ଆଧ୍ୟାତ୍ମିକ ପ୍ରକୃତିଟିର ସମୀପବର୍ତ୍ତୀ ହୋଇ ଅନ୍ୟାନ୍ୟ ଅନେକ ତତ୍ତ୍ୱ ଅବସ୍ଥିତ ରହିଛି ଓ କାର୍ଯ୍ୟ କରୁଛି । ସେଗୁଡ଼ିକ ସେଠାରେ ସୁପ୍ତ ଅବସ୍ଥାରେ ରହିଛି, ଅଦୃଶ୍ୟ ହୋଇ ରହିଛି ଅଥବା କେବଳ ଅପୂର୍ଣ୍ଣଭାବରେ କାର୍ଯ୍ୟ କରୁଛି । ଆମରି ଭିତରେ ଅଧିକ ପ୍ରତ୍ୟକ୍ଷ ଅନେକ ସାମର୍ଥ୍ୟ ରହିଛି, କେତେ ପ୍ରଭାସ୍ୱର ସାଧନମାନ ରହିଛି । ଏକ ଉଚ୍ଚତର ଭୂମି ରହିଛି; ଆମର ଏହି ଦେହ, ପ୍ରାଣ ଓ ମନର ଭୂମିଗୁଡ଼ିକରେ କେବଳ ଯେତିକି ସଚଳତା ଓ କ୍ରିୟାତ୍ମକତା ରହିଛି, ଆମ ଭିତରେ ତାହାଠାରୁ ଅନେକ ଅଧିକ ସଚଳତା ଓ ସକ୍ରିୟତା ଅନେକ ଭୂମି ଆବୋରି ବିସ୍ତୃତ ହୋଇ ରହିଛି । ସେଗୁଡ଼ିକ ମଧ୍ୟ ଆମର ଉପଲବ୍ଧ ଭୂମିରେ ପରିଣତ ହୋଇପାରିବ, ଆମ ସତ୍ତାର ଅଂଶ ହୋଇ ରହିପାରିବ; ଆମ ଆପଣାର ବୃହତ୍ତର ପ୍ରକୃତିଟିର ତତ୍ତ୍ୱ, ସାମର୍ଥ୍ୟ ଓ ସାଧନରେ ପରିଣତ ହୋଇପାରିବ । ମାତ୍ର ତଦ୍‌ଗତତା ମଧ୍ୟକୁ ଏକ ଅସ୍ପଷ୍ଟ ଓ ଅଦ୍ଭୁତ ଆରୋହଣ ଦ୍ୱାରା ଅଥବା ଅନନ୍ତର ସ୍ପର୍ଶଲାଭ ଦ୍ୱାରା ଆକାରପ୍ରକାରହୀନ ଏକ ଦିବ୍ୟ ଅବସ୍ଥାକୁ ଉନ୍ନୀତ ହୋଇ ଚାଲିଗଲେ ତାହା କଦାପି ସମ୍ଭବ ହେବ ନାହିଁ । ସେହି ଅନନ୍ତତାଗୁଡ଼ିକର ତତ୍ତ୍ୱଟିକୁ ଆମ ଭିତରେ ବିବର୍ତ୍ତିତ ଓ ଆବିର୍ଭୂତ ହେବାକୁ ପଡ଼ିବ; ଯେପରି ପ୍ରାଣ ଓ ମନର ବିବର୍ତ୍ତନ ଓ ଆବିର୍ଭାବ ଘଟିଛି, ସେହିପରି । ଆମରି ଭିତରେହିଁ ଏଗୁଡ଼ିକୁ ସଂଗଠିତ ହେବାକୁ ପଡ଼ିବ, ଆପଣାର ପରିତୃପ୍ତି ସାଧନ କରିବାକୁ ପଡ଼ିବ । ସେତେବେଳେ ଯାଇ ଆମେ ଆମ ସତ୍ତାର ଯଥାର୍ଥ ଆଧାରଟିର ଅଧିକାରୀ ହୋଇପାରିବା ଓ ଅବିଦ୍ୟା ଉପରେ ବିଜୟୀ ହେବା ।

ମାତ୍ର ଆମର ମନୋଭୂମିଗତ ଅବିଦ୍ୟାଟି ଉପରେ ବିଜୟ ହାସଲ କରି ପାରିନଥିବା ପର୍ଯ୍ୟନ୍ତ ଆମର ଆଧାରଗତ ଅବିଦ୍ୟାଟି ଉପରେ ହାସଲ କରାଯାଇଥିବା ବିଜୟ କଦାପି ସମ୍ପୂର୍ଣ୍ଣ ହୋଇପାରିବ ନାହିଁ, କିମ୍ବା ସର୍ବତୋଭାବେ କଦାପି ସଂପ୍ରେରିତ ହୋଇପାରିବ ନାହିଁ । କାରଣ ପ୍ରକୃତରେ ଦେଖିଲେ ଦୁଇଟିଯାକ କେବଳ ଏକାଠି

'oaob.nitrkl.ac.in' images reprocessed

ଗୁପ୍ତହୋଇ ରହିଛନ୍ତି । ଆମ ସତ୍ତାର କେବଳ ଜାଗ୍ରତାବସ୍ଥାର ଚେତନ ପ୍ରକୃତିର ଭୂମିରେ ଯେଉଁ କ୍ଷୁଦ୍ର ତରଙ୍ଗ କମ୍ପା ବହିଃପ୍ରବାହଟି ଆତଯାତ ହେବାରେ ଲାଗିଛି, ଆପଣା ବିଷୟରେ ଆମର ଯାବତୀୟ ଜ୍ଞାନ କେବଳ ତାହାରି ଭିତରେ ସୀମାବଦ୍ଧ ହୋଇ ରହିଛି;—ତାହାହିଁ ଆମର ମନୋଭୂମିଗତ ଅବିଦ୍ୟା । ଆମ ସତ୍ତାର ଏହି ଅଂଶଟିରେ ଅରୂପ ଅଥବା ଅର୍ଦ୍ଧରୂପାୟିତ ନାନାବିଧ ଗତି ଓ ସ୍ପନ୍ଦନର ଏକ ମୂଳଭୂତ ପ୍ରବହମାନତା ସତେଅବା ଏକ ସ୍ୱୟଂକ୍ରିୟ ଅଥଚ ଅବିଚ୍ଛିନ୍ନ ଭାବରେ ଲାଗିରହିଛି; କେବଳ ବହିର୍ଭାଗରେ ସକ୍ରିୟ ହୋଇ ରହିଥିବା ଏକ ସ୍ମୃତି ଏବଂ ଏକ ଇନ୍ଦ୍ରିୟ ଅନ୍ତର୍ନିହିତ ଚେତନା କ୍ଷଣରୁ କ୍ଷଣାନ୍ତରକୁ ବହି ଚାଲିଥିବା ଏହି ଧାରାଟିକୁ ଏକତ୍ର ଧାରଣ ଓ ଗ୍ରଥିତ କରି ରଖିଛି । ଆମର ବୁଦ୍ଧିଗତ ବିବେକ ତଥା ସେହି ପ୍ରବାହଟିରେ ଅଂଶଗ୍ରହଣ କରୁଥିବା ଓ ତାହାର ସମ୍ମୁଖରେ ସାକ୍ଷୀରୂପେ ଅବସ୍ଥିତ ଥିବା ବୁଦ୍ଧି ଏହି ପ୍ରବାହଟିକୁ ସଂଗଠିତ କରୁଛି, ଏବଂ ସେଥିରେ ଆପଣାର ଏକ ଅର୍ଥ ଆଣି ଯୋଡ଼ିଦେଉଛି । ଏହାର ପଛରେ ଆମର ଅନ୍ତର୍ଗୂଢ଼ ସତ୍ତା ଓ ଶକ୍ତିର ଏକ ଗୋପନ ଅସ୍ତିତ୍ୱ ବା ଅଧିଷ୍ଠାନ ମଧ୍ୟ ରହିଛି, ଯାହା ନଥିଲେ କି ବାହାରର ଏହି ଚେତନା ଓ କ୍ରିୟାଟିର ମଧ୍ୟ ଆଦୌ କୌଣସି ଅସ୍ତିତ୍ୱହିଁ ନଥା'ନ୍ତା, କୌଣସି କ୍ରିୟାତ୍ମକତା ମଧ୍ୟ ନଥା'ନ୍ତା । ଜଡ଼ ମଧ୍ୟରେ କେବଳ ଏକ କ୍ରିୟାଶୀଳତାହିଁ ବ୍ୟକ୍ତ ହୋଇଛି; ବାହାରୁ ଆମେ ଜଡ଼ର କେବଳ ବାହ୍ୟରୂପଟିକୁହିଁ ଦେଖୁଛୁ ଓ କେବଳ ସେତିକ ଜାଣିବାକୁ ପାଉଛୁ ଏବଂ ସେଥିରେ ସେହି ଶକ୍ତିର କ୍ରିୟାକୁ ଆମେ ଅଚେତନ ବୋଲି କହୁଛୁ । ଜଡ଼ ମଧ୍ୟରେ ଥିବା ଚେତନା ଗୂଢ଼ ହୋଇ ରହିଛି, ଅଧିଚେତନ ଅବସ୍ଥାରେ ରହିଛି; ଜଡ଼ର ନିଶ୍ଚେତନ ରୂପ ଓ ଜଡ଼ ମଧ୍ୟରେ ସଂବୃତ ହୋଇ ରହିଥିବା ଶକ୍ତି ମଧ୍ୟରେ ପ୍ରକାଶିତ ହୋଇ ନାହିଁ । ମାତ୍ର ଆମ ଭିତରେ ଏହି ଚେତନା ଆଂଶିକ ଭାବରେ ବ୍ୟକ୍ତ ହୋଇପାରିଛି, ଆଂଶିକ ଭାବରେ ଜାଗ୍ରତ ହୋଇପାରିଛି । ମାତ୍ର ଏହି ଚେତନା ବଡ଼ ଅସମ୍ପୂର୍ଣ୍ଣ ଭାବରେ ନାନା ବାଡ଼ଦ୍ୱାରା ଘେରିହୋଇ ରହିଛି; ଆପଣାର ଅଭ୍ୟାସଗତ ଆତ୍ମ-ସୀମାଗୁଡ଼ିକଦ୍ୱାରା ବାନ୍ଧହୋଇ ରହି କେବଳ ଏକ ପରିମିତ ବୃତ୍ତ ମଧ୍ୟରେ ବୁଲିବାରେ ଲାଗିଛି । କେବଳ ମଝିରେ ମଝିରେ ଚମକ ଦେଲାପରି ଆମ ଅନ୍ତରର ନିଗୂଢ଼ତା ମଧ୍ୟରୁ ଗୋଟାଏ ଗୋଟାଏ ଝଲକ ଆସି ପହଞ୍ଚିଯାଉଛି, ସତେଯେପରି ଏକ ସନ୍ଦେଶ ଆସି ପହଞ୍ଚୁଛି ଏବଂ ଆମ ଭିତରେ ଏକ ଅଦ୍ଭୁତ ବ୍ୟାକୁଳତା ହୋଇ ଉଠୁଛି । ଏହି ଝଲକ ବା ସନ୍ଦେଶଗୁଡ଼ିକ ଚେତନାର ଏହି ରୂପ ବା ପ୍ରବାହଟିର ସୀମାଗୁଡ଼ିକୁ ଆସି ଭାଙ୍ଗି ଦେଉଛି, ଚେତନାକୁ ତାହାର ସୀମା ଡେଇଁ ନେଇଯାଉଛି ବା ବୃତ୍ତଟିର ପରିଧିଟିକୁ ବଢ଼ାଇ ଦେଇ ଯାଉଛି । ମାତ୍ର କେବଳ ସାମୟିକଭାବରେ ଆସୁଥିବା ଏହିସବୁ ସଂଘଟନ ଆମକୁ ଆମର ବର୍ତ୍ତମାନ ସାମର୍ଥ୍ୟଗୁଡ଼ିକ ଅପେକ୍ଷା ଖୁବ୍‌ବେଶୀ ଅଧିକ ପ୍ରସାରିତ କରିପାରିବେ ନାହିଁ, ଆମର ଏହି ସ୍ଥିତିରେ ଏହି ବିପ୍ଳବ ଘଟାଇବାକୁ

'oaob.nitrkl.ac.in' images reprocessed

ଏମାନେ ଆଦୌ ସମର୍ଥ ହେବେ ନାହିଁ; ଆମର ସତ୍ତ୍ୱା ମଧ୍ୟରେ ଅନ୍ତର୍ନିହିତ ଅଥଚ ଅବିକଶିତ ଭାବରେ ରହିଥିବା ଉଚ୍ଚତର ଆଲୋକ ଓ ସାମର୍ଥ୍ୟଗୁଡ଼ିକୁ ଆଣି ସଚେତନ ଓ ସ୍ୱାଭାବିକଭାବରେ ଆମର ଜୀବନ ଭିତରେ ଲୀଳାୟିତ କରିପାରିଲେ ଯାଇ ତାହା ସମ୍ଭବ ହେବ । ଏବଂ ସେଭଳି କରିପାରିବାକୁ ହେଲେ ଆମ ସତ୍ତ୍ୱାର ଯେଉଁସବୁ ଭୂମିରେ ସେହି ଆଲୋକ ତଥା ସାମର୍ଥ୍ୟଗୁଡ଼ିକ ବାସ କରୁଛନ୍ତି, ଅଥଚ ଯେଉଁସବୁ ଭୂମି ବର୍ତ୍ତମାନ ଆମଲାଗି ଅବଚେତନ କିମ୍ବା ପ୍ରଚ୍ଛନ୍ନଭାବରେ ଅନ୍ତର୍ଚେତନ ଓ ପରିଚେତନ, ଅଥବା ଅତିଚେତନ ହୋଇ ରହିଛନ୍ତି, ସେହିସବୁ ଭୂମିରୁ ଅତି ସ୍ୱଚ୍ଛନ୍ଦ ଭାବରେ ଆଲୋକ ଓ ସାମର୍ଥ୍ୟ ଆହରଣ କରିବାର ଶକ୍ତି ଅର୍ଜନ କରିବାକୁ ହେବ କିମ୍ବା, ଏହା ଅପେକ୍ଷା ଆହୁରି ଏକ ବୃହତ୍ତର ସମ୍ଭାବନା ରହିଛି ଯେ ଆମକୁ ଆପଣା ସାଧନାର ଶକ୍ତିଦ୍ୱାରା ଆପଣାର ଅନ୍ତର ଭିତରେ ବୁଡ଼ି ଆମରି ଭିତରେ ଅନ୍ତର୍ଗୂଢ଼ ହୋଇ ରହିଥିବା ଏହି ଉଚ୍ଚତର ଅଂଶଗୁଡ଼ିକରେ ପ୍ରବେଶ କରିବାକୁ ହେବ ଏବଂ ସେଗୁଡ଼ିକର ରହସ୍ୟକୁ ଆପଣା ସହିତ ବହିର୍ଭାଗସ୍ଥ ଏହି କ୍ଷେତ୍ରକୁ ନେଇ ଆସିବାକୁ ପଡ଼ିବ । ଅଥବା, ଆମର ଚେତନାରେ ଆହୁରି ଅଧିକ ଏକ ମୌଳିକ ପରିବର୍ତ୍ତନ ଘଟାଇ ଏହି ବହିର୍ଭାଗରେ ବାସ ନକରି ଆପଣାର ଅନ୍ତର ମଧ୍ୟରେହିଁ ବାସ କରି ଶିଖିବାକୁ ହେବ, ଆପଣାକୁ ସେହି ଅନ୍ତର୍ଗତ ଗଭୀରତାରେ ପରିଣତ କରିବାକୁ ହେବ ଓ ସେଇଠାରେ ଅବସ୍ଥିତ ରହି କାର୍ଯ୍ୟ କରି ଜାଣିବାକୁ ହେବ, ଆମ ସମଗ୍ର ପ୍ରକୃତିର ଅଧୀଶ୍ୱର ହୋଇ ବସିଥିବା ଏକ ଆତ୍ମାରେ ଅଧିଷ୍ଠିତ ରହି କାର୍ଯ୍ୟ କରିବାର ସାମର୍ଥ୍ୟ ଲାଭ କରିବାକୁ ହେବ ।

ମନ ଓ ସଚେତନ ଜୀବନର ନିମ୍ନଦେଶରେ ନିମ୍ନତର ଓ ଅନ୍ଧକାରଚ୍ଛନ୍ନ ହୋଇ ଅବସ୍ଥିତ ଥିବାରୁ ଆମେ ଆମର ଯେଉଁ ଅଂଶଟିକୁ ଯଥାର୍ଥତଃ ଅବଚେତନ ବୋଲି କହିପାରିବା, ତାହାରି ମଧ୍ୟରେହିଁ ଆମ ଦେହଗତ ସତ୍ତ୍ୱାଗଠନଟିର ଶୁଦ୍ଧ ଅନ୍ନମୟ ତଥା ପ୍ରାଣମୟ ଉପାଦାନଗୁଡ଼ିକ ଅନ୍ତର୍ଭୁକ୍ତ ହୋଇ ରହିଛି, ଯେଉଁଗୁଡ଼ିକ କି ଏପର୍ଯ୍ୟନ୍ତ ମନୋମୟ ହୋଇପାରି ନାହିଁ, ଯେଉଁଗୁଡ଼ିକ ମନର ଗୋଚରଭୂମିର ବାହାରେ ରହିଛନ୍ତି ଏବଂ ଯେଉଁଗୁଡ଼ିକର କ୍ରିୟା ଉପରେ ମନର ଆଦୌ କୌଣସି ନିୟନ୍ତ୍ରଣ ନାହିଁ । ଏକଥା ମଧ୍ୟ କୁହାଯାଇପାରିବ ଯେ ଏହି ଅବଚେତନ ମଧ୍ୟରେ ସେହି ନିସ୍ପନ୍ଦ ଓ ସଗୁପ୍ତ ଚେତନାଟି ମଧ୍ୟ ଅନ୍ତର୍ଭୁକ୍ତ ହୋଇ ରହିଛି; ଯାହା ମଧ୍ୟରେ ଏକ ଗତିଶୀଳତା ଅବଶ୍ୟ ରହିଛି ମାତ୍ର ଆମର ବୋଧ ମଧ୍ୟରେ ଯାହା ଆଦୌ ଧରା ଦେଉ ନାହିଁ; ଯାହା ସକଳ ଜୀବକୋଷ, ସକଳ ସ୍ନାୟୁ, ଓ ଶରୀରଗଠିତ ସକଳ ସାମଗ୍ରୀରେ କାର୍ଯ୍ୟ କରୁଛି ଏବଂ ସେଗୁଡ଼ିକର ପ୍ରାଣଗତ ପ୍ରକ୍ରିୟା ତଥା ସ୍ୱୟଂକ୍ରିୟ ପ୍ରତିସ୍ପନ୍ଦନ-ଗୁଡ଼ିକୁ ଅନୁକୂଳିତ କରି ରଖିଛି । ସେହି ଅବଚେତନ ମଧ୍ୟରେ ସେହି ନିମଜ୍ଜିତ ଇନ୍ଦ୍ରିୟମନଟିର ନିମ୍ନତମ କ୍ରିୟାଗୁଡ଼ିକ ମଧ୍ୟ ଅନ୍ତର୍ଭୁକ୍ତ ହୋଇ ରହିଛି, ଯେଉଁ

'oaob.nitrkl.ac.in' images reprocessed

କ୍ରିୟାଗୁଡ଼ିକ ନା ମନୁଷ୍ୟେତର ପ୍ରାଣୀ ତଥା ଉଦ୍‌ଭିଦମାନଙ୍କଠାରେ ଅଧିକ ପରିମାଣରେ ବଳବତ୍ତର ରହିଛି । ମନୁଷ୍ୟରୂପେ ବିବର୍ତ୍ତିତ ହେବାର ପ୍ରକ୍ରିୟାଟିରେ ଆମେ ଏହି ଉପାଦାନଟିର କୌଣସି ବୃହତ୍ ଓ ସଂଗଠିତ କ୍ରିୟାତ୍ମକତାର ଆବଶ୍ୟକତାକୁ ଅତିକ୍ରମ କରି ଚଳିଆସିଛୁ, ମାତ୍ର ଆମର ଚେତନ ପ୍ରକୃତିର ତଳେ ଏହା ତଥାପି ନିମଗ୍ନ ଅବସ୍ଥାରେ ରହିଛି ଓ ପ୍ରଚ୍ଛନ୍ନ ଭାବରେ କାର୍ଯ୍ୟ କରିବାରେ ଲାଗିଛି । ଏହି ଅନ୍ଧକାରାଚ୍ଛନ୍ନ କ୍ରିୟାଟି ଲୁକ୍‌କାୟିତ ହୋଇ ରହିଥିବା ଓ ଛାଙ୍କୁଣି ପଡ଼ିଥିବା ମନର ଅଧଃସ୍ତର ପର୍ଯ୍ୟନ୍ତ ବ୍ୟାପ୍ତ ହୋଇ ରହିଛି, ଯାହା ଭିତରେ କି ଅତୀତର ଯାବତୀୟ ସଂସ୍କାର ଓ ବହିସ୍ତର ମନଦ୍ୱାରା ବର୍ଜିତ ଯାବତୀୟ ପଦାର୍ଥ ବୁଡ଼ିକରି ରହିଛି । ସେଗୁଡ଼ିକ ସେଠାରେ ସୁପ୍ତ ଅବସ୍ଥାରେ ରହିଛି, ଏବଂ ନିଦ୍ରା ବା ମନ ଅପସରି ଯାଇଥିବାର ସକଳ ଅବସ୍ଥାରେ ହୁଏତ ପୁଣି ଉପରକୁ ଆସିପାରିବ । ସେଗୁଡ଼ିକ ହୁଏତ ସ୍ୱପ୍ନର ଆକାର ଗ୍ରହଣ କରିବ, ମନୋଗତ ଘଟଣାକୁ କ୍ରିୟା ଅଥବା ବାସନାର ରୂପ ନେବ, ପ୍ରାଣଗତ ସ୍ୱୟଂକ୍ରିୟ ପ୍ରତିକ୍ରିୟା ବା ଆବେଗରୂପେ ଆବିର୍ଭୂତ ହେବ, ଅଥବା ଆଉ କେତେବେଳେ ଦେହର କୌଣସି ଅସ୍ୱାଭାବିକ ବିକାର ଅଥବା ସ୍ନାୟୁଗତ ଉତ୍ତେଜନା ରୂପେ, ରୋଗ, ବ୍ୟାଧି ଅଥବା ଭାରସାମ୍ୟହୀନତାରୂପେ ଆସି ଦେଖାଦେବ । ଆମ ଜାଗ୍ରତାବସ୍ଥାର ଇନ୍ଦ୍ରିୟମନ ଓ ବୁଦ୍ଧି ଆପଣାର କାର୍ଯ୍ୟସିଦ୍ଧି ଲାଗି ଯେତିକି ଆବଶ୍ୟକ କରନ୍ତି, ଆମେ ସାଧାରଣତଃ ଆମ ଅବଚେତନ ଭଣ୍ଡାରରୁ କେବଳ ସେତିକି ସାମଗ୍ରୀକୁ ଏହି ବାହାରକୁ ବା ଉପରିଭାଗକୁ ଆଣିଥାଉ । ସେଗୁଡ଼ିକୁ ଏହିପରି ଭାବରେ ଉପରକୁ ଆଣିଲାବେଳେ ଆମେ ସେଗୁଡ଼ିକର ସ୍ୱଭାବ, ଉତ୍ସ କିମ୍ବା କାର୍ଯ୍ୟକାରିତା ସମ୍ବନ୍ଧରେ କିଛି ଜାଣି ନଥାଉ । ସେଗୁଡ଼ିକର ଆପଣା ମୂଲ୍ୟରେ ଆମେ ସେଗୁଡ଼ିକୁ ବୁଝିପାରୁ ନାହିଁ, ମାତ୍ର କେବଳ ଆମ ଜାଗ୍ରତାବସ୍ଥାର ମାନବେନ୍ଦ୍ରିୟ ଓ ବୁଦ୍ଧିର ମୂଲ୍ୟମାନଗୁଡ଼ିକରେ ସେଗୁଡ଼ିକର ଅନୁବାଦ କରି ପକାଉ । ମାତ୍ର ଅବଚେତନର ଏହି ଉପରିଭାଗରେ ଆବିର୍ଭୂତ ହେବା, ତଥା ମନ ଓ ଦେହ ଉପରେ ଏହାର ପ୍ରଭାବ,—ଏସବୁ ଅନେକତଃ ବଡ଼ ସ୍ୱୟଂକ୍ରିୟ, ଅନାହୂତ ଓ ଅସ୍ୱେଚ୍ଛାକୃତ ଭାବରେ ଚଳିଥାଏ । କାରଣ ଅବଚେତନ ସମ୍ବନ୍ଧରେ ଆମେ ଯଥାର୍ଥରେ କିଛିହେଲେ ଜାଣିନଥାଉ, ଏବଂ ସେହି ହେତୁରୁ ତାହା ଉପରେ ଆମର କୌଣସି କର୍ତ୍ତୃତ୍ୱ ବି ନଥାଏ । କେବଳ ଆମର କୌଣସି ଅସାଧାରଣ ବା ବିଶେଷ ଅନୁକୂଳ କିମ୍ବା ଅବସ୍ଥାରେ, ପ୍ରଧାନତଃ ଆମେ ରୋଗରେ ପଡ଼ିଥିବାବେଳେ କିମ୍ବା ଆମର ଭାରସାମ୍ୟଟି କୌଣସି କାରଣରୁ ବ୍ୟାହତ ହୋଇ ପଡ଼ିଥିବାବେଳେ ଯାଇ ଆମେ ଅବଚେତନରୂପୀ ସେହି ଅନ୍ଧକାର୍ ଜଗତଟି ବିଷୟରେ (ସେହି ଜଗତଟି ଅନ୍ଧକାର୍ ସତ, ମାତ୍ର ଅତ୍ୟନ୍ତ ସକ୍ରିୟ), ଆମର ଦେହସତ୍ତ୍ୱ ଓ ପ୍ରାଣଶକ୍ତି ସମ୍ବନ୍ଧରେ କୌଣସି ଅପରୋକ୍ଷ ଜ୍ଞାନ ଲାଭ କରିବାକୁ ସମର୍ଥ ହୋଇଥାଉ, ଅର୍ଥାତ୍ ଆମର ଏହି ବହିର୍ଭାଗଟିର ତଳେ ରହି କାର୍ଯ୍ୟ କରୁଥିବା

'oaob.nitrkl.ac.in' images reprocessed

ଯାନ୍ତ୍ରିକ ଓ ଅବମାନବିକ ଅନ୍ନପ୍ରାଣଗତ ମନର ଗୁପ୍ତ ଗତିସ୍ପନ୍ଦନଗୁଡ଼ିକ ବିଷୟରେ ସଚେତନ ହୋଇଥାଉ । ଏହି ଚେତନାଟି ପ୍ରକୃତରେ ଆମରି ଚେତନା; ମାତ୍ର ତଥାପି ତାହା ଆମର ବୋଲି ପ୍ରତୀତ ହୁଏ ନାହିଁ, କାରଣ ତାହା ଆମର ପରିଚିତ ମନକ୍ଷେତ୍ରର ବାହାରେ ରହିଥାଏ । ଅବଚେତନ ଭିତରେ କେବଳ ଏତିକି ନୁହେଁ, ଏହାଠାରୁ ଅଧିକ ଆହୁରି ଅନେକକିଛି ସଂଗୁପ୍ତ ରହିଥାଏ ।

କୌଣସି ଏକ ବାଟ ଧରି ଏହି ଅବଚେତନ ମଧ୍ୟକୁ ଖୋଲି ଓହ୍ଲାଇ ଆସିଲେହିଁ ଆମେ ଏହି କ୍ଷେତ୍ରଟିକୁ ଆବିଷ୍କାର କରିପାରିବା ନାହିଁ; କାରଣ ଏହା ଆମକୁ ଏକ ଅସଂଗତି ମଧ୍ୟରେ ନେଇ ଡୁବାଇଦେବ; ଏକ ନିଦ୍ରା, ଚେତନାହୀନ ଅବସ୍ଥା କିମ୍ବା ଚେତନାର ଏକ ଆଚ୍ଛନ୍ନ ଅବସ୍ଥା ମଧ୍ୟରେ ନେଇ ଡୁବାଇଦେବ । ମନୋଗତ ପରୀକ୍ଷଣ ତଥା ଅନ୍ତର୍ଦୃଷ୍ଟିଦ୍ୱାରା ଆମେ ଏହିସବୁ ଗୁପ୍ତ କ୍ରିୟା ବିଷୟରେ ଏକ ପରୋକ୍ଷ ଧାରଣା କରିପାରିବା ବା ତାହାକୁ ଏକ ସମଗ୍ର କଳ୍ପନାରୂପ ବି ଦେଇପାରିବା । ମାତ୍ର କେବଳ ଅଧିଚେତନା ମଧ୍ୟକୁ ଅପସରି ଯାଇ ପାରିଲେ କିମ୍ବା ଅତିଚେତନା ମଧ୍ୟକୁ ଆରୋହଣ କରିଯାଇ ପାରିଲେ ଏବଂ ସେଇଠାରୁ ନିମ୍ନସ୍ଥଗତି ଉପରେ ଦୃଷ୍ଟିପାତ କଲେ ଅର୍ଥାତ୍ ଏହିସବୁ ଅନ୍ଧାର ଗଭୀର ଭିତରକୁ ନିଜକୁ ପ୍ରସାରିତ କରିବାକୁ ସମର୍ଥ ହେଲେ ଯାଇ ଆମେ ଅବଚେତନକୁ ପ୍ରତ୍ୟକ୍ଷ ଓ ସମ୍ପୂର୍ଣ୍ଣ ଭାବରେ ଜାଣିପାରିବା ଏବଂ ଆମ ଅବଚେତନ ଅନ୍ନ, ପ୍ରାଣ ଓ ମନୋମୟ ପ୍ରକୃତି-ଗୁଡ଼ିକୁ ଆପଣାର କର୍ତ୍ତୃତ୍ୱରେ ଆଣିପାରିବା । ଏହି ସଚେତନ ହେବା ଓ ଏହି କର୍ତ୍ତୃତ୍ୱକୁ ଆଣିବା ଅତ୍ୟନ୍ତ ମହତ୍ତ୍ୱପୂର୍ଣ୍ଣ, କାରଣ ଅବଚେତନ କହିଲେ ଆମେ ସଚେତନ ହେବାର ପ୍ରକ୍ରିୟା ମଧ୍ୟଦେଇ ଗତି କରୁଥିବା ନିଶ୍ଚେତନାକୁହିଁ ବୁଝିବା, ଏହାକୁ ଆମ ସତ୍ତାର ନିମ୍ନତର ପ୍ରଦେଶଗୁଡ଼ିକର ଓ ସେଗୁଡ଼ିକର ଗତିସ୍ପନ୍ଦନର ଆଶ୍ରୟ ଓ ଏପରିକି ମୂଳ ବୋଲି ବୁଝିବା । ବୁଦ୍ଧି ଓ ଭାବନାର ସଜ୍ଞାନକ୍ଷେତ୍ରଟିର ବାହାରେ ଅବସ୍ଥିତ ଆମର ଯାବତୀୟ ଯନ୍ତ୍ରବତ୍ ପୁନରାବୃତ୍ତିଗୁଡ଼ିକ, ଆମରି ଅନୁଭୂତି, ଇନ୍ଦ୍ରିୟ-ବୋଧ, ପ୍ରତିବେଦନା ଓ ପ୍ରବଣତାର ବାରବାର ଆସି ଆବିର୍ଭୂତ ହେବାଲାଗି ଅଦମ୍ୟ ଅଧ୍ୟବସାୟ ଓ ଆମ ଚରିତ୍ର ବା ଜୀବନାଚରଣର ଅନିୟନ୍ତ୍ରିତ ଦୃଢ଼ମୂଳ ସଂସ୍କାର-ଗୁଡ଼ାକ;—ମୋଟ ଉପରେ କହିଲେ ଆମ ଭିତରେ ଯାହାସବୁ ଜୋକପରି ଲାଖି ରହିଥାଏ ଓ କଦାପି ପରିବର୍ତ୍ତିତ ହେବାକୁ ରାଜି ହୁଏ ନାହିଁ, ଆମର ଅବଚେତନ ସେହିଗୁଡ଼ିକୁ ଆଶ୍ରୟଦେଇ ରଖିଥାଏ, ସେଇଗୁଡ଼ିକୁ ପୁନର୍ବଳଶାଳୀ କରେ । ଆମ ଭିତରେ ଯେଉଁ ପଶୁ ରହିଛି ଓ ଯେଉଁ ନରକଜୀବଟି ମଧ୍ୟ ରହିଛି, ସେ ସେହି ଘନ ଅରଣ୍ୟଗହ୍ୱର ଭିତରେହିଁ ଆଶ୍ରୟ ନେଇ ରହିଛି । ସେହି ତଳଟିଯାଏ ଭେଦକରି ଯାଇପାରିବା, ତାହାକୁ ଆଲୋକିତ କରିବା ଓ ଆପଣାର କର୍ତ୍ତୃତ୍ୱକୁ ଆଣିବା,—

'oaob.nitrkl.ac.in' images reprocessed

ଯେକୌଣସି ଉଚ୍ଚତର ଜୀବନର ପରିପୂର୍ଣ୍ଣତା ସକାଶେ ଓ ପ୍ରକୃତିର ଯାବତୀୟ ପ୍ରକାରର ପୂର୍ଣ୍ଣ ରୂପାନ୍ତର ସକାଶେ ତାହା ଏକାନ୍ତ ଅପରିହାର୍ଯ୍ୟ ।

ଆମ ସତ୍ତାର ଯେଉଁ ଜଗତଟିକୁ ଆମେ ଅନ୍ତର୍ଚ୍ଚେତନ ଓ ପରିଚେତନ ବୋଲି କହୁଛୁ, ତାହାକୁ ଆମେ ଆମ ସତ୍ତାର ସମ୍ପୂର୍ଣ୍ଣ ଗଠନଟିରେ ଏକ ଅଧିକ ଶକ୍ତିସମ୍ପନ୍ନ ଓ ଆହୁରି ଅଧିକ ମୂଲ୍ୟବାନ ଉପାଦାନ ବୋଲି ଜାଣିବା । ଏହାରି ଭିତରେ ଏକ ଅନ୍ତର୍ବୁଦ୍ଧି, ଅନ୍ତର୍ଗତ ଇନ୍ଦ୍ରିୟମନ, ଅନ୍ତର୍ଗତ ପ୍ରାଣ ଓ ଏପରିକି ଏକ ସୂକ୍ଷ୍ମଭୂତମୟ ପ୍ରବଳ କ୍ରିୟାତ୍ମକତା ରହିଛି ଯାହାକି ଆମ ଜାଗ୍ରତାବସ୍ଥାର ଚେତନାଟିକୁ ଧାରଣ କରି ରଖିଛି ବା ତାହାକୁ ଆବୋରି ରହିଛି, ଯାହା କଦାପି ପୃଷ୍ଠଦେଶକୁ ଆସୁ ନାହିଁ, ଅଥବା, ଆଧୁନିକ ଶବ୍ଦ ବ୍ୟବହାର କରି କହିଲେ ଯାହା ଏକ ଅଧିଚେତନା ହୋଇ ରହିଛି । ମାତ୍ର ଆମେ ଯେତେବେଳେ ଏହି ଗୋପନ ଆତ୍ମସତ୍ତାଟି ମଧ୍ୟରେ ପ୍ରବେଶ କରିପାରିବା ଓ ତାହାର ରହସ୍ୟଭେଦ କରିବା, ସେତେବେଳେ ଆମେ ବେଶ୍ ଦେଖିବାକୁ ପାଇବା ଯେ ପ୍ରଚ୍ଛନ୍ନତଃ ଆମେ ଯାହାକିଛି ହୋଇ ରହିଛୁ ବା ଯାହାକିଛି ହେବାର ସାମର୍ଥ୍ୟ ରଖିଛୁ, ତାହାରି ମଧ୍ୟରୁ ନଙ୍ଗାଣତ ଗୋଟିଏ ଅଂଶହିଁ ଅଧିକାଂଶତଃ ଆମ ଜାଗ୍ରତାବସ୍ଥାର ବୋଧ ଓ ବୃତ୍ତିରୂପେ ଅଭିବ୍ୟକ୍ତ ହେଉଛି; ଆମ ଭିତରେ ଲୁକ୍କାୟିତ ଯଥାର୍ଥ ସତ୍ତାଟିର ଏକ ବିକଳ ଓ ବିକୃତ ସଂସ୍କରଣହିଁ ବାହ୍ୟଚେତନା ରୂପେ ପ୍ରକାଶ ପାଉଛି । ଅଥବା, ସେହି ଅସଲ୍ ସତ୍ତାର ଗଭୀରରୁ ଗୋଟିଏ ଅଂଶ ଉତ୍କ୍ଷିପ୍ତ ହୋଇହିଁ ବାହ୍ୟ ଚେତନାରେ ପରିଣତ ହେଉଛି । ସେହି ଅଧିଚେତନ ଜଗତଟିକୁ ସାହାଯ୍ୟ ଗ୍ରହଣ କରି ଓ ଅଚେତନାର ରାଜ୍ୟ ମଧ୍ୟରୁ ବିବର୍ତ୍ତିତ ହୋଇ ଏହି ବିଶ୍ୱଜଗତରେ ଆମର ବର୍ତ୍ତମାନ ମନୋଗତ ତଥା ଦେହଗତ ଜୀବନର ପ୍ରୟୋଜନ ଲାଗି ଆମର ଏହି ଉପରିଭାଗସ୍ଥ ସତ୍ତାଟିର ରଚନା ହୋଇଛି । ସତ୍ତାର ସଂବୃତିଗତ ଅବତରଣ ଫଳରେ ପ୍ରାଣ ଓ ମନର ବୃହତ୍ତର ଭୂମିଗୁଡ଼ିକ ତିଆରି ହୋଇଛି ଏବଂ ସେହି ଭୂମିଗୁଡ଼ିକର ଉପସ୍ଥିତି ଜଡ଼ ମଧ୍ୟରୁ ପ୍ରାଣ ଓ ମନର ବିକଶିତ ହୋଇ ଉଠିବାରେ ସାହାଯ୍ୟ କରୁଛି; ଆମ ବହିଃସ୍ଥ ଚେତନାଟିର ପଛରେ ରହିଥିବା ଅଧିଚେତନା ଗୋଟିଏ ପାଖରେ ଏହିସବୁ ଭୂମି ଓ ଅନ୍ୟଆଡ଼େ ଅଚେତନା, ଏହି ଉଭୟଙ୍କ ମଧ୍ୟରେ ସଂଯୋଗ ରକ୍ଷିବାପାଇଁ ଏକ ମଧ୍ୟବର୍ତ୍ତୀ ସ୍ତରରୂପେ ଗଢ଼ାହୋଇଛି । ଭୌତିକ ସତ୍ତାର ସ୍ପନ୍ଦନଗୁଡ଼ିକୁ ଆମେ ଯେଉଁ ପ୍ରତିସ୍ପନ୍ଦନ ଜଣାଉଛୁ, ତାହାର ପଛରେ ଏହିସବୁ ଅବୃତ ଅଂଶଗୁଡ଼ିକରେ ଚାଲିଥିବା ଏକ କ୍ରିୟା ଆତ୍ମରୂପେ ଅବସ୍ଥିତ ରହିଛି; ସେହି ଅବୃତ ଅଂଶଗୁଡ଼ିକରୁ ଆସୁଥିବା ପ୍ରତିସ୍ପନ୍ଦନମାନ ଅନେକ ସମୟରେ ଉପରିଭାଗସ୍ଥ ମନର ଏକ ତର୍ଜମାଦ୍ୱାରା କଥିକୁ ପରିବର୍ତ୍ତିତ ଓ ବିକୃତ ହୋଇଯାଉଛି । ମାତ୍ର ଆମ ମନୋମୟତା ଓ ପ୍ରାଣମୟତାର ବୃହତ୍ ଜଗତଟିକୁ ଆମେ

'oaob.nitrkl.ac.in' images reprocessed

ବହିର୍ଜଗତର ସ୍ପନ୍ଦନଲାଗି କେବଳ ଏକ ପ୍ରତିସ୍ପନ୍ଦନ ବୋଲି ଆଦୌ କହିପାରିବା ନାହିଁ ଓ ଯାହା ନିଜପାଇଁହିଁ ନିଜେ ଅଧିଷ୍ଠିତ ହୋଇ ରହିଛି ମାତ୍ର ବାହ୍ୟ ଜଡ଼ଜଗତକୁ ବ୍ୟବହାର କରିବା ପାଇଁ ଅଥବା ଆପଣାର ବଶରେ ଆଣିବା ପାଇଁହିଁ ଆପଣାକୁ ବାହ୍ୟଜଗତ ଉପରେ ନିକ୍ଷିପ୍ତ କରିବାରେ ଲାଗିଛି, ତାହାକୁ, ଅର୍ଥାତ୍ ଆମର ବ୍ୟକ୍ତିତ୍ୱଟିକୁ ମଧ୍ୟ ଆମେ ଏହି ପ୍ରଚ୍ଛନ୍ନ ଓ ଶକ୍ତିମନ୍ତ ଅନ୍ତର୍ଚେତନାରୁ ଉଦ୍‌ଭୂତ ହୋଇ ଆସୁଥିବା ସାମର୍ଥ୍ୟ, ପ୍ରଭାବ ତଥା ଅଭିପ୍ରାୟଗୁଡ଼ିକର ପରିଣାମ କିମ୍ବା ଏକ ବିମିଶ୍ରିତ ରୂପାୟନ ବୋଲିହିଁ ଜାଣିବା ।

ପୁଣି ଆପଣାର ସମ୍ପ୍ରସାରଣଦ୍ୱାରା ଅଧିଚେତନା ଆମକୁ ଯେଉଁ ଚେତନାରେ ଆଚ୍ଛାଦିତ କରି ରଖିଥାଏ, ତାହାରି ମାଧ୍ୟମରେହିଁ ତାହା ବିଶ୍ୱ-ମନ, ବିଶ୍ୱ-ପ୍ରାଣ ଓ ବିଶ୍ୱଗତ ସୂକ୍ଷ୍ମତର ଭୂତଶକ୍ତିଗୁଡ଼ିକରୁ ଆମ ଉପରେ ଅଜାଡ଼ି ହୋଇ ପଡ଼ୁଥିବା ସ୍ରୋତ ଓ ତରଙ୍ଗାବର୍ତ୍ତନର ଅଭିଘାତକୁ ଗ୍ରହଣ କରିଥାଏ । ଉପରିଭାଗରେ ଥାଇ ଆମେ ଏଗୁଡ଼ିକୁ ଅନୁଭବ କରିପାରୁ ନାହିଁ, ମାତ୍ର ଆମର ଅଧିଚେତନ ଆତ୍ମସତ୍ତାଟି ତାହାକୁ ଅନୁଭବ ଓ ଗ୍ରହଣ କରେ ଏବଂ ସେଗୁଡ଼ିକୁ ଏପରିସବୁ ରୂପରେ ପରିବର୍ତ୍ତିତ କରିଦିଏ, ଯାହାକି ଆମର ଅଗୋଚରରେ ଆମର ସତ୍ତାଟିକୁ ପ୍ରବଳ ଭାବରେ ପ୍ରଭାବିତ କରୁଥା'ନ୍ତି । ଏହି ଅନ୍ତର୍ସତ୍ତାଟିକୁ ବହିଃସତ୍ତାଠାରୁ ଅଲଗା କରି ରଖିଥିବା ଏହି ପ୍ରାଚୀରଟିକୁ ଭେଦ କରିବା ଯଦି ସମ୍ଭବ ହୁଅନ୍ତା, ତେବେ ଆମେ ଆମର ବର୍ତ୍ତମାନ ମନୋଗତ ଶକ୍ତିଗୁଡ଼ିକର ଓ ପ୍ରାଣଗତ କ୍ରିୟାର ଉତ୍ସମୂଳଗୁଡ଼ିକୁ ଜାଣିବାକୁ ସମର୍ଥ ହୁଅନ୍ତେ, ତାହାକୁ ଆପଣାର ଉପଯୋଗୀ କରି କାମରେ ଲଗାଇ ପାରନ୍ତେ ଓ ସେଗୁଡ଼ିକର ପରିଣାମର ଅଧୀନ ହୋଇ ରହିବା ପରିବର୍ତ୍ତେ ଆମେ ନିଜେ ସେଗୁଡ଼ିକର ନିୟନ୍ତ୍ରଣ କରିପାରନ୍ତେ । ମାତ୍ର ଏହି ପ୍ରାଚୀର ଭେଦ କରି ଓ ଭିତରକୁ ଅନାଇ କିମ୍ବା ତାହା ସହିତ ମୁକ୍ତତର ସଂଯୋଗସ୍ଥାପନ କରି ଆମେ ଏହାର ଏକ ବୃହତ୍ ଅଂଶକୁ ଅବଶ୍ୟ ଜାଣିପାରନ୍ତେ ସତ, କିନ୍ତୁ କେବଳ ବହିର୍ମନର ଏହି ଆବରଣଟିର ପଛକୁ ଆପଣା ଭିତରକୁ ଯାଇ ସେହି ଅନ୍ତର୍ଗତ ଭାବରେ ଜୀବନ ବଞ୍ଚିପାରିଲେ, ଅର୍ଥାତ୍ ଏକ ଅନ୍ତର୍ମନ, ଅନ୍ତର୍ପ୍ରାଣ ତଥା ଆମ ସତ୍ତାର ଏକ ଅନ୍ତର୍ଗତ ଆତ୍ମାର ଭୂମିରେ ବିଚରଣ କରିପାରିଲେ ଯାଇ ଆମେ ପୂର୍ଣ୍ଣ ଆତ୍ମଚେତନା ଲାଭ କରିପାରିବା; ଏବଂ ଆମର ଏହି ଜାଗ୍ରତାବସ୍ଥାର ଚେତନା ଯେଉଁ ସ୍ତରରେ ଅବସ୍ଥାନ କରୁଛି, ତାହାଠାରୁ ଏକ ଉଚ୍ଚତର ମାନସିକ ସ୍ତରକୁ ଉଠିଯାଇ ପାରିଲେ ଆମେ ସେଥିଲାଗି ସମର୍ଥ ହେବା । ଏହିପରି ଏକ ଅନ୍ତର୍ମୁଖ ଓ ଅନ୍ତର୍ସମାବିଷ୍ଟ ଜୀବନ ବଞ୍ଚିବାଦ୍ୱାରାହିଁ ବର୍ତ୍ତମାନ ନାନାପ୍ରକାରେ ବ୍ୟାହତ ଓ ବିଦୀର୍ଣ୍ଣ ହୋଇ ରହିଥିବା ଆମର ବର୍ତ୍ତମାନ ବିବର୍ତ୍ତନଗତ ସୋପାନଟି ସମ୍ପ୍ରସାରିତ ଓ ପରିପୂର୍ଣ୍ଣ ହୋଇଯାଇ ପାରିବ । ମାତ୍ର ଆଜି ଆମଲାଗି ଯାହା ଅତିଚେତନ ହୋଇ ରହିଛି, ତାହାକୁ ଆପଣାର ଚେତନା ମଧ୍ୟରେ ଧାରଣ

'oaob.nitrkl.ac.in' images reprocessed

କରିପାରିଲେ ଏବଂ ପରମ ଚିଦ୍‌ଗତତାର ସ୍ୱୟଂସ୍ଥ ଶିଖରଗୁଡ଼ିକୁ ଆରୋହଣ କରିଯାଇ ପାରିଲେ ଯାଇ ଆମେ ତାହାକୁ ମଧ୍ୟ ଅତିକ୍ରମ କରି ଅନନ୍ତର ଊର୍ଦ୍ଧ୍ୱକୁ ଚାଲିଯାଇ ପାରିବା, ଅନନ୍ତର ଆଡ଼କୁ ବିକଶିତ ହୋଇପାରିବା ।

ଆମର ବର୍ତ୍ତମାନ ଚେତନା ପ୍ରକୃତିର ଅଧୀନ ହୋଇ ରହିଥିବା ଅବଚେତନ ଭୂମିରେ ମନୋମୟ ସତ୍ତାର ଉଚ୍ଚତର ଭୂମିଗୁଡ଼ିକ ତଥା ଅତିମାନସ ଓ ଶୁଦ୍ଧ ଚିନ୍ମୟ ସତ୍ତାର ସ୍ୱୀୟ କ୍ଷେତ୍ରମାନ ଅନ୍ତର୍ଲୁପ୍ତ ହୋଇ ରହିଛି । ଆପଣାର ଚେତନାଶକ୍ତିକୁ ମନୋମୟ ସତ୍ତାର ସେହି ଉଚ୍ଚତର ଭୂମିଗୁଡ଼ିକୁ ଉତ୍ତୋଳିତ କରିନେବାକୁହିଁ ଯେକୌଣସି ଊର୍ଦ୍ଧ୍ୱାୟନ-ପରିବର୍ତ୍ତନରେ ଆମେ ପ୍ରଥମ ଅପରିହାର୍ଯ୍ୟ ପଦକ୍ଷେପ ବୋଲି କହିବା । ସେହି ଭୂମିଗୁଡ଼ିକରୁହିଁ ଆମେ ବର୍ତ୍ତମାନ ମଧ୍ୟ ଆମର ଅଧିକାଂଶ ମନୋମୟ ଗତିସ୍ପନ୍ଦନଗୁଡ଼ିକୁ ଲାଭ କରୁଛୁ । ବିଶେଷତଃ ଯେଉଁସବୁ ଗତିସ୍ପନ୍ଦନରେ ବହୁଳତର ଶକ୍ତି ଓ ଆଲୋକ ରହିଛି, ଯାହା ଏକ ଉଦ୍‌ଭାସ ରୂପରେ ବା ବୋଧି ବା ପ୍ରେରଣାଦ୍ୱାରା ପ୍ରାପ୍ତ ହୋଇ ଆମ ଆଗରେ ଆବିର୍ଭୂତ ହେଉଛି, ସେଗୁଡ଼ିକ ପ୍ରକୃତରେ କେଉଁଠୁ ଆସୁଛି, ଆମେ ସେବିଷୟରେ କିଛି ଜାଣୁ ନଥିଲେ ମଧ୍ୟ ସେଗୁଡ଼ିକ ପ୍ରକୃତରେ ଏହି ଉଚ୍ଚତର ମନୋମୟ ଭୂମିରୁ ଆମ ପାଖକୁ ଆସୁଛି । ଯଦି ଆମର ଚେତନା ସେହିସବୁ ଭୂମିରେ ଉପନୀତ ହେବାରେ ସଫଳ ହୋଇପାରିବ, ଯଦି ତାହା ସେହିଠାରେ ବିଚରଣ କରିପାରିବ ଓ ଆପଣାକୁ କେନ୍ଦ୍ରୀଭୂତ କରି ରଖିବ, ତେବେ ମନୋମୟ ଏହିସବୁ ଶିଖର ଓ ବିସ୍ତାରଗୁଡ଼ିକରେ ଚିନ୍ମୟତାର ସାନ୍ନିଧ୍ୟ ଓ ଶକ୍ତି କେତେକ ପରିମାଣରେ ଅବଶ୍ୟ ଉନ୍ମେଷ ଲାଭ କରିପାରିବ, ଏବଂ ଏପରିକି ଯେତେ ଗୌଣ ଓ ପରୋକ୍ଷ ଭାବରେ ହେଲେ ମଧ୍ୟ କେତେକ ପରିମାଣରେ ଅତିମାନସର ବି ଏକ ପ୍ରଥମ ଅଭିବ୍ୟକ୍ତି ହୋଇପାରିବ, ଆମର ଏହି ନିମ୍ନଭାଗସ୍ଥ ସୃଷ୍ଟିକୁ ପରିପ୍ଳୁତ କରିପାରିବ ଏବଂ ଏହାକୁ ଏକ ନୂତନ ସ୍ୱରୂପରେ ଗଢ଼ିବାରେ ସହାୟକ ହୋଇପାରିବ । ଏବଂ ତା’ପରେ, ନୂତନ ସ୍ୱରୂପରେ ଢଳା ହୋଇଥିବା ସେହି ଚେତନାକୁ ବଳ ପାଇ ସତେଅବା ଏକ ଉଦାରତର ଆରୋହଣ ଦ୍ୱାରା ଆମ ବିବର୍ତ୍ତନର ଧାରାଟି ଉପରକୁ ଉଠିଯାଇ ପାରିବ, ଏବଂ ମନୋମୟ ଭୂମିର ସୀମାଗୁଡ଼ିକୁ ଡେଇଁ ଅତିମାନସ ତଥା ସର୍ବୋଚ୍ଚ ଚିନ୍ମୟ ପ୍ରକୃତି ମଧ୍ୟରେ ପ୍ରବେଶ କରିପାରିବ । ବର୍ତ୍ତମାନ ଆମଲାଗି ଅବଚେତନ ହୋଇ ରହିଥିବା ମନର ଏହିସବୁ ଭୂମିରେ ପ୍ରକୃତରେ ପ୍ରବେଶ ନକରି ଏବଂ ସ୍ଥାୟୀ ବା ଅବିଚ୍ଛିନ୍ନ ଭାବରେ ସେଠାରେ ଅବସ୍ଥାନ ନକରି ମଧ୍ୟ କେବଳ ସେହି ଭୂମିଗୁଡ଼ିକ ଲାଗି ଆପଣାକୁ ଉନ୍ମୁକ୍ତ କରି ରଖିପାରିଲେ ଏବଂ ସେହି ଭୂମିଗୁଡ଼ିକର ଜ୍ଞାନ ଓ ପ୍ରଭାବକୁ ଆପଣା ମଧ୍ୟରେ ଗ୍ରହଣ କରିପାରିଲେ ଅନ୍ତତଃ କେତେକ ପରିମାଣରେ ଆମର ଏହି ସାଧାରଣତ ତଥା ମନୋଗତ ଅଜ୍ଞାନରୁ ମୁକ୍ତ କରି

'oaob.nitrkl.ac.in' images reprocessed

କରିପାରିବା ଆମ ପକ୍ଷରେ ଅବଶ୍ୟ ସମ୍ଭବ ହେବ, ସଚେତନ ଭାବରେ ଆପଣାକୁ ଏକ ଚିନ୍ମୟ ସତ୍ତା ବୋଲି ଅନୁଭବ କରିବା ଓ ସମ୍ପୂର୍ଣ୍ଣରୂପେ ନହେଲେ ମଧ୍ୟ ଆମର ଏହି ନିତ୍ୟନୈମିତ୍ତିକ ମାନବଜୀବନ ତଥା ମାନବଚେତନାକୁ ଅଧ୍ୟାତ୍ମ ଜୀବନ ଓ ଅଧ୍ୟାତ୍ମ ଚେତନାରେ ପରିଣତ କରିବା ଅବଶ୍ୟ ସମ୍ଭବ ହେବ । ସେତେବେଳେ ଏହିସବୁ ବୃହତ୍ତର ଓ ଅଧିକ ପ୍ରଭାସ୍ୱର ମନୋଗତ ଭୂମି ସହିତ ଏକ ସଚେତନ ସଂଯୋଗସ୍ଥାପନ ସମ୍ଭବ ହୋଇପାରିବ, ସେଠାରୁ ଦିଗ୍‌ଦର୍ଶନ ମଧ୍ୟ ମିଳିବ ଏବଂ ସେହି ଭୂମିର ରୂପାନ୍ତର ତଥା ସନ୍ଦୀପନକାରୀ ଶକ୍ତିଗୁଡ଼ିକୁ ଗ୍ରହଣ ବି କରାଯାଇ ପାରିବ । ଯେଉଁ ବ୍ୟକ୍ତି ବିବର୍ତ୍ତନର ଏହି ଉଚ୍ଚ ସୋପାନରେ ଆସି ପହଞ୍ଚିପାରିଛି ଓ ଆପଣାକୁ ଏକ ଅଧ୍ୟାତ୍ମ ଭୂମିରେ ଜାଗ୍ରତ କରିପାରିଛି, ଏସବୁ ତା'ର ସାମର୍ଥ୍ୟ ମଧ୍ୟରେ ଅବଶ୍ୟ ରହିଛି । ମାତ୍ର ତଥାପି ଏହାକୁ କେବଳ ଏକ ପ୍ରାଥମିକ ସୋପାନ ବ୍ୟତୀତ ଅଧିକ କିଛି କୁହାଯାଇ ପାରିବ ନାହିଁ । କାରଣ ଏକ ସମ୍ପୂର୍ଣ୍ଣ ଆତ୍ମଜ୍ଞାନର ଭୂମିରେ ଉପନୀତ ହେବାକୁ ହେଲେ, ସତ୍ତା ବିଷୟରେ ସେହି ସମ୍ପୂର୍ଣ୍ଣ ଚେତନା ଓ ଶକ୍ତିକୁ ଲାଭ କରିବାକୁ ହେଲେ ଆମର ଏହି ପ୍ରକୃତି-ଆବୃତ୍ତ ମନର ଭୂମିଟିକୁ ଅତିକ୍ରମ କରି ଆହୁରି ଅନେକ ଉପରକୁ ଉଠିବାକୁ ପଡ଼ିବ । ଆପଣାକୁ ଏକ ଅତିଚେତନା ମଧ୍ୟରେ ଅଭିନିବେଶିତ କରି ରଖିବାଦ୍ୱାରା ମଧ୍ୟ ବର୍ତ୍ତମାନ ଏହି ଆରୋହଣ ଅବଶ୍ୟ ସମ୍ଭବ ହେବ, ମାତ୍ର ତଦ୍ୱାରା କେବଳ ଏକ ନିଶ୍ଚଳ ଓ ଅଭିଭୂତ ସମାଧିର ଅବସ୍ଥାରେ ସେହିସବୁ ଉଚ୍ଚତର ଭୂମିରେ ଯାଇ ପ୍ରବେଶ କରିବାଦ୍ୱାରା ଆଉ ଅନ୍ୟକିଛି ଲାଭ ହେବ ନାହିଁ । କାରଣ ଆମର ଏହି ଜାଗ୍ରତାବସ୍ଥାର ଜୀବନରେ ସେହି ଉଚ୍ଚତମ ଅଧ୍ୟାତ୍ମସତ୍ତାର ନିୟନ୍ତ୍ରଣକୁ ସମ୍ଭବ କରିବାକୁ ହେଲେ ଆମକୁ ଅତ୍ୟନ୍ତ ସଚେତନ ଭାବରେ ନୂତନ ସତ୍ତା, ନୂତନ ଚେତନା ଓ କର୍ମଗତ ନୂତନ ସମ୍ଭାବ୍ୟତାର ବିପୁଳ ଭୂମିଗୁଡ଼ିକ ମଧ୍ୟକୁ ଆପଣାକୁ ଉତ୍ତୋଳିତ ଓ ପ୍ରସାରିତ କରି ନେବାକୁ ପଡ଼ିବ ଓ ଯଥାସମ୍ଭବ ଅଧିକରୁ ଅଧିକ ସମ୍ପୂର୍ଣ୍ଣ ଭାବରେ ଆମର ବର୍ତ୍ତମାନ ସତ୍ତା, ବର୍ତ୍ତମାନ ଚେତନା ଓ ବର୍ତ୍ତମାନ କ୍ରିୟାତ୍ମକତାକୁ ଆପଣା ହାତକୁ ନେଇ ସେଗୁଡ଼ିକୁ ଗୋଟିଏ ଗୋଟିଏ ଦିବ୍ୟ ମୂଲ୍ୟରେ ରୂପାନ୍ତରିତ କରିଦେବାକୁ ପଡ଼ିବ, ଯେପରିକି ଆମର ଏହି ମନୁଷ୍ୟଭୂମିର ଜୀବନଟି ମଧ୍ୟ ସମ୍ପୂର୍ଣ୍ଣଭାବରେ ରୂପାନ୍ତରିତ ହୋଇଯିବ । କାରଣ ମୌଳିକ ପରିବର୍ତ୍ତନ ବା ରୂପାନ୍ତରର ଯେକୌଣସି କ୍ଷେତ୍ରରେ ସର୍ବଦା ଆରୋହଣ, କ୍ଷେତ୍ର ଓ ଭୂମିର ସମ୍ପ୍ରସାରଣ ଏବଂ ନିମ୍ନତର ଭୂମିଟି ସହିତ ଉଚ୍ଚତର ଭୂମିର ସମନ୍ୱୟସାଧନ ଏହି ତିନୋଟିଯାକ ଧାରାହିଁ ପ୍ରକୃତିର ଆତ୍ମ-ଅତିକ୍ରମଣ ଲାଗି ଆବଶ୍ୟକ ଓ ଅନୁସୃତ ପଦ୍ଧତି ହୋଇ ରହିଆସିଛି ।

ଏଥିରେ କୌଣସି ସନ୍ଦେହ ନାହିଁ ଯେ ଆପଣାର ବିବର୍ତ୍ତନ କ୍ଷେତ୍ରରେ ଏହିପରି ଏକ ପରିବର୍ତ୍ତନ ସମ୍ଭବ କରିବାକୁ ହେଲେ ଆମକୁ ଅତ୍ୟନ୍ତ ସଙ୍କୁଚିତ କରି

'oaob.nitrkl.ac.in' images reprocessed

ପଡାଉଥିବା ଆମର ଏହି କାଳଗତ ଅବଦ୍ୟାଟିକୁ ବର୍ଜନ କରିବାକୁହିଁ ପଡ଼ିବ । କାରଣ ଆମର ଏହି ବର୍ତ୍ତମାନ ସୋପାନଟିରେ ଆମେ ଯେ କାଳ ମଧ୍ୟରେ କେବଳ କ୍ଷଣ କ୍ଷଣ କରି ଜୀବନଧାରଣ କରି ରହୁଛୁ ତା' ନୁହେଁ, ମାତ୍ର କେବଳ ଗୋଟିଏ ଜନ୍ମ ଓ ଗୋଟିଏ ମୃତ୍ୟୁର ସୀମା ମଧ୍ୟରେ ରହୁଥିବା ଏହି ବର୍ତ୍ତମାନ ଶରୀରଟିକୁ ନେଇ ଆମେ ଯେଉଁ ଜୀବନ ବଞ୍ଚୁଛୁ, ଆମର ସକଳ ଦୃଷ୍ଟି ଓ ସକଳ ଅବଲୋକନ କେବଳ ତାହାରି ମଧ୍ୟରେହିଁ ସୀମାବଦ୍ଧ ହୋଇ ରହୁଛି । ଆମର ଦେଖିବାଟା ଆମ ଅତୀତର ଅଧିକ ପଛକୁ ଭେଦିବାଲାଗି ଆଦୌ ସମର୍ଥ ହେଉ ନାହିଁ କିମ୍ବା ଆମ ଭବିଷ୍ୟତ ଦିଗରେ ମଧ୍ୟ ଆଦୌ ଅଧିକ ସମ୍ପ୍ରସାରିତ ହୋଇପାରୁ ନାହିଁ । ତେଣୁ କେବଳ କେତେକ୍ଷଣ ସ୍ଥାୟୀ ଏହି ଶାରୀରିକ ରଚନାର ବର୍ତ୍ତମାନ ଜୀବନଟିର ସ୍ମୃତି ଓ ଚେତନାରେହିଁ ଆମେ ଗୋଟାପୁରା ବାନ୍ଧିହୋଇ ପଡ଼ିଛୁ । ମାତ୍ର ଆମର ମନୋଗତ ଭୂମିଟା ଯେ ସମ୍ପ୍ରତି ତା'ର ଏକମାତ୍ର କ୍ରିୟାକ୍ଷେତ୍ର ରହିଥିବା ଏହି ଭୌତିକ ଭୂମି ଓ ଭୂତସଂସ୍ପୃଷ୍ଟ ଜୀବନ ଭିତରେହିଁ ଆପଣାକୁ ପୂରାପୂରି ବନ୍ଦ ରଖିଛି, ଆମ କାଳଗତ ଚେତନାର ସଙ୍କୋଚନ ଓ ସୀମାବଦ୍ଧତା କେବଳ ତାହାରି ଉପରେହିଁ ନିର୍ଭର କରି ଠିଆ ହୋଇଛି । ଏହିପରି ସଙ୍କୁଚିତ ଓ ସୀମାବଦ୍ଧ ହୋଇ ରହିବାଟାକୁ ଆମେ ତଦ୍‌ଗତ ଭୂମିର ଏକ ବିଧାନ ବୋଲି କଦାପି କହିବା ନାହିଁ, ଆମେ ଏହାକୁ ଆମ ଅଭିବ୍ୟକ୍ତ ପ୍ରକୃତିର ସେହି ଅଭିପ୍ରେତ ପ୍ରଥମ କ୍ରିୟାତ୍ମକତାଟି ପାଇଁ ଉଦ୍ଦିଷ୍ଟ ଏକ ଅନ୍ତସାମୟିକ ବ୍ୟବସ୍ଥା ବୋଲି କହିବା । ଯଦି ତାହାର ଭିତରେ ବନ୍ଦ ହୋଇ ରହିବାଟାକୁ କିଛୁ ଶିଥିଳ କରି ଦିଆଯାଇ ପାରେ ବା ଅପସରାଇ ଦିଆଯାଇ ପାରେ, ଯଦି ମନରେ କିଛୁ ସମ୍ପ୍ରସାରଣ ଘଟାଇବା ସମ୍ଭବ ହୁଏ, ଯଦି ଅଧିଚେତନ ତଥା ଅବଚେତନ ମଧ୍ୟକୁ ତଥା ଅନ୍ତରତର ଓ ଉର୍ଦ୍ଧ୍ୱତର ସତ୍ତ୍ୱଟି ମଧ୍ୟକୁ ଟିକିଏ ବାଟ ଫିଟିଯାଏ, ତେବେ କାଳର ଅଦ୍ୟତନ ମଧ୍ୟରେ ନିତ୍ୟବର୍ତ୍ତମାନ ରହିବାର ଓ କାଳାତୀତତା ମଧ୍ୟରେ ଶାଶ୍ୱତଭାବେ ଅବସ୍ଥାନ କରିବାର ଉପଲବ୍ଧି ଅବଶ୍ୟ ସମ୍ଭବ ହୋଇଥାଏ । ଆପଣାର ଅସ୍ଵ[illegible]ନକୁ ଯଥାର୍ଥ ଭାବରେ କେନ୍ଦ୍ରୀଭୂତ କରିପାରିବା ଲାଗି ଏହା ଏକାନ୍ତ ଆବଶ୍ୟକ । କାରଣ ଆମର ସମସ୍ତ ଚେତନା ଓ କ୍ରିୟାର କ୍ଷେତ୍ରଟି ବର୍ତ୍ତମାନ ଏକ ଭ୍ରମାତ୍ମକ ଆଧାତ୍ମିକ ଅବଲୋକନଦ୍ୱାରା କଳୁଷିତ ଓ ବ୍ୟର୍ଥକଳ ହୋଇ ରହିଛି ଏବଂ ଏହି ଭ୍ରମାତ୍ମକ ଅବଲୋକନଦ୍ୱାରା ଆମେ ଆମ ସତ୍ତ୍ୱର ପ୍ରକୃତ, ଅଭିପ୍ରାୟ ଓ ପରିବେଶଗୁଡ଼ିକୁ ଯଥାର୍ଥ ଅନୁପାତ ଓ ଯଥାର୍ଥ ସମ୍ବନ୍ଧ ଦେଇ ଦେଖିବାରୁ ବଞ୍ଚିତ ହୋଇ ରହୁଛୁ । ଅଧିକାଂଶ ଧର୍ମମତରେ ଅମରତ୍ୱ ଉପରେ ବିଶ୍ୱାସ ରଖିବାକୁ ଏପରି ଉଚ୍ଚସ୍ଥାନ ଦିଆଯାଇଛି, କାରଣ ଆପଣାକୁ ଗୋଟାପୁରା ଏହି ଶରୀର ସହିତ ଏକାତ୍ମକ କରି ରଖିବା ଓ ଏହି ଭୂତସଂସ୍ପୃଷ୍ଟ ଭୂମିଟି ଭିତରେ ଗୋଟାପୁରା ବନ୍ଦ ହୋଇ ରହିବାର ଅଭ୍ୟାସ ଛାଡ଼ି ଆହୁରି ଉପରକୁ ଉଠି ସ୍ୱରହିବାକୁ ହେଲେ ସେହି ବିଶ୍ୱାସ ନିଷ୍ଠତା ଏକାନ୍ତ ଆବଶ୍ୟକ । ମାତ୍ର ଖାଲି

'oaob.nitrkl.ac.in' images reprocessed

ବସ୍ତୁସତ୍ତାରୁହିଁ ଆମର ଏହି ଲୌକିକଗତ ସୃଷ୍ଟିରେ ଆମେ କୌଣସି ମୌଳିକ ପରିବର୍ତ୍ତନ ଆଣିପାରିବା ନାହିଁ । ଯେତେବେଳେ ଆମେ ଆମ ଅମରତ୍ୱର ପୂର୍ଣ୍ଣ ସଚେତନତା ମଧ୍ୟରେ ଜୀବନଧାରଣ କରି ରହିପାରିବା, କେବଳ ସେତିକିବେଳେଯାଇ ଆମ କାଳଗତ ସତ୍ତ୍ୱର ଯଥାର୍ଥ ଆତ୍ମଜ୍ଞାନଲାଭ ଆମ ପକ୍ଷରେ ସମ୍ଭବ ହୋଇପାରିବ । କାଳ ତଥା କାଳାତୀତ ଅସ୍ତିତ୍ୱ, ଏହି ଉଭୟ ଭୂମିରେ ଆମେ ଯେ ମରଣହୀନ ଭାବରେ ନିତ୍ୟବର୍ତ୍ତମାନ ରହିଛୁ, ଏହିପରି ଏକ ଜାଗ୍ରତ ଅନୁଭୂତି ମଧ୍ୟକୁ ଆପଣାକୁ ଉତ୍ତୋଳିତ କରିନେବାକୁ ପଡ଼ିବ ।

କାରଣ ଅମରତ୍ୱ କହିଲେ ଏହାର ମୌଳିକ ଅର୍ଥରେ କେବଳ ଏକ ଶାରୀରିକ ମୃତ୍ୟୁରୁ ଆପଣାକୁ ଯେକୌଣସି ପ୍ରକାରେ ବଞ୍ଚାଇ ରଖିବାକୁ ବୁଝାଏ ନାହିଁ ଆମର ଆତ୍ମସତ୍ତା ହେଉଛି ଏକ ଶାଶ୍ୱତ ସତ୍ତା, ଏହାର ଆରମ୍ଭ ନାହିଁ କି ଅନ୍ତ ନାହିଁ; ଏବଂ ଏହି ଅର୍ଥରେହିଁ ଆମକୁ ଅମର ବୋଲି କୁହାଯାଇ ପାରିବ । ଆମେ ଅତିକ୍ରମ କରି ଯାଉଥିବା ଶରୀରର କେତେ କେତେ ଜନ୍ମ ଓ ମୃତ୍ୟୁର ସମ୍ପୂର୍ଣ୍ଣ ପରମ୍ପରାଟିକୁ ଅତିକ୍ରମ କରି ଆମର ଏହି ଆତ୍ମସତ୍ତା ବିଦ୍ୟମାନ ରହିଛି; ଏହି ଜଗତରେ ଓ ଆହୁରି ଅନେକ ଜଗତରେ ଆମ ଅସ୍ତିତ୍ୱରେ ଯେତେ ଯାହା ପରିବର୍ତ୍ତନ ଘଟୁଛି, ତାହାକୁ ଅତିକ୍ରମ କରି ତାହା ବିଦ୍ୟମାନ ରହିଛି । ସେହି ଚିଦ୍‌ଗତ ସତ୍ତାର କାଳାତିକ୍ରାନ୍ତ ଅସ୍ତିତ୍ୱ,—ତାହାହିଁ ଯଥାର୍ଥ ଅମରତ୍ୱ । ଏଥିରେ କୌଣସି ସନ୍ଦେହ ନାହିଁ ଯେ ଏହି ଶବ୍ଦଟିର ଏକ ଦ୍ୱିତୀୟ ଗୌଣ ଅର୍ଥ ମଧ୍ୟ ରହିଛି ଏବଂ ସେହି ଅର୍ଥରେ ମଧ୍ୟ ଆପଣାର ଏକ ସତ୍ୟ ରହିଛି । କାରଣ ଯଥାର୍ଥ ଅମରତ୍ୱର ଏକ ଅନୁସିଦ୍ଧାନ୍ତ ଭାବରେ ଆମ କାଳଗତ ଅସ୍ତିତ୍ୱ ମଧ୍ୟରେ ବି ଏକ ଅବିଚ୍ଛିନ୍ନ ନିତ୍ୟବର୍ତ୍ତମାନତା ରହିଛି, ଭୌତିକ ଶରୀରଟି ବିଲୁପ୍ତ ହୋଇଯିବା ପରେ ଗୋଟିଏ ଜୀବନରୁ ଆଉଗୋଟିଏ ଜୀବନକୁ ଓ ଗୋଟିଏ ଜଗତରୁ ଆଉଗୋଟିଏ ଜଗତକୁ ପଡ଼ିଥିବା ବାଟରୁ ପ୍ରାପ୍ତ ଆମର ଏକ ଅବିଚ୍ଛିନ୍ନ ଅନୁଭୂତି ମଧ୍ୟ ରହିଛି । ମାତ୍ର ଆମର ଯେଉଁ କାଳାତୀତତା ନିତ୍ୟକାଳର ଭୂମି ଉପରେ ଆପଣାକୁ ଏକ ଅବିଚ୍ଛିନ୍ନତାରୂପେ ବ୍ୟକ୍ତ କରିବାରେ ଲାଗିଛି, ଏହି ଅନୁଭୂତିକୁ ଆମେ ତାହାରି ଏକ ସ୍ୱାଭାବିକ ପରିଣାମ ବୋଲିହିଁ ଜାଣିବା । ଆମ ଭିତରେ ସକଳ ପରିଣାମର ଅତୀତ ହୋଇ ଯେଉଁ ଚିନ୍ମୟ ସମ୍ପଦ ରହିଛି, ଯାହାରକି କଦାପି କୌଣସି ଜନ୍ମ ହେଉ ନାହିଁ କିମ୍ବା ସମ୍ଭୂତି ହେଉ ନାହିଁ, କେବଳ ତାହାର ଜ୍ଞାନ ଲାଭ କରିପାରିଲେ ଯାଇ କାଳାତୀତ ଅମରତ୍ୱର ଉପଲବ୍ଧି ସମ୍ଭବ ହୁଏ । ଏବଂ ଆମର ଯେଉଁ ଆତ୍ମା ଜନ୍ମ ତଥା ସମ୍ଭୂତି ମଧ୍ୟରେ ରହିଛି ଏବଂ ମନ, ପ୍ରାଣ ଓ ଦେହର ଯାବତୀୟ ପରିବର୍ତ୍ତନ ମଧ୍ୟରେ ବି ସେହି ଏକ ଆତ୍ମାହିଁ ନିତ୍ୟବର୍ତ୍ତମାନ ରହିଛି ବୋଲି ଯିଏ ଆମ ଭିତରେ ଏକ ବୋଧ ଜାଗ୍ରତ କରି ରଖିଛି, ତାହାର ଜ୍ଞାନ ପ୍ରାପ୍ତ ହେଲେ କାଳଗତ ଅମରତ୍ୱର ଉପଲବ୍ଧି ହୋଇଥାଏ ।

'oaob.nitrkl.ac.in' images reprocessed

ଏହି ଅମରତ୍ୱକୁ ମଧ୍ୟ ଆମେ କେବଳ ନମର ବଞ୍ଚିରହିବା ବୋଲି କହିପାରିବା ନାହିଁ, ଆମେ ଏହାକୁ କାଳଗତ ପ୍ରକାଶରୂପରେ କାଳାତୀତତାର ଅଭିବ୍ୟକ୍ତି ବୋଲି କହିବା । ପ୍ରଥମ ଉପଲବ୍ଧିଟିଦ୍ୱାରା ଜନ୍ମ ଓ ମୃତ୍ୟୁରୂପୀ ଶୃଙ୍ଖଳର ଅଧୀନ ହୋଇ ରହିବାର ଆବରଣକାରୀ ଦାସତ୍ୱଟି ଦୂର ହୋଇଯାଏ, ଏବଂ ଏକାଧିକ ସ୍ୱରଗସ୍ଥ ଦର୍ଶନ ଏହାକୁହିଁ ଚରମ ଲକ୍ଷ୍ୟ ବୋଲି ମାନନ୍ତି । ଏବଂ ଯେତେବେଳେ ସେହି ପ୍ରଥମଟି ସହିତ ଦ୍ୱିତୀୟ ଉପଲବ୍ଧିଟିର ସଂଯୋଗ ହୁଏ, ସେତେବେଳେ ଅଜ୍ଞାନ କଟିଯାଏ ଓ ଯଥାର୍ଥ ଜ୍ଞାନ ପ୍ରାପ୍ତ ହୁଏ; ଆମ ଯାବତୀୟ କର୍ମର ବନ୍ଧନ ଅପସରିଯାଏ ଏବଂ ଆମେ ବିମୁକ୍ତ ଭାବରେ ସେହି ପରମ ତନ୍ମୟତା ଓ କାଳଗତ ଅବିଚ୍ଛିନ୍ନତା ମଧ୍ୟରେ ତାଙ୍କର ଯାବତୀୟ ପରମ୍ପରାଗୁଡ଼ିକର ସକଳ ଅନୁଭୂତିର ଅଧିକାରୀ ହେଉ । କେବଳ କାଳାତୀତ ସତ୍ତାର ଉପଲବ୍ଧି ମଧ୍ୟରେ କାଳଗତ ଅବିଚ୍ଛିନ୍ନତା ମଧ୍ୟରେ ରହିଥିବା ନିତ୍ୟବର୍ତ୍ତମାନ ଆତ୍ମସତ୍ତାର ଅନୁଭୂତିଟି ହୁଏତ ଅନ୍ତର୍ଗତ ହୋଇ ନରହି ପାରେ । ପୁଣି ମୃତ୍ୟୁ ପରେ ମଧ୍ୟ ଆତ୍ମା ତଥାପି ବଞ୍ଚିରହେ, କେବଳ ଏହି ଅନୁଭୂତିଟିକୁ ଲାଭ କରିଲେ ମଧ୍ୟ, ଆମ ଅସ୍ତିତ୍ୱର ଯେ ପ୍ରକୃତରେ କୌଣସି ଆଦି କିମ୍ବା ଅନ୍ତ ନାହିଁ, ସେହିବିଷୟରେ ଆମର ତଥାପି ସଂଶୟ ରହି ଯାଇପାରେ । ମାତ୍ର ଏହି ଦୁଇଟିଯାକ ଉପଲବ୍ଧିକୁ ଯଥାର୍ଥରେ କେବଳ ସେହି ଗୋଟିଏ ସତ୍ୟର ଏପାଖ ଓ ସେପାଖ ବୋଲି ପ୍ରତ୍ୟକ୍ଷ କରିପାରିଲେ, ପୂର୍ଣ୍ଣ ସଚେତନତା ସହିତ ଶାଶ୍ୱତତା ମଧ୍ୟରେ ବାସ କରି ତଥାପି ସମସ୍ତ ତଥା ମୁହୂର୍ତ୍ତପରମ୍ପରାର ଶୃଙ୍ଖଳ ମଧ୍ୟରୁ ମୁକ୍ତ ହୋଇ ରହିବାହିଁ ସେତେବେଳେ ଆମ ପରିବର୍ତ୍ତନର ପ୍ରକୃତ ମର୍ମ ହୋଇ ରହେ । ଏହିପରି ଏକ ଅସ୍ତିତ୍ୱର ଭୂମିରେ ଜୀବନଉତ୍ତରଣ କରିବା,—ଏହାହିଁ ହେଉଛି ଦିବ୍ୟ ଚେତନା ଓ ଦିବ୍ୟ ଜୀବନର ପ୍ରଥମ ସର୍ତ୍ତ । ସତ୍ତାର ସେହି ଅନ୍ତର୍ଗତ ଶାଶ୍ୱତତା ମଧ୍ୟରେ ଅବସ୍ଥିତ ରହି ସେଇଠାରୁ ସମୂହର ଗତିପଥ ଓ ପ୍ରତିସ୍ଥିତିକୁ ନିୟନ୍ତ୍ରିତ କରିବା, ଏଇଟି ହେଉଛି ଦ୍ୱିତୀୟ ସର୍ତ୍ତ । ଏହି ଦ୍ୱିତୀୟ ସର୍ତ୍ତ ବା ସାଧନାକୁ ଆମେ ଏକ ଗତିଶୀଳ ସାଧନା ବୋଲି ଜାଣିବା, ଯେଉଁଥିରେ କି ଏହାର ଏକ ବ୍ୟାବହାରିକ ପରିଣାମସ୍ୱରୂପ ଏକ ଆଧ୍ୟାତ୍ମିକ ଆତ୍ମସ୍ଥିତି ଓ ଆତ୍ମକର୍ତ୍ତୃତ୍ୱ ପ୍ରାପ୍ତ ହୋଇଥାଏ । ଆମକୁ ଗୋଟାପୁରା ଅଭିଭୂତ କରି ରଖିଥିବା ଏହି ଭୂତସଂସ୍ଥିତା ମଧ୍ୟରୁ ନିଜକୁ ପ୍ରତ୍ୟାହୃତ କରି ନେଇପାରିଲେ ଯାଇ ଆମେ ଏହିସବୁ ପରିବର୍ତ୍ତନର ଭାଜନ ହୋଇପାରିବା । ମାତ୍ର ଏଥିଲାଗି ଏହି ଜଗତସ୍ଥ ଜୀବନଭୂମିଟିକୁ ବର୍ଜନ ବା ଅବହେଳା କରିବାର ଆଦୌ କୌଣସି ଆବଶ୍ୟକତା ନାହିଁ । ସେଥିଲାଗି ଆମକୁ କେବଳ ମନ ଓ ଜଡ଼ଜଗତର ଅନ୍ତର୍ଗତ ଓ ଊର୍ଦ୍ଧ୍ୱର ଭୂମିଗୁଡ଼ିକରେ ସତତ ବାସ କରିବାକୁ ସମର୍ଥ ହେବାକୁ ପଡ଼ିବ । କାରଣ ଆମର ଚେତନାକୁ ତାହାର ଆଧ୍ୟାତ୍ମିକ ଜନ୍ମମୂଳକୁ ଉତ୍ତୋଳିତ କରି ନେବାଲାଗି ଆମ ଆଗରେ ଦୁଇଟି ମାର୍ଗ ରହିଛି; ଏବଂ ଏହି

'oaob.nitrkl.ac.in' images reprocessed

ଦୁଇଟିଯାକ ମାର୍ଗ ବା ସାଧନା ଏଥିଲାଗି ଅତ୍ୟନ୍ତ ଆବଶ୍ୟକ । ପ୍ରଥମଟି ହେଉଛି ଊର୍ଦ୍ଧ୍ୱାନ୍ୱେଷଣ; ଏବଂ ଦ୍ୱିତୀୟଟି ହେଉଛି କ୍ଷଣରୁ କ୍ଷଣାନ୍ତର ମଧ୍ୟକୁ ଆବର୍ତ୍ତିତ ହେଉଥିବା ଆମର କ୍ଷଣାୟୁଷ ଜୀବନ ଭିତରୁ ଅନ୍ତର ମଧ୍ୟକୁ ପ୍ରତ୍ୟାବର୍ତ୍ତନ କରି ଆମ ମୃତ୍ୟୁହୀନ ଚେତନାର ଶାଶ୍ୱତ ଜୀବନ ମଧ୍ୟରେ ପ୍ରବେଶ । ମାତ୍ର ଏହା ସଙ୍ଗେ ସଙ୍ଗେ ଆମ କାଳଗତ ଚେତନା-ପରିସର ଓ କର୍ମକ୍ଷେତ୍ରରେ ମଧ୍ୟ ଏକ ସମ୍ପ୍ରସାରଣ ସଂଘଟିତ ହୋଇଥାଏ; ଆମର ମନୋଗତ, ପ୍ରାଣଗତ ଓ ଦୈହିକ ଜୀବନ ମଧ୍ୟ ସେହି ସମ୍ପ୍ରସାରଣଦ୍ୱାରା ଆଲୋଡ଼ିତ ହୋଇ ଏକ ଉଚ୍ଚତର ସ୍ତରରେ କାମରେ ଲାଗିଥାଏ । ଏଇଥିରୁ ସତ୍ତାଗତ ଯେଉଁ ନୂତନ ଜ୍ଞାନଟିର ଉନ୍ମେଷ ହୁଏ, ତାହା ଆଉ ଶରୀର ଉପରେ ନିର୍ଭର କରି ରହିଥିବା ଏକ ଚେତନା ପରି ସୀମାବଦ୍ଧ ହୋଇ ରହେ ନାହିଁ, ମାତ୍ର ଏକ ଶାଶ୍ୱତ ତଦ୍‌ଗତତାରୂପେ ତାହା ଆପଣାର ବିଶ୍ୱ ଆତ୍ମ-ଅନୁଭୂତି ଲାଗି ସକଳ ଜଗତ ଓ ସକଳ ପ୍ରାଣୀକୁ ବ୍ୟବହାର କରିବାର କ୍ଷମତା ଲାଭ କରେ । ସେତେବେଳେ ଆମର ଅନ୍ତର୍ଗତ ସତ୍ତାଟିକୁ ଆମେ ଏକ ଚିନ୍ମୟ ତତ୍ତ୍ୱରୂପେ ଅନୁଭବ କରୁ, କେତେ ସ୍ଥୂଳ ଦେହଗତତାର ଏକ ପରମ୍ପରା ମଧ୍ୟଦେଇ ଏକ ଅବିଚ୍ଛିନ୍ନ ଆତ୍ମସତ୍ତାଗତ ଜୀବନ ନିଜର ନିତ୍ୟନୂତନ କ୍ରିୟାତ୍ମକତାଗୁଡ଼ିକର ସୃଷ୍ଟି କରି ନିରନ୍ତର ପ୍ରବାହିତ ହେବାରେ ଲାଗିଥାଏ, ଆପଣାର ସକଳ ସମୂହକୁ ଆପେ ନିରୂପିତ ଓ ନିୟନ୍ତ୍ରିତ କରୁଥିବା ଏକ ସତ୍ତାରୂପେ ତାହା ଅଧିଷ୍ଠିତ ରହିଥାଏ । ସେହି ଜ୍ଞାନକୁ ଆମେ କଦାପି ଏକ ଭାବନାପ୍ରସୂତ ଜ୍ଞାନ ବୋଲି କହିପାରିବା ନାହିଁ, କାରଣ ତାହା ଆମର ମର୍ମମୂଳରେ ପ୍ରତିଷ୍ଠିତ ରହିଥାଏ ଓ ଅନୁଭୂତ ହେଉଥାଏ । ସେହି ଜ୍ଞାନର ଉପଲବ୍ଧି ହୋଇଗଲେ ଆଉ ଏକ ଅନ୍ଧ କର୍ମର ଆବେଗ ଓ ପରାକ୍ରମ ପାଖରେ ଦାସ ହୋଇ ରହିବାକୁ ପଡ଼େ ନାହିଁ, ସେତେବେଳେ ନିଜେ ନିଜର ନିୟନ୍ତା ଅର୍ଥାତ୍ ଆପଣା ସତ୍ତା ଓ ପ୍ରକୃତିର ନିୟାମକ କର୍ତ୍ତାରୂପେ ଜୀବନ ବଞ୍ଚିବା ସମ୍ଭବ ହୁଏ, କେବଳ ଆମରି ଭିତରେ ବିଦ୍ୟମାନ ରହିଥିବା ପରମ ଦିବ୍ୟସତ୍ତାର ବୋଲି ମାନି ବାଟ ଚାଲିବାକୁ ହୁଏ ।

ତାହା ସହିତ ଆମର ଅହଂବୋଧଗତ ଅବିଦ୍ୟାଟି ମଧ୍ୟ ଅପସାରିତ ହୋଇଯାଏ । କାରଣ ଆମ ଗତିପଥର କୌଣସି ନା କୌଣସି ବିନ୍ଦୁରେ ଆମେ ଯେପର୍ଯ୍ୟନ୍ତ ସେହି ଅବିଦ୍ୟା ଭିତରେ ବାନ୍ଧିହୋଇ ରହିଥାଉ, ସେପର୍ଯ୍ୟନ୍ତ ଆମ ପକ୍ଷରେ ଦିବ୍ୟ ଜୀବନ ଅସାଧ୍ୟ ବା ଦୂରପ୍ରତିହତ ହୋଇ ରହିଥାଏ ଅଥବା ଆପଣାର ଅଭିବ୍ୟକ୍ତି କ୍ଷେତ୍ରରେ ବଡ଼ ଅପୂର୍ଣ୍ଣ ହୋଇ ରହିଥାଏ । କାରଣ ଆମର ଅହଂ ଏକ ଭ୍ରମଦ୍ୱାରା ଚାଳିତ ହୋଇ କେବଳ ଏହି ପ୍ରାଣ, ଏହି ମନ ଓ ଏହି ଦେହଟା ସହିତହିଁ ଆପଣାକୁ ଏକରୂପ କରି ରଖିଥାଏ; ତଦ୍ୱାରା ସେ ଆପଣାକୁ ବଡ଼ ସୀମାବଦ୍ଧ କରି

'oaob.nitrkl.ac.in' images reprocessed

ରଖେ ଓ ଆମର ଯଥାର୍ଥ ବ୍ୟକ୍ତିତ୍ୱଟିର ଏକ ମିଥ୍ୟା ପ୍ରତିବିମ୍ବ ହୋଇ ରହିଥାଏ । ଅହଂବୋଧର ଅଜ୍ଞାନ ଆମକୁ ଅନ୍ୟ ଆତ୍ମାଗୁଡ଼ିକଠାରୁ ବିଚ୍ଛିନ୍ନ କରି ରଖେ, ଏହି ବିଚ୍ଛିନ୍ନତା ଫଳରେ ଆମେ କେବଳ ଆମ ବ୍ୟକ୍ତିଗତ ଅନୁଭୂତିଟିର ବାଡ଼ ଭିତରେ ବନ୍ଦୀ ହୋଇ ରହିଯାଉ ଏବଂ ଜଣେ ବିଶ୍ୱଭାବାପନ୍ନ ବ୍ୟକ୍ତିରୂପେ ଜୀବନ ବଞ୍ଚିବାରୁ ବଞ୍ଚିତ ହୋଇ ରହୁ । ଆମର ଏହି ଅହଂଟି ଆମକୁ ସେହି ସର୍ବୋଚ୍ଚ ଆତ୍ମସତ୍ତା ଅର୍ଥାତ୍ ଭଗବାନଙ୍କଠାରୁ ମଧ୍ୟ ବିଚ୍ଛିନ୍ନ କରି ରଖେ; ଯେଉଁ ଭଗବାନ ଯାବତୀୟ ଅସ୍ତିତ୍ୱ ମଧ୍ୟରେ ସେହି ଗୋଟିଏ ଆତ୍ମାରୂପେ ଅବସ୍ଥାନ କରୁଛନ୍ତି ଓ ଆମର ଭିତରେ ମଧ୍ୟ ପରମ ଅଧିବାସୀ ହୋଇ ରହିଛନ୍ତି, ତାଙ୍କଠାରୁ ବିଚ୍ଛିନ୍ନ କରି ରଖେ । ମାତ୍ର ଚିଦ୍‌ଗତତାର ଶିଖର, ଗଭୀର ତଥା ପ୍ରସାର ମଧ୍ୟକୁ ଆମର ଚେତନା ରୂପାନ୍ତରିତ ହୋଇଯିବା ସଙ୍ଗେ ସଙ୍ଗେ ଏହି ଅହଂଟି ଆଉ ସେଠାରେ ତିଷ୍ଠି ରହିପାରେ ନାହିଁ, ଏହାର ଆପଣା କ୍ଷୁଦ୍ରତା ଓ କ୍ଷୀଣତା ଏହାକୁ ସେହି ବିପୁଳ ବ୍ୟାପ୍ତତା ମଧ୍ୟରେ ତିଷ୍ଠି ରହିବାକୁ ସମ୍ପୂର୍ଣ୍ଣ ଅକ୍ଷମ କରିଦିଏ ଏବଂ ଏହିପରି ଅସମର୍ଥ ହୋଇ ଏହା ସେହି ବିପୁଳତା ମଧ୍ୟରେ ବୁଅଡ଼େ ବିଲୀନ ହୋଇଯାଏ । କାରଣ ଯେତେବେଳଯାଏ ସୀମାଗୁଡ଼ିକ ରହିଥାଏ, ସେତେବେଳଯାଏ ଅହଂ ଥାଏ, ଏବଂ ସୀମା ଲିଭିଗଲେ ଅହଂର ମଧ୍ୟ ବିନାଶ ହୋଇଯାଏ । ସେତେବେଳେ ଆମ ଭିତରେ ରହିଥିବା ବ୍ୟକ୍ତିପୁରୁଷଟି ବିଚ୍ଛିନ୍ନ ବ୍ୟକ୍ତିତ୍ୱର କାରାଗାର ଭାଙ୍ଗି ବାହାରକୁ ବାହାରିଆସେ, ବିଶ୍ୱାତ୍ମକ ହୁଏ ଏବଂ ଏକ ବିଶ୍ୱଗତ ଚେତନାକୁ ଆପଣାର ଚେତନାରୂପେ ଗ୍ରହଣ କରି ସର୍ବଭୂତର ଆତ୍ମା ଓ ଚିତ୍‌ସତ୍ତା, ପ୍ରାଣ, ମନ ତଥା ଶରୀର ସହିତ ଏକାତ୍ମତା ଅର୍ଜନ କରେ । ଅଥବା ଉପର ଆଡ଼କୁ ଆବରଣଟି ଭାଙ୍ଗିଦେଇ ବିଶ୍ୱଭାବ ତଥା ବ୍ୟକ୍ତିଭାବଠାରୁ ସମ୍ପୂର୍ଣ୍ଣ ପୃଥକ ସେହି ସ୍ୱୟମ୍ଭୂସତ୍ତାର ସର୍ବୋଚ୍ଚ ଶିଖର ଓ ତାହାର ଅନନ୍ତତା ତଥା ଶାଶ୍ୱତତା ମଧ୍ୟକୁ ଉନ୍ନୀତ ହୋଇଯାଏ । ଅହଂର ସମ୍ପୂର୍ଣ୍ଣ ରଚନାଟି ଖଣ୍ଡଖଣ୍ଡ ହୋଇ ଭାଙ୍ଗିପଡ଼େ, ଆପଣାର ବିଚ୍ଛିନ୍ନତାବାଦୀ ସକଳ ପ୍ରାଚୀରକୁ ହରାଇବସେ ଏବଂ ବିଶ୍ୱମୟ ବିପୁଳତା ମଧ୍ୟରେ ଲୀନ ହୋଇଯାଏ । ଅଥବା, ଆଧ୍ୟାତ୍ମିକ ବ୍ୟୋମଲୋକର ସେହି ଶିଖରଗୁଡ଼ିକରେ ସତେଅବା ନିଶ୍ୱାସ ନେଇ ନପାରି ସେ ସେହି ମହାଶୂନ୍ୟ ଭିତରେ ବୁଅଡ଼େ ହଜିଯାଏ । ପ୍ରକୃତିଗତ ସଂସ୍କାର ବା ଅଭ୍ୟାସ ହେତୁ ଯଦି ଅହଂଗତ କୌଣସି କ୍ରିୟାର ତଥାପି ଏକ ଅବଶେଷ ବି ରହିଯାଏ, ତେବେ ସେଇଟି ମଧ୍ୟ ଅଚିରାତ୍ ବିଲୁପ୍ତ ହୋଇଯାଏ ଏବଂ ତାହାର ସ୍ଥାନାପନ୍ନ ଭାବରେ ଏକ ନୂତନ ନୈର୍ବ୍ୟକ୍ତିକ-ବ୍ୟକ୍ତିଭାବାପନ୍ନ ଦୃଷ୍ଟି, ଅନୁଭୂତି ଓ କ୍ରିୟା ସେହି କ୍ଷେତ୍ରରେ କାର୍ଯ୍ୟ କରିବାକୁ ଲାଗେ । ଅହଂ ଏହିପରି ଭାବରେ ଅନ୍ତର୍ହିତ ହୋଇଯାଏ ବୋଲି ଯେ ଆମର ଅସଲ ବ୍ୟକ୍ତିତ୍ୱ ଅର୍ଥାତ୍ ଆମର ଆଧ୍ୟାତ୍ମିକ ସତ୍ତାଟି ମଧ୍ୟ ଲୁପ୍ତ ହୋଇଯାଏ, ତାହା ଆଦୌ ନୁହେଁ; କାରଣ ତାହା ଅନ୍ତରୁ ମଧ୍ୟ ସର୍ବଦା ବିଶ୍ୱଗତ ହୋଇ ରହିଥାଏ ଓ ବିଶ୍ୱାତୀତତା

'oaob.nitrkl.ac.in' images reprocessed

ସହିତ ଏକାତ୍ମ ହୋଇ ରହିଥାଏ । ମାତ୍ର ଏଠାରେ ଏକ ରୂପାନ୍ତର ଅବଶ୍ୟ ଘଟେ ଯାହାଫଳରେ କ ବ୍ୟକ୍ତିପୁରୁଷ ଭେଦଧର୍ମୀ ବ୍ୟକ୍ତି-ଅହଂର ସ୍ଥାନ ଅଧିକାର କରେ; ବିଶ୍ୱଗତ ସତ୍ତାର ଏକ ସଚେତନ ଅଭିବ୍ୟକ୍ତି ଓ ରୂପରୂପେ ଓ ବିଶ୍ୱପ୍ରକୃତି ମଧ୍ୟରେ ବିଶ୍ୱାତୀତ ଦିବ୍ୟ ପୁରୁଷଙ୍କର ଏକ ଶକ୍ତିରୂପେ ସେହି ପୁରୁଷର ଆବିର୍ଭାବ ହୁଏ ।

ଠିକ୍ ଏହି ଗତିଶୀଳତା ମଧ୍ୟରେ ଚିଦ୍‌ଗତତା ମଧ୍ୟକୁ ଉତ୍ତୋଳିତ କରିନେବାର ଏକ ପରିଣାମରୂପେ ବିଶ୍ୱଗତ ଅବିଦ୍ୟାର ବି ବିଲୋପସାଧନ ହୁଏ, କାରଣ ଯିଏ ବିଶ୍ୱଗତ ଓ ବିଶ୍ୱାତୀତ ଉଭୟ ଅବସ୍ଥାରେ ମଧ୍ୟ ଆତ୍ମପ୍ରତିଷ୍ଠ ହୋଇ ରହିଛନ୍ତି, ଆମେ ଆପଣାକୁ ମଧ୍ୟ ସେହି କାଳାତୀତ ଓ ଅକ୍ଷର ଆତ୍ମା ବୋଲି ଜାଣିବାକୁ ପାଉ । ଏହି ଜ୍ଞାନହିଁ ଆମଲାଗି କାଳର ଭୂମି ଉପରେ ପରମ ଦିବ୍ୟପୁରୁଷଙ୍କର ଲୀଳାର ଭୂମି ହୋଇ ରହେ, ଏକ ଓ ଅନେକ ମଧ୍ୟରେ ସମନ୍ୱୟ ସ୍ଥାପନ କରେ, ଶାଶ୍ୱତ ଏକତ୍ୱ ଓ ଶାଶ୍ୱତ ଅନେକତ୍ୱ ମଧ୍ୟରେ ରହିଥିବା ସକଳ ବିବାଦ ମେଣ୍ଟାଇଦିଏ, ଆତ୍ମା ସହିତ ପରମାତ୍ମାଙ୍କର ପୁନର୍ମିଳନ ଘଟାଏ ଏବଂ ଏହି ବିଶ୍ୱ ମଧ୍ୟରେ ଦିବ୍ୟତ୍ୱର ଆବିଷ୍କାର କରେ । ଏହି ଉପଲବ୍ଧି ଟିର ସମ୍ପଦ ଲାଭ କରିହିଁ ଆମେ ସକଳ ପରିବେଶ ଓ ସକଳ ସମ୍ବନ୍ଧର ଉତ୍ସରୂପେ ସେହି ପରମ ନିର୍ବିଶେଷଙ୍କର ନିକଟବର୍ତ୍ତୀ ହେବାକୁ ସମର୍ଥ ହେଉ, ତାଙ୍କର ଚେତନାକୁ ଆଶ୍ରୟ କରି ଯେଉଁ ବିସ୍ତୃତ ଓ ବିପୁଳ ବିଶ୍ୱ ଆମ ଆଗରେ ପ୍ରସାରିତ ହୋଇ ରହିଛି, ଆମେ ତାହାକୁ ଆପଣା ମଧ୍ୟରେ ଉପଲବ୍ଧି କରୁ ଏବଂ ଏହି ଚିନ୍ମୟ ଚେତନା ମଧ୍ୟରେ ବିଶ୍ୱକୁ ଗ୍ରହଣ କରିନେଇ ଆମେ ତାହାର ମଧ୍ୟଦେଇ ସେହି ପରମସତ୍ତାଙ୍କ ମଧ୍ୟରେ ସଂଗୁଣ୍ଠିତ ହୋଇ ରହିଥିବା ପରମ ମୂଲ୍ୟଗୁଡ଼ିକର ବି ଉପଲବ୍ଧି କରୁ । ଆମର ଆତ୍ମଜ୍ଞାନ ଯେତେବେଳେ ଏହିପରି ଭାବରେ ତାହାର ସକଳ ସାରୋପାଦାନ ଦ୍ୱାରା ସମୃଦ୍ଧ ଓ ପରିପୂର୍ଣ୍ଣ ହୋଇଉଠେ, ସେତେବେଳେ ଆମର ବ୍ୟାବହାରିକ ଅବିଦ୍ୟାଟି ମଧ୍ୟ ସମ୍ପୂର୍ଣ୍ଣ ଭାବରେ ଦୂର ହୋଇଯାଏ । ସେତେବେଳେ ଏହି ଅବିଦ୍ୟାର ଚରମ ପର୍ଯ୍ୟାୟରେ ଯେଉଁସବୁ ଦୁଷ୍କୃତି, କଷ୍ଟଭୋଗ, ମିଥ୍ୟା ଓ ଭ୍ରାନ୍ତି ଆସି ଦେଖା ଦେଇଥିଲା ଓ ଯାହା ଆମ ଜୀବନରେ ଯାବତୀୟ ସଂଶୟ ଓ ବିସମ୍ବାଦର କାରଣ ହୋଇ ରହିଥିଲା, ସେଗୁଡ଼ିକ ଦୂର ହୋଇଯାଏ ଓ ତାହାର ସ୍ଥାନରେ ଆତ୍ମଜ୍ଞାନର ଋତମୟ ସଂକଳ୍ପ ପ୍ରତିଷ୍ଠିତ ହୁଏ ଏବଂ ସତ୍ୟମୟ ଚେତନାଶକ୍ତି ଓ ଆନନ୍ଦର ଦିବ୍ୟ ମୂଲ୍ୟଗୁଡ଼ିକର ସମକ୍ଷରେ ଅବିଦ୍ୟାଜନିତ ମିଥ୍ୟା ଓ ଅପୂର୍ଣ୍ଣ ମୂଲ୍ୟଗୁଡ଼ିକ କୁଆଡ଼େ ଅନ୍ତର୍ହିତ ହୋଇଯାଏ । ଆପଣାର କ୍ଷୁଦ୍ର ନୀତିବୁଦ୍ଧି ଦେଇ ମଣିଷ ସେଗୁଡ଼ିକର ଯେପରି ବିଚାର କରିଥାଏ, ସେପରି ନୁହେଁ, ମାତ୍ର ଏକ ଦିବ୍ୟ ଜୀବନସ୍ଫୁରଣାର ବୃହତ୍ତର ଓ ଜ୍ୟୋତିର୍ମୟ ଅର୍ଥରେ ଯଥାର୍ଥ ଚେତନା, ଯଥାର୍ଥ କର୍ମକ୍ଷମତା ଓ ଯଥାର୍ଥ ସତ୍ତାର ଅଧିକାରୀ ହେବାକୁ ହେଲେ ଆମକୁ ପ୍ରଯୋଜନତଃ ପରମେଶ୍ୱରଙ୍କ ସହିତ ଏକାତ୍ମ

'oaob.nitrkl.ac.in' images reprocessed

ହେବାକୁ ପଡ଼ିବ, ସଙ୍କୁଚିତ ସଂହତ ଏକାଗ୍ର ହେବାକୁ ପଡ଼ିବ । ସେଥିଲାଗି ଆମର ଏହି ଜୀବନ ଅନ୍ତ ଭିତରୁହିଁ ବାହାରକୁ ନିୟନ୍ତ୍ରଣ ଓ ରଚନା କରିବ, ସତ୍ତା ତଥା ବିଦ୍ୟା ବିଧାନ ମଧ୍ୟରେ କ୍ରିୟାଶୀଳ ହୋଇ ରହିଥିବା ପରମ ତତ୍ତ୍ୱସତ୍ତାହିଁ ସେତେବେଳେ ସେହି ଜୀବନର ଯାବତୀୟ ଭାବନା, ଯାବତୀୟ ସଙ୍କଳ୍ପ ଓ ଯାବତୀୟ କର୍ମର ଉତ୍ସ ହୋଇ ରହିବ । ସେହି ସତ୍ତା ଓ ବିଦ୍ୟା ବିଧାନ ଅବିଦ୍ୟାଶ୍ରିତ ମନର ଏକ ସୃଷ୍ଟି ବା ରଚନା ହୋଇ ରହିବ ନାହିଁ, ଆପଣା ଆତ୍ମପରିପୂର୍ଣ୍ଣଭାବରେ ତାହା ଅପେ-ବିଦ୍ୟମାନ ଓ ସ୍ୱତଃସ୍ଫୂର୍ତ୍ତ ହୋଇ ରହିବ । ସେତେବେଳେ ଏହାକୁ ଏକ ବିଧାନ ବୋଲି କହନ୍ତୁ ବରଂ ଅଧିକ ନିର୍ଭୁଲ ଭାବରେ ଆପଣାରହିଁ ଚେତନାଦ୍ୱାରା କ୍ରିୟାଶୀଳ ହୋଇ ରହିଥିବା ଓ ଆପଣା ଜୀବନର ଏକ ପୂର୍ଣ୍ଣମୁକ୍ତ ପ୍ରକାଶର ପ୍ରତିଷ୍ଠାପନ ଓ ସ୍ୱୟଂକ୍ରିୟ ପ୍ରକ୍ରିୟାରେ କାର୍ଯ୍ୟ କରୁଥିବା ସତ୍ୟ ବୋଲି କୁହାଯାଇ ପାରିବ ।

ଆମର ଆଲୋଚିତ ସଚେତନ ଆଧ୍ୟାତ୍ମିକ ବିବର୍ତ୍ତନର ଏହାହିଁ ଫଳତ ଓ ପରିଣାମ ବୋଲି ମନେହେଉଛି । ଏହି ବିବର୍ତ୍ତନରେ ଅବିଦ୍ୟାକୁ ଆଶ୍ରୟ କରି ରହିଥିବା ଜୀବନ ସତ୍ୟଚେତନ ଚିଦ୍‌ଗତତାର ବିଦ୍ୟା ଜୀବନରେ ରୂପାନ୍ତରିତ ହୋଇଯିବ, ପଶୁର ଖଣ୍ଡ ଓ ପକ୍ଷପାତୀ ମନୋମୟ ସ୍ତରରୁ ଏକ ଆଧ୍ୟାତ୍ମିକ ଓ ଅତିମାନସ ସ୍ତରକୁ ରୂପାନ୍ତରିତ ହୋଇଯିବ, ସପ୍ତଧା ଅବିଦ୍ୟା ମଧ୍ୟରୁ ସପ୍ତଧା ବିଦ୍ୟା ମଧ୍ୟକୁ ଏକ ଆତ୍ମପ୍ରସାରଣ ସଂଘଟିତ ହେବ । ଗୋଟିଏ ତତ୍ତ୍ୱରୁ ପରବର୍ତ୍ତୀ ଉଚ୍ଚତର ତତ୍ତ୍ୱଟିର ସ୍ତରକୁ ଉଠି ଯାଉଥିବା ସଙ୍ଗେ ସଙ୍ଗେ ଚେତନା ଶକ୍ତିକୁ ମଧ୍ୟ ଉନ୍ମୋଳିତ କରି ନେଉଥିବା ପ୍ରକୃତିର ଆରୋହଣଧାରାରେ ଯେତେବେଳେ ସର୍ବୋଚ୍ଚ ତତ୍ତ୍ୱଟି ଅର୍ଥାତ୍ ଆଧ୍ୟାତ୍ମିକ ତତ୍ତ୍ୱଟି ଅଭିବ୍ୟକ୍ତି ଲାଭ କରିବ ଓ ପ୍ରକୃତିର କ୍ଷେତ୍ରରେ ନିର୍ଣ୍ଣାୟକ ତତ୍ତ୍ୱରୂପେ କାର୍ଯ୍ୟ କରିବ, ସେତେବେଳେ ଅତ୍ୟନ୍ତ ସ୍ୱାଭାବିକ ଭାବରେ ଏହି ପରିପୂର୍ଣ୍ଣ ଅବସ୍ଥାଟି ଆସି ପହଞ୍ଚିବ । ସେତେବେଳେ ସେହି ଆଧ୍ୟାତ୍ମିକ ତତ୍ତ୍ୱ ନିମ୍ନସ୍ଥ ଭୂମିଗୁଡ଼ିକରେ ଅବସ୍ଥିତ ବସ୍ତୁଗତ ତଥା ବ୍ୟକ୍ତିଗତ ଅସ୍ତିତ୍ୱକୁ ମଧ୍ୟ ଆପଣାର ସତ୍ତା ମଧ୍ୟରେ ଗ୍ରହଣ କରିନେବ ଏବଂ ସବୁଗୁଡ଼ିକୁ ପରମ ତତ୍ତ୍ୱସତ୍ତାର ଏକ ଚେତନାମୟ ପ୍ରକାଶରେ ରୂପାନ୍ତରିତ କରିଦେବ । ସେତେବେଳେ ଯଥାର୍ଥ ବ୍ୟକ୍ତି ଜନ୍ମଲାଭ କରିବ, ଆଧ୍ୟାତ୍ମିକ ବ୍ୟକ୍ତିର ଆବିର୍ଭାବ ହେବ; ସେ ବ୍ୟକ୍ତି ହୋଇ ରହିବ, ତଥାପି ବିଶ୍ୱଗତ ହୋଇ ରହିବ; ବିଶ୍ୱଗତ ହୋଇ ମଧ୍ୟ ବିଶ୍ୱାତୀତ ସ୍ୱରୂପ ହୋଇପାରିବ । ସେତେବେଳେ ଜୀବନ କହିଲେ ଆଉ ଏକ ଭେଦଧର୍ମୀ ଅବିଦ୍ୟାଦ୍ୱାରା ସୃଷ୍ଟ ଏକ ବସ୍ତୁରୂପାୟନ ବା କ୍ରିୟା ବୋଲି କଦାପି ବୋଧ ହେବ ନାହିଁ ।

'oaob.nitrkl.ac.in' images reprocessed

## ବିଂଶ ପରିଚ୍ଛେଦ

# ପୁନର୍ଜନ୍ମ-ଦର୍ଶନ

ଅନ୍ତବନ୍ତ ଇମେ ଦେହା ନିତ୍ୟସ୍ୟୋକ୍ତାଃ ଶରୀରିଣଃ ।......
ନ ଜାୟତେ ମ୍ରିୟତେ ବା କଦାଚିନ୍ନାୟଂ ଭୂତ୍ୱା ଭବିତା ବା ନ ଭୂୟଃ ।
ଅଜୋ ନିତ୍ୟଃ ଶାଶ୍ୱତୋଽୟଂ ପୁରାଣୋ ନ ହନ୍ୟତେ ହନ୍ୟମାନେ ଶରୀରେ ॥
ବାସାଂସି ଜୀର୍ଣ୍ଣାନି ଯଥା ବିହାୟ ନବାନି ଗୃହ୍ଣାତି ନରୋଽପରାଣି ।
ତଥା ଶରୀରାଣି ବିହାୟ ଜୀର୍ଣ୍ଣାନ୍ୟନ୍ୟାନି ସଂଯାତି ନବାନି ଦେହୀ ॥
ଜାତସ୍ୟ ହି ଧ୍ରୁବୋ ମୃତ୍ୟୁ ର୍ଧ୍ରୁବଂ ଜନ୍ମ ମୃତସ୍ୟ ଚ ।......

ଗୀତା, ୨ । ୧୮, ୨୦, ୨୨, ୨୭

ଏହିସବୁ ଦେହର ଅବଶ୍ୟ ଅନ୍ତ ରହିଛି, ମାତ୍ର ସେହିସବୁ ଦେହ ମଧ୍ୟରେ ରହିଥିବା ଦେହଧାରୀ ଆତ୍ମାର ଅନ୍ତ ନାହିଁ । ଏହି ଆତ୍ମାର ଜନ୍ମ ନାହିଁ ବା ମୃତ୍ୟୁ ନାହିଁ; ଥରେ ଜନ୍ମଲାଭ କରିସାରିବା ପରେ ତାହା ଯେ ଆଉ ଥରେ ଜନ୍ମ ନେବ ନାହିଁ, ତାହା କଦାପି ନୁହେଁ । ଆତ୍ମା ହେଉଛି ଅଜ, ନିତ୍ୟ ଓ ଶାଶ୍ୱତ; ଶରୀରର ହତ୍ୟା ସମ୍ଭବ ହୁଏ, ମାତ୍ର ଶରୀରସ୍ଥ ଆତ୍ମା କଦାପି ହତ ହୋଇପାରେ ନାହିଁ । ଯେକୌଣସି ପୁରୁଷ ଯେପରି ଜୀର୍ଣ୍ଣ ବସ୍ତ୍ରଗୁଡ଼ିକୁ ପରିତ୍ୟାଗ କରି ଅନ୍ୟ ନୂତନ ବସ୍ତ୍ର ପରିଧାନ କରେ, ସେହିପରି ଦେହଧାରୀ ସତ୍ତା ଆପଣାର ପୁରାତନ ଶରୀରଗୁଡ଼ିକୁ ପରିତ୍ୟାଗ କରି ଅନ୍ୟ ନୂତନ ଶରୀର ଗ୍ରହଣ କରେ ।.........ଯିଏ ଜନ୍ମ ଗ୍ରହଣ କରିଛି, ତାହାର ମୃତ୍ୟୁ ନିଶ୍ଚିତ ହେବ; ଯିଏ ମରୁଛି, ତାହାର ଜନ୍ମ ମଧ୍ୟ ନିଶ୍ଚିତ ହେବ ।

......ଆତ୍ମବିବୃଦ୍ଧିଜନ୍ମ ।
କର୍ମାନୁଗାନ୍ୟନୁକ୍ରମେଣ ଦେହୀ ସ୍ଥାନେଷୁ ରୂପାଣ୍ୟଭିସମ୍ପ୍ରପଦ୍ୟତେ ॥
ସ୍ଥୂଳାନି ସୂକ୍ଷ୍ମାଣି ବହୂନି ଚୈବ ରୂପାଣି ଦେହୀ ସ୍ୱଗୁଣୈଃ ବୃଣୋତି ॥

—ଶ୍ୱେତାଶ୍ୱତର ଉପନିଷଦ, ୫ । ୧୧, ୧୨

ଆତ୍ମାର ଜନ୍ମ ରହିଛି, ବୃଦ୍ଧି ବି ରହିଛି । ଆପଣା କର୍ମ ଅନୁସାରେ ଦେହୀ ନାନା ସ୍ଥାନରେ ବାରବାର ନାନା ରୂପ ଗ୍ରହଣ କରେ । ଆପଣା ସ୍ୱଭାବର ଗୁଣ ଅନୁସାରେ ସେ ସ୍ଥୂଳ ଓ ସୂକ୍ଷ୍ମ ନାନା ରୂପ ଧାରଣ କରେ ।

'oaob.nitrkl.ac.in' images reprocessed

ଜନ୍ମ ହେଉଛି ଏହି ଜଡ଼ଗତ ବିଶ୍ୱଜଗତର ଅଧ୍ୟାତ୍ମଭୂମିଗତ ପ୍ରଥମ ରହସ୍ୟ, ମୃତ୍ୟୁ ହେଉଛି ଏହାର ଦ୍ୱିତୀୟ ରହସ୍ୟ, ଯାହାକି ଜନ୍ମରୂପୀ ପ୍ରଥମ ରହସ୍ୟଟି ସହିତ ଆଉ ଏକ ରହସ୍ୟ ଯୋଡ଼ିଦେଇ ତାହାକୁ ଦୁଇଗୁଣ ଜଟିଳ କରିପକାଏ । କାରଣ ଜନ୍ମ ଓ ମୃତ୍ୟୁର ରହସ୍ୟ ଦ୍ୱାରା ଆବୃତ ନରହିଥିଲେ ଜୀବନ ତ ଏହି ଜଗଦସ୍ତିତ୍ୱର ଏକ ଅତ୍ୟୁତ୍କୃଷ୍ଟ ସତ୍ୟ ହୋଇ ରହିଥା'ନ୍ତା, ମାତ୍ର ଏହି ଦୁଇଟିଦ୍ୱାରା ଘେରିହୋଇ ରହିଥିବାରୁ ତାହା ସ୍ୱୟଂ ଏକ ରହସ୍ୟପରି ହୋଇ ରହିଛି । ଦୁଇଟି ଭିତରୁ ଗୋଟିଏ ଜୀବନର ଆରମ୍ଭ ଓ ଆରଟି ତାହାର ଶେଷ ବୋଲି ବୋଧ ହେଉଛି; ମାତ୍ର ସେଗୁଡ଼ିକ ଯେ ତଥାପି ତାହା ନୁହନ୍ତି, ଶତସହସ୍ର ପ୍ରମାଣଦ୍ୱାରା ଆମ ଆଗରେ ସେକଥା ଧରା ପକାଇ ଦେଉଛନ୍ତି । ଜୀବନ-ବିବର୍ତ୍ତନର ଗୋପନ ଓ ସମଗ୍ର ପ୍ରକ୍ରିୟାଟିରେ ସେମାନେ ବରଂ ଦୁଇଟି ମଧ୍ୟବର୍ତ୍ତୀ ସୋପାନ ବୋଲି ପ୍ରମାଣିତ ହୋଇ ଯାଉଛନ୍ତି । ହଠାତ୍ ଦେଖିଲେ ହୁଏତ ମନେହେବ ଯେ ସର୍ବତ୍ରପ୍ରସାରିତ ମୃତ୍ୟୁ ମଧ୍ୟରେ ପ୍ରାଣର ଯେଉଁ ସତତ ଉଚ୍ଛ୍ୱାସ ଆସି ଦେଖାଦେଉଛି, ତାହାହିଁ ହେଉଛି ଜନ୍ମ; ଜଡ଼ର ଏହି ବିସ୍ମୟ ଜୀବନସ୍ପନ୍ଦନ ମଧ୍ୟରେ ଯାହା ଅବିରାମ ଭାବରେ ନିତ୍ୟ ଘଟିଚାଲିଛି, ତାହାହିଁ ଜନ୍ମ । ମାତ୍ର ପ୍ରସଙ୍ଗଟିକୁ ଟିକିଏ ନିକଟତର ଭାବରେ ପରୀକ୍ଷା କରି ଦେଖିଲେ ପ୍ରାଣ ସତେଅବା ଜଡ଼ ମଧ୍ୟରେ ସଂବୃତ ହୋଇ ରହିଥିବା କୌଣସି ସାମଗ୍ରୀ ବୋଲି ଅଧିକ ସମ୍ଭବ ମନେହେଉଛି । ଅଥବା ତାହା ଶକ୍ତି ମଧ୍ୟରେ ଅନ୍ତର୍ନିହିତ ହୋଇ ରହିଥିବା ଏପରି ଏକ ସାମର୍ଥ୍ୟ ବୋଲି ମନେହେଉଛି ଯାହାକି ଜଡ଼ର ସୃଷ୍ଟି କରୁଛି; ମାତ୍ର କେବଳ ଯେତେବେଳେ ଆପଣାର ବିଶିଷ୍ଟ ଉପାଦାନଲକ୍ଷଣଗୁଡ଼ିକର ପ୍ରତିଷ୍ଠା ଓ ଯଥାର୍ଥ ଆତ୍ମସଂରଚନା ଲାଗି ଆବଶ୍ୟକ ପରିବେଶଟି ପାଇବାକୁ ସମର୍ଥ ହେଉଛି, କେବଳ ସେତେବେଳେ ଯାଇ ତାହା ଆବିର୍ଭୂତ ହୋଇପାରୁଛି । ମାତ୍ର ପ୍ରାଣର ଜନ୍ମ ନେବାଦ୍ୱାରା ଯାହା ପ୍ରକାଶ ଲାଭ କରୁଛି, ତାହା ଭିତରେ ଆହୁରି କିଛି ଅବଶ୍ୟ ରହିଛି ଯାହାକି ଏହି ଉନ୍ମେଷର ସଂଘଟନଟିରେ ଭାଗ ନେଉଛି, ଏପରି ଏକ ଉପାଦାନ ରହିଛି, ଯାହାକୁ ଆମେ ଜଡ଼ଗତ ବା ଭୌତିକ ବୋଲି କହିପାରିବା ନାହିଁ; ସତେଯେପରି ଏହି କ୍ଷେତ୍ରରେ ଓ ଏହି ଘଟଣାଟିକୁ ନିମିତ୍ତ କରି ଆତ୍ମାର ଏକ ଶିଖା ଊର୍ଦ୍ଧ୍ୱମୁଖୀ ହୋଇ ଉଦ୍‌ଗତ ହୋଇ ଆସୁଛି, ଚିଦ୍‌ଗତତାର ଏକ ପ୍ରଥମ ସ୍ପନ୍ଦନ ସ୍ପଷ୍ଟ ହୋଇ ଉଙ୍କିଟି ଆସୁଛି ।

ଜନ୍ମଦ୍ୱାରା ଯେଉଁସବୁ ପରିବେଶ ତଥା ପରିଣାମ ଆମ ଜ୍ଞାନର ଗୋଚରକୁ ଆସୁଛି, ତାହା ସ୍ପଷ୍ଟତଃ ତା'ମଧ୍ୟରେ କୌଣସି ଅନବଜ୍ଞାତ ଆଗରୁ ନିହିତ ହୋଇ ରହିଥିଲା ବୋଲି ଆମକୁ ସୂଚନା ଦେଉଛି, ତାହା ମଧ୍ୟରେ ଏକ ବିଶ୍ୱଗତ ବିଧାନ କାର୍ଯ୍ୟ କରୁଥିବାର ଇଙ୍ଗିତ ମିଳୁଛି, ଜୀବନକୁ ଅବିଚ୍ଛିନ୍ନ ରଖିବାର ଏକ ସଂକଳ୍ପ କାର୍ଯ୍ୟ କରୁଛି; ଯେଉଁ ମୃତ୍ୟୁ ଏହି ଇହସୋପାନଟିର ପରେ ଏକ ଅଜ୍ଞାତ ଭୂମି ଆଡ଼କୁ

ଅଙ୍ଗୁଳିନିର୍ଦ୍ଦେଶ କରି ଦିଆଯାଉଛି, ତାହା ଯେପରି ସର୍ବଶେଷ କଥା ନୁହେଁ, ଅର୍ଥାତ୍ ମୃତ୍ୟୁ ପରେ ଯେପରି ଆଉ କିଛି ରହୁଛି, ତାହାର ଏକ ବୋଧଗତ ଆବେଶ ଦେଖାଯାଉଛି । ଜନ୍ମ ପୂର୍ବରୁ ଆମେ କ'ଣ ଥିଲୁ ଓ ମୃତ୍ୟୁପରେ ଆମେ କ'ଣ ହେବୁ, ଆମ ଆଗରେ ଏହିପରି ଦୁଇଟି ପ୍ରଶ୍ନ ଆସି ଠିଆହେଉଛି; ଏବଂ ଗୋଟିଏ ପ୍ରଶ୍ନର ଉତ୍ତର ପୂର୍ଣ୍ଣତଃ ଆଉଗୋଟିଏ ପ୍ରଶ୍ନଟିର ଉତ୍ତର ଉପରେ ନିର୍ଭର କରୁଛି । ଏବଂ ସେହି ଆରମ୍ଭ କାଳରୁହିଁ ମନୁଷ୍ୟର ବୁଦ୍ଧି ଆପଣାକୁ ଏହି ଦୁଇଟି ପ୍ରଶ୍ନ ପଚାରିଆସିଛି, ଏବଂ ଏପର୍ଯ୍ୟନ୍ତ ସେ ତାହାର କୌଣସି ମୀମାଂସାମୂଳକ ଉତ୍ତର ପାଇ ନାହିଁ । ବୁଦ୍ଧିର ଭୂମି ଯାହା, ସେଥିରୁ ତାହା କ୍ୱଚିତ୍ ଏସବୁ ପ୍ରଶ୍ନର ଉତ୍ତର ପାଇପାରିବ । କାରଣ ଯେଉଁ ସ୍ତରରେ ଖୋଜିଲେ ଆମକୁ ସେହି ଉତ୍ତରଟି ମିଳିପାରନ୍ତା, ସେହି ସ୍ତରଟି ହେଉଛି ବ୍ୟକ୍ତି ବା ଗୋଷ୍ଠୀର ଜଡ଼ଚେତନା ଓ ଜଡ଼ଗତ ସ୍ମୃତିର ଦୃଷ୍ଟିଭୂମିଟିର ସମ୍ପୂର୍ଣ୍ଣ ବାହାରେ । ମାତ୍ର ବସ୍ତୁତଃ କେବଳ ଏହି ଦୃଷ୍ଟିଭୂମିଟିର ତଥ୍ୟାବଳୀ ଉପରେହିଁ ଆମର ବୁଦ୍ଧି କେତେ ବିଶ୍ୱାସର ସହିତ ନିର୍ଭର କରିଥାଏ ଓ ସକଳ ଉତ୍ତର ସକାଶେ କେବଳ ତାହାରି ଆଶ୍ରୟ ନେଇଥାଏ । ଏହି ତଥ୍ୟଦରିଦ୍ରତା ଓ ଅନିଶ୍ଚୟତାର ଭଉଁରୀ ଭିତରେ ତାହା ଗୋଟିଏ ଅନୁମାନରୁ ଆଉଗୋଟିଏ ଅନୁମାନକୁ ଖାଲି ଭୂଆଁ ବୁଲିବାରେ ଲାଗିଥାଏ ଏବଂ ଯେତେବେଳେ ଯେଉଁ ଅନୁମାନଟିକୁ ଆଶ୍ରା କରି ପଡ଼ିଥାଏ, ତା'ହାକୁହିଁ ଏକ ସିଦ୍ଧାନ୍ତ ବୋଲି କହେ । ପୁଣି ବିଶ୍ୱବିସ୍ତାର ପ୍ରକୃତି, ଉତ୍ସ ଓ ଅନ୍ତପ୍ରାପ୍ତିଟିର ନିରୂପଣ ଆମେ ଯେପରି ଭାବରେ କରିବା, ତାହାରି ଉପରେହିଁ ଏହି ପ୍ରଶ୍ନଗୁଡ଼ିକର ସମାଧାନ ମଧ୍ୟ ନିର୍ଭର କରୁଥାଏ; ଏବଂ ଏସବୁ ବିଷୟରେ ଆମେ ଯେପରି ଯାହା ସ୍ୱୀକାର କରିବାକୁ ଯିବା, ତାହାରି ଉପରେ ଭିତ୍ତି କରିହିଁ ଜନ୍ମ, ଜୀବନ ଓ ମୃତ୍ୟୁ ବିଷୟରେ ଆମର ବିଚାରଗୁଡ଼ିକ ନିର୍ଦ୍ଧାରିତ ହେବ, ଆମର ଜନ୍ମପୂର୍ବ ତଥା ଜନ୍ମପର ଅବସ୍ଥାର ମୀମାଂସା ହୋଇପାରିବ ।

ଜନ୍ମ ପୂର୍ବରୁ ଆମେ କ'ଣ ଥିଲୁ ଓ ମୃତ୍ୟୁ ପରେ ଆମେ କ'ଣ ହେବୁ, ଏହି ସମସ୍ୟାଟି କ'ଣ ସମ୍ପୂର୍ଣ୍ଣରୂପେ ଏକ ଜଡ଼ଗତ ଓ ପ୍ରାଣଗତ ଭୂମିର ସମସ୍ୟା, ନା ଏଥିରେ ମନୋମୟ ଓ ଆଧ୍ୟାତ୍ମିକଭୂମିର ମଧ୍ୟ କୌଣସି କାର୍ଯ୍ୟକାରିତା ରହିଛି, ବା ସେହି କ୍ଷେତ୍ରରେ ବିଧାୟକ ପରି କାମ କରୁଛି, ତାହାହିଁ ପ୍ରଥମ ପ୍ରଶ୍ନ । ଜଡ଼ବାଦୀର ମତ ପରି ଯଦି ଖାଲି ଜଡ଼ର ବିଧାନରେହିଁ ସଂସାରଟା ଚାଲୁଥା'ନ୍ତା, ତେବେ ତା'ପରେ ଆଉ କୌଣସି ପ୍ରଶ୍ନର ଉତ୍ଥାପନ କରିବା ମଧ୍ୟ ସମ୍ଭବ ହୁଅନ୍ତା ନାହିଁ । କଥିତ ଅଛି ଯେ ବରୁଣଙ୍କର ପୁତ୍ର ଭୃଗୁ ଶାଶ୍ୱତ ପରଂବ୍ରହ୍ମଙ୍କର ଧ୍ୟାନ କରି ବସିଲେ ଏବଂ "ଜଡ଼ହିଁ ଶାଶ୍ୱତ ସତ୍ୟ, କାରଣ ଜଡ଼ରୁହିଁ ସର୍ବଭୂତର ଜନ୍ମ ହୋଇଛି, ସର୍ବଭୂତ ଜଡ଼ରେହିଁ ଅବସ୍ଥାନ କରୁଛନ୍ତି ଓ ଶେଷରେ ସବୁ ସେହି ଜଡ଼ ଭିତରକୁହିଁ ଫେରିଯିବ

'oaob.nitrkl.ac.in' images reprocessed

ଓ ସେଇଥିରେହିଁ ମିଶିଯିବ,"—ଏଇଟିକୁ ସେ ଆଦିସତ୍ୟ ବା ଆଦ୍ୟ ବିଧାନ ବୋଲି ଘୋଷଣା କଲେ । ତାଙ୍କର ଏହି ସୂତ୍ରଟିରୁହିଁ ଯଦି ବସ୍ତୁସମ୍ବନ୍ଧୀୟ ଅସଲ ସତ୍ୟଟିର ଦର୍ଶନ ମିଳୁଥା'ନ୍ତା, ତେବେ ଆଉ କୌଣସି ପ୍ରଶ୍ନର ଅବକାଶହିଁ ନଥା'ନ୍ତା । ଯେତେବେଳେ ଆମ ଶରୀରର ପୂର୍ବାବସ୍ଥା କହିଲେ ବୀଜ ଓ ଖାଦ୍ୟବସ୍ତୁର ମାଧ୍ୟମରେ ହୁଏତ କୌଣସି ଗୋପନ ଅଥଚ ବିଶୁଦ୍ଧ ଜଡ଼ଶକ୍ତିର ପ୍ରଭାବରେ ନାନାବିଧ ବସ୍ତୁରୁ ଆମ ଦେହଲାଗି ଉପଯୋଗୀ ହେବାଭଳି ଜଡ଼ ଉପାଦାନଗୁଡ଼ିକ ସଂଗୃହୀତ ହୋଇ ଆସିବାକୁହିଁ ବୁଝାଉଥା'ନ୍ତା; ଏବଂ ଆମ ଚେତନସତ୍ତ୍ୱର ପୂର୍ବାବସ୍ଥା କହିଲେ ବଂଶାନୁକ୍ରମିକତାର ସୂତ୍ରଦେଇ ଅଥବା ବିଶ୍ୱଜଡ଼ ମଧ୍ୟରେ କ୍ରିୟାଶୀଳ ହୋଇ ରହିଥିବା ଜଡ଼ାଶ୍ରୟୀ ପ୍ରାଣ କିମ୍ବା ଜଡ଼ାଶ୍ରୟୀ ମନର କୌଣସି ଏକ ବିଶେଷ କ୍ରିୟାତ୍ମକତା ଫଳରେ ପିତାମାତାଙ୍କର ଦେହ ମଧ୍ୟଦେଇ ବୀଜକୋଷ, ଜୀନ୍ ଓ କ୍ରୋମୋସୋମ୍-ଗୁଡ଼ିକର ମାଧ୍ୟମରେ ଆମର ବ୍ୟକ୍ତିରୂପଟିର ପ୍ରସ୍ତୁତିକୁହିଁ ବୁଝାଉଥାଆନ୍ତା । ସେତେବେଳେ ଦେହର ପରବର୍ତ୍ତୀ ଅବସ୍ଥା କହିଲେ ଜଡ଼ ଉପାଦାନଗୁଡ଼ିକରେ ଶରୀରର ମିଳାଇଯିବାକୁ ବୁଝାଉଥା'ନ୍ତା ଓ ଚେତନସତ୍ତ୍ୱର ପରବର୍ତ୍ତୀ ଅବସ୍ଥା କହିଲେ ଜଡ଼ର ଅବସ୍ଥାକୁ ପୁନର୍ବାର ଫେରିଆସିବାକୁ ବୁଝାଉଥାଆନ୍ତା, ଅବଶ୍ୟ ମାନବଜାତିର ସାଧାରଣ ଜୀବନ ଓ ମନର କ୍ଷେତ୍ରରେ ତାହା ଆପଣା କ୍ରିୟାର କିଛିତ୍ତ ଅବଶେଷ ରଖି ଯାଉଥା'ନ୍ତା । ଏବଂ ଏହି ଶେଷୋକ୍ତ ନାହିଁସମାନ ଅବଶେଷଟିହିଁ ଆମ ଅମରତ୍ୱ-ଲାଭର ଏକମାତ୍ର ଆଶା ହୋଇ ରହୁଥା'ନ୍ତା । ମାତ୍ର ଯେହେତୁ ବିଶ୍ୱମୟ ଜଡ଼ରୁ ଆମେ ମନର ଅସ୍ତିତ୍ୱଟିକୁ ପ୍ରମାଣ କରିଲାଭଳି ଯଥେଷ୍ଟ ବ୍ୟାଖ୍ୟା କେବେହେଲେ ପାଇପାରିବା ନାହିଁ, ଏବଂ ଜଡ଼କୁ ମଧ୍ୟ କେବଳ ସେହି ଜଡ଼ଦ୍ୱାରା ଆଉ କଦାପି ବ୍ୟାଖ୍ୟା କରିପାରିବା ନାହିଁ, କାରଣ ଜଡ଼ ଏକ ସ୍ୱୟମ୍ଭୂସତ୍ତ୍ୱା ହୋଇଥିବ ବୋଲି ମନେହେଉ ନାହିଁ, ତେଣୁ ଆମକୁ ବାଧ୍ୟ ହୋଇ ଏହି ସହଜ ଓ ସ୍ପଷ୍ଟ ବୋଲି ପ୍ରତୀତ ହେଉଥିବା ସମାଧାନଟିକୁ ଛାଡ଼ି ଅନ୍ୟ କୌଣସି ଅନୁମାନର ଆଶ୍ରୟ ନେବାକୁ ପଡ଼ିବ ।

କୌଣସି କୌଣସି ପ୍ରାଚୀନ ଧର୍ମର ଉପାଖ୍ୟାନ ମଧ୍ୟରେ ଆମେ ଏକ ସୂତ୍ରବଦ୍ଧ ରହସ୍ୟତତ୍ତ୍ୱର ସାକ୍ଷାତ ପାଇଥାଉ; ସେଥିରେ କୁହାଯାଇଥାଏ ଯେ ଭଗବାନ କୌଣସି ଏକ ରହସ୍ୟମୟ ଉପାୟରେ ଆପଣାର ସତ୍ତ୍ୱା ମଧ୍ୟରୁ ସତତ ଅମର ଆତ୍ମା-ଗୁଡ଼ିକୁ ତିଆରି କରୁଛନ୍ତି । ଅନୁମାନ କରିନେବାକୁ ହୁଏ ଯେ ସେ ଆପଣାର 'ନିଶ୍ୱାସ' ବା ପ୍ରାଣଶକ୍ତିରୁ ସେମାନଙ୍କୁ ତିଆରି କରୁଛନ୍ତି; ଜଡ଼ ପ୍ରକୃତି ଅଥବା ଏହି ପ୍ରକୃତି ମଧ୍ୟରେ ସେ ସୃଷ୍ଟି କରୁଥିବା ଶରୀରଗୁଡ଼ିକ ମଧ୍ୟରେ ପ୍ରବେଶ କରୁଛନ୍ତି ଏବଂ ଏକ ଆଧ୍ୟାତ୍ମିକ ତତ୍ତ୍ୱର ସଞ୍ଚାରଦ୍ୱାରା ସେ ସେଗୁଡ଼ିକର ଅନ୍ତର୍ରାଜ୍ୟକୁ ଉଦ୍ଦୀପିତ କରି ଦେଉଛନ୍ତି । ରହସ୍ୟନିଗୂଢ଼ ଏକ ବିଶ୍ୱାସରୂପେ ହୁଏତ ଏହାକୁ ଗ୍ରହଣ କରି ନିଆଯାଇ

'oaob.nitrkl.ac.in' images reprocessed

ପାରେ ଓ ସେପରି କ୍ଷେତ୍ରରେ ତାହାକୁ ପରୀକ୍ଷା କରି ଦେଖିବାଲାଗି ଆଉ ଆବଶ୍ୟକତା ନଥାଏ; କାରଣ ଯେଉଁସବୁ ରହସ୍ୟକୁ ବିଶ୍ୱାସଦ୍ୱାରା ମାନି ନିଆଯାଏ, ସେଗୁଡ଼ିକୁ ସର୍ବଦା ସକଳ ପ୍ରଶ୍ନ ଓ ଅନୁସନ୍ଧାନର ବାହାରେ ବୋଲି ନିର୍ଦ୍ଦିଷ୍ଟ କରି ରଖି ଦିଆଯାଏ। ମାତ୍ର ବିଚାର ଓ ଦର୍ଶନଲାଗି ଏଥିରେ ଯଥେଷ୍ଟ ବୁଦ୍ଧିବୋଧ ହୁଏ ନାହିଁ ଏବଂ ବସ୍ତୁ ବିଷୟରେ ଆମର ପରିଚିତ ଧାରଣାଟି ସହିତ ଏହା ଆଦୌ ଖାପ ଖାଏ ନାହିଁ । କାରଣ ଏହି ସିଦ୍ଧାନ୍ତଟି ଭିତରେ ଦୁଇଟି ବିରୋଧ ଆସି ଆମର ସମ୍ମୁଖରେ ଉପସ୍ଥିତ ହୁଏ ଯାହାର କୌଣସି ବିଚାର କରିବା ଆଗରୁ ସେଗୁଡ଼ିକର ଔଚିତ୍ୟଟିକୁ ପ୍ରମାଣ କରିବା ଲାଗି ଅଧିକ ଉପାଦାନ ଆବଶ୍ୟକ ହୁଏ। ପ୍ରଥମ ବିରୋଧଟି ହେଉଛି ଯେ ଈଶ୍ୱର ଘଡ଼ିଘଡ଼ିକେ ଯେଉଁସବୁ ଜୀବ ସୃଷ୍ଟି କରୁଛନ୍ତି, କାଳଗତ ଦୃଷ୍ଟିରୁ ଦେଖିଲେ ସେମାନଙ୍କର ଏକ ଆଦି ରହିଛି, ମାତ୍ର ଅନ୍ତ ନାହିଁ; ଏବଂ, ପୁନଶ୍ଚ, ଶରୀରର ଜନ୍ମ ସହିତ ସେମାନେ ବି ଜନ୍ମ ନେଉଛନ୍ତି, ମାତ୍ର ଶରୀରର ମୃତ୍ୟୁ ସହିତ ସେମାନଙ୍କର ମୃତ୍ୟୁ ଘଟୁ ନାହିଁ । ଦ୍ୱିତୀୟତଃ, ଏହି ଜନ୍ମ ସହିତ ଦୋଷ ବା ଗୁଣ, ଶକ୍ତି ବା ଅଶକ୍ତତା ଅଥବା ସ୍ୱଭାବଗତ ଐଶ୍ୱର୍ଯ୍ୟ କିମ୍ବା ଦୈନ୍ୟର ଏକ ବୋଝକୁ ଆଣି ଜୀବର କାନ୍ଧରେ ଲଦି ଦିଆଯାଉଛି; ଆପଣା ବିବର୍ତ୍ତନ ଓ ବିକାଶକ୍ରମର ପରିଣାମରୂପେ ଜୀବ ଏଗୁଡ଼ିକୁ ହାସଲ କରି ନାହିଁ ଏବଂ ବଂଶାନୁକ୍ରମିକତାର କୌଣସି ବିଧାନ ମାନି ଯଦି ଏହା ନହେଉଥାଏ, ତେବେ ତାହାର ଏକ ଖାମଖିଆଲି ଇଚ୍ଛା ଏଗୁଡ଼ିକୁ ଜୀବମାନଙ୍କ ଲାଗି ତିଆରି କରିଦେଉଛି, ଏବଂ ତଥାପି ସେଗୁଡ଼ିକ ଲାଗି ଓ ସେଗୁଡ଼ିକର ଯଥାର୍ଥ ଉପଯୋଗ ଲାଗି ସେମାନେ ଆପଣାର ସ୍ରଷ୍ଟାଙ୍କ ପାଖରେ ଦାୟୀ ହୋଇ ରହିଛନ୍ତି ।

ଅନ୍ତତଃ ସାମୟିକ ଭାବରେ ହେଲେ ମଧ୍ୟ ଦାର୍ଶନିକ ବିଚାରର କେତେକ ବିଷୟକୁ ଆମେ ନ୍ୟାଯ୍ୟ ଅନୁମାନରୂପେ ମାନିନେଇ ପାରିବା ଓ ସେଗୁଡ଼ିକୁ ମିଥ୍ୟା ବୋଲି ପ୍ରମାଣ କରିବାର ଭାରକୁ ସେଗୁଡ଼ିକୁ ଅସ୍ୱୀକାର କରୁଥିବା ବ୍ୟକ୍ତିମାନଙ୍କ ଉପରେ ନିଶ୍ଚିନ୍ତ ନ୍ୟସ୍ତ କରିଦେଇ ପାରିବା । ଏହିପରି ଗୋଟିଏ ଅନୁମାନ ହେଉଛି : ଯାହାର କୌଣସି ଅନ୍ତ ନାହିଁ, ତାହାର ବସ୍ତୁତଃ କୌଣସି ଆଦି ମଧ୍ୟ କଦାପି ରହିପାରିବ ନାହିଁ । ଯାହା-କିଛିର ଏକ ଆରମ୍ଭ ଅଛି, ବା ଯାହାର ସୃଷ୍ଟିହୋଇଛି, ଯେଉଁ ପ୍ରକ୍ରିୟାଟିଦ୍ୱାରା ତାହାର ସୃଷ୍ଟି ହୋଇଛି ଓ ଯାହା ତାହାକୁ ବର୍ତ୍ତମାନ ଅବସ୍ଥାଟିରେ ରଖିଛି, ସେହି ପ୍ରକ୍ରିୟାଟି ବନ୍ଦ ହୋଇଗଲେ, ଅଥବା ଯେଉଁ ଜଡ଼ ଉପାଦାନଟିଦ୍ୱାରା ତାହା ରଚିତ ହୋଇଥିଲା, ତାହାର ଲୟ ଘଟିଲେ କିମ୍ବା ଯେଉଁ କାର୍ଯ୍ୟଟିର ସାଧନ କରିବାକୁ ତାହା ରୂପ ଗ୍ରହଣ କରିଥିଲା, ସେହି କାର୍ଯ୍ୟଟି ସରିଗଲେ ସେହି ସୃଷ୍ଟ ବସ୍ତୁଟିର ମଧ୍ୟ ଅବଶ୍ୟ ବିଲୟ ଘଟିଛି । ଯଦି ଏହି ବିଧାନଟିରେ କେଉଁଠି କୌଣସି ବ୍ୟତିକ୍ରମ ରହିଥାଏ, ତେବେ ଜଡ଼ ମଧ୍ୟରେ କେବଳ ଏକ ଚିଦ୍‌ଶକ୍ତିର ଅବତରଣ ଘଟିବାଦ୍ୱାରାହିଁ ତାହା ସମ୍ଭବ ହେବ;

'oaob.nitrkl.ac.in' images reprocessed

ସେତେବେଳେ ଯାଇ ଜଡ଼ ଦ୍ରବ୍ୟତାଦ୍ୱାରା ସଙ୍ଗଠିତ ହୋଇଉଠିବ କିମ୍ବା ଜଡ଼ ଆପଣାର ଅମରତ୍ୱଟିକୁ ଲାଭ କରିବ । ମାତ୍ର ଯେଉଁ ଚିନ୍ମୟସତ୍ତା ବା ଚିଦ୍‌ଶକ୍ତି ଏହି କ୍ଷେତ୍ରରେ ଅବତରଣ କରିବ, ତାହା ହେଉଛି ଏକ ଅମର ସତ୍ତା, ତାହାକୁ ଦେହ ତିଆରି କରି ନାହିଁ କିମ୍ବା ସୃଷ୍ଟି କରି ନାହିଁ । ଶରୀର ମଧ୍ୟରେ ଜୀବନର ସଞ୍ଚାର କରିବାଲାଗିହିଁ ଯଦି ଆତ୍ମାର ସୃଷ୍ଟି ହୋଇଥିଲା, ଏବଂ ଅସ୍ତିତ୍ୱ ଗ୍ରହଣ କରିବା ଲାଗି ଯଦି ଏହାକୁ ଶରୀର ବା ଦେହ ଉପରେ ନିର୍ଭର କରିବାକୁ ପଡ଼ିଲା, ତେବେ ଦେହଟି ଅନ୍ତର୍ହିତ ହୋଇ ଗଲାପରେ ଆତ୍ମା ତଥାପି ବିଦ୍ୟମାନ ରହିବ ବୋଲି କହିବାର ଆଉ କୌଣସି କାରଣ ନାହିଁ, କୌଣସି ଯୁକ୍ତି ମଧ୍ୟ ନାହିଁ । ସେହି କ୍ଷେତ୍ରରେ ସ୍ୱଭାବତଃ ଅନୁମାନ କରାଯାଇ ପାରିବ ଯେ ଶରୀରଟିକୁ ସଙ୍ଗଠିତ କରି ରଖିବାଲାଗି ସେଥିରେ ଯେଉଁ ନିଶ୍ୱାସ ବା ଶକ୍ତିର ସଞ୍ଚାର କରାଯାଇଥିଲା, ଅବଶେଷରେ ଶରୀରଟିର ଶେଷ ଘଟିବା ସଙ୍ଗେସଙ୍ଗେ ସେଇଟି ମଧ୍ୟ ଆପଣାର ସ୍ରଷ୍ଟାଙ୍କ ପାଖକୁ ନିଶ୍ଚୟ ବାହୁଡ଼ିଯିବ । ମାତ୍ର, ଅପର ପକ୍ଷରେ, ଯଦି ତାହା ଏକ ଦେହଧାରୀ ସତ୍ତା ହିସାବରେ ତଥାପି ଅମର ହୋଇ ରହେ, ତେବେ ଏକ ସୂକ୍ଷ୍ମ କିମ୍ବା ଚୈତ୍ୟଦେହ ଧାରଣ କରି ତାହାକୁ ବର୍ତ୍ତମାନ ରହିବାକୁ ପଡ଼ିବ, ଏବଂ ଏକଥା ମଧ୍ୟ ବେଶ୍ ନିଶ୍ଚିତ ବୋଲି ଗ୍ରହଣ କରିବାକୁ ପଡ଼ିବ ଯେ ଏହି ଚୈତ୍ୟଦେହ ଓ ତାହାର ନିବାସୀ ଜଡ଼ଦେହଟିର ସୃଷ୍ଟି ହେବା ପୂର୍ବରୁ ମଧ୍ୟ ବିଦ୍ୟମାନ ଥିଲେ; ଏବଂ କେବଳ ଏହି ଦେହରୂପୀ ଅଳ୍ପକାଳସ୍ଥାୟୀ ଓ କ୍ଷୟଧର୍ମୀ ଆବାସଟି ମଧ୍ୟରେ ବାସ କରିବାକୁ ଯେ ମୂଳତଃ ସେମାନଙ୍କର ସୃଷ୍ଟି ହୋଇଥିଲା, ସେତେବେଳେ ସେପରି ଅନୁମାନ କରିବା ବଡ଼ ଅଯୌକ୍ତିକ ହୋଇ ପଡ଼ିବ । କାରଣ ଏକ ମରଣହୀନ ସତ୍ତାକୁ ସୃଷ୍ଟିରେ ଘଟୁଥିବା ଏକ ଅତି ନଶ୍ୱର ଘଟଣାର ପରିଣାମ ବୋଲି କଦାପି ବୁଝାଯାଇ ପାରିବ ନାହିଁ । ଯଦି କୌଣସି ଶରୀର ଧାରଣ ନକରି ମଧ୍ୟ ଆତ୍ମା ଅବଶେଷ ରହିଯାଏ, ତେବେ ଶରୀରର ମୃତ୍ୟୁ ପରେ ତାହା ଯେପରି ଆପଣାର ଅଶରୀରୀ ଆଧ୍ୟାତ୍ମିକ ରୂପରେ ବିଦ୍ୟମାନ ରହୁଛି, ଶରୀରଟି ମଧ୍ୟରେ ପ୍ରବେଶ କରିବା ପୂର୍ବରୁ ମଧ୍ୟ ତାହା ସେହିଭଳି ଏକ ଅଶରୀରୀ ଚିଦ୍‌ଶକ୍ତିରୂପେ ଅବଶ୍ୟ ଅବସ୍ଥିତ ଥିଲା ବୋଲି କହିବାକୁ ପଡ଼ିବ ।

ପୁଣି, ଏକଥା ମଧ୍ୟ ଏକ ସତ୍ୟରୂପେ ଅନୁମାନ କରିନେବାକୁ ହେବ ଯେ ଯେଉଁଠି କାଳଗତ ଭୂମି ଉପରେ ଆମେ ବିବର୍ତ୍ତନ ବା ବିକାଶର ଏକ ନିର୍ଦ୍ଦିଷ୍ଟ ସୋପାନ ଦେଖିବାକୁ ପାଉଛୁ, ଅତୀତରେ ସେହି ବିକାଶର ପୂର୍ବବର୍ତ୍ତୀ ସ୍ତର ବା ସୋପାନମାନ ଅବଶ୍ୟ ରହିଥିବ । ତେବେ, ବ୍ୟକ୍ତିତ୍ୱାପନ୍ନତାର ଏକ ନିର୍ଦ୍ଦିଷ୍ଟ ସ୍ତରରେ ଉପନୀତ ହୋଇ ଯଦି ଆତ୍ମା ଏହି ଜୀବନରେ ପ୍ରବେଶ କରୁଥାଏ, ତେବେ ଏଠି ହେଉ ଅଥବା ଅନ୍ୟକେଉଁଠି ହେଉ, ଆପଣାର ଅନ୍ୟାନ୍ୟ ପୂର୍ବବର୍ତ୍ତୀ ଜୀବନରେ

'oaob.nitrkl.ac.in' images reprocessed

ତାହା ସେହି ବ୍ୟକ୍ତିଭାବାପନ୍ନତାକୁ ଅବଶ୍ୟ ପ୍ରସ୍ତୁତ କରିବାରେ ଲାଗିଥିଲା ବୋଲି ଗ୍ରହଣ କରିନେବାକୁ ହେବ । ଅଥବା, ଯଦି ତାହା ଆଗରୁ ପ୍ରସ୍ତୁତ ହୋଇ ରହିଥିବା ଜୀବନ ଓ ବ୍ୟକ୍ତିତ୍ୱକୁ ଗ୍ରହଣ କରି ନେଉଥାଏ, ଯେଉଁ ବ୍ୟକ୍ତିତ୍ୱଟିକୁ କି ସେ ନିଜେ ପ୍ରସ୍ତୁତ କରି ତିଆରି କରି ନାହିଁ ଓ ଯାହା ସମ୍ଭବତଃ ଏକ ଅନ୍ନପ୍ରାଣମୟ ତଥା ମନୋମୟ ବଂଶାନୁକ୍ରମିକତା ଦ୍ୱାରାହିଁ ରଚିତ ହୋଇଛି, ତେବେ ସ୍ୱୟଂ ଏହି ଆତ୍ମାକୁହିଁ ସେହି ଜୀବନ ଓ ବ୍ୟକ୍ତିତ୍ୱଠାରୁ ସମ୍ପୂର୍ଣ୍ଣ ସ୍ୱତନ୍ତ୍ର କୌଣସି ତତ୍ତ୍ୱ ବୋଲି କହିବାକୁ ପଡ଼ିବ; ଏହାକୁ ଏପରି ଏକ ପଦାର୍ଥ ବୋଲି କହିବାକୁ ପଡ଼ିବ, ଯାହାରକି ବଡ଼ ଆକସ୍ମିକ ଭାବରେ ମନ ଓ ଦେହ ସହିତ ଏକ ସଂଯୋଗ ଘଟିଛି, ଏବଂ ତେଣୁ ମନର ଓ ଦେହର ଏହି ଜୀବନକ୍ଷେତ୍ରଟିରେ ଯାହାସବୁ କରାଯାଉଛି ବା ବିକଶିତ ହେଉଛି, ତାହାଦ୍ୱାରା ଆତ୍ମା କୌଣସି ପ୍ରକାରେ ପ୍ରଭାବିତ ହେବ ନାହିଁ । ଯଦି ଆତ୍ମା ଏକ ସତ୍ୟ ଓ ଅମର ତତ୍ତ୍ୱ ହୋଇଥାଏ, ଯଦି ଏହା ସତ୍ତାସମ୍ବନ୍ଧୀୟ ଏକ ବିରଚନା କିମ୍ବା ଚିତ୍ରରଚନା ମାତ୍ର ହୋଇ ନ ଥାଏ, ତେବେ ତାହାକୁ ଶାଶ୍ୱତ ବୋଲି ମଧ୍ୟ କହିବାକୁ ହେବ, ଅତୀତର କୌଣସି ନିର୍ଦ୍ଦିଷ୍ଟ ବିନ୍ଦୁରେ ଏହାର ଆରମ୍ଭ ହୋଇ ନାହିଁ କିମ୍ବା ଭବିଷ୍ୟତର କୌଣସି ବିନ୍ଦୁରେ ଆସି ପହଞ୍ଚି ଏହାର କୌଣସି ଶେଷ କଦାପି ହେବ ନାହିଁ ବୋଲି କହିବାକୁ ହେବ । ମାତ୍ର ଯଦି ତାହାକୁ ଶାଶ୍ୱତ ବୋଲି କୁହାଯାଏ, ତେବେ ଏହାକୁ ଏକ ପରିବର୍ତ୍ତନରହିତ ଆତ୍ମସତ୍ତା ବୋଲି କହିବାକୁ ପଡ଼ିବ ଯାହାକି ଜୀବନ ଓ ଜୀବନଗତ କୌଣସି ବିଷୟଦ୍ୱାରା କୌଣସିପ୍ରକାରେ ପ୍ରଭାବିତ ହେଉ ନାହିଁ; ଅଥବା ଏକ କାଳାତୀତ ପୁରୁଷ ଅର୍ଥାତ୍ ଏକ ଶାଶ୍ୱତ ଓ ଆଧ୍ୟାତ୍ମିକ ପରମ ବ୍ୟକ୍ତିଭାବାପନ୍ନତା ବୋଲି କହିବାକୁ ପଡ଼ିବ, ଯିଏକି କାଳର ଆଧାର ଉପରେ ନିତ୍ୟପରିବର୍ତ୍ତନଶୀଳ ବ୍ୟକ୍ତିଭାବାପନ୍ନତାର ଏକ ପ୍ରବାହକୁ ବ୍ୟକ୍ତ କରିବାରେ ବା ଚଳାଇବାରେ ଲାଗିଛନ୍ତି । ଯଦି ଆତ୍ମା ସେହିଭଳି ଏକ ପୁରୁଷ ହୋଇଥାଏ, ତେବେ ବ୍ୟକ୍ତିଭାବାପନ୍ନତାର ଏହି ପ୍ରବାହକୁ ତାହା କେବଳ ଏକ ଦେହପରମ୍ପରାକୁ ଗ୍ରହଣ କରି ଜୀବନ ଓ ମୃତ୍ୟୁ ରହିଥିବା ଏକ ଜଗତ ମଧ୍ୟରେହିଁ ସମ୍ଭବ କରିପାରିବ, ଅର୍ଥାତ୍, ଗୋଟିଏ କଥାରେ କହିଲେ, ପ୍ରକୃତିଗତ ନାନା ରୂପ ଗ୍ରହଣ କରି ସତତ ଓ ବାରବାର ଜନ୍ମ ହୋଇହିଁ ସେ ଏହା କରିପାରିବ ।

ମାତ୍ର, ଏକ ଚିରନ୍ତନ ଜଡ଼ରୁହିଁ ଯେ ସକଳ ଭୂତର ସୃଷ୍ଟି ହୋଇଛି, ଏହି ବ୍ୟାଖ୍ୟାଟିକୁ ଅସ୍ୱୀକାର କଲେ ମଧ୍ୟ କେବଳ ତାହାଦ୍ୱାରାହିଁ ଆତ୍ମାର ଅମରତ୍ୱ ବା ଚିରନ୍ତନତ୍ୱ କଦାପି ସିଦ୍ଧ ହୋଇଯାଉ ନାହିଁ । କାରଣ ଏପରି ଏକ ମତ ବି ରହିଛି ଯେ ଯେଉଁ ଅଦ୍ୱୟ ପରମତତ୍ତ୍ୱରୁ ସକଳ ଭୂତର ସୃଷ୍ଟି ହୋଇଛି, ଯେଉଁ ତତ୍ତ୍ୱଟିଦ୍ୱାରା ସକଳଭୂତ ଜୀବନ ଧାରଣ କରି ରହିଛନ୍ତି ଓ ଶେଷରେ ଯାହା ମଧ୍ୟରେ ସେମାନେ ସମସ୍ତେ ଲୀନ ହୋଇଯିବେ, ସେହି ତତ୍ତ୍ୱର କୌଣସି ଶକ୍ତି ବଳରେହିଁ ସାମୟିକ

'oaob.nitrkl.ac.in' images reprocessed

ସ୍ୱଭାବରେ ଓ ଆପାତ ରୂପରେହିଁ ଅସ୍ମାର ମଧ୍ୟ ସୃଷ୍ଟି ହୋଇଛି । ଗୋଟିଏ ପକ୍ଷରେ, କେତେକ ଆଧୁନିକ ବିଜ୍ଞାନର ବା ଆବିଷ୍କାରକୁ ଭିତ୍ତି କରି ଆମେ ଏକ ଜଡ଼ମୟ ପରମ ଅଚେତନାରୁହିଁ ସାମୟିକ ଭାବେ ଆତ୍ମାର ସୃଷ୍ଟି ହେଉଛି ବୋଲି ଏକ ସିଦ୍ଧାନ୍ତ ଠିଆକରି ପାରିବା, ଏହି ଆତ୍ମାକୁ ଆମେ ଏକ ଚେତନା ବୋଲି କହିପାରିବା ଯାହାକି ଅପରୋକ୍ଷ ସଂକ୍ଷିପ୍ତ କ୍ରିୟାଶୀଳତା ସାଙ୍ଗ କରି ନିର୍ବାପିତ ହୋଇଯାଉଛି ଏବଂ ପୁଣି ସେହି ପରମ ଅଚେତନ ମଧ୍ୟକୁହିଁ ଲେଉଟି ଯାଉଛି । ଅଥବା, ଏକ ଶାଶ୍ୱତ ସମୂର୍ତ୍ତ ଅବିଚ୍ଛିନ୍ନ ଭାବରେ ଲାଗିରହିଛି, ଯାହାକି ଏକ ବିଶ୍ୱଗତ ପ୍ରାଣଶକ୍ତି ମଧ୍ୟରେ ଆପଣାକୁ ଅଭିବ୍ୟକ୍ତ ଓ ପ୍ରକାଶିତ କରୁଛି, ଏହାର କ୍ରିୟାତ୍ମକତାରେ ବସ୍ତୁସ୍ଥିତିଗତ ଗୋଟିଏ ପ୍ରାନ୍ତରେ ଜଡ଼ର ଆବିର୍ଭାବ ହେଉଛି ଓ ଆତ୍ମସ୍ଥିତିଗତ ବା ଅଣସ୍ୱଗତ ଅନ୍ୟ ପ୍ରାନ୍ତଟିରେ ମନ ଆବର୍ତ୍ତିତ ହେଉଛି ଏବଂ ପ୍ରାଣଶକ୍ତିର ଏହି ଦୁଇଟିଯାକ ପ୍ରକାଶର ପାରସ୍ପରିକ କ୍ରିୟା ଓ ପ୍ରତିକ୍ରିୟାଦ୍ୱାରା ଆମର ଏହି ମନୁଷ୍ୟଭୂମିଗତ ଅଭିବୃତ୍ତିର ସର୍ଜନା ହେଉଛି । ଅନ୍ୟପକ୍ଷରେ ଆମ ଆଗରେ ସେହି ପ୍ରାଚୀନ ସିଦ୍ଧାନ୍ତଟି ରହିଛି ଯାହାକି ପରମ ଅତିଚେତନକୁହିଁ ଏକମାତ୍ର ସତ୍ତା ବୋଲି ସ୍ୱୀକାର କରୁଛି, ତାହା ଏକ ଶାଶ୍ୱତ ଓ ସବୁପ୍ରକାର ବୈକଳ୍ପରୁ ରହିତ ଏକ ପରମସତ୍ତାକୁ ସ୍ୱୀକାର କରୁଛି, ଯିଏକି ଅପରୋକ୍ଷ ମାୟାବଳରେ ପ୍ରାତିଭାସିକ ମନ ଓ ଜଡ଼ର ଏହି ଜଗତରେ ବ୍ୟକ୍ତିଭାବାପନ୍ନ ଜୀବାତ୍ମାର ଏକ ଭ୍ରମକୁ ସ୍ୱୀକାର କରୁଛନ୍ତି ବା ସୃଷ୍ଟି କରୁଛନ୍ତି । ପ୍ରାତିଭାସିକ ମନ ଓ ଜଡ଼କୁ ଆମେ ବସ୍ତୁତଃ ଅବାସ୍ତବ ବୋଲି କହିବା, ଯଦିଓ ଏକଥା ମଧ୍ୟ ସତ ଯେ ସେମାନଙ୍କର ଏକ ସାମୟିକ ଓ ପ୍ରାତିଭାସିକ ବାସ୍ତବତା ବି ଥାଇପାରେ । ଜୀବାତ୍ମାରୂପୀ ଭ୍ରମଟିକୁ ସ୍ୱୀକାର କରିବା ସଙ୍ଗେସଙ୍ଗେ ସେହି ବୈକଳ୍ପମୁକ୍ତ ଶାଶ୍ୱତ ପରମ ତତ୍ତ୍ୱସତ୍ତା ଏକମାତ୍ର ସତ୍ୟରୂପେ ଅବସ୍ଥିତ ରହିଛନ୍ତି । ଅଥବା, ଆମ ପାଖରେ ଶୂନ୍ୟ ବା ନିର୍ବାଣର ବୌଦ୍ଧ ସିଦ୍ଧାନ୍ତଟି ମଧ୍ୟ ରହିଛି ଏବଂ ତାହା ଉପରେ କୌଣସିପ୍ରକାରେ ଆରୋପିତ କରାଯାଇ ଥିବା ଓ ଆମେ କର୍ମ ବୋଲି କହୁଥିବା ସମୂହଗତ ଏକ ଅନନ୍ତ ଅବିଚ୍ଛିନ୍ନଭାବ ଏକ ଶାଶ୍ୱତ ଶକ୍ତି ବା କ୍ରିୟା ରହିଛି, ଯାହାକି ମନୋଗତ ସମ୍ବଦ୍ଧତା, ଧାରଣା, ସ୍ମୃତି, ଇନ୍ଦ୍ରିୟଗତ ଅନୁଭୂତି ଓ ପ୍ରତିରୂପକଳ୍ପନାର ଏକ ସତତ ଅବିଚ୍ଛିନ୍ନତାଦ୍ୱାରା ଆମ ଭିତରେ ଏକ ସ୍ଥାୟୀ ଆତ୍ମସତ୍ତା ବା ଅସ୍ମାର ଭ୍ରମଟିକୁ ଉତ୍ପନ୍ନ କରି ରଖିଛି । ଏହି ତିନୋଟିଯାକ ବ୍ୟାଖ୍ୟା ଜୀବନସମସ୍ୟାଟିର କେବଳ ସେଇ ଗୋଟିଏ ସମାଧାନ ଆଣି ଦିଆଇ ଦେଉଛି; କାରଣ ବିଶ୍ୱକ୍ରିୟାର ଉଦ୍ଦେଶ୍ୟକ୍ଷେତ୍ରରେ ଅତିଚେତନା ମଧ୍ୟ ଅଚେତନାର ସମବାରୀ ହୋଇ ରହିଛି । ଏହି ଅତିଚେତନ ମଧ୍ୟରେ କେବଳ ନିର୍ବିକାର ଆତ୍ମସତ୍ତାର ଜ୍ଞାନଟିହିଁ ରହିପାରେ ଏବଂ ତେଣୁ ଜୀବଜଗତର ସୃଷ୍ଟିକୁ ତାହାର ଆତ୍ମସତ୍ତା ଉପରେ ଲଦି ଦିଆଯାଇ ଥିବା ଏକ ମାୟାକଳ୍ପିତ ଆରୋପ ବୋଲିହିଁ କହିବାକୁ ପଡ଼ିବ । ବୁଏତ ଚେତନାର ଏକପ୍ରକାର ଆତ୍ମନିମଜ୍ଜିତ ନିଦ୍ରାବସ୍ଥା ବା

'oaob.nitrkl.ac.in' images reprocessed

ସୁଷୁପ୍ତିର (ମାଣ୍ଡୁକ୍ୟ ଉପନିଷଦରେ ବର୍ଣ୍ଣିତ ପ୍ରାଜ୍ଞ ବା ସୁଷୁପ୍ତିମଗ୍ନ ଆତ୍ମାକୁହିଁ ସକଳ ବସ୍ତୁର ପ୍ରଭୁ ଓ ସ୍ରଷ୍ଟା ବୋଲି କୁହାଯାଇଛି ।) ଅବସ୍ଥାରୁହିଁ ଏସବୁ ସଂଘଟିତ ହେଉଛି, ସେଇଥିରୁହିଁ କ୍ରିୟାଶୀଳ ଯାବତୀୟ ଚେତନା ଓ ପ୍ରାତିଭାସିକ ସମ୍ଭୂତିର ଯାବତୀୟ ବିରଚନା ଉନ୍ମେଷ ଲାଭ କରୁଛି । ଆଧୁନିକ ମତ ଅନୁସାରେ ଆମର ଚେତନାକୁ ଯେପରି ନିଶ୍ଚେତନାର କେବଳ ଏକ ଅସ୍ଥାୟୀ ପରିଣାମ ବୋଲି କୁହାଯାଉଛି, ଠିକ୍ ସେହିପରି । ଏହି ତିନୋଟିଯାକ ସିଦ୍ଧାନ୍ତରେ ପ୍ରାଣୀର ଆପାତପ୍ରତୀୟମାନ ଆତ୍ମା ଅର୍ଥାତ୍ ତନ୍ମୟ ବ୍ୟକ୍ତିଭାବାପନ୍ନତାକୁ ଶାଶ୍ୱତତା ଅର୍ଥରେ ଆମେ ଅମର ବୋଲି କହିପାରିବା ନାହିଁ, ମାତ୍ର କାଳର କ୍ଷେତ୍ରରେ ଏହାର ଏକ ଆରମ୍ଭ ରହିଛି ଓ ଏକ ଶେଷ ମଧ୍ୟ ରହିଛି, ନିଶ୍ଚେତନ ଅଥବା ଅତିଚେତନ ମଧ୍ୟରୁ ମାୟା, ପ୍ରକୃତି-ଶକ୍ତି କିମ୍ବା ବିଶ୍ୱକ୍ରିୟା ଦ୍ୱାରା ଏହାର ସୃଷ୍ଟି ହୋଇଛି, ଏବଂ ତେଣୁ କେବଳ ଏକ ଅସ୍ଥାୟୀ ଅସ୍ତିତ୍ୱ ଧାରଣ କରି ରହିଛି । ତିନୋଟିଯାକ ସିଦ୍ଧାନ୍ତରେ ପୁନର୍ଜନ୍ମ ଅନାବଶ୍ୟକ ଅଥବା ଭ୍ରମାତ୍ମକ ବୋଲି ପ୍ରତିପାଦିତ ହୋଇଛି । ପୁନର୍ଜନ୍ମକୁ ପୁନରାବୃତ୍ତି ଦ୍ୱାରା କେବଳ ଏକ ମାୟାକୁହିଁ ପ୍ରଲମ୍ବିତ କରି ରଖିବା ବୋଲି ବୁଝାଇ ଦିଆଯାଇଛି, ଅଥବା ସମ୍ଭୂତିର ଜଟିଳ ଯନ୍ତ୍ରବସାଣ ମଧ୍ୟରେ ଯେଉଁ ଅନେକ ଚକ୍ର କାର୍ଯ୍ୟ କରିବାରେ ଲାଗିଛନ୍ତି, ପୁନର୍ଜନ୍ମକୁ ତାହାରି ଭିତରେ ବୁଲୁଥିବା ଆଉଗୋଟାଏ ଚକ୍ର ବୋଲି କୁହାଯାଇଛି । କିମ୍ବା, ଯଦି ଏକ ନିଶ୍ଚେତନାମୟ ସୃଷ୍ଟିର ଏକ ଅଂଶରୂପେ ସଚେତନ ସତ୍ତା କେବଳ ଆକସ୍ମିକ ଭାବରେହିଁ ଜନ୍ମଲାଭ କରିଥାଏ, ତେବେ ଥରକରୁ ବେଶୀ ଜନ୍ମଲାଭ କରିବାଲାଗି ମଧ୍ୟ ଆଉ କୌଣସି ପ୍ରୟୋଜନ ନଥାଏ, ଏବଂ ତେଣୁ ସେହି କ୍ଷେତ୍ରରେ ଜନ୍ମାନ୍ତରର ମଧ୍ୟ କୌଣସି ପ୍ରଶ୍ନ ଉଠେ ନାହିଁ ।

ଏହିସବୁ ମତ ବା ସିଦ୍ଧାନ୍ତ ଅନୁସାରେ, ଅଦ୍ୱୟ ଶାଶ୍ୱତ ଅସ୍ତିତ୍ୱକୁ ଆମେ ଏକ ପ୍ରାଣକ୍ଷେତ୍ରୀୟ ସମ୍ଭୂତି, ବା ପରିବର୍ତ୍ତନରହିତ ଓ ବୈକଲ୍ପମୁକ୍ତ ଏକ ଅଧ୍ୟାତ୍ମସତ୍ତା କିମ୍ବା ଏକ ଅନାମ ଓ ଅରୂପ ପରମ ଅସତ୍ତା ଯାହାକିଛି କହୁ ପଛକେ, ଏଥିରେ ଆମେ ଯାହାକୁ ଆତ୍ମା ବୋଲି କହୁଛୁ, ତାହା କେବଳ ଚେତନାରହିଁ ଏକ ପରିବର୍ତ୍ତନମୟ ପ୍ରାତିଭାସିକ ପିଣ୍ଡ ବା ପ୍ରବାହ ବ୍ୟତୀତ ଆଉ କିଛି ହୋଇପାରିବ ନାହିଁ । ସମ୍ଭୂତି ସତ୍ୟ ହୋଇଥାଉ କିମ୍ବା ମିଥ୍ୟା ହୋଇଥାଉ, ତାହାରି ମଧ୍ୟରେହିଁ ସମୁଦ୍ରରେ ତରଙ୍ଗ ଉଠିବାପରି ଆତ୍ମା ଆବର୍ତ୍ତିତ ହୋଇଛି ଓ ପୁଣି ତାହାରି ଭିତରେହିଁ ଲୀନ ହୋଇଯିବ । ଅଥବା, ଏକଥା ମଧ୍ୟ ହୋଇପାରେ ଯେ ଆତ୍ମା ହେଉଛି ଏକ ଅସ୍ଥାୟୀ ତନ୍ମୟ ଆଧାରମାତ୍ର ବା ସେହି ଅତିଚେତନ ପରମ ଶାଶ୍ୱତର ଏକ ସଚେତନ ପ୍ରତିବିମ୍ବ ମାତ୍ର ଯାହାକି ଆପେ ବିଦ୍ୟମାନ ରହି ପ୍ରତିଭାସର ପିଣ୍ଡକୁ ଧାରଣ କରି ରଖିଛି । ଏଠାରେ ଆତ୍ମା ଶାଶ୍ୱତ ନୁହେଁ; ସମ୍ଭୂତି ମଧ୍ୟରେ ଏହାର ଦୀର୍ଘକାଳ କିମ୍ବା ଅଳ୍ପକାଳ ବର୍ତ୍ତମାନ ରହିବାକୁହିଁ ଏହାର ଏକମାତ୍ର ଅମରତ୍ୱ ବୋଲି କୁହାଯାଇ

'oaob.nitrkl.ac.in' images reprocessed

ଯାଇବ । ଏହି ଆତ୍ମା ଏକ ସତ୍ତାମୟ ଓ ସଦାବର୍ତ୍ତମାନ ପୁରୁଷ ନୁହେଁ ଯିଏକି ପ୍ରତ୍ୟେକର ପ୍ରବାହ ଅଥବା ପିଣ୍ଡଟିକୁ ବଜାୟ ରଖିଛି କିମ୍ବା ତାହାକୁ ଅନୁଭବ କରୁଛି । ଯିଏ ସେଗୁଡ଼ିକୁ ଧରି ରଖିଛି, ଯିଏ ସତତ ବିଦ୍ୟମାନ ରହୁଛି ଓ ପ୍ରକୃତରେ ବିଦ୍ୟମାନ ରହୁଛି, ତାହା କେବଳ ସେହି ଏକମାତ୍ର ଶାଶ୍ୱତ ସମୂହ ହୋଇପାରେ, ସେହି ଏକମାତ୍ର ଶାଶ୍ୱତ ଓ ନୈର୍ବ୍ୟକ୍ତିକ ସତ୍ତା ବା ହୋଇପାରେ ଅଥବା କ୍ରିୟାଶୀଳ ଶକ୍ତିର ଏକ ଅବିଚ୍ଛିନ୍ନ ପ୍ରବାହ ମଧ୍ୟ ହୋଇପାରେ । କାରଣ ସର୍ବଦା ଅଭିନ୍ନ ହୋଇ ରହିଥିବା ଏକ ଚୈତନ୍ୟସତ୍ତା ଯେ ସତତ ବର୍ତ୍ତମାନ ରହି ଦେହରୁ ଦେହାନ୍ତର ଓ ରୂପରୁ ରୂପାନ୍ତର ଗ୍ରହଣ କରିବାରେ ଲାଗିଛି, ଏବଂ ପରିଶେଷରେ କୌଣସି ପ୍ରକ୍ରିୟାଦ୍ୱାରା ଏହି ଚକ୍ରାବର୍ତ୍ତନଟିକୁ ଜାରି ରଖିଥିବା ମୂଳ ପ୍ରେରକଶକ୍ତିର ସମ୍ପୂର୍ଣ୍ଣ ଧ୍ୱଂସ ହୋଇଯିବା ସଙ୍ଗେସଙ୍ଗେ ଚୈତନ୍ୟସତ୍ତାଟି ମଧ୍ୟ ଧ୍ୱଂସ ହୋଇଯାଉଛି,—ଏହିଭଳି ଏକ ଅନୁମାନ କରିବା ଏହିଭଳି ଏକ ସିଦ୍ଧାନ୍ତ ପକ୍ଷରେ ଆଦୌ ଅପରିହାର୍ଯ୍ୟ ନୁହେଁ । ଏବଂ ଏକଥା ବି ବେଶ୍ ସମ୍ଭବ ହୋଇପାରେ ଯେ ପ୍ରତ୍ୟେକଟି ରୂପ ବିକାଶଲାଭ କରିବା ସଙ୍ଗେସଙ୍ଗେ ତଦନୁରୂପ ଏକ ଚେତନାର ମଧ୍ୟ ବିକାଶ ହେଉଛି, ଏବଂ ରୂପଟି ବିନଷ୍ଟ ହୋଇଯିବା ସଙ୍ଗେସଙ୍ଗେ ତାହା ସହିତ ସେହି ଚେତନାଟି ମଧ୍ୟ ବିନଷ୍ଟ ହୋଇଯାଉଛି । କେବଳ ଯେଉଁ ପରମ ଅଦ୍ୱିତୀୟଟି ସବୁକିଛିର ବିନାଶ ଘଟାଉଛି, ତାହାହିଁ ନିତ୍ୟବିରାଜମାନ ରହୁଛି । ଅଥବା, ଜଡ଼ର ସାଧାରଣ ଉପାଦାନଗୁଡ଼ିକ ମଧ୍ୟରୁ ଦେହ ଯେପରି ସମ୍ଭୂତ ହୋଇ ଆସୁଛି, ଜନ୍ମଲାଭ କରି ଆପଣାର ଜୀବନ ଆରମ୍ଭ କରୁଛି ଓ ମୃତ୍ୟୁଦ୍ୱାରା ଶେଷ ହୋଇଯାଉଛି, ଠିକ ସେହିପରି ଏକ ସ୍ତରରେ ମନୋମୟ ସତ୍ତାର ସାଧାରଣ ଉପାଦାନଗୁଡ଼ିକ ମଧ୍ୟରୁ ଚେତନା ଆପଣାକୁ ଠୁଳ କରି ଆଣୁଛି, ଜୀବନ ଜନ୍ମ ନେବା ସଙ୍ଗେସଙ୍ଗେ ଜନ୍ମଗ୍ରହଣ କରୁଛି ଓ ତାହାର ମୃତ୍ୟୁ ସହିତ ସିଏ ମଧ୍ୟ ଶେଷ ହୋଇଯାଉଛି । ଏବଂ ଏଠାରେ ମଧ୍ୟ ମାୟାଦ୍ୱାରା କିମ୍ବା ଅନ୍ୟ କୌଣସି ଉପାୟରେ ଉପାଦାନଗୁଡ଼ିକୁ ସୃଷ୍ଟି କରୁଥିବା ଶକ୍ତିଟିକୁ ଯୋଗାଇ ଦେଉଥିବା ସେହି ପରମ ଅଦ୍ୱିତୀୟଟି ଏକମାତ୍ର ଚିରନ୍ତନ ସତ୍ୟରୂପେ ବିରାଜମାନ ରହିଛନ୍ତି । ଅତଏବ ଏ ତିନୋଟି ମଧ୍ୟରୁ କୌଣସି ଗୋଟିଏ ସିଦ୍ଧାନ୍ତରେ ମଧ୍ୟ ପୁନର୍ଜନ୍ମକୁ ଅପରିହାର୍ଯ୍ୟ ବା ଏକାନ୍ତ ଆବଶ୍ୟକ ବୋଲି ସ୍ୱୀକାର କରାଯାଇ ନାହିଁ । *

---

* ବୌଦ୍ଧସିଦ୍ଧାନ୍ତରେ ପୁନର୍ଜନ୍ମକୁ ଅବଶ୍ୟମ୍ଭାବୀ ବୋଲି କୁହାଯାଇଛି, କାରଣ ତାହା କେବଳ କର୍ମର ଏକ ଅବଶ୍ୟମ୍ଭାବୀ ପରିଣାମ । ଆତ୍ମା ନୁହେଁ, ମାତ୍ର କର୍ମହିଁ ଏଠାରେ ଏକ ସଂଘାତ-ସନ୍ତତି ବା ଚେତନାକ୍ଷେତ୍ରରେ ସଂଯୋଜିତ ହୋଇ ରହିଛି, କାରଣ ଚେତନା ମଧ୍ୟ କର୍ମକୁ ଧରି ବଳବତ୍ତାରେ ରହିଛି । ତେଣୁ ଚେତନାର ଏକ ସଂଘାତ-ସନ୍ତତି ବର୍ତ୍ତି ରହିଛି, ମାତ୍ର ଏକର ଧାରା ଜନ୍ମଗ୍ରହଣ କରୁଥିବା ଓ ଏହାର ମୃତ୍ୟୁ ହେବାପରେ ଆଉ ଏକ ଦେହରେ ପୁନର୍ବାର ଜନ୍ମଗ୍ରହଣ କରୁଥିବା ଅମର ଆତ୍ମା ବୋଲି ପ୍ରକୃତରେ କେଉଁଠି କିଛି ହେଲେ ନାହିଁ ।



'oaob.nitrkl.ac.in' images reprocessed

ମାତ୍ର ଏହି ଥିଓସୋଫିଷ୍ଟଙ୍କ ସିଦ୍ଧାନ୍ତ ମଧ୍ୟରେ କାର୍ଯ୍ୟତଃ ଏକ ବଡ଼ ପ୍ରଭେଦ ରହିଥିବାର ଦେଖିବାକୁ ମିଳେ । କାରଣ ପୁରାତନ ସିଦ୍ଧାନ୍ତଗୁଡ଼ିକ ପୁନର୍ଜନ୍ମକୁ ବିଶ୍ୱପ୍ରକ୍ରିୟାର ଏକ ଅଂଶ ବୋଲି ସ୍ୱୀକାର କରୁଥିବାବେଳେ ଆଧୁନିକ ସିଦ୍ଧାନ୍ତଟି ତାହାକୁ ଅସ୍ୱୀକାର କରିଥାଏ । ଆଧୁନିକ ବିଜ୍ଞାନ ଏହି ଭୌତିକ ଶରୀରକୁହିଁ ଆମ ଅସ୍ତିତ୍ୱର ଆଧାର ବୋଲି ମାନେ ଓ ଏହି ଅନୁମାନଟିକୁ ମୂଳ କରି ଅଗ୍ରସର ହୁଏ, ଏହି ଭୌତିକ ଜଗତଟିକୁ ଛାଡ଼ିଦେଲେ ଆଉ କୌଣସି ବାସ୍ତବ ଜଗତ କେଉଁଠି ରହିଛି ବୋଲି ତାହା ସ୍ୱୀକାର ମଧ୍ୟ କରେ ନାହିଁ । ଏହି ଇହଜଗତରେ ତାହା କେବଳ ଏକ ମନଶ୍ଚେତନାହିଁ ଦେଖିବାକୁ ପାଏ ଯାହାକି ଶରୀରସ୍ଥ ପ୍ରାଣଟି ସହିତ ସଂଯୁକ୍ତ ହୋଇ ରହିଛି; ଜନ୍ମପୂର୍ବରୁ ଯେ ତାହାର କୌଣସି ବ୍ୟକ୍ତିଗତ ସତ୍ତା ରହିଥିଲା, ସେକଥା ବୁଝିପାରିବା ଭଳି କୌଣସି ନିଦର୍ଶନହିଁ ତାହାର ଜନ୍ମ ସମୟରେ ଦେଖିବାକୁ ମିଳେ ନାହିଁ, କିମ୍ବା ମୃତ୍ୟୁ ପରେ ଯେ ତାହାର କୌଣସି ବ୍ୟକ୍ତିସତ୍ତା ଅବଶିଷ୍ଟ ରହିବ, ମୃତ୍ୟୁ ସମୟରେ ତାହାର କୌଣସି ସଙ୍କେତ ମଧ୍ୟ ଦେଖା ଯାଏ ନାହିଁ । ଜନ୍ମ ପୂର୍ବରୁ ପ୍ରାଣର ବୀଜଟିକୁ ଧାରଣ କରି କେବଳ ବସ୍ତୁଶକ୍ତିହିଁ ବିଦ୍ୟମାନ ଥାଏ ବା ଖୁବ୍ ବେଶୀ ହେଲେ ପ୍ରାଣଗତ ପ୍ରବେଗର ଏକ ଶକ୍ତିହିଁ ବିଦ୍ୟମାନ ରହିଥାଏ ଯାହାକି ପିତାମାତା ଦ୍ୱାରା ପ୍ରଦତ୍ତ ବୀଜ ମଧ୍ୟ ଦେଇ ସନ୍ତାନ ମଧ୍ୟରେ ସଞ୍ଚାରିତ ହୁଏ ଏବଂ ଏକ ରହସ୍ୟପୂର୍ଣ୍ଣ ଉପାୟରେ ସନ୍ତାନରୂପୀ ସେହି ଅକାଷନ ଆଧାରଟି ଭିତରେ ବିଗତ କାଳର ବିକାଶଗୁଡ଼ିକର ସଞ୍ଚରଣ କରାଇ ଏହିପରି ବିଚିତ୍ର ଭାବରେ ବିସୃଜିତ ହେବାକୁ ଯାଉଥିବା ନୂତନ ବ୍ୟକ୍ତିମନ ଓ ବ୍ୟକ୍ତିଶରୀରରେ ଏକ ନିର୍ଦ୍ଦିଷ୍ଟ ମାନସିକ ଓ ଶାରୀରିକ ଛାପ ଆଣି ଦେଇଥାଏ । ମୃତ୍ୟୁପରେ ମଧ୍ୟ ସେହି ପ୍ରାଣଶକ୍ତି ବା ବସ୍ତୁଶକ୍ତିହିଁ ଅବଶେଷ ରହିଯାଏ, ତାହା ସନ୍ତାନମାନଙ୍କ ମଧ୍ୟକୁ ସଞ୍ଚାରିତ ହେଉଥିବା ବୀଜ ମଧ୍ୟରେ ବାହିତ ହୋଇଥାଏ ଏବଂ ତାହା ସହିତ ବାହିତ ହୋଇ ଆସୁଥିବା ମାନସିକ ତଥା ଶାରୀରିକ ଜୀବନର ପରବର୍ତ୍ତୀ ସୋପାନର ବିକାଶଗତି ଆପଣାକୁ କାର୍ଯ୍ୟକାରୀ କରାଏ । ଏହିପରି ଭାବରେ ଆମେ ଅନ୍ୟମାନଙ୍କ ମଧ୍ୟରେ ଯେତିକିର ସଞ୍ଚରଣ କରାଇପାରୁ, ସେତିକି ବ୍ୟତୀତ ଆମର ଆଉ କିଛିହେଲେ ଅବଶେଷ ରହେ ନାହିଁ; ଅଥବା, ଯେଉଁ ଶକ୍ତି ଜନ୍ମପୂର୍ବରୁ ଓ ସେତେବେଳର ପାରିପାର୍ଶ୍ୱିକ ସ୍ଥିତି ମଧ୍ୟରେ ଉପସ୍ଥିତ ରହି ଜନ୍ମ ଓ ତତ୍କାଳୀନ ପରିବେଶଟିର ମଧ୍ୟଦେଇ ଆମର ଏହି ବ୍ୟକ୍ତିସତ୍ତାଟିକୁ ରଚନା କରିଥିଲା, ସେହି ଶକ୍ତି ମୃତ୍ୟୁ ପରେ ଆମର ଜୀବନ ତଥା କର୍ମଗତ ପରିଣାମ ମଧ୍ୟରୁ ଯେଉଁ ଅଂଶଟିକୁ ଆପଣାର ଭବିଷ୍ୟତ ନିସ୍ପତ୍ତି ଲାଗି ଗ୍ରହଣ କରେ ବା ସଂରକ୍ଷିତ କରି ରଖେ, କେବଳ ତାହାହିଁ ଅବଶେଷ ରହିଯାଏ । ଦୈବବଶରେ ଅଥବା ଜଡ଼ଗତ ବିଧାନ ଅନୁସାରେ ଅନ୍ୟ ବ୍ୟକ୍ତିସତ୍ତାଗୁଡ଼ିକର ମାନସିକ ତଥା ପ୍ରାଣଗତ ଉପାଦାନ-

'oaob.nitrkl.ac.in' images reprocessed

ଗୁଣ୍ଡିକର ଓ ପରିବେଶର ନିର୍ମାଣ କରିବାଲାଗି ଯାହାକିଛୁ ସହାୟକ ଭାବରେ କାର୍ଯ୍ୟ କରିପାରେ, କେବଳ ତାହାହିଁ ଅବଶେଷରୂପେ ରହିବାକୁ ସମର୍ଥ ହୋଇପାରେ । ମାନସିକ ଓ ଭୌତିକ ଦୁଇଟିଯାକ ପ୍ରତ୍ୟୟ ପଛରେ ସମ୍ଭବତଃ ଏକ ବସ୍ତୁଗତ ପ୍ରାଣ ରହିଛି ଯାହାକି ଆମକୁ ଆମର ବ୍ୟକ୍ତିସତ୍ତାଟି ଆଣିଦେଉଛି ଓ ଯାହାର ବିବର୍ତ୍ତନଗତ ଓ ପ୍ରାତ୍ୟହିକ ସମୂହରୂପେ ଆମେ ଏଠାରେ ଅବସ୍ଥିତ ରହିଛୁ । ଏହି ବସ୍ତୁଗତ ପ୍ରାଣହିଁ ଏକ ପ୍ରକୃତ ଜଗତ ଓ ପ୍ରକୃତ ପ୍ରାଣୀସମୂହର ସୃଷ୍ଟି କରୁଛି, ମାତ୍ର ଏହିସବୁ ପ୍ରାଣୀମାନଙ୍କ ମଧ୍ୟରେ ଯେଉଁ ଚେତନାସମ୍ପନ୍ନ ବ୍ୟକ୍ତିଟି ଅବଶିଷ୍ଟ ରହୁଛି, ତାହା ଏକ ଶାଶ୍ୱତ ସତ୍ତା କିମ୍ବା ଏପରିକି ନିତ୍ୟବିଦ୍ୟମାନ ଆତ୍ମା ବା ଜନ୍ମାନ୍ତରଗତ କୌଣସି ପୁରୁଷଙ୍କର ରୂପାୟନ ନୁହେଁ ବା ନିଦର୍ଶନ ନୁହେଁ, କିମ୍ବା ଅନ୍ତତଃ ଏପରି ହେବାର ଆଦୌ କୌଣସି ଆବଶ୍ୟକତା ନାହିଁ । ଅସ୍ତିତ୍ୱସମ୍ବନ୍ଧୀ ଏହି ସିଦ୍ଧାନ୍ତଟିରେ ଏପରି କୌଣସି ଉପାଦାନ ନାହିଁ ଯାହାକି ଆମକୁ ଶରୀରର ମୃତ୍ୟୁ ଘଟିବା ପରେ ମଧ୍ୟ ତଥାପି ବର୍ତ୍ତମାନ ରହୁଥିବା ଏକ ଚୈତ୍ୟସତ୍ତା ଉପରେ ବିଶ୍ୱାସ ସ୍ଥାପନ କରିବାକୁ କୌଣସି ପ୍ରକାରେ ବାଧ୍ୟ କରୁଛି । ଏଥିରେ ବିଶ୍ୱବ୍ୟବସ୍ଥାର ଏକ ଅଙ୍ଗରୂପେ ପୁନର୍ଜନ୍ମକୁ ଗ୍ରହଣ କରିବାଲାଗି ଆଦୌ କୌଣସି କାରଣ ନାହିଁ ବା ସ୍ଥାନ ନାହିଁ ।

କେବଳ ଆମର ଏହି ଭୌତିକ ଅସ୍ତିତ୍ୱ ଓ ଭୌତିକ ଜଗତକୁ ଲକ୍ଷ୍ୟ ତଥ୍ୟର ଅଧ୍ୟୟନ କରି ଆମ ଭିତରେ ଅବସ୍ଥିତ ମନୋମୟ ବା ଚୈତ୍ୟସତ୍ତା ଆମର ଶରୀର ଉପରେ ଯେତିକି ସମ୍ପୂର୍ଣ୍ଣ ଭାବରେ ନିର୍ଭରଶୀଳ ହୋଇ ରହିଛି ବୋଲି ଆମେ ସ୍ୱାଭାବିକ ଭାବରେ ଧରିନେଉଥିଲୁ, ଆମ ଜ୍ଞାନପରିସରରେ ଅଧିକତର ବୃଦ୍ଧି ଘଟିବା ସଙ୍ଗେ ସଙ୍ଗେ ଯଦି ସେହି ନିର୍ଭରଶୀଳତା ପ୍ରକୃତରେ ଆଦୌ ସେତେଦୂର ସମ୍ପୂର୍ଣ୍ଣ ନୁହେଁ ବୋଲି ପ୍ରମାଣିତ ହୋଇଯାଏ, ତେବେ ପରିଣାମରେ କ'ଣ ହେବ ? ବର୍ତ୍ତମାନ କରାଯାଉଥିବା କେତେକ ଗବେଷଣା ଓ ଆବିଷ୍କାର ମଧ୍ୟ ସେହିଭଳି ଏକ ସୂଚନା ଆଣି ଦେଉଥିବା ପରି ମନେହେଉଛି । ଶରୀରର ମୃତ୍ୟୁ ସହିତ ଯେ ମନୁଷ୍ୟର ବ୍ୟକ୍ତିତ୍ୱ ତଥାପି ମରେ ନାହିଁ ଏବଂ ଏହି ଭୌତିକ ଜଗତ ଓ ସ୍ୱର୍ଗର ଅନ୍ୟାନ୍ୟ ଭୂମିର ମଧ୍ୟବର୍ତ୍ତୀ ଭାବରେ ବିଚରଣ କରୁଥାଏ, ଏକଥା ପ୍ରମାଣିତ ହୋଇଗଲେ ତାହାର ପରିଣାମ କ'ଣ ହେବ ? ତାହାହେଲେ ବର୍ତ୍ତମାନ ଚେତନାମୟ ଅସ୍ତିତ୍ୱ କେବଳ ଏକ ଅସ୍ଥାୟୀ ଅସ୍ତିତ୍ୱ ବୋଲି ଆମର ଯେଉଁ ଧାରଣା ରହିଛି, ସେତେବେଳେ ତାହା ଆପଣାର ଦୃଷ୍ଟିଭୂମିଟିକୁ ପ୍ରସାରିତ କରିବାକୁ ବାଧ୍ୟ ହେବ, କେବଳ ଏହି ଭୌତିକ ଜଗତଠାରୁ ବୃହତ୍ତର ପରିଧିଯୁକ୍ତ ଏକ ପ୍ରାଣକୁ ସ୍ୱୀକାର କରିବାକୁ ଆରମ୍ଭ କରିବ, ଏବଂ ଏହି ଭୌତିକ ଶରୀରକୁ ନିର୍ଭର କରି ରହୁନଥିବା ଏକ ବ୍ୟକ୍ତିସତ୍ତାକୁ ମଧ୍ୟ ସତ୍ୟ ବୋଲି ଗ୍ରହଣ କରିନେବ । ପ୍ରାଚୀନ ବିଶ୍ୱାସରେ ଏକ ଚୈତ୍ୟ ସତ୍ତା ବାସ

'oaob.nitrkl.ac.in' images reprocessed

କରୁଥିବା ଏକ ସୂକ୍ଷ୍ମରୂପ ବା ସୂକ୍ଷ୍ମ ଶରୀରର ଯେଉଁ କଳ୍ପନା କରାଯାଇଥିଲା, ସେତେବେଳେ ତାହାକୁହିଁ କାର୍ଯ୍ୟତଃ ପୂର୍ଣ୍ଣରୂପରେ ସ୍ୱୀକାର କରିନେବାକୁ ପଡ଼ିବ । ଆପଣା ଭିତରେ ମନୋମୟ ଚେତନାଟିକୁ ବହନ କରୁଥିବା ଏକ ଚୈତ୍ୟସତ୍ତା ବା ଅନ୍ତଃପୁରୁଷସତ୍ତା, କିମ୍ବା, ଯଦି ଏପରି କୌଣସି ମୂଳଭୂତ ଆତ୍ମା ଆଦୌ ନାହିଁ ବୋଲି ବୁଝାଯାଏ, ତେବେ ବିବର୍ତ୍ତିତ ହୋଇଥିବା ଅବିଚ୍ଛିନ୍ନ ମନୋମୟ ବ୍ୟକ୍ତିହିଁ ମୃତ୍ୟୁପରେ ଏହି ସୂକ୍ଷ୍ମ ଓ ନିତ୍ୟବର୍ତ୍ତମାନ ଦେହଟିରେ ଅବସ୍ଥିତ ରହିଥିବ । ଏବଂ ଏହି ସୂକ୍ଷ୍ମ ଦେହଟି ଏହି ଜନ୍ମଟିର ପୂର୍ବରୁ ବା ଏହି ଜନ୍ମର ସଙ୍ଗେ ସଙ୍ଗେ ଅଥବା ଏହି ଜୀବନର ଅବଧି ଭିତରେହିଁ ସୃଷ୍ଟ ହୋଇଥିବ । କାରଣ, ସ୍ୱୀକାର କରିବାକୁ ପଡ଼ିବ ଯେ ଚୈତ୍ୟସତ୍ତା ଏକ ସୂକ୍ଷ୍ମ ରୂପ ଧାରଣ କରି ଅନ୍ୟାନ୍ୟ ଜଗତରେ ଆଗରୁ ବିଚରଣ କରୁଥାଏ ଏବଂ ସେହିଠାରୁହିଁ ଜୀବର ଜନ୍ମ ସହିତ ଏହି ଜଗତରେ କିଛି ଦିନ ବାସ କରିବାକୁ ଆସେ, ଅଥବା ଏହି ଭୌତିକ ଜଗତରେହିଁ ଆତ୍ମା ବିକଶିତ ହୋଇଉଠେ ଏବଂ ତାହା ସଙ୍ଗେ ସଙ୍ଗେ ପ୍ରାକୃତିକ ନିୟମର ବଶବର୍ତ୍ତୀ ହୋଇ ଏକ ଚୈତ୍ୟ ଦେହର ବି ସୃଷ୍ଟି ହୁଏ ଏବଂ ମୃତ୍ୟୁ ପରେ ତାହା ଅନ୍ୟାନ୍ୟ ଜଗତରେ ତଥାପି ବର୍ତ୍ତମାନ ଥାଏ ଅଥବା ଏହି ଜଗତରେ ପୁନର୍ବାର ଜନ୍ମଗ୍ରହଣ କରେ । ଆମକୁ ଏହି ଦୁଇଟି ସମ୍ଭାବ୍ୟ ବ୍ୟାଖ୍ୟା ମଧ୍ୟରୁ କୌଣସି ଗୋଟିକୁ ଗ୍ରହଣ କରିନେବାକୁ ହେବ ।

ପୁଣି ଏପରି ମଧ୍ୟ ହୋଇପାରେ ଯେ ବର୍ତ୍ତମାନ ଆମର ବ୍ୟକ୍ତିସତ୍ତ୍ୱରେ ପରିଣତ ହୋଇଥିବା ଏକ ପରିବର୍ତ୍ତନଧର୍ମୀ ବ୍ୟକ୍ତିତ୍ୱକୁ ବିଶ୍ୱପ୍ରାଣହିଁ ବିକଶିତ କରାଇଆସିଛି, ହୁଏତ ମନୁଷ୍ୟର ଦେହରେ ପ୍ରବେଶ କରିବା ପୂର୍ବରୁହିଁ ତାହାର ବିକାଶ ଆରମ୍ଭ ହୋଇଛି । ଆଜି ଆମ ଭିତରେ ଅବସ୍ଥିତ ରହିଥିବା ଆତ୍ମା ହୁଏତ ମନୁଷ୍ୟର ସୃଷ୍ଟି ହେବା ପୂର୍ବରୁହିଁ ନିମ୍ନତର ପ୍ରାଣାକୃତିଗୁଡ଼ିକ ମଧ୍ୟରେ କ୍ରମବିବର୍ତ୍ତିତ ହୋଇ ଆସିଛି । ସେପରି ଯଦି ପ୍ରକୃତରେ ହୋଇଥାଏ, ତେବେ କହିବାକୁ ହେବ ଯେ ଆମର ବ୍ୟକ୍ତିତ୍ୱ ଏହାପୂର୍ବରୁ ଇତରପ୍ରାଣୀଙ୍କ ଭିତରେ ବି ଅବସ୍ଥାନ କରିଛି, ଏବଂ ଜନ୍ମଜନ୍ମାନ୍ତରର ମଧ୍ୟ ଦେଇ ସୂକ୍ଷ୍ମ ଦେହ ଯେତେବେଳେ ଯେଉଁ ବାହ୍ୟ ଜଡ଼ରୂପଟିକୁ ଗ୍ରହଣ କରିଛି, ସେତେବେଳେ ତାହା ତଦନୁରୂପ ପରିବର୍ତ୍ତନକୁ ଗ୍ରହଣ କରିନେବାର ସାବଲୀଳତା ସହିତ ଜନ୍ମ ଜନ୍ମ ମଧ୍ୟରେ ଯୋଗସୂତ୍ର ରକ୍ଷା କରି ଆସିଛି । ଅଥବା, ବିବର୍ତ୍ତନଶୀଳ ପ୍ରାଣ କେବଳ ଯେତେବେଳେ ମନୁଷ୍ୟଶରୀର ଗଠନ କରିବାର ସାମର୍ଥ୍ୟ ଲାଭ କରିଛି, ସେତିକିବେଳେ ଯାଇ ସେ ତାହା ମଧ୍ୟରେ ମୃତ୍ୟୁ ପରେ ମଧ୍ୟ ବର୍ତ୍ତମାନ ରହିପାରୁଥିବା ଏକ ବ୍ୟକ୍ତିସତ୍ତ୍ୱର ରଚନା କରିପାରିଛି । ମାନସିକ ଚେତନାର ଏକ ହଠାତ୍ ବିକାଶ ଫଳରେ ଯାଇ ଏହା ସମ୍ଭବ ହୋଇଛି, ଏବଂ ହୁଏତ ତାହା ସଙ୍ଗେ ସଙ୍ଗେ ଏକ ସୂକ୍ଷ୍ମ ମନୋମୟ ଉପାଦାନର କୋଷ ବିକାଶଲାଭ କରିଛି ଓ ଏହି ମାନସିକ

'oaob.nitrkl.ac.in' images reprocessed

ଚେତନାଟିକୁ ଏକ ବ୍ୟକ୍ତିତ୍ୱ ଆଣିଦେବାରେ ସହାୟତା କରନ୍ତି ଏବଂ ତା'ପରେ ଏକ ଅନ୍ତଃଶରୀରରୂପେ ରହି କାର୍ଯ୍ୟ କରନ୍ତି । ଆମର ସ୍ଥୂଳ ଦେହରୂପଟି ଆପଣାକୁ ସଂଗଠିତ କରିବା ସଙ୍ଗେ ସଙ୍ଗେ ଯେପରି ଇତର ପ୍ରାଣୀସ୍ତରର ମନ ଓ ପ୍ରାଣକୁ ଏକ ବ୍ୟକ୍ତିତ୍ୱ ଆଣିଦେଇଛି ଓ ତାହାକୁ ଆପଣା ଭିତରେ ଆଶ୍ରୟ ଦେଇଛି, ଠିକ୍ ସେହିପରି । ପ୍ରଥମ ଅନୁମାନଟିକୁ ସ୍ୱୀକାର କଲେ ଆମକୁ ଜଡ଼ଦେହର ବିନାଶ ପରେ ମଧ୍ୟ ଇତରପ୍ରାଣୀ ତଥାପି ବିନଷ୍ଟ ନହୋଇ ଅବଶେଷ ରହୁଛି ଓ ତାହା ଭିତରେ ରୂପାୟିତ ହୋଇଥିବା କୌଣସି ଏକ ପ୍ରକାରର ଆତ୍ମା ଜଗତରେ ଅନ୍ୟ ପ୍ରାଣୀଦେହ ଗ୍ରହଣ କରୁଛି ଓ ପରିଶେଷରେ ମନୁଷ୍ୟର ଶରୀରରେ ପ୍ରବେଶ କରୁଛି ବୋଲି ମଧ୍ୟ ସ୍ୱୀକାର କରିନେବାକୁ ପଡ଼ିବ । କାରଣ ଇତର ପ୍ରାଣୀର ଆତ୍ମା ପ୍ରାଣୀର ମୃତ୍ୟୁ ପରେ ଏହି ଜଗତରୁ ବାହାରିଯାଇ ସୂକ୍ଷ୍ମତର ଆଉକୌଣସି ପ୍ରାଣଭୂମିରେ ଯେ ପ୍ରବେଶ କରୁଛି ଏବଂ ମନୁଷ୍ୟହୋଇ ଜନ୍ମଲାଭ କରିବାକୁ ପ୍ରସ୍ତୁତ ହେବା ପର୍ଯ୍ୟନ୍ତ ବାରବାର ଏହି ଜଗତକୁ ଫେରିଆସୁଛି, ଏକଥାଟି ଆଦୌ ସମୀଚୀନ ମନେ ହେଉ ନାହିଁ । ଇତର ପ୍ରାଣୀ ଭିତରେ ସଚେତନ ବ୍ୟକ୍ତିତ୍ୱାପନ୍ନତାର ଯେତକ ବିକାଶ ଘଟିଛି, ତାହା ଗୋଟିଏ ଜଗତର ଭୂମିରୁ ଆଉ ଏକ ଜଗତର ଭୂମିକୁ ଯିବାଲାଗି ଓ ଏକ ଅନ୍ୟଲୋକରେ ଅସ୍ତିତ୍ୱ ଗ୍ରହଣ କରିପାରିବା ଲାଗି ଆଦୌ ଯଥେଷ୍ଟ ବୋଲି ବୋଧ ହେଉ ନାହିଁ । ଦ୍ୱିତୀୟ ସିଦ୍ଧାନ୍ତଟି ଅନୁସାରେ ଜଡ଼ଦେହର ମୃତ୍ୟୁ ଘଟିବାପରେ ଅନ୍ୟ ଅବସ୍ଥାରେ ତଥାପି ବର୍ତ୍ତମାନରହିବାର ସାମର୍ଥ୍ୟଟି କେବଳ ମନୁଷ୍ୟର ସ୍ତରରେ ଆସି ପହଞ୍ଚିଲେ ଯାଇ ଉପଲବ୍ଧ ହୋଇପାରିବ । ଯଦି ଆତ୍ମା ପ୍ରାଣଗତ ବିବର୍ତ୍ତନଦ୍ୱାରା ଗଠିତ ଏକ ବ୍ୟକ୍ତିସତ୍ତା ନ ହୋଇଥାଏ, ଯଦି ଏହା ଜାଗତିକ ଜୀବନ ଓ ଦେହକୁ ଆପଣାର ପ୍ରୟୋଜନୀୟ କ୍ଷେତ୍ରରୂପେ ବ୍ୟବହାର କରୁଥିବା ଏକ ସ୍ଥାୟୀ ଓ ବିବର୍ତ୍ତନ-ରହିତ ସତ୍ୟବସ୍ତୁ ହୋଇଥାଏ, ତେବେ ପିଥାଗୋରସ୍‌ଙ୍କର ଦେହାନ୍ତର-ସଞ୍ଚରଣର ଅର୍ଥରେ ଆମକୁ ପୁନର୍ଜନ୍ମର ସିଦ୍ଧାନ୍ତଟିକୁ ଗ୍ରହଣ କରିବାକୁ ପଡ଼ିବ । ମାତ୍ର ଆତ୍ମାକୁ ଯଦି ଏକ ଅବିବର୍ତ୍ତନଶୀଳ ଓ ପାର୍ଥିବ ଅବସ୍ଥାଟିକୁ ଅତିକ୍ରମ କରିଯିବାରେ ସମର୍ଥ ହେଉଥିବା ଏକ ବସ୍ତୁରୂପେ ସ୍ୱୀକାର କରାଯାଏ, ତେବେ ଆତ୍ମା ଏହି ପୃଥିବୀ ଛାଡ଼ି ଅନ୍ୟ ନାନା ପୃଥିବୀରେ ପ୍ରବେଶ କରୁଛି ଓ ପୁଣି ଜନ୍ମନେବା ଲାଗି ଏହି ଜଗତକୁ ଫେରିଆସୁଛି ବୋଲି ଗ୍ରୀସୀୟ ଦର୍ଶନରେ ଯେଉଁ ସିଦ୍ଧାନ୍ତଟି ରହିଛି, ତାହାହିଁ ସମ୍ଭବ ଓ ଅଧିକ ପରିମାଣରେ ପ୍ରକୃତ ବୋଲି ମନେହେବ । ତଥାପି ତାହାହିଁ ଯେ ଏକମାତ୍ର ଓ ଅନିବାର୍ଯ୍ୟ ସିଦ୍ଧାନ୍ତ, ତାହା କଦାପି କୁହାହେବ ନାହିଁ । କାରଣ ଏକଥାଟି ମଧ୍ୟ ବେଶ୍ ଅନୁମାନ କରାଯାଇ ପାରିବ ଯେ ଅନ୍ୟାନ୍ୟ ନାନାଭୂମିରେ ଉପନୀତ ହେବାର ସାମର୍ଥ୍ୟ ଲାଭ କରିବାପରେ ମନୁଷ୍ୟର ବ୍ୟକ୍ତିତ୍ୱଟି ସେହିସବୁ ଭୂମିରୁ ପୁଣି ପୃଥିବୀ ଉପରକୁ ଫେରି ଆସିବାଲାଗି ଆଉ କାହିଁକି ବାଧ୍ୟ ହେବ ? କେଉଁ ଆପଣାଠାରୁ

'oaob.nitrkl.ac.in' images reprocessed

ବୃହତ୍ତର କୌଣସି ଶକ୍ତିଦ୍ୱାରା ବାଧ୍ୟ ନହେଉ ଥିବାରୁ ତାହା ସ୍ୱଭାବତଃ ଆପେ ଉତ୍ତୋଳିତ ହୋଇ ଯାଇଥିବା ସେହି ଉଚ୍ଚତର ଭୂମିଗୁଡ଼ିକରେହିଁ ଅବସ୍ଥାନ କରିବ । ସେତେବେଳେ ଏହି ପୃଥିବୀ ଉପରେ ତାହାର ଅଭିପ୍ରେତ ଜୀବନ-ବିବର୍ତ୍ତନଟିକୁ ସେ ଶେଷ କରି ସାରିଥିବ । ମନୁଷ୍ୟର ଆତ୍ମା ଅନ୍ୟଲୋକକୁ ଯାଇ ମଧ୍ୟ ଯେ ପୁଣିଥରେ ଏଠାକୁ ଲେଉଟି ଆସୁଛି, ଯଦି ଏଥିଲାଗି ଆମେ ଏକ ବାସ୍ତବ ପ୍ରମାଣ ପାଇପାରିବା, ତେବେ ଯାଇ ଏକ ବୃହତ୍ତର ଅନୁମାନକୁ ସ୍ୱୀକାର କରିବାକୁ ବାଧ୍ୟ ହେବା, ଏବଂ ସେତେବେଳେ ଆମର ଏହି ପୃଥିବୀକୁ ଫେରିଆସିବା ଏବଂ ମନୁଷ୍ୟରୂପରେ ବାରମ୍ବାର ଜନ୍ମଗ୍ରହଣ କରିବାକୁ ମାନିନେବାହିଁ ଆମ ପକ୍ଷରେ ଅପରିହାର୍ଯ୍ୟ ହୋଇପଡ଼ିବ ।

ମାତ୍ର ପୁନର୍ଜନ୍ମର ସିଦ୍ଧାନ୍ତଟିକୁ ସ୍ୱୀକାର କରୁଥିବା ଏହି ପ୍ରାଣପରିଣାମବାଦକୁ ମାନିନେଲେ ମଧ୍ୟ ତଥାପି ସେହି ସିଦ୍ଧାନ୍ତ ଏକ ଆଧ୍ୟାତ୍ମିକ ସିଦ୍ଧାନ୍ତରେ କଦାପି ପରିଣତ ହୋଇଯାଏ ନାହିଁ । ସେଥିରେ ଆତ୍ମାର ବାସ୍ତବ ଅସ୍ତିତ୍ୱ କିମ୍ବା ତାହାର ଅମରତ୍ୱ ଅଥବା ଚିରନ୍ତନତ୍ୱକୁ ସ୍ୱୀକାର କରିବାର ମଧ୍ୟ କୌଣସି ପ୍ରୟୋଜନ ନଥାଏ । ପ୍ରାଣଚେତନା ଓ ଜଡ଼ରୂପ ତଥା ଜଡ଼ଶକ୍ତି ମଧ୍ୟରେ ହେଉଥିବା ପାରସ୍ପରିକ କ୍ରିୟାପ୍ରତିକ୍ରିୟା ଦ୍ୱାରା ବିଶ୍ୱପ୍ରାଣହିଁ ଏକ ପ୍ରାତିଭାସିକ ବିସୃଜନରୂପେ ବ୍ୟକ୍ତି-ସ୍ୱଭାବାପନ୍ନତାର ସୃଷ୍ଟି କରୁଛି, ଏହି ସିଦ୍ଧାନ୍ତ ବ୍ୟାପାରଟିର ଏଭଳି ବ୍ୟାଖ୍ୟା ବି କରିପାରେ । ଏହି କ୍ରିୟାପ୍ରତିକ୍ରିୟାଟି ଏଠାରେ କେବଳ ଯାହା ଅଧିକ ବ୍ୟାପକ, ଅଧିକ ବିଚିତ୍ର ଓ ଅଧିକ ସୂକ୍ଷ୍ମ ଭାବରେ ଚାଲିଛି ଓ ଆମେ ପ୍ରଥମେ ଯାହା ପ୍ରକୃତରେ ସମ୍ଭବ ବୋଲି ଦେଖିଆସିଛୁ, ଏହାର ଇତିହାସଟି ତାହାଠାରୁ ଅନ୍ୟ ପ୍ରକାରର ବୋଲି ଦର୍ଶାଇ ଦେଇପାରେ । ଏପରିକି ଏହା ଏକ ପ୍ରକାରର ପ୍ରାଣବାଦୀ ବୌଦ୍ଧ-ସିଦ୍ଧାନ୍ତରେ ଆସି ବି ଉପନୀତ ହୋଇପାରେ, ଯେଉଁଥିରେ କି କର୍ମକୁ ସ୍ୱୀକାର କରାଯାଉଛି, ମାତ୍ର ତାହାକୁ ବିଶ୍ୱଗତ ପ୍ରାଣଶକ୍ତିର କେବଳ ଏକ କ୍ରିୟାରୂପେହିଁ ସ୍ୱୀକାର କରାଯାଉଛି । ଏହି କର୍ମର ଏକ ପରିଣାମସ୍ୱରୂପ ବ୍ୟକ୍ତିସ୍ୱଭାବାପନ୍ନତାର ଏକ ପ୍ରବାହ ମନୋଗତ ସମ୍ପର୍କ ଦ୍ୱାରା ଜନ୍ମରୁ ଜନ୍ମାନ୍ତରକୁ ପ୍ରବାହିତ ହେବାରେ ଲାଗିଛି ବୋଲି ଏହି ମତ ସ୍ୱୀକାର କରିବ, ମାତ୍ର ତଥାପି ବ୍ୟକ୍ତିର କୌଣସି ପ୍ରକୃତ ଆତ୍ମା ରହିଛି ଏବଂ କେବଳ ଏହି ସତତପରିବର୍ତ୍ତୀ ପ୍ରାଣଭୂମିଗତ ସମୂହଟିକୁ ଛାଡ଼ିଦେଲେ ଆଉ କେଉଁଠି କିଛି ଚିରନ୍ତନ ସତ୍ତା ରହିଛି ବୋଲି ଆଦୌ ସ୍ୱୀକାର କରିବ ନାହିଁ । ପୁଣି ଅନ୍ୟପକ୍ଷରେ, ବର୍ତ୍ତମାନ କିଞ୍ଚିତ୍ ପରିମାଣରେ ସବଳ ହୋଇ ଆସୁଥିବା ଏକ ଦୃଷ୍ଟିକୋଣର ଅନୁସରଣ କରି ଏହା ହୁଏତ ଏକ ବିଶ୍ୱଗତ ଆତ୍ମା ବା ବିଶ୍ୱମୟ ଚିଦ୍‌ଗତତାକୁହିଁ ମୂଳଭୂତ ସତ୍ୟରୂପେ ସ୍ୱୀକାର କରିବାକୁ ବାହାରିବ, ପ୍ରାଣକୁ ସେହି ଆତ୍ମାରହିଁ କ୍ରୀଡ଼ା ବା ପ୍ରତିନିଧି ବୋଲି ଗ୍ରହଣ କରିବ, ଏବଂ ଏହିଭଳି ଭାବରେ ଏକ ଆଧ୍ୟାତ୍ମିକସ୍ୱଭାବାପନ୍ନ

'oaob.nitrkl.ac.in' images reprocessed

ପ୍ରାଣମୂଳ ଅଦ୍ୱୈତବାଦରେ ଆସି ଉପନୀତ ହେବ । ଏହି ସିଦ୍ଧାନ୍ତଟିରେ ପୁନର୍ଜନ୍ମର ବିଧାନଟି ବେଶ୍ ସମ୍ଭବ ହୋଇପାରିବ, ମାତ୍ର କଦାପି ଅନିବାର୍ଯ୍ୟ ବୋଲି ସାବ୍ୟସ୍ତ ହେବ ନାହିଁ । ଏହାଦ୍ୱାରା ପୁନର୍ଜନ୍ମ ହୁଏତ କେବଳ ଏକ ପ୍ରାଣସ୍ପନ୍ଦିତ ବସ୍ତୁସତ୍ୟ ହୋଇ ରହିବ, ଜୀବନଭୂମିର ଏକ ବାସ୍ତବ ବିଧାନ ହୋଇ ରହିବ, ମାତ୍ର ତଥାପି ସତ୍ତାସମ୍ବନ୍ଧୀୟ ତତ୍ତ୍ୱର ଏକ ନ୍ୟାୟଯୁକ୍ତ ଉପସିଦ୍ଧାନ୍ତ ପରିଣାମ ଓ ତାହାର ଏକ ଅନିବାର୍ଯ୍ୟ ଫଳ ବୋଲି ପ୍ରତିପାଦିତ ହେବ ନାହିଁ ।

ବୌଦ୍ଧମତ ପରି ମାୟାବାଦର ଅଦ୍ୱୈତ ମଧ୍ୟ ପ୍ରାଚୀନ ଜ୍ଞାନର ଲବ୍ଧ ଭଣ୍ଡାର ଭିତରୁ ଉଦ୍ଭୂତ ହୋଇ ଆସିଥିବା ଏକ ଅଂଶରୂପେ ପୂର୍ବରୁ ସ୍ୱୀକୃତ ବିଶ୍ୱାସଟିରୁହିଁ ଆପଣାର ବ୍ୟାଖ୍ୟା ଆରମ୍ଭ କଲା; ତାହା ଜଡ଼ାତୀତ ଅନ୍ୟାନ୍ୟ ଭୂମି ଓ ଜଗତର ଅସ୍ତିତ୍ୱ ସ୍ୱୀକାର କରି ଆମର ଏହି ଜଗତ ଓ ସେହିସବୁ ଭୂମି ମଧ୍ୟରେ ଏକ ଯୋଗସୂତ୍ର ଓ ଯାତାୟାତ ବର୍ତ୍ତମାନ ରହିଛି ଓ ତେଣୁ ପୃଥିବୀରୁ ସେଠାରେ ଯାଇ ପହଞ୍ଚିବା ଲାଗି ଏକ ପଥ ମଧ୍ୟ ନିର୍ମିତ ହୋଇ ରହିଛି ବୋଲି ଘୋଷଣା କଲା । ମୃତ୍ୟୁ ପରେ ମନୁଷ୍ୟ ସେହିସବୁ ଲୋକକୁ ପ୍ରସ୍ଥାନ କରେ ଓ ପୁଣି ସେଠାରୁ ଏହି ଜଗତକୁ ଫେରିଆସେ । ଏହି ଫେରିଆସିବାର କଥାଟି ହୁଏତ ସେତେଦୂର ପ୍ରାଚୀନ ନୁହେଁ ବୋଲି ମନେ ହୋଇଥାଏ । ମାତ୍ର ସେ ଯାହାହେଉ ପଛକେ, ସେମାନଙ୍କର ଏହି ବିଶ୍ୱାସଟି ପଛରେ ଏକ ବହୁପ୍ରାଚୀନ ଅବଧାରଣା ଓ ଏପରିକି ଅନୁଭୂତି ମଧ୍ୟ ନିହିତ ହୋଇ ରହିଥିଲା, ବା ଅନ୍ତତଃ ବହୁକାଳ ଧରି ଏହିଭଳି ରହିବାର ଏକ ପରମ୍ପରା ଚାଲି ଆସୁଥିଲା । ସେହି ଅନୁସାରେ ମନୁଷ୍ୟବ୍ୟକ୍ତିର ଆତ୍ମା କେବଳ ଏହି ଜଡ଼ଜଗତର ଅନୁଭବ ମଧ୍ୟରେ କଦାପି ସୀମାବଦ୍ଧ ହୋଇ ରହି ନାହିଁ, ଜନ୍ମ ପୂର୍ବରୁ ଏହାର ଅସ୍ତିତ୍ୱ ଥିଲା ଓ ମୃତ୍ୟୁ ପରେ ମଧ୍ୟ ରହିବ ବୋଲି ବିଶ୍ୱାସ କରାଯାଉଥିଲା । ଆତ୍ମା ଓ ଜଗତ ସମ୍ବନ୍ଧରେ ଯେଉଁ ଦୃଷ୍ଟିଟି ଉପରେ ସେମାନେ ଆପଣାକୁ ଆଧାରିତ କରି ରଖିଥିଲେ, ତାହା ଅତରୁ ଜଡ଼ାତୀତ ଚେତନାକୁ ମୂଳ ପ୍ରତିଷ୍ଠାବସ୍ତୁ ବୋଲି ମାନୁଥିଲା ଓ ଜଡ଼ଗତ ସୃଷ୍ଟିଟିକୁ କେବଳ ଏକ ଗୌଣ ଓ ତାହାର ଆଶ୍ରିତ ଏକ ପ୍ରତିରୂପ ବୋଲି ମାନୁଥିଲା । ଏହିସବୁ ତଥ୍ୟକୁ ସ୍ୱୀକାର କରିନେଇ ସେମାନଙ୍କୁ ଶାଶ୍ୱତ ପରମସତ୍ତାର ପ୍ରକୃତିଟିକୁ ନିରୂପଣ କରିବାକୁ ହୋଇଥିଲା, ପ୍ରାଣସ୍ପନ୍ଦିତ ଅମୃତର ମୂଳଟିକୁ ମଧ୍ୟ ନିରୂପଣ କରିବାକୁ ପଡ଼ିଥିଲା । ତେଣୁ ମନୁଷ୍ୟର ବ୍ୟକ୍ତିସତ୍ତାଟି ଯେ ଏଠାରୁ ଅନ୍ୟାନ୍ୟ ଜଗତ ମଧ୍ୟକୁ ଗତି କରୁଛି ଏବଂ ସେଠାରୁ ଏହି ପୃଥିବୀକୁ ପ୍ରାଣରୂପ ଧାରଣ କରି ପୁଣି ଫେରିଆସୁଛି, ସେମାନେ ସେକଥା ସ୍ୱୀକାର କରି ନେଇଥିଲେ । ମାତ୍ର ଏହାଦ୍ୱାରା ପୁନର୍ଜନ୍ମର ଯେଉଁ ସିଦ୍ଧାନ୍ତଟିକୁ ସ୍ୱୀକାର କରାଯାଉଥିଲା, ବୌଦ୍ଧମତ ତାହାକୁ ଏକ ପ୍ରକୃତ ଅଧ୍ୟାତ୍ମସମ୍ପୃକ୍ତ ପୁରୁଷର ଭୌତିକ ତତ୍ତ୍ୱ ଧାରଣ କରି ଏକ ପ୍ରକୃତ ପୁନର୍ଜନ୍ମ ବୋଲି ବିଚାରୁ ନଥିଲା । ପରବର୍ତ୍ତୀ କାଳର ଅଦ୍ୱୈତମତରେ ମଧ୍ୟ ଅଧ୍ୟାତ୍ମସତ୍ତା ଭଳି

'oaob.nitrkl.ac.in' images reprocessed

ଏକ ସ୍ଥାନ ଅବଶ୍ୟ ରହିଥିଲା, ମାତ୍ର ତାହାର ଆପାତପ୍ରତୀତ ବ୍ୟକ୍ତିସ୍ୱାତନ୍ତ୍ରତା ଓ ତେଣୁ ତାହାର ଜନ୍ମ ଏବଂ ପୁନର୍ଜନ୍ମ ଉଭୟ ବ୍ୟାପାରଟିକୁ ଏକ ବିଶ୍ୱବ୍ୟାପ୍ତ ଭ୍ରମର ଅନ୍ତର୍ଗତ ବୋଲି ବିଚାର କରା ଯାଉଥିଲା, ବିଶ୍ୱମାୟା ଦ୍ୱାରା ରଚିତ ଏକ କାର୍ଯ୍ୟସାଧକ ଛଳନା ବୋଲି ତାହା ବିବେଚିତ ହେଉଥିଲା ।

ବୌଦ୍ଧ ଦର୍ଶନ ଆତ୍ମାର ଅସ୍ତିତ୍ୱକୁ ଅସ୍ୱୀକାର କରୁଥିଲା, ତେଣୁ ପୁନର୍ଜନ୍ମ କହିଲେ ଏଥିରେ କେବଳ ଭାବନା, ଇନ୍ଦ୍ରିୟବୋଧ ଓ କ୍ରିୟାର ଏକ ଅବିଚ୍ଛିନ୍ନ ପ୍ରବାହକୁହିଁ ବୁଝାଉଥିଲା । ଏହି ପ୍ରବାହହିଁ ମିଥ୍ୟା ବ୍ୟକ୍ତିସତ୍ତାର ଏକ ବୋଧ ଜାଗ୍ରତ କରେ ଏବଂ ଏହି ବ୍ୟକ୍ତିସତ୍ତା ଗୋଟିଏ ଜଗତରୁ ଆଉଗୋଟିଏ ଜଗତକୁ ବିଚରଣ କରୁଛି ବୋଲି ପ୍ରତୀତ ହୁଏ ବୋଲି ବୁଝାଯାଉଥିଲା । ଏହି ଜଗତଗୁଡ଼ିକୁ ଆମେ ବିଭିନ୍ନ ପ୍ରକାରେ ରଚିତ ଓ ସଂଗଠିତ ହୋଇଥିବା ଭାବନା ତଥା ବୋଧର ଗୋଟିଏ ଗୋଟିଏ ଭୂମି ବୋଲି ବେଶ୍ କହିପାରିବା । କାରଣ, ବସ୍ତୁତଃ ସେହି ପ୍ରବାହଟିର ସଚେତନ ଅବିଚ୍ଛିନ୍ନତାହିଁ ଆମଲାଗି ଆତ୍ମାର ଏକ ପ୍ରତିରୂପ ତଥା ବ୍ୟକ୍ତିସତ୍ତାର ମଧ୍ୟ ଏକ ପ୍ରତିରୂପ ଜାଗ୍ରତ କରି ରଖୁଥିଲା । ଅଦ୍ୱୈତ ମାୟାବାଦ ଏକ ଜୀବାତ୍ମା ବା ବ୍ୟକ୍ତି-ଆତ୍ମାର ସ୍ୱୀକାର କରୁଥିଲା, ଏପରିକି ବ୍ୟକ୍ତିଜୀବର ପ୍ରକୃତିରେ ଏକ ଆତ୍ମା ଅଛି ବୋଲି ସ୍ୱୀକାର କରୁଥିଲା ।* ସାଧାରଣ ଭାଷା ଓ ଭାବଦ୍ୱାରା ବ୍ୟକ୍ତ କରି ସେମାନେ ଏହାଦ୍ୱାରା ଯାହାକିଛି ସ୍ୱୀକାର କରୁଛନ୍ତି ବୋଲି ମନେହୁଏ, ତାହା ମଧ୍ୟ କେବଳ ଏକ ବହିରଙ୍ଗ ସ୍ୱୀକାର ମାତ୍ର । କାରଣ ବେଶ ଜଣା ପଡ଼ିଯାଏ ଯେ ସେମାନେ କୌଣସି ବାସ୍ତବ ଓ ଶାଶ୍ୱତ ବ୍ୟକ୍ତିସତ୍ତାର ଅସ୍ତିତ୍ୱକୁ ସ୍ୱୀକାର କରନ୍ତି ନାହିଁ, କୌଣସି 'ମୁଁ' ବା 'ତୁମେ'ର ସ୍ୱୀକାର କରନ୍ତି ନାହିଁ; ତେଣୁ ସେହି ମତଟିରେ ବ୍ୟକ୍ତିଜୀବର ପ୍ରକୃତିରେ କୌଣସି ଆତ୍ମା ରହିପାରିବ ନାହିଁ, ଏପରିକି କୌଣସି ଯଥାର୍ଥ ବିଶ୍ୱସତ୍ତା ମଧ୍ୟ ରହିପାରିବ ନାହିଁ; ଏହି ବିଶ୍ୱଜଗତର ବାହାରେ ଅବସ୍ଥିତ ଏକ ପରମଆତ୍ମାହିଁ ରହିବ, ଯିଏକି କେବେହେଲେ ଜନ୍ମଗ୍ରହଣ କରୁ ନାହିଁ, ସଦା ଅପରିବର୍ତ୍ତିତ ହୋଇ ରହିଛି ଓ ପ୍ରାତିଭାସିକ ସ୍ତରର କୌଣସି ଭଙ୍ଗୁରତା ତାହାକୁ କୌଣସିପ୍ରକାରେ ସ୍ପର୍ଶ କରି ପାରୁ ନାହିଁ । ଜନ୍ମ, ଜୀବନଧାରଣ, ମୃତ୍ୟୁ ତଥା ବ୍ୟକ୍ତି ଓ ବିଶ୍ୱଗତ ଯାବତୀୟ ଅନୁଭବର ସମ୍ପୂର୍ଣ୍ଣ ଭଣ୍ଡାରଟି,—ଏସବୁ ଆଖର କେବଳ ଏକ ଭ୍ରାନ୍ତି ବ୍ୟତୀତ ଆଉକିଛି ନୁହେଁ ବା ଏକ ଅସ୍ଥାୟୀ ପ୍ରତିରୂପ ବ୍ୟତୀତ ଆଉ କିଛି ନୁହେଁ । ଏପରିକି ବନ୍ଧନ ଓ ମୁକ୍ତିକୁ

* ଏହି ମତଟି ଅନୁସାରେ ଆତ୍ମା କେବଳ ଏକ; ଏହା ଅନେକ ହୋଇପାରିବ ନାହିଁ ବା ଆପଣାକୁ ବହୁରେ ପରିଣତ କରିପାରିବ ନାହିଁ । ତେଣୁ ଏଥିରେ ପ୍ରକୃତ ବ୍ୟକ୍ତିଜୀବ ପାଇଁ କୌଣସି ସ୍ଥାନ ନାହିଁ । ଖୁବ୍ ବେଶୀ ହେଲେ କେବଳ ଏତିକି ବୁଝାଯାଇ ପାରିବ ଯେ ସର୍ବତ୍ର-ବିଦ୍ୟମାନ ସେହି ଗୋଟିଏ ଆତ୍ମା ରହିଛି, ଯିଏ କି ପ୍ରତ୍ୟେକ ମନ ଓ ପ୍ରତ୍ୟେକ ଶରୀରକୁ 'ମୁଁ'ର ଏକ ବୋଧଦ୍ୱାରା ଅନୁପ୍ରାଣିତ କରି ରଖିଛି ।

'oaob.nitrkl.ac.in' images reprocessed

ମଧ୍ୟ ଆମେ କେବଳ ଏହିପରି ଗୋଟିଏ ଭ୍ରାନ୍ତ ବୋଲି କହିପାରିବା, ତାଜଗତ ପ୍ରତିବିମ୍ବସ୍ୱରୂପର ଗୋଟିଏ ଅଂଶ ବୋଲି କହିପାରିବା । ଆମ ଭିତରେ ରହିଥିବା ଅହଂଗତ ଭ୍ରାନ୍ତିପୂର୍ଣ୍ଣ ବୋଧର ସଚେତନ ଅବିଚ୍ଛିନ୍ନତା ବ୍ୟତୀତ ଆମେ ତାହାକୁ ଆଉ ଅନ୍ୟକିଛି କହିପାରିବା ନାହିଁ । ଏହି ଅହଂଟା ମଧ୍ୟ ସେହି ବସ୍ତୁ ଭ୍ରାନ୍ତିରୁହିଁ ସୃଷ୍ଟ ହୋଇ ଅଛି; ଏହି ଅହଂବୋଧର ଧାରଣି ଯେତେବେଳେ ଛିନ୍ନ ହୋଇଯାଏ ଏବଂ ଅହଂଚେତନା ଯେତେବେଳେ ସେହି ପରମ ଅନ୍ତଚେତନା ମଧ୍ୟରେ ଲୀନ ହୋଇଯାଏ, ସେତେବେଳେ ମୁକ୍ତ ହୁଏ । ବସ୍ତୁତଃ ସେହି ପରମ ତତ୍ତ୍ୱସ୍ୱରୂପହିଁ ଅଦ୍ୱୟସ୍ୱରୂପେ ଅବସ୍ଥିତ ରହିଛି; ଅତୀତରେ କେବଳ ସେହି ଥିଲା, ବର୍ତ୍ତମାନ ସେହି ରହିଛି ଓ ଭବିଷ୍ୟତ କେବଳ ସେହି ରହିବ । ବା, ଅଧିକ ଯଥାର୍ଥ ସ୍ୱରରେ କହିଲେ କାଳ ସହିତ ତାହାର ଆଦୌ କୌଣସି ସମ୍ପର୍କ ନାହିଁ; ତାହା ନିତ୍ୟ କାଳାତୀତ ହୋଇ ରହିଛି,—ତାହାର ଜନ୍ମ କେବେହେଲେ ହୋଇ ନାହିଁ, ତାହା ଅନନ୍ତକାଳସ୍ଥ ।

ଅର୍ଥାତ୍ ଦ୍ରାଣମୂଳ ଅଦ୍ୱୈତବାଦ ମଧ୍ୟରେ ତଥାପି ଏକ ସତ୍ୟାଂଶ ରହିଛି, ଏବଂ ଯେତେ ଅସ୍ଥାୟୀ ହେଲେ ମଧ୍ୟ ବ୍ୟକ୍ତିସତ୍ତାର ଏକ ସତ୍ୟାଂଶ ଅନୁଭୂତ ରହିଛି; ଏବଂ ଭବିଷ୍ୟତ ଲାଗି ବର୍ତ୍ତମାନ ରହିଥିବା ଏକ ପୁରୁଷର ଅସ୍ତିତ୍ୱକୁ ନମାନିଥିଲେ ମଧ୍ୟ ଏହି ମତବାଦ ବ୍ୟକ୍ତିର ଅନୁଭୂତି ଓ କ୍ରିୟାଗୁଡ଼ିକୁ ଅନେକ ମହତ୍ତ୍ୱ ଦେଇ ଦେଖିଥାଏ, କାରଣ ଏକ ପ୍ରକୃତ ଅନୁଭୂତି ମଧ୍ୟରେ ଏଗୁଡ଼ିକ ପ୍ରକୃତରେ କାର୍ଯ୍ୟକାରୀ ହୋଇ ରହିଥାଏ । ମାତ୍ର ମାୟାବାଦ ମଧ୍ୟରେ ଏସବୁ ବ୍ୟାପାରକୁ କୌଣସି ଯଥାର୍ଥ ମହତ୍ତ୍ୱ ଦିଆଯାଇ ନାହିଁ ଅଥବା ସେଗୁଡ଼ିକର କୌଣସି ଯଥାର୍ଥ କାର୍ଯ୍ୟକାରିତା ମଧ୍ୟ ନାହିଁ, ସବୁଗୁଡ଼ାକ ସେଥିରେ ସଚେତନ ଏକ ସ୍ୱପ୍ନଗତ ପରିଣାମ ପରି ହୋଇ ରହିଛନ୍ତି । କାରଣ ମୁକ୍ତିକର ସମୟରେ ମଧ୍ୟ ତାହା କେବଳ ଏକ ବୃହତ୍ ସ୍ୱପ୍ନ ବା ବିଭ୍ରମ ମଧ୍ୟରେହିଁ ଉପଲବ୍ଧ ହେଉଛି; ସେହି ମାୟା ବା ଭ୍ରମକୁ ଅତିକ୍ରମିବାକୁ ସମର୍ଥ ହେଲେ ତଥା ବ୍ୟକ୍ତିମନ ଓ ବ୍ୟକ୍ତିଜୀବନର ବିଲୟ ଘଟିଲେ ତାହା ଉପଲବ୍ଧ ହେଉଛି । ମାତ୍ର ଯଥାର୍ଥରେ ଦେଖିଲେ କେହି ବାଣ୍ଟବଦ୍ଧ ହୋଇ ରହି ନାହିଁ, ଏବଂ ତେଣୁ କେହି ମୁକ୍ତ ବି ହେଉ ନାହିଁ । କାରଣ ଅଦ୍ୱିତୀୟ ହୋଇ ଚିରନ୍ତନ ରହିଥିବା ପରମ ଆତ୍ମା ଅହଂଗତ ଏହିସବୁ ଭ୍ରମର ଆବେଷ୍ଟନ ବାହାରେହିଁ ରହିଛନ୍ତି । ତେଣୁ ଏହି ସଂବେଦନାଶୀଳ ଜଟିଳତା ମଧ୍ୟରୁ ଯେକୌଣସି ମତେ ଖସି ଯିବାହିଁ ହେଉଛି ଏକମାତ୍ର ଯୁକ୍ତିଯୁକ୍ତ ପଥ ଓ ପରିଣାମ, ଏବଂ ତେଣୁ କାର୍ଯ୍ୟତଃ ଯେତେ ମିଥ୍ୟା ହୋଇଥାଉ ପଛକେ, ଏହି ସ୍ୱପ୍ନଗତ ପରିଣାମଟିକୁ ଏକ ବ୍ୟାବହାରିକ ସତ୍ୟ ବୋଲି ସ୍ୱୀକାର କରିବାକୁ ପଡ଼ିବ, ଆମର ବନ୍ଧନ ତଥା ବ୍ୟକ୍ତିଗତ ମୁକ୍ତିକୁ ଖୁବ୍ ବଡ଼ ଓ ଅତ୍ୟନ୍ତ ମହତ୍ତ୍ୱପୂର୍ଣ୍ଣରୂପେ ଦେଖିବାକୁ ପଡ଼ିବ । ବ୍ୟକ୍ତିର ଜୀବନ କେବଳ ଏକ ପ୍ରାତିଭାସିକ ଜୀବନ ହୋଇଥିଲେ ମଧ୍ୟ ଏବଂ ସେହି

'oaob.nitrkl.ac.in' images reprocessed

ଯଥାର୍ଥ ଅଦ୍ୱୈତ ଆତ୍ମାର ଦେଖିବାକୁ ଏହି ବନ୍ଧନ ଓ ଏହି ମୁକ୍ତି ଦୁଇଟାଯାକର ପ୍ରକୃତରେ କୌଣସି ଅସ୍ତିତ୍ୱ ନଥିଲେ ମଧ୍ୟ ତଥାପି ତାହା କରିବାକୁ ପଡ଼ିବ । ସତେଅବା ବାଧ୍ୟ ହୋଇପରି ମାୟାର ଉତ୍ପୀଡ଼ନକାରୀ ମିଥ୍ୟାଟାକୁ ଏହିଭଳି ସ୍ତବରେ ପରାକ୍ରମଶାଳୀ ବୋଲି ସ୍ୱୀକାର କରିନେବା ପରେ, ଆମର ଜୀବନ ଓ ଅନୁଭୂତି ଯେତିକି ପରିମାଣରେ ଏହି ଜୀବନଟିର ଅସ୍ୱୀକାର କରିବାରେ, ବ୍ୟକ୍ତିସତ୍ତା ଓ ବ୍ୟକ୍ତିସ୍ୱରର ଆତ୍ମବିଲୋପସାଧନରେ ଓ ଆମକୁ ଆବୋରି ରହିଥିବା ବିଶ୍ୱଭ୍ରାନ୍ତିର ଅପସାରଣ କରିଦେବାରେ ନିମିତ୍ତ ଓ ସାଧନରୂପେ ବ୍ୟବହୃତ ହୋଇପାରିବ, କେବଳ ସେତିକି ପରିମାଣରେହିଁ ସେଗୁଡ଼ିକର କୌଣସି ଯଥାର୍ଥ ମୂଲ୍ୟ ଓ ମହତ୍ତ୍ୱ ଅଛି ବୋଲି ପ୍ରତିପାଦିତ ହେବ ।

ଏହାକୁ ଅବଶ୍ୟ ଅଦ୍ୱୈତବାଦର ଏକ ଚରମ କୋଟୀ ବୋଲି କୁହାଯିବ, ଏବଂ ତାହାର ପୂର୍ବକାଳୀନ ଅଦ୍ୱୈତ ବେଦାନ୍ତ ଉପନିଷଦକୁ ମୂଳ କରି ଆପଣାର ବିସ୍ତାର ଆରମ୍ଭ କରିଛି କିନ୍ତୁ ଏତେଦୂର ଆଦୌ ଯାଇ ନାହିଁ । ଏହା ଶାଶ୍ୱତ ପରମ ସତ୍ତାଙ୍କର କାଳଗତ ଏକ ପ୍ରକୃତ ସମ୍ଭୂତିକୁ ସ୍ୱୀକାର କରିଛି, ଏବଂ ତେଣୁ ବିଶ୍ୱକୁ ପ୍ରକୃତ ବିଶ୍ୱ ବୋଲି ମାନିଛି । ଏଥିରେ ବ୍ୟକ୍ତିସତ୍ତାର ମଧ୍ୟ ଯଥେଷ୍ଟ ସତ୍ୟତା ରହିଛି, କାରଣ ପ୍ରତ୍ୟେକ ବ୍ୟକ୍ତିସତ୍ତା ଆପଣା ଭିତରେ କେବଳ ସେହି ଶାଶ୍ୱତ ପରମସତ୍ତାକୁହିଁ ବହନ କରି ବର୍ତ୍ତମାନ ଅଛି । ଶାଶ୍ୱତ ପରମସତ୍ତା ତାହାରି ମଧ୍ୟରେହିଁ ନାମ ଓ ରୂପକୁ ଗ୍ରହଣ କରିଛନ୍ତି ଏବଂ ଅଭିବ୍ୟକ୍ତିର ଭୂମି ଉପରେ ନିତ୍ୟ-ଆବର୍ତ୍ତିତ ଜନ୍ମଚକ୍ରକୁ ଆଶ୍ରାକରି ବୃଦ୍ଧିଥିବା ଜୀବନର ଯାବତୀୟ ଅନୁଭୂତିକୁ ସେହି ବ୍ୟକ୍ତିର ମଧ୍ୟଦେଇ ଧାରଣ କରିଛନ୍ତି ବ୍ୟକ୍ତିଜୀବର କାମନାଚକ୍ରଟିକୁ ସତତ ଗତିବେଗ ଦେଇ ରଖିଛି ଏବଂ ଏହି କାମନାହିଁ ପୁନର୍ଜନ୍ମର କାର୍ଯ୍ୟସାଧକ କାରଣରୂପେ କାମ କରୁଛି; ପୁଣି ଶାଶ୍ୱତ ଆତ୍ମାର ଜ୍ଞାନଠାରୁ ଅପସରି ଯାଇ ମନ କାଳଗତ ସମ୍ଭୂତି ମଧ୍ୟରେ ନିମଜ୍ଜିତ ହୋଇ ରହିବାଦ୍ୱାରା ମଧ୍ୟ ଏହି ଜନ୍ମଚକ୍ର ଗ୍ଭଲିବାରେ ଲାଗିଛି । ଯେତେବେଳେ ଏହି କାମନାର ଜ୍ୱାଲା ବନ୍ଦ ହୋଇଯିବ ଓ ଏହି ଅଜ୍ଞାନ ଦୂର ହୋଇଯିବ, ସେତେ-ବେଳେ ବ୍ୟକ୍ତି ମଧ୍ୟରେ ଅବସ୍ଥିତ ଶାଶ୍ୱତ ସତ୍ତାଟି ମଧ୍ୟ ବ୍ୟକ୍ତିସ୍ୱର ଓ ବ୍ୟକ୍ତିଗତ ଅନୁଭୂତିର ସୀମାନ୍ତର୍ଗତ ସକଳ ପରିବର୍ତ୍ତନ ମଧ୍ୟରୁ ଆପଣାକୁ ଅପସରାଇ ନେଇପାଇ ପାରିବେ ଏବଂ ଆପଣାର କାଳାତୀତ, ନୈର୍ବ୍ୟକ୍ତିକ ତଥା ପରିବର୍ତ୍ତନରହିତ ସତ୍ତା ମଧ୍ୟରେ ସମାହିତ ହୋଇ ରହିବେ ।

ମାତ୍ର ବ୍ୟକ୍ତିସତ୍ତାର ସତ୍ୟଟି କେବଳ କାଳର ଅଧୀନ ହୋଇ ରହିଛି, ଏହାର କୌଣସି ସ୍ଥାୟୀ ଭିତ୍ତି ନାହିଁ, ଏପରିକି କାଳର ଭୂମି ଉପରେ ମଧ୍ୟ ଏହାର କୌଣସି ଚିରନ୍ତନ ଆବର୍ତ୍ତନ ନାହିଁ, ବରଂ ଏହି ବ୍ୟାଖ୍ୟାଟିରେ ପୁନର୍ଜନ୍ମକୁ ଏକ ମହତ୍ତ୍ୱପୂର୍ଣ୍ଣ ବାସ୍ତବସତ୍ୟ ବୋଲି ଗ୍ରହଣ କରାଯାଉଥିଲେ ମଧ୍ୟ ତଥାପି ଏଥିରେ

'oaob.nitrkl.ac.in' images reprocessed

ବ୍ୟକ୍ତିସତ୍ତା ଏବଂ ବିଶ୍ୱରୂପାୟନ ମଧ୍ୟରେ ଯେଉଁ ସମ୍ପର୍କଟିର ନିରୂପଣ କରାଯାଇଛି, ତଦ୍ୱାରା ପୁନର୍ଜନ୍ମ ଏକ ଅପରିହାର୍ଯ୍ୟ ତତ୍ତ୍ୱ ବୋଲି ଆଦୌ ପ୍ରତିପାଦିତ ହେଉ ନାହିଁ । କାରଣ ବିଶ୍ୱସୃଷ୍ଟି ଲାଗି ପରମ ଶାଶ୍ୱତସତ୍ତାଙ୍କର ଇଚ୍ଛା ବ୍ୟତୀତ ଏଥିରେ ବିଶ୍ୱରୂପାୟନର ଅନ୍ୟ କୌଣସି ଉଦ୍ଦେଶ୍ୟ ଅଛି ବୋଲି ଆଦୌ ମନେହେଉ ନାହିଁ; ଏବଂ ସେହି କାରଣରୁ କେବଳ ସେହି ଇଚ୍ଛାହିଁ ଆପଣାକୁ ପ୍ରତ୍ୟାହୃତ କରିନେଲେ ଯାକ ସୃଷ୍ଟିର ମଧ୍ୟ ଶେଷ ହୋଇପାରିବ । ପୁନର୍ଜନ୍ମକୁ ଏକ ସାଧନରୂପେ ବ୍ୟବହାର ନକରି ଏବଂ ଏହି ଜଗତକୁ ବଜାୟ ରଖିବାଲାଗି ବ୍ୟକ୍ତିସତ୍ତାର କୌଣସି ବାସ୍ତବ ବ୍ୟତୀତ ମଧ୍ୟ ବିଶ୍ୱପୁରୁଷ ଆପଣାର ସେହି ଇଚ୍ଛାଟିକୁ ବେଶ୍ ଚରିତାର୍ଥ କରିପାରିବ । କାରଣ ବ୍ୟକ୍ତିସତ୍ତାର ବାସ୍ତବତାଟି ଜଗତପକ୍ଷରେ ହୁଏତ ଏକ କ୍ଷିପ୍ରସାଧକ ପୂର୍ଣ୍ଣା ବା ଚରିତାର୍ଥତା ହୋଇପାରେ, ମାତ୍ର ତାହା ବିଶ୍ୱର ଅସ୍ତିତ୍ୱଲାଗି କଦାପି ଏକ କାରଣ କିମ୍ବା ଆବଶ୍ୟକ ଅବସ୍ଥା ହୋଇ ରହିପାରିବ ନାହିଁ । କାରଣ ଏହି ମତଟି ଅନୁସାରେ ସେ ନିଜେ ହେଉଛି ବିଶ୍ୱସୃଷ୍ଟିର ଏକ ପରିଣାମ, ଏବଂ ସମ୍ଭୂତି ପୂର୍ବରୁ ଏହାର ଆଦୌ କୌଣସି ଅସ୍ତିତ୍ୱହିଁ ନଥିଲା । ପ୍ରତ୍ୟେକ ନାମ ଓ ରୂପ ଭିତରେ ବ୍ୟକ୍ତିର ଏକ ସାମୟିକ ରୂପାୟନଦ୍ୱାରା କିମ୍ବା ଅନେକସଂଖ୍ୟକ ଅସ୍ଥାୟୀ ବ୍ୟକ୍ତିସତ୍ତାକୁ ଗୋଟିଏ ଜୀବନର ଆୟତନ ମଧ୍ୟରେ ଫୁଟାଇଦେଇ ଶାଶ୍ୱତ ସତ୍ତାର ସୃଷ୍ଟି-ଇଚ୍ଛା ଆପଣାକୁ ବେଶ୍ ସାର୍ଥକ କରିପାରେ । ଅବଶ୍ୟ ଏକଥା ସତ ଯେ ସୃଷ୍ଟ ହୋଇଥିବା ପ୍ରତ୍ୟେକ ସତ୍ତାର ପ୍ରକାର ଅନୁସାରେ ଅଖଣ୍ଡ ଚେତନା ଭିନ୍ନଭିନ୍ନ ସତ୍ତାରେ ଆପଣାକୁ ଅନୁରୂପ ଭାବରେ ରୂପାୟିତ କରିବ, ମାତ୍ର ପ୍ରତ୍ୟେକ ବ୍ୟକ୍ତି-ଶରୀରରେ ଜଡ଼ରୂପର ଆବିର୍ଭାବ ହେବା ସଙ୍ଗେ ସଙ୍ଗେ ସେହି ରୂପାୟନକ୍ରିୟା ବେଶ୍ ଆରମ୍ଭ ହୋଇଯାଇ ପାରିବ ଏବଂ ଜଡ଼ରୂପଟିର ବିନାଶ ସଙ୍ଗେ ସଙ୍ଗେ ତାହା ଶେଷ ବି ହୋଇଯାଇ ପାରିବ । ଗୋଟିଏ ବ୍ୟକ୍ତି ପଛକୁ ଆଉଗୋଟିଏ ବ୍ୟକ୍ତିର ଆବିର୍ଭାବ ହେଉଥିବ, ଠିକ୍ ଯେମିତ ଗୋଟିଏ ତରଙ୍ଗ ପଛକୁ ଆଉଗୋଟିଏ ତରଙ୍ଗର ଆବିର୍ଭାବ ହୁଏ, ମାତ୍ର ସମୁଦ୍ର ସର୍ବଦା ସେହି ଏକ ସମୁଦ୍ର ହୋଇ ରହିଥାଏ ।* ଚେତନସତ୍ତାର ପ୍ରତ୍ୟେକ ରୂପାୟନ

* ଭାରତୀୟ ଦର୍ଶନ ସମ୍ବନ୍ଧରେ ଆପଣାର ଲିଖିତ ପୁସ୍ତିକାରେ ଡା. ଥାଇବଟ୍ ଏହାକୁହିଁ ଉପନିଷଦୀୟ ଧର୍ମର ପ୍ରକୃତ ତାତ୍ପର୍ଯ୍ୟ ବୋଲି କହୁଛନ୍ତି । ତାଙ୍କ ମତରେ ପୁନର୍ଜନ୍ମର ସିଦ୍ଧାନ୍ତଟି ହେଉଛି ଏକ ପରବର୍ତ୍ତୀ କାଳର ଉଦ୍ଭାବନ । ମାତ୍ର ପ୍ରାୟ ସବୁ ଉପନିଷଦରେ କେତେ କେତେ ମହତ୍ତ୍ୱପୂର୍ଣ୍ଣ ଉକ୍ତିମାନ ରହିଛି, ଯେଉଁଥିରେ ଓ ପୁନର୍ଜନ୍ମର ଘୋଷଣା ଅତି ସ୍ପଷ୍ଟଭାବେ ଦୃଷ୍ଟିଗୋଚର ହୋଇଥାଏ । ମୃତ୍ୟୁ ପରେ ଯେ ବ୍ୟକ୍ତିସତ୍ତା ତଥାପି ବର୍ତ୍ତମାନ ରହେ ଏବଂ ଅନ୍ୟ ଦେହଗୁଡ଼ିକ ଭିତରେ ଯାତ୍ରା କରେ,—ଉପନିଷଦଗୁଡ଼ିକରେ ଅବଶ୍ୟ ଏକଥା ସ୍ୱୀକାର କରାଯାଇଛି । ଥାଇବଟ୍‌ଙ୍କ ବ୍ୟାଖ୍ୟା ସହିତ ଏହି କଥାଟି ଆଦୌ ଖାପ ଖାଉନାହିଁ । ଏଠାରେ ଏକଥା ମଧ୍ୟ ଉଲ୍ଲେଖ କରିଥିବା ଅଂଶାଦିରୁ ଯେ

ବିଶ୍ୱଚେତନାର ଗର୍ଭ ମଧ୍ୟରୁ ଉତ୍‌ଥିତ ହୋଇ ଆସୁଥିବ, ଆପଣାର ନିର୍ଦ୍ଦିଷ୍ଟ ସମଷ୍ଟି ଲାଗି କେତେ କେତେ ଆସୁଥିବ, ଏବଂ ତା'ପରେ ପଛକୁ ଫେରିଯାଇ ପୁଣି ସେହି ପରମ ନିସ୍ତବ୍ଧତା ମଧ୍ୟରେ ଲୀନ ହୋଇ ଯାଉଥିବ । ଏହିପରି ଏକ ନିରବଚ୍ଛିନ୍ନ ଓ ବ୍ୟକ୍ତିସ୍ୱଭାବ-ପନ୍ନ ଚେତନା ଯେ ନାମ ପରେ ନାମ ଓ ରୂପ ପରେ ରୂପ ଗ୍ରହଣ କରୁଛି ଓ କେତେବେଳେ ପଛକୁ ଓ ପୁଣି କେତେବେଳେ ଆଗକୁ ଯାଇ ଭିନ୍ନଭିନ୍ନ ଭୂମିରେ ବିଚରଣ କରିବାରେ ଲାଗିଛି, ଏପରି ଏକ ଅଭିପ୍ରାୟ ପଛରେ ପ୍ରକୃତରେ ଯେ କି ଆବଶ୍ୟକତା ରହିଛି, ତାହା ଆଦୌ ସ୍ପଷ୍ଟ ହେଉ ନାହିଁ; ଏବଂ ଏକ ସମ୍ଭାବନାରୂପେ ମଧ୍ୟ ତାହାକୁ ଗ୍ରହଣ କରିବାର ସେପରି କୌଣସି ଅପରିହାର୍ଯ୍ୟ ପ୍ରୟୋଜନ ବି ଦିଶୁ ନାହିଁ । ଏଣେ ବିବର୍ତ୍ତନର ମାର୍ଗରେ ଅଗ୍ରସର ହୋଇ ଗୋଟିଏ ରୂପକୁ ଅତିକ୍ରମ କରି ଏକ ଊର୍ଦ୍ଧ୍ୱତର ରୂପରେ ଉପନୀତ ହେବାହିଁ ଯଦି ଜୀବର ଅନିବାର୍ଯ୍ୟ ନିୟତି ହୋଇଥାଏ, ସେତେବେଳେ ପୁନର୍ଜନ୍ମବାଦର ପ୍ରକୃତରେ ଏକ ସାର୍ଥକତା ରହିଥିବା ପରି ଦିଶିଯାଏ; ସେତେବେଳେ ଜଡ଼ ମଧ୍ୟରେ ପରମ ଚିତ୍‌ସତ୍ତ୍ୱର ସଂବୃତ ଓ ଅଭିବ୍ୟକ୍ତିହିଁ ପାର୍ଥିବ ଅସ୍ତିତ୍ୱଲୀଳାର ଯଥାର୍ଥ ତାତ୍ପର୍ଯ୍ୟରୂପେ ପ୍ରତିଷ୍ଠିତ ହୁଏ ଏବଂ ପୁନର୍ଜନ୍ମଦ୍ୱାରାହିଁ ଏହି ଲୀଳା ସ୍ୱାଭାବିକ ଭାବରେ ସାଧିତ ହେଉଥିବ ବୋଲି ମନେହୁଏ । ମାତ୍ର ପୂର୍ବବର୍ତ୍ତୀ ମତବାଦଟିରେ ଅଭିବ୍ୟକ୍ତି ବା ବିବର୍ତ୍ତନ ଲାଗି ସେପରି କୌଣସି ପ୍ରୟୋଜନ ନଥିବାରୁ ପୁନର୍ଜନ୍ମର ସିଦ୍ଧାନ୍ତକୁ ଅପରିହାର୍ଯ୍ୟ ବୋଲି ମାନିବା ତାହା ପକ୍ଷରେ ଆହୁରି କମ୍ ଆବଶ୍ୟକ ହୋଇ ରହେ ।

ଶାଶ୍ୱତ ପରମସତ୍ତା ଯେ ଶରୀର ଭିତରେ ଆପଣାକୁ ଅଭିବ୍ୟକ୍ତ କରିବାକୁ, ଅଥବା ଅଧିକ ଯଥାର୍ଥଭାବରେ କହିଲେ ତାହାରି ଭିତରେ ଆପଣାକୁ ଗୁପ୍ତ କରି ରଖିବାକୁ ଇଚ୍ଛା କରିଥାଇ ପାରନ୍ତି, ସେକଥା ବେଶ୍ କଳ୍ପନା କରି ହେଉଛି । ସିଏ ହୁଏତ ଏପରି ଏକ ବ୍ୟଷ୍ଟିର ରୂପରେ ପରିଣତ ବା ଆବିର୍ଭୂତ ହେବାକୁ ଇଚ୍ଛା କରିଥାଇ ପାରନ୍ତି ଯିଏକି ମନୁଷ୍ୟ ଓ ଇତର ପ୍ରାଣୀର ଅସ୍ତିତ୍ୱଗତ ଏକ ଅବିଚ୍ଛିନ୍ନ ଓ ସତତ ପୁନରାବୃତ୍ତ ଆବର୍ତ୍ତନ-କ୍ରମରେ ଜନ୍ମରୁ ମୃତ୍ୟୁ ଓ ମୃତ୍ୟୁରୁ ପୁଣି ଏକ ନୂତନ ଜୀବନକୁ ଅତିକ୍ରମ କରିଯାଇ ପାରୁଥିବ । ବ୍ୟଷ୍ଟିର ଭାବ ଧାରଣ କରିଥିବା ଅଦ୍ୱିତୀୟ

ଅନ୍ୟ ସ୍ୱେଚ୍ଛାକୁ ଯାଇ ସେଠାରେ ବର୍ତ୍ତମାନ ରହିପାରୁଛନ୍ତି ଏବଂ ବ୍ରହ୍ମ ମଧ୍ୟରେ ମୁକ୍ତ ହୋଇ ଆପଣାର ଚରମ ଲକ୍ଷ୍ୟଟିକୁ ପ୍ରାପ୍ତ ହେଉଛନ୍ତି, ତେବେ ପୁନର୍ଜନ୍ମର ସିଦ୍ଧାନ୍ତଟିକୁ ଆଉ ଏଡ଼ିଦେଇ ପାରିବା ଆଦୌ ସମ୍ଭବ ହେବ ନାହିଁ । ଏବଂ ତେଣୁ ଏହାକୁ ଏକ ପରବର୍ତ୍ତୀ-କାଳର ସିଦ୍ଧାନ୍ତ ବୋଲି କହିବାରେ ମଧ୍ୟ ଆଉ କୌଣସି କାରଣ ନଥିବ । ସ୍ପଷ୍ଟ ମନେହେଉଛି ଯେ ଲେଖକ ଏଠାରେ ପାଶ୍ଚାତ୍ୟଦର୍ଶନର ଚିନ୍ତାରାଶିଗୁଡ଼ିକ ଦ୍ୱାରା ଆପଣାକୁ ପରିଚାଳିତ କରିଛନ୍ତି ଏବଂ ସେହି କାରଣରୁ ପ୍ରାଚୀନ ବେଦାନ୍ତର ଅଧିକତର ସୂକ୍ଷ୍ମ ଓ ଜଟିଳ ବିଷୟ ମଧ୍ୟରେ କେବଳ ଏକ ବିବର୍ତ୍ତବାଦର ଛାୟା ବ୍ୟତୀତ ଆଉକିଛି ଠାବ କରି ପାରିନାହାନ୍ତି ।

'oaob.nitrkl.ac.in' images reprocessed

ପରମସତ୍ତା ସେହି କ୍ଷେତ୍ରରେ ହୁଏତ କେବଳ ଜଡ଼ର ଖିଆଲ ଅନୁସାରେ ଅଥବା କର୍ମ ପରିଣାମର କୌଣସି ବିଧାନ ଅନୁସାରେ ପରିଣତିର ବହୁବିଧ ରୂପ ମଧ୍ୟଦେଇ ଗତି କରୁଥିବେ, ଏହିପରି ଗତି କରୁକରୁ ପରିଶେଷରେ ଏକ ଆଲୋକସମ୍ପାତ ଦ୍ୱାରହିଁ ସେହି ଗତିର ଉଦ୍‌ଯାପନ ହେବ; ସେତେବେଳେ ସେ ପୁଣି ପରମ ଏକତ୍ୱ ମଧ୍ୟକୁ ଲେଉଟି ଆସିବେ, ପରମ ଅଦ୍ୱୟ ଓ ଅଭିନ୍ନ ସେହି ନିର୍ଦ୍ଦିଷ୍ଟ ବ୍ୟକ୍ତିଭାବାପନ୍ନତାଟି ମଧ୍ୟକୁ ଆପଣାକୁ ପ୍ରତ୍ୟାହୃତ କରି ଆଣିବେ । ମାତ୍ର ଏଭଳି ଏକ ଚକ୍ରାବର୍ତ୍ତନ ମଧ୍ୟରେ ତାହାକୁ କୌଣସି ତାତ୍ପର୍ଯ୍ୟ ଦେବାଭଳି ଆଉ କୌଣସି ମୌଳିକ ଓ ଚରମ ନିର୍ଣ୍ଣାୟକ ସତ୍ୟ ଲାଗି କୌଣସି ସ୍ଥାନ ନଥିବ । ଏଦ୍ୱାରା ସେତେବେଳେ କୌଣସି ଏକାନ୍ତ ପ୍ରୟୋଜନୀୟତା ନଥିବ, ତାହା କେବଳ ଏକ ଖେଳ ବା ଲୀଳାରେହିଁ ପର୍ଯ୍ୟବସିତ ହୋଇ ରହିବ । ମାତ୍ର ପରମ ଚିତ୍‌ସତ୍ତା ଆପଣାକୁ ଅଚେତନ ମଧ୍ୟରେ ଆବୃତ କରି ରଖିଛନ୍ତି ଏବଂ ଏକ ବିବର୍ତ୍ତନାତ୍ମକ ପର୍ଯ୍ୟାୟକ୍ରମରେ ଆପଣାକୁ ବ୍ୟକ୍ତିସତ୍ତା ମଧ୍ୟରେ ପ୍ରକଟ କରୁଛନ୍ତି ବୋଲି ଯଦି ସ୍ୱୀକାର କରି ନିଆଯାଏ, ତେବେ ସମୁଦାୟ ପ୍ରକ୍ରିୟାଟି ମଧ୍ୟରେ ଏକ ଅର୍ଥ ଓ ସଙ୍ଗତି ଅନୁଭୂତ ହେବାକୁ ଆରମ୍ଭ କରିବ । ବ୍ୟକ୍ତିସତ୍ତାର ସ୍ତର ସ୍ତର ହୋଇ ଆରୋହଣ କରିଯିବାର କ୍ରମଟିକୁ ସେତେବେଳେ ଏହି ବିଶ୍ୱଲୀଳାର ମୂଳ ସୂତ୍ର ବୋଲି ଜାଣିବା ସମ୍ଭବ ହେବ, ଶରୀର ମଧ୍ୟରେ ଆତ୍ମାର ପୁନର୍ଜନ୍ମ ଗ୍ରହଣ କରିବା ସମୂହଗତ ସତ୍ତାଟିର ଏକ ସ୍ୱାଭାବିକ ଓ ଅନିବାର୍ଯ୍ୟ ପରିଣାମ ବୋଲି ଧରାପଡ଼ିବ, ଏଦ୍ୱାରା ଏକ ଅନ୍ତର୍ନିହିତ ବିଧାନରୂପେ ଧରାପଡ଼ିବ । ଏକ ଆଧ୍ୟାତ୍ମିକ ବିବର୍ତ୍ତନକୁ କାର୍ଯ୍ୟକାରୀ କରିବାଲାଗିହିଁ ପୁନର୍ଜନ୍ମ ଏକ ଅପରିହାର୍ଯ୍ୟ ସାଧନରୂପେ କାର୍ଯ୍ୟ କରୁଛି । ଜଡ଼ର ଜଗତରେ ଏହିପରି ଏକ ଅଭିବ୍ୟକ୍ତି ଲାଗି ପୁନର୍ଜନ୍ମହିଁ ଏକମାତ୍ର କାର୍ଯ୍ୟସାଧକ ଉପାୟ ହୋଇ ରହିଛି, ତାହାର ଏକ ଅତି ସ୍ପଷ୍ଟ ଗତିଶୀଳ ପ୍ରକ୍ରିୟାରୂପେ କାର୍ଯ୍ୟ କରୁଛି ।

ଜଡ଼କୁ ଭୂମି କରି ସେହି ବିବର୍ତ୍ତନ ଲାଗି ରହିଛି, ଆମେ ଏହିପରି ଭାବରେ ତାହାର ବ୍ୟାଖ୍ୟା କରିବାକୁ ଚେଷ୍ଟା କରିବୁ : ଏହି ବିଶ୍ୱଜଗତ ହେଉଛି ଏକ ପରମ ସର୍ବୋଚ୍ଚସତ୍ତାର ଆତ୍ମବିସୃଜନର ଏକ ପ୍ରକ୍ରିୟା, ଏବଂ ସେହି ସର୍ବୋଚ୍ଚସତ୍ତା ସବୁରି ମଧ୍ୟରେ ବିଦ୍ୟମାନ ରହିଥିବାରୁ ଚିନ୍ମୟତାହିଁ ହେଉଛି ସକଳ ବସ୍ତୁର ଯଥାର୍ଥ ଉପାଦାନ । ଏହି ଜଗତରେ ଯାହାକିଛି ରହିଛି, ତାହା କେବଳ ସେହି ଚିତ୍‌ସତ୍ତାରହିଁ ଶକ୍ତି ସାମର୍ଥ୍ୟରୂପେ ଅବସ୍ଥାନ କରୁଛି, ତାହାର ସର୍ବପ୍ରକାରର ସାଧନ ଓ ରୂପାୟନ ରୂପେ ଅବସ୍ଥିତ ରହିଛି । ଏକ ଅନନ୍ତ ସତ୍ତା, ଏକ ଅନନ୍ତ ଚେତନା, ଏକ ଅନନ୍ତ ସାମର୍ଥ୍ୟ ଓ ସଙ୍କଳ୍ପ ଏବଂ ସତ୍ତାଗତ ଏକ ଅନନ୍ତ ଆନନ୍ଦ,—ଏହିଗୁଡ଼ିକହିଁ ନିହିତ ପରମସତ୍ତାରୂପେ ବିଶ୍ୱମୟ ସକଳ ପ୍ରପଞ୍ଚର ପଛରେ ପ୍ରଚ୍ଛନ୍ନ ହୋଇ ରହିଛି । ଏହି ପରମସତ୍ତାର ଉଚ୍ଚ ଅତିମାନସ ବା ଅଧ୍ୟାତ୍ମଜ୍ଞାନହିଁ ଏହି ବିଶ୍ୱବ୍ୟବସ୍ଥାଟିକୁ ରଚନା

'oaob.nitrkl.ac.in' images reprocessed

କରି ରଖିଛି, ଆମେ ସଚେତନ ରହିଥିବା ତିନୋଟି ଅଧସ୍ତନ ଓ ସଙ୍କୋଚକ ବିଭୂତିର ମାଧ୍ୟମରେ ଅର୍ଥାତ୍ ମନ, ପ୍ରାଣ ଓ ଜଡ଼ର ମାଧ୍ୟମରେ କେବଳ ପରୋକ୍ଷରୂପେହିଁ ରଚନା କରି ରଖିଛି । ଉପରୁ ତଳଆଡ଼କୁ ଓହ୍ଲାଇ ଆସିବାର ଏହି ଅଭିବ୍ୟକ୍ତିକ୍ରମରେ ଜଡ଼ମୟ ଜଗତ ସର୍ବନିମ୍ନ ସ୍ତରରେ ରହିଛି, ଏହି ସଚ୍ଚିଦାନନ୍ଦସ୍ୱରୂପ ପରମସତ୍ୟର ରୂପାୟିତ ସତ୍ତା ଏଠାରେ ଆପଣାର ଏକ ଆପାତ ଅଚେତନତା ମଧ୍ୟରେ ସମ୍ବୃତ ହୋଇ ରହିଛି, ଏବଂ ବର୍ତ୍ତମାନ ଏହାକୁହିଁ ଅମେ ନିଶ୍ଚେତନ ବୋଲି କହୁଛୁ । ମାତ୍ର ଏହି ନିଶ୍ଚେତନ ମଧ୍ୟରୁ ଏକ ପୁନର୍ଲବ୍ଧ ଆତ୍ମଜ୍ଞାନ ମଧ୍ୟକୁ ସେହି ଅଭିବ୍ୟକ୍ତ ସତ୍ତାର କ୍ରମବିବର୍ତ୍ତନ ସତେଅବା ସେହି ପ୍ରଥମ କ୍ଷଣରୁହିଁ ଅନିବାର୍ଯ୍ୟରୂପେ ନିର୍ଦ୍ଦିଷ୍ଟ ହୋଇ ରହିଥିଲା । ଏହାକୁ ଆମେ ଅନିବାର୍ଯ୍ୟ ବୋଲି କହୁଛୁ; କାରଣ ଯାହା ସମ୍ବୃତ ହୋଇ ରହିଛି, ତାହାର ବିବର୍ତ୍ତନ ହେବହିଁ ହେବ । କାରଣ କେବଳ ଏକ ସ୍ଥିତତା ବା ସତ୍ତାରୂପେ ତାହା ସେଠାରେ ଅବସ୍ଥିତ ହୋଇ ରହି ନାହିଁ, ଆପଣାର ବିପରୀତ ବୋଲି ପ୍ରତୀତ ହେଉଥିବା ଏକ ଉପାଦାନ ମଧ୍ୟରେ ସେଠାରେ ଏକ ଶକ୍ତି ଲୁକ୍କାୟିତ ହୋଇ ରହିଛି; ଏବଂ ଏଭଳି ଏକ ଶକ୍ତି ଆପଣାର ସ୍ୱଭାବଦ୍ୱାରା ପରିଚାଳିତ ହୋଇହିଁ ଅବଶ୍ୟ ଆପଣାର ସ୍ୱରୂପଟିକୁ ଆବିଷ୍କାର କରିବ, ଆପଣାର ଉପଲବ୍ଧି କରିବ, ଆପଣାକୁ ଲୀଳା ଭିତରେ ମୁକ୍ତ କରିଦେବ । ମାତ୍ର ଯାହା ତାହାକୁ ଏପରି ଗୁପ୍ତ କରି ରଖିଛି, ତାହାହିଁ ହେଉଛି ତାହାର ଅସଲ ସତ୍ୟ, ଏହି ନିଶ୍ଚେତନା ଯାହାକୁ ହଜାଇ ବସିଛି, ତାହା ହେଉଛି ତା'ର ନିଜର ଆତ୍ମା; ଏବଂ ସେହି କାରଣରୁ ତାହାକୁହିଁ ଖୋଜିବା ଓ ଫେରିପାଇବା ହେଉଛି ସେହି ନିଶ୍ଚେତନା ମଧ୍ୟରେ ଗୂଢ଼ ହୋଇ ରହିଥିବା ସମ୍ପୂର୍ଣ୍ଣ ତାତ୍ପର୍ଯ୍ୟ ଏବଂ ତାହାର ଯାବତୀୟ କ୍ରିୟାର ନିତ୍ୟବର୍ତ୍ତମାନ ଉଦ୍ଦେଶ୍ୟ ଓ ଲକ୍ଷ୍ୟ । କେବଳ ସଚେତନ ବ୍ୟକ୍ତିସତ୍ତାର ମଧ୍ୟଦେଇହିଁ ଏହି ଫେରିପାଇବା ସମ୍ଭବ ହେବ, କେବଳ ତାହାରି ଭିତରେହିଁ ବିବର୍ତ୍ତନଶୀଳ ଚେତନା ଆପଣାକୁ ସଙ୍ଗଠିତ କରିଥାଏ ଓ ନିଜର ସ୍ୱକୀୟ ସତ୍ୟର ଭୂମିକୁ ଜାଗ୍ରତ ହୋଇ ଉଠିବାର ସାମର୍ଥ୍ୟ ରଖିଥାଏ । ବିବର୍ତ୍ତନର ସୋପାନ ଉପରେ ବ୍ୟକ୍ତିସତ୍ତା ଯେତିକି ଉପରକୁ ଉଠିବାକୁ ସମର୍ଥ ହେଉଥାଏ, ତାହାର ମହତ୍ତ୍ୱ ମଧ୍ୟ ସେତିକି ବୃଦ୍ଧି ପାଉଥାଏ; ଏବଂ ସେହି ମହତ୍ତ୍ୱକୁହିଁ ଆମେ ଚେତନାବର୍ଜିତ ତଥା ବ୍ୟକ୍ତିସତ୍ତାହୀନ ଭାବରେ କେବଳ ଏକ ସର୍ବମୟ ନିଶ୍ଚେତନା ମଧ୍ୟରେ ଉନ୍ମେଷ ଲାଭ କରିଥିବା ଏକ ବିଶ୍ୱଜଗତର ସବୁଠାରୁ ଅଧିକ ଉଲ୍ଲେଖଯୋଗ୍ୟ ଓ ତାତ୍ପର୍ଯ୍ୟପୂର୍ଣ୍ଣ ଘଟଣା ବୋଲିହିଁ କହିବା । ଯଦି ବ୍ୟକ୍ତିସତ୍ତାରୂପେ ଅବସ୍ଥିତ ଆତ୍ମା ବିଶ୍ୱାତ୍ମା ବା ବିଶ୍ୱମୟ ଚିତ୍‌ପୁରୁଷର ସମବାଚୀ ଏକ ସତ୍ୟରେ ପରିଣତ ହୋଇପାରେ ଏବଂ ଏହି ଦୁଇଟିଯାକ ଯଦି ପରମ ଶାଶ୍ୱତ ସତ୍ତାଙ୍କର ଗୋଟିଏ ଗୋଟିଏ ବିଭୂତିରୂପେ ଅନୁଭୂତ ହୁଅନ୍ତି, ତେବେଯାଇ ସେହି ମହତ୍ତ୍ୱ ବା ମର୍ଯ୍ୟାଦାର ଔଚିତ୍ୟ ପ୍ରମାଣିତ ହୋଇପାରିବ । ଏହାକୁ କେବଳ ଏହିପରି ଭାବରେ ଜାଣିବାକୁ ପାଇଲେ

'oaob.nitrkl.ac.in' images reprocessed

ଯାଇ ବ୍ୟକ୍ତିସତ୍ତାର ଅଭିବୃଦ୍ଧି ଓ ତାହାର ଆତ୍ମ-ଅବସ୍ଥାନକୁ ଆମେ ଯେ ତାତ୍ତ୍ୱିକ ବିଶ୍ୱାତ୍ମା, ବିଶ୍ୱଚେତନା ତଥା ସେହି ସର୍ବୋଚ୍ଚ ପରମସତ୍ତାର ଅବସ୍ଥାନ ଲାଗି ଏକାନ୍ତ ଆବଶ୍ୟକ ଓ ଅପରିହାର୍ଯ୍ୟ ବୋଲି କହୁଛୁ, ଆମେ ତାହାର ଯଥାର୍ଥ ବ୍ୟାଖ୍ୟା ପାଇପାରିବା । ଏହି ସମାଧାନଟିକୁ ଗ୍ରହଣ କରିନେଲେ ଆମେ ତାହାର ପ୍ରଥମ ଫଳରୂପେ ବାରମ୍ବାର ଜନ୍ମ ନେବାକୁ ଆସୁଥିବା ବ୍ୟକ୍ତିସତ୍ତାକୁ ଏକ ସତ୍ୟରୂପେ ଉପଲବ୍ଧି କରିବାକୁ ନିଶ୍ଚୟ ସମର୍ଥ ହେବା । ମାତ୍ର ଉପଲବ୍ଧି ନିମନ୍ତେ ସେହି ପ୍ରଥମ ଫଳଟିରୁ ତାହାର ଦ୍ୱିତୀୟ ଫଳଟି ମଧ୍ୟ ଆମ ଲାଗି ଉଦ୍‌ଭୂତ ହୋଇ ଆସିବ । ସେତେବେଳେ ଆମେ ପୁନର୍ଜନ୍ମକୁ କେବଳ ଏକ ସମ୍ଭାବ୍ୟ ସାଧନ ପରି ଦେଖିବା ନାହିଁ ଯାହାକୁ ଇଚ୍ଛାନୁସାରେ ଗ୍ରହଣ ବା ବର୍ଜନ କରିଯାଇ ପାରିବ; ସେତେବେଳେ ତାହା ଏକ ଆବଶ୍ୟକ ତତ୍ତ୍ୱରୂପେ ଅନୁଭୂତ ହେବ, ଆମ ଅସ୍ତିତ୍ୱର ଗଭୀରତମ ପ୍ରକୃତିରୁହିଁ ଉଦ୍‌ଭୂତ ହେଉଥିବା ଏକ ଅନିବାର୍ଯ୍ୟ ପରିଣାମରୂପେ ଦୃଷ୍ଟିଗୋଚର ହେବ ।

ଚେତନାର ଖେଳଦ୍ୱାରା ପ୍ରତ୍ୟେକ ରୂପରେ ସୃଷ୍ଟି କରାଯାଇଥିବା କେବଳ ଏକ ଭ୍ରାନ୍ତିପୂର୍ଣ୍ଣ ଓ ଅସ୍ଥାୟୀ ବ୍ୟକ୍ତିସତ୍ତାର ଅନୁମାନ କରି ବସିଲେ ତାହା ଆଉ କଦାପି ଯଥେଷ୍ଟ ହେବ ନାହିଁ; ଯେଉଁ ଦେହ ବା ଶରୀର ତାହାର ଏହି ରୂପଟି ବିନଷ୍ଟ ହୋଇଗଲା ପରେ ତଥାପି କେତେଦୂର ବର୍ତ୍ତମାନ ରହିବ କି ନରହିବ, ତାହାର କୌଣସି ସ୍ଥିରତା ନାହିଁ, ଗୋଟିଏ ରୂପରୁ ଆଉ ଗୋଟିଏ ରୂପକୁ ଗତି କଲାବେଳେ ଆପଣା ଆତ୍ମ-ସତ୍ତାର ଭ୍ରାନ୍ତ ଅବିଚ୍ଛିନ୍ନତାଟିକୁ ପ୍ରଲମ୍ବିତ କରିବାକୁ ଯେଉଁ ଦେହ ପ୍ରକୃତରେ କୌଣସି ଆବଶ୍ୟକତାଦ୍ୱାରା ବାଧ୍ୟ ହେଉ ନାହିଁ, ଏବଂ ତାହା ପ୍ରକୃତରେ ତା' କରିବ କି ନକରିବ, ସେକଥା ନିଶ୍ଚିତ ଭାବରେ ଜାଣିବାକୁ ଜଣା ନାହିଁ, ସେହି ଦେହଟାର ଅତୀତସୀମା ମଧ୍ୟରେ ଚେତନାର କେବଳ ଏକ ଖେଳରୂପେହିଁ ଆମେ ବ୍ୟକ୍ତିଭାବାପନ୍ନତା ବା ବ୍ୟକ୍ତି-ସତ୍ତାର ଆଉ କଦାପି କଳ୍ପନା କରିପାରିବା ନାହିଁ । ଅବଶ୍ୟ ପ୍ରଥମ ଅବଲୋକନରେ ମନେହୁଏ ଯେ ଏହି ଜଗତରେ ଗୋଟିଏ ବ୍ୟକ୍ତିସତ୍ତା ଆସି ଆଉ ଗୋଟିଏ ବ୍ୟକ୍ତିସତ୍ତାର ସ୍ଥାନ ଅଧିକାର କରେ, ମାତ୍ର ସେଥିରେ କୌଣସି ଧାରାବାହିକତା ନଥାଏ, ରୂପର ବିନାଶ ହେବା ସଙ୍ଗେସଙ୍ଗେ ମିଥ୍ୟା ବା ଅସ୍ଥାୟୀ ବ୍ୟକ୍ତିଭାବଟି ମଧ୍ୟ ବିନଷ୍ଟ ହୋଇଯାଏ, କେବଳ ଏକ ବିଶ୍ୱଶକ୍ତି ବା ବିଶ୍ୱସତ୍ତାହିଁ ଚିରନ୍ତନ ଭାବେ ଲାଗି ଅବସ୍ଥିତ ରହିଥାଏ; ଏବଂ ଏହାହିଁ ବିଶ୍ୱବ୍ରହ୍ମାଣ୍ଡର ସମୁଦାୟ ତତ୍ତ୍ୱଟି ପରି ମନେହୁଏ । ମାତ୍ର ଯଦି ବ୍ୟକ୍ତିସତ୍ତା ଏକ ଅବିଚ୍ଛିନ୍ନ ସତ୍ୟ ହୋଇଥାଏ, ପରମ ଶାଶ୍ୱତଙ୍କର ଏକ ଶାଶ୍ୱତ ଅଂଶ ବା ଶକ୍ତି ହୋଇଥାଏ, ଏବଂ ତାହାର ଚେତନାଗତ ଅଭିବୃଦ୍ଧିକୁ ସାଧନପରି ବ୍ୟବହାର କରି ଜଡ଼ ବସ୍ତୁରୂପତ ମଧ୍ୟରେ ପ୍ରଚ୍ଛନ୍ନ ହୋଇ ରହିଥିବା ପରମ ଚିତ୍‌ସତ୍ତା ଆପଣାର ସତ୍ତାଟିକୁ ପ୍ରକଟ କରୁଥା'ନ୍ତି, ତେବେ ଏହି ବିଶ୍ୱଜଗତ ମଧ୍ୟ ଆମ ଆଗରେ

'oaob.nitrkl.ac.in' images reprocessed

ସେହି ଶାଶ୍ୱତ ପରମ ଅଦ୍ୱୟଙ୍କର ଲୀଳାର ଏକ ବିଶିଷ୍ଟ ପ୍ରକାଶରୂପେ ପ୍ରତିଷ୍ଠିତ ହୋଇଥାଏ; ଶାଶ୍ୱତ ଅନେକ ସହିତ ପରମ ସଚ୍ଚିଦାନନ୍ଦସତ୍ତାର ଯେଉଁ ଲୀଳାଟି ଲାଗି ରହିଛି, ସେହି ରୂପରେ ପ୍ରତିଷ୍ଠିତ ହୋଇଥାଏ । ତେବେ ଏଥିରୁ ଏହି ସାର କଥାଟି ବାହାରୁଛି ଯେ ଆମ ବ୍ୟକ୍ତିସତ୍ତାର ଯାବତୀୟ ପରିବର୍ତ୍ତନ ପଛରେ ଆପଣାର ଯାବତୀୟ ପରିବର୍ତ୍ତନର ପ୍ରବାହଟିକୁ ଧାରଣ କରି ଜଣେ ସତ୍ୟମୟ ପୁରୁଷ ଶାଶ୍ୱତ ଓ ଅବିଚଳ ହୋଇ ରହିଛି, ଏକ ଯଥାର୍ଥ ଓ ଅଧ୍ୟାତ୍ମ ବ୍ୟକ୍ତିସତ୍ତା ବିରାଜିତ ରହିଛି । ଆପଣାକୁ ବିଶ୍ୱଗତରୂପେ ପ୍ରସାରିତ କରି ରଖିଥିବା ସେହି ପରମ ଅଦ୍ୱୟହିଁ ପ୍ରତ୍ୟେକ ସତ୍ତାରେ ବର୍ତ୍ତମାନ ଅଛନ୍ତି ଏବଂ ଆପଣାର ଏହି ବ୍ୟକ୍ତିସ୍ୱଭାବାପନ୍ନତା ମଧ୍ୟରେ ଆପଣାରହିଁ ପ୍ରତିଷ୍ଠା କରିଛନ୍ତି । ବ୍ୟକ୍ତିସତ୍ତା ମଧ୍ୟରେ ଏହି ବିଶ୍ୱରେ ଅବସ୍ଥିତ ସବୁକିଛି ସହିତ ଏକାତ୍ମତାର ଅନୁଭବ ଦ୍ୱାରା ସେ ଆପଣାର ସମଗ୍ର ସତ୍ତାଟିକୁ ପ୍ରକଟ କରୁଛନ୍ତି । ବ୍ୟକ୍ତି ମଧ୍ୟରେ ଆପଣାର ବିଶ୍ୱାତୀତତାକୁ ମଧ୍ୟ ସେ ପ୍ରକଟ କରି ଦେଇଛନ୍ତି; ଯେଉଁଠି ଏହି ବିଶ୍ୱଗତ ସମୁଦାୟ ଏକତ୍ୱଟି ଆଧାରିତ ହୋଇ ରହିଛି, ସେହି ପରମ ଶାଶ୍ୱତରୂପେ ସେ ତାହାର ପ୍ରକଟ କରୁଛନ୍ତି । ଆପଣାକୁ ଏହିପରି ଅନେକ ରୂପରେ ପ୍ରକାଶିତ କରିବା, ଯିଏ ମୂଳତଃ ପରମ ଏକ ଓ ଅଭିନ୍ନ, ତାଙ୍କର ବହୁରୂପ ଧାରଣ କରିବାର ଏହି ବିପୁଳ ଓ ବିସ୍ମୟକାରୀ ଲୀଳା, ମାୟାର ରଚିତ ଏହି ବିରାଟ କୁହୁକ ଅର୍ଥାତ୍ ଶାଶ୍ୱତ ଅନନ୍ତ-ସତ୍ତାଙ୍କର ଚେତନାମୟ ସତ୍ୟର ଏହି ବହୁବିଚିତ୍ର ଅଲୌକିକତା;—ସର୍ବମୂଳ ପ୍ରକାର ନିଶ୍ଚେତନା ମଧ୍ୟରୁ କ୍ରମବିବର୍ତ୍ତନର ଏକ ପଦ୍ଧତି ଅନୁସରଣ କରି ଧୀରେ ଧୀରେ ଏହିସବୁହିଁ ଜ୍ୟୋତିର୍ମୟ ଭାବରେ ଉଦ୍‌ଘାଟିତ ହୋଇ ଚାଲିଛି ।

ଏହି ଜାଗତିକ ଲୀଳା ମଧ୍ୟରେ ଯଦି ସଚ୍ଚିଦାନନ୍ଦଙ୍କର ଆପଣାର ସତ୍ୟ-ପରିଚୟଟିକୁ ଖୋଜି ପାଇବାର କୌଣସି ଆବଶ୍ୟକତା ନଥା'ନ୍ତା, ଯଦି ଏକ ଶାଶ୍ୱତ ଲୀଳାସମ୍ଭୋଗହିଁ ତାଙ୍କର ଏକମାତ୍ର କାର୍ଯ୍ୟ ହୋଇଥା'ନ୍ତା, ତେବେ ବିବର୍ତ୍ତନର କ୍ରମ ଓ ପୁନର୍ଜନ୍ମର କାର୍ଯ୍ୟକାରୀ ହେବାଲାଗି ଆଉ କୌଣସି ଖାସ୍ ଆବଶ୍ୟକତା ନଥା'ନ୍ତା । ଅବଶ୍ୟ ଏକଥା ସତ ଯେ ଚେତନ ଅସ୍ତିତ୍ୱର ଉଚ୍ଚତର କ୍ଷେତ୍ରରେ ଏପରି କୌଣସି କୌଣସି ଭୂମି ରହିଛି, ଯେଉଁଠାରେ କି ସେହି ଲୀଳାର ଚିରନ୍ତନ ସମ୍ଭୋଗହିଁ ଏକ ସ୍ୱାଭାବିକ ଅବସ୍ଥା ହୋଇ ରହିଛି । ମାତ୍ର ଏହି ଏକତ୍ୱ ବିସ୍ମରଣକାରୀ ମନଟି ଭିତରେ ସଙ୍କୁଚିତ ହୋଇ ପଡ଼ିଛି, ଅଜ୍ଞାନସ୍ଥିତି ମଧ୍ୟରେ ନିମଜ୍ଜିତ ହୋଇ ପଡ଼ିବାଦ୍ୱାରା ପରିପୂର୍ଣ୍ଣ ଏକତ୍ୱର ସଦାବର୍ତ୍ତମାନ ବୋଧଟି ସତେଅବା କୁଆଡ଼େ ହଜିଯାଇଛି ଏବଂ ଭେଦମୂଳ ପାର୍ଥକ୍ୟର ଲୀଳାଟି ଏକ ଆଧିପତ୍ୟସମ୍ପନ୍ନ ସତ୍ୟରୂପେ ଆସି ପୁରୋଭାଗରେ ଅବସ୍ଥିତ ରହିଛି । ଆଲୋଚିତ ଭେଦମୂଳ ପାର୍ଥକ୍ୟଟିକୁ ଆମେ ଏଠାରେ କେବଳ ପ୍ରାତିଭାସିକ ପ୍ରକାର ଏକ ପାର୍ଥକ୍ୟ ବୋଲି କହିବା, କାରଣ ସକଳ ପାର୍ଥକ୍ୟ ମଧ୍ୟରେ ତଥାପି ନିଶ୍ଚିତ ଭାବରେ ନିହିତ ହୋଇ ରହିଥିବା ଯଥାର୍ଥ ଏକତ୍ୱଟି ସମ୍ପୂର୍ଣ୍ଣ ଅସଙ୍କୁଚିତ

'oaob.nitrkl.ac.in' images reprocessed

ସ୍ତରରେ ପ୍ରଚ୍ଛନ୍ନରୂପେ ବର୍ତ୍ତମାନ ରହିଛି । ମନ ଯେତେବେଳେ ଦେହକୁ ଆଶ୍ରୟ କରି ଏକ ବର୍ଜନଧର୍ମୀ ଅହଂରୂପେ ଆତ୍ମସଚେତନ ହୋଇଉଠିଛି, ସେତେବେଳେ ବର୍ଜନଶୀଳ ମନର ଖଣ୍ଡିତତା ଓ ଭେଦବୋଧରେହିଁ ଏହି ଭେଦର ଲୀଳାଟି ତା'ର ଚରମ କୋଟୀକୁ ସ୍ପର୍ଶ କରିଛି । ଏକ ପ୍ରାଗ୍‌ଜୈବିକ ନିଶ୍ଚେତନା ମଧ୍ୟରେ ସଚ୍ଚିଦାନନ୍ଦଙ୍କର କ୍ରିୟାଶୀଳ ଅନ୍ତଶ୍ଚେତନାଟି ଆବୃତ ହୋଇ ରହିବା ଦ୍ୱାରା ବର୍ଜିତ ଜଡ଼ରୂପମୟ ଏହି ଜଗତରେ ବର୍ଜନର ଲୀଳାଟି ସର୍ବାଗ୍ରେ ଏକ ସଘନ ଓ ଦୃଢ଼ ଭିତ୍ତି ସ୍ଥାପିତ ହୋଇ ପାରିଛି । ନିଶ୍ଚେତନା ମଧ୍ୟରେ ଅବସ୍ଥିତ ଏହି ଭିତ୍ତିଟି ବର୍ଜନକୁ ମଧ୍ୟ ଦୃଢ଼ କରିଦେଇ ପାରିଛି, କାରଣ ଏକତ୍ୱଚେତନାକୁ ଫେରି ଆସିବାର ପଥରେ ଏହା ଏକ ପ୍ରବଳ ବାଧା ସୃଷ୍ଟି କରି ରଖିଛି । ମାତ୍ର ଯେତେ ସ୍ଥୂଳ ସ୍ତରରେ ଏକ ବାଧାସ୍ୱରୂପ ଠିଆହୋଇ ରହିଥିଲେହେଁ, ଏହା ତଥାପି ସେହି ପ୍ରାଗ୍‌ଜୈବିକ ଓ ତେଣୁ ବିକାଶଶୀଳ ହୋଇ ରହିଛି, କାରଣ ଏହାର ତଳରେ, ଏହାର ଊର୍ଦ୍ଧ୍ୱରେ ଓ ଏହାର ଅନ୍ତସ୍ଥରୂପେ ସତତ ସେହି ସର୍ବଚେତନାମୟ ପରମ ତତ୍ତ୍ୱସତ୍ତାହିଁ ବିଦ୍ୟମାନ ରହିଛନ୍ତି । ଏବଂ ଆପାତତଃ ଆମକୁ ଯାହା ଏଠି ନିଶ୍ଚେତନା ପରି ମନେହେଉଛି, ତାହା ହେଉଛି ବସ୍ତୁତଃ ଏକ ଅଭିନିବେଶ ମାତ୍ର; ଏବଂ ଗଠନଧର୍ମୀ ଓ ସୃଷ୍ଟିଶୀଳ ଜଡ଼ଗତ ପ୍ରକ୍ରିୟାଟିର ନିମଜ୍ଜନ ମଧ୍ୟରେ ଅତଳପ୍ରବେଶ ଦ୍ୱାରା ଆତ୍ମବିସ୍ମୃତରେ ଏକଲୀନ ହୋଇ ରହିଥିବା ଚେତନାର ଏକ କ୍ରିୟାମାତ୍ର । ଏହିପରି ସ୍ତରରେ ଯେଉଁ ଜଗତଟିର ବିସୃଷ୍ଟି ହେଉଛି, ସେଥିରେ ଭେଦଧର୍ମୀ ରୂପହିଁ ଭିତ୍ତିରୂପେ କାର୍ଯ୍ୟ କରୁଛି, ଏହାର ପ୍ରାଣଗତ ସକଳ କ୍ରିୟାଭଙ୍ଗି ଅବଲମ୍ବନରୂପେ କାର୍ଯ୍ୟ କରୁଛି । ତେଣୁ ପରମ ଅଦ୍ୱୟସତ୍ତା ସହିତ ଆପଣାର ଯଥାର୍ଥ ସମ୍ବନ୍ଧଗୁଡ଼ିକର ଉପଲବ୍ଧି କରିବାର ସାଧନାରେ ବ୍ୟକ୍ତିସ୍ୱରୂପକୁ ଏହି ଜଡ଼ଗତ ଜଗତ ମଧ୍ୟରେ ରୂପର ଆଧାର ଉପରେହିଁ ଠିଆହେବାକୁ ପଡ଼ୁଛି ଅର୍ଥାତ୍ ଏକ ଶରୀର ଗ୍ରହଣ କରିବାକୁ ପଡ଼ୁଛି । ଭୌତିକ ଅସ୍ତିତ୍ୱରେ ରହିଥିବା ପର୍ଯ୍ୟନ୍ତ ଆପଣାର ପ୍ରାଣଗତ, ମନୋଗତ ତଥା ଆଧ୍ୟାତ୍ମିକ ବିକାଶ ନିମିତ୍ତ ସେ ଏହି ଶରୀରକୁହିଁ ଆପଣାର ଆଧାର ତଥା ଯାତ୍ରାପଥର ଅବଲମ୍ବନରୂପେ ବ୍ୟବହାର କରିବାକୁ ବାଧ୍ୟ ହେଉଛି । ଏହି ଶରୀରଗ୍ରହଣକୁ ଆମେ ଜନ୍ମ ବୋଲି କହୁଛୁ; ଏବଂ କେବଳ ଏହି ଶରୀରରୂପୀ ଭୂମି ଉପରେହିଁ ଏଠି ଆତ୍ମସତ୍ତାର ବିକାଶ ହେବ, ବ୍ୟକ୍ତିଜୀବନ ଓ ବିଶ୍ୱଜୀବନ ମଧ୍ୟରେ ତଥା ଜଣେ ବ୍ୟକ୍ତି ଓ ଅନ୍ୟ ବ୍ୟକ୍ତିମାନଙ୍କ ମଧ୍ୟରେ ଯାବତୀୟ ସମ୍ବନ୍ଧମାଳା ମଧ୍ୟ ଏହି ଭୂମିଟି ଉପରେ ବିକାଶଲାଭ କରିବ । ଏହି ଦେହକୁ ଭିତ୍ତି କରିହିଁ ଆମର ଚେତନସତ୍ତା ଆପଣାର ବିକାଶକ୍ରମରେ ପାହାଚ ପାହାଚ ହୋଇ ଉଠିଯାଇ ପାରିବ ଓ ଆପଣାର ଅଭିବୃଦ୍ଧି ସାଧନ କରିବ ଏବଂ ଈଶ୍ୱରଙ୍କ ସହିତ ତଥା ଈଶ୍ୱରଙ୍କ ମଧ୍ୟରେ ଥିବା ସର୍ବସକଳ ସହିତ ଏକତ୍ୱର ପରମ ପ୍ରତିଷ୍ଠା ଲାଗି ଅଗ୍ରସର ହୋଇପାରିବ । ଏହି ଜଡ଼ପ୍ରସୂ ଜଗତ ମଧ୍ୟରେ ଆମେ ଯାହାକିଛିକୁ ଜୀବନ ବୋଲି

'oaob.nitrkl.ac.in' images reprocessed

କରିଥାଏ, ତାହାର ସମସ୍ତ ଭୂମିଟି ହେଉଛି ଆମ ଆତ୍ମାରହିଁ କ୍ରମଶଃ ଅଗ୍ରସର ହୋଇ ଗତି କରୁଥିବାର ଭୂମି; ଏହି ଗତିପଥଟି ଜନ୍ମଦ୍ୱାରା ଶରୀର ମଧ୍ୟରେ ଆସି ପ୍ରବେଶ କରେ, ଏହି ଶରୀରକୁ ଭର ଦେଇହିଁ ଆଗକୁ ଚାଲେ; ଏହି ଶରୀରହିଁ ତା'ର ଯାବତୀୟ କ୍ରିୟା ଓ ବିବର୍ତ୍ତନ ମାର୍ଗରେ ନିରବଚ୍ଛିନ୍ନ ଭାବରେ ଅଗ୍ରସର ହେବା ଲାଗି ଆବଶ୍ୟକ ପରିବେଶରୂପେ କାର୍ଯ୍ୟ କରୁଥାଏ ।

ତେଣୁ ଜଡ଼ର ଭୂମି ଉପରେ ପୁରୁଷର ଅଭିବ୍ୟକ୍ତି ନିମନ୍ତେ ଜନ୍ମ ହେଉଛି ଏକ ଆବଶ୍ୟକତା । ମାତ୍ର ମନୁଷ୍ୟରୂପରେ ହେଉ କିମ୍ବା ଅନ୍ୟ ଯେକୌଣସି ରୂପରେ ହେଉ ପଛକେ, ସେହି ପୁରୁଷର ଜନ୍ମ ଏହି ବିଶ୍ୱବ୍ୟବସ୍ଥା ମଧ୍ୟରେ କଦାପି ଏକ ବିଚ୍ଛିନ୍ନ ଆକସ୍ମିକ ବ୍ୟାପାରରୂପେ ସଂଘଟିତ ହୋଇପାରିବ ନାହିଁ, ଅତୀତରେ ଏକ ପ୍ରସ୍ତୁତକାଳ ଓ ପରିପୂର୍ଣ୍ଣତାର ସମ୍ଭାବନାକୁ ବହନ କରିଥିବା ଏକ ଭବିଷ୍ୟତ ସହିତ କୌଣସି ପ୍ରକାରେ ସଂଯୁକ୍ତ ନହୋଇ ଏକ ଆତ୍ମା ହଠାତ୍ କେଉଁଠୁ ଆସି ଝପିପଡ଼ିଲା ପରି ଦେହଭୂମିରେ ପ୍ରବେଶ କରି ପକାଇବ ନାହିଁ । ସମ୍ବୃତ ଓ ବିବୃତର ଏକ ଜଗତରେ, ଯେଉଁଠି କେବଳ ଜଡ଼ରୂପର ବିବର୍ତ୍ତନ ଚାଲି ନାହିଁ, ମାତ୍ର ପ୍ରାଣ, ମନ ଓ ଅଧ୍ୟାତ୍ମର ଭୂମିଗୁଡ଼ିକ ମଧ୍ୟଦେଇ ଚେତନସତ୍ତ୍ୱର ବିବର୍ତ୍ତନ ସତତ ଲାଗିରହିଛି, ମନୁଷ୍ୟର ଶରୀର ମଧ୍ୟରେ ଏପରି ବିଚ୍ଛିନ୍ନ ଓ ଆକସ୍ମିକ ଭାବରେ ପ୍ରବେଶ କରିବା ବ୍ୟକ୍ତି-ଆତ୍ମାର ଅଭିବ୍ୟକ୍ତିଗତ କ୍ଷେତ୍ରରେ କଦାପି ଏକ ସ୍ୱାଭାବିକ ନିୟମ ବା ବିଧାନ ହୋଇପାରିବ ନାହିଁ । ଏପରି ଏକ ନିରର୍ଥକ ଓ ଅପ୍ରାସଙ୍ଗିକ ବ୍ୟାପାର ଲାଗି, ଏପରି ଏକ ଖାମଖିଆଲି ଲାଗି ଜଗତ୍‌ବସ୍ତୁର ପ୍ରକୃତି କିମ୍ବା ବ୍ୟବସ୍ଥା ମଧ୍ୟରେ ଆଦୌ କୌଣସି ସ୍ଥାନ ନାହିଁ । କାରଣ ଏହିଭଳି ଏକ ବିରୁଦ୍ଧଧର୍ମୀ କଳାକାର ପରମ ତତ୍ତ୍ୱସତ୍ତ୍ୱଙ୍କର ଆତ୍ମପ୍ରକାଶିତ ହେବାର ଛନ୍ଦଟିକୁ କେବଳ ଭାଙ୍ଗିଦେବାରେହିଁ ସହାୟକ ହୋଇପାରିବ । ଏକ ବିବର୍ତ୍ତନଶୀଳ ଆଧ୍ୟାତ୍ମିକ ପରିଣତିର କ୍ଷେତ୍ରରେ ବ୍ୟକ୍ତି-ଆତ୍ମାର ଜୀବନଗତ କ୍ଷେତ୍ରରେ ଏଭଳି ଏକ ବିଧାନ କଳାକାରପ୍ରବେଶ କରିବାକୁ ଆସିଲେ ତଦ୍ୱାରା କାର୍ଯ୍ୟକାରଣର ସକଳ ଶୃଙ୍ଖଳା ନଷ୍ଟ ହୋଇଯିବ; ଏହିପରି ବଳପୂର୍ବକ ପ୍ରବେଶକୁ ସେତେବେଳେ କେବଳ ଏକ କାରଣହୀନ କାର୍ଯ୍ୟ ଅଥବା କାର୍ଯ୍ୟହୀନ କାରଣ ବୋଲି ବୁଝାଯାଇ ପାରିବ । ସେହି କ୍ଷେତ୍ରରେ କେବଳ ବର୍ତ୍ତମାନଟାହିଁ ଖଣ୍ଡିତ ଭାବରେ ଅବସ୍ଥାନ କରୁଥିବ, ତାହାର କୌଣସି ଅତୀତ ନଥିବ କି କୌଣସି ଭବିଷ୍ୟତ ମଧ୍ୟ ନଥିବ । ବିଶ୍ୱଗତ ଜୀବନ ମଧ୍ୟରେ ସାର୍ଥକତାର ଯେଉଁ ସ୍ପନ୍ଦନଛନ୍ଦଟି ରହିଛି, ବିବର୍ତ୍ତନ ଓ ବିକାଶର ଯେଉଁ ବିଧାନଟି କାର୍ଯ୍ୟ କରୁଛି, ବ୍ୟକ୍ତିର ଜୀବନ-କ୍ଷେତ୍ରରେ ମଧ୍ୟ ସେହି ଛନ୍ଦଟି ଅବଶ୍ୟ ରହିବ, ସେହି ବିଧାନଟି ଅବଶ୍ୟ କାର୍ଯ୍ୟ କରିବ । ଏବଂ ସେହି ଛନ୍ଦ ମଧ୍ୟରେ ବ୍ୟକ୍ତିସତ୍ତ୍ୱ କଦାପି ଏକ ପଥ ଓ ଉଦ୍ଦେଶ୍ୟହୀନ ଅନାହୂତ ଭାବରେ ହସ୍ତକ୍ଷେପ କରିବାକୁ ଆସି ପହଞ୍ଚିଯିବ ନାହିଁ, ଏହା ଯଥାର୍ଥତଃ ସେହି

'oaob.nitrkl.ac.in' images reprocessed

ବସ୍ତୁଗତ ଉଦ୍ଦେଶ୍ୟଟିର ଏକ ଅସମ୍ଭବ ଅମିଶ୍ରଣରୂପେହିଁ ଅପ୍ରୟୋଜନ ହୋଇଯାଉଛି। ଏହିଭଳି ଏକ ବ୍ୟବସ୍ଥା ମଧ୍ୟରେ ଆମେ ତାହାର ହଠାତ୍ ବିଚ୍ଛିନ୍ନ ଭାବରେ ଆସି ଉପଗତ ହୋଇଯିବାର ଏକ ସଙ୍ଗତ କାରଣ ପାଉନା ନାହିଁ । ଆତ୍ମା କେବଳ ଥରକପାଇଁ ଆସି ମନୁଷ୍ୟର ଶରୀର ମଧ୍ୟରେ ଜନ୍ମଗ୍ରହଣ କରେ, ମନୁଷ୍ୟଶରୀରର ଏହି ଅନୁଭୂତିଟି ତା'ର ପ୍ରଥମ ଅନୁଭୂତି ତଥା ଶେଷ ଅନୁଭୂତିରୂପେହିଁ ସାବ୍ୟସ୍ତ ହୋଇ ରହେ, ଏଠାରେ ଏ ଜଗତରେ ନୁହେଁ, ସେ ହୁଏତ ଅନ୍ୟ କୌଣସି ଲୋକରେ ତାହାର ଅନ୍ୟ କୌଣସି ଜନ୍ମ ବା ଜୀବନକୁ ବ୍ୟତୀତ କରି ଏଠାରେ ଆସି ପହଞ୍ଚିଛି କିମ୍ବା ହୁଏତ ଅନ୍ୟ କୌଣସି ଭୂମିରେ ସମ୍ପୂର୍ଣ୍ଣ ଅନ୍ୟପ୍ରକାର ଅନୁଭୂତି ମଧ୍ୟରେ ତାହାର ଭବିଷ୍ୟତ ଜନ୍ମଟି ଅତିବାହିତ ହେବାକୁ ଯାଉଛି;—ବସ୍ତୁପ୍ରକୃତିର ବ୍ୟବସ୍ଥାଟି ଭିତରେ ଏସବୁ କଥାର କୌଣସି ସଙ୍ଗତ ବ୍ୟାଖ୍ୟା ଦେଇହୁଏ ନାହିଁ । କାରଣ ଜଡ଼ଜଗତର ଏହି ପାର୍ଥିବ ଜୀବନକୁ ଲୋକରୁ ଲୋକାନ୍ତର ହୋଇ ଭ୍ରମଣ କରୁଥିବା ଆତ୍ମା ଲାଗି ହଠାତ୍ ଆକସ୍ମିକ ଭାବରେ ବସିପଡ଼ିବାର ଗୋଟାଏ ଡାଳ ପରି କଦାପି କଳ୍ପନା କରି ହେବ ନାହିଁ । ଆତ୍ମା ହେଉଛି ଏକ ମହାନ୍ ବିକାଶର ଫଳ, ଅତ୍ୟନ୍ତ ଧୀରଗତିରେ ଚାଲୁଥିବା ଏକ ବିକାଶର ଫଳ; ଏବଂ ବର୍ତ୍ତମାନ ଆମେ ଜାଣିବାକୁ ପାରିଲୁଣି ଯେ ଏହାର ବିବର୍ତ୍ତନ ଲାଗି ଯୁଗଯୁଗାନ୍ତର ପ୍ରୟୋଜନ ରହିଛି । ମନୁଷ୍ୟର ଜୀବନ ହେଉଛି ବିକାଶର ସୋପାନକ୍ରମରେ କେବଳ ଗୋଟିଏମାତ୍ର ସୋପାନ ଏବଂ ଏହାର ମଧ୍ୟଦେଇ ଜଗତସ୍ଥ ପ୍ରଚ୍ଛନ୍ନ ପରମ ଚିତ୍ସତ୍ତା ଅତି ଧୀରଭାବରେ ଆପଣାର ଉଦ୍ଦେଶ୍ୟଟିକୁ ପୂର୍ଣ୍ଣ କରିବାରେ ଲାଗିଥା'ନ୍ତି ଏବଂ କ୍ରମଶଃ ପ୍ରସାରିତ ହେଉଥିବା ଓ କ୍ରମଶଃ ଉପରକୁ ଉଠି ଉଠି ଯାଉଥିବା ଶରୀରସ୍ଥ ବ୍ୟଷ୍ଟି-ଆତ୍ମାର ଚେତନା ମଧ୍ୟଦେଇ ସେ ପରିଶେଷରେ ସେହି ଉଦ୍ଦେଶ୍ୟଟିକୁ କାର୍ଯ୍ୟକାରୀ କରନ୍ତି । ଏହି ଆରୋହଣ-କ୍ରମଟିର ଆବଶ୍ୟକ ଭାବରେ ପୁନର୍ଜନ୍ମ ଦ୍ୱାରାହିଁ ଏହି ଆରୋହଣ ସଙ୍ଘଟିତ ହୋଇପାରିବ । ବ୍ୟଷ୍ଟି-ଆତ୍ମା ପକ୍ଷରେ କେବଳ ଥରକପାଇଁ ଏଠାକୁ ଆସି ଏଠାରୁ ଚାଲିଯିବା ପରେ ହୁଏତ ଆଉ ଅନ୍ୟ କେଉଁ ଲୋକରେ ବା ଭୂମିରେ ପ୍ରକୃତିର ଅନ୍ୟକୌଣସି ଧାରାର ଅନୁସରଣ କରି ଅଗ୍ରସର ହେବାଟା ଏହି ଜଗତର ବିବର୍ତ୍ତନଧାରାଟି ସହିତ ଆଦୌ ଖାପ ଖାଇ ପାରନ୍ତା ନାହିଁ ।

ମାନବ-ଆତ୍ମା ବା ମନୁଷ୍ୟବ୍ୟକ୍ତି ଯେ କେବଳ ଆପଣାର ଖିଆଲ ଓ ଖୁସି ଅନୁସାରେ ଏକାନ୍ତ ନିରଙ୍କୁଶ ଭାବରେ କ୍ଷେତ୍ରରୁ କ୍ଷେତ୍ରାନ୍ତର ଭ୍ରମଣ କରିପାରେ, ଆପଣାର କ୍ରିୟା ତଥା କ୍ରିୟାଜାତ ପରିଣାମକୁ ସେ ଆପଣାର ଅବସ୍ଥାନକ୍ରମେ ଯେତେ-ବେଳେ ଯେପରି ଇଚ୍ଛା କରେ ସେପରି ବଦଳାଇ ଦେଇପାରେ, ଏକଥା ଆଦୌ ଠିକ୍ ନୁହେଁ । ଚରମ ମୁକ୍ତିର ଉପଲବ୍ଧି କରିସାରିବା ପରେ, କିମ୍ବା ଜନ୍ମପରମ୍ପରାର ଉପରେ

'oaob.nitrkl.ac.in' images reprocessed

ଜଡ଼ାତୀତ କୌଣସି ଭୂମିରେ ଯାଇ ପହଞ୍ଚି ପାରିଲେ ଶୁଦ୍ଧ ଓ ଚିଦ୍‌ଗତ ସ୍ୱାଧୀନତାର ଏହି ଜ୍ୟୋତିର୍ମୟ ସ୍ୱଭାବଟି ଅବଶ୍ୟ ସିଦ୍ଧ ହୋଇପାରେ, ମାତ୍ର ପାର୍ଥିବ ଜୀବନର ଅର୍ଥାତ୍ ଏହି ଜଡ଼ଜଗତସ୍ଥ ଜୀବନର ଏହି ପ୍ରଥମ ପର୍ବରେ ତାହା କଦାପି ସତ୍ୟ ହୋଇପାରିବ ନାହିଁ । ଏହାର ଆଧ୍ୟାତ୍ମିକ ଦିଗରୁ ବିଚାର କରି ଦେଖିଲେ ଏହି ଜଗତରେ ସଙ୍ଘଟିତ ହେଉଥିବା ମନୁଷ୍ୟଜନ୍ମକୁ ଆମେ ଦୁଇଟି ଉପାଦାନର ଏକ ମିଶ୍ର କ୍ରିୟା ବୋଲି କହିବା: ଗୋଟିଏ ହେଉଛି ଚୈତ୍ୟ ବା ଆଧ୍ୟାତ୍ମିକ ପୁରୁଷ ଓ ଅନ୍ୟଟି ହେଉଛି ବ୍ୟକ୍ତିସତ୍ତାଗତ ଆତ୍ମା । ପ୍ରଥମଟି ହେଉଛି ମନୁଷ୍ୟର ଶାଶ୍ୱତ ସତ୍ତା, ଏବଂ ଦ୍ୱିତୀୟଟି ହେଉଛି ପରିବର୍ତ୍ତନଶୀଳ ତାହାର ବିଶ୍ୱଗତ ସତ୍ତା । ଅଧ୍ୟାତ୍ମଭୂମିଗତ ନୈର୍ବ୍ୟକ୍ତିକ ସେହି ବ୍ୟକ୍ତିଟି ହିସାବରେ ସିଏ ଆପଣାର ପ୍ରକୃତି ଓ ସତ୍ତାରେ ସଚ୍ଚିଦାନନ୍ଦଙ୍କର ଚରମୁକ୍ତି ସହିତ ଏକରୂପ ହୋଇ ରହିଛି । ତାହାର ଏହି ଭୂମିଟିରେ ସେହି ସଚ୍ଚିଦାନନ୍ଦ ବ୍ୟକ୍ତି-ଆତ୍ମାଗତ ଅନୁଭୂତିର କୌଣସି ଏକ ନିର୍ଦ୍ଦିଷ୍ଟ ପର୍ଯ୍ୟାୟ ସକାଶେ ନିଶ୍ଚେତନା ମଧ୍ୟରେହିଁ ସଂବୃତ ହୋଇ ରହିବାକୁ ଆପଣାର ସମ୍ମତି ପ୍ରଦାନ କରିଛନ୍ତି ଅଥବା ଇଚ୍ଛା ପ୍ରକାଶ କରିଛନ୍ତି । ଅନ୍ୟ କୌଣସି ପ୍ରକାରେ ତାଙ୍କର ଏହି ସଂବୃତି କଦାପି ସମ୍ଭବ ହୁଅନ୍ତା ନାହିଁ, ଏବଂ ଏହିପରି କରିହିଁ ସେ ପ୍ରଚ୍ଛନ୍ନ ଭାବରେ ବ୍ୟକ୍ତି-ଆତ୍ମାର ବିବର୍ତ୍ତନ-କ୍ଷେତ୍ରରେ ଅଧିଷ୍ଠାତା ହୋଇ ବସିଛନ୍ତି । ବ୍ୟକ୍ତିସତ୍ତାର ଆତ୍ମା ହିସାବରେ ମନୁଷ୍ୟ ପ୍ରକୃତିର ରୂପଗୁଡ଼ିକ ମଧ୍ୟରେ ବ୍ୟକ୍ତି-ଆତ୍ମାଗତ ଅନୁଭୂତିର ସେହି ଦୀର୍ଘ ବିକାଶଲୀଳାରେ ସ୍ୱୟଂ ଏକ ଅଂଶସ୍ୱରୂପ ହୋଇ ରହିଛି; ତଥା ତାହାର ଆପଣା ବିବର୍ତ୍ତନଟି କେବଳ ବିଶ୍ୱବିବର୍ତ୍ତନର ବିଧାନ ଓ ପ୍ରଣାଳୀଗୁଡ଼ିକର ଅନୁସରଣ କରିହିଁ ସମ୍ଭବ ହୋଇପାରୁଛି । ଏକ ଚୈତ୍ୟ ସତ୍ତା ହିସାବରେ ସେ ପରମ ବିଶ୍ୱାତୀତତା ସହିତ ଏକରୂପ ହୋଇ ରହିଛି ଯାହାକି ଜଗତ ମଧ୍ୟରେ ଅନ୍ତର୍ନିହିତ ହୋଇ ରହିଛି ଓ ସମସ୍ତ ଜଗତକୁ ଆଚ୍ଛାଦିତ କରିଛି, ଏକ ବ୍ୟକ୍ତି-ଆତ୍ମା ହିସାବରେ ସେ ଏକାଧାରରେ ସଚ୍ଚିଦାନନ୍ଦଙ୍କ ବିଶ୍ୱଗତତା ସହିତ ଏକରୂପ ହୋଇ ରହିଛି ତଥା ତାଙ୍କରି ଏକ ଅଂଶରୂପେ ଅବସ୍ଥିତ ରହିଛି, ଯିଏ କି ସ୍ୱୟଂ ଏହି ଜଗତରେ ପ୍ରକାଶିତ ହୋଇ ରହିଛନ୍ତି । ତେଣୁ ତାହାର ଆତ୍ମ-ଅଭିବ୍ୟକ୍ତିର ଧାରାଟିକୁ ମଧ୍ୟ ବିଶ୍ୱ-ଅଭିବ୍ୟକ୍ତିର ବିଭିନ୍ନ ପର୍ଯ୍ୟାୟ ଦେଇ ଗତି କରିବାକୁ ପଡ଼ିବ, ତାହାର ବ୍ୟକ୍ତି-ଆତ୍ମାଗତ ଅନୁଭବ ଏହି ଜଗତରେ ଅହରହ ଲାଗି ରହିଥିବା ବ୍ରହ୍ମଚକ୍ରର ଆବର୍ତ୍ତନଗୁଡ଼ିକୁ ଅନୁସରଣ କରିବାକୁ ବାଧ୍ୟ ହେବ ।

ଜଡ଼ଜଗତର ନିଶ୍ଚେତନା ମଧ୍ୟରେ ଆପଣାକୁ ଅନ୍ତର୍ଗୂଢ଼ କରି ରଖିଥିବା ବସ୍ତୁଗତ ବିଶ୍ୱପୁରୁଷ ଜଡ଼ଗତ ରୂପର ଏକ ପରମ୍ପରାରେ ଆପଣାର ପ୍ରକୃତିସ୍ଥ ଆତ୍ମଭାବକୁ ଜଡ଼, ପ୍ରାଣ, ମନ ଓ ଚିଦ୍‌ଗତତାର ଏକ ଆରୋହଧର୍ମୀ ସୋପାନକ୍ରମରେ ବିବର୍ତ୍ତିତ କରିବାରେ ଲାଗିଛନ୍ତି । ବିବର୍ତ୍ତନର ଆଦିପର୍ବରେ ଜଡ଼ଗତ ରୂପଗୁଡ଼ିକ ମଧ୍ୟରେ

'oaob.nitrkl.ac.in' images reprocessed

ଏହା ଏକ ପ୍ରଚ୍ଛନ୍ନ ଆତ୍ମସତ୍ତାରୂପେ ଉନ୍ମେଷଲାଭ କରୁଛି; ଏହି ରୂପଗୁଡ଼ିକ ବହିର୍ଭୂମିରେ ସେହି ଅବଚେତନାରହିଁ ଅଧୀନ ହୋଇ ରହିଛି । ତା' ପରେ ପ୍ରାଣମୟ ରୂପରେ ଉନ୍ମେଷଲାଭ କଲାବେଳେ ଏହା ତଥାପି ପ୍ରଚ୍ଛନ୍ନ ହୋଇ ରହିଥିବା ଏକ ଆତ୍ମାରୂପେ ବିକଶିତ ହେଉଛି ସତ, ମାତ୍ର ଏଠାରେ ଆତ୍ମା ଆବିର୍ଭାବର ଦ୍ୱାରଦେଶରେ ଆସି ଉପନୀତ ହୋଇଯାଉଛି । ଏହି ସ୍ତରର ପ୍ରାଣମୟ ରୂପଗୁଡ଼ିକ ଅବଚେତନା ଓ ଆମ ଭିତରେ ଅବଦ୍ୟା ହୋଇ ରହିଥିବା ସେହି ଅର୍ଦ୍ଧ ଅଲୋକ ଭିତରେ ଥିବା ମଧ୍ୟସୀମାଟି ଉପରେହିଁ ଦଣ୍ଡାୟମାନ ରହିଛନ୍ତି । ଆହୁରି ଆଗକୁ ଯାଇ ତାହା ପ୍ରଥମେ ଉଚ୍ଚତର ପ୍ରାଣୀମାନଙ୍କରେ ଚେତନାର ଉଦୟ ହୋଇ ଆସୁଥିବା ଏକ ଆତ୍ମାରୂପେ ବିକାଶଲାଭ କରୁଛି ଓ ପରିଶେଷରେ ମନୁଷ୍ୟର ଆତ୍ମାରୂପେ ବିକଶିତ ହେଉଛି । ଏହି ସ୍ତରରେ ତାହା ବହିର୍ଭୂମିରେ ଅନେକ ଅଧିକ ସଚେତନ ରହିପାରୁଛି ସତ, ମାତ୍ର ତଥାପି ସମ୍ପୂର୍ଣ୍ଣ ସଚେତନ ହୋଇ ନାହିଁ । ଏହିସବୁ ପ୍ରତ୍ୟେକଟି ସ୍ତରରେ ଆମ ସତ୍ତାର ସମସ୍ତ ପ୍ରଦେଶଗୁଡ଼ିକରେ ଚେତନା ଅବଶ୍ୟ ବିଦ୍ୟମାନ ରହିଛି; ବାହାରେ ଯେଉଁ କ୍ରମବିକାଶ ଘଟୁଛି, ତାହା ଅଭିବ୍ୟକ୍ତ ହେଉଥିବା ପ୍ରକୃତିର କ୍ଷେତ୍ରରେହିଁ ଘଟୁଛି । ଏହି ବିବର୍ତ୍ତନଧର୍ମୀ ବିକାଶଟିର ଏକ ବସ୍ତୁଗତ ଦିଗ ରହିଛି, ଏବଂ ଏକ ଚୈତ୍ୟଗତ ଦିଗ ବି ରହିଛି । ବସ୍ତୁଗତ ଧାରାଟି ଆପଣାର ସତ୍ତା ମଧ୍ୟରେ କ୍ରମାରୋହ ସୋପାନଶ୍ରେଣୀଟିର ବିକାଶ ଘଟାଉଛି, ସେଥିରେ ବସ୍ତୁଜଗତର ଏକ ଶୃଙ୍ଖଳାବଦ୍ଧ ବୈଚିତ୍ର୍ୟ ଫୁଟାଇ ଦେଉଛି; ଏବଂ ତାହାହିଁ ସତ୍ତାର କ୍ରମବିବର୍ତ୍ତିତ ନାନା ରୂପାୟନର ଏକ ପରମ୍ପରା-ରୂପେ ଦୃଷ୍ଟିଗୋଚର ହେଉଛି । ତେଣେ ଚୈତ୍ୟ-ଆତ୍ମାଟି ମଧ୍ୟ ବସ୍ତୁଗତ ଏହି ପରମ୍ପରାଟିକୁ ଅନୁସରଣ କରି ଚାଲିଛି, ଏବଂ ପରମ ଉଦ୍‌ଗତତାର ବସ୍ତୁଗତ ଭୂମି ଉପରେ ଯାହା ଯେତେବେଳେ ଅଭିବ୍ୟକ୍ତ ଲାଗି ପ୍ରସ୍ତୁତ ହୋଇ ରହୁଛି, ତାହା ସେଇଟିକୁ ଅଭିବ୍ୟକ୍ତ କରି ଦେଉଛି । ଯେଉଁ ସାମର୍ଥ୍ୟଟି ଉନ୍ନତ ସୋପାନଗୁଡ଼ିକରୁ ବିକଶିତ ହୋଇ ମନୁଷ୍ୟର ସ୍ତରରେ ଆସି ପହଞ୍ଚିଛି ଏବଂ ଆଗକୁ ଯାଇ ଯାହା ଅତିମାନସ ଓ ଅଧ୍ୟାତ୍ମରୂପେ ବିକଶିତ ହେବାକୁ ଯାଉଛି, ଯାହା ମନୁଷ୍ୟ ମଧ୍ୟରେ ଆପଣାର ଯଥାର୍ଥ ଓ ସମଗ୍ର ଆତ୍ମା ଓ ଆପଣା ପ୍ରକୃତିର ସବୁ ବସ୍ତୁଗତତା ସମ୍ବନ୍ଧରେ ସମ୍ପୂର୍ଣ୍ଣଭାବରେ ସଚେତନ ହୋଇଥିବା ଚୈତ୍ୟଚେତନାରେ ପରିଣତ ହେବାକୁ ଯାଉଛି, ବସ୍ତୁମାନଙ୍କ ଅର୍ଥାତ୍ ମନୁଷ୍ୟଭୂମିରେ ଅବସ୍ଥିତ ବସ୍ତୁସ୍ୱରୂପ ମନୁଷ୍ୟସମାଜ ମଧ୍ୟରେ ସେହି ସାମର୍ଥ୍ୟଟିକୁ ବିକଶିତ କରାଇ ଦେଉଛନ୍ତି । ଚୈତ୍ୟ ସତ୍ତ୍ୱ ବିକାଶର ଏହି ଧାରାଟି ଧରି ଅଗ୍ରସର ହୋଇ ଆସିଛି, ମନୁଷ୍ୟରୂପେ ବିକଶିତ ହେବା ପୂର୍ବରୁ ଜନ୍ମଧାରାର ଉନ୍ନତ ରୂପାୟନଗୁଡ଼ିକରେ ମଧ୍ୟ ସେ ଆପଣା ଚୈତ୍ୟ-ସତ୍ତାର ଅନୁକୂଳଗୁଡ଼ିକ ଉପରେ ଅଧିଷ୍ଠାତା ହୋଇ ରହିଆସିଛି । ପରମ ଅନ୍ତସ୍ଥ ସତ୍ତା ଆପଣାର ବସ୍ତୁଗତ ଅଭିଯାନରେ ଯେପରି ଉଦ୍ଭିଦ ଓ ଇତର ପ୍ରାଣୀର ଜନ୍ମ

'oaob.nitrkl.ac.in' images reprocessed

ସୋପାନଗତ ରୂପଗୁଡ଼ିକୁ ଗ୍ରହଣ କରିବାଲାଗି ସମର୍ଥ ହୋଇ ଆସିଛନ୍ତି, ବର୍ତ୍ତମାନ ମନୁଷ୍ୟର ପର୍ଯ୍ୟାୟରେ ଆସି ପହଞ୍ଚିଥିବା ବ୍ୟକ୍ତି-ଆତ୍ମାଟି ମଧ୍ୟ ଆପଣା ସୋପାନସ୍ତରଟାର ପୂର୍ବବର୍ତ୍ତୀ ପର୍ଯ୍ୟାୟଗୁଡ଼ିକରେ ସେହି ରୂପଗୁଡ଼ିକୁ ଧାରଣ କରିବାକୁ ନିଶ୍ଚୟ ସମର୍ଥ ହୋଇଛି । ବର୍ତ୍ତମାନ ସେ ଏକ ମନୁଷ୍ୟ-ଆତ୍ମାରୂପେ ଆବିର୍ଭୂତ ହୋଇଛି, ତାହାର ମଧ୍ୟରେ ପରମ ଚିଦ୍‌ଗତଭା ଏକ ମନୁଷ୍ୟର ଅନ୍ତର୍ଗତ ତଥା ବହିର୍ଗତ ରୂପକୁ ଧାରଣ କରିଛନ୍ତି, ମାତ୍ର ସେ ତଥାପି କେବଳ ଏହି ଗୋଟିଏ ରୂପର ସୀମାମଧ୍ୟରେ କଦାପି ଆବଦ୍ଧ ହୋଇ ରହି ନାହିଁ । ଆଗରୁ ଗ୍ରହଣ କରିଥିବା ଉଦ୍‌ଭିଦ ଓ ଇତରପ୍ରାଣୀର ରୂପାୟତନ ଭିତରେ ସେ ଯେପରି କେବେହେଲେ ଆବଦ୍ଧ ହୋଇ ପଡ଼ିନଥିଲା, ଠିକ୍ ସେହିପରି । ସେ ଏହି ମନୁଷ୍ୟସ୍ତରଟିକୁ ମଧ୍ୟ ଅତିକ୍ରମ କରିଯିବ, ଆହୁରି ଆଗକୁ ବାହାରିଯାଇ ସେ ପ୍ରକୃତିପରିଣାମର ଏକ ଉଚ୍ଚତର ସୋପାନରେ ଏକ ମହତ୍ତର ଆତ୍ମ-ଉନ୍ମୋଚନର ଅଧିକାରୀ ହୋଇପାରିବ ।

ଏକଥାଟିକୁ ସ୍ୱୀକାର ନକରି ଅନ୍ୟକୌଣସି ଅନୁମାନକୁ ସତ୍ୟ ବୋଲି ସ୍ୱୀକାର କରିବାକୁ ଗଲେ ତାହା ବର୍ତ୍ତମାନ ଏହି ମନୁଷ୍ୟଭୂମିରେ ତାର ଆତ୍ମସତ୍ତାଗତ ଅନୁଭୂତିର କ୍ଷେତ୍ରରେ ଯେଉଁ ଚିନ୍ମୟସତ୍ତା ଅଧିଷ୍ଠାତା ହୋଇ ବସିରହିଛି, ତାହା ମୂଳତଃ ଏହି ମନୁଷ୍ୟର ମନ ଓ ମନୁଷ୍ୟର ଶରୀରଦ୍ୱାରାହିଁ ସମ୍ଭୂତ ହୋଇଛି, ତାହା କେବଳ ତାହାର ଆଶ୍ରୟରେହିଁ ତିଷ୍ଠି ରହିଛି, ସେଗୁଡ଼ିକୁ ଛାଡ଼ି କଦାପି ରହିପାରିବ ନାହିଁ ଏବଂ କେବେହେଲେ ତା'ର ତଳକୁ ଖସିଯାଇ ପାରିବ ନାହିଁ କିମ୍ବା ଉପରକୁ ମଧ୍ୟ ଉଠିପାରିବ ନାହିଁ ବୋଲି ଅନୁମାନ କରିବା ଭଲ ହେବ । ବସ୍ତୁତଃ, ସେତେବେଳେ ଏକଥାଟି ମଧ୍ୟ ଅନୁମାନ କରିବା ବେଶ୍ ଯୁକ୍ତିଯୁକ୍ତ ହୋଇପାରିବ ଯେ ଏହି ଆତ୍ମସତ୍ତା ଆଦୌ ଏକ ଅମର ସତ୍ତା ନୁହେଁ, ବିବର୍ତ୍ତନରଧାରାରେ ମନୁଷ୍ୟ-ମନ ଓ ମନୁଷ୍ୟ-ଦେହର ଆବିର୍ଭାବ ସହିତ ଏହାର ମଧ୍ୟ ଆବିର୍ଭାବ ହୋଇଛି, ଏବଂ ସେଗୁଡ଼ିକର ଅନ୍ତର୍ହିତ ହୋଇଯିବା ସଙ୍ଗେସଙ୍ଗେ ଏଇଟି ମଧ୍ୟ ଅନ୍ତର୍ହିତ ହୋଇଯିବ । ମାତ୍ର ଦେହ ଓ ମନ କଦାପି ଚିନ୍ମୟସତ୍ତାକୁ ସୃଷ୍ଟି କରିନାହାନ୍ତି, ଚିନ୍ମୟସତ୍ତାହିଁ ଏହି ମନ ଓ ଦେହକୁ ସୃଷ୍ଟି କରିଛି । ଆପଣାର ସତ୍ତାମଧ୍ୟରୁହିଁ ଚିନ୍ମୟସତ୍ତା ସେହି ତତ୍ତ୍ୱଦୁଇଟିକୁ ବିକଶିତ କରାଇ ଆଣିଛି, ସ୍ୱୟଂ ସେଗୁଡ଼ିକରୁ ବିକଶିତ ହୋଇ ତାହାର ଆପଣା ସତ୍ତାଟିକୁ ଲାଭ କରି ନାହିଁ, ସେହି ଉପାଦାନ ଦୁଇଟିର ମିଶ୍ରଣରେ ତିଆରି ହୋଇ ନାହିଁ କିମ୍ବା ସେଦୁଇଟିର ମିଳନ ଫଳରେ ସମ୍ଭବ ହୋଇ ନାହିଁ । ତାହା ମନ ଓ ଦେହରୁ ବିକଶିତ ହୋଇଥିବା ପରି ଦେଖାଯାଉଥିଲେ ମଧ୍ୟ ତାହା ସେଗୁଡ଼ିକ ଦ୍ୱାରା ସୃଷ୍ଟ ହୋଇଛି ଅଥବା ସେହିଗୁଡ଼ିକୁ ଆଶ୍ରୟ କରି ରହିଛି ବୋଲି ନୁହେଁ, ବରଂ ସେଗୁଡ଼ିକ ମଧ୍ୟରେ ତାହା କ୍ରମଶଃ ଅଭିବ୍ୟକ୍ତ ହୋଇଛି ବୋଲି ତାହା ସେପରି ଦେଖାଯାଉଛି । ଚିନ୍ମୟସତ୍ତାର ଅଭିବ୍ୟକ୍ତି ଘଟିବା ସଙ୍ଗେସଙ୍ଗେ ଦେହ ଓ ମନ ତାହାର ଗୋଟିଏ ଗୋଟିଏ ଗୌଣ

'oaob.nitrkl.ac.in' images reprocessed

ବଢ଼ିବ ବୋଲି ଧରାପଡ଼ି ଯାଉଛନ୍ତି; ପରିଶେଷରେ ଏହି ଚିତ୍‌ସତ୍ତାହିଁ ସେଗୁଡ଼ିକୁ ସେମାନଙ୍କର ବର୍ତ୍ତମାନ ଅପୂର୍ଣ୍ଣତା ମଧ୍ୟରୁ ବାହାର କରି ନେଇଆସିବ ଏବଂ ସେଗୁଡ଼ିକୁ ସେହି ଚିତ୍‌ସତ୍ତାରହିଁ ଗୁଣମାନ ବସ୍ତୁ ଓ ସାଧନରେ ରୂପାନ୍ତରିତ କରିଦେବ । ଆମେ ଚିତ୍‌ସତ୍ତାର କୌଣସି ଧାରଣା କଲାବେଳେ ତାହା କୌଣସି ନାମ ଅଥବା ରୂପଦେଇ ଗଢ଼ା ହୋଇଥିବ ବୋଲି କଦାପି କଳ୍ପନା କରି ନଥାଉ, ଆମେ ସ୍ୱୀକାରୁ ଯେ ଆପଣା ଆତ୍ମସତ୍ତାର ବିଭିନ୍ନ ରୂପାୟନ ଅନୁସାରେ ତାହା ଭିନ୍ନଭିନ୍ନ ଦେହ ଓ ମନର ରୂପକୁ ଧାରଣ କରିଥାଏ । ଏକ ପୂର୍ବାପରସମ୍ବନ୍ଧିତ ବିବର୍ତ୍ତନ ଦ୍ୱାରା ଏହି ରୂପଗ୍ରହଣ ସଂଘଟିତ ହୁଏ, ଚିତ୍‌ସତ୍ତା ଆପଣା ଭିତରୁ ପୂର୍ବାପରସମ୍ବନ୍ଧିତ ନାନା ରୂପ ଓ ଚେତନାସ୍ତରଗୁଡ଼ିକୁ ଉଦ୍ଭୁତ କରି ଆଣେ । କାରଣ, କେବଳ ଗୋଟିଏ ରୂପକୁହିଁ ତାହା ସବୁବେଳେ ଗ୍ରହଣ କରିଥିବ ଓ ଅନ୍ୟକୌଣସି ରୂପକୁ ଗ୍ରହଣ କରିବ ନାହିଁ ଅଥବା ଆପଣାର ଆତ୍ମଗତ ଏକମାତ୍ର ସମ୍ଭାବ୍ୟ ଅଭିବ୍ୟକ୍ତିରୂପେ ତାହା କେବଳ ଗୋଟିଏ ପ୍ରକାରର ମନୋଭୂମିକୁ ଗ୍ରହଣ କରି ରହିଥିବ, ଚିତ୍‌ସତ୍ତାର କ୍ଷେତ୍ରରେ ଏପରି କୌଣସି ବାଧ୍ୟବାଧକତା ନଥାଏ । ମନୋମୟ ମନୁଷ୍ୟଭୂମିର କୌଣସି ନିୟମସୂତ୍ର ଦ୍ୱାରା ଚିତ୍‌ସତ୍ତା ବାନ୍ଧିହୋଇ ରହି ନାହିଁ; ଆପଣାର ଆବିର୍ଭାବବେଳେ ଏପରି ହୋଇ ନଥିଲା କିମ୍ବା କେବଳ ସେହିଠାରେହିଁ ତା'ର ପରିପୂରଣ ଶେଷ ହୋଇଯିବ ନାହିଁ । ଏହି ମନୁଷ୍ୟସ୍ତରରେ ଆସି ଉପନୀତ ହେବା ପୂର୍ବରୁ ଏହାର ଏକ ଅତୀତ ରହିଥିଲା, ଏବଂ ଏହାଲାଗି ଏକ ଭବିଷ୍ୟତ ମଧ୍ୟ ଅବଶ୍ୟ ଅପେକ୍ଷା କରି ରହିଛି, ଯେତେବେଳେ ଏ ଏହା ମନୁଷ୍ୟର ସୀମାକୁ ଅତିକ୍ରମ କରି ଏକ ଅତିମାନସିକ ଭୂମିକୁ ଉଠି ଯାଇ ପାରିବ ।

ଇତିହାସରେ ଆମେ ସମସ୍ତ ସ୍ତରରେ ପ୍ରକୃତିର କ୍ଷେତ୍ରରେ ଓ ବିଶେଷ ଭାବରେ ମନୁଷ୍ୟ-ପ୍ରକୃତିର କ୍ଷେତ୍ରରେ ଯାହା ଦେଖିବାକୁ ପାଉଛୁ, ସେଥିରୁ ପ୍ରମାଣିତ ହୋଇ ଯାଉଛି ଯେ ବ୍ୟକ୍ତିସତ୍ତା ରୂପରୁ ରୂପ ହୋଇ ବହୁବାର ଜନ୍ମଗ୍ରହଣ କରି ବର୍ତ୍ତମାନ ସୋପାନରେ ଅଭିବ୍ୟକ୍ତ ଚେତନାର ଏହି ମନୁଷ୍ୟ-ସ୍ତରରେ ଆସି ପହଞ୍ଚିଛି; ଏବଂ ଯେପରି ତାହା ପରବର୍ତ୍ତୀ ଆହୁରି ଊର୍ଦ୍ଧ୍ୱ ସୋପାନଗୁଡ଼ିକୁ ଆରୋହଣ କରିଯାଇ ପାରିବ, ମନୁଷ୍ୟର ଏହି ସ୍ତରଟି ସେଥିଲାଗି ଏକ ସାଧନରୂପେ କାର୍ଯ୍ୟ କରୁଛି । ପ୍ରକୃତିକୁ ଆମେ ସୋପାନକ୍ରମରେହିଁ ବିକଶିତ ହେଉଥିବାର ଦେଖୁଛୁ । ଆପଣାର ପ୍ରତ୍ୟେକଟି ସୋପାନକୁ ଆସି ପ୍ରକୃତି ଆପଣାର ଅତୀତଟିକୁ ସିଡ଼ିପରି ବ୍ୟବହାର କରୁଛି ଓ ତାହାକୁ ଆପଣାର ପରବର୍ତ୍ତୀ ନୂତନ ସୋପାନର ବିକାଶକୁ ରୂପାନ୍ତରିତ କରିଦେଉଛି । ମଣିଷର ପ୍ରକୃତିଟି ମଧ୍ୟ ଠିକ୍ ସେହିପରି ଗଢ଼ାହୋଇଛି ବୋଲି ଆମେ ଦେଖିବାକୁ ପାଉଛୁ । ଏହା ଭିତରେ ଏହାର ପାର୍ଥିବ ଜୀବନର ସମୁଦାୟ ଅତୀତଟି ଗ୍ରଥିତ ହୋଇ ରହିଛି । ଏହାର ମଧ୍ୟରେ ଜଡ଼ର ଏକ ଉପାଦାନ ରହିଛି, ଯାହାକୁ

'oaob.nitrkl.ac.in' images reprocessed

ପ୍ରାଣ ଗ୍ରହଣ କରି ନେଇଛି; ପ୍ରାଣର ଏକ ଉପାଦାନ ରହିଛି ଯାହାକୁ ମନ ଗ୍ରହଣ କରି ନେଇଛି ଏବଂ ମନର ଏକ ଉପାଦାନ ରହିଛି ଯାହାକୁ କି ଚିତ୍‌ସତ୍ତା ଗ୍ରହଣ କରି ନେଉଛି । ମନୁଷ୍ୟର ମନୁଷ୍ୟତା ମଧ୍ୟରେ ପ୍ରାଣୀ ଓ ପଶୁ ତଥାପି ବର୍ତ୍ତମାନ ରହିଛି । ତା'ର ସମଗ୍ର ବିଶିଷ୍ଟ ପ୍ରକୃତିଟିକୁ ପର୍ଯ୍ୟବେକ୍ଷଣ କଲେ ଏହାହିଁ ମନେହୁଏ ଯେ ତା'ର ମନୁଷ୍ୟସତ୍ତାର ତଳେ ଏକ ଅନ୍ନମୟ ଓ ପ୍ରାଣମୟ ଅବସ୍ଥା ରହିଥିଲା ଯାହାକି ତାହା ମଧ୍ୟରେ ମନର ଉନ୍ମେଷକୁ ସମ୍ଭବ କରିବାଲାଗି ତାହାକୁ ପ୍ରସ୍ତୁତ କରିଛି । ମନୁଷ୍ୟ ମଧ୍ୟରେ ପଶୁସତ୍ତାଗତ ଏକ ଅତୀତ ମଧ୍ୟ ରହିଛି ଯାହାକି ତାହାର ଜଟିଳ ମନୁଷ୍ୟ-ଭୂମିଟିର ପ୍ରାଥମିକ ଉପାଦାନଟିକୁ ରଚନା କରିଛି । ଏଠାରେ ଆମେ କେବେହେଲେ ଚିନ୍ତାକରିବା ନାହିଁ ଯେ ଏପରି ହୋଇଛି, କାରଣ ବିବର୍ତ୍ତନର ଧାରା ଅନୁସରଣ କରି ଜଡ଼ପ୍ରକୃତି ପ୍ରଥମେ ତାହାର ପ୍ରାଣ, ତାହାର ଦେହ ଓ ତାହାର ମନଟିକୁ ଗଢି ଦେଇଛି, ଏବଂ ତା'ପରେ ଯାଇ ଏହି ସୃଷ୍ଟ ରୂପଟି ଭିତରକୁ ଏକ ଆତ୍ମା ଅବତରଣ କରି ଆସିଛି । ଏହିପରି ଧାରଣା କରିବା ପଛରେ ଏକ ନିର୍ଦ୍ଦିଷ୍ଟ ସତ୍ୟ ଅବଶ୍ୟ ରହିଛି, ମାତ୍ର ସେହି ସୂତ୍ରଟି ଆମକୁ ଯେଉଁ ସତ୍ୟଟିର ସୂଚନା ଦେଉଛି, ତାହା ଏଠାରେ ଆଦୌ ବର୍ତ୍ତମାନ ନାହିଁ । ମାତ୍ର ସେହି ସୂତ୍ର ଆତ୍ମା ଓ ଶରୀର ମଧ୍ୟରେ ଏକ ବ୍ୟବଧାନ ରହିଥିବାର ଅନୁମାନ କରିନେଉଛି, ଆତ୍ମା ଓ ପ୍ରାଣ ଏବଂ ଆତ୍ମା ଓ ମନ ଭିତରେ ଏକ ଖାଇ ରହିଛି ବୋଲି ଅନୁମାନ କରିନେଉଛି । ମାତ୍ର ପ୍ରକୃତରେ ସେପରି କୌଣସି ବ୍ୟବଧାନ ନାହିଁ, ସେପରି କୌଣସି ଖାଇ ମଧ୍ୟ ନାହିଁ । ଆତ୍ମା ନଥାଇ ଶରୀର ନାହିଁ, ସ୍ୱୟଂ ଆତ୍ମାର ଏକ ରୂପ ହୋଇ ଅବସ୍ଥିତ ରହି ନଥିବା କୌଣସି ଶରୀର ନାହିଁ । ଜଡ଼ ହେଉଛି କେବଳ ସେହି ଚିତ୍‌ସତ୍ତାର ଏକ ଉପାଦାନ ଓ ଏକ ସାମର୍ଥ୍ୟ, ଏବଂ ଏହାବ୍ୟତୀତ ଆଉ ଅନ୍ୟକିଛି ହୋଇଥିଲେ ଏହାର କଦାପି କୌଣସି ଅସ୍ତିତ୍ୱ ନଥା'ନ୍ତା । କାରଣ ସେହି ବ୍ରହ୍ମରହିଁ ଉପାଦାନ ଓ ସାମର୍ଥ୍ୟ ନହୋଇଥିଲେ କେଉଁଠି କିଛିହେଲେ ରହିପାରିବ ନାହିଁ । ତେଣୁ ଜଡ଼ ହେଉଛି ମୂଳତଃ ସେହି ଚିତ୍‌ସତ୍ତା ମାତ୍ର, ଏବଂ ପ୍ରାଣ ଓ ମନକୁ ମଧ୍ୟ ଅଧିକ ସ୍ପଷ୍ଟ ଓ ନିଶ୍ଚିତ ଭାବରେ ଚିତ୍‌ସତ୍ତା ବୋଲି କୁହାଯାଇ ପାରିବ; ସେମାନେ ସମସ୍ତେ ପରମ ଚିତ୍‌ସତ୍ତାର ସତତ ବର୍ତ୍ତମାନତା ଦ୍ୱାରା ଅନୁପ୍ରାଣିତ ହୋଇ ରହିଛନ୍ତି । ଜଡ଼ ଓ ପ୍ରାଣ ଯଦି ପୂର୍ବରୁ ଏହିପରି ଭାବରେ ଅନୁପ୍ରାଣିତ ହୋଇ ରହି ନଥା'ନ୍ତେ, ତେବେ ଏଠି ମନୁଷ୍ୟର ଆବିର୍ଭାବହିଁ ସମ୍ଭବ ହୋଇ ନଥା'ନ୍ତା, କିମ୍ବା ତାହା କେବଳ ଏକ ଅଯୌକ୍ତିକ ହସ୍ତକ୍ଷେପ ଅଥବା ଆକସ୍ମିକତା ଭାବରେ ଆସିଥା'ନ୍ତା, ବିବର୍ତ୍ତନର ସମସ୍ତ ବ୍ୟବସ୍ଥାଟିରେ ଏକ ଆବଶ୍ୟକ ଅଙ୍ଗ ହୋଇ ଆସି ନଥା'ନ୍ତା ।

ସୁତରାଂ ଅପରିହାର୍ଯ୍ୟ ଭାବରେ ଆମେ ଏହି ସିଦ୍ଧାନ୍ତରେ ଆସି ପହଞ୍ଚିବା ଯେ ମନୁଷ୍ୟ ହୋଇ ଜନ୍ମଗ୍ରହଣ କରିବା ହେଉଛି ଏକ ସମସ୍ତ ସୋପାନକ୍ରମରେ ଗୋଟିଏ

'oaob.nitrkl.ac.in' images reprocessed

ସନାତନ ସୋପାନ, ଏବଂ ଏହି କ୍ରମରେ ଏକ ଦୀର୍ଘପଥ ପାର ହୋଇ ଆତ୍ମାଏ ଏହି ସୋପାନରେ ଆସି ଉପନୀତ ହୋଇଛି । ଏହି ସୋପାନଟି ଉପଗତ ହେବା ପୂର୍ବରୁ ଏହି ପୃଥିବୀରେ ପ୍ରାଣର କେତେକେତେ ଜନ୍ମାନ୍ତରସ୍ଥ ରୂପ ଆବର୍ତ୍ତିତ ହୋଇଛି ଏବଂ ସେଗୁଡ଼ିକ ଏହାର ପୂର୍ବବର୍ତ୍ତୀ ଓ ପ୍ରସ୍ତୁତିମୂଳକ ସୋପାନରୂପେ କାର୍ଯ୍ୟ କରି ଆସିଛି । ଶରୀର, ଅର୍ଥାତ୍ ଭୂତତତ୍ତ୍ୱର ଆଧାର ଉପରେ ଏହି ଭୌତିକ ଜଗତରେ ପ୍ରାଣକୁ ସୁସଂପନ୍ନ ବ୍ୟବହାର କରି ଯେଉଁ ସମସ୍ତ ମାଳଟି ଗୁନ୍ଥା ହୋଇ ରହିଛି, ଆତ୍ମା ସେଇଟିକୁ ପାର ହୋଇ ଆସିଛି । ଏବେ ମନୁଷ୍ୟଭୂମିରେ ଆସି ଉପନୀତ ହେବା ପରେ ପୁନର୍ଜନ୍ମର ଏହି ଧାରାଟି ତଥାପି ଅବ୍ୟାହତ ରହୁଛି କି ନାହିଁ, ଏବଂ ଯଦି ତାହା ଅବ୍ୟାହତ ରହୁଥାଏ, ତେବେ କପର ଅର୍ଥାତ୍ କେଉଁଭଳି ଏକ କ୍ରମରେ ଅଥବା କେଉଁ କେଉଁ ପରିବର୍ତ୍ତନ ଘଟାଇ ଅବ୍ୟାହତ ରହୁଛି, ଆମ ସମ୍ମୁଖରେ ଏହି ଦ୍ୱିତୀୟ ପ୍ରଶ୍ନଟି ଆସି ଉପସ୍ଥିତ ହେଉଛି । ମନୁଷ୍ୟଭୂମିରେ ଆସି ପହଞ୍ଚିବା ପରେ ଆତ୍ମାଏ ପୁଣି ଇତର ପ୍ରାଣୀର ପ୍ରାଣ ଓ ଦେହ ଭିତରକୁ ଫେରିଯାଇ ପାରେ କି ନାହିଁ, ପୂର୍ବକାଳରେ ଅତି ଲୋକପ୍ରିୟ ହୋଇ ରହିଥିବା ଦେହାନ୍ତର-ସଂକ୍ରମଣର ସିଦ୍ଧାନ୍ତ-ଗୁଡ଼ିକ ଯାହାକୁ ଏକ ସାଧାରଣ ବ୍ୟାପାର ବୋଲି ଅନୁମାନ କରନ୍ତି, ସେହି ପଛକୁ ଫେରିଯିବା ଓ ନିମ୍ନତର ଭୂମିରେ ଜନ୍ମଗ୍ରହଣ କରିବା ପ୍ରକୃତରେ କେତେଦୂର ସମ୍ଭବ, ଆମେ ପ୍ରଥମେ ଏହି ପ୍ରଶ୍ନଟିର ମୀମାଂସା କରିବା । ସମ୍ପୂର୍ଣ୍ଣ ମନୁଷ୍ୟଟି ସେ ପୁଣି ପଛକୁ ଫେରିଯାଇ ପଶୁଜନ୍ମ ଲାଭ କରିବ, ତାହା ବଡ଼ ଅସମ୍ଭବ ମନେହେଉଛି । କାରଣ ପଶୁସ୍ତରରୁ ଉତ୍ତୀର୍ଣ୍ଣ ହୋଇ ମନୁଷ୍ୟଜନ୍ମ ଲାଭ କରିବା ସମୟରେ ଚେତନାରେ ଏକ ମୀମାଂସକ ପରିବର୍ତ୍ତନ ସାଧିତ ହୋଇଥାଏ; ଉଦ୍ଭିଦମଧ୍ୟସ୍ଥ ପ୍ରାଣଚେତନା ପଶୁପ୍ରାଣୀର ମନଶ୍ଚେତନାରେ ପରିବର୍ତ୍ତିତ ହେବା ସମୟରେ ଯେପରି ଘଟେ, ଠିକ୍ ସେହିପରି । ଏତେଦୂର ମୀମାଂସକ ଭାବରେ ପ୍ରକୃତ ଆପଣା ମଧ୍ୟରେ ଯେଉଁ ପରିବର୍ତ୍ତନଟି ଘଟାଇଛି, ବ୍ୟକ୍ତି-ଆତ୍ମା ଯେ ସେଇଟିକୁ ଏକାବେଳକେ ଓଲଟାଇ ଦେବ ଓ ପ୍ରକୃତରେ ଅବସ୍ଥିତ ରହିଥିବା ତତ୍ତ୍ୱସ୍ୱରୂପର ସକଳଟିକୁ ଏକାବେଳକେ ବ୍ୟର୍ଥ କରିଦେବ ଏହା କଳ୍ପିତ ଭାବରେ ଅସମ୍ଭବ । ଯଦି ମନୁଷ୍ୟନ୍ତରରେ କେଉଁଠି ଏପରି ବ୍ୟକ୍ତି-ଆତ୍ମାମାନ ଅବସ୍ଥିତ ଥିବାର ଅନୁମାନ କରାଯାଇ ପାରେ, ଯାହାମାନଙ୍କରେ କ କୌଣସି ମୀମାଂସକ ପରିବର୍ତ୍ତନ ସଂଘଟିତ ହୋଇ ନାହିଁ, ଯେଉଁ ଆତ୍ମାଗୁଡ଼ିକ କେବଳ ଏକ ମନୁଷ୍ୟଶରୀର ଅଧିକାର ବା ଗ୍ରହଣ କରିବାକୁ ଯଥେଷ୍ଟ ପରିମାଣରେ ବିକଶିତ ହୋଇ ପାରିଛନ୍ତି, ମାତ୍ର ଏହି ନୂତନ ପରିବର୍ତ୍ତିତ ସ୍ଥିତରେ ଇଚ୍ଛିତ ଭାବରେ ଅବସ୍ଥିତ ରହି ପାରିବାକୁ କିମ୍ବା ଆପଣାର ଏହି ସ୍ଥିତିରେ ଦୃଢ଼ ରହି ଚେତନାର ମାନୁଷୀ ସ୍ୱରୂପଟି ପ୍ରତି ଅନୁରକ୍ତ ରହି ପାରିବାକୁ ଯଥେଷ୍ଟ ବା ଯଥାର୍ଥରୂପେ ବିକଶିତ ହୋଇ ପାରିନାହାନ୍ତି, ତେବେ ହୁଏତ କେବଳ ସେହିଭଳି ବ୍ୟକ୍ତି-ଆତ୍ମାଗୁଡ଼ିକର

କ୍ଷେତ୍ରରେହିଁ ପଛକୁ ଫେରିଯିବା ସମ୍ଭବ ହୋଇପାରେ । କିମ୍ବା, ଖୁବ୍ ବେଶୀ ହେଲେ, ଯଦି ମନୁଷ୍ୟ ଭିତରେ କେତେକ ପଶୁସୁଲଭ ପ୍ରବଣତା ଅତ୍ୟନ୍ତ ଶକ୍ତିଶାଳୀ ହୋଇ ରହିଥାଏ ଓ ସମ୍ପୂର୍ଣ୍ଣଭାବରେ ଆପଣାର ସ୍ୱକୀୟ ସ୍ତରର ଏକ ବିଶେଷ ପରିତୃପ୍ତି ଦାବି କରୁଥାଏ, ତେବେ ହୁଏତ ଏକପ୍ରକାରର ଆଂଶିକ ପୁନର୍ଜନ୍ମ ଘଟିପାରେ ଯେଉଁଥିରେ କି ଏକ ମନୁଷ୍ୟ-ଆତ୍ମା ଶିଥିଳ ଭାବରେ ଏକ ପଶୁଦେହ ଧାରଣ କରି ଜନ୍ମ ନେଇପାରେ ଏବଂ ଦେହତ୍ୟାଗ କରିବା ସଙ୍ଗେସଙ୍ଗେ ଆପଣାର ସ୍ୱାଭାବିକ ପ୍ରଗତି ଲାଗି ପୁଣି ମାନବଦେହକୁ ଫେରି ଆସିପାରେ । ପ୍ରକୃତିର ଧାରା ଏଠାରେ ଏପରି ଜଟିଳ ଭାବରେ ଗତି କରୁଥାଏ ଯେ ସେହି କ୍ଷେତ୍ରରେ ଏଭଳି ଏକ ସମ୍ଭାବନା କଦାପି ରହି ନପାରେ ବୋଲି ଆମେ ଦୃଢ଼ଭାବରେ କେବେହେଲେ ଅସ୍ୱୀକାର କରିପାରିବା ନାହିଁ; ଏବଂ ତା'ହେଲେ ଯେଉଁ ଅତିରଞ୍ଜିତ ଲୌକିକ ବିଶ୍ୱାସ ଥରେ ମନୁଷ୍ୟଦେହରେ ଅବତୀର୍ଣ୍ଣ ହୋଇଥିବା ଆତ୍ମାଟି ପୁଣି ପଶୁ ହୋଇ ଜନ୍ମଗ୍ରହଣ କରିବାକୁ ମନୁଷ୍ୟ ହୋଇ ପୁନର୍ଜନ୍ମ ଲାଭ କରିବାଭଳି ଅତ୍ୟନ୍ତ ସ୍ୱାଭାବିକ ଓ ସମ୍ଭବ ବୋଲି ବିଚାର କରିଥାଏ, ସେଥିରେ କେବଳ ଏତିକିମାତ୍ର ସତ୍ୟାଂଶ ନିହିତ ହୋଇ ରହିଛି ବୋଲି ବୁଝାଯାଇ ପାରିବ । ମାତ୍ର ଥରେ ମନୁଷ୍ୟଦେହ ଧାରଣ କରି ପୁଣି ପଶୁଦେହରେ ଜନ୍ମ ନେବା ସମ୍ଭବ ହୋଇଥାଉ ବା ନହୋଇଥାଉ ପଛକେ, ଥରେ ମନୁଷ୍ୟତ୍ୱର ଲାଭ କରିବାର ସାମର୍ଥ୍ୟ ଲାଭ କରିଥିବା ଆତ୍ମା ପୁନଃ ପୁନଃ କେବଳ ସେହି ମନୁଷ୍ୟ-ରୂପେହିଁ ଯେ ଜନ୍ମଗ୍ରହଣ କରିବ, ସେଇଟାକୁହିଁ ସ୍ୱାଭାବିକ ବିଧାନ ବୋଲି ମାନିବାକୁ ପଡ଼ିବ ।

ମାତ୍ର ମନୁଷ୍ୟରୂପରେ ହେଲେ ମଧ୍ୟ କାହିଁକି ବାରବାର ଜନ୍ମଗ୍ରହଣ କରିବାକୁ ପଡ଼ିବ, ଏବଂ କେବଳ ଗୋଟିଏ ଜନ୍ମ କାହିଁକି ଯଥେଷ୍ଟ ହେବ ନାହିଁ ? ଏହାର ଉତ୍ତରରେ ଆମେ କହିବା ଯେ ଯେଉଁ କାରଣଟି ସକାଶେ ପଶୁଜୀବନର ଉର୍ଦ୍ଧ୍ୱାରୋହ ଗତିପଥଟିକୁ ଅନୁସରଣ କରି ନାନା ପଶୁଯୋନିର ମଧ୍ୟଦେଇ ଜୀବାତ୍ମା ବର୍ତ୍ତମାନ ମନୁଷ୍ୟଦେହ ଧାରଣ କରିଛି, ଆଧ୍ୟାତ୍ମିକ ବିବର୍ତ୍ତନର ସେହି ଗୋଟିଏ ପ୍ରୟୋଜନର ବଶବର୍ତ୍ତୀ ହୋଇହିଁ ତାହାକୁ ମନୁଷ୍ୟରୂପରେ ମଧ୍ୟ ବାରବାର ଜନ୍ମ ନେବାକୁ ପଡ଼ିବ । କାରଣ କେବଳ ମନୁଷ୍ୟଭୂମିକୁ ବିବର୍ତ୍ତିତ ହୋଇ ଆସିବାଦ୍ୱାରାହିଁ ଆତ୍ମାର ଅଭିପ୍ରେତ ଯାବତୀୟ କାର୍ଯ୍ୟ କଦାପି ସମ୍ପୂର୍ଣ୍ଣ ହୋଇ ନାହିଁ । ସେହି ମନୁଷ୍ୟଭୂମିକୁ ତାହାର ତଥାପି ଉର୍ଦ୍ଧ୍ୱତର ସମ୍ଭାବନାଗୁଡ଼ିକର କ୍ଷେତ୍ରକୁ ଉନ୍ମୋଳିତ କରିନେବା ବର୍ତ୍ତମାନ ମଧ୍ୟ ବାକି ରହିଛି । ଏକଥା ଅତ୍ୟନ୍ତ ସ୍ପଷ୍ଟ ଯେ ପଶ୍ଚିମ ଭାରତୀୟ ଦ୍ୱୀପପୁଞ୍ଜର ଜଣେ ଆଦିମ ଅଧିବାସୀ ବା ଜଣେ ଅପରିମାର୍ଜିତ ଆଦିମ ଓ ବର୍ବର ମଣିଷ ଏବଂ ପାଇସ୍ ଅଥବା ଆମେରିକାର ରାସ୍ତାରେ ଦୌରାତ୍ମ୍ୟ କରି ବୁଲୁଥିବା କୌଣସି ଦୁର୍ଦ୍ଦମ ଗୁଣ୍ଡା ଭିତରେ ଯେଉଁ ଜୀବାତ୍ମାଟି ବାସ କରୁଛି, ତାହା ମନୁଷ୍ୟଜନ୍ମର ଯାବତୀୟ ସମ୍ଭାବନା ଓ

'oaob.nitrkl.ac.in' images reprocessed

ଅବଶ୍ୟକତାକୁ କଦାପି ଚରିତାର୍ଥ କରି ନାହିଁ, ତାହାର ସକଳ ସମ୍ଭାବନାକୁ ଉନ୍ମୋଚିତ କରିପାରି ନାହିଁ । ତାହା ଭିତରେ ମନୁଷ୍ୟ ଓ ମନୁଷ୍ୟପଣର ସମ୍ପୂର୍ଣ୍ଣ ଅର୍ଥଟି ବିକାଶଲାଭ କରି ନାହିଁ ଏବଂ ବସ୍ତୁପୁଞ୍ଜ ମଧ୍ୟରେ ନିହିତ ହୋଇ ରହିଥିବା ସଚ୍ଚିଦାନନ୍ଦର ସମ୍ପୂର୍ଣ୍ଣ ତାତ୍ପର୍ଯ୍ୟଟିକୁ ସେ ଚରିତାର୍ଥ କରିପାରି ନାହିଁ । ପ୍ରାଣବନ୍ତ ଯେଉଁ ଇଉରୋପ-ବାସୀ ଆଜ ସତତ ଗତିଶୀଳ ଉତ୍ପାଦନଶୀଳତା ଦ୍ୱାରା ସତତ ପ୍ରାଣସମ୍ଭୋଗ ମଧ୍ୟରେ ତତ୍ପର ହୋଇ ରହିଛି, ଅଥବା ଏସିଆବାସୀ ଯେଉଁ କୃଷକ ଆପଣା ଗାର୍ହସ୍ଥ୍ୟ ଓ ଆର୍ଥିକ ଜୀବନର ଅଜ୍ଞାନ ଭଉଁରୀ ଭିତରେ ଘୂରୁକର ରହିଛି, ତାହା ଭିତରେ ନିବାସ କରୁଥିବା ଆତ୍ମା ମଧ୍ୟ ସମ୍ପୂର୍ଣ୍ଣ ଭାବରେ ବିକାଶଲାଭ କରି ନାହିଁ । ଜଣେ ପ୍ଲେଟୋ ବା ଜଣେ ଶଙ୍କରାଚାର୍ଯ୍ୟ ମଧ୍ୟ କେତେଦୂର ମନୁଷ୍ୟ-ସମ୍ଭାବନାର ସର୍ବଶୀର୍ଷ କୋଟୀରେ ଯାଇ ପହଞ୍ଚିଛନ୍ତି ଏବଂ କେଉଁ ମନୁଷ୍ୟଙ୍କ ଚରିତ୍ରଶକ୍ତି ସମ୍ପୂର୍ଣ୍ଣରୂପେ ଫୁଟି ଉଠିବାର ସମ୍ଭାବନାଟିକୁ ନିଃଶେଷିତ କରିଦେଇଛନ୍ତି ବୋଲି କୁହାଯାଇ ପାରିବ, ସେଥିରେ ମଧ୍ୟ ସନ୍ଦେହ କରିବାଲାଗି ସୁ ଉପଯୁକ୍ତ ଅନେକ କାରଣ ରହିଛି । ଏକଥା ସତ ଯେ ଏମାନଙ୍କୁହିଁ ଆମ ବିକାଶର ସର୍ବସମ୍ଭାବ୍ୟ ସୀମା ବୋଲି ଗ୍ରହଣ କରିନେବାକୁ ଆମ ଭିତରେ ଏକ ସାଧାରଣ ପ୍ରବୃତ୍ତି ରହିଛି, କାରଣ ଏମାନେ ଓ ଏମାନଙ୍କ ସମକକ୍ଷ ଅନ୍ୟମାନେହିଁ ମନୁଷ୍ୟର ମନ ଓ ଆତ୍ମାର ସାମର୍ଥ୍ୟ ପାଇଁକରି ସର୍ବୋଚ୍ଚ ସୀମାରେ ଯାଇ ପହଞ୍ଚିଥିବା ପରି ମନେ ହେଉଛନ୍ତି । ମାତ୍ର ସେଇଟା ଆମର ବର୍ତ୍ତମାନ ସମ୍ଭାବନାଟିକୁ ଆଖି ଆଗରେ ରଖି ଆମର ଭବିଷ୍ୟତ ସମ୍ଭାବନା ବିଷୟରେ କେବଳ ଏକ ଭ୍ରାନ୍ତ ଧାରଣା ପୋଷଣ କରିବା ବ୍ୟତୀତ ଆଉ କିଛି ନୁହେଁ । ପରମ ଦେବାତ୍ମା ଏହି ମର୍ତ୍ତ୍ୟ ଭିତରେ ଉପଲବ୍ଧି କରିବାକୁ ଇଚ୍ଛା କରୁଥିବା ଏକ ଊର୍ଦ୍ଧ୍ୱତର ଜନ୍ମ ଅନ୍ତତଃ ଏକ ବୃହତ୍ତର ସମ୍ଭାବନା ଯେ ରହିଛି, ସେ କଥା କିଏ ନାହିଁ ବୋଲି କହି ପାରିବ ? ଯଦି ସେହିପରି ଏକ ସମ୍ଭାବନା ରହିଥାଏ, ତେବେ କହିବାକୁ ହେବ ଯେ ଅଧିକ ଶିଖରକୁ ଉଠିଥିବା ଶ୍ରେଷ୍ଠ ମହାନ୍ ଆତ୍ମାମାନେ ଯେଉଁସବୁ ସୋପାନ ଅତିକ୍ରମ କରି ଯାଇଛନ୍ତି, ସେଗୁଡ଼ିକର ଉପର ଦେଇ ପରମ ଦେବାତ୍ମାହିଁ ମନୁଷ୍ୟକୁ ସେହି ପରମ ସ୍ଥିତିର ତୋରଣ ଅଭିମୁଖରେ ପରିଚାଳିତ କରି ନେଉଛନ୍ତି ଏବଂ ସେହି ତୋରଣଦ୍ୱାର ଯଦି ନା ଯଦି ଉନ୍ମୋଚିତ ହେବ ବୋଲି ବର୍ତ୍ତମାନ ଅପେକ୍ଷା କରି ରହିଛି । ମାତ୍ର ସେ କଥା ଯାହା ହୋଇଥାଉ ନା କାହିଁକି, ମନୁଷ୍ୟର ବର୍ତ୍ତମାନ ସ୍ଥିତିର ଏହି ଚରମ ଶିଖରଦେଶରେ ସେ ନପହଞ୍ଚିବା ପର୍ଯ୍ୟନ୍ତ ବାନ୍ତ-ଆତ୍ମାର ମନୁଷ୍ୟ-ଦେହରେ ବାରବାର ଜନ୍ମଗ୍ରହଣ କରିବାର ପରମାର୍ଥଟିକୁ ଆମେ କଦାପି ଶେଷ ବୋଲି ଲେଖିଦେଇ ପାରିବା ନାହିଁ । ମନୁଷ୍ୟ ବର୍ତ୍ତମାନ ଯେଉଁ ଅଜ୍ଞାନ ମଧ୍ୟରେ ଉଦହୋଇ ରହିଛି, ଆପଣାର ମନ ଓ ଦେହର ସ୍ୱଭାବ ଭିତରେ ସେ ଯେଉଁ କ୍ଷୁଦ୍ର ଜୀବନଟିକୁ ଜାମୁଡ଼ି ଧରି ରହିଛି ତାହାର ଭିତରୁ ତାହାର ଆତ୍ମ ଜ୍ଞାନ ଓ ବୃହତ୍ତ ଉଦ୍ଘୋଷଣମୟ

'oaob.nitrkl.ac.in' images reprocessed

ଜୀବନ ମଧ୍ୟରେ ପ୍ରବେଶ କରିବାକୁ ପଡ଼ିବ, ଆପଣା ଚିତ୍‌ସତ୍ତାଟିର ଉନ୍ମୋଚନ ଘଟାଇ ତାକୁ ଏହି ଜ୍ଞାନ ଓ ଦିବ୍ୟ ଜୀବନର ଠାବ କରିବାକୁ ପଡ଼ିବ ଏବଂ ଏଇଥିଲାଗିହିଁ ସେ ପୃଥିବୀକୁ ଆସିଛି । ଅନ୍ତତଃ ତାହାର ମଧ୍ୟରେ ରହିଥିବା ଚିତ୍‌ସତ୍ତାଟି ଆପଣାକୁ ଉନ୍ମୋଚିତ କରିଦେବ;—ନିର୍ଦ୍ଦିଷ୍ଟ ଭାବରେ ଏବଂ ଚିରକାଳ ସକାଶେ ଆଉ କେଉଁଠିକୁ ଯିବା ପୂର୍ବରୁ ସେ ଆପଣାର ଯଥାର୍ଥ ଆତ୍ମାଟିର ପରିଚୟ ଲାଭ କରିବ ଓ ଏକ ଆଧ୍ୟାତ୍ମିକ ଭୂମିରେ ଜୀବନଯାପନ କରିବ । ଏହି ପ୍ରଥମ ପର୍ଯ୍ୟାୟର ପୂର୍ଣ୍ଣସିଦ୍ଧି ସେପାଖକୁ ମଧ୍ୟ ଏହି ମନୁଷ୍ୟ ଜୀବନଭୂମିରେ ଚିଦ୍‌ଗତ ବିକାଶର ଆହୁରି ତଥାପି ବୃହତ୍ତର ସମ୍ଭାବନାମାନ ନିହିତ ହୋଇ ରହିଛି, ବର୍ତ୍ତମାନ ଆମେ ଯାହାର କେବଳ କ୍ଷୀଣ ଆଭାସମାତ୍ର ପାଉଛୁ । ଅପରିପୂର୍ଣ୍ଣ ମଣିଷକୁ ସବୁଦିନ ଲାଗି ଏହିପରି ଅପରିପୂର୍ଣ୍ଣ ଓ ଅପୂର୍ଣ୍ଣ ରଖିବା କଦାପି ପ୍ରକୃତିର ଶେଷ କଥା ହୋଇ ନପାରେ, ମାତ୍ର ସେହିପରି ତାହାର ଏହି ପୂର୍ଣ୍ଣତାଟିକୁ ମଧ୍ୟ ଆମେ ପରମ ଚିତ୍‌ସତ୍ତାର ସମ୍ଭାବ୍ୟତମ ଶିଖରପରିଣତି ବୋଲି କଦାପି କହିପାରିବା ନାହିଁ ।

ମନୁଷ୍ୟ ଏଠାରେ ମନରୂପୀ ଯେଉଁ ତତ୍ତ୍ୱଟିର ବିକାଶସାଧନ କରିଛି ଓ ଯାହା ବର୍ତ୍ତମାନ ତାହାକୁ ପରିଚାଳିତ କରିନେବାରେ ସର୍ବପ୍ରଧାନ ତତ୍ତ୍ୱରୂପେ କାର୍ଯ୍ୟ କରୁଛି, ସେହି ମନ ବା ବୁଦ୍ଧି ଯଦି ପ୍ରକୃତିରେ ତାହାର ଉଚ୍ଚତମ ତତ୍ତ୍ୱ ହୋଇ ନଥାଏ, ତେବେ ମନୁଷ୍ୟର ଏହି ସମ୍ଭାବନାଟି ଏକ ନିଶ୍ଚିତ ସିଦ୍ଧି ବୋଲି ପ୍ରମାଣିତ ହୋଇଯିବ । ଯଦି ମନ ଭିତରେ ଆହୁରି ଅନ୍ୟ ଅନେକ ଶକ୍ତି ନିହିତ ହୋଇ ରହିଛି ଏବଂ ମନୁଷ୍ୟ-ଭୂମିର ଉଚ୍ଚତମ ଆଦର୍ଶରୂପେ ପ୍ରତିଷ୍ଠିତ ହୋଇଥିବା ମହାନ୍ ବ୍ୟକ୍ତିମାନେ କେବଳ ଅତ୍ୟନ୍ତ ଅପୂର୍ଣ୍ଣ ଭାବରେହିଁ ସେହି ଶକ୍ତିର ଅଧିକାରୀ ହୋଇ ପାରିଛନ୍ତି, ତେବେ ବିବର୍ତ୍ତନର ଧାରଟିକୁ ଯେ ଆହୁରି ଆଗକୁ ଲମ୍ବିଯିବାକୁ ପଡ଼ିବ ଏବଂ ଫଳରେ ସେଗୁଡ଼ିକୁ ଶରୀର-ରୂପ ଦେବାଲାଗି ପୁନର୍ଜନ୍ମର ମାର୍ଗଟିକୁ ଯେ ଆହୁରି ଉପରକୁ ଉଠିବାକୁ ପଡ଼ିବ, ତାହା ଅବଶ୍ୟମ୍ଭାବୀ । ଯଦି ଅତିମାନସ ମଧ୍ୟ ଏଠାରେ ଏହି ବିବର୍ତ୍ତନଟି ମଧ୍ୟରେ ପ୍ରଚ୍ଛନ୍ନ ହୋଇ ରହିଥିବା ଚେତନାରହିଁ ଏକ ଶକ୍ତି ହୋଇଥାଏ, ତେବେ ପୁନର୍ଜନ୍ମର ଧାରାଟି ସେଠାରେ ମଧ୍ୟ କଦାପି ବନ୍ଦ ହୋଇଯିବ ନାହିଁ । ଯେପର୍ଯ୍ୟନ୍ତ ମାନସ ପ୍ରକୃତି ଅତିମାନସ ପ୍ରକୃତିକୁ ବାଟ ଛାଡ଼ି ନଦେଇଛି ଏବଂ ଏକ ଦେହଧାରୀ ଅତିମାନସ ସତ୍ତାହିଁ ଏହି ପାର୍ଥିବ ଜଗତର ନାୟକ ଓ ଚାଳକରୂପେ ପ୍ରତିଷ୍ଠିତ ନହୋଇଛି, ସେପର୍ଯ୍ୟନ୍ତ ଆପଣାର ଆରୋହଣପଥରେ ତାହା କେବେହେଁ କେଉଁଠି ହେଲେ ଅଟକି ରହିବ ନାହିଁ ।

ତେବେ ପୁନର୍ଜନ୍ମରେ ବିଶ୍ୱାସ ସ୍ଥାପନ କରିବାଲାଗି ଏହାହିଁ ହେଉଛି ବୁଦ୍ଧିସମର୍ଥିତ ଓ ଦାର୍ଶନିକ ଭିତ୍ତି । ପାର୍ଥିବ ପ୍ରକୃତିରେ ଯଦି ଏକ ବିବର୍ତ୍ତନମୂଳକ

'oaob.nitrkl.ac.in' images reprocessed

ତତ୍ତ୍ୱ ପ୍ରକୃତରେ କାର୍ଯ୍ୟ କରୁଥାଏ ଓ ତାହି ସଙ୍ଗେ ସଙ୍ଗେ ଯଦି ବିବର୍ତ୍ତନଧର୍ମୀ ପ୍ରକୃତି ମଧ୍ୟରେ ଜନ୍ମଗ୍ରହଣ କରିଥିବା ବ୍ୟକ୍ତି-ଆତ୍ମା ଏକ ପ୍ରକୃତ ସତ୍ତା ହୋଇଥାଏ, ତେବେ ନ୍ୟାୟତଃ ଆମେ ଅନିବାର୍ଯ୍ୟରୂପେ ପୁନର୍ଜନ୍ମକୁ ସ୍ୱୀକାର କରୁଥିବା ଏକ ସିଦ୍ଧାନ୍ତରେ ପହଞ୍ଚିବା । ଯଦି ସେପରି କୌଣସି ଆତ୍ମା ନଥାଏ, ତେବେ କେବଳ ଜଡ଼ବସ୍ତୁ ଏକ ବିବର୍ତ୍ତନ ସମ୍ଭବ ହୋଇପାରିବ ଯାହାର କି କୌଣସି ଆବଶ୍ୟକତା କିମ୍ବା ଅର୍ଥହିଁ ନଥିବ ଏବଂ ସେହି କ୍ଷେତ୍ରରେ ଜନ୍ମ ଏହି ଅଦ୍ଭୁତ ଓ ଅନ୍ଧ ଯାନ୍ତ୍ରିକ ପୁନରାବୃତ୍ତିରହିଁ ଏକ ଅଂଶ ହୋଇ ରହିବ । ଯଦି ବ୍ୟକ୍ତିସତ୍ତା ଶରୀରରେ ଆରମ୍ଭ ହୋଇ ସେହି ଶରୀରରେହିଁ ଶେଷ ହୋଇ ଯାଉଥିବା କେବଳ ଏକ ଅସ୍ଥାୟୀ ରୂପାୟନମାତ୍ରହିଁ ହୋଇଥାଏ, ତେବେ ବିବର୍ତ୍ତନର ଧାରଣି ସର୍ବାତ୍ମା ବା ବିଶ୍ୱସତ୍ତାର କେବଳ ଏକ ଲୀଳା ଅଥବା ଖେଳରେହିଁ ପର୍ଯ୍ୟବସିତ ହୋଇ ରହିବ, ଯାହାଦ୍ୱାରା କି ଏହି ଜଗତରେ ଜଡ଼ରୁ କ୍ରମଶଃ ଉଚ୍ଚତର ଜୀବଜାତି ସୃଷ୍ଟି ହେଉଥିବ ଓ ଅବଶେଷରେ ସେହି ବିବର୍ତ୍ତନ ସମୂହର ସର୍ବୋଚ୍ଚ ଶିଖରରେ ଅଥବା ତାହାର ଚେତନ ଚକ୍ରଟିର ଉଚ୍ଚତମ କୋଟିରେ ଆସି ପହଞ୍ଚିବ । ସେହି ବିବର୍ତ୍ତନରେ ପୁନର୍ଜନ୍ମର ଆଉ କୌଣସି ସ୍ଥାନ ରହିବ ନାହିଁ ଓ ଏକ ସାଧନରୂପେ ବ୍ୟବହୃତ ହେବାଲାଗି ତାହାର ଆଉ କୌଣସି ଆବଶ୍ୟକତା ରହିବ ନାହିଁ । ଅଥବା, ଯଦି ସର୍ବସତ୍ତା ଏକ ଅବିଚ୍ଛିନ୍ନ ଅଥଚ ଭ୍ରାନ୍ତି-ବିଜଡ଼ିତ ବ୍ୟକ୍ତିଭାବାପନ୍ନତା ମଧ୍ୟରେ ଆପଣାକୁ ପ୍ରକାଶିତ କରୁଥା'ନ୍ତି, ତେବେ ପୁନର୍ଜନ୍ମ ସମ୍ଭବ ହେବ ସତ, ମାତ୍ର ତାହା ଏକ ଅବାସ୍ତବ ଘଟଣା ହୋଇ ରହିବ, ଏବଂ ବିବର୍ତ୍ତନର ଅଭିପ୍ରାୟଟିକୁ ସିଦ୍ଧ କରିବାରେ ତାହାର ଆଉ କୌଣସି ପ୍ରୟୋଜନ ରହିବ ନାହିଁ ଓ ତାହା ଏକ ଆଧ୍ୟାତ୍ମିକ ଆବଶ୍ୟକତା ବୋଲି ଗଣ୍ୟ ହେବ ନାହିଁ । କେବଳ ଭ୍ରାନ୍ତିଟିକୁ ଯଥାସମ୍ଭବ ଦୃଢ଼ ଓ ଦୀର୍ଘକାଳ ପର୍ଯ୍ୟନ୍ତ ପ୍ରଲମ୍ବିତ କରି ରଖିବାରେହିଁ ତାହା ଏକ ସାଧନ ହୋଇ ରହିବ । ଯଦି ଜୀବାତ୍ମା ବା ବ୍ୟକ୍ତିପୁରୁଷ ରହିଛନ୍ତି, ମାତ୍ର ସେ ଦେହ ଉପରେ କୌଣସିପ୍ରକାରେ ନିର୍ଭର କରୁନାହାନ୍ତି ଓ କେବଳ ଦେହ ଭିତରେ ବାସ କରୁଛନ୍ତି ଓ ତାହାକୁ ଆପଣାର ଉଦ୍ଦେଶ୍ୟସିଦ୍ଧି ଲାଗି କାମରେ ଲଗାଉଛନ୍ତି, ତେବେ ପୁନର୍ଜନ୍ମ ସମ୍ଭବ ବୋଲି ପ୍ରତୀତ ହେବାକୁ ଆରମ୍ଭ କରେ । ମାତ୍ର ଯଦି ପ୍ରକୃତିର ଭୂମି ଉପରେ ସେହି ଆତ୍ମାର କୌଣସି ବିବର୍ତ୍ତନ ହେଉ ନଥାଏ, ତେବେ ଜନ୍ମାନ୍ତରର ଆଉ କୌଣସି ପ୍ରୟୋଜନ ନଥାଏ । ସେତେ-ବେଳେ ବ୍ୟକ୍ତି-ଦେହରେ ବ୍ୟକ୍ତି-ଆତ୍ମାର ଅବସ୍ଥିତି କେବଳ ଏକ କ୍ଷଣସ୍ଥାୟୀ ଓ ଉପରଠାଉରିଆ ବ୍ୟାପାର ହୋଇ ରହିବ, ଏକ ଅସମ୍ବନ୍ଧିତ ଏକକ ଅନୁଭୂତି ହୋଇ ରହିବ ଯାହାରକି ଏହି ଜଗତରେ କୌଣସି ଅତୀତ ନଥିବ କିମ୍ବା କୌଣସି ଭବିଷ୍ୟତ ମଧ୍ୟ ନଥିବ । କିମ୍ବା ଏହାର ଅତୀତ ହୁଏତ ଅନ୍ୟ କେଉଁ ଜଗତରେ ବ୍ୟତୀତ ହୋଇଥିବ ଓ ଏହାର ଭବିଷ୍ୟତ ଅନ୍ୟ କେଉଁ ଜଗତରେ ତା'ଲାଗି ଅପେକ୍ଷା କରି

'oaob.nitrkl.ac.in' images reprocessed

ରହିଥିବ । ମାତ୍ର ଯଦି ଏକ ବିବର୍ତ୍ତନଶୀଳ ଶରୀରକୁ ଆଧାର କରି ଚେତନାର ମଧ୍ୟ ଏକ ବିବର୍ତ୍ତନ ଚାଲିଥାଏ ଏବଂ ଯଦି ଶରୀର ଭିତରେ ଏକ ଆତ୍ମା ଅର୍ଥାତ୍ ଏକ ପ୍ରକୃତ ଓ ସଚେତନ ବ୍ୟକ୍ତିସତ୍ତା ବାସ କରୁଥାଏ, ତେବେ ଏକଥା ସ୍ପଷ୍ଟଭାବରେ ବୁଝିହେବ ଯେ ପ୍ରକୃତି ମଧ୍ୟରେ ସେହି ବ୍ୟକ୍ତି-ଆତ୍ମାର କ୍ରମବର୍ଦ୍ଧମାନ ଅନୁଭୂତିହିଁ ଚେତନାଗତ ବିବର୍ତ୍ତନର ଆକାର ଗ୍ରହଣ କରୁଛି । ପୁନର୍ଜନ୍ମ ମଧ୍ୟ ସ୍ୱତଃ ସେହି ବିବର୍ତ୍ତନରେ ଏକ ଆବଶ୍ୟକ ଅଂଶ ହୋଇ ରହିବ, ଏହିପରି ଏକ ବିବର୍ତ୍ତନରେ ତାହା ଏକମାତ୍ର ସମ୍ଭବ ସାଧନଯନ୍ତ୍ର ହୋଇ ରହିବ । ଜନ୍ମ ଯେପରି ଆବଶ୍ୟକ ହେଉଛି, ପୁନର୍ଜନ୍ମ ମଧ୍ୟ ସେହିପରି ଆବଶ୍ୟକ ହୋଇ ରହିବ; କାରଣ ସେହି କ୍ଷେତ୍ରରେ ପୁନର୍ଜନ୍ମ ବ୍ୟତୀତ ଜନ୍ମ ଏପରି ଏକ ପ୍ରାଥମିକ ସୋପାନରୂପେ ପର୍ଯ୍ୟବସିତ ହୋଇ ରହିବ, ଯାହାରକି ପରବର୍ତ୍ତୀ ସୋପାନ ବୋଲି ଆଦୌ କିଛି ନଥିବ, ଏହାଦ୍ୱାରା ଏକ ଯାତ୍ରାପଥର ଆରମ୍ଭ ରହିଥିବ ସତ, ମାତ୍ର ତା'ପରେ ପାଦ ପକାଇବା ଲାଗି ଆଉ କୌଣସି ସୋପାନ ନଥିବ ଓ ତଦ୍ୱାରା ଲକ୍ଷ୍ୟସ୍ଥଳରେ ପହଞ୍ଚିବା କଦାପି ସମ୍ଭବ ହେବ ନାହିଁ । ପୁନର୍ଜନ୍ମହିଁ ଶରୀର ଭିତରେ ଏକ ଅସମ୍ପୂର୍ଣ୍ଣ ସତ୍ତାର ଜନ୍ମକୁ ଆପଣାର ପରିପୂର୍ଣ୍ଣତା ଲାଭ କରିବାର ନିର୍ଭର ପ୍ରତିଶ୍ରୁତି ଦେଇଯାଉଛି, ତାହାକୁ ତାହାର ଆଧ୍ୟାତ୍ମିକ ସାର୍ଥକତା ଆଣି ଦେଇଯାଉଛି ।

'oaob.nitrkl.ac.in' images reprocessed

## ଏକବିଂଶ ପରିଚ୍ଛେଦ

# ବିଶ୍ୱର ବ୍ୟବସ୍ଥାକ୍ରମ

ସପ୍ତ ଇମେ ଲୋକା ଯେଷୁ ଚରନ୍ତି ପ୍ରାଣା
ଗୁହାଶୟା ନିହିତାଃ ସପ୍ତ ସପ୍ତ ॥

—ମୁଣ୍ଡକ ଉପନିଷଦ, ୨।୧।୮

ଏଇ ହେଉଛି ସେହି ସପ୍ତଲୋକ, ଯାହା ମଧ୍ୟରେ ପ୍ରାଣଶକ୍ତିସମୂହ ସାତ ସାତ ସ୍ତରରେ ବିଭକ୍ତ ହୋଇ ଆପଣାର ନିବାସଭୂମି ସେହି ଗୁହାଗୁଡ଼ିକରେ ଗୁପ୍ତ ଭାବରେ ବିଚରଣ କରୁଥା'ନ୍ତି ।

ପଞ୍ଚ ଜନା ମମ ହୋତ୍ରଂ ଜୁଷନ୍ତାଂ ଗୋଜାତା ଉତ ଯେ ଯଜ୍ଞିୟାସଃ ।
ପୃଥିବୀ ନଃ ପାର୍ଥିବାତ୍ପାତ୍ୱଂହସୋଽନ୍ତରିକ୍ଷଂ ଦିବ୍ୟାତ୍ପାତ୍ୱସ୍ମାନ୍ ॥
ତନ୍ତୁଂ ତନ୍ୱନ୍ ରଜସୋ ଭାନୁମନ୍ୱିହି ଜ୍ୟୋତିଷ୍ମତଃ ପଥୋ ରକ୍ଷ
ଧିୟା କୃତାନ୍ ।
ଅନୁଲ୍ବଣଂ ବୟତ ଜୋଗୁବାମପୋ ମନୁର୍ଭବ ଜନୟା ଦୈବ୍ୟଂ
ଜନମ୍ ॥......
ସତୋ ନୂନଂ କବୟଃ ସଂ ଶିଶୀତ ବାଶୀଭିର୍ଯାଭିରମୃତାୟ ତକ୍ଷଥ ।
ବିଦ୍ୱାଂସଃ ପଦା ଗୁହ୍ୟାନି କର୍ତ୍ତନ ଯେନ ଦେବାସୋ ଅମୃତତ୍ୱମାନଶୁଃ ॥

—ଋକ୍‌ବେଦ, ୧୦।୫୩।୫, ୬, ୧୦

ଯେଉଁ ପଞ୍ଚଜାତିମାନେ ଆଲୋକରୁ ଜାତ ହୋଇଛନ୍ତି ଓ ଯେଉଁମାନେ ଯଜ୍ଞଧାରା ଗ୍ରହଣ କରିଛନ୍ତି, ସେମାନେ ମୋର ଆହୁତିକୁ ଗ୍ରହଣ କରନ୍ତୁ । ପୃଥିବୀ ଆମ୍ଭମାନଙ୍କୁ ପୃଥିବୀର ପତିତ ଭାବରୁ ରକ୍ଷା କରୁ ଏବଂ ଅନ୍ତରୀକ୍ଷ ଆମକୁ ଦିବ୍ୟଲୋକର ଅନର୍ଥରୁ ରକ୍ଷା କରୁ । ଅନ୍ତରୀକ୍ଷରେ ପ୍ରସାରିତ ହୋଇ ରହିଥିବା ପ୍ରକାଶର ତନ୍ତୁଟିର ଅନୁସରଣ କର, ଧୀଶକ୍ତିଦ୍ୱାରା ନିର୍ମିତ ହୋଇଥିବା ଜ୍ୟୋତିର୍ମୟ ପଥଗୁଡ଼ିକୁ ରକ୍ଷା କର, ଅଜଟିଳ ସୂକ୍ଷ୍ମ କର୍ମର ବୟନ କର, ମନୁଷ୍ୟ ହୁଅ, ଦିବ୍ୟ ଲୋକକୁ ଜନ୍ମ ଦିଅ । ... ...ଦ୍ରଷ୍ଟାମାନେ ସତ୍ୟଦ୍ରଷ୍ଟା, ତୁମ୍ଭମାନଙ୍କର ସେହି ଅସ୍ତ୍ରର ଧାରଗୁଡ଼ିକୁ ଶାଣିତ କର,

'oaob.nitrkl.ac.in' images reprocessed

ଯାହାଦ୍ୱାରା ଅମୃତର ମାର୍ଗକୁ କାଟି ବାହାରି ଯାଇ ପାରିବ । ଗୋପନ ହୋଇ ରହିଥିବା ଲୋକ ବା ଭୂମିଗୁଡ଼ିକୁ ତୁମେ ଜାଣିଛ, ଯେଉଁ ସୋପାନଗୁଡ଼ିକ ଦେଇ ଦେବତାମାନେ ଅମୃତତ୍ୱ ଲାଭ କରିଛନ୍ତି, ତୁମେମାନେ ସେହି ସୋପାନଗୁଡ଼ିକୁ ତିଆରି କର ।

ଊର୍ଦ୍ଧ୍ୱମୂଲୋଽବାକ୍ ଶାଖ ଏଷୋଽଶ୍ୱତ୍ଥଃ ସନାତନଃ ।
ତଦେବ ଶୁକ୍ରଂ ତଦ୍ ବ୍ରହ୍ମ ତଦେବାମୃତମୁଚ୍ୟତେ ।
ତସ୍ମିନ୍ ଲୋକାଃ ଶ୍ରିତାଃ ସର୍ବେ ତଦୁ ନାତ୍ୟେତି କଶ୍ଚନ । ଏତଦ୍ ବୈ ତତ୍ ॥

—କଠୋପନିଷଦ, ୬ । ୧

ଏହି ସନାତନ ଅଶ୍ୱତ୍ଥର ମୂଳ ଉପର ଆଡ଼କୁ ଓ ଶାଖାଗୁଡ଼ିକ ତଳ ଆଡ଼କୁ । ସେଇ ବ୍ରହ୍ମ, ସେଇ ହେଉଛି ଅମୃତ । ତାହାରି ମଧ୍ୟରେହିଁ ସବୁ ଲୋକଗୁଡ଼ିକ ଆଶ୍ରିତ ହୋଇ ରହିଛନ୍ତି ଏବଂ କେହି ତାକୁ ଲଂଘିଯାଇ ପାରି ନାହିଁ । ସିଏ ଅଉ ଇଏ ଏକ ଓ ଅଭିନ୍ନ ।

ଭୂତମଧ୍ୟ ଏହି ବିଶ୍ୱରେ ଚେତନାର ଏକ ଆଧ୍ୟାତ୍ମିକ କ୍ରମବିବର୍ତ୍ତନ ଲାଗି-ରହିଛି ଏବଂ ବ୍ୟକ୍ତିସତ୍ତା ଏକ ପାର୍ଥିବ ଶରୀରରେ ଏଠି ସତତ ବା ବାରବାର ପୁନର୍ଜନ୍ମ ଗ୍ରହଣ କରିବାରେ ଲାଗିଛି ବୋଲି ଯଦି ସ୍ୱୀକୃତ ହୁଏ, ତେବେ, ବିବର୍ତ୍ତନର ଏହି ଧାରାଟି ଏକ ସ୍ୱତନ୍ତ୍ର, ବିଚ୍ଛିନ୍ନ ଅଥବା ଏକ ସ୍ୱୟଂପୂର୍ଣ୍ଣ ଘଟଣାରୂପେ ଏଠାରେ ସଂଘଟିତ ହେଉଛି ବା ଏହି ଭୌତିକ ଜଗତ ଯାହା ମଧ୍ୟରେ କେବଳ ଏକ ଅଙ୍ଗ ବା ଅଂଶ ହୋଇ ରହିଛି, ସେହିପରି ଏକ ବୃହତ୍ତର ଓ ବିଶ୍ୱଗତ ସମଗ୍ରତାର ଅନ୍ତର୍ଗତ ଭାବରେ କାର୍ଯ୍ୟ କରୁଛି, ସେଇଟି ହେଉଛି ପରବର୍ତ୍ତୀ ପ୍ରଶ୍ନ । ସଂବୃତ ଅବସ୍ଥାର ଯେଉଁ ଭୂମିଗୁଡ଼ିକ ବିବୃତ ବା ବିବର୍ତ୍ତନର ପୂର୍ବବର୍ତ୍ତୀ ଅବସ୍ଥା ହୋଇ ରହିଛି ଏବଂ ବିବର୍ତ୍ତନକୁ ସମ୍ଭବ କରାଉଛି, ପ୍ରଶ୍ନଟିର ଉତ୍ତର ସେହି ଭୂମିଗୁଡ଼ିକ ମଧ୍ୟରେ ନିହିତ ହୋଇ ରହିଛି । କାରଣ ଯଦି ସେହି ପୂର୍ବବର୍ତ୍ତୀ ଭୂମିଟି ପ୍ରକୃତରେ ରହିଥିଲା ବୋଲି ସ୍ୱୀକାର କରି ନିଆଯାଏ, ତେବେ ଆହୁରି ଅନ୍ୟସବୁ ଲୋକର, ବା ଅନ୍ତତଃ ଉଚ୍ଚତର ଲୋକ ବା ଭୂମିଗୁଡ଼ିକର ଅସ୍ତିତ୍ୱକୁ ମଧ୍ୟ ସ୍ୱୀକାର କରିବାକୁ ହୁଏ, ଏବଂ ଏକଥା ମଧ୍ୟ ମାନିନେବାକୁ ହୁଏ ଯେ ଏହି ବିବର୍ତ୍ତନଟି ସହିତ ଯେଉଁସବୁ ଲୋକର ନିଶ୍ଚୟ କୌଣସି ନା କୌଣସି ସମ୍ବନ୍ଧ ରହିଛି, ସେଇଗୁଡ଼ିକ ବିଦ୍ୟମାନ ରହିଛି ବୋଲିହିଁ ଏହି ବିବର୍ତ୍ତନ ସମ୍ଭବ ହୋଇପାରୁଛି । ସେହି ଭୂମିଗୁଡ଼ିକ ଆପଣାର କାର୍ଯ୍ୟସାଧକ ସାନ୍ନିଧ୍ୟଦ୍ୱାରା ବା ଏହି ପାର୍ଥିବ ଚେତନା ଉପରେ ଆପଣାର ଛାପ ପକାଇବାଦ୍ୱାରା ହୁଏତ ପ୍ରାଣ, ମନ ଓ ଚିତ୍‌ସତ୍ତାର ସଂବୃତ ତତ୍ତ୍ୱଗୁଡ଼ିକୁ କେବଳ ମୁକ୍ତ କରିଆଣନ୍ତି

'oaob.nitrkl.ac.in' images reprocessed

ଏବଂ ଅନ୍ତର୍ବ୍ୟାପ୍ତ ହୋଇ ଜଡ଼ପ୍ରକୃତିର ଏହି ଭୂମିଟିରେ ଆପଣାର ଆଧିପତ୍ୟ ସ୍ଥାପନ କରିବାଲାଗି ସେମାନଙ୍କୁ ସାହାଯ୍ୟ କରୁଥା'ନ୍ତି । ମାତ୍ର ସେତିକିରେ ଯେ ଏହି ସମ୍ବନ୍ଧଟିର ଓ ଏହି ହସ୍ତକ୍ଷେପଟିର ଶେଷ ହୋଇଯାଏ, ଏହା ଏକାନ୍ତ ଅସମ୍ଭବ । ଖୁବ୍ ସମ୍ଭବ ଜଡ଼ଗତ ଜୀବନ ଓ ଅସ୍ତିତ୍ୱର ଅନ୍ୟ ଭୂମିଗୁଡ଼ିକରେ ରହିଥିବା ଜୀବନ ମଧ୍ୟରେ ଯେତେ ଭିନ୍ନ ହେଲେ ମଧ୍ୟ ତଥାପି ଏକ କ୍ରିୟା ଓ ପ୍ରତିକ୍ରିୟାର ସମ୍ବନ୍ଧ ଅବ୍ୟାହତ ରହୁଥାଏ । ବର୍ତ୍ତମାନ ଏହି ସମସ୍ୟାଟି ଉପରକୁ ଟିକିଏ ଗଭୀରତର ଦୃଷ୍ଟିପାତ କରିବା ଆବଶ୍ୟକ, ଏହି ସମସ୍ୟାଟିକୁ ଏକ ବିଶେଷ ସମସ୍ୟାରୂପେ ଦେଖିବା ଆବଶ୍ୟକ, ଏବଂ ଏହି ଭୂମିଟି ସହିତ ଅନ୍ୟ ଭୂମିଗୁଡ଼ିକର ଯେଉଁ ସମ୍ବନ୍ଧ ରହିଛି ଓ ଯେଉଁ ଅନ୍ତଃସମ୍ପର୍କଟି ଲାଗିରହିଛି, ଭୌତିକ ପ୍ରକୃତି ମଧ୍ୟରେ ସଂଘଟିତ ହେଉଥିବା ବିବର୍ତ୍ତନ ତଥା ପୁନର୍ଜନ୍ମର ତତ୍ତ୍ୱ ଉପରେ ତାହାର ଯେଉଁ ପ୍ରଭାବ ଆସି ପଡ଼ୁଛି, ସେସବୁର ଯଥାର୍ଥ ପ୍ରକୃତି ଓ ସୀମାଗୁଡ଼ିକର ନିରୂପଣ କରିବା ଆବଶ୍ୟକ ।

ପରମ ଅବସ୍ଥା ମଧ୍ୟକୁ ଚିନ୍ମୟ ଆତ୍ମାର ଯେଉଁ ଅବତରଣ ଘଟୁଛି, ଆମେ ତାହାକୁ ହୁଏତ ଏକ ଶୁଦ୍ଧ ଆଧ୍ୟାତ୍ମିକ ସତ୍ତା ସେହି ଅତିଚେତନ ଓ ଆଧ୍ୟାତ୍ମିକ ପରମସତ୍ତା ମଧ୍ୟରୁ ଅଜ୍ଞାନ ଅଚେତନା ମଧ୍ୟକୁ ହଠାତ୍ ଡେଇଁପଡ଼ୁଛି ଓ ତା'ର ପରବର୍ତ୍ତୀ ଘଟଣାରୂପେ ଜଡ଼ପ୍ରକୃତିରୁ ପ୍ରାଣମୟ ଜୀବନ ବିବର୍ତ୍ତିତ ହୋଇଆସୁଛି ବୋଲି ବର୍ଣ୍ଣନ କରିପାରିବା । ଯଦି ପ୍ରକୃତରେ ସେହିପରି ହେଉଥା'ନ୍ତା ତେବେ ପରମ ନିର୍ବିଶେଷ ସତ୍ତା ସବୁବେଳେ ସେହି ଉପରେ ରହୁଥା'ନ୍ତେ ଓ ପରମ ଅଚେତନ ସବୁବେଳେ ଏଠି ତଳେ ରହୁଥା'ନ୍ତା; ଏହି ଅଚେତନ ମଧ୍ୟରୁ ଭୌତିକ ବିଶ୍ୱର ଉଦ୍ଭବ ହେଉଥା'ନ୍ତା, ଏବଂ ଜୀବ ପୁଣି ଆପଣାର ସ୍ୱରୂପ ଉପରକୁ ଫେରିଗଲାବେଳେ ମଧ୍ୟ ଜୀବର ଏହି ଭୌତିକ ଦେହକୋଷସ୍ଥ ପାର୍ଥିବ ସତ୍ତା ମଧ୍ୟରୁ ବହିର୍ଗତ ସେହି ପରମ ଊର୍ଦ୍ଧ୍ୱତା ମଧ୍ୟକୁ ଠିକ୍ ସେହିପରି ଝାସ୍ ଦେଇ ଡେଇଁ ପଡ଼ୁଥା'ନ୍ତା । ସେତେବେଳେ କେବଳ ପରମ ଜଡ଼ମୟତା ଓ ପରମ ଚିନ୍ମୟତା ବ୍ୟତୀତ ମଧ୍ୟବର୍ତ୍ତୀ ଆଉକୌଣସି ସାମର୍ଥ୍ୟ ବା ସ୍ତରର କୌଣସି ଅସ୍ତିତ୍ୱ ରହନ୍ତା ନାହିଁ, ଜଡ଼ଭୂମିଟି ବ୍ୟତୀତ କୌଣସି ଅନ୍ୟଭୂମି ରହନ୍ତା ନାହିଁ, ଜଡ଼ର ପୃଥ୍ୱୀଟି ବ୍ୟତୀତ ଅନ୍ୟକୌଣସି ପୃଥ୍ୱୀ ମଧ୍ୟ ରହନ୍ତା ନାହିଁ । ମାତ୍ର ଏଭଳି ଏକ ଅନୁମାନ ଏକାନ୍ତ ଅଯଥାର୍ଥ ପରି ମନେହେଉଛି, ଏକ ଜଟିଳ ଭୂମିଟିକୁ ଅତିମାତ୍ରାରେ ସରଳ କରି ଦେଉଥିବା ଏକ ରଚନା ପରି ମନେହେଉଛି ଏବଂ ଜଗତସ୍ଥିତିର ଜଟିଳ ପ୍ରକୃତିଟି ଉପରେ ବସ୍ତୁତଃ ଭାବରେ ଦୃଷ୍ଟିପାତ କରିବାକୁ ଗଲେ ଏହି ଅନୁମାନର ଆଉ କୌଣସି ସମୀଚୀନତା ରହେ ନାହିଁ ।

ଏଥିରେ କୌଣସି ସନ୍ଦେହ ନାହିଁ ଯେ ବିଶ୍ୱଜଗତର ଉତ୍ପତ୍ତି ବିଷୟରେ ସମ୍ଭାବ୍ୟ ଏକାଧିକ ବ୍ୟାଖ୍ୟା ଦେଇହୁଏ ଯୋଗାଇ ପାରିବ, ଯାହାକଠାରେ ଏ ଏପରି ଏକ



'oaob.nitrkl.ac.in' images reprocessed

ଚରମ ଓ ଦୃଢ଼ପରିସ୍ଥାପିତ ବିଶ୍ୱୈଶ୍ୱରସାମ୍ୟ ପ୍ରତିଷ୍ଠିତ ହୋଇ ରହିଛି ବୋଲି ବେଶି ଧାରଣା କରିଯାଇ ପାରିବ । ସର୍ବସଂକଳ୍ପର ପରମ ନିଧାନ ଏକ ବିଧାତା ହୁଏତ ଏହିପରି ଏକ ଧାରଣା କରିଥିଲେ ବା ଏକ ଆଜ୍ଞା ଦେଲେ, ଯାହାଫଳରେ କି ଆତ୍ମସତ୍ତ୍ୱ ଅବିଦ୍ୟାର ଏକ ଅହଂଗତ ଭୌତିକ ଜୀବନ ଆଡ଼କୁ ପ୍ରବୃତ୍ତ ହେଲା । ଅଥବା ଶାଶ୍ୱତ ବ୍ୟକ୍ତି-ଆତ୍ମା ଭିତରେ କୌଣସି କାରଣରୁ ଏପରି ଏକ ଅଭିଳାଷ ପ୍ରବଳ ହୋଇଉଠିଲା ଯାହାଫଳରେ କି ସେ ଅନ୍ଧକାର ମଧ୍ୟରେ ଏକ ଦୁଃସାହସ ଯାତ୍ରା କରିବାର ମନସ୍ଥ କଲେ ଏବଂ ଆପଣା ସ୍ୱସ୍ୱଭାବକ୍ଷେତ୍ରର ଆଲୋକମୟ ସ୍ଥିତିରୁ ବାହାରି ଏକ ପରମ ନିଶ୍ଚେତନତାର ଗର୍ଭକୁ ଲମ୍ଫ ପ୍ରଦାନ କଲେ ଓ ସେଇଥିରୁହିଁ ଅବିଦ୍ୟାର ଏହି ଜଗତ ସମ୍ଭୂତ ହେଲା । କିମ୍ବା କେବଳ ଗୋଟିଏ ନୁହେଁ, ଅନେକ ବ୍ୟକ୍ତି-ଆତ୍ମାର ଏକ ସମୂହ ହୁଏତ ଏହିପରି ଭାବରେ ପ୍ରବୃତ୍ତ ହେଲେ; କାରଣ କେବଳ ଗୋଟିଏ ବ୍ୟକ୍ତି-ଆତ୍ମା ଦେଇ ବିଶ୍ୱର ରଚନା କଦାପି ସମ୍ଭବ ହୋଇ ନଥା'ନ୍ତା । ଯେକୌଣସି ବିଶ୍ୱକୁ ହୁଏତ ନୈର୍ବ୍ୟକ୍ତିକ ହେବାକୁ ପଡ଼ିବ, ବା ଅନେକବ୍ୟକ୍ତିକ ହେବାକୁ ପଡ଼ିବ, ଅଥବା ଏକ ବିଶ୍ୱଗତ ବା ଅନନ୍ତ ସତ୍ତ୍ୱଙ୍କର ବିସୃଷ୍ଟି ବା ଆତ୍ମ-ଅଭିବ୍ୟକ୍ତି ହେବାକୁ ପଡ଼ିବ । ଏହି ଅଭିଳାଷଟି ନିଶ୍ଚେତନାର ସାମର୍ଥ୍ୟକୁ ଆଧାରରୂପେ ବ୍ୟବହାର କରି ଏକ ଜଗତର ସୃଷ୍ଟି କରିବାଲାଗି ଆପଣା ସହିତ ହୁଏତ ଏକ ସର୍ବାତ୍ମାକୁ ମଧ୍ୟ ଆକର୍ଷିତ କରି ଆଣିଥିବ । ଯଦି ସେପରି ନହୋଇଥାଏ, ତେବେ ସେହି ଶାଶ୍ୱତ ଓ ସର୍ବଜ୍ଞ ସର୍ବାତ୍ମାହିଁ ସ୍ୱୟଂ ଆପଣା ମଧ୍ୟରେ ଥିବା ବ୍ୟକ୍ତି-ଆତ୍ମାଗୁଡ଼ିକୁ ସାଙ୍ଗରେ ଧରି ଆପଣାର ଆତ୍ମଜ୍ଞାନକୁ ନିଶ୍ଚେତନାର ଏହି ଅନ୍ଧକାର ମଧ୍ୟକୁ ହଠାତ୍ ନିକ୍ଷେପ କରି ଦେଇଛନ୍ତି, ଏବଂ ପ୍ରାଣ ତଥା ଚେତନାର ଏକ ସୋପାନ-ଆରୋହଣଦ୍ୱାରା ସେମାନଙ୍କର ଊର୍ଦ୍ଧ୍ୱମୁଖୀ ବିବର୍ତ୍ତନଟିକୁ ଆରମ୍ଭ କରିବାଲାଗି ପ୍ରବୃତ୍ତ ହୋଇଛନ୍ତି । କିମ୍ବା, ଯଦି ବ୍ୟକ୍ତି-ଆତ୍ମାର ଆଗରୁ କୌଣସି ଅସ୍ତିତ୍ୱ ନଥିଲା ଏବଂ ଆମେସବୁ ଏହି ବିଶ୍ୱଚେତନାରହିଁ ବିସୃଷ୍ଟି ଅଥବା ପ୍ରାତିଭାସିକ ଅବିଦ୍ୟାର କେବଳ ଗୋଟିଏ ଗୋଟିଏ ମିଥ୍ୟାବୋଧ ବୋଲି ବୁଝାଯାଏ, ଏକ ମୂଳଭୂତ ନିର୍ବିଶେଷ ପ୍ରକୃତିରୁହିଁ ନାମ ଓ ରୂପର ଭିଆଣ କରିଲା ବିଶ୍ୱଚେତନା ଅଥବା ଅବିଦ୍ୟାରୁ ଜାତ ହୋଇଥିବା ସୃଷ୍ଟିଶକ୍ତି ଏହି ଅଗଣିତ ବ୍ୟକ୍ତିସତ୍ତ୍ୱଗୁଡ଼ିକୁ ଏଠି ସୃଷ୍ଟି କରି ରଖିଛି ବୋଲି ଯଦି ବୁଝାଯାଏ, ତେବେ ସ୍ୱୀକାର କରିବାକୁ ହୁଏ ଯେ ନିଶ୍ଚେତନ ଶକ୍ତିମୟ ଉପାଦାନର ଏକ ନିର୍ବିଶେଷ ସ୍ତରରୁ ଉଦ୍ଭୂତ ଏକ ଅସ୍ଥାୟୀ ବସ୍ତୁରୂପରେହିଁ ଏହି ଭୌତିକ ଜଗତରେ ବ୍ୟକ୍ତି-ଆତ୍ମାର ପ୍ରଥମ ପ୍ରତିଭାସ ଆବିର୍ଭୂତ ହୋଇପାରିଛି ।

ଏଭଳି ଏକ ଅନୁମାନ ଅଥବା ଏଥିମଧ୍ୟରୁ କୌଣସି ଗୋଟିଏ ଅନୁମାନକୁ ସ୍ୱୀକାର କଲେ ଆମ ଆଗରେ ଅସ୍ତିତ୍ୱର କେବଳ ଦୁଇଟିମାତ୍ର ଭୂମି ସମ୍ଭବ ହେବ : ଗୋଟିଏ ପାଖରେ ଏହି ଭୌତିକ ବିଶ୍ୱଜଗତ ରହିବ, ନିଶ୍ଚେତନା ମଧ୍ୟରୁ ଏକ ଅନ୍ଧ

'oaob.nitrkl.ac.in' images reprocessed

ଓ ଅଚେତନ ଶକ୍ତି ବା ପ୍ରକୃତିଦ୍ୱାରା ଯାହାର ସୃଷ୍ଟି ହୋଇଛି, ତାହାର ମଧ୍ୟରେ ଗୋପନ ଓ ଅପ୍ରତ୍ୟକ୍ଷଭାବରେ ଅବସ୍ଥିତ ରହି ହୁଏତ ଏକ ଆତ୍ମା ପ୍ରକୃତିର ଏହି ସ୍ୱପ୍ନାବରଣାଚ୍ଛନ୍ନ କ୍ରିୟାକୃତିଗୁଡ଼ିକର ପରିଚାଳନା କରୁଛି । ପୁଣି, ଅନ୍ୟପାଖରେ, ସେହି ଅତିଚେତନ ପରମ ଅଦ୍ୱିତୀୟ ବିଦ୍ୟମାନ ରହିଥିବେ, ଏହି ନିଶ୍ଚେତନା ତଥା ଅବିଦ୍ୟା ମଧ୍ୟରୁ ନିଷ୍କ୍ରାନ୍ତ ହୋଇ ଆମେ ଯାହାଙ୍କ ପାଖକୁ ପୁଣି ଫେରି ଯାଉଥିବୁ । ଅଥବା ଆମେ କେବଳ ଗୋଟିଏ ମାତ୍ର ଭୂମି ରହିଛି ବୋଲି କଳ୍ପନା କରିପାରିବା, କେବଳ ଏହି ଭୌତିକ ଅସ୍ତିତ୍ୱର ଭୂମିଟିହିଁ ରହିଛି ବୋଲି କହିବା । ଏହି ଭୌତିକ ବିଶ୍ୱଜଗତର ଅସ୍ତିତ୍ୱଟିକୁ ଛାଡ଼ିଦେଲେ ଆଉ ଅତିଚେତନ ବୋଲି କେଉଁଠି କୌଣସି ବସ୍ତୁ ନାହିଁ । ମାତ୍ର ଚେତନ ସତ୍ତାର ଅନ୍ୟ ଭୂମିସବୁ ଅବସ୍ଥିତ ରହିଛି ଏବଂ ଭୌତିକ ଜଗତଟିକୁ ଛାଡ଼ିଦେଲେ ମଧ୍ୟ ଆହୁରି ଅନ୍ୟ ଜଗତମାନ ଆଗରୁ ବର୍ତ୍ତମାନ ରହିଛି ବୋଲି ଯଦି ଆମେ ଦେଖିବାକୁ ପାଇବା, ତେବେ ଆମର ଉପରିଲିଖିତ କଳ୍ପନାଗୁଡ଼ିକ ଲାଗି ଆଉ କୌଣସି ସତ୍ୟସମର୍ଥନ ରହିପାରିବ ନାହିଁ । ମାତ୍ର ସେହି କଳ୍ପନାଗୁଡ଼ିକୁ ତାଡ଼ି ଖାଇଥିବାରୁ ବଞ୍ଚାଇ ରଖିବାଲାଗି ହୁଏତ ସେତେବେଳେ ଅନୁମାନ କରାଯାଇ ପାରିବ ଯେ ବିବର୍ତ୍ତନଶୀଳ ଆତ୍ମାହିଁ ଏକ ପରବର୍ତ୍ତୀ ପର୍ଯ୍ୟାୟରେ ଏହିସବୁ ଭୁବନକୁ ସୃଷ୍ଟି କରି ରଖିଛି କିମ୍ବା ନିଶ୍ଚେତନରୁ ତାହାର ଉପର ଆଡ଼କୁ ଗତି କରୁଥିବା ସମୟରେ ଏହି ଆତ୍ମା ସ୍ୱଭାବେହିଁ ଏସବୁର ସୃଷ୍ଟି ହୋଇଛି । ଏଗୁଡ଼ିକରୁ ପ୍ରତ୍ୟେକ ମତବାଦରେ ବିଶ୍ୱଜଗତ କେବଳ ସେହି ନିଶ୍ଚେତନା ମଧ୍ୟରୁ କ୍ରମବିବର୍ତ୍ତିତ ହୋଇ-ଆସିଛି ବୋଲି ବୁଝାଯିବ; ସେତେବେଳେ ଏହି ଭୌତିକ ଜଗତକୁହିଁ ସେହି ବିବର୍ତ୍ତନର ଏକମାତ୍ର ଓ ପର୍ଯ୍ୟାପ୍ତ ସଂଘଟନ ଭୂମି ବା ମଞ୍ଚ ବୋଲି ବୁଝାଯିବ, ଅଥବା ନାନା ଜଗତର ଏକ ଆରୋହଧର୍ମୀ ସୋପାନକ୍ରମର କଳ୍ପନା କରାଯିବ, ଯେଉଁଥିରେ କି ଗୋଟିଏ ଜଗତ ଆଉଗୋଟିଏ ଜଗତ ମଧ୍ୟରୁ ବିବର୍ତ୍ତିତ ହୋଇ ବାହାରି ଯାଉଥିବ ଏବଂ ମୂଳ ପରମସତ୍ତାଟିକୁ ଆମର ପୁଣି ଫେରିଆସିବାର ବାଟରେ ଏକ ସୋପାନ-ମାଳା ସଜାଇ ରଖିବାରେ ସାହାଯ୍ୟ କରୁଥିବ । ଏହି ସମ୍ପର୍କରେ ଆମର ନିଜ ମତ ହେଉଛି ଯେ ଅତିଚେତନାମୟ ସଚ୍ଚିଦାନନ୍ଦ ଆପଣାର ଏକ ସୋପାନବିନ୍ୟାସୀ ବିବର୍ତ୍ତନଦ୍ୱାରା ଆପଣା ଭିତରୁ ଯେଉଁ ବ୍ୟବସ୍ଥାଟିକୁ ବିବର୍ତ୍ତିତ କରାଇ ଆଣିଛନ୍ତି, ତାହାହିଁ ବିଶ୍ୱରୂପେ ପ୍ରତୀତ ହୋଇ ଉଠୁଛି । ମାତ୍ର ଉପରେ ଆଲୋଚିତ ହୋଇଥିବା ମତଟି ଅନୁସାରେ ଏହି ବିଶ୍ୱକୁ ଗୋଟାଏ ପ୍ରକାର ତଳ ଆଡ଼କୁ ନିଶ୍ଚେତନାର ବିବର୍ତ୍ତିତ ହୋଇଥିବା ବୋଲିହିଁ ବୁଝାଯାଉଛି; କୌଣସି ଏକ ମୂଳଭୂତ ଅବିଦ୍ୟା ବା ବାସନା, ଯାହାକି ଏହି ବିଶ୍ୱର ସୃଷ୍ଟି କରିଅଛି, ତାହାର ଉଚ୍ଛେଦ ସାଧନ କରିବାଲାଗି ଅଥବା ଭ୍ରମବଶତଃ ଏଠାରେ ବନ୍ଦୀଭୂତ ହୋଇ ପଡ଼ିଥିବା ଏକ ଆତ୍ମାର ବିଲୋପସାଧନ କିମ୍ବା ଭ୍ରମବଶତଃ ଏଠାରେ ଘୂରୁଥିବା ଜଗଦ୍ରୂପୀ ଦୁଃସ୍ୱପ୍ନଟିକୁ

'oaob.nitrkl.ac.in' images reprocessed

ମଧ୍ୟରୁ ନିସ୍ତାରଲାଭ ସମ୍ଭବ କରିବାପାଇଁ କେବଳ ଯେତିକି ଆବଶ୍ୟକ, ନିଶ୍ଚେତନାର ସେତିକି ପରିବର୍ତ୍ତନ ହେବାକୁହିଁ ବିଶ୍ୱ ବୋଲି ବୁଝାଯାଇଛି ।

ମାତ୍ର ଏହିସବୁ ସିଦ୍ଧାନ୍ତ ମନକୁ ଏକ ଉଦ୍‌ଭାବିକା ଶକ୍ତି ବୋଲି ସ୍ୱୀକାର କରି ତାହାକୁ ସର୍ବାଧିକ ଗୁରୁତ୍ୱ ଦେଇଥା'ନ୍ତି ଅଥବା ବ୍ୟକ୍ତିସତ୍ତା ଉପରେ ସର୍ବାଧିକ ଗୁରୁତ୍ୱ ନ୍ୟସ୍ତ କରି ଦେଇଥା'ନ୍ତି । ମନ ଓ ବ୍ୟକ୍ତିସତ୍ତା ଉଭୟଙ୍କର ଏକ ମହତ୍ତ୍ୱପୂର୍ଣ୍ଣ ସ୍ଥାନ ଅବଶ୍ୟ ରହିଛି, ମାତ୍ର ଅଦ୍ୱୟ ଓ ଶାଶ୍ୱତ ଚିତ୍‌ସତ୍ତାର ଶକ୍ତିହିଁ ସର୍ବମୂଳ ଶକ୍ତି, ତାହାର ଅସ୍ତିତ୍ୱହିଁ ସର୍ବମୂଳ ଅସ୍ତିତ୍ୱ । କଳ୍ପନାର କ୍ଷେତ୍ରରେ ସତତ ସୃଜନଶୀଳ ହୋଇ ରହିଥିବା ଭାବନା ହେଉଛି ମନରହିଁ ଏକ ଗତିସ୍ପନ୍ଦନ ମାତ୍ର; ଏଠାରେ ଭାବନା ବୋଲି କହିବାବେଳେ ସେହି ପରମ ସଦ୍‌ଭୂତ ବିଜ୍ଞାନର କଥା ଆଦୌ ବୁଝାଯାଉ ନାହିଁ, ଯିଏ କି ପରମ ସତ୍ତାରୂପେ ଆପଣା ମଧ୍ୟସ୍ଥ ସକଳ ପଦାର୍ଥର ପୂର୍ଣ୍ଣଜ୍ଞାନ ଲାଭ କରିଥା'ନ୍ତି ଏବଂ ସେହି ପରମ ସତ୍ୟଜ୍ଞାନ ବଳରେ ସ୍ୱତଃସ୍ଫୂର୍ତ୍ତି ଭାବରେ ଆପଣା ମଧ୍ୟରେ ଆପେ ସୃଜନାତ୍ମକ ହୋଇ ରହିଥା'ନ୍ତି । ଆମର ଅଭିଳାଷ ବା ବାସନା ମଧ୍ୟ ମନ ଭିତରେ ଅବସ୍ଥିତ ରହିଥିବା ପ୍ରାଣର ଏକ ଗତିସ୍ପନ୍ଦନ । ତେଣୁ ପ୍ରାଣ ଓ ମନ ଏଠାରେ ନିଶ୍ଚୟ ପୂର୍ବରୁ ଅବସ୍ଥିତ ରହିଛନ୍ତି ଏବଂ ଗୋଟିଏ ଗୋଟିଏ ଶକ୍ତିରୂପେ ଭୌତିକ ବିଶ୍ୱଜଗତର ସୃଜନରେ ନିୟାମକରୂପେ କାର୍ଯ୍ୟ କରିଆସିଛନ୍ତି; ଏବଂ ସେପରି ହୋଇଥିଲେ ସେମାନଙ୍କ ଭିତରେ ଆପଣା ଜଡ଼ାତୀତ ପ୍ରକୃତିର ଜଗତମାନ ସୃଷ୍ଟି କରିବାର ସାମର୍ଥ୍ୟ ମଧ୍ୟ ସମାନ ଭାବରେ ବଳବତ୍ତର ରହିଛି । ଅଥବା, ଆମକୁ ଏପରି ଅନୁମାନ କରିବାକୁ ପଡ଼ିବ ଯେ ଏହି କ୍ଷେତ୍ରରେ ବ୍ୟକ୍ତିଜୀବର ବାସନା, ବା ଏକ ବିଶ୍ୱମନ କିମ୍ବା ବିଶ୍ୱପ୍ରାଣ ଆଦୌ କ୍ରିୟାଶୀଳ ହୋଇ ନାହିଁ, ମାତ୍ର ପରମ ଚିତ୍‌ସତ୍ତାର ଏକ ଇଚ୍ଛାଶକ୍ତିହିଁ କ୍ରିୟାଶୀଳ ହେବାଦ୍ୱାରା ବିଶ୍ୱଜଗତର ସୃଷ୍ଟି କରିଛି । ଅର୍ଥାତ୍ ପରମ ସତ୍ତାଙ୍କର ଏକ ଇଚ୍ଛାଶକ୍ତି ନିଜର ଅଥବା ନିଜ ଚେତନାର କୌଣସି ଏକ ଅଂଶକୁ ଆଣି କାର୍ଯ୍ୟକାରୀ କରିଛି, ଏକ ସୃଜନସମର୍ଥ ଭାବନା, ଏକ ଆତ୍ମଜ୍ଞାନ, ଆପଣାର ଆତ୍ମକ୍ରିୟ ସାମର୍ଥ୍ୟର ଏକ ଆବେଗକୁ ପ୍ରକାଶ କରି ଅଥବା ସ୍ୱକୀୟ ଆନନ୍ଦର ଏକ ବିଶିଷ୍ଟ ରୂପାୟନକୁ ଅଭିବ୍ୟକ୍ତ କରି ସେ ଆପଣାର ଇଚ୍ଛାଶକ୍ତିଦ୍ୱାରାହିଁ ଜଗତର ସୃଷ୍ଟି କରିଛି । ମାତ୍ର ସତ୍‌ସ୍ୱରୂପର ସର୍ବଗତ ଆନନ୍ଦଦ୍ୱାରା ନୁହେଁ, ବରଂ ବ୍ୟକ୍ତି-ଆତ୍ମାର ବାସନାକୁ ଚରିତାର୍ଥ କରିବାଲାଗି ଯଦି ଏହି ଜଗତର ସୃଷ୍ଟି ହୋଇଥାଏ, ଅଜ୍ଞାନପରବଶ ଓ ଅହଂଗତ ଖିଆଲ ଅନୁସାରେ କେବଳ ବ୍ୟକ୍ତି-ଆତ୍ମାର ସମ୍ଭୋଗ ଲାଗି ଯଦି ଜଗତର ସୃଷ୍ଟି ହୋଇଥାଏ, ତେବେ ବିଶ୍ୱଗତ ପରମସତ୍ତା ବା କୌଣସି ବିଶ୍ୱାତୀତ ଦିବ୍ୟସତ୍ତା ନୁହନ୍ତି, ବରଂ ମନୋମୟ ବ୍ୟକ୍ତିଜୀବକୁହିଁ ଆମେ ଏହି ବିଶ୍ୱଜଗତର ସ୍ରଷ୍ଟା ଓ ସାକ୍ଷୀ ବୋଲି କହିବା । ଅତୀତ ଯୁଗରେ ମନୁଷ୍ୟର ବିଚାରଜଗତରେ ବ୍ୟକ୍ତିସତ୍ତାକୁ ଏହିପରି ଭାବରେ ସବୁଟିର ପୁରୋଭାଗରେ ରଖି

'oaob.nitrkl.ac.in' images reprocessed

ଦିଆଯାଇଛି, ତାହାକୁ ଅତିବଡ଼ ବଡ଼ କରି ଦେଖାଇ ଦିଆଯାଇଛି ଓ ତାହାକୁହିଁ ସର୍ବାଧିକ ମହତ୍ତ୍ୱପୂର୍ଣ୍ଣ ବୋଲି ବୁଝିଯାଇଛି । ଏହିସବୁ ଅତିପ୍ରାଧାନ୍ୟକୁ ଯଦି ଆଜ ମଧ୍ୟ ବଜାୟ ରଖାଯାଇ ପାରନ୍ତା, ତେବେ ତାହାର ସେହି ସୃଷ୍ଟିସାମର୍ଥ୍ୟକୁ ମଧ୍ୟ ହୁଏତ ସ୍ୱୀକାର କରି ନିଆଯାଇ ପାରନ୍ତା । କାରଣ ଜଡ଼ପ୍ରକୃତି ମଧ୍ୟକୁ ଅବତରଣ କରି ଚତୁଃସତ୍ତା ସଂବୃତ ମଧ୍ୟରେ ଆପଣାକୁ ଗୁପ୍ତ କରି ରଖିବା ଫଳରେ ଚେତନାର ଯେଉଁ ଗତିସ୍ପନ୍ଦନଟି ପ୍ରକାଶ ପାଉଛି, ତାହାର ଏକ ଅଂଶରୂପେ ବ୍ୟକ୍ତିପୁରୁଷର ମଧ୍ୟ ଅବଦାନ ଜୀବନଟିକୁ ଆଦରି ନେବାଲାଗି ଏକ ସମ୍ମତି ରହିଛି ଅଥବା ଏକ ସଙ୍କଳ୍ପ ମଧ୍ୟ ରହିଛି । ମାତ୍ର ଏହି ବସ୍ତୁଜଗତକୁ ଆମେ କଦାପି ବ୍ୟକ୍ତିମନର ଏକ ରଚନା ବୋଲି କହିପାରିବା ନାହିଁ, କେବଳ ଆପଣା ଚେତନାର ଖେଳାଟିକୁ ବଜାୟ ରଖିବାଲାଗି ସେ ଏହି ବସ୍ତୁରାଶି ଅବଲମ୍ବନଟିକୁ ଠିଆ କରି ରଖିଛି ଅଥବା କେବଳ ବ୍ୟକ୍ତି-ଅହଂର ଖେଳାକ୍ରୀଡ଼ା ଓ ତାହାର ତୃପ୍ତିଗତ ସାର୍ଥକତା ବା ବ୍ୟର୍ଥତାଲାଗିହିଁ ଏହି ଜଗତର ଉଦ୍ଭବ ହୋଇଛି ବୋଲି କହିପାରିବା ନାହିଁ । ଯେତେବେଳେ ଆମେ ବସ୍ତୁକୁ ବ୍ୟକ୍ତିଠାରୁ ଅଧିକ ମହତ୍ତର ବୋଲି ଅନୁଭବ କରିବାର ସଚେତନତା ଲାଭ କରିପାରିବା, ବ୍ୟକ୍ତିସତ୍ତା ବସ୍ତୁସତ୍ତା ଉପରେ ନିର୍ଭର କରି ରହିଛି ବୋଲି ବୁଝିବାକୁ ଆରମ୍ଭ କରିବା, ସେତେବେଳେ ଏହିପରି ଏକ ସିଦ୍ଧାନ୍ତ ଆମର ବୋଧଭୂମି ଲାଗି ସମ୍ପୂର୍ଣ୍ଣ ଅସମ୍ଭବ ବୋଲି ପ୍ରତିପାଦିତ ହେବ । ଏହି ବସ୍ତୁଜଗତର ଅବତରଣଭୂମି ଏତେ ବିଶାଳ ଯେ ତାହାର ଚିସ୍ଥାଶୀଳତା ସମ୍ବନ୍ଧରେ ଏପରି ଏକ ବ୍ୟାଖ୍ୟା କଦାପି ବିଶ୍ୱାସଯୋଗ୍ୟ ହେବ ନାହିଁ । କେବଳ ଏକ ବସ୍ତୁଚେତ୍ ବା ବସ୍ତୁସତ୍ତାହିଁ ଏହି ବସ୍ତୁର ଦୃଶ୍ୟାୟନରେ ଆସୀନ ହୋଇପାରିବେ, କେବଳ ସେହି ଏହାକୁ ଧାରଣ କରି ରଖିପାରିବେ; ଏବଂ ଏହାର କେବଳ ଏକ ବ୍ୟକ୍ତିଜୀବନଗତ ନୁହେଁ, ଏକ ବସ୍ତୁଗତ ସତ୍ୟ, ତାତ୍ପର୍ଯ୍ୟ ଓ ଉଦ୍ଦେଶ୍ୟ ମଧ୍ୟ ଅବଶ୍ୟ ରହିବ ।

ତେଣୁ, ଏହି ଜଗତର ସୃଷ୍ଟି ହେବାର ଅନେକ ପୂର୍ବରୁ ଜଗତର ସୃଜନକାରୀରୂପେ ଅଥବା ଜଗତ୍‌ସୃଷ୍ଟିରେ ଅଂଶଗ୍ରହଣକାରୀରୂପେ ଏହି ବ୍ୟକ୍ତିସତ୍ତା ଅବଶ୍ୟ ବର୍ତ୍ତମାନ ରହିଥିଲା, ତାହାର ବାସନା ଅଥବା ଅବତ୍ୟାଲାଗି ତାହାର ସମ୍ମତି ମଧ୍ୟ ଅବଶ୍ୟ ବର୍ତ୍ତମାନ ରହିଥିଲା । ଯେଉଁ ବିଶ୍ୱାତୀତ ଅତିଚେତନା ମଧ୍ୟରୁ ସେ ଉଦ୍ଭୂତ ହୋଇ ଆସିଛି ଓ ଅହଂବେଷ୍ଟିତ ଏହି ଜୀବନ-ଅଭ୍ୟାରୁ ବାହାରି ସେ ପୁଣି ଯାହା ଭିତରକୁ ଫେରିଯିବ, ତାହାର ମଧ୍ୟରେହିଁ ସେ ଏକ ଉପାଦାନରୂପେ ବର୍ତ୍ତମାନ ରହିଥିଲା । ପରମ ଏକ ମଧ୍ୟରେ ପରମ ବହୁର ନିତ୍ୟାବସ୍ଥିତିକୁ ଆମକୁ ଏକ ମୂଳତତ୍ତ୍ୱରୂପେ ସ୍ୱୀକାର କରିନେବାକୁ ପଡ଼ିବ । ତେବେ ଏକଥାଟି କଳ୍ପନା କରିପାରିବା ମଧ୍ୟ ସମ୍ଭବ ହୋଇପାରିବ ଯେ ଏକ ସଙ୍କଳ୍ପ ଅଥବା ଏକ ଆବେଗ ଜନ୍ମା ଏକ ଚେତ୍‌ଭୂମିଗତ ସ୍ୱତୋତ୍କର୍ଷ ବିଶ୍ୱାତୀତ ପରମ ଅନନ୍ତର ମଧ୍ୟରେ ଅବସ୍ଥିତ

'oaob.nitrkl.ac.in' images reprocessed

ଥିବା ବିଭିନ୍ନ ମଧ୍ୟରୁ କେତେକ ଅଂଶକୁ ଆଲୋକିତ କରି ଦେଇଛି, ସେଗୁଡ଼ିକୁ ନିମ୍ନଦେଶକୁ ଫୋପାଡ଼ି ଆଣିଛି ଏବଂ ଅବିଦ୍ୟାର ଏହି ଜଗତଟିର ସୃଷ୍ଟି ହେବାକୁ ବାଧ୍ୟ କରିଛି । ମାତ୍ର ସେହି ପରମ ଏକହିଁ ଜଗଦସ୍ତିତ୍ୱର ସର୍ବପ୍ରଥମ ସତ୍ୟ ହୋଇଥିବାରୁ, ଅନେକ ପରମ ଏକ ଉପରେହିଁ ନିର୍ଭର କରୁଥିବାରୁ, ସେହି ଅଦ୍ୱୟ ଆତ୍ମାର ଅନେକ ଆତ୍ମା ଓ ପରମସତ୍ତାର ଅନେକ ସତ୍ତା ହୋଇଥିବାରୁ ଏହି ସତ୍ୟଟିହିଁ ବିଶ୍ୱ-ଅସ୍ତିତ୍ୱର ମୂଳତତ୍ତ୍ୱଟିକୁ ମଧ୍ୟ ଅବଶ୍ୟ ନିର୍ଦ୍ଧାରଣ କରୁଥିବ । ସେଠାରେ ଆମେ ଦେଖିବାକୁ ପାଇବା ଯେ ବିଶ୍ୱସତ୍ତା ବ୍ୟକ୍ତିସତ୍ତାର ପୂର୍ବଗାମୀ ହୋଇ ରହିଛି, ତାହାକୁ ତାହାର କ୍ଷେତ୍ର ଯୋଗାଇ ଦେଉଛି ଏବଂ ପରମ ବିଶ୍ୱାତୀତତା ମଧ୍ୟରେ ତାହାର ଯଥାର୍ଥ ମୂଳଟି ନିହିତ ହୋଇ ରହିଥିଲେ ମଧ୍ୟ ବ୍ୟକ୍ତି ଏହି ବିଶ୍ୱ ମଧ୍ୟରେହିଁ ଅସ୍ତିତ୍ୱ ଧାରଣ କରି ରହିଛି । ବ୍ୟକ୍ତି-ଆତ୍ମା ଏଠାରେ ସେହି ପରମ ସର୍ବାତ୍ମାଦ୍ୱାରାହିଁ ଜୀବନଧାରଣ କରି ରହିଛି ଓ ତାହାରି ଉପରେ ନିର୍ଭର କରି ରହିଛି । ମାତ୍ର ଏକଥା ଅତ୍ୟନ୍ତ ସ୍ପଷ୍ଟ ହୋଇଯିବା ଉଚିତ ଯେ ବ୍ୟକ୍ତି-ଆତ୍ମା ଦ୍ୱାରା ସର୍ବ-ଆତ୍ମା ଆଦୌ ଜୀବନଧାରଣ କରୁନାହାନ୍ତି କିମ୍ବା ତାକୁ ନିର୍ଭର କରି ରହିନାହାନ୍ତି । ସର୍ବ-ଆତ୍ମା କହିଲେ ଅନେକ ବ୍ୟକ୍ତି-ଆତ୍ମାର କେବଳ ଏକ ସମଷ୍ଟିକୁ ବୁଝାଇବ ନାହିଁ, ଅନେକ ବ୍ୟକ୍ତିଙ୍କର ଚେତନ ଜୀବନଦ୍ୱାରା ସୃଷ୍ଟ ହୋଇଥିବା ଏକ ଅନେକାତ୍ମକ ଏକଯୂଥତାକୁ ବୁଝାଇବ ନାହିଁ । ଯଦି ସର୍ବ-ଆତ୍ମା ବୋଲି ପ୍ରକୃତରେ କିଛି ଥାଏ, ତେବେ ତାହା ସେହି ଅଦ୍ୱିତୀୟ ଓ ଚିନ୍ମୟ ବିଶ୍ୱସତ୍ତା ବ୍ୟତୀତ ଆଉ କଦାପି କିଛି ହୋଇପାରିବ ନାହିଁ; ତାହା ସେହି ଏକ ବିଶ୍ୱଶକ୍ତି ସହିତ ସହଯୋଗ କରି କାର୍ଯ୍ୟ କରିବ, ଏବଂ ଅନେକ ଯେ ଏକକୁ ଆଶ୍ରୟ କରି ରହିଛି, ଉଭୟର ସେହି ମୂଳ ସମ୍ବନ୍ଧଟିହିଁ ଏଠାରେ ବିଶ୍ୱସତ୍ତାର ଭାବ ଓ ବିଭବରେ ପୁନରାବୃତ୍ତ ହେବାରେ ଲାଗିଥିବ । ଏ କଥା କଦାପି କଳ୍ପନା କରାଯାଇ ନପାରେ ଯେ ଅନେକ ପରମ ଏକର ଇଚ୍ଛାଠାରୁ ସମ୍ପୂର୍ଣ୍ଣ ସ୍ୱତନ୍ତ୍ର ଓ ବିଚ୍ଛିନ୍ନ ଭାବରେ ବିଶ୍ୱ-ଅସ୍ତିତ୍ୱର ଅଭିଳାଷ ପୋଷଣ କରିଥିବ ଏବଂ ଆପଣାର ଏହି ଅଭିଳାଷଟି ଦ୍ୱାରା ପରମ ସଚ୍ଚିଦାନନ୍ଦଙ୍କୁ ତାଙ୍କର ଅନିଚ୍ଛାସତ୍ତ୍ୱେ କିମ୍ବା ଅଗତ୍ୟା ନିଶ୍ଚେତନା ମଧ୍ୟକୁ ଅବତରଣ କରାଇ ଆଣିଥିବ । କାରଣ ସେପରି କହିଲେ ତାହା ବସ୍ତୁଜଗତର ଯଥାର୍ଥ ନିର୍ଭରଶୀଳତାକୁ ଏକାବେଳକେ ଓଲଟାଇ ଦେଲାପରି ହେବ । ଯଦି ପ୍ରତ୍ୟକ୍ଷ ଭାବରେ ଅନେକରହିଁ ଇଚ୍ଛା କିମ୍ବା ଚିଦ୍‌ଗତ ଆବେଗଦ୍ୱାରା ଏହି ଜଗତର ମୂଳୋଦ୍‌ଭବ ହୋଇଥାଏ—ଏକ ବିଶେଷ ଅର୍ଥରେ ସମ୍ଭବ ହୋଇପାରେ ବା ଏପରିକି ପ୍ରକୃତରେ ଘଟି ବି ପାରେ,—ତେବେ ସେହି ଇଚ୍ଛାଟିକୁ କାର୍ଯ୍ୟକାରୀ କରିବାପାଇଁ ସଚ୍ଚିଦାନନ୍ଦଙ୍କ ମଧ୍ୟରେ ଅବସ୍ଥିତ ଏକ ଇଚ୍ଛାହିଁ ପ୍ରଥମେ ଆବଶ୍ୟକ ହୋଇଥିବ । ତା' ନହେଲେ କୌଣସିଠାରେ ମଧ୍ୟ କୌଣସି ଆବେଗର ଆବିର୍ଭାବ କଦାପି ସମ୍ଭବ ହେବ ନାହିଁ; ସଚ୍ଚିଦାନନ୍ଦଙ୍କର ଇଚ୍ଛା ବା ସଙ୍କଳ୍ପହିଁ ପ୍ରଥମେ

'oaob.nitrkl.ac.in' images reprocessed

ବିଶ୍ୱସଙ୍କଳ୍ପ ହୋଇ ଜାଗ୍ରତ ହୋଇଥାଏ ଓ ତାହାହିଁ ବାସନାରୂପେ ରୂପାନ୍ତରିତ ହୋଇଥାଏ, କାରଣ ଚିତ୍‌ସତ୍ତା ମଧ୍ୟରେ ଯାହା ଇଚ୍ଛା ବା ସଙ୍କଳ୍ପ ହୋଇ ରହିଥାଏ, ଅହଂ ମଧ୍ୟକୁ ଆସି ତାହାହିଁ ବାସନାରେ ପରିଣତ ହୁଏ । ପରମ ଅଦ୍ୱିତୀୟ ବା ସର୍ବ-ଆତ୍ମାହିଁ ଯାବତୀୟ ବ୍ୟଷ୍ଟିଚେତନାର ବିଧାନ କରିଥା'ନ୍ତି, ଏହି ଭୌତିକ ବିଶ୍ୱଜଗତରେ ବ୍ୟଷ୍ଟି-ଆତ୍ମା ଅବିଦ୍ୟାର ଆବରଣଟିକୁ ପରିଧାନ କରିବାଲାଗି ସମର୍ଥ ହେବା ପୂର୍ବରୁହିଁ ପରମ ଅଦ୍ୱିତୀୟଙ୍କୁ ସ୍ୱୟଂ ନିଶ୍ଚେତନ ପ୍ରକୃତିର ଆବରଣଟିକୁ ପ୍ରଥମେ ଗ୍ରହଣ କରିନେବାକୁ ପଡ଼ିଥାଏ ।

ମାତ୍ର ବିଶ୍ୱମୟ ପରମସତ୍ତାଙ୍କର ସଙ୍କଳ୍ପ ବା ଇଚ୍ଛାକୁହିଁ ଏହି ଜଡ଼ଜଗତର ଅସ୍ତିତ୍ୱଲାଗି ଅପରିହାର୍ଯ୍ୟ କାରଣ ବୋଲି ଥରେ ସ୍ୱୀକାର କରିନେଲେ ତା'ପରେ ଆଉ ବାସନାକୁ ସୃଜନାତ୍ମକ ତତ୍ତ୍ୱରୂପେ ଗ୍ରହଣ କରିବା କଦାପି ସମ୍ଭବ ହେବ ନାହିଁ । କାରଣ ସର୍ବୋଚ୍ଚ ପରମସତ୍ତା ଓ ସର୍ବସତ୍ତାଙ୍କ ମଧ୍ୟରେ ଆଉ ବାସନାଲାଗି କୌଣସି ସ୍ଥାନ ରହିବ ନାହିଁ । ତାଙ୍କ ଭିତରେ କୌଣସି ବାସନା ବା କାମନା କଦାପି ରହି ନପାରେ; କାରଣ ଯେଉଁଠି ଅପୂର୍ଣ୍ଣତା ରହିଛି, କୌଣସି ବସ୍ତୁର ଅଭାବ ରହିଛି, ଅଧିକାର ବା ସମ୍ଭୋଗର ବାହାରେ କିଛି ରହିଛି ଏବଂ କେଉଁ ସତ୍ତା ତାହାକୁ ଅଧିକାର ଅଥବା ଭୋଗ କରିବାକୁ ଇଚ୍ଛା କରୁଛି, କେବଳ ସେଇଠାରେହିଁ କାମନା ସମ୍ଭବ । ଯେଉଁ ପରମସତ୍ତା ବିଶ୍ୱମୟ ହୋଇ ବିରାଜମାନ ଅଛନ୍ତି, ଆପଣାର ସର୍ବ-ଅସ୍ତିତ୍ୱର ଆନନ୍ଦଗ୍ରହଣ ଲାଗି ତାଙ୍କର ସାମର୍ଥ୍ୟ ରହିଛି ସତ, ମାତ୍ର ସେହି ଆନନ୍ଦକ୍ଷେତ୍ରକୁ କାମନା ଅବଶ୍ୟ ବହିର୍ଭୂତ ହୋଇ ରହିବ । ବିଭକ୍ତିକର ଅଧୀନ ହୋଇ ରହିବା କେବଳ ଏକ ଅପୂର୍ଣ୍ଣ ଅହଂ, ଯାହାକୁ ଆମେ ବିସ୍ମୃତିସ୍ୱାର ଏକ ପରିଣାମ ବୋଲି କହିପାରିବା, ତାହାରହିଁ କାମନାର ଆବଶ୍ୟକତା ରହିବ । ପୁଣି, ଯେଉଁ ପରମ ଚିତ୍‌ସତ୍ତାର ସର୍ବଚେତନାମୟତା ଜଡ଼ର ନିଶ୍ଚେତନା ମଧ୍ୟରେ ପ୍ରବେଶ କରିବାର ଇଚ୍ଛା ପୋଷଣ କରିଥା'ନ୍ତି, ତାହା ସେ କରିଛନ୍ତି, କାରଣ ତାଙ୍କର ଅନ୍ତଃସୃଜନଶକ୍ତି ବା ଅଭିବ୍ୟକ୍ତି ମଧ୍ୟରେ ଏଇଟି ମଧ୍ୟ ଏକ ସମ୍ଭାବନାରୂପେ ନିହିତ ହୋଇ ରହିଥିଲା । ମାତ୍ର କେବଳ ସେଇଟିମାତ୍ର ଭୌତିକ ଜଗତ ମଧ୍ୟରେ ଅଚେତନା ମଧ୍ୟରୁ ଆଧ୍ୟାତ୍ମିକ ଚେତନା ମଧ୍ୟକୁ ଏକ ବିବର୍ତ୍ତନ ସୃଷ୍ଟିଥିବ, ପରମ ସର୍ବସତ୍ତାଙ୍କର ଅଭିବ୍ୟକ୍ତି-କ୍ଷେତ୍ରରେ ଆମେ ଏହାକୁହିଁ ଏକମାତ୍ର ସମ୍ଭାବନା ବୋଲି କଦାପି କହିବା ନାହିଁ । ହଁ, ଯଦି ଜଡ଼ହିଁ ମୂଳାରମ୍ଭ ହୋଇଥା'ନ୍ତା ଓ ଅଭିବ୍ୟକ୍ତ ସତ୍ତାର ଏକମାତ୍ର ସମ୍ଭାବ୍ୟ ରୂପ ହୋଇଥା'ନ୍ତା, ଯଦି ଚିତ୍‌ସତ୍ତା ଲାଗି ଅନ୍ୟକୌଣସି ପଥ ନଥା'ନ୍ତା ଏବଂ କେବଳ ନିଶ୍ଚେତନାର ମଧ୍ୟଦେଇ ଜଡ଼ରୂପୀ ଭିତ୍ତିଟି ମଧ୍ୟକୁ ଅଭିବ୍ୟକ୍ତି ଲାଭ କରିବା ବ୍ୟତୀତ ସେ ଆଉ ଆପଣାକୁ ପ୍ରକଟ କରି ନପାରନ୍ତା, ତେବେ ହୁଏତ ସେପରି ଘଟିଥା'ନ୍ତା । ଏବଂ ସେଥିକୁ ଆମେ ଏକ ଜଡ଼ବାଦୀ ବିବର୍ତ୍ତନାଧୀନ ବିଶ୍ୱତତ୍ତ୍ୱବାଦର ସିଦ୍ଧାନ୍ତରେ ଆସି

'oaob.nitrkl.ac.in' images reprocessed

ବେଶ୍ ପହଞ୍ଚି ପାରନ୍ତେ । ସେତେବେଳେ ଆମେ ଏହି ବିଶ୍ୱରେ ଆତଯାତ ହେଉଥିବା ସତ୍ତ୍ୱମାନଙ୍କୁ ସେହି ପରମ ଏକୈବ ସତ୍ତ୍ୱର ଆତ୍ମା ବୋଲି ମଣିଥା'ନ୍ତେ ସତ, ମାତ୍ର ସେମାନେ ତାଙ୍କର ମଧ୍ୟରେ ଏଇଠାରେହିଁ ଜନ୍ମଗ୍ରହଣ କରୁଛନ୍ତି ଓ ଅଜୈବ, ଜୈବ ଓ ତା'ପରେ ମାନସ ରୂପରେ ଊର୍ଦ୍ଧ୍ୱବିବର୍ତ୍ତିତ ହୋଇ ଶେଷରେ ସ୍ୱକୀୟ ପରିଣତିର ସର୍ବଶେଷ ସୋପାନରେ ଏକ ଅଧିଚେତନ ସର୍ବାତ୍ମା ଅଥବା ବିଶ୍ୱଗତ ଅଦ୍ୱୟତା ମଧ୍ୟରେହିଁ ଆପଣାର ପୂର୍ଣ୍ଣ ଓ ଅଖଣ୍ଡ ଜୀବନକୁ ଲାଭ କରୁଛନ୍ତି ବୋଲି ବିଶ୍ୱାସ କରୁଥା'ନ୍ତେ । ଏହି ବିଶ୍ୱରଚିତ ଅନୁସାରେ ଏଇଠାରେହିଁ ସବୁକିଛିର ବିବର୍ତ୍ତନ ହୋଇଛି; ଏହି ଜଡ଼ଗତ ଜଗତରେହିଁ ସେହି ପରମ ଅଦ୍ୱୟଙ୍କ ମଧ୍ୟରୁ ତାଙ୍କ ପ୍ରଚ୍ଛନ୍ନ ସତ୍ତ୍ୱର ଶକ୍ତିବଳରେ ପ୍ରାଣ, ମନ ଓ ଆତ୍ମାର ଉନ୍ମେଷ ଘଟିଛି ଏବଂ ଏହି ଜଡ଼ଗତ ଜଗତରେହିଁ ସେମାନେ ସମସ୍ତେ ଆପଣାର ପରିପୂର୍ଣ୍ଣତା ଲାଭ କରିବେ । ସେତେବେଳେ ଅଧିଚେତନା ଲାଗି ଆଉ ସ୍ୱତନ୍ତ୍ର କୌଣସି ଭୂମି ଆଦୌ ରହିବ ନାହିଁ; କାରଣ ଅଧିଚେତନା ଆଉ କୌଣସି ଅନ୍ୟ ଭୂମିରେ ନୁହେଁ, ଏଇଠାରେହିଁ ଅବସ୍ଥିତ ରହିଥିବ । ସେତେବେଳେ ଜଡ଼ାତୀତ କୌଣସି ଅନ୍ୟ ଲୋକ ବି ରହିବ ନାହିଁ; ଜଡ଼ର ବାହାରେ ଜଡ଼ାତୀତ କୌଣସି ତତ୍ତ୍ୱର କୌଣସି କ୍ରିୟା ମଧ୍ୟ ରହିବ ନାହିଁ, ଏହି ଜଡ଼ଗତ ଭୂମି ଉପରେ ପୂର୍ବରୁ ବର୍ତ୍ତମାନ ରହିଥିବା ମନ ଓ ପ୍ରାଣର କୌଣସି ଚାପ ମଧ୍ୟ ଆସି ପଡ଼ିବ ନାହିଁ ।

ତେବେ, ମନ ଓ ପ୍ରାଣ କହିଲେ ପ୍ରକୃତରେ କ'ଣ ବୁଝାଏ ବୋଲି ପ୍ରଶ୍ନ ଉଠିବ ଏବଂ ଏହାର ଉତ୍ତରସ୍ୱରୂପ ସେଗୁଡ଼ିକ କେବଳ ଜଡ଼ ଅଥବା ଜଡ଼ଶକ୍ତିରୁ ନିଷ୍ପନ୍ନ ହୋଇଛନ୍ତି ବୋଲି ବୁଝାଯାଇ ପାରିବ । ଅଥବା ବୁଝାଯିବ ଯେ ସେମାନେ ହେଉଛନ୍ତି ଚେତନାର ଗୋଟିଏ ଗୋଟିଏ ରୂପ ଏବଂ ନିଶ୍ଚେତନା ମଧ୍ୟରୁ ଅଧିଚେତନା ଉଦ୍ଦେଶ୍ୟରେ ଚାଲିଥିବା ଏକ ବିବର୍ତ୍ତନର ପରିଣାମରୂପେହିଁ ସେମାନଙ୍କର ଜନ୍ମ ହୋଇଛି । ଚେତନା ହେଉଛି ନିଶ୍ଚେତନ ଓ ଅଧିଚେତନ ମଧ୍ୟରେ କେବଳ ଏକ ସେତୁ; ଜ୍ୟୋତିର୍ମୟ ଅଧିଚେତନା ମଧ୍ୟରେ ଆପଣାର ସ୍ୱଭାବଗତ ନିମଜ୍ଜିତାବସ୍ଥା ଭିତରେ ପ୍ରବେଶ କରିବା ପୂର୍ବରୁ ଚିତ୍‌ସତ୍ତ୍ୱା ଯେତେବେଳେ ଆଂଶିକଭାବରେ ଆତ୍ମପରିଚୟ ଲାଭ କରୁଛି, ତାହାହିଁ ଚେତନାରୂପେ ଦେଖାଦେଉଛି । ଯଦି ବୃହତ୍ତର ପ୍ରାଣଭୂମି ଓ ମନୋଭୂମିର ଅସ୍ତିତ୍ୱ ରହିଛି ବୋଲି ପ୍ରମାଣିତ ହୁଏ, ତେବେ ତାହାର କୈଫିୟତ୍‌ସ୍ୱରୂପ ବୁଝାଯାଇ ପାରିବ ଯେ ଚରମ ସୋପାନରେ ଅବସ୍ଥିତ ଅଧିଚେତନା ଆଡ଼କୁ ବିବର୍ତ୍ତିତ ହୋଇଯିବା ପଥରେ କେବଳ ଆଶୟଗତ ଭାବରେ ମଧ୍ୟବର୍ତ୍ତୀ ଚେତନାଶକ୍ତିଦ୍ୱାରାହିଁ ଏସବୁର ସୃଷ୍ଟି ହୋଇଛି । ମାତ୍ର ଏହାକୁ ମାନିନେବା ପଛରେ ରହିଥିବା ଅସୁବିଧାଟି ହେଉଛି ଯେ, ମନ ଓ ପ୍ରାଣ ଜଡ଼ଠାରୁ ଏତେ ଭିନ୍ନ ସ୍ୱଭାବର ଯେ ସେଗୁଡ଼ିକ କଦାପି ଜଡ଼ରୁ ନିଷ୍ପନ୍ନ ହୋଇ ପାରିବେ ନାହିଁ; ସ୍ୱୟଂ ଜଡ଼

'oaob.nitrkl.ac.in' images reprocessed

ସ୍ତରକୁ ଉନ୍ନୀତ ହୋଇଛୁ ଏବଂ ମନ ଓ ପ୍ରାଣକୁ ସେହି ସ୍ତରକୁ ଉଠାଇ ଏକ ଉଚ୍ଚତର ସୋପାନର ଗୋଟିଏ ଗୋଟିଏ ପରିଣାମ ବୋଲି ଅବଶ୍ୟ ମାନିବାକୁ ପଡ଼ିବ । ଯଦି ଏକ ଚିଦ୍‌ଗତ ଚିନ୍ମୟ ସତ୍ତ୍ୱର ଅସ୍ତିତ୍ୱକୁ ସ୍ୱୀକାର କରାଯାଏ, ତେବେ ସ୍ତରକୁ ମଧ୍ୟ ଏକ ଚିନ୍ମୟୀ ସ୍ତର ବୋଲି କହିବାକୁ ହେବ । ସେତେବେଳେ ପ୍ରାଣ ଓ ମନ ମଧ୍ୟ ଏକ ଚିନ୍ମୟୀ ସ୍ତରର ଗୋଟିଏ ଗୋଟିଏ ବିକୃତ ପରିଣାମ ବୋଲି ପ୍ରତିପାଦିତ ହେବେ ଏବଂ ପରମ ଚିଦ୍‌ଗତଭାବ ପ୍ରକାଶଭୂମିଗତ ଗୋଟିଏ ଗୋଟିଏ ସାମର୍ଥ୍ୟକୁ ବୁଝାଇବେ । ସେତେବେଳେ କେବଳ ଚିତ୍‌ସତ୍ତ୍ୱ ଓ ଜଡ଼ସତ୍ତ୍ୱରହିଁ ଅସ୍ତିତ୍ୱ ଅଛି ବୋଲି ଅନୁମାନ କରିବା ସମ୍ପୂର୍ଣ୍ଣ ଅଯୌକ୍ତିକ ହୋଇପଡ଼ିବ । କେବଳ ଏହି ଦୁଇଟି ପଦାର୍ଥ ପରସ୍ପରର ସମ୍ମୁଖୀନ ହୋଇ ରହିଛନ୍ତି ଏବଂ ଚିତ୍‌ସତ୍ତ୍ୱର ପରିପ୍ରକାଶ ଲାଗି ଜଡ଼ହିଁ ଏକମାତ୍ର ଭିତ୍ତିଭୂମି ହୋଇ ରହିଛି ବୋଲି କହିବାର ଆଉ କୌଣସି ଅର୍ଥ ରହିବ ନାହିଁ; କେବଳ ଏହି ଜଡ଼ମୟ ବିଶ୍ୱହିଁ ରହିଛି, ଜଡ଼ାତୀତ ବୋଲି କେଉଁଠି କିଛି ନାହିଁ ବୋଲି କହିବା ମତଟି ଉପରେ ଆଉ ଆସ୍ଥା ରଖି ହେବ ନାହିଁ । ସେତେବେଳେ କେବଳ ଜଡ଼ହିଁ ଚିତ୍‌ସତ୍ତ୍ୱର ସକଳ ଅଭିବ୍ୟକ୍ତିର ଆଧାର ହୋଇ ରହିବ ନାହିଁ, ମନ ଓ ପ୍ରାଣର ଜଡ଼ଭୂମିଟିକୁ ଆଧାରରୂପେ ବ୍ୟବହାର କରି ଆପଣାକୁ ଅଭିବ୍ୟକ୍ତ କରିବାଲାଗି ମଧ୍ୟ ତାହାର ସାମର୍ଥ୍ୟ ରହିବ । ସେତେବେଳେ ମନର ଏକ ଜଗତ ରହିପାରିବ, ଏକ ପ୍ରାଣଜଗତ ବି ରହିପାରିବ; ସେଗୁଡ଼ିକ ଯେ ପ୍ରକୃତରେ ରହିଛି, ଏପରି ଅନୁମାନ କରିବା ନ୍ୟାୟସଙ୍ଗତ ହୋଇଯିବ । ଏପରିକି ସ୍ଥୂଳ ଜଡ଼ଜଗତ୍‌ ଅପେକ୍ଷା ଅଧିକ ସ୍ଥିତିସ୍ଥାପକ ଓ ଅଧିକ ସଚେତନ ସୂକ୍ଷ୍ମଭୂତମୟ ଜଗତର ଅସ୍ତିତ୍ୱ ମଧ୍ୟ ଆଉ ଅସମ୍ଭବ ମନେ ହେବ ନାହିଁ ।

ଏଠାରେ ପରସ୍ପର-ସମ୍ବନ୍ଧିତ ଓ ପରସ୍ପର-ନିର୍ଭରଶୀଳ ଦୁଇଟି ପ୍ରଶ୍ନ ଉଠୁଛି :—ଏଭଳି ଅନ୍ୟ ଜଗତମାନ ପ୍ରକୃତରେ ଅବସ୍ଥିତ ରହିଛି ବୋଲି କୌଣସି ପ୍ରମାଣ କିମ୍ବା ପ୍ରାମାଣିକ ସଙ୍କେତ ରହିଛି କି ? ଯଦି ସେହିସବୁ ଜଗତ ଅବସ୍ଥିତ ଥାଏ, ତେବେ ଆମେ ଯେଉଁଭଳି ସୂଚନା ଦେଇଆସିଛୁ, ସେଗୁଡ଼ିକ କ'ଣ ଠିକ୍ ସେହିଭଳି ସ୍ତରକ୍ରମ, ଅର୍ଥାତ୍ ଜଡ଼ଭୂମି ଏବଂ ଅଧ୍ୟାତ୍ମଭୂମି ମଧ୍ୟରେ ଏକ ସୋପାନକ୍ରମର ଧାରାକୁ ଅନୁସରଣ କରି ସେମାନେ ତଳୁ ଉପରଯାଏ କିମ୍ବା ଉପରୁ ତଳଯାଏ ଅବସ୍ଥିତ ହୋଇ ରହିଛନ୍ତି କି ? ଯଦି ଏହି ଲୋକସବୁ ଏହିପରି ଏକ କ୍ରମରେ ଅବସ୍ଥିତ ଅଛନ୍ତି, ତେବେ ସେଗୁଡ଼ିକ ପରସ୍ପରଠାରୁ ସମ୍ପୂର୍ଣ୍ଣ ସମ୍ପର୍କଶୂନ୍ୟ ଓ ସ୍ୱତନ୍ତ୍ର ହୋଇ ରହିଛନ୍ତି ନା ଊର୍ଦ୍ଧ୍ୱରେ ଅବସ୍ଥିତ ରହିଥିବା ସେହି ଜଗତସବୁ ନିମ୍ନର ଏହି ଜଗତ ସହିତ ସମ୍ବନ୍ଧିତ ହୋଇ ରହିଛନ୍ତି ଏବଂ ସେଗୁଡ଼ିକ ମଧ୍ୟରେ କୌଣସି କ୍ରିୟା-ପ୍ରତିକ୍ରିୟାଗତ ଯୋଗାଯୋଗ ମଧ୍ୟ ରହିଛି ? ଏହା ଏକ ଐତିହାସିକ ସତ୍ୟ ଯେ ଆପଣା ଅସ୍ତିତ୍ୱର ସେହି ପ୍ରଥମକାଳରୁ କିମ୍ବା ଅନ୍ତତଃ ତାହାର ଏକ ଇତିହାସ ବା

'oaob.nitrkl.ac.in' images reprocessed

ପରମ୍ପରା ଆରମ୍ଭ ହେବା ଦିନଠାରୁ ମନୁଷ୍ୟଜାତି ଏହି ଜଗତଟି ବ୍ୟତୀତ ଅନ୍ୟ ଜଗତମାନ ରହିଛି ବୋଲି ବିଶ୍ୱାସ କରି ଆସିଛି; ସେହିସବୁ ଲୋକର ଶକ୍ତି ଓ ସତ୍ତା ସହିତ ମାନବଜାତିର ଯୋଗାଯୋଗ ଅବଶ୍ୟ ସମ୍ଭବ ବୋଲି ବିଶ୍ୱାସ କରିଛି । ମନୁଷ୍ୟବୁଦ୍ଧିର ଯେଉଁ ଆଦ୍ୟତମ ବୁଦ୍ଧିବାଦୀ ଯୁଗଟିରୁ ଆମେ ଏବେ ବାହାରି ଆସିବାକୁ ଆରମ୍ଭ କରୁଛୁ, ତାହା ଏହି ବିଶ୍ୱାସଟିକୁ ଏକ ପୁରୁଣା ବା ପରମ୍ପରାଗତ ଅନ୍ଧବିଶ୍ୱାସ ବୋଲି କହି ପ୍ରତ୍ୟାଖ୍ୟାନ କରି ଆସିଛି । ଏହି ସତ୍ୟଟି ବିଷୟରେ ଯେଉଁସବୁ ପ୍ରମାଣ ବା ସଙ୍କେତ ରହିଥିଲା, ତାହାକୁ ମୂଳତଃ ମିଥ୍ୟା ବୋଲି କହି ଅନୁମାନର ବି ସମ୍ପୂର୍ଣ୍ଣ ଅଯୋଗ୍ୟ ବୋଲି ଘୋଷଣା କରାଯାଇଛି । କେବଳ ଜଡ଼, ଜଡ଼ମୟ ଜଗତ ଓ ଏହାର ଅନୁଭୂତିଗୁଡ଼ିକହିଁ ଏକମାତ୍ର ସତ୍ୟ ବୋଲି ମୂଳରୁ ମାନି ନେଇଥିବା ଦୃଷ୍ଟିରୁ, ତାହା ସହିତ ଆଦୌ ଖାପ ଖାଉ ନାହିଁ ବୋଲି ସେହି ବିଶ୍ୱାସ ଓ ସତ୍ୟକୁ ସକଳ ଗବେଷଣାରୁ ବହିଷ୍କୃତ କରି ରଖାଯାଇଛି । ସ୍ୱୀକୃତ ଜଡ଼ପରିଧିଟି ମଧ୍ୟରେ ଉପଲବ୍ଧ ଅନୁଭୂତି ବ୍ୟତୀତ ଆଉ ଯେତେଯାହା ଆପଣାକୁ ଅନୁଭୂତ ବୋଲି ଦାବି କରିବାକୁ ଆସିବ, ତାହା ନିଶ୍ଚିତ କେବଳ ଏକ ବିଭ୍ରାନ୍ତ ହୋଇଥିବ, ଏକ ପ୍ରବଞ୍ଚନା ହୋଇଥିବ ଅଥବା ଅନ୍ଧବିଶ୍ୱାସକୁ ଆଶ୍ରା କରି ରହିଥିବା ନିର୍ବୋଧ ବିଶ୍ୱାସପ୍ରବଣତା ଓ କଳ୍ପନା-କ୍ଷେତ୍ରର ଏକ ବସ୍ତୁସ୍ଥିତିବିଚ୍ଛିନ୍ନ ପରିଣାମହିଁ ହୋଇଥିବ ବୋଲି ସାବ୍ୟସ୍ତ କରାଯାଇଛି । ଅଥବା, ଯଦି ସେଥିରେ ପ୍ରକୃତରେ କିଛି ସତ୍ୟତା ଥାଏ, ତେବେ ତାହା ଆପଣାକୁ ଯାହା ବୋଲି ଦାବି କରୁଥିଲା, ତାହା କଦାପି ହୋଇନଥିବ; ଏବଂ ଯାହା ହୋଇଥିବ, ଏକ ଭୌତିକ କାରଣଦ୍ୱାରା ତାହାକୁ ନିଶ୍ଚୟ ବ୍ୟାଖ୍ୟା କରାଯାଇ ପାରିବ । ବସ୍ତୁସ୍ଥିତି ଓ ବିଷୟଗତ ଭୂମିର ପରିମାପନରେ ସତ୍ୟ ବୋଲି ପ୍ରମାଣିତ ନହେଲେ ଏବଂ ଭୌତିକ ପ୍ରକୃତିର ନହୋଇଥିଲେ ଏହି ତଥାକଥିତ ସତ୍ୟର କୌଣସି ତଥ୍ୟପ୍ରମାଣ ଆଦୌ ଗ୍ରହଣଯୋଗ୍ୟ ହୋଇପାରିବ ନାହିଁ । ଯଦି ଏକ ସମ୍ପୂର୍ଣ୍ଣ ଆପାତ ଦୃଷ୍ଟିରୁ ମଧ୍ୟ ତାହା ଜଡ଼ାତୀତ ବା ଜଡ଼ବହିର୍ଭୂତ ବୋଲି ଗନ୍ଧ ମିଳୁଥାଏ, ତଥାପି ସମ୍ଭାବିତ ସକଳପ୍ରକାର ଅନୁମାନ ବା ପ୍ରକଳ୍ପର ସାହାଯ୍ୟ ନେଇ ଜଡ଼ର ସତ୍ୟାୟତନ ମଧ୍ୟରେ ତାହାର କୌଣସି ବ୍ୟାଖ୍ୟା କରି ପାରିବାର ଚେଷ୍ଟା ଏକାବେଳକେ ବ୍ୟର୍ଥ ନହେବା ପର୍ଯ୍ୟନ୍ତ ତାହାକୁ କେବେହେଲେ ସେଭଳି ସ୍ତରରେ ସ୍ୱୀକାର କରାଯାଇ ପାରିବ ନାହିଁ ।

କିନ୍ତୁ ଜଡ଼ାତୀତ ବା ଜଡ଼ବହିର୍ଭୂତ ବ୍ୟାପାରକ୍ଷେତ୍ରରେ ଖାଣ୍ଟି ଜଡ଼ଗତ ପ୍ରମାଣ ଦାବି କରିବା ପଛରେ ସ୍ପଷ୍ଟତଃ ଆଦୌ କୌଣସି ନ୍ୟାୟ ବା ଯୁକ୍ତି ନାହିଁ । ଯାହା ବିଷୟଗତ ଓ ଭୌତିକ, କେବଳ ତାହାହିଁ ସତ୍ୟ, ଯେଉଁ ଭୂତସର୍ବସ୍ୱ ମନ ଏହିପରି ଏକ କଥାକୁ ଏକମାତ୍ର ସତ୍ୟ ବୋଲି ଗ୍ରହଣ କରେ ଏବଂ ଏତଦ୍ ବ୍ୟତୀତ ଅନ୍ୟ ଯାବତୀୟ ବ୍ୟାପାରକୁ ଅଣବିଷୟଗତ ବୋଲି କହି ବର୍ଜନ କରି ରଖେ, ଏହାକୁ

'oaob.nitrkl.ac.in' images reprocessed

ଆମେ କେବଳ ସେହି ମନରହିଁ ଏକ କୃତସ୍ଥାସ୍ତ ଦୃଷ୍ଟିକୋଣ ବୋଲି କହିବା । କୌଣସି ଏକ ଜଡ଼ାତୀତ ସତ୍ୟ ଏଠାକୁ ଆସି ଏହି ଜଡ଼ଜଗତର କ୍ଷେତ୍ରରେ ମଧ୍ୟ ଆପଣାର ଆଘାତ ଅନୁଭୂତ କରାଇପାରେ ଓ ତଦ୍ୱାରା ନାନା ଭୌତିକ ପରିଣାମର କାରଣ ହୋଇପାରେ । ଏପରିକି ଏହା ଆମର ସ୍ଥୂଳ ଇନ୍ଦ୍ରିୟଗୁଡ଼ିକ ଉପରେ ମଧ୍ୟ ପ୍ରଭାବ ପକାଇପାରେ ଓ ସେଗୁଡ଼ିକ ସମକ୍ଷରେ ଆପଣାକୁ ପ୍ରକଟ କରିପାରେ; ମାତ୍ର କେବଳ ତାହାହିଁ ଯେ ତା'ର କ୍ରିୟାର ଅପରିହାର୍ଯ୍ୟ ପରିଣାମ ହେବ, ଏଭଳି ଭାବିବାର ଆଦୌ କୌଣସି କାରଣ ନାହିଁ । ଜଡ଼ାତୀତ ତଥ୍ୟଗୁଡ଼ିକ ସାଧାରଣତଃ ଆମର ମନ ଓ ପ୍ରାଣର କ୍ଷେତ୍ରରେ କୌଣସି ପ୍ରତ୍ୟକ୍ଷ ପରିଣାମ ଘଟାଇ ପାରିବ ବା ସେଗୁଡ଼ିକ ଉପରେ ଏକ ସୁସ୍ପଷ୍ଟ ଛାପ ପକାଇ ପାରିବ, କାରଣ ଆମ ସତ୍ତ୍ୱର ମନୋଗତ ଓ ପ୍ରାଣଗତ ପ୍ରଦେଶଗୁଡ଼ିକ ସେହି ତଥ୍ୟଗୁଡ଼ିକର ସମାନ ଗୋଚର ଓ ସମାନ ଗୋଷ୍ଠୀର । ଯଦି ସେଗୁଡ଼ିକ ଜଡ଼ଜଗତ ଓ ଜଡ଼ଜୀବନ ଉପରେ କେବେହେଲେ କୌଣସି ପ୍ରଭାବ ବିସ୍ତାର କରିବାକୁ ସମର୍ଥ ହୁଅନ୍ତି, ତେବେ କେବଳ ପ୍ରାଣ ଓ ମନର ମାଧ୍ୟମରେହିଁ ତାହା କରିବା ସମ୍ଭବ ହୁଏ । ସେଗୁଡ଼ିକ ଯଦି କେବେହେଲେ ଇନ୍ଦ୍ରିୟଗ୍ରାହ୍ୟ ଭାବରେ ଦେଖା ଦିଅନ୍ତି, ତେବେ ସେତେବେଳେ କେବଳ ଏକ ସୂକ୍ଷ୍ମ ଇନ୍ଦ୍ରିୟର ଗୋଚରକୁ ଆସିପାରନ୍ତି ଏବଂ ସ୍ଥୂଳ ବାହ୍ୟେନ୍ଦ୍ରିୟଗୁଡ଼ିକ ଲାଗି କେବଳ ଗୌଣଭାବରେହିଁ ଗ୍ରାହ୍ୟ ହୋଇଥା'ନ୍ତି । ଗୌଣଭାବରେ ଅର୍ଥାତ୍ ଅନ୍ୟ ଏକ ଇନ୍ଦ୍ରିୟର ମାଧ୍ୟମରେ ସେଗୁଡ଼ିକର ଇନ୍ଦ୍ରିୟଗ୍ରାହ୍ୟ ହୋଇପାରିବା ଆଦୌ ଅସମ୍ଭବ ନୁହେଁ । ଯଦି କେତେବେଳେ ସ୍ଥୂଳ ଶରୀର ଓ ତାହାର ସ୍ଥୂଳ ଇନ୍ଦ୍ରିୟଗୁଡ଼ିକର କ୍ରିୟା ସହିତ ସୂକ୍ଷ୍ମ ଶରୀର ଓ ତାହାର ସୂକ୍ଷ୍ମ ଇନ୍ଦ୍ରିୟକ୍ରିୟାଟିର କୌଣସି ସଂଯୋଗ ଘଟିପାରେ, ତେବେ ସେତେବେଳେ ଜଡ଼ାତୀତ ତଥ୍ୟଗୁଡ଼ିକ ମଧ୍ୟ ଆମ ବୋଧର ବାହ୍ୟ କ୍ଷେତ୍ରରେ ମଧ୍ୟ ଅନୁଭୂତ ହୋଇଥାଏ । ଉଦାହରଣସ୍ୱରୂପ, ଯାହାକୁ ଆମେ ଦିବ୍ୟଦୃଷ୍ଟି ବୋଲି କହୁ, ସେହି କ୍ଷେତ୍ରରେ ଠିକ୍ ଏହିପରି ଘଟିଥାଏ । ସେତେବେଳେ ଜଡ଼ାତୀତ ଘଟଣାଗୁଡ଼ିକୁ ବାହ୍ୟ ଇନ୍ଦ୍ରିୟଦ୍ୱାରା ଦେଖିବାର ଓ ଶୁଣିବାର ପରି ମନେହୁଏ, କେବଳ ଭିତରେ କେବଳ ଅନ୍ତରେନ୍ଦ୍ରିୟ ଦେଇ ସେଗୁଡ଼ିକର ପ୍ରତିରୂପ, ଛାୟା ବା ଛବିମାତ୍ର ଦେଖିବାର ପରି ଆଦୌ ମନେହୁଏ ନାହିଁ । ସେଗୁଡ଼ିକ କେବଳ ଏକ ଅନ୍ତର୍ଗତ ଅନୁଭବର ନିଦର୍ଶନ ଅଥବା କୌଣସି ସୂକ୍ଷ୍ମବସ୍ତୁର ରୂପାୟନ ବୋଲି କଦାପି ମନେହୁଏ ନାହିଁ । ତେଣୁ, ସତ୍ତ୍ୱର ସେ ଅନ୍ୟାନ୍ୟ ଭୂମିସବୁ ରହିଛି ଓ ସେଗୁଡ଼ିକ ସହିତ ସଂଯୋଗ ବି ସ୍ଥାପିତ ହୋଇପାରୁଛି, ଆମକୁ ତାହାର ନାନାପ୍ରକାର ପ୍ରମାଣ ଅବଶ୍ୟ ମିଳିପାରିବ । କେତେବେଳେ ସେଗୁଡ଼ିକ ଆମ ବାହ୍ୟେନ୍ଦ୍ରିୟର ଗୋଚର-ଭୂମିରେ ଆସି ଅବତୀର୍ଣ୍ଣ ହୁଏ, ପୁଣି କେତେବେଳେ ସୂକ୍ଷ୍ମ ଇନ୍ଦ୍ରିୟସମ୍ପର୍କ, ମନଃସମ୍ପର୍କ, ପ୍ରାଣସମ୍ପର୍କ ଏବଂ ଆମ ସାଧାରଣ ବୋଧସୀମାକୁ ଅତିକ୍ରମ କରି ରହିଥିବା

'oaob.nitrkl.ac.in' images reprocessed

ଚେତନାର କୌଣସି ବିଶେଷ ସ୍ଥିତିମାନଙ୍କରେ ଅଧିଚେତନ ସଂସ୍ପର୍ଶଦ୍ୱାରା ମଧ୍ୟ ତାହା ଅନୁଭୂତ ହୋଇଥାଏ । ଆମର ଏହି ସ୍ଥୂଳ ଭୂତମନଟି ଆମର ସମୁଦାୟ ପ୍ରଦେଶ ନୁହେଁ; ଏବଂ ଆମର ଏହି ବହିସ୍ତର ବା ଉପରିଭାଗସ୍ଥ ଚେତନାଟିର ପ୍ରାୟ ସମୁଦାୟ ଖଣ୍ଡଟିକୁ ଆବୋରି ରଖିଥିଲେ ମଧ୍ୟ, ତାହା ଆମ ଜୀବନସତ୍ତାର ସର୍ବୋତ୍ତମ ଅଂଶ ନୁହେଁ କିମ୍ବା ସର୍ବବୃହତ୍ତମ ଅଂଶ ବି ନୁହେଁ । ସତ୍ୟକୁ ଆମେ ଏହି ସଙ୍କୀର୍ଣ୍ଣସୀମାର ଗୋଟିଏ ଆୟତନ ମଧ୍ୟରେ କଦାପି ଜାଳକରି ରଖିପାରିବା ନାହିଁ, କିମ୍ବା କେବଳ ତାହାର ବଦ୍ଧମୂଳ ବୃତ୍ତିଟିର ପରିଚିତ ବା ସ୍ୱୀକୃତ ସୀମାଗୁଡ଼ିକ ମଧ୍ୟରେ ବନ୍ଦ କରିଦେଇ ପାରିବା ନାହିଁ ।

ଏଠାରେ ଆପତ୍ତି ଉଠିପାରେ ଯେ ଆଶୟଗତ ଅନୁଭୂତି ବା ସୂକ୍ଷ୍ମ ଇନ୍ଦ୍ରିୟଗତ ପ୍ରତିରୂପମାନ ଆମକୁ ଅନେକ ସମୟରେ ଭ୍ରମ ଭିତରେ ନେଇ ପକାଇଦିଅନ୍ତି; କାରଣ ସେଗୁଡ଼ିକର ଠିକ୍‌ଭୁଲକୁ ପରୀକ୍ଷା କରି ଦେଖିବାଲାଗି ଆମ ପାଖରେ କୌଣସି ସ୍ୱୀକୃତ ପ୍ରଣାଳୀ ନାହିଁ, କୌଣସି ସ୍ୱୀକୃତ ମାନଦଣ୍ଡ ମଧ୍ୟ ନାହିଁ ଏବଂ ଯେକୌଣସି ଅସାଧାରଣ, ଅଲୌକିକ କିମ୍ବା ଅତିପ୍ରାକୃତ ଘଟଣାକୁ ସେଗୁଡ଼ିକ ବାହାରୁ ଯେଉଁଭଳି ଦେଖା ଯାଉଥା'ନ୍ତି, ଠିକ୍ ସେହିଭଳି ଗ୍ରହଣ କରି ନେବାଲାଗି ଆମ ଭିତରେ ଏକ ପ୍ରବଳ ପ୍ରବୃତ୍ତି ମଧ୍ୟ ରହିଛି । ଏହି କଥାଟି କେହି ଅସ୍ୱୀକାର କରୁ ନାହିଁ; ମାତ୍ର କେବଳ ଆମ ସତ୍ତାର ଆଶୟଗତ ଓ ଅଧିଚେତନ ସ୍ତରଗୁଡ଼ିକରେ ଏପରି ଭ୍ରାନ୍ତି ବା ପ୍ରମାଦ ଉପୁଜିଥାଏ, ତାହା ଆଦୌ ନୁହେଁ । ସ୍ଥୂଳ ଭୌତିକ ମନ, ତାହାର ବିଷୟପ୍ରଧାନ ପ୍ରଣାଳୀ ଓ ମାନଦଣ୍ଡଗୁଡ଼ିକରେ ମଧ୍ୟ ଭ୍ରାନ୍ତି ଓ ଭୁଲର ସମ୍ଭାବନା ସବୁବେଳେ ରହିଥାଏ । ତେଣୁ ଭ୍ରମର ଏକ ସମ୍ଭାବନା ରହିଛି ବୋଲି ଆମେ ଅନୁଭୂତିର ଏକ ବିଶାଳ ଓ ଅତ୍ୟନ୍ତ ମହତ୍ତ୍ୱପୂର୍ଣ୍ଣ ରାଜ୍ୟର ଦ୍ୱାରକୁ ଆପଣାଲାଗି ବନ୍ଦ କରି ବସିଯିବା, ତାହାର ଆଦୌ କୌଣସି କାରଣ ନାହିଁ । ବରଂ ଏହି କାରଣରୁହିଁ ଆମେ ତାହାକୁ ଅଧିକ ଭଲକରି ପରଖି ଦେଖିବା, ତାହାରି ଭିତରୁ ତାହାର ଯଥାର୍ଥ ମାନଦଣ୍ଡଗୁଡ଼ିକୁ ଆବିଷ୍କାର କରିବାକୁ ଚେଷ୍ଟା କରିବା, ସେହି ଭୂମିର ପରିକଳନା ଲାଗି ପ୍ରାମାଣିକ ଓ ଯଥାର୍ଥ ପଦ୍ଧତିଗୁଡ଼ିକୁ ମଧ୍ୟ ଖୋଜି ବାହାର କରିବା । ଆମର ବିଷୟୀସତ୍ତାଟି ହେଉଛି ଆମର ଯାବତୀୟ ବିଷୟଗତ ଅନୁଭୂତିର ଏକମାତ୍ର ଭିତ୍ତି; ଏବଂ ଏକଥା ଆଦୌ ସମ୍ଭବ ବୋଲି ମନେହେଉ ନାହିଁ ଯେ ସେହି ବିଷୟୀର ଚେତନାରେ ଯାହାକିଛି ସ୍ଥୂଳ ବିଷୟରୂପେ ଅନୁଭୂତ ହୋଇଥାଏ, କେବଳ ସେତିକ ହେଉଛି ସତ୍ୟ ଓ ବାକିସବୁ ବିଶ୍ୱାସର ଅଯୋଗ୍ୟ । ଯଥାର୍ଥ ଜିଜ୍ଞାସାର କ୍ଷେତ୍ରରେ ନେଇ ଅବସ୍ଥାପିତ କରିପାରିଲେ ଆମର ଅଧିଚେତନା ମଧ୍ୟ ଆମକୁ ପ୍ରକୃତ ସତ୍ୟର ସାକ୍ଷ୍ୟ ଆଣି ଦେଇଥାଏ ଏବଂ ଭୌତିକ ତଥା ବିଷୟଗତ କ୍ଷେତ୍ରରେ ମଧ୍ୟ ତାହାରି ସାକ୍ଷ୍ୟ ବାରମ୍ବାର ସତ୍ୟ ବୋଲି ପ୍ରମାଣିତ ହୋଇଥାଏ । ତେଣୁ ଯେତେବେଳେ

'oaob.nitrkl.ac.in' images reprocessed

ଏହା ଆମର ଭିତରେ ରହିଥିବା ବସ୍ତୁଗୁଡ଼ିକ ଆଡ଼କୁ ଆମର ଦୃଷ୍ଟି ଆକର୍ଷଣ କରେ ଅଥବା ଏକ ଜଡ଼ାତୀତ ଅନୁଭୂତିର ଭୂମି ବା ଜଗତଗୁଡ଼ିକର ବସ୍ତୁଗୁଡ଼ିକୁ ନିର୍ଦ୍ଦେଶିତ କରି ଦେଖାଇଦିଏ, ସେତେବେଳେ ଏହାର ସାକ୍ଷ୍ୟପ୍ରମାଣକୁ କଦାପି ଏଡ଼ିଦେଇ ହେବ ନାହିଁ । ସଙ୍ଗେ ସଙ୍ଗେ ଏକଥା ମଧ୍ୟ ମନେ ରଖିବା ଉଚିତ ଯେ ତାହା ଉପରେ ଆମର ବିଶ୍ୱାସ ହେଉଛି ବୋଲି ତାହା ଯେ ନିଶ୍ଚୟ ସତ୍ୟ ହୋଇଥିବ, ସେପରି ଭାବିବାର କୌଣସି କାରଣ ନାହିଁ । ସତ୍ୟରୂପେ ଗୃହୀତ ହେବାକୁ ହେଲେ ତାହା ଅଧିକ ପ୍ରାମାଣିକ କୌଣସି ଆଧାର ଉପରେ ଠିଆ ହୋଇଥିବା ଆବଶ୍ୟକ । ଏଥିରେ କୌଣସି ସନ୍ଦେହ ନାହିଁ ଯେ କେବଳ ଅନ୍ତରର ବିଶ୍ୱାସକୁହିଁ ଆମେ ଜ୍ଞାନର ଏକ ଉପଯୁକ୍ତ ଭିତ୍ତି ବୋଲି ଗ୍ରହଣ କରିପାରିବା ନାହିଁ । ଅବଶ୍ୟ ଏକଥା ମଧ୍ୟ ସତ ଯେ ତାହାକୁ ଆମେ ଏକାବେଳକେ ଅସ୍ୱୀକାର ବି କରିପାରିବା ନାହିଁ । ବିଶ୍ୱାସ ହେଉଛି ଗୋଟାଏ ମନୋଗତ ଘଟଣା, ଏବଂ ଏହା ଏକ ଭୁଲ ଘଟଣା ମଧ୍ୟ ହୋଇପାରେ । ତଥାପି ଅନେକ ସମୟରେ ଏହା ଏକ ଅନ୍ତର୍ଦୃଷ୍ଟିର ସୂଚନା ଆଣି ଦେଇପାରେ, ଏବଂ ସେତେବେଳେ ଏହାର ଅବଶ୍ୟ ଏକ ମୂଲ୍ୟ ରହିଛି । ମାତ୍ର ଅଧିକତର କ୍ଷେତ୍ରରେ ଏହା ସେହି ସଙ୍କେତଟିକୁ ବିକୃତ ବି କରିପକାଏ, ସାଧାରଣତଃ ସେହି ସଙ୍କେତଟିକୁ ଆମ ପୂର୍ବକଳ୍ପିତ ଓ ବ୍ୟକ୍ତିଗତ ଅନୁଭବର ଏକ ଧାରଣା ଓ ବୋଧ ଭାଷାରେ ପ୍ରକାଶ କରିବାକୁ ଚେଷ୍ଟା କରି ତାହା ସେଇଟିକୁ ବିକୃତ କରିପକାଏ । ଉଦାହରଣ ଦେଇ କୁହାଯାଇପାରେ ଯେ ଜଡ଼ାତୀତ ଭୂମି ଓ କ୍ଷେତ୍ରଗୁଡ଼ିକର ବିନ୍ୟାସ ଓ ଅବସ୍ଥାନକ୍ରମଟିକୁ ଆମର ପରିଚିତ ଭାଷାରେ ପ୍ରକାଶ କରିବାକୁ ଯାଇ ଆମେ ହୁଏତ ଏକ ଭୌତିକ ସୋପାନକ୍ରମତା ଓ ଭୌଗୋଳିକ ଶ୍ରେଣୀବ୍ୟବସ୍ଥାରୂପେ ଅନୁଭବ କରିବାକୁ ଆରମ୍ଭ କରିଦେବୁ; ସୂକ୍ଷ୍ମ ଉପାଦାନର ସେହି ସକଳ ଶିଖରଗୁଡ଼ିକୁ ଭୌତିକ ଶିଖରରେ ପରିଣତ କରିଦେବୁ ଏବଂ ଦେବତାମାନଙ୍କର ଅଧିଷ୍ଠିତ ସ୍ଥାନଗୁଡ଼ିକୁ ନେଇ ସେତେବେଳେ ଜଡ଼ ପର୍ବତ ଉପରେ ଅବସ୍ଥାପିତ କରିଦେବୁ । ଜଡ଼ାତୀତ ହେଉ ଅଥବା ଏହି ଜଡ଼ଭୂମିର ହୋଇଥାଉ କୌଣସି ସତ୍ୟ ଆମର ମନୋଗତ ବିଶ୍ୱାସଟାକୁ ଭିତ୍ତିକରି ଆଦୌ ଠିଆହୋଇ ପାରିବ ନାହିଁ, ତାହା ଅନୁଭୂତିର ଆଧାର ଉପରେହିଁ ଠିଆହେବ । ମାତ୍ର ଆମେ ଯେତେବେଳେ ସେହି ସ୍ତରର ସତ୍ୟ ମଧ୍ୟକୁ ପ୍ରବେଶ କରିବାପାଇଁ ସାମର୍ଥ୍ୟ ଅର୍ଜନ କରିଥିବା, ପ୍ରତ୍ୟେକ କ୍ଷେତ୍ରରେ ଆମର ଅନୁଭୂତି ମଧ୍ୟ ସେହି ଅନୁସାରେ ଜଡ଼ଗତ, ଅଧିଚେତନ ଅଥବା ଚିନ୍ମୟ ହୋଇ ପାରୁଥିବ । ସେହି ଅନୁଭୂତିଗୁଡ଼ିକର ପ୍ରାମାଣିକତା ଓ ତାତ୍ପର୍ଯ୍ୟକୁ ଯେ ଯଥାର୍ଥରୂପେ ପରୀକ୍ଷା କରି ଦେଖିବାକୁ ହେବ, ସେଥିରେ କୌଣସି ସନ୍ଦେହ ନାହିଁ, ମାତ୍ର କେବଳ ସେହିସବୁଙ୍କର ଅନୁରୂପ ବିଧାନ ଦ୍ୱାରା ଓ ସେଗୁଡ଼ିକ ମଧ୍ୟରେ ପ୍ରବେଶ କରି ପାରୁଥିବା ଏକ ଚେତନା ଦ୍ୱାରାହିଁ ତାହା କରିବାକୁ ହେବ ।

'oaob.nitrkl.ac.in' images reprocessed

ସେତେବେଳେ ଆଉ ଏକ ଭୂମିର ବିଧାନଦ୍ୱାରା କିମ୍ବା କେବଳ ଅନ୍ୟ ଏକ ସ୍ତରର ସତ୍ୟଲାଗି ସମର୍ଥ ହୋଇଥିବା ଏକ ଚେତନାଦ୍ୱାରା ସେଗୁଡ଼ିକୁ କଳନା କରି ବାହାରିଲେ ଆଦୌ ଚଳିବ ନାହିଁ । ତେବେଯାଇ ଆମେ ଆପଣା ଜିଜ୍ଞାସାର ପଦକ୍ଷେପଗୁଡ଼ିକ ବିଷୟରେ ସମ୍ପୂର୍ଣ୍ଣ ନିଶ୍ଚିତ ହୋଇପାରିବା ଓ ଆମର ଜ୍ଞାନପରିଧିଟିର ନିଶ୍ଚିତ ସମ୍ପ୍ରସାରଣ କରିପାରିବା ।

ଆମ ଅନ୍ତର୍ଗତ ଅନୁଭୂତିଲବ୍ଧ ଜଡ଼ାତୀତ ବିଶ୍ୱସତ୍ୟର ସଙ୍କେତଗୁଡ଼ିକୁ ଯଦି ଆମେ ପରୀକ୍ଷା କରି ଦେଖିବା ଏବଂ ମନୁଷ୍ୟ ଜ୍ଞାନର ପ୍ରଥମକାଳରୁ ଏହିସବୁ ସଙ୍କେତ ଓ ସମ୍ବାଦ ବିଷୟରେ ଆମର ହସ୍ତଗତ ହୋଇ ଆସିଥିବା ବିବରଣଗୁଡ଼ିକ ସହିତ ସେଗୁଡ଼ିକର ତୁଳନା କରି ଦେଖିବା, ଏବଂ ଯଦି ତାହାର ଏକ ବ୍ୟାଖ୍ୟା କରିବାର ଚେଷ୍ଟା କରିବା ବା ଏକ ସଂକ୍ଷିପ୍ତ ସମଗ୍ର ଧାରଣା କରିବାକୁ ଯିବା, ତେବେ ଆମେ ଦେଖିବାକୁ ପାଇବା ଯେ ଏହି ଅନ୍ତର୍ଗତ ଅନୁଭୂତି ଆମକୁ ସବୁଠାରୁ ଅଧିକ ନିବିଡ଼ ଭାବରେ କେବଳ ଏହି ନିମ୍ନ ଭୌତିକ ବା ଜଡ଼ଭୂମିଟି ବ୍ୟତୀତ ସତ୍ତା ଓ ଚେତନାର ଅନ୍ୟ ବୃହତ୍ତର ଭୂମିମାନ ନିଶ୍ଚୟ ରହିଛି ଓ ଆମ ଉପରେ କୌଣସି ନା କୌଣସି ପ୍ରକାରେ ତା'ର କ୍ରିୟା ମଧ୍ୟ ଚାଲିଛି ବୋଲିହିଁ ସଙ୍କେତ ଦେଇ ଯାଇଥାଏ । ଏହି ଜଡ଼ ଭୂମିଟିର ସତ୍ତା ଓ କ୍ରିୟାର ପରିସର ବଡ଼ ସଙ୍କୀର୍ଣ୍ଣ ହୋଇ ରହିଛି ଓ ଆପଣାର ଏହି ସଙ୍କୀର୍ଣ୍ଣ ପାର୍ଥିବ ବ୍ୟବସ୍ଥାଟିର ଭିତରେ ରହି ଆମେ କେବଳ ସେତିକିମାତ୍ର ଜାଣିବାକୁ ପାଉଛୁ । ବୃହତ୍ତର ସତ୍ତାର ସେହିସବୁ ଭୂମି ଆମଠାରୁ ଏକାବେଳକେ ଗୁଡ଼ାଏ ଦୂରବର୍ତ୍ତୀ ହୋଇ ରହି ନାହିଁ ବା ଆମ ସତ୍ତା ଓ ଚେତନାଠାରୁ ସମ୍ପୂର୍ଣ୍ଣ ବିଚ୍ଛିନ୍ନ ହୋଇ ରହି ନାହିଁ । କାରଣ, ସେହି ଭୂମିଗୁଡ଼ିକ ଗୋଟିଏ ଗୋଟିଏ ସ୍ୱତନ୍ତ୍ର ଭୂମି ହୋଇ ରହିଥିଲେହେଁ ଏବଂ ସେଠାରେ ସେଗୁଡ଼ିକର ସତ୍ତା ଓ ଅନୁଭୂତିର ସ୍ୱକୀୟ ଲୀଳା, ପ୍ରକ୍ରିୟା ତଥା ବ୍ୟବସ୍ଥାମାନ ଚାଲୁଥିଲେହେଁ ତଥାପି ତହିଁ ସଙ୍ଗେ ସଙ୍ଗେ ସେମାନେ ଆପଣାର ଅଦୃଶ୍ୟ ସାନ୍ନିଧ୍ୟ ଓ ପ୍ରଭାବ ବଳରେ ଜଡ଼ର ଏହି ଭୂମିଟିକୁ ମଧ୍ୟ ଭେଦ କରି ରହିଛନ୍ତି, ଏହା ଉପରେ ଆଚ୍ଛାଦିତ ହୋଇ ରହିଛନ୍ତି ଏବଂ ଏହି ଭୌତିକ ଜଗତର ଯାବତୀୟ କ୍ରିୟା ଓ ବସ୍ତୁ ପଛରେ ସେଗୁଡ଼ିକର ସାମର୍ଥ୍ୟମାନ ପ୍ରଚ୍ଛନ୍ନ ରହିଥିବା ପରି ବୋଧ ହେଉଛି । ସେଗୁଡ଼ିକ ସହିତ ସଂସ୍ପର୍ଶରେ ଆସି ଆମେ ପ୍ରଧାନତଃ ଦୁଇପ୍ରକାର ସ୍ତରର ଅନୁଭୂତି ଲାଭ କରୁଛୁ । ଗୋଟିଏ ଅନୁଭୂତି ହେଉଛି ସମ୍ପୂର୍ଣ୍ଣଭାବେ ଆତ୍ମଗତ, ଅବଶ୍ୟ ଆପଣାର ଆତ୍ମଗତଭାବରେ ମଧ୍ୟ ଏହା ଯଥେଷ୍ଟ ପ୍ରାଞ୍ଜଳ ଓ ଯଥେଷ୍ଟ ନିଶ୍ଚିତ । ଅନ୍ୟ ଅନୁଭୂତିଟି ଅପେକ୍ଷାକୃତ ଅଧିକ ବିଷୟଗତ । ପ୍ରଥମସ୍ତରର ଅନୁଭୂତି ମଧ୍ୟରେ ଆମେ ଦେଖିବାକୁ ପାଉ ଯେ ଏହି ଭୂମିରେ ଆମକୁ ଯାହାସବୁ ଜୀବନର ଅଭିପ୍ରାୟ, ଜୀବନାବେଗ ଓ ଜୀବନବିଧାନ ରୂପରେ ଦୃଷ୍ଟିଗୋଚର ହୋଇଥାଏ, ତାହା ସବୁ ଏକ ଅଧିକ ବୃହତ୍ତ୍ୱ, ଅଧିକ ସୂକ୍ଷ୍ମ ତଥା ଅଧିକ ସ୍ଥିତିସ୍ଥାପକ

'oaob.nitrkl.ac.in' images reprocessed

ସମ୍ଭାବନାସ୍ତରରେ ପୂର୍ବରୁହିଁ ଅବସ୍ଥିତ ରହିଛି; ପୂର୍ବରୁ ଅବସ୍ଥିତ ଶକ୍ତି ଓ ରୂପାୟନ-ଗୁଡ଼ିକ ଏହି ଜଡ଼ଜଗତରେ ମଧ୍ୟ ଆପଣାକୁ ଉପଲବ୍ଧି କରିବାଲାଗି ଆମ ଉପରେ ଚାପ ଦେବାରେ ଲାଗିଛନ୍ତି । ମାତ୍ର ତାହାର କେବଳ ଗୋଟିଏ ଅଂଶମାତ୍ର ଏହି ପ୍ରୟାସରେ ସଫଳ ହୋଇପାରୁଛି, ଏବଂ ଏପରିକି ସେହି ଅଂଶଟି ମଧ୍ୟ ଅଂଶତଃ ପାର୍ଥିବ ବିଧାନବ୍ୟବସ୍ଥା ଓ ପରମ୍ପରାର ଅଧିକ ଉପଯୁକ୍ତ ଏକ ରୂପାୟନ ଓ ପରିବେଶରେହିଁ ଆବର୍ତ୍ତିତ ହେଉଛି । ସାଧାରଣତଃ ଆମର ଅଗୋଚରରେହିଁ ଆମ ଉପରେ ଏହିସବୁ ଉଚ୍ଚତର ଭୂମିର କିମ୍ବା ସ୍ତରବାରେ ଲାଗିଛି । ଏହିସବୁ ଉଚ୍ଚତର ସାମର୍ଥ୍ୟ, ଶକ୍ତି ଓ ପ୍ରଭାବ ଆମ ଉପରେ କପରି କାର୍ଯ୍ୟ କରୁଛନ୍ତି, ଆମେ ସେବିଷୟରେ କିଛି ଜାଣିପାରୁ ନାହିଁ । ଅପର ପକ୍ଷରେ ସେଗୁଡ଼ିକୁ ଆମେ ସ୍ୱତେଅବା ଆମ ନିଜ ପ୍ରାଣ ଓ ମନର ରୂପାୟନ ବୋଲି ଗ୍ରହଣ କରୁଛୁ । ଏପରିକି ଯେତେବେଳେ ଆମର ବୁଦ୍ଧିଗତ ବିବେକ ବା ଇଚ୍ଛାଶକ୍ତି ସେଗୁଡ଼ିକୁ ସମ୍ପୂର୍ଣ୍ଣ ଅସ୍ୱୀକାର କରୁଛି ଓ ସେଗୁଡ଼ିକର ବଶରେ ନଆସିବାକୁ ପାରୁପର୍ଯ୍ୟନ୍ତ ଚେଷ୍ଟା କରୁଛି, ସେତେବେଳେ ମଧ୍ୟ ଠିକ୍ ତାହାହିଁ ଘଟୁଛି । ମାତ୍ର ଯେତେବେଳେ ଆମେ ଏହି ଉପରିଭାଗସ୍ଥ ସଂକୀର୍ଣ୍ଣପରିସର ଚେତନାର ବାଡ଼ଟିକୁ ଭେଦିଯାଇ ଆପଣା ଭିତରେ ଅଗ୍ରସର ହୋଇପାରୁ ଓ ଏକ ସୂକ୍ଷ୍ମତର ବୋଧ ଓ ଅଧିକ ଗଭୀର ସଂବେଦନଶୀଳତାର ବିକାଶ କରାଇପାରୁ, ସେତେବେଳେ ଆମେ ଏହିସବୁ ଗତିସ୍ପନ୍ଦନର ମୂଳଉତ୍ସର ସମ୍ବାଦ ପାଇବାକୁ ଆରମ୍ଭ କରୁ, ସେଗୁଡ଼ିକର କ୍ରିୟା ତଥା ପ୍ରକ୍ରିୟାଟି ଉପରେ ଦୃଷ୍ଟିପାତ କରିପାରୁ, ଇଚ୍ଛାକଲେ ସେଗୁଡ଼ିକୁ ଗ୍ରହଣ କରିପାରୁ, ବର୍ଜନ କରିପାରୁ କିମ୍ବା ସେଗୁଡ଼ିକରେ ଆବଶ୍ୟକ ପରିବର୍ତ୍ତନ ବି ଆଣିପାରୁ, ଆମର ମନ, ଇଚ୍ଛା, ପ୍ରାଣ, ଓ ଅଙ୍ଗପ୍ରତ୍ୟଙ୍ଗ ମଧ୍ୟରେ ସେଗୁଡ଼ିକ ଲାଗି ବାଟ ଛାଡ଼ିଦେଇ-ପାରୁ, ସେଗୁଡ଼ିକୁ ବ୍ୟବହାର କରିବାଲାଗି ଅନୁମତି ବି ଦେଇପାରୁ କିମ୍ବା ଇଚ୍ଛାହେଲେ ବାଟ ଛାଡ଼ି ନପାରୁ କିମ୍ବା ଅନୁମତି ମଧ୍ୟ ଦେଇ ନପାରୁ । ଠିକ୍ ସେହିପରି ଭାବରେ ଆମେ ବୃହତ୍ତର ମନୋ-ସ୍ତରଗୁଡ଼ିକର ସମ୍ବାଦ ବି ଜାଣିବାକୁ ପାଉ, ଏବଂ ବୃହତ୍ତର ସ୍ୱାବଲମ୍ବନତାର ଲୀଳା, ଅନୁଭୂତି ଓ ରୂପାୟନ ସହିତ ପରିଚିତ ହେଉ, ତେବେ ଏତେ ମନୋମୟ ରୂପାୟନର ଅପାର ପ୍ରାଚୁର୍ଯ୍ୟ ଅନୁଭବ କରୁ ଓ ଆମ ସହିତ ସେଗୁଡ଼ିକର ସମ୍ପର୍କ ଅନୁଭବ କରିବାକୁ ଲାଗୁ । ଆମେ ଅନୁଭବ କରୁ ଯେ ଯେପରି ଅବ୍ୟକ୍ତ ଭାବରେ ପ୍ରାଣମୟ ଲୋକରୁ ପ୍ରାଣ ଉପରକୁ ପ୍ରଭାବ ଓ ଶକ୍ତି ସଂଚାରିତ ହୋଇଥାଏ, ଠିକ୍ ସେହିପରି ଭାବରେ ମନୋମୟ ଲୋକରୁ ମଧ୍ୟ ମନ ଉପରକୁ ପ୍ରଭାବ ଓ ଶକ୍ତିର ସଂଚାର ହୋଇଥାଏ । ଏହି ପ୍ରକାରର ଅନୁଭୂତି କେବଳ ମୂଳତଃ ଏକ ସମ୍ପୂର୍ଣ୍ଣ ଆତ୍ମଗତ ଅନୁଭୂତି; ଏଥିରେ ବୋଧ, ଭାବନା ବା କଳ୍ପନାର, ସବେଗମୟ ରୂପାୟନର ଏବଂ ଇନ୍ଦ୍ରିୟାନୁଭୂତିର, କିମ୍ବାବା ତଥା ଗତିଶୀଳ ଅନୁଭବର ରୂପ ଅସି ପଢ଼ିବାପରି ଅନୁଭୂତ ହୁଏ । ଏହି ସ୍ତରର ଯେତେ ବୃହତ୍ ଅଂଶ ଆମ ନିଜର

'oaob.nitrkl.ac.in' images reprocessed

ଅଧିଚେତନ ସତ୍ତା ଅଥବା ଆମର ଏହି ଜଗତର ବିଶ୍ୱଗତ ପ୍ରାଣଶକ୍ତି ଓ ମନଃଶକ୍ତିର ଭଣ୍ଡାର ମଧ୍ୟରୁ ଆସୁଥାଇ ପଛକେ, ତଥାପି ତାହା ଭିତରେ ଏପରି ଏକ ଉପାଦାନ ଅବଶ୍ୟ ରହିଥାଏ ଯାହା ଉପରେ କି ଏକ ସମ୍ପୂର୍ଣ୍ଣ ଅନ୍ୟ ସ୍ତରର ତଥା ଏକ ଅନପନେୟ ଅତିପ୍ରାକୃତ ସ୍ୱଭାବର ଚିହ୍ନମାନ ସ୍ପଷ୍ଟ ଅଙ୍କିତ ହୋଇ ରହିଥାଏ ।

ଊର୍ଦ୍ଧ୍ୱଲୋକ ସହିତ ସମ୍ପର୍କମାନ ଏହିଠାରେହିଁ ଶେଷ ହୋଇଯାଏ ନାହିଁ । କାରଣ ଆମ ସତ୍ତାର ପ୍ରାଣମନୋଗତ ଅଂଶଟିରେ ଆଶୟ-ବିଷୟଗତ ଅନୁଭୂତିସମୂହର ଏକ ବିଶାଳ ବିସ୍ତାର ଆଡ଼କୁ ଏକ ଦ୍ୱାର ଉନ୍ମୋଚିତ ହୋଇଯାଏ, ଯେଉଁଠାରେ କି ଏହିସବୁ ଭୂମି ଏଣିକି ଆଉ କେବଳ ଆଶୟଗତ ସତ୍ତା ଓ ଚେତନାର ଗୋଟିଏ ଗୋଟିଏ ସମ୍ପ୍ରସାରଣ ପରି ପରିଦୃଷ୍ଟ ହୁଅନ୍ତି ନାହିଁ, ସେଗୁଡ଼ିକ ଗୋଟିଏ ଗୋଟିଏ ଜଗତ ବା ଲୋକପରି ପରିଦୃଷ୍ଟ ହୁଅନ୍ତି । କାରଣ ଆମର ଏହି ଲୋକରେ ଆମ ଅନୁଭୂତିମାନ ଯେପରି ଭାବରେ ସଂଗଠିତ ହୋଇଥାଏ, ସେହିସବୁ ଲୋକରେ ମଧ୍ୟ ଠିକ୍ ସେହିପରି ଭାବରେ ସଂଗଠିତ ହୋଇ ରହିଥାଏ; ମାତ୍ର ତାହା ଏକ ଭିନ୍ନ ପରିକଳ୍ପନା ଅନୁସାରେ ସଂଗଠିତ ହୋଇଥାଏ, ଏକ ଭିନ୍ନ ପ୍ରକ୍ରିୟା ତଥା କ୍ରିୟାବିଧିରେ ସଂଗଠିତ ହୋଇଥାଏ ଏବଂ ଜଡ଼ାତୀତ ପ୍ରକୃତିର ଏକ ଉପାଦାନରେ ସଂଗଠିତ ହୋଇଥାଏ । ଠିକ୍ ଆମର ଏହି ପୃଥିବୀଟି ପରି ଏହି ସଂଗଠନଟିରେ ରୂପାୟିତ ଅଥବା ରୂପଧାରୀ କେତେକେତେ ସତ୍ତାଙ୍କର ଅସ୍ତିତ୍ୱ ଅନ୍ତର୍ଭୁକ୍ତ ହୋଇ ରହିଥାଏ, ସେହି ସତ୍ତାଗୁଡ଼ିକ ଏକ ଦୈହିକ ଉପାଦାନ ମଧ୍ୟରେ ଆତ୍ମପ୍ରକାଶ କରେ ବା ସ୍ୱଭାବତଃ ଅଭିବ୍ୟକ୍ତ ହେଉଥାଏ । ମାତ୍ର ସେହି ଉପାଦାନ ଆମ ଦେହର ଉପାଦାନଟିଠାରୁ ସମ୍ପୂର୍ଣ୍ଣ ଭିନ୍ନ; ତାହା ଏକ ସୂକ୍ଷ୍ମ ଉପାଦାନ, କେବଳ ସୂକ୍ଷ୍ମେନ୍ଦ୍ରିୟ ଦ୍ୱାରା ଗ୍ରାହ୍ୟ; ତାହା ଏକ ଜଡ଼େତର ରୂପମୟ ବସ୍ତୁ । ଏହିସବୁ ଜଗତ ଓ ସତ୍ତାଗୁଡ଼ିକର ଏଠି ଆମ ସହିତ କିମ୍ବା ଆମର ଜୀବନ ସହିତ ହୁଏତ କୌଣସି ଯୋଗ ନଥାଇପାରେ, ସେମାନେ ଆମ ଉପରେ ହୁଏତ କୌଣସି ସକ୍ରିୟ ପ୍ରଭାବ ନପକାଇ ପାରୁଥା'ନ୍ତି । ମାତ୍ର ଏକଥା ମଧ୍ୟ ସତ୍ୟ ଯେ ସେମାନେ ଅନେକ ସମୟରେ ଏହି ପୃଥିବୀର ଅସ୍ତିତ୍ୱଟି ସହିତ ପ୍ରଚ୍ଛନ୍ନ ଭାବରେ ଯୁକ୍ତ ହୋଇ ପାରନ୍ତି; ଯେଉଁସବୁ ବିଶ୍ୱସାମର୍ଥ୍ୟ ଓ ପ୍ରଭାବଗୁଡ଼ିକ ବିଷୟରେ ଆମର କେବଳ ଏକ ଆଶୟଗତ ଅନୁଭୂତିହିଁ ରହିଛି, ସେମାନେ ସେହିଗୁଡ଼ିକର ଆଜ୍ଞା ପାଳନ କରୁଥା'ନ୍ତି, ଆପଣା ଦେହରେ ସେହିଗୁଡ଼ିକୁ ଧାରଣ କରିଥା'ନ୍ତି, ସେହିଗୁଡ଼ିକର ସେରୁ ଅଥବା ସେହିଗୁଡ଼ିକର ସାଧନରୂପେ କାର୍ଯ୍ୟ କରୁଥା'ନ୍ତି । ଅଥବା, ସେମାନେ ଆପଣା ଦ୍ୱାରା ପ୍ରେରିତ ହୋଇ ମଧ୍ୟ ଏହି ପାର୍ଥିବ ଜଗତର ଜୀବନ, ଉଦ୍ଦେଶ୍ୟ ଓ ଘଟଣାଗୁଡ଼ିକ ଉପରେ କାର୍ଯ୍ୟ କରିବାକୁ ଆସନ୍ତି । ସେହିସବୁ ସତ୍ତାଠାରୁ ଆମେ ଉପକାର ପାଇପାରୁ, ଅପକାର ବି ପାଇପାରୁ, ସେଗୁଡ଼ିକ ଆମକୁ ସୁପଥରେ ଅଥବା

'oaob.nitrkl.ac.in' images reprocessed

କୁପଥରେ ମଧ୍ୟ ପରିଚାଳିତ କରିପାରନ୍ତି । ଏପରିକି ଆମେ ସେଗୁଡ଼ିକ ଦ୍ୱାରା ପ୍ରଭାବିତ ହୋଇପାରୁ, ସେଗୁଡ଼ିକର ଆକ୍ରମଣ କିମ୍ବା ଆଧିପତ୍ୟ ଦ୍ୱାରା ଏପରିଭାବରେ ଆବିଷ୍ଟ ହୋଇ ପଡ଼ିପାରୁ ଯେ ସେହିଗୁଡ଼ିକରହିଁ ଭଲ ଅଥବା ମନ୍ଦ ଅଭିପ୍ରାୟଗୁଡ଼ିକରେହିଁ ସାଧନରୂପେ ବ୍ୟବହୃତ ବି ହୋଇପାରୁ । ବେଳେବେଳେ ପାର୍ଥିବ ଜୀବନର ଯାବତୀୟ ଗତି ଓ ପ୍ରଗତି ଦୁଇ ପ୍ରକାରର ଜଡ଼ାତୀତ ଶକ୍ତି ପରସ୍ପର ସହିତ ଲଢ଼ୁଥିବା ଏକ ବିସ୍ତୃତ ରଣକ୍ଷେତ୍ର ପରିହିଁ ମନେ ହୋଇଥାଏ । ଗୋଟିଏ ପ୍ରକାରର ଶକ୍ତି ଉତ୍ତୋଳିତ କରିନେବାକୁ ଚେଷ୍ଟା କରୁଥାଏ, ଉତ୍ସାହ ଓ ପ୍ରେରଣା ଦେଉଥାଏ ଓ ଆମର ବାଟକୁ ଆଲୋକିତ କରିଦେଇ ଯାଉଥାଏ; ଅନ୍ୟଟି ଦିଗ୍‌ଭ୍ରଷ୍ଟ କରିଦେବାକୁ ଚେଷ୍ଟା କରେ, ଆମର ସବୁ ଉତ୍ସାହ ହରଣ କରିନେବାକୁ ବସେ ଏବଂ ଏହି ଭୌତିକ ଭୂମିରେ ଆମର ଊର୍ଦ୍ଧ୍ୱବିବର୍ତ୍ତନଟିକୁ ଅର୍ଥାତ୍ ଆମ ଆତ୍ମାର ଆତ୍ମ-ଅଭିବ୍ୟକ୍ତିକୁ ଅଟକାଇ ରଖେ ଓ ଏପରିକି ସେହି ପ୍ରୟାସଟିକୁ ଧୂଳିସାତ୍ ବି କରିଦିଏ । ଏହିସବୁ ସତ୍ତା, ସାମର୍ଥ୍ୟ ଓ ଶକ୍ତିଗୁଡ଼ିକ ମଧ୍ୟରୁ କେତୋଟିକୁ ଆମେ ଦିବ୍ୟ ସ୍ୱଭାବର ବୋଲି ଭାବିଥାଉ; ସେଗୁଡ଼ିକୁ ଏକ ଦିବ୍ୟ ଜ୍ୟୋତିରେ ଜ୍ୟୋତିର୍ମୟରୂପେ ଦେଖିଥାଉ, ଆମର ପରମହିତୈଷୀ ଓ ଶକ୍ତିସମ୍ପନ୍ନ ସହାୟକରୂପେ ଦେଖିଥାଉ । ପୁଣି ଅନ୍ୟ କେତୋଟିକୁ ଆମେ ଆସୁରୀ ପ୍ରକୃତିର ବୋଲି ଭାବିଥାଉ । ସେଗୁଡ଼ିକ ମଧ୍ୟରେ ଅମିତ ବଳ ରହିଥାଏ, ମାତ୍ର ତାହା ଅନିୟନ୍ତ୍ରିତ ହୋଇ ରହିଥାଏ । ସେଗୁଡ଼ିକ ଅନେକ ସମୟରେ ଆମର ଅନ୍ତର୍ଜଗତରେ ଏପରି ଉନ୍ମୂଳ ତାଣ୍ଡବ ଓ ବିପ୍ଳବ ସୃଷ୍ଟି କରେ, ଏପରି କାଣ୍ଡମାନ ଘଟାଇବାକୁ ଆସେ ବା ସେସବୁ ଲାଗି ପ୍ରରୋଚନା ଦିଏ, ଯାହାକି ମନୁଷ୍ୟର ସାଧ୍ୟସୀମାକୁ ଅତିକ୍ରମ କରିଯାଏ । ଏହାଛଡ଼ା ଆମେ ଆଉ ଏକ ପ୍ରକାରର ପ୍ରଭାବ, ସାନ୍ନିଧ୍ୟ ବା ସତ୍ତାର ଅନୁଭବ ଲାଭ ବି କରିପାରୁ ଯାହା କୌଣସି ଜଡ଼ୋତ୍ତର ଜଗତର ବସ୍ତୁ ବୋଲି ଆଦୌ ମନେହୁଏ ନାହିଁ, ତଥାପି ପାର୍ଥିବ ପ୍ରକୃତିର ଆବରଣ ତଳେ ରହିଥିବା ଏକ ପ୍ରଚ୍ଛନ୍ନ ଉପାଦାନ ପରି ପ୍ରତୀତ ହୋଇଥାଏ । ଜଡ଼ାତୀତ ଭୂମି ସହିତ ସଂସ୍ପର୍ଶରେ ଆସିବା ଯେପରି ସମ୍ଭବ ହୋଇପାରିବ, ସେହିପରି ଯେଉଁମାନେ ଏକଦା ଦେହଧାରୀ ସତ୍ତାରୂପେ ଏହି ଜଗତରେ ଅବସ୍ଥିତ ରହିଥିଲେ ଓ ବର୍ତ୍ତମାନ ଅସ୍ତିତ୍ୱର ଏହିସବୁ ଅନ୍ୟାନ୍ୟ ଭୂମିରେ ଏକ ଜଡ଼ାତୀତ ସ୍ଥିତିରେ ପ୍ରବିଷ୍ଟ ହୋଇ ରହିଛନ୍ତି, ସେମାନଙ୍କର ଚେତନା ସହିତ ମଧ୍ୟ ଆମ ଚେତନାର ସଂସ୍ପର୍ଶ ଘଟିପାରିବ, ଏବଂ ଆଶୟଗତ ଅଥବା ବିଷୟଗତଭାବରେ, ଅଥବା ଅନ୍ତତଃ ବିଷୟସ୍ୱରୂପ ଧାରଣ କରି ଏହି ସଂସ୍ପର୍ଶ ଘଟିପାରିବ । ପୁଣି, କେବଳ ଏକ ଆଶ୍ରୟଗତ ସଂସ୍ପର୍ଶ ଅଥବା ଏକ ସୂକ୍ଷ୍ମ ଇନ୍ଦ୍ରିୟବୋଧର ସୀମା ପାର ହୋଇ ଆହୁରି ଆଗକୁ ଯାଇପାରିବା ମଧ୍ୟ ବେଶ୍ ସମ୍ଭବ ହେବ, ଏବଂ ଚେତନାର କେତେକ ଅଧିଚେତନ ସ୍ଥିତିରେ ଅନ୍ୟ ଜଗତସବୁରେ ପ୍ରକୃତରେ ପ୍ରବେଶ କରି ସେଗୁଡ଼ିକର କେତେକ ଗୋପନ ରହସ୍ୟ ବିଷୟରେ ବି ଜ୍ଞାନ ହାସଲ

'oaob.nitrkl.ac.in' images reprocessed

କରାଯାଇ ପାରିବ । ପାରଲୌକିକ ଅନୁଭୂତିଗୁଡ଼ିକ ମଧ୍ୟରୁ ଏହି ଅଧିକ ବସ୍ତୁତ୍ୱବାପନ୍ନ ଶ୍ରେଣୀର ଅନୁଭୂତିମାନହିଁ ପୁରାତନ ଯୁଗରେ ମନୁଷ୍ୟର କଳ୍ପନାକୁ ସବୁଠାରୁ ଅଧିକ ଆକୃଷ୍ଟ କରି ରଖିଥିଲା, ମାତ୍ର ଲୌକିକ ସାଧାରଣ ବିଶ୍ୱାସ ସତେଅବା ସ୍ଥୂଳ ବସ୍ତୁପରି ଏଗୁଡ଼ିକର ବ୍ୟାଖ୍ୟା କରିବାକୁ ଲାଗିଲା ଏବଂ ଏହିସବୁ ବ୍ୟାପାରକୁ ଆମର ପରିଚିତ ଏହି ଜଡ଼ମୟ ଜଗତଟିର ବ୍ୟାପାର ସହିତ ଏକାଠି ଗୋଳେଇ ମିଶାଇ ଦେଲା । କାରଣ ମନ ତାହାର ପ୍ରକୃତିଗତଭାବରେ ଅନୁଭୂତିର ଯେଉଁ ପ୍ରକାର ଓ ସ୍ତରରେ ବିଚରଣ କରୁଥାଏ, ଯାବତୀୟ ବ୍ୟାପାରକୁ ଠିକ୍ ତାହାରି ଅନୁରୂପ ରୂପାୟନ ବା ପ୍ରତୀକରେ ପରିଣତ କରିଦେବା ଲାଗି ତାହା ଭିତରେ ଏକ ପ୍ରବୃତ୍ତି ସାଧାରଣତଃ ସର୍ବଦା ରହିଥାଏ ।

ଏ ବିଷୟରେ ସାଧାରଣ ଭାବରେ କହିବାକୁ ଗଲେ ମନୁଷ୍ୟଜାତିର ଅତୀତ ସକଳ ଯୁଗରେ ଜଡ଼ାତୀତ ଅନ୍ୟଲୋକ ସମ୍ବନ୍ଧରେ ସାଧାରଣ ମନୁଷ୍ୟର ବିଶ୍ୱାସ ତଥା ଅନୁଭୂତିର ପରିଧି ଓ ପ୍ରକୃତି ଠିକ୍ ଏହିଭଳି ରହି ଆସିଛି । ନାମ ଓ ରୂପରେ ଅବଶ୍ୟ ପ୍ରଭେଦ ରହିଛି, ମାତ୍ର ସବୁ ଦେଶରେ ଓ ସବୁ ଯୁଗରେ ସେହିସବୁ ଅନୁଭୂତିର ସାଧାରଣ ଆକୃତି ଓ ପ୍ରକୃତି ମଧ୍ୟରେ ଅଦ୍ଭୁତ ସଦୃଶତା ରହି ଆସିଛି । ସତତ ବର୍ତ୍ତମାନ ଏହିସବୁ ବିଶ୍ୱାସ ଓ ସ୍ତୃପାକୃତ ଏହିସବୁ ଅତିପ୍ରାକୃତ ଅନୁଭୂତିର ମୂଲ୍ୟାଙ୍କନ ଆମେ ଠିକ୍ କିପରି ଭାବରେ କରିବା ? ଯେଉଁ ବ୍ୟକ୍ତି ଅନ୍ତରଙ୍ଗ ଭାବରେ ଏହିସବୁ ସମ୍ପର୍କରେ ଅନୁଭୂତି ଲାଭ କରିଛି ଓ କେବଳ କେତେକ ବିକ୍ଷିପ୍ତ ଓ ବିଚ୍ଛିନ୍ନ ଆକସ୍ମିକ ଅସାଧାରଣ ଅଭିଜ୍ଞତାର ଏସବୁ କଥା କହୁ ନାହିଁ, ସିଏ କଦାପି ଏଗୁଡ଼ାକୁ ତୁଚ୍ଛା ଅନ୍ଧ ବିଶ୍ୱାସ ବା ବିଭ୍ରମ ବୋଲି କହି ଦୂରକୁ ଆଡ଼େଇ ଦେଇ ପାରିବ ନାହିଁ । କାରଣ ସେହିସବୁ ଅନୁଭୂତି ଏପରି ବାରବାର ଆସନ୍ତି ଓ ଏପରି ସତ୍ୟ, ଫଳଦାୟକ ଓ ସହିତ ଭାବରେ ଆପଣାର ପ୍ରଭାବ ପକାଇଥା'ନ୍ତି ଯେ ସେଗୁଡ଼ିକୁ କଦାପି ସେପରି ଭାବରେ ଫୋପାଡ଼ି ଦେଇ ହେବ ନାହିଁ । ତେଣୁ ଆମ ଅନୁଭୂତିସାମର୍ଥ୍ୟର ଏହି ଦିଗଟିକୁ ଯଥେଷ୍ଟ ସହାନୁଭୂତି ସହିତ ବୁଝିବା, ତାହାର କୌଣସି ଉପଯୁକ୍ତ ବ୍ୟାଖ୍ୟା ବାହାର କରିବା ଓ ମନୋଭୂମିରେ ତାହାକୁ ଏକ ସଙ୍ଗତି ବା ସଙ୍ଗଠିତତା ସହିତ ଉପସ୍ଥାପିତ କରି ରଖିବା ଏକାନ୍ତ ଅପରିହାର୍ଯ୍ୟ ହୋଇ ପଡ଼ିଥାଏ ।

ଏହାର ଗୋଟିଏ ବ୍ୟାଖ୍ୟାସ୍ୱରୂପ କୁହାଯାଇ ପାରିବ ଯେ ଜଡ଼୍ୋତ୍ତର ଯେଉଁ ସବୁ ଲୋକରେ ମନୁଷ୍ୟ ମୃତ୍ୟୁ ପରେ ବାସ କରିବାକୁ ଯାଏ ଅଥବା ଯାଏ ବୋଲି ଭାବିଥାଏ, ସେ ସ୍ୱୟଂ ଆପଣାର କଳ୍ପନା ଦେଇ ସେହିସବୁ ଲୋକର ବିରଚନା କରେ । ବା, ପ୍ରାଚୀନ ଭାଷାର ଏକ ଦେବବାକ୍ୟ ଦେଇ କହିଲେ, ସେ ସ୍ୱୟଂ ଦେବତାମାନଙ୍କୁ ସୃଷ୍ଟି କରେ । ଅନେକ ସମୟରେ ଏକଥା ମଧ୍ୟ ଦାବି କରାଯାଇଥାଏ ଯେ ଭଗବାନଙ୍କୁ ମଧ୍ୟ ଏହି ମଣିଷହିଁ ତିଆରି କରିଛି, ଭଗବାନ ତା' ଚେତନାର କେବଳ ଏକ କଳ୍ପନାରୂପ

'oaob.nitrkl.ac.in' images reprocessed

ବ୍ୟତୀତ କେବେହେଲେ ଆଉ କିଛିହେଲେ ନଥିଲେ, ଏବଂ ବର୍ତ୍ତମାନ ମଣିଷ ସେହି କଳ୍ପନାକୁ ପୁଣି ଫୁଙ୍କି ଉଡ଼ାଇ ଦେଇ ସାରିଲାଣି । ଚେତନାର ବିବର୍ତ୍ତନ ଘଟିବା ସଙ୍ଗେସଙ୍ଗେ ଏହି ମଣିଷହିଁ କଳ୍ପନାର ଜାଲ ବୁଣି ଏହିସବୁ ମିଥ୍ୟାବସ୍ତୁକୁ ସୃଷ୍ଟି କରି ରଖିଛି, ଆପଣା ବିରଚନାର ଜାଲ ଭିତରେ ନିଜେ ବନ୍ଦୀ ହୋଇ ରହିଛି ଏବଂ ଏକ ପ୍ରକାର ଉପଲବ୍ଧିସମ୍ବଳିତ ଗଠଣୀଳତା ଫଳରେ ସେହି କଳ୍ପନା ଓ ବିରଚନାଗୁଡ଼ିକ ମଧ୍ୟରେ ଆପଣାକୁ ବଜାୟ ରଖିପାରିଛି । ମାତ୍ର ଆମେ ସେଗୁଡ଼ିକୁ ଯଥାର୍ଥ ବା ଶୁଦ୍ଧ କଳ୍ପନା ବୋଲି ଆଦୌ କହିବା ନାହିଁ; ଯେତେ ପ୍ରମାଦପୂର୍ଣ୍ଣ ଭାବରେ ହେଉ ପଛକେ ସେହି କଳ୍ପନାଗୁଡ଼ିକ ନିର୍ଦ୍ଦେଶିତ କରି ଦେଉଥିବା ବସ୍ତୁଗୁଡ଼ିକ ଯେପର୍ଯ୍ୟନ୍ତ ଆମ ଆପଣା ଅନୁଭୂତିର ଏକ ଅଂଶରେ ପରିଣତ ହୋଇ ନଥାଏ, କେବଳ ସେହିପର୍ଯ୍ୟନ୍ତହିଁ ଆମେ ସେଗୁଡ଼ିକୁ କଳ୍ପନା ବୋଲି ମନେ କରିପାରୁ । ତଥାପି, ଏପରି ମଧ୍ୟ ସମ୍ଭବ ହୋଇପାରେ ଯେ ସୃଷ୍ଟିଶୀଳ ଚେତନାଶକ୍ତି ଆପଣାର ଭାବଗତ ବେଗମୟତାଗୁଡ଼ିକୁ ସମୂର୍ତ୍ତ କରିବା ଉଦ୍ଦେଶ୍ୟରେହିଁ ଏହିସବୁ କଳ୍ପନା ବା କାଳ୍ପନିକତାକୁ ବ୍ୟବହାର କରୁଛି । ଏହିସବୁ ଶକ୍ତିମନ୍ତ କଳ୍ପନାରୂପଗୁଡ଼ିକ ଇଚ୍ଛାକଲେ ରୂପ ଓ ଶରୀର ଧାରଣ କରିପାରନ୍ତି, ସ୍ୱ ସୂକ୍ଷ୍ମଭୌତିକ କୌଣସି ଚନ୍ଦ୍ରାଲୋକରେ ସ୍ଥାୟୀ ହୋଇ ରହିପାରନ୍ତି ଏବଂ ଆପଣାର ସ୍ରଷ୍ଟା ଉପରେ ପ୍ରଭାବ ମଧ୍ୟ ବିସ୍ତାର କରିପାରନ୍ତି । ଯଦି ତାହାହିଁ ହେଉଥାଏ, ତେବେ ଜଡ଼ାତୀତ ଅନ୍ୟ ଲୋକଗୁଡ଼ିକ ଠିକ୍ ଏହିପରି ଗୋଟିଏ ଗୋଟିଏ ରଚନା ବୋଲି ଆମେ ବେଶ୍ ଅନୁମାନ କରିପାରିବା । ମାତ୍ର ଯଦି ତାହାହିଁ ହୋଇଥା'ନ୍ତା, ଏକ ଆଶୟଗତ ଚେତନା ଯଦି ଏହିପରି ଲୋକ ଓ ସତ୍ତାମାନଙ୍କର ସୃଷ୍ଟି କରି ପାରୁଥା'ନ୍ତା, ତେବେ ଏହି ବାସ୍ତବ ସ୍ଥୂଳଜଗତଟି ମଧ୍ୟ ଚେତନାତତ୍ତ୍ୱର ବା ଏପରିକି ଆମ ବ୍ୟକ୍ତିଗତ ଚେତନାରହିଁ ଏକ କଳ୍ପନାପ୍ରସୂତ ବିରଚନା ହୋଇ ରହିଥା'ନ୍ତା, ଅଥବା ସ୍ୱୟଂ ଚେତନାତତ୍ତ୍ୱଟି ମଧ୍ୟ ମୂଳଭୂତ ନିଶ୍ଚେତନାର ଏକ କଳ୍ପନା ମାତ୍ର ହୋଇଥା'ନ୍ତା । ଏହିଭଳି ଏକ ସ୍ୱୀକୃତିରେ ଖିଅ ଧରି ଆମେ ଏହିପରି ଭାବରେ ଏହି ବିଶ୍ୱଜଗତକୁ ଏପରି ଏକ ଦୃଷ୍ଟିରେ ଦେଖିବାକୁ ଆରମ୍ଭ କରୁ ଯେଉଁଥିରେ କି ଯାବତୀୟ ବସ୍ତୁ ସତେଯେପରି ଅବାସ୍ତବତାର ଏକ ରଙ୍ଗରେ ଅନୁରଞ୍ଜିତ ହୋଇ ରହେ; କେବଳ ସେଗୁଡ଼ିକ ଯେଉଁ ନିଶ୍ଚେତନାରୁ ବା ଅବିଦ୍ୟାରୁ ସୃଷ୍ଟ ହୋଇଥା'ନ୍ତି, ତାହାହିଁ ବାସ୍ତବ ବୋଲି ପ୍ରତିପନ୍ନ ହୁଏ; ଅଥବା, ଏକଥା ମଧ୍ୟ ହୋଇପାରେ ଯେ ଯେଉଁ ଅତିଚେତନ କିମ୍ବା ଅଚେତନ ସତ୍ତାର ଉଦାସୀନତା ମଧ୍ୟରେ ସବୁକିଛି ଅନ୍ତର୍ହିତ ହୋଇଯାଏ, ଯାହାମଧ୍ୟକୁ ଫେରିଯାଇ ସେଇଟି ବିଲୁପ୍ତ ହୋଇଯାଏ, ତାହାହିଁ ବାସ୍ତବ ଓ ସତ୍ୟ ବୋଲି ପ୍ରତୀତ ହେବାକୁ ଲାଗେ ।

ମାତ୍ର ଏଇ କଥାଟାକୁହିଁ ସିଦ୍ଧାନ୍ତ ବୋଲି ମାନିନେବାକୁ ଆମ ପାଖରେ କୌଣସି ପ୍ରମାଣ ନାହିଁ, ଏହିପରି ଭାବରେ ମନୁଷ୍ୟ ଯେ ଏଭଳି ଏକ ଜଗତ ଗଢ଼ି

'oaob.nitrkl.ac.in' images reprocessed

ଥୋଇ ଦେଇ ପାରିବ, ଯେଉଁଥିରେ କି ଆଗରୁ କେହି ହେଲେ ନ ଥିଲେ, ଯାହାର ଆଧାର ବା ଉପାଦାନରୂପେ କେଉଁଠି କିଛି ହେଲେ ନଥିଲା, ତାହା ଆଦୌ ସମ୍ଭବ ବା ସମୀଚୀନ ମନେ ହେଉ ନାହିଁ । ହଁ, ଏକଥା ହୁଏତ ସମ୍ଭବ ହୋଇପାରେ ଯେ ଆଗରୁ ଏକ ଜଗତ ସୃଷ୍ଟ ହୋଇ ରହିଥିଲା ଏବଂ ମନୁଷ୍ୟ ଆପଣା ଶକ୍ତି ବଳରେ ସେଥିରେ ଆଉ କିଛି ଆଣି ଯୋଡ଼ିଦେଇ ପାରିଲା । ଏହି ମନ ଭିତରେ ଯେ ଅନେକ ଶକ୍ତି ରହିଛି, ଏଥିରେ କୌଣସି ସନ୍ଦେହ ନାହିଁ; ଆମେ ଯେତିକ ଶକ୍ତି ଅଛି ବୋଲି କହିବାକୁ ପ୍ରସ୍ତୁତ ହେଉ, ତା'ଠାରୁ ଅଧିକ ଶକ୍ତି ରହିଛି । ଏହା ଏପରି ରୂପାୟନମାନ ଗଢ଼ି ଥୋଇ ଦେଇ ପାରେ ଯାହାକି ଆମ ନିଜର ଓ ଅନ୍ୟମାନଙ୍କର ଜୀବନ ଓ ଚେତନା ଉପରେ ପ୍ରଭାବ ବିସ୍ତାର କରିପାରେ, ଏପରିକି ତାହା ଅଚେତନ ଜଡ଼ ଉପରେ ମଧ୍ୟ ପ୍ରଭାବ ପକାଇପାରେ । ମାତ୍ର ତଥାପି ଶୂନ୍ୟରେହିଁ ମୌଳିକ କିଛି ସୃଷ୍ଟି କରିପାରିବା ସେହି ମାନସିକ ଶକ୍ତିର ବହିର୍ଭୂତ । ବରଂ ଆମେ ହୁଏତ ଏଭଳି ଅନୁମାନ କରିପାରିବା ଯେ ମନୁଷ୍ୟର ମନ ଆପଣାର ବିକାଶ ଓ ବୃଦ୍ଧି ହେଉଥିବା ସଙ୍ଗେ ସଙ୍ଗେ ତାହା ସତ୍ତା ତଥା ଚେତନାର ଏଭଳି ନୂତନ କ୍ଷେତ୍ରଗୁଡ଼ିକର ସହିତ ସମ୍ବନ୍ଧ ସ୍ଥାପନ କରିବାକୁ ସମର୍ଥ ହୁଏ, ଯାହାକି ମନୁଷ୍ୟ ନିଜେ ସୃଷ୍ଟି କରି ନ ଥାଏ, ଯାହାସବୁ ତା'ଲାଗି ସମ୍ପୂର୍ଣ୍ଣ ନୂତନ ହୋଇ ରହିଥାଏ ଏବଂ ଯାହା ପରମ ସର୍ବମୟ ଅସ୍ତିତ୍ୱ ମଧ୍ୟରେ ପୂର୍ବରୁହିଁ ଅବସ୍ଥାନ କରୁଥାଏ । ଆପଣାର ଅନ୍ତର୍ଗତ ଅନୁଭୂତି ବୃଦ୍ଧି ପାଇବା ସଙ୍ଗେ ସଙ୍ଗେ ସେ ଆପଣା ଭିତରେ ନାନା ନୂତନ ସତ୍ତାଭୂମିର ଦ୍ୱାରୋନ୍ମୋଚନ କରିଦିଏ; ତା' ଚେତନାର ଗୁପ୍ତ କେନ୍ଦ୍ରଗୁଡ଼ିକର ଗଣ୍ଠି ଫିଟି ଯାଉଥିବା ସଙ୍ଗେ ସଙ୍ଗେ ମନୁଷ୍ୟ ସେଗୁଡ଼ିକର ସାହାଯ୍ୟରେ ସେହିସବୁ ବୃହତ୍ତର ରାଜ୍ୟଗୁଡ଼ିକର କଳନା ଓ କଳ୍ପନା କରିବାକୁ ସମର୍ଥ ହୁଏ, ସେଗୁଡ଼ିକରୁ ପ୍ରତ୍ୟକ୍ଷ ପ୍ରଭାବମାନ ଗ୍ରହଣ କରିପାରେ, ସେଗୁଡ଼ିକରେ ପ୍ରବେଶ କରିପାରେ ଏବଂ ଆପଣାର ପାର୍ଥିବ ମନ ତଥା ଅନ୍ତର୍ଗତ ବୋଧ ମଧ୍ୟରେ ସେଗୁଡ଼ିକର ପ୍ରତିରୂପ ଫୁଟାଇବାକୁ ସମର୍ଥ ହୋଇପାରେ । ମନୁଷ୍ୟ ଏହିସବୁ ଜଡ଼ାତୀତ ଲୋକର ପ୍ରତିଚ୍ଛବି, ପ୍ରତୀକରୂପ ଓ ଭାବାକୃତିମାନ ସୃଷ୍ଟି କରେ ଏବଂ ମନର ସାହାଯ୍ୟ ନେଇ ତାହା ସହିତ ନାନା ସମ୍ବନ୍ଧରେ ଯୁକ୍ତ ହୁଏ । କେବଳ ଏହି ଅର୍ଥରେହିଁ ସେ ଭଗବାନଙ୍କର ପ୍ରତିରୂପକୁ ବି ତିଆରି କରେ ଓ ତାହାର ପୂଜା କରେ, ଦେବତାମାନଙ୍କର କେତେ ରୂପ ଗଢ଼ି ଥୋଇଦିଏ, ଆପଣା ଭିତରେ କେତେ ନୂତନ ଜଗତ ଓ ନୂତନ ଭୂମି ରଚନା କରିପକାଏ; ଏବଂ ଏହିସବୁ ରୂପ ଓ ପ୍ରତିଚ୍ଛବିର ମାଧ୍ୟମରେ ଆମ ଅସ୍ତିତ୍ୱର ଶୀର୍ଷ ଦେଶରେ ଅବସ୍ଥିତ ରହିଥିବା ସତ୍ୟମୟ ଜଗତ ଓ ସତ୍ୟମୟ ଶକ୍ତିସବୁ ଏହି ଜଡ଼ଜଗତ ମଧ୍ୟରେ ରହିଥିବା ଚେତନାକୁ ଅଧିକାର କରି ନେଇପାରେ, ଆପଣା ର ଶକ୍ତିମନ୍ତ୍ରଗୁଡ଼ିକୁ ଏହାରି ଭିତରକୁ ଅଜାଡ଼ି ଦେଇପାରେ, ଆପଣା ଉଚ୍ଚତର ସତ୍ତାଟିର ଆଲୋକଟି ଦ୍ୱାରା

'oaob.nitrkl.ac.in' images reprocessed

ଏଥିରେ ରୂପାନ୍ତର ବି ଘଟାଇପାରେ । ମାତ୍ର ଏସବୁକୁ କଦାପି ଉଚ୍ଚତର ସତ୍ତ୍ୱଭୂମି-ଗୁଡ଼ିକର ସୃଷ୍ଟି ବୋଲି କୁହାଯିବ ନାହିଁ । ଜଡ଼ଜଗତସ୍ଥ ଆତ୍ମାର ଚେତନା ନିଶ୍ଚେତନା ମଧ୍ୟରୁ ବିକଶିତ ହୋଇ ଉଠିଥିବା ସଙ୍ଗେ ସଙ୍ଗେ ତାହା ଆଗରେ ଏହିସବୁ ଲୋକ ଆତ୍ମପ୍ରକାଶ କରିଥାଏ । ଉଚ୍ଚତର ଜଗତର ଶକ୍ତିଗୁଡ଼ିକୁ ଗ୍ରହଣ କରିହିଁ ଏଠାରେ ସେମାନଙ୍କର ରୂପସୃଷ୍ଟି ସାଧିତ ହୁଏ । ଜଡ଼ଗତ ନିଶ୍ଚେତନାର ଆବରଣ ଦ୍ୱାରା ଆମର ଆଶ୍ରୟଗତ ଜୀବନଟି ଆପଣା ସତ୍ତ୍ୱାର ଯେଉଁ ଉଚ୍ଚତର ଭୂମିଗୁଡ଼ିକରୁ ବିଚ୍ଛିନ୍ନ ହୋଇ ରହିଥିଲା; ତାହାରି ସହିତ ରହିଥିବା ଯଥାର୍ଥ ସମ୍ବନ୍ଧଗୁଡ଼ିକର ଆବିଷ୍କାର କରିହିଁ ତାହା ଆପଣାର ସମ୍ପ୍ରସାରଣ ଘଟାଇଥାଏ । ଏହି ଆବରଣଟି ବର୍ତ୍ତମାନ ରହିଛି, କାରଣ ଆପଣା ସତ୍ତ୍ୱାର ଏହି ଭୌତିକ ଭୂମିଟିରେ ଏହା ଆପଣାର ସର୍ବପ୍ରଥମ କାର୍ଯ୍ୟଟି ଉପରେହିଁ ଯେପରି ଆପଣାର ଚେତନା ତଥା ସାମର୍ଥ୍ୟକୁ ଏକାନ୍ତ ଭାବରେ ନିବେଶିତ କରି ରଖିପାରିବ, ସେଇଥିଲାଗି ଶରୀରସ୍ଥ ଆତ୍ମା ଆପଣାର ଏହିସବୁ ମହତ୍ତର ସମ୍ଭାବନାଗୁଡ଼ିକୁ ଆପଣାର ପଛଆଡ଼େ ଲୁଚାଇ ରଖିଥାଏ । ମାତ୍ର କେବଳ ଏହି ଆବରଣଟି ଅନ୍ତତଃ ଆଂଶିକ ଭାବରେ ଉନ୍ମୋଚିତ ହୋଇଗଲେ, ଅଥବା ମନ, ପ୍ରାଣ ଏବଂ ଚିତ୍‌ସତ୍ତ୍ୱାର ଉଚ୍ଚତର ଭୂମିଗୁଡ଼ିକ ଯେପରି ମନୁଷ୍ୟର ଏହି ମର୍ତ୍ତ୍ୟଜୀବନ ମଧ୍ୟକୁ ଆପଣା ତାତ୍ପର୍ଯ୍ୟଗୁଡ଼ିକର ଧାରାଟିକୁ ଅଜାଡ଼ି ଦେଇ ପାରିବେ, ସେଥିଲାଗି ଏହି ଆବରଣଟିକୁ ଭେଦ କରିପାରିଲେ ସେହି ସର୍ବ ପ୍ରଥମ ପର୍ବଟି ଯାଇ ପରବର୍ତ୍ତୀ ଦ୍ୱିତୀୟ ପର୍ବଟିର ଆସିବା ସମ୍ଭବ ହୋଇପାରିବ ।

ଏକଥା ଅନୁମାନ କରାଯାଇପାରେ ଯେ ଜଡ଼ବିଶ୍ୱର ଅଭିବ୍ୟକ୍ତ ହୋଇସାରିବା ପରେ ଏକ ପରବର୍ତ୍ତୀ ପର୍ଯ୍ୟାୟରେ ଏହିସବୁ ଉଚ୍ଚତର ଭୂମି ଓ ଲୋକର ସୃଷ୍ଟି ହୋଇଛି । ବିବର୍ତ୍ତନର ପ୍ରକ୍ରିୟାଟିରେ ସାହାଯ୍ୟ କରିବା ଉଦ୍ଦେଶ୍ୟରେ କିମ୍ବା କୌଣସି ପ୍ରକାରେ ଏହାର ଏକ ପରିଣାମସ୍ୱରୂପ ଏଗୁଡ଼ିକର ସୃଷ୍ଟି ହୋଇଛି । ଯେଉଁ ଜଡ଼ ମନ ଆପଣାର ଯାବତୀୟ ଧାରଣା ଓ ଅବଧାରଣାରେ ଆପଣାର ଗୋଚର ମଧ୍ୟରେ ରହିଥିବା ସେହି ଜଡ଼ଜଗତଟିକୁ ଏକମାତ୍ର ସତ୍ୟ ବୋଲି ଜାଣି ଆପଣାର ସବୁ ବିଚାର ଆରମ୍ଭ କରିଛି, ସେଇ ଜଡ଼ଜଗତଟିରହିଁ କୌଣସି ବିଶ୍ଳେଷଣ କରିବାକୁ ସମର୍ଥ ହୋଇଛି ଓ ତାହାକୁହିଁ ଆପଣାର କର୍ତ୍ତୃତ୍ୱ ମଧ୍ୟକୁ ଆଣି ତାହାରି ସହିତ ସବୁପ୍ରକାର କାରବାର କରିପାରିଛି, ସେହି ଜଡ଼ ମନରହିଁ ଏହିପରି ଏକ କଥାକୁ ସତ୍ୟ ବୋଲି ଗ୍ରହଣ କରିନେବାକୁ ସବୁବେଳେ ଏକ ସ୍ୱାଭାବିକ ପ୍ରବୃତ୍ତି ରହିଥିବ; ଜଡ଼ାତୀତ ଅସ୍ତିତ୍ୱକୁ ମାନିନେବା ବ୍ୟତୀତ ଆଉ କୌଣସି ଉପାୟ ଦେଖିନଥିଲା ବେଳେ ଜଡ଼ମନ ଠିକ୍ ଏହିଭଳିହିଁ କରିବାକୁ ବାହାରିବ । ସେତେବେଳେ ସେ ଜଡ଼ ସତ୍ତ୍ୱା ବା ନିଶ୍ଚେତନ ସତ୍ତ୍ୱାକୁହିଁ ସକଳସତ୍ତ୍ୱାର ଆରମ୍ଭ ଓ ଆଶ୍ରୟ ବୋଲି ମାନିନେବ; ଜଡ଼ଜଗତକୁ ଆପଣାର ଘଟଣାମଞ୍ଚ ପରି ବ୍ୟବହାର କରି ଚାଲିଥିବା ବିବର୍ତ୍ତନର ପ୍ରକ୍ରିୟାଟିରେ

'oaob.nitrkl.ac.in' images reprocessed

ଆମେ ଯେପରି ଜଡ଼ ଓ ନିଶ୍ଚେତନ ସତ୍ତାକୁ ନିଃସନ୍ଦିଗ୍ଧ ଭାବରେ ଆରମ୍ଭବିନ୍ଦୁ ବୋଲି ମାନିନେଉ, ଠିକ୍ ସେହିପରି । ଆମର ମନ ଜଡ଼ ଓ ଜଡ଼ଶକ୍ତିକୁହିଁ ପ୍ରଥମେ ଜାଣିବାକୁ ପାଇଛି, ସେହି ଜଡ଼ ଓ ଜଡ଼ଶକ୍ତିହିଁ ଆମର ମନ ଆଗରେ ସବୁବେଳେ ଦୃଢ଼ସ୍ଥିତ ଏକ ଜ୍ଞାତବସ୍ତୁରୂପେ ବିଦ୍ୟମାନ ରହିଛି ଏବଂ ସେହି କାରଣରୁହିଁ ମନ ଏହି କ୍ଷେତ୍ରରେ ମଧ୍ୟ ତାହାକୁହିଁ ପ୍ରଥମ ସତ୍ୟ ବୋଲି ଗ୍ରହଣ କରି ନେଇପାରେ ଓ ପ୍ରଥମ ସତ୍ୟ ବୋଲି ବିଚାର କରିପାରେ ଏବଂ ତଦ୍‌ଗତ ଓ ଜଡ଼ାତୀତ ସତ୍ତା ମଧ୍ୟ ସେହି ଜଡ଼ର ଅବିଚଳ ଭିତ୍ତିଟିକୁ ଆଶ୍ରୟ କରି ରହିଛି ବୋଲି ଘୋଷଣା କରି କହିପାରେ ।* ଯଦି ଏହିପରି ହୋଇଥାଏ, ତେବେ ଏହିସବୁ ଅନ୍ୟ ଜଗତର ସୃଷ୍ଟି କିପରି ହୋଇଛି, କେଉଁ ଶକ୍ତିବଳରେ ବା କାହାକୁ ସାଧନରୂପେ ବ୍ୟବହାର କରି ସେଗୁଡ଼ିକର ସୃଷ୍ଟି ହୋଇଛି ? ହୁଏତ ଏକଥା ହୋଇଥାଇପାରେ ଯେ ପ୍ରଥମେ ଏହି ନିଶ୍ଚେତନା ମଧ୍ୟରୁ ପ୍ରାଣ ଓ ମନ ବିକାଶଲାଭ କରିଛନ୍ତି ଏବଂ ଏହିପରି ବିକଶିତ ହେବାର ପ୍ରକ୍ରିୟାଟି ମଧ୍ୟରେ ସେମାନେ ଜଗତ୍‌ବାସୀ ନିଖିଳ-ପ୍ରାଣୀଙ୍କର ଅଧିଚେତନା ମଧ୍ୟରେ ଅବସ୍ଥିତ ଏହିସବୁ ଅନ୍ୟ ଜଗତ ବା ଅନ୍ୟ ଭୂମିଗୁଡ଼ିକର ମଧ୍ୟ ବିକାଶସାଧନ କରାଇଛନ୍ତି । ଏହିସବୁ ଜଗତ ଅଧିଚେତନ ସତ୍ତା ପାଖରେ ଏହି ଜୀବନରେ ଓ ମୃତ୍ୟୁ ଅନ୍ତେ,—କାରଣ ଏହି ଅନ୍ତରସ୍ଥ ସତ୍ତାଟିହିଁ ଶରୀରର ମୃତ୍ୟୁ ଘଟିବା ପରେ ମଧ୍ୟ ବର୍ତ୍ତମାନ ରହିବାକୁ ସମର୍ଥ ହୁଏ,—ସତ୍ୟ ବୋଲି ମନେ ହୋଇପାରେ, କାରଣ ତା' ଚେତନାର ବିସ୍ତୃତତର ପରିସର ମଧ୍ୟରେ ଏସବୁ ବୋଧଗମ୍ୟ ହୋଇ ରହିଥାଏ । ଏହିସବୁ ଜଗତ ଏକ ଅନ୍ୟ ବସ୍ତୁରୁ ଉତ୍ପନ୍ନ ହୋଇଛି ବୋଲି ମନେ କରୁଥିଲେ ମଧ୍ୟ ସେଗୁଡ଼ିକ ଯେ ସତ୍ୟ, ଏହିପରି ଏକ ନିଶ୍ଚିତ ବୋଧ ନେଇ ଅଧିଚେତନ ସତ୍ତା ଏହିସବୁ ଜଗତରେ ବିଚରଣ କରିବ ଏବଂ ଆପଣାର ଅନୁଭୂତିଟିକୁ ବିଶ୍ୱାସ ଓ କଳ୍ପନା ଆକାରରେ ଉପରିଭାଗସ୍ଥ ସତ୍ତା ଆଡ଼କୁ ପ୍ରେରଣ କରିବାରେ ଲାଗିଥିବ । ଯଦି ଆମେ ଚେତନାକୁହିଁ ପ୍ରକୃତ ସୃଷ୍ଟିକାରିଣୀ ଶକ୍ତି ବୋଲି ସ୍ୱୀକାର କରିବା ଓ ଯାବତୀୟ ବସ୍ତୁକୁ କେବଳ ସେହି ଚେତନାର ରୂପାୟନ ବୋଲିହିଁ କହିବା, ହୁଏତ ତେବେ ଯାଇ ଏହି ବିବରଣଟି ଆମକୁ ଅସମ୍ଭବ ନଲାଗି ପାରେ । ମାତ୍ର ଜଡ଼ଗତ ମନ ଜଡ଼ାତୀତ ଭୂମିଗୁଡ଼ିକୁ ଯେପରି ଅବାସ୍ତବ ଅଥବା ଅଳ୍ପବାସ୍ତବ ବୋଲି କହିବାକୁ ଇଚ୍ଛା କରୁଥାଏ, ଏହି କ୍ଷେତ୍ରରେ ଆଉ ସେପରି

---

* ଋକ୍‌ବେଦର କେତେକ ବାକ୍ୟରେ ଏହିପରି ଏକ ମତ ପ୍ରକାଶିତ ହୋଇଥିବା ପରି ମନେ ହୁଏ । ଏହି ପୃଥିବୀ (ଜଡ଼ତତ୍ତ୍ୱ)କୁ ସକଳ ଜଗତର ଆଧାରଭୂମି ବୋଲି କୁହାଯାଇଥାଏ ଅଥବା ସାତୋଟିଯାକ ଲୋକକୁ ଏହି ପୃଥିବୀର ସାତୋଟି ଭୂମି ବୋଲି ବର୍ଣ୍ଣନା କରାଯାଇଥାଏ ।

ହୋଇପାରିବ ନାହିଁ । ସେତେବେଳେ ଜଡ଼ଜଗତ ଅର୍ଥାତ୍ ଜଡ଼ ଅନୁଭବର ଏହି ଭୂମିଟି ପରି ଅନ୍ୟ ଜଗତଗୁଡ଼ିକୁ ମଧ୍ୟ ସମାନ ଭାବରେ ସତ୍ୟ ବୋଲି ସ୍ୱୀକାର କରିବାକୁ ପଡ଼ିବ ।

ଏହିଭଳି ହେଉ କିମ୍ବା ଅନ୍ୟ କୌଣସି ପ୍ରକାରେ ହେଉ, ଯଦି ଜଡ଼ଜଗତର ସୃଷ୍ଟି ହେବା ପରେହିଁ ଉଚ୍ଚତର ଜଗତସବୁର ବିକାଶ ହୋଇଥିଲା, ଯଦି ଜଡ଼ଜଗତର ସୃଷ୍ଟିହିଁ ସର୍ବାଦ୍ୟ ସୃଷ୍ଟି ହୋଇଥାଏ ଓ ଏକ ବୃହତ୍ତର ଗୂଢ଼ପ୍ରଣାଳୀର ବିବର୍ତ୍ତନଦ୍ୱାରାହିଁ ନିଶ୍ଚେତନ ମଧ୍ୟରୁ ଉଚ୍ଚତର ଜଗତଗୁଡ଼ିକର ସୃଷ୍ଟି ହୋଇଛି, ତେବେ ସ୍ୱୀକାର କରିବାକୁ ହେବ ଯେ କୌଣସି ଅଖିଳ-ଆତ୍ମାର ଆତ୍ମ-ଉନ୍ମେଷ ଦ୍ୱାରାହିଁ ଏହା ସମ୍ଭବ ହୋଇଛି । କିପରି ପ୍ରକ୍ରିୟାରେ ତାହା ହୋଇଛି, ସେ ବିଷୟରେ ଆମକୁ କିଛି ଜଣା ନାହିଁ; ମାତ୍ର ଏହି ଭୂମିର ବିବର୍ତ୍ତନଗତ ଏକ ଉଦ୍ଦେଶ୍ୟର ସାଧନ ଲାଗି ତାହା ହୋଇଛି ଏବଂ ତାହାର ଏକ ଆନୁସଙ୍ଗିକ ଘଟଣାରୂପେ ଏହା ଘଟିଛି, ଅଥବା ଏହି ଭୂମିର ବିବର୍ତ୍ତନଟିର ଏକ ବୃହତ୍ତର ପରିଣାମରୂପେ ସେହି ଅଖିଳ-ଆତ୍ମା ଏହାକୁ ସମ୍ଭବ କରିଛନ୍ତି, ଯେପରିକି ମନ, ପ୍ରାଣ ଓ ଚେତନା ଅଧିକ ସ୍ୱାଧୀନ ଭାବରେ ଏକ ବୃହତ୍ତର କ୍ଷେତ୍ରରେ ବିଚରଣ କରିପାରିବେ ଏବଂ ଏହିସବୁ ବୃହତ୍ତର ଶକ୍ତି ତଥା ଅନୁଭୂତିର ପ୍ରତିସ୍ପନ୍ଦନକୁ ଜଡ଼ଗତ ଆତ୍ମ-ଅଭିବ୍ୟକ୍ତିର କ୍ଷେତ୍ରରେ ସଞ୍ଚାରିତ କରାଇ ପାରିବେ । ମାତ୍ର ଏହି ଅନୁମାନଟିର ବିରୁଦ୍ଧରେ ଏହି ସତ୍ୟଯୁକ୍ତି ଆସି ନିଶ୍ଚୟ ଠିଆହେବ ଯେ ଏହିସବୁ ଉଚ୍ଚତର ଜଗତ ବିଷୟରେ ଆମର ଯେଉଁ ଅନ୍ତର୍ଦୃଷ୍ଟି ଓ ଅନୁଭୂତି ରହିଛି ସେଥିରୁ ସେହିସବୁ ଜଗତ କୌଣସି ପ୍ରକାରେ ଏହି ଜଡ଼ଜଗତର ଆଧାର ଉପରେ ଠିଆ ହୋଇଛି ବୋଲି ଆଦୌ ମନେ ହେଉ ନାହିଁ; ସେଗୁଡ଼ିକ ଆଦୌ ଏହି ଜଡ଼ଜଗତରୁ ଉପୁଜିଥିବେ ବୋଲି ବୋଧ ହେଉ ନାହିଁ । ସେଗୁଡ଼ିକ ସତ୍ତାର ଏକ ମହତ୍ତର ସୋପାନ ତଥା ଚେତନାର ବୃହତ୍ତର ଓ ଅଧିକ ମୁକ୍ତ ପ୍ରସାରଭୂମି ବୋଲି ଅନୁଭୂତ ହେଉଛି ଏବଂ ବରଂ ଏହି ଜଡ଼ଭୂମିର ଯାବତୀୟ କ୍ରିୟାହିଁ ସେହିସବୁ ଜଗତର ଏକ ପରିଣାମ ବୋଲି ଅଧିକ ପ୍ରତୀତ ହେଉଛି । ଏହି ଜଡ଼ଭୂମି ସେସବୁ ବୃହତ୍ତର ଭୂମିର କାରଣ ହୋଇ ନଥିବ ବା ସେହିଗୁଡ଼ିକରୁ ନିଷ୍ପନ୍ନ ହୋଇ ଆସିଥିବ ବା ଆପଣାର ବିବର୍ତ୍ତନାତ୍ମକ ପ୍ରୟାସରେ ସେହିଗୁଡ଼ିକ ଉପରେ ଅନ୍ତତଃ ଆଂଶିକ ଭାବରେ ହେଲେ ମଧ୍ୟ ଅବଶ୍ୟ ନିର୍ଭରଶୀଳ ହୋଇ ରହିଥିବ ବୋଲି ବୋଧ ହେଉଛି । ସେହି ଅଧିମାନସ ତଥା ଉଚ୍ଚତର ପ୍ରାଣ ଓ ମନର ଭୂମିରୁ କେତେ କେତେ ସାମର୍ଥ୍ୟ, ପ୍ରଭାବ ଓ ସଂଘଟନର ବିପୁଳ ଶକ୍ତିମାନ ଆମ ଉପରେ ପ୍ରଚ୍ଛନ୍ନରୂପେ ଅବତରଣ କରିବାରେ ଲାଗିଛନ୍ତି; ମାତ୍ର ଏହାର କେବଳ ଗୋଟିଏ ଅଂଶ କିମ୍ବା ନିର୍ବାଚିତ କେବଳ କେତୋଟି ମାତ୍ର ଜଡ଼ଜଗତର ଏହି ଭୌତିକ ଭୂମିରେ ଆବିର୍ଭୂତ ହୋଇ ପାରୁଛନ୍ତି ଅଥବା ଆପଣାକୁ ପ୍ରକାଶିତ କରି ପାରୁଛନ୍ତି । ଜଡ଼ର ଭୂମିରେ ଜଡ଼ରୂପ

'oaob.nitrkl.ac.in' images reprocessed

ଗ୍ରହଣ କରି ଆପଣାକୁ ପ୍ରକଟ କରିଦେବା ସକାଶେ ଅବଶିଷ୍ଟ ସବୁତକ ଆପଣାର ଯଥାର୍ଥ ସମୟ ଓ ଉପଯୁକ୍ତ ସୁଯୋଗ ଲାଗିହିଁ ଅପେକ୍ଷା କରିଛନ୍ତି । ଏହି ପୃଥିବୀର * ଯେଉଁ ବିବର୍ତ୍ତନଲୀଳାରେ ଚିତ୍ସତ୍ତ୍ୱର ସକଳ ଶକ୍ତି ଅଭିବ୍ୟକ୍ତ ଓ ପ୍ରକଟ ହୋଇଉଠିବ, ସେଥିରେ ଆପଣା ଆପଣାର ଭୂମିକାମାନ ଗ୍ରହଣ କରିବାଲାଗି ଅପେକ୍ଷା କରିଛନ୍ତି ।

ଅନ୍ୟ ଲୋକଗୁଡ଼ିକର ଏହି ପ୍ରକୃତିଟି ଆମ ସତ୍ତ୍ୱର ଏହି ଭୂମିଟିକୁ ଓ ଏହି ଭୂମିଗତ ପରିପ୍ରକାଶପର୍ବରେ ଆମ ନିଜର ଭୂମିକାଟିକୁହିଁ ସର୍ବାଧିକ ଓ ସର୍ବପ୍ରଥମ ମହତ୍ତ୍ୱ ଦେବାର ସକଳ ପ୍ରଚେଷ୍ଟାକୁ ଏକାବେଳକେ ପ୍ରତିହତ କରି ଦେଉଛି । ଆମ ଚେତନାର ଏକ କଳ୍ପନାପୁତ୍ତଳିକାରୂପେ ଆମେ ଭଗବାନଙ୍କୁ ତିଆରି କରି ନାହୁଁ, ମାତ୍ର ଜଡ଼ଗତ ସତ୍ତ୍ୱରେ ସେହି ପରମ ଦିବ୍ୟପୁରୁଷର ସୋପାନ-ଅନୁକ୍ରମୀ ଅଭିବ୍ୟକ୍ତି ଲାଗି ଆମେ କେବଳ ନିମିତ୍ତ ବା ସାଧନ ହୋଇ ରହିଥାଉ । ସେହି ଭଗବାନଙ୍କର ଶକ୍ତି ବା ବିଭୂତି ଦେବତାମାନଙ୍କୁ ମଧ୍ୟ ଆମେ ସୃଷ୍ଟି କରୁ ନାହିଁ; ବରଂ ଦିବ୍ୟଭାବର ଯେଉଁ କାଣିଚାଏ ଭାଗକୁ ଆମେ ଆମ ଜୀବନ ମଧ୍ୟରେ ବ୍ୟକ୍ତ କରିବାକୁ ସମର୍ଥ ହେଉ, ତାହାକୁ ଏଠାରେ ଶାଶ୍ୱତ ଦେବତାମାନଙ୍କର କେବଳ ଏକ ଆଂଶିକ ପ୍ରତିଫଳନ ଓ ଆକାରଗ୍ରହଣ ବୋଲି କୁହାଯାଇ ପାରିବ । ଉଲ୍ଲିଖିତ ଉଚ୍ଚତର ଭୂମିଗୁଡ଼ିକୁ ଆମେ ତିଆରି କରୁ ନାହିଁ; ମାତ୍ର ସେହିସବୁ ଭୂମିର ଆଲୋକ, ସାମର୍ଥ୍ୟ ତଥା ସୌନ୍ଦର୍ଯ୍ୟର ଅନାବରଣ ଲାଗି ଏହି ଜଡ଼ଗତ ଭୂମିରେ ପ୍ରକୃତିରୂପିଣୀ ମହାଶକ୍ତି ସେମାନଙ୍କୁ ଯେଉଁ ରୂପ ଓ ପରିସରଟି ଯୋଗାଇ ଦେଇଥାଏ, ଆମେ ସେଥିରେ କେବଳ ଏକ ମଧ୍ୟବର୍ତ୍ତୀ ନିମିତ୍ତରୂପେ କାର୍ଯ୍ୟରେ ଲାଗୁ । ପ୍ରାଣଜଗତର ଚାପରେହିଁ ପ୍ରାଣ ଏଠାରେ ଆମର ପରିଚିତ ରୂପଗୁଡ଼ିକୁ ଧାରଣ କରି ବିବର୍ତ୍ତିତ ଓ ବିକଶିତ ହୋଇଥାଏ । ସେହି ପ୍ରାଣଲୋକର କ୍ରମବର୍ଦ୍ଧମାନ ଚାପହିଁ ଆମ ଭିତରେ ପ୍ରାଣର ଅଧିକ ବୃହତ୍ତର ଆତ୍ମ-ପ୍ରକାଶର ଏକ ଆକାଂକ୍ଷା ଜାଗ୍ରତ କରାଇବାରେ ଲାଗିଛି; ଏବଂ ଏଭଳି ଗୋଟିଏ ଦିନ ଅବଶ୍ୟ ଆସିବ ଯେଉଁଦିନ କି ସେହି ଚାପର ଫଳରେ ଜଡ଼ାଧୀନ ହୋଇ ରହିବାର ଯେଉଁ ସୀମାବଦ୍ଧତାଗୁଡ଼ାକ ମର୍ତ୍ତ୍ୟ ମନୁଷ୍ୟଜୀବକୁ ଏଠାରେ ଏପରି ଅସମର୍ଥ ଓ ପାଶବଦ୍ଧ କରି ରଖିଛି, ସେ ସେଥିରୁ ମୁକ୍ତିଲାଭ କରିପାରିବ । ସେହିପରି ମନଃଜଗତର ଚାପହିଁ ଏଠାରେ ମନକୁ ବିବର୍ତ୍ତିତ ଓ ବିକଶିତ କରାଇବାରେ ଲାଗିଛି, ଆମର ମାନସିକ ଆତ୍ମ-ଉନ୍ମୋଚନ ତଥା ସମ୍ପ୍ରସାରଣ ଲାଗି ଏକ ଅନୁକୂଳ ଆସ୍ଥାନ ଖୋଜି

* ପାର୍ଥିବ କହିଲେ ଆମେ ଏଠାରେ ପ୍ରସ୍ତୁତଃ କେବଳ ଏହି ଗୋଟିଏ ପୃଥିବୀ ଓ ଏହାର ନିର୍ଦ୍ଦିଷ୍ଟ ଅବସ୍ଥିତିକୁ ଆଦୌ ବୁଝୁ ନାହୁଁ । ବେଦାନ୍ତରେ 'ପୃଥିବୀ' ଶବ୍ଦଟି ଦ୍ୱାରା ଯାହା କହିବାକୁ ଚେଷ୍ଟା କରାଯାଇଛି, ସେହି ବ୍ୟାପକତର ମୂଳ ଅର୍ଥଟିରେହିଁ ଆମେ ତାହାକୁ ନେଉଛୁ । ଆମ୍ଭଲାଗି ଜଡ଼ତତ୍ତ୍ୱପର ଏକ ନିବାସଭୂମି ସୃଷ୍ଟି କରୁଥିବା ସେହି ପୃଥ୍ୱୀତତ୍ତ୍ୱଟିକୁ ବୁଝୁଛୁ ।

'oaob.nitrkl.ac.in' images reprocessed

ପାଇବାରେ ଆମକୁ ସାହାଯ୍ୟ କରୁଛି ଏବଂ ଏହାରି ଫଳରେହିଁ ଆମେ ଆମର ବୁଦ୍ଧିସତ୍ତ୍ୱଟିକୁ ଅବିରାମ ଗତିରେ ବଢ଼ାଇ ପାରିବାକୁ ଓ ଏପରିକି ଜଡ଼ସୀମା ଭିତରେ କଳିହୋଇ ରହିଥିବା ଆମର ଏହି ଭୌତିକ ମନୋଗତତାର କାରାପ୍ରାଚୀରଗୁଡ଼ିକୁ ଭାଙ୍ଗି ବାହାରି ଆସିବାକୁ ମଧ୍ୟ ଆଶା କରିପାରୁଛୁ । ଅତିମାନସ ଓ ଚିନ୍ମୟ ରାଜ୍ୟର ଚାପହିଁ ଏଠାରେ ଏହି ଜଗତରେ ଚିନ୍ମୟ ଶକ୍ତିପ୍ରକାଶର ବିକାଶ ଘଟାଇ ଏହି ଜଡ଼ଭୂମିରେ ଅବସ୍ଥିତ ଆମର ସତ୍ତ୍ୱଟିକୁ ସେହି ଅତିମାନସ ଦିବ୍ୟତ୍ୱର ସ୍ୱତନ୍ତ୍ରତା ଓ ଅନନ୍ତତା ମଧ୍ୟକୁ ଉଦ୍‌ଘାଟିତ କରି ଦେବାଲାଗି ତିଆରି କରୁଛନ୍ତି । ସେହି ସ୍ପର୍ଶ ଓ ସେହି ଚାପହିଁ ଆମ ଯାତ୍ରାପଥର ପ୍ରଥମ ବିନ୍ଦୁସ୍ୱରୂପ ଏହି ଆପାତ ନିଶ୍ଚେତନା ମଧ୍ୟରୁ ଆମରି ଭିତରେ ପ୍ରଚ୍ଛନ୍ନ ହୋଇ ରହିଥିବା ସର୍ବଚେତନ ପରମପୁରୁଷଙ୍କର ବନ୍ଧନ ଫେଡ଼ିଦେଇ ପାରିବ । ପ୍ରକୃତିର ଏହି ବ୍ୟବସ୍ଥାକ୍ରମଟିରେ ଆମର ଏହି ମନୁଷ୍ୟ-ଚେତନା ଏକ ସାଧନ ଓ ମଧ୍ୟବର୍ତ୍ତୀ ସୋପାନ ପରି । ନିଶ୍ଚେତନା ମଧ୍ୟରୁ ଆଲୋକ ଓ ସାମର୍ଥ୍ୟର ଉନ୍ମେଷ ଘଟିବାର ବିକାଶକ୍ରମରେ ଏହି ବିନ୍ଦୁରେହିଁ ମୁକ୍ତି ଆପଣାକୁ ସମ୍ଭବ ବୋଲି ପ୍ରତିପାଦିତ କରେ । ମନୁଷ୍ୟଚେତନା ଲାଗି ଏହାଠାରୁ ମହତ୍ତର କୌଣସି ଭୂମିକା କଦାପି ରହି ନପାରେ; କିନ୍ତୁ ଏହି ଭୂମିକାଟି ମଧ୍ୟ ଯଥେଷ୍ଟ ମହାନ୍ ଓ ଯଥେଷ୍ଟ ମହତ୍ତ୍ୱପୂର୍ଣ୍ଣ, କାରଣ ବିବର୍ତ୍ତନଶୀଳ ପ୍ରକୃତିର ସର୍ବୋଚ୍ଚ ଉଦ୍ଦେଶ୍ୟସାଧନଟି ଲାଗି ଏହାହିଁ ମନୁଷ୍ୟକୁ ଏପରି ସର୍ବମହତ୍ତ୍ୱସମ୍ପନ୍ନ ସ୍ତରକୁ ଉଦ୍ବେଳିତ କରି ଦେଇଛି ।

ମାତ୍ର ଆମ ଅଧିଚେତନ ଅନୁଭୂତିସ୍ତରରେ ଏପରି କେତେକ ଉପାଦାନ ରହିଛି, ଯେଉଁଥିରୁ କି ଅନ୍ୟ ଲୋକଗୁଡ଼ିକର ସୃଷ୍ଟି ଏହି ଜଡ଼ ସୃଷ୍ଟିର ପୂର୍ବବର୍ତ୍ତୀ ନୁହେଁ ବୋଲି ଏକ ସଂଶୟର ଉଦ୍ରେକ ହୋଇଥାଏ । ମୃତ୍ୟୁର ପରବର୍ତ୍ତୀ ଅନୁଭୂତି ସମ୍ବନ୍ଧରେ ଆବହମାନ କାଳରୁ ପ୍ରଚଳିତ ଲୌକିକ ବିଶ୍ୱାସ ମଧ୍ୟରେ ଆମେ ସେହିପରି ଏକ ନିଦର୍ଶନ ପାଇଥାଉ । ଏହି ବିଶ୍ୱାସ ଅନୁସାରେ ମୃତ୍ୟୁ ପରେ ଜଡ଼ୋତ୍ତର ଭୂମିରେ ଉପନୀତ ହୋଇ ଅସ୍ତିତ୍ୱ ଯେଉଁଭଳି ସ୍ଥିତିରେ ରହେ, ସେଥିରେ ସତେଯେପରି ପାର୍ଥିବ ପରିବେଶ, ପାର୍ଥିବ ପ୍ରକୃତି ତଥା ପାର୍ଥିବ ଅନୁଭବରହିଁ ଏକ ଅନୁବୃତ୍ତି ଲାଗି ରହିଥାଏ । ଆମେ ଏହାର ଆଉରି ଗୋଟିଏ ଇଙ୍ଗିତ ପାଇଥାଉ ଯେତେବେଳେ ବିଶେଷତଃ ପ୍ରାଣଲୋକରେ ଆମକୁ ଏପରି କେତେକ ରୂପାୟନର ସନ୍ଧାନ ମିଳେ, ଯେଉଁଗୁଡ଼ିକର ପ୍ରକୃତି ଏହି ପାର୍ଥିବ ଅସ୍ତିତ୍ୱର ନିମ୍ନତର ଗତିସ୍ପନ୍ଦନଗୁଡ଼ିକର ଅନୁରୂପ ହୋଇ ରହିଥାଏ । ଅନ୍ଧକାର, ମିଥ୍ୟା, ଅସମର୍ଥତା ଓ ଅନର୍ଥତାର ଯେଉଁସବୁ ତତ୍ତ୍ୱକୁ ଆମେ ଜଡ଼ମୟ ନିଶ୍ଚେତନାରୁ ଉଦ୍ଭୂତ ହୋଇଥିବା ବିବର୍ତ୍ତନର ପରିଣାମ ବୋଲି ଅନୁମାନ କରିଥାଉ, ଏହି ପ୍ରାଣଲୋକରେ ଆମେ ସେଗୁଡ଼ିକୁ ପୂର୍ବରୁ ରୂପାୟିତ ଓ ପ୍ରତିଷ୍ଠିତ ହୋଇ ରହିଥିବାର ଦେଖିବାକୁ ପାଉ । ଏପରିକି ସେତେବେଳେ ଏଭଳି ମଧ୍ୟ ମନେ

'oaob.nitrkl.ac.in' images reprocessed

ହେବାକୁ ଲାଗେ ଯେ ଯେଉଁସବୁ ଶକ୍ତି ମନୁଷ୍ୟର ଜୀବନରେ ସବୁଠାରୁ ଅଧିକ ବିକ୍ଷୋଭ ଓ ବାଧା ସୃଷ୍ଟି କରିବାକୁ ଆସନ୍ତି, ଏହି ପ୍ରାଣଲୋକହିଁ ସେଗୁଡ଼ିକର ସ୍ୱାଭାବିକ ନିବାସସ୍ଥଳ ହୋଇ ରହିଥାଏ । ଏକଥାଟି ବେଶ୍ ସୁସଙ୍ଗତ ଲାଗୁଛି; କାରଣ ଆମ ପ୍ରାଣମୟ ସତ୍ତାଟିର ମଧ୍ୟଦେଇହିଁ ସେମାନେ ଆମ ଉପରେ ପ୍ରଭୁତ୍ୱ ବିସ୍ତାର କରିବାକୁ ଆସନ୍ତି, ତେଣୁ ସେମାନେ ନିଃସନ୍ଦେହ ଭାବରେ ଏକ ବୃହତ୍ତର ଓ ଅଧିକ ଶକ୍ତିଶାଳୀ କୌଣସି ପ୍ରାଣସତ୍ତାରହିଁ ଶକ୍ତି ହୋଇଥିବେ । ବିବର୍ତ୍ତନର ଧାରାଟି ମଧ୍ୟରେ ମନ ଓ ପ୍ରାଣର ଅବତରଣହିଁ ସତ୍ତା ଓ ଚେତନାକୁ ସୀମିତ କରି ରଖିବାଭଳି ଏହି ଅବାଞ୍ଛନୀୟ ପରିସ୍ଥିତିଟିକୁ ଘଟାଇଥିବ ବୋଲି ଭାବିବାଲାଗି ଆଦୌ କୌଣସି କାରଣ ନାହିଁ । କାରଣ କେବଳ ଜ୍ଞାନକୁହିଁ ସୀମାଦ୍ୱାରା ବେଢ଼ାଇ ରଖିବା ହେଉଛି ଏହି ଅବତରଣର ସ୍ୱଭାବ । ଏହି ଅବତରଣର କ୍ଷେତ୍ରରେ ସତ୍, ଚିତ୍, ଓ ଆନନ୍ଦ ସତ୍ୟ, ଶିବ ତଥା ସୁନ୍ଦରର ଏକ ନିମ୍ନତର ପରିସର ମଧ୍ୟରେ ଓ ଏକ ନିମ୍ନତର ସୌଷମ୍ୟରେ ଆପଣାକୁ ସୀମାବଦ୍ଧ କରି ରଖନ୍ତି ଏବଂ ଏକ ସଙ୍କୀର୍ଣ୍ଣତର ଆଲୋକର ସେହି ବିଧାନଟି ଅନୁସାରେ ଆପଣାକୁ ପରିଚାଳିତ କରନ୍ତି । ମାତ୍ର ଏଥିରେ ଏହାର ପଥରେ ଅନ୍ଧକାର, ଦୁଃଖ ଓ ଅନର୍ଥ ଯେ ଅବଶ୍ୟ ଆସି ହାବୁଡ଼ିଯିବ, ସେପରି କହିବାଲାଗି ଆଦୌ କୌଣସି କାରଣ ନାହିଁ । ଯଦି ଅନ୍ୟ ମନ ଓ ଅନ୍ୟ ପ୍ରାଣର ଏହିସବୁ ଜଗତରେ ଆମେ ସେସବୁକୁ ବିଦ୍ୟମାନ ରହିଥିବାର ଦେଖୁଥାଉ, ସମଗ୍ର କ୍ଷେତ୍ରଟିରେ ପରିବ୍ୟାପ୍ତ ହୋଇ ନୁହେଁ, ମାତ୍ର ଆପଣା ଆପଣାର ସ୍ୱତନ୍ତ୍ର ଅଂଶଗୁଡ଼ିକୁ ଅଧିକାର କରି ବିଦ୍ୟମାନ ରହିଥିବାର ଦେଖୁଥାଉ, ତେବେ ସେଥିରୁ ଆମକୁ ହୁଏତ ଏହି ସିଦ୍ଧାନ୍ତରେ ଆସି ପହଞ୍ଚିବାକୁ ହେବ ଯେ ନିମ୍ନତର ବିବର୍ତ୍ତନକ୍ଷେତ୍ର ମଧ୍ୟରୁ ଘଟିଥିବା ଏକ ପ୍ରକ୍ଷେପଣ ଦ୍ୱାରା ସେଗୁଡ଼ିକ ସେଠାରେ ବିଦ୍ୟମାନ ଅଛନ୍ତି, ସେମାନେ ତଳୁ ଉପରକୁ ପ୍ରକ୍ଷେପିତ ହୋଇଛନ୍ତି; ନିମ୍ନତର ସ୍ତରରେ ସୃଷ୍ଟ ହୋଇଥିବା କୌଣସି ଅନର୍ଥ ଆମ ଅଧିଚେତନ ପ୍ରକୃତି ମଧ୍ୟରେ ଉପରକୁ ଉଠିଯାଇ ଏକ ପ୍ରବଳତର ରୂପ ଧାରଣ କରିଛି । କିମ୍ବା, ସଂବୃତିଗତ ଅବତରଣ-ପଥର ଏକ ସମାନ୍ତର ସୋପାନଶ୍ରେଣୀରୂପେ ପୂର୍ବରୁହିଁ ସେଗୁଡ଼ିକର ସୃଷ୍ଟି ହୋଇଛି ଏବଂ ସଂବୃତିଗତ ସୋପାନଶ୍ରେଣୀଟି ଯେପରି ପରମ ତତ୍ତ୍ୱସତ୍ତାର ଓହ୍ଲାଇ ଆସିବାଲାଗି ଉପରୁ ତଳକୁ ପାହାଚ ପରି ହୋଇ ରହିଥିଲା, ଏହି ସମାନ୍ତର ସୋପାନଶ୍ରେଣୀଟି ମଧ୍ୟ ବିବର୍ତ୍ତନ-ପଥରେ ସେହି ପରମ ତତ୍ତ୍ୱସତ୍ତା ଆଡ଼କୁ ଆରୋହଣ କରି ଯିବାଲାଗି ତଳୁ ଉପରକୁ ଏକ ପାହାଚ ପରି ହୋଇ ରହିଛି । ଦ୍ୱିତୀୟ ଅନୁମାନଟିରେ ଆରୋହଣକାଳୀନ ସୋପାନଶ୍ରେଣୀଟି ଦ୍ୱାରା ହୁଏତ ଦୁଇଟି ଉଦ୍ଦେଶ୍ୟ ସାଧିତ ହେଉଛି । କାରଣ, ପ୍ରକୃତିର ଆଧାର ଉପରେ ଆତ୍ମାର ବିବର୍ତ୍ତନାତ୍ମକ ଅଭିବୃଦ୍ଧି ଲାଗି ଆବଶ୍ୟକ ହେଉଥିବା ସଂଗ୍ରାମର ଏକ ଅଂଶରୂପେ ଏହି ପୃଥିବୀରେ ଯେଉଁ ଶୁଭ ଓ ଅଶୁଭ ଅବଶ୍ୟ ଉନ୍ମେଷଲାଭ କରିବ, ତାହାର ପ୍ରାକ୍‌ରୂପାୟନଗୁଡ଼ିକ ଏହି

'oaob.nitrkl.ac.in' images reprocessed

ଆରୋହଣମୂଳକ ସୋପାନଶ୍ରେଣୀରେ ଅନ୍ତର୍ଭୁକ୍ତ ହୋଇ ରହିବ । ଏହି ରୂପାୟନଗୁଡ଼ିକ କେବଳ ଆପଣା ସକାଶେ ଅର୍ଥାତ୍ ଆପଣାର ସ୍ୱକୀୟ ଓ ସ୍ୱତନ୍ତ୍ର ପରିତୃପ୍ତି ସକାଶେ ବର୍ତ୍ତିମାନ ରହିଥିବେ । ସେହି ରୂପାୟନରେ ପ୍ରତ୍ୟେକ ବସ୍ତୁର ଭିନ୍ନଭିନ୍ନ ପ୍ରକୃତି ଅନୁସାରେ ଆତ୍ମପ୍ରକାଶର ଏକ ପ୍ରତିନିଧିମୂଳକ ପୂର୍ଣ୍ଣରୂପ ଦେଖା ଦେଉଥିବ; ଏବଂ ତହିଁ ସଙ୍ଗେସଙ୍ଗେ ସେମାନେ ବିବର୍ତ୍ତନର ପ୍ରକ୍ରିୟାଟି ମଧ୍ୟରେ ଗତି କରୁଥିବା ସତ୍ତାଗୁଡ଼ିକ ଉପରେ ଆପଣାର ସ୍ୱଭାବଗତ ପ୍ରଭାବଟିକୁ ମଧ୍ୟ ପକାଇ ପାରୁଥିବେ ।

ତେବେ ଆମ ବୃହତ୍ତର ଜୀବନର ଏହିସବୁ ଜଗତରେ ଆମର ଏହି ପାର୍ଥିବ ଜୀବନର ଅଧିକ ଜ୍ୟୋତିର୍ମୟ ରୂପାୟନଗୁଡ଼ିକ ପରି ଆମର ଅଧିକ କାଳିମାମୟ ରୂପାୟନଗୁଡ଼ିକ ମଧ୍ୟ ବର୍ତ୍ତିମାନ ରହିଛନ୍ତି । ସେଗୁଡ଼ିକ ଯେଉଁସବୁ ଆଧାର ଉପରେ ବର୍ତ୍ତିମାନ ରହିଛନ୍ତି, ସେଗୁଡ଼ିକ ମଧ୍ୟଦେଇ ସେମାନେ ସମ୍ପୂର୍ଣ୍ଣ ମୁକ୍ତ ଭାବରେ ଆପଣାର ସ୍ୱତନ୍ତ୍ର ଅଭିବ୍ୟକ୍ତିରେ ଉପନୀତ ହୋଇ ପାରିଛନ୍ତି, ସେମାନଙ୍କର ଶ୍ରେଣୀଗତ ଧର୍ମଟି ପୂର୍ଣ୍ଣ ସ୍ୱାଧୀନତା ଓ ସ୍ୱାଭାବିକ ପରିପୂର୍ଣ୍ଣତା ଲାଭ କରିପାରିଛି; ଭଲ ପାଇଁ ହେଉ ଅଥବା ମନ୍ଦ ପାଇଁ ହେଉ, ଏକ ସୌଷମ୍ୟରେ ପହଞ୍ଚି ପାରିଛନ୍ତି । ଅବଶ୍ୟ ଭଲ ଓ ମନ୍ଦ ସମ୍ବନ୍ଧରେ ଆମର ଯେଉଁ ଧାରଣା ରହିଛି, ସେସବୁକୁ ଏହିସବୁ ସତ୍ତାର କ୍ଷେତ୍ରରେ କେତେଦୂର ପ୍ରୟୋଗ କରାଯାଇ ପାରିବ, ତାହା ମଧ୍ୟ ଭାବିବାର କଥା । ସେଭଳି ଏକ ପୂର୍ଣ୍ଣତା ଓ ସ୍ୱତନ୍ତ୍ରତା ଆମର ଏହି ଅସ୍ତିତ୍ୱର ଭୂମିରେ କେବେହେଲେ ସମ୍ଭବ ହୋଇ ପାରନ୍ତା ନାହିଁ । କାରଣ ଏକ ଚରମ ସମଗ୍ରତା ଓ ସମନ୍ୱୟକୁ ଲକ୍ଷ୍ୟ ରଖି ଏଠି ଗ୍ରଥିଥିବା ଏକ ଅନେକମୁଖୀ ବିବର୍ତ୍ତନର କ୍ଷେତ୍ରଟିରେ ଯେଉଁ ଜଟିଳ କ୍ରିୟାପ୍ରତିକ୍ରିୟା ଏକାନ୍ତ ପ୍ରୟୋଜନୀୟ ହୋଇ ରହିଛି, ସେଇଥିରେହିଁ ସବୁ ଆସି ଗୋଳାମିଶା ହୋଇଯାଉଛି । କାରଣ ଆମେ ଏଠାରେ ଯାହାକୁ ମିଥ୍ୟା, ଅନ୍ଧକାରମୟ ବା ମନ୍ଦ ବୋଲି ଅନୁଭବ କରୁଛୁ, ସେଗୁଡ଼ିକ ସେଠାରେ ଆପଣା ଆପଣାର ଗୋଟିଏ ଗୋଟିଏ ସ୍ୱକୀୟ ସତ୍ୟ ଧାରଣ କରି ରହିଥିବା ପରି ବୋଧହେଉଛି; ସେଗୁଡ଼ିକ ଆପଣା ଶ୍ରେଣୀ ମଧ୍ୟରେହିଁ ପୂର୍ଣ୍ଣସନ୍ତୁଷ୍ଟ ହୋଇ ରହିଛନ୍ତି, କାରଣ ସେଠାରେ ପ୍ରତ୍ୟେକର ଜାତିଗତ ବା ଶ୍ରେଣୀଗତ ପରିପୂର୍ଣ୍ଣ ଅଭିବ୍ୟକ୍ତିଟି ଅବ୍ୟାହତ ରହିଥିବାରୁ ଆପଣା ସତ୍ତାର ସାମର୍ଥ୍ୟ ବିଷୟରେ ଏକ ପୂର୍ଣ୍ଣ ପରିତୃପ୍ତିର ବୋଧ ସମ୍ଭବ ହେଉଛି, କୌଣସିଠାରେ କୌଣସି ଅମେଳ ବା ଅସାମଞ୍ଜସ୍ୟ ନାହିଁ, ତାହାର ଯାବତୀୟ ପରିବେଶଟି ତାହାର ଅସ୍ତିତ୍ୱଗତ ପ୍ରକୃତିଟି ସହିତ ସମ୍ପୂର୍ଣ୍ଣଭାବେ ଅନୁକୂଳିତ ହୋଇ ରହିଛି । ସେହିଠାରେ ଅବସ୍ଥିତ ରହି ତାହା ଆପଣାର ନିଜ ଚେତନାଟିରୁ ଆନନ୍ଦ ଆହରଣ କରିବାରେ ଲାଗିଛି, ଆପଣା ଆତ୍ମସାମର୍ଥ୍ୟ ଓ ଆନନ୍ଦଟିକୁ ଉପଭୋଗ କରୁଛି । ଆମର ମନକୁ ଯେତେ ଅପ୍ରୀତିକର ବୋଧ ହେଉଥିଲେହେଁ ତାହାର ବାସନାଗତ ପରିପୂରଣ ତାହାକୁ ପରମ

'oaob.nitrkl.ac.in' images reprocessed

ଲୁପ୍ତି ଦେଇ ରଖିଛୁ । ଆମର ଏହି ପାର୍ଥିବ ପ୍ରକୃତିର ନଜରରେ ଯେଉଁସବୁ ପ୍ରାଣଗତ ଆବେଗ ଅତିଶକ୍ତ ଓ ପରିମିତତାର ବହିର୍ଭୂତ ବୋଲି ମନେହେଉଛୁ, ଏଠାରେ ଯାହା ବିକୃତ ଓ ଅସ୍ୱାଭାବିକ ବୋଲି ଲାଗୁଛୁ, ଆପଣା ସତ୍ତାର ସ୍ୱକୀୟ ରାଜ୍ୟରେ ସେଗୁଡ଼ିକ ଆପଣାକୁ ସ୍ୱଚ୍ଛନ୍ଦ ଭାବରେ ପରିପୂର୍ଣ୍ଣ କରି ପାରୁଛନ୍ତି ଏବଂ ଆପଣାର ଜାତି-ସୁଲଭ ସକଳ ପ୍ରବୃତ୍ତିର ନିରଙ୍କୁଶ କ୍ରୀଡ଼ାଲାଗି ସବୁପ୍ରକାର ସୁଯୋଗ ପାଉଛନ୍ତି । ଆମେ ଯାହାକୁ ଦିବ୍ୟ, ରାକ୍ଷସ ବା ପୈଶାଚିକ ଓ ତେଣୁ ଅତିପ୍ରାକୃତ ବା ଅଲୌକିକ ବୋଲି କହୁଛୁ, ସେଗୁଡ଼ିକ ଆପଣା ଆପଣାର ସ୍ୱକୀୟ ରାଜ୍ୟ ବା କ୍ଷେତ୍ରରେ ଆପଣା ପାଖରେ ସମ୍ପୂର୍ଣ୍ଣ ସ୍ୱାଭାବିକ ହୋଇ ରହିଛନ୍ତି, ଏବଂ ଯେଉଁ ଜୀବଗୁଡ଼ିକ ମଧ୍ୟରେ ସେଗୁଡ଼ିକ ମୂର୍ତ୍ତି ଶରୀରରୂପ ଧାରଣ କରିଛନ୍ତି, ସେମାନେ ଏହାକୁହିଁ ଆପଣାର ଆତ୍ମପ୍ରକୃତି ଓ ସ୍ୱକୀୟ ତତ୍ତ୍ୱର ଏକ ସୁଷମ ଅବସ୍ଥା ବୋଲି ଅନୁଭବ କରୁଛନ୍ତି । ବୈଷମ୍ୟ, ସଂଘର୍ଷ, ଶକ୍ତି-ହୀନତା ଓ ଦୁଃଖଭୋଗରେ ମଧ୍ୟ ପ୍ରାଣଗତ ଏପରି ଏକ ତୃପ୍ତି ରହିଛୁ, ଯାହାକି ସେସବୁ ବ୍ୟତୀତ ଆପଣାକୁ ବଡ଼ ଅପରିତୃପ୍ତ, ଅବରୁଦ୍ଧ ଓ ଅପୂର୍ଣ୍ଣ ପରି ମନେ କରୁଥା'ନ୍ତି । ଆପଣା ଅଧିକାରରେ ରହିଥିବା ସେହି ପ୍ରଚ୍ଛନ୍ନ ଜଗତଗୁଡ଼ିକ ପରି ଯେତେବେଳେ ସେଗୁଡ଼ିକ ବିଚ୍ଛିନ୍ନ ଭାବରେ କାର୍ଯ୍ୟ କରିବାରେ ଲାଗିଥା'ନ୍ତି ଓ ଆପଣା ଆପଣାର ଜୀବନସୌଧଟିକୁ ଗଢ଼ିବାରେ ତତ୍ପର ରହିଥା'ନ୍ତି, ସେତେବେଳେ ଆମେ ସେଗୁଡ଼ିକର ମୂଳ ଉତ୍ପତ୍ତିକୁ ଅଧିକ ସ୍ପଷ୍ଟ ଭାବରେ ଦେଖିବାକୁ ପାଉ, ସେମାନଙ୍କର ଅସ୍ତିତ୍ୱଗତ ଔଚିତ୍ୟଟିର ପରିଚୟ ପାଉ; ଏବଂ ମନୁଷ୍ୟର ଜୀବନ ଉପରେ ସେମାନଙ୍କର ଯେଉଁ କର୍ତ୍ତୃତ୍ୱଟି ରହିଛି ତଥା ମନୁଷ୍ୟ ଆପଣାର ଅପୂର୍ଣ୍ଣତା, ଆପଣା ଜୀବନ-ନାଟକର ଜୟପରାଜୟ, ସୁଖ, ଦୁଃଖ, ହସ, କାନ୍ଦ ଓ ପାପ, ପୁଣ୍ୟ ପ୍ରତି କାହିଁକି ଏପରି ଆସକ୍ତ ହୋଇ ରହିଛି, ତାହାର ମଧ୍ୟ ଏକ କାରଣ ଆମେ ପାଇଯାଉ । ଆମର ଏଠାରେ ଏହି ପାର୍ଥିବ ଭୂମିରେ ଏସବୁ ନାନା ସଂଘର୍ଷର ଏକ ଅତୃପ୍ତ ଓ ତେଣୁ ଅତର୍ପଣୀୟ ଓ ଅସ୍ପଷ୍ଟ ଅବସ୍ଥାରେ ପରସ୍ପର ସହିତ ବଡ଼ ମିଶ୍ରିତ ଭାବରେ ରହିଥା'ନ୍ତି; ମାତ୍ର ସେଠାରେ ସେମାନେ ଆପଣା ସତ୍ତାର ସକଳ ରହସ୍ୟ ଓ ଅଭିପ୍ରାୟଟିକୁ ଉନ୍ମୋଚିତ କରି ଦିଅନ୍ତି, କାରଣ ସେଠାରେ ସେମାନେ ଆପଣା ପ୍ରକୃତିର ସ୍ୱଭାବଗତ ଶକ୍ତି ଓ ପୂର୍ଣ୍ଣ ରୂପାୟନରେ ଆପଣାର ନିଜ ଜଗତରେ ତଥା ଆପଣାର ଏକାନ୍ତ ସ୍ୱକୀୟ ପରିବେଶ ମଧ୍ୟରେ ପ୍ରତିଷ୍ଠିତ ହୋଇ ରହିଥା'ନ୍ତି । ମନୁଷ୍ୟର ସକଳ ସ୍ୱର୍ଗ ଓ ସକଳ ନର୍କ, ତା'ର ଆଲୋକ ତଥା ଅନ୍ଧକାରର ପୃଥିବୀଚୟ,—ଏଗୁଡ଼ିକର ରଚନା ପ୍ରକୃତରେ ଯେତେବେଶୀ କାଳ୍ପନିକ ବୋଲି ଭୁହାଯାଉ ନା କାହିଁକି, ସେଗୁଡ଼ିକ ଏହି ଶକ୍ତିଗୁଡ଼ିକର ବୋଧରୁହିଁ ଉତ୍ପନ୍ନ ହୁଅନ୍ତି; ସେହି ଶକ୍ତିଗୁଡ଼ିକ ଯେଉଁଠାରେ ଆପଣା ସ୍ୱଭାବତତ୍ତ୍ୱ ମଧ୍ୟରେ ଅବସ୍ଥାନ କରୁଥା'ନ୍ତି, ଆପଣାର ଅମର୍ତ୍ତ୍ୟ ଜୀବନଭୂମିରୁ ମନୁଷ୍ୟର ଜୀବନ ମଧ୍ୟକୁ ଆପଣାର ଶକ୍ତିଧାରାଗୁଡ଼ିକୁ ପ୍ରବାହିତ କରିଦେଇ ଯେତେବେଳେ

'oaob.nitrkl.ac.in' images reprocessed

ସେମାନେ ମନୁଷ୍ୟକୁ ତା'ର ଏହି ପରିବର୍ତ୍ତନଗତ ଜୀବନର ଉପାଦାନମାନ ଯୋଗାଇ ଦିଅନ୍ତି, ସେହିଠାରେ ଓ ସେତେବେଳେହିଁ ସେହି ଶକ୍ତିଗୁଡ଼ିକର ବୋଧରୁ ସେଗୁଡ଼ିକ ଉତ୍ପନ୍ନ ହୁଅନ୍ତି ।

ଆମ ପଛଆଡ଼ର ଅଜ୍ଞାତ ହୋଇ ଅବସ୍ଥିତ ରହିଥିବା ଏକ ବୃହତ୍ତର ପ୍ରାଣ ମଧ୍ୟରେ ପ୍ରାଣର ଶକ୍ତିଗୁଡ଼ିକ ଯେପରି ପରିପୂର୍ଣ୍ଣ ମହିମାରେ ସୁପ୍ରତିଷ୍ଠ ହୋଇ ରହିଥା'ନ୍ତି, ଠିକ୍ ସେହିପରି ମନର ଶକ୍ତିଗୁଡ଼ିକ, ଆମ ପାର୍ଥିବ ସତ୍ତା ଉପରେ ପ୍ରଭାବ ପକାଉଥିବା ମନୋଗତ ଭାବନା ଓ ତତ୍ତ୍ୱଗୁଡ଼ିକ ଏକ ବୃହତ୍ତର ମାନସଲୋକରେ ଆପଣାର ସ୍ୱକ୍ଷେତ୍ରରେ ଓ ସ୍ୱପ୍ରକୃତିର ପରିପୂର୍ଣ୍ଣ ମହିମାରେ ପ୍ରତିଷ୍ଠିତ ହୋଇ ରହିଥା'ନ୍ତି । ଏଣେ ଏଠାରେ ଏହି ମନୁଷ୍ୟସତ୍ତାଟି ମଧ୍ୟରେ ସେଗୁଡ଼ିକ ଆପଣାର କେବଳ ଆଂଶିକ ରୂପାୟନଗୁଡ଼ିକୁହିଁ ନିକ୍ଷେପ କରି ରଖିଥା'ନ୍ତି । ଏଠାରେ ଆପଣାକୁ ପ୍ରତିଷ୍ଠିତ କରି ପାରିବାରେ ସେହି ରୂପାୟନଗୁଡ଼ିକୁ ଅନେକ ଆୟାସ ସ୍ୱୀକାର କରିବାକୁ ପଡ଼ିଥାଏ, କାରଣ ସେଗୁଡ଼ିକ ଅନ୍ୟାନ୍ୟ ଶକ୍ତି ଓ ଅନ୍ୟାନ୍ୟ ତତ୍ତ୍ୱ ସହିତ ଏକାବେଳକେ ମିଶ୍ରିତ ହୋଇ ରହିଥା'ନ୍ତି, ସେମାନଙ୍କ ସହିତ ନାନା ସଂଘାତରେ ଆସିବାକୁ ବାଧ୍ୟ ହେଉଥା'ନ୍ତି । ଏହି ସଂଘାତ ଓ ମିଶ୍ରଣ ଫଳରେ ସେଗୁଡ଼ିକର ପରିପୂର୍ଣ୍ଣତା ବ୍ୟାହତ ହୋଇପଡ଼େ, ଶୁଦ୍ଧତାରେ ଖାଦ ପଶିଯାଏ, ଏବଂ ସେଗୁଡ଼ିକର ପ୍ରଭାବ ମଧ୍ୟ ବିବାଦସାପେକ୍ଷ ଓ ପ୍ରତିହତ ହୋଇ ରହେ । ତେଣୁ ଏହିସବୁ ଅନ୍ୟ ପୃଥିବୀ ଆଦୌ ବିବର୍ତ୍ତନଶୀଳ ନୁହେଁ, ତାହା ଏକ ପୂର୍ଣ୍ଣ ପ୍ରକୃତିର ବିବର୍ତ୍ତନହୀନ ନମୁନା ହିସାବରେ ସର୍ବଦା ସେହିପରିହିଁ ଅବସ୍ଥିତ ରହିଛି । ସଂବୃତିର ପର୍ଯ୍ୟାୟଟିରେ ଯେଉଁସବୁ ବସ୍ତୁର ଅବଶ୍ୟ ଅଭିବ୍ୟକ୍ତି ଘଟିବ ଏବଂ ବିବର୍ତ୍ତନର ପ୍ରକ୍ରିୟାଦ୍ୱାରା ଯେଉଁସବୁ ବସ୍ତୁ ଉତ୍କ୍ଷିପ୍ତ ହୋଇ ଉପରକୁ ଆସିବ, ସେହି ଉଭୟ ପ୍ରକାରର ବିସୃଷ୍ଟି ଯେଉଁଠାରେ ଆପଣା ଅଧିକାରରେ ଆପେ ବିଦ୍ୟମାନ ରହିପାରିବେ ଓ ନିଜ ନିଜର ତାତ୍ପର୍ଯ୍ୟଟିକୁ ସଫଳ କରିପାରିବେ, ଏହିସବୁ ଜଗତ ସେଗୁଡ଼ିକର ଆତ୍ମଚରିତାର୍ଥତା ସକାଶେ ସେହିଭଳି ଏକ କ୍ଷେତ୍ରରୂପେ ଅବସ୍ଥିତ ହୋଇ ରହିଥା'ନ୍ତି ଓ ଏହି ପ୍ରତିଷ୍ଠିତ ଅବସ୍ଥାର ଭିତ୍ତି ଉପରକୁ ବିବର୍ତ୍ତନାଧୀନ ପ୍ରକୃତିର ଜଟିଳ ପ୍ରକ୍ରିୟାଟି ମଧ୍ୟକୁ ସେମାନଙ୍କର ଆପଣାର ପ୍ରବୃତ୍ତି ଓ କ୍ରିୟାଗୁଡ଼ିକୁ ଉପାଦାନରୂପେ ନିକ୍ଷେପ କରିବାକୁ ସମର୍ଥ ହୁଅନ୍ତି; ଏଇଟିକୁ ସେଇସବୁ ଅନ୍ୟ ଜଗତର ଅସ୍ତିତ୍ୱ ପଛରେ ରହିଥିବା ଏକମାତ୍ର କାରଣ ବୋଲି ନକହିଲେ ମଧ୍ୟ ଗୋଟିଏ କାରଣ ବୋଲି ନିଶ୍ଚୟ କୁହାଯାଇ ପାରିବ ।

ଏହି ଦୃଷ୍ଟିକୋଣଟିକୁ ସମ୍ମୁଖରେ ରଖି ଯଦି ଆମେ ଅନ୍ୟ ଲୋକଗୁଡ଼ିକର ଅସ୍ତିତ୍ୱ ବିଷୟରେ ପରମ୍ପରାକ୍ରମେ ପ୍ରଚଳିତ ଜନଶ୍ରୁତିଗୁଡ଼ିକୁ ବିଚାର କରି ଦେଖିବା, ତେବେ ଆମେ ଦେଖିବାକୁ ପାଇବା ଯେ ସେଗୁଡ଼ିକ ଆମକୁ ପ୍ରଧାନତଃ ପାର୍ଥିବ

'oaob.nitrkl.ac.in' images reprocessed

ପ୍ରକୃତିଗତ ଏହି ପ୍ରାଣରେ ସୀମାଧୀନତା, ଅସ୍ୱଚ୍ଛନ୍ଦତା ଓ ଅପରିପୂର୍ଣ୍ଣତାଗୁଡ଼ିକରୁ ସମ୍ପୂର୍ଣ୍ଣ ଭାବରେ ବିମୁକ୍ତ ହୋଇଥିବା ଏକ ବୃହତ୍ତର ପ୍ରାଣଲୋକ ଆଡ଼କୁ ଇଙ୍ଗିତ କରି ଦେଖାଇ ଦିଅନ୍ତି । ଅବଶ୍ୟ ଏଥିରେ କୌଣସି ସନ୍ଦେହ ନାହିଁ ଯେ ଏହିସବୁ ବର୍ଣ୍ଣନା ଓ ବିବରଣ ଅଧିକାଂଶତଃ କଳ୍ପନା ଦେଇ ଗଢ଼ା ହୋଇଥାଏ, ମାତ୍ର ତଥାପି ଏଥିରେ ବୋଧି ଓ ଅନୁପ୍ରେରଣାଜାତ ଜ୍ଞାନର ମଧ୍ୟ ଏକ ଉପାଦାନ ବି ରହିଥାଏ; ହୋଇପାରିଲେ ଏହି ଜୀବନ ପ୍ରକୃତରେ କିପରି ହୋଇପାରନ୍ତା ଏବଂ ଏହାର ଏକ ଅଭିବ୍ୟକ୍ତ ବା ସମ୍ଭାବ୍ୟ ପ୍ରକୃତିର କୌଣସି ଏକ ଲୋକରେ ଏହା ନିଶ୍ଚିତ ଭାବରେ କିଭଳି ରୂପରେ ରହିଛି, ଏହିଭଳି ଏକ ଅନୁଭୂତିର ଉପାଦାନ ମଧ୍ୟ ସେଥିରେ ରହିଥାଏ । ଏତଦ୍‌ବ୍ୟତୀତ ଯଥାର୍ଥ ଅଧିଚେତନ ସଂସ୍ପର୍ଶ ଓ ଅନୁଭୂତିର ଏକ ଉପାଦାନ ବି ପରିଦୃଷ୍ଟ ହୁଏ । ମାତ୍ର ସେହି ଅନ୍ୟ-ପ୍ରକୃତିଟିରୁ ଦେଖୁଥିବା, ଗ୍ରହଣ କରୁଥିବା କିମ୍ବା ସଂସ୍ପର୍ଶରେ ଆସୁଥିବା ସବୁକିଛିକୁ ମନ ଆପଣା ଚେତନାର ଅନୁରୂପ ଆକାରଗୁଡ଼ିକରେ ପରିଣତ କରିନିଏ । ଜଡ଼ୋତ୍ତର ସତ୍ୟଗୁଡ଼ିକର ଏହିଭଳି ଏକ ତର୍ଜମା କରି ଓ ସେଗୁଡ଼ିକୁ ଆପଣାର ତାତ୍ପର୍ଯ୍ୟପୂର୍ଣ୍ଣ ରୂପ ଓ ପ୍ରତିରୂପରେ ପରିଣତ କରି ମନ ସେହିଗୁଡ଼ିକର ମାଧ୍ୟମରେହିଁ ସେହିସବୁ ସତ୍ୟର ସହିତ ଯୋଗାଯୋଗ ସ୍ଥାପନ କରିବାକୁ ଚେଷ୍ଟା କରେ ଏବଂ ସେଗୁଡ଼ିକୁ କେତେକ ପରିମାଣରେ ବର୍ତ୍ତମାନ ଭୂମିରେ ଆଣି ଉପସ୍ଥାପିତ ଓ ଫଳପ୍ରସୂ କରିବାରେ ମଧ୍ୟ ସମର୍ଥ ହୁଏ । ମୃତ୍ୟୁ ପରେ ଏକ ପରିବର୍ତ୍ତିତ ପାର୍ଥିବ ଜୀବନ ତଥାପି ବଞ୍ଚିରହେ ବୋଲି ଯେଉଁ ଅନୁଭୂତିଟିର ଉଲ୍ଲେଖ କରାଯାଏ, ତାହା ଏହିପରି ଏକ ତର୍ଜମାର କାରଣରୁ ହୋଇଥାଏ ବୋଲି କୁହାଯାଇପାରେ । ମାତ୍ର ଏହି ଅନୁଭୂତିକୁ ଏକ ଆଶୁଗତ ମୃତ୍ୟୁପର ଅବସ୍ଥାର ବିସ୍ତୃଜନ ବୋଲି ମଧ୍ୟ ଆଂଶିକ ଭାବରେ କୁହାଯାଇପାରେ; ଏହି ଅବସ୍ଥାଟିରେ ବିଦେହୀ ଜୀବ ଅନ୍ୟଜଗତରେ ରହିଥିବା ସତ୍ୟଗୁଡ଼ିକର କ୍ଷେତ୍ରରେ ପ୍ରବେଶ କରିବା ପୂର୍ବରୁ ଅଭ୍ୟସ୍ତ ଅନୁଭୂତିର ସଂସ୍କାରଗୁଡ଼ିକ ମଧ୍ୟରେ ତଥାପି ନିବାସ କରୁଥାଏ । ଅଂଶତଃ, ଏହିସବୁ ପ୍ରାଣଲୋକକୁ ଅତିକ୍ରମ କରିଯିବାର ପଥରେ ସେ ଏପରି ବସ୍ତୁଗୁଡ଼ିକର ପ୍ରତିନିଧିମୂଳକ ରୂପଗୁଡ଼ିକ ଅଭିବ୍ୟକ୍ତ ହୋଇ ରହିଥିବାର ଦେଖିବାକୁ ପାଏ, ଯେଉଁଗୁଡ଼ିକ କି ସେ ତା'ର ପାର୍ଥିବ ଜୀବନରେ ଅନୁରକ୍ତ ହୋଇ ରହିଥିବା ବସ୍ତୁଗୁଡ଼ିକର ଉଚ୍ଚସ୍ୱରୂପ ଅଥବା ସମଧର୍ମୀ ହୋଇ ରହିଥାଏ; ତେଣୁ ଦେହ ଛାଡ଼ିଯିବା ପରେ ପ୍ରାଣମୟ ସତ୍ତା ଅତି ସ୍ୱାଭାବିକ ଭାବରେ ଏହି ଲୋକଟି ପ୍ରତି ଆକୃଷ୍ଟ ହୋଇପଡ଼େ । ମାତ୍ର, ସୂକ୍ଷ୍ମତର ଏହିସବୁ ପ୍ରାଣଭୂମିକୁ ଛାଡ଼ିଦେଲେ ମଧ୍ୟ ଅନ୍ୟଲୋକଗତ ଅସ୍ତିତ୍ୱ ସମ୍ବନ୍ଧରେ ପ୍ରଚଳିତ ପାରମ୍ପରିକ ବିବରଣଗୁଡ଼ିକରେ ଅସ୍ତିତ୍ୱଭୂମିର କେତେକ ଉଚ୍ଚତର ସୋପାନର କଥା ମଧ୍ୟ ଅନ୍ତର୍ଭୁକ୍ତ ହୋଇ ରହିଥାଏ । ଅବଶ୍ୟ ଏକଥା ସତ ଯେ ଏସବୁ ସମ୍ବନ୍ଧରେ ରହିଥିବା ତୁଚ୍ଛା ଲୋକାପବାଦ ଆକାରରେ ନରହି ଏସବୁ

'oaob.nitrkl.ac.in' images reprocessed

ଅଧିକ ତରଳ ଓ ଅଧିକ ସୂକ୍ଷ୍ମ ସ୍ତରର ଉପାଦାନରୂପେ ରହିଥାଏ । ଅନ୍ତର୍ଭୂମିର ଏହିସବୁ ଉଚ୍ଚତର ସୋପାନ ପ୍ରାଣଗତ ସ୍ତରର ନହୋଇ ସ୍ପଷ୍ଟତଃ ମନୋଗତ ସ୍ତରର ହୋଇ ରହିଥା'ନ୍ତି, ଏବଂ ଅନ୍ୟଗୁଡ଼ିକ କୌଣସି ଆଧ୍ୟାତ୍ମିକ-ମନୋଗତ ତତ୍ତ୍ୱର ଭିତ୍ତି ଉପରେ ଠିଆ ହୋଇଥା'ନ୍ତି । ଏହିସବୁ ଉଚ୍ଚତର ତତ୍ତ୍ୱ ଯେଉଁଠାରେ ରୂପାୟିତ ହୋଇ ରହିଥା'ନ୍ତି, ଆମର ଅନ୍ତର୍ଗତ ଅନୁଭୂତି ଉନ୍ମୀତ ହୋଇ ସେଠାରେ ଅବଶ୍ୟ ଯାଇ ପହଞ୍ଚିପାରେ ଅଥବା ଆମର ଆତ୍ମା ମଧ୍ୟ ସେଠାରେ ପ୍ରବେଶ କରିପାରେ । ତେଣୁ ସୋପାନକ୍ରମର ଯେଉଁ ତତ୍ତ୍ୱଟିକୁ ଆମେ ଗ୍ରହଣ କରିନେଉଛୁ, ସେଇଟି ଯେ ଆମର ଅନୁଭୂତିକୁ ସଜାଇ ଓ ସଂଗଠିତ କରି ଦେଖିବାର କେବଳ ଗୋଟିଏମାତ୍ର ପଦ୍ଧତି ଓ ଅନ୍ୟ ଦୃଷ୍ଟିକୋଣରୁ ଏହି କ୍ଷେତ୍ରରେ ଅନ୍ୟ ପଦ୍ଧତିଗୁଡ଼ିକର ମଧ୍ୟ ସମ୍ଭାବନା ରହିଛି, ଏକଥାଟି ସ୍ୱୀକାର କରିନେଇ ପାରିଲେ ଯାଇ ସେହି ତତ୍ତ୍ୱଟିର କୌଣସି ଔଚିତ୍ୟ ରହିବ । କାରଣ ସ୍ୱୟଂ କୌଣସି ଦୃଷ୍ଟିକୋଣ ଓ ସିଦ୍ଧାନ୍ତରୁ ବିଚାର କରି ଗୋଟିଏ ପ୍ରକାର ଶ୍ରେଣୀବିଭାଗ ଯେପରି ଯଥାର୍ଥ ହୋଇପାରିବ, ଅନ୍ୟାନ୍ୟ ସିଦ୍ଧାନ୍ତ ଓ ଦୃଷ୍ଟିକୋଣରୁ ବିଚାର କରି ସେହିସବୁ ତତ୍ତ୍ୱର ଆଉ ଏକ ଶ୍ରେଣୀବିଭାଗ ମଧ୍ୟ ଠିକ୍ ସେହିପରି ଯଥାର୍ଥ ହେବ । ମାତ୍ର ଆମ ଉଦ୍ଦେଶ୍ୟଟିର ସାଧନ ଲାଗି ଆମେ ଯେଉଁ ପଦ୍ଧତିଟିକୁ ବାଛିନେଉଛୁ, ଆମ ଲାଗି ତାହାର ସବୁଠାରୁ ଅଧିକ ମୂଲ୍ୟ ରହିଛି, କାରଣ ସେଇଟି ହେଉଛି ଏକ ମୌଳିକ ପଦ୍ଧତି ଏବଂ ସ୍ୱଭାବର ଯେଉଁ ଅଭିବ୍ୟକ୍ତି ଆଡ଼କୁ ତାହା ଇଙ୍ଗିତ କରି ଦେଖାଇ ଦେଉଛି, ବ୍ୟାବହାରିକ ଜୀବନରେ ତାହାର ସବୁଠାରୁ ଅଧିକ ମହତ୍ତ୍ୱ ରହିଛି । ଆମର ଏହି ଅଭିବୃଦ୍ଧି ପ୍ରକୃତରେ ଜଡ଼ର ଉପାଦାନରେ ଗଢ଼ାହୋଇଛି ଏବଂ ସବୁତର ଧାରା ତଥା ପ୍ରକୃତିପରିବର୍ତ୍ତନର ଗତିଛନ୍ଦଟି ପ୍ରକୃତରେ ଯେଉଁ ପଥ ଅନୁସରଣ କରି ଚାଲିଛି; ତାହାକୁ ବୁଝିବାରେ ଆମର ଏହି ପଦ୍ଧତିଟି ଆମକୁ ଅନେକ ସାହାଯ୍ୟ କରେ । ତଥାପି ସଙ୍ଗେସଙ୍ଗେ ଆମେ ଏକଥା ମଧ୍ୟ ଦେଖିବାକୁ ପାଉ ଯେ ଅନ୍ୟାନ୍ୟ ଲୋକଗୁଡ଼ିକ ଆମର ଏହି ଜଡ଼ଭୂମିଗତ ଜଗତ ଓ ପାର୍ଥିବ ପ୍ରକୃତିଠାରୁ ଏକାବେଳକେ ବିଚ୍ଛିନ୍ନ କିମ୍ବା ଭିନ୍ନ ନୁହନ୍ତି । ସେହି ଲୋକଗୁଡ଼ିକ ଆପଣାର ସ୍ୱଗତ ପ୍ରଭାବ ଦ୍ୱାରା ଆମର ଏହି ଲୋକଟିକୁ ମଧ୍ୟ ଭେଦ କରି ରହିଛନ୍ତି, ତାହାକୁ ପରିବେଷ୍ଟିତ କରି ରହିଛନ୍ତି ଏବଂ ଅଲକ୍ଷ୍ୟରେ ରହି ଆପଣାର ଶକ୍ତିଦ୍ୱାରା ଏହାକୁ ରୂପାୟିତ ଓ ପରିଚାଳିତ ମଧ୍ୟ କରୁଛନ୍ତି, ମାତ୍ର ଆମେ ସହଜରେ ତାହାର ଧାରଣା କରିବାକୁ ତ ସମର୍ଥ ହେଉ ନାହୁଁ । ଅନ୍ୟଲୋକ ସମ୍ବନ୍ଧରେ ଆମର ଜ୍ଞାନ ଓ ଅନୁଭୂତିର ଏହିଭଳି କେତୋଟି ଆମକୁ ଏହି ଅନ୍ତର୍ମୁଖ ପ୍ରକାରର ସ୍ୱରୂପ ଓ ଶକ୍ତିସ୍ୱଭାବ ଧାରଣାଟିକୁ ବୁଝିବାର ସୂତ୍ରଟି ମଧ୍ୟ ଯୋଗାଇ ଦେଉଅଛି ।

ଏହି ପାର୍ଥିବ ପ୍ରକୃତିଟିରେ ସଂଘଟିତ ହେଉଥିବା ଆମ ବିବର୍ତ୍ତନର ଅନେକ ସମ୍ଭାବନା ତଥା ପ୍ରଣାଳୀଟି ମଧ୍ୟ ଅନ୍ୟ ଲୋକଗୁଡ଼ିକର ଅସ୍ତିତ୍ୱ ଓ ପ୍ରଭାବର ଏକ

ପ୍ରଥମ ସ୍ତରର ମହତ୍ତ୍ୱ ରହିଛି । କାରଣ ଯଦି ଏହି ଭୌତିକ ବିଶ୍ୱହିଁ ଅନନ୍ତ ପରମସତ୍ୟଙ୍କର ଅଭିବ୍ୟକ୍ତି ଲାଗି ଏକମାତ୍ର କ୍ଷେତ୍ର ହୋଇ ରହିଥା'ନ୍ତା ଏବଂ ତହିଁ ସଙ୍ଗେ ସଙ୍ଗେ ତାଙ୍କର ସମୁଦାୟ ଅଭିବ୍ୟକ୍ତିଟିର କ୍ଷେତ୍ର ହୋଇଥା'ନ୍ତା, ତେବେ ଆମକୁ ଏହା ଅନୁମାନ କରିବାକୁ ପଡନ୍ତା ଯେ ଜଡଠାରୁ ଆରମ୍ଭ କରି ଚିଦ୍‌ଗତତା ପର୍ଯ୍ୟନ୍ତ ତାଙ୍କର ସତ୍ତାଗତ ସମସ୍ତ ତତ୍ତ୍ୱ ଏହି ବିଶ୍ୱଗତ ପ୍ରାଥମିକ କ୍ରିୟାଟିର ଆଧାର-ରୂପେ ଅବସ୍ଥିତ ସେହି ଆପାତ ନିଶ୍ଚେତନ ଶକ୍ତିଟି ମଧ୍ୟରେ ଯେହେତୁ ସମ୍ପୂର୍ଣ୍ଣ ଭାବରେ ସଂବୃତ ହୋଇ ରହିଛି, ସେଗୁଡିକ କେବଳ ଏକମାତ୍ର ଏହିଠାରେହିଁ ବିବର୍ତ୍ତିତ ହେଉଛି, ଏବଂ ତାଙ୍କର ମଧ୍ୟରେ ଅବସ୍ଥିତ ପ୍ରଚ୍ଛନ୍ନ ପରମ ଅତିଚେତନା ବ୍ୟତୀତ ଏହି ବିବର୍ତ୍ତନ ସକାଶେ ଆଉ କାହାରି ସାହାଯ୍ୟ ବା ପ୍ରଭାବ ଆଦୌ ଆବଶ୍ୟକ ହେଉ ନାହିଁ । ତେବେ ସେପରି ସ୍ଥଳରେ ବସ୍ତୁତନ୍ତ୍ରର ବ୍ୟବସ୍ଥା ଏପରି ହୋଇ ରହିବ, ଯେଉଁଥିରେ କି ଜଡର ତତ୍ତ୍ୱଟିହିଁ ସର୍ବଦା କେବଳ ଆଦ୍ୟତତ୍ତ୍ୱ ହୋଇ ରହିଥିବ, ଅଭିବ୍ୟକ୍ତ ସତ୍ତାର ମର୍ମସତ୍ୟଗତ ଓ ସର୍ବମୂଳ ନିୟାମକ ହୋଇ ମଧ୍ୟ ରହିଥିବ । ବିବର୍ତ୍ତନର ଶେଷ ପର୍ଯ୍ୟାୟଟିରେ ଯାଇ ଚିତ୍‌ସତ୍ତା ବସ୍ତୁତଃ କେବଳ ଏକ ସୀମିତ ପରିମାଣରେ ଆପଣାର ସ୍ୱାଭାବିକ ସ୍ୱାତନ୍ତ୍ର୍ୟ ଓ ପ୍ରଭୁତ୍ୱ ଲାଭ କରିବାକୁ ସମର୍ଥ ହେବ; ହୁଏତ ଜଡର ଭିତ୍ତି ଉପରେ ପ୍ରତିଷ୍ଠିତ ରହି ଚିତ୍‌ସତ୍ତା ସେହି ଜଡକୁ ଆହୁରି ଅନେକ ଅଧିକ ପରିମାଣରେ ଏକ ସାବଲୀଳ ତଥା ନମନୀୟ ସାଧନରେ ପରିଣତ କରିଦେଇ ପାରିବ; ଜଡ ଏବେ ଯେପରି ଚିତ୍‌ସତ୍ତାର ଉଚ୍ଚତର ବିଧାନ ଓ ପ୍ରକୃତି ତଥା କ୍ରିୟାତ୍ମକତାର ସମ୍ପୂର୍ଣ୍ଣ ନିରୋଧକରୂପେ ବର୍ତ୍ତମାନ ରହିଛି ଅର୍ଥାତ୍ ଆପଣାର ଅନମନୀୟ ବାଧାଟିକୁ ସମ୍ମୁଖରେ ରଖି ସେଗୁଡିକର ପ୍ରତିକୂଳ ହୋଇ ରହିଛି, ସେତେବେଳେ ତାହା ହୁଏତ ଆଉ ସେପରି ରହିବ ନାହିଁ । ମାତ୍ର ଆପଣାର କ୍ଷେତ୍ର ତଥା ଅଭିବ୍ୟକ୍ତି ଲାଗି ଚିତ୍‌ସତ୍ତା ତଥାପି ସେହି ଜଡର ଆଶ୍ରିତ ହୋଇ ରହିଥିବ; ଏହାର ଅଭିବ୍ୟକ୍ତି ଲାଗି ଆଉ ଅନ୍ୟ କୌଣସି କ୍ଷେତ୍ରହିଁ ନଥିବ ଏବଂ ଏହି କ୍ଷେତ୍ରଟିରୁ ବାହାରେ ତାହା ଅନ୍ୟ କୌଣସି ପ୍ରକାର ଅଭିବ୍ୟକ୍ତିକୁ ମଧ୍ୟ ଗ୍ରହଣ କରିପାରିବ ନାହିଁ । ଏବଂ ଆପଣାର ଏହି କ୍ଷେତ୍ରଟି ଭିତରେ ମଧ୍ୟ ତାହା ଆପଣା ସତ୍ତାର କୌଣସି ଅନ୍ୟ ଏକ ତତ୍ତ୍ୱକୁ ଜଡମୟ ଭୂମିଟି ଉପରେ ନିୟନ୍ତ୍ରଣକାରୀ ଶକ୍ତି ହୋଇ ପାରିବାକୁ ଯଥେଷ୍ଟ ଭାବରେ ମୁକ୍ତ ବି କରିଦେଇ ପାରିବ ନାହିଁ । ସେହି ଜଡହିଁ ଅବିଚଳ ଭାବରେ ତାହାର ଅଭିବ୍ୟକ୍ତିରେ ପରମ ନିୟାମକ ହୋଇ ରହିଥିବ । ପ୍ରାଣ କୌଣସି ଶକ୍ତିବିସ୍ତାର କରିପାରିବ ନାହିଁ । କିମ୍ବା ଏଠି ତାହାର କୌଣସି ନିୟନ୍ତ୍ରଣ ଚାଲିବ ନାହିଁ, ମନର କୌଣସି ପ୍ରଭୁତ୍ୱ ନଥିବ, କୌଣସି ସୃଜନକ୍ଷମତା ବି ନଥିବ; ଜଡର ସାମର୍ଥ୍ୟହିଁ ସେମାନଙ୍କର ସାମର୍ଥ୍ୟସୀମାଗୁଡିକୁ ଗାର କାଟି ବାନ୍ଧି ରଖିଥିବ । ସେମାନେ ଏହି ସୀମାକୁ ହୁଏତ କିଛିକୁ ବଢାଇଦେଇ

'oaob.nitrkl.ac.in' images reprocessed

ପାରୁଥିବେ କିମ୍ବା ଏଥିରେ କୌଣସି ପରିବର୍ତ୍ତନ ବି ଆଣି ପାରୁଥିବେ, ମାତ୍ର ତାହାର ମୌଳିକ ରୂପାନ୍ତର ଘଟାଇବାରେ କିମ୍ବା ତାହାର ବନ୍ଧନଟିକୁ ଛିନ୍ନ କରିଦେବାରେ ସେମାନେ ଆଦୌ ସମର୍ଥ ହେବେ ନାହିଁ । ସତ୍ତାର କୌଣସି ଉଚ୍ଚତର ସ୍ୱାଧୀନ ଓ ସ୍ୱତଳାଜ ଅଭିବ୍ୟକ୍ତି ଲାଗି ସେଠାରେ ଆଦୌ କୌଣସି ସ୍ଥାନ ନଥିବ ଏବଂ କେବଳ ଅସ୍ଥ କରି ରଖିଥିବା ଏକ ଜଡ଼ଗତ ରୂପାୟନର ବିଧାନଟିଦ୍ୱାରା ସବୁକିଛୁ ସବୁଦିନ ସକାଶେ କେବଳ ସୀମିତ ହୋଇ ରହିଥିବ । ଚେତନତା, ମନ ଓ ପ୍ରାଣର ସ୍ୱକୀୟ ଶକ୍ତି ଓ ତତ୍ତ୍ୱର କାର୍ଯ୍ୟକାରିତା ଲାଗି ଏଠାରେ କୌଣସି ସ୍ୱାଧୀନ କ୍ଷେତ୍ର କିମ୍ବା ପୂର୍ଣ୍ଣ ପରିସର ନଥିବ । ମାତ୍ର ଯଦି ଚେତନତାକୁହିଁ ସ୍ରଷ୍ଟା ବୋଲି ଗ୍ରହଣ କରାଯାଏ ଏବଂ ଏହିସବୁ ତତ୍ତ୍ୱର ଏକ ସ୍ୱାଧୀନ ଅସ୍ତିତ୍ୱ ଅବଶ୍ୟ ରହିଛି ଓ କେବଳ ଜଡ଼ର ଶକ୍ତି ଭିତରୁହିଁ ସେମାନେ ଏକ ପରିଣାମ ବା ପ୍ରତିକ୍ରିୟାରୂପେ ଜାତ ହୋଇ ଆସି ନାହାନ୍ତି ବୋଲି ସ୍ୱୀକାର କରାଯାଏ, ତେବେ ସେହି ଅସୀମାବଦ୍ଧତାଟିକୁ ଏକାନ୍ତ ଅନିବାର୍ଯ୍ୟ ବୋଲି ମାନିନେବା କଦାପି ସହଜ ହେବ ନାହିଁ ।

ଯଦି ଏହାହିଁ ସତ୍ୟ ହୁଏ ଯେ ଅନନ୍ତ ପରମସତ୍ୟ ଆପଣା ଚେତନାର ଲୀଳାରେ ସମ୍ପୂର୍ଣ୍ଣ ମୁକ୍ତ ହୋଇ ରହିଛନ୍ତି, ତେବେ କୌଣସିପ୍ରକାର ଅଭିବ୍ୟକ୍ତିର ପ୍ରଥମ ପାଦରେ ତାଙ୍କୁ ଯେ ଜଡ଼ର ଅଚେତନା ମଧ୍ୟରେ ଅବଶ୍ୟ ଆବୃତ ହୋଇ ରହିବାକୁ ପଡ଼ିବ, ଏକଥା କଦାପି ହୋଇପାରିବ ନାହିଁ । ପରମ ଅନନ୍ତସତ୍ତା ଇଚ୍ଛାକଲେ ବର୍ତ୍ତମାନ ଯେଉଁ ବସ୍ତୁଗୁଡ଼ିକୁ ସୃଷ୍ଟି କରୁଛନ୍ତି, ତାହାର ସମ୍ପୂର୍ଣ୍ଣ ବିପରୀତ ଗୋଷ୍ଠୀର ବସ୍ତୁଗୁଡ଼ିକର ମଧ୍ୟ ସୃଷ୍ଟି କରିପାରିବେ, ଅର୍ଥାତ୍ ଏପରି ଏକ ଜଗତର ସୃଷ୍ଟି କରିବେ, ଯେଉଁଠି କି ଆଧ୍ୟାତ୍ମିକ ସତ୍ତାର ଏକତ୍ୱହିଁ ସକଳ ରୂପ ଓ ସକଳ କ୍ରିୟାର ମୂଳାଧାର ଓ ଅଧିଷ୍ଠାନ ହୋଇ ରହିଥିବ, ଯେଉଁଠି କ୍ରିୟାଶକ୍ତି ମଧ୍ୟ ଏକ ଚେତନଶୀଳ ଅନୁଭବଯୁକ୍ତ ଆଧ୍ୟାତ୍ମିକ ଅସ୍ତିତ୍ୱରେ ପରିଣତ ହୋଇଯିବ । ଏବଂ ଏହାର ସକଳ ନାମ ଓ ସକଳ ରୂପ କେବଳ ସେହି ଆଧ୍ୟାତ୍ମିକ ଏକତ୍ୱରହିଁ ଏକ ଆତ୍ମସଚେତନ ଲୀଳା ହୋଇ ରହିବ । ଅଥବା, ତାହା ଏପରି ଏକ ବ୍ୟବସ୍ଥାରୂପେ ପ୍ରକଟିତ ହେବ, ଯେଉଁଥିରେ କି ପରମ ତତ୍ତ୍ୱସତ୍ତାର ଚେତନ ସାମର୍ଥ୍ୟ ତଥା ସ୍ୱଭାବଗତ ଅନ୍ତର୍ଗତ ଶକ୍ତି ଆପଣା ମଧ୍ୟରେହିଁ ମୁକ୍ତ ଓ ପ୍ରକାଶ୍ୟ ଭାବରେ ଆପଣାର ସକଳ ସମ୍ଭାବନାର ଉପଲବ୍ଧି କରିପାରନ୍ତି; ଏହି ଜଡ଼ଜଗତର ଯେପରି ତାହାକୁ ଆଉ ଜଡ଼ୀୟ ପ୍ରାଣଶକ୍ତିର ସୀମାବଦ୍ଧ ମାଧ୍ୟମଟି ଭିତରେ ବନ୍ଦୀହୋଇ ରହି ତାହା କରିବାକୁ ପଡ଼ିବ ନାହିଁ । ସେହି ଉପଲବ୍ଧିଟି ଏକାଧାରରେ ଅଭିବ୍ୟକ୍ତିର ସର୍ବପ୍ରଥମ ବିଧାନ ହୋଇ ରହିବ ଏବଂ ଏହି ଅଭିବ୍ୟକ୍ତିର ଆଦ୍ୟନ୍ତ ସ୍ୱାଧୀନ ତଥା ଆନନ୍ଦମୟ କ୍ରିୟାର ଉଦ୍ଦେଶ୍ୟ ମଧ୍ୟ ହୋଇ ରହିବ । ଅଥବା, ଏପରି ଏକ ଜଗତର ବି ସୃଷ୍ଟି

ହୋଇପାରିବ, ଯେଉଁଠାରେ କି ବହୁମଧ୍ୟରେ ଅନ୍ତର୍ହିତ ଓ ସ୍ୱାଧୀନ ସ୍ୱରୂପଗତ ଆନନ୍ଦର ଏକ ସକଳ ବାଧାହୀନ ପାରସ୍ପରିକ ସମ୍ଭୋଗ ଲକ୍ଷ୍ୟ ହୋଇ ରହିଥିବ; ସେହି ଜଗତଲୋକରେ ଯେଉଁ ଚିନ୍ମୟ ବା ଆତ୍ମସଚେତନ ବହୁର ପ୍ରକାଶ ଘଟିବ, ସେଗୁଡ଼ିକ ଏକଦିଗରେ ସକଳ ବସ୍ତୁର ଭିତ୍ତିରୂପେ ଅବସ୍ଥିତ ରହିଥିବା ଅନ୍ତର୍ଗୂଢ଼ ଏକତ୍ୱଟି ବିଷୟରେ ଯେପରି ସଚେତନ ରହିଥିବେ, ସେହିପରି ସେଗୁଡ଼ିକର ବର୍ତ୍ତମାନ ବା ପ୍ରକାଶିତ ଜୀବନର ପ୍ରତ୍ୟେକ ମୁହୂର୍ତ୍ତରେ ସେହି ଅଦ୍ୱୟ ଚେତନାଟିର ଆନନ୍ଦରେହିଁ ପରିପୂର୍ଣ୍ଣ ହୋଇ ରହିବାହିଁ ସେମାନଙ୍କର ଉଦ୍ଦେଶ୍ୟ ହୋଇ ରହିବ । ଏହିଭଳି ଏକ ବ୍ୟବସ୍ଥାରେ ଆପେ-ବର୍ତ୍ତମାନ ପରମ ଆନନ୍ଦର ତତ୍ତ୍ୱଟିହିଁ ସର୍ବପ୍ରଥମ ତତ୍ତ୍ୱ ଓ ବିଶ୍ୱବିଧାନ ହୋଇ ରହିବ । ପୁଣି, ଏହା ହୁଏତ ଏପରି ଏକ ବିଶ୍ୱବ୍ୟବସ୍ଥା ମଧ୍ୟ ହୋଇଥିବ, ଯେଉଁଥିରେ କି ଆରମ୍ଭରୁହିଁ ଅତିମାନସ ଏକମାତ୍ର ନିର୍ଦ୍ଧାରକ ତତ୍ତ୍ୱରୂପେ କାର୍ଯ୍ୟ କରୁଥିବ; ସେଠାରେ ଅଭିବ୍ୟକ୍ତିର ସ୍ୱଭାବଟି ଏପରି ହୋଇଥିବ ଯେ ସତ୍ତାଗତ ବହୁତା ସ୍ୱକୀୟ ଦିବ୍ୟ ବ୍ୟକ୍ତିତ୍ୱର, ମୁକ୍ତ ଓ ଜ୍ୟୋତିର୍ମୟ ଲୀଳାର ମଧ୍ୟଦେଇ ଭେଦ ମଧ୍ୟରେ ନିହିତ ହୋଇ ରହିଥିବା ଅଭେଦର ବହୁବିଚିତ୍ର ସକଳ ଆନନ୍ଦର ଉପଭୋଗ କରିବାକୁ ମଧ୍ୟ ସମର୍ଥ ହୋଇ ପାରିବ ।

ବିଶ୍ୱବ୍ୟବସ୍ଥାର ଏହି କ୍ରମଟି ଯେ ଏଇଠାକୁ ଆସି ଶେଷ ହୋଇଯିବ, ତାହାର କୌଣସି କାରଣ ନାହିଁ । କାରଣ ଆମେ ଅବଶ୍ୟ ଦେଖୁଛୁ ଯେ ଆମର ଏହି ଭୂମିଟିରେ ମନ ଜଡ଼ସ୍ଥ ପ୍ରାଣଦ୍ୱାରା ବାଧାପ୍ରାପ୍ତ ହୋଇ ରହିଛି ଏବଂ ଏହି ଦୁଇଟି ଭିନ୍ନ ଶକ୍ତିର ପ୍ରତିରୋଧ ଉପରେ ଆପଣାର ପ୍ରଭାବ ବିସ୍ତାର କରିବାରେ ତାହାକୁ ସମ୍ଭାବ୍ୟ ସକଳ ଅସୁବିଧାର ସମ୍ମୁଖୀନ ହେବାକୁ ପଡ଼ୁଛି । ସେହିପରି ପ୍ରାଣ ମଧ୍ୟ ଜଡ଼ର ମରଣଶୀଳତା, ଜଡ଼ତା ଓ ଅସ୍ଥାୟିତ୍ୱର ଜାଲରେ ଛନ୍ଦିହୋଇ ରହିଛି । ମାତ୍ର ଏପରି ଅନ୍ୟ ଏକ ବିଶ୍ୱବ୍ୟବସ୍ଥା ଅବଶ୍ୟ ସମ୍ଭବ ହୋଇପାରେ ଯେଉଁଥିରେ କି ଉକ୍ତ ଦୁଇଟି ମଧ୍ୟରୁ କୌଣସି ଅସମର୍ଥତା ଅସ୍ତିତ୍ୱର ପ୍ରଥମ ଭୂମିଗତ ବିଧାନର ଏକ ଅଂଶ ହୋଇ ଆଦୌ ରହି ନଥିବ । ଏପରି ଏକ ଜଗତର ଅବଶ୍ୟ ସମ୍ଭାବନା ରହିଛି, ଯେଉଁଥିରେ ମନ ପ୍ରଥମରୁହିଁ ସବୁଠାରୁ ଅଧିକ ପ୍ରଭାବଶାଳୀ ହୋଇ ରହିଥିବ, ସେଠାରେ ମନୋମୟ ଓ ଜଡ଼ମୟ ଉପାଦାନଗୁଡ଼ିକୁ ମୁକ୍ତ ଓ ସମ୍ପୂର୍ଣ୍ଣ ସାବଲୀଳ ଭାବରେ ଆପଣାର କାର୍ଯ୍ୟରେ ଆଣି ଲଗାଇବାକୁ ମନ ଲାଗି ଆଦୌ କୌଣସି ବାଧା ନଥିବ ଅଥବା ଯେଉଁଠାରେ ଜଡ଼ ସ୍ୱତଃ ପ୍ରାଣର କ୍ଷେତ୍ରରେ ଆପଣାକୁ କାର୍ଯ୍ୟକାରୀ କରାଉଥିବା ସେହି ବିଶ୍ୱଗତ ମନଃଶକ୍ତିରହିଁ ଏକ ପରିଣାମ ହୋଇଥିବ । ଆମର ଏହି ବର୍ତ୍ତମାନ ଜଗତଟିରେ ମଧ୍ୟ ଜଡ଼ ବସ୍ତୁତଃ ଠିକ୍ ତାହାହିଁ ହୋଇ ରହିଛି, ମାତ୍ର ଏଠି ମନଃଶକ୍ତି ପ୍ରଥମରୁହିଁ ଆବୃତ ହୋଇପଡ଼ୁଛି, ତା'ପରେ ଦୀର୍ଘକାଳ ପାଇଁ

'oaob.nitrkl.ac.in' images reprocessed

ଅବଚେତନ ଅବସ୍ଥାରେ ରହିଛି ଓ ଯେତେବେଳେ ତାହାର ଉନ୍ମେଷ ଘଟୁଛି, ସେତେବେଳେ ମଧ୍ୟ ତାହା ଅପେ ଆପଣାର ମୁକ୍ତ ଅଧିକାର ଉପରେ ଅଦୌ ରହିପାରୁ ନାହିଁ, ମାତ୍ର ଆପଣାର ଆବରଣକାରୀ ଉପାଦାନଟିର ଅଧୀନ ହୋଇ ରହୁଛି । କିନ୍ତୁ ସେହି ଅନ୍ୟ ଜଗତଟିରେ ମନ ଆପଣାର ପୂର୍ଣ୍ଣ ଅଧିକାରରେହିଁ ପ୍ରତିଷ୍ଠିତ ରହିବ, ଆପଣାର ଉପାଦାନଟି ଉପରେ ତାହାର ପୂର୍ଣ୍ଣ କର୍ତ୍ତୃତ୍ୱ ରହିବ, ଏବଂ ସେତେବେଳେ ତାହାର ସେହି ଉପାଦାନଟି ମଧ୍ୟ ଏହି ପ୍ରଧାନତଃ ଜଡ଼ଧର୍ମୀ ଜଗତଟିର ଉପାଦାନ ତୁଳନାରେ ଅନେକ ଅଧିକ ସୂକ୍ଷ୍ମ ଓ ସ୍ଥିତିସ୍ଥାପକ ହୋଇ ରହିବ । ଠିକ୍ ସେହିପରି ପ୍ରାଣର ମଧ୍ୟ ଏକ ନିଜସ୍ୱ ଲୋକ ଥାଇପାରେ, ଯେଉଁଠାରେ ପ୍ରାଣହିଁ ସାର୍ବଭୌମ ହୋଇ ରହିଛି, ଯେଉଁଠାରେ ତାହାର ଅଧିକ ସ୍ୱଚ୍ଛନ୍ଦ ଓ ସାବଲୀଳ ବହୁବିଚିତ୍ର ବାସନା ଓ ପ୍ରବୃତ୍ତିର ପୂର୍ଣ୍ଣମୁକ୍ତ ପ୍ରକାଶ ଲାଗି ଅଦୌ କୌଣସି ବାଧା ନାହିଁ, କୌଣସି ବିରୁଦ୍ଧ ଶକ୍ତିର ଆଘାତଦ୍ୱାରା ଭାଙ୍ଗି ପଡ଼ିବାର ଆଶଙ୍କାଦ୍ୱାରା ଆଚ୍ଛନ୍ନ ରହି ପ୍ରଧାନତଃ ତାହାର ଜୀବନକୁ ଆପଣାକୁ ବଞ୍ଚାଇ ରଖିବାର ଚେଷ୍ଟାରେହିଁ ତାକୁ ସତତ ବ୍ୟାପୃତ ହୋଇ ରହିବାକୁ ପଡ଼ୁ ନାହିଁ, ଏବଂ ସେଠି ଆପଣାର ମୁକ୍ତ ରୂପାୟନ, ମୁକ୍ତ ଆତ୍ମ-ପରିତୃପ୍ତି ଓ ମୁକ୍ତ ଅଭିଯାନର ସହଜାତ ସ୍ୱାଭିବ୍ୟକ୍ତିକୁ ବାଧା ଦେଇ ରଖୁଥିବା ଏହି ଦାରୁଣ ଅନ୍ତର୍ଘାତମୟ ଅବସ୍ଥାଟି ଦ୍ୱାରା ତାହାର ଗତିଟି ମଧ୍ୟ କେବେହେଲେ ବାଧାପ୍ରାପ୍ତ ହେଉ ନାହିଁ । ଏହିପରି ସବୁରେ ସତ୍ତାର ପ୍ରତ୍ୟେକ ତତ୍ତ୍ୱ ନିଜସ୍ୱ ସ୍ତରରେ ସର୍ବପ୍ରଧାନ ଅର୍ଥାତ୍ ମୂଳତତ୍ତ୍ୱରୂପେ ଅବସ୍ଥିତ ରହି ଗୋଟିଏ ଗୋଟିଏ ଜଗତର ପ୍ରକାଶକ ବା ପ୍ରବର୍ତ୍ତକ ହୋଇ ପାରିବାର ସାମର୍ଥ୍ୟଟି ସତ୍ତାଗତ ଆତ୍ମ-ଅଭିବ୍ୟକ୍ତିର ଏକ ଚିରନ୍ତନ ସମ୍ଭାବନାରୂପେ ସତତ ବର୍ତ୍ତମାନ ରହିଛି । ଏହି କ୍ଷେତ୍ରରେ ଆମକୁ ସର୍ବଦା କେବଳ ଏତିକି ସ୍ୱୀକାର କରିବାକୁ ପଡ଼ିବ ଯେ ମୂଳ ଉପାଦାନଟିର ଭୂମିରେ ଏକ ଓ ସାର୍ବଜନୀନ ହୋଇଥିଲେହେଁ ଏହି ତତ୍ତ୍ୱସବୁ ଆପଣାର ଗତିଶୀଳ ଶକ୍ତି ଓ କ୍ରିୟାସ୍ତରରେ ପରସ୍ପରଠାରୁ ପୃଥକ୍ ହୋଇ ଓ ନିଜ ନିଜର ବୈଶିଷ୍ଟ୍ୟ ପରିଚୟ ଧାରଣ କରି ରହିଛନ୍ତି ।

ଯଦି ଏହିସବୁ କଥା କେବଳ ଏକ ଦାର୍ଶନିକ ସମ୍ଭାବନାମାତ୍ର ହୋଇଥା'ନ୍ତା, ଯଦି ସେଗୁଡ଼ାକ ସଚ୍ଚିଦାନନ୍ଦଙ୍କର ସତ୍ତା ମଧ୍ୟରେ କେବଳ ଏକାନ୍ତ ଅନ୍ତର୍ନିହିତ ଶକ୍ତି ବା ସମ୍ଭାବନାରୂପେ ରହିଥା'ନ୍ତା, ଯାହାକୁ କି ସେ କଦାପି ଉପଲବ୍ଧି କରନ୍ତି ନାହିଁ ବା ଅନ୍ତର୍ଗତ ଉପଲବ୍ଧି କରି ନାହାନ୍ତି ଅଥବା, ଉପଲବ୍ଧି କରିଥିଲେ ମଧ୍ୟ ସେଗୁଡ଼ିକୁ ଏହି ଭୌତିକ ଜଗତରେ ବାସ କରୁଥିବା କୌଣସି ଜୀବର ଚେତନା-ପରିସର ମଧ୍ୟକୁ ଆଣି ନାହାନ୍ତି, ତେବେ ସେଥିରେ ଆଉ କିଛି କହିବାର ନଥା'ନ୍ତା । ମାତ୍ର ଆମର ଯାବତୀୟ ଆଧ୍ୟାତ୍ମିକ ତଥା ଚୈତ୍ୟ ଅନୁଭୂତି ଏହିସବୁ ବିଷୟରେ ଏକ

'oaob.nitrkl.ac.in' images reprocessed

ସତ୍ତାତ୍ମକ ସାକ୍ଷୀ ହୋଇ ରହିଛି, ଏହିସବୁ ଅନ୍ୟ ଜଗତ ଅର୍ଥାତ୍ ଅସ୍ତିତ୍ୱର ଏହିସବୁ ମୁକ୍ତତର ଭୂମି ନିଶ୍ଚୟ ଅବସ୍ଥିତ ରହିଛି ବୋଲି ସତତ ପ୍ରମାଣ ଆଣି ଦେଇଯାଉଛି ଓ ଏହାର ପ୍ରଧାନ ପ୍ରଧାନ ତତ୍ତ୍ୱଗୁଡ଼ିକ ଉପରୁ ଅଭ୍ରାନ୍ତ ଭାବରେ ତାହାହିଁ କହିଦେଇ ଯାଉଛି । ଏହିସବୁ ଅନେକ ଆଧୁନିକ ବିଶ୍ୱର ପରି କେବଳ ଜଡ଼ଭୂମିର ଅନୁଭୂତ ଅର୍ଥାତ୍ ଜଡ଼େନ୍ଦ୍ରିୟକୁ ଭିତ୍ତି କରି ରହିଥିବା ଅନୁଭୂତିହିଁ ଏକମାତ୍ର ଯଥାର୍ଥ ଅନୁଭୂତ ବୋଲି କହୁଥିବା କୌଣସି ଅନ୍ଧସିଦ୍ଧାନ୍ତରେ ଆପଣାକୁ ବାନ୍ଧିରଖିବା ଲାଗି ଆମେ କୌଣସି ଚେଷ୍ଟା କରି ନାହୁଁ । ଏହି ଜଡ଼ଜଗତର ଅନୁଭୂତିଗୁଡ଼ିକୁ କେବଳ ବୁଦ୍ଧି-ଆଶ୍ରିତ ଯୁକ୍ତିଦ୍ୱାରା ବିଶ୍ଳେଷଣ କରିବାହିଁ ଯେ ଯାହାକିଛିକୁ ପ୍ରମାଣ ବା ସମର୍ଥନ କରିବାର ଏକମାତ୍ର ଉପାୟ, ଏବଂ ବାକୀ ସବୁକିଛି କେବଳ ଜଡ଼ର ଅସ୍ତିତ୍ୱ ଓ ଜଡର ଅନୁଭୂତିରହିଁ ପରିଣାମ ମାତ୍ର; ଯଦି ଏସବୁର ବାହାରେ ଆଉ କିଛି କେଉଁଠି ଥାଏ, ତେବେ ତାହା ତୁଚ୍ଛା ଭ୍ରମ, ଆତ୍ମବଞ୍ଚନା ଓ ପ୍ରମାଦ ବ୍ୟତୀତ ଆଉ କିଛି ନୁହେଁ,—ଏଭଳି ଅନୁମାନ କରିବାଲାଗି ଆମେ ଆଦୌ ବାଧ୍ୟ ହୋଇ ନାହୁଁ । ତେଣୁ ଆମେ ଏହିସବୁ ଅନ୍ୟ ପ୍ରମାଣ ଗ୍ରହଣ କରିବାଲାଗି ଓ ଅନ୍ୟ ଭୂମିଗୁଡ଼ିକର ସତ୍ୟକୁ ସ୍ୱୀକାର କରିବାଲାଗି ଆପଣାକୁ ସର୍ବଦା ମୁକ୍ତ ରଖିଆସିଛୁ । ଆମେ ବେଶ୍ ଦେଖିପାରୁଛୁ ଯେ ଏହି ଭୂତଜଗତର ସମତାବସ୍ଥାଟିଠାରୁ ବ୍ୟବହାର୍ଯ୍ୟତଃ ସେହିସବୁ ସମତାବସ୍ଥା ସମ୍ପୂର୍ଣ୍ଣ ଭିନ୍ନ । ଏଠାରେ 'ଭୂମି' ଶବ୍ଦଟିର ବ୍ୟବହାରରୁ ଯାହା ସୂଚିତ ହୋଇଯାଉଛି, ସତ୍ତାର ସୋପାନକ୍ରମରେ ସେଗୁଡ଼ିକ ଏକ ଭିନ୍ନ ସ୍ତରରେ ଅବସ୍ଥିତ ରହିଛନ୍ତି ଏବଂ ଆପଣାର ତତ୍ତ୍ୱଗୁଡ଼ିକର ଏକ ଭିନ୍ନ ବିଧାନ ତଥା ବ୍ୟବସ୍ଥା ମଧ୍ୟ ଗ୍ରହଣ କରିଛନ୍ତି । ଆମର ଏହି ଲୋକଟି ଯେଉଁ କାଳ ଓ ଦେଶର ପରିବେଶଟି ମଧ୍ୟରେ ଅବସ୍ଥିତ ରହିଛି, ସେହିସବୁ ଲୋକ ମଧ୍ୟ ଠିକ୍ ସେହି ପରିବେଶ ଭିତରେ ରହିଛି ଅଥବା କାଳଗତ ଏକ ଅନ୍ୟ ସ୍ରୋତରେ ତଥା ଦେଶର ଏକ ଅନ୍ୟ କ୍ଷେତ୍ରରେ ବିଚରଣ କରୁଛି, ଆମର ବର୍ତ୍ତମାନ ଆଲୋଚନାଟିର ଦୃଷ୍ଟିରୁ ଏଠାରେ ସେହି ପ୍ରଶ୍ନଟି ପଚାରିବାର କୌଣସି ପ୍ରୟୋଜନ ନାହିଁ । କେବଳ ଏତିକିମାତ୍ର କହିରଖିବା ଉଚିତ ଯେ ଉଭୟ କ୍ଷେତ୍ରରେ ସେହିସବୁ ଲୋକର ଉପାଦାନ ହେଉଛି ଅପେକ୍ଷାକୃତ ଅଧିକ ସୂକ୍ଷ୍ମ, ଓ ସେଗୁଡ଼ିକର ଗଠନସ୍ପନ୍ଦନ ଏହି ଜଗତର ଗଠନସ୍ପନ୍ଦନଠାରୁ ସମ୍ପୂର୍ଣ୍ଣ ଭିନ୍ନ । ସେହି ଜଗତଗୁଡ଼ିକ କ'ଣ ପ୍ରକୃତରେ ପରସ୍ପରଠାରୁ ସ୍ୱତନ୍ତ୍ର ଭାବରେ ଅବସ୍ଥାନ କରୁଛନ୍ତି, ପ୍ରତ୍ୟେକେ କେବଳ ଆପଣା ମଧ୍ୟରେହିଁ ସ୍ୱୟଂପୂର୍ଣ୍ଣ ହୋଇ ରହିଛନ୍ତି, ସେମାନଙ୍କ ମଧ୍ୟରୁ କାହାରି ପଥ କାହାରି ସହିତ ମିଳୁ ନାହିଁ, ପରସ୍ପରକୁ ଛେଦ କରୁ ନାହିଁ ଅଥବା ଅନ୍ୟ କାହାରି ଉପରେ କୌଣସି ପ୍ରଭାବ ପକାଉ ନାହିଁ; କିମ୍ବା ଗୋଟିଏ ସତ୍ତାର ଏକ ସୋପାନବିଶିଷ୍ଟ ଓ ପରସ୍ପରଗ୍ରଥିତ ବ୍ୟବସ୍ଥା ଭିତରେ ସେଗୁଡ଼ିକ ଗୋଟିଏ ଗୋଟିଏ ସୋପାନ ପରି ହୋଇ ରହିଛନ୍ତି, ଏବଂ ତେଣୁ ଏକ

'oaob.nitrkl.ac.in' images reprocessed

ଜଟିଳ ଓ ସମସ୍ତ ବସ୍ତୁବ୍ୟବସ୍ଥା ମଧ୍ୟରେ ଗୋଟିଏ ଗୋଟିଏ ଅଂଶରୂପ ହୋଇ ରହିଛନ୍ତି, ବର୍ତ୍ତମାନ ଏହି ପ୍ରଶ୍ନଟି ସମ୍ବନ୍ଧେ ଆମେ ପ୍ରତ୍ୟକ୍ଷଭାବେ ସମ୍ପୃକ୍ତ ହୋଇ ରହିଛୁ । ସେହି ଜଗତସବୁ ଯେ ଆମ ମାନସିକ ଚେତନାର କ୍ଷେତ୍ର ଭିତରେ ଅନୁପ୍ରବେଶ କରି ପାରୁଛନ୍ତି, ସେଥିରୁହିଁ ଏହି ଦ୍ୱିତୀୟ ସମ୍ଭାବନାଟି ପ୍ରକୃତରେ ଯଥାର୍ଥ ହୋଇଥିବ ବୋଲି ସୂଚିତ ହୋଇଯାଉଛି; ମାତ୍ର ତଥାପି କେବଳ ସେଥିରୁହିଁ ଆମେ ସେଇଟିକୁହିଁ ସିଦ୍ଧାନ୍ତ ବୋଲି ମାନିନେଇ ପାରିବା ନାହିଁ । ମାତ୍ର ଆମେ ଯାହା ଦେଖିବାକୁ ପାଉଛୁ, ସେଥିରୁ ଜଣାପଡ଼ୁଛି ଯେ ଏହି ଉଚ୍ଚତର ଭୂମିଗୁଡ଼ିକ ପ୍ରକୃତରେ ଓ ପ୍ରତ୍ୟେକ ମୁହୂର୍ତ୍ତରେ ଆମ ସତ୍ତାର ଏହି ଭୂମିଟି ଉପରେ କ୍ରିୟା କରିବାରେ ଲାଗିଛନ୍ତି, ସେଇଟି ସହିତ ଯୋଗାଯୋଗ ସ୍ଥାପନ କରି ରହିଛନ୍ତି । ଅବଶ୍ୟ ଏକଥା ସତ୍ୟ ଯେ ଆମର ସାଧାରଣ ଜାଗରଣାବସ୍ଥାର ବା ବାହାରର ଚେତନାଟିର ଭୂମିରେ ଏହି କ୍ରିୟାର ଉପସ୍ଥିତି ସ୍ୱଭାବତଃ ଅଦୌ ଅନୁଭୂତ ହୁଏ ନାହିଁ, କାରଣ ସେହି ଚେତନା ଅଧିକାଂଶତଃ କେବଳ ଜଡ଼ଭୌତିକ ଜଗତଟିର ସମ୍ପର୍କଗୁଡ଼ିକୁ ଗ୍ରହଣ ଓ ବ୍ୟବହାର କରିବା ମଧ୍ୟରେହିଁ ଆପଣାକୁ ସୀମାବଦ୍ଧ କରି ରଖିଛି । ମାତ୍ର ଯେଉଁ ମୁହୂର୍ତ୍ତରେ ଆମେ ହୁଏତ ପଛକୁ ଫେରିଯାଇ ଆମର ଅବଚେତନ ସତ୍ତାରେ ପ୍ରବିଷ୍ଟ ହୋଇପାରୁଁ ଅଥବା ଆମର ଜାଗ୍ରତ ଚେତନାଟିକୁ କେବଳ ଭୌତିକ ସମ୍ପର୍କର କ୍ଷେତ୍ରସୀମାରୁ ଟାଣିଆଣି ସମାହିତ କରିଦେଉଁ, ସେହି ମୁହୂର୍ତ୍ତରେ ଆମେ ଏହି ଉଚ୍ଚତର କ୍ରିୟାଶକ୍ତିର ଚେତନ ପରିଚୟ ଅବଶ୍ୟ ପାଇପାରୁଁ । ଆମେ ଏକଥା ମଧ୍ୟ ଦେଖିପାରୁଁ ଯେ ଏହି ଶରୀର ଭିତରେ ରହିଥିବା ମଧ୍ୟ ମନୁଷ୍ୟ ଚେତନା ପରିସ୍ଥିତିରେ ଏହିସବୁ ଉଚ୍ଚତର ଭୂମି ଆଡ଼କୁ ଆପଣାକୁ ଅବଶ୍ୟ ପ୍ରକ୍ଷେପିତ କରି ରଖିପାରିବ, ଏବଂ ଏହି ଶରୀର ମଧ୍ୟରୁ ବାହାରିଯିବା ପରେ ସେ ଅଧିକ ସକ୍ରିୟ ଭାବରେ ତାହା କରିପାରିବ । ସେତେବେଳେ ସେ ସମ୍ପୂର୍ଣ୍ଣ ଭାବରେ ସେକଥା କରିପାରିବ, କାରଣ ସେତେବେଳେ ତାହାର ବାଟ ଓଗାଳିବାକୁ ବା ତାହାକୁ ଅସମର୍ଥ କରି ରଖିବାକୁ ଏହି ଶରୀରଟା ସହିତ ବନ୍ଧା ହୋଇ ରହିଥିବା ଭୌତିକ ଜୀବନର ଆଉ କୌଣସି ପରିସ୍ଥିତିଗତ ବାଧାହିଁ ନଥିବ । ଏହି ସମୂହ ତଥ୍ୟ ଏହି ଉଚ୍ଚକ୍ଷେପ-ଶକ୍ତିକୁ ଆମେ ଏକାନ୍ତ ମହତ୍ତ୍ୱପୂର୍ଣ୍ଣ ବୋଲି ଜାଣିରଖିବା । ଦେହତ୍ୟାଗ ପରେ ମନୁଷ୍ୟର ଆତ୍ମା ଅନ୍ତତଃ ସାମୟିକ ଭାବରେ ଅନ୍ୟ ଲୋକକୁ ଗମନ କରେ ଓ ସେହିଠାରେ ବାସ କରେ ବୋଲି ଲୋକମୁଖରେ ଯେଉଁ ପାରମ୍ପରିକ ବିଶ୍ୱାସଟି ରହିଆସିଛି, ଏସବୁ ତାହାର ପକ୍ଷରେ ଆମକୁ ତତ୍ତ୍ୱଗତ ଏକ ସମର୍ଥନ ମିଳିଯିବ, ଅନ୍ତତଃ ତାହା ଯେ ପ୍ରକୃତରେ ସମ୍ଭବ, ସେକଥା ବେଶ୍ ବୁଝିହେବ । ଏବଂ ଅନ୍ୟପକ୍ଷରେ ତାହା ଆମର ଏହି ପାର୍ଥିବ ଜୀବନଭୂମିଟି ଉପରକୁ ସେହି ଉଚ୍ଚତର ଭୂମିଗୁଡ଼ିକର କ୍ରିୟାଧାରାଟି ଅବତୀର୍ଣ୍ଣ

ହୋଇ ଆସିବାର ସମ୍ଭାବନାଟିକୁ ମଧ୍ୟ ଉନ୍ମୋଚିତ କରିଦେବ । ଏବଂ ଏହି ଉନ୍ମୋଚନ ସେହିସବୁ ଜଗତର ଶକ୍ତିଗୁଡ଼ିକୁ,—ପ୍ରାଣଗତ, ମନୋଗତ ଏବଂ ଚିତ୍‌ସତ୍ତ୍ୱଗତ ଶକ୍ତିଗୁଡ଼ିକୁ,—ମୁକ୍ତ କରିଦେବ, ଜଡ଼ପ୍ରକୃତି ମଧ୍ୟରେ ସେଗୁଡ଼ିକ ରୂପଗ୍ରହଣ କରିବା ଫଳରେ ପ୍ରକୃତି ମଧ୍ୟରେ ଅନ୍ତର୍ନିହିତ ହୋଇ ରହିଥିବା ବିବର୍ତ୍ତନଗତ ଅଭିପ୍ରାୟଟିକୁ ସାଧିତ କରିବାଲାଗି ସେଗୁଡ଼ିକୁ ମୁକ୍ତ କରିଦେବ ।

ଆପଣାର ମୂଳ ସୃଜନକ୍ରମରେ ଏହିସବୁ ଜଗତ ଏହି ଭୌତିକ ଭୂମିର ଜଗତଟିର ପରବର୍ତ୍ତୀ ନୁହନ୍ତି, ସେଗୁଡ଼ିକ ତାହାର ପୂର୍ବବର୍ତ୍ତୀ; କାଳଗତ ଦୃଷ୍ଟିରୁ ପୂର୍ବବର୍ତ୍ତୀ ନହେଲେ ମଧ୍ୟ ପରିଣାମଗତ ପୂର୍ବପରବିଧିର ଦୃଷ୍ଟିରୁ ପୂର୍ବବର୍ତ୍ତୀ । କାରଣ ଆରୋହଣ ତଥା ଅବରୋହଣର ଦୁଇଟିଯାକ ସୋପାନକ୍ରମ ପରସ୍ପରର ସମାନ୍ତର ହୋଇ ଅବସ୍ଥିତ ରହିଥିଲେହେଁ ଜଡ଼ ମଧ୍ୟରେ ଊର୍ଦ୍ଧ୍ୱଗତି ବିବର୍ତ୍ତନଟିକୁ ଉନ୍ମେଷିତ କରାଇବାହିଁ ଆରୋହକ୍ରମର ପ୍ରଥମ ପ୍ରକୃତି ହୋଇ ରହିବ; ଏହି ପ୍ରୟାସଟିରେ ସହାୟକ ହେବାଲାଗି ଜଡ଼ ମଧ୍ୟରେ ଏକ ଗଠନକ୍ଷମ ଶକ୍ତି ରହିଥିବ, ଏବଂ ସେହି ଶକ୍ତି ସେଥିଲାଗି ଅନୁକୂଳ ତଥା ପ୍ରତିକୂଳ ସବୁପ୍ରକାର ସାଧନ ଆଣି ଯୋଗାଇ ଦେଇ ପାରୁଥିବ । ଆରୋହକ୍ରମଟିକୁ କେବଳ ପାର୍ଥିବ ବିବର୍ତ୍ତନର ଏକ ପରିଣାମ ବୋଲି କହିଲେ ଭୁଲ ହେବ; କାରଣ ବୁଦ୍ଧି ଦେଇ ବିଚାର କଲେ ତାହା ସମ୍ଭବ ବୋଲି ମନେହୁଏ ନାହିଁ, ପୁଣି ଆଧ୍ୟାତ୍ମିକ ବା ଗତିଶୀଳ ଓ ବ୍ୟାବହାରିକ ଦୃଷ୍ଟିରୁ ବିଚାର କଲେ ଏହା ନିରର୍ଥକ ସାବ୍ୟସ୍ତ ହୁଏ । ଅନ୍ୟ ଭାଷା ଦେଇ କହିଲେ, ନିମ୍ନରେ ଅବସ୍ଥିତ ଭୌତିକ ବିଶ୍ୱଟିରୁ ରୂପ ପାଇ ଉଚ୍ଚତର ଜଗତଗୁଡ଼ିକର ସୃଷ୍ଟି ହୋଇ ନାହିଁ; କିମ୍ବା କୁହାଯାଇ ପାରିବ ଯେ ଜଡ଼ଗତ ନିଶ୍ଚେତନ ମଧ୍ୟରେ ଅବସ୍ଥିତ ସଚ୍ଚିଦାନନ୍ଦଙ୍କର କୃପଦ୍ୱାରା ସେଗୁଡ଼ିକର ସୃଷ୍ଟି ହୋଇ ନାହିଁ । ଅଥବା ଏକଥା ମଧ୍ୟ ଆଦୌ ଯୁକ୍ତିଯୁକ୍ତ ନୁହେଁ ଯେ ସଚ୍ଚିଦାନନ୍ଦଙ୍କର ସତ୍ତାଟି ଯେତେବେଳେ ନିଶ୍ଚେତନା ମଧ୍ୟରୁ ପ୍ରାଣ, ମନ ଓ ଚିଦ୍‌ଗତତାରୂପେ ଉନ୍ମେଷ ଲାଭ କରିଥିଲା, ସେତେବେଳେ ଯେଉଁସବୁ ଲୋକରେ ବା ଭୂମିରେ ଏହିସବୁ ତତ୍ତ୍ୱର ଲୀଳା ସ୍ୱାଧୀନ ଭାବରେ ଚାଲିପାରେ ଏବଂ ଯାହାମଧ୍ୟରେ ମାନବାତ୍ମା ଆପଣାର ପ୍ରାଣ, ମନ ଓ ଚିତ୍‌ସତ୍ତ୍ୱର ପରିପୁଷ୍ଟିସାଧନର ଅବକାଶ ପାଇବ, ସେହିଭଳି ଲୋକଗୁଡ଼ିକୁ ସୃଷ୍ଟି କରିବାର ଆବଶ୍ୟକତାକୁ ସେ କେବଳ ସେତିକିବେଳେହିଁ ଅନୁଭବ କରିଥିଲେ ଏବଂ ସେଥିଲାଗି ତାଙ୍କର ସତ୍ତା ମଧ୍ୟରେ ଯେଉଁ ଆକାଙ୍‌କ୍ଷା ବା ପ୍ରେରଣା ଜାଗ୍ରତ ହୋଇଥିଲା, ସେଇଥିରୁହିଁ ପରେ ଏହିସବୁ ଜଗତର ସୃଷ୍ଟି ହୋଇଛି । ଅଥବା, ମନୁଷ୍ୟର ଆତ୍ମାହିଁ ଏଗୁଡ଼ିକର ସୃଷ୍ଟି କରିଛି, ମନୁଷ୍ୟର ସ୍ୱପ୍ନହିଁ ଏସବୁ ଜଗତକୁ ଜନ୍ମ ଦେଇଛି କିମ୍ବା ଏହି ଜଡ଼ଚେତନାଟିର ସୀମାଗୁଡ଼ିକୁ ଡେଇଁଯାଇ ଆପଣାର ଗତିଶୀଳ

'oaob.nitrkl.ac.in' images reprocessed

ଓ ସୃଜନାତ୍ମକ ସତ୍ତାର କ୍ଷେତ୍ରରେ ମନୁଷ୍ୟଜାତି ସ୍ୱତଃ ଯେଉଁସବୁ ଅନୁପ୍ରବେଶନ କରିବାକୁ ଲାଗିଛି, ତାହାର ପରିଣାମସ୍ୱରୂପ ମଧ୍ୟ ଏହିସବୁ ଜଗତ ସୃଷ୍ଟ ହୋଇଛି, ଏକଥାଟି ସତ୍ୟ ହେବାଲାଗି ଅଧିକ କମ୍ ସମ୍ଭାବନା ରହିଛି । ଏହି ବିଷୟରେ ମନୁଷ୍ୟର ବୁଦ୍ଧିଶକ୍ତିର ଯେଉଁ ଏକମାତ୍ର ସ୍ପଷ୍ଟ ପରିଚୟ ଆମେ ପାଉ, ସେଇଟି ହେଉଛି ଯେ ସେ ଆପଣାର ଦେହଗତ ଚେତନାରେ ଏହିସବୁ ଜଗତର କେବଳ ଏକ ପ୍ରତିଛବି ମାତ୍ର ଗଢ଼ି ପାରିବାକୁ ଏବଂ ନିଜର ଆତ୍ମାଟିକୁ ଏହିସବୁ ଜଗତର ଅନୁଘାତରେ ପ୍ରତିସ୍ପନ୍ଦନ ଜଣାଇବା ଲାଗି ଉପଯୁକ୍ତ କରି ତିଆରି କରିପାରେ; ସେ କ୍ୱଚିତ୍ ସେଗୁଡ଼ିକ ବିଷୟରେ ସଚେତନ ହୋଇପାରେ ଏବଂ ଯେତେବେଳେ ସେଗୁଡ଼ିକର ପ୍ରଭାବ ଏହି ପାର୍ଥିବ ଜଗତର କ୍ରିୟାଗୁଡ଼ିକ ସହିତ ଆସି ସମ୍ମିଳିତ ହୋଇଯାଏ, ସେତେବେଳେ ସେ ସଚେତନ ଭାବରେ ସେଥିରେ ଅଂଶ ମଧ୍ୟ ଗ୍ରହଣ କରିପାରେ । ଆପଣାର ଭିତରର ପ୍ରାଣମନୋଗତ କ୍ରିୟାର ପରିଣାମ ବା ପ୍ରକ୍ଷେପଣଗୁଡ଼ିକୁ ସେ ଏହିସବୁ ଜଗତର କ୍ରିୟାପାଖରେ ନେଇ ସମର୍ପି ଦେଇପାରେ । କିନ୍ତୁ, ଯଦି ତାହା ସମ୍ଭବ ହୁଏ, ତେବେ ଏହିସବୁ ପ୍ରକ୍ଷେପଣକୁ ଆମେ ଉଚ୍ଚତର ଭୂମିଗୁଡ଼ିକର କେବଳ ଆପଣା ଉପରକୁହିଁ ବାହୁଡ଼ି ଆସିବା ବୋଲି କହିପାରିବା; ସେଗୁଡ଼ିକର ଯେଉଁସବୁ ସାମର୍ଥ୍ୟ ସେଗୁଡ଼ିକ ମଧ୍ୟରୁ ଏହି ପୃଥିବୀ ମଧ୍ୟକୁ ବା ପାର୍ଥିବ ମନକୁ ଅବତରଣ କରି ଆସିଛନ୍ତି, ସେସବୁର ପୁଣି ସେହିଗୁଡ଼ିକ ମଧ୍ୟକୁ ପ୍ରତ୍ୟାବର୍ତ୍ତନ ବୋଲି କହିବା । କାରଣ ଏଠାରେ ଭିତରର ପ୍ରାଣ ଓ ମନର କ୍ରିୟା ବୋଲି ଯାହାକୁ ବୁଝାଯାଉଛି, ତାହା ହେଉଛି ସେହି ଊର୍ଦ୍ଧ୍ୱକ୍ଷେତ୍ରରୁ ଆଗତ ହେଉଥିବା ପ୍ରଭାବଗୁଡ଼ିକର ପରିଣାମ ମାତ୍ର । ଏକଥା ଅବଶ୍ୟ ସମ୍ଭବ ଯେ ଏହିସବୁ ଉଚ୍ଚୋଚ୍ଚର ଭୂମିକୁ ଲଗାଇ ମନୁଷ୍ୟ ଆପଣାଲାଗି ଏକପ୍ରକାର ଅଣସ୍ୱୀକୃତ ଉପବନ ବେଶ୍ ଉଦାର କରି ରଖିପାରେ; ଅଥବା ଏହିସବୁ ଭୂମିର କଳ୍ପନାର ଶକ୍ତିକୁ ଲଗାଇ ସେ ଏହିପରି ଏକ ଉପବନର ରଚନା କରିପାରେ ଅଥବା ଏକ ଅର୍ଦ୍ଧ-ଅବାସ୍ତବ ପ୍ରକୃତିର ନାନା ପରିପାର୍ଶ୍ୱ ରଚନା କରି ରଖିପାରେ । ମାତ୍ର ସେଗୁଡ଼ିକୁ କୌଣସି ଯଥାର୍ଥ ଜଗତ ବୋଲି କହିବ ବରଂ ମନୁଷ୍ୟର ଆପଣା ଚେତନ ମନ ତଥା ପ୍ରାଣର ଅନ୍ତର୍ଭୁକ୍ତ ଗୋଟିଏ ଗୋଟିଏ ଆବରଣ ବୋଲି ବୁଝାଯାଇ ପାରିବ, ସେଗୁଡ଼ିକ ତା'ର ଆପଣା ସତ୍ତାର ଗୋଟିଏ ଗୋଟିଏ ପ୍ରତିବିମ୍ବ ବା ପ୍ରତିଫଳନ ମାତ୍ର । ଏହିସବୁ ଅନ୍ୟ ଜଗତର ଗୋଟିଏ ଗୋଟିଏ ପ୍ରତିରୂପ ଗଢ଼ି ରଖିପାରିବା ଲାଗି ମନୁଷ୍ୟ ତା'ର ଜୀବନକାଳରେ ଯେଉଁ ଉଦ୍ୟମ କରିଆସିଛି, ଏଥିରୁ ହେଉଛି ସେହିଗୁଡ଼ିକୁ ନମୁନାରୂପେ ଆଗରେ ରଖି ରଚିତ ହୋଇଥିବା ଏକ କୃତ୍ରିମ ପରିବେଶ ମାତ୍ର, ମନୁଷ୍ୟର ସଚେତନ ସତ୍ତା ମଧ୍ୟରେ ପ୍ରତିରୂପ ଗଠନ କରିବାର ଯେଉଁ ଶକ୍ତି ରହିଛି, ତାହାଦ୍ୱାରା ସୃଷ୍ଟ ହୋଇଥିବା ସ୍ୱର୍ଗ ତଥା ନରକର କଳ୍ପନାମୟ ଛବି ବାହାର

'oaob.nitrkl.ac.in' images reprocessed

ଏଗୁଡ଼ିକ ଆଉ କିଛି ନୁହେଁ । ମାତ୍ର ଏହି ଦୁଇ ପ୍ରତିରୂପ-ରଚନାରୁ କୌଣସି ଗୋଟିକଦ୍ୱାରା ମଧ୍ୟ ଆପଣାର ସ୍ୱତନ୍ତ୍ର ସତ୍ୟ ଉପରେ ପ୍ରତିଷ୍ଠିତ ଓ ସନ୍ନିସ୍ଥ ଏକ ସର୍ବଂସମସ୍ତ ସତ୍ତ୍ୱଗତ ଭୂମିର ସମଗ୍ର ସୃଜନ କଦାପି ସମ୍ଭବ ହୋଇପାରେ ନାହିଁ ।

ତେବେ ଏହି ଜଗତଗୁଡ଼ିକ ଆମ ସମକ୍ଷରେ ଏହି ଭୌତିକ ଜଗତରୂପେ ପ୍ରତୀତ ହେଉଥିବା ଜଗତଟି ସହିତ ସମ-ଆୟୁ ତଥା ସହାବସ୍ଥିତ ଭାବରେ ବର୍ତ୍ତମାନ ରହିଛନ୍ତି । ଆମର ଆଲୋଚନାରେ ଆମେ ଏହି ସିଦ୍ଧାନ୍ତଟିରେ ଆସି ପହଞ୍ଚିଛୁ ଯେ ଆମର ଏହି ଜଡ଼ସତ୍ତ୍ୱର ଭୂମିରେ ପ୍ରାଣ, ମନ ତଥା ଚିତ୍‌ସତ୍ତ୍ୱ ବିକାଶଲାଭ କରିବା ପୂର୍ବରୁ ସେହିସବୁ ଜଗତର ବର୍ତ୍ତମାନ ରହିବା ଏକାନ୍ତ ଆବଶ୍ୟକ; କାରଣ ଏଠାରେ ଦୁଇଟି ଶକ୍ତିର ସହଯୋଗରେହିଁ ଏହିସବୁ ସାମର୍ଥ୍ୟର ବିକାଶ ସମ୍ଭବ ହେଉଛି : ଗୋଟିଏ ହେଉଛି ତଳୁ ଉପର ଆଡ଼କୁ ଗତି କରୁଥିବା ଏକ ଶକ୍ତି ଏବଂ ଆଉ ଗୋଟିଏ ହେଉଛି ଯାହା ଉପର ଆଡ଼କୁ ଟାଣି ନେଇଯାଏ ବା ଉପରୁ ତଳ ଆଡ଼କୁ ଆପଣାର ଚାପ ପକାଏ, ସେହି ଶକ୍ତି । କାରଣ ଅନ୍ତର୍ନିହିତ ସମ୍ଭାବନାରୂପେ ଯାହା ନିଶ୍ଚେତନା ମଧ୍ୟରେ ବର୍ତ୍ତମାନ ରହିଛି, ତାହାକୁ ପ୍ରକାଶ କରିବାର ଅର୍ଥାତ୍ ବାହାରକୁ ବାହାରକରି ଆଣିବାର ଏକ ଆବଶ୍ୟକତା ମଧ୍ୟ ସେହି ନିଶ୍ଚେତନା ମଧ୍ୟରେ ବର୍ତ୍ତମାନ ରହିଛି; ଏବଂ ତେଣେ ଉଚ୍ଚତର ଭୂମିଗୁଡ଼ିକରେ ଉଚ୍ଚତର ତତ୍ତ୍ୱଗୁଡ଼ିକର ଚାପଟି ମଧ୍ୟ ବର୍ତ୍ତମାନ ରହିଛି । ସେହି ଚାପ ଆତ୍ମ-ଉପଲବ୍ଧିର ଏହି ସାଧାରଣ ଆବଶ୍ୟକତାଟିରେ ସହାୟକରୂପେ କାର୍ଯ୍ୟ କରୁଛି, ମାତ୍ର ଏହି ଉପଲବ୍ଧିର ସମ୍ଭାବ୍ୟ ବିଶିଷ୍ଟ ଗତିଗୁଡ଼ିକୁ ମଧ୍ୟ ଅନେକ ପରିମାଣରେ ନିୟନ୍ତ୍ରିତ କରିବାର ସାମର୍ଥ୍ୟ ସେହି ଚାପ ଭିତରେ ରହିଛି । ଉପର ଆଡ଼କୁ ଆକର୍ଷଣ କରି ନେଉଥିବାର ଏହି ଶକ୍ତି ବା ଏହି ଚାପ ତଥା ଉପର ଆଡ଼ୁ ଏହି ଅଦମ୍ୟ ଅଭିଳାଷ ଓ ପ୍ରସ୍ୱାସଟି ରହିଛି ବୋଲି ଏହି ଜଡ଼ଭୂମିଟି ଉପରେ ଚିତ୍‌ସତ୍ତ୍ୱଗତ, ମନ ଓ ପ୍ରାଣଗତ ଜଗତଗୁଡ଼ିକରୁ ସତତ ପ୍ରଭାବମାନ ଆସି ପଡ଼ିବା ସମ୍ଭବ ହେଉଛି । ଏ କଥା ଅତି ସ୍ପଷ୍ଟ ହୋଇଯିବା ଉଚିତ ଯେ ଆପଣାର ପ୍ରତ୍ୟେକ ଅଂଶରେ ସାତୋଟିଯାକ ତତ୍ତ୍ୱ ପରସ୍ପର-ଗ୍ରଥିତ ଭାବରେ ବର୍ତ୍ତମାନ ରହିଥିବା ଏକ ଜଟିଳ ବିଶ୍ୱ ଯଦି ଅବସ୍ଥିତ ଥାଏ, ତେବେ ସେହି ତତ୍ତ୍ୱଗୁଡ଼ିକ ଯେଉଁଠାରେ ପରସ୍ପର ସହିତ ମିଳିତ ହୁଅନ୍ତି, ସେହିଠାରେହିଁ ସ୍ୱଭାବତଃ ପରସ୍ପର ଉଦ୍ଦେଶ୍ୟରେ ପ୍ରତିସ୍ପନ୍ଦନ ଜଣାନ୍ତି ଓ ପରସ୍ପର ଉପରେ କ୍ରିୟା କରନ୍ତି । ତେଣୁ ଏହିପରି ଏକ କ୍ରିୟା, ଏହିପରି ଭାବରେ ସତତ ଚାପ ପକାଇବା ଓ ପ୍ରଭାବ ବିସ୍ତାର କରିବାକୁହିଁ ଆମେ ଏହି ବ୍ୟକ୍ତ ଜଗତର ପ୍ରକୃତିଟିର ଅପରିହାର୍ଯ୍ୟ ପରିଣାମ ବୋଲି କହିବା, ତାହାର ସ୍ୱଭାବସିଦ୍ଧ ବୋଲି କହିବା ।

ସେହିସବୁ ଅନ୍ୟ ଜଗତରୁ ନିଶ୍ଚେତନାରୁ ଜନ୍ମଲାଭ କରିଥିବା ଏହି ଜଗତ ମଧ୍ୟକୁ ଏକ ପ୍ରକ୍ଷେପଣରୂପେ ଯେଉଁ ଅଧିଚେତନ ଆତ୍ମା ଅବସ୍ଥିତ ରହିଛି, ତାହାର

'oaob.nitrkl.ac.in' images reprocessed

ମଧ୍ୟଦେଇହିଁ ଉଚ୍ଚତର ସାମର୍ଥ୍ୟ ଓ ତତ୍ତ୍ୱମାନ ଆପଣା ଆପଣାର ସ୍ୱକୀୟ ଭୂମିରୁ ଏହି ପାର୍ଥିବ ସତ୍ତା ଓ ପ୍ରକୃତି ଉପରେ ପ୍ରଚ୍ଛନ୍ନ ଭାବରେ ସର୍ବଦା କ୍ରିୟା କରିବାରେ ଲାଗିଛନ୍ତି । ଏହି କ୍ରିୟାର ଅବଶ୍ୟ ଏକ ଫଳ ଫଳୁଛି ଓ ଏହାର ଏକ ତାତ୍ପର୍ଯ୍ୟ ଅବଶ୍ୟ ରହିଛି । ଏହାର ପ୍ରଥମ ପରିଣାମସ୍ୱରୂପ ପ୍ରାଣ ଓ ମନ ଜଡ଼ମଧ୍ୟରୁ ମୁକ୍ତିଲାଭ କରିଛନ୍ତି । ପାର୍ଥିବ ସତ୍ତା ମଧ୍ୟରେ ଏକ ଆଧ୍ୟାତ୍ମିକ ଚେତନା, ଆଧ୍ୟାତ୍ମିକ ସଂକଳ୍ପ ଓ ଆଧ୍ୟାତ୍ମିକ ଅସ୍ତିତ୍ୱବୋଧର ଉନ୍ମେଷଲାଭ କରିବାରେ ସାହାଯ୍ୟ କରିବା, ଏହାହିଁ ତାହାର ସର୍ବଶେଷ ପରିଣାମ ହୋଇ ରହିଛି । ତାହା ଫଳରେ ପାର୍ଥିବସତ୍ତା ଆପଣାର ଏକାନ୍ତ ବାହ୍ୟ ଜୀବନ ଓ ତାହା ସହିତ ସେହି ଜଡ଼ସତ୍ତା ତଥା କେବଳ ମନୋଗତ ଅନୁଧାବନ ଓ ସ୍ୱାର୍ଥଗୁଡ଼ିକ ମଧ୍ୟରେ ଆଉ ବ୍ୟସ୍ତସମସ୍ତ ହୋଇ ରହିପାରୁ ନାହିଁ, ସେ ଆପଣା ଭିତରକୁ ମଧ୍ୟ ଅନାଇବାକୁ ଶିଖିଛି, ଆପଣାର ଅନ୍ତର୍ସତ୍ତାଟିକୁ ଆବିଷ୍କାର କରି ଶିଖିଛି, ଆପଣା ଆଧ୍ୟାତ୍ମିକ ସତ୍ତାଟିର ସନ୍ଧାନ ପାଇଛି ଏବଂ ଏହି ପୃଥିବୀ ଓ ତାହାର ସୀମାଗୁଡ଼ିକୁ ଅତିକ୍ରମ କରିଯିବା ଲାଗି ଆକାଂକ୍ଷା ପୋଷଣ କରିବାକୁ ସାହସୀ ହୋଇଛି । ଆପଣାର ଏହି ଅନ୍ତର୍ଯାତ୍ରାରେ ସେ ଯେତିକି ଅଗ୍ରସର ହେଉଛି, ତା'ର ମନୋଗତ, ପ୍ରାଣଗତ ଓ ଚଦ୍‌ଗତ ସୀମାଗୁଡ଼ିକ ମଧ୍ୟ ସେତିକି ପ୍ରସାରିତ ହେବାରେ ଲାଗିଛନ୍ତି; ଯେଉଁସବୁ ପାଶଗ୍ରସ୍ତତା ତା'ର ପ୍ରାଣ, ମନ ଓ ଆତ୍ମାକୁ ସେଗୁଡ଼ିକର ପ୍ରଥମ ପର୍ଯ୍ୟାୟର ସୀମାଗୁଡ଼ିକ ମଧ୍ୟରେ ବାନ୍ଧି ରଖିଥିଲା, ସେଗୁଡ଼ିକ କ୍ରମେ ଶିଥିଳ ଓ ଛିନ୍ନ ହୋଇଯାଉଛି । ଏବଂ ମନୋମୟ ମନୁଷ୍ୟ ତା'ର ପାର୍ଥିବ ଜୀବନର ପ୍ରଥମ ପର୍ବଟିରେ ତା'ଲାଗି ସମ୍ପୂର୍ଣ୍ଣ ବନ୍ଦ ହୋଇ ରହିଥିବା ସେହି ବୃହତ୍ତର ଆତ୍ମରାଜ୍ୟ ତଥା ବିଶ୍ୱରାଜ୍ୟର ଆଭାସ ବା ଝଲକ ପାଇବାକୁ ଆରମ୍ଭ କରୁଛି । ଏଥିରେ କୌଣସି ସନ୍ଦେହ ନାହିଁ ଯେ ପ୍ରଧାନତଃ ଆପଣାର ଉପରସ୍ତରଟାରେ ପଡ଼ି ରହିଥିବା ପର୍ଯ୍ୟନ୍ତ ମନୁଷ୍ୟ ଆପଣାର ଏହି ନିତ୍ୟନୈମିତ୍ତିକ ଓ ଅତିସଂକୀର୍ଣ୍ଣ ଅସ୍ତିତ୍ୱର ଭୂମିଟି ଉପରେ କେବଳ ଆପଣାର କଳ୍ପନା ଓ ଭାବନା ଦେଇ ଆଦର୍ଶଗତ ଏକ ଉଚ୍ଚସୌଧହିଁ ତିଆରି କରି ରଖିଥିବ । ମାତ୍ର ତାହାର ଉଚ୍ଚତମ ଜୀବନଦୃଷ୍ଟି ତାହାର ସର୍ବମହାନ୍ ଆଧ୍ୟାତ୍ମିକ ଆବଶ୍ୟକତାରୂପେ ତା'ର ସମକ୍ଷରେ ଯେଉଁ ଅନ୍ତର୍ଯାତ୍ରାର ଆହ୍ୱାନଟିକୁ ଉନ୍ମୋଚିତ କରି ଧରିରଖିଛି, ଯଦି ମନୁଷ୍ୟ ତାହାରି ବୋଲ ମାନି ସେହି ଅନ୍ତର୍ଯାତ୍ରାରେ ଅଗ୍ରସର ହୋଇପାରେ, ତେବେ ଆପଣା ସତ୍ତାର ସେହି ଅନ୍ତର୍ରାଜ୍ୟ ମଧ୍ୟରେ ସେ ଏକ ବୃହତ୍ତର ଚେତନାର ଦର୍ଶନ ଲାଭ କରିବ, ଏକ ବୃହତ୍ତର ଜୀବନର ସନ୍ଧାନ ପାଇବ । ଯେତେବେଳେ ଭିତର ତଥା ଉପର ଉଭୟସ୍ପୃଷ୍ଟ କ୍ରିୟା ଆରମ୍ଭ ହେବ, ସେତେବେଳେ ଏହି ଜଡ଼ ଓ ଜଡ଼ଗତ ବିଧାନର ବର୍ତ୍ତମାନ ପ୍ରାଧାନ୍ୟଟିକୁ ଲଂଘିଯାଇ ପାରିବା ସମ୍ଭବ ହେବ; ଜଡ଼ଚେତନାର ସକଳ ଶକ୍ତି କ୍ଷୀଣ ହୋଇଯିବ ଓ ପରିଶେଷରେ ବିଲୟ ଲଭିବ । ସେତେବେଳେ ଚେତନାର ଦିକ୍‌ପରିବର୍ତ୍ତନ ଘଟିବ, ସତ୍ତାର ସଚେତନ ଭିତ୍ତିରୂପେ

'oaob.nitrkl.ac.in' images reprocessed

ଜଡ଼ ସ୍ଥାନରେ ତଦ୍‌ଗତତାର ପ୍ରତିଷ୍ଠା ହେବ ଏବଂ ପ୍ରକୃତିର ବାଡ଼ ଭିତରେ ପଡ଼ି ରହିଥିବା ଦେହଧାରୀ ଆତ୍ମାର ଜୀବନରେ ସେହି ଚିନ୍ମୟ ସତ୍ତାର ଉଚ୍ଚତର ସାମର୍ଥ୍ୟ-ଗୁଡ଼ିକ ଆପଣାର ପରିପୂର୍ଣ୍ଣ ତଥା ସ୍ୱାଭାବିକ ଅଭିବ୍ୟକ୍ତି ଲାଗି ମୁକ୍ତିଲାଭ କରିପାରିବେ ।

'oaob.nitrkl.ac.in' images reprocessed

ଦ୍ୱାବିଂଶ ପରିଚ୍ଛେଦ

# ପୁନର୍ଜନ୍ମ ଓ ଅନ୍ୟ ଲୋକତତ୍ତ୍ୱ : କର୍ମ, ଜୀବାତ୍ମା ଓ ଅମରତ୍ୱଲାଭ

ଅସ୍ମାଲ୍ଲୋକାତ୍ପ୍ରେତ୍ୟ;
ଏତଂ ଅନ୍ନମୟଂ ଆତ୍ମାନଂ ଉପସଂକ୍ରମ୍ୟ;
ଏତଂ ପ୍ରାଣମୟଂ ଆତ୍ମାନଂ ଉପସଂକ୍ରମ୍ୟ;
ଏତଂ ମନୋମୟଂ ଆତ୍ମାନଂ ଉପସଂକ୍ରମ୍ୟ;
ଏତଂ ବିଜ୍ଞାନମୟଂ ଆତ୍ମାନଂ ଉପସଂକ୍ରମ୍ୟ;
ଏତଂ ଆନନ୍ଦମୟଂ ଆତ୍ମାନଂ ଉପସଂକ୍ରମ୍ୟ;
ଇମାନ୍ ଲୋକାନ୍ କାମାନ୍ନୀ କାମରୂପ୍ୟନୁସଂଚରନ୍ ॥

—ତୈତ୍ତିରୀୟ ଉପନିଷଦ, ୩ । ୧୦ । ୫

ଏହି ଲୋକଟିରୁ ପ୍ରୟାଣ କରି ସେ ଅନ୍ନମୟ ଆତ୍ମାରେ ଉପଗତ ହୁଅନ୍ତି, ସେ ପ୍ରାଣମୟ ଆତ୍ମାରେ ଉପଗତ ହୁଅନ୍ତି; ସେ ମନୋମୟ ଆତ୍ମାରେ ଉପଗତ ହୁଅନ୍ତି; ସେ ବିଜ୍ଞାନମୟ ଆତ୍ମାରେ ଉପଗତ ହୁଅନ୍ତି; ସେ ଆନନ୍ଦମୟ ଆତ୍ମାରେ ଉପଗତ ହୁଅନ୍ତି; ସେ ଆପଣାର ଇଚ୍ଛାମତେ ଏହିସବୁ ଲୋକରେ ବିଚରଣ କରୁଥାନ୍ତି ।

ଅଥୋ ଖଲ୍ୱାହୁଃ କାମମୟ ଏବାୟଂ ପୁରୁଷ ଇତି,
ସ ଯଥାକାମୋ ଭବତି ତତ୍ କ୍ରତୁର୍ଭବତି,
ଯତ୍ କ୍ରତୁର୍ଭବତି ତତ୍ କର୍ମ କୁରୁତେ,
ଯତ୍ କର୍ମ କୁରୁତେ ତଦଭିସଂପଦ୍ୟତେ ॥...
ତଦେବ ସକ୍ତଃ ସହ କର୍ମଣୈତି ଲିଙ୍ଗମ୍ ମନୋ ଯତ୍ର ନିଷକ୍ତମସ୍ୟ ।
ପ୍ରାପ୍ୟାନ୍ତଂ କର୍ମଣସ୍ତସ୍ୟ ଯତ୍କିଂଚେହ କରୋତ୍ୟୟମ୍ ।
ତସ୍ମାଲ୍ଲୋକାତ୍ ପୁନରେତ୍ୟସ୍ମୈ ଲୋକାୟ କର୍ମଣେ ॥

—ବୃହଦାରଣ୍ୟକ ଉପନିଷଦ, ୪ । ୪ । ୫, ୬

'oaob.nitrkl.ac.in' images reprocessed

ସେମାନେ ଯଥାର୍ଥରେ ପୁରୁଷ ବା ସଚେତନ ସତ୍ତାକୁ କାମମୟ ବୋଲି କହିଛନ୍ତି । ଏହି ପୁରୁଷ ଯେଉଁଭଳି କାମନା କରେ, ତାହାର ଇଚ୍ଛା ବା ସଂକଳ୍ପ ମଧ୍ୟ ସେହିଭଳି ହୋଇଥାଏ; ପୁରୁଷର ସଂକଳ୍ପ ଯେପରି ହୁଏ, ସେ ଠିକ୍ ସେହିଭଳି କର୍ମ କରେ; ଏବଂ ସେ ଯେଉଁଭଳି କର୍ମ କରେ, ଠିକ୍ ସେହିଭଳି ଫଳରେ ଯାଇ ପହଞ୍ଚେ । .........କର୍ମରେ* ଆସକ୍ତ ହୋଇ ମନ ଯେଉଁଥିରେ ଆସକ୍ତ ହୋଇପଡ଼େ, ଆପଣାର ସୂକ୍ଷ୍ମଦେହରେ ସେ ସେଇଠାକୁହିଁ ଯାଏ । ଏବଂ ତାପରେ ସେହି କର୍ମର, ଅର୍ଥାତ୍ ସେ ଏଠାରେ ଯାହାକିଛି କରିଛି, ତାହାର ଖଣ୍ଡନ ହୋଇଗଲେ ସେ ସେହି ଲୋକରୁ କର୍ମ ନିମନ୍ତେହିଁ ପୁଣି ଏହି ଜଗତକୁ ଫେରିଆସେ ।

ଗୁଣାନ୍ୱୟୋ ଯଃ ଫଲକର୍ମକର୍ତ୍ତା
କୃତସ୍ୟ ତସ୍ୟୈବ ସ ଚୋପଭୋକ୍ତା ।......
ପ୍ରାଣାଧିପଃ ସଂଚରତି ସ୍ୱକର୍ମଭିଃ ॥......
ସଂକଳ୍ପାହଂକାରସମନ୍ୱିତୋ ଯଃ
ବୁଦ୍ଧେର୍ଗୁଣେନାତ୍ମଗୁଣେନ ଚୈବ...ଦୃଷ୍ଟଃ ॥
ବାଲାଗ୍ରଶତଭାଗସ୍ୟ ଶତଧା କଳ୍ପିତସ୍ୟ ଚ ।
ଭାଗୋ ଜୀବଃ ସ ବିଜ୍ଞେୟଃ ସ ଚାନନ୍ତ୍ୟାୟ କଳ୍ପତେ ॥
ନୈବ ସ୍ତ୍ରୀ ନ ପୁମାନେଷ ନ ଚୈବାୟଂ ନପୁଂସକଃ,
ଯଦ୍ ଯଦ୍ ଶରୀରମାଦତ୍ତେ ତେନ ତେନ ସ ଯୁଜ୍ୟତେ ॥

—ଶ୍ୱେତାଶ୍ୱତର ଉପନିଷଦ, ୫ । ୭-୧୦

ଗୁଣସମ୍ପନ୍ନ, କର୍ମକର୍ତ୍ତା ଏବଂ କର୍ମଫଳର ଉପଭୋକ୍ତାରୂପେ ସେ ଆପଣା କର୍ମର ଫଳକୁ ଭୋଗ କରେ । ସିଏ ହେଉଛି ଆପଣା ପ୍ରାଣର ଅଧିପ ଓ ଆପଣାର କର୍ମ ଅନୁସାରେହିଁ ବିଚରଣ କରୁଥାଏ । ତାହାର ସଂକଳ୍ପ ଅଛି, ଅହଂକାର ମଧ୍ୟ ଅଛି; ତାହାର ବୁଦ୍ଧିଗତ ଗୁଣ ଓ ଆତ୍ମଗତ ଗୁଣଦ୍ୱାରହିଁ ତାହାକୁ ଜାଣିହୁଏ । କେଶାଗ୍ରଶତ-ଭାଗର ଏକଭାଗଠାରୁ କ୍ଷୁଦ୍ରରେ ଏହି ଜୀବ-ଆତ୍ମା ଅନନ୍ତ୍ୟ ବା ଅନନ୍ତତାର ସାମର୍ଥ୍ୟକୁ ବହନ କରି ରହିଛି । ସିଏ ସ୍ତ୍ରୀ ନୁହେଁ, ପୁରୁଷ ବି ନୁହେଁ, ନପୁଂସକ ବି ନୁହେଁ;

---

* ଉପନିଷଦର ଏହି ଶ୍ଳୋକଟି ଅନୁସାରେ ଇହଜୀବନର କର୍ମ ଲୋକାନ୍ତରର ଜୀବନରେ ଯାଇ କ୍ଷୟ ହୁଏ, କର୍ମର ଫଳ ପୂର୍ଣ୍ଣ ହୁଏ ଓ ଜୀବ ତାପରେ ନୂତନ କର୍ମ ନିମନ୍ତେ ଏହି ଲୋକକୁ ଫେରିଆସେ । ଜୀବ-ଆତ୍ମାର ନିଜ ଚେତନା, ସଂକଳ୍ପ ଓ କାମନା;—ଏହାହିଁ ହେଉଛି ଏହି ଜଗତରେ ତାର ଜନ୍ମ ହେବାର କାରଣ, ତାର କର୍ମର କାରଣ, ଅନ୍ୟ ଲୋକକୁ ପ୍ରସ୍ଥାନ କରିବାର କାରଣ ଓ ସେଠାରୁ ପୁଣି ଏହି ଲୋକକୁ ଫେରି ଆସିବାର କାରଣ ।

'oaob.nitrkl.ac.in' images reprocessed

ଯେତେବେଳେ ଯେଉଁ ଶରୀରକୁ ସେ ଅପଣାର ଶରୀର ବୋଲି ଗ୍ରହଣ କରେ, ସେତେବେଳେ ସେ ତାହାର ସହିତ ଯୁକ୍ତ ହୁଏ ।

ମର୍ତ୍ତାସଃ ସନ୍ତୋ ଅମୃତତ୍ୱମାନଶୁଃ ॥

—ଋକ୍‌ବେଦ, ୧ । ୧୧୦ । ୪

ମର୍ତ୍ତ୍ୟ ହୋଇ ମଧ୍ୟ ସେମାନେ ଅମୃତତ୍ୱ ଲାଭ କଲେ ।

ପାର୍ଥିବ ପ୍ରକୃତିରେ ସୃଷ୍ଟିପ୍ରକାଶର ଯେଉଁ ମୂଳ ତାତ୍ପର୍ଯ୍ୟ ଓ ପ୍ରକ୍ରିୟାଟି ନିହିତ ହୋଇ ରହିଛି, ତାହାର ଏକ ଅପରିହାର୍ଯ୍ୟ ପରିଣାମରୂପେ ଜୀବ-ଆତ୍ମା ଯେ ପାର୍ଥିବ ନାନା ଦେହ ଗ୍ରହଣ କରି ବାରବାର ଜନ୍ମ ଗ୍ରହଣ କରୁଛି, ପୁନର୍ଜନ୍ମ ବା ଜନ୍ମାନ୍ତର ବିଷୟରେ ଏଇଟି ହେଉଛି ଆମର ପ୍ରଥମ ସିଦ୍ଧାନ୍ତ । ମାତ୍ର ଏହି ସିଦ୍ଧାନ୍ତଟିରୁ ଆହୁରି ଅଧିକ ପ୍ରଶ୍ନ ଓ ଅଧିକ ସିଦ୍ଧାନ୍ତର ଉତ୍ଥାପନ ମଧ୍ୟ ହେଉଛି । ଏବଂ ସେଗୁଡ଼ିକର ମଧ୍ୟ ସମ୍ୟକ୍ ଆଲୋଚନା ଆବଶ୍ୟକ । ପ୍ରଥମେ ପୁନର୍ଜନ୍ମ-ପ୍ରକ୍ରିୟାଟିର ସମସ୍ୟାଟି ଉଠୁଛି । ସେହି ପ୍ରକ୍ରିୟାଟି ଯଦି ଠିକ୍ ସଙ୍ଗେସଙ୍ଗେ ନଘଟୁଥାଏ, ସେଇ ଜଣେ ବ୍ୟକ୍ତିର ଅବସ୍ଥାନକ୍ରମଟିକୁ ଅବ୍ୟାହତ ରଖିବାପାଇଁ ଯଦି ଶରୀରର ମୃତ୍ୟୁ ହେବାର ସଙ୍ଗେସଙ୍ଗେ ତା'ର ପୁନର୍ବାର ଜନ୍ମ ହେଉ ନାହିଁ, ଯଦି ଦୁଇ ଅବସ୍ଥା ମଧ୍ୟରେ ମଧ୍ୟାବଧିମାନ ବି ରହିଛି, ତେବେ ଏହି ଲୋକରୁ ଅନ୍ୟ ଲୋକଗୁଡ଼ିକୁ ଗଲାବେଳେ ସେହି ଯାତ୍ରାରେ ପ୍ରକୃତିରେ କେଉଁଭଳି ତତ୍ତ୍ୱ ଓ ପ୍ରକ୍ରିୟାମାନ କାର୍ଯ୍ୟ କରୁଛି, ଏବଂ ମଧ୍ୟାବଧିଗୁଡ଼ିକ ସମୟରେ ଓ ଏହି ଲୋକକୁ ପୁଣି ଫେରିଆସିବା ସମୟରେ କ'ଣସବୁ ଘଟୁଛି, ତା'ପରେ ସେହି ପ୍ରଶ୍ନଟି ଆସି ଉଠୁଛି । ଆଧ୍ୟାତ୍ମିକ ବିବର୍ତ୍ତନର ପ୍ରକ୍ରିୟାଟିକୁ ନେଇ ଏକ ତୃତୀୟ ପ୍ରଶ୍ନ ମଧ୍ୟ ରହିଛି; ଜନ୍ମରୁ ଜନ୍ମାନ୍ତରକୁ ଅତିକ୍ରମ କରି ଚାଲିବାର ଏହି ସାହସ-ଯାତ୍ରାରେ ଜୀବ-ଆତ୍ମାକୁ କେଉଁଭଳି ପରିବର୍ତ୍ତନର ଅଧୀନ ହେବାକୁ ପଡ଼ୁଛି, ସେହି ପ୍ରଶ୍ନଟି ରହିଛି ।

ଯଦି ଜଡ଼ଗତ ବିଶ୍ୱଟିହିଁ ଅଭିବ୍ୟକ୍ତ ଏକମାତ୍ର ବିଶ୍ୱ ହୋଇଥା'ନ୍ତା, ଅଥବା ଅନ୍ୟ ଯାବତୀୟ ଲୋକଗୁଡ଼ିକଠାରୁ ଏଇଟି ଯଦି ସମ୍ପୂର୍ଣ୍ଣ ଭିନ୍ନ ହୋଇଥା'ନ୍ତା, ତେବେ ବିବର୍ତ୍ତନ-ପ୍ରକ୍ରିୟାଟିର ଏକ ଅଙ୍ଗସ୍ୱରୂପ ପୁନର୍ଜନ୍ମ ମଧ୍ୟ କେବଳ ଗୋଟିଏ ଶରୀର ଛାଡ଼ି, ସିଧା ଆଉଗୋଟିଏ ଶରୀର ମଧ୍ୟକୁ ଚାଲିଯିବାର ଏକ ସତତ ପୁନରାବୃତ୍ତି ମଧ୍ୟରେହିଁ ସୀମାବଦ୍ଧ ହୋଇ ରହିଥା'ନ୍ତା । ମୃତ୍ୟୁ ପରେହିଁ ଆହୁରି ଏକ ଜନ୍ମଗ୍ରହଣ ଆସି ପହଞ୍ଚି ଯାଉଥା'ନ୍ତା ଓ ମଧ୍ୟାବଧିର କୌଣସି ଅବକାଶ ଆଦୌ ନଥା'ନ୍ତା । ଏକ ବାଧ୍ୟତାମୂଳକ, ଯନ୍ତ୍ରବତ୍ ଓ ଜଡ଼ଧର୍ମୀ ଏକ ଗତିର ଅନବ୍ୟାହତ କ୍ରମଟିକୁ ଅଗ୍ରସ୍ର

'oaob.nitrkl.ac.in' images reprocessed

ଜନ୍ମ ଏକ ଆଧ୍ୟାତ୍ମିକ ସଂଘଟନରୂପେ ଜୀବାତ୍ମାର ଏହି ପରିକ୍ରମଣ ଲାଗି ରହିଥା'ନ୍ତା । ଜଡ଼ର କବଳରୁ ଜୀବ-ଆତ୍ମାର ଆଉ କୌଣସି ମୁକ୍ତି ନଥା'ନ୍ତା; ଆପଣାର ସାଧନ ବା ବାହନସ୍ୱରୂପ ଏହି ଶରୀରଟି ସହିତ ତାହା ସର୍ବକାଳ ଲାଗି ବାନ୍ଧି ହୋଇ ରହିଥା'ନ୍ତା, ଆପଣାର ବ୍ୟକ୍ତି ଅସ୍ତିତ୍ୱଟିକୁ ବଜାୟ ରଖିବାକୁ ସେହି ଶରୀର ଉପରେହିଁ ନିର୍ଭରଶୀଳ ହୋଇ ରହିବାକୁ ପଡ଼ୁଥା'ନ୍ତା । ମାତ୍ର ଆମେ ଜାଣିପାରୁଛୁ ଯେ ମୃତ୍ୟୁ ପରେ ଓ ପୁନର୍ବାର ଜନ୍ମଗ୍ରହଣ କରିବା ପୂର୍ବରୁ ଜୀବନର ଧାରାଟି ଅନ୍ୟଲୋକରେ ଯାଇ ପ୍ରବାହିତ ହୋଇଥାଏ; ପୂର୍ବବର୍ତ୍ତୀ ପାର୍ଥିବ ଅସ୍ତିତ୍ୱଟିର ପରିଣାମରୂପେ ତାହା ପାର୍ଥିବ ଜନ୍ମର ପରବର୍ତ୍ତୀ ନୂତନ ପର୍ଯ୍ୟାୟପାଇଁ ପ୍ରସ୍ତୁତ ହେଉଥାଏ । ଆମର ଏହି ଲୋକଟି ପରି ଅନ୍ୟ ଲୋକ ବା ଭୂମିସବୁ ସମାନ୍ତର ଭାବରେ ସହାବସ୍ଥିତ ହୋଇ ରହିଛି, ସେଗୁଡ଼ିକ ଗୋଟିଏ ପୂର୍ଣ୍ଣତର ବ୍ୟବସ୍ଥାର ଅଂଶରୂପେ ଅବସ୍ଥିତ ରହିଛି ଏବଂ ଆପଣାର ସର୍ବଶେଷ ତଥା ସର୍ବନିମ୍ନ ସୋପାନ ସ୍ୱରୂପ ଏହି ଜଡ଼ଭୂମିଟି ଉପରେ ଅନୁକ୍ଷଣ କ୍ରିୟା କରିବାରେ ଲାଗିଛି । ତାହାର ପ୍ରତିକ୍ରିୟାଗୁଡ଼ିକୁ ଗ୍ରହଣ କରୁଛି ଓ ତାହା ସହିତ ଏକ ପ୍ରଚ୍ଛନ୍ନ ଯୋଗସୂତ୍ର ଓ ନେଣଦେଣର ସମ୍ପର୍କ ମଧ୍ୟ ରଖିଛି । ମନୁଷ୍ୟ ଏହିସବୁ ଭୂମି ସମ୍ବନ୍ଧରେ ବେଶ୍ ସଚେତନ ହୋଇପାରିବ, କେତେକ ସ୍ଥିତିରେ ଆପଣାର ଚେତନ ସତ୍ତାଟିକୁ ସେଗୁଡ଼ିକ ମଧ୍ୟକୁ ପ୍ରକ୍ଷେପିତ କରିଦେଇପାରିବ, ଜୀବିତାବସ୍ଥାରେ କେବଳ ଆଂଶିକ ଭାବରେ ଏପରି କରିପାରିବ ଓ ତେଣୁ ଅନୁମାନ କରାଯାଇପାରେ ଯେ ଦେହର ବାଧାଟି ତୁଟିଗଲା ପରେ ସେ ସମ୍ପୂର୍ଣ୍ଣ ପରିପୂର୍ଣ୍ଣତାର ସହିତ ତାହା କରିବାକୁ ସମର୍ଥ ହେବ । ଯଦି ପ୍ରଥମରୁହିଁ ମନୁଷ୍ୟ ଭିତରେ ଆପଣାକୁ ଅନ୍ୟ ଏକ ଲୋକକୁ ଉପସଂକ୍ରାନ୍ତ କରିଦେବାର ଶକ୍ତି ରହିଥାଏ, ତେବେ ପାର୍ଥିବ ଜୀବନର ଅବ୍ୟବହିତ ପରେ ହୁଏତ ଏକ ଅପରିହାର୍ଯ୍ୟତାର ବଶବର୍ତ୍ତୀ ହୋଇ ଜୀବ-ଆତ୍ମାର ଅନ୍ୟ ଲୋକକୁ ଉତ୍କ୍ଷିପ୍ତ ହୋଇଯିବାର ସେହି ସମ୍ଭାବନାଟି କାର୍ଯ୍ୟତଃ ନିଶ୍ଚୟ ଯଥେଷ୍ଟ ପରିମାଣରେ ସଫଳ ହୋଇପାରିବ; ଏବଂ ଏହି ଶକ୍ତିଟି ଯଦି ଏକ ଧୀରଗତି କ୍ରମପରିଣାମରୂପେ ଉପଲବ୍ଧ ହୁଏ, ତେବେ ଅବଶେଷରେ ସେହି ସଫଳତାଟି ମଧ୍ୟ ଲାଭ କରାଯାଇ ପାରିବ । କାରଣ ଏକଥା ବେଶ୍ ସମ୍ଭବ ଯେ ଆପଣାର ପ୍ରାଣ ଅଥବା ମନକୁ ବୃହତ୍ତର ପ୍ରାଣଲୋକ ବା ମନୋଲୋକର ଭୂମିଗୁଡ଼ିକୁ ବହନ କରି ନେଇଯିବା ଲାଗି ପ୍ରଥମ ଅବସ୍ଥାରେ ମଣିଷ ହୁଏତ ଯଥେଷ୍ଟ ପରିଣତ ହୋଇନଥିବ, ଏବଂ ତେଣୁ ଅବିଚ୍ଛିନ୍ନ ରହିବାର ଏକମାତ୍ର ସମ୍ଭାବନାରୂପେ ମୃତ୍ୟୁପରେ ହୁଏତ ପାର୍ଥିବ ଗୋଟିଏ ଶରୀରରୁ କେବଳ ଆଉଗୋଟିଏ ପାର୍ଥିବ ଶରୀର ମଧ୍ୟକୁ ସିଧା ଡେଇଁ ଚାଲିଯିବା ପାଇଁ ତାକୁ ବାଧ୍ୟ ହେବାକୁ ପଡ଼ୁଥିବ ।

ଜନ୍ମରୁ ଜନ୍ମାନ୍ତରକୁ ଯିବା ସମୟରେ ଯେ ଏକ ମଧ୍ୟସ୍ଥିତିର ପ୍ରୟୋଜନ ରହିଥିବ ଓ ଏହି ଲୋକରୁ ଅନ୍ୟ ଲୋକଚୟକୁ ପ୍ରସ୍ଥାନ କରିବାର ଯେ ଏକ

'oaob.nitrkl.ac.in' images reprocessed

ଆବଶ୍ୟକତା ଥିବ, ଏଭଳି ଅନୁମାନ କରିବାଲାଗି ଦୁଇଟି କାରଣ ରହିଛି । ମନୁଷ୍ୟର ସମଗ୍ର ପ୍ରକୃତିସ୍ଥ ମନୋମୟ ତଥା ପ୍ରାଣମୟ ସତ୍ତାଲାଗି ଅନ୍ୟ ଲୋକଗୁଡ଼ିକ ମଧ୍ୟରେ ଏକ ଆକର୍ଷଣ ରହିଛି, କାରଣ ଏହିସବୁ ଭୂମି ସହିତ ଏହାର ଏକ ମର୍ମଗତ ଐକ୍ୟସମ୍ବନ୍ଧ ମଧ୍ୟ ରହିଛି । ପୁଣି, ଅବ୍ୟବହିତ ପୂର୍ବରୁ ସମ୍ପୂର୍ଣ୍ଣ ହୋଇଥିବା, ଜୀବନଟିର ଅନୁଭୂତିଗୁଡ଼ିକୁ ହଜମ କରି ନିଜସ୍ୱରେ ପରିଣତ କରିନେବା ପାଇଁ, ଯାହା ଆବଶ୍ୟକ ନୁହେଁ, ତାହାକୁ ବର୍ଜନ କରି ପାରିବାପାଇଁ ଓ ନୂତନ ଶରୀରଗ୍ରହଣ ତଥା ପରବର୍ତ୍ତୀ ପାର୍ଥିବ ଅଭିଜ୍ଞତାଲାଭଟି ପାଇଁ ଆପଣାକୁ ପ୍ରସ୍ତୁତ କରିବାଲାଗି ମଧ୍ୟ ଏକ ମଧ୍ୟାନ୍ତରର ପ୍ରୟୋଜନ ରହିଛି, ଏପରିକି ଏକ ଆବଶ୍ୟକତା ମଧ୍ୟ ରହିଛି । ମାତ୍ର ଅର୍ଦ୍ଧପଶୁତୁଲ୍ୟ ଜଡ଼ ମନୁଷ୍ୟଟି ଭିତରେ ତା'ର ମନୋମୟ ତଥା ପ୍ରାଣମୟ ବ୍ୟକ୍ତିତ୍ୱ ଦୁଇଟି ଯଥେଷ୍ଟ ପରିମାଣରେ ବିକାଶପ୍ରାପ୍ତ ହୋଇଥିଲେ ଯାଇ ପରିପାକ ସକାଶେ ଏହି ଅବଧିଟିର ଆବଶ୍ୟକତା ଏବଂ ଅନ୍ୟ ଲୋକଗୁଡ଼ିକର ଆପଣାର ସମଧର୍ମୀ ଅଂଶର ଏହି ସତ୍ତ୍ୱଟି ଲାଗି ଏହି ଆକର୍ଷଣ ଆପଣାକୁ ସଫଳ ଭାବରେ କାର୍ଯ୍ୟକାରୀ କରିପାରିବ । ଏବଂ ସେହି ବିକାଶ ବିନା ସେଗୁଡ଼ିକ ହୁଏତ ଅସ୍ତିତ୍ୱରେହିଁ ନଥିବ, କିମ୍ବା ଅସ୍ତିତ୍ୱରେ ରହିଥିଲେ ମଧ୍ୟ ହୁଏତ ଆଦୌ ସକ୍ରିୟ ହୋଇ ନଥିବ । ଜୀବନଗତ ଅଭିଜ୍ଞତାଗୁଡ଼ିକ ଏପରି ସରଳ ଓ ବୈଚିତ୍ର୍ୟହୀନ ହୋଇଥିବ ଯେ ତାହାକୁ ପରିପାକ କରିବାଲାଗି କୌଣସି ଆବଶ୍ୟକତା ନଥିବ, ଏବଂ ପ୍ରାକୃତ ସତ୍ତ୍ୱଟି ମଧ୍ୟ ଏପରି ଅଶୋଧିତ ଓ ପ୍ରାଥମିକ ଅବସ୍ଥାରେ ରହିଥିବ ଯେ କୌଣସି ଜଟିଳ ପରିପାକର ପ୍ରକ୍ରିୟାଲାଗି ତାହାର କୌଣସି ସାମର୍ଥ୍ୟ ନଥିବ । ତା'ସତ୍ତ୍ୱର ଉଚ୍ଚତର ଭାଗଗୁଡ଼ିକ ମଧ୍ୟ ଆପଣାକୁ ସତ୍ତ୍ୱଗତ ଉଚ୍ଚତର ଭୂମିଗୁଡ଼ିକୁ ଉନ୍ମୋଳିତ କରିନେଇ ପାରିବାଲାଗି ଯଥେଷ୍ଟ ବିକାଶଲାଭ କରି ନଥିବ । ଏହି କ୍ଷେତ୍ରରେ ଅନ୍ୟ ଲୋକଗୁଡ଼ିକ ସହିତ କୌଣସି ଯୋଗାଯୋଗ ନଥାଏ ବୋଲି ଗୋଟିଏ ମତ ଜନ୍ମାନ୍ତରବାଦକୁ କେବଳ ଦେହାନ୍ତରଗ୍ରହଣର ଏକ ପରମ୍ପରାରୂପେହିଁ ବ୍ୟାଖ୍ୟା କରିଥାଏ । ସେତେବେଳେ ଅନ୍ୟ ଲୋକଗୁଡ଼ିକର ଅସ୍ତିତ୍ୱ ଏବଂ ଅନ୍ୟ ଲୋକଗୁଡ଼ିକରେ ଜୀବ-ଆତ୍ମାର ସାମୟିକ ଅବସ୍ଥାନର ଆଉ କାର୍ଯ୍ୟତଃ କୌଣସି ସତ୍ୟତା ନଥାଏ ଓ ଏହି ସମଗ୍ର ବ୍ୟବସ୍ଥାପନଟିର କୌଣସି ପର୍ଯ୍ୟାୟରେ ମଧ୍ୟ ତାହାର କୌଣସି ଆବଶ୍ୟକତା ବି ନଥାଏ । ଏତଦ୍‌ବ୍ୟତୀତ ଏକ ଅନ୍ୟ ମତ ମଧ୍ୟ ବେଶ୍ ରହିପାରିବ ଯାହାକି ଏହି ମଧ୍ୟାନ୍ତରକାଳୀନ ଅବସ୍ଥାନଟିକୁ ସମସ୍ତଙ୍କଲାଗି ଏକ ଅପରିହାର୍ଯ୍ୟ ନିୟମ ବୋଲି ଗ୍ରହଣ କରୁଥିବ ଏବଂ ମୃତ୍ୟୁ ସଙ୍ଗେ ସଙ୍ଗେହିଁ ପୁନର୍ଜନ୍ମ ତତ୍‌କ୍ଷଣାତ୍ ଘଟେ ବୋଲି ମାନୁ ନଥିବ, କାରଣ ସେହି ମତଟି ନୂତନ ଜନ୍ମଗ୍ରହଣ ତଥା ନୂତନ ଅଭିଜ୍ଞତା ଲାଗି ପ୍ରସ୍ତୁତ ହେବାପାଇଁ ଜୀବ-ଆତ୍ମାର ଏକ ମଧ୍ୟାନ୍ତରଲାଗି ଏକାନ୍ତ ଆବଶ୍ୟକତା ରହିଛି ବୋଲି ବିଶ୍ୱସୁଥିବ । ଆଲୋଚିତ ଏହି ଦୁଇଟି ମତରେ ଗୋଟିଏ ମଝିବାଟ ବାହାର କରିନେବା ମଧ୍ୟ ଆଦୌ ଅସମ୍ଭବ ନୁହେଁ; ସେହି

'oaob.nitrkl.ac.in' images reprocessed

ଅନୁସାରେ ଦେହାନ୍ତରଗମନ ହୁଏତ ପ୍ରଥମ ବର୍ଦ୍ଧନ ହୋଇ ରହିଥିବ, ମାତ୍ର ଏକ ଉଚ୍ଚତର ଜାଗତିକ ଅନୁଭୂତି ଲାଗି ଜୀବ-ଆତ୍ମା ତଥାପି ଯଥେଷ୍ଟ ପରିମାଣରେ ପରିପକ୍ୱ ଓ ପ୍ରସ୍ତୁତ ହୋଇ ନଥିବ; ତେଣୁ ଫଳରେ ଅନ୍ୟ କୌଣସି ଲୋକ ଦେଇ ଗତି କରିବାହିଁ ନିୟମ ବୋଲି ଗୃହୀତ ହେବ । ଏପରି ଏକ ଦ୍ୱିତୀୟ ଅବସ୍ଥାର ବି ସମ୍ଭାବନା ରହିଛି ବୋଲି ବେଳେବେଳେ ସୂଚନା ଦିଆଯାଇଥାଏ, ଯେତେବେଳେ କି ଜୀବ-ଆତ୍ମା ଏପରି ଶକ୍ତିଶାଳୀ ଭାବରେ ବିକଶିତ ହୋଇ ସାରିଥାଏ ଓ ତାହାର ପ୍ରାକୃତ ଭାବଗୁଡ଼ିକ ଆଧ୍ୟାତ୍ମିକ ଦୃଷ୍ଟିରୁ ଏପରି ସଜୀବ ଓ ସଜାଗ ହୋଇ ରହିଥାଏ ଯେ ତାହାଲାଗି ଆଉ କୌଣସି ମଧ୍ୟାନ୍ତରର ପ୍ରୟୋଜନ ନଥାଏ ଏବଂ ତେଣୁ କୌଣସି ମଧ୍ୟାବଧି ଲାଗି ବୃଥା ଅଟକି ନରହି ତାହା ଏକ ଅଧିକ କ୍ଷିପ୍ର ବିବର୍ତ୍ତନର ଅଭିପ୍ରାୟରେ ସଙ୍ଗେ ସଙ୍ଗେ ଜନ୍ମାନ୍ତର ଗ୍ରହଣ କରିନିଏ ।

ଜନ୍ମାନ୍ତରବାଦକୁ ସ୍ୱୀକାର କରୁଥିବା ଧର୍ମମତଗୁଡ଼ିକରୁ ଆପଣାକୁ ଆହୃତ କରି ଆଣିଥିବା ନାନା ଲୌକିକ ଧାରଣା ଭିତରେ ଆମେ ଏକ ଅସଙ୍ଗତି ରହି ଯାଇଥିବାର ଦେଖିଥାଉ; ପ୍ରାୟ ସବୁ ଲୌକିକ ବିଶ୍ୱାସର କ୍ଷେତ୍ରରେ ଯାହା ହୋଇଥାଏ, ସେଥିରେ ଏକ ସଙ୍ଗତି ଆଣିବାଲାଗି ଆଦୌ କୌଣସି ଚେଷ୍ଟାହିଁ ହୋଇ ନଥାଏ । ଗୋଟିଏ ପାଖରେ ଯେତେ ଅସ୍ପଷ୍ଟ ଭାବରେ ହେଲେ ମଧ୍ୟ ତଥାପି ପ୍ରାୟ ସଚରାଚର ଏହିପରି ଏକ ବିଶ୍ୱାସ ପ୍ରଚଳିତ ରହିଥାଏ ଯେ ମୃତ୍ୟୁ ହେବା ସଙ୍ଗେସଙ୍ଗେ ଜୀବ-ଆତ୍ମା ଗୋଟିଏ ଶରୀରରୁ ବାହାରି ଆଉଗୋଟିଏ ଶରୀର ଗ୍ରହଣ କରିପକାଏ; ଅଥବା ତାହା ଏପରି କ୍ଷିପ୍ରଭାବରେ ଘଟେ ଯେ ତାହାକୁ ପ୍ରାୟ ସଙ୍ଗେସଙ୍ଗେ ଘଟୁଛି ବୋଲି ବୁଝାଯାଇପାରିବ । ପୁଣି ଅନ୍ୟଦିଗରେ, ମୃତ୍ୟୁପରେ ଜୀବ କେତେପ୍ରକାର ନରକ ଓ ସ୍ୱର୍ଗକୁ ଗମନ କରିଥାଏ ବୋଲି ଏକ ପ୍ରାଚୀନ ଧର୍ମଗତ ଦୃଢ଼ବିଶ୍ୱାସ ରହି-ଆସିଛି । ଅଥବା, ଏହି ପାର୍ଥିବ ଜୀବନଟିର ପାପ ତଥା ପୁଣ୍ୟର ହିସାବ ଅନୁସାରେ ଜୀବ ଯେଉଁଟିକୁ ଅର୍ଜନ କରିଥାଏ ବା ଯାହାର ଭାଜନ ହୋଇଥାଏ, ସେହି ଅନୁସାରେ ସେ ଅନ୍ୟାନ୍ୟ ଲୋକକୁ ଅଥବା ସତ୍ତାର ଅନ୍ୟ କୌଣସି ଅବସ୍ଥାକୁ ଗତି କରିଥାଏ । ଯେତେବେଳେ ସେହି କୃତ ପାପ ବା ପୁଣ୍ୟର ଖଣ୍ଡନ ହୋଇଯାଏ ଏବଂ ଜୀବ-ଆତ୍ମା ଆଉ ଏକ ପାର୍ଥିବ ଜୀବନଗ୍ରହଣ ଲାଗି ପ୍ରସ୍ତୁତ ହୋଇଯାଏ, କେବଳ ସେତିକିବେଳେ ପୁଣି ଏଠାକୁ ଫେରି ଆସିବାର ଅବକାଶ ଆସେ । ଆପଣାର ପ୍ରକୃତି ମଧ୍ୟସ୍ଥ ଅଭିବ୍ୟକ୍ତି-କ୍ରମରେ ଜୀବ ବିବର୍ତ୍ତନର ଯେଉଁ ପର୍ଯ୍ୟାୟଟିରେ ଆସି ପହଞ୍ଚିଥାଏ, ତାହାରି ଅନୁସାରେହିଁ ତା'ର ଏହି ଗମନ ଓ ପ୍ରତ୍ୟାବର୍ତ୍ତନ ନିଶ୍ଚୟ ଭିନ୍ନ ଭିନ୍ନ ହୋଇ ସଂଘଟିତ ହେବ, ଏଇଟିକୁ ସ୍ୱୀକାର କରିନେଲେ ଉଭୟ ମତ ଭିତରେ ରହିଯାଉଥିବା ଅସଙ୍ଗତିରେ ଆମକୁ ଏକ ମୀମାଂସା ମିଳିଯାଆନ୍ତା । ସେତେବେଳେ ଏହି ପାର୍ଥିବ ଜୀବନଠାରୁ

'oaob.nitrkl.ac.in' images reprocessed

ଅଧିକ ଉଚ୍ଚ ଏକ ସ୍ଥିତିରେ ପ୍ରବେଶ କରିବାଲାଗି ଜୀବର ଯେଉଁ ପରିମାଣରେ ସାମର୍ଥ୍ୟ ରହିଛି, ସବୁକଥା ତାହାରି ଉପରେହିଁ ନିର୍ଭର କରନ୍ତି । କିନ୍ତୁ ଜନ୍ମାନ୍ତର ଗ୍ରହଣର ଲୌକିକ ଓ ସାଧାରଣ ଧାରଣାଟିରେ ଏକ ଆଧ୍ୟାତ୍ମିକ କ୍ରମବିବର୍ତ୍ତନର ବିଷୟଟି ଆଦୌ ସ୍ପଷ୍ଟଭାବରେ ବୁଝାଯାଇ ନାହିଁ; ଜନ୍ମାନ୍ତରକ୍ରମରେ ଗୋଟିଏ ଅବସ୍ଥାରେ ପହଞ୍ଚି ଜୀବ-ଆତ୍ମା ଜନ୍ମାନ୍ତରଗ୍ରହଣର ଆବଶ୍ୟକତାଟିକୁହିଁ ଅତିକ୍ରମ କରିଯିବ ଏବଂ ଆପଣାର ଶାଶ୍ୱତ ଉତ୍ସମୂଳକୁ ପୁଣି ବାହୁଡ଼ି ଆସିବ,—ଲୌକିକ ଧାରଣାର ଏହି କଥାଟି ମଧ୍ୟରେ ସେଇଟିର କେବଳ ଏକ ପରୋକ୍ଷ ସୂଚନାମାତ୍ର ରହିଛି । ମାତ୍ର ବିବର୍ତ୍ତନର ଧାରାଟିରେ ଯଦି କୌଣସି ପ୍ରକାର ସୋପାନଗତ କ୍ରମ ନଥାଏ, ତେବେ ଜନ୍ମାନ୍ତର-ଗ୍ରହଣର ଆବଶ୍ୟକତାକୁ ଅତିକ୍ରମ କରି ଚାଲିଯିବାର ବିନ୍ଦୁଟିରେ ଜୀବାତ୍ମା ମନେକଲେ କୌଣସି ପ୍ରକାର ନିୟମ ନମାନି ବଙ୍କାଟଙ୍କା ରାସ୍ତାରେ ଯାଇ ମଧ୍ୟ ବେଶ୍ ପହଞ୍ଚି ଯାଇ ପାରିବ, ମାତ୍ର ଏପରି ଏକ ଗତିର ବିଧିଟିକୁ ଆଦୌ ସହଜରେ ନିରୂପିତ କରାଯାଇ ପାରିବ ନାହିଁ । ତେଣୁ କେବଳ ଚୈତ୍ୟଭୂମିଗତ ଅନୁସନ୍ଧାନ ଓ ଅନୁଭୂତି ଦ୍ୱାରାହିଁ ଏହି ସମସ୍ୟାଟିର ଏକ ନିଶ୍ଚିତ ସମାଧାନ ସମ୍ଭବ ହୋଇପାରେ । ବସ୍ତୁଗୁଡ଼ିକର ସ୍ୱଭାବଗତ ଭୂମିରେ ବା ବିବର୍ତ୍ତନ-ପ୍ରକ୍ରିୟାଟିର ନ୍ୟାୟୟୁକ୍ତି ଭିତରେ ଦୁଇଟି ମଧ୍ୟରୁ କୌଣସି ଗୋଟିଏ ଗତିସ୍ପନ୍ଦନ ଲାଗି ମଧ୍ୟ କୌଣସି ଆପାତ କିମ୍ବା ଅନ୍ତର୍ନିହିତ ଆବ-ଶ୍ୟକତା ରହିଛି କି ନାହିଁ, ଅର୍ଥାତ୍ ଗୋଟିଏ ଶରୀର ଛାଡ଼ି ସଙ୍ଗେସଙ୍ଗେ ଆଉଗୋଟିଏ ଶରୀର ମଧ୍ୟରେ ପ୍ରବେଶ କରିବାଲାଗି କିମ୍ବା ଆପଣାକୁ କୌଣସି ନା କୌଣସି ଶରୀର ମଧ୍ୟରେ ପ୍ରବିଷ୍ଟ କରାଉଥିବା ଚୈତ୍ୟ ତତ୍ତ୍ୱଟି ଏକ ନୂତନ ଜନ୍ମାନ୍ତର ଗ୍ରହଣ କରିବା ପୂର୍ବରୁ ଜୀବ-ଆତ୍ମା ଲାଗି କୌଣସି ବିଳମ୍ବନ କିମ୍ବା ମଧ୍ୟାନ୍ତର ଅବକାଶର ଆବଶ୍ୟକତା ରହିଛି କି ନାହିଁ, ଏହି କ୍ଷେତ୍ରରେ ଆମକୁ କେବଳ ଏହି କଥାଟିର ବିଚାର କରିବାକୁ ପଡ଼ିବ ।

ବିଭିନ୍ନ ଜଗତତତ୍ତ୍ୱଗୁଡ଼ିକ ସର୍ବଦା ପରସ୍ପର ସହିତ ଏକତ୍ର ଗ୍ରଥିତ ହୋଇ ରହିଛନ୍ତି, ଗୋଟିଏ ଦୃଷ୍ଟିରୁ ଦେଖିଲେ ସେଗୁଡ଼ିକ ପରସ୍ପର ଉପରେ ନିର୍ଭର କରି ରହିଛନ୍ତି ଏବଂ ଆମର ଆଧ୍ୟାତ୍ମିକ ବିବର୍ତ୍ତନର ପ୍ରକ୍ରିୟାଟି ଉପରେ ଏହି ଘଟନାଟିର ଅବଶ୍ୟ ଏକ ପ୍ରଭାବ ପଡ଼ୁଛି ବୋଲିହିଁ ମୃତ୍ୟୁ ପରେ ଜୀବ-ଆତ୍ମାର କିଛି ଅବଧିପର୍ଯ୍ୟନ୍ତ ଏକ ଅନ୍ୟ ଲୋକରେ ଅବସ୍ଥାନ କରିବା କେତେକାଂଶରେ ଆବଶ୍ୟକ ମଧ୍ୟ ହୋଇଥାଏ । ଏହାକୁ ଆମେ ଏକ ମୌଳିକ ଆବଶ୍ୟକତା ବୋଲି ଯେତେଦୂର ନକହିବା, ତାହାଠାରୁ ଅଧିକ ପରିମାଣରେ ଏକ ଗତିଶୀଳ ଓ ବ୍ୟାବହାରିକ ଆବଶ୍ୟକତା ବୋଲି କହିବା । ମାତ୍ର ପୃଥିବୀର ଅଧିକ ଶକ୍ତିଶାଳୀ ଆକର୍ଷଣ ଅଥବା ଅଧିକ ପ୍ରାଧାନ୍ୟ ବିସ୍ତାର କରି ରହିଥିବା ଏହି ବିବର୍ତ୍ତନଗତ ପ୍ରକୃତିର ସ୍ଥୂଳତା ସକାଶେ ହୁଏତ ଏହି ବ୍ୟବସ୍ଥାଟିରେ ଏକ ସାମୟିକ ବ୍ୟତିକ୍ରମ ମଧ୍ୟ ଘଟିପାରେ । ଏକ ଅନ୍ୱେଷଣଧର୍ମୀ ଜୀବ-ଆତ୍ମାର

'oaob.nitrkl.ac.in' images reprocessed

ମନୁଷ୍ୟଦେହରେ ଜନ୍ମଗ୍ରହଣ କରିବା ଓ ପୁଣି ସେହି ଦେହରେହିଁ ବାରବାର ଜନ୍ମ ନେବାକୁ ଆସିବା,—ଏପରି ନହେଉଥିଲେ ଜୀବ-ଆତ୍ମା ଏହି ମନୁଷ୍ୟଭୂମିରେ ଆପଣାର ବିବର୍ତ୍ତନପର୍ଯ୍ୟାୟଟିକୁ କଦାପି ସମ୍ପୂର୍ଣ୍ଣ କରିପାରିବ ନାହିଁ ବୋଲି ଆମର ଯେଉଁ ବିଶ୍ୱାସ ରହିଛି, ବୁଦ୍ଧିଗତ ବିଚାରଦୃଷ୍ଟିରୁ ପରୀକ୍ଷା କରି ଦେଖିଲେ ତାହା ଏହିପରି ଏକ ମୂଳକଥା ଉପରେ ଠିଆହୋଇ ରହିଛି ଯେ ଏହି ପୃଥିବୀରେ ଜୀବକୁ ଗୋଟିଏ ସ୍ତରରୁ ତାହାର ଉଚ୍ଚତର ପରବର୍ତ୍ତୀ ସ୍ତରକୁ ଏବଂ ତା'ପରେ ଆହୁରି ଉଚ୍ଚତର ତାହାର ପରବର୍ତ୍ତୀ ସ୍ତରଟିକୁ,—ଏହିପରି ଭାବରେ ଅବିରାମ ଗତି କରିବାକୁ ପଡ଼ିଥାଏ; ଏହିପରି ଏକଦା ମନୁଷ୍ୟଯୋନିରେ ଉପଗତ ହୋଇ ବାରବାର ସେହି ମନୁଷ୍ୟର ଶରୀର ଗ୍ରହଣ କରିହିଁ ଜନ୍ମଗ୍ରହଣ କରିବାର କ୍ରମଟି ମଧ୍ୟ ତାହାର ପ୍ରକୃତିଗତ ଅଭିବୃଦ୍ଧି ସକାଶେ ଏକାନ୍ତ ଆବଶ୍ୟକ ହୋଇଥାଏ । କାରଣ ଏହି ପୃଥିବୀରେ କେବଳ ଥରକ ପାଇଁ ଏହି କ୍ଷଣସ୍ଥାୟୀ ମନୁଷ୍ୟଜନ୍ମ ଗ୍ରହଣ କଲେ ବିବର୍ତ୍ତନର ଉଦ୍ଦେଶ୍ୟଟି ସିଦ୍ଧ ହେବାଲାଗି ଯେ ତାହା ଆଦୌ ଯଥେଷ୍ଟ ହେବ ନାହିଁ, ଏହା ଅତ୍ୟନ୍ତ ସ୍ପଷ୍ଟ ହୋଇ ଯାଉଛି । ମନୁଷ୍ୟ ହୋଇ ଜନ୍ମାନ୍ତର ଗ୍ରହଣ କରିବାର ଯେଉଁ ପର୍ଯ୍ୟାୟକ୍ରମଟି ରହିଛି, ତାହାର ପ୍ରଥମକାଳୀନ ଅବସ୍ଥାରେ ଅର୍ଥାତ୍ ଜୀବାତ୍ମା ମାନବସ୍ତରର ପ୍ରାଥମିକ ପାହାଚ-ଗୁଡ଼ିକରେ ରହିଥିବା ସମୟରେ ମୃତ୍ୟୁ ହେବା ସଙ୍ଗେସଙ୍ଗେ ଜନ୍ମାନ୍ତରଗ୍ରହଣର ଏକ ନିଶ୍ଚିତ ସମ୍ଭାବନା ଯେ ରହିଛି, ପ୍ରଥମ ଅବଲୋକନରେ ଆମକୁ ଠିକ୍ ସେହିପରି ଲାଗୁଥିବ; ଦେହ ମଧ୍ୟରେ ସଂଘଟିତ ହୋଇ ରହିଥିବା ପ୍ରାଣଶକ୍ତିର ପ୍ରବାହ ବନ୍ଦ ହୋଇଗଲେ ବା ସେହି ପ୍ରାଣଶକ୍ତି ଦେହ ମଧ୍ୟରୁ ବାହାରିଗଲେ ତାହାର ଫଳସ୍ୱରୂପ ଘଟୁଥିବା ଯେଉଁ ଭୌତିକ ବିଘଟନକୁ ଆମେ ମୃତ୍ୟୁ ବୋଲି କହୁ, ସେହି ମୃତ୍ୟୁଫଳରେ ଆଧାରରୂପୀ ପୁରାତନ ଦେହଟି ଭାଙ୍ଗିପଡ଼ିବା ସଙ୍ଗେସଙ୍ଗେ ପ୍ରତ୍ୟେକ ନୂତନ ଜନ୍ମଗ୍ରହଣ ସହିତ ଦେହ ଗ୍ରହଣ କରିବାକୁ ପଡ଼ୁଥିବ । କିନ୍ତୁ ବିବର୍ତ୍ତନଗତ ପ୍ରକ୍ରିୟାଟିର କେଉଁ ଅବଶ୍ୟକତା ଦ୍ୱାରା ବାଧ୍ୟ ହୋଇ କ୍ଷିପ୍ର ଗତିରେ ଜନ୍ମାନ୍ତରଗ୍ରହଣର ଏହି କ୍ରମଟି କାହିଁକି ସଂଘଟିତ ହେବ ? ଏକଥାଟି ବଡ଼ ସ୍ପଷ୍ଟ ହୋଇଯାଉଛି ଯେ ଏହି ବ୍ୟବସ୍ଥାଟି କେବଳ ସେହିପର୍ଯ୍ୟନ୍ତ ବଳବତ୍ତର ରହିବ ଯେତେଦିନ ଯାଏ ଚୈତ୍ୟ ବ୍ୟକ୍ତିସତ୍ତା,—ଅନ୍ତର ଭିତରେ ନିଗୂଢ଼ ରହିଥିବା ସ୍ୱୟଂ ଅସଲ ଆତ୍ମସତ୍ତାଟି ନୁହେଁ, ମାତ୍ର ପ୍ରାକୃତ ସତ୍ତାରେ ଆବର୍ତ୍ତିତ ରୂପାୟିତ ଆତ୍ମା,—କେବଳ ଅଳ୍ପ ପରିମାଣରେହିଁ ଉନ୍ମେଷଲାଭ କରିଥିବ, ଯଥେଷ୍ଟ ବିକଶିତ ହୋଇ ନଥିବ ଅର୍ଥାତ୍ ଏପରି ଅଯଥେଷ୍ଟ ଭାବରେ ରୂପ ଗ୍ରହଣ କରିଥିବ ଯେ ଏହି ଜୀବନଟିର ମାନସିକ, ପ୍ରାଣଗତ ଓ ଜଡ଼ ବ୍ୟକ୍ତିତ୍ୱଟିର ନିରବଚ୍ଛିନ୍ନ ଭାବରେ ବର୍ତ୍ତମାନ ରହିବା ଉପରେ ନିର୍ଭର ନକରି ତାହା ଆଦୌ ତିଷ୍ଠି ରହିପାରିବ ନାହିଁ; ଆପଣା ମଧ୍ୟରେ ଆପେ ସ୍ଥାୟୀ ହୋଇ ଅବସ୍ଥାନ କରିବାକୁ ଅସମର୍ଥ ହୋଇ ରହିଥିବ, ଆପଣାର ବିଗତ ମନୋଗତ ତଥା ପ୍ରାଣଗତ

'oaob.nitrkl.ac.in' images reprocessed

ରୂପାୟନକୁ ପରିହାର କରି ପାରୁ ନଥିବ ଓ ଏକ ଅବଶ୍ୟକ ମଧ୍ୟାବଧି ପରେ ନୂତନ ରୂପର ସୃଷ୍ଟି କରି ପାରୁ ନଥିବ । ତେଣୁ ମୃତ୍ୟୁର ଅବ୍ୟବହିତ ପରେହିଁ ତାହା ଆପଣାର ପ୍ରାଥମିକ ଓ ଅଶୋଧିତ ବ୍ୟକ୍ତିସତ୍ତାଟିକୁ ସାଇତି ରଖିବା ଉଦ୍ଦେଶ୍ୟରେ ଏକ ନୂତନ ଶରୀରରେ ପ୍ରବେଶ କରିବାକୁ ବାଧ୍ୟ ହୋଇ ପଡୁଥିବ । ମାତ୍ର ଯେଉଁ ସବୁ ମନୁଷ୍ୟ ଭୂମିର ଚେତନା ଲାଭ କରିବାଭଳି ଯଥେଷ୍ଟ ଶକ୍ତିଶାଳୀ ଭାବରେ ଆପଣାକୁ ବ୍ୟକ୍ତି-ଭାବାପନ୍ନ କରି ରଖିଛନ୍ତି, ତାହା ଯେ ପ୍ରକୃତରେ ଏବାବେଳକେ ଏତେଦୂର ସମ୍ପୂର୍ଣ୍ଣ ଭାବରେ ବିକଶିତ ହୋଇଛନ୍ତି, ଏପରି କହିବା ପଛରେ ଆମର ଯେ ଯେତେଦୂର ଯୁକ୍ତିଯୁକ୍ତତା ରହିଛି, ତାହା ବାସ୍ତବରେ ବଡ଼ ସନ୍ଦେହସାପେକ୍ଷ । ଏପରିକି ଆପଣାର ଉନ୍ନତମ ସାଧାରଣ ସ୍ତରରେ ମଧ୍ୟ ମନୁଷ୍ୟବ୍ୟକ୍ତି ତଥାପି ଏକ ବ୍ୟକ୍ତି-ଅସ୍ତିତ୍ୱରୂପେ କାର୍ଯ୍ୟ କରୁଥାଏ, ତାହାର ମନ ଯେତେବେଶୀ ପଙ୍ଗୁ ହୋଇ ରହିଥାଉ ପଛକେ, ସେତେ ସୀମାବଦ୍ଧ ଓ ଖର୍ବ ହୋଇ ରହିଥାଉ ପଛକେ ଏବଂ ଜଡ଼ଚେତନା ତଥା ପ୍ରାଣ-ଚେତନାର ବାଡ଼ ଭିତରେ ବନ୍ଦୀହୋଇ ରହି ଆପଣାର ଜନ୍ମର ରୂପାୟନଟିଠାରୁ ଆପଣାକୁ ପୃଥକ୍ କରିନେବା ଲାଗି ଯେତେଦୂର ଅସମର୍ଥ କିମ୍ବା ଅକ୍ଷମ ହୋଇ ରହିଥାଉ ପଛକେ, ମନୁଷ୍ୟବ୍ୟକ୍ତିର ଆତ୍ମା ତଥାପି ବଡ଼ ସ୍ପଷ୍ଟ ଭାବରେ ଏକ ମନୋମୟ ସତ୍ତା ଭାବରେ କାର୍ଯ୍ୟ କରୁଥାଏ । ମାତ୍ର ତଥାପି ଆମେ ହୁଏତ ଅନୁମାନ କରି-ପାରିବା ଯେ ସେହି ବ୍ୟକ୍ତିସତ୍ତା ମଧ୍ୟରେ ଏକ ଉନ୍ନାଭିମୁଖ ଅନୁରକ୍ତତା ବଡ଼ ପ୍ରବଳ ହୋଇ ରହିଥାଏ, ଯାହାଫଳରେ ତ ସେ ସଚେତନ ବା ଅଚେତନ ହୋଇ ସଙ୍ଗେସଙ୍ଗେ ପୁଣି ଏକ ଜଡ଼ ଶରୀର ଗ୍ରହଣ କରିପକାଏ, କାରଣ ତା'ର ପ୍ରକୃତିଗତ ଗଠନଟି ପ୍ରକୃତରେ ଆଉ ଅନ୍ୟକିଛି ଲାଗି ଆଦୌ ଯୋଗ୍ୟ ହୋଇ ନଥାଏ କିମ୍ବା ଅନ୍ୟ କୌଣସି ଉଚ୍ଚତର ଭୂମିରେ ବାସ କରିବାର ଯୋଗ୍ୟତା ମଧ୍ୟ ଅର୍ଜନ କରି ନଥାଏ । ଅଥବା ଜୀବନ ଜଗତରେ ତାହାର ଆସକ୍ତତା ଏତେ ଅଧିକ ସ୍ଥାୟୀ ଓ ସମ୍ପୂର୍ଣ୍ଣ ହୋଇ ରହିଥାଏ ଯେ ଯେକୌଣସି ପ୍ରକାରେ ତୃପ୍ତି ରହିବାଲାଗି ସେ ସଙ୍ଗେସଙ୍ଗେ ପୁନର୍ଜନ୍ମ ଗ୍ରହଣ କରିବାକୁ ବାଧ୍ୟ ହୁଏ । ପୁଣି ଏସବୁଛଡ଼ା ତାହାର ପ୍ରାକୃତ ପ୍ରକୃତିସ୍ୱାର ଜଡ଼ିତ ଭୂମିଟି ଉପରେ ଅନ୍ୟାନ୍ୟ ନାନା ଆବଶ୍ୟକତା, ପ୍ରବୃତ୍ତି ଓ ଧାରଣା ମଧ୍ୟ ଅବସ୍ଥିତ ରହିଥାଏ, ଉଦାହରଣସ୍ୱରୂପ ହୁଏତ ପାର୍ଥିବ କାମନାବାସନାର ଏକ ପ୍ରବଳ ଇଚ୍ଛା ଆପଣାକୁ ପରିପୂର୍ଣ୍ଣ କରିବାପାଇଁ ଉତ୍ସୁକ ହେଉଥାଏ, ଯାହାଫଳରେ ସେ ବ୍ୟକ୍ତି-ସତ୍ତାର ତତକାଳ ସେହି ରୂପାୟନଟି ସଙ୍ଗେସଙ୍ଗେ ଏକ ନୂତନ ଶରୀରରେ ଆଉ ଜନ୍ମଗ୍ରହଣ କରିଥାଏ । ମାତ୍ର ତଥାପି ବର୍ତ୍ତମାନର ସମୟରେ ଥରେ ମନୁଷ୍ୟର ଭୂମିରେ ଆସି ପହଞ୍ଚିବା ପରେ ଚୈତ୍ୟସତ୍ତା ପକ୍ଷରେ ଅନ୍ୟ ଏକ ପ୍ରକୃତି ସ୍ୱଭାବ ପୁନର୍ବାର ଜନ୍ମଗ୍ରହଣ କରିବା, କେବଳ ଏକ ନୂତନ ଦେହ ମଧ୍ୟରେ ନୁହେଁ, ମାତ୍ର ବ୍ୟକ୍ତି-ଭାବାପନ୍ନତାର ଏକ ନୂତନ ରୂପାୟନ ମଧ୍ୟରେ ପ୍ରକୃତରେ ପୁନର୍ବାର ଜନ୍ମଗ୍ରହଣ କରିବା

'oaob.nitrkl.ac.in' images reprocessed

ଯେ ଯଥାର୍ଥରେହିଁ ଏକ ସ୍ୱାଭାବିକ ସ୍ଥିତି ହେବ, ସେଥିରେ ଆଦୌ କୌଣସି ସନ୍ଦେହ ନାହିଁ ।

କାରଣ, ଆପଣାର ଅଭିବୃଦ୍ଧି ସଙ୍ଗେସଙ୍ଗେ ଚୈତ୍ୟ ବ୍ୟକ୍ତିସତ୍ତ୍ୱାକୁ ଆପଣାର ପ୍ରାକୃତ ଗଠନଟି ଉପରେ ଯଥେଷ୍ଟ କର୍ତ୍ତୃତ୍ୱ ଲାଭ କରିବାକୁ ପଡ଼ିବ ଏବଂ ଆପଣାକୁ ଅଭିବ୍ୟକ୍ତ କରି ପାରୁଥିବା ଯଥେଷ୍ଟ ମନୋଗତ ଓ ପ୍ରାଣଗତ ବ୍ୟକ୍ତିତ୍ୱସମ୍ପନ୍ନତା ମଧ୍ୟ ହାସଲ କରିବାକୁ ପଡ଼ିବ, ଯେପରିକି ତାହା ଜଡ଼ଶରୀରଟିର ବିନା ଆଶ୍ରୟରେ ବି ତଥାପି ତିଷ୍ଠି ରହିପାରିବ, ତଥା ଜଡ଼ଭୂମି ଓ ଜଡ଼ ଜୀବନଟା ମଧ୍ୟରେ ଅତିରିକ୍ତ ଦୀର୍ଘକାଳ ପର୍ଯ୍ୟନ୍ତ ଲିପ୍ତ ହୋଇ ରହିବାର ପ୍ରୟୋଜନକୁ ଅତିକ୍ରମ କରିଯାଇ ପାରିବ । ଯେଉଁ ସୂକ୍ଷ୍ମ ଦେହକୁ ଆମେ ଆମ ଅନ୍ତର୍ସତ୍ତ୍ୱାର ସ୍ୱଭାବଗତ କୋଷ ଓ ସମୁଚିତ ସୂକ୍ଷ୍ମଭୌତିକ ଆଧାର ବୋଲି ଜାଣିଛୁ, ତାହାର ମଧ୍ୟରେ ନିବାସ କରିପାରିବାକୁ ଚୈତ୍ୟ ବ୍ୟକ୍ତିତ୍ୱଟିକୁ ଯଥେଷ୍ଟ ବିକାଶଲାଭ କରିବାକୁ ପଡ଼ିବ । ମୃତ୍ୟୁ ପରେ ଏହି ଆତ୍ମାପୁରୁଷ ବା ଚୈତ୍ୟସତ୍ତ୍ୱାହିଁ ତଥାପି ତିଷ୍ଠି ରହିଥାଏ ଏବଂ ଆପଣାର ଯାତ୍ରାପଥରେ ମନ ଓ ପ୍ରାଣକୁ ସଙ୍ଗରେ ଧରି ଯାଏ । ସୂକ୍ଷ୍ମ ଦେହ ଧାରଣ କରିହିଁ ତାହା ଆପଣାର ଜଡ଼ ନିବାସଟିକୁ ଛାଡ଼ି ଚାଲିଯାଏ । ତେଣୁ ଏହି ଯାତ୍ରାର ଯୋଗ୍ୟ ହେବାଲାଗି ଚୈତ୍ୟସତ୍ତ୍ୱା ଏବଂ ସୂକ୍ଷ୍ମଦେହ ଉଭୟଙ୍କୁ ଯଥେଷ୍ଟ ପରିମାଣରେ ବିକଶିତ ହେବାକୁ ପଡ଼ିବ । ମାତ୍ର ଏଠା ଛାଡ଼ି ମନୋମୟ ଅଥବା ପ୍ରାଣମୟ ଅନ୍ତିହର ଭୂମିଗୁଡ଼ିକୁ ଯାତ୍ରା କରିବା କହିଲେ ଯଥେଷ୍ଟ ପ୍ରକାରେ ରୂପାୟିତ ଓ ବିକାଶପ୍ରାପ୍ତ ଏକ ମନ ଓ ପ୍ରାଣକୁ ମଧ୍ୟ ବୁଝାଇବ, ଯେଉଁମାନେ କି ଏହି ଯାତ୍ରାରେ ନିଶ୍ଚୟ ଅତୁଟ ରହିପାରିବେ ଏବଂ କିଛିକାଳ ସକାଶେ ଏହିସବୁ ଉଚ୍ଚତର ଭୂମିରେ ଅବସ୍ଥାନ ବି କରିପାରିବେ । ଯେତେବେଳେ ଏହିସବୁ ଆବଶ୍ୟକତାର ପୂରଣ ହୋଇଯିବ, ଯେତେବେଳେ ଚୈତ୍ୟ ବ୍ୟକ୍ତିସତ୍ତ୍ୱା ଓ ସୂକ୍ଷ୍ମ ଦେହ ତଥା ମନୋଗତ ଏବଂ ପ୍ରାଣଗତ ବ୍ୟକ୍ତିତ୍ୱଗୁଡ଼ିକ ଯଥେଷ୍ଟ ପରିମାଣରେ ବିକଶିତ ହୋଇପାରିବ, ସେତେବେଳେ ମୃତ୍ୟୁ ପରେ ଆତ୍ମାପୁରୁଷକୁ କଦାପି ସଙ୍ଗେସଙ୍ଗେ ଏକ ନୂତନ ଜନ୍ମ ନେବାକୁ ପଡ଼ିବ ନାହିଁ ଏବଂ ଅନ୍ୟ ଜଗତଗୁଡ଼ିକର ଆକର୍ଷଣଟି ମଧ୍ୟ କାର୍ଯ୍ୟକାରୀ ହେବାକୁ ଲାଗିବ । ମାତ୍ର କେବଳ ଏତିକିଦ୍ୱାରା ପୂର୍ବତନ ଜନ୍ମର ସେହି ମନୋଗତ ତଥା ପ୍ରାଣଗତ ବ୍ୟକ୍ତିତ୍ୱଗୁଡ଼ିକ ସହିତ ଏହି ଜଗତକୁ ଫେରି ଆସିବାକୁ ପଡ଼ିବ ଏବଂ ନୂତନ ଜନ୍ମଟିରେ ଆଉ କୌଣସି ପ୍ରଧାନ ପରିବର୍ତ୍ତନ ସମ୍ଭବ ହେବ ନାହିଁ । ତେଣୁ ଚୈତ୍ୟ ପୁରୁଷର ଆପଣା ବ୍ୟକ୍ତିତ୍ୱଟିକୁ ମଧ୍ୟ ଏପରି ବିକଶିତ କରାଇବାକୁ ପଡ଼ିବ, ଯେପରିକି ପୂର୍ବବର୍ତ୍ତୀ ଦେହଟିରେ ତାକୁ ଆପଣାର ତତ୍କାଳୀନ ମନୋଗତ ତଥା ପ୍ରାଣଗତ ରୂପାୟନଗୁଡ଼ିକ ଉପରେ ଯେତିକି ନିର୍ଭର କରି ରହିବାକୁ ପଡ଼ୁଥିଲା, ଏହି ଭୂମିରେ ତାହାଠାରୁ ଅଧିକ ନିର୍ଭର କରିବାକୁ ଆଦୌ ପଡ଼ିବ ନାହିଁ, ଯେପରିକି ତାହା କ୍ରମସୂତ୍ରେ ସେଗୁଡ଼ିକୁ ପରିହାର

'oaob.nitrkl.ac.in' images reprocessed

ଚାଲିଯିବ ଏବଂ ନୂତନ ଭୂମିର ଆକର୍ଷଣଟି ସ୍ୱଭାବେ ଏକ ନୂତନ ରୂପାୟନକୁ ଆବଶ୍ୟକ ହୋଇଯିବ । ପୁରୁଣା ରୂପ ଓ ଗଠନଗୁଡ଼ିକୁ ପରିହାର କରି ନୂତନ ରୂପ ଓ ଗଠନଗୁଡ଼ିକର ପ୍ରସ୍ତୁତ କରିଛି ଜୀବ-ଆତ୍ମାକୁ ଯେବେ ବର୍ତ୍ତମାନ ଚେତନ କରୁଥିବା ଏହି ସ୍ୱତଃ ଜଡ଼ଭୌତିକ ଭୂମିଠାରୁ ଭିନ୍ନ ଅନ୍ୟ କୌଣସିଠାରେ ଦୁଇ ଜନ୍ମର ମଧ୍ୟବର୍ତ୍ତୀ କାଳରେ ଏହି ସମସ୍ତ ସ୍ୱଭାବେ ଅବସ୍ଥାନ କରିବାକୁ ହେବ; କାରଣ ଶରୀର ତ୍ୟାଗ କରି ବାହାରି ଯାଉଥିବା ଜୀବାତ୍ମାପାଇଁ କୌଣସି ସ୍ଥାୟୀ ନିବାସସ୍ଥାନ କଦାପି ଉପଲବ୍ଧ ହେବ ନାହିଁ । ଯଦି ଏହି ପାର୍ଥିବକ୍ଷେତ୍ର ଉପରେ ସୂକ୍ଷ୍ମତର ଉପାଦାନ ଦ୍ୱାରା ଗଠିତ ଅଦୃଶ୍ୟମାନ ରହୁଥା'ନ୍ତା, ଯଦି ସେଗୁଡ଼ିକ ଏହି ପୃଥିବୀର ଅନ୍ତର୍ଗତ ହୋଇ ରହୁଥା'ନ୍ତା, ମାତ୍ର ତଥାପି ଏକ ପ୍ରାଣଗତ ଅଥବା ମନୋଗତ ସ୍ତରର ହୋଇଥା'ନ୍ତା, ତେବେଯାଇ ଜୀବାତ୍ମା ପକ୍ଷରେ ଏଠାରେ ଏକ ସଂକ୍ଷିପ୍ତ ଅବସ୍ଥାନ ହୁଏତ ସମ୍ଭବ ହୋଇପାରନ୍ତା; ମାତ୍ର ତଥାପି ସେତେବେଳେ ମଧ୍ୟ ଦୀର୍ଘକାଳ ପର୍ଯ୍ୟନ୍ତ ଏଠାରେହିଁ ଲଟରପଟର ହୋଇ ବୁଲିବାପାଇଁ ଜୀବ-ଆତ୍ମାର ଆଉ କୌଣସି କାରଣ ନଥା'ନ୍ତା । ଅବଶ୍ୟ ଯଦି ତାକୁ ତାକୁ ଧରି ରଖିବା ଭଳି ଏକ ଉତ୍କଣ୍ଠା ତା' ଉପରେ ବୋଝ ହୋଇ ବସିଥା'ନ୍ତା, ତେବେ ହୁଏତ ଭିନ୍ନ କଥା ହୁଅନ୍ତା । ଜଡ଼ ଶରୀରଟି ଧ୍ୱଂସ ହୋଇଗଲେ ମଧ୍ୟ ଯଦି ବାସନାଗୁଡ଼ିକୁ ତଥାପି ତୃପ୍ତି କରିବାକୁ ହୁଏ, ତେବେ କେବଳ ଜଡ଼ୋତ୍ତର ଲୋକରେହିଁ ତାହା ହୋଇପାରିବ; ବର୍ତ୍ତମାନରେ ଯଦି ବସ୍ତୁକୁ ଚେତନା ସେହି ସୋପାନରେ ଯଦି ଅଟକିବ, ତେବେ ତାହାର ଅନୁରୂପ ଏକ ଭୂମିରେହିଁ ଏହି ଜଡ଼ୋତ୍ତର ଲୋକ ସମ୍ଭବ ହେବ, ଅନ୍ୟଥା ଯଦି ବର୍ତ୍ତନର ପ୍ରବୃତ୍ତି ଉପସ୍ଥିତ ନଥାଏ, ତେବେ ତାହା ଦୁଇ ଜୀବନର ମଧ୍ୟବର୍ତ୍ତୀ ଏକ ଅସ୍ଥାୟୀ ବିଶ୍ରାମଭୂମିହିଁ ହୋଇଥିବ । ଅଥବା, ତାହା ଶେଷ ମୁକ୍ତନିବାସସ୍ୱରୂପ ପରମଧାମ ମଧ୍ୟ ହୋଇଥିବ, ଯେଉଁଠାରେ ପହଞ୍ଚିଲେ ଜୀବ-ଆତ୍ମାକୁ ଆଉ କଦାପି ଜଡ଼ଗତ ପ୍ରକୃତି ମଧ୍ୟକୁ ଲେଉଟି ଆସିବାକୁ ପଡ଼େ ନାହିଁ ।

ତେବେ ଜଡ଼ୋତ୍ତର ଭୂମିର କେଉଁ ସ୍ତରଟିରେ ଜୀବ-ଆତ୍ମାର ଏହି ଅସ୍ଥାୟୀ ଅବସ୍ଥାନଭୂମିଟି ଅବସ୍ଥିତ ରହିବ ? ଜୀବ-ଆତ୍ମାର ସ୍ଥାୟୀ ଆବାସଟି ମଧ୍ୟ କେଉଁଠି ରହିବ ? ଏଇଟି ଉଚିତ୍ ଏକ ମନୋମୟ ଭୂମିରେ ଅର୍ଥାତ୍ ମନୋଗତ ଜଗତଗୁଡ଼ିକ ମଧ୍ୟରେ ରହିବ ବୋଲି ହୁଏତ ବୋଧ ହୋଇପାରେ, କାରଣ ମନୁଷ୍ୟ ଏକ ମନୋମୟ ସତ୍ତା ହୋଇଥିବାରୁ ଶରୀର ସହିତ ବନ୍ଧା ହୋଇ ରହିବାର ବାଧାଟି ଅପସୃତ ହେବାପରେ ତାହାର ଜୀବନରେ ପୂର୍ବରୁ ପ୍ରତିଷ୍ଠିତ ହୋଇ ରହିଥିବା ମନୋମୟ ଚେତନର ଆକର୍ଷଣହିଁ ତା' ମଧ୍ୟରେ ଅତ୍ୟନ୍ତ ଶକ୍ତିଶାଳୀ ହୋଇ ରହିବ । ଏବଂ ଆଉ ଏକ ଦ୍ୱିତୀୟ କାରଣ ହେଉଛି ଯେ କେବଳ ଏକ ମନୋମୟ ଭୂମିହିଁ ଏକ ମନୋମୟ ସତ୍ତା-

ଲାଗି ସୁସ୍ପଷ୍ଟତଃ ଏକ ସ୍ୱାଭାବିକ ଓ ଉପଯୁକ୍ତ ନିବାସସ୍ଥଳରୂପେ ସିଦ୍ଧ ହେବ । ମାତ୍ର ମନୁଷ୍ୟର ସତ୍ତା ଏକ ଜଟିଳ ସତ୍ତା ହୋଇଥିବାରୁ ତାହା ଆପଣା ତୁଷ୍ଟ ହୋଇଯିବ ନାହିଁ । ମନୁଷ୍ୟର ଏକ ପ୍ରାଣମୟ ଅସ୍ତିତ୍ୱ ରହିଛି, ଏକ ମନୋମୟ ଅସ୍ତିତ୍ୱ ମଧ୍ୟ ରହିଛି । ଏକଥା ହୁଏ’ତ କୁହାଯିବ ଯେ ତା’ର ପ୍ରାଣମୟ ଜୀବନଭାଗଟି ତା’ର ମନୋମୟ ଭାଗଠାରୁ ଅନେକ ସମୟରେ ଅଧିକ ଶକ୍ତି ଓ ପ୍ରତିପତ୍ତି ସହିତ ତା’ ଉପରେ କାର୍ଯ୍ୟ କରୁଛି । ମନୁଷ୍ୟର ମନୋମୟ ସତ୍ତାଟି ପଛରେ ଏକ ଆତ୍ମା ମଧ୍ୟ ରହିଛି ଓ ମନୋମୟ ସତ୍ତା କେବଳ ତାହାର ପ୍ରତିନିଧି ହୋଇ କାର୍ଯ୍ୟ କରୁଛି । ଏସବୁ ଛଡ଼ା ବିଶ୍ୱ-ଅସ୍ତିତ୍ୱର ମଧ୍ୟ ଆହୁରି କେତେ ସ୍ତର ବା ଭୂମି ରହିଛି; ଏବଂ ଆପଣାର ଯଥାର୍ଥ ସ୍ୱଭାବଗତ ଭୂମିଟିରେ ଯାଇ ପହଞ୍ଚିବାକୁ ହେଲେ ଆତ୍ମାକୁ ସେହିସବୁ ଭୂମି ମଧ୍ୟଦେଇ ଅବଶ୍ୟ ଗତି କରିବାକୁ ପଡ଼ିବ । ଏହି ଜଡ଼ ଭୂମିଟିରେ ବା ଏହାର ଅନ୍ତଃପାତୀ ଭାବରେ ଅଧିକରୁ ଅଧିକତର ସୂକ୍ଷ୍ମ ଭୂମିମାନ ରହିଥିବାର ବିଶ୍ୱାସ ମଧ୍ୟ କରାଯାଉଛି ଯାହାକୁ କି ଆମେ ଜଡଭୂମିର ଗୋଟିଏ ଗୋଟିଏ ଉପଭୂମିରୂପେ ବର୍ଣ୍ଣନା କରିପାରିବା ଏବଂ ଏହିସବୁ ଭୂମିର ଏକ ପ୍ରାଣଗତ ତଥା ମନୋଗତ ପ୍ରକୃତି ମଧ୍ୟ ରହିଛି । ଏହି ଭୂମି ବା ସ୍ତରଗୁଡ଼ିକ ଜଡ଼ଜଗତକୁ ଘେରି କରି ରହିଛି, ପରସ୍ପର ମଧ୍ୟରେ ଭେଦକରି ମଧ୍ୟ ରହିଛି; ଏବଂ ଜଡ଼ୋତ୍ତର ଏବଂ ଜଡ଼ଲୋକ ମଧ୍ୟରେ ଆଦାନପ୍ରଦାନର ସେତୁରୂପେ ବର୍ତ୍ତମାନ ରହିଛି । ତେଣୁ ମନୋମୟ ସତ୍ତାଟିର ମନୋମୟତା ଯେପର୍ଯ୍ୟନ୍ତ ଯଥେଷ୍ଟ ପରିମାଣରେ ବିକାଶଲାଭ କରି ନାହିଁ, ଯେପର୍ଯ୍ୟନ୍ତ ଏହା ପ୍ରଧାନତଃ ମନୋଗତ ତଥା ପ୍ରତ୍ୟେକ ବିଷୟାତ୍ମକତାର ଅଧିକତର ଜଡ଼ଗତ ରୂପଗୁଡ଼ିକ ମଧ୍ୟରେ ସୀମାବଦ୍ଧ ହୋଇ ରହିଛି, ସେପର୍ଯ୍ୟନ୍ତ ମନୋମୟ ସତ୍ତା ଯେ ଏହିସବୁ ମଧ୍ୟବର୍ତ୍ତୀ ସ୍ତରରେ ଅଟକି ରହିଯିବ ଓ ତେଣୁ ତା’ର ଯଥାର୍ଥ ଓ ସ୍ୱଭାବଗତ ଲୋକଟିକୁ ଫେରି ଆସିବାରେ ବିଳମ୍ବ ଘଟିବ, ଏକଥା ସବୁବେଳେ ସମ୍ଭବ । ଏପରି ମଧ୍ୟ ହୋଇପାରେ ଯେ ଏ ଜନ୍ମରୁ ବାହାରି ସେ ଜନ୍ମରେ ପ୍ରବେଶ କଲାପର୍ଯ୍ୟନ୍ତ ସମ୍ପୂର୍ଣ୍ଣ ଅବଧିଟି ଲାଗି ସେ ଏହିଠାରେହିଁ ପଡ଼ି ରହିବାକୁ ବାଧ୍ୟ ହେବ । ମାତ୍ର ଏକଥା ସମ୍ଭବ ବୋଲି ବୋଧ ହେଉ ନାହିଁ; ଏବଂ ଏହା ହୁଏତ କେବଳ ସେତିକିବେଳେ ଘଟିବ, ଯେତେବେଳେ ଆପଣା ନିଜର ପାର୍ଥିବ ରୂପାୟନଗୁଡ଼ିକ ପ୍ରତି ତାହାର ଏତେବେଶୀ ଆସକ୍ତି ରହିଥିବ ଯେ, ତାହାଫଳରେ ତାହାର ସ୍ୱାଭାବିକ ଊର୍ଦ୍ଧ୍ୱାଭିମୁଖ ଗତିଟି ବର୍ଜିତ କିମ୍ବା ବାଧାପ୍ରାପ୍ତ ହୋଇ ରହିଯିବ । ମୃତ୍ୟୁ ଅନ୍ତେ ଜୀବ-ଆତ୍ମା ଯେଉଁ ଅବସ୍ଥାଟିକୁ ପ୍ରାପ୍ତ ହେବ, ତାହା ସହିତ ତାହାର ଏହି ପାର୍ଥିବ ଜୀବନର ଅବସ୍ଥା ତଥା ବିକାଶଧାରାର ଅବଶ୍ୟ କୌଣସି ନା କୌଣସି ସାମଞ୍ଜସ୍ୟ ରହିଥିବ; କାରଣ ତାହାର ମୃତ୍ୟୁପର ଜୀବନକୁ ଏଠି ଏହି ମରଣଶୀଳତାର ଏକ ଅଳ୍ପକାଳସ୍ଥାୟୀ ଜନ୍ମମୁଖ ବିରାମ ମଧ୍ୟରୁ କେବଳ ଅବାରିତ ଭାବରେ ଊର୍ଦ୍ଧ୍ୱଗତି ହୋଇ ସ୍ୱଧାମକୁ ପ୍ରତ୍ୟାବର୍ତ୍ତନ କରିବା ବୋଲି

'oaob.nitrkl.ac.in' images reprocessed

ତତ୍ତ୍ୱ ବୁଝାଯାଇ ପାରିବ ନାହିଁ; ଏହି ପାର୍ଥିବ ଜଗତର ଅସ୍ତିତ୍ୱ ମଧ୍ୟରେ ଏକ ଦୃଢ଼ବଦ୍ଧ ଅଧ୍ୟାତ୍ମିକ ବିବର୍ତ୍ତନର ଯେଉଁ ପ୍ରକ୍ରିୟାଟି ରହିଛି, ତାହାକୁ ସମ୍ପୂର୍ଣ୍ଣ ହେବାରେ ସାହାଯ୍ୟ କରୁଥିବା ଏକ ସାଧାରଣ ଓ ପୁନଃପୁନଃ ଆବର୍ତ୍ତିତ ଏକ ଘଟଣାବଳୀ ଜଗତର ମୃତ୍ୟୁପର ଅବସ୍ଥା ବୋଲି ବୁଝାଯିବ । ଏହି ସୂତ୍ର ଉପରେ ଆପଣାର ବିବର୍ତ୍ତନର ପଥରେ ଗତି କରୁଥିବାବେଳେ ମନୁଷ୍ୟ ଅସ୍ତିତ୍ୱର ଉଚ୍ଚତର ଭୂମିଗୁଡ଼ିକ ସହିତ ଏକ ସମ୍ବନ୍ଧର ବିକାଶ କରିଥାଏ ଏବଂ ଜଡ଼ ଦେହ ଜନ୍ମର ମଧ୍ୟବର୍ତ୍ତୀକାଳରେ ଏହିସବୁ ଭୂମିରେ ଅବସ୍ଥାନ କରୁଥିବାବେଳେ ସେହି ସମ୍ବନ୍ଧଟି ଏକ ମୁଖ୍ୟ ନିୟାମକରୂପେ କାର୍ଯ୍ୟ କରେ । ମୃତ୍ୟୁପରେ ଜୀବ ଯେଉଁ ଲୋକକୁ ଗତି କରିବ, ଯେଉଁ ଲୋକକୁ ଗତ କରିବ ଏବଂ ସେଠାରେ ଅନ୍ତ-ଅନୁଭୂତି ଯେତେ କାଳଯାଏ ରହିବ ଏବଂ ଯେଉଁ ଧରଣର ହେବ, ଏହି ସମ୍ବନ୍ଧଟି ସେଗୁଡ଼ିକୁ ନିରୂପିତ କରିଥାଏ ।

ପୁଣି ଏପରି ମଧ୍ୟ ହୋଇପାରେ ଯେ ଜୀବ-ଆତ୍ମା କିଛି ସମୟ ପାଇଁ ତା'ର ଆପଣାର ଅତି-ଅଭ୍ୟସ୍ତ କଳ୍ପନାଗୁଡ଼ିକ ଦେଇ ସୃଷ୍ଟ ହୋଇଥିବା ଅନ୍ୟ ଲୋକସ୍ଥ ସେହି ଉପଭବନଗୁଡ଼ିକ ମଧ୍ୟରୁ କୌଣସି ଗୋଟିକ ଭିତରେ ଯାଇ ଅଟକି ଯାଇପାରେ, ଅଥବା ମରଣକାଳରେ ରହିଥିବା ସମୟରେ ତାହାର ସେହିସବୁ ଆକାଂକ୍ଷା ଓ ଅନୁପ୍ରେରଣାମାନ ଥିଲା, ତାହାର ସ୍ୱଭାବଦ୍ୱାରା ପରିଚାଳିତ ହୋଇ ମଧ୍ୟ ସେ ଏପରି କରିପାରେ । ଆମେ ଆଗରୁ ଜାଣିସାରିଛୁ ଯେ ସେ ଉଚ୍ଚତର ଏହିସବୁ ଭୂମିଗୁଡ଼ିକର ନାନା ଚିତ୍ରରୂପ ଗଢ଼ି ରଖିଥାଏ, ସେହିସବୁ ଭୂମିର ତତ୍ତ୍ୱ ଉପାଦାନର କେବଳ ଏକ ମନୋଭୂମିଗତ ରଚନା କରି ସେ ଏହି ଚିତ୍ରରୂପଗୁଡ଼ିକୁ ସୃଷ୍ଟି କରିଥାଏ । ଆପଣାର ଚିତ୍ରରୂପମାନ ଦେଇ ସେ ଆପଣାର ମନୋମୟ ଗଠନଗୁଡ଼ିକୁ ଚିତ୍ରିତ କରେ, ସେଗୁଡ଼ିକୁ ଏହାଦ୍ୱାରା ସତେଅବା ଏକ ବାସ୍ତବ ରୂପ ଦେଇ ଦେଲା ବୋଲି ମନେ କରିଥାଏ । ପୁଣି ଆପଣାର ବାସନାଗୁଡ଼ିକୁ ଦେଇ ମଧ୍ୟ ସେ ଏହିପରି ଏକ ବାସନାଲୋକ ଗଢ଼ିପକାଏ ଏବଂ ତାହାର ଏକ ଅନୁରୂପ ବାସ୍ତବତା ରହିଛି ବୋଲି ଅତି ଦୃଢ଼ଭାବରେ ବିଶ୍ୱାସ କରୁଥାଏ । ଏବଂ ଏପରି ମଧ୍ୟ ସମ୍ଭବ ହୋଇପାରେ ଯେ ଏହି ରଚନାମାନ ଅତ୍ୟନ୍ତ ପ୍ରାଦୁର୍ଭାବଶାଳୀ ହୋଇ ତା'ର ମୃତ୍ୟୁପର ଅବସ୍ଥାରେ ତା'ପାଇଁ ଏକ କୃତ୍ରିମ ପରିବେଶର ସୃଷ୍ଟି କରି ରଖନ୍ତି ଓ ସେ କିଛି ସମୟ ପାଇଁ ସେଥିରେ ଅବସ୍ଥାନ କରିପାରେ । କାରଣ, ଚିତ୍ରରୂପ ରଚନା କରିବାରେ ମନୁଷ୍ୟ-ମନର ଯେଉଁ ଶକ୍ତି ବା କଳ୍ପନାଶକ୍ତି ରହିଛି, ତାହା ମନୁଷ୍ୟର ଜୀବନରେ ତା'ର ଜ୍ଞାନ-ଅନୁଭବ ଓ ଗଠନମୂଳନରେ ଏକ ଅପରିହାର୍ଯ୍ୟ ସହାୟକରୂପେ କାର୍ଯ୍ୟ କରିଥାଏ ସତ, ମାତ୍ର ଏକ ଉର୍ଦ୍ଧ୍ୱତର ସୋପାନକୁ ଆସି ତାହା ପୁଣି ଏକ ସୃଜନାତ୍ମକ ଶକ୍ତିରେ ପରିଣତ ହୋଇପାରେ ଏବଂ ଜୀବ-ଆତ୍ମାର ଉପରେ ସେଗୁଡ଼ିକ

'oaob.nitrkl.ac.in' images reprocessed

ଖିଙ୍ଗିପଡ଼ିବା ପର୍ଯ୍ୟନ୍ତ ଆପଣାର ସେହି ପ୍ରତିରୂପଗୁଡ଼ିକ ଦ୍ୱାରା ବେଷ୍ଟିତ ହୋଇ କିଛିକାଳ ଅବସ୍ଥାନ କରିବା ସକାଶେ ତାହା ମନୋମୟ ସତ୍ତାର ସହାୟକ ହୋଇ ପାରେ । କଳ୍ପନାସୃଷ୍ଟ ଏହିସବୁ ଜଗତର ପ୍ରକୃତିକୁ ଆମେ ବୃହତ୍ତର ଜୀବନର ରଚନାପ୍ରକୃତିର ଅନୁରୂପ ବୋଲି ଜାଣିବା । ବୃହତ୍ତର ମନୋମୟ ଓ ପ୍ରାଣମୟ ଜଗତର କେତୋଟି ବାସ୍ତବ ପରିବେଶକୁ ମନ ଆପଣା ପାର୍ଥିବ ଅନୁଭୂତିର ଭାଷାରେ ରୂପାନ୍ତରିତ କରିହିଁ ଏଗୁଡ଼ିକୁ ରଚନା କରିଥାଏ, ଏବଂ ସେଗୁଡ଼ିକ ପରିବର୍ଦ୍ଧିତ, ପ୍ରଲମ୍ବିତ ଓ ପରିପ୍ରସାରିତ ହୋଇ ଜଡ଼ଭୂମିକୁ ଅତିକ୍ରମ କରି ରହିଥିବା ଏକ ଅବସ୍ଥା ମଧ୍ୟକୁ ବିସ୍ତୃତ ହୋଇ ରହିଥାଏ । ଏହିଭଳି ରୂପାନ୍ତରୀକରଣ ଦ୍ୱାରା ଜୀବ-ଆତ୍ମା ଆପଣା ଅନ୍ନମୟ ସତ୍ତାର ପ୍ରାଣଭୂମିଗତ ସୁଖଦୁଃଖକୁ ଜଡ଼ୋତ୍ତର ଅବସ୍ଥା ମଧ୍ୟକୁ ବହନ କରି ନେଇଯାଏ; ସେଠାରେ ସେଗୁଡ଼ିକ ଅଧିକ ପୂର୍ଣ୍ଣତା ପାଏ, ଅଧିକ ବିସ୍ତାର ଲାଭ କରେ ଏବଂ ଅଧିକ କାଳ ସ୍ଥାୟୀ ହୋଇ ରହେ । ଏହିଭଳି ପରିଚିତ ହୋଇଥିବା ପରିବେଶଗୁଡ଼ିକ ମଧ୍ୟରେ ଜଡ଼ୋତ୍ତର ଅବସ୍ଥାରେ ବାସ କରିବାର ଯେଉଁସବୁ ସ୍ଥାନ ରହିଛି, ସେହିଗୁଡ଼ିକୁହିଁ ଆମେ ପ୍ରାଣମୟ ତଥା ନିମ୍ନତର ମନୋମୟ ଜଗତଦ୍ୱୟର ଗୋଟିଏ ଗୋଟିଏ ଉପାନ୍ତଭୂମିରୂପେ ଗ୍ରହଣ କରିଦା ।

ମାତ୍ର ଏହା ବ୍ୟତୀତ ଏପରି ଜଗତମାନ ମଧ୍ୟ ଅବସ୍ଥିତ ରହିଛି, ଯାହାକୁ ଆମେ ଯଥାର୍ଥରେ ପ୍ରାଣଲୋକ ବୋଲି କହିପାରିବା । ସେଥିରେ କୌଣସି କୃତ୍ରିମ ରଚନାର ସ୍ଥାନ ନାହିଁ, ସେଗୁଡ଼ିକର ବିକାଶ ସମ୍ପୂର୍ଣ୍ଣ ସୁସଂବଦ୍ଧ ଭାବରେ ହୋଇଛି । ସେଗୁଡ଼ିକ ସେହି ବିଶ୍ୱଗତ ପ୍ରାଣତତ୍ତ୍ୱର ସ୍ୱାଭାବିକ ଅବସ୍ଥାନଭୂମି ହୋଇ ରହିଛି; ବିଶ୍ୱଗତ ପ୍ରାଣପ୍ରେରଣା ସେଠାରେ ଖାସ୍ ଆପଣାର କ୍ଷେତ୍ରରେ ଓ ଆପଣାର ପ୍ରକୃତି ମଧ୍ୟରେ କାର୍ଯ୍ୟ କରିବାରେ ଲାଗିଛନ୍ତି । ପ୍ରଧାନତଃ ପ୍ରାଣସ୍ୱଭାବବିଶିଷ୍ଟ ଯେଉଁସବୁ ପ୍ରଭାବ ଜୀବ-ଆତ୍ମାର ପାର୍ଥିବ ଅଭିବ୍ୟକ୍ତିକୁ ଗଠନ କରିଛନ୍ତି, ସେହିଗୁଡ଼ିକର ଶକ୍ତିବଳରେ ଜୀବ ହୁଏତ ତା'ର ଜନ୍ମରୁ ଜନ୍ମାନ୍ତର ଯାତ୍ରାକାଳରେ ଏକ ନିର୍ଦ୍ଦିଷ୍ଟ ଅବଧି ସକାଶେ ସେହିଠାରେହିଁ ବିଧୃତ ହୋଇ ରହି ଯାଇପାରେ । କାରଣ ଏହି ପ୍ରଭାବଗୁଡ଼ିକ ହେଉଛି ପ୍ରାଣମୟ ଜଗତର ସ୍ୱଭାବଗତ ପ୍ରଭାବ ଏବଂ ଜୀବ ଉପରେ ସେମାନଙ୍କର ଯେଉଁ ଅଧିକାର ରହିଛି ତାହା ଜୀବକୁ ଆପଣାର ସାନ୍ନିଧ୍ୟରେ କିଛିକାଳ ଲାଗି ବେଶି ଅଟକାଇ ରଖିପାରେ । ଏପରିକି ତା'ର ଇହସତ୍ତାରେ ମଧ୍ୟ ଯାହା ତାକୁ ଆପଣାର ମୁଷ୍ଟିବଦ୍ଧ କରି ରଖିଥିଲା, ଏଠାରେ ସେ ଠିକ୍ ତାହାର ମୁଷ୍ଟିବଦ୍ଧ ହୋଇ ବେଶି ରହିପାରେ । ଜଡ଼ ସ୍ଥିତିରୁ ଜଡ଼ୋତ୍ତର ସ୍ଥିତିକୁ ଚେତନାର ଏହି ଅତିକ୍ରମଣପଥରେ କେବଳ ଏକ ମଧ୍ୟବର୍ତ୍ତୀ ଅଳ୍ପକାଳ ସ୍ଥାୟୀ ସ୍ଥିତି ହିସାବରେହିଁ ଜୀବ-ଆତ୍ମା ପ୍ରାଣଲୋକର ଉପଭବନଗୁଡ଼ିକରେ କିମ୍ବା ଖାସ୍ ପ୍ରାଣଲୋକର ବିରଚନାଟି ମଧ୍ୟରେ

'oaob.nitrkl.ac.in' images reprocessed

ଅବସ୍ଥାନ କରିପାରେ । ମାତ୍ର ତାକୁ ଏହିସବୁ ରଚନା ମଧ୍ୟରେ ଅଟକ ନରହି ଜଡ଼୍‌ୋତ୍ତର ପ୍ରକୃତିର ଯଥାର୍ଥ ଜଗତଗୁଡ଼ିକ ମଧ୍ୟକୁ ଅବଶ୍ୟ ଅଗ୍ରସର ହୋଇ ଯିବାକୁ ପଡ଼ିବ । ମରଣର ଅବ୍ୟବହିତ ପରେ ଜୀବ-ଆତ୍ମା ଅନ୍ୟ-ଜୀବନର ଜଗତଗୁଡ଼ିକୁ ସିଧା ପ୍ରସ୍ଥାନ କରିପାରେ, ଅଥବା ଏକ ଅସ୍ଥାୟୀ ଓ ମଧ୍ୟବର୍ତ୍ତୀ ସ୍ଥିତିରୂପେ ସେ ପ୍ରଥମେ ସୂକ୍ଷ୍ମଭୌତିକ ଅନୁଭୂତିର କେତେକ ଅଞ୍ଚଳରେ ଅବସ୍ଥାନ ବି କରିପାରେ; ଏହିସବୁ ଅଞ୍ଚଳର ପରିବେଷ୍ଟନୀଗୁଡ଼ିକ ତାକୁ ହୁଏତ ତା'ର ବ୍ୟକ୍ତିଗତ ଜଡ଼ଜାଗତିକ ଜୀବନପରିବେଶର ଏକ ପ୍ରଲମ୍ବିତ ସଂସ୍କରଣ ପରି ବୋଧ ହୋଇପାରେ; ମାତ୍ର ସେ ଏହାଠାରୁ ଆହୁରି ଅଧିକ ମୁକ୍ତ ନାନା ପରିବେଶ ମଧ୍ୟରେ ମଧ୍ୟ ରହିପାରେ ଯାହାକି ଏକ ସୂକ୍ଷ୍ମତର କ୍ଷେତ୍ରର ଯଥାର୍ଥ ଅନୁରୂପ ହୋଇଥିବ ଓ ଯେଉଁଠାରେ କି ଜୀବ ମନ, ପ୍ରାଣ ଓ ଏକ ସୂକ୍ଷ୍ମତର ଶରୀରର ଅସ୍ତିତ୍ୱର ଏକପ୍ରକାର ପ୍ରାଣାଭିରାମ ପରିପୂର୍ଣ୍ଣତା ବି ଅନୁଭବ କରିପାରିବ । ଅନୁଭୂତିଗତ ଏହିସବୁ ସୂକ୍ଷ୍ମଭୌତିକ ଭୂମି ଓ ପ୍ରାଣଜଗତ-ଗୁଡ଼ିକୁ ପାରି ହୋଇଗଲେ ତା'ପରେ ଏପରି ଆହୁରି ମନୋମୟ ଏବଂ ଚୈତ୍ୟ-ମନୋମୟ ଭୂମିମାନ ରହିଛି, ଯେଉଁଠାରେ କି ଜୀବ ଆପଣାର ଏହି ଦୁଇ ଜନ୍ମର ମଧ୍ୟବର୍ତ୍ତୀ ଅବସ୍ଥାରେ ଯାଇ ପ୍ରବେଶ କରିପାରିବ ଏବଂ ଏହି ମଧ୍ୟବର୍ତ୍ତୀ ଅବସ୍ଥାରେ ସେ ସେଇଁଠାରେ ପ୍ରବେଶ କରିବାକୁ ଚେଷ୍ଟା ବି କରିବ । ମାତ୍ର ତାହାର ଏହି ଜୀବନରେ ଯଦି ତାହାର ମନ ବା ଆତ୍ମା ଯଥେଷ୍ଟ ପରିମାଣରେ ବିକାଶଲାଭ କରି ନଥା'ନ୍ତି, ତେବେ ସେ ସେଠାରେ ଖୁବ୍‌ସମ୍ଭବ କଦାପି ସଚେତନ ଭାବରେ ଅବସ୍ଥାନ କରିପାରିବ ନାହିଁ । କାରଣ ଏହିସବୁ ଭୂମିକୁ ସାଧାରଣତଃ ଆପଣାର ମଧ୍ୟବର୍ତ୍ତୀ କାଳଟିରେ ବିବର୍ତ୍ତନଶୀଳ ସତ୍ତ୍ୱ ବାସ କରି ପାରୁଥିବା ସର୍ବୋଚ୍ଚ ଭୂମି ବୋଲି ବୁଝାଯାଇ ପାରିବ, କାରଣ ଆପଣା ସତ୍ତ୍ୱଗତ ସୋପାନଶ୍ରେଣୀରେ ଉଠି ଯିଏ ମନୋମୟ ସୋପାନଟିକୁ ଡେଇଁ ଆଗକୁ ଯାଇ ପାରି ନାହିଁ, ସେ କଦାପି କୌଣସି ଅତିମାନସ କିମ୍ବା ଅଧିମାନସ ସ୍ଥିତିଯାଏ ଆରୋହଣ କରିବାଲାଗି ଆଦୌ ସମର୍ଥ ହେବ ନାହିଁ । ଅଥବା, ଆପଣାର ବିକାଶକ୍ରମରେ ଯଦି ସେ ମାନସିକ ସ୍ତରଟିକୁ ଲଂଘିଯାଇ ପାରିବାର ଶକ୍ତି ହାସଲ କରିଥାଏ ଏବଂ ଏଯାଏ ଆସି ପହଞ୍ଚି ପାରିଥାଏ, ତେବେ ଜଡ଼ଭୂମିଗତ ବିବର୍ତ୍ତନ ଜଡ଼ ମଧ୍ୟରେ ଏକ ଅଧିମାନସ ବା ଅତିମାନସ ସଂଗଠନର ବିକାଶ ସାଧନ କରି ନପାରିଲା ପର୍ଯ୍ୟନ୍ତ ତାହା ପକ୍ଷରେ ଏହି ଭୂମିକୁ ପୁଣି ଫେରିଆସିବା ହୁଏତ ଆଦୌ ସମ୍ଭବ ହେବ ନାହିଁ ।

ମାତ୍ର ତଥାପି ମନୁଷ୍ୟର ମରଣୋତ୍ତର ଗତି କେବଳ ଯେ ମନୋମୟ ଲୋକ ପର୍ଯ୍ୟନ୍ତ ଯାଇ ସ୍ୱଭାବତଃ ସେଇଠି ଶେଷ ହୋଇଯିବ, ତାହା ମୋଟେ ସମୀଚୀନ ବୋଲି ଲାଗୁ ନାହିଁ । କାରଣ ମନୁଷ୍ୟ ସମ୍ପୂର୍ଣ୍ଣତଃ କେବଳ ଏକ ମନୋମୟ ଜୀବ ନୁହେଁ; ଏବଂ ଏହି ମରଣରୁ ପରବର୍ତ୍ତୀ ଜନ୍ମ ଯାଏ ଯିଏ ପରିକ୍ରମଣ କରିଯାଏ, ସିଏ ମନ ନୁହେଁ, ସିଏ

ହେଉଛନ୍ତି ଆତ୍ମା, ସିଏ ଚୈତ୍ୟ ସତ୍ତା । ତାହାର ଆତ୍ମ-ଅଭିବ୍ୟକ୍ତିରେ ବା ରୂପାୟନରେ ମନ କେବଳ ଏକ ପ୍ରଧାନ ଉପାଦାନମାତ୍ର ହୋଇ ରହିଥାଏ । ତେଣୁ ସର୍ବଶେଷ ପରିଣତିରେ ନିଶ୍ଚୟ ଏକ ଶୁଦ୍ଧ ଚୈତ୍ୟ ଅନ୍ତଃସ୍ଥିର ଭୂମି ପଡ଼ିଥିବ ଯେଉଁଠାରେ କି ଆତ୍ମା ପୁନର୍ଜନ୍ମ ସକାଶେ ଅପେକ୍ଷା କରି ରହିଥିବ । ସେଠାରେ ତାହା ଆପଣା ବିଗତ ସକଳ ଜୀବନଗତ ଓ ଅନୁଭୂତିଗତ ଶକ୍ତିଗୁଡ଼ିକୁ ପରିପାକ କରୁଥିବ ଏବଂ ଭବିଷ୍ୟତ ଲାଗି ପ୍ରସ୍ତୁତ ହେଉଥିବ । ଏକ ଯଥେଷ୍ଟ ମାନସଶକ୍ତିର ସ୍ତରରେ ଯାଇ ଉପନୀତ ହୋଇଥିବା ଓ ସ୍ୱାଭାବିକ ଭାବରେ ବିକଶିତ ହୋଇ ପାରିଥିବା ଜଣେ ମନୁଷ୍ୟବ୍ୟକ୍ତି ସାଧାରଣତଃ ସୂକ୍ଷ୍ମଭୌତିକ, ପ୍ରାଣମୟ ଓ ମନୋମୟ ଭୂମିଗୁଡ଼ିକୁ ସଫଳ ଭାବରେ ଅତିକ୍ରମ କରି ଆପଣାର ଚୈତ୍ୟ ଅବସ୍ଥାନସ୍ଥଳ ପର୍ଯ୍ୟନ୍ତ ଯାଇ ପହଞ୍ଚିପାରିବ ବୋଲି ନିଶ୍ଚୟ ଆଶା କରାଯାଇପାରେ । ପ୍ରତ୍ୟେକ ସ୍ତରରେ ପହଞ୍ଚି ସେ ତା'ର ପୂର୍ବବର୍ତ୍ତୀ ଜୀବନର ଅସ୍ଥାୟୀ ଓ ଅଳୀକ ବ୍ୟକ୍ତିତ୍ୱଗତ ଯାବତୀୟ ରୂପରଚନାର ଅଂଶଗୁଡ଼ିକୁ ନିଃଶେଷିତ କରିଯିବାରେ ଲାଗିଥିବ, ସେଗୁଡ଼ିକରୁ ଆପଣାକୁ ମୁକ୍ତ କରିଦେଇ ଯାଉଥିବ । ମରଣ ସମୟରେ ଆପଣାର ଦେହରୂପୀ କୋଷଟାକୁ ଛାଡ଼ିଦେଇ ଆସିଥିଲା ପରି ଏହି ପଥଅନୁସରଣାରେ ସେ ଆପଣାର ମନୋମୟ ତଥା ପ୍ରାଣମୟ କୋଷକୁ ମଧ୍ୟ ଫିଙ୍ଗି ଦେଇଯିବ । ମାତ୍ର ତା' ବ୍ୟକ୍ତିତ୍ୱର ମର୍ମସାରଗୁଡ଼ିକ ଏବଂ ତାହାର ମନୋଗତ, ପ୍ରାଣଗତ ତଥା ଜଡ଼ଭୂମିଗତ ଅନୁଭୂତିଗୁଡ଼ିକ ତା'ର ଗୋପନ ସ୍ମୃତିର ଭଣ୍ଡାର ଭିତରେ ବା ଏକ ଗତିଶୀଳ ଓ ଶକ୍ତିମୟ ସମ୍ଭାବନାରୂପେ ଭବିଷ୍ୟତ ଲାଗି ସଞ୍ଚିତା ହୋଇ ରହିଥିବ । ମାତ୍ର ଯଦି ମନର ଯଥେଷ୍ଟ ବିକାଶ ହୋଇ ନଥାଏ, ତେବେ ଏହା ଅତ୍ୟନ୍ତ ସମ୍ଭବ ଯେ ସେହି କ୍ଷେତ୍ରରେ ସେ ସଚେତନ ଭାବରେ କେବଳ ପ୍ରାଣଗତ ସ୍ତରଟି ପର୍ଯ୍ୟନ୍ତହିଁ ଯାଇ ପାରିବ; ତା'ପରେ ସେହି ଜୀବସତ୍ତା ହୁଏତ ସେଇଠୁ ପଛକୁ ଖସିଆସିବ, ଅର୍ଥାତ୍ ସେହି ପ୍ରାଣମୟ ସ୍ୱର୍ଗ ବା ନରକରୁ ପୁଣି ଏହି ପୃଥିବୀକୁ ଲେଉଟି ଆସିବ; ଅଥବା ଯେଉଁଟି ଟିକିଏ ଅଧିକ ପ୍ରଗତ ବୋଲି ମନେହେଉଛି, ପରବର୍ତ୍ତୀ ଜନ୍ମପର୍ଯ୍ୟନ୍ତ ଏହି ମଧ୍ୟବର୍ତ୍ତୀ ଅବସ୍ଥାର ସମ୍ପୂର୍ଣ୍ଣ ଅବଧିଟି ଲାଗି ତାହା ତତ୍‌କ୍ଷଣାତ୍ ଏକପ୍ରକାର ଚୈତ୍ୟ ନିଦ୍ରାରେ ମଗ୍ନ ହୋଇ ରହିବ ଓ ଅତୀତ ଅଭିଜ୍ଞତାଗୁଡ଼ିକର ପରିପାକ କରିବାରେ ଲାଗିଯିବ । ତେଣୁ ଉପସ୍ଥିତ ଉଚ୍ଚତମ ଭୂମିଗୁଡ଼ିକରେ ଜାଗ୍ରତ ହୋଇ ପାରିବାକୁ ହେଲେ ବିକାଶର ଏକ ନିର୍ଦ୍ଦିଷ୍ଟ ରେଖାରେ ଯାଇ ପହଞ୍ଚିବା ସର୍ବଦା ଅପରିହାର୍ଯ୍ୟ ହୋଇ ରହିଥିବ ।

ଏଠାରେ ଯାହାସବୁ କୁହାଗଲା, ତାହାର ଏକ ଗତିଶୀଳ ସମ୍ଭାବନା ଅବଶ୍ୟ ରହିଛି, ବ୍ୟାବହାରିକ କ୍ଷେତ୍ରରେ ଏକ ପ୍ରୟୋଜନୀୟତା ରହିଛି ଏବଂ ଏହା ପଛରେ ଅଧିଚେତନ ଅନୁଭୂତିରୁ ମିଳୁଥିବା କେତେକ ତଥ୍ୟର ସମର୍ଥନ ମଧ୍ୟ ରହିଛି; ତଥାପି

'oaob.nitrkl.ac.in' images reprocessed

ତର୍କବୁଦ୍ଧିର ଆଶ୍ରିତ ମନ ଏଗୁଡ଼ିକୁ ସ୍ୱୟଂସମ୍ପୂର୍ଣ୍ଣ ମୀମାଂସକ ସିଦ୍ଧାନ୍ତ ବୋଲି ଗ୍ରହଣ କରିବାକୁ ସମ୍ମତ ହେବ ନାହିଁ । ମରଣ ଓ ପୁନର୍ଜନ୍ମର ମଧ୍ୟାବଧିଟିରେ ଜୀବ-ଆତ୍ମା ଲାଗି ଏହିଭଳି ଅବସ୍ଥିତ ହୋଇ ରହିବାଲାଗି ଆଉ କୌଣସି ମୌଳିକ ପ୍ରୟୋଜନ ଅଛି କି ନାହିଁ, ଅଥବା ଏକ ଅପରିହାର୍ଯ୍ୟ ସିଦ୍ଧାନ୍ତକୁ ଗ୍ରହଣ କରି ପାରିବାଭଳି ଅନ୍ତତଃ ଏପରି କୌଣସି ପରାକ୍ରମଶାଳୀ ତଥା ଗତିଶୀଳ ଶକ୍ତି ଏଠାରେ କାର୍ଯ୍ୟ କରୁଛି କି ନାହିଁ, ବର୍ତ୍ତମାନ ଆମେ ତାହାରି ଅନୁସନ୍ଧାନ କରିବାକୁ ଯିବା । ଏହି ପୃଥିବୀ ଉପରେ ଚାଲିଥିବା ବିବର୍ତ୍ତନକ୍ରିୟାଟିରେ ସେହି ଉଚ୍ଚତର ଭୂମିଗୁଡ଼ିକ ଯେଉଁ ମୀମାଂସକ ଭୂମିକା ଗ୍ରହଣ କରୁଛନ୍ତି ଏବଂ ଏହି ଭୂମିକାଟି ଫଳରେ ସେହି ଭୂମିଗୁଡ଼ିକ ତଥା ଜୀବାତ୍ମାର ଚେତନା ମଧ୍ୟରେ ଯେଉଁ ସମ୍ବନ୍ଧଟିର ସୃଷ୍ଟି ହୋଇ ରହିଛି, ତାହାକୁହିଁ ଆମେ ଏହିଭଳି ଏକ ପ୍ରୟୋଜନ ବୋଲି କହିପାରିବା । ସେହି ଭୂମିଗୁଡ଼ିକ ଏହି ପୃଥ୍ୱୀରୂପ ଭୂମିଟି ଉପରେ ଯେଉଁ ଉଚ୍ଚତର ଅଥଚ ଗୋପନ କ୍ରିୟାଟି ସମ୍ପନ୍ନ କରୁଛନ୍ତି, ତାହାରିଦ୍ୱାରାହିଁ ଆମର ବିବର୍ତ୍ତନଗତ କ୍ରମବିକାଶ ସମ୍ଭବ ହେଉଛି । ଏହି ଯାବତୀୟ ବିଷୟ ଏଠି ଏହି ନିଶ୍ଚେତନ ବା ଅବଚେତନ ମଧ୍ୟରେ ବି ଅନ୍ତର୍ଭୁକ୍ତ ହୋଇ ରହିଛନ୍ତି, ମାତ୍ର କେବଳ ସମ୍ଭାବ୍ୟ ଶକ୍ତିମତ୍ତାରୂପେ ରହିଛନ୍ତି । ଉପରୁ ଯେଉଁ କ୍ରିୟାଟି ହେଉଛି, ତାହାହିଁ ସେଗୁଡ଼ିକୁ ପ୍ରକାଶିତ ହେବାଲାଗି ବାଧ୍ୟ ହେବାରେ ସହାୟକରୂପେ କାର୍ଯ୍ୟ କରୁଛି । ଏହି ଜଡ଼ପ୍ରକୃତି ଉପରେ ଆମର ବିବର୍ତ୍ତନ ଯେଉଁସବୁ ମନୋଗତ ତଥା ପ୍ରାଣଗତ ରୂପ ଧାରଣ କରିବାରେ ଲାଗିଛି, ତାହାରି ପର୍ଯ୍ୟାୟକ୍ରମଟିକୁ ଏକ ଆକାର ଦେବାଲାଗି ଓ ତାହାର ନିୟନ୍ତ୍ରଣ କରିବାଲାଗି ସେହି କ୍ରିୟାଟି ଅବିଚ୍ଛିନ୍ନ ହୋଇ ରହିବାର ଆବଶ୍ୟକତା ହେଉଛି । କାରଣ ଜଡ଼ୋତ୍ତର ଊର୍ଦ୍ଧ୍ୱଭୂମିରୁ ଆପଣାର ସମସ୍ୱଭାବ ଶକ୍ତିଗୁଡ଼ିକର ଅବଲମ୍ବନ ନପାଇଲେ,—ତାହା ଯେତେ ପ୍ରଚ୍ଛନ୍ନ ଭାବରେ ହେଉ ପଛକେ, ମାତ୍ର ଅବିଚ୍ଛିନ୍ନ ହୋଇ ରହିଥିବା ଉଚିତ,—ଏହିସବୁ କ୍ରମବିକାଶଶୀଳ ଗତିସ୍ପନ୍ଦନଗୁଡ଼ିକ ଏକ ନିଶ୍ଚେତନ, ନିର୍ଜୀବ ଓ ଅଜ୍ଞାନାଚ୍ଛନ୍ନ ଜଡ଼ପ୍ରକୃତିର ପ୍ରତିରୋଧ ସମ୍ମୁଖରେ ଆପଣାର ପୂର୍ଣ୍ଣବେଗଟିକୁ ସଞ୍ଚାରିତ କରିବା ତଥା ଆପଣାର ଅନ୍ତର୍ନିଗୂଢ଼ ତାତ୍ପର୍ଯ୍ୟଗୁଡ଼ିକୁ ଯଥେଷ୍ଟ ଭାବରେ ବିକଶିତ କରିବାକୁ କଦାପି ସମର୍ଥ ହେବେ ନାହିଁ । ଏହି ଅବଲମ୍ବନ, ଅର୍ଥାତ୍ ଏହି ଗୋପନ ସଂଯୋଗର କ୍ରିୟାଟି ଆମ ସତ୍ତାର ଉପରିଭାଗରେ ସଂଘଟିତ ହୁଏ ନାହିଁ, ଏହା ପ୍ରଧାନତଃ ଆମ ଅଧିଚେତନ ସତ୍ତାରେହିଁ ଚାଲୁଥାଏ, ସେହିଠାରୁହିଁ ଆମ ଚେତନାର କ୍ରିୟାତ୍ମକ ଶକ୍ତିଟି ଉନ୍ମେଷ ଲାଭ କରେ; ଏବଂ ଆପଣାର ଉପଲବ୍ଧ ସମସ୍ତ ସାମଗ୍ରୀକୁ ଗଚ୍ଛିତ ହୋଇ ରହିବାଲାଗି ତାହା ଅନୁକ୍ଷଣ ସେହି ଅଧିଚେତନ ସତ୍ତାମଧ୍ୟକୁ ପଠାଇ ଦିଏ; ସେହି ଅଧିଚେତନ ସତ୍ତାରେହିଁ ସେଗୁଡ଼ିକ ପରିପୁଷ୍ଟ ହୁଏ ଏବଂ ପରେ ଅଧିକ ଶକ୍ତିଶାଳୀ ଆକାର ଧାରଣ କରି ବହିଃସତ୍ତାରେ ପ୍ରକାଶିତ ହୁଏ । ଆମର ପ୍ରଚ୍ଛନ୍ନ

'oaob.nitrkl.ac.in' images reprocessed

ନିମ୍ନତର ସତ୍ତା ତଥା ଆମର ଏହି ଉପରିଭାଗସ୍ଥ ବାହ୍ୟସତ୍ତାଟି ମଧ୍ୟରେ ଏହିଭଳି ଏକ ପରିସ୍ଥିତିର କ୍ରିୟାପ୍ରତିକ୍ରିୟା ଲାଗି ରହିଥାଏ ବୋଲି ଜଡ଼ଗ୍ରସ୍ତ ମନର ନିମ୍ନତର ସ୍ତରଗୁଡ଼ିକୁ ପାରି ହୋଇଯିବା ମାତ୍ରକେ ମନୁଷ୍ୟର ଜୀବନରେ ବିକାଶର ଧାରାଟି ଏପରି ଦ୍ରୁତ ବେଗ ଧାରଣ କରିବାକୁ ସମର୍ଥ ହୋଇଥାଏ ।

ଏହି ଅବଲମ୍ବନ, ଅର୍ଥାତ୍ ମୃତ୍ୟୁ ଓ ଜନ୍ମର ମଧ୍ୟବର୍ତ୍ତୀ ଅବସ୍ଥାରେ ଏହି ଲୋକାନ୍ତର-ଅବସ୍ଥାନ ଅବଶ୍ୟ ଅବିଚ୍ଛିନ୍ନ ଭାବରେ ଚାଲିବ; ଏହା ଏକାନ୍ତ ଆବଶ୍ୟକ । କାରଣ ଗତ ଜୀବନଦଶାରେ ବିକାଶର ପ୍ରକ୍ରିୟାଟି ଯେଉଁଠୁ ବନ୍ଦ ହୋଇ ଯାଇଥିଲା, ପରବର୍ତ୍ତୀ ଜନ୍ମରେ ତାହା ଠିକ୍ ସେଇଠୁ ଆରମ୍ଭ ହେବାକୁହିଁ ଆମେ ଏକ ନୂତନ ଜନ୍ମ ବା ନୂତନ ଜୀବନ ବୋଲି କହିବା ନାହିଁ; ନୂତନ ଜୀବନରେ ଗତ ଜୀବନଟିର ବହିର୍ଭାଗୀୟ ବ୍ୟକ୍ତିସତ୍ତା ଓ ପ୍ରକୃତିଗତ ରୂପାୟନ ଠିକ୍ ସେହିପରି ଭାବରେ ବଜାୟ ରହିବ ଅଥବା କେବଳ ତାହାର ଏକ ପୁନରାବୃତ୍ତି ମାତ୍ର ହେବ, ଏକଥା ମଧ୍ୟ ଠିକ୍ ନୁହେଁ । ପୂର୍ବ ଜୀବନରେ ଲବ୍ଧ ଅଭିଜ୍ଞତାକୁ ନିଜସ୍ୱ କରି ନେବାକୁ ପଡ଼ିବ, ପୁରାତନ ବିଶେଷ ଲକ୍ଷଣ ଓ ଉଦ୍ଦେଶ୍ୟଗୁଡ଼ିକରୁ କେତେକ ତ୍ୟାଗ କରିବାକୁ ପଡ଼ିବ, କେତେକକୁ ଅଧିକ ଶକ୍ତିଶାଳୀ କରିବାକୁ ପଡ଼ିବ ଓ ଆଉ କେତେକକୁ ନୂତନ ଭାବରେ ସଜାଇ ନେବାକୁ ହେବ । ଅତୀତର ବିକାଶଗୁଡ଼ିକୁ ନୂଆ କରି ଶ୍ରେଣୀବଦ୍ଧ କରିବାକୁ ହେବ, ଏବଂ ଭବିଷ୍ୟତ ସକାଶେ ଉପାଦାନଗୁଡ଼ିକୁ ନୂଆ କରି ବାଛି ନେବାକୁ ହେବ; ନହେଲେ ନୂଆ ଆରମ୍ଭଟି କୌଣସି ଫଳ ଦେବ ନାହିଁ ଓ ବିବର୍ତ୍ତନର ଧାରାଟିକୁ ମଧ୍ୟ ଯଥାର୍ଥରେ ଆଗକୁ ନେଇଯାଇ ପାରିବ ନାହିଁ । କାରଣ ପ୍ରତ୍ୟେକଟି ଜନ୍ମ ହେଉଛି ପ୍ରକୃତରେ ଏକ ନୂତନ ଯାତ୍ରାର ଆରମ୍ଭ । ଏକଥା ସତ ଯେ ଅତୀତ ମଧ୍ୟରୁହିଁ ଏହା ବିକାଶ ଲାଭ କରିଥାଏ, ମାତ୍ର ସେଥିପାଇଁ ସେହି ଅତୀତଟାହିଁ ଯେମିତି ସେମିତି ସତେଅବା ଗୋଟାଏ ଯନ୍ତ୍ର ଚାଲିବା ପରି ଅବିଚ୍ଛିନ୍ନ ଗତିରେ ଚାଲିଥାଏ ବୋଲି କଦାପି କୁହାଯାଇ ପାରିବ ନାହିଁ । ଏକ ଅବିଚ୍ଛିନ୍ନ ପୁନରାବୃତ୍ତିକୁ ଆମେ ପୁନର୍ଜନ୍ମ କହିବା ନାହିଁ; ଏହାକୁ ଆମେ ଏକ ପ୍ରଗତି ବୋଲି କହିବା, ବିବର୍ତ୍ତନର କ୍ରମଟିକୁ ପରିପୂର୍ଣ୍ଣ କରିବାର ଏକ ସାଧନ ବୋଲି କହିବା । ଏକ ନୂତନ ଭାବରେ ସଜାଇ ରଖିବାର ଏକ ଅଂଶ, ବିଶେଷତଃ ପୁରାତନ ବ୍ୟକ୍ତିସତ୍ତାର ଶକ୍ତିଶାଳୀ ଗତିସ୍ପନ୍ଦନଗୁଡ଼ିକୁ ବର୍ଜନ କରିପାରିବା କେବଳ ସେତିକିବେଳେ ସମ୍ଭବ ହେବ, ଯେତେବେଳେ କି ମୃତ୍ୟୁ ପରେ ପୂର୍ବଜନ୍ମର ମନ, ପ୍ରାଣ ଓ ଦେହଗତ ଏଷଣାଗୁଡ଼ିକର ଆବେଗଟିକୁ ସମ୍ପୂର୍ଣ୍ଣ ଭାବରେ ନିଃଶେଷିତ କରି ଦିଆଯାଇ ପାରିବ; ଏବଂ ଯେଉଁଗୁଡ଼ିକୁ ବର୍ଜନ କରିବାକୁ ହେବ ବା ନୂଆପ୍ରକାରେ ସଜାଇ ରଖିବାକୁ ହେବ, ସେଗୁଡ଼ିକର ଅନୁରୂପ ବା ସମପ୍ରକୃତିବିଶିଷ୍ଟ ଭୂମିରୁହିଁ

'oaob.nitrkl.ac.in' images reprocessed

ଭିତରର ଏହି ମୁକ୍ତି ବା ଭାରବିମୋଚନର ସାଧନା କରିବାକୁ ପଡ଼ିବ । କାରଣ ନୂତନ ରୂପାୟନ ସମ୍ଭବ କରିବାକୁ ହେଲେ ଚେତନା ଭିତରୁ ଏହିସବୁ ସାମଗ୍ରୀର କ୍ଷୟ ବା ବର୍ଜନ କରିବାଲାଗି ଯେଉଁଭଳି ନିସ୍ୱାତ୍ମକତାର ପ୍ରୟୋଜନ ହେବ, କେବଳ ଏହି କ୍ଷେତ୍ରରେ ଅବସ୍ଥିତ ରହିହିଁ ଜୀବାତ୍ମା ସେହି ନିସ୍ୱାତ୍ମକତାକୁ ଜାରି ରଖିପାରିବ । ପୁଣି ଏକଥା ମଧ୍ୟ ସମ୍ଭବ ଯେ ଯେତେବେଳେ ଜୀବାତ୍ମା ବା ଚୈତ୍ୟ ପୁରୁଷ ସ୍ୱୟଂ ପରବର୍ତ୍ତୀ ଜନ୍ମରେ ସେ ଲାଭ କରିବାକୁ ଯାଉଥିବା ନୂତନ ଜୀବନଟିର ପ୍ରକୃତିଟିକୁ ନିର୍ଣ୍ଣୟ କରିବ ତଥା ତାହାଲାଗି ପ୍ରୟୋଜନୀୟ ଯାବତୀୟ ସାମଗ୍ରୀକୁ ସଂଗ୍ରହ ଓ ପ୍ରସ୍ତୁତ କରିବ, ସେତେବେଳେ ସେ ଆପଣାର ବିଶ୍ରାମଭୂମିରେ ଅବସ୍ଥିତ ରହି ଆପଣା ମଧ୍ୟକୁ ସବୁକିଛି ଆହରଣ କରି ଆଣିବ ଓ ବିବର୍ତ୍ତନକ୍ରମର ଧାରାଟିରେ ଆପଣାର ନୂତନ ମଞ୍ଚଟି ଲାଗି ପ୍ରତୀକ୍ଷା କରି ରହିବ । ତେଣୁ ମୃତ୍ୟୁ ପରେ ଜୀବ-ଆତ୍ମା ଗୋଟି ଗୋଟି କରି ସୂକ୍ଷ୍ମଭୂତଲୋକ, ପ୍ରାଣଲୋକ ଓ ମନୋଲୋକକୁ ଅତିକ୍ରମ କରି ଅବଶେଷରେ ଆପଣାର ଚୈତ୍ୟ ଅବସ୍ଥାନ ସ୍ଥଳଟିରେ ଉପନୀତ ହେବ ଏବଂ ସେହିଠାରୁହିଁ ପୁଣି ଆପଣାର ପାର୍ଥିବ ଯାତ୍ରାପଥକୁ ବାହୁଡ଼ି ଆସିବ । ମୃତ୍ୟୁ ଓ ଜନ୍ମର ମଧ୍ୟବର୍ତ୍ତୀ ଅବଧିଟିରେ ଏହି ଅବସ୍ଥାନର ଫଳସ୍ୱରୂପହିଁ ପୃଥିବୀରେ ନୂତନ ଜନ୍ମ ଗ୍ରହଣ କରିବାଲାଗି ଉପାଦାନ ସଂଗ୍ରହ କରିବା ଓ ସେଗୁଡ଼ିକୁ ନେଇ ଜୀବନ ଗଠନ କରିବା ସମ୍ଭବ ହୋଇପାରିବ; ଏବଂ ପରବର୍ତ୍ତୀ ନୂତନ ଜନ୍ମଟି ସେହି ସଂଗ୍ରହ ଓ ପ୍ରସ୍ତୁତିରୁ ନିଷ୍ପନ୍ନ ହୋଇଥିବା ନିସ୍ୱାତ୍ମକତାର କ୍ଷେତ୍ର ହୋଇ ରହିବ, ଦେହସ୍ଥ ଚିଦ୍‌ଗତତାର ବ୍ୟକ୍ତିସତ୍ତ୍ୱଗତ ବିବର୍ତ୍ତନରେ ଏକ ନୂତନ ଲୀଳାଙ୍ଗନ ବା ଊର୍ଦ୍ଧ୍ୱଗତି କୁଣ୍ଡଳୀରେଖା ହୋଇ ରହିବ ।

କାରଣ, ଏହି ପୃଥିବୀରେ ଜୀବାତ୍ମା ଗୋଟିକପରେ ଗୋଟିଏ କରି ଭୌତିକ, ପ୍ରାଣଗତ, ମନୋଗତ ତଥା ଆଧ୍ୟାତ୍ମିକ ସତ୍ତ୍ୱର ବିକାଶସାଧନ କରେ ବୋଲି ଆମେ ଯେତେବେଳେ କହୁଛୁ, ସେତେବେଳେ ଆମେ ତଦ୍ୱାରା ଆଦୌ ଏକଥା ବୁଝାଇବାକୁ ଚାହୁ ନାହୁଁ ଯେ ଜୀବାତ୍ମାହିଁ ସେଗୁଡ଼ିକର ସୃଷ୍ଟି କରୁଛି ଓ ଏଥିପୂର୍ବରୁ ସେଗୁଡ଼ିକର କୌଣସି ଅସ୍ତିତ୍ୱ ନଥିଲା । ଓଲଟି ଆମେ ଏକଥା କହିପାରିବା ଯେ ଜଡ଼ ପ୍ରକୃତିର ଏକ ପୃଥିବୀ ଆଣି ଲାଗି ଦେଉଥିବା ଏକ ପରିବେଶ ମଧ୍ୟରେ ଜୀବାତ୍ମା ଆଧ୍ୟାତ୍ମିକ ସତ୍ତ୍ୱର ଏହି ତତ୍ତ୍ୱଗୁଡ଼ିକୁହିଁ ଅଭିବ୍ୟକ୍ତ କରିଦିଏ; ସେହି ଅଭିବ୍ୟକ୍ତିଟି ଯେଉଁ ପୂର୍ବୋକ୍ତିଗତ ବ୍ୟକ୍ତିତ୍ୱର ରୂପ ଗ୍ରହଣ କରିଥାଏ, ତାହା ଅନ୍ତର୍ଗତ ସତ୍ତ୍ୱର ଏକ ଅନୁବାଦସ୍ୱରୂପ ଭୌତିକ ଅସ୍ତିତ୍ୱର ଭାଷା ଓ ସମ୍ଭାବନାରୂପେ ପ୍ରତିଭାତ ହୋଇଥାଏ । ବସ୍ତୁତଃ ଆମକୁ ପ୍ରାଚୀନ ଦର୍ଶନର ଏହି କଳ୍ପନାଟିକୁ ଗ୍ରହଣ କରିବାକୁ ପଡ଼ିବ ଯେ ମନୁଷ୍ୟ ଭିତରେ କେବଳ ଏକ ଅନ୍ନମୟ ପୁରୁଷହିଁ ଆପଣାର ଅନୁରୂପ ପ୍ରକୃତି ସହିତ ଅବସ୍ଥାନ କରୁ ନାହିଁ; ମାତ୍ର ତା' ଭିତରେ ଏକ ପ୍ରାଣମୟ ପୁରୁଷ ବି ରହିଛି, ଏକ ମନୋମୟ,

'oaob.nitrkl.ac.in' images reprocessed

ଚୈତ୍ୟ, ଅନ୍ତମାନସ ତଥା ପରମ ଚିନ୍ମୟ ପୁରୁଷ ମଧ୍ୟ ଅବସ୍ଥାନ କରୁଛି (ତୈତ୍ତିରୀୟ ଉପନିଷଦ) । ଏବଂ ସେଗୁଡ଼ିକର ଏହି ଉପସ୍ଥିତି ଅଥବା ଶକ୍ତିର ହୁଏତ ସମୁଦାୟ କିମ୍ବା ବୃହତ୍ତର ଅଂଶଟି ମନୁଷ୍ୟର ଅଧିଚେତନ ସ୍ତରରେ ସଂଗୁପ୍ତ ହୋଇ ରହିଛି ଅଥବା ତା'ର ଅନ୍ତଚେତନ ପ୍ରଦେଶଗୁଡ଼ିକରେ ସୁପ୍ତ ଓ ଅଗଠିତ ରୂପରେ ବିଦ୍ୟମାନ ରହିଛି । ମନୁଷ୍ୟକୁ ସେହି ଶକ୍ତିଗୁଡ଼ିକୁ ପୁରୋଭାଗକୁ ଆଣିବାକୁ ପଡ଼ିବ, ସେଗୁଡ଼ିକୁ ଆପଣାର କ୍ରିୟାଶୀଳ ଚେତନା ମଧ୍ୟରେ ସଂସ୍ଥାପିତ କରିବାକୁ ପଡ଼ିବ ଏବଂ ସଚେତନ ଭାବରେ ସେହିଗୁଡ଼ିକ ମଧ୍ୟରେ ଜାଗ୍ରତ ହେବାକୁ ପଡ଼ିବ । ମାତ୍ର ତା' ସତ୍ତାଗତ ଏହି ପ୍ରତ୍ୟେକଟି ଶକ୍ତି ତାହାର ଅନୁରୂପ ନିଜସ୍ୱଲୋକ ସହିତ ସମ୍ବନ୍ଧଯୁକ୍ତ ହୋଇ ରହିଛି ଏବଂ ସେହିଠାରେହିଁ ପ୍ରତ୍ୟେକର ମୂଳ ନିହିତ ହୋଇ ରହିଛି । ଏହିସବୁ ଶକ୍ତିର ମଧ୍ୟଦେଇହିଁ ସେ ସତ୍ତାର ଅଧିଚେତନ ଅଧିଷ୍ଠାନଟିକୁ ଉନ୍ମୋଚିତ ହୋଇଯାଏ ଏବଂ ଊର୍ଦ୍ଧ୍ୱସ୍ଥ ନିୟାମକ ପ୍ରଭାବଗୁଡ଼ିକୁ ଗ୍ରହଣ କରେ ଏବଂ ଆମେ ଅଧିକରୁ ଅଧିକ ବିକଶିତ ହେଉଥିବା ସଙ୍ଗେ ସଙ୍ଗେ ଆମେ ଅଧିକ ସଚେତନ ଭାବରେ ସେଠାକୁ ଯିବାଲାଗି ସମର୍ଥ ହୋଇଥାଉ । ତେଣୁ ଯୁକ୍ତିସଙ୍ଗତ ଭାବରେ ଏକଥା କୁହାଯାଇ ପାରିବ ଯେ ଆମର ସଚେତନ ବିକାଶଟି ମଧ୍ୟରେ ଅଧିଚେତନା ଓ ଅଧିଚେତନାର ଶକ୍ତିଗୁଡ଼ିକ ଯେଉଁ ପରିମାଣରେ ବିକଶିତ ହୋଇପାରିବେ, ମୃତ୍ୟୁପରେ ଜୀବ ପ୍ରକୃତରେ କେଉଁ ଲୋକକୁ ଯିବ, ଠିକ୍ ସେହି ପରିମାଣରେହିଁ ସେହି କଥାଟିର ନିର୍ଣ୍ଣୟ ହେବ । ଇହଭୂମିରେ ଆମ ଜନ୍ମର ବିଶିଷ୍ଟ ପ୍ରକୃତି ଓ ତାହାର ବିବର୍ତ୍ତନଗତ ଉଦ୍ଦେଶ୍ୟ ଓ ପ୍ରକ୍ରିୟାହିଁ ଏହିପରି ଏକ ପରିକ୍ରମଣକୁ ଆବଶ୍ୟକ କରି ଦେଇଥାଏ । ଏହି ପରିକ୍ରମଣର ପରିବେଶ ଓ ସୋପାନଗୁଡ଼ିକ ଅତ୍ୟନ୍ତ ଜଟିଳ; ପ୍ରଚଳିତ ଧର୍ମବିଶ୍ୱାସସବୁ ସେଗୁଡ଼ିକୁ ଯେପରି ଅତି ସହଜ ବୋଲି ମନେକରେ, ବା ଯେପରି ଅଶୋଧିତ ଓ ସ୍ଥୂଳଭାବରେ ଦେଖେ, ତାହା ଆଦୌ ସେପରି ନୁହେଁ । ତଥାପି ଏକଥା ଅବଶ୍ୟ ସ୍ୱୀକାର କରାଯାଇ ପାରେ ଯେ ଦେହ ମଧ୍ୟରେ ଆତ୍ମସତ୍ତାଗତ ଜୀବନର ଉତ୍ପତ୍ତି ଓ ପ୍ରକୃତିରହିଁ ଏହା ଏକ ଅପରିହାର୍ଯ୍ୟ ପରିଣାମ । ବସ୍ତୁତଃ ସବୁଟିକୁ ନେଇ ଏହି କ୍ଷେତ୍ରରେ ବିବର୍ତ୍ତନ ତଥା ପାରସ୍ପରିକ କ୍ରିୟାପ୍ରତିକ୍ରିୟାର ଏକ ଜାଲ୍ ବୁଣାହୋଇ ରହିଛି, ପରମ ଅନନ୍ତଙ୍କର ସୀମାନୁବନ୍ଧ ପ୍ରକାଶର ଗତିଶୀଳ ନ୍ୟାୟର ନିୟମ ଅନୁସାରେହିଁ ଚିତ୍ଶକ୍ତି ଆପଣାର ଉଦ୍ଦିଷ୍ଟ ସତ୍ୟଟିକୁ ଅନୁସରଣ କରି ଏହି ଜାଲର ଖିଅଗୁଡ଼ିକୁ ଏକାଠି ଗଣ୍ଠି ଠାଇ ରଖିଛି ।

ପୁନର୍ଜନ୍ମ ତଥା ଅସ୍ତିତ୍ୱର ଅନ୍ୟ ଭୂମିଗୁଡ଼ିକୁ ଜୀବ-ଆତ୍ମାର ଅସ୍ଥାୟୀ ପରିକ୍ରମଣ ସମ୍ବନ୍ଧରେ ଏହି ମତଟି ଯଦି ସତ ହୁଏ, ତେବେ ସେଥିରୁ ଆମକୁ ପୁନର୍ଜନ୍ମ ଏବଂ ମୃତ୍ୟୁପର ଜୀବନ ବିଷୟରେ ଯେଉଁ ତାତ୍ପର୍ଯ୍ୟଟି ମିଳିବ, ଜନ୍ମାନ୍ତରଗ୍ରହଣ ଓ ଆମ ଜଗତର ଅତୀତ ହୋଇ ଅବସ୍ଥିତ ରହିଥିବା ଅନ୍ୟାନ୍ୟ ଜଗତଗୁଡ଼ିକରେ ଜୀବ-ଆତ୍ମାର

'oaob.nitrkl.ac.in' images reprocessed

ମୃତ୍ୟୁପର ବିଚରଣକୁ ନେଇ ଯୁଗ ଯୁଗ ଧରି ପ୍ରଚଳିତ ବିଶ୍ୱାସଗୁଡ଼ିକର ଯେଉଁ ଅନୁରଞ୍ଜନମାନ ରହିଆସିଛି, ତାହା ଏହାଠାରୁ ସମ୍ପୂର୍ଣ୍ଣ ଭିନ୍ନ ଧରଣର ହେବ । ସାଧାରଣତଃ ପୁନର୍ଜନ୍ମପ୍ରକରଣର ଦୁଇଟି ଦିଗ ରହିଛି ବୋଲି ଅନୁମାନ କରାଯାଏ; ଗୋଟିଏ ହେଉଛି ତାତ୍ତ୍ୱିକ ଓ ଅନ୍ୟଟି ନୀତିଗତ; ଗୋଟିଏ ହେଉଛି ଆଧ୍ୟାତ୍ମିକ ଆବଶ୍ୟକତାର ଦିଗ ଓ ବିଶ୍ୱଗତ ନ୍ୟାୟବ୍ୟବସ୍ଥାପନା ଓ ନୈତିକ ଅନୁଶାସନର ଦିଗ । ପ୍ରଚଳିତ ଏହି ମତଟି ଅନୁସାରେ ଓ ଏହି ମତଟିର ପ୍ରୟୋଜନରେ ପଡ଼ି ସ୍ୱୀକାର କରାଯାଇ ଥାଏ ଯେ ଆତ୍ମାର ପ୍ରକୃତିରେ ଏକ ବ୍ୟକ୍ତିସତ୍ତ୍ୱାଗତ ଅସ୍ତିତ୍ୱ ରହିଛି । ସେହି ଆତ୍ମା ବାସନା ଓ ଅଜ୍ଞାନଦ୍ୱାରା ତାଡ଼ିତ ହୋଇ ଏହି ପୃଥିବୀରେ ଆସି ବାନ୍ଧି ହୋଇ ରହିଛି । ଯେପର୍ଯ୍ୟନ୍ତ ତାହାର ଏହି ବାସନାରେ କ୍ଲାନ୍ତି ଆସି ନାହିଁ ଏବଂ ଯେପର୍ଯ୍ୟନ୍ତ ଅଜ୍ଞାନକୁ ଅଜ୍ଞାନ ବୋଲି ଜାଣି ଆତ୍ମା ଆପଣାର ଯଥାର୍ଥ ଜ୍ଞାନଭୂମିରେ ଜାଗ୍ରତ ହୋଇପାରି ନାହିଁ, ସେପର୍ଯ୍ୟନ୍ତ ସେ ଏହି ପୃଥିବୀରେହିଁ ରହିଥିବ ବା ନିରନ୍ତର ଏହି ପୃଥିବୀକୁହିଁ ଲେଉଟି ଆସିବାରେ ଲାଗିଥିବ । ଏହି ବାସନାର ଦାହଡ଼ରେ ପୋଷିତ ହୋଇହିଁ ଆତ୍ମା ବାରବାର ଏକ ନୂତନ ଶରୀରରେ ପ୍ରବେଶ କରୁଥିବ; ଆପଣାର ଜ୍ଞାନୋଦୟ ଓ ମୁକ୍ତି ସାଧିତ ନହେବାଯାଏ ସେ ଜନ୍ମଚକ୍ରର ନିତ୍ୟାବର୍ତ୍ତନଟିକୁହିଁ ଅନୁସରଣ କରିବାରେ ଲାଗିଥିବ । ଅବଶ୍ୟ ଏକଥା ସତ ଯେ ତାକୁ ସବୁ ଜନ୍ମରେ କେବଳ ଏହି ପୃଥିବୀରେହିଁ ରହିବାକୁ ପଡ଼େ ନାହିଁ, ମାତ୍ର, ସେ ପୃଥିବୀ ଓ ଅନ୍ୟାନ୍ୟ ଜଗତ ମଧ୍ୟରେ ସର୍ବଦା ଯେପରି ବୁଲିବାରେ ଲାଗିଥାଏ, କେତେବେଳେ ସ୍ୱର୍ଗକୁ ଯାଏ ତ କେତେବେଳେ ନରକକୁ ଯାଏ, ସେଠାରେ ଆପଣାର କୃତ ପାପ କିମ୍ବା ପୁଣ୍ୟଦ୍ୱାରା ଅର୍ଜିଥିବା ସୁକୃତ ଅଥବା ଦୁଷ୍କୃତର ଫଳଗୁଡ଼ିକୁ ଅଜାଡ଼ି ଦେଇ ଆସେ ଏବଂ ତା'ପରେ ଏହି ପୃଥିବୀକୁ ଲେଉଟିଆସେ ଓ କୌଣସି ପ୍ରକାରର ଏକ ପାର୍ଥିବ ଶରୀର ଧାରଣ କରେ; କେତେବେଳେ ମନୁଷ୍ୟ ହୁଏ, କେତେବେଳେ ପଶୁ ହୁଏ ଓ ବେଳେବେଳେ ଏପରିକି ଫଳ କି ପରିବାଟାଏ ହୋଇ ଜନ୍ମ ନିଏ । ଏହି ନୂତନ ଜନ୍ମର ସକଳ ପ୍ରକୃତି ଓ ସକଳ ନିୟତି ଜୀବାତ୍ମାର ପୂର୍ବଜନ୍ମକୃତ କର୍ମଦ୍ୱାରା ସ୍ୱତଃ ନିରୂପିତ ହୋଇ ରହିଥାଏ; ପୂର୍ବ କର୍ମର ସମଷ୍ଟି ଯଦି ସତ୍ ହୋଇଥାଏ, ତେବେ ଉଚ୍ଚତର ଯୋନିରେ ଜନ୍ମ ନେବା ସମ୍ଭବ ହୁଏ; ଜୀବନ ସୁଖମୟ ହୁଏ, ସଫଳ ହୁଏ ଅଥବା ଆପଣାଛାଏଁ କେତେ ସୌଭାଗ୍ୟର ଅଧିକାରୀ ହୁଏ । ମାତ୍ର ଯଦି କର୍ମ ମନ୍ଦ ହୋଇଥାଏ, ତେବେ ଆମକୁ ପ୍ରକୃତିର କୌଣସି ଏକ ନିକୃଷ୍ଟତର ରୂପରେ ଯାଇ ଅବସ୍ଥାନ କରିବାକୁ ପଡ଼େ; ଅଥବା ମନୁଷ୍ୟର ଜୀବନ ନେଇ ଜନ୍ମ ନେଲେ ତାହା କେବଳ ଦୁଃଖମୟ ହୁଏ, ବିଫଳ ହୁଏ, କେବଳ କଷଣ ଓ ଦୁର୍ଭାଗ୍ୟରେ ପୂର୍ଣ୍ଣ ହୋଇ ରହେ । ଆମର ପୂର୍ବଜନ୍ମଟିର କର୍ମ ଓ ସ୍ୱଭାବଟି ଯଦି ଭଲ ମନ୍ଦ ଉଭୟଦ୍ୱାରା ମିଶ୍ରିତ ହୋଇଥାଏ, ତେବେ ଏକ ନିପୁଣ ହିସାବ ରଖିଲାବାଲା ପରି ପ୍ରକୃତି ଆମ ପୂର୍ବଜନ୍ମଗତ ଆଚରଣର ମାତ୍ରା ଓ

'oaob.nitrkl.ac.in' images reprocessed

ମୂଲ୍ୟ ଅନୁସାରେ ଆମଲାଗି ବଡ଼ ସୁନିଶ୍ଚିତ ଭାବରେ ତାହାର ପ୍ରତିଫଳ ବରାଦ କରିଦିଏ; ଆମକୁ ସୁଖ ଓ ଦୁଃଖ, ସଫଳତା ଓ ବିଫଳତା, ବିରଳତମ ସୌଭାଗ୍ୟ ଏବଂ କଠୋରତମ ଦୁର୍ଭାଗ୍ୟର ଭାଗୀ ହେବାକୁ ପଡ଼ିଥାଏ । ପୁଣି, ପୂର୍ବଜନ୍ମରେ ଆମର କୌଣସି ଶକ୍ତିଶାଳୀ ଇଚ୍ଛା ବା ବାସନାଦ୍ୱାରା ମଧ୍ୟ ଆମର ନୂତନ ଜନ୍ମାବତାରଟି ନିର୍ଦ୍ଧାରିତ ହୋଇପାରେ । ପ୍ରକୃତିର ଏହି ପ୍ରତିଫଳ ଭୁଞ୍ଜିବା କ୍ଷେତ୍ରରେ ଏକ ଗାଣିତିକ ନ୍ୟାୟଦ୍ୱାରା ଆମକୁ ସବୁକଥା ବୁଝାଇ ଦିଆହୁଏ; କାରଣ ଆମର ଯାବତୀୟ ଦୁଷ୍କୃତ ଲାଗି ଆମକୁ ଯେ ଅନୁରୂପ ଗୋଟିଏ ଗୋଟିଏ ଶାସ୍ତି ଭୋଗ କରିବାକୁ ହେବ, ତାହା ଅନୁମାନ କରି ନିଆଯାଇ ଥାଏ । ଆମର କର୍ମ ଅନୁସାରେହିଁ କର୍ମଫଳର ବରାଦ ହୁଏ, ପ୍ରତ୍ୟେକ ଅପରାଧଟି ଲାଗି ଦଣ୍ଡଟିଏ ଭୋଗ କରିବାକୁ ହୁଏ; ଯେସାକୁ ତେସାର ଏକ ଅନମନୀୟ ନିୟମକୁ ପ୍ରାୟ ସବୁକ୍ଷେତ୍ରରେ କର୍ମନ୍ୟାୟର ତତ୍ତ୍ୱ ବୋଲି ମାନି ନିଆଯାଇ ଥାଏ । କର୍ମହିଁ ସବୁ ଆଡ଼ରେ ଅଙ୍କ ହିସାବର ଯନ୍ତ୍ରନେଇ ମହଜୁଦ ରହିଥାଏ, ଅଥବା ଦୂର ଅତୀତର ଅପରାଧ ଓ ଦୁଷ୍କୃତିଗୁଡ଼ିକର ବିଚାର କରିବାକୁ ଦଣ୍ଡବିଧି ଆଇନ୍‌ର ବହିଟି ନେଇ ବିଚାରକ ହୋଇ ବସିଥାଏ । ମନେ ରଖିବାକୁ ହେବ ଯେ ଏହି ବ୍ୟବସ୍ଥାଟି ମଧ୍ୟରେ ପାପ ତଥା ପୁଣ୍ୟ ସକାଶେ ଦୁଇଥର ଶାସ୍ତି ଓ ଦୁଇଥର ପୁରସ୍କାରର ବରାଦ କରାଯାଇଥାଏ । ପାପୀ ପ୍ରଥମେ ନରକକୁ ଯାଇ ନରକଯନ୍ତ୍ରଣା ଭୋଗ କରେ ଓ ତା'ପରେ ଏହି ପୃଥିବୀରେ ଆଉ ଏକ ଜନ୍ମ ଗ୍ରହଣ କରି ଶାସ୍ତି ପାଏ; ଏବଂ ପୁଣ୍ୟବାନ୍ ଓ ନିଷ୍କଳୁଷ ବ୍ୟକ୍ତି ପ୍ରଥମେ ସ୍ୱର୍ଗରେ ବସି ସ୍ୱର୍ଗର ସୁଖ ଭୁଞ୍ଜେ ଓ ତା'ପରେ ଅତି ଅଳଥଳ ଭାବରେ ଠିକ୍ ସେହି ସତ୍ କର୍ମ ଓ ପୁଣ୍ୟଗୁଡ଼ିକ ସକାଶେହିଁ ଏକ ନୂତନ ପାର୍ଥିବ ଜୀବନର ପ୍ରସାଦ ଲାଭ କରେ ।

ଯାବତୀୟ ପ୍ରଶ୍ନର ଦ୍ରୁତ ସମାଧାନ କରି ଦେଉଥିବା ଏହିସବୁ ଲୌକିକ ପରମ୍ପରାଗତ ଧାରଣାସବୁ ଦାର୍ଶନିକ ବିଚାରଣା ସକାଶେ କୌଣସି ନିର୍ଭରଯୋଗ୍ୟ ଭୂମି ଯୋଗାଇ ପାରେ ନାହିଁ କିମ୍ବା ଜୀବନର ଯଥାର୍ଥ ତାତ୍ପର୍ଯ୍ୟଟିର ଅନ୍ୱେଷଣରେ ଆମକୁ କୌଣସି ଉତ୍ତର ମଧ୍ୟ ଦେଇ ପାରେ ନାହିଁ । ସଂସାର ବା ବିଶ୍ୱବ୍ୟବସ୍ଥା କହିଲେ ଯେବେ ତାହା ଅବିଦ୍ୟାର ଚକରେ ଆରୂଢ଼ ହୋଇ କେବଳ ଅସରନ୍ତି ଭାବରେ ବୁଲିବାର ଏକ ବୈଚିତ୍ର୍ୟହୀନ ସହଜତାକୁହିଁ ବୁଝାଏ ଏବଂ କେବଳ ଆକସ୍ମିକ ଭାବରେ ସେଥିରୁ ଖସି ପଡ଼ିବାର ଗୋଟିଏ ସୁଯୋଗ ବ୍ୟତୀତ ସେଥିରୁ ବାହାରି ଆସିବାକୁ ପ୍ରକୃତରେ ଆଉ କୌଣସି ଉପାୟ ନଥାଏ, ତେବେ ସେହିଭଳି ଏକ ସଂସାରର ଚାଲିବା ସକାଶେ ଆଦୌ କୌଣସି ଯୁକ୍ତିଯୁକ୍ତ କାରଣ ନାହିଁ । ଯେଉଁ ସଂସାର ପାପ ଓ ପୁଣ୍ୟର ଗୋଟାଏ ଗୁହାଳୀ ହୋଇ ରହିବାଛଡ଼ା ଆଉ କୌଣସି କାମରେ ଲାଗେ ନାହିଁ, ଯେଉଁଠି କେବଳ ପୁରସ୍କାର ଓ ବେତମାଡ଼ ବ୍ୟତୀତ ଆଉ

'oaob.nitrkl.ac.in' images reprocessed

କୌଣସି ବ୍ୟବସ୍ଥାହିଁ ନଥାଏ, ଆମର ବୁଦ୍ଧିର କ୍ଷେତ୍ରରେ ତାହାର ଆଦୌ କୌଣସି ଆବେଦନ ରହି ନପାରେ । ଆମର ଭିତରେ ବିରାଜିତ ରହିଥିବା ଆତ୍ମା ବା ଚିତ୍‌ସତ୍ତ୍ୱାଟି ଯଦି ଏକ ଦିବ୍ୟ ସତ୍ତ୍ୱା ହୋଇଥାଏ, ଯଦି ତାହା ଅମର ବା ଦିବ୍ୟଧାମର ଏକ ସତ୍ତ୍ୱା ହୋଇଥାଏ, ତେବେ ଏହିପରି ଏକ ଅଶୋଧିତ ଓ ଆଦିମ ସଂସ୍କରଣର ନୈତିକ ଶିକ୍ଷା ଲାଭ କରିବାଲାଗି ଏଠି ବୃହ୍ମାଳୀରେ ଯାଇ ବସିବାକୁହିଁ ତାହାକୁ ଏହି ସଂସାରକୁ ପଠା ହୋଇଥିବ, ସେକଥା କିଏ ବିଶ୍ୱାସ କରିବ ? ଯଦି ଏହି ଆତ୍ମା ଅବିଦ୍ୟା ଭିତରେ ପ୍ରବେଶ କରୁଛି, ତେବେ ଏହାରି ସତ୍ତ୍ୱା ମଧ୍ୟରେ କୌଣସି ଏକ ବୃହତ୍ତର ତତ୍ତ୍ୱ ବା ସମ୍ଭାବନା ନିହିତ ହୋଇ ରହିଛି ଏବଂ ଅବିଦ୍ୟାର ଭୂମିକୁ କେବଳ ଏକ ମାଧ୍ୟମରୂପେ ବ୍ୟବହାର କରି ସେହି ସମ୍ଭାବନାଟିହିଁ ଆପଣାକୁ କାର୍ଯ୍ୟକାରୀ କରିବ ବୋଲି ବୁଝିବାକୁ ପଡ଼ିବ । କିମ୍ବା, ଅପର ପକ୍ଷରେ ଯଦି ଏହା କୌଣସି ବିଶ୍ୱଗତ ଅଭିପ୍ରାୟକୁ ସାର୍ଥକ କରିବାପାଇଁ ଜଡ଼ର ଆଚ୍ଛନ୍ନତା ମଧ୍ୟରେ ପ୍ରବେଶ କରିଥିବା ଓ ତାହାରି ଭିତରେ ଆତ୍ମଜ୍ଞାନର ଭୂମିକୁ ବିକଶିତ ହେବାରେ ଲାଗିଥିବା ଏକ ଅନନ୍ତସତ୍ତ୍ୱା ହୋଇଥାଏ, ତେବେ ତାହାର ଜୀବନ ଓ ସେହି ଜୀବନର ତାତ୍ପର୍ଯ୍ୟକୁ ଆମେ କେତେବେଳେ ଗେହ୍ଲା କରିହୋଇ ଓ କେତେବେଳେ ବେତ ମାରିହୋଇ ଧର୍ମପଥରେ ମଣି ହେବାକୁ ଆସିଥିବା ଏକ ଅବୋଧ ଶିଶୁର ଜୀବନଠାରୁ ନିଶ୍ଚୟ ଅନେକ ଅଧିକ ବୋଲି କହିବା । ଏହାକୁ ଆମେ ସ୍ୱେଚ୍ଛାସ୍ୱୀକୃତ ଏକ ଅବିଦ୍ୟା ମଧ୍ୟରୁ ଆପଣାର ପରିପୂର୍ଣ୍ଣ ଆଧ୍ୟାତ୍ମିକ ପରିଣତିଟି ଆଡ଼କୁ ଅନୁକ୍ଷଣ ଅଗ୍ରସର ହେଉଥିବା ଆତ୍ମା ବୋଲି କହିବା ଓ ପରିଶେଷରେ ଏକ ମରଣରହିତ ଚେତନା, ଜ୍ଞାନ, ବଳ, ସୌନ୍ଦର୍ଯ୍ୟ ତଥା ଦିବ୍ୟ ସ୍ୱଚ୍ଛତା ଓ ଦିବ୍ୟ ଶକ୍ତି ମଧ୍ୟରେ ପ୍ରବେଶ କରିବାର ଏକ ଅଭିକ୍ରମ ବୋଲି କହିବା । ଏବଂ ଏପରି ଏକ ବିକାଶର ପ୍ରକ୍ରିୟାଲାଗି କର୍ମବାଦ କେବଳ ପିଲାଙ୍କ ଯୁକ୍ତି ବୋଲିହିଁ ସାବ୍ୟସ୍ତ ହେବ । ଏପରିକି ଆମର ଏହି ଆତ୍ମା ଯଦି ଏକ ବିସୃଷ୍ଟ ପଦାର୍ଥ ହୋଇଥାଏ, ପ୍ରକୃତିଠାରୁ ଶିକ୍ଷା କରି ଅମରତ୍ୱଲାଭ ଲାଗି ଅଗ୍ରସର ହେବାକୁ ଆସିଥିବା ଯଦି ଏକ ଶିଶୁପରିହିଁ ଜନ୍ମଲାଭ କରିଥାଏ, ତେବେ ଅଭିବୃଦ୍ଧିର କେବଳ ଏକ ବୃହତ୍ତର ବିଧାନ ଦ୍ୱାରା ସେ ଏପରି ହୋଇଥିବ, ଏବଂ ଆଦିମ ତଥା ବର୍ବର ନ୍ୟାୟର କୌଣସି ଦୈବ ବିଧାନଦ୍ୱାରା କଦାପି ହୋଇ ନଥିବ । ମନୁଷ୍ୟର ପ୍ରାଣଗତ ମନର ଯେଉଁ କ୍ଷୁଦ୍ରତର ଜଗତଟି ଆପଣାର କ୍ଷୁଦ୍ର ପ୍ରାଣବିଧାନ ଓ ପ୍ରାଣବାସନା ତଥା ସୁଖ-ଦୁଃଖଗୁଡ଼ିକ ମଧ୍ୟରେ ସର୍ବଦା ଘାରିହୋଇ ରହିଥାଏ ଏବଂ ସେହିଗୁଡ଼ିକର ଅତିକ୍ଷୁଦ୍ର ମାନଦଣ୍ଡଗୁଡ଼ାକୁ ଠିଆକରି ତାହାରିଦ୍ୱାରା ବିଶ୍ୱର ବିଧାନ ଓ ଅଭିବ୍ୟକ୍ତିକୁ କଳିବାର ପ୍ରୟାସ କରୁଥାଏ, କର୍ମକୁ ନେଇ ଏହିପରି ଏକ ତତ୍ତ୍ୱ ବାଡ଼ିବା କେବଳ ତାହାରି ଭିଆଣ । ମାତ୍ର ମନନସମର୍ଥ କୌଣସି ମନ ଏହିସବୁ ଧାରଣାକୁ କଦାପି ଗ୍ରହଣ କରିପାରିବ ନାହିଁ; କାରଣ ଏଥିରେ କୌଣସି ସନ୍ଦେହ ନାହିଁ ଯେ ଏହିସବୁ ରଚନା



'oaob.nitrkl.ac.in' images reprocessed

ଓ କଳ୍ପନା କେବଳ ମନୁଷ୍ୟର ଅଜ୍ଞାନରୁହିଁ ପ୍ରସୂତ ହୋଇଛି ଓ ଆପଣା ଉପରେ ସେହି ଅଜ୍ଞାନର ରୂପକୁହିଁ ବନ୍ଧନ କରି ରହିଛି ।

ମାତ୍ର କର୍ମବାଦର ଏହି ସିଦ୍ଧାନ୍ତଟିକୁ ଆମେ ବୁଦ୍ଧିଯୁକ୍ତିର ଏକ ଉଚ୍ଚତର ସ୍ତରକୁ ଉତ୍ତୋଳିତ କରିନେଇ ପାରିବା ଏବଂ ତାହାକୁ ଏକ ବିଶ୍ୱବିଧାନର ସମୀଚୀନତା ଓ ବ୍ୟଞ୍ଜନା ମଧ୍ୟ ଦେଇ ପାରିବା । କାରଣ, ପ୍ରକୃତିମଧ୍ୟସ୍ଥ ଯାବତୀୟ ଶକ୍ତିର ଯେ ନିଜସ୍ୱ ଏକ ସ୍ୱାଭାବିକ ପରିଣତି ରହିଛି, ଏହି ସିଦ୍ଧାନ୍ତଟିକୁ ଅବଶ୍ୟ ସ୍ୱୀକାର କରିବାକୁ ହେବ;—ଆମେ କର୍ମବାଦକୁ ପ୍ରଥମତଃ ଏହି ସିଦ୍ଧାନ୍ତଟିର ଭୂମି ଉପରେ ନେଇ ଠିଆ କରାଇ ପାରିବା । ଯଦି ଏହି ଜୀବନରେ କୌଣସି ଶକ୍ତିର ଅନ୍ତିମ ପରିଣାମଟି ଦୃଷ୍ଟିଗୋଚର ହେଉ ନଥିବ, ତେବେ ହୁଏତ ତାହା କେବଳ କିଞ୍ଚିତ୍ ବିଳମ୍ବିତ ହୋଇ ରହିଥିବ, ମାତ୍ର କଦାପି ଚିରକାଳ ପାଇଁ ପ୍ରତ୍ୟାହୃତ ହୋଇ ରହି ନଥିବ । ଜୀବମାନେ ସମସ୍ତେ ଆପଣା କରିବା କର୍ମର ଫଳ ଭୋଗ କରିବେ; ସେମାନଙ୍କର ପ୍ରକୃତିଗତ ଶକ୍ତି ଯେଉଁ କ୍ରିୟାରେ ଆପଣାକୁ ନିୟୋଜିତ କରୁଥିବ, ସେହି କ୍ରିୟା ପରିଣାମ ହୋଇ ସେମାନଙ୍କ ପାଖକୁ ଅବଶ୍ୟ ଫେରି ଆସିବ । ଏବଂ ଯେଉଁ ପରିଣାମଗୁଡ଼ିକ ଜୀବର ଏହି ଜନ୍ମଟିରେ ଦୃଷ୍ଟିଗୋଚର ହେବ ନାହିଁ, ତାହା ଏକ ପରବର୍ତ୍ତୀ ଜନ୍ମଲାଗି ଅବଶ୍ୟ ଗଚ୍ଛିତ ହୋଇ ରହିବ । ଏକଥା ସବୁବେଳେ ସତ ଯେ ଜଣେ ବ୍ୟକ୍ତିର ଶକ୍ତି ଓ କ୍ରିୟାଗୁଡ଼ିକର ଫଳ ହୁଏତ ତାକୁ ନିଜକୁ ଭୋଗ କରିବାକୁ ପଡ଼ିବ ନାହିଁ, ମାତ୍ର ସିଏ ଏଠାରୁ ଚାଲିଯିବା ପରେ ଅନ୍ୟମାନଙ୍କୁ ଭୋଗ କରିବାକୁ ହେବ । କାରଣ ତାହାହିଁ ଆମ ଆଗରେ ଏଠି ସତତ ଘଟିବାରେ ଲାଗିଛି; ଏପରିକି ବ୍ୟକ୍ତିର ଜୀବଦ୍ଦଶାରେ ମଧ୍ୟ ଏପରି ଘଟୁଛି ଯେ ତାହାରି ଶକ୍ତିରୁ ସଂଜାତ ଫଳକୁ ଅନ୍ୟମାନେ ଭୋଗ କରୁଛନ୍ତି । ମାତ୍ର ଏକଥା ହେଉଛି, କାରଣ ପ୍ରକୃତି ମଧ୍ୟରେ ଜୀବନଲୀଳାର ଏକ ଏକବଦ୍ଧତା ଓ ଏକ ଅବିଚ୍ଛିନ୍ନତା ରହିଛି; ଏବଂ ଯେତେ ଇଚ୍ଛା କଲେ ମଧ୍ୟ କୌଣସି ବ୍ୟକ୍ତିର ସମ୍ପୂର୍ଣ୍ଣ ଭାବରେ କେବଳ ଆପଣାଲାଗି ଓ ଆପଣାକୁ ନେଇ ବଞ୍ଚିବାକୁ ଜୁ'ନାହିଁ । ମାତ୍ର କେବଳ ସମଷ୍ଟିଗତ କିମ୍ବା ବିଶ୍ୱଗତ ଜୀବନର ଏକ ଅବିଚ୍ଛିନ୍ନତା ନୁହେଁ, ବ୍ୟକ୍ତିର ପୁନର୍ଜନ୍ମ ଦ୍ୱାରା ଯଦି ବ୍ୟକ୍ତିର ଆପଣା ଜୀବନର ଅବିଚ୍ଛିନ୍ନତା ମଧ୍ୟ ସମ୍ଭବ ହେଉଥାଏ, ଯଦି ବ୍ୟକ୍ତିର ଆତ୍ମସତ୍ତା, ପ୍ରକୃତି ତଥା ଅନୁଭୂତି ସତତ ବିକଶିତ ହେବାରେ ଲାଗିଥାଏ, ତେବେ ଆମକୁ ଅପରିହାର୍ଯ୍ୟ ଭାବରେ ଏହି କଥାଟିକୁ ମାନିନେବାକୁ ହେବ ଯେ ବ୍ୟକ୍ତିର ସ୍ୱକୀୟ ଜୀବନକ୍ଷେତ୍ରରେ ମଧ୍ୟ ତାହାର ଶକ୍ତିଗୁଡ଼ିକର କ୍ରିୟା ହଠାତ୍ ଖିଅ ଛିଡ଼ିଗଲା ପରି ଛିଡ଼ିଯିବ ନାହିଁ, ମାତ୍ର ତାହାର ଅବିଚ୍ଛିନ୍ନ ଓ ବିକଶମାନ ଜୀବନରେ କୌଣସି ନା କୌଣସି ସମୟରେ ସେ ତାହାର ପରିଣାମ ଅବଶ୍ୟ ଭୁଞ୍ଜିବ । ମନୁଷ୍ୟର ସତ୍ତା, ପ୍ରକୃତି ଓ ଜୀବନପରିବେଶ,—ଏସବୁ ହେଉଛି ତା'ର ଅନ୍ତରସ୍ଥ ତଥା ବହିର୍ଗତ ଯାବତୀୟ କ୍ରିୟାର ପରିଣାମ; ଏହା ଭିତରେ

'oaob.nitrkl.ac.in' images reprocessed

ଆକସ୍ମିକ କମ୍ବା ଅବୋଧ୍ୟ ବୋଲି କହୁ ନାହିଁ । ସିଏ ନିଜେହିଁ ନିଜକୁ ଗଢ଼ିଛି; ସିଏ ଅତୀତରେ ଯାହା ଥିଲା, ତାହା ହେଉଛି ସିଏ ବର୍ତ୍ତମାନ ଯାହା ହୋଇ ରହିଛି, ତାହାର ଜନକ । ସିଏ ଭବିଷ୍ୟତରେ ଯାହା ହେବ, ତାହା ସିଏ ବର୍ତ୍ତମାନ ଯାହା ହୋଇ ରହିଛି ଅର୍ଥାତ୍ ଭବିଷ୍ୟତ ତାହାର ମଧ୍ୟରୁହିଁ ଜନ୍ମଲାଭ କରିବ । ଯିଏ ଯାହା ବୁଣିବ, ସିଏ କେବଳ ତାହାହିଁ ପାଇବ; ପ୍ରତ୍ୟେକ ବ୍ୟକ୍ତି ଯାହା କରିବ, ସେଇଥିରୁ ସେ ଲାଭବାନ୍ ହେବ ଅଥବା ଦୁଃଖଭୋଗ କରିବ । ଏହାହିଁ ହେଉଛି କର୍ମ, ଏହାହିଁ ପ୍ରକୃତିଶକ୍ତିର ବିଧାନ ଓ ଶୃଙ୍ଖଳା; କର୍ମବାଦରେ ଆମେ ଆମର ସତ୍ତା, ପ୍ରକୃତି, ଚରିତ୍ର ତଥା କର୍ମଗତ ସମଗ୍ର ଶକ୍ତି ମଧ୍ୟରେ ଏପରି ଏକ ତାତ୍ପର୍ଯ୍ୟ ଦେଖିବାକୁ ପାଉ, ଯାହା ଜୀବନ ବିଷୟରେ ବଢ଼ା ହୋଇଥିବା ଅନ୍ୟାନ୍ୟ ଦାର୍ଶନିକ ମତରେ ଆଦୌ ଦେଖିବାକୁ ମିଳେ ନାହିଁ । କର୍ମବାଦର ତତ୍ତ୍ୱଟି ଆମକୁ ଅତ୍ୟନ୍ତ ସ୍ପଷ୍ଟଭାବରେ କହିଦେଇ ଯାଏ ଯେ ମନୁଷ୍ୟର ବିଗତ ତଥା ବର୍ତ୍ତମାନ କର୍ମହିଁ ତା'ର ପରବର୍ତ୍ତୀ ଭବିଷ୍ୟତ ଜନ୍ମଟିର ନିର୍ଦ୍ଧାରଣ କରିବ, ତା' ଭବିଷ୍ୟତ ଜୀବନର ଯାବତୀୟ ଘଟଣା ଓ ପରିବେଶଗୁଡ଼ିକର ନିରୂପଣ କରିବ । କାରଣ ଦୁହେଁ କେବଳ ତାହାର ଶକ୍ତିରହିଁ ପରିଣାମ । ସିଏ ଅତୀତରେ ଯାହା ଥିଲା ଓ ଯାହା କରିଥିଲା, ତାହା ସିଏ ବର୍ତ୍ତମାନ ଯାହା ଅଛି ବା ଅନୁଭବ କରୁଛି ତାହାକୁ ସୃଷ୍ଟି କରିଛି; ଏବଂ ସେ ବର୍ତ୍ତମାନ ଯାହା ଅଛି ଓ ଯାହା କରୁଛି, ତାହା ସିଏ ଭବିଷ୍ୟତରେ ଯାହା ହେବ ଓ ଯାହାସବୁ ଅଙ୍ଗେ ନିଭାଇବ, ତାହାର ସୃଷ୍ଟି କରିବ । ମନୁଷ୍ୟ ନିଜେ ନିଜର ସୃଷ୍ଟିକର୍ତ୍ତା, ସେ ତା'ର ଆପଣା ଭାଗ୍ୟର ସ୍ରଷ୍ଟା । ଆପଣା କ୍ଷେତ୍ରରେ ଏହିସବୁ କଥା ସଂପୂର୍ଣ୍ଣ ଯୁକ୍ତିସଙ୍ଗତ ଓ ତେଣୁ ଏଥିରେ କାହାରି କୌଣସି ଆପତ୍ତି ରହିବ ନାହିଁ ଏବଂ ଏହି ବିଶ୍ୱବିଧାନର ଯନ୍ତ୍ରରେ ଆମେ କର୍ମକୁ ମଧ୍ୟ ଏକ ଅଙ୍ଗରୂପେ ବେଶ୍ ସ୍ୱୀକାର କରିନେଇ ପାରିବା । କାରଣ ପୁନର୍ଜନ୍ମର ସିଦ୍ଧାନ୍ତଟିକୁ ସ୍ୱୀକାର କରିନେବା ପରେ କର୍ମବାଦର ଯୁକ୍ତି ଏପରି ସ୍ପଷ୍ଟ ହୋଇଯାଏ ଯେ ବ୍ୟାବହାରିକ କ୍ଷେତ୍ରରେ ସେଥିରେ କୌଣସି ବିବାଦ ଉଠିବାର ଆଦୌ କୌଣସି ସ୍ଥାନ ନଥାଏ ।

ଏହି ପ୍ରଥମ ସିଦ୍ଧାନ୍ତଟିର ଅନୁସିଦ୍ଧାନ୍ତରୂପେ ସ୍ୱଭାବତଃ ଦୁଇଟି କଥା ଉଠୁଛି; ଏଗୁଡ଼ିକର ଯୁକ୍ତି ସେତେଦୂର ସାଧାରଣସମ୍ମତ ଓ ପ୍ରାମାଣିକ ହୋଇ ନଥିବାରୁ ସେଥିରେ ସଂଶୟର ଏକ ଅବକାଶ ରହିଯାଉଛି । କାରଣ ସେଗୁଡ଼ିକ ଆଂଶିକ ଭାବରେ ସତ୍ୟ ହୋଇଥିଲେ ମଧ୍ୟ ସେଗୁଡ଼ିକୁ ଅତିରଞ୍ଜିତ କରି ଉପସ୍ଥାପିତ କରାଯାଇଛି ଏବଂ ତାହାଫଳରେ ଏକ ଭୁଲ ସମ୍ଭାବନାଭୂମିର ସୃଷ୍ଟି ହେଉଛି, କାରଣ ସେଗୁଡ଼ିକୁହିଁ କର୍ମବାଦର ସମୁଦାୟ ନିହିତାର୍ଥ ବୋଲି କୁହାଯାଉଛି । ପ୍ରଥମ ଅନୁସିଦ୍ଧାନ୍ତଟି ହେଉଛି ଶକ୍ତିଗୁଡ଼ିକ ଯେଉଁ ପ୍ରକୃତିର ହୋଇଥିବ, ସେଥିରୁ ଜାତ ହେଉଥିବା ପରିଣାମଗୁଡ଼ିକୁ ମଧ୍ୟ ଠିକ୍ ସେହି ପ୍ରକୃତିର ହେବାକୁ ପଡ଼ିବ । ଭଲରୁ କେବଳ ଭଲ ପରିଣାମ ଉପୁଜିବ,

'oaob.nitrkl.ac.in' images reprocessed

ମନ୍ଦରୁ ମନ୍ଦ ଫଳହିଁ ଉପୁଜିବ । ଦ୍ୱିତୀୟ ଅନୁସିଦ୍ଧାନ୍ତଟି ନ୍ୟାୟର ବିଧାନକୁହିଁ କର୍ମର ସର୍ବନିର୍ଦ୍ଧାରକ ବିଧାନ ବୋଲି ଘୋଷଣା କରିଥାଏ; ଅତଏବ ଶୁଭ କର୍ମର ଫଳସ୍ୱରୂପ ସୁଖ ଓ ସୌଭାଗ୍ୟ ଏବଂ ଅଶୁଭ କର୍ମର ଫଳସ୍ୱରୂପ ଦୁଃଖ, ଦୈନ୍ୟ ଓ ଦୁର୍ଗତି ଅନିବାର୍ଯ୍ୟ ବୋଲି କହୁଥାଏ । ଏହି ବିଶ୍ୱରେ ଏକ ନ୍ୟାୟମୂଳ ବିଶ୍ୱବିଧାନହିଁ ସବୁର ନିୟାମକ ହୋଇ ରହିଛି ଏବଂ ଜୀବନର ଭୂମି ଉପରେ ପ୍ରକୃତିର ତାତ୍କାଳିକ ତଥା ଦୃଶ୍ୟମାନ ଯାବତୀୟ କ୍ରିୟାକଳାପକୁ ଯେକୌଣସି ଉପାୟରେ ସେଇ ଉପରେ ଥାଇ ଦେଖୁଛି ଓ ସେଗୁଡ଼ିକୁ ନିୟନ୍ତ୍ରଣ କରୁଛି; ମାତ୍ର ଆମେ ଯେଉଁ ଆଖିରେ ଜୀବନର ବାସ୍ତବସତ୍ୟ-ଗୁଡ଼ିକୁ ଦେଖିପାରୁଛୁ, ସେହି ଆଖିକୁ ତାହା ଆଦୌ ଦୃଶ୍ୟ ହେଉ ନାହିଁ; ତଥାପି ପ୍ରକୃତିର ଅଦୃଶ୍ୟ କ୍ରିୟାଗୁଡ଼ିକର ସମଗ୍ରତା ମଧ୍ୟରେ ତାହା ଯେ ଅବଶ୍ୟ ବର୍ତ୍ତମାନ ରହିଛି, ସେଥିରେ କୌଣସି ସନ୍ଦେହ ନାହିଁ । ଏହି ସୂକ୍ଷ୍ମ ଓ ଅଦୃଶ୍ୟପ୍ରାୟ, ଅଥଚ ଦୃଢ଼ ଓ ଦୁର୍ଭେଦ୍ୟ ଗୋପନ ସୂତ୍ରଟିରେ ପ୍ରକୃତି ନିଶ୍ଚୟ ଆପଣାର ଜୀବସମୂହ ସହିତ ତାହାର ଯାବତୀୟ ସମ୍ବନ୍ଧର ଅବିନ୍ୟସ୍ତ ଟିକିନିଖିସବୁକୁ ଏକାଠି ଗୁନ୍ଥି ଧରିଛି । ଖାଲି କ୍ରିୟାଗୁଡ଼ିକର ଅର୍ଥାତ୍ କେବଳ ଶୁଭ ବା ଅଶୁଭ କର୍ମରହିଁ ଯେ କାହିଁକି ଏକ ପରିଣାମ ରହିବ ବୋଲି ଯଦି ପ୍ରଶ୍ନ କରାଯାଏ, ତେବେ ତାହାର ଉତ୍ତରରେ କୁହାଯିବ ଯେ ଶୁଭ ବା ଅଶୁଭ ଭାବନା, ଅନୁଭୂତି ତଥା କର୍ମ ସବୁକଥାର ଆପଣା ଆପଣାର ପରିଣାମ ଅବଶ୍ୟ ରହିଛି; ମାତ୍ର କର୍ମହିଁ ଆମ ଜୀବନର ବୃହତ୍ତର ଭାଗଟିକୁ ଅଧିକାର କରି ରହିଛି ଏବଂ ମନୁଷ୍ୟର ସତ୍ତ୍ୱଗତ ମୂଲ୍ୟର ଅବଧାରକ ତଥା ରୂପାୟିତ ସାମର୍ଥ୍ୟରୂପେ ଅଭିବ୍ୟକ୍ତ ହେଉଛି; ପୁଣି ମନୁଷ୍ୟର ଭାବନା ଓ ଅନୁଭୂତିଗୁଡ଼ିକ ଲାଗି ସେ ନିଜେ ସର୍ବଦା ଆଦୌ ଦାୟୀ ନୁହେଁ, କାରଣ ସେଗୁଡ଼ିକ ତା' ଇଚ୍ଛାର ନିୟନ୍ତ୍ରଣ ବାହାରେହିଁ ଅନେକ ସମୟରେ ସଂଘଟିତ ହୁଅନ୍ତି । ମାତ୍ର ମଣିଷ ଯାହା କରୁଛି, ସେ ସେଥିଲାଗି ନିଜେହିଁ ଦାୟୀ ଓ ସେଥିପାଇଁ ତାକୁ ଅବଶ୍ୟ ଦାୟୀ କରାଯିବା ଉଚିତ; କାରଣ ତାହାର କର୍ମ ତା' ଆପଣା ଇଚ୍ଛାର ଅଧୀନ ହୋଇ ରହିଛି । ତେଣୁ ତା'ର କର୍ମମାନହିଁ ତା'ର ଭାଗ୍ୟକୁ ଗଢ଼ୁଛନ୍ତି, ସେଇଗୁଡ଼ିକ ତା' ସତ୍ତା ଓ ତା'ର ଭବିଷ୍ୟତର ପ୍ରଧାନ ଓ ସବୁଠାରୁ ଅଧିକ ଶକ୍ତିଶାଳୀ ନିୟନ୍ତ୍ରା ହୋଇ ରହିଛନ୍ତି । ଏହାହିଁ ହେଉଛି କର୍ମବାଦର ସମ୍ପୂର୍ଣ୍ଣ ବିଧାନ ।

ମାତ୍ର ଆମକୁ ପ୍ରଥମତଃ ମନେ ରଖିବାକୁ ହେବ ଯେ କର୍ମର ଏହି ବିଧାନ ବା ଶୃଙ୍ଖଳଟି କେବଳ ଏକ ବାହ୍ୟଯନ୍ତ୍ର ଓ ବାହ୍ୟ ସାଧନ ମାତ୍ର; ଏବଂ ଏହି ବିଶ୍ୱର ପ୍ରକୃତିକୁହିଁ ସମ୍ପୂର୍ଣ୍ଣଭାବେ ଯନ୍ତ୍ରବତ୍ ବୋଲି ମାନି ନ ନେଲେ ପର୍ଯ୍ୟନ୍ତ ଆମେ କର୍ମବାଦକୁ ଏହି ବିଶ୍ୱର ଜୀବନଯୋଜନାରେ ଏକମାତ୍ର ଓ ଅନ୍ୟ ନିରପେକ୍ଷ ନିୟାମକର ଉଚ୍ଚତର ଆସନଟିରେ ନେଇ କଦାପି ବସାଇ ଦେଇ ପାରିବା ନାହିଁ । ଅବଶ୍ୟ ଅନେକଙ୍କ ମତରେ ଏଠାରେ କେବଳ ଏକ ପରମ ବିଧାନ ବା ପ୍ରକ୍ରିୟାହିଁ ସାର୍ବଭୌମ ହୋଇ

'oaob.nitrkl.ac.in' images reprocessed

କାର୍ଯ୍ୟ କରୁଛୁ ଏବଂ ବିଶ୍ୱରେ ବା ଏହାର ଅନ୍ତରାଳରେ କେଉଁଠି ହେଲେ କୌଣସି ଚେତନ ସତ୍ତା କିମ୍ବା ଚେତନ ଇଚ୍ଛା ଆଦୌ ଅବସ୍ଥିତ ରହି ନାହିଁ । ଯଦି ଏହିପରି ମାନି ନିଆଯାଏ, ତେବେ ବିଶ୍ୱର ନିୟମନ କରୁଥିବା ଏକ ବିଧାନ ଓ ପ୍ରକ୍ରିୟାହିଁ ଆମ ମାନୁଷୀ ବୁଦ୍ଧି ଓ ଧର୍ମ ତଥା ନ୍ୟାୟ ବିଷୟରେ ଆମର ମାନସିକ ମାନଦଣ୍ଡ-ଗୁଡ଼ିକର ସମ୍ପୂର୍ଣ୍ଣ ସନ୍ତୋଷବିଧାନ କରିଥାଏ ଏବଂ ଏହି ବିଧାନଟିରେ ଆମେ ଏକ ପରିପୂର୍ଣ୍ଣ ସୁସମଞ୍ଜସତା ଓ ତାହାର କ୍ରିୟାରେ ଏକ ଗାଣିତିକ ଭ୍ରମଶୂନ୍ୟତାର ସକଳ ସୌନ୍ଦର୍ଯ୍ୟ ଓ ସକଳ ସତ୍ୟ ବିଦ୍ୟମାନ ରହିଥିବା ପରି ଅନୁଭବ କରିଥାଉ । ମାତ୍ର ଏଠାରେ ସବୁକିଛୁ କେବଳ ନିୟମ ନୁହେଁ, କେବଳ ଏକ ପ୍ରକ୍ରିୟା ମଧ୍ୟ ନୁହେଁ; ଏଠାରେ ପରମସତ୍ତା ମଧ୍ୟ ବିଦ୍ୟମାନ ରହିଛନ୍ତି, ତାଙ୍କର ଚେତନାଟି ମଧ୍ୟ ବିଦ୍ୟମାନ ରହିଛି । ବିଶ୍ୱ ନାମରେ ଏଠାରେ କେବଳ ଗୋଟାଏ ଯନ୍ତ୍ର ଚାଲୁ ରହି ନାହିଁ, ମାତ୍ର ପ୍ରତ୍ୟେକ ବସ୍ତୁରେ ଏକ ଚିନ୍ମୟତା ମଧ୍ୟ ରହିଛି । କେବଳ ବିଶ୍ୱପ୍ରକୃତି ବା ବିଶ୍ୱବିଧାନ ନାହିଁ, ଏକ ବିଶ୍ୱଗତ ଚିତ୍‌ସତ୍ତା ମଧ୍ୟ ବିରାଜିତ ରହିଛି; କେବଳ ମନ, ପ୍ରାଣ ଓ ଦେହକୁ ନେଇ ଗୋଟାଏ ପ୍ରକ୍ରିୟାହିଁ କାମ କରୁ ନାହିଁ, ପ୍ରକୃତି ମଧ୍ୟରେ ଆତଯାତ ହେଉଥିବା ପ୍ରାଣୀ ମଧ୍ୟରେ ଏକ ଆତ୍ମା ମଧ୍ୟ ରହିଛି । ଯଦି ଆମେସବୁ ତାହା ନହୋଇଥା'ନ୍ତୁ, ତେବେ ଏକ ଆତ୍ମାର ପୁନର୍ଜନ୍ମଗ୍ରହଣ ଲାଗି ଆଦୌ କୌଣସି ସମ୍ଭାବନା ନଥା'ନ୍ତା, ଏବଂ କର୍ମର ବିଧାନଟି କାର୍ଯ୍ୟକାରୀ ହେବାଲାଗି କୌଣସି କ୍ଷେତ୍ର ମଧ୍ୟ ନଥା'ନ୍ତା । ମାତ୍ର ଆମ ସତ୍ତାର ସର୍ବମୂଳ ସତ୍ୟଟି ଯଦି ଯାନ୍ତ୍ରିକ ନହୋଇ ଚିଦ୍‌ଗତ ବା ଆଧ୍ୟାତ୍ମିକହିଁ ହୋଇଥାଏ, ତେବେ ଆମର ଏହି ଆତ୍ମସତ୍ତା ବା ଆତ୍ମାକୁହିଁ ଆମ ବିବର୍ତ୍ତନର ସର୍ବମୂଳ ନିୟାମକ ବୋଲି ଗ୍ରହଣ କରିନେବାକୁ ପଡ଼ିବ; ଏବଂ ସେତେବେଳେ କର୍ମର ବିଧାନଟି ସେହି ଆତ୍ମା ବିବର୍ତ୍ତନଗତ ଉଦ୍ଦେଶ୍ୟଟିର ସାଧନ କରିବାଲାଗି ବ୍ୟବହାର କରୁଥିବା କେବଳ ଏକ ଅନ୍ୟତମ ପ୍ରକ୍ରିୟାହିଁ ହୋଇ ରହିବ । ତେଣୁ ଆମର ଚିଦ୍‌ଗତତା ଓ ଆମର ଆତ୍ମାହିଁ ତାହାର କର୍ମଠାରୁ ଅଧିକ ବଳୀୟାନ୍ ହୋଇ ରହିବ । ବିଧାନର ଆଧିପତ୍ୟ ଯେ ରହିଛି, ଏଥିରେ କୌଣସି ସନ୍ଦେହ ନାହିଁ; କିନ୍ତୁ ଆଧ୍ୟାତ୍ମିକ ସ୍ୱାତନ୍ତ୍ର୍ୟ ମଧ୍ୟ ଠିକ୍ ସେହିପରି ରହିଛି । ବିଧାନ ଓ ପ୍ରକ୍ରିୟା ହେଉଛି ଆମ ଅସ୍ତିତ୍ୱର କେବଳ ଗୋଟିଏ ଦିଗ ମାତ୍ର ଏବଂ ସେଗୁଡ଼ିକ କେବଳ ଆମ ବାହ୍ୟ ମନ, ବାହ୍ୟ ପ୍ରାଣ ତଥା ବାହ୍ୟ ଶରୀର ଉପରେହିଁ ରାଜତ୍ୱ କରୁଛନ୍ତି; କାରଣ ଏହି ବାହ୍ୟମନ, ପ୍ରାଣ ଓ ଶରୀର ଅଧିକାଂଶତଃ ପ୍ରକୃତିଯନ୍ତ୍ରରହିଁ ଅଧୀନ ହୋଇ ରହିଛନ୍ତି । ମାତ୍ର ଏଠାରେ ମଧ୍ୟ ସେଗୁଡ଼ିକର ଯାନ୍ତ୍ରିକ ପ୍ରତିପତ୍ତିଟି କେବଳ ଶରୀର ଓ ଜଡ଼ ଉପରେହିଁ ସାର୍ବଭୌମ ଭାବରେ ବିସ୍ତୃତ ହୋଇ ରହିଛି । କାରଣ ଯେତେବେଳେ ପ୍ରାଣପ୍ରକୃତିର ଆବିର୍ଭାବ ହେଉଛି, ସେତେବେଳେ ବିଧାନଟି ଅଧିକ ଜଟିଳ ଓ ଅଧିକ ନମନୀୟ ହୋଇଯାଉଛି, ପ୍ରକ୍ରିୟାଟି ଅଧିକ ସ୍ଥିତିସ୍ଥାପକ ଓ

'oaob.nitrkl.ac.in' images reprocessed

ଅଧିକ ଅଯାନ୍ତ୍ରିକ ବି ହୋଇଯାଉଛି । ଏବଂ ଆପଣାର ନିଜସ୍ୱ ସୂକ୍ଷ୍ମତାଟିକୁ ବର୍ଦ୍ଧନ କରି ଯେତେବେଳେ ମନ ଆସି ଏହି କ୍ଷେତ୍ରରେ ଉପସ୍ଥିତ ହେଉଛି, ସେତେବେଳେ ଏହି ପ୍ରବୃତ୍ତିଟି ଆହୁରି ଅଧିକ ଶକ୍ତିଶାଳୀ ହୋଇ ଆତ୍ମପ୍ରକାଶ କରୁଛି । ସେତେବେଳେ ଏକ ଅନ୍ତର୍ଗତ ସ୍ୱତନ୍ତ୍ରତା ବିକଶି ଉଠିବାକୁ ଆରମ୍ଭ କରୁଛି; ଏବଂ ଆମେ ଯେତିକି ଯେତିକି ଭିତରକୁ ଭେଦ ଅଗ୍ରସର ହେଉଛୁ, ଆତ୍ମାର ସ୍ୱାଧୀନ ନିର୍ବାଚନର ଶକ୍ତିଟି ଅଧିକତର ଅନୁଭୂତ ହେବାରେ ଲାଗିଛି । କାରଣ ପ୍ରକୃତି ହେଉଛି, ନିୟମ ଓ ବିଧାନର କ୍ଷେତ୍ର, ପ୍ରକ୍ରିୟାର କ୍ଷେତ୍ର; ମାତ୍ର ଆତ୍ମା ବା ପୁରୁଷ ହେଉଛି ବିଧାୟକ ବା ଅନୁମନ୍ତା । ଏବଂ ସାଧାରଣତଃ ସିଏ କେବଳ ସାକ୍ଷୀ ଓ ଦ୍ରଷ୍ଟାରୂପେ ଠିଆ ହୋଇ ରହିବାକୁ ଇଚ୍ଛା କରୁଥିଲେ ମଧ୍ୟ ଏବଂ ଏକ ସହଜ ଇଚ୍ଛାନିରପେକ୍ଷ ଅନୁମତି ଦେବାକୁ ଚାହୁଁଥିଲେ ମଧ୍ୟ, ଯଦି ସେ ଇଚ୍ଛା କରିବ, ତେବେ ଆପଣାର ପ୍ରକୃତି ଉପରେ ଆପଣାକୁହିଁ ଈଶ୍ୱରରୂପେ ନେଇ ବସାଇ ପାରିବ ।

ଅନ୍ତରସ୍ଥ ଚିତ୍‌ସତ୍ତ୍ୱ କର୍ମର ହାତରେ କେବଳ ଏକ କ୍ରୀଡ଼ନକ ହୋଇ ରହିଛି, ଏହି ଜୀବନରେ ଆପଣାର ବିଗତ କର୍ମର ଦାସମାତ୍ର ହୋଇ ରହିଛି, ଏକଥା କେବେ କଳ୍ପନା କରାଯାଇ ପାରିବ କି ? ଯାହା ଯଥାର୍ଥ ସତ୍ୟ, ତାହାକୁ ଅଧିକ ନମନୀୟ ଓ ଅଧିକ ସ୍ଥିତିସ୍ଥାପକ ହେବାକୁ ପଡ଼ିବ । ଯଦି ପୂର୍ବକର୍ମଗତ ପରିଣାମର କେତେକ ଅଂଶ ଏହି ଜୀବନ ମଧ୍ୟରେ ରୂପାୟିତ ହେଉଥାଏ, ତେବେ ତାହା ସେହି ଚୈତ୍ୟ ସତ୍ତ୍ୱର ସମ୍ମତିକ୍ରମେହିଁ ହେଉଥିବ; କାରଣ ଜୀବାତ୍ମାର ପାର୍ଥିବ ଅନୁଭୂତିଗତ ଏହି ନୂତନ ରୂପାୟନରେ ଚୈତ୍ୟସତ୍ତ୍ୱହିଁ ନିୟାମକ ଅଧିଷ୍ଠାତା ହୋଇ ବସିଥାଏ, ଏବଂ କେବଳ ଏକ ବାହ୍ୟ ଓ ବାଧ୍ୟତାମୂଳକ ପ୍ରକ୍ରିୟାଲାଗି ନୁହେଁ, ଏକ ସଗୁପ୍ତ ଇଚ୍ଛା ଓ ଦିଗ୍‌ନିର୍ଦ୍ଦେଶ ଲାଗି ମଧ୍ୟ ଆପଣାର ସମ୍ମତି ଜଣାଏ । ସେହି ସଗୁପ୍ତ ଇଚ୍ଛାଟି କଦାପି ଯାନ୍ତ୍ରିକ ନୁହେଁ, ତାହା ଚିତ୍‌ସତ୍ତ୍ୱଗତ, ଆଧ୍ୟାତ୍ମିକ । ସେହି ଦିଗ୍‌ନିର୍ଦ୍ଦେଶନା ଯେଉଁ ପରମ ବୁଦ୍ଧିଠାରୁ ଆସେ, ତାହା ଇଚ୍ଛା କଲେ ଯାନ୍ତ୍ରିକ ପ୍ରକ୍ରିୟାଗୁଡ଼ିକୁ ଆପଣାର କାମରେ ଅବଶ୍ୟ ଲଗାଇପାରେ, ମାତ୍ର କଦାପି ସେଗୁଡ଼ିକର ଅଧୀନ ହୋଇପଡ଼େ ନାହିଁ । ଶରୀର ମଧ୍ୟରେ ଜନ୍ମଗ୍ରହଣ କରି ଆତ୍ମା ଆତ୍ମପ୍ରକାଶ ଓ ଅନୁଭୂତିହିଁ ଲୋଡ଼ୁଥାଏ । ଏହି ଜୀବନର ଆତ୍ମପ୍ରକାଶ ଓ ଅନୁଭୂତି ନିମନ୍ତେ ଯାହାକିଛି ଲୋଡ଼ା ହୁଏ, ଅତୀତ ଅନେକ ଜୀବନର ଏକ ଯନ୍ତ୍ରବତ୍ ପରିଣାମରୂପେ ଏହାର ଆବିର୍ଭାବ ହେଉ କିମ୍ବା ସ୍ୱାଧୀନ ଭାବରେ ପରିଣାମଗୁଡ଼ିକୁ ନିଜେ ବାଛି ନେଇ ଏକ ଅବିଚ୍ଛିନ୍ନତା ଅଥବା ଏକ ନୂତନ ବିକାଶରୂପେ ଏହା ପ୍ରସରି ଆସୁ ପଛକେ, ଭବିଷ୍ୟତର ବିସୃଷ୍ଟିଲାଗି ସାଧନରୂପେ ଯାହାକିଛି ଲୋଡ଼ା ହୁଏ, ସେସବୁ ଅବଶ୍ୟ ରୂପାୟିତ ହେବାକୁ ଆସେ । କାରଣ ଏହି କ୍ଷେତ୍ରରେ କେବଳ ଏକ ବିଧାନଗତ ଯାନ୍ତ୍ରିକତାକୁ କାର୍ଯ୍ୟକାରୀ କରିବାର କୌଣସି ତତ୍ତ୍ୱ ଉପସ୍ଥିତ ନଥାଏ; ମାତ୍ର ବସ୍ତୁଗତ

'oaob.nitrkl.ac.in' images reprocessed

ଅନୁଭୂତିର ମଧ୍ୟଦେଇ ଏଠାରେ କେବଳ ପ୍ରକୃତିରହିଁ ବିକାଶସାଧନ ହେଉଥାଏ, ଯେପରିକି ତାହା ପରିଶେଷରେ ଅବିଦ୍ୟାର ଆବରଣ ମଧ୍ୟରୁ ବାହାରକୁ ବାହାରି ଯାଇ ପାରିବ । ତେଣୁ ଏଠାରେ ଦୁଇଟି ଉପାଦାନ ଅବଶ୍ୟ ମହଜୁଦ ରହିଥିବା ଉଚିତ ଏକ ସାଧନରୂପେ କର୍ମ ରହିଥିବ, ଏବଂ ଅନ୍ତର ମଧ୍ୟରେ ସେହି ଗୋପନ ପରମ ଚେତନା ଓ ଇଚ୍ଛା ମଧ୍ୟ ଅବସ୍ଥିତ ଥିବ ଓ କର୍ତ୍ତା ହିସାବରେ ମନ, ପ୍ରାଣ ଓ ଶରୀର ମଧ୍ୟଦେଇ କାର୍ଯ୍ୟ କରୁଥିବ । ଭାଗ୍ୟ ସମ୍ପୂର୍ଣ୍ଣ ଭାବରେ ଯାନ୍ତ୍ରିକ ହୋଇଥାଉ ଅଥବା ସ୍ୱୟଂ ଆମରି ସୃଷ୍ଟି ହୋଇଥାଉ ଅର୍ଥାତ୍ ଆମରି ଦ୍ୱାରା ଗଢ଼ା ହୋଇଥିବା ଏକ ଶୃଙ୍ଖଳ ହୋଇ ଆମକୁ ବାନ୍ଧି ରଖିଥାଉ ପଛକେ, ତାହା ହେଉଛି ଆମ ସତ୍ତାର କେବଳ ଗୋଟିଏ ଦିଗ; ସତ୍ତା, ତାହାର ଚେତନା ଓ ତାହାର ଇଚ୍ଛା, ଏଗୁଡ଼ିକ ହେଉଛି ସତ୍ତାର ଆଉରି ଅଧିକ ମହତ୍ତ୍ୱପୂର୍ଣ୍ଣ ଦିଗ । ଭାରତୀୟ ଫଳିତ ଜ୍ୟୋତିଷ ଜୀବନର ଯାବତୀୟ ଅବସ୍ଥାକୁ କେବଳ କର୍ମସୃଷ୍ଟ ବୋଲି ବିଚାର କରିଥାଏ ଏବଂ ରାଶି-ଚକ୍ରରେ ଭିନ୍ନ ଭିନ୍ନ ଗ୍ରହର ସ୍ଥାନରୁହିଁ ଭାଗ୍ୟର ମୀମାଂସା କରିଥାଏ, ଭାଗ୍ୟର ସୂଚନା ପାଇଥାଏ । ତଥାପି ସେଥିରେ ମଧ୍ୟ ସତ୍ତାର ଶକ୍ତି ଓ ସାମର୍ଥ୍ୟଲାଗି ଏକ ମହତ୍ତ୍ୱପୂର୍ଣ୍ଣ ସ୍ଥାନ ନିର୍ଦ୍ଦିଷ୍ଟ କରି ରଖାଯାଇଛି, ଯାହାକି ଭାଗ୍ୟର ପୂର୍ବଲିଖନଗୁଡ଼ିକୁ ଅଂଶତଃ ବା ଅନେକ ପରିମାଣରେ ବଦଳାଇ ଦେଇ ପାରିବ ବା କାଟିଦେଇ ପାରିବ, ଏପରିକି କର୍ମର ଅବଶ୍ୟମ୍ଭାବୀ ଓ ସର୍ବଶକ୍ତିଶାଳୀ ବନ୍ଧନଗୁଡ଼ିକୁ ଛିଣ୍ଡାଇଦେଲେ ଆଉ ସବୁଟିକୁ ନିଭାଇ ଦେଇ ପାରିବ । ଭାରସାମ୍ୟ ରକ୍ଷା କରିବା ଦୃଷ୍ଟିରୁ ଏହାକୁ ଏକ ଯୁକ୍ତିଯୁକ୍ତ ବ୍ୟାଖ୍ୟା ବୋଲି ଅବଶ୍ୟ କୁହାଯିବ; ମାତ୍ର ସେହି ବ୍ୟାଖ୍ୟାଟି ସହିତ ଏତିକି ଯୋଡ଼ିବାକୁ ପଡ଼ିବ ଯେ ଭାଗ୍ୟ ବା ନିୟତି ଆଦୌ ସରଳ ନୁହେଁ, ଏହା ବଡ଼ ଜଟିଳ । ଯେଉଁ ଭାଗ୍ୟ ଆମର ଭୌତିକ ସତ୍ତାଟିକୁ ଆପଣା ଫାଶରେ ବାନ୍ଧିକରି ରଖିଥାଏ, କେବଳ ଏକ ବୃହତ୍ତର ବିଧାନ ଆସି ତାହାର ସ୍ଥାନ ଅଧିକାର ନକରିବା ପର୍ଯ୍ୟନ୍ତହିଁ ତାହା ବାନ୍ଧିକରି ରଖିଥାଏ । ଆମର କୃତ ସକଳ କର୍ମ ହେଉଛି ଆମ ସତ୍ତାର ଭୌତିକ ଅଂଶଟିର ସାମଗ୍ରୀ, ଆମ ସତ୍ତାର ଭୌତିକ ପରିଣାମ । ମାତ୍ର ଆମର ଏହି ଉପରି ପରସ୍ତଟି ତଳେ ଏକ ମୁକ୍ତତର ପ୍ରାଣସାମର୍ଥ୍ୟ ରହିଛି; ଏକ ମୁକ୍ତତର ମନଃସାମର୍ଥ୍ୟ ମଧ୍ୟ ରହିଛି, ଯାହା ମଧ୍ୟରେ କି ଏକ ଅନ୍ୟ ଶକ୍ତି ରହିଛି, ଏବଂ ଯାହାକି ଏକ ଅନ୍ୟ ଭାଗ୍ୟ ଗଢ଼ିପାରିବ ଓ ତଦ୍ଦ୍ୱାରା ପ୍ରସ୍ତୁତ ହୋଇ ରହିଥିବା ପ୍ରଥମ ଯୋଜନାଟିରେ ପରିବର୍ତ୍ତନ ଘଟାଇ ପାରିବ । ଏବଂ ଯେତେବେଳେ ଆତ୍ମା ଓ ଆତ୍ମସତ୍ତା ଉନ୍ମେଷ ଲାଭ କରିବ, ଯେତେବେଳେ ଆମେ ସଚେତନ ଭାବରେ ଆଧ୍ୟାତ୍ମିକ ସତ୍ତାରେ ପରିଣତ ହୋଇଯିବା, ସେତେବେଳେ ଆମର ସେହି ରୂପାନ୍ତର ଆମ ପାର୍ଥିବ ଭାଗ୍ୟର ମାନଚିତ୍ରଟିକୁ ଏକାବେଳକେ ନିଭାଇ ପକାଇବ ଅଥବା ତାହାକୁ ଏକ ସମ୍ପୂର୍ଣ୍ଣ ନୂତନ ଯୋଜନାରେ ନୂଆ କରି ଗଢ଼ିବ । ତେଣୁ ଆମେ

'oaob.nitrkl.ac.in' images reprocessed

କର୍ମକୁ , ବା ଅନ୍ତତଃ କର୍ମର ଏହି ଯନ୍ତ୍ରବତ୍ ବିଧାନକୁ ଆମ ଯାବତୀୟ ପରିବେଶର ଏକମାତ୍ର ନିୟାମକ କିମ୍ବା ପୁନର୍ଜନ୍ମଗ୍ରହଣ ଓ ଆମର ଭବିଷ୍ୟତ ପରିଣତିକର୍ମର ସମସ୍ତ ସାଧନଯନ୍ତ୍ରରୂପେ କଦାପି ଗ୍ରହଣ କରିପାରିବା ନାହିଁ ।

ମାତ୍ର ଏତିକି ସବୁକଥା ନୁହେଁ; ଆପେ ପ୍ରକୃତରେ ଯେତେ ସରଳ ନୁହେଁ, ଆପଣାକୁ ତାହାଠାରୁ ଅଧିକ ସରଳ କରି ଦେଖାଇବାର ଚେଷ୍ଟା କରି ଓ କେବଳ କେତୋଟି ତତ୍ତ୍ୱକୁ ଆପଣାର ସୁବିଧାଗତ ଖିଆଲ୍ ଅନୁସାରେ ବାଛିନେଇ କର୍ମବାଦ ଆପଣାର ବିବୃତିଟିକୁ ବଡ଼ ପ୍ରମାଦଗ୍ରସ୍ତ କରିପକାଏ । ସର୍ବ୍ ଶକ୍ତିର ପରିଣାମସ୍ୱରୂପହିଁ କର୍ମ ନିଷ୍ପନ୍ନ ହୁଏ, ମାତ୍ର ଏହି ଶକ୍ତି କେବଳ ଗୋଟିଏ ପ୍ରକାରର ଶକ୍ତି ନୁହେଁ । ଚିତ୍ସତ୍ତାର ଚୈତନ୍ୟ-ଶକ୍ତି ବହୁବିଧ ଶକ୍ତିରୂପରେ ଆପଣାକୁ ପ୍ରକାଶିତ କରେ : ଏହା ଭିତରେ ମନର ଅନ୍ତର୍ଗତ କ୍ରିୟାଗୁଡ଼ିକ ରହିଛି, ପ୍ରାଣର କ୍ରିୟାଗୁଡ଼ିକ ରହିଛି; ବାସନା, ଆବେଗ ଓ ଚରିତ୍ରର କ୍ରିୟା ମଧ୍ୟ ରହିଛି, ତଥା ଇନ୍ଦ୍ରିୟଗ୍ରାମ ଓ ଶରୀରର ଯାବତୀ କ୍ରିୟା ରହିଛି । ସତ୍ୟ ଓ ଜ୍ଞାନର ଅନୁଧାବନ ରହିଛି, ସୌନ୍ଦର୍ଯ୍ୟର ଅନୁଶୀଳନ ରହିଛି, ନୀତିଗତ ଶୁଭ ଓ ଅଶୁଭର ଅନୁଧାବନ ରହିଛି; ପୁଣି କ୍ଷମତା, ପ୍ରେମ, ଆନନ୍ଦ, ସୁଖ, ଭାଗ୍ୟ, ସାଫଲ୍ୟ, ସକଳପ୍ରକାରର ପ୍ରାଣଗତ ପରିତୃପ୍ତି, ପ୍ରାଣଗତ ପ୍ରସାର ଓ ବିସ୍ତାର ମଧ୍ୟ ରହିଛି; ବ୍ୟକ୍ତିଗତ ତଥା ସାମୂହିକ ଲକ୍ଷ୍ୟଗୁଡ଼ିକର ଅନୁଧାବନ ରହିଛି; ସ୍ୱାସ୍ଥ୍ୟ, ବଳ, ସାମର୍ଥ୍ୟ ଓ ଶରୀରଗତ ସନ୍ତୋଷର ଅନୁଧାବନ ବା ଅନୁଶୀଳନ ମଧ୍ୟ ରହିଛି । ଏହି ସବୁ ଯେ କି ମିଶି ବିବିଧ ଅନୁଭୂତି ଓ ଅଭିଜ୍ଞତାର ତଥା ଚିତ୍ସତ୍ତାର ବହୁମୁଖୀ କ୍ରିୟାର ଯେଉଁ ସମଷ୍ଟିଟିକୁ ଜୀବନକ୍ଷେତ୍ରରେ ତିଆରି କରନ୍ତି, ତାହାର ପ୍ରକୃତି ବଡ଼ ଜଟିଳ ହୋଇଥାଏ, ଏବଂ କେବଳ ଗୋଟିଏ ସିଦ୍ଧାନ୍ତକୁ ଗ୍ରହଣ କରିବା ସକାଶେ ଏହି ବିବିଧତାଟିକୁ କଦାପି ଅପସରିଇ ଦେଇହୁଏ ନାହିଁ କିମ୍ବା ସବୁଗୁଡ଼ାକୁ ଗୁଡ଼େଇଭୁଡ଼େଇ କେବଳ ଭଲ ଓ ମନ୍ଦର ଏକ ନୀତିବାଦୀ ଦ୍ୱୈତତାର ବିଭିନ୍ନ ଅଙ୍ଗରୂପେ ଦେଖାଇ ଦେଇ ହୁଏ ନାହିଁ । ମନୁଷ୍ୟଜୀବନରେ ନୈତିକତାର ମାନଦଣ୍ଡଟିକୁ ଜଗି ରଖି ଚଳିବାର ଯେଉଁ ତତ୍ତ୍ୱଟିକୁ ଆମେ ନୀତିବିଦ୍ୟା ବୋଲି କହୁ, ବିଶ୍ୱଗତ ବିଧାନଟି କେବଳ ସେଇଟିକୁହିଁ କାମୁଡ଼ିଧରି କଦାପି ରହି ପାରିବ ନାହିଁ କିମ୍ବା କର୍ମର କ୍ରିୟାନ୍ୱିତତାରେ କେବଳ ଏକମାତ୍ର ନିୟାମକ ତତ୍ତ୍ୱରୂପେ କାର୍ଯ୍ୟ କରି ପାରିବ ନାହିଁ । ଶକ୍ତି ଯେଉଁ ସ୍ତରର ବା ଯେଉଁ ସ୍ୱଭାବର ହୋଇଥିବ, କେବଳ ତାହାହିଁ ପରିଣାମ ବା ଫଳର ସ୍ତର ଓ ସ୍ୱଭାବକୁ ନିୟନ୍ତ୍ରଣ କରିବ ବୋଲି ଯଦି ସ୍ୱୀକାର କରାଯାଏ, ତେବେ ଶକ୍ତିର ଭିଆବଳୀରେ ରହିଥିବା ଏହିସବୁ ପାର୍ଥକ୍ୟକୁ ଅବଶ୍ୟ ବିଶ୍ୱର ପରିଧି ମଧ୍ୟକୁ ଆଣିବାକୁ ପଡ଼ିବ ଏବଂ ପ୍ରତ୍ୟେକଟି ଶକ୍ତିର ଯେ ଏକ ଅନୁରୂପ ପରିଣାମ ନିଶ୍ଚୟ ରହିଛି, ତାହା ସ୍ୱୀକାର କରିବାକୁ ପଡ଼ିବ । ସତ୍ୟ ଓ ଜ୍ଞାନାନ୍ୱେଷଣର ଏକ ଶକ୍ତି

'oaob.nitrkl.ac.in' images reprocessed

ଆପଣାର ସ୍ୱାଭାବିକ ପରିଣାମରୂପେ,—ଇଚ୍ଛା କଲେ ଏହାକୁ ପୁରସ୍କାର ବା ପ୍ରତିଦାନ ବୋଲି ମଧ୍ୟ କୁହାଯାଇ ପାରିବ,— ସତ୍ୟର କ୍ଷେତ୍ରରେ ଅଭିବୃଦ୍ଧି ତଥା ଜ୍ଞାନର ବୃଦ୍ଧିକୁହିଁ ଅବଶ୍ୟ ଲକ୍ଷ୍ୟ କରି ରଖିଥିବ । ମିଥ୍ୟାଲାଗି ନିୟୋଜିତ କରାଯାଇଥିବା ଏକ ଶକ୍ତିର ପରିଣାମରୂପେ ଆମର ପ୍ରକୃତିରେ ମିଥ୍ୟାରହିଁ ବୃଦ୍ଧି ହେବ, ଅବିଦ୍ୟା ମଧ୍ୟରେ ଆମର ନିମଜ୍ଜନ ଆହୁରି ଗଭୀର ହେବ । ସୌନ୍ଦର୍ଯ୍ୟର ଅନୁଶୀଳନରେ ଲାଗୁଥିବା ଶକ୍ତି ସୌନ୍ଦର୍ଯ୍ୟବୋଧର ବୃଦ୍ଧି କରାଇବ, ଅଧିକ ସୌନ୍ଦର୍ଯ୍ୟର ଉପଭୋଗ କରାଇବ; ଅଥବା, ଯଦି ତାହାକୁ ସେହିପରି ଭାବରେ ପରିଚାଳିତ କରାଯାଏ, ଜୀବନ ଓ ପ୍ରକୃତିର ସୌନ୍ଦର୍ଯ୍ୟ ଓ ସୌଷମ୍ୟବୋଧରେ ମଧ୍ୟ ବୃଦ୍ଧି ଘଟାଇବ । ଦୈହିକ ସ୍ୱାସ୍ଥ୍ୟ, ବଳ ଓ ନୈପୁଣ୍ୟର ଅନୁଧାବନ ବଳବାନ୍ ମନୁଷ୍ୟ କିମ୍ବା ସଫଳ ଖେଳବାଡ଼ିର ସୃଷ୍ଟି କରିବ । ନୈତିକ ଭଲର ଅନୁଧାବନରେ ଯେଉଁ ଶକ୍ତିର ଉପଯୋଗ ହେଉଥିବ, ତାହାର ପରିଣାମ, ପ୍ରତିଦାନ ଅଥବା ପୁରସ୍କାରସ୍ୱରୂପ ପୁଣ୍ୟ ବଢ଼ିବ, ନୈତିକ ଅଭିବୃଦ୍ଧିଜନିତ ସୁଖ ପ୍ରାପ୍ତ ହେବ ଅଥବା ଏକ ସରଳ ଓ ସ୍ୱାଭାବିକ ସଜ୍ଜନତାର ପ୍ରସନ୍ନତାଦୀପ୍ତ ସୁଖ, ଶାନ୍ତି ଓ ଶୁଦ୍ଧତା ମିଳିବ । ମାତ୍ର ବିପରୀତ ଶକ୍ତିଗୁଡ଼ିକର ଉପଯୋଗ ଦ୍ୱାରା ତାହାର ଶାସ୍ତିସ୍ୱରୂପ ପାପ ମଧ୍ୟରେ ଗଭୀରତର ପ୍ରବେଶହିଁ ସାର ହେବ, ସ୍ୱଭାବ ଓ ପ୍ରକୃତିରେ ଅଧିକତର ବିଷମତା ଓ ବିକୃତିର ସୃଷ୍ଟି ହେବ; ଏବଂ ତାହା ଅତିରିକ୍ତ ହୋଇଗଲେ 'ମହତୀ ବିନଷ୍ଟିଃ' ଘଟିବ । କ୍ଷମତା ଅଥବା ପ୍ରାଣଗତ ଅନ୍ୟାନ୍ୟ ଇଷ୍ଟସାଧନରେ ନିୟୋଜିତ ଶକ୍ତିରୁ ଏହିସବୁ ଫଳବର୍ତ୍ତିତ୍ୱର ସାମର୍ଥ୍ୟରେ ଅଭିବୃଦ୍ଧି ହେବ ଅର୍ଥାତ୍ ପ୍ରାଣଗତ ବଳ ଓ ପ୍ରାଣଗତ ପରିପୂର୍ଣ୍ଣତାର ବିକାଶ ଘଟିବ । ନିୟୋଜିତ ଶକ୍ତିର ଯଥାରୂପ ପରିଣାମ ଫଳବାହିଁ ହେଉଛି ପ୍ରକୃତିର ସ୍ୱାଭାବିକ ଓ ସାଧାରଣ ଗତି; ଯଦି ପ୍ରକୃତିଠାରୁ ନ୍ୟାୟବିଧାନର ଦାବି କରାଯାଏ, ତେବେ ନିଶ୍ଚୟ କୁହାଯାଇ ପାରିବ ଯେ ଶକ୍ତି ଓ ସାମର୍ଥ୍ୟର ଯେଉଁଠି ଯେପରି ଭାବରେ ବିନିଯୋଗ ହେଉଛି, ସେଠି ତାହାର ଯଥାରୂପ ପ୍ରତିଦାନ ବା ପୁରସ୍କାର ଦେଇ ପ୍ରକୃତି ନ୍ୟାୟର ମର୍ଯ୍ୟାଦାଟିକୁ ଅବଶ୍ୟ ରକ୍ଷା କରୁଛି । ଦଉଡ଼ିବାର ପ୍ରତିଯୋଗିତାରେ ପ୍ରକୃତି ଦ୍ରୁତଗାମୀକୁ ପୁରସ୍କାର ଦେଉଛି, ଯୁଦ୍ଧକ୍ଷେତ୍ରରେ ସାହସୀ, ବଳବାନ୍ ଓ ଯୁଦ୍ଧକୌଶଳୀହିଁ ବିଜୟଲାଭ କରୁଛି; ସମର୍ଥ ବୁଦ୍ଧି ଓ ନିଷ୍ଠାବାନ୍ ଅନ୍ୱେଷଣକାରୀକୁ ଜ୍ଞାନର ସକଳ ପୁରସ୍କାର ପ୍ରାପ୍ତ ହେଉଛି । ମାତ୍ର ସଜ୍ଜନ ହୋଇଥିଲେ ମଧ୍ୟ ଯିଏ ଆଳସ୍ୟପରାୟଣ, ବଳହୀନ, ଅକୁଶଳ କିମ୍ବା ନିର୍ବୋଧ, ପ୍ରକୃତି କଦାପି ତା'ର ଅଣ୍ଟିରେ ଏହିସବୁ ପୁରସ୍କାର ଆଣି ଅଜାଡ଼ି ଦେଇ ଯିବ ନାହିଁ; ଯିଏ ଜଣେ ଧାର୍ମିକ କିମ୍ବା ସମ୍ମାନାସ୍ପଦ ବ୍ୟକ୍ତି ବୋଲି ଯେ ଏସବୁ ଫଳର ଅଧିକାରୀ ହେବ, ତାହା କଦାପି ନୁହେଁ । କାରଣ, ଯଦି ଜୀବନର ଏହିସବୁ ଅନ୍ୟ ଦକ୍ଷତାକୁ ତାହାର ମନ ଥାଏ, ତେବେ ସେଥିଲାଗି ତାହାର ଅନୁରୂପ ଯୋଗ୍ୟତା ରହିଥିବ ଓ ସେ ଅନୁରୂପ ଶକ୍ତିଗୁଡ଼ିକର ମଧ୍ୟ ବିନିଯୋଗ କରି ପାରୁଥିବ । ଯଦି ପ୍ରକୃତିରେ

'oaob.nitrkl.ac.in' images reprocessed

ଅନ୍ୟପ୍ରକାର ବ୍ୟବସ୍ଥା ରହିଥା'ନ୍ତା, ତେବେ ଯିନା ଆମେ ଅନ୍ୟାୟ କରିବା ଦୋଷରେ ତାଙ୍କୁ ଦୋଷୀ କରିପାରନ୍ତେ ! ମାତ୍ର ବର୍ତ୍ତମାନ ଯେପରି ସେ ସବୁକଥାର ଯଥାର୍ଥ ଓ ଉଚିତ ବ୍ୟବସ୍ଥା କରି ରଖିଛୁ, ସେଥିରେ ସେ ଅନ୍ୟାୟ କରୁଛୁ ବୋଲି ଅଭିଯୋଗ କରିବାର କୌଣସି କାରଣ ନାହିଁ; କିମ୍ବା ସେ ଭବିଷ୍ୟତରେ ଆପଣାର ଏହି ସ୍ୱରସାମ୍ୟ ରଖିବାର ସ୍ୱାର୍ଥରେ ଆବଶ୍ୟକ ସଂଶୋଧନ କରାଉ, ଯେପରିକି ଭଲ ମଣିଷ ତା' ଭଲ ଗୁଣର ସ୍ୱାଭାବିକ ପୁରସ୍କାରରୂପେ ଗୋଟାଏ ବଡ଼ ପଦରେ ଯାଇ ବସିପାରିବ, ବ୍ୟାଙ୍କରେ ଅଜସ୍ର ଅର୍ଥପରିମାଣ ଗଚ୍ଛିତ ରଖିପାରିବ ଅଥବା ସୁଖ ଓ ଆରାମରେ ଅତି ସୁଯୋଜିତ ଭାବରେ ଦିନ କାଟିପାରିବ, ପ୍ରକୃତିଠାରୁ ଏପରି ଦାବି କରି ବସିବାର ମଧ୍ୟ କୌଣସି କାରଣ ନାହିଁ । ତାହାକୁ ପୁନର୍ଜନ୍ମର ତାତ୍ପର୍ଯ୍ୟ ଅଥବା କର୍ମରୂପୀ ଏକ ବିଶ୍ୱଗତ ବିଧାନର ଏକ ଯଥେଷ୍ଟ ଭିତ୍ତି ବୋଲି ଆଦୌ କୁହାଯାଇ ପାରିବ ନାହିଁ ।

ଆମେ ଭାଗ୍ୟ ବା ଦୈବବିଧାନ କହିଲେ ଯାହା ବୁଝୁ, ଆମ ଜୀବନରେ ସେହି ଉପାଦାନଟିର ସ୍ଥାନ ଆଦୌ କମ୍ ନୁହେଁ । ଏହି ଦୈବବିଧାନ ଅନେକ ସମୟରେ ଆମ ପ୍ରୟାସଗୁଡ଼ିକର ପ୍ରାପ୍ୟ ଫଳଟିକୁ ରୁନ୍ଧ କରି ରଖେ କିମ୍ବା ଆମେ କୌଣସି ପ୍ରୟାସ ନ କରିଥିଲେ ମଧ୍ୟ ଆମକୁ ତାହାର ଫଳ ଭୁଞ୍ଜାଇ ଦେଇଯାଏ, ବା ଅଳପ ପ୍ରୟାସର ଅଧିକ ଫଳ ଆଣିଦିଏ । ଭାଗ୍ୟର ଏହି ଖିଆଲଗୁଡ଼ିକର ଗୋପନ କାରଣ,—ଏହାର ଏକାଧିକ କାରଣ ମଧ୍ୟ ଥାଇପାରେ, କାରଣ ଭାଗ୍ୟର ମୂଳ ମଧ୍ୟ ଏକାଧିକ ହୋଇପାରେ;—ଟିକୁ ଆମକୁ ଅଂଶତଃ ଆମ ଅତୀତର ଗୂଢ଼ ଗର୍ଭ ଭିତରେ ଯାଇ ଖୋଜିବାକୁ ପଡ଼ିବ; ମାତ୍ର ଏପରି ଏକ ଅତି ସହଜ ସମାଧାନକୁ ସ୍ୱୀକାର କରିନେବା ନିଶ୍ଚୟ କଷ୍ଟକର ହେବ ଯେ ଅତୀତ ଜୀବନର କୌଣସି ଏକ ବିସ୍ମୃତ ପୁଣ୍ୟକାର୍ଯ୍ୟର ପ୍ରତିଦାନସ୍ୱରୂପ ଆମେ ଭାଗ୍ୟଶାଳୀ ହେବାର ଅଧିକାର ଲାଭ କରିଅଛୁ ଏବଂ ସେହି ଅତୀତର କୌଣସି ବିସ୍ମୃତ ପାପ କିମ୍ବା ଅପରାଧ ସକାଶେ ଦୁର୍ଭାଗ୍ୟ ସହିବାକୁ ବାଧ୍ୟ ହୋଇଅଛୁ । ଆମେ ଯେତେବେଳେ କୌଣସି ପୁଣ୍ୟବନ୍ତ ବ୍ୟକ୍ତିକୁ ଏହି ଜଗତରେ ଦୁଃଖଭୋଗ କରିବାର ଦେଖୁ, ପୁଣ୍ୟବାନ୍ ଏହି ଆଦର୍ଶପୁରୁଷ ଯେ ଅତୀତ ଜନ୍ମରେ ଜଣେ ଅଧମ ଓ ଦୁର୍ଦ୍ଧାନ୍ତ ଦୁର୍ଜନ ଥିଲେ ଏବଂ ନୂତନ ଜନ୍ମଗ୍ରହଣ ଦ୍ୱାରା ଆପଣାର ଆଦର୍ଶ ଅନୁରୂପ ଏକ ଅବସ୍ଥାକୁ ରୂପାନ୍ତରିତ ହୋଇ ମଧ୍ୟ ଆପଣାର ପୂର୍ବଜନ୍ମକୃତ ପାପଗୁଡ଼ିକ ସକାଶେ ଦଣ୍ଡଭୋଗ କରିବାରେ ଲାଗିଛନ୍ତି, ସେତେବେଳେ ଏକଥା ସହଜରେ ଆଦୌ ବିଶ୍ୱାସ କରି ହୁଏ ନାହିଁ । ଅଥବା, କୌଣସି ଦୁଷ୍ଟ ଓ ଦୁର୍ଜନକୁ ଏଠାରେ ସାଫଲ୍ୟମଣ୍ଡିତ ହେବାର ଦେଖିଲେ ଆମେ କଦାପି ସହଜରେ ଅନୁମାନ କରିନେଇ ପାରିବା ନାହିଁ ଯେ ସେ ଗତ ଜନ୍ମରେ ଜଣେ ସାଧୁ ବା ସନ୍ଥ ଥିଲା, ତା'ପରେ ହଠାତ୍ କୁପଥଗାମୀ ହୋଇଥିଲେ ମଧ୍ୟ ପୂର୍ବର ସୁକୃତ ପୁଣ୍ୟସଂଗ୍ରହ ଫଳରେ

'oaob.nitrkl.ac.in' images reprocessed

ସେ ବର୍ତ୍ତମାନ ତଥାପି ନୈତିକମୂଲ୍ୟରୂପେ ଅତୁଳ ସାଫଲ୍ୟର ଅଧିକାରୀ ହୋଇପାରନ୍ତି । ବାରବାର ନହେଲେ ମଧ୍ୟ ଜୀବନ ମଧ୍ୟରେ ଏହିପରି ଏକ ସମଗ୍ର ପରିବର୍ତ୍ତନ ଯେ ନିଶ୍ଚୟ ସମ୍ଭବ, ସେକଥା କେହି ଅସ୍ୱୀକାର କରୁ ନାହିଁ; ମାତ୍ର ବିପରୀତ ସ୍ୱଭାବର ଏକ ନୂତନ ବ୍ୟକ୍ତିସତ୍ତା ଉପରେ ପୂର୍ବଜନ୍ମର ପୁରସ୍କାର ବା ଦଣ୍ଡଭୋଗକୁ ନେଇ ଲଦି ଦେବାଟା ପ୍ରକୃତରେ କେବଳ ଏକ ଉଦ୍ଦେଶ୍ୟହୀନ ଓ ସମ୍ପୂର୍ଣ୍ଣ ଯନ୍ତ୍ରବତ୍ ବ୍ୟବସ୍ଥା ପରିହିଁ ମନେହେଉଛି । ଏହିପରି ଏହି କ୍ଷେତ୍ରରେ ଅନେକ ସଂଶୟ ଓ ଅଡ଼ୁଆ ରହିଛି, ତେଣୁ ଜନ୍ମ ସହିତ ଜନ୍ମାନ୍ତରର ସମ୍ବନ୍ଧର ସରଳ ଯୁକ୍ତିଟି ଆପଣାକୁ ସାଧାରଣତଃ ଯେତେ ସବଳ ବୋଲି ଦାବି କରେ, ତାହା ଆଦୌ ସେତେ ସବଳ ନୁହେଁ । କର୍ମର ପ୍ରତିଫଳକୁ ଜୀବନ ଓ ପ୍ରକୃତିକୃତ ଅନ୍ୟାୟର କ୍ଷତିପୂରଣ ବୋଲି ଗ୍ରହଣ କଲେ ସିଦ୍ଧାନ୍ତଟିର ମୂଳଦୁଆଟି ସ୍ୱତଃ ବଡ଼ ଦୁର୍ବଳ ହୋଇପଡ଼େ, କାରଣ ମଣିଷର ଏକ ଅତ୍ୟନ୍ତ ଅଗଭୀର ଓ ଉପରଠାଉରିଆ ଅନୁଭୂତି ଏବଂ ମାନଦଣ୍ଡକୁ ତାହା ବିଶ୍ୱବିଧାନର ପରିମାପକ କରି ଦେଖାଇବାକୁ ଚେଷ୍ଟା କରିଥାଏ ଏବଂ ଏହାର ମୂଳରେ କୌଣସି ସବଳ ଯୁକ୍ତିର ସମର୍ଥନ ନଥାଏ । ତେଣୁ କର୍ମର ବିଧାନଟି ଲାଗି ଅନ୍ୟ କୌଣସି ଦୃଢ଼ତର ଭିତ୍ତି ଅବଶ୍ୟ ରହିଛି ।

ଅନ୍ୟ ଅନେକ କ୍ଷେତ୍ର ପରି ଏଠାରେ ମଧ୍ୟ ଆମ ମାନୁଷୀ ମନରୁ ଜାତ ଏକ ମାନଦଣ୍ଡକୁ ଆଣି ଜୋରକରି ବିଶ୍ୱପ୍ରକୃତିର ଅଧିକ ବୃହତ୍, ଅଧିକ ମୁକ୍ତ ତଥା ଅଧିକ ବ୍ୟାପକ କ୍ରିୟାଭୂମିଟି ଉପରେ ଲଦିଦେବାକୁ ବସିଲେ ଆମେ ପ୍ରମାଦ ଭିତରେ ପଡ଼ିଯାଉ । ପ୍ରଚଳିତ କର୍ମବାଦରେ ପ୍ରକୃତିଦ୍ୱାରା ସୃଷ୍ଟ ବହୁବିଧ ମୂଲ୍ୟଗୁଡ଼ିକ ମଧ୍ୟରୁ ନୈତିକ ଶୁଭ-ଶୁଭ ବା ପାପପୁଣ୍ୟ ଏବଂ ଦେହପ୍ରାଣଗତ ଭଲମନ୍ଦ ବା ବାହ୍ୟ ସୁଖଦୁଃଖ ଅଥବା ବାହ୍ୟ-ସ୍ତରର ସୌଭାଗ୍ୟ ଓ ଦୁର୍ଭାଗ୍ୟ, କେବଳ ଏହି ଦୁଇଟିମାତ୍ର ମୂଲ୍ୟକୁ ବାଛି ନିଆଯାଏ ଏବଂ ଦୁହିଁଙ୍କ ମଧ୍ୟରେ ନିଶ୍ଚୟ ଏକ ସମୀକରଣ ରହିଥିବ ବୋଲି ଅନୁମାନ କରାଯାଏ; ଅର୍ଥାତ୍ ଗୋଟିଏ ନିଶ୍ଚୟ ଅନ୍ୟଟିର ପୁରସ୍କାର କିମ୍ବା ଶାସ୍ତିବିଧାନହିଁ ହୋଇଥିବ ଏବଂ ତାହାହିଁ ପ୍ରକୃତିର ନିଚୁଡ଼ ନ୍ୟାୟନିରୂପଣର ସମ୍ମତି ଲାଭ କରିଥିବ ବୋଲି ଧରି ନିଆଯାଏ । ସାଧାରଣତଃ ମନୁଷ୍ୟର ପ୍ରାଣମୟ ଦୈହିକ ବାସନାଟିର ଦିଗରୁ ବିଚାର କରିହିଁ ଦୁହିଁଙ୍କ ମଧ୍ୟରେ ଏପରି ଏକ ସମ୍ବନ୍ଧୀକରଣ କରାଯାଇଥାଏ; କାରଣ ଆମ ପ୍ରାଣମୟ ସତ୍ତାର ନିମ୍ନତର ସ୍ତରଟିହିଁ ଆପଣାର ପ୍ରଥମ ଓ ସର୍ବପ୍ରଧାନ କାମ୍ୟରୂପେ ସୁଖ ଓ ସୌଭାଗ୍ୟ ସ୍ପୃହଥାଏ ଏବଂ ଦୁର୍ଭାଗ୍ୟ ତଥା ଦୁଃଖଭୋଗକୁହିଁ ସବୁଠାରୁ ଅଧିକ ଘୃଣା କରୁଥାଏ, ଭୟ ବି କରୁଥାଏ । ଆପଣାର ପ୍ରବୃତ୍ତି ଓ ପ୍ରବଣତାଗୁଡ଼ିକୁ ଆପଣାର ଅକ୍ତିଆରକୁ ଆଣିବାଲାଗି ଏବଂ ମନ୍ଦ କାର୍ଯ୍ୟ କରିବାର ଇଚ୍ଛାକୁ ସମ୍ବରଣ କରି ଯାହା ଭଲ ତାହାହିଁ କରିବାପାଇଁ ଆପଣାକୁ ପ୍ରେରିତ କରିବାଲାଗି ଯେତେବେଳେ ସେ ନୀତିକ୍ଷେତ୍ରର ଦାବିଟିକୁ ସ୍ୱୀକାର କରିନିଏ, ସେତେବେଳେ ସେ ତୌଲାଇ ମୂଲ୍ୟର ଏପରି ଏକ

'oaob.nitrkl.ac.in' images reprocessed

ବିଶ୍ୱବିଧାନ ଗଢ଼ି ଥୋଇଦେବାକୁ ଚେଷ୍ଟା କରେ, ଯାହାକି ତାହାର ଏହି ଆୟାସପୂର୍ଣ୍ଣ ବାଧ୍ୟସାଧନା ଲାଗି ତାକୁ ଉପଯୁକ୍ତ କ୍ଷତିପୂରଣ ଯୋଗାଇ ଦେଇ ପାରିବ ଏବଂ ଶାସ୍ତିର ଭୟ ଦେଖାଇ ତାକୁ ଆତ୍ମ-ନିବୃତ୍ତିର କଠିନ ପଥରେ ବାଟ ଚାଲିବା ଲାଗି ସାହାଯ୍ୟ ମଧ୍ୟ କରିବ । ମାତ୍ର ଭଲ ବା ଧର୍ମ-ବାଟର ଅନୁଗମନ ଏବଂ ଅଧର୍ମ ବା ମନ୍ଦବାଟର ବର୍ଜନ କରିବାପାଇଁ ପ୍ରକୃତ ନୀତିମାର୍ଗନିଷ୍ଠ କୌଣସି ବ୍ୟକ୍ତି ଲାଗି ପୁରସ୍କାର ଓ ଶାସ୍ତିବିଧାନ-ବ୍ୟବସ୍ଥାର ଆଦୌ କୌଣସି ପ୍ରୟୋଜନ ନାହିଁ । କାରଣ ତା'ଲାଗି ଧର୍ମହିଁ ହେଉଛି ଧର୍ମର ପୁରସ୍କାର; ଅଧର୍ମ ଆଚରଣ କରିବା ଫଳରେ ପ୍ରକୃତିଗତ ସୁବିଧାନଟିରୁ ତା'ର ଯେଉଁ ପତନ ଘଟେ, ତାହାରିଦ୍ୱାରାହିଁ ସେ ଆପଣାର ପାପକର୍ମଜନିତ ଦଣ୍ଡ ଭୋଗ କରେ । ନୀତିର କ୍ଷେତ୍ରରେ ଏହାହିଁ ଯଥାର୍ଥ ମାନଦଣ୍ଡ । ମାତ୍ର ତାହା ନିମ୍ନ ପୁରସ୍କାର ଓ ଶାସ୍ତିବିଧାନର ଏକ ବ୍ୟବସ୍ଥାକୁ ଗ୍ରହଣ କରିବାକୁ ବାହାରିଲେ ତଦ୍ୱାରା ଭଲର ନୀତିଗତ ମୂଲ୍ୟଟିକୁ ତତ୍କ୍ଷଣାତ୍ ଦୂଷିତ କରିଦେବାକୁ ପଡ଼େ, ଯାବତୀୟ ପୁଣ୍ୟାଚରଣ କେବଳ ସ୍ୱାର୍ଥପରତାରେ ପର୍ଯ୍ୟବସିତ ହୁଏ, ଆତ୍ମସ୍ୱାର୍ଥ-ସିଦ୍ଧିର ଏକ ଦର ମୂଲାଇବାର ବଣିକଛଡ଼ା ଏଥିରେ ଆଉ କିଛି ରହେ ନାହିଁ; ଏବଂ ପାପରୁ ନିବୃତ୍ତ ହୋଇ ରହିବାର ଯଥାର୍ଥ ପ୍ରବୃତ୍ତିଟି ଏକ ହୀନତର ଅଧମ ପ୍ରବୃତ୍ତିରେ ପରିଣତ ହୋଇଯାଏ । ସମାଜରେ ଅନିଷ୍ଟ କରୁଥିବା କାର୍ଯ୍ୟଗୁଡ଼ିକରୁ ଲୋକମାନଙ୍କୁ ନିବର୍ତ୍ତାଇ ରଖିବା ଏବଂ ସମାଜର ସହାୟକ ହେବାଭଳି କାର୍ଯ୍ୟଗୁଡ଼ିକରେ ସେମାନଙ୍କୁ ଉତ୍ସାହିତ କରିବାର ଅଭିପ୍ରାୟରେ ଏକ ସମାଜଗତ ଆବଶ୍ୟକତା ହିସାବରେହିଁ ମନୁଷ୍ୟମାନେହିଁ ଦଣ୍ଡ ଓ ପୁରସ୍କାରର ଏହି ବିଧାନଟିକୁ ଠିଆ କରି ରଖିଛନ୍ତି । ମାତ୍ର ମନୁଷ୍ୟର ଏହି ଉପାୟ ବା କୌଶଳଟିକୁ ବିଶ୍ୱପ୍ରକୃତିର ଏକ ସାଧାରଣ ବିଧାନ, କିମ୍ବା ସର୍ବୋଚ୍ଚ ପରମସତ୍ତାଙ୍କର ଏକ ବିଧାନ ଅଥବା ଜୀବନର ସର୍ବୋଚ୍ଚ ବିଧାନଟିର ଆସନରେ ନେଇ ବସାଇ ଦେବାର ପ୍ରୟାସରେ ପ୍ରକୃତରେ ଯେ କେତେ ଯଥାର୍ଥତା ରହିଛି, ସେଥିରେ ସନ୍ଦେହ କରିବାଲାଗି ଯଥେଷ୍ଟ କାରଣ ରହିବ । ଆମ ଆପଣା ଅବିଦ୍ୟାର ସଙ୍କୀର୍ଣ୍ଣ ଓ ଅଳ୍ପପରିସର ମାପକାଠିଗୁଡ଼ିକୁ ନେଇ ବିଶ୍ୱପ୍ରକୃତିର ବୃହତ୍ତର ତଥା ଅଧିକ ଜଟିଳ କ୍ରିୟାଗତ କ୍ଷେତ୍ରରେ ଅଥବା ପରମ ପ୍ରଜ୍ଞା କିମ୍ବା ପରମ ଶିବର କ୍ରିୟା ଉପରେ ନେଇ ଲଦିଦେବା ଅବଶ୍ୟ ମନୁଷ୍ୟସୁଲଭ, ମାତ୍ର ତାହାକୁ କେବଳ ପିଲାଳିଆ ବୋଲିହିଁ କହିବାକୁ ପଡ଼ିବ । ଆମ ଅନ୍ତର୍ଗତ ସତ୍ତାଟିର ମଧ୍ୟଦେଇ ଆମରି ଭିତରେ ଧୀରେଧୀରେ କାର୍ଯ୍ୟ କରୁଥିବା ଏକ ଆଧ୍ୟାତ୍ମିକ ଶକ୍ତିଦ୍ୱାରାହିଁ ଏହି ପରମ ପ୍ରଜ୍ଞା ବା ପରମ ଶିବ ଆମକୁ ଆପଣା ଆଡ଼କୁ ଆକର୍ଷିତ ବା ଉଦ୍ବେଳିତ କରିନେବାରେ ଲାଗିଛି; ଆମର ପ୍ରାଣଗତ ବାହ୍ୟ ପ୍ରକୃତିଟାକୁ କୌଣସି ପ୍ରକାରେ ପ୍ରଲୁବ୍ଧ କିମ୍ବା ବାଧ୍ୟ କରି ସେ ଏହା କରୁ ନାହିଁ । ଯଦି ଏକ ଅନେକମୁଖୀ ଓ ଜଟିଳ ଅନୁଭୂତି ଦ୍ୱାରାହିଁ ଆତ୍ମା ଏକ ବିବର୍ତ୍ତନ ମଧ୍ୟଦେଇ ଗତି କରୁଥାଏ, ତେବେ ଆପଣାକୁ ସେହି ଅନୁଭୂତି ମଧ୍ୟରେ ଖାପ ଖୁଆଇ

'oaob.nitrkl.ac.in' images reprocessed

ପାଶବାକୁ ହେଲେ କର୍ମ ଅର୍ଥାତ୍ ଶକ୍ତିପରିଣାମ ତଥା କ୍ରିୟାଶୀଳତା ମଧ୍ୟକୁ ଫେରି ଆସିବାର ଯେକୌଣସି ବିଧାନକୁ ମଧ୍ୟ ସେହିପରି ଜଟିଳ ହେବାକୁ ପଡ଼ିବ; ତାହା ଅତ୍ୟନ୍ତ ସରଳ କିମ୍ବା ଅଳ୍ପପରିମାଣ ହେଲେ ଆଦୌ ଚଳିବ ନାହିଁ, ଆପଣାର ସଂଘଟନ-କ୍ଷେତ୍ରରେ ଅନମନୀୟ ଓ ଏକଦେଶୀ ହେଲେ ମଧ୍ୟ ଚଳିବ ନାହିଁ ।

ପୁଣି, ମୌଳିକ ବା ସାଧାରଣ ତତ୍ତ୍ୱର ଦିଗଟିରୁ ନହେଲେ ମଧ୍ୟ ତଥ୍ୟଗତ ଦିଗରୁ ଏହି ମତଟିକୁ ହୁଏତ ଆଂଶିକ ଭାବରେ ସ୍ୱୀକାର କରାଯାଇ ପାରେ; କାରଣ ଶକ୍ତିଗତ କ୍ରିୟାର ଧାରାଗୁଡ଼ିକ ପରସ୍ପରଠାରୁ ପୃଥକ୍ ଓ ସ୍ୱତନ୍ତ୍ର ହୋଇଥିଲେହେଁ ସେଗୁଡ଼ିକ ତଥାପି ଏକାଠି କାର୍ଯ୍ୟ କରିପାରନ୍ତି, ପରସ୍ପର ଉପରେ ମଧ୍ୟ କାର୍ଯ୍ୟ କରିପାରନ୍ତି । ଅବଶ୍ୟ ସେଗୁଡ଼ିକର ପାରସ୍ପରିକ ସଂଗଠନ ମଧ୍ୟରେ କୌଣସି ଦୃଢ଼ପ୍ରତିଷ୍ଠିତ ନିର୍ଦ୍ଦିଷ୍ଟ ନିୟମ ଆଦୌ କାର୍ଯ୍ୟ କରୁ ନଥାଏ । ଏକଥା ମଧ୍ୟ ସମ୍ଭବ ଯେ ପ୍ରକୃତିପରିଣାମର ସମଗ୍ର ପଦ୍ଧତି ମଧ୍ୟରେ ନୀତିଗତ ଶୁଭାଶୁଭ ସହିତ ଦେହପ୍ରାଣଗତ ଇଷ୍ଟାନିଷ୍ଟର ଏକ ସୀମାବଦ୍ଧ ସମ୍ପର୍କ ବା ବରଂ ଏକ ପାରସ୍ପରିକ କ୍ରିୟାପ୍ରତିକ୍ରିୟା ମଧ୍ୟ ସଂଘଟିତ ହୋଇପାରେ; ଏହି ଭିନ୍ନଜାତି ଭାବଦୁଇଟି ମଧ୍ୟରେ ଏକ ସୀମିତ ଯୋଗାଯୋଗ କିମ୍ବା ଏକ ମିଳନସ୍ଥାନ ବି ପହଞ୍ଚି ଯାଇପାରେ, ମାତ୍ର ସେମାନଙ୍କ ମଧ୍ୟରେ କୌଣସି ଅବିଚ୍ଛିନ୍ନ ସଂଗତି କଦାପି ସ୍ଥାପିତ ହୁଏ ନାହିଁ । ଆମର ବହୁବିଧ ଶକ୍ତି, ବାସନା ଓ ଗତିସ୍ପନ୍ଦନମାନ ଆପଣାର କ୍ରିୟାତ୍ମକ କ୍ଷେତ୍ରରେ ପରସ୍ପର ସହିତ ଏକତ୍ର ମିଶିକରି ରହିଥା'ନ୍ତି ଏବଂ ତେଣୁ ଏକ ମିଶ୍ରିତ ପରିଣାମ ସମ୍ଭାଇବାକୁ ବି ସମର୍ଥ ହୋଇ ପାରନ୍ତି । ଆମ ସତ୍ତାର ପ୍ରାଣମୟ ଅଂଶଟି ଧର୍ମ ଓ ଜ୍ଞାନ ସକାଶେ, ଏବଂ ବୁଦ୍ଧିଗତ, ସୌନ୍ଦର୍ଯ୍ୟବୋଧଗତ, ନୈତିକ କିମ୍ବା ଶାରୀରିକ ପ୍ରତ୍ୟେକ କ୍ଷେତ୍ରର ଯାବତୀୟ ପ୍ରୟାସରେ ବାହାରେ ଦେଖିପାରିବା ଭଳି କୌଣସି ପ୍ରକୃତ ପୁରସ୍କାର ସର୍ବଦା ଦାବି କରିଥାଏ; ପାପ ଲାଗି, ଓ ଏପରିକି ଅଜ୍ଞାନ ଲାଗି ମଧ୍ୟ ତାହା ଅତ୍ୟନ୍ତ ଦୃଢ଼ ଭାବରେ ଦଣ୍ଡ ପାଇବା ଉପରେ ମଧ୍ୟ ବିଶ୍ୱାସ ରଖିଥାଏ । ଏହି ଦାବି ବା ବିଶ୍ୱାସ ବିଶ୍ୱକ୍ରିୟାର କ୍ଷେତ୍ରରେ ମଧ୍ୟ ଏକ ଅନୁରୂପ ପ୍ରତିସ୍ପନ୍ଦନ ଜାଗ୍ରତ କରିପାରେ ଅଥବା ଏକ ଅନୁରୂପ କ୍ରିୟା ମଧ୍ୟ ସୃଷ୍ଟି କରିପାରେ । କାରଣ ଆମେ ଯେଉଁଭଳି ଅବସ୍ଥାରେ ରହିଥାଉ, ପ୍ରକୃତି ଆମକୁ ଠିକ୍ ସେହିପରି ଭାବରେ ଗ୍ରହଣ କରିନିଏ ଏବଂ ଆମର ଆବଶ୍ୟକତା ଅଥବା ତା' ଉପରେ ଆମର ଦାବିଟି ଅନୁସାରେ ସେ କେତେକ ପରିମାଣରେ ଆପଣାର ଗତି ଓ କ୍ରିୟାକୁ ଅନୁରୂପ ନିୟମିତ କରି ନେଇଥାଏ । ଆମ ଉପରେ ନାନା ଅଦୃଶ୍ୟ ଶକ୍ତି ମଧ୍ୟ କାର୍ଯ୍ୟ କରୁଛନ୍ତି ବୋଲି ଯଦି ସ୍ୱୀକାର କରାଯାଏ, ତେବେ ବିଶ୍ୱଗତ ପ୍ରାଣମୟ ପ୍ରକୃତି ମଧ୍ୟରେ ବି ଏପରି ଅଦୃଶ୍ୟ ଶକ୍ତିମାନ ଥାଇପାରେ ଯେଉଁଗୁଡ଼ିକ କି ଆମର ଏହି ପ୍ରାଣମୟ ଅଂଶଟି ସହିତ ଚିନ୍ତାଶକ୍ତିର ସେହି ଗୋଟିଏ

'oaob.nitrkl.ac.in' images reprocessed

ଭୂମିରେ ଅବସ୍ଥିତ ହୋଇ ରହିଛନ୍ତି; ଆମର ଏହି ନିମ୍ନତର ପ୍ରାଣମୟ ପ୍ରକୃତିଟି ଯେଉଁଭଳି ଯୋଜନା ବା ଶକ୍ତିକ୍ଷେତ୍ରର ଯେଉଁଭଳି ଅଭିପ୍ରାୟଦ୍ୱାରା ପରିଚାଳିତ ହେଉଛି, ସେଗୁଡ଼ିକ ମଧ୍ୟ ଠିକ୍ ତାହାରିଦ୍ୱାରା ପରିଚାଳିତ ହେଉଛନ୍ତି । ଅନେକ ସମୟରେ ଦେଖିବାକୁ ମିଳେ ଯେ ଆପଣାକୁ ପ୍ରତିଷ୍ଠିତ କରି ରଖିବାଲାଗି ଚେଷ୍ଟିତ ଏକ ପ୍ରାଣମୟ ଅହଂ ଯେତେବେଳେ କୌଣସି ସଂଯମ କିମ୍ବା ସଙ୍କୋଚ ନରଖି ତା'ର ଇଚ୍ଛା ଓ ଅଭିଳାଷର ବିରୋଧ କରିବାକୁ ଆସୁଥିବା ସବୁକିଛିକୁ ଦଳିଦେଇ ଯାଉଥାଏ, ସେତେବେଳେ ତାହା ଆପଣା ବିରୁଦ୍ଧରେ କେତେ କେତେ ପ୍ରତିକ୍ରିୟା ସୃଷ୍ଟି କରିଥାଏ; ଅନ୍ୟ ମଣିଷଙ୍କ ମନରେ କେତେ ଘୃଣା, କେତେ ବିରୋଧିତା ଓ କେତେ ଅସ୍ୱସ୍ତି ସୃଷ୍ଟି କରିଥାଏ । ଏଗୁଡ଼ିକର ଫଳ ସଙ୍ଗେ ସଙ୍ଗେ ଏଇଠି ଫଳିପାରେ କିମ୍ବା ପରେ ମଧ୍ୟ ଫଳିପାରେ; ମାତ୍ର ବିଶ୍ୱପ୍ରକୃତି ମଧ୍ୟରେ ଏହିସବୁ ବିରୁଦ୍ଧ ପ୍ରତିକ୍ରିୟା ଆହୁରି ରୁମୂଳ ଓ ଭୀଷଣ ଆକାର ଧାରଣ କରିଥାଏ । ମନେହୁଏ ସତେଯେପରି ପ୍ରକୃତିର ଧୈର୍ଯ୍ୟଚ୍ୟୁତି ଘଟିଛି, ସେହି ଉଗ୍ର ଅହଂଟି ତାକୁ ଆହୁରି ଆପଣାର କାର୍ଯ୍ୟରେ ଲଗାଉ ବୋଲି ସେ ଯେପରି ଆଦୌ ଇଚ୍ଛା କରୁ ନାହିଁ । ପ୍ରାଣବନ୍ତ ବଳଶାଳୀ ମଣିଷଟିର ଅହଂ ଯେଉଁ ଶକ୍ତିଗୁଡ଼ିକୁ କରଗତ କରି ଆପଣାର ଅଭୀଷ୍ଟସିଦ୍ଧି ଲାଗି କାମରେ ଲଗାଇଥିଲା, ଆଖର ସେହିଗୁଡ଼ିକହିଁ ବିଦ୍ରୋହ କରି ତା' ବିରୁଦ୍ଧରେ ଠିଆହୁଅନ୍ତି; ଯେଉଁସବୁ ଶକ୍ତିକୁ ସେ ପଦଦଳିତ କରି ରଖିଥିଲା, ସେହିଗୁଡ଼ିକହିଁ ମସ୍ତକ ଉତ୍ତୋଳନ କରି ତାହାର ପତନଲାଗି ଶକ୍ତିସଂଗ୍ରହ କରନ୍ତି । ମନୁଷ୍ୟର ଦାମ୍ଭିକ ପ୍ରାଣଶକ୍ତି ଆସି ନିୟତିର ସିଂହାସନଟି ଦେହରେ ଠୋ କରି ବାଡ଼େଇ ହୋଇଯାଏ ଏବଂ ଖଣ୍ଡ ଖଣ୍ଡ ହୋଇ ଭାଙ୍ଗିଯାଏ; ଏବଂ ଏପର୍ଯ୍ୟନ୍ତ ଅସମର୍ଥପ୍ରାୟ ବୋଧ ହେଉଥିବା ପ୍ରକୃତିର ଦଣ୍ଡଶକ୍ତି ମଧ୍ୟ ଶେଷରେ ଏପର୍ଯ୍ୟନ୍ତ ସଫଳ ହୋଇ ଆସିଥିବା ସେହି ଅପରାଧୀଟି ଉପରେ ଝାମ୍ପ ମାରି ପଡ଼ିବାକୁ ଆସେ । ତା'ର ଶକ୍ତି ବିରୁଦ୍ଧରେ ଏହି ପ୍ରତିକ୍ରିୟାଟି ହୁଏତ ସଙ୍ଗେ ସଙ୍ଗେ ନବାଜି ଆଉ ଏକ ଜୀବନରେ ଆସି ତା' ଦେହରେ ବାଜିପାରେ; କିମ୍ବା ଏହିସବୁ ଶକ୍ତିର କ୍ଷେତ୍ରକୁ ସେ ଯେତେବେଳେ ପୁନର୍ବାର ଫେରିଆସେ, ହୁଏତ ସେତିକିବେଳେହିଁ କର୍ମଫଳର ଏହି ବୋଝକୁ ମୁଣ୍ଡରେ ବୋହି ତାକୁ ଏଠାକୁ ଆସିବାକୁ ପଡ଼େ । ଏହି ପ୍ରତିକ୍ରିୟା କ୍ଷୁଦ୍ର ପରିସରରେ ଘଟିପାରେ, ବୃହତ୍ ପରିସରରେ ମଧ୍ୟ ଘଟିପାରେ । କ୍ଷୁଦ୍ର ପ୍ରାଣମୟ ସତ୍ତା ଓ ତା'ର କ୍ଷୁଦ୍ର ଭୁଲଗୁଡ଼ିକର କ୍ଷେତ୍ରରେ ଘଟିପାରେ ଏବଂ ଏହିପରି ବୃହତ୍ତର କ୍ଷେତ୍ରରେ ମଧ୍ୟ ଘଟିପାରେ । କାରଣ ମୂଳ ବିଧାନଟି ସବୁକ୍ଷେତ୍ରରେ ସମାନ ହୋଇ ରହିଥାଏ । ଆମର ମନୋମୟ ସତ୍ତା ଯେତେବେଳେ ଶକ୍ତିର ଅପବ୍ୟବହାର କରି ଆପଣାର ସଫଳତା ଖୋଜି ବୁଲୁଥାଏ, ସେତେବେଳେ ପ୍ରକୃତି ତାହାକୁ ପ୍ରଥମେ ସ୍ୱୀକାର କରିନିଏ ସତ, ମାତ୍ର ଶେଷରେ ତାହାର ବିରୁଦ୍ଧରେହିଁ ଆପଣାର ପ୍ରତିକ୍ରିୟା

'oaob.nitrkl.ac.in' images reprocessed

ଜଣାଇଥାଏ । ଫଳରେ ମନ ଯାହା ଆଶା କରିଥାଏ, ପରାଜୟ, ଦୁଃଖ ଓ ବିଫଳତା ବେଶରେ ଠିକ୍ ତାହାର ବିପରୀତ ପରିଣାମଗୁଡ଼ିକ ଆସି ଉପସ୍ଥିତ ହୁଏ । ମାତ୍ର କାରଣ ଓ ତତ୍ପରିଣାମର ଏହି ଅଳ୍ପମହତ୍ତ୍ୱସମ୍ପନ୍ନ ବିଧାନଟିକୁ ଏକ ଅପରିବର୍ତ୍ତନୀୟ ପରମର ବିଧାନର ସୋପାନକୁ ଟେକିନେବାକୁ ଚେଷ୍ଟା କଲେ କିମ୍ବା ତାହାକୁ ଏକ ପରମ ସର୍ବମୟ ସମ୍ରାଟଙ୍କର କ୍ରିୟାଗତ ସମଗ୍ର ବିଶ୍ୱବିଧାନ ବୋଲି କହିବାକୁ ବସିଲେ ତାହା କଦାପି ଯଥାର୍ଥ ହେବ ନାହିଁ । ଏହିସବୁ କାରଣ ଓ ପରିଣାମଗୁଡ଼ିକ ଏକ ମଧ୍ୟପ୍ରଦେଶର ସାମଗ୍ରୀ; ସେଗୁଡ଼ିକ ଗୋଟିଏ ପାଖରେ ବସ୍ତୁଗୁଡ଼ିକର ଅନ୍ତରତମ ବା ସର୍ବପରମ ସତ୍ୟ ଓ ଅନ୍ୟ ପାଖରେ ଜଡ଼ ପ୍ରକୃତିର ପକ୍ଷନିରପେକ୍ଷତା ଏହି ଦୁହିଁଙ୍କ ମଧ୍ୟରେ ଅବସ୍ଥିତ ରହିଛନ୍ତି ।

ସେକଥା ଯାହାହେଉ ପଛକେ, ପ୍ରକୃତିର ପ୍ରତିକ୍ରିୟାସବୁ ମୂଳତଃ କେବେହେଁ ପୁରସ୍କାର ବା ଶାସ୍ତିବିଧାନରୂପେ ଉଦ୍ଦିଷ୍ଟ ହୋଇ ନଥାଏ, ତାହା ଆଦୌ ସେଗୁଡ଼ିକର ମୂଳ ତାତ୍ପର୍ଯ୍ୟ ନୁହେଁ; ବସ୍ତୁର ସ୍ୱଭାବଧର୍ମରେ ଯେଉଁସବୁ ସମ୍ବନ୍ଧ ରହିଛି, ତାହାର ଅନ୍ତର୍ନିହିତ ତାତ୍ପର୍ଯ୍ୟ ହେଉଛି ସେଗୁଡ଼ିକର ଯଥାର୍ଥ ତାତ୍ପର୍ଯ୍ୟ । ଏବଂ ଆଧ୍ୟାତ୍ମିକ ବିବର୍ତ୍ତନଟି ଉପରେ ସେ ଯେତେଦୂର ପ୍ରଭାବ ପକାଇଥାଏ, ସେହି ଦୃଷ୍ଟିରୁ ବିଚାର କଲେ ତାହା ହେଉଛି ଏହି ବିଶ୍ୱର ପ୍ରଶିକ୍ଷଣକ୍ଷେତ୍ରରେ ଆତ୍ମାର ଅନୁଭୂତିଗତ ପ୍ରଶିକ୍ଷଣର ଏକ ବ୍ୟବସ୍ଥା । ଆମେ ନିଆଁକୁ ଛୁଇଁଲେ ତାହା ଆମ ହାତକୁ ପୋଡ଼ିଦିଏ; ମାତ୍ର ଏଠି ରହିଥିବା କାରଣ ଓ ପରିଣାମଗତ ସମ୍ବନ୍ଧଟିର କ୍ଷେତ୍ରରେ ଶାସ୍ତିବିଧାନର କୌଣସି ତତ୍ତ୍ୱ ଆଦୌ କାମ କରେ ନାହିଁ; ଏଥିରୁ ଆମେ ସମ୍ବନ୍ଧ ବିଷୟରେ ଏକ ଶିକ୍ଷାହିଁ ଲାଭ କରୁ, ଅନୁଭୂତିର ଶିକ୍ଷା ଲାଭ କରୁ । ଠିକ୍ ସେହିପରି ଆମ ସହିତ ପ୍ରକୃତିର ଯାବତୀୟ କାରବାରରେ ସମ୍ପୃକ୍ତ ବସ୍ତୁଗୁଡ଼ିକର ଏକ ସମ୍ବନ୍ଧତତା ସବୁବେଳେ ରହିଛି ଏବଂ ସେଥିରୁ ଅନୁଭୂତିଗତ ଏକ ଅନୁରୂପ ଶିକ୍ଷା ମଧ୍ୟ ହେଉଛି । ବିଶ୍ୱଶକ୍ତିର କ୍ରିୟା ଏକ ଅତି ଜଟିଳ କ୍ରିୟା; ଏବଂ ଭିନ୍ନ ଭିନ୍ନ ପରିସ୍ଥିତି ଅନୁସାରେ, ସତ୍ତ୍ୱାର ଉପସ୍ଥିତ ଆବଶ୍ୟକତା ଅନୁସାରେ ତଥା କ୍ରିୟାଶୀଳ ବିଶ୍ୱଶକ୍ତିର ନାନା ଅଭିପ୍ରାୟ ଅନୁସାରେ ଏଠାରେ ତାହାର ପ୍ରତ୍ୟେକଟି ଶକ୍ତି ଭିନ୍ନଭିନ୍ନ ଭାବରେ ଅବଶ୍ୟ କାର୍ଯ୍ୟ କରିପାରେ । ଆମର ଏହି ଜୀବନ କେବଳ ଆପଣାର ଶକ୍ତିଗୁଡ଼ିକଦ୍ୱାରାହିଁ ପ୍ରଭାବିତ ହେଉ ନାହିଁ, ଏହା ଅନ୍ୟମାନଙ୍କର ଶକ୍ତି ତଥା ବିଶ୍ୱଗତ ଶକ୍ତିଗୁଡ଼ିକଦ୍ୱାରା ମଧ୍ୟ ପ୍ରଭାବିତ ହେଉଛି; ଏବଂ ପାରସ୍ପରିକ ନାନା ସମ୍ବନ୍ଧଯୁକ୍ତ ଏହି ବିରାଟ ଲୀଳାଟି ଆପଣାର ପରିଣାମଗୁଡ଼ିକର କ୍ଷେତ୍ରରେ କେବଳ ଏକ ସର୍ବନିୟାମକ ନୀତିଗତ ବିଧାନ ଏବଂ ମନୁଷ୍ୟର ବ୍ୟକ୍ତିଗତ ସୁକୃତି, ଦୁଷ୍କୃତି ଅଥବା ପାପ, ପୁଣ୍ୟ ଉପରେ ଏହାର ଏକାଧିପତ୍ୟ ଦୃଷ୍ଟିପାତଦ୍ୱାରାହିଁ କଦାପି ନିୟନ୍ତ୍ରିତ ହେଉ ନଥିବ । ପୁଣି ସୌଭାଗ୍ୟ ଓ ଦୁର୍ଭାଗ୍ୟ, ସୁଖ ଓ ଦୁଃଖ ଏବଂ ହର୍ଷ ଓ

'oaob.nitrkl.ac.in' images reprocessed

ଶୋକଯନ୍ତ୍ରଣା;—ଭଲ ଓ ମନ୍ଦ ଭିତରୁ ଆପଣାର ପଥଟି ବାଛିନେବାରେ ପ୍ରକୃତି-ଅଧୀନ ସତ୍ତ୍ୱଟି ଲାଗି ଏଗୁଡ଼ିକ କେବଳ ସଚେତଅବା ଉତ୍ପ୍ରେରକ ଅଥବା ନିବର୍ତ୍ତକ-ରୂପେହିଁ କାର୍ଯ୍ୟ କରୁଥାନ୍ତି । ବ୍ୟକ୍ତିସତ୍ତ୍ୱର ଅନୁଭୂତି ତଥା ଅଭିବୃଦ୍ଧିଲାଗିହିଁ ଆତ୍ମା ପୁନର୍ଜନ୍ମରେ ପ୍ରବେଶ କରୁଛି; ଆନନ୍ଦ ଓ ଦୁଃଖ, ଯାତନା ଓ ଯନ୍ତ୍ରଣା, ସୌଭାଗ୍ୟ ତଥା ଦୁର୍ଭାଗ୍ୟ,—ଏଗୁଡ଼ିକ ହେଉଛନ୍ତି ସେହି ଅନୁଭୂତିର ଗୋଟିଏ ଗୋଟିଏ ଅଂଶ, ସେହି ଅଭିବୃଦ୍ଧିର ଗୋଟିଏ ଗୋଟିଏ ସାଧନ । ଏପରିକି, ଆପଣା ଅଭିବୃଦ୍ଧିର ସହାୟକରୂପେ ଆତ୍ମା ଆପଣାଲାଗି ଦାରିଦ୍ର୍ୟ, ଦୁର୍ଭାଗ୍ୟ ଓ କଷ୍ଟଭୋଗ ବରଣ କରିପାରେ ବା ଗ୍ରହଣ କରି ନେଇପାରେ; ଆପଣା ବିକାଶର ଗତିକୁ ତ୍ୱରିତ କରିବାଲାଗି ଏଗୁଡ଼ିକୁ ଗ୍ରହଣ କରିପାରେ ଏବଂ ଧନସମ୍ପତ୍ତି, ଐଶ୍ୱର୍ଯ୍ୟବିଭବ ଓ ସଫଳତାକୁ ବିପଦ୍‌ଜନକ ମଣି ଓ ସେଗୁଡ଼ିକ ତା'ର ଆଧ୍ୟାତ୍ମିକ ସାଧନାକୁ ଶିଥିଳ କରିଦେବ ବୋଲି ଆଶଙ୍କା କରି ସେଗୁଡ଼ିକୁ ପରିତ୍ୟାଗ କରିପାରେ । ସୁଖ ତଥା ସୁଖଦାୟୀ ସଫଳତା ଯେ ମନୁଷ୍ୟର ଗୋଟିଏ ଗୋଟିଏ ସ୍ୱାଭାବିକ ଆକାଙ୍‌କ୍ଷା, ଏଥିରେ କୌଣସି ସନ୍ଦେହ ନାହିଁ; ଆନନ୍ଦର ଏକ ଅନୁକୃତି ଓ କ୍ଷୀଣାଭ ପ୍ରତିଫଳନ ବା ଏକ ସ୍ଥୂଳ ପ୍ରତିରୂପକୁ ଧରି ରଖିବାଲାଗି ଏହା ହେଉଛି ପ୍ରାଣ ଓ ଜଡ଼ର ଗୋଟିଏ ପ୍ରୟାସମାତ୍ର । ମାତ୍ର ଆମର ପ୍ରାଣଗତ ପ୍ରକୃତି ସକାଶେ ବାହ୍ୟଜୀବନର ଏକ ସୁଖ ଓ ଭୌତିକ ସାଫଲ୍ୟ ଯେତେବେଶୀ କାମ୍ୟ ହୋଇଥାଉ ପଛକେ, ଏଗୁଡ଼ିକ ଆଦୌ ଆମ ସତ୍ତ୍ୱର ପ୍ରଧାନ ବା ଅସଲ ଉଦ୍ଦେଶ୍ୟ ନୁହନ୍ତି । ଯଦି ତାହାହିଁ ବିଧାତାର ଇଚ୍ଛା ହୋଇଥା'ନ୍ତା, ତେବେ ବିଶ୍ୱର ବସ୍ତୁବ୍ୟବସ୍ଥାରେ ଏହି ଜୀବନର ପରିଯୋଜନା ଅନ୍ୟପ୍ରକାରେ ହୋଇଥା'ନ୍ତା । ପୁନର୍ଜନ୍ମଗତ ଯାବତୀୟ ପରିବେଶର ସକଳ ରହସ୍ୟ ଆତ୍ମାର ସେହି ଗୋଟିଏ ପ୍ରଧାନ ଆବଶ୍ୟକତାକୁ କେନ୍ଦ୍ର କରି ଅବସ୍ଥିତ ରହିଛି; ସେଇଟି ହେଉଛି ଅଭିବୃଦ୍ଧିର ଆବଶ୍ୟକତା ଓ ଅନୁଭୂତିଲାଭର ଆବଶ୍ୟକତା । ସେହି ଆବଶ୍ୟକତାହିଁ ଆତ୍ମାର ସକଳ ବିବର୍ତ୍ତନର ଧାରାଟିକୁ ନିୟନ୍ତ୍ରଣ କରୁଛି, ଏବଂ ତାହା ବ୍ୟତୀତ ଆଉ ଯାହାକିଛି ରହିଛି, କେବଳ ତାହାର ଆନୁଷଙ୍ଗିକରୂପେହିଁ ରହିଛି । ବିଶ୍ୱବ୍ୟାପ୍ତ ଏହି ସତ୍ତାକୁ ଆମେ ଦଣ୍ଡ ଓ ପୁରସ୍କାରଗତ ଏକ ବିଶ୍ୱାନୁଶାସନକୁ ଆପଣାର ସାଧନଯନ୍ତ୍ରରୂପେ ବ୍ୟବହାର କରୁଥିବା ଓ ଜଣେ ଦିବ୍ୟ ବିଧାୟକ ଓ ବିଚାରକଙ୍କୁ କେନ୍ଦ୍ରରେ ପ୍ରତିଷ୍ଠିତ କରି ରଖିଥିବା ବିଶ୍ୱଗତ ନ୍ୟାୟନିରୂପଣର କେବଳ ଏକ ବିଶାଳ ପ୍ରଶାସନ ବ୍ୟବସ୍ଥା ବୋଲି କଦାପି କହିପାରିବା ନାହିଁ । ଏହି ବିଶ୍ୱ ଆମକୁ ସର୍ବପ୍ରଥମେ ପ୍ରକୃତିଗତ ଶକ୍ତିର ଏକ ବିରାଟ ସ୍ୱୟଂକ୍ରିୟ ଗତିଶୀଳତାରୂପେ ଦେଖାଯାଏ, ଏବଂ ତାହାର ମଧ୍ୟରେ ତା'ପରେ ଚେତନାର ଏକ ସ୍ୱତଃବିକାଶଶୀଳ ଗତିସ୍ପନ୍ଦନ ଉନ୍ମେଷଲାଭ କରେ, ଅର୍ଥାତ୍ ସେହି ଗତିସ୍ପନ୍ଦନ ମଧ୍ୟରେ ପ୍ରକୃତିଶକ୍ତିର ଗତିକୁ ଆଶ୍ରୟ କରି ପରମ ତତ୍ତ୍ୱସତ୍ତାହିଁ

'oaob.nitrkl.ac.in' images reprocessed

ଆପଣାର ସତ୍ତାଟିକୁ କାର୍ଯ୍ୟକାରୀ କରିବାରେ ଲାଗିଥା'ନ୍ତି । ଗଢିର ଏହି ଭୂମି ଉପରେ ପୁନର୍ଜନ୍ମର ଆବର୍ତ୍ତନକ୍ରମଟି ସଂଘଟିତ ହୁଏ; ଏବଂ ସେହି ଆବର୍ତ୍ତନଟି ମଧ୍ୟରେ ଆତ୍ମା ଅର୍ଥାତ୍ ଚୈତ୍ୟସତ୍ତା ଆପଣା ବିବର୍ତ୍ତନର ପରବର୍ତ୍ତୀ ପଦକ୍ଷେପଟି ଲାଗି ଯାହାକିଛି ଆବଶ୍ୟକ, ଆପଣାଲାଗି ସେଗୁଡ଼ିକୁ ପ୍ରସ୍ତୁତ କରି ରଖିଥାଏ, ଅଥବା, ଦିବ୍ୟ ପରମଜ୍ଞାନ ଓ ବିଶ୍ୱଗତ ଚୈତନ୍ୟଶକ୍ତି ସେହି ଆତ୍ମାର କ୍ରିୟା ମଧ୍ୟଦେଇ ଆତ୍ମାଲାଗିହିଁ ଏସବୁକୁ ପ୍ରସ୍ତୁତ କରି ରଖିଥାଏ । ଏହିପରି ଭାବରେ ଅତୀତ, ବର୍ତ୍ତମାନ ତଥା ଭବିଷ୍ୟତର ମଧ୍ୟଦେଇ ନାନା ଶକ୍ତିର ଯେଉଁ ସ୍ରୋତଟି ନିରନ୍ତର ଚାଲିବାରେ ଲାଗିଛି, ସେଇଥିରୁହିଁ ପ୍ରତ୍ୟେକ ନୂତନ ଜନ୍ମଲାଗି, ଆଗକୁ ହେଉ, ପଛକୁ ହେଉ କିମ୍ବା ତଥାପି ଏକ ବୃତ୍ତ ମଧ୍ୟରେ ହେଉ ପଛକେ, ଚୈତ୍ୟସତ୍ତାର ପ୍ରତ୍ୟେକ ନୂତନ ପଦକ୍ଷେପ ଲାଗି ଶକ୍ତି ଗ୍ରହଣ କରି ଆବଶ୍ୟକ ଅନୁଭୂତିର ପରବର୍ତ୍ତୀ ଗ୍ରନ୍ଥିଟି ରଚିତ ହୁଏ, ଅର୍ଥାତ୍ ବ୍ୟକ୍ତିସତ୍ତାର ପରବର୍ତ୍ତୀ ରୂପାୟନଟି ପ୍ରସ୍ତୁତ ହେଉଥାଏ; ମାତ୍ର ପ୍ରତ୍ୟେକଟି ପଦକ୍ଷେପ ସତ୍ତାର ଅଭିବୃଦ୍ଧିପଥରେ ତାହାକୁ ପ୍ରକୃତି ମଧ୍ୟରେ ନିଗୂଢ଼ନିର୍ଦ୍ଦିଷ୍ଟ ହୋଇ ରହିଥିବା ତାହାର ଆତ୍ମ-ଉନ୍ମୋଚନ ଅଭିମୁଖରେହିଁ ସତତ ଅଗ୍ରସର କରାଇ ନେଉଥାଏ ।

ପୁନର୍ଜନ୍ମ ସମ୍ବନ୍ଧରେ ରହିଥିବା ଲୌକିକ ଧାରଣାଟିର ଆଉ ଏକ ଉପାଦାନ ବିଷୟରେ ଆମେ ବର୍ତ୍ତମାନ ଆଲୋଚନା କରିବା । ସେଇଟି ମଧ୍ୟ ଆଦୌ ଗ୍ରହଣଯୋଗ୍ୟ ନୁହେଁ, କାରଣ ସେଇଟି ଆମ ଜଡ଼ ମନର ଏକ ପ୍ରତ୍ୟକ୍ଷ ଭ୍ରାନ୍ତି ବ୍ୟତୀତ ଆଉ କିଛି ନୁହେଁ । ଏହି ଧାରଣାଟି ଅନୁସାରେ ଆମର ଆତ୍ମା ହେଉଛି ଏକ ସୀମାବଦ୍ଧ ବ୍ୟକ୍ତିସତ୍ତା ଯାହାକି ଅପରିବର୍ତ୍ତିତ ଭାବରେ ଗୋଟିଏ ଜନ୍ମରୁ ଆଉଗୋଟିଏ ଜନ୍ମକୁ ବହିଁରହେ । ଏଠାରେ ଆତ୍ମା ଓ ବ୍ୟକ୍ତିଭାବାପନ୍ନତାକୁ ନେଇ ଯେଉଁ ଅତି ସାଧାରଣ ଓ ଉପର-ଠାଉରିଆ ଧାରଣାଟି କରାଯାଇଛି ଏହି ଗୋଟିଏ ଜୀବନର ସୀମାମଧ୍ୟରେ ରଚିତ ହୋଇଥିବା ଏହାର ନିଜର ଆପାତ ଆତ୍ମରୂପାୟନଟିର ସୀମାତିକ୍ରମ କରି ଆଉ କୁଆଡ଼େ ଅନାଇ ପାରିବାର ଆମ ଜଡ଼ ମନର ଅପାରଗତା ବା ଅସମର୍ଥତାରୁହିଁ ସେଇଟି ଜନ୍ମଲାଭ କରିଛି । ଏହି ଧାରଣାଟି ଅନୁସାରେ ପୁନର୍ଜନ୍ମ ଦ୍ୱାରା ଯାହା ପୁଣି ଫେରିଆସେ, ତାହା ଯେ ପୂର୍ବର ଅବିକଳ ଚିନ୍ମୟସତ୍ତା ବା ଚୈତ୍ୟସତ୍ତା କେବଳ ସେତିକି ନୁହେଁ, ମାତ୍ର ପୂର୍ବବର୍ତ୍ତୀ ଜନ୍ମରେ ଶରୀର ମଧ୍ୟରେ ପ୍ରକୃତିର ଯେଉଁଭଳି ରୂପାୟନଟି ବାସ କରୁଥିଲା, ସେଇଟି ମଧ୍ୟ ଅବିକଳ ସେହିପରି ଫେରିଆସେ । ଶରୀର ବଦଳିଯାଏ, ପରିବେଶମାନ ଅନ୍ୟପ୍ରକାର ହୋଇଯାଏ; ମାତ୍ର ସତ୍ତାର ରୂପଟି ଯେପରି ଥିଲା ସେହିପରି ରହେ, ମନ, ସ୍ୱଭାବ, ମାନସିକ ଧରଣ, ମିଜାଜ ଓ ପ୍ରବୃତ୍ତିଗୁଡ଼ିକ ମଧ୍ୟ ଠିକ୍ ସେହିପରି ରହେ । ଶ୍ରୀଯୁକ୍ତ ନଟବର ଦାସ ତାଙ୍କର ପୂର୍ବ ଜନ୍ମରେ ଯେଉଁ ନଟବର ଦାସ ଥିଲେ, ଏହି ନୂତନ ଜନ୍ମରେ ମଧ୍ୟ ସେହି ନଟବର ଦାସ ହୋଇ

'oaob.nitrkl.ac.in' images reprocessed

ରହନ୍ତି । ମାତ୍ର ଯଦି ସେଭଳି ହେଉଥା'ନ୍ତା, ତେବେ ପୁନର୍ଜନ୍ମର ଆଦୌ କୌଣସି ଆଧ୍ୟାତ୍ମିକ ପ୍ରୟୋଜନ ନଥା'ନ୍ତା, କୌଣସି ଅର୍ଥ ବି ନଥା'ନ୍ତା । କାରଣ କ୍ଷୁଦ୍ରାକୃତି ସେହି ଏକ ବ୍ୟକ୍ତିସତ୍ତାହିଁ ବାରବାର ଫେରି ଆସୁଥା'ନ୍ତା; କାଳର ଶେଷପ୍ରାପ୍ତିଯାଏ କେବଳ ମନ ତଥା ପ୍ରାଣର ସେହି କ୍ଷୁଦ୍ରଧର୍ମୀ ରୂପଟିହିଁ ପୁନରାବୃତ୍ତ ହେବାରେ ଲାଗିଥା'ନ୍ତା । ଶରୀରସ୍ଥ ଏହି ସତ୍ତାକୁ ଯଦି ପ୍ରକୃତରେ ଆପଣା ସତ୍ୟର ପରିପୂର୍ଣ୍ଣ ପରିଚୟରୂପେ ବିକାଶଲାଭ କରିବାକୁ ହୁଏ, ତେବେ କେବଳ ଯେ ଏକ ନୂତନ ଅନୁଭୂତି ଏକାନ୍ତ ଅପରିହାର୍ଯ୍ୟ ସେତିକି ନୁହେଁ, ଏକ ନୂତନ ବ୍ୟକ୍ତିଭାବାପନ୍ନତା ମଧ୍ୟ ଅପରିହାର୍ଯ୍ୟ । ଯଦି ଆପଣା ଅନୁଭୂତିର ରୂପାୟନରେ କେଉଁଠି କିଛି ଅସମ୍ପୂର୍ଣ୍ଣ ରହିଯାଇଥା'ନ୍ତା, ଏବଂ ଆତ୍ମାର ସେହି ଏକା ଭୂମିରେ, ମନର ସେହି ଏକା ରଚନାଟିରେ ଓ ଶକ୍ତିର ସେହି ଏକା ରୂପାୟିତ ସାମର୍ଥ୍ୟର ସାହାଯ୍ୟ ନେଇ ତାହାକୁ କେବଳ ପୂରଣ କରି-ଦେବାକୁ ପଡ଼ୁଥା'ନ୍ତା, ତେବେ କେବଳ ସେହି ପରିସ୍ଥିତିରେହିଁ ସେହି ଏକା ବ୍ୟକ୍ତି-ସତ୍ତାର ବାହୁଡ଼ି ଆସିବାଦ୍ୱାରା କିଛି ଲାଭ ହୁଅନ୍ତା । ମାତ୍ର ତଦ୍ୱାରା ସାଧାରଣତଃ କୌଣସି ଆବଶ୍ୟକ ଉଦ୍ଦେଶ୍ୟ ସାଧିତ ହୁଅନ୍ତା ନାହିଁ । ଯେଉଁ ଆତ୍ମାଟି ଗତଜନ୍ମରେ ଶ୍ରୀ ନଟବର ଦାସ ହୋଇ ଜନ୍ମ ନେଇଥିଲା, ସବୁ ଜନ୍ମରେ ତାହା ସେହି ନଟବର ଦାସ ହୋଇ ରହିଲେ ତାହା କୌଣସି ପ୍ରକାରେ ଲାଭବାନ୍ କିମ୍ବା ପରିପୂର୍ଣ୍ଣ ହୋଇ-ପାରିବ ନାହିଁ । ଆପଣା ସ୍ୱଭାବଟିର କେବଳ ପୁନରାବୃତ୍ତି କରୁଥିବା ପର୍ଯ୍ୟନ୍ତ ତାହାର କୌଣସି ବୃଦ୍ଧି ହେବ ନାହିଁ କିମ୍ବା କୌଣସି ପୂର୍ଣ୍ଣତା ଆସିବ ନାହିଁ । ସବୁକାଳ ଲାଗି ଆପଣାର ଆଗ୍ରହ, ପ୍ରବୃତ୍ତି, ଭିତରେ ଓ ବାହାରେ କେବଳ ସେହି ଗୋଟିଏ ପ୍ରକାରର ଗତି ଓ କ୍ରିୟା ଲାଗିରହିଥିବା ପର୍ଯ୍ୟନ୍ତ ଏସବୁ କଦାପି କିଛି ହେବ ନାହିଁ । ଆମର ଜୀବନ ଓ ଜନ୍ମାନ୍ତରଗ୍ରହଣ ସତେଅବା ଗୋଟାଏ ପୌନଃପୁନିକ ଦଶମିକ ସଂଖ୍ୟାପରି ଲାଗିରହିଥିବ; ସେତେବେଳେ ତାହାକୁ ଯଥାର୍ଥରେ ଏକ ବିବର୍ତ୍ତନ ବୋଲି କୁହାଯିବ ନାହିଁ, ମାତ୍ର ଅସରନ୍ତି ପୁନରାବୃତ୍ତିର ଏକ ନିରର୍ଥକ ଅଚ୍ଛିନ୍ନ ଖିଅ ବୋଲି କୁହାଯିବ । ଆମର ବର୍ତ୍ତମାନ ବ୍ୟକ୍ତିତ୍ୱଟି ମଧ୍ୟରେ ଆମେ ଯେପରି ଛନ୍ଦିହୋଇ ରହିଛୁ, ସେଇଥିରୁହିଁ ଆମେ ଏହିପରି ଭାବରେ ଯେମିତି ଅଛୁ, ଅଚ୍ଛିନ୍ନ ଭାବରେ ଠିକ୍ ସେହିଭଳି ରହିବାକୁ ମନ କରୁଛୁ, ଏହିଭଳି ଏକ ପୁନରାବୃତ୍ତିକୁ ମନ କରୁଛୁ । ନଟବର ଦାସେ ସବୁଦିନ ସବାଶେ ନଟବର ଦାସେ ହୋଇ ରହିବାକୁ ମନ କରୁଛନ୍ତି; ମାତ୍ର ଏହିପରି ଏକ ଆଗ୍ରହ କେବଳ ଏକ ଅଜ୍ଞାନ ଆଗ୍ରହ; ଏବଂ ଯଦି ସେହି ଆଗ୍ରହଟିର ପରିପୂରଣ ହେଉଥା'ନ୍ତା, ତେବେ ତାହା ଭୁଲା ଏକ ବ୍ୟର୍ଥତାହିଁ ହୁଅନ୍ତା, ପରିପୂର୍ଣ୍ଣତା ହୁଅନ୍ତା ନାହିଁ । ଆମ୍ଭମାନଙ୍କ ଭିତରେ ଥିବା ଆତ୍ମସତ୍ତାଟିରେ ଯଥାର୍ଥ ପରିବର୍ତ୍ତନ ଘଟାଇ, ଆପଣାର ପ୍ରକୃତି କ୍ଷେତ୍ରରେ ସତତ ଆଗକୁ ଆଗକୁ ପାଦ ପକାଇ ଏବଂ ଚିତ୍ସତ୍ତାର ଏକ ଅଭିବୃଦ୍ଧି ସାଧନ କରାଇହିଁ ଆମେ ଆମ ଜୀବନର ଯଥାର୍ଥତାକୁ ପ୍ରମାଣ କରିପାରିବା ।

'oaob.nitrkl.ac.in' images reprocessed

ଆମେ ଯାହାକୁ ଆମର ବ୍ୟକ୍ତିତ୍ୱ ବୋଲି କହୁଛୁ, ତାହା ହେଉଛି ଆମ ମନ, ପ୍ରାଣ ଓ ଦେହର ଏକ ଅସ୍ଥାୟୀ ରୂପାୟନ ମାତ୍ର; ଏବଂ ଆମର ଭିତରେ ଥାଇ ଯଥାର୍ଥ ପୁରୁଷ ବା ଚୈତ୍ୟସତ୍ତା ତାହାକୁ ଆମ ସତ୍ତାର ବହିଃସ୍ତରଟି ଉପରେ ଉପସ୍ଥାପିତ କରିବାରେ ଲାଗିଛନ୍ତି । ଆମର ସେହି ନିତ୍ୟପ୍ରତିଷ୍ଠ ଅସଲ ଆତ୍ମତତ୍ତ୍ୱଟିକୁ ଆମେ ଏହି ବ୍ୟକ୍ତିତ୍ୱ ବୋଲି କଦାପି କହିବା ନାହିଁ । ପ୍ରତ୍ୟେକ ଥର ଏହି ଧରା-ଧାମକୁ ପ୍ରତ୍ୟାବର୍ତ୍ତନ କରିବା ସଙ୍ଗେ ସଙ୍ଗେ ନିତ୍ୟ ପୁରୁଷ ଏକ ନୂତନ ରୂପାୟନ ରଚନା କରନ୍ତି, ଏକ ନୂତନ ଅନୁଭୂତି ଲାଗି ଉପଯୁକ୍ତ ହେଲାଭଳି ବ୍ୟକ୍ତିସତ୍ତାର ଏକ ନୂତନ ପରିମିତି ଗଠନ କରନ୍ତି ଓ ଆପଣା ସତ୍ତାର ନୂତନ ଅଭିବୃଦ୍ଧି ସକାଶେ ତାହାକୁ ସାଧନରୂପେ କାର୍ଯ୍ୟରେ ଲଗାନ୍ତି । ଆପଣା ଶରୀରଟିକୁ ଛାଡ଼ି ବାହାରି ଗଲାବେଳେ ସେ ତଥାପି କିଛି ସମୟ ପାଇଁ ଆପଣାର ସେହି ପ୍ରାଣଗତ ତଥା ମନୋମୟ ରୂପଟିକୁ ବଜାୟ ରଖିଥା'ନ୍ତି; କିନ୍ତୁ ରୂପଗୁଡ଼ିକ ବା ଖୋଳଗୁଡ଼ିକ ସଙ୍ଗେ ସଙ୍ଗେ ତଳକୁ ଖସିପଡ଼େ । ଏବଂ କେବଳ ଅତୀତ ପରିମିତିଟିର ମର୍ମୋପାଦନ-ଗୁଡ଼ିକହିଁ ଅବଶିଷ୍ଟ ରହେ; ପରବର୍ତ୍ତୀ ନୂତନ ଜନ୍ମଟିରେ ସେଥିରୁ କେତେକ ଅଂଶ ଅବଶ୍ୟ କାମରେ ଲାଗେ, ମାତ୍ର ଆହୁରି କେତେକାଂଶ ହୁଏତ ଆଦୌ କୌଣସି କାମରେ ଲାଗି ନପାରେ । ଅତୀତ ବ୍ୟକ୍ତିତ୍ୱର ମର୍ମରୂପଟି ନୂତନ ରୂପର ଅନେକ ଉପାଦାନ ମଧ୍ୟରେ ହୁଏତ କେବଳ ଗୋଟିଏ ଉପାଦାନ ହୋଇ ରହିପାରେ, ସେହି ଏକ ପୁରୁଷର ଅନେକ ବ୍ୟକ୍ତିତ୍ୱ ମଧ୍ୟରୁ କେବଳ ଗୋଟିଏ ବ୍ୟକ୍ତିତ୍ୱରୂପେ ରହି ଯାଇପାରେ;—ମାତ୍ର କେବଳ ପୃଷ୍ଠଭୂମିରେ ରହେ, ଏହି ଉପରିଭାଗସ୍ଥ ମନ, ପ୍ରାଣ ଓ ଦେହର ଆବରଣ ତଳେ ଅବସ୍ଥିତ ଅଧିମାନସରେହିଁ ରହେ ଏବଂ ନୂତନ ରୂପାୟନଟିକୁ ସମ୍ଭବ କରିବାରେ ଆପଣା ଭିତରେ ଯାହାକିଛି ଯେତେବେଳେ ଆବଶ୍ୟକ ହୁଏ, ତାହା ସେଇଠି ଥାଇ ସେଗୁଡ଼ିକୁ ଯୋଗାଇ ଦେଇଥାଏ । ମାତ୍ର ତାହା କଦାପି ଆପଣାକୁହିଁ ସେହି ସମସ୍ତ ରୂପାୟନରେ ପର୍ଯ୍ୟବସିତ କରିଦଏ ନାହିଁ ବା ପ୍ରକୃତିର ସେହି ପୁରୁଣା ଓ ଅପରିବର୍ତ୍ତିତ ପ୍ରକାରଟାକୁ ପୃଥିବୀରେ ଗଢ଼ିବାକୁ ଯାଏ ନାହିଁ । ଏପରି ବି ହୋଇପାରେ ଯେ ନୂତନ ଜନ୍ମଟିରେ ବ୍ୟକ୍ତିସତ୍ତାର ଯେଉଁ ନୂତନ ରୂପଟିର ଗଠନ ହୁଏ, ତାହାର ସ୍ୱଭାବ ଓ ମିଜାଜ ପୂର୍ବତନଟିର ସମ୍ପୂର୍ଣ୍ଣ ବିପରୀତ ହୁଏ, ତାହାର ସାମର୍ଥ୍ୟ ଏକାବେଳକେ ଅନ୍ୟ ପ୍ରକାରର ହୁଏ, ରୁଚି ଓ ପ୍ରବୃତ୍ତି ମଧ୍ୟ ସମ୍ପୂର୍ଣ୍ଣ ଭିନ୍ନ ହୁଏ; କାରଣ ପୂର୍ବରୁ ଅନ୍ତର୍ନିହିତ ଆହୁରି ନାନା ସମ୍ଭାବନା ହୁଏତ ବର୍ତ୍ତମାନ ଆତ୍ମପ୍ରକାଶ କରିବାକୁ ପ୍ରସ୍ତୁତ ହୋଇଯାଇଥାଏ, ଅଥବା କ୍ରିୟାଶୀଳ ହେବାକୁ ଠିକ୍ ଆରମ୍ଭ କରିଥିବା କୌଣସି ତତ୍ତ୍ୱର କ୍ରିୟାତ୍ମକ ହୋଇ ଆତ୍ମପ୍ରକାଶ କରିବା ଉଚିତ ଥିଲା, ମାତ୍ର ପୂର୍ବବର୍ତ୍ତୀ ଜନ୍ମଟିରେ ତାକୁ ପଛକୁ ଘୃପି ରଖି ଦିଆଯାଇଥିଲା, ଅର୍ଥାତ୍ ପ୍ରାକୃତ ସମ୍ଭାବନାର ଏକ ଅନୁକୂଳତର ସମାବେଶ

'oaob.nitrkl.ac.in' images reprocessed

ହେବାଯାଏ ତାକୁ ଏକ ପରବର୍ତ୍ତୀ ଅବସର ପର୍ଯ୍ୟନ୍ତ ଘୁଞ୍ଚାଇ ଦିଆଯାଇଥିଲା । ଭବିଷ୍ୟତର ରୂପାୟନ ଲାଗି ସମଗ୍ର ଅତୀତଟିର ଆବଶ୍ୟକତା ରହିଥାଏ, ଆପଣାର କ୍ରମବର୍ଦ୍ଧମାନ ଆବେଗ ଓ ସମ୍ଭାବନାଗୁଡ଼ିକ ସହିତ ତାହା ବର୍ତ୍ତମାନ ପଛରେ ଅପେକ୍ଷା କରି ରହିଥାଏ । ମାତ୍ର ତାହାର ସମୁଦାୟ ଅଂଶଟି ପ୍ରକାଶ୍ୟ ଭାବରେ ବର୍ତ୍ତମାନ ନଥାଏ, ସକ୍ରିୟ ମଧ୍ୟ ହୋଇ ନଥାଏ । ଅତୀତର ରୂପାୟନଗୁଡ଼ିକରେ ଯେତେ ଅଧିକ ପରିମାଣରେ ବୈଚିତ୍ର୍ୟ ଥାଏ ଓ ବର୍ତ୍ତମାନ କାମରେ ଲାଗିବା ଦୃଷ୍ଟିରୁ ସେଗୁଡ଼ିକ ଯେତେବେଶୀ ଉପଯୁକ୍ତ ହୋଇ ରହିଥାଏ, ଅନୁଭୂତିର ସଞ୍ଚିତ ଭଣ୍ଡାରଟି ଯେତିକି ସମୃଦ୍ଧ ଓ ବିଚିତ୍ର ହୁଏ, ନୂତନ ଜନ୍ମଟିରେ ଜ୍ଞାନ, କାର୍ଯ୍ୟ, କ୍ରିୟାତ୍ମକତା, ଚରିତ୍ର ତଥା ବିଶ୍ୱର ଅଭିଘାତରେ ନାନା ଭାବେ ପ୍ରତିସ୍ପନ୍ଦନ ଜଣାଇବାର ସାମର୍ଥ୍ୟର ପ୍ରକାଶ ଯେତିକି ଅବାରିତ ଓ ସୌଷମ୍ୟସମ୍ପନ୍ନ ହୋଇଥିବ, ସେଗୁଡ଼ିକ ମଧ୍ୟରେ ସାମଞ୍ଜସ୍ୟ ସ୍ଥାପନ କରିବା ଯେତିକି ସହଜ ହେବ, ବହିର୍ଭାଗୀୟ ନୂତନ ବ୍ୟକ୍ତିସତ୍ତାଟିକୁ ସମୃଦ୍ଧ କରିବାଲାଗି ସମ୍ମିଳିତ ହେଉଥିବା ସଙ୍ଗୁପ୍ତ ମନୋମୟ, ପ୍ରାଣମୟ ତଥା ସୂକ୍ଷ୍ମଭୌତିକ ବ୍ୟକ୍ତିତ୍ୱଗୁଡ଼ିକର ସଂଖ୍ୟା ଯେତିକି ଅଧିକ ହେଉଥିବ, ନୂତନ ବ୍ୟକ୍ତିସତ୍ତା ସେତିକି ଅଧିକ ଅଭିବୃଦ୍ଧ ହେବ, ସେତିକି ଅଧିକ ସମ୍ପନ୍ନତା ଲାଭ କରିବ, ଏବଂ ବିବର୍ତ୍ତନର ମନୋମୟ ସୋପାନଟିକୁ ସଂପୂର୍ଣ୍ଣ କରିଦେଇ ତାହାର ସେପାଖରେ ଥିବା ଆଉ କୌଣସି ସୋପାନ ଉପରେ ପାଦ ରଖିପାରିବାର ସମ୍ଭାବନାଟି ତା' ଲାଗି ସେତିକି ନିକଟବର୍ତ୍ତୀ ହୋଇଯିବ । ଗୋଟିଏ ବ୍ୟକ୍ତିଜୀବନ ମଧ୍ୟରେ ଯେତେବେଳେ ଏହିପରି ଭାବରେ ବହୁ ବ୍ୟକ୍ତିତ୍ୱର ଏକ ଜଟିଳ ସମାବେଶ ହୋଇଥାଏ, ସେତେବେଳେ ସେହି ବ୍ୟକ୍ତିର ବିକାଶକ୍ରମରେ ଆମେ ତାହାକୁ ଏକ ଅତ୍ୟନ୍ତ ଉଚ୍ଚସ୍ତରୀୟ ପରିଣତି ବୋଲି କହିପାରିବା; ସେତେବେଳେ କେନ୍ଦ୍ରପରି କାର୍ଯ୍ୟ କରୁଥିବା ଗୋଟିଏ ସବଳ ସତ୍ତା ସେଗୁଡ଼ିକ ଏକତ୍ର ଧାରଣକରି ରଖିଥିବ ଏବଂ ପ୍ରକୃତିର ସମୁଦାୟ ଓ ବହୁମୁଖୀ ଗତିଟି ମଧ୍ୟରେ ସୁଷମତା ତଥା ସମଗ୍ରତା ଆଣିବାଲାଗି କାର୍ଯ୍ୟ କରୁଥିବ । ମାତ୍ର ଅତୀତକୁ ଏହିପରି ସଂପନ୍ନ ଭାବରେ ସମାହୃତ କରି ଧରିବାଟା ବ୍ୟକ୍ତିତ୍ୱର କେବଳ ଏକ ପୁନରାବୃତ୍ତି ଦ୍ୱାରା ସମ୍ଭବ ହେବ ନାହିଁ; ଏହାକୁ ଏକ ନୂତନ ରୂପାୟନ ଓ ବୃହତ୍ତର ପରିପୁଷ୍ଟିତା ବୋଲିହିଁ କହିବାକୁ ହେବ । ତେଣୁ କୌଣସି ପ୍ରକାରେ ପରିବର୍ତ୍ତିତ ହେଉ ନଥିବା ଏକ ବ୍ୟକ୍ତିସତ୍ତାର ଅବଚ୍ଛିନ୍ନ ପୁନରାବର୍ତ୍ତନ କିମ୍ବା ପ୍ରଲମ୍ବନର ଏକ ଯନ୍ତ୍ରବତ୍ ବ୍ୟବସ୍ଥାକୁ ଆମେ ପୁନର୍ଜନ୍ମ ବୋଲି କହିବା ନାହିଁ, ଆମେ ପୁନର୍ଜନ୍ମକୁ ପ୍ରକୃତି ମଧ୍ୟରେ ଚିନ୍ମୟ ଓ ଅଧ୍ୟାତ୍ମ ସତ୍ତାର କ୍ରମବିବର୍ତ୍ତନ ଲାଗି ଏକ ସାଧନ ବୋଲିହିଁ କହିବା ।

ଏଠାରେ ଏକଥା ତତ୍କ୍ଷଣାତ୍ ସ୍ପଷ୍ଟ ହୋଇଯିବା ଉଚିତ ଯେ ପୁନର୍ଜନ୍ମର ଏହି ପରିକଳ୍ପନାଟି ମଧ୍ୟରେ ଆମର ଏହି ମନ ପୂର୍ବର ନାନା ଜନ୍ମର ଘଟଣାମାନ

'oaob.nitrkl.ac.in' images reprocessed

ମନେରଖିବା ଉପରେ ଆକ୍ଷେପ କରୁଥିବା ଅନାବଶ୍ୟକ ମହତ୍ତ୍ୱଟି ଲାଗି ଆଉ କୌଣସି ସ୍ଥାନ ରହେ ନାହିଁ । ଆମର ପୁନର୍ଜନ୍ମ ଯଦି ପ୍ରକୃତରେ ପୁରସ୍କାର ଏବଂ ଦଣ୍ଡଭୋଗର ଏକ ବ୍ୟବସ୍ଥାଦ୍ୱାରା ନିୟନ୍ତ୍ରିତ ହେଉଥା'ନ୍ତା, ଶରୀରସ୍ଥ ଆତ୍ମାକୁ କେବଳ ଭଲ ହେବାର ଓ ମନ୍ଦ ମାର୍ଗ ଚଳିବାର ଶିକ୍ଷା ଦେବାହିଁ ଯଦି ଜୀବନର ସମୁଦାୟ ଅଭିପ୍ରାୟ ହୋଇଥା'ନ୍ତା, ତେବେ ସେହି କ୍ଷେତ୍ରରେ କୌଣସି ଏକ ନୂତନ ଜନ୍ମ ଧାରଣ କରିଥିବା ସମୟରେ ମନର ଯେ ଆପଣାର ପୂର୍ବଗତ ସକଳ ଜନ୍ମର ତଥା କ୍ରିୟାର ନିଶ୍ଚୟ ସ୍ମରଣ ରହିବ, ତାହା ଅସ୍ୱୀକାର କରିବାଟା ପ୍ରକୃତରେ ଅତିଶୟ ନିର୍ବୋଧତା ଓ ଅତ୍ୟନ୍ତ ଅନ୍ୟାୟ ହୁଅନ୍ତା । ଅବଶ୍ୟ ଏଠାରେ ଆମକୁ ଧରିନେବାକୁ ହେବ ଯେ ତାହାହିଁ ହେଉଛି କର୍ମବିଧାନର ଉଦ୍ଦେଶ୍ୟ, ଏବଂ ସଂଶୋଧନ କିମ୍ବା ସଂସ୍କାରର ସକଳ ଉଦ୍ଦେଶ୍ୟରହିତ ପୁରସ୍କାର ଏବଂ ଦଣ୍ଡଭୋଗର ଏକ ସନ୍ତୁଳିତ ନିୟମରୂପେ କର୍ମର ଉପସ୍ଥାପନା କରାଗଲବେଳେ କର୍ମ ଯେପରି ହୋଇଥିବ ବୋଲି ପ୍ରତୀତ ହୁଏ, ତାହା କଦାପି କର୍ମର ଉଦ୍ଦେଶ୍ୟ ନୁହେଁ । କାରଣ, ଆପଣାର ନୂତନ ଜନ୍ମରେ ଯଦି ମନ ପୂର୍ବର ଜନ୍ମ ଓ କ୍ରିୟାଗୁଡ଼ିକୁ ମନେ ରଖି ନପାରେ, ତେବେ ପୁନର୍ଜନ୍ମ ଲାଭ କରିଥିବା ସତ୍ତାଟି କାହିଁକି ଯେ ପୁରସ୍କାର ବା ଦଣ୍ଡ ପାଇଲା, ସେକଥା ଜାଣିବା ଲାଗି ତାହାର ଆଉ କୌଣସି ଉପାୟହିଁ ରହିବ ନାହିଁ ଏବଂ ସେ ଭୋଗୁଥିବା ପୁଣ୍ୟଜନିତ ଲାଭ ତଥା ପାପଜନିତ କ୍ଷତିରୁ ପ୍ରାପ୍ତ ଶିକ୍ଷାଟିରୁ ମଧ୍ୟ ସେ କୌଣସି ଉପକାର ପାଇପାରିବ ନାହିଁ । ପୁଣି, ଯେତେବେଳେ ଜୀବନ ତାକୁ ଏହାର ଠିକ୍ ବିପରୀତ ଶିକ୍ଷାଟି ଦେଉଥିବା ପରି ମନେ ହେବ ଓ ଯେତେବେଳେ ସେ ଭଲ ମଣିଷମାନେ ଆପଣାର ଭଲ ସକାଶେ ଯାତନା ଭୋଗ କରୁଥିବାର ଓ ଦୁଷ୍ଟ ଲୋକମାନେ ଆପଣାର ଦୁଷ୍ଟତାବଳରେ ଅଧିକ ସାଫଲ୍ୟ ଓ ସମୃଦ୍ଧି ଲାଭ କରୁଥିବାର ଦେଖିବାକୁ ପାଇବ, ସେତେବେଳେ ସେ ଖୁବ୍ ସମ୍ଭବ ଆପଣା ମନରେ ଏହି ବିକୃତିଟାକୁହିଁ ପ୍ରକୃତ ସତ୍ୟ ବୋଲି ସିଦ୍ଧାନ୍ତ କରିନେବ, କାରଣ ଆପଣାର ଅନୁଭୂତିକ୍ଷେତ୍ରର ଏକ ସୁନିଶ୍ଚିତ ଓ ସତତଦୃଷ୍ଟ ପରିଣାମ ବିଷୟରେ ତା'ର କୌଣସି ସ୍ମରଣ ନଥିବ ଯାହାକି ତାକୁ ଦେଖାଇ ଦେଇପାରିବ ଯେ ସଜ୍ଜନ ଆପଣାର ପୂର୍ବକୃତ କୌଣସି ଦୁଷ୍କୃତ ଅଥବା ଦୁର୍ଜନତା ସକାଶେହିଁ ଦଣ୍ଡଭୋଗ କରୁଛି, ଏବଂ ପାପୀ ବ୍ୟକ୍ତି ତାହାର ପୂର୍ବକୃତ କୌଣସି ପୁଣ୍ୟ ସକାଶେ ସାଫଲ୍ୟ ଲାଭ କରୁଛି । ପ୍ରକୃତିର ଏହି ବ୍ୟବସ୍ଥାଟି ମଧ୍ୟରେ ପ୍ରବିଷ୍ଟ ହେଉଥିବା ଯେକୌଣସି ବିଚାରଶୀଳ ଓ ବୁଦ୍ଧିମାନ ଜୀବ ପରିଶେଷରେ ପୁଣ୍ୟ କରିବାଦ୍ୱାରାହିଁ ଯେ ସବୁଠାରୁ ଅଧିକ ଉପକୃତ ହେବ, ଏହି କଥାଟି ବୁଝିବାଲାଗି ତାକୁ ଆଉ କୌଣସି ଅବକାଶ ମିଳିବ ନାହିଁ । ହୁଏତ ଏଠାରେ କୁହାଯାଇ ପାରିବ ଯେ ଅନ୍ତରସ୍ଥ ଚୈତ୍ୟସତ୍ତାର ଅବଶ୍ୟ ସବୁକଥା ସ୍ମରଣରେ ରହିଥିବ; ମାତ୍ର ଏହିପରି ଏକ ପ୍ରଚ୍ଛନ୍ନ ସ୍ମୃତିଭଣ୍ଡାର ଯେ ଜୀବନାଚରଣର

'oaob.nitrkl.ac.in' images reprocessed

ଉପରିସ୍ତରରେ ପ୍ରକୃତରେ କୌଣସି କାମ ଦେଉଥିବ କିମ୍ବା କୌଣସି ମହତ୍ତ୍ୱ ରଖୁଥିବ, ସେକଥା ଆଦୌ ମନେ ହେଉ ନାହିଁ । ପୁଣି, ହୁଏତ ଏକଥା ବୁଝାଯିବ ଯେ ଦେହତ୍ୟାଗ ପରେ ଯେତେବେଳେ ଚୈତ୍ୟସ୍ୱରୂପ ଆପଣା ଅନୁଭୂତିଗୁଡ଼ିକର ପୁନରବଲୋକନ ଓ ପରିପାକ କରୁଥିବ, ସେତେବେଳେ ସେ ଘଟିଥିବା ସବୁକଥା ଅବଶ୍ୟ ଜାଣିବାକୁ ପାଇବ ଏବଂ ସେଥିରୁ ଯାହାକିଛି ଶିଖିବାର ଥିବ, ତାହା ଅବଶ୍ୟ ଶିଖିପାରିବ । ମାତ୍ର ବିଦେହ ଅବସ୍ଥାର ଏହି ମଧ୍ୟବର୍ତ୍ତୀକାଳୀନ ସ୍ମୃତିଟି ପ୍ରକୃତରେ ପରଜନ୍ମରେ କୌଣସି କାମରେ ଲାଗୁଥିବ ବୋଲି ଆଦୌ ମନେ ହେଉ ନାହିଁ । କାରଣ ଏହା ସତ୍ତ୍ୱେ ମଧ୍ୟ ଆମ ଭିତରୁ ଅଧିକାଂଶହିଁ ଅବିରାମ ପାପ ଓ ଭ୍ରାନ୍ତି ଭିତରେହିଁ ଗତି କରୁଥା'ନ୍ତି ଏବଂ ସେମାନେ ଅତୀତର କୌଣସି ଅନୁଭୂତି ବା ଶିକ୍ଷାରୁ ପ୍ରକୃତରେ କିଛି ଶିଖିପାରିଛନ୍ତି ବୋଲି ସେମାନଙ୍କଠାରେ ଆଦୌ କୌଣସି ଲକ୍ଷଣ ପ୍ରକାଶ ପାଉ ନଥାଏ ।

ମାତ୍ର, ଏକ ବିକାଶଶୀଳ ବିଶ୍ୱାନୁଭୂତି ସହିତ ସତ୍ତାର ମଧ୍ୟ ସତତ ବିକାଶ ହେବାରେ ଲାଗିଛି, ଏହି କ୍ଷେତ୍ରରେ ଏହାହିଁ ଯଦି ପ୍ରକୃତ ଅର୍ଥ ହୁଏ ଏବଂ ଏକ ନୂତନ ଜନ୍ମରେ ଏକ ନୂତନ ବ୍ୟକ୍ତିତ୍ୱର ମଧ୍ୟ ରଚନା ହେଉଛି, ଯଦି ଏହାକୁହିଁ ପଦ୍ଧତି ବୋଲି ସ୍ୱୀକାର କରାଯାଏ, ତେବେ ପୂର୍ବ ଜୀବନଟିର ବା ଜୀବନଗୁଡ଼ିକର ସ୍ମୃତିଗୁଡ଼ାକ ସେମିତି ଅବିଚ୍ଛିନ୍ନ ଓ ସମ୍ପୂର୍ଣ୍ଣ ରୂପରେ ଆମ ସହିତ ଲାଗି ରହିବାଦ୍ୱାରା ତାହା ହୁଏତ ଆମକୁ ବାନ୍ଧି ରଖିବାର ଏକ ବେଡ଼ି ପରି କାମ କରିବ ଓ ଆମ ବାଟରେ ପ୍ରବଳ ବାଧା ସୃଷ୍ଟି କରିବାକୁ ଆସିବ । ଏକ ବଳବତୀ ଶକ୍ତି ହୋଇ ତାହା ହୁଏତ ଆମକୁ ସେହି ପୁରୁଣା ମିଜାଜ, ସ୍ୱଭାବ ଓ ସଂସ୍କାରଗତ ବ୍ୟାପୃତିଗୁଡ଼ାକୁ ଲମ୍ବାଇ ରଖିବାକୁ ବାଧ୍ୟ କରିବ, ଗୋଟାଏ ବଡ଼ ବୋଝ ହୋଇ ନୂତନ ବ୍ୟକ୍ତିତ୍ୱଟିର ମୁକ୍ତ ବିକାଶ ଏବଂ ତାହାର ନୂତନ ଅଭିବ୍ୟକ୍ତାନୁଭବର ପଥରେ ପ୍ରତିବନ୍ଧକ ହୋଇ ରହିବ । ପୂର୍ବ ଜୀବନ ଓ ସେଗୁଡ଼ିକ ମଧ୍ୟରେ ରହିଥିବା ଘୃଣା, ଦ୍ୱେଷ, ଲିପ୍ସତା ଓ ରକ୍ତୃଗୁଡ଼ିକୁ ଗୋଟି ଗୋଟି କରି ଅତି ପରିଷ୍କାର ଭାବରେ ଆମରି ସ୍ମୃତି ଭିତରେ ବହନ କରି ରଖିବାକୁ ପଡ଼ିଲେ ତାହା ଆମକୁ ଘୋର ଅସୁବିଧାରେହିଁ ଆଣି ପକାଇଦେବ । କାରଣ ତାହା ନୂତନ ଜନ୍ମ ଗ୍ରହଣ କରିଥିବା ସତ୍ତାକୁ ଆପଣା ଉପରିସ୍ତରୀୟ ଅତୀତଟାର କେବଳ ଏକ ଅର୍ଥହୀନ ପୁନରାବୃତ୍ତି ଓ ଏକ ବାଧ୍ୟତାମୂଳକ ଅନୁବୃତ୍ତି ସହିତ ସର୍ବଦା ବାନ୍ଧିକରି ରଖିବ ଓ ଆପଣାର ଚୈତ୍ୟସ୍ଥ ଗଭୀର ସ୍ତରଗୁଡ଼ିକରୁ ନୂତନ ସମ୍ଭାବନାଗୁଡ଼ିକୁ ଆଣି ବିକଶିତ କରାଇବାର ପଥରେ ପ୍ରଚଣ୍ଡ ବାଧା ସୃଷ୍ଟି କରିବ । କେବଳ ମନ ଦ୍ୱାରାହିଁ ବସ୍ତୁଗୁଡ଼ିକୁ ଜାଣିବା ଯଦି ଏଠାରେ ସର୍ବମୂଳ ଅସଲ କଥା ହୋଇଥା'ନ୍ତା, ଯଦି ତାହାହିଁ ଆମ ପରିଣତିର ପ୍ରକ୍ରିୟା ହୋଇଥା'ନ୍ତା, ତେବେ ସ୍ମୃତିର ପ୍ରକୃତରେ ଅନେକ ମହତ୍ତ୍ୱ ରହିଥା'ନ୍ତା । ମାତ୍ର ଯଥାର୍ଥରେ ଦେଖିଲେ ଏହି

'oaob.nitrkl.ac.in' images reprocessed

ପରିବେଶ ଦ୍ୱାରା ଆମର ଅନ୍ତର୍ଗତ ଆତ୍ମା ବା ଚୈତ୍ୟ ବ୍ୟକ୍ତିତ୍ୱଟିରହିଁ ଅଭିବୃଦ୍ଧି ସାଧିତ ହୁଏ; ଆମ ଅତୀତ ଶକ୍ତିର ଅସଲ ପରିଣାମଗୁଡ଼ିକୁ ସୃଷ୍ଟିଶୀଳ ଓ ଫଳପ୍ରଦ ଭାବରେ ଆମ ସତ୍ତାର ଉପାଦାନଟି ମଧ୍ୟକୁ ଗ୍ରହଣ କରିନେଇହିଁ ଆମର ପ୍ରକୃତିର ଅଭିବୃଦ୍ଧି ସାଧିତ ହୁଏ । ଏବଂ ଏହି ପ୍ରକ୍ରିୟାଟିରେ ସଚେତନ ସ୍ମୃତିକୁ ଆଦୌ କୌଣସି ମହତ୍ତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିବାକୁ ପଡ଼େ ନାହିଁ । କ୍ଷିତିର ଉପାଦାନଗୁଡ଼ିକୁ ଗ୍ରହଣ କରି ସୂର୍ଯ୍ୟକିରଣ, ବୃଷ୍ଟି ଓ ବାୟୁର କ୍ରିୟାଗୁଡ଼ିକର ଏକ ଅବଚେତନ ଅଥବା ଅଚେତନ ପରିପାକ ଦ୍ୱାରା ଯେଉଁଭଳି ବୃକ୍ଷ ଆପଣାର ବୃଦ୍ଧିସାଧନ କରିଥାଏ, ଠିକ୍ ସେହିପରି ଜୀବ ମଧ୍ୟ ଆପଣା ଅତୀତ ସମୂହର ପରିଣାମଗୁଡ଼ିକୁ ଅଧିଚେତନ ଅଥବା ଅନ୍ତର୍ଚେତନ ଭାବରେ ଆପଣା ଭିତରେ ପରିପାକ କରାଇ ଏବଂ ଅନ୍ତର୍ନିହିତ ସମ୍ଭାବନାଗୁଡ଼ିକୁ ଭବିଷ୍ୟତ ଆଡ଼କୁ ଉନ୍ମୁକ୍ତ କରିଦେଇ ଅପଣାର ଅଭିବୃଦ୍ଧି କରାଏ । ଯେଉଁ ବିଧାନଟି ଆମକୁ ଆମର ଅତୀତ ଜୀବନଗୁଡ଼ିକର ସ୍ମୃତିକୁ ଆପଣା ସଙ୍ଗରେ ବହନ କରିବାରୁ ବଞ୍ଚିତ କରି ରଖେ, ତାହା ହେଉଛି ବିଶ୍ୱମୟ ପରମପ୍ରଜ୍ଞାରହିଁ ଏକ ବିଧାନ; ବିବର୍ତ୍ତନକ୍ରମରେ ନିହିତ ହୋଇ ରହିଥିବା ଉଦ୍ଦେଶ୍ୟଟିକୁ ତାହା ଅଗ୍ରସର କରାଇନିଏ, ତାହାର ପଥରେ କଦାପି ପ୍ରତିବନ୍ଧକ ହୋଇ ଠିଆହୁଏ ନାହିଁ ।

ଗତ ଜୀବନଚୟର ଘଟଣାଗୁଡ଼ିକ ଏ ଜୀବନକୁ ଯେ ସ୍ମରଣ ରହୁ ନାହିଁ, ତା'ହା ପୁନର୍ଜନ୍ମର ପ୍ରକୃତ ଅସ୍ତିତ୍ୱକୁ ଖଣ୍ଡନ କରିଦେଉଛି ବୋଲି ଅନେକ ସମୟରେ ଭୁଲ ଭାବରେ ଓ ଅତ୍ୟନ୍ତ ଅଜ୍ଞାନ ଭାବରେ ବୁଝାଯାଇଥାଏ । କାରଣ, ଏହି ଜୀବନଟି ଭିତରେ ମଧ୍ୟ ବିଗତ ଅତୀତର ସବୁ ଘଟଣାଗୁଡ଼ିକ ଯଦି ସହଜରେ ମନେ ରହିପାରେ ନାହିଁ, ଯଦି ଅନେକ ସମୟରେ ସେଗୁଡ଼ିକ ପଛକୁ ବା ଦୂରକୁ ଅପସରି ଯାଇ ବଡ଼ ଅସ୍ପଷ୍ଟ ହୋଇ ରହିଥାଏ ଅଥବା ଏକାବେଳକେ ପାସୋରି ଯାଏ, ଯଦି ପିଲାବେଳର କଥାଗୁଡ଼ାକ ମଧ୍ୟ ସବୁଯାକ ମନେ ରହେ ନାହିଁ ଏବଂ ତଥାପି ଏହିସବୁ ଫାଙ୍କ ସତ୍ତ୍ୱେ ଆମେ ତଥାପି ବଞ୍ଚିରହୁ ଓ ଆପଣାର ବୃଦ୍ଧିସାଧନ କରିପାରୁ, ଯଦି ଅତୀତ ଘଟଣା-ଗୁଡ଼ିକର ସକଳ ସ୍ମୃତି ଅନ୍ତର୍ହିତ ହୋଇଗଲେ ମଧ୍ୟ ଏବଂ ପୂର୍ଣ୍ଣ ଆତ୍ମବିସ୍ମରଣ ଘଟିଲେ ମଧ୍ୟ ତଥାପି ସେହି ଏକହିଁ ବ୍ୟକ୍ତି ଅବସ୍ଥିତ ରହିଥାଏ ଏବଂ ଲୁପ୍ତ ସ୍ମୃତିଟି ମଧ୍ୟ ଦିନେ ନା ଦିନେ ପୁଣି ଫେରି ଆସିବାର ସମ୍ଭାବନା ବି ରହିଥାଏ, ତେବେ ଏକଥା ମଧ୍ୟ ଅତିସ୍ପଷ୍ଟ ହୋଇଯିବା ଉଚିତ ଯେ ଯେତେବେଳେ ଏହି ପୃଥିବୀଟି ଛାଡ଼ି ଅନ୍ୟତ୍ର ଯିବାକୁ ପଡ଼େ ଓ ତା'ପରେ ନୂତନ ଶରୀରରେ ଏକ ନୂତନ ଜନ୍ମ ସଂଘଟିତ ହୁଏ, ସେତେବେଳେ ଏକ ଅତ୍ୟନ୍ତ ସ୍ୱାଭାବିକ ଘଟଣାରୂପେ ଏହି ଉପରିଭାଗର ମନୋଗତ ସ୍ମୃତିଟି ମଧ୍ୟ ଏକାବେଳକେ ଲୁପ୍ତ ହୋଇଯାଏ ଏବଂ ତଥାପି ଆତ୍ମାର ସ୍ୱରୂପଟି ଆଦୌ ବିଲୁପ୍ତ ହୋଇଯାଏ ନାହିଁ ଓ ପ୍ରକୃତିର ଅଭିବୃଦ୍ଧିକ୍ରମଟି ସେହିପରି ଅବ୍ୟାହତ

'oaob.nitrkl.ac.in' images reprocessed

ରହିଥାଏ । ପୁଣି, ସେହି ସତ୍ତାଟି ଯଦି ଏକ ନୂତନ ବ୍ୟକ୍ତିତ୍ୱ ଧାରଣ କରି ଜନ୍ମଗ୍ରହଣ କରୁଥାଏ ଏବଂ ଆପଣାର ସାଧନଯନ୍ତ୍ର ହିସାବରେ ନୂତନ ମନ, ନୂତନ ପ୍ରାଣ ଓ ନୂତନ ଦେହ ଧରି ପୁନର୍ଜନ୍ମ ଲାଭ କରୁଥାଏ, ତେବେ ସେହି କ୍ଷେତ୍ରରେ ବହିଷ୍ଟର ମନୋଗତ ସ୍ମୃତିର ଲୁପ୍ତ ହୋଇଯିବା ସର୍ବଦା ଅଧିକ ସୁନିଶ୍ଚିତ ଏବଂ ପ୍ରାୟ ଅପରିହାର୍ଯ୍ୟ ହୋଇ ରହିବା ଉଚିତ । ପୁରୁଣା ମସ୍ତିଷ୍କଟା ଭିତରେ ଯେଉଁସବୁ ପ୍ରତିରୂପ ଭର୍ତ୍ତି ହୋଇ ରହିଥିଲା, ସେଗୁଡ଼ାକ ନୂଆ ମସ୍ତିଷ୍କଟି ମଧ୍ୟ ବହନ କରି ଆସିବ ବୋଲି କାହିଁକି ଆଶା କରାଯିବ ? ବିଲୁପ୍ତ ହୋଇ ଯାଇଥିବା ଓ ବର୍ତ୍ତମାନ ଅସ୍ତିତ୍ୱରେ ନଥିବା ସେହି ପୁରୁଣା ମନ ଓ ପୁରୁଣା ପ୍ରାଣର ଅତୀତ ସଂସ୍କାରଗୁଡ଼ାକୁ ନୂଆ ପ୍ରାଣ ଓ ନୂଆ ମନ କାହିଁକି ଆପଣା ଭିତରେ ଧରି ରଖିବ ? ଏଥିରେ ଅବଶ୍ୟ କୌଣସି ସନ୍ଦେହ ନାହିଁ ଯେ ଅଧିଚେତନ ସତ୍ତା ଇଚ୍ଛା କଲେ ସେଗୁଡ଼ିକୁ ସ୍ମରଣ ରଖିପାରିବ; କାରଣ ଉପରିଭାଗସ୍ଥ ମନଟିକୁ ଯେଉଁ ଅସାମର୍ଥ୍ୟ ସବୁ ଭୋଗିବାକୁ ପଡ଼େ, ଅଧିଚେତନକୁ ସେପରି ଆଦୌ ଭୋଗିବାକୁ ପଡ଼େ ନାହିଁ । ମାତ୍ର ଅଧିଚେତନ ମଧ୍ୟରେ ବିଗତ ଜୀବନର କୌଣସି ସ୍ମୃତି ବା ଛବି ହୁଏତ ସ୍ପଷ୍ଟଭାବରେ ବର୍ତ୍ତମାନ ରହିଥିଲେ ମଧ୍ୟ ବହିଷ୍ଟର ମନଟି ସହିତ ତାହାର କୌଣସି ପ୍ରକାଶ୍ୟ ଯୋଗସୂତ୍ର ରହି ନଥିବାରୁ ମନୋଭୂମି ଉପରେ ସେଗୁଡ଼ିକ କଦାପି ଉଦିତ ହୋଇପାରିବ ନାହିଁ । ଏହି ଯୋଗସୂତ୍ର ଛିନ୍ନ ହୋଇଯିବା ଏକାନ୍ତ ଆବଶ୍ୟକ, କାରଣ ପ୍ରକୃତିକୁ ଏପରି ଏକ ନୂତନ ବ୍ୟକ୍ତିସତ୍ତାର ରଚନା କରିବାକୁ ହେବ, ଯାହାକି ଭିତରେ କ'ଣସବୁ ରହିଛି ସେ ବିଷୟରେ ଆଦୌ ସଚେତନ ନଥିବ । ଆମର ବାହ୍ୟ ଉପରିସ୍ଥ ସତ୍ତାର ଅବଶିଷ୍ଟ ଯାବତୀୟ ଅଂଶ ଭଳି ଆମର ବାହ୍ୟ ବ୍ୟକ୍ତିତ୍ୱଟି ମଧ୍ୟ ଅନ୍ତର ଭିତରୁ ପ୍ରେରିତ ହୋଇ ଆସୁଥିବା ଏକ କ୍ରିୟାଦ୍ୱାରା ନିର୍ମିତ ହୋଇଛି, ମାତ୍ର ସେହି କ୍ରିୟାଟି ସମ୍ବନ୍ଧରେ ଏହାର କୌଣସି ସଚେତନତା ନାହିଁ; ଏହା ଅନୁଭବ କରୁଛି, ସତେ-ଯେପରି ଏହା ଆପେହିଁ ଆପଣାର ନିର୍ମାଣ କରିଛି ବା ପୂର୍ବରୁହିଁ ନିର୍ମିତ ହୋଇ ରହିଛି ଅଥବା ବିଶ୍ୱପ୍ରକୃତିର ଏପରି କୌଣସି କ୍ରିୟାଦ୍ୱାରା ନିର୍ମିତ ହୋଇଛି, ଯାହାର ରହସ୍ୟକୁ କି ସେ ଆଦୌ ଠିକ୍ ଭାବରେ ବୁଝିପାରି ନାହିଁ । ମାତ୍ର ଏହିସବୁ ପ୍ରାୟ ଅଲଂଘ୍ୟ ବାଧାଗୁଡ଼ିକ ରହିଥିଲେ ମଧ୍ୟ ତଥାପି ଅତୀତ ଜନ୍ମଗୁଡ଼ିକର ଖଣ୍ଡିତ ସ୍ମୃତିମାନ ବେଳେବେଳେ ଏ ଜନ୍ମରେ ବି ରହି ଯାଇଥାଏ । କେତେକ କ୍ଷେତ୍ରରେ ଜଣେ ଜଣେ ପିଲା ଗତ ଜନ୍ମର କଥାଗୁଡ଼ିକୁ ଏପରି ନିଖୁଣ ଓ ସମ୍ପୂର୍ଣ୍ଣ ଭାବରେ ସ୍ମରଣ ରଖିଥା'ନ୍ତି ଯେ ଦେଖିଲେ ଆଶ୍ଚର୍ଯ୍ୟ ହେବାକୁ ହୁଏ । ପୁଣି, ସତ୍ତାର ପରିଣତିକ୍ରମରେ ଏକ ନିର୍ଦ୍ଦିଷ୍ଟ ପର୍ଯ୍ୟାୟରେ ଯେତେବେଳେ ଅନ୍ତରର ଦେଶ, ବହିର୍ଦ୍ଦେଶ ଉପରେ ଆପଣାର ପ୍ରଭାବ ପ୍ରତିଷ୍ଠା କରେ ଓ ବାହାରକୁ ଆସିବାକୁ ଆରମ୍ଭ କରେ, ସେତେ-ବେଳେ ମଧ୍ୟ ପୂର୍ବ ଜୀବନର ସ୍ମୃତିମାନ ସତେଅବା ଭିତରେ ନିମଜ୍ଜିତ ହୋଇ

'oaob.nitrkl.ac.in' images reprocessed

ରହିଥିବା କୌଣସି ସ୍ତରରୁ ଆସିଲାପରି ବେଳେବେଳେ ଉଦ୍‌ଗତ ହୋଇ ଆସିବାକୁ ଆରମ୍ଭ କରେ; ମାତ୍ର ଅତୀତ ଜନ୍ମର ବ୍ୟକ୍ତିତ୍ୱଗୁଡ଼ିକର ଯେଉଁ ଉପାଦାନ ଓ ଶକ୍ତି ତାହାର ବର୍ତ୍ତମାନ ଜୀବନଗଠନରେ କାର୍ଯ୍ୟକାରୀ ହୋଇଛି, ତାହାର ଏକ ସୂକ୍ଷ୍ମ ଅନୁଭବରୂପେହିଁ ଏହି ସ୍ମୃତି ଅଧିକତର ଭାବରେ ଦେଖାଦିଏ ଓ ତାହା ଭିତରେ ଅତୀତ ଜନ୍ମର ଘଟଣା ତଥା ପରିବେଶଗୁଡ଼ିକର ଅବିକଳ ଝିକିନିଖିମାନ ସାଧାରଣତଃ ଆଦୌ ଉପସ୍ଥିତ ନଥାଏ । ଅବଶ୍ୟ ଏକଥା ମଧ୍ୟ ସତ ଯେ ଏହିପରି ଉଚ୍ଚସ୍ତରରେ ଆସି ପହଞ୍ଚିଲେ ଝିକିନିଖି ସ୍ମୃତି ମଧ୍ୟ ଅନେକ ସମୟରେ ଆଂଶିକ ଭାବରେ ସମ୍ଭବ ହୋଇପାରେ ଅଥବା ସେତେବେଳେ ଧ୍ୟାନ ଅର୍ଥାତ୍ ଗଭୀର ଅନ୍ତର୍ନିବେଶ ବଳରେ ଅଧିଚେତନ ଦୃଷ୍ଟି ପକାଇ ସ୍ମୃତିର କୌଣସି ସଂଗୁପ୍ତ ଭଣ୍ଡାର ବା ଆମର ଅନ୍ତର୍ଗତ ଚେତନ ଉପାଦାନଟି ଭିତରୁ ଉଦ୍ଧାର କରି ବି ଅଣା ଯାଇପାରେ । ମାତ୍ର ଆପଣାର ସାଧାରଣ କ୍ରିୟାଭୂମିରେ ସ୍ମୃତିକୁ ଏହିପରି ଝିକିନିଖି ଭାବରେ ଆହରଣ କରି ଆଣିବା ପାଇଁ ପ୍ରକୃତିର ସେପରି କୌଣସି ବଡ଼ ଆବଶ୍ୟକତା ନଥାଏ ଓ ସେହି କାରଣରୁ ପ୍ରକୃତି ସେଥିଲାଗି ସେପରି କୌଣସି ଉଲ୍ଲେଖଯୋଗ୍ୟ ବ୍ୟବସ୍ଥା ରଖି ନଥାଏ କିମ୍ବା ଆଦୌ କୌଣସି ବ୍ୟବସ୍ଥା ରଖି ନଥାଏ । ସତ୍ତ୍ୱର ପରବର୍ତ୍ତୀ ବିବର୍ତ୍ତନଟିକୁ ଆକାର ଦେବାରେହିଁ ସେ ତତ୍ପର ରହିଥାଏ; ତେଣୁ ସେ ଅତୀତକୁ ପଛକୁ ରଖିଦିଏ, ଆବରଣର ଅନ୍ତରାଳକୁ ଅପସାରି ରଖେ ଏବଂ ବର୍ତ୍ତମାନ ଓ ଭବିଷ୍ୟତ ଜୀବନଲାଗି ସେଗୁଡ଼ିକୁ ଉପାଦାନର କେବଳ ଏକ ଅଦୃଶ୍ୟ ଭଣ୍ଡାରରୂପେହିଁ କାମରେ ଲଗାଇଥାଏ ।

ବ୍ୟକ୍ତି ଓ ବ୍ୟକ୍ତିତ୍ୱ ବିଷୟରେ ଏହି ଧାରଣାଟିକୁ ସ୍ୱୀକାର କରିନେଲେ ଆତ୍ମାର ଅମରତ୍ୱ ସମ୍ବନ୍ଧରେ ପ୍ରଚଳିତ ରହିଥିବା ଆମର ଧାରଣାଗୁଡ଼ିକୁ ମଧ୍ୟ ତାହା ଅବଶ୍ୟ ବଦଳାଇ ଦେବ । କାରଣ ଆତ୍ମାର ମୃତ୍ୟୁ ନାହିଁ ବୋଲି କହୁଥିବା ବେଳେ ଆମେ ସାଧାରଣତଃ ତାହାକୁ ଏହିଭଳି ଏକ ଅର୍ଥରେ ବୁଝିଥାଉ ଯେ ଏହି ଜନ୍ମରେ ଅସ୍ତିତ୍ୱ ଧାରଣ କରି ରହିଥିବା ଏକ ନିର୍ଦ୍ଦିଷ୍ଟ ବ୍ୟକ୍ତିସତ୍ତା ମୃତ୍ୟୁ ପରେ ମଧ୍ୟ ଅପରିବର୍ତ୍ତିତ ଭାବରେ ଠିକ୍ ସେହି ଆକାରରେହିଁ ବର୍ତ୍ତମାନ ରହେ ଏବଂ ଶାଶ୍ୱତକାଳ ଲାଗି ତାହା ଠିକ୍ ସେହିଭଳି ଆକାରରେ ବର୍ତ୍ତମାନ ରହିଥିବ । ଏହି ଯେଉଁ ଅତ୍ୟନ୍ତ ଅପୂର୍ଣ୍ଣ ଓ ଅତି ବହିଷ୍ଠର ମୁହୂର୍ତ୍ତଜୀବୀ 'ମୁଁ'କୁ ପ୍ରକୃତି ସ୍ପଷ୍ଟତଃ କେବଳ ଏକ ଅସ୍ଥାୟୀ ରୂପାୟନ ବୋଲି ବିଚାରୁଥାଏ ଓ ମୃତ୍ୟୁପରେ ତଥାପି ବଞ୍ଚିରହିବା ଲାଗି ତାହାର ପ୍ରକୃତରେ କୌଣସି ଯୋଗ୍ୟତା ଅଛି ବୋଲି ଆଦୌ ବିଚାର କରେ ନାହିଁ, ସେଇଟାକୁହିଁ ଆମେ ବଞ୍ଚାଇ ରଖିବାର ଓ ଅମରତ୍ୱର ଆସନରେ ନେଇ ବସାଇ ଦେବାଲାଗି ଦାବି କରି ବାହାରୁ । ମାତ୍ର ଏହି ଦାବିଟି ଏକ ସମ୍ପୂର୍ଣ୍ଣ ଅଯୌକ୍ତିକ ଦାବି, ଏବଂ ତାହା କଦାପି ସ୍ୱୀକୃତ ହୋଇପାରିବ ନାହିଁ । ମୁହୂର୍ତ୍ତଜୀବୀ ସେହି 'ମୁଁ' ଯଦି ଆପଣାର ପରିବର୍ତ୍ତନ

'oaob.nitrkl.ac.in' images reprocessed

ଲାଗି ସମ୍ମତ ହେବ, କେବଳ ଆପଣାର ବାଡ଼ଗୁଡ଼ିକ ମଧ୍ୟରେ ବନ୍ଦୀହୋଇ ନରହି ଯଦି ସେ ଆହୁରିକିଛି ହେବାକୁ ଅର୍ଥାତ୍ ଆପଣାର ବର୍ତ୍ତମାନ ସ୍ଥିତିଟିଠାରୁ ଅଧିକ ବୃହତ୍, ଅଧିକ ମହତ୍ ଓ ଜ୍ଞାନଦ୍ୱାରା ଅଧିକ ଭାସ୍ୱର ହେବାକୁ ରାଜି ହେବ, ଯଦି ସେ ଆପଣାକୁ ସେହି ଶାଶ୍ୱତ ଅନ୍ତର୍ଗତ ସୌନ୍ଦର୍ଯ୍ୟର ପ୍ରତିରୂପର ଅଧିକ ଅନୁରୂପ କରି ଗଢ଼ିବାକୁ ରାଜି ହେବ ଏବଂ ସଂଗୁପ୍ତ ପରମ ଚିନ୍ମୟତାର ଦିବ୍ୟତା ଆଡ଼କୁ କ୍ରମଶଃ ଅଧିକରୁ ଅଧିକ ଅଗ୍ରସର ହେବାକୁ ପ୍ରସ୍ତୁତ ହୋଇଯିବ, ତେବେଯାଇ ସେ ଅମରତ୍ୱର ଯୋଗ୍ୟ ହୋଇପାରିବ । ଆମର ଭିତରେ ବିରାଜମାନ ରହିଥିବା କେବଳ ସେହି ଗୁହାସ୍ଥିତ ପରମ ଚିନ୍ମୟତା ଅର୍ଥାତ୍ ଦିବ୍ୟ ପରମ ଆତ୍ମାରହିଁ କୌଣସି ବିନାଶ ନାହିଁ, କାରଣ ତାହାର ଜନ୍ମହିଁ ହୋଇ ନାହିଁ ଓ ସେ ଶାଶ୍ୱତରୂପେ ବିଦ୍ୟମାନ ରହିଛି । ଏବଂ ତାହାର ପ୍ରତିନିଧି-ପୁରୁଷ ହୋଇ ଆମ ଭିତରେ ଯେଉଁ ଚୈତ୍ୟସତ୍ତା ବା ଆଧ୍ୟାତ୍ମିକ ବ୍ୟକ୍ତି ଅବସ୍ଥିତ ଅଛି, ସେଇ ହେଉଛି ଅସଲ 'ମୁଁ', ଆମର ଯଥାର୍ଥ ପରିଚୟ । ମାତ୍ର ମୂହୂର୍ତ୍ତ ଉପରେ ଝଲସି ବୁଲୁଯାଉଥିବା କେବଳ ଏହି ଗୋଟିଏ ଜୀବନର 'ମୁଁ' ହେଉଛି କେବଳ ଏକ ରୂପାୟନ ମାତ୍ର, ସେହି ଅନ୍ତର୍ଗତ ଅସଲ ଆତ୍ମପୁରୁଷର କେବଳ ଏକ ଅସ୍ଥାୟୀ ବ୍ୟକ୍ତିଭାବାପନ୍ନତା ମାତ୍ର । ଆମ ବିବର୍ତ୍ତନାତ୍ମକ ପରିବର୍ତ୍ତନର ଅନେକ ସୋପାନମଧ୍ୟରୁ ଏଇଟି କେବଳ ଗୋଟିଏ ସୋପାନ ମାତ୍ର; ଏବଂ ଏଇଟିକୁ ପାର ହୋଇ ଚେତନା ଓ ସତ୍ତାର ଏକ ଉଚ୍ଚତର ସତ୍ତାର ନିକଟବର୍ତ୍ତୀ କରାଇ ନେଉଥିବା ଏକ ପରବର୍ତ୍ତୀ ସୋପାନରେ ଯାଇ ଉପନୀତ ହୋଇପାରିଲେ ଏହି ସୋପାନଟି ଆପଣାର ଯଥାର୍ଥ ଉଦ୍ଦେଶ୍ୟଟିକୁ ସାଧନ କରିପାରିବ । ଆମର ଅନ୍ତର୍ଗତ ପୁରୁଷଟିହିଁ ଦେହର ମୃତ୍ୟୁପରେ ବଞ୍ଚିରହେ, ଏହି ଜନ୍ମର ପୂର୍ବରୁ ମଧ୍ୟ ତାହା ସେହିପରି ଭାବରେ ଅବସ୍ଥିତ ରହିଥାଏ । କାରଣ ଜନ୍ମଜନ୍ମାନ୍ତର ମଧ୍ୟରେ ଏହି ନିରନ୍ତର ବଞ୍ଚିରହିବାଟିକୁ ଆମେ ଆମ କାଳାତୀତ ଅନନ୍ତ ଚିତ୍ସତ୍ତାର କାଳ-ବାଚକତାର ଭୂମି ମଧ୍ୟକୁ ଆପଣାକୁ କେବଳ ରୂପାନ୍ତରିତ କରି ଆଣିବାର ଏକ ପ୍ରକ୍ରିୟା ବୋଲିହିଁ ଜାଣିବା ।

ଆମର ପରମ ଚିତ୍ସତ୍ତା ପରି ଆମର ମନ, ଆମର ପ୍ରାଣ ଓ ଏପରିକି ଆମର ଶରୀର ମଧ୍ୟ ଠିକ୍ ଏହିପରି ଭାବରେ ନିରନ୍ତର ବଞ୍ଚିରହୁ, ଅମରତ୍ୱର ଦାବି କଲାବେଳେ ସାଧାରଣତଃ ଆମେ ଏହିପରି ପ୍ରତ୍ୟାଶା କରିଥାଉ । ଭଗବାନଙ୍କର ବିଗ୍ରହଦ୍ୱାରା ମାନବଦେହର ଏକ ପୁନରୁତ୍ଥାନ ଘଟିବ ବୋଲି ଯେଉଁ ଧର୍ମବିଶ୍ୱାସ ରହିଛି, ସେଥିରେ ମଧ୍ୟ ଆମେ ଏହି ଦାବିଟିର ନିଦର୍ଶନ ଦେଖିବାକୁ ପାଉ । ଦେହକୁ ଗ୍ରାସ କରି ନେଉଥିବା ମୃତ୍ୟୁ ଉପରେ ଏକ ଶାରୀରିକ ବିଜୟ ହାସଲ କରିବାଲାଗି ଅମରତ୍ୱ ଦାନ କରୁଥିବା କୌଣସି ସଞ୍ଜୀବନୀରସର ଆବିଷ୍କାର କରିବାକୁ କାମ୍ନା

'oaob.nitrkl.ac.in' images reprocessed

ଇନ୍ଦ୍ରଜାଲ, ରସାୟନ-ବିଦ୍ୟାର କମିଆ ବା ଜଡ଼ବିଜ୍ଞାନର କୌଣସି ସାଧନ ହାସଲ କରିବାକୁ ମନୁଷ୍ୟ ଆବହମାନ ଯୁଗରୁ ଯେଉଁ ଚେଷ୍ଟା କରିଆସିଛି, ତାହା ମୂଳରେ ମଧ୍ୟ ଏହି ଦାବିଟି ନିହିତ ହୋଇ ରହିଛି । ମାତ୍ର ମନୁଷ୍ୟର ମନ, ପ୍ରାଣ ଓ ଦେହ ସେହି ଅନ୍ତରବାସୀ ଚୈତ୍ୟପୁରୁଷର ଅମରତ୍ୱ ତଥା ଦିବ୍ୟତ୍ୱର କେତେକ ଅଂଶକୁ ଆପଣା ଭିତରେ ଫୁଟାଇବାକୁ ସମର୍ଥ ହେଲେ ଯାଇ ସେହି ଅଭୀପ୍ସାଟିରେ କୌଣସି ସଫଳତା ହାସଲ ହୋଇପାରନ୍ତା । ଅବଶ୍ୟ ଏପରି କେତେକ ବିଶେଷ ଅବସ୍ଥା ଅଥବା ପରିବେଶ ମଧ୍ୟ ରହିଛି, ଯେତେବେଳେ କି ଅନ୍ତର୍ଗତ ମନୋମୟ ପୁରୁଷର ପ୍ରତିନିଧିରୂପେ ବାହ୍ୟ ମନୋମୟ ବ୍ୟକ୍ତିସତ୍ତାଟି ମୃତ୍ୟୁପରେ ତଥାପି ବଞ୍ଚି ରହିପାରେ । ଆମର ମନୋମୟ ସତ୍ତା ଯେତେବେଳେ ଆପଣାର ବହିଃକ୍ଷେତ୍ରଟିରେ ନିଜର ବ୍ୟକ୍ତିସତ୍ତାଟିକୁ ଅତ୍ୟନ୍ତ ଶକ୍ତିଶାଳୀ କରି ଗଢ଼ିବାକୁ ସମର୍ଥ ହୁଏ ଯାହାଦ୍ୱାରା କି ସେ ଅନ୍ତର୍ଗତ ମନୋମୟ ପୁରୁଷଟି ସହିତ ଏକରୂପ ହୋଇଯାଏ, ଏବଂ ତହିଁ ସଙ୍ଗେସଙ୍ଗେ ପରମ ଅନନ୍ତସତ୍ତାଙ୍କର କ୍ରମାରୋହୀ ବିବର୍ତ୍ତନଲୀଳାଟି ପାଖରେ ଆପଣାକୁ ଏପରି ଉନ୍ମୁକ୍ତ ଓ ସ୍ଥିତିସ୍ଥାପକ କରି ରଖିଥାଏ ଯେ ଅଗ୍ରସର ହେବା ଲାଗି ମନର ସେହି ପୁରୁଣା ରୂପଟାକୁ ଭାଙ୍ଗିଦେଇ ଏକ ନୂତନ ମନର ସୃଷ୍ଟି କରିବାପାଇଁ ଆତ୍ମାର ଆଉ କୌଣସି ଆବଶ୍ୟକତା ନଥାଏ, ତେବେ ସେତେବେଳେ ମଧ୍ୟ ମନୋମୟ ସତ୍ତାଟି ବଞ୍ଚି ରହିପାରେ । ଉପରିସ୍ଥ ପ୍ରାଣମୟ ସତ୍ତା ମଧ୍ୟ ସେହିପରି ସମଗ୍ର ଓ ଶକ୍ତିଶାଳୀ ଭାବରେ ଆପଣାକୁ ବ୍ୟକ୍ତିଭାବାପନ୍ନ କରିପାରିଲେ ଓ ସେହିପରି ଏକରୂପ ହୋଇ-ପାରିଲେହିଁ ଆମ ଭିତରେ ଅବସ୍ଥିତ ପ୍ରାଣମୟ ଅଂଶଟି, ଅନ୍ତର୍ଗତ ପ୍ରାଣପୁରୁଷର ପ୍ରତିନିଧି ହୋଇ ରହିଥିବା ଏହି ବହିଃସ୍ଥ ପ୍ରାଣମୟ ବ୍ୟକ୍ତିତ୍ୱଟି ମଧ୍ୟ ବଞ୍ଚି ରହିପାରିବ । ସେତେବେଳେ ପ୍ରକୃତରେ ଏହାହିଁ ଘଟିବ ଯେ ଅନ୍ତରସ୍ଥ ଆତ୍ମା ଏବଂ ବହିଃସ୍ଥ ମଣିଷଟି ମଧ୍ୟରେ ଠିଆ ହୋଇଥିବା ପାଚେରୀଟି ଏକାବେଳକେ ଭାଙ୍ଗିପଡ଼ିବ ଏବଂ ଅନ୍ତରସ୍ଥ ଚିରନ୍ତନ ମନୋମୟ ତଥା ପ୍ରାଣମୟ ସତ୍ତା ଅର୍ଥାତ୍ ସେହି ମରଣରହିତ ଚୈତ୍ୟସତ୍ତାର ମନୋମୟ ତଥା ପ୍ରାଣମୟ ପ୍ରତିନିଧି ଦୁହେଁହିଁ ଜୀବନକ୍ଷେତ୍ରର ନିୟାମକ ହୋଇ ରହିବେ । ଆମର ମନୋମୟ ତଥା ପ୍ରାଣମୟ ପ୍ରକୃତି ସେତେବେଳେ ଅନ୍ତରାତ୍ମାର ଏକ କ୍ରମବର୍ଦ୍ଧମାନ ଅବିଚ୍ଛିନ୍ନ ଆତ୍ମପ୍ରକାଶରେହିଁ ପରିଣତ ହୋଇଯିବେ; ଆପଣାର ମୂଳ ଭାବଟିକୁ ବଜାୟ ରଖିବାଲାଗି ସେତେବେଳେ ସେମାନଙ୍କୁ ଆଉ ବାରବାର ଜନ୍ମଗ୍ରହଣ କରିବାକୁ ପଡ଼ିବ ନାହିଁ । ସେତେବେଳେ ଆମର ମନୋମୟ ତଥା ପ୍ରାଣମୟ ବ୍ୟକ୍ତିତ୍ୱ ବର୍ତ୍ତମାନ ପରି ଆଉ ବିଲୁପ୍ତ ହୋଇଯିବେ ନାହିଁ ଓ ଜନ୍ମରୁ ଜନ୍ମାନ୍ତର ମଧ୍ୟରେ ଆପଣାର ସତ୍ତାକୁ ଅକ୍ଷୁଣ୍ଣ ରଖିପାରିବେ । ଏହି ଅର୍ଥରେ ସେମାନେ ମଧ୍ୟ ଅମରତ୍ୱ ଲାଭ କରିବେ, ସଦାବର୍ତ୍ତମାନ ରହିବେ, ଆପଣାର ପରିଚୟଟିକୁ ସତତ ଅକ୍ଷୁଣ୍ଣ ରଖିବେ । ନିଶ୍ଚେତନା ଉପରେ ଏବଂ ଜଡ଼ ପ୍ରକୃତିର ଯାବତୀୟ ସୀମାବଦ୍ଧତା

'oaob.nitrkl.ac.in' images reprocessed

ଉପରେ ଏହା ଆତ୍ମା, ମନ ତଥା ପ୍ରାଣର ସ୍ପଷ୍ଟତଃ ଏକ ବିପୁଳ ବିଜୟ ହୋଇ ରହିବ ।

ମାତ୍ର କେବଳ ସୂକ୍ଷ୍ମ ଦେହ ମଧ୍ୟରେହିଁ ଏହି ବଞ୍ଚିରହିବା ସମ୍ଭବ ହୋଇପାରିବ । ସତ୍ତ୍ୱକୁ ତଥାପି ଆପଣାର ସ୍ଥୂଳ ଦେହଟିକୁ ପରିତ୍ୟାଗ କରିବାକୁ ପଡ଼ିବ, ଲୋକାନ୍ତରକୁ ଯିବାକୁ ପଡ଼ିବ ଏବଂ ପୁନର୍ବାର ଫେରିଆସିବା ସମୟରେ ନୂତନ ଦେହ ଧାରଣ କରିବାକୁ ପଡ଼ିବ । ମୃତ୍ୟୁପରେ ଜୀବନକୁ ଆପଣାର ମନୋମୟ ତଥା ପ୍ରାଣମୟ କୋଷକୁ ସାଧାରଣତଃ ପରିତ୍ୟାଗ କରିଯିବାକୁ ପଡ଼ିଥାଏ; ମାତ୍ର ଜାଗ୍ରତ ମନୋମୟ ପୁରୁଷ ଓ ଜାଗ୍ରତ ପ୍ରାଣମୟ ପୁରୁଷ ପୂର୍ବଜନ୍ମର ସୂକ୍ଷ୍ମ ଦେହସ୍ଥ ମନଃକୋଷ ତଥା ପ୍ରାଣକୋଷକୁ ସାଙ୍ଗରେ ନେଇହିଁ ନୂତନ ଜନ୍ମ ଗ୍ରହଣ କରିବେ, ଏବଂ ଅତୀତ ମଧ୍ୟରେ ଗଠିତ ହୋଇଥିବା ଅଥଚ ବର୍ତ୍ତମାନ ତଥା ଭବିଷ୍ୟତ ମଧ୍ୟରେ ବି ସ୍ଥାୟୀ ହୋଇ ରହିଥିବା ପ୍ରାଣମୟ ତଥା ମନୋମୟ ସତ୍ତ୍ୱଗତ ଅସ୍ତିତ୍ୱର ଏକ ସୁସ୍ପଷ୍ଟ ଏବଂ ଅବିଚ୍ଛିନ୍ନ ବୋଧ ମଧ୍ୟ ସେମାନଙ୍କ ମଧ୍ୟରେ ବର୍ତ୍ତମାନ ରହିଥିବ । ମାତ୍ର ଏହି ପରିବର୍ତ୍ତନଟି ଦ୍ୱାରା ମଧ୍ୟ ଅନ୍ନମୟ ଜୀବନର ଆଧାରସ୍ୱରୂପ ସେହି ସ୍ଥୂଳ ଦେହଟିକୁ ରକ୍ଷା କରିବା ତଥାପି ସମ୍ଭବ ହେବ ନାହିଁ । କୌଣସି ଏକ ଉପାୟରେ ତାହାର କ୍ଷୟ ଓ ବିଘଟିତ ହୋଇଯିବାର ଭୌତିକ କାରଣଟିକୁ ଦୂର କରିବାରେ ସମର୍ଥ ହୋଇ ପାରିଲେ* ଯାଇ ସ୍ଥୂଳ ଦେହଟି ମୃତ୍ୟୁକୁ ଅତିକ୍ରମ କରି ତଥାପି ବର୍ତ୍ତମାନ ରହିପାରିବାର ହୁଏତ ଏକ ସମ୍ଭାବନା ରହିବ । ଏବଂ ତହିଁ ସଙ୍ଗେସଙ୍ଗେ ଦେହଟିର ଗଠନସ୍ୱଭାବ ଓ କ୍ରିୟାତ୍ମକତାଟି ମଧ୍ୟ ଏପରି ସ୍ଥିତିସ୍ଥାପକ ଓ କ୍ରମବର୍ଦ୍ଧମାନ ହୋଇଥିବ ଯେପରିକି ଅନ୍ତରପୁରୁଷର ଅଗ୍ରସର ହେଉଥିବା ସହିତ ତାହାଠାରୁ ଯେତେବେଳେ ଯେଉଁଭଳି ପରିବର୍ତ୍ତନର ଦାବି କରାଯିବ, ସେହି ଦେହ ସେତେବେଳେ ସେହି ପରିବର୍ତ୍ତନଟି ଲାଗି ସହଜରେ ପ୍ରସ୍ତୁତ

* ଭୌତିକ ବିଜ୍ଞାନ ଅଥବା ଗୁପ୍ତବିଦ୍ୟାର ବିଜ୍ଞାନ ଯାହା ସାହାଯ୍ୟରେ ହେଉ ପଛକେ, ସ୍ଥୂଳ ଶରୀରଟିକୁ ଅନନ୍ତକାଳ ପାଇଁ ବଞ୍ଚାଇ ରଖିବାର ଆବଶ୍ୟକ ପରିବେଶ ତଥା ସାଧନମାନ ଆବିଷ୍କୃତ ହୋଇଯିବା ପରେ ମଧ୍ୟ, ତଥାପି ଶରୀର କେବଳ ସେହି ଅନ୍ତର୍ଗତ ଅଭିବର୍ଦ୍ଧି ପକାଶେ ପ୍ରକାଶର ଏକ ଉପଯୁକ୍ତ ସାଧନରୂପେ ଆପଣାକୁ ଯଦି ଅନୁକୂଳିତ କରି ରଖିବାକୁ ସମର୍ଥ ନହୁଏ, ତେବେ କୌଣସି ନା କୌଣସି ଉପାୟରେ ଆତ୍ମା ତାହାକୁ ପରିତ୍ୟାଗ କରି ଚାଲିଯିବ ଏବଂ ଏକ ନୂତନ ଜନ୍ମ ଗ୍ରହଣ କରିବ । ମୃତ୍ୟୁର ଯେଉଁସବୁ ଜଡ଼ଗତ ଓ ଭୌତିକ କାରଣ ରହିଛି, କେବଳ ସେଇଗୁଡ଼ାକହିଁ ମୃତ୍ୟୁର କାରଣ ନୁହେଁ, ମୃତ୍ୟୁର ଯଥାର୍ଥ କାରଣ ମଧ୍ୟ ନୁହେଁ । ଏକ ନୂତନ ଶରୀର ବିବର୍ତ୍ତନ ଲାଗି ଯେଉଁ ଚିଦ୍‌ଗତ ଆବଶ୍ୟକତାଟି ସତତ ବିଦ୍ୟମାନ ରହିଛି, ତାହାହିଁ ହେଉଛି ମୃତ୍ୟୁର ଯଥାର୍ଥ କାରଣ, ତାହାର ସବୁଠାରୁ ବଡ଼ ଅନ୍ତର୍ନିହିତ କାରଣ ।

'oaob.nitrkl.ac.in' images reprocessed

ହୋଇଯାଇ ପାରୁଥିବ । ବ୍ୟକ୍ତିସତ୍ତାର ରୂପାୟନ ମାଧ୍ୟମରେ ଆତ୍ମା ଯେପରି ଆପଣାକୁ ଅଭିବ୍ୟକ୍ତ କରିବାରେ ଲାଗିଛି, ଏକ ସଂଗୁପ୍ତ ଓ ତଦ୍‌ଗତ ଦିବ୍ୟତ୍ୱକୁ ଉନ୍ମୋଚିତ କରିଦେବାରେ ତାହାର ଯେଉଁ ଦୀର୍ଘ ପ୍ରୟାସ ଚାଲିଛି ଏବଂ ଏହି ମନୋମୟ ଅସ୍ତିତ୍ୱଟିକୁ ଏକ ଧୀର ପ୍ରକ୍ରିୟାଦ୍ୱାରା ତାହା ଯେପରି ଏକ ଦିବ୍ୟ ମନୋମୟ ଅର୍ଥାତ୍ ଆଧ୍ୟାତ୍ମିକ ଅସ୍ତିତ୍ୱରେ ରୂପାନ୍ତରିତ କରିବାରେ ଲାଗିଛି, ଆତ୍ମାର ଏହିସବୁ ଯାତ୍ରାରେ ସେହି ଦେହ ପାଦକୁ ପାଦ ମିଳାଇ ଚାଲିବାଲାଗି ମଧ୍ୟ ସମର୍ଥ ହେଉଥିବ । ପରମ ଚିନ୍ମୟ ସତ୍ତାଙ୍କର ସ୍ୱାଭାବିକ ଅମରତ୍ୱ, ମୃତ୍ୟୁ ଉପରେ ବିଜୟ ହାସଲ କରି ଚୈତ୍ୟପୁରୁଷଦ୍ୱାରା ଉପଲବ୍ଧ ହେଉଥିବା ଅମରତ୍ୱ ଏବଂ ଏହି ଦୁଇଟିଯାକର ଅନୁପୂରକରୂପେ ପ୍ରକୃତିର ଅମରତ୍ୱଲାଭ;—ଏହି ତ୍ରିବିଧ ଅମରତ୍ୱଲାଭକୁ ଆମେ ଜନ୍ମାନ୍ତରଗ୍ରହଣର ସେହି ଯଥାର୍ଥ ଶିଖର ପରିଣାମ ବୋଲି କହିପାରିବା : ଆମେ ଏହାକୁ ଜଡ଼ାଧିପତ୍ୟର ଆଧାର ହୋଇ ଅବସ୍ଥିତ ରହିଥିବା ଅନ୍ଧ ଅଚେତନତା ଓ ଅବିଦ୍ୟାର ଏକ ଉଲ୍ଲେଖନୀୟ ସୂଚନା ବୋଲି କହିବା । କିନ୍ତୁ ତଥାପି ଚିତ୍‌ସତ୍ତାର ଶାଶ୍ୱତତାହିଁ ସର୍ବଦା ଯଥାର୍ଥ ଅମରତ୍ୱ ହୋଇ ରହିଥିବ; ଜଡ଼ ଶରୀରର ଅମର ଜୀବନ ଲାଭ କରିବା କେବଳ ଆପେକ୍ଷିକ ହୋଇ ରହିବ, ଇଚ୍ଛା ଅନୁସାରେ ଯେକୌଣସି ସମୟରେ ତାହାର ଅବସାନ ଘଟିପାରିବ; ତାହା ମୃତ୍ୟୁ ଓ ଜଡ଼ ଉପରେ ପରମ ଚିନ୍ମୟତାର ବିଜୟକୁ ସୂଚିତ କରି ଦେଉଥିବା ଏକ କାଳାନ୍ତର୍ଗତ ନିଦର୍ଶନ ହୋଇ ରହିଥିବ ।

'oaob.nitrkl.ac.in' images reprocessed

ତ୍ରୟୋବିଂଶ ପରିଚ୍ଛେଦ

# ପ୍ରକୃତିର ବିବର୍ତ୍ତନ ଓ ମନୁଷ୍ୟ

ଏକୋ ଦେବଃ ସର୍ବଭୂତେଷୁ ଗୂଢ଼ଃ ସର୍ବବ୍ୟାପୀ ସର୍ବଭୂତାନ୍ତରାତ୍ମା ।
କର୍ମାଧ୍ୟକ୍ଷଃ......ସାକ୍ଷୀ ଚେତା କେବଳଃ...... ॥
ଏକୋ ବଶୀ ନିଷ୍କ୍ରିୟାଣାଂ ବହୂନାମେକଂ ବୀଜଂ ବହୁଧା ଯଃ କରୋତି ॥
—ଶ୍ୱେତାଶ୍ୱତର ଉପନିଷଦ, ୬ । ୧୧, ୧୨

ସେହି ଏକ ପରମଦେବତା ସର୍ବଭୂତର ଅନ୍ତର ଭିତରେ ଗୂଢ଼ ହୋଇ ରହିଛନ୍ତି । ସିଏ ସର୍ବବ୍ୟାପୀ, ସର୍ବଭୂତାନ୍ତରାତ୍ମା, ସକଳ କର୍ମର ଅଧ୍ୟକ୍ଷ; ସେହି ସାକ୍ଷୀ, ସେହି ସଚେତନ ଜ୍ଞାତା, ସେହି ସର୍ବପରମ । ...... ସେହି ଏକହିଁ ପ୍ରକୃତିରେ ନିଷ୍କ୍ରିୟ ଅନେକଙ୍କୁ ଆପଣା ବଶରେ ରଖିଛନ୍ତି । ଗୋଟିଏ ବୀଜକୁ ସେ ବହୁପ୍ରକାରେ ରୂପାୟିତ କରିବାରେ ଲାଗିଛନ୍ତି ।

ଏକୈକଂ ଜାଲଂ ବହୁଧା ବିକୁର୍ବନ୍ ଅସ୍ମିନ୍ କ୍ଷେତ୍ରେ
ସଂହରତ୍ୟେଷ ଦେବଃ ।
ଯୋନିସ୍ୱଭାବାନଧିତିଷ୍ଠତ୍ୟେକଃ ॥
ଯଚ୍ଚ ସ୍ୱଭାବଂ ପଚତି ବିଶ୍ୱଯୋନିଃ ପାଚ୍ୟାଂଶ୍ଚ ସର୍ବାନ୍ ପରିଣାମୟେଦ୍ ଯଃ ।
ଗୁଣାଂଶ୍ଚ ସର୍ବାନ୍ ବିନିଯୋଜୟେଦ୍ ଯଃ ॥
—ଶ୍ୱେତାଶ୍ୱତର ଉପନିଷଦ, ୫ । ୩-୫

ଏହି ଦେବତା ବସ୍ତୁର ଗୋଟିଏ ଗୋଟିଏ ଜାଲକୁ ବହୁପ୍ରକାରେ ରୂପାନ୍ତରିତ କରି ଏହି କ୍ଷେତ୍ରରେ ସଂହରଣ କରନ୍ତି । ... ସେହି ସକଳ ଯୋନି ଓ ସକଳ ସ୍ୱଭାବରେ ଅଧିଷ୍ଠିତ ହୋଇ ବସିଛନ୍ତି । ସେ ବିଶ୍ୱଯୋନି; ସମସ୍ତ ସ୍ୱଭାବକୁ ସେ ପୂର୍ଣ୍ଣରୂପେ ବିକଶିତ କରନ୍ତି । ପରିପକ୍ୱ ହେବାର ଯୋଗ୍ୟ ସମସ୍ତଙ୍କୁ ପରିଣତ କରନ୍ତି, ସକଳ ଗୁଣକୁ ସେଗୁଡ଼ିକର କାର୍ଯ୍ୟରେ ବିନିଯୋଗ କରି ରଖନ୍ତି ।

'oaob.nitrkl.ac.in' images reprocessed

ଏକଂ ରୂପଂ ବହୁଧା ଯଃ କରୋତି ।

—କଠୋପନିଷଦ୍, ୫ । ୧୨

ଗୋଟିଏ ରୂପକୁ ଯେ ବହୁପ୍ରକାର କରି ଗଢନ୍ତି ।

କ ଇମଂ ବୋ ନିଣ୍ୟମା ଚିକେତ ବତ୍ସୋ ମାତୃର୍ଜନୟତ ସ୍ୱଧାଭିଃ ।
ବହ୍ୱୀନାଂ ଗର୍ଭୋ ଅପସାମୁପସ୍ୟାନ୍ମହାନ୍ କବିର୍ନିଶ୍ଚରତି ସ୍ୱଧାବାନ୍ ।।
ଆବିଷ୍ଟ୍ୟୋ ବର୍ଧତେ ଚାରୁରାସୁ ଜିହ୍ମାନାମୂର୍ଦ୍ଧ୍ୱଃ ସ୍ୱୟଶା ଉପସ୍ଥେ ।

—ଋକ୍‌ବେଦ, ୧ । ୯୫ । ୪, ୫

ଆପଣା ସ୍ୱପ୍ରକୃତିର କ୍ରିୟାଧାରଗୁଡ଼ିକଦ୍ୱାରା ବହ୍ନି ମାତୃଗଣଙ୍କୁ ଜନ୍ମ ଦେଇଛନ୍ତି,—ଏହି ଗୋପନ ରହସ୍ୟଟି କାହାକୁ ଜଣା ଅଛି ? ଯେଉଁ ଶିଶୁଟି ବହୁ ଅପ୍‌ର କ୍ରୋଡ଼ମଧ୍ୟରୁ ନିର୍ଗତ ହୋଇଆସିଛି, ସେ ଆପଣାର ପ୍ରକୃତିଗତ ସକଳ ବିଧାନକୁ ଅଧିକାର କରି କବି ବା ଦ୍ରଷ୍ଟାରୂପେ ବିଚରଣ କରୁଛି । ଅଭିବ୍ୟକ୍ତ ହୋଇ ସେ ସେମାନଙ୍କର କୁଟିଳତାଗୁଡ଼ିକର କୋଳରେ ବଢ଼ିବାରେ ଲାଗିଛି, ଏବଂ ଉଚ୍ଚ ହୋଇଛି, ସୁନ୍ଦର ହୋଇଛି ଏବଂ ଗୌରବମୟ ହୋଇଛି ।

ଅସତୋ ମା ସଦ୍‌ଗମୟ ତମସୋ ମା ଜ୍ୟୋତିର୍ଗମୟ ମୃତ୍ୟୋର୍ମାମୃତଂ ।

—ବୃହଦାରଣ୍ୟକ ଉପନିଷଦ, ୧ । ୩ । ୨୮

ଅସତ୍‌ରୁ ସତ୍ ମଧ୍ୟକୁ, ଅନ୍ଧକାରରୁ ଆଲୋକ ମଧ୍ୟକୁ, ମୃତ୍ୟୁରୁ ଅମୃତ ମଧ୍ୟକୁ ।

ଏକ ଆଧ୍ୟାତ୍ମିକ ବିବର୍ତ୍ତନ, ଜଡ଼ର ଭୂମି ଉପରେ ଆପଣାକୁ ସତତ ପରିଣତ କରିବାରେ ଲାଗିଥିବା ଏକ ଆତ୍ମରୂପାୟନର ମଧ୍ୟଦେଇ ଚେତନାର ଏକ ବିବର୍ତ୍ତନ, ଏହାହିଁ ହେଲା ଆମର ଏହି ପାର୍ଥିବ ଜୀବନର ମୂଳକଥା, ଏହାର ସର୍ବପ୍ରଧାନ ତାତ୍ପର୍ଯ୍ୟ ଓ ଉଦ୍ଦେଶ୍ୟ । ଅନ୍ତର ଭିତରେ ଅଧିଷ୍ଠିତ ରହିଥିବା ଆତ୍ମାକୁ ସେହି ରୂପଟି ଅଭିବ୍ୟକ୍ତ କରିଦେବା ଲାଗି ସମର୍ଥ ହେବା ପର୍ଯ୍ୟନ୍ତ ଏହି ବିବର୍ତ୍ତନ ଲାଗି ରହିଥିବ । ପ୍ରଥମ ଅବସ୍ଥାରେ ପରମ ଚିତ୍‌ସତ୍ତା ବା ପରମ ଦିବ୍ୟ ସତ୍ୟ ଏକ ଅତିଘନ ଜଡ଼ମୟ ନିଶ୍ଚେତନ ମଧ୍ୟରେ ଆପଣାକୁ ସମ୍ବୃତ କରି ରଖିବାଦ୍ୱାରା ସେହି ତାତ୍ପର୍ଯ୍ୟଟି ମଧ୍ୟ ଲୁକ୍କାୟିତ ହୋଇ ରହିଥାଏ । ସେତେବେଳେ ନିଶ୍ଚେତନତା ବା ଜଡ଼ଗତ ଜୀବନଶୂନ୍ୟତାର ଏକ ଆବରଣ ତାହାରି ଭିତରେ କାର୍ଯ୍ୟ କରୁଥିବା ବସ୍ତୁଗତ ଚୈତନ୍ୟଶକ୍ତିକୁ ଲୁକ୍କାୟିତ କରି ରଖିଥାଏ, ଯାହାଫଳରେ କି ସୃଷ୍ଟିର କାର୍ଯ୍ୟ

'oaob.nitrkl.ac.in' images reprocessed

ଜଡ଼ବିଶ୍ୱରେ ପ୍ରଥମେ ଯେଉଁ ଶକ୍ତିର ରୂପରେ ଆବିର୍ଭୂତ ହୁଏ, ସେଇଟି ମଧ୍ୟ ସ୍ୱୟଂ ନିଶ୍ଚେତନ ପରି ବୋଧ ହୋଇଥାଏ, ମାତ୍ର ତଥାପି ସେହି ଭିତରେ ଥାଇ ତାହା ଏକ ବିଶାଳ ସଂଗୁପ୍ତ ବୁଦ୍ଧିର ଯାବତୀୟ କାର୍ଯ୍ୟ କରିବାରେ ଲାଗିଥାଏ । ଅଜ୍ଞାତ ଓ ପରମ ରହସ୍ୟମୟ ଏହି ସୃଷ୍ଟିଶକ୍ତି ଆପଣାର ଗଭୀର ଅନ୍ଧକାରମୟ କାରାଗାର ମଧ୍ୟରୁ ଅବଶେଷରେ ସଂଗୁପ୍ତ ହୋଇ ରହିଥିବା ଚେତନାକୁ ମୁକ୍ତ କରିଆଣେ ସତ, ମାତ୍ର ଏହି ମୁକ୍ତି ଅତ୍ୟନ୍ତ ଧୀରେ ଧୀରେ ସଂଘଟିତ ହୁଏ; ଅଳ୍ପ ଅଳ୍ପ କରି ସଚେତଅବା ଏକ ଅତିକ୍ଷୁଦ୍ର ଦ୍ୱାର ଦେଇ ନିଃସୃତ ହୋଇ ଆସୁଥିବା ଅତି କ୍ଷୁଦ୍ର ଝରଣାଟି ପରି ଓ ପରମାଣୁ ପ୍ରମାଣ ବିନ୍ଦୁ ବିନ୍ଦୁ ଦ୍ୱାରା ସଂଘଟିତ ହୁଏ । ଏହା ଶକ୍ତି ତଥା ଉପାଦାନର ଏବଂ ପ୍ରାଣ ଓ ମନର କ୍ଷୁଦ୍ର ସ୍ପନ୍ଦନମୟ ରୂପାୟନ ମଧ୍ୟଦେଇ ସଂଘଟିତ ହୁଏ; ଦେଖିଲେ ମନେହୁଏ, ପ୍ରବଳ ବାଧାର ବିରୁଦ୍ଧରେ ଠିଆ ହୋଇ ରୂପାୟିତ ହେବାଲାଗି ସମ୍ପୂର୍ଣ୍ଣ ଅନିଚ୍ଛୁକ ହୋଇ ରହିଥିବା ନିଶ୍ଚେତନ ଜଡ଼ୋପାଦାନର ମାଧ୍ୟମରେ ପ୍ରକୃତି ସଚେତଅବା କେବଳ ସେତିକି ବ୍ୟତୀତ ଆଉ ଅଧିକକିଛି କରି- ପାରିବାକୁ ଆଦୌ ସମର୍ଥ ହେଉ ନାହିଁ । ପ୍ରଥମ ସୋପାନରେ ପ୍ରକୃତି ଆପଣାକୁ ନେଇ ସମ୍ପୂର୍ଣ୍ଣ ଅଚେତନ ବୋଲି ଦେଖା ଯାଉଥିବା ଜଡ଼ରୂପଗୁଡ଼ିକ ମଧ୍ୟରେ ଅବସ୍ଥାପିତ କରେ ଓ ସେଇଠି ବାସ କରୁଥାଏ; ତା'ପରେ ଜୀବନ୍ତ ଜଡ଼ର ବେଶ ଧାରଣ କରି ମନୋମୟତା ଆଡ଼କୁ ଅଗ୍ରସର ହେବାକୁ ସଂଗ୍ରାମ କରେ ଏବଂ ଚେତନାଶୀଳ ପ୍ରାଣୀସ୍ତରକୁ ଆସି ଅତି ଅପୂର୍ଣ୍ଣ ଭାବରେ ତାହା ଲାଭ କରିବାକୁ ସମର୍ଥ ହୁଏ । ଏହି ଚେତନା ସେତେବେଳେ ବଡ଼ ପ୍ରାଥମିକ ଓ ଅବିକଶିତ ଅବସ୍ଥାରେ ରହିଥାଏ, ଅଧିକାଂଶତଃ ଏକ ଅର୍ଦ୍ଧ ଅବଚେତନ ବା ସେହିକ୍ଷଣି ଚେତନା ଲାଭ କରିଥିବା ଏକ ସହଜାତ ପ୍ରବୃତ୍ତି ପରି କାର୍ଯ୍ୟ କରୁଥାଏ । ଅଧିକରୁ ଅଧିକ ସଂଗଠିତ ଜୀବନ୍ତ ଜଡ଼ରୂପରେ କ୍ରମଶଃ ବିକଶିତ ହୋଇ ତାହା ବୁଦ୍ଧିଗତ ପ୍ରକାଶର ଶୀର୍ଷ- ସୀମାରେ ଯାଇ ପହଞ୍ଚେ ଓ ମନୁଷ୍ୟର ସ୍ତରକୁ ଆସି ଆପଣାର ସୀମାତିକ୍ରମ କରେ । ଏକ ମନନସମର୍ଥ ପ୍ରାଣୀ ହିସାବରେ ମନୁଷ୍ୟ ବିବେକବୁଦ୍ଧିସମ୍ପନ୍ନ ଏକ ମନୋମୟ ସତ୍ତ୍ୱରୂପେ ବିକଶିତ ହୁଏ ସତ, ମାତ୍ର ଆପଣାର ଉଚ୍ଚତମ ବିକଶିତାବସ୍ଥାରେ ମଧ୍ୟ ସେ ଆପଣା ସହିତ ପ୍ରାଣୀସ୍ୱଭାବର ସେହି ମୂଳ ଗ୍ରନ୍ଥିଟିକୁ ବହନ କରି ରହିଥାଏ; ଦେହଗତ ଅବଚେତନର ଗୁରୁଭାରକୁ ବହନ କରିଥାଏ, ମୂଳଭୂତ ଜଡ଼ତା ତଥା ନିଶ୍ଚେତନତା ଆଡ଼କୁ ତାକୁ ସତତ ଟାଣିବାରେ ଲାଗିଥିବା ସେହି ନିମ୍ନାକର୍ଷଣଟିର ଅଧୀନ ହୋଇ ରହିଥାଏ । ତା'ର ଚେତନ ବିବର୍ତ୍ତନ ଉପରେ ଏକ ନିଶ୍ଚେତନ ଜଡ଼ ପ୍ରକୃତିର ନିୟନ୍ତ୍ରଣ ଜାରି ଥାଏ, ସୀମାଦ୍ୱାରା ଆବଦ୍ଧ କରି ରଖିବାଲାଗି ତାହାର ଶକ୍ତିଟି ବଳବତ୍ତର ରହିଥାଏ; ଆପଣାର ବିଧାନଟି ଲଦିଦେଇ ପ୍ରକୃତି ମନୁଷ୍ୟର ବିକାଶକୁ ଆୟାସସଙ୍କୁଳ କରି ଦେଉଥାଏ, ଆପଣାର ବିପୁଳ ପ୍ରାଦୁର୍ଭାବ ଦ୍ୱାରା

'oaob.nitrkl.ac.in' images reprocessed

ତାହାର ଗତିକୁ ବ୍ୟାହତ ଓ ବ୍ୟର୍ଥ କରିଦେବାକୁ ଚେଷ୍ଟା କରୁଥାଏ । ମୂଳଭୂତ ସେହି ଅଚେତନ ତାହାରି ମଧ୍ୟରୁ ମୁକ୍ତିଲାଭ କରି ବାହାରି ଆସୁଥିବା ଚେତନା ଉପରେ ଏହିଭଳି ଯେଉଁ ନିୟନ୍ତ୍ରଣ ବିସ୍ତାର କରି ରଖିଥାଏ, ତାହା ଜ୍ଞାନ ଆଡ଼କୁ ଅଗ୍ରସର ହେଉଥିବା ଅଥଚ ଆପଣାର ମୌଳିକ ସ୍ୱଭାବରେ ଅଜ୍ଞାନ ପରି ବୋଧ ହେଉଥିବା ଏକ ମନୋମୟତାର ସାଧାରଣ ଆକାର ଧାରଣ କରେ । ଏହିପରି ଭାବରେ ବାଧାପ୍ରାପ୍ତ ଓ ଭାରାକ୍ରାନ୍ତ ହୋଇ ରହିଥିବା ମନୁଷ୍ୟକୁ ଆପଣା ଭିତରୁ ସେହି ପୂର୍ଣ୍ଣଚେତସ ସତ୍ତାଟିକୁ ତଥାପି ବିକଶିତ କରାଇଆଣିବାକୁ ପଡ଼ିବ; ଏକ ଦିବ୍ୟ ମାନବତା ଅର୍ଥାତ୍ ଏକ ଆଧ୍ୟାତ୍ମିକ ଓ ଅତିମାନସ ଅତିମାନବତାର ବିକାଶ ଘଟାଇବାକୁ ହେବ ଏବଂ ତାହାହିଁ ତା' ବିବର୍ତ୍ତନକ୍ରମରେ ପରବର୍ତ୍ତୀ ପରିଣାମରୂପେ ପ୍ରକାଶିତ ହେବ । ଅବିଦ୍ୟା ମଧ୍ୟରେ କାର୍ଯ୍ୟକାରୀ ହେଉଥିବା ବିବର୍ତ୍ତନକୁ ବିଦ୍ୟାମଧ୍ୟରେ ଆପଣାକୁ ପରିପୂର୍ଣ୍ଣ କରୁଥିବା ଏକ ବୃହତ୍ତର ବିବର୍ତ୍ତନରୂପେ ପର୍ଯ୍ୟବସିତ କରାଇ ଏହି ପରିବର୍ତ୍ତନ ସଂଘଟିତ ହେବ; ସେତେବେଳେ ସେହି ବିବର୍ତ୍ତନ ଅତିଚେତନର ଆଲୋକକୁହିଁ ଭିତ୍ତି କରି ରହିବ, ସେହି ଆଲୋକ ମଧ୍ୟରେହିଁ ଅଗ୍ରସର ହେବ; ଅବିଦ୍ୟା ଓ ଅଚେତନତାର ଅନ୍ଧକାର ମଧ୍ୟରେ ତାକୁ ଆଉ ସନ୍ତାପିତ ହୋଇ ରହିବାକୁ ପଡ଼ିବ ନାହିଁ ।

ଏହି ପୃଥିବୀପୃଷ୍ଠରେ ଜଡ଼ରୁ ମନଯାଏ ଏବଂ ତାହାକୁ ଅତିକ୍ରମ କରି ପ୍ରକୃତିର ଯେଉଁ କ୍ରିୟାତ୍ମକ ବିବର୍ତ୍ତନଟି ଲାଗିରହିଛି, ତାହାର ପ୍ରକ୍ରିୟାଟି ଦୁଇଟି ଧାରାରେ କାର୍ଯ୍ୟ କରୁଛି : ଭୌତିକ ବିବର୍ତ୍ତନର ଏକ ବାହ୍ୟ ଓ ଦୃଶ୍ୟମାନ ପ୍ରକ୍ରିୟା ରହିଛି ଯାହାକି ଜନ୍ମକୁ ଆପଣାର ସାଧନଯନ୍ତ୍ରରୂପେ ବ୍ୟବହାର କରୁଛି, କାରଣ ଶରୀରରୂପେ ବିବର୍ତ୍ତିତ ହେଉଥିବା ପ୍ରତ୍ୟେକ ରୂପ ଚେତନାରୂପେ ବିବର୍ତ୍ତିତ ହେଉଥିବା ଆପଣାର ନିଜ ଶକ୍ତିଟିକୁ ଧାରଣ କରି ରହିଛି ଏବଂ ବଂଶାନୁକ୍ରମିକତାର ନିୟମଟିକୁ ଆଶ୍ରୟ କରି ଅବିଚ୍ଛିନ୍ନ ଭାବରେ ତିଷ୍ଠି ରହି ପାରୁଛି । ଦ୍ୱିତୀୟତଃ ଏହି କ୍ଷେତ୍ରରେ ଆତ୍ମସତ୍ତାଗତ ବିବର୍ତ୍ତନର ଏକ ଅଦୃଶ୍ୟ ପ୍ରକ୍ରିୟା ମଧ୍ୟ କାର୍ଯ୍ୟ କରୁଛି ଏବଂ ରୂପାୟନ ତଥା ଚୈତନ୍ୟର କ୍ରମାରୋହୀ ସୋପାନଗୁଡ଼ିକରେ ବାରବାର ଜନ୍ମଗ୍ରହଣ କରିବାର ଏକ ରୀତି ଏଠାରେ ସାଧନଯନ୍ତ୍ର ହୋଇ ରହିଛି । କେବଳ ପ୍ରଥମ ପ୍ରକ୍ରିୟାଟିକୁ ବିଚ୍ଛିନ୍ନ କରି ଦେଖିଲେ ତାହା ଏକ ବିଶ୍ୱବିବର୍ତ୍ତନକୁ ବୁଝାଇବ; କାରଣ ସେଥିରେ ବ୍ୟକ୍ତି କେବଳ ଏକ ନିମିତ୍ତ ହୋଇ ରହିଥିବ, ଅବତୀର୍ଣ୍ଣ ହେବା ମାତ୍ରକେ କେବଳ ପୁଣି ବିଲୁପ୍ତ ହୋଇ ଯାଉଥିବ; ଏବଂ ତେଣୁ ଗୋଷ୍ଠୀହିଁ ଏକ ଅଧିକ ସ୍ଥାୟୀ ସାମୂହିକ ରୂପାୟନ ହିସାବରେ ବିଶ୍ୱର ସେହି ପରମ ଅଧିବାସୀ ଅର୍ଥାତ୍ ବିଶ୍ୱମୟ ପରମ ଚିଦ୍‌ଗତତାର ଅଭିବ୍ୟକ୍ତିକ୍ରମରେ ଏକ ଯଥାର୍ଥ ପଦକ୍ଷେପରୂପେ ପରିଗଣିତ ହେଉଥିବ । ମାତ୍ର ପ୍ରକୃତ ପକ୍ଷରେ ଦେଖିବସିଲେ ଏହି ମର୍ତ୍ତ୍ୟ ଅସ୍ତିତ୍ୱରେ ବ୍ୟକ୍ତି-

'oaob.nitrkl.ac.in' images reprocessed

ସତ୍ତାର ବିବର୍ତ୍ତନ ଓ ସ୍ଥାୟୀ ଅବସ୍ଥାନ ସକାଶେ ପୁନର୍ଜନ୍ମକୁ ଏକ ଅପରିହାର୍ଯ୍ୟ ସର୍ତ୍ତରୂପେ ମାନିବାକୁ ପଡ଼ିବ । ବିଶ୍ୱଗତ ଅଭିବ୍ୟକ୍ତିର ପ୍ରତ୍ୟେକ ସୋପାନ ଅନ୍ତର୍ବାସୀ ଚିନ୍ମୟସତ୍ତାର ବାସସ୍ଥାନରୂପେ ବ୍ୟବହୃତ ହୋଇପାରୁଥିବା ପ୍ରତ୍ୟେକ ଜାତିରୂପକୁ ଆଶ୍ରୟ କରି ପୁନର୍ଜନ୍ମ ଦ୍ୱାରା ବ୍ୟକ୍ତି-ଆତ୍ମା ଅର୍ଥାତ୍ ଚୈତ୍ୟସତ୍ତାର ଏକ ସାଧନରୂପେ ରୂପାନ୍ତରିତ ହୋଇଯାଏ ଏବଂ ଆପଣାର ଅନ୍ତର୍ଗୂଢ଼ ଚେତନାଟିର କ୍ରମଶଃ ଅଧିକରୁ ଅଧିକତର ପ୍ରକାଶ ଘଟାଇଥାଏ । ଏହାଦ୍ୱାରା ଆପଣା ମଧ୍ୟରେ ଚେତନାର ଏକ ବୃହତ୍ତର କ୍ରମବିକାଶ ଘଟାଇ ପ୍ରତ୍ୟେକ ଜୀବ ଜଡ଼ ଉପରେ ବିଜୟ ହାସଲ କରିବାର ଏକ ସୋପାନରେ ପରିଣତ ହୁଏ ଏବଂ ଏହି କ୍ରମବିବର୍ତ୍ତନ ବା ବିକାଶ ଫଳରେ ଅବଶେଷରେ ସ୍ୱୟଂ ଜଡ଼ ମଧ୍ୟ ପରମ ଚିନ୍ମୟତାର ପରିପୂର୍ଣ୍ଣ ଅଭିବ୍ୟକ୍ତି ଲାଗି ଏକ ଏକ ସାଧନରୂପେ ବ୍ୟବହୃତ ହେବାକୁ ଅବଶ୍ୟ ସମର୍ଥ ହୋଇପାରିବ ।

ମାତ୍ର ପାର୍ଥିବ ସୃଷ୍ଟିର ପ୍ରକ୍ରିୟା ଓ ତାତ୍ପର୍ଯ୍ୟଟି ବିଷୟରେ ଆମର ଏହି ବ୍ୟାଖ୍ୟା ସେହି ମନୁଷ୍ୟର ମନରେ ମଧ୍ୟ ପ୍ରତ୍ୟେକ ପଦରେ ସଂଶୟରହିଁ ଉଦ୍ରେକ କରିବ; କାରଣ ଏହି ବିବର୍ତ୍ତନ ବର୍ତ୍ତମାନ ଆପଣା ପଥରେ କେବଳ ଅଧବାଟରେହିଁ ହୋଇଛି, ଏବେ ମଧ୍ୟ ଅବିଦ୍ୟା ମଧ୍ୟରେ ରହିଛି, ଆପଣାର ଉଦ୍ଦେଶ୍ୟ ଓ ତାତ୍ପର୍ଯ୍ୟଟିକୁ ତାହା ଏବେ ମଧ୍ୟ ଏକ ଅର୍ଦ୍ଧବିବର୍ତ୍ତିତ ମନୁଷ୍ୟସମୂହର ମନୋରାଜ୍ୟରେହିଁ ଖୋଜି ବାହାର କରିବାକୁ ଉଦ୍ୟମ କରୁଛି । ବିବର୍ତ୍ତନବାଦର ସିଦ୍ଧାନ୍ତଟି ବିରୁଦ୍ଧରେ ଏପରି କହି ଆପତ୍ତି କରାଯାଇ ପାରେ ଯେ ତାହା ଏପର୍ଯ୍ୟନ୍ତ ଏକ ଦୃଢ଼ ଭିତ୍ତି ଉପରେ ପ୍ରତିଷ୍ଠିତ ହୋଇପାରି ନାହିଁ ଏବଂ ପାର୍ଥିବ ଜୀବନର ପ୍ରକ୍ରିୟାଟି ବିଷୟରେ ଆମକୁ କେବଳ ଏକ ଉପରଠାଉରିଆ ବ୍ୟାଖ୍ୟା ଦେବାକୁ ଚେଷ୍ଟା କରୁଛି । ବିବର୍ତ୍ତନର ସିଦ୍ଧାନ୍ତକୁ ସତ ବୋଲି ଗ୍ରହଣ କରିନେଲେ ମଧ୍ୟ, ମନୁଷ୍ୟର ଯେ ବିବର୍ତ୍ତନାତ୍ମକ ଏକ ଉଚ୍ଚତର ସତ୍ତାରୂପେ ବିକଶିତ ହୋଇପାରିବାର ପ୍ରକୃତରେ ଏକ ସାମର୍ଥ୍ୟ ରହିଛି, ସେବିଷୟରେ ମଧ୍ୟ ତଥାପି ସଂଶୟ ରହିଯାଉଛି । ବିବର୍ତ୍ତନର ଧାରାଟି ବର୍ତ୍ତମାନ ଯେଉଁଠାରେ ଆସି ପହଞ୍ଚିଲାଣି, ତାହା ସେଠିକରେ ଶେଷ ହୋଇଯିବ କିମ୍ବା ତାହାଠାରୁ ଆହୁରି ଆଗକୁ ଯିବ, ଏବଂ ଅତିମାନସର ବିବର୍ତ୍ତନ ଅର୍ଥାତ୍ ଏକ ପରିପୂର୍ଣ୍ଣ ଋତଚିତ୍ ବା ପରମ ଜ୍ଞାନମୟ ସତ୍ତାର ଆବିର୍ଭାବ ପାର୍ଥିବ ପ୍ରକୃତିର ଏହି ସ୍ୱଭାବ-ଅଜ୍ଞାନ ଭୂମିଟି ଉପରେ ପ୍ରକୃତରେ କେତେଦୂର ସମ୍ଭବ ହୋଇପାରିବ, ସେବିଷୟରେ ମଧ୍ୟ ସନ୍ଦେହର ଅବକାଶ ରହିଛି । ଏହି ଜଗତର ବିସୃଷ୍ଟି ମଧ୍ୟରେ ଚିତ୍‌ସତ୍ତାର କ୍ରିୟାଶୀଳତାକୁ ବ୍ୟାଖ୍ୟା କରିବା ଲାଗି ହୁଏତ ଅନ୍ୟ ଏପରି ଏକ ସିଦ୍ଧାନ୍ତର ଉପସ୍ଥାପନା କରାଯାଇପାରେ ଯେଉଁଥିରେକି ଏହି ବିସୃଷ୍ଟିର ପ୍ରକୃତରେ କୌଣସି ଚରମ ଲକ୍ଷ୍ୟ ରହିଛି ଅଥବା ଏଠାରେ କୌଣସି ବିବର୍ତ୍ତନକ୍ରମ ଯେ ପ୍ରକୃତରେ କାର୍ଯ୍ୟ କରୁଛି, ତାହା ସ୍ୱୀକାର କରିବାଲାଗି ଆଦୌ

'oaob.nitrkl.ac.in' images reprocessed

କୌଣସି ପ୍ରୟୋଜନ ରହିବ ନାହିଁ । ଆମ ଆଲୋଚନାରେ ଆଉ ଆଗକୁ ଯିବାପୂର୍ବରୁ ଯେଉଁଭଳି ବିଚାରର ମାର୍ଗ ଧରି ଏଭଳି ଏକ ମତବାଦର ରଚନା ସମ୍ଭବ ହୋଇ-ପାରିବ, ସଂକ୍ଷେପରେ ପ୍ରଥମେ ତାହାର ଏକ ବିବରଣୀ ଦେବାକୁ ଚେଷ୍ଟା କରିବା ହୁଏତ ଆଦୌ ଅନୁଚିତ ହେବ ନାହିଁ ।

ଆମର ଏହି ସୃଷ୍ଟି ହେଉଛି ଶାଶ୍ୱତ କାଳାନ୍ତର୍ଗତତା ମଧ୍ୟରେ ଶାଶ୍ୱତ କାଳାତୀତ-ତାରେ ଏକ ଅଭିବ୍ୟକ୍ତି, ଏହି ସୃଷ୍ଟିରେ ଚେତନାର ସାତୋଟି ସୋପାନଭୂମି ରହିଛି ଏବଂ ପରମ ଚିଦ୍‌ଗତତାର ପୁନରାରୋହଣ ଲାଗି ଜଡ଼ଗତ ନିଶ୍ଚେତନତାକୁ ଏକ ଭିତ୍ତିରୂପେ ସ୍ଥାପିତ କରି ରଖାଯାଇଛି; ପୁନର୍ଜନ୍ମ ବା ଜନ୍ମାନ୍ତରଗ୍ରହଣ ହେଉଛି ଏହି ପୃଥିବୀ ବ୍ୟବସ୍ଥାର ଏକ ସତ୍ୟ, ଏହାର ଏକ ଅପରିହାର୍ଯ୍ୟ ଅଂଶ : ଏଗୁଡ଼ିକ ଗୋଟିଏ ଗୋଟିଏ ସିଦ୍ଧାନ୍ତ ବୋଲି ସ୍ୱୀକାର କରିନେଲେ ମଧ୍ୟ ଏହା ଭିତରୁ କୌଣସି ଗୋଟିଏକୁ କିମ୍ବା ଏପରିକି ଏକାଠି ସବୁଗୁଡ଼ିକୁ ସ୍ୱୀକାର କରି ନିଆଯାଉଛି ବୋଲି ତଥାପି ତାହାର ଅପରିହାର୍ଯ୍ୟ ପରିଣାମରୂପେ ଆମେ ବ୍ୟକ୍ତିସତ୍ତାର ଆଧ୍ୟାତ୍ମିକ ବିବର୍ତ୍ତନଟିକୁ ମାନିନେବାକୁ ଆଦୌ ବାଧ୍ୟ ହେବା ନାହିଁ । ପାର୍ଥିବ ଅସ୍ତିତ୍ୱର ଅନ୍ତର୍ଗତ ପ୍ରକ୍ରିୟା ଓ ତାହାର ଆଧ୍ୟାତ୍ମିକ ତାତ୍ପର୍ଯ୍ୟଟିକୁ ଆଉ ଏକ ଦୃଷ୍ଟିରେ ଦେଖିବାର ସମ୍ଭାବନା ମଧ୍ୟ ସର୍ବଦା ରହିଛି । ସୃଷ୍ଟ ହେଉଥିବା ପ୍ରତ୍ୟେକ ବସ୍ତୁ ଯଦି ଅଭିବ୍ୟକ୍ତ ପରମ ଦିବ୍ୟ ସତ୍ତାଙ୍କର ଗୋଟିଏ ରୂପ ହୋଇଥାଏ, ତେବେ ଆପଣା ଭିତରେ ସେହି ଦିବ୍ୟ ସାନ୍ନିଧ୍ୟଟି ସକାଶେ ଆମେ ପ୍ରତ୍ୟେକ ବସ୍ତୁକୁ ମଧ୍ୟ ଦିବ୍ୟ ବୋଲି କହିପାରିବା; ପ୍ରକୃତି ମଧ୍ୟରେ ତାହା ଯେଉଁଭଳି ଭାବରେ ଆବିର୍ଭୂତ ହୋଇଥାଉ, ତାହାର ଆକାର ବା ସ୍ୱଭାବ ଯେଉଁଭଳି ହୋଇଥାଉ ପଛକେ, ଏଥିରେ ଆଦୌ କୌଣସି ବ୍ୟତିକ୍ରମ ହେବ ନାହିଁ । ଅଭିବ୍ୟକ୍ତିର ପ୍ରତ୍ୟେକଟି ରୂପରେ ଦିବ୍ୟପୁରୁଷ ଅବଶ୍ୟ ଆପଣାର ଅସ୍ତିତ୍ୱଗତ ଆନନ୍ଦଟିକୁ ଉପଲବ୍ଧି କରୁଥିବେ ଓ ତେଣୁ ତାହା ମଧ୍ୟରେ ପରିବର୍ତ୍ତନ କିମ୍ବା ପ୍ରଗତି ଲାଗି ଆଦୌ କୌଣସି ଆବଶ୍ୟକତା ନଥିବ । ଆପଣାର ସ୍ୱଭାବଦ୍ୱାରା ପ୍ରେରିତ ହୋଇ ପରମ ଅନନ୍ତ ସତ୍ତା ଅଭିବ୍ୟକ୍ତ ସମ୍ଭାବନାଗୁଡ଼ିକୁ ଯେତେ ଯାହା ସଂଗଠିତ ରୂପ ବା ସୋପାନକ୍ରମ ଦେଇ ପ୍ରକାଶିତ କରିବାକୁ ଇଚ୍ଛା କରୁଥିବେ, ଆମେ ଆମର ଚାରିପାଖରେ ସନ୍ଦର୍ଶନ କରୁଥିବା ଅଗଣିତ ବୈଚିତ୍ର୍ୟ, ସଂଖ୍ୟାତୀତ ରୂପ ଓ ଚେତନାର ଅସଂଖ୍ୟ ଧାରାରେ ଯଥେଷ୍ଟ ପରିମାଣରେ ତାହାର ପରିପୂରଣ ସଂଘଟିତ ହୋଇ ସାରିଛି । ତେଣୁ ସୃଷ୍ଟି ସମକ୍ଷରେ ଆଉ କୌଣସି ଲକ୍ଷ୍ୟ ନାହିଁ ଯେଉଁଠାରେ କି ଯାଇ ପହଞ୍ଚିବାକୁ ପଡ଼ିବ; ଏପରି ଏକ ଅନୁପଲବ୍ଧ ଲକ୍ଷ୍ୟ ରହିବାର ପ୍ରଶ୍ନହିଁ ଉଠୁ ନାହିଁ, କାରଣ ପରମ ଅନନ୍ତଙ୍କ ମଧ୍ୟରେ ସବୁ ମହଜୁଦ ହୋଇ ରହିଛି । ପରମ ଦିବ୍ୟପୁରୁଷଙ୍କ ଲାଗି କିଛି ଉପଲବ୍ଧି କରିବାର କୌଣସି ଆବଶ୍ୟକତା ନାହିଁ ଏବଂ ଏପରି କୌଣସି ପଦାର୍ଥ ନାହିଁ, ଯାହାକି ତାଙ୍କର ପ୍ରାପ୍ତିର ବହିର୍ଭୂତ ହୋଇ

'oaob.nitrkl.ac.in' images reprocessed

ରହିଛି । ତଥାପି ସୃଷ୍ଟି ଚାଲିଛି, ଅଭିବ୍ୟକ୍ତି ଲାଗିରହିଛି; ତାହା କେବଳ ସୃଷ୍ଟି ତଥା ଅଭିବ୍ୟକ୍ତିଜନିତ ଆନନ୍ଦଲାଗି ହେଉଛି; ଏହାର ଆଉ କୌଣସି ଉଦ୍ଦେଶ୍ୟ ନାହିଁ । ତେଣୁ ବିବର୍ତ୍ତନଧର୍ମୀ ଗତିଲାଗି କୌଣସି କାରଣ ନାହିଁ, ପରିପୂର୍ଣ୍ଣତାର କୌଣସି ଚରମ ଲକ୍ଷ୍ୟରେ ପହଞ୍ଚିବାର ବି ନାହିଁ; କୌଣସି ଲକ୍ଷ୍ୟକୁ କାର୍ଯ୍ୟକାରୀ କରିବାର, ଫଳାଇବାର କିମ୍ବା କୌଣସି ଚରମ ପରିପୂର୍ଣ୍ଣତା ଆଡକୁ ଆପଣାକୁ ଧାବିତ କରିନେବାର ମଧ୍ୟ କୌଣସି ପ୍ରଶ୍ନ ନାହିଁ ।

ସୃଷ୍ଟିର ସକଳ ତତ୍ତ୍ୱ ଯେ ଚିରନ୍ତନ ଓ ଏଥିରେ ପରିବର୍ତ୍ତନର କୌଣସି ସ୍ଥାନ ନାହିଁ, ଆମେ ବସ୍ତୁତଃ ସେକଥା ବେଶ୍ ଦେଖିବାକୁ ପାଉଛୁ । ଜୀବସତ୍ତ୍ୱର ପ୍ରତ୍ୟେକ ପ୍ରକାରଟି ଠିକ୍ ତାହାହିଁ ହୋଇ ରହିଛି, ଆପଣାର ପ୍ରକାରଟି ବ୍ୟତୀତ ଆଉ କୌଣସି ପ୍ରକାରର ଆକାର ଧାରଣ କରିବାର କୌଣସି ଚେଷ୍ଟା କରୁ ନାହିଁ ବା ସେପରି ହେବାଲାଗି ତାହାର ଆଦୌ କୌଣସି ଆବଶ୍ୟକତା ନାହିଁ । ହଁ, ଏକଥା ସତ ଯେ ଗୋଟିଏ ଗୋଟିଏ ପ୍ରକାରର ଜୀବ ଏହି ଜଗତରୁ ଅନ୍ତର୍ହିତ ହୋଇ-ଯାଉଛନ୍ତି ଓ ଅନ୍ୟ ପ୍ରକାରମାନ ଆସି ସେଗୁଡ଼ିକର ସ୍ଥାନ ପୂରଣ କରୁଛନ୍ତି; ଏପରି ହେଉଛି, କାରଣ ବିଲୁପ୍ତ ହୋଇଯାଉଥିବା ସତ୍ତ୍ୱଗୁଡ଼ିକ ମଧ୍ୟରୁ ବିଶ୍ୱରେ କାର୍ଯ୍ୟ କରୁଥିବା ପରମ ଚୈତନ୍ୟଶକ୍ତି ଆପଣାର ପ୍ରାଣଗତ ଆନନ୍ଦଟିକୁ ପ୍ରତ୍ୟାହାର କରିନେଉଛନ୍ତି ଓ ଆପଣାର ଖୁସିଲାଗି ଅନ୍ୟଗୁଡ଼ିକୁ ଗଢ଼ିବାଲାଗି ମନ କରୁଛନ୍ତି । ତଥାପି ଅସ୍ତିତ୍ୱରେ ରହିଥିବା ପର୍ଯ୍ୟନ୍ତ ପ୍ରତ୍ୟେକ ପ୍ରକାରର ପ୍ରାଣୀ କେବଳ ଆପଣାର ସ୍ୱକୀୟ ଗ୍ରୁପଟିରେହିଁ ଅବସ୍ଥିତ ରହିଛନ୍ତି ଏବଂ ସେଥିରେ କେବଳ କେତୋଟି ସାମାନ୍ୟ ପରିବର୍ତ୍ତନ ବ୍ୟତୀତ ମୂଳ ଗ୍ରୁପଟିକୁହିଁ ସର୍ବଦା ବଜାୟ ରଖିଛନ୍ତି । ପ୍ରତ୍ୟେକ ପ୍ରାଣୀ ଆପଣାର ଚେତନା ସହିତ ମଧ୍ୟ ବନ୍ଧାହୋଇ ରହିଛି, ଏବଂ ସେଇଟିକୁ ଛାଡ଼ିଦେଇ କୌଣସି ଅନ୍ୟ-ଚେତନା ଭିତରକୁ ଯିବାଲାଗି ତାହାର ଆଦୌ କୌଣସି ସାମର୍ଥ୍ୟ ନାହିଁ । ସେ ଆପଣା ପ୍ରକୃତିର ସୀମାଗୁଡ଼ିକ ମଧ୍ୟରେହିଁ ଆବଦ୍ଧ ହୋଇ ରହିଛି, ଏବଂ ଏହି ସୀମାଗୁଡ଼ିକୁ ଲଂଘନ କରି ଅନ୍ୟ-ପ୍ରକୃତି ଭିତରକୁ ପ୍ରବେଶ କରିବାଲାଗି ତାହାର କିଛି ସାମର୍ଥ୍ୟ ନାହିଁ । ପରମ ଅନନ୍ତସତ୍ତ୍ୱର ଚୈତନ୍ୟଶକ୍ତି ଯଦି ଜଡ଼ର ଅଭିବ୍ୟକ୍ତି ଘଟାଇ ସାରିବା ପରେ ପ୍ରାଣର ଅଭିବ୍ୟକ୍ତି ଘଟାଇଛି ଓ ପ୍ରାଣ ପରେ ମନର ଅଭିବ୍ୟକ୍ତି ଘଟାଇଛି, ତେବେ ସେଥିରୁ ଆମେ କଦାପି ଗ୍ରହଣ କରିନେଇ ପାରିବା ନାହିଁ ଯେ ଏହି ପୃଥିବୀ ଉପରେ ଆପଣାର ପରବର୍ତ୍ତୀ ବିସୃଷ୍ଟିରୂପେ ତାହା ଅତିମାନସର ବି ଅଭିବ୍ୟକ୍ତି ଘଟାଇବ । କାରଣ ମନ ଓ ଅତିମାନସ ହେଉଛନ୍ତି ସମ୍ପୂର୍ଣ୍ଣ ଭିନ୍ନ ଭିନ୍ନ ପର୍ଯ୍ୟାୟ ବା ମଣ୍ଡଳର ଦୁଇଟି ପୃଥକ୍‌ଧର୍ମୀ ତତ୍ତ୍ୱ । ମନର ସ୍ଥାନ ଏଠି ଅବିଦ୍ୟାର ଏହି ନିମ୍ନତର ସ୍ତରରେ ଓ ଅତିମାନସର ସ୍ଥାନ ହେଉଛି ଦିବ୍ୟ ପରମଜ୍ଞାନର ସେହି ଉଚ୍ଚତର ସ୍ତରରେ । ଏହି ପୃଥିବୀ ହେଉଛି ଅବିଦ୍ୟାର

'oaob.nitrkl.ac.in' images reprocessed

ପୃଥିବୀ, ଓ କେବଳ ତାହାହିଁ ହେବାଲାଗି ଅଭିପ୍ରେତ ହୋଇ ରହିଛି; ତେଣୁ ପରାର୍ଦ୍ଧ ଅର୍ଥାତ୍ ସେହି ଉଚ୍ଚତର ମଣ୍ଡଳର ସାମର୍ଥ୍ୟଗୁଡ଼ିକୁ ଇହଲୋକର ଏହି ନିମ୍ନତର ଅର୍ଦ୍ଧକୁ ଅବତୀର୍ଣ୍ଣ କରାଇ ଆଣିବାଲାଗି ଅଥବା ସେଗୁଡ଼ିକର ନିଗୂଢ଼ ସାମର୍ଥ୍ୟଗୁଡ଼ିକୁ ଏଠାରେ ଅଭିବ୍ୟକ୍ତ କରିଦେବା ଲାଗି ବିଧାତାଙ୍କର କୌଣସି ଅଭିପ୍ରାୟ ରହିଛି ବୋଲି କହିବାକୁ ଆଉ କୌଣସି କାରଣ ନାହିଁ । କାରଣ ଯଦି ସେଗୁଡ଼ିକର ଏଠାରେ ଆଦୌ କୌଣସି ଅସ୍ତିତ୍ୱ ରହିଥାଏ, ତେବେ ତାହା ଅତି ସଂଗୁପ୍ତ ଓ ଅନ୍ତର୍ନିହିତ ହୋଇ ରହିଛି ଓ ତାହା ସହିତ କୌଣସି ସଂଯୋଗସ୍ଥାପନ କରିବାର ଆଦୌ କୌଣସି ସମ୍ଭାବନା ନାହିଁ । ସୃଷ୍ଟିରକ୍ଷା କରିବା ହେଉଛି ତାହାର ଏକମାତ୍ର ଉଦ୍ଦେଶ୍ୟ, ସୃଷ୍ଟିକୁ ପରିପୂର୍ଣ୍ଣତା ଆଣିଦେବା ନୁହେଁ । ଏହି ଅବିଦ୍ୟାଗ୍ରସ୍ତ ବିସୃଷ୍ଟିର ଉଚ୍ଚତମ ସ୍ତରରେ ମନୁଷ୍ୟର ଆବିର୍ଭାବ ହୋଇଛି; ଯେତିକି ଚେତନା ଓ ଯେତିକି ଜ୍ଞାନ ହାସଲ କରିପାରିବାଲାଗି ତାହାର ସାମର୍ଥ୍ୟ ରହିଥିଲା, ସେ ତାହା ହାସଲ କରିସାରିଛି । ଯେଉଁଯାଏ ଯିବାର ଥିଲା, ସେଠାରେ ଯାଇ ପହଞ୍ଚି ସାରିଛି । ଯଦି ସେ ଏହି ସୀମାଟି ଡେଇଁ ଆହୁରି ଆଗକୁ ଯିବାଲାଗି ଚେଷ୍ଟା କରେ, ତେବେ କେବଳ ଆପଣା ମନୋମୟତାର ଅଧିକ ବୃହତ୍ ଚକ୍ରମଧ୍ୟରେ ପଡ଼ି ଆବର୍ତ୍ତିତ ହେବା ବ୍ୟତୀତ ସେ ଆଉ କିଛିହେଲେ କରି ପାରିବ ନାହିଁ । କାରଣ ମନର ଚକ୍ରଟିରେ ଆବର୍ତ୍ତିତ ହେବାହିଁ ମନୁଷ୍ୟ ସାମର୍ଥ୍ୟର ଶେଷସୀମା; ଏହି ଚକ୍ରଟିରେ ଆବର୍ତ୍ତିତ ହୋଇ ସେ ଯେଉଁଠାରୁ ଆପଣାର ଯାତ୍ରାରମ୍ଭ କରିଛି, ତାକୁ ବାରବାର ଠିକ୍ ସେଇଠାକୁହିଁ ଫେରି ଆସିବାକୁ ପଡ଼ିବ; ଏହି ଭଉଁରି ଭିତରୁ ବାହାରି ଆଉ କେଉଁଆଡ଼େ ଯାଇ ପାରିବାଲାଗି ମନର ଆଦୌ କୌଣସି ଅଧିକାର ନାହିଁ । ତେଣୁ ଏକ ସରଳରେଖାରେ ଗତି କରିବା କିମ୍ବା ଉପରକୁ ଉଠି ବା ପାର୍ଶ୍ୱଦେଶରେ ବିସ୍ତାରଲାଭ କରି ପରମ ଅନନ୍ତସତ୍ତାରେ ପ୍ରବେଶ କରିବାର ଯାବତୀୟ ଧାରଣାକୁ କେବଳ ଏକ ଦୁରାଶା ବୋଲି କହିବାକୁ ପଡ଼ିବ । ଯଦି ମନୁଷ୍ୟର ଆତ୍ମାକୁ ମନୁଷ୍ୟସୀମା ପାର ହୋଇ ଆହୁରି ଆଗକୁ ଯିବାକୁ ହୁଏ, ଯଦି ତାକୁ ଏକ ଅତିମାନସ କିମ୍ବା ତା'ଠୁ ଆହୁରି କୌଣସି ଉଚ୍ଚ ସ୍ଥାନରେ ଯାଇ ପହଞ୍ଚିବାକୁ ହୁଏ, ତେବେ ତାକୁ ଏହି ଜାଗତିକ ଅସ୍ତିତ୍ୱଟିକୁ ଛାଡ଼ି ବାହାରିଯିବାକୁ ପଡ଼ିବ; ହୁଏତ ଆନନ୍ଦ ଓ ଜ୍ଞାନର କୌଣସି ଭୂମିରେ ବା ଲୋକ ମଧ୍ୟରେ ପ୍ରବେଶ କରିବାକୁ ପଡ଼ିବ ଅଥବା ସେହି ଅବ୍ୟକ୍ତ ଓ ଅନନ୍ତ ଶାଶ୍ୱତ ସତ୍ତାରେ ଲୀନ ହୋଇଯିବାକୁ ପଡ଼ିବ ।

ଏକଥା ସତ ଯେ ଆଧୁନିକ ବିଜ୍ଞାନ ପୃଥିବୀର ଅସ୍ତିତ୍ୱ ବିଷୟରେ ଏହି ବିବର୍ତ୍ତନାତ୍ମକ ବ୍ୟାଖ୍ୟାଟିର ସମର୍ଥନ କରୁଛି । ମାତ୍ର ବିଜ୍ଞାନ ଯେଉଁସବୁ ତଥ୍ୟ ନେଇ କାରବାର କରୁଛି, ତାହା ବିଶ୍ୱାସଯୋଗ୍ୟ ହୋଇଥିଲେ ମଧ୍ୟ ତାହା ଯେଉଁସବୁ

'oaob.nitrkl.ac.in' images reprocessed

ସାଧାରଣ ସିଦ୍ଧାନ୍ତରେ ଉପନୀତ ହୋଇଥାଏ, ସେଗୁଡ଼ିକ ସାଧାରଣତଃ ଦୀର୍ଘକାଳ ସ୍ଥାୟୀ ହୋଇ ରହିପାରେ ନାହିଁ । ଗୋଟିଏ ଗୋଟିଏ ସିଦ୍ଧାନ୍ତକୁ ବିଜ୍ଞାନ କେବଳ କେତୋଟି ଦଶନ୍ଧି କିମ୍ବା କେତୋଟି ଶତାବ୍ଦୀ ପର୍ଯ୍ୟନ୍ତ ସତ୍ୟ ବୋଲି ଗ୍ରହଣ କରେ; ତା'ପରେ ଆଉ ଏକ ସାଧାରଣ ନିଷ୍କର୍ଷରେ ଆସି ପହଞ୍ଚେ ଓ ଆଉ ଏକ ନୂତନ ସିଦ୍ଧାନ୍ତ ବାହାର କରେ । ଏପରିକି ଯେଉଁ ଭୌତିକ ବିଜ୍ଞାନରେ ତଥ୍ୟଗୁଡ଼ିକୁ ସମ୍ପୂର୍ଣ୍ଣ ଭାବରେ ଜାଣିହୁଏ, ପରୀକ୍ଷା ଓ ପ୍ରୟୋଗ ଦ୍ୱାରା ସେଗୁଡ଼ିକୁ କଳିହୁଏ ବା ତଉଲିହୁଏ, ସେଥିରେ ମଧ୍ୟ ତାହାହିଁ ଘଟିଥାଏ । ଏଠାରେ ଚେତନାର ବିବର୍ତ୍ତନ ବିଷୟରେ ଆଲୋଚନା ହେଉଥିବାରୁ ଯେଉଁ ମନସ୍ତତ୍ତ୍ୱର ବିଜ୍ଞାନଟି ସହିତ ବର୍ତ୍ତମାନ ପ୍ରସଙ୍ଗଟିର ଅଧିକ ସମ୍ବନ୍ଧ ରହିଛି, ସେଥିରେ ଏହି ସିଦ୍ଧାନ୍ତଗତ ଅସ୍ଥାୟିତ୍ୱଟା ଆହୁରି ଅତ୍ୟଧିକ ହୋଇପଡ଼େ । ମନସ୍ତତ୍ତ୍ୱରେ ପ୍ରଥମ ସିଦ୍ଧାନ୍ତଟି ଯଥେଷ୍ଟ ପରିମାଣରେ ପ୍ରତିଷ୍ଠିତ ହୋଇପାରିବା ପୂର୍ବରୁ ସେଇଟିକୁ ଛାଡ଼ି ଆଉଗୋଟିଏ ସିଦ୍ଧାନ୍ତ ଉପରକୁ ଡେଇଁ ପଡ଼ୁଥିବା ପରି ମନେହୁଏ; ବସ୍ତୁତଃ ଏଠାରେ ପରସ୍ପରର ବିରୋଧ କରୁଥିବା ଏକାଧିକ ସିଦ୍ଧାନ୍ତ ଏକାବେଳକେ କ୍ଷେତ୍ରଟି ଉପରେ ଆଧିପତ୍ୟ ବିସ୍ତାର କରି ରହିଥା'ନ୍ତି । ଏହିସବୁ ଅତିଅନିଶ୍ଚିତ ଚୋରାବାଲି ଉପରେ କୌଣସି ଦୃଢଭିତ୍ତିକ ତତ୍ତ୍ୱର ସୌଧ କିପରି ନିର୍ମାଣ କରାଯାଇ ପାରିବ ? ବଂଶାନୁକ୍ରମିକତାର ଯେଉଁ ସିଦ୍ଧାନ୍ତଟି ଉପରେ ବିଜ୍ଞାନ ଜୀବନ-ବିବର୍ତ୍ତନ ସମ୍ବନ୍ଧରେ ଆପଣାର କଳ୍ପନାକୁ ଠିଆ କରି ରଖିଥାଏ, ତାହା ଯେ ଏକ ପ୍ରବଳ ଶକ୍ତି ସେଥିରେ କୌଣସି ସନ୍ଦେହ ନାହିଁ; ମାତ୍ର ତାହାକୁ କୌଣସି ଜାତି ବା ଜୀବଶ୍ରେଣୀର ସ୍ୱକୀୟ ବୈଶିଷ୍ଟ୍ୟଟିକୁ ବଜାୟ ରଖିବାର କେବଳ ଏକ ସାଧନଯନ୍ତ୍ର ବୋଲି କୁହାଯିବ । ବଂଶାନୁକ୍ରମର ବିଧାନଟି ଯେ ପୁନଃପୁନଃ ଓ କ୍ରମବିକାଶଶୀଳ ବୈଚିତ୍ର୍ୟଗୁଡ଼ିକ ଲାଗି ମଧ୍ୟ ଏକ ସାଧନରୂପେ କାର୍ଯ୍ୟ କରେ ବୋଲି ଦର୍ଶାଇ ଦିଆଯାଇଥାଏ, ସେଥିରେ ସନ୍ଦେହର ଅନେକ ଅବକାଶ ରହିଥାଏ । ବଂଶାନୁକ୍ରମିକତାର ପ୍ରବୃତ୍ତିକୁ ଏକ ବିକାଶାତ୍ମକ ପ୍ରବୃତ୍ତି ବୋଲି ନକହି ବରଂ ଏକ ରକ୍ଷଣଶୀଳ ପ୍ରବୃତ୍ତି ବୋଲି କୁହାଯିବା ଉଚିତ । ଯେଉଁ ନୂତନ ସ୍ୱଭାବଟିକୁ ପ୍ରାଣଶକ୍ତି ତା' ଉପରେ ଜୋର କରି ଲଦି ଦେବାର ଚେଷ୍ଟା କରୁଥାଏ, ବଂଶାନୁକ୍ରମର ବିଧାନ ସେଇଟିକୁ ବଡ଼ ଅନିଚ୍ଛା ସହିତ ଗ୍ରହଣ କରୁଥିବା ପରି ବୋଧହୁଏ । ଏହିସବୁ କଥାରୁ ବେଶ୍ ପ୍ରମାଣ ମିଳୁଛି ଯେ ଆପଣା ସ୍ୱଭାବର ନିର୍ଦ୍ଦିଷ୍ଟ ଆୟତନଟି ଭିତରେ କୌଣସି ଜୀବଜାତି ଆପଣା ଲକ୍ଷଣରେ ହୁଏତ କିଛିଟା ପରିବର୍ତ୍ତନ ଘଟାଇପାରେ ସତ, ମାତ୍ର ଆପଣାର ଆୟତନଟିକୁ ଡେଇଁ ସେହି ପରିବର୍ତ୍ତନ ଆଉ ଅଧିକ କିଛି କରିବାକୁ ସମର୍ଥ ହୁଏ ବୋଲି ଗ୍ରହଣ କରିବାର ଆଦୌ କୌଣସି ପ୍ରମାଣ ନାହିଁ । ବାନରଜାତି ଯେ ଉତ୍ତରୋତ୍ତର ବିକାଶଲାଭ କରି ମନୁଷ୍ୟରେ ପରିଣତ ହୋଇଛି, ଏହି କଥାଟି ଏପର୍ଯ୍ୟନ୍ତ ଅଭ୍ରାନ୍ତ ଭାବରେ

'oaob.nitrkl.ac.in' images reprocessed

ପ୍ରମାଣିତ ହୋଇ ନାହିଁ । କାରଣ, ଏକଥାଟି ବରଂ ଅଧିକ ସମ୍ଭବ ବୋଲି ମନେହେଉଛି ଯେ ବାନରତ୍ୱର ଲକ୍ଷଣ ନୁହେଁ, ମାତ୍ର ସର୍ବଦା ଆପଣାର ବିଶେଷ ଲକ୍ଷଣଗୁଡ଼ିକୁ ବହନ କରିଥିବା ବାନରସଦୃଶ କୌଣସି ଏକ ପ୍ରାଣୀଜାତି ଆପଣା ସ୍ୱଭାବର ସ୍ୱକୀୟ ପ୍ରବୃତ୍ତିସୀମାଗୁଡ଼ିକ ମଧ୍ୟରେହିଁ ବିକାଶଲାଭ କରିଛି, ଏବଂ ବର୍ତ୍ତମାନ ଯାହାକୁ ଆମେ ମନୁଷ୍ୟ ବୋଲି କହୁଛୁ, ତାହାରି ରୂପ ଧାରଣ କରିଛି । ଏହି ପୃଥିବୀରେ ବାସ କରୁଥିବା ନିକୃଷ୍ଟତର ମନୁଷ୍ୟଜାତିଗୁଡ଼ିକ ବିକଶିତ ହୋଇ ଆପଣା ଭିତରୁ ଯେ ଉତ୍କୃଷ୍ଟତର ମନୁଷ୍ୟଜାତିମାନଙ୍କୁ ଜନ୍ମ ଦେଇଛନ୍ତି, ଏକଥାଟି ମଧ୍ୟ ଏପର୍ଯ୍ୟନ୍ତ ଯଥାର୍ଥ ଭାବରେ ପ୍ରମାଣିତ ହୋଇ ନାହିଁ । ମନୁଷ୍ୟର ଇତିହାସରେ ଯେଉଁସବୁ ସମୂହରେ ଯଥେଷ୍ଟ ବା ଉପଯୁକ୍ତ ସଂଗଠନ ଓ ସାମର୍ଥ୍ୟ ନଥିଲା, ସେମାନେ କାଳକ୍ରମେ ବିଲୁପ୍ତ ହୋଇଗଲେ; ମାତ୍ର ଆପଣାର ଭବିଷ୍ୟତ ବଂଶଧରରୂପେ ସେଇମାନେ ଯେ ଆଧୁନିକ ସମାଜର ମନୁଷ୍ୟଜାତିଗୁଡ଼ିକୁ ରଖିଦେଇ ଯାଇଛନ୍ତି, ଏକଥା ମଧ୍ୟ କେହି ପ୍ରମାଣ କରି ଦେଖାଇ ନାହାନ୍ତି । ମାତ୍ର ତଥାପି ଗୋଟିଏ ଜାତି ବା ଶ୍ରେଣୀ ଭିତରେ ଏଭଳି ଏକ ବିକାଶର ଅବଶ୍ୟ କଳ୍ପନା କରାଯାଇ ପାରିବ । ଜଡ଼ରୁ ଆରମ୍ଭ କରି ପ୍ରାଣଯାଏ ତଥା ପ୍ରାଣରୁ ପୁଣି ମନଯାଏ ପ୍ରକୃତିର ଯେଉଁ ବିବର୍ତ୍ତନ ଘଟିଛି, ତାହାକୁ ହୁଏତ ସତ୍ୟ ବୋଲି ଗ୍ରହଣ କରାଯାଇପାରେ । ମାତ୍ର ଜଡ଼ହିଁ ଯେ ପ୍ରାଣରୂପେ ବିକଶିତ ହୋଇଛି କିମ୍ବା ପ୍ରାଣଶକ୍ତି ମନଃଶକ୍ତିରେ ପରିଣତ ହୋଇଛି, ଏଥିଲାଗି ଆମପାଖରେ ଏପର୍ଯ୍ୟନ୍ତ କୌଣସି ପ୍ରମାଣ ନାହିଁ । ଏଠାରେ କେବଳ ଏତିକିମାତ୍ର ସ୍ୱୀକାର କରାଯାଇପାରିବ ଯେ ଜଡ଼ ମଧ୍ୟରେ ପ୍ରାଣର ପ୍ରକାଶ ହୋଇଛି ଓ ସଜୀବ ଜଡ଼ ମଧ୍ୟରେ ମନର ପ୍ରକାଶ ହୋଇଛି । କାରଣ କୌଣସି ଉଦ୍ଭିଦ ଯେ ବିକାଶଲାଭ କରି ପ୍ରକୃତରେ ଏକ ପ୍ରାଣୀର ଅସ୍ତିତ୍ୱ ହାସଲ କରିଛି ଅଥବା ଜୀବନହୀନ ଜଡ଼ର କୌଣସି ସଂହତ ରୂପ ଯେ ଏକ ଜୈବ ପଦାର୍ଥ ବା ଜୀବରୂପେ ବିକଶିତ ହୋଇ ପାରିଛି, ଏହାର ସପକ୍ଷରେ ଆମପାଖରେ ଯଥେଷ୍ଟ ପ୍ରମାଣ ନାହିଁ । ରାସାୟନିକ ଅଥବା ଅନ୍ୟକୌଣସି ବିଶେଷ ପରିବେଶରେହିଁ ଜୈବ ପଦାର୍ଥ ବା ଜୀବନ ଆବିର୍ଭୂତ ହେଉଛି ବୋଲି ଯଦି ପରେ କେବେ ଆବିଷ୍କୃତ ହୋଇପାରେ, ତେବେ ସେହି ସଂଯୋଗଟିରୁ କେବଳ ଏତିକି ସତ୍ୟ ପ୍ରମାଣିତ ହେବ ଯେ କେତେକ ବିଶେଷ ଭୌତିକ ପରିସ୍ଥିତିରେହିଁ ଜୀବନର ଅଭିବ୍ୟକ୍ତି ସମ୍ଭବ ହୁଏ । ମାତ୍ର କେତେକ ରାସାୟନିକ ପରିବେଶହିଁ ଯେ ପ୍ରାଣରୂପେ ଅଭିବ୍ୟକ୍ତି ଲାଭ କରେ, ପ୍ରାଣର ଉପାଦାନ-ରୂପେ କାର୍ଯ୍ୟ କରେ ଅଥବା ଅଜୈବକୁ ଜୈବରେ ରୂପାନ୍ତରିତ କରିଦେବାରେ ବିବର୍ତ୍ତନଗତ କାରଣ ହୋଇ ରହିଥାଏ, ସେଥିରୁ ଏକଥାଟି କଦାପି ପ୍ରତିଷ୍ଠିତ ହୁଏ ନାହିଁ । ଅନ୍ୟସବୁ କ୍ଷେତ୍ରପରି ଏଠାରେ ମଧ୍ୟ ସତ୍ତାର ପ୍ରତ୍ୟେକ ସୋପାନ କେବଳ ଆପଣାର ଆତ୍ମଗତନୀତି ଭିତରେ ଅବସ୍ଥାନ କରୁଥାଏ, କେବଳ ଆପଣା ସକାଶେହିଁ

'oaob.nitrkl.ac.in' images reprocessed

ରହିଥାଏ, ଆପଣାର ସ୍ୱକୀୟ ସ୍ୱଭାବଟି ଅନୁସାରେ ଆପଣାର ଯଥୋପଯୁକ୍ତ ଶକ୍ତି-ବଳରେହିଁ ଅଭିବ୍ୟକ୍ତ ହେଉଥାଏ; ଏବଂ ଏହି ସୋପାନର ଉପରେ ଅଥବା ତଳେ ଅବସ୍ଥିତ ସୋପାନଗୁଡ଼ିକୁ ତାହାର କାରଣ କିମ୍ବା ପରବର୍ତ୍ତୀ ପରିଣାମ ବୋଲି ଆଦୌ କୁହାଯାଇ ପାରିବ ନାହିଁ, ସେଗୁଡ଼ିକୁ ପାର୍ଥିବ ପ୍ରକୃତିର ଅବିଚ୍ଛିନ୍ନ ଭାବରେ ଅବସ୍ଥିତ ରହିଥିବା ସୋପାନକ୍ରମରେ କେବଳ ଗୋଟିଏ ଗୋଟିଏ ସୋପାନ ବୋଲିହିଁ କୁହାଯିବ ।

ତେବେ ଏତେ ବିଚିତ୍ର ପ୍ରକାରର ଓ ବିଚିତ୍ର ଜାତିର ଜୀବସତ୍ତା କିପରି ପୃଥିବୀକୁ ଆସିଲେ ବୋଲି ଯଦି ପ୍ରଶ୍ନ କରାଯାଏ, ତାହାର ଉତ୍ତରରେ ଏକଥା କୁହାଯାଇ ପାରିବ ଯେ ସେଗୁଡ଼ିକ ମଧ୍ୟରେ ଯେଉଁ ଚୈତନ୍ୟଶକ୍ତି ଅନ୍ତର୍ନିହିତ ହୋଇ ରହିଥିଲା, ମୂଳତଃ ତାହାରି ବଳରେହିଁ ସେଗୁଡ଼ିକ ଜଡ଼ମଧ୍ୟରେ ଅଭିବ୍ୟକ୍ତ ହୋଇ ରହିଥିଲେ; ଅନ୍ତର୍ବାସୀ ଚିତ୍ପୁରୁଷର ଏହି ବିଶ୍ୱଗତ ଅସ୍ତିତ୍ୱ ସକାଶେହିଁ ପରମ ସଦ୍‌ଭୂତବିଜ୍ଞାନ ଆପଣାର ଶକ୍ତିବଳରେ ଆପଣାର ସାର୍ଥକ ରୂପାୟନ ଓ ପ୍ରକାରଗୁଡ଼ିକୁ ସୃଷ୍ଟିକରି ରଖିଥିଲା । ଜୀବସୃଷ୍ଟିର ବିଭିନ୍ନ ସ୍ତର ବା ପର୍ଯ୍ୟାୟରେ ପ୍ରୟୋଗ କରାଯାଇଥିବା ବ୍ୟାବହାରିକ ବା ଭୌତିକ ପଦ୍ଧତିରେ ହୁଏତ ପ୍ରଭୂତ ପାର୍ଥକ୍ୟ ଆଇପାରେ, ମାତ୍ର ତଥାପି ସେଗୁଡ଼ିକ ମଧ୍ୟରେ ଏକ ମୂଳଗତ ସାଦୃଶ୍ୟ ମଧ୍ୟ ବେଶ୍ ଦୃଷ୍ଟିଗୋଚର ହୋଇପାରେ । ସୃଷ୍ଟି କରୁଥିବା ପରମ ଶକ୍ତି କେବଳ ଗୋଟିଏ ପ୍ରକ୍ରିୟାକୁ କାମରେ ନଲଗାଇ କିମ୍ବା ଗୋଟିଏ ସାମର୍ଥ୍ୟକୁ କାର୍ଯ୍ୟକାରୀ ନକରି ଏକାଠି ଅନେକ ପ୍ରକ୍ରିୟା ଓ ସାମର୍ଥ୍ୟକୁ ବ୍ୟବହାର କରି ପାରନ୍ତି ଓ କାମରେ ଲଗାଇ ପାରନ୍ତି । ଜଡ଼ର ଅବସ୍ଥାଟିରେ ବିପୁଳ ଶକ୍ତିଦ୍ୱାରା ସମ୍ପ୍ରେରିତ ଅତିକ୍ଷୁଦ୍ର ଅଣୁ ଓ ପରମାଣୁଗୁଡ଼ିକର ସୃଷ୍ଟି କରିବାର ପଦ୍ଧତିଟି କାର୍ଯ୍ୟରେ ଲାଗେ, କେତେପ୍ରକାର ଉପସ୍ଥାପନ ତଥା ସଂଖ୍ୟାଗତ ଯୋଗଦ୍ୱାରା ସେଗୁଡ଼ିକୁ ସଂଯୋଜିତ କରି ରଖାଯାଏ ଏବଂ ସେହି ପ୍ରାଥମିକ ଆଧାରଟି ଉପରେ ବୃହତ୍ତର ଦ୍ରବ୍ୟାଣୁଗୁଡ଼ିକୁ ପ୍ରକାଶିତ କରାଯାଏ; ତା' ପରେ ଏହି ବୃହତ୍ତର ଦ୍ରବ୍ୟାଣୁଗୁଡ଼ିକୁ ଏକାଠି ଶ୍ରେଣୀବଦ୍ଧ ଓ ସଂଯୋଜିତ କରି ଇନ୍ଦ୍ରିୟଗ୍ରାହ୍ୟ ବସ୍ତୁଗୁଡ଼ିକୁ ଆକୃତି ଦିଆଯାଏ; ମୃତ୍ତିକା, ଜଳ, ଧାତୁପଦାର୍ଥ, ଖଣିଜ ଓ ଏହି ସମଗ୍ର ଜଡ଼ଜଗତଟିକୁ ଆକାର ଦାନ କରାଯାଏ । ପ୍ରାଣର ଭୂମିରେ ମଧ୍ୟ ଉଦ୍ଭିଦ-ପ୍ରାଣର ଅତିକ୍ଷୁଦ୍ର ରୂପାଣୁ ତଥା ପ୍ରାଣୀସଂସାରର କୋଷାଣୁଗୁଡ଼ିକରୁହିଁ ପରମ ଚେତନଶକ୍ତି ତାହାର ସୃଷ୍ଟିକ୍ରିୟା ଆରମ୍ଭ କରେ, ଏକ ମୌଳିକ ପ୍ରାଣକୋଷ ସୃଷ୍ଟିକରି ତାହାକୁ ବହୁଗୁଣିତ କରିଦିଏ, ତା'ପରେ ଏକକରୂପେ ଜୀବକୋଷର ସୃଷ୍ଟିକରେ ଏବଂ ଜୀବବୀଜ ବା ଜିନ୍ ପରି ଅନ୍ୟ ଯାବତୀୟ କ୍ରମର ଅତିସୂକ୍ଷ୍ମ ପ୍ରାଣବାହନଗୁଡ଼ିକୁ ଗଢ଼ିଦିଏ । ସଂଯୋଜନ, ସଙ୍ଖ୍ୟା ଓ ଶ୍ରେଣୀକରଣର ସମାନ ନୀତି ଅନୁସରଣ କରି ନାନା ବିଚିତ୍ର କୌଶଳ ଓ କାର୍ଯ୍ୟକ୍ରମରେ ସେ ବହୁବିଧ

'oaob.nitrkl.ac.in' images reprocessed

ଜୀବଦେହର ଗଠନ କରେ । ଏହି କ୍ଷେତ୍ରରେ ଯେ କେତେକେତେ ଜୀବଜାତିର ସତତ ସୃଜନ ଲାଗିରହିଥାଏ, ସେକଥା ଆମର ବେଶ୍ ଦୃଷ୍ଟିଗୋଚର ହୁଏ ସତ, ମାତ୍ର ତାହାକୁ ବିବର୍ତ୍ତନର ଏକ ଅକାଟ୍ୟ ପ୍ରମାଣରୂପେ ଆଦୌ ଗ୍ରହଣ କରି ହୁଏ ନାହିଁ । ଏହି ଜୀବଜାତିସବୁ ପରସ୍ପରଠାରୁ ଅନେକ ଦୂରରେ ରହିଥା'ନ୍ତି, ପୁଣି କେତେବେଳେ ପ୍ରାୟ ଏକାପରି ଦିଶୁଥା'ନ୍ତି; କେତେବେଳେ ସେଗୁଡ଼ିକ ମଧ୍ୟରେ ଆଧାରଗତ ସାଦୃଶ୍ୟ ରହିଥାଏ ସତ, ମାତ୍ର ଟିକିନିଖି ଗଢ଼ଣରେ ଅନେକ ବୈଷମ୍ୟ ଥାଏ । ଏସମସ୍ତଙ୍କୁ ଆମେ ଗୋଟିଏ ଗୋଟିଏ ନମୁନା ବୋଲିହିଁ ଗ୍ରହଣ କରିବା; ମାତ୍ର ସମସ୍ତଙ୍କଲାଗି ଏକ ସଦୃଶ ପ୍ରାଥମିକ ଆଧାର ଥାଇ ତା'ପରେ ଅଗଣିତ ନମୁନାର ଏହି ବହୁବିଧତାର ସୃଷ୍ଟି କରିପାରିବା,—ଏଇଟି କେବଳ ଏକ ଚେତନାଶୀଳ ପରମଶକ୍ତିକୁ ସୂଚିତ କରି ଦେଇଥାଏ ଯିଏକି ଆପଣାର ଅନ୍ତର୍ଗତ ପରମସ୍ୱଭାବଟିର ଲୀଳାବଳରେ ଏହି ସୃଷ୍ଟିରେ ଯାବତୀୟ ପ୍ରକାରର ସମ୍ଭାବନାକୁ ଆଣି ରୂପାୟିତ କରିଦେବାରେ ଲାଗିଛି । ସେହିପରି ପଶୁଜାତି ମଧ୍ୟ ପୃଥିବୀକୁ ଆସିଲାବେଳେ ତାହାର ପ୍ରାଥମିକ ଭ୍ରୂଣଦଶାରେ ବା ମୌଳିକ ପ୍ରକାରରେ ସବୁ ପଶୁଙ୍କ ମଧ୍ୟରେ ଏକ ସାଦୃଶ୍ୟ ନେଇ ଜନ୍ମଗ୍ରହଣ କରିଥାଏ; ଆପଣାର କେତେକ ଦିଗରେ ବା ସକଳ ଦିଗଗୁଡ଼ିକରେ ଗଢ଼ି ହେଲାବେଳେ ପଶୁମଧ୍ୟରେ ବେଶ୍ କେତେଦୂର ପର୍ଯ୍ୟନ୍ତ ବିକାଶଗତ କେତେକ ସାଦୃଶ୍ୟ ମଧ୍ୟ ବେଶ୍ ପରିଲକ୍ଷିତ ହୋଇପାରେ । ସେମାନଙ୍କ ଭିତରେ ଦୁଇପ୍ରକୃତିବିଶିଷ୍ଟ ଓ ଉଭୟଚର ବି ଥାଇପାରନ୍ତି, ଅର୍ଥାତ୍ ଗୋଟିଏ ପ୍ରକାର ଏବଂ ଆଉ ଗୋଟିଏ ପ୍ରକାରର ମଧ୍ୟବର୍ତ୍ତୀ ପ୍ରକୃତିର ଜୀବମାନେ ବି ଥାଇପାରନ୍ତି; ମାତ୍ର ଏଥିରୁ କାହିଁକି ଅର୍ଥ କରାଯିବ ଯେ ଏକ ବିବର୍ତ୍ତନାତ୍ମକ କ୍ରମଦ୍ୱାରାହିଁ ଏମାନେ ଗୋଟିକରୁ ଅନ୍ୟଟିଠାରୁ ନିଷ୍ପନ୍ନ ହୋଇଛନ୍ତି ? ଜୀବଗୁଡ଼ିକ ମଧ୍ୟରେ ନୂତନ ଲକ୍ଷଣ ଓ ନୂତନ ସ୍ୱଭାବ ଆଣିଦେବାରେ କେବଳ ବଂଶାନୁକ୍ରମଜନିତ ପାର୍ଥକ୍ୟ ବ୍ୟତୀତ ଅନ୍ୟାନ୍ୟ ଶକ୍ତି ମଧ୍ୟ କାର୍ଯ୍ୟ କରିଛନ୍ତି । ଖାଦ୍ୟ ଓ ଆଲୋକରଶ୍ମି ଭଳି ଜଡ଼ୀୟ ଶକ୍ତିମାନେ କାର୍ଯ୍ୟ କରନ୍ତି; ଏବଂ ଆହୁରି ଅନ୍ୟାନ୍ୟ ଶକ୍ତି କାର୍ଯ୍ୟ କରନ୍ତି; ଯେଉଁଗୁଡ଼ିକ ବିଷୟରେ ଆମେ ଏବେମାତ୍ର କିଛି କିଛି ଜାଣିବାକୁ ଆରମ୍ଭ କଲୁଣି, ଏବଂ ଆହୁରି ଏଭଳି ଶକ୍ତି ଅବଶ୍ୟ ରହିଛନ୍ତି, ଯାହା ବିଷୟରେ କି ଆମେ ଏପର୍ଯ୍ୟନ୍ତ କିଛି ଜାଣି ନାହୁଁ । ଏହି ପ୍ରକ୍ରିୟାଟି ମଧ୍ୟରେ ଅଦୃଶ୍ୟ ପ୍ରାଣଶକ୍ତି ଓ ଅସ୍ପଷ୍ଟ ମନଃଶକ୍ତିଗୁଡ଼ିକ ମଧ୍ୟ କାର୍ଯ୍ୟ କରୁଥା'ନ୍ତି । କାରଣ ଗୋଟିଏ ଗୋଟିଏ ଜୀବଜାତିକୁ ପ୍ରକୃତି କାହିଁକି ସ୍ୱୀକାର କରିନିଏ ଏବଂ ଆଉ କେତେକକୁ କାହିଁକି ସ୍ୱୀକାର କରେ ନାହିଁ, ତାହାର ଯଥାର୍ଥ କାରଣ ନିର୍ଣ୍ଣୟ କରିବାକୁ ହେଲେ ଜଡ଼ଗତ ବିବର୍ତ୍ତନର ସିଦ୍ଧାନ୍ତଟିରେ ମଧ୍ୟ ଆମକୁ ଏହିସବୁ ସୂକ୍ଷ୍ମତର ଶକ୍ତିଗୁଡ଼ିକର ଅସ୍ତିତ୍ୱକୁ ସ୍ୱୀକାର କରିବାକୁ ପଡ଼ିବ । କେତେକ ଜୀବଜାତିର କ୍ଷେତ୍ରରେ ପାରିପାର୍ଶ୍ୱିକ ଅବସ୍ଥାର ଆବଶ୍ୟକତା ଅନୁସାରେ

'oaob.nitrkl.ac.in' images reprocessed

ଯଦି ଅନ୍ତର୍ଗୂଢ଼ ଅଥବା ଅବଚେତନ ଶକ୍ତିଟି ପ୍ରତିସ୍ପନ୍ଦନ ଜଣାଇ କାର୍ଯ୍ୟକାରୀ ହେଉଥାଏ ଏବଂ ଅନ୍ୟ କ୍ଷେତ୍ରଗୁଡ଼ିକରେ ପ୍ରତିସ୍ପନ୍ଦନ ଜଣାଉ ନଥାଏ ଏବଂ ଫଳରେ ସମ୍ପୃକ୍ତ ଜୀବଜାତିଟି ତିଷ୍ଠି ରହିବାକୁ ସମର୍ଥ ହେଉ ନଥାଏ, ତେବେ ସେଇଥିରୁହିଁ ସ୍ପଷ୍ଟ ଭାବରେ ବୁଝାଯିବ ଯେ ପ୍ରକୃତି ମଧ୍ୟରେ ଚୈତନ୍ୟ ସମ୍ଭବ କରିବାଲାଗି କେବଳ ଜଡ଼ ଶକ୍ତିଗୁଡ଼ିକହିଁ କାର୍ଯ୍ୟ କରୁ ନାହାନ୍ତି, ମାତ୍ର ଚୈତନ୍ୟମୟ ପ୍ରାଣଶକ୍ତି ଓ ମନଃଶକ୍ତି ମଧ୍ୟ କାର୍ଯ୍ୟ କରୁଛନ୍ତି, ଏକ ଚେତନା ଓ ଏକ ଅଜଡ଼ ଶକ୍ତି ମଧ୍ୟ କାର୍ଯ୍ୟ କରୁଛି । ପ୍ରକୃତିର ଏହି କ୍ରିୟାଶୀଳ ହେବାର ଓ କ୍ରିୟାଶୀଳ କରିବାର ପଦ୍ଧତିଟିର ସମସ୍ୟାଟି ଏପରି ନାନା ଅସ୍ପଷ୍ଟ ଓ ଅଜ୍ଞାତ ଉପାଦାନରେ ଭର୍ତ୍ତିହୋଇ ରହିଛି ଯେ ବର୍ତ୍ତମାନ ସେହି ବିଷୟରେ କୌଣସି ନିର୍ଦ୍ଦିଷ୍ଟ ସିଦ୍ଧାନ୍ତଟିଏ ଗଢ଼ି ଥୋଇଦେବା କଦାପି ସମ୍ଭବ ହେବ ନାହିଁ ।

ଏହିଭଳି ଭାବରେ ଅସ୍ତିତ୍ୱ ଧାରଣ କରୁଥିବା ଅନେକ ଜୀବଜାତି ମଧ୍ୟରେ ମନୁଷ୍ୟ ମଧ୍ୟ ଗୋଟିଏ ଜାତି, ଜଡ଼ର ଅଭିବ୍ୟକ୍ତ-ଗଠନର ବହୁ ନମୁନା ଭିତରେ ଗୋଟିଏମାତ୍ର ନମୁନା । ଏପର୍ଯ୍ୟନ୍ତ ଯେତେ ଜୀବଜାତି ସୃଷ୍ଟି ହୋଇଛନ୍ତି, ମଣିଷ ସେମାନଙ୍କ ମଧ୍ୟରେ ସବୁଠାରୁ ଅଧିକ ଜଟିଳ, ତାହାର ଚେତନାଟି ହେଉଛି ସବୁଠାରୁ ସମୁନ୍ନତମନ୍ତ ସମ୍ପଦରେ ଭରା ଏବଂ ତାହାର ରଚନାରେ ଅଦ୍ଭୁତ ବୁଦ୍ଧିମତ୍ତା ଓ ନିପୁଣତାର ପ୍ରଦର୍ଶନ କରାହୋଇଛି । ସେ ଏହି ପାର୍ଥିବ ଜୀବସୃଷ୍ଟିର ଶୀର୍ଷଦେଶରେ ଅବସ୍ଥିତ ରହିଛି, ମାତ୍ର ତଥାପି ତାହାର ସୀମାଗୁଡ଼ିକୁ ପାର ହୋଇ ପାରି ନାହିଁ । ଅନ୍ୟସବୁ ଜୀବଙ୍କପରି ତା' ଉପରେ ମଧ୍ୟ ସ୍ୱଭାବଗତ ବିଧାନ ଓ ସୀମାମାନ ରହିଛି, ନିଜସ୍ୱ ସ୍ୱଭାବ ଓ ସ୍ୱଧର୍ମ ରହିଛି । ସେହି ସୀମାଗୁଡ଼ିକର ଆୟତନ ମଧ୍ୟରେ ସେ କେତେପ୍ରକାରେ ପ୍ରସାରିତ ଏବଂ ବିକଶିତ ହୋଇ ପାରୁଛି, ମାତ୍ର ଆୟତନଟିର ବାହାରକୁ ଯାଇ ପାରୁ ନାହିଁ । ଯଦି ପ୍ରକୃତରେ ତାକୁ କୌଣସି ପରିପୂର୍ଣ୍ଣ ଅବସ୍ଥାରେ ଯାଇ ଉପନୀତ ହେବାକୁ ହୁଏ, ତେବେ କେବଳ ତାହାର ପ୍ରକାରଗତ ଆୟତନ ମଧ୍ୟରେହିଁ ସେହି ପରିପୂର୍ଣ୍ଣତା ସଂଘଟିତ ହେବ, ତାହାର ଆପଣା ସତ୍ତାର ବିଧାନଗତ ସୀମାଟି ମଧ୍ୟରେହିଁ ସଂଘଟିତ ହେବ । ଆପଣାର ନିଜସ୍ୱ ଗତି, ପଦ୍ଧତି ଓ ପରିମାପଗୁଡ଼ିକ ମଧ୍ୟରେହିଁ ତା'ଜୀବନର ପୂର୍ଣ୍ଣ ପ୍ରକାଶ ଘଟିବ, ଏଗୁଡ଼ିକୁ ଲଂଘନ ବା ଅତିକ୍ରମ କରି କଦାପି ହେବ ନାହିଁ । ଆପଣାର ନିର୍ଦ୍ଦିଷ୍ଟ ଆୟତନଟିରୁ ଅଧିକ ହେବା, ଏକ ଅତିମାନବରୂପେ ବିକାଶଲାଭ କରିବା ଓ ମଣିଷ ହୋଇ କୌଣସି ଦେବତାର ସ୍ୱଭାବ ତଥା ସାମର୍ଥ୍ୟ ଅର୍ଜନ କରିବା,—ଏଗୁଡ଼ାକ ତା'ର ଆପଣା ଭୂମିଗତ ବିଧାନର କେବଳ ବିରୁଦ୍ଧାଚରଣହିଁ କରିବ, ତାହାଲାଗି ସର୍ବଦା ଅସାଧ୍ୟ ଓ ଅସମ୍ଭବ ହୋଇ ରହିଥିବ । ପ୍ରତ୍ୟେକ ସତ୍ତାର ରୂପ ଓ ଗତିରେ କେବଳ ତାହାର ନିଜ ପ୍ରକୃତିର ଅନୁରୂପ ଆନନ୍ଦର ଲୀଳାହିଁ ପ୍ରକଟ ହୋଇ ପାରିବ । ମନୋଭୂମିର ମାଧ୍ୟମରେ ଆପଣା

'oaob.nitrkl.ac.in' images reprocessed

ପରିପାର୍ଶ୍ୱଟିକୁ ଆପଣାର ଆୟତ୍ତକୁ ଆଣିବା, ତା'ହାକୁ ଆପଣାର କାମରେ ବ୍ୟବହାର କରିବା ଓ ତାହାକୁ ଉପଭୋଗ କରିବା ଲାଗିହିଁ ମନୁଷ୍ୟର ସ୍ୱଭାବଗତ ସାମର୍ଥ୍ୟ ରହିଛି ଏବଂ ଯଥାର୍ଥତଃ ତାହାହିଁ ଏକ ମନୋମୟ ସତ୍ତାରୂପେ ମନୁଷ୍ୟର ସମ୍ପୂର୍ଣ୍ଣ ଲକ୍ଷ୍ୟ ହୋଇ ରହିବା ଉଚିତ । ମାତ୍ର ଆପଣାର ଆଖିକୁ ଆହୁରି ସେପାଖକୁ ଡିଆଁଇ ନେଇଯିବା, ଆପଣା ପରିଧିର ବାହାରେ ରହିଥିବା ଜୀବନଗତ କୌଣସି ଇଷ୍ଟ ବା ଉଦ୍ଦେଶ୍ୟ ପଛରେ ଧାଇଁବା ଏବଂ ମନୋମୟ ବ୍ୟକ୍ତିର ସୀମାଗୁଡ଼ାକୁ ଅତିକ୍ରମ କରିବାପାଇଁ ଆସ୍ପୃହା ରଖିବା ହେଉଛି ଏହି ଜୀବନରେ ବିଶ୍ୱବିଧାନଗତ କୌଣସି ଉଦ୍ଦେଶ୍ୟ ରହିଛି ବୋଲି ସ୍ୱୀକାର କରିନେବା । ମାତ୍ର ଏହି ବିଶ୍ୱଜଗତରେ ସେପରି କୌଣସି ଉଦ୍ଦେଶ୍ୟ ପ୍ରକୃତରେ କେଉଁଠି ରହିଛି ବୋଲି ଆଦୌ ପରିଦୃଷ୍ଟ ହୁଏ ନାହିଁ । ଏହି ପୃଥିବୀର ସୃଷ୍ଟି ମଧ୍ୟରେ ଯଦି କୌଣସି ଅତିମାନସ ସତ୍ତାର ଆବିର୍ଭାବ ହେବାକୁ ଥାଏ, ତେବେ ତାହାକୁ ଏକ ସମ୍ପୂର୍ଣ୍ଣ ନୂତନ ଓ ସ୍ୱତନ୍ତ୍ର ଅଭିବ୍ୟକ୍ତି ରୂପେ ପ୍ରକଟ ହେବାକୁ ପଡ଼ିବ । ଠିକ୍ ଯେଉଁପରି ଭାବରେ ଜଡ଼ର ଭୂମି ଉପରେ ପ୍ରାଣ ଓ ମନର ଆବିର୍ଭାବ ହୋଇଛି, ଅତିମାନସର ଆବିର୍ଭାବ ମଧ୍ୟ ସେଠାରେ ସେହିଭଳି ଭାବରେ ଘଟିବ; ଆପଣା ଶକ୍ତିପୁଞ୍ଜର ଏହି ନୂତନ ସୋପାନଟି ଲାଗି ସଗୁପ୍ତ ଚୈତନ୍ୟଶକ୍ତି ଅବଶ୍ୟ ଆବଶ୍ୟକ ନମୁନାଗୁଡ଼ିକୁ ରଚନା କରି ଦେଇଯିବ । ମାତ୍ର ପ୍ରକୃତିର କ୍ରିୟାସଞ୍ଚାର କ୍ଷେତ୍ରରେ ସେଭଳି କୌଣସି ଅଭିପ୍ରାୟ ରହିଛି ବୋଲି ଆଦୌ କୌଣସି ଲକ୍ଷଣ ଦୃଷ୍ଟିଗୋଚର ହେଉ ନାହିଁ ।

ମାତ୍ର ଯଦି ଏକ ଉଚ୍ଚତର ସୋପାନର ସୃଷ୍ଟିହିଁ ଅଭିପ୍ରେତ ହୋଇ ରହେ, ତେବେ ମନୁଷ୍ୟର ଏହି ସୋପାନଟିରୁ ସେହି ନୂତନ ସୋପାନ, ପ୍ରକାର ବା ପର୍ଯ୍ୟାୟଟିର କଦାପି ବିକାଶ ହେବ ନାହିଁ; କାରଣ ସେଭଳି ସମ୍ଭବ ହେବାକୁ ହେଲେ ମାନବଜାତିର କୌଣସି ନା କୌଣସି ଶାଖା ବା ସମୂହ ମଧ୍ୟରେ କାହାରି ନା କାହାରି ଗଢ଼ଣ ଓ ପ୍ରକୃତିରେ ଅତିମାନବ ହେବାର ଉପାଦାନଟି ପୂର୍ବରୁ ନିହିତ ହୋଇ ରହିଛି ବୋଲି ଅବଶ୍ୟ ଦେଖା ଯାଉଥା'ନ୍ତା । ମନୁଷ୍ୟରୂପେ ବିକଶିତ ହୋଇପାରିଥିବା ବିଶେଷ ପ୍ରକାରର ସେହି ପ୍ରାଣୀଟି ମଧ୍ୟରେ ମନୁଷ୍ୟପ୍ରକୃତିର ମୌଳିକ ଉପାଦନାଗୁଡ଼ିକ ଯେପରି ଆଗରୁ ଲୁକ୍କାୟିତ ବା ବର୍ତ୍ତମାନ ରହିଥିଲା, ଠିକ୍ ସେହିପରି । ବର୍ତ୍ତମାନ ଏହି ଜଗତରେ ଅତିମାନବ ହେବାର ଉପାଦାନ ଧାରଣ କରିଥିବା ସେଭଳି କୌଣସି ଜାତି ନାହାନ୍ତି, ସେଭଳି କୌଣସି ପ୍ରକାର କିମ୍ବା ପ୍ରକୃତି ନାହିଁ; ଖୁବ୍ ବେଶୀହେଲେ ଆଧ୍ୟାତ୍ମିକ ଭାବଦ୍ୱାରା ପ୍ରେରିତ କେତେଜଣ ମନୁଷ୍ୟବ୍ୟକ୍ତି ରହିଛନ୍ତି ଯେଉଁମାନେ କି ଏହି ପାର୍ଥିବ ସୃଷ୍ଟି ମଧ୍ୟରୁ ନିଷ୍କୃତି ଲାଭ କରି ଚାଲିଯିବାକୁହିଁ ପ୍ରୟାସ କରୁଛନ୍ତି । ତେଣୁ ପ୍ରକୃତିର କୌଣସି ନିଗୂଢ଼ ବିଧାନ ଅନୁସାରେ ଯଦି ଏହି ମନୁଷ୍ୟଭୂମିରୁହିଁ ଅତିମାନସ ସତ୍ତାର ବିକାଶ ଅଭିପ୍ରେତ ହୋଇ ରହିଥାଏ, ତେବେ ଯେଉଁ ମୁଷ୍ଟିମେୟ ବ୍ୟକ୍ତି

'oaob.nitrkl.ac.in' images reprocessed

ଏଠାରେ ସତ୍ତ୍ୱର ସେହି ଅଭିପ୍ରେତ ନୂତନ ପ୍ରକାରଟି ଲାଗି ପ୍ରଥମ ମୂଳବୃଆରୂପେ ତିଆରି ହେବାପାଇଁ ମନୁଷ୍ୟଜାତିରୁ ଆପଣାକୁ ପୃଥକ୍ କରି ରଖିପାରିବେ, କେବଳ ସେହିମାନଙ୍କ ଦ୍ୱାରାହିଁ ତାହା ସମ୍ଭବ ହୋଇ ପାରିବ । ମାତ୍ର ଏଠି ପ୍ରତ୍ୟେକ ମନୁଷ୍ୟ ଅର୍ଥାତ୍ ସମଗ୍ର ମନୁଷ୍ୟଜାତି ସେହି ପରିପୂର୍ଣ୍ଣତା ହାସଲ କରିବ ବୋଲି ଅନୁମାନ କରିବାଲାଗି ଆଦୌ କୌଣସି କାରଣ ନାହିଁ । ଏହି ପରିପୂର୍ଣ୍ଣତାର ପ୍ରାପ୍ତି ମନୁଷ୍ୟପ୍ରାଣୀର ନିସ୍ମୃତିରେ କଦାପି ଏକ ସର୍ବସାଧାରଣ ସମ୍ଭାବନାରୂପେ ଦେଖା ଦେଇ ପାରିବ ନାହିଁ ।

ଯଦି ପ୍ରକୃତିର ରାଜ୍ୟ ଭିତରେ ମନୁଷ୍ୟ ବସ୍ତୁତଃ ପଶୁଠାରୁହିଁ ବିକଶିତ ହୋଇଥାଏ, ତଥାପି ବର୍ତ୍ତମାନ ଏହି ପୃଥିବୀରେ ପ୍ରାଣୀର ସେଭଳି ଏକ ପ୍ରକାର ଆଦୌ ଦେଖିବାକୁ ମିଳିବ ନାହିଁ ଯାହା ଭିତରେ କି ପଶୁସୀମା ଅତିକ୍ରମ କରି ଆହୁରି ଆଗକୁ ବିକଶିତ ହେବାଲାଗି କୌଣସି ପ୍ରକାର ଲକ୍ଷଣ ରହିଛି । ତେବେ ପୂର୍ବରେ କେବେ ଇତରପ୍ରାଣୀର ଜଗତରେ ବିବର୍ତ୍ତନଗତ ଏହିପରି ଏକ ପ୍ରୟାସବେଗ ହୁଏତ ତଥାପି ରହିଥିଲା ବୋଲି ଯଦି ସ୍ୱୀକାର କରାଯାଏ, ତେବେ କହିବାକୁ ପଡ଼ିବ ଯେ ମନୁଷ୍ୟର ଆବିର୍ଭାବଦ୍ୱାରା ସେହି ଉଦ୍ଦେଶ୍ୟଟି ସିଦ୍ଧ ହୋଇଯିବା ପରେ ସେହି ଉଦ୍ୟମ ସମ୍ପୂର୍ଣ୍ଣଭାବରେ ଲୁପ୍ତ ହୋଇଯାଇଛି । ସେହିପରି ବିବର୍ତ୍ତନର କ୍ଷେତ୍ରରେ ପରବର୍ତ୍ତୀ ଏକ ନୂତନ ପଦକ୍ଷେପ ସକାଶେ ଯଦି ପ୍ରକୃତିର କୌଣସି ପ୍ରୟାସ ବର୍ତ୍ତମାନ ବିଦ୍ୟମାନ ରହିଥାଏ, ତେବେ ଅତିମାନସ ସତ୍ତ୍ୱର ଆବିର୍ଭାବ ସଙ୍ଗେ ସଙ୍ଗେ ସେହି ଉଦ୍ଦେଶ୍ୟଟି ସିଦ୍ଧ ହୋଇଯିବା ପରେ ସେହି ପ୍ରୟାସଟି ମଧ୍ୟ ନିଶ୍ଚୟ ଲୁପ୍ତ ହୋଇଯିବ । ମାତ୍ର ପ୍ରକୃତ କ୍ଷେତ୍ରରେ ବର୍ତ୍ତମାନ ଆଦୌ ସେଭଳି କୌଣସି ପ୍ରୟାସ ନାହିଁ । ମନୁଷ୍ୟ ଭିତରେ ସତତ ପ୍ରଗତି କରିବାର ଯେଉଁ ଧାରଣାଟି ରହିଛି, ସମ୍ଭବତଃ ସେଇଟି ମଧ୍ୟ ଏକ ବିଭ୍ରମ ମାତ୍ର; କାରଣ ଇତରପ୍ରାଣୀର ସୋପାନଟିକୁ ପାରହୋଇ ମନୁଷ୍ୟର ପାହାଚଟିରେ ଉପଗତ ହେବା ପରେ ମନୁଷ୍ୟ ଆପଣାର ପ୍ରଜାତିଗତ ଇତିହାସରେ ଖୁବଗୁଡ଼ାଏ ମୌଳିକ ପ୍ରଗତି ଯେ ପ୍ରକୃତରେ ହାସଲ କରିପାରିଛି, ଆମେ ତାହାର ଆଦୌ କୌଣସି ଲକ୍ଷଣ ଦେଖି ପାରୁ ନାହୁଁ । ଖୁବ୍ ବେଶୀ କହିବାକୁ ଗଲେ ସେ ଭୌତିକ ଜଗତର ଜ୍ଞାନରେ ବେଶ୍ ଆଗେଇଛି, ବିଜ୍ଞାନକ୍ଷେତ୍ରରେ ଆଗେଇଛି, ଆପଣାର ପାରିପାର୍ଶ୍ୱିକ ପରିବେଶଟିକୁ ନିୟନ୍ତ୍ରଣ କରିବା ଦିଗରେ ମଧ୍ୟ ଆଗେଇଛି; ଗୁପ୍ତ ପ୍ରକୃତିବିଧାନଗୁଡ଼ିକର କେବଳ ବାହ୍ୟକ୍ଷେତ୍ରୀୟ ଓ ପ୍ରୟୋଜନଗତ ଉପଯୋଗରେ ଅନେକ ସମର୍ଥତା ହାସଲ କରିଛି । ମାତ୍ର ଏତିକି ବ୍ୟତୀତ ଅନ୍ୟ ଯାବତୀୟ କ୍ଷେତ୍ରରେ ସଭ୍ୟତାର ସେହି ପ୍ରଥମ ପ୍ରାରମ୍ଭକାଳରେ ସେ ସର୍ବଦା ଯେଉଁଠି ଥିଲା, ବର୍ତ୍ତମାନ ମଧ୍ୟ ସେଇଠାରେହିଁ ରହିଛି । ସେତେବେଳେ ତା'ର ଯେଉଁସବୁ ସାମର୍ଥ୍ୟ ରହିଥିଲା, ବର୍ତ୍ତମାନ ମଧ୍ୟ ସେ ଠିକ୍ ସେହି ସାମର୍ଥ୍ୟଗୁଡ଼ିକର

'oaob.nitrkl.ac.in' images reprocessed

ପରିଚୟ ଦେଉଛୁ; ତାହାଠାରେ ଠିକ୍ ସେହି ଗୁଣ ଓ ଦୋଷଗୁଡ଼ିକ ବିଦ୍ୟମାନ ରହିଛି, ସେହି ପ୍ରୟାସ ଓ ପ୍ରମାଦମାନ ରହିଛି, ସେହି ସଫଳତା ତଥା ବିଫଳତାମାନ ମଧ୍ୟ ରହିଛି । ଯଦି କେଉଁଠି କିଛି ପ୍ରଗତି ହୋଇଥାଏ, ତେବେ ତାହା ଏକ ବୃତ୍ତ ଆକାରରେ ହୋଇଛି, ବା ଖୁବ୍ ବେଶୀହେଲେ ସେହି ବୃତ୍ତଟିର ପରିଧି କିଞ୍ଚିତ୍ ପରିମାଣରେ ସମ୍ଭବତଃ ବଢ଼ିବଢ଼ି ଯାଉଛି । ପ୍ରାଚୀନ କାଳର ଋଷି, ମୁନି ଏବଂ ଦାର୍ଶନିକମାନଙ୍କ ତୁଳନାରେ ମନୁଷ୍ୟ ଯେ ଆଜି ଅଧିକ ଜ୍ଞାନ ହାସଲ କରିପାରିଛି, ସେକଥା ଆଦୌ କହି ହେବ ନାହିଁ; ସେହି ପ୍ରଥମ ଓ ପ୍ରାଚୀନ ଯୁଗର ପ୍ରଭୂତ ଶକ୍ତିସମ୍ପନ୍ନ ତତ୍ତ୍ୱଦ୍ରଷ୍ଟା ଏବଂ ସାଧକମାନଙ୍କ ତୁଳନାରେ ସେ ଆଧ୍ୟାତ୍ମିକ ଦୃଷ୍ଟିରୁ ଆଦୌ ଅଧିକ ବିକଶିତ ହୋଇ ନାହିଁ; ପ୍ରାଚୀନଯୁଗର ଶିଳ୍ପୀ ଓ କାରିଗରମାନଙ୍କଠାରୁ କଳା ଓ କାରିଗରୀର କ୍ଷେତ୍ରରେ ମଧ୍ୟ ଅଧିକ ନୈପୁଣ୍ୟ ଦେଖାଇ ନାହିଁ । ଯେଉଁସବୁ ପୁରାତନ ଜାତି ଓ ସମୂହ ବର୍ତ୍ତମାନ ଭୂପୃଷ୍ଠରୁ ବିଲୁପ୍ତ ହୋଇଗଲେଣି, ସେମାନେ ମଧ୍ୟ ବର୍ତ୍ତମାନର ମଣିଷ ପରି ମୌଳିକ ପ୍ରତିଭାର ପରିଚୟ ଦେଇଥିଲେ, ନୂତନ ଉଦ୍ଭାବନ ଓ ଜୀବନର ସମ୍ମୁଖୀନ ହେବାର କ୍ଷେତ୍ରରେ ଅନୁରୂପ ଶକ୍ତିମତ୍ତା ଦେଖାଇଥିଲେ; ଏବଂ ଏହି ଦୃଷ୍ଟିରୁ ବିଚାର କରି ଆଧୁନିକ ମନୁଷ୍ୟ ତା'ର ପୂର୍ବଜମାନଙ୍କଠାରୁ କିଞ୍ଚିତ୍ ଅଧିକ ଅଗ୍ରସର ହୋଇପାରିଛି ବୋଲି ଯଦି କୁହାଯାଏ, କୌଣସି ମୌଳିକ ପ୍ରଗତିର କ୍ଷେତ୍ରରେ ନୁହେଁ, ମାତ୍ର ପରିମାଣ, ପରିସର ଓ ପ୍ରଚୁରତାର କ୍ଷେତ୍ରରେ ଆଗକୁ ବଢ଼ିଯାଇଛି ବୋଲି କୁହାଯାଏ, ତେବେ କେବଳ ଆପଣାର ପୂର୍ବଗାମୀମାନଙ୍କର ସିଦ୍ଧିଗୁଡ଼ିକୁ ଉତ୍ତରାଧିକାରରୂପେ ଲାଭ କରିପାରିଛି ବୋଲି ସେ ଏହା କରିବାକୁ ସମର୍ଥ ହୋଇଛି । ଜୀବଜଗତରେ ମଣିଷ ହିସାବରେ ଅର୍ଦ୍ଧ-ଜ୍ଞାନ ଓ ଅର୍ଦ୍ଧ-ଅଜ୍ଞାନର ଯେଉଁ ସ୍ୱଭାବଗତ ଗ୍ରୁପଟି ତା'ଉପରେ ମରିହୋଇ ରହିଛି, ମନୁଷ୍ୟ କେଉଁଦିନ୍ କାଳେ ଯେ ସେହି ଗ୍ରୁପଟିରୁ ବାହାରି ଚାଲିଯାଇ ପାରିବ, ବର୍ତ୍ତମାନ ତା'ର କ୍ଷେତ୍ରରେ କୌଣସିଠାରେ ସେପରି କୌଣସି ସୂଚନା ଦେଖିବାକୁ ମିଳୁନାହିଁ । ଅଥବା, ଆପଣା ଜୀବନରେ ହୁଏତ ଏକ ଉଚ୍ଚତର ଜ୍ଞାନର ବିକାଶ ସମ୍ଭବ କରି ପାରିଲେ ମଧ୍ୟ ସେ ଆପଣାର ଏହି ମନୋମୟ ବୃତ୍ତବାଡ଼ଟିକୁ ଯେ କେବେ ଭାଙ୍ଗିଦେବାରେ ସମର୍ଥ ହେବ, ସେଭଳି ଆଶା କରିବାଲାଗି ଆଦୌ କୌଣସି ଅବକାଶ ନାହିଁ ।

ହଁ, ଜନ୍ମାନ୍ତରଗ୍ରହଣ ଭିତରେ ଏହିପରି ଏକ ଆଧ୍ୟାତ୍ମିକ ବିବର୍ତ୍ତନର ନିମିତ୍ତ ହୋଇପାରିବାର ସମ୍ଭାବନା ନିହିତ ରହିଛି, ପୁନର୍ଜନ୍ମ ଗ୍ରହଣ କରିବାଦ୍ୱାରାହିଁ ଏହି ବିବର୍ତ୍ତନଟି ସମ୍ଭବ ହୋଇପାରିବ,—ଏଭଳି ଏକ ଅନୁମାନ କରିବାଲାଗି ଆମେ ଅନେକ ସମୟରେ ପ୍ରଲୁବ୍ଧ ହେଉ; ଏବଂ ଏଇଟି ଆମ ପାଖରେ ବେଶ୍ ଯୁକ୍ତିସଙ୍ଗତ ବୋଲି ମଧ୍ୟ ମନେହୁଏ । ମାତ୍ର ଯଦି ଜନ୍ମାନ୍ତରଗ୍ରହଣ ସତ ହୋଇଥାଏ, ତେବେ

'oaob.nitrkl.ac.in' images reprocessed

ତାହା ଭିତରେ ଯେ ଏହିପରି ଗୋଟିଏ ତାତ୍ପର୍ଯ୍ୟ ନିହିତ ହୋଇ ରହିଛି, ସେଥିରେ ଆଦୌ କୌଣସି ନିଶ୍ଚୟତା ନାହିଁ। ଦେହାନ୍ତରଗ୍ରହଣ ବିଷୟରେ ପ୍ରାଚୀନ କାଳରୁ ଯେତେଗୁଡ଼ିଏ ସିଦ୍ଧାନ୍ତ ଚଳି ଆସୁଥିଲା, ସେଗୁଡ଼ିକ ସମସ୍ତେ ତାହାକୁ ଜୀବାତ୍ମା ପଶୁଜଗତରୁ ସର୍ବଦା ମନୁଷ୍ୟ ହୋଇ ଜନ୍ମଗ୍ରହଣ କରିବାର ଏବଂ ପୁଣି ମନୁଷ୍ୟଦେହରୁ ପ୍ରାୟ ସେହି ପଶୁଯୋନି ମଧ୍ୟକୁ ଫେରିଯିବାର ଏକ ପ୍ରସଙ୍ଗରୂପେ ଅନୁମାନ କରିଥିଲେ। ଭାରତୀୟ ଦର୍ଶନ ଏହା ଭିତରେ କର୍ମବାଦର ବ୍ୟାଖ୍ୟାଟିକୁ ଆଣି ଗଁଠାଇ ଦେଲା; କୃତ ସତ୍‌କର୍ମ ବା ଅସତ୍‌କର୍ମର ଫଳ ଭୋଗିବାଲାଗି ଆମେ ଜନ୍ମାନ୍ତର ଗ୍ରହଣ କରୁ ତଥା ଅତୀତ ଜନ୍ମର ସଂକଳ୍ପ ଓ ଚେଷ୍ଟାର ଫଳକୁ ଏହି ଜନ୍ମରେ ଭୁଞ୍ଜିବାକୁ ହୁଏ ବୋଲି ଅବତାରଣା କରାଗଲା। ମାତ୍ର ଜୀବ ଯେ ଗୋଟିଏ ସୋପାନରୁ ସର୍ବଦା ପରବର୍ତ୍ତୀ ଉଚ୍ଚତର ସୋପାନଟିକୁ ଉନ୍ନୀତ ହୋଇ ଯାଉଥିବ, ସେଥିରେ ସେଭଳି କୌଣସି ଆରୋହଣ ମୂଳକ ବ୍ୟଞ୍ଜନାର ଇଙ୍ଗିତ ନଥିଲା; ଏବଂ ସତ୍ତ୍ୱର ଯେଉଁ ପ୍ରକାରଟି ଏପର୍ଯ୍ୟନ୍ତ କେଉଁଠିହେଲେ ଉନ୍ମେଷଲାଭ କରି ନାହିଁ ଓ ଭବିଷ୍ୟତରେ ଉନ୍ମେଷଲାଭ କରିବାକୁ ଅପେକ୍ଷା କରି ରହିଛି, ସେହିଭଳି ଏକ ଯୋନିରେ ଜନ୍ମଗ୍ରହଣ କରିବା ବିଷୟରେ ସେଥିରେ ଆହୁରି କମ୍ ଉଲ୍ଲେଖ ରହିଥିଲା। ଯଦି ଜଗତରେ ପ୍ରକୃତରେ ଏକ ବିବର୍ତ୍ତନଧାରା ରହିଛି, ତେବେ ମନୁଷ୍ୟର ସୋପାନ ହେଉଛି ସେହି ପ୍ରକ୍ରିୟାର ସର୍ବଶେଷ ସୋପାନ; କାରଣ ମନୁଷ୍ୟର ଜୀବନ ମଧ୍ୟଦେଇହିଁ ଏହି ପାର୍ଥିବ ଅର୍ଥାତ୍ ଶରୀରଗତ ଜୀବନର ବର୍ଜନ ଓ କୌଣସି ସ୍ୱର୍ଗଲୋକ କିମ୍ବା ନିର୍ବାଣରେ ନିଷ୍କୃତିଲାଭ କରିବାର ଉପସ୍ଥିତ ଉଦ୍ଦେଶ୍ୟଟି ବେଶ୍ ସିଦ୍ଧ ହୋଇ ପାରିବ। ପ୍ରାଚୀନ ଦର୍ଶନଗୁଡ଼ିକରେ ଏହାହିଁ ଚରମ ଲକ୍ଷ୍ୟରୂପେ ପରିଦୃଷ୍ଟ ହୋଇଥିଲା; ଏବଂ ଏହି ଜଗତ ମୂଳତଃ ଏକ ଅବିଦ୍ୟାର ଜଗତ ହୋଇଥିବାରୁ ଏବଂ ତାହାର ଏହି ସ୍ୱଭାବରେ କୌଣସି ପରିବର୍ତ୍ତନ ହେବାର ସମ୍ଭାବନା ନଥିବାରୁ ବିଶ୍ୱଗତ ସମୁଦାୟ ଅଭିବ୍ୟକ୍ତି ସ୍ୱଭାବତଃ କେବଳ ଏକ ଅବିଦ୍ୟାଗତ ସ୍ଥିତି ନହୋଇଥିଲେ ମଧ୍ୟ କେବଳ ଏହି ନିଷ୍କୃତିଲାଭକୁହିଁ ଅତ୍ୟନ୍ତ ସମୀଚୀନ ଭାବରେ ଭବଚକ୍ରର ଯଥାର୍ଥ ଲକ୍ଷ୍ୟ ବୋଲି କୁହାଯାଇ ପାରିବ ।

ଏହିପରି ଏକ ଯୁକ୍ତି ଓ ବ୍ୟାଖ୍ୟାରେ ନିଶ୍ଚୟ ଯଥେଷ୍ଟ ମହତ୍ତ୍ୱ ଓ ସତ୍ୟପ୍ରତୀତି ଅବଶ୍ୟ ରହିଛି; ତେଣୁ ଏହାର ମହତ୍ତ୍ୱ ଦୃଷ୍ଟିରୁ ଯେତେ ସଂକ୍ଷେପରେ ହେଲେ ମଧ୍ୟ ତାହାକୁ ସମ୍ମୁଖରେ ରଖି ଯଥାଯଥ ବିଚାର କରି ପାରିବାଲାଗି ତାହାର ଏକ ବିବରଣ ପ୍ରସ୍ତୁତ କରିବା ଏଠାରେ ପ୍ରକୃତରେ ଆବଶ୍ୟକ ପଡ଼ିଲା। କାରଣ, ଏହି ବ୍ୟାଖ୍ୟାଟିର କେତେଗୁଡ଼ିଏ ସିଦ୍ଧାନ୍ତ ପ୍ରାମାଣିକ ହୋଇଥିଲେ ମଧ୍ୟ ଏହା ଏକ ପୂର୍ଣ୍ଣ ଦୃଷ୍ଟି ଦେଇ ବସ୍ତୁଗୁଡ଼ିକର ବିଚାର କରିବାରେ ଆଦୌ ସମର୍ଥ ହୋଇ ନାହିଁ; ଏବଂ ଏହାମଧ୍ୟରେ ସତ୍ୟର ଯେଉଁ ପ୍ରତୀତି ରହିଛି, ସେହିଟିକୁ ମଧ୍ୟ ମୀମାଂସକ ବା ଅକାଟ୍ୟ ବୋଲି

'oaob.nitrkl.ac.in' images reprocessed

ବୁଝାଯାଇ ପାରିବ ନାହିଁ । ଏକ ପୂର୍ବନିରୂପିତ ଲକ୍ଷ୍ୟ ବା ଧାରାର ଅନୁସରଣ କରି ବିବର୍ତ୍ତନର କ୍ରମଟି ଅଚେତନାରୁ ଅତିଚେତନା ଆଡ଼କୁ ଅଗ୍ରସର ହେବାରେ ଲାଗିଛି, ଜଡ଼ ବା ଜୀବନର ଏକ କ୍ରମାରୋହୀ ପଥକୁ ଅବଲମ୍ବନ କରି ଯାହାଦ୍ୱାରା ଏକ ବୃଦ୍ଧି ବା ଅଭିବୃଦ୍ଧି ଘଟିଅଛି, ଯାହାଫଳରେ କି ଅବଦମିତ ଜୀବନଟି ରୂପାନ୍ତରିତ ହୋଇ ଏବେ ସଦ୍ୟପ୍ରାପ୍ତ ଜୀବନର ମୁକ୍ତ ଶୀର୍ଷବର୍ଦ୍ଧନରେ ଯାଇ ପହଞ୍ଚିପାରିବ ବୋଲି ପ୍ରାକୃତିକ ବିବର୍ତ୍ତନର ସମ୍ମୁଖରେ ଯେଉଁ ଲକ୍ଷ୍ୟଟି ରହିଛି ବୋଲି ଆମେ ଆଗରୁ କହିଛୁ, ତାହାର ବିରୁଦ୍ଧରେ ଉଠାଯାଇ ଥିବା ଆପତ୍ତିଟିକୁ ଖଣ୍ଡନ କରିବାରେ ଆମକୁ ବସ୍ତୁତ ଆଦୌ କଷ୍ଟ ସ୍ୱୀକାର କରିବାକୁ ପଡ଼ିବ ନାହିଁ । ପ୍ରକୃତିର ସମ୍ମୁଖରେ ଏକ ଲକ୍ଷ୍ୟ ଅବଶ୍ୟ ରହିଛି, ଏହାର ବିରୁଦ୍ଧରେ ଯେଉଁ ଆପତ୍ତି ଉଠେ, ତାହାର ଦୁଇଟି ସମ୍ପୂର୍ଣ୍ଣ ଭିନ୍ନଭିନ୍ନ ଭିତ୍ତି ଥାଇପାରେ : ଗୋଟିଏ ହେଉଛି ବିଜ୍ଞାନର ଯୁକ୍ତି, ଯାହାକି ଏହି ଅନୁମାନଟିକୁ ଆଧାର କରି ଠିଆ ହୋଇଥାଏ ଯେ ଏହି ଜଗତରେ ଯାହାକିଛି ରହିଛି, ତାହା ହେଉଛି ଏକ ଅଚେତନ ଶକ୍ତିରହିଁ ରଚନା ଏବଂ ସେହି ଶକ୍ତି ଏକ ଯାନ୍ତ୍ରିକ ପ୍ରକ୍ରିୟାଦ୍ୱାରା ଠିକ୍ ଯନ୍ତ୍ରବତ୍ ଆପଣାର କାର୍ଯ୍ୟ କରୁଥାଏ ଓ ତେଣୁ ସେଥିରେ କେଉଁଠି କୌଣସି ଉଦ୍ଦେଶ୍ୟ ନିହିତ ହୋଇ ରହିବାର ଅବକାଶହିଁ ରହେ ନାହିଁ । ଦ୍ୱିତୀୟଟି ହେଉଛି ତତ୍ତ୍ୱଦର୍ଶନର ଯୁକ୍ତି, ପରମ ଅନନ୍ତ ଓ ପରମ ଶାଶ୍ୱତ ସତ୍ତା ମଧ୍ୟରେ ଆଗରୁ ସବୁକିଛି ଅନ୍ତର୍ଭୁକ୍ତ ହୋଇ ରହିଛି, ଏତଏବ ଏକ ଅନୁମାନରୁ ଏହି ଯୁକ୍ତି ଆପଣାକୁ ସିଦ୍ଧ କରି ବାହାରିଥାଏ । ଯିଏ ଅନନ୍ତ, ଯିଏ ଶାଶ୍ୱତ, ଯାହା ଭିତରେ ସବୁକିଛି ଆଗରୁ ଅନ୍ତର୍ଭୁକ୍ତ ହୋଇ ରହିଛି, ତାହାର ପୁଣି ଅସିଦ୍ଧ ବା ଅନୁପଲବ୍ଧ ଆଉ କେଉଁଠି କ'ଣ ଅଛି ଯେ ସେ ତାକୁ ସିଦ୍ଧ ବା ଉପଲବ୍ଧ କରିବାକୁ ଚେଷ୍ଟା କରିବସି ଏହା ଭିତରେ ପୁଣି କ'ଣ ଅପୂର୍ଣ୍ଣ ରହିଛି ଯେ ସେ ତାହାକୁ ଆପଣା ସହିତ ଆଣି ଯୁକ୍ତ କରିବାକୁ ଚେଷ୍ଟା କରିବ; ତାହାର କରିବାର କିଛି ନାହିଁ, ଉପଲବ୍ଧି କରିବାକୁ ବି କିଛି ନାହିଁ; ତେଣୁ ତାହାର ପ୍ରଗତିଲାଗି ଆଦୌ କୌଣସି ପ୍ରୟୋଜନ ନାହିଁ, ଏହାର ମୂଳରେ କୌଣସି ଉଦ୍ଦେଶ୍ୟ ନାହିଁ, କୌଣସି ଉଦ୍ଦେଶ୍ୟର ଉଦ୍ଭେଦ ମଧ୍ୟ ହୋଇ ନାହିଁ ।

ଆପାତ ଦୃଷ୍ଟିରେ ଅଚେତନ ପରି ବୋଧ ହେଉଥିବା ଜଡ଼ଗତ ଶକ୍ତି ଭିତରେ କିମ୍ବା ତାହାର ଅନ୍ତରାଳରେ ଯଦି ଏକ ଗୁପ୍ତ ଚେତନା ଅବସ୍ଥିତ ରହିଥାଏ, ତେବେ ବିଜ୍ଞାନର ଯୁକ୍ତି ବା ଜଡ଼ବାଦର ସେହି ଆପତ୍ତିଟିର ଆଉ କୌଣସି ଯଥାର୍ଥତା ରହିବ ନାହିଁ । ଅଚେତନ ମଧ୍ୟରେ ବି ଅନ୍ତତଃ ଏପରି ଏକ ଅନ୍ତର୍ନିହିତ ପ୍ରୟୋଜନସ୍ୱଭାବ ଅବଶ୍ୟ ରହିଛି ଯାହାଫଳରେ କି ରୂପଗୁଡ଼ିକର ବିବର୍ତ୍ତନ ସମ୍ଭବ ହେଉଛି ଏବଂ ସେହି ରୂପଗୁଡ଼ିକରେ ଏକ ବର୍ଦ୍ଧମାନ ଚେତନା ମଧ୍ୟ ଉନ୍ମେଷ ଲାଭ କରୁଛି । ଏହି ଅବ୍ୟକ୍ତ ବା ଅଚେତନକୁ ଏକ ଅବଗୁପ୍ତ ସଚେତନ ସତ୍ତାର ବିବର୍ତ୍ତନଧର୍ମୀ ।

'oaob.nitrkl.ac.in' images reprocessed

ଇଚ୍ଛା ବୋଲି ବେଶ୍ କୁହାଯାଇ ପାରିବ ଏବଂ ସେହି ଆବେଗଟି ଭିତରେ ପ୍ରଗତିଶୀଳ ଅଭିବ୍ୟକ୍ତିର ଯେଉଁ ଉଦ୍‌ପ୍ରେରଣାଟି ରହିଛି, ସେଇଥିରୁହିଁ ବିବର୍ତ୍ତନର ପ୍ରକ୍ରିୟା ମଧ୍ୟରେ ଦେଖିବା ଏକ ସ୍ୱଭାବଗତ ଅଭିପ୍ରାୟର ପ୍ରମାଣ ମିଳିଯାଉଛି । ଏହି ଅଭିପ୍ରାୟଟିକୁ ଆମେ ଏକ ଉଦ୍ଦେଶ୍ୟଗତ ଉପାଦାନ ବୋଲି କହିବା ଏବଂ ଏହାକୁ ଏହିପରି ଭାବରେ ସ୍ୱୀକାର କରିନେବା ଆଦୌ ଅଯୌକ୍ତିକ ହେବ ନାହିଁ । କାରଣ ପ୍ରକୃତି ମଧ୍ୟରେ ଯେଉଁ ସଚେତନ ବା ଏପରିକି ଅଚେତନ ପ୍ରଚେଷ୍ଟା ବା ପ୍ରବେଗଟି ଦୃଷ୍ଟିଗୋଚର ହୋଇଥାଏ, ତାହା ଆପଣାକୁ କ୍ରିୟାଶୀଳ କରାଉ ଜଡ଼ପ୍ରକୃତିର ଯନ୍ତ୍ରବତ୍ ଯାବତୀୟ କ୍ରିୟାର ମାଧ୍ୟମରେ ଆପଣାକୁ ପ୍ରକଟ ଓ ପରିପୂର୍ଣ୍ଣ କରୁଥିବା ଏକ ଚେତନ ସତ୍ତାର ସତ୍ୟରୁହିଁ ଜନ୍ମଲାଭ କରିଛି । ଏହି ପ୍ରଚେଷ୍ଟାଟିର ମୂଳରେ ଯେଉଁ ଅଭିପ୍ରାୟ ବା ଉଦ୍ଦେଶ୍ୟ ନିହିତ ହୋଇ ରହିଛି, ତାହା ଆପେ ଆପଣାକୁ କାର୍ଯ୍ୟକାରୀ କରୁଥିବା ସତ୍ତାଗତ ପରମସତ୍ୟର କେବଳ ତାହାର ସ୍ୱୟଂକାର୍ଯ୍ୟସାଧକ ଇଚ୍ଛା ଅର୍ଥାତ୍ ସଙ୍କଳ୍ପଶକ୍ତିରେ ପରିଣତ ହେବା ବ୍ୟତୀତ ଆଉ କିଛି ନୁହେଁ । ଏବଂ ଯଦି ଚେତନା ଅଛି ବୋଲି ଆମେ ସ୍ୱୀକାର କରୁଥାଉ, ତେବେ ସେହି ଚେତନା ମଧ୍ୟରେ ଏହିଭଳି ଏକ ସଙ୍କଳ୍ପଶକ୍ତି ମଧ୍ୟ ରହିଛି ବୋଲି ଅବଶ୍ୟ ସ୍ୱୀକାର କରିବାକୁ ପଡ଼ିବ; ଏବଂ ତା'ହେଲେ ଏହିଭଳି ପରିଣତ ହେବା ମଧ୍ୟ ସ୍ୱାଭାବିକ ଓ ଅନିବାର୍ଯ୍ୟ ହୋଇଯିବ । ସତ୍ତାଗତ ସତ୍ୟ ଆପଣାକୁ ଅନିବାର୍ଯ୍ୟ ଭାବରେ ପରିପୂର୍ଣ୍ଣ କରିବାରେ ଲାଗିଛି, ସେତେବେଳେ ଏହାହିଁ ବିବର୍ତ୍ତନର ମୂଳସତ୍ୟ-ରୂପେ ସ୍ୱୀକୃତ ହେବ; ମାତ୍ର ସଙ୍କଳ୍ପ ଓ ଏହାର ଉଦ୍ଦେଶ୍ୟ ସେହି କ୍ଷେତ୍ରରେ ସାଧନ-ଯନ୍ତ୍ରର ଅଂଶ ହୋଇ ରହିବେ, କ୍ରିୟାଶୀଳ ତତ୍ତ୍ୱଟି ମଧ୍ୟରେ ଏକ ଉପାଦାନରୂପେ ଅବସ୍ଥିତ ରହିବେ ।

ତତ୍ତ୍ୱଦର୍ଶନର ଯୁକ୍ତିଟିକୁ ଅଧିକ ଗମ୍ଭୀରତା ସହିତ ବିଚାର କରିବା ଦରକାର, କାରଣ ଏକଥା ସମ୍ପୂର୍ଣ୍ଣ ସତ୍ୟ ବୋଲି ମନେହେଉଛି ଯେ କେବଳ ଅଭିବ୍ୟକ୍ତିଜନିତ ଆନନ୍ଦଟି ବ୍ୟତୀତ ପରମ ନିର୍ବିଶେଷ ସତ୍ତାଙ୍କର ଆପଣାକୁ ଅଭିବ୍ୟକ୍ତ କରିବାରେ ଆଦୌ ଅନ୍ୟ କୌଣସି ଉଦ୍ଦେଶ୍ୟ ନାହିଁ ଏବଂ ସେହି ଅଭିବ୍ୟକ୍ତିର ଏକ ଅଂଶସ୍ୱରୂପ ଜଡ଼ ମଧ୍ୟରେ ତାଙ୍କ ଲୀଳାର ଯେଉଁ ବିବର୍ତ୍ତନଗତ ଗତିସ୍ଫୁରଣଟି ଘଟୁଛି ତାହାକୁ ମଧ୍ୟ ଆମେ ଏହି ବିବୃତ୍ତିଟିର ଅନ୍ତର୍ଗତ ବୋଲି ଜାଣିବା । ଏହି କ୍ରମବିକାଶଶୀଳ କ୍ରିୟାଟି, ସମ୍ପୂର୍ଣ୍ଣ ଉଦ୍ଦେଶ୍ୟହୀନ ଆତ୍ମ-ଉନ୍ମୋଚନର ଏହି କ୍ରମଟି କେବଳ ଉନ୍ମୋଚିତ ହେବାର ଆନନ୍ଦ ଲାଭ କରିବା ସକାଶେହିଁ ଘଟୁଛି । କୌଣସି ବିଶ୍ୱମୟ ସମଗ୍ରତାକୁ ମଧ୍ୟ ଆପଣା ଭିତରେ ସ୍ୱୟଂସମ୍ପୂର୍ଣ୍ଣ ହୋଇ ରହିଥିବା ଏକ ତତ୍ତ୍ୱ ବୋଲି ବିଚାର କରାଯାଇ ପାରିବ; ଏକ ସମଗ୍ରତା ଓ ସମ୍ପୂର୍ଣ୍ଣତା ହିସାବରେ ଏହାର ଆଉ କିଛିହେଲେ ଅଭାବ ନାହିଁ କିମ୍ବା ଆପଣାର ପରିପୂର୍ଣ୍ଣ ସତ୍ତା ସହିତ ବାହାରୁ କିଛି ଆଣି ଯୋଡ଼ିବାକୁ ମଧ୍ୟ ନାହିଁ । ମାତ୍ର ଏହି ଜଗତସ୍ଥ ଜଡ଼ ପୃଥିବୀଟି ଆଦୌ ଏକ ସମଗ୍ରତା ବା ସମ୍ପୂର୍ଣ୍ଣତା

'oaob.nitrkl.ac.in' images reprocessed

ନୁହେଁ, ଏହା ହେଉଛି ଏକ ସମଗ୍ରତାର ଗୋଟିଏ ଅଂଶ, ଏକ ସୋପାନଶ୍ରେଣୀରେ ଗୋଟିଏ ସୋପାନ; ତେଣୁ ଏହା ଯେ ଆପଣା ମଧ୍ୟରେ ସେହି ସମଗ୍ର ମଧ୍ୟରେ ରହିଥିବା ଓ ଏଠାରେ ସଂବୃତ ଥିବା କେବଳ ଅବିକଶିତ ଅଜଡ଼ ନାନା ତତ୍ତ୍ୱ ଓ ସାମର୍ଥ୍ୟକୁ ସ୍ୱୀକାର କରିନେବ ତାହା ନୁହେଁ, ମାତ୍ର ସମଗ୍ର ବ୍ୟବସ୍ଥାଟିର ଉଚ୍ଚତର ସୋପାନଗୁଡ଼ିକରୁ ସେହି ସାମର୍ଥ୍ୟସବୁର ଅବତରଣ ଲାଗି ମଧ୍ୟ ତା' ଭିତରେ ଏକ ସମ୍ଭାବନା ରହିଥିବ, ଯେପରିକି ସେଗୁଡ଼ିକ ଏଠାକୁ ଓହ୍ଲାଇ ଆସି ଜଡ଼ଗତ ଏହି ସୀମାବଦ୍ଧତାର ବନ୍ଧନ ଭିତରୁ ଆପଣାର ସମସ୍ପନ୍ଦୀ ଗତିସ୍ପନ୍ଦନଗୁଡ଼ିକୁ ମୁକ୍ତ କରିଦେଇ ପାରିବେ । ଏକ ଉଚ୍ଚତର ଓ ଆଧ୍ୟାତ୍ମିକ ସୃଷ୍ଟିର ବିଗ୍ରହରୂପେ ଏହି ଜଡ଼ଜଗତର ଭୂମି ଉପରେ ସ୍ୱୟଂ ପରମସତ୍ତା ଆପଣାକୁ ପୂର୍ଣ୍ଣ ଅଭିବ୍ୟକ୍ତ କରିଦେବା ପର୍ଯ୍ୟନ୍ତ ସେହି ସତ୍ତାର ଉଚ୍ଚତର ସାମର୍ଥ୍ୟଗୁଡ଼ିକ ଏଠାରେ ଅଭିବ୍ୟକ୍ତ ହେବାରେ ଲାଗିଥିବ;—ଏହାକୁହିଁ ଆମେ ଜଗଦ୍‌ବିବର୍ତ୍ତନରେ ନିହିତ ହୋଇ ରହିଥିବା ଉଦ୍ଦେଶ୍ୟ ବୋଲି ବିଚାର କରିପାରିବା । ଏଭଳି ଏକ ଉଦ୍ଦେଶ୍ୟକୁ ସଂଯୁକ୍ତ କରି ରଖିବାଦ୍ୱାରା ତାହା ସହିତ ଏପରି କୌଣସି ତତ୍ତ୍ୱ ଆସି ଏହି କ୍ଷେତ୍ରରେ ପଶିଯାଏ ନାହିଁ ଯାହାକି ସେହି ସମଗ୍ରତା ମଧ୍ୟରେ ଅନ୍ତର୍ଭୁକ୍ତ ହୋଇ ରହି ନଥାଏ । ସମଗ୍ରତାର ଅଂଶଗୁଡ଼ିକର ମଧ୍ୟଦେଇ ସେହି ସମଗ୍ରତାରହିଁ ଉପଲବ୍‌ଧି,—ତାହା କେବଳ ଏହି ଅଭିଳାଷଟି ରଖିଥାଏ । ସମଗ୍ର ଗତିସ୍ପନ୍ଦନଟିରେ ଅନ୍ତର୍ନିହିତ ସକଳ ସମ୍ଭାବନାର ଉପଲବ୍‌ଧି ଯଦି ଏହି କ୍ଷେତ୍ରରେ ପ୍ରକୃତ ଉଦ୍ଦେଶ୍ୟ ହୋଇ ରହେ, ତେବେ ବିଶ୍ୱଗତ ସେହି ସମଗ୍ରତାର ଏକ ଆଂଶିକ ପର୍ଯ୍ୟାୟର ଗତିସ୍ପନ୍ଦନ ମଧ୍ୟରେ ଏକ ଉଦ୍ଦେଶ୍ୟ ଅବଶ୍ୟ ରହିଛି ବୋଲି ସ୍ୱୀକାର କରିନେଲେ ଆଦୌ କୌଣସି ଆପତ୍ତି ରହିବା ଉଚିତ ନୁହେଁ । ଏଠାରେ ଉଦ୍ଦେଶ୍ୟ ବୋଲି କହିଲାବେଳେ ମନୁଷ୍ୟସ୍ତରର କୌଣସି ଅର୍ଥରେ କୌଣସି ଉଦ୍ଦେଶ୍ୟକୁ ବୁଝାଉ ନାହିଁ; ସତ୍ୟସ୍ୱରୂପଙ୍କ ଦ୍ୱାରା ନିର୍ଦ୍ଧାରିତ ହୋଇ ଯେଉଁ ମୂଳ ନିସ୍ପତ୍ତି ବା ଆବଶ୍ୟକତା ଅନ୍ତର୍ବାସୀ ଚିତ୍‌ସତ୍ତାର ସଚେତନ ଇଚ୍ଛାଟି ମଧ୍ୟରେ ଅବସ୍ଥିତ ରହିଛି, ତାହା କେବଳ ତାହାରି ଏକ ପ୍ରବେଗ ବା ପ୍ରେରଣାକୁହିଁ ବୁଝାଉଛୁ । ଏଥିରେ ଆଦୌ କୌଣସି ସନ୍ଦେହ ନାହିଁ ଯେ ଏଠି ଯାବତୀୟ ବସ୍ତୁ କେବଳ ସତ୍ତାର ଆନନ୍ଦଲାଗିହିଁ ରହିଛି, ସବୁ ହେଉଛି କେବଳ ତାଙ୍କରି ଲୀଳା ବା ଖେଳ । କିନ୍ତୁ ଖେଳ ଭିତରେ ମଧ୍ୟ ଏକ ଉଦ୍ଦେଶ୍ୟ ରହିଥାଏ ଓ ସେହି ଉଦ୍ଦେଶ୍ୟଟିକୁ ହାସଲ କରିବାକୁ ପଡ଼େ; ଏବଂ ସେଇଟି ହାସଲ ନହେବା ପର୍ଯ୍ୟନ୍ତ ଖେଳର ସଂପୂର୍ଣ୍ଣ ଅର୍ଥଟି କଦାପି ଉପଲବ୍‌ଧ ହୁଏ ନାହିଁ । କୌଣସି ରହସ୍ୟର ଉଦ୍‌ଘାଟନ ନକରି କିମ୍ବା କୌଣସି ଶେଷ ପରିଣତିରେ ନପହଞ୍ଚି ମଧ୍ୟ କଳାଦୃଷ୍ଟିରୁ ଏକ ନାଟକର ରଚନା ବେଶ୍ ସମ୍ଭବ ହୋଇପାରେ, କେବଳ ଭୂମିକାଗୁଡ଼ିକର ଅଭିନୟ ଦେଖିବା, କୌଣସି ସମାଧାନ ଲୋଡ଼ୁ ନଥିବା ସମସ୍ୟା-ଗୁଡ଼ିକୁ ନେଇ କଳ୍ପନାଜଳ୍ପନା କରିବା ଅଥବା ଏକ ଅଜ୍ଞାତ ସମ୍ଭାବ୍ୟ ସମାଧାନର



'oaob.nitrkl.ac.in' images reprocessed

ଦୋଦୁଲ୍ୟମାନତାରେ ଅବିରତ ଆନ୍ଦୋଳିତ ହୋଇ ରହିବାରୁ ଯେଉଁ ସୁଖ ଓ ଉନ୍ମାଦ ମିଳେ, କେବଳ ତାହାରିଲାଗି ମଧ୍ୟ କୌଣସି ନାଟକ ଆପଣାକୁ ଏକ ନାଟକ ବୋଲି ଦାବି କରି ଅବସ୍ଥିତ ରହିପାରେ । ପାର୍ଥିବ ବିବର୍ତ୍ତନର ଭୂମି ଉପରେ ଏହି ଯେଉଁ ନାଟକଟି ଅଭିନୀତ ହେଉଛି, ହୁଏତ ସେଇଟି ମଧ୍ୟ ଠିକ୍ ସେହିଭଳି ଗୋଟିଏ ନାଟକ ହୋଇଥିବ ବୋଲି ବେଶ୍ କଳ୍ପନା କରିଯାଇ ପାରେ; ମାତ୍ର ଏହା ଭିତରେ ଯେ ଏକ ଚରମ ପରିଣତି ଓ ଏକ ରହସ୍ୟର ଉଦ୍‌ଘାଟନ ଅନ୍ତର୍ନିହିତ ଭାବରେ ପୂର୍ବନିରୂପିତ ହୋଇ ରହିଛି, ସେଇଟି ମଧ୍ୟ ନିଶ୍ଚୟ ସମ୍ଭବ ହୋଇପାରିବ ଓ ଏଇଟିହିଁ ଅଧିକ ସମ୍ଭବ ବୋଲି ବୁଦ୍ଧିବୋଧ ହେଲପରି ଲାଗିବ । ଆନନ୍ଦହିଁ ସକଳ ସତ୍ତାର ସଗୁପ୍ତ ତତ୍ତ୍ୱ ହୋଇ ରହିଛି ଏବଂ ସତ୍ତାଗତ ଯାବତୀୟ କ୍ରିୟାର ଆଶ୍ରୟରୂପେ କାର୍ଯ୍ୟ କରୁଛି; ମାତ୍ର ସତ୍ତା ମଧ୍ୟରେ ଅନ୍ତର୍ଗୂଢ଼ ହୋଇ ରହିଥିବା ଏକ ସତ୍ୟକୁ କାର୍ଯ୍ୟାନ୍ୱିତ କରିବାର ଆନନ୍ଦଟି ମଧ୍ୟ ସେହି ଆନନ୍ଦରୁ ବହିର୍ଭୂତ ହୋଇ କାହିଁକି ରହିବ ? ସତ୍ତାର ଶକ୍ତି ତଥା ସଙ୍କଳ୍ପ ମଧ୍ୟରେ ଯେଉଁ ସତ୍ୟଟି ଅନ୍ତର୍ନିହିତ ରହିଛି, ଚିତ୍‌ଶକ୍ତିର ସଗୁପ୍ତ ଆତ୍ମଚେତନା ମଧ୍ୟରେ ଯାହା ବିଧୃତ ହୋଇ ରହିଛି, ସେହି ସତ୍ୟଟିକୁ ପ୍ରକଟ କରିବାର ଆନନ୍ଦଟି ମଧ୍ୟ ସେହି ମର୍ମଗତ ଆନନ୍ଦର ଅନ୍ତର୍ଗତ ବୋଲି ଜାଣିବାକୁ ହେବ । ଏଠାରେ ଯେଉଁ ଚିତ୍‌ଶକ୍ତିର କଥା କୁହାଯାଇଛି, ତାହା ହେଉଛି ଆମ ସତ୍ତାର ଯାବତୀୟ କ୍ରିୟାର ସକ୍ରିୟ ଓ ଗତିଶୀଳ ପରିଚାଳକ ଏବଂ ସେଗୁଡ଼ିକର ତାତ୍ପର୍ଯ୍ୟର ଜ୍ଞାତା ।

ଆଧ୍ୟାତ୍ମିକ ବିବର୍ତ୍ତନର ଏହି ସିଦ୍ଧାନ୍ତଟି କେବଳ ରୂପର ବିବର୍ତ୍ତନ ଓ ଜଡ଼ଗତ ପ୍ରାଣବିବର୍ତ୍ତନକୁ ସ୍ୱୀକାର କରୁଥିବା ବୈଜ୍ଞାନିକ ସିଦ୍ଧାନ୍ତଟିର ଆଦୌ ସମବାଚୀ ନୁହେଁ । କେବଳ ଆପଣାର ଏକ ସ୍ୱକୀୟ ଔଚିତ୍ୟ ଉପରେହିଁ ଏହା ଠିଆ ହୋଇ ରହିପାରିବ । ବିଜ୍ଞାନର ଭୌତିକ ବିବର୍ତ୍ତନସମ୍ବନ୍ଧୀ ବିବରଣଟିକୁ ଏହା ଆପଣାର ଏକ ସହାୟକ ଅଥବା ଉପାଦାନ ହିସାବରେ ବେଶ୍ ଗ୍ରହଣ କରିପାରିବ ସତ, ମାତ୍ର ସେଇଟିକୁ ଆମେ କଦାପି ଅପରିହାର୍ଯ୍ୟ ବୋଲି କହିପାରିବା ନାହିଁ । ବିଜ୍ଞାନଦତ୍ତ ସିଦ୍ଧାନ୍ତଟିରେ କେବଳ ବାହ୍ୟ ଓ ଦୃଶ୍ୟମାନ ନୈମିତ୍ତିକତା ତଥା ପ୍ରକ୍ରିୟାଟିର କଥା ରହିଛି, ବାହ୍ୟ ପ୍ରକୃତିର କ୍ରିୟାଗୁଡ଼ିକର ଟିକିନିଖି ବିବରଣ ରହିଛି; ଜଡ଼ର ଆଧାର ଉପରେ ବସ୍ତୁତତ୍ତ୍ୱର ଭୌତିକ ବିକାଶ କିପରି ହେଉଛି ଓ ଜଡ଼ ମଧ୍ୟରେ କେଉଁ ବିଧାନଟି ଅନୁସାରେ ପ୍ରାଣ ଓ ମନ ବିକଶିତ ହୋଇ ପାରୁଛନ୍ତି, କେବଳ ତାହାରି ବିବରଣ ରହିଛି । କୌଣସି ନୂତନ ଆବିଷ୍କାର ଫଳରେ ପ୍ରକ୍ରିୟା ସମ୍ବନ୍ଧରେ ଏହାର ପ୍ରଦତ୍ତ ବିବରଣଟିକୁ ହୁଏତ ଅନେକ ପରିମାଣରେ ବଦଳାଇବାକୁ ପଡ଼ିପାରେ କିମ୍ବା ଏକାବେଳକେ ବାଦ୍ ଦେବାକୁ ବି ପଡ଼ିପାରେ; ମାତ୍ର ତଦ୍ୱାରା ଏକ ଆଧ୍ୟାତ୍ମିକ ବିବର୍ତ୍ତନର ସ୍ୱତଃସିଦ୍ଧ ସତ୍ୟଟି ଉପରେ ଆଦୌ କୌଣସି ଆଞ୍ଚ ଆସିବ

'oaob.nitrkl.ac.in' images reprocessed

ନାହିଁ, ଚେତନାର କ୍ରମବିବର୍ତ୍ତନରେ ଓ ଏହି ପାର୍ଥିବ ଅସ୍ତିତ୍ୱର ଭୂମି ଉପରେ ଆତ୍ମାର ଅଭିବ୍ୟକ୍ତିର କ୍ରମଟିକୁ ତାହା କୌଣସିପ୍ରକାରେ ଏପାଖ-ସେପାଖ କରିପାରିନ ନାହିଁ । ତାହାକୁ ଅବଲୋକନ କଲାବେଳେ କ୍ରମବିବର୍ତ୍ତନର ତତ୍ତ୍ୱଟିକୁ ଆମେ ଏହିଭଳି ବୋଲି ଜାଣୁ : ପାର୍ଥିବ ଅସ୍ତିତ୍ୱର ରାଜ୍ୟରେ କେତେକେତେ ରୂପ ଓ ଦେହ ବିକଶିତ ହେବାରେ ଲାଗିଛି, ସୋପାନ ଅନୁକ୍ରମରେ ଅଧିକରୁ ଅଧିକ ଜଟିଳ ଭାବରେ ବଡ଼ ଦକ୍ଷତାର ସହିତ ଜଡ଼ର ସଂଗଠନ ହେଉଛି, ଜଡ଼ ଭିତରେ ପ୍ରାଣର ସଂଗଠନ ଚାଲିଛି ଓ ସଜୀବ ଜଡ଼ରେ ଚେତନାର ସଂଗଠନ ହେଉଛି । ଏହି ବ୍ୟବସ୍ଥାଟି ମଧ୍ୟରେ ଯେଉଁ ରୂପଟି ଯେତେ ଅଧିକ ସୁଗଠିତ ହୋଇପାରୁଛି, ତାହା ସେତିକି ଅଧିକ ସଂଗଠିତ, ଅଧିକ ଜଟିଳ ଓ ଅଧିକ ସମର୍ଥ ତଥା ଅଧିକ ପରିଣତ ବା ଅଧିକ ବିବର୍ତ୍ତିତ ପ୍ରାଣ, ଓ ଚେତନାକୁ ଆପଣା ଭିତରେ ସ୍ଥାନ ଦେଇ ରଖିପାରୁଛି । ବୈଜ୍ଞାନିକ ବିବର୍ତ୍ତନବାଦର ଯଥାର୍ଥ ଉପସ୍ଥାପନ କରାଇ ତାହାର ସମର୍ଥକ ତଥ୍ୟଗୁଡ଼ିକୁ ଭଲକରି ସଜାଇ ରଖିଦେଲେ, ପାର୍ଥିବ ଅସ୍ତିତ୍ୱର ଏହି ଦିଗଟି ଏତେ ସ୍ପଷ୍ଟ ଓ ଜଳଜଳ ହୋଇ ଦେଖାଯାଏ ଯେ ଏଥିରେ ବିବାଦର ଆଦୌ କୌଣସି ସ୍ଥାନ ନଥିବା ପରି ମନେହୁଏ । ଠିକ୍ ଯେଉଁ ସାଧନଯନ୍ତ୍ରଟି ଦ୍ୱାରା ଏହି ପ୍ରକ୍ରିୟାଟି କାର୍ଯ୍ୟକାରୀ ହୁଏ ଏବଂ କେଉଁ ସଭାଟି ଭିତରୁ କେଉଁ ସଭାଟି ନିଷ୍ପନ୍ନ ହୁଏ ଅଥବା କାହାପରେ କାହାର ଆବିର୍ଭାବ ହୁଏ, ସେହି ପ୍ରଶ୍ନଟି ଏକ ମହତ୍ତ୍ୱପୂର୍ଣ୍ଣ ଓ ଆଗ୍ରହୋଦ୍ଦୀପକ ପ୍ରଶ୍ନ ହୋଇଥିଲେହେଁ ତଥାପି ତାହାକୁ ଗୌଣ ବୋଲି ବେଶ୍ କୁହାଯାଇ ପାରିବ । ଅପେକ୍ଷାକୃତ ଅଳ୍ପ ବିକଶିତ ଏକ ପୂର୍ବବର୍ତ୍ତୀ ରୂପାୟନ ମଧ୍ୟରୁ ଜୀବନର ଏକ ନିର୍ଦ୍ଦିଷ୍ଟ ରୂପ କିପରି ପରିଣତ ହୋଇଆସୁଛି, ପ୍ରକୃତି କିପରି କେତେକ ରୂପାୟନକୁ ବର୍ଜନ କରି ଆଉ କେତୋଟିକୁ ସ୍ୱୀକାର କରିନେଉଛି, ଜୀବନଲାଗି ଜୀବରାଜ୍ୟରେ କିପରି ଅହରହ ସଂଗ୍ରାମ ଚାଲିଛି, ଅର୍ଜିତ ଲକ୍ଷଣଗୁଡ଼ିକ କିପରି ବଂଶାନୁକ୍ରମିକ ଭାବରେ ସଂକ୍ରମିତ ହୋଇଆସୁଛି;—ଏଗୁଡ଼ିକୁ ସତ୍ୟ ବୋଲି ଗ୍ରହଣ କରାଯାଇ ପାରେ କିମ୍ବା କରାଯାଇ ବି ନପାରେ; ମାତ୍ର ଏକ ବିକାଶଧର୍ମୀ ଯୋଜନା ଅନୁସାରେ କାର୍ଯ୍ୟ କରୁଥିବା କ୍ରମବଦ୍ଧ ସୃଜନର ସତ୍ୟଟିକୁହିଁ ସବୁଠାରୁ ଅଧିକ ମହତ୍ତ୍ୱପୂର୍ଣ୍ଣ ଏକ ସିଦ୍ଧାନ୍ତ ହିସାବରେ ବେଶ୍ ମାନି ନିଆଯାଇ ପାରିବ । ଏହି କ୍ଷେତ୍ରରେ ଆଉଗୋଟିଏ ଅତ୍ୟନ୍ତ ସୁସ୍ପଷ୍ଟ ସିଦ୍ଧାନ୍ତ ହେଉଛି ଯେ ଏହି ବିବର୍ତ୍ତନର ପ୍ରକ୍ରିୟାଟି ମଧ୍ୟରେ ଏକ ଅନିବାର୍ଯ୍ୟ କ୍ରମପରମ୍ପରା ମଧ୍ୟ ରହିଛି;—ପ୍ରଥମେ ଜଡ଼ର ବିବର୍ତ୍ତନ ହେଉଛି, ତା'ପରେ ଜଡ଼ରେ ପ୍ରାଣର ବିବର୍ତ୍ତନ ଓ ପୁଣି ପ୍ରାଣସମ୍ପନ୍ନ ଜଡ଼ରେ ମନର ବିବର୍ତ୍ତନ ଘଟୁଛି; ଏବଂ ଏହି ଶେଷ ପର୍ଯ୍ୟାୟଟିରେ ଇତର ପ୍ରାଣୀମାନଙ୍କର ବିବର୍ତ୍ତନ ପରେ ମନୁଷ୍ୟ ବିବର୍ତ୍ତିତ ହୋଇ ଆସୁଛି । ପରମ୍ପରାଟିର ପ୍ରଥମ ତିନୋଟି ପାଦ ଏତେ ସ୍ପଷ୍ଟ ଯେ ସେଥିରେ ବିବାଦର ଆଦୌ କୌଣସି ଅବକାଶ ନାହିଁ । ଆଗ ଇତର ପ୍ରାଣୀମାନେ ପୃଥିବୀକୁ ଆସିବା

'oaob.nitrkl.ac.in' images reprocessed

ପରେ ମନୁଷ୍ୟର ଆବିର୍ଭାବ ହୋଇଛି ଅଥବା ଇତରପ୍ରାଣୀ ଏବଂ ମନୁଷ୍ୟ ପ୍ରାଥମିକ ସ୍ତରରେ ସମାନ୍ତର ଭାବରେ ବିକଶିତ ହୋଇଛନ୍ତି ଓ ମନୁଷ୍ୟ ମଧ୍ୟରେ ମନର ଆବିର୍ଭାବ ହେଲାପରେ ସେ ଇତରପ୍ରାଣୀଙ୍କୁ ପଛକୁ ପକାଇ ଆଗକୁ ଚାଲିଯାଇଛି, ସେବିଷୟରେ ଅବଶ୍ୟ ଏକ ବିତର୍କ ଚାଲିପାରେ । ଏଭଳି ଏକ ମତବାଦ ମଧ୍ୟ ରହିଛି ଯେ ମନୁଷ୍ୟ ସବାଶେଷରେ ବା ସମସ୍ତଙ୍କ ପଛରେ ପୃଥିବୀକୁ ଆସି ନାହିଁ; ପ୍ରାଣୀଜଗତରେ ସିଏ ସବାଆଗ ଓ ସମସ୍ତଙ୍କର ପ୍ରଥମରେ ଆବିର୍ଭୂତ ହୋଇଛି । ମନୁଷ୍ୟ ସବାଆଗ ଆସିଛି ବୋଲି ରହିଥିବା କଳ୍ପନାଟି ଏକ ପ୍ରାଚୀନକାଳୀନ କଳ୍ପନା, ମାତ୍ର ଏଇଟି କେବେହେଲେ ସର୍ବବାଦୀସମ୍ମତ ନଥିଲା । ପୃଥିବୀରେ ଯେତେ ପ୍ରାଣୀ ଓ ଜୀବ ରହିଛନ୍ତି, ମଣିଷ ହେଉଛି ସ୍ପଷ୍ଟତଃ ସେମାନଙ୍କ ମଧ୍ୟରେ ଶ୍ରେଷ୍ଠ, ଏହିପରି ଏକ ଧାରଣାରୁ ଉକ୍ତ କଳ୍ପନାଟି ପ୍ରସୂତ ହୋଇଛି; କାରଣ ମନୁଷ୍ୟ ଯେ ସଭିଙ୍କ ମଧ୍ୟରେ ଶ୍ରେଷ୍ଠ ଓ ସଭିଙ୍କ ପ୍ରଭୁସ୍ଥାନୀୟ, ଏହି ଧାରଣାଟିର ମର୍ଯ୍ୟାଦା ରକ୍ଷା କରିବାକୁ ଯାଇ ମନୁଷ୍ୟ ସମସ୍ତଙ୍କ ଆଦ୍ୟରେହିଁ ପୃଥିବୀକୁ ଆସିଛି ବୋଲି କୁହାଯାଇଛି । ମାତ୍ର ବିବର୍ତ୍ତନର ବ୍ୟାଖ୍ୟା ଅନୁସାରେ ପ୍ରଥମେ ଯାହାର ଜନ୍ମ ହୋଇଛି, ସିଏ ପରେ ଆବିର୍ଭୂତ ହୋଇଥିବା ପ୍ରାଣୀଠାରୁ ଶ୍ରେଷ୍ଠତର ନୁହେଁ; ଯିଏ ପରେ ଆବିର୍ଭୂତ ହୋଇଛି, ସେଇ ଶ୍ରେଷ୍ଠତର ଓ ଅଧିକ ବିକଶିତ । ଅପେକ୍ଷାକୃତ କମ୍ ବିକଶିତ ଜୀବହିଁ ଅଧିକ ବିକଶିତ ଜୀବର ପୂର୍ବରୁ ପୃଥିବୀକୁ ଆସିଛି ଓ ତାହାର ଆବିର୍ଭାବ ସକାଶେ କ୍ଷେତ୍ର ପ୍ରସ୍ତୁତ କରିଛି ।

ପ୍ରକୃତରେ କହିବାକୁ ଗଲେ, ଜୀବନର ନିମ୍ନତର ରୂପାୟନଗୁଡ଼ିକ ଯେ ଏହି ପୃଥିବୀରେ ପ୍ରଥମେ ବାସ କରୁଥିଲେ, ପ୍ରାଚୀନ ଚିନ୍ତାଧାରାରେ ଏକଥା ଆଦୌ ନାହିଁ ବୋଲି କୁହାଯାଇ ପାରିବ ନାହିଁ । ସୃଷ୍ଟି ସମ୍ବନ୍ଧରେ ପୁରାଣରେ ରହିଥିବା ବର୍ଣ୍ଣନା-ଗୁଡ଼ିକୁ ଖୁଣ୍ଟିଦେଲେ ମଧ୍ୟ ଭାରତର ପ୍ରାଚୀନ ତଥା ମଧ୍ୟଯୁଗୀୟ ବିଶ୍ୱରେ ଆମେ ଏଭଳି ଉକ୍ତିମାନ ଦେଖିବାକୁ ପାଉ ଯେଉଁଥିରେ କି ମନୁଷ୍ୟ ଏହି ପୃଥିବୀକୁ ଆସିବା ପୂର୍ବରୁ ଏଠାରେ ଇତରପ୍ରାଣୀମାନେ ବାସ କରୁଥିଲେ ବୋଲି ଘୋଷଣା କରାଯାଇଛି ଏବଂ ତାହା ବିବର୍ତ୍ତନର ଆଧୁନିକ କଳ୍ପନାଟି ସହିତ ମିଳିଯାଉଛି । ଗୋଟିଏ ଉପନିଷଦରେ ଅଛି ଯେ ଜୀବନର ସୃଷ୍ଟି କରିବାକୁ ମନସ୍ଥ କରି ପରମାତ୍ମା ବା ପରମ ଚିନ୍ମୟସତ୍ତା ପ୍ରଥମେ ଗୋ, ଅଶ୍ୱ ପ୍ରଭୃତି ପ୍ରାଣୀପ୍ରକାରଗୁଡ଼ିକର ସୃଷ୍ଟି କଲେ; ମାତ୍ର ଦେବତାମାନେ,—ଉପନିଷଦର କଳ୍ପନାରେ ଚେତନା ତଥା ପ୍ରକୃତିର ନାନା ସାମର୍ଥ୍ୟକୁ ଦେବତା ବୋଲି କୁହାଯାଇଛି,—ଏହିସବୁ ପଶୁଦେହକୁ ସେମାନଙ୍କର ପ୍ରକାଶ ଲାଗି ଅନୁପଯୁକ୍ତ ବାହନ ବୋଲି ଆପତ୍ତି କରିବାରୁ ପରମ ଚିତ୍‌ସତ୍ତା ଅବଶେଷରେ ମନୁଷ୍ୟରୂପର ସୃଷ୍ଟି କଲେ । ଦେବତାମାନେ ସେଗୁଡ଼ିକୁ ବଡ଼ ଚମତ୍କାର

'oaob.nitrkl.ac.in' images reprocessed

ଓ ଉପଯୁକ୍ତ ହୋଇ ତିଆରି ହୋଇଥିବାର ଦେଖିବାକୁ ପାଇଲେ ଏବଂ ଆପଣାର ବିଶ୍ୱଗତ ଯାବତୀୟ କ୍ରିୟାସାଧନ ଲାଗି ସେମାନେ ତାହା ଭିତରେ ପ୍ରବିଷ୍ଟ ହେଲେ । ଏହି ରୂପକଆଡ଼ିରୁ ସ୍ପଷ୍ଟ ବୁଝିହେଉଛି ଯେ ଏକ ଆରୋହକ୍ରମରେ ଗୋଟିକ ପରେ ଗୋଟିଏ କରି ଆଧାରର ସୃଷ୍ଟି ହେଉ ହେଉ ଶେଷରେ ଏପରି ଏକ ଆଧାରର ଆବିର୍ଭାବ ହେଲା ଯାହାକି ଏକ ସୁପରିଣତ ଚେତନାକୁ ଆପଣା ଭିତରେ ସ୍ଥାନ ଦେଇ ରଖିପାରିଲା । ପୁରାଣମାନଙ୍କରେ କୁହାଯାଇଛି ଯେ କାଳଦୃଷ୍ଟିରୁ ଦେଖିଲେ ତାମସିକ ଇତରପ୍ରାଣୀ-ସ୍ତରର ସୃଷ୍ଟି ହେଉଛି ସର୍ବପ୍ରଥମ ସୃଷ୍ଟି । ଭାରତୀୟ ତମସ ଶବ୍ଦଟି ଚେତନା ଏବଂ ଶକ୍ତିର ଜଡ଼ତା ଓ ସ୍ପନ୍ଦନହୀନତାର ତତ୍ତ୍ୱଟିକୁ ବୁଝାଇଥାଏ । ଯେଉଁ ଚେତନା ଏକାବେଳକେ ନିଷ୍କ୍ରିୟ ଓ ଆଳସ୍ୟଜର୍ଜର ଏବଂ ଆପଣାର ପ୍ରକାଶ-ଲୀଳାରେ ଏକାନ୍ତ ଅସମର୍ଥ, ତାହାକୁ ତାମସିକ ଚେତନା ବୋଲି କୁହାଯାଇଛି । ଠିକ୍ ସେହିପରି ଯେଉଁ ସାମର୍ଥ୍ୟ ବା ପ୍ରାଣଶକ୍ତି ଆଳସ୍ୟଗ୍ରସ୍ତ ଓ ଅତିସୀମିତ ହୋଇ ରହିଛି, କେବଳ କେତେଟା ସହଜାତ ପ୍ରବୃତ୍ତିର କ୍ଷୁଦ୍ର ପରିସର ମଧ୍ୟରେ ଆବଦ୍ଧ ଅଛି, ଯାହାର ଆଉ ବିକାଶ ହେଉ ନାହିଁ କିମ୍ବା ଯାହା ଆହୁରି ଅଧିକକୁ ଇଚ୍ଛା କରୁ ନାହିଁ ଓ ବୃହତ୍ତର ଭାବରେ କ୍ରିୟାଶୀଳ ଏବଂ ଅଧିକ ଦୀପ୍ତିମନ୍ତ ଭାବରେ ଚେତନଶୀଳ କୌଣସି କର୍ମ ସକାଶେ ଯାହା କୌଣସି ଆବେଗ ବା ପ୍ରେରଣା ଅନୁଭବ କରୁ ନାହିଁ ତାହାକୁ ମଧ୍ୟ ଆମେ ଏହି ତାମସିକ ଶ୍ରେଣୀର ଅନ୍ତର୍ଗତ କରି ଦେଖିପାରିବା । ଯେଉଁ ଇତରପ୍ରାଣୀ ଚେତନାର ଏହି ଅପେକ୍ଷାକୃତ ଅଳ୍ପବିକଶିତ ଶକ୍ତିକୁ ଧାରଣ କରିଛି, ସୃଷ୍ଟିର କ୍ରମରେ ସେ ପ୍ରଥମେ ପୃଥିବୀକୁ ଆସିଛି; ଅପେକ୍ଷାକୃତ ଅଧିକ ବିକଶିତ ମନୁଷ୍ୟଚେତନା, ଯାହା ଭିତରେ କ୍ରିୟାତତ୍ପର ମନଃଶକ୍ତିର ଏକ ବୃହତ୍ତର ସାମର୍ଥ୍ୟ ଓ ବୋଧଦୀପ୍ତତା ମହଜୁଦ ରହିଛି, ତାହାର ଆବିର୍ଭାବ ପରେ ହୋଇଛି । ଆପଣାର ସ୍ୱଭାବସ୍ଥିତିରୁ ତଳକୁ ଖସି ପଡ଼ିଥିବା ଏକ ଆତ୍ମାର ଉଲ୍ଲେଖ ତନ୍ତ୍ରଶାସ୍ତ୍ରରେ ରହିଛି, ଯିଏକି ପ୍ରଥମେ ଉଦ୍ଭିଦ ତଥା ପ୍ରାଣୀରୂପରେ ଅନେକ କୋଟି ଜନ୍ମ ଅତିକ୍ରମ କରି ତା'ପରେ ଯାଇ ମନୁଷ୍ୟସ୍ତରରେ ଆସି ପହଞ୍ଚିପାରୁଛି ଓ ମୁକ୍ତି ଲାଗି ସମର୍ଥ ହେଉଛି । ଏଠାରେ ମଧ୍ୟ ଉଦ୍ଭିଦ ଓ ଇତରପ୍ରାଣୀର ପ୍ରାଣରୂପଗୁଡ଼ିକୁ ଗୋଟିଏ ସିଡ଼ିର ତଳଭାଗରେ ଅବସ୍ଥିତ କାଠିଗୁଡ଼ିକ ପରି କଳ୍ପନା କରାଯାଇ ଥିବାର ସୂଚନା ମିଳୁଛି; ମନୁଷ୍ୟକୁ ଚେତନ ସତ୍ତାର ସର୍ବଶେଷ ଓ ସର୍ବୋଚ୍ଚ ବିକାଶସ୍ତର ବୋଲି କୁହାଯାଇଛି । ଏକ ଆଧ୍ୟାତ୍ମିକ ପ୍ରଗତି ସକାଶେ ଆକୂତି ଓ ଶକ୍ତି ଲାଭ କରିବାଲାଗି ଏବଂ ମନ, ପ୍ରାଣ ତଥା ଦେହର ଆବରଣଗୁଡ଼ିକୁ କାଟି ଆଧ୍ୟାତ୍ମିକ ଭୂମିକୁ ଉନ୍ନୀତ ହୋଇ ପାରିବାଲାଗି ଆତ୍ମାକୁ ଏହି ମନୁଷ୍ୟରୂପରେ ଯାଇ ବାସ କରିବାକୁ ପଡ଼ିବ ବୋଲି ଆଭାସ ଦିଆଯାଇଛି । ଏହି ଧାରଣାଟି ପ୍ରକୃତରେ ଗୋଟିଏ ସ୍ୱାଭାବିକ ଧାରଣା, ଏବଂ ବୁଦ୍ଧି ତଥା ବୋଧି ଉଭୟ ଦୃଷ୍ଟିରୁ ଏଇଟି ଏପରି ସୁସଙ୍ଗତ ମନେହେଉଛି ଯେ ଏଥିରେ

'oaob.nitrkl.ac.in' images reprocessed

ଦ୍ୱିମତ ହେବାର କୌଣସି ଅବକାଶ ରହୁ ନାହିଁ ଏବଂ ଏହା ବ୍ୟତୀତ ଏହି କ୍ଷେତ୍ରରେ ଆଉ ପ୍ରାପ୍ତ ଦ୍ୱିତୀୟ ସିଦ୍ଧାନ୍ତ ନଥିବାପରି ଲାଗୁଛି ।

ଏହିଭଳି ଏକ ସତତ ବିକଶମାନ ବିବର୍ତ୍ତନାତ୍ମକ ପ୍ରକ୍ରିୟାର ପୃଷ୍ଠଭୂମିରେହିଁ ଆମେ ମନୁଷ୍ୟର ବିଷୟ ବିଚାର କରିବା; ତାହାର ଉଦ୍‌ଭବ ଓ ପ୍ରଥମ ଆବିର୍ଭାବ ଏବଂ ଅଭିବ୍ୟକ୍ତିର ସମଗ୍ର କ୍ଷେତ୍ରଟିରେ ତାହାର ନିର୍ଦ୍ଦିଷ୍ଟ ସ୍ଥାନଟିର ବିଷୟ ବିଚାର କରିବା । ଏଠାରେ ଆମ ସମ୍ମୁଖରେ ଦୁଇଟି ସମ୍ଭାବନା ରହିଛି : ହୁଏତ ଏହି ପାର୍ଥିବ ପ୍ରକୃତି ଉପରେ ମାନବର ଶରୀର ଓ ମାନବ-ଚେତନା ହଠାତ୍ ଆସି ଆବିର୍ଭୂତ ହୋଇଛି, ଏହି ଜଡ଼ଗତ ଜଗତରେ ତର୍କବୁଦ୍ଧିସମ୍ପନ୍ନ ମାନସିକତାର ଏକ ହଠାତ୍ ସୃଷ୍ଟି ଅଥବା ଏକ ଅତିସ୍ୱତନ୍ତ୍ର ଓ ଯନ୍ତ୍ରବତ୍ ଅଭିବ୍ୟକ୍ତି ହୋଇଛି ଏବଂ ଏକ ପୂର୍ବତନ କାଳରେ ନିଷ୍ପ୍ରାଣ ଜଡ଼ ମଧ୍ୟରେ ଏକଦା ଆବିର୍ଭୂତ ହୋଇଥିବା ଅବଚେତନ ପ୍ରାଣରୂପ ଓ ସଚେତନ ସଜୀବ ଦେହର ପ୍ରକୃତି ଉପରେ ଆପଣାକୁ ଆଣି ଅବସ୍ଥାପିତ କରିଦେଇଛି । ଅଥବା, ପଶୁସତ୍ତ୍ୱରୁହିଁ ମନୁଷ୍ୟର ଏକ ବିବର୍ତ୍ତନ ସଂଘଟିତ ହୋଇଛି । ଆପଣାର ପ୍ରସ୍ତୁତି ଓ ବିକାଶଗତ ବିଭିନ୍ନ ଅବସ୍ଥାରେ ଏହି ବିବର୍ତ୍ତନ ସର୍ବଦା ବଡ଼ ମନ୍ଥର ହୋଇ ରହିଛି, ମାତ୍ର ପରିବର୍ତ୍ତିତ ହେବାର ମୀମାଂସକ ବିନ୍ଦୁଗୁଡ଼ିକରେ ତାହା ସଚେତଅବା ପ୍ରଭୃତି ଶକ୍ତି ସହିତ ଲମ୍ଫପ୍ରଦାନ କଲାପରି ଆଗକୁ ମାଡ଼ି ଚାଲିଯାଇଛି । ଦ୍ୱିତୀୟ ସିଦ୍ଧାନ୍ତଟିରେ ଆମକୁ କୌଣସି ବାଧାର ସମ୍ମୁଖୀନ ହେବାକୁ ପଡ଼ୁ ନାହିଁ; କାରଣ ଏଇଟି ଏକ ନିଶ୍ଚିତ କଥା ଯେ ମୂଳ ଜୀବଜାତିଟିରେ ନହେଲେ ମଧ୍ୟ ଜୀବ-ଜାତିର ଲକ୍ଷଣଗୁଡ଼ିକରେ ଜୀବଶ୍ରେଣୀ ତଥା ଉପଶ୍ରେଣୀମାନଙ୍କରେ ନାନା ପରିବର୍ତ୍ତନ ଓ ରୂପାନ୍ତର ଘଟିପାରେ । ବସ୍ତୁତଃ ମନୁଷ୍ୟ ସ୍ୱୟଂ ଏକଥା କରିବାରେ ସଫଳ ହୋଇଛି ଏବଂ ଏକ କ୍ଷୁଦ୍ର ପରିସର ଭିତରେ ହେଲେ ମଧ୍ୟ ପ୍ରୟୋଗମୂଳକ ବିଜ୍ଞାନ ଏହିସବୁ ସମ୍ଭାବନାର କ୍ଷେତ୍ରରେ ଅନେକ ସଫଳତା ଲାଭ କରିପାରିଛି । ଯଦି ତାହା ସମ୍ଭବ ହୁଏ, ତେବେ ଆମେ ବେଶ୍ ସ୍ୱୀକାର କରିନେଇ ପାରିବା ଯେ ପ୍ରକୃତି ମଧ୍ୟରେ ଅବସ୍ଥିତ ଥିବା ଗୋପନ ଚେତନାଶକ୍ତି ଏହିଭଳି ଏକ ବ୍ୟାପକ କ୍ରିୟାତ୍ମକତାର ସାହାଯ୍ୟରେ ଆପଣା ସୃଜନଶକ୍ତିର ସୁକୌଶଳର ପ୍ରୟୋଗ ଓ ପ୍ରେରଣା ଦ୍ୱାରା ପ୍ରଭୃତି ଓ ମୀମାଂସକ କେତେ କେତେ ବିକାଶ ଅବଶ୍ୟ ସମ୍ଭବ କରିପାରେ । ସେହି କ୍ଷେତ୍ରରେ ସାଧାରଣ ପଶୁଜୀବନରୁ ମନୁଷ୍ୟର ସ୍ୱଭାବକୁ ରୂପାନ୍ତରିତ ହେବାଲାଗି ଜଡ଼ ଶରୀରର ଏପରି ଏକ ଉତ୍କର୍ଷସାଧନ ଆବଶ୍ୟକ ହେବ, ଯାହା ଫଳରେ କି ସେ ଚେତନାର ଏକ ଦ୍ରୁତ ଊର୍ଦ୍ଧ୍ୱାୟନ ଲାଗି ବାହନରୂପେ କାର୍ଯ୍ୟ କରିପାରିବ, ଏବଂ ତାହାର ପରିଣାମସ୍ୱରୂପ ଚେତନାରେ ମଧ୍ୟ ଏକ ରୂପାନ୍ତର ଘଟିବ ଅଥବା ତାହାର ଗତିରେ ହିତ୍‌ପରିବର୍ତ୍ତନ ହେବ, ଏକ ଉଚ୍ଚତର ଭୂମିରେ ଆରୂଢ଼ ହୋଇ ତାହା ସେଇଠାରୁ ନିମ୍ନତର ସୋପାନଗୁଡ଼ିକ ଉପରେ ଦୃକ୍‌ପାତ କରିପାରିବ; ତାହାର

'oaob.nitrkl.ac.in' images reprocessed

ସାମର୍ଥ୍ୟ ମଧ୍ୟ ଏପରି ଭାବରେ ପ୍ରସାରିତ ଓ ବୃଦ୍ଧିପ୍ରାପ୍ତ ହୋଇଯିବ ଯେ ସେ ଆପଣାର ପୁରାତନ ପଶୁବୃତ୍ତିଗୁଡ଼ିକୁ ତାହାର ଅଧିକ ବୃହତ୍ତର ତଥା ଅଧିକ ନମନୀୟ ମାନୁଷୀ ସ୍ତରର ବୁଦ୍ଧିଦ୍ୱାରା ଗ୍ରହଣ କରିପାରିବ । ଏବଂ ତାହି ସଙ୍ଗେ ସଙ୍ଗେ ଅଥବା ଏକ ପରବର୍ତ୍ତୀ ପର୍ଯ୍ୟାୟରେ ତାହା ଆପଣା ଭିତରେ ଅଦ୍ଭୁତ ବୃହତ୍ତର ଓ ସୂକ୍ଷ୍ମତର କେତେ ସାମର୍ଥ୍ୟର ବିକାଶ କରିବ ଯାହାକି ସ୍ତରର ଏହି ନୂତନ ପ୍ରକାରଟିର ଅନୁରୂପ ଓ ଉପଯୁକ୍ତ ହୋଇଥିବ; ଅନ୍ତର୍ବିବେକର ସାମର୍ଥ୍ୟ, ଗଭୀର ଭାବରେ ଚିନ୍ତା କରିବାର ସାମର୍ଥ୍ୟ ତଥା ଜଟିଳ ପର୍ଯ୍ୟବେକ୍ଷଣ, ସୁସଂଗଠିତ ଉଦ୍ଭାବନ ଓ ଆବିଷ୍କାର ଏହିପରି କେତେ ସାମର୍ଥ୍ୟର ବିକାଶ କରିବ । ଏହି ପ୍ରକ୍ରିୟାଟି ମଧ୍ୟରେ ଯଦି ଏକ କ୍ରମୋନ୍ମେଷଶୀଳ ଚୈତନ୍ୟ-ଶକ୍ତି କାର୍ଯ୍ୟ କରୁଥାଏ, ତେବେ ଏହିସବୁ ପରିବର୍ତ୍ତନରେ ଆଦୌ କୌଣସି ଅସୁବିଧା ହେବ ନାହିଁ, କାରଣ ସେତେବେଳେ ପରିବର୍ତ୍ତନର ଉପଯୁକ୍ତ ସାଧନଟି ମଧ୍ୟ ତାଙ୍କୁ ମିଳିଯିବ । କେବଳ ଜଡ଼ଗତ ଅଚେତନଦ୍ୱାରା ଯେଉଁ ପ୍ରତିବନ୍ଧକ ଓ ପ୍ରତିରୋଧ ସୃଷ୍ଟି ହୁଏ, ତାହାହିଁ ଯାହା ଅସୁବିଧା ସୃଷ୍ଟି କରେ, ସେତିକି । ମନୁଷ୍ୟ ମଧ୍ୟରେ ଯାହାସବୁର ପ୍ରକାଶ ହୋଇଛି, ତାହାର କେତେକ ଗୁଣ ତଥା ଧର୍ମ ସୀମାବଦ୍ଧ ରୂପରେ ଇତରପ୍ରାଣୀଠାରେ ମଧ୍ୟ ରହିଛି, ଇତର-ପ୍ରାଣୀଠାରେ କେବଳ କ୍ରିୟାର ଦିଗଟାହିଁ ବିକଶିତ ହୋଇଛି, ମନର ଦିଗଟା ହୋଇ ନାହିଁ; ତାହା ଭିତରେ ସେହିସବୁ ଗୁଣ ବଡ଼ ସ୍ଥୂଳ, ଅପକ୍ୱ ଓ ଅପରିଣତ ଅବସ୍ଥାରେ ରହିଛି, ସେଗୁଡ଼ିକର ପରିସର ଓ ସାବଲୀଳତା ବଡ଼ ନିମ୍ନତର ସ୍ତରରେ ରହିଛି, ସେଗୁଡ଼ିକ ଉପରେ ସ୍ୱତ୍ୱର ଅଧିକାର ବଡ଼ ସଂକୀର୍ଣ୍ଣ ଓ ଅନିଶ୍ଚିତ ଅବସ୍ଥାରେ ରହିଛି । ମାତ୍ର ବିଶେଷ ଭାବରେ କହିବାକୁ ଗଲେ ଏହିସବୁ ଗୁଣ ଓ ସାମର୍ଥ୍ୟ ଅଧିକାଂଶତଃ ଯାନ୍ତ୍ରିକ ଭାବରେ ହେଉଛି, ଇଚ୍ଛାଦ୍ୱାରା ପରିଚାଳିତ ହେଉ ନାହିଁ । ପ୍ରକୃତିଶକ୍ତି ଅବମ ଚେତନାର ଏକ କ୍ରିୟାତ୍ମକତା ଦ୍ୱାରାହିଁ ପଶୁକୁ ସେତେସେପରି କେତେକ ପରିମାଣରେ ଗୋଟାଏ ଯନ୍ତ୍ରପରି ଚଳାଇବାରେ ଲାଗିଛି; କିନ୍ତୁ ମନୁଷ୍ୟ ସେପରି ସଚେତନ ଭାବରେ ସ୍ୱୟଂ ସକଳ କ୍ରିୟାର ପର୍ଯ୍ୟବେକ୍ଷଣ କରିପାରୁଛି ଏବଂ ସେଥିଲାଗି ସେ ସେହି କ୍ରିୟାଗୁଡ଼ିକୁ ଅନେକ ପରିମାଣରେ ପରିଚାଳିତ ଓ ନିୟନ୍ତ୍ରିତ କରିପାରୁଛି ଓ ଇଚ୍ଛା କଲେ ସେଗୁଡ଼ିକରେ ପରିବର୍ତ୍ତନ ଓ ପରିଶୋଧନ ମଧ୍ୟ ଘଟାଇ ପାରୁଛି, ପଶୁ ବା ଇତରପ୍ରାଣୀ ସେପରି କରିପାରୁ ନାହିଁ । ପଶୁଚେତନାର ଅନ୍ୟାନ୍ୟ ବୃତ୍ତି ସହିତ ମନୁଷ୍ୟର କୌଣସି ମୌଳିକ ପାର୍ଥକ୍ୟ ନାହିଁ । ପଶୁଠାରେ ରହିଥିବା ସେହି ବୃତ୍ତି-ଗୁଡ଼ିକୁ ମନୁଷ୍ୟ କେବଳ ଏକ ଉଚ୍ଚତର ମନୋଗତ ସ୍ତରରେ ବିକଶିତ ଓ ପ୍ରସାରିତ କରିଛି, ଏବଂ ସେଗୁଡ଼ିକୁ ଯଥାସମ୍ଭବ ସ୍ପଷ୍ଟ, ମାର୍ଜିତ ଓ ମନୋଧର୍ମୀ କରି ରଖିଛି; ଗୋଟିଏ କଥାରେ କହିଲେ ପଶୁର ଏହିସବୁ ବୃତ୍ତିକୁ ମନୁଷ୍ୟ ଆପଣାର ନୂତନତର ବୋଧଶକ୍ତିର ଆଲୋକରେ ଆଲୋକିତ କରିଦେଇଛି, ଆପଣାର ବିଚାର ଓ ବୁଦ୍ଧିଦ୍ୱାରା

'oaob.nitrkl.ac.in' images reprocessed

ସେଗୁଡ଼ିକୁ ନିଜ ଆୟତ୍ତକୁ ଆଣିପାରିଛି । କିନ୍ତୁ ପଶୁ ପକ୍ଷରେ ଏହି ସାମର୍ଥ୍ୟପ୍ରଦର୍ଶନ କେବେହେଲେ ସମ୍ଭବ ହୋଇ ନାହିଁ । ଏହି ପରିବର୍ତ୍ତନ ବା ରୂପାନ୍ତରଟି ଥରେ ସାଧିତ ହୋଇଯିବା ପରେ ମନୁଷ୍ୟର ମନଃଶକ୍ତି ଆପଣା ଉପରେ ଓ ଜଗତର ବସ୍ତୁଗୁଡ଼ିକ ଉପରେ ଆପଣାକୁ କାର୍ଯ୍ୟକାରୀ କରିବାକୁ ଆରମ୍ଭ କରିବ ଏବଂ ଏହି କ୍ରମପରିଣତିର ମାର୍ଗରେ ତାହାଠାରେ ସୃଷ୍ଟି କରିବାର, ଜାଣିବାର ଏବଂ ଭବିଷ୍ୟତକୁ ନେଇ ବିଚାର କରିବାର ସାମର୍ଥ୍ୟ ବିକଶିତ ହୋଇ ଉଠିବ । ପ୍ରଥମ ଅବସ୍ଥାରେ ଏଗୁଡ଼ିକ ତା' ଭିତରେ ପଶୁ ତୁଳନାରେ ଖୁବ୍ ବେଶୀ ଉଚ୍ଚରେ ଆଦୌ ଅବସ୍ଥିତ ନଥିଲା ଓ ଅପେକ୍ଷାକୃତ ଅଧିକ ଅପରିଣତ ଓ ଅଶୋଧିତ ଅବସ୍ଥାରେ ରହିଥିଲା ବୋଲି ବେଶ୍ କଳ୍ପନା କରାଯାଇ ପାରିଲେ ମଧ୍ୟ ମନୁଷ୍ୟ ଭିତରେ ଏଗୁଡ଼ିକ କ୍ରମେ ଅଧିକ ବିକଶିତ ହେବାକୁ ଆରମ୍ଭ କରିବ । ପ୍ରକୃତିବିବର୍ତ୍ତନର ଇତିହାସରେ ଯେତେବେଳେ କୌଣସି ମୌଳିକ ପରିବର୍ତ୍ତନ ଘଟିଛି, ସେତେବେଳେ ଏହିପରି ଏକ ରୂପାନ୍ତର ମଧ୍ୟ ଘଟିଛି । ଜଡ଼ ଭିତରୁ ଉନ୍ମେଷଲାଭ କରୁଥିବା ପ୍ରାଣଶକ୍ତି ଜଡ଼ ଉପରେହିଁ ଆପଣାର କ୍ରିୟାକୁ ଅନୁଭୂତ କରାଇଛି, ଆପଣାର ନୂତନ ଗତିସ୍ପନ୍ଦନ ଓ କ୍ରିୟାତ୍ମକତାଗୁଡ଼ିକର ବିକାଶ କରିବା ସଙ୍ଗେ ସଙ୍ଗେ ତାହା ଜଡ଼ଗତ ଶକ୍ତିର କ୍ରିୟା ମଧ୍ୟରେ ବି ଏକ ପ୍ରାଣଧର୍ମୀ ଉପାଦାନକୁ ନେଇ ଲଦିଦେଇଛି । ପ୍ରାଣଶକ୍ତି ଓ ଜଡ଼କୁ ଆଧାର କରି ପ୍ରାଣଗତ ମନର ଉଦୟ ହୋଇଛି; ଏବଂ ଆପଣାର କ୍ରିୟା ଓ ବୃତ୍ତିଗୁଡ଼ିକର ବିକାଶସାଧନ କରିବା ସଙ୍ଗେ ସଙ୍ଗେ ତାହା ପ୍ରାଣ ଓ ଜଡ଼ର କ୍ରିୟାଭୂମି ଉପରେ ମଧ୍ୟ ଆପଣାର ଚେତନାରୂପୀ ଉପାଦାନଟିକୁ ନେଇ ଲଦିଦେଇଛି । ମନୁଷ୍ୟର ଆବିର୍ଭାବ ସହିତ ଯେଉଁ ନୂତନ ବୃତ୍ତିର ଆବିର୍ଭାବ ଓ ରୂପାନ୍ତରଟି ସଂଘଟିତ ହୋଇଛି, ସେଇଟି ମଧ୍ୟ ପ୍ରକୃତିଭୂମିର ଏହିସବୁ ପୂର୍ବତନ ଦୃଷ୍ଟାନ୍ତଗୁଡ଼ିକର ବିଧାନ ମାନି ଆପଣାକୁ ପରିଚାଳିତ କରି ନେଉଛି; ଏଠାରେ ମଧ୍ୟ ପ୍ରକୃତିର ସେଇ ସାଧାରଣ ସୂତ୍ରଟିର ଏକ ନୂତନ ପ୍ରୟୋଗମାତ୍ର ହେଉଛି ବୋଲି ବେଶ୍ ବୁଝାଯାଇ ପାରିବ ।

ତେଣୁ ଏହି ସିଦ୍ଧାନ୍ତଟିକୁ ବଡ଼ ସହଜରେ ଗ୍ରହଣ କରାଯାଇ ପାରିବ; ଏହା ଆପଣାକୁ କିପରି କାର୍ଯ୍ୟକାରୀ କରୁଛି, ତାହା ବେଶ୍ ବୋଧଗମ୍ୟ ହୋଇପାରୁଛି । ମାତ୍ର ଅନ୍ୟ ସିଦ୍ଧାନ୍ତଟିକୁ ଗ୍ରହଣ କରିବାରେ ଅନେକ ବାଧା ଆସି ପଡ଼ୁଛି । ଚେତନାର ଢଗଟିକୁ ବିସ୍ତାର କରି ମନୁଷ୍ୟରୂପେ ଏହି ନୂତନ ଅଭିବ୍ୟକ୍ତିଟିକୁ ବିଶ୍ୱଗତ ପ୍ରକୃତିମଧ୍ୟସ୍ଥ ସଂବୃତ ମଧ୍ୟରୁ ପ୍ରଚ୍ଛନ୍ନ ହୋଇ ରହିଥିବା ଚେତନାର ଉତ୍ସ୍ଫୁରଣ ବୋଲି ବୁଝାଯାଇ ପାରିବ । ମାତ୍ର ସେପରି ସ୍ଥଳରେ ଏହାଲାଗି ପୂର୍ବରୁ ଅବସ୍ଥିତ ରହିଥିବା ଏକ ଜଡ଼ରୂପର ଅବଶ୍ୟ ଆବଶ୍ୟକତା ରହିବ, ଯାହାକି ସେହି ଉତ୍ସ୍ଫୁରଣର ବାହନରୂପେ ବ୍ୟବହୃତ ହୋଇପାରିବ ଏବଂ ସ୍ୱୟଂ ଉତ୍ସ୍ଫୁରଣର ଶକ୍ତିଟିହିଁ ଏକ ନୂତନ ଅନ୍ତର୍ଗତ ସୃଜନ

'oaob.nitrkl.ac.in' images reprocessed

ଅନୁସାରେ ସେହି ବାହନଟିକୁ ଅନୁକୂଳିତ କରିନେଇ ପାରୁଥିବ । ଯଦି ସେପରି ନହୁଏ, ତେବେ ହୁଏତ କୁହାଯାଇ ପାରିବ ଯେ ପୂର୍ବତନ ଯାବତୀୟ ଆକାରାନ୍ତରରୁ ଅତି ଦ୍ରୁତ ଭାବରେ ଏବଂ ଅତି ପୃଥକ୍‌ରୂପେ ଏକ ନୂତନ ଆକାରାନ୍ତରରୂପେ ମନୁଷ୍ୟ ସୃଷ୍ଟ ହୋଇ ଆସିଛି । ମାତ୍ର ଦୁଇଟିରୁ ଆମେ ଯେକୌଣସି ଅନୁମାନଟିକୁ ଗ୍ରହଣ କଲେ ମଧ୍ୟ ତାହା ନିଶ୍ଚୟ ଏକ ବିବର୍ତ୍ତନାତ୍ମକ ପ୍ରକ୍ରିୟାକୁହିଁ ବୁଝାଇବ; ଖାଲି ରୂପାନ୍ତରଟି ଯେଉଁପରି ପଦ୍ଧତିରେ ବା ଯେଉଁସବୁ ସାଧନର ସାହାଯ୍ୟ ନେଇ ଘଟୁଛି, କେବଳ ସେଇଥିରେ ଯାହା ପାର୍ଥକ୍ୟ ରହିବ । ଅବଶ୍ୟ, ଏକ ଅପର ଦିଗରୁ ବିଷୟ ଟିକେ ଦେଖିଲେ, ହୁଏତ ଏହି କ୍ଷେତ୍ରରେ ଆଦୌ କୌଣସି ଉତ୍କ୍ରମଣ ଘଟି ନାହିଁ, ମାତ୍ର ମନୋମୟ ଭୂମିରୁ ଆମ ଉପରେ ମନୋମୟଭାବ ଏକ ଅବତରଣହିଁ ଘଟିଛି, ଏହି ପାର୍ଥିବ ପ୍ରକୃତି ମଧ୍ୟକୁ ସମ୍ଭବତଃ ଏକ ଆତ୍ମା ବା ମନୋମୟ ସତ୍ତାର ଅବତରଣ ଘଟିଛି । ସେତେବେଳେ ମନୁଷ୍ୟଶରୀରଟିର ଆବିର୍ଭାବ ବିଷୟରେ ଏକ ଅସୁବିଧା ରହିଯିବ, ଏଭଳି ଜଟିଳ ଓ ଅତ୍ୟାସ୍ୱନିର୍ମିତ ଏକ ଶରୀରର ଯେ ଏପରି ହଠାତ୍ ସୃଷ୍ଟି ବା ଆବିର୍ଭାବ ହୋଇପାରିଲା, ସେ ବିଷୟରେ ସନ୍ଦେହ ରହିଯିବ । କାରଣ ଏହିଭଳି ଏକ ଅଲୌକିକ ପ୍ରକ୍ରିୟାଗତ ବେଗ ସଞ୍ଚାର ଏକ ଅତି ପ୍ରାକୃତ ସୋପାନରେ ହୁଏତ ବେଶ୍ ସମ୍ଭବ ହୋଇପାରିବ ସିନା, ମାତ୍ର ଜଡ଼ ଶକ୍ତିର ସାଧାରଣ ସମ୍ଭାବ୍ୟତା ବା ଶକ୍ତିପରିସରର ମଧ୍ୟରେ ଏହା ପ୍ରକୃତରେ ଘଟିପାରିବ ବୋଲି ଆଦୌ ବୁଦ୍ଧିବୋଧ ହେବ ନାହିଁ । କେବଳ ଏକ ଅତିପ୍ରାକୃତ ଶକ୍ତି ବା ପ୍ରକୃତିବିଧାନର ସକ୍ରିୟ ହସ୍ତକ୍ଷେପ ଦ୍ୱାରାହିଁ ତାହା ସମ୍ଭବ ହେବ ବା ପୂର୍ଣ୍ଣ ଶକ୍ତି ସହିତ ଜଡ଼ ଉପରେ ପ୍ରତ୍ୟକ୍ଷ ଭାବରେ କାର୍ଯ୍ୟ କରୁଥିବା ଏକ ସ୍ରଷ୍ଟାରୂପ ମନଦ୍ୱାରା ସେକଥା ହୋଇପାରିବ । ଜଡ଼ ମଧ୍ୟରେ ସଂଘଟିତ ହେଉଥିବା ପ୍ରତ୍ୟେକ ନୂତନ ଆବିର୍ଭାବ ସମ୍ବନ୍ଧରେ ତାହାର ମୂଳରେ ଯେ ଏକ ଅତିପ୍ରାକୃତ କ୍ରିୟା ବା ସ୍ରଷ୍ଟାର ଇଚ୍ଛା ଅବଶ୍ୟ ବର୍ତ୍ତମାନ ରହିଥିବ, ସେକଥାଟି ମାନିନେବାକୁ ଆମର କୌଣସି ଆପତ୍ତି ନାହିଁ । ଏହି ପ୍ରତ୍ୟେକ ଆବିର୍ଭାବଟିକୁ ଆମେ ମୂଳତଃ ଏକ ଅଲୌକିକ ସଂଘଟନ ବୋଲି କହିପାରିବା ଯାହାକି ପ୍ରାଣଶକ୍ତି ଓ ମନଃଶକ୍ତିକୁ ଅବଲମ୍ବନ କରି ଏକ ଗୁପ୍ତ ଚେତନାଦ୍ୱାରାହିଁ କାର୍ଯ୍ୟକାରୀ ହେଉଥିବ । ମାତ୍ର ଏହି କ୍ରିୟାଟି କୌଣସି ସ୍ଥାନରେ ପ୍ରତ୍ୟକ୍ଷ, ପ୍ରକାଶ ଓ ସ୍ୱୟଂସମ୍ପୂର୍ଣ୍ଣଭାବରେ କେବଳ ପରିଲକ୍ଷିତ ହୁଏ ନାହିଁ; ଏହାକୁ ସର୍ବଦା ସତେଅବା ଉପରୁ ଆସି ପୂର୍ବରୁ ଉପଲବ୍ଧ ହୋଇଥିବା ଏକ ଜଡ଼ଗତ ଭୂମି ଉପରେ କାମ କରିଯାଏ ଏବଂ ତାହା ପ୍ରକୃତିର କୌଣସି ଏକ ପ୍ରତିଷ୍ଠିତ ପ୍ରକ୍ରିୟାର ଏକ ପ୍ରସାରଣ ଦ୍ୱାରାହିଁ କାର୍ଯ୍ୟ କରେ । ବରଂ ଏଭଳି ଅନୁମାନ କରାଯାଇ ପାରେ ଯେ ପୂର୍ବରୁ ଅବସ୍ଥିତ ରହିଥିବା କୌଣସି ପାର୍ଥିବ ଦେହ ବା ଆଧାର ଜନ୍ମୋଦ୍ଭବସ୍ତର ଭିତରେହିଁ ଉଦ୍ଭୂତ ହୋଇ ରହିଥିଲା ବୋଲିହିଁ ଜଡ଼ାତୀତ ଶକ୍ତିର ସଞ୍ଚାରଣ ଫଳରେ

'oaob.nitrkl.ac.in' images reprocessed

ତାହା ଏକ ନୂତନ ଦେହରେ ରୂପାନ୍ତରିତ ହୋଇପାରିଲା । ମାତ୍ର ଜଡ଼ ପ୍ରକୃତିର ବିଗତ ଇତିହାସରେ ଏଭଳି କୌଣସି ଘଟଣା ପ୍ରକୃତରେ ଘଟିଛି ବୋଲି ଆଦୌ ଏତେ ସହଜରେ ଗ୍ରହଣ କରାଯାଇ ପାରିବ ନାହିଁ । କାରଣ ଘଟିବାକୁ ହେଲେ ତାହା ହୁଏତ ଆପଣାର ନିବାସରୂପେ ଗ୍ରହଣ କରିବାଭଳି ଏକ ଦେହର ଗଠନ କରିବା ସକାଶେ ଏକ ଅଦୃଶ୍ୟ ମନର ସଚେତନ ହସ୍ତକ୍ଷେପ ଆବଶ୍ୟକ କରିବ; ଅଥବା ଆମକୁ କହିବାକୁ ପଡ଼ିବ ଯେ ଜଡ଼ ମଧ୍ୟରେ ଆଗରୁ ଅବସ୍ଥିତ ରହିଥିବା କୌଣସି ମନୋମୟ ସତ୍ତା ଆପଣାର ବିକାଶ ସାଧନ କରୁଥିଲା, ଏକ ଜଡ଼ାତୀତ ଶକ୍ତିକୁ ଆପଣା ମଧ୍ୟରେ ଗ୍ରହଣ କରିନେବାର ସାମର୍ଥ୍ୟ ଅର୍ଜନ କରି ସାରିଥିଲା ଏବଂ ଆପଣା ଜଡ଼ ଅସ୍ତିତ୍ୱର ଅନମନୀୟ ଓ ଅତିସଂକୀର୍ଣ୍ଣ ବିଧାନଗୁଡ଼ିକ ଉପରେ ସେହି ଶକ୍ତିକୁ ଆଣି ସଞ୍ଚାରିତ କରିଦେଇ ପାରିଲା । ନଚେତ୍ ଅନୁମାନ କରିବାକୁ ହେବ ପୂର୍ବରୁ ବର୍ତ୍ତମାନଥିବା ଏକ ଶରୀର ଏତେଦୂର ବିକାଶଲାଭ କରି ସାରିଥିଲା ଯେ ତାହା ଏକ ବିପୁଳ ମନୋମୟ ଶକ୍ତିସଞ୍ଚାରଣକୁ ଆପଣା ମଧ୍ୟରେ ଗ୍ରହଣ କରିନେବାକୁ ଉପଯୁକ୍ତ ହୋଇ ସାରିଥିଲା ବା ଆପଣା ମଧ୍ୟକୁ ଅବତରଣ କରି ଆସୁଥିବା ଏକ ମନୋମୟ ସତ୍ତାକୁ ନିଜର ସହଜ ପ୍ରତିସ୍ପନ୍ଦନଟି ଜଣାଇବାର ସାମର୍ଥ୍ୟ ଲାଭ କରିଥିଲା । ମାତ୍ର ଏଥିଲାଗି ଆମକୁ ମାନିନେବାକୁ ହେବ ଯେ ଏହିଭଳି ଏକ ଗ୍ରହଣ କରିନେବା ସମ୍ଭବ ହେବାଲାଗି ଯେଉଁପର୍ଯ୍ୟନ୍ତ ବିକାଶ ହୋଇଥିବା ଆବଶ୍ୟକ, ଶରୀର ମଧ୍ୟରେ ପୂର୍ବରୁ ମନର ସେପର୍ଯ୍ୟନ୍ତ ବିକାଶ ହୋଇ ସାରିଥିଲା । ଏକଥା ମଧ୍ୟ ଅବଶ୍ୟ ବେଶ୍ କଳ୍ପନା କରାଯାଇ ପାରିବ ଯେ ତଳଆଡ଼ୁ ସଂଘଟିତ ହେଉଥିବା ଏଭଳି ଏକ ବିବର୍ତ୍ତନ ଏବଂ ଉପରୁ ସଂଘଟିତ ହେଉଥିବା ଏଭଳି ଏକ ଅବତରଣର ପରସ୍ପର ସହଯୋଗ ଫଳରେହିଁ ପାର୍ଥିବ ପ୍ରକୃତି ଉପରେ ମନୁଷ୍ୟର ଆବିର୍ଭାବ ହେଲା । ଇତରପ୍ରାଣୀ ମଧ୍ୟରେ ଆଗରୁ ଯେଉଁ ଚୈତ୍ୟ ଉପାଦାନଟି ପ୍ରଚ୍ଛନ୍ନ ହୋଇ ଅବସ୍ଥିତ ରହିଥିଲା, ହୁଏତ ତାହାହିଁ ମନୋମୟ ପୁରୁଷକୁ ଅବତରଣ କରାଇ ଆଣିଲା; ଜଡ଼ର ଭୂମି ଉପରେ ଆଗରୁ କାର୍ଯ୍ୟକାରୀ ହୋଇ ରହିଥିବା ପ୍ରାଣମନୋଗତ ଶକ୍ତିଟିକୁ ଗ୍ରହଣ କରିନେଇ ତାହାକୁ ଏକ ଉଚ୍ଚତର ମନୋଭୂମିକୁ ଉତ୍ତୋଳିତ କରିନେବା ଉଦ୍ଦେଶ୍ୟରେ ସଜୀବ ଜଡ଼ର ଏହି ଭୂମିକୁ ସେ ମନୋମୟ ସତ୍ତାକୁ ଅବତରାଇ ନେଇ ଆସିଲା । ମାତ୍ର ଏହାକୁ ମଧ୍ୟ ତଥାପି ସେହି ବିବର୍ତ୍ତନର ଏକ ପ୍ରକ୍ରିୟା ବୋଲି କହିବାକୁ ପଡ଼ିବ; ପାର୍ଥିବ ପ୍ରକୃତିରେ କାର୍ଯ୍ୟ କରୁଥିବା ଆପାଣରହିଁ ଏକ ତତ୍ତ୍ୱର ଆବିର୍ଭାବ ଓ ପ୍ରସାରଣରେ ସହାୟକ ହେବାଲାଗି ଉଚ୍ଚତର ଭୂମି କେବଳ ଏକ ହସ୍ତକ୍ଷେପ କରୁଛି ବା ଆପଣାର ପ୍ରଭାବ ପକାଉଛି ବୋଲି କହିବାକୁ ହେବ ।

ପୁଣି, ଏକଥାଟି ମଧ୍ୟ ଗ୍ରହଣ କରିନେଇ ହେବ ଯେ ଚେତନା ଓ ସତ୍ତାର ପ୍ରତ୍ୟେକ ପ୍ରକାର ଓ ପ୍ରତ୍ୟେକ ଶ୍ରେଣୀକୁ ଥରେ ପ୍ରତିଷ୍ଠିତ ହୋଇ ସାରିବାପରେ

'oaob.nitrkl.ac.in' images reprocessed

ସେହି ଶ୍ରେଣୀ ବା ସେହି ଜାତିଟିର ସତ୍ତ୍ୱଗତ ବିଧାନସ୍ତର ବଦ୍ଧ ରହିବାକୁ ପଡ଼ିବ, ଆପଣା ପ୍ରକୃତିର ସ୍ୱକୀୟ ପରିଯୋଜନ ଏବଂ ନିୟମଟିକୁ ମାନି ଚଳିବାକୁ ପଡ଼ିବ । କିନ୍ତୁ ଏକଥା ମଧ୍ୟ ସମ୍ଭବ ଯେ ଏକ ଜାତି ବା ଜୀବପ୍ରକାର ସ୍ୱଭାବରେ ମନୁଷ୍ୟ ମଧ୍ୟରେ ଆପଣାକୁ ଅତିକ୍ରମ କରି ବଢ଼ିଯିବାର ଏକ ଆକୂତି ଓ ଆବେଗ ତାହାର ଜାତିଗତ ଧର୍ମ ବା ବିଧାନର ଏକ ଅଂଶରୂପେ ଅବସ୍ଥିତ ରହିଛି, ମନୁଷ୍ୟର ଆଧ୍ୟାତ୍ମିକ ଶକ୍ତି ମଧ୍ୟରେ ହୁଏତ ରୂପାନ୍ତରଣର ସାଧନଟି ମଧ୍ୟ ନିହିତ ହୋଇ ରହିଛି । ଯେଉଁ ଯୋଜନାଟିକୁ ଗର୍ଭରେ ରଖି ସୃଜନାତ୍ମିକା ଶକ୍ତି ମନୁଷ୍ୟକୁ ତିଆରି କରିଛି, ହୁଏତ ତାହାର ଗୋଟିଏ ଅଂଶରୂପେହିଁ ସେ ଏହିପରି ଏକ ସାମର୍ଥ୍ୟର ଅଧିକାରୀ ହୋଇପାରିଛି । ଏକଥା ମଧ୍ୟ ସ୍ୱୀକାର କରାଯାଇ ପାରିବ ଯେ ମନୁଷ୍ୟ ବର୍ତ୍ତମାନ ପର୍ଯ୍ୟନ୍ତ ମୁଖ୍ୟତଃ ଯାହାକିଛି କରିଛି, ତାହା କେବଳ ଆପଣା ପ୍ରକୃତିଟିର ବୃତ୍ତି ମଧ୍ୟରେ ରହି କାର୍ଯ୍ୟ କରିବା ଭିତରେ ସୀମିତ ରହିଛି, ପ୍ରକୃତିଗତ ଗତାନୁଗତିକର ଗୋଟିଏ ବୃତ୍ତର ଭିତରେହିଁ ସୀମିତ ରହିଛି; ସେହି ବୃତ୍ତଟି କେତେବେଳେ ଉପରକୁ ଉଠିଯାଇଛି ତ ପୁଣି କେତେବେଳେ ତଳକୁ ଖସି ଆସିଛି । ମୋଟ କଥା ହେଉଛି, ମନୁଷ୍ୟ ଏପର୍ଯ୍ୟନ୍ତ ପ୍ରକୃତିର କୌଣସି ଅବ୍ୟାହତ ସରଳପଥ ଦେଇ ଗତି କରି ନାହିଁ, ଆପଣାର ଅଜ୍ଞାତ ପ୍ରକୃତିଟିକୁ ମୌଳିକ କିମ୍ବା ଅବିସମ୍ବାଦିତ ଭାବରେ କେବେହେଲେ ଅତିକ୍ରମ କରି ଯାଇ ନାହିଁ । ସେ ଆପଣାର ସାମର୍ଥ୍ୟକୁ କେବଳ ଅଧିକ ପ୍ରସାରଣ କରିବାକୁ ପ୍ରୟାସ କରିଛି, ଅଧିକ ସୂକ୍ଷ୍ମ କରିଛି, ତାହାକୁ ଅଧିକରୁ ଅଧିକ ଜଟିଳ ତଥା ସ୍ଥିତିସ୍ଥାପକ ଭାବରେ କାମରେ ଲଗାଇ ଶିଖିଛି । ଅବଶ୍ୟ ଏକଥା ମଧ୍ୟ ପ୍ରକୃତରେ କଦାପି କୁହାଯାଇ ପାରିବ ନାହିଁ ଯେ ମନୁଷ୍ୟ ଏହି ସ୍ତରଟିକୁ ଆସିବା ଦିନଠାରୁ ଏବଂ ଏପରିକି ତାହାର ଏଯୁଗର ଜ୍ଞାତ ଇତିହାସଟି ମଧ୍ୟରେ ମାନବୀୟ ପ୍ରଗତି ବୋଲି କେଉଁଠି କିଛି ହୋଇ ନାହିଁ; କାରଣ ଆମର ପ୍ରାଚୀନ ପୂର୍ବଜମାନେ ଯେତେ ବଡ଼ ହୋଇଥା'ନ୍ତୁ ପଛକେ, ସମନ୍ୱତା ଓ ସୃଷ୍ଟିର କ୍ଷେତ୍ରରେ ସେମାନେ ଯେତେବେଶୀ ଯଶସ୍ୱୀ ହୋଇଥା'ନ୍ତୁ ପଛକେ ଏବଂ ସେମାନଙ୍କର ଆଧ୍ୟାତ୍ମିକ ଶକ୍ତି, ବୁଦ୍ଧିଶକ୍ତି ତଥା ଚରିତ୍ରଶକ୍ତି ଆମକୁ ଯେତେବେଶୀ ଚମତ୍କୃତ କରୁଥାଉ ପଛକେ, ମନୁଷ୍ୟର ଏଯୁଗର ବିକାଶକ୍ଷେତ୍ରଗୁଡ଼ିକରେ ନିଃସନ୍ଦେହ ଭାବରେ ଅଧିକ ସୂକ୍ଷ୍ମତା ଓ ବହୁସମ୍ପନ୍ନତା ସମ୍ଭବ ହୋଇପାରିଛି, ତାହାର ଜ୍ଞାନରେ ବହୁବିଧ ବିକାଶ ହୋଇଛି, ତା' ଦର୍ଶନର ସମ୍ଭାବନାକ୍ଷେତ୍ରଟି ପ୍ରସାର ଲାଭ କରିଛି; ତା'ର ସୃଜନଶୀଳତାରେ, ତା'ର ସମାଜରେ ଓ ଜୀବନକ୍ଷେତ୍ରରେ ତଥା ବିଜ୍ଞାନ ଓ ତତ୍ତ୍ୱଦର୍ଶନ ପ୍ରଭୃତି ଜ୍ଞାନର ସକଳ କ୍ଷେତ୍ରରେ, କଳା ଓ ସାହିତ୍ୟରେ କେତେକେତେ ନୂତନ ସମ୍ଭାବନା ଉନ୍ମୁକ୍ତ ହୋଇଯାଇଛି । ଏପରିକି ଆଧ୍ୟାତ୍ମିକ ପ୍ରୟାସର କ୍ଷେତ୍ରରେ ମଧ୍ୟ ପ୍ରାଚୀନମାନଙ୍କ ପରି ଅନୁଭୂତିର ଉଚ୍ଚତା ଓ ବିଶାଳ ଶକ୍ତିମତ୍ତା ହାସଲ କରି ନପାରିଥିଲେ ମଧ୍ୟ ଏଯୁଗର

'oaob.nitrkl.ac.in' images reprocessed

ମନୁଷ୍ୟ ଅଧିକରୁ ଅଧିକ ସୂକ୍ଷ୍ମତା, ସାବଳୀଳତା ଓ ଗଭୀରତା ଉପଲବ୍ଧି କରିବାକୁ ସମର୍ଥ ହୋଇଛି, ଆପଣାର ଅନ୍ୱେଷଣକୁ ବହୁପ୍ରସାରିତ କରିପାରିଛି । ଆଧୁନିକ ମନୁଷ୍ୟ ହୁଏତ କେତେଥର ସଂସ୍କୃତିର ଏକ ଉପଲବ୍ଧ ଉଚ୍ଚ ଶୀର୍ଷରୁ ତଳକୁ ଖସିପଡ଼ିଛି, ହୁଏତ କେତେକ କ୍ଷେତ୍ରରେ ସାମୟିକ ଭାବରେ ଜୀବନରେ ସକଳ ଆଲୋକ ଓ ଉନ୍ମୋଚନର ବିରୋଧୀ ହୋଇ ପଡ଼ିଥିଲା ପରି ବୋଧ ହେଉଛି, ତାହାର ଆଧ୍ୟାତ୍ମିକ ସକଳ ପ୍ରେରଣା ସତେଅବା ମରି ଯାଇଥିବା ପରି ଓ ସେ ଏକ ସଂସ୍କାର-ବର୍ଜିତ ବର୍ବର ଜଡ଼ାସକ୍ତତା ଭିତରେ ରୁଦ୍ଧ ହୋଇ ପଡ଼ି ଯାଇଥିବା ପରି ମନେ ହେଉଛି । ମାତ୍ର ଏଗୁଡ଼ାକ କେବଳ ସାମୟିକ ଘଟଣା, ଅଥବା ଖୁବ୍ ବେଶୀ ହେଲେ ପ୍ରଗତିର କୁଣ୍ଡଳରେ ଏକ ନିମ୍ନମୁଖୀ ବକ୍ର ଉପରେ ଗତି କରୁଥିବାର ଏକ ପର୍ଯ୍ୟାୟମାତ୍ର । ଅବଶ୍ୟ ଏହା ସତ୍ୟ ଯେ ମନୁଷ୍ୟର ଏହି ପ୍ରଗତି ମନୁଷ୍ୟଜାତିକୁ ଏପର୍ଯ୍ୟନ୍ତ ତାହାର ସୀମାଟି ଭିତରୁ ଆଗକୁ ଟାଣିଆଣି ନେଇ ପାରି ନାହିଁ, ଏହାଦ୍ୱାରା ମନୁଷ୍ୟ ଆପଣାର ସୀମାଟିକୁ ଅତିକ୍ରମ କରିପାରି ନାହିଁ କିମ୍ବା ତା'ର ମନୋମୟ ସତ୍ତାରେ ଏକ ରୂପାନ୍ତର ଘଟାଇ ନାହିଁ । ମାତ୍ର ସେଭଳି ଏକ ଆଶା ମଧ୍ୟ କାହିଁକି କରାଯାଇ ଆଆନ୍ତା ?—କାରଣ ଜୀବସତ୍ତାର କୌଣସି ଏକ ପ୍ରକାର ମଧ୍ୟରେ କାର୍ଯ୍ୟ କରୁଥିବାବେଳେ ବିବର୍ତ୍ତନଧର୍ମୀ ପ୍ରକୃତିର କ୍ରିୟା ପ୍ରଥମେ ଏହିପରି ଏକ ଦୃଢ଼ୀକରଣ ଓ କ୍ରମବର୍ଦ୍ଧମାନ ସମ୍ପନ୍ନ ଓ ଜଟିଳତା ଦ୍ୱାରା ସେହି ପ୍ରକାରଟିକୁ ତାହାର ଆପଣା ସାମର୍ଥ୍ୟର ସମ୍ଭାବ୍ୟତମ ବିନ୍ଦୁରେ ପହଞ୍ଚିବା ପର୍ଯ୍ୟନ୍ତ ବିକଶିତ କରାଇନେବ; ଏବଂ ତା'ପରେ ତା'ର ଆବରଣଟି ଫାଟିବାଲାଗି ପ୍ରସ୍ତୁତ ହୋଇଯିବ, ପୂର୍ଣ୍ଣପରିପକ୍ୱ ହୋଇ ତା'ର ମୀମାଂସକ ମୁହୂର୍ତ୍ତଟିର ଆବିର୍ଭାବ ହେବ, ତାହା ରୂପାନ୍ତରିତ ହୋଇଯିବ; ସେତେବେଳେ ତାହାର ଚେତନା ତା' ଆପଣା ଉପରେହିଁ ପ୍ରତିଫଳିତ ହେବ ଓ ବିବର୍ତ୍ତନର କ୍ରମଟିରେ ଏକ ନୂତନ ପର୍ଯ୍ୟାୟ ଆସି ଦେଖାଦେବ । ଆଧ୍ୟାତ୍ମିକ ଓ ଅତିମାନସ ସତ୍ତାଟିର ଆବିର୍ଭାବ ଘଟାଇବାହିଁ ପ୍ରକୃତିର ପରବର୍ତ୍ତୀ ପଦକ୍ଷେପ ହେବାକୁ ଯାଉଛି ବୋଲି ଯଦି ଅନୁମାନ କରାଯାଏ, ତେବେ ମାନବଜାତି ମଧ୍ୟରେ ଆଧ୍ୟାତ୍ମିକତାର ଯେଉଁ ଚାପ ବା ପ୍ରବେଗ ଆସି ଦେଖାଦିଏ, ତାହାକୁହିଁ ପ୍ରକୃତି ମଧ୍ୟରେ ନିହିତ ଅଭିପ୍ରାୟଟିର ଏକ ଇଙ୍ଗିତ ବୋଲି ବୁଝିବାକୁ ପଡ଼ିବ । ସେହି ରୂପାନ୍ତରଟିକୁ ଆପଣାର ଜୀବନରେ କାର୍ଯ୍ୟକାରୀ କରାଇବା ଲାଗି ଅଥବା ତାହାକୁ କାର୍ଯ୍ୟକାରୀ କରିବାରେ ପ୍ରକୃତି ସହିତ ସହଯୋଗ କରିବାଲାଗି ମନୁଷ୍ୟ ମଧ୍ୟରେ ଯେ ଆବଶ୍ୟକ ସାମର୍ଥ୍ୟ ମଧ୍ୟ ଆସିଗଲାଣି, ତାହାର ଏକ ଇଙ୍ଗିତ ବୋଲି ବୁଝିବାକୁ ପଡ଼ିବ । ମନୁଷ୍ୟ-ବିବର୍ତ୍ତନର ଆଚରିତ ପ୍ରଣାଳୀରୂପେ ଯଦି ଇତରପ୍ରାଣୀର ସତ୍ତା ଭିତରେ ବାନରଜାତି ସହିତ କେତେକାଂଶରେ ସାମଞ୍ଜସ୍ୟ ରଖିଥିବା ଅଥଚ ମୂଳରୁହିଁ ମନୁଷ୍ୟ-ଅନୁରୂପ ଉପାଦାନଗୁଡ଼ିକୁ ବହନ କରୁଥିବା ଏକ ନୂତନ ମଧ୍ୟବର୍ତ୍ତୀ ପ୍ରକାରର ଆବିର୍ଭାବ ଘଟିଥିଲା,

'oaob.nitrkl.ac.in' images reprocessed

ତେବେ ବର୍ତ୍ତମାନ ସୋପାନରେ ମଧ୍ୟ ମାନବସଙ୍ଘ ମଧ୍ୟରେ ସେହିପରି ମନୋମୟ-ପଶୁତୁଲ୍ୟ ଏକ ମନୁଷ୍ୟସ୍ୱଭାବ ସହିତ ସାମଞ୍ଜସ୍ୟ ରକ୍ଷିଥିବା ଅଥଚ ଆପଣା ଉପରେ ସେହି ଆଧ୍ୟାତ୍ମିକ ଅଭୀପ୍ସାଟିର ଛାପକୁ ବହନ କରୁଥିବା ଏକ ଆଧ୍ୟାତ୍ମିକ ମନୁଷ୍ୟ-ପ୍ରକାରର ଆବିର୍ଭାବ ଘଟିବ, ଏବଂ ବିବର୍ତ୍ତନର କ୍ରମାନୁସରଣରେ ଆଧ୍ୟାତ୍ମିକ ଓ ଅତିମାନସ ସତ୍ତାକୁ ସମ୍ଭବ କରିବାପାଇଁ ପ୍ରକୃତିକୁ ସମ୍ଭବତଃ ଠିକ୍ ଏହିପରି ଏକ ପ୍ରଣାଳୀରେ କାର୍ଯ୍ୟ କରିବାକୁ ପଡ଼ିବ ।

ଏହି କଥା ଯଥାର୍ଥ ଭାବରେ କୁହାଯାଇଛି ଯେ ଯଦି ବିବର୍ତ୍ତନକ୍ରମର ଏହିଭଳି ଏକ ପରିପୂର୍ତ୍ତିତା ଅଭିପ୍ରେତ ହୋଇ ରହିଥାଏ ଏବଂ ଯଦି ମନୁଷ୍ୟକୁହିଁ ସେହି ଅବସ୍ଥାରେ ଯାଇ ପହଞ୍ଚିବାରେ ମାଧ୍ୟମରୂପେ ବ୍ୟବହୃତ ହେବାକୁ ହୁଏ, ତେବେ କେବଳ କେତେକଣ ମୁଷ୍ଟିମେୟ ବିଶେଷ ମନୁଷ୍ୟବ୍ୟକ୍ତିହିଁ ଏହି ନୂତନ ଶ୍ରେଣୀଟିର ଗଠନ କରିବାକୁ ପଡ଼ିବ ଓ ନୂତନ ଜୀବନ ଆଡ଼କୁ ଅଗ୍ରସର ହେବାକୁ ପଡ଼ିବ । ଯଦି ସେହିଭଳି ପ୍ରକୃତରେ ହୁଏ, ତେବେ ମନୁଷ୍ୟସମାଜରେ ବାସ କରୁଥିବା ଅବଶିଷ୍ଟ ଜନମାନେ ଏକ ଆଧ୍ୟାତ୍ମିକ ଆକାଂକ୍ଷାର ପଥରୁ ପଛକୁ ହଟି ଯିବେ, କାରଣ ପ୍ରକୃତିର ଉଦ୍ଦେଶ୍ୟସାଧନ ଲାଗି ସେମାନଙ୍କର ଆଉ ଆବଶ୍ୟକତା ନଥିବ ଏବଂ ସେହି କାରଣରୁ ସେମାନେ ଆପଣାର ଏହି ସାଧାରଣ ସୋପାନଟିରେ ଚୁପ୍ ହୋଇ ରହିଯିବେ । ପୁଣି ଠିକ୍ ସମାନ ଯଥାର୍ଥତା ସହିତ ଏକଥା ବି କୁହାଯାଇ ପାରିବ ଯେ ଯଦି ଜନ୍ମାନ୍ତରଗ୍ରହଣର ପ୍ରକ୍ରିୟାଟିଦ୍ୱାରା ବିବର୍ତ୍ତନର ନାନା ସୋପାନ ମଧ୍ୟଦେଇ ଆତ୍ମାକୁ ସେହି ଆଧ୍ୟାତ୍ମିକ ଶିଖରଟି ଆଡ଼କୁ ପ୍ରକୃତରେ ଆରୋହଣ କରି ଯିବାକୁ ହୋଇ ଥାଏ, ତେବେ ମନୁଷ୍ୟସଙ୍ଘର ଏହି ସୋପାନଟିକୁ ଅବଶ୍ୟ ସଂରକ୍ଷିତ କରି ରଖିବାକୁ ପଡ଼ିବ, କାରଣ ତାହା ନହେଲେ ଅନ୍ତର୍ବର୍ତ୍ତୀ ପର୍ଯ୍ୟାୟର ସିଢ଼ିଠାରୁ ଅତ୍ୟାବଶ୍ୟକ ସୋପାନଟି ଏହି କ୍ରମ ଭିତରୁ ବାଦ୍ ପଡ଼ିଯିବ । କୌଣସି ପ୍ରକାର ଭୁଲ୍ ନକରି ଏଠାରେ ସଙ୍ଗେ ସଙ୍ଗେ କୁହାଯିବ ଯେ ସମୁଦାୟ ମାନବଜାତି ଯେ ଏକାଠି ଏକାମୁଥରେ ଅତିମାନସ ସ୍ତରଟିକୁ ଆରୋହଣ କରି ଚାଲିଯିବେ, ସେପରି କୌଣସି ସମ୍ଭାବନା ନାହିଁ ଓ ଏପରି କଦାପି ଘଟି ପାରିବ ନାହିଁ । ତେଣୁ ଏଠାରେ ସେପରି କୌଣସି ଭୂମୂଳ କଳ୍ପନାତ୍ମକ ବା କଳ୍ପନାବିଳାସ କଥାର ଆଦୌ ପ୍ରସ୍ତାବ କରାଯାଉ ନାହିଁ; ଏଠାରେ କେବଳ ଏତିକି କୁହାଯାଉଛି ଯେ ବିବର୍ତ୍ତନଗତ ପ୍ରବେଗ ମଧ୍ୟରେ ଏକ ନିର୍ଦ୍ଦିଷ୍ଟ ସ୍ତରରେ ଆସି ପହଞ୍ଚିଲେ ବା ଏକ ନିର୍ଦ୍ଦିଷ୍ଟ ବିନ୍ଦୁକୁ ସ୍ପର୍ଶ କରିପାରିଲେ ମନୁଷ୍ୟର ମନୋଭୂମିଗତ ସାମର୍ଥ୍ୟଟି ଚେତନାର ଏକ ଉଚ୍ଚତର ଭୂମି ଅଭିମୁଖରେ ଧାବିତ ହେବ ଏବଂ ସଙ୍ଘମଧ୍ୟରେ ସେହି ଚେତନାର ରୂପାୟନ ଘଟାଇବାର ପ୍ରୟାସ କରିବ । ଏହିପରି ଭାବରେ ଆପଣାର ଶରୀରରେ ନୂତନ ଚେତନାଟିକୁ ଧାରଣ କରିବାଦ୍ୱାରା ସଙ୍ଘର ସ୍ୱପ୍ରକୃତିଗତ ସ୍ୱଭାବ ଓ ସାଧାରଣ ଧର୍ମଟି ମଧ୍ୟ ବଦଳି ଏକ

'oaob.nitrkl.ac.in' images reprocessed

ପରିବର୍ତ୍ତନର ସମ୍ମୁଖୀନ ହେବ; ନିଃସନ୍ଦେହ ଭାବରେ ତାହାର ମନୋଗତ, ସଂବେଗଗତ ତଥା ଇନ୍ଦ୍ରିୟବୋଧଗତ ସଂରଚନାରେ ଏକ ପରିବର୍ତ୍ତନ ଘଟିବ ଓ ଏପରିକି ଶରୀରଗତ ଚେତନା ଏବଂ ଆମର ପ୍ରାଣ ଓ ଶକ୍ତିଗୁଡ଼ିକର ଦୈହିକ ପରିମିମନରେ ମଧ୍ୟ ଅନେକ ପରିମାଣରେ ପରିବର୍ତ୍ତନ ହେବ । ମାତ୍ର ଚେତନାର ପରିବର୍ତ୍ତନଟିହିଁ ଏହି କ୍ଷେତ୍ରରେ ସବୁଠାରୁ ପ୍ରଧାନ କଥା ବା ପ୍ରାଥମିକ ଗତିସ୍ପନ୍ଦନ ହୋଇ ରହିବ; ଦେହଗତ ଯାହାକିଛି ପରିବର୍ତ୍ତନ ହେବ, ତାହା ଗୌଣ ହୋଇ ରହିବ, କେବଳ ପରିଣାମରୂପେହିଁ ଘଟିବ । ଯେତେବେଳେ ଆତ୍ମାର ଶିଖାଟି ପ୍ରଜ୍ୱଳିତ ହୋଇ ଉଠିବ, ଚୈତ୍ୟ ଆତ୍ମାନଟି ସନ୍ଦୀପିତ ହୋଇଯିବ ଓ ହୃଦୟ ତଥା ମନ ଭିତରେ ତାହାର ଶକ୍ତିମତ୍ତା ଅନୁଭୂତ ହେବାକୁ ଲାଗିବ ଏବଂ ଯେତେବେଳେ ପ୍ରକୃତି ମଧ୍ୟ ଅନୁରୂପ ଭାବରେ ପ୍ରସ୍ତୁତ ହୋଇଯିବ, ସେତେବେଳେ ମନୁଷ୍ୟ ପକ୍ଷରେ ଚେତନାର ଏହି ରୂପାନ୍ତରସାଧନ ସର୍ବଦା ସମ୍ଭବ ହୋଇ ରହିପାରିବ । ଆଧ୍ୟାତ୍ମିକ ଅଭୀପ୍ସା ମନୁଷ୍ୟ ମାତ୍ରକେ ସବୁରି ଭିତରେ ସହଜାତ ବା ଅନ୍ତର୍ନିହିତ ହୋଇ ରହିଛି; କାରଣ ପଶୁର ପ୍ରକୃତିକୁ ଅତିକ୍ରମ କରି ସେ ଆପଣାର ଅପୂର୍ଣ୍ଣତା ଓ ସୀମାବଦ୍ଧତା ବିଷୟରେ ସ୍ୱୟଂ ସଚେତନ ହୋଇପାରୁଛି ଏବଂ ସ୍ପଷ୍ଟ ଅନୁଭବ କରିପାରୁଛି ଯେ ସେ ବର୍ତ୍ତମାନ ଯେତିକି ଭିତରେ ରହିଛି, ତାହାର ପରିଧିଟିକୁ ଅତିକ୍ରମ କରି ମଧ୍ୟ ଆହୁରି ଅଧିକ କିଛି ହାସଲ କରିବାକୁ ଅବଶ୍ୟ ବାକି ରହିଛି । ଆପଣାର ସୀମା ସେପାଖକୁ ଯାଇ ଅଧିକ କିଛିର ଆକାଂକ୍ଷା ରଖିବାର ଏହି ଉଚ୍ଚାଟନ ଯେ ମନୁଷ୍ୟଜାତିଠାରୁ କେବେହେଲେ ସମ୍ପୂର୍ଣ୍ଣ ଭାବରେ ନିର୍ବାପିତ ହୋଇଯିବ, ତାହା କଦାପି ସମ୍ଭବ ବୋଲି ଲାଗୁ ନାହିଁ । ମନୁଷ୍ୟର ଏହି ମନୋଗତ ଭୂମିଟି ସବୁବେଳେ ରହିଥିବ; ମାତ୍ର ଜନ୍ମାନ୍ତର ଗ୍ରହଣର ସୋପାନଶ୍ରେଣୀରେ ତାହା କେବଳ ଗୋଟିଏ ମାତ୍ରାସୂଚକ ସୋପାନ ହୋଇ କଦାପି ରହିବ ନାହିଁ । ମାତ୍ର ସର୍ବଦା ସେହି ଆଧ୍ୟାତ୍ମିକ ଓ ଅତିମାନସ ସ୍ଥିତି ଅଭିମୁଖରେ ବାଟ ଦେଖାଇ ନେଇ ଯାଉଥିବା ଏକ ଉନ୍ନତି ସୋପାନ ପରି କାର୍ଯ୍ୟ କରୁଥିବ ।

ଏକଥା ଅବଶ୍ୟ ସ୍ମରଣ ରଖିବାକୁ ହେବ ଯେ ପୃଥିବୀରେ ମନୁଷ୍ୟ-ମନ ଓ ମନୁଷ୍ୟ-ଦେହର ଆବିର୍ଭାବ ହେବାଦ୍ୱାରା ବିବର୍ତ୍ତନର କ୍ରମପ୍ରକ୍ରିୟାରେ ଏକ ଯୁଗାନ୍ତରର ସୃଷ୍ଟି ହୋଇଛି; ଏହାଦ୍ୱାରା ବିବର୍ତ୍ତନର ଗତିପଥରେ ଏକ ମୀମାଂସକ ପରିବର୍ତ୍ତନ ଆସି ଦେଖାଦେଇଛି । ଏଇଟାକୁ କେବଳ ସେହି ପୁରୁଣା ଧାରା ଓ ପୁରୁଣା ଗତିଗୁଡ଼ିକର ଏକ ଅନୁବର୍ତ୍ତନ ବୋଲି କଦାପି କହି ହେବ ନାହିଁ । ଜଡ଼ର ଆଧାରଟି ଉପରେ ଏକ ବିକଶିତ ଭାବନାସମର୍ଥ ମନର ଆବିର୍ଭାବ ହେବା ପୂର୍ବରୁ ପ୍ରକୃତିର କେବଳ ଏକ ଯନ୍ତ୍ରବତ୍ କ୍ରିୟାଶୀଳତା ଦ୍ୱାରା କେବଳ ଅବଚେତନ ଅଥବା ଅର୍ଦ୍ଧଚେତନ ଭାବରେହିଁ ଯାବତୀୟ ବିବର୍ତ୍ତନ ଓ ପରିଣତି ସଂଘଟିତ ହେଉଥିଲା;

'oaob.nitrkl.ac.in' images reprocessed

ସେତେବେଳେ ବିବର୍ତ୍ତନ ପଛରେ କୌଣସି ଆତ୍ମସଚେତନ ଆକାଂକ୍ଷା ନଥିଲା, ସଜୀବ ଓ ସଚେତନ ସତ୍ତାର କୌଣସି ଅଭିପ୍ରାୟ, ଅଭିଳାଷ କିମ୍ବା ଅନ୍ୱେଷଣ ମଧ୍ୟ ନଥିଲା । ଏହାର କାରଣ ହେଉଛି ଯେ ସେତେବେଳେ ବିବର୍ତ୍ତନ କେବଳ ନିଶ୍ଚେତନାର ଆଧାର ଉପରୁହିଁ ଆରମ୍ଭ ହୋଇଥିଲା ଏବଂ ଜୀବନ୍ତ ପ୍ରାଣୀର ବାହ୍ୟ-ଚେତନାର ମଧ୍ୟଦେଇ ସଚେତନ ଭାବରେ କାର୍ଯ୍ୟ କରିପାରିବା ଭଳି ସେଠାରେ ପ୍ରକୃତି ଭିତରେ ଥିବା ଚେତନାଟି ସେଥିରୁ ଯଥେଷ୍ଟ ପରିମାଣରେ ଉନ୍ମୋଚିତ ହୋଇ ନଥିଲା । ମାତ୍ର ମଣିଷର ଭୂମିକୁ ଆସି ସେହି ଆବଶ୍ୟକ ପରିବର୍ତ୍ତନଟି ସଂଘଟିତ ହୋଇସାରିଛି, ଅର୍ଥାତ୍ ମଣିଷର ଭୂମିରେ ସତ୍ତା ଆତ୍ମଜାଗ୍ରତ ହୋଇପାରିଛି ଓ ଆତ୍ମସଚେତ୍ ହୋଇପାରିଛି । ମନୁଷ୍ୟର ମନ ଭିତରେ ବିକଶିତ ହେବାର ଇଚ୍ଛା ଆପଣା ଜୀବନରେ ବୃଦ୍ଧିସାଧନ କରିବାର ଇଚ୍ଛା ତଥା ଅନ୍ତରପ୍ରବୃତ୍ତିଟିକୁ ଉଚ୍ଚତର ଓ ବହିର୍ପ୍ରବୃତ୍ତିଟିକୁ ଅଧିକ ପ୍ରସାରିତ କରିଦେବାର ଇଚ୍ଛା ଆପଣାକୁ ପ୍ରକଟ କରିସାରିଛି, ପ୍ରକୃତିଗତ ସାମର୍ଥ୍ୟଗୁଡ଼ିକୁ ମଧ୍ୟ ସମୃଦ୍ଧ କରିବାର ଇଚ୍ଛାଟି ପ୍ରକାଶିତ ହୋଇଛି । ତାହାର ବର୍ତ୍ତମାନ ଚେତନାଟିଠାରୁ ଅଧିକ ଉଚ୍ଚ ଆଉ ଏକ ଚେତନା ଯେ ଅବଶ୍ୟ ସମ୍ଭବ ହୋଇପାରେ, ମନୁଷ୍ୟ ତାହା ଦେଖିବାକୁ ସମର୍ଥ ହୋଇଛି; ତାହାର ମନ ଓ ପ୍ରାଣର ଉଚ୍ଚତର ସ୍ତରରେ ଉଚ୍ଚତରର ବିକଶିତ ହେବାର ବ୍ୟାକୁଳ ଅନ୍ତଃପ୍ରେରଣାଟି ମଧ୍ୟ ରହିଛି, ଆପଣାର ସୀମାଅତିକ୍ରମ କରିବାର ମହାନ୍ ଆକାଂକ୍ଷାଟି ତାହାର ଭିତରେ ମୁକ୍ତ ହୋଇଯାଇଛି ଓ ମୂର୍ତ୍ତି ଗ୍ରହଣ କରିଛି । ସେ ଆପଣା ଭିତରେ ଏକ ଆତ୍ମାର ଅବସ୍ଥିତି ବିଷୟରେ ସଚେତନ ହୋଇଛି, ଆତ୍ମସତ୍ତା ଓ ଈଶ୍ୱରଙ୍କର ଆବିଷ୍କାର କରିପାରିଛି । ତେଣୁ ସେହି ମନୁଷ୍ୟ ଭିତରେ ଯେ ଏକ ଅବଚେତନ ବିକାଶଧାରାକୁ ଏକ ସଚେତନ ବିକାଶଧାରାରେ ଅବଶ୍ୟ ରୂପାନ୍ତରିତ କରିଦେଇ ହେବ, ସେ ଏକଥା ବେଶ୍ କଳ୍ପନା କରିପାରୁଛୁ ଓ ସମ୍ଭବ ବୋଲି ଭାବୁଛୁ । ଏବଂ ଉପସଂହାରରେ ଆମେ କେବଳ ଏତିକି କହିପାରିବା ଯେ ମନୁଷ୍ୟ ଭିତରେ ଯେଉଁ ଆକାଂକ୍ଷା, ବ୍ୟାକୁଳତା ଓ ଅଦମ୍ୟ ପ୍ରୟାସର ଜାଗରଣ ଘଟିଛି, ସେଇଥିରୁହିଁ ପରିପୂର୍ଣ୍ଣତା ଅଭିମୁଖରେ ଏକ ଉଚ୍ଚତର ମାର୍ଗ ଲାଗି ପ୍ରକୃତି ଭିତରେ ରହିଥିବା ସଂକଳ୍ପ ତଥା ଏକ ବୃହତ୍ତର ଭୂମିର ଆବିର୍ଭାବ ବିଷୟରେ ଏକ ସୁନିଶ୍ଚିତ ଇଙ୍ଗିତ ମିଳିଯାଇ ପାରୁଛି ।

ବିବର୍ତ୍ତନର ପୂର୍ବତନ ପର୍ଯ୍ୟାୟଗୁଡ଼ିକରେ ପ୍ରଥମତଃ ଜଡ଼ଭୂମିଗତ ଗଠନରେ ପରିବର୍ତ୍ତନ ସଂଘଟିତ କରିବା ଉପରେହିଁ ପ୍ରକୃତିର ସବୁଠାରୁ ଅଧିକ ଯତ୍ନ ଓ ଅଧିକ ପ୍ରୟାସ ନିବିଷ୍ଟ ହୋଇ ରହିଥିଲା । କାରଣ କେବଳ ସେହିପରି ଭାବରେହିଁ ଚେତନାର ଏକ ପରିବର୍ତ୍ତନ ସମ୍ଭବ ହୋଇ ପାରିଲା । ସେହି ପ୍ରକାରେ ଯେତିକି ଚେତନାଶକ୍ତି ରୂପାୟିତ ହୋଇ ପାରିଥିଲା, ଶରୀରରେ ଏକ ପରିବର୍ତ୍ତନ ଘଟାଇବାକୁ ତାହା

'oaob.nitrkl.ac.in' images reprocessed

ଅତ୍ୟନ୍ତ ଅସ୍ପଷ୍ଟ ଥିବାରୁ ଏକ ଆବଶ୍ୟକତା ହିସାବରେହିଁ ପ୍ରକୃତିକୁ ଏପରି କରିବାକୁ ପଡ଼ିଲା । ମାତ୍ର ମଣିଷ ଭିତରେ କେବଳ ଏକ ପରିବର୍ତ୍ତନ ନୁହେଁ, ଏକ ପୂର୍ଣ୍ଣ ରୂପାନ୍ତର ସମ୍ଭବ ହୋଇପାରିବ, ସମ୍ଭବ ବୋଲି ନକହି ଏହାକୁ ବରଂ ଅନିବାର୍ଯ୍ୟ ବା ଅବଶ୍ୟମ୍ଭାବୀ ବୋଲି କହିବାକୁ ହେବ, କାରଣ ଏଠାରେ କେବଳ ଏକ ନୂତନ ଶରୀରଦ୍ୱାରା କାମ ଚଳିବ ନାହିଁ; ବିବର୍ତ୍ତନର ପ୍ରଥମ ସାଧନ ହିସାବରେ ତା'ର ଚେତନାକୁ କାମରେ ଲଗାଇବାକୁ ହେବ ଏବଂ ସେହି ଚେତନାରେ ଏକ ଯଥାର୍ଥ ରୂପାନ୍ତର ଘଟାଇହିଁ ବିବର୍ତ୍ତନଟିକୁ କାର୍ଯ୍ୟକାରୀ କରାଯାଇ ପାରିବ, କାର୍ଯ୍ୟକାରୀ କରିବାକୁହିଁ ହେବ । ବସ୍ତୁଗୁଡ଼ିକର ଅନ୍ତର୍ଗତ ସତ୍ୟଭୂମିରୁ ବିଚାର କଲେ ଚେତନାରେ ଏକ ପରିବର୍ତ୍ତନ ଆଣିବାହିଁ ବିବର୍ତ୍ତନର ସମଗ୍ର ଧାରାଟିରେ ସର୍ବପ୍ରଧାନ ଓ ସବୁଠାରୁ ଅଧିକ ମହତ୍ତ୍ୱପୂର୍ଣ୍ଣ ଘଟଣା ହୋଇ ରହିଥିଲା । ବିବର୍ତ୍ତନ ମଧ୍ୟରେ ଅନୁକ୍ଷଣ ପ୍ରଥମତଃ ଏକ ଆଧ୍ୟାତ୍ମିକ ତାତ୍ପର୍ଯ୍ୟ ନିହିତ ହୋଇ ରହିଆସିଛି ଏବଂ ଜଡ଼ ଅର୍ଥାତ୍ ଭୌତିକ ଭୂମିରେ ଯାହାକିଛି ପରିବର୍ତ୍ତନ ହୋଇଛି, ତାହା କେବଳ ନୈମିତ୍ତିକ ଭାବରେହିଁ ହୋଇଛି । ମାତ୍ର ପ୍ରଥମ ଅବସ୍ଥାରେ ଏହି ଦୁଇଟି ମଧ୍ୟରେ ଏକ ଯଥାଯଥ ଭାରସାମ୍ୟ ରହି ପାରି ନଥିବାରୁ ଦୁଇଙ୍କର ଯଥାର୍ଥ ସମ୍ବନ୍ଧଟି ସମ୍ପୂର୍ଣ୍ଣ ଗୁପ୍ତ ହୋଇ ରହି ଆସିଥିଲା; ବାହ୍ୟ ନିଶ୍ଚେତନାର ଶରୀରଟା ସତେଅବା ଅତିପ୍ରାଧାନ୍ୟ ଜାହିର କରି ରହିଥିବା ପରି ଅନ୍ତର୍ଗତ ଆଧ୍ୟାତ୍ମିକ ଉପାଦାନଟିକୁ ଖର୍ବ ଓ ଅସ୍ପଷ୍ଟ କରି ରଖିଥିଲା, ଚେତନ ସତ୍ତାଟିକୁ ଆଡ଼ କରି ରଖିଥିଲା । ମାତ୍ର ସେହି ଭାରସାମ୍ୟଟି ଯେତେବେଳେ ଥରେ ତାହାର ସ୍ୱାଭାବିକ ସ୍ଥିତିକୁ ପ୍ରାପ୍ତ ହୋଇ ସାରିଲାଣି, ସେତେବେଳେ ଶରୀରର ପରିବର୍ତ୍ତନଟା ଘଟିସାରିବା ପରେ ଯେ ଯାଇ ଚେତନାରେ ପରିବର୍ତ୍ତନ ଘଟିବ, ଆଉ ସେଭଳି କୌଣସି ଆବଶ୍ୟକତା ନାହିଁ । ବରଂ ଏଥର ସ୍ୱୟଂ ଚେତନାହିଁ ଆପଣା ମଧ୍ୟରେ ଆବଶ୍ୟକ ରୂପାନ୍ତରଟି ଘଟାଇ ଶରୀର ମଧ୍ୟରେ ଆବଶ୍ୟକ ହେଉଥିବା ଯାବତୀୟ ରୂପାନ୍ତରକୁ ଅବଶ୍ୟମ୍ଭାବୀ କରିଦେବ ଓ ତାହାକୁ କାର୍ଯ୍ୟକାରୀ କରିବାଲାଗି ଆପଣାକୁ ପ୍ରେରିତ କରିନେବ । ଏଠାରେ ସ୍ମରଣ ରଖିବାକୁ ହେବ ଯେ ଉଦ୍‌ଭିଦ ଓ ଇତରପ୍ରାଣୀଙ୍କ ଜଗତରେ କେତେ ନୂଆ କିସମ ଓ ନୂଆ ଜାତିର ବିବର୍ତ୍ତନ କରାଇବାରେ ପ୍ରକୃତିକୁ ସାହାଯ୍ୟ କରିବାଲାଗି ମନୁଷ୍ୟ-ମନର ଯେ ଏକ ସାମର୍ଥ୍ୟ ରହିଛି, ମନୁଷ୍ୟ ତାହା ଦେଖାଇ ଦେଲାଣି । ମନୁଷ୍ୟ ମନ ସାହାଯ୍ୟରେ ଆପଣା ପରିବେଶର ରୂପାୟନରେ କେତେ କେତେ ଅଭିନବତା ଓ ନୂତନତା ସମ୍ଭବ କଲାଣି, ଜ୍ଞାନ ଓ ମନନ-ଶୃଙ୍ଖଳାଦ୍ୱାରା ଆପଣାର ମନୋଭୂମିରେ ମଧ୍ୟ କେତେକେତେ ପରିବର୍ତ୍ତନ ସମ୍ଭାଇ ପାରିଲାଣି; ତେଣୁ ଆପଣାର ଆଧ୍ୟାତ୍ମିକ ତଥା ଦୈହିକ ବିବର୍ତ୍ତନ ଓ ରୂପାନ୍ତରରେ ମଧ୍ୟ ଯେ ସେ ପୂର୍ଣ୍ଣ ସଚେତନ ଭାବରେ ପ୍ରକୃତିକୁ ନିଶ୍ଚୟ ସାହାଯ୍ୟ କରିବ, ଏହାକୁ ଏକ ଅସମ୍ଭବ କଥା ବୋଲି ଆଉ କାହିଁକି ବୁଝାଯିବ ? ତଦନୁରୂପ

'oaob.nitrkl.ac.in' images reprocessed

ଓ ତଦନୁଗତ ଏକ ଆବେଗ ଓ ଆକୂତି ବର୍ତ୍ତମାନ ଦେଖା ଦେବାକୁ ଆରମ୍ଭ କଲଣି ଏବଂ ଆଂଶିକ ଭାବରେ କାର୍ଯ୍ୟ ମଧ୍ୟ କଲଣି । ଅବଶ୍ୟ ଏହି ବହିର୍ମୁଖ ମନୋଭୂମିରେ ଥାଇ ଆମେ ସେଇଟିକୁ ସମ୍ପୂର୍ଣ୍ଣ ଭାବରେ ବୁଝିପାରୁ ନାହୁଁ ଏବଂ ଆପଣା ମଧ୍ୟରେ ସ୍ୱୀକାର କରିନେଇ ପାରି ନାହୁଁ । ମାତ୍ର ତାହାକୁ ପୂର୍ଣ୍ଣରୂପେ ବୁଝିବାର ସମୟ ମଧ୍ୟ ଦିନେ ନିଶ୍ଚୟ ଆସିବ, ବହିର୍ମୁଖ ମନ ଆପଣା ଅନ୍ତରସ୍ଥ ଗଭୀରରେ ପ୍ରବେଶ କରିପାରିବ, ଏବଂ ଆମେ ଯାହାକୁ ଏଠାରେ ପ୍ରକୃତି ବୋଲି କହୁଛୁ, ତାହାର ନିଗୂଢ଼ ସତ୍ୟଟିକୁ ଆପଣା ଭିତରେ ଧାରଣ କରି ରଖିଥିବା ଚୈତନ୍ୟଶକ୍ତିଟିର ଯାବତୀୟ ସାଧନ, ପ୍ରଚ୍ଛନ୍ନ ଶକ୍ତିମନ୍ତ୍ର ତଥା ଅଭିପ୍ରେତ କର୍ମଧାରାଟିକୁ ଆବିଷ୍କାର କରିବାକୁ ସମର୍ଥ ହୋଇଯିବ ।

ପ୍ରାକୃତ ପ୍ରଗତିର ବାହ୍ୟ ପ୍ରତିଭାସ ଏବଂ ଜଡ଼ ଜନ୍ମ ଓ ଜଡ଼ ଦେହ ମଧ୍ୟରେ ତାହାର ସତ୍ତା ତଥା ଚେତନାଗତ ବାହ୍ୟ ବିବର୍ତ୍ତନଟିକୁ ମଧ୍ୟ ଯଥାର୍ଥଭାବରେ ଅବଲୋକନ କରିପାରିଲେ ଆମେ ଏହିସବୁ ସିଦ୍ଧାନ୍ତରେ ଆସି ଉପନୀତ ହୋଇପାରିବା । ମାତ୍ର ଏହା ବ୍ୟତୀତ ସେହି ଅନ୍ୟ ଓ ଅଦୃଶ୍ୟ ବ୍ୟାପାରଟି ମଧ୍ୟ ରହିଛି; ପୁନର୍ଜନ୍ମ ରହିଛି, ବିବର୍ତ୍ତନଶୀଳ ଜୀବର ପାହାଚକୁ ପାହାଚ ଆରୋହଣ କରି ଯାଉଥିବା ଆତ୍ମାର ସତତ ଅଗ୍ରଗତିଶୀଳ ସେହି ଅଭିକ୍ରମଣଟି ମଧ୍ୟ ରହିଛି, ଏବଂ ପ୍ରତ୍ୟେକ ସୋପାନରେ ତାହାର ଦେହ ଓ ମନରୂପୀ ସାଧନଗୁଡ଼ିକ ମଧ୍ୟ କ୍ରମଶଃ ଊର୍ଦ୍ଧ୍ୱତର ଓ ଅଧିକ ସମୃଦ୍ଧ ହୋଇ ଉଠିବାର ଗତିଲୀଳାଟି ରହିଛି । ଏହି ପୁରୋଗମନର ସମଗ୍ର ପର୍ବଟି ମଧ୍ୟରେ ଚୈତ୍ୟ ସତ୍ତାଟି ତଥାପି ଆବରଣ ତଳେ ଅବସ୍ଥିତ ରହିଛି, ଏପରିକି ସଚେତନ ମନୋମୟ ସତ୍ତାରୂପୀ ଏହି ମନୁଷ୍ୟ ଭିତରେ ମଧ୍ୟ ତାହାର ଆପଣାର ସାଧନ ସେହି ମନ, ପ୍ରାଣ ଓ ଦେହ ମଧ୍ୟରେ ଆବୃତ ହୋଇ ରହିଛି । ତାହା ଆପଣାକୁ ପୂର୍ଣ୍ଣରୂପେ ପ୍ରକଟ କରିପାରୁ ନାହିଁ; ଯେଉଁ ମନ୍ତ୍ରୀ ଖଣ୍ଡଗଣକୁ ଆସିଲେ ତାହା ଜୀବପ୍ରକୃତିର ନିୟନ୍ତା ଓ କର୍ତ୍ତାରୂପେ ଆପଣାକୁ ଅବସ୍ଥାପିତ କରିପାରନ୍ତା, ତା'ର ବାଟ ଓଗାଳି ରଖି ତାହାକୁ ସେଠାକୁ ଆସିବାକୁ ଦିଆଯାଉ ନାହିଁ । ତା'ର ଆପଣାର ସାଧନଯନ୍ତ୍ରଗୁଡ଼ା ହିଁ ତାକୁ ଏକ ନିର୍ଦ୍ଦିଷ୍ଟ ନିୟନ୍ତ୍ରଣ ମଧ୍ୟରେ ବାନ୍ଧି ହୋଇ ରହିବାଲାଗି ବାଧ୍ୟ କରି ଦେଉଛନ୍ତି, ପୁରୁଷ ପ୍ରକୃତିର ଅଧୀନ ହୋଇ ରହିଛି । ମାତ୍ର ନିମ୍ନତର ସୋପାନର ବିସୃଷ୍ଟିଗୁଡ଼ିକ ତୁଳନାରେ ମନୁଷ୍ୟବ୍ୟକ୍ତିଟିର ଚୈତ୍ୟ ଉପାଦାନଟି ମଧ୍ୟରେ ଅଧିକ ଦ୍ରୁତଭାବରେ ଆପଣାର ବିକାଶସାଧନ କରିବାର ସାମର୍ଥ୍ୟ ରହିଛି; ଏବଂ ଏପରି ଏକ ମୁହୂର୍ତ୍ତ ଆସି ଅବଶ୍ୟ ପହଞ୍ଚିପାରେ ଯେତେବେଳେ କି ତାହାର ଅନ୍ତରାତ୍ମା ସେହି ପ୍ରାନ୍ତବିନ୍ଦୁଟିରେ ଆସି ପହଞ୍ଚିଯାଏ । ଯେଉଁଠାରେ ସେ ଆବରଣଟି ପଛରୁ ଆଗକୁ ବାହାରିଆସେ ଏବଂ ପ୍ରକୃତିର ଭୂମିରେ କାର୍ଯ୍ୟ କରୁଥିବା ଆପଣାର ସାଧନଗୁଡ଼ିକ ଉପରେ ଆପେ କର୍ତ୍ତାରୂପେ ପ୍ରତିଷ୍ଠିତ ହୁଏ । ମାତ୍ର ଏହାର ଅର୍ଥ ହେଉଛି ଯେ



'oaob.nitrkl.ac.in' images reprocessed

ସେହି ଅନ୍ତର ଭିତରେ ବାସ କରୁଥିବା ପ୍ରଚ୍ଛନ୍ନ ଚୈତ୍ୟ ସତ୍ତା ବା ଭଗବାନଙ୍କ ଅଂଶଧାରୀ ପୁରୁଷ ଆବିର୍ଭାବର ଠିକ୍ ପ୍ରାନ୍ତଦେଶରେ ଆସି ପହଞ୍ଚିଗଲେଣି; ଏବଂ ଯେତେବେଳେ ତାଙ୍କର ଆବିର୍ଭାବ ହେବ, ଏଥିରେ ଆଦୌ କୌଣସି ସନ୍ଦେହ ନାହିଁ ଯେ ସେତେବେଳେ ସେ ଆମର ଜୀବନଭୂମିରେ ଏକ ଦିବ୍ୟତର ଓ ଚୈତ୍ୟତର ଅସ୍ତିତ୍ୱର ବିକାଶଲାଗି ଦାବି କରିବାକୁ ଆସିବେ । ଏପରିକି ଆମର ଏହି ମନଷ୍ଟା ବି ଯେତେବେଳେ ଅନ୍ତର୍ଗତ ଚୈତ୍ୟ ପ୍ରଭାବର ପରିବେଶ ମଧ୍ୟରେ ପ୍ରବେଶ କରିବ, ସେତେବେଳେ ମଧ୍ୟ ଠିକ୍ ସେହି ଦାବିଟି ଆମ ଭିତରେ ଅନୁଭୂତ ହେବାକୁ ଆରମ୍ଭ କରିଥିବ । ଏଠି ଏହି ପାର୍ଥିବ ଅସ୍ତିତ୍ୱର ପ୍ରକୃତି ଭିତରେ ମନ କେବଳ ଅବିଦ୍ୟାରହିଁ ଏକ ସାଧନ ହୋଇ କାର୍ଯ୍ୟ କରୁଛି, ତେଣୁ କେବଳ ଚେତନାରେ ଏକ ପରିବର୍ତ୍ତନ ଘଟାଇବାଦ୍ୱାରାହିଁ ଏହି ଦିବ୍ୟ ରୂପାନ୍ତରଟି ସମ୍ଭବ ହୋଇପାରିବ; ଅବିଦ୍ୟାର ଏହି ଭିତ୍ତିଟିକୁ ବର୍ଜନ କରି ପରମଜ୍ଞାନକୁ ଭିତ୍ତିରୂପେ ଗ୍ରହଣ କରିପାରିଲେ, ମନୋମୟ ଚେତନାକୁ ପାରହୋଇ ଏକ ଅତିମାନସ ଚେତନା ମଧ୍ୟରେ ପ୍ରବେଶ କଲେ ଏବଂ ପ୍ରକୃତିକୁ ଅତିମାନସର ଏକ ଯୋଗ୍ୟ ନମିତ୍ତ ଭାବରେ ରୂପାନ୍ତରିତ କରିଦେଲେ, ସେହି ଦିବ୍ୟତା ଓ ଚୈତ୍ୟତା ସମ୍ଭବ ହେବ ।

ଏହି ପୃଥିବୀ ଅବିଦ୍ୟାଦ୍ୱାରା ଗ୍ରସ୍ତ ହୋଇ ରହିଛି, ତେଣୁ କେବଳ ଏହାକୁ ଛାଡ଼ି ବାହାରେ ଅବସ୍ଥିତ କୌଣସି ସ୍ୱର୍ଗ ଭିତରକୁ ପଳାଇଯାଇ ପାରିଲେହିଁ ଆମର କଳ୍ପିତ ରୂପାନ୍ତରଟି ସମ୍ଭବ ହେବ; ଅନ୍ୟଥା ଏହା ଆଦୌ ସମ୍ଭବ ହୋଇପାରିବ ନାହିଁ; ଏବଂ ଚୈତ୍ୟ ସତ୍ତା ଆମଠାରୁ ଦିବ୍ୟ ରୂପାନ୍ତରଟି ଲାଗି ଯେଉଁ ଦାବି କରୁଛି, ସେଇଟି ମଧ୍ୟ ଅବିଦ୍ୟାଗ୍ରସ୍ତ ହୋଇ ରହିଛି ଓ ତେଣୁ କେବଳ ନିର୍ବିଶେଷ ପରଂବ୍ରହ୍ମଙ୍କ ମଧ୍ୟରେହିଁ ଆପଣାକୁ ବିଲୁପ୍ତ କରି ଦେବାରେହିଁ ପ୍ରକୃତ ପୁରୁଷାର୍ଥ ନିହିତ ହୋଇ ରହିଛି;—ଏସବୁ ଯୁକ୍ତିରେ ଆଦୌ କୌଣସି ନିଶ୍ଚିତ ପ୍ରାମାଣିକତା ନାହିଁ । ଏପରି ଏକ ସିଦ୍ଧାନ୍ତରହିଁ ପ୍ରାମାଣିକତା ରହିଥା'ନ୍ତା, ଯଦି ସେହି ଅବିଦ୍ୟାଟାହିଁ ବିଶ୍ୱ-ଅଭିବ୍ୟକ୍ତିର ସମୁଦାୟ ଅର୍ଥ, ଉପାଦାନ ଓ ସାମ[illegible] ହୋଇଥା'ନ୍ତା ଅଥବା ବିଶ୍ୱପ୍ରକୃତିର ଅନ୍ତର ଭିତରେ ଏପରି ଏକ ଉପାଦାନ ନଥା'ନ୍ତା ଯାହାର ସାହାଯ୍ୟରେ କି ଆମ ସତ୍ତାର ବର୍ତ୍ତମାନ ସ୍ଥିତିଟିକୁ ଭାରାକ୍ରାନ୍ତ କରି ରଖିଥିବା ଅଜ୍ଞାନମୟ ମନୋଭୂମିର ସୀମାତିକ୍ରମ କରିଯିବା ସମ୍ଭବ ହୋଇପାରନ୍ତା । କିନ୍ତୁ ଅବିଦ୍ୟା ହେଉଛି ଏହି ବିଶ୍ୱପ୍ରକୃତିର କେବଳ ଗୋଟିଏ ଅଂଶ ମାତ୍ର; ଅଜ୍ଞାନ କହିଲେ ସମୁଦାୟ ବିଶ୍ୱପ୍ରକୃତିକୁ ଆଦୌ ବୁଝାଏ ନାହିଁ, ଏକ ମୌଳିକ ଶକ୍ତି କିମ୍ବା ସ୍ରଷ୍ଟାକୁ ମଧ୍ୟ ବୁଝାଏ ନାହିଁ । ତାହାର ଊର୍ଦ୍ଧ୍ୱସ୍ଥ ଉପଲବ୍ଧିସ୍ଥଳଟି ଦୃଷ୍ଟିରୁ ବିଚାର କଲେ ଅବିଦ୍ୟାକୁ ଆମେ ଆପଣାକୁ ସୀମାଦ୍ୱାରା ସଙ୍କୁଚିତ କରି ରଖିଥିବା ଏକ ଜ୍ଞାନ ବୋଲି କହିବା; ତାହାର ନିମ୍ନତର ଉପଲବ୍ଧିକ୍ଷେତ୍ର ଅର୍ଥାତ୍ ବିଶୁଦ୍ଧ ଜଡ଼ଗତ ନିଶ୍ଚେତନା ମଧ୍ୟରୁ ତାହାର

'oaob.nitrkl.ac.in' images reprocessed

ଆବିର୍ଭାବ ଦୃଷ୍ଟିରୁ ବିଚାର କଲେ ମଧ୍ୟ ଏହାକୁ ଆମେ ଏକ ଅବରୁଦ୍ଧ ଚେତନା ବୋଲି କହିବା ଯାହାକି ଆପଣାର ପ୍ରଚ୍ଛନ୍ନ ସତ୍ୟପରିଚୟଟିକୁ ଆବିଷ୍କାର କରିବାଲାଗି ଓ ଫେରି ପାଇବାଲାଗି କ୍ରମିକ ପ୍ରୟାସ କରିବାରେ ଲାଗିଛି; ଆପଣାର ଯଥାର୍ଥ ସ୍ୱଭାବ ସେହି ପରମ ଜ୍ଞାନକୁହିଁ ସକଳ ଅସ୍ତିତ୍ୱର ଭିତ୍ତିରୂପେ ପ୍ରକାଶିତ କରିଦେବାର ଉଦ୍ୟମ କରୁଛି । ସ୍ୱୟଂ ବିଶ୍ୱଗତ ମନର ରାଜ୍ୟରେ ମଧ୍ୟ ଆମର ଏହି ମନୋଭୂମିଟିର ଆହୁରି ଉପରକୁ ଏପରି କ୍ଷେତ୍ରସ୍ତରମାନ ରହିଛି ଯେଉଁମାନେ କି ବିଶ୍ୱଗତ ସତ୍ୟଜ୍ଞାନର ନିମିତ୍ତରୂପେ କାର୍ଯ୍ୟ କରୁଛନ୍ତି; ଏବଂ ଏହିସବୁ ସ୍ତରର ମଧ୍ୟକୁ ନିଜକୁ ଉତ୍ତୋଳିତ କରି ନେଇଯିବା ସକାଶେ ମନର ଅବଶ୍ୟ ସାମର୍ଥ୍ୟ ରହିଛି । କାରଣ ଆପଣାର ଅତିପ୍ରାକୃତ କେତେକ ବିଶେଷ ଅବସ୍ଥାରେ ଏହି ମନ ବର୍ତ୍ତମାନ ମଧ୍ୟ ସେଗୁଡ଼ିକ ଆଡ଼କୁ ଉନ୍ମୀଳିତ ହୋଇଯାଇ ପାରୁଛି ଓ ସେଗୁଡ଼ିକରୁ ବୋଧଗତ ଝଲକ, ଆଧ୍ୟାତ୍ମିକ ଇଙ୍ଗିତ ତଥା ଆଧ୍ୟାତ୍ମିକ ଆଲୋକ ଓ ସାମର୍ଥ୍ୟର ବିପୁଳ ପ୍ଳାବନମାନ ଗ୍ରହଣ କରିପାରୁଛି; ଅବଶ୍ୟ ଏକଥା ସତ ଯେ ତାହା ଏପର୍ଯ୍ୟନ୍ତ ସେଗୁଡ଼ିକର ପୂର୍ଣ୍ଣ ପରିଚୟ ଲାଭ କରି ନାହିଁ ବା ସେଗୁଡ଼ିକୁ ଧାରଣ କରି ରଖିପାରୁ ନାହିଁ । ଆପଣାର ସୀମାଗୁଡ଼ିକ ସେପାଖରେ ଯାହାସବୁ ରହିଛି, ଏହିସବୁ କ୍ଷେତ୍ର ସେ ବିଷୟରେ ସମ୍ପୂର୍ଣ୍ଣ ସଚେତ ଅଛନ୍ତି ଏବଂ ସେଗୁଡ଼ିକ ମଧ୍ୟରୁ ଉଚ୍ଚତମ କ୍ଷେତ୍ରସ୍ତରଟି ସାକ୍ଷାତ ଭାବରେ ଅତିମାନସ ଆଡ଼କୁ ଉନ୍ମୋଚିତ ହୋଇ ରହିଥାଏ; ଆପଣାର ସୀମାଲଙ୍ଘନ କରି ରହିଥିବା ବୃହତ୍ତକୁ ମଧ୍ୟ ତାହା ଜାଣିବାକୁ ପାଏ । ପୁଣି, ବହିର୍ଗତ ହେଉଥିବା ସୃଷ୍ଟି ଭିତରେ ମଧ୍ୟ ଚେତନାର ସେହିସବୁ ବୃହତ୍ତର ସାମର୍ଥ୍ୟ ବର୍ତ୍ତମାନ ରହିଥାଏ, ବହିର୍ବୃତ୍ତିର ଅନ୍ତରାଳରେ ଭିତ୍ତିରୂପେ ଅବସ୍ଥିତ ରହି ସେହିଗୁଡ଼ିକହିଁ ମନୋଭୂମିର ସତ୍ୟଗୁଡ଼ିକୁ ଧରି ରଖିଥାଏ । ଏହି ଅତିମାନସ ଏବଂ ଋତମୟ ସେହିସବୁ ଶକ୍ତି ସେମାନଙ୍କର ଗୋପନ ଉପସ୍ଥିତିଟିଦ୍ୱାରା ବିଶ୍ୱପ୍ରକୃତିକୁ ଧରି ରଖିଥା'ନ୍ତି; ଏପରିକି ମନୋଗତ ସତ୍ୟକୁ ମଧ୍ୟ ଆମେ କେବଳ ସେଇମାନଙ୍କର ପରିଣାମ ବୋଲି କହିବା, ଏକ ସଙ୍କୁଚିତ ଚିହ୍ନ ଅଥବା ଆଂଶିକ ରୂପାୟନ ବୋଲି କହିବା । ତେଣୁ ସ୍ୱୟଂ ମନ, ପ୍ରାଣ ଓ ଜଡ଼ର ଆଧାର ଉପରେ ଆତ୍ମପ୍ରକାଶ ଲାଭ କରିଥିବା ପରି ନିଶ୍ଚିତ ଏହିସବୁ ଉଚ୍ଚତର ସାମର୍ଥ୍ୟ ଯେ ମନର ଆଧାର ଉପରେ ଆତ୍ମପ୍ରକାଶ କରିବେ, ଏହାକୁ କେବଳ ସମ୍ଭବତ ବୋଲି କହିଲେ ଯଥେଷ୍ଟ ହେବ ନାହିଁ; ଏହି ଆତ୍ମପ୍ରକାଶ ଘଟିବା ଅବଶ୍ୟମ୍ଭାବୀ ବୋଲିହିଁ ମନେହେଉଛି ।

ଆଧ୍ୟାତ୍ମିକ ଉପଲବ୍ଧି ଲାଗି ମନୁଷ୍ୟର ଯେଉଁ ଆକାଂକ୍ଷା ବା ଅଭୀପ୍ସା ରହିଛି, ତାହାକୁ ଆମେ ତା'ର ଅନ୍ତରସ୍ଥ ଉଚ୍ଚତରତାର ଆତ୍ମପ୍ରକାଶ ଲାଗି ଏକ ଆକୁତି ବୋଲି କହିପାରିବା, ଆପଣା ଅଭିବ୍ୟକ୍ତିର ପରବର୍ତ୍ତୀ ସୋପାନଟିର ଅଭିମୁଖରେ ଅନ୍ତର୍ଗତ ଚୈତନ୍ୟ ଶକ୍ତିର ଅବିରତ ଉଦ୍ୟମ ବୋଲି କହିପାରିବା । ଏକଥା ସତ

'oaob.nitrkl.ac.in' images reprocessed

ଯେ ମନୁଷ୍ୟର ଏହି ଆଧ୍ୟାତ୍ମିକ ଆକୁଳତାଟି ଏପର୍ଯ୍ୟନ୍ତ ପ୍ରଧାନତଃ ଏକ ଅନ୍ୟ ଲୋକ ଆଡ଼କୁ ମନ ବଳାଇଛି ଅଥବା ଆପଣାର ଅନ୍ତିମ ଚରମ ପ୍ରକାଶରେ ଏକ ଆଧ୍ୟାତ୍ମିକ ନେତିବାଦ ତଥା ମନୋମୟ ବ୍ୟକ୍ତିସତ୍ତାଗତ ଆତ୍ମବିଲୁପ୍ତି ଆଡ଼କୁ ଆକୃଷ୍ଟ ହୋଇ ପଡ଼ିଛି । ମାତ୍ର ଏଇଟି ହେଉଛି ଏହାର ପ୍ରବୃତ୍ତିର କେବଳ ଗୋଟିଏ ମାତ୍ର ଦିଗ; ଏହି ମୂଳଭୂତ ନିଶ୍ଚେତନର ରାଜ୍ୟାଧିପତ୍ୟ ଭିତରୁ ନିଷ୍କୃତି ଲାଭ କରିବା, ଶରୀରରୂପୀ ଏହି ବାଧାଟିକୁ ଅତିକ୍ରମ କରିବା, ଅସ୍ପଷ୍ଟ ପ୍ରାଣଗତ କ୍ଷେତ୍ରଟିକୁ ଫିଙ୍ଗିଦେବା ଓ ଏହି ଅଜ୍ଞାନାଶ୍ରିତ ମନୋଭୂମିର କବଳରୁ ରକ୍ଷା ପାଇବାର ଆବଶ୍ୟକତାରୁ ଏବଂ ଆଧ୍ୟାତ୍ମିକ ସତ୍ତାର ସମ୍ମୁଖରେ ଗୋଟିଏ ଗୋଟିଏ ବାଡ଼ ହୋଇ ଦଣ୍ଡାୟମାନ ରହିଥିବା ଏହିସବୁ ବାଧାଗୁଡ଼ିକୁ ବର୍ଜନ କରି ପ୍ରଥମ ଓ ସର୍ବପ୍ରଧାନ ଅଭୀଷ୍ଟରୂପେ ଏକ ଆଧ୍ୟାତ୍ମିକ ସ୍ଥିତିକୁ ପ୍ରାପ୍ତ ହେବାର ଆବଶ୍ୟକତାରୁହିଁ ଉକ୍ତ ନେତିମୂଳକ ପ୍ରବୃତ୍ତିଟି ଏହି କ୍ଷେତ୍ରରେ ଏତେବେଶୀ ପ୍ରବଳ ହୋଇ ରହିଛି । ଆଧ୍ୟାତ୍ମିକ ବାସନାର ସେହି ଦ୍ୱିତୀୟ ଅର୍ଥାତ୍ ଗତିଶୀଳ ଦିଗଟି ଅବଶ୍ୟ କେତେବେଳେ ହେଲେ ଅନୁପସ୍ଥିତ ରହି ନାହିଁ । ପ୍ରକୃତିର ରୂପାନ୍ତର ଓ ତାହା ଉପରେ ଏକ ଆଧ୍ୟାତ୍ମିକ କର୍ତ୍ତୃତ୍ୱଲାଭ, ସତ୍ତାର ଏକ ଆଧ୍ୟାତ୍ମିକ ପରିପୂର୍ଣ୍ଣତା, ମନ, ହୃଦୟ ଏବଂ ଏହି ଶରୀରକୁ ମଧ୍ୟ ଦିବ୍ୟତା ମଧ୍ୟରେ ଅବଗାହିତ କରି ରଖିବା;—ଏହି ଦ୍ୱିତୀୟ ବାସନାଟି ସର୍ବଦା ବଳବତ୍ତର ରହିଛି । କେବଳ ବ୍ୟକ୍ତିର ରୂପାନ୍ତରର ଆହୁରି ସେପାଖକୁ ଯାଇ ଏକ ନୂତନ ପୃଥିବୀ ଓ ନୂତନ ସ୍ୱର୍ଗର ରଚନା କରିବା, ଏଠାରେ ସେହି ଭଗବାନଙ୍କର ଏକ ସାମ୍ରାଜ୍ୟର ସ୍ଥାପନା କରିବା, ଦିବ୍ୟଶକ୍ତିକୁ ଏହି ମର୍ତ୍ତ୍ୟଭୂମି ଉପରକୁ ଓହ୍ଲାଇ ଆଣିବା, ଏକ ପରିପୂର୍ଣ୍ଣ ଆଧ୍ୟାତ୍ମିକ ରାଜ୍ୟବିଧାନର ପ୍ରବର୍ତ୍ତନ କରିବା, ଏବଂ କେବଳ ଆମରି ଅନ୍ତର ଭିତରେ ନୁହେଁ, ମାତ୍ର ଆମ ବାହାରେ ଅର୍ଥାତ୍ ମନୁଷ୍ୟସମାଜର ସାମୂହିକ ଜୀବନରେ ମଧ୍ୟ ଏକ ଭଗବତ୍‌ସାମ୍ରାଜ୍ୟକୁ ସମ୍ଭବ କରାଇବା,—କାଳେ କାଳେ ମନୁଷ୍ୟ ଏହିଭଳି କେତେ ସ୍ୱପ୍ନ ଦେଖିଆସିଛି ଅଥବା ଆପଣାର ଚୈତ୍ୟବୋଧ ଦ୍ୱାରା ଏହିପରି ଏକ ଭବିଷ୍ୟତର ସମ୍ଭାବନାକୁ ଆପଣା ସମକ୍ଷରେ ଦେଖିବାକୁ ପାଇଛି । ବେଳେବେଳେ ଏହିସବୁ ବାସନା ଓ ଆକାଙ୍କ୍ଷା ମନୁଷ୍ୟ ମଧ୍ୟରେ ଯେତେବେଶୀ ଅସ୍ପଷ୍ଟ ଆକାର ଧାରଣ କରିଥାଉ ପଛକେ, ତାହା ଭିତରେ ଏହି ପାର୍ଥିବ ପ୍ରକୃତିର ଭୂମି ଉପରେ ଅନ୍ତରସ୍ଥ ପ୍ରଚ୍ଛନ୍ନ ଚିନ୍ମୟ ସତ୍ତାଙ୍କର ଆବିର୍ଭାବ ସକାଶେ ରହିଥିବା ଆକୂତିଟି ସମ୍ବନ୍ଧରେ ଯେଉଁ ନିଦର୍ଶନଟି ସବୁବେଳେ ଭରିଛି, ସେଥିରେ କୌଣସି ଭୁଲ ହେବାର ଆଦୌ ଅବକାଶ ନାହିଁ ।

ଏହି ପୃଥିବୀପୃଷ୍ଠରେ ଅଧ୍ୟାତ୍ମସତ୍ତାର ଆତ୍ମୋଦ୍‌ଘାଟନ ଯଦି ଆମର ଜଡ଼ଜଗତରେ ଜନ୍ମଗ୍ରହଣ କରିଥିବାର ଅନ୍ତର୍ନିହିତ ତାତ୍ପର୍ଯ୍ୟ ହୋଇଥାଏ, ଏହି ପ୍ରକୃତି ମଧ୍ୟରେ ଯଦି ମୂଳତଃ ଚେତନାର ଏକ ବିବର୍ତ୍ତନହିଁ ସଂଘଟିତ ହେଉଥାଏ, ତେବେ ମନୁଷ୍ୟ

'oaob.nitrkl.ac.in' images reprocessed

ବର୍ତ୍ତମାନ ଯେଉଁ ସ୍ଥିତିରେ ରହିଛି, ତାହାକୁହିଁ ସେହି ବିବର୍ତ୍ତନର ସର୍ବଶେଷ ସ୍ଥିତି ବା ପରିଣାମ ବୋଲି କଦାପି କୁହାଯାଇ ପାରିବ ନାହିଁ । ବର୍ତ୍ତମାନର ଏହି ମନୁଷ୍ୟକୁ ଚିତ୍‌ସତ୍ତାର ଏକ ଅତି ଅପୂର୍ଣ୍ଣ ଅଭିବ୍ୟକ୍ତି ବୋଲି କହିବାକୁ ପଡ଼ିବ; ଆମର ଏହି ମନଟାକୁ ମଧ୍ୟ ଅତ୍ୟନ୍ତ ସୀମାବଦ୍ଧ ଏକ ରୂପାୟନ ଓ ସାଧନ ବୋଲି କହିବାକୁ ପଡ଼ିବ । ଏହି ମନ ଚେତନାର କେବଳ ଏକ ମଧ୍ୟବର୍ତ୍ତୀ ସୋପାନ ମାତ୍ର, ମନୋମୟ ସତ୍ତା ହେଉଛି କେବଳ ମଧ୍ୟବର୍ତ୍ତୀକାଳୀନ ସତ୍ତା । ତାହାହେଲେ, ଏହି ମନୋଭୂମିର ଆପ୍ତତନସୀମା ଡେଇଁ ଯିବାକୁ ଯଦି ମନୁଷ୍ୟ ଅସମର୍ଥ ହୁଏ, ତେବେ ଅବଶେଷରେ ତା'ହାକୁ ଡେଇଁଯାଇ ଅତିମାନସ ଓ ଅତିମାନବ ଆପଣାର ଅଭିବ୍ୟକ୍ତ ଜମିର କ୍ଷେତ୍ରଟିକୁ ଅଧିକାର କରିନେବ ଏବଂ ବିଶ୍ୱସୃଷ୍ଟିର ପ୍ରତିଷ୍ଠାଟିରେ ନେତୃତ୍ୱ ଗ୍ରହଣ କରିବାକୁ ଆସିବ । ମାତ୍ର ଆପଣାର ସୀମାତିକ୍ରାନ୍ତ ହୋଇ ରହିଥିବା ସମ୍ପଦଗୁଡ଼ିକ ଆଡ଼କୁ ଆପଣାକୁ ଉନ୍ମୋଚିତ କରିଦେବାର ଶକ୍ତି ଯେବେ ମନୁଷ୍ୟ ଭିତରେ ରହିଥାଏ, ତେବେ ସ୍ୱୟଂ ମନୁଷ୍ୟ ଯେ କାହିଁକି ଅତିମାନସରେ ଯାଇ ପହଞ୍ଚି ନପାରିବ ବା ଅତିମାନବକୁ ଲାଭ କରି ନପାରିବ, ଅଥବା ଅନ୍ତତଃ ପ୍ରକୃତି ମଧ୍ୟରେ ଆପଣାକୁ ଅଭିବ୍ୟକ୍ତ କରୁଥିବା ପରମ ଚିଦ୍‌ସତ୍ତାର ସେହି ଉଚ୍ଚତର ସୋପାନଟିର ବିବର୍ତ୍ତନ ସକାଶେ ସେ କାହିଁକି ଯେ ଆପଣାର ମନ, ପ୍ରାଣ ତଥା ଦେହକୁ ସମର୍ପିତ କରିଦେଇ ନପାରିବ, ତାହାର ଅଦୌ କୌଣସି କାରଣ ନାହିଁ ।

'oaob.nitrkl.ac.in' images reprocessed

## ଚତୁର୍ବିଂଶ ପରିଚ୍ଛେଦ

# ଆଧ୍ୟାତ୍ମିକ ମାନବର ବିକାଶ

ଯେ ଯଥା ମାଂ ପ୍ରପଦ୍ୟନ୍ତେ ତାନ୍ ତଥୈବ ଭଜାମ୍ୟହମ୍ ।
ମମ ବର୍ତ୍ମାନୁବର୍ତ୍ତନ୍ତେ ମନୁଷ୍ୟାଃ ପାର୍ଥ ସର୍ବଶଃ ॥

—ଗୀତା, ୪ । ୧୧

ଯୋ ଯୋ ଯାଂ ଯାଂ ତନୁଂ ଭକ୍ତଃ ଶ୍ରଦ୍ଧୟାର୍ଚ୍ଚିତୁମିଚ୍ଛତି ।
ତସ୍ୟ ତସ୍ୟାଚଳାଂ ଶ୍ରଦ୍ଧାଂ ତାମେବ ବିଦଧାମ୍ୟହମ୍ ॥
ସ ତୟା ଶ୍ରଦ୍ଧୟା ଯୁକ୍ତସ୍ତସ୍ୟାରାଧନମୀହତେ ।
ଲଭତେ ଚ ତତଃ କାମାନ୍ ମୟୈବ ବିହିତାନ୍ ହିତାନ୍ ॥
ଅନ୍ତବତ୍ତୁ ଫଳଂ ତେଷାମ୍ ।
ଦେବାନ୍ ଦେବଯଜୋ ଯାନ୍ତି ॥
ଭୂତାନି ଯାନ୍ତି ଭୂତେଜ୍ୟା ଯାନ୍ତି ମଦ୍ୟାଜିନୋଽପି ମାମ୍ ॥

—ଗୀତା, ୭ । ୨୧-୨୩, ୯ । ୨୫

ଯିଏ ଯେଉଁ ଭାବରେ ମୋର ଅନୁବର୍ତ୍ତୀ ହୁଏ, ମୁଁ ତାକୁ ଠିକ୍ ସେହି ଭାବରେ ଗ୍ରହଣ କରେ । ଯାବତୀୟ ବିଗରୁ ମନୁଷ୍ୟମାନେ କେବଳ ମୋରି ପାଖ ଦେଇହିଁ ଆସୁଥା'ନ୍ତି । ...ଶ୍ରଦ୍ଧାର ସହିତ ଯିଏ ଯେଉଁ ରୂପରେ ଅର୍ଚ୍ଚନା କରିବାକୁ ଇଚ୍ଛା କରେ, ତାକୁ ମୁଁ ତାହାର ଲାଗିହିଁ ଅଚଳ ଶ୍ରଦ୍ଧା ପ୍ରଦାନ କରେ; ଶ୍ରଦ୍ଧାଯୁକ୍ତ ହୋଇ ସେ ସେହି ରୂପଟିର ଆରାଧନା କରେ ଏବଂ ସେଇଥିରୁହିଁ ମୋର ବିହିତ ଇପ୍ସିତଫଳଟିକୁ ଲାଭ କରେ । ମାତ୍ର ସେହି ଫଳ ହେଉଛି ସୀମାବଦ୍ଧ; ଯେଉଁମାନେ ଦେବତା ବା ଭୂତଗଣଙ୍କ ଉଦ୍ଦେଶ୍ୟରେ ଯଜନ କରନ୍ତି, ସେମାନେ ଦେବତା ବା ଭୂତଗଣଙ୍କୁ ଲାଭ କରନ୍ତି । ଏବଂ ଯେଉଁମାନେ ମୋ' ଲାଗି ଯଜ୍ଞ କରନ୍ତି, ସେମାନେ ମୋତେ ପ୍ରାପ୍ତ ହୁଅନ୍ତି ।

ନ ଯାସୁ ଚକ୍ଷଂ ଦଦୃଶେ ନ ଯକ୍ଷମ୍ ।
ନ ବାଂ ଜଣ୍ୟାନ୍ୟଚତେ ଅଭୂବନ୍ ॥

—ଋକ୍‌ବେଦ, ୭ । ୬୧ । ୫

'oaob.nitrkl.ac.in' images reprocessed

ଏଗୁଡ଼ିକ ମଧ୍ୟରେ ବସ୍ତୁନିଷ୍ଠ ବା ବାହ୍ୟ ପ୍ରତିଭୂତ ହୋଇ ନାହିଁ; ଅନ୍ତର୍ନିହିତ ସତ୍ୟଗୁଡ଼ିକ ଅବବ୍ୟାହତ ମନ ପାଇଁ ଉଦ୍ଦିଷ୍ଟ ହୋଇ ରହି ନାହିଁ ।

କବିର୍ନ ନିଣ୍ୟଂ ବିଦଥାନି ସାଧନ୍ ।
ଦିବ ଇତ୍ଥା ଜୀଜନତ୍ ସପ୍ତ କାରୂନହ୍ନା ଚିଚ୍ଚକ୍ରୁର୍ବୟୁନା ଗୃଣନ୍ତଃ ॥

—ଋକ୍‌ବେଦ, ୪।୧୬।୩

କବି ପରି ସତ୍ୟର ରହସ୍ୟ ଓ ବିଦ୍ୟାକୁ ଆବିଷ୍କାର କରି ସେ ସ୍ୱର୍ଗର ସାତଜଣ କାରିଗରଙ୍କୁ ଜନ୍ମ ଦେଲେ । ସେମାନେ ଦିନର ଆଲୋକରେ କଥା କହିଲେ ଏବଂ ଆପଣାର ଜ୍ଞାନର ବସ୍ତୁଗୁଡ଼ିକର ରଚନା କଲେ ।

ନିଣ୍ୟା ବଚାଂସି । ନିବଚନା କବୟେ କାବ୍ୟାନି…… ।

—ଋକ୍‌ବେଦ, ୪।୩।୧୬

ରହସ୍ୟମୟ କେତେ ଜ୍ଞାନ ଓ ପ୍ରଜ୍ଞାର କେତେ ବାଣୀ କବି ପାଖରେ ଆପଣାର ମର୍ମାର୍ଥଟିକୁ ବ୍ୟକ୍ତ କରି ଦିଅନ୍ତି ।

ନକିର୍ହ୍ୟେଷାଂ ଜନୂଂଷି ବେଦ ତେ ଅଙ୍ଗ ବିଦ୍ରେ ମିଥୋ ଜନିତ୍ରମ୍ ॥
ଏତାନି ଧୀରୋ ନିଣ୍ୟା ଚିକେତ ପୃଶ୍ନିର୍ଯଦୂଧୋ ମହୀ ଜଭାର ॥

—ଋକ୍‌ବେଦ, ୭।୫୬।୨,୪

ଏମାନଙ୍କର ଜନ୍ମବୃତ୍ତାନ୍ତ କେହି ଜାଣି ନାହାନ୍ତି, ସେମାନେ ପରସ୍ପରର ଜନ୍ମଗତ ସ୍ଥିତିଟିକୁ ଜାଣିଛନ୍ତି । ମାତ୍ର ପ୍ରଜ୍ଞାସମ୍ପନ୍ନ ବ୍ୟକ୍ତିମାନେ ଏହିସବୁ ଗୁପ୍ତ ରହସ୍ୟର ଅର୍ଥକୁ ଅନୁଭବ କରିପାରନ୍ତି; ମହୀ ଦେବୀ ବା ଅନେକବର୍ଣ୍ଣା ଜନନୀ ଯେଉଁ ରହସ୍ୟଗୁଡ଼ିକୁ ଆପଣାର ଜ୍ଞାନସ୍ତନ୍ୟରୂପେ ବହନ କରୁଥା'ନ୍ତି, ସେମାନେ ସେଗୁଡ଼ିକର ବୋଧ ବି ଲାଭ କରିଥା'ନ୍ତି ।

ବେଦାନ୍ତବିଜ୍ଞାନସୁନିଶ୍ଚିତାର୍ଥାଃ……ଶୁଦ୍ଧସତ୍ତ୍ୱାଃ ।

—ମୁଣ୍ଡକ ଉପନିଷଦ, ୩।୨।୬

ସର୍ବୋଚ୍ଚ ଆଧ୍ୟାତ୍ମିକ ଜ୍ଞାନର ସୁନିଶ୍ଚିତ ଅର୍ଥ ଯେଉଁମାନଙ୍କପାଖରେ,… ସେହିମାନେହିଁ ଶୁଦ୍ଧସତ୍ତ୍ୱ ।

'oaob.nitrkl.ac.in' images reprocessed

ଏତୈରୁପାୟୈର୍ଯତତେ ଯସ୍ତୁ ବିଦ୍ୱାଂସ୍ତସ୍ୟୈଷ ଆତ୍ମା ବିଶତେ ବ୍ରହ୍ମଧାମ ॥
...ଜ୍ଞାନତୃପ୍ତାଃ କୃତାତ୍ମାନଃ ।
ତେ ସର୍ବଗଂ ସର୍ବତଃ ପ୍ରାପ୍ୟ ଧୀରାଃ ଯୁକ୍ତାତ୍ମାନଃ ସର୍ବମେବାବିଶନ୍ତି ॥

—ମୁଣ୍ଡକ ଉପନିଷଦ୍, ୩।୨।୪,୫

ଏହିସବୁ ସାଧନ ଦ୍ୱାରା ଯିଏ ଜ୍ଞାନର ଉପଲବ୍ଧି କରନ୍ତି, ତାଙ୍କର ମଧ୍ୟରେହିଁ ଏହି ଆତ୍ମା ବ୍ରହ୍ମଧାମରେ ପ୍ରବିଷ୍ଟ ହୋଇଥାଏ । ଜ୍ଞାନତୃପ୍ତ, କୃତାତ୍ମା ଓ ପ୍ରଜ୍ଞାସମ୍ପନ୍ନ ସେହି ଋଷିମାନେ ଯୁକ୍ତାତ୍ମ ହୋଇ ସର୍ବଗତ ସେହି ବସ୍ତୁକୁ ସର୍ବତ୍ର ଲାଭ କରନ୍ତି ଓ ସବୁକିଛିର ମଧ୍ୟରେ ପ୍ରବେଶ କରନ୍ତି ।

ବିବର୍ତ୍ତନଶୀଳ ପ୍ରକୃତିର ଆଦ୍ୟତମ ସୋପାନରେ ଆମେ ତାହାର ନିର୍ବାକ୍ ରହସ୍ୟମୟତାର ସମ୍ମୁଖୀନ ହୋଇଥାଉ । ସେତେବେଳେ ତା'ର କ୍ରିୟାଗୁଡ଼ିକରେ କୌଣସି ତାତ୍ପର୍ଯ୍ୟ କିମ୍ବା ଉଦ୍ଦେଶ୍ୟ ରହିଛି ବୋଲି ଆଦୌ ଅନୁଭୂତ ହୁଏ ନାହିଁ, ତାହାର ସେହି ପ୍ରଥମ ରୂପାୟନଟି ବ୍ୟତୀତ ସତ୍ତାଗତ କୌଣସି ତତ୍ତ୍ୱର ଆଉ କୌଣସି ସଙ୍କେତ ମିଳେ ନାହିଁ । ଆଦି ରୂପାୟନର ତାତ୍କାଳିକ କାର୍ଯ୍ୟଟିକୁ ନେଇ ପ୍ରକୃତି ଏପରି ବାନ୍ଧି ହୋଇ ରହିଯାଇଥାଏ ଯେ ହୁଏତ କୌଣସି କାଳରେ ମଧ୍ୟ ତାହାକୁ ସତେଯେପରି କେବଳ ସେତିକି ବ୍ୟତୀତ ଆଉ କିଛିହେଲେ କରିବାକୁ ନାହିଁ, ସେହିଭଳି ମନେହୁଏ । କାରଣ ତାହାର ଏହି ଆଦି କ୍ରିୟାଭୂମିଟିରେ କେବଳ ଜଡ଼ରହିଁ ଆବିର୍ଭାବ ହୁଏ ଏବଂ ସେହି ନିର୍ବାକ୍ ଓ କଠିନ ଜଡ଼ହିଁ ଏକମାତ୍ର ବିଶ୍ୱସତ୍ୟ ବୋଲି ପ୍ରତୀତ ହୁଏ । ପ୍ରକୃତିର ମର୍ମରହସ୍ୟ ସମ୍ବନ୍ଧରେ ସମ୍ପୂର୍ଣ୍ଣ ଅନଭିଜ୍ଞ ଭାବରେ ଅବସ୍ଥିତ ରହି ଜଣେ ସଚେତନ ସାକ୍ଷୀ ଯଦି ସେହି ବିସୃଷ୍ଟିକୁ ଅବଲୋକନ କରିଥା'ନ୍ତେ, ତେବେ ସେ ଏକ ଆପାତ ଅସତ୍ତ୍ୱର ଅତଳଗର୍ଭରୁ ଏକ ଶକ୍ତି ଆବିର୍ଭୂତ ହୋଇ ଆସୁଥିବାର ପ୍ରତ୍ୟକ୍ଷ କରିଥା'ନ୍ତେ; ସେହି ଶକ୍ତି ଜଡ଼ରହିଁ ସୃଷ୍ଟି କରୁଥା'ନ୍ତା, ଜଡ଼ଜଗତ ଓ ଜଡ଼ବସ୍ତୁଗୁଡ଼ିକରହିଁ ସୃଷ୍ଟି କରୁଥା'ନ୍ତା, ନିଶ୍ଚେତନର ଅନନ୍ତତାକୁ ଏକ ଅନନ୍ତହୀନ ବିଶ୍ୱଜଗତର ଯୋଜନାରୂପେ ଅଥବା ଅଗଣିତ ବିଶ୍ୱର ଏକ ବ୍ୟବସ୍ଥାରୂପେ ପୁନର୍ଗଠିତ କରୁଥା'ନ୍ତା । ସେହି ବିଶ୍ୱଗୁଡ଼ିକ ତା'ର ଚତୁର୍ଦ୍ଦିଗରେ କୌଣସି ନିର୍ଦ୍ଦିଷ୍ଟ ଅନ୍ତ ବା ସୀମା ନଥିବା ଦେଶ ମଧ୍ୟକୁ ବିସ୍ତାରିତ ହୋଇ ରହିଥା'ନ୍ତେ । ଅକ୍ଲାନ୍ତ ଭାବରେ କେତେକେତେ ଛାୟାପଥ, ତାରାମଣ୍ଡଳ, ସୂର୍ଯ୍ୟ ଓ ଗ୍ରହନକ୍ଷତ୍ର ଗଢ଼ାହେବାରେ ଲାଗି ଥା'ନ୍ତା, ସମ୍ପୂର୍ଣ୍ଣ ଅର୍ଥହୀନ ଭାବରେ ସେଗୁଡ଼ିକ କେବଳ ଆପଣା ଆପଣା ଲାଗିହିଁ ବର୍ତ୍ତମାନ ରହିଥା'ନ୍ତେ; ସେଗୁଡ଼ିକର କୌଣସି ହେତୁ ନଥା'ନ୍ତା ବା ଉଦ୍ଦେଶ୍ୟ ମଧ୍ୟ ନଥା'ନ୍ତା । ଏହି ସୃଷ୍ଟି ସେହି ସାକ୍ଷୀଙ୍କୁ ଆଦୌ କୌଣସି ବ୍ୟବହାରରେ ଲାଗୁ ନଥିବା ଏକ ବିରାଟ ଓ ବିସ୍ମୟୋଦ୍ଦୀପକ ଯନ୍ତ୍ରପରି ବୋଧ ହୋଇଥା'ନ୍ତା, ଏକ

ଅତିଶକ୍ତିଶାଳୀ ଅଥଚ ଏକାନ୍ତ ଉଦ୍ଦେଶ୍ୟହୀନ ଗତିସ୍ପନ୍ଦନ ପରି ଲାଗିଥା'ନ୍ତା; ଯୁଗ ଯୁଗ ଧରି ଚାଲିଥିବା ଏକ ଦୃଶ୍ୟାଭିନୟ ପରି ମନେ ହୋଇଥା'ନ୍ତା, ଯାହାକୁ ଦେଖିବାଲାଗି ଗୋଟିଏହେଲେ ଦର୍ଶକ ନଥା'ନ୍ତେ; ବିଶ୍ୱବ୍ୟାପୀ ଏକ ବିଶାଳ ଭବନ ପରି ମନେ ହୋଇଥା'ନ୍ତା, ଯେଉଁଥିରେକି ଜଣେହେଲେ କେହି ବାସ କରୁ ନଥା'ନ୍ତେ । କାରଣ ସେ ଏଠାରେ ଅଧିଷ୍ଠିତ କୌଣସି ଚିନ୍ମୟସତ୍ତାର କୌଣସି ଲକ୍ଷଣ ଦେଖି ନଥା'ନ୍ତେ; ଯାହାର ଆନନ୍ଦବିଧାନ ଲାଗି ଏସବୁ ତିଆରି ହୋଇ ରହିଛି, ସେହିଭଳି ଏକ ସତ୍ତାର ମଧ୍ୟ ଦର୍ଶନ ପାଇ ନଥା'ନ୍ତେ । ଏଭଳି ଏକ ସୃଷ୍ଟି କେବଳ ଏକ ନିଶ୍ଚେତନ ଶକ୍ତି ବା ଏକ ଭ୍ରାନ୍ତିକାରୀ ସ୍ୱପ୍ନାଚ୍ଛନ୍ନ ବ୍ୟତୀତ ଆଉ କ'ଣ ବୋଲି ମନେ ହୋଇଥା'ନ୍ତା, ଏକ ଅଚେତନ ଓ ସମ୍ପୂର୍ଣ୍ଣ ଉଦାସୀନ ନିର୍ବିଶେଷ ସତ୍ତା ଉପରେ ପ୍ରତିଫଳିତ ହୋଇ ରହିଥିବା ଏକ ସ୍ୱପ୍ନାଭିନୟ ବା ପୁତ୍ତଳିନୃତ୍ୟ ବ୍ୟତୀତ ଆଉ କ'ଣ ବୋଲି ମନେ ହୋଇଥା'ନ୍ତା ? ଏହି ଅମେୟ ଓ ଅନନ୍ତବିସ୍ତୃତ ଜଡ଼ଗତ ପ୍ରଦର୍ଶନକ୍ଷେତ୍ରରେ କେଉଁଠି କୌଣସି ଆତ୍ମା, କୌଣସି ମନ କିମ୍ବା ପ୍ରାଣ ରହିଛି ବୋଲି ସେ କୌଣସି ସୂଚନା ବି ପାଇ ନଥା'ନ୍ତେ । ସର୍ବକାଳ ଲାଗି ଜୀବନବର୍ଜିତ ଓ ବୋଧହୀନ ହୋଇ ରହିଥିବା ଏହି ମରୁଭୂମିତୁଲ୍ୟ ବିଶ୍ୱରେ ଯେ କେବେ ଜୀବନର ଉଚ୍ଛ୍ୱାସ ଆସି ଦେଖାଦେବ, ଉପରିସ୍ତରଟି ଅତିକ୍ରମି ଆପଣାର ପଥ ହିଣ୍ଡି ଆସୁଥିବା ଏକ ରହସ୍ୟମୟ, ଅପରିମିତ, ସଜୀବ ଓ ସଚେତନ ପ୍ରଚ୍ଛନ୍ନ ସତ୍ତାର ଏକ ପ୍ରଥମ ସ୍ପନ୍ଦନ ଯେ କେବେ ଅନୁଭୂତ ହୋଇପାରିବା ସମ୍ଭବ ହେବ କିମ୍ବା ତାହାର କଳ୍ପନା କରିଯାଇ ପାରିବ, ସେକଥା ସେତେବେଳେ ତାଙ୍କୁ ଏକାବେଳକେ ଅପ୍ରତ୍ୟାଶ୍ୟ ବୋଲି ଲାଗିଥା'ନ୍ତା ।

ମାତ୍ର ତା'ପରେ ଆହୁରି ଅନେକ ଯୁଗ ଅତିବାହିତ ହୋଇଯିବା ପରେ ପୁଣିଥରେ ସେହି ନିରର୍ଥକ ଭୁବନପୃଷ୍ଠ ଉପରେ ଦୃଷ୍ଟି ପକାଇ ସେ ବିଶ୍ୱର ଅନ୍ତତଃ ଗୋଟିଏ କ୍ଷୁଦ୍ର କୋଣରେ ଏହିପରି ଏକ ପ୍ରତିଦୃଶ୍ୟ ଦେଖିବାକୁ ପାଇଥା'ନ୍ତେ: ଏହିଭଳି ଏକ କୋଣରେ ଜଡ଼କୁ ପ୍ରସ୍ତୁତ କରି ରଖାଯାଇଛି, ତାହାର ଭିତ୍ତିଟି ଯଥେଷ୍ଟ ଭାବରେ ସହଜ, ସୁଗଠିତ ଓ ସ୍ଥାୟୀ ହେବାକୁ ଆରମ୍ଭ କରିଛି, ଏବଂ ନୂତନ ବିବର୍ତ୍ତନର ଭୂମିରୂପେ ଅନୁକୂଳିତ ହୋଇ ରହିଛି । ସେଠାରେ ଏକ ଜୀବନ୍ତ ଜଡ଼ର ପ୍ରତିରୂପ ଜନ୍ମଲାଭ କରିଛି, ବସ୍ତୁଗୁଡ଼ିକ ମଧ୍ୟରେ ପ୍ରାଣର ଉନ୍ମେଷ ହୋଇଛି ଓ ଦୃଶ୍ୟମାନ ହେବାକୁ ଆରମ୍ଭ କରିଛି । ମାତ୍ର ତଥାପି ଆମର ସାକ୍ଷୀ ହୁଏତ ଅଦୌ କିଛିହେଲେ ବୁଝି ପାରି ନଥା'ନ୍ତେ, କାରଣ ବିବର୍ତ୍ତନଶୀଳ ପ୍ରକୃତି ଆପଣାର ରହସ୍ୟଟିକୁ ତଥାପି ଆବରଣ ତଳେ ଘୋଡ଼ାଇକରି ରଖିଥା'ନ୍ତା । ସେ ଦେଖିଥା'ନ୍ତେ ଯେ କେବଳ ଜୀବନର ଏହି ଉତ୍କୃଷ୍ଟ ରୂପଟିକୁ ପ୍ରତିଷ୍ଠିତ କରି ରଖିବାରେହିଁ ପ୍ରକୃତି ଆପଣାକୁ ନିୟୋଜିତ କରି ରଖିଛି, ଏହି ନୂତନ ସୃଷ୍ଟିକୁ ସମ୍ଭାଳି ରଖିବାରେହିଁ

'oaob.nitrkl.ac.in' images reprocessed

ବ୍ୟାପୃତ ରହିଛି; ମାତ୍ର ସେହି ଜୀବନ କେବଳ ଆପଣାଲାଗିହିଁ ତିଷ୍ଠି ରହିଛି ଓ ସେଥିରେ ଆଦୌ କୌଣସି ତାତ୍ପର୍ଯ୍ୟ ନାହିଁ । ଏକ ଲୀଳାମୟୀ ବିପୁଳ ସୃଷ୍ଟିଶୀଳା ପ୍ରକୃତି କେବଳ ଆପଣା ନୂତନ ସାମର୍ଥ୍ୟଟିର ବୀଜକୁ ଚତୁର୍ଦ୍ଦିଗକୁ ବିକ୍ଷିପ୍ତ କରିଦେଉଛି ଓ ଏକ ସୌନ୍ଦର୍ଯ୍ୟମୟ ଅଫୁରନ୍ତ ବିପୁଳତାରେ ଆପଣାର କେତେ ବୈଚିତ୍ର୍ୟମୟ ରୂପଗୁଡ଼ିକୁ ଫୁଟାଇ ଦେବାରେ ଲାଗିଛି; ଅଥବା, ତାହାର ଏକ ପରବର୍ତ୍ତୀ ପର୍ଯ୍ୟାୟରେ କେବଳ ସୃଷ୍ଟିଜନିତ ଏକ ଶୁଦ୍ଧ ପରିତୋଷ ଲାଭ କରିବାକୁହିଁ ଅଗଣିତ ପରିମାଣର ଶ୍ରେଣୀ ଓ ଉପଶ୍ରେଣୀମାନ ଗଢ଼ି ଥୋଇଦେଉଛି । ସେତେବେଳେ ଏହି ବିଶ୍ୱରୂପୀ ବିପୁଳ ମରୁଭୂମିରେ ଜୀବନ୍ତ ବର୍ଣ୍ଣମୟତା ଓ ଗତିର କେବଳ ଏକ ସ୍ୱର୍ଣ୍ଣମାତ୍ରକୁହିଁ ଯାହା ପରିବ୍ୟାପ୍ତ କରି ରଖାଯାଇଛି ଓ ସେତିକି ବ୍ୟତୀତ ଆଉ କିଛିହେଲେ ହୋଇ ନାହିଁ । ଜୀବନସ୍ପନ୍ଦନର ଏହି ବିନ୍ଦୁପ୍ରମାଣ ଦ୍ୱୀପ ଉପରେ ଯେ ଦିନେ ଏକ ଚିନ୍ତନସମର୍ଥ ମନର ଆବିର୍ଭାବ ହେବ, ସେତେବେଳେ ସେହି ସାକ୍ଷୀ କଦାପି ଚିନ୍ତା କରି ପାରି ନଥିବେ । ନିଶ୍ଚେତନାର ଏକାଧିପତ୍ୟ ମଧ୍ୟରୁ ଯେ ଏକ ଚେତନା ଜାଗ୍ରତ ହୋଇ ଉଠିବ, ଏକ ବୃହତ୍ତର, ସୂକ୍ଷ୍ମତର ନୂତନ ସ୍ପନ୍ଦନ ଏହି ଉପରିଭାଗକୁ ଆସି ସେଠାରେ କମ୍ପିତ ହୋଇ ରହିଥିବା ଚିନ୍ମୟତାର ଅନ୍ତିତ୍ୱଟିକୁ ଯେ ପଦାରେ ପକାଇଦେବ, ସେକଥା ସେ ଆଦୌ କଳ୍ପନା କରି ନଥିବେ । ସିଏ ହୁଏତ ପ୍ରଥମେ ଅନୁମାନ କରିଥିବେ ଯେ ଯେପରି ଖିଦରେ ହେଉ ପଛକେ ପ୍ରାଣ ଏହି କ୍ଷେତ୍ରରେ ଆପଣା ସମ୍ବନ୍ଧରେ ସଚେତନ ହେବାକୁ ସମର୍ଥ ହୋଇଛି ଓ କେବଳ ଏତିକି ବ୍ୟତୀତ ଆଉ ଅଧିକ କିଛି ଘଟି ନାହିଁ । କାରଣ ସେତେବେଳେ ଏହି କ୍ଷୀଣଶକ୍ତି ନବଜାତକ ମନ ତାଙ୍କୁ ପ୍ରାଣର କେବଳ ଏକ ପରିସ୍ଫୁରକ ଆଜ୍ଞାବହରୂପେହିଁ ବୋଧ ହୋଇଥିବ, ପ୍ରାଣର ଜୀବନଧାରଣ ତଥା ପୋଷଣର କେବଳ ଏକ କୌଶଳ ବୋଲି ମନେ ହୋଇଥିବ; ପ୍ରାଣ ଯେତେବେଳେ ଅପରକୁ ଆଘାତ କରିବ ଓ ଅପରର ଆଘାତରୁ ଆପଣାକୁ ବଞ୍ଚାଇ ରଖିବାକୁ ଯାଉଥିବ, ସେତେବେଳେ ତାହାର ସହାୟତା କରୁଥିବା ଏକ ଯନ୍ତ୍ରପରି ମନେ ହୋଇଥିବ, ତାହାର କେତେକ ନିର୍ଦ୍ଦିଷ୍ଟ ଆବଶ୍ୟକତା ଓ ପ୍ରାଣଗତ ତୁଷ୍ଟିବିଧାନରେ ତଥା ପ୍ରାଣର ସହଜାତ ପ୍ରବୃତ୍ତି ଓ ଆବେଗର ସ୍ଫୁରଣ ଓ ସାର୍ଥକତାସମ୍ପାଦନରେ କେବଳ ଏକ ସହକର ବୋଲି ମନେ ହୋଇଥିବ । ଏକଥା ତାଙ୍କୁ ହୁଏତ କଦାପି ସମ୍ଭବ ମନେ ହୋଇ ନଥିବ ଯେ ବିଶ୍ୱବିସ୍ତାରର ଏହି ବିପୁଳତା ମଧ୍ୟରେ ପ୍ରାୟ କୌଣସି ଦୃଷ୍ଟି ଆକର୍ଷଣ କରୁ ନଥିବା ଏହି କ୍ଷୁଦ୍ର ପ୍ରାଣ-ସଞ୍ଚିଟିରେ, କ୍ଷୁଦ୍ର ପ୍ରାଣର ଅକ୍ଷୌହିଣୀ ମଧ୍ୟରୁ କେବଳ ଏହି ଗୋଟିଏ ଜୀବଜାତିରେ ଏକ ମନୋମୟ ସତ୍ତା ପ୍ରକୃତରେ ଉନ୍ମେଷଲାଭ କରିବ, ତଥାପି ପ୍ରାଣର ପରିଚର୍ଯ୍ୟା କରୁଥିବା ମାତ୍ର ପ୍ରାଣ ଓ ଦେହକୁ ମଧ୍ୟ ଆପଣାର ସହକର କରି ରଖିଥିବା ଏବଂ ଆପଣାର ଭାବନା, ସଂକଳ୍ପ ତଥା ଇଚ୍ଛାର ପରିପୂରଣ ଲାଗି ସେଗୁଡ଼ିକୁ କାମରେ

'oaob.nitrkl.ac.in' images reprocessed

ଲାଗିଥିବା ଏକ ମନ ପ୍ରକୃତିରେ ଆବିର୍ଭୂତ ହେବ; ଏଭଳି ଏକ ମନୋମୟ ସତ୍ତା ଜନ୍ମଲାଭ କରିବ ଯାହାକି ଜଡ଼କୁ ଉପାଦାନରୂପେ ବ୍ୟବହାର କରି କେତେପ୍ରକାର ପ୍ରୟୋଜନ ମେଣ୍ଟାଇବା ଉଦ୍ଦେଶ୍ୟରେ ଯାବତୀୟ ପ୍ରକାରର ବ୍ୟବହାରପାତ୍ର, ଉପକରଣ ଓ ଯନ୍ତ୍ରାମମାନ ତିଆରି କରିପାରିବ, ସେହି ଉପାଦାନରୁ ସହର, ମନ୍ଦିର, ଗୃହ, ରଙ୍ଗମଞ୍ଚ, ଗବେଷଣାଗାର ଓ କାରଖାନା ଗଢ଼ି ଥୋଇଦେବ, ପଥରଖୋଦାଇ ମୂର୍ତ୍ତି ଗଢ଼ିଦେବ, ପଥର ଗୁମ୍ଫାରେ ଗୀର୍ଜା ତିଆରି କରିଦେବ; ସ୍ଥପତି, ଭାସ୍କର୍ଯ୍ୟ, ଚିତ୍ରବିଦ୍ୟା, କାବ୍ୟକଳା ଓ ଶତାଧିକ କେତେପ୍ରକାର କଳା ଓ କାରିଗରିର ଉଦ୍ଭାବନ କରିବ, ବିଶ୍ୱବ୍ରହ୍ମାଣ୍ଡର ଗଣିତ ଓ ପଦାର୍ଥବିଦ୍ୟା ବାହାର କରିବ ଏବଂ ଏହାର ସଂଗଠନଗତ କେତେ ରହସ୍ୟର ଉଦ୍‌ଘାଟନ କରିଦେବ; ସେ ଏହି ମନ ଓ ମାନସିକ ଆଗ୍ରହଗୁଡ଼ିକୁ ନେଇ ଜୀବନ ଧାରଣ କରିବ, ବିଦ୍ୱାନ୍ ଓ ଜ୍ଞାନଲାଗି ବଞ୍ଚି ରହିବ । ଆପଣାକୁ ଜଣେ ଦାର୍ଶନିକରୂପେ ବିକଶିତ କରିବ, ବୈଜ୍ଞାନିକ ହୋଇ ବାହାରିବ; ଏବଂ ଜଡ଼ର ସ୍ୱତପଣ୍ଡିକୁ ଅସ୍ୱୀକାର କରି ଆପଣା ଭିତରେ ପ୍ରଚ୍ଛନ୍ନ ପରମଦେବତାଙ୍କୁ ଜାଗ୍ରତ କରିଦେବ; ଯାହା ଅଦୃଶ୍ୟ ଓ ଯାହା ଚତୁରହସ୍ୟ ଦ୍ୱାରା ଆବୃତ, ସେ ତାହାର ଅନ୍ୱେଷଣ କରି ବାହାରିବ, ଆଧ୍ୟାତ୍ମିକ ସାଧନାପଥରେ ପଥିକ ହୋଇ ବାହାରିବ ।

ମାତ୍ର ଯଦି ପୁଣି ବହୁଯୁଗ ପରେ ସେହି ସାକ୍ଷୀ ବିଶ୍ୱଜଗତ ଉପରେ ପୁନର୍ବାର ଦୃଷ୍ଟିପାତ କରି ଏହି ଅକଳ୍ପନୀୟ ବ୍ୟାପାରଟିର ପୂର୍ଣ୍ଣ ପ୍ରକ୍ରିୟାଟିକୁ ଦେଖିଥା’ନ୍ତେ, ହୁଏତ ସେତେବେଳେ ମଧ୍ୟ ଜଡ଼କୁହିଁ ଏହି ବିଶ୍ୱଜଗତର ଏକମାତ୍ର ସତ୍ୟ ବୋଲି ଆପଣାର ସେହି ପୂର୍ବ ବା ମୂଳ ଅନୁଭୂତିଟିଦ୍ୱାରା ଆଚ୍ଛନ୍ନ ରହି ସେ ତଥାପି ଏହି ସତ୍ୟଟିକୁ ବୁଝିବାଲାଗି ସମର୍ଥ ହୋଇ ନଥା’ନ୍ତେ । ଏକଥାଟା ତାଙ୍କୁ ତଥାପି ଅସମ୍ଭବ ପରି ଲାଗିଥା’ନ୍ତା ଯେ ପ୍ରଚ୍ଛନ୍ନ ଓ ପରମ ଚିତ୍‌ପୁରୁଷ ପ୍ରକୃତିରେ ଥରେ ପୂର୍ଣ୍ଣଚେତନ ହୋଇ ସମ୍ପୂର୍ଣ୍ଣଭାବରେ ଆବିର୍ଭୂତ ହେବେ ଏବଂ ଜଗତପୃଷ୍ଠରେ ଅନ୍ତର୍ଜ୍ଞାତା, ବିଶ୍ୱଜ୍ଞାତା ତଥା ପ୍ରକୃତିର ଶାସ୍ତା ଓ କର୍ତ୍ତା ହିସାବରେ ଅବସ୍ଥାନ ମଧ୍ୟ କରିବେ । ସିଏ ହୁଏତ କହିବେ, “ଅସମ୍ଭବ ! ଏପର୍ଯ୍ୟନ୍ତ ଯାହାକିଛି ଘଟିଛି, ତାହାକୁ ଯଥେଷ୍ଟ ବୋଲି ଭାବିନେ କୁହାଯିବ ? ମସ୍ତିଷ୍କର ସ୍ପନ୍ଦନଶୀଳ ଓ ଅର୍ଦ୍ଧସ୍ପଷ୍ଟ ଉପାଦାନଟିଦ୍ୱାରା ଗଠିତ କେବଳ ଏକ କ୍ଷୁଦ୍ର ବୁଦ୍‌ବୁଦ ବ୍ୟତୀତ ଏସବୁ ଆଉ କିଛି ନୁହେଁ; ନିଷ୍ପ୍ରାଣ ଜଡ଼ର ଏକ ଅତିକ୍ଷୁଦ୍ର ବିନ୍ଦୁ ଉପରେ ପ୍ରକୃତିର ଏକ ବିଚିତ୍ର କ୍ଷିପ୍ରତା ଆପଣାକୁ ଯାହା ପ୍ରକାଶିତ କରିଦେଇଛି ଏବଂ ତାହା ବିଶ୍ୱବ୍ରହ୍ମାଣ୍ଡର ଏକ ଚଳମାନ ସ୍ଥାନ ଉପରେ ବିଚରଣ କରିବାରେ ଲାଗିଛି !” ମାତ୍ର ଯଦି ଆଉଥରେ ସାକ୍ଷୀ, ଯିଏକି ପୂର୍ବର ସେହିସବୁ ବିକାଶ ସମ୍ବନ୍ଧରେ ଖବର ରଖିଛନ୍ତି ମାତ୍ର ତାହାର ଦ୍ୱାରା ଆଚ୍ଛନ୍ନ ହୋଇ ରହି ନାହାନ୍ତି, ଏହି ସକଳ ପ୍ରକ୍ରିୟା ଘଟିସାରିବା ପରେ ଯଦି ଏଠାରେ ଆସି ପହଞ୍ଚନ୍ତି, ଏସବୁ ଦେଖି ହୁଏତ ସିଏ ମଧ୍ୟ କହିବାକୁ ଆରମ୍ଭ

'oaob.nitrkl.ac.in' images reprocessed

କରିବେ, "ତେବେ ଏହାହିଁ ଘଟିବାଲାଗି ଅଭିପ୍ରେତ ହୋଇ ରହିଥିଲା, ବସ୍ତୁ ଚମତ୍କାରର ମଧ୍ୟଦେଇ ଶେଷକୁ ଏହି ଚମତ୍କାରଟି ଘଟିବାର ଥିଲା ! ଏକଦା ନିଶ୍ଚେତନ ଭିତରେ ନିମଜ୍ଜିତ ହୋଇ ରହିଥିବା ପରମ ଚିତ୍‌ସତ୍ତାହିଁ ତାହାର ଭିତରୁ ଆପଣାକୁ ଉନ୍ମୋଚିତ କରି ଆଣିଛନ୍ତି ଏବଂ ଆବରଣମୁକ୍ତ ଭାବରେ ଆବୃତ ଅବସ୍ଥାରେ ରହିଥିବା ବେଳେ ଆପଣାର ନିବାସ ତଥା ଅଭିବ୍ୟକ୍ତିର ଦୃଶ୍ୟଭୂମିରୂପେ ସୃଷ୍ଟି କରିଥିବା ବସ୍ତୁରୂପଗୁଡ଼ିକରେ ବାସ କରି ରହିଛନ୍ତି ।" ମାତ୍ର ଆହୁରି ଅଧିକ ସଚେତନ କୌଣସି ସାକ୍ଷୀ ବସ୍ତୁତଃ ଏହି ଉନ୍ମୋଚନକର୍ମଟିର ପ୍ରଥମ ପର୍ଯ୍ୟାୟରେ ଏବଂ ଏପରିକି ପ୍ରକ୍ରିୟାଟିର ପ୍ରତ୍ୟେକ ସୋପାନରେ ମଧ୍ୟ ଏହାର ପ୍ରକୃତ ଉଦ୍ଦେଶ୍ୟ ଓ ଆକୃତିଟିକୁ ଆବିଷ୍କାର କରିବାଲାଗି ବେଶ୍ ସମର୍ଥ ହୋଇଥା'ନ୍ତେ । କାରଣ ପ୍ରକୃତି ସୋପାନରୁ ସୋପାନ ବିବର୍ତ୍ତିତ ହୋଇ ଯାଉଥିବା ସମୟରେ ପ୍ରତ୍ୟେକ ସୋପାନରେ ତାହାର କିଛି ରହସ୍ୟଟି ଅବଶ୍ୟ ଅବଗୁଣ୍ଠିତ ରହିଥାଏ ସତ, ମାତ୍ର ତଥାପି ଅଧିକରୁ ଅଧିକ ଫିଟିଫିଟି ଯାଉଥାଏ; ପରବର୍ତ୍ତୀ ସୋପାନର ଏକ ସୂଚନା ବେଶ୍ ମିଳି ଯାଉଥାଏ, ପରବର୍ତ୍ତୀ ସୋପାନର ପ୍ରସ୍ତୁତିଟି ଅଧିକତର ସ୍ପଷ୍ଟଭାବରେ ପରିଲକ୍ଷିତ ହେବାକୁ ଲାଗେ । ତେଣୁ ଯେଉଁ ପ୍ରାଣ ଅଚେତନ ପରି ବୋଧ ହେଉଥାଏ, ତାହା ଭିତରେ ମଧ୍ୟ ଇନ୍ଦ୍ରିୟବୋଧର ଆସନ୍ନ ବହିଃପ୍ରକାଶଟି ସତେଅବା ଦୃଷ୍ଟିଗୋଚର ହେଉଥାଏ; ପୁଣି ଯେଉଁ ଗତିଶୀଳ ପ୍ରାଣରେ ନିଃଶ୍ୱାସ-ପ୍ରଶ୍ୱାସର ସଞ୍ଚାରଣ ଆରମ୍ଭ ହୋଇ ସାରିଲାଣି, ସେଥିରେ ସଂବେଦନଶୀଳ ମନର ଆବିର୍ଭାବଟି ସ୍ପଷ୍ଟ ଅନୁଭୂତ ହୁଏ ଏବଂ ମନନଶୀଳ ମନର ପ୍ରସ୍ତୁତିଟି ମଧ୍ୟ ସମ୍ପୂର୍ଣ୍ଣ ଭାବରେ ଲୁଚି ରହି ନଥାଏ । ଏବଂ ଯେତେବେଳେ ମନନଶୀଳ ମନର ବିକାଶ ହୋଇଯାଏ, ସେତେବେଳେ ତାହାର ଏକ ପ୍ରାଥମିକ ସ୍ତରରେ ମଧ୍ୟ ଏକ ଆଧ୍ୟାତ୍ମିକ ଚେତନାର ଅବିକଶିତ ଆକୃତିଗୁଡ଼ିକ ଓ ପରେ ଅଧିକ ବିକଶିତ ଆକୃତିଗୁଡ଼ିକ ମଧ୍ୟ ଆବିର୍ଭୂତ ହେବାକୁ ଲାଗେ । ଉଦ୍‌ଭିଦର ପ୍ରାଣଭୂମିରେ ଯେପରି ଚେତନାବିଶିଷ୍ଟ ପ୍ରାଣୀର ଅସ୍ପଷ୍ଟ ସମ୍ଭାବନାଟି ଅନ୍ତର୍ଗତ ହୋଇ ରହିଥାଏ, ଇତର ପ୍ରାଣୀର ମନ ଯେପରି ମନନସମର୍ଥ ମଣିଷର ପ୍ରଥମ ଜୀବନାଧାରରୂପେ କାର୍ଯ୍ୟ କରୁଥିବା ଅନୁଭୂତି ଓ ବୋଧଶକ୍ତିର ଗତିସ୍ପନ୍ଦନ ତଥା ବସ୍ତୁଗତ ଅବଧାରଣାର ଆଭାସଦ୍ୱାରା ଉଦ୍‌ବେଳିତ ହେଉଥାଏ, ଠିକ୍ ସେହିପରି ମନୁଷ୍ୟରୂପୀ ମନୋମୟ ସତ୍ତା ଆପଣାର ବିବର୍ତ୍ତନଗତ ଶକ୍ତିର ପ୍ରୟାସଟିଦ୍ୱାରା ନିଜମଧ୍ୟରୁ ଏକ ଆଧ୍ୟାତ୍ମିକ ମନୁଷ୍ୟଙ୍କୁ ବିକାଶ କରାଇ ଆଣିବାର ଆକୂତିଦ୍ୱାରା ଅନୁସିକ୍ତ ହୋଇ ରହିଛି; ମନୁଷ୍ୟ ଆପଣାର ଏହି ପ୍ରଥମ ଜଡ଼ସତ୍ତାଟିର ସୀମାବନ୍ଧନଗୁଡ଼ିକୁ ଅତିକ୍ରମ କରିଗଲେ ଏକ ପରିପୂର୍ଣ୍ଣ ଚେତନ ସତ୍ତା ହିସାବରେ ଆପଣାର ଯଥାର୍ଥ ସତ୍ୟ ତଥା ଊର୍ଦ୍ଧ୍ୱତମ ପ୍ରକୃତିର ଯେଉଁ ଆବିଷ୍କାର କରିବାକୁ ସମର୍ଥ ହେବ, ସେ ତାହାର ଆକୂତିଦ୍ୱାରାହିଁ ଅନୁସିକ୍ତ ହୋଇ ରହିଛି ।

'oaob.nitrkl.ac.in' images reprocessed

ମାତ୍ର ଯଦି ଏହାକୁହିଁ ପ୍ରକୃତରେ ନିହିତ ହୋଇ ରହିଥିବା ଅଭିପ୍ରାୟ ବୋଲି ଗ୍ରହଣ କରାଯାଏ, ତେବେ ଆମ ଆଗରେ ହଠାତ୍ ଦୁଇଟି ପ୍ରଶ୍ନର ଉତ୍ଥାପନ ହୁଏ ଓ ତାହାର ଏକ ନିର୍ଦ୍ଦିଷ୍ଟ ଉତ୍ତର ବାହାର କରିବା ମଧ୍ୟ ଅତ୍ୟାବଶ୍ୟକ ହୋଇପଡ଼େ । ପ୍ରଥମ ପ୍ରଶ୍ନଟି ହେଉଛି, ମନୋମୟ ସତ୍ତାରୁ ଆଧ୍ୟାତ୍ମିକ ବା ଚିନ୍ମୟ ସତ୍ତାକୁ ସଂଘଟିତ ହେଉଥିବା ଏହି ବିବର୍ତ୍ତନଟିର ପ୍ରକୃତ ସ୍ୱରୂପ କ'ଣ ?—ଏବଂ ଏହାର ଉତ୍ତରଟି ପାଇବାପରେ ଦ୍ୱିତୀୟ ପ୍ରଶ୍ନଟି ହେଉଛି, ଠିକ୍ କେଉଁଭଳି ପ୍ରକ୍ରିୟା ଓ ପଦ୍ଧତିର ଅନୁସରଣ କରି ଏହି ବିବର୍ତ୍ତନଟି ସଂଘଟିତ ହେଉଛି ? ହଠାତ୍ ସବୁ ବେଳକୁ ଏକଥାଟି ହୁଏତ ଖୁବ୍ ସ୍ପଷ୍ଟ ବୋଲି ମନେହେବ ଯେ ପ୍ରତ୍ୟେକ ସୋପାନଟି ଯେପରି ତା'ର ପୂର୍ବବର୍ତ୍ତୀ ସୋପାନଟି ମଧ୍ୟରୁ ବିବର୍ତ୍ତିତ ହୋଇ ବାହାରି ଆସୁ ନାହିଁ, ମାତ୍ର ତାହା ଯେପରି ତାହାର ଭିତରେହିଁ ବିବର୍ତ୍ତିତ ହେଉଛି, ଅର୍ଥାତ୍ ଯେପରି ଜଡ଼ ମଧ୍ୟରେହିଁ ପ୍ରାଣ ବିବର୍ତ୍ତିତ ଓ ଆବିର୍ଭୂତ ହେଉଛି ଏବଂ ଆପଣାର ଅସ୍ତି-ଅଭିବ୍ୟକ୍ତିରେ ତାହା ଯେପରି ଅନେକ ପରିମାଣରେ ଆପଣାର ଜଡ଼ଗତ ପରିବେଶଟି ଦ୍ୱାରାହିଁ ସୀମିତ ଓ ନିୟନ୍ତ୍ରିତ ହୋଇ ରହୁଛି; ଯେପରି ଜଡ଼ସ୍ଥ ପ୍ରାଣ ମଧ୍ୟରେହିଁ ମନର ଉନ୍ମେଷ ଘଟୁଛି ଓ ଆପଣାର ଅସ୍ତି-ଅଭିବ୍ୟକ୍ତିରେ ତାହା ଠିକ୍ ସେହିପରି ଭାବରେ ଯେପରି ପ୍ରାଣଗତ ତଥା ଜଡ଼ଗତ ପରିବେଶଟି ଦ୍ୱାରା ସୀମିତ ଓ ନିୟନ୍ତ୍ରିତ ହୋଇ ରହୁଛି, ସେହିଭଳି ଜଡ଼ସ୍ଥ ପ୍ରାଣରେ ଦେହ ଧାରଣ କରି ରହିଥିବା ଏକ ମନରେହିଁ ଚିତ୍‌ସତ୍ତା ମଧ୍ୟ ପ୍ରକାଶିତ ହୋଇ ଉଠିବ ଏବଂ ସେହି ମନୋଗତ ପରିବେଶଗୁଡ଼ିକ ଦ୍ୱାରାହିଁ ଅନେକ ପରିମାଣରେ ସୀମିତ ଓ ନିୟନ୍ତ୍ରିତ ହୋଇ ରହିବାକୁ ବାଧ୍ୟ ହେବ, କାରଣ ସେହି ମନୋଗତ ପରିବେଶରେହିଁ ତାହାର ମୂଳଟି ନିହିତ ହୋଇ ରହିଛି । କେବଳ ମନୋଗତ ପରିବେଶଗୁଡ଼ିକ ଦ୍ୱାରା ନୁହେଁ, ଚିନ୍ମୟ ସତ୍ତାର ପ୍ରକାଶ ଏହି ଭୂମିଟିର ପ୍ରାଣଗତ ତଥା ଜଡ଼ଗତ ପରିବେଶଗୁଡ଼ିକଦ୍ୱାରା ମଧ୍ୟ ଅନେକ ପରିମାଣରେ ନିୟନ୍ତ୍ରିତ ଓ ନିରୂପିତ ହେବାକୁ ବାଧ୍ୟ ହେବ । ଏପରିକି ଏକଥା ମଧ୍ୟ ବେଶ୍ ବୁଝାଯାଇ ପାରିବ ଯେ ଯଦି ଆମ ଭିତରେ ଆଧ୍ୟାତ୍ମିକ ବା ଚିନ୍ମୟ ଉପାଦାନର କୌଣସି ବିବର୍ତ୍ତନ ହୋଇଥାଏ, ତାହା କେବଳ ଆମ ମାନସିକ ବିବର୍ତ୍ତନର ଏକ ଅଙ୍ଗରୂପେହିଁ ସଂଘଟିତ ହୋଇଛି, ମନୁଷ୍ୟର ମନୋଭୂମିଗତ ଏକ ବିଶେଷ କ୍ରିୟା ବା ବ୍ୟାପାରରୂପେ ସଂଘଟିତ ହୋଇଛି । କାରଣ ଆମର ଆଧ୍ୟାତ୍ମିକ ଉପାଦାନଟିକୁ ଆଦୌ ଏକ ପୃଥକ୍ କମ୍ବା ଭିନ୍ନ ଉପାଦାନ ବୋଲି ବୁଝାଯାଇ ପାରିବ ନାହିଁ ଏବଂ ତେଣୁ ତାହାର ଆବିର୍ଭାବ କଦାପି ସ୍ୱତନ୍ତ୍ର ଭାବରେ ଘଟିବ ନାହିଁ ବା ଏହାର ପ୍ରକୃତରେ ଏକ ଅତିମାନସ ଭବିଷ୍ୟତ ପରିଣତି ରହିଛି ବୋଲି ବି ବୁଝାଯାଇ ପାରିବ ନାହିଁ, ଆମର ଏହି ମନୋମୟ ସତ୍ତାଟିହିଁ ଆପଣା ମଧ୍ୟରେ ଏକ ଆଧ୍ୟାତ୍ମିକ ଅନ୍ତରର ବିକାଶ କରିପାରିବ, ତାହାର ମଧ୍ୟରେ ଆପଣାକୁ ବ୍ୟାପୃତ ରଖିପାରିବ,

ଏବଂ ତେଣୁ ସମ୍ଭବତଃ ତାହାରି ଫଳରେ ଏକ ଚୈତ୍ୟ ତଥା ଏକ ବୁଦ୍ଧିଦୀପ୍ତ ମନର ଉନ୍ମେଷ ବେଶ୍ ଘଟାଇ ପାରିବ, ଆପଣାର ମନୋଗତ ଜୀବନକୁ ଆତ୍ମାର ଏକ କୁସୁମରୂପେ ଫୁଟାଇ ଦେଇ ପାରିବ । ଅନ୍ୟ ଅନେକ ଲୋକଙ୍କ ମଧ୍ୟରେ କଳାତ୍ମକତା ଅଥବା ବ୍ୟାବହାରିକ ପ୍ରୟୋଜନୀୟତା ଆଡ଼କୁ ଯେପରି ଏକ ବିଶେଷ ଝୁଙ୍କ ବା ପ୍ରବୃତ୍ତି ରହିଥାଏ, ଠିକ୍ ସେହିପରି କେତେକଙ୍କ ମନରେ ଆଧ୍ୟାତ୍ମିକ ଆଡ଼କୁ ମଧ୍ୟ ଏକ ବିଶେଷ ଓ ପ୍ରଭାବଶାଳୀ ପ୍ରବୃତ୍ତି ବେଶ୍ ରହିପାରେ । ମାତ୍ର ଗୋଟାଏ ଚୈତ୍ୟ ସତ୍ତା ମନୋମୟ ସତ୍ତାକୁ ଗ୍ରହଣ କରିନେଇ ତାହାକୁ ଯେ ଚୈତ୍ୟ ପ୍ରକୃତିରେ ରୂପାନ୍ତରିତ କରିଦେବ, ତାହା କେବଳ ଏକ ଅବାନ୍ତର କଳ୍ପନାମାତ୍ର । ଚୈତ୍ୟ ମନୁଷ୍ୟର କୌଣସି ପ୍ରକାଶ କିମ୍ବା ଅଭିବ୍ୟକ୍ତି ହେବ ନାହିଁ; ମନୋମୟ ସତ୍ତା ମଧ୍ୟରେ ହୁଏତ କେବଳ ଏକ ନୂତନ ଓ ସମ୍ଭବତଃ ଏକ ସୂକ୍ଷ୍ମତର ଦୁର୍ଲଭତର କୌଣସି ଉପାଦାନର ଅଭିବ୍ୟକ୍ତିହିଁ ହୋଇପାରିବ । ଏହି କ୍ଷେତ୍ରରେ ଆମକୁ ନିମ୍ନଲିଖିତ କେତୋଟି ବିଷୟକୁ ଭଲକରି ଜାଣିବାକୁ ଓ ବୁଝିବାକୁ ପଡ଼ିବ : ଚୈତ୍ୟ ଓ ମନୋମୟ ପ୍ରକୃତି ମଧ୍ୟରେ ସ୍ପଷ୍ଟତଃ କେଉଁଠି କେଉଁ ପାର୍ଥକ୍ୟ ରହିଛି, ଏହି ବିବର୍ତ୍ତନଟିର ପ୍ରକୃତ ସ୍ୱରୂପଟି କ'ଣ, ଏବଂ ତାହାମଧ୍ୟରେ ପ୍ରକୃତରେ କେଉଁ ଉପାଦାନ ବା କାରଣମାନ ରହିଥିବାରୁ ଚୈତ୍ୟସତ୍ତାର ଆବିର୍ଭାବ କେବଳ ସମ୍ଭବ ନୁହେଁ, ମାତ୍ର ଅବଶ୍ୟମ୍ଭାବୀ ହୋଇପଡ଼ୁଛି । ଆମକୁ ଭଲକରି ବୁଝିବାକୁ ପଡ଼ିବ ଆପଣାର ଯଥାର୍ଥ ଓ ବିଶିଷ୍ଟ ପ୍ରକୃତିଟି ନେଇ କାହିଁକି ଚୈତ୍ୟସତ୍ତାର ଆବିର୍ଭାବ ହେବ; ବର୍ତ୍ତମାନ ଏହା ଅଧିକାଂଶତଃ ଆପଣାର ପ୍ରକ୍ରିୟା ଓ ଉନ୍ମେଷସ୍ୱାଢରେ ଯେଉଁ ଅବସ୍ଥାରେ ରହିଛି, ସେହିପରି କେବଳ ଆମ ମନୋଭୂମିର ଏକ ଗୌଣ ଧର୍ମ କିମ୍ବା ପ୍ରଧାନ ବୈଶିଷ୍ଟ୍ୟ ହୋଇ ରହିବ ନାହିଁ; ମାତ୍ର ଆପଣାକୁ ଏକ ନୂତନ ସାମର୍ଥ୍ୟରୂପେ ପରିଚିତ କରାଇବ, ପରିଶେଷରେ ଆମର ମନୋମୟ ସତ୍ତାଟିକୁ ଅତିକ୍ରମ କରି ତାହାର ଊର୍ଦ୍ଧ୍ୱତର ସୋପାନରେ ଅଧିଷ୍ଠିତ ରହିବ ଏବଂ ତାହା ସ୍ଥାନରେ ଆପଣାକୁହିଁ ଜୀବନ ଓ ପ୍ରକୃତିର ନିୟନ୍ତାରୂପେ ପ୍ରତିଷ୍ଠିତ କରିଦେବ ।

ଏକଥା ସତ ଯେ କେବଳ ଉପର ପରସ୍ତଟାକୁ ଦେଖୁଥିବା ପର୍ଯ୍ୟନ୍ତ ପ୍ରାଣ କେବଳ ଜଡ଼ରହିଁ ଏକ କ୍ରିୟା ଓ କରାମତି ବୋଲି ମନେହୁଏ, ମନ ପ୍ରାଣର ଏକ କ୍ରିୟା ପରି ଲାଗେ, ଏବଂ ଏହିପରି ଆମେ ଏକଥାଟି ମଧ୍ୟ ମନେ କରିପାରିବା ଯେ ଯାହାକୁ ଆମେ ଆତ୍ମା ବା ଚୈତ୍ୟସତ୍ତା ବୋଲି କହୁଛୁ, ତାହା କେବଳ ଆମ ମନୋଭୂମିର ଏକ ସାମର୍ଥ୍ୟ ବ୍ୟତୀତ ଆଉ କିଛି ନୁହେଁ । ଆମକୁ ହୁଏତ ବୋଧ ହୋଇପାରେ ଯେ ଆତ୍ମା ହେଉଛି ଏହି ମନର ଏକ ସୂକ୍ଷ୍ମ ରୂପ, ଏବଂ ଆଧ୍ୟାତ୍ମିକତା ହେଉଛି ଦେହସ୍ଥ ମାନସିକ ସତ୍ତାର ଏକ ଊର୍ଦ୍ଧ୍ୱସ୍ତରର କ୍ରିୟା । ମାତ୍ର ଯେତେବେଳେ ଆମର ସକଳ ଭାବନା କେବଳ ବାହ୍ୟ ପ୍ରକ୍ରିୟା ଓ ପ୍ରତିଭାସଟା ଉପରେହିଁ ଆପଣାକୁ

'oaob.nitrkl.ac.in' images reprocessed

ଅଭିଜ୍ଞତାକୁ ଲକ୍ଷ୍ୟ କରି ଉପରେ ଏବଂ ପ୍ରକୃତିର ପଛରେ ଯାହା ଅନ୍ତର୍ନିହିତ ରହିଛି ତାହାକୁ ଜାଣିବାକୁ ଇଚ୍ଛା କରେ ନାହିଁ, ସେତେବେଳେ ତାହାର ଫଳରେ ହିଁ ଆମେ କେବଳ ଉପର ପରମ୍ପରାକୁ ଦେଖି ହିଁ ବସ୍ତୁର ବିଚାର କରିଥାଉ । ଏହିପରି ଭାବରେ ଅଗ୍ରସର ହୋଇ ଜଣେ ହୁଏତ ଏପରି ଏକ ସିଦ୍ଧାନ୍ତରେ ଯାଇ ପହଞ୍ଚିପାରିବ ଯେ ବିଦ୍ୟୁତ୍‌ଶକ୍ତି କେବଳ ଜଳ ଓ ମେଘର ଏକ କ୍ରିୟା ବା ପରିଣାମ ମାତ୍ର, କାରଣ ଠିକ୍ ଏହିପରି ଏକ କ୍ଷେତ୍ରରେ ହିଁ ବିଦ୍ୟୁତ୍‌ର ଆବିର୍ଭାବ ହେଉଛି । ମାତ୍ର ଟିକିଏ ଅଧିକ ଗଭୀର ଅନୁସନ୍ଧାନ ଦ୍ୱାରା ଆମେ ଜାଣିବାକୁ ସମର୍ଥ ହୋଇଛୁ ଯେ ବିଦ୍ୟୁତ୍‌ଶକ୍ତି ହିଁ ଓଲଟି ମେଘ ଓ ଜଳର ଭିତ୍ତି ହୋଇ ରହିଛି, ବିଦ୍ୟୁତ୍‌ଶକ୍ତି ହିଁ ସେମାନଙ୍କର ଉପାଦାନଗତ ଶକ୍ତି ବା ବସ୍ତୁଗତ ସାମର୍ଥ୍ୟ । ଅର୍ଥାତ୍ ଯାହା ଆମ ଆଖିକୁ ଏକ ପରିଣାମ ବୋଲି ବୋଧ ହେଉଛି, ତାହା ବାହ୍ୟରୂପରେ ଯେତେ ବିପରୀତ ଭାବରେ ଦେଖା ଯାଉଥାଉ ପଛକେ, ବାସ୍ତବତଃ ତାହା ହିଁ ମୂଳ; ଆପାତ ଦୃଷ୍ଟିରୁ ଯାହା କାରଣ ବୋଲି ମନେହେଉଛି ପରିଣାମଟି ମର୍ମତଃ ତାହାର ପୂର୍ବରୁ ହିଁ ଅବସ୍ଥିତ ରହିଥିଲା, ବର୍ତ୍ତମାନ ଉନ୍ମେଷଲାଭ କରୁଥିବା କ୍ରିୟାଟି ତା' କ୍ରିୟାର ବର୍ତ୍ତମାନ କ୍ଷେତ୍ରଟି ତୁଳନାରେ ପୂର୍ବରୁ ବିଦ୍ୟମାନ ଥିଲା । ବିବର୍ତ୍ତନଶୀଳ ପ୍ରକୃତିରେ ସବୁକଥା ଠିକ୍ ଏହି ଭାବରେ ହିଁ ଚାଲୁଛି । ଯଦି ପ୍ରାଣର ତତ୍ତ୍ୱଟି ଜଡ଼ର ଉପାଦାନରୂପେ ଆଗରୁ ତାହାର ଭିତରେ ବର୍ତ୍ତମାନ ନଥା'ନ୍ତା ଓ ତା' ଭିତରୁ ଜଡ଼ସ୍ଥ ପ୍ରାଣର ଏକ ଉପାଦାନରୂପେ ଉନ୍ମେଷଲାଭ କରୁ ନଥା'ନ୍ତା, ତେବେ ଜଡ଼ ମଧ୍ୟରେ ପ୍ରାଣର କଦାପି ଆବିର୍ଭାବ ହୋଇ ନଥା'ନ୍ତା । ପ୍ରାଣ ଓ ଜଡ଼ର ପଛରେ ଯଦି ମନର ତତ୍ତ୍ୱଟି ଅବସ୍ଥିତ ରହି ନଥା'ନ୍ତା ସେଗୁଡ଼ିକୁ ଆପଣା କ୍ରିୟାର କ୍ଷେତ୍ରରୂପେ ଗ୍ରହଣ କରିନେଇ ଏକ ମନନସମର୍ଥ ପ୍ରାଣ ଓ ମନର ପ୍ରତୀକସ୍ୱରୂପ ମଧ୍ୟରେ ଯଦି ଫୁଟି ଉଠି ନପାରନ୍ତା, ତେବେ ଜଡ଼ସ୍ଥ ପ୍ରାଣ କଦାପି ଅନୁଭବ ଓ ବୋଧର ଶକ୍ତି ଅର୍ଜନ କରିବାକୁ, ଚିନ୍ତା ଓ ବୁଦ୍ଧିକୁ କାମରେ ଲଗାଇବାକୁ ଆରମ୍ଭ କରି ନଥା'ନ୍ତା । ସେହିପରି, ମନର ଭୂମି ଉପରେ ଆଜି ଯେଉଁ ଆଧ୍ୟାତ୍ମିକତାର ଆବିର୍ଭାବ ହେବାକୁ ଯାଉଛି, ତାହା ଆମକୁ ଏଭଳି ଏକ ଶକ୍ତିର ସଙ୍କେତ ଦେଇଯାଉଛି ଯାହାକି ସ୍ୱୟଂ ପ୍ରାଣ, ମନ ତଥା ଦେହର ମୂଳ ଉପାଦାନରୂପେ ଅବସ୍ଥିତ ରହିଛି ଓ ସେଗୁଡ଼ିକୁ ପ୍ରତିଷ୍ଠିତ କରି ରଖିଛି, ଏବଂ ବର୍ତ୍ତମାନ ଏକ ସଜୀବ ତଥା ମନନକ୍ଷମ ଶରୀର ମଧ୍ୟରେ ଏକ ଆଧ୍ୟାତ୍ମିକ ସତ୍ତ୍ୱରୂପେ ଆବିର୍ଭୂତ ହେବାକୁ ଯାଉଛି । ଏହି ଆବିର୍ଭାବର କର୍ମଟି କେତେଦୂର ଯାଏ ବିକଶିତ, ଆପଣାର ସାଧନଟି ଉପରେ ଯଥେଷ୍ଟ ପ୍ରଭାବ ବିସ୍ତାର କରି ଏହା ତାହାକୁ ରୂପାନ୍ତରିତ କରିଦେବ କି ନାହିଁ, ସେଇଟି ହେଉଛି ଏକ ପରବର୍ତ୍ତୀ ପ୍ରଶ୍ନ । ମାତ୍ର ଚିନ୍ମୟ ତତ୍ତ୍ୱଟି ଯେ ମନଠାରୁ ସମ୍ପୂର୍ଣ୍ଣ ଭିନ୍ନ ଓ ବୃହତ୍ତର ଏକ ତତ୍ତ୍ୱରୂପେ ଅବସ୍ଥିତ ରହିଛି, ଆଧ୍ୟାତ୍ମିକତା ଯେ ମନୋମୟତାଠାରୁ ସମ୍ପୂର୍ଣ୍ଣ ଭିନ୍ନ ଏକ ତତ୍ତ୍ୱରୂପେ ଅବସ୍ଥିତ ରହିଛି

'oaob.nitrkl.ac.in' images reprocessed

ଓ ତେଣୁ ଆଧ୍ୟାତ୍ମିକ ସତ୍ତା ମଧ୍ୟ ମନୋମୟ ସତ୍ତାଠାରୁ ସମ୍ପୂର୍ଣ୍ଣ ଭିନ୍ନ ହୋଇ ରହିଛି, ପ୍ରଥମେ ଏହି କଥାଟିକୁ ସତ୍ୟ ବୋଲି ସ୍ୱୀକାର କରିନେବା ଦରକାର । ବିବର୍ତ୍ତନର କ୍ଷେତ୍ରରେ ଚିତ୍‌ସତ୍ତାର ଆବିର୍ଭାବ ସବାଶେଷରେ ହୁଏ, କାରଣ ସଂବୃତ୍ତିର କ୍ରମରେ ତାହାହିଁ ଆଦି ଉପାଦାନ ବା ସର୍ବପ୍ରଥମ ତତ୍ତ୍ୱ ହୋଇ ରହିଥିଲା । ବିବର୍ତ୍ତନ ହେଉଛି ସଂବୃତ୍ତିର ଏକ ବିପରୀତମୁଖୀ କ୍ରିୟା; ସଂବୃତ୍ତିର ସର୍ବଶେଷ ପର୍ଯ୍ୟାୟରେ ଯାହା ନିଷ୍ପନ୍ନ ହୁଏ, ବିବର୍ତ୍ତନରେ ସର୍ବପ୍ରଥମେ ତାହାରହିଁ ଆବିର୍ଭାବ ହୁଏ, ସଂବୃତ୍ତିରେ ଯାହା ସବାମୂଳରେ ବା ସର୍ବପ୍ରଥମେ ରହିଥିଲା, ବିବର୍ତ୍ତନର ପର୍ଯ୍ୟାୟରେ ସେଇଟି ସବାଶେଷରେ ଓ ସର୍ବୋଚ୍ଚ ତତ୍ତ୍ୱରୂପେ ଆବିର୍ଭୂତ ହୁଏ ।

ପୁଣି, ଏକଥା ମଧ୍ୟ ସତ ଯେ ମନୁଷ୍ୟର ମନ ପକ୍ଷରେ ତା’ ମଧ୍ୟରେ ଅବସ୍ଥିତ ଆତ୍ମା, ଆତ୍ମସତ୍ତା ଅଥବା କୌଣସି ଆଧ୍ୟାତ୍ମିକ ଉପାଦାନଟିକୁ ତାହାର ଆବିର୍ଭବଗତ ଆଧାର ସେହି ମାନସିକ ତଥା ପ୍ରାଣଗତ ରୂପାୟନଗୁଡ଼ିକରୁ ସମ୍ପୂର୍ଣ୍ଣ ପୃଥକ୍ କରି ଚିହ୍ନି ରଖିବା ସର୍ବଦା ବଡ଼ କଷ୍ଟକର । ମାତ୍ର ଆବିର୍ଭାବଟି ସମ୍ପୂର୍ଣ୍ଣ ହୋଇ ନଥିବା ପର୍ଯ୍ୟନ୍ତହିଁ ତାହା କଷ୍ଟକର ହୋଇ ରହିଥାଏ । ଇତରପ୍ରାଣୀର ସ୍ତରରେ ମନକୁ ମଧ୍ୟ ତା’ର ପ୍ରାଣଗତ ଭୂମି ଓ ପ୍ରାଣଗତ ଜଡ଼ଠାରୁ ଭିନ୍ନ କରି ବାରି ହୁଏ ନାହିଁ । ମନର ଗତିସ୍ପନ୍ଦନଗୁଡ଼ିକ ପ୍ରାଣଗତ ଗତିସ୍ପନ୍ଦନରେ ଏପରି ଭାବରେ ସଂଶ୍ଲିଷ୍ଟ ହୋଇ ରହିଥାଏ ଯେ ଏହା ଆପଣାକୁ ସେଗୁଡ଼ିକଠାରୁ ଆଦୌ ଅଲଗା କରି ନେଇପାରେ ନାହିଁ, ସେଗୁଡ଼ିକଠାରୁ ଦୂରରେ ଠିଆ ହୋଇ ସେଗୁଡ଼ିକୁ ଅବଲୋକନ କରିପାରେ ନାହିଁ । ମାତ୍ର ମନୁଷ୍ୟର ସ୍ତରରେ ମନ ଅଲଗା ହୋଇ ରହିପାରେ, ଆପଣାର ମନୋଗତ କ୍ରିୟାଗୁଡ଼ିକୁ ମନୁଷ୍ୟ ତା’ର ପ୍ରାଣଗତ କ୍ରିୟାଗୁଡ଼ିକରୁ ପୃଥକ୍ କରି ଚିହ୍ନି ପାରେ, ତା’ର ଭାବନା ଓ ଇଚ୍ଛା ଇଚ୍ଛାକଲେ ତା’ର ଇନ୍ଦ୍ରିୟବୋଧ ଓ ଆବେଗଗୁଡ଼ିକ ମଧ୍ୟରୁ ଆପଣାକୁ ଅଲଗା କରି ରଖିପାରନ୍ତି, ଆପଣାର ବାସନା ଓ ସଂବେଗଗତ ପ୍ରତିକ୍ରିୟାଗୁଡ଼ିକଠାରୁ ଆପଣାକୁ ପୃଥକ୍ କରିନେଇ ପାରନ୍ତି, ସେହିଭଳି ପୃଥକ୍ ରହି ସେଗୁଡ଼ିକ ଉପରେ ଦୃଷ୍ଟିପାତ କରିପାରନ୍ତି ବା ସେଗୁଡ଼ିକର ନିୟନ୍ତ୍ରଣ କରିପାରନ୍ତି, ସେଗୁଡ଼ିକର କ୍ରିୟାଲାଗି ଆପଣାର ସମର୍ଥନ ଜଣାଇ ପାରନ୍ତି କିମ୍ବା ସେଗୁଡ଼ିକୁ ପ୍ରତ୍ୟାଖ୍ୟାନ ବି କରିପାରନ୍ତି । ମାତ୍ର ତଥାପି ଆପଣାକୁ ସମ୍ପୂର୍ଣ୍ଣ ମୀମାଂସକ ଓ ନିଶ୍ଚିତ ଭାବରେ ପ୍ରାଣ ଓ ଦେହ ଭିତରେ ଘର କରି ରହିଥିବା ଏକ ମନୋମୟ ସତ୍ତା ବୋଲି ଜାଣିବାଲାଗି ଆପଣାର ପ୍ରଚ୍ଛନ୍ନ ସତ୍ତାଟି ସହିତ ଯେତିକି ପରିଚୟ ହୋଇପାରିବା ଉଚିତ, ମନୁଷ୍ୟ ଏପର୍ଯ୍ୟନ୍ତ ସେତେଦୂର ପରିଚୟ ଲାଭ କରି ନାହିଁ; ମାତ୍ର ଏହିପରି ଏକ ସଂସ୍କାରଗତ ଆବେଗ ତା’ଭିତରେ ଅବଶ୍ୟ ରହିଛି ଓ ଅନ୍ତର୍ଗତ ଭାବରେ ଆପଣାକୁ ସେହି ଅବସ୍ଥାଟିରେ ସ୍ଥାପିତ କରି ପାରିବାର ସାମର୍ଥ୍ୟ ମଧ୍ୟ ତାହାର

'oaob.nitrkl.ac.in' images reprocessed

ଅଛୁ । ସେହିପରି ମନୁଷ୍ୟର ଆତ୍ମା ମଧ୍ୟ ପ୍ରଥମ ଅବସ୍ଥାରେ ତାକୁ ତା'ର ମନ ଓ ମନୋଗତ ପ୍ରାଣଠାରୁ ଏକାବେଳକେ ପୃଥକ୍ ବୋଲି ଆଦୌ ବୋଧ ହୁଏ ନାହିଁ, ଆତ୍ମାର ଗତିସ୍ପନ୍ଦନଗୁଡ଼ିକ ମନୋଗତ ଗତିସ୍ପନ୍ଦନ ମଧ୍ୟରେ ସଂଶ୍ଳିଷ୍ଟ ହୋଇ ରହିଥାଏ, ତାହାର କ୍ରିୟାଗୁଡ଼ିକ ସଚେତନ ମନ ଓ ସଂବେଦନର କ୍ରିୟାପରି ବୋଧ ହେଉଥାଏ । ତା'ର ଆପଣା ଭିତରେ ତା'ର ମନ, ପ୍ରାଣ ତଥା ଦେହର ଅନ୍ତରାଳରେ ଏକ ଆତ୍ମା ଯେ ତଟସ୍ଥ ଭାବରେ ବର୍ତ୍ତମାନ ରହିଛି, ସେଗୁଡ଼ିକର ରୂପାୟନ ଓ କ୍ରିୟାକୁ ଅବଲୋକନ ଓ ନିୟନ୍ତ୍ରଣ କରୁଛି ଏବଂ ସେଗୁଡ଼ିକର ଆକାର ଓ ପ୍ରକୃତିକୁ ମଧ୍ୟ ଆବଶ୍ୟକ ଭାବରେ ବଦଳାଇ ଦେଇ ପାରୁଛି, ମନୋଗତ ମନୁଷ୍ୟସତ୍ତା ସେକଥାଟି ଆଦୌ ଜାଣି ପାରୁ ନାହିଁ । ମାତ୍ର ଅନ୍ତର୍ଗତ ବିବର୍ତ୍ତନ ଅଗ୍ରସର ହେଉଥିବା ସଙ୍ଗେ ସଙ୍ଗେ ମନୁଷ୍ୟ ତାହା ଜାଣିବାକୁ ସମର୍ଥ ହେଉଛି, ସେହି ଜ୍ଞାନଟିକୁ ଅବଶ୍ୟ ହାସଲ କରୁଛି ଓ ତାହାକୁ ପ୍ରକୃତରେ ଜାଣୁଛି । ଯେତେ ବିଳମ୍ବରେ ହେଲେ ମଧ୍ୟ ଆମ ବିବର୍ତ୍ତନକ୍ରମର ନିଶ୍ଚିତରୂପେ ଏହାହିଁ ଅମର ଅବଶ୍ୟମ୍ଭାବୀ ପରବର୍ତ୍ତୀ ସୋପାନଟି-ରୂପେ ନିରୂପିତ ହୋଇ ରହିଛି । ଏପରି ଏକ ଚୂଡ଼ାନ୍ତ ବା ମୀମାଂସକ ଆବିର୍ଭାବ ଅବଶ୍ୟ ଘଟିପାରେ ଯେତେବେଳେ କି ସତ୍ତା ଆପଣାକୁ ଆପଣାର ଭାବନାଜାଲ ଭିତରୁ ଅଲଗା କରି ରଖି ଏକ ଅନ୍ତର୍ଗତ ନୈଶବ୍ଦ୍ୟ ମଧ୍ୟରେ ଆପଣାକୁ ମନୋଭୂମିରେ ଅବସ୍ଥିତ ଚିତ୍ସତ୍ତାରୂପେ ଦେଖିବାକୁ ସମର୍ଥ ହୋଇପାରେ, କିମ୍ବା ଆପଣାକୁ ପ୍ରାଣଗତ ଯାବତୀୟ ଗତିସ୍ପନ୍ଦନ, ବାସନା, ଇନ୍ଦ୍ରିୟବୋଧ ଓ ଉଚ୍ଚାଟ ଆବେଗଗୁଡ଼ିକରୁ ଅଲଗା କରିନେଇ ଆପଣାକୁ ପ୍ରାଣର ଅନ୍ତସ୍ଥ ହୋଇ ରହିଥିବା ଚିନ୍ମୟତା ବୋଲି ଜାଣିପାରେ; ଅଥବା ଆପଣାକୁ ଦେହବୋଧରୁ ବିଚ୍ଛିନ୍ନ କରି ରଖି ଜଡ଼ର ଅନ୍ତସତ୍ତା-ରୂପେ ଅବସ୍ଥିତ ଚିନ୍ମୟ ସତ୍ତା ବୋଲି ଅନୁଭବ କରେ । ଏହାହିଁ ହେଉଛି ଭିତର ପୁରୁଷସ୍ୱରୂପର ଆବିଷ୍କାର କରିବା, ଶରୀରର ଅନ୍ତସ୍ଥ ହୋଇ ରହିଥିବା ଏକ ମନୋମୟ ପୁରୁଷ, ଏକ ପ୍ରାଣଗତ ଆତ୍ମା ଅର୍ଥାତ୍ ଏକ ସୂକ୍ଷ୍ମ ଚିତ୍ସତ୍ତାରୂପେ ଆବିଷ୍କାର କରିବା । ଏହି ସାମର୍ଥ୍ୟଟି ଲାଭ କରିବା ଠାରୁହିଁ ଅନେକେ ଆପଣାର ଯଥାର୍ଥ ଆତ୍ମସ୍ୱରୂପଟିର ପରିଚୟ ଲାଭ କରିବା ବୋଲି ବିଚାର କରନ୍ତି ଏବଂ ଏକ ସୀମାବଦ୍ଧ ଅର୍ଥରେ ଏହି ବିଚାରଟିକୁ ଠିକ୍ ବୋଲି କୁହାଯାଇ ପାରିବ । କାରଣ ପ୍ରକୃତିକ୍ରିୟା ସହିତ ଆପଣାର ସମ୍ବନ୍ଧକ୍ଷେତ୍ରରେ ଚିତ୍ସତ୍ତା ଆପଣାକୁ ଏହିଭଳିହିଁ ପ୍ରତିଷ୍ଠିତ କରି ରଖେ ଏବଂ ତାହାର ଉପସ୍ଥିତିର ଏତିକି ଉନ୍ମୋଚନହିଁ ଆମ ଆଧ୍ୟାତ୍ମିକ ଉପାଦାନଟିକୁ ମୁକ୍ତ ଓ ପ୍ରକାଶିତ କରିଦେବା ସକାଶେ ଯଥେଷ୍ଟ ବୋଲି ସାବ୍ୟସ୍ତ ହୋଇଥାଏ । ମାତ୍ର ଆପଣାକୁ ଆବିଷ୍କାର କରିବାର ପଥରେ ଆମେ ଆହୁରି ଅଧିକ ମଧ୍ୟ ଯାଇ ପାରିବା, ଏହି ଆତ୍ମପରିଚୟ ଯାବତୀୟ ରୂପାୟନ ଓ ପ୍ରକୃତିଗତ କ୍ରିୟା ସହିତ ଆପଣାର ସକଳ ସମ୍ବନ୍ଧକୁ ମଧ୍ୟ ଆପଣାଠାରୁ ହଟାଇ ଦେଇପାରିବ । କାରଣ ଆମେ ଏକଥା ବେଶ୍



'oaob.nitrkl.ac.in' images reprocessed

ଦେଖିବାକୁ ସମର୍ଥ ହେଉ ଯେ ମନୋମୟ, ପ୍ରାଣମୟ ଓ ଅନ୍ନମୟ ପୁରୁଷ ହେଉଛନ୍ତି କେବଳ ଏକ ଦିବ୍ୟ ପରମସତ୍ତାରହିଁ ବିଭୂତି ଏବଂ ଆମର ମନ, ପ୍ରାଣ ଓ ଦେହ କେବଳ ତାହାର ଗୋଟିଏ ଗୋଟିଏ ସାଧନ ବା ରୂପାୟନ । ତେଣୁ ଆତ୍ମାରୂପେ କେବଳ ଆମେହିଁ ଏହି ପ୍ରକୃତି ଉପରେ ଦୃଷ୍ଟିପାତ କରୁଛୁ; ମାନସିକ ଅବଧାରଣା ଏବଂ ଅବଲୋକନ ଦ୍ୱାରା ନୁହେଁ, ମାତ୍ର ଏକ ଅନ୍ତର୍ଭୂତ ଚେତନା, ତାହାର ଅପରୋକ୍ଷ ବସ୍ତୁବୋଧ ଏବଂ ଅନ୍ତରଙ୍ଗ ଅଭ୍ରାନ୍ତ ଦୃଷ୍ଟିଦ୍ୱାରାହିଁ ଆମ ଭିତରେ ତାହାର ଯାବତୀୟ ଗତିଶୀଳତାକୁ ଜାଣିବାକୁ ପାଉଛୁ; ଏବଂ ତେଣୁ ଏହି ଚେତନାର ଆବିର୍ଭାବ ଫଳରେ ଆମେ ଆମ ପ୍ରକୃତିଟିକୁ ସମ୍ପୂର୍ଣ୍ଣ ନିୟନ୍ତ୍ରଣ କରିପାରୁଛୁ ଓ ତାହାକୁ ବଦଳାଇ ବି ଦେଇ ପାରୁଛୁ । ଯେତେବେଳେ ଆମର ସତ୍ତା ମଧ୍ୟରେ ଏକ ସମ୍ପୂର୍ଣ୍ଣ ନୈଶବ୍ଦ୍ୟ ଜାଗ୍ରତ ହୋଇ ଉଠେ, ହୁଏତ ସମ୍ପୂର୍ଣ୍ଣ ସତ୍ତାଟିର ଏକ ନୈଶବ୍ଦ୍ୟ ପ୍ରତିଷ୍ଠିତ ହୁଏ ଅଥବା ଉପରିସ୍ତରସ୍ଥ ସକଳ ଗତିସ୍ପନ୍ଦନ ଦ୍ୱାରା କୌଣସି ପ୍ରକାରେ ପ୍ରଭାବିତ ନହୋଇ ସେଗୁଡ଼ିକର ପଶ୍ଚାତରେ ଏକ ପରମ ନୀରବତା ସମାହିତ ହୋଇ ରହିଥାଏ, ସେତେବେଳେ ଆମେ ଏକ ଆତ୍ମା ଅର୍ଥାତ୍ ଆମ ସତ୍ତାର ଏକ ଆଧ୍ୟାତ୍ମିକ ଉପାଦାନ ସମ୍ବନ୍ଧରେ ସଚେତନ ହୋଇ ରହୁ; ସେହି ଆତ୍ମା ଆମର ଏହି ବ୍ୟକ୍ତି-ଆତ୍ମାର ସୀମା ଅତିକ୍ରମ କରି ଅବସ୍ଥିତ ରହିଥାଏ, ବିଶ୍ୱାତ୍ମକତା ମଧ୍ୟକୁ ବ୍ୟାପ୍ତ ହୋଇ ରହିଥାଏ, କୌଣସି ପ୍ରକାର ପ୍ରାକୃତ ରୂପାୟନ ଓ କ୍ରିୟା ଉପରେ ନିର୍ଭର କରି ରହିବାର ସକଳ ସୀମାକୁ ପାର ହୋଇ ଯାଇଥାଏ, ଆପଣାକୁ ଊର୍ଦ୍ଧ୍ୱସ୍ଥ ଏକ ବିଶ୍ୱାତୀତତା ମଧ୍ୟକୁ ଏପରି ପ୍ରସାରିତ କରି ରଖିଥାଏ ଯେ ଆମର ଦୃଷ୍ଟି ତାହାର କୌଣସି ଇୟତ୍ତା ପାଇ ପାରେ ନାହିଁ । ଆମ ଭିତରେ ଅବସ୍ଥିତ ଏହି ଆଧ୍ୟାତ୍ମିକ ଅଂଶଟିର ମୁକ୍ତିଲାଭକୁହିଁ ପ୍ରକୃତିକ୍ଷେତ୍ରରେ ସେହି ଆଧ୍ୟାତ୍ମିକ ବିବର୍ତ୍ତନଟିର ମୀମାଂସକ ପଦକ୍ଷେପ ବୋଲି ବୁଝାଯିବ ।

ଏହିସବୁ ମୀମାଂସକ କ୍ରିୟାତ୍ମକତାର ମଧ୍ୟଦେଇହିଁ ବିବର୍ତ୍ତନର ଯଥାର୍ଥ ପ୍ରକୃତିଟି ସ୍ପଷ୍ଟରୂପେ ପ୍ରତିଭାତ ହୋଇଥାଏ । କାରଣ ସେତେବେଳଯାଏ କେବଳ ପ୍ରସ୍ତୁତିର କ୍ରିୟା ଚାଲିଥାଏ, ଆତ୍ମାର ଏକ ଯଥାର୍ଥ କ୍ରିୟାକୁ ବିକଶିତ କରିଦେବା ସକାଶେ ମନ, ପ୍ରାଣ ଓ ଶରୀର ଉପରେ ଚୈତ୍ୟସତ୍ତାର ଚାପ ପଡ଼ିବାରେ ଲାଗିଥାଏ; ଅହଂର ପାଶରୁ ମୁକ୍ତ ହେବାପାଇଁ, ଉପରିସ୍ତରସ୍ଥ ଅବିଦ୍ୟାଟିରୁ ମୁକ୍ତ ହେବାପାଇଁ, ପ୍ରଚ୍ଛନ୍ନରୂପେ ଅବସ୍ଥିତ ଏକ ପରମସତ୍ୟ ଆଡ଼କୁ ମନ ଓ ପ୍ରାଣର ଦିକ୍‌ପରିବର୍ତ୍ତନ କରି ଦେବାପାଇଁ ଚିନ୍ମୟ ପୁରୁଷ ବା ଚିତ୍‌ସତ୍ତାର ଚାପ ମଧ୍ୟ ପଡ଼ୁଥାଏ । ଏହିଭଳି କେତେକେତେ ପ୍ରାଥମିକ ଅନୁଭୂତି ଉପଲବ୍ଧ ହୁଏ, ଏକ ଅଧ୍ୟାତ୍ମଭାବାପନ୍ନ ମନ ଓ ଅଧ୍ୟାତ୍ମଭାବାପନ୍ନ ପ୍ରାଣର ଆଂଶିକ ରୂପାୟନ ମଧ୍ୟ ଘଟେ; ମାତ୍ର ତଥାପି ପୂର୍ଣ୍ଣ ପରିବର୍ତ୍ତନ ହୋଇ ନଥାଏ, ଆତ୍ମା ବା ଆତ୍ମସତ୍ତାର ପରିପୂର୍ଣ୍ଣ ଅନାବରଣ କିମ୍ବା ପ୍ରକୃତିର କୌଣସି

'oaob.nitrkl.ac.in' images reprocessed

ମୌଳିକ ରୂପାନ୍ତରର ସମ୍ଭାବନା ଉପସ୍ଥିତ ହୋଇ ନଥାଏ । ମାତ୍ର ଯେତେବେଳେ ସେହି ମୀମାଂସାର ଆବିର୍ଭାବଟିର ସମୟ ଆସେ, ସେତେବେଳେ ତାହାର ଗୋଟିଏ ସଙ୍କେତରୂପେ ଆମ ଭିତରେ ଏକ ଅନ୍ତର୍ନିହିତ, ପ୍ରକୃତପକ୍ଷେ ତଥା ଆପେ ବର୍ତ୍ତମାନ ଚେତନାର ସ୍ଥିତି ବା କ୍ରିୟା ଅନୁଭୂତ ହୁଏ, ଯାହାକି କେବଳ ଏକ ସତ୍ତାରୂପେ ଅବସ୍ଥିତ ରହିବାରୁହିଁ ଆପଣାକୁ ଜାଣିବାଲାଗି ସମର୍ଥ ହୁଏ, ଠିକ୍ ସେହି ସ୍ୱତରେ ଆପଣା ମଧ୍ୟରେ ରହିଥିବା ସବୁକିଛିକୁ ଜାଣିପାରେ, ସେଗୁଡ଼ିକ ସହିତ ତାଦାତ୍ମ୍ୟ ଅର୍ଜନ କରି ସେଗୁଡ଼ିକୁ ଜାଣେ ଏବଂ ସେହି ଉପାୟରେ ଆମର ମନର ଆଖିକୁ କେବଳ ବହିର୍ମୁଖିଗତ ବୋଲି ଦେଖା ଯାଉଥିବା ସବୁକଥାକୁ ମଧ୍ୟ ଦେଖିବାକୁ ସମର୍ଥ ହୁଏ, ତାହା ତାଦାତ୍ମ୍ୟର ଏକ କ୍ରିୟାଶୀଳତା ଦ୍ୱାରା ବା ଏକ ଅନ୍ତର୍ଭୁକ୍ତ ଅପରୋକ୍ଷ ଚେତନାଦ୍ୱାରା ସେଗୁଡ଼ିକୁ ଦେଖେ, ଯେଉଁ ଚେତନା କି ଆପଣାର ଜ୍ଞେୟବସ୍ତୁକୁ ଆପଣା ଭିତରେ ସମାବୃତ କରି ରଖେ, ତାହାର ଉପରିସ୍ତରଗୁଡ଼ିକୁ ଭେଦକରି ତାହାର ଅନ୍ତଃପ୍ରବେଶ କରେ, ଆପଣାକୁ ସେହି ବସ୍ତୁଟି ମଧ୍ୟରେ ଅବସ୍ଥାନ କରେ ଏବଂ ଆପଣା ଭିତରେ ମନ, ପ୍ରାଣ ବା ଦେହଠାରୁ ସମ୍ପୂର୍ଣ୍ଣ ଭିନ୍ନଧର୍ମୀ ଏକ ଅନ୍ୟ ସତ୍ତାକୁ ସତତ ଅନୁଭବ କରୁଥାଏ । ତେଣୁ ମନୋମୟ ଚେତନାଠାରୁ ସମ୍ପୂର୍ଣ୍ଣ ଭିନ୍ନ ଏକ ଅଧ୍ୟାତ୍ମଚେତନା ସ୍ପଷ୍ଟତଃ ଅବସ୍ଥିତ ରହିଛି ଏବଂ ସେଥିରୁ ପ୍ରମାଣ ମିଳୁଛି ଯେ ଆମର ଏହି ଉପରିସ୍ତରସ୍ଥ ମନୋମୟ ବ୍ୟକ୍ତିତ୍ୱଠାରୁ ସମ୍ପୂର୍ଣ୍ଣ ଭିନ୍ନ ଏକ ଅଧ୍ୟାତ୍ମସତ୍ତା ମଧ୍ୟ ଆମ ଭିତରେ ଅବସ୍ଥିତ ହୋଇ ରହିଛି । ମାତ୍ର ଏହି ଚେତନାଟି ହୁଏତ ପ୍ରଥମ ଅବସ୍ଥାରେ ଏପରି ଏକ ସ୍ଥିତି ମଧ୍ୟରେ ଆବଦ୍ଧ ହୋଇ ରହିଥାଏ, ଯାହାକି ଆମର ଏହି ଅବଦ୍ୟାଚ୍ଛନ୍ନ ଉପରିସ୍ତରୀୟ ପ୍ରକୃତିର କ୍ରିୟାରୁ ଆପଣାକୁ ଅଲଗା କରି ରଖିଥାଏ, ବାହାରୁ ଥାଇ ତାହା ଉପରେ ଦୃଷ୍ଟି ପକାଉଥାଏ, ଆପଣାକୁ କେବଳ ଜ୍ଞାନ ମଧ୍ୟରେହିଁ ଆବଦ୍ଧ ରଖିଥାଏ, ବସ୍ତୁଗୁଡ଼ିକୁ କେବଳ ଏକ ଆଧ୍ୟାତ୍ମିକ ବୋଧ ଓ ଦୃଷ୍ଟି ଦେଇ ଦେଖିବା ମଧ୍ୟରେ ଆବଦ୍ଧ ରଖିଥାଏ । ଆପଣାର କ୍ରିୟାଲାଗି ତାହା ହୁଏତ ତଥାପି ମନ, ପ୍ରାଣ ଓ ଦେହର ସାଧନଗୁଡ଼ିକ ଉପରେ ନିର୍ଭର କରି ରହିପାରେ, ଅଥବା ତାହା ସେଗୁଡ଼ିକୁ କେବଳ ସେମାନଙ୍କର ଆପଣା ପ୍ରକୃତ ଅନୁସାରେ କ୍ରିୟା କରିବାକୁ ଛାଡ଼ି ଦେଇପାରେ ଏବଂ ଆପେ କେବଳ ଆତ୍ମ-ଅନୁଭୂତ ଓ ଆତ୍ମଜ୍ଞାନ ମଧ୍ୟରେ ସନ୍ତୁଷ୍ଟ ହୋଇ ରହିପାରେ, ଏକ ଅନ୍ତର୍ଗତ ମୁକ୍ତସ୍ଥିତି ଓ ପରକ୍ଷେପରେ ଉପଲବ୍ଧ ହେଉଥିବା ଏକ ପରମ ସ୍ୱତନ୍ତ୍ର୍ୟକୁ ନେଇ ସନ୍ତୁଷ୍ଟ ରହିପାରେ । ମାତ୍ର ସେବନା, ପ୍ରାଣଭୂମିଗତ ସଞ୍ଚାର ଓ ଜଡ଼କ୍ରିୟା ଉପରେ ତାହା କେତେକ ପରିମାଣରେ କର୍ତ୍ତୃତ୍ୱ, ଶାସନ ଓ ପ୍ରଭାବ ମଧ୍ୟ ବିସ୍ତାର କରିପାରେ ଏବଂ ସାଧାରଣତଃ ତାହାହିଁ କରିଥାଏ; ଆପଣାର ନିୟାମକତା ଦ୍ୱାରା ସେଗୁଡ଼ିକୁ ପରିଶୁଦ୍ଧ ତଥା ଉଦ୍ବେଳିତ କରିନିଏ ଏବଂ ସେଗୁଡ଼ିକୁ ଏକ ଉଚ୍ଚତର ଓ ଶୁଦ୍ଧତର ସ୍ୱଭାବର

'oaob.nitrkl.ac.in' images reprocessed

ଭୂମିରେ ସଞ୍ଚାଳିତ ହେବାକୁ ବାଧ୍ୟ କରେ; ସେଗୁଡ଼ିକୁ ଏପରି ଏକ ଦିବ୍ୟ ଶକ୍ତିମନ୍ତ୍ର ବା ଜ୍ୟୋତିର୍ମୟ ଦିଗ୍‌ଦର୍ଶନର ଅନ୍ତର୍ପ୍ଲାବନର ଆଜ୍ଞାପାଳନକାରୀ ସାଧନ ହୋଇ ରହିବାକୁ ବାଧ୍ୟ କରେ ଯାହାକି ଏହି ମନୋଭୂମିର ଅନ୍ତର୍ଗତ ହୋଇ ରହି ନଥାଏ, ଯାହା ଆଧ୍ୟାତ୍ମିକ ଏବଂ କୌଣସି ଏକ ଦିବ୍ୟ ଲକ୍ଷଣକୁ ବହନ କରି ରହିଥାଏ ବୋଲି ସ୍ପଷ୍ଟ ଜାଣିହୁଏ । ସେହି ଶକ୍ତି ଓ ଦିଗ୍‌ଦର୍ଶନା ଏକ ବୃହତ୍ତର ଏବଂ ମହତ୍ତର ଆତ୍ମାର ଅନୁପ୍ରେରଣା ବା ସତ୍ତ୍ୱମାନଙ୍କେ ସବୁକିଛିର ଅଧିଷ୍ଠାତା ସେହି ଈଶ୍ୱରଙ୍କର ଆଦେଶ-ରୂପେହିଁ ଆମ ପାଖକୁ ଆସୁଥାଏ । କିମ୍ବା ପ୍ରକୃତି ହୁଏତ ଚୈତ୍ୟ ଆତ୍ମାର ଇଙ୍ଗିତ-ଗୁଡ଼ିକୁ ମାନି ଏକ ଅନ୍ତର୍ଗତ ଆଲୋକରେ ବିଚରଣ କରିପାରେ ବା ଏକ ଅନ୍ତର୍ଗତ ଦିଗ୍‌ଦର୍ଶନଦ୍ୱାରା ମଧ୍ୟ ପରିଚାଳିତ ହୋଇପାରେ । ଏହି ସ୍ତରଟିକୁ ଆସିପାରିଲେ ବୁଝିବାକୁ ହେବ ଯେ ବିବର୍ତ୍ତନର କ୍ରମରେ ଆମେ ବେଶ୍ ଅନେକ ଦୂର ଅଗ୍ରସର ହୋଇପାରିଛୁ ଏବଂ ଏହି ସ୍ତରରେ ଏକ ଚୈତ୍ୟ ତଥା ଆଧ୍ୟାତ୍ମିକ ରୂପାନ୍ତର ଅନ୍ତତଃ ଆରମ୍ଭ ହୋଇ ଯାଇଛି । ମାତ୍ର ଏତିକିରୁ ଆହୁରି ଆଗକୁ ଯାଇପାରିବା ଲାଗି ମଧ୍ୟ ସମ୍ଭାବନା ସବୁବେଳେ ରହିଛି; କାରଣ ଅନ୍ତରର ଭୂମିରେ ଥରେ ମୁକ୍ତିଲାଭ କରିବାପରେ ଆଧ୍ୟାତ୍ମିକ ସତ୍ତ୍ୱା ମନର କ୍ଷେତ୍ରରେ ମଧ୍ୟ ଆପଣାର ସ୍ୱାଭାବିକ ପରିବେଶ-ରୂପେ ସତ୍ତ୍ୱାର ସେହି ଉଚ୍ଚତର ସ୍ଥିତିଗୁଡ଼ିକର ବିକାଶ କରିଦେଇ ପାରିବ ଏବଂ ପରମ ଋତଚିତ୍‌ର ଅନୁରୂପ ଏକ ଅତିମାନସ ଶକ୍ତି ଓ କ୍ରିୟାକୁ ଅବତୀର୍ଣ୍ଣ କରାଇ ଆଣିପାରିବ । ସେତେବେଳେ ଆମର ଏହି ନୈମିତ୍ତିକ ଓ ସାଧାରଣ ସ୍ତରର ମନୋଗତ ସାଧନ, ପ୍ରାଣଗତ ସାଧନ ଓ ଏପରିକି ଦେହଗତ ସାଧନଟି ମଧ୍ୟ ସମ୍ପୂର୍ଣ୍ଣଭାବରେ ରୂପାନ୍ତରିତ ହୋଇଯିବ; ସେତେବେଳେ ବାହାରକୁ ଯେତେ ଆଲୋକୋଜ୍ଜ୍ୱଳ ହୋଇ ଦେଖାଯାଉଥାଉ ପଛେ ସେହି ଅବିଦ୍ୟାର ଅଂଶ ହୋଇ ସେଗୁଡ଼ିକ ଆଉ ରହିବ ନାହିଁ, ତାହା ଏକ ଅତିମାନସ ସୃଜନର ଅଙ୍ଗ ହୋଇ ରହିବ ଏବଂ ଏକ ଆଧ୍ୟାତ୍ମିକ ଋତଚିତ୍ ଓ ପରମଜ୍ଞାନର ପ୍ରକୃତ କ୍ରିୟାରେ ପର୍ଯ୍ୟବସିତ ହେବ ।

ତନ୍ମୟତା ଓ ତନ୍ମୟଭାବାପନ୍ନତାର ଏହି ସତ୍ୟଟି ପ୍ରଥମ ଅବସ୍ଥାରେ ଆମର ମନ ସମକ୍ଷରେ ସ୍ୱତଃସିଦ୍ଧ ବୋଲି ଆଦୌ ପ୍ରତିଭାତ ହୁଏ ନାହିଁ । ଆପଣା ମନର ବିଚରଣକ୍ଷେତ୍ରରେ ମନୁଷ୍ୟ ଆପଣାର ଆତ୍ମାକୁ ଅନୁଭବ କରେ ସତ, ମାତ୍ର ତା'ର ଦେହଠାରୁ ଭିନ୍ନ ଆଉକିଛି ପଦାର୍ଥରୂପେ ଅନୁଭବ କରେ, ତା'ର ସାଧାରଣ ଜୀବନସ୍ତରର ମନ ଓ ପ୍ରାଣଠାରୁ ଏକ ଊର୍ଦ୍ଧ୍ୱତର ସୋପାନରେ ରହିଥିବା କୌଣସି ପଦାର୍ଥ ବୋଲି ଜାଣେ । ମାତ୍ର ସେଇଟି ବିଷୟରେ ତାହାର କୌଣସି ସୁସ୍ପଷ୍ଟ ବୋଧ ନଥାଏ; ତା' ପ୍ରକୃତି ଉପରେ ସେଇଟିର ଯେଉଁସବୁ ପ୍ରଭାବ ପଡ଼ୁଥାଏ, କେବଳ ତାହାରି ବିଷୟରେ ଏକ ଅନୁଭୂତି ରହିଥାଏ । ଏହିସବୁ ପ୍ରଭାବ ଏକ ମନୋଗତ ଓ

'oaob.nitrkl.ac.in' images reprocessed

ପ୍ରାଣଗତ ରୂପ ଧାରଣ କରିବା ସଙ୍ଗେ ସଙ୍ଗେ ତା'ପରେ ହୃଦୟ ମଧ୍ୟରେ ଅନୁଭୂତ ପାର୍ଥକ୍ୟଟି ସେପରି ଦୃଢ଼ଚିହ୍ନିତ ହୋଇ ରହେ ନାହିଁ, ଆତ୍ମାର ବୋଧ ସେତେବେଳେ ଆଉ ସମ୍ପୂର୍ଣ୍ଣ ଓ ସୁଚିହ୍ନିତ ସ୍ୱତନ୍ତ୍ର ବୋଧ ହୋଇ ରହେ ନାହିଁ। ବସ୍ତୁତଃ ଅନେକ ସମୟରେ ଆମର ମାନସିକ ଓ ପ୍ରାଣଗତ ଅଂଶଗୁଡ଼ିକ ଉପରେ ଆସି ପଡ଼ୁଥିବା ଚୈତ୍ୟ ସ୍ପର୍ଶର ଅର୍ଦ୍ଧପରିଣାମଗୁଡ଼ିକୁ ଅର୍ଥାତ୍ ମାନସିକ ଆକାଙ୍କ୍ଷା ତଥା ପ୍ରାଣଗତ ବାସନାଦ୍ୱାରା ମିଶ୍ରିତ ଏକ ରୂପାୟନକୁ ଆମେ ଭୁଲ କରି ଆତ୍ମା ବୋଲି ଧରି ନେଇଥାଉ; ଅନ୍ତଃସତ୍ତା ତାହାର ଯଥାର୍ଥ ସତ୍ତାଗତ ସ୍ୱାତନ୍ତ୍ର୍ୟ ଅନୁସାରେ ମର୍ମତଃ ହୃଦୟ ବହିର୍ଭୂତ ତଥା ବ୍ୟକ୍ତିସ୍ୱଭାବାପନ୍ନ ହୋଇଥିଲେ ମଧ୍ୟ ତଥାପି ଭେଦଧର୍ମୀ ଅହଂଟାକୁ ଆମେ ଯେପରି ଅନେକ ସମୟରେ ଅନ୍ତଃସତ୍ତା ବୋଲି ଭ୍ରମ କରିଥାଉ, ଠିକ୍ ସେହିପରି। ଅଥବା, ଯେପରି କୌଣସି ଏକ ପ୍ରକାରର ଉଚ୍ଚ ଆଦର୍ଶରେ ଦୃଢ଼ୀଭୂତ ବିଶ୍ୱାସ, ଆତ୍ମୋତ୍ସର୍ଗ କିମ୍ବା ପରାର୍ଥପର ଅନ୍ତ୍ୟାଗ୍ରହ ଦ୍ୱାରା ଉଦ୍ଦୀପ୍ତ ହୋଇଥିବା ମାନସିକ ଆକାଙ୍କ୍ଷା, ପ୍ରାଣଗତ ଉତ୍ସାହ ଓ ଆବେଗର ଏକ ପରସ୍ପରମିଶ୍ରିତ ଭାବକୁ ଅନେକ ସମୟରେ ଆଧ୍ୟାତ୍ମିକତା ବା ଆଧ୍ୟାତ୍ମସ୍ୱଭାବାପନ୍ନତା ବୋଲି ବିଚାର କରା ହୋଇଥାଏ, ସେହିପରି। ମାତ୍ର ବିବର୍ତ୍ତନର ଏକ ଅସ୍ଥାୟୀ ଅବସ୍ଥାରୂପେ ଏସବୁ ଅସ୍ପଷ୍ଟତା ଓ ଗୋଳମିଶାକୁ ପରିହାର୍ଯ୍ୟ ଅସିଦ୍ଧ, କାରଣ ଅନ୍ତର୍ଦ୍ୱାହିଁ ଏହାର ଆଦ୍ୟ ଚରଣ ହୋଇଥିବାରୁ ଏବଂ ଆମର ପ୍ରାଥମିକ ପ୍ରକୃତିଟି କେବଳ ତାହାର ଗ୍ରହଣଟିକୁ ବହନ କରି ରହିଥିବାରୁ ସାଧନାଗତ ଅନୁଭୂତ ବା ସ୍ୱଚ୍ଛ ଜ୍ଞାନର ଅଭାବ ହେତୁ ଆମର ଏହି ବିବର୍ତ୍ତନଟି ଏକ ଅତି ଅପୂର୍ଣ୍ଣ ବୋଧଚେତନା, ଏକ ସହଜାତ ପ୍ରବୃତ୍ତିଧର୍ମୀ ଆବେଗ ଓ ଏଷଣା ଦ୍ୱାରାହିଁ ପରିଚାଳିତ ହେବାକୁ ବାଧ୍ୟ ହେବ। ଏପରିକି ଆଧ୍ୟାତ୍ମିକ ବିବର୍ତ୍ତନର ପ୍ରଥମ ସୂଚନା-ଗୁଡ଼ିକରେ, ଆଧ୍ୟାତ୍ମିକ ଅନୁଭବ ଓ ଆବେଗ ଫଳରେ ଯେଉଁସବୁ ରୂପାୟନ ଦୃଷ୍ଟିଗୋଚର ହୁଏ ଅଥବା ଯେଉଁଗୁଡ଼ିକ ମଧ୍ୟରେ ଆଧ୍ୟାତ୍ମିକ ବିବର୍ତ୍ତନର ପ୍ରଥମ ତତ୍ତ୍ୱଗୁଡ଼ିକ ଆସି ଦେଖାଦିଏ, ସେଗୁଡ଼ିକରେ ମଧ୍ୟ ଏହିଭଳି ଅପୂର୍ଣ୍ଣତା ଓ ଅସ୍ଥାୟିତା ଅବଶ୍ୟ ରହିବହିଁ ରହିବ। ମାତ୍ର ଏହିପରି ଭାବରେ ସୃଷ୍ଟ ହେଉଥିବା ଭୁଲଗୁଡ଼ାକ ଯଥାର୍ଥ ବୋଧ ଓ ଯଥାର୍ଥ ଜ୍ଞାନର ପଥରେ ଏକ ବଡ଼ ପ୍ରତିବନ୍ଧକ ହୋଇ ଠିଆହୁଏ, ତେଣୁ ଏଠାରେ ଅତ୍ୟନ୍ତ ଗୁରୁତ୍ୱର ସହିତ କହି ରଖିବାକୁ ହେବ ଯେ ଆଧ୍ୟାତ୍ମିକତା କହିଲେ କୌଣସି ବୁଦ୍ଧିଗତ ଉଚ୍ଚ ଉତ୍କର୍ଷକୁ ବୁଝାଉନାହିଁ, କୌଣସି ଆଦର୍ଶବାଦକୁ ବୁଝାଉନାହିଁ, ମନର କୌଣସି ନୀତିପରାୟଣତା, ନୀତିଗତ ଶୁଦ୍ଧତା କିମ୍ବା କୃଚ୍ଛ୍ରସାଧନକୁ ବୁଝାଉନାହିଁ, ଧର୍ମବତ୍ସଳତା କିମ୍ବା ଉଚ୍ଚ-ଉଚ୍ଛ୍ୱସିତ ଆବେଗଗତ ଉତ୍ସାହକୁ ବୁଝାଉନାହିଁ ଓ ଏପରିକି ଏହିସବୁ ଅତିଉତ୍ତମ ଗୁଣ ଓ ବିବେକର ଏକ ଏକତ୍ରସମାହାରକୁ ମଧ୍ୟ କଦାପି ବୁଝାଉନାହିଁ। ମନଦ୍ୱାରା ପରିଦୃଷ୍ଟ କୌଣସି ବିଶ୍ୱାସ, ଧର୍ମ ବା ଆଦର୍ଶବ୍ରତ, ଆବେଗଗତ କୌଣସି ପ୍ରେରଣା,

'oaob.nitrkl.ac.in' images reprocessed

କୌଣସି ଏକ ନିର୍ଦ୍ଦିଷ୍ଟ ଧର୍ମମତ ଅଥବା ନୀତିମାର୍ଗଦ୍ୱାରା ସୂଚିତ କରି ଦିଆଯାଇଥିବା ସୂତ୍ରାବଳୀ ଅନୁସାରେ ଏକ ଚମତ୍କାର ଆଚରଣସଂଯମ,—ଏଗୁଡ଼ାକୁ ଆଧ୍ୟାତ୍ମିକ ସିଦ୍ଧି କିମ୍ବା ଅନୁଭୂତି ବୋଲି କୁହାଯିବ ନାହିଁ । ମନ ତଥା ପ୍ରାଣର ଜୀବନାୟତନରେ ଏସବୁର ନିଶ୍ଚୟ ଅନେକ ମୂଲ୍ୟ ଏବଂ ମହତ୍ତ୍ୱ ରହିଛି; ଆପଣାର ପ୍ରକୃତିକୁ ଶୃଙ୍ଖଳାବଦ୍ଧ କରିବା, ଶୁଦ୍ଧ କରିବା ଏବଂ ତାହାକୁ ସତ୍ୟଗ୍ରହଣର ଉପଯୋଗୀ ବା ଅନୁକୂଳ କରି ତିଆରି କରିବାର ପ୍ରସ୍ତୁତିମୂଳକ ସାଧନରୂପେ ଆଧ୍ୟାତ୍ମିକ ପରିଣତିର କ୍ଷେତ୍ରରେ ମଧ୍ୟ ସେଗୁଡ଼ିକର ଏକ ମହତ୍ତ୍ୱ ରହିଛି; ମାତ୍ର ତଥାପି ସେସବୁ କେବଳ ମାନସିକ କ୍ଷେତ୍ରର ବିଷୟ, ମାନସିକ ବିବର୍ତ୍ତନରହିଁ ବ୍ୟାପାର । ସେଠାରେ ଏକ ଆଧ୍ୟାତ୍ମିକ ଉପଲବ୍ଧି, ଅନୁଭୂତି ଓ ପରିବର୍ତ୍ତନର ଯଥାର୍ଥ ଆରମ୍ଭ ହେବାକୁ ତଥାପି ବାକୀ ରହିଛି । ଆପଣାର ମର୍ମଗତ ପ୍ରକୃତ ଅର୍ଥରେ ଆଧ୍ୟାତ୍ମିକତାକୁ ଆମେ ଆମ ସତ୍ତାର ଅନ୍ତର୍ଗତ ସତ୍ୟଟି ମଧ୍ୟକୁ ଜାଗ୍ରତ ହୋଇ ଉଠିବା ବୋଲି କହିବା; ଏପରି ଏକ ଆତ୍ମା, ଆତ୍ମସତ୍ତା ଏବଂ ତତ୍ତ୍ୱସତ୍ତା ମଧ୍ୟକୁ ଜାଗ୍ରତ ହୋଇ ଉଠିବା ବୋଲି କହିବା, ଯାହାକି ଆମର ଏହି ମନ, ପ୍ରାଣ ବା ଶରୀର କିଛି ନୁହେଁ, ଯାହା ହେଉଛି ଜାଣିବାର, ଅନୁଭବ କରିବାର ଓ ତାଦାତ୍ମ୍ୟ ଲାଭ କରିବାର ଏକ ଅନ୍ତର୍ଗତ ସ୍ୱଭାବପ୍ରେରଣା; ଆମ ସୀମାଟିକୁ ଅତିକ୍ରମ କରି ରହିଥିବା ଓ ଆମ ସତ୍ତାଟିକୁ ମଧ୍ୟ ଆପଣା ଭିତରେ ଧାରଣ କରି ରହିଥିବା ଏହି ବିଶ୍ୱମୟ ବ୍ୟାପ୍ତ ହୋଇ ରହିଥିବା ସେହି ବୃହତ୍ତର ପରମସତ୍ତାର ସ୍ପର୍ଶଲାଭ କରିବାର ଏକ ଅନ୍ତର୍ଗତ ଆକାଂକ୍ଷା, ତାହାରି ସହିତ ଯୋଗାଯୋଗ ସ୍ଥାପନ କରିବାର ଓ ସମ୍ମିଳିତ ହେବାର ଏକ ଆକୂତି; ଏବଂ ସେହି ଆକାଂକ୍ଷା, ସ୍ପର୍ଶଲାଭ ଓ ସମ୍ମିଳନର ପରିଣାମରୂପେ ଆମର ସମୁଦାୟ ସତ୍ତାଟିରେ ଏକ ସମଗ୍ର ଦିକ୍‌ପରିବର୍ତ୍ତନ ଘଟାଇବା, ତାହାକୁ ଏକ ନୂତନ ଦୀକ୍ଷାରେ ଦୀକ୍ଷିତ କରାଇବା ଓ ତାହାର ପରିପୂର୍ଣ୍ଣ ରୂପାନ୍ତର ସାଧନ କରିବା । ଆଧ୍ୟାତ୍ମିକତା ହେଉଛି ଆପଣାର ଅନୁରୂପ ଅଭିବୃଦ୍ଧି ସାଧନ କରି ଏକ ନୂତନ ସମ୍ଭୂତି ବା ନୂତନ ଜୀବନ, ଏକ ନୂତନ ଆତ୍ମା ବା ନୂତନ ପ୍ରକୃତି ମଧ୍ୟରେ ଜାଗ୍ରତ ହୋଇ ଉଠିବା ।

ବସ୍ତୁତଃ ସୃଜନାତ୍ମକ ଏହି ଚୈତନ୍ୟଶକ୍ତିକୁ ଆମର ଏହି ପାର୍ଥିବ ଅସ୍ତିତ୍ୱର ଭୂମି ଉପରେ ପ୍ରାପ୍ତ ଏକ ସମାନ୍ତର ପ୍ରକ୍ରିୟାରୂପେ ବିବର୍ତ୍ତନର ଦୁଇଟି ଧାରାକୁ ପରିଚାଳିତ କରି ନେବାକୁ ହୋଇଥାଏ; ଅବଶ୍ୟ ଏକଥା ସ୍ୱୀକାର କରିବାକୁ ହେବ ଯେ ନିମ୍ନତର ଧାରାଟିର ଉପାଦାନଟି ଉପରେ ତାହା ଅପେକ୍ଷାକୃତ ଅଧିକ ଗୁରୁତ୍ୱ ଦେଇଥାଏ ଓ ପ୍ରଭୁତ ଅଗ୍ରାଧିକାର ସହିତ ସେଇଟିର ସମ୍ମୁଖୀନ ହୋଇଥାଏ । ଆମ ବହିଃପ୍ରକୃତିର କ୍ଷେତ୍ରରେ ବିବର୍ତ୍ତନର ଏକ ଧାରା ଲାଗିରହିଛି, ଅର୍ଥାତ୍ ପ୍ରାଣ ଓ ଦେହର ଭୂମିରେ କାର୍ଯ୍ୟ କରୁଥିବା ମନୋମୟ ସତ୍ତାର ପ୍ରକୃତିରେ ଏହି ବିବର୍ତ୍ତନ

'oaob.nitrkl.ac.in' images reprocessed

ଚାଲିଛି; ଏବଂ ତାହାର ଭିତରେ ଆମ ଅନ୍ତର୍ଗତ ସତ୍ତାଟିର ମଧ୍ୟ ଏକ ପରିବର୍ତ୍ତନ ଲାଗି ରହିଛି, ଆମର ସେହି ଅନ୍ତର୍ଗୂଢ଼, ଅଧିଚେତନ ଓ ଆଧ୍ୟାତ୍ମିକ ପ୍ରକୃତିଟିରେ ମଧ୍ୟ ପରିବର୍ତ୍ତନ ହେଉଛି, ଅନ୍ତତଃ ସେଥିଲାଗି ଏକ ପ୍ରସ୍ତୁତି ଚାଲିଛି, ଅଥବା ସେପରିକି ଏକ ଆଦ୍ୟପର୍ବ ସଂଘଟିତ ହେବାରେ ଲାଗିଛି । ଅନ୍ତରର ସେହି ପରିବର୍ତ୍ତନଟି ଆତ୍ମପ୍ରକାଶ ଲାଗି ଭିତରୁ ଚାପ ଦେବାକୁ ଆରମ୍ଭ କଲାଣି, କାରଣ ମନଃସତ୍ତାର ଆବିର୍ଭାବ ସଙ୍ଗେ ସଙ୍ଗେ ସେହି ଆତ୍ମପ୍ରକାଶ ମଧ୍ୟ ସମ୍ଭବ ହୋଇ ଉଠିଲାଣି । ମାତ୍ର ମନକୁ ତାହାର ସମ୍ଭାବ୍ୟ ବୃହତ୍ତମ ବିସ୍ତୃତି ଓ ସୂକ୍ଷ୍ମତା ଦେଇ ତାହାକୁ ତାହାର ଉଚ୍ଚତମ ଶିଖରଯାଏ ବିକଶିତ କରିନେବାହିଁ ଆହୁରି ଅନେକକାଳ ପର୍ଯ୍ୟନ୍ତ ପ୍ରକୃତିର ପ୍ରଥମ ଓ ପ୍ରଧାନତର କାର୍ଯ୍ୟ ହୋଇ ରହିବାକୁ ବାଧ୍ୟ ହେବ; କାରଣ କେବଳ ଏହିପରି ଭାବରେହିଁ ଏକ ସମ୍ପୂର୍ଣ୍ଣ ବୋଧିଦୀପ୍ତ ବୁଦ୍ଧିର ଅନାବରଣ ଲାଗି କ୍ଷେତ୍ର ପ୍ରସ୍ତୁତ ହୋଇପାରିବ, ଅଧିମାନସ ଓ ଅତିମାନସର ଆବିର୍ଭାବ ଲାଗି ଆବଶ୍ୟକ ପ୍ରସ୍ତୁତି ହୋଇପାରିବ; ଏବଂ ପରମ ଚିତ୍‌ସତ୍ତାଙ୍କର ଦିବ୍ୟ ଆତ୍ମପ୍ରକାଶର ଦୁର୍ଗମ ବାଟଟି ଫିଟିଯାଇ ପାରିବ । କେବଳ ମର୍ମସ୍ୱରୂପସ୍ଥ ଆଧ୍ୟାତ୍ମିକ ପରମସତ୍ତାଙ୍କର ଆତ୍ମ-ଉନ୍ମୋଚନ ତଥା ତାହାର ପୂର୍ଣ୍ଣତର ଅଭିବ୍ୟକ୍ତିଟି ମଧ୍ୟରେ ଆମ ସତ୍ତାର ନବାୟନହିଁ ଯଦି ଏହି କ୍ଷେତ୍ରରେ ଏକମାତ୍ର ଅଭିପ୍ରାୟ ହୋଇଥା'ନ୍ତା, ତେବେ ମନୋଭୂମିର ପରିବର୍ତ୍ତନଟି ଉପରେ ଏହି ଗୁରୁତ୍ୱ ଦେବାର ଆଉକୌଣସି ଉଦ୍ଦେଶ୍ୟହିଁ ନଥା'ନ୍ତା; କାରଣ ପ୍ରକୃତିପରିବର୍ତ୍ତନର ପ୍ରତ୍ୟେକ ଘାଟିରେ ଚିତ୍‌ସତ୍ତା ଆପଣାକୁ ବେଶ୍ ଉନ୍ମୁକ୍ତ କରିଦେଇ ପାରୁଥା'ନ୍ତା ଓ ଆମର ସତ୍ତାଟି ସେହି ସଂଯୋଗରେ ତାହାର ଭିତରେ ଚମତ୍କାର ଭାବରେ ବିଲୀନ ହୋଇ ଯାଉଥା'ନ୍ତା । ଏବଂ ହୃଦୟବୃତ୍ତିକୁ ପ୍ରଗାଢ଼ କରିଦେଇ, ମନକୁ ଏକାବେଳକେ ନୀରବ ଓ ନିଶ୍ଚଳ କରି ରଖି ଓ ଇଚ୍ଛାଶକ୍ତିକୁ ଏକାନ୍ତ ଓ ତନ୍ମୟ କରିଦେଇ ସେହି ଚରମ ଅଭିପ୍ରାୟସିଦ୍ଧି ବେଶ୍ ଉପଲବ୍ଧ ହୋଇ ପାରୁଥା'ନ୍ତା । ଏକ ଅନ୍ୟଲୋକରେ ଉତ୍ତରଣ କରିବାହିଁ ଯଦି ପ୍ରକୃତିର ଚରମ ଅଭିପ୍ରାୟ ହୋଇଥା'ନ୍ତା, ତେବେ ପୁଣି ସେଠାରେ ଏହି ବିଧାନଟି ମଧ୍ୟ ପ୍ରଯୁଜ୍ୟ ହୋଇ ପାରୁଥା'ନ୍ତା; କାରଣ ଇହବୈରାଗ୍ୟର ଗତ୍ ଅବାତ୍‌ଶାନ୍ତି ପ୍ରକୃତି-ପରିବର୍ତ୍ତନର ଯେକୌଣସି ଅବସ୍ଥାରେ ହଠାତ୍ ଭାବେ ଉର୍ଦ୍ଧ୍ୱକୁ ଉପରେ ଆକୃଷ୍ଟ ହୋଇ ଏହି ପାର୍ଥିବ ନିମ୍ନପ୍ରକୃତିଟିର ଦେହଟିକୁ ଛାଡ଼ିଦେଇ ସବୁକୁ ବାହାର କରି ନେଉଥା'ନ୍ତା ଓ ଏହା ବାହାରେ ଆଉ କେଉଁଠି ଅବସ୍ଥିତ ଉଚ୍ଚତର ଭୂମିରେ ପ୍ରବେଶ କରାଇ ଦେଉଥା'ନ୍ତା । ମାତ୍ର ସତ୍ତାର ସକଳାଙ୍ଗ ଓ ସମ୍ପୂର୍ଣ୍ଣ ପରିବର୍ତ୍ତନ ଘଟାଇବା ଯଦି ତାହାର ଅଭିପ୍ରାୟ ହୋଇଥାଏ, ତେବେ ଏହି ଦ୍ୱିଧାସ ପରିବର୍ତ୍ତନର ମର୍ମଟି ଅବଶ୍ୟ ବୋଧଗମ୍ୟ ହେବାକୁ ଆରମ୍ଭ କରିବ ଓ ଆପଣାର ଔଚିତ୍ୟଟିକୁ ପ୍ରତିଷ୍ଠିତ କରିପାରିବ, କାରଣ ସେହି ଅଭିପ୍ରାୟର ସିଦ୍ଧିଟି ଲାଗି ତାହା ଅପରିହାର୍ଯ୍ୟ ଓ ଅବଶ୍ୟମ୍ଭାବୀ ହୋଇ ପଡ଼ିବ ।

'oaob.nitrkl.ac.in' images reprocessed

ମାତ୍ର ଏହାଦ୍ୱାରା ଆଧ୍ୟାତ୍ମିକ ଅଗ୍ରଗତି ପ୍ରକୃତରେ ବଡ଼ ଆୟାସସାଧ୍ୟ ଓ ଧୀରଭାବରେହିଁ ହେବ । କାରଣ, ପ୍ରଥମତଃ ସାଧନଗୁଡ଼ିକ ଯଥୋପଯୁକ୍ତ ହୋଇ ତିଆରି ନହେବା ପର୍ଯ୍ୟନ୍ତ ଆଧ୍ୟାତ୍ମିକ ପ୍ରକାଶକ୍ରମଟିକୁ ପ୍ରତ୍ୟେକ ପଦରେ ଅପେକ୍ଷା କରିବାକୁ ପଡ଼ିବ; ଏବଂ ଦ୍ୱିତୀୟତଃ ଆଧ୍ୟାତ୍ମିକ ରୂପାନ୍ତରର ଉନ୍ମେଷ ଘଟୁଥିବା ସଙ୍ଗେ ସଙ୍ଗେ ତାହାକୁ ଏକ ଅପରିପୂର୍ଣ୍ଣ ମନ, ପ୍ରାଣ ଓ ଦେହର ସାମର୍ଥ୍ୟ, ଅଭିପ୍ରାୟ ଓ ଆବେଗଗୁଡ଼ାକ ଭିତରେ ବଡ଼ ଅଲଂଘ୍ୟ ଭାବରେ ଜଡ଼ିତ ହୋଇ ରହିବାକୁ ପଡ଼ୁଥିବ । ଏହିସବୁ ସାମର୍ଥ୍ୟ, ଅଭିପ୍ରାୟ ଓ ଆବେଗମାନ ସ୍ୱୀକାର କରିନେବା ସକାଶେ ଓ ସେଇଗୁଡ଼ିକର ପରିକର ହୋଇ ରହିବା ସକାଶେ ତାକୁ କେତେ ଯୋଝିବାକୁ ପଡ଼ୁଥିବ; ନିମ୍ନସ୍ତରରୁ କେତେ ଟଣାଓଟରା ସହିବାକୁ ହେଉଥିବ ଓ କେତେ ସାଂଘାତିକ ମିଶ୍ରଣର ସମ୍ମୁଖୀନ ହେବାକୁ ପଡ଼ୁଥିବ । ପତନ କିମ୍ବା ବିଚ୍ୟୁତିଲାଗି ଅନୁକ୍ଷଣ କେତେ ପ୍ରଲୋଭନ ଆସୁଥିବ, ଅଥବା ଅନ୍ତତଃ ମନୋଭୂମିରେ କେତେ ଜଞ୍ଜିରରେ ବାନ୍ଧିହୋଇ ରହିବାକୁ ପଡ଼ୁଥିବ, ତାହାର କେତେ ଭାରଦ୍ୱାରା ଆକ୍ରାନ୍ତ ହେବାକୁ ପଡ଼ୁଥିବ ଏବଂ ଆପଣାର ଗତିରେ ବାରମ୍ବାର ମନ୍ଥର ଓ ଶିଥିଳ ହୋଇଯିବାକୁ ପଡ଼ୁଥିବ । ପୁଣି ହୁଏତ ଉପରର ଗୋଟିଏ ସୋପାନକୁ ଉଠିଯିବା ପରେ ଦେଖିବାକୁ ମିଳିବ ଯେ ପ୍ରକୃତିର କୌଣସି ଏକ ଅଂଶର ଦ୍ୱିଧାଟି ଏପର୍ଯ୍ୟନ୍ତ ସମ୍ପୂର୍ଣ୍ଣରୂପେ କଟି ନାହିଁ ଓ ତାହା ତଳ ସୋପାନଟି ସହିତ ତଥାପି ସଂଲଗ୍ନ ହୋଇ ରହିଛି ଏବଂ ଉପର ସୋପାନଟିକୁ ଉଠିଯିବାରେ ବାଧା ଘଟାଉଛି; ଏଭଳି ପରିସ୍ଥିତିରେ ସେହି ଅଂଶଟିକୁ ଉପରକୁ ଉଠାଇ ଆଣିବାଲାଗି ହୁଏତ ପୁଣିଥରେ ତଳ ସୋପାନଟିକୁ ଓହ୍ଲାଇ ଯିବାକୁ ପଡ଼ୁଥିବ । ପୁଣି ଅବଶେଷରେ, ଯେଉଁ ମନର କ୍ଷେତ୍ରଟିରେ ତାହାକୁ ଆପଣାର କାର୍ଯ୍ୟ କରିବାକୁ ପଡ଼ିବ, ତାହାର ସ୍ୱଭାବଗତ ଧର୍ମଦ୍ୱାରା ବାଧ୍ୟ ହୋଇ ବିକାଶମାନ ଆଧ୍ୟାତ୍ମିକ ଦୀପ୍ତି ଓ ସାମର୍ଥ୍ୟଟି ଅନେକ ପ୍ରକାରେ ସୀମାବଦ୍ଧ ହୋଇ ପଡ଼ୁଥିବ, କେବଳ ଖଣ୍ଡିତ ଭାବରେହିଁ ଆଗକୁ ଯିବାକୁ ପଡ଼ୁଥିବ, କେତେବେଳେ ଏ ଧାରାଟି ଓ ଆଉ କେତେବେଳେ ସେ ଧାରାଟିର ଅନୁସରଣ କରିବାକୁ ହେଉଥିବ ଏବଂ ଆପଣା ସମଗ୍ରତାର ଉପଲବ୍ଧି କରିବାର ଲକ୍ଷ୍ୟଟିକୁ ସମ୍ପୂର୍ଣ୍ଣଭାବରେ ଅଥବା ଆପାତତଃ ଏକ ପରବର୍ତ୍ତୀ କାଳପାଇଁ ଘୁଞ୍ଚାଇଦେବାକୁ ପଡ଼ୁଥିବ । ମନ, ପ୍ରାଣ ତଥା ଦେହଆଡ଼ୁ ଆସି ଠିଆ ହେଉଥିବା ଏହି ପ୍ରତିବନ୍ଧକ ଓ ବାଧା ପ୍ରକୃତରେ ଏପରି ଏକ ପ୍ରବଳ ଓ ଅସହ୍ୟ ବାଧା ହୋଇ ଠିଆହେବ ଯେ ସେଥିରେ ଅନେକ ସମୟରେ ଆଧ୍ୟାତ୍ମିକ ଆକୂତିଟି ନିଜର ଧୈର୍ଯ୍ୟ ହରାଇ ପକାଇବ । ଆପଣାର ସ୍ୱଭାବଗତ ଜଡ଼ତା ହେତୁ ଦେହଟା ଯେମିତି ଅଛି ଠିକ୍ ସେମିତି ହୋଇ ପଡ଼ିରହିବାକୁ ଚାହୁଁଥିବ, ପ୍ରାଣଶକ୍ତିଟି ଆପଣାର ପଙ୍କିଳ ଆବେଗ ଓ ଉଚ୍ଚାଟତା ସହିତ କେତେପ୍ରକାରେ ପ୍ରବଳ ହୋଇ ଉଠୁଥିବ ଏବଂ ମନ ଆପଣା ଅସ୍ପଷ୍ଟତାର କୁଣ୍ଡଳୀ ଭିତରେ କେତେ ସଂଶୟ ତାପ ଓ

'oaob.nitrkl.ac.in' images reprocessed

ଅନିଶ୍ଚିତତାର ସୃଷ୍ଟି କରୁଥିବ, କେତେ ନେତି ଓ ଅନ୍ୟରୂପାତ୍ମକର ଲକ୍ଷଣ ଦେଖାଇବାରେ ଲାଗିଥିବ । ଆପଣାର ଧୃତିଟିକୁ ହରାଇବସି ଆଧ୍ୟାତ୍ମିକ ଅନୁଭୂତି ହୁଏତ ଏହିସବୁ ବିରୋଧୀମାନଙ୍କୁ ଦମନ ଓ ଶାସ୍ତି କରିବାକୁ ବାହାରି ପଡ଼ିବ; ପ୍ରାଣକୁ ପ୍ରତ୍ୟାଖ୍ୟାନ କରିବାକୁ ଇଚ୍ଛା କରିବ, ଦେହ ଉପରେ କୃଚ୍ଛ୍ରକ୍ଲେଶର ଶାସନ ଚଳାଇବ ଓ ମନକୁ ନିରୁଦ୍ଧ କରି ରଖିବାକୁ ଚାହିଁବ । ଦେହ, ପ୍ରାଣ ଓ ମନକୁ ବାଦ ଦେଇ ତାହା ଆପଣାର ଏକ ସ୍ୱତନ୍ତ୍ର ସିଦ୍ଧି ଓ ସ୍ୱତନ୍ତ୍ର ମୁକ୍ତି ଲାଭ କରିବାକୁ ଉଦ୍ୟତ ହେବ, ଆପଣାର ଚିତ୍‌ସତ୍ତାଟିକୁ ଶୁଦ୍ଧ ଚିତ୍‌ସତ୍ତାରେ ନେଇ ମିଶାଇ ଦେବାକୁ ଏବଂ ସେଥିରୁ ଏକ ଅବର ଓ ଅଜ୍ଞତାଚ୍ଛନ୍ନ ପ୍ରକୃତିକୁ ସମ୍ପୂର୍ଣ୍ଣ ଭାବରେ ବର୍ଜିତ କରି ରଖିବାର ଦସ୍ତୁର କରୁଥିବ । ସେହି ସଂକୋଚ ଆହ୍ୱାନଟିକୁ ବାଦ ଦେଲେ ଆମର ଆଧ୍ୟାତ୍ମିକ ଅଂଶଟିରେ ପ୍ରକୃତିଅଭିମୁଖୀ ନିମ୍ନ ଯେଉଁ ଆକର୍ଷଣଟି ପ୍ରବଳ ଭାବରେ ଲାଗିରହିଛି, ତାହା ଆମକୁ ପ୍ରକୃତିର ଉଚ୍ଚତମ ଉପାଦାନ ଓ ଅବସ୍ଥାଟି ଆଡ଼କୁ ଜୋର କରି ଘୋଷାରି ଆଣିବାର ଚେଷ୍ଟା କରୁଥିବ; ଶୁଦ୍ଧ ଆଧ୍ୟାତ୍ମିକ ସିଦ୍ଧିପଥରେ ପ୍ରାଣ ଓ ଦେହଗତ ପ୍ରକୃତିର ଏହି ଦିଗଟି ଏକ ପ୍ରବଳ ବାଧା ପରି ବୋଧ ହେଉଥିବ, ଏବଂ ତାହାହିଁ ବର୍ଜନମୂଳକ ବୈରାଗ୍ୟବୃତ୍ତି, ମାୟାବାଦ ତଥା ସଂସାରତ୍ୟାଗ ବାସନାତ୍ମକ ହୋଇ କୌଣସି ଅନ୍ୟ ଲୋକକୁ ପଳାୟନ ସକାଶେ ଏକ ପ୍ରବଳ କାରଣ ହୋଇ ଆସି ଠିଆହୁଏ, ଏସବୁର ଜାଲ କାଟିଦେଇ ଏକ ଶୁଦ୍ଧ ଓ ଅମିଶ୍ରିତ ପରମ ନିର୍ବିଶେଷତା ଲାଗି ଉନ୍ମୁଖ ହୋଇ ଉଠିବାପରି ଲାଗେ । ଏହି ବିଶୁଦ୍ଧ ଓ ଆଧ୍ୟାତ୍ମିକ ନିର୍ବିଶେଷତାକୁ ଆମେ ଅନ୍ତଃସତ୍ତାର ତା'ର ଆପଣାର ପରମାତ୍ମସତ୍ତା ଆଡ଼କୁ ଉତ୍ତରିବାର ଏକ ପ୍ରବୃତ୍ତି ବୋଲି ବୁଝିବା, ମାତ୍ର ପ୍ରକୃତିର ସମସ୍ତ ଉନ୍ମେଷଟିର ସିଦ୍ଧିଲାଗି ମଧ୍ୟ ତାହା ଏକାନ୍ତ ଅପରିହାର୍ଯ୍ୟ । କାରଣ ସେହି ପ୍ରବୃତ୍ତିଟି ବ୍ୟତୀତ, ପ୍ରକୃତି ମଧ୍ୟରେ ଯେଉଁ ମିଶ୍ରଣ ଆସି ପଡ଼ିଥିଛି ନିମ୍ନସ୍ତରରୁ ତାକୁ ସେହି ଆକର୍ଷଣର ସମ୍ମୁଖୀନ ହେବାକୁ ପଡ଼ୁଛି, ତାହାଦ୍ୱାରା ଉପସ୍ଥିତ ଆଧ୍ୟାତ୍ମିକ ପ୍ରକାଶଟି ଏକାବେଳକେ ଅସମ୍ଭବ ହୋଇ ପଡ଼ିବ । ଏକାନ୍ତବାସୀ ସନ୍ନ୍ୟାସୀ ବୈରାଗୀ ହେଉଛନ୍ତି ଏହି ନିର୍ବିଶେଷତାର ଚରମପନ୍ଥୀ; ସିଏ ହେଉଛନ୍ତି ଶୁଦ୍ଧ ଉଦ୍‌ଗତତାର ଧ୍ୱଜା-ବହନକାରୀ ସିଏକି ଆପଣା ବୈରାଗ୍ୟର ପତାକା ଉଡ଼ାଇ କୌଣସି ସାଲିଶକୁ କଦାପି ଗ୍ରହଣ କରାଯାଇ ପାରିବ ନାହିଁ ବୋଲି ଘୋଷଣା କରୁଥାଏ । ବସ୍ତୁତଃ ଉଦ୍‌ଗତ ପ୍ରକାଶ ଲାଗି ଯେଉଁ ସଂଗ୍ରାମଟି ଲାଗିଛି, ତାହା କୌଣସିପ୍ରକାର ସାଲିଶଦ୍ୱାରା କଦାପି ଶେଷ ହେବ ନାହିଁ; ଯେତେବେଳେ ଉଦ୍‌ଗତତାହିଁ ସମ୍ପୂର୍ଣ୍ଣ ବିଜୟ ହାସଲ କରିବ ଏବଂ ନିମ୍ନସ୍ଥ ପ୍ରକୃତିଟି ତାହାର ପାଖରେ ସମ୍ପୂର୍ଣ୍ଣ ଭାବରେ ଆତ୍ମସମର୍ପଣ କରିବ, ସେତିକବେଳେ ଯାଇ ତାହା ପରିପୂର୍ଣ୍ଣତା ଲାଭ କରିବ । ଯଦି ତାହା ଏହି ଜଗତଟିରେ ସମ୍ଭବ ନହୁଏ, ତେବେ ଅନ୍ୟ ଏକ

'oaob.nitrkl.ac.in' images reprocessed

ଜଗତରେ ତାହା ଆପଣାକୁ ସିଦ୍ଧ କରିବ । ବିକଶିତ ହେଉଥିବା ଚୈତ୍ୟସତ୍ତା ପାଖରେ ଆତ୍ମସମର୍ପଣ ଲାଗି ଯଦି ପ୍ରକୃତି ସମ୍ମତ ନହୁଏ, ତେବେ ଆତ୍ମା ଆପଣାକୁ ତାହାପାଖରୁ ପ୍ରତ୍ୟାହୃତ କରିନେବ । ଏହିଭଳି ଭାବରେ ଆଧ୍ୟାତ୍ମିକ ପ୍ରକାଶର କ୍ଷେତ୍ରଟିରେ ଦୁଇଟି ପ୍ରବୃତ୍ତି କାର୍ଯ୍ୟ କରୁଛି ଗୋଟିଏ ପାଖରେ ସତ୍ତ୍ୱମଧ୍ୟରେ ଆଧ୍ୟାତ୍ମିକ ଚେତନାର ପ୍ରତିଷ୍ଠା ଲାଗି ଏକ ପ୍ରବେଗ କାର୍ଯ୍ୟକାରୀ ହେଉଛି, ଯେକୌଣସି ପ୍ରକାରେ ଏପରିକି ସେଥିଲାଗି ଆବଶ୍ୟକ ହେଲେ ପ୍ରକୃତିକୁ ଅସ୍ୱୀକାର କରି ମଧ୍ୟ ତାହା ଆପଣାକୁ କାର୍ଯ୍ୟକାରୀ କରୁଛି; ଏବଂ ଅନ୍ୟ ପାଖରେ ଆମ ପ୍ରକୃତିର ବିଭିନ୍ନ ଅଂଶଗୁଡ଼ିକ ମଧ୍ୟକୁ ସେହି ଆଧ୍ୟାତ୍ମିକତାର ସମ୍ପ୍ରସାରଣ କରିଦେବା ଲାଗି ମଧ୍ୟ ଏକ ଆବେଗ କାର୍ଯ୍ୟକାରୀ ହେବାରେ ଲାଗିଛି । ମାତ୍ର ପ୍ରଥମଟିରେ ପୂର୍ଣ୍ଣସିଦ୍ଧି ଉପଲବ୍ଧ ନହେବା ପର୍ଯ୍ୟନ୍ତ ଦ୍ୱିତୀୟଟି କେବଳ ଅପୂର୍ଣ୍ଣହିଁ ରହିବ, ତାହାର ପାଦ ମଧ୍ୟ କେବେହେଲେ ଦୃଢ଼ ହେବ ନାହିଁ । ଶୁଦ୍ଧ ଅଧ୍ୟାତ୍ମଚେତନାକୁହିଁ ଆପଣାର ଭିତ୍ତିରୂପେ ସ୍ଥାପନା କରିବା ହେଉଛି ଆଧ୍ୟାତ୍ମିକ ମନୁଷ୍ୟର ବିକାଶପଥରେ ସର୍ବପ୍ରଥମ ଉଦ୍ଦେଶ୍ୟ; ଏବଂ ପରମ ସତ୍ୟ, ପରମ ଆତ୍ମା ତଥା ଦିବ୍ୟ ପରମସତ୍ତା ସହିତ ସଂସ୍ପର୍ଶ ଲାଭ କରିବାକୁ ସେହି ଚେତନାଟି ମଧ୍ୟରେ ଯେଉଁ ଆକୁଳତା ଓ ଆବେଗଟି ରହିଛି, ଆଧ୍ୟାତ୍ମିକ ସାଧନାର ପଥରେ ଯାତ୍ରୀ ହୋଇ ବାହାରିଥିବା ପ୍ରତ୍ୟେକ ସାଧକର ତାହାହିଁ ପ୍ରଥମ, ସର୍ବପ୍ରଧାନ ଓ ଯେପର୍ଯ୍ୟନ୍ତ ତାହା ସମ୍ପୂର୍ଣ୍ଣରୂପେ ଆୟତ୍ତ ନହୋଇଛି, ଏକମାତ୍ର ସାଧନା ହୋଇ ଅବଶ୍ୟ ରହିବା ଉଚିତ । ଏଇଟି ଏକାନ୍ତ ଆବଶ୍ୟକ; ଏବଂ ପ୍ରତ୍ୟେକ ସାଧକକୁ ତା'ର ଆପଣା ପ୍ରକୃତିରେ ବିକଶିତ ହୋଇ ପାରିଥିବା ଆଧ୍ୟାତ୍ମିକ ସାମର୍ଥ୍ୟଟି ଅନୁସାରେ ଏବଂ ଯେଉଁ ବାଟଟି ତାକୁ ସମ୍ଭବ ବୋଲି ଦିଶୁଛି ତାହାର ଅନୁସରଣ କରି ଯେକୌଣସି ପ୍ରକାରେ ସେଇଟିକୁ ସିଦ୍ଧ କରିବାକୁ ପଡ଼ିବ ।

ଆଧ୍ୟାତ୍ମିକ ସତ୍ତାର ବିବର୍ତ୍ତନଟି ପ୍ରକୃତରେ କେତେଦୂର କ'ଣ ହାସଲ କରିପାରିଛି, ଆମେ ଦୁଇଟି ଦିଗରୁ ତାହାର ବିଚାର କରିପାରିବା । ଏଥିରେ କେଉଁ ସାଧନଟିର ସାହାଯ୍ୟ ନିଆଯାଇଛି ଅର୍ଥାତ୍ ଆପଣାର ବିକାଶଲାଗି ପ୍ରକୃତି ବିକାଶର କେଉଁ ଧାରାଟିକୁ କାର୍ଯ୍ୟରେ ଲଗାଇଛି, ଏବଂ ମନୁଷ୍ୟବ୍ୟକ୍ତି ଏଇଟିରୁ କେଉଁ ପ୍ରକୃତ ଫଳମାନ ଲାଭ କରିଛି, ଆମକୁ ଏହି ଦୁଇଟିଯାକର ବିଚାର କରିବାକୁ ହେବ । ଅନ୍ତର୍ଗତ ସତ୍ତାଟିକୁ ଉନ୍ମୋଚିତ କରିଦେବାର ଆପଣାର ପ୍ରୟାସଟିରେ ପ୍ରକୃତି ପ୍ରଧାନତଃ ଚାରିପ୍ରକାର ମାର୍ଗ ବା ଧାରାରେ ଗତି କରିଛି । ସେଗୁଡ଼ିକ ହେଉଛି : ଧର୍ମର ମାର୍ଗ, ଗୁପ୍ତବିଦ୍ୟାର ମାର୍ଗ, ଆଧ୍ୟାତ୍ମିକ ଦର୍ଶନର ମାର୍ଗ ଓ ଏକ ଅନ୍ତର୍ଗତ ଅଧ୍ୟାତ୍ମୋପଲବ୍ଧି ତଥା ଅଧ୍ୟାତ୍ମ ଅନୁଭୂତିର ମାର୍ଗ । ପ୍ରଥମ ତିନୋଟି ଆମକୁ ମୂଳ ସତ୍ୟଟି ଆଡ଼କୁ କେବଳ ଅଗ୍ରସର କରାଇ ନେଇଥାଆନ୍ତି, ଏବଂ ଶେଷଟି ସେହି

'oaob.nitrkl.ac.in' images reprocessed

ସତ୍ୟରେ ଯାଇ ପ୍ରବେଶ କରିବାଲାଗି ମୀମାଂସକ ତୋରଣମାର୍ଗର କାମ ଦିଏ । ସ୍ୱେଚ୍ଛାପ୍ରଣୋଦିତ ମାର୍ଗ ସର୍ବଦା ଯୁଗପତ୍ ଭାବରେ ସକ୍ରିୟ ହୋଇଛନ୍ତି, ଏଗୁଡ଼ିକ ମଧ୍ୟରେ ସର୍ବଦା ଅଳ୍ପବହୁତ ସଂଯୋଗ ମଧ୍ୟ ରହିଛି; ଏମାନେ ଅଳ୍ପାଧିକ ପରିମାଣରେ ପରସ୍ପର ସହିତ ସହଯୋଗ କରିଛନ୍ତି, କେତେବେଳେ ବିବାଦରେ ପଶି ଯାଇଛନ୍ତି ଓ ପୁଣି କେତେବେଳେ ପରସ୍ପରଠାରୁ ପୃଥକ୍ ରହି ସ୍ୱତନ୍ତ୍ର ଭାବରେ କାର୍ଯ୍ୟ କରିଛନ୍ତି । ଆପଣାର ସଂସ୍କାର, ଆଚାର ଓ ଅନୁଷ୍ଠାନଗୁଡ଼ିକ ମଧ୍ୟରେ ଧର୍ମ ଗୁପ୍ତବିଦ୍ୟାର କେତେକ ଉପାଦାନକୁ ସ୍ୱୀକାର କରିଛି; ଆଧ୍ୟାତ୍ମିକ ଦର୍ଶନକୁ ଆଶ୍ରୟ କରି କେଳେବେଳେ ତାହା ଭିତରୁ ଆପଣା ଲାଗି ଏକ ମତବାଦ ଓ ଈଶ୍ୱରସମ୍ବନ୍ଧୀ ଏକ ତତ୍ତ୍ୱ ଆହରଣ କରିନେଇଛି, ପୁଣି କେତେବେଳେ ଆପଣାକୁ ସମର୍ଥନ କରାଇଲା ଏକ ଆଧ୍ୟାତ୍ମିକ ଦର୍ଶନମତ ବି ସାଉଁଟି ରଖିଛି । ପୂର୍ବତନ ମାର୍ଗଟି ସାଧାରଣତଃ ପାଶ୍ଚାତ୍ୟ ସଭ୍ୟତାରେ ଓ ପରବର୍ତ୍ତୀ ମାର୍ଗଟି ପ୍ରାଚ୍ୟ ସଭ୍ୟତାରେ ବିକାଶଲାଭ କରିଛି; ମାତ୍ର ଆଧ୍ୟାତ୍ମିକ ଅନୁଭୂତିହିଁ ସବୁଠାରେ ଧର୍ମସାଧନାର ସର୍ବଶେଷ ଉଦ୍ଦେଶ୍ୟ ଓ ସିଦ୍ଧିରୂପେ ବରେଣ୍ୟ ହୋଇ ରହିଆସିଛି, ତାହାର ଆକାଶ ତଥା ଶିଖରରୂପେ ଅଧିଷ୍ଠିତ ରହିଛି । ମାତ୍ର ଅନ୍ୟ ପକ୍ଷରେ ବି ଧର୍ମ ଅନେକ ସମୟରେ ଯାବତୀୟ ଗୁପ୍ତବିଦ୍ୟାକୁ ଆପଣାମଧ୍ୟରୁ ବହିଷ୍କୃତ କରି ରଖିଛି, କିମ୍ବା ଆପଣା ଭିତରେ ରହିଥିବା ଗୁପ୍ତବିଦ୍ୟାଗତ ଉପାଦାନଟିକୁ ଯଥାସମ୍ଭବ ହ୍ରାସ କରି ପକାଇଛି; ପୁଣି ଦାର୍ଶନିକ ମନନଶୀଳତାକୁ କେବଳ ଏକ ଶୁଷ୍କ ଓ ବୁଦ୍ଧିଗତ ନିଷ୍ଫଳତା ବୋଲି କହି ଦୂରକୁ ଠେଲିଦେଇଛି, ଆପଣାର ସକଳ ଭାର ସହିତ କେବଳ ଧର୍ମାନୁଷ୍ଠାନ, ଧର୍ମମତ, ଧର୍ମସଂବେଗଗତ ଆସକ୍ତତା ତଥା ଅଧ୍ୟବସାୟ ଏବଂ ନୀତିଗତ ଆଚରଣ ଉପରେ ଯାଇ ଗୋଟାପୁରା ଆଉଜି ପଡ଼ିଛି । ସେତେବେଳେ ତାହା ଆଧ୍ୟାତ୍ମିକ ଉପଲବ୍ଧି ଓ ଅନୁଭବକୁ ଯଥାସମ୍ଭବ ହ୍ରାସ କରି ପକାଇଛି ଅଥବା ତାକୁ ସମ୍ପୂର୍ଣ୍ଣଭାବରେ ଛାଡ଼ି ଦେଇଅଛି । ଗୁପ୍ତବିଦ୍ୟା ମଧ୍ୟ ଅନେକ ସମୟରେ ଏକ ଆଧ୍ୟାତ୍ମିକ ଉଦ୍ଦେଶ୍ୟକୁହିଁ ଆପଣାର ଉଦ୍ଦେଶ୍ୟରୂପେ ସ୍ଥାପନା କରିଛି ଏବଂ ସେହି ଉଦ୍ଦେଶ୍ୟରେ ଯାଇ ଉପନୀତ ହେବାର ସାଧନରୂପେ ଗୁପ୍ତବିଦ୍ୟାଗତ ଜ୍ଞାନ ଓ ଅନୁଭବର ଅନୁଧାବନ କରିଛି; ଫଳତଃ ଆପଣାକୁ ନେଇ ଏକପ୍ରକାର ରହସ୍ୟଦର୍ଶନର ସୂତ୍ରପାତ କରିଛି । ମାତ୍ର ଅଧିକାଂଶତଃ ଏହା ଆପଣା ଆଗରେ କୌଣସି ପ୍ରକାର ଆଧ୍ୟାତ୍ମିକ ଦୃଷ୍ଟି ନରଖି କେବଳ ଗୁପ୍ତ-ବିଦ୍ୟାଗତ ଜ୍ଞାନ ଓ ଅନୁଷ୍ଠାନ ଭିତରେ ଆପଣାକୁ ସୀମାବଦ୍ଧ କରି ରଖିଛି; ଯାଦୁସାଧନ ବା କେବଳ ଯାଦୁବିଦ୍ୟା ଆଡ଼କୁ ମନ ଦେଇଛି କିମ୍ବା ଏପରିକି ପିଶାଚ-ବିଦ୍ୟା ଆଡ଼କୁ ମଧ୍ୟ ଗୋଡ଼ ଖସାଇ ଦେଇଛି । ଅଧ୍ୟାତ୍ମଦର୍ଶନ ଅଧିକାଂଶ କ୍ଷେତ୍ରରେ ଧର୍ମକୁ ଆପଣାର ଆଶ୍ରୟ ବା ଅନୁକୂଳସ୍ଥଳରୂପେ ଗ୍ରହଣ କରିଛି; ତାହା ସ୍ୱୟଂ ଅଧ୍ୟାତ୍ମ ଉପଲବ୍ଧି ଏବଂ ଅଧ୍ୟାତ୍ମ ଅନୁଭବରୁହିଁ ଜାତ ହୋଇଛି ଅଥବା ସେହିଠାରେ ଉପନୀତ

'oaob.nitrkl.ac.in' images reprocessed

ହେବାର ଏକ ସାଧନରୂପେ ତାହା ଆପଣାର ଭୂମିଟିକୁ ତିଆରି କରି ରଖିଛି । ମାତ୍ର ଅନେକ ସମୟରେ ତାହା ଧର୍ମର ଯାବତୀୟ ସହାୟକୁ ପ୍ରତିବନ୍ଧକ ବୋଲି ମଣି ଆପଣା ମଧ୍ୟରୁ ବହିଷ୍କୃତ କରି ରଖିଛି ଏବଂ କେବଳ ଆପଣା ବଳ ଉପରେ ନିର୍ଭର କରି ଅଗ୍ରସର ହେବାକୁ ଇଚ୍ଛା କରିଛି; ହୁଏତ କେବଳ ମନୋଲବ୍ଧ ଜ୍ଞାନରେ ସନ୍ତୁଷ୍ଟ ରହିଛି ଅଥବା ଆପଣାର ସ୍ୱକୀୟ ଅନୁଭୂତିମାର୍ଗ ଓ କାର୍ଯ୍ୟସାଧକ ଶୃଙ୍ଖଳାଗୁଡ଼ିକୁ ଆପେ ଆବିଷ୍କାର କରିବାର ବିଶ୍ୱାସ ବାଛିଛି । ଆଧ୍ୟାତ୍ମିକ ଅନୁଭବ ଆପଣା ଯାତ୍ରାର ଆରମ୍ଭ ବିନ୍ଦୁରୂପେ ଅନ୍ୟ ତିନୋଟିଯାକ ସାଧନକୁ କାମରେ ଲଗାଇଛି, ମାତ୍ର ସିଏ ମଧ୍ୟ ସେଗୁଡ଼ିକୁ ସମସ୍ତଙ୍କୁ ଛାଡ଼ିଦେଇ ଏକାକୀ ଅଗ୍ରସର ହୋଇଛି ଏବଂ କେବଳ ଆପଣାର ବଳଟି ଉପରେହିଁ ନିର୍ଭର କରିଛି । ଗୁପ୍ତବିଦ୍ୟାଗତ ଜ୍ଞାନ ଓ ସିଦ୍ଧିଗୁଡ଼ିକୁ ବିପଦପୂର୍ଣ୍ଣ ପ୍ରଲୋଭନ ଓ ଫାଶରେ ଆଣି ପକାଇ ଦେଉଥିବା ବିଘ୍ନ ବୋଲି କହି ତାହା ସେଗୁଡ଼ିକୁ କୌଣସି ପ୍ରୋତ୍ସାହନ ଦେଇ ନାହିଁ ଏବଂ ଚିଦ୍‌ବସ୍ତୁର ବିଶୁଦ୍ଧ ସତ୍ୟଟିରହିଁ ଅନୁଧାବନ କରିବାକୁ ମନ ବଳାଇଛି । ଦର୍ଶନର ମାର୍ଗକୁ ଛାଡ଼ି ହୃଦୟର ଅଧ୍ୟାତ୍ମ ଆଗ୍ରହ ଅଥବା ଏକ ତତ୍ତ୍ୱଦୃଷ୍ଟିମୟ ଅନ୍ତର୍ଗତ ଅଧ୍ୟାତ୍ମସ୍ୱଭାବାପନ୍ନତାର ବାଟରେ ଯାଇ ସେ ଆପଣାର ଲକ୍ଷ୍ୟସ୍ଥଳରେ ପହଞ୍ଚିଛି । ଧର୍ମଗତ ଯାବତୀୟ ମତାବଲମ୍ବନ, ଉପାସନା ଓ ଆଚାରବିଧିକୁ ପଛରେ ରଖି ଓ ସେଗୁଡ଼ିକୁ କେବଳ ଏକ ନିମ୍ନତର ଅବସ୍ଥାର ଉପଯୋଗୀ ଅଥବା ଏକ ପ୍ରାଥମିକ ସାଧନୋପାୟ ବୋଲି ଘୋଷଣା କରି ତାହା ଏହିସବୁ ସହାୟ ଓ ସାଧନକୁ ଉପେକ୍ଷା କରି ଅଗ୍ରସର ହୋଇଯାଇଛି ଏବଂ ପାଶମୁକ୍ତ ନିରାବରଣ ଭାବରେ ଆଧ୍ୟାତ୍ମିକ ପରମସତ୍ୟର ସଂସ୍ପର୍ଶ ଲାଭ କରିଛି । ସାଧନାପଦ୍ଧତିରେ ଏହିସବୁ ବୈଚିତ୍ର୍ୟ ରହିବାର ପ୍ରୟୋଜନ ଅବଶ୍ୟ ରହିଥିଲା; ଆପଣାର ଯଥାର୍ଥ ମାର୍ଗଟିକୁ ଚିହ୍ନି ନେବାକୁ ଏବଂ ପରମ ଚେତନା ତଥା ସମଗ୍ର ଜ୍ଞାନର ଅଭିମୁଖରେ ଆପଣାର ସକଳାଙ୍ଗ ପଥଟିକୁ ଆବିଷ୍କାର କରି ପାରିବାକୁ ପ୍ରକୃତିର ବିବର୍ତ୍ତନଗତ ପ୍ରଚେଷ୍ଟାହିଁ ଏହି ଚାରୋଟିଯାକ ମାର୍ଗକୁ ନେଇ ଆପଣାର ପ୍ରୟୋଗ ଚଳାଇ ଆସିଛି, ଚାରୋଟିଯାକକୁ ପରୀକ୍ଷା କରି ଦେଖିଛି ।

କାରଣ ଏହିସବୁ ସାଧନମାର୍ଗର ପ୍ରତ୍ୟେକଟି ସହିତ ଆମ ସମଗ୍ର ସତ୍ତାର କୌଣସି ନା କୌଣସି ଅଂଶ ସହିତ ଏକ ଅନୁରୂପତା ରହିଛି, ଏବଂ ସେଇଥିଲାଗି ଆମ ସମଗ୍ର ବିବର୍ତ୍ତନଟିର କ୍ଷେତ୍ରରେ ପ୍ରତ୍ୟେକଟିର ଆବଶ୍ୟକତା ମଧ୍ୟ ରହିଛି । ସତେଅବା ଅନ୍ଧାର ଭିତରେ ହାତ ବୁଲାଇବା ପରି ବସ୍ତୁଗତ ସତ୍ୟର ଅନୁସନ୍ଧାନ କରି ବାହାରିଥିବା ଏବଂ କେବଳ ଜ୍ଞାନର ଖଣ୍ଡ ବା ଅଂଶଗୁଡ଼ିକୁ ସାଉଁଟି ଆଣି ସେଗୁଡ଼ିକୁ ତଥ୍ୟରୂପେ ସଜାଇବାର ଚେଷ୍ଟା କରୁଥିବା ଏହି ଉପରିସ୍ତରସ୍ଥ ଅବିଦ୍ୟା ଭିତରେ ମନୁଷ୍ୟର ସତ୍ତା ଯେପରି ବୁଡ଼ିକରି ରହିଛି, ଯଦି ଚିରଦିନ ଲାଗି ତାହା

'oaob.nitrkl.ac.in' images reprocessed

ସେହିପରି ରହିବାକୁ ଇଚ୍ଛା ନକରୁଥାଏ, ଆପଣାର ପ୍ରାନ୍ତସୀମିତ ପ୍ରକୃତିଟିର ଚହିବାଡ଼ ଭିତରେ ଓ ବିଶ୍ୱଶକ୍ତି ମଧ୍ୟରେ ସେ ବର୍ତ୍ତମାନ ଯେପରି ଏକ କ୍ଷୁଦ୍ର, ଅନ୍ତସୀମାବଦ୍ଧ ଓ ଅର୍ଦ୍ଧକ୍ଷମ ପ୍ରାଣୀ ହୋଇ ବିଚରଣ କରୁଛି, ଯଦି ସେ ସବୁଦିନ ସେହିପରି ହୋଇ ରହିବାକୁ ନଚାହୁଁଥାଏ, ତେବେ ଆତ୍ମପ୍ରସାରଣ ସକାଶେ ବୃଦ୍ଧି ଆବଶ୍ୟକତା ରହିଛି । ଯିଏ ଆପଣାକୁ ଜାଣିବ, ଆପଣାର ଅନ୍ତର୍ନିହିତ ସକଳ ସମ୍ଭାବନାକୁ ଆବିଷ୍କାର କରିବ ଓ ସେଗୁଡ଼ିକୁ କାର୍ଯ୍ୟରେ ଲଗାଇବ । ମାତ୍ର ଆପଣାକୁ ତଥା ଏହି ବିଶ୍ୱଜଗତକୁ ପୂର୍ଣ୍ଣଭାବରେ ଜାଣିବାକୁ ହେଲେ ତାକୁ ଆପଣାର ତଥା ଏହି ଜଗତର ଉପରପରସ୍ତଟାରୁ ଭିତରକୁ ଯିବାକୁ ପଡ଼ିବ, ଆପଣାର ମନୋମୟ ବହିର୍ଭୂମି ତଥା ପ୍ରକୃତିର ଜଡ଼ଭୂମିରୁ ତଳକୁ ଯାଇ ଅନେକ ଗଭୀରରେ ପ୍ରବେଶ କରିବାକୁ ପଡ଼ିବ । ଏହିବାଟେ ତାକୁ ଆପଣାର ମନୋମୟ, ପ୍ରାଣମୟ, ଅନ୍ନମୟ ତଥା ଚୈତ୍ୟ ସତ୍ତାଟିକୁ ଜାଣିବାକୁ ହେବ, ତାହାର ସାମର୍ଥ୍ୟ ତଥା କ୍ରିୟାତ୍ମକତାଗୁଡ଼ିକୁ ଜାଣିବାକୁ ହେବ, ଏବଂ ଏହି ବିଶ୍ୱର ଜଡ଼ଗତ ସମ୍ମୁଖଭାଗଟିର ପଛରେ ରହିଥିବା ଅନ୍ତର୍ଗୁପ୍ତ ମନ ଓ ପ୍ରାଣର ବିଶ୍ୱାତ୍ମକ ବିଧାନ ଓ ପ୍ରକ୍ରିୟାଗୁଡ଼ିକୁ ମଧ୍ୟ ଜାଣିବାକୁ ପଡ଼ିବ । ଗୁପ୍ତବିଦ୍ୟାକୁ ତାହାର ବ୍ୟାପକତମ ଅର୍ଥରେ ଗ୍ରହଣ କଲେ ଏସବୁକୁ ଆମେ କେବଳ ତାହାର କ୍ଷେତ୍ର ବୋଲି କହିପାରିବା । ଯେଉଁ ଲୁକ୍କାୟିତ ଗୁପ୍ତ ଶକ୍ତି ବା ଶକ୍ତିଗୁଡ଼ିକ ଏହି ଜଗତର ନିୟନ୍ତ୍ରଣ କରୁଛନ୍ତି, ସେ ସେଗୁଡ଼ିକୁ ମଧ୍ୟ ଜାଣିବ । ଯଦି ଏଠାରେ ବିଶ୍ୱାତ୍ମା, ବିଶ୍ୱଗତ ଚିତ୍‌ସତ୍ତା ଅଥବା ବିଶ୍ୱସ୍ରଷ୍ଟା ବୋଲି କିଛି ରହିଥାଏ ବା ରହିଥା'ନ୍ତି, ତେବେ ତାକୁ ତାହା ସହିତ ବା ତାଙ୍କ ସହିତ ମଧ୍ୟ ସମ୍ବନ୍ଧସ୍ଥାପନ କରିବାକୁ ପଡ଼ିବ, ସେଇଟି ସହିତ ସମ୍ଭାବ୍ୟ ଯାବତୀୟ ସମ୍ବନ୍ଧ ଅଥବା ଯୁକ୍ତାବସ୍ଥାରେ ଅବସ୍ଥିତ ରହିବାକୁ ପଡ଼ିବ, ବିଶ୍ୱର ସକଳ ଶ୍ରେଷ୍ଠ ସତ୍ତା ଅଥବା ବିଶ୍ୱସତ୍ତା ଏବଂ ତାହା'ର ବିଶ୍ୱଗତ ଇଚ୍ଛାଟି ସହିତ ବା ଏକ ପରମସତ୍ତା ଓ ତାଙ୍କର ପରମ ଇଚ୍ଛା ସହିତ କୌଣସି ନା କୌଣସି ପ୍ରକାରେ ଆପଣାର ପ୍ରକୃତିଟିକୁ ମିଳାଇକରି ରଖିବାକୁ ପଡ଼ିବ । ସେହି ପରମସତ୍ତା ଦ୍ୱାରା ପ୍ରଦତ୍ତ ବିଧାନଗୁଡ଼ିକୁ ଅନୁସରଣ କରି ଆପଣା ଜୀବନ ତଥା ଜୀବନାଚରଣର ନିର୍ଦ୍ଧାରିତ ଅଥବା ପ୍ରକାଶିତ ଲକ୍ଷ୍ୟଗୁଡ଼ିକର ଅନୁଧାବନ କରିବାକୁ ହେବ । ତା'ର ଏହି ଜୀବନରେ ହେଉ ଅଥବା ଏହାପରେ ଅନ୍ୟକୌଣସି ଜୀବନରେ ହେଉ, ସେ ସିଦ୍ଧିର ଯେଉଁ ଉଚ୍ଚତମ ଶିଖରରେ ଯାଇ ପହଞ୍ଚିବ ବୋଲି ପରମବିଧାତା ତା'ଠାରୁ ଦାବି କରୁଛନ୍ତି, ତାକୁ ସେହି ଶିଖରଟି ଯାଏ ଆପଣାକୁ ଉତ୍ତୋଳିତ କରିନେବାକୁ ପଡ଼ିବ । ଏପରି କୌଣସି ବିଶ୍ୱାତୀତ ଓ ପରମ ଚିତ୍‌ସତ୍ତା ବା ପୁରୁଷ ରହିଛନ୍ତି ବୋଲି ଯଦି ସ୍ୱୀକାର କରି ନଯାଏ, ତେବେ ତା'ର ଚରମରୂପେ ପ୍ରକୃତରେ ଆଉ କ'ଣ ରହିଛି ଏବଂ ବର୍ତ୍ତମାନର ତା'ର ଏହି ଅପୂର୍ଣ୍ଣତା ଓ ଅକ୍ଷମତା ମଧ୍ୟରୁ ସେ ଆପଣାକୁ କିପରି ସେଯାଏ ଉଠାଇ ନେଇପାରିବ, ତାକୁ ସେକଥା ମଧ୍ୟ ଜାଣିବାକୁ ପଡ଼ିବ । ଏଇଟି ହେଉଛି

'oaob.nitrkl.ac.in' images reprocessed

ଧର୍ମସାଧନାର ଉଦ୍ଦେଶ୍ୟ; ମନୁଷ୍ୟପ୍ରକୃତିକୁ ନେଇ ଦିବ୍ୟ ପ୍ରକୃତି ସହିତ ଯୁକ୍ତ କରିଦେବା ଓ ଆମର ଭାବନା, ପ୍ରାଣ ଓ ଆମର ଦେହଗତ ଜୀବନ ଯେପରି ଆତ୍ମା ଏବଂ ଚିଦ୍‌ବସ୍ତୁର ବିଧାନକୁ ଆପଣା ମଧ୍ୟରେ ସ୍ୱୀକାର କରିନେଇ ପାରିବେ, ସେଥିଲାଗି ସେଗୁଡ଼ିକୁ ଊର୍ଦ୍ଧ୍ୱକୁ ଉତ୍ତୋଳିତ କରି ଧରିବା ହେଉଛି ଧର୍ମର ଉଦ୍ଦେଶ୍ୟ । ମାତ୍ର କେବଳ ଏକ ମତାବଲମ୍ବନ କିମ୍ବା ଭାବାବେଶ ମଧ୍ୟରେ ଏକାନ୍ତବଦ୍ଧ ହୋଇ ରହିଥିବା ସମସ୍ତର ଆପ୍ତଦର୍ଶନଠାରୁ ଏହି ଜ୍ଞାନ ଅନେକ ବେଶୀ ହେବା ଉଚିତ । ତା'ର ବିସ୍ତରଣଶୀଳ ମନ ପାଇଁ ଏହା ଗ୍ରହଣୀୟ ହୋଇପାରିବା ଉଚିତ; ତାର ମନୋଗତ ବିସ୍ତରଣ ସେଗୁଡ଼ିକୁ ଏହି ବିଶ୍ୱର ବସ୍ତୁତତ୍ତ୍ୱ ତଥା ପର୍ଯ୍ୟବେକ୍ଷିତ ସତ୍ୟଟି ସହିତ ସମ୍ବନ୍ଧୀକୃତ କରି ପାରୁଥିବା ଉଚିତ । ଏହାହିଁ ଦର୍ଶନର କାର୍ଯ୍ୟ, ଏବଂ ଚିନ୍ମୟ ସତ୍ୟଜିଜ୍ଞାସାର କ୍ଷେତ୍ରରେ ଏହି କାର୍ଯ୍ୟଟି କେବଳ ଏକ ଆଧ୍ୟାତ୍ମିକ ଦର୍ଶନଦ୍ୱାରାହିଁ ସମ୍ଭବ ହୋଇପାରିବ । ଏହି ଆଧ୍ୟାତ୍ମିକ ଦର୍ଶନଟିର ଅନୁସନ୍ଧାନ-ପ୍ରଣାଳୀ ବୁଦ୍ଧିଭିତ୍ତିକ ହୋଇପାରେ, ବୋଧିଲବ୍ଧ ସତ୍ୟ ଉପରେ ବି ନିର୍ଭର କରିପାରେ । ମାତ୍ର କେବଳ ଅନୁଭୂତି ଦ୍ୱାରା ଉପଲବ୍ଧ ହୋଇ ବା ଅନୁଭୂତିରେ ରୂପାନ୍ତରିତ ହୋଇହିଁ ଯାବତୀୟ ଜ୍ଞାନ ଓ ଜ୍ଞାନଗତ ପ୍ରୟାସ ପୂର୍ଣ୍ଣଫଳ ଲାଭ କରିପାରିବ, ଚେତନା ତଥା ଏହାର ପ୍ରତିଷ୍ଠିତ କିମ୍ବାତ୍ମକତାଗୁଡ଼ିକର ଏକ ଅଙ୍ଗରୂପେ ପରିଣତ ହେଲେ ଯାଇ ସେଗୁଡ଼ିକ ସାର୍ଥକ ହୋଇପାରିବ । ଏବଂ ଅଧ୍ୟାତ୍ମଭୂମିରେ ସାର୍ଥକତା ଲାଭ କରିବାକୁ ହେଲେ ଧର୍ମ, ଗୁପ୍ତବିଦ୍ୟା ତଥା ଦର୍ଶନର ଏହିସବୁ ଜ୍ଞାନ ଏବଂ ପ୍ରୟାସକୁ ଆଧ୍ୟାତ୍ମିକ ଚେତନାର ଉନ୍ମୋଚନରେହିଁ ପରିପୂର୍ଣ୍ଣ ହେବାକୁ ପଡ଼ିବ, ସେହି ଚେତନାଟିକୁ ଉପଯୁକ୍ତ ଭୂମିପ୍ରତିଷ୍ଠା ଦେଇ ତାହାକୁ ସତତ ଉତ୍ତୋଳିତ କରି ନେଉଥିବା, ସମ୍ପ୍ରସାରିତ ଓ ସମୃଦ୍ଧ କରିବାରେ ଲାଗିଥିବା ଅନୁଭୂତିଗୁଡ଼ିକରେହିଁ ତାହା ପୂର୍ଣ୍ଣ ସାର୍ଥକତା ଲାଭ କରିବ, ତାହା ଜୀବନ ତଥା କର୍ମକୁ ଚିନ୍ମୟ ସତ୍ତାର ସତ୍ୟଟି ସହିତ ଗୋଟିଏ ସୂତ୍ରରେ ନେଇ ଗଇଁଠାଇ ଦେବ । ଏସବୁ ହେଉଛି ଆଧ୍ୟାତ୍ମିକ ଉପଲବ୍ଧିର କାର୍ଯ୍ୟ, ଆଧ୍ୟାତ୍ମିକ ଅନୁଭୂତିର କାର୍ଯ୍ୟ ।

ଯାବତୀୟ ବିବର୍ତ୍ତନ ସ୍ୱଭାବତଃ ଏକ କ୍ରମୋନ୍ମୋଚନର ଗତିରେହିଁ ଗତି କରିବାକୁ ବାଧ୍ୟ ହେବ । କାରଣ ଆପଣାର ସାମର୍ଥ୍ୟଗୁଡ଼ିକୁ ବିବର୍ତ୍ତିତ କରି ଆଣିଥିବା ପ୍ରତ୍ୟେକ ନୂତନ ତତ୍ତ୍ୱକୁ ନିଶ୍ଚେତନା ତଥା ଅବିଦ୍ୟାଗତ ଏକ ସଂବୃତି ମଧ୍ୟରୁହିଁ ଆପଣାର ବାଟ କାଢ଼ି ବାହାରିବାକୁ ପଡ଼ିବ । ସଂବୃତିର ବେଢ଼ ମଧ୍ୟରୁ ଆପଣାକୁ ବାହାର କରିନେବାରେ, ମୂଳଭୂମିର ଏହି ମାଧ୍ୟମଟିର ଅସ୍ପଷ୍ଟତା ହାତରୁ ଆପଣାକୁ ମୁକ୍ତ କରିବାରେ ସେହି ତତ୍ତ୍ୱଟିକୁ ବହୁ ଆୟାସ ସ୍ୱୀକାର କରିବାକୁ ପଡ଼େ; ନିଶ୍ଚେତନାର ସହଜାତ ଯାବତୀୟ ଆକର୍ଷଣ ତଥା ପ୍ରଭାବ, ତାହାର ସ୍ୱଭାବଗତ ବାଧା ଓ ବିରୋଧର ବିରୁଦ୍ଧରେ ସଂଗ୍ରାମ କରିବାକୁ ପଡ଼େ ଏବଂ ତେଣେ ଜ୍ଞାନ ଏବଂ ଅଜ୍ଞାନ-

'oaob.nitrkl.ac.in' images reprocessed

ମିଶ୍ରିତ ହୋଇ ରହିଥିବା ଅନ୍ଧ ଓ ଅନମନୀୟ ଅବିଦ୍ୟା ମଧ୍ୟ ତାକୁ ପଛକୁ ଟାଣିବାରେ ଲାଗିଥାଏ । ବାଟ ଫିଟାଇ ଉପରକୁ ଆସିବାଲାଗି ଭିତରୁ ଧକ୍କା ଦେଉଥିବା ସେହି ସଂଗୁପ୍ତ, ଅଧିଚେତନ ଓ ନିମଜ୍ଜିତ ସତ୍ତାର ଏକ ସଙ୍କେତରୂପେ ପ୍ରକୃତି ମଧ୍ୟରେ ପ୍ରଥମେ ଏକ ଅସ୍ପଷ୍ଟ ଆବେଗ ବା ପ୍ରବୃତ୍ତି ଦୃଷ୍ଟିଗୋଚର ହୁଏ; ଏବଂ ତା'ପରେ ଯେଉଁ ପଦାର୍ଥଟି ଜନ୍ମଗ୍ରହଣ କରିବାକୁ ଯାଉଛି, ତାହାର କ୍ଷୁଦ୍ର ଓ ଅର୍ଦ୍ଧ-ଅବଦମିତ ସୂଚନାମାନ ଅନୁଭୂତ ହେବାକୁ ଲାଗେ, ଅମାର୍ଜିତ ଓ ଅଶୋଧିତ ଉପାଦାନଗୁଡ଼ିକର ପ୍ରାଥମିକ ବିନ୍ୟାସରେ ତାହାର ଏକ ଅପୂର୍ଣ୍ଣ, କ୍ଷୁଦ୍ର ପ୍ରକାଶ ସଂଘଟିତ ହୁଏ ଯାହାକୁ କି ବିରଳ ଲକ୍ଷ୍ୟ କରିହୁଏ । ତା'ପରେ ସାନବଡ଼ ରୂପାୟନଗୁଡ଼ିକର ଆରମ୍ଭ ହୁଏ, କ୍ରମେ ଆପଣାର ବିଶିଷ୍ଟ ଲକ୍ଷଣଦ୍ୱାରା ଅଧିକତର ଭାବରେ ଚିହ୍ନିତ ହେଉଥିବା ଗୁଣର ଆବିର୍ଭାବ ହୁଏ; ପ୍ରଥମେ ଆଂଶିକ ଭାବରେ ହୁଏ, ଏଠାରେ ସେଠାରେ ଅଥବା ଅତି କ୍ଷୀଣ ଭାବରେ ଦେଖାଦିଏ । ତା'ପରେ ତାହା ଅଧିକ ସ୍ପଷ୍ଟ ହେବାକୁ ଆରମ୍ଭ କରେ, ଅଧିକ ସ୍ଥିତିସ୍ଥାପକ ହୁଏ; ଏବଂ ଶେଷରେ ତାହାର ଚୂଡ଼ାନ୍ତ ଆବିର୍ଭାବ ହୁଏ, ଚେତନାଟିରେ ରୂପାନ୍ତର ଘଟେ, ସେଥିରେ ଏକ ମୌଳିକ ପରିବର୍ତ୍ତନର ସମ୍ଭାବନା ଦେଖାଦେବାକୁ ଆରମ୍ଭ କରେ । ମାତ୍ର ତଥାପି ପ୍ରତ୍ୟେକ ସ୍ତରରେ ଅଦ୍ଭୁତ ଅନେକ କିଛୁ କରିବାକୁ ବାକି ରହିଥାଏ, ବିବର୍ତ୍ତନଗତ ପ୍ରସ୍ଥାପଟିର ସମ୍ମୁଖରେ ପରିପୂର୍ଣ୍ଣତା ଲାଭ କରିବାର ଏକ ଅତିଦୀର୍ଘ ଓ ଆୟାସକର ଅଭିବୃଦ୍ଧିପଥ ପଡ଼ିଥାଏ । ଯେଉଁଟିର ପ୍ରକାଶ ହେଲା, ସେଇଟି ଯେପରି ତଳର ଆକର୍ଷଣରେ ପୁଣିଥରେ ତା'ର ପୂର୍ବାବସ୍ଥାକୁ ଫେରି ନଯାଏ, ଯେପରି ତାହା ଅକୃତକାର୍ଯ୍ୟ ନହୁଏ କିମ୍ବା ବିଲୁପ୍ତ ହୋଇ ନଯାଏ, ସେଥିଲାଗି ତାହାକୁ ସେ କେବଳ ଦୃଢ଼ଭାବରେ ସୁସ୍ଥିର ଓ ପ୍ରତିଷ୍ଠିତ କରି ରଖିବାକୁ ହୁଏ ତାହା ନୁହେଁ, ତାହାର ସମ୍ଭାବନାର ସକଳ କ୍ଷେତ୍ରରେ ତାହାକୁ ଉନ୍ମୋଚିତ କରିଦେବାକୁ ହୁଏ; ତା'ର ପରିପୂର୍ଣ୍ଣ ଆତ୍ମସିଦ୍ଧିର ସମସ୍ତଭୂମିରେ ତଥା ତାହାର ସମ୍ଭାବ୍ୟତମ ଉଚ୍ଚତା, ସୂକ୍ଷ୍ମତା, ସମଗ୍ରତା ତଥା ପ୍ରସାର ମଧ୍ୟରେ ତାହାକୁ ବିକଶିତ କରାଇ ଆଣିବାକୁ ପଡ଼େ । ତାହାର ପ୍ରକୃତିସମ୍ପନ୍ନତାଟିକୁ ପ୍ରତିଷ୍ଠିତ କରିବାକୁ ହୁଏ, ସର୍ବବ୍ୟାପୀ ଓ ସର୍ବଗ୍ରାସୀ କରିବାକୁ ହୁଏ । ସବୁକ୍ଷେତ୍ରରେ ଏହାହିଁ ହେଉଛି ପ୍ରକୃତିର ଯଥାର୍ଥ ପ୍ରକ୍ରିୟା, ଏବଂ ଏଇଟି ଆଡ଼କୁ ଆଖି ବୁଜିଦେଇ ବସିଲେ ଆମେ ପ୍ରକୃତିର ଯାବତୀୟ ସୃଷ୍ଟିମଧ୍ୟରେ ନିହିତ ଥିବା ଅଭିପ୍ରାୟଟିକୁ ବୁଝିବାଲାଗି ଆଉ ସମର୍ଥ ହୋଇପାରିବା ନାହିଁ ଏବଂ ତା'ର କ୍ରିୟାପଦ୍ଧତିର ଗୋଳକଧନ୍ଦା ଭିତରେ ପଡ଼ି କେବଳ ବାଟବଣାହିଁ ହୋଇଯିବା ।

ମନୁଷ୍ୟର ମନ ଓ ଚେତନାରେ ଧର୍ମର ବିବର୍ତ୍ତନଟି ମଧ୍ୟ ଠିକ୍ ଏହି ପ୍ରକ୍ରିୟା ଦେଇ ଗତି କରିଛି; ସେହିସବୁ ପ୍ରକ୍ରିୟାର ପରିବେଶ ଓ ଆବଶ୍ୟକତାଗୁଡ଼ିକୁ

'oaob.nitrkl.ac.in' images reprocessed

ଭଲଭାବରେ ବୁଝିବାର ଚେଷ୍ଟା ନକଲେ ମନୁଷ୍ୟସମାଜ ଲାଗି ଧର୍ମ ଯାହାସବୁ କରିଛି, ଆମେ ସେଗୁଡ଼ିକୁ ମଧ୍ୟ କଦାପି ବୁଝିପାରିବା ନାହିଁ ଓ ତାହାର ଯଥାର୍ଥ ମୂଲ୍ୟ ହୃଦୟଙ୍ଗମ କରିପାରିବା ନାହିଁ । ଏଥିରେ କୌଣସି ସନ୍ଦେହ ନାହିଁ ଯେ ବଡ଼ ଅଶୋଧିତ ଓ ଅପୂର୍ଣ୍ଣ ଭାବରେ ଧର୍ମର ପ୍ରଥମ ଆବିର୍ଭାବ ହୋଇଥିବ; କେତେପ୍ରକାର ବିମିଶ୍ରଣ, ପ୍ରମାଦ ଏହାର ବିକାଶପଥରେ ବାଧାସୃଷ୍ଟି କରୁଥିବ ଏବଂ ହୁଏତ ଅତି ଅନାଧ୍ୟାତ୍ମିକ ସ୍ୱଭାବର ହୋଇ ରହିଥିବା ମନୁଷ୍ୟର ମନୋଗତ ଓ ପ୍ରାଣଗତ ଜୀବନକୁ ଏହି ଧର୍ମ ଅନୁଚିତ ଭାବରେ କେତେଥର ବାଟ ଛାଡ଼ିଦେବାକୁ ବାଧ୍ୟ ହୋଇଥିବ । କେତେକେତେ ଅଜ୍ଞାନାଚ୍ଛନ୍ନ, ଅନିଷ୍ଟକାରକ ଓ ଏପରିକି ସର୍ବନାଶକାରୀ ଉପାଦାନ ଧର୍ମର କ୍ଷେତ୍ରକୁ ପଶିଆସି ହୁଏତ କେତେ ପ୍ରମାଦ ଓ ଅନର୍ଥର ସୃଷ୍ଟି କରିବ । କୌଣସି ଏକ ନିର୍ଦ୍ଦିଷ୍ଟ ମତ ବା ମୋହକୁ ଧରି ଅନ୍ଧଭାବରେ ପଡ଼ିରହିବା ଲାଗି ମଣିଷମନରେ ଯେଉଁ ପ୍ରବୃତ୍ତିଟି ରହିଛି, ଆପଣାକୁହିଁ ବଳାତ୍କାର ଭାବରେ ସବୁରି ଉପରେ ମଢ଼ାଇ ଦେବାର ଯେଉଁ ସଙ୍କୀର୍ଣ୍ଣତା ତା' ଭିତରେ ରହିଛି, ଯେଉଁ ଅତି ଅସହିଷ୍ଣୁ ଅହଂବୃତ୍ତି ତାକୁ ବଡ଼ ଦୁର୍ବିନୀତ କରି ରଖିଛି, ଆପଣାର ସଂଗୃହୀତ ସୀମାବଦ୍ଧ ସତ୍ୟଗୁଡ଼ିକ ପ୍ରତି ଏବଂ ତଦୁପରି ତଜ୍ଜନିତ ଭୁଲ ଓ ଭ୍ରାନ୍ତିଗୁଡ଼ିକ ପ୍ରତି ମନର ଯେଉଁ ଅତ୍ୟାସକ୍ତି ରହିଛି, ଅଥବା ମନୁଷ୍ୟର ପ୍ରାଣମୟ ଅଂଶଟିରେ ଯେଉଁ ହିଂସାତ୍ମକତା, ଉଗ୍ରତା ଓ ଅନ୍ଧତା ଓ ଆପଣାକୁ ପ୍ରତିଷ୍ଠିତ କରି ରଖିବାଲାଗି ଯେଉଁ ଆକ୍ରମଣମୂଳକ ଓ ଉତ୍ପୀଡ଼ନକାରୀ ପ୍ରବୃତ୍ତି ରହିଛି, ଆପଣାର ବାସନା ଓ ବାସନାଗତ ପ୍ରବଣତାଗୁଡ଼ାକୁ ଚରିତାର୍ଥ କରିନେବା ପାଇଁ ପ୍ରାଣ ମନକୁ ଯେପରି ବିଶ୍ୱାସଘାତକ ଭାବରେ ପ୍ରବର୍ତ୍ତାଇ ରଖୁଛି, ଏଗୁଡ଼ାକ ଅତି ସହଜରେ ଧର୍ମର କ୍ଷେତ୍ରରେ ବି ଅନୁପ୍ରବେଶ ଓ ଆକ୍ରମଣ କରିବାର ଯଥେଷ୍ଟ ଆଶଙ୍କା ରହିଛି, ଧର୍ମକୁ ଉଗାଳରଖି ତାହାର ଉଚ୍ଚତର ଆଧ୍ୟାତ୍ମିକ ଉଦ୍ଦେଶ୍ୟ ଓ ପ୍ରକୃତିଟିରୁ ବିଚ୍ଛିନ୍ନ କରି ରଖିବାର ଆଶଙ୍କା ମଧ୍ୟ ରହିଛି । ଧର୍ମର ନାଆଁରେ ଅନେକ ଅଜ୍ଞାନ ଚମତ୍କାର ଆତ୍ମଗୋପନ କରି ରହିପାରେ, ଅନେକ ପ୍ରମାଦ ତଥା ଏକ ବ୍ୟାପକ ଭ୍ରମରଚନାକୁ ବେଶ୍ ବାଟ ଛାଡ଼ି ଦିଆଯାଇ ପାରେ, ଏପରିକି ତଦ୍‌ଗତତା ଓ ତଦ୍‌ଗତ ଜୀବନ ବିରୁଦ୍ଧରେ ଅନେକ ଅପରାଧ ଓ ପାପକର୍ମ କରିବାଲାଗି ପ୍ରଶ୍ରୟ ଦିଆଯାଇ ପାରେ । ମାତ୍ର କେବଳ ଧର୍ମକ୍ଷେତ୍ରରେ ନୁହେଁ, ମାନବପ୍ରୟାସର ସକଳ କ୍ଷେତ୍ରରେ ମଧ୍ୟ ଆମେ ଏହିପରି ଏକ ବହୁବର୍ଣ୍ଣ ଇତିହାସ ଦେଖିବାକୁ ପାଇବା, ଏବଂ ଏହିଗୁଡ଼ାକ ସାହାଯ୍ୟରେ ଯଦି କେହି ଧର୍ମର ସତ୍ୟ ଓ ଆବଶ୍ୟକତା ବିରୁଦ୍ଧରେ ସାକ୍ଷ୍ୟଦେବାକୁ ବାହାରେ, ତେବେ ମନୁଷ୍ୟ ଯେତେ କ୍ଷେତ୍ରରେ ଯେତେ ପ୍ରୟାସ ଓ ସାହସ କରିଛି, ସବୁକ୍ଷେତ୍ରର ସତ୍ୟ ତଥା ଆବଶ୍ୟକତା ବିରୁଦ୍ଧରେ ମଧ୍ୟ ସେହିପରି ଅନେକ ସାକ୍ଷ୍ୟ ଦିଆଯାଇ ପାରିବ । ମନୁଷ୍ୟର ପ୍ରତ୍ୟେକ କର୍ମ, ପ୍ରତ୍ୟେକ ଆଦର୍ଶ ଓ ବିଚାର, ଏବଂ ତା'ର କଳା ଓ ବିଜ୍ଞାନ ବିରୁଦ୍ଧରେ ମଧ୍ୟ ଅନେକ ସାକ୍ଷ୍ୟ ଦିଆଯାଇ ପାରିବ ।

'oaob.nitrkl.ac.in' images reprocessed

ଧର୍ମକୁ ଯେ ଅସ୍ୱୀକାର କରାଯାଇଥାଏ, ସେଥିଲାଗି ସେ ନିଜେହିଁ ଅନୁରୂପ ଅବକାଶମାନ ସୃଷ୍ଟି କରେ; କାରଣ ଧର୍ମ ଦାବି କରି ବାହାରେ ଯେ ତାହାର ସତ୍ୟଟିର ପ୍ରାମାଣିକତା ଦିବ୍ୟ ଅନୁଭବ ଓ ଦିବ୍ୟ ପ୍ରେରଣା ଉପରେ ପ୍ରତିଷ୍ଠିତ ରହିଛି, ଉପରୁ ଏକ ଲୋକୋତ୍ତର ଭୂମିରୁହିଁ ସେ ତା'ର ଅତିପବିତ୍ର ଓ ଅଭ୍ରାନ୍ତ ସତ୍ୟଗୁଡ଼ିକୁ ପ୍ରାପ୍ତ ହୋଇଛି । ତେଣୁ କୌଣସିପ୍ରକାର ପ୍ରଶ୍ନ ବା ତର୍କପ୍ରତିଷ୍ଠାନର ସମ୍ମୁଖୀନ ନହୋଇ ଧର୍ମ ଆପଣାକୁ ମନୁଷ୍ୟର ଭାବନା, ଅନୁଭୂତି ତଥା ଆଚରଣ ଉପରେ ଆଣି ଲଦିଦେବାକୁ ଇଚ୍ଛା କରିଛି । ଧର୍ମର ଏହି ଦାବିଟା ଏକ ଅତିରିକ୍ତ ଓ ଅପରିପକ୍ୱ ଦାବି; ଲୋକୋତ୍ତର ଭୂମିରୁ ଯେଉଁ ଦିବ୍ୟ ପ୍ରେରଣା ଓ ଦିବ୍ୟ ଆଲୋକ ଆସିଥାଏ, ଧର୍ମର ସମର୍ଥକ ପ୍ରମାଣ ହିସାବରେ ସେଥିରେ କୌଣସି ସଂଶୟ କଦାପି ରହିବା ଉଚିତ ନୁହେଁ ଓ ତାହାକୁ ସମ୍ପୂର୍ଣ୍ଣ ଦ୍ୱିଧାହୀନ ଭାବରେ ସ୍ୱୀକାର କରିନେବା ଉଚିତ ବୋଲି ଧର୍ମର ସାଧକମାନେ ବିଚାର କରିଥା'ନ୍ତି; ଏବଂ ମନୁଷ୍ୟମନର ଅଜ୍ଞାନ, ସଂଶୟ, ଦୁର୍ବଳତା ଏବଂ ଅନିଶ୍ଚିତତା ମଧ୍ୟରେ ଅନ୍ତରାତ୍ମାର ଗୋପନ ନିବାସଟିରୁ ଆଗତ ଯେଉଁ ଆଲୋକ ତଥା ଶକ୍ତି ଧର୍ମବିଶ୍ୱାସରୂପେ ଆବିର୍ଭୂତ ହୋଇଛି, ତାହାର ଯେ ଏକ ଅବିସମ୍ବାଦିତ ପ୍ରୟୋଜନ ଅବଶ୍ୟ ରହିଛି, ଧର୍ମ ଆପଣାର ବିଚରଣକ୍ଷେତ୍ରରେ ଏହିଗୁଡ଼ିକ ଉପରେ ନିର୍ଭର କରି ରହିବାକୁ ଇଚ୍ଛା କରୁଥିଲେ ମଧ୍ୟ ଆମେ ତଥାପି ତା'ର ଦାବିଗୁଡ଼ିକୁ ଅପରିପକ୍ୱ ବୋଲି କହିବା । ବିଶ୍ୱାସ ଯେ ମନୁଷ୍ୟଲାଗି ଅପରିହାର୍ଯ୍ୟ, ସେଥିରେ ଆଦୌ କୌଣସି ସନ୍ଦେହ ନାହିଁ; କାରଣ ବିଶ୍ୱାସ ବିନା ପରମ ଅଜ୍ଞାତ ମଧ୍ୟଦେଇ ଆପଣାର ଏହି ଯାତ୍ରାରେ ସେ ଆଦୌ ଅଗ୍ରସର ହୋଇ ପାରି ନଥା'ନ୍ତା । ମାତ୍ର ତଥାପି ସେହି ବିଶ୍ୱାସକୁ ଲଦିଦେବା ଉଚିତ ନୁହେଁ, ଅନ୍ତର୍ଗତ ତଦ୍‌ବସ୍ତୁ ମଧ୍ୟରୁହିଁ ଏକ ବିମୁକ୍ତ ବୋଧ ଏବଂ ଅଲଂଘ୍ୟ ନିର୍ଦ୍ଦେଶନରୂପେହିଁ ବିଶ୍ୱାସର ଉଦ୍‌ଭବ ହେବା ଉଚିତ । ଯେତେବେଳେ ଆପଣାର ଆଧ୍ୟାତ୍ମିକ ସାଧନାରେ ମନୁଷ୍ୟ ଅଜ୍ଞାନମସ୍ତ ଯାବତୀୟ ମନୋଗତ ଓ ପ୍ରାଣଗତ ବିମିଶ୍ରିତତା ମଧ୍ୟରୁ ମୁକ୍ତ ହୋଇ ସେହି ସମଗ୍ର ଓ ଅଖଣ୍ଡ ପରମ ଋତଚିତ୍ତରେ ଯାଇ ଉପନୀତ ହୋଇ ପାରିଥାଏ, କେବଳ ସେତିକବେଳେ ଯାଇ କୌଣସି ପ୍ରଶ୍ନ ନକରି ବିଶ୍ୱାସକୁ ଗ୍ରହଣ କରିନେବାର ଦାବିଟିକୁ ସ୍ୱୀକାର କରାଯାଇପାରେ । ଏଇଟି ହେଲା ଆମ ଆଗରେ ରହିଥିବା ଚରମ ଲକ୍ଷ୍ୟ, ମାତ୍ର ଆମେ ଏପର୍ଯ୍ୟନ୍ତ ସେଇଟିକୁ ଆସ୍ପୃଷ୍ଟ କରିପାରି ନାହୁଁ ଏବଂ ତାହାପୂର୍ବରୁ ବିଶ୍ୱାସକୁ ବିନାପ୍ରଶ୍ନରେ ଗ୍ରହଣ କରିନେବାର ଦାବି କରିବାଦ୍ୱାରା ମଣିଷ ଭିତରେ ରହିଥିବା ଧର୍ମଗତ ପ୍ରବୃତ୍ତିଟିର ପ୍ରକୃତ ନିଷ୍ପତ୍ତି ବଡ଼ ଗ୍ରସ୍ତାଚ୍ଛନ୍ନ ହୋଇପଡ଼ିଛି । ମଣିଷର ଧର୍ମପ୍ରବୃତ୍ତି ତାକୁ ଦିବ୍ୟ ପରମସତ୍ୟ ଆଡ଼କୁ ବାଟ କଢ଼ାଇ ନେଇଯିବା ଉଚିତ, ଏପର୍ଯ୍ୟନ୍ତ ଉପଲବ୍ଧ ହୋଇଥିବା ତା'ର ଯାବତୀୟ ସମ୍ପଦକୁ ସେହି ଦଗରେହିଁ ମୁହାଁଇ ଦେଇ ପାରିବା ଉଚିତ; ଏବଂ ପ୍ରତ୍ୟେକ ମନୁଷ୍ୟକୁ ଆଧ୍ୟାତ୍ମିକ ଶୃଙ୍ଖଳାର



'oaob.nitrkl.ac.in' images reprocessed

ଏକ ବିଶିଷ୍ଟ ଧାରା ଆଣିଦେବା ଉଚିତ, ଦିବ୍ୟ ପରମସତ୍ୟର ଅନ୍ୱେଷଣ, ସଂସ୍ପର୍ଶଲାଭ ଓ ସାମୀପ୍ୟ ସକାଶେ ତାହାର ପ୍ରକୃତିର ବିଶିଷ୍ଟ ଶକ୍ତିସମ୍ଭାବନାଟି ଅନୁସାରେ ତାକୁ ଏକ ଯଥୋଚିତ ମାର୍ଗ ବତାଇଦେଇ ପାରିବା ଉଚିତ ।

ଧର୍ମାନୁସନ୍ଧାନର କ୍ଷେତ୍ରରେ ବିବର୍ତ୍ତନାତ୍ମକ ପ୍ରକୃତିର ଏକ ଉଦାର ଓ ସତତନମନୀୟ ପଦ୍ଧତି ମଧ୍ୟରେ ବିଭିନ୍ନ ଧର୍ମସାଧନା ଲାଗି ବ୍ୟାପକତମ ଅବକାଶ ଦେଇ ତଥାପି ଧର୍ମାକାଙ୍‌କ୍ଷାର ଯଥାର୍ଥ ଅଭିପ୍ରାୟଟିକୁ ବଜାୟ ରଖିବା,—ଭାରତୀୟ ଧର୍ମବିକାଶର ଇତିହାସରେ ଆମେ ଏହାର ଏକ ସୁନ୍ଦର ନିଦର୍ଶନ ଦେଖିବାକୁ ପାଉ । ଭାରତବର୍ଷରେ ଅଗଣିତ ଧର୍ମସୃଜି ଓ ଧର୍ମମତର ବିକାଶଲାଗି ସୁଯୋଗ ଦିଆଯାଇଛି, କେତେ ଧର୍ମମତ, ଧର୍ମସମ୍ପ୍ରଦାୟ ଓ ଧର୍ମାନୁଷ୍ଠାନକୁ ପୂର୍ଣ୍ଣ ଅନୁମତି ମିଳିଛି; ଏପରିକି ସେଗୁଡ଼ିକୁ ପରସ୍ପରର ସହାବସ୍ଥିତ ଭାବରେ ତିଷ୍ଠି ରହିବାଲାଗି ଉତ୍ସାହ ଦିଆଯାଇଛି ଓ ସେଥିମଧ୍ୟରୁ ଆପଣାର ଭାବନା, ଅନୁଭୂତି, ରୁଚି ଓ ପ୍ରକୃତି ଅନୁସାରେ ଆପଣାଲାଗି ଗୋଟିଏ ଅନୁକୂଳ ପଥ ବାଛିନେବା ଲାଗି ପ୍ରତ୍ୟେକ ବ୍ୟକ୍ତିକୁ ସ୍ୱାଧୀନତା ମଧ୍ୟ ଦିଆଯାଇଛି । ଏପରି ଏକ ସ୍ଥିତିସ୍ଥାପକତା ରହିବା ନିଶ୍ଚୟ ଠିକ୍ ଓ ଯୁକ୍ତିସଙ୍ଗତ; ଏବଂ ଏକ ପ୍ରସ୍ତୋଗଧର୍ମୀ ବିବର୍ତ୍ତନର ଭୂମି ଉପରେ ତାହାକୁହିଁ ଏକ ଅନୁକୂଳ ଓ ଉପଯୁକ୍ତ ବ୍ୟବସ୍ଥା ବୋଲି କୁହାଯିବ । କାରଣ, ଆଧ୍ୟାତ୍ମିକ ଚେତନା ମନୁଷ୍ୟର ମନୋଗତ, ପ୍ରାଣଗତ ଓ ଦେହଗତ ଜୀବନକୁ ଗ୍ରହଣ କରିନେଇ ପାରିବ, ସେଥିଲାଗି ସେଗୁଡ଼ିକୁ ଯଥୋପଯୁକ୍ତ କରି ତିଆରି କରିବା ହେଉଛି ଧର୍ମର ପ୍ରକୃତ କାର୍ଯ୍ୟ; ଧର୍ମ ମନୁଷ୍ୟକୁ ତା’ ଜୀବନର ସେହି ସ୍ଥଳଟି ପର୍ଯ୍ୟନ୍ତ ବାଟ ଦେଖାଇ ନେଇଯିବ, ଯେଉଁଠାରେ କି ଅନ୍ତର୍ଗତ ଆଧ୍ୟାତ୍ମିକ ଆଲୋକଟିର ପୂର୍ଣ୍ଣ ଆବିର୍ଭାବ ଆରମ୍ଭ ହୋଇପାରିବ । ଏବଂ ମନୁଷ୍ୟ ଏହି ସ୍ଥଳଟିରେ ଆସି ପହଞ୍ଚିଗଲେହିଁ ଧର୍ମ ଆପଣାକୁ ଅଧୀନ କରି ରଖି ଶିଖିବ, ଆପଣାର ବାହ୍ୟ ପ୍ରକୃତି ଓ ବାହ୍ୟାଚାରଗୁଡ଼ାକ ଉପରେ ଆଉ ଜୋର ଦେବ ନାହିଁ, ମାତ୍ର ଆପଣାର ସ୍ୱକୀୟ ସତ୍ୟ ଓ ସ୍ୱରୂପଟିର ବିକାଶ କରିବା ସକାଶେ ତାହା ସ୍ୱୟଂ ସେହି ଅନ୍ତର୍ଗତ ଚିତ୍‌ସତ୍ତାଟିକୁ ପରିପୂର୍ଣ୍ଣ କ୍ଷେତ୍ର ଓ ଅବସର ଦେଇ ଶିଖିବ । ସେହି ମୁହୂର୍ତ୍ତଟି ଆସିବା ପୂର୍ବରୁ ଧର୍ମ ମନୁଷ୍ୟର ମନୋଭୂମି, ପ୍ରାଣଭୂମି ତଥା ଦେହଭୂମିକୁ ଯେତେଦୂର ପାରିବ ଗ୍ରହଣ କରିନେବ ଏବଂ ତା’ର ଯାବତୀୟ କ୍ରିୟାକୁ ସେହି ଆଧ୍ୟାତ୍ମିକ ଦିଗଟି ଆଡ଼କୁ ମୁହାଁଇ ରଖିବ, ତାହାର ମଧ୍ୟରେ ଏକ ଆଧ୍ୟାତ୍ମିକ ଅର୍ଥମୟତାକୁ ଅନାବୃତ କରିଦେବ, ସେଗୁଡ଼ିକୁ ଏକ ଆଧ୍ୟାତ୍ମିକ ବିଶୋଧନ ଆଣିଦେବ ଏବଂ ସେଥିରେ ଏକ ଆଧ୍ୟାତ୍ମିକ ପ୍ରକୃତିର ଉନ୍ମେଷ ଘଟାଇବ । ଏବଂ ଏହିସବୁ ସାଧନାଚେଷ୍ଟାର ପର୍ଯ୍ୟାୟରେହିଁ ଧର୍ମଗତ ପ୍ରମାଦଗୁଡ଼ିକ ସମୁପସ୍ଥିତ ହୋଇଥାଏ; କାରଣ ଏହି କ୍ଷେତ୍ରରେ ଧର୍ମ ଯେଉଁ ସାମଗ୍ରୀଟି ନେଇ କାର୍ଯ୍ୟ କରୁଥାଏ, ତାହାର

'oaob.nitrkl.ac.in' images reprocessed

ପ୍ରକୃତିବୁଦ୍ଧି ପ୍ରମାଦଗୁଡ଼ିକ ଜନ୍ମଲାଭ କରେ । ଏକ ଦିଗରେ ଅଧ୍ୟାତ୍ମଚେତନା ଓ ଅନ୍ୟ ଦିଗରେ ମନୋମୟ, ପ୍ରାଣମୟ ଓ ଦେହଗତ ଚେତନା,—ଏହି ଉଭୟଙ୍କୁ ଏକାଠି ଆଣି ଯୁକ୍ତ କରିବାର ମଧ୍ୟବର୍ତ୍ତୀ ସେତୁରୂପେ ଯେଉଁସବୁ ସାଧନାଗତ ଆଶ୍ରୟ ଗ୍ରହଣ କରାଯାଏ, ସେହିସବୁ ନିମ୍ନସ୍ତରୀୟ ଉପାଦାନ ଦ୍ୱାରାହିଁ ସେଗୁଡ଼ିକ ସଙ୍କ୍ରାମିତ ହୋଇପଡ଼େ; ଏବଂ ଫଳତଃ ଅନେକ ସମୟରେ ସେଗୁଡ଼ିକ କ୍ଷୀଣ ହୋଇଯିବାକୁ ଲାଗେ, ସେଗୁଡ଼ିକରେ ସ୍ଖଳନ ଓ ବିକାରଗ୍ରସ୍ତତା ଆସି ପହଞ୍ଚେ । ମାତ୍ର ଠିକ୍ ଏହି ପ୍ରଚେଷ୍ଟାଟିର କ୍ଷେତ୍ରରେହିଁ ଚିତ୍‌ସତ୍ତା ତଥା ପ୍ରାକୃତ ସତ୍ତା ମଧ୍ୟରେ ଏକ ସଂଯୋଗକାରୀ ମଧ୍ୟସୂତ୍ର ହିସାବରେ ଧର୍ମର ସର୍ବୋତ୍ତମ ପ୍ରୟୋଜନ ରହିଛି । ମନୁଷ୍ୟର ବିବର୍ତ୍ତନ କ୍ଷେତ୍ରରେ ସତ୍ୟ ଓ ଅସତ୍ୟ ସର୍ବଦା ଏକତ୍ର ହୋଇ ବାସ କରୁଥା'ନ୍ତି; ଏବଂ ସତ୍ୟ ଆପଣା ସହିତ କେତେକ ଅସତ୍ୟ ଓ ପ୍ରମାଦକୁ ବାନ୍ଧିକରି ଧରିଛି ବୋଲି ଯେ ଆମେ ସେଇଟିକୁ ବର୍ଜନ କରି ରଖିବା, ସେକଥା ଆଦୌ ଉଚିତ ହେବ ନାହିଁ । ଅବଶ୍ୟ ଏକଥା ମଧ୍ୟ ସର୍ବଦା ସତ୍ୟ ଯେ ସେହି ପ୍ରମାଦଗୁଡ଼ିକୁ ସତ୍ୟର କ୍ଷେତ୍ରରୁ ନିରାକୃତ କରିଦେବାକୁ ପଡ଼ିବ । ଏଇଟି କରିପାରିବା ଲାଗି ଅନେକ ଆୟାସ ଲୋଡ଼ା, ଏବଂ ଅନିପୁଣ ଓ ଅଶୋଧିତ ଭାବରେ ଏହା କରିବସିଲେ ଅସତ୍ୟ ଉପରେ ଅସ୍ତ୍ରୋପଚାର କରୁ କରୁ ଅନେକ ସମୟରେ ଧର୍ମର ମଧ୍ୟ ଅଙ୍ଗହାନି ଘଟିବାର ଆଶଙ୍କା ରହିଥିବ । କାରଣ ଆମକୁ ଯାହା ଅସତ୍ୟ ବା ପ୍ରମାଦ ବୋଲି ଦେଖାଯାଏ, ତାହା ଅଧିକାଂଶ ସମୟରେ କୌଣସି ଏକ ସତ୍ୟର ପ୍ରତୀକ, ଛଦ୍ମରୂପ ଅଥବା ବିକୃତ କିମ୍ବା ବିକଳାଙ୍ଗ ରୂପକୁହିଁ ପ୍ରକାଶ କରୁଥାଏ, ଏବଂ ଏକ ନିର୍ମମ ଅଧୀରତା ସହିତ ଅସ୍ତ୍ରୋପଚାର କରିବାକୁ ଯାଇ ଆମେ ସେହି ସତ୍ୟଟିକୁ ଆଉ ଦେଖିପାରୁ ନାହିଁ ଏବଂ ମିଥ୍ୟାଟି ସହିତ ସେଇଟିକୁ ମଧ୍ୟ କାଟି ଫୋପାଡ଼ି ଦେଉଥାଉ । ସ୍ୱୟଂ ପ୍ରକୃତି ମଧ୍ୟ ସୁଶସ୍ୟ ଓ ଅନାବନାକୁ ଏକତ୍ର ଅନେକ କାଳଯାଏ ବଢ଼ିବାଲାଗି ସମ୍ମତି ଦେଉଥାଏ, କାରଣ କେବଳ ଏହିପରି ଭାବରେହିଁ ତା'ର ଆପଣା ଅଭିବୃଦ୍ଧି ଓ ମୁକ୍ତ ବିବର୍ତ୍ତନଟି ସମ୍ଭବ ହୁଏ ।

ମନୁଷ୍ୟ ମଧ୍ୟରେ ଏକ ଅଳ୍ପବିକଶିତ ଅଧ୍ୟାତ୍ମଚେତନାର ପ୍ରଥମ ଉନ୍ମେଷ ସମୟରେ ବିବର୍ତ୍ତନାତ୍ମକ ପ୍ରକୃତିକୁ ତା'ଠାରେ ଏହି ଅନ୍ନମୟ ସତ୍ତାଟିକୁ ବେଷ୍ଟନ କରି ରହିଥିବା ସେହି ପରମ ଅନନ୍ତ ଓ ପରମ ଅଦୃଶ୍ୟଙ୍କର ଏକ ଅସ୍ପଷ୍ଟ ବୋଧ ଆଣିଦେବାକୁ ହୁଏ; ମଣିଷର ଏହି ମନ ଓ ଇଚ୍ଛା ପ୍ରକୃତରେ ଯେ କେତେ ସୀମାବଦ୍ଧ ଓ ଶକ୍ତିହୀନ, ସେହି ବିଷୟରେ ଏକ ବୋଧ ଆଣିଦେବାକୁ ହୁଏ; ଏବଂ ଏହି ଜଗତ ମଧ୍ୟରେ ତାହାଠାରୁ ଅନେକ ବୃହତ୍ତର କିଛି ନିଶ୍ଚୟ ନିଗୂଢ଼ ହୋଇ ରହିଛି, ତା' ଜୀବନରେ ସାଧକ ଅଥବା ବାଧକରୂପେ କାର୍ଯ୍ୟ କରୁଥିବା ଓ ତା'ର କ୍ରିୟାଗତ ପରିଣାମଗୁଡ଼ିକୁ

'oaob.nitrkl.ac.in' images reprocessed

ନିୟନ୍ତ୍ରିତ କରୁଥିବା କେତେ ଶକ୍ତିସମ୍ଭାବନା ନିହିତ ରହିଛି ବୋଲି ତା' ଭିତରେ ଏକ ବୋଧ ଅଣିଦେବାକୁ ହୁଏ । ସେ ଯେଉଁ ଭୌତିକ ଜଗତରେ ଜୀବନଧାରଣ କରି ରହିଛି, ତାହାରି ପଛରେ ଏକ ବୃହତ୍ତର ପରମଶକ୍ତି ଲୁଚି ରହିଛି, ସେହି ଶକ୍ତିହିଁ ସମ୍ଭବତଃ ତାକୁ ଓ ଏହି ଜଗତକୁ ଉଦ୍ଧାର କରିଛି, ମନୁଷ୍ୟ କ୍ରମେ ଏହା ଅନୁଭବ କରିବାକୁ ଆରମ୍ଭ କରେ । ଅଥବା ସେ ଅନୁଭବ କରେ ଯେ ପ୍ରଚ୍ଛନ୍ନ କେତେକେତେ ଶକ୍ତି ପ୍ରକୃତିର ଯାବତୀୟ ଗତିସ୍ପନ୍ଦନକୁ ପ୍ରେରିତ ତଥା ନିୟନ୍ତ୍ରିତ କରୁଛନ୍ତି ଓ ସେମାନେ ନିଜେ ସମ୍ଭବତଃ ସେଗୁଡ଼ିକର ଅତୀତ ହୋଇ ରହିଥିବା ଏକ ଆହୁରି ବୃହତ୍ତର ଅଜ୍ଞାତ ଶକ୍ତି ଦ୍ୱାରା ନିୟନ୍ତ୍ରିତ ହେଉଛନ୍ତି । ପ୍ରଥମ ମଣିଷ ସେହି ଶକ୍ତିଗୁଡ଼ିକର ସ୍ୱରୂପ ଆବିଷ୍କାର କରିବାକୁ ଆବଶ୍ୟକ ମଣିଲା, ଏବଂ ସେଗୁଡ଼ିକୁ ସେ ଯେପରି ତୁଷ୍ଟ କରି ରଖିପାରିବ ଓ ଆପଣାର ସହାୟକରୂପେ ପାଇ ପାରିବ, ସେଥିଲାଗି ସେଗୁଡ଼ିକ ସହିତ ସମ୍ବନ୍ଧସୂତ୍ର ସ୍ଥାପନ କରିବାକୁ ଚେଷ୍ଟା କଲା । ପ୍ରକୃତିର ପ୍ରଚ୍ଛନ୍ନ ଗତିସ୍ପନ୍ଦନଗୁଡ଼ିକର ରହସ୍ୟଗୁଡ଼ିକୁ ଜାଣି ସେଗୁଡ଼ିକ ଉପରେ ସେ ଯେପରି ଆପଣାର ନିୟନ୍ତ୍ରଣ ପ୍ରତିଷ୍ଠା କରିପାରିବ, ସେଥିଲାଗି ମଧ୍ୟ ସେ ଉପାୟ ଚିନ୍ତାକଲା । କେବଳ ଯୁକ୍ତିବୁଦ୍ଧିର ସାଧନ ଦେଇ ସେ ସେକଥା କରିପାରିଲା ନାହିଁ, କାରଣ ପ୍ରଥମ ଅବସ୍ଥାରେ ଖାଲି ଜଡ଼ଗତ ତଥ୍ୟଗୁଡ଼ିକୁ ନେଇ କାରବାର କରିବାଲାଗିହିଁ ତା' ଯୁକ୍ତିବୁଦ୍ଧିର ସାମର୍ଥ୍ୟ ରହିଥିଲା; ମାତ୍ର ଯେଉଁ ଗ୍ରନ୍ଥିଟିର ରହସ୍ୟକୁ ସେ ଜାଣିବାକୁ ଚାହୁଁଥିଲା, ତାହା ସେହି ପରମ ଅଗୋଚରଙ୍କର କ୍ଷେତ୍ର ଥିଲା ଏବଂ ତାହାକୁ ଜାଣିବାଲାଗି ଏକ ଜଡ଼ାତୀତ ଦୃଷ୍ଟି ଓ ଜଡ଼ାତୀତ ଜ୍ଞାନର ଆବଶ୍ୟକତା ରହିଥିଲା । ସହଜାତ ପ୍ରବୃତ୍ତିର ଯେଉଁ ସାମର୍ଥ୍ୟଟି ଆଗରୁ ଇତରପ୍ରାଣୀ ଭିତରେ ମଧ୍ୟ ବର୍ତ୍ତମାନ ରହିଥିଲା, ସେଇଟିକୁ ତଥା ଆପଣାର ବୋଧଶକ୍ତିକୁ ସମ୍ପ୍ରସାରିତ କରିଦେଇହିଁ ମନୁଷ୍ୟକୁ ତାହା କରିବାକୁ ପଡ଼ିଲା । ମନନସମର୍ଥ ସତ୍ତା ମଧ୍ୟରେ ପ୍ରଲମ୍ବିତ ହୋଇ ସହଜାତ ପ୍ରବୃତ୍ତିର ଏହି ସାମର୍ଥ୍ୟଟି ମନୋମୟତାର ଧର୍ମ ଧାରଣ କରିଥିଲା; ତଥାପି ଏକ ନିମ୍ନତର ସ୍ତରରେ କାର୍ଯ୍ୟକାରୀ ହେଉଥିଲେ ମଧ୍ୟ ପ୍ରଥମଯୁଗର ମନୁଷ୍ୟ ମଧ୍ୟରେ ଏହି ସାମର୍ଥ୍ୟଟି ନିଶ୍ଚୟ ଅଧିକ ଗ୍ରହଣଶୀଳ ଓ ସକ୍ରିୟ ହୋଇ ପାରିଥିବ, କାରଣ ଆପଣାର ପ୍ରଥମ କାଳରେ ଆବଶ୍ୟକ ଆବିଷ୍କାରଗୁଡ଼ିକ ଲାଗି ମନୁଷ୍ୟକୁ ମୁଖ୍ୟତଃ ତାହାରି ଉପରେହିଁ ନିର୍ଭର କରିବାକୁ ପଡ଼ୁଥିଲା । ସେ ଅଧିଚେତନ ଅନୁଭୂତି ଉପରେ ମଧ୍ୟ ନିର୍ଭର କରୁଥିଲା; କାରଣ ତା'ର ଅଧିଚେତନ ସତ୍ତାଟି ମଧ୍ୟ ସେତେବେଳକୁ ନିଶ୍ଚୟ ଅଧିକ କ୍ରିୟାଶୀଳ ହେବାକୁ ଆରମ୍ଭ କରିଥିବ ଓ ତାହାର ଜୀବନଭୂମିରେ ଫୁଟି ଉଠିବାକୁ ଅଧିକ ପ୍ରସ୍ତୁତ ହୋଇ ସାରିଥିବ; ମନୁଷ୍ୟ ଆପଣାର ବୁଦ୍ଧି ଓ ଇନ୍ଦ୍ରିୟଗୁଡ଼ିକ ଉପରେ ସମ୍ପୂର୍ଣ୍ଣ ଭାବରେ ନିର୍ଭର କରିବାକୁ ଶିଖିବା ପୂର୍ବରୁ ତା'ର ବହିଶ୍ଚେତନାରେ ଆପଣାର ପ୍ରତିଛାୟାଗୁଡ଼ିକୁ ରୂପଦେବାକୁ ଅଧିଚେତନର ନିଶ୍ଚୟ ଅଧିକ ସାମର୍ଥ୍ୟ ରହିଥିବ । ପ୍ରକୃତିର ସଂସ୍ପର୍ଶରେ ଆସି ବୋଧି ଏହିପରି ଭାବରେ

'oaob.nitrkl.ac.in' images reprocessed

ମନୁଷ୍ୟକୁ ଯାହାକିଛି ବହନ କରି ଆଣୁଥିଲା, ମନ ତାହାକୁ ସଜାଇ ଶ୍ରେଣୀବଦ୍ଧ କରି ରଖୁଥିଲା ଏବଂ ଏଇଥିରୁହିଁ ସେ ଧର୍ମର ଆଦିରୂପଗୁଡ଼ିକୁ ଗଢ଼ିବାରେ ସମର୍ଥ ହେଲା । ବୋଧିର ଏହି କ୍ରିୟାଶୀଳ ଓ ସଦା-ଉଦ୍ୟତ ଶକ୍ତିଟି ତାକୁ ଜଡ଼ଗତ ଶକ୍ତିଗୁଡ଼ିକ ପଛରେ ରହି କାର୍ଯ୍ୟ କରୁଥିବା ଜଡ଼ାତୀତ ଶକ୍ତିଗୁଡ଼ିକର ବୋଧ ବି ଆଣିଦେଲା; ଆପଣା ସହଜାତ ପ୍ରବୃତ୍ତିଟିର ପ୍ରେରଣାରେ ଅଥବା କେତେକ ଅଧିଚେତନ ବା ଅତିପ୍ରାକୃତ ଅନୁଭବର ଫଳସ୍ୱରୂପ ମନୁଷ୍ୟ ବହୁ ଅତୀନ୍ଦ୍ରିୟ ସତ୍ତାର ସନ୍ଧାନ ପାଇଲା ଓ ସେଗୁଡ଼ିକ ସହିତ କୌଣସିପ୍ରକାରେ ସମ୍ପର୍କ ବି ସ୍ଥାପନ କରିପାରିଲା, ଏହି ଜ୍ଞାନଟିର ଗତିଶୀଳ ବ୍ୟବହାର ଦ୍ୱାରା ସେ ବ୍ୟାବହାରିକ କ୍ଷେତ୍ରରେ ସେଗୁଡ଼ିକୁ ପ୍ରୟୋଗ କରିବାର କେତେକ କାର୍ଯ୍ୟସାଧକ କୌଶଳ ମଧ୍ୟ ଆବିଷ୍କାର କରିପାରିଲା । ଏହିପରି ଭାବରେ ଯାଦୁବିଦ୍ୟାର ସୃଷ୍ଟି ହେଲା ଏବଂ ଗୁପ୍ତବିଦ୍ୟାର ଅନ୍ୟ ପ୍ରାଚୀନ ଧାରାଗୁଡ଼ିକର ବି ସୃଷ୍ଟି ହେଲା । ଏହିପରି ଭାବରେ ଅଗ୍ରସର ହେଉ ହେଉ ସେ ଏକଦା ନିଶ୍ଚୟ ଜାଣିବାକୁ ପାଇଥିବ ଯେ ତା' ଭିତରେ ଏପରି କିଛି ସାମଗ୍ରୀ ରହିଛି ଯାହାକୁ କି ଜଡ଼ଧର୍ମୀ ବୋଲି କହି ହେବ ନାହିଁ, ତା' ଭିତରେ ଏକ ଆତ୍ମା ରହିଛି ଯାହାକି ଶରୀର ସହିତ ବିଲୁପ୍ତ ହୋଇ ଯାଉ ନାହିଁ । ସେହି ପରମ ଅଦୃଶ୍ୟକୁ ଜାଣିବାର ଆକୂତିଦ୍ୱାରା ଚାଳିତ ହୋଇ ସେ ଏପରି କେତେକ ଅତିପ୍ରାକୃତ ଅନୁଭୂତି ମଧ୍ୟ ଲାଭ କରିଥିବ, ଏବଂ ଆପଣା ଭିତରେ ରହିଥିବା ଏହି ଆତ୍ମାକୁ ନେଇ ଅଶୋଧିତ ଓ ପ୍ରଥମସ୍ତରୀୟ କେତୋଟି ଧାରଣା ପୋଷଣ କରିବାରେ ସେହି ଅନୁଭୂତି ତାକୁ ନିଶ୍ଚୟ ସାହାଯ୍ୟ କରିଥିବ । ଏହାର କେବଳ ଏକ ପରବର୍ତ୍ତୀ ପର୍ଯ୍ୟାୟରେହିଁ ସେ ହୁଏତ ଏକଥା ଅନୁଭବ କରିବାକୁ ଆରମ୍ଭ କଲା ଯେ ବିଶ୍ୱଜଗତର କ୍ରିୟା ଭିତରେ ସେ ଯାହାକିଛି ଅନୁଭବ କରିଆସିଛି, ସେଗୁଡ଼ିକ କୌଣସି ନା କୌଣସି ରୂପରେ ତା' ଆପଣା ଭିତରେ ମଧ୍ୟ ଅବସ୍ଥିତ ରହିଛନ୍ତି; ଏବଂ ତା' ଭିତରେ ଏଭଳି ଉପାଦାନସବୁ ବି ରହି-ଛନ୍ତି ଯାହାକି କେତେ କେତେ ଅଦୃଶ୍ୟ ଶକ୍ତି ପ୍ରତି ତଥା ଶୁଭ ଓ ଅଶୁଭର ଶକ୍ତିଗୁଡ଼ିକ ପ୍ରତି ଆପଣାର ପ୍ରତିସ୍ପନ୍ଦନ ଜଣାଇ ପାରୁଛନ୍ତି । ଏଇସବୁଥିରୁହିଁ ତା'ର ଧର୍ମଗତ-ନୀତିଗତ ଧାରଣାଗୁଡ଼ିକର ଉନ୍ମେଷ ହୋଇଥିବ ଓ ଆଧ୍ୟାତ୍ମିକ ଅନୁଭୂତିଲାଗି ତା'ର ସମ୍ଭାବନା-ମାନ ଆସି ଦେଖା ଦେଇଥିବେ । ଆଦିମ ବୋଧି, ଗୁପ୍ତବିଦ୍ୟାଗତ ଆଚାର ଓ ବିଧି, ଧର୍ମ ତଥା ସାମାଜିକ ଜୀବନରୁ ପ୍ରେରଣା ଲାଭ କରିଥିବା ଏକ ନୀତିପରିଚାଳିତ ଆଚରଣ, ପୁରାଣର ଉପାଖ୍ୟାନ ଭିତରେ ରୂପକଦ୍ୱାରା ବର୍ଣ୍ଣିତ ହୋଇଥିବା କେତେକେତେ ରହସ୍ୟମର୍ମୀ ଜ୍ଞାନ ଓ ଅନୁଭୂତି, ଏବଂ ଗୋପନ ଦୀକ୍ଷାଗ୍ରହଣ ଓ ନିୟମାଭ୍ୟାସ ମାଧ୍ୟମରେ ସେଗୁଡ଼ିକର ମୂଳ ଅର୍ଥଟିକୁ ବଜାୟ ରଖିବାର ପ୍ରଚେଷ୍ଟା,—ଏହି ସବୁଗୁଡ଼ିକୁ ଏକାଠି ମିଶାଇ ମନୁଷ୍ୟର ଧର୍ମର ଆଦିମ ରୂପଟି ଆକାରଲାଭ କରିଛି ଏବଂ ଅତ୍ୟନ୍ତ ବହିରଙ୍ଗ ଓ ଉପରସ୍ତରୀୟ ଭାବରେ ପ୍ରକାଶିତ ହୋଇଛି । ଏଥିରେ କୌଣସି ସନ୍ଦେହ ନାହିଁ

'oaob.nitrkl.ac.in' images reprocessed

ଯେ ସେହି ପ୍ରଥମ ପର୍ଯ୍ୟାୟରେ ଏହି ଉପାଦାନଗୁଡ଼ିକ ବଡ଼ ଅଶୋଧିତ, ଅସମୃଦ୍ଧ ଓ ଦୋଷଯୁକ୍ତ ଅବସ୍ଥାରେ ରହିଥିଲେ, ମାତ୍ର ସେଗୁଡ଼ିକ କ୍ରମେ ଅଧିକ ଗଭୀରତା ଲାଭ କଲେ, ଅଧିକ ବ୍ୟାପକ ହୋଇପାରିଲେ, ଏବଂ କେତେକ ସଭ୍ୟତାରେ ଅନେକ ପ୍ରାଚୁର୍ଯ୍ୟ ଓ ତାତ୍ପର୍ଯ୍ୟ ଅର୍ଜନ କରିବାକୁ ସମର୍ଥ ହୋଇଥିଲେ ।

ମନୁଷ୍ୟର ସ୍ତରକୁ ଆସି ପ୍ରକୃତି ମନ ଓ ପ୍ରାଣର ବିକାଶ ଉପରେହିଁ ଆପଣାକୁ ସବୁଠାରୁ ଅଧିକ ଅଭିନିବିଷ୍ଟ କରି ରଖିଥାଏ, ଏବଂ କୌଣସି ପରବର୍ତ୍ତୀ ପର୍ଯ୍ୟାୟରେ ଅନ୍ୟ ଉପାଦାନଗୁଡ଼ିକୁ ପରିପୂର୍ଣ୍ଣ ଭାବରେ ହାତକୁ ନିଆଯାଇ ପାରିବ ବୋଲି ସେଗୁଡ଼ିକୁ ପଛକୁ ରଖିଦେଇ ମଧ୍ୟ ମନ ଓ ପ୍ରାଣର ବିକାଶଟିକୁ ସତ୍ୱର ଅଗ୍ରସର କରାଇ ନେବାକୁ ସେ କୌଣସି କୁଣ୍ଠାବୋଧ କରେ ନାହିଁ । କିନ୍ତୁ ମନ ଓ ପ୍ରାଣର ଉତ୍ତରୋତ୍ତର ବିକାଶ ହେବା ସଙ୍ଗେ ସଙ୍ଗେ ପ୍ରକୃତି ବୁଦ୍ଧିକୁ ଅଧିକ ଶାଣିତ ଓ ବିକଶିତ କରିବାରେ ମନୋନିବେଶ କରିବାକୁ ଆରମ୍ଭ କରେ; ଏବଂ ପ୍ରଥମେ କାର୍ଯ୍ୟରେ ଆସିଥିବା ବୋଧି, ସହଜାତ ପ୍ରବୃତ୍ତି ତଥା ଅଧିଚେତନାର ସକଳ ରୂପାୟନକୁ ସତେଅବା ଘୋଡ଼ାଇ ପକାଇ ଯୁକ୍ତିବୃତ୍ତି ଓ ମନୋଗତ ବୁଦ୍ଧିର ଏକ କ୍ରମବର୍ଦ୍ଧମାନ ଶକ୍ତିଦ୍ୱାରା ଗଠିତ ସଂରଚନାମାନ ଠିଆ ହେବାକୁ ଆରମ୍ଭ କରେ । ଜଡ଼ ପ୍ରକୃତିର ରହସ୍ୟ ଓ ପ୍ରକ୍ରିୟା-ଗୁଡ଼ିକୁ ଅଧିକରୁ ଅଧିକ ଆବିଷ୍କାର କରିବା ସଙ୍ଗେ ସଙ୍ଗେ ମନୁଷ୍ୟ ତା'ର ଏକ ପ୍ରଥମ ପୂର୍ବାବସ୍ଥାରେ ଯେଉଁ ଗୁପ୍ତବିଦ୍ୟା ଓ ଯାଦୁବିଦ୍ୟାର ସାହାଯ୍ୟ ଗ୍ରହଣ କରିଥିଲା, ସେଥିରୁ ଦୂରକୁ ଦୂରକୁ ଘୁଞ୍ଚିଯିବାକୁ ଲାଗେ । ଦେବତା ଓ ଅନ୍ୟାନ୍ୟ କେତେ ଅଦୃଶ୍ୟ ଶକ୍ତି ତାକୁ ଘେରି ରହିଛନ୍ତି ଓ ତା' ଉପରେ ଆପଣାର ପ୍ରଭାବ ଅନୁଭୂତ କରାଉଛନ୍ତି ବୋଲି ତା'ର ଯେଉଁ ଧାରଣା ଥିଲା, ପ୍ରକୃତିର କ୍ରିୟା ଏବଂ ପ୍ରକୃତିର ଯାନ୍ତ୍ରିକ ବିଧାନ-ବ୍ୟବସ୍ଥାଦ୍ୱାରା ସେ ଅଧିକରୁ ଅଧିକ ରହସ୍ୟର ବ୍ୟାଖ୍ୟା କରିବାକୁ ସମର୍ଥ ହେବା ସଙ୍ଗେ ସଙ୍ଗେ ସେହି ଧାରଣାଟି କ୍ରମେ ପଛକୁ ହଟି ଯାଉଥାଏ । ମାତ୍ର ସେ ତଥାପି ଆପଣା ଜୀବନରେ ଏକ ଆଧ୍ୟାତ୍ମିକ ଉପାଦାନର ଏବଂ ଆଧ୍ୟାତ୍ମିକ ଭାବଗୁଡ଼ିକର ଅବଶ୍ୟ ଏକ ଆବଶ୍ୟକତା ରହିଛି ବୋଲି ଅନୁଭବ କରୁଥାଏ, ଓ ତେଣୁ କେତେ କାଳ ପର୍ଯ୍ୟନ୍ତ ସେ ଦୁଇଟିଯାକ କ୍ରିୟାତ୍ମକତାକୁ ଆଦରି ରହେ । ମାତ୍ର ବୁଦ୍ଧିର ଦୀପ୍ତି ଯେତିକି ବଢ଼ିବାରେ ଲାଗିଥାଏ, ଧର୍ମ ମଧ୍ୟରେ ରହିଥିବା ଗୁପ୍ତବିଦ୍ୟାଗତ ଉପାଦାନଗୁଡ଼ିକର ତାତ୍ପର୍ଯ୍ୟ ସେତିକି କ୍ଷୀଣ ହେବାରେ ଲାଗିଥାଏ, ତାହାର ପ୍ରତିପତ୍ତି ମଧ୍ୟ ହ୍ରାସ ପାଇ ଯାଉଥାଏ; ଅବଶ୍ୟ ଏକଥା ମଧ୍ୟ ସତ ଯେ ତାହା ସେତେବେଳେ ବି ବିଶ୍ୱାସ, ଆଚାର ଓ ପୁରାଣର ଆଖ୍ୟାନ ଭିତରେ ବେଶ୍ ବଞ୍ଚି ରହିପାରେ । ଏବଂ ପରିଶେଷରେ ବୁଦ୍ଧି ଦେଇ ସବୁକିଛି ଦେଖିବା ଓ ପରଖିବାର ପ୍ରବୃତ୍ତିଟି ଯେତେବେଳେ ଅତି ଶକ୍ତିଶାଳୀ ହେବାକୁ ଲାଗେ, ସେତେବେଳେ କେବଳ ମତବାଦ, ଅନୁଷ୍ଠାନ, ଆଚାର ଓ ଉପଚାର

'oaob.nitrkl.ac.in' images reprocessed

ତଥା ନୀତିନିୟମଗୁଡ଼ିକୁ ଛାଡ଼ି ଆଉ ସବୁକିଛୁ କାଟି ପକାଯାଏ । ଏପରିକି ଧର୍ମ ଭିତରେ ରହିଥିବା ଆଧ୍ୟାତ୍ମିକ ଅନୁଭବର ଉପାଦାନଟି କ୍ରମେ କ୍ଷୀଣପ୍ରଭ ହୋଇଆସେ, ଏବଂ କେବଳ ବିଶ୍ୱାସ, ସଂବେଗଧର୍ମୀ ଉତ୍ସାହ ଓ ନୀତିଗତ ଆଚରଣକୁହିଁ ଯଥେଷ୍ଟ ବୋଲି ବିଚାର କରାଯାଏ । ଫଳରେ ଧର୍ମ, ଗୁପ୍ତବିଦ୍ୟା ଓ ତତ୍ତ୍ୱାନୁଭୂତିକୁ ନେଇ ପ୍ରଥମେ ଯେଉଁ ବିମିଶ୍ରଣଟି ତିଆରି ହୋଇ ରହିଥିଲା, ସେହି ମିଶ୍ରଣଟି ଭାଙ୍ଗି ଭାଙ୍ଗି ଯାଏ; ଏବଂ ଏହିସବୁ ସାମର୍ଥ୍ୟର ପ୍ରତ୍ୟେକ ଧାରା ଆପଣାର ସ୍ୱକୀୟ ସ୍ୱତନ୍ତ୍ର ଓ ମୁକ୍ତ ପ୍ରକୃତିଟି ସହିତ ସ୍ୱକୀୟ ପଥରେ ସ୍ୱକୀୟ ଲକ୍ଷ୍ୟଟି ଆଡ଼କୁ ଅଗ୍ରସର ହେବାର ଏକ ପ୍ରବୃତ୍ତି ଦେଖାଯାଏ । ଏହି ପ୍ରବୃତ୍ତିଟି କେତେବେଳେ ହେଲେ ପରିପୂର୍ଣ୍ଣ ଓ ସାର୍ବଜନୀନ ଭାବରେ ବ୍ୟକ୍ତ ହୁଏ ନାହିଁ ସତ, ମାତ୍ର ତଥାପି ତାହା ଅତି ସ୍ପଷ୍ଟ ଭାବରେ ଦୃଷ୍ଟିଗୋଚର ହୁଏ । ଏହି କ୍ଷେତ୍ରରେ ସର୍ବଶେଷ ପରିଣାମରୂପେ ଧର୍ମ, ଗୁପ୍ତବିଦ୍ୟା ଓ ଜଡ଼ାତୀତ ଯାବତୀୟ ସାମଗ୍ରୀକୁ ସମ୍ପୂର୍ଣ୍ଣରୂପେ ଅସ୍ୱୀକାର କରାଯାଏ; ବହିର୍ମୁଖୀ ବୁଦ୍ଧିର ଏକ ଅତିଶୁଷ୍କ ଓ କଠୋର ପ୍ରବଳ ଆବେଗ ଆସି ଆମ ପ୍ରକୃତିର ଗଭୀରତର ଅଂଶଗୁଡ଼ିକର ଆଶ୍ରୟସ୍ଥଳଗୁଡ଼ିକୁ ଭାଙ୍ଗି ଚୂନା କରିଦିଏ । ମାତ୍ର ତଥାପି ପରିଣତିଧର୍ମୀ ପ୍ରକୃତି କେତେଜଣ ମୁଷ୍ଟିମେୟ ବ୍ୟକ୍ତିଙ୍କର ହୃଦୟ ଭିତରେ ଆପଣାର ଚରମ ଅଭିପ୍ରାୟ ଓ ଆକୂତିଗୁଡ଼ିକୁ ବଞ୍ଚାଇରଖେ ଏବଂ ମନୁଷ୍ୟର ବୃହତ୍ତର ମନୋବିକାଶଟିକୁ କାମରେ ଲଗାଇ ସେମାନଙ୍କୁ ଏକ ଉଚ୍ଚତର ଭୂମିକୁ ତଥା ଗଭୀରତର ପରିଣାମର କ୍ଷେତ୍ରକୁ ଉତ୍ତୋଳିତ କରିନିଏ । ଏହି ଆଧୁନିକ କାଳରେ ମଧ୍ୟ ବୁଦ୍ଧିପ୍ରଧାନତା ଓ ଜଡ଼ବାଦର ଏକ ବିଜୟମଣ୍ଡିତ ଯୁଗ ଅତିକ୍ରାନ୍ତ ହୋଇଗଲା ପରେ ଆମେ ଏହି ସ୍ୱାଭାବିକ ପ୍ରକ୍ରିୟାଟି କାର୍ଯ୍ୟ କରୁଥିବାର କେତେ ପ୍ରମାଣ ପାଇବାରେ ଲାଗିଲୁଣି; ଏକ ଅନ୍ତର୍ଗତ ଆତ୍ମ-ଆବିଷ୍କାର ଆଡ଼କୁ ଫେରିଆସିବା, ଏକ ଆନ୍ତର ଅନ୍ୱେଷଣ ଓ ଆନ୍ତର ବିଚାର ଆଡ଼କୁ ଆଗ୍ରହ ପ୍ରକାଶ କରିବା, ତତ୍ତ୍ୱଦୃଷ୍ଟିଗତ ଅନୁଭୂତି ଲାଭ କରିବାଲାଗି ଏକ ନୂତନ ପ୍ରୟାସ କରିବା, ଅନ୍ତରାତ୍ମାର ସନ୍ଧାନ କରି ବାହାରିବା, ଚିଦ୍‌ବସ୍ତୁର ସତ୍ୟ ଓ ସାମର୍ଥ୍ୟଗତ ଏକ ବୋଧର ଭୂମିରେ ଆପଣାକୁ ଜାଗ୍ରତ କରାଇବା,—ଏହିସବୁ ପ୍ରବୃତ୍ତି ଏବେ ଆତ୍ମପ୍ରକାଶ କରିବାକୁ ଆରମ୍ଭ କରୁଛି । ଆପଣାକୁ, ଆପଣାର ଆତ୍ମାକୁ ତଥା ବସ୍ତୁଗୁଡ଼ିକର ଗଭୀରତର ସତ୍ୟକୁ ଅନ୍ୱେଷଣ କରି ବାହାରିବାର ଯେଉଁ ଆକାଂକ୍ଷା ମନୁଷ୍ୟ ଭିତରେ ଦେଖାଦେଲାଣି, ତାହାରିଦ୍ୱାରାହିଁ ସେ ଆପଣାର ହୃତ ଶକ୍ତିଟିକୁ ଫେରି ପାଇବାକୁ ଚାହୁଁଛି, ତାହାର ପୁନରୁଜ୍ଜୀବନ ଘଟାଇବାକୁ ଇଚ୍ଛା କରୁଛି । ଆପଣାର ନୂତନ ଧର୍ମାନୁସରଣରେ ସେ ନୂତନ ଜୀବନ ସଞ୍ଚାର କରିବାକୁ ଯାଉଛି, ନୂତନ କେତେ ଧର୍ମର ସଂସ୍ଥାପନ କରି ବାହାରିଛି ଓ ସମ୍ପ୍ରଦାୟଗତ ଧର୍ମପାଶଗୁଡ଼ାକରୁ ସମ୍ପୂର୍ଣ୍ଣ ମୁକ୍ତ ରହି ଆପଣାର ବିକାଶସାଧନ କରିବାକୁ ଇଚ୍ଛା କରୁଛି । ତା'ର ବୁଦ୍ଧି ମଧ୍ୟ ଜଡ଼ାବିଷ୍କାରର ସ୍ୱାଭାବିକ ସାମର୍ଥ୍ୟସୀମାଗୁଡ଼ିକ ପାଖରେ

'oaob.nitrkl.ac.in' images reprocessed

ଯାଇ ପହଞ୍ଚି ସାରିବା ପରେ, ସେହି ଆବିଷ୍କାରର ସାଧ୍ୟସୀମାଟିକୁ ଛୁଇଁସାରି ଏକଥା ବେଶି ବୁଝିବାକୁ ଆରମ୍ଭ କଲାଣି ଯେ କେବଳ ବାହ୍ୟ ପ୍ରକୃତିର ପ୍ରକ୍ରିୟାଗୁଡ଼ାକର ବ୍ୟାଖ୍ୟା କରିବା ବ୍ୟତୀତ ସେ ପ୍ରକୃତରେ ଆଉ କିଛୁ କରି ପାରୁ ନାହିଁ । ଏବଂ ଏହି ହୃଦ୍‌ବୋଧଟି ହେବା ପରେ ସେ ବର୍ତ୍ତମାନ ଯେତେ ପ୍ରୟୋଗମୂଳକ ଭାବରେ ବା ଯେତେ କୁଣ୍ଠାର ସହିତ ହେଲେ ମଧ୍ୟ ଆପଣାର ଗବେଷଣାରେ ମନ ଓ ପ୍ରାଣଗତ ଶକ୍ତି ତଥା ଗୁପ୍ତବିଦ୍ୟାର ଗମ୍ଭୀରତର ଅନାବିଷ୍କୃତ କ୍ଷେତ୍ରଟି ଉପରେ ଦୃଷ୍ଟି ନିବଦ୍ଧ କରିବାକୁ ଆରମ୍ଭ କରୁଛି । ଏହିଗୁଡ଼ାକୁହିଁ ସେ ପ୍ରଥମେ ବର୍ଜନୀୟ ମଣି ବହିଷ୍କୃତ କରି ରଖିଥିଲା, ମାତ୍ର ବର୍ତ୍ତମାନ ସେ ଏହିଗୁଡ଼ିକ ଭିତରେ କ'ଣସବୁ ସତ୍ୟ ହୁଏତ ଥାଇପାରେ, ତାହା ଜାଣିବାଲାଗି ପୁଣି ଆଗ୍ରହୀ ହୋଇ ଆସିଲାଣି । ଧର୍ମ ଯେ ସମ୍ପୂର୍ଣ୍ଣ ଭାବରେ ବିଲୁପ୍ତ ହୋଇ ନଯାଇ ଅବଶ୍ୟ ବଞ୍ଚି ରହିବ, ତାହା ସ୍ୱୟଂ ସେହି ଶକ୍ତିର ପରିଚୟ ଦେଲାଣି ଏବଂ ବର୍ତ୍ତମାନ ଏପରି ଏକ ବିବର୍ତ୍ତନର ମଧ୍ୟଦେଇ ଗତି କରୁଛି ଯାହାର ଶେଷ ପରିଣାମ ହୁଏତ କ'ଣ ହେବ, ସେହି ବିଷୟ ତାକୁ ମଧ୍ୟ ଅସ୍ପଷ୍ଟ ଓ ଅନିଶ୍ଚିତ ହୋଇ ରହିଛି । ଯେତେ ଅଶୋଧିତ ଓ ପରିସ୍ଥାଚ୍ଛନ୍ନ ଭାବରେ ହେଉ ପଛକେ, ଆରମ୍ଭ ହେବାକୁ ଯାଉଥିବା ଏହି ମାନସିକ ନୂତନ ପର୍ଯ୍ୟାୟଟିରେ ପ୍ରକୃତି ମଧ୍ୟରେ ଏକ ଆଧ୍ୟାତ୍ମିକ ବିବର୍ତ୍ତନକୁ ଏକ ମୀମାଂସକ ନୂତନ ଦିଗରେ ମୋଡ଼ି ନେଇ ଅଗ୍ରସର କରାଇ ନେବାଲାଗି ଏକ ପ୍ରବଳ ଆକାଂକ୍ଷା ଜନ୍ମଲାଭ କରିବାର ସମ୍ଭାବନା ମଧ୍ୟ ସ୍ପଷ୍ଟ ପରିଲକ୍ଷିତ ହେଲାଣି । ପ୍ରାଚୀନ କାଳରେ ଧର୍ମ ଭିତରେ ଅନେକ ଐଶ୍ୱର୍ଯ୍ୟ ରହିଥିଲା, ମାତ୍ର ବୁଦ୍ଧିର ଆୟତନ ମଧ୍ୟକୁ ପ୍ରବେଶ କରିବାର ପୂର୍ବବର୍ତ୍ତୀ ସେହି ପର୍ଯ୍ୟାୟରେ ସେଥିରେ ଅନେକ ଅସ୍ପଷ୍ଟତା ମଧ୍ୟ ଥିଲା; ଏବଂ ତା'ପରେ ବୁଦ୍ଧିଗତତାର ପ୍ରଭାବଶାଳୀ ରୂପଦ୍ୱାରା ତାଡ଼ିତ ହୋଇ ସେଥିରେ କୌଣସି ଅସ୍ପଷ୍ଟତା ରହିଲା ନାହିଁ ସତ, ମାତ୍ର ତାହା ଏକ ବୁଦ୍ଧିପରିଚ୍ଛିନ୍ନ ମଧ୍ୟାବସ୍ଥାରେ ଆସି ପଡ଼ିରହିଲା । ମାତ୍ର ଏହାକୁ ପରିଶେଷରେ ମନୁଷ୍ୟମନର ଊର୍ଦ୍ଧ୍ୱ ପ୍ରସାରୀ ପଥଟିର ଅନୁସରଣ କରି ଆହୁରି ଆଗକୁ ଯିବାକୁ ପଡ଼ିବ, ଅଧିକ ପରିପୂର୍ଣ୍ଣ ଭାବରେ ଆପଣାର ଶିଖରଦେଶ ଆଡ଼କୁ ଉଠିଯିବାକୁ ହେବ ଏବଂ ବୁଦ୍ଧିର ଅତୀତ ଏକ ଚେତନା ତଥା ଜ୍ଞାନର ଧାମରେ ଅବସ୍ଥିତ ଆପଣାର ଯଥାର୍ଥ ଏବଂ ବୃହତ୍ତମ କ୍ଷେତ୍ରଟି ଆଡ଼କୁ ଅଗ୍ରସର ହେବାକୁ ପଡ଼ିବ ।

ଅତୀତ ଆଡ଼କୁ ଅନାଇ ଆମେ ଏହି ସ୍ୱାଭାବିକ ବିକାଶର ଧାରାଟିର ତଥାପି ଅନେକ ପ୍ରମାଣ ଦେଖିବାକୁ ପାଇବା । ଅବଶ୍ୟ ଏକଥା ସତ ଯେ ଏହାର ଆଦିମତର ପର୍ଯ୍ୟାୟର ଅଧିକତର ଅଂଶଟି ପ୍ରାକ୍-ଇତିହାସର ଅଲିଖିତ ପୃଷ୍ଠାମାନଙ୍କରେ ଆମଠାରୁ ଲୁକ୍‌କାୟିତ ହୋଇ ରହିଯାଇଛି । ବିରୁଦ୍ଧ ପକ୍ଷରୁ କୁହାଯାଇଛି ଯେ ଆପଣାର ପ୍ରଥମ ଆରମ୍ଭବେଳେ ଧର୍ମ କେବଳ ଦ୍ରବ୍ୟାତ୍ମବୋଧ, ପ୍ରତୀକପୂଜା, ଯାଦୁବିଦ୍ୟା, ଗୋତ୍ର-

'oaob.nitrkl.ac.in' images reprocessed

ବିଶ୍ୱାସ, ନିଷେଧ, ଓ କଳ୍ପନାଜାତ ନାନା ଆଖ୍ୟାୟିକା ଦ୍ୱାରା ଭର୍ତ୍ତି ହୋଇ ରହିଥିଲା, ଅନ୍ଧବିଶ୍ୱାସ ଦ୍ୱାରା ପ୍ରେରିତ ହୋଇ ପ୍ରତୀକର ଉପାସନା କରାଯାଉଥିଲା; ସେତେବେଳେ ରୋଗୀଦେହରୁ ପ୍ରେତ ଛଡ଼ାଇ ରୋଗର ଆରୋଗ୍ୟ କରୁଥିବା ବୈଦ୍ୟହିଁ ପୁରୋହିତର କାର୍ଯ୍ୟ କରୁଥିଲା, ମନୁଷ୍ୟର ମନ ଉପରେ ଆଦିମ ଅଜ୍ଞାନର ପରଳ ମାଡ଼ି ରହିଥିଲା। ଏବଂ ଏକ ପରବର୍ତ୍ତୀ କାଳରେ ଏହିସବୁ ପ୍ରବୃତ୍ତି ତାହାର ଶୀର୍ଷତମ ଉତ୍କର୍ଷର ପର୍ଯ୍ୟାୟରେ ପ୍ରକୃତିପୂଜାରେହିଁ ପର୍ଯ୍ୟବସିତ ହୋଇଥିଲା। ଆଦିମ ମଣିଷର ମନ ହୁଏତ ଏହିପରି ଏକ ଅବସ୍ଥା ଭିତରେ ବାନ୍ଧିହୋଇ ରହିଥିଲା, ମାତ୍ର ତଥାପି ଆମକୁ ଏକଥାଟି ମଧ୍ୟ କହି ରଖିବାକୁ ହେବ ଯେ ଆଦିମ ମଣିଷର ଅଧିକାଂଶ ବିଶ୍ୱାସ ଓ ଅନୁଷ୍ଠାନଗୁଡ଼ିକ ପଛରେ ଯେତେ ନିମ୍ନତର ସ୍ତରର ହେଲେ ମଧ୍ୟ ଅତ୍ୟନ୍ତ କାର୍ଯ୍ୟସାଧକ ଏପରି ଏକ ସତ୍ୟ ହୁଏତ ପ୍ରଚ୍ଛନ୍ନ ହୋଇ ରହିଥିଲା, ଉନ୍ନତତର ବିକାଶ ଲାଭ କରି ଯାହାକୁ କି ଆମେ ଅନେକ ପରିମାଣରେ ହରାଇ ଦେଇ ଆସିଛୁ। ଆଦିମ ମଣିଷ ଅଧିକାଂଶତଃ ଆପଣା ପ୍ରାଣସତ୍ତାର ଏକ ନିମ୍ନସ୍ତରସ୍ଥ କ୍ଷୁଦ୍ର ରାଜ୍ୟରେହିଁ ବାସ କରୁଥାଏ; ଅତୀନ୍ଦ୍ରିୟ ଭୂମିରେ ତାହାରି ଅନୁରୂପ ଗୁଣଯୁକ୍ତ ଏକ ଅଦୃଶ୍ୟ ପ୍ରକୃତିର ରାଜ୍ୟ ମଧ୍ୟ ରହିଥାଏ ଏବଂ ଆପଣାର ନିମ୍ନତର ପ୍ରାଣଗତ ବୋଧି ତଥା ସହଜବୁଦ୍ଧି ଦ୍ୱାରା ଆଦିମ ମଣିଷ ତାହାକୁ କେତେକ ପରିମାଣରେ ଜାଣିବାକୁ ବି ସମର୍ଥ ହୁଏ। ତେଣୁ ସେହି ଜ୍ଞାନ ଏବଂ ଉପଯୋଗୀ ସାଧନଦ୍ୱାରା ସେହି ଅଦୃଶ୍ୟ ପ୍ରକୃତିରୁ ଗୁପ୍ତଶକ୍ତିଗୁଡ଼ିକୁ ଆକର୍ଷଣ କରି ଆଣିବାକୁ ମଧ୍ୟ ସେ ସମର୍ଥ ହୋଇଥାଏ। ହୁଏତ ଏହିପରି ଭାବରେହିଁ ଧର୍ମସାଧନା ଓ ଧର୍ମାନୁଷ୍ଠାନର ଏକ ପ୍ରାଥମିକ ସ୍ତର ସେତେବେଳେ ଗଢ଼ି ଉଠିଥିଲା, ଯାହାର ସ୍ୱଭାବ ତଥା ଅଭିପ୍ରାୟଗୁଡ଼ିକ ମଧ୍ୟରେ ବଡ଼ ଅସ୍ପଷ୍ଟ ଓ ଅମାର୍ଜିତ ଭାବରେ ଗୁପ୍ତବିଦ୍ୟା ଆଡ଼କୁ ଏକ ପ୍ରବୃତ୍ତି ରହିଥିଲା; ମାତ୍ର ତଥାପି ସେହି ଅବସ୍ଥାରେ ତାହାକୁ ଅଧ୍ୟାତ୍ମବିଦ୍ୟା ବୋଲି କୁହାଯାଇ ପାରିବ। ପ୍ରାଣଗତ କ୍ଷୁଦ୍ର ନାନା କାମନାର ପରିତୃପ୍ତି ଓ ଏକ ସ୍ଥୂଳ ଭୌତିକ ସୁଖଲାଭରେ ସହାୟକ ହେବାପାଇଁ କ୍ଷୁଦ୍ର ପ୍ରାଣ-ଶକ୍ତି ଏବଂ ସୂକ୍ଷ୍ମଭୂତମୟ ନାନା ସତ୍ତାକୁ ଆବାହନ କରି ଆଣିବାହିଁ ଏହାର ମୁଖ୍ୟ ଉପାଦାନ ହୋଇ ରହିଥିଲା।

ଏହି ଆଦିମ ଯୁଗଟିକୁ ଆମେ ଅନେକ ସମୟରେ ପୂର୍ବବର୍ତ୍ତୀ କୌଣସି ସଭ୍ୟତାର ଚକ୍ରାବର୍ତ୍ତର ଉପଲବ୍ଧ ଉଚ୍ଚତର ଜ୍ଞାନର ଏକ ପତିତାବସ୍ଥା, ଏକ ଅବଶେଷ କିମ୍ବା ଏକ ପଶ୍ଚାଦ୍‌ଗମନରୂପେ ଦେଖିବାକୁ ଇଚ୍ଛା କରିଥାଉ, ଅଥବା କୌଣସି ମୃତ ଓ ନଷ୍ଟିଭୂତ ସଂସ୍କୃତିର ନିକୃଷ୍ଟାବଶେଷ ବୋଲି ବିଚାରିଥାଉ। ମାତ୍ର ଯଦି ଏହା ସେପରି ନହୋଇ ଧର୍ମବିକାଶର ଏକ ଆଦିମ ଅବସ୍ଥାହିଁ ହୋଇଥାଏ, ତଥାପି ତାହାକୁ କେବଳ ଏକ ଆରମ୍ଭମାତ୍ରହିଁ କହିବାକୁ ପଡ଼ିବ। ଆହୁରି କେତୋଟି

'oaob.nitrkl.ac.in' images reprocessed

ମଧ୍ୟବର୍ତ୍ତୀ ପର୍ଯ୍ୟାୟ ଦେଇ ସେଥିରୁ ଧର୍ମର ଯେଉଁ ଉନ୍ନତ ଅବସ୍ଥାଟି ସମ୍ଭବ ହେଲା, ପ୍ରଥମ ଯୁଗର ସଭ୍ୟ ମନୁଷ୍ୟସମୂହଙ୍କର ସାହିତ୍ୟ ଅଥବା ସଂରକ୍ଷିତ ଲିଖିତ ତଥ୍ୟ-ଗୁଡ଼ିକରେ ଆମେ ତାହାର ବିବରଣ ଦେଖିବାକୁ ପାଇଥାଉ । ଧର୍ମର ଏହି ପ୍ରକାରଟିରେ ବହୁ ଦେବତାଙ୍କଠାରେ ବିଶ୍ୱାସ ଓ ସେମାନଙ୍କର ଉପାସନା ଅନ୍ତର୍ଗତ ହୋଇ ରହିଥିଲା, ସୃଷ୍ଟିତତ୍ତ୍ୱର ଏକ ବ୍ୟାଖ୍ୟା ରହିଥିଲା, ଧର୍ମଗତ ନାନା ଆଖ୍ୟାୟିକାକୁ ଗୁନ୍ଥି ଏକ ପୁରାଣର ରଚନା ହୋଇଥିଲା; ଏବଂ ଉତ୍ସବ, ପର୍ବାନୁଷ୍ଠାନ, ପର୍ବୋପଚାର ଓ ନୈତିକ ଅନୁଶାସିତତାର ଏକ ଜଟିଳ ସମାହାର ଅନେକ ସମୟରେ ସମାଜର ବ୍ୟବସ୍ଥାଟି ମଧ୍ୟରେ ଅତ୍ୟନ୍ତ ଗଭୀର ଭାବରେ ଜଡ଼ିତ ଓ ଗ୍ରଥିତ ହୋଇ ରହିଥିଲା । ଏହି ଧର୍ମ ସାଧାରଣତଃ ଏକ ଜାତି ବା ଉପଜାତିର ଧର୍ମ ହିସାବରେହିଁ ଅଭିବ୍ୟକ୍ତ ହେଉଥିଲା, ଏବଂ ସଂପୃକ୍ତ ମନୁଷ୍ୟସମୂହ ଆପଣାର ଜୀବନରେ ଓ ଆପଣାର ଭାବନା-ସ୍ତରରେ ଯେତେବେଳେ ବିବର୍ତ୍ତନର ଯେଉଁ ଅବସ୍ଥାରେ ରହିଥିଲା, ସେତେବେଳେ ତାହାର ଧର୍ମ ମଧ୍ୟ ଠିକ୍ ସେହି ଅବସ୍ଥାଟିକୁ ପ୍ରକଟ କରି ଦେଉଥିଲା । ଏହି ଧର୍ମର ବାହ୍ୟ ସଂଗଠନରେ ତାହା କୌଣସି ଗଭୀର ଆଧ୍ୟାତ୍ମିକ ଅର୍ଥସମ୍ପନ୍ନତାକୁ ଆଶ୍ରୟ କରି ରହି ନଥିଲା, ମାତ୍ର ବୃହତ୍ତର ଓ ଅଧିକ ଉନ୍ନତ ସଂସ୍କୃତିଗୁଡ଼ିକରେ ଗୁପ୍ତବିଦ୍ୟା-ଜ୍ଞାନ ଓ ସାଧନାର ଏକ ବଳିଷ୍ଠ ପୃଷ୍ଠଭୂମିର ନିର୍ମାଣ କରି ରଖି ଅଥବା ଆଧ୍ୟାତ୍ମିକ ଜ୍ଞାନ ଓ ସାଧନାର ପ୍ରାଥମିକ ଉପାଦାନଗୁଡ଼ିକୁ ବହନ କରି ଅତି ଯତ୍ନରେ ଗୋପନରେ ସଂରକ୍ଷିତ ହୋଇ ରହିଥିବା ରହସ୍ୟବିଦ୍ୟାର ଭିତ୍ତି ଉପରେ ଧର୍ମକୁ ଠିଆ କରାଇ ଉକ୍ତ ଅଭାବଟିକୁ ପୂରଣ କରାଯାଇ ଥିଲା । ତଥାପି ଏହିସବୁ କ୍ଷେତ୍ରରେ ଗୁପ୍ତବିଦ୍ୟାକୁ ଅନେକ ସମୟରେ ସନ୍ତେଥବା ଏକ ଅତିରିକ୍ତ ଅଙ୍ଗରୂପେ ଆଣି ରଖା ହୋଇଥିଲା, ଧର୍ମର ସବୁ କ୍ଷେତ୍ରରେ ତାହା ଆଦୌ ବର୍ତ୍ତମାନ ନଥିଲା । ଦିବ୍ୟତାସମ୍ପନ୍ନ ଶକ୍ତି-ଗୁଡ଼ିକର ଉପାସନା, ଯାଗଯଜ୍ଞ, ବାହ୍ୟ ସଦାଚାର ଏବଂ ସାମାଜିକ ଅନୁଶାସନବଦ୍ଧତା, —ଏହିଗୁଡ଼ିକହିଁ ସେତେବେଳେ ଧର୍ମର ପ୍ରଧାନ ଉପାଦାନ ହୋଇ ରହିଥିଲା । ସେଠାରେ ପ୍ରଥମ ଅବସ୍ଥାରେ ଏକ ଅଧ୍ୟାତ୍ମଦର୍ଶନ କିମ୍ବା ଜୀବନର ଅର୍ଥ ବା ଲକ୍ଷ୍ୟ ସମ୍ବନ୍ଧରେ କୌଣସି ଧାରଣା ହୁଏତ ଆଦୌ ବର୍ତ୍ତମାନ ନଥିଲା, ମାତ୍ର ପୁରାଣ ଏବଂ ରହସ୍ୟ-ଉପାଖ୍ୟାନଗୁଡ଼ିକରେ ତାହାର ଏକ ଉନ୍ମେଷ ହେବାର ସୂଚନା ମିଳୁଥିଲା ଏବଂ ଗୋଟିଏ ଦୁଇଟି ଦୃଷ୍ଟାନ୍ତରେ ତାହା ସେଗୁଡ଼ିକରୁ ବାହାରି ଆସି ଶକ୍ତିଶାଳୀ ଭାବରେ ଆପଣାର ଏକ ସ୍ୱତନ୍ତ୍ର ପରିଚୟ ମଧ୍ୟ ଦେଇ ପାରିଥିଲା ।

ବସ୍ତୁତଃ ଏକଥା ବେଶ ସମ୍ଭବ ଯେ ତତ୍ତ୍ୱରହସ୍ୟର ସାଧକ ଅଥବା ପ୍ରଥମ ପର୍ଯ୍ୟାୟର ସେହି ଗୁପ୍ତବିଦ୍ୟାବାଦୀମାନେହିଁ ସବୁଠାରେ ଧର୍ମର ସର୍ଜନା କରିଛନ୍ତି ଏବଂ ଆପଣାର ଗୋପନ ଆବିଷ୍କାରଗୁଡ଼ିକୁ ସାଧାରଣ ଜନମନ ଉପରେ ବିଶ୍ୱାସ, ଆଖ୍ୟାନ ଓ

'oaob.nitrkl.ac.in' images reprocessed

ଧର୍ମୋପଲବ୍ଧିର ଆକାରରେ ନେଇ ଲାଭଦେଇଛି । କାରଣ ସର୍ବଦା କୌଣସି ନା କୌଣସି ବ୍ୟକ୍ତିହିଁ ସର୍ବପ୍ରଥମେ ପ୍ରକୃତିର ବୋଧିଜାତ ରହସ୍ୟଜ୍ଞାନ ଲାଭ କରିବାକୁ ସମର୍ଥ ହୁଅନ୍ତି ଏବଂ ତା'ପରେ ଦ୍ୱିତୀୟ ପଦକ୍ଷେପରୂପେ ମନୁଷ୍ୟସମାଜର ଅନ୍ୟମାନଙ୍କୁ ଆପଣା ପଛରେ ନେଇ ଅଗ୍ରସର ହୁଅନ୍ତି । ମାତ୍ର ମନୁଷ୍ୟର ଅବଚେତନ ସାମୂହିକ ମନରେ ଏହି ନୂତନ ସୃଜନଟି ସମ୍ଭବ ହେଲା ବୋଲି ଯଦି ଆମେ କହିବସିବା, ତେବେ ତଥାପି କହିବାକୁ ହେବ ଯେ ସେହି ମନ ଭିତରେ ଯେଉଁ ଗୁପ୍ତବିଦ୍ୟା ଓ ତତ୍ତ୍ୱରହସ୍ୟ ଆଡ଼କୁ ପ୍ରବୃତ୍ତି ରହିଥିବା ଉପାଦାନଟି ରହିଛି, ତାହାହିଁ ଧର୍ମର ଭିଆଣ କରିଛି ଏବଂ କେତେକ ବିଶେଷ ବ୍ୟକ୍ତିଙ୍କୁ ଅନୁରୂପ ଆଧାରରୂପେ ପାଇ ସେଇମାନଙ୍କ ମାଧ୍ୟମରେ ଅଭିବ୍ୟକ୍ତ ହୋଇପାରିଛି । କାରଣ ଗଣର ମନରେ କୌଣସି ନୂତନ ଅନୁଭୂତି, ଆବିଷ୍କାର କିମ୍ବା ପ୍ରକାଶକୁ ବ୍ୟାପକ ଭାବରେ ପ୍ରକଟ କରିବା କଦାପି ପ୍ରକୃତିର ପ୍ରଥମ ସୋପାନ ନୁହେଁ । ସାଧାରଣତଃ କୌଣସି ଗୋଟିଏ ବିନ୍ଦୁରେ ଅଥବା ମାତ୍ର ଅଳ୍ପକେତୋଟି ବିନ୍ଦୁରେହିଁ ପ୍ରଥମେ ନିଆଁଟିକୁ ଧରାଇ ଦିଆହୁଏ, ତା'ପରେ ତାହା ଆଗସ୍ଥରୁ ଆଗସ୍ଥକୁ ବ୍ୟାପିଯାଏ, ଗୋଟିଏ ବେଦୀରୁ ଆଉଗୋଟିଏ ବେଦୀରେ ଯାଇ ସଂସ୍ଥାପିତ ହୁଏ । ମାତ୍ର ତତ୍ତ୍ୱଜ୍ଞାନୀମାନଙ୍କର ଆଧ୍ୟାତ୍ମିକ ପ୍ରେରଣା ଓ ଚିନ୍ମୟ ଅନୁଭୂତିଗୁଡ଼ିକ ସାଧାରଣତଃ ଅପ୍ରକଟ ଅର୍ଥବିଶିଷ୍ଟ ସୂତ୍ର ଆକାରରେ ସୁରକ୍ଷିତ ହୋଇ ରହିଥିଲା ଏବଂ ମାତ୍ର କେତେଜଣ ଅନ୍ତରଙ୍ଗ ଇଚ୍ଛୁକମାନଙ୍କୁହିଁ ପ୍ରଦାନ କରାଯାଉଥିଲା । ଧର୍ମ ଓ ପରମ୍ପରାଗତ ଏକ ପ୍ରତୀକବହୁଳତାର ମାଧ୍ୟମରେ ତାହା ଅନ୍ୟମାନଙ୍କ ପାଖରେ ପରିବେଷିତ ହେଉଥିଲା ବା ସେମାନଙ୍କ ଲାଗି ସଞ୍ଚିତ ହୋଇ ରହିଥିଲା । ଏବଂ ମାନବଜୀବନର ସେହି ପ୍ରଥମ ପର୍ଯ୍ୟାୟର ଏହି ପ୍ରତୀକଗୁଡ଼ିକହିଁ ଧର୍ମର ହୃଦ୍‌ଗତ ସାର ହୋଇ ରହିଥିଲା ।

ଏହି ଦ୍ୱିତୀୟ ପର୍ବରୁ ଏକ ତୃତୀୟ ପର୍ବ ଜନ୍ମଲାଭ କଲା, ଯାହାକି ଗୋପନ କରି ରଖା ଯାଇଥିବା ଅଧ୍ୟାତ୍ମ ଅନୁଭୂତି ଓ ଜ୍ଞାନକୁ ମୁକ୍ତକରି ବାହାରକୁ ଆଣିବାଲାଗି ଚେଷ୍ଟା କଲା ଏବଂ ସମସ୍ତଙ୍କର ହୃଦୟକୁ ଆବେଦନ କରି ପାରିଲାପରି ଓ ସାର୍ବଜନୀନ ଭାବରେ ସମସ୍ତଙ୍କ ପାଖରେ ଯାଇ ପହଞ୍ଚି ପାରିଲାପରି ଏକ ସତ୍ୟରୂପେ ତାହାକୁ ସର୍ବଜନଙ୍କ ପାଖରେ ଆଣି ଉପସ୍ଥାପିତ କରିଦେଲା । ଆଧ୍ୟାତ୍ମିକ ଉପାଦାନଟିକୁହିଁ ଯେ ଧର୍ମଜୀବନର ଯଥାର୍ଥ ମର୍ମସାର କରି ରଖିବାର ଏକ ପ୍ରବୃତ୍ତି କାର୍ଯ୍ୟକାରୀ ହେଲା ତାହା ନୁହେଁ, ମାତ୍ର ଏକ ପ୍ରକାଶ୍ୟ ଶିକ୍ଷାଦାନ ଦ୍ୱାରା ତାହାକୁ ଉପାସକ ମାତ୍ରକେ ସମସ୍ତଙ୍କର ଅଧିଗମ୍ୟ କରି ରଖିବାର ମଧ୍ୟ ପ୍ରବୃତ୍ତି ପ୍ରକାଶ ପାଇଲା । ଧର୍ମଗତ ଗୁପ୍ତ ସାଧନାମାର୍ଗଗୁଡ଼ିକର ଯେପରି ଆପଣା ଆପଣାର ଜ୍ଞାନ ତଥା ଅନୁଶାସନର ବିଶେଷ ପଦ୍ଧତି ରହି ଆସିଥିଲା, ବର୍ତ୍ତମାନ ପ୍ରତ୍ୟେକ ଧର୍ମକୁ ମଧ୍ୟ ସେହିପରି ଆପଣାର ନିଜସ୍ୱ

'oaob.nitrkl.ac.in' images reprocessed

ଜ୍ଞାନତତ୍ତ୍ୱ, ମତ ଓ ଅଧ୍ୟାତ୍ମସାଧନାର ବୈଶିଷ୍ଟ୍ୟ ଧାରାଟିକୁ ସଂରକ୍ଷ କରି ରଖିବାକୁ ପଡ଼ିଲା । ଗୋପନ ଓ ପ୍ରକାଶ୍ୟ, ଆଧ୍ୟାତ୍ମିକ ବିକାଶର ଏହି ଦୁଇଟିଯାକ ପ୍ରକାର ଭିତରେ, ଅର୍ଥାତ୍ ତନ୍ତ୍ରସାଧନାର ପଥ ଓ ଧର୍ମମତର ପଥ ଭିତରେ ଆମେ ବିବର୍ତ୍ତନାତ୍ମକ ପ୍ରକୃତିର ଦୁଇପ୍ରକାର ତତ୍ତ୍ୱ ଦେଖିବାକୁ ପାଇଥାଉ : ପ୍ରଥମ ତତ୍ତ୍ୱଟି ଅନୁସାରେ ଏକ କ୍ଷୁଦ୍ର କ୍ଷେତ୍ରପରିସର ମଧ୍ୟରେ କେନ୍ଦ୍ରୀଭୂତ ହୋଇ ଘନୀଭୂତ ଭାବରେ ବିବର୍ତ୍ତନଟି ଚାଲିଥାଏ; ଏବଂ ଦ୍ୱିତୀୟଟିରେ ବିସ୍ତାରଣ ଓ ପ୍ରସାରଣର ତତ୍ତ୍ୱଟି କାର୍ଯ୍ୟକାରୀ ହେଉଥାଏ, ଯେପରିକି ନୂତନ ସୃଷ୍ଟିଟି ଯଥାସମ୍ଭବ ଏକ ବୃହତ୍ତ କ୍ଷେତ୍ରରେ ବ୍ୟାପ୍ତ ହୋଇଯାଇ ପାରିବ । କେନ୍ଦ୍ରୀଭୂତ ଓ ଏକାଭିନିବିଷ୍ଟ ହୋଇ ଗତିଶୀଳ ଶକ୍ତିକୁ ଏକ କାର୍ଯ୍ୟସାଧକ ଶକ୍ତିରେ ପରିଣତ କରିଦେବା ହେଉଛି ପ୍ରଥମଟିର ଲକ୍ଷ୍ୟ, ଦ୍ୱିତୀୟଟି ତାହାର ବ୍ୟାପ୍ତି ଓ ପ୍ରତିଷ୍ଠାକୁ ଆପଣାର ଉଦ୍ଦେଶ୍ୟ କରି ରଖିଥାଏ । ଆଧ୍ୟାତ୍ମିକତାକୁ ଏହିପରି ଭାବରେ ସବୁରି ଭିତରେ ବ୍ୟାପ୍ତ କରି ଦେବାର ଏହି ନୂତନ ପ୍ରଚେଷ୍ଟାଟିର ପରିଣାମସ୍ୱରୂପ ଆଗରୁ ଯେଉଁ ଆଧ୍ୟାତ୍ମିକ ଆକୂତି ଓ ସମ୍ପଦ ମାତ୍ର କେତେଜଣଙ୍କର ସଯତ୍ନରକ୍ଷିତ ସମ୍ପତ୍ତି ହୋଇ ରହିଥିଲା, ତାହା ସର୍ବସାଧାରଣଙ୍କ ମଧ୍ୟରେ ବିତରିତ ହୋଇଯାଏ ସତ, ମାତ୍ର ତାହାର ଶୁଦ୍ଧତା, ଉଦାରତା ତଥା ପ୍ରଗାଢ଼ତା ହ୍ରାସ ହୋଇଯାଏ । ତତ୍ତ୍ୱଦ୍ରଷ୍ଟାମାନେ ଆପଣାର ସାଧନାକୁ ବୋଧିଜାତ, ଅନୁପ୍ରେରଣାଲବ୍ଧ ଓ ଦିବ୍ୟଦ୍ୟୋତନାରୂପେ ପ୍ରକଟିତ ତର୍କାତୀତ ଜ୍ଞାନର ସାମର୍ଥ୍ୟର ଭିତ୍ତି ଉପରେ ପ୍ରତିଷ୍ଠିତ କରି ରଖିଥିଲେ, ଏବଂ ସଗୁପ୍ତ ସତ୍ୟ ତଥା ଅନୁଭୂତି ମଧ୍ୟରେ ପ୍ରବେଶ କରିବାକୁ ଅନ୍ତରସ୍ଥ ସତ୍ତାର ଯେଉଁ ଶକ୍ତି ରହିଛି, ତାହାରି ଉପରେ ପ୍ରତିଷ୍ଠିତ କରି ରଖିଥିଲେ । ମାତ୍ର ସାଧାରଣ ମନୁଷ୍ୟଙ୍କ ମଧ୍ୟରେ ଏହିସବୁ ସାମର୍ଥ୍ୟ ସାଧାରଣତଃ ବର୍ତ୍ତମାନ ନଥାଏ, ଅଥବା ବର୍ତ୍ତମାନ ରହିଥିଲେ ମଧ୍ୟ କେବଳ ଏକ ଅଶୋଧିତ, ଅବିକଶିତ ଓ ଖଣ୍ଡିତ ପ୍ରାଥମିକ ରୂପରେହିଁ ବର୍ତ୍ତମାନ ଥାଏ, ଯାହାକୁ ଭିତ୍ତି କରି ନିଶ୍ଚିତ ଭାବରେ କିଛିହେଲେ ଠିଆ କରାଯାଇ ପାରେ ନାହିଁ । ତେଣୁ ସାଧାରଣ ଲୋକସମୂହଙ୍କ ସକାଶେ ଏହି ନୂତନ ପଦ୍ଧତିରେ ଆଧ୍ୟାତ୍ମିକ ସତ୍ୟକୁ ମତ ଓ ସୂତ୍ରର ଏକ ବୁଦ୍ଧିରଚିତ ପରିଧାନରେ ସଜାଇବାକୁ ପଡ଼ିଲା, ସଂବେଗଗତ ପରିତୃପ୍ତି ଲାଗି ଉପାସନାର ନାନା ରୂପ ବାହାର କରିବାକୁ ହେଲା, ସରଳ ଅଥଚ ବ୍ୟଞ୍ଜନାପୂର୍ଣ୍ଣ ଆଚାର ଉପଚାରର ସାହାଯ୍ୟ ନେବାକୁ ପଡ଼ିଲା । ସେହି ସଙ୍ଗେ ସଙ୍ଗେ ସେଥିରେ ଥିବା ଶକ୍ତିଶାଳୀ ଆଧ୍ୟାତ୍ମିକ କେନ୍ଦ୍ରବିନ୍ଦୁଟି ମିଶ୍ରିତ ହୋଇ ପଡ଼ିଲା, ଏହାର ଶକ୍ତି କ୍ଷୀଣ ହୋଇଗଲା; ମନ, ପ୍ରାଣ ଓ ଦେହର ନିମ୍ନତର ବୃତ୍ତିଗୁଡ଼ିକ ତାହାକୁ ଆକ୍ରମଣ କରିବାର ଅବସର ପାଇଲେ ଓ ତାହାର ଅନୁକରଣ ବି କଲେ । ମିଶ୍ରଣଦ୍ୱାରା ହୀନଶକ୍ତି ହୋଇଯିବା, ଅଯଥାର୍ଥ ଭୂମିଗୁଡ଼ିକ ଦ୍ୱାରା ଆକ୍ରାନ୍ତ ହେବା, ରହସ୍ୟତତ୍ତ୍ୱ-ଗୁଡ଼ିକ କଳୁଷିତ ହୋଇଯିବା ଓ ଫଳରେ ସେଗୁଡ଼ିକର ସତ୍ୟ ତଥା ତାତ୍ପର୍ଯ୍ୟ ମଧ୍ୟ

'oaob.nitrkl.ac.in' images reprocessed

ଉଣା ହୋଇଯିବା ଏବଂ ତା' ସାଙ୍ଗକୁ ଅଦୃଶ୍ୟ ଶକ୍ତିଗୁଡ଼ିକ ସହିତ ସଂଯୋଗସ୍ଥାପନ ଦ୍ୱାରା ଯେଉଁ ଗୁପ୍ତବିଦ୍ୟାଗତ ଶକ୍ତି ହାସଲ ହୋଇଥାଏ, ତାହାର ଅପବ୍ୟବହାର କରାଯିବା,—ପ୍ରାଚୀନ ଯୁଗର ତତ୍ତ୍ୱଦ୍ରଷ୍ଟାମାନେ ଏହିଗୁଡ଼ିକୁହିଁ ସବୁବେଳେ ଭୟ କରୁଥିଲେ ଓ ସେହି କାରଣରୁ ସେଗୁଡ଼ିକୁ ନିବୃତ୍ତ କରି ରଖିବା ଉଦ୍ଦେଶ୍ୟରେ ଯାବତୀୟ ତତ୍ତ୍ୱକୁ ଅତି ଗୁହ୍ୟ କରି ରଖିଥିଲେ, କଠୋର ସାଧନାର ଅବତାରଣା କରିଥିଲେ ଓ କେବଳ ଅଳ୍ପ କେତେଜଣ ଯୋଗ୍ୟ ଅଧିକାରୀଙ୍କ ମଧ୍ୟରେହିଁ ତାହାକୁ ସୀମାବଦ୍ଧ କରି ରଖିଥିଲେ। ଧର୍ମକୁ ସମସ୍ତଙ୍କ ପାଏ ବିସ୍ତୃତ କରିଦେବାର ଓ ତଜ୍ଜନିତ ଅପସଂକ୍ରମଣର ଆଉଗୋଟିଏ ଅବାଞ୍ଛିତ ପରିଣାମ ବା ବିପଦରୂପେ ଆଧ୍ୟାତ୍ମିକ ଜ୍ଞାନ କ୍ରମେ ବୁଦ୍ଧିଗତ ସୂକ୍ଷ୍ମାସ୍ନୂନର କବଳରେ ପଡ଼ି କେତେଟା ମତବାଦରେହିଁ ପର୍ଯ୍ୟବସିତ ହୋଇ ରହିଲା ଏବଂ ଜୀବନ୍ତ ସାଧନାର ପ୍ରାଣଶକ୍ତିଟି ଆଚାର, ଅନୁଷ୍ଠାନ ଓ ବ୍ରତନିୟମର ଏକ ପ୍ରାଣହୀନ ଅତିରିକ୍ତତାରେ ପରିଣତ ହୋଇଗଲା। ଏହିଭଳି ଏକ ଯାନ୍ତ୍ରିକତା ଦ୍ୱାରା ତାଡ଼ିତ ହୋଇ କାଳକ୍ରମେ ଧର୍ମଶରୀର ତା'ର ଆତ୍ମାଟିକୁ ହରାଇବସିଲା। ମାତ୍ର ତଥାପି ପ୍ରକୃତିକୁ ବାଧ୍ୟ ହୋଇ ଏହି ପ୍ରବୃତ୍ତିର ଅନୁଗମନ କରି ଏହିପରି ଏକ ବିପଦକୁ ବରଣ କରିବାକୁ ପଡ଼ିଲା, କାରଣ ତା'ର ବିସ୍ତାରଧର୍ମୀ ଏହି ପ୍ରକ୍ରିୟାଟି ମଧ୍ୟ ବିବର୍ତ୍ତନାତ୍ମକ ପ୍ରକୃତିର ଯାତ୍ରାପଥରେ ଆଧ୍ୟାତ୍ମିକ ଆକାଙ୍କ୍ଷାର ଏକ ଅନ୍ତର୍ନିହିତ ଆବଶ୍ୟକତା ହୋଇ ରହିଥିଲା।

ଏଥିରୁ ସେହିସବୁ ଧର୍ମର ଆବିର୍ଭାବ ହେଲା ଯେଉଁଗୁଡ଼ିକ ପ୍ରଧାନତଃ ବା ମୋଟ ଉପରେ କୌଣସି ଆଧ୍ୟାତ୍ମିକ ଫଳ ଲାଭ କରିବାର ଉଦ୍ଦେଶ୍ୟରେ ଧର୍ମର ସୂତ୍ରବଦ୍ଧ ମତ ଓ ଆଚାର-ଉପଚାର ଉପରେ ଆସ୍ଥା ସ୍ଥାପନ କରିଥା'ନ୍ତି, ମାତ୍ର ପ୍ରଥମ ପର୍ଯ୍ୟାୟରେ ସେଗୁଡ଼ିକ ମଧ୍ୟରେ ବର୍ତ୍ତମାନ ରହିଥିବା ଅନୁଭୂତିଗତ ସତ୍ୟ ଓ ମୌଳିକ ଅନ୍ତର୍ଗତ ସାରବସ୍ତୁଟି ସକାଶେହିଁ ତିଷ୍ଠି ରହିଥା'ନ୍ତି। ଏବଂ ଯେପର୍ଯ୍ୟନ୍ତ ଏହିସବୁ ଧର୍ମରେ ଏପରି କେତେଜଣ ବ୍ୟକ୍ତି ଥା'ନ୍ତି, ଯେଉଁମାନେ କି ଧର୍ମର ଧାରାଟିକୁ ଅବିଚ୍ଛିନ୍ନ ରଖିଥା'ନ୍ତି, ଧର୍ମରେ ନୂତନ ଜୀବନ ଦେବାକୁ ଆସନ୍ତି ଅଥବା ଆଧ୍ୟାତ୍ମିକ ଆବେଗର ସ୍ପର୍ଶ ଲାଭ କରି ଦିବ୍ୟୋପଲବ୍ଧି ଦ୍ୱାରା ଆତ୍ମାର ମୁକ୍ତିସାଧନ କରିବାଲାଗି ଏହିସବୁ ଧର୍ମକୁ ପନ୍ଥାରୂପେ ବ୍ୟବହାର କରନ୍ତି, ସେପର୍ଯ୍ୟନ୍ତ ଏହିସବୁ ଧର୍ମ ବଞ୍ଚିକରି ରହିଥା'ନ୍ତି। ଏହାଫଳରେ ଧର୍ମର ବିକାଶଧାରାଟି ପୁଣି ଦୁଇଟି ଭିନ୍ନଭିନ୍ନ ପ୍ରବୃତ୍ତିରେ ବିଭକ୍ତ ହୋଇଯାଇଛି; ଗୋଟିଏ ହେଉଛି ଉଦାରପନ୍ଥୀମାନଙ୍କର ଧାରା ଯେଉଁମାନେ ଧର୍ମର ମୂଳ ସ୍ଥିତିସ୍ଥାପକ ସ୍ୱଭାବଟିକୁ କେତେକ ପରିମାଣରେ ବଞ୍ଚାଇ ରଖିବାକୁ ଚାହୁଁଥା'ନ୍ତି, ଧର୍ମର ବହୁମୁଖିନତା ତଥା ମନୁଷ୍ୟର ସମଗ୍ର ପ୍ରକୃତିଟି ଲାଗି ରହିଥିବା ଏହାର ଆବେଦନଟିକୁ ବଞ୍ଚାଇ ରଖିବାକୁ ଚାହୁଁଥା'ନ୍ତି; ଅନ୍ୟଟି ମୂଳ ପୁରାତନ

'oaob.nitrkl.ac.in' images reprocessed

ଧର୍ମକାର୍ଯ୍ୟରେ ବିଘଟନ ଘଟାଇ ସମ୍ପୂର୍ଣ୍ଣଭାବରେ ବିଶ୍ୱାସ, ଉପାସନା ଓ ଆଚରଣ ଉପରେହିଁ ମହତ୍ତ୍ୱ ଦେବାକୁ ଜିଦ୍ କରିବସେ; ଏବଂ ମନୁଷ୍ୟର ସାଧାରଣ ବୁଦ୍ଧିଶକ୍ତି, ହୃଦୟ ତଥା ନୈତିକ ପ୍ରବୃତ୍ତିକୁ ସତ୍ୱର ନିବେଦନ କରି ପାରିଲାଭଳି ଏହାକୁ ସହଜ ଓ ସରଳ କରିଦେବାର ପ୍ରସ୍ତାବ କରେ । ଏହା ଫଳରେ ଧର୍ମର କ୍ଷେତ୍ରରେ ଅତିରିକ୍ତ ବୌଦ୍ଧିକତା ଆସି ପଶିଯିବାର ପ୍ରବୃତ୍ତି ବୃଦ୍ଧି ପାଇଛି, ଅଦୃଶ୍ୟ ତତ୍ତ୍ୱସମ୍ପଦଗୁଡ଼ିକ ସହିତ ସମ୍ପର୍କ ସ୍ଥାପନ କରିବାର ଅଭିଳାଷ ରଖିଥିବା ଗୁପ୍ତବିଦ୍ୟାଗତ ଉପାଦାନଗୁଡ଼ିକୁ ନିନ୍ଦିତ କରି ରଖାଯାଇଛି, ଯାବତୀୟ ଆଧ୍ୟାତ୍ମିକ ପ୍ରୟାସ ଓ ପ୍ରଚେଷ୍ଟା ଲାଗି ଆମର ଏହି ଉପରିଭାଗସ୍ଥ ମନଟାହିଁ ଯଥେଷ୍ଟ ବୋଲି ଘୋଷଣା କରାଯାଇ ତାହାରି ଉପରେ ନିର୍ଭର କରିବାକୁ ପ୍ରବର୍ତ୍ତନା ଦିଆଯାଇଛି; ଏବଂ ପରିଣାମତଃ ଅନେକ ସମୟରେ ଆଧ୍ୟାତ୍ମିକ ଜୀବନ ଶୁଷ୍କ, ସଙ୍କୀର୍ଣ୍ଣ ଓ କ୍ଷୀଣ ହେବାରେ ଲାଗିଛି । ପୁଣି ଅନେକ କ୍ଷେତ୍ରରେ ଏତେବେଶୀକୁ ଅସ୍ୱୀକାର କରିଥିବା ଓ ଅସାର ମଣି ଏତେବେଶୀ ସମ୍ପଦକୁ ବାହାରକୁ ଫିଙ୍ଗି ଦେଇଥିବା ଆମର ବୁଦ୍ଧିଟା ମଧ୍ୟ ଧର୍ମକ୍ଷେତ୍ରକୁ ଆସି ଆହୁରି ଅଧିକ ଅସ୍ୱୀକାର କରିବାଲାଗି ବେଶ୍ ପର୍ଯ୍ୟାପ୍ତ ଅବକାଶ ଓ ସୁଯୋଗ ପାଇଛି, ଏବଂ ଏହିଭଳି ଅସ୍ୱୀକାର କରୁ କରୁ ଶେଷରେ ସବୁକିଛି ଅସ୍ୱୀକାର କରି ବସିଛି; ତାହା ଆଧ୍ୟାତ୍ମିକ ଅନୁଭବକୁହିଁ ଅସ୍ୱୀକାର କରିଛି ଓ ଧର୍ମ ତଥା ଆଧ୍ୟାତ୍ମିକତାକୁ ବାହାରକୁ ଫିଙ୍ଗିଦେଇ କେବଳ ଆପଣାକୁ ଅର୍ଥାତ୍ ସେହି ବୁଦ୍ଧିଟାକୁହିଁ ଏକମାତ୍ର ସମର୍ଥ ସାଧନରୂପେ ବଞ୍ଚାଇ ରଖିଛି । ମାତ୍ର ଚିତ୍‌ସତ୍ତା ଓ ଚିଦ୍‌ବସ୍ତୁରୁ ଆପଣାକୁ ସମ୍ପୂର୍ଣ୍ଣରୂପେ ବିଚ୍ଛିନ୍ନ କରି ରଖିଥିବା ବୁଦ୍ଧି କେବଳ ବାହ୍ୟ ଜ୍ଞାନଗୁଡ଼ାକୁ ଏକତ୍ର ଠୁଳକରି, ବାହ୍ୟ ସାଧନ ଉପରେ ଏକାନ୍ତ ଭାବରେ ନିର୍ଭର କରି ଖାଲି ବାହ୍ୟ ପାରଙ୍ଗମତା ଦେଖାଇବା ବ୍ୟତୀତ ଆଉ ପ୍ରକୃତରେ କ'ଣ କରିପାରିବ ? ତେଣୁ ଫଳରେ ପ୍ରାଣବନ୍ତତାର ଗୂଢ଼ ଉତ୍ସଗୁଡ଼ିକ ଶେଷକୁ ଶୁଷ୍କ ହୋଇଯିବାହିଁ ସାର ହେବ ଏବଂ ତା'ପରେ ଏପରି ଏକ ଅବସ୍ଥା ଆସି ଉପସ୍ଥିତ ହେବ ଯେ ପ୍ରାଣକୁ ବଞ୍ଚାଇ ରଖିବାଲାଗି ବା ଏକ ନୂତନ ପ୍ରାଣର ସୃଷ୍ଟି କରିବାଲାଗି ସେତେବେଳେ ଭିତରୁ କୌଣସି ଶକ୍ତି ଆମକୁ ସାହାଯ୍ୟ କରିବାକୁ ନଥିବ । କେବଳ ମୃତ୍ୟୁ ଓ ବିଘଟନ ବ୍ୟତୀତ ଏବଂ ପୁରାତନ ଅବିଦ୍ୟାରୁହିଁ ପୁଣି ନୂଆ କରି ଆରମ୍ଭ କରିବା ବ୍ୟତୀତ ଆଉ ଅନ୍ୟ ଗତି ନଥିବ ।

ଧର୍ମଗତ ବିକାଶଧାରାଟି ଯଦି କେନ୍ଦ୍ରୀଭୂତ ତଥା ପରିବ୍ୟାପ୍ତ ହେବାର ଦୁଇଟିଯାକ ତତ୍ତ୍ୱକୁ ଏକ ବୃହତ୍ତର ସମନ୍ୱୟ ମଧ୍ୟରେ ଏକାଠି ଗୁନ୍ଥିଧରି ଅଧିକ ପ୍ରଜ୍ଞା-ଦୃଷ୍ଟିସମ୍ପନ୍ନ ସେହି ପ୍ରାଚୀନ ସୂକ୍ଷ୍ମତାଟିକୁ ନଷ୍ଟ କରିଦେବା ପରିବର୍ତ୍ତେ ସେଇଟିକୁ ଅଧିକ ପ୍ରସାରିତ କରି ପାରିଥା'ନ୍ତା, ତେବେ ତାହାର ପୁରାତନ ସମଗ୍ରତାଟି ମଧ୍ୟ ଅକ୍ଷୁଣ୍ଣ

'oaob.nitrkl.ac.in' images reprocessed

ରହିବା ସମ୍ଭବ ହୋଇଥାନ୍ତା । ଆମେ ଆଗରୁ ଆଲୋଚନା କରି ଦେଖିସାରିଛୁ ଯେ ଭାରତରେ ବୋଧିର ସେହି ମୂଳ ପ୍ରେରଣା ତଥା ବିବର୍ତ୍ତିନାତ୍ମକ ପ୍ରକୃତିର ସମଗ୍ର ଗତିସ୍ପନ୍ଦନଟି ପ୍ରକୃତରେ ବଜାୟ ରହିପାରିଛି । କାରଣ ଭାରତବର୍ଷରେ ଧର୍ମ ଆପଣାକୁ କୌଣସି ଗୋଟିଏ ମତ ବା ସୂତ୍ରବଦ୍ଧତାର ବାଡ଼ ଭିତରେ କଦାପି କଳି କରି ରଖି ନାହିଁ; ଏହା ଯେ ଏକାବେଳକେ ଏକାଧିକ କେତେକେତେ ଭିନ୍ନ ଧର୍ମମତକୁ ସ୍ୱୀକାର କରିନେଇଛି ତାହା ନୁହେଁ, ମାତ୍ର ଧର୍ମବିକାଶର ସମଗ୍ର ପର୍ଯ୍ୟାୟଟିରେ ଅଭିବ୍ୟକ୍ତି ଲାଭ କରିଥିବା ଯାବତୀୟ ଉପାଦାନକୁ ତାହା ଆପଣାମଧ୍ୟରେ ବଡ଼ ସଫଳ ଭାବରେ ଅନ୍ତର୍ଭୁକ୍ତ କରି ରଖିପାରିଛି ଏବଂ ସେଥିମଧ୍ୟରୁ କୌଣସିଟିକୁ ବାସନ୍ଦ କରି ରଖି ନାହିଁ କିମ୍ବା କାଟି ଫୋପାଡ଼ି ଦେଇ ନାହିଁ । ତାହା ଗୁପ୍ତବିଦ୍ୟାକୁ ତାହାର ସମ୍ଭାବ୍ୟ ଚରମସୀମା ଯାଏ ବିକଶିତ ହେବାଲାଗି ସୁଯୋଗ ଦେଇଛି, ସବୁପ୍ରକାରର ଆଧ୍ୟାତ୍ମିକ ଦର୍ଶନମତକୁ ସ୍ୱୀକାର କରିଛି ତଥା ଆଧ୍ୟାତ୍ମିକ ଉପଲବ୍ଧି, ଆଧ୍ୟାତ୍ମିକ ଅନୁଭବ ଏବଂ ଆଧ୍ୟାତ୍ମିକ ଆତ୍ମସାଧନାର ସମ୍ଭାବ୍ୟ ଯାବତୀୟ ଧାରାକୁ ତାହାର ସର୍ବୋଚ୍ଚ, ସବୁଠାରୁ ଅଧିକ ଗଭୀର ଓ ମହତ୍ତ୍ୱପୂର୍ଣ୍ଣ ପରିଣାମସୀମା ଯାଏ ବିକଶିତ ଓ ସମୃଦ୍ଧ କରାଇଛି । ସ୍ୱୟଂ ବିବର୍ତ୍ତିନାତ୍ମକ ପ୍ରକୃତି ପରି ଭାରତୀୟ ଧର୍ମଧାରା ଆପଣାମଧ୍ୟରେ ସବୁପ୍ରକାର ସାଧନ ଓ ପଦ୍ଧତିକୁ ସମୁଚ୍ଛଳଭ କରିବାକୁ ଦେଇଛି, ଚିତ୍ସତ୍ତା ସହିତ ସମ୍ପର୍କସ୍ଥାପନ କରିବାର ଯାବତୀୟ ପନ୍ଥାକୁ ଗ୍ରହଣ କରିଛି ଏବଂ ମନୁଷ୍ୟ ଉପରେ ଚିତ୍ସତ୍ତାର ଯାବତୀୟ ନିଷ୍ଠାକୁ ସ୍ୱୀକାର କରିଛି; ମନୁଷ୍ୟ ଏବଂ ପରମ ଦିବ୍ୟସତ୍ୟ ମଧ୍ୟରେ ସମ୍ମିଳନ ଘଟିବାର ଯେତେ ବାଟ ରହିଛି, ଭାରତୀୟ ଧର୍ମ ସେହି ସବୁଗୁଡ଼ିକୁ ଗୁଚ୍ଛ କରି ଧରିଛି, ଲକ୍ଷ୍ୟପ୍ରାପ୍ତିର ଯାବତୀୟ ପନ୍ଥାର ଅନୁସରଣ କରିଛି ଓ ସେଗୁଡ଼ିକର ଚରମ ସ୍ଫୁରଣଗୁଡ଼ିକୁ ମଧ୍ୟ ପରୀକ୍ଷା କରି ଦେଖିଛି । ଏହି ମନୁଷ୍ୟ ମଧ୍ୟରେ ଆଧ୍ୟାତ୍ମିକ ବିକାଶର ପ୍ରତ୍ୟେକଟି ସୋପାନର ସମ୍ଭାବନା ବର୍ତ୍ତମାନ ରହିଛି ଏବଂ ତେଣୁ ପ୍ରତ୍ୟେକ ବ୍ୟକ୍ତିକୁ ତାହାର ସାମର୍ଥ୍ୟ ଓ ଅଧିକାର ଅନୁଯାୟୀ ଚିତ୍ସତ୍ତା ଆଡ଼କୁ ଅଗ୍ରସର ହେବାର ପଥ ମିଳିପାରିବା ଉଚିତ ଏବଂ ସେହି ପଥରେ ଚାଲିବାଲାଗି ତାକୁ ଅନୁମତି ଦିଆଯିବା ଉଚିତ । ଏପରିକି ଏଠାରେ ଯେଉଁ ଅତି ପ୍ରାଚୀନ ଆଦିମ ପନ୍ଥାଗୁଡ଼ିକ ବହି ରହିଥିଲା, ଭାରତୀୟ ଧର୍ମ ସେଗୁଡ଼ିକୁ ଆଦୌ ବହିଷ୍କୃତ କରି ଦେଇ ନାହିଁ, ସେଗୁଡ଼ିକରେ ଏକ ଅଧିକ ଗଭୀର ଅର୍ଥବ୍ୟଞ୍ଜନା ଆଣିଦେବାକୁ ତାହା ସେଗୁଡ଼ିକୁ ଉତ୍ତୋଳିତ କରି ନେଇଛି; ତଥାପି ତେଣେ ବିରଳତମ ପରମ ବ୍ୟୋମରେ ଅବସ୍ଥିତ ଉଚ୍ଚତମ ଆଧ୍ୟାତ୍ମିକ ଶୀର୍ଷଗୁଡ଼ିକରେ ଯାଇ ପହଞ୍ଚିବାର ବ୍ୟାକୁଳତାଟି ମଧ୍ୟ ବଳବତ୍ତର ରହି ପାରିଛି । ପୁଣି ଅନ୍ୟ ସକଳ ମତକୁ ବର୍ଜନ କରି କେବଳ ଆପଣାର ଏକ ମତକୁ ଏକମାତ୍ର ସତ୍ୟ ବୋଲି ମାନୁଥିବା ଧର୍ମଗୁଡ଼ିକୁ ମଧ୍ୟ ଆଦୌ ଉପେକ୍ଷା କରାଯାଇ ନାହିଁ । ଆଧ୍ୟାତ୍ମିକତାର ସାଧାରଣ ଲକ୍ଷ୍ୟ ଓ ତତ୍ତ୍ୱ ସହିତ ତାହାର ସମ୍ବନ୍ଧଟି ସ୍ପଷ୍ଟ

'oaob.nitrkl.ac.in' images reprocessed

ହୋଇ ରହିଥିବା ଯାଏ ସେଇଟିକୁ ମଧ୍ୟ ସାଧାରଣ ଧର୍ମବ୍ୟବସ୍ଥାର ଅନନ୍ତ ବୈଚିତ୍ର୍ୟ ମଧ୍ୟରେ ସ୍ୱୀକାର କରି ନିଆଯାଇଛି । ମାତ୍ର ଧର୍ମଦୃଷ୍ଟିଗତ ଏହି ଉଦାରତା ଓ ସ୍ୱୀକାରମୂଳକତା ଧର୍ମଶାସିତ ଏକ ଅପରିବର୍ତ୍ତିତ ସମାଜବ୍ୟବସ୍ଥାକୁ ଆଶ୍ରୟ କରି ଠିଆ ହେବାକୁ ଉଦ୍ୟମ କରିଆସିଛି । ସୋପାନ ସୋପାନ କରି ମନୁଷ୍ୟର ପ୍ରକୃତିକୁ ଉପରକୁ ଉଠାଇ ନେଇ ପରିଶେଷରେ ତାହାକୁ ଅଧ୍ୟାତ୍ମସାଧନାର ଏକ ସର୍ବୋଚ୍ଚ ସ୍ତରରେ ନେଇ ପହଞ୍ଚାଇ ଦେବାହିଁ ସେହି ବ୍ୟବସ୍ଥାର ମୂଳସୂତ୍ର ହୋଇ ରହିଛି । ସମାଜଗତ ଜୀବନର ଏହି କଠୋର ଅନମନୀୟତା ହୁଏତ ଏକଦା ସମାଜଜୀବନର ଐକ୍ୟବିଧାନ ପାଇଁ ଆବଶ୍ୟକ ହୋଇ ରହିଥିଲା, ଆଧ୍ୟାତ୍ମିକ କ୍ଷେତ୍ରରେ ମଧ୍ୟ ସ୍ୱତନ୍ତ୍ର ବିକାଶ ଲାଗି ତାହା ହୁଏତ ଏକ ଦୃଢ଼ ଭିତ୍ତିରୂପେ କାର୍ଯ୍ୟ କରୁଥିଲା; ମାତ୍ର ତାହା ଯେପରି ଗୋଟିଏ ଦିଗରେ ସମାଜକୁ ଆତ୍ମରକ୍ଷା ଲାଗି ଶକ୍ତି ଦେଇଛି, ସେହିପରି ଅନ୍ୟ ଦିଗରେ ମଧ୍ୟ ପରିପୂର୍ଣ୍ଣ ଉଦାରତାର ମୂଳ ସ୍ୱଭାବଟି ଲାଗି ବାଧକ ହୋଇ କାର୍ଯ୍ୟ କରିଛି, ଅତିରିକ୍ତ ଏକକୀକରଣ ଓ ସୀମାନିରୂପଣର ଏକ ଉପାଦାନର ସୂତ୍ରପାତ କରିଛି । ଭିତ୍ତିଟିକୁ ଦୃଢ଼ କରି ରଖିବାରେ ନିଶ୍ଚୟ ଆବଶ୍ୟକତା ରହିଛି; ତଥାପି ମୂଳଗତ ମର୍ମଟିରେ ଯେତେ ଦୃଢ଼ ଓ ଅପରିବର୍ତ୍ତନୀୟ ରହିଲେ ମଧ୍ୟ ସେଥିରେ ନମନୀୟତାର ତଥା ବିବର୍ତ୍ତନଗତ ପରିବର୍ତ୍ତନର ମଧ୍ୟ ସାମର୍ଥ୍ୟ ରହିଥିବା ଉଚିତ । ସମାଜରେ ଏକ ବ୍ୟବସ୍ଥା ଅବଶ୍ୟ ରହିବା ଉଚିତ, ମାତ୍ର ଏହି ବ୍ୟବସ୍ଥା ଏକ ବୃଦ୍ଧିଧର୍ମୀ ହେବା ଉଚିତ ।

ତଥାପି ଏହି ମହାନ୍ ଓ ବହୁମୁଖୀ ଆଧ୍ୟାତ୍ମିକ ତଥା ଧର୍ମଗତ ବିକାଶର ଗତିଟିକୁ ଏକ ଯଥାର୍ଥ ଗତି ବୋଲି ବୁଝାଯିବ; ଏହା ଆପଣା ମଧ୍ୟରେ ଜୀବନ ତଥା ମନୁଷ୍ୟସ୍ୱଭାବର ସମଗ୍ର କ୍ଷେତ୍ରଟିକୁ ଗ୍ରହଣ କରି ନେଇଥିଲା; ବୁଦ୍ଧିଗତ ପ୍ରବୃତ୍ତିଟିର ବିକାଶଲାଗି ତାହା ସକଳ ପ୍ରକାର ଉତ୍ସାହ ଦେଉଥିଲା, ବୁଦ୍ଧିର କଦାପି ବିରୋଧ କରୁ ନଥିଲା କିମ୍ବା ତାହାର ମୁକ୍ତ ବିକାଶରେ କୌଣସି ପ୍ରକାର ନିର୍ଦ୍ଦିଷ୍ଟ ସୀମା ଧାର୍ଯ୍ୟ କରି ଦେଇ ନଥିଲା, ବରଂ ଆଧ୍ୟାତ୍ମିକ ଏଷଣାର କ୍ଷେତ୍ରରେ ତାହାକୁ ସହାୟକରୂପେ ସ୍ୱୀକାର କରୁଥିଲା । ତାହାଫଳରେ ପାଶ୍ଚାତ୍ୟ ସଭ୍ୟତା ପରି ଏଠାରେ ଧର୍ମ ଓ ବୁଦ୍ଧି ମଧ୍ୟରେ କଦାପି କୌଣସି ଦ୍ୱନ୍ଦ୍ୱ ଉପସ୍ଥିତ ହୋଇ ନଥିଲା କିମ୍ବା ବୁଦ୍ଧିକୁ କୌଣସି ଅଯଥା ପ୍ରାଧାନ୍ୟ ଦିଆଯାଇ ସ୍ୱାଭାବିକ ଧର୍ମପ୍ରବୃତ୍ତିକୁ ସଙ୍କୁଚିତ ବା ଶୁଷ୍କ କରିଦେବାକୁ, କିମ୍ବା ମଣିଷକୁ ନେଇ ଜଡ଼ବାଦ ଏବଂ ଇହସର୍ବସ୍ୱତା ମଧ୍ୟରେ ବୁଡ଼ାଇ ଦେବାକୁ ମଧ୍ୟ ପଡ଼ି ନଥିଲା । ଧର୍ମର ସକଳ ମତ ଓ ସକଳ ରୂପକୁ ଅତିକ୍ରମ କରି ମଧ୍ୟ ସକଳ ମତ ଓ ସକଳ ରୂପକୁ ସ୍ୱୀକାର କରିନେଇ, ଧର୍ମସାଧନା ମଧ୍ୟରେ ସବୁପ୍ରକାର ଉପାଦାନକୁ ସ୍ଥାନ ଦେଇ ଏହିଭଳି ଏକ ସ୍ଥିତିସ୍ଥାପକ ଓ ସାର୍ବଜନୀନ ଧାରାକୁ ସ୍ୱୀକାର କରି ନେବାଦ୍ୱାରା ହୁଏତ ଏପରି ଅନେକ ପରିଣାମ ଆସି ଦେଖା ଦେଇପାରେ ଯେଉଁଥିପାଇଁ

'oaob.nitrkl.ac.in' images reprocessed

କୌଣସି ଶୁଷ୍କ ଧର୍ମବାଦୀ ହୁଏତ ଆପତ୍ତି ବି କରିପାରେ; ମାତ୍ର ଏହି ଧାରାଟିକୁ ଅନୁସରଣ କରିଥିବାରୁହିଁ ଏଥିରେ ଏପରି ଏକ ବହୁବିଧ ଐଶ୍ୱର୍ଯ୍ୟଶାଳିତ୍ୱ ସମ୍ଭବ ହୋଇଛି, ଅନ୍ୟକୌଣସି ଧର୍ମରେ ଯାହାର କୌଣସି ପଟାନ୍ତର ନାହିଁ; ସେଇଥିଲାଗିହିଁ ଏହିସବୁ ସମ୍ପଦ ସହସ୍ର ସହସ୍ର ବର୍ଷଧରି ବଞ୍ଚିରହିଛି; ଅକେଯ୍ୟ ହୋଇ ରହିଛି, ସାଧାରଣ ଜନଜୀବନକୁ ସ୍ପର୍ଶ କରି ରହିଛି, ବିଶ୍ୱଜନୀନ ହୋଇପାରିଛି, ତଥା ଆଧ୍ୟାତ୍ମିକ ସିଦ୍ଧି, ଆଧ୍ୟାତ୍ମିକ ଏଷଣା ଏବଂ ଆଧ୍ୟାତ୍ମିକ ସାଧନାକୁ ଅନେକ ଉଚ୍ଚସ୍ତରକୁ ଉଠାଇ ନେଇଛି, ସେଗୁଡ଼ିକୁ ସୂକ୍ଷ୍ମତା ଓ ଏକ ବହୁମୁଖୀ ପ୍ରଶସ୍ତତା ଆଣିଦେଇଛି । ଏବଂ ଏହିଗୁଡ଼ିକରୁହିଁ ସେହି ଧାରାଟିର ଔଚିତ୍ୟ ପ୍ରତିଷ୍ଠିତ ହୋଇଯାଉଛି । ବସ୍ତୁତଃ ଏହିଭଳି ଏକ ଉଦାର ଦୃଷ୍ଟିସମ୍ପନ୍ନତା ଓ ନମନୀୟତା ଦ୍ୱାରାହିଁ ପରିଣତିଧାରାର ପ୍ରଶସ୍ତତର ଲକ୍ଷ୍ୟଟି କୌଣସି ପ୍ରକାର ପରିପୂର୍ଣ୍ଣତା ସହିତ ଆପଣାକୁ କାର୍ଯ୍ୟକାରୀ କରିପାରିବ । ମନୁଷ୍ୟ-ବ୍ୟକ୍ତି ଧର୍ମଠାରୁ ଆଧ୍ୟାତ୍ମିକ ଅନୁଭବ ଲାଗି ଏକ ପ୍ରବେଶଦ୍ୱାରର ପ୍ରତ୍ୟାଶା ରଖିଥାଏ ଅଥବା ତାହାର ଆଡ଼କୁ ଅଗ୍ରସର ହେବାଲାଗି ଅନୁକୂଳ ଏକ ପଥର ପ୍ରତ୍ୟାଶା ରଖିଥାଏ । ଈଶ୍ୱରଙ୍କ ସହିତ ଯୁକ୍ତ ହୋଇ ପାରିବାକୁ ଅଥବା ଆପଣାର ଯାତ୍ରାମାର୍ଗରେ ଭଗବଦ୍ଦର୍ଶନର ଏକ ଆଲୋକ ପାଇବାକୁ ଆଶା କରିଥାଏ; ଇହୋତ୍ତର ସିଦ୍ଧିର ଆଶ୍ୱାସନା ଗ୍ରହିଥାଏ ଅର୍ଥାତ୍ ଏକ ଅଧିକ ସୁଖମୟ ଅତିପାର୍ଥିବ ଭବିଷ୍ୟତ ଲାଭ କରିପାରିବା ଲାଗି ଉପାୟ ଗ୍ରହିଥାଏ । କୌଣସି ଏକ ନିର୍ଦ୍ଦିଷ୍ଟ ଧର୍ମମତରେ ବିଶ୍ୱାସ କରିବା ସହିତ ଆପଣାକୁ ବାନ୍ଧିରଖି ଓ କୌଣସି ଏକ ନିର୍ଦ୍ଦିଷ୍ଟ ସମ୍ପ୍ରଦାୟମତକୁ ମାନିନେଇ ଏହିସବୁ ବ୍ୟକ୍ତିଗତ ଆବଶ୍ୟକତାଗୁଡ଼ିକର ବେଶ୍ ପୂରଣ ହୋଇପାରେ । ମାତ୍ର ଏସବୁ ପଛରେ ପ୍ରକୃତିର ବି ମନୁଷ୍ୟ ଭିତରେ ଆଧ୍ୟାତ୍ମିକ ବିବର୍ତ୍ତନ ଲାଗି କ୍ଷେତ୍ର ପ୍ରସ୍ତୁତ କରିବାର, ସେହି ବିବର୍ତ୍ତନକୁ ଅଗ୍ରସର କରାଇ ନେବାର ଏବଂ ମନୁଷ୍ୟକୁ ଏକ ଆଧ୍ୟାତ୍ମିକ ସତ୍ତ୍ୱାରେ ପରିଣତ କରିବାର ଅଧିକ ବ୍ୟାପକ ଏକ ଉଦ୍ଦେଶ୍ୟ ନିହିତ ହୋଇ ରହିଛି । ମନୁଷ୍ୟର ଚେଷ୍ଟା ଓ ସାଧନାକୁ ସେହି ଦିଗରେ ଅଭିପ୍ରେରିତ କରି ରଖିବାଲାଗି ନିଜକୁ ଏକ ସାଧନରୂପେ ବ୍ୟବହାର କରି ଧର୍ମ ପ୍ରକୃତିର ସହାୟତା କରୁଛି; ଯେଉଁମାନେ ପ୍ରସ୍ତୁତ ହୋଇ ପାରୁଛନ୍ତି, ସେମାନଙ୍କୁ ଏହି ଦିଗରେ ଅଗ୍ରସର କରାଇ ନେବାଲାଗି ଧର୍ମ ପ୍ରତ୍ୟେକ ବ୍ୟକ୍ତିକୁ ଏକ ପଦକ୍ଷେପ ଗ୍ରହଣ କରିବାର ସମ୍ଭାବନା ଆଣିଦେଉଛି । ଏହି ଉଦ୍ଦେଶ୍ୟସାଧନ ଲାଗି ପ୍ରକୃତି ଅଗଣିତ ମତ ଓ ପଥର ଏକ ବିପୁଳ ବୈଚିତ୍ର୍ୟ ସୃଷ୍ଟି କରି ରଖିଛି; ସେଥିରୁ କେତେଗୁଡ଼ିଏ କୌଣସି ଆଦର୍ଶ ଅନୁସାରେ ଚୂଡ଼ାନ୍ତ ଓ ନିର୍ଦ୍ଦିଷ୍ଟଭାବେ ଗଠିତ ହୋଇଛି ଓ ସେଥିରେ ବିଶେଷ କିଛି ପରିବର୍ତ୍ତନ ହେଉ ନାହିଁ, ପୁଣି ଅନ୍ୟଗୁଡ଼ିକ ଅପେକ୍ଷାକୃତ ଅଧିକ ସ୍ଥିତିସ୍ଥାପକ, ବହୁବିଧ ଓ ବହୁମୁଖୀ ହୋଇ ରହିଛି । ଯେଉଁ ଧର୍ମ ଆପଣା ଭିତରେ କେତେକେତେ ଧର୍ମକୁ ଠୁଳ କରି ରଖିଛି ଓ ତଥାପି ପ୍ରତ୍ୟେକ ବ୍ୟକ୍ତିକୁ ତାହାର ଅନ୍ତର୍ଗତ ଅନୁଭବର

'oaob.nitrkl.ac.in' images reprocessed

ଉପଯୋଗୀ ଏକ ସାଧନଧାରା ଯୋଗାଇଦେଇ ପାରୁଛି, ସେହି ଧର୍ମକୁ ଆମେ ପ୍ରକୃତିର ଏହି ଉଦ୍ଦେଶ୍ୟସାଧନ ଲାଗି ସବୁଠାରୁ ଅଧିକ ଅନୁରୂପ ବୋଲି କହିବା । ଆଧ୍ୟାତ୍ମିକ ବିକାଶ ଓ ଅଭିବୃଦ୍ଧି ଲାଗି ଏହି ଧର୍ମ ଏକ ରୋପଣ-ଉଦ୍ୟାନ ହୋଇ ରହିବ, ଆତ୍ମାର ଶୃଙ୍ଖଳା, ସାଧନା ତଥା ଆତ୍ମୋପଲବ୍ଧି ଲାଗି ଏକ ବହୁମୁଖୀ ବିଦ୍ୟାଳୟ ହୋଇ ରହିବ । ପୃଥିବୀରେ ଏକ ଅନୁଷ୍ଠାନରୂପେ ଯେତେଯାହା ଭୁଲ କରିଥାଉ ପଛକେ, ଏହାହିଁ ହେଉଛି ଧର୍ମର ପ୍ରକୃତ କାର୍ଯ୍ୟ, ଏଇଥିଲାଗିହିଁ ତାହାର ଏକ ମହାନ୍ ତଥା ଅପରିହାର୍ଯ୍ୟ ପ୍ରୟୋଜନ ରହିଛି ଏବଂ ଆମେ ଧର୍ମଠାରୁ ଏହି ଉପକାର ପାଉଛୁ,— ମନର ଅବିଦ୍ୟାଛନ୍ନ ପଥଦେଇ ଗତି କଲାବେଳେ ଧର୍ମ ଆମକୁ ବାଟ ଦେଖାଇ ନେଇଯିବାର ଏକ କ୍ରମଭାସ୍ୱର ଆଲୋକବର୍ତ୍ତିକା ଧରିରଖିଛି ଏବଂ ଆମକୁ ଏହିପରି ଭାବରେ ପରମ ତଦ୍‌ବସ୍ତୁର ପରିପୂର୍ଣ୍ଣ ଚେତନା ଏବଂ ଆତ୍ମଜ୍ଞାନ ଆଡ଼କୁ ଅଗ୍ରସର କରାଇ ନେଉଛି ।

ପ୍ରକୃତିର ନିଗୂଢ଼ ସତ୍ୟ ଓ ଶକ୍ତିମନ୍ତ୍ରଗୁଡ଼ିକ ବିଷୟରେ ଜ୍ଞାନଲାଭ କରିବାଲାଗି ମନୁଷ୍ୟର ପ୍ରଚେଷ୍ଟାକୁହିଁ ଆମେ ମୂଳତଃ ଗୁପ୍ତବିଦ୍ୟା ବୋଲି କହିବା । ସେହିସବୁ ଜ୍ଞାନ ଲାଭ କରିବାଦ୍ୱାରା ମନୁଷ୍ୟ ଆପଣା ସତ୍ତାଗତ ଜଡ଼ସୀମାଗୁଡ଼ିକର ଦାସତ୍ୱବନ୍ଧନ ମଧ୍ୟରୁ ମୁକ୍ତ ଓ ଉତ୍ତୋଳିତ ହୋଇଯିବ ବୋଲି ଆଶା ରଖିଥାଏ । ପ୍ରାଣ ଉପରେ ମନର ଏବଂ ଜଡ଼ ଉପରେ ମନ ଓ ପ୍ରାଣ ଦୁହିଁଙ୍କର ଯେଉଁ ରହସ୍ୟମୟ, ସଂଗୁପ୍ତ ଏବଂ ବହିର୍ଗତ କ୍ଷେତ୍ରରେ ତଥାପି ଅବିକଶିତ ହୋଇ ରହିଥିବା ପ୍ରତ୍ୟେକ ଶକ୍ତି ଓ ପ୍ରଭାବ ରହିଛି, ବିଶେଷଭାବରେ ସେହିଗୁଡ଼ିକୁ ଆପଣାର ଅକ୍ତିଆରକୁ ଆଣି ସୁସଂଗଠିତ ଭାବରେ କାମରେ ଲଗାଇ ପାରିବାକୁ ମନୁଷ୍ୟ ଗୁପ୍ତବିଦ୍ୟାର ସାହାଯ୍ୟ ନେଇଥାଏ । ପୁଣି, ଜଡ଼ାତୀତ ଶିଖର ତଥା ଗଭୀର ପ୍ରଦେଶରେ ଏବଂ ବିଶ୍ୱମୟ ପରମସତ୍ତାଙ୍କର ମଧ୍ୟବର୍ତ୍ତୀ ସ୍ତରଗୁଡ଼ିକରେ ଯେଉଁସବୁ ଜଗତ ଓ ସତ୍ତା ଅବସ୍ଥାନ କରୁଛନ୍ତି, ସେଗୁଡ଼ିକ ସହିତ ଯୋଗସୂତ୍ର ସ୍ଥାପନ କରି ସେହି ଯୋଗସୂତ୍ର ସ୍ଥାପନକୁ ଏକ ଉଚ୍ଚତର ସତ୍ୟର ଅଧିକାର ଲାଭ କରିବାପାଇଁ ଏବଂ ପ୍ରାକୃତିକ ସାମର୍ଥ୍ୟ ଓ ଶକ୍ତିଗୁଡ଼ିକ ଉପରେ ଆପଣାକୁ ଅଧୀଶ୍ୱରରୂପେ ବସାଇବା ଲାଗି ରହିଥିବା ମନୁଷ୍ୟର ଇଚ୍ଛାଟିକୁ ପୂରଣ କରିବାରେ ତାକୁ ସାହାଯ୍ୟ କରିବାପାଇଁ କାମରେ ଲଗାଇବା ସକାଶେ ମଧ୍ୟ ମନୁଷ୍ୟ ଏକ ପ୍ରଚେଷ୍ଟା କରି ଆସିଛି । ଆମେସବୁ କେବଳ ଏହି ଜଡ଼ଜଗତର ଅଧୀନ ହୋଇ ରହିଥିବା ପ୍ରାଣୀମାତ୍ର ନୋହୁ, ଆମେ ହେଉଛୁ ଏହିଭଳି ଏକ ଆତ୍ମା, ଏକ ମନ ଓ ସଂକଳ୍ପଶକ୍ତିର ବାହକ ଯାହାକି କେବଳ ଏହି ଗୋଟିଏ ଜଗତର ନୁହେଁ, ମାତ୍ର ପ୍ରତ୍ୟେକ ଜଗତର ସକଳ ରହସ୍ୟର ଉଦ୍‌ଘାଟନ କରିବାଲାଗି ଅବଶ୍ୟ ସମର୍ଥ ହୋଇପାରିବ, ଯାହା କେବଳ ପ୍ରକୃତିର ଗ୍ରନ୍ଥଶାଳୀରେ ଗ୍ରନ୍ଥ ହୋଇ ରହିବ ନାହିଁ, ମାତ୍ର ସେହି ପ୍ରକୃତିର ସକଳ ଜ୍ଞାନକୁ ଅତି ନିପୁଣ

'oaob.nitrkl.ac.in' images reprocessed

ଭାବରେ ଆସୁଛି ବଶପାଶବ ଏବଂ ତାହାର ଅଧୀଶ୍ୱର ହୋଇ ବସିପାରିବ,— ଏହିଭଳି ଏକ ବିଶ୍ୱାସ, ବୋଧଗତ ଅନୁଭବ ଓ ପରିଚୟ ଉପରେହିଁ ଗୁପ୍ତବିଦ୍ୟା ଲାଗି ରହିଥିବା ମନୁଷ୍ୟର ଆକାଙ୍କ୍ଷା ଆପଣାକୁ ପ୍ରତିଷ୍ଠିତ କରି ରଖିଛି। ଗୁପ୍ତବିଦ୍ୟାର ସାଧକ ଭୌତିକ ବସ୍ତୁଗୁଡ଼ିକର ରହସ୍ୟଟିକୁ ମଧ୍ୟ ଜାଣିବାକୁ ଚାହୁଁଥିଲା ଏବଂ ଆପଣାର ଏହି ପ୍ରୟାସଟିରେ ସେ ଜ୍ୟୋତିର୍ବିଜ୍ଞାନକୁ ଅଗ୍ରସର କରାଇ ନେଇ ପାରିଲା, ରସାୟନ ବିଜ୍ଞାନର ସୃଷ୍ଟି କଲା, ଏବଂ ଅନ୍ୟ ଅନେକ ବିଜ୍ଞାନର ବିକାଶଲାଗି ଅନୁକୂଳ ପ୍ରେରଣା ଯୋଗାଇଦେଲା। କାରଣ ସେ ଜ୍ୟାମିତି ଓ ସଂଖ୍ୟାବିଜ୍ଞାନକୁ ମଧ୍ୟ କାମରେ ଲଗାଇଲା। ମାତ୍ର ଏହି ପ୍ରକୃତିର ଅତୀତ ଅତିପ୍ରାକୃତ ଭୂମିଟିର ରହସ୍ୟଗୁଡ଼ିକୁ ମଧ୍ୟ ସେ ଜାଣିବାକୁ ଇଚ୍ଛା କଲା। ଏହି ଅର୍ଥରେ ଗୁପ୍ତବିଦ୍ୟାର ଅନୁଧାବନକୁ ଅତିପ୍ରାକୃତ ଭୂମିର ବିଜ୍ଞାନ ବୋଲି କୁହାଯାଇ ପାରିବ; ମାତ୍ର ବସ୍ତୁତଃ ଏହା କେବଳ ଜଡ଼ଭୂମିର ସୀମାଟିକୁ ପାର ହୋଇ ଜଡ଼ାତୀତକୁହିଁ ଆବିଷ୍କାର କରିଥାଏ। ପ୍ରାକୃତିକ ଶକ୍ତିଗୁଡ଼ିକର ବାହାରକୁ ଯାଇ କୌଣସି ଅଳୀକ କଳ୍ପନା ଅଥବା ଅଲୌକିକ ଖିଆଲକୁ ଆପଣା ଇଚ୍ଛାନୁସାରେ ସିଦ୍ଧ କରିଦେବାର ଏକ ଅସମ୍ଭବ ଉଦ୍ଭଟ କଳ୍ପନାର ପଛରେ ଧାଇଁ ବୁଲିବା ଗୁପ୍ତ-ବିଦ୍ୟାର ମୂଳ ତାତ୍ପର୍ଯ୍ୟ ନୁହେଁ। ବସ୍ତୁତଃ ଏହି ଜଡ଼ପ୍ରକୃତି ମଧ୍ୟରେ ଅତି ସ୍ୱତଃସ୍ଫୂର୍ତ୍ତ ଭାବରେ ସମୁପସ୍ଥିତ ହୋଇଥିବା ଅନ୍ୟପ୍ରକୃତିର ପ୍ରତିଭାସଗୁଡ଼ିକହିଁ ଆମକୁ ଅତିପ୍ରାକୃତ ପରି ମନେହେଉଛି; ଅଥବା ତାହା ଗୁପ୍ତବିଦ୍ୟାବିତ୍ଙ୍କର ସାଧନାଲବ୍ଧ କୌଣସି ଜ୍ଞାନ କିମ୍ବା ଶକ୍ତିବଳରେ ସଂଘଟିତ ହୋଇଛି, ସେହି ଜ୍ଞାନ ଓ ଶକ୍ତିକୁ ସେ ବିଶ୍ୱଗତ ସତ୍ତା ଓ ବିଶ୍ୱ-ଶକ୍ତିର କୌଣସି ଉଚ୍ଚତର ସ୍ତରରୁ ପ୍ରାପ୍ତ ହୋଇଛି ଏବଂ ଜଡ଼ ତଥା ଜଡ଼ାତୀତ ଜଗତ ମଧ୍ୟରେ ଯେଉଁ ଯୋଗସୂତ୍ରଟି ରହିଛି ଅଥବା ଜଡ଼ଜଗତରେ ସେହି ସୂତ୍ରଟିକୁ କାର୍ଯ୍ୟ-କାରୀ କରିବାର ଯେଉଁ ସାଧନଟି ରହିଛି, ତାହାକୁ ଅବଲମ୍ବନ କରି ଜଡ଼ଜଗତ ମଧ୍ୟରେ କୌଣସି ଏକ ବିଷୟକୁ ସଫଳ କରି ପାରିବାଲାଗି ସେହି ଶକ୍ତି ଓ ପ୍ରକ୍ରିୟା-ଗୁଡ଼ିକୁ ପ୍ରୟୋଗ କରିବାରେ ଲାଗିଛି। ମନ ଓ ପ୍ରାଣଶକ୍ତି ମଧ୍ୟରେ ଏଭଳି ସାମର୍ଥ୍ୟମାନ ଅଛି ଯାହାକୁ କି ଜଡ଼ସ୍ଥ ମନ ଓ ପ୍ରାଣର ଏହି ବର୍ତ୍ତମାନ ପ୍ରକୃତିବ୍ୟବସ୍ଥାଟିରେ ଅନ୍ତର୍ଭୁକ୍ତ କରା ହୋଇ ନାହିଁ, ମାତ୍ର ଯେଉଁଗୁଡ଼ିକର ଏକ ସମ୍ଭାବନାମୟ ଶକ୍ତିମତ୍ତା ଅବଶ୍ୟ ରହିଛି; ସେଗୁଡ଼ିକୁ ମଧ୍ୟ ଏହି ଜଡ଼ସ୍ତରର ବସ୍ତୁ ଓ ଘଟଣା ଉପରେ ପ୍ରଭାବ ପକାଇବା ଉଦ୍ଦେଶ୍ୟରେ ଏଠାକୁ ଅଣାଯାଇ ପାରିବ ଅଥବା ଏପରିକି ଏଠାରେ ସେହିଗୁଡ଼ିକର ପ୍ରବେଶ କରାଇ ବର୍ତ୍ତମାନର ଏହି ବ୍ୟବସ୍ଥାଟି ସହିତ ଯୋଡ଼ି ଦିଆଯାଇ ପାରିବ, ଯାହାଫଳରେ କି ଆମ ପ୍ରାଣ ଓ ଦେହ ଉପରେ ଆମ ମନର ନିୟନ୍ତ୍ରଣଶକ୍ତି ବୃଦ୍ଧିପ୍ରାପ୍ତ ହେବ; ଅଥବା ସେଗୁଡ଼ିକ ଅନ୍ୟମାନଙ୍କର ମନ, ପ୍ରାଣ ଓ ଶରୀର ଉପରେ ତଥା ବିଶ୍ୱଗତ ଶକ୍ତିଗୁଡ଼ିକର ଗତିକ୍ରିୟା ଉପରେ ମଧ୍ୟ କାର୍ଯ୍ୟ କରିପାରିବ। ଆଧୁନିକମାନେ ଯେ ସମ୍ମୋହନଶକ୍ତିକୁ

'oaob.nitrkl.ac.in' images reprocessed

ଏକ ଶକ୍ତି ବୋଲି ସ୍ୱୀକାର କରୁଛନ୍ତି, ତାହାକୁ ଆମେ ଏହିଭଳି ଏକ ଆବିଷ୍କାର ତଥା ପ୍ରଣାଳୀବଦ୍ଧ ପ୍ରୟୋଗ ବୋଲି କହିପାରିବା । ଅବଶ୍ୟ ଏକଥା ସ୍ୱୀକାର କରାଯିବ ଯେ ଏହାର ପରିସରଟି ତଥାପି ବଡ଼ ସଙ୍କୀର୍ଣ୍ଣ ହୋଇ ରହିଛି, ଆପଣାର ପଦ୍ଧତି ତଥା କ୍ରିୟାସୃଷ୍ଟି ତଥାପି ବଡ଼ ସୀମାବଦ୍ଧ ହୋଇ ରହିଛି । ସୁଗୁପ୍ତ କେତେ ଶକ୍ତିର ଅଲକ୍ଷିତ ଓ ପ୍ରଚ୍ଛନ୍ନ କ୍ରିୟା ତଥାପି ଆମପାଖକୁ ଆସି ଆମକୁ ସ୍ପର୍ଶ କରିଯାଏ; ମାତ୍ର ସେହି କ୍ରିୟାଟିର ଗତି ବିଷୟରେ ଆମେ କିଛିହେଲେ ଜାଣିପାରୁ ନାହିଁ, ଅଥବା ଆମ ଭିତରୁ ମାତ୍ର ଅଳ୍ପ କେତେକ ବ୍ୟକ୍ତି ଅତି ଅପୂର୍ଣ୍ଣଭାବରେ ତାହାର ଆଭାସ ପାଇଥା'ନ୍ତି । କାରଣ ଭାବନା, ଆବେଗ, ଇଚ୍ଛା, ସଂବେଗ ତଥା ଇନ୍ଦ୍ରିୟବୋଧର କେତେ ପ୍ରବର୍ତ୍ତନା ଏବଂ ଦ୍ୟୋତନା, କେତେ ଭାବନା-ତରଙ୍ଗ ଓ କେତେ ପ୍ରାଣ-ତରଙ୍ଗ ଅନ୍ୟମାନଙ୍କ-ଠାରୁ ଅଥବା ବିଶ୍ୱାତ୍ମକ ଶକ୍ତିର ରାଜ୍ୟରୁ ଆମ ଉପରେ ଅନୁକ୍ଷଣ ଆସି ବାଜୁଛି ବା ଆମ ଭିତରେ ଆସି ପ୍ରବେଶ କରୁଛି, ମାତ୍ର ଆମର ଅଜ୍ଞାତରେହିଁ ସେଗୁଡ଼ିକ କାର୍ଯ୍ୟ କରୁଛନ୍ତି ଓ ଆମ ଉପରେ ଆପଣାର ପ୍ରଭାବ ପକାଉଛନ୍ତି । ଏହିସବୁ ଗତିକ୍ରିୟା ତଥା ସେଗୁଡ଼ିକର ବିଧାନ ଓ ସମ୍ଭାବନାଗୁଡ଼ିକୁ ଜାଣିବା, ସେଗୁଡ଼ିକ ପଛରେ ବର୍ତ୍ତମାନ ରହିଥିବା ଶକ୍ତି ବା ପ୍ରକୃତି-ଶକ୍ତିଟିକୁ ଆପଣାର କର୍ତ୍ତୃତ୍ୱକୁ ଆଣି କାମରେ ଲଗାଇବା କିମ୍ବା ସେଗୁଡ଼ିକଠାରୁ ଆପଣାକୁ ବଞ୍ଚାଇ ରଖିବା,—ଏହି ସବୁଗୁଡ଼ିକୁ ଗୁପ୍ତବିଦ୍ୟାର ଆୟତନ ଭିତରେ ଅନ୍ତର୍ଗତ କରାଯାଇ ପାରିବ; ମାତ୍ର ତଥାପି ଏଗୁଡ଼ିକ ସେହି ସମୁଦାୟ ଆୟତନର କେବଳ ଏକ କ୍ଷୁଦ୍ର ଅଂଶକୁହିଁ ଅଧିକାର କରିବ, କାରଣ ଅନାବିଷ୍କୃତପ୍ରାୟ ହୋଇ ରହିଥିବା ସେହି ଜ୍ଞାନର ସମ୍ଭାବ୍ୟ କ୍ଷେତ୍ର, ସେଗୁଡ଼ିକର ଉପଯୋଗ ଓ ପ୍ରକ୍ରିୟାର କ୍ଷେତ୍ରଗୁଡ଼ିକ କେତେ ବିଚିତ୍ର ପ୍ରକାରରେ କେତେକେତେ କ୍ଷେତ୍ର ମଧ୍ୟକୁ ବିସ୍ତୃତ ହୋଇ ରହିଛି ।

ଆଧୁନିକ ଯୁଗରେ ଭୌତିକ ବିଜ୍ଞାନଗତ ଆବିଷ୍କାରଗୁଡ଼ିକର ପରିସର ବୃଦ୍ଧିପାଇ ଜଡ଼ପ୍ରକୃତିରେ ନିହିତ ରହିଥିବା ସାମର୍ଥ୍ୟଗୁଡ଼ିକୁ ଆପଣାର ଜ୍ଞାନବଳରେ ମନୁଷ୍ୟ ନିୟନ୍ତ୍ରଣ କରିବା ଏବଂ ସେଗୁଡ଼ିକୁ ଆପଣାର କାର୍ଯ୍ୟରେ ଲଗାଇବା ସଙ୍ଗେ ସଙ୍ଗେ ପ୍ରାଚୀନ ଗୁପ୍ତବିଦ୍ୟା କ୍ରମେ ପଛକୁ ହଟିଗଲା ଏବଂ ଅବଶେଷରେ, ଭୌତିକ ସତ୍ତାହିଁ ଏକମାତ୍ର ସତ୍ତା ଏବଂ ମନ ଓ ପ୍ରାଣ ସେହି ଜଡ଼ର କେବଳ ଗୋଟିଏ ଗୋଟିଏ ଅଂଶଗତ କ୍ରିୟାମାତ୍ର ବୋଲି ଯୁକ୍ତି ଦର୍ଶାଯାଇ ଗୁପ୍ତବିଦ୍ୟାର ଅନୁଶୀଳନକୁ ସମ୍ପୂର୍ଣ୍ଣରୂପେ ଛାଡ଼ି ଦିଆଗଲା । ଜଡ଼ ଶକ୍ତିକୁହିଁ ସକଳ ବସ୍ତୁର ଏକମାତ୍ର ସମାଧାନ ବୋଲି ମାନିନେଇ ସେହି ଭିତ୍ତିରେ ବିଜ୍ଞାନ ଆମର ସ୍ୱାଭାବିକ ତଥା ଅସ୍ୱାଭାବିକ ମନୋଭୂମି ଓ ପ୍ରାଣଭୂମିରେ ସଂଘଟିତ ଯାବତୀୟ ବୃତ୍ତି ଓ କ୍ରିୟାର କେବଳ ଜଡ଼ଗତ ନୈମିତ୍ତିକତା ଏବଂ ପ୍ରକ୍ରିୟାଟିର ଜ୍ଞାନ ହାସଲ କରି ମନ ଓ ପ୍ରାଣଗତ ସକଳ ପ୍ରକ୍ରିୟାକୁ ଆପଣା ନିୟନ୍ତ୍ରଣକୁ ଆଣିବାର ଚେଷ୍ଟା କରିଛି; ଆଧ୍ୟାତ୍ମିକତାକୁ କେବଳ ମାନସିକତାରହିଁ

'oaob.nitrkl.ac.in' images reprocessed

ଗୋଟାଏ ଅନ୍ୟତମ ରୂପ ବୋଲି କହି ଉପେକ୍ଷା କରିଛୁ । ପ୍ରସଙ୍ଗକ୍ରମେ ଏଠାରେ ଉଲ୍ଲେଖ କରାଯାଇ ପାରେ ଯେ ଯଦି ଜଡ଼ସର୍ବସ୍ୱ ବିଜ୍ଞାନର ଏହି ଚେଷ୍ଟାଟି ସଫଳ ହୁଅନ୍ତା, ତେବେ ତଦ୍ୱାରା ମନୁଷ୍ୟଜାତିର ଇହ-ଅସ୍ତିତ୍ୱ ଲାଗି ହୁଏତ ଅନେକ ବିପଦକୁ ଆମନ୍ତ୍ରଣ କରି ଅଣାଯାଆନ୍ତା; ଏପରି ଅତିବୃହତ୍ତ ଓ ଭୀଷଣ ଶକ୍ତିଗୁଡ଼ିକର ଯଥାର୍ଥ ବ୍ୟବହାର କରିବାଲାଗି ମାନସିକ ଏବଂ ନୈତିକ ଦୃଷ୍ଟିରୁ ପ୍ରସ୍ତୁତ ହୋଇ ନଥିବା ଏକ ମାନବଜାତି ବିଜ୍ଞାନର ଆଉ କେତେକେତେ ଆବିଷ୍କାରର ଅସଦ୍‌ବ୍ୟବହାର କିମ୍ବା ଅଯୋଗ୍ୟ ପରି ବ୍ୟବହାର କରି ଯେଉଁଭଳି କେତେକେତେ ବିପଦକୁ ଡାକିଆଣିଛି, ଠିକ୍ ସେହିଭଳି । କାରଣ, ତଦ୍ୱାରା ଆମର ଏହି ଅସ୍ତିତ୍ୱର ଭିତ୍ତିସ୍ୱରୂପ ଅବସ୍ଥିତ ରହି ଯେଉଁସବୁ ଗୋପନ ଶକ୍ତି ତାହାକୁ ଧାରଣ କରି ରଖିଛି, ସେଗୁଡ଼ିକର କୌଣସି ଜ୍ଞାନ ନଥାଇ କେବଳ ଅତି କୃତ୍ରିମ ଭାବରେହିଁ ସେହି ନିୟନ୍ତ୍ରଣର ପ୍ରୟୋଗ କରାଯା'ନ୍ତା । ଏହିପରି ଭାବରେ ପାଶ୍ଚାତ୍ୟ ସଭ୍ୟତାରେ ଗୁପ୍ତବିଦ୍ୟାର ପରମ୍ପରାଟିକୁ ବଡ଼ ସହଜରେ ଘୁଞ୍ଚି ଦିଆଯାଇ ପାରିଲା, କାରଣ ସେଠାରେ ତାହା ଅଧିକାଂଶ ଲୋକଙ୍କର ଜୀବନକୁ ସ୍ପର୍ଶ କରି ନଥିଲା, ଏଥିରେ କେବେହେଲେ ପରିପକ୍ୱତା ଆସି ନଥିଲା କିମ୍ବା ଏକ ଦାର୍ଶନିକ ଦୃଢ଼ ପ୍ରଣାଳୀବଦ୍ଧ ଭିତ୍ତି ଉପରେ ଆଦୌ ପ୍ରତିଷ୍ଠିତ ହୋଇ ନଥିଲା । ସେଠାରେ ତାହା ବିଲକୁଲ ଲଗାମ ଛାଡ଼ିଦେଇ କେବଳ ଅତିପ୍ରାକୃତର ରୋମାଞ୍ଚ ମଧ୍ୟରେ ବିଚରଣ କରୁଥିଲା ଏବଂ ଅତିପ୍ରାକୃତ ସାମର୍ଥ୍ୟଗୁଡ଼ିକୁ କାମରେ ଲଗାଇ ପାରିବାଲାଗି କେବଳ ସୂକ୍ଷ୍ମ ଓ କାର୍ଯ୍ୟସିଦ୍ଧିକର ମାର୍ଗଗୁଡ଼ିକର ଆବିଷ୍କାର କରିବାରେହିଁ ତାହା ଆପଣାର ସର୍ବପ୍ରଧାନ ପ୍ରୟାସଟିକୁ କେନ୍ଦ୍ରୀଭୂତ କରି ରଖିଥିଲା । ଅସଲ ବାଟରୁ ଗୋଡ଼ ଖସାଇ ତାହା ଯାଦୁବିଦ୍ୟା ଅଥବା ପ୍ରେତସମ୍ବନ୍ଧିତ ଯାଦୁବିଦ୍ୟା ଆଡ଼କୁ ପ୍ରବୃତ୍ତ ହୋଇଥିଲା, ଗୁପ୍ତବିଦ୍ୟାର ରହସ୍ୟଭଣ୍ଡାର ମଧ୍ୟରେ ରହିଥିବା ଅସାଧ୍ୟସାଧନର ନାନା ଉପଗ୍ରହବହୁଳତା ଭିତରେ ପଶିଗଲା; ଏବଂ ଯାହା କେବଳମାତ୍ର ଏକ ଅତି ସୀମାବଦ୍ଧ ଓ ଅଲ୍ପପରିମିତ ଜ୍ଞାନ ହୋଇ ରହିଥିଲା, ତାହାକୁ ଅତିରଞ୍ଜିତ କରି ପକାଇଲା । ଏହିସବୁ ପ୍ରବୃତ୍ତି ଓ ମାନସିକ ଭିତ୍ତିର ଏହି ଅଦୃଢ଼ତା ହେତୁ ତାହାପକ୍ଷରେ ଆପଣାକୁ ରକ୍ଷା କରିବା କ୍ରମେ କଷ୍ଟକର ଓ ଆପଣାର ସମ୍ମାନହାନି କରି ବସିବା କ୍ରମେ ବଡ଼ ସହଜ ହୋଇଗଲା, ଅତି ସହଜରେ ଏକ ସହଜଭେଦ୍ୟ ଶରବ୍ୟରେ ପରିଣତ ହେଲା । ପ୍ରାଚୀନ ମିଶର ଏବଂ ପ୍ରାଚ୍ୟ ଭୂଖଣ୍ଡରେ ଜ୍ଞାନର ଏହି ଧାରାଟି ଏକ ବୃହତ୍ତର ଓ ବ୍ୟାପକତର ପ୍ରୟାସସ୍ତରରେ ଉପନୀତ ହୋଇ ପାରିଥିଲା, ତନ୍ତ୍ରଶାସ୍ତ୍ରର ଅତିବର୍ଷିଷ୍ଟ ଜ୍ଞାନଧାରାଟିରେ ମଧ୍ୟ ସେହି ବିପୁଳ ପରିପକ୍ୱତା ବର୍ତ୍ତମାନ ପୁଦ୍ଧା ଅକ୍ଷୁଣ୍ଣ ରହିଛି । ଏହି ତନ୍ତ୍ର ଯେ କେବଳ ଏକ ଅତିପ୍ରାକୃତ ବହୁଶାଖାଯୁକ୍ତ ବିଜ୍ଞାନରୂପେ ଆବିର୍ଭୂତ ହୋଇଥିଲା ତାହା ନୁହେଁ, ମାତ୍ର ତାହା ଧର୍ମର ଯାବତୀୟ ଗୁପ୍ତବିଦ୍ୟାଗତ ଉପାଦାନ ସକାଶେ ମଧ୍ୟ ଏକ ଭିତ୍ତି ଆଣି ଯୋଗାଇ ଦେଇଥିଲା ଏବଂ ଆଧ୍ୟାତ୍ମିକ ସାଧନା ଓ

'oaob.nitrkl.ac.in' images reprocessed

ଅନ୍ତୋପଲବ୍ଧିର ଏକ ବୃହତ୍ତ୍ୱ ଓ ଶକ୍ତିଶାଳୀ ମାର୍ଗର ମଧ୍ୟ ବିକାଶ ସାଧନ କରାଇଥିଲା । କାରଣ, ଯେଉଁ ଗୁପ୍ତବିଦ୍ୟା ମନ, ପ୍ରାଣ ତଥା ଚିତ୍ତସତ୍ତାର ପ୍ରଚ୍ଛନ୍ନ ଗତିକ୍ରିୟାଗୁଡ଼ିକର ଓ ଗତିଶୀଳ ଅତିପ୍ରାକୃତ ସମ୍ଭାବନାଗୁଡ଼ିକର ଆବିଷ୍କାର କରିପାରେ ଓ ଆମର ମନୋମୟ, ପ୍ରାଣମୟ ତଥା ଚିଦ୍‌ଗତ ସତ୍ତାର ବୃହତ୍ତର ସାର୍ଥକତା ସାଧନ କରିବାଲାଗି ସେଗୁଡ଼ିକର ସ୍ୱାଭାବିକ ଶକ୍ତିରେ କିମ୍ବା ପ୍ରୟୋଗାତ୍ମକ ଭାବରେ ସେଗୁଡ଼ିକୁ ବ୍ୟବହାର କରିପାରେ, ତାହାକୁହିଁ ଆମେ ସର୍ବୋଚ୍ଚ ସ୍ତରର ଗୁପ୍ତବିଦ୍ୟା ବୋଲି କହିବା ।

ଲୋକାୟତ ଧାରଣା ଅନୁସାରେ ଗୁପ୍ତବିଦ୍ୟାକୁ ଯାଦୁବିଦ୍ୟା ଓ ଯାଦୁମନ୍ତ୍ର ସହିତ ନେଇ ଯୋଡ଼ି ଦିଆଯାଇ ଥାଏ, ଅତିପ୍ରାକୃତର ଏକ କଳ୍ପିତ ସାଧନାକୌଶଳ ସହିତ ସମ୍ପୃକ୍ତ ବୋଲି ବିଗ୍ରର କରାଯାଏ, ମାତ୍ର ଏଇଟି ହେଉଛି ଏହାର କେବଳ ଗୋଟିଏ ଦିଗ; ଏବଂ ଯେଉଁମାନେ ସଗୁପ୍ତ ପ୍ରକୃତିଶକ୍ତିର ଏହି ପ୍ରଚ୍ଛନ୍ନ ଦିଗଟି ଉପରେ ଗମ୍ଭୀର ଭାବରେ ଅଥବା ଆଦୌ ଦୃକ୍‌ପାତ କରି ନାହାନ୍ତି କିମ୍ବା ଏହାର ସମ୍ଭାବନାଗୁଡ଼ିକୁ ନେଇ କୌଣସିପ୍ରକାର ପରୀକ୍ଷା କରି ନାହାନ୍ତି, ସେମାନେ ଯେପରି ଦାମ୍ଭିକତା ସହିତ କଳ୍ପନା କରନ୍ତି, ଗୁପ୍ତବିଦ୍ୟା ଏକାବେଳକେ ସେହିଭଳି ଗୋଟାଏ ଅନ୍ଧବିଶ୍ୱାସ ମଧ୍ୟ ନୁହେଁ । ଭୌତିକ ବିଜ୍ଞାନରେ ଆମେ ଯେଉଁ ଅଦ୍‌ଭୁତ ସଫଳତା ଲାଭ କରିଛୁ, ଠିକ୍ ସେହିପରି ସୂତ୍ର ଓ ମନ୍ତ୍ରତନ୍ତ୍ରର ଯଥାଯଥ ପ୍ରୟୋଗ କରି ପ୍ରକୃତିର ସୁପ୍ତ ଶକ୍ତିକୁ ଉଦ୍‌ବୋଧିତ ଏବଂ ଯନ୍ତ୍ରପରି ନିୟନ୍ତ୍ରିତ ଓ ପରିଚାଳିତ କରି ପ୍ରାଣ ଓ ମନର ଶକ୍ତିକୁ ଅଦ୍‌ଭୁତ ସଫଳତା ସହିତ କେତେକେତେ ଅପ୍ରାକୃତ ସିଦ୍ଧିରେ କାର୍ଯ୍ୟରେ ଲଗାଯାଇ ପାରେ । ମାତ୍ର ରହସ୍ୟବିଦ୍ୟାର ଏହି ପ୍ରୟୋଗକ୍ଷେତ୍ରଟି ହେଉଛି ଏହାର ଏକ ଅତି ସୀମାବଦ୍ଧ ଦିଗ ଓ ତାହାର ଏକ ଗୌଣ ପଦ୍ଧତିମାତ୍ର । କାରଣ ଆପଣାର କ୍ରିୟା-କ୍ଷେତ୍ରରେ ମନ ତଥା ପ୍ରାଣର ଶକ୍ତିଗୁଡ଼ିକ ହେଉଛି ବଡ଼ ସ୍ଥିତିସ୍ଥାପକ, ବଡ଼ ସୂକ୍ଷ୍ମ ଓ ବିଚିତ୍ର; ଏବଂ ସେଗୁଡ଼ିକ ମଧ୍ୟରେ ଜଡ଼ର କାଠିନ୍ୟ ମଧ୍ୟ ନାହିଁ । ସେଗୁଡ଼ିକର କ୍ରିୟା, କ୍ରିୟାର ରୀତି ଏବଂ ପ୍ରୟୋଗର ରହସ୍ୟକୁ ଜାଣିବାକୁ ହେଲେ, ଏପରିକି ସେଗୁଡ଼ିକର ପ୍ରତିଷ୍ଠିତ ସୂତ୍ରଗୁଡ଼ିକର କ୍ରିୟା ଓ ପ୍ରତିକ୍ରିୟାକୁ ବୁଝିବାକୁ ହେଲେ ଏକ ସୂକ୍ଷ୍ମ ତଥା ସ୍ଥିତିସ୍ଥାପକ ବୋଧଶକ୍ତି ଆବଶ୍ୟକ ହୋଇଥାଏ । ଯଦି ଯାନ୍ତ୍ରିକତା ଏବଂ ଅନମନୀୟ ସୂତ୍ରବଦ୍ଧତା ଉପରେ ଅତିରିକ୍ତ ଜୋର ଦିଆଯାଏ, ତେବେ ତଦ୍ୱାରା ହୁଏତ ଜ୍ଞାନକୁ କେବଳ ଅଫଳପ୍ରଦ ଓ କେତେଟା ନିୟମସୂତ୍ର ମଧ୍ୟରେ ସୀମାବଦ୍ଧ କରି ରଖିବାର ଆଶଙ୍କାହିଁ ଆସି ଉପୁଜେ, ଏବଂ ବ୍ୟାବହାରିକ କ୍ଷେତ୍ରରେ ଅନେକ ପ୍ରମାଦ ଆସି ପହଞ୍ଚେ, ମୂଢ଼ ଗତାନୁଗତିକତା ମଧ୍ୟରେ ପଡ଼ିଯିବାକୁ ହୁଏ, ଜ୍ଞାନର ଅସଦ୍‌ବ୍ୟବହାର ହୁଏ, ବିଫଳତାର ବି ସମ୍ମୁଖୀନ ହେବାକୁ ହୁଏ । ମାତ୍ର ଆମେ ବର୍ତ୍ତମାନ ଜଡ଼କୁହିଁ ଏକମାତ୍ର ସତ୍ୟ ବୋଲି ମାନିନେବାର ଅନ୍ଧବିଶ୍ୱାସରୁ କ୍ରମେ ମୁକ୍ତ ହେବାକୁ ବସିଲୁଣି;

'oaob.nitrkl.ac.in' images reprocessed

ଏବଂ ତେଣୁ ପ୍ରାଚୀନ ଗୁପ୍ତବିଦ୍ୟା ଆଡ଼କୁ ପୁଣି ଦୃଷ୍ଟି ଫେରାଇବାର ଏବଂ ତାହାକୁ ଏକ ନୂତନ ରୂପ ଦେବାର, ଏବଂ ମନ ଭିତରେ ଯେଉଁସବୁ ଗୁପ୍ତ ରହସ୍ୟ ତଥା ସାମର୍ଥ୍ୟ ଲୁକ୍କାୟିତ ହୋଇ ରହିଛି, ଏକ ବୈଜ୍ଞାନିକ ଦୃଷ୍ଟିରୁ ତାହାର ଆଲୋଚନା କରିବାର ଓ ଅସ୍ୱାଭାବିକ କିମ୍ବା ଅତିପ୍ରାକୃତ ମନସ୍ତତ୍ତ୍ୱଗତ ତଥା ଚୈତ୍ୟ ବ୍ୟାପାରଗୁଡ଼ିକୁ ଅଧିକ ନିକଟବର୍ତ୍ତୀ ହୋଇ ଅଧ୍ୟୟନ କରିବାର ଏକ ସମ୍ଭାବନା ଆସି ପହଞ୍ଚିଛି, ଏବଂ କୌଣସି କୌଣସି କ୍ଷେତ୍ରରେ ତାହାର ଲକ୍ଷଣ ମଧ୍ୟ ପ୍ରକାଶ ପାଇଲାଣି । ମାତ୍ର ଏହି ସାଧନରେ ସମ୍ପୂର୍ଣ୍ଣଭାବେ ସଫଳ ହେବାକୁ ହେଲେ ଅନୁସନ୍ଧାନର ଏହି ଧାରାଟିର ପ୍ରକୃତ ଭିତ୍ତି କ'ଣ, ଏହାର ଲକ୍ଷ୍ୟ ବା ଉଦ୍ଦେଶ୍ୟ ମଧ୍ୟ କ'ଣ, ଏଥିରେ କେଉଁସବୁ ସୀମା ବା ସତର୍କତାକୁ ମାନି ଅଗ୍ରସର ହେବା ଉଚିତ, ସେଗୁଡ଼ିକୁ ପୁନର୍ବାର ଆବିଷ୍କାର କରିବାକୁ ପଡ଼ିବ । ମନଃଶକ୍ତି ଓ ପ୍ରାଣଶକ୍ତିର ପ୍ରଚ୍ଛନ୍ନ ସତ୍ୟ ତଥା ସାମର୍ଥ୍ୟଗୁଡ଼ିକର ଏବଂ ଲୁକ୍କାୟିତ ଭାବରେ ରହିଥିବା ଚିତ୍‌ସତ୍ତାର ବୃହତ୍ତର ସାମର୍ଥ୍ୟଗୁଡ଼ିକର ଆବିଷ୍କାର କରିପାରିବାହିଁ ଏହି ଅନୁସନ୍ଧାନର ସବୁଠାରୁ ଅଧିକ ମହତ୍ତ୍ୱପୂର୍ଣ୍ଣ ଉଦ୍ଦେଶ୍ୟ ହୋଇ ରହିବା ଉଚିତ । ଗୁପ୍ତବିଦ୍ୟାର ବିଜ୍ଞାନ ହେଉଛି ମୂଳତଃ ଅଧିଚେତନର ଏକ ବିଜ୍ଞାନ; ଆମ ଭିତରେ ଅବସ୍ଥିତ ଅଧିଚେତନ ତଥା ବିଶ୍ୱପ୍ରକୃତିରେ ରହିଥିବା ଅଧିଚେତନର ବିଜ୍ଞାନ, ଏବଂ ଅବଚେତନ ଓ ଅତିଚେତନ ସମେତ ଯାହାକିଛି ଅଧିଚେତନ ସହିତ ସମ୍ବନ୍ଧଯୁକ୍ତ ହୋଇ ରହିଛି, ତାହାର ବିଜ୍ଞାନ । ଏବଂ ସେଥିଲାଗି ଆତ୍ମଜ୍ଞାନ ତଥା ବିଶ୍ୱଜ୍ଞାନର ଅଂଶରୂପେ ଏବଂ ସେହି ଜ୍ଞାନକୁ ଯଥାର୍ଥ ଭାବରେ ଗତିଶୀଳ କରିବା ନିମନ୍ତେ ଗୁପ୍ତବିଦ୍ୟାର ପ୍ରକୃତ ପ୍ରୟୋଜନୀୟତା ବିଦ୍ୟମାନ ରହିଛି ।

ପ୍ରବୁଦ୍ଧ ମନୁଷ୍ୟ ମଧ୍ୟରେ ଏହି ଯେଉଁ ଉଚ୍ଚତମ ଜ୍ଞାନର ପ୍ରକାଶ ଘଟାଇବାକୁ ଗୃହୀତ, ବୁଦ୍ଧିଦ୍ୱାରା ତାହା ଆଡ଼କୁ ଅଗ୍ରସର ହେବା ଏବଂ ମନରେ ତାହାକୁ ଧାରଣ କରି ରଖିବାଦ୍ୱାରା ତାହା ସେଥିଲାଗି ଏକ ଅପରିହାର୍ଯ୍ୟ ସହାୟକରୂପେ କାର୍ଯ୍ୟ କରିବ । ସାଧାରଣତଃ ଆମ ଅସ୍ତିତ୍ୱର ଏହି ଉପରିସ୍ଥ ଭୂମିଟିରେ ବୁଦ୍ଧିଗତ ବୋଧ ଅର୍ଥାତ୍ ପର୍ଯ୍ୟବେକ୍ଷଣ କରୁଥିବା, ବୁଝିବାକୁ ଚେଷ୍ଟା କରୁଥିବା ଓ ବ୍ୟବସ୍ଥାବଦ୍ଧ କରି ରଖୁଥିବା ବୁଦ୍ଧିହିଁ ମନୁଷ୍ୟର ଭାବନା ତଥା କ୍ରିୟାର ସର୍ବମୁଖୀ ସାଧନରୂପେ କାର୍ଯ୍ୟ କରିଥାଏ । ଚିତ୍‌ସତ୍ତାର ଯେକୌଣସି ସମଗ୍ର ଅଗ୍ରଗତି ବା ପରିଣତିରେ କେବଳ ଯେ ବୋଧି, ଅନ୍ତର୍ଦୃଷ୍ଟି, ଅନ୍ତର୍ଗତ ବୋଧ, ହୃଦୟନିଷ୍ଠା ତଥା ବସ୍ତୁଗୁଡ଼ିକ ବିଷୟରେ ଏକ ଗଭୀର ଓ ଅପରୋକ୍ଷ ଜୀବନାନୁଭୂତିର ବିକାଶ ସାଧନ କରାଇବାକୁ ହେବ ତା' ନୁହେଁ, ଆମର ବୁଦ୍ଧିକୁ ମଧ୍ୟ ଆଲୋକିତ କରିବାକୁ ପଡ଼ିବ, ବୁଦ୍ଧିର ତୃପ୍ତିବିଧାନ କରିବାକୁ ହେବ । ଆମ ପ୍ରକୃତି ଓ ତା' ପଛରେ ଯେଉଁ ଗୋପନ ସତ୍ୟ ଅନ୍ତର୍ନିହିତ ରହିଛି, ତାହାର ସର୍ବୋଚ୍ଚ ପରିଣତି ତଥା କ୍ରିୟାର ଉଦ୍ଦେଶ୍ୟ, ପ୍ରଣାଳୀ ଓ ତତ୍ତ୍ୱଗୁଡ଼ିକୁ ବୁଝିବାରେ

'oaob.nitrkl.ac.in' images reprocessed

ଏବଂ ସେଗୁଡ଼ିକ ସମ୍ବନ୍ଧରେ ଏକ ଯୁକ୍ତିଯୁକ୍ତ ଓ ସୁସଙ୍ଗବଦ୍ଧ ଧାରଣା କରି ପାରିବାରେ ଭାବନା ଓ ବିଚାରଶୀଳ ମନକୁ ସବୁପ୍ରକାରେ ସାହାଯ୍ୟ କରିବାକୁ ପଡ଼ିବ । ଆଧ୍ୟାତ୍ମିକ ଉପଲବ୍ଧି ଓ ଆଧ୍ୟାତ୍ମିକ ଅନୁଭୂତି, ଏକ ବୋଧିସମ୍ଭୂତ ଅପରୋକ୍ଷ ଜ୍ଞାନ, ଅନ୍ତର୍ଗତ ଚେତନାର ଅଭିବୃଦ୍ଧି, ଆତ୍ମାର ଅଭିବୃଦ୍ଧି ଏବଂ ଏକ ଅନ୍ତରଙ୍ଗ ଆତ୍ମବୋଧର ଅଭିବୃଦ୍ଧି, —ଏଗୁଡ଼ିକ ଯେ ବାସ୍ତବିକ ଏହି ବିକାଶମାର୍ଗର ସର୍ବୋପଯୁକ୍ତ ସାଧନ, ସେଥିରେ କୌଣସି ସନ୍ଦେହ ନାହିଁ; ମାତ୍ର ବିଚାର ଓ ସମୀକ୍ଷାର ସାମର୍ଥ୍ୟ ରଖିଥିବା ବୁଦ୍ଧିର ସମର୍ଥନ ମଧ୍ୟ ଏହି କ୍ଷେତ୍ରରେ ଆଦୌ କମ୍ ମୂଲ୍ୟବାନ ନୁହେଁ । ଅନ୍ତର୍ଗତ ସତ୍ୟଗୁଡ଼ିକ ସହିତ ସୁସ୍ପଷ୍ଟ ଓ ପ୍ରତ୍ୟକ୍ଷ ସମ୍ପର୍କ ରଖି ପାରିଛନ୍ତି ବୋଲି ଓ କେବଳ ଅନୁଭୂତି ଓ ଅନ୍ତର୍ଦୃଷ୍ଟି ନେଇ ସନ୍ତୁଷ୍ଟ ରହି ପାରୁଛନ୍ତି ବୋଲି ଯଦି ଅନେକେ ବୁଦ୍ଧିର କୌଣସି ସାହାଯ୍ୟ ନନେଇ ବେଶ୍ ଅଗ୍ରସର ହୋଇ ପାରିଥା'ନ୍ତି, ତଥାପି ସମଗ୍ର ପରିଣାମଧାରାଟି ମଧ୍ୟରେ ବୁଦ୍ଧିକୁ ଅପରିହାର୍ଯ୍ୟ ବୋଲି ମାନିବାକୁ ପଡ଼ିବ । ଯଦି ସର୍ବୋଚ୍ଚ ପରମସତ୍ୟଟି ଏକ ଆଧ୍ୟାତ୍ମିକ ସତ୍ୟ ହୋଇଥାଏ, ତେବେ ସେହି ସର୍ବମୂଳ ସତ୍ୟଟିର ଯଥାର୍ଥ ସ୍ୱଭାବ କ'ଣ, ଅବଶିଷ୍ଟ ଅସ୍ତିତ୍ୱଟି ସହିତ, ଆମ ସହିତ ତଥା ବିଶ୍ୱଜଗତ ସହିତ ତାହାର କେଉଁଭଳି ସମ୍ବନ୍ଧମାନ ରହିଛି, ମନୁଷ୍ୟର ବୁଦ୍ଧି ଲାଗି ସେସବୁ ଜାଣିବାର ଆବଶ୍ୟକତା ସବୁବେଳେ ରହିଛି । ଏକଥା ସତ ଯେ କେବଳ ଆପଣା ଗୋଡ଼ରେ ଠିଆ ହୋଇ ବୁଦ୍ଧି ଆମକୁ କଦାପି ଆଧ୍ୟାତ୍ମିକ ପରମସତ୍ୟର ସାକ୍ଷାତ ସଂସ୍ପର୍ଶରେ ଆଣି ପାରିବ ନାହିଁ, ମାତ୍ର ତଥାପି ପରମ ତତ୍ତ୍ୱସତ୍ତାର ସତ୍ୟକୁ ଏକ ମନୋଗତ ରୂପାୟନ ଦେଇ ମନର ଭୂମିରେ ତାହାର ଏକ ତାତ୍ପର୍ଯ୍ୟ ଫୁଟାଇଦେଇ ବୁଦ୍ଧି ସାଧନାର ସହାୟକ ହୋଇପାରେ; ଏପରିକି ଅଧିକତର ପ୍ରତ୍ୟକ୍ଷ ସାଧନାର କ୍ଷେତ୍ରରେ ମଧ୍ୟ ବୁଦ୍ଧିର ପ୍ରୟୋଗ କରାଯାଇ ପାରେ । ଏବଂ ଏହିଭଳି ସହାୟକ ହେବାର ଯେ ଏକ ବିଶେଷ ମୂଲ୍ୟ ରହିଛି, ସେଥିରେ ଆଦୌ କୌଣସି ସନ୍ଦେହ ନାହିଁ ।

ସାଧାରଣ ତଦ୍‌ଗତ ସତ୍ୟଟିର ସ୍ୱରୂପ କ'ଣ, ସେହି ସତ୍ୟର ସମ୍ବନ୍ଧନିରପେକ୍ଷ ତଥା ଆପେକ୍ଷିକ ତତ୍ତ୍ୱଗୁଡ଼ିକର ନ୍ୟାୟସଙ୍ଗତି କ'ଣ, ସେଗୁଡ଼ିକର ପରସ୍ପର ସହିତ କେଉଁଭଳି ସମ୍ବନ୍ଧ ରହିଛି ବା ସେଗୁଡ଼ିକ ମଧ୍ୟରୁ କିଭଳି ଗୋଟିଏ ଆଉଗୋଟିକ ପାଖକୁ ବାଟ ଦେଖାଇ ନେଇଯାଉଛି ଏବଂ ତଦ୍‌ଗତ ସତ୍ୟଟିକୁ ଅସ୍ତିତ୍ୱର ମୂଳ ବୋଲି ସ୍ୱୀକାର କରିନେଲେ ମନୋଗତ ଦୃଷ୍ଟିକୋଣରୁ ସେଥିରୁ କ'ଣସବୁ ସିଦ୍ଧାନ୍ତ ନିଷ୍ପନ୍ନ ହେଉଛି, ପ୍ରଧାନତଃ ଏହିସବୁ ବିଷୟରେ ଗୋଟିଏ ଗୋଟିଏ ବ୍ୟାଖ୍ୟା ଗଠନ କରି ରଖିବା ହେଉଛି ଆମ ଭାବନାଶୀଳ ମନର କାର୍ଯ୍ୟ । ମାତ୍ର ଆପଣାର ପ୍ରଧାନତମ ଅଧିକାର ତଥା ସାଧନାଂଶରୂପେ ଏହି ବୁଝିବା ଏବଂ ବୁଦ୍ଧିଯୁକ୍ତିର ସାହାଯ୍ୟରେ ପ୍ରକାଶ କରିବା ଛଡ଼ା ବି ବୁଦ୍ଧି ଆଧ୍ୟାତ୍ମିକ ଅନୁଭବଗୁଡ଼ିକର ଏକ ସମୀକ୍ଷାମୂଳକ

'oaob.nitrkl.ac.in' images reprocessed

ନିୟନ୍ତ୍ରଣ ମଧ୍ୟ କରିଥାଏ । ପରମାନନ୍ଦଭୂତିର ସ୍ୱବସମାଧି କିମ୍ବା ସେହିଭଳି କୌଣସି ପ୍ରତ୍ୟକ୍ଷ ତଦ୍‌ଗତ ଅନୁଭୂତିକୁ ବୁଦ୍ଧି ସ୍ୱୀକାର କରିପାରେ ସତ, ମାତ୍ର ସତ୍ତ୍ୱର ଠିକ୍ କେଉଁ ନିଶ୍ଚିତ ଓ ବ୍ୟବସ୍ଥାବଦ୍ଧ ସତ୍ୟଗୁଡ଼ିକ ଉପରେ ତାହା ପ୍ରତିଷ୍ଠିତ ହୋଇ ରହିଛି, ବୁଦ୍ଧି ସେ କଥାଟି ମଧ୍ୟ ଜାଣିବାଲାଗି ଦାବି କରିଥାଏ । ବସ୍ତୁତଃ ଏପରି ଏକ ଜ୍ଞାତ ଓ ପରୀକ୍ଷିତ ସତ୍ୟର ସମର୍ଥନ ନଥିଲେ ଆମର ବୁଦ୍ଧିଯୁକ୍ତ ହୁଏତ ଏହିସବୁ ଅନୁଭବକୁ ଦୁର୍ବଳମୂଳ ଓ ଅବୋଧ ବୋଲି ବିଚାର କରିପାରେ । ସେଗୁଡ଼ିକ ସମ୍ଭବତଃ ସତ୍ୟ ଉପରେ ପ୍ରତିଷ୍ଠିତ ହୋଇ ରହି ନାହାନ୍ତି, ଏପରି ଭାବ ସେସବୁ ପାଖରୁ ଓହରି ଆସିପାରେ ଅଥବା ସେଗୁଡ଼ିକର ଭିତ୍ତିରେ ନହେଲେ ମଧ୍ୟ ସେଗୁଡ଼ିକର ପ୍ରକାଶିତ ରୂପରେ ସେଗୁଡ଼ିକ ଏକ ଭୁଲଦ୍ୱାରା ସଂକ୍ରମିତ ହୋଇ ପଡ଼ିଛନ୍ତି ବା ଏପରିକି କଳ୍ପନାପ୍ରବଣ ପ୍ରାଣାଶ୍ରୟୀ ମନ, ସଂବେଗ, ସ୍ନାୟୁମଣ୍ଡଳ କିମ୍ବା ଇନ୍ଦ୍ରିୟ-ଗୁଡ଼ିକର ଏକ ବିଚ୍ୟୁତି ବୋଲି କହି ଅବିଶ୍ୱାସ ବି କରିପାରେ । କାରଣ ଜଡ଼ଗତ ତଥା ଇନ୍ଦ୍ରିୟଗ୍ରାହ୍ୟ ସ୍ତରରୁ ଦୃଶ୍ୟାତୀତ ସ୍ତରକୁ ଗତି କଲାବେଳେ କିମ୍ବା ପରିବର୍ତ୍ତିତ ହେଲାବେଳେ ଆପଣା ବାଟରୁ ବଣା ହୋଇ ଏଗୁଡ଼ିକ ହୁଏତ ପ୍ରବଞ୍ଚନାମୟ ନାନା ଆଲେଆର ଅନୁଧାବନ କରିପାରେ ଅଥବା କେତେବେଳେ ଅନୁଭୂତ ବିଷୟକୁ ଓ ଆଉ କେତେବେଳେ ଅନୁଭୂତ ବିଷୟର ତାତ୍ପର୍ଯ୍ୟକୁ ଅସମ୍ପୂର୍ଣ୍ଣରୂପେ କିମ୍ବା ଭୁଲ କରି ବୁଝେ ବୋଲି ଯାହା ମୂଳତଃ ସତ୍ୟ, ତାହାକୁ ଅନ୍ତତଃ ଭୁଲଭାବରେ ଗ୍ରହଣ କରିପାରେ ବା ପୁଣି କେତେବେଳେ ଯଥାର୍ଥ ତଦ୍‌ଗତ ମୂଲ୍ୟଗୁଡ଼ିକୁ ବଡ଼ ଗୋଳମାଳିଆ କରି ନେଇପାରେ, ସେଗୁଡ଼ିକୁ ଅନୁବନ୍ଧ କରି ରଖିଥିବା ଶୃଙ୍ଖଳାକୁ ନଷ୍ଟ ବି କରି ଦେଇପାରେ । ଯେତେବେଳେ ଏହି ବୁଦ୍ଧିଯୁକ୍ତ ଗୁପ୍ତବିଦ୍ୟାର ଗତିଶୀଳତାଟିକୁ ସ୍ୱୀକାର କରିନେବାକୁ ବାଧ୍ୟ ହୁଏ, ସେତେବେଳେ ମଧ୍ୟ ତାହା କେବଳ ଅଭିବ୍ୟକ୍ତ ହେଉଥିବା ଶକ୍ତିଗୁଡ଼ିକରହିଁ ତତ୍ତ୍ୱ ବା ସତ୍ୟ ଏବଂ ଯଥାର୍ଥ କ୍ରିୟାଧାରା ଓ ତାତ୍ପର୍ଯ୍ୟଟିକୁ ବୁଝିବାଲାଗି ଅଧିକ ବ୍ୟଗ୍ର ହୋଇ ରହିଥାଏ । ଗୁପ୍ତବିଦ୍ୟାବିତ୍ ଆପଣା ବିଦ୍ୟାଟିର ଯେଉଁଭଳି ବ୍ୟାଖ୍ୟା କରୁଛି, ତାହା ପ୍ରକୃତରେ ଅସଲ ବ୍ୟାଖ୍ୟା କି ନୁହେଁ, ଅଥବା ତାହାର ଅନ୍ୟ କୌଣସି ଅର୍ଥ ବା ଗଭୀରତର ତାତ୍ପର୍ଯ୍ୟ ରହିଛି କି ନାହିଁ, ତାହାର ମୂଳ ସମ୍ବନ୍ଧ ଓ ମୂଲ୍ୟଗୁଡ଼ିକର ଏକ ବିକୃତ ବ୍ୟାଖ୍ୟା ଦିଆଯାଇଛି କି ନାହିଁ କିମ୍ବା ଅଧ୍ୟାତ୍ମ ଅନୁଭବର ସମଗ୍ର ପରିବେଶଟି ମଧ୍ୟରେ ତାହା ଯଥୋପଯୁକ୍ତ ସ୍ଥାନରେ ଅବସ୍ଥାପିତ ହୋଇପାରିଛି କି ନାହିଁ, ବୁଦ୍ଧି ଏହିସବୁ ବିଷୟକୁ ବିଚାର କରି ଦେଖିବାକୁ ଚାହିଁଥାଏ । କାରଣ ପ୍ରଥମତଃ ଅର୍ଥର ଅବଧାରଣ କରିବା ହେଉଛି ଆମ ବୁଦ୍ଧିର କାର୍ଯ୍ୟ; ଏହାର ଗୌଣ କାର୍ଯ୍ୟଗୁଡ଼ିକ ହେଉଛି ସବୁ କଥାକୁ ସମୀକ୍ଷା କରି ଦେଖିବା ଏବଂ ପରିଶେଷରେ ତାହାକୁ ସଂଗଠିତ କରିବା, ଆପଣାର ଅକ୍ତିଆରକୁ ଆଣିବା ଏବଂ ଏକ ବିଧିବଦ୍ଧ ରୂପ ଦେବା ।

'oaob.nitrkl.ac.in' images reprocessed

ଯେଉଁ ସାଧନାଟି ଦ୍ୱାରା ଏହି ଆବଶ୍ୟକତାଟିର ତୃପ୍ତି ସାଧନ ହୋଇପାରିବ ଏବଂ ଆମର ମନୋମୟ ପ୍ରକୃତି ଆମକୁ ଏଥିଲାଗି ଯେଉଁ ସାଧନଟି ଯୋଗାଇ ଦେଇଛି, ତାହା ହେଉଛି ଦର୍ଶନ । ଏବଂ ଏହି କ୍ଷେତ୍ରରେ ଏହା ଆଧ୍ୟାତ୍ମିକ ଦର୍ଶନ ହେବାକୁହିଁ ବାଧ୍ୟ ହେବ । ପ୍ରାଚ୍ୟଜଗତରେ ଏହିପରି ଅଗଣିତ ଦର୍ଶନମାର୍ଗର ଉଦୟ ହୋଇଛି; କାରଣ ପ୍ରାୟ ପ୍ରତ୍ୟେକ ଯୁଗରେ, ଯେତେବେଳେ କୌଣସି ଉଲ୍ଲେଖଯୋଗ୍ୟ ଭାବରେ ଆଧ୍ୟାତ୍ମିକତାର ବିକାଶ ସମ୍ଭବ ହୋଇଛି, ସେତେବେଳେ ତାହାରି ମଧ୍ୟରୁ ଏକ ଦର୍ଶନମାର୍ଗ ଜନ୍ମଲାଭ କରିଛି, ଯାହାକି ବୁଦ୍ଧିପାଇଁ ସେହି ବିକାଶଟିର ଔଚିତ୍ୟକୁ ପ୍ରମାଣିତ କରିବାର ଚେଷ୍ଟା କରିଛି । ପ୍ରଥମେ ଏକ ବୋଧିଦୃଷ୍ଟି ତଥା ବୋଧିଗତ ଅଭିବ୍ୟକ୍ତିହିଁ ଦର୍ଶନର ପଦ୍ଧତି ହୋଇ ରହିଥିଲା, ଉପନିଷଦର ଅତିଗଭୀର ବିସ୍ତାର ଏବଂ ଗଭୀର ସ୍ୱପ୍ରକାଶିତ ଭାବବ୍ୟକ୍ତିରେ ଆମେ ତାହାର ନିଦର୍ଶନ ପାଇଥାଉ । ମାତ୍ର ପରବର୍ତ୍ତୀ ଯୁଗରେ ଏକ ସମୀକ୍ଷାମୂଳକ ପଦ୍ଧତି ବିକାଶଲାଭ କଲା, ତର୍କପ୍ରତିଷ୍ଠା ଓ ନ୍ୟାୟସଙ୍ଗତତାର ଆବିର୍ଭାବ ହେଲା । ଆନ୍ତର ଉପଲବ୍ଧି ଦ୍ୱାରା ଯାହା ପ୍ରାପ୍ତ ହୋଇଥିଲା, ପରବର୍ତ୍ତୀ ନାନା ଦର୍ଶନରେ ତାହାରି ଏକ ବୁଦ୍ଧିସମର୍ଥିତ ବିବରଣ (ଉଦାହରଣସ୍ୱରୂପ, ଗୀତା) ଦିଆଗଲା ଅଥବା ତା'ର ନ୍ୟାୟମୂଳ ଔଚିତ୍ୟଟିକୁ ପ୍ରମାଣ କରାଗଲା । ଅଥବା ଆଧ୍ୟାତ୍ମିକ ଅନୁଭବ ତଥା ତତ୍ତ୍ୱସାକ୍ଷାତ୍କାର ଲାଗି ଚିତ୍ତଭୂମିକୁ ପ୍ରସ୍ତୁତ କରି ସାଧନପଦ୍ଧତିର ନିର୍ଦ୍ଦେଶ କରି ଦେବାଲାଗି ଚେଷ୍ଟା କରାଗଲା (ଉଦାହରଣସ୍ୱରୂପ, ପାତଞ୍ଜଳଙ୍କର ଯୋଗଦର୍ଶନରେ) । ମାତ୍ର ପାଶ୍ଚାତ୍ୟ ଜଗତରେ, ଯେଉଁଠାରେ କି ଚେତନାର ସମନ୍ୱୟାତ୍ମକ ପ୍ରବୃତ୍ତିଟିକୁ ସ୍ଥାନଚ୍ୟୁତ କରି ବିଶ୍ଳେଷଣାତ୍ମକ ଏବଂ ଭେଦମୂଳକ ପ୍ରବୃତ୍ତି ତାହାର ସ୍ଥାନ ଅଧିକାର କରିଥିଲା, ଆଧ୍ୟାତ୍ମିକ ଅନ୍ତଃପ୍ରେରଣା ଏବଂ ବୁଦ୍ଧିଗତ ଯୁକ୍ତିବିବେକ ପ୍ରାୟ ପ୍ରଥମରୁହିଁ ପରସ୍ପରର ସାଙ୍ଗ ଛାଡ଼ି ଅଲଗା ହୋଇଗଲେ; ସେଠାରେ ଆଦ୍ୟ ସୋପାନରୁହିଁ ଦର୍ଶନଶାସ୍ତ୍ର ବସ୍ତୁଗୁଡ଼ିକର କେବଳ ଏକ ବିଶୁଦ୍ଧ ବୁଦ୍ଧି ଓ ତର୍କାସ୍ତ୍ରିତ ବିଶ୍ଳେଷଣର ପନ୍ଥା ଧରିନେଲା । ତଥାପି ସେଠାରେ ପିଥାଗୋରାସୀୟ, ଷ୍ଟୋଇକ୍ ତଥା ଏପିକ୍ୟୁରସୀୟ ଦର୍ଶନମାର୍ଗ-ଗୁଡ଼ିକର ବି ଆବିର୍ଭାବ ହୋଇଥିଲା, ଯେଉଁଗୁଡ଼ିକ କି କେବଳ ଚିନ୍ତାର ଆଖିରେ ଆପଣାକୁ ସଙ୍ଗଠିତ ଓ ସୂତ୍ରବଦ୍ଧ କରିଥିଲେ ତାହା ନୁହେଁ, ମାତ୍ର ଜୀବନର ଯଥାର୍ଥ ଆଚରଣ ଉପରେ ମଧ୍ୟ ଆଖି ରଖିଥିଲେ ଓ ସତ୍ତାର ଅନ୍ତର୍ଗତ ପରିପୂର୍ଣ୍ଣତା ଅର୍ଜନ କରିବା ଦିଗରେ ଏକ ପ୍ରୟାସ ଓ ସାଧନାର ଧାରାର ବିକାଶ ମଧ୍ୟ କରିଥିଲେ । ପରବର୍ତ୍ତୀ ଖ୍ରିଷ୍ଟିଆନ୍ ଓ ନବ-ପାଗାନ୍ ଚିନ୍ତାରେ ଏହି ପ୍ରବୃତ୍ତି ଜ୍ଞାନର ଏକ ଉଚ୍ଚତର ଭୂମିକୁ ଉଠି ପାରିଥିଲା ଏବଂ ସେଇଥିରେ ପ୍ରାଚ୍ୟ ଓ ପାଶ୍ଚାତ୍ୟର ଏକ ମିଳନ ବି ଘଟିଥିଲା । ମାତ୍ର ପୁଣି ଆଗକୁ ଯାଇ ବୁଦ୍ଧିର ଅତିପ୍ରାଧାନ୍ୟହିଁ ସମଗ୍ର ଭୂମିଟିକୁ ପୁରାପୁରି ଚରି ଯାଇଥିଲା ଏବଂ ଜୀବନ, ଜୀବନଗତ ଶକ୍ତି ବା ଚିଦ୍‌ଗତତା ତଥା

'oaob.nitrkl.ac.in' images reprocessed

ଏଦ୍ୱାରା ଯାବତୀୟ ଗତିଶୀଳତା ଦର୍ଶନଠାରୁ ହୁଏତ ଏକାବେଳକେ ବିଚ୍ଛିନ୍ନ ହୋଇ ପଡ଼ିଲା, ଅଥବା କେବଳ ବୁଦ୍ଧିଗତ ଆଲୋଚନାରୁ ଜାତ ହେଉଥିବା ତତ୍ତ୍ୱବିଜ୍ଞାନ ଜୀବନ ଓ ଜୀବନଭୂମିଗତ ନିଷ୍ପତ୍ତି ଉପରେ ଅତି ଭୂମିଚ୍ଛିନ୍ନ ଓ ଗୌଣ ଭାବରେ ଅତି ଅଳ୍ପ ପ୍ରଭାବ ପକାଇ ପାରିବାକୁହିଁ ସମର୍ଥ ହେଲା । ପାଶ୍ଚାତ୍ୟ ଜଗତରେ ଧର୍ମ ଦର୍ଶନକୁ ଆଶ୍ରୟ କରି ରହି ନାହିଁ, ମାତ୍ର ଏକ ନିର୍ଦ୍ଦିଷ୍ଟ ଆସ୍ଥା ଓ ମତର ଅନୁଗତ ହୋଇ ରହିଥିବା ଈଶ୍ୱର-ବ୍ୟାଖ୍ୟା ଉପରେ ଭରଦେଇ ଠିଆ ହୋଇଛି । ହୁଏତ ବେଳେବେଳେ ସମ୍ପୂର୍ଣ୍ଣ କୌଣସି ବ୍ୟକ୍ତିଗତ ପ୍ରତିଭା ବଳରେ ଏକ ଆଧ୍ୟାତ୍ମିକ ଦର୍ଶନର ଅବଶ୍ୟ ଆବିର୍ଭାବ ହୋଇଛି, ମାତ୍ର ପ୍ରାଚ୍ୟଜଗତ ପରି ତାହା ସେଠାରେ ଆଧ୍ୟାତ୍ମିକ ଅନୁଭୂତି ଏବଂ ଆଧ୍ୟାତ୍ମିକ ସାଧନାର ସମ୍ଭାବ୍ୟ ସକଳ ଧାରାର ଏକ ଆବଶ୍ୟକ ଅଙ୍ଗ ବା ସହଚରରୂପେ କଦାପି ଗୃହୀତ ହୋଇ ନାହିଁ । ଏ କଥା ଅବଶ୍ୟ ସତ ଯେ ଆଧ୍ୟାତ୍ମିକ ବିସ୍ତାରର ଏକ ଦର୍ଶନମାର୍ଗୀ ବିବର୍ତ୍ତନ କଦାପି ସମ୍ପୂର୍ଣ୍ଣ ଅପରିହାର୍ଯ୍ୟ ନୁହେଁ; କାରଣ ବୋଧିଦ୍ୱାରା ଅଥବା ଏକ ନିର୍ଦ୍ଦିଷ୍ଟ ଅନ୍ତର୍ଗତ ସମ୍ପର୍କଦ୍ୱାରା ମଧ୍ୟ ଅଧିକ ପ୍ରତ୍ୟକ୍ଷ ଓ ଅଧିକ ସମ୍ପୂର୍ଣ୍ଣ ଭାବରେ ଚିଦ୍‌ବସ୍ତୁର ସତ୍ୟଗୁଡ଼ିକରେ ଯାଇ ଉପନୀତ ହେବା ସବୁବେଳେ ସମ୍ଭବ ହୋଇପାରେ । ଏଠାରେ ଏକଥାଟି ମଧ୍ୟ ନିଶ୍ଚୟ କହି ରଖିବାକୁ ହେବ ଯେ ବୁଦ୍ଧିର ସମୀକ୍ଷାଦ୍ୱାରା ଆଧ୍ୟାତ୍ମିକ ଅନୁଭବକୁ ନିୟନ୍ତ୍ରିତ କରିବାକୁ ବସିଲେ ତାହାଦ୍ୱାରା ଅନେକ ସମୟରେ ସାଧନା ବ୍ୟାହତ ହୋଇ ପଡ଼ିବାର ଆଶଙ୍କା ରହିଛି, ସାଧନା ଭିତରେ ନାନା ଅନିଶ୍ଚୟତା ଆସି ପହଞ୍ଚିବାର ବି ଆଶଙ୍କା ରହିଛି । କାରଣ ସେଠାରେ ଭାସ୍ୱରତର ଆଲୋକର ଏକ ସମୀଚୀନ କ୍ଷେତ୍ରରେ ବୁଦ୍ଧିର ନିମ୍ନତର ଓ ଅଳ୍ପପ୍ରଭ ଆଲୋକଟି ଆପଣାକୁ ନେଇ ପକାଇବାର ଅଭିଳାଷ କରିବାକୁ ଯାଇଥାଏ । ଏକ ଅନ୍ତର୍ଗତ ବିଲୋକନ ତଥା ବିଗ୍ରହ ହେଉଛି ଏହି କ୍ଷେତ୍ରରେ ପ୍ରକୃତ ନିଶ୍ଚୟାତ୍ମକ ଶକ୍ତି; ଏକ ଚୈତ୍ୟବୋଧ ଓ କୌଶଳବୁଦ୍ଧି, ଊର୍ଦ୍ଧ୍ୱରୁ ଏକ ଉଚ୍ଚତର ଶକ୍ତିର ହସ୍ତକ୍ଷେପ ତଥା ପରିଚାଳନ କିମ୍ବା ଏକ ଅନ୍ତର୍ଗତ ଓ ଜ୍ୟୋତିର୍ମୟ ଅନ୍ତର୍ପରିଚାଳନ ହେଉଛି ପ୍ରକୃତ ନିୟନ୍ତ୍ରଣକାରୀ । ମାତ୍ର ତଥାପି ବିକାଶର ଏହି ବୁଦ୍ଧିଗତ ଧାରାଟିର ମଧ୍ୟ ନିତାନ୍ତ ଆବଶ୍ୟକତା ରହିଛି, କାରଣ ଚିଦ୍‌ବସ୍ତୁ ଏବଂ ବୁଦ୍ଧିଗତ ବିଗ୍ରହ ମଧ୍ୟରେ ଏକ ସେତୁ ରହିବାର ଏକାନ୍ତ ଆବଶ୍ୟକତା ବି ସର୍ବଦା ଅବଶ୍ୟ ରହିଛି । ଆମର ସମଗ୍ର ଅନ୍ତର୍ବିବର୍ତ୍ତନଟିକୁ ପରିପୂର୍ଣ୍ଣତା ଆଣିଦେବାକୁ ହେଲେ ଏକ ଆଧ୍ୟାତ୍ମିକ ଅଥବା ଅନ୍ତତଃ ଆଧ୍ୟାତ୍ମିକ ଆବେଶସମ୍ପନ୍ନ ଏକ ବୁଦ୍ଧିଗତ ଆଲୋକର ବି ଆବଶ୍ୟକତା ରହିଛି; ଏବଂ ସେଇଟି ନଥିଲେ ଓ ତାହାର ସ୍ଥାନାପନ୍ନ ଭାବରେ ସେହିପରି ଆଉକୌଣସି ଗଭୀରସ୍ତରୀୟ ପରିଚାଳନାର ଅଭାବ ରହିଥିଲେ ଅନ୍ତର୍ଗତ ଗତିନିଷ୍ପତ୍ତି ପ୍ରମାଦଗ୍ରସ୍ତ, ଶୃଙ୍ଖଳାହୀନ, ଆବିଳ ଓ ନାନା ଅନାଧ୍ୟାତ୍ମିକ ଉପାଦାନଦ୍ୱାରା ମିଶ୍ରିତ ହୋଇ ରହିବାର ଆଶଙ୍କା ମଧ୍ୟ ରହିଥିବ ଅଥବା ତାହାର ପ୍ରଶସ୍ତ ଅଭିକ୍ରମଗତ ଦୃଷ୍ଟିରେ

'oaob.nitrkl.ac.in' images reprocessed

ଏକଦେଶୀୟତା ଓ ଅପୂର୍ଣ୍ଣତା ଆସି ପଶିଯିବାର ଭୟ ରହିଥିବ । ଆମର ଅବିଦ୍ୟାକୁ ସେହି ସମଗ୍ର ଜ୍ଞାନମୟତାରେ ରୂପାନ୍ତରିତ କରିବାକୁ ହେଲେ ଆମ ଭିତରେ ଏଭଳି ଏକ ଅଧ୍ୟାତ୍ମ ବୁଦ୍ଧିର ଅଭିବୃଦ୍ଧି କରାଇବାକୁ ପଡ଼ିବ, ଯାହାକି ଊର୍ଦ୍ଧ୍ୱତର ସୋପାନର ଆଲୋକଟିକୁ ଗ୍ରହଣ କରିନେବା ପାଇଁ ପ୍ରସ୍ତୁତ ହୋଇ ରହିବ, ଏବଂ ଆମ ପ୍ରକୃତିର ସକଳ କ୍ଷେତ୍ରକୁ ତାହାଆଡ଼କୁ ମୁହାଁଇଦେଇ ପାରିବ । ଏହାହିଁ ମଧ୍ୟବର୍ତ୍ତୀ ସୋପାନଟିର ଏକ ଅତ୍ୟାବଶ୍ୟକତା, ଏକ ଅତ୍ୟନ୍ତ ମହତ୍ତ୍ୱପୂର୍ଣ୍ଣ ଆବଶ୍ୟକତା ।

ମାତ୍ର କେବଳ ଧର୍ମାଚରଣ, ଗୁପ୍ତବିଦ୍ୟା ଓ ଅଧ୍ୟାତ୍ମବିଚାର ବା ଦର୍ଶନାନୁଶୀଳନ,—ଏହି ତିନୋଟି ମଧ୍ୟରୁ କୌଣସିଟି ଦ୍ୱାରା ପ୍ରକୃତିର ବୃହତ୍ତର ଓ ମହତ୍ତର ପୂର୍ଣ୍ଣ ଅଭିପ୍ରାୟଟି କଦାପି ପରିପୂର୍ଣ୍ଣ ହେବ ନାହିଁ । ଆଧ୍ୟାତ୍ମିକ ଅନୁଭବ ଲାଗି ଦୁଆରଟିକୁ ଉନ୍ମୁକ୍ତ କରି ନଦେବା ପର୍ଯ୍ୟନ୍ତ ସେମାନେ ମନୋମୟ ସତ୍ତାରେ କଦାପି ଚିଦ୍‌ଗତ ସତ୍ତାର ସୃଷ୍ଟି କରିପାରିବେ ନାହିଁ । ଏହି ତିନୋଟିଯାକ ମାର୍ଗ ଯେଉଁ ବସ୍ତୁଟିର ଅନ୍ୱେଷଣ କରୁଛନ୍ତି, ତାହାର କେବଳ ଏକ ଅନ୍ତର୍ଗତ ଉପଲବ୍ଧି ଦ୍ୱାରା, ଅନ୍ତର୍ଗତ ପରିବର୍ତ୍ତନଟିକୁ ସମ୍ପୁଷ୍ଟ କରୁଥିବା, ଚେତନାର ରୂପାନ୍ତର ଘଟାଉଥିବା ଏବଂ ମନ, ପ୍ରାଣ ତଥା ଦେହର ଏହି ବର୍ତ୍ତମାନର ଆବରଣ ତଳୁ ଚିଦ୍‌ବସ୍ତୁକୁ ମୁକ୍ତ କରି ଆଣୁଥିବା ଏକ ଅଭିଭୂତକାରୀ ଅନୁଭୂତି ଅଥବା ଅନେକ ଅନୁଭୂତି ଦ୍ୱାରାହିଁ ଅଧ୍ୟାତ୍ମସତ୍ତାର ଆବିର୍ଭାବ ସମ୍ଭବ ହୋଇପାରିବ । ଆତ୍ମାର ଅଗ୍ରସର ହେବାର ସେହି ଚରମ ପଥଟି ଆଡ଼କୁହିଁ ଅନ୍ୟ ସକଳ ପଥ ବା ମାର୍ଗ ଆମକୁ ଅଙ୍ଗୁଳି ନିର୍ଦ୍ଦେଶ କରି ଦେଖାଇ ଦେଉଛନ୍ତି; ଏବଂ ଯେତେବେଳେ ଆତ୍ମା ପ୍ରାଥମିକ ବା ପୂର୍ବବର୍ତ୍ତୀ ପଥଗୁଡ଼ିକରୁ ଆପଣାକୁ ମୁକୁଳାଇ ନେବା ସକାଶେ ପ୍ରସ୍ତୁତ ହୋଇଯିବ, ସେତିକବେଳେ ଯାଇ ଅସଲ ପ୍ରକ୍ରିୟାଟି ଆରମ୍ଭ ହେବ ଏବଂ ପରିବର୍ତ୍ତନ ଲାଗି ସର୍ବଶେଷ ମୋଡ଼ ବା ବାଙ୍କଟି ଆଉ ଦୂର ହୋଇ ରହିବ ନାହିଁ । ମାତ୍ର ତାହା ପୂର୍ବରୁ, ଆପଣାକୁ ଅତିକ୍ରମ କରି ଯାହା ବିଦ୍ୟମାନ ରହିଛି, ମନୋମୟ ପୁରୁଷ ତାହାର କେବଳ ଏକ ଧାରଣା ସହିତ କିଞ୍ଚିତ ପରିଚିତ ହୋଇପାରେ, ଲୋକୋତ୍ତର କୌଣସି ସ୍ଥିତି ବା ପ୍ରବୃତ୍ତିର ସମ୍ଭାବନା ସମ୍ବନ୍ଧରେ ହୁଏତ କିଞ୍ଚିତ୍ ସଚେତନ ହୋଇପାରେ, ନୈତିକ ବୋଧର ଏକ ପରିପୂର୍ଣ୍ଣ ଆଦର୍ଶର ସନ୍ଧାନ ବି ପାଇପାରେ; ତାହାଛଡ଼ା ବୃହତ୍ତର ଶକ୍ତିଭଣ୍ଡାର କିମ୍ବା ସତ୍ୟଗୁଡ଼ିକ ସହିତ ହୁଏତ କୌଣସି ସମ୍ପର୍କରେ ଆସିପାରେ ଏବଂ ତଦ୍ଦ୍ୱାରା ଆପଣାର ମନ, ହୃଦୟ ବା ପ୍ରାଣକୁ ଉଦ୍‌ବୁଦ୍ଧ କରିପାରେ । ହୁଏତ ଏହାଦ୍ୱାରା ଏକ ପରିବର୍ତ୍ତନ ବି ଅବଶ୍ୟ ଘଟିବ, ମାତ୍ର ତଥାପି ମନୋମୟ ସତ୍ତା କଦାପି ଆଧ୍ୟାତ୍ମିକ ସତ୍ତାରେ ରୂପାନ୍ତରିତ ହୋଇ ପାରିବ ନାହିଁ । ପୁରାତନ ଯୁଗରେ ଧର୍ମ, ଧର୍ମବିଶ୍ୱାସ ଓ ଧର୍ମନୀତି ଏବଂ ଗୁପ୍ତବିଦ୍ୟାର ରହସ୍ୟଭେଦନ ପୁରୋହିତ ଓ ଧର୍ମଯାଜକର ସୃଷ୍ଟି କରିଛି,

'oaob.nitrkl.ac.in' images reprocessed

ଯାଦୁକରର ସୃଷ୍ଟି କରିଛି; ଧର୍ମରତ, ଧର୍ମନିଷ୍ଠ ଓ ପ୍ରଜ୍ଞାବାନ୍ ମନୁଷ୍ୟର ସୃଷ୍ଟି କରିଛି ଏବଂ ମନୋମୟ ଭୂମିରେ ମନୁଷ୍ୟଙ୍କୁ କେତେକେତେ ଅତ୍ୟୁଚ୍ଚ ଶିଖରକୁ ଉଠାଇନେଇ ଯାଇଛି । ମାତ୍ର ହୃଦୟ ଓ ମନର କ୍ଷେତ୍ରରେ କେବଳ ଆଧ୍ୟାତ୍ମିକ ଅନୁଭବର ଉନ୍ମେଷ ସମ୍ଭବ ହେବା ପରେ ଯାଇ ସନ୍ଥ, ପୈଗମ୍ବର, ଋଷି, ଯୋଗୀ ଓ ସତ୍ୟଦ୍ରଷ୍ଟାର ଆବିର୍ଭାବ ସମ୍ଭବ ହୋଇଛି; ଅଧ୍ୟାତ୍ମ ପ୍ରଜ୍ଞାର ବାହକ ମନୀଷୀ ଓ ତତ୍ତ୍ୱଦ୍ରଷ୍ଟା ସମ୍ଭବ ହୋଇ ପାରିଛନ୍ତି, ଏବଂ ଯେଉଁସବୁ ଧର୍ମରେ ଆଧ୍ୟାତ୍ମିକ ପୂର୍ଣ୍ଣମନୁଷ୍ୟତ୍ୱର ଏହିସବୁ ଦୃଷ୍ଟାନ୍ତ ଦେଖାଦେଇଛି, ସେହିସବୁ ଧର୍ମ ସ୍ଥାୟୀ ହୋଇ ରହିଛି, ସମଗ୍ର ବିଶ୍ୱରେ ବ୍ୟାପ୍ତ ହୋଇଯାଇଛି ଏବଂ ମନୁଷ୍ୟଜାତିକୁ ତା'ର ଯାବତୀୟ ଆଧ୍ୟାତ୍ମିକ ଆକାଂକ୍ଷା ତଥା ସଂସ୍କୃତି ଆଣିଦେଇଛି ।

ଯେତେବେଳେ ଚେତନାର କ୍ଷେତ୍ର ଉପରେ ଆଧ୍ୟାତ୍ମିକତା ବିସ୍ତୃତ ହୋଇଯାଏ ଏବଂ ତାହାର ବିଶିଷ୍ଟ ଲକ୍ଷଣଟି ସ୍ପଷ୍ଟ ଦୃଷ୍ଟିଗୋଚର ହେବାକୁ ଲାଗେ, ସେତେବେଳେ ପ୍ରଥମତଃ ଏହା କେବଳ ଏକ କ୍ଷୁଦ୍ର ମର୍ମସ୍ଥତାରୂପେ ଅନୁଭୂତ ହୁଏ, ଏକ ନୂତନ ଅଭିବୃଦ୍ଧିଶୀଳ ପ୍ରବୃତ୍ତିରୂପେ ଅନୁଭୂତ ହୁଏ; ନିତ୍ୟନୈମିତ୍ତିକ ଅପ୍ରବୃଦ୍ଧ ମନୁଷ୍ୟମନ, ମନୁଷ୍ୟପ୍ରାଣ ଓ ମନୁଷ୍ୟଦେହର ପରିବ୍ୟାପ୍ତ ପୂର୍ବସ୍ତୂପ ମଧ୍ୟରେ ଅନୁଭୂତିର ଏକ ଅସାଧାରଣ ଆଲୋକରୂପେ ଆସି ଦେଖାଦିଏ । ସେହି ମନ, ପ୍ରାଣ ଓ ଦେହହିଁ ଆମର ବହିଃସ୍ତରର ଆତ୍ମସତ୍ତାଟିକୁ ଗଠନ କରି ରହିଥା'ନ୍ତି ଓ ଆମର ସ୍ୱଭାବଟାକୁ ତାହାରି ଭିତରେ ଅଭିନବିଷ୍ଟ କରି ରଖିଥା'ନ୍ତି । ତା'ପରେ ସତେଅବା ନୂତନ ପରୀକ୍ଷା ଓ ପ୍ରୟୋଗ କରୁଥିବାଭଳି ପ୍ରଥମ ସ୍ଫୁରଣମାନ ଆରମ୍ଭ ହୁଏ, ଅତି ଧୀର ପଦକ୍ଷେପରେ ନୂତନ ବିବର୍ତ୍ତନଟିଏ ଆରମ୍ଭ ହୁଏ, ସତେଅବା କେଉଁ ଶଙ୍କିତ ଚରଣ ଗୋଟି ଗୋଟି କରି ପାଦପକାଇ ବାହାରକୁ ବାହାରିବାର ଉପକ୍ରମ କରୁଥାଏ । ଆପଣାର ଏକ ପହିଲି ଓ ପ୍ରଥମସ୍ତରୀୟ ରୂପରେ ତାହା ଏକପ୍ରକାର ଧର୍ମଭାବ ବା ଧର୍ମାଭିମୁଖତାର ସୂତ୍ରପାତ କରେ । ସେହି ଧର୍ମଭାବକୁ ବିଶୁଦ୍ଧ ଭାବରେ ଏକ ଆଧ୍ୟାତ୍ମିକ ପ୍ରବୃତ୍ତି ବୋଲି କୁହାଯିବ ନାହିଁ ସତ; ମାତ୍ର ସ୍ୱଭାବତଃ ମନ ବା ପ୍ରାଣର ଆୟତନ ଭିତରେ ସୀମିତ ହୋଇ ରହିଥିଲେ ମଧ୍ୟ ତାହା ଏକ ଆଧ୍ୟାତ୍ମିକ ଆଶ୍ରୟର ଅନ୍ୱେଷଣ କରୁଥାଏ ବା ଆପଣା ଭିତରେ ଏକ ଆଧ୍ୟାତ୍ମିକ ତତ୍ତ୍ୱର ଆବିଷ୍କାର କରୁଥାଏ । ଏହି ସୋପାନଟିରେ, ତାହାକୁ ଅତିକ୍ରମ କରି ଯାହା ବିଦ୍ୟମାନ ରହିଛି, ସେ ତାହାର ଯେଉଁ ସଂସ୍ପର୍ଶଟିକକ ଲାଭ କରୁଥାଏ ବା ସେଇଟିକୁ ନେଇ ସେ ଆପଣା ଭିତରେ ଯେଉଁ ଧାରଣାଟିକୁ ଗଢ଼ି ରଖିଥାଏ, ତାହାଦ୍ୱାରା ସେ ପ୍ରଧାନତଃ ମନୋମୟ ଧାରଣା ବା ଧର୍ମବୋଧର ଏକ ଆଦର୍ଶ ଗଢ଼ିବାରେ କିମ୍ବା ଆପଣା ଦେହ ଓ ମନର ପ୍ରୟୋଜନଗୁଡ଼ିକର ସାଧନ କରିବାରେ ଏକାନ୍ତ ବ୍ୟସ୍ତ ହୋଇପଡ଼େ; ଏବଂ ସେତେବେଳଯାଏ କୌଣସି ଆଧ୍ୟାତ୍ମିକ ପରିବର୍ତ୍ତନର ଯଥାର୍ଥ ସୂତ୍ରପାତ ହୋଇ ନଥାଏ । ଆମର

'oaob.nitrkl.ac.in' images reprocessed

ସ୍ୱାଭାବିକ କ୍ରିୟାକଳାପଗୁଡ଼ିକୁ ଆଧ୍ୟାତ୍ମିକଭାବାପନ୍ନ କରିଦେଇଛି ପ୍ରଥମ ଯଥାର୍ଥ ସ୍ପନ୍ଦପାତଟି ଆରମ୍ଭ ହୁଏ, ସେଗୁଡ଼ିକୁ ଅନୁସିକ୍ତ କରି ରଖିବାଭଳି ଏକ ପ୍ରଭାବ ସେଗୁଡ଼ିକ ଉପରେ ପଡ଼େ ବା ସେଗୁଡ଼ିକୁ ଏକ ନିର୍ଦ୍ଦିଷ୍ଟ ଢଗରେ ପ୍ରେରିତ କରି ଦିଆଯାଏ । ଏହିପରି ଏକ ପ୍ରଭାବ ବା ଅନ୍ତଃପ୍ରବେଶ ଫଳରେ ମନ ବା ପ୍ରାଣର କେତେକ ଅଂଶ ବା ପ୍ରବୃତ୍ତିକ୍ଷେତ୍ରରେ ଏକ ନୂତନ ପ୍ରସ୍ତୁତି ଅନୁଭୂତ ହୁଏ । ଆମର ବିଚାର ମଧ୍ୟ ଆଧ୍ୟାତ୍ମିକଭାବାପନ୍ନ ହୋଇଉଠେ, ଏକ ଜ୍ୟୋତିର୍ମୟତାର ପ୍ରତିଫଳନ ଦ୍ୱାରା ସେ ସଚେତଥିବା ଉଦ୍ବେଳିତ ହୋଇ ଯାଉଥିବା ପରି ଅନୁଭବ କରେ । ଅଥବା ସଂବେଗ ବା ଆମର ସୌନ୍ଦର୍ଯ୍ୟବୋଧୀ ସତ୍ତ୍ୱାଟିରେ ମଧ୍ୟ ଏକ ଆଧ୍ୟାତ୍ମିକ ଆକୁଳତାର ସଞ୍ଚରଣ ହୁଏ, ଚରିତ୍ରରେ ନୈତିକ ଅନୁବନ୍ଧତାମାନ ଏକ ଆଧ୍ୟାତ୍ମିକ ଭାବଦ୍ୱାରା ସଂକ୍ରାମିତ ହୁଏ, ଏବଂ ପ୍ରକୃତିର କୌଣସି ପ୍ରାଣଗତ କ୍ରିୟା କିମ୍ବା ଅନ୍ୟାନ୍ୟ ଗତିଶୀଳ ସଞ୍ଚରଣ କ୍ଷେତ୍ରରେ ଏକ ଆଧ୍ୟାତ୍ମିକ ଆକୃତିରେ ଉକ୍ତି ଉଠିବାକୁ ଆରମ୍ଭ କରେ । ଏକ ଅନ୍ତର୍ଗତ ଆଲୋକର ପ୍ରତିଫଳନ ଅନୁଭୂତ ହୁଏ, କିଏ ଯେପରି ଆଗକୁ ବାଟ ଦେଖାଇ ନେଇ ଯାଉଥିବା ପରି ଲାଗେ, କାହା ସହିତ ଯୁକ୍ତ ହୋଇ ଯାଉଥିବା ପରି ଲାଗେ । ଏହି ମନ ଓ ଏହି ଇଚ୍ଛାଠାରୁ ଅଧିକ ବୃହତ୍ ଏକ ନିୟନ୍ତ୍ରଣଶକ୍ତି ଆମର ନିୟାମକରୂପେ ପ୍ରତିଷ୍ଠିତ ହୁଏ, ଏବଂ ଆମ ଭିତରେ ମଧ୍ୟ ଏପରି କିଛି ରହିଥାଏ ଯାହାକି ତାହାର ନିୟନ୍ତ୍ରଣ ମାନି ଚାଲେ । ମାତ୍ର ତଥାପି ଆମର ସବୁକିଛି ସେହି ଅନୁଭୂତିଟିର ଗ୍ରାସରେ ଏପର୍ଯ୍ୟନ୍ତ ଚଲାହୋଇ ନଥାଏ । ମାତ୍ର ଯେତେବେଳେ ଏହିସବୁ ବୋଧଗତ ସମ୍ପଦ ଓ ଉଦ୍‌ଭାସ ଅଧିକତର ସ୍ଥାୟୀ ହେବାକୁ ଆରମ୍ଭ କରେ ଓ ଗୋଟିଏ ଗୋଟିଏ ନିର୍ଦ୍ଦିଷ୍ଟ ପ୍ରବାହରେ ଗତି କରିବାକୁ ଲାଗେ, ଯେତେବେଳେ ସେଗୁଡ଼ିକ ଏକ ଅଧିକ ଶକ୍ତିଶାଳୀ ଅନ୍ତର୍ଗତ ରୂପାୟନରେ ପରିଣତ ହୁଏ ଏବଂ ଆମର ସମଗ୍ର ଜୀବନଭୂମିଟିକୁ ଆପଣା ଶାସନରେ ରଖିବାର ଏବଂ ଆମ ପ୍ରକୃତିର ଲଗାମଟିକୁ ଆପଣା ହାତରେ ନେବାର ଦାବି କରି ବାହାରେ, ସେତେବେଳେ ସତ୍ତାର ଆଧ୍ୟାତ୍ମିକ ରୂପାୟନ ଆରମ୍ଭ ହୁଏ । ସେତିକ ଭିତରେ ମନୁଷ୍ୟ ଭିତରେ ସନ୍ଥ ଜନ୍ମଲାଭ କରେ, ଭକ୍ତ ଜନ୍ମ ନିଏ, ଆଧ୍ୟାତ୍ମିକ ଭାବରେ ଅନୁସିକ୍ତ ଯୋଗୀର ଆବିର୍ଭାବ ହୁଏ; ଦ୍ରଷ୍ଟା, ପୈଗମ୍ବର, ଭଗବାନଙ୍କର ପରିକର ଓ ଚିନ୍ମୟତା ଲାଗି ଆପଣାକୁ ସମର୍ପିତ କରି ରଖିଥିବା ସିପାହୀ ବା ସୈନିକ ଜନ୍ମ ନିଏ । ଏକ ଆଧ୍ୟାତ୍ମିକ ଆଲୋକିକତା, ଶକ୍ତି ବା ଅଭିବ୍ୟକ୍ତିଦ୍ୱାରା ପ୍ରକୃତି-ଅଧୀନ ସତ୍ତାର ଯେଉଁ ଅଂଶଟି ଉଦ୍ବେଳିତ ହୋଇ ଯାଇଥାଏ, ସେହି ଅଂଶଟିରେହିଁ ଏହିସବୁ ଆବିର୍ଭାବ ସଂଘଟିତ ହୁଏ । ଯୋଗୀ ଓ ଦ୍ରଷ୍ଟା ଆଧ୍ୟାତ୍ମିକ ମନର ଭୂମିରେହିଁ ବାସ କରି ରହିଥା'ନ୍ତି, ସେମାନଙ୍କର ବିଚାର ଓ ଦୃଷ୍ଟି ଜ୍ଞାନର ଏକ ଅନ୍ତରତର ବା ବୃହତ୍ତର ଦିବ୍ୟ ଜ୍ୟୋତିର୍ମୟତା ଦ୍ୱାରାହିଁ ଶାସିତ ଓ ଗଠିତ ହୋଇଥାଏ । ଭକ୍ତ ତା' ହୃଦୟର ଆଧ୍ୟାତ୍ମିକ ଆକାଙ୍‌କ୍ଷାର ରାଜ୍ୟରେ ବାସ

'oaob.nitrkl.ac.in' images reprocessed

କରୁଥାଏ, ତାହାର ଆତ୍ମ-ଉତ୍ସର୍ଗ ଓ ଅନ୍ୱେଷଣର ଭୂମିରେ ବାସ କରି ରହିଥାଏ । ସତ୍ତ ତାହାର ଅନ୍ତର୍ଗତ ହୃଦସ୍ପୃଷ୍ଟ ଜାଗ୍ରତ ଚୈତ୍ୟସତ୍ତ୍ୱଟି ଦ୍ୱାରା ସଞ୍ଚାଳିତ ହେଉଥାଏ ଏବଂ ତାହାହିଁ ଶକ୍ତିଶାଳୀ ହୋଇ ତା'ର ସଂବେଗଗତ ଓ ପ୍ରାଣଗତ ଭୂମିଟିର ନିୟାମକ କରୁଥାଏ । ଅନ୍ୟମାନେ ଏକ ଉଚ୍ଚତର ସ୍ତରର ଆଧ୍ୟାତ୍ମିକ ଶକ୍ତିଦ୍ୱାରା ପରିଚାଳିତ ପ୍ରାଣଗତ ଗତିବାନ୍ ପ୍ରକୃତି ଉପରେ ଅବସ୍ଥିତ ରହିଥା'ନ୍ତି ଏବଂ ତାହାରି ଅନୁପ୍ରେରଣାରେହିଁ କର୍ମରେ ପ୍ରବୃତ୍ତ ହୁଅନ୍ତି ଓ ସେହି କର୍ମ ବା ବୃତ୍ତିକୁ ସେମାନେ ଭଗବାନଙ୍କ ଦ୍ୱାରା ପ୍ରଦତ୍ତ କର୍ମରୂପେ ଗ୍ରହଣ କରିଥା'ନ୍ତି, ଅର୍ଥାତ୍ କୌଣସି ଦିବ୍ୟ ଶକ୍ତି, ଦିବ୍ୟ ଭାବନା ବା ଦିବ୍ୟ ଆଦର୍ଶର ପରିଚର୍ଯ୍ୟାରୂପେହିଁ ସେମାନେ ସେହି କର୍ମ କରୁଥା'ନ୍ତି । ଏହି ଧାରାରେ ସର୍ବଶେଷ ଓ ସର୍ବୋଚ୍ଚ ଆବିର୍ଭାବରୂପେ ଆମେ ସେହି ବିମୁକ୍ତ ମନୁଷ୍ୟକୁ ଦେଖିପାରିବା, ଯିଏ କି ଆପଣା ଭିତରେ ଆତ୍ମା ଓ ତଦ୍‌ଗତତାର ଉପଲବ୍ଧି କରିଥାଏ, ବିଶ୍ୱଚେତନା ମଧ୍ୟରେ ପ୍ରବିଷ୍ଟ ହୋଇଥାଏ, ପରମ ଶାଶ୍ୱତଙ୍କ ସହିତ ସମ୍ମିଳିତ ହୋଇ ରହିଥାଏ; ଏବଂ ଜୀବନ ତଥା ଜୀବନଗତ କର୍ମକୁ ତଥାପି ଗ୍ରହଣ କରୁଥିବା ପର୍ଯ୍ୟନ୍ତ ତାହାର ଭିତରେ ରହି ଓ ତାହାରି ପ୍ରକୃତିର ମାନୁଷୀ ସାଧନଗୁଡ଼ିକୁ ମାଧ୍ୟମରୂପେ ବ୍ୟବହାର କରି କାର୍ଯ୍ୟ କରୁଥିବା ସେହି ପରମ ସାମର୍ଥ୍ୟର ଆଲୋକ ତଥା ଶକ୍ତିବଳରେହିଁ କର୍ମରେ ପ୍ରେରିତ ହୋଇ ରହିଥାଏ । ଏହି ଆଧ୍ୟାତ୍ମିକ ପରିବର୍ତ୍ତନ ଏବଂ ଅଧ୍ୟାତ୍ମସିଦ୍ଧିର ବୃହତ୍ତମ ରୂପାୟନରୂପେ ଆତ୍ମା, ମନ, ହୃଦୟ ତଥା କର୍ମ ପରିପୂର୍ଣ୍ଣ ମୁକ୍ତି ଲାଭ କରନ୍ତି, ସେଗୁଡ଼ିକ ସମସ୍ତେ ବିଶ୍ୱଗତ ଆତ୍ମା ଓ ଦିବ୍ୟ ପରମସତ୍ୟର ବୋଧ ମଧ୍ୟରେ ଏକ ନୂଆ ଛାଞ୍ଚରେ ଢଳାହୋଇ ରହିଥା'ନ୍ତି* । ବ୍ୟକ୍ତିର ଆଧ୍ୟାତ୍ମିକ ଆରୋହଣମଟି ଏହିପରି ଭାବରେ ଆପଣାର ବାଟ ପାଇ ହିମାଳୟର ଉତ୍ତୁଙ୍ଗ ଶିଖରରେ ଯାଇ ଉପନୀତ ହୋଇଥାଏ ଏବଂ ଆପଣାର ସର୍ବୋଚ୍ଚ ପ୍ରକୃତିର ଶୃଙ୍ଗଗୁଡ଼ିକ ଆଡ଼କୁ ଆପଣାକୁ ଉତ୍କ୍ଷିପ୍ତ କରି ରଖେ । ଏହି ଉଚ୍ଚ ଶିଖର ଓ ବିପୁଳ ସିଦ୍ଧିର ଆହୁରି ସେପାଖକୁ ଯାଇପାରିଲେ କେବଳ ଅତିମାନସର ଆରୋହଣ ପଥଟିହିଁ ଦେଖିବାକୁ ମିଳେ ଅର୍ଥାତ୍ ପରମ ଅବ୍ୟକ୍ତ ବିଶ୍ୱାତୀତତାହିଁ ରହିଥାଏ ।

ତେବେ ମନୁଷ୍ୟର ମନୋମୟ ସତ୍ତ୍ୱାକୁ ଭୂମିରୂପେ ବ୍ୟବହାର କରି ଏପର୍ଯ୍ୟନ୍ତ ପ୍ରକୃତି ମନୁଷ୍ୟର ଆଧ୍ୟାତ୍ମିକ ବିବର୍ତ୍ତନକୁ ଏତେଦୂର ଯାଏ ଆଣିପାରିଛି । ଏହି ବିବର୍ତ୍ତନରେ ଏପର୍ଯ୍ୟନ୍ତ କି କି ସିଦ୍ଧି ମିଳିଛି ଓ ସେହିସବୁ ସିଦ୍ଧିରେ ଯଥାର୍ଥରେ କେଉଁ ପ୍ରକାରର ତାତ୍ପର୍ଯ୍ୟ ନିହିତ ରହିଛି, ବର୍ତ୍ତମାନ ହୁଏତ ଏହିପରି ଗୋଟିଏ ପ୍ରଶ୍ନ

* ଗୀତାରେ ଯେଉଁ ଅଧ୍ୟାତ୍ମିକ ଅବଦାନ ଓ ଉପଲବ୍ଧି ବିଷୟରେ କୁହାଯାଇଛି, ଏହାହିଁ ହେଉଛି ତାହାର ମୂଳ କଥା ।

'oaob.nitrkl.ac.in' images reprocessed

ଉଠିପାରେ । ଏବେ ଜଡ଼ ମଧ୍ୟରେ ଥିବା ମନୋମୟ ଜୀବନ ଆଡ଼କୁ ଯେଉଁ ପ୍ରତିକ୍ରିୟାଟି ଦେଖାଦେଇଛି, ମନୁଷ୍ୟ ଲାଗି ତାହା ଏକ ବୃହତ୍ତର ଜଗତର ସନ୍ଧାନ ଦେଇଛି ଏବଂ ତା' ଜୀବନରେ ଏକ ଦୁର୍ଲଭ ପରିବର୍ତ୍ତନ ଘଟାଇ ପାରିଛି । ମାତ୍ର ତାହା ଯେ ଚେତନାର ଏକ ଯଥାର୍ଥ ବିବର୍ତ୍ତନ ନୁହେଁ ଏବଂ ଏଥିରେ ଆଧ୍ୟାତ୍ମିକତା ନାମରେ ଅଜ୍ଞାନର ମୂଢ଼ତାଟାକୁହିଁ ସ୍ଫୀତ କରି ଦିଆଯାଇଛି, ଏବଂ ତଦ୍ଦ୍ୱାରା ମନୁଷ୍ୟ ତା'ର ଯଥାର୍ଥ ପଥରୁ ବିଚ୍ୟୁତ ହୋଇ ପଡ଼ିଛି, ସେହି ପରିବର୍ତ୍ତନକୁ ଏହିଭଳି ଭାବରେ ନିନ୍ଦିତ କରାଯାଇଛି । ମନୁଷ୍ୟର ପ୍ରାଣଶକ୍ତିର ଅଭିବୃଦ୍ଧିକୁହିଁ ତାହାର ଯଥାର୍ଥ ବିକାଶ ବା ପ୍ରଗତି ବୋଲି କୁହାଯାଇଛି; ମନୁଷ୍ୟର ବ୍ୟାବହାରିକ ଜଡ଼ଗତ ମନର ବିକାଶ, ତାହାର ଭାବନା ଓ ଆଚରଣକୁ ନିୟନ୍ତ୍ରଣ କରୁଥିବା ବୁଦ୍ଧିଗତ ବୋଧ ଅର୍ଥାତ୍ ଏକ ଆବିଷ୍କାରକାରୀ ଓ ସଂଗଠନକାରୀ ବୁଦ୍ଧିର ବିକାଶକୁହିଁ ଯଥାର୍ଥ ବିକାଶ ବୋଲି କୁହାଯାଇଛି । ଏହି ପର୍ଯ୍ୟାୟରେ ଧର୍ମକୁ ଏକ ଅଚଳ ଅନ୍ଧବିଶ୍ୱାସ କହି କଡ଼କୁ ଠେଲି ଦିଆଯାଇଛି, ଆଧ୍ୟାତ୍ମିକ ଉପଲବ୍ଧି ଏବଂ ଅନୁଭୂତିକୁ କେବଳ ଏକ ଭ୍ରମାଚ୍ଛନ୍ନ ରହସ୍ୟ ନିମଜ୍ଜନ ବୋଲି କହି ତିରସ୍କୃତ କରାଯାଇଛି; ଏହି ଦୃଷ୍ଟିକୋଣଟି ଅନୁସାରେ ତତ୍ତ୍ୱର ଉପଲବ୍ଧି କରିଥିବା ସାଧକକୁ କେବଳ ଅବାସ୍ତବ ଭିତରକୁ ପଳାଇ ଯାଇଥିବା ଜଣେ ବ୍ୟକ୍ତି ବୋଲି କୁହାଯାଇଛି, ରୁକ୍ଷ ଅଳୀକ ଓ ଉଦ୍ଭଟ କଳ୍ପନାର ଏକ ସ୍ୱକଳ୍ପନା-ସମ୍ଭୂତ ରାଜ୍ୟର ଅନ୍ଧକାର ସବୁ ମଧ୍ୟରେ ଧାଇଁ ଧାଇଁ ସେଇଠି ବାଟବଣା ହୋଇ ରହିଥିବା ବ୍ୟକ୍ତି ବୋଲି କୁହାଯାଇଛି । ଏହିଭଳି ଏକ ବିଚାର ପଛରେ ଯେଉଁ ଦୃଷ୍ଟିକୋଣଟି ରହିଛି, ସେଇଟି ମଧ୍ୟ ସମାନଭାବରେ ତିରସ୍କୃତ ହେବାକୁ ବାଧ୍ୟ ହେବ, କାରଣ ସେଇଟି ମଧ୍ୟ ଆପଣାକୁ ଏକ ମିଥ୍ୟାବୋଧ ଉପରେ ଠିଆ କରାଇ ରଖିଛି; ତାହା ଜଡ଼ଭୂମିକୁହିଁ ସତ୍ୟର ଏକମାତ୍ର ଭୂମି ବୋଲି ମାନିନେଉଛି ଏବଂ ଏହି ବହିଃପ୍ରକାଶ ଜୀବନଟା ଉପରେହିଁ ସବୁକିଛି ମହତ୍ତ୍ୱକୁ ନେଇ ଆରୋପ କରିଦେଉଛି । ମାତ୍ର ଜଡ଼ାଶ୍ରୟୀ ଏହି ଚରମ ମତଟିକୁ ଛାଡ଼ିଦେଲେ ମଧ୍ୟ ଯେଉଁ ବୁଦ୍ଧି ଓ ଯେଉଁ ଜଡ଼ସ୍ଥ ମନ ମନୁଷ୍ୟର କେବଳ ବାହ୍ୟ ଜୀବନଟାର ତୃପ୍ତି ଓ ପରିପୂର୍ତ୍ତିତା କାମନା କରୁଛି, ସେହି ବୁଦ୍ଧି ଓ ସେହି ମନ ମଧ୍ୟ ଏକ ମତ ପୋଷଣ କରିପାରେ ଓ ପ୍ରକୃତରେ ପୋଷଣ ବି କରୁଛି; ଏବଂ ତାହାହିଁ ବର୍ତ୍ତମାନ ମନୋଗତ କ୍ଷେତ୍ରର ପ୍ରଚଳିତ ଧାରା ହୋଇ ରହିଛି, ଆଧୁନିକ ପ୍ରବୃତ୍ତି ହୋଇ ରହିଛି । ସେହି ମତଟି ହେଉଛି, ମନୁଷ୍ୟଗୋଷ୍ଠୀ ମଧ୍ୟରେ ରହି ଆସିଥିବା ଆଧ୍ୟାତ୍ମିକ ପ୍ରବୃତ୍ତିଟି ପ୍ରକୃତରେ ପ୍ରାୟ ଆଦୌ କିଛିହେଲେ ହାସଲ କରିପାରି ନାହିଁ; ଜୀବନର ସମସ୍ୟାଟି ଲାଗି ତାହା କୌଣସି ସମାଧାନ ବତାଇ ନାହିଁ କିମ୍ବା ଯେଉଁସବୁ ସମସ୍ୟା ମନୁଷ୍ୟକୁ ଆପଣା କବଳରେ ବାନ୍ଧିକରି ରଖିଛି, ସେଗୁଡ଼ିକର କୌଣସି ସମାଧାନ କରି ନାହିଁ । ଇହବୀତଶ୍ରଦ୍ଧ ବୈରାଗୀ ବା ଏକାନ୍ତବାସୀ କଳ୍ପନାଜୀବୀପରି ତତ୍ତ୍ୱସାଧକ ଓ ତତ୍ତ୍ୱଦ୍ରଷ୍ଟା ମଧ୍ୟ ଜୀବନ-ଭୂମିରୁ ଆପଣାକୁ

'oaob.nitrkl.ac.in' images reprocessed

ଅଲଗା କରି ନେଉଛି ଓ ତେଣୁ ଜୀବନ ଲାଗି କୌଣସି ସାହାଯ୍ୟରେ ଆସୁ ନାହିଁ; ଅଥବା, ବାସ୍ତବବାଦୀ ଓ ବାସ୍ତବଜୀବୀ ମଣିଷ ଅର୍ଥାତ୍ ବୁଦ୍ଧି ଓ ବୁଦ୍ଧିଗତ ବିବେକକୁ ନିର୍ଭର କରି ବଞ୍ଚୁଥିବା ମଣିଷ ଜୀବନର ଯେତିକି ସମାଧାନ କରିପାରୁଛି କିମ୍ବା ଜୀବନରେ ଯେତିକି ଫଳ ଫଳାଇ ପାରୁଛି, ତତ୍ତ୍ୱଦ୍ରଷ୍ଟା ତା'ଠାରୁ ଅଧିକ କିଛି ସମାଧାନ କରି ପାରୁ ନାହିଁ କିମ୍ବା ଅଧିକ ଫଳ ଫଳାଇ ପାରୁ ନାହିଁ । ଏସବୁ କ୍ଷେତ୍ରରେ ଲଡ଼ବଡ଼ ହୋଇ ସେ ବରଂ ଏଠି ମନୁଷ୍ୟଜୀବନଗତ ମୂଲ୍ୟଗୁଡ଼ିକୁ ଗୋଳମାଳିଆ କରିଦେଉଛି, ମନୁଷ୍ୟର ବୁଦ୍ଧିବୃତ୍ତି ଲାଗି ବଡ଼ ଅସ୍ପଷ୍ଟ ହୋଇ ରହିଥିବା ତା'ର ସମ୍ପୂର୍ଣ୍ଣ ବିଜାତୀୟ ଅପରୀକ୍ଷିତ ଆଲୋକଦ୍ୱାରା ସେଗୁଡ଼ିକୁ ବଡ଼ ବିକୃତ କରି ପକାଉଛି ଏବଂ ଜୀବନ ଯେଉଁସବୁ ଅତି ସରଳ, ବ୍ୟାବହାରିକ ଅଥଚ ଗୁରୁତ୍ୱପୂର୍ଣ୍ଣ ସମସ୍ୟାଗୁଡ଼ିକୁ ଆମ ଆଗରେ ଆଣି ଉପସ୍ଥାପିତ କରୁଛି, ସେ ସେଗୁଡ଼ାକ ମଧ୍ୟରେ ଅଦ୍ଭୁତ ଅଡୁଆ ଆଣି ଭର୍ତ୍ତି କରିଦେଉଛି ।

ମାତ୍ର ଆପଣାକୁ ଏହିପରି ଏକ ଦୃଷ୍ଟିକୋଣରୁ ପ୍ରେରିତ କରି ଆମେ ମନୁଷ୍ୟ ଭିତରେ ସଂଘଟିତ ହେଉଥିବା ଆଧ୍ୟାତ୍ମିକ ବିକାଶଧାରା ଅଥବା ଆଧ୍ୟାତ୍ମିକ ମୂର୍ତ୍ତିଟିର ଯଥାର୍ଥ ବିଗ୍ରହ କିମ୍ବା ଅବଧାରଣ ଆଦୌ କରି ପାରିବା ନାହିଁ । କାରଣ ସେହି ପୁରୁଣା କିମ୍ବା ବର୍ତ୍ତମାନର ମାନସିକ ଭିତ୍ତିଟା ଉପରେହିଁ ମନୁଷ୍ୟର ସମସ୍ୟାଗୁଡ଼ାକୁ ସମାଧାନ କରିଦେବା ଏହି ବିକାଶଟିର ଅସଲ କାର୍ଯ୍ୟ ନୁହେଁ; ଏହାର ପ୍ରକୃତ କାର୍ଯ୍ୟ ହେଉଛି ଆମର ସତ୍ତା, ଆମର ଜୀବନ ତଥା ଆମର ଜ୍ଞାନଲାଗି ଏକ ନୂତନ ଭିତ୍ତି ବା ଭୂମିର ନିର୍ମାଣ କରିବା । ତତ୍ତ୍ୱଦ୍ରଷ୍ଟା ମଧ୍ୟରେ ବୈରାଗ୍ୟ କିମ୍ବା ଇହ-ଅସ୍ୱୀକାର ଯେଉଁ ପ୍ରବୃତ୍ତିଟି ଦୃଷ୍ଟିଗୋଚର ହୋଇଥାଏ, ଜଡ଼ାଶ୍ରୟୀ ପ୍ରକୃତିର ସୀମା ଓ ବାଡ଼ଗୁଡ଼ାକୁ ମାନିନେବା ଲାଗି ଅସମ୍ମତି ପ୍ରକାଶ କରିବାର ଏକ ଚରମ ନିଦର୍ଶନ ବ୍ୟତୀତ ତାହା ଆଉ କିଛି ନୁହେଁ । କାରଣ ଏହି ସୀମାଗୁଡ଼ିକୁ ପାରି ହୋଇ ଯିବାକୁହିଁ ସେ ଆପଣା ସତ୍ତାର ପ୍ରକୃତ ଔଚିତ୍ୟ ବୋଲି ଗ୍ରହଣ କରି ନେଇଥାଏ । ତେଣୁ ସେହି ପ୍ରକୃତିକୁ ଯଦି ସେ ବଦଳାଇ ନପାରେ, ତେବେ ତାହାକୁ ବର୍ଜନ କରିବାକୁହିଁ ସେ ଆପଣାର ଅବଶ୍ୟ କର୍ତ୍ତବ୍ୟ ବୋଲି ଜାଣେ । ପୁଣି ଏକଥା ମଧ୍ୟ ମନେ ରଖିବାକୁ ହେବ ଯେ ଆଧ୍ୟାତ୍ମିକ ମନୁଷ୍ୟ କଦାପି ସମ୍ପୂର୍ଣ୍ଣଭାବରେ ଆପଣାକୁ ସାଧାରଣ ମନୁଷ୍ୟଜୀବନଠାରୁ ଦୂରବର୍ତ୍ତୀ କରି ରଖି ନାହିଁ । କାରଣ ସର୍ବଜୀବ ସହିତ ଏକାତ୍ମତାର ବୋଧ, ବିଶ୍ୱଜନୀନ ଶ୍ରଦ୍ଧା ତଥା କରୁଣା ଉପରେ ଗୁରୁତ୍ୱ ଏବଂ ପ୍ରାଣୀମାତ୍ରେ ସମସ୍ତଙ୍କର* କଲ୍ୟାଣ ଲାଗି ଆପଣାର ଶକ୍ତିକୁ ନିୟୋଜିତ କରିବାର

* ଏହିସବୁ ବିଷୟ ଗୀତାରେ ଦ୍ରଷ୍ଟବ୍ୟ । କରୁଣା ଓ ମୈତ୍ରୀର (ବସୁଧୈବ କୁଟୁମ୍ବକମ୍) ବୌଦ୍ଧ କଳ୍ପନାଟିକୁ ଯାବତୀୟ କର୍ମର ସର୍ବୋଚ୍ଚ ବିଧାନ ବୋଲି କୁହାଯାଇଛି । ଖ୍ରୀଷ୍ଟିୟାନ୍ ଧର୍ମ ମଧ୍ୟ ପ୍ରେମକୁ ସର୍ବୋଚ୍ଚ ସ୍ଥାନରେ ନେଇ ବସାଇଛି । ଏସବୁ ଆଧ୍ୟାତ୍ମିକ ସତ୍ତାର ଗତିଶୀଳ ଦିଗଟିକୁ ବଡ଼ ସ୍ପଷ୍ଟଭାବରେ ସୂଚିତ କରିଦେଇଛି ।



'oaob.nitrkl.ac.in' images reprocessed

ଇଚ୍ଛା,—ଯେତେବେଳେ ଆଧ୍ୟାତ୍ମିକତା ଗତିଶୀଳ ଭାବରେ କୁସୁମିତ ହୋଇଉଠେ, ସେତେବେଳେ ଏହିଗୁଡ଼ିକହିଁ ତାହାର ମୂଳଗତ ଭାବ ହୋଇ ରହିଥାଏ । ଏହି କାରଣରୁହିଁ ଆଧ୍ୟାତ୍ମିକ ସିଦ୍ଧି ଲାଭ କରିଥିବା ବ୍ୟକ୍ତିମାନେ ଅନ୍ୟମାନଙ୍କର ସହାୟକ ହେବାଲାଗି ନାନାଭାବେ ଅଗ୍ରସର ହୋଇ ଯାଇଛନ୍ତି, ସେମାନେ ଅନ୍ୟମାନଙ୍କର ପରିଚାଳନା କରି ନେଇଛନ୍ତି । ପ୍ରାଚୀନ ଋଷି ଓ ପୈଗମ୍ବରମାନେ ଏହାର ଜ୍ୱଳନ୍ତ ଦୃଷ୍ଟାନ୍ତ ହୋଇ ରହିଛନ୍ତି । ପୁଣି କେତେବେଳେ ସୃଷ୍ଟିଲାଗି ପ୍ରବୃତ୍ତ ହୋଇ ସେମାନେ ତଳକୁ ଓହ୍ଲାଇ ଆସିଛନ୍ତି; ଏବଂ ଯେଉଁଠି ସେମାନେ ପରମ ତତ୍‌ବସ୍ତୁର କୌଣସି ପ୍ରତ୍ୟକ୍ଷ ଶକ୍ତିମତ୍ତା ଦ୍ୱାରା ପ୍ରବୃତ୍ତ ହୋଇ ଏପରି କରିଛନ୍ତି, ସେଠାରେ ଅପାର ଓ ମହତ୍ ଫଳ ଫଳିଛି । ମାତ୍ର ଆଧ୍ୟାତ୍ମିକତାଠାରୁ ଆମେ ସମସ୍ୟାର ଯେଉଁ ସମାଧାନଟି ପାଉ ତାହା ବାହ୍ୟ ସାଧନବଳରେ କଦାପି ଉପଲବ୍ଧ ହୁଏ ନାହିଁ । ଅବଶ୍ୟ ଏହି କ୍ଷେତ୍ରରେ ବାହ୍ୟ ସାଧନକୁ କାର୍ଯ୍ୟରେ ଲଗାଇବାକୁ ପଡ଼ୁଥିଲେହେଁ କେବଳ ଏକ ଅନ୍ତର୍ଗତ ପରିବର୍ତ୍ତନ ଦ୍ୱାରାହିଁ ଅସଲ ସମାଧାନ ହୋଇଥାଏ, ଚେତନା ଓ ପ୍ରକୃତିର ରୂପାନ୍ତର ଦ୍ୱାରାହିଁ ତାହା ଘଟିଥାଏ ।

ଆଧ୍ୟାତ୍ମିକ ସାଧନାଦ୍ୱାରା ଜନସାଧାରଣଙ୍କର ଜୀବନରେ କୌଣସି ମୀମାଂସକ ଫଳ ପ୍ରାପ୍ତ ହୋଇ ନାହିଁ, ଜୀବନରେ କୌଣସି ଯଥାର୍ଥ ରୂପାନ୍ତର ଘଟି ନାହିଁ, କେବଳ କିଛି ଆଂଶିକ ଫଳହିଁ ମିଳିଛି, ଚେତନାର ଭଣ୍ଡାରରେ କେବଳ କିଛି କିଛି ସୂକ୍ଷ୍ମ ଓ ନୂତନ ଉପାଦାନମାତ୍ର ସଂଗୃହୀତ ହୋଇଛି; ମାତ୍ର ଏହାର କାରଣ ହେଉଛି ଯେ ସମଷ୍ଟିଗତ ଭାବରେ ମନୁଷ୍ୟ କେବେହେଲେ ଆଧ୍ୟାତ୍ମିକ ଆବେଗଟି ଦ୍ୱାରା ଯଥାର୍ଥ ଭାବରେ ଉଦ୍‌ବୋଧିତ ହୋଇ ନାହିଁ । ଅଧ୍ୟାତ୍ମ ଆକୂତିର ପଥରୁ ସେ ବାରବାର ଦୂରଛଡ଼ା ହୋଇ ରହିଛି, ଆଧ୍ୟାତ୍ମିକ ଆଦର୍ଶକୁ ବର୍ଜିତ କରି ରଖିଛି; ଅଥବା ଏହି ଆଦର୍ଶର କେବଳ ବହିରଙ୍ଗଟାକୁ ଗ୍ରହଣ କରି ଅନ୍ତର୍ଗତ ପରିବର୍ତ୍ତନର ଆହ୍ୱାନଟିକୁ ପରିତ୍ୟାଗ କରି ପକାଇଛି । ଏକ ଅନାଧ୍ୟାତ୍ମିକ ପଦ୍ଧତିର ଅନୁସରଣ କରି ଆମେ ଆଧ୍ୟାତ୍ମିକତାକୁ ଜୀବନର କୌଣସି ଉଦ୍ଦେଶ୍ୟସାଧନରେ କଦାପି ନିୟୋଜିତ କରିପାରିବା ନାହିଁ; କିମ୍ବା ରାଜନୀତିକ, ସାମାଜିକ ଅଥବା ଅନ୍ୟ କୌଣସି ଯାନ୍ତ୍ରିକ, ଅନ୍ୟ କୌଣସି ଅମୋଘ ଓ ହଠାତ୍ ସମାଧାନ ଦେଇ ଆଧ୍ୟାତ୍ମିକତା ଜୀବନର ବ୍ୟାଧିଗୁଡ଼ିକୁ ଭଲ କରିଦେଉ ବୋଲି ଆମେ କଦାପି ଆଶା କରିପାରିବା ନାହିଁ । ଆମର ମନଟାହିଁ ଅବିରାମ ଭାବରେ ଏହିସବୁ ସମାଧାନର ଉଦ୍‌ଭାବନ କରିବାରେ ଲାଗିଥାଏ, ଏବଂ ଏହି ସମାଧାନମାନ ଆଗରୁ ଯେମିତି କେବଳ ବିଫଳକାମ ହୋଇଛନ୍ତି, ଠିକ୍ ସେହିପରି ସବୁଦିନେ ମଧ୍ୟ ବିଫଳକାମ ହେଉଥିବେ ଏବଂ କେବେହେଲେ କୌଣସି ସମସ୍ୟାର ସମାଧାନ କରିପାରିବେ ନାହିଁ । ଏହିସବୁ ସାଧନଦ୍ୱାରା ଅତି କଠୋର

'oaob.nitrkl.ac.in' images reprocessed

ଭିତରେ କରାଯାଉଥିବା ପରିବର୍ତ୍ତନସବୁ ଦ୍ୱାରା ମଧ୍ୟ ଯଥାର୍ଥରେ କୌଣସି ପରିବର୍ତ୍ତନ ସାଧିତ ହୁଏ ନାହିଁ । କାରଣ ସେହି ପୁରୁଣା ବ୍ୟାଧିଗୁଡ଼ାକ କେବଳ ନୂତନ ଆକାର ଧରି ରହିଯିବାହିଁ ସାର ହୁଏ । କେବଳ ବାହ୍ୟ ପରିବେଶଗତ ଦିଗଟିରେ ଯାହା ପରିବର୍ତ୍ତନ ହୁଏ; ମାତ୍ର ମନୁଷ୍ୟ ଯାହା ଥିଲା, ଠିକ୍ ତାହାହିଁ ରହିଯାଏ । ସେ ଠିକ୍ ଆଗଭଳି ସେହି ମନୋଗତ ଜୀବନସୀମାର ଏକ ଅଜ୍ଞାନାଚ୍ଛନ୍ନ ପ୍ରାଣୀ ହୋଇ ପଡ଼ି ରହିଥାଏ, ଆପଣାର ଅର୍ଜିତ ଜ୍ଞାନର ଅସଦୁପଯୋଗ କରୁଥାଏ ଅଥବା ଯଥାର୍ଥ ଉପଯୋଗ କରୁ ନଥାଏ; ସେ ଆପଣାର ଅହଂଦ୍ୱାରାହିଁ ପରିଚାଳିତ ହେଉଥାଏ ଏବଂ ଆପଣାର ପ୍ରାଣଗତ ଅଭିଳାଷ ତଥା ଉତ୍ସୁକତା ଏବଂ ଶରୀରର ଆବଶ୍ୟକତାଗୁଡ଼ାକଦ୍ୱାରାହିଁ ନିୟନ୍ତ୍ରିତ ହେବାରେ ଲାଗିଥାଏ । ତା'ର ଜୀବନଦୃଷ୍ଟି ବଡ଼ ଉପରସ୍ତରୀୟ ହୋଇ ରହିଥାଏ, ଆଧ୍ୟାତ୍ମିକତାଠାରୁ ଯୋଜନ-ଦୂରରେ ରହିଥାଏ । ଆପଣାର ସତ୍ତାଟି ସହିତ ତାହାର କୌଣସି ସଚେତନ ପରିଚୟ ନଥାଏ; ଏବଂ ଯେଉଁ ଅଗଣିତ ଶକ୍ତି ତାକୁ ପରିଚାଳିତ କରୁଥା'ନ୍ତି ଓ ତାକୁ କାର୍ଯ୍ୟରେ ଲଗାଉଥା'ନ୍ତି, ସେ ସେଗୁଡ଼ିକ ବିଷୟରେ ମଧ୍ୟ ସମ୍ପୂର୍ଣ୍ଣ ଅଜ୍ଞ ରହିଥାଏ । ମନୁଷ୍ୟ ଆପଣାର ଜୀବନ ବୋଲି ଯାହାସବୁ ରଚନା କରିଛି, ସେଗୁଡ଼ିକ ବର୍ତ୍ତମାନ ଯେଉଁ ସୋପାନରେ ଅବସ୍ଥିତ ଅଛନ୍ତି, କେବଳ ସେହି ସୋପାନଟିରେହିଁ ତା'ର ବ୍ୟକ୍ତିଗତ ଅଥବା ସମଷ୍ଟିଗତ ଜୀବନସତ୍ତାର ଅଭିବ୍ୟକ୍ତିରୂପେ ସେଗୁଡ଼ିକର କିଛି ନା କିଛି ମୂଲ୍ୟ ରହିଛି । ଅଥବା ତା'ର ପ୍ରାଣଗତ ଓ ଦେହଗତ ଜୀବନଭାଗଗୁଡ଼ିକର ସୁଖ ଓ ସ୍ୱାଚ୍ଛନ୍ଦ୍ୟ ସକାଶେ ଏକ ସାଧନଗତ ବିଧାନ ହିସାବରେ ଏବଂ ତାର ମନୋଗତ ଭୂମିର ଅଭିବୃଦ୍ଧି ଲାଗି ଗୋଟିଏ କ୍ଷେତ୍ର ଓ ମାଧ୍ୟମ ହିସାବରେ ସେଗୁଡ଼ିକର ଉପଯୋଗିତା ଅବଶ୍ୟ ରହିଛି । ମାତ୍ର ସେଗୁଡ଼ିକ ମନୁଷ୍ୟକୁ କଦାପି ତା'ର ବର୍ତ୍ତମାନ ସୀମାଗୁଡ଼ିକୁ ଅତିକ୍ରମ କରାଇ ଆଗକୁ ନେଇଯାଇ ପାରିବେ ନାହିଁ କିମ୍ବା ତାହାର ସତ୍ତାରେ ଏକ ଯଥାର୍ଥ ରୂପାନ୍ତର ଆଣିଦେବାରେ ନିମିତ୍ତ ହୋଇ ପାରିବେ ନାହିଁ । ସେହି ସୀମାଗୁଡ଼ିକୁ ପାର ହୋଇ ଆହୁରି ବିକଶିତ ହୋଇ ପାରିଲେ ଯାଇ ମନୁଷ୍ୟ ପରିପୂର୍ଣ୍ଣ ହେବ, ଜୀବନକ୍ଷେତ୍ରରେ ତା'ର ଏହି ରଚନାଗୁଡ଼ିକ ମଧ୍ୟ ପରିପୂର୍ଣ୍ଣତା ଲାଭ କରିବ । କେବଳ ଏକ ଆଧ୍ୟାତ୍ମିକ ପରିବର୍ତ୍ତନ ଦ୍ୱାରା, ଏହି ବାହ୍ୟସ୍ତରୀୟ ମନୋଗତ ଭୂମିଟିରୁ ତା'ର ସତ୍ତା ସେହି ଗଭୀରତର ଅଧ୍ୟାତ୍ମଚେତନା ଆଡ଼କୁ ବିକଶିତ ହୋଇ ଉଠିବାଦ୍ୱାରାହିଁ ତାହାର ଜୀବନରେ ଏକ ଯଥାର୍ଥ ଓ ଫଳପ୍ରଦ ନୂତନତ୍ୱ ସମ୍ଭବ ହୋଇ ପାରିବ । ଆପଣା ଭିତରେ ସେହି ଆଧ୍ୟାତ୍ମିକ ସତ୍ତାଟିର ଆବିଷ୍କାର କରିବା ହେଉଛି ଆଧ୍ୟାତ୍ମିକ ମନୁଷ୍ୟର ସର୍ବପ୍ରଧାନ କାର୍ଯ୍ୟ, ଏବଂ ସେହି ବିବର୍ତ୍ତନଟି ଲାଗି ଅଗ୍ରସର ହେବାରେ ଅନ୍ୟମାନଙ୍କୁ ସାହାଯ୍ୟ କରିବା ହେଉଛି ମନୁଷ୍ୟସମାଜ ଲାଗି ତା'ର ପ୍ରକୃତ ସେବା । ସେକଥାଟି ସମ୍ଭବ ନହେବା ପର୍ଯ୍ୟନ୍ତ ଅନ୍ୟ କୌଣସି ବାହ୍ୟ ସାହାଯ୍ୟ ହୁଏତ ତୋଳେ ପିଆଇ

'oaob.nitrkl.ac.in' images reprocessed

ଦିଣ୍ଡେ ଜୀଅଇ ପାରିବ ସତ, ମାତ୍ର ତାହାଠାରୁ ଆଉ ଅଧିକ କିଛି ହେଲେ କରିପାରିବ ନାହିଁ; କିମ୍ବା ଯାହାକିଛି କରିବ, ତାହା କେବଳ ନାହିଁ ସମାନହିଁ ହେବ ।

ଏକଥାଟି ନିଶ୍ଚିତ ସତ୍ୟ ଯେ ମନୁଷ୍ୟର ଆଧ୍ୟାତ୍ମିକ ସାଧନା ଇହଜୀବନର କ୍ଷେତ୍ରଟି ବିଷୟରେ ଯେତେ ଆଗ୍ରହ ଦେଖାଇଛି, ଇହାତୀତ ଜୀବନପ୍ରତି ତା'ଠାରୁ ଅଧିକ ଆଗ୍ରହ ଦେଖାଇଛି । ଏକଥା ମଧ୍ୟ ସତ ଯେ ଏପର୍ଯ୍ୟନ୍ତ ଯାହାକିଛି ଆଧ୍ୟାତ୍ମିକ ପରିବର୍ତ୍ତନ ହୋଇଛି, ତାହା ମନୁଷ୍ୟର ବ୍ୟକ୍ତିଗତ କ୍ଷେତ୍ରରେ ହୋଇଛି, ତା'ର ସାମୂହିକ ଜୀବନକ୍ଷେତ୍ରରେ ହୋଇ ନାହିଁ । ବ୍ୟକ୍ତିମନୁଷ୍ୟର ଜୀବନରେ ତାହାର ପରିଣାମ ସଫଳ ହୋଇଛି, ମାତ୍ର ମନୁଷ୍ୟସମାଜରେ ଅସଫଳ ହୋଇଛି ଅଥବା କେବଳ ପରୋକ୍ଷ ଭାବରେହିଁ ତାହାର ପ୍ରଭାବ କାର୍ଯ୍ୟକାରୀ ହୋଇଛି । ପ୍ରକୃତିର ଆଧ୍ୟାତ୍ମିକ ବିବର୍ତ୍ତନ ଆଜି ମଧ୍ୟ ଚାଲିଛି ଓ ଏପର୍ଯ୍ୟନ୍ତ ସମ୍ପୂର୍ଣ୍ଣ ହୋଇ ନାହିଁ; ହୁଏତ କୁହାଯାଇ ପାରିବ ଯେ ଏହା କେବଳ ଆରମ୍ଭମାତ୍ର ହେଉଛି, ଏବଂ ଆଧ୍ୟାତ୍ମିକ ଚେତନା ତଥା ଆଧ୍ୟାତ୍ମିକ ଜ୍ଞାନର ଏକ ଭିତ୍ତିର ପ୍ରତିଷ୍ଠା ଓ ବିକାଶ କରିବାରେହିଁ ତାହା ପ୍ରଧାନତଃ ଆପଣାକୁ ତତ୍ପର ରଖିଆସିଛି; ତଦ୍‌ଗତ ସତ୍ୟ ମଧ୍ୟରେ ତାହା ଆପଣାର ଦିବ୍ୟଦୃଷ୍ଟିରେ ଆପଣାକୁ ଶାଶ୍ୱତ ବୋଲି ଅନୁଭବ କରିଛି, ଅଧିକରୁ ଅଧିକତର ଭାବରେ ତାହାର ଏକ ମୂଳଭିତ୍ତି ବା ରୂପାୟନ ଗଢ଼ିବାଲାଗି ଚେଷ୍ଟା କରିଆସିଛି । ବ୍ୟକ୍ତିଜୀବନର ମାଧ୍ୟମରେ ଯେତେବେଳେ ପ୍ରକୃତି ଏହି ସଘନ ବିବର୍ତ୍ତନ ଓ ରୂପାୟନଟିର ପୂର୍ଣ୍ଣପ୍ରତିଷ୍ଠା କରିଦେଇପାରିବ, କେବଳ ସେତିକବେଳେ ଯାଇ ଶକ୍ତିର ପ୍ରସାରଣ ଓ ବିଚ୍ଛୁରଣ ଦ୍ୱାରା ସମଷ୍ଟିଜୀବନରେ ମଧ୍ୟ ବିପ୍ଳବାତ୍ମକ ସେପରି କିଛି ଘଟିବ ବୋଲି ଆଶା କରାଯାଇପାରେ ଏବଂ ସାମୂହିକ ଆଧ୍ୟାତ୍ମିକ ଜୀବନ ଦିଗରେ ଯେକୌଣସି ପ୍ରୟାସ ଏକ ସଫଳ ସ୍ଥାୟିତ୍ୱ ଅର୍ଜନ କରିପାରେ । ଏଭଳି ପ୍ରୟାସମାନ ଆଗରୁ ନିଶ୍ଚୟ ହୋଇଛି, ମାତ୍ର ପ୍ରଧାନତଃ ବ୍ୟକ୍ତିର ଆଧ୍ୟାତ୍ମିକ ଜୀବନକୁ ପରିପୁଷ୍ଟ ଏବଂ ସୁରକ୍ଷିତ କରି ରଖିବାଲାଗିହିଁ ତାହା ହୋଇଛି । କାରଣ ସାମୂହିକ ରୂପାନ୍ତରର ପ୍ରସ୍ତୁତି ପୂର୍ଣ୍ଣ ହୋଇପାରିବା ପର୍ଯ୍ୟନ୍ତ ଆପଣାର ଅନ୍ତର୍ଗତ ସତ୍ତା ଓ ଜ୍ଞାନର ଭୂମିରେ ବ୍ୟକ୍ତି ତଦ୍‌ବସ୍ତୁର ଯେଉଁ ସତ୍ୟଟିକୁ ଲାଭ କରିବାକୁ ଯାଉଛି କିମ୍ବା ଲାଭ କରି ସାରିଛି, ତାହାର ସହିତ ସଙ୍ଗତି ରଖି ଆପଣାର ମନ ତଥା ପ୍ରାଣକୁ ଅନୁରୂପ ଭାବରେ ପୁରାପୂରି ବଦଳାଇ ଦେବାର ଆପଣା ସମସ୍ୟାଟି ସହିତ ତାକୁ ବ୍ୟସ୍ତ ରହିବାକୁ ପଡ଼ିବ । ସେହି ଉପଯୁକ୍ତ ସମୟଟି ଆସିବାପୂର୍ବରୁ ବ୍ୟାପକରୂପେ ଓ ସମଷ୍ଟିଗତ ଭାବରେ ଅଧ୍ୟାତ୍ମଜୀବନର ପ୍ରତିଷ୍ଠାଲାଗି ଚେଷ୍ଟା କରିବସିଲେ ତାହା ବ୍ୟର୍ଥ ହୋଇଯିବାର ଆଶଙ୍କା ସବୁବେଳେ ରହିଥିବ, କାରଣ ସେତେବେଳେ ଆଧ୍ୟାତ୍ମିକ ଜ୍ଞାନର ଗତିଶୀଳ ଦିଗଟି ତଥାପି କେତେକ ଦୃଷ୍ଟିରୁ ଅପୂର୍ଣ୍ଣ ରହିଥିବ ଓ ବ୍ୟକ୍ତିସାଧକମାନଙ୍କ ଭିତରେ ମଧ୍ୟ ସାଧନା ପୂର୍ଣ୍ଣତ୍ୱ ଲାଭ କରି ନଥିବ । ଏହାଛଡ଼ା

'oaob.nitrkl.ac.in' images reprocessed

ସେତେବେଳେ ଏହି ସାଧାରଣ ଓ ନିତ୍ୟନୈମିତ୍ତିକ ମନ ତଥା ପ୍ରାଣଗତ ଓ ଜଡ଼ଗତ ଚେତନା ମଧ୍ୟ ସେହି ସାଧନା ଉପରେ ନାନା ପ୍ରାଦୁର୍ଭାବ ବିସ୍ତାର କରୁଥିବେ, ସତ୍ୟର ଭୂମିଟିକୁ ଆକ୍ରମଣ କରି ନେଉଥିବେ ଏବଂ ସେଇଟିକୁ ଏକ ଯାନ୍ତ୍ରିକ ବିଧାନର କବଳ ଭିତରେ ନେଇ ପକାଇ ଦେଉଥିବେ, ତାହାକୁ ଗ୍ରସ୍ତାଚ୍ଛନ୍ନ କରି ରଖୁଥିବେ ଓ ଓ ଦୂଷିତ କରି ଦେଉଥିବେ । ମନୋଗତ ବୁଦ୍ଧି ଓ ବୁଦ୍ଧିଗତ ବିବେକରୂପୀ ତାହାର ପ୍ରଧାନ ସାମର୍ଥ୍ୟଟି ମନୁଷ୍ୟଜୀବନର ନିହିତ ତତ୍ତ୍ୱ ଓ ସ୍ଥାୟୀ ଧର୍ମଗୁଡ଼ିକୁ କଦାପି ବଦଳାଇ ପାରିବ ନାହିଁ; ତାହା ସେଥିରେ ହୁଏତ କେତୋଟି ଯାନ୍ତ୍ରିକ ବିଧାନର ପ୍ରବର୍ତ୍ତନ କରାଇ ପାରିବ, ସେଥିରେ କେତେଟା କୌଶଳପୂର୍ଣ୍ଣ ବ୍ୟବସ୍ଥାର ପ୍ରଣୟନ କରିଦେବ, କେତେଟା ବିକାଶ ବା ରୂପାୟନ ଘଟାଇ ପାରିବ । ମାତ୍ର ସମଗ୍ରତଃ ମନ ଓ ଏପରିକି ଆଧ୍ୟାତ୍ମିକଭାବାପନ୍ନ ମନ ତାହାକୁ କଦାପି ବଦଳାଇ ପାରିବ ନାହିଁ । ଆଧ୍ୟାତ୍ମିକତା ଆମର ଅନ୍ତର୍ଗତ ସତ୍ତାଟିକୁ ବିମୋଚିତ ଓ ଆଲୋକିତ କରେ, ତାହା ମନକୁ ମନର ଅତୀତ ହୋଇ ରହିଥିବା ଭୂମିଟି ସହିତ ଯୋଗ ଯୋଡ଼ିବାରେ ସାହାଯ୍ୟ କରେ, ଏପରିକି ଆପଣାର ଆତ୍ମଚେତନାଟିକୁ ଗୁଡ଼ି ବାହାରିଯିବାକୁ ମଧ୍ୟ ମନକୁ ସାହାଯ୍ୟ କରେ; ଆପଣାର ଅନ୍ତର୍ଗତ ପ୍ରଭାବସମ୍ପନ୍ନତା ଦ୍ୱାରା ତାହା ମନୁଷ୍ୟବ୍ୟକ୍ତିର ବାହ୍ୟ ପ୍ରକୃତିଟିକୁ ଶୁଦ୍ଧ ଓ ଉଦ୍ଭାସିତ କରି ଦେଇପାରେ । ମାତ୍ର ସେହି ମନଟାକୁହିଁ ସାଧନରୂପେ ବ୍ୟବହାର କରି ତାହାକୁ ଯେପର୍ଯ୍ୟନ୍ତ ମନୁଷ୍ୟସମାଜରେ କାର୍ଯ୍ୟ କରିବାକୁ ପଡ଼ୁଥାଏ, ସେପର୍ଯ୍ୟନ୍ତ ତାହା ପାର୍ଥିବ ଜୀବନ ଉପରେ ନିଶ୍ଚୟ ଆପଣାର ପ୍ରଭାବ ପକାଇପାରେ, ମାତ୍ର ସେହି ଜୀବନରେ କଦାପି ଏକ ରୂପାନ୍ତର ସମ୍ଭବ କରାଇ ପାରେ ନାହିଁ । ସେହି କାରଣରୁହିଁ ଆଧ୍ୟାତ୍ମିକ ମନ ଭିତରେ କେବଳ ଏହିପରି ଏକ ପ୍ରଭାବରେହିଁ ସନ୍ତୁଷ୍ଟ ହୋଇ ରହିଯିବାର ଏକ ପ୍ରବୃତ୍ତି ସର୍ବଦା ରହିଆସିଛି, ଏବଂ ମୋଟ ଉପରେ ଆଉ କେଉଁଠି ଏକ ଅନ୍ୟ ଜୀବନରେହିଁ ପୂର୍ଣ୍ଣ ଚରିତାର୍ଥତାର ସନ୍ଧାନ କରି ଯାବତୀୟ ପ୍ରକାରର ବହିର୍ମୁଖୀ ଚେଷ୍ଟା ସମ୍ପୂର୍ଣ୍ଣରୂପେ ପରିହାର କରି କେବଳ ଏକ ବ୍ୟକ୍ତିଗତ ଆଧ୍ୟାତ୍ମିକ ମୁକ୍ତି ବା ପୂର୍ଣ୍ଣତା ଉପରେହିଁ ଅଭିନିବିଷ୍ଟ ହୋଇ ରହିବାର ଏକ ପ୍ରବୃତ୍ତି ରହିଆସିଛି । ଆମର ଏହି ଯେଉଁ ପ୍ରକୃତିଟି ଅବିଦ୍ୟାଦ୍ୱାରା ସୃଷ୍ଟହୋଇ ରହିଛି, ତାହାର ପୂର୍ଣ୍ଣ ରୂପାନ୍ତର ଘଟାଇ ପାରିବାଲାଗି ମନଠାରୁ ଅଧିକ ଊର୍ଦ୍ଧ୍ୱ ଏକ ଗତିଶୀଳତାକୁ ସାଧନରୂପେ ବ୍ୟବହାର କରିବାକୁ ପଡ଼ିବ ।

ତତ୍ତ୍ୱଦ୍ରଷ୍ଟା ଓ ତାହାର ଜ୍ଞାନ ବିଷୟରେ ଆଉଗୋଟିଏ ଆପତ୍ତି ମଧ୍ୟ ହୋଇଥାଏ, ଜୀବନ ଉପରେ ତାହାର ଯେଉଁ ପ୍ରଭାବ ପଡ଼ୁଛି, ତାହା ବିରୁଦ୍ଧରେ ନୁହେଁ, ମାତ୍ର ଯେଉଁ ପଦ୍ଧତିଟିର ଅନୁସରଣ କରି ସେ ସତ୍ୟର ଆବିଷ୍କାର କରୁଛି ଓ ଯେଉଁ ସତ୍ୟଟିର ଆବିଷ୍କାର କରୁଛି, ତାହାରି ବିରୁଦ୍ଧରେ ଆପତ୍ତି ହୋଇଥାଏ । ପଦ୍ଧତି

'oaob.nitrkl.ac.in' images reprocessed

ଉପରେ ଏହି ଆପତ୍ତିଟି କରାଯାଏ ଯେ ଏଇଟି ହେଉଛି ପୂର୍ଣ୍ଣମାତ୍ରାରେ ଏକ ଆଶ୍ରୟ-କେନ୍ଦ୍ରିତ ପଦ୍ଧତି, ସମ୍ପୃକ୍ତ ବ୍ୟକ୍ତିସାଧକର ଚେତନା ଓ ଚେତନାଗତ ବିରଚନାଟିକୁ ବାଦ୍ ଦେଲେ ଏଥିରେ ଆଦୌ କୌଣସି ସ୍ୱତନ୍ତ୍ର ସତ୍ୟତା ନାହିଁ, ତେଣୁ ଏହାର ଯଥାର୍ଥତାକୁ ଆଦୌ ପରୀକ୍ଷା କରାଯାଇ ପାରିବ ନାହିଁ । ମାତ୍ର ଏହି ଆପତ୍ତିଟିରେ ମୂଳତଃ ସେପରି କୌଣସି ଉଲ୍ଲେଖଯୋଗ୍ୟ ମୂଲ୍ୟ ନାହିଁ; କାରଣ ଆତ୍ମଜ୍ଞାନ ତଥା ଭଗବଦ୍‌ଜ୍ଞାନ ହେଉଛି ତତ୍ତ୍ୱସାଧକର ଲକ୍ଷ୍ୟ, ଏବଂ କୌଣସି ବହିର୍ମୁଖ ଅବଲୋକନରେ ନୁହେଁ, କେବଳ ଅନ୍ତର୍ମୁଖ ଅବଲୋକନ ଦ୍ୱାରାହିଁ ଏହି ଲକ୍ଷ୍ୟ ଉପଲବ୍ଧ ହୋଇ ପାରିବ । ଅଥବା କୁହାଯାଇ ପାରିବ ଯେ ତତ୍ତ୍ୱସାଧକ ବସ୍ତୁମଧ୍ୟରେ ନିହିତ ପରମ ସତ୍ୟଟିର ଅନ୍ୱେଷଣହିଁ କରୁଛି; ଏବଂ ଇନ୍ଦ୍ରିୟ ସାହାଯ୍ୟରେ କେବଳ ଏକ ବହିର୍ମୁଖୀ ଅନୁସନ୍ଧାନ ଦ୍ୱାରା ଓ କେବଳ ବହିର୍ଭାଗ ଓ ଉପରିଭାଗଗୁଡ଼ିକୁ ଭିତ୍ତି କରି ଠିଆ ହୋଇଥିବା କୌଣସି ସମୀକ୍ଷଣ ଅଥବା ଗବେଷଣା ଦ୍ୱାରା ସେ ସେହି ଅନ୍ୱେଷଣରେ ସଫଳ ହୋଇ ପାରିବ ନାହିଁ; ଏକ ପରୋକ୍ଷ ଜ୍ଞାନସାଧନ ଦ୍ୱାରା ଆହୃତ ଅନିଶ୍ଚିତ ତଥ୍ୟର ଭିତ୍ତି ଉପରେ ପ୍ରେରିତ ହେଉଥିବା ବିଚାରାନୁମାନ ଦ୍ୱାରା ମଧ୍ୟ ସଫଳତା ମିଳିବ ନାହିଁ । ସାଧକର ଚେତନା ସ୍ୱୟଂ ସତ୍ୟଟିର ଆତ୍ମା ଓ ଶରୀର ସହିତ ପ୍ରତ୍ୟକ୍ଷ ଦୃଷ୍ଟି ଓ ପ୍ରତ୍ୟକ୍ଷ ସମ୍ପର୍କରେ ଆସିପାରିଲେ ଯାଇ ତାହା ସମ୍ଭବ ହେବ; ଅଥବା ଏକ ତାଦାତ୍ମ୍ୟଜ୍ଞାନ ଦ୍ୱାରା ସମ୍ଭବ ହେବ, ବସ୍ତୁର ଆତ୍ମା ସହିତ ଏକରୂପ ହୋଇ ପାରୁଥିବା ଆତ୍ମାଦ୍ୱାରା ତଥା ବସ୍ତୁର ଶକ୍ତିଗତ ସତ୍ୟ ତଥା ମର୍ମଗତ ସତ୍ୟ ସହିତ ଏକରୂପ ହୋଇ ପାରୁଥିବା ଆତ୍ମାଦ୍ୱାରା ସମ୍ଭବ ହୋଇ ପାରିବ । ମାତ୍ର ଏଠାରେ ଆପତ୍ତି ହୋଇଥାଏ ଯେ ଏହି ପଦ୍ଧତିଟିର ଅନୁସରଣ କରି ଫଳସ୍ୱରୂପ ଯେଉଁ ସତ୍ୟଟି ଲାଭ କରାଯାଏ, ତାହା ଏକ ସର୍ବସାଧାରଣ ସତ୍ୟରୂପେ ପ୍ରତିଷ୍ଠିତ ହୋଇପାରେ ନାହିଁ; ସେହି କ୍ଷେତ୍ରରେ ବ୍ୟକ୍ତି ବ୍ୟକ୍ତି ମଧ୍ୟରେ ପ୍ରଭୂତ ପାର୍ଥକ୍ୟମାନ ରହିଯାଏ । ତେଣୁ ଏହିପରି ଏକ ସିଦ୍ଧାନ୍ତର ଇଙ୍ଗିତ ଦିଆଯାଏ ଯେ ଏଠାରେ ଲବ୍ଧ ହେଉଥିବା ଜ୍ଞାନକୁ ଏକ ସତ୍ୟ ବୋଲି ଆଦୌ କୁହାଯିବ ନାହିଁ, କେବଳ ଆଶ୍ରୟଗତ ଏକ ମାନସିକ ରଚନା ବୋଲି କୁହାଯିବ । ମାତ୍ର ଆଧ୍ୟାତ୍ମିକ ଜ୍ଞାନର ଯଥାର୍ଥ ପ୍ରକୃତିଟିକୁ ଠିକ୍‌ଭାବେ ନବୁଝିଥିବା ଯୋଗୁଁହିଁ ଏଭଳି ଆପତ୍ତି ଉତ୍ଥାପିତ ହୋଇଥାଏ । ଆଧ୍ୟାତ୍ମିକ ସତ୍ୟ ହେଉଛି ଏକ ଚିଦ୍‌ଗତ ବା ଆଧ୍ୟାତ୍ମିକ ଭୂମିର ସତ୍ୟ; ଏହି ସତ୍ୟ ବୁଦ୍ଧିର ସତ୍ୟ ନୁହେଁ, ଏକ ଗାଣିତିକ ଉପପାଦ୍ୟ ନୁହେଁ କି ନ୍ୟାୟଶାସ୍ତ୍ରର ସୂତ୍ର ବି ନୁହେଁ; ଏହି ସତ୍ୟ ପରମ ଅନନ୍ତଙ୍କର ଏକ ସତ୍ୟ, ଅନନ୍ତ ବୈଚିତ୍ର୍ୟମୟ ସେହି ଅଖଣ୍ଡସତ୍ତାରହିଁ ଏକ ସତ୍ୟ ଏବଂ ଏହି ସତ୍ୟ କେତେ ବିଭବ ଓ କେତେ ରୂପାୟନର ଅନନ୍ତ ବହୁ-ବିଧତା ଧାରଣ କରିପାରେ । ଆଧ୍ୟାତ୍ମିକ ବିବର୍ତ୍ତନ ମଧ୍ୟରେ ଏକଥାଟି ଅତ୍ୟନ୍ତ ଅନିବାର୍ଯ୍ୟ ଯେ ସେହି ଏକମାତ୍ର ପରମସତ୍ୟରେ ଯାଇ ପହଞ୍ଚିବା ଲାଗି ଅନେକମୁଖୀ ମାର୍ଗ ନିଶ୍ଚୟ

'oaob.nitrkl.ac.in' images reprocessed

ରହିବ, ଅନେକ ଦିଗରୁ ଆସି ମଧ୍ୟ ସେହି ସତ୍ୟକୁ ଲାଭ କରାଯାଇ ପାରିବ; ଆମ୍ଭେ ଯେ ଏକ ଜୀବନ୍ତ ସତ୍ୟର ସମ୍ମୁଖୀନ ହେବାକୁ ଅଗ୍ରସର ହେଉଛୁ, ଏହି ବହୁମୁଖିନତା ହେଉଛି ତାହାର ଏକ ନିଦର୍ଶନ; ବସ୍ତୁଗୁଡ଼ିକୁ କୌଣସି ଏକ ଜୀବନଶୂନ୍ୟ ବା ପଥର ପରି ମୃତ ସୃଷ୍ଟି ମଧ୍ୟରେ ଜଡ଼ କରି ରଖି ଦିଆଯାଇ ପାରୁଥିବା ଏକ ମନୋରଚନା କିମ୍ବା କେବଳ କଳ୍ପନାମୟ ଅବାସ୍ତବତାର ନିଦର୍ଶନ ନୁହେଁ । ନ୍ୟାୟ ଓ ବୁଦ୍ଧିର ଅବଧାରଣା ଦ୍ୱାରା ସତ୍ୟର ଯେଉଁ କଳ୍ପନା କରାଯାଏ ଏବଂ ସତ୍ୟରୂପୀ ସେହି ଗୋଟିଏ କଳ୍ପନାକୁହିଁ ସମସ୍ତେ ଗ୍ରହଣ କରିବାକୁ ବାଧ୍ୟ ହେବେ ବୋଲି ଦାବି କରାଯାଇ ଥାଏ, ସତ୍ୟରୂପେ ଘୋଷିତ ହେଉଥିବା ଯେଉଁ ଗୋଟିଏ କଳ୍ପନା ବା ଗୋଟିଏ ସୂତ୍ରବଦ୍ଧ ଅନ୍ୟ ସକଳ କଳ୍ପନା ବା ସୂତ୍ରବଦ୍ଧକୁ ପରାଭୂତ କରି ରଖିଥାଏ ଏବଂ ଗୋଟିଏ ଅତିସୀମିତ ତଥ୍ୟ ଅଥବା ନାନା ତଥ୍ୟକୁ ନେଇ ଗଢ଼ା ଯାଇଥିବା ଗୋଟିଏ ସୂତ୍ରକୁ ସମସ୍ତେ ଅବଶ୍ୟ ସତ୍ୟ ବୋଲି ଜାଣିବେ ବୋଲି ଯେତେବେଳେ ବାଧ୍ୟ କରାଯାଏ, ସେତେବେଳେ ଜଡ଼ଗତ କ୍ଷେତ୍ରର ସୀମାବଦ୍ଧ ସତ୍ୟଟିକୁ ବଡ଼ ଅନ୍ୟାୟ ଭାବରେ ପ୍ରାଣ, ମନ ଓ ଚିଦ୍‌ଗତତାର ଆହୁରି ଅନେକ ଜଟିଳ ଓ ଅଧିକ ସ୍ଥିତିସ୍ଥାପକ କ୍ଷେତ୍ରଟିରେ ନେଇ ଆରୋପିତ କରି ଦିଆଯାଇ ଥାଏ ।

ଏହି ଆରୋପଣ ଅର୍ଥାତ୍ ଗୋଟିଏ କ୍ଷୁଦ୍ରତର କ୍ଷେତ୍ରର ନ୍ୟାୟକୁ ନେଇ ଅନେକ ବୃହତ୍ତର ଆଉ ଏକ କ୍ଷେତ୍ରରେ ଏହିପରି ଲଦିଦେବା ଦ୍ୱାରା ପ୍ରକୃତରେ ଅନେକ ହାନି ହୋଇଛି; ଏହାଦ୍ୱାରା ଆମ ବିଶ୍ୱରାଜ୍ୟରେ କେତେ ସଙ୍କୀର୍ଣ୍ଣତା ଓ ସୀମାବଦ୍ଧତା ପଶିଯାଇଛି । ଯେଉଁ ଅତ୍ୟାବଶ୍ୟକ ବୈଚିତ୍ର୍ୟମୟତା ଓ ନାନାଦୃଷ୍ଟିସମ୍ପନ୍ନତା ବ୍ୟତୀତ ସତ୍ୟର କୌଣସିପ୍ରକାର ସମଗ୍ର ଆବିଷ୍କାର ସମ୍ଭବ ହୋଇ ପାରିବ ନାହିଁ, ତାହାପ୍ରତି ଏକ ଅସହିଷ୍ଣୁତାକୁ ପ୍ରଶ୍ରୟ ଦିଆଯାଇଛି; ଏବଂ ସେହି ସଙ୍କୀର୍ଣ୍ଣତା ଓ ସୀମାବଦ୍ଧତା ସକାଶେ ଅତି ଦାମ୍ଭିକତା ସହିତ ଭୁଲଟାକୁ ଜାବୁଡ଼ି ଧରି ବସି ରହିବାର ଏକ ପ୍ରବୃତ୍ତି ମଧ୍ୟ ପ୍ରକାଶ ପାଇଛି । ଏହାଦ୍ୱାରା ଆମର ଦର୍ଶନଚର୍ଚ୍ଚା ନାନା ନିଷ୍ଫଳ ବିବାଦର ଏକ ଅନ୍ତହୀନ ଆଡ଼ୁଆ ଭିତରେ ଆସି ପଶିଯାଇଛି, ସତ୍ୟକୁ ଆଚ୍ଛନ୍ନ କରି ରଖିବାର ଏହି ଆଗ୍ରହଦ୍ୱାରା ଧର୍ମ ଆକ୍ରାନ୍ତ ହୋଇପଡ଼ିଛି, କେବଳ ମତସର୍ବସ୍ୱ ନାନା ଅତ୍ୟାପତ୍ତିଦ୍ୱାରା ସନ୍ତାପିତ ହୋଇପଡ଼ିଛି, କେତେ ଅନ୍ଧତା ଓ ଅସହିଷ୍ଣୁତାର ଶିକାର ହୋଇଛି । ଚିତ୍‌ସତ୍ତ୍ୱର ସତ୍ୟ ହେଉଛି ସତ୍ତ୍ୱର ସତ୍ୟ, ଏହା ଚେତନାର ସତ୍ୟ; ଭବନାର ଭୂମିରେ ସୀମାବଦ୍ଧ ହୋଇ ରହିଥିବା ଏକ ସତ୍ୟ ନୁହେଁ । ମନର କଳ୍ପନା ବା ଧାରଣାଦ୍ୱାରା ଏହି ସତ୍ୟର କେବଳ କେତୋଟି ଦିଗର ବ୍ୟାଖ୍ୟା କରାଯାଇ ପାରିବ, ବର୍ଣ୍ଣନା କରିହେବ, ମନର ଭାଷାରେ ପ୍ରକାଶିତ ତାହାର କେତୋଟି ତତ୍ତ୍ୱ କିମ୍ବା ସାମର୍ଥ୍ୟକୁ ଧରିପାରିବା ସମର୍ଥ ହେବ, ତାହାର କେତୋଟି ବିଷୟକୁ ହୁଏତ କଳନା

'oaob.nitrkl.ac.in' images reprocessed

କରିହେବ; ମାତ୍ର ତାହାକୁ ଜାଣିବାକୁ ହେଲେ ତାହାର ମଧ୍ୟକୁ ଉନ୍ନୀଳିତ ହୋଇଯିବାକୁ ହେବ ଏବଂ ସେହି ସତ୍ୟ ସହିତ ତାଦାତ୍ମ୍ୟ ଅର୍ଜନ କରିବାକୁ ପଡ଼ିବ । ଏବଂ ସେହି ଉନ୍ନୀଳିତ ହୋଇଯିବା ଓ ତାଦାତ୍ମ୍ୟ ଅର୍ଜନ କରିବା ବ୍ୟତୀତ ଯଥାର୍ଥରେ କୌଣସି ଅଧ୍ୟାତ୍ମଜ୍ଞାନ ସମ୍ଭବ ହେବ ନାହିଁ । ଆଧ୍ୟାତ୍ମିକ ଅନୁଭବର ମୂଳ ସତ୍ୟଟି ହେଉଛି ଏକ ଅଖଣ୍ଡ ସତ୍ୟ, ତାହାର ଚେତନା ହେଉଛି ଏକ ଅଖଣ୍ଡ ଚେତନା; ସବୁଠାରେହିଁ ତାହା ଆଧ୍ୟାତ୍ମିକ ସତ୍ତା ମଧ୍ୟରେ ଜାଗ୍ରତ ଓ ପରିପୁଷ୍ଟ ହୋଇ ଉଠିବାର ସେହି ଏକ ସାଧାରଣ ଧାରା ତଥା ପ୍ରବୃତ୍ତିଗୁଡ଼ିକର ଅନୁସରଣ କରିଥାଏ, କାରଣ ଏଗୁଡ଼ିକ ହେଉଛି ଅଧ୍ୟାତ୍ମଚେତନାର ଗୋଟିଏ ଗୋଟିଏ ଅନିବାର୍ଯ୍ୟ ବିଧାନ । ମାତ୍ର ଏହିସବୁ ଅନିବାର୍ଯ୍ୟ ବିଧାନକୁ ଭିତ୍ତି କରି ଅନୁଭୂତି ତଥା ଅଭିବ୍ୟକ୍ତିଗତ ବୈଚିତ୍ର୍ୟର କେତେକେତେ ଅଗଣିତ ସମ୍ଭାବନା ମଧ୍ୟ ରହିଛି; ଏହିସବୁ ସମ୍ଭାବ୍ୟତାଗୁଡ଼ିକୁ ଗୋଟିଏ କେନ୍ଦ୍ର ସହିତ ଏକାଠି ଗୁନ୍ଥି ରଖି ଏଗୁଡ଼ିକରେ ଏକ ସମନ୍ୱୟ ଆଣିବା ଏବଂ ତହିଁ ସଙ୍ଗେ ସଙ୍ଗେ ଅନୁଭବର କୌଣସି ଗୋଟିଏ ଧାରାକୁ ନିଷ୍ଠାର ସହିତ ଅନୁସରଣ କରି ଚାଲିବା— ଏହି ଦୁଇଟିଯାକ ପ୍ରବୃତ୍ତିହିଁ ଆମର ଅନ୍ତର୍ଗୂଢ଼ ଆଧ୍ୟାତ୍ମିକ ଚିତ୍‌ଶକ୍ତିର ପରିସ୍ଫୁରଣ ଲାଗି ଏକାନ୍ତ ଅପରିହାର୍ଯ୍ୟ । ପୁଣି, ଆଧ୍ୟାତ୍ମିକ ସତ୍ୟ ମଧ୍ୟରେ ମନ ଓ ପ୍ରାଣର ଅନୁକୂଳନ, ମନ ଓ ପ୍ରାଣ ମଧ୍ୟରେ ଆଧ୍ୟାତ୍ମିକ ସତ୍ୟର ପରିଫଳନ;—ଏହିସବୁ ଆନୁକୂଲ୍ୟ ତଥା ସୀମାବଦ୍ଧ ପରିଫଳନର ଆବଶ୍ୟକତାକୁ ସାଧକ ପାର ହୋଇ ନଥିବା ପର୍ଯ୍ୟନ୍ତ ସାଧକର ମନୋଗତ ପ୍ରକୃତି ଅନୁସାରେ ଏଗୁଡ଼ିକ ମଧ୍ୟରେ ବି ନିଶ୍ଚୟ ବୈଚିତ୍ର୍ୟ ଓ ବିଭିନ୍ନତା ରହିବ । ଏହି ମନୋଗତ ତଥା ପ୍ରାଣଗତ ଉପାଦାନଗୁଡ଼ିକରୁହିଁ ସୃଷ୍ଟି ହୋଇଥିବା ବିରୋଧମାନ ଆଜି ମଧ୍ୟ ଅଧ୍ୟାତ୍ମକ୍ଷେତ୍ରର ସାଧକମାନଙ୍କୁ କେତେପ୍ରକାରେ ବିଭକ୍ତ କରି ରଖିଛି ଏବଂ ସେମାନଙ୍କର ଅନୁଭୂତିଲବ୍ଧ ସତ୍ୟର ଭିନ୍ନଭିନ୍ନ ପ୍ରତିଷ୍ଠା କ୍ଷେତ୍ରରେ ପ୍ରବିଷ୍ଟ ହୋଇ ରହିଛି । ଆଧ୍ୟାତ୍ମିକ ଅନ୍ୱେଷଣ ତଥା ଆଧ୍ୟାତ୍ମିକ ବିକାଶକୁ ମୁକ୍ତ ଓ ସ୍ୱାଧୀନ ରଖି ପାରିବାଲାଗି ଏହି ଭେଦ ଓ ବିବିଧତାର ଏକାନ୍ତ ଆବଶ୍ୟକତା ରହିଛି । ପାର୍ଥକ୍ୟଗୁଡ଼ିକୁ ଅତିକ୍ରମ କରି ଚାଲିଯିବା ନିଶ୍ଚୟ ସମ୍ଭବ, ମାତ୍ର ତାହା ବିଶୁଦ୍ଧ ଅନୁଭବର କ୍ଷେତ୍ରରେ ଅତି ସହଜରେ ସମ୍ଭବ ହୋଇଥାଏ । ମାତ୍ର ମନୋମୟ ରୂପାୟନର କ୍ଷେତ୍ରରେ ପାର୍ଥକ୍ୟ ରହିବହିଁ ରହିବ; ମନର ସୀମାଗୁଡ଼ାକୁ ସମ୍ପୂର୍ଣ୍ଣ ଭାବରେ ପାର ହୋଇ ବାହାରିଯିବା ପର୍ଯ୍ୟନ୍ତ ଏବଂ ପରମ ଚେତନାର ଭୂମିପରିବେଷ୍ଟନୀ ମଧ୍ୟରେ ତଦ୍‌ବସ୍ତୁରୁ ଅନେକମୁଖୀ ସତ୍ୟଟିକୁ ଏକ ସମଗ୍ର ଓ ଅଖଣ୍ଡ ଏକତ୍ୱରେ ସମନ୍ୱିତ କରିପାରିବା ପର୍ଯ୍ୟନ୍ତ ସେହି ପାର୍ଥକ୍ୟ ନିଶ୍ଚୟ ରହିଥିବ ।

ମନୁଷ୍ୟର ଆଧ୍ୟାତ୍ମିକ ଆରୋହଣକ୍ରମରେ ଭିନ୍ନଭିନ୍ନ ଅନେକ ସୋପାନ ରହିବହିଁ ରହିବ, ଏବଂ ପ୍ରତ୍ୟେକ ସୋପାନରେ ସତ୍ତା, ଚେତନା, ପ୍ରାଣ, ଆନନ୍ଦର ରୂପ, ମନୋଗତ ଧାରଣା ତଥା ସ୍ୱଭାବରେ ବ୍ୟକ୍ତିବିଶେଷରେ ଅନେକ ପ୍ରକାର ବିବିଧତା

'oaob.nitrkl.ac.in' images reprocessed

ଅବଶ୍ୟ ରହିବ । ନିମିତ୍ତରୂପେ ବ୍ୟବହୃତ ହେଉଥିବା ମନର ସ୍ୱଭାବ ହେତୁ ଓ ଜୀବନ ସହିତ ତାହାର ସମ୍ବନ୍ଧିତ ହୋଇ ରହିବାର ଆବଶ୍ୟକତା ହେତୁ ସାଧକର ବିକାଶ ଏବଂ ବ୍ୟକ୍ତିତ୍ୱର ବିଶେଷ ପ୍ରକୃତି ଅନୁସାରେ ଅଗଣିତ ବୈଚିତ୍ର୍ୟର ସୃଷ୍ଟି ହେବ । ମାତ୍ର ଏସବୁକୁ ବାଦ ଦେଲେ ମଧ୍ୟ ବିଶୁଦ୍ଧ ଆଧ୍ୟାତ୍ମିକ ଆତ୍ମୋପଲବ୍ଧି ତଥା ଆତ୍ମ-ଅଭିବ୍ୟକ୍ତିର କ୍ଷେତ୍ରରେ ମଧ୍ୟ ଯେ କେବଳମାତ୍ର ଗୋଟିଏ ବର୍ଣ୍ଣହୀନ ବୈଚିତ୍ର୍ୟମୁକ୍ତତା ବିରାଜ କରୁଥିବ, ସେପରି ଭାବିବାର କୌଣସି କାରଣ ନାହିଁ । ସେଠାରେ ମଧ୍ୟ ମୂଳଗତ ଏକତ୍ୱର କ୍ଷେତ୍ରରେ ବହୁବିଚିତ୍ରତାର ସମ୍ଭାବନା ବଜାୟ ରହିଥିବ । ପରମ ଆତ୍ମା ଅଖଣ୍ଡ ଓ ଅଦ୍ୱୟ ଓ ଏଥିରେ ଆଦୌ କୌଣସି ସନ୍ଦେହ ନାହିଁ; ମାତ୍ର ସେହି ପରମାତ୍ମା ଅନେକ ଆତ୍ମାରୂପେ ଆପଣାକୁ ପ୍ରକଟ କରନ୍ତି । ଏବଂ ପ୍ରତ୍ୟେକ ଆତ୍ମାର ସ୍ୱପ୍ରକୃତିଗତ ରୂପାୟନ ଓ ରଚନା ଭଳି ତାହାର ଆଧ୍ୟାତ୍ମିକ ଆତ୍ମ-ଅଭିବ୍ୟକ୍ତି ମଧ୍ୟ ବିଚିତ୍ର ଓ ବହୁବିଧ ହୋଇପାରିବ । ପରମ ଏକତ୍ୱ ମଧ୍ୟରେ ଅଶେଷ ବୈଚିତ୍ର୍ୟ;— ଏହାହିଁ ହେଉଛି ଅଭିବ୍ୟକ୍ତିର ବିଧାନ । ଅତିମାନସ ଚେତନାର ଏକତ୍ୱ ଓ ସମାହାର ମଧ୍ୟରେହିଁ ଏହିସବୁ ବୈଚିତ୍ର୍ୟର ସମାବେଶ ଓ ସୌଷମ୍ୟ ସାଧିତ ହେବ; ମାତ୍ର ସେଗୁଡ଼ିକର ବିଲୋପ ସାଧନ କରିଦେବା ଲାଗି ପ୍ରକୃତି ମଧ୍ୟରେ ଆପଣାକୁ ଲୀଳାୟିତ କରି ରଖିଥିବା ପରମ ଚିଦ୍‌ବସ୍ତୁର ଆଦୌ କୌଣସି ଅଭିପ୍ରାୟ ନାହିଁ ।

'oaob.nitrkl.ac.in' images reprocessed

## ପଞ୍ଚବିଂଶ ପରିଚ୍ଛେଦ

# ରୂପାନ୍ତରର ତିନି ସୋପାନ

ପୁରୁଷୋ ମଧ୍ୟ ଆତ୍ମନି ତିଷ୍ଠତି । ଈଶାନୋ ଭୂତଭବ୍ୟସ୍ୟ····· ॥
ଜ୍ୟୋତିରିବାଧୂମକଃ ॥ ···
ତଂ ସ୍ୱାଚ୍ଛରୀରାତ୍ ପ୍ରବୃହେତ୍ ଧୈର୍ଯ୍ୟେଣ ॥

—କଠୋପନିଷଦ, ୪ । ୧୨, ୧୩
୬ । ୧୭

ପୁରୁଷ ଆତ୍ମାର କେନ୍ଦ୍ରରେ ଅବସ୍ଥିତ ରହିଛନ୍ତି । ସେହି ପୁରୁଷହିଁ ଅତୀତ ତଥା ଭବିଷ୍ୟତର ଈଶ୍ୱର । ...... ସିଏ ହେଉଛନ୍ତି ଏକ ଧୂମ୍ରହୀନ ଅଗ୍ନିର ଜ୍ୟୋତି । ......ଅଶେଷ ଧୈର୍ଯ୍ୟର ସହିତ ଏହି ଶରୀର ଭିତରୁହିଁ ତାହାଙ୍କୁ ଉନ୍ମୋଚିତ କରିଦେବାକୁ ପଡ଼ିବ ।

ତଦସ୍ମୈ କେତୋ ହୃଦ ଆ ବି ଚଷ୍ଟେ ।

—ଋକ୍‌ବେଦ, ୧ । ୨୪ । ୧୨

ହୃଦୟାବସ୍ଥିତ ଏକ ବୋଧି ସେହି ସତ୍ୟର ଦର୍ଶନ କରେ ।

ଅହମଜ୍ଞାନଜଂ ତମଃ ।
ନାଶୟାମ୍ୟାତ୍ମଭାବସ୍ଥୋ ଜ୍ଞାନଦୀପେନ ଭାସ୍ୱତା ॥

—ଗୀତା, ୧୦ । ୧୧

ଅଧ୍ୟାତ୍ମସତ୍ତ୍ୱରେ ଅବସ୍ଥିତ ରହି ମୁଁ ଜ୍ୟୋତିର୍ମୟ ଜ୍ଞାନଦୀପଦ୍ୱାରା ଅଜ୍ଞାନଜାତ ଅନ୍ଧକାରକୁ ନାଶ କରିଦିଏ ।

ନୀଚୀନାଃ ସ୍ଥୁରୁପରି ବୁଧ୍ନ ଏଷାମସ୍ମେ ଅନ୍ତର୍ନିହିତା କେତବଃ ସ୍ୟୁଃ ॥
ବରୁଣେହି ବୋଧ୍ୟୁରୁଶଂସ ॥
ଅଥା ବୟମାଦିତ୍ୟ ବ୍ରତେ ତବାନାଗସୋ ଅଦିତୟେ ସ୍ୟାମ ॥

—ଋକ୍‌ବେଦ, ୧ । ୨୪ । ୭, ୧୧, ୧୫

'oaob.nitrkl.ac.in' images reprocessed

ଏହିସବୁ ଜ୍ୟୋତିର ମୁଖ ଜନ୍ମଅଛନ୍ତି, ସେଗୁଡ଼ିକର ମୂଳ ହେଉଛି ଊର୍ଦ୍ଧ୍ୱରେ; ଆମ ଅନ୍ତରର ଗଭୀର ମଧ୍ୟରେ ବି ସେଗୁଡ଼ିକ ନିହିତ ହୋଇ ରହିଛି। ହେ ବରୁଣ, ତୁମେ ଏହିଠାରେ ଜାଗ୍ରତ ହୁଅ, ତୁମର ଶାସନକୁ ଏଇଠି ପ୍ରସାରିତ କରିଦିଅ; ଆମେ ଯେପରି ତୁମରି କର୍ମବିଧାନ ମଧ୍ୟରେ ଅବସ୍ଥାନ କରିପାରୁ ଓ ମାତା ଅଦିତିଙ୍କ ପାଖରେ ନିଷ୍କଳୁଷ ହୋଇ ରହୁ।

ହଁସଃ ଶୁଚିଷଦ୍ ଋତଜା ଋତଂ ବୃହତ୍ ॥

—କଠୋପନିଷଦ୍, ୫ । ୨

ପରମ ଶୁଦ୍ଧତା ମଧ୍ୟରେ ଅବସ୍ଥାନ କରୁଥିବା ସେହି ହଂସ ଋତରୁ ଜାତ……ସେ ସ୍ୱୟଂହିଁ ଋତ, ସ୍ୱୟଂହିଁ ବୃହତ୍।

ଆଧ୍ୟାତ୍ମିକ ମନୁଷ୍ୟର ବିବର୍ତ୍ତନକ୍ରମରେ ତାକୁ ପରମ ସତ୍ୟର ଭୂମି ଉପରେ ଜାଗ୍ରତ କରିଦେବା ଓ ଆପଣାର ସୀମାବେଷ୍ଟନଗୁଡ଼ିକ ମଧ୍ୟରୁ ମୁକ୍ତ କରିଦେବାହିଁ ଯଦି ପ୍ରକୃତିର ଏକମାତ୍ର ଅଭିପ୍ରାୟ ହୋଇଥାଏ, ଅଥବା ପରମ ଶାଶ୍ୱତଙ୍କର ଶକ୍ତିରୂପେ ପ୍ରକୃତି ଯେଉଁ ଅବିଦ୍ୟାଟି ଦ୍ୱାରା ଆପଣାକୁ ସମାବୃତ କରି ରଖିଛି, ଅନ୍ୟ କେଉଁଠି ଅବସ୍ଥିତ ଏକ ଉଚ୍ଚତର ସତ୍ତାଭୂମିକୁ ଉନ୍ନୀତ ହୋଇ ମନୁଷ୍ୟକୁ ସେହି ଅବିଦ୍ୟା ଭିତରୁ ମୁକ୍ତ କରିଦେବା ଯଦି ପ୍ରକୃତିର ଅଭିଳାଷ ହୋଇଥାଏ, ପ୍ରକୃତି-ବିବର୍ତ୍ତନର ଏହି ସୋପାନଟି ଯଦି ଏପାଖର ଦୁଆରଟି ବନ୍ଦ ହୋଇଯିବାର ଏବଂ ସେପାଖକୁ ମୁକୁଳି ବାହାରି ଯିବାରହିଁ ଏକ ସୋପାନମାତ୍ର ହୋଇଥାଏ, ତେବେ କହିବାକୁ ପଡ଼ିବ ଯେ ପ୍ରକୃତିର କାର୍ଯ୍ୟଟି ମର୍ମତଃ ସିଦ୍ଧ ହୋଇ ସାରିଲାଣି ଏବଂ ଏହି ଦିଗରେ ଆଉ ଅଧିକ କିଛିହେଲେ କରିବାର ନାହିଁ କିମ୍ବା ଆଗକୁ ଯିବାର ମଧ୍ୟ ନାହିଁ। ଯେଉଁ ରାସ୍ତାଗୁଡ଼ିକ ତିଆରି ହେବାର ଥିଲା, ସେଗୁଡ଼ିକ ତିଆରି ହୋଇ ସାରିଲାଣି, ସେହି ରାସ୍ତାରେ ଅଗ୍ରସର ହେବାର ସାମର୍ଥ୍ୟଟି ମଧ୍ୟ ବିକଶିତ ହୋଇ ସାରିଛି, ଏହି ସୃଷ୍ଟିର ଚରମ ଲକ୍ଷ୍ୟ ଓ ସର୍ବୋଚ୍ଚ ଶିଖରଟି ପ୍ରକଟ ହୋଇସାରିଛି। ଏଥରକ ପ୍ରତ୍ୟେକ ଆତ୍ମା ଲାଗି କେବଳ ବ୍ୟକ୍ତିଗତ ସ୍ତରରେ ଆପଣା ବିକାଶର ଉପଯୁକ୍ତ ସୋପାନଟିରେ ଯାଇ ପହଞ୍ଚିବାହିଁ ଯାହା ବାକି ରହିଛି, ଆଧ୍ୟାତ୍ମିକ ପଥଗୁଡ଼ିକରେ ପ୍ରବେଶ କରି ଆପଣାର ସ୍ୱନିର୍ବାଚିତ ବାଟରେ ଏହି ଜନ୍ମତିର ଅସ୍ତିତ୍ୱଟିର ବାଡ଼କୁ କାଟି କେବଳ ବାହାରିଯିବାହିଁ ବାକି ରହିଛି। ମାତ୍ର ଆମେ ଆଗରୁ ସ୍ୱୀକାର କରିନେଇଛୁ ଯେ ଏତିକିରୁ ଆହୁରି ଆଗକୁ ମଧ୍ୟ ପ୍ରକୃତିର ଏକ ଅଭିପ୍ରାୟ ରହିଛି; କେବଳ ପରମ ତଦ୍‌ବସ୍ତୁର ଆତ୍ମ-ଉନ୍ମୋଚନ ନୁହେଁ, ମାତ୍ର ପ୍ରକୃତିର ଏକ ଆମୂଳ ତଥା ସମଗ୍ର ରୂପାନ୍ତରସାଧନ ମଧ୍ୟ ହେବାକୁ ରହିଛି। ଜଡ଼ଜୀବନ

'oaob.nitrkl.ac.in' images reprocessed

ମଧ୍ୟରେ ତଦ୍‌ବସ୍ତୁର ଯଥାର୍ଥ ପ୍ରକାଶ ଘଟାଇବା ଲାଗି ପ୍ରକୃତିର ଏକ ସଂକଳ୍ପ ରହିଛି; ସେ ଯେଉଁ କାର୍ଯ୍ୟଟିକୁ ଆରମ୍ଭ କରିଛି, ଅବିଦ୍ୟା ମଧ୍ୟରୁ ବିଦ୍ୟା ମଧ୍ୟରେ ପ୍ରବେଶ କରି ପ୍ରକୃତି ସେହି କାର୍ଯ୍ୟଟିକୁ ଅବଶ୍ୟ ସମ୍ପୂର୍ଣ୍ଣ କରିବ, ଆପଣାର ମୁଖାଟକୁ କାଢ଼ି ଫିଙ୍ଗିଦେବ ଏବଂ ଆପଣାକୁ ସେହି ଶାଶ୍ୱତ ସତ୍ତା ତଥା ବିଶ୍ୱଗତ ଆନନ୍ଦକୁ ବହନ କରୁଥିବା ଜ୍ୟୋତିର୍ମୟ ପରମ ଚୈତନ୍ୟଶକ୍ତିରୂପେ ଉଦ୍‌ଭାସିତ କରାଇଦେବ। ଏଥିରୁ ଅତ୍ୟନ୍ତ ସ୍ପଷ୍ଟ ହୋଇଯାଉଛି ଯେ ବର୍ତ୍ତମାନ ଆହୁରି ଏପରି କିଛି ରହିଛି ଯାହାକି ଏପର୍ଯ୍ୟନ୍ତ ଉପଲବ୍ଧ ହୋଇ ନାହିଁ, ଆହୁରି ଅନେକ କିଛି କରିବାର ବାକି ରହିଛି ଭୂରି ଅସ୍ପଷ୍ଟ କନ୍ତୁଂ। ଆରୋହଣ କରିବାଲାଗି ତଥାପି ଗୋଟିଏ ଶିଖର ରହିଛି; ଆହୁରି ଏକ ଅନାବିଷ୍କୃତ ପ୍ରସାର ରହିଛି, ଯେଉଁଠାରେ କି ଦୃଷ୍ଟି ଏପର୍ଯ୍ୟନ୍ତ ପହଞ୍ଚି ପାରି ନାହିଁ। ସଂକଳ୍ପର ଡେଣାଲାଗି ଆହୁରି ଉଡ଼ିଯିବାକୁ ବାକି ରହିଛି, ଏହି ଜଡ଼ମୟ ଜଗତରେ ଚିନ୍ମୟ ସତ୍ତାର ଆତ୍ମପ୍ରତିଷ୍ଠା ହେବାକୁ ବାକି ରହିଛି। ବିବର୍ତ୍ତନାତ୍ମିକା ଶକ୍ତି କେବଳ ଅଳ୍ପ କେତେଜଣ ବ୍ୟକ୍ତିଙ୍କୁ ଆତ୍ମପରିଚୟ ଲାଗି ସମର୍ଥ କରିଛି, ଆପଣାର ଆତ୍ମସତ୍ତା ବିଷୟରେ ସେମାନଙ୍କୁ ସଚେତନ କରିଛି, ଆପଣାର ଯଥାର୍ଥ ସ୍ୱରୂପ ସେହି ଶାଶ୍ୱତ ସତ୍ତାଟି ବିଷୟରେ ସବିଜ୍ଞସମ୍ପନ୍ନ କରିଛି। ଆପଣାର ପ୍ରତିଭାସଗୁଡ଼ିକ ପଛରେ ଯେଉଁ ପରମ ଦିବ୍ୟତା ବା ପରମ ସତ୍ୟଟି ପ୍ରଚ୍ଛନ୍ନ ହୋଇ ରହିଛି, ପ୍ରକୃତି ତାହାର ସହିତ ସେମାନଙ୍କର ଏକ ଖିଅ ଲଗାଇଦେଇ ପାରିଛି। ଏହି ଉଦ୍‌ଭାସ ବଳରେ ଏକ ଉଦ୍‌ଯୋଗପର୍ବରୂପେ ପ୍ରକୃତି ମଧ୍ୟରେ ଏକ ପରିବର୍ତ୍ତନ ଆସି ଦେଖାଦେଇଛି; ମାତ୍ର ଏହି ପରିବର୍ତ୍ତନକୁ ଆମେ କୌଣସି ପ୍ରକାରେ ପୂର୍ଣ୍ଣ କିମ୍ବା ମୌଳିକ ବୋଲି କହି ପାରିବା ନାହିଁ। ଏହାଦ୍ୱାରା ପାର୍ଥିବ ପ୍ରକୃତିର ଏହି କ୍ଷେତ୍ରରେ କୌଣସି ନିଶ୍ଚିତ ନୂତନ ତତ୍ତ୍ୱ, ନୂତନ ସୃଷ୍ଟି ଏବଂ ଜୀବନର ଏକ ସ୍ଥାୟୀ ଓ ନୂତନ ବ୍ୟବସ୍ଥା ଆଦୌ ପ୍ରତିଷ୍ଠିତ ହୋଇ ପାରିବ ନାହିଁ। ଆଧ୍ୟାତ୍ମିକ ମନୁଷ୍ୟର ଆବିର୍ଭାବ ହୋଇଛି ସତ, ମାତ୍ର ସେହି ସୋପାନଟିଠାରୁ ଯିଏ ସେହି ପ୍ରକୃତିର ନେତୃତ୍ୱ ଗ୍ରହଣ କରିବ, ସେହି ଅତିମାନସିକ ସତ୍ତାର ଆବିର୍ଭାବ ହୋଇ ନାହିଁ।

ଏହାର କାରଣ ହେଉଛି ଯେ ଅଧ୍ୟାତ୍ମତତ୍ତ୍ୱ ଏପର୍ଯ୍ୟନ୍ତ ଆପଣାର ସ୍ୱକୀୟ ଓ ପରିପୂର୍ଣ୍ଣ ଅଧିକାର ଓ ଆଧିପତ୍ୟ ପ୍ରତିଷ୍ଠା କରିପାରି ନାହିଁ। ଏପର୍ଯ୍ୟନ୍ତ ଏହାରି ଶକ୍ତିବଳରେ ଆମର ମନୋମୟ ସତ୍ତାଟି ଆପଣାର ଭୂମିରୁ ଆପଣାକୁ ମୁକ୍ତ କରି ନେବାକୁହିଁ ସମର୍ଥ ହେଉଛି, ଅଥବା ଆପଣାକୁ ଆବଶ୍ୟକ ସ୍ତରରେ ପରିଶୋଧିତ କରି ଏକ ଆଧ୍ୟାତ୍ମିକ ସ୍ଥିତିକୁ ଉଠିଯାଇ ପାରୁଛି। ଏହା ଚିତ୍ତସତ୍ତାକୁ ମନର କବଳରୁ ମୁକ୍ତ ହେବାକୁ ଏବଂ ଅଧ୍ୟାତ୍ମସ୍ୱଭାବ ଦ୍ୱାରା ଅନୁପ୍ରେରିତ ମନ ଓ ହୃଦୟ ମଧ୍ୟରେ ନିଜକୁ ପ୍ରସାରିତ କରିଦେବାକୁ ଶକ୍ତି ଦେଇଛି। ମାତ୍ର ଯାବତୀୟ ମନୋଗତ ସୀମା ଓ ମନର

'oaob.nitrkl.ac.in' images reprocessed

ଆସ୍ପୃହ ସାଧନଗୁଡ଼ିକରୁ ମୁକ୍ତ ହୋଇ ପରମ ଚିତ୍‌ସତ୍ତା ଯେପରି ସ୍ୱକୀୟ ଗତିଶୀଳ ଓ ସାର୍ବଭୌମ କର୍ତ୍ତୃତ୍ୱ ସହିତ ଆପଣାକୁ ପ୍ରତିଷ୍ଠିତ କରି ପାରିବ, ଅଧ୍ୟାତ୍ମତତ୍ତ୍ୱ ଏହିଠାରେ ହୁଏତ କିଛି କରି ନାହିଁ; କିମ୍ବା ଯାହା କରିଛି, ଖୁବ୍ ଅଳ୍ପ କରିଛି । ଆଜି ଏକ ନୂତନ ସାଧନ ବିକଶିତ ହେବାକୁ ଆରମ୍ଭ କରିଛି ସତ, ମାତ୍ର ତାହା ଏପର୍ଯ୍ୟନ୍ତ ସମଗ୍ର କ୍ଷେତ୍ରଟିରେ ସଞ୍ଚାରିତ ହୋଇ ନାହିଁ କିମ୍ବା ଫଳପ୍ରଦ ଭାବରେ କାର୍ଯ୍ୟ କରି ନାହିଁ । ପୁଣି, ଏକ ମୂଳଭୂତ ଅବିଦ୍ୟା ଭିତରେ ତାହା କେବଳ ଏକ ବିଶୁଦ୍ଧ ଆତ୍ମବିସୃଷ୍ଟି ହୋଇ ରହିଥିବା ପର୍ଯ୍ୟନ୍ତ ମଧ୍ୟ ତଦ୍ଦ୍ୱାରା ଖୁବ୍ ବେଶୀ କାର୍ଯ୍ୟସିଦ୍ଧି ହେବ ନାହିଁ । ଏହି ପାର୍ଥିବ ଜୀବନର ଦୃଷ୍ଟିରେ ଏହା ଏପର୍ଯ୍ୟନ୍ତ ପ୍ରଧାନତଃ ଏକ ଅତିପ୍ରାକୃତ ବ୍ୟାପାର ହୋଇ ରହିଛି, ଯାହାକୁ କି ଏକ ଆୟାସପୂର୍ଣ୍ଣ ସାଧନାଦ୍ୱାରା କେବଳ ଏକ ବ୍ୟକ୍ତିଗତ ସିଦ୍ଧିରୂପେ ଅର୍ଜନ କରାଯାଇ ପାରିବ ବୋଲି କୁହାଯାଉଛି । ମାତ୍ର ଏକ ନୂତନ ପ୍ରକାରର ଜୀବସତ୍ତା ମଧ୍ୟରେ ତାହା ଏକ ସ୍ୱାଭାବିକ ପ୍ରକୃତି ମଧ୍ୟ ହୋଇ ରହିବ । ଜ୍ଞାନଲାଗି ଆକାଙ୍‌କ୍ଷିତ ହୋଇ ରହିଥିବା ଏବଂ ଜ୍ଞାନମଧ୍ୟକୁ ବିକଶିତ ହୋଇ ଉଠୁଥିବା ଏକ ଅଜ୍ଞାନ ବା ଅବିଦ୍ୟାକୁ ଭିତ୍ତିକରି ଯେପରି ଏଠାରେ ମନର ପ୍ରତିଷ୍ଠା ହୋଇଛି, ଠିକ୍ ସେହିପରି ଆପଣାର ଏକ ବୃହତ୍ତର ଜ୍ୟୋତିର୍ମୟ ଆସ୍ଥାନ ମଧ୍ୟକୁ ବିକଶିତ ହୋଇ ଉଠୁଥିବା ଜ୍ଞାନ ବା ବିଦ୍ୟାର ଭିତ୍ତି ଉପରେହିଁ ଅତିମାନସକୁ ଏଠାରେ ପ୍ରତିଷ୍ଠିତ ହେବାକୁ ପଡ଼ିବ । ମାତ୍ର ଯେପର୍ଯ୍ୟନ୍ତ ଆମର ଆଧ୍ୟାତ୍ମିକ-ମାନସିକ ସତ୍ତାଟି ପୂର୍ଣ୍ଣଭାବରେ ସେହି ଅତିମାନସର ସୋପାନକୁ ଉତ୍ତୋଳିତ ହୋଇ ନପାରିଛି, ଓ ତାହାର ଯାବତୀୟ ସାମର୍ଥ୍ୟକୁ ଏହି ପାର୍ଥିବ ଅସ୍ତିତ୍ୱର ଭୂମି ଉପରକୁ ଅବତୀର୍ଣ୍ଣ କରାଇ ନଆଣିଛି, ସେପର୍ଯ୍ୟନ୍ତ ତାହା ଆଦୌ ସମ୍ଭବ ହେବ ନାହିଁ । କାରଣ ମନ ଓ ଅତିମାନସ ମଧ୍ୟରେ ରହିଥିବା ଏହି ବ୍ୟବଧାନଟି ଉପରେ ସେତୁ ବାନ୍ଧିବାକୁ ପଡ଼ିବ, ଅବରୁଦ୍ଧ ନାନା ପଥକୁ ଫିଟାଇ ଦେବାକୁ ପଡ଼ିବ; ଏବଂ ବର୍ତ୍ତମାନ ଯେଉଁଠି କେବଳ ସବୁ ଶୂନ୍ୟ ଓ ନିଷ୍ଫଳ ହୋଇ ରହିଛି, ସେଠାରେ ଆରୋହଣ ତଥା ଅବରୋହଣର କେତେକେତେ ସରଣୀ ପକାଇବାକୁ ପଡ଼ିବ । କେବଳ ଏକ ତ୍ରିଧାବି ରୂପାନ୍ତର ଦ୍ୱାରାହିଁ ତାହା ସମ୍ଭବ ହେବ । ଏହି ବିଷୟରେ ଆଗରୁ ପ୍ରସଙ୍ଗକ୍ରମେ ଉଲ୍ଲେଖ କରାଯାଇ ସାରିଛି । ପ୍ରଥମେ ଆମ ଚୈତ୍ୟସତ୍ତାରେ ପରିବର୍ତ୍ତନ ଘଟିବ, ଆମର ବର୍ତ୍ତମାନ ସମୁଦାୟ ପ୍ରକୃତିଟିକୁ ଅନ୍ତରାତ୍ମାର ଏକ ସାଧନ କରି ଗଢ଼ିବାକୁ ପଡ଼ିବ; ତାହା ସଙ୍ଗେ ସଙ୍ଗେ ବା ତାହାକୁ ଭିତ୍ତି କରି ଏକ ଆଧ୍ୟାତ୍ମିକ ପରିବର୍ତ୍ତନ ଘଟାଇବାକୁ ପଡ଼ିବ, ଅର୍ଥାତ୍ ଆମ ସତ୍ତାର ଏହି ସମଗ୍ର ଭୂମିଟି ଉପରେ ଏକ ଉଚ୍ଚତର ଆଲୋକ, ଉଚ୍ଚତର ଜ୍ଞାନ, ଉଚ୍ଚତର ସାମର୍ଥ୍ୟ ଓ ଶକ୍ତି ତଥା ଉଚ୍ଚତର ଆନନ୍ଦ ଓ ଶୁଦ୍ଧତାକୁ ଅବତୀର୍ଣ୍ଣ କରାଇ ଆଣିବାକୁ ପଡ଼ିବ, ଏପରିକି ପ୍ରାଣ ଓ ଦେହର ଏହି ସର୍ବନିମ୍ନସ୍ଥ ଗମ୍ଭୀର ଭିତରକୁ ଓ ଆମ ଅବଚେତନର ଅନ୍ଧକାର ଭିତରକୁ ମଧ୍ୟ

'oaob.nitrkl.ac.in' images reprocessed

ତାହାକୁ ଓହ୍ଲାଇ ଆଣିବାକୁ ହେବ । ଏବଂ ତା'ପରେ, ସେହି ଅତିମାନସ ରୂପାନ୍ତର ଏଠାକୁ ଓହ୍ଲାଇ ଆସି ଏଠାରେ ଆପଣାର ପ୍ରଭାବକୁ ସଞ୍ଚାରିତ କରିବ । ସେତେବେଳେ ଆମ ଆରୋହଣପଥର ସର୍ବଶ୍ରେଷ୍ଠ ଫଳ ପ୍ରାପ୍ତ ହେବ; ଆମେ ସେତେବେଳେ ଅତିମାନସକୁ ଆରୋହଣ କରିଯାଇ ପାରିବା ଏବଂ ସେହି ଅତିମାନସ ବିପୁଳ ଚେତନା ଆମର ଏଠାକୁ ଅବତରଣ କରି ଆସିବ, ଆମର ସମଗ୍ର ସତ୍ତା ଓ ପ୍ରକୃତିଟିକୁ ଏକାବେଳକେ ରୂପାନ୍ତରିତ କରିଦେବ ।

ଏକ ଆଧ୍ୟାତ୍ମିକ ପରିବର୍ତ୍ତନ ସକାଶେ ଯାହାର ଉନ୍ମୋଚନ ସର୍ବପ୍ରଥମ ସୋପାନରୂପେ କାର୍ଯ୍ୟ କରେ, ସେହି ଚୈତ୍ୟସତ୍ତା ଅର୍ଥାତ୍ ପ୍ରକୃତିମଧ୍ୟସ୍ଥ ଆତ୍ମା ପ୍ରଥମ ଅବସ୍ଥାରେ ଆମ ଜୀବନକ୍ଷେତ୍ରର ଏକ ଆବୃତ ଭାଗପରି ହୋଇ ରହିଥାଏ; ଏବଂ ତଥାପି ସ୍ମରଣ ରହିବା ଉଚିତ ଯେ ଏହି ଚୈତ୍ୟସତ୍ତାକୁ ଆଶ୍ରୟ କରିହିଁ ଆମର ଅସ୍ତିତ୍ୱ ସମ୍ଭବ ହୁଏ ଏବଂ ଆମେ ପ୍ରକୃତି ମଧ୍ୟରେ ଗୋଟିଏ ଗୋଟିଏ ବ୍ୟକ୍ତିରୂପେ ବିଚରଣ କରିବାକୁ ସମର୍ଥ ହେଉ । ଆମ ପ୍ରାକୃତ ଗଠନର ଅନ୍ୟ ଭାଗଗୁଡ଼ିକ କେବଳ ଯେ ଭଙ୍ଗୁର, ତାହା ନୁହେଁ, ସେଗୁଡ଼ିକର ବିନାଶ ହୋଇଯିବା ମଧ୍ୟ ଆଦୌ ଅସମ୍ଭବ ନୁହେଁ । ମାତ୍ର ଆମ ଭିତରେ ଥିବା ଚୈତ୍ୟସତ୍ତାର କୌଣସି ବିନାଶ ନାହିଁ ଓ ମୂଳତଃ ତାହା ସର୍ବଦା ଅପରିବର୍ତ୍ତିତ ରହୁଛି । ଆମ ଅଭିବ୍ୟକ୍ତିର ଯାବତୀୟ ସମ୍ଭାବନା ମର୍ମତଃ ତାହାରି ଭିତରେ ଅନ୍ତର୍ନିହିତ ରହିଛି ମାତ୍ର ତାହା କେବଳ ସେହିଗୁଡ଼ିକ ଦ୍ୱାରାହିଁ କଦାପି ଗଠିତ ହୋଇ ନାହିଁ । ଚୈତ୍ୟସତ୍ତା ଯାହାକିଛି ଅଭିବ୍ୟକ୍ତ କରୁଛି, ସେଗୁଡ଼ିକ ଦ୍ୱାରା କୌଣସି ପ୍ରକାରେ ସୀମାବଦ୍ଧ ହେଉ ନାହିଁ; ଅଭିବ୍ୟକ୍ତିର ଅସମ୍ପୂର୍ଣ୍ଣ ରୂପାୟନଗୁଡ଼ିକ ଭିତରେ ତାହା କୌଣସି ପ୍ରକାରେ ଆବଦ୍ଧ ହୋଇ ପଡ଼ୁ ନାହିଁ ଏବଂ ବହିର୍ଭାଗରେ ଆତଯାତ ହେଉଥିବା ଏହି ସତ୍ତାଟିର ଯାବତୀୟ ଅପୂର୍ଣ୍ଣତା, ଅଶୁଦ୍ଧତା, ଦୋଷ ବା କଳୁଷଗୁଡ଼ିକ ଦ୍ୱାରା ଆଦୌ କଳୁଷିତ ହେଉ ନାହିଁ । ବସ୍ତୁଗୁଡ଼ିକ ମଧ୍ୟରେ ରହିଥିବା ଦିବ୍ୟତାର ସଦା ଶୁଦ୍ଧ ଜ୍ୟୋତି-ଶିଖାରୂପେହିଁ ଚୈତ୍ୟସତ୍ତା ଅବସ୍ଥିତ ରହିଛି; ଏବଂ ଏହା ମଧ୍ୟରେ ଯାହାକିଛି ପ୍ରବେଶ କରୁଛି, ଆମର ଅନୁଭବ ମଧ୍ୟରେ ଯାହାକିଛି ଆସି ପ୍ରବିଷ୍ଟ ହେଉଛି, ଚୈତ୍ୟସତ୍ତାର ଶୁଦ୍ଧତାଟିକୁ ତାହା କୌଣସି ପ୍ରକାରେ କ୍ଷୁଣ୍ଣ କରୁ ନାହିଁ କିମ୍ବା ତାହାର ଜ୍ୟୋତିଟିକୁ ନିର୍ବାପିତ କରିଦେଉ ନାହିଁ । ଏହି ଅଧ୍ୟାତ୍ମ ଉପାଦାନଟି ଏକ ଅପାପବିଦ୍ଧ ଉପାଦାନ, ଏହା ଏକ ଜ୍ୟୋତିର୍ମୟ ଉପାଦାନ; ଏବଂ ସମ୍ପୂର୍ଣ୍ଣ ଭାବରେ ଜ୍ୟୋତିର୍ମୟ ହୋଇ ଥିବାରୁ ଏହା ସତ୍ତାର ସତ୍ୟ ତଥା ପ୍ରକୃତିର ସତ୍ୟ ବିଷୟରେ ଅପରୋକ୍ଷ, ଅନ୍ତରଙ୍ଗ ଏବଂ ପ୍ରତ୍ୟକ୍ଷ ଭାବରେ ଜ୍ଞାନସମ୍ପନ୍ନ । ସତ୍ୟ, ଶିବ ତଥା ସୁନ୍ଦର ସମ୍ବନ୍ଧରେ ଏହା ଅତ୍ୟନ୍ତ ଗଭୀର ଭାବରେ ସଚେତନ, କାରଣ ସତ୍ୟ, ଶିବ ଓ ସୁନ୍ଦରର ଏହାର ସହଜାତ ସ୍ୱଭାବଟି ସହିତ ଏକ ସଗୋତ୍ର ସମ୍ପର୍କ ରହିଛି; ସତ୍ୟ, ଶିବ ଓ ସୁନ୍ଦର

'oaob.nitrkl.ac.in' images reprocessed

ହେଉଛି ଏହି ଚୈତ୍ୟସତ୍ତା ମଧ୍ୟରେ ଅନ୍ତର୍ନିହିତ ରହିଥିବା ଏକ ପରମତତ୍ତ୍ୱର ରୂପାୟନ ମାତ୍ର । ପୁଣି, ଯାହା ଏସବୁର ବିରୋଧୀ ବା ବିପରୀତ, ଅଥବା ଯାହାକିଛି ଆପଣାର ସ୍ୱଭାବଗତ ଧର୍ମଟିରୁ ବିଚ୍ୟୁତ ହୋଇ ରହିଛି, ଚୈତ୍ୟସତ୍ତା ପାଖରେ ତାହା ଆଦୌ ଅପରିଜ୍ଞାତ ହୋଇ ରହି ନାହିଁ । ଚୈତ୍ୟସତ୍ତା ଅସତ୍ୟକୁ ଜାଣିଛି, ଅଶିବକୁ ଜାଣିଛି, ଅସୁନ୍ଦର ବା ଅଘଟଣକୁ ମଧ୍ୟ ଜାଣିଛି । ମାତ୍ର ତଥାପି ତାହା ସ୍ୱୟଂ ଏହି ସବୁଥିରେ କଦାପି ପରିଣତ ହେଉ ନାହିଁ । ଆପଣାର ବିରୋଧୀ ତତ୍ତ୍ୱଗୁଡ଼ିକ ଦ୍ୱାରା ତାହା କୌଣସିପ୍ରକାରେ ପ୍ରଭାବିତ ହେଉ ନାହିଁ କିମ୍ବା ପରିବର୍ତ୍ତିତ ବି ହେଉ ନାହିଁ । ସେସବୁ କେବଳ ଆମ ମନ, ପ୍ରାଣ ଓ ଦେହର ବାହ୍ୟ ନୈମିତ୍ତିକତାଗୁଡ଼ିକୁହିଁ ପ୍ରଭାବିତ ଓ ଆନ୍ଦୋଳିତ କରୁଛି । କାରଣ ଆମ ଭିତରେ ରହିଥିବା ଅନୁକ୍ଷଣସ୍ଥାୟୀ ସତ୍ତାଟି ରୂପରେ ଆତ୍ମାହିଁ ମନ, ପ୍ରାଣ ଓ ଦେହର ପ୍ରକାଶ ଘଟାଉଛି ଓ ସେଗୁଡ଼ିକୁ ଆପଣାର ସାଧନଯନ୍ତ୍ରରୂପେ କାର୍ଯ୍ୟରେ ଲଗାଉଛି । ସେଗୁଡ଼ିକର ପରିବେଶ ଦ୍ୱାରା ପରିବେଷ୍ଟିତ ହୋଇ ରହିଛି ସତ, ମାତ୍ର ସେଗୁଡ଼ିକଠାରୁ ସତତ ଭିନ୍ନ ଓ ସତତ ବୃହତ୍ତର ହୋଇ ରହିଛି ।

ଯଦି ଏହି ଚୈତ୍ୟସତ୍ତା ମୂଳରୁହିଁ ଅନାବୃତ ହୋଇ ରହିଥା'ନ୍ତା, ଯଦି ତାହାର ମନ୍ତ୍ରୀପରିକରମାନେ ତାହାକୁ ପୂର୍ଣ୍ଣରୂପେ ଜାଣିଥା'ନ୍ତେ, ଯଦି ତାହା ଏକ ଏକାନ୍ତ ପ୍ରକୋଷ୍ଠ ମଧ୍ୟରେ ଏକାନ୍ତବାସୀ ଅଧିପତି ଭାବରେ କାଳ ଅତିବାହିତ କରୁ ନଥା'ନ୍ତା, ତେବେ ମନୁଷ୍ୟର ବିବର୍ତ୍ତନକ୍ରମଟି ଅତି ସତ୍ୱର ଭାବରେ ଆମ୍ଭଙ୍କୁ କୁସୁମିତ କରାଇ ଆଣିଥା'ନ୍ତା; ବର୍ତ୍ତମାନ ଏହି ପର୍ବଟି ଯେପରି ଆୟାସମୟ, ଆବର୍ତ୍ତସଙ୍କୁଳ ଓ ବିକୃତ ହୋଇ ରହିଛି, ସେତେବେଳେ ଆଦୌ ସେପରି ହୋଇ ନଥା'ନ୍ତା । ମାତ୍ର ଆବରଣଟି ପ୍ରକୃତରେ ବଡ଼ ଘନ ଓ ବହଳ ହୋଇ ରହିଛି; ଏବଂ ଆମ ଭିତରେ ରହିଥିବା ଗୁପ୍ତ ପରମାଲୋକଟିକୁ ଆମେ ଆଦୌ ଜାଣି ପାରୁ ନାହୁଁ, ଆମ ହୃଦୟର ସେହି ଅନ୍ତରତମ ଦେଶରେ ସଙ୍ଗୋପିତ ଗୁହାକକ୍ଷଟିରେ ବାସ କରୁଥିବା ଆଲୋକଟିର କୌଣସି ସନ୍ଧାନ ପାଉ ନାହୁଁ । ଚୈତ୍ୟସତ୍ତାର ସେହି ଗଭୀର ତଳରୁ କେତେକେତେ ଇଙ୍ଗିତ ଓ ପ୍ରେରଣା ଆମର ଏହି ଉପରିଭାଗଟିକୁ ଉତ୍ଥିତ ହୋଇ ଆସୁଛି, ମାତ୍ର ଆମ ମନ ସେଗୁଡ଼ିକର ଉତ୍ସମୂଳଟି ସମ୍ବନ୍ଧରେ ଅଜ୍ଞ ହୋଇ ରହିଛି । ସେଗୁଡ଼ାକୁ ତାହା ଆପଣାର କରଣି ବୋଲି ଭାବୁଛି; କାରଣ ଏହି ଉପରିଭାଗର ସ୍ତରରେ ଆସି ପହଞ୍ଚିବା ଆଗରୁ ମଧ୍ୟ ସେଗୁଡ଼ିକ ମନୋପାଦାନର ପରିଚ୍ଛଦରେ ଆବୃତ ହୋଇ ପଡ଼ୁଛି । ତେଣୁ ସେଗୁଡ଼ିକର କର୍ତ୍ତୃତ୍ୱ ବା ଶକ୍ତିମତ୍ତା ବିଷୟରେ ଅଜ୍ଞ ହୋଇ ରହିଥିବାରୁ ମନ କେତେ-ବେଳେ ଇଚ୍ଛା କରୁଛି ତ ସେଗୁଡ଼ିକ ଦ୍ୱାରା ଆପଣାକୁ ପ୍ରେରିତ କରି ରଖୁଛି, ପୁଣି କେତେବେଳେ ଇଚ୍ଛା କରୁଛି ତ ସେଗୁଡ଼ିକ ପ୍ରତି କୌଣସି ଧ୍ୟାନ ବି ଦେଉ ନାହିଁ । ଏବଂ ଏହି ମନ କେବଳ ପ୍ରାଣଗତ ଅହଂର ଉଚ୍ଚାଟନାଗୁଡ଼ାକୁ ମାନି ରହିଥିବା ପର୍ଯ୍ୟନ୍ତ

'oaob.nitrkl.ac.in' images reprocessed

ଆମର ପ୍ରକୃତିକୁ ଆପଣାର କର୍ତ୍ତୃତ୍ୱ ମଧ୍ୟକୁ ଆଣିବାଲାଗି କିମ୍ବା ଆମ ଭିତରେ ଆପଣା ଅନ୍ତର୍ଗୂଢ଼ ଆଧ୍ୟାତ୍ମିକ ଉପାଦାନ ଓ ସ୍ୱଭାବଗତ ଗତିସ୍ପନ୍ଦନଟିର କିଛି ହେଲେ ଅଭିବ୍ୟକ୍ତ କରି ପାରିବାଲାଗି ଚୈତ୍ୟସତ୍ତ୍ୱ ହୁଏତ ଆଦୌ କୌଣସି ସୁଯୋଗ ପାଇବ ନାହିଁ । ଅଥବା, ଯଦି ଆମର ମନ ଏକ ଅକାରଣ ଦମ୍ଭର ବଶବର୍ତ୍ତୀ ହୋଇ କେବଳ ଆପଣାର କ୍ଷୀଣ ଆଲୋକଟିର ନିର୍ଦ୍ଦେଶ ଅନୁସାରେହିଁ କାର୍ଯ୍ୟ କରିବାକୁ ଜିଦ୍ ଧରି ବସିଥିବ, କେବଳ ଆପଣା ଜ୍ଞାନର ବିଗ୍ରହ, ସଂକଳ୍ପ ଓ କ୍ରିୟା ସହିତହିଁ ଲିପ୍ତ ହୋଇ ରହିଥିବ, ତେବେ ସେହି ପରିସ୍ଥିତିରେ ମଧ୍ୟ ଆତ୍ମା ସେହିଭଳି ଆବୃତ ଓ ନୀରବ ହୋଇ ରହିଥିବ ଏବଂ ମନର ଆଉଟିକିଏ ଅଧିକ ବିବର୍ତ୍ତନ ହେବାପର୍ଯ୍ୟନ୍ତ ଅପେକ୍ଷା କରିଥିବ । କାରଣ ଆମର ସ୍ୱାଭାବିକ ବିବର୍ତ୍ତନଟିର ଆଶ୍ରୟ ଭାବରେ ଆମର ଭିତରେ ଚୈତ୍ୟସତ୍ତ୍ୱ ଅନୁକ୍ଷଣ ଅବସ୍ଥିତ ରହିଛି; ଏହି ସ୍ୱାଭାବିକ ବିବର୍ତ୍ତନର ଅନିବାର୍ଯ୍ୟ ପ୍ରଥମ ଚରଣରୂପେ କ୍ରମାନୁସାରେ ଶରୀର, ପ୍ରାଣ ଓ ମନର ବିକାଶ ହେଉଛି । ଏଗୁଡ଼ିକ ପ୍ରତ୍ୟେକେ ଆପଣା ଆପଣା ସ୍ୱଭାବ ମଧ୍ୟରେ ଅବସ୍ଥିତ ରହି କିମ୍ବା ପୁଣି କେତେବେଳେ ବଡ଼ ଅଯତ୍ନପ୍ରଣୋଦିତ ଭାବରେ ପରସ୍ପର ସହିତ ମିଳିତ ହୋଇ କାର୍ଯ୍ୟ କରୁଛନ୍ତି; ଏହାର ଫଳରେହିଁ ସେମାନେ ଆପଣାର ଅଭିବୃଦ୍ଧି ଘଟାଉଛନ୍ତି, ଅନୁଭୂତି ଲାଭ କରୁଛନ୍ତି ଓ ଉତ୍ତରୋତ୍ତର ବିବର୍ତ୍ତିତ ହେବାରେ ଲାଗିଛନ୍ତି । ଆମର ଆତ୍ମା ଏହି ମନୋଗତ, ପ୍ରାଣଗତ ତଥା ଶରୀରଗତ ଅନୁଭୂତିର ସାରୋପାଦାନଗୁଡ଼ିକୁ ସଂଗ୍ରହ କରି ରଖୁଛି ଏବଂ ପ୍ରକୃତି ମଧ୍ୟରେ ଆମ ସତ୍ତ୍ୱାର ବୃହତ୍ତର ପରିଣତି ସକାଶେ ତାହାକୁ ପରିପାକ କରୁଛି । ମାତ୍ର ଏହି କ୍ରିୟାଟି ସଂଗୁପ୍ତ ଭାବରେହିଁ ଚାଲୁଛି ଏବଂ ବାହାରକୁ ଏହାର କୌଣସି ସ୍ପନ୍ଦନ ଅନୁଭୂତ ହେଉ ନାହିଁ । ସତ୍ତ୍ୱାଗତ ବିବର୍ତ୍ତନର ସେହି ପ୍ରଥମ ପର୍ଯ୍ୟାୟର ସ୍ତର ଅର୍ଥାତ୍ ଜଡ଼ଗତ ତଥା ପ୍ରାଣଗତ ସ୍ତରଗୁଡ଼ିକରେ ଆତ୍ମାର କୌଣସି ଚେତନଶୀଳତା ପ୍ରକାଶ ପାଇ ନାହିଁ; ସେଠାରେ ଏକ ଚୈତ୍ୟ କ୍ରିୟାତ୍ମକତା ଅବଶ୍ୟ ରହିଛି ସତ, ମାତ୍ର ଏହିସବୁ କ୍ରିୟାତ୍ମକତାର ରୂପ ତଥା ନୈମିତ୍ତିକତା କେବଳ ପ୍ରାଣଗତ ତଥା ଜଡ଼ଗତ ହୋଇ ରହିଛି; ଅଥବା, ମନର କ୍ରିୟା ଆରମ୍ଭ ହେବାପରେ ସେଗୁଡ଼ିକ ମାନସିକ ବି ହୋଇ ପାରୁଛି । କାରଣ ମନ ଯେପର୍ଯ୍ୟନ୍ତ ଆଦିମ ଅବସ୍ଥାରେ ରହିଛି, ଅର୍ଥାତ୍ ଯେପର୍ଯ୍ୟନ୍ତ ଏହାର ବିକାଶ ହୋଇସାରିଲେ ମଧ୍ୟ ପରିଣାମରେ ଏହା କେବଳ ବହିଃସ୍ଥ ହୋଇ ରହିଛି, ସେତେବେଳେ ପର୍ଯ୍ୟନ୍ତ ମନ ମଧ୍ୟ ସେହି କ୍ରିୟାତ୍ମକତାଗୁଡ଼ିକର ଗଭୀର ପ୍ରକୃତିଟିକୁ ଆଦୌ ଚିହ୍ନି ପାରୁ ନାହିଁ । ଆମେସବୁ କେବଳ ମାତ୍ର ଜଡ଼ ସତ୍ତ୍ୱା, ବା ପ୍ରାଣମୟ ସତ୍ତ୍ୱା, କିମ୍ବା ପ୍ରାଣ ଓ ଜଡ଼କୁ ବ୍ୟବହାର କରୁଥିବା କେବଳ ମନୋମୟ ସତ୍ତ୍ୱା;—ଏହିଭଳି ବିଗ୍ରହ କରି ଆତ୍ମା ବିଷୟରେ ଏକାବେଳକେ ଆଖି ବନ୍ଦ କରି ରଖିବା ପ୍ରକୃତରେ ଭାରି ସହଜ; କାରଣ ଆତ୍ମା ବିଷୟରେ ଆମର କେବଳ ଯେଉଁ ଅନିର୍ଦ୍ଦିଷ୍ଟ ଧାରଣାଟି ରହିଛି, ସେଥିରୁ ଆମେ ତାହାକୁ

'oaob.nitrkl.ac.in' images reprocessed

ଆମର ଏହି ଶରୀରଟି ଗଢ଼ିଉଠିବା ପରେ ତଥାପି ନମର ବର୍ତ୍ତମାନ ରହିଥିବା କୌଣସି ଏକ ତତ୍ତ୍ୱ ବୋଲି ମନେକରୁଛୁ । ମାତ୍ର ଏହି ତତ୍ତ୍ୱଟି ଯେ ପ୍ରକୃତରେ କ'ଣ, ସେକଥା ଆମେ କିଛୁ ଜାଣି ନାହୁଁ; କାରଣ ଆତ୍ମା ପ୍ରକୃତରେ ବିଦ୍ୟମାନ ରହିଛି ବୋଲି ଆମେ ବେଳେବେଳେ ଜାଣି ପାରୁଥିଲେ ମଧ୍ୟ ତାହାର ସ୍ୱତନ୍ତ୍ର ସତ୍ୟଟି ସମ୍ବନ୍ଧରେ ଆମର ସାଧାରଣତଃ ଆଦୌ କୌଣସି ସଚେତନତା ନାହିଁ କିମ୍ବା ତାହା ଯେ ଆମର ଏହି ପ୍ରକୃତି ଉପରେ ପ୍ରତ୍ୟକ୍ଷ ଭାବରେ କୌଣସି କାର୍ଯ୍ୟ କରୁଛି, ସେକଥା ଆମେ ଆଦୌ ସ୍ପଷ୍ଟଭାବରେ ଅନୁଭବ କରୁ ନାହୁଁ ।

ବିବର୍ତ୍ତନର କ୍ରମଟି ଉଠିଉଠି ଯାଉଥିବା ସଙ୍ଗେସଙ୍ଗେ ପ୍ରକୃତି ଅତି ମନ୍ଥର ଭାବରେ ଓ ପରୀକ୍ଷାମୂଳକରୂପେ ଆମ ଆଧାରର ଅନ୍ତର୍ଗୂଢ଼ ଅଂଶଗୁଡ଼ିକୁ ମଧ୍ୟ ବିକଶିତ କରାଇ ଆଣିବାକୁ ଆରମ୍ଭ କରେ । ସେ ଆମକୁ ଆପଣା ଭିତରକୁ ଅଧିକରୁ ଅଧିକ ଦୃଷ୍ଟି ପକାଇ ପାରିବାକୁ ଶିଖାଉଥାଏ ଅଥବା ସେହି ଅନ୍ତର୍ଦେଶରୁ ସହଜରେ ଚିହ୍ନି ହେଉଥିବା ରୂପ ତଥା ପରିଚୟ ଦେଇ ସେଠାରେ ଗୁପ୍ତ ହୋଇ ରହିଥିବା ଅଂଶଗୁଡ଼ିକୁ ବାହାରେ ପ୍ରକାଶ କରିବାକୁ ଆରମ୍ଭ କରେ । ସେତେବେଳକୁ ଆମର ଆତ୍ମା ବା ଚୈତ୍ୟତତ୍ତ୍ୱଟି ମଧ୍ୟ ଏକ ପ୍ରଚ୍ଛନ୍ନ ରୂପ ଧାରଣ କରିବାକୁ ଆରମ୍ଭ କରିଥାଏ; ଆପଣାର ଏକ ବ୍ୟକ୍ତିରୂପ ଅର୍ଥାତ୍ ଏକ ବିଶିଷ୍ଟ ଚୈତ୍ୟପୁରୁଷକୁ ତାହା ଆପଣାର ପ୍ରତିନିଧିରୂପେ ଆଣି ଉପସ୍ଥାପିତ କରିବାକୁ ଲାଗେ, ତାହାକୁ ବିକଶିତ କରାଇବାକୁ ଆରମ୍ଭ କରେ । ଏହି ଚୈତ୍ୟସତ୍ତା ତଥାପି ଆମର ଅଧିଚେତନ ଅଂଶଟିରେହିଁ ଅନ୍ତରାଳ ହୋଇ ରହିଥାଏ; ଆମର ଯଥାର୍ଥ ମନୋମୟ, ଯଥାର୍ଥ ପ୍ରାଣମୟ କିମ୍ବା ଯଥାର୍ଥ ବା ସୂକ୍ଷ୍ମ ଅନ୍ନମୟ ସତ୍ତାଗୁଡ଼ିକ ଯେଉଁଭଳି ଅନ୍ତରାଳରେ ରହିଥା'ନ୍ତି, ଠିକ୍ ସେହିପରି । ଏବଂ ଏଗୁଡ଼ିକ ପରି ଚୈତ୍ୟପୁରୁଷ ମଧ୍ୟ ସେହି ସଂଗୁପ୍ତ କ୍ଷେତ୍ରରୁହିଁ ଆମର ବହିଶ୍ଚେତନା ଉପରେ ଆପଣାର ପ୍ରଭାବ ଓ ଇଙ୍ଗିତଗୁଡ଼ିକୁ ଉତ୍କ୍ଷିପ୍ତ କରିଦେଇ ବହିର୍ଜୀବନର କ୍ଷେତ୍ରରେ କ୍ରିୟା କରିବାରେ ଲାଗିଛି । ଏହିସବୁ ଉତ୍କ୍ଷିପ୍ତ ତତ୍ତ୍ୱଗୁଡ଼ିକ ଆମର ବହିସ୍ଥର ସତ୍ତାର ଅଂଶରୂପେ ପରିଣତ ହୋଇଯାଉଛି ଏବଂ ଏଗୁଡ଼ିକୁ ଆମେ ଆପଣାର ସ୍ୱରୂପ ବୋଲିହିଁ ଅନୁଭବ କରିବାକୁ ଆରମ୍ଭ କରୁଛୁ । ଆମର ଏହି ଅଜ୍ଞାନବଶ ଉପରଭାଗଟିରେ ମଧ୍ୟ ଆମେ ଅତି କ୍ଷୀଣଭାବରେ ଏପରି ଏକ ତତ୍ତ୍ୱ ବିଷୟରେ ସଚେତନ ହୋଇ ପାରୁଛୁ, ଯାହାକୁ କି ଆତ୍ମା ବୋଲି କୁହାଯାଇ ପାରିବ ଏବଂ ଯାହାକୁ କି ଆମର ମନ, ପ୍ରାଣ ବା ଶରୀରଠାରୁ ଅଲଗା ବୋଲି ଚିହ୍ନିବା ସମ୍ଭବ ହେବ । ଏହି ଆତ୍ମାକୁ ଆମେ ଯେ ଆମ ମନର ଏକ ଅବଧାରଣାଗତ ସମ୍ପଦ ବା ଆମର ସହଜାତ ଏକ ଅସ୍ପଷ୍ଟ ପ୍ରବୃତ୍ତି ବୋଲି ଅନୁଭବ କରୁଛୁ ତାହା ନୁହେଁ, ମାତ୍ର ଆମ ଜୀବନ ଉପରେ ତଥା ଚରିତ୍ର ଏବଂ କ୍ରିୟା ଉପରେ ମଧ୍ୟ ଏକ

'oaob.nitrkl.ac.in' images reprocessed

ସ୍ପଷ୍ଟବୋଧ ପ୍ରଭାବ ବୋଲି ବେଶ୍ ଜାଣିପାରୁଛୁ । ଯାହାକିଛି ସତ୍ୟ, ଯାହାକିଛି କଲ୍ୟାଣକର ଓ ଯାହାକିଛି ସୁନ୍ଦର, ଯାହାକିଛି ସୁରୁଚିପୂର୍ଣ୍ଣ, ଶୁଦ୍ଧ ଓ ମହତ୍ତ୍ୱ,— ସେସବୁ ସକାଶେ ଏକ ଗ୍ରହଣଶୀଳ ସଂବେଦନା, ସେହିଗୁଡ଼ିକର ସ୍ପନ୍ଦନରେ ଆପଣାର ପ୍ରତିସ୍ପନ୍ଦନ ଜଣାଇବା, ସେଇଗୁଡ଼ିକୁ ଗ୍ରହିବା ଏବଂ ଆମର ଭାବନାରେ, ଆମର ଅନୁଭୂତି ମଧ୍ୟରେ, ଆମ ଜୀବନାଚରଣରେ ତଥା ଚରିତ୍ରରେ ସେଇଗୁଡ଼ିକୁ ଗ୍ରହଣ କରି ନେବାପାଇଁ ଓ ରୂପଦେବାପାଇଁ ଆପଣାର ମନ ଉପରେ ଓ ପ୍ରାଣ ଉପରେ ଚାପ ପକାଇବା,—ଏହିଗୁଡ଼ିକହିଁ ଆମର ଜୀବନ ଉପରେ ଚୈତ୍ୟସତ୍ତ୍ୱର ପ୍ରଭାବ ବୋଲି ସାଧାରଣତଃ ପରିଚିତ ହୋଇଥାଏ, ଚୈତ୍ୟସତ୍ତ୍ୱର ଏକମାତ୍ର ଇଙ୍ଗିତ ନହେଲେ ମଧ୍ୟ ସବୁଠାରୁ ଅଧିକ ସାଧାରଣ ଓ ବିଶେଷ ଲକ୍ଷଣଗତ ଇଙ୍ଗିତ ବୋଲି ବୁଝା ଯାଇଥାଏ । ଯେଉଁ ବ୍ୟକ୍ତି ଭିତରେ ଏଭଳି କୌଣସି ଉପାଦାନ ନଥାଏ କିମ୍ବା ଏହିସବୁ ସ୍ପନ୍ଦନରେ ଯିଏ କୌଣସି ପ୍ରତିସ୍ପନ୍ଦନ ଜଣାଇ ପାରେ ନାହିଁ, ସେହି ବ୍ୟକ୍ତିର କୌଣସି ଆତ୍ମା ନାହିଁ ବୋଲି ଆମେ ସାଧାରଣତଃ କହିଥାଉ । କାରଣ ଏହି ପ୍ରଭାବଟିକୁହିଁ ଆମେ ଆମ ଭିତରର ଏକ ସୂକ୍ଷ୍ମତର ଓ ଏପରିକି ଏକ ଦିବ୍ୟତର ଅଂଶ ବୋଲି ସବୁଠାରୁ ଅଧିକ ସହଜରେ ଚିହ୍ନି ନେଇ ପାରିବା; ଏବଂ ଆମର ପ୍ରକୃତିରେ ପରିପୂର୍ଣ୍ଣତା ଲାଭ କରିବାର ଅନୁରୂପ କୌଣସି ଲକ୍ଷ୍ୟ ଦିଗରେ ଧୀରେ ଧୀରେ ଅଗ୍ରସର ହୋଇ ପାରିବାଲାଗି ଆମେ ତାହାର ପ୍ରଭାବଟିକୁହିଁ ସବୁଠାରୁ ଅଧିକ ଶକ୍ତିଶାଳୀ ବୋଲି ବୁଝିବା ।

ମାତ୍ର ଏହି ଚୈତ୍ୟ ପ୍ରଭାବ ବା କ୍ରିୟା ସମ୍ପୂର୍ଣ୍ଣ ଅବିମିଶ୍ର ଓ ଶୁଦ୍ଧଭାବରେ କେବେହେଲେ ବହିଶ୍ଚେତନାରେ ଆସି ଆବିର୍ଭୂତ ହୁଏ ନାହିଁ ଅଥବା ଆପଣାର ଶୁଦ୍ଧତାରେ ଅନ୍ୟଗୁଡ଼ିକଠାରୁ ସ୍ୱତନ୍ତ୍ର ରହି ସେଠାରେ ଆଦୌ ଅବସ୍ଥାନ କରେ ନାହିଁ । ଯଦି ସେଭଳି ହେଉଥା'ନ୍ତା, ତେବେ ଆତ୍ମାର ଉପାଦାନଟିକୁ ଅନ୍ୟ ସକଳ ଉପାଦାନଠାରୁ ଅଲଗା କରି ଚିହ୍ନି ପାରିବାକୁ ଆମେ ବଡ଼ ସହଜରେ ସମର୍ଥ ହେଉଥା'ନ୍ତେ ଏବଂ ସମ୍ପୂର୍ଣ୍ଣ ତଥା ସଚେତନ ଭାବରେ ତାହାର ବୋଲି ମାନି ଚାଲି ପାରୁଥା'ନ୍ତେ । ମାତ୍ର ଏହି କ୍ଷେତ୍ରରେ ଏକ ସଂଗୂଢ଼ ମନୋମୟ, ପ୍ରାଣମୟ ତଥା ସୂକ୍ଷ୍ମଭୂତମୟ କ୍ରିୟା ବି ଆସି ଉପଗତ ହୋଇଥାଏ, ଚୈତ୍ୟ କ୍ରିୟାଟି ସହିତ ଏକାଠି ମିଶିଯାଏ, ତାକୁ ବ୍ୟବହାର କରିବାକୁ ଓ ଆପଣା ଫାଇଦାରେ ଲଗାଇବାକୁ ଚେଷ୍ଟା କରେ, ତା'ର ଦିବ୍ୟ ଅଂଶଟିକୁ ଖର୍ବ କରିଦିଏ, ତା'ର ଆତ୍ମପ୍ରକାଶକୁ ବିକୃତ ଅଥବା କ୍ଷୀଣ କରିପକାଏ, ଏପରିକି ତାକୁ ଆପଣା ପଥରୁ ବିଚ୍ୟୁତ କରାଇନିଏ, ତାକୁ ନାନାଭାବେ ଝୁଣ୍ଟାଇବାରେ ଲାଗିଥାଏ ଏବଂ ମନ, ପ୍ରାଣ ତଥା ଦେହର ନାନା ଅଶୁଦ୍ଧତା, କ୍ଷୁଦ୍ରତା ଓ ପ୍ରମାଦଦ୍ୱାରା ତାହାକୁ ରଞ୍ଜିତ କରି ରଖେ । ଏହିପରି ବିମିଶ୍ରିତ ଏବଂ କ୍ଷୀଣ ହୋଇ ଚୈତ୍ୟ କ୍ରିୟା ଯେତେବେଳେ ଆମ ଚେତନାର

'oaob.nitrkl.ac.in' images reprocessed

ଉପରିଭାଗଟିରେ ଆସି ପହଞ୍ଚେ, ସେତେବେଳେ ବହିଃପ୍ରକୃତି ତାହାକୁ ଅନ୍ଧଭାବରେ ଗ୍ରହଣ କରିବାକୁ ଆସେ ଓ ଅବିଦ୍ୟାଚ୍ଛନ୍ନ ଭାବରେ ତାହାକୁ ରୂପାୟିତ କରିବସେ; ଏବଂ ଏହି କାରଣରୁ ସେଥିରେ ଆହୁରି ଅଧିକ ବିମିଶ୍ରଣ ଓ ବିଚ୍ୟୁତି ଆସି ପହଞ୍ଚେ ଅଥବା ପହଞ୍ଚିବାର ଆଶଙ୍କା ରହିଥାଏ । ଏହିପରି ଭାବରେ ତାହାକୁ ଅନ୍ୟଆଡ଼େ ମୋଡ଼ି ଦିଆଯାଏ, ଭୁଲ ବାଟରେ ପରିଚାଳିତ କରି ନିଆଯାଏ, ଅପପ୍ରୟୋଗ କରାଯାଏ, ଭ୍ରମାତ୍ମକ ରୂପାୟନ ଆସି ଦେଖାଦିଏ; ଏବଂ ଯାହା ମର୍ମତଃ ଆମ ଅଧ୍ୟାତ୍ମସତ୍ତାର ଏକ ବିଶୁଦ୍ଧ ଉପାଦାନ ଓ କ୍ରିୟା ହୋଇ ରହିଥିଲା, ତାହାର ପରିଣତିରେ ଭ୍ରାନ୍ତି ଓ ପ୍ରମାଦ ଆସି ପହଞ୍ଚେ । ଏଥିରୁ ଚେତନାର କ୍ଷେତ୍ରରେ ମଧ୍ୟ ଏକ ଅନୁରୂପ ରୂପାୟନ ଘଟେ; ଏହି ରୂପାୟନରେ ଚୈତ୍ୟ ପ୍ରଭାବ ଏବଂ ପ୍ରେରଣାଗୁଡ଼ିକ ସହିତ ମନୋମୟ ଧାରଣା ଓ ସଂସ୍କାରଗୁଡ଼ାକ ଆସି ମିଶିଯାଏ, ପ୍ରାଣମୟ ବାସନା ଓ ଆବେଗ ଏବଂ ନାନା ଅଭ୍ୟସ୍ତ ଶରୀରଗତ ପ୍ରବୃତ୍ତି ଆସି ଗୋଳେଇଘାଣ୍ଟି ହୋଇଯାଏ । ଏହାଛଡ଼ା, ନାନାଭାବେ ଆଚ୍ଛନ୍ନ ହୋଇ ପଡ଼ିଥିବା ଏହି ଆତ୍ମିକ ପ୍ରଭାବଟି ସହିତ ଆମର ଏହିସବୁ ବାହ୍ୟ ଅଂଶଗୁଡ଼ିକର ଅବିଦ୍ୟାଚ୍ଛନ୍ନ ଅଥଚ ଶୁଭେଚ୍ଛାପ୍ରଣୋଦିତ ଊର୍ଦ୍ଧ୍ୱାଭିମୁଖୀ ପ୍ରୟାସଗୁଡ଼ିକ ମଧ୍ୟ ଆସି ଏକାଠି ହୋଇ ମିଶିଯାଆନ୍ତି । ଆପଣାର ପ୍ରକୃତିରେ ଅତ୍ୟନ୍ତ ବିମିଶ୍ରିତ ହୋଇ ରହିଥିବା ଓ ଆପଣାର ଆଦର୍ଶାକାଙ୍‌କ୍ଷାର ଭୂମିରେ ମଧ୍ୟ ଅନେକ ସମୟରେ ଅସ୍ପଷ୍ଟ ହୋଇ ରହିଥିବା ଅଥବା ବେଳେବେଳେ ବିପଜ୍ଜନକ ଭାବରେ ବିଭ୍ରାନ୍ତ ହୋଇ ପଡ଼ିଥିବା ମନୋଗତ ଧାରଣାଗୁଡ଼ାକ ମଧ୍ୟ ଆସି ପହଞ୍ଚନ୍ତି; ଆପଣା ଅନୁଭୂତି, ଭାବମୟତା ତଥା ଭାବପ୍ରବଣତାର ଫେନବୁଦ୍‌ବୁଦ୍‌ଗୁଡ଼ାକୁ ଉତ୍‌କ୍ଷିପ୍ତ କରିବାରେ ଲାଗିଥିବା ଆମ ସଂବେଗମୟ ସତ୍ତାଟି ମଧ୍ୟ ଆପଣାର ଆଗ୍ରହ ଓ ଅତ୍ୟୁତ୍ସୁକତାକୁ ନେଇଆସି ହାବୁଡ଼ିଯାଏ । ଆମ ପ୍ରାଣଗତ ଅଂଶଗୁଡ଼ିକର ଗତିବାହୁଲ୍ୟ, ଆକୁଳତା ଏବଂ ଅନ୍ନମୟ କୋଷର ଉତ୍କଣ୍ଠାମୟ ଗତିସ୍ପନ୍ଦନ ଓ ସ୍ନାୟୁ ତଥା ଶରୀରଗତ ଯାବତୀୟ ଶିହରଣ ଓ ଉତ୍ତେଜନାଗୁଡ଼ିକ ମଧ୍ୟ ଏହି କ୍ଷେତ୍ରରୁ ବାଦ୍ ଯାଆନ୍ତି ନାହିଁ; ଏହି ଯାବତୀୟ ଭୂମିର ସବୁଯାକ ପ୍ରଭାବ ଏକାଠି ମିଶି ଯେଉଁ ବିଚିତ୍ର ମିଶ୍ରଣଟିର ବିରଚନା କରନ୍ତି, ଆମେ ସେଇଟାକୁହିଁ ଅନେକ ସମୟରେ ଆତ୍ମା ବୋଲି ଭ୍ରମ କରିପକାଉ, ଏବଂ ତାହାର ଅତିମିଶ୍ରିତ ଓ ସଂଶୟବିକଳ କ୍ରିୟାଟାକୁହିଁ ଆତ୍ମାର ସ୍ପନ୍ଦନ ବୋଲି ଭାବୁ, ତାହାକୁହିଁ ଚୈତ୍ୟ ବିକାଶ ଓ ଚୈତ୍ୟ କ୍ରିୟା ବୋଲି ମନେକରୁ ଅଥବା ଏକ ଉପଲବ୍ଧ ଅନ୍ତର୍ଗତ ପ୍ରଭାବ ବୋଲି ଧରିନେଉ । ସ୍ୱୟଂ ଚୈତ୍ୟସତ୍ତା କେବେହେଲେ କୌଣସି ପ୍ରକାର କଳୁଷ କିମ୍ବା ମିଶ୍ରଣ ଭିତରେ ଗୋଡ଼ ପୂରାଏ ନାହିଁ; ମାତ୍ର ତାହାର ମଧ୍ୟରୁ ଯାହା ଆମର ବହିର୍ଚେତନାର ଭୂମିକୁ ଉତ୍‌କ୍ଷିପ୍ତ ହୁଏ, ସେଇଟି ଆଉ ଆପଣାକୁ ନିରାପଦ ରଖି ପାରେ ନାହିଁ; ଏବଂ ସେହି କାରଣରୁହିଁ ଗଣ୍ଡଗୋଳର ସମ୍ଭାବନା ଉପୁଜେ ।

'oaob.nitrkl.ac.in' images reprocessed

ପୁନଶ୍ଚ, ଆମ ଭିତରେ ଅବସ୍ଥିତ ଏହି ଚୈତ୍ୟସତ୍ତା ଅର୍ଥାତ୍ ଆତ୍ମିକ ବ୍ୟକ୍ତିତ୍ୱ ଆପଣାର ଆବିର୍ଭାବ ସମୟରେ କଦାପି ପରିପୂର୍ଣ୍ଣ-ବିକଶିତ ଓ ଜ୍ୟୋତିର୍ମୟ ହୋଇ ଆବିର୍ଭୂତ ହୁଏ ନାହିଁ । ଏହାର କେବଳ ଏକ କ୍ରମବିବର୍ତ୍ତନହିଁ ହୁଏ, ଏକ ଅତିକ୍ରମର ବିକାଶ ତଥା ରୂପାୟନର ବାଟଦେଇ ଏହାକୁ ଯିବାକୁ ହୁଏ । ଏହାର ସତ୍ତାରୂପଟି ପ୍ରଥମ ଅବସ୍ଥାରେ ହୁଏତ ବଡ଼ ଅସ୍ପଷ୍ଟ ହୋଇ ରହିପାରେ, ଏବଂ ତା'ପରେ ଦୀର୍ଘ ଅନେକ କାଳ ପର୍ଯ୍ୟନ୍ତ ବଡ଼ ଶକ୍ତିହୀନ ଓ ଅପରିପକ୍ୱ ବି ରହିପାରେ; ମାତ୍ର ତଥାପି ଯେତେ ଅପୂର୍ଣ୍ଣ ହେଲେ ମଧ୍ୟ କଦାପି ଅବିଶୁଦ୍ଧ ନଥାଏ । କାରଣ ଆପଣାର ରୂପାୟନ ତଥା ଆତ୍ମରଚନା ସକାଶେ ଚୈତ୍ୟସତ୍ତାକୁ ଆତ୍ମାର ଯେଉଁ ଶକ୍ତି ଉପରେ ନିର୍ଭର କରିବାକୁ ପଡ଼ିଥାଏ, ତାହା ଅବିଦ୍ୟା ଓ ନିଶ୍ଚେତନାର ବାଧାକୁ ଅତିକ୍ରମ କରି ପ୍ରକୃତରେ ଅଳ୍ପ ବା ଅଧିକ ସଫଳତା ସହିତ ବହିଃକ୍ଷେତ୍ରଟିର ବିବର୍ତ୍ତନଧାରା ମଧ୍ୟରେ ପ୍ରତିଷ୍ଠିତ ହୋଇ ସାରିଥାଏ । ଏହି ଶକ୍ତିର ଆବିର୍ଭାବ ସହିତ ପ୍ରକୃତିରେ ଏକ ଆତ୍ମାର ଆବିର୍ଭାବ ମଧ୍ୟ ସୂଚିତ ହୁଏ; ଏବଂ ଯଦି ସେହି ଆବିର୍ଭାବଟି ଏପର୍ଯ୍ୟନ୍ତ ତଥାପି କ୍ଷୁଦ୍ର ଓ ଦୋଷଯୁକ୍ତ ହୋଇ ରହିଥାଏ, ତେବେ ଚୈତ୍ୟ ବ୍ୟକ୍ତିତ୍ୱକୁ ମଧ୍ୟ ସେହି କାରଣରୁ ଖର୍ବ ଓ କ୍ଷୀଣଶକ୍ତି ହୋଇ ରହିବାକୁ ପଡ଼େ । ଆମ ଚେତନାର ଆଚ୍ଛନ୍ନ ଅବସ୍ଥାଟି ସକାଶେ ମଧ୍ୟ ଏହି ଶକ୍ତିଟି ସଚେତଥବା ଆପଣାର ଅନ୍ତର୍ସତ୍ୟଟିଠାରୁ ବିଚ୍ଛିନ୍ନ ହୋଇ ପଡ଼େ; ସତ୍ତାର ଗଭୀରତର ସ୍ତରରେ ରହିଥିବା ଏହାର ଆପଣା ଉତ୍ସଟି ସହିତ ଏହାର ଯୋଗାଯୋଗରେ ଏକ ଅପୂର୍ଣ୍ଣତା ପରିଲକ୍ଷିତ ହୁଏ । କାରଣ ଦୁହିଁଙ୍କ ମଧ୍ୟରେ ବାଟଟି ଏପର୍ଯ୍ୟନ୍ତ ଭଲକରି ତିଆରି ହୋଇ ନଥାଏ, ଅତ୍ୟନ୍ତ ସହଜରେ ସେଠାରେ ନାନା ପ୍ରତିବନ୍ଧକ ଆସି ପହଞ୍ଚେ, ସମ୍ପର୍କସ୍ଥାପନର ତାରଗୁଡ଼ିକ ପ୍ରାୟ କଟି କଟି ଯାଉଥାଏ ଅଥବା ସେଗୁଡ଼ାକରେ ଅନ୍ୟ ଏକ ଉତ୍ସରୁ ଆନୀତ ଅନ୍ୟ ଏକ ପ୍ରକାରର ସମ୍ବାଦ ଓ ସନ୍ଦେଶର ସରବରାହ ହେବାରେ ଲାଗିଥାଏ । ପୁଣି, ସେ ଯାହାକିଛୁ ଲାଭ କରେ, ତାହାକୁ ଆଣି ବହିଃସ୍ଥ ସାଧନଗୁଡ଼ିକ ଉପରେ ସନ୍ନିମିତ କରିଦେବା ଲାଗି ମଧ୍ୟ ତାହାର ପୂର୍ଣ୍ଣ ଶକ୍ତି ନଥାଏ; ମାତ୍ର ଆପଣାର ଦୀନତା ହେତୁ ଅଧିକାଂଶ କ୍ଷେତ୍ରରେ ତାହାକୁ ସେହି ସାଧନଗୁଡ଼ିକ ଉପରେହିଁ ନିର୍ଭର କରିବାକୁ ପଡ଼ିଥାଏ, ଏବଂ ସେମାନେ ଆଣି ଦେଉଥିବା ତଥ୍ୟଗୁଡ଼ିକ ଉପରେ ନିର୍ଭର କରିହିଁ ତାହାର ପ୍ରକାଶ ଓ କ୍ରିୟାତ୍ମକତାର ଆବେଗଟିକୁ ଗଠିତ ହେବାକୁ ପଡ଼େ; ଏବଂ କେବଳ ଚୈତ୍ୟ ସତ୍ତାର ପ୍ରମାଦମୁକ୍ତ ଅବଧାରଣାଗୁଡ଼ିକ ଉପରେ ନିର୍ଭର କରି ରହିଲେ ଚଳେ ନାହିଁ । ଏହିସବୁ ପରିବେଶଗତ ସୀମା ଭିତରେ ରହି ତାହା ଯଥାର୍ଥ ଚୈତ୍ୟ ଆଲୋକଟିକୁ କ୍ଷୀଣ ତଥା ବିକୃତ ହୋଇ ପଡ଼ିବାରୁ ଆଦୌ ନିବୃତ୍ତ କରି ରଖିପାରେ ନାହିଁ; ମନର ଭୂମି ଉପରେ ତାହା କେବଳ ଏକ ମତ ବା ସଂସ୍କାରରେ ପରିଣତ ହୁଏ, ଚୈତ୍ୟ ଅନୁଭୂତି ହୃଦୟର ଏକ ଭ୍ରମଶୀଳ ଆବେଗ ଅଥବା ଭାବପ୍ରବଣତାରେ ପରିଣତ ହୁଏ;

'oaob.nitrkl.ac.in' images reprocessed

ଚୈତ୍ୟ ନିୟାମକ ସଂକଳ୍ପ ପ୍ରାଣମୟ ଭୂମିର କେବଳ ଏକ ଅନ୍ଧବତ୍ ପ୍ରାଣଗତ ଅତ୍ୟୁତ୍ସାହ ଅଥବା ଏକ ଅତିବ୍ୟଗ୍ର ଉତ୍ତେଜନାରେ ପରିଣତ ହୁଏ । ଏପରିକି ହାତ ଆଗରେ ଗ୍ରହଣ କରିବା ଭଳି ଅଧିକ ଭଲ ଆଉକିଛି ନପାଇ ତାହା ଏହି ଭୁଲ ରୂପାନ୍ତରଗୁଡ଼ିକୁହିଁ ଗ୍ରହଣ କରିନିଏ ଏବଂ ସେହିଗୁଡ଼ିକ ଜରିଆରେ ଆପଣାକୁ ସାର୍ଥକ କରିବାର ପ୍ରୟାସ କରୁଥାଏ । କାରଣ, ମନ, ହୃଦୟ ଏବଂ ପ୍ରାଣମୟ ସତ୍ତା ଉପରେ ଆପଣାର ପ୍ରଭାବ ପକାଇ ସେଗୁଡ଼ିକର ଭାବନା, ଅନୁଭୂତି, ଉତ୍ସାହ ତଥା ଗତିଶୀଳତାକୁ ଯାହାକିଛି ଦିବ୍ୟ ଓ ଯାହାକିଛି ଜ୍ୟୋତିର୍ମୟ ତାହାରି ଆଡ଼କୁ ଉନ୍ମୁଖ କରି ରଖିବା,—ଏଇଟି ମଧ୍ୟ ଆତ୍ମାର କାର୍ଯ୍ୟ ଭିତରୁ ଗୋଟିଏ; ମାତ୍ର ପ୍ରଥମ ପର୍ଯ୍ୟାୟରେ ଏହି କାର୍ଯ୍ୟଟିକୁ ଅତି ଅପୂର୍ଣ୍ଣ ଭାବରେ କରିବାକୁ ପଡ଼େ, ଅତି ମନ୍ଥର ଓ ବିମିଶ୍ରିତ ଭାବରେ କରିବାକୁ ପଡ଼େ । ତା'ପରେ, ଚୈତ୍ୟ ବ୍ୟକ୍ତିତ୍ୱଟି ଅଧିକ ଶକ୍ତିସମ୍ପନ୍ନ ହେବା ସଙ୍ଗେସଙ୍ଗେ ତାହା ପଛରେ ରହିଥିବା ଚୈତ୍ୟସତ୍ତା ସହିତ ମଧ୍ୟ ତାହାର ଯୋଗାଯୋଗ ବଢ଼ିବାରେ ଲାଗିଥାଏ ଏବଂ ଉପରିଭାଗଟି ସହିତ ବି ତା'ର ସମ୍ବନ୍ଧସ୍ଥାପନ ଉନ୍ନତତର ହେଉଥାଏ । ସେତେବେଳେ ତାହା ମନ, ହୃଦୟ ତଥା ପ୍ରାଣକୁ ମଧ୍ୟ ଏକ ଅଧିକ ଶକ୍ତିମତ୍ତା ଓ ଶୁଦ୍ଧତା ସହିତ ଆପଣାର ସନ୍ଦେଶଗୁଡ଼ିକୁ ପଠାଇବାରେ ସମର୍ଥ ହୋଇଥାଏ, କାରଣ ଯାବତୀୟ ମିଥ୍ୟା ବିମିଶ୍ରଣ ବିରୁଦ୍ଧରେ ଆପଣାର ପ୍ରତିକ୍ରିୟା ଜଣାଇବାକୁ ଏବଂ ସେଗୁଡ଼ିକ ଉପରେ ଆପଣାର ନିୟନ୍ତ୍ରଣକୁ ଲାଗୁ କରି ରଖିବାକୁ ମଧ୍ୟ ତାହାର ଅଧିକ ସାମର୍ଥ୍ୟ ଆସିଥାଏ । ବର୍ତ୍ତମାନ ସେ ଆପଣାକୁ ପ୍ରକୃତିର ଏକ ଶକ୍ତି ହିସାବରେ ଅଧିକରୁ ଅଧିକ ସ୍ୱତନ୍ତ୍ର ଭାବରେ ଅନୁଭୂତ କରାଇବାକୁ ଆରମ୍ଭ କରେ । ମାତ୍ର ତଥାପି ଏହି ବିବର୍ତ୍ତନଟିକୁ ସମ୍ପୂର୍ଣ୍ଣଭାବେ କେବଳ ବିବର୍ତ୍ତନାତ୍ମକ ଶକ୍ତିର ଅତି ଦୁରୂହ ସ୍ୱାଭାବିକ ସ୍ୱୟଂକ୍ରିୟାଟି ଉପରେହିଁ ନିର୍ଭର କରି ରହିବାକୁ ପଡ଼ିଥିଲେ ତାହା ଅତ୍ୟନ୍ତ ଧୀର ଗତିରେ ଲମ୍ବି ଲମ୍ବି ଚାଲିବାକୁ ବାଧ୍ୟ ହେଉଥା'ନ୍ତା । ଏବଂ ଯେତେବେଳେ ମନୁଷ୍ୟ ଆପଣା ଆତ୍ମାର ଜ୍ଞାନକ୍ଷେତ୍ରରେ ଯଥାର୍ଥରେ ଜାଗ୍ରତ ହୋଇଉଠେ, ସେହି ଜ୍ଞାନକୁ ପୁରୋଭୂମିକୁ ଆଣି ତାହାକୁହିଁ ଆପଣାର ଜୀବନ ଓ କର୍ମର ନିୟାମକରୂପେ ପ୍ରତିଷ୍ଠିତ କରିବାଲାଗି ଏକ ଆବଶ୍ୟକତା ଅନୁଭବ କରେ, କେବଳ ସେତିକିବେଳେହିଁ ତା'ର ପରିଣତିକ୍ରମଟି ତ୍ୱରାନ୍ୱିତ ହେବାକୁ ଆରମ୍ଭ କରେ ଏବଂ ଏକ ଚୈତ୍ୟ ରୂପାନ୍ତର ସମ୍ଭବ ହୁଏ ।

ଦେହର ମରଣ ହେବା ପରେ ମଧ୍ୟ ଯାହା ତଥାପି ବର୍ତ୍ତମାନ ରହେ, ଅନ୍ତରସ୍ଥ ସେହିପରି ଏକ ସମ୍ପଦର ଏକ ଅତିସ୍ପଷ୍ଟ ଓ ଅବାରିତ ଧାରଣା ତିଆରି କରିବାକୁ ଯେତେବେଳେ ମନ ସମର୍ଥ ହୁଏ, ଏବଂ ତାହାର ପ୍ରକୃତିଟିକୁ ଜାଣିବାଲାଗି ପ୍ରୟାସ କରେ, ସେତେବେଳେ ଧୀରଗତି ବିବର୍ତ୍ତନଟି ଦ୍ରୁତ ହେବାକୁ ଆରମ୍ଭ କରେ । ମାତ୍ର ଆମ ଭିତରେ ଏଭଳି ଅନେକ ଉପାଦାନ ଓ ଅନେକ ରୂପାୟନ ରହିଛି ଯାହାକି ଅପଣାକୁ

'oaob.nitrkl.ac.in' images reprocessed

ଆମ ଆଗରେ ଆତ୍ମାର ଉପାଦାନ ବୋଲି ଉପସ୍ଥାପିତ କରିବାରେ ଲାଗିଛନ୍ତି ଏବଂ ସେହି ହେତୁରୁ ସେଗୁଡ଼ିକୁ ମଧ୍ୟ ଚୈତ୍ୟସତ୍ତ୍ୱା ବୋଲି ଭ୍ରମ କରିବାର ଯଥେଷ୍ଟ ଆଶଙ୍କା ରହିଛି;—ଏହି କାରଣରୁହିଁ ପ୍ରଥମେ ସେହି ଜ୍ଞାନ ନାନାଭାବେ ବାଧାପ୍ରାପ୍ତ ହେଉଥାଏ। ଆଦି ଗ୍ରୀକ୍ ଏବଂ ଆଉକେତେକ ସଂସ୍କୃତିରେ ମୃତ୍ୟୁପର ଜୀବନ ବିଷୟରେ ଯେଉଁ ପରମ୍ପରା ରହିଛି, ସେଥିରେ ପ୍ରଦତ୍ତ ବର୍ଣ୍ଣନାଗୁଡ଼ିକରୁ ଅତି ସ୍ପଷ୍ଟଭାବରେ ଦେଖିବାକୁ ମିଳେ ଯେ ସେତେବେଳେ ଯାହାକୁ ଆତ୍ମା ବୋଲି ଭ୍ରମ କରାଯାଉଥିଲା, ତାହା ପ୍ରକୃତରେ ଅବଚେତନ ଭୂମିରହିଁ ଏକ ରୂପାୟନମାତ୍ର ଥିଲା, ସତ୍ତ୍ୱାର ଏକ ଅବଭୌତିକ ଆବେଶମୟ ଗ୍ରନ୍ଥି ବା ଗ୍ରନ୍ଥୀରୂପହିଁ ଥିଲା, ଅଥବା ବ୍ୟକ୍ତିସତ୍ତ୍ୱାର ଏକ ଦ୍ୱୈତରୂପ କିମ୍ବା ପ୍ରେତାତ୍ମା ଥିଲା। ଏହି ପ୍ରେତାତ୍ମାକୁ ଅନେକ ସମୟରେ ଭୁଲ କରି ଚିତ୍ତସତ୍ତ୍ୱା ବୋଲି ବୁଝା ଯାଉଥିଲା; ମାତ୍ର ବସ୍ତୁତଃ କେତେବେଳେ ତାହା ଏକ ପ୍ରାଣମୟ ରୂପାୟନହିଁ ଥିଲା, ଯାହାମଧ୍ୟରେ କି ମୃତବ୍ୟକ୍ତିର ବୈଶିଷ୍ଟ୍ୟ ଓ ଏପରିକି ତା'ର ଜୀଇଥିବା ସମୟର ଆଚରଣଗତ ସ୍ୱଭାବ୍ୟ ଅଭ୍ୟସ୍ତତାଗୁଡ଼ାକ ମଧ୍ୟ ବର୍ତ୍ତମାନ ରହି ଯାଉଥିଲା; ପୁଣି କେତେବେଳେ ତାହା ବହିଷ୍ଟର ମନର ଏକ ବାହାର ଖୋଳ ହୋଇ ରହିଥିଲା, ସୂକ୍ଷ୍ମ ଜଡ଼କୁ ଆଶ୍ରୟ କରି ଯାହାର ଅନୁବୃତ୍ତି ଚାଲିଥିଲା। ଦେହ ପରିତ୍ୟାଗ କରିବା ପରେ ପ୍ରାଣମୟ ବ୍ୟକ୍ତିସତ୍ତ୍ୱାର ଯେଉଁ କୋଷ ବା ରୂପଟି କିଛି ସମୟ ପର୍ଯ୍ୟନ୍ତ ପୃଥ୍ୱୀଭାଗରେ ଅବସ୍ଥିତ ରହିଥାଏ, ଖୁବ୍ ବେଶୀ ହେଲେ ଏହାକୁ ଆମେ କେବଳ ତାହାହିଁ ବୋଲି କହି-ପାରିବା। ମୃତ୍ୟୁ ପରେ ପରିତ୍ୟକ୍ତ ଯେଉଁ ଗ୍ରନ୍ଥୀକଳନା ବା ବ୍ୟକ୍ତିସତ୍ତ୍ୱାର କୋଷସମୂହର ଯେଉଁ ଅବଶେଷମାନ ରହିଯାଏ, ସେଗୁଡ଼ିକର ସଂସ୍ପର୍ଶରେ ଆସି ସେଗୁଡ଼ିକୁ ଆତ୍ମା ବୋଲି ଭ୍ରମ କରିବା ବ୍ୟତୀତ ଆଉ ଏକ ପ୍ରକାରର ଭୁଲ ବି ହୋଇପାରେ; ଆମ ପ୍ରକୃତିର ଅଧିଚେତନ ଅଂଶଗୁଡ଼ିକର, ଏବଂ ସେଗୁଡ଼ିକର କ୍ରିୟାର ଅଧୀଶ୍ୱରରୂପେ ଯେଉଁ ଚେତନ ସତ୍ତ୍ୱା ଅଥବା ପୁରୁଷ ପ୍ରତିଷ୍ଠିତ ରହିଛନ୍ତି, ତାଙ୍କର ରୂପ ତଥା ସାମର୍ଥ୍ୟଗୁଡ଼ିକ ବିଷୟରେ ଆମେ ଅଜ୍ଞାନ ହୋଇ ରହିଥିବା ହେତୁ ଆମେ ହୁଏତ ଅନ୍ତର୍ମନ କିମ୍ବା ଅନ୍ତଃପ୍ରାଣର କୌଣସି ବିଶେଷ ବିଭୂତିକୁ ମଧ୍ୟ ଅତି ସହଜରେ ଚୈତ୍ୟପୁରୁଷ ବୋଲି ଭ୍ରମ କରିପାରୁ। କାରଣ ପରମସତ୍ତ୍ୱା ଏକାଧାରରେ ଏକ ଓ ଅନେକ ହୋଇଥିବା ଭଳି ଆମର ବିଭିନ୍ନ ଅଙ୍ଗ ତଥା ଆମ ଭିତରେ ମଧ୍ୟ ସେହି ଗୋଟିଏ ବିଧାନ କାର୍ଯ୍ୟ-କାରୀ ହେଉଛି। ଚିତ୍ତସତ୍ତ୍ୱା ଅଥବା ପୁରୁଷ ହେଉଛନ୍ତି ଏକ; ତଥାପି ସେ ପ୍ରକୃତିର ରୂପାୟନଗୁଡ଼ିକ ସହିତ ଆପଣାକୁ ଅନୁକୂଳିତ କରି ରଖିପାରୁଛନ୍ତି। ଆମ ସତ୍ତ୍ୱାର ପ୍ରତ୍ୟେକ ସୋପାନରେ ପରମ ଚିତ୍ତସତ୍ତ୍ୱାର କୌଣସି ଏକ ସାମର୍ଥ୍ୟହିଁ ଅଧିଷ୍ଠିତ ରହିଛି; ଆମ ଭିତରେ ଗୋଟିଏ ମନୋମୟ ଆତ୍ମସତ୍ତ୍ୱା ରହିଛି, ଗୋଟିଏ ପ୍ରାଣମୟ ଆତ୍ମସତ୍ତ୍ୱା ରହିଛି ଏବଂ ଏକ ଅନ୍ନମୟ ଆତ୍ମସତ୍ତ୍ୱା ବି ରହିଛି ଏବଂ ଅନ୍ତର୍ଯାତ୍ରାରେ ଯଥେଷ୍ଟ ଗଭୀରଯାଏ ଅଗ୍ରସର ହୋଇ ପାରିଲେ ଆମେ ସେଗୁଡ଼ିକୁ ଆବିଷ୍କାର ବି କରୁଛୁ। ଆମ ଭିତରେ

'oaob.nitrkl.ac.in' images reprocessed

ଜଣେ ମନୋମୟ ପୁରୁଷ ରହିଛନ୍ତି ଯିଏକି ଆମ ମନୋଗତ ପ୍ରକୃତିର ଭାବନା, ଧାରଣା ଓ କ୍ରିୟାତ୍ମକତା ମଧ୍ୟଦେଇ ଆମର ଏହି ଉପରିଭାଗସ୍ଥ ଜୀବନରେ ଆପଣାକୁ କେତେକ ପରିମାଣରେ ଅଭିବ୍ୟକ୍ତ କରୁଛନ୍ତି; ଜଣେ ପ୍ରାଣମୟ ପୁରୁଷ ରହିଛନ୍ତି ଯିଏକି ଆମ ପ୍ରାଣଗତ ପ୍ରକୃତିର ଆବେଗ, ଅନୁଭୂତି, ଇନ୍ଦ୍ରିୟବୋଧ, ଅଭିଳାଷ ତଥା ପ୍ରାଣିକ ବାହ୍ୟ କ୍ରିୟାତ୍ମକତା ମଧ୍ୟରେ ଆପଣାର ଏକ ଅଂଶକୁ ଅଭିବ୍ୟକ୍ତ କରୁଛନ୍ତି ଓ ଜଣେ ଅନ୍ନମୟ ପୁରୁଷ ମଧ୍ୟ ଅଛନ୍ତି ଯିଏକି ଆମ ଅନ୍ନମୟ ପ୍ରକୃତିର ସହଜାତ ପ୍ରବୃତ୍ତି, ଅଭ୍ୟାସ ତଥା ନିର୍ଦ୍ଦିଷ୍ଟ ପ୍ରଣାଳୀଗତ କ୍ରିୟାଗୁଡ଼ିକର ମଧ୍ୟଦେଇ ଆପଣାର କେତେକାଂଶକୁ ପ୍ରକାଶ କରୁଛନ୍ତି । ଆମ ଭିତରେ ଅବସ୍ଥିତ ଆତ୍ମସତ୍ତାର ଏହିସବୁ ବିଭୂତିପୁରୁଷ ଅର୍ଥାତ୍ ଅଂଶସତ୍ତାଗୁଡ଼ିକ କେବଳ ସେହି ପରମ ଚିତ୍‌ସତ୍ତାରହିଁ ଗୋଟିଏ ଗୋଟିଏ ଶକ୍ତି ଏବଂ ସେହି ହେତୁରୁ ସେସବୁ ଆପଣାର ଅସ୍ଥାୟୀ ଅଭିବ୍ୟକ୍ତିଗୁଡ଼ିକ ଦ୍ୱାରା ଆଦୌ ସୀମାବଦ୍ଧ ହୋଇ ରହି ନାହାନ୍ତି; କାରଣ ଏହିଭଳି ଭାବରେ ଯାହା ରୂପରେ ପ୍ରକାଶିତ ହେଉଛି, ତାହା ହେଉଛି ଏହାର ବହୁବିଧ ସମ୍ଭାବନାଗୁଡ଼ିକର କେବଳ ଏକ ଅଂଶ ମାତ୍ର । ମାତ୍ର ଏହି ପ୍ରକାଶ ଫଳରେ ସାମୟିକ ଭାବରେ ଏକ ମନୋମୟ, ପ୍ରାଣମୟ ବା ଅନ୍ନମୟ ବ୍ୟକ୍ତିସତ୍ତାର ସୃଷ୍ଟି ହେଉଛି, ଯାହାକି ଆମ ଭିତରେ ଚୈତ୍ୟସତ୍ତା ବା ଆତ୍ମାର ବ୍ୟକ୍ତିସତ୍ତାଟି ବୃଦ୍ଧିପ୍ରାପ୍ତ ଓ ବିକଶିତ ହେବାପରି ବୃଦ୍ଧିପ୍ରାପ୍ତ ତଥା ବିକଶିତ ବି ହେଉଛନ୍ତି । ପ୍ରତ୍ୟେକଟିର ଏକ ସ୍ୱକୀୟ ବିଶିଷ୍ଟ ପ୍ରକୃତି ରହିଛି, ଆମ ଅସ୍ତିତ୍ୱର ସମୁଦାୟ ଭୂମିଟି ଉପରେ ପ୍ରତ୍ୟେକଟିର ସ୍ୱକୀୟ ପ୍ରଭାବ ପଡ଼ୁଛି ଓ ଏକ ସ୍ୱକୀୟ କ୍ରିୟା ମଧ୍ୟ ରହିଛି । ମାତ୍ର ଏହିସବୁ ପ୍ରଭାବ ଓ କ୍ରିୟା ଆମ ସତ୍ତାଟିର ଉପରିଭାଗକୁ ଆସି ପରସ୍ପର ସହିତ ଏକାଠି ମିଶି ଯାଉଛନ୍ତି ଓ ଗୋଟିଏ ସମଷ୍ଟିଜ୍ଞାପକ ଉପରିଭାଗୀୟ ସତ୍ତାର ନିର୍ମାଣ କରୁଛନ୍ତି ଯାହାକି ସେଗୁଡ଼ିକର ସବୁଯାକର ଏକ ସମାହାର ବା ସମ୍ମିଶ୍ରଣରେ ପରିଣତ ହୋଇ ରହିଛି ଏବଂ ଏହି ଜୀବନ ଓ ତାହାର ସୀମାଙ୍କିତ ଅନୁଭୂତିଟି ସକାଶେ ଏକ ସଦାଫଳଗ୍ନ ଅଥଚ ନିତ୍ୟପରିଣାମଶୀଳ ଓ ନିତ୍ୟସଚଳ ରୂପାୟନ ହୋଇ ରହିଛି ।

ମାତ୍ର ଏହି ସମଷ୍ଟିଗତ ସତ୍ତାଟି ତାହାକୁ ଏକତ୍ର ହୋଇ ଗଠନ କରିଥିବା ଉପାଦାନଗୁଡ଼ିକ ଦୃଷ୍ଟିରୁ ଏକ ବହୁ ଭିନ୍ନଧର୍ମୀ ତତ୍ତ୍ୱଗୁଡ଼ିକର ଏକତ୍ର ଅବସ୍ଥାନମାତ୍ର ହୋଇ ରହିଛି, ସେଥିରେ ଆଦୌ କୌଣସି ସୁସମତା କିମ୍ବା ଏକଧର୍ମିତା ସମ୍ଭବ ହୋଇ ପାରି ନାହିଁ । ଏହି କାରଣରୁହିଁ ସେଥିରେ ସର୍ବଦା ଗୋଟାକୁ ଆଉଗୋଟାଏ ବୋଲି ଭ୍ରମ କରିବାର ସନ୍ଦିଗ୍ଧତା ରହିଯାଇଛି, ଏପରିକି ବିଭିନ୍ନ ବୃତ୍ତି ଓ ବିଭିନ୍ନ ଅଙ୍ଗ ମଧ୍ୟରେ ଏକ ସଂଘାତ ଆସି ଉପୁଜୁଛି; ଆମର ମନୋଗତ ବୁଦ୍ଧି ଏବଂ ମନୋଗତ ଇଚ୍ଛାଶକ୍ତି ସେଗୁଡ଼ିକୁ ନିୟନ୍ତ୍ରିତ କରି ସେହି କ୍ଷେତ୍ରରେ ଏକ ସୁସମତା ଆଣିବାଲାଗି ଚାହୁଁଛନ୍ତି ସତ, ମାତ୍ର ସେହି ଅଡୁଆ ଓ ଦ୍ୱନ୍ଦ୍ୱଭିତରୁ କୌଣସି ପ୍ରକାର ଶୃଙ୍ଖଳା ବା

'oaob.nitrkl.ac.in' images reprocessed

ନିର୍ଦ୍ଦେଶନା ସମ୍ଭବ କରିବାରେ ଅନେକ ଅସୁବିଧାର ସମ୍ମୁଖୀନ ହେଉଛନ୍ତି । ଏପରିକି ଏହି ଦୁର୍ଦ୍ଦଶା ଭିତରେ ପଡ଼ି ଆମେ ସାଧାରଣତଃ ଆମପ୍ରକୃତିର ସୁଅ ଉପରେ ବସି ଅନ୍ତରିକ୍ତ ଭାବରେ କେତେ କୁଆଡ଼କୁ ତଡ଼ି ହୋଇ ଚାଲିଯାଉଛୁ ଏବଂ ଯେଉଁ ମୁହୂର୍ତ୍ତରେ ଯେଉଁ ବୃତ୍ତିଟି ସବୁଠାରୁ ଅଧିକ ପ୍ରଭାବଶାଳୀ ହୋଇ ରହୁଛି ଓ ଆମ ଭାବନା ତଥା କ୍ରିୟାତ୍ମକତାର ଦଉଡ଼ିଗୁଡ଼ିକୁ କାବୁ କରି ରଖିପାରୁଛି, ସେହି ମୁହୂର୍ତ୍ତରେ ଆମେ ତାହାର ବୋଲ ମାନିହିଁ କାର୍ଯ୍ୟ କରିବାକୁ ବାଧ୍ୟ ହେଉଛୁ । ଏପରିକି ଯେତେବେଳେ ଆମେ ଆପଣା ଇଚ୍ଛାରେ ଆପଣାର ବାଟଟିଏ ବାଛିନେଇ କର୍ମରେ ପ୍ରବୃତ୍ତ ହେଉଛୁ ବୋଲି ଭାବୁଛୁ, ସେତେବେଳେ ମଧ୍ୟ ଆମେ ଆମର କଳ୍ପନାଗତ ଭାବରେ କେବଳ ଆଉ କାହାର ବଶରେ ଚାଲୁଥିବା ଏକ ଯନ୍ତ୍ରପରିହିଁ କାର୍ଯ୍ୟ କରୁଛୁ । ତେଣୁ ବୁଦ୍ଧିଗତ ବିବେକ ତଥା ଇଚ୍ଛାଶକ୍ତିର ସାହାଯ୍ୟ ନେଇ ଆମେ ଆମର ନାନାବିଧ ବସ୍ତୁ ଉପାଦାନ ଓ ଗତିରୁ ନିଷ୍ପନ୍ନ ଭାବନା, ଅନୁଭୂତି, ଆବେଗ ତଥା କର୍ମ ମଧ୍ୟରେ ଯେତେଯାହା ସମତା ଆଣିବାର ଉଦ୍ୟମ କରୁଛୁ, ତାହା କେବଳ ଅପୂର୍ଣ୍ଣ ଓ ଅଧାପନ୍ତରିଆ ହୋଇହିଁ ରହୁଛି । ଇତର ପ୍ରାଣୀସତ୍ତା ମଧ୍ୟରେ ପ୍ରକୃତି କେବଳ ଆପଣାର ମନୋଗତ ତଥା ପ୍ରାଣଗତ ବୋଧର ସାହାଯ୍ୟନେଇହିଁ କାର୍ଯ୍ୟ କରୁଥାଏ; ଅଭ୍ୟସ୍ତତା ଓ ସହଜାତ ପ୍ରବୃତ୍ତିର ବାଧ୍ୟତାମୂଳକତା ଦେଇ ପ୍ରକୃତି ସେଠାରେ ଏକ ଶୃଙ୍ଖଳା ଓ ବ୍ୟବସ୍ଥା କାର୍ଯ୍ୟକାରୀ କରୁଛି, ଯାହାକୁକି ଇତରପ୍ରାଣୀ ନିଃସନ୍ଦିଗ୍ଧ ଭାବରେ ମାନି ଚାଲୁଛି । ତେଣୁ ଇତରପ୍ରାଣୀର ଚେତନାରେ କୌଣସି ପରିବର୍ତ୍ତନ ହେଲେ ମଧ୍ୟ ତଦ୍ଦ୍ୱାରା କୌଣସି ବାଧା ଆସି ପହଞ୍ଚୁ ନାହିଁ । ମାତ୍ର ମନୁଷ୍ୟତ୍ୱର ଭୂମିକୁ ଆସି ମନୁଷ୍ୟ ଯେଉଁ ବିଶେଷ ଦକ୍ଷତାଗୁଡ଼ିକୁ ଅର୍ଜନ କରିଛି, ସେଗୁଡ଼ିକୁ ବର୍ଜନ କରି ସେ କଦାପି ଇତର ପ୍ରାଣୀଙ୍କ ପରି ଠିକ୍ ସେହିଭଳି କାର୍ଯ୍ୟ କରି ପାରିବ ନାହିଁ । ଆପଣାର ସତ୍ତାକୁ ସେ କଦାପି ପ୍ରକୃତିର ଯାନ୍ତ୍ରିକ ବିଧାନଦ୍ୱାରା ପ୍ରଶାସିତ କେତେଟା ସହଜାତ ପ୍ରବୃତ୍ତି ତଥା ଆବେଗର ଅରାଜକତା ହାତରେ ସମର୍ପି ଦେଇ ପାରିବ ନାହିଁ । ତା' ଭିତରେ ମନ ସଚେତନ ହେବାକୁ ଆରମ୍ଭ କରିଛି ଓ ସେହି କାରଣରୁ ସେ ନିଜେ ଦେଖିବାଲାଗି ଓ ଆପଣାର କ୍ଷେତ୍ରଟିକୁ ନିଜେ ନିୟନ୍ତ୍ରଣ କରିବାଲାଗି ଏକ ଚେଷ୍ଟା କରିବାକୁ ସତେଅବା ନିଜ ଭିତରୁହିଁ ବାଧ୍ୟ ହେବାରେ ଲାଗିଛି । ତା'ର ଅନେକ ଚେଷ୍ଟା କେବଳ ଏକ ପ୍ରାଥମିକ ସ୍ତରରେ ରହିଛି ସତ, ମାତ୍ର ପରିଶେଷରେ ତା'ର ଉପରିଭାଗୀୟ ସତ୍ତାଟିକୁ ରଚନା କରିଥିବା ପରି ମନେ ହେଉଥିବା କେତେ ଭିନ୍ନଧର୍ମୀ ଓ ପରସ୍ପର ସହିତ ସଂଘାତକାରୀ ପ୍ରବୃତ୍ତିଗୁଡ଼ିକର ଅଗଣିତ ରଜ୍ଜୁଗୁଡ଼ିକୁ ହାତକୁ ଆଣି ସେ ସେଗୁଡ଼ିକୁ ଅଧିକରୁ ଅଧିକ ପରିମାଣରେ ସମନ୍ୱୟବଦ୍ଧ କରି ରଖିବାର ଚେଷ୍ଟାକରୁଛି । ଆପଣା ଭିତରେ ଏଦିଗରେ ସେ ଯେତିକି କରିବାକୁ ସଫଳ ହେଉଛି, ଆମେ ତାହାକୁ ଏକ ନିୟନ୍ତ୍ରଣାଧୀନ ବିଶୃଙ୍ଖଳା କହିପାରିବା ଅଥବା ଏକ ଶୃଙ୍ଖଳିତ ଅଡ଼ୁଆ ବୋଲି ବି

'oaob.nitrkl.ac.in' images reprocessed

କରିପାରିବା; କିମ୍ବା ସେ ଅନ୍ତତଃ କେବଳ ଏତିକି ଭାବିବାରେ ସଫଳ ହୋଇ ପାରୁଛି ଯେ ସେ ଆପଣାର ମନ ଓ ଇଚ୍ଛା ଅନୁସାରେହିଁ ଆପଣାକୁ ବାଟ ଦେଖାଇ ନେଉଛି, ଅବଶ୍ୟ ତାହାର ସେହି ବାଟ ଦେଖାଇନେବା ସର୍ବଦା କେବଳ ଆଂଶିକ ହୋଇହିଁ ରହୁଛି । କାରଣ, ଚିରଭ୍ୟସ୍ତ ବହିର୍ମୁଖୀ ବିଚିତ୍ର ପ୍ରବୃତ୍ତି ତଥା ଶକ୍ତିର କେବଳ ଏକ ସଞ୍ଚିତ ଭଣ୍ଡାର ଯେ ତାହା ଭିତରେ ରହିଛି ତାହା ନୁହେଁ, ତାହାର ବଶର ବାହାରେ ମଧ୍ୟ ଅତି ଅପ୍ରତ୍ୟାଶିତ ଭାବରେ ଦେହ ଓ ପ୍ରାଣଗତ ଅନେକ ନୂତନ ପ୍ରବୃତ୍ତି ଓ ଆବେଗ ମଧ୍ୟ ତାହା ଭିତରେ ସତତ ଆତ୍ମପ୍ରକାଶ କରିବାରେ ଲାଗିଛି, ସମ୍ପୂର୍ଣ୍ଣ ଅନ୍ୟ ସ୍ତରର ଅନେକ ଅସଂଲଗ୍ନ ମନୋମୟ ଉପାଦାନ ମଧ୍ୟ ଆସି ପହଞ୍ଚି ଯାଉଛି; ଏଗୁଡ଼ିକ ତା'ର ବୁଦ୍ଧି ତଥା ଇଚ୍ଛାଶକ୍ତିକୁ କାମରେ ଲଗାଉଛି, ତା' ଭିତରେ ପ୍ରବେଶ କରି ତା'ର ଆତ୍ମଗଠନ, ତା'ର ପ୍ରକୃତିଗତ ବିକାଶ ଓ ତା'ର ଜୀବନକ୍ରିୟାଗୁଡ଼ିକୁ ନିୟନ୍ତ୍ରିତ କରୁଛି । ଆତ୍ମସତ୍ତାର ଭୂମିରେ ମନୁଷ୍ୟ ଅନନ୍ୟ, ସ୍ୱରୂପତଃ ଏକ ଅଦ୍ୱିତୀୟ ପୁରୁଷ, ମାତ୍ର ଆପଣା ଆତ୍ମ-ଅଭିବ୍ୟକ୍ତିର ଭୂମିରେ ତାହାର ମଧ୍ୟରେ ବହୁ ପୁରୁଷ ଏକତ୍ର ସମାହୃତ ହୋଇ ରହିଛନ୍ତି । ଯେପର୍ଯ୍ୟନ୍ତ ତା' ଭିତରେ ରହିଥିବା ସେହି ଅନନ୍ୟ ପୁରୁଷଟି ତା'ର ବହୁ ପୁରୁଷ ସମ୍ବଳିତ ଅନେକ ବ୍ୟକ୍ତିତ୍ୱ ଉପରେ ପ୍ରଭାବ ବିସ୍ତାର କରି ତାହାକୁ ଆପଣାର ଶାସନ ଭିତରକୁ ନ ଆଣିଛି, ମନୁଷ୍ୟ କଦାପି ଆପେ ଆପଣାର ନିୟାମକ ରୂପେ ପ୍ରତିଷ୍ଠିତ ହୋଇ ପାରିବ ନାହିଁ । ମାତ୍ର ତା'ର ଉପରିଭାଗସ୍ଥ ମନୋମୟ ଇଚ୍ଛାଶକ୍ତି ଓ ବୁଦ୍ଧି କେବଳ ଅପୂର୍ଣ୍ଣଭାବରେହିଁ ଏକଥାଟି କରିପାରିବ । ଯଦି ମନୁଷ୍ୟ ଅନ୍ତରର ଗଭୀରମଧ୍ୟକୁ ଯାଇ କେନ୍ଦ୍ରାଧିଷ୍ଠିତ ଯେଉଁ ପୁରୁଷ ତା'ର ସକଳ ପ୍ରକାଶ ଓ କ୍ରିୟାର ଆଦିମୂଳରୂପେ ଯାବତୀୟ ତତ୍ତ୍ୱକୁ ଆପଣାର ବିରାଟ ପ୍ରଭାବଦ୍ୱାରା ନିୟନ୍ତ୍ରିତ କରୁଛନ୍ତି, ତାହାଙ୍କୁ ଆବିଷ୍କାର କରିପାରିବ, ତେବେଯାଇ ତାହା ପୂର୍ଣ୍ଣରୂପେ ସିଦ୍ଧ ହୋଇ ପାରିବ । ଅନ୍ତରତମ ସତ୍ୟର ଭୂମି ଉପରେ ତନଖି ଦେଖିଲେ ଏହି କେନ୍ଦ୍ରାଧିଷ୍ଠିତ ସତ୍ତା ତା'ର ଆପଣାର ଆତ୍ମା ବ୍ୟତୀତ ଆଉ ଅନ୍ୟକେହି ନୁହନ୍ତି; ମାତ୍ର ବହିଃସ୍ଥ ତଥ୍ୟଗୁଡ଼ିକରୁ ବିଚାର କଲେ ତା' ମଧ୍ୟରେ ରହିଥିବା ସତ୍ତାଗତ କୌଣସି ନା କୌଣସି ଅଂଶହିଁ ତା'ର ଜୀବନର ଶାସନ କରୁଛି ଏବଂ ଆତ୍ମାର ଏହି ପ୍ରତିନିଧିଟିକୁ ଅଥବା ସହକାରୀ ଆତ୍ମସତ୍ତାକୁ ସେ ତା'ର ଅନ୍ତରତମ ଆତ୍ମାର ତତ୍ତ୍ୱ ବୋଲି ଭ୍ରମ କରିବାଲାଗି ସବୁବେଳେ ଆଶଙ୍କା ରହିଛି ।

ମନୁଷ୍ୟବ୍ୟକ୍ତିତ୍ୱର ବିକାଶରେ ଯେଉଁ ଭିନ୍ନ ଭିନ୍ନ ସୋପାନ ବା ସ୍ତର ବର୍ତ୍ତମାନ ରହିଛି, ତାହାର ମୂଳରେ ଭିନ୍ନ ଭିନ୍ନ ପ୍ରତିଭୂ-ଆତ୍ମାର ଏହି ବିଧାନଟିହିଁ କାର୍ଯ୍ୟ କରୁଛି । ବିକାଶର ସେହି ସୋପାନଗୁଡ଼ିକୁ ଆମେ ଆଗରୁ ଆଲୋଚନା କରି ଦେଖାଇ ଦେଇଛୁ; ଏବଂ ଆମର ଅନ୍ତର୍ଗତ ତତ୍ତ୍ୱଟି ଆମର ପ୍ରକୃତିକୁ ଯେପରି ଭାବରେ ଶାସନ

'oaob.nitrkl.ac.in' images reprocessed

କରୁଛୁ, ସେହି ବିଶେଷ ଦୃଷ୍ଟିକୋଣରୁ ମଧ୍ୟ ଆମେ ଏଠାରେ ତାହାର ଏକ ପୁନର୍ବିଲୋଚନା କରିପାରିବା । କେତେକଙ୍କର ଜୀବନରେ ଅନ୍ନମୟ ପୁରୁଷହିଁ ମନ, ଇଚ୍ଛାଶକ୍ତି ଓ କର୍ମସ୍ଥାନରେ ଅଧିପତି ହୋଇ ରହିଥାଏ; ଏହାଫଳରେ ମୂଳତଃ ଏକ ଅନ୍ନମୟ ମନୁଷ୍ୟରହିଁ ସୃଷ୍ଟି ହୁଏ ଯିଏକି କେବଳ ଆପଣାର ଦେହଗତ ଜୀବନ ତଥା ଅଭ୍ୟସ୍ତ ଆବଶ୍ୟକତା ଓ ଆବେଗ ମଧ୍ୟରେହିଁ ବାନ୍ଧି ହୋଇ ରହିଥାଏ, ପ୍ରାଣଗତ, ମନୋଗତ ତଥା ଦେହଗତ ଅଭ୍ୟାସଗୁଡ଼ିକ ଭିତରେ ବାନ୍ଧିହୋଇ ପଡ଼ିଥାଏ । ସେତିକି ସୀମାରୁ ପାର ହୋଇ ସେ ପ୍ରାୟ କେବେହେଲେ ସେପାଖକୁ ଚାହେଁ ନାହିଁ, ହୁଏତ ମୋଟେ କେବେହେଲେ ଚାହେଁ ନାହିଁ ଏବଂ ଆପଣା ଭିତରେ ରହିଥିବା ଯାବତୀୟ ଅନ୍ୟ ପ୍ରବୃତ୍ତି ଓ ସମ୍ଭାବନାଗୁଡ଼ିକୁ ଏହି ସ୍ୱକୀୟ ରୂପାୟନଟି ପାଖରେ କେବଳ ଏକ ଗୌଣ ସ୍ଥାନ ଦେଇ ରଖିଥାଏ । ମାତ୍ର ଏହି ଅନ୍ନମୟ ବ୍ୟକ୍ତିଠାରେ ମଧ୍ୟ ଅନ୍ୟ ଉପାଦାନଗୁଡ଼ିକ ନିଶ୍ଚୟ ରହିଥାଏ; ଏବଂ କେବଳ ଜନ୍ମ, ମୃତ୍ୟୁ ତଥା ସନ୍ତାନ ଉତ୍ପତ୍ତି, କେବଳ ସାଧାରଣ ଆବେଗ ଓ ବାସନାଗୁଡ଼ିକର ଚରିତାର୍ଥତା ଓ କେବଳ ପ୍ରାଣ ଓ ଶରୀରର ପୋଷଣକୁ ନେଇ ବ୍ୟସ୍ତ ହୋଇ ରହିଥିବା ଏକ ମନୁଷ୍ୟପ୍ରାଣୀରୂପେ ବଞ୍ଚିବା ତା'ଦ୍ୱାରା କଦାପି ହୋଇ ପାରେ ନାହିଁ । ଏତିକିକୁ ଆମେ ତା' ବ୍ୟକ୍ତିତ୍ୱର ସାମାନ୍ୟ ଓ ସାଧାରଣ ସୀମାରେଖା ବୋଲି ନିଶ୍ଚୟ କହିବା, ମାତ୍ର ଯେତେ କ୍ଷୀଣ ଭାବରେ ହେଲେ ମଧ୍ୟ ମନୁଷ୍ୟକୁ ଏହି ରେଖାଟିକୁ ଡେଇଁଯିବାକୁ ପଡ଼େ; ଆପଣା ଭିତରେ ଅନୁରୂପ ପ୍ରଭାବଗୁଡ଼ିକର ବିକାଶ ଘଟାଇ ପାରିଲେ ସେ ମନୁଷ୍ୟ-ବିବର୍ତ୍ତନର ଏକ ଉଚ୍ଚତର ସୋପାନକୁ ଉତ୍ତୀର୍ଣ୍ଣ ହୋଇଯାଏ । ଯଦି ସେତେବେଳେ ତା'ର ଅନ୍ତରସ୍ଥ ସୂକ୍ଷ୍ମଭୌତିକ ପୁରୁଷ ତଥାପି ଅଭିଳାଷ କରୁଥାଏ, ତେବେ ସେ ଏକ ସୂକ୍ଷ୍ମତର, ସୁନ୍ଦରତର ତଥା ପୂର୍ଣ୍ଣତର ଦେହଗତ ଜୀବନର ଆଦର୍ଶକୁ ଆପଣା ସମ୍ମୁଖରେ ଉନ୍ମୋଚିତ କରି ରଖିପାରେ ଏବଂ ଆପଣାର ନିଜ ଜୀବନରେ ଅଥବା ଆପଣାର ସାମୂହିକ ବା ସମଷ୍ଟିଗତ ଜୀବନରେ ତାହାର ଉପଲବ୍ଧି କରିବାଲାଗି ଆଶାୟୀ କିମ୍ବା ପ୍ରୟାସୀ ମଧ୍ୟ ହୋଇପାରେ । ଅନ୍ୟମାନଙ୍କ ଭିତରେ ହୁଏତ ପ୍ରାଣମୟ ପୁରୁଷଟିହିଁ ମନୁଷ୍ୟର ମନ, ସଙ୍କଳ୍ପ ତଥା କର୍ମ ଉପରେ ପ୍ରାଧାନ୍ୟ ବିସ୍ତାର କରି ରହିଥାଏ ଓ ସେଗୁଡ଼ିକୁ ଶାସନ କରୁଥାଏ । ଏବଂ ପରିଣାମସ୍ୱରୂପ ପ୍ରାଣମୟ ମନୁଷ୍ୟବ୍ୟକ୍ତିର ସୃଷ୍ଟି ହୁଏ, ଯିଏକି ଆତ୍ମପ୍ରତିଷ୍ଠା, ଆତ୍ମବୃଦ୍ଧି ଓ ଆତ୍ମ-ବିସ୍ତାରଣର ନାନା ଧନ୍ଦା ନେଇ ବ୍ୟସ୍ତ ହୋଇ ରହିଥାଏ, ଆପଣାର ମହତ୍ତ୍ୱାକାଙ୍କ୍ଷା, ଉଗ୍ର କାମନା, ଆବେଗ ଓ ଅଭିଳାଷଗୁଡ଼ିକୁ ଚରିତାର୍ଥ କରିବାରେ ଲାଗିଥାଏ, ଆପଣା ଅହଂର ଦାବିଗୁଡ଼ାକୁ ପୂରଣ କରୁଥାଏ ଏବଂ ଆଧିପତ୍ୟ ଓ କ୍ଷମତାବିସ୍ତାର, ଉତ୍ତେଜନା, ଯୁଦ୍ଧ, ସଂଘର୍ଷ ତଥା ଭିତରେ ଓ ବାହାରେ କେତେ କେତେ ଦୁଃସାହସି-କତାରେ ବ୍ୟାପୃତ ହୋଇ ରହିଥାଏ । ଜୀବନର ଆଉ ଯାବତୀୟ ଧନ୍ଦା ସତେଅବା

'oaob.nitrkl.ac.in' images reprocessed

କେବଳ ତାତ୍କାଳିକ ହୋଇ ରହିଥାଏ, ଏହି ପ୍ରଧାନ ବ୍ୟସ୍ତତାଗୁଡ଼ିକର ଅଧୀନ ହୋଇ ରହିଥାଏ; ପ୍ରାଣଗତ ଅହଂର ସଂରଚନା ଓ ସଂପ୍ରକାଶକୁହିଁ ସର୍ବଦା ଅଗ୍ରାଧିକାର ଦିଆଯାଏ । ମାତ୍ର ଏହି ପ୍ରାଣମୟ ବ୍ୟକ୍ତିଟି ଭିତରେ ବି ଏକ ବୁଦ୍ଧିଶୀଳ ମନୋମୟତା ତଥା ଚିନ୍ମୟତାର ଅନ୍ୟ ଉପାଦାନଗୁଡ଼ିକ ମଧ୍ୟ ବର୍ତ୍ତମାନ ଥାଏ ବା ବର୍ତ୍ତମାନ ରହିପାରେ; ଅବଶ୍ୟ ଏକଥା ସତ ଯେ ତା'ର ପ୍ରାଣଗତ ବ୍ୟକ୍ତିତ୍ୱ ତଥା ପ୍ରାଣଗତ ସାମର୍ଥ୍ୟର ତୁଳନାରେ ସେଗୁଡ଼ିକ କମ୍ ବିକଶିତ ଅବସ୍ଥାରେ ବର୍ତ୍ତମାନ ଥାଏ । ପ୍ରାଣଗତ ବ୍ୟକ୍ତିର ପ୍ରକୃତି ଅନ୍ନମୟ ବ୍ୟକ୍ତିର ପ୍ରକୃତି ତୁଳନାରେ ଅଧିକ ସକ୍ରିୟ ରହିଥାଏ, ଅଧିକ ବଳଦୃପ୍ତ ଓ ଅଧିକ ସଚଳ ଥାଏ, ତା' ଜୀବନ ଅଧିକ ଦୁର୍ଦ୍ଦାନ୍ତ ଓ ଶୃଙ୍ଖଳାବର୍ଜିତ ହୋଇ ରହିଥାଏ, ବେଳେବେଳେ ତାହା ଯେପରି ଆଦୌ କୌଣସି ପ୍ରକାର ଶାସନକୁହିଁ ମାନି ଚଳିବାକୁ ଇଚ୍ଛା କରେ ନାହିଁ । ଅନ୍ନମୟ ମଣିଷ ସର୍ବଦା ମାଟିକୁ କାମୁଡ଼ି ପଡ଼ିଥାଏ, ତାହାର ଜୀବନରେ ଜଡ଼ଭାବର ଏକ ସ୍ଥିତିଗତ ସମତା ପ୍ରତିଷ୍ଠିତ ହୋଇ ରହିଥାଏ । ମାତ୍ର ପ୍ରାଣମୟ ମନୁଷ୍ୟ ସର୍ବଦା ଅଧିକ ଗତିସଚଳ ଓ ଅଧିକ ସୃଷ୍ଟିଶୀଳ । କାରଣ ପ୍ରାଣମୟ ସତ୍ତାର ଉପାଦାନ ମାଟି ନୁହେଁ, ବାୟୁ; ବାୟୁ ହେଉଛି ଅଧିକ ଗତିଶୀଳ ଏବଂ କମ୍ ସ୍ଥିତିଧର୍ମୀ । ତେଜସ୍ୱୀ ପ୍ରାଣମୟ ମନ ଓ ଇଚ୍ଛା ସକ୍ରିୟ ପ୍ରାଣମୟ ସକଳ ଶକ୍ତିକୁ ବଡ଼ ସହଜରେ ଆପଣାର ହାତମୁଠାକୁ ଆଣିପାରେ, ସେଗୁଡ଼ିକୁ ନିୟନ୍ତ୍ରଣରେ ରଖିପାରେ; ମାତ୍ର ଜୋର କରି ଦମନ ଓ ବାଧ୍ୟ କରିବା ହେଉଛି ତାହାର ଗତି, ସତ୍ତାର ସମନ୍ୱୟ ବା ସାମଞ୍ଜସ୍ୟ ସାଧନ କରିବା ଆଦୌ ତା' ଧର୍ମର ଅନ୍ତର୍ଗତ ନୁହେଁ । ମାତ୍ର ଯଦି ଏକ ବଳବାନ୍ ପ୍ରାଣଗତ ବ୍ୟକ୍ତିସତ୍ତା, ପ୍ରାଣଗତ ମନ ଓ ପ୍ରାଣଗତ ଇଚ୍ଛା ବିଚାରବୁଦ୍ଧିକୁ ଆପଣାର ଦୃଢ଼ ସହାୟକ ଓ ସହଯୋଗୀରୂପେ ପାଏ ଏବଂ ତାହାର ଦିଗ୍‌ଦର୍ଶନ ମାନି ଚଳେ, ତେବେ ଏକ ପ୍ରବଳ ଶକ୍ତିସମ୍ପନ୍ନ ରୂପାୟନ ଆପଣାକୁ ସମ୍ଭବ କରିଥାଏ; ଏହି ରୂପାୟନଟିରେ ଅଳ୍ପବହୁତ ଭାରସାମ୍ୟ ରହିଥାଏ, ମାତ୍ର ତାହା ସର୍ବଦା ବଳଦୃପ୍ତ, ସଫଳକାମ ଓ କାର୍ଯ୍ୟସାଧକ ହୋଇ ରହିଥାଏ । ତାହା ପ୍ରକୃତି ତଥା ପରିବେଶ ଉପରେ ଆପଣାର ପ୍ରଭାବ ବିସ୍ତାର କରିବାକୁ ସମର୍ଥ ଥାଏ ଏବଂ ଜୀବନ ଓ କ୍ରିୟାର କ୍ଷେତ୍ରରେ ଆପଣାକୁ ଶକ୍ତିଶାଳୀ ଭାବରେ ପ୍ରତିଷ୍ଠିତ କରି ରଖେ । ପ୍ରକୃତିର ଆରୋହଣକ୍ରମରେ ସମ୍ଭବ ହେଉଥିବା ସାମଞ୍ଜସ୍ୟପୂର୍ଣ୍ଣ- ରୂପାୟନରେ ଆମେ ଏଇଟିକୁହିଁ ଦ୍ୱିତୀୟ ସୋପାନ ବୋଲି କହିବା ।

ବ୍ୟକ୍ତିସତ୍ତାର ବିବର୍ତ୍ତନରେ ଏକ ଉଚ୍ଚତର ସୋପାନରେ ମନୋମୟ ସତ୍ତାର ଶାସନ ଘଟିପାରେ । ସେଠାରେ ମନୋମୟ ମନୁଷ୍ୟର ସୃଷ୍ଟି ହୁଏ; ଅନ୍ୟମାନେ ଆପଣା ଆପଣାର ପ୍ରାଣମୟ କିମ୍ବା ଅନ୍ନମୟ ପ୍ରକୃତିରେ ବାସ କରୁଥିବା ପରି ମନୋମୟ ମନୁଷ୍ୟ ପ୍ରଧାନତଃ ମନର ଭୂମିରେହିଁ ଅବସ୍ଥାନ କରୁଥାଏ । ମନୋମୟ ମଣିଷ

'oaob.nitrkl.ac.in' images reprocessed

ଭିତରେ ତା'ସତ୍ତାର ଅବଶିଷ୍ଟ ଭାଗଗୁଡ଼ିକୁ ମାନସିକ ଆତ୍ମ-ଅଭିବ୍ୟକ୍ତି, ମାନସିକ ଉଦ୍ଦେଶ୍ୟ, ମାନସିକ କେତେ ଆଗ୍ରହ ଅଥବା କୌଣସି ଏକ ମନୋମୟ ଭାବ କିମ୍ବା ଆଦର୍ଶର ଅଧୀନ କରି ରଖିଥାଏ । ଏହିପରି ଅଧୀନ କରି ରଖିବା ବଡ଼ କଷ୍ଟକର ହୁଏ, ଅଥଚ ସେଇଟି ସିଦ୍ଧ ହୋଇ ପାରିଲେ ସେଥିରୁ ପ୍ରଭୂତ ଫଳଲାଭ ହୋଇଥାଏ; ତେଣୁ ଆପଣା ପ୍ରକୃତିର ଏକ ସମତାବସ୍ଥାରେ ଉପନୀତ ହୋଇ ପାରିବା ମନୋମୟ ମନୁଷ୍ୟ ଲାଗି ଏକାଧାରରେ ଅଧିକ କଷ୍ଟକର ଏବଂ ଅଧିକ ସହଜ ହୋଇ ରହିଥାଏ । ଏହା ଅଧିକ ସହଜ ହୁଏ, କାରଣ ମନୋମୟ ଇଚ୍ଛାଶକ୍ତିଟି ଥରେ ନିୟନ୍ତ୍ରଣକୁ ଆସିଗଲେ ବିଗ୍ରହଗତ ବୁଦ୍ଧିର ଶକ୍ତି ଆପଣାର ଯୁକ୍ତିଦ୍ୱାରା ବିଶ୍ୱାସ ଉତ୍ପନ୍ନ କରିବାରେ ସମର୍ଥ ହୋଇଥାଏ ଏବଂ ପ୍ରାଣ, ଦେହ ତଥା ସେମାନଙ୍କର ଦାବିଗୁଡ଼ିକ ଉପରେ ଆଧିପତ୍ୟ ବିସ୍ତାର କରେ, ସେଗୁଡ଼ିକୁ ସଙ୍କୁଚିତ କରିଦିଏ ଓ ଦମନ କରି ମଧ୍ୟ ରଖିପାରେ, ସେଗୁଡ଼ିକୁ ବ୍ୟବସ୍ଥିତ ତଥା ସମନ୍ୱିତ କରି ଦେଇପାରେ, ସେଗୁଡ଼ିକୁ ଆପଣାର ସାଧନରୂପେ ବ୍ୟବହୃତ ହେବାକୁ ବାଧ୍ୟ କରିପାରେ; ଏବଂ ଏପରିକି ସେଗୁଡ଼ିକର ପ୍ରାଦୁର୍ଭାବକୁ ଯଥାସମ୍ଭବ ଅଧିକ କମ୍ କରି ଦେଇପାରେ, ଯେପରିକି ସେମାନେ ଆଉ ମାନସିକ ଜୀବନର କ୍ଷେତ୍ରରେ କୌଣସି ବିଶୃଙ୍ଖଳା ଆଣିପାରନ୍ତି ନାହିଁ କିମ୍ବା ମନକୁ ତାହାର ଭାବ ଓ ଆଦର୍ଶଗତ ଆସ୍ଥାନରୁ ତଳକୁ ଖସାଇ ଆଣିପାରନ୍ତି ନାହିଁ । ଏହା ଅଧିକ କଷ୍ଟକର ହୁଏ, କାରଣ ପ୍ରାଣ ଓ ଦେହ ଆଦ୍ୟ ଦୁଇଟି ଶକ୍ତି ହୋଇଥିବାରୁ ଯଦି ସେମାନେ ଏତେ ଟିକିଏ ପରିମାଣରେ ବି ଶକ୍ତିସମ୍ପନ୍ନ ହୁଅନ୍ତି, ତେବେ ପ୍ରାୟ ଏକ ଅପ୍ରତିରୋଧ୍ୟ ଅଦମ୍ୟତା ସହକାରେ ଆପଣାକୁ ଆଣି ମନୋମୟ ନିୟାମକ ଉପରେ ଲଦି ବି ଦେଇପାରନ୍ତି । ମନୁଷ୍ୟ ହେଉଛି ଏକ ମନୋମୟ ସତ୍ତା ଏବଂ ତା'ର ଏହି ଭୂମିଟିରେ ମନ ହେଉଛି ପ୍ରାଣ ଓ ଦେହର ନେତା; ମାତ୍ର ଇଏ ଏପରି ଗୋଟିଏ ନେତା, ଯିଏକି ଆପଣାର ଅନୁଗାମୀମାନଙ୍କଦ୍ୱାରାହିଁ ଅତି ବେଶୀ ଭାବରେ ପରିଚାଳିତ ହେଉଥାଏ ଏବଂ ସେମାନେ ଏହା ଉପରେ ଯେଉଁ ଇଚ୍ଛାଟିକୁ ଆଣି ଲଦି ଦିଅନ୍ତି, ଅନେକ ସମୟରେ କେବଳ ସେଇଟି ବ୍ୟତୀତ ଯାହାର କି ସ୍ୱତନ୍ତ୍ର ଅନ୍ୟକୌଣସି ଇଚ୍ଛାହିଁ ନଥାଏ । ଆପଣାର ସବୁ ସାମର୍ଥ୍ୟ ସତ୍ତ୍ୱେ ମନ ଅନେକ ସମୟରେ ନିଶ୍ଚେତନ ଓ ଅବଚେତନ ଆଗରେ ସତେଅବା ବଡ଼ ଶକ୍ତିହୀନ ହୋଇ ରହିଥାଏ । ଏହି ନିଶ୍ଚେତନ ଓ ଅବଚେତନ ମନର ସ୍ୱଚ୍ଛ ଦୃଷ୍ଟିକୁ ଆଚ୍ଛନ୍ନ କରିପକାନ୍ତି ଏବଂ ସହଜାତ ପ୍ରବୃତ୍ତି ଓ ଅନ୍ଧ ଆବେଗର ଜୁଆର ଉପରେ ବସାଇ ତାକୁ କୁଆଡ଼େ ତଡ଼ିନେଇ ଯାଆନ୍ତି । ଆପଣା ଦୃଷ୍ଟିର ସକଳ ସ୍ୱଚ୍ଛତା ସତ୍ତ୍ୱେ ମନ ପ୍ରାଣଗତ ଓ ଆବେଗଗତ ନାନା ପ୍ରରୋଚନାରେ ପଡ଼ି ଅତି ନିର୍ବୋଧଙ୍କ ପରି ଅବିଦ୍ୟା ଓ ଭ୍ରମକୁ ମଧ୍ୟ ବାଛି ଗ୍ରହିଦିଏ, ଭ୍ରାନ୍ତ ଭାବନା ଏବଂ ଭ୍ରାନ୍ତ କର୍ମକୁ ବାଛି ଗ୍ରହିଦିଏ; ଏବଂ ସେ ଯାହାକୁ ଅତି ସ୍ପଷ୍ଟଭାବରେ ଭୁଲ, ବିପଜ୍ଜନକ ବା ଅନର୍ଥକର ବୋଲି ଜାଣିଥାଏ, ପ୍ରକୃତି ସେହିଗୁଡ଼ାକ ପଛରେ

'oaob.nitrkl.ac.in' images reprocessed

ଧାଇଁଥିବା ବେଳେ ମଧ୍ୟ ମନ କିଛି କରି ପାରେ ନାହିଁ ଓ ଖାଲି ଅନାଇ ରହିବାକୁ ବାଧ୍ୟ ହୁଏ । ଏପରିକି ସେ ଯେତେବେଳେ ସବଳ ହୋଇଯାଏ, ତାହାର ଦୃଷ୍ଟି ସ୍ୱଚ୍ଛ ହୁଏ ଓ ସେ ଦେହ ଓ ପ୍ରାଣ ଉପରେ ପ୍ରଭୁତ୍ୱ ବିସ୍ତାର କରିବାକୁ ସମର୍ଥ ବି ହୁଏ, ସେତେବେଳେ ସେ ଅନେକ ପରିମାଣରେ ଏକପ୍ରକାର ମନୋମୟ ସମତାବସ୍ଥାକୁ ଆଣି ଲାଗିଦେଇ ପାରୁଥିଲେ ମଧ୍ୟ ସେ ସମୁଦାୟ ସତ୍ତା ଓ ପ୍ରକୃତିଟିକୁ ଏକତ୍ୱ ମଧ୍ୟରେ ଆଦୌ ପ୍ରତିଷ୍ଠିତ କରି ପାରେ ନାହିଁ । ତାହାଛଡ଼ା ପ୍ରକୃତିର ଏହି ନିମ୍ନତର କ୍ଷେତ୍ରଟିର ଶାସନ ଓ ନିର୍ଦ୍ଦେଶନାରେ ଯେଉଁ ସମତାବସ୍ଥାର ସ୍ଥାପନା ହୁଏ, ସେଥିରେ ଆଦୌ କୌଣସି ନିଶ୍ଚିତତା ନଥାଏ; କାରଣ ସେହି କ୍ଷେତ୍ରରେ ପ୍ରକୃତିର କେବଳ ଗୋଟିଏ ଅଂଶ ପ୍ରବଳ ହୋଇ ଆପଣାର ଚରିତାର୍ଥତା ସାଧନ କରେ ଏବଂ ଅନ୍ୟ ଅଂଶଗୁଡ଼ିକ ତାହାର ଉତ୍ପୀଡ଼ନ ସହ୍ୟ କରୁଥା'ନ୍ତି ଏବଂ ଆପଣାର ପରିପୂର୍ଣ୍ଣତା ଲାଭ କରିବାକୁ ବଞ୍ଚିତ ହୋଇ ରହିଥା'ନ୍ତି । ଆରୋହଣର ପଥରେ ଏଗୁଡ଼ିକୁ ମଧ୍ୟବର୍ତ୍ତୀ ଗୋଟିଏ ଗୋଟିଏ ସୋପାନ ବୋଲି କୁହାଯାଇ ପାରେ, ମାତ୍ର ଅନ୍ତିମ ସୋପାନ ବୋଲି କଦାପି କୁହାଯିବ ନାହିଁ । ତେଣୁ ପ୍ରକୃତିର କୌଣସି ଗୋଟିଏ ଅଂଶ ଏକେଶ୍ୱର ହୋଇ ବସିଛି ଏବଂ ସମଗ୍ର ପ୍ରକୃତିଟିରେ ଏକ ଆଂଶିକ ସମତାବସ୍ଥା ମଧ୍ୟ ଆଣିପାରିଛି;—ଅଧିକାଂଶ ଲୋକଙ୍କ ମଧ୍ୟରେ ଏକଥାଟି ବି କେବେ ଦେଖିବାକୁ ମିଳେ ନାହିଁ । ବରଂ ଦୃଷ୍ଟିଗୋଚର ହୁଏ ଯେ ଗୋଟିଏ ଅଂଶ କେବଳ ଅତିମାତ୍ରାରେ ପ୍ରବଳ ହୋଇ ପଡ଼ିଛି, ଏବଂ ଅବଶିଷ୍ଟ ଅଂଶଟିରେ ବ୍ୟକ୍ତିସତ୍ତା କେବଳ ଅର୍ଦ୍ଧଗଠିତ ଅବସ୍ଥାରେ ରହିଛି ବା ଆପଣାର ଗଠନରେ କେବଳ ଅଧବାଟ ଯାଏ ପହଞ୍ଚି ପାରିଛି ଏବଂ ତାହାଫଳରେ ଏକ ଅସ୍ଥାୟୀ ସମତାବସ୍ଥାର ପ୍ରତୀତି ହେଉଛି; ପୁଣି କେତେବେଳେ ସବୁ ରଜ୍ଜୁଗୁଡ଼ିକୁ ହାତରେ ଧରି ପାରିବାଭଳି କେନ୍ଦ୍ରସ୍ଥିତ କୌଣସି ନିୟନ୍ତ୍ରଣ ନଥିବାରୁ ହୁଏତ ଏକ ଅସମତାବସ୍ଥାର ସୃଷ୍ଟି ହୋଇଛି ଅଥବା ଆଗରୁ ଆଂଶିକ ଭାବରେ ଉପଲବ୍ଧ ହୋଇଥିବା କୌଣସି ଏକ ସ୍ଥିତି ବ୍ୟାହତ ହୋଇ ପଡ଼ିଛି । ଆମର ଯଥାର୍ଥ ଭିତରକେନ୍ଦ୍ରଟିକୁ ଆବିଷ୍କାର କରିନେଇ ଏକ ଯଥାର୍ଥ ସମତାବସ୍ଥା ଉପଲବ୍ଧ ହୋଇପାରିବା ପର୍ଯ୍ୟନ୍ତ ପରିବର୍ତ୍ତନକାଳୀନ ଏହିସବୁ ସାମୟିକ ବ୍ୟବସ୍ଥା କିମ୍ବା ଅବ୍ୟବସ୍ଥା ରହିବହିଁ ରହିବ । କାରଣ କେନ୍ଦ୍ରରେ ଅବସ୍ଥିତ ସେହି ପ୍ରକୃତ ସତ୍ତାଟି ହେଉଛି ଆମର ଆତ୍ମା; ମାତ୍ର ଏହି ସତ୍ତା କେବଳ ପଛକୁ ଅପସରି ଯାଇ ଦଣ୍ଡାୟମାନ ରହିଥାଏ ଏବଂ ଅଧିକାଂଶ ମନୁଷ୍ୟଙ୍କର ପ୍ରକୃତିରେ କେବଳ ଏକ ଗୁପ୍ତ ସାକ୍ଷୀରୂପେ ଅବସ୍ଥିତ ଥାଏ, କିମ୍ବା ହୁଏତ ଏପରି ବି କୁହାଯାଇ ପାରିବ ଯେ ଏକ ସମ୍ବିଧାନତନ୍ତ୍ରରେ ଶାସକ ହୋଇ ବସିଥାଏ । ତା'ର ମନ୍ତ୍ରୀମାନେହିଁ ତା' ଲାଗି ଶାସନ କାର୍ଯ୍ୟ ନିର୍ବାହ କରୁଥା'ନ୍ତି, ସେହିମାନଙ୍କ ହାତରେହିଁ ସେ ସାମ୍ରାଜ୍ୟର ଶାସନ ଡୋରକୁ ସମର୍ପି ଦେଇଥାଏ, ସେମାନଙ୍କର ନିଷ୍ପତ୍ତିଗୁଡ଼ିକରେ ନୀରବ ସମ୍ମତି

'oaob.nitrkl.ac.in' images reprocessed

ଜଣାଉଥାଏ ଏବଂ କେବଳ ମଝିରେ ମଝିରେ ପଦେପଦେ କ'ଣ କହି ଦେଉଥାଏ, ଯାହାକୁ କି ସେମାନେ ଯେକୌଣସି ମୁହୂର୍ତ୍ତରେ ଅମାନ୍ୟ କରିପାରିବେ ଓ ଆପଣାର ଅନ୍ୟ ମତରେ କାର୍ଯ୍ୟ କରିପାରିବେ । ମାତ୍ର ଯେପର୍ଯ୍ୟନ୍ତ ଚୈତ୍ୟସତ୍ତା ଦ୍ୱାରା ଉପସ୍ଥାପିତ ଆମର ଆତ୍ମିକ ବ୍ୟକ୍ତିତ୍ୱଟି ଯଥେଷ୍ଟ ପରିମାଣରେ ବିକାଶଲାଭ କରି ନଥାଏ, କେବଳ ସେହିପର୍ଯ୍ୟନ୍ତହିଁ ଏପରି ଚାଲିଥାଏ । ମାତ୍ର ଯେତେବେଳେ ତାହା ଯଥେଷ୍ଟ ଶକ୍ତିସମ୍ପନ୍ନ ହୁଏ ଏବଂ ତାହାରି ମାଧ୍ୟମରେ ଅନ୍ତରତର ସତ୍ତାଟି ଆପଣାକୁ ପ୍ରତିଷ୍ଠିତ କରିବାରେ ସମର୍ଥ ହୁଏ, ସେତେବେଳେ ଆତ୍ମା ମଧ୍ୟ ପୁରୋଭାଗକୁ ଆସି ପ୍ରକୃତିର ନିୟନ୍ତା ହୋଇ ବସିପାରେ । ଏବଂ ଯେତେବେଳେ ପ୍ରକୃତ ରାଜା ବାହାରକୁ ବାହାରିଆସେ ଓ ଶାସନର ରଜ୍ଜୁଗୁଡ଼ିକୁ ଆପଣା ହାତକୁ ନେଇଯାଏ, ସେତିକିବେଳେ ଆମର ସତ୍ତା ଓ ଆମର ଜୀବନକ୍ଷେତ୍ରରେ ଏକ ଯଥାର୍ଥ ସମତାସ୍ଥାପନ ସମ୍ଭବ ହୁଏ ।

ଆମର ଏହି ଉପରିଭାଗସ୍ଥ ସତ୍ତାରେ ଅଧ୍ୟାତ୍ମ ପରମସତ୍ୟ ସହିତ ଏକ ଅପରୋକ୍ଷ ସମ୍ପର୍କ ସ୍ଥାପିତ ହୋଇ ପାରିଲେ ଆତ୍ମାର ସମ୍ପୂର୍ଣ୍ଣ ଆବିର୍ଭାବ ସକାଶେ ଏକ ପ୍ରଥମ ଅନୁକୂଳ ଅବସ୍ଥା ଆସି ପହଞ୍ଚେ । କାରଣ ସେ ନିଜେ ମଧ୍ୟ ସେହି ପରମସତ୍ୟରୁହିଁ ଆସିଥାଏ; ପ୍ରତିଭାସମୟ ପ୍ରକୃତିରେ ଯାହାକିଛି ଏକ ଉଚ୍ଚତର ସତ୍ୟର ସମ୍ବାଦ ବୋଲି ମନେ ହୋଇଥାଏ ଏବଂ ତାହାର ସଙ୍କେତ ଓ ଲକ୍ଷଣରୂପେ ଗୃହୀତ ହୋଇପାରେ, ଆମ ମଧ୍ୟରେ ରହିଥିବା ଚୈତ୍ୟ ଉପାଦାନଟି ନିରନ୍ତର ତାହାରି ଆଡ଼କୁହିଁ ଆକୃଷ୍ଟ ହୋଇଥାଏ । ଯାହା କଲ୍ୟାଣମୟ, ଯାହା ସତ୍ୟ ଓ ଯାହା ସୁନ୍ଦର, ପ୍ରଥମେ ତାହାରି ମଧ୍ୟଦେଇହିଁ ଚୈତ୍ୟସତ୍ତା ସେହି ପରମସତ୍ୟକୁ ଖୋଜିବାକୁ ବାହାରେ; ଯାହାକିଛି ଶୁଦ୍ଧ, ମାର୍ଜିତ, ଉଚ୍ଚ ଓ ଉଦାତ୍ତ ତାକୁ ତାହାରି ମଧ୍ୟରେ ଅନ୍ୱେଷଣ କରୁଥାଏ । ମାତ୍ର ବାହ୍ୟ ସଙ୍କେତ ଓ ଲକ୍ଷଣଗୁଡ଼ିକର ମଧ୍ୟଦେଇ ଏହି ସଂସ୍ପର୍ଶଲାଭ ପ୍ରକୃତିରେ ଆବଶ୍ୟକ ପରିବର୍ତ୍ତନ ଆଣି ତାହାକୁ ଯଥୋପଯୁକ୍ତ ଭାବରେ ପ୍ରସ୍ତୁତ କରି ପାରୁଥିଲେ ମଧ୍ୟ ଏହା ତାହାକୁ ସମ୍ପୂର୍ଣ୍ଣଭାବେ, ଅନ୍ତର୍ଗତ ବା ଗଭୀର ଭାବେ କଦାପି ବଦଳାଇ ପାରିବ ନାହିଁ । କାରଣ ଏହିପରି ଏକ ଅନ୍ତର୍ଗତ ପରିବର୍ତ୍ତନ ସକାଶେ ପରମ ସତ୍ୟ ସହିତ ଏକ ପ୍ରତ୍ୟକ୍ଷ ସଂସ୍ପର୍ଶଲାଭକୁ ପ୍ରକୃତରେ ଅପରିହାର୍ଯ୍ୟ ବୋଲି କହିବାକୁ ପଡ଼ିବ, କାରଣ ଏହା ବ୍ୟତୀତ ଆଉ ଯାହା କଲେ ମଧ୍ୟ ତାହା ଆମ ସତ୍ତାର ମୂଳଭିତ୍ତିକୁ କଦାପି ଏପରି ଗଭୀର ଭାବରେ ସ୍ପର୍ଶ କରି ପାରିବ ନାହିଁ, ତାହାକୁ ଦୋହଲାଇ ଦେଇ ପାରିବ ନାହିଁ କିମ୍ବା ଏହିପରି ଦୋହଲାଇ ଦେବାଦ୍ୱାରା ପ୍ରକୃତିକୁ ରୂପାନ୍ତରର ଉଦ୍‌ବେଳନ ଆଣି ଦେବ ନାହିଁ । ମନ ଯେଉଁସବୁ ପ୍ରତିରୂପକୁ ଫୁଟାଇ ଦେଉଛି, ସଂବେଗଗତ ଉଚ୍ଛ୍ୱାସ ଏବଂ ଶକ୍ତିର କ୍ରିୟାଶୀଳତା ଦ୍ୱାରା ଯେଉଁସବୁ ଆକାର ମୂର୍ତ୍ତି ହୋଇ ଉଠୁଛି, ସେଗୁଡ଼ିକର ଅବଶ୍ୟ ଏକ ମୂଲ୍ୟ ଓ ପ୍ରୟୋଜନ ରହିଛି । ସତ୍ୟ, ଶିବ ଓ ସୁନ୍ଦର ହେଉଛି ସେହି

'oaob.nitrkl.ac.in' images reprocessed

ପରମସତ୍ୟର ଶକ୍ତିମତ୍ତାସମ୍ପନ୍ନ ଆଦିରୂପ; ଏପରିକି ମନର ଦୃଷ୍ଟି ସମକ୍ଷରେ ସେଗୁଡ଼ିକର ଯେଉଁସବୁ ରୂପାୟନ ବ୍ୟକ୍ତି ହୋଇ ଉଠିଥାଏ, ହୃଦୟର ସାହାଯ୍ୟରେ ଆମେ ସେଗୁଡ଼ିକର ଯେଉଁସବୁ ରୂପାୟନକୁ ଅନୁଭବ କରୁ ଅଥବା ଆପଣା ଜୀବନରେ ଉପଲବ୍ଧି କରିଥାଉ, ସେଗୁଡ଼ିକ ମଧ୍ୟ ଆରୋହଣପଥରେ ସୋପାନମାଳା ପରି କାର୍ଯ୍ୟ କରିପାରେ; ମାତ୍ର କେବଳ ସେଗୁଡ଼ିକର ତଥା ତାହାର ନିଜର ଏକ ଆଧ୍ୟାତ୍ମିକ ଉପାଦାନ ତଥା ସତ୍ତାରେହିଁ ସେମାନେ ପ୍ରତିନିଧିତ୍ୱ କରୁଥିବା ସେହି ପରମ ତତ୍ତ୍ୱସ୍ୱରୂପ ଆମର ଅନୁଭୂତି ମଧ୍ୟରେ ଆସି ଆବିର୍ଭୂତ ହୋଇ ପାରିବ ।

ପ୍ରଧାନତଃ ମନନସମର୍ଥ ମନକୁହିଁ ଏକ ମଧ୍ୟବର୍ତ୍ତୀ ତନ୍ତ୍ର ଓ ସାଧନରୂପେ ବ୍ୟବହାର କରି ହିଁ ଏତି ଆତ୍ମା ଏହି ସଂସ୍ପର୍ଶଟିକୁ ଲାଭ କରିବାର ଉଦ୍ୟମ କରିପାରେ । ଅନ୍ତରାତ୍ମା ବୁଦ୍ଧି ତଥା ଅନ୍ତର୍ଦୃଷ୍ଟିସମ୍ପନ୍ନ ବୃହତ୍ତର ମନ ଏବଂ ବୋଧିଚେତନା ଦ୍ୱାରା ଉଦ୍‌ଭାସିତ ମନ ଉପରେ ଚୈତ୍ୟସତ୍ତାର ଏକ ଛାପ ଅଙ୍କିତ କରି ଦେଇପାରେ ଏବଂ ସେଗୁଡ଼ିକୁ ସେହିଆଡ଼କୁ ମୁହାଁଇ ରଖିପାରେ । ଆପଣାର ଉଚ୍ଚତମ ଶିଖରକୁ ଆସି ମନନଶୀଳ ମନ ସର୍ବଦା ନୈର୍ବ୍ୟକ୍ତିକ ତତ୍ତ୍ୱଟି ଆଡ଼କୁ ଆକୃଷ୍ଟ ହୋଇଯାଏ; ଆପଣାର ଅନୁସନ୍ଧାନପଥରେ ଏହା ଏକ ଆଧ୍ୟାତ୍ମିକ ସାରସତ୍ତା ବିଷୟରେ ସଚେତନ ହୋଇଉଠେ, ଏହିସବୁ ବାହ୍ୟ ସଙ୍କେତ ତଥା ଲକ୍ଷଣଗୁଡ଼ିକରେ ଆପଣାକୁ ଅଭିବ୍ୟକ୍ତ କରୁଥିବା ଅଥଚ ସ୍ୱଭାବତଃ ଯେକୌଣସି ରୂପାୟନ ଓ ଅଭିବ୍ୟକ୍ତ ଆକୃତିଠାରୁ ଅଧିକ ହୋଇ ରହିଥିବା ଏକ ନୈର୍ବ୍ୟକ୍ତିକ ପରମସତ୍ୟ ବିଷୟରେ ସଚେତନ ହୋଇଉଠେ । ଏହା ଏପରି ଏକ ପରମସମ୍ପଦର ଅନୁଭୂତି ଲାଭ କରେ ଯାହା ବିଷୟରେ କି ତାହା ଅତି ଅନ୍ତରଙ୍ଗ ଭାବରେ ଓ ଅତି ଅଦୃଶ୍ୟ ଭାବରେ ସଂବିତ୍ତିସମ୍ପନ୍ନ ହୋଇ ଉଠିଥାଏ; ଏକ ପରମ ସତ୍ୟ, ପରମ ଶିବ, ପରମ ସୁନ୍ଦର, ପରମ ଶୁଚିତା ଓ ପରମ ଆନନ୍ଦ ବିଷୟରେ ସଂବିତ୍ତିସମ୍ପନ୍ନ ହୋଇ ଉଠେ । ସେହି ସ୍ପର୍ଶଟି ଯେପରି କ୍ରମେ ଅଧିକ ଗଭୀର ଓ ଅଧିକ ଅନ୍ତରଙ୍ଗ ହୋଇ ଆସୁଥାଏ, ସେହିପରି ସେହି ତତ୍ତ୍ୱ ଯେ ଅନୁଭବର ଅତୀତ, ଏହି ବୋଧଟି ଅପସରି ଯାଇ କ୍ରମେ ତାହା ଅଧିକ ପରିମାଣରେ ଅନୁଭବର ସୀମାମଧ୍ୟରେ ଧରା ଦେବାକୁ ଆରମ୍ଭ କରେ । କେବଳ ଏକ ବସ୍ତୁନିରପେକ୍ଷ ଭାବମାତ୍ର ହୋଇ ନରହି ତାହା କ୍ରମେ ଅଧିକ ତଦ୍‌ଗତ ଓ ଅଧିକ ବାସ୍ତବ ସତ୍ୟରୂପେ ଦୃଷ୍ଟିଗୋଚର ହୁଏ; ଯେଉଁ ଶାଶ୍ୱତ ଓ ଅନନ୍ତ ପରମବସ୍ତୁ ଏଠାରେ ବିଦ୍ୟମାନ ଥିବା ସବୁକିଛିର ରୂପ ଧାରଣ କରିଛନ୍ତି ଓ ସେଗୁଡ଼ିକୁ ଅତିକ୍ରମ କରି ମଧ୍ୟ ବିଦ୍ୟମାନ ଅଛନ୍ତି, ତାଙ୍କର ସଂସ୍ପର୍ଶ ଓ ଛାପ କ୍ରମଶଃ ଅଧିକ ପରିମାଣରେ ଅନୁଭୂତ ହେବାକୁ ଲାଗେ । ଏହି ପରମ ନୈର୍ବ୍ୟକ୍ତିକତା ମଧ୍ୟରୁ ଏକ ଛାପ ଆସି ପହଞ୍ଚେ ଯାହାକି ସମଗ୍ର ମନଟିକୁ ଆପଣାର ଏକ ରୂପରେ ଗଢ଼ି ଦେବାକୁ ଇଚ୍ଛା କରୁଥାଏ, ଏବଂ ତହିଁ ସଙ୍ଗେସଙ୍ଗେ ବସ୍ତୁଗୁଡ଼ିକର

'oaob.nitrkl.ac.in' images reprocessed

ନୈର୍ବ୍ୟକ୍ତିକ ରହସ୍ୟ ଓ ବିଧାନଟି ମଧ୍ୟ ଅଧିକ ଦୃଶ୍ୟମାନ ହେବାକୁ ଲାଗେ । ମନ କ୍ରମେ ଏକ ଯୋଗୀର ମନରୂପେ ବିକଶିତ ହୋଇ ଉଠେ; ପ୍ରଥମେ ଊର୍ଦ୍ଧ୍ୱସ୍ତରସ୍ଥ ମନୋମୟ ଚିନ୍ତକର ମନରୂପେ ଦେଖାଦିଏ, ତା'ପରେ ଅରୂପ ମନ ଅର୍ଥାତ୍ ଅମୂର୍ତ୍ତ ଭାବନାର ରାଜ୍ୟସୀମା ପାର ହୋଇ ପ୍ରତ୍ୟକ୍ଷାନୁଭୂତିର ପ୍ରାନ୍ତଭୂମିରେ ଯାଇ ପହଞ୍ଚି ପାରିଥିବା ଅଧ୍ୟାତ୍ମ ଯୋଗୀର ଆବିର୍ଭାବ ହୁଏ । ଫଳରେ ମନ ବିଶୁଦ୍ଧ ହୁଏ, ବୃହତ୍ତର ହୁଏ, ଶାନ୍ତ ହୁଏ, ବ୍ୟକ୍ତି-ଆୟତନର ସକଳ ଜାଲବଦ୍ଧତାରୁ ମୁକ୍ତ ହୋଇଯାଏ । ପ୍ରାଣଗତ ଅଂଶଗୁଡ଼ିକରେ ମଧ୍ୟ ଅନୁରୂପ ଏକ ଶାନ୍ତିକର ପ୍ରଭାବ ଆସି ପଡ଼େ । ମାତ୍ର ତଥାପି ପରିଣାମଟି ଅସମ୍ପୂର୍ଣ୍ଣ ହୋଇ ରହିଯିବାର ଆଶଙ୍କା ରହିଥାଏ; କାରଣ ମନୋମୟ ଭୂମିର ପରିବର୍ତ୍ତନ ଅଧିକ ସ୍ୱାଭାବିକ ଭାବରେ ଏକ ଅନ୍ତର୍ଗତ ଅବସ୍ଥିତ ଆଡ଼କୁ ପରିଚାଳିତ କରିନଏ, ବାହାରେ ଏକ ପ୍ରଶାନ୍ତ ବିରାଜମାନ କରୁଥାଏ । ମାତ୍ର ବିଶୁଦ୍ଧିକର ଏହି ପ୍ରଶାନ୍ତ ଅବସ୍ଥାଟିରେ ଅବସ୍ଥିତ ରହି ନୂତନ ପ୍ରାଣଶକ୍ତିର ଆବିଷ୍କାର କରିବାଲାଗି ପ୍ରାଣର ଯେପରି ଏକ ସ୍ୱାଭାବିକ ଉତ୍ପ୍ରେରିତତା ରହିଛି, ଏହି ପରିବର୍ତ୍ତନ ହୁଏତ ସେପରି କୌଣସି ନବଶକ୍ତିଲାଭ ଆଡ଼କୁ ଆକୃଷ୍ଟ ନହୋଇ ବି ପାରେ ବୋଲି ପ୍ରକୃତି ଉପରେ ଏକ ପରିପୂର୍ଣ୍ଣ ଗତିଶୀଳ ପରିଣତି ଲାଗି ଆଉ କୌଣସି ଚାପ ଦିଏ ନାହିଁ ।

ସେହି ମନକୁହିଁ ମାଧ୍ୟମ କରି ଆହୁରି ଉଚ୍ଚତର ଏକ ପ୍ରୟାସ କଲେ ମଧ୍ୟ ଏହି ଭାରସାମ୍ୟଟି କଟେ ନାହିଁ; କାରଣ ଆଧ୍ୟାତ୍ମିକଭାବାପନ୍ନ ମନ ଯେତେବେଳେ ଆହୁରି ଊର୍ଦ୍ଧ୍ୱକୁ ଉଠିଯିବାର ପ୍ରବୃତ୍ତି ପୋଷଣ କରେ, ସେତେବେଳେ ମନର ସକାସ୍ଥ ଆୟତନଟିକୁ ଅତିକ୍ରମ କରିଯିବା ସମୟରେ ରୂପାୟନଗୁଡ଼ିକ ଉପରେ ତାହାର ଆଉ କୌଣସି ଅଧିକାର ରହେ ନାହିଁ ଏବଂ ସେଥିଲାଗି ସେ ଅରୂପ ଓ ଲକ୍ଷଣରହିତ ଏକ ବୃହତ୍ ନୈର୍ବ୍ୟକ୍ତିକତା ମଧ୍ୟରେ ଆସି ପଶିଯାଏ । ସେତେବେଳେ ସେ ଏକ ପରିବର୍ତ୍ତନରହିତ ପରମ ଆତ୍ମସତ୍ତାର ସଂବିତ୍ ଲାଭ କରେ, କେବଳ ଏକ ବିଶୁଦ୍ଧ ସଦ୍‌ଗତତାରହିଁ ସଂବିତ୍ ଲାଭ କରେ, କେବଳ ମର୍ମସ୍ଥ ଏକ ଅନାବୃତ ପରମ ଅସ୍ତିତ୍ୱ, ରୂପହୀନ ପରମ ଅନନ୍ତ ଓ ନାମହୀନ ପରମ ନିର୍ବିଶେଷର ସଂବିତ୍ ଲାଭ କରେ । ସିଧା ସିଧା ଯାବତୀୟ ରୂପ ଓ ନାମକୁ କାଟି ପକାଇ, ଭଲ ମନ୍ଦ, ସତ୍ୟ ମିଥ୍ୟା ଏବଂ ସୁନ୍ଦର ଅସୁନ୍ଦରର ଦ୍ୱନ୍ଦ୍ୱଗୁଡ଼ାକୁ ପାର ହୋଇ ସକଳ ଦ୍ୱନ୍ଦ୍ୱର ଅତୀତ ସେହି ପରମ ତତ୍ତ୍ୱସ୍ୱରୂପ ମଧ୍ୟରେ ଏକ ପରମ ଏକତ୍ୱ, ଅନନ୍ତ ଶାଶ୍ୱତତ୍ୱ ତଥା ଆତ୍ମା ବା ତତ୍ତ୍ୱସତ୍ତା ସମ୍ବନ୍ଧରେ ମନର ଚରମତମ ଧାରଣା ଓ ପ୍ରତ୍ୟୟଗୁଡ଼ାକୁ ବୁଡ଼ାଇ ଦେଉଥିବା ଏକ ଅନିର୍ବଚନୀୟ ଉଚ୍ଚ ଅବସ୍ଥାରେ ପହଞ୍ଚି ମଧ୍ୟ ଏହିପରି ଏକ ଚରମସ୍ତରର ସଂବିତ୍-ସମ୍ପନ୍ନତା ଲାଭ କରାଯାଇ ପାରେ । ଏହାର ଫଳସ୍ୱରୂପ ଏକ ଅଧ୍ୟାତ୍ମଭାବାପନ୍ନ ଚେତନାର ଉପଲବ୍ଧି ହୁଏ, ପ୍ରାଣଭୂମି ନିଷ୍ପନ୍ଦ ହୋଇଯାଏ, ଶରୀରର ଆଉ କୌଣସି

'oaob.nitrkl.ac.in' images reprocessed

ଅଭାବବୋଧ ଅଥବା ଅଜଟ ରହେ ନାହିଁ, ଏବଂ ଖାସ୍ ଆତ୍ମା ମଧ୍ୟ ସେହି ଆଧ୍ୟାତ୍ମିକ ନିଷ୍କଳତା ମଧ୍ୟରେ ମଗ୍ନ ହୋଇ ରହେ । ମାତ୍ର ମନକୁ ନାବ କରି ଏହି ଯେଉଁ ରୂପାନ୍ତରର ତଟରେ ଯାଇ ପହଞ୍ଚି ହୁଏ, ତାହା ଆମକୁ ସମଗ୍ର ରୂପାନ୍ତରଟି ଆଣି ଦେଇପାରେ ନାହିଁ; ଯେଉଁଠି ଚୈତ୍ୟ ଭୂମିରେ ଏକ ରୂପାନ୍ତର ସାଧିତ ହୋଇଥା'ନ୍ତା, ତାହା ସ୍ଥାନରେ କେବଳ ଏକ ଆଧ୍ୟାତ୍ମିକ ପରିବର୍ତ୍ତନହିଁ ଘଟେ, ଏକ ଅତ୍ୟୁଚ୍ଚ କୃତିତ୍ୱସାଧ୍ୟ ଶିଖର ଉପରକୁ ଉଠିଯାଇ ହୁଏ, ମାତ୍ର ଏହାକୁ ଆମେ ପ୍ରକୃତି ମଧ୍ୟରେ ଦିବ୍ୟତାର ଗତିଶୀଳ ପୂର୍ଣ୍ଣସଞ୍ଚରଣ ବୋଲି କିପରି କହିପାରିବା ?

ହୃଦୟର ମାଧ୍ୟମରେ ଆତ୍ମାଲାଗି ସେହି ସଂସ୍ପର୍ଶ ଲାଭ କରିବା ସକାଶେ ଏକ ଦ୍ୱିତୀୟ ସିଧା ବାଟ ମଧ୍ୟ ରହିଛି । ଏହି ପଥଟିକୁ ଏହାର ଏକ ଅଧିକ ଅନ୍ତରଙ୍ଗ ଓ ସନ୍ନିର ପଥ ବୋଲି କୁହାଯାଇ ପାରିବ, କାରଣ ସେହି ହୃଦୟ ଭିତରେହିଁ ଆତ୍ମାର ଗୁପ୍ତ ଆସ୍ଥାନ ବିଦ୍ୟମାନ ରହିଛି । ସେହି ଆସ୍ଥାନଟି ହୃତ୍‌କେନ୍ଦ୍ରର ଠିକ୍ ପଛରେ ରହିଛି, ଆମ ଭିତରେ ଥିବା ସଂବେଗମୟ ସତ୍ତାଟିକୁ ଠିକ୍ ଲାଗିକରି ରହିଛି । ତେଣୁ ସଂବେଗଗୁଡ଼ିକର ମାଧ୍ୟମରେହିଁ ପ୍ରଥମ ଅବସ୍ଥାରେ ଆପଣାର ସ୍ୱଭାବଗତ ଶକ୍ତିଟି ସହିତ ଅର୍ଥାତ୍ ମୂର୍ତ୍ତି ଅନୁଭୂତିଲାଭର ଜୀବନ୍ତ ସାମର୍ଥ୍ୟ ସହିତ ସେ ସବୁଠାରୁ ଭଲଭାବରେ ଆପଣାକୁ କାର୍ଯ୍ୟ କରିପାରିବ । ଏହି ମାର୍ଗଟି ହେଉଛି ପ୍ରେମ ଓ ଭକ୍ତିର ମାର୍ଗ; ଯିଏ ଚିର ସୁନ୍ଦର, ଚିର ଆନନ୍ଦ, ଚିର କଲ୍ୟାଣ, ଯିଏ ସତ୍ୟସ୍ୱରୂପ, ଯିଏ ପ୍ରେମର ଅଧ୍ୟାତ୍ମସତ୍ୟ, ଏହି ପଥରେ ଆତ୍ମା ତାଙ୍କରି ଆଡ଼କୁ ଅଗ୍ରସର ହୋଇପାରିବ । ଆମ ଭିତରେ ଥିବା ସୌନ୍ଦର୍ଯ୍ୟ ଚେତନା ଓ ସଂବେଗଧର୍ମୀ ପ୍ରବୃତ୍ତି ଏକାଠି ମିଶି ଆତ୍ମା, ପ୍ରାଣ ଓ ଆମର ସମଗ୍ର ପ୍ରକୃତିଟିକୁ ଆପଣାର ଆରାଧ୍ୟ ଆସ୍ପଦଟି ପାଖରେ ସମର୍ପି ଦିଅନ୍ତି । ମାତ୍ର ଯେତେବେଳେ ମନ ନୈର୍ବ୍ୟକ୍ତିକତାର ସୀମାଟିକୁ ପାର ହୋଇ ଏକ ପରମ ବ୍ୟକ୍ତିସତ୍ତାମୟ ପୁରୁଷଙ୍କର ସଂବିତ୍ ଲାଭ କରିବାକୁ ସମର୍ଥ ହୁଏ, କେବଳ ସେତିକବେଳେ ଯାଇ ଭକ୍ତି ଓ ପ୍ରେମର ଏହି ମାର୍ଗଟି ଆପଣାର ପୂର୍ଣ୍ଣ ଶକ୍ତି ଓ ପ୍ରେରଣାକୁ ଲାଭ କରିଥାଏ । କାରଣ ସେତେବେଳେ ସବୁକିଛି ପ୍ରଗାଢ଼ ହୋଇଯାଏ, ଦୀପ୍ତ ଓ ମୂର୍ତ୍ତି ହୋଇଯାଏ; ହୃଦୟର ସଂବେଗ, ଅନୁଭୂତି ତଥା ଅଧ୍ୟାତ୍ମଭାବାପନ୍ନ ବୋଧ ଆପଣାର ଚରମ କୋଟିରେ ଯାଇ ଉପନୀତ ହୁଏ; ଏକ ସମ୍ପୂର୍ଣ୍ଣ ସମର୍ପଣ ସମ୍ଭବ ହୁଏ, ଅନିବାର୍ଯ୍ୟ ହୋଇପଡ଼େ । ଉନ୍ମେଷ ଲାଭ କରୁଥିବା ଆଧ୍ୟାତ୍ମିକ ମନୁଷ୍ୟଟି ଆପଣାର ସଂବେଗମୟ ପ୍ରକୃତିର କ୍ଷେତ୍ରରେ ଭକ୍ତରୂପରେ ଅବତୀର୍ଣ୍ଣ ହୁଏ; ଏବଂ ଯଦି ତାହା ସଙ୍ଗେ ସଙ୍ଗେ ସେ ଆପଣାର ଆତ୍ମା ଓ ଆତ୍ମାର ନିର୍ଦ୍ଦେଶଗୁଡ଼ିକ ବିଷୟରେ ପ୍ରତ୍ୟକ୍ଷ ସଚେତନତା ଲାଭ କରେ, ଆପଣାର ସଂବେଗମୟ ବ୍ୟକ୍ତିତ୍ୱଟିକୁ ଚୈତ୍ୟ ବ୍ୟକ୍ତିତ୍ୱ ସହିତ ସମ୍ମିଳିତ କରି ଦେଇପାରେ, ଏବଂ ଶୁଦ୍ଧି, ଭଗବତ୍-ତଲ୍ଲୀନତା ତଥା

'oaob.nitrkl.ac.in' images reprocessed

ଈଶ୍ୱର, ମନୁଷ୍ୟ ଓ ପ୍ରାଣୀମାନଙ୍କେ ସବୁରି ପ୍ରତି ଉଦ୍ଦିଷ୍ଟ ଏକ ପ୍ରେମଭାବ ଦ୍ୱାରା ଆପଣାର ଜୀବନ ତଥା ପ୍ରାଣଗତ କ୍ଷେତ୍ରଗୁଡ଼ିକୁ ପରିବର୍ତ୍ତିତ କରିଦେଇ ଦିବ୍ୟ ଆଲୋକ ଓ ଦିବ୍ୟ କଲ୍ୟାଣମୟତା ଦ୍ୱାରା ପରିପୂର୍ଣ୍ଣ ଏକ ଅଧ୍ୟାତ୍ମସୌନ୍ଦର୍ଯ୍ୟମୟ ସମ୍ପଦରେ ପରିଣତ କରିପାରେ, ତେବେ ସେ ଆପଣାକୁ ସନ୍ଥ ଓ ଯୋଗୀର ସ୍ତରକୁ ଉନ୍ନୋଳିତ କରିନିଏ, ପରମ ଆନ୍ତର ଅନୁଭବର କ୍ଷେତ୍ରରେ ଯାଇ ଉପନୀତ ହୁଏ ଏବଂ ଦିବ୍ୟ ପରମସତ୍ତ୍ୱାକୁ ଉପଲବ୍ଧି କରିବାରେ ଆପଣାର ସ୍ୱକୀୟ ପଥଟିର ଉପଯୁକ୍ତ ଏକ ମାତ୍ରାରେ ଆପଣା ପ୍ରକୃତିରେ ଗୁରୁମୂଳ ପରିବର୍ତ୍ତନ ଘଟାଇବାକୁ ସମର୍ଥ ହୁଏ । ମାତ୍ର ଏକ ସମଗ୍ର ଓ ସକଳାଙ୍ଗ ରୂପାନ୍ତର ସମ୍ଭବ କରିବାଲାଗି ଏତିକ ବି ଯଥେଷ୍ଟ ହୁଏ ନାହିଁ; କାରଣ ସେଥିଲାଗି ଆମର ଏହି ମନନଧର୍ମୀ ମନଟିର ରୂପାନ୍ତର ଆବଶ୍ୟକ ହୁଏ, ସେଗୁଡ଼ିକର ସ୍ୱକୀୟ ପ୍ରକୃତିକୁ ବଜାୟ ରଖି ମଧ୍ୟ ଯାବତୀୟ ପ୍ରାଣମୟ ତଥା ଅନ୍ନମୟ କ୍ଷେତ୍ରଗୁଡ଼ିକର ରୂପାନ୍ତର ଆବଶ୍ୟକ ହୁଏ ।

ଏବଂ ହୃଦୟର ଅନୁଭବ ସହିତ ଯେତେବେଳେ ବ୍ୟାବହାରିକ ସଂକଳ୍ପ ବା ଇଚ୍ଛାଶକ୍ତିକୁ ସମର୍ପିତ କରି ରଖାଯାଏ, ସେତେବେଳେ ଏହି ବୃହତ୍ତର ରୂପାନ୍ତରଟି ସଂଘଟିତ ହୁଏ । ଅବଶ୍ୟ ସେହି ସଂକଳ୍ପ ଏପରି ହୋଇଥିବା ଦରକାର ଯେପରିକି ତାହା ମନକୁ ସନ୍ନିହିତ କରି ପାରୁଥିବା ପ୍ରାଣଗତ ସେହି ବୃତ୍ତି ଓ କ୍ରିୟାଗୁଡ଼ିକୁ ସାଙ୍ଗରେ ନେଇ ଅଗ୍ରସର ହୋଇପାରେ; ଯେଉଁ ବୃତ୍ତିଗୁଡ଼ିକ ଆମ ବାହ୍ୟ କର୍ମରେ ପ୍ରଥମ ସାଧନରୂପେ ବ୍ୟବହୃତ ହୁଏ, ସେଗୁଡ଼ିକୁ ସାଙ୍ଗରେ ଧରି ଆଗକୁ ଯାଇ ପାରେ; କାରଣ ତାହା ନହେଲେ ସେହି ସଂକଳ୍ପ କୌଣସି କାର୍ଯ୍ୟ ସାଧନ କରି ପାରେ ନାହିଁ । ଆମ ଅହଂଗତ ସଂକଳ୍ପ ଏବଂ ବାସନାରୂପୀ ତାହାର ଉତ୍‌ପ୍ରେରଣା-ଶକ୍ତିକୁ କ୍ରମଶଃ ବିଲୁପ୍ତ କରି ଦେଇ ପାରୁଥିଲେହେଁ ଆମର କର୍ମଗତ କ୍ଷେତ୍ରରେ ସଂକଳ୍ପର ଏହି ସମର୍ପଣ ବିକଶିତ ହେବାକୁ ଲାଗେ; ଅହଂ ଆପଣାକୁ କୌଣସି ଉଚ୍ଚତର ବିଧାନର ଅଧୀନ କରି ରଖେ ଏବଂ ପରିଶେଷରେ ଆପଣାକୁ ଏକାବେଳକେ ପୋଛି ନେଇଯାଏ । ସେତେବେଳେ ତାହା ସତେଅବା ଆଦୌ ଅସ୍ତିତ୍ୱରେହିଁ ନଥିଲାପରି ମନେହୁଏ, ଅଥବା କେବଳ ଏକ ଉଚ୍ଚତର ସାମର୍ଥ୍ୟ ବା ଉଚ୍ଚତର ସତ୍ୟର ଉଦ୍ଦେଶ୍ୟସିଦ୍ଧି ଲାଗିହିଁ ରହିଥାଏ, ବା କେବଳ ଏକ ନିମିତ୍ତରୂପେହିଁ ଦିବ୍ୟ ପରମ-ସତ୍ତ୍ୱାର ବେଦୀ ଉପରେ ଆପଣାର ସକଳ ଇଚ୍ଛା ଓ ସକଳ କର୍ମକୁ ଉତ୍ସର୍ଗ କରି ଦେବାଲାଗିହିଁ ରହିଥାଏ । ସେତେବେଳେ ସତ୍ତ୍ୱା ଓ କର୍ମର ଯେଉଁ ବିଧାନ ବା ଯେଉଁ ସତ୍ୟାଲୋକ ସାଧକର ଆଗରେ ରହି ତାକୁ ବାଟ ଦେଖାଇ ନେଉଥାଏ, ତାହାକୁ ସେ ଆପଣା ମନୋମୟ ଭୂମିର ସର୍ବୋଚ୍ଚ ଶିଖରରେ ଅବସ୍ଥିତ ଏକ ଦୃଷ୍ଟିଦୀପ୍ତତା, ଶକ୍ତି ବା ତତ୍ତ୍ୱରୂପେ ପ୍ରତ୍ୟକ୍ଷ କରୁଥାଏ; ଅଥବା ସେ ତାହାକୁ ହୁଏତ ଦିବ୍ୟ ପରମ

'oaob.nitrkl.ac.in' images reprocessed

ଇଚ୍ଛାରହିଁ ଏକ ସତ୍ୟରୂପେ ପ୍ରତ୍ୟକ୍ଷ କରେ, ସେହି ଇଚ୍ଛା ତା' ଆପଣା ଭିତରେ ରହିଥିବାର ଓ କାର୍ଯ୍ୟ କରୁଥିବାର ଅନୁଭବ କରୁଥାଏ, ଅଥବା ଏକ ପରମ ଆଲୋକ, ପରମ ବାଣୀ ବା ପରମ ଶକ୍ତି କିମ୍ବା ଏକ ଦିବ୍ୟ ପୁରୁଷ ବା ଦିବ୍ୟ ସାନ୍ନିଧ୍ୟ ଦ୍ୱାରା ତାହାକୁ ବାଟ ଦେଖାଇ ନେଇ ଯାଉଥିବା ପରି ଅନୁଭବ କରୁଥାଏ, ଏହି ମାର୍ଗରେ ଆହୁରି ଆଗକୁ ଯାଇ ସେ ପରିଶେଷରେ ଏକ ନୂତନ ଚେତନାର ଅଧିକାରୀ ହୁଏ, ସେହି ପରମ ଶକ୍ତି ବା ସାନ୍ନିଧ୍ୟହିଁ ତା' ଭିତରେ ରହି କାର୍ଯ୍ୟ କରୁଥିବା ପରି ଓ ତା'ର ଯାବତୀୟ କର୍ମକୁ ପରିଚାଳିତ ଓ ନିୟନ୍ତ୍ରିତ କରୁଥିବା ପରି ଅନୁଭବ କରେ । ସେତେବେଳେ ବ୍ୟକ୍ତି-ଇଚ୍ଛା ସମ୍ପୂର୍ଣ୍ଣ ଭାବରେ ସେହି ବୃହତ୍ତର ସତ୍ୟର ଇଚ୍ଛାଶକ୍ତି ବା ସାନ୍ନିଧ୍ୟ ପାଖରେ ଆପଣାକୁ ସମର୍ପିତ କରି ରଖିଥାଏ, ତାହାର ସହିତ ଏକଲୀନ ହୋଇଯାଏ । ମନ, ସଂକଳ୍ପ ଓ ହୃଦୟ, ଏହି ତିନୋଟିଯାକର ଅନୁଶୀଳନ-ପଥ ଉପରିଭାଗସ୍ଥ ସତ୍ତା ଓ ପ୍ରକୃତିର ପରିବେଶଟିରେ ମଧ୍ୟ ଏକ ଆଧ୍ୟାତ୍ମିକ ବା ଚୈତ୍ୟ-ଭାବଗତ ଅନୁସିକ୍ତତା ଆଣିଦିଏ, ସେଠାରେ ଆମରି ଅନ୍ତର ଭିତରେ ରହିଥିବା ଚୈତ୍ୟ ଜ୍ୟୋତିକୁ ଆମନ୍ତ୍ରିତ କରି ଆଣିବାଲାଗି ଏକ ଅଧିକ ବୃହତ୍ ଓ ଅଧିକ ବହୁମୁଖୀ ଦ୍ୱାର ଉନ୍ମୁକ୍ତ ହୋଇଯାଏ; ଆମର ଉପରେ ଆମକୁ ଆବେଷ୍ଟନ କରି ରହି ଆମକୁ ଭେଦ କରୁଥିଲା ପରି ଅନୁଭୂତ ହେଉଥିବା ଆଧ୍ୟାତ୍ମିକ ଆତ୍ମସତ୍ତା ବା ଈଶ୍ୱରରୂପୀ ସେହି ସତ୍ୟଟି ଆଡ଼କୁ ତାହା ଅଧିକ ଉନ୍ମୋଚିତ ହୋଇଯାଏ । ଆମର ପ୍ରକୃତିରେ ମଧ୍ୟ ଏକ ଶକ୍ତିଶାଳୀ ତଥା ବହୁମୁଖୀ ପରିବର୍ତ୍ତନ ସଂଘଟିତ ହୁଏ, ଅଧ୍ୟାତ୍ମ ରଚନା ଓ ଆତ୍ମ-ରଚନା ବି ହୁଏ; ଏବଂ ସନ୍ତପୁରୁଷ, ପରାର୍ଥପରାୟଣ କର୍ମଯୋଗୀ ତଥା ଅଧ୍ୟାତ୍ମ ଜ୍ଞାନସମ୍ପନ୍ନ ପ୍ରାଜ୍ଞ, ଏହି ତିନୋଟିଯାକର ସମନ୍ୱୟରେ ଏକ ସମଷ୍ଟୀଭୂତ ପରିପୂର୍ଣ୍ଣତା ପ୍ରକାଶିତ ହୋଇଉଠେ ।

ମାତ୍ର ଏହି ପରିବର୍ତ୍ତନଟି ଆପଣାର ପ୍ରସାରିତତମ ସମଗ୍ରତା ତଥା ଗଭୀର ସକଳାଙ୍ଗତାରେ ଆସି ଉପନୀତ ହେବାକୁ ହେଲେ ଆମର ଚେତନାକୁ ମଧ୍ୟ ଆପଣାର ପୁରୁଣା କେନ୍ଦ୍ରଟିକୁ ପରିତ୍ୟାଗ କରିବାକୁ ପଡ଼େ, ଉପରିଭାଗସ୍ଥ ତାହାର ସ୍ଥିତି ତଥା ଗତିଶୀଳ ଅଧିଷ୍ଠାନଟିକୁ ଛାଡ଼ି ଅନ୍ତରସ୍ଥ ସତ୍ତାର ଭୂମିରେ ଯାଇ ପହଞ୍ଚିବାକୁ ପଡ଼େ । ଆମକୁ ସେହିଠାରେହିଁ ଆମର ଭାବନା, ଆମର ଜୀବନ ଓ ଆମର କର୍ମର ଭିତ୍ତିଟିକୁ ଆବିଷ୍କାର କରିବାକୁ ହୁଏ । କାରଣ ଏଣେ ଆମେ ବାହାରେ ଏହି ଉପରିଭାଗସ୍ଥ ଭୂମିରେ ଠିଆ ହୋଇଥିବା ଏବଂ ସେଇଠି ଥାଇ ଭିତରୁ ପ୍ରେରଣା ପାଉଥିବା ଓ ସେଗୁଡ଼ିକର ଅନୁଧାବନ କରୁଥିବା,—ଏଇଟାକୁ କଦାପି ପର୍ଯ୍ୟାପ୍ତ ରୂପାନ୍ତର କୁହାଯିବ ନାହିଁ । ତେଣୁ ଉପରିଭାଗସ୍ଥ ଏକ ବ୍ୟକ୍ତିତ୍ୱରୂପେ ଆମର ଏହି ପରିଚୟଟିକୁ ଏକାବେଳକେ ବର୍ଜନ କରିବାକୁ ପଡ଼ିବ ଏବଂ ଅନ୍ତର୍ଗତ ପୁରୁଷରେ ପରିଣତ ହେବାକୁ ପଡ଼ିବ । ମାତ୍ର ଏହା ଆଦୌ ସହଜ ନୁହେଁ; କାରଣ ପ୍ରଥମତଃ ଆମର ବାହ୍ୟ ପ୍ରକୃତି

'oaob.nitrkl.ac.in' images reprocessed

ସ୍ୱଭାବତଃ ଏହି ପ୍ରଗତିଟିର ବିରୁଦ୍ଧାଚରଣହିଁ କରିଥାଏ, ଆପଣାର ନିତ୍ୟନୈମିତ୍ତିକ ଯନ୍ତ୍ରବତ୍ ସ୍ଥିତିଟିକୁ କାମୁଡ଼ି ଧରିଥାଏ, ଅସ୍ଥିର ବହିରଙ୍ଗ ଗଢ଼ଟିକୁ ସମ୍ବଳ କରି ଧରିଥାଏ; ଏବଂ ତା' ପଛକୁ ଦ୍ୱିତୀୟତଃ ଏହି ଉପରିଭାଗରୁ ସେହି ଗଭୀରତା ପର୍ଯ୍ୟନ୍ତ ଅବସ୍ଥିତ ଦୀର୍ଘ ପଥଟିରେ ଚୈତ୍ୟସତ୍ତାଟି ସବୁତେଅବା ଏକ ଆବରଣ ଦ୍ୱାରା ଆମ ପାଖରୁ ଲୁକ୍କାୟିତ ହୋଇ ରହିଥାଏ ଏବଂ ମଧ୍ୟବର୍ତ୍ତୀ ପଥର ଏହି ପ୍ରଖଣ୍ଡଟିରେ ଏକ ଅଧିଚେତନ ପ୍ରକୃତି ଓ ସେହି ପ୍ରକୃତିଗତ ନାନା କ୍ରିୟାଶୀଳତା ଭିଡ଼ କରି ରହିଥା'ନ୍ତି, ଏବଂ ଏଗୁଡ଼ିକ କେବେହେଲେ ସମସ୍ତେ ଅନ୍ତରଭିମୁଖ ଯାତ୍ରାଟିଲାଗି ଅନୁକୂଳ ହୋଇ ରହି ନଥା'ନ୍ତି । ତେଣୁ ଏହି ବାହ୍ୟ ପ୍ରକୃତିଟିକୁ ମଧ୍ୟ ଆସ୍ଥାନ ବଦଳାଇବାକୁ ହୁଏ, ଏକ ନିଷ୍କଳତା ଓ ଶୁଦ୍ଧି ହାସଲ କରିବାକୁ ହୁଏ; ଆପଣାର ଉପାଦାନ ଓ ଶକ୍ତିର ସଞ୍ଚାରକ୍ଷେତ୍ରରେ ଏକ ସୂକ୍ଷ୍ମ ରୂପାନ୍ତର ଆଣିବାକୁ ହୁଏ ଯାହାଦ୍ୱାରା କି ଏହି କ୍ଷେତ୍ରରେ ରହିଥିବା ପ୍ରତିବନ୍ଧକମାନ କ୍ଷୟପ୍ରାପ୍ତ ହୁଏ, ଖସିଯାଏ କିମ୍ବା ଅନ୍ୟ କୌଣସି ପ୍ରକାରେ ଅନ୍ତର୍ହିତ ହୋଇଯାଏ । ତା'ପରେ ଯାଇ ଆମ ସତ୍ତାର ଅନ୍ତର୍ଗତ ଗଭୀର ଦେଶରେ ପ୍ରବେଶ କରିବା ସମ୍ଭବ ହୁଏ ଏବଂ ଏହିପରି ଭାବରେ ସେଠାରେ ଅନୁପ୍ରବିଷ୍ଟ ହୋଇ ଏକ ନୂତନ ଚେତନା ଆପଣାକୁ ଗଠିତ କରିବାକୁ ଆରମ୍ଭ କରେ । ଏହି ଚେତନା ଆତ୍ମସତ୍ତାର ବାହାରେ ଓ ଭିତରେ ଉଭୟ କ୍ଷେତ୍ରରେ ଜନ୍ମଲାଭ କରେ ଏବଂ ସେହି ଗଭୀରତାଗୁଡ଼ିକୁ ଆଣି ଏହି ଉପରିଭାଗଟି ସହିତ ଯୋଡ଼ିଦିଏ । ଏଇଠି ଏପରି ଏକ ଚେତନା ଆମରି ଭିତରେ ବିକଶିତ ହୁଏ ବା ଅଭିବ୍ୟକ୍ତି ଲାଭ କରେ ଯାହାକି ଗଭୀରତର ଓ ଉଚ୍ଚତର ସତ୍ତାଟି ଲାଗି ଅଧିକ ଉନ୍ମୁକ୍ତ ହୋଇ ରହିଥାଏ, ବିଶ୍ୱଗତ ଆତ୍ମା ତଥା ବିଶ୍ୱଗତ ଶକ୍ତି ଆଗରେ ଅଧିକତର ପ୍ରସାରିତ ହୋଇ ରହିଥାଏ; ଏବଂ ପରମ ବିଶ୍ୱାତୀତତାରୁ ଅବତରି ଆସୁଥିବା ଯାବତୀୟ ସମ୍ପଦଲାଗି ଉନ୍ମୁକ୍ତ ହୋଇ ରହିଥାଏ । ତାହା ଏକ ଉଚ୍ଚତର ଶାନ୍ତି ଆଡ଼କୁ ମୁହାଁଇ କରି ରହିଥାଏ; ଏକ ବିପୁଳତର ଆଲୋକ, ଶକ୍ତି ଓ ଆନନ୍ଦାଭିଭୂତି ଲାଗି ଉନ୍ମୁଖ ରହିଥାଏ : ଏହି କ୍ଷୁଦ୍ର ବ୍ୟକ୍ତିସ୍ୱଭାବର ଆୟତନଟିକୁ ଅତିକ୍ରମ କରି ଏବଂ ଉପରିଭାଗସ୍ଥ ଏହି ମନର ସୀମାବଦ୍ଧ ଆଲୋକ ଓ ଅନୁଭୂତିକୁ, ନିତ୍ୟନୈମିତ୍ତିକ ପ୍ରାଣଚେତନାର ସୀମାବଦ୍ଧ ସାମର୍ଥ୍ୟ ଓ ପ୍ରେରଣାକୁ ତଥା ଏହି ଶରୀରର ଅସ୍ପଷ୍ଟ ଏବଂ ଅତିସୀମାବଦ୍ଧ ପ୍ରତିସ୍ପନ୍ଦନଗତ କ୍ଷେତ୍ରଟିକୁ ଡେଇଁଯାଇ ପାରିଥିବା ଏକ ଚେତନାଲାଗି ଆପଣାକୁ ଉନ୍ମୁକ୍ତ କରି ରଖିଥାଏ ।

ଆମର ବାହ୍ୟ ପ୍ରକୃତି ଏହିଭଳି ଶାନ୍ତ ଓ ବିଶୁଦ୍ଧ ଅବସ୍ଥାକୁ ଆସିବା ପୂର୍ବରୁ ଅଥବା ସେହି ଅବସ୍ଥାଟିକୁ ଯଥେଷ୍ଟ ଭାବରେ ହାସଲ କରିବା ପୂର୍ବରୁ ମଧ୍ୟ ଆହ୍ୱାନ ଓ ଆକାଙ୍କ୍ଷାର ଏକ ପ୍ରବଳ ଶକ୍ତି, ଏକ ଦୁର୍ଦ୍ଦମ ଇଚ୍ଛା ବା ପ୍ରଚଣ୍ଡ ଚେଷ୍ଟା କିମ୍ବା ଏକ କାର୍ଯ୍ୟସାଧକ ସାଧନା ବା ପ୍ରକ୍ରିୟାଦ୍ୱାରା ଆମର ବାହ୍ୟ ସଚେତନତାକୁ ଆମ ଅନ୍ତର୍ଗତ

'oaob.nitrkl.ac.in' images reprocessed

ସତ୍ତ୍ୱଟିଠାରୁ ବ୍ୟାହତ କରି ରଖିଥିବା ପାଚେରୀଟିକୁ ଭାଙ୍ଗି ପକାଇବା ସମ୍ଭବ ହୋଇପାରିବ । ମାତ୍ର ଏହାର ପ୍ରକୃତ ସମୟ ଆସି ପହଞ୍ଚିବା ପୂର୍ବରୁ ଏପରି କରିବାକୁ ଗଲେ ସେଥିରୁ ହୁଏତ ଘୋର ସଙ୍କଟମାନ ଉପୁଜିବାର ଆଶଙ୍କା ମଧ୍ୟ ରହିଥାଏ । ଏକ ଅକାଳସାଧନ ହିସାବରେ ଆପଣା ଭିତରେ ପ୍ରବେଶ କରି ଆମକୁ ହୁଏତ ଏପରି ଅନେକ ଅତ୍ୟନ୍ତ ଅନଭ୍ୟସ୍ତ ଓ ଅତିପ୍ରାକୃତ ଅନୁଭୂତିର ଜଞ୍ଜାଳ ଓ ଜଙ୍ଗଲ ଭିତରେ ଆସି ପଡ଼ିଯିବାକୁ ହୋଇପାରେ, ଯାହା ଭିତରୁ ଆପଣାକୁ ମୁକୁଳାଇବାକୁ ଆଉ କିଛି ଉପାୟ ନଥାଏ; ଅଥବା, ଏପରି ଅଧିଚେତନ ଓ ବିଶ୍ୱାତ୍ମକ ଶକ୍ତିଗୁଡ଼ିକର ତଥା ଅବଚେତନ, ମନୋମୟ, ପ୍ରାଣମୟ ତଥା ସୂକ୍ଷ୍ମଭୌତିକ ଶକ୍ତିଜାଳର ଘେର ଭିତରେ ଆସି ପଡ଼ିଯିବାକୁ ହୁଏ, ଯେଉଁମାନେକି ଆମର ସତ୍ତ୍ୱାକୁ ଅଯଥା ଅଧିକାର କରି ତାକୁ ନିୟନ୍ତ୍ରଣହୀନ ଭାବରେ ପରିଚାଳିତ କରିପାରନ୍ତି । ତାହାକୁ ନେଇ ଏକ ଅନ୍ଧାରଗୁହା ଭିତରେ ପକାଇ ଦେଇ ପାରନ୍ତି କିମ୍ବା ଲୁବ୍ଧତା, ପ୍ରଲୁବ୍ଧତା ବା ପ୍ରବଞ୍ଚନାର କାନ୍ତାର ମଧ୍ୟରେ ଭ୍ରମିବାଲାଗି ବାଧ୍ୟ କରିପାରନ୍ତି, କିମ୍ବା ତାହାକୁ ନେଇ କେତେ ପରୋକ୍ଷ, ବିଶ୍ୱାସଘାତକ ଓ ବିଭ୍ରାନ୍ତିକର ଅଥବା ପ୍ରକାଶ୍ୟ ଏବଂ ପ୍ରଚଣ୍ଡ ବିରୋଧଦ୍ୱାରା ପରିକୀର୍ଣ୍ଣ ହୋଇ ରହିଥିବା ଏକ ଅନ୍ଧକାରାଚ୍ଛନ୍ନ ରଣାଙ୍ଗନରେ ନିକ୍ଷିପ୍ତ କରିଦେଇ ପାରନ୍ତି । ଅନ୍ତରର ବୋଧରେ, ଦୃଷ୍ଟିରେ ତଥା ଶ୍ରବଣରେ କେତେ କେତେ ସତ୍ତ୍ୱା, ବାଣୀ ବା ପ୍ରଭାବ ଆସି ଦେଖାଦେଇ ପାରନ୍ତି, ଆପଣାକୁ ପରମ ଦିବ୍ୟ ସତ୍ତ୍ୱା, ତାଙ୍କର ଦୂତ, ତାଙ୍କର ଶକ୍ତି ବୋଲି, ଆଲୋକର ପ୍ରତୀକ କେତେ ଦେବତା ବୋଲି ଓ ଉପଲବ୍ଧି-ମାର୍ଗର ଦିଗ୍‌ଦର୍ଶକ ବୋଲି ଦାବି କରିପାରନ୍ତି ଏବଂ ପ୍ରକୃତ କ୍ଷେତ୍ରରେ ସେଗୁଡ଼ିକ ସେସବୁ ନହୋଇ ସମ୍ପୂର୍ଣ୍ଣ ଭିନ୍ନ ଆଉକିଛି ହୋଇପାରନ୍ତି । ଯଦି ସାଧକର ସ୍ୱଭାବରେ ଅତିରିକ୍ତ ଅହଂମନ୍ୟତା, ଏକ ଶକ୍ତିଶାଳୀ ବାସନା କିମ୍ବା ଅତିରିକ୍ତ ମହତ୍ତ୍ୱାକାଙ୍କ୍ଷା ରହିଥାଏ, ତା' ଭିତରେ ଯଦି ବୃଥା ଗର୍ବ ବା ଅନ୍ୟକୌଣସି ଦୁର୍ବଳତା ଥାଏ ଅଥବା ତା'ର ମନ ଯଦି ଅସ୍ପଷ୍ଟତାଚ୍ଛନ୍ନ ହୋଇ ରହିଥାଏ, ଇଚ୍ଛା ଅଳପ କଥାରେ ଶିଥିଳ ହୋଇ ପଡ଼ୁଥାଏ, ପ୍ରାଣଶକ୍ତି ଯଥେଷ୍ଟ ସବଳ ନଥାଏ ବା ସେଥିରେ ସ୍ଥିରତା କିମ୍ବା ଭାରସାମ୍ୟର ଅଭାବ ରହିଥାଏ, ତେବେ ଏହିସବୁ ଦୋଷ ତାକୁ ଖୁବ୍‌ସମ୍ଭବ ସେହିପରି କାମୁଡ଼ି ଧରିଥିବେ, ତା' ଭିତରେ ନୈରାଶ୍ୟ ଆଣି ଦେଉଥିବେ ଓ ଅନ୍ତର୍ଗତ ଜୀବନର ଯଥାର୍ଥ ପଥଟିରୁ ତାକୁ ଅପଥକୁ ସ୍ଖଳିତ ଓ ବିଚ୍ୟୁତ କରି ନେଉଥିବେ, ତାକୁ ଭୁଲ ପଥର ଭ୍ରମ ଭିତରକୁ ଲୁବ୍ଧ କରି ନେଉଥିବେ । ସେପରି କ୍ଷେତ୍ରରେ କେବଳ ଗୁଡ଼ାଏ ଅନୁଭୂତିର ଏକ ଅନ୍ତର୍ବର୍ତ୍ତୀ ଅରାଜକତା ମଧ୍ୟରେ ଘୂରି ବୁଲିବାହିଁ ସାର ହେବ ଓ ଯଥାର୍ଥ ଅନୁଭୂତିର ପଥଟି ଆବିଷ୍କାର କରିପାରିବା ଆଉ କଦାପି ସମ୍ଭବ ହେବ ନାହିଁ । ଅଧ୍ୟାତ୍ମ ଅନୁଭୂତିର ପ୍ରାଚୀନ ମାର୍ଗସ୍ରଷ୍ଟାମାନେ ଏହି ପ୍ରମାଦଗୁଡ଼ିକୁ ଖୁବ୍ ଭଲକରି ଜାଣିଥିଲେ, ଦୀକ୍ଷାଗ୍ରହଣ, ଅନୁଶାସନ ଓ ଶୁଦ୍ଧିର

'oaob.nitrkl.ac.in' images reprocessed

କେତେ ଆବଶ୍ୟକ ସୂତ୍ର ବାଛି ତାହାର ନିରାକରଣ କରିବାକୁ ଚେଷ୍ଟା କରିଥିଲେ; କେତେପ୍ରକାର ପରୀକ୍ଷାଦ୍ୱାରା ସାଧକର ଅଧିକାରିତ୍ୱର ପରିକଳନା କରାଯାଉ ଥିଲା, ପଥ ଦେଖାଇ ଦେଇଥିବା ବା ପଥର ନିର୍ଦ୍ଦେଶନ ଦେଉଥିବା ଗୁରୁପାଖରେ ଆପଣାକୁ ପୂର୍ଣ୍ଣରୂପେ ସମର୍ପିତ କରି ରଖିବାର ନିର୍ଦ୍ଦେଶ ଦିଆଯାଉ ଥିଲା । ଯିଏ ସ୍ୱୟଂ ସେହି ପରମ ସତ୍ୟଟିକୁ ଲାଭ କରିଛନ୍ତି, ସେହି ଆଲୋକ ତଥା ଅନୁଭୂତିକୁ ସ୍ୱୟଂ ଧାରଣ କରିଛନ୍ତି ଏବଂ ତାହାକୁ ଅନ୍ୟଜଣକୁ ଦେଇ ପାରିବାର ସାମର୍ଥ୍ୟ ରଖିଛନ୍ତି, ହାତ ଧରି ସାଧନାର ଦୁରୂହ ପଥଟିକୁ ଅତିକ୍ରମ କରାଇ ନେବାଲାଗି ଏବଂ ବାଟଟି ସମ୍ବନ୍ଧରେ ଯଥାର୍ଥ ଶିକ୍ଷା ଦେଇ ଅଙ୍ଗୁଳି ନିର୍ଦ୍ଦେଶ କଲାପରି ତାହାକୁ ଦେଖାଇଦେଇ ପାରିବାଲାଗି ଯେଉଁ ଗୁରୁ ବା ମାର୍ଗଦର୍ଶକଙ୍କ ଭିତରେ ଶକ୍ତି ରହିଛି, ତାଙ୍କର ପାଖରେ ଆପଣାକୁ ନିବେଦନ କରିଦେବାକୁ କୁହାଯାଉଥିଲା । ମାତ୍ର ଏସବୁ ସତ୍ତ୍ୱେ ଏହି କ୍ଷେତ୍ରରେ ତଥାପି ପ୍ରମାଦ ରହିଥିବ; ଏବଂ ପରିପୂର୍ଣ୍ଣ ନିଷ୍ଠା, ଶୁଦ୍ଧ ଇଚ୍ଛା ଓ ଶୁଦ୍ଧ ସଂକଳ୍ପ, ସତ୍ୟର ଅନୁଗତ ହୋଇ ରହିବାର ଏବଂ ସର୍ବୋଚ୍ଚ ପରମଙ୍କ ପାଖରେ ଆପଣାକୁ ନିବେଦିତ କରିଦେବାର ବଇପରିକରତା ଏବଂ ସର୍ବଦା ସୀମିତ କରି ରଖୁଥିବା ଓ ଆତ୍ମପ୍ରତିଷ୍ଠା ଲାଗି ସର୍ବଦା ବ୍ୟାକୁଳ ହେଉଥିବା ଅହଂଚେତନାକୁ ନେଇ ଏକ ଦିବ୍ୟ ନିୟନ୍ତ୍ରଣଦଣ୍ଡ ପାଖରେ ଛୁଇଁଦେବାର ବା ତାହାର ଅଧୀନ କରି ରଖିବାର ଅନ୍ତଃପୂତ ସାମର୍ଥ୍ୟଦ୍ୱାରାହିଁ ସେହି ପ୍ରମାଦଗୁଡ଼ିକୁ ଡେଇଁ ଯାଇପାରିବା ସମ୍ଭବ ହେବ । ସାଧକ ଭିତରେ ଯେ ଉପଲବ୍ଧି ସକାଶେ ପ୍ରକୃତ ଇଚ୍ଛା ରହିଛି, ଚେତନାକୁ ନୂତନ ଦୀକ୍ଷା ଦେଇ ସେଥିରେ ରୂପାନ୍ତର ଆଣିବାର ଯେ ଆକାଙ୍‌କ୍ଷା ରହିଛି, ବିବର୍ତ୍ତନର ଆରୋହକ୍ରମରେ ଆବଶ୍ୟକ ସୋପାନଟି ଯେ ଆସି ଉପଗତ ହୋଇଛି, ସେହି ସାମର୍ଥ୍ୟଗୁଡ଼ିକହିଁ ତାହାର ସୂଚନା ଦେଇଥାଏ । ଏବଂ ସେହି ଅବସ୍ଥାରେ ମନୁଷ୍ୟସତ୍ତାର ପ୍ରକୃତିସୁଲଭ ଦୋଷଗୁଡ଼ିକ ମନୋମୟ ସୋପାନରୁ ଚିନ୍ମୟ ସୋପାନକୁ ପରିବର୍ତ୍ତିତ ହୋଇଯିବାର ପଥରେ ଏକ ସ୍ଥାୟୀ ବାଧାରୂପେ ଆଉ ଠିଆ ହୋଇ ରହି ପାରିବ ନାହିଁ । ହୁଏତ ଏହି ପ୍ରକ୍ରିୟାଟି ପୁରାପୁରି ସହଜ ହେବ ନାହିଁ, ମାତ୍ର ତଥାପି ରାସ୍ତାଟି ଠିକ୍ ଫିଟିଗଲା ପରି ଦେଖାଯିବ ଓ ସାଧ୍ୟ ବୋଲି ଅନୁଭୂତ ହେବ ।

ଅନ୍ତର୍ଗତ ସତ୍ତାର ରାଜ୍ୟରେ ଅନୁପ୍ରବିଷ୍ଟ ହେବାର ଏହି ପ୍ରକ୍ରିୟାଟିକୁ ଅଧିକ ସହଜ କରିଦେବାର ଅଭିପ୍ରାୟରେ ଅନେକ ସମୟରେ ଆଉ ଏକ ଉପାୟ ଅବଲମ୍ବନ କରାଯାଇ ଥାଏ; ଏଥିରେ ଚେତନ ସତ୍ତା ଅର୍ଥାତ୍ ପୁରୁଷକୁ ରୂପାୟିତ ପ୍ରକୃତିଠାରୁ ଅଲଗା କରି ଦେଖିବାର ଚେଷ୍ଟା କରାଯାଏ । ଆପଣାର ମନ ଓ ମନୋଗତ ଯାବତୀୟ କ୍ରିୟାରୁ ଆପଣାକୁ ଏପରିଭାବରେ ଅପସରାଇ ନେବାକୁ ହୁଏ ଯେ ସେଗୁଡ଼ିକ ଇଚ୍ଛାମତେ ନିଶ୍ଚଳ ହୋଇଯାଇ ପାରନ୍ତି ଅଥବା କେବଳ ଉପରିଭାଗର ଏପରି ଏକ ଗତିକ୍ରିୟାରୂପେ ରହିଥା'ନ୍ତି ଯେ କେବଳ ଏକ ତଟସ୍ଥ ଓ ଉଦାସୀନ ସାକ୍ଷୀରୂପେହିଁ

'oaob.nitrkl.ac.in' images reprocessed

ତାହାଙ୍କୁ ଅବଲୋକନ କରିହୁଏ । ସେତେବେଳେ ଏହିପରି କ୍ରମେ ଆପଣାକୁ ମନୋଗତ ଅନ୍ତରାତ୍ମସତ୍ତା ବୋଲି ଉପଲବ୍ଧି କରିପାରିବା ସମ୍ଭବ ହୁଏ, ଶୁଦ୍ଧ ଓ ସତ୍ୟ ମନୋମୟ ପୁରୁଷରୂପେ ଅନୁଭବ କରିହୁଏ । ଠିକ୍ ସେହିପରି ପ୍ରାଣଗତ ଯାବତୀୟ କ୍ରିୟାରୁ ନିଜକୁ ଅପସାରି ନେଇ ଆପଣାକୁ ପ୍ରାଣଗତ ଅନ୍ତରାତ୍ମସତ୍ତା ବୋଲି ଉପଲବ୍ଧି କରିହୁଏ, ଶୁଦ୍ଧ ଓ ସତ୍ୟ ପ୍ରାଣମୟ ପୁରୁଷ ବୋଲି ଜାଣି ହୁଏ । ଆମ ଶରୀରର ମଧ୍ୟ ସେହିଭଳି ଏକ ଅନ୍ତରାତ୍ମସତ୍ତା ରହିଛି; ଶରୀର, ଶାରୀରିକ ଦାବି ଓ ଶରୀରଗତ ଯାବତୀୟ କ୍ରିୟାମଧ୍ୟରୁ ଆପଣାକୁ ଅପସାରି ନେଇପାରିଲେ ଓ ଶାରୀର ଚେତନାର ଏକ ନିଶ୍ଚଳତା ମଧ୍ୟରେ ଅନୁପ୍ରବିଷ୍ଟ ହୋଇ ଶରୀରଶକ୍ତିର କ୍ରିୟାଗୁଡ଼ିକ ଉପରେ ଦୃଷ୍ଟିପାତ କରିପାରିଲେ ଯାହାର ସବିତ୍ ଲାଭ କରିବା ସମ୍ଭବ ହୁଏ; ସେତେବେଳେ ଏକ ଶୁଦ୍ଧ ଓ ସତ୍ୟ ଅନ୍ନମୟ ପୁରୁଷ ବିଷୟରେ ସଚେତନ ହେବା ସମ୍ଭବ ହୁଏ । ସେହିପରି, କ୍ରମ ନ୍ୱୟରେ ଅଥବା ଏକତ୍ର ଭାବରେ ପ୍ରକୃତିର ଏହିସବୁ କ୍ରିୟାତ୍ମକତାରୁ ଅପସରି ଠିଆହୋଇ ପାରିଲେ ଆପଣା ମଧ୍ୟରେ ଅବସ୍ଥିତ ସତ୍ତାଟିକୁ ମଧ୍ୟ ସେହି ପୂର୍ଣ୍ଣନିଶ୍ଚଳ ନୈର୍ବ୍ୟକ୍ତିକ ଆତ୍ମସତ୍ତା ଅର୍ଥାତ୍ କେବଳ ସେହି ସାକ୍ଷୀପୁରୁଷରୂପେ ଉପଲବ୍ଧି କରିବା ମଧ୍ୟ ସମ୍ଭବ ହୁଏ । ଏଥିରୁ ଏକ ଆଧ୍ୟାତ୍ମିକ ଉପଲବ୍ଧି ଓ ତଜ୍ଜନିତ ମୁକ୍ତି ବି ସମ୍ଭବ ହୁଏ, ମାତ୍ର ତାହାର ଏକ ଅବଶ୍ୟମ୍ଭାବୀ ପରିଣାମରୂପେ ଏକ ରୂପାନ୍ତର କଦାପି ସାଧିତ ହୁଏ ନାହିଁ । କାରଣ ଏହି ଅବସ୍ଥାରେ ମୁକ୍ତ ଓ ସ୍ୱରୂପସ୍ଥିତ ରହି ପୁରୁଷ ସେଇଥିରେହିଁ ତୃପ୍ତ ହୋଇଯାଇ ପାରନ୍ତି, ଆପଣାର ସ୍ୱୀକୃତିଦାନ ଦ୍ୱାରା ପ୍ରକୃତିକୁ ଆଉ ପୁନରୁଜ୍ଜୀବିତ, ପୁନର୍ବଳିତ, ପ୍ରାଣିତ ଓ ପ୍ରଲମ୍ବିତ ନକରି ତାହାର ଅନନୁମୋଦିତ ସଞ୍ଚିତ ଉତ୍ପ୍ରେରଣାକୁ କେବଳ ଯନ୍ତ୍ରବତ୍ ଏକ ଗତାନୁଗତିକ ରୀତିରେ ଗତି କରି କ୍ରମଶଃ କ୍ଷୟପ୍ରାପ୍ତ ହେବାକୁ ଛାଡ଼ିଦେଇ ପାରନ୍ତି ଏବଂ ଏହି ପ୍ରତ୍ୟାଖ୍ୟାନଟିକୁ ସମସ୍ତ ପ୍ରକୃତି ମଧ୍ୟରୁ ଆପଣାକୁ ପ୍ରତ୍ୟାହୃତ କରି ଆଣିବାର ଏକ ସାଧନରୂପେ ବ୍ୟବହାର କରିପାରନ୍ତି ଏବଂ ପ୍ରକୃତିଠାରୁ ଅଲଗା ହୋଇଯାଇ ପାରନ୍ତି । ମାତ୍ର ପୁରୁଷକୁ କେବଳ ଦ୍ରଷ୍ଟା ବା ସାକ୍ଷୀ ହେଲେ ଆଦୌ ଚଳିବ ନାହିଁ, ତାଙ୍କୁ ଜ୍ଞାତା ହେବାକୁ ପଡ଼ିବ, ସକଳ ଭାବନା ଓ ସକଳ କ୍ରିୟାର ଆଦିମୂଳ ଓ ନିୟାମକ ପ୍ରଭୁ ହୋଇ ରହିବାକୁ ପଡ଼ିବ; ମାତ୍ର ଜୀବ କେବଳ ଏହି ମନୋମୟ ଭୂମିଟି ଭିତରେ ଆବଦ୍ଧ ହୋଇ ରହିଥିବା ପର୍ଯ୍ୟନ୍ତ କିମ୍ବା ମନ, ପ୍ରାଣ ଓ ଶରୀରର ଏହି ଯନ୍ତ୍ରୀୟ ସାଧନଗୁଡ଼ିକୁ କାମରେ ଲଗାଉଥିବା ପର୍ଯ୍ୟନ୍ତ ସେ କଥା କେବଳ ଆଂଶିକ ଭାବରେହିଁ ହୋଇ ପାରିବ । ଅବଶ୍ୟ ଏଥିରୁ ଏକପ୍ରକାର ପ୍ରଭୁତ୍ୱ ନିଶ୍ଚୟ ମିଳିବ, ମାତ୍ର ପ୍ରଭୁତ୍ୱଲାଭ ଓ ରୂପାନ୍ତରସାଧନ କଦାପି ଗୋଟିଏ କଥା ନୁହେଁ । ଏହି ପ୍ରଭୁତ୍ୱଲାଭରୁ ଯେତିକି ପରିବର୍ତ୍ତନ, ସମ୍ଭବ ହେବ, ତାହା କୌଣସି ସମଗ୍ର ଓ ସମୂଳ ପରିବର୍ତ୍ତନ ଲାଗି ଯଥେଷ୍ଟ ହେବ ନାହିଁ । ସମୂଳ ପରିବର୍ତ୍ତନ ଲାଗି ମନଃସତ୍ତା, ପ୍ରାଣସତ୍ତା ଓ ଶରୀରସତ୍ତାର

'oaob.nitrkl.ac.in' images reprocessed

ପରସ୍ତଗୁଡ଼ାକୁ ପାର ହୋଇ ପଛକୁ ଯିବାକୁ ପଡ଼ିବ ଏବଂ ଆହୁରି ଅଗ୍ରସର ହୋଇ ଆମ ଭିତରେ ଅନ୍ତରଙ୍ଗତମ ତଥା ଗଭୀରତମ ହୋଇ ରହିଥିବା ସେହି ଚୈତ୍ୟସତ୍ତାର ଗଭୀର ଦେଶରେ ପହଞ୍ଚିବାକୁ ପଡ଼ିବ,—ଅଥବା ଅତିଚେତନର ସେହି ସର୍ବୋଚ୍ଚ ଭୂମିକୁ ଆପଣାକୁ ଉନ୍ମୋଚିତ କରିଦେବାକୁ ପଡ଼ିବ । ଆତ୍ମାର ସେହି ଜ୍ୟୋତିର୍ଗୁହାଟି ଯାଏ ଭେଦ କରି ପାରିବାକୁ ହେଲେ ଆମକୁ ପ୍ରାଣଗତ ଉପାଦାନଭୂମିଟିଠାରୁ ଆରମ୍ଭ କରି ଆମ ଭିତରେ ଥିବା ଚୈତ୍ୟକେନ୍ଦ୍ରଟି ପର୍ଯ୍ୟନ୍ତ ମଧ୍ୟବର୍ତ୍ତୀ ସମସ୍ତ ପଥଟିକୁ ଅତିକ୍ରମ କରିବାକୁ ହେବ । ଏହି ଯାତ୍ରା ଯେତେ ଦୀର୍ଘ, କ୍ଳାନ୍ତିକର କିମ୍ବା ଦୁଃସାଧ୍ୟ ହେଲେ ମଧ୍ୟ ତଥାପି ତାହା ସମ୍ପନ୍ନ କରିବାକୁ ପଡ଼ିବ । ଦେହ, ମନ ତଥା ପ୍ରାଣର ଦାବି, ଆହ୍ୱାନ ଓ ଆବେଗଲଗି ଆସକ୍ତିଶୂନ୍ୟ ହୋଇ ରହିବା, ସକଳ ଚେତନାକୁ ନେଇ ହୃତ୍‌କେନ୍ଦ୍ରରେ ଠୁଳ କରି ରଖିବା, କଠୋର ତପସ୍ୟା ଓ ଆତ୍ମପରିଶୁଦ୍ଧିର ଆଚରଣ କରିବା, ପ୍ରାଣ ତଥା ମନର ଯାବତୀୟ ପୁରାତନ ସଂସ୍କାରବଶତାକୁ ଉଚ୍ଛିନ୍ନ କରିପକାଇବା, ବାସନାଗନ୍ଧ ଅହଂର ବର୍ଜନ କରିବା ତଥା ମିଥ୍ୟା ଅଭାବବୋଧ ଏବଂ ମିଥ୍ୟା ଅଭ୍ୟସ୍ତତାକୁ ପରିହାର କରିବା;—ଆମର ଦୁଃସାଧ୍ୟ ଯାତ୍ରାଟିର ପଥରେ ଏଗୁଡ଼ିକ ସହାୟକରୂପେ ନିଶ୍ଚୟ ଗ୍ରହଣ କରାଯିବ ମାତ୍ର ଆପଣାକୁ ତଥା ଆପଣାର ପ୍ରକୃତିଗତ ସକଳ ଅଂଶଟିକୁ ସେହି ଦିବ୍ୟ ପରମସତ୍ତା ଅର୍ଥାତ୍ ଈଶ୍ୱରଙ୍କ ସମୀପରେ ନେଇ ନିବେଦିତ ଓ ସମର୍ପିତ କରିଦେବା ଉପରେହିଁ ଏହିସବୁ ଓ ଅନ୍ୟ ଯେକୌଣସି ସାଧନ ତଥା ପଦ୍ଧତିକୁ ପ୍ରତିଷ୍ଠିତ କରି ରଖିପାରିଲେ ଯାଇ ଆମର ସାଧନା ସବୁଠାରୁ ଅଧିକ ବୀର୍ଯ୍ୟବନ୍ତ ହେବ ଓ ଯଥାର୍ଥ ପଥରେ ଚାଲିପାରିବ । କେବଳ ଅଳ୍ପ କେତେଜଣ ବିଶେଷ ପ୍ରତିଭାସମ୍ପନ୍ନ ସାଧକଙ୍କୁ ଛାଡ଼ିଦେଲେ ଆଉ ସମସ୍ତଙ୍କ ପାଇଁ ଜଣେ ଜୀବନ୍ତ ଗୁରୁର ପ୍ରଜ୍ଞାସମ୍ପନ୍ନ ଓ ବୋଧିଦୀପ୍ତ ନିର୍ଦ୍ଦେଶନାକୁ ମାନି ଚଳିବା ମଧ୍ୟ ସର୍ବଦା ଅତି ସ୍ୱାଭାବିକ ତଥା ଅତ୍ୟାବଶ୍ୟକ ହୋଇ ରହିଥିବ ।

ଉପର ପ୍ରକୃତିର ଆବରଣଟା ଫାଟିଯିବା ସଙ୍ଗେସଙ୍ଗେ ଓ ଅନ୍ତର୍ଗତ ବିଚ୍ଛିନ୍ନତାର ପାଚେରୀଟି ଭୁଷୁଡ଼ି ପଡ଼ିବା ସଙ୍ଗେସଙ୍ଗେ ଅନ୍ତରର ଆଲୋକଟି ଆସି ସତ୍ତାମଧ୍ୟରେ ପ୍ରବେଶ କରିଥାଏ, ହୃଦୟଦେଶରେ ସେହି ଅନ୍ତର୍ଗତ ଅଗ୍ନିଟି ପ୍ରଜ୍ୱଳିତ ହୋଇଉଠେ, ପ୍ରକୃତି ତଥା ଚେତନାର ଯାବତୀୟ ଉପାଦାନ ଶୋଧିତ ହୋଇ ଏକ ବୃହତ୍ତର ସୂକ୍ଷ୍ମତା ଏବଂ ଶୁଦ୍ଧତା ଲାଭ କରେ, ଏବଂ ଯେଉଁଗୁଡ଼ିକୁ ସମ୍ପୂର୍ଣ୍ଣ ଭାବରେ ଅନ୍ତର୍ମାନସ ଅଥବା ଅନ୍ତଃପ୍ରାଣଗତ ସ୍ୱଭାବର ବୋଲି ଆଦୌ କୁହାଯାଇ ପାରିବ ନାହିଁ, ସେହିଭଳି ଅଧିକ ଗଭୀର ଚୈତ୍ୟ ଅନୁଭୂତିମାନ ଏହି ଅଧିକ ସୂକ୍ଷ୍ମ, ଅଧିକ ଶୁଦ୍ଧ ଓ ଅଧିକ ଶୋଧିତ ଉପାଦାନଟି ଭିତରେ ସମ୍ଭବ ହେବାକୁ ଆରମ୍ଭ କରେ, ଆତ୍ମାର ଆବରଣଟି ଖୋଲିଯାଏ ଏବଂ ଚୈତ୍ୟ ବ୍ୟକ୍ତିତ୍ୱ ଆପଣାର ପୂର୍ଣ୍ଣ ପରିଣତି ଲାଭ କରେ । ସେତେ-ବେଳେ ଆତ୍ମା ବା ଚୈତ୍ୟସତ୍ତାହିଁ କେନ୍ଦ୍ରସତ୍ତାରୂପେ ଆତ୍ମପ୍ରକାଶ କରେ, ମନ, ପ୍ରାଣ ଏବଂ

'oaob.nitrkl.ac.in' images reprocessed

ଦେହକୁ ଉଦ୍‌ବେଳିତ କରି ଧରେ ଏବଂ ପରମ ଚିଦ୍‌ଗତତାର ଅନ୍ୟ ଯାବତୀୟ ସାମର୍ଥ୍ୟ ଓ କାର୍ଯ୍ୟଗୁଡ଼ିକର ଅବଲମ୍ବନ ହୋଇ ରହେ । ପ୍ରକୃତିର ପଥପ୍ରଦର୍ଶକ ଓ ଶାସକ ହିସାବରେ ତାହା ଆପଣାର ବୃହତ୍ତର କର୍ମଦାୟିତ୍ୱଟିକୁ ବି ଗ୍ରହଣ କରେ । ସେହି ଅନ୍ତର ଭିତରୁହିଁ ଏକ ପଥପ୍ରଦର୍ଶନ ଓ ପ୍ରଶାସନ ଆରମ୍ଭ ହୁଏ ଯାହାକି ପ୍ରତ୍ୟେକ ଗତିକ୍ରିୟାକୁ ସତ୍ୟର ଆଲୋକ ଆଡ଼କୁ ଉନ୍ମୁକ୍ତ କରି ରଖେ; ଯାହାକିଛି ମିଥ୍ୟା, ଯାହାକିଛି ଅସ୍ପଷ୍ଟ ଓ ଦିବ୍ୟ-ଉପଲବ୍ଧି ଲାଗି ଯାହାକିଛି ବିରୋଧୀ ପରି କାର୍ଯ୍ୟ କରୁଥାଏ, ତାହା ସେଗୁଡ଼ିକୁ ନିରାକୃତ କରିଦିଏ । ସତ୍ତାର ପ୍ରତ୍ୟେକ ଅଞ୍ଚଳ ଓ ଅଣୁକଣ, ପ୍ରତ୍ୟେକ ଗତିସ୍ପନ୍ଦନ ଓ ପ୍ରତ୍ୟେକ ରୂପାୟନ, ଦିଗ୍‌ଦର୍ଶନ, ତଥା ଭାବନା, ଇଚ୍ଛା, ସଂବେଗ, ଇନ୍ଦ୍ରିୟବୋଧ, କ୍ରିୟା ଓ ପ୍ରତିକ୍ରିୟା, ଅଭିପ୍ରାୟ, ମାନସିକ ଅବସ୍ଥା, ପ୍ରବଣତା, ଅଭିଳାଷର ଯାବତୀୟ ବୃତ୍ତି, ଚେତନ କିମ୍ବା ଅଚେତନ ଭାବରେ ସକ୍ରିୟ ହେଉଥିବା ଯାବତୀୟ ପ୍ରକାରର ସ୍ଥୂଳ ଅଭ୍ୟାସ, ଏପରିକି ଯାହା ଅତିମାତ୍ରାରେ ଗୁପ୍ତ ହୋଇ ରହିଛି, ଛଦ୍ମାବରଣ ଦ୍ୱାରା ଆଚ୍ଛାଦିତ ହୋଇ ରହିଛି, ନିର୍ବାକ୍ ଓ ରହସ୍ୟମୟ ହୋଇ ରହିଛି,—ଏହି ସବୁକିଛି ଉପରେ ଅତି ନିର୍ଭୁଲ ଭାବରେ ଚୈତ୍ୟ ଆଲୋକ ଆସି ପଡ଼ିବାକୁ ଲାଗେ, ସେମାନଙ୍କର ସକଳ ସଂଶୟସନ୍ତପ୍ତତାକୁ ଦୂରୀଭୂତ କରିଦିଏ, ସବୁ ଅଡୁଆ ଫିଟିଯାଏ; ସେମାନଙ୍କର ସକଳ ଅସ୍ପଷ୍ଟତା, ସକଳ ପ୍ରବଞ୍ଚନା ତଥା ଆତ୍ମପ୍ରବଞ୍ଚନାର ସ୍ୱରୂପ ଉଦ୍‌ଘାଟିତ ହୋଇଯାଏ ଓ ଦୂର ହୋଇଯାଏ । ସବୁକିଛି ଶୁଦ୍ଧ ହୁଏ, ଯଥୋଚିତ ଭାବରେ ଅବସ୍ଥାପିତ ହୁଏ, ସମୁଦାୟ ପ୍ରକୃତିଟିରେ ସୌଷମ୍ୟ ଆସି ପହଞ୍ଚେ, ଚୈତ୍ୟସତ୍ତାର ସୁରରେ ବାଜିବାକୁ ଲାଗେ ଏବଂ ଏକ ଆଧ୍ୟାତ୍ମିକ ବ୍ୟବସ୍ଥାର ଅନ୍ତର୍ଗତ ହୋଇ ରହେ । ପ୍ରକୃତି ଭିତରେ ଯେତିକି ପରିମାଣରେ ତାମସିକତା ବା ପ୍ରତିରୋଧର ଇଚ୍ଛା ତଥାପି ଅବ୍ୟାହତ ରହିଥାଏ, ତାହାରି ଅନୁପାତରେହିଁ ଏହି ପ୍ରକ୍ରିୟାଟି ଦ୍ରୁତ ଅଥବା ମନ୍ଥର ଗତିରେ ହୁଏ, ମାତ୍ର ପରିପୂର୍ଣ୍ଣତା ଲାଭ କରିବା ପର୍ଯ୍ୟନ୍ତ ତାହା ଅବିଚ୍ୟୁତ ଭାବରେ ଲାଗି ରହିଥାଏ, ଏବଂ ଏହାରି ସର୍ବଶେଷ ସିଦ୍ଧିରୂପେ ସମଗ୍ର ଚେତନ ସତ୍ତାଟି ସର୍ବବିଧ ଆଧ୍ୟାତ୍ମିକ ଅନୁଭୂତି ଲାଗି ସମର୍ଥ ଓ ପୂର୍ଣ୍ଣପିପାସିତ ହୋଇ ରହେ; ଭାବନା, ଅନୁଭୂତି, ଇନ୍ଦ୍ରିୟବୋଧ ଓ କ୍ରିୟା ମଧ୍ୟରେ ଯେଉଁ ଆଧ୍ୟାତ୍ମିକ ସତ୍ୟ ନିହିତ ହୋଇ ରହିଛି, ତାହାରି ଆଡ଼କୁ ଉନ୍ମୁଖ ହୋଇ ରହେ; ଯଥୋଚିତ ପ୍ରତିସ୍ପନ୍ଦନ ଜଣାଇବା ଲାଗି ସମର୍ଥ ହୋଇ ରହେ । ତାମସିକ ଜଡ଼ତାର ଅନ୍ଧକାର ଓ ଅନମନୀୟ କଠିନତାରୁ, ରାଜସିକ ଉନ୍ମାଦନା ଓ ଅସ୍ଥିର ତଥା ଅସମତାଦୁଷ୍ଟ ବେଗର ଆବିଳତା, ଅଧୀର ଆକୁଳତା ତଥା ଅଶୁଦ୍ଧିରୁ ଏବଂ ଅବିଦ୍ୟାର ସ୍ୱଭାବଗତ କୃତ୍ରିମ ସମତାବସ୍ଥାଗୁଡ଼ିକର ବୁଦ୍ଧିସମ୍ପନ୍ନ କଠିନତା ଓ ସାତ୍ତ୍ୱିକ ସୀମାବଦ୍ଧତା ଅଥବା ଦୋଳାୟମାନ ସମତାଗୁଡ଼ିକରୁ ଏହି ସତ୍ତା ସମ୍ପୂର୍ଣ୍ଣଭାବରେ ମୁକ୍ତ ହୋଇ ଆସେ ।

'oaob.nitrkl.ac.in' images reprocessed

ଏଇଟି ହେଉଛି ପ୍ରଥମ ଫଳ; ମାତ୍ର ଏହି ଫଳପ୍ରାପ୍ତିର ଦ୍ୱିତୀୟ ପର୍ବରେ ଯାବତୀୟ ପ୍ରକାରର ଆଧ୍ୟାତ୍ମିକ ଅନୁଭୂତି ସମ୍ପୂର୍ଣ୍ଣ ମୁକ୍ତଭାବରେ ପ୍ରବାହିତ ହୋଇ ଆସିବାକୁ ଲାଗେ । ପରମାତ୍ମସତ୍ତାର ଅନୁଭୂତି, ଈଶ୍ୱର ତଥା ଦିବ୍ୟ-ଶକ୍ତିର ଅନୁଭୂତି, ବିଶ୍ୱାତ୍ମକ ଚେତନାର ଅନୁଭୂତିମାନ ପ୍ରବାହିତ ହେବାକୁ ଲାଗେ; ବିଶ୍ୱଗତ ଯାବତୀୟ ଶକ୍ତି ଓ ବିଶ୍ୱମୟ ପ୍ରକୃତିର ଗୋପନ ଓ ଗୂଢ଼ ଯାବତୀୟ ଗତିସ୍ପନ୍ଦନର ପ୍ରତ୍ୟକ୍ଷ ସଂସ୍ପର୍ଶଲାଭ ହୁଏ, ଏକ ଚୈତ୍ୟ ସଂବେଦନଶୀଳତା, ଏକତ୍ୱାନୁଭୂତି ଏବଂ ସକଳ ସତ୍ତା ତଥା ସମଗ୍ର ପ୍ରକୃତି ସହିତ ଅନ୍ତର୍ଗତ ଯୋଗସୂତ୍ର ସ୍ଥାପିତ ହୁଏ ଓ ସକଳ ପ୍ରକାରର ଆଦାନପ୍ରଦାନ ଘଟେ । ମନ ଜ୍ଞାନଦ୍ୱାରା ବିଭାସିତ ହୋଇଉଠେ; ପ୍ରେମ, ଭକ୍ତି, ଆଧ୍ୟାତ୍ମିକ ଆନନ୍ଦ ତଥା ଅଭିଭୂତି ଦ୍ୱାରା ହୃଦୟ ସନ୍ଦୀପ୍ତ ହୋଇଆସେ, ଉଚ୍ଚତର ସ୍ତରର କେତେକେତେ ଅନୁଭୂତି ଦ୍ୱାରା ଶରୀର ଓ ଇନ୍ଦ୍ରିୟଗ୍ରାମ ଉଦ୍‌ଭାସିତ ହୁଏ; ସତ୍ୟର ଭୂମିରେ ସଞ୍ଚାରିତ ହୋଇ ଏବଂ ଏକ ବଶୀଭୂତ ମନ, ହୃଦୟ ଓ ଆତ୍ମାର ବଶୀଲତା ଦ୍ୱାରା ପ୍ରେରିତ ହୋଇ ଗତିଶୀଳ ସକଳ କ୍ରିୟାର ପଥ ଆଲୋକିତ ହୋଇଯାଏ ଦିବ୍ୟ ଆଲୋକ ତଥା ଦିବ୍ୟ ଦିଗ୍‌ଦର୍ଶନର ଅଟଳ ନିର୍ଭର ପ୍ରାପ୍ତ ହୁଏ, ଆମର ଇଚ୍ଛା ଓ ଆଚରଣରେ ଆପଣାକୁ କାର୍ଯ୍ୟକାରୀ କରୁଥିବା ଦିବ୍ୟଶକ୍ତିର ଆନନ୍ଦ ଓ ସାମର୍ଥ୍ୟ ଆପଣାର ସମ୍ପଦରେ ପରିଣତ ହୋଇ ଯାଉଥିବା ପରି ଲାଗେ । ଆମର ଅନ୍ତରତର ଓ ଅନ୍ତରତମ ସତ୍ତା ତଥା ପ୍ରକୃତି ବାହାର ଆଡ଼କୁ ଉନ୍ମୋଚିତ ହୋଇଯିବା ଦ୍ୱାରାହିଁ ଏସବୁ ଅନୁଭୂତି ଉପଲବ୍ଧ ହୁଏ, କାରଣ ସେତେବେଳେ ଆତ୍ମାର ଅଭ୍ୟନ୍ତ ଓ ଅନ୍ତର୍ନିହିତ ଚେତନାଶକ୍ତିହିଁ ଆପଣାକୁ କାର୍ଯ୍ୟକାରୀ କରୁଥାଏ; ତାହାର ଦିବ୍ୟ ଦୃଷ୍ଟି ଏବଂ ଯାବତୀୟ ମନୋମୟ ଜ୍ଞାନଠାରୁ ଶ୍ରେଷ୍ଠତର ଦିବ୍ୟ ସଂସ୍ପର୍ଶଗୁଡ଼ିକରହିଁ ଲୀଳା ଲାଗିଯାଏ । ଚୈତ୍ୟ ଚେତନାର ଶୁଦ୍ଧ କ୍ରିୟାତ୍ମକ ଭୂମିର ସ୍ୱଭାବଟିକୁ ଅନୁସରଣ କରି ବିଶ୍ୱଜଗତ ଓ ବିଶ୍ୱଜଗତସ୍ଥ ସକଳ ଜୀବଙ୍କ ସମ୍ବନ୍ଧରେ ଏକ ଅପରୋକ୍ଷ ବୋଧ ଜନ୍ମଲାଭ କରେ, ସେଗୁଡ଼ିକ ସହିତ ଏକ ପ୍ରତ୍ୟକ୍ଷ ଅନ୍ତର୍ଗତ ସମ୍ପର୍କ ସ୍ଥାପିତ ହୁଏ, ଅନ୍ତରମଧ୍ୟସ୍ଥ ଆତ୍ମା ସହିତ ଓ ଦିବ୍ୟ ପରମସମ୍ପଦଟି ସହିତ ଖିଅ ଲାଗିଯାଏ; ଅପରୋକ୍ଷ ଜ୍ଞାନ ଉପଲବ୍ଧ ହୁଏ, ପରମ ସତ୍ୟ ତଥା ସକଳ ସତ୍ୟର ଅପରୋକ୍ଷ ଦର୍ଶନ ହୁଏ, ପ୍ରତ୍ୟକ୍ଷ ଭାବରେ ଅନ୍ତଃପ୍ରବେଶ କରି ପାରୁଥିବା ଏକ ଆଧ୍ୟାତ୍ମିକ ସଂବେଗ ଓ ଅନୁଭୂତି ଉନ୍ମେଷ ଲାଭ କରେ, ସମ୍ୟକ୍ ସଂକଳ୍ପ ଓ ସମ୍ୟକ୍ କର୍ମର ଅପରୋକ୍ଷ ଓ ବୋଧପ୍ରେରିତ ପରିଚୟ ମିଳେ; ଆଗଭଳି କେବଳ ସେହି ଉପରିଭାଗସ୍ଥ ଆତ୍ମସତ୍ତାର ଅନ୍ଧ ଅଣ୍ଡାଳିବା ଦ୍ୱାରା ନୁହେଁ, ବରଂ ସେହି ଆତ୍ମସତ୍ତାର ତଥା ସକଳ ବସ୍ତୁର ଅନ୍ତର୍ଗତ ସତ୍ୟ ଓ ପ୍ରକୃତିର ନିଗୂଢ଼ ସତ୍ୟାଧୀପ୍ତତା ଦ୍ୱାରା ଉଦ୍‌ବୁଦ୍ଧ ହୋଇହିଁ ସତ୍ତାର ଏକ ନୂତନ ସୃଷ୍ଟି ସମ୍ଭବ କରିବାର ଓ ତାହାକୁ ପରିଚାଳିତ କରିବାର ସାମର୍ଥ୍ୟ ଆସି ପହଞ୍ଚେ ।

'oaob.nitrkl.ac.in' images reprocessed

ଆତ୍ମା ବା ଚୈତ୍ୟ ସତ୍ତାର ପୂର୍ଣ୍ଣ ପ୍ରସ୍ଫୁରଣ ନହୋଇ ମଧ୍ୟ କେବଳ ଆମ ଅନ୍ତର୍ଗତ ମନୋମୟ ଓ ପ୍ରାଣମୟ ସତ୍ତା ଓ ଆମ ଭିତରେ ଥିବା ଅନ୍ତର୍ଗତ, ବୃହତ୍ତର ତଥା ସୂକ୍ଷ୍ମତର ମନ, ହୃଦୟ ଓ ପ୍ରାଣ ଉନ୍ମୋଚିତ ହୋଇଯିବା ଫଳରେ ଏହିସବୁ ଅନୁଭୂତିରୁ କେତେକ ଅବଶ୍ୟ ଉପଲବ୍ଧ ହୋଇପାରନ୍ତି, କାରଣ ସେହି କ୍ଷେତ୍ରରେ ମଧ୍ୟ ଚେତନା ସହିତ ଏକ ଅପରୋକ୍ଷ ସଂସ୍ପର୍ଶର ସାମର୍ଥ୍ୟ ବେଶି ଉପଲବ୍ଧ ହୋଇଥାଏ । ମାତ୍ର ସେତେବେଳେ ସେହି ଅନୁଭୂତି କେବଳ ଏକ ବିମିଶ୍ରିତ ଅନୁଭୂତି ହୋଇ ରହି ଯାଇପାରେ; କାରଣ ସେହି କ୍ଷେତ୍ରରେ ଅଧିଚେତନ ଜ୍ଞାନର ସଙ୍ଗେସଙ୍ଗେ ଅଧିଚେତନ ଅଜ୍ଞାନ ମଧ୍ୟ ଉନ୍ମେଷ ଲାଭ କରିପାରେ । ସତ୍ତା ପର୍ଯ୍ୟାପ୍ତ ଭାବରେ ଆପଣାକୁ ପ୍ରସାରିତ କରି ନପାରେ, ମାନସିକ ଧାରଣା, ସଙ୍କୀର୍ଣ୍ଣ ଓ ପକ୍ଷପାତଦୁଷ୍ଟ ସଂବେଗ ଅଥବା ସ୍ୱଭାବର କୌଣସି ବିଶେଷ ଏକଦର୍ଶୀ ବୃତ୍ତିଦ୍ୱାରା ଏହି ସତ୍ତା ସୀମାସଙ୍କୁଚିତ ହୋଇ ରହିପାରେ, ଯାହାଫଳରେ କି ଆତ୍ମସୃଜନ ତଥା କ୍ରିୟାମାନ କେବଳ ଅପୂର୍ଣ୍ଣ ଭାବରେହିଁ ଘଟିପାରେ ଏବଂ ଆତ୍ମାର ମୁକ୍ତ ଆବିର୍ଭାବ ସମ୍ଭବ ହୋଇ ନପାରେ । କୌଣସି ପ୍ରକାର ଚୈତ୍ୟ ଉନ୍ମେଷ ଘଟି ନଥିବାରୁ ଅଥବା କେବଳ ଅପୂର୍ଣ୍ଣ ଭାବରେହିଁ ତାହା ଘଟିଥିବାରୁ ବୃହତ୍ତର ଜ୍ଞାନ ତଥା ସାମର୍ଥ୍ୟର ଅନୁଭୂତି ଓ ନିତ୍ୟନୈମିତ୍ତିକ ସୀମାଗୁଡ଼ିକୁ ଅତିକ୍ରମ କରିଯିବାର ଅନୁଭୂତି ଫଳରେ କେବଳ ଅହଂରହିଁ ବିସ୍ତାର ଘଟିପାରେ ଏବଂ ଏପରିକି ଦିବ୍ୟ ଓ ଆଧ୍ୟାତ୍ମିକ ଭାବସକଳର ପରିସ୍ଫୁଟନ ନହୋଇ କେବଳ ଅସୁରଭାବ ବା ଆସୁରୀଶକ୍ତିର ଅତିପ୍ରାବଲ୍ୟ ଆସି ଉପସ୍ଥିତ ହୋଇପାରେ ଅଥବା ତାହା ଏଭଳି ବିଭୂତି ଓ ଶକ୍ତିଗୁଡ଼ିକୁ ଡାକି ନେଇ ଆସିପାରେ, ଯାହାକି ଏତେବେଶୀ ପରିମାଣରେ ଧ୍ୱଂସାତ୍ମକ ହୋଇ ନଥିଲେ ମଧ୍ୟ ତଥାପି ଅତ୍ୟନ୍ତ ଶକ୍ତିଶାଳୀ ହୋଇପାରେ ଓ ଏକ ନିମ୍ନତର ବିଶ୍ୱଶକ୍ତିର ପରିଗ୍ରସ୍ତକ ହୋଇପାରେ । ମାତ୍ର ଯେତେବେଳେ ଆତ୍ମାର ବିଧାନ ଚାଲେ ଓ ସେହି ଆତ୍ମାହିଁ ବାଟ ଦେଖାଇ ନେଉଥାଏ, ସେତେବେଳେ ଆମର ସକଳ ଅନୁଭୂତି କେବଳ ଆଲୋକ, ସମଗ୍ରତା ଓ ଚୈତ୍ୟ ମର୍ମର ସ୍ୱଭାବଗତ ଏକ ସୌଷମ୍ୟ ତଥା ଯଥାର୍ଥତା ଆଡ଼କୁ ପ୍ରବୃତ୍ତ ହୋଇ ରହେ । ଏହିଭଳି ଏକ ଚୈତ୍ୟ ରୂପାନ୍ତର ଫଳରେ, ଅଥବା ଅଧିକ ପ୍ରଶସ୍ତ ଭାବରେ କହିଲେ ଏହି ଚୈତ୍ୟ-ଆଧ୍ୟାତ୍ମିକ ରୂପାନ୍ତର ଫଳରେ ଆମର ଏହି ମନୋମୟ ମାନୁଷୀ ପ୍ରକୃତିଟିରେ ଏକ ବହୁବିସ୍ତୃତ ପରିବର୍ତ୍ତନ ପରିଦୃଷ୍ଟ ହେବାକୁ ଲାଗେ ।

ମାତ୍ର ମର୍ମତଃ ତଥା ସ୍ୱଭାବତଃ ଚୈତ୍ୟ ଓ ଆଧ୍ୟାତ୍ମିକ ହୋଇଥିଲେହେଁ ଏହିସବୁ ଯାବତୀୟ ପରିବର୍ତ୍ତନ ଓ ଅନୁଭୂତି ଜୀବନର କ୍ଷେତ୍ରରେ ଆପଣାର କାର୍ଯ୍ୟ-ସାଧନ କରିବାର ଅଂଶଗୁଡ଼ିକରେ ତଥାପି କେବଳ ସେହି ମନୋମୟ, ପ୍ରାଣମୟ ଏବଂ ଅନ୍ନମୟ ସୋପାନରେହିଁ ପର୍ଯ୍ୟବସିତ ହୋଇ ରହିବ । ଏହାର ଗତିଶୀଳ ଆଧ୍ୟାତ୍ମିକ

'oaob.nitrkl.ac.in' images reprocessed

ପରିଣାମ* ସ୍ୱରୂପ ମନ, ପ୍ରାଣ ତଥା ଦେହରେ ଆତ୍ମା ବିକଶିତ ହୋଇ ଉଠିବ ସତ, ମାତ୍ର ନିମ୍ନାତ୍ମକତା ଓ ରୂପାୟନର କ୍ଷେତ୍ରରେ ତାହା ଏକ ନିମ୍ନସ୍ତରୀୟ ନୈମିତ୍ତିକତାର ସଙ୍କୁଚନ ଦ୍ୱାରା ନିଶ୍ଚୟ ସୀମାନିର୍ଦ୍ଦେଶିତ ହୋଇ ରହିବ; ସେହି ନୈମିତ୍ତିକତା ବା ସାଧନସବୁ ଯେତେ ବିସ୍ତୃତ, ଉତ୍ତୋଳିତ ଅଥବା ସୂକ୍ଷ୍ମ ହୋଇଥାଉ ପଛକେ, ପରିଣାମ କେବଳ ତାହାହିଁ ହେବ । ଏଥିରେ ବସ୍ତୁଗୁଡ଼ିକର କେବଳ ଏକ ପ୍ରତିବିମ୍ବିତ ଓ ପରିବର୍ତ୍ତିତ ଅଭିବ୍ୟକ୍ତିହିଁ ହୋଇପାରିବ ଓ ସେହି ବସ୍ତୁଗୁଡ଼ିକର ପରିପୂର୍ଣ୍ଣ ସତ୍ୟ, ଗମ୍ଭୀରତା, ପ୍ରସାର, ଏକତ୍ୱ ତଥା ସତ୍ୟ, ଶକ୍ତି ଏବଂ ଆନନ୍ଦର ବହୁବିଚିତ୍ରତା କେବଳ ଆମ ଉପରେ କେଉଁଠି ଅନ୍ୟତ୍ର ଯାଇ ଅବସ୍ଥାନ କରୁଥିବ; ଆମ ମନର ଉପରେ ରହିଥିବ ଅର୍ଥାତ୍ ମନର ସୂତ୍ର ଓ ବିଧାନଗୁଡ଼ିକରେହିଁ ବାନ୍ଧିହୋଇ ରହିଥିବା ଆମ ବର୍ତ୍ତମାନ ପ୍ରକୃତିର ଏହି ଭିତ୍ତିର ଅଥବା ସେହି ଭିତ୍ତି ଉପରେ ଗଢ଼ାହୋଇ ଠିଆ ହୋଇଥିବା ଯାବତୀୟ ପରିପୂର୍ଣ୍ଣତାର ଊର୍ଦ୍ଧ୍ୱରେ ଯାଇ ରହିଥିବ । ତେଣୁ ଚୈତ୍ୟ ବା ଚୈତ୍ୟ-ଆଧ୍ୟାତ୍ମିକ ପରିବର୍ତ୍ତନର ଭୂମିରେ ଏକ ଉଚ୍ଚତମ ଆଧ୍ୟାତ୍ମିକ ରୂପାନ୍ତରର ସଞ୍ଚାରଣ ଘଟାଇବାକୁ ପଡ଼ିବ; ଅନ୍ତରସ୍ଥ ଆତ୍ମା ବା ଦିବ୍ୟପୁରୁଷଟି ଆଡ଼କୁ ଚୈତ୍ୟ ଚେତନାର ଯେଉଁ ଅନ୍ତର୍ମୁଖୀ ଗତିଟି ରହିଛି, ଏକ ପରମ ଆଧ୍ୟାତ୍ମିକ ଅଧିଷ୍ଠାନ ବା ଏକ ଉଚ୍ଚତର ଅସ୍ତିତ୍ୱ ଆଡ଼କୁ ଏକ ଊର୍ଦ୍ଧ୍ୱମୁଖୀ ଉନ୍ମୋଚନ ଦ୍ୱାରାହିଁ ତାହାକୁ ପରିପୂର୍ଣ୍ଣ କରିବାକୁ ପଡ଼ିବ । ଯେଉଁ ପରମ ସମ୍ପଦଟି ଆମର ଏହି ସତ୍ତାର ଊର୍ଦ୍ଧ୍ୱ-ଦେଶରେ ଅବସ୍ଥିତ ରହିଛି, ତାହାରି ମଧ୍ୟକୁ ଆପଣାକୁ ଉନ୍ମୋଚିତ କରିନେଲେ, ଆତ୍ମା ଓ ଚିତ୍‌ସତ୍ତାର ବୋଧଟି ନିରନ୍ତର ଅନାବୃତ ଓ ଅକ୍ଷୁଣ୍ଣ ହୋଇ ରହିଥିବା ସେହି ଅଧିମାନସ ଓ ଅତିମାନସ ପ୍ରକୃତିର ଭୂମି ମଧ୍ୟକୁ ଆମର ଚେତନାକୁ ଉତ୍ତୋଳିତ କରିନେଲେ ଏହା ସମ୍ଭବ ହେବ । ଅଧିମାନସ ଓ ଅତିମାନସ ପ୍ରକୃତିର କ୍ଷେତ୍ରରେ ଆତ୍ମା ଓ ଚିତ୍‌ସତ୍ତାର ଆତ୍ମଜ୍ୟୋତିର୍ମୟ ନୈମିତ୍ତିକତାଟି ଆମର ଏହି ମନୋମୟ, ପ୍ରାଣମୟ ତଥା ଅନ୍ନମୟ ପ୍ରକୃତି ପରି କୌଣସି ପ୍ରକାରେ ବ୍ୟାହତ କିମ୍ବା ବିସର୍ଜିତ ହୋଇ ଆଦୌ ରହି ନାହିଁ । ଏହି ଉନ୍ମୋଚନଟି ମଧ୍ୟ ଆଲୋଚିତ ଚୈତ୍ୟ ପରିବର୍ତ୍ତନଟି ଦ୍ୱାରା ସଂଘଟିତ ହୋଇଥାଏ । ବର୍ତ୍ତମାନର ଏହି ସ୍ଥିତିରେ ସୀମା ଭିତରେ ବାନ୍ଧି ରଖିଥିବା ବ୍ୟକ୍ତିସତ୍ତାର କେତେକେତେ ଉଚ୍ଚପ୍ରାଚୀର ଦ୍ୱାରା ଆମଠାରୁ ଅନ୍ତରାଳ ହୋଇ ରହିଥିବା ସେହି ବିଶ୍ୱଚେତନାଟି ଆଡ଼କୁ ଏହି ଚୈତ୍ୟ ପରିବର୍ତ୍ତନ ଆମକୁ ଉନ୍ମୁକ୍ତ କରିଦେବା ସଙ୍ଗେ ସଙ୍ଗେ ବର୍ତ୍ତମାନ ଆମର ଏହି

* ଚୈତ୍ୟ ତଥା ଆଧ୍ୟାତ୍ମିକ ଉନ୍ମୀଳନ ଏବଂ ଚିନ୍ତନଗତ ଅନୁଭୂତି ଓ ପରିଣାମ ଆମକୁ ଇହବିମୁଖ କରି ଏକ ନିର୍ବାଣାବସ୍ଥା ଆଡ଼କୁ ମଧ୍ୟ ପରିଚାଳିତ କରି ନେଇ ପାରିବ; ମାତ୍ର କେବଳ ପ୍ରକୃତି-ରୂପାନ୍ତରର ସୋପାନ ହିସାବରେହିଁ ଏଠାରେ ସେଗୁଡ଼ିକର ଆଲୋଚନା କରାଯାଉଛି ।

'oaob.nitrkl.ac.in' images reprocessed

ସ୍ୱାଭାବିକ ଭୂମିଟି ଲାଗି ଅତିଚେତନ ହୋଇ ରହିଥିବା ସମ୍ପଦଗୁଡ଼ିକ ମଧ୍ୟକୁ ବି ତାହା ଆମର ଦ୍ୱାରଟିକୁ ଖୋଲିଦେଇଯାଏ । ଆମ ମନର ପ୍ରବଳ, କଠିନ ଓ ଉଜ୍ଜ୍ୱଳ ଆବରଣଟି ହେତୁ ସେହିସବୁ ସମ୍ପଦ ଆମର ଏହି ଭୂମି ପାଇଁ ଅଗୋଚର ହୋଇ ରହିଛି; ଏହି ମନ କେବଳ ସଙ୍କୁଚିତ କରି ପକାଉଛି, କେବଳ ଭାଗ ଭାଗ କରିଦେଉଛି, କେବଳ ଭେଦ ବ୍ୟତୀତ ଆଉ କିଛିହେଲେ ଦେଖି ପାରୁ ନାହିଁ । ଚୈତ୍ୟ-ଆଧ୍ୟାତ୍ମିକ ପରିବର୍ତ୍ତନର ଚାପଟି ଆସି ପଡ଼ିବା ଫଳରେ ସେହି ଆବରଣ ପାତଳ ହୋଇଆସେ, ଫାଟିବାକୁ ଆରମ୍ଭ କରେ, ଫାଟି ଦୁଇଖଣ୍ଡ ହୋଇଯାଏ ଏବଂ କ୍ରମେ ବିଦୀର୍ଣ୍ଣ ଓ ବିଲୁପ୍ତ ହୋଇଯାଏ । ଏହି ନୂତନ ଅଧ୍ୟାତ୍ମଭାବାପନ୍ନ ଚେତନାଟି ଯାହାର ଅଭିବ୍ୟକ୍ତିରୂପେ ଏଠାରେ କାର୍ଯ୍ୟ କରୁଛି, ତାହାରି ଅଭିମୁଖରେ ତା'ର ସ୍ୱଭାବଗତ ଆକୂତି ମଧ୍ୟ ଆବରଣଟି ଖୋଲିଯିବାରେ ସହାୟକ ହୁଏ । ମାତ୍ର ଯଦି ଚୈତ୍ୟ ଆବିର୍ଭାବଟି କେବଳ ଆଂଶିକ ଭାବରେ ହୋଇଥାଏ ଏବଂ ଅଧ୍ୟାତ୍ମଭାବାପନ୍ନ ମନର ସ୍ୱଭାବଗତ ପରିମିତି ମଧ୍ୟରେହିଁ ଲାଭ କରାଯାଉଥିବା ଦିବ୍ୟସତ୍ୟଗତ ଅନୁଭୂତିରେହିଁ ସନ୍ତୁଷ୍ଟ ହୋଇ ରହୁଥାଏ, ତେବେ ଆବରଣଟିର ଉନ୍ମୋଚନ ହୋଇ ପାରେ ନାହିଁ ଏବଂ ସାଧକକୁ ସେହି ଉନ୍ମୋଚନର କୌଣସି ଫଳ ମିଳେ ନାହିଁ । ମାତ୍ର ଏହିସବୁ ଉଚ୍ଚତର ଓ ଅତିପ୍ରାକୃତ ସୋପାନ ପ୍ରକୃତରେ ରହିଛି ବୋଲି ଯଦି କୌଣସି ଜାଗ୍ରତି ଘଟି ସାରିଥାଏ, ତେବେ ସେହିଗୁଡ଼ିକ ଲାଗି ଏକ ଅନ୍ତର୍ଗତ ଆକୂତି ମଧ୍ୟ ଆବରଣଟିକୁ ଭାଙ୍ଗି ଦେଇପାରେ ଅଥବା ସେଥିରେ କୌଣସି ସ୍ଥାନରେ ଏକ ଫାଟ କରିଦେବାକୁ କାର୍ଯ୍ୟ କରିପାରେ । ଚୈତ୍ୟ-ଆଧ୍ୟାତ୍ମିକ ପରିବର୍ତ୍ତନଟି ସମ୍ପୂର୍ଣ୍ଣ ହେବାର ଅନେକ ପୂର୍ବରୁ, ଏବଂ ଏପରିକି ଏହା ଭଲକରି ଆରମ୍ଭ ହେବା କିମ୍ବା ବେଶୀଦୂର ଅଗ୍ରସର ହେବା ପୂର୍ବରୁ ମଧ୍ୟ ଏହା ଘଟିପାରେ; କାରଣ ସେତେବେଳକୁ ଚୈତ୍ୟ ବ୍ୟକ୍ତିତ୍ୱ ଅତିଚେତନ ବିଷୟରେ ସବିଶେଷସମ୍ପନ୍ନ ହୋଇ ସାରିଥାଏ ଏବଂ ତାହାରି ଅଭିମୁଖରେ ଆପଣାକୁ ଉଦ୍ଗ୍ରୀବ କରି ସହିତ ଅଭିନିବେଶିତ କରି ରଖିଥାଏ । ଏହି ଆକୂତି ଅଥବା ଅନ୍ୟକୌଣସି ଅନ୍ତର୍ଗତ ପ୍ରସ୍ତୁତିର ଫଳସ୍ୱରୂପ ପ୍ରକୃତ ସମୟ ଆସି ପହଞ୍ଚିବାର ପୂର୍ବରୁ ମଧ୍ୟ ଉପରୁ ଜ୍ୟୋତିର ଅବତରଣ ଘଟିପାରେ ବା ସତ୍ତାର ଉପରିସ୍ଥ ଆବରଣଟି ବିଦୀର୍ଣ୍ଣ ହୋଇ ଯାଇପାରେ; ଅଥବା ମନର କୌଣସି ସଚେତନ ଭାଗରୁ ସେଥିଲାଗି କୌଣସି ଅଭୀପ୍ସା ପ୍ରକାଶ ପାଇବା ପୂର୍ବରୁ ସମ୍ପୂର୍ଣ୍ଣ ଅନାହୂତ ଭାବରେହିଁ ତାହା ସଂଘଟିତ ହୋଇପାରେ । ସମ୍ଭବତଃ ଏକ ସଂଗୁପ୍ତ ଅଧିଚେତନାଗତ ଆବଶ୍ୟକତା କିମ୍ବା ଉଚ୍ଚତର ସୋପାନଗୁଡ଼ିକର କୌଣସି ଏକ ଚାପ ବା କ୍ରିୟାଦ୍ୱାରା ଅଥବା ପରମ ଦିବ୍ୟପୁରୁଷ ବା ପରମ ଚିଦ୍‌ଗତତାର ଏକ ସ୍ପର୍ଶରୂପେ ଅନୁଭୂତ ହେଉଥିବା ଏକ ନିମିତ୍ତକାରଣ ଦ୍ୱାରା ଏଭଳି ଘଟିପାରେ । ଏବଂ ଏହାର ପରିଣାମ ମଧ୍ୟ ଅଭୂତପୂର୍ବ ଭାବରେ ଶକ୍ତିଶାଳୀ ହୋଇପାରେ । ମାତ୍ର ଯଦି ନିମ୍ନଦେଶରୁହିଁ

'oaob.nitrkl.ac.in' images reprocessed

କୌଣସି ଏକ ଅକାଳ ରୂପ ପଡ଼ିବା ଫଳରେ ଏହା ସଂଘଟିତ ହୁଏ, ତେବେ ଏହା ସହିତ ନାନା ବିପ୍ନବିପଦ ଆସି ପହଞ୍ଚିବାର ଅବକାଶ ରହିଥାଏ; ମାତ୍ର ଆଧ୍ୟାତ୍ମିକ ଆରୋହଣର ଏହି ଊର୍ଦ୍ଧ୍ୱ ସୋପାନଟିରେ ଆମର ପ୍ରଥମ ପ୍ରବେଶ ଘଟିବା ପୂର୍ବରୁ ଯଦି ଚୈତ୍ୟପୁରୁଷର ଆବିର୍ଭାବ ହୋଇ ସାରିଥାଏ, ତେବେ ଏସବୁ ବିପଦ ଘଟିବାର ଆଉ କୌଣସି ଆଶଙ୍କା ନଥାଏ । ଅବଶ୍ୟ ଏକଥା ମନେ ରଖିବାକୁ ହେବ ଯେ ଆମେ ପ୍ରକୃତରେ କେଉଁ ବାଟଟିର ଅନୁସରଣ କରିବା, ତାହା ଆଦୌ ଆମ ଇଚ୍ଛା ଉପରେ ନିର୍ଭର କରେ ନାହିଁ; କାରଣ ଆଧ୍ୟାତ୍ମିକ ଆରୋହଣର ପ୍ରକ୍ରିୟାଟି ଆମ ଭିତରେ ବହୁ ବିଚିତ୍ର ଭାବରେ ଚାଲିଥାଏ, ଅନେକ ବାଟରେ ଗତି କରୁଥାଏ, ଏବଂ ଜଣେ ସାଧକ ଯେଉଁ ବାଟଟି ଗ୍ରହଣ କରି ଅଗ୍ରସର ହୋଇଛି, ତାହାର ବିଶିଷ୍ଟ ପ୍ରକୃତିଟି ଅନୁସାରେ ଯେକୌଣସି ସୋପାନରେ ନିସ୍ପୃହାତ୍ମିକା ଚୈତନ୍ୟ ଶକ୍ତିରେ ଆମ ସତ୍ତାର ଭିତରର ଆତ୍ମ-ଅଭିବ୍ୟକ୍ତି ଓ ରୂପାୟନ ଲାଗି ଯେଉଁ ଏଷଣା ଓ ଆବେଗ ରହିଛି, ତାହାରି ବଳରେହିଁ ଆମ ଆରୋହଣଟିର ଗତିପଥ ନିରୂପିତ ହେବାରେ ଲାଗିଥିବ ।

ମନୋମୟ ପାତ୍ରଟିର ଢାଙ୍କୁଣିରେ କେଉଁଠି ଫାଙ୍କ ବା ଫାଟଟିଏ ଦେଖା-ଦେବା ସଙ୍ଗେସଙ୍ଗେ ସାଧକର ଦୃଷ୍ଟି ତାହାର ଏହି ଭୂମିଟିର ଉପରେ ରହିଥିବା କୌଣସି ଏକ ସମ୍ପଦ ଆଡ଼କୁ ଉନ୍ମୋଚିତ ହୋଇଯାଏ, ତାହାରି ଉଦ୍ଦେଶ୍ୟରେ ଆରୋହଣ କରିବା ଆରମ୍ଭ ହୁଏ ବା ତାହାରି ସାମର୍ଥ୍ୟସବୁ ଆମର ଏହି ସତ୍ତାଟି ମଧ୍ୟକୁ ଅବତରଣ କରି ଆସିବାକୁ ଲାଗେ । ଦୃଷ୍ଟି ଉନ୍ମୋଚିତ ହେବା ସଙ୍ଗେସଙ୍ଗେ ଆମେ ଉପରକୁ ଅନାଇ ଏକ ପରମ ଅନନ୍ତର ଦର୍ଶନ ପାଉ; ଏକ ଶାଶ୍ୱତ ଅବସ୍ଥିତି ବା ଏକ ଅନନ୍ତ ଅସ୍ତିତ୍ୱ, ଚେତନା ତଥା ଆନନ୍ଦର ଏକ ଅଫୁରନ୍ତ ବିସ୍ତାର ଦେଖିବାକୁ ପାଉ, ଏକ ସୀମାହୀନ ଆତ୍ମସତ୍ତା, ସୀମାହୀନ ଆଲୋକ, ସୀମାହୀନ ଶକ୍ତି ଓ ସୀମାହୀନ ଆନନ୍ଦର ପ୍ରତ୍ୟକ୍ଷ କରୁ । ବେଶ୍ ଅନେକ ସମୟ ପର୍ଯ୍ୟନ୍ତ କେବଳ ତାହାରି ଏକ ଚିତ୍ରହିଁ ଦେଖିବାକୁ ମିଳେ; କେତେବେଳେ ମଝିରେ ମଝିରେ, କେତେବେଳେ ବାରମ୍ବାର ଓ ପୁଣି କେତେବେଳେ ନିରନ୍ତର ଦେଖିବାକୁ ମିଳେ । ଏବଂ ଭିତରେ ଏକ ପିପାସା ଅନୁଭୂତ ହେଉଥାଏ, ଏକ ଆକାଙ୍କ୍ଷା ଲାଗି ରହିଥାଏ ଓ ଏହାଛଡ଼ା ଆଉ ଅଧିକ କିଛିର କୌଣସି ସୂଚନା ନଥାଏ । କାରଣ ଏହି ଅନୁଭୂତିଟି ସକାଶେ ଆମର ମନ, ହୃଦୟ କିମ୍ବା ଆମ ସତ୍ତାର ଅନ୍ୟ କୌଣସି ପ୍ରଦେଶର କିଛି ଅଂଶ ଉନ୍ମୋଚିତ ହୋଇ ରହିଥାଏ ସତ, ମାତ୍ର ସେତେବେଳେ ଆମର ନିମ୍ନତର ପ୍ରକୃତିଟି ତଥାପି ଏଭଳି ଭାବରେ ଆଚ୍ଛନ୍ନ ଓ ଭାରାକ୍ରାନ୍ତ ହୋଇ ରହିଥାଏ ଯେ ଆଉ ଅଧିକ କୌଣସି ପ୍ରକାଶ ସମ୍ଭବ ହୋଇ ପାରେ ନାହିଁ । ମାତ୍ର ନିମ୍ନଭାଗର ଏହି ପ୍ରଶସ୍ତ ଓ ପ୍ରଥମ ସଚେତନାଟି ପରିବର୍ତ୍ତେ କିମ୍ବା ତାହାର ଏକ ପରବର୍ତ୍ତୀ ପର୍ଯ୍ୟାୟରୂପେ ଆମର ମନ ହୁଏତ

'oaob.nitrkl.ac.in' images reprocessed

ଊର୍ଦ୍ଧ୍ୱସ୍ଥିତ ଭୂମିଗୁଡ଼ିକୁ ଆରୋହଣ କରି ଚାଲି ଯାଇପାରେ; ଏହିସବୁ ଊର୍ଦ୍ଧ୍ୱଭୂମିର ପ୍ରକୃତି ସେତେବେଳେ ଆମ ପାଖରେ ଅଜ୍ଞାତ ଥାଇପାରେ ଅଥବା ସ୍ପଷ୍ଟଭାବରେ ବୋଧ ବି ନହୋଇ ପାରେ, ମାତ୍ର ତଥାପି ଏହି ଆରୋହଣର କେତେକ ପରିଣାମ ଅବଶ୍ୟ ଅନୁଭୂତ ହୁଏ । ପୁଣି ଅନେକ ସମୟରେ ଅନନ୍ତ ଆରୋହଣ ତଥା ଅନନ୍ତ ପ୍ରତ୍ୟାବର୍ତ୍ତନର ଏକ ସଚେତନତା ରହିଥାଏ, ମାତ୍ର ସେହି ଉଚ୍ଚତର ସ୍ଥିତିର କୌଣସି ସ୍ମୃତି ବା ପ୍ରତିଲିପି ରହି ପାରେ ନାହିଁ । କାରଣ ସେହିସବୁ ଊର୍ଦ୍ଧ୍ୱସ୍ଥ ସ୍ଥିତି ମନଲାଗି ଏକ ଅତିଚେତନ ସ୍ତରରେ ରହି ଆସିଥାଏ ଏବଂ ଯେତେବେଳେ ମନ ଆରୋହଣ କରି ସେଠାକୁ ଉଠିଯାଏ, ସେତେବେଳେ ସେ ପ୍ରଥମେ ଆପଣାର ସଚେତନ ଅବବୋଧଶକ୍ତିଟିକୁ ଧରି ରଖିବାରେ ଅସମର୍ଥ ହୋଇପଡ଼େ, ସେହି ଅନୁଭୂତିର କୌଣସି ସଂଜ୍ଞାନିରୂପଣ କରିବାକୁ ମଧ୍ୟ ଅସମର୍ଥ ହୋଇ ରହେ । ମାତ୍ର ତାହାର ସେହି ଶକ୍ତିଟି ଜାଗ୍ରତ ହୋଇ ଆପଣାର କାର୍ଯ୍ୟ ଆରମ୍ଭ କରିବା ସଙ୍ଗେସଙ୍ଗେ, ଅର୍ଥାତ୍ ମନ ତା'ଲାଗି ଅତିଚେତନ ହୋଇ ରହି ଆସିଥିବା ଭୂମିଟି ବିଷୟରେ କ୍ରମେ ସଚେତନ ହୋଇ ଉଠିବା ସଙ୍ଗେସଙ୍ଗେ ଊର୍ଦ୍ଧ୍ୱସ୍ଥ ସେହିସବୁ ଅସ୍ତିତ୍ୱଭୂମି ସମ୍ବନ୍ଧରେ ଜ୍ଞାନ ଓ ଅନୁଭୂତିର ଉନ୍ମେଷ ହେବାକୁ ଲାଗେ । ଦୃଷ୍ଟିର ପ୍ରଥମ ଉନ୍ମୀଳନ ସମୟରେ ଆମ ଆଗରେ ଯାହାସବୁ ଉଦ୍ଭାସିତ ହୋଇ ଉଠିଥିଲା, ଏହି ଅନୁଭୂତିର ତାହା ସହିତ ସମ୍ପୂର୍ଣ୍ଣ ମେଳ ରହିଥାଏ । ଆମର ମନ ସ୍ତବ୍ଧ, ନୀରବ, ଶାନ୍ତ ଓ ସୀମାତୀତ ଆତ୍ମସତ୍ତାର ଏକ ଉଚ୍ଚତର ଭୂମିକୁ ଉତ୍ତୋଳିତ ହୋଇଯାଏ; ଅଥବା ଆଲୋକ ଓ ଆନନ୍ଦର କେତେକେତେ ରାଜ୍ୟବିସ୍ତାର ମଧ୍ୟକୁ ଆରୋହଣ କରି ଚାଲିଯାଏ, ବା ଏଭଳି ଭୂମିଗୁଡ଼ିକରେ ଯାଇ ପହଞ୍ଚେ ଯେଉଁଠି ସେ ଏକ ଅନନ୍ତ ଶକ୍ତି ବା ଏକ ଦିବ୍ୟ ସାନ୍ନିଧ୍ୟ ଅନୁଭବ କରିବାକୁ ଲାଗେ; ଏକ ଦିବ୍ୟ ପ୍ରେମ ଓ ସୌନ୍ଦର୍ଯ୍ୟର ସଂସ୍ପର୍ଶ ପାଏ ଅଥବା ଏକ ଅଧିକ ପ୍ରଶସ୍ତ, ଅଧିକ ବୃହତ୍ ଜ୍ୟୋତିର୍ଭାସିତ ଜ୍ଞାନର ପରିବେଶ ଭିତରେ ରହିଥିବା ପରି ଅନୁଭବ କରେ । ସେହି ଭୂମିରୁ ବାହୁଡ଼ି ଆସିବା ପରେ ମଧ୍ୟ ଆଧ୍ୟାତ୍ମିକ ଆବେଶଟି ବଳବତ୍ତର ରହିଥାଏ ସତ, ମାତ୍ର ମନ ସେହି ଅନୁଭୂତିକୁ ଲିପିବଦ୍ଧ କରି ରଖିବା ସମୟରେ ତାହାକୁ ବଡ଼ ଅସ୍ପଷ୍ଟ କରିପକାଏ; ଅଥବା କେବଳ ଏକ ଝାପ୍‌ସା ଓ ଖଣ୍ଡିଆ ସ୍ମୃତି ଆକାରରେ ସେଗୁଡ଼ିକୁ ସାଇତି ରଖିଥାଏ । ନିମ୍ନତର ଯେଉଁ ଚେତନାଭୂମିରୁ ଏହି ଆରୋହଣଟି ଆରମ୍ଭ ହୋଇଥିଲା, ତାହା ଆଗରୁ ଯେପରି ଥିଲା ପୁଣି ସେହିପରି ପଡ଼ିରହେ; ଖାଲି ଅଧିକା ଏକ ସଂଗ୍ରହ ହିସାବରେ କେବଳ ଏକ ଅନୁଭୂତିମାତ୍ରହିଁ ବଡ଼ ଅଯତ୍ନ ଭାବରେ ସ୍ମୃତିର ଭଣ୍ଡାରରେ ଅବଶିଷ୍ଟ ରହିଥାଏ, ମାତ୍ର ସେହି ଅନୁଭୂତିରେ ଆଦୌ କୌଣସି ଗତିଶୀଳତା ନଥାଏ । କ୍ରମେ ଆପଣାର ଇଚ୍ଛା ଅନୁସାରେ ଆରୋହଣ କରି ପାରିବାର ସାମର୍ଥ୍ୟ ଆସେ ଏବଂ ସେତେବେଳେ ଚେତନା ଲେଉଟି ଆସିଲାବେଳେ ତଦ୍‌ବସ୍ତୁର ସେହିସବୁ ଊର୍ଦ୍ଧ୍ୱତର ଦେଶରେ

'oaob.nitrkl.ac.in' images reprocessed

ଆପଣାର ଅସ୍ଥାୟୀ ଯାତ୍ରାକାଳରୁ ଲାଭ କରାଯାଇଥିବା କେତେକ ପରିଣାମକୁ ସାଙ୍ଗରେ ସାଉଁଟି ଆଣିଥାଏ ଓ ସେଗୁଡ଼ିକୁ ଧାରଣ କରି ରଖିଥାଏ । ଅନେକଙ୍କ କ୍ଷେତ୍ରରେ କେବଳ ସମାଧି ଅବସ୍ଥାରେହିଁ ଏହି ଆରୋହଣ ସମ୍ଭବ ହୋଇଥାଏ, ମାତ୍ର ଜାଗ୍ରତ ଚେତନାର ଏକାନ୍ତ ଅଭିନିବେଶ ଦ୍ୱାରା ମଧ୍ୟ ଏହା ନିଖୁଣ ଭାବରେ ଘଟିପାରେ; ଅଥବା, ଯେଉଁ କ୍ଷେତ୍ରରେ ସେହି ଚେତନା ଯଥେଷ୍ଟ ପରିମାଣରେ ଏକ ଚୈତ୍ୟ ଚେତନାରେ ପରିଣତ ହୋଇ ସାରିଥାଏ, ସେଠାରେ କୌଣସି ବିଶେଷ ଅଭିନିବେଶ ନକରି ମଧ୍ୟ ଯେକୌଣସି ସମୟରେ କେବଳ ଆପଣାକୁ ଊର୍ଦ୍ଧ୍ୱଦିଗରେ ଆକୃଷ୍ଟ କରିନେଇ ବା ଊର୍ଦ୍ଧ୍ୱଭୂମି ସହିତ ଡୋର ଲଗାଇଦେଇ ତାହା ସମ୍ଭବ ହୋଇପାରେ । ମାତ୍ର ଅଧିଚେତନର ସଂସ୍ପର୍ଶ ଲାଭ କରିବାର ଏହି ଦୁଇଟିଯାକ ମାର୍ଗରେ ବି ଉଦ୍ଭାସିତ, ଆନନ୍ଦାଭିଭୂତ ଓ ବିମୁକ୍ତ କରିଦେବାର ସାମର୍ଥ୍ୟ ସେହିପରି ଶକ୍ତିଶାଳୀ ହୋଇ ରହିଥାଏ ସତ, ମାତ୍ର କେବଳ ସେତିକି ଭିତରେ ସୀମାବଦ୍ଧ ହୋଇ ରହିଥିଲେ ଯଥେଷ୍ଟ ଫଳଲାଭ ହୁଏ ନାହିଁ । ପୂର୍ଣ୍ଣ ଆଧ୍ୟାତ୍ମିକ ରୂପାନ୍ତର ଲାଗି ଆହୁରି ଅଧିକ କିଛି ଦରକାର ହୁଏ, ସେଥିପାଇଁ ନିମ୍ନତର ଚେତନାଭୂମିରୁ ଊର୍ଦ୍ଧ୍ୱସ୍ଥ ଚେତନାଭୂମିକୁ ଏକ ସ୍ଥାୟୀ ଆରୋହଣର ପ୍ରୟୋଜନ ହୁଏ ଏବଂ ଏହି ନିମ୍ନତର ପ୍ରକୃତିର ଭୂମିରେ ସେହି ଊର୍ଦ୍ଧ୍ୱତର ପ୍ରକୃତିଭୂମିର ଏକ ସ୍ଥାୟୀ ଅବତରଣ ମଧ୍ୟ ଲୋଡ଼ା ହୁଏ ।

ଏହି ଅବତରଣଟି ହେଉଛି ପ୍ରଗତିର ଦ୍ୱିତୀୟ ଧାରା; ସ୍ଥାୟୀ ଆରୋହଣ ପାଇଁ ଏହା ଏକାନ୍ତ ଆବଶ୍ୟକ । ଏଥିରେ ସେହି ଊର୍ଦ୍ଧ୍ୱଦେଶରୁ କ୍ରମବର୍ଦ୍ଧମାନ ଗୋଟିଏ ଧାରା ତଳକୁ ଓହ୍ଲାଇ ଆସେ, ଓହ୍ଲାଇ ଆସୁଥିବା ତଦ୍‌ବସ୍ତୁ ବା ତା'ର ଯାବତୀୟ ସାମର୍ଥ୍ୟ ଓ ଚେତନାଗତ ଉପାଦାନଗୁଡ଼ିକୁ ଆପଣା ଭିତରକୁ ଗ୍ରହଣ କରିନେବାର ଓ ଆପଣା ଭିତରେ ଧାରଣ କରି ରଖିବାର ଏକ ଅନୁଭୂତି ଉପଲବ୍ଧ ହୁଏ । ଅବତରଣର ଏହି ଅନୁଭୂତିଟି ଅନ୍ୟ ଦୁଇଟିଯାକ ଗତିକ୍ରିୟାର ଏକ ପରିଣାମରୂପେ ଘଟିପାରେ ଅଥବା ସେଦୁଇଟି ଘଟିବା ପୂର୍ବରୁ ଆପଣାଛାଏଁ ବି ଘଟିପାରେ; ଢାଙ୍କୁଣିଟିରେ ହଠାତ୍ କେଉଁଠି ଏକ ରନ୍ଧ୍ର ହୋଇଯିବା ଫଳରେ, ଉପରର ଧାରାଟି ଭିତରକୁ ଆସିବାର ଏକ ବାଟ ପାଇବା ଫଳରେ ବା ଏକ ପ୍ଲାବନରୂପେ ଆସି ଅଜାଡ଼ି ହୋଇ ପଡ଼ିବା ଫଳରେ ତାହା ଘଟିପାରେ । ସେହି ଊର୍ଦ୍ଧ୍ୱଦେଶରୁ ଏକ ଆଲୋକ ଅବତରଣ କରିଆସେ, ନିମ୍ନରେ ଥିବା ଏହି ସଗ୍ରିଟିକୁ, ଅର୍ଥାତ୍ ମନ, ପ୍ରାଣ ଓ ଦେହକୁ ସ୍ପର୍ଶ କରେ; ତାହାକୁ ଆବେଷ୍ଟିତ କରିରଖେ ଅଥବା ତାହା ଭିତରକୁ ପ୍ରବେଶ କରେ । ଅଥବା ଏକ ସାନ୍ନିଧ୍ୟ, ଏକ ଶକ୍ତି ବା ଜ୍ଞାନର ଏକ ପ୍ରବହମାନ ଧାରା ତରଙ୍ଗମାଳା ଅଥବା ସ୍ରୋତୋଚ୍ଛ୍ୱାସର ଆକାରରେ ଆସି ଅଜାଡ଼ି ହୋଇପଡ଼େ; ଅଥବା ଆନନ୍ଦର ଏକ ବନ୍ୟା ମାଡ଼ିଆସି ଗୋଟାସୁଦ୍ଧା ଅଭିଭୂତ କରିପକାଏ ଏବଂ

'oaob.nitrkl.ac.in' images reprocessed

ଏହିପରି ଭାବରେ ଅନ୍ତଃଚେତନ ସହିତ ସମ୍ପର୍କ ପ୍ରତିଷ୍ଠିତ ହୁଏ । ଏହିଭଳି ଅନୁଭୂତିମାନ ବାରବାର ଆସନ୍ତି, ପରିଶେଷରେ ସ୍ୱାଭାବିକ, ପରିଚିତ ଓ ସହଜବୋଧ ଅନୁଭୂତିରେ ପରିଣତ ହୁଅନ୍ତି; ଆପଣାର ବିଧିତ ସମ୍ପଦଗୁଡ଼ିକୁ ଉନ୍ମୋଚିତ କରିଦିଅନ୍ତି ଓ ଆପଣାର ତାତ୍ପର୍ଯ୍ୟଗୁଡ଼ିକୁ ପରିସ୍ଫୁଟ କରିଦିଅନ୍ତି । ମାତ୍ର ପ୍ରଥମ ଅବସ୍ଥାରେ ସେସବୁ ଅନୁଭୂତିର ବାହ୍ୟ ଆକାରର ଅନ୍ତରାଳରେ ହିଁ ଏତେ ଗୋପନ ଓ ରହସ୍ୟାବୃତ ହୋଇ ରହିଥା'ନ୍ତି । କାରଣ ଊର୍ଦ୍ଧ୍ୱଦେଶରୁ ଏକ ଜ୍ଞାନ ଅବତରଣ କରିବାକୁ ଆରମ୍ଭ କରେ; ପ୍ରଥମେ ତାହା ଘନଘନ ଅବତରଣ କରେ, ତା'ପରେ ସତତ ଅବତରଣ କରେ ଓ ଶେଷରେ ଅବିଚ୍ଛିନ୍ନ ଭାବରେ ଲାଗି ରହିଥାଏ; ସେହି ଜ୍ଞାନ ମନର ନୈଷ୍ପନ୍ଦ୍ୟ ଓ ନୈଶବ୍ଦ୍ୟ ମଧ୍ୟକୁ ଓହ୍ଲାଇ ଆସେ । କେତେ ବୋଧି ଓ କେତେ ପ୍ରେରଣା, ଏକ ଉଚ୍ଚତର ଅବଲୋକନ, ସତ୍ୟ ଓ ଜ୍ଞାନରୁ ଜାତ ହୋଇଥିବା କେତେ କେତେ ଉଦ୍‌ଭାସ ଆସି ସତ୍ତାମଧ୍ୟରେ ପ୍ରବେଶ କରିବାକୁ ଲାଗନ୍ତି; ଏକ ଜ୍ୟୋତିର୍ମୟ ଓ ବୋଧିଦୀପ୍ତ ବିବେଚନାଶକ୍ତି କାର୍ଯ୍ୟକାରୀ ହୋଇ ବୋଧଗତ ସକଳ ଅନ୍ଧକାର ଓ ଆଖିକୁ ଝଲକା କରି ଦେଉଥିବା ସକଳ ଧନ୍ଦା ଓ ଅଡୁଆକୁ ଅପସାରିତ କରିଦିଏ ଏବଂ ସବୁକଥାକୁ ଆଣି ସୁବିନ୍ୟସ୍ତ କରି ରଖିଦିଏ । ଏକ ନୂତନ ଚେତନାର ଉଦୟ ହୁଏ, ଏକ ସ୍ୱତଃବର୍ତ୍ତମାନ ଉଦାର ଭାବନାମୟ ଜ୍ଞାନକୁ ସମ୍ଭାରି ଧରିଥିବା ଏକ ନୂତନ ଉଚ୍ଚତର ମନର ଆବିର୍ଭାବ ହୁଏ; ଭାବନା ବା ଦୃଷ୍ଟିର ନାନା ନୂତନ ସାମର୍ଥ୍ୟଦ୍ୱାରା ସମୃଦ୍ଧ ଏକ ଜ୍ୟୋତିର୍ମୟ, ବୋଧିଦୀପ୍ତ ଅଥବା ଅଧିମାନସ ଚେତନା ଜନ୍ମଲାଭ କରେ, ଅପରୋକ୍ଷ ଆଧ୍ୟାତ୍ମିକ ଉପଲବ୍ଧିର ଏକ ବୃହତ୍ତର ଶକ୍ତି ଆସି ଦେଖାଦିଏ ଓ ଏହି ଶକ୍ତି କେବଳ ଭାବନା କିମ୍ବା କେବଳ ଦୃଷ୍ଟିଠାରୁ ଅନେକ ଅଧିକ ହୋଇ ରହିଥାଏ; ଆମ ବର୍ତ୍ତମାନ ସତ୍ତାର ଆଧ୍ୟାତ୍ମିକ ଉପାଦାନଟିରେ ଏକ ବୃହତ୍ତର ସମୃଦ୍ଧି ଘଟେ । ହୃଦୟ ଓ ଇନ୍ଦ୍ରିୟଗୁଡ଼ିକ ସୂକ୍ଷ୍ମବୋଧର ଶକ୍ତି ଅର୍ଜନ କରନ୍ତି, ପ୍ରଗାଢ଼ ହୁଅନ୍ତି ଏବଂ ସକଳ ଅସ୍ତିତ୍ୱକୁ ଗ୍ରହଣ କରି ପାରିବାଲାଗି, ଈଶ୍ୱରଙ୍କୁ ଦେଖି ପାରିବାଲାଗି, ପରମ ଅନନ୍ତକୁ ଅନୁଭବ କରି ପାରିବାଲାଗି, ଶୁଣି ପାରିବାଲାଗି ଏବଂ ସ୍ପର୍ଶ କରି ପାରିବାଲାଗି ଯଥେଷ୍ଟ ପ୍ରଶସ୍ତ ହୋଇଯା'ନ୍ତି; ଏକ ବିଶ୍ୱାତୀତ ଉପଲବ୍ଧି ମଧ୍ୟରେ ଆତ୍ମସତ୍ତା ଓ ବିଶ୍ୱସତ୍ତାକୁ ଏକାଠି ଯୋଡ଼ି ଏକ ଅଧିକ ଗଭୀର ତଥା ଅନ୍ତରଙ୍ଗ ଏକତ୍ୱର ସ୍ଥାପନା କରି ରଖନ୍ତି । ଏହାଛଡ଼ା ମୀମାଂସାକାରୀ ଆହୁରି ଅନେକ ଅନୁଭୂତି ଓ ଚେତନାଗତ ଆହୁରି ଅନେକ ପରିବର୍ତ୍ତନ ମଧ୍ୟ ସମ୍ଭବ ହୁଏ, ଯାହାକୁ କି ଆମେ ଏହି ମୂଳଭୂତ ପରିବର୍ତ୍ତନଟିର ଆନୁସଙ୍ଗିକ ପରିଣାମ ବୋଲି କହିପାରିବା । ଏହି ରୂପ ମୂଳ ବିପ୍ଳବାତ୍ମକ ପ୍ରକ୍ରିୟାରେ ପ୍ରକୃତରେ କୌଣସି ସୀମା ଧାର୍ଯ୍ୟ କରାଯାଇ ପାରିବ ନାହିଁ; କାରଣ ଏହାର ଆପଣା ସ୍ୱଭାବ ଦୃଷ୍ଟିରୁ ବିଚାର କଲେ ଏହାକୁ ଯଥାର୍ଥରେ ପରମ ଅନନ୍ତଙ୍କର ଏକ ଆକ୍ରମଣ ବୋଲି ବୁଝାଯାଇ ପାରିବ ।



'oaob.nitrkl.ac.in' images reprocessed

ଆଧ୍ୟାତ୍ମିକ ରୂପାନ୍ତରର ଏହି ପ୍ରକ୍ରିୟାଟି ଏହିପରି ଧୀରେଧୀରେ ଅଳ୍ପ ଅଳ୍ପ କରି ଅଗ୍ରସର ହୁଏ ଅଥବା ବୃହତ୍ତ୍ୱ ଓ ନିଶ୍ଚିତ ଏକ ଅନୁଭୂତିକ୍ରମର ମଧ୍ୟଦେଇ ଅତି ଦ୍ରୁତଗତିରେ ମଧ୍ୟ ଆଗକୁ ବଢ଼ି ଯାଇଥାଏ । ସତତ ପୁନରାବୃତ୍ତି ଏକ ପୁନଃପୁନଃ ଆରୋହଣ ଦ୍ୱାରା ତାହା ଆପଣାକୁ ସାର୍ଥକ ଓ ପରିପୂର୍ଣ୍ଣ କରିବାରେ ଲାଗିଥାଏ, ଏବଂ ପରିଶେଷରେ ଏପରି ଏକ ପର୍ବ ଆସି ପହଞ୍ଚେ ଯେତେବେଳେ କି ଚେତନା ଆପଣାକୁ ଏକ ଉଚ୍ଚତର ଭୂମିରେ ସ୍ଥାୟୀ ଭାବରେ ପ୍ରତିଷ୍ଠିତ କରି ରଖେ ଏବଂ ସେଇଠି ଅବସ୍ଥିତ ରହି ମନ, ପ୍ରାଣ ତଥା ଶରୀର ଉପରେ ଦୃଷ୍ଟିପାତ କରେ ଓ ସେଗୁଡ଼ିକୁ ପରିଚାଳିତ କରୁଥାଏ । ଊର୍ଦ୍ଧ୍ୱଭୂମିରେ ରହିଥିବା ଚେତନା ଓ ଜ୍ଞାନର କେତେକେତେ ସାମର୍ଥ୍ୟକୁ ମଧ୍ୟ କ୍ରମବର୍ଦ୍ଧମାନ ଭାବରେ ତାହା ଏଠାକୁ ଅବତୀର୍ଣ୍ଣ କରାଇ ଆଣିବାରେ ସଫଳ ହୁଏ ଏବଂ ତାହାର ପରିଣାମସ୍ୱରୂପ ସେଗୁଡ଼ିକ ଅଧିକରୁ ଅଧିକ ପରିମାଣରେ ଆମର ସମଗ୍ର ତଥା ସ୍ୱାଭାବିକ ଚେତନା ଓ ଜ୍ଞାନରୂପେ ପର୍ଯ୍ୟବସିତ ହେବାରେ ଲାଗିଥା'ନ୍ତି । ସେତେବେଳେ ଆମର ଅନୁଭୂତି ମଧ୍ୟରେ ଏକ ଆଲୋକ ଓ ଶକ୍ତି, ଏକ ଜ୍ଞାନ ଓ ସାମର୍ଥ୍ୟ ଆସି ଆବିର୍ଭୂତ ହୁଏ, ଯାହାକି ପ୍ରଥମେ ମନର ଲଗାମକୁ ହାତକୁ ନେଇଯାଏ ଓ ମନକୁ ନୂଆ ଗ୍ରାଞ୍ଚରେ ଗଢେ଼; ତା'ପରେ ପ୍ରାଣମୟ ଭାଗଟିକୁ ସେହିପରି ଅଧିକାର କରେ ଓ ନୂଆ କରି ଗଢେ଼, ଏବଂ ସର୍ବଶେଷରେ ସେହି କ୍ଷୁଦ୍ର ଦେହ-ଚେତନାଟିକୁ ମଧ୍ୟ ହାତକୁ ନିଏ, ତାକୁ ଆଉ ସେହିପରି କ୍ଷୁଦ୍ର ହୋଇ ରହିବାକୁ ଆଦୌ ଛାଡ଼ି ଦିଏ ନାହିଁ; ତାହାକୁ ପ୍ରସାରିତ କରେ, ସ୍ଥିତିସ୍ଥାପକ କରିଦିଏ ଓ ଏପରିକି ଏକ ଅନ୍ତଃସ୍ଥ ଉପାଦାନରେ ପରିଣତ କରିଦିଏ । କାରଣ ଏହି ନୂତନ ଚେତନାଟି ସ୍ୱୟଂ ଆପଣା ସ୍ୱଭାବରେ ଅନ୍ତହୀନତାର ଅଧିକାରୀ ହୋଇ ରହିଥାଏ । ଏହା ଆମର ଏହି ପ୍ରକୃତିଟିର ସକଳ ବାଡ଼ ଓ ବନ୍ଧନକୁ ଭାଙ୍ଗିଦିଏ, ତାହାକୁ ଅନେକଗୁଣ ବୃହତ୍ତ୍ୱ ଓ ପ୍ରସାରିତ କରିଦିଏ ଏବଂ ଆମଲାଗି ସେହି ଅନନ୍ତ ଓ ଶାଶ୍ୱତ ସତ୍ତାର ସ୍ଥାୟୀ ଆଧ୍ୟାତ୍ମିକ ବୋଧ ଓ ସଚେତନତାକୁ ବହନ କରି ନେଇଆସେ । ସେତେବେଳେ ଅମରତ୍ୱଲାଭ କେବଳ ଏକ ବିଶ୍ୱାସ ହୋଇ ରହେ ନାହିଁ, କେବଳ ଅନୁଭୂତିମାତ୍ର ହୋଇ ରହେ ନାହିଁ, ତାହା ଏକ ସ୍ୱାଭାବିକ ଓ ସାଧାରଣ ଚେତନାରେ ପରିଣତ ହୋଇଯାଏ । ପରମ ଦିବ୍ୟସତ୍ତାଙ୍କର ନିକଟ ସାନ୍ନିଧ୍ୟ ପ୍ରାପ୍ତ ହୁଏ, ଏହି ବିଶ୍ୱ, ଆମର ଏହି ଆତ୍ମସତ୍ତା ତଥା ପ୍ରାକୃତ ଅଙ୍ଗଗୁଡ଼ିକୁ ପରିଚାଳିତ କରୁଥିବା ତାଙ୍କରି ବିଧାନଗୁଡ଼ିକ ଜାଜ୍ଜ୍ୱଳ ଦେଖାଯାଏ; ଏହି ଆମରି ଭିତରେ ତଥା ସବୁଠାରେ କାର୍ଯ୍ୟ କରୁଥିବା ତାଙ୍କର ଶକ୍ତି, ତାଙ୍କରି ଅନନ୍ତତାର ଶାନ୍ତି ତଥା ଆନନ୍ଦ ଆମରି ସତ୍ତାମଧ୍ୟରେ ସତତ ଓ ବାସ୍ତବ ହୋଇ ରହେ । ସବୁ ଦୃଶ୍ୟ ଓ ସବୁ ରୂପରେ ସେତେବେଳେ କେବଳ ସେହି ପରମ ଶାଶ୍ୱତ ଓ ପରମ ସତ୍ୟରହିଁ ଦର୍ଶନ ହୁଏ, ସକଳ ଶବ୍ଦ ଭିତରେ ତାହାରି କଥା ଶୁଣାଯାଏ ଏବଂ ସକଳ ସ୍ପର୍ଶରେ କେବଳ

'oaob.nitrkl.ac.in' images reprocessed

ତାହାରି ଅନୁଭୂତି ମିଳେ । କେବଳ ତାହାରି ରୂପ ଓ ତାହାରି ବ୍ୟକ୍ତିତ୍ୱ ତଥା ଅଭିବ୍ୟକ୍ତି ବ୍ୟତୀତ ଆଉ କେଉଁଠି କିଛି ରହିଛି ବୋଲି ଆଦୌ ଦେଖାଯାଏ ନାହିଁ; ହୃଦୟର ଶ୍ରଦ୍ଧା ବା ଭକ୍ତି ଆପଣା ଅସ୍ତିତ୍ୱ ମଧ୍ୟରେ ସକଳ ସର୍ବ-ଅସ୍ତିତ୍ୱର ଆଲିଙ୍ଗନ ଏବଂ ଚିତ୍ସତ୍ତାର ପରମ ଏକତ୍ୱ;—ଏସବୁ ସ୍ଥାୟୀ ସତ୍ୟରୂପେ ଉପଲବ୍ଧ ହୁଏ । ମନୋମୟ ପ୍ରାଣୀର ଚେତନାଟି ଆଧ୍ୟାତ୍ମିକ ସତ୍ତାର ଚେତନାରୂପେ ରୂପାନ୍ତରିତ ହେଉଥାଏ ଅଥବା ରୂପାନ୍ତରିତ ହୋଇ ସାରିଥାଏ । ରୂପାନ୍ତରର ତିନୋଟି ପର୍ବ ବା ସୋପାନ ମଧ୍ୟରୁ ଏଇଟି ହେଉଛି ଦ୍ୱିତୀୟ ପର୍ବ; ଏହି ପର୍ବଟି ଅଭିବ୍ୟକ୍ତ ଜୀବନକୁ ଊର୍ଦ୍ଧ୍ୱସ୍ଥ ପରମଜୀବନ ସହିତ ନେଇ ସଂଯୁକ୍ତ କରିଦିଏ । ତିନୋଟି ମଧ୍ୟରୁ ଏହି ସୋପାନଟି ମଝିରେ ରହିଛି, ଅଧ୍ୟାତ୍ମ ଆଡ଼କୁ ବିବର୍ତ୍ତିତ ହେଉଥିବା ପ୍ରକୃତିର ଗତିପଥରେ ଏଇଟି ମୀମାଂସକ ମଧ୍ୟସ୍ଥର ହୋଇ ରହିଛି ।

ଚିତ୍ସତ୍ତା ଯଦି ପ୍ରଥମରୁହିଁ ଊର୍ଦ୍ଧ୍ୱତର ଭୂମିରେ ସୁପ୍ରତିଷ୍ଠିତ ହୋଇ ରହି ପାରୁଥା'ନ୍ତା ଓ ଯଦି ତାକୁ ଏକ ଅକ୍ଷତ ଓ ଅଦୂଷିତ ମନ ଓ ଜଡ଼ର ଉପାଦାନକୁ ନେଇ କାର୍ଯ୍ୟ କରିବାକୁ ପଡ଼ୁଥା'ନ୍ତା, ତେବେ ବଡ଼ ସତ୍ୱର ଓ ସହଜ ଭାବରେ ଆଧ୍ୟାତ୍ମିକ ରୂପାନ୍ତରଟି ଆପଣାକୁ ପରିପୂର୍ଣ୍ଣ କରି ପାରନ୍ତା । ମାତ୍ର ପ୍ରକୃତିର ବାସ୍ତବ ପ୍ରକ୍ରିୟାଟି ଆଦୌ ସେତେ ସହଜ ନୁହେଁ; ତା' ଗତିକ୍ରିୟାର ନ୍ୟାୟଟି ଆହୁରି ବିଚିତ୍ର, ନାନା ବକ୍ର ରେଖାଦ୍ୱାରା ପରିପୂର୍ଣ୍ଣ, ଆହୁରି ବ୍ୟାପକ । ପ୍ରକୃତି ସ୍ୱକୀୟ କାର୍ଯ୍ୟକ୍ଷେତ୍ରଟିର ସମଗ୍ର ଦିଗ୍‌ଭୂମିଟିକୁ ଖୁବ୍ ଭଲକରି ଚିହ୍ନି ରଖିଥାଏ, ତେଣୁ ଆପଣାର ଜଟିଳତାଗୁଡ଼ିକ ଉପରେ ହଠାତ୍ ଏକ ସହଜ ବିଜୟ ହାସଲ କରିନେବାରେ ସେ ଆଦୌ ସନ୍ତୁଷ୍ଟ ହୁଏ ନାହିଁ । ଆମ ସତ୍ତାର ପ୍ରତ୍ୟେକଟି ଅଂଶକୁ ପ୍ରକୃତି ତାହାର ସ୍ୱକୀୟ ସ୍ୱଭାବ ଓ ଲକ୍ଷଣ ମୁତାବକ ଗ୍ରହଣ କରିନିଏ, ଅତୀତରୁ ପଡ଼ିଥିବା ସବୁ ଦାଗ ଓ ଲିଖନଗୁଡ଼ିକୁ ବାଦ ଦେଇ ଚାଲିଯିବାକୁ ଆଦୌ ଇଚ୍ଛା କରେ ନାହିଁ । ସେଥିମଧ୍ୟରୁ କୌଣସି ଗୋଟିଏ ଅଂଶ ଅଥବା ଗତିକ୍ରିୟା ଯଦି ଅଯୋଗ୍ୟ ହୋଇ ପଡ଼ିଥାଏ, ତେବେ ତାହାକୁ ବିନଷ୍ଟ କରିଦେବାକୁ ହୁଏ ଓ ତାହାର ଆଉ ଏକ ସ୍ଥାନାପନ୍ନ ବାଛିନେବାକୁ ହୁଏ; ଯଦି ସମ୍ଭବ ହୁଏ, ତେବେ ସେଇଟିକୁ ଉଚ୍ଚତର ସତ୍ତାର ସତ୍ୟରେ ରୂପାନ୍ତରିତ କରିଦେବାକୁ ପଡ଼େ । ସେତେବେଳକୁ ଚୈତ୍ୟ ପ୍ରକ୍ରିୟାଟି ସମ୍ପୂର୍ଣ୍ଣ ହୋଇ ଯାଇଥିଲେ ବିନା ଯନ୍ତ୍ରଣାରେ ଏସବୁ ସାଧିତ ଓ ସମ୍ପନ୍ନ ହୋଇଯାଏ । ମାତ୍ର ତଥାପି ସେଥିପାଇଁ ଅନେକ ସମୟ ଲାଗେ, ପୂର୍ଣ୍ଣ ବିବେଚନା ସହିତ ସବୁକଥାକୁ ଠିକ୍‌ଭାବେ କରି ଦେଖି ଅତି ଧୀରଭାବରେ ଅଗ୍ରସର ହେବାକୁ ହୁଏ । ନହେଲେ, କେବଳ ଆଂଶିକ ଫଳପ୍ରାପ୍ତିରେହିଁ ସନ୍ତୁଷ୍ଟ ରହିବାକୁ ପଡ଼େ; ଅଥବା, ଯଦି ପୂର୍ଣ୍ଣତାପ୍ରାପ୍ତି ବିଷୟରେ ସାଧକର ବିବେକବୁଦ୍ଧି ବା ଚିଦ୍‌ବସ୍ତୁତାର କ୍ଷୁଧା କେବଳ ସେତିକରେ ସନ୍ତୁଷ୍ଟ

'oaob.nitrkl.ac.in' images reprocessed

ରହିବାକୁ ରାଜି ନହୁଏ, ତେବେ ଏକ ଆୟାସସାଧ୍ୟ, ଅନେକ ସମୟରେ ଯନ୍ତ୍ରଣାଦାୟକ ଓ ସତେଅବା ଅସରନ୍ତି ପରି ମନେ ହେଉଥିବା ଏକ ସାଧନାପଥକୁ ଆଦରି ନେବାକୁ ହୁଏ । କାରଣ ସାଧାରଣତଃ କେବଳ କେତୋଟି ଅତିଦୀପ୍ତ ମୁହୂର୍ତ୍ତ ବ୍ୟତୀତ ଚେତନା ସର୍ବୋଚ୍ଚ ଶିଖରଗୁଡ଼ିକ ଯାଏ ଆପଣାକୁ ଆଦୌ ଉତ୍ତୋଳିତ କରି ରହି ନଥାଏ; ତାହା ସେହି ମନୋମୟ ସ୍ତରଟିରେହିଁ ଅବସ୍ଥାନ କରୁଥାଏ ଏବଂ ଉପରୁ ଅବତୀର୍ଣ୍ଣ ହୋଇ ଆସୁଥିବା ସମ୍ପଦଗୁଡ଼ିକୁ ସେଇଠୁ ଥାଇ ଗ୍ରହଣ କରୁଥାଏ । ବେଳେବେଳେ କେବଳ କୌଣସି ଗୋଟିଏମାତ୍ର ଆଧ୍ୟାତ୍ମିକ ସାମର୍ଥ୍ୟର ଅବତରଣକୁହିଁ ସେ ଗ୍ରହଣ କରିଥାଏ, ସେଇଟିହିଁ ଚେତନା ମଧ୍ୟରେ ଅବସ୍ଥାନ କରୁଥାଏ ଏବଂ ପ୍ରଧାନତଃ ଆଧ୍ୟାତ୍ମିକ କୌଣସି ଏକ ଗ୍ରନ୍ଥିରେ ସଗ୍ରଟିକୁ ଆଣି ପକାଇବାରେ ଚେଷ୍ଟିତ ଥାଏ; ଅଥବା ବେଳେବେଳେ ଏକାବେଳକେ ପର ପର ହୋଇ ଏକାଧିକ ଅବତରଣ ଘଟେ ଏବଂ ତାହାଫଳରେ ସତ୍ତ୍ୱମଧ୍ୟରେ ଅଧିକରୁ ଅଧିକ ପରିମାଣରେ ସେହି ଆଧ୍ୟାତ୍ମିକ ସ୍ଥିତି ଓ ସକ୍ରିୟତାର ସଞ୍ଚାର କରିବାରେ ଲାଗିଥାଏ । ମାତ୍ର ସର୍ବୋଚ୍ଚ ଶିଖରରେ ପହଞ୍ଚି ସେଇଠାରେ ବାସ କରିବାକୁ ସମର୍ଥ ନହେବା ପର୍ଯ୍ୟନ୍ତ ଈପ୍ସିତ ପୂର୍ଣ୍ଣ ପରିବର୍ତ୍ତନଟି ଅର୍ଥାତ୍ ସେହି ସମଗ୍ରତର ପରିବର୍ତ୍ତନଟି କଦାପି ସମ୍ଭବ ହେବ ନାହିଁ । ଯଦି ଭିତରେ ଚୈତ୍ୟ ରୂପାନ୍ତରଟି ମଧ୍ୟ ଘଟି ନଥାଏ, ଯଦି ପରିପକ୍ୱ ପରିବେଶଟି ସୃଷ୍ଟି ହେବା ପୂର୍ବରୁ ଉଚ୍ଚତର ଶକ୍ତିଗୁଡ଼ିକୁ ଜୋରକରି ତଳକୁ ଘୋଷାରି ଅଣାଯାଇଥାଏ, ତେବେ ସେଗୁଡ଼ିକର ସଂସ୍ପର୍ଶ ହୁଏତ ପ୍ରକୃତିର ଦୋଷଦୁଷ୍ଟ ଓ ଅଶୁଦ୍ଧି ଯୁକ୍ତ ଉପାଦାନଟି ଲାଗି ଏକାବେଳକେ ଅତିରିକ୍ତ ହୋଇପଡ଼ିବ ଏବଂ ଏହାର ତାତ୍କାଳିକ ପରିଣାମ ବେଦୋକ୍ତ ସେହି କଞ୍ଚା ମାଠିଆ ପରି ହେବ, ଯାହାପକ୍ଷରେ କି ଦିବ୍ୟ ସୋମରସକୁ ଧାରଣ କରି ରଖିବା ଆଦୌ ସମ୍ଭବ ହେଲା ନାହିଁ । ଅଥବା ଏପରି ମଧ୍ୟ ଘଟିପାରେ ଯେ ଅବତୀର୍ଣ୍ଣ ହେଉଥିବା ସେହି ପ୍ରଭାବଟିକୁ ଆପଣା ଭିତରେ ଧାରଣା କରିବା ସକାଶେ ପ୍ରକୃତିର ଯଥେଷ୍ଟ ଶକ୍ତି ନଥିବାରୁ ତାହା ଆପଣାକୁ ପ୍ରତ୍ୟାହୃତ କରି ରଖିବ ଅଥବା ଏଣେତେଣେ ବିକ୍ଷିପ୍ତ ହୋଇ ପଡ଼ିବ । ଏବଂ, ଅବତରଣ କରୁଥିବା ସମ୍ପଦଟିକୁ ଯଦି ଏକ ଶକ୍ତି ବୋଲି କୁହାଯାଏ, ତେବେ ଅହଂବୋଧୀ ମନ ବା ପ୍ରାଣ ତାହାକୁ ଆପଣା ହସ୍ତଗତ କରି ଆପଣାର କାମରେ ଲଗାଇବାକୁ ବି ମନ କରିପାରେ ଏବଂ ଏହାର ପ୍ରତିଫଳରୂପେ କେବଳ ସେହି ଅହଂକାରହିଁ ଅତିସ୍ଫୀତି ଘଟିପାରେ, ଅଧିକରୁ ଅଧିକ ଶକ୍ତିସମ୍ପନ୍ନ ହେବାଲାଗି ଏକ ଜଣା ଗ୍ରାସ କରିପାରେ ଓ କେବଳ ଆପଣାର ଅହଂବୃଦ୍ଧି ସକାଶେହିଁ ନାନା ପ୍ରଭୁତ୍ୱ-ଲାଭର ଆକାଙ୍କ୍ଷା ଆସି ଘାରିପାରେ । ଏଠାରେ ଏହି ଗ୍ରହଣଭୂମିଟିରେ ଯଦି ଅତିରିକ୍ତ କାମପ୍ରବୃତ୍ତିର ଅଶୁଦ୍ଧତା ରହିଥାଏ, ତେବେ ଅବତରଣ କରୁଥିବା ଆନନ୍ଦଟିକୁ ମଧ୍ୟ ଧରିରଖିବା ଆଦୌ ସମ୍ଭବ ହୁଏ ନାହିଁ ଏବଂ ପରିଣାମରେ କେବଳ ଏକ ଉନ୍ମାଦକ ଓ

'oaob.nitrkl.ac.in' images reprocessed

ଅଧୋଗତକାରକ ବମିଶ୍ରଣହିଁ ସାର ହୁଏ । ନିମ୍ନତର ଭୂମିର ଏହି ଆତ୍ମସତ୍ତାରେ ଯଦି ମହଦାକାଂକ୍ଷା, ବୃଥା ଗର୍ବ ଏବଂ ଅନ୍ୟକୌଣସି ଆକ୍ରମଣମୂଳକ ପ୍ରବୃତ୍ତି ଭର୍ତ୍ତିହୋଇ ରହିଥାଏ, ତେବେ ଉପରୁ ଶକ୍ତି ଅବତରଣ କରେ ଓ ପୁଣି ଲେଉଟିଯାଏ; ଯଦି ଅସ୍ପଷ୍ଟତା ଓ ଅନ୍ଧକାରାଚ୍ଛନ୍ନତାକୁ କାମୁଡ଼ି ଧରିବାର ମୋହ ରହିଥାଏ କିମ୍ବା କୌଣସି ପ୍ରକାର ଅବିଦ୍ୟାଲାଗି ଏକ ଆସକ୍ତତା ରହିଥାଏ, ତେବେ ଆଲୋକ ଆସେ ଓ ପୁଣି ଲେଉଟିଯାଏ; ଯଦି ହୃଦସ୍ଥର ପ୍ରକୋଷ୍ଠଟି ଅଶୁଦ୍ଧ ରହିଥାଏ, ତେବେ ସାନ୍ନିଧ୍ୟ ଆସେ ପୁଣି ଲେଉଟିଯାଏ । ଅଥବା କୌଣସି ଅଦିବ୍ୟ ଶକ୍ତି ଆସି ଏହି ଭୂମିର ପରିଣାମଟିକୁ ଆପଣା ହସ୍ତଗତ କରିବାକୁ ମଧ୍ୟ ଚେଷ୍ଟା କରିପାରେ; ଅବତରଣ କରିଥିବା ଶକ୍ତିଟିକୁ ହସ୍ତଗତ କରିବାକୁ ତାହାର କାଠ ନଥାଏ, କାରଣ ସେଇଟି ଆଗରୁ ଅପସରି ଯାଇ-ଥାଏ, ମାତ୍ର ନିମ୍ନଭୂମିରେ ତାହା ଯେଉଁସବୁ ପରିଣାମ ଗୁଡ଼ିକ ଦେଇ ଯାଇଥାଏ, ଅଦିବ୍ୟ ଶକ୍ତି ସେହିଗୁଡ଼ିକୁହିଁ ମାଡ଼ି ବସିବାକୁ ଯାଏ ଓ ସେଗୁଡ଼ିକୁ ପ୍ରତିକୂଳତାର ଅଭୀଷ୍ଟସିଦ୍ଧିରେ ବ୍ୟବହାର କରେ । ଏଭଳି କୌଣସି ଅତ୍ୟନ୍ତ ଅନିଷ୍ଟକାରୀ ପ୍ରମାଦ ନଘଟିଲେ ମଧ୍ୟ ତଥାପି ଊର୍ଦ୍ଧ୍ୱତର ଶକ୍ତିଟିକୁ ଗ୍ରହଣ କରିନେବାରେ ଘଟୁଥିବା ନାନା ଭୁଲ ଏବଂ ଗ୍ରହଣପାତ୍ରଟିର ନାନା ଅପୂର୍ଣ୍ଣତା କାମ୍ୟ ରୂପାନ୍ତରଟିରେ ନାନା ପ୍ରକାର ବାଧା ଆଣି ପହଞ୍ଚାଇ ଥାଏ । ସେହି ପରିସ୍ଥିତିରେ ଶକ୍ତିକୁ କେବଳ ସମୟେ ସମୟେ ଅବତରଣ କରିବାକୁ ପଡ଼େ, ସେହି ସମୟଟି ଲାଗି ଆବରଣର ପଛରେ ରହି କାର୍ଯ୍ୟ କରିବାକୁ ହୁଏ ବା ଲବ୍ଧ ଦିବ୍ୟଭାବଟିକୁ ପରିପାକ କରିବାରେ କିମ୍ବା ଭୂମିସ୍ଥ ପ୍ରକାଶଟିରୁ ଅଂଶ-ଗୁଡ଼ିକୁ ଅନୁକୂଳ କରାଇ ନେବାରେ ଦୀର୍ଘକାଳ ଅତିବାହିତ ହୋଇଯାଏ; ଏବଂ ସେତେବେଳ ପର୍ଯ୍ୟନ୍ତ ଶକ୍ତି ଆପଣାକୁ ଅବରୁଦ୍ଧ କରି ରଖିବାକୁ ବାଧ୍ୟ ହେଉଥାଏ । ଆଲୋକଟିକୁ ଅନ୍ଧକାର ଭିତରେହିଁ କାର୍ଯ୍ୟ କରିବାକୁ ପଡ଼େ ଅଥବା ରାତ୍ରିର ଉପତ୍ୟକା ଭିତରେ ବିସ୍ତୃତ ହୋଇ ରହିଥିବା ଅଞ୍ଚଳଗୁଡ଼ିକରେ ଏକ ଅର୍ଦ୍ଧାନ୍ଧକାର ଭିତରେ କାର୍ଯ୍ୟ କରିବାକୁ ପଡେ । ଯେକୌଣସି ମୁହୂର୍ତ୍ତରେ କାର୍ଯ୍ୟଟି ସମ୍ପୂର୍ଣ୍ଣ ଭାବରେ ବନ୍ଦ ହୋଇଯିବାର ଆଶଙ୍କା ବି ରହିଥାଏ, ଅନ୍ତତଃ ଏହି ଜନ୍ମ ଲାଗି ସ୍ଥଗିତ ହୋଇ ଯାଇପାରେ, କାରଣ ଅଧିକ ଗ୍ରହଣ ଓ ପରିପାଚନ ଲାଗି ଆଉ ପ୍ରକୃତିର ସାମର୍ଥ୍ୟ ନଥାଏ, କାରଣ ସେ ଆପଣାର ସାମର୍ଥ୍ୟସୀମାରେ ଆସି ପହଞ୍ଚି ଯାଇଥାଏ; ଅଥବା, ହୁଏତ ମନ ତଆର ହୋଇ ରହିଥାଏ, ମାତ୍ର ପ୍ରସ୍ତୁତନ ଏବଂ ନୂତନ ଜୀବନ ମଧ୍ୟରୁ ଯେକୌଣସି ଗୋଟିକୁ ଗ୍ରହଣ କରିନେବାର ଅହ୍ୱାନ ଆସି ପହଞ୍ଚିଲା ବେଳକୁ ପ୍ରାଣ ତଆରି ହୋଇ ବାହାରି ପାରେ ନାହିଁ; କିମ୍ବା, ପ୍ରାଣ ସମ୍ମତ ରହିଥିଲେ ମଧ୍ୟ ଦେହ ଆପଣା ଚେତନାର ଆବଶ୍ୟକ ପରିବର୍ତ୍ତନ ଏବଂ ଆପଣାର ଗତ୍ୟାତ୍ମକ ରୂପାନ୍ତରଟି ସକାଶେ ଅତି ବଳହୀନ, ଅତି ଅନୁପଯୁକ୍ତ ଓ ଅତିରିକ୍ତ ଭାବରେ ଦୋଷଦୁଷ୍ଟ ହୋଇ ପଡ଼ି ରହିଥାଏ ।

'oaob.nitrkl.ac.in' images reprocessed

ସତ୍ତାର ପ୍ରତ୍ୟେକ ଅଂଶରେ ସେହି ଅଂଶଟିର ସ୍ୱକୀୟ ସ୍ୱଭାବ ତଥା ଲକ୍ଷଣଟି ଅନୁସାରେ ପରିବର୍ତ୍ତନଟିକୁ ଅଲଗା ଅଲଗା କରି କାର୍ଯ୍ୟକାରୀ କରିବାକୁ ପଡୁଥିବାରୁ ଚେତନା ପର୍ଯ୍ୟାୟକ୍ରମେ ପ୍ରତ୍ୟେକ ଅଂଶରେ ଅବତରଣ କରି ସେଠାରେ ସେହି ଅଂଶଟିର ସ୍ଥିତି ତଥା ସମ୍ଭାବନା ଅନୁସାରେ କାର୍ଯ୍ୟ କରିବାକୁ ବାଧ୍ୟ ବି ହୋଇଥାଏ । ଯଦି ଏହି କାର୍ଯ୍ୟଟି ଉପରର ନିର୍ଦ୍ଦେଶନାରେ ଚାଲୁଥା'ନ୍ତା, କୌଣସି ଆଧ୍ୟାତ୍ମିକ ଶିଖରଦେଶରୁ ଚାଲୁଥା'ନ୍ତା, ତେବେ ଖାସ୍ ସେହି ଉପରର ପ୍ରଭାବ ବଳରେହିଁ ହୁଏତ ଏକ ଉର୍ଦ୍ଧ୍ୱୋନ୍ମୀଳନ ସମ୍ଭବ ହେଉଥା'ନ୍ତା, ବା ଏକ ନୂତନ ସଂରଚନା ହୋଇ ପାରୁଥା'ନ୍ତା; ମାତ୍ର ନିମ୍ନସ୍ଥ ସତ୍ତା ଏହି ପରିବର୍ତ୍ତନଟିକୁ ହୁଏତ ତାହାର ଆପଣାର ସ୍ୱଭାବଗତ କୌଣସି ପରିବର୍ତ୍ତନ ବୋଲି ଗ୍ରହଣ କରିପାରୁ ନଥା'ନ୍ତା । ଏହା ଏକ ସମଗ୍ର ବିକାଶ ବା ସମଗ୍ର ବିବର୍ତ୍ତନ ହୋଇ ପାରନ୍ତା ନାହିଁ; କେବଳ ଏକ ଆଂଶିକ ବିକାଶ ହୁଅନ୍ତା, କେବଳ ଉପରୁ ଆଣି ଲଦି ଦେଲାପରି ହୁଅନ୍ତା, ତାହା ସତ୍ତାର କେବଳ କେତୋଟି ଅଂଶକୁହିଁ ପ୍ରଭାବିତ କରିପାରନ୍ତା ବା ସେଗୁଡ଼ିକର ବିମୋଚନ ଘଟାଇ ପାରନ୍ତା; ଏବଂ ଅନ୍ୟ ଅଂଶଗୁଡ଼ିକୁ ତଳକୁ ଦାବିଦେଇ ରଖିଦିଅନ୍ତା କିମ୍ବା ସେଗୁଡ଼ିକ ଯେପରି ଥିଲେ ସେହିଭଳି ଭାବରେ ଛାଡ଼ିଦେଇ ଯାଆନ୍ତା । ଏହି ସୃଷ୍ଟିଟି ସ୍ୱାଭାବିକ ପ୍ରକୃତିର ବାହାରୁ ପ୍ରେରିତ ହୋଇ ଆସନ୍ତା, କେବଳ ବାହାରୁ ଆଣି ଲଦି ଦେବାଦ୍ୱାରାହିଁ ତାହାକୁ ସଞ୍ଚାରିତ କରାଯାଆନ୍ତା; ଏବଂ କେବଳ ବାହାରୁ ଆସି ଆପଣାକୁ ଲଦି ଦେଇଥିବା ସୃଷ୍ଟିଟିର ପ୍ରଭାବ ବଳବତ୍ତର ରହିଥିବା ପର୍ଯ୍ୟନ୍ତହିଁ ତାହା ସମ୍ପୂର୍ଣ୍ଣ ସ୍ଥାୟୀ ହୋଇ ରହିପାରନ୍ତା । ତେଣୁ ନିମ୍ନସ୍ଥ ସୋପାନଗୁଡ଼ିକ ଉପରେ ଚେତନାର ଅବତରଣ ଏକାନ୍ତ ଆବଶ୍ୟକ; ମାତ୍ର ଏପରି କ୍ଷେତ୍ରରେ ଉଚ୍ଚତର ଶକ୍ତିର ସମ୍ପୂର୍ଣ୍ଣ ତତ୍ତ୍ୱଟିକୁ କାର୍ଯ୍ୟକାରୀ କରିବା ମଧ୍ୟ ନିଶ୍ଚୟ ଅଧିକ କଷ୍ଟକର ହୋଇ ପଡ଼ିବ । ତାହା ଆଉ ନିଖୁଣ ହୋଇ ରହିବ ନାହିଁ, ସେଥିରେ ମିଶ୍ରଣ ଘଟିବ, ଏବଂ ତାହାର ପ୍ରଭାବଶାଳିତା ମଧ୍ୟ କ୍ଷୀଣ ହୋଇଯିବ ଯାହାଫଳରେ କି ପରିଣାମଗୁଡ଼ିକ ସର୍ବଦା ଅପୂର୍ଣ୍ଣ ଓ ସୀମାବଦ୍ଧ ହୋଇ ରହିଥିବ । ଏକ ଉଚ୍ଚତର ଜ୍ଞାନର ଆଲୋକ ଆପଣାକୁ ଅବତୀର୍ଣ୍ଣ କରାଇ ଆଣିବ ସତ, ମାତ୍ର ଅସ୍ପଷ୍ଟ ଓ ବିକାରଯୁକ୍ତ ହୋଇପଡ଼ିବ, ତାହାର ତାତ୍ପର୍ଯ୍ୟଟିର ଭୁଲ ଅର୍ଥ କରାଯିବ ଅଥବା ତାହାର ସତ୍ୟଟି ମନୋଗତ ଓ ପ୍ରାଣଗତ କେତେ ଭୁଲ ସହିତ ଗୋଳାଆମିଶା ହୋଇଯିବ; କିମ୍ବା ଅବତରଣ କରୁଥିବା ଆଲୋକର ଅନୁପାତରେ ତାହାକୁ ସାର୍ଥକ କରି ପାରିବାର ଶକ୍ତିଟି ଆଦୌ ଯଥେଷ୍ଟ ହେବ ନାହିଁ । ଅଧିମାନସର ଆଲୋକ ଏବଂ ଶକ୍ତି ଆପଣାର କ୍ଷେତ୍ରଟିରେ ଆପଣାର ପରିପୂର୍ଣ୍ଣ ମହିମାରେ କାର୍ଯ୍ୟ କରିବା ଗୋଟିଏ କଥା; ଏବଂ ସେହି ଆଲୋକ ଦେହଚେତନାର ଅନ୍ଧକାରମୟ ପରିବେଶ ଓ ତା'ର ବିଧାନ ଭିତରେ କାର୍ଯ୍ୟ କରିବା ସମ୍ପୂର୍ଣ୍ଣ ଆଉ ଗୋଟିଏ କଥା; ଏବଂ ଦ୍ୱିତୀୟ କ୍ଷେତ୍ରଟିରେ ଏହିପରି କ୍ଷୀଣତର ଓ

'oaob.nitrkl.ac.in' images reprocessed

ମିଶ୍ରିତ ହୋଇଯିବା ଫଳରେ ଆପଣାର ଜ୍ଞାନ, ସାମର୍ଥ୍ୟ ତଥା ପରିଣାମର ଭୂମିରେ ମଧ୍ୟ ତାହା ଅନେକ ପରିମାଣରେ ନିକୃଷ୍ଟ ହୋଇ ପଡ଼ିବାକୁ ବାଧ୍ୟ ହେବ । ଏବଂ ଫଳରେ ଶକ୍ତି ଖଣ୍ଡିତ ହୋଇ ପଡ଼ିବ, ଗତି ବାଧାପ୍ରାପ୍ତ ହେବ ଓ ସେଥିରୁ କେବଳ ଆଂଶିକ ଫଳହିଁ ମିଳିବ ।

ତେଣୁ ପ୍ରକୃତିର ଭୂମି ଉପରେ ଚୈତନ୍ୟଶକ୍ତିର ଆବିର୍ଭାବ ଯେ ଏପରି ମନ୍ଥର ଗତିରେ ହେଉଛି ଏବଂ ଏଭଳି କଷ୍ଟସାଧ୍ୟ ହୋଇପଡ଼ୁଛି, ଏହାହିଁ ହେଉଛି ତା'ର କାରଣ; କାରଣ ଏହି କ୍ଷେତ୍ରରେ ମନ ତଥା ପ୍ରାଣକୁ ମଧ୍ୟ ଜଡ଼ର ଭୂମିରେ ଅବତରଣ କରିବାକୁ ପଡ଼ୁଛି ଓ ସେହି ଜଡ଼ର ପରିବେଶଗୁଡ଼ିକ ସହିତ ଆପଣାକୁ ଅନୁକୂଳିତ କରିବାକୁ ହେଉଛି; ସେମାନେ ଯେଉଁ ଭୂମିଟିରେ କାର୍ଯ୍ୟ କରୁଛନ୍ତି, ତାହାର ଉପାଦାନ ଏବଂ ସାମର୍ଥ୍ୟର ଅନ୍ଧକାରାଚ୍ଛନ୍ନତା ତଥା କୁଣ୍ଠାମୟ ଜଡ଼ତା ସେମାନଙ୍କ ମଧ୍ୟରେ ବିକାର ସୃଷ୍ଟିକରୁଛି ଓ ସେମାନଙ୍କର ଶକ୍ତିକୁ କ୍ଷୀଣ କରି ପକାଉଛି । ଫଳରେ ସେମାନେ ଆପଣାର ଏହି ଉପକରଣଟିକୁ ସମ୍ପୂର୍ଣ୍ଣ ଭାବରେ ରୂପାନ୍ତରିତ କରି ପାରୁ ନାହାନ୍ତି ଓ ତାହାକୁ ଏକ ଉପଯୁକ୍ତ ସାଧନ ଓ ପରିବର୍ତ୍ତିତ ସାମଗ୍ରୀରୂପେ ପ୍ରସ୍ତୁତ କରି ପାରୁ ନାହାନ୍ତି; ଫଳରେ ସେମାନଙ୍କର ସ୍ୱଭାବଗତ ପ୍ରକୃତ ପୂର୍ଣ୍ଣ ସାମର୍ଥ୍ୟଟି ଅପ୍ରକଟ ହୋଇ ରହିଯାଉଛି । ଜଡ଼ଗତ ଅସ୍ତିତ୍ୱ ମଧ୍ୟରେ ଆପଣାର ପ୍ରଭୂତ ଶକ୍ତିସମ୍ପନ୍ନ ଓ ସୌନ୍ଦର୍ଯ୍ୟମୟ ଆବେଗଗୁଡ଼ିକର ମହତ୍ତ୍ୱ ତଥା ସହଜ ଆନନ୍ଦଟିକୁ କାର୍ଯ୍ୟକାରୀ କରିବାଲାଗି ଅସମର୍ଥ ରହିଯାଉଛି; ତାହାର ପ୍ରେରଣାଟି ବ୍ୟର୍ଥ ହୋଇ ରହୁଛି; ତାହାର ଭାବନା ଭିତରେ ସତ୍ୟର ଯେଉଁ ମୂର୍ତ୍ତିଟି ବିଦ୍ୟମାନ ରହୁଛି, ତାହା କାର୍ଯ୍ୟକ୍ଷେତ୍ରରେ ପ୍ରକଟ ହେଲାବେଳକୁ ଅତ୍ୟନ୍ତ ନିକୃଷ୍ଟ ହୋଇ ପଡ଼ୁଛି । ଆପଣା ଭିତରେ ଅବସ୍ଥିତ ଯେଉଁ ପ୍ରାଣଗତ ବୋଧିଟିକୁ ତାହା ମୂର୍ତ୍ତି ସତ୍ତ୍ୱର ରୂପ ଦେବାକୁ ଚେଷ୍ଟା କରୁଛି, ଦେହ ବା ରୂପ ତାହାକୁ ନାନାଭାବେ ବୁଡ଼ାଇ ନେବାକୁ ବାହାରୁଛି, ତେଣୁ ସେହି ମୂର୍ତ୍ତିଟି ଆଦୌ ପ୍ରକଟ ହୋଇ ପାରୁ ନାହିଁ । ପ୍ରାଣ ତଥା ଜଡ଼ର ମାଧ୍ୟମରେ ଆପଣାର ଉଚ୍ଚ ଭାବନାଗୁଡ଼ିକୁ ସିଦ୍ଧ କରାଇବାରେ ଆମର ମନ ବି ଅକ୍ଷମ ହେଉଛି; ତାହାକୁ ଆପଣା ଆଦର୍ଶକୁ କେତେପ୍ରକାରେ ଚ୍ଛେଟ କରିବାକୁ ପଡ଼ୁଛି ଓ କେତେପ୍ରକାରେ ସାଲିଶ୍ କରିବାକୁ ପଡ଼ୁଛି ଯାହାଫଳରେ କି ସେଗୁଡ଼ିକ ଆପଣା ଦିବ୍ୟତାରୁ ବଞ୍ଚିତ ହୋଇ ରହୁଛନ୍ତି । ଆପଣା ଜ୍ଞାନ ଓ ସଂକଳ୍ପର ଭୂମିରେ ମନର ଯେଉଁ ସୁସ୍ପଷ୍ଟ ଦୃଷ୍ଟି ରହୁଛି, ତାହାର ବିଧାନ ମାନିବାକୁ ଓ ତାହାର ଅଭିବ୍ୟକ୍ତି ଘଟାଇବାକୁ ଏହି ନିମ୍ନତର ଉପାଦାନଟିକୁ ଅନୁରୂପ ଭାବରେ ପ୍ରସ୍ତୁତ କରାଇ ପାରିବାରେ ମନର ଶକ୍ତି ଆଦୌ ତାହାର ସମକକ୍ଷ ହୋଇ ପାରୁ ନାହିଁ । ଓଲଟି ମନର ଆପଣା ଶକ୍ତିଟି ନିମ୍ନସ୍ଥ ଉପାଦାନଟିର କବଳରେ ପଡ଼ିଯାଉଛି, ତାହାର ସଂକଳ୍ପ ନାନାପ୍ରକାରେ ବିଭକ୍ତ ହୋଇ ପଡ଼ୁଛି, ପ୍ରାଣଗତ ନାନା ଆବିଳତା ଏବଂ ଜଡ଼ଗତ

'oaob.nitrkl.ac.in' images reprocessed

ନାନା ଅବୋଧତା ଦ୍ୱାରା ତାହାର ଜ୍ଞାନ ଆଚ୍ଛନ୍ନ ହୋଇ ପଡ଼ୁଛି ଓ ସତେଅବା ବାଟ ନପାଇ ବିଚଳିତ ହୋଇଯାଉଛି । ପ୍ରାଣ ଅଥବା ମନ କେହିହେଲେ ଏହି ଜଡ଼ମୟ ଅସ୍ତିତ୍ୱକୁ ରୂପାନ୍ତରିତ କରିବାକୁ କିମ୍ବା ତାହାର ଅପୂର୍ଣ୍ଣତାଗୁଡ଼ିକୁ ଦୂର କରିବାକୁ ଆଦୌ ସମର୍ଥ ହୋଇ ପାରୁ ନାହାନ୍ତି, କାରଣ ଏହିପରି ପରିବେଶମାନ ରହିଥିବା ପର୍ଯ୍ୟନ୍ତ ସେମାନେ ଆପଣାର ପରିପୂର୍ଣ୍ଣ ଶକ୍ତିଟିକୁ ମଧ୍ୟ ହାସଲ କରି ପାରୁ ନାହାନ୍ତି, ଆପଣାକୁ ବିମୋଚିତ ଓ ପରିପୂର୍ଣ୍ଣ କରିବାଲାଗି ସେମାନେ ଏକ ଉଚ୍ଚତର ଶକ୍ତିକୁ ଆବାହନ କରି ଆଣିବା ଆବଶ୍ୟକ କରୁଛନ୍ତି । ମାତ୍ର ପ୍ରାଣ ତଥା ଜଡ଼ର ଭୂମି ଉପରେ ଅବତରଣ କରି ଆସିବାପରେ ସେହିସବୁ ଉଚ୍ଚତର ଆଧ୍ୟାତ୍ମିକ-ମାନସିକ ଶକ୍ତିଗୁଡ଼ିକୁ ମଧ୍ୟ ଠିକ୍ ସେହି ଅସମର୍ଥତାଟିର ସମ୍ମୁଖୀନ ହେବାକୁ ପଡ଼ୁଛି । ଅବଶ୍ୟ ସେମାନେ ଅନେକକିଛି କରିପାରୁଛନ୍ତି, ଅନେକ ଜ୍ୟୋତିର୍ମୟ ପରିବର୍ତ୍ତନ ସମ୍ଭବ କରି ପାରୁଛନ୍ତି; ମାତ୍ର ସେହି କ୍ଷେତ୍ରରେ ମଧ୍ୟ ନିରନ୍ତର ଏକ ବିକୃତି ଓ ସୀମାବଦ୍ଧତା ଲାଗିରହିଛି; ଯେଉଁ ଚେତନାଟି ଅବତରଣ କରୁଛି ଏବଂ ଜଡ଼ ଓ ମନକୁ ସାର୍ଥକ କରି ପାରିବାଲାଗି ତାହା ଯେତିକି ଶକ୍ତି ପ୍ରୟୋଗ କରିବାକୁ ସମର୍ଥ ହେଉଛି, ଦୁହିଁଙ୍କ ମଧ୍ୟରେ ସର୍ବଦା ଏକ ତାରତମ୍ୟ ରହିଯାଉଛି, ଏବଂ ସେହି କାରଣରୁ ଯାହା ସୃଷ୍ଟି ହେଉଛି, ତାହା ଅତ୍ୟନ୍ତ ଖର୍ବ ହୋଇ ଯାଉଛି । ତଥାପି ଅନେକ ସମୟରେ ଅସାଧାରଣ ପରିବର୍ତ୍ତନ ଘଟୁଛି; ଏପରିକି ବେଳେବେଳେ ତା' ଭିତରେ ଏପରିକିଛିର ଆବିର୍ଭାବ ହେଉଛି, ଯାହାକି ଏକ ସମଗ୍ର ରୂପାନ୍ତର ପରି ଦେଖାଯାଉଛି, ଚେତନାର ଆମୂଳ ପରିବର୍ତ୍ତନ ହୋଇଗଲା ବୋଲି ଲାଗୁଛି ଏବଂ ତାହାର ଗତିଧାରାଟି ଉଚ୍ଚୀକୃତ ହୋଇଗଲା ପରି ଦେଖାଯାଉଛି; ମାତ୍ର ତଥାପି ଗତିଶୀଳ ଓ ଚରମ କୌଣସି ରୂପାନ୍ତର ସାଧିତ ହେଉ ନାହିଁ ।

କେବଳ ଅତିମାନସହିଁ ଏହିପରି ଅବତରଣ କରି ଆସିପାରିବ ଓ ତଥାପି ଆପଣା କ୍ରିୟାର ପରିପୂର୍ଣ୍ଣ ଶକ୍ତିଟିକୁ ଅକ୍ଷୁଣ୍ଣ ରଖିବାରେ ସମର୍ଥ ହେବ । କାରଣ ଏହାର କ୍ରିୟା ସର୍ବଦା ଏକ ସ୍ୱଭାବଗତ ଓ ସ୍ୱତଃସ୍ଫୂର୍ତ୍ତି କ୍ରିୟା, ଏହାର ଇଚ୍ଛା ଓ ଜ୍ଞାନ ମଧ୍ୟରେ କେତେବେଳେ ହେଲେ କୌଣସି ଭେଦ ନଥାଏ ଏବଂ ଏହାର ପରିଣାମଟି ମଧ୍ୟ ସର୍ବଦା ଇଚ୍ଛାର ଅନୁରୂପ ହୋଇଥାଏ । ସ୍ୱୟଂ ସ୍ୱସିଦ୍ଧିସମର୍ଥ ଋତଚିତ୍ହିଁ ଏହାର ସ୍ୱଭାବ; ଏବଂ ଯଦି ଏହା କେତେବେଳେ ଆପଣାକୁ କିମ୍ବା ଆପଣାର କ୍ରିୟାଟିକୁ ସୀମାବଦ୍ଧ କରି ରଖେ, ତେବେ ଅନ୍ୟ କାହାରିଦ୍ୱାରା ବାଧ୍ୟ ହୋଇ ନୁହେଁ, କେବଳ ଆପଣାର ଇଚ୍ଛା ଓ ଅଭିପ୍ରାୟଦ୍ୱାରା ପରିଚାଳିତ ହୋଇହିଁ ତାହା କରିଥାଏ । ସୀମା ଭିତରେ ଅବସ୍ଥିତ ରହିଥିବା ସମୟରେ ମଧ୍ୟ ଅତିମାନସ ଆପଣାର କ୍ରିୟାଟିକୁ ଆପେ ବାଛିନେଇ ଥାଏ ଏବଂ ତାହାର କ୍ରିୟାର ପରିଣାମଗୁଡ଼ିକ ମଧ୍ୟ ସର୍ବଦା ସୌଷମ୍ୟଯୁକ୍ତ ଓ ଅନିବାର୍ଯ୍ୟ ହୋଇ ରହିଥାଏ । ପୁଣି, ଅଧିମାନସ

'oaob.nitrkl.ac.in' images reprocessed

ହେଉଛି ମନ ପରି ଗୋଟିଏ ବିଭାଜନଧର୍ମୀ ତତ୍ତ୍ୱ, ଏବଂ କୌଣସି ଏକ ବିଶେଷ ସୁସମତାକୁ ବାଛିନେଇ ସ୍ୱତନ୍ତ୍ର ଭାବରେ ତାହାର ରୂପାୟନ ସାଧନ କରିବା ହେଉଛି ଅଧିମାନସର ଏକ କ୍ରିୟାଗତ ବୈଶିଷ୍ଟ୍ୟ । ସମଗ୍ର ବିଶ୍ୱକୁ ଆପଣା କ୍ରିୟାର ଭୂମିରୂପେ ଗ୍ରହଣ କରିଥାଏ ବୋଲିହିଁ ତାହା ଏକ ସମଗ୍ର ତଥା ସ୍ୱୟଂସମ୍ପୂର୍ଣ୍ଣ ସୁସମତାର ସୃଷ୍ଟି କରିବାକୁ ସମର୍ଥ ହୋଇଥାଏ ଅଥବା ଆପଣାର ସୁସମତାଗୁଡ଼ିକୁ ଏକତ୍ର ସମ୍ମିଳିତ କରି ଏକ ସମନ୍ୱୟ ସମ୍ଭବ କରିପାରେ । କିନ୍ତୁ ମନ, ପ୍ରାଣ ତଥା ଜଡ଼ର ସୀମାମଧ୍ୟରେ କାର୍ଯ୍ୟ କରିବାକୁ ପଡ଼ୁଥିବାରୁ କେବଳ ଗୋଟିଏ ଗୋଟିଏ ଅଂଶମଧ୍ୟରେ ଓ ସ୍ୱତନ୍ତ୍ର ଅଂଶଗୁଡ଼ିକୁ ଏକତ୍ର ଯୋଡ଼ି ତାହାକୁ ସେହି ସମନ୍ୱୟ ସାଧନ କରିବାକୁ ହୋଇଥାଏ । ତାହାମଧ୍ୟରେ ସମଗ୍ରତା ଲାଗି ଯେଉଁ ପ୍ରବୃତ୍ତିଟି ରହିଥାଏ, ତାହାର କର୍ମଭୂମି ଏହି ମନୋମୟ ତଥା ପ୍ରାଣମୟ ଉପାଦାନର ସ୍ୱଭାବଟି ଦ୍ୱାରା ପ୍ରରୋଚିତ ହେଉଥିବା ପ୍ରବୃତ୍ତିଦ୍ୱାରା ବାଧାପ୍ରାପ୍ତ ହୁଏ । ତେଣୁ କେବଳ ଅସଲଗ୍ନ ଓ ସୀମାବଦ୍ଧ ଆଧ୍ୟାତ୍ମିକ ସୃଷ୍ଟିଲାଗିହିଁ ତାହାର ସାମର୍ଥ୍ୟ ରହେ, ଏହି ସୃଷ୍ଟିଗୁଡ଼ିକ ଆପଣା ଆପଣା ଆୟତନ ମଧ୍ୟରେ ଗୋଟିଏ ଗୋଟିଏ ସମ୍ପୂର୍ଣ୍ଣ ସୃଷ୍ଟି ହୋଇ ରହିଥାଏ, ମାତ୍ର ସେଗୁଡ଼ିକ ମଧ୍ୟରେ ସମଗ୍ର ପରମଜ୍ଞାନର ଅଭିବ୍ୟକ୍ତି ହୋଇ ନଥାଏ । ଏହି କାରଣରୁ, ଏବଂ ତାହାର ସ୍ୱାଭାବିକ ଆଲୋକ ଓ ସାମର୍ଥ୍ୟ ଖର୍ବ ହୋଇ ରହୁଥିବାରୁ ଅଧିମାନସ ଆବଶ୍ୟକତା ଅନୁସାରେ କାର୍ଯ୍ୟଟିକୁ ସମ୍ପୂର୍ଣ୍ଣ କରି ପାରେ ନାହିଁ ଏବଂ ଆପଣାର ବିମୋଚନ ଓ ପରିପୂରଣ ସକାଶେ ତାହାକୁ ଏକ ବୃହତ୍ତର ସାମର୍ଥ୍ୟ ଅର୍ଥାତ୍ ସେହି ଅତିମାନସ ସାମର୍ଥ୍ୟଟିକୁ ଆବାହନ କରିବାକୁ ହୋଇଥାଏ । ଆପଣାର ପରିପୂରଣ ଲାଗି ଚୈତ୍ୟ ରୂପାନ୍ତର ଯେପରି ଆଧ୍ୟାତ୍ମିକ ରୂପାନ୍ତରକୁ ଆବାହନ କରିଆଣେ, ଠିକ୍ ସେହିପରି ଆଧ୍ୟାତ୍ମିକ ପର୍ଯ୍ୟାୟର ପ୍ରଥମ ପରିବର୍ତ୍ତନଟିକୁ ମଧ୍ୟ ଆପଣାର ପରିପୂରଣ ଲାଗି ଅତିମାନସ ରୂପାନ୍ତରକୁ ଆବାହନ କରି ଆଣିବାକୁ ହୁଏ । କାରଣ ଆଗରେ ଯେଉଁସବୁ ସୋପାନ ଅତିକ୍ରମ କରିବାକୁ ବାକି ରହିଥାଏ, ପଛରେ ପାରି ହୋଇ ଆସିଥିବା ସୋପାନଗୁଡ଼ିକ ପରି ସେଗୁଡ଼ିକ ମଧ୍ୟ କେବଳ ମଧ୍ୟବର୍ତ୍ତୀ ସୋପାନ । ଯେତେବେଳେ ଅତିମାନସ ଶକ୍ତି ଏହି ଭୂମିଟି ଉପରେ ଆପଣାର ଅବତରଣ ଘଟାଇବ ଏବଂ ଏହି ପାର୍ଥିବ ଅସ୍ତିତ୍ୱର କ୍ଷେତ୍ରରେ ପ୍ରତ୍ୟକ୍ଷ ଭାବରେ କାର୍ଯ୍ୟ କରିବାକୁ ଆରମ୍ଭ କରିବ, କେବଳ ସେତିକବେଳେ ଯାଇ ଅବିଦ୍ୟାର ଆଧାରଟିରୁ ପୂର୍ଣ୍ଣବିଦ୍ୟାର ଆଧାର ପର୍ଯ୍ୟନ୍ତ ଏହି ଆରୋହଣଯାତ୍ରାରେ ଅଭୀଷ୍ଟ ମୌଳିକ ପରିବର୍ତ୍ତନଟି ସମ୍ଭବ ଓ ସମ୍ପୂର୍ଣ୍ଣ ହୋଇ ପାରିବ ।

ତୃତୀୟ ଓ ସର୍ବଶେଷ ପର୍ବର ରୂପାନ୍ତରଟି ତା'ହେଲେ ଏହିପରି ଭାବରେହିଁ ହେବାକୁ ବାଧ୍ୟ ହେବ, ଏହିପରି ଭାବରେହିଁ ଅବିଦ୍ୟାର ମଧ୍ୟଦେଇ ଆତ୍ମାର ଯାତ୍ରା ସମ୍ପୂର୍ଣ୍ଣ ହେବ ଏବଂ ସେ ଆପଣାର ଚେତନା, ଆପଣାର ଜୀବନ, ସାମର୍ଥ୍ୟ ଓ ଅଭିବ୍ୟକ୍ତ ରୂପଟିକୁ ପରିପୂର୍ଣ୍ଣ ଭାବରେ ଆପଣାର କାର୍ଯ୍ୟସାଧନ କରୁଥିବା ପରିପୂର୍ଣ୍ଣ

'oaob.nitrkl.ac.in' images reprocessed

ଆତ୍ମଜ୍ଞାନ ଉପରେ ପ୍ରତିଷ୍ଠିତ କରି ରଖିପାରିବ । ବିବର୍ତ୍ତନଶୀଳ ପ୍ରକୃତିଟି ପୂର୍ଣ୍ଣପ୍ରସ୍ତୁତ ହୋଇଯାଇଛି ଦେଖି ଋତଚିତ୍ ତାହାରି ମଧ୍ୟକୁ ଅବତୀର୍ଣ୍ଣ ହୋଇ ଆସିବ ଓ ତାହା ମଧ୍ୟରେ ସଂବୃତ ହୋଇ ରହିଥିବା ଅତିମାନସ ତତ୍ତ୍ୱଟିକୁ ମୁକ୍ତ କରିଦେବ । ଠିକ୍ ଏହିପରି ଭାବରେହିଁ ଏହି ଜଡ଼ବିଶ୍ୱରେ ପରମାତ୍ମସତ୍ତା ତଥା ପରମ ଚିଦ୍‌ଗତତାର ପ୍ରଥମ ଅନାବୃତ ଆତ୍ମପ୍ରକାଶରୂପେ ଅତିମାନସ ଓ ଅଧ୍ୟାତ୍ମପୁରୁଷଙ୍କର ଆବିର୍ଭାବ ହେବ ।

'oaob.nitrkl.ac.in' images reprocessed

ଷଡ଼ବିଂଶ ପରିଚ୍ଛେଦ

# ଆରୋହଣ ଅତିମାନସ ଆଡ଼କୁ

ଋତେନ ଯାବୃତାବୃଧାବୃତସ୍ୟ ଜ୍ୟୋତିଷସ୍ପତୀ ।

—ଋକ୍‌ବେଦ, ୧ । ୨୩ । ୫

ସତ୍ୟାଲୋକର ସେହି ଅଧିକାରୀମାନେ ସତ୍ୟଦ୍ୱାରାହିଁ ସତ୍ୟର ଅଭିବୃଦ୍ଧି ସାଧନ କରନ୍ତି ।

ତିସ୍ରୋ ବାଚଃ······ଜ୍ୟୋତିରଗ୍ରା ॥

ତ୍ରିଧାତୁ ଶରଣଂ ଶର୍ମ······ତ୍ରିବର୍ତ୍ତୁ ଜ୍ୟୋତିଃ ॥

—ଋକ୍‌ବେଦ, ୭ । ୧୦୧ । ୧, ୨

ବାଣୀର ତିନିଶକ୍ତି ସେମାନଙ୍କର ସମ୍ମୁଖରେ ଜ୍ୟୋତିକୁ ବହନ କରନ୍ତି······ ଶାନ୍ତିର ତ୍ରିସଦନ, ଆଲୋକର ତ୍ରିଧାର ପଥ ।

ଚତ୍ୱାର୍ଯନ୍ୟା ଭୁବନାନି ନିର୍ଣ୍ଣିଜେ ଚାରୂଣି ଚକ୍ରେ ଯଦୃତୈରବର୍ଦ୍ଧତ ॥

—ଋକ୍‌ବେଦ, ୯ । ୭୦ । ୧

ଋତ ବା ସତ୍ୟଗୁଡ଼ିକ ଦ୍ୱାରା ଅଭିବୃଦ୍ଧି ଲାଭ କରି ସେ ଆପଣାକୁ ରୂପାୟିତ କରି ଆଉ ଚାରୋଟି ସୁନ୍ଦର ଜଗତର ସୃଷ୍ଟି କରନ୍ତି ।

ଯଂ ଦକ୍ଷେଣ ମନସା ଜାୟତେ କବିଃ; ଋତସ୍ୟ ଗର୍ଭୋ······ ।

··· ଗୁହା ହିତଂ ଜନିମ ନେମମୁଦ୍ୟତମ୍ ॥

—ଋକ୍‌ବେଦ, ୯ । ୬୮ । ୫

'oaob.nitrkl.ac.in' images reprocessed

ବିବେକଦକ୍ଷ ଏକ ମନକୁ ବହନ କରି କବିରୂପେ ସେଇ ଜନ୍ମଗ୍ରହଣ କରନ୍ତି; ସେ ଋତର ଗର୍ଭରୁ ଜନ୍ମଲାଭ କରନ୍ତି, ଅନ୍ତର ମଧ୍ୟରେ ସଗୁପ୍ତ ଭାବରେ ଜାତ ହୁଅନ୍ତି, କେବଳ ଏକ ଅର୍ଦ୍ଧାଂଶହିଁ ବାହାରେ ପ୍ରକାଶିତ ହୋଇଥାଏ ।

ବୃହଦ୍ବୟସଃ··· ଜ୍ୟୋତିଷ୍କୃତଃ···ପ୍ରଚେତସଃ ।
···ବିଶ୍ୱବେଦସଃ··· ···ଋତାବୃଧଃ ॥
—ଋକ୍‌ବେଦ, ୧୦ । ୭୭ । ୧

ସେମାନଙ୍କ ମଧ୍ୟରେ ଏକ ବୃହତ୍ ପ୍ରଜ୍ଞା ସଂପ୍ରେରିତ ହୋଇ ରହିଛି; ସେମାନେ ହେଉଛନ୍ତି ଜ୍ୟୋତିର ସ୍ରଷ୍ଟା, ସଚେତନ ସର୍ବଜ୍ଞାତା; ସେମାନେ ସତ୍ୟରେ ଅଭିବୃଦ୍ଧି ଲାଭ କରୁଥାନ୍ତି ।

ଉଦ୍ ବୟଂ ତମସସ୍ପରି ଜ୍ୟୋତିଷ୍ପଶ୍ୟନ୍ତ ଉତ୍ତରମ ।
ଦେବଂ ଦେବତ୍ରା ସୂର୍ଯ୍ୟମଗନ୍ମ ଜ୍ୟୋତିରୁତ୍ତମମ୍ ॥
—ଋକ୍‌ବେଦ, ୧ । ୫୦ । ୧୦

ଅନ୍ଧକାରର ସେପାଖରେ ରହିଥିବା ଊର୍ଦ୍ଧ୍ୱତର ସେହି ଆଲୋକଟିର ଦର୍ଶନ କରି ଆମେ ଦେବତ୍ୱର ବାହନରେ ଦିବ୍ୟ ସୂର୍ଯ୍ୟର ସାମୀପ୍ୟ ଲାଭ କଲୁ, ସର୍ବୋଚ୍ଚ ସର୍ବୋତ୍ତମ ଜ୍ୟୋତି ମଧ୍ୟରେ ପ୍ରବେଶ କଲୁ ।

ଏପର୍ଯ୍ୟନ୍ତ ହୋଇଥିବା ଆଲୋଚନା ଫଳରେ ଚୈତ୍ୟ ରୂପାନ୍ତର ତଥା ଚିନ୍ମୟ ରୂପାନ୍ତରର ପ୍ରାଥମିକ ସୋପାନଗୁଡ଼ିକର କଳ୍ପନା ଆମ ଆଗରେ ବେଶ୍ ସୁସ୍ପଷ୍ଟ ହୋଇଯାଇଛି । ଏହି ଉଭୟ ରୂପାନ୍ତରସିଦ୍ଧିର ଅର୍ଥ ହେଉଛି ମନୁଷ୍ୟର ଜ୍ଞାନ ଓ ଅନୁଭୂତିର ଏକ ପୂର୍ଣ୍ଣତା, ଏକ ଅଖଣ୍ଡତା ଓ ପରିପୂର୍ଣ୍ଣ ଏକତ୍ୱର ଏକ ବୋଧସମ୍ପନ୍ନତା । ମନୁଷ୍ୟ ଏହି ସିଦ୍ଧିଟିକୁ ଉପଲବ୍ଧି କରିସାରିଛି; ଅବଶ୍ୟ ଏକଥା ସତ ଯେ ତାହା ଅତି ଅଳ୍ପସଂଖ୍ୟକ ବ୍ୟକ୍ତିଙ୍କ ମଧ୍ୟରେ ସୀମାବଦ୍ଧ ହୋଇ ରହିଛି । ମାତ୍ର ଆପଣାର ପ୍ରତିଷ୍ଠିରେ ଅତିମାନସ ରୂପାନ୍ତର ଆମକୁ ଯେଉଁ ରାଜ୍ୟ ଭିତରକୁ ବହନ କରି ନେଇଯାଏ, ତାହାର ଅତି ଅଳ୍ପ ଅଂଶହିଁ ଏପର୍ଯ୍ୟନ୍ତ ଆବିଷ୍କୃତ ହୋଇପାରିଛି । ଏହା ଆମଲାଗି ଚେତନାଗତ ଶିଖରର ଯେଉଁ ଦୃଶ୍ୟଭୂମିଟିକୁ ଆଣି ଉନ୍ମୋଚିତ କରିଦିଏ, କେହି କେହି ତାହାର ଆଭାସ ପାଇଛନ୍ତି, କେହି କେହି ତାହାର ଦର୍ଶନ ମଧ୍ୟ ଲାଭ କରିଛନ୍ତି, ମାତ୍ର ସେହି ଭୂମିଟିର ପରିପୂର୍ଣ୍ଣ ଆବିଷ୍କାର ଏବେସୁଦ୍ଧା ବାକୀ ରହିଛି, ତାହାର

'oaob.nitrkl.ac.in' images reprocessed

କୌଣସି ପୂର୍ଣ୍ଣାଙ୍ଗ ମାନଚିତ୍ର ଏବେସୁଦ୍ଧା ପ୍ରସ୍ତୁତ ହୋଇ ନାହିଁ । ଚେତନାର ଏହିସବୁ ଶୃଙ୍ଗ ଓ ମାଳଭୂମିର ସର୍ବୋଚ୍ଚ ଶିଖରରୂପେ ଅଧିମାନସ ଚେତନା ଅବସ୍ଥିତ ରହିଛି; ହୃଦ୍‌ବୋଧକାଙ୍କ୍ଷୀ ଯାବତୀୟ ମାନସିକ ଯୋଜନା ଓ ତାହାର ମାନଚିତ୍ରର ସକଳ ସମ୍ଭାବନାର ସେପାଖରେ ଅଧିମାନସ ବିଦ୍ୟମାନ ରହିଛି, ମନୋଗତ ସକଳ ଦର୍ଶନ କିମ୍ବା ବର୍ଣ୍ଣନାର ଅପହଞ୍ଚ ହୋଇ ରହିଛି । ଯେଉଁ ସମ୍ପଦଟି ଏତେବେଶୀ ଭିନ୍ନ ଏକ ଚେତନାର ଭୂମି ଉପରେ ଦଣ୍ଡାୟମାନ ରହିଛି ଏବଂ ବସ୍ତୁଗୁଡ଼ିକ ବିଷୟରେ ଯାହାର ମୌଳିକ ଭାବରେ ଏତେ ଭିନ୍ନ ଏକ ସମ୍ବିତ୍‌ସମ୍ପନ୍ନତା ରହିଛି, ତାହାକୁ ପ୍ରକାଶିତ କରିବା ଅଥବା ତାହା ମଧ୍ୟରେ ପ୍ରବେଶ କରିପାରିବା ଆମର ଏହି ସାଧାରଣ ଅନାଲୋକିତ ଏବଂ ଅରୂପାନ୍ତରିତ ମନୋଗତ ଅବଧାରଣା ପକ୍ଷରେ ସର୍ବଦା ଅତି ଦୁରୂହ ଓ କଷ୍ଟସାଧ୍ୟ ହୋଇ ରହିଥିବ । ଏବଂ କୌଣସି ବିଶେଷ ଆଲୋକସମ୍ପାତ ଅଥବା ଦୃଷ୍ଟିର ଉନ୍ମୋଚନ ଦ୍ୱାରା ଯଦି ସେହି ଚେତନାର ଦର୍ଶନଲାଭ ସମ୍ଭବ ହୁଏ ଅଥବା ତାହା ବିଷୟରେ କୌଣସି ଧାରଣା କରାଯାଇପାରେ, ତେବେ ଆମର ମନ ଅତି ଅଭ୍ୟସ୍ତ ଭାବରେ ଯେଉଁ ବାସ୍ତବତାବିଚ୍ଛିନ୍ନ ଦରିଦ୍ରସମ୍ବଳ ଭାଷାର ବ୍ୟବହାର କରିଥାଏ, ସେଥିରେ ଆଦୌ କାମ ଚଳିବ ନାହିଁ; ସେହି ଚେତନାଟିର ସତ୍ୟଟିକୁ ଆମଲାଗି ବୋଧଗମ୍ୟ କରିବାକୁ ହେଲେ ଆମକୁ ଅନ୍ୟ ଏକ ଭାଷାର ସାହାଯ୍ୟ ନେବାକୁ ପଡ଼ିବ । ଏହି ମନୁଷ୍ୟମନର ଶିଖରସ୍ତରଗୁଡ଼ିକ ଯେପରି ପଶୁର ଅବଧାରଣା ଲାଗି ସାଧ୍ୟାତୀତ ହୋଇ ରହିଛି, ଠିକ୍ ସେହିପରି ଅଧିମାନସର ଗତିସ୍ପନ୍ଦନଗୁଡ଼ିକ ମନୁଷ୍ୟର ସାଧାରଣ ମନୋଗତ ଅବଧାରଣାର ସାଧ୍ୟାତୀତ ହୋଇ ରହିଛି । ଆମେ ଯେତେବେଳେ ଏକ ଉଚ୍ଚତର ମଧ୍ୟବର୍ତ୍ତୀ ଚେତନାର ଅନୁଭୂତି ଲାଭ କରିବାକୁ ସମର୍ଥ ହୋଇଯିବା, କେବଳ ସେତିକିବେଳେହିଁ ଅଧିମାନସ ସତ୍ତାର ଏକ ବର୍ଣ୍ଣନା ଦେବାର ଚେଷ୍ଟା କରୁଥିବା କୌଣସି ଶବ୍ଦାଭିବ୍ୟକ୍ତି ଆମର ବୁଦ୍ଧି ଲାଗି ଏକ ଯଥାର୍ଥ ଅର୍ଥ ବହନ କରି ଆଣିବାରେ ସମର୍ଥ ହୋଇପାରିବ । କାରଣ ଯେତେବେଳେ ଆମେ ଶବ୍ଦ ଦେଇ ଯାହାର ବର୍ଣ୍ଣନା କରିବାକୁ ଯାଉଥିବା, ଆମେ ଆଗରୁ ତାହାର ଅନୁରୂପ ଏକ ଅନୁଭୂତି ମଧ୍ୟ ଲାଭ କରି ସାରିଥିବା; ଏବଂ ତେଣୁ ଏହି ଅପର୍ଯ୍ୟାପ୍ତ ଶବ୍ଦାଭିବ୍ୟକ୍ତିରୁ ମଧ୍ୟ କେତେକ ପରିମାଣରେ ଏକ ପ୍ରକୃତ ତାତ୍ପର୍ଯ୍ୟ ଗ୍ରହଣ କରିପାରିବା । ଅଧିମାନସ ପ୍ରକୃତି ମଧ୍ୟରେ ପ୍ରବେଶ କରିବାଲାଗି ପ୍ରାକୃତ ମନର କୌଣସି ସାମର୍ଥ୍ୟ ନଥିଲେ ମଧ୍ୟ ମଧ୍ୟବର୍ତ୍ତୀ କ୍ଷେତ୍ରରେ ଅବସ୍ଥିତ ଏହିସବୁ ଊର୍ଦ୍ଧ୍ୱତର ଚେତନାର ଆଲୋକ ମଧ୍ୟଦେଇ ତାହା ସେହି ଅଧିମାନସ ଉପରେ ଅବଶ୍ୟ ଦୃଷ୍ଟିପାତ କରିପାରିବ, ଏବଂ ପୂର୍ଣ୍ଣମୁକ୍ତ ପରମ ଚିଦ୍‌ବସ୍ତୁର ସ୍ୱଭାବଗତ କ୍ଷେତ୍ରରୂପେ ବର୍ଣ୍ଣନା କରାଯାଇଥିବା ସେହି ପରମ ସତ୍ୟ, ପରମ ଋତ ତଥା ପରମ ବୃହତ୍ତ୍ୱର କେତେକ ପ୍ରତିଫଳିତ ପ୍ରତିରୂପ ଗ୍ରହଣ କରିବାକୁ ସମର୍ଥ ହେବ ।

'oaob.nitrkl.ac.in' images reprocessed

ମାତ୍ର ଏଠାରେ ସେହି ମଧ୍ୟବର୍ତ୍ତୀ ଚେତନାଟି ସମ୍ବନ୍ଧରେ ଯାହାକିଛି କୁହାଯାଇ ପାରିବ, ସେଇଟି ମଧ୍ୟ କେବଳ ଏକ ଅଯଥେଷ୍ଟ ବିବରଣୀ ହୋଇ ରହିବାକୁ ବାଧ୍ୟ ହେବ; କେବଳ କେତେକ ବସ୍ତୁବିଚ୍ଛିନ୍ନ ସାଧାରଣ ସିଦ୍ଧାନ୍ତକୁ ଆନୁମାନିକ ଭାବରେ ଆଣି ବାଢ଼ି ଦିଆଯାଇ ପାରେ, ଯାହାକି ଏକ ପ୍ରାଥମିକ ମାର୍ଗଦର୍ଶନକାରୀ ଆଲୋକ ହିସାବରେ ଆମକୁ ସାହାଯ୍ୟ କରିପାରେ । ଏହାମଧ୍ୟରେ ଏହି ଗୋଟିଏ ସମର୍ଥନକାରୀ ପରିବେଶ ସବୁବେଳେ ରହିଛି ଯେ ସେହି ଊର୍ଦ୍ଧ୍ୱ ଚେତନାଟିକୁ ତାହାର ଯେଉଁ ବିବର୍ତ୍ତନାତ୍ମକ ରୂପରେ ଆମେ ଏଠାରେ ଉପଲବ୍ଧି କରିଥାଉ, ତାହା ଯେଉଁସବୁ ଉପାଦାନର ଏକ ଚରମ ବିକଶିତ ସୋପାନରୂପେ ତଥାପି ଅବସ୍ଥାନ କରୁଥାଏ, ତାହା ରୂପ ଓ ଶକ୍ତିରେ ସେଗୁଡ଼ିକର ଯେତେ ଅବିକଶିତ ଓ ଖର୍ବାକାର ସଂସ୍କରଣ ହୋଇଥାଉ ପଛକେ, ସେଗୁଡ଼ିକ ଆମର ଏହି ଅସ୍ତିତ୍ୱର ଉପାଦାନଟିରେ ମଧ୍ୟ ବିଦ୍ୟମାନ ରହିଥାଏ । ଏହି କ୍ଷେତ୍ରରେ ଆଉଗୋଟିଏ କଥା ମଧ୍ୟ ଆମର ସହାୟକରୂପେ କାର୍ଯ୍ୟ କରିଥାଏ; ସେକଥାଟି ହେଉଛି ଯେ ବିବର୍ତ୍ତନଶୀଳ ପ୍ରକୃତିର ପ୍ରକ୍ରିୟାଟିରେ ଯେଉଁ ନ୍ୟାୟଟି ତାହାର ନିମ୍ନସ୍ଥିତ ଆରମ୍ଭ ସ୍ତରଗୁଡ଼ିକରେ କାର୍ଯ୍ୟକାରୀ ହେଉଥାଏ, ସର୍ବୋଚ୍ଚ ସୋପାନଗୁଡ଼ିକର ଅଧିରୋହଣ କରିବା ସମୟରେ ମଧ୍ୟ ସେହି ନ୍ୟାୟ ବା ରୀତି କାର୍ଯ୍ୟକାରୀ ହୁଏ; ଆପଣା କ୍ରିୟାତ୍ମକତାର କେତେକ ନିୟମରେ କିଞ୍ଚିତ୍ ପରିବର୍ତ୍ତନ ହୁଏ ସତ, ମାତ୍ର ମୂଳତଃ ସେହି ରୀତିଟି କାର୍ଯ୍ୟକାରୀ ହେଉଥାଏ । ତେଣୁ ଏହିପରି ଭାବରେ ଆମେ ସେହି ପ୍ରକୃତିର ପରମ କ୍ରିୟାବିଧିଟିକୁ ମଧ୍ୟ କେତେକ ପରିମାଣରେ ଆବିଷ୍କାର କରିପାରୁ, ଅନୁସରଣ ମଧ୍ୟ କରିପାରୁ । କାରଣ ବୁଦ୍ଧିର ସୋପାନରୁ ତଦ୍‌ଗତ ମନର ସ୍ତରକୁ ଅଗ୍ରସର ହୋଇ ଗଲାବେଳେ ଆମେ ଏହି ରୂପାନ୍ତରଟିର ପ୍ରକୃତି ତଥା ବିଧାନ ସମ୍ବନ୍ଧରେ କିଞ୍ଚିତ୍ ପରିଚୟ ଲାଭ କରି ସାରିଥାଉ, ଏବଂ ସେହି ଲବ୍ଧ ପରିଚୟଟିକୁ ଆଗକୁ ପହୁଣ୍ଡ ପକାଇ ଆମେ ସେହି ନୂତନ ଚେତନାର ଗତିକ୍ରିୟାଗତ ଏକ ଉଚ୍ଚତର ସୋପାନକୁ ଯିବାଲାଗି ରହିଥିବା ପଥଟିକୁ ଖୋଜି ବାହାର କରିବାଲାଗି ଆପଣାକୁ ପ୍ରେରିତ କରିପାରୁ; ଏବଂ ତା'ପରେ ଆହୁରି ଆଗକୁ ଚିନ୍ମୟ ମନର ସୋପାନରୁ ଅତିମାନସ ରୂପାନ୍ତର ଯାଏ ପଡ଼ିଥିବା ବାଟଟିକୁ ବି ଆବିଷ୍କାର କରିପାରୁ । ଏଥିରେ ଆଦୌ କୌଣସି ସନ୍ଦେହ ନାହିଁ ଯେ ଏହି ସହାୟକ ସଙ୍କେତଗୁଡ଼ିକ ନିଶ୍ଚୟ ଅତ୍ୟନ୍ତ ଅପୂର୍ଣ୍ଣ ହୋଇ ରହିବାକୁ ବାଧ୍ୟ ହେବ; କାରଣ ଦର୍ଶନତତ୍ତ୍ୱର ଗବେଷଣା ଦ୍ୱାରା ଆମେ କେବଳ ଏକ ଅତି ଅସ୍ପଷ୍ଟ ପ୍ରତିଚ୍ଛବି ବା ଏକ ଅତି ପ୍ରାଥମିକ ଓ ବସ୍ତୁବିଚ୍ଛିନ୍ନ ସାଧାରଣ ପ୍ରତ୍ୟୟମାନହିଁ ଲାଭ କରିପାରିବା । ଏହି ବିଷୟରେ ଯଥାର୍ଥ ଜ୍ଞାନ ଲାଭ କରିବାକୁ ହେଲେ ଏବଂ ତାହାର ବିବରଣୀ ଦେଇ ପାରିବାକୁ ହେଲେ, ସେଥିଲାଗି ତତ୍ତ୍ୱଦ୍ରଷ୍ଟାର ଭାଷାର ସାହାଯ୍ୟ ନେବାକୁ ପଡ଼ିବ, ଏକ ପ୍ରତ୍ୟକ୍ଷ ଓ ପ୍ରକୃତ

'oaob.nitrkl.ac.in' images reprocessed

ଅନୁଭୂତିର ଅଧିକ ସ୍ପଷ୍ଟ ଅଥଚ ଅଧିକ ଦୁରଧିଗମ୍ୟ ରୂପକ ବା ପ୍ରତୀକର ଆଶ୍ରୟ ଗ୍ରହଣ କରିବାକୁ ପଡ଼ିବ ।

ଅଧିମାନସ ଦେଇ ଅତିମାନସକୁ ରୂପାନ୍ତରିତ ହେବାର ଆରୋହଣ ପଥଟିକୁ ଆମେ ଆମର ପରିଚିତ ଏହି ପ୍ରକୃତିଟିରୁ ଅତିପ୍ରକୃତି ଅଥବା ପରାପ୍ରକୃତି ମଧ୍ୟକୁ ରୂପାନ୍ତରିତ ହେବାର ପଥ ବୋଲି କହିପାରିବା । ଏଇଟିରୁ ସମ୍ପୂର୍ଣ୍ଣ ସ୍ପଷ୍ଟ ହୋଇଯାଉଛି ଯେ କେବଳ ଆମ ମନର କୌଣସି ଚେଷ୍ଟାଦ୍ୱାରା ସେହି ସିଦ୍ଧି ସଫଳ ହୋଇପାରିବା ଏକାନ୍ତ ଅସମ୍ଭବ । ଅନ୍ୟ କୌଣସି ଶକ୍ତିର କୌଣସି ସାହାଯ୍ୟ ନନେଇ କେବଳ ଏହି ବ୍ୟକ୍ତିଗତ ମନର ଭୂମି ଉପରେ ଯେତେ ଯାହା ଚେଷ୍ଟା ବା ଆକାଙ୍କ୍ଷା କଲେ ମଧ୍ୟ ଆମେ ସେଠାରେ କଦାପି ପହଞ୍ଚି ପାରିବା ନାହିଁ । ଆମର ସକଳ ଚେଷ୍ଟା ହେଉଛି ଆମ ପ୍ରକୃତିର ଏହି ନିମ୍ନତର ଶକ୍ତିଟିର ଚେଷ୍ଟା; କେବଳ ଆପଣାର ବଳରେ ତଥା ଆପଣାର ଲକ୍ଷଣଗତ ଓ ଉପଲବ୍ଧ ଯାବତୀୟ ପଦ୍ଧତିର ଅନୁସରଣ କରି ଏକ ଅବିଦ୍ୟାଶକ୍ତି ତା' ପ୍ରକୃତିଗତ ଆୟତ୍ତନଟିରୁ ସମ୍ପୂର୍ଣ୍ଣ ବାହାରେ ରହିଥିବା କୌଣସି ସମ୍ପଦକୁ ଲାଭ କରିପାରିବ ନାହିଁ । ଏହା ପୂର୍ବରୁ ଯେତେ ଯେତେ ଆରୋହଣ ଉପଲବ୍ଧ ହୋଇଛି, ସେଗୁଡ଼ିକ ଏକ ଅନ୍ତର୍ଗୂଢ଼ ଚୈତନ୍ୟଶକ୍ତି ପ୍ରଥମେ ନିଶ୍ଚେତନା ମଧ୍ୟରେ ଓ ପରେ ଅବିଦ୍ୟା ମଧ୍ୟରେ ଆପଣାକୁ କାର୍ଯ୍ୟକାରୀ କଲାପରେ ଯାଇ ସମ୍ଭବ ହୋଇଛି । ଆପଣାର ସଂବୃତ ସାମର୍ଥ୍ୟଗୁଡ଼ିକର ଆବିର୍ଭାବ ଘଟାଇ, ପ୍ରକୃତିର ପୂର୍ବତନ ରୂପାୟନଗୁଡ଼ିକର ତୁଳନାରେ ଅଧିକ କାର୍ଯ୍ୟସାଧକ ଓ ଉଚ୍ଚ ଯେଉଁ ସାମର୍ଥ୍ୟସବୁ ଆବରଣ ତଳେ ଲୁକ୍କାୟିତ ରହିଥିଲେ, ସେହିଗୁଡ଼ିକର ଉନ୍ମେଷ ଘଟାଇ ସେହି ଚୈତନ୍ୟଶକ୍ତି ଆପଣାର କାର୍ଯ୍ୟ କରିଛି । ମାତ୍ର ତଥାପି ଯେଉଁସବୁ ଉଚ୍ଚତର ଶକ୍ତି ସେମାନଙ୍କର ଆପଣା କ୍ଷେତ୍ରରେ ନିଜନିଜର ସ୍ୱାଭାବିକ ପୂର୍ଣ୍ଣ ଶକ୍ତିଟିକୁ ନେଇ ଆଗରୁ ରୂପାୟିତ ହୋଇ ବିଦ୍ୟମାନ ରହିଛନ୍ତି, ସେଥିଲାଗି ସେମାନଙ୍କର ଏକ ହସ୍ତକ୍ଷେପ ଆସି ପଡ଼ିବା ମଧ୍ୟ ଅତ୍ୟାବଶ୍ୟକ ହୋଇଛି । ଏହିସବୁ ଉଚ୍ଚତର ଭୂମି ଆମ ସତ୍ତାର ଅଧିଚେତନ ଅଂଶଗୁଡ଼ିକରେ ଗୋଟିଏ ପ୍ରତିଷ୍ଠାକ୍ଷେତ୍ର ତିଆରି କରିନଅନ୍ତି ଏବଂ ସେହିଠାରେ ପ୍ରତିଷ୍ଠିତ ରହିହିଁ ଉପରିସ୍ଥଗୁଡ଼ିକ ବିବର୍ତ୍ତନପ୍ରକ୍ରିୟାଟିକୁ ପ୍ରଭାବିତ କରିବାରେ ସମର୍ଥ ହୁଅନ୍ତି । ଏହି ପାର୍ଥିବ ପ୍ରକୃତିଟି ମଧ୍ୟରେ ଅଧିମାନସ ତଥା ଅତିମାନସ ମଧ୍ୟ ସଂବୃତ ହୋଇ ରହିଥା'ନ୍ତି, ମାତ୍ର ଆମ ଅଧିଚେତନ ଅନ୍ତର୍ଚ୍ଚେତନାରେ ଆମେ ଅଧିଗମି ପାରିଲାଭଳି ସ୍ତରଗୁଡ଼ିକରେ ସେଗୁଡ଼ିକର କୌଣସି ରୂପ ସୃଷ୍ଟ ହୋଇ ନଥାଏ । ସେପର୍ଯ୍ୟନ୍ତ କୌଣସି ଅଧିଚେତନ ସତ୍ତା ବା ସଂଗଠିତ ଅଧିଚେତନ ପ୍ରକୃତି ସମ୍ଭବ ହୋଇ ନଥାଏ, କୌଣସି ଅତିମାନସ ସତ୍ତା ବା ସଂଗଠିତ ଅତିମାନସ ପ୍ରକୃତି ମଧ୍ୟ ସମ୍ଭବ ହୋଇ ନଥାଏ; ଆମର ଏହି ଉପରିସ୍ଥଗରେ ଅଥବା ଆମର ସ୍ୱାଭାବିକ ଅଧିଚେତନ ଅଂଶଗୁଡ଼ିକରେ ସେଗୁଡ଼ିକର କୌଣସି କାର୍ଯ୍ୟ ଆରମ୍ଭ ହୋଇ ନଥାଏ ।

'oaob.nitrkl.ac.in' images reprocessed

କାରଣ ଆମ ଅବିଦ୍ୟାର ସ୍ତରଟି ଲାଗି ଚେତନାର ଏହିସବୁ ଉଚ୍ଚତର ଶକ୍ତି ସେତେବେଳେ ଅତିଚେତନ ହୋଇ ରହିଥାଏ । ଆବରଣତଳର ସେହି ଗୁପ୍ତଗୁହା ଭିତରୁ ଅଧିମାନସ ତଥା ଅତିମାନସର ସଂବୃତ ତତ୍ତ୍ୱଗୁଡ଼ିକ ପ୍ରକାଶିତ ହୋଇ ଆସି ପାରିବାକୁ ହେଲେ ସେହି ଅତିଚେତନାର ସତ୍ତ୍ୱା ଓ ସାମର୍ଥ୍ୟଗୁଡ଼ିକୁ ଆମ ଭିତରକୁ ଅବତରଣ କରି ଆସିବାକୁ ପଡ଼ିବ, ଆମକୁ ଉଦ୍ବେଳିତ କରିନେଇ ଆମର ସତ୍ତ୍ୱା ଓ ସାମର୍ଥ୍ୟଗୁଡ଼ିକର ଭୂମିରେ ଆପଣାକୁ ରୂପାୟିତ କରିବାକୁ ପଡ଼ିବ । ଇପ୍ସିତ ପରିବର୍ତ୍ତନ ଓ ରୂପାନ୍ତର ଲାଗି ଏହି ଅବତରଣ ଏକାନ୍ତ ଅପରିହାର୍ଯ୍ୟ ।

ଏକଥା ନିଶ୍ଚୟ କଳ୍ପନା କରାଯାଇ ପାରିବ ଯେ ଏଭଳି ଏକ ଅବତରଣ ନହୋଇ ମଧ୍ୟ ଉପରୁ ଏକ ଗୋପନ ଚାପ ପଡ଼ି ଦୀର୍ଘକାଳବ୍ୟାପୀ ଏକ କ୍ରମବିବର୍ତ୍ତନ ଫଳରେ ହୁଏତ ଆମର ପାର୍ଥିବ ପ୍ରକୃତିଟି ଆମଲାଗି ବର୍ତ୍ତମାନ ଅତିଚେତନ ହୋଇ ରହିଥିବା ସେହି ଉଚ୍ଚତର ଭୂମିଗୁଡ଼ିକ ସହିତ ନିବିଡ଼ ସଂସ୍ପର୍ଶରେ ଆସିପାରିବ ଏବଂ ଆବରଣଟିର ପଛରେ ହୁଏତ ଅଧିଚେତନ ଅଧିମାନସର ଏକ ରୂପାୟନ ମଧ୍ୟ ସମ୍ଭବ ହୋଇପାରିବ; ଏବଂ ତାହାଫଳରେ ଆମ ସତ୍ତ୍ୱାର ଏହି ଉପରିଭାଗଟିରେ ମଧ୍ୟ ସେହିସବୁ ଉଚ୍ଚତର ଭୂମିର ଯଥାନୁରୂପ ଏକ ଚେତନା ଧୀରେଧୀରେ ଆବିର୍ଭୂତ ହେବାକୁ ଆରମ୍ଭ କରିବ । ଏକଥା ମଧ୍ୟ କଳ୍ପନା କରାଯାଇ ପାରୁଛି ଯେ ଏହିପରି ଭାବରେ ମନୋମୟ ସତ୍ତ୍ୱବିଶିଷ୍ଟ ଏପରି ଏକ ମନୁଷ୍ୟଯୂଥର ଆବିର୍ଭାବ ହେବ, ଯେଉଁମାନେ କି ଚୁଚ୍ଛା ମସ୍ତିଷ୍କ ଦେଇ ଭାବିବେ ନାହିଁ, ଖାଲି ବୁଦ୍ଧିଗତ ଯୁକ୍ତି ଓ ବିଚାରଦ୍ୱାରା ପ୍ରଣୋଦିତ ହୋଇ କାର୍ଯ୍ୟ କରିବେ ନାହିଁ, ବା ପ୍ରଧାନତଃ ଆପଣା ଭାବନା ଓ କର୍ମରେ ସେହିଗୁଡ଼ାକର ସାହାଯ୍ୟ ନେବେ ନାହିଁ, ମାତ୍ର ସେମାନେ ଏକ ବୋଧିଶକ୍ତିସମ୍ପନ୍ନ ମନୋମୟତା ଦ୍ୱାରା ଭାବିବେ ଓ କାର୍ଯ୍ୟ କରିବେ; ଏବଂ ଏହାହିଁ ଏକ ଆରୋହଣାତ୍ମକ ପରିବର୍ତ୍ତନ ଦିଗରେ ଏକ ପ୍ରଥମ ପଦକ୍ଷେପ ହୋଇ ରହିବ । ଏହା ପଛକୁ ଅଧିମାନସ ଶକ୍ତିଦ୍ୱାରା ସଂଚାଳିତ ଏକ ମନ ଆସି ଦେଖାଦେବ, ଏବଂ ତାହା ଆମକୁ ସେହିସବୁ ସୀମାବସ୍ଥିତ ଭୂମିକୁ ବହନ କରି ନେଇଯିବ, ଯାହା ସେପାଖକୁ କି ଅତିମାନସ ବା ଦିବ୍ୟ ବିଜ୍ଞାନମୟତାର ରାଜ୍ୟଟି ବିସ୍ତୃତ ହୋଇ ରହିଥିବ । ମାତ୍ର ଏହି ପ୍ରକ୍ରିୟାଟି ପ୍ରକୃତିର ଏକ ଅତିଦୀର୍ଘ ଓ ଅତ୍ୟନ୍ତ ଆୟାସକର ପ୍ରୟାସ ହେବାକୁ ବାଧ୍ୟ ହେବ । ପୁଣି ଏପରି ଏକ ସମ୍ଭାବନା ମଧ୍ୟ ରହିଛି ଯେ ଏହାଦ୍ୱାରା ଯେଉଁ ସିଦ୍ଧିଟି ପ୍ରାପ୍ତ ହେବ, ତାହାକୁ କେବଳ ଏକ ଉଚ୍ଚସ୍ତରର ଅଥଚ ଅତି ଅପୂର୍ଣ୍ଣ ଏକ ମନୋଭୂମିଗତ ସିଦ୍ଧି ବୋଲି କୁହାଯିବ । ନୂତନ ଲବ୍ଧ ଉଚ୍ଚତର ଉପାଦାନଗୁଡ଼ିକ ହୁଏତ ଆମ ଚେତନାର ଭୂମିଟିରେ ଅତ୍ୟନ୍ତ ପ୍ରତିପତ୍ତିଶାଳୀ ହୋଇ ରହିବେ, ମାତ୍ର ଏକ ନିମ୍ନଭୂମିସ୍ଥ ମନୋମୟତାର ତତ୍ତ୍ୱଦ୍ୱାରା ସେଗୁଡ଼ିକର କ୍ରିୟାତ୍ମକତା ସବୁବେଳେ ବିକାରଗ୍ରସ୍ତ ହୋଇ ରହିଥିବ । ଏହି ଅବସ୍ଥାରେ ଏକ ଅଧିକ ପ୍ରସାରିତ ଓ ଅଧିକ ଦୀପ୍ତ ବୃହତ୍ତର ଜ୍ଞାନ ପ୍ରାପ୍ତ ହେବ ଓ ଏକ

'oaob.nitrkl.ac.in' images reprocessed

ଉଚ୍ଚତର ସ୍ତରର ପ୍ରତ୍ୟକ୍ଷ ଉପଲବ୍ଧି ହେବ ସତ, ମାତ୍ର ପ୍ରାଣ ଓ ଜଡ଼ର ବିଧାନଦ୍ୱାରା ମନ ନାନା ସୀମିତତା ଦ୍ୱାରା ଆକ୍ରାନ୍ତ ହୋଇ ପଡ଼ିଲାପରି ଅବିଦ୍ୟାର ବିଧାନଦ୍ୱାରା ଗ୍ରସ୍ତ ହୋଇ ରହି ସେହି ଜ୍ଞାନଟି ମଧ୍ୟ ତଥାପି ବଡ଼ ମିଶ୍ରିତ ଓ ବିକୃତ ହୋଇପଡ଼ିବ । ତେଣୁ ଏକ ଯଥାର୍ଥ ରୂପାନ୍ତର ସକାଶେ ସେହି ଊର୍ଦ୍ଧ୍ୱଦେଶରୁ ଏକ ଅପରୋକ୍ଷ ଏବଂ ଅନାବୃତ ସଂଚରଣ ହେବାକୁ ପଡ଼ିବ, ନିମ୍ନସ୍ଥ ଚେତନାଟିକୁ ସମ୍ପୂର୍ଣ୍ଣରୂପେ ନତି ସ୍ୱୀକାର କରିବାକୁ ପଡ଼ିବ, ପୂର୍ଣ୍ଣଭାବରେ ଆତ୍ମସମର୍ପଣ କରିବାକୁ ପଡ଼ିବ, ଆପଣାର ସକଳ ଦାବିକୁ ସମ୍ପୂର୍ଣ୍ଣରୂପେ ପରିହାର କରିବାକୁ ପଡ଼ିବ; କ୍ରିୟାଶୀଳ ହେବାର ନିଜର ସ୍ୱତନ୍ତ୍ର ବିଧାନଟିକୁ ଏକ ନୂତନ ରୂପାନ୍ତର ଦ୍ୱାରା ସର୍ବତୋଭାବେ ବିଲୁପ୍ତ କରିଦେବାକୁ ଏବଂ ଆମର ସତ୍ତା ଉପରେ ଆପଣାର ସକଳ ଅଧିକାର ପରିତ୍ୟାଗ କରିବାକୁ ତା' ଭିତରେ ଏକ ଅନୁରୂପ ଇଚ୍ଛାର ଉଦୟ ହେବ । ଏକ ସଚେତନ ଆବାହନ ଓ ସଂକଳ୍ପଦ୍ୱାରା ଯଦି ବର୍ତ୍ତମାନ ବି ଆମର ଚିଦ୍‌ଗତ ଭୂମିରେ ଅବତରଣ ତଥା ଆତ୍ମସମର୍ପଣର ଏହି ବିଧାନ ଦୁଇଟି ଉପଲବ୍ଧି ହୋଇପାରେ, ଆପଣାର ପରିବର୍ତ୍ତନ ଓ ଉନ୍ମୀଳନରେ ଯଦି ଆମର ଅଭିବ୍ୟକ୍ତ ତଥା ଅନ୍ତର୍ଗତ ସତ୍ତାଟି ସଂପୂର୍ଣ୍ଣଭାବରେ ଅଂଶଗ୍ରହଣ କରିପାରେ, ତେବେ ଏହି ବିବର୍ତ୍ତନ ବା ରୂପାନ୍ତରଟି ଅପେକ୍ଷାକୃତ ଅଧିକ ଦ୍ରୁତ ଓ ସଚେତନ ପରିବର୍ତ୍ତନର ଏକ ପ୍ରକ୍ରିୟାଦ୍ୱାରା ଅବଶ୍ୟ ସଂଘଟିତ ହୋଇପାରିବ । ଉପରୁ ଅବତୀର୍ଣ୍ଣ ହେଉଥିବା ସେହି ଅତିମାନସ ଚିତ୍‌ଶକ୍ତି ଏବଂ ମନୋମୟ ମନୁଷ୍ୟସତ୍ତାର ଜାଗ୍ରତ ସଚିତ୍‌ସମ୍ପନ୍ନତା ଓ ସଂକଳ୍ପ ଉପରେ ଆବରଣଟିର ପଛରେ ଥାଇ କାର୍ଯ୍ୟ କରୁଥିବା ଏହି ବିବର୍ତ୍ତନଶୀଳ ଚିତ୍‌ଶକ୍ତି ଆପଣାର ସମ୍ମିଳିତ ସାମର୍ଥ୍ୟଦ୍ୱାରାହିଁ ଏହି ଅବିସ୍ମରଣୀୟ ରୂପାନ୍ତରଟିକୁ ସମ୍ଭବ କରିପାରିବ । ତାହାହେଲେ ଗୋଟିଏ ଗୋଟିଏ ପଦକ୍ଷେପ ପାଇଁ ସହସ୍ର ସହସ୍ର ବର୍ଷର ପ୍ରମାଦ କରି ଆଉ କଚ୍ଛପଗତିର ଏକ ବିବର୍ତ୍ତନର ଅନୁସରଣ କରି ଯିବାକୁ ପଡ଼ିବ ନାହିଁ, ଅବିଦ୍ୟା ମଧ୍ୟରେ ପଡ଼ି ରହିଥିବା ଚେତନାହୀନ ପ୍ରାଣୀମାନଙ୍କର ଜୀବନରେ ପ୍ରକୃତି ଆଗରୁ କେତେ ଝୁଣ୍ଟି ଓ ପଡ଼ି ବିବର୍ଦ୍ଧିତ ହେବାର ଯେଉଁ କୃଚ୍ଛ୍ର-ସାଧନାଟି କରି ଆସିଛି, ତାହାର ଆଉ କୌଣସି ଆବଶ୍ୟକତା ରହିବ ନାହିଁ ।

ଏହି ରୂପାନ୍ତରର ପ୍ରଥମ ଆବଶ୍ୟକତାରୂପେ ଆମେ ବର୍ତ୍ତମାନ ମନୋମୟ ମନୁଷ୍ୟର ଯେଉଁ ସ୍ତରଟିରେ ବିଚରଣ କରୁଛୁ, ସେଇଟିକୁ ଅନ୍ତର୍ଗତ ଭାବରେ ଆପଣା ସତ୍ତାର ଗଭୀରତର ବିଧାନ ଓ ତାହାର ପ୍ରକ୍ରିୟାଗୁଡ଼ିକ ବିଷୟରେ ସଚିତ୍‌ସମ୍ପନ୍ନ ହେବାକୁ ପଡ଼ିବ ଓ ସେଗୁଡ଼ିକର ଅଧିକାରୀ ହେବାକୁ ପଡ଼ିବ । ତାକୁ ଆପଣାର ଚୈତ୍ୟ ତଥା ଅନ୍ତର୍ମନୋଗତ ସତ୍ତାରେ ପରିଣତ ହେବାକୁ ପଡ଼ିବ, ସ୍ୱୟଂ ଆପଣା ସାମର୍ଥ୍ୟଗୁଡ଼ିକର ନିୟନ୍ତା ହେବାକୁ ପଡ଼ିବ; ନିମ୍ନତର ପ୍ରକୃତିର ଗତିସ୍ପନ୍ଦନଗୁଡ଼ିକ ପାଖରେ ଦାସ ହୋଇ ନରହି ସେଗୁଡ଼ିକୁ ଆପଣାର ଆୟତ୍ତାଧୀନ କରି ରଖିବାକୁ ପଡ଼ିବ, ପ୍ରକୃତିର ଏକ ଉଚ୍ଚତର ବିଧାନ ସହିତ ମୁକ୍ତସମନ୍ୱିତ ଭାବରେ ଦୃଢ଼ ହୋଇ



'oaob.nitrkl.ac.in' images reprocessed

ପ୍ରତିଷ୍ଠିତ ରହିବାକୁ ପଡ଼ିବ । ଆପଣାର ପ୍ରକୃତିଗତ କ୍ରିୟା ଉପରେ ବ୍ୟକ୍ତିର ଏକ କ୍ରମବର୍ଦ୍ଧମାନ ନିୟନ୍ତ୍ରଣ ରହିବ ଏବଂ ବିଶ୍ୱାତ୍ମକ ପ୍ରକୃତିର କ୍ରିୟାରେ ଅଧିକରୁ ଅଧିକ ସଚେତନ ଭାବରେ ଅଂଶଗ୍ରହଣ କରିବାର ପ୍ରବୃତ୍ତି ସୁସ୍ପଷ୍ଟ ଭାବରେ ପରିଲକ୍ଷିତ ହେବାକୁ ଲାଗିବ । ଏଇଟିକୁ ଆମେ ବିବର୍ତ୍ତନଗତ ତତ୍ତ୍ୱ ଓ ପ୍ରକ୍ରିୟାଟିର ବସ୍ତୁତଃ ଏକ ନ୍ୟାଯ୍ୟୋଚିତ ପରିଣାମ ବୋଲିହିଁ କହିପାରିବା । ଏହି ବିଶ୍ୱଜଗତରେ ଯାହାକିଛି କାର୍ଯ୍ୟ ହେଉଛି, ମନୋଗତ, ପ୍ରାଣଗତ ଓ ଦେହଗତ ଯେତେଯାହା କ୍ରିୟା ଚାଲିଛି, ସେସବୁ କେବଳ ଏକ ବିଶ୍ୱମୟ ଶକ୍ତିରହିଁ କ୍ରିୟା ଚାଲିଛି; ଏକ ଚିତ୍‌ଶକ୍ତିର କ୍ରିୟା ଚାଲିଛି, ଯାହାକି ବିଶ୍ୱମୟ ପରମ ଚିଦ୍‌ବସ୍ତୁର ସାମର୍ଥ୍ୟରୂପେ ବସ୍ତୁତସ୍ୱର ବିଶ୍ୱଗତ ତଥା ବ୍ୟକ୍ତିଗତ ସତ୍ୟଟିକୁ କାର୍ଯ୍ୟକାରୀ କରୁଛି । ମାତ୍ର ଜଡ଼ର ଏହି ଭୂମିଟିରେ ଏହି ସୃଷ୍ଟିକାରୀ ପରମ ଚେତନା ନିଶ୍ଚେତନର ଏକ ମୁଖା ପିନ୍ଧି ରହିଥିବାରୁ ଏବଂ ବାହାରକୁ ଆପେ ପ୍ରକୃତରେ କ'ଣ କରୁଛି, ସେବିଷୟରେ ଆଦୌ କିଛି ନଜାଣି ବସ୍ତୁଗୁଡ଼ିକର ଏକ ବ୍ୟବସ୍ଥା ବା ବିରଚନାକୁ କାର୍ଯ୍ୟକାରୀ କରୁଥିବା ଏକ ଚକ୍ଷୁହୀନ ବିଶ୍ୱମୟ ଶକ୍ତି ପରି ଦେଖା ଯାଉଥିବାରୁ ଏଥିରୁ ପ୍ରଥମେ ଯେଉଁ ପରିଣାମଟି ଉପୁଜୁଛି, ତାହା ତାହାର ପ୍ରାତିଭାସିକ ରୂପଟିରହିଁ ଅନୁରୂପ ହୋଇ ରହିଛି । ଏହା ଏକ ନିଶ୍ଚେତନ ଓ ଜଡ଼ଗତ ବ୍ୟକ୍ତିଭାବାପନ୍ନତାର ପ୍ରତିଭାସ ହୋଇ ରହିଛି; ସତ୍ତାର ସୃଷ୍ଟି ନହୋଇ କେବଳ ବସ୍ତୁଗୁଡ଼ାକର ସୃଷ୍ଟି ହୋଇ ରହିଛି । ଏହି ଜାଗତିକ ଭୂମିରେ ରୂପାୟିତ ଅସ୍ତିତ୍ୱମାନ ରହିଛି, ସେଗୁଡ଼ିକର ଆପଣା ଆପଣାର ଗୁଣ, ଧର୍ମ, ସତ୍ତାଗତ ସାମର୍ଥ୍ୟ ତଥା ଲକ୍ଷଣ ରହିଛି ସତ, ମାତ୍ର ସେଗୁଡ଼ିକ ମଧ୍ୟରେ ନିହିତ ହୋଇ ରହିଥିବା ପ୍ରକୃତିର ଯୋଜନାଟି ତଥା ସେଗୁଡ଼ିକର ସଂରଚନାଟି କେବଳ ଯନ୍ତ୍ରବତ୍ କାର୍ଯ୍ୟକାରୀ ହେଉଛି; ପ୍ରକୃତିର ବିସୃଷ୍ଟିକ୍ରିୟାରେ ସର୍ବପ୍ରଥମ ନିର୍ବାକ୍ ପରିଣାମ ତଥା ନିଷ୍ପ୍ରାଣ କ୍ଷେତ୍ରରୂପେ ରୂପାୟିତ ହୋଇ ଉଠିଥିବା ବ୍ୟକ୍ତି-ବସ୍ତୁଟି ସେଥିରେ କୌଣସି ଅଂଶ ଗ୍ରହଣ କରୁ ନାହିଁ, କୌଣସି କର୍ମ ଆରମ୍ଭ କରୁ ନାହିଁ କିମ୍ବା ସେଥିରେ କୌଣସିପ୍ରକାର ଜ୍ଞାନ ବା ସଚେତନତାର ଆବିର୍ଭାବ ହେଉ ନାହିଁ । ଇତର ପ୍ରାଣୀଙ୍କର ଭୂମିକୁ ଆସି ସେହି ଶକ୍ତିଟି କ୍ରମେ ଉପରିଭାଗରେ ସଚେତନ ହେବାକୁ ଆରମ୍ଭ କରୁଛି; ସେତେବେଳେ ତାହା କେବଳ ଏକ ବସ୍ତୁର ରୂପକୁ ପ୍ରକଟ ନକରି ଏକ ବ୍ୟକ୍ତିଜୀବନ ରୂପକୁ ପ୍ରକଟ କରିପାରୁଛି । ମାତ୍ର ଅତି ଅପୂର୍ଣ୍ଣଭାବରେ ସଚେତନତା ଲାଭ କରିଥିବା ଏହି ବ୍ୟକ୍ତିଜୀବଟି ମଧ୍ୟରେ ଅଂଶଗ୍ରହଣ, ଅବବୋଧ ତଥା ଅନୁଭୂତିର ସାମର୍ଥ୍ୟ ରହିଥିଲେ ମଧ୍ୟ ତାହା ତାହାଭିତରେ ସେହି ପରମ ଶକ୍ତିଟି ଯାହା କରୁଛି କେବଳ ତାହାକୁହିଁ କାର୍ଯ୍ୟକାରୀ କରୁଛି; ମାତ୍ର ଏହି କ୍ଷେତ୍ରରେ ପ୍ରକୃତରେ କ'ଣ ଘଟୁଛି ବା ହେଉଛି, ସେବିଷୟରେ ତାହାର କୌଣସି ସ୍ପଷ୍ଟ ବୁଦ୍ଧି ନାହିଁ କିମ୍ବା ସେ ତାହାକୁ ଆଦୌ ଦେଖି ପାରୁ ନାହିଁ । ଆପଣାର ଗଠିତ ପ୍ରକୃତିଟି ତାହା ଉପରେ କେବଳ ଯାହା ଯେତିକି ଆଣି

'oaob.nitrkl.ac.in' images reprocessed

ଲଦିଦେଇଛି, ତାହା ବ୍ୟତୀତ ଏହାର ଆଉକିଛି ଅନ୍ୟ ପନ୍ଥା ବା ଅନ୍ୟ ସଂକଳ୍ପ ରହିଛି ବୋଲି ଆଦୌ ମନେ ହେଉ ନାହିଁ । ମନୁଷ୍ୟର ମନୋଭୂମିରେହିଁ ଏକ ପର୍ଯ୍ୟବେକ୍ଷଣ-ଶୀଳ ବୁଦ୍ଧିର ଆବିର୍ଭାବ ହେଉଛି; ସେହି ବୁଦ୍ଧି ଆପଣାର କ୍ଷେତ୍ରରେ ଯାହାକିଛି ଘଟୁଛି ତାହାର ଅବଲୋକନ କରିପାରୁଛି, ତାହାର ଏକ ଚେତନ ନିର୍ବାଚନଶକ୍ତି ତଥା ସଂକଳ୍ପ ମଧ୍ୟ ରହିଛି । ମାତ୍ର ଏହି ଚେତନାଶୀଳତା ତଥାପି ବଡ଼ ସୀମାବଦ୍ଧ ଓ ଉପରିସ୍ତରସ୍ଥ ହୋଇ ରହିଛି, ଲବ୍ଧ ହେଉଥିବା ଜ୍ଞାନଟି ମଧ୍ୟ ଅତ୍ୟନ୍ତ ସୀମାବଦ୍ଧ ଓ ଅପୂର୍ଣ୍ଣ ରହିଛି; ଏହି ବୁଦ୍ଧି କେବଳ ଏକ ଆଂଶିକ ବୁଦ୍ଧି ହୋଇ ରହିଛି; ଏହା ମଧ୍ୟରେ ବୁଦ୍ଧିର କେବଳ ଅର୍ଦ୍ଧପ୍ରକାଶ ମାତ୍ର ଘଟିଛି, ତେଣୁ ତାହାର ସକଳ ବୁଝିବା କେବଳ ଦରବୁଝା ହୋଇ ରହିଛି, ସେ କେବଳ ଅନ୍ଧାରରେ ବାଡ଼ି ବୁଲାଉଛି ଏବଂ ଅଧିକାଂଶତଃ କେବଳ ଆପଣାର ଇନ୍ଦ୍ରିୟବୋଧ ଦ୍ୱାରାହିଁ ଯାହାକିଛି ବୁଝୁଛି; ତାହାର ଏହି ବୁଝିବାକୁ ବୁଦ୍ଧି ଦେଇ ବୁଝିବା ବୋଲି ଯଦି କୁହାଯାଏ, ତେବେ କହିବାକୁ ହେବ ଯେ ତାହା କେବଳ ଆପଣାର ଅନୁମାନ ବା ଆପାତପ୍ରତ୍ୟୟ ଦ୍ୱାରା ଗଢ଼ା ହୋଇଥିବା କୌଣସି ସିଦ୍ଧାନ୍ତ ବା ସୂତ୍ର ଭିତରେ ସୀମାବଦ୍ଧ ହୋଇ ରହିଛି । ଯେଉଁ ଜ୍ୟୋତିର୍ମୟ ଦେଖାରେ ଦେଖିଲେ ପ୍ରତ୍ୟକ୍ଷ ଅନୁଭୂତି ଦ୍ୱାରା ବସ୍ତୁସକଳର ପରିଚୟ ମିଳେ ଏବଂ ସେହି ଦେଖିବାର ଅନୁରୂପ ବସ୍ତୁଗୁଡ଼ିକର ଅନ୍ତର୍ନିହିତ ସତ୍ୟଟିର ବିଧାନ ଅନୁସାରେ ସେଗୁଡ଼ିକୁ ଏକ ସ୍ୱତଃସ୍ଫୂର୍ତ୍ତ ନିର୍ଭୁଲତା ସହିତ ସଜାଇ ରଖିବା ସମ୍ଭବ ହୁଏ, ଏପର୍ଯ୍ୟନ୍ତ ସେହି ଦେଖା ଅପହଞ୍ଚ ହୋଇ ରହିଛି । ଅବଶ୍ୟ ଏକଥା ସତ ଯେ ଏହି କ୍ଷେତ୍ରରେ ସହଜାତ ପ୍ରବୃତ୍ତି, ବୋଧି ଓ ଅନ୍ତର୍ଦୃଷ୍ଟିର ଏକ ଉପାଦାନ ବିଦ୍ୟମାନ ଥାଏ ଯେଉଁଠାରେ କି ଏହି ଦେଖିବାର ସାମର୍ଥ୍ୟଟି ଜନ୍ମଲାଭ କରୁଥାଏ; ମାତ୍ର ମନୁଷ୍ୟବୁଦ୍ଧିର ସ୍ୱାଭାବିକ ଲକ୍ଷଣ ହେଉଛି ଯେ ଏଥିରେ ଏକ ଅନୁସନ୍ଧିତ୍ସୁ ବୁଦ୍ଧିଶୀଳତା ବା ମନନସମର୍ଥ ବିଚାରଶକ୍ତି ରହିଥାଏ; ଯାହା ପର୍ଯ୍ୟବେକ୍ଷଣ କରେ, ଅନୁମାନ କରେ, ସିଦ୍ଧାନ୍ତରେ ପହଞ୍ଚେ, ବହୁ କଷ୍ଟରେ ସତ୍ୟର ଏକ ଗଠନ ଠିଆ କରି ରଖିପାରେ, ଜ୍ଞାନର ଏକ ପରିକଳ୍ପନା ଗଢ଼ିଦିଏ, ଆପଣାଦ୍ୱାରା ଗଢ଼ା କୌଣସି କର୍ମକୁ ଆପଣାର ଚିନ୍ତା ଅନୁସାରେ ସଜାଇ ରଖେ । ଅଥବା, ହୁଏତ ଏପରି କୁହାଯିବ ଯେ ମନୁଷ୍ୟର ବୁଦ୍ଧି ଏସବୁ ହେବାର ପ୍ରୟାସ କରେ ଓ ଆପଣାର ପ୍ରୟାସରେ ଆଂଶିକ ସଫଳତା ଲାଭ କରିଥାଏ; କାରଣ ସତ୍ତାର ଯେଉଁସବୁ ସାମର୍ଥ୍ୟ ପ୍ରକୃତିର ଯନ୍ତ୍ରବତ୍ ବିଧାନର ଅର୍ଦ୍ଧ-ଅନ୍ଧ ସାଧନରୂପେ କାର୍ଯ୍ୟ କରୁଥାଆନ୍ତି, ସେହିଗୁଡ଼ିକ ଆସି ତାହାର ଜ୍ଞାନ ତଥା ସଂକଳ୍ପକୁ ସତତ ଆକ୍ରାନ୍ତ କରି ପକାନ୍ତି, ଅନ୍ଧାର ମଧ୍ୟରେ ବୁଡ଼ାଇ ରଖନ୍ତି ଓ ବ୍ୟର୍ଥ କରି ଦିଅନ୍ତି ।

ଅବଶ୍ୟ ଏଇଟାକୁ ଚେତନାର ଚରମ ସାମର୍ଥ୍ୟ ବୋଲି ଆଦୌ କୁହାଯିବ ନାହିଁ, ତାହାର ବିବର୍ତ୍ତନରେ ଅନ୍ତିମ ସୋପାନ ବା ଉଚ୍ଚତମ ଶିଖର ବୋଲି କଦାପି କୁହାଯିବ

'oaob.nitrkl.ac.in' images reprocessed

ନାହିଁ । ସେହି ଚେତନା ମଧ୍ୟରେ ଏକ ବୃହତ୍ତର ଓ ଅଧିକ ଅନ୍ତରଙ୍ଗ ବୋଧର ଉନ୍ମେଷ ଅବଶ୍ୟ ସମ୍ଭବ ହେବ, ଯାହାକି ବସ୍ତୁଚୟର ହୃଦୟ ଭିତରେ ପ୍ରବେଶ କରିପାରୁଥିବ, ପ୍ରକୃତିର ଗତିକ୍ରିୟାଗୁଡ଼ିକ ସହିତ ଏକ ଜ୍ୟୋତିର୍ମୟ ଏକରୂପତା ଅର୍ଜନ କରିଥିବ, ସତ୍ତ୍ୱମଧ୍ୟରେ ତାହାର ଆପଣା ଜୀବନକୁ ନିୟନ୍ତ୍ରଣ କରିବାର ଅଥବା ଅନ୍ତତଃ ତା'ର ଆପଣା ଜଗତଟି ସହିତ ସମନ୍ୱୟବଦ୍ଧ ହୋଇ ପାରିବାର ସାମର୍ଥ୍ୟ ଆଣି ଦେଉଥିବ । କେବଳ ଏକ ମୁକ୍ତ ଓ ସମ୍ପୂର୍ଣ୍ଣରୂପେ ବୋଧିଦୀପ୍ତ ଚେତନାହିଁ ପ୍ରତ୍ୟକ୍ଷ ସଂସ୍ପର୍ଶଲବ୍ଧ, ମର୍ମବିଗାହୀ ଦୃଷ୍ଟି ବା ଏକ ଅନ୍ତରବସ୍ଥିତ ଏକତ୍ୱ ଅଥବା ଏକରୂପତ୍ୱରୁ ଜାତ ହେଉଥିବା ଏକ ସ୍ୱତଃସ୍ଫୂର୍ତ୍ତ ସତ୍ୟାନୁବୋଧର ସାହାଯ୍ୟରେ ବସ୍ତୁଗୁଡ଼ିକୁ ଅବଲୋକନ ବା. ଅବଧାରଣ କରିପାରିବ ଏବଂ ପ୍ରକୃତି ମଧ୍ୟରେ ନିହିତ ରହିଥିବା ସତ୍ୟଟି ଅନୁସାରେ ପ୍ରକୃତିର କାର୍ଯ୍ୟଗୁଡ଼ିକୁ ଏକ ବ୍ୟବସ୍ଥା ମଧ୍ୟରେ ସଜାଇ ରଖିପାରିବ । ଏହାକୁ ବିଶ୍ୱଗତ ଚିତ୍‌ଶକ୍ତିର କ୍ରିୟାଶୀଳତା ମଧ୍ୟରେ ବ୍ୟକ୍ତିର ଯଥାର୍ଥ ଅଂଶଗ୍ରହଣ ବୋଲି କୁହାଯିବ; ସେତେବେଳେ ବ୍ୟକ୍ତିପୁରୁଷହିଁ ଆପଣା କ୍ରିୟାତ୍ମିକା ଶକ୍ତିଟିର ଅଧୀଶ୍ୱର ହୋଇ ରହିବ ଏବଂ ତହିଁ ସଙ୍ଗେସଙ୍ଗେ ବିଶ୍ୱପ୍ରବିଷ୍ଟ ଶକ୍ତିଟିକୁ କାର୍ଯ୍ୟକାରୀ କରାଉଥିବା ବିଶ୍ୱବ୍ୟାପ୍ତ ପରମ ଚିଦ୍‌ବସ୍ତୁର ଏକ ସଚେତନ ସହଯୋଗୀ, ପ୍ରତିନିଧି ବା ସାଧନ ହୋଇ ମଧ୍ୟ କାର୍ଯ୍ୟ କରୁଥିବ । ବିଶ୍ୱପ୍ରବିଷ୍ଟ ଶକ୍ତିଟି ତାହାର ମଧ୍ୟଦେଇ କାର୍ଯ୍ୟ କରୁଥିବ ସତ, ମାତ୍ର ସିଏ ମଧ୍ୟ ସେହି ଶକ୍ତିର ମଧ୍ୟଦେଇ କାର୍ଯ୍ୟ କରୁଥିବ ଏବଂ ବୋଧିଚେତନାର ସତ୍ୟ ଓ ସୌଷମ୍ୟ ଏହି ଦୁଇଟିଯାକ କ୍ରିୟାକୁ ଗୋଟିଏ କ୍ରିୟାରେ ପରିଣତ କରି ଦେଉଥିବ । ଆମ ସତ୍ତ୍ୱର ବର୍ତ୍ତମାନ ସ୍ଥିତିଟିରୁ ପରାପ୍ରକୃତିର ଏକ ସ୍ଥିତି ଅଭିମୁଖରେ ଅଗ୍ରସର ହେଉଥିବା ସଙ୍ଗେସଙ୍ଗେ ଏହି ଉଚ୍ଚତର ଓ ଅନ୍ତରଙ୍ଗ ସଚେତନ ଅଂଶଗ୍ରହଣଟି ମଧ୍ୟ କ୍ରମେ ଅଧିକରୁ ଅଧିକ ସମୃଦ୍ଧ ହେବାରେ ଲାଗିଥିବ ।

ଏହି ଜଗତର ସୀମା ଡେଇଁଯାଇ ଏପରି ଏକ ସୁସମତାସମ୍ପନ୍ନ ଜଗତର କଳ୍ପନା ଅବଶ୍ୟ କରାଯାଇପାରେ ଯେଉଁଠାରେକି ଏହିଭଳି ଏକ ବୋଧିଦୀପ୍ତ ମନୋମୟ ବୁଦ୍ଧି ଓ ତାହାର ଶାସନହିଁ ବିଧାନ ହୋଇ ରହିଛି । ମାତ୍ର ଆମର ଏହି ଭୂମିଟିରେ ବିବର୍ତ୍ତନଗତ ପ୍ରକୃତିର ମୂଳ ଅଭିପ୍ରାୟ ତଥା ବିଗତ ଇତିହାସଟିର କାରଣରୁ କେବଳ ଅତ୍ୟନ୍ତ ଆୟାସ ଦ୍ୱାରାହିଁ ଏହିଭଳି ଏକ ଶାସନ ଓ ନିୟନ୍ତ୍ରଣର ପ୍ରତିଷ୍ଠା ସମ୍ଭବ ହେବ ଏବଂ ତାହା ଯେ କେବେହେଲେ ପରିପୂର୍ଣ୍ଣ, ଚୂଡ଼ାନ୍ତ ଓ ସୁନିଶ୍ଚିତ ଭାବରେ ପ୍ରତିଷ୍ଠିତ ହୋଇପାରିବ, ତାହା ମଧ୍ୟ ଆଦୌ ସମୀଚୀନ ବୋଧ ହେଉ ନାହିଁ । କାରଣ ମନୋଗତ, ପ୍ରାଣଗତ ଓ ଦେହଗତ ଏକ ମିଶ୍ରିତ ଚେତନା ମଧ୍ୟରେ ଏକ ବୋଧିଦୀପ୍ତ ମନୋମୟତାର ସଞ୍ଚାରଣ ଘଟିଲେ ତାହା ସାଧାରଣତଃ ପୂର୍ବରୁ ବିବର୍ତ୍ତିତ ହୋଇ ସାରିଥିବା ନିମ୍ନତର ଉପାଦାନଟି ସହିତ ମିଶ୍ରିତ ହୋଇ

'oaob.nitrkl.ac.in' images reprocessed

ପଡ଼ିବାକୁ ବାଧ୍ୟ ହେବ, ନିମ୍ନତର ଚେତନାଟି ଉପରେ କାର୍ଯ୍ୟ କରି ପାରିବାକୁ ହେଲେ ତାହାକୁ ସେଇଟି ମଧ୍ୟରେ ପ୍ରବେଶ କରିବାକୁ ପଡ଼ିବ ଏବଂ ସେଠାରେ ପ୍ରବେଶ କରି ତାହା ତାହାର ମଧ୍ୟରେହିଁ ଗୁଡ଼ାଇଗୁଡ଼ାଇ ହୋଇଯିବ, ତାହାକୁ ଆପଣା ଭିତରେ ଆସି ପ୍ରବେଶ କରିବାକୁ ଦେବାଲାଗି ବାଧ୍ୟ ହେବ, ଆମ ମନୋଗତ କ୍ରିୟାର ଭେଦଧର୍ମୀ ତଥା ଆଂଶିକ ଲକ୍ଷଣଟିଦ୍ୱାରା ଏବଂ ଅବିଦ୍ୟାର ସୀମାବଦ୍ଧତା ଓ ସୀମିତ ସାମର୍ଥ୍ୟ ଦ୍ୱାରା ନାନାଭାବରେ ପ୍ରଭାବିତ ହୋଇପଡ଼ିବ । ବୋଧିଦୀପ୍ତ ମନ ମଧ୍ୟ ଯଥେଷ୍ଟ ତୀକ୍ଷ୍ଣ ଓ ଦୀପ୍ତିମନ୍ତ ହୋଇଥିବାରୁ ତାହାର କ୍ରିୟା ଅବିଦ୍ୟା ତଥା ନିଶ୍ଚେତନାର ଘନପିଣ୍ଡ ମଧ୍ୟରେ ପ୍ରବେଶ କରିପାରିବ ଓ ତାହାକୁ ଅନେକ ପରିମାଣରେ ପ୍ରଭାବିତ କରିପାରିବ ସତ, ମାତ୍ର ସେତେଦୂର ବୃହତ୍ତ୍ୱ ଓ ସମଗ୍ର ହୋଇ ନଥିବାରୁ ତାହା ସେଗୁଡ଼ିକୁ ଆପଣାର ଗର୍ଭସ୍ଥ କରିପାରିବ ନାହିଁ କିମ୍ବା ବିଲୁପ୍ତ କରିପାରିବ ନାହିଁ । ସମଗ୍ର ଚେତନାକୁ ତାହା ସେହି ଚେତନାର ସ୍ୱକୀୟ ଉପାଦାନ ଓ ସାମର୍ଥ୍ୟରୂପେ ତଥାପି ରୂପାନ୍ତରିତ କରିପାରିବ ନାହିଁ । ମାତ୍ର ତଥାପି ଆମର ଏହି ବର୍ତ୍ତମାନ ସ୍ଥିତିଟିରେ ମଧ୍ୟ ଗୋଟିଏ ଦୃଷ୍ଟିରୁ ଦେଖିଲେ ସେହି ଚେତନା ଆମର ସକଳ କାର୍ଯ୍ୟରେ ଅବଶ୍ୟ ଅଂଶଗ୍ରହଣ କରୁଛି, ଆମର ଏହି ସାଧାରଣ ବୁଦ୍ଧି ଏତେଦୂର ଜାଗ୍ରତ ହୋଇପାରିଛି ଯେ, ବିଶ୍ୱଗତ ଚେତନାଶକ୍ତି ତାହା ମଧ୍ୟଦେଇ କ୍ରିୟା କରିବାକୁ ସମର୍ଥ ହେଉଛି; ଏବଂ ତାହାଫଳରେ ବୁଦ୍ଧି ତଥା ଇଚ୍ଛାଶକ୍ତି ଅନ୍ତରର ଏବଂ ବାହାରର ପରିବେଶଟିକୁ କେତେକ ପରିମାଣରେ ଆପଣାର ଦିଗ୍‌ଦର୍ଶନ ଦେଇପାରୁଛି । ତଥାପି ତାହାକୁ ଅତି ଅନିପୁଣ ଭାବରେ ଅଣ୍ଟାଳି ଅଣ୍ଟାଳି ଯିବାକୁ ହେଉଛି, କେତେ କେତେ ପ୍ରମାଦ ଭିତରେ ପଡ଼ିଯାଉଛି, କେବଳ ଏକ ସୀମାବଦ୍ଧ ସାଫଲ୍ୟ ଓ ସାମର୍ଥ୍ୟର ଯୋଗ୍ୟ ହୋଇପାରୁଛି, ମାତ୍ର ପ୍ରକୃତିର ବିଶାଳ କ୍ରିୟାଭୂମିଟିର ସେହି ବୃହତ୍ତର ସମଗ୍ରତାର ସମକକ୍ଷ ବା ଅନୁରୂପ ହୋଇ ପାରି ନାହିଁ । ପରାପ୍ରକୃତି ଆଡ଼କୁ ଅଗ୍ରସର ହେଉଥିବା ବିବର୍ତ୍ତନକ୍ରମଟିରେ ବିଶ୍ୱଭୂମିଗତ କ୍ରିୟାରେ ସଚେତନ ଅଂଶଗ୍ରହଣ କରିବାର ଏହି ପ୍ରଥମ ସାମର୍ଥ୍ୟଟି ଅଭିବୃଦ୍ଧି ଲାଭ କରି ବ୍ୟକ୍ତିର ଜୀବନକ୍ଷେତ୍ରରେ କ୍ରମେ ତା' ଭିତରେ ପ୍ରକୃତି କରୁଥିବା ଯାବତୀୟ କ୍ରିୟାର ଏକ ଅଧିକରୁ ଅଧିକ ଅନ୍ତରଙ୍ଗ ଓ ଅଧିକରୁ ଅଧିକ ପ୍ରସାରିତ ଏକ ଦୃଷ୍ଟିରେ ରୂପାନ୍ତରିତ ହୋଇ ଯାଉଥିବ; ପ୍ରକୃତିର ଅନୁସୃତ ଗତିପଥଟି ବିଷୟରେ ଏକ ଯଥୋଚିତ ଭାବରେ ଗ୍ରହଣଶୀଳ ବୋଧ ଜନ୍ମିବ ଏବଂ ଏକ ଅଧିକ ସତ୍ୱର ତଥା ଅଧିକ ସଚେତନ ଆତ୍ମବିବର୍ତ୍ତନ ଲାଗି ଯେଉଁସବୁ ପଦ୍ଧତିକୁ ଗ୍ରହଣ କରିବାକୁ ହେବ, ତାହାକୁ ଅଧିକରୁ ଅଧିକ ବୃଦ୍ଧି ହେବ ଓ ସେବିଷୟରେ ଏକ ବୋଧିଦୀପ୍ତ ଧାରଣା ମଧ୍ୟ ମିଳି ଯାଉଥିବ । ଏହି ଅନ୍ତଶ୍ଚୈତନ୍ୟ ଓ ସଂଗୁପ୍ତ ଅନ୍ତର୍ମନୋଗତ ସତ୍ତାଟି ଜୀବନର ସମ୍ମୁଖଭାଗକୁ ଆସିବାରେ ସେତିକି ସମର୍ଥ ହେଉଥିବ, ଆପଣାର ପଥଟିକୁ ଆପେ ବାଛିନେବା ଲାଗି ଓ ପ୍ରକୃତିର

'oaob.nitrkl.ac.in' images reprocessed

କାର୍ଯ୍ୟରେ ଅନୁମତି ଦେବାଲାଗି ବା ନଦେବା ଲାଗି ଏକ ଶକ୍ତି ତା' ଭିତରେ ସେତିକି ବିକଶିତ ହେଉଥିବ, ଏକ ଯଥାର୍ଥଭାବରେ ସ୍ୱାଧୀନ ଇଚ୍ଛାଶକ୍ତିର ଉଦୟ ହେବ ଓ ତାହା ଅଧିକରୁ ଅଧିକ ବୃଦ୍ଧି ପାଇବାରେ ଓ ସଫଳ ହେବାରେ ଲାଗିଥିବ। ମାତ୍ର ପ୍ରକୃତି କେବଳ ତାହାର ଭିତରେ ଯେଉଁସବୁ କ୍ରିୟା କରୁଛି, ତାହାର ଆୟତନଟି ମଧ୍ୟରେହିଁ ଏହି ସ୍ୱାଧୀନ ଇଚ୍ଛାଶକ୍ତି ଅଧିକାଂଶତଃ କାର୍ଯ୍ୟକାରୀ ହେବ; ଏହାଦ୍ୱାରା କେବଳ ତାହାର ଆପଣା ସତ୍ତାର ଗତିବେଗଗୁଡ଼ିକ- ଅଧିକ ସ୍ୱାଧୀନ, ଅଧିକ ସମ୍ପୂର୍ଣ୍ଣ ଓ ଅଧିକ ପ୍ରତ୍ୟକ୍ଷ ବୋଧଯୁକ୍ତ ଭାବରେ ଆପଣାର ନିୟନ୍ତ୍ରଣରେ ରଖିବା ସମ୍ଭବ ହେବ। ଏପରିକି ସେହି କ୍ଷେତ୍ରଟିରେ ମଧ୍ୟ ତାହା ପ୍ରଥମେ ସମ୍ପୂର୍ଣ୍ଣ ସ୍ୱାଧୀନ ଭାବରେ କାର୍ଯ୍ୟ କରିପାରିବ ନାହିଁ; ଆପଣା ରୂପାୟନଗୁଡ଼ିକଦ୍ୱାରା ସୁନିର୍ଦ୍ଦିଷ୍ଟ ସୀମାଗୁଡ଼ାକ ଭିତରେ ବନ୍ଦୀ ହୋଇ ପଡ଼ିଥିବା ପର୍ଯ୍ୟନ୍ତ ଏବଂ ପୁରାତନ ତଥା ନୂତନ ଚେତନାର ସମିଶ୍ରଣ ଫଳରେ ଉପୁଜିଥିବା ଅପୂର୍ଣ୍ଣତାଗୁଡ଼ିକର ସଂଘାତଗୁଡ଼ିକର ସମ୍ମୁଖୀନ ହେଉଥିବା ପର୍ଯ୍ୟନ୍ତ ସେ ତାହା କଦାପି କରିପାରିବ ନାହିଁ। ତଥାପି ତା'ର ଆପଣା କର୍ତ୍ତୃତ୍ୱରେ ଅଭିବୃଦ୍ଧି ଘଟିବ, ଜ୍ଞାନ ମଧ୍ୟ ଅଧିକ ସମୃଦ୍ଧ ହେବ ଏବଂ ଏକ ଉଚ୍ଚତର ସତ୍ତା ଓ ଉଚ୍ଚତର ପ୍ରକୃତି ମଧ୍ୟକୁ ଦ୍ୱାରଟିଏ ଉନ୍ମୋଚିତ ହୋଇଯିବ।

ସ୍ୱତନ୍ତ୍ର ବା ସ୍ୱାଧୀନ ଇଚ୍ଛାଶକ୍ତିର ଗୋଟିଏ ଧାରଣା ଅନୁସାରେ ତାହାକୁ ମନୁଷ୍ୟ-ଅହଂର ଅତିରିକ୍ତ ବ୍ୟକ୍ତିକେନ୍ଦ୍ରିକତା ସହିତ ଅନୁରଞ୍ଜିତ କରି ପକାଇବାର ପ୍ରବୃତ୍ତି ପ୍ରକାଶ ପାଇଥାଏ; କେବଳ ଆପଣାର ବିଚ୍ଛିନ୍ନ ଭୂମିଟି ଉପରେ ଅବସ୍ଥିତ ରହି କାର୍ଯ୍ୟ କରୁଥିବା ଓ କେବଳ ଆପଣାରହିଁ ମରଜି ବା ଇଚ୍ଛା ଅନୁସାରେ କାହାରି ସହିତ କୌଣସିପ୍ରକାର ସମ୍ବନ୍ଧ ନରଖି ପୂର୍ଣ୍ଣ ଅନନୁବନ୍ଧିତା ସହିତ ଧାବିତ ହେଉଥିବା ଏକ ସ୍ୱତନ୍ତ୍ର ଇଚ୍ଛାଶକ୍ତିର କଳ୍ପନା କରିବାକୁ ମନ ହୋଇଥାଏ। ଆମର ପ୍ରାକୃତ ସତ୍ତାଟି ଯେ ଏହି ବିଶ୍ୱବ୍ୟାପ୍ତ ପ୍ରକୃତିର·କେବଳ ଗୋଟିଏ ଅଂଶ ମାତ୍ର ଏବଂ କେବଳ ସେହି ପରମ ବିଶ୍ୱାତୀତତାକୁ ଆଶ୍ରୟ କରି ଯେ ଆମର ଚିନ୍ମୟ ସତ୍ତାଟି ବର୍ତ୍ତମାନ ରହିଛି, ଉକ୍ତ ଧାରଣାଟି ଏହି ସତ୍ୟଟିକୁ ସଚେତଭାବେ ଉପେକ୍ଷା କରି ଚାଲିଯାଏ। କେବଳ ଏକ ବୃହତ୍ତର ସତ୍ୟ ତଥା ବୃହତ୍ତର ପ୍ରକୃତି ସହିତ ଏକାତ୍ମତା ଅର୍ଜନ କରିପାରିଲେ ଯାଇ ଆମର ସମଗ୍ର ସତ୍ତାଟି ଏହି ପ୍ରକୃତିର ବର୍ତ୍ତମାନ ଦାସତ୍ୱ ମଧ୍ୟରୁ ଆପଣାକୁ ବାହାର କରି ନେଇ ପାରିବ। ଯେତେ ଯାହା ପରିପୂର୍ଣ୍ଣ ସ୍ୱାତନ୍ତ୍ର୍ୟ ହାସଲ କଲେ ମଧ୍ୟ ବ୍ୟକ୍ତିର ଇଚ୍ଛା ଆପଣାକୁ ସବୁରିଠାରୁ ବିଚ୍ଛିନ୍ନ କରି ନିରଙ୍କୁଶ ସ୍ୱାତନ୍ତ୍ର୍ୟରେ କଦାପି କାର୍ଯ୍ୟ କରିପାରିବ ନାହିଁ, କାରଣ ବ୍ୟକ୍ତିର ସତ୍ତା ଓ ବ୍ୟକ୍ତିର ପ୍ରକୃତି ସର୍ବଦା କେବଳ ବିଶ୍ୱସତ୍ତା ଓ ବିଶ୍ୱପ୍ରକୃତିରହିଁ ଅନ୍ତର୍ଗତ ହୋଇ ରହିଛନ୍ତି ଏବଂ ସର୍ବାନ୍ତର୍ଯ୍ୟାମୀ ସେହି ପରମ ବିଶ୍ୱାତୀତତା ଉପରେ ନିର୍ଭର କରି ଅବସ୍ଥିତ ଅଛନ୍ତି। ବସ୍ତୁତଃ

'oaob.nitrkl.ac.in' images reprocessed

ଆରୋହଣକ୍ରମରେ ସର୍ବଦା ଦୁଇଟି ଧାରାର ସମ୍ଭାବନା ବର୍ତ୍ତମାନ ରହିଛି । ଗୋଟିଏ ଧାରା ଅନୁସାରେ ସତ୍ତା ଆପଣାକୁ ଆପଣାର ନୈର୍ବ୍ୟକ୍ତିକ ପରମସତ୍ୟଟି ସହିତ ଯୁକ୍ତ କରି ଦେଇଥିବା ଏକ ସ୍ୱତନ୍ତ୍ରଦୃଷ୍ଟି ସ୍ୱୟଂଭବତା ବୋଲି ଅନୁଭବ କରିପାରିବ ଓ ସେହିଭଳି ଆଚରଣ ମଧ୍ୟ କରିପାରିବ; ଏହିଭଳି ଏକ ସ୍ୱାନୁଭବ ସହିତ ଗଠିତ କରି ତାହା ଆପଣାର କ୍ରିୟାକ୍ଷେତ୍ରରେ ପ୍ରଭୂତ ଶକ୍ତିର ସଞ୍ଚରଣ କରାଇ ପାରିବ । ମାତ୍ର ତାହାର ଏହି କ୍ରିୟାଟି ପ୍ରକୃତିର ଶକ୍ତିକୁ ଆଣି ଅତୀତରେ ଓ ବର୍ତ୍ତମାନ ତାହାର ଯେତେଯେତେ ଆତ୍ମରୂପାୟନ ହୋଇଛି ବା ହେଉଛି, କେବଳ ତାହାରି ଏକ ବୃହତ୍ତର ଆୟତନ ଭିତରେହିଁ ହୁଏତ ସୀମାବଦ୍ଧ ହୋଇ ରହିଥିବ; ଅଥବା କେବଳ ସେହି ବିଶ୍ୱଗତ ପରମ ଶକ୍ତିଟିହିଁ ତାହାମଧ୍ୟରେ କାର୍ଯ୍ୟ କରୁଥିବ ଏବଂ ତେଣୁ ବ୍ୟକ୍ତି ପ୍ରକୃତରେ କୌଣସି କର୍ମ ଆରମ୍ଭ କରୁ ନଥିବ; ତାହାହେଲେ ଏହି କ୍ଷେତ୍ରରେ ବ୍ୟକ୍ତିର ସ୍ୱତନ୍ତ୍ର ଇଚ୍ଛା ବୋଲି ଆଉ କୌଣସି ବୋଧ ନଥିବ ଏବଂ ତାହାର ସକଳ କର୍ମରେ କେବଳ ଏକ ନୈର୍ବ୍ୟକ୍ତିକ ବିଶ୍ୱଗତ ଅଥବା ପରମ ଇଚ୍ଛା ବା ଶକ୍ତିର ବୋଧହିଁ ବର୍ତ୍ତମାନ ରହିଥିବ । ଦ୍ୱିତୀୟ ଧାରାଟିରେ ଅଗ୍ରସର ହେଲେ ସତ୍ତା ଆପଣାକୁ ଚିନ୍ମୟସିଦ୍ଧିର ଏକ ନିମିତ୍ତ ପରି ଅନୁଭବ କରିବ, ଏବଂ ତେଣୁ ସର୍ବୋଚ୍ଚ ପରମସତ୍ତାଙ୍କର ଏକ ଶକ୍ତି ହିସାବରେ କାର୍ଯ୍ୟ କରୁଥିବ; କେବଳ ପରାପ୍ରକୃତିର ଅନ୍ତର୍ନିହିତ ଅସୀମ ଅର୍ଥାତ୍ କେବଳ ଆପଣାର ସ୍ୱକୀୟ ସତ୍ୟ, ଇଚ୍ଛା ତଥା ଆତ୍ମବିଧାନଟିକୁ ଛାଡ଼ି ଆଉ କାହାରି ନିୟନ୍ତ୍ରଣର ବଶ ହୋଇ ରହି ନଥିବା ସମ୍ଭାବନାଗୁଡ଼ିକହିଁ ତାହାର ଯାବତୀୟ କର୍ମର ସୀମା ନିରୂପଣ କରୁଥିବ । ମାତ୍ର ଦୁଇଟିଯାକ ଧାରାରେ ପ୍ରାକୃତ ଶକ୍ତିଗୁଡ଼ିକର ଏକ ଯାନ୍ତ୍ରିକ କ୍ରିୟାର ନିୟନ୍ତ୍ରଣରୁ ମୁକ୍ତ ହୋଇ ରହିବାର ଏକ ଅବଶ୍ୟସର୍ତ୍ତରୂପେ ଏକ ବୃହତ୍ତର ଚେତନାଶକ୍ତି ପାଖରେ ବାଧ୍ୟ ହୋଇ ରହିବାକୁ ପଡ଼ିବ, ଅଥବା ଆପଣାର ଜୀବନରେ ତଥା ବିଶ୍ୱର ଲୀଳାକ୍ଷେତ୍ରରେ ସେହି ଶକ୍ତିର ଅଭିପ୍ରାୟ, ଗତି ଓ ପ୍ରକୃତି ସହିତ ବ୍ୟକ୍ତିସତ୍ତା ପୂର୍ଣ୍ଣ ସମ୍ମତି ସହିତ ଏକାତ୍ମ ହୋଇ ଅଗ୍ରସର ହେଉଥିବ ।

ଚେତନାର ଊର୍ଦ୍ଧ୍ୱଲୋକକୁ ଉତ୍ତୀର୍ଣ୍ଣ ହୋଇଗଲେ ସତ୍ତାମଧ୍ୟରେ ଯେଉଁ ନୂତନ ଶକ୍ତିର ପ୍ରକାଶ ହୁଏ, ତାହାର କ୍ରିୟା ବାହ୍ୟପ୍ରକୃତିଟିକୁ ଆପଣା ନିୟନ୍ତ୍ରଣରେ ରଖିଲାବେଳେ ମଧ୍ୟ ଯେ ଏକ ବିସ୍ମୟକର ସାଫଲ୍ୟ ଅର୍ଜନ କରିପାରିବ, ତାହାର ଏକମାତ୍ର କାରଣ ହେଉଛି ଯେ ସେତେବେଳେ ତାହା ଚିନ୍ମୟ ଦୃଷ୍ଟିର ଆଲୋକ ଲାଭ କରିଥିବ ଏବଂ ତାହାର ଫଳସ୍ୱରୂପ ବିଶ୍ୱଗତ ତଥା ବିଶ୍ୱାତୀତ ପରମ ଇଚ୍ଛାଟି ସହିତ ସୌଷମ୍ୟ ବା ତାଦାତ୍ମ୍ୟ ବି ଲାଭ କରିଥିବ । କାରଣ, ଆପଣାକୁ ଏକ ନିମ୍ନତର ଶକ୍ତିପାଖରେ ନୈମିତ୍ତିକ କରି ନରଖି ଯେତେବେଳେ ଏହା ଏକ ଉଚ୍ଚତର ଶକ୍ତିର ସାଧନରୂପେ ଉଠିଆସି ହୋଇଯିବ, ସେତେବେଳେ ସତ୍ତାର ଇଚ୍ଛା ବିଶ୍ୱଗତ ମନଃଶକ୍ତି,

'oaob.nitrkl.ac.in' images reprocessed

ପ୍ରାଣଶକ୍ତି ଓ ଜଡ଼ଶକ୍ତିର ଯାବତୀୟ କ୍ରିୟା ଓ ପ୍ରତିକ୍ରିୟାର ଯନ୍ତ୍ରବତ୍ ନିୟନ୍ତ୍ରଣରୁ ସମ୍ପୂର୍ଣ୍ଣ ମୁକ୍ତ ହୋଇଯିବ ଏବଂ ତାହାକୁ ଅଜ୍ଞାନଭାବରେ ଏହି ନିମ୍ନତର ପ୍ରକୃତିର ପ୍ରବେଗଗୁଡ଼ିକର ମଧ୍ୟ ଆଉ ଅଧୀନ ହୋଇ ରହିବାକୁ ପଡ଼ିବ ନାହିଁ । ଏକ ନୂତନ ଦ୍ୟୋତନାଶକ୍ତି ଆସିବ, ଏପରିକି ବିଶ୍ୱଗତ ଶକ୍ତିଗୁଡ଼ିକୁ ତତ୍ତ୍ୱାବଧାନ କରିବାଲାଗି ମଧ୍ୟ ବ୍ୟକ୍ତିମଧ୍ୟରେ ଏକ ସାମର୍ଥ୍ୟର ଉଦୟ ହେବ; ମାତ୍ର ତଥାପି ଏହି ଦ୍ୟୋତନା କେବଳ ଏକ ନୈମିତ୍ତିକ ଦ୍ୟୋତନା ହୋଇ ରହିବ, ଏହି ତତ୍ତ୍ୱାବଧାନ କେବଳ ଏକ ପ୍ରତିନିଧିମୂଳକ ତତ୍ତ୍ୱାବଧାନହିଁ ହେବ । ବ୍ୟକ୍ତି ଆପଣାଲାଗି ଯେଉଁ ପଥଟି ବାଛିନେବ, ସେଥିରେ ପରମ ଅନନ୍ତସତ୍ତାର ସହମତି ରହିଥିବ; କାରଣ ସେ ନିଜେ ମଧ୍ୟ ସେହି ପରମ ଅନନ୍ତଙ୍କର କୌଣସି ସତ୍ୟର ଏକ ପରିପ୍ରକାଶ ହୋଇ ଆବିର୍ଭୂତ ହୋଇଥିବ । ଏହିପରି ଭାବରେ ଆପଣାକୁ ବିଶ୍ୱଗତ ତଥା ବିଶ୍ୱାତୀତ ସତ୍ତା ଓ ପ୍ରକୃତିର ଏକ କେନ୍ଦ୍ର ଓ ରୂପାୟନ ବୋଲି ଉପଲବ୍ଧି କରିବା ସଙ୍ଗେସଙ୍ଗେ ବ୍ୟକ୍ତିସତ୍ତା ସେହି ଅନୁପାତରେ ଅଧିକରୁ ଅଧିକ ଶକ୍ତିର ଅଧିକାରୀ ହେଉଥିବ ଓ ଅଧିକରୁ ଅଧିକ କାର୍ଯ୍ୟର ସାଧନ କରି ପାରୁଥିବ । କାରଣ ରୂପାନ୍ତରର କ୍ରମଟି ଆଗକୁ ଆଗକୁ ଯିବା ସଙ୍ଗେସଙ୍ଗେ ବିମୁକ୍ତ ବ୍ୟକ୍ତିସତ୍ତାର ଶକ୍ତିଟି ଆଉ ଆପଣାର ପ୍ରଥମ ଅବସ୍ଥାଟି ପରି ମନ, ପ୍ରାଣ ଓ ଜଡ଼ର କେବଳ ସେହି ଅତିସୀମିତ ଶକ୍ତି ହୋଇ ରହିବ ନାହିଁ; ଚେତନାର ଏକ ବୃହତ୍ତର ଆଲୋକ ତଥା ଶକ୍ତିର ଏକ ବୃହତ୍ତର କ୍ରିୟାତ୍ମକତା ତାହାର ମଧ୍ୟରୁ ଆବିର୍ଭୂତ ହେବ, ତାହାର ମଧ୍ୟରେ ଅବତରଣ କରି ତାହାକୁ ଆପଣାର ବେଢ଼ଭିତରେ ଗ୍ରହଣ କରିନେବ; ସତ୍ତା ସେହି ଚେତନାର ବୃହତ୍ତର ଆଲୋକ ଓ ସେହି ଶକ୍ତିର ବୃହତ୍ତର କ୍ରିୟାତ୍ମକତାଟି ମଧ୍ୟରେ ଆବିର୍ଭୂତ ହେବ ଓ ଆପଣା ଭିତରେ ତାହାକୁହିଁ ଧାରଣ କରି ରଖିବ । ତାହାର ଏହି ପ୍ରାକୃତ ଅସ୍ତିତ୍ୱଟି ଏକ ଉଚ୍ଚତର ଶକ୍ତିର ନିମିତ୍ତ ହୋଇ ରହିବ, ଏକ ଅଧିମାନସ ତଥା ଅତିମାନସ ଚିତ୍‌ଶକ୍ତି ଅର୍ଥାତ୍ ସେହି ମୂଳସ୍ଥ ଦିବ୍ୟଶକ୍ତିରହିଁ ନିମିତ୍ତ ହୋଇ ରହିବ । ପରିଣତିକ୍ରମର ଯାବତୀୟ ପ୍ରକ୍ରିୟା ସେତେବେଳେ କେବଳ ଏକ ପରମ ବିଶ୍ୱଚେତନାର କ୍ରିୟାରୂପେ ଅନୁଭୂତ ହେବ; ବିଶ୍ୱଗତ ଓ ବିଶ୍ୱାତୀତ ପୁରୁଷହିଁ ଏକ ସ୍ୱନିର୍ବାଚିତ ପନ୍ଥାରେ ଆପଣାର ଇଚ୍ଛା ଅନୁସାରେ ଚେତନାର ଯେକୌଣସି ଭୂମିରେ ଆପଣାଦ୍ୱାରା ଆରୋପିତ ଯେକୌଣସି ସୀମାର ବନ୍ଧନକୁ ସ୍ୱୟଂ ସ୍ୱୀକାର କରିନେଇ ସଚେତନ ଭାବରେ ଏହି ଖେଳଟି ଖେଳିବାରେ ଲାଗିଛନ୍ତି ଓ ଏହି ଖେଳଟିର ମାଧ୍ୟମରେ ଯେ ସର୍ବଶକ୍ତିମୟୀ ଓ ସର୍ବଜ୍ଞାନମୟୀ ବିଶ୍ୱଜନନୀ ଜୀବକୁ ଆପଣା ମଧ୍ୟକୁ ଟାଣିନେଇ ଆପଣାର ପରାପ୍ରକୃତିର ଅନ୍ତର୍ଭୁକ୍ତ କରି ରଖିଛନ୍ତି, ସେତେବେଳେ ତାହାହିଁ ଅନୁଭୂତ ହେବ । ବ୍ୟକ୍ତିଜୀବକୁ ଆପଣାର ଏକ ଗୁରିବାଡ଼ଦିଆ କ୍ଷେତ୍ର ଓ ଅଚେତନ ଅଥବା ଅର୍ଦ୍ଧଚେତନ ସାଧନରୂପେ ବ୍ୟବହାର କରୁଥିବା ଅବିଦ୍ୟାର ପ୍ରକୃତିଟି ଅପସରି ଯିବ ଓ ତାହାର ସ୍ଥାନାପନ୍ନ

'oaob.nitrkl.ac.in' images reprocessed

ଭାବରେ ଉଚ୍ଚ ବିଜ୍ଞାନମୟତାର ଏକ ପରାପ୍ରକୃତିର ପ୍ରସରଣ ହେବ ଏବଂ ବ୍ୟକ୍ତିର ଆତ୍ମାକୁ ସେ ଆପଣାର ଚେତନ, ଉନ୍ମୁକ୍ତ ତଥା ବନ୍ଧନହୀନ କ୍ଷେତ୍ର ଓ ସାଧନରୂପେ ବ୍ୟବହାର କରିବ; ଆପଣାର କାର୍ଯ୍ୟରେ ତାକୁ ସହଯୋଗୀ କରିନେବ । ବ୍ୟକ୍ତିର ଆତ୍ମା ସେତେବେଳେ ଆପଣାର ଉଦ୍ଦେଶ୍ୟ ଓ ପ୍ରକୃତି ବିଷୟରେ ପୂର୍ଣ୍ଣ ଜ୍ଞାନ ଲାଭ କରିବ; ଆପଣାର ବୃହତ୍ତର ଆତ୍ମସତ୍ତାଟି ସମ୍ବନ୍ଧରେ ମଧ୍ୟ ପୂର୍ଣ୍ଣ ସଚେତନ ହୋଇ ଉଠିବ, ବିଶ୍ୱଗତ ଓ ବିଶ୍ୱାତୀତ ସତ୍ୟଟିକୁ ଆପଣା ଭିତରେ ଜାଣିବାକୁ ଆରମ୍ଭ କରିବ । ଆପଣାର ବ୍ୟକ୍ତିସ୍ୱରୂପଟିକୁ ତାହାର ସହିତ ଅଭିନ୍ନ ଭାବରେ ଏକାତ୍ମବନ୍ଧ ବୋଲି ଅନୁଭବ କରୁଥିଲେ ମଧ୍ୟ ସେ ତଥାପି ତାହାକୁ ଆପଣା ପରମସତ୍ତାର ଏକ ବ୍ୟକ୍ତିଭାବାପନ୍ନ ସତ୍ତା ବୋଲି ଅନୁଭବ କରୁଥିବ, ଆପଣାକୁ ତାହାର ଏକ ନିମିତ୍ତ ତଥା ଚିନ୍ମୟ କେନ୍ଦ୍ର ବୋଲି ଜାଣୁଥିବ ।

ପରାପ୍ରକୃତିର ଏକ କ୍ରିୟାରେ ସହଯୋଗୀ ଭାବରେ ଅଂଶଗ୍ରହଣ କରି ପାରିବାଲାଗି ଏକ ପ୍ରଥମ ଦ୍ୱାରୋନ୍ମୋଚନହିଁ ଆମେ ସେହି ଅନ୍ତିମ ଅର୍ଥାତ୍ ଅତିମାନସ ରୂପାନ୍ତର ପାଖରେ ପହଞ୍ଚିବାରେ ଏକ ସୂଚନା ବା ସନ୍ଧି ବୋଲି ଜାଣିରଖିବା । କାରଣ, ଏକ ଅନ୍ଧ ଯନ୍ତ୍ରବଶ୍ୟତାର ସେହି ଅନ୍ଧକାରାଚ୍ଛନ୍ନ ସମତାବସ୍ଥାଟିରୁ ପ୍ରକୃତି ସେହି ଜ୍ୟୋତିର୍ମୟ ସ୍ୱତଃସ୍ଫୂର୍ତ୍ତିତା ଓ ପରମ ଚିଦ୍‌ଗତ ସ୍ୱୟମ୍ଭୂସତ୍ୟଟିର ସେହି ଅଭ୍ରାନ୍ତ ପ୍ରବେଗଟି ଆଡ଼କୁ ଆପଣାର ଯେଉଁ ଯାତ୍ରା ଆରମ୍ଭ କରିଥିଲା, ଏହି ରୂପାନ୍ତରଦ୍ୱାରାହିଁ ତାହାର ସେହି ଯାତ୍ରା ପରିପୂର୍ଣ୍ଣତା ଲାଭ କରିବ । ଜଡ଼ ତଥା ଏକ ନିମ୍ନତର ପ୍ରାଣର କେବଳ ଏକ ଯନ୍ତ୍ରଚାଳକତାର ସ୍ଥିତିରୁ ବିବର୍ତ୍ତନର ଯାତ୍ରାଟି ଆରମ୍ଭ ହୋଇଥାଏ; ସେହି ସ୍ଥିତିଟିରେ ସବୁକଥା ଅବଚେତନ ଭାବରେ କେବଳ ପ୍ରକୃତିରହିଁ ଚାଳନାଦ୍ୱାରା ଚାଳିତ ହୁଏ, ପ୍ରକୃତିର ବିଧାନଗୁଡ଼ିକହିଁ ଯନ୍ତ୍ରପରି ପରିପୂର୍ଣ୍ଣ କରୁଥାଏ ଏବଂ ତେଣୁ ଆପଣା ଅସ୍ତିତ୍ୱ ତଥା କ୍ରିୟାର ଅତିସୀମାବଦ୍ଧ ଧରଣର ଏକ ସମତାବସ୍ଥା ରକ୍ଷା କରିବାରେ ଲାଗିଥାଏ । ତା'ପରେ ଏହି ନିମ୍ନତର ପ୍ରକୃତିଦ୍ୱାରା ତାଡ଼ିତ ହୋଇ ଅଥଚ ତାହାର ସୀମାଗୁଡ଼ାକ ମଧ୍ୟରୁ ମୁକ୍ତ ହୋଇ ବାହାରି ଯିବାଲାଗି ଅନୁକ୍ଷଣ ସଂଗ୍ରାମ କରୁକରୁ ଏହି ବିବର୍ତ୍ତନଟି ଏକ ମନୁଷ୍ୟସୋପାନର ପ୍ରାଣ ଓ ମନୋଗତ ନାନା ସମ୍ଭାବନାମୟ ସନ୍ଧିଗର୍ଭତାର ମଧ୍ୟଦେଇ ଅଗ୍ରସର ହୁଏ ଏବଂ ଶେଷରେ ସେହି ପ୍ରକୃତି ଉପରେ ସ୍ୱୟଂ ନିୟାମକ ହୋଇ ବସି ତାହାକୁ ଚାଳିତ କରିବାର ଓ ତାହାକୁ ଆପଣାର ଉଦ୍ଦେଶ୍ୟସାଧନରେ ବ୍ୟବହାର କରିବାର ସ୍ତରରେ ଆସି ପହଞ୍ଚେ । ତା'ପରେ, ବସ୍ତୁଗୁଡ଼ିକର ଚିନ୍ମୟ ପରମସତ୍ୟ ଉପରେ ଆଧାରିତ ଏକ ବୃହତ୍ତର ସ୍ୱତଃସ୍ଫୂର୍ତ୍ତି ସୌଷମ୍ୟ ଏବଂ ସ୍ୱୟଂକ୍ରିୟ ଆତ୍ମପରିପୂର୍ଣ୍ଣତାର ଭୂମିକୁ ତାହା ଉନ୍ନୀତ ଲାଭ କରେ । ଏହି ଉଚ୍ଚତର ସ୍ଥିତିକୁ ଆସି ଚେତନା ପରମସତ୍ୟର ଦର୍ଶନ ଲାଭ କରିବାକୁ ସମର୍ଥ ହେବ ଏବଂ ଏକ ପରିପୂର୍ଣ୍ଣ ଜ୍ଞାନୋପଲବ୍ଧିଦ୍ୱାରା ତାହାର ସାମର୍ଥ୍ୟର ନିର୍ଦ୍ଦେଶ-

'oaob.nitrkl.ac.in' images reprocessed

ପଥଟିକୁ ଅନୁସରଣ କରିବ । ସେତେବେଳେ ତାହା ଅତ୍ୟନ୍ତ ଶକ୍ତିଶାଳୀ ଭାବରେ ସେହି ସତ୍ୟଟିର କ୍ରିୟାରେ ଅଂଶଗ୍ରହଣ କରିବ, ଆପଣାର ସାଧନଗୁଡ଼ିକ ଉପରେ ଆପେ ନିୟାମକ ହୋଇ ରହିବ ଏବଂ କ୍ରିୟା ତଥା ଅସ୍ତିତ୍ୱର ଭୂମିରେ ଏକ ପରିପୂର୍ଣ୍ଣ ଆନନ୍ଦର ଭାଜନ ହୋଇପାରିବ । ସେତେବେଳେ ବ୍ୟକ୍ତିସତ୍ତା ଆଉ ବିଶ୍ୱସତ୍ତା ପାଖରେ ଏକ ଅନ୍ଧ ଓ କ୍ଲିଷ୍ଟ ଦାସତ୍ୱ ମଧ୍ୟରେ ବାନ୍ଧିହୋଇ ରହିବ ନାହିଁ, ତାହା ପରିବର୍ତ୍ତିରେ ଏକ ଜ୍ୟୋତିର୍ମୟ ଓ ଆନନ୍ଦାପ୍ଲୁତ ଏକ ପରିପୂର୍ଣ୍ଣ ସମ୍ବାଦୀଭାବ ଆସି ଦେଖାଦେବ; ଏବଂ ପ୍ରତ୍ୟେକ ମୁହୂର୍ତ୍ତିରେ ବ୍ୟକ୍ତି ମଧ୍ୟରେ ବିଶ୍ୱର କ୍ରିୟାଶୀଳତା ତଥା ବିଶ୍ୱମଧ୍ୟରେ ବ୍ୟକ୍ତିର କ୍ରିୟା କେବଳ ସେହି ବିଶ୍ୱାତୀତ ପରାପ୍ରକୃତିଦ୍ୱାରାହିଁ ପରିଚାଳିତ ହେବ, ତାହାର ଆଲୋକଦ୍ୱାରା ଆଲୋକିତ ହୋଇ ରହିବ ।

ମାତ୍ର ଏହି ଉଚ୍ଚତମ ଅବସ୍ଥାଟିରେ ଆସି ପହଞ୍ଚିବା ଅତ୍ୟନ୍ତ ଆୟାସସାଧ୍ୟ, ଏବଂ ତେଣୁ ଏଠାରେ ଆସି ପହଞ୍ଚିବାକୁ ନିଶ୍ଚୟ ଦୀର୍ଘକାଳ ଲାଗିବ । କାରଣ ଏହି କ୍ଷେତ୍ରରେ ଆବଶ୍ୟକ ରୂପାନ୍ତରଟିରେ କେବଳ ପୁରୁଷର ଅଂଶଗ୍ରହଣ ଓ ସେଥିରେ ତାହାର ସମ୍ମତିଦାନହିଁ କଦାପି ଯଥେଷ୍ଟ ହେବ ନାହିଁ, ପୁରୁଷର ଅଂଶଗ୍ରହଣ ଓ ସମ୍ମତିଦାନ ସହିତ ଏଠାରେ ପ୍ରକୃତିର ବି ସମ୍ମତିଦାନ ଓ ଅଂଶଗ୍ରହଣ ରହିବା ଦରକାର ହେବ । କେବଳ କେନ୍ଦ୍ରଗତ ଭାବନା ଓ ଇଚ୍ଛାଶକ୍ତି ରାଜି ହୋଇଗଲେ ଚଳିବ ନାହିଁ, ଆମ ସତ୍ତାର ସବୁଭାଗ ଓ ବିଭାଗଗୁଡ଼ିକୁ ମଧ୍ୟ ସମ୍ମତି ଦେବାକୁ ପଡ଼ିବ ଏବଂ ଚିନ୍ମୟ ପରମ ସତ୍ୟର ବିଧାନ ପାଖରେ ଆପଣାକୁ ସମର୍ପଣ କରିଦେବାକୁ ପଡ଼ିବ; ସତ୍ତାର ସକଳ ଅଙ୍ଗ ଓ ସକଳ ଅଂଶକୁ ସେହି ଚେତନାଦୀପ୍ତ ଦିବ୍ୟଶକ୍ତିର ପ୍ରଶାସନକୁ ମାନି ଚଳିବାକୁ ଶିଖିବାକୁ ପଡ଼ିବ । ବିବର୍ତ୍ତନଧାରାର ସ୍ୱଭାବଗତ ଗଠନଟିରୁ ଜାତ ହୋଇଥିବା ଏପରି ନାନା ଦୁର୍ଦ୍ଦମନୀୟ ବାଧା ଓ ପ୍ରତିକୂଳତା ଆମର ସତ୍ତାମଧ୍ୟରେ ଅବସ୍ଥିତ ରହିଥାଆନ୍ତି ଯେଉଁମାନେ କି ଏହି ରୂପାନ୍ତର ବା ଆରୋହଣ ବିରୁଦ୍ଧରେ ବିଦ୍ରୋହ ଘୋଷଣା କରିଥାʼନ୍ତି । କାରଣ ଏହିଭଳି କେତେକ ଅଂଶ ତଥାପି ନିଶ୍ଚେତନ ଏବଂ ଅବଚେତନର ଅଧୀନ ହୋଇ ରହିଥାʼନ୍ତି, ନିତ୍ୟାଭ୍ୟସ୍ତତାର ସେହି ନିମ୍ନସ୍ତରୀୟ ଯନ୍ତ୍ରାରୂଢ଼ତା ବା ତଥାକଥିତ ପ୍ରାକୃତିକ ବିଧାନଗୁଡ଼ିକର ଦାସ ହୋଇ ରହିଥାʼନ୍ତି : ଯନ୍ତ୍ରବତ୍ ମନର ଅଭ୍ୟସ୍ତତା, ପ୍ରାଣର ଅଭ୍ୟସ୍ତତା, ସହଜାତ ପ୍ରବୃତ୍ତିଗତ ଅଭ୍ୟସ୍ତତା, ବ୍ୟକ୍ତିତ୍ୱ ତଥା ସ୍ୱଭାବଗତ ଅଭ୍ୟସ୍ତତାର ଦାସ ହୋଇ ରହିଥାʼନ୍ତି; ପ୍ରକୃତିବଦ୍ଧ ମନୁଷ୍ୟର ମଜ୍ଜାଗତ ହୋଇ ରହିଥିବା ମାନସିକ, ପ୍ରାଣଗତ ଓ ଦେହଗତ କେତେ କେତେ ଆବଶ୍ୟକତା, ଆବେଗ ତଥା ଅଭିଳାଷର ଦାସ ହୋଇ ରହିଥାʼନ୍ତି । ଏବଂ ତାʼ ଭିତରେ ଅତ୍ୟନ୍ତ ଗଭୀର ଭାବରେ ରୋପିତ ହୋଇ ରହିଥିବା ଯାବତୀୟ ପ୍ରକାରର ପୁରାତନ କ୍ରିୟାରୀତିର ଦାସ ହୋʼଇ ରହିଥାʼନ୍ତି, ଯେଉଁଗୁଡ଼ିକୁ ଉତ୍ପାଟିତ

'oaob.nitrkl.ac.in' images reprocessed

କରିବାକୁ ହେଲେ ଖୋଳି ଖୋଳି ସତେଅବା ଆମ ଭୂମିଟିର ଅତଳ ଗର୍ଭଯାଏ ଯିବାକୁ ପଡ଼ିବ ବୋଲି ମନେ ହେଉଥାଏ । ଏହି ଅଂଶଗୁଡ଼ିକ ନିଶ୍ଚେତନାକୁ ଭର୍ତ୍ତିକରି ରହିଥିବା ନିମ୍ନତର ବିଧାନଟି ପ୍ରତି ଆପଣାର ପ୍ରତିସ୍ପନ୍ଦନ ଜଣାଇବାରୁ କ୍ଷାନ୍ତ ହେବାକୁ ସତତ ନାସ୍ତି କରିବାରେ ଲାଗିଥା'ନ୍ତି; ସେମାନେ ଅବିରାମ ଭାବରେ ଆପଣାର ସେହି ପୁରୁଣା ପ୍ରତିକ୍ରିୟାଗୁଡ଼ାକୁହିଁ ଚେତନ ମନ ଓ ଚେତନ ପ୍ରାଣର ଭୂମିକୁ ପ୍ରେରଣ କରୁଥା'ନ୍ତି ଏବଂ ସେହିଗୁଡ଼ିକୁ ସେଠାରେ ପ୍ରକୃତିର ଶାଶ୍ୱତ ଓ ଚିରକାଳର ବିଧାନ ବୋଲି ପୁନଃପ୍ରତିଷ୍ଠିତ କରି ରଖିବାକୁ ଚାହୁଁଥା'ନ୍ତି । ସତ୍ତାର ଅନ୍ୟାନ୍ୟ ଅଂଶ ଅପେକ୍ଷାକୃତ କମ୍ ଅସ୍ପଷ୍ଟ ଓ ଯନ୍ତ୍ରବତ୍ ହୋଇ ରହିଥାଏ ଏବଂ ନିଶ୍ଚେତନା ମଧ୍ୟରେ ଅପେକ୍ଷାକୃତ କମ୍ ପୋତିହୋଇ ରହିଥାଏ; ମାତ୍ର ତଥାପି ସବୁଗୁଡ଼ିକ କେବଳ ଅପୂର୍ଣ୍ଣହିଁ ହୋଇ ରହିଥାଏ, ଆପଣାର ଅପୂର୍ଣ୍ଣତାଟାକୁ କାମୁଡ଼ି ଧରି ପଡ଼ିଥାଏ ଏବଂ ବଡ଼ ଦୁର୍ଦ୍ଦମନୀୟ ଭାବରେ ଆପଣାର ପୁରୁଣା ପ୍ରତିକ୍ରିୟାଗୁଡ଼ାକୁହିଁ ପ୍ରକାଶ କରୁଥାଏ । ସତ୍ତାର ପ୍ରାଣମୟ ଅଂଶଟି ଆପଣାର ଆତ୍ମପ୍ରତିଷ୍ଠା ଓ ବାସନାପୂରଣତାର ବିଧାନଟି ସହିତ ଛନ୍ଦିହୋଇ ରହିଥାଏ, ମନ ଆପଣାର ରୂପାୟିତ ଗଠନକ୍ରିୟାଗୁଡ଼ିକ ସହିତ ବନ୍ଧାହୋଇ ପଡ଼ିଥାଏ; ଏବଂ ଦୁହେଁଯାକ ପୂର୍ଣ୍ଣ ସମ୍ମତି ସହିତ ଅବିଦ୍ୟାର ନିମ୍ନସ୍ତରସ୍ଥ ବିଧାନଟିକୁ ମାନି ନେଇଥା'ନ୍ତି । ମାତ୍ର ତଥାପି ରୂପାନ୍ତରର ପ୍ରକ୍ରିୟାଟିରେ ଅଂଶଗ୍ରହଣ କରିବାର ତଥା ଆପଣାକୁ ସମର୍ପିତ କରି ରଖିବାର ବିଧାନ ଦୁଇଟିକୁ ଅବଜ୍ଞା କରିବାର ବାଟ ନଥାଏ; ରୂପାନ୍ତରର ପ୍ରତ୍ୟେକ ସୋପାନରେ ପୁରୁଷର ସମ୍ମତି ତଥାପି ଲୋଡ଼ା ହେଉଥାଏ ଏବଂ ପ୍ରକୃତିର ପରିବର୍ତ୍ତନ ଲାଗି ସେହି ଊର୍ଦ୍ଧ୍ୱତର ସାମର୍ଥ୍ୟର ଯାବତୀୟ କ୍ରିୟାରେ ପ୍ରକୃତିର ପ୍ରତ୍ୟେକ ଅଂଶକୁ ଆପଣାର ସମ୍ମତି ଜଣାଇବାକୁହିଁ ପଡ଼େ । ତେଣୁ ଏହି ପରିବର୍ତ୍ତନଟି ଲାଗି, ପୁରୁଣା ପ୍ରକୃତିର ପରିବର୍ତ୍ତେ ପରାପ୍ରକୃତିକୁ ନେଇ ଆସ୍ଥାନରେ ବସାଇବା ଲାଗି ତଥା ଏହିଭଳି ଭାବରେ ଆପଣାର ସୀମା ଅତିକ୍ରମ କରି ଚାଲିଯିବା ଲାଗି ମନୋମୟ ସତ୍ତାର ଏକ ଚେତନ ଆତ୍ମନିର୍ଦ୍ଦେଶନା ଅତ୍ୟାବଶ୍ୟକ ହୋଇ ରହେ । ସଚେତନ ଭାବରେ ଚିନ୍ମୟ ଉଚ୍ଚତର ସତ୍ୟଟିର ବୋଲି ମାନିବାକୁ ସମର୍ଥ ହେବା ଏବଂ ପରାପ୍ରକୃତିରୁ ଉତ୍ସାରିତ ହୋଇ ଆସୁଥିବା ଆଲୋକ ଓ ନିୟନ୍ତ୍ରଣ ପାଖରେ ଆପଣାର ସମଗ୍ର ସତ୍ତାଟିକୁ ସମର୍ପିତ କରି ରଖିବା,—ଅତିମାନସ ରୂପାନ୍ତର ସମ୍ଭବ ହେବା ପୂର୍ବରୁ ଧୀରେ ଧୀରେ ଓ ବହୁ ବାଧା ଅତିକ୍ରମ କରି ଏହି ବିଧାନର ଉପଲବ୍ଧି କରିବାକୁ ଆମେ ଦ୍ୱିତୀୟ ସର୍ତ୍ତ ବୋଲି ଜାଣିବା ।

ଏଥିରୁ ସ୍ପଷ୍ଟ ହୋଇଯାଉଛି ଯେ ତୃତୀୟ ଓ ଚୂଡ଼ାନ୍ତ ଅତିମାନସ ପରିବର୍ତ୍ତନଟିର ଆରମ୍ଭ ହେବା ପୂର୍ବରୁ ଆମକୁ ଚୈତ୍ୟ ତଥା ତଦ୍‌ଗତ ପରିବର୍ତ୍ତନକୁ ଯଥାସମ୍ଭବ ଅଧିକ ଅଗ୍ରସର କରାଇ ନେବାକୁ ପଡ଼ିବ । କାରଣ କେବଳ ଏହି

'oaob.nitrkl.ac.in' images reprocessed

ଦ୍ୱିବିଧ ପରିବର୍ତ୍ତନଦ୍ୱାରାହିଁ ଅବିଦ୍ୟାର ଆତ୍ମସ୍ୱତ୍ତ୍ୱଗତ ଇଚ୍ଛାକୁ ବଦଳାଇ ଦେଇ ହେବ ଏବଂ ଆମକୁ ନୂତନ କରି ଗଢ଼ୁଥିବା ପରମ ଅନନ୍ତଙ୍କର ସେହି ଊର୍ଦ୍ଧ୍ୱତର ଚେତନାର ସତ୍ୟ ଓ ସଂକଳ୍ପର ଆଧ୍ୟାତ୍ମିକ ଅନୁସରଣ ସମ୍ଭବ ହୋଇପାରିବ । ସେହି ପରମ ସତ୍ତା ଓ ପରାପ୍ରକୃତି ପାଖରେ ଆପଣାର ସମୁଦାୟ ସତ୍ତାଟିକୁ ନେଇ ସମ୍ପୂର୍ଣ୍ଣ ଓ ଅବିକୃତ ଭାବରେ ନିବେଦିତ କରିଦେବା ପୂର୍ବରୁ ଆମକୁ ନିରନ୍ତର ପ୍ରୟାସ, ବ୍ୟକ୍ତି-ଜୀବନର ସତତ ସାଧନା ଓ ଶକ୍ତିମତ୍ତାର ଅର୍ଥାତ୍ ସତତ ତପସ୍ୟାର ଏକ ଦୀର୍ଘ ଓ କଠୋର ପର୍ଯ୍ୟାୟ ମଧ୍ୟଦେଇ ଗତି କରିବାକୁ ହେବ । ଏହି ସାଧନାରେ ଅନ୍ୱେଷଣ ଓ ପ୍ରୟାସର ପ୍ରାଥମିକ ସ୍ତରଟିରେ ସେହି ସର୍ବୋଚ୍ଚ ଓ ପରମଙ୍କ ପାଖରେ ଆପଣାର ହୃଦୟ, ଆତ୍ମା ଓ ମନକୁ କେନ୍ଦ୍ରଗତ ଭାବରେ ସମର୍ପିତ କରି ରଖିବାକୁ ପଡ଼ିବ; ତା'ପରେ ଏକ ମଧ୍ୟବର୍ତ୍ତୀ ସ୍ତରରେ ବ୍ୟକ୍ତିସାଧନାରେ ସହାୟକ ଓ ସହଯୋଗୀ ହୋଇ ରହିଥିବା ସେହି ପରମସତ୍ୟର ବୃହତ୍ତର ଶକ୍ତି ଉପରେ ଏକ ସମଗ୍ର ଓ ସଚେତନ ନିର୍ଭର ଓ ବିଶ୍ୱାସ ରଖିବାକୁ ପଡ଼ିବ । ଏବଂ ସେହି ସମଗ୍ର ନିର୍ଭରଶୀଳତା ଆନ୍ତର ବିକଶିତ ହୋଇ ଆପଣା ସତ୍ତାର ସକଳ ଅଂଶ ତଥା ସକଳ ଗତିସ୍ପନ୍ଦନକୁ ପ୍ରକୃତି ମଧ୍ୟରେ ଅବସ୍ଥିତ ସେହି ଉଚ୍ଚତର ସତ୍ୟଟିର କ୍ରିୟାଟି ପାଖରେ ନିଃଶେଷିତ ଓ ସମ୍ପୂର୍ଣ୍ଣ ଭାବରେ ଛାଡ଼ିଦେବାକୁ ପଡ଼ିବ । କେବଳ ଚୈତ୍ୟ ପରିବର୍ତ୍ତନଟି ପୂର୍ଣ୍ଣତା ଲାଭ କରିଥିଲେ ଓ ଚିନ୍ମୟ ରୂପାନ୍ତରଟି ସିଢ଼ିର ଏକ ଅତ୍ୟୁଚ୍ଚ ସୋପାନକୁ ଉତ୍ତୀର୍ଣ୍ଣ ହୋଇ ପାରିଥିଲେ ଯାଇ ଏହି ସମଗ୍ର ସମର୍ପଣ ସମ୍ଭବ ହୋଇପାରିବ । କାରଣ ଏହି ସମର୍ପଣର ପ୍ରକୃତ ଅର୍ଥ ହେଉଛି ଏହାଦ୍ୱାରା ମନ ଆପଣାର ସକଳ ଗ୍ରନ୍ଥି, ସକଳ ଧାରଣା, ମନୋମୟ ସକଳ ରୂପାନ୍ତର ଓ ସକଳ ମତକୁ ପରିହାର କରିବ, ବୁଦ୍ଧିକେନ୍ଦ୍ରିତ ଅବଲୋକନ ତଥା ଅବଧାରଣର ସକଳ ଅଭ୍ୟସ୍ତତାକୁ ଛାଡ଼ି ପ୍ରଥମେ ଏକ ବୋଧିଗତ ଓ ତା'ପରେ ଏକ ଅଧିମାନସ ଅଥବା ଅତିମାନସ କ୍ରିୟାତ୍ମକତାର ଆଶ୍ରୟ ନେବ, ଯାହାଫଳରେ ଏକ ପ୍ରତ୍ୟକ୍ଷ ସତ୍ୟଚେତନା, ସତ୍ୟଦୃଷ୍ଟି ଓ ସତ୍ୟଦୀପ୍ତ ବିବେକର କ୍ରିୟା ଉନ୍ମେଷଲାଭ କରିବ; ଏକ ନୂତନ ଚେତନା ଉଦ୍‌ଘାଟିତ ହୋଇଯିବ ଯାହାକି ଆମ ମନର ବର୍ତ୍ତମାନ ପ୍ରକୃତିଟିଠାରୁ ସମ୍ପୂର୍ଣ୍ଣତଃ ଭିନ୍ନ ହୋଇ ରହିବ । ଆପଣା ଭିତରେ ପୋଷଣ କରି ରଖିଥିବା ସକଳ ବାସନା, ସଂବେଗ, ଅନୁଭୂତି, ଆବେଗ, ବୋଧଗତ ସଙ୍କୀର୍ଣ୍ଣତା ତଥା କ୍ରିୟାପ୍ରତିକ୍ରିୟାର ସକଳପ୍ରକାର ପ୍ରବଳ ଯାନ୍ତ୍ରିକତାକୁ ପରିହାର କରି ତାହା ପରିବର୍ତ୍ତେ ଏକ ଆଲୋକମୟ, ବାସନାମୁକ୍ତ ଏବଂ ସ୍ୱାଧୀନ ଅଥଚ ସ୍ୱତଃସ୍ଫୂର୍ତ୍ତ ଭାବରେ ଆପଣାକୁ ନିୟନ୍ତ୍ରିତ କରି ପାରୁଥିବା ଏକ ଶକ୍ତିମତ୍ତାର ସ୍ଥାପନା କରିବାଲାଗି ପ୍ରାଣଲାଗି ମଧ୍ୟ ଏକ ଦାବି ବା ଆହ୍ୱାନ ଆସି ପହଞ୍ଚିବ । ଏକ କେନ୍ଦ୍ରୀଭୂତ ବିଶ୍ୱାତ୍ମକ ତଥା ନୈର୍ବ୍ୟକ୍ତିକ ଜ୍ଞାନ, ସାମର୍ଥ୍ୟ ଓ ଆଲୋକର ଶକ୍ତିମତ୍ତାକୁ ସ୍ଥାପନା କରିବାର ଆହ୍ୱାନ ଆସିବ, ଯାହା ହାତରେ କି ପ୍ରାଣ

'oaob.nitrkl.ac.in' images reprocessed

ଏକ ସ୍ୱେଚ୍ଛାପ୍ରଣୋଦିତ ନିମିତ୍ତମାତ୍ର ହୋଇ ରହିବ, ତାହାର ଏକ ଦିବ୍ୟ ପରିପ୍ରକାଶ ହୋଇ ରହିବ; ମାତ୍ର ବର୍ତ୍ତମାନ ପ୍ରାଣ ଯେଉଁ ସ୍ତରରେ ପଡ଼ିରହିଛି, ସେଥିରେ ତାହା ଆପଣାର ଏହି ସମ୍ଭାବ୍ୟ ଆନନ୍ଦ ତଥା ପରିପୂର୍ଣ୍ଣତା ଲାଭ କରିବାଲାଗି ଆପଣାର ବଳ ଓ ସାମର୍ଥ୍ୟ ବିଷୟରେ ଆଦୌ କୌଣସି ସଙ୍କେତ ପାଇ ନାହିଁ, ସେହିସବୁ ସମ୍ଭାବନାର କୌଣସି ବୋଧ ତାହାମଧ୍ୟରେ ଜାଗ୍ରତ ହୋଇ ନାହିଁ । ଆମର ଦେହଭୂମିଗତ ଅଂଶଟିକୁ ମଧ୍ୟ ସେହିପରି ଆପଣାର ଯାବତୀୟ ସହଜାତ ପ୍ରବୃତ୍ତି, ଅନ୍ଧବୋଧ, ଅନ୍ଧ ରକ୍ଷଣଶୀଳ ନାନା ଆସକ୍ତି, ପ୍ରକୃତିଗତ ନାନା ଦୃଢ଼ମୂଳ କ୍ଷୁଦ୍ରତା, ତା'ର ଆପଣାର ସୀମାତିକ୍ରମ କରି ଅବସ୍ଥିତ ରହିଥିବା ସତ୍ୟଗୁଡ଼ିକ ପରି ତାହାର ସଂଶୟ ଓ ଅବିଶ୍ୱାସ, ଜଡ଼ମନ, ଜଡ଼ପ୍ରାଣ ଓ ଦେହର ନିତ୍ୟାଭ୍ୟସ୍ତ କ୍ରିୟାଗୁଡ଼ିକର ଅନିବାର୍ଯ୍ୟତା ଉପରେ ତାହାର ଅଟଳ ବିଶ୍ୱାସକୁ ମଧ୍ୟ ଛାଡ଼ି ଆସିବାକୁ ପଡ଼ିବ, ଯେପରିକି ଏଗୁଡ଼ିକ ପରିବର୍ତ୍ତିରେ ଏକ ନୂତନ ସାମର୍ଥ୍ୟର ପ୍ରତିଷ୍ଠା ହୋଇପାରିବ ଯାହାକି ଜଡ଼ର ଯାବତୀୟ ରୂପ ଓ ଶକ୍ତି ଭିତରେ ଆପଣାର ସ୍ୱକୀୟ ବୃହତ୍ତର ବିଧାନ ଓ କ୍ରିୟାତ୍ମକତାଟିକୁ ପ୍ରତିଷ୍ଠିତ କରି ରଖିପାରିବ । ଏପରିକି ଆମ ଭିତରେ ଯାହାସବୁ ନିଶ୍ଚେତନ ଓ ଅବଚେତନ ହୋଇ ରହିଛି, ସେଗୁଡ଼ିକୁ ମଧ୍ୟ ଚେତନାପ୍ରାପ୍ତ ହେବାକୁ ପଡ଼ିବ, ସେହି ଉଚ୍ଚତର ଆଲୋକଟିକୁ ଗ୍ରହଣ କରିବାର ଅନୁରୂପ ପ୍ରବଣତା ହାସଲ କରିବାକୁ ପଡ଼ିବ; ସେଗୁଡ଼ିକ ଚିତ୍‌ଶକ୍ତିର ସେହି ପରିପୂର୍ଣ୍ଣକାରୀ କ୍ରିୟାର ସଞ୍ଚାର ପଥରେ ବାଧା ହୋଇ ଠିଆହେବେ ନାହିଁ, ମାତ୍ର ଏହି ନିମ୍ନତର ଭୂମିରେ ପରମ ଚିଦ୍‌ଗତତାର ଏକ ସ୍ତମ୍ଭ ବା ଆଧାର ହୋଇ ପାରିବାକୁ ଅଧିକରୁ ଅଧିକ ଯୋଗ୍ୟ ହୋଇ ତିଆରି ହେଉଥିବେ । ମାତ୍ର ଯେପର୍ଯ୍ୟନ୍ତ ଆମର ସତ୍ତା ଭିତରେ ଆମର ମନୋଗତ, ପ୍ରାଣଗତ ତଥା ଦେହଗତ ଚେତନାହିଁ ପ୍ରବଳତମ ଶକ୍ତି ହିସାବରେ ଆମକୁ ବାଟ ଦେଖାଇବାରେ ଲାଗିଥିବେ ଓ ଆପଣାର କୌଣସି ପ୍ରତିପତ୍ତି ସାବ୍ୟସ୍ତ କରୁଥିବେ, ସେପର୍ଯ୍ୟନ୍ତ ସେହିସବୁ ପରିବର୍ତ୍ତନ ଆଦୌ ସମ୍ଭବ ହେବ ନାହିଁ । କେବଳ ଆତ୍ମା ଓ ଅନ୍ତର୍ଗତ ସତ୍ତାର ପୂର୍ଣ୍ଣ ଉନ୍ମେଷ ଘଟିଲେ ଯାଇ ଏହି ଅଭିଳଷିତ ପରିବର୍ତ୍ତନଟିକୁ ସ୍ୱୀକାର କରିନେବାର ଅବସର ଆସିପାରିବ; ସେତେବେଳେ ଆମର ଚୈତ୍ୟ ତଥା ଚିନ୍ମୟ ସଙ୍କଳ୍ପହିଁ ଆମ ଭିତରେ ସବୁଠାରୁ ଅଧିକ ପ୍ରଭାବଶାଳୀ ହୋଇ ରହିବ, ସତ୍ତାର ବିଭିନ୍ନ ଦେଶରେ ସେହି ସଙ୍କଳ୍ପର ଆଲୋକ ତଥା ସାମର୍ଥ୍ୟହିଁ ଦୀର୍ଘକାଳ ଧରି କାର୍ଯ୍ୟ କରିଥିବ ଏବଂ ଆମର ସମଗ୍ର ପ୍ରକୃତିଟିର ଏକ ଚୈତ୍ୟ ତଥା ଚିନ୍ମୟ ପୁନର୍ଗଠନ ଆରମ୍ଭ ହୋଇ ଯାଇଥିବ ।

ଆମର ଭିତର ତଥା ବାହାର ପ୍ରକୃତିଟି ମଧ୍ୟରେ ଠିଆ ହୋଇ ରହିଥିବା ପାଚେରିଟିକୁ ଭାଙ୍ଗିଦେଇ ସମଗ୍ର ସତ୍ତାର ଏକତ୍ୱବିଧାନ କରିବା, ଚେତନାର ସ୍ଥାନ ପରିବର୍ତ୍ତନ କରାଇ ତାହାକୁ ବାହାର ସତ୍ତାରୁ ଆଣି ଆନ୍ତର ସତ୍ତାରେ କେନ୍ଦ୍ରୀଭୂତ କରି

'oaob.nitrkl.ac.in' images reprocessed

ରଖିବା, ଏହି ନୂତନ ଭୂମି ଉପରେ ଗୋଟିଏ ଦୃଢ଼ ମୂଳଦୁଆ ପକାଇବା, ଏହି ଅନ୍ତର୍ଗତ ଆତ୍ମସତ୍ତା ତଥା ଏହାର ସଂକଳ୍ପ ଓ ଦୃଷ୍ଟିଦ୍ୱାରାହିଁ ପ୍ରେରିତ ହୋଇ ଯାବତୀୟ କର୍ମ କରିବାରେ ଅଭ୍ୟସ୍ତ ହେବା ଏବଂ ବ୍ୟକ୍ତିଚେତନାକୁ ବିଶ୍ୱାତ୍ମକ ଚେତନା ଆଡ଼କୁ ଉନ୍ମୋଚିତ କରି ରଖିବା,—ଅତିମାନସ ରୂପାନ୍ତର ଲାଗି ଏଇଟି ଆଉଗୋଟିଏ ଆବଶ୍ୟକ ସର୍ତ୍ତ। ଆମର ଏହି ଉପରିଭାଗସ୍ଥ ମନ, ହୃଦୟ ଓ ଜୀବନ ଆଧ୍ୟାତ୍ମିକତା ଆଡ଼କୁ ଯେତେବେଶୀ ଉନ୍ମୁଖ ହୋଇ ରହିଥିଲେ ମଧ୍ୟ ସେହିଗୁଡ଼ିକର କ୍ଷୁଦ୍ରପରିସର ରୂପାୟନ ମଧ୍ୟରେ ଯେ ପରମ ଋତ୍-ଚିତ୍ କେବେ ଆପଣାର ପ୍ରତିଷ୍ଠା କରାଇବ, ଏହାକୁ କେବଳ ଏକ ଉଦ୍ଭଟ କଳ୍ପନା ବୋଲିହିଁ କୁହାଯିବ। କାରଣ ସେଥିଲାଗି ଅନ୍ତର୍ଗତ ସବୁ କେନ୍ଦ୍ରଗୁଡ଼ିକ ସମ୍ପୂର୍ଣ୍ଣ ଭାବରେ ଉନ୍ମୋଚିତ ହୋଇ ସାରିଥିବା ଦରକାର ଓ ଆପଣାର ସାମର୍ଥ୍ୟଗୁଡ଼ିକୁ ପୂର୍ଣ୍ଣରୂପେ ନିୟନ୍ତ୍ରିତ କରିଥିବା ଦରକାର; ଚୈତ୍ୟ ସତ୍ତାଟିର ପୂର୍ଣ୍ଣ ଅନାବରଣ ହୋଇଥିବା ଉଚିତ ଓ ଆଧାରର ନିୟାମକରୂପେ ପ୍ରତିଷ୍ଠିତ ହୋଇ ପାରିଥିବା ଦରକାର। ଆମର ସତ୍ତାକୁ ଅନ୍ତର୍ଗତ ଓ ବୃହତ୍ତର ଭୂମିରେ ପ୍ରତିଷ୍ଠିତ କରି ରଖିବାର ଏହି ପ୍ରଥମ ପରିବର୍ତ୍ତନଟି ଯଦି ସମ୍ପନ୍ନ ହୋଇ ନଥାଏ, ଆମ ସାଧାରଣ ଚେତନାକୁ ଯଦି ଏକ ଯୋଗାର୍ପିତ ଚେତନାରେ ପରିଣତ କରାଯାଇ ନଥାଏ, ତେବେ ସେହି ବୃହତ୍ତର ରୂପାନ୍ତରଟି କେବଳ ଅସମ୍ଭବହିଁ ହୋଇ ରହିବ। ଏତଦ୍‌ବ୍ୟତୀତ ବ୍ୟକ୍ତି ମଧ୍ୟ ଆପଣାକୁ ଯଥେଷ୍ଟ ପରିମାଣରେ ବିଶ୍ୱଭାବମୟ କରି ସାରିଥିବ, ଆପଣାର ବ୍ୟକ୍ତିମନକୁ ନେଇ ସେ ଏକ ବିଶ୍ୱଗତ ମନୋଭୂମିର ସୀମାହୀନତା ମଧ୍ୟରେ ଢାଳି ସାରିଥିବ; ଆପଣାର ବ୍ୟକ୍ତିଗତ ଜୀବନଟିକୁ ବିଶ୍ୱଗତ ଜୀବନର ଗତି-ବେଗର ପ୍ରତ୍ୟକ୍ଷ ବୋଧ ତଥା ଅପରୋକ୍ଷ ଅନୁଭୂତି ମଧ୍ୟରେ ପ୍ରସାରିତ ତଥା ଉଦ୍ଦୀପିତ କରିଥିବ ଏବଂ ବିଶ୍ୱପ୍ରକୃତିର ନାନା ଶକ୍ତିମୟତା ସହିତ ଆପଣା ଶରୀରର ଯୋଗସୂତ୍ର ସ୍ଥାପନ କରି କେତେକେତେ ଖିଅ ଲଗାଇ ପାରିଥିବ; ତେବେଯାଇ ବର୍ତ୍ତମାନର ବିଶ୍ୱରୂପାୟନଟିକୁ ଡେଇଁଯାଇ ବିଶ୍ୱଗତତାର ଏହି ଅଧୋମଣ୍ଡଳରୁ ତାହାର ଆଧ୍ୟାତ୍ମିକ ଊର୍ଦ୍ଧ୍ୱମଣ୍ଡଳରେ ଅବସ୍ଥିତ ଏକ ଚେତନା ମଧ୍ୟକୁ ତାକୁ ଉତ୍ତୋଳିତ କରି ନେଇ ଯିବାଲାଗି ଯେଉଁ ରୂପାନ୍ତରଟି ଦରକାର, ସେ ସେହି ରୂପାନ୍ତରର ଯୋଗ୍ୟ ହୋଇ ପାରିବ। ପୁଣି, ବର୍ତ୍ତମାନ ତା' ଲାଗି ଯାହା ଅତିଚେତନ ହୋଇ ରହିଛି, ସେତେ-ବେଳେ ସେ ସେଇଟି ବିଷୟରେ ବି ସଚେତନ ହୋଇଥିବ; ସେ ଆପଣାକୁ ସେହି ଊର୍ଦ୍ଧ୍ୱସ୍ଥ ଆଧ୍ୟାତ୍ମିକ ଆଲୋକ, ସାମର୍ଥ୍ୟ, ଜ୍ଞାନ ଓ ଆନନ୍ଦ ବିଷୟରେ ପୂର୍ଣ୍ଣସଚେତନ ହୋଇଥିବା ଏକ ସତ୍ତାରେ ପରିଣତ କରି ସାରିଥିବ; ସେହି ଆଲୋକର ଅବତରଣକାରୀ ପ୍ରଭାବଟି ତାହାର ସତ୍ତାମଧ୍ୟରେ ସଞ୍ଚାରିତ ହୋଇଥିବ ଓ ଏକ ଆଧ୍ୟାତ୍ମିକ ପରିବର୍ତ୍ତନ ତାକୁ ଏକାବେଳକେ ନୂଆ କରି ତିଆରି କରି ଦେଇଥିବ। ସତ୍ତାର ଚୈତ୍ୟ ଅଂଶଟି ଅନେକଦୂର ଅଗ୍ରସର ହେବା ପୂର୍ବରୁ ବା ପୂର୍ଣ୍ଣତା ଲାଭ କରିବା ପୂର୍ବରୁ ଅବଶ୍ୟ

'oaob.nitrkl.ac.in' images reprocessed

ଆଧ୍ୟାତ୍ମିକ ଉନ୍ମୋଚନ ବେଶ୍ ସମ୍ଭବ ହୋଇ ପାରିବ ଓ ତାହାର କ୍ରିୟା ମଧ୍ୟ ବେଶ୍ ଆରମ୍ଭ ହୋଇ ପାରିବ । କାରଣ ଉପରୁ ଅବତୀର୍ଣ୍ଣ ହୋଇ ଆସୁଥିବା ଆଧ୍ୟାତ୍ମିକ ପ୍ରଭାବଟି ଚୈତ୍ୟ ରୂପାନ୍ତରଟିକୁ ନିଶ୍ଚୟ ଜାଗ୍ରତ କରିଦେଇ ପାରିବ, ତାହାର ସହାୟକ ହୋଇପାରିବ ଓ ତାହାକୁ ପୂର୍ଣ୍ଣ କରିଦେଇ ପାରିବ । ସେଥିଲାଗି ଅଧ୍ୟାତ୍ମ-ଶକ୍ତିକୁ ସେହି ଊର୍ଦ୍ଧ୍ୱଭୂମିରୁ ଅବତୀର୍ଣ୍ଣ କରି ଆଣିବାଲାଗି ଚୈତ୍ୟସତ୍ତା ମଧ୍ୟରେ କେବଳ ଏକ ଯଥୋପଯୁକ୍ତ ଆକୂତି ଓ ବ୍ୟାକୁଳତା ରହିଥିବା ଦରକାର । ମାତ୍ର ତୃତୀୟ ଅର୍ଥାତ୍ ଅଧିମାନସ ପରିବର୍ତ୍ତନଟି ଯଥାର୍ଥ ସମୟ ଆସିବା ପୂର୍ବରୁ କଦାପି ସେହି ପରମ ଆଲୋକଟିକୁ ଅବତୀର୍ଣ୍ଣ ହେବାକୁ ଦେବ ନାହିଁ; କାରଣ ଯେତେବେଳେ ଅଧିମାନସ ଶକ୍ତି ପ୍ରତ୍ୟକ୍ଷ ଭାବରେ କାର୍ଯ୍ୟ କରିବାକୁ ଆରମ୍ଭ କରିବ, ସେତିକବେଳେ ଯାଇ ଅଧିମାନସ ରୂପାନ୍ତରର ଆରମ୍ଭ ହେବ; ଏବଂ ପ୍ରକୃତି ପ୍ରସ୍ତୁତ ନହେବାଯାଏ ଅଧି-ମାନସ ଶକ୍ତି କଦାପି ପ୍ରତ୍ୟକ୍ଷ ଭାବରେ କାର୍ଯ୍ୟ କରିବ ନାହିଁ । କାରଣ ସେହି ପରମଶକ୍ତି ଓ ଆମର ଏହି ସାଧାରଣ ପ୍ରକୃତିଟି ମଧ୍ୟରେ ଏତେବେଶୀ ପାର୍ଥକ୍ୟ ରହିଛି ଯେ ନିମ୍ନତର ଭୂମିର ପ୍ରକୃତି ସେହି ପରମଶକ୍ତିକୁ ହୁଏତ ବହନ କରିବାକୁ ସମର୍ଥ ହେବ ନାହିଁ, କିମ୍ବା ବହନ କରିପାରିଲେ ମଧ୍ୟ ତାହାର ଉଦ୍ଦେଶ୍ୟରେ ପ୍ରତିସ୍ପନ୍ଦନ ଜଣାଇ ପାରିବ ନାହିଁ ବା ତାହାକୁ ନିଜ ଭିତରେ ଗ୍ରହଣ କରିପାରିବ ନାହିଁ; ଅଥବା, ଗ୍ରହଣ କରିପାରିଲେ ମଧ୍ୟ ତାହାକୁ ନିଜସ୍ୱ ସମ୍ପଦରେ ପରିଣତ କରିପାରିବ ନାହିଁ । ପ୍ରକୃତି ଯଥୋଚିତ ଭାବରେ ପ୍ରସ୍ତୁତ ହେବା ପର୍ଯ୍ୟନ୍ତ ଅଧିମାନସ ଶକ୍ତି କେବଳ ପରୋକ୍ଷ ଭାବରେହିଁ କାର୍ଯ୍ୟ କରିବ, ଅଧିମାନସ ବା ବୋଧିଚେତନା ପ୍ରଭୃତି ମଧ୍ୟବର୍ତ୍ତୀ ସାମର୍ଥ୍ୟଗୁଡ଼ିକୁ ପୁରୋଭାଗରେ ରଖିଥିବ; ଅଥବା ଆପଣାର ଏପରି କୌଣସି ନିମ୍ନତର ବିଭୂତିର ମଧ୍ୟଦେଇ କାର୍ଯ୍ୟ କରିବ, ଯାହା ଉଦ୍ଦେଶ୍ୟରେ ଆପଣାର ପ୍ରତିସ୍ପନ୍ଦନ ଜଣାଇବା ଲାଗି ଅର୍ଦ୍ଧରୂପାନ୍ତରିତ ସତ୍ତାଟିର ସମ୍ପୂର୍ଣ୍ଣ ବା ଆଂଶିକ ସାମର୍ଥ୍ୟ ରହିଥିବ ।

ଆଧ୍ୟାତ୍ମିକ ବିବର୍ତ୍ତନ ଏକ ପର୍ଯ୍ୟାୟବାଚୀ ଉନ୍ମୋଚନଧାରାର ଅନୁସରଣ କରିଥାଏ । ପୂର୍ବତନ ପ୍ରଧାନ ସୋପାନଟି ଯଥେଷ୍ଟ ଭାବରେ ଆୟତ୍ତ ହୋଇ ସାରିଲେ ଯାଇ ତାହା ଆଉ ଏକ ନୂତନ ଓ ମୀମାଂସକ ପଦକ୍ଷେପ ଗ୍ରହଣ କରେ । ଏପରିକି ଯଦି କେତୋଟି ଅପ୍ରଧାନ ସୋପାନକୁ ଗିଳି ପକାଇବା ପରି ସତ୍ୱର ଲମ୍ଫଦେଇ ଉପରକୁ ଉଠିଯିବା ସମ୍ଭବ ହୁଏ, ତଥାପି ଅତିକାନ୍ତ ଭୂମିଟି ଉପଲବ୍ଧ ନୂତନ ସୋପାନଟି ସହିତ ପ୍ରକୃତରେ ଦୃଢ଼ଭାବରେ ସଂଯୁକ୍ତ ହୋଇ ପାରିଲା କି ନାହିଁ ସେହି ବିଷୟରେ ସୁନିଶ୍ଚିତ ହେବାଲାଗି ଚେତନାକୁ ପୁଣି ପଛକୁ ଲେଉଟି ଯିବାକୁ ପଡ଼େ । ଏକଥା ସତ ଯେ ଆମର ଏହି ପ୍ରକୃତି ଆପଣାର ଧୀର, ମନ୍ଥର ଓ ଅନିଶ୍ଚିତ ଗତିପଥଟି ଅନୁସରଣ କରି ଯେଉଁ ସିଦ୍ଧି ଲାଭ କରିବାକୁ ସାଧାରଣତଃ ବହୁ ଶତାବ୍ଦୀ

'oaob.nitrkl.ac.in' images reprocessed

ଓ ଏପରିକି ଯୁଗଯୁଗ ଲାଗିଯାଇ ଥାଆନ୍ତି, ଆପଣା ଅନ୍ତରର ଅଧ୍ୟାତ୍ମ ପୁରୁଷଟିକୁ ଉଦ୍‌ବୋଧିତ କରାଇ ସାଧକ ଆପଣାର ବିଜୟଯାତ୍ରାରେ ହୁଏତ ମାତ୍ର ଗୋଟିଏ ଜନ୍ମରେ ଅଥବା ଅଳ୍ପକେତୋଟି ଜନ୍ମରେ ସେହି ସିଦ୍ଧି ଲାଭ କରିପାରେ। ମାତ୍ର ସୋପାନଗୁଡ଼ିକୁ ଆମେ କେଉଁ ବେଗରେ ଅତିକ୍ରମ କରିବା, ଏକଥାଟି ତାହାରି ଉପରେହିଁ ନିର୍ଭର କରୁଛି; ବେଗ ବଢ଼ାଇଲେ କିମ୍ବା ବେଗକୁ କୌଣସି ନିର୍ଦ୍ଦିଷ୍ଟ ସୋପାନରେ କେନ୍ଦ୍ରୀଭୂତ କଲେ ଆମକୁ ଯେ କମ୍ ସଂଖ୍ୟାର ସୋପାନ ଅତିକ୍ରମ କରିବାକୁ ପଡ଼ିବ, ସେକଥା ଆଦୌ ନୁହେଁ ଏବଂ ପର୍ଯ୍ୟାୟକ୍ରମେ ସେଗୁଡ଼ିକୁ ଗୋଟି ଗୋଟି କରି ପାରିହେବାର ଆବଶ୍ୟକତା ମଧ୍ୟ ସବୁବେଳେ ରହିଥିବ। ଯେତେବେଳେ ଆମର ଅନ୍ତର୍ଗତ ସତ୍ତାଟି ଏହି ଆରୋହଣର ପ୍ରକ୍ରିୟାରେ ସଚେତନଭାବେ ଅଂଶଗ୍ରହଣ କରୁଥାଏ ଓ ଅର୍ଦ୍ଧରୂପାନ୍ତରିତ ନିମ୍ନସ୍ଥ ପ୍ରକୃତିରେ ପରାପ୍ରକୃତିର ଶକ୍ତି କାର୍ଯ୍ୟକାରୀ ହେବା ଆରମ୍ଭ ହୋଇ ଯାଇଥାଏ, ତେବେଯାଇ ଆରୋହଣର ଗତି ଦ୍ରୁତତର ହୁଏ; କାରଣ ଅନ୍ୟଥା ନିଶ୍ଚେତନା ବା ଅବିଦ୍ୟାର ରାତ୍ରି-ଅନ୍ଧାର ମଧ୍ୟରେ କେବଳ ପରୀକ୍ଷାମୂଳକ ଭାବରେ ଯେଉଁସବୁ ପଦକ୍ଷେପ ଗ୍ରହଣ କରାଯାଇ ଥାଆନ୍ତି, ବର୍ତ୍ତମାନ ଜ୍ଞାନର କ୍ରମବର୍ଦ୍ଧମାନ ଆଲୋକ ଓ ଶକ୍ତି ମଧ୍ୟରେ ସେଗୁଡ଼ିକୁ ଗ୍ରହଣ କରିପାରିବା ସମ୍ଭବ ହୁଏ। ବିବର୍ତ୍ତନଶୀଳ ଶକ୍ତିର ସେହି ପ୍ରଥମ ଓ ଅସ୍ପଷ୍ଟ ଜଡ଼ଭୂମିଗତ ଗତିସ୍ପନ୍ଦନ ଅତି ମନ୍ଥର ହୋଇ ରହିଥାଏ ଏବଂ ଏହି ଭୂମିଟିକୁ ଅତିକ୍ରମ କରିବାଲାଗି ତାହାକୁ ଲକ୍ଷଲକ୍ଷ ଯୁଗ ସମୟ ଲାଗେ; ପ୍ରାଣର ଭୂମିକୁ ଆସି ଏହି ଗତିସ୍ପନ୍ଦନ ତଥାପି ଧୀରଭାବରେ ଅଗ୍ରସର ହେଉଥାଏ ସତ, ମାତ୍ର ତଥାପି ତାହାର ଗତି ଜଡ଼ଗତ ସ୍ତରର ଗତି ତୁଳନାରେ ଟିକିଏ ଅଧିକ ଦ୍ରୁତତା ଲାଭ କରିଥାଏ ଓ ଏହି ପର୍ଯ୍ୟାୟଟି ଲାଗି ତାକୁ ସହସ୍ର ସହସ୍ର ବର୍ଷ ଲାଗିଯାଏ। କାଳର ଏହି ବିଳମ୍ବିତ ଗତିର ମନ୍ଥରତା ମନର ସ୍ତରକୁ ଆସି ଆଉଟିକିଏ ଅଧିକ ହ୍ରାସ ହୋଇଯାଏ ଏବଂ ଦୀର୍ଘ ପଦକ୍ଷେପରେ ଶତାବ୍ଦୀ ଶତାବ୍ଦୀ ବ୍ୟାପିଯାଏ। ମାତ୍ର ଯେତେବେଳେ ଚେତନ ଚୈତ୍ୟସତ୍ତା ଆସି ଏହି କ୍ଷେତ୍ରରେ ଉପସ୍ଥିତ ହୁଏ, ସେତେବେଳେ ବିବର୍ତ୍ତନର ଗତିବେଗ ତାହାର ଚରମସୀମାରେ ଆସି ପହଞ୍ଚେ ଓ ରୂପାନ୍ତରର ସମସ୍ତ ଆଶାତୀତ ଭାବରେ ସଂକ୍ଷେପିତ ହୋଇଆସେ। ମାତ୍ର ଯେତେବେଳେ ଚେତନ ଚିଦ୍‌ବସ୍ତୁର ଶକ୍ତି କ୍ଷେତ୍ରଟିକୁ ପ୍ରସ୍ତୁତ କରି ରଖିଥିବ ଏବଂ ଅତିମାନସ ଶକ୍ତି ଆପଣାର ପ୍ରତ୍ୟକ୍ଷ ପ୍ରଭାବଟିକୁ କାର୍ଯ୍ୟକାରୀ କରିବାକୁ ଆରମ୍ଭ କରି ଦେଇଥିବ, କେବଳ ସେତିକିବେଳେ ଯାଇ ବିବର୍ତ୍ତନର ଗତିପଥରେ ପାହାଚ ପରେ ପାହାଚ ଗିଳି ପକାଉଥିବା ଭଳି ଏକ ସଂବୃତ ସତ୍ୱରତା ସମ୍ଭବ ହୋଇ ପାରିବ। ପ୍ରକୃତିର କ୍ଷେତ୍ରରେ ଘଟୁଥିବା ଯାବତୀୟ ରୂପାନ୍ତର ବସ୍ତୁତଃ ସର୍ବଦା ସତେଅବା ଏକ ଅଲୌକିକତା ପରି ଆପଣାକୁ ପ୍ରକାଶ କରିଥିଲେ ମଧ୍ୟ ଏହି ଅଲୌକିକତା ଭିତରେ

'oaob.nitrkl.ac.in' images reprocessed

ସର୍ବଦା ଏକ ସ୍ୱକୀୟ ପଦ୍ଧତି ଅବଶ୍ୟ ଉପସ୍ଥିତ ଥାଏ । ଏକ ସୁନିଶ୍ଚିତ ଭୂମି ଉପରେହିଁ ପ୍ରକୃତି ଆପଣାର ବୃହତ୍ତମ ପଦକ୍ଷେପଗୁଡ଼ିକୁ ଗ୍ରହଣ କରିଥାଏ, ବିବର୍ତ୍ତନର ପଥରେ ଯେତେବେଳେ ଏକ ନୂଆ ମୋଡ଼ ଆସି ପହଞ୍ଚେ, ସେତେବେଳେ ନିଶ୍ଚିତ ଓ ନିରାପଦ ଏକ ଆଧାର ପାଇଲେହିଁ ପ୍ରକୃତିର ଦ୍ରୁତତମ ଲମ୍ଫନଗୁଡ଼ିକ ସମ୍ଭବ ହୋଇଥାଏ । ଏକ ସଂଗୁପ୍ତ ସର୍ବପ୍ରଜ୍ଞ ପ୍ରକୃତିର ଯାବତୀୟ ବ୍ୟାପାରକୁ ପରିଶାସିତ ଓ ପରିଚାଳିତ କରୁଥାଏ; ଏପରିକି ଅତ୍ୟନ୍ତ ଅବୋଧ ବୋଲି ପ୍ରତୀତ ହେଉଥିବା ତାହାର ପ୍ରକ୍ରିୟା ଓ ପଦକ୍ଷେପଗୁଡ଼ିକ ମଧ୍ୟ କେବଳ ତାହାରି ବୋଲି ମାନି ଚାଲିଥାଏ ।

ପ୍ରକୃତି-ଗତିକ୍ରମର ଏହି ବିଧାନଟି ଅନୁସାରେ ମଧ୍ୟବର୍ତ୍ତୀ ଏହି ଶେଷ ପ୍ରକ୍ରିୟାଟିରେ ମଧ୍ୟ ଏକ ସୋପାନବିନ୍ୟାସର ଆବଶ୍ୟକତା ରହିଛି, ପାହାଚ ପରେ ପାହାଚ ଚଢ଼ି ଉପରକୁ ଉଠିବାର ଓ ଅଧ୍ୟାତ୍ମଭାବାପନ୍ନ ମନର ସ୍ତରଠାରୁ ଅତିମାନସ ସ୍ତରଯାଏ ଆମକୁ ବାଟ ଦେଖାଇ ନେଉଥିବା କ୍ରମୋଚ୍ଚ ପର୍ଯ୍ୟାୟଗୁଡ଼ିକର ଉନ୍ମୋଚନ ହେବାର ଏକ ଆବଶ୍ୟକତା ରହିଛି । ଶେଷ ପର୍ବର ଏହି ପଥଟି ଏପରି ଠିଆ ହୋଇ ଉପରକୁ ଉଠିଯାଇଛି ଯେ ସୋପାନ ସୋପାନ ହୋଇ ରହି ନଥିଲେ ଏହାକୁ ଉଠିପାରିବା କଦାପି ସମ୍ଭବ ହେଉ ନଥା'ନ୍ତା । ଆମର ଊର୍ଦ୍ଧ୍ୱରେ ଆମର ଏହି ସାଧାରଣ ଓ ନୈମିତ୍ତିକ ମନର ଉପରକୁ ଯେ କ୍ରମପର୍ଯ୍ୟାୟରେ ଏକାଧିକ ସ୍ଥିତି, ସ୍ତର ବା ସାମର୍ଥ୍ୟମାନ ରହିଛି, ଆମେ ସେକଥା ଆଗରୁ ଦେଖିସାରିଛୁ । ଏହିସବୁ ସ୍ଥିତି ବା ସ୍ତର ଆମ ନିଜର ଅତିଚେତନ ଅଂଶଗୁଡ଼ିକ ଭିତରେ ଲୁଚି କରି ରହିଛନ୍ତି, ଆମ ମନର ନାନା ଉଚ୍ଚତର ବିସ୍ତୃତିରୂପେ ଓ ଆଧ୍ୟାତ୍ମିକ ଚେତନା ତଥା ଅନୁଭୂତିର ନାନା ମାତ୍ରାରେଖାରୂପେ ଅବସ୍ଥିତ ରହିଛନ୍ତି । ଏହିସବୁ ସ୍ତର ନଥିଲେ ଏହି କ୍ଷେତ୍ରରେ କୌଣସି ସଫଳତା ନଥା'ନ୍ତା, ମଧ୍ୟବର୍ତ୍ତୀ ପ୍ରଦେଶର ଏହିସବୁ ଆନୁକୂଲ୍ୟ ନଥିଲେ ମନରୁ ଅତିମାନସ ଯାଏ ରହିଥିବା ଏହି ବିପୁଳ ବ୍ୟବଧାନଟିକୁ ଆରୋହଣ କରିପିବା କଦାପି ସମ୍ଭବ ହୁଅନ୍ତା ନାହିଁ । ବସ୍ତୁତଃ ଊର୍ଦ୍ଧ୍ୱସ୍ଥିତ ଏହିସବୁ ଉତ୍ସରୁହିଁ ଅନ୍ତର୍ଗୂଢ଼ ଅଧ୍ୟାତ୍ମଶକ୍ତିର ଧାରା ସବୁ ଉପରକୁ ଅବତୀର୍ଣ୍ଣ ହୋଇଆସେ, ତାହା ଉପରେ ଆପଣାକୁ କାର୍ଯ୍ୟକାରୀ କରେ ଏବଂ ଆପଣାର ପ୍ରଭାବ ପକାଇ ଚୈତ୍ୟ ରୂପାନ୍ତର ବା ଆଧ୍ୟାତ୍ମିକ ପରିବର୍ତ୍ତନର ସୂତ୍ରପାତ କରାଇଥାଏ । ମାତ୍ର ଆମ ଅଭିବୃଦ୍ଧିର ପ୍ରଥମକାଳୀନ ପର୍ଯ୍ୟାୟଗୁଡ଼ିକରେ ଏହି କ୍ରିୟା ବାହାରକୁ ଦୃଷ୍ଟିଗୋଚର ହୁଏ ନାହିଁ; ଏହା ସଂଗୁପ୍ତ ହୋଇ ରହିଥାଏ, ଆମ ପାଖରେ ଆଦୌ ଧରା ଦିଏ ନାହିଁ । ସର୍ବପ୍ରଥମେ ଆମ ମନୋଗତ ପ୍ରକୃତିର ସେହି ଚିନ୍ମୟ ଶକ୍ତିଟି ସହିତ ଏକ ସଂସ୍ପର୍ଶଲାଭ ଆବଶ୍ୟକ ହୁଏ; ଜାଗରଣକାରୀ ସେହି ପ୍ରଭାବଟିକୁ ମନ, ହୃଦୟ ଓ ପ୍ରାଣ ଉପରେ ଆପଣାର ଏକ ଚିହ୍ନ ଅଙ୍କିତ କରି

'oaob.nitrkl.ac.in' images reprocessed

ରକ୍ଷିବାକୁ ପଡ଼େ ଏବଂ ସେଗୁଡ଼ିକୁ ଊର୍ଦ୍ଧ୍ୱାଭିମୁଖୀ କରିଦେବାକୁ ପଡ଼େ । ଏକ ସ୍ୱଚ୍ଛ ଆଲୋକମୟତା ଅଥବା ରୂପାନ୍ତରକାରୀ ଏକ ବିରାଟ ଶକ୍ତିକୁ ସେଗୁଡ଼ିକର ଗତିବେଗକୁ ପରିଶୁଦ୍ଧ, ବିଶୋଧିତ ଓ ଉତ୍ତୋଳିତ କରିନେବାକୁ ପଡ଼େ ଏବଂ ସେଗୁଡ଼ିକର ଚରିତ୍ରଗତ ସାମର୍ଥ୍ୟ ଓ ଲକ୍ଷଣ ମଧ୍ୟରେ ଯେଉଁ ଊର୍ଦ୍ଧ୍ୱତର ଚେତନାଟି ଲାଗି ଆଗରୁ କୌଣସି ସ୍ଥାନ ନଥିଲା, ସେଗୁଡ଼ିକୁ ସେ ତାହାଦ୍ୱାରା ପରିପ୍ଲାବିତ କରିଦିଏ । ଚୈତ୍ୟ ସତ୍ତା ଓ ଚୈତ୍ୟ ବ୍ୟକ୍ତିତ୍ୱର ମଧ୍ୟଦେଇ ଏକ ଅଦୃଶ୍ୟ କ୍ରିୟାଦ୍ୱାରା ଭିତରୁ ଏହା ସମ୍ଭବ ହୋଇପାରେ ଏବଂ ସେଥିଲାଗି ସଚେତନ ଭାବରେ ଅନୁଭୂତ ଊର୍ଦ୍ଧ୍ୱସ୍ଥ କୌଣସି ଶକ୍ତିର ଅବତରଣ ଆଦୌ ଅପରିହାର୍ଯ୍ୟ ହୁଏ ନାହିଁ । ଜୀବନଧାରା ପ୍ରତ୍ୟେକ ସତ୍ତାରେ, ପ୍ରତ୍ୟେକ ସ୍ତରରେ ଓ ପ୍ରତ୍ୟେକ ବସ୍ତୁରେ ଚୈତ୍ୟପୁରୁଷ ବିରାଜିତ ରହିଛନ୍ତି; ଏବଂ ସେ ସେଠାରେ ବିରାଜିତ ରହିଥିବାରୁ ସଚ୍ଚିଦାନନ୍ଦର ଅନୁଭୂତି, ଶୁଦ୍ଧ ଆଧ୍ୟାତ୍ମିକ ସତ୍ତା ଓ ଆଧ୍ୟାତ୍ମିକ ଚେତନାର ଅନୁଭୂତି, ଏକ ଦିବ୍ୟ ସାନ୍ନିଧ୍ୟଜନିତ ଆନନ୍ଦ ଓ ତାହାକୁ ଆପଣାର ଅତି ନିକଟରେ ପାଇଥିବାର ଅନୁଭୂତି;—ଏଗୁଡ଼ାକ ମନ, ହୃଦୟ ବା ପ୍ରାଣଗତ ବୋଧଦ୍ୱାରା ବି ଅର୍ଜନ କରାଯାଇ ପାରିବ; ଏପରିକି ଏକ ଦେହଗତ ଚେତନା ମଧ୍ୟଦେଇ ତାହା ସାଧ୍ୟ ହୋଇପାରିବ । ଯଦି ଆମର ଅନ୍ତର୍ଦ୍ୱାରଗୁଡ଼ିକ ଯଥେଷ୍ଟ ପରିମାଣରେ ଉନ୍ମୁକ୍ତ ହୋଇ ରହିଥାଏ, ତେବେ ହୃଦୟର ମଣିପୁରରୁ ଦିବ୍ୟ ଆଲୋକ ସଞ୍ଚାରିତ ହୋଇଆସି ଆମ ବହିଃସତ୍ତାର ନିକଟତମ ତଥା ଦୂରତମ ଭାଗଗୁଡ଼ିକୁ ମଧ୍ୟ ଆଲୋକିତ କରିଦେଇ ପାରିବ । ଏହି ଆବଶ୍ୟକ ନୂତନ ମୋଡ଼ ବା ପରିବର୍ତ୍ତନଟି ଉପରୁ ସେହି ଅଧ୍ୟାତ୍ମଶକ୍ତିର ଏକ ଗୋପନ ଅବତରଣ ଦ୍ୱାରା ମଧ୍ୟ ସମ୍ଭବ ହୋଇପାରିବ; ଯେଉଁଥିରେ କି ତାହାର ପ୍ରବାହ, ପ୍ରଭାବ ବା ଆଧ୍ୟାତ୍ମିକ ପରିଣାମଟିକୁ ଆମେ ଅବଶ୍ୟ ଅନୁଭବ କରିପାରିବା । ମାତ୍ର ସେହି ପ୍ରଭାବର ଉଚ୍ଚତର ଉତ୍ପତ୍ତି ବିଷୟରେ ଆମକୁ କିଛିହେଲେ ଜଣା ନଥାଏ ଏବଂ ଶକ୍ତିର ଅବତରଣ ବିଷୟରେ କୌଣସି ପ୍ରକୃତ ବୋଧ ମଧ୍ୟ ହୁଏ ନାହିଁ । ସେହି ପରମଶକ୍ତିର ସ୍ପର୍ଶ ଲାଭ କରି ଚେତନା ହୁଏତ ଏତେ ଉପରକୁ ଉତ୍ତୋଳିତ ହୋଇ ଯାଇପାରେ ଯେ ବିବର୍ତ୍ତନର ଧାରାଟିରୁ ବାହାରିଯାଇ ସାଧକ ପରମ ଆତ୍ମସତ୍ତା ବା ପରମ ଦିବ୍ୟସତ୍ତା ସହିତ ସିଧାସଳଖ ଯୁକ୍ତ ହୋଇ ଯାଇପାରେ; ଏବଂ ଯଦି ତାହାହିଁ ଭଗବଦଭିପ୍ରାୟ ହୋଇଥାଏ, ତେବେ ସୋପାନବାଟୀ ଏକ ଧୀର କ୍ରମପର୍ଯ୍ୟାୟର ଆଉ କୌଣସି ଆବଶ୍ୟକତା ନଥାଏ, କୌଣସି ସାଧନାପଦ୍ଧତିର ବି ପ୍ରୟୋଜନ ନଥାଏ ଏବଂ ପ୍ରକୃତି ସହିତ ବାନ୍ଧିହୋଇ ନରହି ଅଲଗା ହୋଇଯିବା ନିଶ୍ଚିତ ହୋଇଯାଏ । କାରଣ ପ୍ରକୃତିର ବନ୍ଧନଟିକୁ କାଟି ଚାଲିଯିବାର ବିଧାନଟି ଯଦି ଥରେ ସମ୍ଭବ ହୋଇପାରେ, ତେବେ ତା'ପରେ ତାହା ଆଉ ବିବର୍ତ୍ତନାତ୍ମକ ରୂପାନ୍ତର ଓ ପୂର୍ଣ୍ଣତାଲାଭର ବିଧାନଟିର ଅନୁରୂପ ହୋଇ ରହେ ନାହିଁ । ସେତେବେଳେ ତାହା

'oaob.nitrkl.ac.in' images reprocessed

ଏକ ଲକ୍ଷ୍ୟରେ ପରିଣତ ହୋଇପାରେ, ସତ୍ୱର ଓ ସିଧାସଳଖ ଭାବରେ ସକଳ ପାଶକୁ କାଟିଦେଇ ଖୁଲିଯିବାକୁ ବି ବୁଝାଇପାରେ । ପରିପୂର୍ଣ୍ଣ ଆଧ୍ୟାତ୍ମିକୀକରଣ ଲାଗି ଜଗତକୁ ବର୍ଜନ କରିବା ସେତେବେଳେ ପକ୍କା ହୋଇଯାଏ, ଏବଂ ଶରୀରର ପାତନ ଘଟିବାର ନିୟତିନିର୍ଦ୍ଦିଷ୍ଟ ସମୟଟି ପର୍ଯ୍ୟନ୍ତହିଁ ଈଶ୍ୱରଙ୍କର ଅନୁମତି ଲାଗି ଅପେକ୍ଷା କରି ରହିବା ଦରକାର ହୁଏ । ମାତ୍ର ଜଗତକୁ ବର୍ଜନ କରିବା ପରିବର୍ତ୍ତରେ ଜାଗତିକ ଜୀବନର ସମୂଳ ରୂପାନ୍ତରହିଁ ଯଦି ଅଭିପ୍ରାୟ ହୋଇଥାଏ, ତେବେ ଆଧ୍ୟାତ୍ମିକଭାବାପନ୍ନତାର ପ୍ରଥମ ସମ୍ପୂର୍ଣ୍ଣତି ଲାଭ କରିବା ପରେ ସେହି ଊର୍ଦ୍ଧ୍ୱସ୍ଥ ଉତ୍ସ ଓ ସାମର୍ଥ୍ୟଗୁଡ଼ିକୁ ଜାଗ୍ରତ କରାଇବା ଆବଶ୍ୟକ ହୁଏ, ସେଗୁଡ଼ିକର ଅନ୍ୱେଷଣ କରିବା ଦରକାର ହୁଏ ଏବଂ ସେମାନଙ୍କର ସ୍ୱାଭାବିକ ସ୍ଥିତିରେ ଯାଇ ପହଞ୍ଚି ପାରିବାପାଇଁ ସତ୍ତାକୁ ଆବଶ୍ୟକ ଭାବରେ ପ୍ରସାରିତ ଓ ଉନ୍ମୋଚିତ କରିବାକୁ ହୁଏ, ଏବଂ ସେମାନଙ୍କର ଉଚ୍ଚତର ବିଧାନ ଓ ଗତିଶୀଳ ପ୍ରକୃତିରେ ଚେତନାକୁ ନୂତନ ଭାବରେ ଦୀକ୍ଷିତ କରାଇ ନେବାକୁ ହୁଏ । ଏହି ପରିବର୍ତ୍ତନ କେବଳ ସୋପାନ ଅନୁକ୍ରମରେହିଁ ଘଟିପାରିବ, ଏହିପରି ପାହାଚ ପରେ ପାହାଚ ଉଠି ଆରୋହଣର ସମସ୍ତ ସିଡ଼ିଟିକୁ ପାରହୋଇ ଯିବାକୁ ପଡ଼ିବ, ଏବଂ ତା'ପରେ ଯାଇ ବେଦୋକ୍ତ ସେହି ପୂର୍ଣ୍ଣମୁକ୍ତ ଅତିବିସ୍ତୃତ ବୃହତ୍ତମ ରାଜ୍ୟଗୁଡ଼ିକରେ ଆବିର୍ଭୂତ ହେବା ସମ୍ଭବ ହେବ, ପରମ ଜ୍ୟୋତିର୍ମୟ ସେହି ଅନ୍ତଃସ୍ଥ ଚିଦାକାଶଗୁଡ଼ିକର ସ୍ୱଭୂମି ମଧ୍ୟରେ ଉନ୍ମେଷଲାଭ ସମ୍ଭବ ହୋଇଯିବ ।

ପ୍ରକୃତିର ଗତିକ୍ରିୟାରେ ଅନ୍ୟତ୍ର ଯାହା, ଏଠାରେ ମଧ୍ୟ ଠିକ୍ ସେଇଆ; ଏଠାରେ ମଧ୍ୟ ବିବର୍ତ୍ତନର ପ୍ରକ୍ରିୟାଟି ଠିକ୍ ସେହିପରି ଭାବରେ ଗତି କରିଥାଏ । ପ୍ରଥମେ ଚେତନାର ଭୂମିରେ ଏକ ଉନ୍ମୋଚନ ଓ ଏକ ପ୍ରସାରଣ ଘଟେ, ଏକ ଉଚ୍ଚତର ସୋପାନକୁ ଆରୋହଣ କରି ନିମ୍ନସ୍ଥ ସୋପାନଗୁଡ଼ିକୁ ଆପଣା ସହିତ ଗ୍ରହଣ କରି ନେବାକୁ ହୁଏ; ଏକ ଉଚ୍ଚତର ସତ୍ତାଶକ୍ତି ପୂର୍ବରୁ ବିବର୍ତ୍ତିତ ହୋଇ ସାରିଥିବା ପ୍ରକୃତିର ଯେତେବେଶୀ ଅଂଶରେ ପହଞ୍ଚିବାକୁ ସମର୍ଥ ହୁଏ, ତାହା ଉପରେ ସେ ଆପଣାର ସ୍ୱକୀୟ କ୍ରିୟାରୀତି ତଥା ଆପଣା ଉପାଦାନଶକ୍ତିର ସ୍ୱଭାବ ଓ ସାମର୍ଥ୍ୟଗୁଡ଼ିକୁ ନେଇ ନ୍ୟସ୍ତ କରିଦିଏ ଏବଂ ସତ୍ତାରେ ଏକ ନୂତନ ସମଗ୍ରତା ଆଣିଦିଏ । ଆପଣା ମଧ୍ୟରେ ସବୁକିଛିକୁ ଗ୍ରହଣ କରିନେଇ ସବୁକିଛିକୁ ଏକାଠି ମିଶାଇ ଏକ ଅଖଣ୍ଡ ପୂର୍ଣ୍ଣାଙ୍ଗତା ସାଧନ କରିବାର ଦାବିଟି ହେଉଛି ପ୍ରକୃତି-ବିବର୍ତ୍ତନର ଏହି ଶେଷ ପର୍ଯ୍ୟାୟର ପ୍ରଧାନ ବୈଶିଷ୍ଟ୍ୟ । ଆରୋହଣର ନିମ୍ନତର ସୋପାନଗୁଡ଼ିକରେ ଏହିଭଳି ଭାବରେ ଉଚ୍ଚତର ଚେତନା ମଧ୍ୟରେ ସବୁକିଛିକୁ ଗ୍ରହଣ କରିନେବା ବା ସମନ୍ୱିତ କରାଇବାଟି ଅପୂର୍ଣ୍ଣ ହୋଇ ରହିଯାଏ । ପ୍ରାଣ ଓ ଜଡ଼କୁ ମନ ସମ୍ପୂର୍ଣ୍ଣ ଭାବରେ ମନୋମୟତା ଦ୍ୱାରା ସଂକ୍ରାମିତ କରି ପାରେ ନାହିଁ; ପ୍ରାଣଗତ ସତ୍ତା ତଥା ଶରୀର ମଧ୍ୟରେ ଏପରି ଅନେକ

'oaob.nitrkl.ac.in' images reprocessed

ଅଂଶ ତଥାପି ଥାଏ, ଯାହାକି ଅବମାନସ ଓ ଅବଚେତନ ଅଥବା ନିଶ୍ଚେତନର ରାଜ୍ୟାନ୍ତର୍ଗତ ହୋଇ ରହିଥାଏ। ପ୍ରକୃତରେ ପରିପୂର୍ଣ୍ଣତା ଆଣିବାଲାଗି ମନର ପ୍ରୟାସ ମଧ୍ୟରେ ଏଇଟି ଏକ ପ୍ରବଳ ଅନ୍ତରାୟ ହୋଇ ରହିଥାଏ; କାରଣ ଆଧାରସ୍ଥ ଯାବତୀୟ କ୍ରିୟାର ପରିଚାଳନରେ ଅବମାନସ, ଅବଚେତନ ଓ ନିଶ୍ଚେତନ ସତତ ଯେଉଁ ସ୍ୱଭାବଟିକୁ ମାଡ଼ି ବସି ରହିଥା'ନ୍ତି ଓ ମନର ବିଧାନଠାରୁ ସମ୍ପୂର୍ଣ୍ଣ ଭିନ୍ନ ଆଉ ଏକ ବିଧାନକୁ ଯେପରି ଚଳାଇ ରଖିଥା'ନ୍ତି, ତଦ୍ଦ୍ୱାରା ସଚେତନ ପ୍ରାଣ ଓ ଦୈହିକ ଚେତନା ସେମାନଙ୍କ ଉପରେ ମନ ଆଣି ଉପସ୍ଥାପିତ କରି ଦେଉଥିବା ବିଧାନଟିକୁ ସମ୍ପୂର୍ଣ୍ଣରୂପେ ଅସ୍ୱୀକାର କରିବାରେ ମଧ୍ୟ ସମର୍ଥ ହୁଅନ୍ତି; ସେମାନେ ମନୋମୟ ସକଳ ବିବେକକୁ ତଥା ପରିଣତ ବୁଦ୍ଧିର ଯୁକ୍ତିସମର୍ଥିତ ଇଚ୍ଛାଶକ୍ତିକୁ ଅବଜ୍ଞା କରି କେବଳ ଆପଣା ଆବେଗ ତଥା ସହଜାତ ପ୍ରବୃତ୍ତିଗୁଡ଼ିକରହିଁ ଅନୁସରଣ କରୁଥା'ନ୍ତି। ଏହାଫଳରେ ଆପଣାର ସୀମାତିକ୍ରମ କରିବା ମନଲାଗି ଅତ୍ୟନ୍ତ କଷ୍ଟକର ହୋଇପଡ଼େ, ଆପଣାର ସ୍ତରଟିରୁ ଉତ୍ତୀର୍ଣ୍ଣ ହୋଇ ପ୍ରକୃତିକୁ ଚିନ୍ମୟତାଦ୍ୱାରା ସଂଚାଳିତ କରିପାରିବା ମଧ୍ୟ କଷ୍ଟକର ହୁଏ। କାରଣ ସେ ଯାହାକୁ ପୂର୍ଣ୍ଣଭାବରେ ସଚେତନ ବି କରିପାରିବ ନାହିଁ, ଆପଣାର ମନୋମୟତା ବା ବୁଦ୍ଧିଦ୍ୱାରା ସଂଚାଳିତ କରିପାରିବ ନାହିଁ, ତାହାକୁ ସେ ଚିନ୍ମୟତା ବା ଆଧ୍ୟାତ୍ମିକତା ଦ୍ୱାରା ଅନୁରଞ୍ଜିତ ବି କିପରି କରିପାରିବ ? କାରଣ ଆଧ୍ୟାତ୍ମିକ ରୂପାନ୍ତର କହିଲେ ସର୍ବଦା ଏକ ବୃହତ୍ତର ଓ ଅଧିକ କଠିନ ସମନ୍ୱୟର ଉପଲବ୍ଧିକୁହିଁ ବୁଝାଇବ। ଅବଶ୍ୟ ଏଥିରେ କୌଣସି ସନ୍ଦେହ ନାହିଁ ଯେ ଆଧ୍ୟାତ୍ମିକ ଶକ୍ତିର ସହାୟତା ଦ୍ୱାରା ଏହି ମନ ପ୍ରକୃତିର କେତେକ କ୍ଷେତ୍ରକୁ ଅବଶ୍ୟ ପ୍ରଭାବିତ କରିପାରିବ ଏବଂ ସେଥିରେ ଏକ ପ୍ରାଥମିକ ପରିବର୍ତ୍ତନ ବି ସମ୍ଭବ କରିପାରିବ; ବିଶେଷ କରି ସ୍ୱୟଂ ମନନସମର୍ଥ ମନର କ୍ଷେତ୍ରରେ ଏବଂ ତା' ଆପଣାର ପ୍ରଦେଶଟିର ସବୁଠାରୁ ଅଧିକ ନିକଟବର୍ତ୍ତୀ ହୋଇ ରହିଥିବା ହୃଦୟର କ୍ଷେତ୍ରଟିରେ ସେ ଏସବୁ ନିଶ୍ଚୟ କରିପାରିବ; ମାତ୍ର ଆପଣାର ସୀମାଗୁଡ଼ିକ ମଧ୍ୟରେ ବି ବିସ୍ତୃତ କଲେ ମଧ୍ୟ ଏହି ପରିବର୍ତ୍ତନକୁ ଅନେକ ସମୟରେ ଏକ ସମଗ୍ର ଓ ପରିପୂର୍ଣ୍ଣ ପରିବର୍ତ୍ତନ ବୋଲି କଦାପି କହିହେବ ନାହିଁ, ଏବଂ ବହୁକଷ୍ଟରେ ତାହା କ୍ୱଚିତ୍ ସେହି ପରିପୂର୍ଣ୍ଣତା ଆଡ଼କୁ ଅଗ୍ରସର ହୋଇଥାଏ ବୋଲି କୁହାଯାଇ ପାରିବ। ଆଧ୍ୟାତ୍ମିକ ଚେତନା ମନକୁ ଆପଣାର କାର୍ଯ୍ୟରେ ଲଗାଇବା ସମୟରେ କେବଳ ଆପଣାଠାରୁ ନ୍ୟୂନତର ଏକ ସାଧନରହିଁ ନିୟୋଜନ କରିଥାଏ, ଏବଂ ମନର ଭୂମିକୁ ଏକ ଦିବ୍ୟ ଜ୍ୟୋତି ବହନ କରି ଆଣିବାରେ, ହୃଦୟର କ୍ଷେତ୍ରରେ ଏକ ଦିବ୍ୟ ପରିଶୁଦ୍ଧତା, ଉତ୍ସୁକତା ଏବଂ ଉଦ୍ଦୀପନାର ସଂଚାର କରିବାରେ ଅଥବା ପ୍ରାଣ ଉପରେ ଏକ ଆଧ୍ୟାତ୍ମିକ ବିଧାନକୁ ଆଣି ଲଦିଦେବାରେ ସମର୍ଥ ହେଲେ ମଧ୍ୟ ଏହି ନୂତନ ଚେତନାଟିକୁ ତଥାପି ନାନା ଆସ୍ତରଣ ଭିତରେ ଆବଦ୍ଧ ରହିହିଁ କାର୍ଯ୍ୟ କରିବାକୁ ପଡ଼େ। ଅଧିକାଂଶତଃ ତାହା

'oaob.nitrkl.ac.in' images reprocessed

ପ୍ରାଣର ନିମ୍ନତର କ୍ରିୟାତ୍ମକତାଗୁଡ଼ିକୁ ନିୟମିତ ଓ ନିରୁଦ୍ଧ କରି ରଖିବାରେ ଓ ଶରୀର ଉପରେ ଏକ କଠୋର ନିୟନ୍ତ୍ରଣ ଜାରି କରି ରଖିବାରେହିଁ ବ୍ୟସ୍ତ ହୋଇ ରହିଥାଏ; ମାତ୍ର ଏହି ପ୍ରାଣ ଓ ଶରୀର ପରିଶୋଧିତ ହେଲେ ମଧ୍ୟ କିମ୍ବା ମନର କର୍ତ୍ତୃତ୍ୱକୁ ସ୍ୱୀକାର କରିନେଲେ ମଧ୍ୟ ତଥାପି ତଦ୍ଦ୍ୱାରା ଆପଣାର ଆଧ୍ୟାତ୍ମିକ ସାର୍ଥକତା ଅର୍ଜନ କରିପାରନ୍ତି ନାହିଁ ବା କୌଣସି ପରିପୂର୍ଣ୍ଣତା ବା ରୂପାନ୍ତରର ଭାଜନ ହୁଅନ୍ତି ନାହିଁ । କାରଣ ସେଥିଲାଗି ଆଧ୍ୟାତ୍ମିକ ଚେତନାର ସ୍ୱଭାବାନୁରୂପ ଏକ ଉଚ୍ଚତର ଗତିଶୀଳ ତତ୍ତ୍ୱଟିକୁ ଆପଣାର ଭୂମିକୁ ଆବାହନ କରି ଆଣିବାକୁ ପଡ଼େ; ତାହାରି ସାହାଯ୍ୟରେହିଁ ମନ ଆପଣାର ସ୍ୱକୀୟ ବିଧାନ ଅନୁସାରେ ଓ ଏକ ପୂର୍ଣ୍ଣତର ଓ ସ୍ୱାଭାବିକ ଆଲୋକ ଓ ସାମର୍ଥ୍ୟ ମଧ୍ୟରେ କାର୍ଯ୍ୟ କରିବାକୁ ଏବଂ ସେଗୁଡ଼ିକୁ ପ୍ରାଣ ତଥା ଶରୀର ଉପରେ ମଧ୍ୟ ବିନ୍ୟସ୍ତ କରି ରଖିବାକୁ ସମର୍ଥ ହୁଏ ।

ମାତ୍ର ଏକ ନୂତନ ଗତିଶୀଳ ତତ୍ତ୍ୱର ଏହି ସଞ୍ଚରଣ ଓ ଏହି ଶକ୍ତିଶାଳୀ ପ୍ରଭାବବିସ୍ତାର ମଧ୍ୟ ଯଥାର୍ଥ ସାଫଲ୍ୟ ଅର୍ଜନ କରିବାକୁ ଅନେକ ସମୟ ନେଇପାରେ; କାରଣ ଆମ ସତ୍ତ୍ୱାସ୍ଥ ନିମ୍ନତର ଭାଗଗୁଡ଼ିକର ସର୍ବଦା ନିଜସ୍ୱ ଅଧିକାର ଓ ନିଜସ୍ୱ ଦାବିମାନ ରହିଛି, ଏବଂ ସେଗୁଡ଼ିକୁ ଯଥୋଚିତ ଭାବରେ ରୂପାନ୍ତରିତ କରିବାକୁ ହେଲେ ସେଗୁଡ଼ିକୁ ମଧ୍ୟ ସେଗୁଡ଼ିକର ଆପଣା ରୂପାନ୍ତର ଲାଗି ସହମତ କରାଇବାକୁ ପଡ଼ିବ । ଏବଂ ଏଇଟି କରିପାରିବା ଆଦୌ ସହଜ ନୁହେଁ, କାରଣ ଆପଣାର ବିଧାନ ଓ ଧର୍ମ ଯେତେ ନିମ୍ନସ୍ତରର ହୋଇଥିଲେହେଁ ଆପଣାର ବୋଲି ମନେ ହେଉ ନଥିବା ଏକ ଉଚ୍ଚତର ବିଧାନ ଓ ଧର୍ମ ତୁଳନାରେ ସେହିଗୁଡ଼ିକ ଲାଗିହିଁ ଅଧିକ ରୁଚି ଦେଖାଇବା ଆଡ଼କୁ ଆମ ସତ୍ତ୍ୱାର ବିଭିନ୍ନ ଭାଗରେ ଏକ ସହଜସ୍ୱାଭାବିକ ପ୍ରବଣତା ସବୁବେଳେ ରହିଥାଏ; ପ୍ରତ୍ୟେକଟି ଭାଗ ଆପଣା ଆପଣାର ଚେତନା ବା ଅଚେତନାଟାକୁହିଁ କାମୁଡ଼ି ଧରି ପଡ଼ିଥାଏ, ଆପଣାର ପ୍ରବେଗ ଓ ପ୍ରତିକ୍ରିୟାଗୁଡ଼ାକୁ ଯାବୁଡ଼ି ଧରିଥାଏ, ଆପଣା ସତ୍ତ୍ୱାର ଗତିକ୍ରିୟା ତଥା ଆପଣା ଆନନ୍ଦଲାଭର ସ୍ୱକୀୟ ରୀତିଟିକୁହିଁ ସର୍ବସ୍ୱ ବୋଲି ମାନି ନେଇଥାଏ । ଏବଂ ଯଦି ଆପଣାର ଭିତରେ ଅବସ୍ଥିତ ରହି ଆନନ୍ଦକୁ ଅସ୍ୱୀକୃତ କରି ରଖିବାହିଁ ଫଳ ହୁଏ, ଯଦି ସେହି ମାର୍ଗରେ କେବଳ ଅନ୍ଧକାର, ଦୁଃଖ, କଷ୍ଟ ଓ ଯାତନାହିଁ ଭୋଗିବାକୁ ପଡ଼ୁଥାଏ, ତେବେ ଉକ୍ତ ସତ୍ତ୍ୱାଭାଗଟି ସେହି ରୀତିଟିକୁ ଅଧିକ ଜିଦ୍ ସହିତ କାମୁଡ଼ି ଧରି ପଡ଼ି ରହିବାକୁ ଚାହେଁ । କାରଣ ସେଥିରୁ ମଧ୍ୟ ତାହା କାଳକ୍ରମେ ଏକ ବିରୋଧୀ ବା ବିକୃତ ରସ ଆସ୍ୱାଦନ କରିବାକୁ ଆରମ୍ଭ କରି ଦେଇଥାଏ, ଅନ୍ଧକାର ଓ ଦୁଃଖରୁହିଁ ସୁଖ ପାଉଥାଏ, ତାହାର ସକଳ କଷ୍ଟଭୋଗ ଓ ଯନ୍ତ୍ରଣା ଏକ ପରପୀଡ଼ନରତି ଅଥବା ଆତ୍ମପୀଡ଼ନରତିର ଉତ୍ପ୍ରେରକ ହୋଇ ରହିଥାଏ । ଆମ ସତ୍ତ୍ୱାର ଏହି ଭାଗଟି ବେଳେବେଳେ ଉଚ୍ଚତର ଦ୍ରବ୍ୟଗୁଡ଼ିକ

'oaob.nitrkl.ac.in' images reprocessed

ସକାଶେ ମନ କରୁଥିଲେ ମଧ୍ୟ, ଅନେକ ସମୟରେ ତାହା କେବଳ ନିକୃଷ୍ଟତର ଅଭୀଷ୍ଟଗୁଡ଼ିକର ଅନୁଧାବନ କରିବାକୁ ବାଧ୍ୟ ହୋଇଥାଏ, କାରଣ ସେହିଗୁଡ଼ିକୁହିଁ ତାହା ଆପଣାର ବୋଲି ମଣୁଥାଏ, ତା'ର ଶକ୍ତି ଏବଂ ଉପାଦାନଟିର ସ୍ୱାଭାବିକ ଧନ ବୋଲି ଭାବୁଥାଏ । ତେଣୁ ଅବିଚ୍ଛିନ୍ନ ଭାବରେ କେବଳ ସେହି ଅଧ୍ୟାତ୍ମ ଆଲୋକ ତଥା ଅଧ୍ୟାତ୍ମ ସତ୍ୟ, ଅଧ୍ୟାତ୍ମ ଶକ୍ତି ଓ ଅଧ୍ୟାତ୍ମ ଆନନ୍ଦର ଅନ୍ତରଙ୍ଗ ଅନୁଭବଟିକୁ ଆମର କୁଣ୍ଠିତ ଉପାଦାନଗୁଡ଼ିକ ଯଥାର୍ଥ ଦୃଷ୍ଟିଲାଭ କରି ସେହିଠାରେହିଁ ଆପଣାର ପରିପୂର୍ଣ୍ଣତା ଲାଭର ଉପାୟଟି ନିହିତ ହୋଇ ରହିଛି ବୋଲି ଆବିଷ୍କାର କରିବା ପର୍ଯ୍ୟନ୍ତ ସେଗୁଡ଼ିକ ମଧ୍ୟରେ ସଞ୍ଚାରିତ କରାଇ ପାରିଲେ ଯାଇ ତାହା ସମ୍ଭବ ହୋଇପାରିବ । ସେତେବେଳେ ସେମାନେ ଆପଣାକୁ ସେହି ତଦ୍‌ବସ୍ତୁର ଏକ କ୍ଷୁଦ୍ରତର ସାମର୍ଥ୍ୟ ବୋଲି ଚିହ୍ନିବାକୁ ସମର୍ଥ ହେବେ ଏବଂ ସତ୍ତ୍ୱର ଏହି ନୂତନ ପଥର ଅନୁଗାମୀ ହୋଇ ଆପଣାର ସ୍ୱକୀୟ ସତ୍ୟ ଓ ସମଗ୍ର ପ୍ରକୃତିଟିର ପରିଚୟ ଲାଭ କରିବେ । ଉଦ୍‌ଭାସିତ ହେବାର ଏହି ନୂତନ କ୍ଷଣଟିକୁ ସତତ ଆମ ନିମ୍ନତର ପ୍ରକୃତିର ବିରୋଧ ସହିବାକୁ ପଡ଼ିଥାଏ ଏବଂ ଏହି ସଂସାରର ନାନା ଅପୂର୍ଣ୍ଣତାକୁ ଆଶ୍ରା କରି ବଞ୍ଚି ରହିଥିବା, ସେହିଗୁଡ଼ାକର ବଳରେ ପ୍ରତିପତ୍ତି ଜାରି କରି ରଖିଥିବା ଓ ଅଚେତନତାର କୃଷ୍ଣପ୍ରସ୍ତର ଉପରେ ଆପଣାର ମୂଳଦୁଆଟିକୁ ସୁଦୃଢ଼ କରି ରଖିଥିବା ବିରୋଧୀ ଶକ୍ତିଗୁଡ଼ିକଠାରୁ ତାହାକୁ ଏକ ଅଧିକ ପ୍ରବଳ ବିରୋଧର ସମ୍ମୁଖୀନ ହେବାକୁ ପଡ଼େ ।

ଏହି ବାଧାଟିକୁ ଅତିକ୍ରମ କରିବାକୁ ହେଲେ ଏକ ଅପରିହାର୍ଯ୍ୟ ପଦକ୍ଷେପ ରୂପେ ଆନ୍ତର ସତ୍ତ୍ୱ ଓ ତାହାର କ୍ରିୟାତ୍ମକ କେନ୍ଦ୍ରଗୁଡ଼ିକୁ ଉନ୍ମୋଚିତ କରିଦେବାକୁ ପଡ଼େ; କାରଣ ଆମର ଉପରିଭାଗସ୍ଥ ମନଟି ଯାହା କରି ପାରିବାଲାଗି ଆଦୌ ସମର୍ଥ ହେଉ ନଥିଲା, ଏହି ଉନ୍ମୋଚନ ଫଳରେ ତାହା ଅଧିକ ସମ୍ଭବ ହେବାକୁ ଆରମ୍ଭ କରେ । କାରଣ ଅନ୍ତର୍ମନ, ଅନ୍ତର୍ଗତ ପ୍ରାଣଚେତନା ଓ ପ୍ରାଣଗତ ମନ ଏବଂ ସୂକ୍ଷ୍ମଭୌତିକ ଚେତନା ଏବଂ ତାହାର ସୂକ୍ଷ୍ମଭୌତିକ ମନୋମୟତା ଏହାଫଳରେ କ୍ରିୟାତ୍ମକ ଭାବରେ ବିମୋଚିତ ହୋଇଯା'ନ୍ତି, ଓ ଏପରି ଏକ ପ୍ରଶସ୍ତତର, ସୂକ୍ଷ୍ମତର ଓ ବୃହତ୍ତର ଚେତନାଶୀଳତାର ସୃଷ୍ଟି କରନ୍ତି, ଯାହାକି ସେଉଭଳି ଅବସ୍ଥିତ ରହି ବିଶ୍ୱାତ୍ମକ କ୍ଷେତ୍ରଟି ସହିତ ଓ ସେଗୁଡ଼ିକର ଊର୍ଦ୍ଧ୍ୱରେ ଥିବା ବସ୍ତୁତିଗୁଡ଼ିକ ସହିତ ଯୋଗସୂତ୍ର ସ୍ଥାପନ କରିପାରେ, ସତ୍ତ୍ୱର ସମଗ୍ର କ୍ଷେତ୍ରଟି ଉପରେ ସେଗୁଡ଼ିକର ସାମର୍ଥ୍ୟକୁ ଅନୁଭୂତ କରାଇପାରେ; ଅବମାନସ ଓ ଅବଚେତନ ମନ ଉପରେ, ଅବଚେତନ ପ୍ରାଣ ଉପରେ ଓ ଏପରିକି ଶରୀରର ଅବଚେତନା ଉପରେ ମଧ୍ୟ ସେଗୁଡ଼ିକର ସାମର୍ଥ୍ୟକୁ ଅନୁଭୂତ କରାଇଦିଏ । ସେଗୁଡ଼ିକ ମୂଳଭୂତ ଅଚେତନତାକୁ ସମ୍ପୂର୍ଣ୍ଣ ଭାବରେ ଆଲୋକିତ କରନ୍ତି ନାହିଁ ସତ, ମାତ୍ର ତାହାକୁ କେତେକ ପରିମାଣରେ

'oaob.nitrkl.ac.in' images reprocessed

ଉନ୍ମୋଚିତ କରିଦିଅନ୍ତି, ତାହାର ଅନ୍ତଃପ୍ରବେଶ କରନ୍ତି ଓ ତାହା ଉପରେ କାର୍ଯ୍ୟ ମଧ୍ୟ କରିପାରନ୍ତି । ପରନ୍ତୁ ପାରିବାର ଓ ଆଲୋକିତ କରିବାର ସତତ ସହଜତମ ଭୂମିରୂପେ ଅବସ୍ଥିତ ରହିଥିବା ମନ ତଥା ହୃଦୟର କ୍ଷେତ୍ରଗୁଡ଼ିକୁ ଅତିକ୍ରମ କରି ମଧ୍ୟ ଉପରୁ ଆଧ୍ୟାତ୍ମିକ ଆଲୋକ, ସାମର୍ଥ୍ୟ, ଜ୍ଞାନ ଓ ଆନନ୍ଦର ଅବତରଣ ହେବାକୁ ଲାଗେ । ନଖରୁ ଶିଖଯାଏ ସମଗ୍ର ପ୍ରକୃତିକୁ ଅଧିକାର କରିନେଇ ସେହି ଆଲୋକ, ସାମର୍ଥ୍ୟ, ଜ୍ଞାନ ଓ ଆନନ୍ଦ ଅଧିକ ପରିପୂର୍ଣ୍ଣ ଭାବରେ ପ୍ରାଣ ତଥା ଶରୀର ଉପରେ ବ୍ୟାପ୍ତ ହୋଇ ରହନ୍ତି ଏବଂ ଏକ ଗଭୀରତର ପ୍ରଭାବ ପକାଇ ଅଚେତନତାର ମୂଳଦୁଆଟିକୁ ଏକାବେଳକେ ଦୋହଲାଇ ଦିଅନ୍ତି । ମାତ୍ର ଭିତରୁ ସଂପ୍ରେରିତ ହୋଇ ଆସୁଥିବା ମନୋମୟ ତଥା ପ୍ରାଣମୟ ଚେତନାର ଏହି ବ୍ୟାପକତର ପରିସ୍ଫୁରଣ ଦ୍ୱାରା ଯେଉଁ ଆଲୋକ ପ୍ରକାଶ ପାଇଥାଏ, ସେଇଟି ମଧ୍ୟ ଏକ ନିମ୍ନତର ଆଲୋକ; ଅବିଦ୍ୟାର ପରିମାଣକୁ ଏହା ହ୍ରାସ କରି ଦେଇପାରେ, ମାତ୍ର ତାହାକୁ ବିଲୁପ୍ତ କରି ପାରେ ନାହିଁ । ଅଚେତନାର ସୂକ୍ଷ୍ମ ଓ ଗୋପନ ଆଧିପତ୍ୟଟିକୁ ବଳବତ୍ତର ରଖିଥିବା ଶକ୍ତି ଓ ସାମର୍ଥ୍ୟଗୁଡ଼ିକୁ ଏହା ଆଘାତ କରିପାରେ, ସେଗୁଡ଼ିକୁ ପଛକୁ ହଟିଯିବାକୁ ବାଧ୍ୟ କରିପାରେ ସତ, ମାତ୍ର ସେଗୁଡ଼ିକ ଉପରେ ପୂର୍ଣ୍ଣ ବିଜୟ ହାସଲ କରିପାରେ ନାହିଁ । ମନୋମୟ ତଥା ପ୍ରାଣମୟ ଚେତନାର ଏହି ବୃହତ୍ତର ପରିସ୍ଫୁରଣ ମଧ୍ୟଦେଇ କାର୍ଯ୍ୟ କରୁଥିବା ଆଧ୍ୟାତ୍ମିକ ଶକ୍ତିଗୁଡ଼ିକ ଏକ ଉଚ୍ଚତର ଆଲୋକ, ଶକ୍ତିମତ୍ତା ଓ ଆନନ୍ଦ ଅବଶ୍ୟ ସମ୍ଭବ କରାଇ ପାରନ୍ତି; ମାତ୍ର ଏହି ସୋପାନଟିରେ ଅଧ୍ୟାତ୍ମଚେତନାର ପୂର୍ଣ୍ଣ ପରିସ୍ଫୁରଣ ଓ ଚେତନାର କ୍ଷେତ୍ରରେ ଏହି ନୂତନ ସମଗ୍ରତାଟିର ପରିପୂର୍ଣ୍ଣତମ ଉପଲବ୍ଧି ତଥାପି ଅପହଞ୍ଚ ହୋଇ ରହିଯାଏ । ଯଦି ଏହି କ୍ଷେତ୍ରରେ ଆମର ଅନ୍ତରତମ ସତ୍ତା ଅର୍ଥାତ୍ ଚୈତ୍ୟସତ୍ତାହିଁ କର୍ଣ୍ଣଧାର ହୋଇ ବସେ, ତେବେ କେବଳ ମନୋମୟ ରୂପାନ୍ତରଠାରୁ ଗଭୀରତର ଆଉ ଏକ ରୂପାନ୍ତର ଅଧ୍ୟାତ୍ମଶକ୍ତିର ଅବତରଣକୁ ଆହୁରି ସିଙ୍ଖିଯୁକ୍ତ କରିବାରେ ସମର୍ଥ ହୋଇଥାଏ । କାରଣ ସେତେବେଳେ ଚେତନ ସତ୍ତାର ସମଗ୍ର ଭୂମିଟିର ଆତ୍ମାରେ ଏପରି ଏକ ପ୍ରାଥମିକ ପରିବର୍ତ୍ତନ ସମ୍ଭବ ହୋଇଯାଏ, ଯାହାଦ୍ୱାରା କି ଆମର ମନ, ପ୍ରାଣ ଓ ଦେହ ଆପଣାର ଅପୂର୍ଣ୍ଣତା ତଥା ଅଶୁଦ୍ଧତାର ଜାଲରୁ ମୁକ୍ତ ହୋଇ ବାହାରି ଆସନ୍ତି । ଏହି ପର୍ଯ୍ୟାୟରେ ଏକ ବୃହତ୍ତର ଆଧ୍ୟାତ୍ମିକ ଗତ୍ୟାତ୍ମକତା ଆସି ପହଞ୍ଚେ ଏବଂ ଅଧ୍ୟାତ୍ମ ମନ ତଥା ଅଧିମାନସର ଉଚ୍ଚତର ସାମର୍ଥ୍ୟଗୁଡ଼ିକ ମଧ୍ୟ ଆପଣାର କ୍ରିୟା ଆରମ୍ଭ କରିଦିଅନ୍ତି ଓ ପୂର୍ଣ୍ଣରୂପେ ପ୍ରଭାବ ବିସ୍ତାର କରିପାରନ୍ତି । ହୁଏତ କେବଳ ନାନା ପ୍ରଭାବରୂପେ ହେଲେ ମଧ୍ୟ ସେମାନେ ପୂର୍ବରୁ ଆପଣାର କାର୍ଯ୍ୟ ଆରମ୍ଭ କରି ଦେଇଥା'ନ୍ତି; ମାତ୍ର ଏହି ନୂତନ ପରିବେଶଟିରେ ସେମାନେ କେନ୍ଦ୍ରସ୍ଥ ସତ୍ତାଟିକୁ ଆପଣାର ସୋପାନଟି ଆଡ଼କୁ ଉତ୍ତୋଳିତ କରିନେବାକୁ ସମର୍ଥ ହୁଅନ୍ତି ଏବଂ ପ୍ରକୃତିର ବିବର୍ତ୍ତନକ୍ରମରେ ସର୍ବଶେଷ

'oaob.nitrkl.ac.in' images reprocessed

ନୂତନ ସମଗ୍ରୀକରଣଟିକୁ ଆରମ୍ଭ କରିଦିଅନ୍ତି । ଅଧ୍ୟାତ୍ମଚେତନାର ଯଥାର୍ଥ ପ୍ରକାଶ ଘଟିବା ପୂର୍ବରୁ ମଧ୍ୟ ଏହିସବୁ ଉଚ୍ଚତର ସାମର୍ଥ୍ୟ ମନୁଷ୍ୟର ମନ ଭିତରେ ଅବଶ୍ୟ କାର୍ଯ୍ୟ କରୁଥା'ନ୍ତି, ମାତ୍ର ସେତେବେଳେ ସେମାନେ କେବଳ ପରୋକ୍ଷ ଭାବରେ କାର୍ଯ୍ୟ କରୁଥା'ନ୍ତି; ବଡ଼ ଖଣ୍ଡିତ ଓ ଅଳ୍ପାୟତନ ହୋଇ କାର୍ଯ୍ୟ କରୁଥା'ନ୍ତି । ଆପଣାର କାର୍ଯ୍ୟଟିକୁ କରିପାରିବା ପୂର୍ବରୁ ସେମାନେ ଏହି ମନରହିଁ ଉପାଦାନ ଓ ସାମର୍ଥ୍ୟରୂପେ ପରିବର୍ତ୍ତିତ ହୋଇଯାଆନ୍ତି ଏବଂ ଏହି ଅନୁପ୍ରବେଶ ଫଳରେ ସେହିସବୁ ଉପାଦାନ ଓ ଶକ୍ତିର ସ୍ପନ୍ଦନଗୁଡ଼ିକ ଆଲୋକିତ ଓ ପ୍ରଗାଢ଼ ହୁଅନ୍ତି, ବୃଦ୍ଧି ଲାଭ କରନ୍ତି ଏବଂ ଆପଣାର କେତେକ ଗତିକ୍ରିୟାରେ ଏକ ପ୍ରଭୂତ ଶକ୍ତିମତ୍ତା ଓ ଅଭିଭୂତିର ସ୍ତରରେ ଆସି ପହଞ୍ଚିବାରେ ସମର୍ଥ ହୁଅନ୍ତି ସତ, ମାତ୍ର ତଥାପି ରୂପାନ୍ତରିତ ହୋଇ ପାରନ୍ତି ନାହିଁ । ମାତ୍ର ଯେତେବେଳେ ଅଧ୍ୟାତ୍ମଚେତନାର ଅବତରଣ ହେବାକୁ ଲାଗେ, ଏବଂ ଯେତେବେଳେ ଏହାର ବୃହତ୍ତର ନାନା ପରିଣାମସ୍ୱରୂପ ମନ ନିସ୍ତବ୍ଧ ହୋଇଯାଏ, ଆମର ସତ୍ତା ଆପଣାକୁ ଏକ ବିଶ୍ୱାତ୍ମକ ଚେତନା ମଧ୍ୟରେ ଅନୁଭବ କରିବାକୁ ଆରମ୍ଭ କରେ, ଯେତେବେଳେ ବିଶ୍ୱାତ୍ମକ ଆତ୍ମବୋଧ ଭିତରେ ଆମର ଅତିକ୍ଷୁଦ୍ର ଅହଂଟି ନିର୍ବାଣପ୍ରାପ୍ତ ହୁଏ ଏବଂ ଦିବ୍ୟ ପରମସତ୍ତା ସହିତ ସ୍ଥିର ଯୋଡ଼ି ହୋଇଯାଏ, ସେତେବେଳେ ସେହି ଉଚ୍ଚତର ଗତିକ୍ରିୟାଟିର ପ୍ରଭାବ ଓ ତାହାର ଆଡ଼କୁ ଆମର ଉନ୍ମୋଚନ ସମୃଦ୍ଧି ଲାଭ କରେ, ସେଗୁଡ଼ିକର କ୍ରିୟାରେ ଏକ ଅଧିକ ପରିପୂର୍ଣ୍ଣ, ଅଧିକ ପ୍ରତ୍ୟକ୍ଷ ଓ ଅଧିକ ସ୍ୱାଭାବିକ ଶକ୍ତିମତ୍ତାର ସଞ୍ଚାର ହୁଏ; ଏବଂ ସେଗୁଡ଼ିକର କୌଣସି ଏକ ପରିପୂର୍ଣ୍ଣ ଓ ପରିପକ୍ୱ କ୍ରିୟା ସମ୍ଭବ ହେବା ପର୍ଯ୍ୟନ୍ତ ଏହି କ୍ଷେତ୍ରରେ ପୁରୋଗମନ ଲାଗି ରହିଥାଏ । ଏହିଠାରୁ ଆସିହିଁ ଆଧ୍ୟାତ୍ମିକ ରୂପାନ୍ତର ଅତିମାନସ ରୂପାନ୍ତରରେ ପରିଣତ ହେବାକୁ ଆରମ୍ଭ କରେ; କାରଣ ଆମର ଚେତନା ଉଚ୍ଚରୁ ଉଚ୍ଚତର ସୋପାନକୁ କ୍ରମାରୂଢ଼ ହୋଇ ଯାଉଥିବା ସଙ୍ଗେ ସଙ୍ଗେ ଆମର ଭିତରେ ଅତିମାନସ ଯାଏ ଆରୋହଣ କରିସିବାର ପାବଚ୍ଛଶ୍ରେଣୀ ତିଆରି ହୋଇ ଯାଉଥାଏ, ସେହି ଆସ୍ପୃହାସମ୍ପୂର୍ଣ୍ଣ ପରମ ମାର୍ଗଟି ଫିଟି ଯାଉଥାଏ ।

ଚେତନାର ଏହି ରୂପାନ୍ତରଟି ଯେ ସମସ୍ତଙ୍କ କ୍ଷେତ୍ରରେ ଗୋଟିଏ ପ୍ରକାର ପରିବେଶରେ ସେହି ଗୋଟିଏ ରୀତିରେହିଁ ଘଟିବ, ଏପରି ଆଦୌ ଭାବିବା ଉଚିତ ନୁହେଁ; କାରଣ ଆମେ ଏଠାରେ ଅନନ୍ତସତ୍ତାର ରାଜ୍ୟ ଭିତରେ ପ୍ରବେଶ କରି ସାରିଲୁଣି । ମାତ୍ର ସେମାନଙ୍କ ସବୁରି ପଛରେ ଏକ ମୌଳିକ ସତ୍ୟର ଏକସୂତ୍ରତା ନିହିତ ହୋଇ ରହିଥିବାରୁ, ଊର୍ଦ୍ଧ୍ୱାରୋହଣର କୌଣସି ଗୋଟିଏ ଧାରାକୁ ବିଶେଷ ଭାବରେ ସମୀକ୍ଷା କରି ଦେଖିପାରିଲେ ଯାବତୀୟ ଊର୍ଦ୍ଧ୍ୱଗାମୀ ଧାରା ଓ ସମ୍ଭାବନାର ମୂଳତତ୍ତ୍ୱଟି ଉପରେ ମଧ୍ୟ ଆଲୋକପାତ ସମ୍ଭବ ହେବ ବୋଲି ନିଶ୍ଚୟ ଆଶା

'oaob.nitrkl.ac.in' images reprocessed

କରାଯାଇ ପାରିବ ଏବଂ ବର୍ତ୍ତମାନ ମଧ୍ୟ ଆମେ କେବଳ ଗୋଟିଏ ଧାରାକୁହିଁ ସମୀକ୍ଷା କରିବାର ଚେଷ୍ଟା କରିପାରିବା । ଅନ୍ୟ ଯାବତୀୟ ଧାରା ପରି ଆଲୋଚ୍ୟ ଏହି ଧାରାଟି ମଧ୍ୟ ସ୍ୱଭାବତଃ ସ୍ତର ଓ ସୋପାନର ଏକ କ୍ରମବଦ୍ଧତାର ମଧ୍ୟଦେଇ ଆମକୁ ଉପରକୁ ଉଠିଉଠି ଯିବାର ବାଟଟି ଦେଖାଇଦିଏ; ଏହି ଧାରାଟି ମଧ୍ୟରେ ଅନେକ ସୋପାନ ରହିଛି; କାରଣ ଏଠାରେ ଏକ ଅବିଚ୍ଛିନ୍ନ ସୋପାନଶ୍ରେଣୀ ଉପରକୁ ବାଟ କଢ଼ାଇ ନେଇଛି ଓ କେଉଁଠିହେଲେ ଫାଙ୍କଟିଏ ନାହିଁ; ମାତ୍ର ଚେତନାର ଊର୍ଦ୍ଧ୍ୱାରୋହଣର ଦିଗଟିରୁ ବିଚାର କରି ଦେଖିଲେ ଆମର ଏହି ମନୋମୟ କ୍ଷେତ୍ରଟିରୁ ଆରମ୍ଭ କରି ଯେଉଁସବୁ ଗତିଶୀଳ ଶକ୍ତିର କ୍ରମାରୋହୀ ସୋପାନ ଉଠି ମନ ଆପଣାକୁ ଏକ ଉଦାତ୍ତ ସୂକ୍ଷ୍ମ ସ୍ତରକୁ ଉନ୍ନୀତ କରି ନେଇପାରେ, ସେଗୁଡ଼ିକୁ ଆମେ ଚାରୋଟି ପ୍ରଧାନ ଭାଗରେ ବିଭକ୍ତ କରିପାରିବା ଏବଂ ପ୍ରତ୍ୟେକ କ୍ଷେତ୍ରକୁ ତାହାର ସ୍ୱକୀୟ ସାର୍ଥକତାର ଏକ ଅଧିକ ସ୍ତର ଦେଇ ବିଚାର କରିପାରିବା । ଏହି ସୋପାନକ୍ରମଟିକୁ ଆମେ ସଂକ୍ଷିପ୍ତ ଭାବରେ ଉଚ୍ଚତର ମନ, ଉଦ୍ଭାସିତ ମନ, ସମ୍ବୋଧି ତଥା ଅଧିମାନସ, ଏହି ଚାରୋଟି ସୋପାନର ମଧ୍ୟଦେଇ ଚେତନାର ଏକ ସୂକ୍ଷ୍ମାରୋହଣକ୍ରମରୂପେ ବର୍ଣ୍ଣନା କରିବା । ଏହି ଚାରି ସ୍ତର ପାର ହୋଇ ଚେତନା ଅବଶେଷରେ ଏଗୁଡ଼ିକର ଊର୍ଦ୍ଧ୍ୱରେ ବା ଶିଖର-ଦେଶରେ ଯାଇ ଉପନୀତ ହୋଇଛି । ଆତ୍ମରୂପାନ୍ତରର ଏକ କ୍ରମାରୋହୀ ପଥର ଶେଷରେ ସେହି ଶିଖରଦେଶରେହିଁ ଅତିମାନସ ବା ଦିବ୍ୟପ୍ରଜ୍ଞା ପ୍ରତିଷ୍ଠିତ ରହିଛି । ଏହିସବୁ ସ୍ତରଭୂମିର ପ୍ରତ୍ୟେକଟିକୁ ସେଗୁଡ଼ିକର ତତ୍ତ୍ୱ ଓ ସାମର୍ଥ୍ୟ ଦୃଷ୍ଟିରୁ ବିଚାର କରି ଆମେ ବିଜ୍ଞାନମୟ ବୋଲି କହିପାରିବା; କାରଣ ଏଥିରୁ ପ୍ରଥମ ସୋପାନଟିରେ ଯାଇ ପହଞ୍ଚି ମଧ୍ୟ ଆମେ ଏକ ମୂଳଭୂତ ଅଦ୍ୱୈତଚେତନାକୁ ଭିତ୍ତି କରି ରହିଥିବା ଏବଂ ଅବିଦ୍ୟାର ଏକ ସାମାନ୍ୟ ବିଧାନ ଭିତରେ ଅଥବା ବିଦ୍ୟା-ଅବିଦ୍ୟାର ଏକ ମିଶ୍ରଣ ଭିତରେ କାର୍ଯ୍ୟ କରୁଥିବା ଚେତନାର ବାଡ଼ଟିକୁ ଡେଇଁଯାଇ ଏକ ସଂଗୁପ୍ତ ଓ ସ୍ୱୟମ୍ଭବ ଜ୍ଞାନକୁ ଭିତ୍ତି କରି ରହିଥିବା ଏବଂ ପ୍ରଥମେ ସେହି ଆଲୋକଟି ଦ୍ୱାରା ସକ୍ରିୟ ଭାବରେ ପ୍ରଭାବିତ ଓ ପ୍ରେରିତ ହୋଇ ତା'ପରେ ସେହି ଉପାଦାନଟିରେ ପରିବର୍ତ୍ତିତ ହୋଇ ଯାଉଥିବା ଓ ସମ୍ପୂର୍ଣ୍ଣଭାବରେ ଏହି ବିଦ୍ୟାଶକ୍ତିକୁହିଁ ଆପଣାର ସାଧନ ଓ ଅବଲମ୍ବନରୂପେ ବ୍ୟବହାର କରୁଥିବା ଏକ ଚେତନାର ରାଜ୍ୟରେ ଯାଇ ପ୍ରବେଶ କରିଥାଉ । ସ୍ୱରୂପତଃ ଏହିସବୁ ସ୍ତର ବା ସୋପାନକୁ ଆମେ ସେହି ପରମ ଚିଦ୍‌ବସ୍ତୁର ଶକ୍ତିମୟ ଉପାଦାନର ବିଭିନ୍ନ ସୋପାନ ବୋଲି ଜାଣିବା । ଆମେ ସେଗୁଡ଼ିକୁ ସେଗୁଡ଼ିକର ମୁଖ୍ୟ ସ୍ୱଭାବ, ଜ୍ଞାନସାଧନ ଓ ଜ୍ଞାନସମ୍ଭାବନା ଦୃଷ୍ଟିରୁ ବିଚାର କରି ଅଲଗା ଅଲଗା ଜାଣିବାକୁ ଚେଷ୍ଟା କରୁଛୁ ବୋଲି ଯେପରି କଦାପି ଏଭଳି ଅନୁମାନ କରା ନଯାଏ ଯେ ସେଗୁଡ଼ିକ କେବଳ ଜ୍ଞାନଲାଭର ଗୋଟିଏ ଗୋଟିଏ ପଦ୍ଧତିମାତ୍ର ବା ଜାଣିବାର ଗୋଟିଏ ଗୋଟିଏ ପ୍ରବୃତ୍ତି ବା ସାମର୍ଥ୍ୟମାତ୍ର । ପ୍ରକୃତରେ ଦେଖିଲେ ସେଗୁଡ଼ିକ ହେଉଛନ୍ତି ସତ୍ତାର ଗୋଟିଏ

'oaob.nitrkl.ac.in' images reprocessed

ଗୋଟିଏ ଭୂମି, ତଦ୍‌ଗତ ପୁରୁଷଙ୍କର ଉପାଦାନ ଓ ଶକ୍ତିର ଗୋଟିଏ ଗୋଟିଏ ସୋପାନ। ଅସ୍ତିତ୍ୱର ଗୋଟିଏ ଗୋଟିଏ କ୍ଷେତ୍ରରୂପେ ସେଗୁଡ଼ିକ ପ୍ରତ୍ୟେକ ବିଶ୍ୱାତ୍ମକ ତତ୍ତ୍ୱଶକ୍ତିର ବିଭିନ୍ନ ସ୍ତରରୂପେ ଅବସ୍ଥିତ ରହିଛନ୍ତି ଏବଂ ଆପଣାକୁ ଏକ ଉଚ୍ଚତର ସ୍ଥିତିରୂପେ ପରିଣତ ତଥା ସଂଗଠିତ କରିବାରେ ଲାଗିଛନ୍ତି । ଯେତେବେଳେ କୌଣସି ସୋପାନଟିର ସାମର୍ଥ୍ୟଗୁଡ଼ିକ ଆମର ସତ୍ତା ମଧ୍ୟକୁ ସମ୍ପୂର୍ଣ୍ଣରୂପେ ଅବତରଣ କରି ଆସୁଛି, ତାହାଦ୍ୱାରା କେବଳ ଆମର ଭାବନା ଓ ଜ୍ଞାନ ଯେ ପ୍ରଭାବିତ ହେଉଛି ତା' ନୁହେଁ, ମାତ୍ର ଆମ ସତ୍ତା ଓ ଚେତନାର ଉପାଦାନ ଓ ଏପରିକି ମର୍ମକୋଷଟିକୁ ତଥା ଏହାର ସକଳ ଅବସ୍ଥା ଓ କ୍ରିୟାତ୍ମକତାକୁ ମଧ୍ୟ ତାହା ସ୍ପର୍ଶ କରିପାରୁଛି, ତାହାମଧ୍ୟରେ ପ୍ରବେଶ କରିପାରୁଛି, ତାହାକୁ ପୁନର୍ଗଠିତ ଓ ପୂର୍ଣ୍ଣରୂପେ ରୂପାନ୍ତରିତ କରିବାକୁ ବି ସମର୍ଥ ହେଉଛି । ତେଣୁ ଏହି ଆରୋହଣରେ ପ୍ରତ୍ୟେକ ସୋପାନରେ ଆମର ସତ୍ତା ଏକ ଉଚ୍ଚତର ଜୀବନର ଏକ ନୂତନ ଆଲୋକ ଓ ସାମର୍ଥ୍ୟରୂପେ ପୂର୍ଣ୍ଣଭାବରେ ନହେଲେ ମଧ୍ୟ ସାଧାରଣ ଭାବରେ ଦୀକ୍ଷିତ ହୋଇଯାଉଛି ।

ସତ୍ତାର ଉପାଦାନ ତଥା ଶକ୍ତିମତ୍ତା ପ୍ରକୃତରେ କେତେ ଉଚ୍ଚ ବା କେତେ ନିମ୍ନ ସ୍ତରରେ ରହିଛି, ତାହାର ସ୍ପନ୍ଦନଗୁଡ଼ିକ କେତେଦୂର ପ୍ରଗାଢ଼ ହୋଇପାରିଛି ଓ ଏହା ମଧ୍ୟରେ କେତେଦୂର ଆତ୍ମସଂବିତ୍ତି, ଅସ୍ତିତ୍ୱଗତ ଆନନ୍ଦ ଓ ଅସ୍ତିତ୍ୱଗତ ସାମର୍ଥ୍ୟ ନିହିତ ହୋଇ ରହିଛି, ତାହାରି ତାରତମ୍ୟ ଉପରେ ଏହି ସୋପାନବ୍ୟବସ୍ଥାଟି ମୂଳତଃ ନିର୍ଭର କରି ରହିଥାଏ । ଏହି ସୋପାନକ୍ରମରେ ଆମେ ଯେତିକି ଯେତିକି ତଳକୁ ଓହ୍ଲାଇ ଆସୁଥିବା, ଚେତନା ସେତିକି ସେତିକି ଅଧିକ କ୍ଷୀଣ ଓ ବିମିଶ୍ରିତ ହେବାରେ ଲାଗିଥିବ, ଆପଣାର ସ୍ଥୂଳ ଅଶୋଧିତତା ଦ୍ୱାରା ବସ୍ତୁତଃ ନିବିଡ଼ ହେବାରେ ଲାଗିଥିବ, ମାତ୍ର ଏହି ସ୍ଥୂଳତା ଯେତେବେଳେ ଅବିଦ୍ୟାର ଉପାଦାନରେ ଅଧିକ ଘନୀଭୂତ ହେବାରେ ଲାଗିଥିବ, ସେତେବେଳେ ତାହାମଧ୍ୟରେ ଆଲୋକମୟ ଉପାଦାନର ପ୍ରବେଶ ହ୍ରାସ ହେବାରେ ଲାଗିଥିବ, ଚେତନାର ଶୁଦ୍ଧ ଉପାଦାନଟି କ୍ଷୀଣ ହେବାରେ ଲାଗିଥିବ, ତାହାର ଶକ୍ତିର ହ୍ରାସ ଘଟିବ, ତାହାର ଆଲୋକ ମଳିନ ହୋଇଆସିବ ଓ ଆନନ୍ଦର ସାମର୍ଥ୍ୟ ମଧ୍ୟ ଶୀର୍ଣ୍ଣ ହୋଇ ଆସୁଥିବ । ସେତେବେଳେ କୌଣସି ଏକ ପରିଣାମରେ ଆସି ପହଞ୍ଚିବାକୁ ହେଲେ ଚେତନାକୁ ଆପଣା କ୍ଷୀଣ ଉପାଦାନଟିର ଅଧିକ ନିବିଡ଼ ଏକ ସ୍ଥୂଳତା ମଧ୍ୟକୁ ଓହ୍ଲାଇ ଆସିବାକୁ ହୁଏ ଏବଂ ଆପଣାର ଅଧିକ ଅନ୍ଧକାରାଚ୍ଛନ୍ନ ଶକ୍ତିଟିକୁ ଅତି ପ୍ରବଳ ଭାବରେ ପ୍ରୟୋଗ କରିବାକୁ ହୁଏ; ମାତ୍ର ଏହି ପ୍ରୟାସ ଓ କଠୋର ଶ୍ରମସ୍ୱୀକାର ତାହାର ବଳର ପରିଚାୟକ ନୁହେଁ, ତାହାର ବଳହୀନତାରହିଁ ନିଦର୍ଶନ । ମାତ୍ର ଅପର ପକ୍ଷରେ ଯେତେବେଳେ ଆମେ ସୋପାନ ପରେ ସୋପାନ ଉଠି ଉପରକୁ ଯିବାରେ ଲାଗିଥାଉ, ସେତେବେଳେ

'oaob.nitrkl.ac.in' images reprocessed

ଏକ ସୂକ୍ଷ୍ମତର ଅଥଚ ଅଧିକ ଶକ୍ତିଶାଳୀ ଓ ଅଧିକ ଯଥାର୍ଥ ଓ ଆଧ୍ୟାତ୍ମିକ ଭାବରେ ବାସ୍ତବ ଏକ ଉପାଦାନର ଆବିର୍ଭାବ ହୁଏ । ଚେତନାର ଏକ ବୃହତ୍ତର ଆଲୋକମୟ ଓ ଶକ୍ତିଶାଳୀ ଉପାଦାନର ଉପଲବ୍ଧି ହୁଏ, ଏକ ଅଧିକ ସୂକ୍ଷ୍ମ, ଅଧିକ ମଧୁର ତଥା ଅଧିକରୁ ଅଧିକ ଶକ୍ତିଶାଳୀ ଭାବରେ ଅଭିଭୂତିମୟ ଆନନ୍ଦଶକ୍ତିର ଉପଲବ୍ଧି ହୁଏ । ଆମ ଉପରେ ଏହିସବୁ ଉଚ୍ଚତର ଭୂମିର ଅବତରଣ ହେଲାବେଳେ ଏହି ବୃହତ୍ତର ଆଲୋକ, ଶକ୍ତି, ସତ୍ତା ଓ ଚେତନାଗତ ସାର ତଥା ଆନନ୍ଦମୟ ଶକ୍ତିହିଁ ଆମର ମନ, ପ୍ରାଣ ତଥା ଦେହ ମଧ୍ୟରେ ଆସି ପ୍ରବେଶ କରେ, ସେଗୁଡ଼ିକର କ୍ଷୀଣ, ମିଶ୍ରିତ ତଥା ଅସମର୍ଥ ଉପାଦାନଟିକୁ ବଦଳାଇ ଦିଏ, ତାହାର ଅଭାବଟିର ପରିପୂରଣ କରେ, ସେଇଟିକୁ ତାହାର ଆପଣାର ଉଚ୍ଚତର ତଥା ଅଧିକ ଶକ୍ତିଶାଳୀ ଚିନ୍ମୟ ଗତିଶୀଳତା ଓ ସ୍ୱକୀୟ ସତ୍ୟର ସ୍ୱଭାବସିଦ୍ଧ ରୂପ ଓ କାର୍ଯ୍ୟରେ ରୂପାନ୍ତରିତ କରିଦିଏ । ଏହିପରି ଘଟିବା ସମ୍ଭବ ହୁଏ, କାରଣ ସବୁ ହେଉଛି ମୂଳତଃ ସେଇ ଗୋଟିଏହିଁ ଉପାଦାନ, ସେହି ଗୋଟିଏହିଁ ଚେତନା ଓ ଗୋଟିଏହିଁ ଶକ୍ତି; ବିଭିନ୍ନ ଭୂମିରେ ତାହା ଆପଣାର କେବଳ ଭିନ୍ନ ଭିନ୍ନ ରୂପ, ଭିନ୍ନ ଭିନ୍ନ ସାମର୍ଥ୍ୟ ଓ ଭିନ୍ନ ଭିନ୍ନ ମାତ୍ରାରେହିଁ ପ୍ରକାଶଲାଭ କରିଥାଏ । ତେଣୁ ଉଚ୍ଚତର ଭୂମି ନିମ୍ନତର ଭୂମିଟିକୁ ଆପଣା ମଧ୍ୟରେ ଗ୍ରହଣ କରିନେବା ଅବଶ୍ୟ ସମ୍ଭବ; ଏବଂ ନିଶ୍ଚେତନାରୂପୀ ଆମର ଦ୍ୱିତୀୟ ସ୍ୱଭାବଟି ଏହି କ୍ଷେତ୍ରରେ ଅନ୍ତରାୟ ହୋଇ ନ ଥିଲେ ଆମେ ତାହାକୁ ଆଧ୍ୟାତ୍ମିକ ଦୃଷ୍ଟିରୁ ସମ୍ପୂର୍ଣ୍ଣ ସ୍ୱାଭାବିକ ବୋଲି ମଧ୍ୟ କହିପାରନ୍ତେ । କାରଣ ଯାହା ଏକଦା ଆପଣାର ଉଚ୍ଚତର ସ୍ଥିତିଟି ମଧ୍ୟରୁ ବହିର୍ଗତ ହୋଇ ଆସିଛି, ଏଥିରେ ତାହାକୁହିଁ ପୁନର୍ବାର କେବଳ ସେହି ବୃହତ୍ତର ସତ୍ତା ଓ ମର୍ମତତ୍ତ୍ୱଟି ମଧ୍ୟରେ ଗ୍ରହଣ କରି ନିଆଯାଏ ।

ଆମର ଏହି ମାନୁଷୀ ବୁଦ୍ଧି ବା ନୈମିତ୍ତିକ ଓ ସାଧାରଣ ମନୋଭୂମିକୁ ଅତିକ୍ରମ କରି ବାହାରି ଯିବାକୁ ହେଲେ ପ୍ରଥମ ମୀମାଂସକ ପଦକ୍ଷେପରୂପେ ଆମକୁ ଏକ ଉଚ୍ଚତର ମନର କ୍ଷେତ୍ରକୁ ଆରୋହଣ କରିବାକୁ ପଡ଼ିଥାଏ । ଏହି ଉଚ୍ଚତର ମନ ଆମର ଏହି ମନଟି ପରି ଆଲୋକ ତଥା ଅସ୍ପଷ୍ଟତାର ଏକ ମିଶ୍ରଣ ବା ଅର୍ଦ୍ଧାଲୋକ ହୋଇ ରହି ନ ଥାଏ, ମାତ୍ର ଏଥିରେ ଚିନ୍ମୟତାର ଏକ ପ୍ରଶସ୍ତ ସ୍ୱଚ୍ଛତା ବିରାଜମାନ କରୁଥାଏ । ଏହି ଉଚ୍ଚତର ମନର ମୂଳ ଉପାଦାନଟି ହେଉଛି ଏକ ଏକତ୍ୱଦ୍ୟୋତକ ବୋଧ ବା ଅନୁଭୂତି; ଏବଂ ସେହି ବୋଧଟି ସହିତ ଜ୍ଞାନଗତ ବହୁ ବିଭବ, କର୍ମଗତ ବହୁ ପଥ ତଥା ସମୂହର ନାନା ବୈଚିତ୍ର୍ୟମୟ ରୂପ ଓ ତାତ୍ପର୍ଯ୍ୟକୁ ରୂପାୟିତ କରି ପାରିବା ଭଳି ଏକ ଶକ୍ତିମନ୍ତ ଓ ସକ୍ରିୟ ଅନେକମୁଖୀ ସାମର୍ଥ୍ୟ ମଧ୍ୟ ସନ୍ନିବେଶିତ ହୋଇ ରହିଛି । ଉଚ୍ଚତର ମନଟି ଭିତରେ ଏହିସବୁଗୁଡ଼ିକ ବସ୍ତୁରେ ଏକ ସ୍ୱତଃସ୍ଫୂର୍ତ୍ତ ଜ୍ଞାନ ମଧ୍ୟ ଅନ୍ତର୍ନିହିତ ହୋଇ ରହିଛି । ତେଣୁ ଉଚ୍ଚତର ମନକୁ ଆମେ

'oaob.nitrkl.ac.in' images reprocessed

ଏହି ଯାବତୀୟ ଉଚ୍ଚତର ସାମର୍ଥ୍ୟଗୁଡ଼ିକ ପରି ଅଧିମାନସରୁ ନିଷ୍ପନ୍ନ ହୋଇ ଆସିଥିବା ଏକ ସାମର୍ଥ୍ୟ ବୋଲି କହିପାରିବା; ଅବଶ୍ୟ ଏକଥା ସତ ଯେ ଅତିମାନସ ହେଉଛି ଏହାର ଆଦିମୂଳ ଉତ୍ସ । ମାତ୍ର ଉଚ୍ଚତର ମନର ବିଶିଷ୍ଟ ସ୍ୱଭାବ ଓ ଏହାର ଚେତନାଗତ ବିଶିଷ୍ଟ କିର୍ଯ୍ୟାତ୍ମକତାଟି ପ୍ରଧାନତଃ ଭାବନାଦ୍ୱାରାହିଁ ପ୍ରଭାବିତ ହେଉଛି । ଏଇଟି ହେଉଛି ଏକ ଦୀପ୍ତ ଭାବନାମୟ ମନ, ଅଥବା ଭାବନାରୁ ନିଷ୍ପନ୍ନ ହୋଇଥିବା ଜ୍ଞାନର ଅବବୋଧ ବା ପ୍ରତ୍ୟୟମୂଳକ ମନ । ଏହା ହେଉଛି ମୂଳଭୂତ ଏକତ୍ୱବୋଧରୁ ଉତ୍ସାରିତ ହୋଇ ଆସିଥିବା ଏକ ସର୍ବବିତ୍ ଚେତନା, ଯାହାକି ସେହି ଏକତ୍ୱବିଧୃତ ଯାବତୀୟ ସତ୍ୟକୁ ଆପଣା ମଧ୍ୟରେ ବହନ କରି ରହିଛି ଓ ଅତି ଶୀଘ୍ର ତଥା ବିକଳ୍ପ-ମଣ୍ଡିତଭାବରେ ତାହାକୁ ବହୁ ବିଚିତ୍ର ପ୍ରକାରେ ପରିକଳ୍ପିତ ଓ ରୂପାୟିତ କରିଦେଇ ପାରୁଛି ଏବଂ ପରମ ଆଧାରଗତ ଭାବଟିର ଆତ୍ମସାମର୍ଥ୍ୟ ଦ୍ୱାରା ଆପଣାର ଧାରଣାଗୁଡ଼ିକୁ ସାଫଲ୍ୟର ସହିତ ଉପଲବ୍ଧି କରିପାରୁଛି, ଏହାହିଁ ହେଲା ଏହି ଜ୍ଞାନମୟ ବୃହତ୍ତର ମନଟିର ବିଶେଷ ସ୍ୱଭାବ ବା ବିଶେଷ ଧର୍ମ । ଅବରୋହଣର ପର୍ବରେ ଏହି ପ୍ରକାରର ଜ୍ଞାନଟି ମୂଳଭୂତ ଚିନ୍ମୟ ଏକତ୍ୱରୁ ସବାଶେଷରେ ଉନ୍ମେଷଲାଭ କରିଥାଏ, ଏବଂ ତାହାର ଅବ୍ୟବହିତ ପରେହିଁ ଅବିଦ୍ୟାର ଭିତ୍ତିରୂପେ ଭେଦଧର୍ମୀ ଜ୍ଞାନର ଉଦୟ ହୋଇଥାଏ । ତେଣୁ ଯେତେବେଳେ ଆମେ ବୁଦ୍ଧିଯୁକ୍ତିକୁ ଅବଲମ୍ବନ କରି ରହିଥିବା ସାମାନ୍ୟବୋଧୀ ମନୋଭୂମିରୁ ଅର୍ଥାତ୍ ସର୍ବୋତ୍ତମ ଭାବରେ ସଂଗଠିତ ଆମର ଅବିଦ୍ୟାଗତ ଜ୍ଞାନସାମର୍ଥ୍ୟରୁ ଉତ୍ତୀର୍ଣ୍ଣ ହୋଇ ପରମ ଚିଦ୍‌ବସ୍ତୁର ଭୂମିରେ ଆସି ପହଞ୍ଚୁ, ସେତେବେଳେ ପ୍ରଥମେ ଆମର ଏହି ଉଚ୍ଚତର ମନର ଭୂମିସହିତହିଁ ଭେଟ ହୋଇଥାଏ । ଏହାକୁ ବସ୍ତୁତଃ ଆମ ସାମାନ୍ୟବୋଧୀ ମନୋମୟ ପ୍ରତ୍ୟୟା-ଶ୍ରିତତାର ଆଧ୍ୟାତ୍ମିକ ଜନକ ବୋଲି କୁହାଯାଇ ପାରିବ; ଏବଂ ଆମ ମନୋଭୂମିର ଏହି ପ୍ରଧାନ ସାମର୍ଥ୍ୟଟି ଆପଣାର ସୀମାଟିକୁ ଅତିକ୍ରମ କରିଗଲେ ଯାଇ ଆପଣାର ଯଥାର୍ଥ ଉତ୍ପତ୍ତିସ୍ଥାନଟିରେ ଯାଇ ପହଞ୍ଚିଯିବ, ତାହା ଅତ୍ୟନ୍ତ ସ୍ୱାଭାବିକ ।

ମାତ୍ର ଏହି ବୃହତ୍ତର ଭାବନାର ଭୂମିଟିରେ ଏକ ଅନ୍ୱେଷଣର କୌଣସି ଆବଶ୍ୟକତା ନାହିଁ କିମ୍ବା ଆତ୍ମସମୀକ୍ଷାମୂଳକ ବୁଦ୍ଧିକର୍ଷଣର ମଧ୍ୟ କୌଣସି ପ୍ରୟୋଜନ ନାହିଁ । ଯୁକ୍ତିବୁଦ୍ଧିର ପଥରେ ପାଦେ ପାଦେ ଅଗ୍ରସର ହୋଇ କୌଣସି ସିଦ୍ଧାନ୍ତରେ ଯାଇ ପହଞ୍ଚିବାର କିମ୍ବା ବ୍ୟକ୍ତ ବା ଅବ୍ୟକ୍ତ ଭାବରେ ଅନୁସିଦ୍ଧାନ୍ତ ବା ଅନୁମାନର କୌଣସି ଧାରାନୁସରଣ କରି ଚାଲିବାର ବି ପ୍ରୟୋଜନ ନାହିଁ; ଜ୍ଞାନ ତଥ୍ୟର ଏକ ସଂଗଠିତ ସମଷ୍ଟି ବା ପରିଣାମରେ ଆସି ପହଞ୍ଚିବା ଲାଗି ଭାବସହିତ ଭାବକୁ ସଜାଇ ସୁଚିନ୍ତିତ ଭାବରେ ଖଣ୍ଡଜ୍ଞାନର ଯୋଜନା କରିବାଲାଗି ମଧ୍ୟ କୌଣସି ଆବଶ୍ୟକତା ନାହିଁ । କାରଣ ଏସବୁ ହେଉଛି ଆମ ପଙ୍ଗୁ ବୁଦ୍ଧିର ବାଟ ଚାଲିବା, ଜ୍ଞାନର ଅନ୍ୱେଷଣ

'oaob.nitrkl.ac.in' images reprocessed

କରୁଥିବା ଆମ ଅବିଦ୍ୟାରହିଁ ଏକ ଗତିବିଧି; କାଳେ କୌଣସି ଭୁଲ କରି ପକାଇବ, ସେଥିଲାଗି ଏହି ବୁଦ୍ଧି ବଡ଼ ସତର୍କ ହୋଇ ଆଗକୁ ପାଦ ପକାଉଥାଏ, ଆପଣାଲାଗି ଅସ୍ଥାୟୀ ଭାବରେ ଖଣ୍ଡେ ଆଶ୍ରୟ ବାନ୍ଧିନେବା ଲାଗି ମନୋଗତ ଏକ ନିର୍ବାଚନ ଉପରେହିଁ ନିର୍ଭର କରି ରହିଥାଏ ଏବଂ ଆଗରୁ ପଡ଼ିସାରିଥିବା, ସଯତ୍ନରକ୍ଷିତ ଅଥଚ ଅତି ଅଦୃଢ଼ କେତେକେତେ ମୂଳଦୁଆ ଉପରେ ସେହି ଆଶ୍ରୟଟିକୁ ଠିଆ କରି ରଖିବାକୁ ବାଧ୍ୟ ହେଉଥାଏ । କାରଣ ସ୍ୱଭାବସିଦ୍ଧ ଚେତନତାର କୌଣସି ଭୂଇଁ ଉପରେ ତାହା ନିର୍ଭର କରି ରହି ନ ଥାଏ ମାତ୍ର ଅଚେତନତାର ଏକ ମୂଳଭୂତ କ୍ଷେତ୍ର ଉପରେହିଁ ତାହାକୁ ଆଣି ଲଦି ଦିଆଯାଇ ଥାଏ । ଉଚ୍ଚତର ଭାବନାର କ୍ଷେତ୍ରରେ ଆମ କ୍ଷିପ୍ରତମ ଓ ତୀକ୍ଷ୍ଣତମ ମନର ଅନ୍ୟ ବୃତ୍ତିଟି ମଧ୍ୟ ଉପସ୍ଥିତ ନ ଥାଏ, ଯେତେବେଳେ କି ଯେତେ ଅନିଶ୍ଚିତ ଭାବରେ ହେଲେ ମଧ୍ୟ ମନ ଏକ ଅନ୍ତର୍ଦୃଷ୍ଟି ଲାଭ କରିବାକୁ ସମର୍ଥ ହୋଇଥାଏ, ଭବିଷ୍ୟ ମଧ୍ୟକୁ ଅନାଇ ନାନା ଅନୁମାନ ବି କରିପାରେ; ସେହି ମନ ଭିତରେ ବୁଦ୍ଧିର ଅତ୍ୟୁଜ୍ଜ୍ୱଳ ସନ୍ଧାନମୟ ଆଲୋକଟି ଅଜ୍ଞାତ ବା ଅଳ୍ପ-ଜ୍ଞାତ କେତେ ପ୍ରଦେଶ ଆଡ଼କୁ ପ୍ରେରିତ ହୋଇ ରହିଥାଏ । ଉଚ୍ଚତର ମନ ବା ଉଚ୍ଚତର ମନର ଏହି ଉଚ୍ଚତର ଚେତନାଟିକୁ ଆମେ ଏପରି ଏକ ଜ୍ଞାନର ଆସ୍ଥାନ ବୋଲି କହିବା ଯାହାକି ସ୍ୱୟମ୍ଭବ ସର୍ବଚେତନତାର ଏକ ଭୂମି ଉପରେ ଆପଣାକୁ ରୂପାୟିତ କରୁଥାଏ ଏବଂ ଆପଣା ସମଗ୍ରତାଟିର କେତେକ ଅଂଶକୁ ପ୍ରକଟ ବି କରି ଦେଉଥାଏ; ଭାବନାରୂପରେ ଉଲ୍ଲୁଟାଇ ଦିଆଯାଇଥିବା ଆପଣା ତାତ୍ପର୍ଯ୍ୟଗୁଡ଼ିକର ଏକ ସୌଷମ୍ୟାବସ୍ଥାକୁ ଅଭିବ୍ୟକ୍ତ କରୁଥାଏ । ପୃଥକ୍ ପୃଥକ୍ ଭାବରେ ଏକକ ଭାବର ମାଧ୍ୟମରେ ଆପଣାକୁ ଅଭିବ୍ୟକ୍ତ କରିବାଲାଗି ଏହାର ପୂର୍ଣ୍ଣ ସାମର୍ଥ୍ୟ ରହିଥିଲେ ମଧ୍ୟ ସମୁଚ୍ଚୟ-ଭାବରୂପତା ହେଉଛି ଏହାର ବୈଶିଷ୍ଟ୍ୟଗତ ଲକ୍ଷଣ, ଅର୍ଥାତ୍ ଗୋଟିଏ ମାତ୍ର ଦୃଷ୍ଟିପାତରେ ସତ୍ୟଦର୍ଶନର ସମଗ୍ରତା ହେଉଛି ଏହାର ସ୍ୱାଭାବିକ ବିଧି । ଉଚ୍ଚତର ମନର ଭୂମିକୁ ଆସି କୌଣସି ନ୍ୟାୟଯୁକ୍ତି ଦ୍ୱାରା ଗୋଟିଏ ଭାବନାକୁ ଆଉଗୋଟିଏ ଭାବନା ସହିତ ଅଥବା ଗୋଟିଏ ସତ୍ୟକୁ ଆଉଗୋଟିଏ ସତ୍ୟ ସହିତ ସମ୍ବନ୍ଧିତ କରି ଗଣ୍ଠାଇ ରଖିବାକୁ ପଡ଼େ ନାହିଁ, କାରଣ ସେହି ସମ୍ବନ୍ଧଗୁଡ଼ିକ ସେଠାରେ ଆଗରୁ ଅବସ୍ଥିତ ରହିଥାଏ ଏବଂ ସତେଅବା ଆତ୍ମଦର୍ଶନଲବ୍ଧ ସର୍ବଦାପରି ଅଭଙ୍ଗ ସମଗ୍ରତା ମଧ୍ୟରେ ଆଗରୁ ସେଗୁଡ଼ିକର ଆବିର୍ଭାବ ହୋଇଥାଏ । ଯେଉଁ ଜ୍ଞାନଟି ସତତ ବର୍ତ୍ତମାନ ରହିଛି ଅଥଚ ଏପର୍ଯ୍ୟନ୍ତ ସକ୍ରିୟ ହୋଇପାରି ନାହିଁ, ଯାହା କୌଣସି ତଥ୍ୟ କିମ୍ବା କାରଣସଂବଳିତ ଅନୁମାନରୁ ତର୍କନ୍ୟାୟର ସାହାଯ୍ୟରେ ପ୍ରାପ୍ତ ହୋଇ ନାହିଁ, ଯାହାକୁ ଆମେ କୌଣସି ଉପାର୍ଜିତ ଜ୍ଞାନ ବୋଲି ନକହି ଶାଶ୍ୱତ ପ୍ରଜ୍ଞାର ଆତ୍ମପ୍ରକାଶ ବୋଲି କହିପାରିବା, ଉଚ୍ଚତର ମନରେ ସେହିଭଳି ଏକ ଜ୍ଞାନ ରୂପାୟିତ ହେବାକୁ ଆରମ୍ଭ କରେ । ଏହି ଭୂମିରେ ପହଞ୍ଚି ସତ୍ତାର

'oaob.nitrkl.ac.in' images reprocessed

ବୃହତ୍ତର ବିଶ୍ୱବିମାନ ଦୃଷ୍ଟିପଥାରୂଢ଼ ହେବାକୁ ଲାଗେ, ଯାହାମଧ୍ୟରେ କି ଆରୋହଣଶୀଳ ମନଟି ଇଚ୍ଛାକଲେ ପୂର୍ଣ୍ଣ ତର୍ପଣ ସହିତ ଅବସ୍ଥାନ ବି କରିପାରେ; ଏବଂ ଆପଣାର ପୂର୍ବ ଅଭ୍ୟସ୍ତତାଟି ଅନୁସାରେ କୌଣସି ଏକ ବିରଚିତ ବ୍ୟୂହ ମଧ୍ୟରେ ରହିଲାପରି ସେ ସେହି ବିଶ୍ୱବିଗୁଡ଼ିକରେ ମଧ୍ୟ ବାସ କରି ରହିପାରେ । ମାତ୍ର ଯଦି ପ୍ରଗତିହିଁ ଅଭିପ୍ରାୟ ହୋଇଥାଏ, ତେବେ ଏହିସବୁ ବିରଚନା ପ୍ରସାରିତ ହୋଇ ଏକ ବୃହତ୍ତର ବିରଚନାରେ ପରିଣତ ହୋଇଯାଏ; ଅଥବା ସେଥିରୁ କେତେଗୁଡ଼ାଏ ଏକାଠି ମିଶି ଏକ ଅସ୍ଥାୟୀ ବୃହତ୍ତର ସମ୍ପୂର୍ଣ୍ଣତାର ନିର୍ମାଣ ହୁଏ ଏବଂ ତାହା ଏପର୍ଯ୍ୟନ୍ତ ଅନୁପଲବ୍ଧ ଏକ ସମଗ୍ରତା ଆଡ଼କୁ ବାଟ କଢ଼ାଇ ନେଇଯାଏ । ଶେଷରେ ସତ୍ୟର ଏକ ବୃହତ୍ତ ସମଗ୍ରତାର ପରିଚୟ ମିଳେ, ଅନୁଭୂତିରେ ଆସି ଧରାଦିଏ; ମାତ୍ର ତଥାପି ସେଥିରେ ଆହୁରି ନାନା ଅନ୍ତହୀନ ଭାବରେ ପ୍ରସାରିତ ହେବାର ସାମର୍ଥ୍ୟ ଭରି ରହିଥାଏ । କାରଣ, ଜ୍ଞାନବିଭାବର ଆଦୌ କୌଣସି ଅନ୍ତ ରହିବା ସମ୍ଭବ ନୁହେଁ;—'ନାସ୍ତ୍ୟନ୍ତୋ ବିସ୍ତାରସ୍ୟ ମେ' ।

ଜ୍ଞାନପ୍ରତ୍ୟୟର ଭୂମି ଉପରେ ବିଚାର କରି ଦେଖିଲେ ଏହାହିଁ ହେଉଛି ଉଚ୍ଚତର ମନର ପରିଚୟ । ମାତ୍ର ଏହାର ଏକ ସଂକଳ୍ପ ବା ଇଚ୍ଛାଶକ୍ତିଗତ ଭୂମି ବା ଦିଗ ମଧ୍ୟ ରହିଛି, ସତ୍ୟକୁ ଗତିଶୀଳ ଭାବରେ କାର୍ଯ୍ୟକାରୀ କରିବାର ଏକ ଦିଗ ରହିଛି । ଏଠାରେ ଆମେ ଦେଖିବାକୁ ପାଇବା ଯେ ଏହି ବୃହତ୍ତର ଓ ଘାତ୍ରତର ମନଟି ସର୍ବଦା ସତ୍ତାର ଅବଶିଷ୍ଟ ସମ୍ପୂର୍ଣ୍ଣ ଅଂଶଟିରେ କାର୍ଯ୍ୟ କରିବାରେ ଲାଗିଛି; ତାହା ମନୋଗତ ସକଳ ଇଚ୍ଛା, ହୃଦୟ ତଥା ହୃଦୟସଂବେଗ, ପ୍ରାଣ ତଥା ଶରୀର ଉପରେ ମନନଶକ୍ତି ବା ଭାବନାଗତ ସାର୍ଥ୍ୟଟିର ମଧ୍ୟଦେଇ କାର୍ଯ୍ୟ କରୁଛି । ତାହା ଜ୍ଞାନଦ୍ୱାରା ବିଶୁଦ୍ଧ କରିଦେବାକୁ ଇଚ୍ଛା କରୁଛି; ଜ୍ଞାନଦ୍ୱାରା ମୁକ୍ତ କରିଦେବାକୁ ଓ ଜ୍ଞାନର ସ୍ୱଭାବସିଦ୍ଧ ସାମର୍ଥ୍ୟଟି ଦ୍ୱାରା ନୂତନ ଭାବରେ ତିଆରି କରିଦେବାକୁ ଚାହୁଁଛି । ଗ୍ରହଣ-ଯୋଗ୍ୟ ଏକ ସାମର୍ଥ୍ୟରୂପେ ଓ ପ୍ରକାଶିତ କରିବାର ଏକ ଶକ୍ତିରୂପେ ହୃଦୟ ବା ପ୍ରାଣର ଭୂମି ଉପରେ ଭାବନାର ବୀଜଟି ରୋପିତ ହୋଇ ରହୁଛି; ହୃଦୟ ଓ ପ୍ରାଣ ସେହି ଭାବନାଟି ସମ୍ବନ୍ଧରେ ସଚେତନ ହେଉଛନ୍ତି, ତାହାର ଗତିକ୍ରିୟାଗୁଡ଼ିକ ଲାଗି ଆପଣାର ପ୍ରତିସ୍ପନ୍ଦନ ଜଣାଉଛନ୍ତି ଏବଂ ସେଗୁଡ଼ିକର ଉପାଦାନଟି ମଧ୍ୟ କ୍ରମେ ସେହି ନୂତନ ବୋଧଟି ଅନୁସାରେ ରୂପାନ୍ତରିତ ହେବାକୁ ଆରମ୍ଭ କରୁଛି, ଯେପରିକି ତାହାର ଅନୁଭୂତି ଓ କ୍ରିୟାମାନ କ୍ରମେ ସେହି ଉଚ୍ଚତର ପ୍ରଜ୍ଞାଟିର ସ୍ପନ୍ଦନରେ ପରିଣତ ହୋଇଯାଉଛି, ସେହି ପ୍ରଜ୍ଞାଦ୍ୱାରାହିଁ ସଂପ୍ରେରିତ ହେଉଛି, ତାହାରି ସଂବେଗ ତଥା ତାହାରି ବୋଧରେ ପୂର୍ଣ୍ଣ ହୋଇ ରହୁଛି । ଇଚ୍ଛାଶକ୍ତି ଓ ପ୍ରାଣଗତ ଆବେଗ-ଗୁଡ଼ିକ ମଧ୍ୟ ଠିକ୍ ସେହିପରି ଭାବରେ ସେହି ପ୍ରଜ୍ଞାଟିର ଶକ୍ତି ଓ ଆପଣାକୁ କାର୍ଯ୍ୟକାରୀ କରିବାର ଆବେଗଟି ଦ୍ୱାରା ସଞ୍ଚାରିତ ହୋଇଯାଉଛି । ସେହି ଭାବନା ଏପରିକି

'oaob.nitrkl.ac.in' images reprocessed

ଶରୀର ଉପରେ ମଧ୍ୟ କାର୍ଯ୍ୟ କରୁଛି, ଯାହା ଫଳରେ କି, ଗୋଟିଏ ଉଦାହରଣ ଦେଇ କହିବାକୁ ଗଲେ, ରୁଗ୍‌ଣ ହେବାର ଅନିବାର୍ଯ୍ୟତା ଉପରେ ଶରୀରର ଯେଉଁ ବିଶ୍ୱାସ ରହିଛି ଏବଂ ରୁଗ୍‌ଣ ହେବାଲାଗି ତାହା ଯେପରି ସମ୍ମତ ହୋଇଯାଉଛି, ତାହା ବଦଳରେ ପୂର୍ଣ୍ଣ ସୁସ୍ଥତାର ଶକ୍ତିମୟ ଭାବନା ଓ ଇଚ୍ଛା ଆସି ତାହାର ସ୍ଥାନ ଅଧିକାର କରୁଛି । ଅଥବା ବଳର ଭାବନା* ବଳର ଉପାଦାନ, ବଳର ସାମର୍ଥ୍ୟ, ବେଗ ଓ ସ୍ପନ୍ଦନକୁ ଆବାହନ କରିଆଣୁଛି । ଆମର ମନ, ପ୍ରାଣ ବା ଜଡ଼ର ଉପାଦାନ ଉପରେ ଭାବରୁ ଭାବର ଅନୁରୂପ ଶକ୍ତିମତ୍ତା ଓ ସମୂର୍ତ୍ତିତା ନିଷ୍ପନ୍ନ ହୁଏ । ଏହିପରି ଭାବରେହିଁ ଏହି କ୍ଷେତ୍ରରେ ପ୍ରଥମ ନିଷ୍ପତ୍ତି ଅଗ୍ରସର ହୋଇଥାଏ; ତାହା ଆମର ସମୁଦାୟ ସତ୍ତାଟିକୁ ଏକ ନୂତନ ଓ ଉଚ୍ଚତର ଚେତନାରେ ଉଦ୍‌ବୋଧିତ କରିଦିଏ, ପରିବର୍ତ୍ତନର ନିଆଁ ମୂଳଦୁଆ ପକାଏ ଏବଂ ସତ୍ତାକୁ ଅଧିକ ଏକ ଉଚ୍ଚତର ସତ୍ୟୋପଲବ୍ଧି ଲାଗି ପ୍ରସ୍ତୁତ କରିବାକୁ ଲାଗେ ।

ଉଚ୍ଚତର ଶକ୍ତିର ଉଚ୍ଚସ୍ତରୀୟ ସାମର୍ଥ୍ୟଟି ଆମର ଅନୁଭୂତି ମଧ୍ୟରେ ଯେତେବେଳେ ପ୍ରଥମେ ଆସି ଦେଖାଦିଏ, ସେତେବେଳେ ଅତ୍ୟନ୍ତ ସ୍ୱାଭାବିକ ଭାବରେ ଯେଉଁ ଭୁଲଟି ଘଟିବାର ଆଶଙ୍କା ରହିଥାଏ, ସେଇଟିର ନିରାକରଣ ଲାଗି ଏଠାରେ ଗୋଟିଏ କଥା ଉପରେ ଯଥେଷ୍ଟ ଜୋର ଦେବାକୁ ପଡ଼ିବ । ଆମକୁ ମନେ ରଖିବାକୁ ପଡ଼ିବ ଯେ ଏହି ଉଚ୍ଚତର ସାମର୍ଥ୍ୟଗୁଡ଼ିକ ନିଜସ୍ୱ ଆପଣାର ଭୂମିରେ ଓ ଆପଣାର ମାଧ୍ୟମଟିରେ ସ୍ୱଭାବତଃ ଯେପରି ହୋଇଥା'ନ୍ତି, ଠିକ୍ ସେହିପରି ଭାବରେ ପ୍ରଧାବିତ ହୋଇ ସେମାନେ ସତ୍ତା ଉପରେ ଅବତୀର୍ଣ୍ଣ ହୋଇଆସିବା ସଙ୍ଗେ ସଙ୍ଗେ କଦାପି ସର୍ବଶକ୍ତିଶାଳୀ ହୋଇ ରହନ୍ତି ନାହିଁ । ଜଡ଼ ମଧ୍ୟରେ ବିବର୍ତ୍ତିତ ହେଲାବେଳେ ସେମାନଙ୍କୁ ଏକ ବାଜାରୀୟ ତଥା ନିମ୍ନସ୍ତରୀୟ ମାଧ୍ୟମରେ ପ୍ରବେଶ କରିବାକୁ ପଡ଼ିଥାଏ ଏବଂ ତାହାରି ଉପରେ କାର୍ଯ୍ୟ କରିବାକୁ ହୋଇଥାଏ । ସେଠି ସେମାନେ ଆମର ଏହି ମନ, ପ୍ରାଣ ତଥା ଦେହଗତ ଯାବତୀୟ ଅସମର୍ଥତାର ସମ୍ମୁଖୀନ ହୁଅନ୍ତି; ଅବିଦ୍ୟା ଭିତରେ ଗ୍ରହଣଶୀଳତାର ଯେଉଁ ଅଭାବ ରହିଥାଏ ବା ଅନ୍ଧଭାବରେ ନାସ୍ତି କରିଦେବାର ଯେଉଁ ପ୍ରବୃତ୍ତି ରହିଥାଏ, ତାହାରି ସମ୍ମୁଖୀନ ହୁଅନ୍ତି, ନିଶ୍ଚେତନାଠାରୁ ମଧ୍ୟ ସେମାନଙ୍କୁ କେତେପ୍ରକାର ନେତି ଓ ବାଧାକୁ ଅଙ୍ଗେ ନିଭାଇବାକୁ ପଡ଼େ । ମାତ୍ର ଆପଣାର ଯଥାର୍ଥ ଭୂମିଟିରେ ସେମାନେ ଜ୍ୟୋତିର୍ମୟ ଚେତନା ତଥା ସତ୍ତାଗତ ଜ୍ୟୋତିର୍ମୟ ଉପାଦାନର ଏକ ଭିତ୍ତି ଉପରେ ପ୍ରତିଷ୍ଠିତ

---

* ଭାବର ପ୍ରକାଶ କରୁଥିବା କୌଣସି ଶବ୍ଦରେ ଯଦି ତତ୍‌ଶକ୍ତିର ସଞ୍ଚାରଣ ହୋଇପାରେ, ତେବେ ତାହା ସେହି ଭାବଟି ପରି ସାମର୍ଥ୍ୟଶାଳୀ ହୋଇଉଠେ । ଭାରତର ଧର୍ମସମ୍ବନ୍ଧରେ ମନ୍ତ୍ରର ଯେଉଁ ବ୍ୟବହାର କରାଯାଏ, ତାହାପଛରେ ସମର୍ଥକ ଏହି ଯୁକ୍ତିଟିହିଁ ରହିଛି ।

'oaob.nitrkl.ac.in' images reprocessed

ରହି କାର୍ଯ୍ୟ କରୁଥା'ନ୍ତି ଏବଂ ଅତ୍ୟନ୍ତ ସ୍ୱତଃସ୍ଫୂର୍ତ୍ତି ଭାବରେ ଆପଣାକୁ କାର୍ଯ୍ୟକାରୀ କରି ରଖିଥାଆନ୍ତି; ମାତ୍ର ଏଠାରେ ସେମାନଙ୍କୁ ଆଗରୁ ଦୃଢ଼ପ୍ରତିଷ୍ଠିତ ହୋଇ ରହିଥିବା ନିଶ୍ଚେତନାର ଏକ ଭିତ୍ତିର ସମ୍ମୁଖୀନ ହେବାକୁ ପଡ଼ିଥାଏ । କେବଳ ଜଡ଼ର ବିଶୁଦ୍ଧ ନିଶ୍ଚେତନତା ନୁହେଁ, ମାତ୍ର ମନ, ପ୍ରାଣ ତଥା ହୃଦୟର ବିମିଶ୍ରିତ ନିଶ୍ଚେତନାର ସମ୍ମୁଖୀନ ହେବାକୁ ମଧ୍ୟ ପଡ଼ିଥାଏ । ତେଣୁ ଆମର ବିକଶିତ ମନୋଗତ ବୃଦ୍ଧିର କ୍ଷେତ୍ରଟି ଉପରେ ଯେତେବେଳେ ସେହି ଉଚ୍ଚତର ଭାବନାଟିର ଅବତରଣ ଘଟେ, ସେତେବେଳେ ତାହାକୁ ସେଠାରେ ମଧ୍ୟ ଜ୍ଞାନ-ଅଜ୍ଞାନର ରାଜ୍ୟାନ୍ତର୍ଗତ ରୂପବନ୍ଧ ଭାବନାର ଏକ ସ୍ତୂପାକୃତ ବନ୍ଧପାଖରେ ଆସି ହାବୁଡ଼ିଯିବାକୁ ହୁଏ ଏବଂ ସେଇଟିକୁ ଅତିକ୍ରମ କରିବାକୁ ହୁଏ; ଆପଣାକୁ ବଞ୍ଚାଇ ରଖିବାଲାଗି ଓ ଆତ୍ମସାର୍ଥକତା ଲାଭ କରିବାଲାଗି ନିମ୍ନସ୍ଥ ସତ୍ତାଟି ମଧ୍ୟରେ ଏହିସବୁ ସଂସ୍କାରର ଯେଉଁ ପ୍ରବଳ ଇଚ୍ଛା ବର୍ତ୍ତମାନ ଥାଏ, ସେଗୁଡ଼ିକୁ ପରାଭୂତ କରିବାକୁ ପଡ଼େ । କାରଣ ଯାବତୀୟ ଭାବନାକୁ ସ୍ୱରୂପତଃ ଗୋଟିଏ ଗୋଟିଏ ଶକ୍ତି ବୋଲିହିଁ କୁହାଯିବ; ସେଗୁଡ଼ିକ ପ୍ରତ୍ୟେକଟି ମଧ୍ୟରେ ମୂର୍ତ୍ତି ହୋଇ ଉଠିବାର ବା ଆପଣାକୁ କାର୍ଯ୍ୟକାରୀ କରାଇବାର ଏକ ବୃତ୍ତି ନିରନ୍ତର ବଳବତ୍ତର ରହିଛି; ପ୍ରତ୍ୟେକଟିର ପରିବେଶ ଅନୁସାରେ ସେହି ବୃତ୍ତି କେଉଁଠାରେ ଅଧିକ ମାତ୍ରାରେ ରହିଛି ଓ ଆଉ କେଉଁଠାରେ ଅଳ୍ପମାତ୍ରାରେ ରହିଛି । ଯେତେବେଳେ ସେହି ଭାବନାଗୁଡ଼ିକୁ ଜଡ଼ର ନିଶ୍ଚେତନତା ସହିତ କାର୍ଯ୍ୟ କରିବାକୁ ହେଉଛି, ସେତେବେଳେ ସେହି ବୃତ୍ତିର ସଘନତା କାର୍ଯ୍ୟତଃ ଶୂନ୍ୟରେ ପର୍ଯ୍ୟବସିତ ରହୁଥିଲେ ମଧ୍ୟ ସମ୍ଭାବନାରୂପେ ତାହା ସେଠାରେ ଅବଶ୍ୟ ଉପସ୍ଥିତ ରହିଛି । ଏହିପରି ଭାବରେ ଆଧାରରେ ଏକ ପ୍ରତିରୋଧକାରୀ ଶକ୍ତି ଆପଣାକୁ ପ୍ରସ୍ତୁତ କରି ରଖିଛି, ଯାହାକି ଅବତୀର୍ଣ୍ଣ ହୋଇ ଆସୁଥିବା ଆଲୋକଟିର ପରିଣାମଗୁଡ଼ିକର ବିରୋଧ କରିବାରେ ଲାଗିଛି ବା ସେଗୁଡ଼ିକୁ ଯଥାସମ୍ଭବ ଅଳ୍ପ କରି ପକାଉଛି । ଏହି ପ୍ରତିରୋଧ ଅନେକ ସମୟରେ ସେହି ଆଲୋକକୁ ବର୍ଜନ ବା ପ୍ରତ୍ୟାଖ୍ୟାନ ବି କରିପାରେ ଅଥବା ସେହି ଆଲୋକକୁ ପୂର୍ବରୁ ବଦ୍ଧମୂଳ ହୋଇ ରହିଥିବା ଅବିଦ୍ୟାଗତ ସଂସ୍କାରଗୁଡ଼ିକର ଅନୁରୂପ ହେବାଭଳି ପ୍ରମାଦଗ୍ରସ୍ତ ଓ କବଳିତ କରି ରଖିପାରେ, ଧୂର୍ତ୍ତଭାବରେ ତାହାକୁ ବଦଳାଇ ଦେଇପାରେ ଓ ଖାପ ଖୁଆଇ ନେଇପାରେ ଅଥବା ତାହାକୁ ଏକାବେଳକେ ବିକୃତ କରି ପକାଇବାର ଚେଷ୍ଟା ବି କରିପାରେ । ପୂର୍ବକଳ୍ପିତ ବା ପୂର୍ବଗଠିତ ସଂସ୍କାରଗୁଡ଼ିକୁ ଯଦି ବର୍ଜନ କରାଯାଏ ଅଥବା ବନ୍ଦୀ ରହିବାଲାଗି ସେଗୁଡ଼ିକର ଅଧିକାରରୁ ସେଗୁଡ଼ିକୁ ବଞ୍ଚିତ କରି ରଖାଯାଏ, ତଥାପି ସେଗୁଡ଼ିକର ପୁନରାବିର୍ଭାବର ସମ୍ଭାବନା ସମ୍ପୂର୍ଣ୍ଣ ଦୂର ହୁଏ ନାହିଁ; ସେଗୁଡ଼ିକ ହୁଏତ ବାହାରୁ ଆଉକେଉଁଠୁ ଆସି ପହଞ୍ଚିଯାଇ ପାରନ୍ତି, ବିଶ୍ୱମନସ୍ଥ ଆପଣାର ଆଶ୍ରୟଗୁଡ଼ିକରୁ ଏଠାକୁ ପୁଣି ଆସିପାରନ୍ତି; ଅଥବା ନିମ୍ନମୁଖୀ

'oaob.nitrkl.ac.in' images reprocessed

ହୋଇ ସେମାନେ ପ୍ରାଣଗତ, ଭୌତିକ କିମ୍ବା ଅବଚେତନ ସ୍ତରଗୁଡ଼ିକୁ ଅପସରି ଯାଇପାରନ୍ତି ଓ ଏତେଟିକିଏ ଅନୁକୂଳତା ପାଇବା ମାତ୍ରକେ ଆପଣା ହୃତ ଅଧିକାରଟିର ପୁନରୁଦ୍ଧାର କରିବାକୁ ସେଇଠାରୁ ଆସି ପୁଣି ପହଞ୍ଚିଯାଇ ପାରନ୍ତି । କାରଣ, ଆପଣାର ବିଭିନ୍ନ ପଦକ୍ଷେପଗୁଡ଼ିକୁ ଯଥେଷ୍ଟ ସ୍ଥାୟିତ୍ୱ ଓ ଦୃଢ଼ତା ଦେଇପାରିବା ଉଦ୍ଦେଶ୍ୟରେ ବିବର୍ତ୍ତନଗତ ପ୍ରକୃତି ଥରେ ଯେଉଁସବୁ ପଦାର୍ଥକୁ ପ୍ରତିଷ୍ଠିତ କରି ରଖିସାରିଛି, ସେହିସବୁ ପଦାର୍ଥକୁ ସେ ବଞ୍ଚି ରହିବାର ଏକ ଅଧିକାର ଦେବାକୁ ବି ବାଧ୍ୟ ହୋଇଥାଏ । ପୁଣି ଅଭିବ୍ୟକ୍ତି ଲାଭ କରିଥିବା ଯାବତୀୟ ଶକ୍ତି ଆପଣାର ସ୍ୱଭାବଗତ ଦାବିଦ୍ୱାରା ପ୍ରେରିତ ହୋଇହିଁ ଯେତେ ଦୀର୍ଘକାଳ ସମ୍ଭବ ତିଷ୍ଠି ରହିବାକୁହିଁ ଇଚ୍ଛା କରିଥା'ନ୍ତି, ବଞ୍ଚି ରହିବାକୁ ଓ ଯେଉଁଠାରେ ସମ୍ଭବ ସେଠାରେ ଆପଣାକୁ କାର୍ଯ୍ୟକାରୀ କରିବାକୁ ମଧ୍ୟ ପ୍ରବୃତ୍ତି ରଖିଥା'ନ୍ତି । ତେଣୁ ଅବିଦ୍ୟାମୟ ଏହି ଜଗତରେ ଆମେ ବେଶ୍ ଦେଖିବାକୁ ପାଇଥାଉ ଯେ କେବଳ ବିବିଧ ଶକ୍ତିର ଏକ ଜଟିଳ ସମାବେଶ ମଧ୍ୟରେ ଅବସ୍ଥିତ ରହିହିଁ ଯେ ସବୁକିଛି ଲାଭ କରିବାକୁ ହୁଏ ତାହା ନୁହେଁ, ମାତ୍ର ସେହିସବୁ ଶକ୍ତିର ପାରସ୍ପରିକ ସଂଘର୍ଷ, ସଂଘାତ ଓ ସମ୍ମିଶ୍ରଣ ଭିତରେ ମଧ୍ୟ ସେହି ଲାଭର ଉପାୟ ନିହିତ ହୋଇ ରହିଥାଏ । ମାତ୍ର ସର୍ବୋଚ୍ଚ ସ୍ତରରେ ଏହି ବିବର୍ତ୍ତନଟି ପାଇଁ ଏହା ଅତ୍ୟାବଶ୍ୟକ ଯେ ଏଠାରେ ବିଦ୍ୟା ସହିତ ଅବିଦ୍ୟାର ଯାବତୀୟ ମିଶ୍ରଣକୁ ସମ୍ପୂର୍ଣ୍ଣ ଭାବରେ ଦୂର କରିବାକୁ ପଡ଼ିବ, ଶକ୍ତିର ସଂଘାତ ଦ୍ୱାରା ସଂଘଟିତ ହେଉଥିବା ଏକ କ୍ରିୟା ଓ ବିକାଶଧାରାର ସ୍ଥାନାପନ୍ନ ଭାବରେ ଶକ୍ତିର ସମନ୍ୱୟ ଦ୍ୱାରା ସଂଗଠିତ ହେଉଥିବା ଏକ କ୍ରିୟା ଓ ବିକାଶଧାରାକୁ ଗ୍ରହଣ କରିବାକୁ ପଡ଼ିବ । ମାତ୍ର କେବଳ ଗୋଟିଏ ଅନୁକ୍ରମ ସଂଘାତଦ୍ୱାରାହିଁ ଏହି ସୋପାନରେ ଆସି ପହଞ୍ଚିବା ସମ୍ଭବ ହେବ ଅର୍ଥାତ୍ ଏଥିଲାଗି ଆଲୋକ ତଥା ଜ୍ଞାନର ସାମର୍ଥ୍ୟଗୁଡ଼ିକ ଦ୍ୱାରା ଅଜ୍ଞାନ ବା ଅବିଦ୍ୟାର ସାମର୍ଥ୍ୟଗୁଡ଼ିକୁ ପରାଭୂତ କରିଦେବାକୁ ପଡ଼ିବ । ସତ୍ତାର ନିମ୍ନତର ଭୂମିଗୁଡ଼ିକରେ ଅର୍ଥାତ୍ ହୃଦୟ, ପ୍ରାଣ ତଥା ଦେହର ଭୂମିରେ ଅଧିକ ତୀବ୍ରଭାବରେ ଏହି ବ୍ୟାପାରଟିର ପୁନରାବିର୍ଭାବ ହୋଇଥାଏ; କାରଣ ଏଠାରେ କେବଳ ଭାବନାସବୁର ସମ୍ମୁଖୀନ ହେବାକୁ ପଡ଼େ ନାହିଁ, ଏଠାରେ ନିମ୍ନତର ପ୍ରକୃତିର ସଂବେଗ, ବାସନା, ଆବେଗ, ଇନ୍ଦ୍ରିୟବୋଧ, ତଥା ପ୍ରାଣଗତ ଆବଶ୍ୟକତା ଏବଂ ଅଭ୍ୟସ୍ତତାଗୁଡ଼ିକର ସମ୍ମୁଖୀନ ହେବାକୁ ପଡ଼ିଥାଏ । ଭାବନା ତୁଳନାରେ ଏଗୁଡ଼ିକ ଅପେକ୍ଷାକୃତ କମ୍ ଚେତନାଯୁକ୍ତ ହୋଇଥିବାରୁ ଆପଣାର ପ୍ରତିସ୍ପନ୍ଦନରେ ଅଧିକ ଅନ୍ଧତାର ପରିଚୟ ଦିଅନ୍ତି ଏବଂ ଅଧିକ ଦୁର୍ଦ୍ଦମ ଭାବରେ ଆପଣାକୁ ପ୍ରତିଷ୍ଠିତ କରି ରଖିବାକୁ ଚାହୁଁଥା'ନ୍ତି । ଏମାନଙ୍କ ସମସ୍ତଙ୍କଠାରେ ଠିକ୍ ସେହିପରି ବା ତତୋଽଧିକ ପ୍ରତିରୋଧଶକ୍ତି ରହିଥାଏ, ପୁନଃପୁନଃ ଆବର୍ତ୍ତିତ ହେବାର ଶକ୍ତି ମଧ୍ୟ ରହିଥାଏ; ଅଥବା ସେମାନେ ପରିଚେତନ ବିଶ୍ୱପ୍ରକୃତି ମଧ୍ୟରେ ଆଶ୍ରୟ ନେଇଥା'ନ୍ତି, ବା ଆମ ନିଜ ସତ୍ତାର ନିମ୍ନତର ସ୍ତର-



'oaob.nitrkl.ac.in' images reprocessed

ଗୁଡ଼ିକରେ କିମ୍ବା ଅବଚେତନ ମଧ୍ୟରେ ବୀଜରୂପେ ଅବସ୍ଥାନ କରୁଥା'ନ୍ତି; ଏବଂ ସେଠିଠାରୁହିଁ ପୁଣି ଆକ୍ରମଣ କରିବାର ଅଥବା ପୁଣି ଆବିର୍ଭୂତ ହେବାର ଶକ୍ତି ଲାଭ କରନ୍ତି । ପ୍ରକୃତି ମଧ୍ୟରେ ପ୍ରତିଷ୍ଠିତ ରହିଥିବା ବସ୍ତୁଗୁଡ଼ିକ ମଧ୍ୟରେ ତିଷ୍ଠି ରହିବାର, ପୁନରାବିର୍ଭୂତ ହେବାର ତଥା ପ୍ରତିରୋଧ କରିବାର ଯେଉଁ ଶକ୍ତିଟି ରହିଥାଏ, ତାହାହିଁ ଏକ ବଡ଼ ପ୍ରତିବନ୍ଧକରୂପେ ବିବର୍ତ୍ତନରତ ଶକ୍ତିଟିର ଆଗରେ ଆସି ହାବୁଡ଼ିଯାଏ; ଏହି ପ୍ରତିବନ୍ଧକଟିକୁ ସେ ନିଜେ ତିଆରି କରିଥାଏ, ବସ୍ତୁଗୁଡ଼ିକରେ ଯେଉଁ ରୂପାନ୍ତରଟିକୁ ସମ୍ଭବ କରିବା ତାହାର ଅଭିପ୍ରାୟ ହୋଇଥିଲେ ମଧ୍ୟ ଏହି ରୂପାନ୍ତର ଯେପରି ଅତିଶୀଘ୍ର ଦ୍ରୁତଭାବରେ ନହୁଏ, ବସ୍ତୁତଃ ସେଇଥିଲାଗିହିଁ ସେ ଏହିପରି ଏକ ପ୍ରତିବନ୍ଧକ ସୃଷ୍ଟି କରି ରଖିଥାଏ ।

ଏହି ପ୍ରତିବନ୍ଧକ ହୁଏତ କ୍ରମଶଃ ହ୍ରାସ ହୋଇ ଯାଇପାରେ, ମାତ୍ର ବୃହତ୍ତର ଆରୋହଣର ପ୍ରତ୍ୟେକ ପର୍ବରେ ତାହା ରହିବହିଁ ରହିବ । ଉଚ୍ଚତର ଆଲୋକଟିକୁ ଏକ ଯଥେଷ୍ଟ ପ୍ରବେଶ ତଥା ସକ୍ରିୟ ସାମର୍ଥ୍ୟର ଅଧିକାର ଦେବାକୁ ହେଲେ ଆମ ପ୍ରକୃତିକୁ ମଧ୍ୟ ଶାନ୍ତ କରିବାର ଶକ୍ତି ଲାଭ କରିବାକୁ ପଡ଼ିବ, ମନ, ହୃଦୟ, ପ୍ରାଣ ତଥା ଦେହକୁ ସକଳ ଉଦ୍‌ବେଗରୁ ମୁକ୍ତ ଓ ଉପଶାନ୍ତ କରି ରଖିବାକୁ ହେବ, ଆପଣାର ଇଚ୍ଛାନୁସାରେ ସେଗୁଡ଼ିକୁ ନିଷ୍କ୍ରିୟ କରି ପାରିବାକୁ ହେବ ଅଥବା ସେଗୁଡ଼ିକୁ ସମ୍ପୂର୍ଣ୍ଣ ଭାବରେ ନୀରବ କରିଦେବାକୁ ପଡ଼ିବ । ମାତ୍ର ବିଶ୍ୱଗତ ଅବିଦ୍ୟାର ଶକ୍ତି ଭିତରେ ପ୍ରକାଶ୍ୟ ଭାବରେ ତଥାପି ଏକ ବିରୋଧ ଅନୁଭୂତ ହେବାରେ ଲାଗିଥିବ, ଅଥବା ବ୍ୟକ୍ତିର ମନୋଗତ ଗଠନର ଉପାଦାନଶକ୍ତିଟି ମଧ୍ୟରେ ଏହି ବିରୋଧ ଅବଚେତନ ଓ ଅସ୍ପଷ୍ଟ ହୋଇ ରହିଥିବ; ତା'ର ପ୍ରାଣଗତ ରୂପ ଓ ଜଡ଼ଗତ ଶରୀରରେ ଏକ ପ୍ରତିରୋଧ ବା ବିଦ୍ରୋହ ପ୍ରଚ୍ଛନ୍ନ ହୋଇ ରହିଥିବ, ଅଥବା ଅବିଦ୍ୟାଚ୍ଛନ୍ନ ପ୍ରକୃତିର ଆତ୍ମସ୍ୱାଧୀନ ବା ଅବଦମିତ ନାନା ଶକ୍ତି ଆପଣାର ପୁନଃପ୍ରତିଷ୍ଠା ଲାଗି ଅବିରାମ ପ୍ରୟାସ କରିବାରେ ଲାଗିଥିବେ । ଏବଂ ସତ୍ତାମଧ୍ୟରେ ଅବସ୍ଥିତ କୌଣସି ତତ୍ତ୍ୱ ଯଦି ସେଗୁଡ଼ିକରେ ଆପଣାର ସମ୍ମତି ଜଣାଇବସେ, ତେବେ ସେଗୁଡ଼ିକ ସତ୍ତା ଉପରେ ପୁଣି ଆଧିପତ୍ୟ ବିସ୍ତାର କରିପାରିବେ । ତେଣୁ ଏହା ପୂର୍ବରୁ ଏକ ଚୈତ୍ୟ ନିୟନ୍ତ୍ରଣଶକ୍ତି ପ୍ରତିଷ୍ଠିତ ହୋଇ ପାରିଥିବା ଅତ୍ୟନ୍ତ ଦରକାର, କାରଣ ତଦ୍ଦ୍ୱାରା ଉଚ୍ଚତର ଆଲୋକଟି ଲାଗି ସତ୍ତାର ଏକ ସାଧାରଣ ଉନ୍ମୁଖତା ଜାଗ୍ରତ ହୋଇଥାଏ ଏବଂ ସେହି ଆଲୋକ ବିରୁଦ୍ଧରେ ଆମ ନିମ୍ନତର ଅଂଶଗୁଡ଼ିକର ବିଦ୍ରୋହଟିକୁ ମଧ୍ୟ ତାହା ନିରୋଧ କରି ରଖିବାକୁ ସମର୍ଥ ହୁଏ, ବା ଅବିଦ୍ୟାର ଦାବିଗୁଡ଼ିକ ପାଖରେ ସେମାନଙ୍କର ସହମତିକୁ ନିରାକୃତ କରି ରଖିଥାଏ । ଏକ ପ୍ରାଥମିକ ଆଧ୍ୟାତ୍ମିକ ରୂପାନ୍ତର ମଧ୍ୟ ଅବିଦ୍ୟାର ବନ୍ଧନଟିକୁ ଅନେକ ପରିମାଣରେ ଶିଥିଳ କରିଦିଏ; ମାତ୍ର ଏହି ପ୍ରଭାବଗୁଡ଼ିକରୁ କୌଣସିଟି ଏହାର ବାଧା ଓ ସୀମାବନ୍ଧନକୁ

'oaob.nitrkl.ac.in' images reprocessed

ସମ୍ପୂର୍ଣ୍ଣ ଭାବରେ କାଟିଦେଇ ପାରେ ନାହିଁ । କାରଣ ଏହିସବୁ ପ୍ରାଥମିକ ପରିବର୍ତ୍ତନ ସମଗ୍ର ଚେତନା ଓ ସମଗ୍ର ଜ୍ଞାନର ପ୍ରତିଷ୍ଠା ଘଟାଇ ନଥା'ନ୍ତି; ଅବିଦ୍ୟାର ଆଦି ଭିତ୍ତିରୂପେ ନିଶ୍ଚେତନା ତଥାପି ବିଦ୍ୟମାନ ରହିଥାଏ, ଏବଂ ତେଣୁ ତାହାର ବିସ୍ତୃତି ଓ ପ୍ରତିକ୍ରିୟାର ସାମର୍ଥ୍ୟକୁ ଖର୍ବ କରି ତାହାକୁ ପରିବର୍ତ୍ତିତ ତଥା ଆଲୋକିତ କରିବାର ଆବଶ୍ୟକତାଟି ତଥାପି ବଳବତ୍ତର ଥାଏ । ସେହି ଆଧ୍ୟାତ୍ମିକ ଉଚ୍ଚତର ମନର ଶକ୍ତି ଓ ଭାବବୀର୍ଯ୍ୟ ଆମର ଏହି ମନୋଭୂମିଟି ମଧ୍ୟରେ ପ୍ରବେଶ କରି କେତେକ ପରିମାଣରେ ପରିବର୍ତ୍ତିତ ହୋଇଯାଏ, ତାହାର ଶକ୍ତି ମଧ୍ୟ କ୍ଷୀଣ ହୋଇଯାଏ; ତେଣୁ ଏହିସବୁ ପ୍ରତିବନ୍ଧକକୁ ଦୂରୀଭୂତ କରି ବିଜ୍ଞାନମୟ ପୁରୁଷର ନିର୍ମାଣ କରିବାଲାଗି ଏଥିରେ ଆଉ ଯଥେଷ୍ଟ ଶକ୍ତି ନଥାଏ । ମାତ୍ର ଏହା ଅବଶ୍ୟ ଏକ ପ୍ରଥମସ୍ତରୀୟ ପରିବର୍ତ୍ତନ ଘଟାଇଥାଏ; ଏପରି ଏକ ପରିବର୍ତ୍ତନ ସମ୍ଭବ କରାଏ, ଯାହାକି ଏକ ଉଚ୍ଚତର ଆରୋହଣ, ଉଚ୍ଚତର ଶକ୍ତିର ଏକ ଅଧିକ ଶକ୍ତିଶାଳୀ ଅବତରଣ ଲାଗି ଅଧିକ ସାମର୍ଥ୍ୟର ସଞ୍ଚାର କରାଏ ଏବଂ ତାହା ସଙ୍ଗେସଙ୍ଗେ ଚେତନା ଓ ଜ୍ଞାନମୟତାର ଏକ ବୃହତ୍ତର ଶକ୍ତିରେ ସତ୍ତାର ପୂର୍ଣ୍ଣୋପଲବ୍ଧି ଲାଗି ଆବଶ୍ୟକ କ୍ଷେତ୍ର ପ୍ରସ୍ତୁତ କରିଦିଏ ।

ଏହି ବୃହତ୍ତର ଶକ୍ତିଟି ହେଉଛି ଆଲୋକିତ ମନର ଶକ୍ତି । ଏହି ମନକୁ ଆମେ ଏକ ଉଚ୍ଚତର ଭାବନାଗତ ମନ ବୋଲି କଦାପି କହିପାରିବା ନାହିଁ, ମାତ୍ର ଆଧ୍ୟାତ୍ମିକ ଆଲୋକର ମନ ବୋଲି କହିବା । ଏହି ସୋପାନକୁ ଆସି ଅଧ୍ୟାତ୍ମ ବୁଦ୍ଧିର ସ୍ପଷ୍ଟ ଓ ତାହାର ପ୍ରଶାନ୍ତ ଦିବାଲୋକଟି ଚିଦ୍‌ବସ୍ତୁର ଏକ ଶକ୍ତିମାନ୍ ଜ୍ୟୋତି ଓ ମହିମାମୟ ଉଦ୍‌ଭାସ ଲାଗି ବାଟ ଛାଡ଼ିଦିଏ ଅଥବା ଆପଣାକୁ ତାହାର ଅଧୀନ କରି ରଖେ । ଅଧ୍ୟାତ୍ମସତ୍ୟ ଓ ଅଧ୍ୟାତ୍ମଶକ୍ତିର ଏକ ଦାମିନୀଛଟା ଊର୍ଦ୍ଧ୍ୱଦେଶରୁ ଚେତନା ମଧ୍ୟରେ ଉଦ୍ଭାସିତ ଭାବନାମୟ ଚିନ୍ମୟ ତତ୍ତ୍ୱଟିର କ୍ରିୟାସହିତ ବା ତାହାର ସହଜ ପ୍ରକୃତିଟିରୁ ଯେଉଁ ସ୍ଥିର ତଥା ଉଦାର ଆଲୋକ ଏବଂ ଯେଉଁ ବିପୁଳ ଶାନ୍ତି ସତ୍ତାର ଭୂମିକୁ ଅବତୀର୍ଣ୍ଣ ହୋଇ ଆସିଛି, ତାହାର ସହିତ ଆସି ଯୁକ୍ତ ହୋଇଯାଏ, ସେତେବେଳେ ଉପଲବ୍ଧି ଲାଗି ଏକ ଅଗ୍ନିମୟୀ ଆକୂତି, ଐକାନ୍ତିକତା ତଥା ଜ୍ଞାନର ଏକ ଉନ୍ମାଦନାପୂର୍ଣ୍ଣ ଆନନ୍ଦାଭିଭୂତତା ଜାଗ୍ରତ ହୋଇଆସେ । ମନର ଏହି କ୍ରିୟାଟିକୁ ଆବେଷ୍ଟିତ କରି ଅଧିକାଂଶ ସ୍ଥଳରେ ଏକ ଅନ୍ତର୍ଦୃଶ୍ୟ ଆଲୋକର ପ୍ଲାବନ ଉପରୁ ଅଜାଡ଼ିହୋଇ ପଡ଼େ; କାରଣ ଏଠାରେ ଅବଶ୍ୟ ସ୍ମରଣ ରଖିବାକୁ ହେବ ଯେ ଆମେ ଆଲୋକକୁ ସାଧାରଣତଃ ଯେଉଁ ଦୃଷ୍ଟିରେ ଦେଖିଥାଉ, ଆଲୋକ ପ୍ରକୃତରେ ତାହା ନୁହେଁ; ଆଲୋକ ମୁଖ୍ୟତଃ ଏକ ଜଡ଼ଗତ ସୃଷ୍ଟି ନୁହେଁ ଏବଂ ସେହି ଆଲୋକର ଯେଉଁ ଅନୁଭବ ବା ଦିବ୍ୟ ଦୃଷ୍ଟିଟି ଆମର ଅନ୍ତରକୁ ଜ୍ୟୋତିର୍ମୟ କରି ଦେଇଥାଏ, ତାହା ଆମର ଅନ୍ତର୍ମୁଖୀ ମନପଟ ଉପରେ ପ୍ରତିଫଳିତ ହେଉଥିବା କୌଣସି ବସ୍ତୁର

'oaob.nitrkl.ac.in' images reprocessed

କେବଳ ଏକ ବିକ୍ଷିପ୍ତ ପ୍ରତିବିମ୍ବ କିମ୍ବା ପ୍ରତୀକମୟ କେବଳ ଏକ ପ୍ରତିଭାସ ଆଦୌ ନୁହେଁ । ଆଲୋକ ହେଉଛି ମୂଳତଃ ସେହି ପରମ ଦିବ୍ୟସତ୍ୟର ଏକ ଚିନ୍ମୟ ଅଭିବ୍ୟକ୍ତି, ସୃଷ୍ଟି କରିବା ଓ ସୃଷ୍ଟ ବସ୍ତୁକୁ ଆଲୋକିତ କରିବା ହେଉଛି ତାହାର ଧର୍ମ । ବସ୍ତୁର ରୂପ ଧାରଣ କରି ଯେଉଁ ଆଲୋକ ଆମ ଆଗରେ ପ୍ରକାଶିତ ହେଉଛି ତାହା ହେଉଛି ଜଡ଼ର ଭୂମି ଉପରେ ସେହି ମୂଳ ଆଲୋକର ଏକ ପରବର୍ତ୍ତୀ ପ୍ରତିଫଳନ ବା ପରିଣାମ, ଏବଂ ଜଡ଼ସ୍ଥ ଶକ୍ତିର ଉଦ୍ଦେଶ୍ୟସାଧନ ସକାଶେହିଁ ଏହି ପ୍ରତିଫଳନ ଅଥବା ପରିଣାମଟି ଘଟାଇବାକୁ ପଡ଼ୁଛି । ଆଲୋକିତ ମନର ଏହି ଅବତରଣ ଫଳରେ ଅନ୍ତର୍ଗୂଢ଼ ସେହି ପରମ ଶକ୍ତି ବା ପରମ ସାମର୍ଥ୍ୟର ଅଧିକ ଗତିଶୀଳ ସ୍ୱର୍ଣ୍ଣଦ୍ୟୁତି ଏକ ପ୍ରବେଗ ଓ ଏକ ପ୍ରଭାସ୍ୱର ଦିବ୍ୟୋତ୍ସାହର ମଧ୍ୟ ପରିସ୍ଫୁରଣ ଘଟିଥାଏ, ଯାହାକି ଉଚ୍ଚତର ମନର ମନ୍ଥରଗତି ଭାବନାସର୍ବସ୍ୱ କ୍ରିୟାମୂଳକତାର ସ୍ଥାନରେ ଏକ ଦ୍ରୁତ ରୂପାନ୍ତରର ପ୍ରତିଷ୍ଠା କରିଦିଏ; ଏବଂ ସେହି ରୂପାନ୍ତର ବେଳେବେଳେ ଏକ ପ୍ରବଳ ଶକ୍ତିମତ୍ତା ଓ ଏପରିକି ପ୍ରାୟ ଏକ ପ୍ରଖର ଆବେଗମୟତା ସହିତ ଅଗ୍ରସର ହେବାରେ ଲାଗେ ।

ଆଲୋକିତ ବା ଉଦ୍ଭାସିତ ମନ ମୁଖ୍ୟତଃ ଭାବନାଦ୍ୱାରା କାର୍ଯ୍ୟକାରୀ ହୁଏ ନାହିଁ, ତାହା ଦିବ୍ୟ ଦୃଷ୍ଟିଦ୍ୱାରା ସଞ୍ଚାଳିତ ହୋଇଥାଏ; ଏହି କ୍ଷେତ୍ରରେ ଭାବନା ରହିଥାଏ, ମାତ୍ର ତାହା ଏକ ଅପ୍ରଧାନ ଓ ଗୌଣ ଗତିକ୍ରିୟା ହୋଇ ରହିଥାଏ, ଦିବ୍ୟଦୃଷ୍ଟିର ପ୍ରକାଶକ ହୋଇ ରହିଥାଏ । ମନୁଷ୍ୟର ଏହି ମନଟା ମୁଖ୍ୟତଃ ଭାବନା ଉପରେହିଁ ନିର୍ଭର କରେ, ତେଣୁ ତାହାକୁହିଁ ଜ୍ଞାନଲାଭର ସର୍ବୋଚ୍ଚ ତଥା ପ୍ରଧାନତମ ପ୍ରକ୍ରିୟା ବୋଲି କଳ୍ପନା କରିଥାଏ । ମାତ୍ର ଚିନ୍ମୟ ଜଗତର ବ୍ୟବସ୍ଥା ମଧ୍ୟରେ ଭାବନା ହେଉଛି ଏକ ଗୌଣ ପ୍ରକ୍ରିୟା, କୌଣସିପ୍ରକାରେ ଏକ ଅପରିହାର୍ଯ୍ୟ ପ୍ରକ୍ରିୟା ନୁହେଁ । ଭାବନାର ବାଙ୍ମୟ ରୂପଟି ବିଷୟରେ କୁହାଯାଇ ପାରିବ ଯେ ସତେଅବା ଜ୍ଞାନହିଁ ଯେପରି ଅଜ୍ଞାନକୁ ଅନୁଗ୍ରହ କରି ଏହି ସାମର୍ଥ୍ୟର ଅନୁମତିଟି ପ୍ରଦାନ କରି ରଖିଛି, କାରଣ ସତ୍ୟକୁ ତାହାର ସକଳ ବ୍ୟଞ୍ଜନା ସହିତ ସର୍ବବୋଧ ଭାବରେ ଆପଣା ପାଖରେ ସ୍ପଷ୍ଟ ଓ ବୋଧ କରିପାରିବା ଲାଗି ଅଜ୍ଞାନର ପ୍ରକୃତିରେ କୌଣସି ଶକ୍ତି ନାହିଁ, କେବଳ କେତେଟା ଅର୍ଥବାହୀ ଶବ୍ଦର ସୁସ୍ପଷ୍ଟ ସଙ୍କେତ ବ୍ୟତୀତ ଅବିଦ୍ୟା ପାଖରେ ଆଉ କୌଣସି ସାମର୍ଥ୍ୟ ନାହିଁ । ଏହି କୌଶଳଟି ପାଖରେ ନଥିଲେ ଅର୍ଥାତ୍ ଭାବନାଗୁଡ଼ିକୁ ଏକ ସ୍ପଷ୍ଟ ରୂପରେଖ ଦେଇ ସେଗୁଡ଼ିକୁ ଏକ ଅର୍ଥବ୍ୟଞ୍ଜକ ଆକାରରେ ବ୍ୟକ୍ତ କରିପାରୁ ନଥିଲେ ଅବିଦ୍ୟା ପାଦେହେଲେ ଆଗେଇ ପାରନ୍ତା ନାହିଁ । ମାତ୍ର ଏଇଟା ଯେ କେବଳ ଏକ କୌଶଳ ଓ ସାଧନମାତ୍ର, ସେଥିରେ ଆଦୌ କୌଣସି ସନ୍ଦେହ ନାହିଁ । ଭାବନା ଆପଣାର ଉତ୍ପତ୍ତିସ୍ଥାନରେ ଚେତନାର ଉଚ୍ଚତର ଭୂମିରେ ଏକ ସାକ୍ଷାତ୍ ପ୍ରତ୍ୟୟରୂପେ ଉଙ୍କି ଉଠିଥାଏ, କୌଣସି ବିଶେଷ ବସ୍ତୁ ଅଥବା

'oaob.nitrkl.ac.in' images reprocessed

ବସ୍ତୁସମ୍ବନ୍ଧୀୟ କୌଣସି ସତ୍ୟ ବିଷୟରେ ଆମକୁ ଏକ ଅବବୋଧ ଆଣି ଦେଇଥାଏ । ଯେତେ ଶକ୍ତିଶାଳୀ ହୋଇଥିଲେ ମଧ୍ୟ ଆମେ ଏହାକୁ କେବଳ ଗୋଟାଏ ଦର୍ପଣ ବୋଲି କହିବା, ଚିନ୍ମୟ ଦୃଷ୍ଟିର ଏକ ଗୌଣ ପରିଣାମ ବୋଲିହିଁ କହିବା; ତୁଳନାତ୍ମକ ଭାବରେ ଆତ୍ମସତ୍ତା ଉପରେ ଆତ୍ମସତ୍ତାର ଏକ ବାହ୍ୟ ଓ ଉପରିଭାଗସ୍ଥ ଅବଲୋକନ ବୋଲି କହିବା, ଆପଣା ଉପରେ ଅଥବା ବିଷୟରୂପେ ପରିଦୃଷ୍ଟ ହେଉଥିବା ଆପଣାର କୌଣସି ଅଂଶଟି ଉପରେ ଆଶୟର ଅବଲୋକନ ବୋଲି କହିବା; କାରଣ ସେହି କ୍ଷେତ୍ରରେ ସବୁକିଛୁ କେବଳ ଆତ୍ମସତ୍ତାର ବିଚିତ୍ର ଓ ବହୁବିଧ ପ୍ରକାଶ ବ୍ୟତୀତ ଆଉ କିଛି ନୁହେଁ । ଆମେ ଯେଉଁ ତଥ୍ୟ, ସତ୍ୟ ବା ବସ୍ତୁଟିକୁ ଦେଖୁ ବା ଯାହାର ଆବିଷ୍କାର କରୁ, ତାହାରି ସଂସ୍ପର୍ଶରୁ ମନର ଉପରିଭାଗରେ ଏକ ବୋଧଗତ ପ୍ରତିସ୍ପନ୍ଦନ ଜାଗ୍ରତ ହୋଇ ଉଠିଥାଏ, ଏବଂ ତା'ପରେ ତାହାର ଏକ ସାମାନ୍ୟ ପ୍ରତ୍ୟୟ ବା ଅବବୋଧ ଗଢ଼ି ହୋଇଯାଏ । ମାତ୍ର ଚିନ୍ମୟ ଆଲୋକରେ ଚାହିଁ ଦେଖିଲାବେଳେ ଏହି କ୍ଷେତ୍ରଟିରେହିଁ ସ୍ୱୟଂ ଚେତନାର ଉପାଦାନଟିରୁହିଁ ଏକ ଗଭୀର ବୋଧଗତ ପ୍ରତିସ୍ପନ୍ଦନ ଜାଗ୍ରତ ହୋଇଥାଏ, ଏବଂ ସେହି ଉପାଦାନଟି ମଧ୍ୟରେ ତାହା ସମ୍ପୂର୍ଣ୍ଣରୂପେ ରୂପାୟିତ ହୋଇଉଠେ; ସେହି ରୂପାୟନରେ ବସ୍ତୁର ଯଥାର୍ଥ ରୂପଟି ଅଭିବ୍ୟକ୍ତ ହୋଇଉଠେ ଅର୍ଥାତ୍ ସତ୍ତାର ଉପାଦାନଟି ମଧ୍ୟରେ ସତ୍ତାର ସ୍ୱରୂପପ୍ରକାଶକ ଏକ ଭାବଚିତ୍ର ପ୍ରକାଶ ପାଇଥାଏ । ଏବଂ ତା'ପରେ ଏହି ଭାବନାଗତ ଜ୍ଞାନର ପୂର୍ଣ୍ଣତା ବା ସ୍ପଷ୍ଟତାସାଧନ ଲାଗି ବାଙ୍‌ମୟ ଶବ୍ଦରଚନାର ବା ଆଉ କୌଣସି କିଛିର ପ୍ରୟୋଜନ ନଥାଏ । ଭାବନା ସତ୍ୟର ଏକ ପ୍ରତିନିଧିମୂଳକ ପ୍ରତିରୂପ ସୃଷ୍ଟି କରେ, ସତ୍ୟକୁ ଧାରଣ କରି ରଖିବାଲାଗି ଓ ତାହାକୁ ଏକ ଜ୍ଞାନବସ୍ତୁରେ ପରିଣତ କରି ପାରିବାଲାଗି ଭାବନା ସେହି ପ୍ରତିରୂପଟିକୁ ମନ ପାଖରେ ଆଣି ସମର୍ପି ଦିଏ; ମାତ୍ର ସତ୍ୟର ଯଥାର୍ଥ ସ୍ୱରୂପମୂର୍ତ୍ତିଟି ଏକ ଗଭୀରତର ଅଧ୍ୟାତ୍ମଦୃଷ୍ଟିର ସୂର୍ଯ୍ୟାଲୋକ ମଧ୍ୟରେହିଁ ଧରା ପଡ଼ିପାରେ ଓ ସେଇଠାରେ ବିଧୃତ ହୋଇ ରହିଥାଏ ଏବଂ ଭାବନା ଦ୍ୱାରା ବିସୃଷ୍ଟ ସତ୍ୟର ପ୍ରତିନିଧିମୂଳକ ରୂପଟି ତାହାପାଖରେ ଗୌଣ ହୋଇ ଅବସ୍ଥିତ ଥାଏ, ତାହାରିଠାରୁ ନିଷ୍ପନ୍ନ ହୁଏ; ଜ୍ଞାନକୁ ଅନ୍ୟ କାହାରି ପାଖରେ ପ୍ରକାଶ କରିବା ସମ୍ବନ୍ଧରେ ଏକ ଶକ୍ତିଶାଳୀ ମାଧ୍ୟମରୂପେ କାର୍ଯ୍ୟ କରେ, ତଥାପି ଜ୍ଞାନର ଗ୍ରହଣ ଓ ଧାରଣଲାଗି କେବେହେଲେ ଅପରିହାର୍ଯ୍ୟ ବୋଲି ପ୍ରମାଣିତ ହୁଏ ନାହିଁ ।

ଦିବ୍ୟଦୃଷ୍ଟିଦ୍ୱାରା ପରିଚାଳିତ ହେଉଥିବା ଚେତନା ଅର୍ଥାତ୍ ଦ୍ରଷ୍ଟାର ଚେତନାକୁ ଜ୍ଞାନଗତ ଶକ୍ତିର ତରାଜୁରେ ତଉଲି ଆମେ ଭାବନାଶ୍ରୟୀ ମନସ୍ୱୀର ଚେତନାଠାରୁ ଅଧିକ ଶକ୍ତିଶାଳୀ ଓ ଅଧିକ ବୃହତ୍ ବୋଲି କହିପାରିବା । ଭାବନାର ବୋଧଗତ ଶକ୍ତିଠାରୁ ଅନ୍ତର୍ଗତ ଦୃଷ୍ଟିର ଚିରନ୍ତନ ଶକ୍ତିଟି ଅଧିକ ବୃହତ୍ ଓ ଅଧିକ ପ୍ରତ୍ୟକ୍ଷ । ଏକ

'oaob.nitrkl.ac.in' images reprocessed

ଆଧ୍ୟାତ୍ମିକ ବୋଧିହିଁ ସତ୍ୟର ମୂଳ ଉପାଦାନର କେତେକ ଅଂଶକୁ ଗ୍ରହଣ କରିପାରେ, କେବଳ ସତ୍ୟର ଆକାରଗୁଡ଼ାକୁ ନେଇ ସନ୍ତୁଷ୍ଟ ହୋଇଯାଏ ନାହିଁ । ମାତ୍ର ଏହା ସତ୍ୟର ଆକାରଟିର ମଧ୍ୟ ଏକ ରୂପରେଖ ଅଙ୍କନ କରିଦିଏ ଏବଂ ଆକାରର ତାତ୍ପର୍ଯ୍ୟଟିକୁ ମଧ୍ୟ ଗ୍ରହଣ କରେ; ବରଂ ଭାବନାମୟ ଧାରଣା ପକ୍ଷରେ ଯାହା ଆଦୌ ସମ୍ଭବ ହୁଏ ନାହିଁ, ଅତ୍ୟନ୍ତ ସ୍ପଷ୍ଟତର ରେଖାଦ୍ୱାରା ତାହା ସତ୍ୟର ଏକ ଅଧିକ ସୁନ୍ଦର ଓ ଅଧିକ ଆତ୍ମପ୍ରକାଶକ ଏକ ଚିତ୍ର ଫୁଟାଇ ଦେବାରେ ସମର୍ଥ ହୁଏ, ତାହା ଭିତରେ ଏକ ଅଧିକ ବ୍ୟାପକ ଅନୁଭୂତି ଓ ଅଧିକ ସମଗ୍ର ଏକ ବୃହତ୍ତର ଶକ୍ତିକୁ ପ୍ରକାଶ କରିଦିଏ । ଚିନ୍ତାମୟ ଭାବନା ଓ ତାହାର ସତ୍ୟଗତ ଶକ୍ତିର ମଧ୍ୟଦେଇ ଉଚ୍ଚତର ମନ ସତ୍ତାମଧ୍ୟରେ ଯେପରି ଏକ ବୃହତ୍ତର ଚେତନାର ସଂଚାର କରିଦିଏ, ଠିକ୍ ସେହିପରି ଉଦ୍‌ଭାସିତ ମନ ବି ସତ୍ୟଦୃଷ୍ଟି, ସତ୍ୟାଲୋକ ତଥା ତାହାର ଦେଖିବାର ଓ ଅଧିକାର କରିବାର ସାମର୍ଥ୍ୟ ବଳରେ ତା'ଠାରୁ ଆହୁରି ବୃହତ୍ତର ଏକ ଶକ୍ତିକୁ ବହନ କରି ନେଇଆସେ । ଏହା ଏକ ଅଧିକ ଶକ୍ତିଶାଳୀ ଓ ଅଧିକ ଗତିସମ୍ପନ୍ନ ସମଗ୍ରତା ସମ୍ଭବ କରିପାରେ, ଏକ ଅପରୋକ୍ଷ ଆନ୍ତର ଦୃଷ୍ଟି ଓ ପ୍ରେରଣାଦ୍ୱାରା ଏହା ଭାବନାଗତ ମନକୁ ଉଦ୍‌ଭାସିତ କରିଦିଏ, ହୃଦୟ ମଧ୍ୟକୁ ଏକ ଆଧ୍ୟାତ୍ମିକ ଦିବ୍ୟଦୃଷ୍ଟି ପ୍ରବାହିତ କରିଆଣେ, ଏହାର ଅନୁଭୂତି ଓ ସଂବେଗର କ୍ଷେତ୍ରରେ ଏକ ଆଧ୍ୟାତ୍ମିକ ଆଲୋକ ଓ ଶକ୍ତିର ସଞ୍ଚାର କରେ, ପ୍ରାଣସାମର୍ଥ୍ୟରେ ଏକ ଅଧ୍ୟାତ୍ମ ଆକୂତି ଆଣିଦିଏ, ତାହାକୁ ଏକ ସତ୍ୟପ୍ରେରଣା ଆଣିଦିଏ ଯାହାକି କର୍ମରେ ଏକ ଅପୂର୍ବ ଗତିଶୀଳତାର ସଞ୍ଚାର କରାଏ ଏବଂ ପ୍ରାଣକ୍ଷେତ୍ରର ଗତିସ୍ପନ୍ଦନଗୁଡ଼ିକୁ ଊର୍ଦ୍ଧ୍ୱବାହୀ କରିନିଏ । ଇନ୍ଦ୍ରିୟବୋଧ ମଧ୍ୟରେ ଏହା ଏକ ପ୍ରତ୍ୟକ୍ଷ ତଥା ସମଗ୍ର ଆଧ୍ୟାତ୍ମିକ ବୋଧଶକ୍ତିର ଉତ୍ପ୍ରେରଣା ଆଣିଦିଏ, ଯାହାଫଳରେ ଆମର ପ୍ରାଣ ଓ ଦେହଗତ ସତ୍ତା ପ୍ରତ୍ୟେକ ବସ୍ତୁରେ ସେହି ପରମ ଦିବ୍ୟତ୍ୱର ସଂସ୍ପର୍ଶ ଓ ସାକ୍ଷାତ ଲାଭ କରିପାରନ୍ତି; ଆମର ମନ ଓ ସଂବେଗ ଯେପରି ସେହି ଦିବ୍ୟତ୍ୱର ବୋଧ, ଅବବୋଧ ତଥା ଅନୁଭୂତି ବିଷୟରେ ସଚେତନ ରହିଥା'ନ୍ତି, ଠିକ୍ ସେହିପରି । ଜଡ଼ସ୍ଥ ମନର ଭୂମି ଉପରେ ଏହା ଏକ ରୂପାନ୍ତରକାରୀ ଆଲୋକସମ୍ପାତ କରି ତାହାର ନାନା ସୀମାକୁ ଚୂର୍ଣ୍ଣ କରିଦିଏ, ତାହାର ଯାବତୀୟ ରକ୍ଷଣଶୀଳ ଜଡ଼ତାକୁ ଭୁଷୁଡ଼ାଇ ପକାଏ ଏବଂ ଭାବନାସାମର୍ଥ୍ୟ ଓ ତାହାର ଆନୁସଙ୍ଗିକ ନାନା ସଂଶୟର ସ୍ଥାନାପନ୍ନ ଭାବରେ ଦିବ୍ୟଦୃଷ୍ଟିର ପ୍ରତିଷ୍ଠା କରାଏ; ଶରୀରର ପ୍ରତ୍ୟେକ କୋଷମଧ୍ୟରେ ଏକ ଜ୍ୟୋତିର୍ମୟତା ଓ ଚେତନାମୟତା ଆଣି ଅଜାଡ଼ିଦିଏ । ଉଚ୍ଚତର ମନ ଆମର ସତ୍ତାଟି ମଧ୍ୟରେ ଯେଉଁ ରୂପାନ୍ତରଟି ଘଟାଇଥାଏ, ସେଥିରେ ଅଧ୍ୟାତ୍ମଯୋଗୀ ଓ ମନସ୍ୱୀ ବସ୍ତ୍ୱନ୍ୱେଷୀ ଆପଣାର ସମଗ୍ର ଓ ଗତ୍ୟାତ୍ମକ ଚରିତାର୍ଥତା ଲାଭ କରିବାଲାଗି ହୁଏତ ସବୁକିଛି ଥାଏ; ଏବଂ ଉଦ୍‌ଭାସିତ ମନଦ୍ୱାରା ଯେଉଁ ରୂପାନ୍ତରଟି ଘଟେ, ଯେଉଁମାନଙ୍କର ଆତ୍ମା ଦିବ୍ୟ ଦୃଷ୍ଟି, ଅପରୋକ୍ଷ ବୋଧ ଓ ଅନୁଭୂତି

'oaob.nitrkl.ac.in' images reprocessed

ମଧ୍ୟରେ ବିଚରଣ କରୁଥାଏ, ତାହା ସେହିସବୁ ଦ୍ରଷ୍ଟା, ଋଷି ବା ଦୀପ୍ତଚେତା ତତ୍ତ୍ୱଦର୍ଶୀମାନଙ୍କ ଜୀବନରେ ମଧ୍ୟ ସେହି ଚରିତାର୍ଥତା ଆଣି ଦେଇଥାଏ; କାରଣ ଏହିସବୁ ଉଚ୍ଚତର ଭୂସ୍ତରରୁହିଁ ସେମାନେ ଆପଣାର ଆଲୋକଟିକୁ ଗ୍ରହଣ କରନ୍ତି ଏବଂ ସେହି ଆଲୋକର ସ୍ତରକୁ ଉଠି ସେହିଠାରେ ବାସ କରିବାକୁହିଁ ସେମାନଙ୍କର ସ୍ୱରୂପଗତ ଯଥାର୍ଥ ସାମ୍ରାଜ୍ୟ ମଧ୍ୟକୁ ଆରୋହଣ କରିବା ବୋଲି କୁହାଯାଇ ପାରିବ ।

ମାତ୍ର କେବଳ ଏକ ତୃତୀୟ ଭୂମି ସହିତ ଆପଣାର ଖିଅ ଲଗାଇ ପାରିଲେ ଯାଇ ଆରୋହଣର ଏହି ଦୁଇଟିଯାକ ଭୂମି ଆପଣାର ଯଥାର୍ଥ ଜୀବନବସ୍ତୁର ଅଧିକାରୀ ହୋଇପାରିବେ ଏବଂ ଦୁଇଟିଯାକର ସମ୍ମିଳନରୁ ଉତ୍ପନ୍ନ ହେଉଥିବା ପୂର୍ଣ୍ଣତାଟିକୁ ଲାଭ କରିପାରିବେ । କାରଣ ସମ୍ବୋଧିଗତ ସତ୍ତାର ଅଧିଷ୍ଠାନ ସେହି ଉଚ୍ଚତର ଶିଖର-ଗୁଡ଼ିକରୁହିଁ ସେମାନେ ଯେଉଁ ଜ୍ଞାନର ଆହରଣ କରନ୍ତି, ସେମାନେ ତାହାକୁହିଁ ଜୀବନ ଅଥବା ଦୃଷ୍ଟି ଆକାର ଦାନ କରିଥା'ନ୍ତି ଏବଂ ତାହାକୁ ଆମ ମନର ରୂପାନ୍ତରସାଧନ ଲାଗି ଆମପାଖକୁ ଓହ୍ଲାଇ ଆଣିଥା'ନ୍ତି । ଚେତନାର ଏକ ଶକ୍ତି ହିସାବରେ ସମ୍ବୋଧି ସେହି ମୂଳଭୂତ ତାଦାତ୍ମ୍ୟଜ୍ଞାନର ଅଧିକ ନିକଟବର୍ତ୍ତୀ ଓ ଅଧିକ ଅନ୍ତରଙ୍ଗ ହୋଇ ଅବସ୍ଥିତ ରହିଥାଏ । କାରଣ ସେହି ଗୋପନ ତାଦାତ୍ମ୍ୟଜ୍ଞାନରୁହିଁ ତାହାର ଗୋଟିଏ ଅଂଶ ପ୍ରତ୍ୟକ୍ଷ ଭାବରେ ଉଦ୍‌ଭୂତ ହୋଇ ସର୍ବଦା ସମ୍ବୋଧିରୂପେ ଆତ୍ମପ୍ରକାଶ କରେ । ଯେତେବେଳେ ଆଶ୍ରୟସ୍ଥ ଚେତନାଟି ବିଷୟଗତ ଚେତନାର ସ୍ପର୍ଶ ଲାଭ କରେ, ତାହାର ଅନ୍ତର୍ପ୍ରବେଶ କରି ତାହାର ଅବଲୋକନ କରେ, ତାହାକୁ ଅନୁଭବ କରେ ଅଥବା ସଂସୃଷ୍ଟ ବସ୍ତୁଟି ସହିତ ଏକତ୍ର ଗ୍ରଥିତ ହୋଇଉଠେ, ସେତିକବେଳେ ସତେଅବା ଏକ ଅଗ୍ନିକଣା ବା ବିଦ୍ୟୁତ୍‌ଝଲକ ପରି ସେହି ସ୍ପର୍ଶଜନିତ ଚମକଟିରୁହିଁ ସମ୍ବୋଧି ଉତ୍ସିତ ହୋଇଉଠେ । ଅଥବା ଯେତେବେଳେ ଏଭଳି କୌଣସି ସ୍ପର୍ଶଲାଭ ନଘଟି ମଧ୍ୟ ଚେତନା ଆପଣା ଭିତରକୁ ଦୃଷ୍ଟିପାତ କରିବାକୁ ଲାଗେ ଓ ଆପଣା ଭିତରେ ପ୍ରତିଷ୍ଠିତ ରହିଥିବା ସତ୍ୟ ବା ସତ୍ୟଚୟର ପ୍ରତ୍ୟକ୍ଷ ତଥା ଅନ୍ତରଙ୍ଗ ଅନୁଭୂତି ଲାଭ କରିବାକୁ ସମର୍ଥ ହୁଏ, କିମ୍ବା ଉପରର ଏହି ଯାବତୀୟ ପ୍ରତିଭାସ ତଳେ ଗୁପ୍ତ ହୋଇ ରହିଥିବା ଲୁକ୍‌କାୟିତ ଶକ୍ତିଗୁଡ଼ିକର ସ୍ପର୍ଶ ପାଏ, ସେତେବେଳେ ମଧ୍ୟ ଏକ ସମ୍ବୋଧିଗତ ଆଲୋକ ଉଦ୍‌ଭାସିତ ହୋଇଆସେ । ଅଥବା, ଯେତେବେଳେ ଚେତନା ସର୍ବୋଚ୍ଚ ପରମସତ୍ୟ ବା ସକଳ ବସ୍ତୁ ଓ ସକଳ ଜୀବର ଅଧ୍ୟାତ୍ମସତ୍ୟଟିର ସାକ୍ଷାତ ଲାଭ କରେ ଏବଂ ସେଗୁଡ଼ିକ ସହିତ ତାହାର ଏକ ସ୍ପର୍ଶଗତ ସମ୍ମିଳନ ସଂଘଟିତ ହୁଏ, ସେତେବେଳେ ତାହାର ଅନ୍ତର୍ଗଭୀରରେ ସେହି ଅନ୍ତରଙ୍ଗ ସତ୍ୟବୋଧଶକ୍ତି ସତେଅବା ଏକ ସ୍ଫୁଲିଙ୍ଗ ପରି, ଏକ ଅଗ୍ନିଚମକ ବା ଅଗ୍ନିଶିଖା ପରି ଜଳିଉଠେ । ଏହି ଅନ୍ତରଙ୍ଗ ବୋଧକୁ କେବଳ ଏକ ଦୃଷ୍ଟି ବୋଲି କହି ହେବ ନାହିଁ, କେବଳ

'oaob.nitrkl.ac.in' images reprocessed

ଏକ ସାମାନ୍ୟପ୍ରତ୍ୟୟ ବୋଲି କହି ହେବ ନାହିଁ; ଏଇଟି ଏପରି ଏକ ଅନ୍ତର୍ଭେଦକାରୀ ଓ ଆତ୍ମପ୍ରକାଶକ ସଂସ୍ପର୍ଶର ଫଳସ୍ୱରୂପ ଘଟିଥାଏ, ଯାହା ଆପଣା ମଧ୍ୟରେ ଦୃଷ୍ଟି ତଥା ସାମାନ୍ୟ ପ୍ରତ୍ୟୟ ଉଭୟଟିକୁ ଆପଣାର ଏକ ଅଙ୍ଗରୂପେ ବା ସ୍ୱାଭାବିକ ପରିଣାମରୂପେ ବହନ କରୁଥାଏ । ବୋଧିର ଏହି ଜ୍ଞାନ ମଧ୍ୟରେ ଏକ ଗୁପ୍ତ ଓ ଅର୍ଦ୍ଧସୁପ୍ତ ଏକତ୍ୱବୋଧ ଅବସ୍ଥିତ ରହିଛି, ଯାହା ଆଜି ମଧ୍ୟ ଆପଣାକୁ ଖୋଜି ପାଇ ନାହିଁ; ତଥାପି ଏହି ସମ୍ବୋଧିଶକ୍ତିର ସାହାଯ୍ୟରେ ତାହା ଆପଣାମଧ୍ୟରେ ରହିଥିବା ବସ୍ତୁ ଓ ଭାବଗୁଡ଼ିକୁ ଆତ୍ମସ୍ୱରୂପରେ ଦେଖିବାର ଓ ଅନୁଭବ କରିବାର ନିବିଡ଼ତାକୁ, ଆପଣା ସତ୍ୟର ଜ୍ୟୋତିଟିକୁ ଓ ତାହାର ସ୍ୱତଃସିଦ୍ଧ ଓ ଅଭିଭୂତକାରୀ ନିଶ୍ଚୟତାଟିକୁ ସ୍ୱୀୟ ସ୍ମୃତିରେ ସତତ ଧାରଣ କରି ରହିଛି, ସତତ ବହନ କରି ଚାଲିଛି ।

ମନୁଷ୍ୟର ମନୋଭୂମିଟିରେ ମଧ୍ୟ ସମ୍ବୋଧି ତଥାପି ଏହିପରି ଏକ ସତ୍ୟସ୍ମରଣ ବା ସତ୍ୟ-ବାହନ ହୋଇ ରହିଥାଏ; ଏହିପରି ଏକ ସତ୍‌ପ୍ରକାଶକ ଜ୍ୟୋତିର୍ଝଲକ ବା ଜ୍ୟୋତିଶିଖାରୂପେ ତାହା ଅବିଦ୍ୟାର ଏକ ବିରାଟ ପିଣ୍ଡ ଉପରେ ଆପଣାକୁ ଆଣି ବିସ୍ଫୋଟିତ କରିଦିଏ ଅଥବା ନିଶ୍ଚେତନାର ଏକ ଆବରଣକୁ ଚିରିଦେଇ ତାହାର ଭିତରୁ ବାହାରକୁ ବାହାରିଆସେ । ମାତ୍ର ଆମେ ଆଗରୁ ଦେଖିସାରିଛୁ ଯେ ସେଠାରେ ତାହାକୁ ଏକ ଆକ୍ରମଣକାରୀ ବିମିଶ୍ରଣର ଅଧୀନ ହୋଇ ରହିବାକୁ ପଡ଼େ, ତାହା ଉପରେ ମନର ଗୋଟାଏ ପରଳ ମାଡ଼ି ରହିଥାଏ ବା ତାହା ଆଉକୌଣସି ପ୍ରକାରେ ଗତିରୁଦ୍ଧ ଓ ବାଧାପ୍ରାପ୍ତ ହୋଇ ରହିଯାଏ । ସେହି କ୍ଷେତ୍ରରେ ତାହାର ସନ୍ଦେଶଟିକୁ ଭୁଲଭାବରେ ବ୍ୟାଖ୍ୟା କରିବାର ବହୁତର ସମ୍ଭାବନା ମଧ୍ୟ ରହିଥାଏ ଏବଂ ତଦ୍ଦ୍ୱାରା ତାହାର ନିଜସ୍ୱଗତ ଶୁଦ୍ଧତା ତଥା ପୂର୍ଣ୍ଣତାରେ ନାନା ବିଘ୍ନ ଆସି ପଡ଼ନ୍ତି । ଏହାଛଡ଼ା, ସତ୍ତାର ସକଳ ସ୍ତରରେ ମଧ୍ୟ ବୋଧିର ପ୍ରକାଶ ଘଟୁଥିବା ପରି ସତେଅବା ପ୍ରତୀତ ହେଉଥାଏ; ମାତ୍ର ସେଗୁଡ଼ିକୁ ସମ୍ବୋଧି ନକହି ସମ୍ବାଦ ବୋଲି କହିବାହିଁ ହୁଏତ ଅଧିକ ଯଥାର୍ଥ ହେବ : ଏବଂ ଏଗୁଡ଼ିକର ଉତ୍ପତ୍ତିସ୍ଥଳ, କାର୍ଯ୍ୟ-ସାଧକତା ତଥା ପ୍ରକୃତିରେ ମଧ୍ୟ ବହୁ ବୈଚିତ୍ର୍ୟ ରହିଥାଏ । ଆମର ତଥାକଥିତ ଅନ୍ତର୍ବୁଦ୍ଧିଯୁକ୍ତ ‘ତତ୍ତ୍ୱଦର୍ଶୀ’ ଅନେକ ସମୟରେ ପ୍ରାଣମୟ ଭୂମିଟି ଉପରେ ଏକ ଅନ୍ଧକାରମୟ ଓ ବିପଦପୂର୍ଣ୍ଣ ଉତ୍ପତ୍ତିସ୍ଥଳରୁ ବାହିତ ହୋଇ ଆସୁଥିବା ଏହିସବୁ ସମ୍ବାଦଗୁଡ଼ିକରୁ ପ୍ରେରଣା ଲାଭ କରେ । ଏଠାରେ ତାହାକୁ ଆମେ କେବଳ ଏକ ତଥାକଥିତ ତତ୍ତ୍ୱଦର୍ଶୀ ବୋଲି କହିବା, କାରଣ ଜଣେ ଯଥାର୍ଥ ତତ୍ତ୍ୱଦର୍ଶୀ ପକ୍ଷରେ କେବଳ ବୁଦ୍ଧିକୁ ଅସ୍ୱୀକାର କରି ଆପଣାଲାଗି ଅତ୍ୟନ୍ତ ଅବୋଧ ହୋଇ ରହିଥିବା ଭାବନା ବା ନିଷ୍ଠାର ଉତ୍ପତ୍ତିସ୍ଥାନଗୁଡ଼ିକ ଉପରେ ନିର୍ଭର କରି ରହିବା ଆଦୌ ସମ୍ଭବ ନୁହେଁ । ଏହିସବୁ ପରିସ୍ଥିତିରେ ଆମେ ପ୍ରଧାନତଃ କେବଳ ବୁଦ୍ଧିଯୁକ୍ତ

'oaob.nitrkl.ac.in' images reprocessed

ଉପରେହିଁ ନିର୍ଭର କରି ରହିବାକୁ ବାଧ୍ୟ ହୋଇଥାଉ ଏବଂ ଏପରିକି ପର୍ଯ୍ୟବେକ୍ଷଣ ଓ ତାରତମ୍ୟ ନିରୂପଣ କରୁଥିବା ବୁଦ୍ଧିଟାଦ୍ୱାରାହିଁ ସମ୍ବୋଧିର ଇଙ୍ଗିତଗୁଡ଼ିକ ଉପରେ କିଞ୍ଚିତ୍ ବିସ୍ତାର କରିବାଲାଗି ପ୍ରବୃତ୍ତ ହେଉ । ଏହାକୁ ସମ୍ବୋଧି ନକହି ଛଦ୍ମବେଶୀ ସମ୍ବୋଧି ବୋଲି କହିବା ଉଚିତ, କାରଣ ଏହି କ୍ଷେତ୍ରରେ ଅଧିକାଂଶ ସମୟରେ ସମ୍ବୋଧି ନାମରେ ଆମକୁ ଏହିଗୁଡ଼ାକହିଁ ଉପଲବ୍ଧ ହୋଇଥାଏ । କାରଣ ଆମ ସତ୍ତ୍ୱର ବୁଦ୍ଧିପ୍ରଧାନ ଭାଗଟିରେ ଆମେ ଏକଥା ଅନୁଭବ କରୁ ଯେ କେଉଁଟି ପ୍ରକୃତ ବସ୍ତୁ ଓ କେଉଁଟି କେବଳ ମିଶ୍ରଣ ଓ ଅପମିଶ୍ରଣ ଅଥବା ଏକ ଭ୍ରାନ୍ତ ବିକଳ୍ପରୂପେ ଆମ ଆଗରେ ବସ୍ତୁ ବୋଲି ଉପସ୍ଥାପିତ ହୋଇ ରହିଛି, ତାହା ନିଶ୍ଚିତ ଭାବରେ ଜାଣିବାକୁ ସମର୍ଥ ହେବାଲାଗି ଆମ ପାଖରେ ସେହି ବୁଦ୍ଧିବ୍ୟତୀତ ଆଉ ଅନ୍ୟକୌଣସି ସାଧନ ନାହିଁ । ମାତ୍ର ଏହାଦ୍ୱାରା ଆମ ଆଗରେ ବୋଧିର ପ୍ରଯୋଜନୀୟତା ଅତ୍ୟନ୍ତ ଊଣା ହୋଇଯାଏ । କାରଣ ବୁଦ୍ଧି ଏହି କ୍ଷେତ୍ରରେ ବିଶ୍ୱାସଯୋଗ୍ୟ ଭାବରେ କୌଣସି ମୂଲ୍ୟନିର୍ଦ୍ଧାରଣ କରି ପାରେ ନାହିଁ, କାରଣ ଏହା ସମ୍ପୂର୍ଣ୍ଣ ଭିନ୍ନ ଏକ ପଦ୍ଧତିର ଅନୁସରଣ କରେ, ଏହାର ଯାବତୀୟ ଅନ୍ୱେଷଣ କେବଳ ଏକ ପରୀକ୍ଷାମୂଳକ, ଅନିଶ୍ଚିତ ଓ ବୁଦ୍ଧିଆଶ୍ରିତ ସ୍ତରରେହିଁ ମୁହଁମାଡ଼ି ପଡ଼ିଥାଏ । ଆପଣାର ସିଦ୍ଧାନ୍ତ-ଗୁଡ଼ିକରେ ଉପନୀତ ହେବାଲାଗି ବୁଦ୍ଧି ସର୍ବଦା ପ୍ରକୃତରେ ଏକ ଛଦ୍ମାଚ୍ଛାଦନଯୁକ୍ତ ବୋଧି ଉପରେ ନିର୍ଭର କରି ରହିଥାଏ, କାରଣ ସେହି ସାହାଯ୍ୟଟି ବ୍ୟତୀତ ଆପଣାର ଗତିପଥଟିକୁ ବାଛିନେବା ଓ ନିଶ୍ଚିତ କୌଣସି ମୀମାଂସାରେ ଆସି ପହଞ୍ଚିବା ବୁଦ୍ଧି ପକ୍ଷରେ କଦାପି ସମ୍ଭବ ନୁହେଁ । ତଥାପି ବୁଦ୍ଧିଯୁକ୍ତିପ୍ରସୂତ ଏକ ସିଦ୍ଧାନ୍ତର ଅଥବା ଏକ ପରୀକ୍ଷଣମୂଳକ ଅନୁମାନର ପ୍ରତିପତ୍ତିଟିକୁ ଏକ ଆଚ୍ଛାଦନ ପରି ବ୍ୟବହାର କରି ତାହା ଆପଣାର ଏହି ନିର୍ଭରଶୀଳତାକୁ ଆପଣାପାଖରୁ ଗୋପନ କରି ରଖିଥାଏ । ବୁଦ୍ଧିର ବିଚାରଦ୍ୱାରା ସ୍ୱୀକୃତିଲାଭ କରିଥିବା ବୋଧିକୁ ଆଉ ବୋଧି ବୋଲି କହିଲେ ଆଦୌ ଚଳେ ନାହିଁ, କାରଣ ସେତେବେଳେ ବୋଧିର ପ୍ରାମାଣିକତାଟି ନିଶ୍ଚିତ ଭାବରେ ସତ୍ୟକୁ ଜାଣିବାଲାଗି ପ୍ରକୃତରେ କୌଣସି ସ୍ୱାଭାବିକ ଓ ସ୍ୱକୀୟ ଉପାୟ ନଥିବା ସେହି ଯୁକ୍ତିବିଚାର ଉପରେ ନିର୍ଭର କରି ରହିଥାଏ । ମାତ୍ର ଏପରିକି ଆମର ଏହି ମନ ପ୍ରଧାନତଃ ଏକ ବୋଧିଯୁକ୍ତ ମନରେ ପରିଣତ ହୋଇଯାଇ ପାରନ୍ତା, ଆପଣା ମଧ୍ୟରେ ଅବସ୍ଥିତ ଉଚ୍ଚତର ବୃତ୍ତିଟିର ଆପଣାର ସ୍ୱଭାବଟି ଉପରେ ପ୍ରକୃତରେ ଆସ୍ଥାସ୍ଥାପନ କରି ରହନ୍ତା, ତେବେ ଆପଣାର ଲବ୍ଧ ଜ୍ଞାନ ତଥା ଅସଂଲଗ୍ନ ବିଦ୍ୟାଗୁଡ଼ିକର ସମ୍ବନ୍ଧୀକରଣ କରିପାରିବା,—କାରଣ ଏହି ମନର ଭୂମିରେ ମଧ୍ୟ ଅପୂର୍ଣ୍ଣଭାବରେ ପରସ୍ପର ସହିତ ଯୁକ୍ତ ହୋଇ ରହିଥିବା ଗୋଟିଏ ଗୋଟିଏ ଝଲକରୂପେ ଆବିର୍ଭୂତ ହେବାଲାଗି ଏଗୁଡ଼ିକ ମଧ୍ୟରେ ସର୍ବଦା ଅଦମ୍ୟ ଏକ ପ୍ରବୃତ୍ତି ରହିଥିବ—ତଥାପି ବଡ଼ ଦୁରୂହ ହୋଇ ରହନ୍ତା । ଯେପର୍ଯ୍ୟନ୍ତ ଆପଣାର

'oaob.nitrkl.ac.in' images reprocessed

ଅତିପ୍ରାକୃତ ବସ୍ତୁଗୁଡ଼ିକ ସହିତ ଏହି ନୂତନ ମନଟିର କୌଣସି ଯୋଗସୂତ୍ର ସ୍ଥାପିତ ନହୋଇଛି ଏବଂ ଶୁଦ୍ଧ ଓ ସ୍ୱାଭାବିକ ଭାବରେ ବୋଧିର କିମ୍ବା ସମ୍ଭବ ହେଉଥିବା ଚେତନାର ଏକ ଉଚ୍ଚତର ଭୂମିକୁ ତାହା ଆପଣାକୁ ଉନ୍ମୋଚିତ କରି ନନେଇଛି, ସେପର୍ଯ୍ୟନ୍ତ ତାହା ବଡ଼ ଦୁର୍ବୋଧ ହୋଇ ରହିବ ।

ସମ୍ବୋଧିକୁ ଆମେ ସର୍ବଦା ଏକ ଊର୍ଦ୍ଧ୍ୱତର ଆଲୋକର ପ୍ରାନ୍ତ, ରଶ୍ମି ବା ବହିଃ ସ୍ଫୁରଣ ବୋଲି ଜାଣିବା । ଏକ ସୁଦୂରବର୍ତ୍ତୀ ଅତିମାନସ ଆଲୋକର ଏକ ପ୍ରକ୍ଷେପଣକାରୀ ଫଳକ, ଧାର ବା ବିନ୍ଦୁରୂପେ ଏହା ଆମ ଭିତରେ ପ୍ରବେଶ କରୁଛି, ଆମର ଊର୍ଦ୍ଧ୍ୱରେ ଥିବା କୌଣସି ଅନ୍ତର୍ବର୍ତ୍ତୀ ସତ୍ୟ-ମନୋଗତ ଉପାଦାନ ମଧ୍ୟରେ ପ୍ରବିଷ୍ଟ ହେଉଛି, ତାହାଦ୍ୱାରା କେତେକ ପରିମାଣରେ ପରିବର୍ତ୍ତିତ ହୋଇଯାଉଛି ଏବଂ ଏହିପରି ଭାବରେ ପରିବର୍ତ୍ତିତ ହୋଇ ତାହା ପୁଣି ଆମର ଏହି ନିମ୍ନତର ବା ଅବଦ୍ୟାଚ୍ଛନ୍ନ ମନୋପାଦାନ ଭିତରେ ପ୍ରବେଶ କରୁଛି ଓ ଅନେକାଂଶରେ ଆପଣାର ଚକ୍ଷୁ ହରାଇବସୁଛି; ମାତ୍ର ତାହାର ସ୍ୱଭାବଗତ ସେହି ଉଚ୍ଚତର ଭୂମିଟିରେ ତାହାର ଆଲୋକଟି ସମ୍ପୂର୍ଣ୍ଣ ଅମିଶ୍ରିତ ହୋଇ ରହିଛି ଏବଂ ସେହି କାରଣରୁ ସମ୍ପୂର୍ଣ୍ଣ ଓ ଶୁଦ୍ଧ ଭାବରେ ସତ୍ୟମୟ ହୋଇ ରହିଛି । ସେଠାରେ ତାହାର ରଶ୍ମିଗୁଡ଼ିକ ପରସ୍ପରଠାରୁ ଆଦୌ ଅଲଗା ହୋଇଯାଇ ନାହିଁ ଓ ଏପରି ଏକ ତରଙ୍ଗମାଳାରେ ଏକତ୍ର ସଂଯୁକ୍ତ ବା ସମାହୃତ ହୋଇ ରହିଛି, ଯାହାକୁ କି ସଂସ୍କୃତ କାବ୍ୟଭାଷାରେ 'ସ୍ଥିର ସୌଦାମିନୀ'ର ଏକ ସମୁଦ୍ର ବା ପୁଞ୍ଜବୋଲି କୁହାଯାଇ ପାରିବ । ଯେତେବେଳେ ଆମର ଚେତନା ବୋଧିଲୋକକୁ ଉତ୍ତୀର୍ଣ୍ଣ ହୋଇଥିବାର ପ୍ରତ୍ୟୁତ୍ତରସ୍ୱରୂପ କିମ୍ବା ଆମେ ସେହି ବୋଧି ସହିତ ଯୋଗାଯୋଗସ୍ଥାପନର ଏକ ସୁସ୍ପଷ୍ଟ ପଥ ଆବିଷ୍କାର କରିଥିବାର ଫଳସ୍ୱରୂପ ଏହି ମୂଳଭୂତ ବା ସ୍ୱଭାବଗତ ବୋଧି ଆମ ଭିତରକୁ ଅବତୀର୍ଣ୍ଣ ହୋଇଆସେ, ସେତେବେଳେ ତାହା ସତେଅବା ବିଦ୍ୟୁତ୍‌ଝଲକର ଏକ ମାଳା ଆକାରରେ ଆସିବାକୁ ଲାଗିପାରେ, ସେହି ଝଲକଗୁଡ଼ିକ ଅସଂଲଗ୍ନ ଭାବରେ ଦେଖା ଦେଇପାରେ ଅଥବା ଆପଣା କିମ୍ବାରେ ଅବିଚ୍ଛିନ୍ନ ବି ରହିପାରେ; ମାତ୍ର ଏହି କ୍ଷେତ୍ରରେ ବୁଦ୍ଧିଯୁକ୍ତିର ମୀମାଂସା ଏକାବେଳକେ ଅପ୍ରଯୁଜ୍ୟ ସାବ୍ୟସ୍ତ ହୁଏ, ବୁଦ୍ଧିଯୁକ୍ତି ସେତେବେଳେ କେବଳ ଏକ ପର୍ଯ୍ୟବେକ୍ଷକ କିମ୍ବା ଅନୁଲେଖକର କାର୍ଯ୍ୟହିଁ କରିପାରେ; ଉଚ୍ଚତର ଶକ୍ତିଟିର କେବଳ ଅପେକ୍ଷାକୃତ ଅଧିକ ଜ୍ୟୋତିର୍ମୟ ସନ୍ଦେଶ, ବିଗ୍ରହ ତଥା ଭେଦକନିର୍ଦ୍ଦେଶଗୁଡ଼ିକୁ ପର୍ଯ୍ୟବେକ୍ଷଣ କରିପାରେ ଅଥବା ଲେଖି ରଖିପାରେ । ଏକ ଅସଂଲଗ୍ନ ବୋଧିଗତ ଝଲକକୁ ପରିପୂର୍ଣ୍ଣ କରି ପାରିବାଲାଗି, ତାହାକୁ ଉତ୍ତମରୂପେ ପରୀକ୍ଷା କରି ଦେଖିବାଲାଗି ବା ତାହାର ବିଶିଷ୍ଟ ସ୍ୱଭାବଟିକୁ ଠାବରାଇ ପାରିବାଲାଗି ଗ୍ରହଣକାରୀ ଚେତନାକୁ ଆଉ ଏକ ଅନୁପୂରକ ବୋଧି ଉପରେ ନିର୍ଭର କରିବାକୁ ହୁଏ ଅଥବା ସବୁକଛକୁ ତାହାର ଯଥା-

'oaob.nitrkl.ac.in' images reprocessed

ସ୍ଥାନରେ ଆପଣା କରି ରଖି ପାରିବାଭଳି ଏକ ପୁଞ୍ଜୀଭୂତ ବୋଧିକୁ ଊର୍ଦ୍ଧ୍ୱରୁ ଆବାହନ କରି ଆଣିବାକୁ ପଡ଼େ । କାରଣ ପରିବର୍ତ୍ତନର ନିଷ୍ପତ୍ତି ଆରମ୍ଭ ହୋଇଯିବା ପରେ ମନର ଉପାଦାନ ତଥା ଯାବତୀୟ ନିଷ୍ପତ୍ତିମୂଳକତାକୁ ବୋଧିର ଉପାଦାନ, ରୂପାୟନ ଓ ସାମର୍ଥ୍ୟରେ ସମ୍ପୂର୍ଣ୍ଣ ଭାବରେ ରୂପାନ୍ତରିତ କରିଦେବା ଅନିବାର୍ଯ୍ୟ ହୋଇଯାଏ । ମାତ୍ର ସେହି ମୁହୂର୍ତ୍ତଟି ଆସି ପହଞ୍ଚିବା ଯାଏ, ଅର୍ଥାତ୍ ଚେତନାର ପ୍ରତିଷ୍ଠିତି ଯେପର୍ଯ୍ୟନ୍ତ ବୋଧିର ପରିକର ବା ସହାୟକ ହୋଇ ରହିଥାଏ କିମ୍ବା ତାହାକୁ ଆପଣାର କାର୍ଯ୍ୟରେ ବ୍ୟବହାର କରୁଥିବା ନିମ୍ନତର ବୁଦ୍ଧିଟି ଉପରେ ନିର୍ଭର କରି ରହିଥାଏ, ପରିଣାମରେ ତାହା କେବଳ ବିମିଶ୍ରିତ ବିଦ୍ୟା-ଅବିଦ୍ୟାରେହିଁ ଅବସ୍ଥିତ ରହିଯାଏ; ତାହାର ଜ୍ଞାନର ଅଂଶଗୁଡ଼ିକରେ କାର୍ଯ୍ୟ କରୁଥିବା ଏକ ଆଲୋକ ଓ ସାମର୍ଥ୍ୟଦ୍ୱାରା କିୟତ୍ ପରିମାଣରେ ଉଦ୍ଭାସିତ ହୋଇଯାଏ ଅଥବା ଅଜ୍ଞାନର କିଞ୍ଚିତ୍ ପ୍ରଶମନ ଘଟିଥାଏ ମାତ୍ର ।

ବୋଧି ମଧ୍ୟରେ ଏକ ଚତୁରଙ୍ଗ ଶକ୍ତି ରହିଛି । ଗୋଟିଏ ହେଉଛି ପ୍ରକାଶ-ବିଧାୟକ ସତ୍ୟଦର୍ଶନର ଶକ୍ତି, ଦ୍ୱିତୀୟଟି ପ୍ରେରଣାଲବ୍ଧ ବା ସତ୍ୟଶ୍ରବଣର ଶକ୍ତି, ତୃତୀୟଟି ତାହାର ସତ୍ୟସ୍ପର୍ଶନ ବା ଅପରୋକ୍ଷ ସତ୍ୟୋପଲବ୍ଧିର ଶକ୍ତି—ଆମର ଏହି ମନୋଗତ ବୁଦ୍ଧିର କ୍ଷେତ୍ରରେ ସାଧାରଣତଃ ବୋଧିର ଯେଉଁ ବିଭବଟିର ପରିଚୟ ମିଳିଥାଏ; ଏବଂ ଶେଷଟି ହେଉଛି ସ୍ୱତଃସ୍ଫୂର୍ତ୍ତ ସତ୍ୟବିବେକର ଶକ୍ତି, ଯାହାକି ସତ୍ୟ ସହିତ ସତ୍ୟର ସୁବ୍ୟବସ୍ଥିତ ତଥା ଯଥାର୍ଥ ସମ୍ବନ୍ଧଟିର ଆବିଷ୍କାର କରିବାକୁ ସମର୍ଥ ହୋଇଥାଏ । ବୋଧି ମଧ୍ୟରେ ଏହି ଚାରୋଟିଯାକ ଶକ୍ତି ଅନ୍ତର୍ନିହିତ ହୋଇ ରହିଛି । ସୁତରାଂ ବୁଦ୍ଧିଗତ ବିବେକ ଯାହାକିଛି କରିପାରୁଛି, ବୋଧି ମଧ୍ୟ ନିଶ୍ଚୟ ତାହା କରି ପାରିବ; ବୋଧି ନ୍ୟାୟଯୁକ୍ତିଗତ ବୁଦ୍ଧିର କାର୍ଯ୍ୟଟି ବି କରି ପାରିବ ଅର୍ଥାତ୍ ବସ୍ତୁ ବସ୍ତୁ ମଧ୍ୟରେ ରହିଥିବା ଓ ଗୋଟିଏ ଭାବନା ସହିତ ଆଉ ଗୋଟିଏ ଭାବନାର ଯଥାର୍ଥ ସମ୍ବନ୍ଧଟିକୁ ବୋଧି ଅବଶ୍ୟ ନିରୂପଣ କରି ପାରିବ । ମାତ୍ର ଏସବୁ କାର୍ଯ୍ୟ ବୋଧି ଆପଣାର ଉତ୍କୃଷ୍ଟତର ପ୍ରକ୍ରିୟାଟି ଦ୍ୱାରା କରିବ ଏବଂ ଏଭଳି ପଦକ୍ଷେପମାନ ଗ୍ରହଣ କରିବ ଯାହା କଦାପି ବ୍ୟର୍ଥ ହେବ ନାହିଁ କିମ୍ବା ବିକମ୍ପିତ ହେଲପରି ଏଣେତେଣେ ଯାଇ ପଡ଼ିବ ନାହିଁ । ଏହି ବୋଧି ଯେ କେବଳ ଭାବନାଗତ ମନଟାକୁହିଁ ଗ୍ରହଣ କରି ତାହାକୁ ଆପଣାର ଉପାଦାନରେ ରୂପାନ୍ତରିତ କରିବ ତାହା ନୁହେଁ, ତାହା ଆମର ହୃଦୟ, ପ୍ରାଣ, ଇନ୍ଦ୍ରିୟଗତ ଜୀବନ ତଥା ଆମର ଭୌତିକ ଚେତନାକୁ ମଧ୍ୟ ରୂପାନ୍ତରିତ କରିଦେଇ ପାରିବ । ଏମାନେ ସମସ୍ତେ ବର୍ତ୍ତମାନ ମଧ୍ୟ ସେହି ପ୍ରଚ୍ଛନ୍ନ ଆଲୋକଟିରୁ ଅଦ୍ଭୁତ ଆପଣାର ସ୍ୱକୀୟ ବୋଧିଗତ ଶକ୍ତିଗୁଡ଼ିକୁ ଧାରଣ କରି ରହିଛନ୍ତି; ଊର୍ଦ୍ଧ୍ୱଦେଶରୁ ଅବତୀର୍ଣ୍ଣ ହୋଇ ଆସୁଥିବା ସେହି ଶୁଦ୍ଧ ଶକ୍ତିଟି ମଧ୍ୟରେ ସେଗୁଡ଼ିକୁ

'oaob.nitrkl.ac.in' images reprocessed

ସମସ୍ତଙ୍କୁ ଆପଣା ମଧ୍ୟକୁ ଗ୍ରହଣ କରିନେବାର ସାମର୍ଥ୍ୟ ରହିଛି ଏବଂ ଏହିସବୁ ହୃଦୟ ତଥା ପ୍ରାଣଗତ ସେହି ଗଭୀରତର ବୋଧଗୁଡ଼ିକୁ ଏବଂ ଶରୀରଗତ ପ୍ରତ୍ୟକ୍ଷ ପ୍ରତ୍ୟୟ-ଗୁଡ଼ିକୁ ଏକ ବୃହତ୍ତର ସମଗ୍ରତା ଓ ପରିପୂର୍ଣ୍ଣତା ଆଣିଦେବାର ସାମର୍ଥ୍ୟ ମଧ୍ୟ ରହିଛି । ଏହିପରି ଭାବରେ ଏହା ସମୁଦାୟ ଚେତନାଟିକୁ ମଧ୍ୟ ବୋଧିର ଉପାଦାନକୁ ରୂପାନ୍ତରିତ କରିଦେଇ ପାରେ, କାରଣ ଏହା ସାଧକର ସଂକଳ୍ପକ୍ଷେତ୍ରରେ, ଅନୁଭୂତିରେ ଓ ସଂବେଗସକଳରେ, ପ୍ରାଣଗତ ଆବେଗରେ, ଇନ୍ଦ୍ରିୟ ତଥା ଇନ୍ଦ୍ରିୟବୋଧର ଯାବତୀୟ କ୍ରିୟାରେ ତଥା ଶରୀରଚେତନାର ଯାବତୀୟ ବୃତ୍ତିରେ ମଧ୍ୟ ଏହା ଆପଣାର ବୃହତ୍ତର ଜ୍ୟୋତିର୍ମୟ ଗତିସ୍ପନ୍ଦନଟିକୁ ସଞ୍ଚାରିତ କରି ରଖିଥାଏ, ସତ୍ୟର ଆଲୋକ ତଥା ସତ୍ୟର ସାମର୍ଥ୍ୟରେ ସେଗୁଡ଼ିକୁ ନୂଆକରି ଢାଳେଇ କରି ରଖେ ଓ ସେଗୁଡ଼ିକର ଜ୍ଞାନ ଏବଂ ଅଜ୍ଞାନ ଉଭୟକୁହିଁ ଆଲୋକିତ କରିଦିଏ । ତେଣୁ ଏହିପରି ଭାବରେ ଏକପ୍ରକାର ସମଗ୍ରତା ବି ସମ୍ଭବ ହୋଇପାରେ; ମାତ୍ର ଏହି ସମଗ୍ରତାକୁ କେତେଦୂର ଏକ ସକଳାଙ୍ଗ ସମଗ୍ରତା ବୋଲି ବୁଝାଯାଇ ପାରିବ, ତାହା ସେହି ନୂତନ ଆଲୋକଟି କେତେଦୂର ଅବଚେତନ ସତ୍ତାଟିକୁ ଗ୍ରହଣ କରିବାରେ ସମର୍ଥ ହୋଇଛି ଏବଂ ମୂଳସ୍ଥ ନିଶ୍ଚେତନା ମଧ୍ୟରେ ପ୍ରବେଶ କରି ପାରିଛି, ତାହାରି ଉପରେ ନିର୍ଭର କରିବାକୁ ବାଧ୍ୟ ହେବ । ଏହି କ୍ଷେତ୍ରରେ ବୋଧିର ଆଲୋକ ଓ ବୋଧିର ସାମର୍ଥ୍ୟ ଆପଣାର କାର୍ଯ୍ୟରେ ବାଧାର ବି ସମ୍ମୁଖୀନ ହୋଇ ପାରନ୍ତି, କାରଣ ଏହି ବୋଧି ହେଉଛି ଯଥାର୍ଥରେ ଅଧିମାନସର ଏକ ପରିବର୍ତ୍ତିତ ରୂପ ବା ପ୍ରାନ୍ତରେ ଅବସ୍ଥିତ ତାହାର ଏକ ପ୍ରତିନିଧି ମାତ୍ର; ମାତ୍ର ତାହା ତାଦାତ୍ମ୍ୟଜ୍ଞାନର ସମୁଦାୟ ପରିମାଣ ବା ଶକ୍ତିକୁ ଆମର ଏହି ଭୂମିକୁ ଅବତୀର୍ଣ୍ଣ କରାଇ ଆଣି ନଥାଏ । ଆମର ପ୍ରକୃତି ଭିତରେ ନିଶ୍ଚେତନାର ଭିତ୍ତିଟି ଏପରି ବିସ୍ତୃତ, ଗଭୀର ଏବଂ ଦୃଢ଼ପ୍ରତିଷ୍ଠିତ ହୋଇ ରହିଥାଏ ଯେ ଋତମୟୀ ପ୍ରକୃତିର କୌଣସି ନିମ୍ନସ୍ତରୀୟ ଶକ୍ତି ତାହାକୁ ସମ୍ପୂର୍ଣ୍ଣଭାବରେ ଭେଦ କରି ପାରେ ନାହିଁ, ତାହାକୁ ଆଲୋକମୁହାଁ କରିଦେଇ ପାରେ ନାହିଁ କିମ୍ବା ସେଥିରେ ସମ୍ପୂର୍ଣ୍ଣ ରୂପାନ୍ତର ବି ଘଟାଇ ପାରେ ନାହିଁ ।

ଆରୋହଣର ପରବର୍ତ୍ତୀ ପାବଛଟି ଆମକୁ ଅଧିମାନସରେ ଆଣି ପହଞ୍ଚାଇ ଦିଏ; ବୋଧିପ୍ରସୂତ ପରିବର୍ତ୍ତନଟିକୁ ଆମେ କେବଳ ଏହି ଉଚ୍ଚତର ଆଧ୍ୟାତ୍ମିକ ଉନ୍ମୋଚନର ପ୍ରବେଶଦ୍ୱାରରୂପେହିଁ ଗ୍ରହଣ କରି ପାରିବା । ମାତ୍ର ଆମେ ଆଗରୁ ଦେଖିସାରିଛୁ ଯେ ଅଧିମାନସ ଯେତେବେଳେ କେବଳ ନିର୍ବାଚନମୂଳକ ହୋଇ ରହିଥାଏ ଏବଂ ଆପଣାର କ୍ରିୟାକ୍ଷେତ୍ରରେ ସର୍ବସମାବେଶକତା ଲାଭ କରି ନଥାଏ, ସେତେବେଳେ ମଧ୍ୟ ତାହା ତଥାପି ଏକ ବିଶ୍ୱାତ୍ମକ ଚେତନା ହୋଇ ରହିଥାଏ; ପରିପୂର୍ଣ୍ଣ ଜ୍ଞାନର ଏକ ତତ୍ତ୍ୱ ହୋଇ ରହିଥାଏ, ଯାହାକି ଆପଣା ଭିତରେ ସେହି

'oaob.nitrkl.ac.in' images reprocessed

ଅତିମାନସ ବିଜ୍ଞାନମୟତାର ପ୍ରତିନିଧିରୂପେ ତାହାର ଆଲୋକକୁ ବହନ କରି ରହିଥାଏ । ତେଣୁ ଆପଣାକୁ କେବଳ ସେହି ବିଶ୍ୱାତ୍ମକ ଚେତନା ମଧ୍ୟକୁ ଉନ୍ମୋଚିତ କରିଦେବାଦ୍ୱାରାହିଁ ଅଧିମାନସ ଆରୋହଣ ତଥା ଅବତରଣ ସମ୍ପୂର୍ଣ୍ଣରୂପେ ସମ୍ଭବ ହୋଇ ପାରିବ । କେବଳ ବ୍ୟକ୍ତିସତ୍ତାହିଁ ଆପଣାକୁ ଉଚ୍ଚ ଓ ପ୍ରଗାଢ଼ ଭାବରେ ଉପରଆଡ଼କୁ ଉନ୍ମୋଚିତ କରି ଧରିଲେ ଚଳିବ ନାହିଁ; ସେହି ଶିଖରସ୍ଥ ଆଲୋକ ଆଡ଼କୁ ଏକ ଊର୍ଦ୍ଧ୍ୱାଭିମୁଖୀ ଆରୋହଣ ସଙ୍ଗେ ସଙ୍ଗେ ଏଣେ ବିସ୍ତୃତିଦିଗରେ ମଧ୍ୟ ଚେତନାକୁ ପରମ ଚିଦ୍‌ବସ୍ତୁର କୌଣସି ଏକ ସମଗ୍ରତା ଆଡ଼କୁ ସମ୍ପ୍ରସାରିତ କରିନେବାକୁ ପଡ଼ିବ, ବା ଅନ୍ତତଃ ଅନ୍ତର୍ଗତ ସତ୍ତାଟି ଆପଣାର ଗଭୀରତର ଓ ଅଧିକ ପ୍ରସାରିତ ସଂବିତ୍ତିଟିକୁ ସ୍ଥାନାପନ୍ନ ଭାବରେ ଗ୍ରହଣ କରି ଉପରିଭାଗସ୍ଥ ମନ ଓ ତାହାର ଅତିସୀମାବଦ୍ଧ ଦୃଷ୍ଟିଟିକୁ ଅପସରାଇ ଦେଇଥିବ ଏବଂ ଏକ ପ୍ରଶସ୍ତ ଓ ବୃହତ୍ ବିଶ୍ୱାତ୍ମକତା ମଧ୍ୟରେ ଜୀବନଧାରଣ କରିବାକୁ ଶିଖି ସାରିଥିବ । କାରଣ ତାହା ନହେଲେ ବସ୍ତୁଜଗତ ସମ୍ବନ୍ଧରେ ଅଧିମାନସ ଦୃଷ୍ଟିକୋଣ ଓ ଅଧିମାନସ ଗତିକ୍ରିୟା ଲାଗି ଭିତରେ ପ୍ରବେଶ କରିବାଲାଗି ଓ ଆପଣାର ଗତିଶୀଳ କ୍ରିୟାତ୍ମକତାଟିକୁ ଚରିତାର୍ଥ କରିବାଲାଗି ଆଉକୌଣସି ଅବକାଶହିଁ ରହିବ ନାହିଁ । ଅଧିମାନସର ଅବତରଣ ଘଟିଲାବେଳେ ସବୁକିଛିକୁ କେବଳ ଆପଣା ଆଡ଼କୁହିଁ କେନ୍ଦ୍ରୀଭୂତ କରି ନେଇ ଆସୁଥିବା ଅହଂବୋଧର ପ୍ରାଧାନ୍ୟ ଓ ପ୍ରାଦୁର୍ଭାବ କ୍ରମେ ହ୍ରାସ ଓ ଗୌଣ ହୋଇଯିବ, ସତ୍ତାର ଉଦାର ବିସ୍ତୃତି ଭିତରେ ଲୀନ ହୋଇଯିବ ଏବଂ ଶେଷରେ ସମ୍ପୂର୍ଣ୍ଣଭାବେ ବିଲୁପ୍ତ ହୋଇଯିବ; ଏକ ପ୍ରଶସ୍ତଦୃଷ୍ଟି ବିଶ୍ୱବୋଧ ତଥା ଏକ ଅନ୍ତହୀନ ବିଶ୍ୱାତ୍ମକତା ଓ ବିଶ୍ୱମୟ ଗତିସ୍ପନ୍ଦନ ଆସି ତାହାର ସ୍ଥାନ ଅଧିକାର କରିବ । ଆଗରୁ ଅହଂକେନ୍ଦ୍ରୀ ହୋଇ ରହୁଥିବା ଅନେକ ଗତିବେଗ ହୁଏତ ତଥାପି ବର୍ତ୍ତମାନ ରହିବ, ମାତ୍ର ବିଶ୍ୱମୟ ପରିବ୍ୟାପ୍ତି ମଧ୍ୟରେ ସେଗୁଡ଼ିକ କେବଳ ଗୋଟିଏ ଗୋଟିଏ ସ୍ରୋତ କିମ୍ବା ତରଙ୍ଗମାତ୍ର ହୋଇ ଅବସ୍ଥିତ ରହିଥିବ । ସେତେବେଳେ ଅଧିକାଂଶ ମନନ ଓ ଅଧିକାଂଶ ଭାବନା ଆଉ ବ୍ୟକ୍ତିଗତ ଭାବରେ ଦେହ ବା ପ୍ରାକୃତ ବ୍ୟକ୍ତିସତ୍ତା ମଧ୍ୟରେ ଜାତ ହେଉଥିବା ପରି ମନେହେବ ନାହିଁ; ମାତ୍ର ଊର୍ଦ୍ଧ୍ୱରୁ ଆସି ଅଭିବ୍ୟକ୍ତ ହେବାପରି ଅଥବା ବିଶ୍ୱମୟ ମନଃତରଙ୍ଗର ଚୂଡ଼ାରେ ଆରୂଢ଼ ହୋଇ ଆସୁଥିବା ପରି ମନେହେବ । ବ୍ୟକ୍ତିର ଅନ୍ତର୍ଦୃଷ୍ଟିରେ ବା ଅନ୍ତର୍ଗତ ଜ୍ଞାନରେ ବସ୍ତୁର ଯେଉଁ ରୂପଟି ଫୁଟି ଉଠିବ ବା ତାହାର ଯେଉଁ ବୋଧଟି ଜାଗ୍ରତ ହେବ, ତାହା ଏକ ଦିବ୍ୟଦର୍ଶନ ଓ ଦିବ୍ୟ ଆଲୋକରୂପେହିଁ ପରିଦୃଷ୍ଟ ହେବ; ଏବଂ ସେହି ଦର୍ଶନ ତଥା ଆଲୋକର ଉତ୍ସ ବିଶ୍ୱ-ଆତ୍ମାର ଜ୍ଞାନ ମଧ୍ୟରେ ରହିଥିବ, କୌଣସି ବିଭକ୍ତ ବ୍ୟକ୍ତିସତ୍ତା ମଧ୍ୟରେ ରହି ନଥିବ । ଠିକ୍ ସେହିପରି ଆମର ସକଳ ଅନୁଭୂତି, ସଂବେଗ ଓ ଇନ୍ଦ୍ରିୟବୋଧ ମଧ୍ୟ ବିଶ୍ୱମୟ ସେହି ବିପୁଳତା ମଧ୍ୟରୁ ଉତ୍ଥିତ ହୋଇ ଆସୁଥିବା କେତେକେତେ ତରଙ୍ଗ

ପରି ଅନୁଭୂତ ହେଉଥିବ; ସେହି ତରଙ୍ଗଗୁଡ଼ିକ ଆସି ସୂକ୍ଷ୍ମ ତଥା ସ୍ଥୂଳ ଶରୀର ଉପରେ ଲାଗି ପଡ଼ୁଥିବେ ଏବଂ ବିଶ୍ୱାତ୍ମକତାର ବ୍ୟକ୍ତିଭାବାପନ୍ନ କେନ୍ଦ୍ରଟିରେ ତାହାର ଅନୁରୂପ ପ୍ରତିସ୍ପନ୍ଦନ ମଧ୍ୟ ପ୍ରକାଶ ପାଉଥିବ । କାରଣ ଏହି ଦେହ ହେଉଛି ବିପୁଳ ବିଶ୍ୱଲୀଳାର କେବଳ ଏକ କ୍ଷୁଦ୍ର ଆଧାର ମାତ୍ର; ଅଥବା ତାହା ତା'ଠାରୁ ବି ଆହୁରି ସାନ, ଏକ ବିପୁଳ ବିଶ୍ୱନୈମିତ୍ତିକତାର କ୍ରିୟାରେ ସମ୍ବନ୍ଧସ୍ଥାପନର କେବଳ ଗୋଟିଏ ବିନ୍ଦୁ ମାତ୍ର । ଏହି ସୀମାହୀନ ବିପୁଳତା ମଧ୍ୟରେ କେବଳ ଯେ ବିଭେଦଧର୍ମୀ ଅହଂର ଲୟ ଘଟିପାରେ ତାହା ନୁହେଁ, ବ୍ୟକ୍ତିଭାବର ଯାବତୀୟ ବୋଧ ଓ ସଂସ୍କାର, ଏପରିକି ଅଧୀନ ଓ ନିମିତ୍ତମାତ୍ର ହୋଇ ଆପଣାକୁ ପ୍ରେରିତ କରି ରଖିଥିବା ବ୍ୟକ୍ତିଭାବନାର ବୋଧ ଓ ସଂସ୍କାରଗୁଡ଼ାକ ମଧ୍ୟ ଏକାବେଳକେ ବିଲୁପ୍ତ ହୋଇ ଯାଇପାରେ । ତେଣୁ କେବଳ ବିଶ୍ୱଗତ ଅସ୍ତିତ୍ୱ, ବିଶ୍ୱଚେତନା, ବିଶ୍ୱମୟ ଆନନ୍ଦ ଏବଂ ବିଶ୍ୱଶକ୍ତିର ଲୀଳାଟିହିଁ ଅବଶିଷ୍ଟ ରହିଯାଏ । ଯାହା ଏପର୍ଯ୍ୟନ୍ତ ବ୍ୟକ୍ତିର ମନ, ବ୍ୟକ୍ତିର ପ୍ରାଣ ଓ ବ୍ୟକ୍ତିର ଦେହ ହୋଇ ରହିଥିଲା, ସେହି ଆନନ୍ଦ ଓ ସେହି ଶକ୍ତିକେନ୍ଦ୍ରଟି ଯଦି ତାହାରି ଭିତରେ ଅନୁଭୂତ ହେଉଥାଏ, ତେବେ ତାହା କୌଣସି ବ୍ୟକ୍ତି-ଆୟତନଗତ ବୋଧରୂପେ ନୁହେଁ, ମାତ୍ର ଅଭିବ୍ୟକ୍ତିର ଏକ କ୍ଷେତ୍ରରୂପେ ଅନୁଭୂତ ହୁଏ । ଏବଂ ଏହି ଆନନ୍ଦବୋଧ ଅଥବା ଶକ୍ତିର କ୍ରିୟାଶୀଳତା ବିଷୟରେ ଏହି ବୋଧ କେବଳ ସମ୍ପୃକ୍ତ ବ୍ୟକ୍ତି ଅଥବା ଶରୀରଟି ଭିତରେ ସୀମାବଦ୍ଧ ରହେ ନାହିଁ, ମାତ୍ର ତାହା ପ୍ରତ୍ୟେକ ବିନ୍ଦୁରେ ବି ଅନୁଭୂତ ହୋଇପାରେ, ସର୍ବତ୍ର ପରିବ୍ୟାପ୍ତ ରହିଥିବା ଏକତ୍ୱର ଏକ ଅନ୍ତହୀନ ଚେତନାର ପ୍ରତ୍ୟେକ ବିନ୍ଦୁରେହିଁ ଅନୁଭୂତ ହୋଇପାରେ ।

ମାତ୍ର ଅଧିମାନସ ଚେତନା ଓ ଅନୁଭୂତିର ଅନେକ ରୂପାୟନ ସମ୍ଭବ ହୋଇପାରେ, କାରଣ ଅଧିମାନସ ସର୍ବଦା ଅତ୍ୟନ୍ତ ସ୍ଥିତିସ୍ଥାପକ ହୋଇ ରହିଥାଏ, ବହୁବିଧ ନାନା ସମ୍ଭାବନାର କ୍ଷେତ୍ରରୂପେ ଅବସ୍ଥିତ ରହିଥାଏ । କେଉଁଠାରେ କେନ୍ଦ୍ର ବୋଲି କିଛି ନଥିବା ଏକ ଅସଂସ୍ଥିତ ଅତିବ୍ୟାପ୍ତି ପରିବର୍ତ୍ତିରେ 'ମୋର ନିଜ ଭିତରେ ବିଶ୍ୱ ଅବସ୍ଥିତ ରହିଛି' କିମ୍ବା 'ମୁଁ ହେଉଛି ଏହି ବିଶ୍ୱ',—ଏହିପରି ଏକ ବୋଧ ଜାଗ୍ରତ ହୋଇପାରେ । ମାତ୍ର ଏଠାରେ 'ମୋର' ବୋଲି କହି ଯେଉଁ ଆତ୍ମସତ୍ତାଟିର ସୂଚନା ଦିଆଯାଉଛି, ତାହା ଅହଂ ନୁହେଁ; ଏହା ହେଉଛି ଏକ ଶୁଦ୍ଧମୁକ୍ତ ସମାଧିଷ୍ଠିତ ଆତ୍ମଚେତନାର ଏକ ସଂପ୍ରସାରଣ ଅଥବା ଏକ ବିଶ୍ୱମୟ ସତ୍ତା ଓ ଏକ ବିଶ୍ୱାତ୍ମକ ବ୍ୟକ୍ତି ମଧ୍ୟରେ ସଂଘଟିତ ହୋଇଥିବା ଏକ ତଦାତ୍ମକତା । ବିଶ୍ୱଚେତନାର ଗୋଟିଏ ଅବସ୍ଥାରେ ବିଶ୍ୱମଧ୍ୟରେ ଏକ ବ୍ୟକ୍ତି ମଧ୍ୟ ଅନ୍ତର୍ଗତ ହୋଇ ରହିଥାଏ, ମାତ୍ର ସେହି ବ୍ୟକ୍ତି ଏହି ବିଶ୍ୱର ସବୁକିଛି ସହିତ ଆପଣାକୁ ଏକାତ୍ମ କରି ରଖିଥାଏ; ଏହାର ସକଳ ବସ୍ତୁ ଓ ସକଳ ଜୀବ ତଥା ଅନ୍ୟ ସମସ୍ତଙ୍କର ଭାବନା, ବୋଧ, ସୁଖ ଓ ଦୁଃଖ ସହିତ ଏକାତ୍ମ

'oaob.nitrkl.ac.in' images reprocessed

ହୋଇ ରହିଥାଏ । ଆଉ ଗୋଟିଏ ଅବସ୍ଥାରେ ଆପଣାର ଭିତରେହିଁ ସକଳ ସତ୍ତା ଅନ୍ତର୍ଗତ ହୋଇ ରହିଥା'ନ୍ତି ଏବଂ ସେମାନଙ୍କର ଜୀବନଗତ ସତ୍ୟଟି ଆପଣା ସତ୍ତାଟିର ମଧ୍ୟ ଅଂଶସ୍ୱରୂପ ହୋଇ ରହିଥାଏ । ଅନେକ ସମୟରେ ବିଶ୍ୱପ୍ରକୃତିର ବିପୁଳ କ୍ରିୟାରେ କୌଣସି ପ୍ରକାର ଶାସନ ବା ନିୟନ୍ତ୍ରଣ କାର୍ଯ୍ୟକାରୀ ହେଉ ନଥାଏ, କେବଳ ଏକ ମୁକ୍ତସ୍ୱତନ୍ତ୍ର ଲୀଳାହିଁ ଲାଗି ରହିଥାଏ, ଯାହା ଉଦ୍ଦେଶ୍ୟରେ କି ଏକ ବ୍ୟକ୍ତିଭାବାପନ୍ନ ସତ୍ତା ବୋଲି ପରିଚିତ ରହି ଆସିଥିବା ସତ୍ତାଟି ନିଷ୍କ୍ରିୟ ଭାବରେ ସବୁକିଛୁ ଗ୍ରହଣ କରିନେଇ ବା ଗତିଶୀଳ ଭାବରେ ତାହା ସହିତ ଏକାତ୍ମକତା ଅର୍ଜନ କରି ଆପଣାର ପ୍ରତିସ୍ପନ୍ଦନ ଜଣାଉଥାଏ; ମାତ୍ର ତଥାପି ତଦ୍‌ଗତ ସତ୍ତା ଏଥିରୁ ମୁକ୍ତ ରହିଥାଏ; ଏହି ନିଷ୍କ୍ରିୟତା ଅଥବା ଏହି ବିଶ୍ୱଗତ ତଥା ନୈର୍ବ୍ୟକ୍ତିକ ତଦାତ୍ମକତା କିମ୍ବା ସଂବେଦନଶୀଳତାର କୌଣସି ପ୍ରତିକ୍ରିୟାର କୌଣସି ବନ୍ଧନ ତାହାକୁ ବିଚଳିତ କରି ଦେଉ ନଥାଏ । ମାତ୍ର ଅଧିମାନସର ଶକ୍ତିଶାଳୀ ପ୍ରଭାବ ବା ପରିପୂର୍ଣ୍ଣ କ୍ରିୟାତ୍ମକତା ଆରମ୍ଭ ହେବା ମାତ୍ରକେ ଏକ ବିଶ୍ୱଗତ ପରମାତ୍ମସତ୍ତା ବା ଈଶ୍ୱର ଯେ ଏହି ସବୁକିଛିର ଶାସନ ଓ ବିଧାନ କରୁଛନ୍ତି, ସେଇ ଯେ ସବୁରି ପୂର୍ଣ୍ଣ ଆଶ୍ରୟ ଓ ସର୍ବନିୟନ୍ତାରୂପେ ବିରାଜିତ ରହି ସବୁଟିକୁ ପରିଚାଳିତ କରି ନେଉଛନ୍ତି, ଏହିପରି ଏକ ଅତ୍ୟନ୍ତ ସମଗ୍ର ବୋଧ ଆବିର୍ଭୂତ ହୋଇପାରେ ଓ ଏକ ସ୍ୱାଭାବିକ ବୋଧରୂପେ ଅନୁଭୂତ ହୋଇପାରେ । ଅଥବା ଏହି ଦେହରୂପ ଯନ୍ତ୍ରର ଉପରେ ବସି ଓ ତାହାର ପରିଚାଳକ ହୋଇ ଚିତ୍‌ସତ୍ତାର ଏକ ବିଶେଷ କେନ୍ଦ୍ର ଆତ୍ମପ୍ରକାଶ କରିପାରେ ବା ସୃଷ୍ଟ ହୋଇପାରେ, ଅସ୍ତିତ୍ୱର ତଥ୍ୟଗତ ଦୃଷ୍ଟିରୁ ବ୍ୟକ୍ତିଭାବାପନ୍ନ ବୋଲି କହିଲେ ମଧ୍ୟ ଅନୁଭୂତି ଦୃଷ୍ଟିରୁ ଯାହା ନୈର୍ବ୍ୟକ୍ତିକ ହୋଇ ରହିଥାଏ ଏବଂ ସ୍ୱାଧୀନ ଚେତନା-ଶୀଳତା ଯାହାକୁ ଏକ ବିଶ୍ୱାତୀତ ଓ ବିଶ୍ୱମୟ ପରମସତ୍ତାଙ୍କର କ୍ରିୟାରେ ସତେଅବା ଗୋଟିଏ ନିମିତ୍ତ ବା ସାଧନରୂପେ ଅନୁଭବ କରୁଥାଏ । ଅତିମାନସ ଆଡ଼କୁ ରୂପାନ୍ତରିତ ହୋଇଯିବାର ଯାତ୍ରାପଥରେ କେନ୍ଦ୍ରସ୍ଥ ହେବାର ଏହି କ୍ରିୟାଟି ଏକ ନିତ୍ୟସତ୍ୟ ବ୍ୟକ୍ତିତ୍ୱର ଆବିଷ୍କାର କରିବା ଦିଗରେ ଆପଣାକୁ ପ୍ରବୃତ୍ତ କରିଦିଏ; ସେହି ବ୍ୟକ୍ତିତ୍ୱ ମୃତ ଅହଂର ସ୍ଥାନାପନ୍ନ ଭାବରେ ଆପଣାକୁ ପ୍ରତିଷ୍ଠିତ କରେ, ଏକ ସତ୍ତା ହିସାବରେ ତାହା ମର୍ମତଃ ପରମ ଆତ୍ମସତ୍ତାଟି ସହିତ ଏକରୂପ ହୋଇ ରହିଥାଏ, ଆପଣାର ବ୍ୟାପ୍ତିରେ ସମଗ୍ର ବିଶ୍ୱଟି ସହିତ ଏକରୂପ ହୋଇ ରହିଥାଏ; ମାତ୍ର · ତଥାପି ପରମ ଅନନ୍ତଙ୍କର ବିଶିଷ୍ଟ କ୍ରିୟାଟିରେ ଏକାଧାରରେ ଏକ ବିଶ୍ୱଗତ କେନ୍ଦ୍ର ଓ ପରିଧି ହୋଇ ମଧ୍ୟ ରହିଥାଏ ।

ଅଧିମାନସର ଏହି ସାଧାରଣ ପରିଣାମଗୁଡ଼ିକ ତାହାର ପ୍ରଥମ ପର୍ବରେ ଆସି ଦୃଷ୍ଟିଗୋଚର ହୋଇଥାଏ, ଏହିସବୁହିଁ ଉନ୍ମେଷଲାଭ କରୁଥିବା ଅଧ୍ୟାତ୍ମସତ୍ତାରେ

'oaob.nitrkl.ac.in' images reprocessed

ଅଧିମାନସ ଚେତନାର ସ୍ୱାଭାବିକ ମୂଳଦୃଷ୍ଟିକୁ ଧାରଣ କରିଦିଏ; ମାତ୍ର ଏଇଟି ଭିତରେ ଅଗଣିତ ବୈଚିତ୍ର୍ୟ ଓ ବିକାଶ ନିହିତ ହୋଇ ରହିଥାଏ । ଏହିଭଳି ଭାବରେ ଆପଣାକୁ କାର୍ଯ୍ୟକାରୀ କରୁଥିବା ଚେତନା ଏକ ପରମ ଆଲୋକ ଓ ପରମ ସତ୍ୟର ଚେତନାରୂପେ ଅନୁଭୂତ ହୁଏ, ପରମ ଆଲୋକ ଓ ପରମ ସତ୍ୟଦ୍ୱାରା ପରିପୂର୍ଣ୍ଣ ହୋଇ ରହିଥିବା ଏକ ଶକ୍ତି, ଏକ ସାମର୍ଥ୍ୟ ଓ କ୍ରିୟାରୂପେ ଅନୁଭୂତ ହୁଏ; ଆପଣାକୁ ସର୍ବଗତ ଭାବରେ ବିସ୍ତୃତ କରି ରଖିଥିବା ଅଥଚ ବହୁବିଚିତ୍ର ହୋଇ ପ୍ରକାଶିତ ହେଉଥିବା ଏକ ଶୋଭାମୟତା, ସୌନ୍ଦର୍ଯ୍ୟବୋଧ ତଥା ଆନନ୍ଦରୂପେ ଅନୁଭୂତ ହୁଏ, ଗୋଟିଏ କ୍ରିୟା ଓ ଗୋଟିଏ ଗତିରେ ଏବଂ ସକଳ କ୍ରିୟା ତଥା ସକଳ ଗତିରେ ତାହା ସମଗ୍ର ସର୍ବବସ୍ତୁକୁ ଆଲୋକଦ୍ୱାରା ଉଦ୍‌ଭାସିତ କରି ଦେଉଥିବା ପରି ଲାଗେ; ଏବଂ ତାହା ସହିତ ତାହାର ଅନ୍ତହୀନ ସମ୍ଭାବନାଗୁଡ଼ିକର ସର୍ବଦା ବିସ୍ତୃତ ହେବାରେ ଲାଗିଥିବା ଲୀଳାଟି ବର୍ତ୍ତମାନ ରହିଥାଏ, ସେହି ଲୀଳା ଆପଣାର ଅଗଣିତ ବ୍ୟାକୃତି ମଧ୍ୟରେ ତଥାପି ଅନ୍ତହୀନ ଓ ସକଳ ବ୍ୟାକୃତିର ଅତୀତ ହୋଇ ରହିଥାଏ । ପୁଣି ଏହି କ୍ଷେତ୍ରରେ ଯଦି ଚିତ୍ତବିଧାୟକ ଏକ ଅଧିମାନସ ବିଜ୍ଞାନମୟତାର ଶକ୍ତି ଆସି ଅନୁପ୍ରବିଷ୍ଟ ହୁଏ, ତେବେ ଚେତନା ଓ କ୍ରିୟାର ଏକ ବିଶ୍ୱମୟ ରୂପାୟନ ଗଠିତ ହୋଇଉଠେ; ମାତ୍ର ଏହି ରୂପାୟନଟି ମନୋମୟ ରୂପାୟନଗୁଡ଼ିକ ଭଳି ଆଦୌ କଠିନ ଓ ଅନମନୀୟ ନୁହେଁ, ଏହି ରୂପାୟନଟି ଅତ୍ୟନ୍ତ ନମନୀୟ ଓ ଅତ୍ୟନ୍ତ ପ୍ରାଣୋଚ୍ଛଳ; ଏବଂ ଏହା ଭିତରେ ବୃଦ୍ଧିପ୍ରାପ୍ତ ଓ ବିକଶିତ ହୋଇ ଅନନ୍ତ ମଧ୍ୟକୁ ପ୍ରସାରିତ ହୋଇ ପାରିବାର ଶକ୍ତି ମଧ୍ୟ ନିହିତ ହୋଇ ରହିଥାଏ । ସେତେବେଳେ ଯେଉଁ ନୂତନ ପ୍ରକୃତିଟି ଜନ୍ମଲାଭ କରେ, ତାହା ଯାବତୀୟ ଅଧ୍ୟାତ୍ମ ଅନୁଭୂତିକୁ ଗ୍ରହଣ କରି ନେଇପାରେ, ସେଗୁଡ଼ିକୁ ଆପଣାର ଅଭ୍ୟସ୍ତ ଓ ସ୍ୱାଭାବିକ ଅନୁଭୂତିରେ ପରିଣତ କରିପାରେ; ସେତେବେଳେ ତାହା ମନ, ପ୍ରାଣ ତଥା ଶରୀରଗତ ଭୂମିର ଯାବତୀୟ ସାର ଅନୁଭୂତିକୁ ଆପଣା ମଧ୍ୟରେ ଗ୍ରହଣ କରିନିଏ ଓ ସେଗୁଡ଼ିକୁ ଅଧ୍ୟାତ୍ମ ଭାବରେ ସଂପ୍ରେରିତ କରି ରଖେ, ସେଗୁଡ଼ିକର ରୂପାନ୍ତର ସାଧନ କରେ ଓ ସେଗୁଡ଼ିକ ଅନନ୍ତସତ୍ତାଙ୍କର ଚେତନା, ଆନନ୍ଦ ଓ ସାମର୍ଥ୍ୟର ଗୋଟିଏ ଗୋଟିଏ ରୂପାୟନରୂପେ ଅନୁଭୂତ ହେବାକୁ ଲାଗେ । ବୋଧି ଆପଣାକୁ ପ୍ରସାରିତ କରିଦିଏ, ଉଦ୍‌ଭାସିତ ଦୃଷ୍ଟି ଓ ଭାବନା ଆପଣାକୁ ପ୍ରସାରିତ କରିଦିଅନ୍ତି । ସେଗୁଡ଼ିକର ଉପାଦାନ ଅଧିକ ଉପାଦାନପ୍ରାଚୁର୍ଯ୍ୟ ଲାଭ କରେ, ଅଧିକ ସାନ୍ଦ୍ର ଓ ଅଧିକ ବୀର୍ଯ୍ୟବନ୍ତ ହୁଏ; ସେଗୁଡ଼ିକର ଗତିସ୍ପନ୍ଦନ ଆହୁରି ବ୍ୟାପକ ହୁଏ, ସକଳ ବସ୍ତୁକୁ ଆଲୋଡ଼ିତ କରି ବାହାରେ, ବହୁମୁଖୀ ହୁଏ ଏବଂ ଆପଣାର ସତ୍ୟଶକ୍ତିରେ ଅଧିକ ପ୍ରଶସ୍ତ ଓ ଶକ୍ତିମାନ୍ ହୁଏ । ଆମର ସମୁଦାୟ ପ୍ରକୃତି, ଜ୍ଞାନ, ସୌନ୍ଦର୍ଯ୍ୟ-ଚେତନା, ସଂବେଦନଶୀଳତା, ଅନୁଭୂତି ଓ ସତ୍ୟାତ୍ମକତା ଆହୁରି ଉଦାର ଓ ସର୍ବଗ୍ରାହୀ ହୁଏ, ସବୁଟିକୁ ବୁଝି ସବୁଟିକୁ

'oaob.nitrkl.ac.in' images reprocessed

ଆପଣାର ବେଢ଼ ଭିତରେ ଧରି ରଖିବାକୁ ସମର୍ଥ ହୁଏ; ବିଶ୍ୱଗତ ହୁଏ ଓ ଅନନ୍ତ ହୁଏ ।

ଏହି ଅଧିମାନସ ରୂପାନ୍ତର ହେଉଛି ଗତିଶୀଳ ଆଧ୍ୟାତ୍ମିକ ରୂପାନ୍ତରକ୍ରମଟିର ଚରମ ଓ ପରିପୂର୍ଣ୍ଣତାକାଙ୍କ୍ଷୀ ଗତିସ୍ପନ୍ଦନ; ଅଧ୍ୟାତ୍ମମନର ଭୂମି ଉପରେ ଉଦ୍‌ଗତିତାର ଗତିଧାରାରେ ଏହା ହେଉଛି ସମ୍ଭାବ୍ୟ ସର୍ବୋଚ୍ଚ ଅବସ୍ଥା । ନିମ୍ନସ୍ଥ ତିନୋଟିଯାକ ସୋପାନରେ ଯାହାକିଛି ରହିଥାଏ, ଏହା ସେଗୁଡ଼ିକୁ ଆପଣା ମଧ୍ୟରେ ଗ୍ରହଣ କରିନିଏ, ସେଗୁଡ଼ିକର ସ୍ୱଭାବଗତ କ୍ରିୟାତ୍ମକତାଗୁଡ଼ିକୁ ସେଗୁଡ଼ିକର ସର୍ବୋଚ୍ଚ ଓ ବୃହତ୍ତମ ଶକ୍ତିର ସ୍ତରଯାଏ ଉତ୍ତୋଳିତ କରିନିଏ, ସେଗୁଡ଼ିକର ଚେତନାରେ ଏକ ପ୍ରସାରମୟତା ଓ ବିଶ୍ୱାତ୍ମକତା ଆଣିଦିଏ, ସେଗୁଡ଼ିକର ଜ୍ଞାନକୁ ସମନ୍ୱିତ ଓ ସମତାବଦ୍ଧ କରେ ଏବଂ ସେଗୁଡ଼ିକର ଆନନ୍ଦକୁ ଆହୁରି ବୈଚିତ୍ର୍ୟମୟ କରେ । ମାତ୍ର ତାହାର ସ୍ୱକୀୟ ସ୍ୱଭାବଗତ ସ୍ଥିତି ଓ ଶକ୍ତିରେ ଏପରି କେତେକ କାରଣ ନିହିତ ହୋଇ ରହିଥାଏ ଯାହାକି ଏହାକୁ ଆଧ୍ୟାତ୍ମିକ ବିବର୍ତ୍ତନକ୍ରମର ସର୍ବଶେଷ ସମ୍ଭାବନା ହେବାକୁ ଦିଏ ନାହିଁ । ଏଇଟି ହେଉଛି ନିମ୍ନତର ମଣ୍ଡଳର ଏକ ଶକ୍ତି, ଏହି ମଣ୍ଡଳର ଉଚ୍ଚତମ ଶକ୍ତି; ଏକ ବିଶ୍ୱାତ୍ମକ ଏକତ୍ୱକୁ ଭିତ୍ତି କରି ଠିଆ ହୋଇଥିଲେ ମଧ୍ୟ ଏହାର କ୍ରିୟାଟି ହେଉଛି ଏକ ବିଭାଜନଧର୍ମୀ କ୍ରିୟା, ଏହି କ୍ରିୟା ପାରସ୍ପରିକ କ୍ରିୟାପ୍ରତିକ୍ରିୟା ଦ୍ୱାରାହିଁ ଆପଣାକୁ ପ୍ରକଟ କରିଥାଏ, ଏହି କ୍ରିୟା ବହୁତ୍ୱର ଲୀଳାଟି ଉପରେ ଅବସ୍ଥାପିତ ହୋଇ ରହିଥାଏ । ମନୋଗତ ଯାବତୀୟ ଲୀଳା ପରି ଅଗଣିତ ସମ୍ଭାବନାକୁ ଆଶ୍ରୟ କରି ଏହି ଲୀଳା ଲାଗି ରହିଥାଏ । ଅବିଦ୍ୟାଦ୍ୱାରା ଆଚ୍ଛନ୍ନ ହୋଇ ନୁହେଁ, ମାତ୍ର ଏହିସବୁ ସମ୍ଭାବନାର ସତ୍ୟଜ୍ଞାନ ଦ୍ୱାରା ଫଳିତ ହୋଇ ଏହା କାର୍ଯ୍ୟ କରୁଥାଏ ସତ, ମାତ୍ର ସେଗୁଡ଼ିକୁ ସେଗୁଡ଼ିକର ଶକ୍ତିଗତ ବିବର୍ତ୍ତନର ସ୍ୱତନ୍ତ୍ର ଧାରାଗୁଡ଼ିକର ମଧ୍ୟଦେଇ କାର୍ଯ୍ୟକାରୀ କରୁଥାଏ । ବିଶ୍ୱଗତ ପ୍ରତ୍ୟେକ ବିଧାନରେ ଏହା ସେହି ବିଧାନଟିର ମୌଳିକ ତାତ୍ପର୍ଯ୍ୟଟି ଅନୁସାରେ କାର୍ଯ୍ୟ କରେ ଏବଂ ଗତ୍ୟାତ୍ମକ ଭାବରେ ସେଗୁଡ଼ିକର ସୀମାକୁ ଅତିକ୍ରମ କରି ଯିବାଲାଗି ତାହା ଭିତରେ ଯଥେଷ୍ଟ ସାମର୍ଥ୍ୟ ନଥାଏ । ପାର୍ଥିବ ଜୀବନର ଇହଭୂମି ଉପରେ ଏହାକୁ ଏପରି ଏକ ବିଶ୍ୱଗତ ବିଧାନକୁ ଆଶ୍ରୟ କରି କାର୍ଯ୍ୟ କରିବାକୁ ପଡ଼େ, ପରିପୂର୍ଣ୍ଣ ନିଶ୍ଚେତନାହିଁ ଯାହାର ଭିତ୍ତି ହୋଇ ରହିଥାଏ । ମନ, ପ୍ରାଣ ତଥା ଜଡ଼ ଆପଣାର ପରମ ଉତ୍ସଟିରୁ ବିଚ୍ୟୁତ ଏବଂ ବିଚ୍ଛିନ୍ନ ହୋଇ ପଡ଼ିବାରୁହିଁ ସେହି ନିଶ୍ଚେତନାର ଆବିର୍ଭାବ ଘଟିଛି । ଏହି ବ୍ୟବଧାନ ବା ବିଚ୍ଛିନ୍ନତାଟି ଉପରେ ସେତୁ ପକାଇ ଅଧିମାନସ ବିଭେଦଧର୍ମୀ ମନକୁ ଆପଣା ଭିତରକୁ ପ୍ରବିଷ୍ଟ କରାଇ ଆଣିପାରେ ଏବଂ ତାହାକୁ ଆପଣା କ୍ରିୟାତ୍ମକତାର ଏକ ଅଂଶରେ ପରିଣତ କରି ଦେଇପାରେ । ଆପଣାର ସର୍ବୋଚ୍ଚ ଭୂମିଟି ଉପରେ ଏହା ବ୍ୟକ୍ତିମନ ସହିତ ବିଶ୍ୱମନର ସମ୍ମିଳନ ଘଟାଇପାରେ, ବ୍ୟକ୍ତି-ଆତ୍ମା ସହିତ ବିଶ୍ୱ-ଆତ୍ମାର ସମୀକରଣ



'oaob.nitrkl.ac.in' images reprocessed

କରାଇପାରେ ଏବଂ ପ୍ରକୃତି ମଧ୍ୟରେ ବିଶ୍ୱାତ୍ମକ କ୍ରିୟାର ଉଦାରତା ଆଣି ଦେଇପାରେ । ମାତ୍ର ଅଧିମାନସ ମନକୁ ତା'ର ସୀମା ପାରକରାଇ ଆଗକୁ ନେଇ ପାରେ ନାହିଁ ଏବଂ ମୂଳଭୂତ ନିଶ୍ଚେତନାର ଏହି ଜଗତରେ ତାହା ବିଶ୍ୱାତୀତତାକୁ ଗତିଶୀଳ କରିବାରେ ସମର୍ଥ ହୋଇ ପାରେ ନାହିଁ । କାରଣ କେବଳ ଅତିମାନସ ଭିତରେହିଁ ସେହି ବିଶ୍ୱାତୀତତାର ଅଭିବ୍ୟକ୍ତି ଲାଗି ଆବଶ୍ୟକ ଆତ୍ମନିୟାମକ ଚରମ ସତ୍ୟକ୍ରିୟା ଓ ପ୍ରତ୍ୟକ୍ଷ ସାମର୍ଥ୍ୟଟି ନିହିତ ହୋଇ ରହିଛି । ତେଣୁ, ବିବର୍ତ୍ତନଗତ ପ୍ରକୃତିର କ୍ରିୟାଟି ଯଦି ଏହି ଅଧିମାନସ ସ୍ତରକୁ ଆସି ଶେଷ ହୋଇ ଯାଆନ୍ତା, ତେବେ ଅଧିମାନସ ଆମର ଚେତନାକୁ ନେଇ ଏକ ଅତିବିସ୍ତୃତ ଉଦ୍‌ଭାସମୟ ବିଶ୍ୱାତ୍ମକତାର ଗାର ପାଖରେ ପହଞ୍ଚାଇ ଦିଅନ୍ତା ତଥା ଅଖଣ୍ଡ ସତ୍, ଚିତ୍ ଓ ଆନନ୍ଦର ଆଧ୍ୟାତ୍ମିକ ସବିତ୍ତ୍ୱସମ୍ପନ୍ନତାର ଏହି ଔଦାର୍ଯ୍ୟ ଓ ଶକ୍ତିର ସୁସହିତ ଲୀଳାଟିର ପରିଚୟ ଆଣି ଦେଇପାରନ୍ତା ସତ, ମାତ୍ର ସେଠାରୁ ଆଉ ଅଧିକ ଆଗକୁ ଯାଇ ପାରନ୍ତା ନାହିଁ । ଚିଦ୍‌ବସ୍ତୁର ଦ୍ୱାରଗୁଡ଼ିକୁ ସେହି ଊର୍ଦ୍ଧ୍ୱତର ମଣ୍ଡଳଟି ଭିତରକୁ ଉନ୍ମୋଚିତ କରିଦେଇ ପାରିଲେ ଏବଂ ଜୀବଚେତନାକୁ ଏହି ବିଶ୍ୱମଧ୍ୟରୁ ବିଶ୍ୱାତୀତ ସତ୍ତାର ଭିତରକୁ ଉନ୍ନୀତ କରିନେବା ଲାଗି ଏକ ସଙ୍କଳ୍ପ ଜନ୍ମଲାଭ କଲେ ଯାଇ ଅଧିମାନସ ପକ୍ଷରେ ଆହୁରି ଆଗକୁ ଯିବା ସମ୍ଭବ ହୋଇ ପାରିବ ।

ଏହି ପାର୍ଥିବ ବିବର୍ତ୍ତନର କ୍ଷେତ୍ରଟିରେ ମଧ୍ୟ ଅଧିମାନସ ଅବତରଣ ଦ୍ୱାରା ନିଶ୍ଚେତନାର ସମ୍ପୂର୍ଣ୍ଣ ରୂପାନ୍ତର ସମ୍ଭବ ହେବ ନାହିଁ । ତାହାର ପ୍ରଭାବ ମଧ୍ୟକୁ ଆସୁଥିବା ପ୍ରତ୍ୟେକ ବ୍ୟକ୍ତି ଭିତରେ ଅଧିମାନସ କେବଳ ବାହ୍ୟ ତଥା ଆନ୍ତର ସମୁଦାୟ ଚେତନସତ୍ତାଟିକୁ ରୂପାନ୍ତରିତ କରିଦେଇ ପାରିବ, ତାହାର ବ୍ୟକ୍ତିଚେତନା ତଥା ତାହାରି ଭିତରେ ଥିବା ନୈର୍ବ୍ୟକ୍ତିକ ବିଶ୍ୱଚେତନାରେ ରୂପାନ୍ତର ଘଟାଇ ପାରିବ; ତାହାକୁ ସେ ଆପଣା ଉପାଦାନରେ ରୂପାନ୍ତରିତ କରିଦେବ ଏବଂ ନିଶ୍ଚେତନା ଉପରେ ସେଇଟିର ପ୍ରଭାବ ପକାଇ ସେହି ନିଶ୍ଚେତନାକୁ ବିଶ୍ୱସତ୍ୟ ଓ ବିଶ୍ୱଜ୍ଞାନରୂପେ ଆଲୋକିତ କରିଦେଇ ପାରିବ । ମାତ୍ର ତଥାପି ଆଧାରରେ ସେହି ନିଶ୍ଚେତନାହିଁ ରହିଥିବ, ତାହା ମହାକାଶର ମୂଳଭୂତ ଏକ ଅନ୍ଧକାର ଭିତରେ ସୂର୍ଯ୍ୟ ଓ ସୌର-ମଣ୍ଡଳର ଆଲୋକ ବିକିରଣ କରୁଥିବା ପରି ହେବ; ସେହି ବିକିରଣ ଆପଣାର କିରଣରେଖାଗୁଡ଼ିକ ପହଞ୍ଚି ପାରୁଥିବା ସମଗ୍ର ଆୟତନଟିକୁ ଆଲୋକିତ କରି ରଖିଥିବ ଏବଂ ଯାହାସବୁ ଆଲୋକ ମଧ୍ୟରେ ଅବସ୍ଥିତ ରହିଥିବେ, ସେମାନେ ସେମାନଙ୍କର ଅନୁଭୂତ ଅସ୍ତିତ୍ୱଟି ମଧ୍ୟରେ ସତେଅବା କେଉଁଠିହେଲେ ଆଦୌ କୌଣସି ଅନ୍ଧକାର ନାହିଁ ବୋଲି ଅନୁଭବ କରୁଥିବେ । ମାତ୍ର ସେମାନଙ୍କର ଅନୁଭୂତିଗତ ସେହି ଆୟତନ ବା ବିସ୍ତାରଟିର ବାହାରେ ମୂଳଭୂତ ଅନ୍ଧକାରଟି ତଥାପି ଚତୁର୍ଦ୍ଦିଗ ଘୋଟି ରହିଥିବ;

'oaob.nitrkl.ac.in' images reprocessed

ଏବଂ ଅଧିମାନସ ସ୍ଥିତିବ୍ୟବସ୍ଥାରେ ସବୁକିଛି ସମ୍ଭବ ହୋଇ ପାରୁଥିବାରୁ ସେହି ଅନ୍ଧକାରଟି ଆସି ତାହାର ସାମ୍ରାଜ୍ୟ ଭିତରେ ବିସୃଷ୍ଟ ଆଲୋକର ଦ୍ୱୀପଟିକୁ ଆଉଥରେ ଆକ୍ରାନ୍ତ କରିବାର ଏକ ଆଶଙ୍କା ମଧ୍ୟ ସବୁବେଳେ ବଳବତ୍ତର ରହିଥିବ । ପୁନଶ୍ଚ, ଅଧିମାନସ ନାନାବିଧ ସମ୍ଭାବନାକୁ ନେଇ କାର୍ଯ୍ୟ କରୁଥିବାରୁ, ଆପଣାର ଏକ ସ୍ୱାଭାବିକ କ୍ରିୟାରୂପେ ତାହା ହୁଏତ ଗୋଟିଏ, ତତୋଽଧିକ ଅଥବା ଅନେକ ଗତିଶୀଳ ଆଧ୍ୟାତ୍ମିକ ରୂପାୟନର ସମ୍ଭାବନାକୁ ବା ସମ୍ଭାବନାଗୁଡ଼ିକୁ ଯଥାସମ୍ଭବ ବିକଶିତ କରାଇବା ଲାଗି ପ୍ରବୃତ୍ତ ହେବ କିମ୍ବା ଏକାଧିକ କେତୋଟି ସମ୍ଭାବନାକୁ ଏକାଠି ଆଣି ଯୋଡ଼ିଦେବ ବା ସେଗୁଡ଼ିକରେ ଏକ ସୌଷମ୍ୟ ଆଣିବାର ପ୍ରୟାସ କରିବ । ମାତ୍ର ଏହା ବା ଏଗୁଡ଼ିକ କେବଳ ସେହି ମୂଳସ୍ଥ ପାର୍ଥିବ ବିସୃଷ୍ଟି ମଧ୍ୟରେହିଁ ଏକ ବିସୃଷ୍ଟି ଅଥବା କେତେଗୁଡ଼ିଏ ବିସୃଷ୍ଟି ହୋଇ ରହିବ ବା ରହିବେ; ଆପଣା ଆପଣାର ଅସ୍ତିତ୍ୱଭୂମିର ଆୟତନ ଭିତରେ ସ୍ୱୟଂସମ୍ପୂର୍ଣ୍ଣ ହୋଇ ରହିବେ । ସେହି କ୍ଷେତ୍ରରେ ପରିଣତି ଲାଭ କରିଥିବା ଆଧ୍ୟାତ୍ମିକ ବ୍ୟକ୍ତି ରହିଥିବ; ଯେଉଁ ଜଗତଟି ମଧ୍ୟରେ ମନୋମୟ ମନୁଷ୍ୟ ଓ ପ୍ରାଣମୟ ଇତର ଜୀବ ଏକାଠି ପାଖପାଖି ହୋଇ ରହିଛନ୍ତି, ଠିକ୍ ସେହି ଜଗତରେ ଏକ ବା ଏକାଧିକ ଅଧ୍ୟାତ୍ମଭାବପ୍ରେରିତ ମନୁଷ୍ୟଗୋଷ୍ଠୀ ବା ମନୁଷ୍ୟସମଷ୍ଟି ମଧ୍ୟ ହୁଏତ ବିକଶିତ ହୋଇ ଉଠିବେ, ମାତ୍ର ଏହି ପାର୍ଥିବ ଜଗତର ବିଧାନସୀମାଟି ଭିତରେ ପରସ୍ପର ସହିତ ଏକ ଶିଥିଳପ୍ରାୟ ସମ୍ବନ୍ଧଦ୍ୱାରା ଯୁକ୍ତ ହୋଇ ସମସ୍ତେ ମୂଳତଃ ଆପଣା ଆପଣାର ସ୍ୱତନ୍ତ୍ର ସତ୍ତାଟିକୁହିଁ ବିକଶିତ କରାଇବାରେ ଲାଗିଥିବେ । ଏକତ୍ୱତତ୍ତ୍ୱର ଯେଉଁ ପରମ ସାମର୍ଥ୍ୟଟି ଆପଣା ଭିତରକୁ ଯାବତୀୟ ବୈଚିତ୍ର୍ୟକୁ ଗ୍ରହଣ କରିନେଇ ସେହି ଏକତ୍ୱରହିଁ ଅଙ୍ଗୀଭୂତ ଅଂଶରୂପେ ସେଗୁଡ଼ିକର ନିୟନ୍ତ୍ରଣ କରି ପାରୁଥିବ ଏବଂ ଯାହା ଅବଶ୍ୟ ବିବର୍ତ୍ତନଶୀଳ ନୂତନ ଚେତନାଟିର ବିଧାନ ହୋଇ ରହିବ, ସେତେବେଳ-ଯାଏ ମଧ୍ୟ ସେହି ସାମର୍ଥ୍ୟର ଆବିର୍ଭାବ ହୋଇ ନଥିବ । ପୁଣି, ଯେଉଁ ନିଶ୍ଚେତନା ତାହାମଧ୍ୟରେ ପ୍ରାଣ ତଥା ମନର ବିସୃଷ୍ଟ ସକଳ ରୂପାୟନକୁ ଚୂର୍ଣ୍ଣବିଚୂର୍ଣ୍ଣ କରି ଦେଉଛି, ତାହାର ଭିତରୁ ନିଷ୍ପନ୍ନ ହେଉଥିବା ବା ତାହା ଉପରେ ଆଣି ଲଦି ଦିଆଯାଉଥିବା ସକଳ ବସ୍ତୁକୁ ଗର୍ଭସାତ୍ କରି ପକାଉଛି ଓ ସେଗୁଡ଼ିକୁ ଭାଙ୍ଗି ପୁଣି ସେଗୁଡ଼ିକର ମୂଳଭୂତ ଜଡ଼ରୂପରେ ପରିଣତ କରି ଦେଉଛି, ବିବର୍ତ୍ତନର ଧାରାଟି କେବଳ ଏତିକିବାଟ ଆସି ଏଇଠି ଅଟକିଗଲେ ସେହି ନିଶ୍ଚେତନାର ନିମ୍ନାକର୍ଷଣ ବିରୁଦ୍ଧରେ ଆଉ କୌଣସି ସୁରକ୍ଷା କଦାପି ରହିବ ନାହିଁ । ପାର୍ଥିବ ବିଧାନଟି ଉପରେ ଅତିମାନସର ଅବତରଣ ଦ୍ୱାରାହିଁ ନିଶ୍ଚେତନାର ଏହି ନିମ୍ନାକର୍ଷଣରୁ ଯାଇ ମୁକ୍ତି ମିଳିପାରିବ ତଥା ଏକ ଅବିଚ୍ଛିନ୍ନ ଦିବ୍ୟ ବା ବିଜ୍ଞାନମୟ ବିବର୍ତ୍ତନ ଲାଗି ଏକ ଦୃଢ଼ ଭିତ୍ତିର ଆପନା ହୋଇ ପାରିବ । ସେହି ଅତିମାନସହିଁ ଏହି ପାର୍ଥିବତା ମଧ୍ୟକୁ ତଦ୍‌ବସ୍ତୁର ସେହି ପରମ ବିଧାନ ଓ ପରମ ଆଲୋକକୁ ବହନ କରି ନେଇଆସିବ, ସେହି ବିଧାନ ଓ ଆଲୋକ

'oaob.nitrkl.ac.in' images reprocessed

ସହିତ ଜଡ଼ଭୂମିସ୍ଥ ଏହି ନିଶ୍ଚେତନାକୁ ଭେଦ କରିପାରିବ ଓ ତାହାକୁ ରୂପାନ୍ତରିତ କରିଦେବ । ତେଣୁ ପ୍ରକୃତି-ବିବର୍ତ୍ତନର ଏହି ସୋପାନରେ ଅଧିମାନସକୁ ଅତିମାନସ ଲାଗି ବାଟ ଛାଡ଼ିଦେବାକୁ ପଡ଼ିବ ଓ ଅତିମାନସକୁ ଅବତୀର୍ଣ୍ଣ ହୋଇ ଆସିବାକୁ ପଡ଼ିବ ।

ଅଧିମାନସ ଓ ଏକ ପ୍ରତିନିଧି ହିସାବରେ ତାହାକୁ ପ୍ରାପ୍ତ ହୋଇଥିବା ସକଳ ଶକ୍ତି ପ୍ରାକୃତ ମନ ତଥା ସେହି ମନକୁ ଆଶ୍ରୟ କରି ରହିଥିବା ପ୍ରାଣ ଓ ଦେହକୁ ଗ୍ରହଣ କରିନେଇ ସେଗୁଡ଼ିକ ମଧ୍ୟରେ ଅନୁପ୍ରବିଷ୍ଟ ହେବ ଏବଂ ସମସ୍ତଙ୍କୁ ଏପରି ଏକ କ୍ରିୟାତ୍ମକତା ଦ୍ୱାରା ପ୍ରେରିତ କରି ରଖିବ ଯେ ସେହିସବୁ ପ୍ରତ୍ୟେକ ଅଙ୍ଗ ବା ଅଂଶ ବୃହତ୍ତର ହେବାକୁ ଆରମ୍ଭ କରିବେ । ଏହି ପ୍ରକ୍ରିୟାଟିର ପ୍ରତ୍ୟେକ ସୋପାନରେ ଆମର ଏହି ମନର ଶିଥିଳ, ବିକ୍ଷିପ୍ତ, କ୍ଷୀଣବଳ ଓ ବିମିଶ୍ରିତ ଉପାଦାନ ସହିତ ଅଧିକରୁ ଅଧିକ କମ୍ ମିଶିକରି ରହିଥିବା ଏକ ବିଜ୍ଞାନମୟ ବୃହତ୍ତର ଶକ୍ତି ଓ ଉଚ୍ଚତର ପ୍ରଗାଢ଼ତା ଆପଣାକୁ ପ୍ରତିଷ୍ଠିତ କରି ଦେଉଥିବ । ମାତ୍ର ବିଜ୍ଞାନମୟତା କହିଲେ ସବୁ କ୍ଷେତ୍ରରେ ମୂଳତଃ ସେହି ଅତିମାନସରହିଁ ଏକ ସାମର୍ଥ୍ୟକୁ ବୁଝାଇବ; ସୁତରାଂ ଉକ୍ତ ପ୍ରକ୍ରିୟାଟି ଅଗ୍ରସର ହେଉଥିବା ସଙ୍ଗେସଙ୍ଗେ ପ୍ରକୃତି ମଧ୍ୟକୁ ଏକ ଅର୍ଦ୍ଧାବୃତ ଓ ପରୋକ୍ଷ ଅତିମାନସ ଆଲୋକ ଓ ସାମର୍ଥ୍ୟ ଅଧିକରୁ ଅଧିକ ଶକ୍ତିଶାଳୀ ଭାବରେ କ୍ଷରିତ ହୋଇ ଆସିବାକୁ ଆରମ୍ଭ କରୁଥିବ । ସ୍ୱୟଂ ଅଧିମାନସହିଁ ଅତିମାନସରେ ରୂପାନ୍ତରିତ ହୋଇଯିବାର ମହାକ୍ଷଣଟି ଆସି ପହଞ୍ଚିବା ପର୍ଯ୍ୟନ୍ତ ସେହି ପ୍ରକ୍ରିୟା ଲାଗି ରହିଥିବ; ସେତେବେଳେ ଅତିମାନସ ଚେତନା ଓ ଅତିମାନସ ଶକ୍ତିହିଁ ରୂପାନ୍ତରର ପ୍ରକ୍ରିୟାଟିକୁ ସିଧା ଆପଣା ହାତକୁ ନେଇଯିବ, ପାର୍ଥିବ ମନ, ପ୍ରାଣ ତଥା ଦେହକୁ ସେଗୁଡ଼ିକର ସ୍ୱକୀୟ ଆଧ୍ୟାତ୍ମିକ ସତ୍ୟମୟତା ଓ ଦିବ୍ୟତା ସହିତ ପରିଚିତ କରାଇଦେବ ଏବଂ ଅବଶେଷରେ ସମଗ୍ର ପ୍ରକୃତି ମଧ୍ୟରେ ଅତିମାନସ ଜୀବନର ପରିପୂର୍ଣ୍ଣ ଜ୍ଞାନ, ପରିପୂର୍ଣ୍ଣ ସାମର୍ଥ୍ୟ ଓ ପରିପୂର୍ଣ୍ଣ ତାତ୍ପର୍ଯ୍ୟଗୁଡ଼ିକୁ ଆଣି ଅଜାଡ଼ିଦେବ । ଏହି ଆତ୍ମା ସେତେବେଳେ ଅବିଦ୍ୟାର ସକଳ ସୀମାକୁ ପାର ହୋଇଯିବ ଏବଂ ଯେଉଁ ମୂଳଭୂତ ରେଖାଟି ତାହାକୁ ପରମଜ୍ଞାନଠାରୁ ବିଚ୍ଛିନ୍ନ କରି ରଖିଛି, ସେ ସେହି ଗାରଟିକୁ ଅତିକ୍ରମ କରିଯିବ । ସେ ଅତିମାନସ ବିଜ୍ଞାନମୟତାର ପରିପୂର୍ଣ୍ଣ ସମଗ୍ରତାଟି ମଧ୍ୟରେ ଯାଇ ପ୍ରବିଷ୍ଟ ହେବ; ବିଜ୍ଞାନମୟ ଆଲୋକର ଅବତରଣ ଅବିଦ୍ୟାକୁ ସର୍ବତୋଭାବେ ରୂପାନ୍ତରିତ କରିଦେବ ।

ଏଇଟିକୁ ଅଥବା ଏହା ଅପେକ୍ଷା ଅଧିକ ବ୍ୟାପକ କୌଣସି ପରିକଳ୍ପନାକୁ ଆଧ୍ୟାତ୍ମିକ ରୂପାନ୍ତରର ଏକ ସୁନିହିତ, ଯୁକ୍ତିସମର୍ଥିତ ଅଥବା ଆଦର୍ଶ ଚିତ୍ର ବୋଲି ବୁଝାଯାଇ ପାରିବ, ଏଇଟି ପ୍ରାକୃତ ମନର ସମତଳଠାରୁ ଆରମ୍ଭ କରି ଅତିମାନସର ସର୍ବୋଚ୍ଚଶିଖରରେ ଯାଇ ପହଞ୍ଚିବା ସକାଶେ ପଡ଼ିଥିବା ସମଗ୍ର ପଥଟିର ସତେଅବା

'oaob.nitrkl.ac.in' images reprocessed

ଏକ ସୁରଚିତ ମାନଚିତ୍ର ପରି ହୋଇ ରହିବ; ଏହି ପଥଟି ଆମର ଆଖି ଆଗରେ ଏକ ସୋପାନକ୍ରମରୂପେ ପରିଦୃଷ୍ଟ ହେବ ଏବଂ ପରବର୍ତ୍ତୀ ସୋପାନଟିକୁ ପାର ହୋଇ ଚାଲିଯିବା ପୂର୍ବରୁ ଉପସ୍ଥିତ ଏହି ସୋପାନଟିକୁ ଆୟତ୍ତରେ ଆଣିବାକୁ ପଡ଼ିବ । ଏହି କ୍ଷେତ୍ରରେ ହୁଏତ ଏଭଳି କଳ୍ପନା କରାଯାଇ ପାରିବ ଯେ ସତେଯେପରି ଆମର ଏହି ଆତ୍ମା ଏକ ସୁସଂହତ ପ୍ରାକୃତ ବ୍ୟକ୍ତିତ୍ୱକୁ ଆପଣା ଭିତରେ ଗ୍ରହଣ କରିନେଇ ଜଣେ ପଥବିଜ୍ଞ ଯାତ୍ରୀ ପରି ବିଶ୍ୱପ୍ରକୃତି ମଧ୍ୟରେ ସୋପାନ କଟାହୋଇ ରହିଥିବା ଚେତନା-ସ୍ତରଗୁଡ଼ିକୁ ଆରୋହଣ କରି ଉପରକୁ ଉଠିଯାଉଛି; ଏହି ଆରୋହଣପଥରେ ପ୍ରତ୍ୟେକଟି ସ୍ତରରେ ସେ ଯେପରି ଏକ ଅଭଙ୍ଗ ବିଶେଷ ସତ୍ତାରୂପେ ବର୍ତ୍ତମାନ ରହିଛି, ଚେତନ ସତ୍ତାର ଏକ ବିବିକ୍ତ ମୂର୍ତ୍ତିରୂପ ହୋଇ ରହିଛି ଏବଂ ଧାରାବାହିକ ଭାବରେ ଅସ୍ତିତ୍ୱର ଗୋଟିଏ ଅବସ୍ଥାରୁ ପରବର୍ତ୍ତୀ ଅବସ୍ଥାଟିକୁ ପାହାଚ ଉଠି ଚାଲିଯାଉଛି । ଏପର୍ଯ୍ୟନ୍ତ ଆମେ ଏହି କଥାଟିକୁ ଅବଶ୍ୟ ସତ ବୋଲି କହିବା ଯେ ଆଗ ଗୋଟିଏ ସୋପାନ-ସ୍ଥିତିକୁ ଯଥେଷ୍ଟ ଓ ସମ୍ପୂର୍ଣ୍ଣ ଭାବରେ ପୂର୍ଣ୍ଣାଙ୍ଗ କରି ନଥିବା ପର୍ଯ୍ୟନ୍ତ ପରବର୍ତ୍ତୀ ଉଚ୍ଚତର ସ୍ଥିତିର ଆରୋହଣଟି କଦାପି ସମ୍ପୂର୍ଣ୍ଣ ଓ ସୁନିଶ୍ଚିତ ଭାବରେ ପ୍ରତିଷ୍ଠିତ ହୋଇ ପାରିବ ନାହିଁ । ଏହି ବିବର୍ତ୍ତନଟିର ଆରମ୍ଭକାଳୀନ ପର୍ଯ୍ୟାୟରେ ହୁଏତ ଅଳ୍ପ କେତେଜଣ ସାଧକ ଗୋଟିଏ ପର୍ବକୁ ପୂର୍ଣ୍ଣରୂପେ ଆୟତ୍ତ କରିସାରିବା ପରେ ଯାଇ ପରବର୍ତ୍ତୀ ପର୍ବଟି ମଧ୍ୟକୁ ପାଦ ପକାଇବାର ଚେଷ୍ଟା କରିଛନ୍ତି; ଏବଂ ବିବର୍ତ୍ତନ-ପଥଟିର ସମଗ୍ର ସୋପାନଶ୍ରେଣୀ ପୂର୍ଣ୍ଣଗଠିତ ଓ ସମ୍ପୂର୍ଣ୍ଣ ନିରାପଦ ହୋଇ ପ୍ରତିଷ୍ଠିତ ହୋଇଯିବା ପରେ ବି ହୁଏତ ଏଇଟିକୁହିଁ ସମସ୍ତେ ଏକ ସ୍ୱାଭାବିକ ସ୍ଥିତି ବା ପଦ୍ଧତି ବୋଲି କହିବାକୁ ପ୍ରବୃତ୍ତ ହେବେ । ମାତ୍ର ବିବର୍ତ୍ତନାତ୍ମକ ପ୍ରକୃତିକୁ ଆମେ ନ୍ୟାୟରେ ମୀମାଂସା ଦେଇ ବିଚ୍ଛିନ୍ନ ସୋପାନଖଣ୍ଡର ଏକ ସମଷ୍ଟିରୂପେ କଦାପି ସଜାଇ ରଖି ପାରିବା ନାହିଁ; ଏହାକୁ ଆମେ ସତ୍ତାଗତ ଆରୋହଣସାମର୍ଥ୍ୟର ଏକ ସମଗ୍ରତା ବୋଲିହିଁ କହିବା; ଏହି ସାମର୍ଥ୍ୟଗୁଡ଼ିକ ପରସ୍ପର ମଧ୍ୟରେ ଅନୁପ୍ରବିଷ୍ଟ ହୋଇ ଓ ପରସ୍ପର ସହିତ ସମ୍ବନ୍ଧଯୁକ୍ତ ରହି ଅଗ୍ରସର ହେଉଛନ୍ତି, ଗୋଟିଏ ଅନ୍ୟଟି ଉପରେ କ୍ରିୟା କରିବାରେ ଲାଗିଛନ୍ତି ଓ ତଜ୍ଜନିତ ଯାବତୀୟ ପରିବର୍ତ୍ତନକୁ ସ୍ୱୀକାର କରି ନେଉଛନ୍ତି । ଯେତେବେଳେ ଉଚ୍ଚତର ଚେତନାଟି ନିମ୍ନସ୍ଥ ଚେତନା ମଧ୍ୟକୁ ଅବତରଣ କରି ଆସୁଛି, ସେତେବେଳେ ତାହା ନିମ୍ନସ୍ଥ ଚେତନାଟିକୁ ପରିବର୍ଦ୍ଧିତ କରିଦେଉଛି ସତ, ମାତ୍ର ତାହା ସଙ୍ଗେସଙ୍ଗେ ସେହି ନିମ୍ନସ୍ଥ ଚେତନାଟି ଦ୍ୱାରା ସ୍ୱୟଂ ପରିବର୍ତ୍ତିତ ଓ ଖର୍ବ ହୋଇଯାଉଛି । ସେହିପରି ଯେତେବେଳେ ନିମ୍ନସ୍ଥ ଚେତନା ଊର୍ଦ୍ଧ୍ୱସ୍ଥ ଚେତନା ମଧ୍ୟକୁ ଆରୋହଣ କରି ଯାଉଛି, ସେତେବେଳେ ତାହା ଅଧିକ ଉଦାର ହୋଇ ପାରୁଛି ସତ, ମାତ୍ର ତହିଁ ସଙ୍ଗେସଙ୍ଗେ ଊର୍ଦ୍ଧ୍ୱସ୍ଥ ସେହି ଉଦାରତାର ଉପାଦାନ ଓ ସାମର୍ଥ୍ୟଟିକୁ ମଧ୍ୟ ଆପଣାର ସ୍ୱଭାବଟି ଦ୍ୱାରା ସୀମାୟିତ କରିଦେଉଛି । ଏହି ପାରସ୍ପରିକ

'oaob.nitrkl.ac.in' images reprocessed

କ୍ରିୟା ଓ ପ୍ରତିକ୍ରିୟା ଫଳରେ ଦୁଇ ସୋପାନର ମଧ୍ୟବର୍ତ୍ତୀ ଓ ପରସ୍ପର ସହିତ ସଂବଦ୍ଧ ହୋଇ ରହିଥିବା ସ୍ତରଗତ ବିଭିନ୍ନ ଚେତନା ତଥା ଶକ୍ତିର ଅଗଣିତ ନାନା ବୈଚିତ୍ର୍ୟର ସୃଷ୍ଟି ହେଉଛି; ମାତ୍ର ତାହା ସଙ୍ଗେସଙ୍ଗେ ସକଳ ସାମର୍ଥ୍ୟକୁ ସଂପୂର୍ଣ୍ଣଭାବେ ସମଗ୍ରୀକୃତ କରି ସେଗୁଡ଼ିକୁ କୌଣସି ଗୋଟିଏ ସାମର୍ଥ୍ୟ ବା ଶକ୍ତିର ନିୟନ୍ତ୍ରଣାଧୀନ କରି ରଖିବା ମଧ୍ୟ କଷ୍ଟକର ହୋଇପଡ଼ୁଛି । ଏବଂ ଏହି କାରଣରୁହିଁ ବ୍ୟକ୍ତିର ବିବର୍ତ୍ତନ-କ୍ରମଟିରେ ପ୍ରକୃତରେ ସ୍ପଷ୍ଟ ନିରୂପିତ ହୋଇ ପାରିଲାଭଳି କେତୋଟି ସ୍ତରର ଏକ ସହଜ କ୍ରମାନୁବଦ୍ଧତା ରହିବା ଆଦୌ ସମ୍ଭବ ହେଉ ନାହିଁ; ବରଂ ସେଠାରେ ଏକ ଜଟିଳତା ଆସି ପଶିଯାଉଛି ଏବଂ ତାହାର ଗତିକ୍ରିୟାରେ ଯେଉଁ ବୈଚିତ୍ର୍ୟ ଆସି ଦେଖାଦେଉଛି, ତାହା ଆଂଶିକ ଭାବରେ ବ୍ୟକ୍ତ ଓ ଆଂଶିକ ଭାବରେ ଅବ୍ୟକ୍ତ ଏବଂ ଆଂଶିକ ଭାବରେ ନିରୂପଣକ୍ଷମ ଓ ଆଂଶିକ ଭାବରେ ଦୁର୍ବୋଧ ହୋଇ ରହୁଛି । ଆତ୍ମାକୁ ଆମେ ତଥାପି ପାଦ ପରେ ପାଦ ପକାଇ ପାହାଚପରେ ପାହାଚ ଛାଡ଼ି ଆପଣାର ଉଚ୍ଚସ୍ଥ ଲକ୍ଷ୍ୟଟି ଅଭିମୁଖରେ ଅଗ୍ରସର ହୋଇ ଯାଉଥିବା ଜଣେ ଯାତ୍ରୀ ବା ଆରୋହୀ ବୋଲି ନିଶ୍ଚୟ କହିପାରିବା; ପ୍ରତ୍ୟେକ ସୋପାନକୁ ତାହାକୁ ଏକ ଅଖଣ୍ଡ ସୋପାନରୂପେ ତିଆରି କରିବାକୁ ହେଉଛି, ମାତ୍ର ଅନେକ ସମୟରେ ପୁଣି ତଳକୁ ଓହ୍ଲାଇ ଆସି ନିମ୍ନସ୍ଥ ସୋପାନଟିକୁ ନୂଆ କରି ଗଢ଼ିନେବାକୁ ପଡ଼ୁଛି ଏବଂ ଯେପରିକି ଊର୍ଦ୍ଧ୍ୱସ୍ଥ ସୋପାନଟିର ଆଶ୍ରୟରୂପେ ଅବସ୍ଥିତ ରହିଥିବା ଏହି ସୋପାନଟି ଉପରର ଗୁରୁଭାରରେ ଭାଙ୍ଗି ବା ଭୂଶୁଡ଼ି ନପଡ଼ିବ । ମାତ୍ର ସମଗ୍ର ଚେତନାର ବିବର୍ତ୍ତନଟିକୁ ଆମେ ବରଂ ଏକ ପ୍ରକୃତିରୂପୀ ଆରୋହଣଧର୍ମୀ ସମୁଦ୍ରର ଗତିସ୍ପନ୍ଦନ ସହିତ ତୁଳନା କରିପାରିବା; ଏହାକୁ ଏକ ଉତ୍ଫୁଲ୍ଲ ଜୁଆର ସ୍ରୋତ ବା ଊର୍ଦ୍ଧ୍ୱପ୍ରବାହୀ ବନ୍ୟାପ୍ଲାବନ ସହିତ ତୁଳନା କରାଯାଇ ପାରିବ ଯାହାର ଚୂଡ଼ାଦେଶଟି ଏକ ପର୍ବତଶୃଙ୍ଗର ଉଚ୍ଚତର ଅଂଶଗୁଡ଼ିକୁ ସ୍ପର୍ଶ କରିପାରୁଛି, ଅଥଚ ତାହାର ଅବଶିଷ୍ଟ ଅଂଶଗୁଡ଼ିକ ସେହିପରି ନିମ୍ନଭାଗରେ ଅବସ୍ଥିତ ରହିଛି । ପ୍ରତ୍ୟେକ ସୋପାନରେ ପ୍ରକୃତିର ଉଚ୍ଚତର ଭାଗଗୁଡ଼ିକ ନୂଏତ ଉପଲବ୍ଧ ନୂତନ ଚେତନାଟି ଅନୁସାରେ ସାମୟିକ ଅଥଚ ଅପୂର୍ଣ୍ଣ ଭାବରେ ସଂଗଠିତ ହୋଇ ପାରୁଛି ଏବଂ ନିମ୍ନସ୍ଥ ଭାଗଗୁଡ଼ିକ ଦ୍ୱିଧାଗ୍ରସ୍ତ ହୋଇ ରହିଛି ଓ କୌଣସି ନିର୍ଦ୍ଦିଷ୍ଟ ରୂପ ଗ୍ରହଣ କରି ପାରି ନାହିଁ; ଆଂଶିକ ଭାବରେ ଆପଣାର ସେହି ପୁରୁଣା ସଂସ୍କାରଟି ଦ୍ୱାରା ଆତଯାତ ହେଉଛି ଓ ତେଣେ ନୂତନଟି ଦ୍ୱାରା ପ୍ରଭାବିତ ହେବାକୁ ଓ ତଦନୁସାରେ ପରିବର୍ତ୍ତିତ ହେବାକୁ ଆରମ୍ଭ ମଧ୍ୟ କରୁଛି; ପୁଣି ଆଂଶିକ ଭାବରେ ନୂତନଟିର ଅନୁଗତ ହୋଇ ପାରୁଛି, ମାତ୍ର ତଥାପି ଆପଣାର ଏହି ସ୍ଥିତିରେ ବଡ଼ ଅସମ୍ପୂର୍ଣ୍ଣ ହୋଇ ରହିଛି ଏବଂ ଆପଣାର ପରିବର୍ତ୍ତନରେ ଏପର୍ଯ୍ୟନ୍ତ ସୁଦୃଢ଼ ହୋଇ ପାରି ନାହିଁ । ଅନ୍ୟ ଏକ ରୂପକର ସାହାଯ୍ୟ ନେଇ ଆମେ ଏହି ପ୍ରକ୍ରିୟାଟିକୁ ଅଗ୍ରସର ହୋଇ ଯାଉଥିବା ଏକ ସେନାବାହିନୀ ପରି କଳ୍ପନା କରିପାରିବା; ବାହିନୀର

'oaob.nitrkl.ac.in' images reprocessed

ପୁରୋଭାଗଟି ହୁଏତ ଅଗ୍ରସର ହୋଇ ନୂତନ ଭୂମି ଜୟ କରିବାକୁ ଆରମ୍ଭ କଲଣି, ମାତ୍ର ତାହାର ପ୍ରଧାନ ଭାଗଟି ପଛରେ ସେହି ପୂର୍ବାଧିକୃତ ସ୍ଥାନଟିରେହିଁ ଅବସ୍ଥିତ ରହିଛି ଏବଂ ସେହି ସ୍ଥାନ ବା କ୍ଷେତ୍ରଟି ଏତେ ବଡ଼ ଯେ ସେଠାରେ ବର୍ତ୍ତମାନ ମଧ୍ୟ ତାହାର ସମ୍ପୂର୍ଣ୍ଣ କର୍ତ୍ତୃତ୍ୱ ପ୍ରତିଷ୍ଠିତ ହୋଇ ପାରି ନାହିଁ; ତେଣୁ ସୈନ୍ୟବାହିନୀଟିକୁ ମଝିରେ ମଝିରେ ଅଟକି ଯିବାକୁ ପଡ଼ୁଛି ଓ ତାହାର କେତେକ ଅଂଶକୁ ପୁଣି ପଛକୁ ହଟିଯାଇ ବିଜିତ ପ୍ରଦେଶର ଅଧିକାରଟିକୁ ସୁଦୃଢ଼ ଓ ନିରାପଦ କରିବାକୁ ଓ ସେଠାକାର ଅଧିବାସୀମାନଙ୍କୁ ନୂତନ ପ୍ରଶାସନଟିର ଅନୁଗତ କରାଇନେବାକୁ ପଡ଼ୁଛି । ଏହି କ୍ଷେତ୍ରରେ ଏକ ଦ୍ରୁତ ବିଜୟ ଅବଶ୍ୟ ସମ୍ଭବ, ମାତ୍ର ତାହା କେବଳ ଏକ ଅବିଜିତ ଅନ୍ୟ ଭୂଇଁରେ ଯାଇ ତମ୍ବୁ ପକାଇଦେବା ପରି ହେବ ବା ସେଠାରେ ଆପଣାର କର୍ତ୍ତୃତ୍ୱ ପ୍ରତିଷ୍ଠା କଲାପରି ହେବ; ମାତ୍ର ଅଭିଳଷିତ ସେହି ସମ୍ପୂର୍ଣ୍ଣ ଅତିମାନସ ପରିବର୍ତ୍ତନ ସକାଶେ ଯେଉଁ ଯଥାର୍ଥ ପରିଗ୍ରହଣ, ସକଳ ବସ୍ତୁକୁ ଆପଣାର ଉପାଦାନରେ ପରିବର୍ତ୍ତନ ଓ ସବୁଟିକୁ ଏକାଠି ଧରିରଖି ଯେଉଁ ସମଗ୍ରତା-ସମ୍ପାଦନ ଆବଶ୍ୟକ, ଏହାଦ୍ୱାରା ସେକଥାଟି ଆଦୌ ସମ୍ଭବ ହେବ ନାହିଁ ।

ଏହିସବୁ କାରଣରୁ ଏପରି କେତେକ ପରିସ୍ଥିତି ଆସି ପହଞ୍ଚେ, ଯାହାଫଳରେ କି ବିବର୍ତ୍ତନଧାରାର ସୁସ୍ପଷ୍ଟ ପରମ୍ପରାଟି ବଦଳି ବଦଳି ଯାଏ ଏବଂ ଆମର ବୁଦ୍ଧିଚାଳିତ ଯୁକ୍ତି ପ୍ରକୃତିଠାରୁ ସାଧାରଣତଃ ଯେଉଁଭଳି ସ୍ପଷ୍ଟ ଭାବରେ ନିରୂପିତ ଓ ସୁଦୃଢ଼ ଭାବରେ ବ୍ୟବସ୍ଥିତ ପ୍ରଗତି ଦାବି କରିଥାଏ, ବିବର୍ତ୍ତନଧାରାଟି ସେହିଭଳି ଏକ ମାର୍ଗର ଅନୁସରଣ କରିବାରେ ବାଧାପ୍ରାପ୍ତ ହୁଏ । ପ୍ରାକୃତ ଯୁକ୍ତିର ଶାସନକୁ ପ୍ରକୃତି ଅତି କ୍ୱଚିତ୍ ଅନୁସରଣ କରିଥାଏ । ପ୍ରାଣ ଓ ମନକୁ ସ୍ୱୀକାର କରି ନେବାଲାଗି ଜଡ଼ର ଆଧାରଟି ଉପଯୁକ୍ତ ଭାବରେ ତିଆରି ହୋଇଗଲେ ପ୍ରାଣ ଓ ମନର ଆବିର୍ଭାବ ଆରମ୍ଭ ହୁଏ, ମାତ୍ର ପ୍ରାଣ ଓ ମନର ବିବର୍ତ୍ତନ ସଙ୍ଗେ ସଙ୍ଗେ ଜଡ଼ଗତ ସଂଗଠନଟି ଅଧିକ ଜଟିଳ ଓ ଅଧିକ ପରିପୂର୍ଣ୍ଣ ହୋଇପାରେ । ଚେତନାର ଏକ ଅଧିକ ବିକଶିତ ସ୍ପନ୍ଦନକୁ ସ୍ୱୀକାର କରି ପାରିବାଲାଗି ପ୍ରାଣର ଆଧାରଟି ଉପଯୁକ୍ତ ହୋଇ ତିଆରି ହୋଇଗଲେ ମନର ଆବିର୍ଭାବ ହୁଏ, ମାତ୍ର ଏହି ମନ ପ୍ରାଣ ଉପରେ କାର୍ଯ୍ୟ କରିବାକୁ ସମର୍ଥ ହେଲା ପରେ ପରେ ଯାଇ ପ୍ରାଣ ଆପଣାର ସଂଗଠନ ତଥା ବିକାଶରେ ପୂର୍ଣ୍ଣ ପରିଣତି ଲାଭ କରେ । ଆଧ୍ୟାତ୍ମିକତାର ଗତିଶୀଳତା ଲାଗି ମନୋମୟ ମନୁଷ୍ୟର ସାମର୍ଥ୍ୟ ଆସିବା ପରେ ଯାଇ ତାହା ମଧ୍ୟରେ ଆଧ୍ୟାତ୍ମିକ ବିବର୍ତ୍ତନର ନିଷ୍ପତ୍ତି ଆରମ୍ଭ ହୋଇଥାଏ, ମାତ୍ର ଅଧ୍ୟାତ୍ମ ବା ଚିଦ୍‌ଗତ ସତ୍ତ୍ୱର ପ୍ରଗାଢ଼ତା ତଥା ପ୍ରଭାସ୍ୱରତାରେ ଅଭିବୃଦ୍ଧି ଘଟିବା ସଙ୍ଗେ ସଙ୍ଗେ ମନ ମଧ୍ୟ ଆପଣା ପୂର୍ଣ୍ଣତାର ସର୍ବୋଚ୍ଚ ଶିଖରକୁ ଉଠିବାଲାଗି ସମର୍ଥ ହୋଇଥାଏ । ଚିଦ୍‌ବସ୍ତୁର ଆରୋହଧର୍ମୀ ସାମର୍ଥ୍ୟଗୁଡ଼ିକର ଏହି

'oaob.nitrkl.ac.in' images reprocessed

ଉଚ୍ଚତର ବିବର୍ତ୍ତନର କ୍ଷେତ୍ରରେ ମଧ୍ୟ ଠିକ୍ ସେହି ସ୍ଥିତି ପରିଲକ୍ଷିତ ହୁଏ । ଯଥୋପଯୁକ୍ତ ଆଧ୍ୟାତ୍ମିକ ପରିଣତି ଆସିବା ସଙ୍ଗେ ସଙ୍ଗେ କିଛି ବୋଧିଚେତନା, ସତ୍ତ୍ୱଗତ ଜ୍ୟୋତିର୍ମୟତା ଏବଂ ଚେତନାଗତ ସେହି ଉଚ୍ଚତର ଆଧ୍ୟାତ୍ମିକ ସୋପାନ-ଗୁଡ଼ିକର ଗତିସ୍ପନ୍ଦନ ଅଭିବ୍ୟକ୍ତି ଲାଭ କରିବାକୁ ଆରମ୍ଭ କରେ; କେତେବେଳେ ଏଇଟି, କେତେବେଳେ ସେଇଟି ଓ ଆଉ କେତେବେଳେ ସବୁଯାକ ଏକତ୍ର ଅଭିବ୍ୟକ୍ତି ଲାଭ କରନ୍ତି; ଏବଂ ଏକ ଉଚ୍ଚତର ସାମର୍ଥ୍ୟ କ୍ରିୟାଶୀଳ ହେବା ସକାଶେ ସେମାନେ ଏହି କ୍ରମଟିରେ ରହିଥିବା ପ୍ରତ୍ୟେକଟି ସାମର୍ଥ୍ୟ ପରିପୂର୍ଣ୍ଣତା ଲାଭ କରିବା ପର୍ଯ୍ୟନ୍ତ କୌଣସି ଅପେକ୍ଷା କରନ୍ତି ନାହିଁ । ସେତେବେଳେ କୌଣସି ପ୍ରକାରେ ଏକ ଅଧିମାନସ ଆଲୋକ ଓ ଶକ୍ତିର ଅବତରଣ ଘଟିପାରେ, ତାହା ସତ୍ତ୍ୱର କ୍ଷେତ୍ରରେ ଆପଣାର ଏକ ଆଂଶିକ ରୂପାୟନର ସୃଷ୍ଟି କରିପାରେ; ଏବଂ ବୋଧିଚେତନା, ଜ୍ୟୋତିର୍ମୟ ମନ ଅଥବା ଉଚ୍ଚତର ମନ ଆଧାରରେ ପୂର୍ଣ୍ଣପ୍ରତିଷ୍ଠିତ ହୋଇ ନଥିଲେ ମଧ୍ୟ ଅଧିମାନସ ସମଗ୍ର ବିବର୍ତ୍ତନଧାରାଟିର ଅଧ୍ୟକ୍ଷତା କରିପାରେ, ତାହାର ପରିଚାଳନାରେ ପ୍ରଧାନ ଅଂଶ ଗ୍ରହଣ କରିପାରେ ଅଥବା ନିମ୍ନତର ଶକ୍ତିର କାର୍ଯ୍ୟରେ ହସ୍ତକ୍ଷେପ ମଧ୍ୟ କରିପାରେ । ସେତେବେଳେ ଏହିସବୁ ଊର୍ଦ୍ଧ୍ୱଚେତନା କ୍ରିୟାତ୍ମକତାର ସମଗ୍ର କ୍ଷେତ୍ରରେ ବୃହତ୍ତର ଅଧିମାନସ ଶକ୍ତିର ସହକାରୀ ହୋଇ କାର୍ଯ୍ୟ କରନ୍ତି; ଅଧିମାନସ ସେହିସବୁ ଶକ୍ତିରେ ଅନୁପ୍ରବିଷ୍ଟ ହୋଇ ସେଗୁଡ଼ିକୁ ଉଦ୍ବେଳିତ କରିଦିଏ ଅଥବା ସେହି ଶକ୍ତିଗୁଡ଼ିକ ସ୍ୱୟଂ ତାହା ମଧ୍ୟକୁ ଉଦ୍ବେଳିତ ହୋଇଯାଆନ୍ତି ଏବଂ ବୃହତ୍ତର ବା ଅଧିମାନସ ବୋଧିଚେତନାରେ ପରିଣତ ହୁଅନ୍ତି, ଏକ ବୃହତ୍ତର ବା ଅଧିମାନସ ଜ୍ୟୋତିର୍ମୟତା କିମ୍ବା ଏକ ବୃହତ୍ତର ବା ଅଧିମାନସ ଅଧ୍ୟାତ୍ମ ଭାବନାରେ ପରିଣତ ହୁଅନ୍ତି । ଏହି ଜଟିଳ ବିନ୍ୟାସଟି ଏହି କାରଣରୁ ଘଟିଥାଏ ଯେ ଆପଣାକୁ ଅବତୀର୍ଣ୍ଣ କରାଉଥିବା ପ୍ରତ୍ୟେକ ଶକ୍ତି ପ୍ରକୃତି ଉପରେ ଆପଣାର ସଘନ ଚାପଦ୍ୱାରା ତଥା ଉଦ୍ବେଳନକାରୀ ପରିଣାମଟି ଦ୍ୱାରା ପୂର୍ବାଗତ ଶକ୍ତିଟିର ପୂର୍ଣ୍ଣ ଆତ୍ମରୂପାୟନ ସାଧିତ ହେବା ପୂର୍ବରୁ ଆଧାରକୁ ଆହୁରି ଉଚ୍ଚତର ଏକ ଶକ୍ତିସଂକ୍ରମଣ ଲାଗି ସମର୍ଥ କରାଇ ରଖିଥାଏ । ମାତ୍ର ତାହା ଘଟିବାର ଆଉ ଗୋଟିଏ କାରଣ ହେଉଛି ଯେ ଯଦି ଉଚ୍ଚରୁ ଉଚ୍ଚତର ଶକ୍ତିର ଆଦେଶ ସମ୍ଭବ ହେଉ ନଥା'ନ୍ତା, ତେବେ ଏହି ନିମ୍ନସ୍ଥ ପ୍ରକୃତିଟି ପକ୍ଷରେ ଉଚ୍ଚତର ଶକ୍ତିର ପରିଗ୍ରହଣ ଓ ତାହାର ସାହାଯ୍ୟରେ ଆପଣାର ରୂପାନ୍ତରସାଧନ ପ୍ରକୃତରେ ଅତ୍ୟନ୍ତ ଦୁରୂହ ହୋଇ ପଡ଼ୁଥା'ନ୍ତା । ଆଲୋକିତ ମନ, ଉଚ୍ଚତର ମନ ତଥା ବୋଧିଚେତନା ଯେଉଁ ଅନ୍ଧକାର ବା ଅବିଦ୍ୟା ମଧ୍ୟରେ କାର୍ଯ୍ୟ କରୁଥା'ନ୍ତି, ସେଇଟି ସହିତ ଯୁଦ୍ଧ କରିପାରିବା ପାଇଁ ଏବଂ ସେହି କାର୍ଯ୍ୟରେ ଆପଣାକୁ ପୂର୍ଣ୍ଣ କରି ପାରିବା ପାଇଁ ଆଲୋକିତ ମନ ଏବଂ ଉଚ୍ଚତର ଭାବନାର ମନ ବୋଧିଚେତନାର ସାହାଯ୍ୟ ଲୋଡ଼ନ୍ତି ଏବଂ ବୋଧିଚେତନା

'oaob.nitrkl.ac.in' images reprocessed

ଅଧିମାନସର ସାମ୍ରାଜ୍ୟ ଲୋଡ଼ିଥାଏ । ତଥାପି, ଉଚ୍ଚତର ମନ ତଥା ଆଲୋକିତ ମନ ପୂର୍ଣ୍ଣାଙ୍ଗତା ଲାଭ କରି ବୋଧିଚେତନା ମଧ୍ୟରେ ପରିଗୃହୀତ ନହେବା ଯାଏ ଏବଂ ତା'ପରେ ବୋଧିଚେତନା ମଧ୍ୟ ସେହିପରି ପୂର୍ଣ୍ଣାଙ୍ଗପ୍ରାପ୍ତ ହୋଇ ସକଳ କିଛିକୁ ପ୍ରସାରିତ ତଥା ଉଦ୍ବେଳିତ କରି ଦେଉଥିବା ଅଧିମାନସ ଶକ୍ତି ମଧ୍ୟରେ ପରିଗୃହୀତ ନହେବା ଯାଏ ଅଧିମାନସ ସ୍ଥିତି ଓ ପୂର୍ଣ୍ଣାଙ୍ଗପ୍ରାପ୍ତି ଆଖିର ସମ୍ଭବ ହୁଏ ନାହିଁ । ପ୍ରକୃତିବିବର୍ତ୍ତନର ପ୍ରକ୍ରିୟାଟିର ଜଟିଳତା ମଧ୍ୟରେ ବି ତାହାକୁ ସୋପାନକ୍ରମର ଏହି ବିଧାନଟିକୁ ମାନି କରି ଯିବାକୁ ପଡ଼ିଥାଏ ।

ଖାସ୍ ପୂର୍ଣ୍ଣାଙ୍ଗପ୍ରାପ୍ତିର ଆବଶ୍ୟକତାଟିରୁ ମଧ୍ୟ ଜଟିଳତାର ଆଉ ଗୋଟିଏ କାରଣ ଜନ୍ମଲାଭ କରିଥାଏ । କାରଣ ଏହି ପ୍ରକ୍ରିୟାଟିକୁ କେବଳ ଏକ ଉଚ୍ଚତର ସ୍ଥିତିକୁ ଆତ୍ମାର ଆରୋହଣ ବୋଲି କୁହାଯିବ ନାହିଁ, ଏହାକୁ ଏହି ଆରୋହଣଦ୍ୱାରା ଲବ୍ଧ ସେହି ଉଚ୍ଚତର ଚେତନାର ନିମ୍ନସ୍ଥିତ ପ୍ରକୃତିକୁ ଆପଣା ମଧ୍ୟରେ ଗ୍ରହଣ କରିନେଇ ତାହାକୁ ରୂପାନ୍ତରିତ କରିଦେବା ଲାଗି ଏକ ଅବତରଣ ବୋଲି ମଧ୍ୟ କୁହାଯାଇ ପାରିବ । ମାତ୍ର ଏହି ପ୍ରକୃତି ଭିତରେ ତାହାର ପୂର୍ବତନ ରୂପାୟନର ଏପରି ଏକ ସାନ୍ଦ୍ରତା ରହିଥାଏ, ଯାହାକି ସେହି ଅବତରଣର ପ୍ରତିରୋଧ କରେ, ତା'ର ପଥ ଓଗାଳି ରଖେ । ଏବଂ ଏପରିକି ପ୍ରତିବନ୍ଧକର ବାଡ଼ଟିକୁ ଭାଙ୍ଗିଦେଇ ଯେତେବେଳେ ଉଚ୍ଚତର ଶକ୍ତିଟି ତଳକୁ ଅବତରଣ କରିଆସେ ଏବଂ ସେଠାରେ ଆପଣାର କାର୍ଯ୍ୟ କରିବାରେ ଲାଗିଥାଏ, ସେତେବେଳେ ମଧ୍ୟ ଆମେ ଦେଖିବାକୁ ପାଇଛୁ ଯେ ଉକ୍ତ ସାନ୍ଦ୍ରତା ହୁଏତ ରୂପାନ୍ତରଟିକୁ ସମ୍ପୂର୍ଣ୍ଣରୂପେ ଅସ୍ୱୀକୃତ କରି ରଖିବାର ପ୍ରୟାସ କରେ ଅଥବା ସେହି ନୂତନ ଶକ୍ତିଟିକୁ ବିକୃତ କରିପକାଏ ଓ ତାହାକୁ ଆପଣା ନିୟମଟିର ଅନୁରୂପ କରି ରଖିବାକୁ ଚେଷ୍ଟା ବି କରେ; ଅଥବା ଏପରିକି ତାହା ଉପରେ ଝାମ୍ପ ଦେଇ ତାହାକୁ କବଳିତ କରିବାକୁ ଧାଇଁଯାଏ ଓ ତାହାକୁ ସ୍ଖଳିତ କରିଆଣି ଆପଣାର ନିଜର ନିୟମଧାରା ଏବଂ ନିମ୍ନତର ଉଦ୍ଦେଶ୍ୟଟିର ଅନୁଗତ କରି ରଖିବାକୁ ବାହାରେ । ପ୍ରକୃତିର ଏହି ଦୁଃସାଧ୍ୟ ଉପାଦାନଟିକୁ ଗ୍ରହଣ କରି ତାହାକୁ ଆପଣାର ଉପାଦାନରୂପେ ପରିପାକ କରିବାର କାର୍ଯ୍ୟରେ ଉଚ୍ଚତର ସାମର୍ଥ୍ୟଗୁଡ଼ିକ ସାଧାରଣତଃ ପ୍ରଥମେ ମନର କ୍ଷେତ୍ରଟି ଉପରେ ଅବତରଣ କରିଥା'ନ୍ତି ଏବଂ ମନଃକେନ୍ଦ୍ରଗୁଡ଼ିକୁ ଅଧିକାର କରିନଅନ୍ତି, କାରଣ ବୁଦ୍ଧି ତଥା ଜ୍ଞାନସାମର୍ଥ୍ୟ ଦୃଷ୍ଟିରୁ ଏହିଗୁଡ଼ିକହିଁ ସେମାନଙ୍କର ସବୁଠାରୁ ଅଧିକ ନିକଟବର୍ତ୍ତୀ ହୋଇ ରହିଥା'ନ୍ତି । ଅବଶ୍ୟ ବେଳେବେଳେ ସେମାନେ ହୃଦୟ ଭିତରକୁ ଅଥବା ଆବେଗ ଓ ଇନ୍ଦ୍ରିୟାନୁଭୂତିମୟ ପ୍ରାଣସତ୍ତ୍ୱକୁ ପ୍ରଥମେ ଅବତରଣ କରିଥା'ନ୍ତି, କାରଣ କେତେକ ବ୍ୟକ୍ତିଙ୍କ ମଧ୍ୟରେ ସେହିଗୁଡ଼ିକହିଁ ଅଧିକ ଉନ୍ମୋଚିତ ହୋଇ ରହିଥାଏ ଓ

'oaob.nitrkl.ac.in' images reprocessed

ସେମାନେ ସେହି ସାମର୍ଥ୍ୟଗୁଡ଼ିକୁ ପ୍ରଥମେ ଡାକି ନେଇଆସନ୍ତି; ମାତ୍ର ସେପରି କ୍ଷେତ୍ରରେ ଯେଉଁ ପରିଣାମସବୁ ଘଟେ, ତାହା ନ୍ୟାୟାନୁରୂପ ସ୍ୱାଭାବିକ ଧାରାରେ ଅବତରଣଟି ଘଟୁଥିଲେ ଯାହା ହେଉଥା'ନ୍ତା, ତାହାଠାରୁ ଅଧିକ ପରିମାଣରେ ମିଶ୍ରିତ ତଥା ସଂଶ୍ଳିଷ୍ଟ ହୋଇ ରହିଥାଏ, ଅଧିକ ଅପୂର୍ଣ୍ଣ ଓ ଅଧ୍ରୁବ ପ୍ରମାଣିତ ହୁଏ। ମାତ୍ର ଅବତରଣଟି ତାହାର ସ୍ୱାଭାବିକ ଗତିରେ ଘଟୁଥିଲା ବେଳେ ମଧ୍ୟ ଯେତେବେଳେ ତାହା ଅବତରଣର ସ୍ୱାଭାବିକ ନିୟମଟି ଅନୁସାରେ ସତ୍ତାର ଗୋଟିଏ ଭାଗ ପରେ ଆଉ ଗୋଟିଏ ଭାଗକୁ ଗ୍ରହଣ କରୁଥାଏ, ସେତେବେଳେ ମଧ୍ୟ ନିମ୍ନତର ସ୍ତରରେ ଯାଇ ପହଞ୍ଚିବା ପୂର୍ବରୁ ପ୍ରତ୍ୟେକ ସ୍ତରକୁ ସମ୍ପୂର୍ଣ୍ଣରୂପେ ଅଧିକାର କରିପାରେ ନାହିଁ କି ତାହାକୁ ପୂର୍ଣ୍ଣରୂପେ ରୂପାନ୍ତରିତ ବି କରି ପାରେ ନାହିଁ। ତାହା ସେହି ସ୍ତରଗୁଡ଼ିକୁ କେବଳ ସାଧାରଣ ଓ ଅସମ୍ପୂର୍ଣ୍ଣ ଭାବରେହିଁ ଅଧିକାର କରିପାରେ, ଯାହା ଫଳରେ କି ପ୍ରତ୍ୟେକ ସ୍ତରର କ୍ରିୟାଟି ତଥାପି ଆଂଶିକ ଭାବରେ ନୂତନ ଉଚ୍ଚତର ଢଙ୍ଗର, ଆଂଶିକ ଭାବରେ ଏକ ମିଶ୍ରିତ ଢଙ୍ଗର ଏବଂ ଆଂଶିକ ଭାବରେ ସେହି ପୁରାତନ ଓ ଅପରିବର୍ତ୍ତିତ ନିମ୍ନତର ଢଙ୍ଗର ହୋଇ ରହିଥାଏ। ମନର ସମୁଦାୟ ପରିସରଟି ତାହାର ସମଗ୍ର ଅଂଶଟି ସଙ୍ଗେ ସଙ୍ଗେ ରୂପାନ୍ତରିତ ହୋଇ ପାରେ ନାହିଁ, କାରଣ ମନୋଗତ କେନ୍ଦ୍ରଗୁଡ଼ିକ ସତେଅବା ଏକ ଭିନ୍ନ ଅଞ୍ଚଳପରି ସତ୍ତାର ଅବଶିଷ୍ଟ ଅଂଶଟିଠାରୁ ବିଚ୍ଛିନ୍ନ ହୋଇ ଆଦୌ ଅବସ୍ଥିତ ନଥାଏ; ମନର ଯାବତୀୟ କ୍ରିୟାରେ ପ୍ରାଣଗତ ତଥା ଦେହଗତ ଅଂଶଗୁଡ଼ିକର କ୍ରିୟାଟି ମଧ୍ୟ ଅନୁପ୍ରବିଷ୍ଟ ହୋଇ ରହିଥାଏ ଏବଂ ସେହିସବୁ ଅଂଶରେ ମଧ୍ୟ ମନର ନିମ୍ନତର ରୂପାୟନମାନ ଅର୍ଥାତ୍ ପ୍ରାଣମୟ ମନ ଓ ଅନ୍ନମୟ ମନ ଅବସ୍ଥିତ ରହିଥାଏ ଏବଂ ମନୋମୟ ସତ୍ତାର ଏକ ପରିପୂର୍ଣ୍ଣ ରୂପାନ୍ତର ସମ୍ଭବ ହେବା ପୂର୍ବରୁ ଏହିଗୁଡ଼ିକର ପରିବର୍ତ୍ତନ କରିବାକୁ ପଡ଼ିଥାଏ। ତେଣୁ ଏକ ସମଗ୍ର ମନୋଗତ ରୂପାନ୍ତର ଲାଗି ଆଦୌ କୌଣସି ଅପେକ୍ଷା ନକରି ରୂପାନ୍ତରକାରୀ ସେହି ଉଚ୍ଚତର ଶକ୍ତିଟିକୁ ଯଥାସମ୍ଭବ ଶୀଘ୍ର ହୃଦୟ ଭିତରକୁ ଅବତରଣ କରି ଆସିବାକୁ ପଡ଼େ, ସେଠାରେ ପ୍ରବେଶ କରି ସଂବେଗମୟ ପ୍ରକୃତିଟିକୁ ଅଧିକାର କରି ତାହାକୁ ପରିବର୍ତ୍ତିତ କରିଦେବାକୁ ପଡ଼େ; ଏବଂ ତା'ପରେ ତାହାକୁ ସମଗ୍ର ପ୍ରାଣମୟ, ଗତ୍ୟାତ୍ମକ ତଥା ଇନ୍ଦ୍ରିୟାନୁଭବର ପ୍ରକୃତିଟିକୁ ଅଧିକାର କରିବାଲାଗି ଓ ବଦଳାଇ ଦେବାଲାଗି ନିମ୍ନତର ପ୍ରାଣଗତ କେନ୍ଦ୍ରଗୁଡ଼ିକ ମଧ୍ୟକୁ ଅବତୀର୍ଣ୍ଣ ହୋଇ ଆସିବାକୁ ପଡ଼େ; ଏବଂ ସର୍ବ ଶେଷରେ, ସମଗ୍ର ଅନ୍ନମୟ ପ୍ରକୃତିଟିକୁ ଅଧିକାର କରିବାଲାଗି ଓ ବଦଳାଇ ଦେବାଲାଗି ଅନ୍ନମୟ କେନ୍ଦ୍ରଗୁଡ଼ିକୁ ମଧ୍ୟ ଅବତରଣ କରି ଆସିବାକୁ ପଡ଼େ। ମାତ୍ର ଏହି ସର୍ବଶେଷ ଅବତରଣ ତଥାପି ସର୍ବଶେଷ ନୁହେଁ କାରଣ ସେତେବେଳେ ତଥାପି ଅବଚେତନ ଅଂଶଗୁଡ଼ିକ ବାକୀ ରହିଥାଏ, ନିଶ୍ଚେତନାର ଭିତ୍ତିଟି ମଧ୍ୟ ବାକୀ ରହିଥାଏ। ଏହି ଜଟିଳତାଟି ଅର୍ଥାତ୍ ଏହିସବୁ ସାମର୍ଥ୍ୟ ତଥା

'oaob.nitrkl.ac.in' images reprocessed

ସତ୍ତ୍ୱଗତ ଅଂଶଗୁଡ଼ିକୁ ଏକାଠି ଗଅଁଠାଇ ଧରି ରଖୁଥିବା ଏହି ଦ୍ୱିସ୍ଥିତି ପ୍ରକୃତରେ ଏତେବେଶୀ ଜଟିଳ ବା ପରସ୍ପରସାପେକ୍ଷ ଯେ ଆମେ ହୁଏତ କହିପାରିବା ଯେ ଏହି ପରିବର୍ତ୍ତନ ଦ୍ୱାରା ଯେପର୍ଯ୍ୟନ୍ତ ସମଗ୍ରସତ୍ତା ସିଦ୍ଧ ନହୋଇଥାଏ, ସେପର୍ଯ୍ୟନ୍ତ ପ୍ରକୃତରେ କିଛିହେଲେ ସିଦ୍ଧ ହୋଇ ନଥାଏ । ଏହି କ୍ଷେତ୍ରରେ ଏକ ଜୁଆର ଥାଏ, ଏକ ଭଟ୍ଟା ମଧ୍ୟ ଥାଏ; ପୁରାତନ ପ୍ରକୃତିର ଶକ୍ତିମାନ ପଛକୁ ହଟି ଚାଲିଯାଉଥାଏ ଏବଂ ଫେରି ଆସି ଆପଣାର ପୁରାତନ ରାଜ୍ୟଗୁଡ଼ିକର କିୟଦଂଶକୁ ପୁଣି ଅଧିକାର କରି ନେଉଥାଏ; ଏହିପରି ଭାବରେ ଧୀରେ ଧୀରେ ପଶ୍ଚାଦପସରଣ ଘଟିବାରେ ଲାଗିଥାଏ ସତ, ମାତ୍ର ତଥାପି ପଛରୁ ଆସି ପୁଣି ଆକ୍ରମଣ କରିବା ଓ ଯୁଦ୍ଧ କରିବା ଶେଷ ହୋଇ ନଥାଏ । ଉଚ୍ଚତର ଶକ୍ତିପ୍ରବାହଟି ଅଧିକରୁ ଅଧିକ କ୍ଷେତ୍ର ଜୟ କରିବାରେ ଲାଗିଥାଏ ସତ; ମାତ୍ର ଯେପର୍ଯ୍ୟନ୍ତ ସମଗ୍ର କ୍ଷେତ୍ରଟି ତାହାର ଜ୍ୟୋତିର୍ମୟ ରାଜ୍ୟପରିସରଟିର ଅନ୍ତର୍ଗତ ହୋଇ ନଥାଏ, ସେପର୍ଯ୍ୟନ୍ତ ତାହାର ଆଧିପତ୍ୟଟି ପୂର୍ଣ୍ଣନିଶ୍ଚିତ ଭାବରେ ପ୍ରତିଷ୍ଠିତ ହୋଇ ନଥାଏ ।

ଜୀବଚେତନା ମଧ୍ୟରେ ଏକାବେଳକେ ଏକାଧିକ ସ୍ଥିତିରେ ଅବସ୍ଥାନ କରିବା ସକାଶେ ଯେଉଁ ସାମର୍ଥ୍ୟଟି ରହିଛି, ସେଥିରୁ ତତ୍ସହ ଆଉଗୋଟିଏ ଜଟିଳତା ଆସି ପଡ଼ିଥାଏ । ବିଶେଷକରି ଯେତେବେଳେ ଆମର ସତ୍ତାଟି ଅନ୍ତର୍ଗତ ଓ ବହିର୍ଗତ ଅଥବା ଉପରିଭାଗସ୍ଥ ଏହିପରି ଦୁଇଭାଗରେ ବିଭକ୍ତ ହୋଇଯାଏ, ସେତିକିବେଳେ ଏକ ଅସୁବିଧା ଆସି ପଡ଼ିଛି । ପୁଣି, ଆମ ଭିତରର ଯେଉଁ ପ୍ରଚ୍ଛନ୍ନ ପରିଚେତନ ଅର୍ଥାତ୍ ପରିବେଶଗତ ଚେତନାଟିରେ ଆମ ବାହାରେ ଅବସ୍ଥିତ ଏହି ବିଶ୍ୱଜଗତ ସହିତ ଆମର ନାନା ଅଦୃଶ୍ୟ ସମ୍ବନ୍ଧଗୁଡ଼ିକ ନିରୂପିତ ହେଉଥାଏ, ତାହା ଜଟିଳତାଟିକୁ ଆହୁରି ବଢ଼ାଇ ଦେଇଥାଏ । ଆଧ୍ୟାତ୍ମିକ ଦ୍ୱାରଟି ଖୋଲିଯିବା ସମୟରେ ଆମର ଜାଗ୍ରତ ଅନ୍ତର୍ଗତ ସତ୍ତାଟିହିଁ ଆଗଭର ହୋଇ ଊର୍ଦ୍ଧ୍ୱରୁ ଆସୁଥିବା ପ୍ରଭାବଗୁଡ଼ିକୁ ଗ୍ରହଣ କରିନିଏ ଓ ସେଗୁଡ଼ିକୁ ନିଜସ୍ୱ ବିଭବରେ ପରିଣତ କରେ; ମାତ୍ର ଆମର ଉପରିଭାଗସ୍ଥ ବାହ୍ୟ ଆତ୍ମସତ୍ତାଟି ଅଧିକତର ପୂର୍ଣ୍ଣ ଭାବରେ ଅବିଦ୍ୟା ଓ ନିଶ୍ଚେତନାର ଶକ୍ତିଗୁଡ଼ାକ ଦ୍ୱାରା ଅଧିକୃତ ଓ ବିକୃତ ହୋଇ ରହିଥାଏ ବୋଲି ତାହାର ନିଦ୍ରା ବିଳମ୍ବରେ ଭାଙ୍ଗେ, ନୂତନ କୌଣସି ସମ୍ପଦର ଗ୍ରହଣ ଓ ପରିପାକ ଲାଗି ସେ ସବୁବେଳେ ବଡ଼ ଧୀର ଓ ମନ୍ଥର ହୋଇ ରହିଥାଏ । ତେଣୁ ମନୁଷ୍ୟକୁ ଦୀର୍ଘ ସମୟ ଧରି ଏପରି ଏକ ସ୍ତର ବା ସ୍ଥିତିରେ ରହିବାକୁ ହୁଏ, ଯେତେବେଳେ କି ଅନ୍ତର୍ଗତ ସତ୍ତାଟି ଯଥାର୍ଥ ଭାବରେ ଓ ଯଥେଷ୍ଟ ପରିମାଣରେ ରୂପାନ୍ତରିତ ହୋଇ ଯାଉଥାଏ, ମାତ୍ର ବହିଃସତ୍ତାଟି ତଥାପି ଅପୂର୍ଣ୍ଣ ପରିବର୍ତ୍ତନର ଏକ ଅତିମିଶ୍ରିତ ଓ ଆତ୍ମସଂକ୍ଲିଷ୍ଟ ଗତିବିଧି ମଧ୍ୟରେ ବାନ୍ଧି ହୋଇ ରହିଥାଏ । ଆରୋହଣର ପ୍ରତ୍ୟେକ ସୋପାନରେ ଏହି ବୈଷମ୍ୟଟିର ପୁନରାବୃତ୍ତି ହେଉଥାଏ; କାରଣ ପରିବର୍ତ୍ତନ ଲାଗି ଆସୁଥିବା ପ୍ରତ୍ୟେକ ଆହ୍ୱାନରେ ଅନ୍ତର୍ଗତ

'oaob.nitrkl.ac.in' images reprocessed

ସତ୍ତାଟି ଅଧିକ ଆଗଭର ହୋଇ ତାହାର ଅନୁଧାବନ କରେ, ମାତ୍ର ବହିଃସତ୍ତା ଟ୍ରେଟେଇ ଟ୍ରେଟେଇ ଅନେକ ପଛରେ ଗୋଟି ଗୋଟି ହୋଇ ଯାଉଥାଏ; ଆପଣାର ସକଳ ଆକାଙ୍କ୍ଷା ଓ ଅଭିଳାଷ ସତ୍ତ୍ୱେ ସେ ତଥାପି ସଚେତଅବା ବଡ଼ ଅନିଚ୍ଛୁକ ବା ଅନୁପଯୁକ୍ତ ହୋଇ ରହିଥାଏ । ଏହି କାରଣରୁହିଁ ବହିଶ୍ଚେତନାକୁ ସେହି ଊର୍ଦ୍ଧ୍ୱତର ଶକ୍ତିକୁ ଗ୍ରହଣ କରିବା, ନିଜକୁ ତାହାର ଅନୁକୂଳିତ କରିପାରିବା ଏବଂ ତାହାର ଅଭିମୁଖୀ ହୋଇପାରିବା ଲାଗି ଅବିରତ ଓ ଅବିଶ୍ରାନ୍ତ ଭାବରେ ବହୁତ କୃଚ୍ଛ୍ରକର୍ଷଣ କରିବାକୁ ପଡ଼ିଥାଏ ଏବଂ ପ୍ରତିଟି ସୋପାନରେ ସେହି ଶ୍ରମସାଧନାର ପ୍ରକାଶରୂପ ଭିନ୍ନ ହୋଇ ଯାଉଥିଲେହେଁ ତତ୍ତ୍ୱତଃ ସେହି ଗୋଟିଏ କଥାରହିଁ ପୁନରାବୃତ୍ତି ହେଉଥାଏ । ମାତ୍ର ଯେତେବେଳେ ଏକ ସନ୍ତୁଳିତ ଆଧ୍ୟାତ୍ମିକ ଚେତନା-ଦ୍ୱାରା ବ୍ୟକ୍ତିର ବାହ୍ୟ ତଥା ଅନ୍ତର୍ଗତ ଚେତନା ଦୁଇଟିଯାକକୁ ଗୋଟିଏ ସୂତ୍ରରେ ଏକାଠି ବାନ୍ଧି ରଖିବା ସମ୍ଭବ ହୁଏ, ସେତେବେଳେ ମଧ୍ୟ ତାହାର ସେହି ତଥାପି ଅଧିକ ବାହ୍ୟ ଅଥଚ ସଂଗୁପ୍ତ ହୋଇ ରହିଥିବା ଅଂଶଟି, ଯେଉଁଟି କି ତାହାର ସତ୍ତା ବାହ୍ୟ ବିଶ୍ୱଜଗତଟିର ସତ୍ତା ସହିତ ଗୋଳେଇମିଶି ହୋଇ ରହିଥାଏ ଏବଂ ଯାହାର ମଧ୍ୟଦେଇ ବାହ୍ୟ ବିଶ୍ୱଜଗତ ତାହାର ଚେତନାକୁ ଆକ୍ରମଣ କରିବାକୁ ଆସିଥାଏ, ସେଇଟି ଏକ ଅପୂର୍ଣ୍ଣତାର କ୍ଷେତ୍ର ହୋଇ ପଡ଼ି ରହିଥାଏ । ଫଳରେ ଏହି କ୍ଷେତ୍ରରେ ନାନା ବିଷମ ପ୍ରଭାବଗୁଡ଼ିକ ମଧ୍ୟରେ ଅନିବାର୍ଯ୍ୟତଃ ଏକ ଭିଡ଼ାଓଟରା ଲାଗିଥାଏ; ଆମର ଅନ୍ତର୍ଗତ ଅଧ୍ୟାତ୍ମ ଅନୁଭବଟି ବିରୋଧଧର୍ମୀ ଏପରିସବୁ ପ୍ରଭାବର ସମ୍ମୁଖୀନ ହୋଇପଡ଼େ, ଯେଉଁଗୁଡ଼ିକ କି ଅତ୍ୟନ୍ତ ଶକ୍ତିଶାଳୀ ଭାବରେ ବର୍ତ୍ତମାନର ଏହି ବିଶ୍ୱବ୍ୟବସ୍ଥାଟିକୁ ନିୟନ୍ତ୍ରିତ କରିବାରେ ଲାଗିଥାଆନ୍ତି । ଅବିଦ୍ୟାର ଯେଉଁ ଅନାଧ୍ୟାତ୍ମିକ ଶକ୍ତିସବୁ ଆଧିପତ୍ୟ ବିସ୍ତାରକରି ପ୍ରତିଷ୍ଠିତ ହୋଇ ରହିଥା'ନ୍ତି, ଆଧ୍ୟାତ୍ମିକ ଚେତନାକୁ ସେଗୁଡ଼ିକର ନାନା ଆଘାତ ସହ୍ୟ କରିବାକୁ ପଡ଼ିଥାଏ । ଏଥିରୁ ଯେଉଁ ସମସ୍ୟାଟି ଉତ୍ପନ୍ନ ହୋଇଥାଏ, ତାହା ଆଧ୍ୟାତ୍ମିକ ବିବର୍ତ୍ତନର ଯାବତୀୟ ସ୍ତରରେ ଏବଂ-ପ୍ରକୃତି ମଧ୍ୟରେ ଏକ ପରିବର୍ତ୍ତନ ଘଟାଇବାର ଆକୂତିରେ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ଏକ ବାଧା ସୃଷ୍ଟି କରି ରହିଥାଏ ।

ଏଥିରୁ ରକ୍ଷା ପାଇବାଲାଗି ହୁଏତ କେବଳ ଆଶ୍ରୟଗତ ଚହଟବାଡ଼ ମଧ୍ୟରେ ଏକ ଆଧ୍ୟାତ୍ମିକ ସିଦ୍ଧିର ପ୍ରତିଷ୍ଠା କରାଯାଇପାରେ, ଯାହାକି ଜଗତ ସହିତ ସକଳ ସମ୍ବନ୍ଧକୁ ଏକାବେଳକେ କାଟି ପକାଇପାରେ ଅଥବା ତାହାକୁ ଯଥାସମ୍ଭବ କମ୍ କରି ରଖିପାରେ, କିମ୍ବା ଜଗତର ଯାବତୀୟ କ୍ରିୟାତ୍ମକତା ସମ୍ମୁଖରେ କେବଳ ସାକ୍ଷୀପ୍ରାୟ ଦଣ୍ଡାୟମାନ ରହି ତାହାର ଉଦ୍ଦେଶ୍ୟରେ କୌଣସି ପ୍ରତିକ୍ରିୟା ଜ୍ଞାପନ ନକରିପାରେ, ସେଗୁଡ଼ିକର ଅନଧିକାର ପ୍ରବେଶକୁ ବାରିତ କରି ରଖିପାରେ, ତାହାର ଆକ୍ରମଣକାରୀ ପ୍ରଭାବଗୁଡ଼ିକୁ ଅଟକାଇ ରଖିପାରେ କିମ୍ବା ବାହାରକୁ ନିକାଳି ଦେଇପାରେ । ମାତ୍ର

'oaob.nitrkl.ac.in' images reprocessed

ଅନ୍ତରର ଆଧ୍ୟାତ୍ମିକତାକୁ ଯଦି ଜାଗତିକ କ୍ରିୟାତ୍ମକତା ମଧ୍ୟରେ ମୁକ୍ତଭାବରେ ମୂର୍ତ୍ତିମନ୍ତ କରିବାକୁ ହୁଏ, ଯଦି ବ୍ୟକ୍ତିକୁ ଆପଣାକୁ ଜଗତମଧ୍ୟକୁ ପ୍ରକ୍ଷେପିତ କରି ରଖିବାକୁ ହୁଏ ତଥା ଗୋଟିଏ ଅର୍ଥରେ ଜଗତକୁ ଆପଣାମଧ୍ୟକୁ ଆହରଣ କରି-ନେବାକୁ ହୁଏ, ତେବେ ଆପଣାର ପରିଚେତନ ଅର୍ଥାତ୍ ପରିବେଶଗତ ସତ୍ତାଟିର ମଧ୍ୟଦେଇ ଜାଗତିକ ଯାବତୀୟ ପ୍ରଭାବ ଓ ପ୍ରେରଣାଗୁଡ଼ିକୁ ଗ୍ରହଣ କରି ନପାରିବା ପର୍ଯ୍ୟନ୍ତ ଏକଥାଟି କଦାପି ସନ୍ତୋଷ ଭାବରେ ସମ୍ଭବ ହେବ ନାହିଁ । ତେବେ ଆଧ୍ୟାତ୍ମିକ ଅନ୍ତର୍ଗତ ଚେତନାଟିକୁ ଏପରି ଭାବରେ ଏହିସବୁ ପ୍ରଭାବର ସମୀପବର୍ତ୍ତୀ ହେବାକୁ ପଡ଼ିବ, ଯେପରିକି ସେଗୁଡ଼ିକ ଆମର ନିକଟବର୍ତ୍ତୀ ହେବା କିମ୍ବା ଆମ ଭିତରେ ପ୍ରବେଶ କରିବା ସଙ୍ଗେ ସଙ୍ଗେ ହୁଏତ ସେଗୁଡ଼ିକୁ ଏକାବେଳକେ ବିଲୁପ୍ତ ଅଥବା ସାମର୍ଥ୍ୟରହିତ କରି ଦିଆଯାଇ ପାରିବ ବା ଆମ ଭିତରେ ଆସି ପ୍ରବେଶ କରିବା ଫଳରେହିଁ ସେଗୁଡ଼ିକ ଆମର ନିଜସ୍ୱ ପ୍ରକୃତି ଓ ଉପାଦାନକୁ ସଙ୍ଗେ ସଙ୍ଗେ ରୂପାନ୍ତରିତ ହୋଇଯାଇ ପାରିବେ । କିମ୍ବା ବ୍ୟକ୍ତି ସେଗୁଡ଼ିକୁ ସେହି ଆଧ୍ୟାତ୍ମିକ ପ୍ରଭାବଟିକୁ ଗ୍ରହଣ କରିବାଲାଗି ବାଧ୍ୟ ବି କରିପାରିବ, ଯାହା ଫଳରେ କି ସେଗୁଡ଼ିକ ଏକ ନୂତନ ରୂପାନ୍ତରକାରୀ ସାମର୍ଥ୍ୟ ସହିତ ଯେଉଁ ଜଗତ ମଧ୍ୟରୁ ଆସିଥିଲେ ସେହି ଜଗତକୁ ଫେରିଯାଇ ପାରିବେ; କାରଣ ନିମ୍ନତର ବିଶ୍ୱପ୍ରକୃତିଟିକୁ ଏହିଭଳି ବାଧ୍ୟ କରିବାକୁ ଏକ ପୂର୍ଣ୍ଣସମର୍ଥ ଆଧ୍ୟାତ୍ମିକ କ୍ରିୟାତ୍ମକତାର ଅଂଶ ବୋଲିହିଁ କୁହାଯାଇ ପାରିବ । ମାତ୍ର ସେଥିଲାଗି ସେହି ପରିଚେତନ ବା ପରିବେଶଗତ ସତ୍ତାକୁ ଆଧ୍ୟାତ୍ମିକ ଆଲୋକ ଓ ଆଧ୍ୟାତ୍ମିକ ଉପାଦାନରେ ଏଭଳି ଭାବରେ ପରିପ୍ଲାବିତ କରି ରଖିବାକୁ ହେବ ଯେ ଏଠାରେ ଆଲୋଚିତ ରୂପାନ୍ତରଟିକୁ ସ୍ୱୀକାର କରି ନନେଇ ଏହା ଭିତରେ କିଛିହେଲେ ପ୍ରବେଶ କରି ପାରିବ ନାହିଁ; ଏବଂ ଆକ୍ରମଣକାରୀ ବହିର୍ଗତ ପ୍ରଭାବଗୁଡ଼ିକର ନିମ୍ନସ୍ତରୀୟ କୌଣସି ଶକ୍ତି, ଦୃଷ୍ଟି କିମ୍ବା କ୍ରିୟାତ୍ମକତା ଏଠାରେ ପ୍ରବେଶ କରିପାରିବ ନାହିଁ । ମାତ୍ର ଏହି ପରିପୂର୍ଣ୍ଣତାଟି ହାସଲ କରିବା ବଡ଼ କଷ୍ଟକର; କାରଣ ଯାହାକୁ ଆମେ ଆମର ପରିଚେତନ ସତ୍ତାଟି ବୋଲି କହୁ, ତାହା ସାଧାରଣତଃ ଆମର ରୂପାୟିତ ଓ ଉପଲବ୍ଧ ସତ୍ତାର ଅନ୍ତର୍ଗତ ହୋଇ ଅବସ୍ଥିତ ନଥାଏ, ତାହା କେବଳ ଆମର ଏହି ସତ୍ତାଟି ଓ ଆମ ବାହାରେ ଥିବା ବିଶ୍ୱଗତ ପ୍ରକୃତିଟିର ଏକ ଯୋଗଫଳରୂପେହିଁ ଅବସ୍ଥିତ ରହିଥାଏ । ଏହି କାରଣରୁ ଆମର ବହିର୍ଭୂମିଗତ କ୍ରିୟାଗୁଡ଼ିକରେ ଏକ ରୂପାନ୍ତର ସମ୍ଭବ କରିବା ଅପେକ୍ଷା ଭିତରେ ରହିଥିବା ସ୍ୱୟଂସମ୍ପୂର୍ଣ୍ଣ ଅଂଶଗୁଡ଼ିକୁ ଆଧ୍ୟାତ୍ମିକ ଭାବଦ୍ୱାରା ବିଭାବିତ କରି ରଖିବା ସର୍ବଦା ଅପେକ୍ଷାକୃତ ଅଧିକ ସହଜ ହୋଇଥାଏ । ବାହାରର ଏହି ଜଗତ ପାଖରୁ ଆପଣାକୁ ନିକାଞ୍ଚନ କରି ରଖିଥିବା ବା ତାହାରି ବିରୁଦ୍ଧରେ ଆପଣାକୁ ସୁଦୃଢ଼ପ୍ରକାରେ ସୁରକ୍ଷା-ସମ୍ପନ୍ନ କରି ରଖିଥିବା ସେହି ଅନ୍ତର୍ଲୋକନଧର୍ମୀ, ଅନ୍ତରଧିଷ୍ଠିତ ବା ସର୍ବତୋଭାବେ

'oaob.nitrkl.ac.in' images reprocessed

ଆରିସ୍ୱଗତ ଆଧ୍ୟାତ୍ମିକତାର ପରିପୂର୍ଣ୍ଣତା ହାସଲ କରିବାଠା ଜୀବନର ଭୂମି ଉପରେ ମୂର୍ତ୍ତିମନ୍ତ ହୋଇ ଫୁଟି ଉଠିଥିବା, ସମଗ୍ର ଜଗତକୁ ଆପଣାର ବେଢ଼ ଭିତରେ ଧରି ପାରିଥିବା, ଆପଣାର ପରିବେଶଟି ଉପରେ ସ୍ୱୟଂ ସମ୍ରାଟ ହୋଇ ବସି ପୂର୍ଣ୍ଣ ଆଧିପତ୍ୟ ସହକାରେ ଜଗତ୍-ପ୍ରକୃତି ସହିତ ଯୋଡ଼ିହୋଇ ରହିଥିବା ଏକ ଗତ୍ୟାତ୍ମକ ଓ ବେଗମୟ ଆଧ୍ୟାତ୍ମିକତାଦ୍ୱାରା ସମଗ୍ର ପ୍ରକୃତିରେ ଏକ ଯଥାର୍ଥ ପରିପୂର୍ଣ୍ଣତା ଆଣିପାରିବା ଅପେକ୍ଷା ଅପେକ୍ଷାକୃତ ଅଧିକ ସହଜ ହୋଇଥାଏ । ମାତ୍ର ଆମର ଗତ୍ୟାତ୍ମକ ସତ୍ତାଟିକୁ ମଧ୍ୟ ପୂର୍ଣ୍ଣଭାବରେ ଆପଣା ସହିତ ନନେଲେ, ଆମର ସକଳକର୍ମଗତ ଏହି ଜୀବନ ତଥା ଆମ ବାହାରେ ଅବସ୍ଥିତ ଏହି ବିଶ୍ୱରୂପୀ ଆତ୍ମାଟିକୁ ଆପଣାମଧ୍ୟରେ ଗ୍ରହଣ କରି ନନେଲେ କୌଣସିପ୍ରକାର ରୂପାନ୍ତର କଦାପି ସମଗ୍ର ହେବ ନାହିଁ; ତେଣୁ ବିବର୍ତ୍ତନାତ୍ମକ ପ୍ରକୃତି ସର୍ବଦା ଏହି ପରିପୂର୍ଣ୍ଣତର ପରିବର୍ତ୍ତନଟି ଲାଗିହିଁ ଦାବି କରିଥାଏ ।

ଆମର ଏହିଭୂମିଗତ ସାଧାରଣ ସତ୍ତାର ଉପାଦାନଟି ନିଶ୍ଚେତନାରୁହିଁ ଗଢ଼ାହୋଇଛି, ଏବଂ ଏହିଥିରୁହିଁ ମୂଳ ବାଧାଟି ଉତ୍ପନ୍ନ ହୋଇଥାଏ । ଏକ ନିଶ୍ଚେତନ ସତ୍ତାର ଉପାଦାନରେ ଅବସ୍ଥିତ ରହି ଯେଉଁ ଜ୍ଞାନ ଆପଣାର ବିକାଶସାଧନ କରିବାର ପ୍ରୟାସ କରୁଛି, ଆମେ ତାହାକୁହିଁ ଅଜ୍ଞାନ ବା ଅବିଦ୍ୟା ବୋଲି କହୁବା । ଏହି ପ୍ରକ୍ରିୟାଟି ଦ୍ୱାରା ଯେଉଁ ଚେତନାଟିର ବିକାଶ ହେଉଛି ଓ ଯେଉଁ ଜ୍ଞାନର ପ୍ରତିଷ୍ଠା ହେଉଛି, ତାହାକୁ ନିଶ୍ଚେତନା ନିତ୍ୟ ଅନୁଧାବନ କରିବାରେ ଲାଗିଛି, ତାହାକୁ ଭେଦ କରି ଓ ଆଚ୍ଛାଦିତ କରି ରହିଛି । ଏହି ନିଶ୍ଚେତନାର ଉପାଦାନଟିକୁହିଁ ଅତିଚେତନାର ଏକ ଉପାଦାନରେ ରୂପାନ୍ତରିତ କରିବାକୁ ପଡ଼ିବ; ଏପରି ଏକ ଉପାଦାନରେ ରୂପାନ୍ତରିତ କରିବାକୁ ପଡ଼ିବ ଯାହାମଧ୍ୟରେ କି ଚେତନା ତଥା ଏକ ଚିନ୍ମୟ ସଂବିତ୍ସମନ୍ୱିତା ନିତ୍ୟବର୍ତ୍ତମାନ ରହିଥିବେ, ଏପରିକି ସେଗୁଡ଼ିକ ସକ୍ରିୟ ବା ଅଭିବ୍ୟକ୍ତ ଅବସ୍ଥାରେ ନଥିବାବେଳେ ଓ ଜ୍ଞାନରେ ରୂପାୟିତ ନହେଉଥିବା ବେଳେ ମଧ୍ୟ ବର୍ତ୍ତମାନ ରହିଥିବେ । ତାହା ସମ୍ଭବ ନହେବା ପର୍ଯ୍ୟନ୍ତ ଯାହାକିଛି ନିଶ୍ଚେତନା ମଧ୍ୟରେ ଆସି ପ୍ରବେଶ କରୁଥିବ, ତାହାକୁ ସେ ଆକ୍ରମଣ କରିବାରେ ଲାଗିଥିବ, ତାହାକୁ ଗୋଟାସୁଦ୍ଧା ଆବୋରି ପକାଉଥିବ ଏବଂ ଏପରିକି ଏକାବେଳକେ ଗର୍ଭସାତ୍ କରି ଦେଉଥିବ ଓ ଆପଣାର ସେହି ଅପରିଜ୍ଞାତ ଅନ୍ଧକାର ଭିତରକୁ ଟାଣିନେଇ ଯାଉଥିବ । ଅବତୀର୍ଣ୍ଣ ହେଉଥିବା ଆଲୋକଟିକୁ ନିଶ୍ଚେତନା ନିଜେ ପ୍ରବେଶ କରିବାକୁ ଦେଉଥିବା ନିମ୍ନତର ଆଲୋକଟି ସହିତ ଏକ ସାଲିସ୍ କରିନେବାକୁ ବାଧ୍ୟ କରୁଥିବ । ଫଳରେ ଏକ ମିଶ୍ରଣହିଁ ଘଟିବାରେ ଲାଗିଥିବ, ସେହି ଆଲୋକ ବଡ଼ ମିଶ୍ରିତ ଓ ଅଶୁଦ୍ଧ ହୋଇ ପଡ଼ୁଥିବ, ଏବଂ ତାହାର ସତ୍ୟ ଓ ସାମର୍ଥ୍ୟଟି ଖର୍ବ ହୋଇ ଯାଉଥିବ, ବଦଳି ବଦଳି ଯାଉଥିବ ଓ ଆପଣାର ପ୍ରାମାଣିକତାରେ ସବୁବେଳେ ଅପୂର୍ଣ୍ଣ ହୋଇ

'oaob.nitrkl.ac.in' images reprocessed

ରହିଥିବ । ଅଥବା, ଆଉକିଛି ନକଲେ ମଧ୍ୟ ନିଶ୍ଚେତନା ସେହି ଆଲୋକର ସତ୍ୟଟିକୁ ଅନ୍ତତଃ ସୀମାବଦ୍ଧ କରିଦେବ, ଘୁରିପାଖରୁ ଘେରିଆସି ତାହାର ସାମର୍ଥ୍ୟକୁ ଉଗାଳି ରଖିବ, ତାହାର ପ୍ରୟୋଗସମ୍ଭାବନା ତଥା ପରିସରଟିକୁ ଖଣ୍ଡଖଣ୍ଡ କରି ପକାଇବ । ତାହାର ତତ୍ତ୍ୱଗତ ସତ୍ୟଟିକୁ ବ୍ୟକ୍ତିଜୀବନଗତ ସିଦ୍ଧିର ପରିପୂର୍ଣ୍ଣ ସତ୍ୟଟିରୁ ବା ଜାଗତିକ ସ୍ଫୁରଣାର ଉପଲବ୍ଧ ସତ୍ୟଟିରୁ ବାରିତ କରି ରଖିଥିବ । ଜୀବନର ଏକ ବିଧାନରୂପେ ଗୃହୀତ ହେଲେ ପ୍ରେମ ଆପଣାକୁ କାର୍ଯ୍ୟତଃ ଏକ ଅନ୍ତର୍ଗତ ସକ୍ରିୟ ତତ୍ତ୍ୱରୂପେହିଁ ପ୍ରତିଷ୍ଠା କରି ପାରିବ; ମାତ୍ର ତାହା ଆମ ସତ୍ତ୍ୱର ସମୁଦାୟ ଉପାଦାନଟିକୁ ଅଧିକାର କରି ନପାରିବା ପର୍ଯ୍ୟନ୍ତ ବ୍ୟକ୍ତିର ସକଳ ଅନୁଭୂତି ଓ ସକଳ କର୍ମ ସେହି ପ୍ରେମର ବିଧାନଟି ଦ୍ୱାରା କଦାପି ସଂପ୍ରେରିତ ହୋଇ ପାରିବ ନାହିଁ । ଏପରିକି ବ୍ୟକ୍ତିର ଜୀବନରେ ତାହା ଏକ ପୂର୍ଣ୍ଣତା ଲାଭ କରିବାକୁ ସମର୍ଥ ହେଲେ ମଧ୍ୟ ତଥାପି ତାହାପ୍ରତି ଅନ୍ଧ ଓ ବୈରିଭାବାପନ୍ନ ହୋଇ ରହିଥିବା ସେହି ସାଧାରଣ ନିଶ୍ଚେତନାଟି ଦ୍ୱାରା ତାହା ବଡ଼ ଏକଦେଶଦର୍ଶୀ ଓ କାର୍ଯ୍ୟହୀନ ହୋଇ ପଡ଼ିରହିବ ଅଥବା ସମଗ୍ର ବିଶ୍ୱର ଭୂମି ଉପରେ ଆପଣାକୁ ପ୍ରେରିତ କରି ପାରିବାର ସମ୍ଭାବନା ଓ ପରିସରଟିକୁ ଆପଣାର ସ୍ଥାନ ପରିଧିଟିଏ ଟାଣି ସଙ୍କୁଚିତ କରି ରଖିବାକୁ ବାଧ୍ୟ ହେବ । ସତ୍ତ୍ୱର ଏକ ନୂତନ ବିଧାନ ସହିତ ପୂର୍ଣ୍ଣ ସମତା ରକ୍ଷା କରି ପରିପୂର୍ଣ୍ଣ ଭାବରେ ସକ୍ରିୟ ହୋଇ ପାରିବା ମନୁଷ୍ୟର ଏହି ପ୍ରକୃତି ଲାଗି ସର୍ବଦା ଏକ କଷ୍ଟକର ବ୍ୟାପାର ହୋଇ ରହିଥାଏ; କାରଣ ନିଶ୍ଚେତନାର ଉପାଦାନଟି ମଧ୍ୟରେ ଅନ୍ଧ ଅକାଟ୍ୟ ନିଯୁକ୍ତିର ଏପରି ଏକ ଆତ୍ମରକ୍ଷାକାଂକ୍ଷୀ ବିଧାନ ଶକ୍ତିବିସ୍ତାର କରି ରହିଥାଏ, ଯାହାକି ନବାଗତ ନୂତନ ବିଧାନଟିର ସମ୍ଭାବନାଗୁଡ଼ିକର ଆପଣାକୁ ପ୍ରେରିତ କରିବାର ଲୀଳାଟିକୁ ବଡ଼ ସୀମାବଦ୍ଧ କରିରଖେ, ଅଥବା ସ୍ୱୟଂ ସେଇଟି ମଧ୍ୟରେ ଯାଇ ପ୍ରବେଶ କରେ ଓ ସେହି ସମ୍ଭାବନାଗୁଡ଼ିକ ସ୍ୱାଧୀନ କ୍ରିୟା ତଥା ପରିଣାମଟିକୁ ପ୍ରତିଷ୍ଠିତ କରିବାରୁ ଅଥବା ଆପଣାର ଚରମ ସିଦ୍ଧିରେ ଯାଇ ଉପନୀତ ହେବାରୁ ସେଗୁଡ଼ିକୁ ନିବୃତ୍ତ କରି ରଖେ । ସେଗୁଡ଼ିକ କେବଳ ଏକ ଅତିମିଶ୍ରିତ, ଆପେକ୍ଷିକ, ନିଗୃହୀତ ଓ କ୍ଷୀଣତର ସଞ୍ଚାରଣ ଲାଗିହିଁ ଅନୁମତି ପାଆନ୍ତି । ତାହା ନହେଉଥିଲେ ସେହିସବୁ ସମ୍ଭାବନା ନିଶ୍ଚେତନାର ଗଠିତସ୍ଥିତିଟିକୁ ହୁଏତ ଏକାବେଳକେ ବିଲୁପ୍ତ କରି ଦେଉଥା'ନ୍ତେ, ଏହି ଜାଗତିକ ବ୍ୟବସ୍ଥାଟିକୁ ଭାରି ପ୍ରବଳ ଭାବରେ ଦୋହଲାଇ ଦେଉଥା'ନ୍ତେ ଅଥଚ ତାହାର ମୂଳ ଆଧାରଟିରେ କୌଣସି ସାର୍ଥକ ପରିବର୍ତ୍ତନ ଆଣି ପାରୁ ନଥା'ନ୍ତେ; କାରଣ, ଯେଉଁ ଦିବ୍ୟ ଶକ୍ତିଟି ଏହି ମୂଳଭୂତ ଅନ୍ଧକାରମୟ ତତ୍ତ୍ୱଟିର ନିରାକରଣ କରି ତାହା ସ୍ଥାନରେ ଏକ ସଂପୂର୍ଣ୍ଣ ନୂତନ ବିଶ୍ୱବ୍ୟବସ୍ଥାର ପ୍ରବର୍ତ୍ତନ କରି ପାରୁଥା'ନ୍ତା, ଉକ୍ତ ସମ୍ଭାବନାଗୁଡ଼ିକର ମନୋଗତ ବା ପ୍ରାଣଗତ କ୍ରିୟାତ୍ମକତା ମଧ୍ୟରେ ତାହା ଆଦୌ ବର୍ତ୍ତମାନ ନଥାଏ ।

'oaob.nitrkl.ac.in' images reprocessed

ଯେତେବେଳେ ସତ୍ତ୍ୱର ଉପାଦାନଟି ଆଧ୍ୟାତ୍ମିକ ଭାବରେ ଓତପ୍ରୋତ ଭାବରେ ପରିପୂର୍ଣ୍ଣ ହୋଇ ଉଠିବ ଓ ତାହାଫଳରେ ଏହାର ଯାବତୀୟ ଗତିସ୍ପନ୍ଦନ କେବଳ ଏକ ସ୍ୱତଃସ୍ଫୂର୍ତ୍ତି ଗତିସମ୍ପନ୍ନତା ଓ ଚିଦ୍‌ବସ୍ତୁର ଏକ ସମତାଯୁକ୍ତ ପ୍ରତିକ୍ରିୟାରେ ପରିଣତ ହୋଇଯିବ, ସେତେବେଳେ ଯାଇ ମନୁଷ୍ୟର ଏହି ପ୍ରକୃତିରେ ଯଥାର୍ଥ ରୂପାନ୍ତର ସମ୍ଭବ ହୋଇ ପାରିବ । ମାତ୍ର ଉଚ୍ଚତର ଶକ୍ତି ଓ ସେଗୁଡ଼ିକର ପ୍ରଗାଢ଼ତାସବୁ ଯେତେବେଳେ ନିଶ୍ଚେତନାଟି ମଧ୍ୟରେ ପ୍ରବେଶ କରନ୍ତି, ସେତେବେଳେ ମଧ୍ୟ ସେମାନଙ୍କୁ ସେଠାରେ ଅବସ୍ଥିତ ଏହି ବିରୋଧୀ ଅନ୍ଧ ନିୟତିର ସମ୍ମୁଖୀନ ହେବାକୁ ପଡ଼େ ଏବଂ ନିଶ୍ଚେତନ ଉପାଦାନଟିର ଏହି ବାଡ଼ ଘେରାଇ ବାନ୍ଧି ରଖିଥିବା ଓ ଖର୍ବ କରି ଦେଇଥିବା ଏହି ବିଧାନଟିର ଅଧୀନ ହୋଇ ରହିବାକୁ ପଡ଼େ । ପ୍ରତିଷ୍ଠିତ ଓ କଠୋର ବିଧାନଟିର ବଳରେ ନିଶ୍ଚେତନାକୁ ଯେଉଁ ଅଧିକାର ଦିଆହୋଇଛି, ତାହାର ପ୍ରବଳ ସହାୟତାରେ ତାହା ଊର୍ଦ୍ଧ୍ୱାଗତ ସକଳ ଶକ୍ତିର ବିରୋଧ କରିବାକୁ ଆରମ୍ଭ କରେ, ସତତ ମୃତ୍ୟୁର ବିଧାନଦ୍ୱାରା ଜୀବନର ଦାବିଟିର ସମ୍ମୁଖୀନ ହେବାକୁ ଯାଏ, ଏକ ଗୁହ୍ୟାବଗୂହିତା ଓ ଅନ୍ଧକାରମୟ ପୃଷ୍ଠଭୂମିର ଆବଶ୍ୟକତା ନେଇ ଆଲୋକର ଦାବିଟିର ସମ୍ମୁଖୀନ ହୁଏ; ନାନା ସୀମାସଙ୍କୋଚ ଦ୍ୱାରା ଆପଣାକୁ ଅନୁକୂଳିତ କରି ରଖିବା, ଅସମର୍ଥତାର ନାନା ଗାର ଟାଣିଦେଇ ଆପଣାକୁ ତାହାର ଭିତରେ ଆବଦ୍ଧ କରି ରଖିବା ଏବଂ ଏକ ମୂଳଭୂତ ଜଡ଼ାବସ୍ଥିତତାର ବିଶ୍ରାନ୍ତି ଉପରେ ଆପଣାର ଶକ୍ତିକୁ ଆଧାରିତ କରି ରଖିବାର ସ୍ୱକୀୟ ସାମର୍ଥ୍ୟଟି ଦ୍ୱାରା ତାହା ଚିଦ୍‌ବସ୍ତୁର ସାର୍ବଭୌମତ୍ୱ, ସ୍ୱାତନ୍ତ୍ର୍ୟ ଓ ଗତ୍ୟାତ୍ମକତାର ସମ୍ମୁଖୀନ ହୋଇଥାଏ । ଏହାର ଯାବତୀୟ ନକାରାତ୍ମକତା ପଛରେ ଏକ ପ୍ରଚ୍ଛନ୍ନ ସତ୍ୟ ଅଧିଷ୍ଠିତ ରହିଥାଏ, ଯାହାକୁ ଗ୍ରହଣ କରି ପାରିବାଲାଗି କେବଳ ମୂଳଭୂତ ପରମସତ୍ୟଟି ମଧ୍ୟରେ ସକଳ ବିରୋଧିତାକୁ ସମାବେଶିତ ତଥା ସମନ୍ୱିତ କରିନେଇ ପାରୁଥିବା ଶକ୍ତି ସେହି ଅତିମାନସରହିଁ ରହିଥାଏ; ଏବଂ ତେଣୁ କେବଳ ସେହି ଅତିମାନସହିଁ ଏହି ପ୍ରହେଳିକାଟି ମଧ୍ୟରୁ ଏକ ବ୍ୟାବହାରିକ ସମାଧାନ ଆବିଷ୍କାର କରି ନେଇପାରେ । କେବଳ ଅତିମାନସ ଶକ୍ତିହିଁ ମୂଳଭୂତ ନିଶ୍ଚେତନାର ଏହି ସମସ୍ୟାଟିକୁ ସମ୍ପୂର୍ଣ୍ଣରୂପେ ଅତିକ୍ରମ କରି ପାରିବ । କାରଣ ଅତିମାନସ ସହିତ ଅନ୍ଧ ନିୟତିର ଠିକ୍ ବିପରୀତ ପ୍ରକୃତିସମ୍ପନ୍ନ ଏକ ଜ୍ୟୋତିର୍ମୟ ଓ ସର୍ବବିଜୟୀ ମହାନିୟତି ଆଧାରରୂପେ ସକଳ ବସ୍ତୁର ପଛରେ ଅନୁପ୍ରବିଷ୍ଟ ହୋଇ ରହିଥାଏ । ସେହି ମହାନିୟତିକୁହିଁ ଆମେ ସ୍ୱୟମ୍ଭୂ ପରମ ଅନନ୍ତଙ୍କର ସର୍ବମୂଳ ଓ ଚରମ ଆତ୍ମ-ନିୟାମକ ଋତଶକ୍ତି ବୋଲି ଜାଣି ରଖିବା । କେବଳ ଏହି ଜ୍ୟୋତିର୍ମୟ ଓ ଆଧ୍ୟାତ୍ମିକ ମହାନିୟତି ଏବଂ ତାହାର ସର୍ବନିୟାମକ ଅକାଟ୍ୟ ବିଧାନହିଁ ନିଶ୍ଚେତନାରୂପୀ ଅନ୍ଧ ନିୟତିର ଆବରଣଟିକୁ ଭେଦ କରିବାକୁ ସମର୍ଥ ହୋଇପାରେ, ତାହାକୁ ଆପଣାର ଉପାଦାନରେ ରୂପାନ୍ତରିତ କରି ଦେଇପାରେ ଏବଂ ଏହିଭଳି ଭାବରେ ତାହାର ପରିପୂର୍ଣ୍ଣ ନିରାକରଣ ସମ୍ଭବ କରିପାରେ ।

'oaob.nitrkl.ac.in' images reprocessed

ପ୍ରକୃତି ମଧ୍ୟରେ ସଂବୃତ ହୋଇ ରହିଥିବା ଅଧିମାନସ ସମ୍ଭାବନାଟି ଯେତେବେଳେ ଜାଗ୍ରତି ଲାଭ କରି ପରାପ୍ରକୃତି ମଧ୍ୟରୁ ଅବତୀର୍ଣ୍ଣ ହୋଇ ଆସୁଥିବା ଅଧିମାନସ ଆଲୋକଟି ସହିତ ଯୁକ୍ତ ଓ ସମ୍ମିଳିତ ହେବାଲାଗି ଧାବମାନ ହେବାକୁ ଲାଗେ, ସେତେବେଳେ ଯାଇ ସତ୍ତାର ସମୁଦାୟ ଉପାଦାନଟିରେ ଏକ ଅଧିମାନସ ରୂପାନ୍ତର ସମ୍ଭବ ହୁଏ ଏବଂ ତାହାର ଅନିବାର୍ଯ୍ୟ ପରିଣାମସ୍ୱରୂପ ସତ୍ତାର ସକଳ ସ୍ୱଭାବ, ସାମର୍ଥ୍ୟ ଓ ଗତିକ୍ରିୟାରେ ମଧ୍ୟ ଏକ ରୂପାନ୍ତର ସାଧିତ ହୋଇଯାଏ । ବ୍ୟକ୍ତିକୁହିଁ ଏହି ରୂପାନ୍ତରର ନିମିତ୍ତ ହେବାକୁ ପଡ଼େ, ଏହାର ପ୍ରଥମ କ୍ଷେତ୍ରରୂପେ ବ୍ୟବହୃତ ହେବାଲାଗି ସ୍ୱୀକୃତି ଦେବାକୁ ପଡ଼େ । ମାତ୍ର କେବଳ ବ୍ୟକ୍ତିର ମଧ୍ୟରେ ବିଚ୍ଛିନ୍ନ ଭାବରେ ଯେଉଁ ରୂପାନ୍ତର ସାଧିତ ହୁଏ, ତାହା କଦାପି ଯଥେଷ୍ଟ ନୁହେଁ, ଏବଂ ହୁଏତ ପୂର୍ଣ୍ଣଭାବରେ ସମ୍ଭାବ୍ୟ ମଧ୍ୟ ନୁହେଁ । ଏବଂ ତଥାପି ଏଭଳି ସାଧ୍ୟ ବା ସିଦ୍ଧ ହୋଇପାରିଲେ ମଧ୍ୟ, ପ୍ରକୃତିର ଏହି ପାର୍ଥିବ କ୍ଷେତ୍ରର ଯାବତୀୟ କ୍ରିୟାଶୀଳତାରେ ଏକ ପ୍ରକାଶ୍ୟ ଓ ସକ୍ରିୟ ସଂପ୍ରେରକରୂପେ ସେହି ଅଧିମାନସ ପରମ ଚିତ୍‌ଶକ୍ତିର ପ୍ରତିଷ୍ଠାଲାଗି ବ୍ୟକ୍ତି ଏକ କେନ୍ଦ୍ର ତଥା ଏକ ଦ୍ୟୋତକ ହୋଇ ରହିପାରିଲେ ଯାଇ ବ୍ୟକ୍ତିଭୂମିରେ ସଂଘଟିତ ପରିବର୍ତ୍ତନଟିର କୌଣସି ସ୍ଥାୟୀ ତଥା ବିଶ୍ୱାତ୍ମକ ତାତ୍ପର୍ଯ୍ୟ ରହିବା ସମ୍ଭବ ହେବ । ମନୁଷ୍ୟର ବିବର୍ତ୍ତନଟି ମଧ୍ୟଦେଇ ମନନସମର୍ଥ ମନ ପ୍ରାଣ ତଥା ଜଡ଼ର କ୍ଷେତ୍ରରେ ଯେପରି ଏକ ପ୍ରକାଶ୍ୟ ଓ କ୍ରିୟାଶୀଳ ସଂପ୍ରେରକରୂପେ ପ୍ରତିଷ୍ଠିତ ହୋଇଛି, ଠିକ୍ ସେହିପରି । ଅର୍ଥାତ୍ ଏଥିଲାଗି ବିବର୍ତ୍ତନର ଭୂମିରେ ଏକ ବିଜ୍ଞାନମୟ ପୁରୁଷ ଓ ଏକ ବିଜ୍ଞାନମୟ ପ୍ରକୃତିର ଆବିର୍ଭାବ ହେବାକୁ ପଡ଼ିବ । ଏହି ସମସ୍ତ ପାର୍ଥିବସତ୍ତାଟି ମଧ୍ୟରେ ଏକ ବିକଶମାନ ଅଧିମାନସ ପରମ ଚିତ୍-ଶକ୍ତିକୁ ମୁକ୍ତିଲାଭ କରିବାକୁ ପଡ଼ିବ, ଓ ସକ୍ରିୟ ହୋଇ କାର୍ଯ୍ୟ କରିବାକୁ ପଡ଼ିବ; ଏବଂ ପ୍ରାଣ ଓ ଦେହର ଭୂମିରେ ସେହି ପରମ ଚିଦ୍‌ଗତତାର ଏକ ସୁସଙ୍ଗଠିତ ଅଧିମାନସ ନୈମିତ୍ତିକତାକୁ କାର୍ଯ୍ୟକାରୀ ହେବାକୁ ପଡ଼ିବ । କାରଣ ସେହି ନୂତନ ଅଧିମାନସ ଶକ୍ତିମତ୍ତା ତଥା ତାହାର ନୂତନ ବ୍ୟବସ୍ଥାଟି କ୍ରିୟାନ୍ୱିତ ହେବାରେ ଏକ ଯୋଗ୍ୟ ନିମିତ୍ତରୂପେ ବ୍ୟବହୃତ ହୋଇ ପାରିବାଲାଗି ଆମର ଏହି ଦେହଚେତନାକୁ ମଧ୍ୟ ଯଥେଷ୍ଟ ପରିମାଣରେ ଜାଗ୍ରତ ହେବାକୁ ପଡ଼ିବ । ଏବଂ ସେକଥା ସମ୍ଭବ ହେବା ପର୍ଯ୍ୟନ୍ତ ମଧ୍ୟବର୍ତ୍ତୀ ଭାବରେ ଯେତେଯାହା ପରିବର୍ତ୍ତନ ଆସିବ, ତାହା କେବଳ ଆଂଶିକ ପରିବର୍ତ୍ତନହିଁ ହେବ ଓ ସେଥିରେ କୌଣସି ଦୃଢ଼ତା ମଧ୍ୟ ରହିବ ନାହିଁ । ପ୍ରକୃତିକୁ ଅଧିମାନସ ଅଥବା ବୋଧିଚେତନାର ଏକ ସାଧନରୂପେ ଅବଶ୍ୟ ବିକଶିତ କରାଯାଇ ପାରେ, ମାତ୍ର ଏହି ରୂପାୟନଟି ଯେତେ ଆଲୋକସମ୍ବଳିତ ହୋଇଥିଲେ ମଧ୍ୟ ତାହା କେବଳ ଏକ ମୂଳପରିବେଶଗତ ନିଶ୍ଚେତନାର ଭିତ୍ତି ଉପରେହିଁ ଉପରୁ ଆସି ଲଦି-ହୋଇ ରହିଲାପରି ରହିଥିବ । ମାତ୍ର ଯେତେବେଳେ ଏକ ଅଧିମାନସ ତତ୍ତ୍ୱ ଏବଂ



'oaob.nitrkl.ac.in' images reprocessed

ତାହାର ବିଶ୍ୱବ୍ୟାପୀ ନିତ୍ୟାତ୍ମକତାଟି ଆପଣାର ସ୍ୱକୀୟ ଭୂମିରେ ସ୍ଥାୟୀରୂପେ ପ୍ରତିଷ୍ଠିତ ହୋଇ ପାରିବ, ସେତେବେଳେ ଏହାକୁହିଁ ଆଶ୍ରୟ କରି ଅଧିମାନସ ଓ ତଦ୍‌ଗତ ମାନସର ଅନ୍ତର୍ବର୍ତ୍ତୀ ଶକ୍ତିଗୁଡ଼ିକ ମଧ୍ୟ ଆପଣାକୁ ଦୃଢ଼ଭାବରେ ପ୍ରତିଷ୍ଠିତ କରି ରଖି-ପାରିବେ ଏବଂ ଆପଣାର ପରିପୂର୍ଣ୍ଣତା ଲାଭ କରି ପାରିବେ । ସେତେବେଳେ ସେମାନେ ଏହି ପାର୍ଥିବ ଅସ୍ତିତ୍ୱର ଭୂମିବିସ୍ତାର ମଧ୍ୟରେ ଚେତନାଗତ ବିଭିନ୍ନ ସ୍ତରର ଏକ ସୋପାନକ୍ରମ ହୋଇ ରହିବେ ଏବଂ ମନ ତଥା ଜଡ଼ାଶ୍ରିତ ପ୍ରାଣଠାରୁ ଆରମ୍ଭ କରି ପରମ ଚିଦ୍‌ଗତତାର ସ୍ତରପର୍ଯ୍ୟନ୍ତ ପ୍ରଲମ୍ବିତ ହୋଇ ରହିବେ । ମନ ଓ ମନୋମୟ ମନୁଷ୍ୟଭୂମି ସେତେବେଳେ ଆଧ୍ୟାତ୍ମିକ ବିବର୍ତ୍ତନକ୍ରମରେ କେବଳ ଗୋଟିଏ ସୋପାନ ହୋଇ ରହିବ; ମାତ୍ର ଏହା ଉପରକୁ ସୁଗଠିତ ଅନ୍ୟାନ୍ୟ ସୋପାନଗୁଡ଼ିକ ମଧ୍ୟ ଅବସ୍ଥିତ ରହିଥିବ, ଉପଲବ୍ଧିର ପହୁଞ୍ଚ ଭିତରେ ମଧ୍ୟ ରହିଥିବ । ଦେହଧାରୀ ମନୋମୟ ସତ୍ତା ପ୍ରସ୍ତୁତ ହେବା ସଙ୍ଗେସଙ୍ଗେ ଏହିସବୁ ସୋପାନ ଦେଇ ବିଜ୍ଞାନମୟ ଭୂମିଯାଏ ଅରୋହଣ କରି ଚାଲିଯାଇ ପାରିବ ଏବଂ ଏକ ମୂର୍ତ୍ତିମନ୍ତ ଅତିମାନସ ଓ ଅଧ୍ୟାତ୍ମ ସତ୍ତାରେ ପରିଣତ ହୋଇ ପାରିବ । ଏହି ଭୂମିଟି ଉପରେହିଁ ଏହି ପାର୍ଥିବ ପ୍ରକୃତିରେ ଏକ ଦିବ୍ୟ ଜୀବନର ତତ୍ତ୍ୱ ପ୍ରତିଭାତ ଓ ପ୍ରକାଶିତ ହୋଇ ଉଠିବ; ସେତେବେଳେ ଅବିଦ୍ୟା ଓ ନିଶ୍ଚେତନାର ଏହି ଜଗତଟି ମଧ୍ୟ ହୁଏତ ବର୍ତ୍ତମାନ ନିମଜ୍ଜିତ ଅବସ୍ଥାରେ ରହିଥିବା ଆପଣାର ସ୍ୱକୀୟ ସତ୍ୟଟିର ଉଦ୍‌ଘାଟନ କରିଦେଇ ପାରିବ ଏବଂ ନିମ୍ନତର ପ୍ରତ୍ୟେକ ସୋପାନରେ ତାହାର ଦିବ୍ୟ ବ୍ୟଞ୍ଜନାଟିକୁ ଉପଲବ୍ଧି କରିବାକୁ ଆରମ୍ଭ କରିବ ।

'oaob.nitrkl.ac.in' images reprocessed

## ସପ୍ତବିଂଶ ପରିଚ୍ଛେଦ

# ବିଜ୍ଞାନମୟ ପୁରୁଷ

ଅଭୂଦୁ ପାରମେତବେ ପନ୍ଥା ଋତସ୍ୟ ସାଧୁୟା ।
ଅଦର୍ଶି ବି ସ୍ରୁତିର୍ଦିବଃ ॥

—ଋକ୍‌ବେଦ, ୧ । ୪୬ । ୧୧

ଏହି ଅନ୍ଧକାରକୁ ପାରି ହୋଇ ସେପାଖକୁ ଯିବାଲାଗି ସତ୍ୟର ଏକ ପୂର୍ଣ୍ଣ ପଥ ଅବିର୍ଭୂତ ହୋଇଛି ।

ଋତଂ ଚିକିତ୍ୱ ଋତମିଚ୍ଚିକିଦ୍ଧ୍ୟୃତସ୍ୟ ଧାରା ଅନୁ ତୃନ୍ଧି ପୂର୍ବୀଃ ॥

—ଋକ୍‌ବେଦ, ୫ । ୧୨ । ୨

ହେ ଋତଚେତନ, ସେହି ସତ୍ୟର ଚେତନା ଲାଭ କର । ଏହି ଅବରଣଟିକୁ ବିଦୀର୍ଣ୍ଣ କରି ସତ୍ୟର ନାନା ଧାରକୁ ପ୍ରକାଶିତ କର ।

ଅଗ୍ନୀଷୋମା ଚେତି ତଦ୍ ବୀର୍ଯ୍ୟଂ ବାମ୍,
······ଅବିନ୍ଦତଂ ଜ୍ୟୋତିରେକଂ ବହୁଭ୍ୟଃ ॥

—ଋକ୍‌ବେଦ, ୧ । ୯୩ । ୪

ହେ ଅଗ୍ନି, ହେ ସୋମ, ତୁମମାନଙ୍କର ଶକ୍ତି ଚଳନ୍ୟତା ଲାଭ କରିଛି । ବହୁଙ୍କ ସକାଶେ ତୁମେମାନେ ସେହି ଅଦ୍ୱୟ ଜ୍ୟୋତିର ଅବିଷ୍କାର କରିଛ ।
ଏଷା ବ୍ୟୋମା ଭବନ୍ତୀ ଦ୍ୱିବର୍ହା···            ।

ଋତସ୍ୟ ପନ୍ଥାମନ୍ୱେତି ସାଧୁ ପ୍ରଜାନତୀବ ନ ଦିଶୋ ମିନାତି ॥

—ଋକ୍‌ବେଦ, ୫ । ୮୦ । ୪

'oaob.nitrkl.ac.in' images reprocessed

ଶୁଦ୍ଧଶୁଭ୍ର ରୂପରେ ଅପଣାର ଦ୍ୱିବିଧ ବିଶାଳତା ସହିତ ସେ ଜଣେ ପୂର୍ଣ୍ଣଜ୍ଞାତା ପରି ସତ୍ୟର ପଥରେ ପୂର୍ଣ୍ଣସଫଳ ଭାବରେ ଅପଣାର ଦିଗଗୁଡ଼ିକୁ କୌଣସି ପ୍ରକାରେ ସଙ୍କୁଚିତ ନକରି ଅଗ୍ରସର ହେବାରେ ଲାଗିଛନ୍ତି ।

ଋତେନ ଋତଂ ଧରୁଣଂ ଧାରୟନ୍ତ ଯଜ୍ଞସ୍ୟ ଶାକେ ପରମେ ବ୍ୟୋମନ୍ ।

—ଋକ୍‌ବେଦ, ୫ । ୧୫ । ୨

ସେମାନେ ଯଜ୍ଞର ଶକ୍ତିଦେଇ ପରମ ବ୍ୟୋମଦେଶରେ ଋତଦ୍ୱାରହିଁ ଏହି ସବୁକିଛିକୁ ଧାରଣ କରିଥିବା ଋତକୁ ଧରି ରଖିଛନ୍ତି ।

ଅଜୀଜନୋ ଅମୃତ ମର୍ତ୍ତ୍ୟେଷ୍ୱାଁ ଋତସ୍ୟ ଧର୍ମନ୍ନମୃତସ୍ୟ ଚାରୁଣଃ ॥

—ଋକ୍‌ବେଦ, ୯ । ୧୧୦ । ୪

ଋତେନ ଯ ଋତଜାତୋ ବିବାବୃଧେ ରାଜା ଦେବ ଋତଂ ବୃହତ୍ ॥

—ଋକ୍‌ବେଦ, ୯ । ୧୦୮ । ୮

ହେ ଅମୃତମୟ, ତୁମେ ସତ୍ୟ, ଅମୃତ ତଥା ସୌନ୍ଦର୍ଯ୍ୟର ବିଧାନ ଅନୁସାରେ ଏହି ମର୍ତ୍ତ୍ୟରେ ଜନ୍ମଗ୍ରହଣ କରିଛ ।......ଋତରୁ ଜାତ ହୋଇ ସେ ଋତଦ୍ୱାରହିଁ ବୃଦ୍ଧିପ୍ରାପ୍ତ ହୁଅନ୍ତି,—ସେ ହେଉଛନ୍ତି ରାଜା, ସେ ଦେବତା, ସେଇ ସତ୍ୟ ଓ ସେଇ ବୃହତ୍ ।

ମନ ଅଧିମାନସରୂପେ ବିବର୍ତ୍ତିତ ହେବାର ଧାରାଟି ଯେଉଁଠି ଅଧିମାନସ ଅତିମାନସରେ ପରିଣତ ହେବାର ଧାରାଟି ଭିତରକୁ ଅତିକ୍ରମ କରିଯାଇଛି, ଉଭୟ ଧାରାର ମଧ୍ୟବର୍ତ୍ତୀ ସେହି ମଝିଁଗାରଟି ଉପରେ ଆମେ ଯେତେବେଳେ ଆମର ମନନଶକ୍ତିକୁ ବାହନ କରି ଉପସ୍ଥିତ ହୋଇଥାଉ, ସେତେବେଳେ ଆମେ ଏପରି ଏକ ବାଧା ପାଖରେ ଆସି ହାବୁଡ଼ିଯାଉ, ଯାହାକୁ ଅତିକ୍ରମ କରିବା ସତେଅବା ଏକାବେଳକେ ଅସମ୍ଭବ ବୋଲି ପ୍ରତୀତ ହୋଇଥାଏ । କାରଣ ଅବିଦ୍ୟା ମଧ୍ୟରେ ବାନ୍ଧିହୋଇ ରହିଥିବା ବିବର୍ତ୍ତନଶୀଳ ପ୍ରକୃତି ଯେଉଁ ଅତିମାନସ ବା ବିଜ୍ଞାନମୟ ସତ୍ତାକୁ ଜନ୍ମଦେବା ଲାଗି ଆକୁଳ କର୍ମରତ ହୋଇ ରହିଥାଏ, ସୁସ୍ପଷ୍ଟ ଓ ସୁବ୍ୟକ୍ତ ଏକ ମନୋମୟ ଭାଷାରେ ତାହାର ଏକ ବିଶଦ ବିବରଣ ଜାଣିବାଲାଗି ଅର୍ଥାତ୍ ତାହା ବିଷୟରେ ଏକ ଅତି ସ୍ପଷ୍ଟ ଧାରଣା କରି ପାରିବାଲାଗି ଆମେ ସତେଅବା ଅତି ବ୍ୟଗ୍ର ହୋଇପଡ଼ିଥାଉ । ମାତ୍ର ଊର୍ଦ୍ଧ୍ୱଯାତ୍ରୀ ମନର ଏହି ଚରମ ଗାରଟିକୁ ପାର ହୋଇ ଏଠାରେ ଚେତନା

'oaob.nitrkl.ac.in' images reprocessed

ମନୋମୟ ମଣ୍ଡଳଟିକୁହିଁ ପାର ହୋଇଯାଏ, ମନର ସ୍ୱଭାବଗତ ସକଳ ନିଷ୍ଠାକୁ ଅତିକ୍ରମ କରିଯାଏ ଏବଂ ମାନସିକ ଧାରଣା ତଥା ମନୋଲବ୍ଧ ଜ୍ଞାନର ହାତମୁଠା ଭିତରୁ ବାହାରିଯାଏ । ଅତିମାନସ ପ୍ରକୃତି ମଧ୍ୟରେ ଯେ ଚିନ୍ମୟ ପ୍ରକୃତି ଓ ଚିନ୍ମୟ ଅନୁଭୂତିର ଏକ ପୂର୍ଣ୍ଣାଙ୍ଗତା ଓ ସକଳାଙ୍ଗ ପରିପୂର୍ଣ୍ଣତା ଅବଶ୍ୟ ରହିଥିବ, ଏଥିରେ କୌଣସି ସନ୍ଦେହ ନାହିଁ; ଏବଂ ଏଥିରେ ମଧ୍ୟ କୌଣସି ସନ୍ଦେହ ନାହିଁ ଯେ ବିବର୍ତ୍ତନ-ତତ୍ତ୍ୱଟିର ସ୍ୱକୀୟ ସ୍ୱଭାବଟି ଦ୍ୱାରାହିଁ ପ୍ରେରିତ ହୋଇ ତାହାର ମଧ୍ୟରେ ପାର୍ଥିବ ପ୍ରକୃତିର ଏକ ଆଧ୍ୟାତ୍ମିକ ରୂପାନ୍ତର ବି ଘଟିଥିବ; ଅବଶ୍ୟ କେବଳ ଏହି ରୂପାନ୍ତରଟି ମଧ୍ୟରେହିଁ ଅତିମାନସ କଦାପି ସୀମାବଦ୍ଧ ହୋଇ ରହି ନଥିବ । ଆମ ବିବର୍ତ୍ତନର ଏହି ପର୍ଯ୍ୟାୟଟି ଆମର ଏହି ବିଶ୍ୱଜଗତଗତ ଅନୁଭୂତିକୁ ମଧ୍ୟ ଆପଣା ମଧ୍ୟରେ ଗ୍ରହଣ କରି ନେଇଥିବ ଏବଂ ଆପଣାର ଦିବ୍ୟାଂଶଗୁଡ଼ିକରେ ରୂପାନ୍ତର ଆଣି ଓ ମୂଳତଃ ସୃଜନାତ୍ମକ ଭାବରେ ଆପଣାର ଅପୂର୍ଣ୍ଣତା ତଥା ଛଦ୍ମ ଅଳୀକତାଗୁଡ଼ାକୁ ବର୍ଜନ କରି ସେହି ଅନୁଭୂତି ଆପଣାକୁ ଏକ ଦିବ୍ୟ ସତ୍ୟ ତଥା ବିପୁଳତାରେ ପରିଣତ କରିଦେଇ ପାରିବ । ମାତ୍ର କେବଳ କେତୋଟି ସାଧାରଣ ସୂତ୍ର ଆକାରରେହିଁ ଏଠାରେ ସେକଥା କୁହାଯାଉଛି ଏବଂ ଏଥିରୁ ସେହି ପରିବର୍ତ୍ତନଟି ବିଷୟରେ କୌଣସି ସୁସ୍ପଷ୍ଟ ଧାରଣା କଦାପି ପ୍ରକଟ ହେବ ନାହିଁ । ଐହିକ ହେଉ କିମ୍ବା ପାରତ୍ରିକ ହେଉ, ଯାବତୀୟ ବସ୍ତୁ ବିଷୟରେ ଆମେ ସାଧାରଣତଃ ଯେଉଁ ଧାରଣା, କଳ୍ପନା କିମ୍ବା ରୂପନ୍ୟାସ କରିଥାଉ, ସେସବୁ କେବଳ ମନୋମୟ ଆୟତନ ଭିତରେହିଁ ରହିଥାଏ; ମାତ୍ର ବିଜ୍ଞାନମୟ ପରିବର୍ତ୍ତନଟି ସମ୍ଭବ ହେବା ସଙ୍ଗେସଙ୍ଗେ ଆମର ବିବର୍ତ୍ତନ ଏପରି ଏକ ଗାର ଟପି ସେପାଖକୁ ଚାଲିଯାଏ, ଯେଉଁଠାରେକି ଚେତନାର ଏକ ମୂଳଭୂତ ପରମ ରୂପାନ୍ତର ସଂଘଟିତ ହୋଇଥାଏ, ଏବଂ ସେଠାରେ ମନୋଗତ ପରିଚୟଲକ୍ଷଣର ଆଉ କୌଣସି ମାନ ବା ମାନ୍ୟତା ନଥାଏ, ମନଃସୃଷ୍ଟ କୌଣସି ରୂପ ସେଠାରେ ଯଥେଷ୍ଟ ବୋଲି ପ୍ରମାଣିତ ହୋଇ ପାରେ ନାହିଁ । ଅତିମାନସ ପ୍ରକୃତିକୁ ବୁଝିବା ଓ ତାହାର ବ୍ୟାଖ୍ୟା କରିପାରିବା ମନୋଗତ ଭାବନାଲାଗି ପ୍ରକୃତରେ ଦୁଃସାଧ୍ୟ ହୋଇ ରହିଥାଏ ।

ମନୋଗତ ପ୍ରକୃତି ଓ ମନୋଗତ ଭାବନା,—ଏସବୁ କେବଳ ଅନ୍ତଃ-ଚେତନାକୁ ଆଶ୍ରେ କରି ରହିଥାଏ; ଅତିମାନସ ପ୍ରକୃତି ସ୍ୱରୂପତଃ ପରମ ଅନନ୍ତଙ୍କରହିଁ ଏକ ଚେତନା ଓ ସାମର୍ଥ୍ୟରୂପେ ବିଦ୍ୟମାନ ଥାଏ । ଅତିମାନସ ପ୍ରକୃତି କେବଳ ଏକତ୍ୱର ଦୃଷ୍ଟିଭୂମି ଉପରୁହିଁ ସକଳ ବସ୍ତୁର ଅବଲୋକନ କରେ; ଏବଂ ସକଳ ବସ୍ତୁକୁ, ଏପରିକି ଯେଉଁଠାରେ ବହୁତ୍ୱ ଓ ବୈଚିତ୍ର୍ୟର କୌଣସି ଅନ୍ତହିଁ ନଥାଏ ଏବଂ ମନର ଦେଖିବାକୁ ଯାହାସବୁ କେବଳ ଅନପନେୟ ନାନା ବିରୋଧରେ ବିପର୍ଯ୍ୟସ୍ତ ହୋଇ ରହିଥାଏ, ସେଗୁଡ଼ାକୁ ମଧ୍ୟ ଅତିମାନସ ସେହି ଏକତ୍ୱର ଆଲୋକ ମଧ୍ୟଦେଇ

'oaob.nitrkl.ac.in' images reprocessed

ଦେଖିଥାଏ । ଅତିମାନସର ଇଚ୍ଛା, ତା'ର ଯାବତୀୟ ଧାରଣା, ଅନୁଭୂତି ତଥା ଇନ୍ଦ୍ରିୟାନୁଭବ ସବୁକିଛି ଏକତ୍ୱର ଉପାଦାନରେହିଁ ତିଆରି ହୋଇଥାଏ; ତାହାର ଯାବତୀୟ କର୍ମ କେବଳ ସେହି ମୂଳଭୂମିଟିରୁହିଁ ନିଷ୍ପନ୍ନ ହେଉଥାଏ । ମାତ୍ର ଅପର ପକ୍ଷରେ ମନୋଗତ ପ୍ରକୃତି ବିଭାଜନ ଓ ବିଭକ୍ତତାକୁହିଁ ମୂଳ କରି ଯାହାକିଛି ଭାବେ, ଯାହାକିଛି ଦେଖେ, ଇଚ୍ଛା କରେ, ଅନୁଭବ କରେ ବା ଇନ୍ଦ୍ରିୟଦ୍ୱାରା ଜାଣେ; ଏବଂ ସେହି କାରଣରୁ ଏକତ୍ୱର ତତ୍ତ୍ୱଟିକୁ ସେ କେବଳ ଏକ କୃତ୍ରିମ ବିରଚନାରୂପେ ବୁଝିବାକୁ ସମର୍ଥ ହୁଏ । ଏପରିକି ଯେତେବେଳେ ମନ ଏକତ୍ୱରହିଁ ଅନୁଭବ କରୁଥାଏ, ସେତେବେଳେ ମଧ୍ୟ ସେ ସୀମା ଓ ଭେଦାଙ୍କନରୂପଣର ଆଧାର ଉପରେ ଠିଆହୋଇ ରହିଥିବା ଏକତ୍ୱକୁ କ୍ରିୟା କରିବାଲାଗି ବାଧ୍ୟ ହେଉଥାଏ । ମାତ୍ର ଅତିମାନସ ବା ଦିବ୍ୟ ଜୀବନ ହେଉଛି ଏକ ମର୍ମଗତ, ସ୍ୱତଃସ୍ଫୂର୍ତ୍ତ ତଥା ଅନ୍ତର୍ନିହିତ ଏକତ୍ୱର ଜୀବନ । ଆମ ଜୀବନର କ୍ରିୟା ତଥା ବାହ୍ୟ ଆକୃତିର ଭୂମି ଉପରେ ଅତିମାନସ ପରିବର୍ତ୍ତନଟି ପ୍ରକୃତରେ କିଭଳି ରୂପ ନେବ ଏବଂ ବ୍ୟକ୍ତି ତଥା ସମଷ୍ଟିଗତ ଜୀବନ-କ୍ଷେତ୍ରରେ ତାହା କେଉଁଭଳି ରୂପଗୁଡ଼ିକର ସୃଷ୍ଟି କରିବ, ମନ ଆମକୁ କଦାପି ଆଗରୁ ସେସବୁର ବିଶଦ ବିବରଣୀ ଆଣି ଦେଇପାରିବ ନାହିଁ । କାରଣ ମନ ତ କେବଳ ବୁଦ୍ଧିକଷା ଧାରାଗୁଡ଼ାକୁ ନେଇ କାର୍ଯ୍ୟ କରେ; ବୁଦ୍ଧିର କୌଶଳ ବା ବୁଦ୍ଧିଯୁକ୍ତିର ବିବେକକୁ ଆଶ୍ରୟ କରି ଏଇଟା ବା ସେଇଟା କରିବାଲାଗି ପ୍ରବୃତ୍ତ ହୁଏ; ତାହା ଖାଲି ମନୋଗତ ଆବେଗଗୁଡ଼ାକଦ୍ୱାରା ଆପଣାକୁ ପ୍ରେରିତ କରେ ଅଥବା ପ୍ରାଣଗତ ଆବେଗ-ଗୁଡ଼ାକର ଆଦେଶ ପାଳନ କରୁଥାଏ । ମାତ୍ର ଅତିମାନସ ପ୍ରକୃତି ଆପଣାର କ୍ରିୟାରେ ମନର କୌଣସି ଧାରଣା କିମ୍ବା ପ୍ରଶାସନଦ୍ୱାରା ଚାଳିତ ହୁଏ ନାହିଁ ଅଥବା ନିମ୍ନତର ସ୍ତରର କୌଣସି ଆବେଗର ବୋଲ ମାନି ଅଗ୍ରସର ହୁଏ ନାହିଁ । ଅତିମାନସର ପ୍ରତ୍ୟେକ ପଦକ୍ଷେପ ଏକ ଅନ୍ତର୍ଗତ ଚିନ୍ମୟ ଦୃଷ୍ଟିଦ୍ୱାରାହିଁ ଆଦିଷ୍ଟ ହୋଇ ଆସିଥାଏ; ସକଳ ବସ୍ତୁ ତଥା ପ୍ରତ୍ୟେକ ବସ୍ତୁର ସତ୍ୟ ମଧ୍ୟକୁ ବ୍ୟାପକ ଓ ଅବ୍ୟର୍ଥ ଭାବରେ ପ୍ରବେଶ କରି ପାରୁଥିବା ଏକ ସାମର୍ଥ୍ୟଦ୍ୱାରାହିଁ ପ୍ରେରିତ ହୁଏ । ତାହା ସର୍ବଦା ଅନ୍ତର୍ନିହିତ ସତ୍ୟଟିର ବୋଲ ମାନି କାର୍ଯ୍ୟ କରେ; ମନୋଗତ କୌଣସି ଧାରଣାର ଅନୁବର୍ତ୍ତୀ ରହି କାର୍ଯ୍ୟ କରେ ନାହିଁ, ତା' ଉପରେ ଲଦି ଦିଆଯାଇ ଥିବା କୌଣସି ଆଚରଣସୂତ୍ର ବା ଭାବନାର କୌଣସି ବିରଚନା ଅଥବା ମାନସିକ ସାମାନ୍ୟବୋଧର କୌଣସି କୃତ୍ରିମ ଢାଞ୍ଚାର ବୋଲ ମାନି କାର୍ଯ୍ୟ କରେ ନାହିଁ । ଅତିମାନସର ଗତିକ୍ରିୟା ସର୍ବଦା ସୁସ୍ଥିର, ଆତ୍ମବିଧୃତ, ସ୍ୱତଃସ୍ଫୂର୍ତ୍ତ ତଥା ଅତ୍ୟନ୍ତ ସ୍ଥିତିସ୍ଥାପକ ହୋଇ ରହିଥାଏ । ଚେତନସତ୍ତାର ସ୍ୱରୂପୋପାଦାନଗତ ଭୂମିରେହିଁ ଯେଉଁ ସତ୍ୟଟି ଅନୁଭୂତ ହୁଏ, ତାହାରି ଏକ ସୁସମନ୍ୱିତ ତଦାତ୍ମକତାରୁହିଁ ଅତ୍ୟନ୍ତ ସ୍ୱାଭାବିକ ତଥା ଅନିବାର୍ଯ୍ୟ ଭାବରେ ଅତିମାନସ ନିଃସୃତ ହୋଇ ଆସିଥାଏ; ଚିନ୍ମୟ ଯେଉଁ ଉପାଦାନଟି

'oaob.nitrkl.ac.in' images reprocessed

ବିଶ୍ୱାତ୍ମକ ହୋଇ ରହିଥାଏ ଓ ତେଣୁ ଆପଣାର ସର୍ବଜ୍ଞାନ ମଧ୍ୟରେ ଯାହାକିଛି ଅନ୍ତର୍ଭୁକ୍ତ ହୋଇ ରହିଥାଏ, ତାହା ସହିତ ଅତ୍ୟନ୍ତ ଅନ୍ତରଙ୍ଗ ଭାବରେ ଏକରୂପତା ଅର୍ଜନ କରିଥାଏ; ତାହାର ସତ୍ୟ ସହିତ ତଦାତ୍ମକ ରହି ଅତିମାନସ ଉତ୍ଥିତ ହୋଇଥାଏ । ଏହି ଅତିମାନସ ପ୍ରକୃତିଟିର ବର୍ଣ୍ଣନା କରିବାକୁ ଯାଇ ମନ କେବଳ ସକଳ ବସ୍ତୁସତ୍ୟରୁ ବିଚ୍ଛିନ୍ନ ହୋଇ ରହିଥିବା କେତେଟା ଶବ୍ଦବନ୍ଧ ଦ୍ୱାରାହିଁ ତାହାକୁ ପ୍ରକାଶ କରିଥାଏ; ଅଥବା ମନୋମୟ ଏପରି ନାନା ଆକାର ଦେଇ ତାହାକୁ ବ୍ୟକ୍ତ କରେ ଯାହାକି ତାକୁ ତାହାର ଯଥାର୍ଥ ସତ୍ୟଠାରୁ ଭିନ୍ନ ସମ୍ପୂର୍ଣ୍ଣ ଆଉ କୌଣସି ବସ୍ତୁରେ ନେଇ ପର୍ଯ୍ୟବସିତ କରିଦିଏ । ତେଣୁ ଏକ ଅତିମାନସ ସତ୍ତା ପ୍ରକୃତରେ କିପରି ହୋଇଥିବ ଓ ସେ କିପରି ଆପଣାର କାର୍ଯ୍ୟ କରିବ, ସେକଥାର ଅନୁମାନ କରିପାରିବା କିମ୍ବା ସୂଚନା ଦେବା ଆମର ଏହି ମନ ପକ୍ଷରେ ଆଦୌ ସମ୍ଭବ ହେବ ବୋଲି ମନେ ହେଉ ନାହିଁ । କାରଣ ଏହି କ୍ଷେତ୍ରରେ ମନୋଗତ ଧାରଣା ତଥା ମନୋଗତ ଯାବତୀୟ ସୂତ୍ରବିଧାନ କେବେହେଲେ କୌଣସି ମୀମାଂସା କରି ପାରିବେ ନାହିଁ ଅଥବା କୌଣସି ଯଥାର୍ଥ ସଜ୍ଞାନିରୂପଣରେ ଆସି ପହଞ୍ଚି ପାରିବେ ନାହିଁ । କାରଣ ଯେତିକ ନିକଟବର୍ତ୍ତୀ ହୋଇ ରହିଲେ ଅତିମାନସ ପ୍ରକୃତିର ବିଧାନ ତଥା ଆତ୍ମଗତ ଦୃଷ୍ଟିଟିକୁ ଜାଣିହୁଅନ୍ତା, ମନ ଅତିମାନସଠାରୁ ତଦପେକ୍ଷା ଅନେକ ଅଧିକ ଦୂରରେ ଯାଇ ଅବସ୍ଥିତ ରହିଛି । ଅଥଚ ତହିଁ ସଙ୍ଗେସଙ୍ଗେ ଏକଥା ମଧ୍ୟ ବୁଝାଯିବ ଯେ ଅଧିମାନସରୁ ଅଗ୍ରସର ହୋଇ ଅତିମାନସରେ ଯାଇ ପହଞ୍ଚିବାର ପଥରେ ଯେଉଁସବୁ ପାର୍ଥକ୍ୟ ପରିଲକ୍ଷିତ ହେବ, ତାହାର ଏକ ସାଧାରଣ ସମୀଚୀନ ବର୍ଣ୍ଣନା ଦିଆଯାଇ ପାରେ ଅଥବା ସେଥିରୁ ଅନୁମାନ ଦ୍ୱାରା କୌଣସି ସମୀଚୀନ ସିଦ୍ଧାନ୍ତରେ ଆସି ପହଞ୍ଚିବା ବି ସମ୍ଭବ ହୋଇପାରେ । ଏବଂ ଏହିସବୁ ସିଦ୍ଧାନ୍ତରୁ ଆମ ପକ୍ଷରେ ବିବର୍ତ୍ତନଗତ ଅତିମାନସ ସତ୍ତାର ପ୍ରଥମ ସ୍ଥିତି ବା ପର୍ଯ୍ୟାୟଟି ବିଷୟରେ ଏକ ସ୍ଥୂଳ ଧାରଣା କରିପାରିବା ମଧ୍ୟ ସମ୍ଭବ ହୋଇପାରେ ।

ପରନ୍ତୁ ଏହି ପର୍ଯ୍ୟାୟଟିରେହିଁ ଅତିମାନସ ବିଜ୍ଞାନମୟତା ଅଧିମାନସଠାରୁ ବିବର୍ତ୍ତନକର୍ମଟିର ନେତୃତ୍ୱକୁ ଆପଣା ହାତରେ ନେବାକୁ ସମର୍ଥ ହୁଏ ଏବଂ ଆପଣାର ସ୍ୱାଭାବିକ ଅଭିବ୍ୟକ୍ତ ତଥା ଆବରଣମୁକ୍ତ ଯାବତୀୟ କ୍ରିୟାଶୀଳତା ଲାଗି ପ୍ରଥମ ମୂଳଦୁଆଟି ପକାଇ ଦେଇପାରେ । ତେଣୁ ବିବର୍ତ୍ତନର ଯେଉଁ ଧାରାଟି ଅଜ୍ଞାନ ଭିତରେ ରହି ଏକ ଦୀର୍ଘକାଳବ୍ୟାପୀ ପ୍ରସ୍ତୁତିକ୍ରମ ଦ୍ୱାରା ସତ୍ତାକୁ ପ୍ରସ୍ତୁତ କରିବାରେ ଲାଗିଥିଲା, ଏହି ଚୂଡ଼ାନ୍ତ ପରିବର୍ତ୍ତନରେ ତାହା ଅଜ୍ଞାନର ହାତରୁ ମୁକ୍ତ ହୋଇ ଏକ କ୍ରମବର୍ଦ୍ଧମାନ ଜ୍ଞାନମୟ ବିବର୍ତ୍ତନଧାରାରେ ଆସି ପ୍ରବେଶ କରେ । ତଥାପି ସ୍ମରଣ ରଖିବାକୁ ପଡ଼ିବ ଯେ ଶୁଦ୍ଧ ଅତିମାନସ ଓ ଅତିମାନସ ସତ୍ତା ଆପଣାର ସ୍ୱକୀୟ କ୍ଷେତ୍ରରେ ଯେଉଁପରି

ଭାବରେ ଆପଣା ମହିମାରେ ବିରାଜିତ ହୋଇ ରହିଛନ୍ତି, ଏଠାରେ ସେଗୁଡ଼ିକ ଯେ ଠିକ୍ ସେହି ଭାବଗୁଡ଼ିକୁ ବହନ କରି ତତ୍‌କ୍ଷଣାତ୍ ଆବିର୍ଭୂତ ହୋଇପଡ଼ିବେ ଓ ଆପଣାକୁ କାର୍ଯ୍ୟକାରୀ କରିବେ, ତାହା ନୁହେଁ; ନିତ୍ୟ ଓ ସ୍ୱତଃପରିପୂର୍ଣ୍ଣ ଆତ୍ମଜ୍ଞାନ ଦ୍ୱାରା ପରିପୂର୍ଣ୍ଣ ହୋଇ ରହିଥିବା ସେହି ଋତଚିନ୍ମୟ ଜୀବନ ଯେ ଆପଣାକୁ ହଠାତ୍ ଓ ଅତିଦ୍ରୁତ ଭାବରେ ପ୍ରକଟ କରିଦେବାକୁ ଆସିବ, ସେକଥା ମଧ୍ୟ ନୁହେଁ; ଅତିମାନସ ସତ୍ତ୍ୱା ଏହି ଜଗତର କ୍ରମପରିଣତିଶୀଳ ସମ୍ଭୂତି ମଧ୍ୟରେହିଁ ଅବତୀର୍ଣ୍ଣ ହେବ ଓ ଆପଣାକୁ ସେହିଠାରେହିଁ ରୂପାୟିତ କରିବ; ପାର୍ଥିବ ପ୍ରକୃତି ମଧ୍ୟରେ ଅବସ୍ଥିତ ଥିବା ବିଜ୍ଞାନମୟ ସାମର୍ଥ୍ୟଗୁଡ଼ିକୁ ତାହା କ୍ରମଶଃ ଉନ୍ମୋଚିତ କରିଦେବ । ପାର୍ଥିବ ଯାବତୀୟ ସତ୍ତ୍ୱା ମଧ୍ୟରେ ବସ୍ତୁତଃ ଏହି ତତ୍ତ୍ୱଟିହିଁ କାର୍ଯ୍ୟ କରୁଛି; କାରଣ ଏକ ଅନନ୍ତ ପରମସତ୍ୟର ଲୀଳାନିୟମରୂପେହିଁ ଏହି ପାର୍ଥିବ ଅଭିବ୍ୟକ୍ତି ଆତଯାତ ହେବାରେ ଲାଗିଛି । ସେହି ଅନନ୍ତସତ୍ୟ ପ୍ରଥମେ ଆପଣାକୁ ଅନ୍ଧକାରାଚ୍ଛନ୍ନ, ସୀମାବଦ୍ଧ, ଅସ୍ପଷ୍ଟ, ଅପୂର୍ଣ୍ଣ ଓ ଅର୍ଦ୍ଧବିକଶିତ ନାନା ରୂପାୟନ ମଧ୍ୟରେ ଲୁଚାଇ ରଖନ୍ତି; ଯେଉଁ ସତ୍ୟଟିକୁ ପ୍ରକାଶ କରିଦେବା ଲାଗି ଏହି ରୂପାୟନଗୁଡ଼ିକର ମଧ୍ୟଦେଇ ଅବିରତ ସାଧନା ଚାଲିଛି, ଆପଣାର ଅପୂର୍ଣ୍ଣତା ତଥା ଛଦ୍ମପ୍ରକାଶ ଦ୍ୱାରା ଏଗୁଡ଼ିକ ସେହି ସତ୍ୟଟିକୁ ବିକୃତ କରିପକାନ୍ତି । ମାତ୍ର ପରବର୍ତ୍ତୀ ସୋପାନଗୁଡ଼ିକରେ କ୍ରମେ ସତ୍ୟର ଅର୍ଦ୍ଧସ୍ଫୁଟର ରୂପାୟନମାନ ଆବିର୍ଭୂତ ହେବାକୁ ଆରମ୍ଭ କରେ ଏବଂ ଅତିମାନସ ଅବତୀର୍ଣ୍ଣ ହୋଇ ଆସିବା ସଙ୍ଗେସଙ୍ଗେ ସେଗୁଡ଼ିକ ଏକ ଯଥାର୍ଥ କ୍ରମବର୍ଦ୍ଧମାନ ପ୍ରକାଶରୂପେ ପ୍ରତିଭାତ ହୋଇଉଠେ । ଆପଣାର ସ୍ୱକୀୟ କ୍ଷେତ୍ରଟିରୁ ମୂଳଗତ ଅତିମାନସର ଅବତରଣ କରିବା ଏବଂ ଏଠାକୁ ଓହ୍ଲାଇ ଆସି ପରିଣତିଶୀଳ ଅତିମାନସକୁ ଆପଣା ମଧ୍ୟକୁ ଗ୍ରହଣ କରିନେବା,—ଅତିମାନସ ବିଜ୍ଞାନମୟତା ବେଶ୍ ଅନାୟାସରେ ଏହି ପଦକ୍ଷେପଟିକୁ ଗ୍ରହଣ କରିପାରେ ଓ ତାହାକୁ କାର୍ଯ୍ୟକାରୀ ମଧ୍ୟ କରିପାରେ; ମାତ୍ର ସେଥିଲାଗି ଆପଣାର ସ୍ୱରୂପଗତ ଧର୍ମଟିରେ କୌଣସିପ୍ରକାର ପରିବର୍ତ୍ତନ ଘଟାଇବା ଆବଶ୍ୟକ ହୁଏ ନାହିଁ । ଏହା ସ୍ୱଭାବସିଦ୍ଧ ଆତ୍ମଜ୍ଞାନ ଉପରେ ପ୍ରତିଷ୍ଠିତ ରହିଥିବା ଏକ ଋତଚିନ୍ମୟ ଜୀବନର ପରିଗ୍ରହଣ କରିପାରେ; ଏବଂ ତାହା ସଙ୍ଗେସଙ୍ଗେ ମନୋମୟ ତଥା ପ୍ରାଣମୟ ପ୍ରକୃତି ତଥା ଜଡ଼ ଦେହକୁ ମଧ୍ୟ ଆପଣା ମଧ୍ୟରେ ଗ୍ରହଣ କରି ନେଇପାରେ । କାରଣ ଏହି ଅତିମାନସ ପରମ ଅନନ୍ତଙ୍କର ଋତ-ଚିତ୍ ହୋଇଥିବାରୁ ତାହାର ଗତ୍ୟାତ୍ମକ ତତ୍ତ୍ୱଟି ମଧ୍ୟରେ ଏକ ପୂର୍ଣ୍ଣମୁକ୍ତ ଆତ୍ମନିରୂପଣର ଅନନ୍ତ ଶକ୍ତି ନିହିତ ହୋଇ ରହିଛି । ଯାବତୀୟ ଜ୍ଞାନକୁ ଅତିମାନସ ଆପଣା ଭିତରେ ଧାରଣ କରି ରଖିପାରେ ଏବଂ ତଥାପି ବିବର୍ତ୍ତନର ପ୍ରତ୍ୟେକ ସୋପାନରେ କେବଳ ଯେତିକି ଜ୍ଞାନର ପ୍ରୟୋଜନ ରହିଛି, ରୂପାୟନ ମଧ୍ୟରେ ସେତିକିରହିଁ ପ୍ରକାଶ ଘଟାଇପାରେ । ଅଭିବ୍ୟକ୍ତିର ଭୂମିରେ କାର୍ଯ୍ୟ କରୁଥିବା ଦିବ୍ୟ ସଂକଳ୍ପ ଅନୁସାରେ ଏବଂ ଯାହାର

'oaob.nitrkl.ac.in' images reprocessed

ପ୍ରକାଶ ଘଟାଇବାକୁ ହେବ, ତାହାର ସତ୍ୟଟି ଅନୁସାରେହିଁ ଅଧିମାନସ ଯାହାକିଛି ରୂପାୟିତ କରି ଦେଇଥାଏ । ଏହି ସାମର୍ଥ୍ୟଟିର ବଳରେହିଁ ଅଧିମାନସ ଆପଣାର ଜ୍ଞାନକୁ ପ୍ରତ୍ୟାହୃତ କରି ରଖିପାରେ, ଆପଣାର ନିଜ ସ୍ୱଭାବ ତଥା ନିଯୁକ୍ତିବଧିକୁ ଗୋପନ କରି ରଖିପାରେ, ଅଧିମାନସର ଅଭିବ୍ୟକ୍ତି ଘଟାଇପାରେ ଓ ଅଧିମାନସର ଅଧୀନ ହୋଇ ରହିଥିବା ଅବିଦ୍ୟାମୟ ଏକ ଜଗତକୁ ରୂପାୟିତ କରିବାରେ ସମର୍ଥ ହୋଇଥାଏ, ଯେଉଁଠାରେ କି ପରମସତ୍ତା ଆପଣାର ବହିଃସ୍ଥ ଏହି ଅଂଶଟିକୁ ଅଜ୍ଞାନତାର ଆବରଣ ତଳେ ଆବୃତ କରି ରଖିବାକୁ ମନ କରନ୍ତି ଏବଂ ଏପରିକି ଆପଣାକୁ ଏକ ବିଶ୍ୱବ୍ୟାପ୍ତ ନିଶ୍ଚେତନାର ନିୟନ୍ତ୍ରଣାଧୀନ କରି ରଖନ୍ତି । ମାତ୍ର ଏହିପରି ଭାବରେ ପରିଗୃହୀତ ହୋଇଥିବା ଆବରଣଟି ଏହି ନୂତନ ସୋପାନଟିକୁ ଆସି ଆପେଆପେ ଉନ୍ମୋଚିତ ହୋଇଯିବ; ସେତେବେଳେ ପ୍ରତ୍ୟେକଟି ସୋପାନର ବିବର୍ତ୍ତନ କେବଳ ସେହି ଋତଚିତ୍‌ର ଶକ୍ତିଦ୍ୱାରାହିଁ ପ୍ରେରିତ ହୋଇ ଅଗ୍ରସର ହେବ ଏବଂ ଏକ ଅଜ୍ଞାନ କିମ୍ବା ନିଶ୍ଚେତନାର ରୂପରେ ନୁହେଁ, ବରଂ ଏକ ଚେତନାମୟ ଜ୍ଞାନବିଜ୍ଞା ଦ୍ୱାରାହିଁ ଏହାର କ୍ରମାରୋହୀ ବ୍ୟାକୃତିଗୁଡ଼ିକ ନିର୍ମିତ ହେବାକୁ ଆରମ୍ଭ କରିବ ।

ଆମର ଏହି ପୃଥିବୀରେ ଯେପରି ଏକ ମନୋମୟ ଚେତନା ପ୍ରତିଷ୍ଠିତ ହୋଇଛି, ସେହି ମନୋମୟ ଚେତନାହିଁ ମନୋମୟ ଜୀବମାନଙ୍କର ଏକ ସମଷ୍ଟିକୁହିଁ ରୂପ ଦେବାରେ ଲାଗିଛି ଏବଂ ଏହି ପରିବର୍ତ୍ତନଟି ଲାଗି ପାର୍ଥିବ ପ୍ରକୃତିରେ ଯାହାକିଛି ପ୍ରସ୍ତୁତ ହୋଇ ପାରୁଛି, ତାହାକୁ ଆପଣା ମଧ୍ୟକୁ ଗ୍ରହଣ କରିନେଉଛି, ଠିକ୍ ସେହିପରି ବର୍ତ୍ତମାନ ଏହି ପୃଥିବୀରେ ଏକ ବିଜ୍ଞାନମୟ ଚେତନା ଓ ଶକ୍ତିର ପ୍ରତିଷ୍ଠା ହେବାକୁ ଯାଉଛି, ଯାହାକି ବିଜ୍ଞାନମୟ ଚିନ୍ମୟ ଜୀବମାନଙ୍କର ଏକ ସମଷ୍ଟି ବା ଗୋଷ୍ଠୀକୁ ମୂର୍ତ୍ତିମନ୍ତ କରି ଫୁଟାଇଦେବ ଏବଂ ଏହି ନୂତନ ରୂପାନ୍ତରଟି ପାଇଁ ପାର୍ଥିବ ପ୍ରକୃତିରେ ଯାହାକିଛି ପ୍ରସ୍ତୁତ ହୋଇ ପାରିବ, ତାହାକୁ ଆପଣା ମଧ୍ୟକୁ ଗ୍ରହଣ କରିନେବ । ଊର୍ଦ୍ଧ୍ୱସ୍ଥ ଲୋକରୁ ଅର୍ଥାତ୍ ପରିପୂର୍ଣ୍ଣ ଆଲୋକ, ସାମର୍ଥ୍ୟ ତଥା ସୌନ୍ଦର୍ଯ୍ୟର ଆପଣା ରାଜ୍ୟଟି ମଧ୍ୟରୁ ଏହା କ୍ରମଶଃ ଯାହାକିଛି ସେହି ରାଜ୍ୟରୁ ଏହି ପାର୍ଥିବ ସୃଷ୍ଟି ମଧ୍ୟକୁ ଅବତରଣ କରିବାଲାଗି ପ୍ରସ୍ତୁତ ହୋଇ ରହିଛି, ତାହାକୁ ମଧ୍ୟ ଆପଣା ଭିତରକୁ ଗ୍ରହଣ କରିନେବ । କାରଣ ଅତୀତରେ ସଂଘଟିତ ହୋଇଥିବା ସକଳ ବିବର୍ତ୍ତନର ପ୍ରତ୍ୟେକଟି ସନ୍ଧାନ୍ତ କାଳରେ ନିଶ୍ଚେତନା ମଧ୍ୟରେ ସମ୍ବୃତ ହୋଇ ରହିଥିବା କୌଣସି ଏକ ଗୁପ୍ତ ଶକ୍ତିହିଁ ଆବରଣଟି ଫଟାଇ ଆପଣାକୁ ବ୍ୟକ୍ତ କରି ଦେଉଥିଲା, କିନ୍ତୁ ଅନ୍ୟ ଦିଗରେ ସେହି ଶକ୍ତିଟି ଯେଉଁଠାରେ ଆପଣାର ସ୍ୱାଭାବିକ ଊର୍ଦ୍ଧ୍ୱକ୍ଷେତ୍ରରେ ଆତ୍ମସିଦ୍ଧ ଅବସ୍ଥାରେ ବିଦ୍ୟମାନ ରହିଛି, ତାହାର ସେହି ନିଜସ୍ୱଭୂମିଟିରୁ ଶକ୍ତିର ଏକ

'oaob.nitrkl.ac.in' images reprocessed

ଅବତରଣ ମଧ୍ୟ ଘଟିଛି ଏବଂ ସେହି ଶକ୍ତିର ସାହାଯ୍ୟରେ ବିବର୍ତ୍ତନର କ୍ରମଟି ଅଗ୍ରସର ହୋଇଯାଇଛି । ଅତୀତର ଏହିସବୁ ସୋପାନରେ ଉପରିସ୍ଥଗତ ଆତ୍ମସତ୍ତା ଓ ଚେତନା ଏବଂ ଅଧିଚେତନ ସତ୍ତା ଓ ଚେତନା ମଧ୍ୟରେ ସର୍ବଦା ଏକ ବିଭକ୍ତତା ରହି ଆସିଛି; ସତ୍ତାର ବହିର୍ଦିଗଟା ପ୍ରଧାନତଃ ନିମ୍ନରୁ ଉତ୍କ୍ଷିପ୍ତ ହେଉଥିବା ଶକ୍ତିର ଅଭିଘାତ ଦ୍ୱାରାହିଁ ତିଆରି ହୋଇଛି, ଏହି କ୍ଷେତ୍ରରେ ନିଶ୍ଚେତନାହିଁ ଚିତ୍‌ସତ୍ତାର ଏକ ଗୋପନ ଶକ୍ତିକୁ ଧୀରେ ଧୀରେ ଉନ୍ମେଷିତ ତଥା ରୂପାୟିତ କରିଦେଇଛି । ଏବଂ ଅପର ଦିଗରେ ସତ୍ତାର ଅଧିଚେତନ ଦିଗଟି ଅଂଶତଃ ଏହିଭଳି ଏକ ଉତ୍‌କ୍ଷେପ ଦ୍ୱାରା, ମାତ୍ର ପ୍ରଧାନତଃ ଯୁଗପତ୍ ଭାବରେ ଊର୍ଦ୍ଧ୍ୱଦେଶରୁ ଆଗତ ସେହି ଶକ୍ତିଟିର ବଳଶାଳୀ ପ୍ରବାହଟି ଦ୍ୱାରାହିଁ ତିଆରି ହୋଇଛି । ଏକ ମନୋମୟ ଅଥବା ପ୍ରାଣମୟ ସତ୍ତା ସତ୍ତାର ଅଧିଚେତନ ଅଂଶଗୁଡ଼ିକ ମଧ୍ୟକୁ ଅବତୀର୍ଣ୍ଣ ହୋଇ ଆସିଛି ଏବଂ ଅଧିଚେତନାର ସେହି ଗୋପନ କେନ୍ଦ୍ରଟିରେ ଅବସ୍ଥିତ ରହି ଉପରିସ୍ଥ ଭୂମିରେ ଏକ ମନୋମୟ ଅଥବା ପ୍ରାଣମୟ ବ୍ୟକ୍ତିଭାବାପନ୍ନତାକୁ ରୂପ ଦେଇଛି । ମାତ୍ର ଅଭିଳଷିତ ଅତିମାନସ ରୂପାନ୍ତରଟି ଆରମ୍ଭ ହେବା ପୂର୍ବରୁ ଅଧିଚେତନ ଓ ଉପରିସ୍ଥ ଭାଗଟି ମଧ୍ୟରେ ରହିଥିବା ଆବରଣଟି ଆଗରୁ ଛିନ୍ନ ହୋଇ ଯାଇଥିବା ଏକାନ୍ତ ଆବଶ୍ୟକ; କାରଣ ଏଠାରେ ଘଟିବାକୁ ଯାଉଥିବା ଅନ୍ତଃପ୍ରବେଶ ବା ଅବତରଣଟି ସମଗ୍ର ଭାବରେ ଚେତନାର ସମୁଦାୟ କ୍ଷେତ୍ରଟିରେହିଁ ସଂଘଟିତ ହେବ, ତାହା କେବଳ ଆଂଶିକ ଭାବରେ ଓ କୌଣସି ଆବରଣର ଅନ୍ତରାଳରେ ରହି କଦାପି ଘଟିବ ନାହିଁ । ଅବତରଣର ଏହି ପ୍ରକ୍ରିୟାଟି ଆଉ କୌଣସି ସଂଗୁପ୍ତ, ଅସ୍ପଷ୍ଟ କିମ୍ବା ସନ୍ଦିଗ୍ଧତାପୂର୍ଣ୍ଣ ଭାବର ଅନୁସରଣ କରିବ ନାହିଁ, ମାତ୍ର ଏପରି ମୁକ୍ତ ଭାବରେ ଉନ୍ମୋଚିତ ହୋଇ ଉଠିବ, ଯାହାକୁ କି ସଚେତନ ଭାବରେ ଅନୁଭବ କରିହେବ ଏବଂ ଯାହା ତା'ପରେ ସମୁଦାୟ ସତ୍ତାଟିକୁହିଁ ରୂପାନ୍ତରିତ କରିଦେବ । ଅନ୍ୟ ସକଳ ଦୃଷ୍ଟିରୁ ଦେଖିଲେ ଏହି ରୂପାନ୍ତରଟି ପୂର୍ବବର୍ତ୍ତୀ ଅନ୍ୟାନ୍ୟ ରୂପାନ୍ତରଗୁଡ଼ିକର ଭାବରେହିଁ ଘଟିବ; ଊର୍ଦ୍ଧ୍ୱଦେଶରୁ ଅତିମାନସର ଏକ ସ୍ରୋତଧାରା ପ୍ରବାହିତ ହୋଇ ଆସିବ, ପ୍ରକୃତି ଉପରେ ଏକ ବିଜ୍ଞାନମୟ ସତ୍ତାର ଅବତରଣ ହେବ ଏବଂ ନିମ୍ନସ୍ଥ ପ୍ରଦେଶରୁ ସେଠାରେ ସଂଗୁପ୍ତ ହୋଇ ରହିଥିବା ଅତିମାନସ ଶକ୍ତିଟି ଉନ୍ମେଷିତ ହୋଇ ଉଠିବ । ଊର୍ଦ୍ଧ୍ୱାଗତ ସେହି ପ୍ରବାହ ତଥା ନିମ୍ନସ୍ଥ କ୍ଷେତ୍ରଟିରେ ସଂଘଟିତ ହେଉଥିବା ଏହି ଅନାବରଣ ଦୁହେଁ ମିଶି ଅବିଦ୍ୟାର ପ୍ରକୃତିରୁ ଯାହାକିଛି ଅବଶେଷ ରହି ଯାଇଥିବ, ତାହାକୁ ଏକାବେଳକେ ଅପସାରିତ କରିଦେବେ । ନିଶ୍ଚେତନାର ସକଳ ବିଧାନ ଅନ୍ତର୍ହିତ ହୋଇଯିବ; କାରଣ ନିଶ୍ଚେତନା ମଧ୍ୟରେ ପ୍ରଚ୍ଛନ୍ନ ହୋଇ ରହିଥିବା ସେହି ବୃହତ୍ତର ଚେତନାଟିର ବା ସେହି ସଂଗୁପ୍ତ ଆଲୋକଟିର ବିସ୍ଫୋରଣ ଓ ପ୍ରକାଶ ଫଳରେ ନିଶ୍ଚେତନା ତାହାର ନିତ୍ୟ ସତ୍ୟମୟ ରୂପଟିରେ ପରିବର୍ତ୍ତିତ ହୋଇଯିବ, ତାହା ଅନ୍ତର୍ଗୂଢ଼ ଅତିଚେତନାର

'oaob.nitrkl.ac.in' images reprocessed

ଏକ ମହାସମୁଦ୍ରରୂପେ ପରିବର୍ତ୍ତିତ ହୋଇଯିବ । ତାହାର ପରିଣାମସ୍ୱରୂପ ଏକ ବିଜ୍ଞାନମୟ ଚେତନା ଓ ବିଜ୍ଞାନମୟ ପ୍ରକୃତି ରୂପ ଗ୍ରହଣ କରିବ ।

ଧରଣୀପୃଷ୍ଠରେ କେବଳ ଏକ ଅତିମାନସ ସତ୍ତ୍ୱା, ଅତିମାନସ ପ୍ରକୃତି ଓ ଅତିମାନସ ଜୀବନର ସୃଷ୍ଟିହିଁ ଏହି ବିବର୍ତ୍ତନର ଏକମାତ୍ର ପରିଣାମ ହୋଇ ରହିବ ନାହିଁ; ଏଠାରେ ଆସି ପହଞ୍ଚିବା ଲାଗି ଯେଉଁ ସୋପାନଗୁଡ଼ିକ ଦେଇ ଆସିବାକୁ ହୋଇଛି, ଏହି ବିବର୍ତ୍ତନ ଆପଣା ସହିତ ସେହି ସୋପାନଗୁଡ଼ିକର ଚରମ ପରିପୂର୍ଣ୍ଣତାକୁ ମଧ୍ୟ ବହନ କରି ଆଣିବ । କାରଣ ଆପଣାଲାଗି ଏକ ପାର୍ଥିବ ଜନ୍ମଗ୍ରହଣ ସ୍ୱୀକାର କରିନେଇ ଅତିମାନସ ଏଠାରେ ଅଧିମାନସ, ବୋଧିଚେତନା ଏବଂ ଚିନ୍ମୟ ପ୍ରକୃତିଶକ୍ତିର ଅନ୍ୟାନ୍ୟ ସୋପାନଗୁଡ଼ିକର ବି ପ୍ରତିଷ୍ଠା ଘଟାଇବ, ଏବଂ ଏଠାରେ ବିଜ୍ଞାନମୟ ସତ୍ତ୍ୱଧାରୀମାନଙ୍କର ଏକ ସମଷ୍ଟି ବା ଜାତି ସମ୍ଭାଇ ପାରିବ, ଊର୍ଦ୍ଧ୍ୱାରୋହୀ ଏକ ସୋପାନମାଳାର ମଧ୍ୟ ପ୍ରତିଷ୍ଠା କରିଦେବ । ଆରୋହୀ ନାନା ସୋପାନବିଶିଷ୍ଟ ସେହି ଆଲୋକମୟ ସୋପାନମାଳାଟି ଏହି ପାର୍ଥିବ ପ୍ରକୃତି ମଧ୍ୟରେ ବିଜ୍ଞାନମୟ ଆଲୋକ ତଥା ବିଜ୍ଞାନମୟ ସାମର୍ଥ୍ୟର କ୍ରମବର୍ଦ୍ଧ ରୂପାୟନଗୁଡ଼ିକୁ ପ୍ରକାଶିତ କରି ଦେଉଥିବ । କାରଣ, ଅବିଦ୍ୟା ଅଥବା ନିଶ୍ଚେତନା ଉପରେ ନୁହେଁ, ମାତ୍ର ସତ୍ତ୍ୱାଗତ ସତ୍ୟ ଉପରେହିଁ ଯେଉଁସବୁ ଚେତନା ସ୍ଥାପିତ ହୋଇ ରହିଛନ୍ତି, ସେଗୁଡ଼ିକ ସବୁଯାକ କେବଳ ସେହି ବିଜ୍ଞାନମୟ ସତ୍ତ୍ୱାଟି ମଧ୍ୟରେହିଁ ଅନ୍ତର୍ଭୁକ୍ତ ଅଛନ୍ତି । ସକଳ ଜୀବନ ତଥା ଜୀବନଧାରୀ ସତ୍ତ୍ୱା, ଯେଉଁମାନେ କି ମନୋଗତ ଅବିଦ୍ୟାର ବାଡ଼ଟିକୁ ଡେଇଁ ଉପରକୁ ଉଠିଯିବା ଲାଗି ପ୍ରସ୍ତୁତ ହୋଇ ରହିଛନ୍ତି କିନ୍ତୁ ସେହି ଅତିମାନସ ଶିଖରଟି ଲାଗି ତଥାପି ପ୍ରସ୍ତୁତ ହୋଇ ପାରି ନାହାନ୍ତି, ସେମାନେ ପରମ ସତ୍ୟଭୂମିରେ ଯାଇ ପହଞ୍ଚିବାର ପଥରେ ଏକ ସୁନିଶ୍ଚିତ ଭିତ୍ତି ଉପରେ ପ୍ରତିଷ୍ଠିତ ହୋଇ ରହିଥିବା ପରସ୍ପରସଂଯୁକ୍ତ ଏକ ସୋପାନଶ୍ରେଣୀ ଅବଶ୍ୟ ଦେଖିବାକୁ ପାଇବେ ଏବଂ ସେହି ସୋପାନଶ୍ରେଣୀଟିକୁ ଅବଲମ୍ବନ କରି ଆତ୍ମରୂପାୟନର ମଧ୍ୟବର୍ତ୍ତୀ ପର୍ଯ୍ୟାୟଗୁଡ଼ିକୁ ଆୟତ୍ତ କରିବେ ଓ ଆଧ୍ୟାତ୍ମିକ ସ୍ଥିତିର ଉପଲବ୍ଧ ସାମର୍ଥ୍ୟଗୁଡ଼ିକୁ ଆପଣା ଜୀବନରେ ପ୍ରକାଶିତ କରି ପାରିବେ । ମାତ୍ର ବିବର୍ତ୍ତନଶୀଳ ପ୍ରକୃତିର ଯାତ୍ରାରେ ନେତୃତ୍ୱ ଗ୍ରହଣ କରିଥିବା ସର୍ବାଗ୍ରଗାମୀ ଅତିମାନସ ସତ୍ତ୍ୱାଟିର ପୂର୍ଣ୍ଣମୁକ୍ତ ଓ ସର୍ବପ୍ରଭାବଶାଳୀ ଆଲୋକ ତଥା ସାମର୍ଥ୍ୟର ଉପସ୍ଥିତିଟି ହୁଏତ ବିବର୍ତ୍ତନର ସମୁଦାୟ ପ୍ରକ୍ରିୟାଟି ଉପରେ ମଧ୍ୟ ପ୍ରଭାବ ପକାଇବାକୁ ଆରମ୍ଭ କରିବ । କୌଣସି ଏକ ବିଶେଷ ଘଟଣା ଘଟିବ ଅଥବା କୌଣସି ଏକ ମୀମାଂସକ ସ୍ପର୍ଶ ଆସି ପଡ଼ିବ, ଯାହାକି ବିବର୍ତ୍ତନର ନିମ୍ନତର ସୋପାନଗୁଡ଼ିକୁ ମଧ୍ୟ ସଂକ୍ରାମିତ କରିଦେବ, ସେଗୁଡ଼ିକୁ ଆପଣାର ପ୍ରଭାବଦ୍ୱାରା ସଞ୍ଚାରିତ କରିବ; ସେହି ଆଲୋକ ତଥା ସେହି ପରମ ସାମର୍ଥ୍ୟର ଏକ ଅଂଶ

'oaob.nitrkl.ac.in' images reprocessed

ନିମ୍ନାଭିମୁଖୀ ହୋଇ ଏହି ଆଡ଼କୁ ଭେଦି ଆସିବ ଏବଂ ପ୍ରକୃତି ମଧ୍ୟରେ ସର୍ବତ୍ର ପ୍ରଚ୍ଛନ୍ନ ହୋଇ ରହିଥିବା ସେହି ଊର୍ଦ୍ଧ୍ୱୋତ୍କ୍ରମଣଶୀଳ ଶକ୍ତିଟିକୁ ଏକ ବୃହତ୍ତର କ୍ରିୟାତ୍ମକତାରେ ଜାଗ୍ରତ କରିଦେଇ ଯିବ । ଅବିଦ୍ୟାଜଡ଼ିତ ଜୀବନ ଉପରେ ସର୍ବସମାବିଷ୍ଟତାର ଏକ ଶକ୍ତିବିସ୍ତାରକାରୀ ତତ୍ତ୍ୱ ଆପଣାକୁ ପ୍ରତିଷ୍ଠିତ କରି ରଖିବ । ଯାବତୀୟ ବିସମ୍ବାଦ ଓ ଯାବତୀୟ ଅନ୍ଧଧାବନ, ସଂଘର୍ଷଜନିତ ଯାବତୀୟ ସଂଘାତ, ଅତିରଞ୍ଜନ ଓ ଅତିଶଯ୍ୟତାର ଯାବତୀୟ ଅସୁସ୍ଥକର ଉଦ୍ବେଳନ ଏବଂ ନାନା ପ୍ରକାରରେ ବିମିଶ୍ରିତ ତଥା ସଂଗ୍ରାମରତ ହୋଇ ରହିଥିବା କେତେକେତେ ଅଦୃଶ୍ୟ ଶକ୍ତିମୟତାର ଯାବତୀୟ ଅସମତା ଓ ସଦାଚଞ୍ଚଳତା,—ସମସ୍ତେ ସେହି ଊର୍ଦ୍ଧ୍ୱତର ଶକ୍ତିଟିର ପ୍ରଭାବଟିକୁ ଆପଣା ଭିତରେ ଅନୁଭବ କରିବାକୁ ଆରମ୍ଭ କରିବେ ଏବଂ ସତ୍ତ୍ୱ-ବିକାଶର ଏକ ଅଧିକ ଶୃଙ୍ଖଳାବଦ୍ଧ ଗତି ତଥା ସୁଷମାବଦ୍ଧ ପଦକ୍ଷେପ ଲାଗି ବାଟ ଛାଡ଼ିଦେବେ, ଏକ କ୍ରମପ୍ରଗତିଶୀଳ ଜୀବନ ଓ ଚେତନାର ଅଧିକ ପ୍ରକାଶମୟ ବ୍ୟବସ୍ଥା ଲାଗି ସ୍ଥାନ ଯୋଗାଇ ଦେବେ, ଏକ ଉଚ୍ଚତର ଜୀବନ ଲାଗି ଦ୍ୱାର ଉନ୍ମୁକ୍ତ କରିଦେବେ । ସେତେବେଳେ ମନୁଷ୍ୟର ଜୀବନ ମଧ୍ୟରେ ବୋଧିଚେତନା, ସଂବେଦନଶୀଳତା ତଥା ପରିପୂର୍ଣ୍ଣ ବୋଧର ସାମର୍ଥ୍ୟ ସଂସ୍କୃତ ହୋଇ ପାରିବ । ଆପଣାର ତଥା ବସ୍ତୁଗୁଡ଼ିକର ସତ୍ୟଟି ବିଷୟରେ ସ୍ପଷ୍ଟତର ବୋଧ ଜାଗ୍ରତ ହେବ, ଏବଂ ଜୀବନର ସୁଯୋଗ ତଥା ବିଘ୍ନଗୁଡ଼ିକର ସମ୍ମୁଖୀନ ହେବାର ସାମର୍ଥ୍ୟଟି ମଧ୍ୟ ଦୀପ୍ତତର ହୋଇ ପାରିବ । ନାନାପ୍ରକାର ମିଶ୍ରଣ ଓ ତଜ୍ଜନିତ ସଂଶୟଦ୍ୱାରା ରୁଦ୍ଧହୋଇ ରହିଥିବା ଏକ ସତତ ସଂଗ୍ରାମ ପରିବର୍ତ୍ତେ ଚେତନାର ବିକାଶ ତଥା ନିଶ୍ଚେତନାର ବିରୋଧୀ ଶକ୍ତି ମଧ୍ୟରେ, ଆଲୋକର ଶକ୍ତି ତଥା ଅନ୍ଧକାରର ଶକ୍ତି ମଧ୍ୟରେ ନାନାପ୍ରକାର ମିଶ୍ରଣ ଓ ତଜ୍ଜନିତ ସଂଶୟଦ୍ୱାରା ରୁଦ୍ଧହୋଇ ରହିଥିବା ଏକ ନିରନ୍ତର ସଂଗ୍ରାମର ପରିବର୍ତ୍ତରେ ବିବର୍ତ୍ତନର ଧାରାଟି ସୁବ୍ୟବସ୍ଥିତ ସୋପାନମାନ ଉଠି ଗଲାପରି ଅଳ୍ପତର ଆଲୋକର କ୍ଷେତ୍ରରୁ ବୃହତ୍ତର ଆଲୋକପ୍ରସାର ଭିତରକୁ ଅତିକ୍ରମ କରି ଯାଉଥିବ । ବିବର୍ତ୍ତନର ପ୍ରତ୍ୟେକ ସୋପାନରେ ସେହି ସୋପାନଟିରେ ଅବସ୍ଥିତ ରହିଥିବା ଚେତନସତ୍ତ୍ୱଗୁଡ଼ିକ ଅନ୍ତର୍ଗତ ଚୈତନ୍ୟଶକ୍ତିଟି ଉଦ୍ଦେଶ୍ୟରେ ଆପଣାର ପ୍ରତିସ୍ପନ୍ଦନ ଜଣାଇ ପାରୁଥିବେ, ଆପଣାର ବିଶ୍ୱପ୍ରକୃତିଗତ ବିଧାନଟିକୁ ସେହି ପ୍ରକୃତିର ଏକ ଉଚ୍ଚତର ସୋପାନର ସମ୍ଭାବନା ଆଡ଼କୁ ପ୍ରସାରିତ କରି ଦେଇଥିବେ । ଏହାକୁ ଅନ୍ତତଃ ଏକ ଶକ୍ତିଶାଳୀ ସମ୍ଭାବନା ବୋଲି ଅବଶ୍ୟ ବୁଝାଯିବ ଏବଂ ବିବର୍ତ୍ତନର ପ୍ରକ୍ରିୟାଟି ଉପରେ ଏହାକୁ ସେହି ଅତିମାନସ ପ୍ରତ୍ୟକ୍ଷ କ୍ରିୟାର ଏକ ସ୍ୱାଭାବିକ ପରିଣାମରୂପେ ବେଶ୍ ପ୍ରତ୍ୟାଶା କରାଯାଇ ପାରିବ । ଅତିମାନସ ଶକ୍ତିର ସଞ୍ଚରଣ ଦ୍ୱାରା ବିବର୍ତ୍ତନଗତ ପ୍ରକ୍ରିୟାଟିର କଦାପି ବିଲୁପ୍ତି ଘଟିବ ନାହିଁ; କାରଣ ଆପଣାର ଜ୍ଞାନଶକ୍ତିକୁ ପ୍ରତ୍ୟାହୃତ କରି ରଖିବାଲାଗି ଅଥବା ଅବ୍ୟବହୃତ ଭାବରେ କେବଳ ଗଚ୍ଛିତ କରି ରଖିବାଲାଗି ଅତିମାନସର ଯେପରି

'oaob.nitrkl.ac.in' images reprocessed

ଏକ ସାମର୍ଥ୍ୟ ସବୁବେଳେ ରହିଛି, ତାହାକୁ ପରିପୂର୍ଣ୍ଣ ଅଥବା ଆଂଶିକ ଭାବରେ କାର୍ଯ୍ୟକାରୀ କରିବାଲାଗି ମଧ୍ୟ ଠିକ୍ ସେପରି ସାମର୍ଥ୍ୟ ରହିଛି । ମାତ୍ର ଅଧିମାନସର ଏହି ଅବତରଣ ବିବର୍ତ୍ତନର ମଧ୍ୟଦେଇ ପ୍ରକାଶଲାଭ କରିବାର ଦୁରୂହ ଓ କ୍ଲେଶକର ପ୍ରକ୍ରିୟାଟିକୁ ସମତାଯୁକ୍ତ ତଥା ସ୍ଥିରପ୍ରତିଷ୍ଠ କରିଦେବ, ତାହାକୁ ପ୍ରଶାନ୍ତ ଓ ସହଜସାଧ୍ୟ କରିବ ଏବଂ ଅନେକ ପରିମାଣରେ ସୁଖକର ବି କରିଦେଇ ପାରିବ ।

ଅଧିମାନସର ସ୍ୱଭାବରେ ମଧ୍ୟ ଏପରି ଏକ ତତ୍ତ୍ୱ ନିହିତ ହୋଇ ରହିଛି ଯାହାକି ଏହି ବିଶିଷ୍ଟ ପରିଣାମଟିକୁ ପ୍ରକୃତରେ ଅବଶ୍ୟମ୍ଭାବୀ କରି ରଖିବ । ଅଧିମାନସ ଚେତନା ହେଉଛି ମୂଳତଃ ଏକ ଅବିଭକ୍ତ ଚେତନା, ପୂର୍ଣ୍ଣାଙ୍ଗତା ଆଣି ଦେଉଥିବା ଏକ ସର୍ବସମାବେଶୀ ଚେତନା; ଏବଂ ଏହି ଭୂମିକୁ ଅବତରଣ କରି ପରିଣତିର ଧାରାଟି ମଝିରେ ପରମ ଅନନ୍ତଙ୍କର ଅନନ୍ତ ବୈଚିତ୍ର୍ୟକୁ ଫୁଟାଇ ଦେଉଥିଲାବେଳେ ମଧ୍ୟ ତାହା କେବଳ ସେହି ଅବିଭକ୍ତ ଏକତ୍ୱକୁହିଁ ପ୍ରକାଶ କରିବାଲାଗି ଆପଣାର ପ୍ରବୃତ୍ତିଟିକୁ କଦାପି ହରାଇ ବସିବ ନାହିଁ, ପୂର୍ଣ୍ଣାଙ୍ଗତା ସାଧନ କରିବାଲାଗି ତାହାର ଉଦ୍ୟମଟିକୁ କଦାପି ଛାଡ଼ିଦେବ ନାହିଁ ବା ତାହାର ସମନ୍ୱୟଧର୍ମୀ ପ୍ରଭାବଟିକୁ ବାରିତ କରି ରଖିବ ନାହିଁ । ବୈଚିତ୍ର୍ୟ ତଥା ବହୁସମ୍ଭାବନାକୁ ଅଧିମାନସ ସେଗୁଡ଼ିକର ପ୍ରତ୍ୟେକର ସ୍ୱକୀୟ ଓ ସ୍ୱତନ୍ତ୍ର ଗତିରେ ବିକଶିତ କରାଇଦେବ; ହୁଏତ ଏହା ବିରୋଧ ଏବଂ ବିସମ୍ବାଦ ସକାଶେ କିଛି ସ୍ଥାନ ନିଶ୍ଚୟ ଛାଡ଼ି ଦେଇଥିବ, ମାତ୍ର ତଥାପି ସେଗୁଡ଼ିକୁ ଏକ ବିଶ୍ୱାତ୍ମକ ସମଗ୍ରତାର ଉପାଦାନରେ ପରିଣତ କରି ରଖିବ ଯେପରିକି ସେଗୁଡ଼ିକ ଆପଣାର ଯେତେ ଅଜ୍ଞାତସାରରେ ଅଥବା ଇଚ୍ଛା ବିରୁଦ୍ଧରେ ହେଉ ପଛକେ, ଅଧିମାନସର ସମଗ୍ରତାଟିରେ ଆପଣା ଆପଣାର ଅବଦାନ ଦେଇ ପାରିବାଲାଗି, ବାଧ୍ୟ ହେଉଥିବେ । ଅଥବା ହୁଏତ କୁହାଯାଇ ପାରିବ ଯେ ଅଧିମାନସ ଏହି ବିରୋଧଗୁଡ଼ିକୁ ସ୍ୱୀକାର କରିଥାଏ, ଏପରିକି ସେଗୁଡ଼ିକ ଲାଗି ପ୍ରୋତ୍ସାହନ ବି ଦେଇଥାଏ, ମାତ୍ର ତଥାପି ପରସ୍ପରର ଅସ୍ତିତ୍ୱ ଲାଗି ସହାୟକ ଓ ଆଶ୍ରୟ ହୋଇ ରହିବାଲାଗି ତାହା ସେଗୁଡ଼ିକୁ ବାଧ୍ୟ କରି ରଖେ, ଯେପରିକି ସେଗୁଡ଼ିକ ସତ୍ତା, ଚେତନା ତଥା ଅନୁଭବର ଭିନ୍ନଭିନ୍ନ ପଥ ହୋଇ ଅବସ୍ଥିତ ରହି ପାରିବେ, ସେଗୁଡ଼ିକ ସେହି ପରମ ଅଦ୍ୱୟସ୍ଥଳରୁ ଭିନ୍ନଭିନ୍ନ ଦିଗକୁ ବାହାରି ଯାଇଥିବେ ଓ ପରସ୍ପରଠାରୁ ମଧ୍ୟ ଦୂରକୁ ଦୂରକୁ ଚାଲି ଯାଇଥିବେ, ମାତ୍ର ତଥାପି ସେହି ଅଦ୍ୱୟତାକୁହିଁ ଆଶ୍ରୟ କରି ରହିଥିବେ ଏବଂ ଆପଣା ଆପଣାର ସ୍ୱକୀୟ ପଥରେ ପୁଣି ସେହି ଅଦ୍ୱୟତା ମଧ୍ୟକୁ ବାଟ ଦେଖାଇ ନେଇଆସି ପାରିବେ । ଆମର ଏହି ଅବିଦ୍ୟାମୟ ଜଗତଟିର ପଛରେ ମଧ୍ୟ ଏହି ଅର୍ଥବ୍ୟଞ୍ଜକତାଟି ନିହିତ ହୋଇ ରହିଛି; ଏହା ନିଶ୍ଚେତନାକୁ ଆଶ୍ରୟ କରିହିଁ କାର୍ଯ୍ୟକାରୀ ହେଉଛି, ମାତ୍ର ତାହାମଧ୍ୟରେ ତାହାକୁ ଧାରଣ କରି

'oaob.nitrkl.ac.in' images reprocessed

ଅଧିମାନସ ତତ୍ତ୍ୱଟିର ବିଶ୍ୱାତ୍ମକତା ସଦାବର୍ତ୍ତମାନ ରହିଛି । ମାତ୍ର ଏହିପରି ଏକ ସୃଷ୍ଟିମଧ୍ୟରେ ଅବସ୍ଥିତ ବ୍ୟକ୍ତିସତ୍ତା ଆପଣାର ଜ୍ଞାନରେ ଏହି ଗୋପନ ତତ୍ତ୍ୱଟିର ଅଧିକାରୀ ହୋଇ ପାରୁ ନାହିଁ ବା ତାହାକୁ ଭିତ୍ତି କରି ଆପଣାର କର୍ମ ବି କରୁ ନାହିଁ । କିନ୍ତୁ ଏହି ଜଗତରେ ଅବସ୍ଥିତ ଅଧିମାନସ ପୁରୁଷସତ୍ତା ପାଖରେ ଏହି ରହସ୍ୟଟି କଦାପି ଅବିଦିତ ହୋଇ ରହିବ ନାହିଁ; ମାତ୍ର ତଥାପି ସେ ନିଜ ପ୍ରକୃତି ତଥା କର୍ମବିଧାନ ଅର୍ଥାତ୍ ନିଜର ସ୍ୱଭାବ ଓ ସ୍ୱଧର୍ମ ଅନୁସରଣ କରି ଆପଣାର ଅନ୍ତରସ୍ଥ ପରମ ଚିନ୍ମୟ ବା ଦିବ୍ୟ ସତ୍ତାଙ୍କର ପ୍ରେରଣା, ଗତିଶୀଳ ନିୟମନ ଅଥବା ଅନ୍ତର୍ଗତ ଶାସନଟି ଅନୁସାରେ ବେଶ୍ କାର୍ଯ୍ୟ କରିପାରିବେ ଏବଂ ଅବଶିଷ୍ଟ ଆଉ ସମସ୍ତଙ୍କୁ ସେହି ସମଗ୍ରତାର ଅନ୍ତର୍ଭୁକ୍ତ ହୋଇ ରହି ସେମାନଙ୍କର ସ୍ୱକୀୟ ଧାରାରେ ଗତି କରିବାକୁ ଛାଡ଼ିଦେଇ ପାରିବେ । ସେହି କାରଣରୁ ଅବିଦ୍ୟାର ଏହି ଆୟତନଟି ମଧ୍ୟରେ ଅଧିମାନସର ଜ୍ଞାନସୃଷ୍ଟି ତାହାର ଚତୁଷ୍ପାର୍ଶ୍ୱସ୍ଥ ଅବିଦ୍ୟାମୟ ଜଗତଠାରୁ ସମ୍ପୂର୍ଣ୍ଣ ପୃଥକ୍ ଏକ ବସ୍ତୁ ହୋଇ ରହିବ ଏବଂ ଆପଣା ତତ୍ତ୍ୱଟିର ଯେଉଁ ଜ୍ୟୋତିର୍ମୟ ପ୍ରାଚୀରଟି ତାହାକୁ ଆବେଷ୍ଟନ କରି ରହିଥିବ ଓ ଅବିଦ୍ୟାର ଜଗତଠାରୁ ତାହାକୁ ପୃଥକ୍ କରି ରଖିଥିବ, ତାହାରଦ୍ୱାରାହିଁ ତାହା ଆପଣାକୁ ସୁରକ୍ଷିତ କରି ରଖିପାରିବ । ମାତ୍ର ଅପର ପକ୍ଷରେ ଅତିମାନସ ବିଜ୍ଞାନମୟ ପୁରୁଷସତ୍ତା ଯେ କେବଳ ଆପଣାର ଅନ୍ତର୍ଜୀବନ, ବହିର୍ଜୀବନ ତଥା ଗୋଷ୍ଠୀଜୀବନରେ ପୂର୍ଣ୍ଣସଫଳ ଭାବରେ ଉପଲବ୍ଧ ହୋଇଥିବା ସମନ୍ୱୟକାରୀ ଏକତ୍ୱର ଏକ ଅନ୍ତରଙ୍ଗ ବୋଧ ଉପରେ ଆପଣାର ଯାବତୀୟ ଜୀବନଗଢ଼ଣକୁ ଆଧାରିତ କରି ରଖିବ ତାହା ନୁହେଁ, ମାତ୍ର ସେତେବେଳେ ତଥାପି ବର୍ତ୍ତମାନ ରହିଥିବା ମନୋମୟ ଜଗତଟି ସହିତ ମଧ୍ୟ ସେ ସେହି ସମନ୍ୱୟକାରୀ ଏକତ୍ୱର ସ୍ଥାପନା କରିପାରିବ; ଏପରିକି ସେହି ଜଗତଟି ସମ୍ପୂର୍ଣ୍ଣ ଭାବରେ ଏକ ଅବିଦ୍ୟାମୟ ଜଗତ ହୋଇ ରହିଥିଲେ ମଧ୍ୟ ସେ ତାହା କରିପାରିବ । କାରଣ, ଅବିଦ୍ୟାର ସକଳ ରୂପାୟନ ପଛରେ ଯେଉଁ ବିବର୍ତ୍ତନଶୀଳ ସତ୍ୟ ତଥା ସମନ୍ୱୟତତ୍ତ୍ୱଟି ଗୁପ୍ତ ହୋଇ ରହିଥିବ, ତାହାମଧ୍ୟରେ କାର୍ଯ୍ୟ କରୁଥିବା ବିଜ୍ଞାନମୟ ଚେତନା ତାହାର ଅବଶ୍ୟ ସନ୍ଧାନ ପାଇପାରିବ ଓ ତାହାକୁ ପ୍ରକାଶିତ କରିଦେଇ ପାରିବ । ତାହାର ପୂର୍ଣ୍ଣାଙ୍ଗପ୍ରାପ୍ତ ସମଗ୍ରତାବୋଧଟି ଲାଗି ଏପରି କରିପାରିବା ଅତ୍ୟନ୍ତ ସ୍ୱାଭାବିକ ହୋଇ ରହିଥିବ; ବିଜ୍ଞାନମୟ ପୁରୁଷ ଏହିସବୁ ରୂପାୟନକୁ ଆପଣାର ସ୍ୱକୀୟ ବିଜ୍ଞାନମୟ ତତ୍ତ୍ୱ ଏବଂ ସ୍ୱକୀୟ ବୃହତ୍ତର ଜୀବନସୃଷ୍ଟିଟିର ବିବର୍ଦ୍ଧିତ ସତ୍ୟ ତଥା ସୌଷମ୍ୟ ସହିତ ଏକ ଯଥାର୍ଥ ବ୍ୟବସ୍ଥାରେ ସଂଯୁକ୍ତ କରି ରଖିବାକୁ ଅବଶ୍ୟ ସମର୍ଥ ହେବ । ଏହି ଜଗତର ଜୀବନରେ ପର୍ଯ୍ୟାପ୍ତ ପରିବର୍ତ୍ତନ ସଂଘଟିତ ହୋଇ ନଥିବା ପର୍ଯ୍ୟନ୍ତ ହୁଏତ ତାହା ସମ୍ଭବ ହୋଇ ନପାରେ; ମାତ୍ର ଯେତେବେଳେ ପ୍ରକୃତିର କ୍ଷେତ୍ରରେ ଏକ ନୂତନ ପରମଶକ୍ତିର ଆବିର୍ଭାବ ହେବ ଏବଂ ସମୁଦାୟ

'oaob.nitrkl.ac.in' images reprocessed

ବିଶ୍ୱଜଗତ ଉପରେ ତାହାର ପ୍ରଭୁତ୍ୱଟି ପରିବ୍ୟାପ୍ତ ହୋଇଯିବ, ସେତେବେଳେ ସେହି ପରିବର୍ତ୍ତନଟି ଏକ ସ୍ୱାଭାବିକ ପରିଣାମରୂପେହିଁ ଘଟିବ। ବିଜ୍ଞାନମୟ ପୁରୁଷର ଆବିର୍ଭାବ ପାର୍ଥିବ ପ୍ରକୃତିରେ ଅଧିକ ସୌଷମ୍ୟମଣ୍ଡିତ ଏକ ବିବର୍ତ୍ତନଧାରା ପ୍ରତିଷ୍ଠିତ ହେବାର ଆଶାଟିକୁ ଆପଣା ସହିତ ବହନ କରି ଆଣିବ।

ଏକ ଅତିମାନସ ବା ବିଜ୍ଞାନମୟ ଜୀବଜାତି କୌଣସି ଏକ ନିର୍ଦ୍ଦିଷ୍ଟ ପ୍ରକାର ଅନୁସାରେ ଗଢ଼ା ହେବ ନାହିଁ କିମ୍ବା କୌଣସି ଗୋଟାଏ ନିର୍ଦ୍ଦିଷ୍ଟ ଗୁମ୍ଫରେ ଢଳାହୋଇ ତିଆରି ହେବ ନାହିଁ। କାରଣ ନାନା ବୈଚିତ୍ର୍ୟମୟତା ମଧ୍ୟରେ ଆପଣାକୁ ପରିପୁଷ୍ଟି କରୁଥିବା ଏକ ଏକତ୍ୱ ହେଉଛୁ ଅତିମାନସର ବିଧାନ; ଏବଂ ସେହି କାରଣରୁ ବିଜ୍ଞାନମୟ ଚେତନା ଆପଣାର ଭୂମିରେ ସର୍ବଦା ଏକ ଏବଂ ଅଖଣ୍ଡ ହୋଇ ରହିଥିଲେ ମଧ୍ୟ, ଆପଣାର ଧାତୁଗତ ଉପାଦାନରେ ତଥା ଆପଣାର ସର୍ବପ୍ରକାଶକ ଓ ସର୍ବସଂଯୁକ୍ତକାରୀ ବ୍ୟବସ୍ଥାଟିରେ ତାହା ଅବିଭାଜିତ ରହିଥିଲେ ମଧ୍ୟ ତାହାର ଅଭିବ୍ୟକ୍ତି-କ୍ଷେତ୍ରରେ ଅନନ୍ତ ବୈଚିତ୍ର୍ୟ ପ୍ରକାଶ ପାଉଥିବ। ଏଥିରେ କୌଣସି ସନ୍ଦେହ ନାହିଁ ଯେ ଅତିମାନସର ଏହି ନୂତନ ଅଭିବ୍ୟକ୍ତିଟିର ପର୍ଯ୍ୟାୟରେ ତତ୍ତ୍ୱତଃ ଏହାର ଉର୍ଦ୍ଧ୍ୱୋନ୍ମୁଖାକ ଧାରା ଆତ୍ମପ୍ରକାଶ କରିବ; ଏହାର ନିମ୍ନରେ ଅଥଚ ଏହାର ଗୋଟିଏ ଅଂଶରୂପେ ଅଧିମାନସ ତଥା ବୋଧିଚେତନାଗତ ବିଜ୍ଞାନମୟତା ମଧ୍ୟ ଅବସ୍ଥିତ ରହିଥିବ, ଏବଂ ଆରୋହୀ ଚେତନାରେ ଅଗ୍ରସର ହୋଇ ଯେଉଁସବୁ ଆତ୍ମା ଏହିସବୁ ସୋପାନକୁ ଉପଲବ୍ଧି କରିଥିବେ, ସେମାନେ ମଧ୍ୟ ଏଠାରେ ଅବସ୍ଥିତ ରହିଥିବେ। ପରମ ଜ୍ଞାନଗତ ବିବର୍ତ୍ତନ ଆହୁରି ଅଗ୍ରସର ହେବା ସଙ୍ଗେ ସଙ୍ଗେ ତେଣେ ଊର୍ଦ୍ଧ୍ୱରେ ଶିଖରଦେଶରେ ମଧ୍ୟ ବ୍ୟକ୍ତିସତ୍ତ୍ୱମାନ ଅବସ୍ଥିତ ରହିଥିବେ ଯେଉଁମାନେ କି ଅତିମାନସ ରୂପାୟନଟିକୁ ପାରି ହୋଇ ଏବଂ ଅତିମାନସର ଉଚ୍ଚତମ ପାବଚ୍ଛଟିକୁ ଅତିକ୍ରମ କରି ଏହି ମାନବଦେହରେ ମଧ୍ୟ ଅଦ୍ୱୈତ ଆତ୍ମୋପଲବ୍ଧିର ସର୍ବୋଚ୍ଚ ଶିଖରଟିରେ ଯାଇ ପହଞ୍ଚି ପାରିଥିବେ; ଏହି ଉପଲବ୍ଧି ବା ସ୍ଥିତିଟିକୁହିଁ ଏହି ବିଶ୍ୱସୃଷ୍ଟି ମଧ୍ୟରେ ସତ୍ୟସ୍ୱରୂପର ଆତ୍ମପ୍ରକାଶରେ ଚରମ ଓ ସର୍ବପରମ ଅବସ୍ଥା ବୋଲି କହିବାକୁ ହେବ। ମାତ୍ର ଅତିମାନସ ଗଣାୟତନଟି ଭିତରେ ମଧ୍ୟ ଏହାର ସୋପାନଗୁଡ଼ିକ ମଧ୍ୟରେ କେତେକେତେ ବୈଚିତ୍ର୍ୟ ରହିବ ଏବଂ ଏହି ଆୟତନରେ ଅବସ୍ଥିତ ବ୍ୟକ୍ତିମାନେ ବ୍ୟକ୍ତିସ୍ୱଭାବାପନ୍ନତାର କେବଳ ଗୋଟିଏ ପ୍ରକାର ଗୁମ୍ଫରେ ଢଳାହୋଇ କଦାପି ତିଆରି ହେବେ ନାହିଁ। ସେଠି ପ୍ରତ୍ୟେକ ବ୍ୟକ୍ତି ଅନ୍ୟ ପ୍ରତ୍ୟେକଠାରୁ ଭିନ୍ନ ହେବେ, ପରମ ସତ୍ତ୍ୱଙ୍କର ଏକ ଅନନ୍ୟ ବ୍ୟକ୍ତିରୂପ ପ୍ରକାଶ ହୋଇ ରହିବେ; ଅବଶ୍ୟ ଏକଥା ସତ ଯେ ସେମାନେ ଆତ୍ମସତ୍ତ୍ୱାର ରୂପଗ୍ରହଣରେ, ଏକତ୍ୱବୋଧରେ ଏବଂ ଆପଣା ସତ୍ତ୍ୱାର ମୂଳତତ୍ତ୍ୱଟିରେ ଅନ୍ୟ ସମସ୍ତଙ୍କ ସହିତ ଏକ

'oaob.nitrkl.ac.in' images reprocessed

ହୋଇ ରହିବେ । ଅତିମାନସଜୀବନଭୂମିର କେବଳ ଏହି ସାଧାରଣ ତତ୍ତ୍ୱଟି ବିଷୟରେ ଆମେ ଆପଣାର ଏକ ଧାରଣା ତିଆରି କରିବାକୁ ଚେଷ୍ଟା କରି ପାରିବା; ମାତ୍ର ଏକଥା ଅବଶ୍ୟ ସତ ଯେ ମାନସିକ ଭାବନା ତଥା ମାନସିକ ଭାଷାଦ୍ୱାରା ଏହି ଧାରଣାଟି ଅନେକ ଅଂଶରେ ଦୁର୍ବଳ ଓ ଅସ୍ପଷ୍ଟ ହୋଇ ରହିଥିବ । କେବଳ ଅତିମାନସହିଁ ସେହି ବିଜ୍ଞାନମୟ ସତ୍ତାର ଏକ ଅଧିକ ଜୀବନ୍ତ ଚିତ୍ର ଅଙ୍କନ କରିପାରିବ, ମାତ୍ର ଆମର ଏହି ମନଟି ପକ୍ଷରେ ଏହାର କେବଳ ଏକ ସ୍ଥୂଳ ଓ ବସ୍ତୁବିଚ୍ଛିନ୍ନ ରୂପରେଖା ଟାଣି ପାରିବାହିଁ ସମ୍ଭବ ହେବ ।

ବିଜ୍ଞାନମୟତା ହେଉଛି ପରମ ଚିନ୍ମୟ ସତ୍ତାର ସେହି କ୍ରିୟାସାଧନ ତତ୍ତ୍ୱ, ତାହା ହେଉଛି ଚିନ୍ମୟ ଅସ୍ତିତ୍ୱର ଏକ ସର୍ବୋଚ୍ଚ ଗତ୍ୟାତ୍ମକତା । ଚିନ୍ମୟ ଉପଲବ୍ଧି ଲାଭ କରିଥିବା ବ୍ୟକ୍ତି ଆପଣାର ସକଳାଙ୍ଗ ପରିପୂର୍ଣ୍ଣତା ଲାଭ କରିହିଁ ବିଜ୍ଞାନମୟ ବ୍ୟକ୍ତିରେ ପରିଣତ ହୋଇ ପାରିବ । ସେତେବେଳେ ତାହାର ସମଗ୍ର ଜୀବନଗତି, ସକଳ ଚିନ୍ତନ, ସକଳ ଜୀବନଧାରଣ ତଥା କର୍ମ କେବଳ ଏକ ବିସ୍ତାରମୟ ଓ ବିଶ୍ୱାତ୍ମକ ଆଧ୍ୟାତ୍ମିକତା ଦ୍ୱାରାହିଁ ଅନୁଶାସିତ ହେବ । ତା'ର ଆତ୍ମଚେତନତା ପାଖରେ ପରମ ଚିନ୍ମୟତାର ସତ୍, ଚିତ୍ ଓ ଆନନ୍ଦ ଏହି ତିନୋଟିଯାକ ବିଭାବ ବାସ୍ତବରୂପେ ଉପଲବ୍ଧ ହୋଇଥିବ ଏବଂ ତାହାର ଅନ୍ତର୍ଜୀବନରେ ମଧ୍ୟ ଉପଲବ୍ଧ ହୋଇଥିବ । ତାହାର ସମଗ୍ର ଅସ୍ତିତ୍ୱଟି ବିଶ୍ୱାତୀତ ତଥା ବିଶ୍ୱଗତ ପରମ ଆତ୍ମା ଓ ପରମ ଚିନ୍ମୟତା ସହିତ ଏକରୂପ ଭାବରେ ସମ୍ମିଳିତ ହୋଇଯିବ; ଯେଉଁ ସର୍ବୋଚ୍ଚ ଆତ୍ମା ତଥା ସର୍ବୋଚ୍ଚ ତଦ୍‌ବସ୍ତୁ ଦ୍ୱାରା ପ୍ରକୃତିର ଦିବ୍ୟ ନିୟନ୍ତ୍ରଣ ସମ୍ଭବ ହେଉଛି, ବିଜ୍ଞାନମୟ ବ୍ୟକ୍ତିର ସକଳ କର୍ମ ସେଇଠୁ ଉତ୍ସାରିତ ହେବ ଓ ତାହାରି ନିର୍ଦ୍ଦେଶ ମାନି ଚାଲିବ । ସକଳ ପ୍ରାଣରେ ସେ ସବୁରି ମର୍ମରେ ଥିବା ପରମ ଚିନ୍ମୟ ସତ୍ତା ବା ପରମ ପୁରୁଷଙ୍କୁ ଅନୁଭବ କରୁଥିବ, ସେହି ପରମ ସତ୍ତାହିଁ ଆପଣାକୁ ପ୍ରକୃତି ମଧ୍ୟରେ ପ୍ରକାଶିତ କରି ଦେଉଛନ୍ତି ବୋଲି ସେ ଜାଣୁଥିବ । ସେହି ତାତ୍ପର୍ଯ୍ୟଟି ଦ୍ୱାରାହିଁ ସେ ଆପଣାର ଜୀବନ, ଆପଣାର ସକଳ ଭାବନା, ଅନୁଭୂତି ଓ କର୍ମକୁ ଆପଣାଲାଗି ପରିପୂର୍ଣ୍ଣ କରି ରଖିବ, ସେଗୁଡ଼ିକୁ ସେ ତାହାରି ସତ୍ୟଟିର ଭୂମି ଉପରେହିଁ ପ୍ରତିଷ୍ଠିତ କରିବ । ଆପଣା ଚେତନାର ପ୍ରତ୍ୟେକ କେନ୍ଦ୍ରରେ, ଆପଣା ପ୍ରାଣସାମର୍ଥ୍ୟର ପ୍ରତ୍ୟେକ ସ୍ପନ୍ଦନରେ ଏବଂ ଆପଣା ଶରୀରର ପ୍ରତ୍ୟେକ କୋଷ ଓ ଅନୁକୋଷ ମଧ୍ୟରେ ସେ ସେହି ପରମ ଦିବ୍ୟ ଦ୍ୟୋତନାଟିର ସାନ୍ନିଧ୍ୟ ଅନୁଭବ କରୁଥିବ । ତା' ପ୍ରକୃତିର ଯାବତୀୟ କ୍ରିୟାତ୍ମକତାର ଭୂମିରେ ସେ ସେହି ପରମା ବିଶ୍ୱଜନନୀଙ୍କର ବା ପରାପ୍ରକୃତିର କ୍ରିୟାତ୍ମକତାଟି ଅନୁସ୍ୟୂତ ହୋଇ ରହିଥିବା ପରି ଅନୁଭବ କରିବ; ଆପଣାର ଏହି ପ୍ରକୃତି-ଅଧୀନ ସତ୍ତାଟିକୁ ମଧ୍ୟ ସେ ଅତ୍ୟନ୍ତ ସ୍ପଷ୍ଟଭାବରେ କେବଳ ସେହି ବିଶ୍ୱପ୍ରସବିନୀ ଜନନୀଙ୍କର ସାମର୍ଥ୍ୟରହିଁ

'oaob.nitrkl.ac.in' images reprocessed

ସମ୍ଭୂତ ଓ ସ୍ୱପ୍ରକାଶରୂପେ ପ୍ରତ୍ୟକ୍ଷ କରି ପାରିବ । ଏହି ଚେତନାଟିକୁହିଁ ଆପଣା ମଧ୍ୟରେ ଧାରଣ କରି ସେ ବଞ୍ଚି ରହିଥିବ, ଏବଂ ଏକ ସମ୍ପୂର୍ଣ୍ଣ ବିଶ୍ୱାତୀତ ବିମୁକ୍ତତା, ଏକ ପରିପୂର୍ଣ୍ଣ ଚିନ୍ମୟ ଆନନ୍ଦ ତଥା ବିଶ୍ୱାତ୍ମା ସହିତ ଏକ ପରିପୂର୍ଣ୍ଣ ତଦାତ୍ମକତା ଓ ଏହି ବିଶ୍ୱଜଗତରେ ଯେଉଁଠି ଯାହାକିଛି ରହିଛି, ତାହା ସହିତ ସ୍ୱତଃସ୍ଫୂର୍ତ୍ତ ଭାବରେ ସଂବେଦନଶୀଳ ରହି ସେ ଆପଣାର ଯାବତୀୟ କର୍ମରେ ପ୍ରବୃତ୍ତ ହୋଇ ରହିଥିବ । ଜୀବମାନଙ୍କେ ସମସ୍ତଙ୍କୁ ସେ ଆପଣାର ସତ୍ତ୍ୱଟି ସହିତ ଅଭିନ୍ନରୂପେ ଦେଖୁଥିବ, ତା' ଚେତନାର ସକଳ ସରଣୀ ତଥା ସକଳ ସାମର୍ଥ୍ୟକୁ ସେ ଆପଣା ବିଶ୍ୱାତ୍ମକତାର ସରଣୀ ଓ ସାମର୍ଥ୍ୟରୂପେହିଁ ଅନୁଭବ କରୁଥିବ । ମାତ୍ର ସବୁଟିକୁ ଆପଣା ଭିତରେ ଧରି ରଖିଥିବା ଏହି ସର୍ବଗ୍ରାହୀ ବିଶ୍ୱାତ୍ମକତା ମଧ୍ୟରେ ନିମ୍ନସ୍ତରସ୍ଥ କୌଣସି ସାମର୍ଥ୍ୟ ମଧ୍ୟରେ ଛନ୍ଦିହୋଇ ପଡ଼ିବାଲାଗି କୌଣସି ସ୍ଥାନ ନଥିବ, ଆପଣାର ସର୍ବୋଚ୍ଚ ତଥା ପରମ ସତ୍ୟରୁ ବିଚ୍ୟୁତ ହେବାଲାଗି ମଧ୍ୟ କୌଣସି ସ୍ଥାନ ନଥିବ; କାରଣ ଏହି ପରମ ସତ୍ୟହିଁ ବିଶ୍ୱର ଯାବତୀୟ ସତ୍ୟକୁ ଆବେଷ୍ଟନ କରି ରହିଥିବ, ଏକ ବୈଚିତ୍ର୍ୟମୟ ସମନ୍ୱୟ-ସୂତ୍ରରେ ସେଗୁଡ଼ିକୁ ସମ୍ବନ୍ଧିତ କରି ରଖି ପ୍ରତ୍ୟେକକୁ ତାହାର ସ୍ୱକୀୟ ଯଥାର୍ଥ କ୍ଷେତ୍ରଟିରେ ଅବସ୍ଥାପିତ କରି ରଖିଥିବ । ତାହା କୌଣସିପ୍ରକାର ସନ୍ଧିଗ୍ଧତା ବା ସଂଘାତକୁ ଆସିବାକୁ ଦେବ ନାହିଁ, ସମଗ୍ର ସମନ୍ୱିତାବସ୍ଥାଟିର ଅନ୍ତର୍ଗତ ହୋଇ ରହିଥିବା ଭିନ୍ନଭିନ୍ନ ସମନ୍ୱୟକୁ ପରସ୍ପରର ସୀମାଲଂଘନ କରିବାଲାଗି ଅଥବା କୌଣସି ପ୍ରକାରର ବିକୃତିର ଅବତାରଣା କରିବାକୁ ତାହା ସ୍ୱୀକୃତି ଦେବ ନାହିଁ । ସେତେବେଳେ ତାହାର ଆପଣା ଜୀବନ ତଥା ଏହି ବିଶ୍ୱଟିର ସମଗ୍ର ଜୀବନ ତାହାକୁ ସତେଅବା ଗୋଟିଏ ନିଖୁଣ କଳାକୃତି ପରି ଲାଗିବ; ବିଶ୍ୱମୟ ଓ ସ୍ୱତଃସ୍ଫୂର୍ତ୍ତ କୌଣସି ପ୍ରତିଭା ଆପଣାର ନିଖୁଣ କଳାନୈପୁଣ୍ୟର ପରିଚୟ ଦେଇ ଏକ ନାନାବୈଚିତ୍ର୍ୟମୟ ବ୍ୟବସ୍ଥାସମନ୍ୱିତ ଏହି ସୃଷ୍ଟିଟିକୁ ଗଢ଼ି ରଖି ଦେଇଥିଲା ପରି ମନେହେବ । ବିଜ୍ଞାନମୟ ବ୍ୟକ୍ତିପୁରୁଷ ଏହି ଜଗତରେହିଁ ବିଚରଣ କରୁଥିବ, ଏହି ଜଗତରହିଁ ହୋଇ ରହିଥିବ; ମାତ୍ର ତଥାପି ଆପଣାର ଚେତନାରେ ସେ ଏହାକୁ ଅତିକ୍ରମ କରି ରହିଥିବ ଏବଂ ଆପଣା ଆତ୍ମସତ୍ତାର ବିଶ୍ୱାତୀତ ଭୂମିଟି ଉପରେ ଏହି ଜଗତର ଊର୍ଦ୍ଧ୍ୱରେ ରହି ଜୀବନଧାରଣ କରୁଥିବ । ସେ ବିଶ୍ୱାତ୍ମକ ହୋଇ ମଧ୍ୟ ଏହି ବିଶ୍ୱରେ ପୂର୍ଣ୍ଣବିମୁକ୍ତ ରହିଥିବ; ଜଣେ ବ୍ୟକ୍ତିଭାବରେ ଜୀବନ କଟାଉଥିବ, ତଥାପି ଏକ ଭେଦାତ୍ମକ ବ୍ୟକ୍ତିସୀମା ଦ୍ୱାରା କୌଣସିପ୍ରକାରେ ସୀମାବଦ୍ଧ ହେଉ ନଥିବ । ଯଥାର୍ଥ ପୁରୁଷ ସବୁଥିରୁ ବିଚ୍ଛିନ୍ନ ହୋଇ ବଢ଼ୁଥିବା ଏକ ସତ୍ତା ନୁହେଁ; ତାହାର ବ୍ୟକ୍ତିସତ୍ତା ବିଶ୍ୱାତ୍ମକ, କାରଣ ତାହାର ଭୂମିଟି ଉପରେ ସମସ୍ତ ବିଶ୍ୱକୁହିଁ ସେ ବ୍ୟକ୍ତିଭାବାପନ୍ନ କରି ପ୍ରକାଶିତ କରୁଛି, ଏବଂ ଏହାଛଡ଼ା ଏକ ଉଚ୍ଚ ଅଭ୍ରଭେଦୀ ସୌଧଚୂଡ଼ା ପରି ବିଶ୍ୱାତୀତ ଅନନ୍ତତାର ଏକ ଚିନ୍ମୟ ବ୍ୟାପ୍ତି ଭିତରେ ମଧ୍ୟ ସେ ଆପଣାର ଏକ ଦିବ୍ୟ ଉନ୍ମେଷ



'oaob.nitrkl.ac.in' images reprocessed

ସଂଘଟିତ କରୁଥିବ, କାରଣ ସେହି ତୁରୀୟ ଓ ପରମ ବିଶ୍ୱାତୀତତାହିଁ ତାହାମଧ୍ୟରେ ବ୍ୟକ୍ତିଭାବର ପ୍ରକାଶରୂପ ଗ୍ରହଣ କରି ବିବର୍ତ୍ତିତ ହେବାରେ ଲାଗିଥିବ ।

ଜୀବନରହସ୍ୟର ସନ୍ଧାନ ପାଇବାର ତିନୋଟି ସୂତ୍ରରୂପେ ଆମର ଜୀବନରେ ଯେଉଁ ତିନୋଟି ଶକ୍ତି କାର୍ଯ୍ୟକାରୀ ହେଉଛନ୍ତି, ସେଗୁଡ଼ିକ ହେଲେ ଆମର ଏହି ବ୍ୟକ୍ତିସତ୍ତା, ଦ୍ୱିତୀୟତରେ ବିଶ୍ୱସତ୍ତା, ଓ ତୃତୀୟତରେ ସେହି ପରମ ସତ୍ୟସତ୍ତା ଯିଏ କି ପ୍ରଥମ ଦୁଇଟିରେ ଅବସ୍ଥିତ ରହିଛନ୍ତି ଏବଂ ଦୁଇଟିଯାକକୁ ଅତିକ୍ରମ କରି ମଧ୍ୟ ଅବସ୍ଥିତ ରହିଛନ୍ତି । ଅସ୍ତିତ୍ୱ ବିଷୟରେ ଏହି ତିନୋଟିଯାକ ରହସ୍ୟ ଅତିମାନସ ସତ୍ତାର ଜୀବନକ୍ଷେତ୍ରକୁ ଆସି ପରସ୍ପର ସହିତ ଏକତ୍ର ସମ୍ମିଳିତ ହେବେ ଏବଂ ପରସ୍ପର ସହିତ ଏକ ସମନ୍ୱିତାବସ୍ଥାରେ ଆବଦ୍ଧ ହୋଇ ରହିବେ । ଅତିମାନସ ପୁରୁଷ ମଧ୍ୟରେ ବ୍ୟକ୍ତିଭାବନା ପରମ ଓ ଚରମ ପରିପୂର୍ଣ୍ଣତା ଲାଭ କରିବ, ତାହାର ଅଭିବୃଦ୍ଧି ତଥା ଆତ୍ମପ୍ରକାଶର ଭୂମିରେ ପରିପୂର୍ଣ୍ଣ ତୃପ୍ତି ଲାଭ କରିବ; କାରଣ ତାହାର ଯାବତୀୟ ଉପାଦାନ ସେତେବେଳେ ଏକ ସର୍ବୋଚ୍ଚ ସୋପାନକୁ ଉନ୍ନୀତ ହୋଇଯିବ ଓ ଏକପ୍ରକାର ସର୍ବଗ୍ରାହୀ ବିପୁଳତା ମଧ୍ୟରେ ପୂର୍ଣ୍ଣାଙ୍ଗତା ଲାଭ କରିବ । ସେହି ପୂର୍ଣ୍ଣାଙ୍ଗତା ଓ ସମତାବସ୍ଥାର ପ୍ରାପ୍ତିଲାଗିହିଁ ଆମର ଏ ଜୀବନରେ ଏକ ପ୍ରୟାସ ଲାଗିରହିଛି । ଆମର ପ୍ରକୃତି ଭିତରେ ରହିଥିବା କୌଣସି ଅସମର୍ଥତା, କୌଣସି ଅପୂର୍ଣ୍ଣତା ବା କୌଣସି ଛନ୍ଦହୀନତା,—ଏଇଥିଲାଗିହିଁ ଆମେ ଆମର ଅନ୍ତର୍ଗତ କ୍ଷେତ୍ରରେ ସବୁଠାରୁ ଅଧିକ କ୍ଲେଶ ଓ ଯାତନା ଭୋଗ କରିଥାଉ । ମାତ୍ର ଏସବୁ ଘଟେ, କାରଣ ଆମର ସତ୍ତାଟିହିଁ ବଡ଼ ଅପୂର୍ଣ୍ଣ ହୋଇ ପଡ଼ିଥାଏ, ଆମର ଆତ୍ମଜ୍ଞାନରେ ନାନା ଅଭାବ ଓ ଅସମ୍ପୂର୍ଣ୍ଣତା ରହିଥାଏ; ଆମର ଆତ୍ମସତ୍ତା ଓ ପ୍ରକୃତି ଉପରେ ଆମର ସମ୍ପୂର୍ଣ୍ଣ ନିୟନ୍ତ୍ରଣ ଆସି ନଥାଏ । ଅତିମାନସ ବିଜ୍ଞାନମୟତା ଆମକୁ ସକଳ ବସ୍ତୁ ସମ୍ବନ୍ଧରେ ଓ ଆମ ଜୀବନର ସକଳ ମୁହୂର୍ତ୍ତରେ ଆମକୁ ଏକ ପରିପୂର୍ଣ୍ଣ ଆତ୍ମଜ୍ଞାନ ଆଣିଦିଏ; ଏବଂ ତାହାରି ସହିତ ଆପଣାକୁ ଆପଣାର ପୂର୍ଣ୍ଣ ନିୟନ୍ତ୍ରଣରେ ରଖିବାର ସାମର୍ଥ୍ୟଟି ମଧ୍ୟ ଆସିଯାଏ । ଏହି ନିୟନ୍ତ୍ରଣକୁ ଆମେ କେବଳ ପ୍ରକୃତିଟାକୁହିଁ ନିୟନ୍ତ୍ରଣ ବା ଆୟତ୍ତରେ ରଖିବା ଅର୍ଥରେ ବୁଝିବା ନାହିଁ, ଆମେ ଏହାକୁ ଆମ ପ୍ରକୃତିର କ୍ଷେତ୍ରରେ ଆପଣାକୁ ପରିପୂର୍ଣ୍ଣ ଓ ସକଳାଙ୍ଗ ଭାବରେ ଅଭିବ୍ୟକ୍ତ କରି ପାରିବାର ଏକ ସାମର୍ଥ୍ୟ ଅର୍ଥରେହିଁ ବୁଝିବା । ସେତେବେଳେ ଆପଣା ବିଷୟରେ ଆମେ ଯାହାକିଛି ଜ୍ଞାନ ଲାଭ କରିବା, ତାହା ଆମର ସଂକଳ୍ପ ମଧ୍ୟରେହିଁ ମୂର୍ତ୍ତିମନ୍ତ ହୋଇ ଉଠିବ; ଏବଂ ଏହି ସଂକଳ୍ପ ଆମର କର୍ମ ମଧ୍ୟରେ ମୂର୍ତ୍ତିମନ୍ତ ହୋଇ ଉଠିବ ଏବଂ ତାହାର ପରିଣାମସ୍ୱରୂପ ଆତ୍ମସତ୍ତା ସ୍ୱପ୍ରକୃତିର କ୍ଷେତ୍ରଟି ଉପରେ ପୂର୍ଣ୍ଣ ଗତିଶୀଳ ଭାବରେ ଆପଣାକୁ ମୂର୍ତ୍ତିମନ୍ତ କରିଦେବ । ବିଜ୍ଞାନମୟ ସତ୍ତାର ନିମ୍ନତର ଭୂମିରେ ପ୍ରକୃତି ମଧ୍ୟରେ ରହିଥିବା ବୈଚିତ୍ର୍ୟଟିର ଅନୁସରଣ କରି

'oaob.nitrkl.ac.in' images reprocessed

ଆତ୍ମ-ଅଭିବ୍ୟକ୍ତି ଆପଣାକୁ କେତେକାଂଶରେ ସୀମାବଦ୍ଧ କରି ରଖିବ, ଆପଣାର ପରିପୂର୍ଣ୍ଣତାକୁ ମଧ୍ୟ ସୀମିତ କରି ରଖିବ; କାରଣ ସେତେବେଳେ ତାହା କୌଣସି ଦିବ୍ୟ ସମଗ୍ରତା, କୌଣସି ବିଶେଷ ଏକ ଦିଗ ବା ବିଶେଷ ଉପାଦାନ ଅଥବା ଏକାଧିକ ଉପାଦାନର ଏକ ବିଶେଷଭାବରେ ସଂଯୁକ୍ତ ସମନ୍ୱୟଟିକୁ ରୂପ ଦେବାରେ ତତ୍ପର ରହିଥିବ; ଅନନ୍ତ ବୈଚିତ୍ର୍ୟମୟତାର ଆକାର ସେହି ପରମ ଅଦ୍ୱିତୀୟତାର ବିଶ୍ୱମୟ ଶକ୍ତିମତ୍ତା ଭିତରୁ କେବଳ କେତୋଟି ଶକ୍ତିକୁ ଚୟନ କରିନେଇ ତାହାକୁହିଁ ରୂପାୟିତ କରୁଥିବ । ମାତ୍ର ଅତିମାନସ ସତ୍ତାରେ ଉପନୀତ ହୋଇ ପରିପୂର୍ଣ୍ଣତା ଲାଭ କରିବା ଉଦ୍ଦେଶ୍ୟରେ ଆପଣାକୁ ଆଉ ଏହିପରି ସୀମାବଦ୍ଧ କରି ରଖିବାଲାଗି ଆଉ କୌଣସି ଆବଶ୍ୟକତା ରହିବ ନାହିଁ; ସେତେବେଳେ ସୀମା ଓ ସଙ୍କୋଚର ସୃଷ୍ଟି କରି ବୈଚିତ୍ର୍ୟ ସମ୍ଭବ କରିବା ପରିବର୍ତ୍ତରେ ପରାପ୍ରକୃତିର ଶକ୍ତି ଓ ବର୍ତ୍ତିଶାଳିତା ମଧ୍ୟରେ ଯେଉଁ ବୈଚିତ୍ର୍ୟ ନିହିତ ହୋଇ ରହିଛି, ତାହାରିଦ୍ୱାରାହିଁ ବୈଚିତ୍ର୍ୟର ସୃଷ୍ଟି କରାଯାଇ ପାରିବ । ସେହି ଗୋଟିଏ ସମଗ୍ର ସତ୍ତା ତଥା ସେହି ଗୋଟିଏ ସମଗ୍ର ପ୍ରକୃତି ଏକ ଅନନ୍ତ ବୈଚିତ୍ର୍ୟର ଗତି ଅନୁସରଣ କରି ଆପଣାକୁ ପ୍ରକାଶିତ କରିଦେବେ; କାରଣ ସେତେବେଳେ ପ୍ରତ୍ୟେକ ସତ୍ତାହିଁ ସେହି ପରମ ଅଦ୍ୱୟସତ୍ତାର ଏକ ନୂତନ ସମଗ୍ରତା, ନୂତନ ସୁଷମତା, ଓ ନୂତନ ଆତ୍ମରୂପତା ରୂପେ ପ୍ରତିଭାତ ହେବାକୁ ଲାଗିବେ । ସେତେବେଳେ କୌଣସି ମୁହୂର୍ତ୍ତରେ ଯାହା ପୁରୋଭାଗକୁ ଆସି ପ୍ରକାଶ ଲାଭ କରିବ ଅଥବା ଅନ୍ତରାଳରେ ବାଧିତ ହୋଇ ରହିଥିବ, ତାହା ପ୍ରକୃତରେ କୌଣସି ସାମର୍ଥ୍ୟ କିମ୍ବା ଅସାମର୍ଥ୍ୟ ଉପରେ ଆଦୌ ନିର୍ଭର କରିବ ନାହିଁ; ସେତେବେଳେ ତାହା ପରମ ଚିଦ୍‌ବସ୍ତୁର ସ୍ୱକୀୟ ଗତିଶୀଳ ଆତ୍ମନିର୍ବାଚନ ଉପରେହିଁ ନିର୍ଭର କରିବ, ତାହାର ଆତ୍ମ-ଅଭିବ୍ୟକ୍ତିର ଆନନ୍ଦ ଓ ସେହି ଦିବ୍ୟ ପରମ ସଙ୍କଳ୍ପର ସତ୍ୟଟି ଉପରେ ନିର୍ଭର କରିବ, ବ୍ୟକ୍ତିର ଜୀବନ ମଧ୍ୟରେ କେବଳ ତାଙ୍କରି ଆତ୍ମାନନ୍ଦ ଓ ଆତ୍ମପ୍ରେରଣା ଉପରେ ନିର୍ଭର କରିବ । ଏବଂ ଗୌଣ ଭାବରେ ସମଗ୍ରର ସୌଷମ୍ୟ ମଧ୍ୟରେ ବ୍ୟକ୍ତିର ଜୀବନ ମଧ୍ୟଦେଇ ଯାହା ସାଧନ କରିବାକୁ ହେବ, ତାହାରି ସତ୍ୟ ଉପରେ ମଧ୍ୟ ନିର୍ଭର କରିବ । କାରଣ ପରିପୂର୍ଣ୍ଣ ବ୍ୟକ୍ତି କହିଲେ କେବଳ ବିଶ୍ୱାତ୍ମକ ହୋଇ ଅବତୀର୍ଣ୍ଣ ହୋଇଥିବା ବ୍ୟକ୍ତିକୁହିଁ ବୁଝାଇବ; ଯେତେବେଳେ ଆମେ ଏହି ସମସ୍ତ ବିଶ୍ୱକୁ ଆପଣା ମଧ୍ୟକୁ ଆହରଣ କରି ଆଣିବାରେ ସମର୍ଥ ହୋଇ ପାରିବା ଏବଂ ଆହୁରି ଅଗ୍ରସର ହୋଇ ସେହି ବିଶ୍ୱକୁ ଅତିକ୍ରମ କରିଯାଇ ପାରିବା, କେବଳ ସେତିକିବେଳେ ଯାଇ ଆମର ବ୍ୟକ୍ତିତ୍ୱଟି ତାହାର ଯଥାର୍ଥ ପରିପୂର୍ଣ୍ଣତା ଲାଭ କରିବ ।

ଆପଣାର ବିଶ୍ୱଗତ ଚେତନା ମଧ୍ୟରେ ଅବସ୍ଥିତ ରହି ଅତିମାନସ ବ୍ୟକ୍ତିସତ୍ତା ଯେତେବେଳେ ସବୁକିଛିକୁ ଆତ୍ମରୂପ ଭାବରେ ଦେଖିବାକୁ ଓ ଅନୁଭବ

'oaob.nitrkl.ac.in' images reprocessed

କରିବାକୁ ଆରମ୍ଭ କରିବ, ସେତେବେଳେ ସେ କେବଳ ସେହି ବୋଧଦ୍ୱାରା ପ୍ରେରିତ ହୋଇହିଁ ଆପଣାର ଯାବତୀୟ କର୍ମ କରିବ । ଆପଣା ଭିତରେ ଏକ ବିଶ୍ୱଗତ ସର୍ବତ୍ରସମ୍ପର୍କନ୍ୟତାକୁ ଧାରଣ କରି ସେ କର୍ମ କରିବ, ଆପଣାର ବ୍ୟକ୍ତିଗତ ଆତ୍ମସତ୍ତାକୁ ସମଗ୍ର ସତ୍ତାଟି ସହିତ ସମଭାବାଦ୍ଧ ଓ ଅନୁରଞ୍ଜିତ ରଖି ସେ ଯାବତୀୟ କର୍ମ କରିଯାଉଥିବ; ଆପଣାର ଇଚ୍ଛାଟିକୁ ସମଗ୍ର ଇଚ୍ଛାଟି ସହିତ ସୌଷମ୍ୟବଦ୍ଧ କରି ଓ ଆପଣାର କର୍ମକୁ ସମଗ୍ର ବିଶ୍ୱଗତ କର୍ମ ସହିତ ସୌଷମ୍ୟବଦ୍ଧ କରି କର୍ମ କରିବ । କାରଣ, ଯେତେ-ବେଳେ ବୃହତ୍ତର ବିଶ୍ୱଟି ସହିତ ଆମର ସମ୍ବନ୍ଧ ନାନା ଅପୂର୍ଣ୍ଣତାଦ୍ୱାରା ଖଣ୍ଡିତ ହୋଇ ରହିଥାଏ, ଅନ୍ୟମାନଙ୍କ ବିଷୟରେ ଆମେ ଗୋଟାସୁଦ୍ଧା ଅଜ୍ଞାନରେ ବୁଡ଼ି ରହିଥାଉ, ସମଗ୍ର ବିଶ୍ୱଟି ସହିତ ଆମର କେଉଁଠିହେଲେ କୌଣସି ଛନ୍ଦୋବଦ୍ଧତା ନଥାଏ ଏବଂ ଯେତେବେଳେ ପୃଥିବୀ ଉପରେ ଆମର ଦାବିଟି ସହିତ ଆମ ଉପରେ ପୃଥିବୀର ଦାବିଟିର କୌଣସି ସମାଧାନ କରିବାରେ ଆମେ ଏକାନ୍ତ ଅସମର୍ଥ ହୋଇପଡ଼ୁ, ସେତିକବେଳେହିଁ ଆମର ବାହ୍ୟ ଜୀବନରେ ଏବଂ ଆମ ଅନ୍ତର୍ଗତ ଜୀବନ ଉପରେ ସେହି ବାହ୍ୟ ଜୀବନରୁ ଆସି ପଡ଼ୁଥିବା ପ୍ରତିକ୍ରିୟାଗୁଡ଼ିକର କ୍ଷେତ୍ରରେ ଆମେ ସବୁଠାରୁ ଅଧିକ ଦୁଃଖ ପାଇଥାଉ । ସେତେବେଳେ ଆମର ଆପଣାକୁ ପ୍ରତିଷ୍ଠିତ କରି ରଖିବାର ଇଚ୍ଛା ଓ ଯେଉଁ ପୃଥିବୀଟି ଉପରେ ଆମେ ଆପଣାକୁ ପ୍ରତିଷ୍ଠିତ କରି ରଖିବାକୁ ଇଚ୍ଛା କରୁଥାଉ, ଉଭୟଟି ମଧ୍ୟରେ ଏକ ସଂଘାତ ଆସି ଉପସ୍ଥିତ ହୁଏ; ଏବଂ ପୃଥିବୀ ପାଖରୁ ତଥା ଆପଣା ପାଖରୁ ନିଷ୍କୃତି ଲାଭ କରି ଖସି ପଳାଇଯିବା ବ୍ୟତୀତ ଏହି ସଂଘାତଟି ମଧ୍ୟରୁ ନିଷ୍କୃତି ଲାଭ କରିବାଲାଗି ସତେଅବା ଆଉକୌଣସି ଉପାୟ ନଥାଏ । ଏହି ପୃଥିବୀଟା ଆମକୁ ଆମ ନିଜର ସାମର୍ଥ୍ୟ ତୁଳନାରେ ଅତି ବଡ଼ ଓ ତେଣୁ ଅସାଧ୍ୟ ବୋଲି ମନେହୁଏ; ଆପଣାର ଲକ୍ଷ୍ୟରେ ଯାଇ ପହଞ୍ଚିବା ଲାଗି ଏହି ପୃଥିବୀ ଆମର ଏହି ବ୍ୟକ୍ତିଜୀବନଗତ ଆତ୍ମା, ମନ, ପ୍ରାଣ ତଥା ଦେହକୁ ଯେପରି ଏକାବେଳକେ ଉପେକ୍ଷା କରି ଚାଲିଯାଉଛି, ଠିକ୍ ସେହିଭଳି ମନେହୁଏ । ଆମ ନିଜ ଜୀବନର ଗତିପଥ ତଥା ଗନ୍ତବ୍ୟସ୍ଥଳଟି ସହିତ ପୃଥିବୀର ଗତିପଥ ତଥା ଗନ୍ତବ୍ୟ-ସ୍ଥଳଟିର ଯେଉଁ ସମ୍ବନ୍ଧଟି ରହିଛି, ସେଇଟି ଆମ ପାଖରେ ସ୍ପଷ୍ଟ ହୋଇ ପାରେ ନାହିଁ; ଏବଂ ସେହି ପୃଥିବୀଟି ସହିତ ଆପଣାର ତାଳ ମିଳାଇ ରଖିବାଲାଗି ଆମକୁ ହୁଏତ ଆପଣାକୁ ଆଣି ଏହା ଉପରେ ଜୋରକରି ଲଦିଦେବାକୁ ପଡ଼େ ଓ ଏହାକୁ ଆପଣାର ସମ୍ପୂର୍ଣ୍ଣ ଅଧୀନ କରି ରଖିବାକୁ ପଡ଼େ, ଅଥବା ଆପଣାକୁ ସବୁପ୍ରକାରେ ଦବାଇରଖି ସମ୍ପୂର୍ଣ୍ଣରୂପେ ପୃଥିବୀର ଅଧୀନ ହୋଇ ରହିବାକୁ ପଡ଼େ; କିମ୍ବା ବ୍ୟକ୍ତିଗତ ଜୀବନର ନିଯୁତ ଏବଂ ବିଶ୍ୱଗତ ସମଗ୍ରତା ତଥା ତାହାର ଗୋପନ ଉଦ୍ଦେଶ୍ୟ, ଏହି ଦୁଇଟିଯାକର ପ୍ରୟୋଜନୀୟତା ମଧ୍ୟରେ ଏକ ଆସ୍ଥାୟସାଧ୍ୟ ଭାରସାମ୍ୟ ସ୍ଥାପନ କରି ରଖିବାକୁ ହୁଏ । ମାତ୍ର ଏକ ବିଶ୍ୱଗତ ଚେତନା ମଧ୍ୟରେ ଅବସ୍ଥିତ ରହିଥିବା

'oaob.nitrkl.ac.in' images reprocessed

ଅତିମାନସ ସତ୍ତ୍ୱଲାଗି ଏହି ଅସୁବିଧାଟି ଉଠିବାର ଆଦୌ କୌଣସି ପ୍ରଶ୍ନ ନଥାଏ; କାରଣ ବିଶ୍ୱଠାରୁ ବିଚ୍ଛିନ୍ନ ହୋଇ ତା'ର ଆପଣାର କୌଣସି ଅହଂ ନଥାଏ । ତା'ର ବିଶ୍ୱାତ୍ମକ ବ୍ୟକ୍ତିଚେତନାଟି ବିଶ୍ୱଗତ ଯାବତୀୟ ଶକ୍ତି, ସେଗୁଡ଼ିକର ସକଳ ଗତିସ୍ପନ୍ଦନ ତଥା ତାତ୍ପର୍ଯ୍ୟଗୁଡ଼ିକୁ ଆପଣା ସତ୍ତ୍ୱରହିଁ ଏକ ଅଂଶରୂପେ ଜାଣିବାଲାଗି ସମର୍ଥ ହୁଏ, ଏବଂ ତା' ଭିତରେ ଯେଉଁ ଋତଚିତ୍ ବିରାଜମାନ ଥାଏ, ତାହା ବିବର୍ତ୍ତନର ପ୍ରତ୍ୟେକ ସୋପାନରେ ରହିଥିବା ଯଥାର୍ଥ ସମ୍ବନ୍ଧଟିକୁ ସ୍ପଷ୍ଟ ଦେଖିପାରେ, ଏବଂ ଗତିଶୀଳ ଭାବରେ ସେହି ସମ୍ବନ୍ଧଟିକୁ ଯଥାର୍ଥରୂପେ ପ୍ରକାଶିତ କରିଦେବାକୁ ମଧ୍ୟ ତାହାର ସାମର୍ଥ୍ୟ ରହିଥାଏ ।

କାରଣ ବ୍ୟକ୍ତିସତ୍ତ୍ୱ ଓ ବିଶ୍ୱସତ୍ତ୍ୱ ଉଭୟେ ହେଉଛନ୍ତି କେବଳ ସେହି ଏକ ବିଶ୍ୱାତୀତ ପରମ ସତ୍ତ୍ୱରହିଁ ଦୁଇଟି ଯୁଗପତ୍ ଓ ପରସ୍ପରସମ୍ବନ୍ଧିତ ଅଭିବ୍ୟକ୍ତି । ଆମେ ଅବିଦ୍ୟା ମଧ୍ୟରେ ପଡ଼ି ରହିଥିବାବେଳେ ଉଭୟର ପରସ୍ପର-ଅନୁକୂଳନରେ ବ୍ୟାଘାତ ଜନ୍ମୁଥିଲେ ଅଥବା ସଂଘାତ ଉପୁଜୁଥିଲେ ମଧ୍ୟ ତଥାପି ଉଭୟ ମଧ୍ୟରେ ଏକ ଯଥାର୍ଥ ସମ୍ବନ୍ଧିତତା ଅବଶ୍ୟ ରହିଛି, ସେହି ଗୋଟିଏ ସୂତ୍ରହିଁ ସବୁକିଛିକୁ ଏକତ୍ର ବାନ୍ଧି ରଖିଛି । ମାତ୍ର ଆମର ଅହଂଗତ ଅନ୍ଧତା ଏଇଟିକୁ ଆଦୌ ଠଉରାଇ ପାରୁ ନାହିଁ; ସବୁଟି ଭିତରେ ଅଦୃଶ୍ୟରୂପେ ଅବସ୍ଥିତ ରହିଥିବା ସେହି ଆତ୍ମାଟିକୁ ପ୍ରତିଷ୍ଠିତ ନକରି ଆମେ ଆମର କ୍ଷୁଦ୍ର ମୁଁ କାରଟାକୁ ପ୍ରତିଷ୍ଠିତ କରି ରଖିବାର ପରିଶ୍ରମ କରୁଥିବାରୁ ଆମେ ସେହି ସୂତ୍ରଟିକୁ ଅନୁଭବ କରି ପାରୁ ନାହୁଁ । ମାତ୍ର ଅତିମାନସ ଚେତନା ମଧ୍ୟରେ ତାହାର ଏକ ସ୍ୱଭାବଗତ ଶକ୍ତି ଓ ବିଶେଷାଧିକାରରୂପେ ସେହି ସମ୍ବନ୍ଧଗତ ସତ୍ୟଟି ନିରନ୍ତର ବିଦ୍ୟମାନ ରହିଛି; କାରଣ ଅତିମାନସହିଁ ବିଶ୍ୱଗତ ଯାବତୀୟ ସମ୍ବନ୍ଧକୁ ନିରୂପିତ କରିଦେଉଛି, ବ୍ୟକ୍ତି ସହିତ ବିଶ୍ୱର ସମ୍ବନ୍ଧଗୁଡ଼ିକୁ ମଧ୍ୟ ସେହି ଅତିମାନସ ନିରୂପଣ କରୁଛି, ପରମ ବିଶ୍ୱାତୀତତାର ଏକ ସାମର୍ଥ୍ୟରୂପେ ତାହା ସମ୍ପୂର୍ଣ୍ଣ ସ୍ୱାଧୀନ ଓ ନିରଙ୍କୁଶ ଭାବରେହିଁ ସେଗୁଡ଼ିକର ନିରୂପଣ କରିଦେଉଛି । ମନୋମୟ ଚେତନାର କ୍ଷେତ୍ରରେ ଅହଂକୁ ଗୋଟାସୁଦ୍ଧା ଅଭିଭୂତ କରିପକାଇ ବିଶ୍ୱଚେତନାର ଆବେଶ ଜାଗ୍ରତ ହେଲେ ଓ ବିଶ୍ୱାତୀତ ପରମସତ୍ୟର ଏକ ସନ୍ଦିଗ୍ଧ-ସମ୍ପନ୍ନତା ସମ୍ଭବ ହେଲେ ମଧ୍ୟ କେବଳ ତାହାଦ୍ୱାରାହିଁ ବିଶ୍ୱ ତଥା ବ୍ୟକ୍ତିମଧ୍ୟରେ ରହିଥିବା ସମ୍ବନ୍ଧଟିର ଏକ ଯଥାର୍ଥ ସମାଧାନ ହୁଏତ ସମ୍ଭବ ନ ହୋଇପାରେ; କାରଣ ସେତେବେଳେ ମଧ୍ୟ ବିମୁକ୍ତ ଆଧ୍ୟାତ୍ମିକ ମନୋଗତତା ଏବଂ ବିଶ୍ୱମୟ ଅବିଦ୍ୟାର ଅସ୍ପଷ୍ଟତାଚ୍ଛନ୍ନ ଜୀବନଭୂମି ମଧ୍ୟରେ ତଥାପି ଏକ ଅସଙ୍ଗତି ରହି ଯାଇପାରେ ଏବଂ ସେହି ଅସଙ୍ଗତିଟିର ସମାଧାନ ଅଥବା ନିରାକରଣ ଲାଗି ମନର ଆଦୌ କୌଣସି ଶକ୍ତି ନଥାଏ । ମାତ୍ର ଅତିମାନସ ସତ୍ତ୍ୱ କେବଳ ଯେ ଏକ ଚେତନାମୟ ସ୍ଥିତିରେ ଅବସ୍ଥାନ କରୁଥାଏ ତାହା ନୁହେଁ, ମାତ୍ର ତାହା ପରମ ବିଶ୍ୱାତୀତତାର ସୃଷ୍ଟିଶୀଳ

'oaob.nitrkl.ac.in' images reprocessed

ଆଲୋକ ତଥା ସାମର୍ଥ୍ୟ ମଧ୍ୟରେ, ସେହି ଅଧିମାନସ ଆଲୋକ ବା ସତ୍ୟଘନ ଆଲୋକ (ଋତଂ ଜ୍ୟୋତିଃ) ମଧ୍ୟରେ ସମ୍ପୂର୍ଣ୍ଣ ଭାବରେ ଗତିଶୀଳ ଓ ସକ୍ରିୟ ହୋଇ ରହିଥାଏ; ତେଣୁ ସେହି ଶକ୍ତି ଅଧିମାନସ ମଧ୍ୟରେ ରହିଥାଏ । କାରଣ ବିଶ୍ୱାତ୍ମା ସହିତ ଅଧିମାନସ ଏକତାବଦ୍ଧ ହୋଇ ରହିଥାଏ; ବିଶ୍ୱପ୍ରକୃତିର ନିମ୍ନତର ରୂପାୟନଗୁଡ଼ିକରେ ଅବିଦ୍ୟାର ଯେଉଁ ବନ୍ଧନଟି ରହିଛି, ତାହା ଅଧିମାନସକୁ କଦାପି ସ୍ପର୍ଶ କରେ ନାହିଁ । ଅପର ପକ୍ଷରେ ପରମ ସତ୍ୟଟିର ଆଲୋକଦ୍ୱାରା ଆଲୋକିତ ହୋଇ ସେହି ଅବିଦ୍ୟା ଉପରେ ପ୍ରଭାବ ବିସ୍ତାର କରିବାର ଏକ ଶକ୍ତି ସେଥିରେ ନିହିତ ହୋଇ ରହିଥାଏ । ଆତ୍ମ-ଅଭିବ୍ୟକ୍ତିର ଏକ ବିସ୍ତାରସମ୍ପନ୍ନ ବିଶ୍ୱାତ୍ମକତା ତଥା ଏହି ଜଗତ୍-ସତ୍ତାର ମଧ୍ୟଦେଇ ଏକ ବୃହତ୍ତ୍ୱ ଓ ସୌଷମ୍ୟଯୁକ୍ତ ବିଶ୍ୱାତ୍ମକ ପ୍ରକାଶ;—ଏହାକୁହିଁ ଆମେ ବିଜ୍ଞାନମୟ ପ୍ରକୃତିରେ ଅବସ୍ଥିତ ଅଧିମାନସ ପୁରୁଷର ସ୍ୱାଭାବିକ ଲକ୍ଷଣ ବୋଲି ଜାଣିବା ।

ଅନନ୍ତ ଓ ବୈଚିତ୍ର୍ୟବିପୁଳ ଭାବରେ ଆପଣାକୁ ଅଭିବ୍ୟକ୍ତ କରୁଥିବା ସେହି ଅଦ୍ୱୈତସତ୍ତା ତଥା ଅଦ୍ୱୈତ ଚେତନାର ଏକ ସତ୍ୟ-ଶକ୍ତିର ଲୀଳାକୁହିଁ ଆମେ ଅଧିମାନସ ସତ୍ତା ବୋଲି ଜାଣିବା; କେବଳ ସେହି ଅଦ୍ୱୈତ ସତ୍ତାର ଆନନ୍ଦଲାଗିହିଁ ଏହି ଲୀଳା ଲାଗି ରହିଥାଏ । ଆପଣାର ସତ୍ତାଗତ ସତ୍ୟରୂପରେ ପରମ ଚିଦ୍‌ଗତତାର ଆତ୍ମପ୍ରକାଶ ଓ ତଜ୍ଜନିତ ଆନନ୍ଦ,—ଏହାକୁହିଁ ଆମେ ବିଜ୍ଞାନମୟ ଜୀବନର କାର୍ଯ୍ୟ ବୋଲି କହିବା । ଏହାର ସକଳ ଗତିସ୍ପନ୍ଦନ ସେହି ଚିଦ୍‌ବସ୍ତୁର ସତ୍ୟକୁ ରୂପାୟିତ କରି ଦେଉଥିବ ସତ, ମାତ୍ର ସେହି ଚିଦ୍‌ବସ୍ତୁର ଆନନ୍ଦଟିକୁ ମଧ୍ୟ ତାହା ରୂପାୟିତ କରୁଥିବ; ଆଧ୍ୟାତ୍ମିକ ସତ୍ତ୍ୱ, ଆଧ୍ୟାତ୍ମିକ ଚିତ୍ ଓ ଆଧ୍ୟାତ୍ମିକ ଆନନ୍ଦକୁ ମୂର୍ତ୍ତିରୂପରେ ଫୁଟାଇ ଦେଉଥିବ ଓ ତାହାର ପ୍ରତିଷ୍ଠା କରୁଥିବ । ଆପଣାର ମୂଳ ଭୂମିଟିରେ ଅଦୃଶ୍ୟସ୍ୱରୂପ ହୋଇ ରହିଥିଲେ ମଧ୍ୟ ଆମର ଏହି ପ୍ରକୃତିଗତ ଜୀବନରେ ଆପଣାକୁ ପ୍ରତିଷ୍ଠିତ କରିବା ବୋଲି କହିଲେ ଆମେ ଯାହା ବୁଝିଥାଉ, ତାହା ଧର୍ମତଃ ଅହଂକେନ୍ଦ୍ରିତ ହୋଇ ରହିଥାଏ, ବିଭେଦବୃତ୍ତିକୁ ସମ୍ଭାର କରି ଧରିଥାଏ, ଏବଂ ଅନ୍ୟମାନଙ୍କର ଆତ୍ମପ୍ରତିଷ୍ଠା ବା ଜୀବନ ଉପରେ ସେମାନେ କରୁଥିବା ଦାବିଟିର ବିରୁଦ୍ଧାଚରଣ କରୁଥାଏ, ସେଇଟି ବିଷୟରେ ଉଦାସ ରହିଥାଏ ବା ସେଥିଲାଗି ଆଦୌ ଯଥୋଚିତ ଭାବରେ ସଚେତନ ନଥାଏ । ସମସ୍ତଙ୍କ ସହିତ ଏକାତ୍ମ ହୋଇ ରହିଥିବା ଅଧିମାନସ ବ୍ୟକ୍ତିସତ୍ତା ଆପଣା ମଧ୍ୟରେ ସେହି ପରମ ଚିଦ୍‌ବସ୍ତୁର ଆତ୍ମପ୍ରକାଶଗତ ଆନନ୍ଦଟିର ଅନ୍ୱେଷଣ କରିବ ସତ, ମାତ୍ର ସବୁରି ମଧ୍ୟରେ ବିରାଜିତ ପରମ ଦିବ୍ୟତାଟିର ଅନୁଭୂତିଜନିତ ଆନନ୍ଦକୁ ମଧ୍ୟ ଠିକ୍ ସେହିପରି ଅନ୍ୱେଷଣ କରିବ । ତାହାର ଆନନ୍ଦ ସର୍ବଦା ଏକ ବିଶ୍ୱାତ୍ମକ ଆନନ୍ଦ ହୋଇ ରହିଥିବ ଏବଂ ଅନ୍ୟମାନଙ୍କ ଲାଗି ଚିଦଗତ ଓ ସତ୍ତାଗତ ଆନନ୍ଦଟିକୁ ବହନ କରି ଆଣିବାରେ ସେ

'oaob.nitrkl.ac.in' images reprocessed

ଏକ ଶକ୍ତିରୂପେ କାର୍ଯ୍ୟ କରୁଥିବ; କାରଣ ସେମାନଙ୍କ ଆନନ୍ଦ ମଧ୍ୟ ତା'ର ନିଜ ଜୀବନଗତ ଆନନ୍ଦର ଏକ ଅଂଶ ହୋଇ ରହିଥିବ । ସକଳ ଜୀବସତ୍ତାର ମଙ୍ଗଳ-ସାଧନରେ ନିୟୋଜିତ ହୋଇ ରହିବା ତଥା ଅନ୍ୟମାନଙ୍କର ଆନନ୍ଦ ଓ ନିରାନନ୍ଦକୁ ଆପଣାର ଆନନ୍ଦ ଓ ନିରାନନ୍ଦରେ ପରିଣତ କରିବାକୁହିଁ ପରିପୂର୍ଣ୍ଣତା ଲାଭ କରିଥିବା ଜଣେ ପୂର୍ଣ୍ଣମୁକ୍ତ ଆଧ୍ୟାତ୍ମିକ ମନୁଷ୍ୟର ଲକ୍ଷଣ ବୋଲି ବର୍ଣ୍ଣନା କରାଯାଇଛି । ମାତ୍ର ସେଥିପାଇଁ ଅତିମାନସ ବ୍ୟକ୍ତି ପକ୍ଷରେ ନିଃସ୍ୱାର୍ଥପର ଭାବରେ ଆପଣାକୁ ଆତ୍ମବିଲୁପ୍ତ କରିଦେବାର ଆଦୌ କୌଣସି ପ୍ରୟୋଜନ ନଥିବ, କାରଣ ଏହିପରି ଏକ ଆତ୍ମନିୟୋଜନ ଆପଣାକୁ ପରିପୂର୍ଣ୍ଣ କରିବାଲାଗି ତାହାର ସାଧନା ସହିତ ଅନ୍ତରଙ୍ଗ ଭାବରେ ଜଡ଼ିତ ହୋଇ ରହିଥିବ, ସବୁରି ମଧ୍ୟରେ କେବଳ ସେହି ପରମ ଅଦ୍ୱିତୀୟକୁ ପରିପୂର୍ଣ୍ଣ କରିବାକୁହିଁ ସେ ଆପଣାର ପରିପୂର୍ଣ୍ଣତା ବୋଲି ଗ୍ରହଣ କରିଥିବ; ଏବଂ ତାହାର ଆପଣାର ମଙ୍ଗଳ ତଥା ଅନ୍ୟମାନଙ୍କର ମଙ୍ଗଳ ମଧ୍ୟରେ ଆଦୌ କୌଣସି ବିରୋଧ କିମ୍ବା ସଂଘର୍ଷ ମଧ୍ୟ ନଥିବ । ପୁନଶ୍ଚ, ଅଜ୍ଞାନ ମଧ୍ୟରେ ଜର୍ଜର ହୋଇ ରହିଥିବା ପ୍ରାଣୀମାନଙ୍କର ଆନନ୍ଦ ଓ ନିରାନନ୍ଦ ପାଖରେ ଆପଣାକୁ ଅଧୀନ କରି ରଖି ତଦ୍ୱାରା ଏକ ବିଶ୍ୱାତ୍ମକ ସଂବେଦନଶୀଳତା ଅର୍ଜନ କରିବା ସକାଶେ ମଧ୍ୟ ତା'ର କୌଣସି ପ୍ରୟୋଜନ ରହିବ ନାହିଁ; ବିଶ୍ୱଲାଗି ତା'ର ସଂବେଦନଶୀଳତା ତାହାର ସତ୍ତାର ଏକ ସହଜାତ ସତ୍ୟ ହୋଇ ରହିଥିବ ଏବଂ ତାହା ବ୍ୟକ୍ତିଗତ ଭାବରେ ନିମ୍ନତର ଭୂମିସ୍ଥ ସେହି ଅନ୍ୟମାନଙ୍କର ଆନନ୍ଦ ତଥା ନିରାନନ୍ଦରେ ଅଂଶଗ୍ରହଣ କରିବା ଉପରେ ଆଦୌ ନିର୍ଭର କରୁ ନଥିବ । ତାହାର ସଂବେଦନଶୀଳତା ଆପଣା ଭିତରେ ଯାହାକିଛିକୁ ଆବେଷ୍ଟନ କରି ଧରିଥିବ, ତାହା ସେଗୁଡ଼ିକର ସୀମାଗୁଡ଼ିକୁ ଅତିକ୍ରମ କରି ଅବସ୍ଥିତ ଥିବ ଏବଂ ଏହି ଅତିକ୍ରମ କରିଯିବାର ସାମର୍ଥ୍ୟରେହିଁ ତାହାର ଅସଲ ଶକ୍ତି ନିହିତ ହୋଇ ରହିଥିବ । ସାର୍ବଜନୀନତାର ଭୂମି ଉପରେ ତାହାର ଯାବତୀୟ ଅନୁଭୂତି ତଥା ଯାବତୀୟ କର୍ମ ସର୍ବଦା ତା' ଜୀବନର ଏକ ଅତ୍ୟନ୍ତ ସ୍ୱାଭାବିକ ସ୍ଥିତି ଓ ଅତ୍ୟନ୍ତ ସ୍ୱାଭାବିକ ଗତିସ୍ପନ୍ଦନ ହୋଇ ରହିବ, ସ୍ୱତଃସ୍ଫୂର୍ତ୍ତ ଭାବରେ ସେହି ପରମସତ୍ୟରହିଁ ପ୍ରକାଶ କରିବ, ଚିତ୍‌ପୁରୁଷଙ୍କର ଆତ୍ମସତ୍ତାଗତ ଆନନ୍ଦର ଏକ କର୍ମ ହୋଇ ରହିବ । ତାହାମଧ୍ୟରେ ସୀମାସଙ୍କୁଚିତ ଆତ୍ମସତ୍ତାଲାଗି ବା ବାସନାଲାଗି ଆଦୌ କୌଣସି ସ୍ଥାନ ରହିବ ନାହିଁ, ସୀମାସଙ୍କୁଚିତ ଆତ୍ମସତ୍ତାର ତୃପ୍ତି ବା ବ୍ୟର୍ଥତାଲାଗି ଅଥବା ସୀମାସଙ୍କୁଚିତ ବାସନାର ତୃପ୍ତି ବା ବ୍ୟର୍ଥତାଲାଗି ମଧ୍ୟ କୌଣସି ସ୍ଥାନ ରହିବ ନାହିଁ । ପୁଣି, ଅତ୍ୟନ୍ତ ଆପେକ୍ଷିକ ଓ ଅନ୍ୟନିର୍ଭର ଯେଉଁସବୁ ସୁଖ ଓ ଦୁଃଖ ଆମରି ଏହି ସୀମାବଦ୍ଧ ପ୍ରକୃତିଟିକୁ ଅଧିକାର କରିବାକୁ ଆସେ ଓ ତାହାକୁ ଅଭିଭୂତ କରି ରଖେ, ସେସବୁ ସୁଖଦୁଃଖ ଲାଗି ମଧ୍ୟ ସେଠାରେ କୌଣସି ସ୍ଥାନ ନଥିବ । କାରଣ ଏସବୁ ହେଉଛି ଅହଂ ତଥା ଅବିଦ୍ୟାରହିଁ

'oaob.nitrkl.ac.in' images reprocessed

ଧର୍ମ; ପରମ ତଦ୍‌ବସ୍ତୁର ସ୍ୱାତନ୍ତ୍ର୍ୟ ଓ ସତ୍ୟଟି ସହିତ ତାହାର କୌଣସି ସମ୍ବନ୍ଧ ନାହିଁ ।

ବିଜ୍ଞାନମୟ ପୁରୁଷ ମଧ୍ୟରେ କର୍ମସଂକଳ୍ପ ଅବଶ୍ୟ ରହିଛି; ମାତ୍ର ଯେଉଁସବୁ ବିଷୟରେ ସଂକଳ୍ପ କରିବାକୁ ହେବ, ସେ ବିଷୟରେ ପୂର୍ଣ୍ଣଜ୍ଞାନ ରହିଛି ଓ ଆପଣାର ଜ୍ଞାନକୁ କାର୍ଯ୍ୟକାରୀ କରିବାର ସାମର୍ଥ୍ୟ ମଧ୍ୟ ରହିଛି । କୌଣସି ଅଜ୍ଞାନ କିମ୍ବା ଅବିଦ୍ୟାଦ୍ୱାରା ପ୍ରେରିତ ହୋଇ ସେ କଦାପି ଆପଣାର କର୍ମ ବା କର୍ତ୍ତବ୍ୟ କରିବାକୁ ଯିବ ନାହିଁ । ପୁନଶ୍ଚ, ଏହାର କର୍ମ କହିଲେ କୌଣସି ଫଳ ବା ପରିଣାମର ଲାଳସାରେ ଅଗ୍ରସର ହେବାକୁ ବୁଝାଇବ ନାହିଁ; ଆପଣା ସତ୍ତ୍ୱରେ ଓ ଆପଣାର କର୍ମରେହିଁ ତାହାର ଆନନ୍ଦ ନିହିତ ହୋଇ ରହିଥିବ, ଶୁଦ୍ଧ ଚିନ୍ମୟତାର ସ୍ଥିତି ତଥା ଶୁଦ୍ଧ କ୍ରିୟାତ୍ମକତା ମଧ୍ୟରେ ସେହି ଆନନ୍ଦ ନିହିତ ହୋଇ ରହିଥିବ, ଶୁଦ୍ଧ ଚିନ୍ମୟତାର ଆନନ୍ଦରେହିଁ ତାହାର ଆନନ୍ଦ ନିହିତ ରହିଥିବ । ତାହାର ସ୍ଥିତିଶୀଳ ଚେତନାରେ ସବୁକିଛି ଅନ୍ତର୍ଗତ ହୋଇ ରହିଥିବ ଏବଂ ତେଣୁ ତାହା ସର୍ବଦା ସ୍ୱୟଂପୂର୍ଣ୍ଣ ହୋଇ ରହିଥିବ; ଠିକ୍ ସେହିପରି ତା'ର ଗତ୍ୟାତ୍ମକ ଚେତନାଟି ମଧ୍ୟ ଆପଣାର ପ୍ରତ୍ୟେକ ପଦକ୍ଷେପ ତଥା ପ୍ରତ୍ୟେକ କର୍ମରେ ଏକ ଚିନ୍ମୟ ସ୍ୱାତନ୍ତ୍ର୍ୟ ଓ ଏକ ଆତ୍ମପରିପୂର୍ଣ୍ଣତାର ଅନୁଭୂତି ଲାଭ କରୁଥିବ । ସମଗ୍ରଟି ସହିତ ତାହାର ଯେଉଁ ସମ୍ବନ୍ଧ ରହିଛି, ସେ ତାହାରି ପରିପ୍ରେକ୍ଷୀରେହିଁ ସବୁକିଛି ଦେଖିବ, ଯାହା ଫଳରେ କି ତାହାର ପ୍ରତ୍ୟେକ ପଦକ୍ଷେପ ଜ୍ୟୋତିବିଭାସିତ ହୋଇ ରହିଥିବ, ସ୍ୱତଃ ଆନନ୍ଦ ଓ ପରିତୃପ୍ତିରେ ପୂର୍ଣ୍ଣ ହୋଇ ରହିଥିବ, କାରଣ ପ୍ରତ୍ୟେକଟି ପଦକ୍ଷେପ ଏକ ଜ୍ୟୋତିର୍ମୟ ସମଗ୍ରତା ସହିତ ସଂଯୁକ୍ତ ହୋଇ ରହିଥିବ । ଏହି ଚେତନାଟି, ଆଧ୍ୟାତ୍ମିକ ସମଗ୍ରତାଟି ମଧ୍ୟରେ ଅଧିଷ୍ଠିତ ରହି ତାହାରି ପ୍ରେରଣାରେହିଁ ଆପଣାର କାର୍ଯ୍ୟ କରିବା, ସତ୍ତ୍ୱର ମର୍ମଗତ ଭୂମିରେ ତଥା ତାହାର କ୍ରିୟାଶୀଳ ସକଳ ଗତ୍ୟାତ୍ମକତାରେ ଏକ ପୂର୍ଣ୍ଣପରିତୃପ୍ତ ସମଗ୍ରତାର ଅନୁଭୂତି ଲାଭ କରିବା ଏବଂ ପ୍ରତ୍ୟେକ ପଦକ୍ଷେପରେହିଁ ସେହି ସମଗ୍ରତା ସହିତ ନାନାଭାବେ ସମ୍ବନ୍ଧିତ ରହିଥିବାର ଅନୁଭୂତି ଲାଭ କରୁଥିବା;—ଏହାକୁହିଁ ଆମେ ଏକ ଅତିମାନସ ଚେତନାର ସ୍ୱକୀୟ ଲକ୍ଷଣ ବୋଲି ଜାଣିବା ଏବଂ ସେହି ଜାଣିବାର ସାହାଯ୍ୟରେହିଁ ଅବିଦ୍ୟାଶ୍ରିତ ଆମର ଏହି ଚେତନାଟିର ଅଜ୍ଞାନପୂର୍ଣ୍ଣ ସୋପାନକ୍ରମଟିରୁ ତାହାର ପାର୍ଥକ୍ୟଟିକୁ ନିରୂପଣ କରିପାରିବା । ବିଜ୍ଞାନମୟ ଭୂମିରେ ଅବସ୍ଥିତି ଓ ତଜ୍ଜନିତ ଆନନ୍ଦ ହେଉଛି ଏକ ବସ୍ତୁତୋଗତ ସମଗ୍ର ଅବସ୍ଥିତି ଏବଂ ସମଗ୍ର ଆନନ୍ଦ; ଏବଂ ଭିନ୍ନ ଭିନ୍ନ ପ୍ରତ୍ୟେକ ଗତିକ୍ରିୟାଟି ମଧ୍ୟରେହିଁ ଏହି କ୍ଷେତ୍ରରେ ସେହି ସମଗ୍ରତା ତଥା ବିଶ୍ୱାତ୍ମକତା ଅବଶ୍ୟ ବିଦ୍ୟମାନ ରହିଥିବ । ପ୍ରତ୍ୟେକଟି ଗତିକ୍ରିୟା ମଧ୍ୟରେ ସେତେବେଳେ କେବଳ ଆଂଶିକ ଭାବରେହିଁ ଆତ୍ମସତ୍ତ୍ୱକୁ ଅନୁଭବ କରାଯିବ ନାହିଁ ବା ତାହାର ଆନନ୍ଦର କେବଳ ଏକ କ୍ଷୁଦ୍ର ଭଗ୍ନାଂଶହିଁ ଅନୁଭୂତ

'oaob.nitrkl.ac.in' images reprocessed

ହେବ ନାହିଁ; ମାତ୍ର ଏକ ପୂର୍ଣ୍ଣାଙ୍ଗ ସମଗ୍ର ସତ୍ତାର ସମୁଦାୟ ଗତିକ୍ରିୟାଟିର ବୋଧ ବର୍ତ୍ତମାନ ରହିଥିବ, ଏହାର ସମ୍ପୂର୍ଣ୍ଣ ଓ ସମଗ୍ର ସତ୍ତାଗତ ଆନନ୍ଦ ଅର୍ଥାତ୍ ସେହି ପରମ ଆନନ୍ଦଟି ବର୍ତ୍ତମାନ ରହିବ । ବିଜ୍ଞାନମୟ ବ୍ୟକ୍ତିସତ୍ତାର ଜ୍ଞାନ କର୍ମରେହିଁ ଆପଣାର ଉପଲବ୍ଧି କରିବ; ସେତେବେଳେ ଏହା କେବଳ ମନୋମୟ ଭାବନାଗତ ଏକ ଜ୍ଞାନ ହୋଇ ରହିବ ନାହିଁ, ମାତ୍ର ତାହା ସେହି ଅତିମାନସରହିଁ ପରମ ସଦ୍‌ଭୂତ ଜ୍ଞାନ ହୋଇ ରହିଥିବ, ପରାଚେତନାର ସେହି ସ୍ୱରୂପଜ୍ୟୋତିର ପ୍ରକାଶ ହୋଇ ରହିଥିବ; ସତ୍ତା ଓ ସମ୍ଭୂତିଗତ ସକଳ ସତ୍ୟର ଆତ୍ମଜ୍ୟୋତି ରୂପରେ ତାହା ଆପଣାକୁ ନିୟତ ଅଜାଡ଼ି ଦେବାରେ ଲାଗିଥିବ ଏବଂ ଆପଣା ଅସ୍ତିତ୍ୱର ଶୁଦ୍ଧ ତଥା ସମ୍ପୂର୍ଣ୍ଣ ଆନନ୍ଦଦ୍ୱାରା ପ୍ରତ୍ୟେକଟି କର୍ମ ଓ କ୍ରିୟାକୁ ପରିପୂର୍ଣ୍ଣ କରି ଦେଉଥିବ । କାରଣ ତାଦାତ୍ମ୍ୟଜ୍ଞାନର ସାମର୍ଥ୍ୟ ରଖିଥିବା ଏହି ଅନନ୍ତ ଚେତନା ସର୍ବଦା ପ୍ରତ୍ୟେକ କ୍ରିୟାର ପ୍ରତ୍ୟେକଟି ବିଶେଷତା ମଧ୍ୟରେ ବର୍ତ୍ତମାନ ରହିଥିବ, ସେଥିରେ ସେହି ପରମ ତଦାତ୍ମକତାର ଆନନ୍ଦ ଓ ଅନୁଭୂତି ବର୍ତ୍ତମାନ ରହିଥିବ, ଏବଂ ତାହାଫଳରେ ଅନ୍ତବିଶିଷ୍ଟ ପ୍ରତ୍ୟେକ ବସ୍ତୁରେ ପରମ ଅନନ୍ତର ସ୍ପର୍ଶ ମିଳିଯାଉଥିବ ।

ବିଜ୍ଞାନମୟ ଚେତନାର ବିବର୍ତ୍ତନ ହେବା ସଙ୍ଗେ ସଙ୍ଗେ ବିଶ୍ୱଜଗତ ସମ୍ବନ୍ଧରେ ଆମର ସକଳ ଚେତନା ତଥା ଏହି ଜଗତରେ ଆମେ କରୁଥିବା ସକଳ କ୍ରିୟା ମଧ୍ୟରେ ଏକ ରୂପାନ୍ତର ସାଧିତ ହୋଇଯାଏ । କାରଣ ଆପଣା ସର୍ବାନ୍ତ-ସମନ୍ୱିତାର ନୂତନ ଶକ୍ତିଟି ମଧ୍ୟକୁ ତାହା ଯେ କେବଳ ଆମର ଅନ୍ତର୍ଭୂମିଗତ ଅସ୍ତିତ୍ୱଟିକୁ ଗ୍ରହଣ କରିନିଏ ତାହା ନୁହେଁ, ତାହା ଆମର ଏହି ବହିର୍ଗତ ତଥା ବିଶ୍ୱଗତ ଅସ୍ତିତ୍ୱକୁ ମଧ୍ୟ ତାହା ମଧ୍ୟରେ ଗ୍ରହଣ କରିନିଏ । ସେତେବେଳେ ଏହି ଦୁଇଟିଯାକ ପୁଣି ନୂତନ ଭାବରେ ତିଆରି ହୁଏ, ଉଭୟଙ୍କୁ ନେଇ ଆଧ୍ୟାତ୍ମିକ ଅସ୍ତିତ୍ୱର ବୋଧ ଏବଂ ସାମର୍ଥ୍ୟଟି ମଧ୍ୟରେ ଗୋଟିଏ ପୂର୍ଣ୍ଣାଙ୍ଗତା ଭିତରେ ଏକାଠି ବାନ୍ଧି ଦିଆହୁଏ । ଏହି ପରିବର୍ତ୍ତନ ଫଳରେ ଅବ୍ୟବହିତ ଭାବରେ ଆମ ଜୀବନର ଏହି ବର୍ତ୍ତମାନ ଜୀବନର ଧାରାଟିରେ ଏକ ରୂପାନ୍ତର ଆସି ପହଞ୍ଚେ, ଆମର ପୁରୁଣା ଧାରାଟି ସମ୍ପୂର୍ଣ୍ଣ ଭାବରେ ପରିହୃତ ହୋଇ ରହେ ଏବଂ ଏହାର ଅନ୍ତର୍ଗତ ପ୍ରବୃତ୍ତି ଓ ଆକୂତିଟି ପରିପୂର୍ଣ୍ଣତା ଲାଭ କରେ । କାରଣ ଏଠାରେ ଆମେ ଦୁଇଟି ଗତିର ମଧ୍ୟବର୍ତ୍ତୀ ହୋଇ ଠିଆ ହୋଇଅଛୁ; ଗୋଟିଏ ପାଖରେ ପ୍ରାଣ ତଥା ଜଡ଼ର ବାହ୍ୟ ଜଗତଟି ବର୍ତ୍ତମାନ ଥାଏ, ସେହି ଜଗତଟିହିଁ ଆମର ଏହି ରୂପଟିର ନିର୍ମାଣ କରିଥାଏ; ଏବଂ ଅପର ପାଖରେ ବିବର୍ତ୍ତନ ଲାଭ କରୁଥିବା ଚିଦ୍‌ବସ୍ତୁର ଅନୁବୋଧନରେ ଆମେ ଆମର ଜଗତଟିକୁ ଏକ ନବଗଠିତ ରୂପ ଦେବାକୁ ମଧ୍ୟ ବାହାରିଅଛୁ । ଏହି ଦୃଷ୍ଟିରୁ ଦେଖିଲେ ଆମ ଜୀବନାଚରଣର ଏହି ଧାରାଟି ଏକାଧାରରେ ପ୍ରାଣଶକ୍ତି ଓ ଜଡ଼ର ଅଧୀନସ୍ଥ ହୋଇ ରହିବା ତଥା ସେହି ପ୍ରାଣ ଓ ଜଡ଼ ସହିତ ଅନୁକ୍ଷଣ ଏକ ସଂଗ୍ରାମରେ

'oaob.nitrkl.ac.in' images reprocessed

ରତ ରହିବାକୁହିଁ ବୁଝାଉଥାଏ । ଆପଣାର ପ୍ରଥମ ଆବିର୍ଭାବରେ ଏକ ବହିର୍ଗତ ସତ୍ତା ତାହାପ୍ରତି ଆମର ପ୍ରତିକ୍ରିୟାଗୁଡ଼ିକୁ ନେଇ ଏକ ଅନ୍ତର୍ଗତ ବା ମନୋମୟ ସତ୍ତାର ରଚନା କରିଥାଏ । ସେତେବେଳେ ଆମେ ଆପଣାକୁ କୌଣସି ନିର୍ଦ୍ଦିଷ୍ଟ ଆକାରରେ ଗଢ଼ିବାଲାଗି ସମର୍ଥ ହେଲେ ମଧ୍ୟ ତଥାପି ଅଧିକାଂଶ ମନୁଷ୍ୟଙ୍କର ଜୀବନରେ ଏକ ବିମୁକ୍ତ ଆତ୍ମା ତଥା ବିମୁକ୍ତ ବୁଦ୍ଧିର ସଚେତନ ରୂପ ପଦ୍ଧତିଦ୍ୱାରା ଏହି ରଚନା ଯେତେ ସମ୍ଭବ ହୋଇ ନ ଥାଏ, ଆମର ପରିବେଶଟି ଲାଗି ଏବଂ ଆମ ଉପରେ କାର୍ଯ୍ୟ କରୁଥିବା ବିଶ୍ୱମୟ ପ୍ରକୃତିଟି ଲାଗି ଆମେ ଜଣାଉଥିବା ପ୍ରତିସ୍ପନ୍ଦନଟି ଦ୍ୱାରାହିଁ ତାହା ଅଧିକ ପରିମାଣରେ ରଚିତ ହୋଇଥାଏ । ମାତ୍ର ଆମ ଚେତନ ସତ୍ତାଟିର ବିକାଶ ହେବା ସଙ୍ଗେ ସଙ୍ଗେ ଆମେ ଏକ ଅନ୍ତର୍ଗତ ଅସ୍ତିତ୍ୱ ଆଡ଼କୁହିଁ କ୍ରମଶଃ ଅଗ୍ରସର ହେବାରେ ଲାଗୁ; ଏହି ଅନ୍ତର୍ଗତ ଅସ୍ତିତ୍ୱଟି ଆପଣାର ଜ୍ଞାନ ଓ ସାମର୍ଥ୍ୟଦ୍ୱାରା ଆପଣା ଜୀବନଧାରଣର ବାହ୍ୟ ରୂପାୟନଟିକୁ ମଧ୍ୟ ଗଠନ କରିନିଏ, ଆପଣା ଜୀବନ ଲାଗି ଆତ୍ମ-ଅଭିବ୍ୟକ୍ତିର ଅନୁକୂଳ ଏକ ପରିବେଶ ମଧ୍ୟ ସୃଷ୍ଟି କରିନିଏ । ବିଜ୍ଞାନମୟ ପ୍ରକୃତିକୁ ଆସି ଏହି ଗତିକ୍ରିୟାଟି ଆପଣାର ଚରମ ସିଦ୍ଧି ଲାଭ କରେ, ଜୀବନସ୍ମରଣାର ପ୍ରକୃତି ସେତେବେଳେ ଏକ ଉପଲବ୍ଧ ଅନ୍ତର୍ଜୀବନରୂପେ ପ୍ରତିଷ୍ଠିତ ହୋଇଉଠେ ଏବଂ ତାହାରି ଆଲୋକ ତଥା ସାମର୍ଥ୍ୟହିଁ ବହିର୍ଜୀବନର କ୍ଷେତ୍ରରେ ପରିପୂର୍ଣ୍ଣ ମୂର୍ତ୍ତିରୂପ ଧାରଣ କରେ । ବିଜ୍ଞାନମୟ ବ୍ୟକ୍ତି ପ୍ରାଣ ତଥା ଜଡ଼ର ଏହି ଜଗତଟିକୁ ଆପଣାର ଜଗତରୂପେ ଗ୍ରହଣ କରିନିଏ ସତ, ମାତ୍ର ଆପଣାର ଜୀବନରେ ସେ ଯେଉଁ ସତ୍ୟ ତଥା ଉଦ୍ଦେଶ୍ୟଟିଦ୍ୱାରା ପ୍ରେରିତ ହୋଇ ରହିଛି, ପ୍ରାଣ ଓ ଜଡ଼କୁ ସେ ଠିକ୍ ସେହି ଅନୁସାରେହିଁ ଅନୁକୂଳିତ କରିନିଏ, ଠିକ୍ ତାହାରି ଆଡ଼କୁ ମୁହାଁଇଦିଏ । ଆପଣା ଭିତରେ ବିଧୃତ ଆଧ୍ୟାତ୍ମିକ ଆଦର୍ଶରୂପଟି ଅନୁସାରେ ସେ ଜୀବନଟିକୁ ପୁଣି ଗଢ଼ିନିଏ; ଏକଥାଟି କରି ପାରିବାରେ ସେ କଦାପି ଅସମର୍ଥ ହୁଏ ନାହିଁ, କାରଣ ସେ ଏକ ଆଧ୍ୟାତ୍ମିକ ସୃଷ୍ଟିର ଗୋପନ ସୂତ୍ରଟିକୁ ପାଇ ଯାଇଥାଏ ଏବଂ ଆପଣା ଅନ୍ତର ଭିତରେ ବିରାଜିତ ପରମସ୍ରଷ୍ଟାଙ୍କ ସହିତ ତାହାର ଯିଏ ଲାଗି ସାରିଥାଏ, ସେ ତାଙ୍କରି ସହିତ ଏକରୂପତା ଅର୍ଜନ କରି ସାରିଥାଏ । ପ୍ରଥମେ ତାହାର ବ୍ୟକ୍ତିଗତ ଜୀବନର ଅନ୍ତର୍ଭୂମି ତଥା ବହିର୍ଭୂମିରେ ଏହି ନୂତନ ଗଠନଟି ସାଧିତ ହୁଏ, ମାତ୍ର ବିଜ୍ଞାନମୟ ଯେକୌଣସି ସମୂହଗତ ଜୀବନରେ ମଧ୍ୟ ଠିକ୍ ସେହି ଶକ୍ତି ତଥା ତତ୍ତ୍ୱଟି ସେହିପରି ସମାନ ଭାବରେ ଅବଶ୍ୟ କାର୍ଯ୍ୟ କରିପାରିବ । ଜଣେ ବିଜ୍ଞାନମୟ ବ୍ୟକ୍ତି ବିଜ୍ଞାନମୟ ଆଉ ଜଣେ ବ୍ୟକ୍ତିର ସମ୍ପର୍କରେ ଆସିଲେ ତଦ୍ଦ୍ୱାରା ସେମାନଙ୍କ ମଧ୍ୟରେ ରହିଥିବା ସେହି ଏକ ବିଜ୍ଞାନମୟ ଆତ୍ମସତ୍ତା ତଥା ପରାପ୍ରକୃତିହିଁ ଅଭିବ୍ୟକ୍ତ ଲାଭ କରିବ ଏବଂ ସମୁଦାୟ ସାଧାରଣ ଜୀବନଟିକୁ ମଧ୍ୟ ତାହା ଆପଣାର ଏକ ତାତ୍ପର୍ଯ୍ୟମୟ ସାମର୍ଥ୍ୟ ତଥା ରୂପରେ ପ୍ରକାଶିତ କରିଦେବ ।

'oaob.nitrkl.ac.in' images reprocessed

ଅଧ୍ୟାତ୍ମଜୀବନର ସକଳ କ୍ଷେତ୍ରରେ ଅନ୍ତର୍ଜୀବନରହିଁ ସବୁଠାରୁ ଅଧିକ ମହତ୍ତ୍ୱ ରହିଛି । ଅଧ୍ୟାତ୍ମ ବୋଧଦ୍ୱାରା ପ୍ରେରିତ ବ୍ୟକ୍ତି ସର୍ବଦା ଅନ୍ତର୍ଭୂମିରେ ଅବସ୍ଥିତ ରହିହିଁ ଆପଣାର ଜୀବନ ଧାରଣ କରୁଥାଏ, ପରିବର୍ତ୍ତନ ଲାଗି ଆଦୌ ସମ୍ମତ ହୋଇ ନଥିବା ଅବିଦ୍ୟାଶ୍ରିତ ଏକ ଜଗତ ମଧ୍ୟରେ ତାହାକୁ ଗୋଟାଏ ଦୃଷ୍ଟିରୁ ଏହି ଜଗତଠାରୁ ଅଲଗା ହୋଇ ରହିବାକୁ ପଡ଼େ ଓ ଅବିଦ୍ୟାଗତ ଯାବତୀୟ ତାମସୀଶକ୍ତିର ଅନୁପ୍ରବେଶ ଓ ପ୍ରଭାବ ବିରୁଦ୍ଧରେ ଆପଣାର ଅନ୍ତର୍ଗତ ଜୀବନକୁ ଜଗିକରି ରହିବାକୁ ପଡ଼େ । ଏହି ଜଗତ ମଧ୍ୟରେ ରହିଥିବାବେଳେ ମଧ୍ୟ ସେ ଏହି ଜଗତର ବାହାରେ ରହିଥାଏ; ଏହି ଜଗତ ଉପରେ କୌଣସି କ୍ରିୟା କରିବାକୁ ପଡ଼ିଲାବେଳେ ମଧ୍ୟ ସେ ଆପଣାର ଅନ୍ତର୍ଗତ ଅଧ୍ୟାତ୍ମସତ୍ତାଟିର ଦୁର୍ଗ ଭିତରେ ରହିହିଁ ତାହା କରୁଥାଏ ଏବଂ ସେହି ଦୁର୍ଗ ଭିତରେ ଆପଣାର ନିବିଡ଼ତମ ଅନ୍ତର୍ସଞ୍ଚରଣର ପ୍ରଦେଶରେ ସେ ସର୍ବୋଚ୍ଚ ପରମସତ୍ତାଙ୍କ ସହିତ ଏକରସ ହୋଇ ରହିଥାଏ ଅର୍ଥାତ୍ ସେଠାରେ କେବଳ ତା'ର ଆତ୍ମା ଓ ପରମେଶ୍ୱରହିଁ ଏକତ୍ର ଓ ଏକାକୀ ଅବସ୍ଥାନ କରୁଥା'ନ୍ତି । ବିଜ୍ଞାନମୟ ଜୀବନ କହିଲେ ସର୍ବଦା ଏକ ଅନ୍ତର୍ଗତ ଜୀବନକୁହିଁ ବୁଝାଇବ, ଯେଉଁଠାରେ କି ଭିତରେ ଓ ବାହାର ତଥା ଆତ୍ମସତ୍ତା ଓ ଜଗତ୍‌ସତ୍ତା ମଧ୍ୟରେ ଯାବତୀୟ ବିରୋଧିତାର ଉପଶମ ଘଟିଥିବ, ଅର୍ଥାତ୍ ସେଗୁଡ଼ିକ ଅନ୍ତର୍ଦ୍ଧାନ ହୋଇ ଯାଇଥିବ । ବସ୍ତୁତଃ ବିଜ୍ଞାନମୟ ପୁରୁଷ ଆପଣାର ଏକ ଅନ୍ତରତମ ଭୂମିରେ ଜୀବନ ଧାରଣ କରୁଥିବ, ଯେଉଁଠାରେ କି କେବଳ ସେଇ ଭଗବାନଙ୍କ ସହିତ ଏକତ୍ର ବାସ କରୁଥିବ, ପରମ ଶାଶ୍ୱତସତ୍ତା ସହିତ ଏକାତ୍ମକ ହୋଇ ରହିଥିବ, ସ୍ୱୟଂପ୍ରଣୋଦିତ ଭାବରେ ସେହି ପରମ ଅନନ୍ତ ମଧ୍ୟରେ ନିମଗ୍ନ ରହିଥିବ ଏବଂ ତାହାର ତୁଙ୍ଗ ଶିଖରଗୁଡ଼ିକ ସହିତ ତଥା ତାହାର ଜ୍ୟୋତିର୍ବିଭାସିତ ନିଭୃତ ଗହ୍ୱରଗୁଡ଼ିକ ସହିତ ସଂଯୁକ୍ତ ହୋଇ ରହିଥିବ । ସେହି ଗହ୍ୱରର ଶାନ୍ତିରେ ବ୍ୟାଘାତ ଜନ୍ମାଇବାକୁ ବା ସେଗୁଡ଼ିକ ଉପରେ ଯାଇ ଆକ୍ରମଣ କରିବାକୁ ବା ତାହାକୁ ସେହି ଉଚ୍ଚାଧିଷ୍ଠାନରୁ ତଳକୁ ଖସାଇ ଆଣିବାକୁ ଆଉ କାହାରି ସାଧ୍ୟ ନଥିବ; ଏହି ଜଗତର କୌଣସି ତତ୍ତ୍ୱ, ତାହାର କର୍ମ ବା ତାହାର ଚତୁର୍ଦ୍ଦିଗରେ ଯାହାକିଛି ବିସ୍ତୃତ ହୋଇ ରହିଛି, କେହି ତାକୁ ବିଚଳିତ କରି ପାରିବ ନାହିଁ । ଅଧ୍ୟାତ୍ମଜୀବନର ଏହି ଦିଗଟିକୁ ଆମେ ତାହାର ସ୍ୱାତ୍ମଗତତାର ଦିଗ ବୋଲି କହିବା, ଏବଂ ଆମ ଚିନ୍ମୟ ପ୍ରକୃତିର ସ୍ୱାତନ୍ତ୍ର୍ୟଲାଗି ଏହାର ସବୁବେଳେ ପ୍ରୟୋଜନ ରହିଛି; କାରଣ ତାହା ନହେଲେ ପ୍ରକୃତି ମଧ୍ୟରେ ରହି ଜଗତ ସହିତ ଏକାତ୍ମତା ଅର୍ଜନ କଲେ ତଦ୍ୱାରା ଆମେ ନାନା ସୀମାବଦ୍ଧତାଦ୍ୱାରା ବାନ୍ଧି ହୋଇ ପଡ଼ିବା, ଏବଂ ସେହି ଏକାତ୍ମତା ଆଉ ଏକ ବିମୁକ୍ତ ଏକାତ୍ମତା ହୋଇ କଦାପି ରହି ପାରିବ ନାହିଁ । ମାତ୍ର ତାହା ସଙ୍ଗେସଙ୍ଗେ ଅନ୍ତରର ସେହି ଯୋଗ ଏବଂ ଏକାତ୍ମ ଅନୁଭବ ହୃଦୟ ମଧ୍ୟରେ ଭଗବତ୍‌ପ୍ରେମ ଓ ଦିବ୍ୟ ଆନନ୍ଦରୂପେ ପ୍ରକାଶିତ

'oaob.nitrkl.ac.in' images reprocessed

ହୋଇଉଠିବ ଏବଂ ସେହି ପ୍ରେମ ଓ ଆନନ୍ଦ ସଂପ୍ରସାରିତ ହୋଇ ନିଖିଳ ଜଗତକୁ ଆପଣାର ହୃଦୟଟି ଭିତରେ ସମ୍ପୃକ୍ତ ରଖିବ । ଅନ୍ତରସ୍ଥ ଦିବ୍ୟ ପ୍ରଶାନ୍ତି ଜଗତକୁ ବିଜ୍ଞାନମୟ ଭାବରେ ଅନୁଭବ କରିବାର ଭୂମି ଉପରେ ସମତାଦୃଷ୍ଟିର ଏକ ବିଶ୍ୱଜନୀନ ଶାନ୍ତି ଅବସ୍ଥାକୁ ପ୍ରସାରିତ ହୋଇଯିବ । ସେହି ଶାନ୍ତି ଅବସ୍ଥା କେବଳ ଏକ ନିଷ୍କ୍ରିୟ ଅବସ୍ଥା ହୋଇ ରହିବ ନାହିଁ, ତାହା ଗତିଶୀଳ ହୋଇ ରହିଥିବ; ଏକତ୍ୱାନୁଭବରୁ ଯେଉଁ ବସ୍ତୁ କର ଉପଲବ୍ଧି ହୋଇଥାଏ, ସେହି ବସ୍ତୁ ହିଁ ଏହି ଶାନ୍ତିର ଉତ୍ସପ୍ରେରକ ହୋଇଥିବ; ଯାହାକିଛି ତାହାକୁ ଆସି ସ୍ପର୍ଶ କରିବ, ଏହି ଶାନ୍ତି ତାହାକୁ ପ୍ରଭାବିତ କରି ରଖିବ; ଏହାମଧ୍ୟରେ ଯାହାକିଛି ପ୍ରବେଶ କରୁଥିବ, ଏହି ଶାନ୍ତି ତାହାର ସକଳ ତାପ ଦୂର କରି ତାହାକୁ ଶାନ୍ତ କରି ଦେଉଥିବ; ଅତିମାନସ ବ୍ୟକ୍ତି ବାସ କରୁଥିବା ଜଗତଟି ସହିତ ତାହାର ଯାବତୀୟ ସମ୍ବନ୍ଧରେ ଏହା ଆପଣା ଶାନ୍ତିର ବିଧାନଟିକୁ ନେଇ ଅବସ୍ଥାପିତ କରି ଦେଉଥିବ । ତାହାର ଯାବତୀୟ କର୍ମରେ ଏହି ଅନ୍ତର୍ଗତ ଏକତ୍ୱବୋଧ ଏବଂ ଅନ୍ତର୍ଗତ ଯୋଗଟି ତାହାର ସଙ୍ଗେସଙ୍ଗେ ରହିଥିବ, ଅନ୍ୟମାନଙ୍କ ସହିତ ରହିଥିବା ତାହାର ଯାବତୀୟ ସମ୍ବନ୍ଧରେ ପ୍ରବିଷ୍ଟ ହୋଇ ରହିଥିବ । ଅନ୍ୟମାନଙ୍କୁ ସେ ପ୍ରକୃତରେ ଅନ୍ୟମାନେ ବୋଲି ଅନୁଭବ କରିବ ନାହିଁ, ଏକ ଅଦ୍ୱୟ ଅସ୍ତିତ୍ୱ ଅର୍ଥାତ୍ ତା'ର ଆପଣାର ବିଶ୍ୱଗତ ଅସ୍ତିତ୍ୱର ଭୂମି ଉପରେ ସେମାନଙ୍କୁ ସେ ଆପଣାରହିଁ ଅନେକ ଆତ୍ମା ବୋଲି ଅନୁଭବ କରୁଥିବ । ତଦ୍‌ଗତ ଭୂମିର ଏହି ସଂପ୍ରତିଷ୍ଠତା ତଥା ସ୍ୱାତନ୍ତ୍ର୍ୟହିଁ ତାକୁ ତା'ର ଅଧ୍ୟାତ୍ମ ଆତ୍ମସତ୍ତା ମଧ୍ୟରେ ଅବସ୍ଥିତ ରହି ମଧ୍ୟ ଆପଣା ମଧ୍ୟରେ ସକଳ ଜୀବନକୁ ଗ୍ରହଣ କରିନେବା ଲାଗି ସମର୍ଥ କରାଇବ, ନିଜେ ଅବିଦ୍ୟା ମଧ୍ୟରେ ପ୍ରବେଶ ନକରି ଏହି ଅବିଦ୍ୟାଗ୍ରସ୍ତ ଜଗତଟିକୁ ମଧ୍ୟ ଆଲିଙ୍ଗନ କରି ଧରିବାଲାଗି ତାକୁ ସାମର୍ଥ୍ୟ ଆଣିଦେବ ।

ବିଜ୍ଞାନମୟ ପୁରୁଷ ମଧ୍ୟରେ ଆତ୍ମସମାହିତ ଏକ ବିନ୍ଦୁଚେତନାରେ ତା'ର ବିଶ୍ୱାତ୍ମ ଅନୁଭବଟି ଫୁଟିଉଠିବ; ଏହା ହେଉଛି ତାହାର ପ୍ରାକୃତ ରୂପ ଏବଂ ଏହି ରୂପରେ ସିଏ ମଧ୍ୟ ଏହି ବିଶ୍ୱରେ ଜଣେ । ମାତ୍ର ଠିକ୍ ସେହି ଅନୁଭବ ଦ୍ୱାରାହିଁ ସେ ସେହି ଏକତ୍ୱାନୁଭବ ମଧ୍ୟରେ ଆପଣାକୁ ବିଚ୍ଛୁରିତ ଓ ପ୍ରସାରିତ କରିଦେଇ ଯୁଗପତ୍ ଭାବରେ ଆପଣାକୁ, ସମଗ୍ର ବିଶ୍ୱକୁ, ସକଳ ପ୍ରାଣୀଙ୍କୁ ଆପଣା ମଧ୍ୟରେ ବହନ କରୁଥିବା ଜଣେ ବ୍ୟକ୍ତିରୂପେ ଅନୁଭବ କରିବ । ସତ୍ତାର ଏହି ସଂପ୍ରସାରଣଟି କେବଳ ଆତ୍ମସତ୍ତାର ଅଭିନ୍ନତା ମଧ୍ୟରେ ଏକ ସଂପ୍ରସାରଣ ହୋଇ ରହିବ ନାହିଁ ବା କେବଳ ସାମାନ୍ୟ-ବୋଧଗତ ଧାରଣା ଅଥବା ଦୃଷ୍ଟି ଭିତରେହିଁ ଏକ ସଂପ୍ରସାରଣ ହେବ ନାହିଁ, ମାତ୍ର ଏହି ଅଭିନ୍ନତା ହୃଦୟର କ୍ଷେତ୍ରକୁ ମଧ୍ୟ ପ୍ରସାରିତ ହୋଇଯିବ, ଇନ୍ଦ୍ରିୟବୋଧ ଏବଂ ଏକ ସ୍ଥୂଳ ଭୌତିକ ଚେତନାର କ୍ଷେତ୍ରକୁ ମଧ୍ୟ ପ୍ରସାରିତ ହୋଇଯିବ । ସେ ଏପରି ଏକ ବିଶ୍ୱାତ୍ମକ ଚେତନାର ଅଧିକାରୀ ହୋଇ ରହିବ ଏବଂ ଏପରି ଏକ ନୂତନ

'oaob.nitrkl.ac.in' images reprocessed

ଇନ୍ଦ୍ରିୟବୋଧ ତଥା ଅନୁଭବଶକ୍ତି ଲାଭ କରିବ ଯାହାଫଳରେ କି ବିଷୟକ୍ଷେତ୍ରଗତ ସକଳ ଜୀବନ ତା'ର ଆଶ୍ରୟଗତ ଅସ୍ତିତ୍ୱରହିଁ ଏକ ଅଂଶ ହୋଇ ରହିବ ଏବଂ ଯାହା ଫଳରେ ସେ ପ୍ରତ୍ୟେକ ବସ୍ତୁ ଓ ପ୍ରତ୍ୟେକ ରୂପରେ କେବଳ ସେହି ଦିବ୍ୟତାରହିଁ ଉପଲବ୍ଧି କରିବ, କେବଳ ଦିବ୍ୟତାକୁ ଅନୁଭବ କରିବ, ଦିବ୍ୟତାକୁ ଦେଖିବ ଓ ଦିବ୍ୟତାକୁହିଁ ଶ୍ରବଣ କରିବ । ସକଳ ରୂପାୟନ ତଥା ସକଳ ଗତିସ୍ପନ୍ଦନ ସତେଅବା ତାହାର ଆପଣାର ବିରାଟ ଆତ୍ମସତ୍ତା ଭିତରେହିଁ ସଂଘଟିତ ହେଉଥିବା ପରିହିଁ ଉପଲବ୍ଧ ହେବ, ଇନ୍ଦ୍ରିୟଦ୍ୱାରା ଅନୁଭୂତ ହେବ, ପରିଦୃଷ୍ଟ, ପରିଶ୍ରୁତ ତଥା ଅନୁଭୂତ ହେବ । କେବଳ ତାହାର ବହିର୍ଗତ ଜୀବନଟି ସହିତ ନୁହେଁ, ତା'ର ଅନ୍ତର୍ଗତ ଜୀବନ ସହିତ ମଧ୍ୟ ଏହି ବିଶ୍ୱଜଗତ ସଂଯୁକ୍ତ ହୋଇ ରହିଥିବ । କେବଳ ଏକ ବହିଃସଂସ୍ପର୍ଶ ଦ୍ୱାରା ସେ ବିଶ୍ୱର ବହିଃସ୍ଥ ରୂପଟାରହିଁ ସଂସ୍ପର୍ଶ ଲାଭ କରିବ ନାହିଁ, ପ୍ରତ୍ୟେକ ବସ୍ତୁ ତଥା ପ୍ରତ୍ୟେକ ଜୀବର ଅନ୍ତରାତ୍ମାଟି ସହିତ ତା'ର ଏକ ଅନ୍ତର୍ଗତ ସଂସ୍ପର୍ଶ ରହିଥିବ । ପୂର୍ଣ୍ଣ ସଚେତନ ଭାବରେ ସେ ସେହିସବୁ ବସ୍ତୁ ତଥା ସେହିସବୁ ଜୀବର ଅନ୍ତରସ୍ଥ ତଥା ବହିଃସ୍ଥ ପ୍ରତିକ୍ରିୟାଗୁଡ଼ିକର ସଂସ୍ପର୍ଶ ଲାଭ କରିବ । ଏପରିକି ସେମାନେ ସ୍ୱୟଂ ଆପଣା ଭିତରେ ଅବସ୍ଥିତ ଯେଉଁସବୁର ବିଷୟରେ ସଚେତନ ବା ସମ୍ବିତ୍‌ସମ୍ପନ୍ନ ନଥିବେ, ବିଜ୍ଞାନମୟ ପୁରୁଷ ସେଗୁଡ଼ିକ ବିଷୟରେ ମଧ୍ୟ ପୂର୍ଣ୍ଣ ସମ୍ବିତ୍ ଲାଭ କରିଥିବ; ଏକ ଅନ୍ତର୍ଗତ ପୂର୍ଣ୍ଣବୋଧ ଦ୍ୱାରା ପ୍ରେରିତ ହୋଇ ସେ ସବୁକ୍ଷେତ୍ରରେ କାର୍ଯ୍ୟ କରିବ; ଏକ ପରିପୂର୍ଣ୍ଣ ସଂବେଦନଶୀଳତା ଓ ଏକତ୍ୱବୋଧ ସହିତ ସେ ସମସ୍ତଙ୍କର ସମ୍ମୁଖୀନ ହେବ, ମାତ୍ର ତଥାପି ଆପଣା ମଧ୍ୟରେ ଏକ ସ୍ୱାତନ୍ତ୍ର୍ୟକୁ ଅବଶ୍ୟ ବଜାୟ ରଖିଥିବ ଯାହାକୁ କି କୌଣସି ସଂସ୍ପର୍ଶ କଦାପି ବଶୀଭୂତ କରି ପାରିବ ନାହିଁ । ଏହି ଜଗତରେ ତାହାର ଯାବତୀୟ କ୍ରିୟା ପ୍ରଧାନତଃ ଏକ ଅନ୍ତର୍ଭୂମିଗତ କ୍ରିୟା ହୋଇ ରହିଥିବ, ଏବଂ ଏକ ଚିଦ୍‌ଗତ ସାମର୍ଥ୍ୟଦ୍ୱାରା, ଏହି ଜଗତରେ ଆପଣାକୁ ରୂପାୟିତ କରୁଥିବା ସେହି ଆଧ୍ୟାତ୍ମିକ-ଅଧିମାନସ ଭାବପ୍ରବେଗଟି ଦ୍ୱାରାହିଁ ସଂପ୍ରେରିତ ହୋଇ ସେ ଏହି କ୍ରିୟା କରୁଥିବ; ଏକ ଅନୁକ୍ତ ଓ ଅପ୍ରକଟ ବାଣୀଦ୍ୱାରା ସେହି କ୍ରିୟାଟି ସାଧିତ ହେଉଥିବ, ହୃଦୟର ଶକ୍ତିଦ୍ୱାରା, ଗତ୍ୟାତ୍ମକ ପ୍ରାଣର ସାମର୍ଥ୍ୟ ଦ୍ୱାରା ଏବଂ ସକଳ ବସ୍ତୁ ସହିତ ଏକାତ୍ମକ ହୋଇ ରହିଥିବା ଆତ୍ମସତ୍ତାର ସର୍ବାଚ୍ଛାଦୀ ଓ ସର୍ବଭେଦୀ ଶକ୍ତିଟି ଦ୍ୱାରା ସେହି କାର୍ଯ୍ୟ ଚାଲିଥିବ । ତାହାର ଯେଉଁ କ୍ରିୟାଟି ବାହାରକୁ ଦୃଶ୍ୟ ଓ ପ୍ରକଟ ହୋଇ ରହିଥିବ, ତାହା ଏହି ବ୍ୟାପ୍ତତର ଓ ଅଭିନ୍ନ ସମଗ୍ର କ୍ରିୟାଟିର କେବଳ ଗୋଟିଏମାତ୍ର ପ୍ରାନ୍ତ ବା ଶେଷଭାଗସ୍ଥ ଏକ ପ୍ରକ୍ଷେପଣ ହୋଇହିଁ ରହିଥିବ ।

ପୁଣି, ବିଜ୍ଞାନମୟ ବ୍ୟକ୍ତିସ୍ୱରୂପର ବିଶ୍ୱାତ୍ମକ ଅନ୍ତର୍ଜୀବନଟି କେବଳ ଯେ ଜଡ଼ଜଗତର ଅନ୍ତକ୍ଷେତ୍ରରେ ପରିବ୍ୟାପ୍ତ ରହି ଓ ସେଇଠି ସବୁକିଛିକୁ ଆପଣା ମଧ୍ୟରେ

'oaob.nitrkl.ac.in' images reprocessed

ଧରିରଖି ତାହାର ସ୍ପର୍ଶରେହିଁ ଆସିବ ତାହା ନୁହେଁ, ମାତ୍ର ସତ୍ତାର ଅନ୍ୟାନ୍ୟ ନାନା ଭୂମି ସହିତ ଅଧିଚେତନ ଅନ୍ତର୍ସତ୍ତାର ଯେଉଁ ସ୍ୱାଭାବିକ ସଂଯୋଗଟି ରହିଛି, ତାହାର ପୂର୍ଣ୍ଣୋପଲବ୍ଧି ମଧ୍ୟଦେଇ ସେ ତାହାକୁ ଅତିକ୍ରମ କରିଯିବ ଓ ଆପଣାକୁ ବିପୁଳତର କରି ପ୍ରସାରିତ କରିଦେବ । ସେହିସବୁ ଅନ୍ୟ ଭୂମିର ସାମର୍ଥ୍ୟ ତଥା ପ୍ରଭାବ ବିଷୟରେ ତାହାର ଜ୍ଞାନ ତାହାର ଅନ୍ତରନୁଭୂତିର ଏକ ସ୍ୱାଭାବିକ ବା ସାଧାରଣ ଉପାଦାନରେ ପରିଣତ ହୋଇ ଯାଇଥିବ । ଏହି ଜଗତରେ ଘଟୁଥିବା ଘଟଣାଗୁଡ଼ିକୁ ସେ କେବଳ ସେଗୁଡ଼ିକର ବାହ୍ୟ ଦିଗରୁହିଁ ଦେଖୁ ନଥିବ, ମାତ୍ର ଭୌତିକ ତଥା ପାର୍ଥିବ ଯାବତୀୟ ବିସୃଷ୍ଟି ଓ ଗତିସ୍ପନ୍ଦନ ପଛରେ ଯାହାସବୁ ପ୍ରଚ୍ଛନ୍ନ ହୋଇ ରହିଛି, ତାହାର ଆଲୋକ ଦ୍ୱାରା ମଧ୍ୟ ସେ ସେଗୁଡ଼ିକୁ ଦେଖି ପାରୁଥିବ । ଏହି ଉପଲବ୍ଧି ଫଳରେ ତାହାର ଭୌତିକ ଜଗତଟି ଉପରେ ଯେଉଁ ଶକ୍ତିଟି ରହିଛି, ତାହା ଉପରେ ବିଜ୍ଞାନମୟ ପୁରୁଷର କେବଳ ଯେ ଏକ ଋତଚିନ୍ମୟ ନିୟନ୍ତ୍ରଣ ରହିବ ତାହା ନୁହେଁ, ମାତ୍ର ପ୍ରାଣ ଓ ମନୋଗତ ଭୂମିଗୁଡ଼ିକର ସମ୍ପୂର୍ଣ୍ଣ ଶକ୍ତିଟି ଉପରେ ତଥା ଭୌତିକ ଜଗତର ଏହି ଅସ୍ତିତ୍ୱଟିକୁ ସର୍ବତୋଭାବେ ପୂର୍ଣ୍ଣ କରି ପାରିବାଲାଗି ସେମାନଙ୍କର ବୃହତ୍ତର ସାମର୍ଥ୍ୟ-ଗୁଡ଼ିକର ବ୍ୟବହାର ଉପରେ ମଧ୍ୟ ତାହାର ନିୟନ୍ତ୍ରଣ ରହିବ । ଏହି ବୃହତ୍ତର ଜ୍ଞାନ ଓ ସକଳ ଲୋକ ଉପରେ ଏହି ବ୍ୟାପ୍ତତର କର୍ତ୍ତୃତ୍ୱ ବିଜ୍ଞାନମୟ ପୁରୁଷର ଆପଣାର ପରିବେଶ ତଥା ଜଡ଼ ପ୍ରକୃତିର ଏହି ଜଗତ ଉପରେ ପ୍ରଭାବ ବିସ୍ତାର କରିବାର ଓ କ୍ରିୟା କରିବାର ଶକ୍ତିକୁ ଆହୁରି ଅନେକ ଗୁଣରେ ସମୃଦ୍ଧ କରିଦେବ ।

ଅତିମାନସହିଁ ଯାହାର ସତ୍ୟଚେତନା ହୋଇ ବିଦ୍ୟମାନ ରହିଛି, ସେହି ପରମ ସ୍ୱରୂପାବସ୍ଥିତି ମଧ୍ୟରେ କେବଳ ଅଧିଷ୍ଠିତ ହୋଇ ରହିବା ବ୍ୟତୀତ ଆଉ କୌଣସି ଅନ୍ୟ ଉଦ୍ଦେଶ୍ୟ ଥାଇ ନପାରେ; ସତ୍ତାର ଚେତନାରେ ଚେତନାଶୀଳ ହୋଇ ରହିବା ବ୍ୟତୀତ ସେହି ଚେତନାର ଅନ୍ୟ କୌଣସି ଉଦ୍ଦେଶ୍ୟ ଥାଇ ନପାରେ, ସ୍ୱରୂପରେହିଁ ଆନନ୍ଦମୟ ହୋଇ ରହିବା ବ୍ୟତୀତ ତାଙ୍କର ଆନନ୍ଦର ମଧ୍ୟ ଆଉ ଅନ୍ୟ କୌଣସି ଉଦ୍ଦେଶ୍ୟ ଥାଇ ନପାରେ । ସେହି ପରମ ଶାଶ୍ୱତତା ମଧ୍ୟରେ ସବୁକିଛି କେବଳ ସ୍ୱୟଂ-ଅବସ୍ଥିତ ଏବଂ ସ୍ୱୟଂସମ୍ପୂର୍ଣ୍ଣ ହୋଇ ରହିଛି । ଅଭିବ୍ୟକ୍ତ ବା ସମ୍ଭୂତିର ମଧ୍ୟ ଆପଣାର ଅତିମାନସଭୂମିସ୍ଥ ଗତିସ୍ପନ୍ଦନଟି ଭିତରେ ଠିକ୍ ଏହିସବୁ ଲକ୍ଷଣହିଁ ରହିଛି; ଏକ ସ୍ୱୟଂ-ଅବସ୍ଥିତ ତଥା ସ୍ୱୟଂସମ୍ପୂର୍ଣ୍ଣ ଛନ୍ଦୋମୟତା ମଧ୍ୟରେ ଏହି ସମ୍ଭୂତି ସେଠାରେ ସତ୍ତାଗତ ଏପରି ଏକ କ୍ରିୟାତ୍ମକତାକୁ ଧାରଣ କରି ରହିଛି ଯାହାକି ଆପଣାକୁ ସେହି ସମ୍ଭୂତିର ଏକ ବିପୁଳ ବୈଚିତ୍ର୍ୟମୟତାରୂପେହିଁ ପ୍ରତ୍ୟକ୍ଷ କରୁଛି; ଚୈତନ୍ୟମୟ ଏପରି ଏକ କ୍ରିୟାତ୍ମକତାକୁ ଧାରଣ କରି ରଖିଛି ଯାହାକି ଆତ୍ମଜ୍ଞାନର ବହୁବିଧ ରୂପରେ ରୂପାୟିତ ହେବାରେ ଲାଗିଛି; ସଚେତନ ସତ୍ତାଗତ ଶକ୍ତିର ଏପରି

'oaob.nitrkl.ac.in' images reprocessed

ଏକ ବିସ୍ତାତ୍ମକତାକୁ ଧାରଣ କରି ରହିଛି ଯାହାକି କେବଳ ଆପଣାର ବହୁବିଧ ସତ୍ତାଗତ ଶକ୍ତିର ମହିମା ତଥା ସୌନ୍ଦର୍ଯ୍ୟଟିକୁ ପ୍ରକାଶ କରି ଦେବାଲାଗି ବର୍ତ୍ତମାନ ରହିଛି; ଏବଂ ଆନନ୍ଦର ଏପରି ଏକ ବିସ୍ତାତ୍ମକତାକୁ ଧାରଣ କରିଛି ଯାହାକି ଆନନ୍ଦର ଅଗଣିତ ରୂପକୁ ଧାରଣ କରି ଚାଲିଛି । ଏଠି ଜଡ଼ ଭିତରେ ମଧ୍ୟ ଯେତେବେଳେ ଅଧିମାନସ ସତ୍ତା ଓ ଅଧିମାନସ ଚେତନା ସ୍ଫୁରିତ ହୋଇଉଠିବ, ସେତେବେଳେ ତାହା ଭିତରେ ମଧ୍ୟ ମୂଳତଃ ତାହାର ପ୍ରକୃତ ଠିକ୍ ସେହିପରି ରହିବ; ମାତ୍ର ସେଥିରେ କେତୋଟି ଗୌଣ ସ୍ୱଭାବ ଓ ଗୌଣ ଧର୍ମମାନ ଆସି ବି ଉପସ୍ଥିତ ହେବ, ଯାହାକି ସ୍ୱଭୂମିସ୍ଥିତ ଅଧିମାନସ ଏବଂ ଅସ୍ତିତ୍ୱର ଏହି ପାର୍ଥିବ ଭୂମି ଉପରେ ଆପଣାର ଅଭିବ୍ୟକ୍ତ ସାମର୍ଥ୍ୟଟି ମଧ୍ୟରେ ଆପଣାକୁ କାର୍ଯ୍ୟକାରୀ କରୁଥିବା ଅଧିମାନସ ମଧ୍ୟରେ ରହିଥିବା ପାର୍ଥକ୍ୟଟିକୁ ପ୍ରକଟ କରି ଦେଉଥିବ । କାରଣ ଏଠି ସତ୍ତା ଏକ ବିବର୍ତ୍ତନଶୀଳ ଅବସ୍ଥାରେ ରହିଥିବ, ଚେତନା ଓ ଆନନ୍ଦ ମଧ୍ୟ ଏକ ବିବର୍ତ୍ତନଶୀଳ ଅବସ୍ଥାରେ ରହିଥିବେ । ଅବିଦ୍ୟାଗତ ଚେତନା ମଧ୍ୟରୁ ସଚ୍ଚିଦାନନ୍ଦଗତ ଚେତନା ମଧ୍ୟକୁ ଏକ ପୂର୍ଣ୍ଣ ବିବର୍ତ୍ତନର ସଙ୍କେତରୂପେ ବିଜ୍ଞାନମୟ ପୁରୁଷର ଆବିର୍ଭାବ ଘଟିବ । ଅବିଦ୍ୟା ମଧ୍ୟରେ ରହିଥିବା ଅବସ୍ଥାରେ ଆମକୁ ପ୍ରଧାନତଃ ବୃଦ୍ଧି ଲାଭ କରିବାକୁ ହୁଏ, ଜାଣିବାକୁ ହୁଏ ଓ ବିସ୍ତାରତ ରହିବାକୁ ହୁଏ; ଅଥବା, ଅଧିକ ଯଥାର୍ଥ ଭାବରେ କହିଲେ ଆପଣାର ବୃଦ୍ଧି ସାଧନ କରି କିଛି ନା କିଛି ହେବାକୁ ହୁଏ, ଜ୍ଞାନଦ୍ୱାରା କୌଣସି ନା କୌଣସିଠାରେ ଯାଇ ପହଞ୍ଚିବାକୁ ହୁଏ, କର୍ମଦ୍ୱାରା କିଛି ନା କିଛି ସାଧନ କରିବାକୁ ହୁଏ । ନାନାଭାବେ ଅପୂର୍ଣ୍ଣ ହୋଇ ରହିଥିବାରୁ ଆପଣାର ସତ୍ତାରେ ଆମର କୌଣସି ପରିତୃପ୍ତି ଆସେ ନାହିଁ; ତେଣୁ ଆମେ ଏପର୍ଯ୍ୟନ୍ତ ଯାହା ହୋଇ ପାରି ନଥାଉ, ସେହିଭଳି କିଛି ହେବା ସକାଶେ ଅତୁଳ ଶ୍ରମ ଓ ଆୟାସ ସହିତ ଆମକୁ ଯେକୌଣସି ପ୍ରକାରେ ନିରତ ପ୍ରୟାସ କରିବାକୁ ପଡ଼ିଥାଏ; ଆମେ ଅବିଦ୍ୟା ଭିତରେ ବୁଡ଼ି ରହିଥାଉ ଏବଂ ଆପଣା ଅବିଦ୍ୟାଟାର ସଚେତନତା ଦ୍ୱାରା ଭାରାକ୍ରାନ୍ତ ହୋଇ ରହିଥାଉ, ତେଣୁ ଆମକୁ ଏପରି କିଛି ଉପଲବ୍ଧି କରିବାକୁ ହୁଏ ବା ଏପରି ଏକ ସ୍ଥାନରେ ଯାଇ ପହଞ୍ଚିବାକୁ ହୁଏ, ଯେଉଁଠି କି ଆମେ ପ୍ରକୃତରେ କିଛି ଜାଣୁ ବୋଲି ଅନୁଭବ କରିବାକୁ ସମର୍ଥ ହେଉ । ଆମେ ନାନା ଅସମର୍ଥତା ଦ୍ୱାରା ଘେରିହୋଇ ରହିଥାଉ, ତେଣୁ ଆମକୁ ଉପଯୁକ୍ତ ଶକ୍ତି ଓ ବଳର ଅନ୍ୱେଷଣ କରି ଭ୍ରମିବାକୁ ପଡ଼ିଥାଏ । ଆମେ ଆପଣା ଦୁଃଖକ୍ଲେଶର ଏକ ସଚେତନତା ଦ୍ୱାରା ଅତି ଜର୍ଜର ହୋଇ ରହିଥାଉ, ତେଣୁ ଆମକୁ ଏପରି କିଛି ସାଧନ କରିବାର ଚେଷ୍ଟା କରିବାକୁ ହୋଇଥାଏ ଯାହାଦ୍ୱାରା ଆମକୁ ଯଥାର୍ଥରେ କୌଣସି ସୁଖ ମିଳେ ଅଥବା ଜୀବନର କୌଣସି ସନ୍ତୋଷଦାୟୀ ସତ୍ୟମୂଲ୍ୟ ଆମର ହସ୍ତଗତ ହୋଇପାରେ । ଜୀବନ ଧାରଣ କରିବାଟା ଅର୍ଥାତ୍ ଆପଣାକୁ ବଞ୍ଚାଇ ରଖିବାଟା ଯେ ଆମର ସର୍ବପ୍ରଥମ ଧନ୍ଦା ଓ ସର୍ବପ୍ରଥମ ଆବଶ୍ୟକତା, ଏଥିରେ

'oaob.nitrkl.ac.in' images reprocessed

ଆଦୌ କୌଣସି ସନ୍ଦେହ ନାହିଁ; ମାତ୍ର ଏଇଟା କେବଳ ଆରମ୍ଭବିନ୍ଦୁ, ଆମ ଯାତ୍ରାର ପ୍ରଥମ ଚରଣ । କାରଣ ନାନା ଅପୂର୍ଣ୍ଣତାଦ୍ୱାରା ସୀମାବଦ୍ଧ ଏକ ଦୁଃଖରଞ୍ଜିତ ଜୀବନ-ଅସ୍ତିତ୍ୱକୁ ଯେକୌଣସି ପ୍ରକାରେ ବଜାୟ ରଖିବାକୁ ଆମେ ଆମ ସତ୍ତାର ଏକ ପର୍ଯ୍ୟାପ୍ତ ଓ ଯଥାଯଥ ଲକ୍ଷ୍ୟରୂପେ କଦାପି ରଖି ପାରିବା ନାହିଁ । ଏହି ବିଶ୍ୱର ମୂଳରେ ଯେଉଁ ଗୋପନ ଆନନ୍ଦ ଓ ଶକ୍ତି ଭିତ୍ତିରୂପେ ନିହିତ ହୋଇ ରହିଛି, ସେଇଟି ମଧ୍ୟରୁ ଅବିଦ୍ୟା କେବଳ ଜୀବନଧାରଣ କରି ରହିବାର ଏହି ସହଜାତ ଇଚ୍ଛା ଓ ପ୍ରବୃତ୍ତିଟିକୁ, ବଞ୍ଚି ରହିବାରୁ ଲବ୍ଧ ହେଉଥିବା ଏହି ସୁଖଟିକୁହିଁ ହାସଲ କରିବାକୁ ସମର୍ଥ ହୋଇ ପାରିଛି; ଏଥିରେ ପୂର୍ଣ୍ଣତା ଆଣିବାକୁ ହେଲେ ଏହାର ପରିପୂରକରୂପେ ଆମକୁ ଅବଶ୍ୟ କିଛି କରିବାକୁ ପଡ଼ିବ ଓ ଆହୁରି କିଛି ହେବାକୁ ପଡ଼ିବ । ମାତ୍ର ଆମକୁ କ'ଣ କରିବାକୁ ହେବ ବା କ'ଣସବୁ ହେବାକୁ ପଡ଼ିବ, ସେ ବିଷୟରେ ଆମର କୌଣସି ସ୍ପଷ୍ଟ ଜ୍ଞାନ ନାହିଁ । ଆମେ ଯେତିକି ପାରୁଛୁ, କେବଳ ସେତିକି ଜ୍ଞାନ ଲାଭ କରୁଛୁ; ଯେତିକି ପାରୁଛୁ, କେବଳ ସେତିକି ଶକ୍ତି, ବଳ, ଶୁଦ୍ଧି ଓ ଶାନ୍ତି ଲାଭ କରୁଛୁ; ଯେତିକି ପାରୁଛୁ, କେବଳ ସେତିକି ଆନନ୍ଦ ଲାଭ କରୁଛୁ; ଯେତିକି ଶକ୍ତି ପାଉଛୁ, କେବଳ ସେତିକି ହୋଇ ପାରୁଛୁ । ମାତ୍ର ଆମ ଆଗରେ ଯେଉଁସବୁ ଲକ୍ଷ୍ୟକୁ ସ୍ଥାପନ କରି ଆମେ ବାଟ ଚାଲୁଛୁ, ସେଗୁଡ଼ିକୁ ହାସଲ କରିବାପାଇଁ ଯେଉଁ ପ୍ରୟାସ କରୁଛୁ ଏବଂ ତଦ୍ଦ୍ୱାରା ଲାଭସ୍ୱରୂପ ଆମ ହାତକୁ ଯନ୍ତ୍ରକୌଶଳ ଆସିବା ସମ୍ଭବ ହେଉଛି, ସେଗୁଡ଼ାକ ସବୁକିଛି କେବଳ ଜାଲ ହୋଇ ଆମକୁ ଏକାବେଳକେ ବାନ୍ଧି ପକାଉଛି । ଏବଂ ଆଖିର ଏହିଗୁଡ଼ାକୁ ଲାଭ କରିବାହିଁ ଆମ ଲାଗି ଜୀବନର ଲକ୍ଷ୍ୟ ହୋଇ ରହୁଛି । ଆମର ଆତ୍ମାକୁ ଜାଣିବା ଏବଂ ଆମର ଯଥାର୍ଥ ଆତ୍ମସତ୍ତାଟିରେ ଅଧିଷ୍ଠିତ ହୋଇ ରହିବା,—ଏହି ଯେଉଁ ଲକ୍ଷ୍ୟଗୁଡ଼ିକ ଆମ ସତ୍ତାର ଯଥାର୍ଥ ସ୍ଥିତିଟିର ଅସଲ ଭିତ୍ତି ହୋଇ ରହିଥା'ନ୍ତା, କେବଳ ଏକ ବାହ୍ୟ ଶିକ୍ଷିବା, ବାହ୍ୟ ଜ୍ଞାନର ରଚନା କରିବା, ବାହ୍ୟ କର୍ମରେ ସାର୍ଥକତା ଲାଭ କରିବା ଏବଂ ବାହ୍ୟ ଆରାମ ଓ ସୁଖରେ ଲିପ୍ତ ହୋଇ ରହିବାର ଅଶେଷ ତତ୍ପରତା ଭିତରେ ସେହି ପ୍ରଚ୍ଛନ୍ନ ସତ୍ୟଟି ଆମର ହାତଛଡ଼ା ହୋଇ ରହିଯାଉଛି । ଆଧ୍ୟାତ୍ମିକ ମନୁଷ୍ୟ ଆପଣା ଆତ୍ମାର ଆବିଷ୍କାର କରିପାରିଛି, ସେ ଆପଣା ଭିତରେ ଆପଣାର ପରିଚୟ ପାଇଛି ଓ ସେଇଠି ବଞ୍ଚିରହିଛି, ତାହାରି ବିଷୟରେ ପୂର୍ଣ୍ଣସଚେତନ ରହିଛି ଏବଂ ତାହାରି ଆନନ୍ଦ ଲାଭ କରୁଛି । ଆପଣାର ଅସ୍ତିତ୍ୱଟିରେ ପରିପୂର୍ଣ୍ଣତାର ଅନୁଭୂତି ଆଣିବାଲାଗି ତା'ଲାଗି ଆଉ ବାହ୍ୟ କୌଣସି ପଦାର୍ଥର ଆବଶ୍ୟକତା ନାହିଁ । ଏହି ନୂତନ ଭୂମିଟିରୁହିଁ ଆପଣାର ଯାତ୍ରା ଆରମ୍ଭ କରି ବିଜ୍ଞାନମୟ ପୁରୁଷ ଆମର ଅବିଦ୍ୟାଜଡ଼ିତ ସମୂହଟିକୁ ଆପଣା ମଧ୍ୟରେ ଗ୍ରହଣ କରି-ନିଏ ଏବଂ ତାହାକୁ ଜ୍ଞାନ ତଥା ସତ୍ତାଗତ ଏକ ପୂର୍ଣ୍ଣୋପଲବ୍ଧି ଶକ୍ତିର ଏକ ଜ୍ୟୋତିର୍ମୟ ସମୂହରେ ପରିଣତ କରିଦିଏ । ତେଣୁ ଏହି ଅବିଦ୍ୟା ମଧ୍ୟରେ ରହି ଆମେ ଯାହାକିଛି

'oaob.nitrkl.ac.in' images reprocessed

ହେବାର ଚେଷ୍ଟା କରୁଛୁ, ଜ୍ଞାନ ମଧ୍ୟରେହିଁ ସେ ସେଗୁଡ଼ିକୁ ପରିପୂର୍ଣ୍ଣ କରିଦିଏ । ସେ ଯାବତୀୟ ଜ୍ଞାନକୁ ସତ୍ତ୍ୱାଗତ ଆତ୍ମଜ୍ଞାନର ଏକ ଅଭିବ୍ୟକ୍ତିରୂପେ ରୂପାନ୍ତରିତ କରିଦିଏ, ସକଳ ସାମର୍ଥ୍ୟ ତଥା ସକଳ କ୍ରିୟାକୁ ସତ୍ତ୍ୱାର ଆତ୍ମାବସ୍ଥିତ ଏକ ସାମର୍ଥ୍ୟ ଓ କ୍ରିୟାରେ ରୂପାନ୍ତରିତ କରିଦିଏ, ସକଳ ଆନନ୍ଦକୁ ଆତ୍ମ-ଅସ୍ତିତ୍ୱର ଏକ ବିଶ୍ୱଗତ ଆନନ୍ଦରୂପେ ରୂପାନ୍ତରିତ କରିଦିଏ । ଏହି ଭୂମିରେ ଉପଗତ ହେଲେ ସକଳ ଆସକ୍ତି ତଥା ସକଳ ବନ୍ଧନ ଖସିପଡ଼ିବ, କାରଣ ପ୍ରତ୍ୟେକ ପଦକ୍ଷେପରେ ଓ ପ୍ରତ୍ୟେକ ବସ୍ତୁରେ ସେତେବେଳେ ସ୍ୱୟମ୍ଭୂସତ୍ତ୍ୱାର ପୂର୍ଣ୍ଣ ପରିତୃପ୍ତିହିଁ ବିରାଜମାନ କରିବ, ସେହି ଚେତନାର ଆଲୋକହିଁ ଆପଣାକୁ ପରିପୂର୍ଣ୍ଣ କରିବ, ସତ୍ତ୍ୱାଗତ ଆନନ୍ଦର ପରମାଭିବ୍ୟକ୍ତି ଆପଣାର ପରିଚୟ ଲାଭ କରିବ । ଜ୍ଞାନ-ବିବର୍ତ୍ତନର ପ୍ରତ୍ୟେକ ପର୍ଯ୍ୟାୟରେ ଏହି ଶକ୍ତି ଆପଣାକୁ ଉନ୍ମୋଚିତ କରିବାରେ ଲାଗିଥିବ, ସତ୍ତ୍ୱାଗତ ସଂକଳ୍ପ ଓ ସ୍ୱରୂପସ୍ଥିତିର ଆନନ୍ଦଟି ମଧ୍ୟ ଆପଣାକୁ ଉନ୍ମୋଚିତ କରିଦେଉଥିବ; ଏବଂ ସମ୍ପୂର୍ଣ୍ଣ ମୁକ୍ତ ଭାବରେ ସମ୍ଭୂତିର ଲୀଳାଟି ଆପଣାକୁ ପରିପୂର୍ଣ୍ଣ କରିବାରେ ଲାଗିଥିବ ଓ ତାହା ପରମ ଅନନ୍ତର ସେହି ବୋଧ, ପରଂବ୍ରହ୍ମଙ୍କର ସେହି ଆନନ୍ଦ ଏବଂ ପରମ ବିଶ୍ୱାତୀତତାର ସେହି ଆଲୋକମୟ ଅନୁମୋଦନଟିକୁ ଆଶ୍ରୟ କରି ରହିଥିବ ।

ଅତିମାନସ ରୂପାନ୍ତର ଓ ଅତିମାନସ ବିବର୍ତ୍ତନ ଦ୍ୱାରା ମନ, ପ୍ରାଣ ତଥା ଶରୀର ସେମାନଙ୍କର ଏହି ନିମ୍ନତର ପ୍ରକୃତିର ଭୂମିଟିରୁ ଉତ୍ତୋଳିତ ହୋଇଯିବେ ଓ ସତ୍ତ୍ୱାର ଏକ ବୃହତ୍ତର ଭୂମିରେ ଯାଇ ପ୍ରବିଷ୍ଟ ହେବେ, ଯେଉଁଠାରେ ସେଗୁଡ଼ିକର ନିଜ ପ୍ରଣାଳୀ ଓ ନିଜ ସାମର୍ଥ୍ୟଗୁଡ଼ିକ କଦାପି ଦମିତ ହୋଇ ରହିବ ନାହିଁ କିମ୍ବା ବିଲୁପ୍ତ ହୋଇଯିବ ନାହିଁ, ମାତ୍ର ଆପଣାର ଧାର୍ଯ୍ୟ ସୀମାଗୁଡ଼ିକୁ ଅତିକ୍ରମ କରି ପୂର୍ଣ୍ଣାଙ୍ଗତା ତଥା ପରିପୂର୍ଣ୍ଣତା ଲାଭ କରିବ । କାରଣ ଅବିଦ୍ୟାର ଏହି ଭୂମିଟିରେ ଅବସ୍ଥିତ ଯାବତୀୟ ପଥ ମର୍ମତଃ ଚିନ୍ମୟ ପଥ ହୋଇ ରହିଛନ୍ତି ସତ, ମାତ୍ର ସେଗୁଡ଼ିକ ସତେଅବା ଅନ୍ଧକାରରେ ଆପଣାର ଅନ୍ୱେଷଣ କରିବାରେ ଲାଗିଛନ୍ତି ଅଥବା ଏକ କ୍ରମବର୍ଦ୍ଧମାନ ଆଲୋକର ଅସ୍ପଷ୍ଟତା ମଧ୍ୟରେ ଧାଇଁହୋଇ ରହିଛନ୍ତି । ବିଜ୍ଞାନମୟ ପୁରୁଷ ତଥା ବିଜ୍ଞାନମୟ ଜୀବନର ସ୍ତରକୁ ଆସି ଚିତ୍‌ସତ୍ତ୍ୱା ଆପଣାର ପୂର୍ଣ୍ଣ ଆବିଷ୍କାର କରି ପାରିବ, ଏହିସବୁ ପଥର ଶେଷରେ ଅବସ୍ଥିତ ଯାବତୀୟ ଲକ୍ଷ୍ୟକୁ ଦେଖିବାକୁ ପାଇବ ଓ ସେଗୁଡ଼ିକରେ ଆସି ଉପନୀତ ହେବ; ମାତ୍ର କେବଳ ଆପଣା ସତ୍ତ୍ୱାର ପ୍ରକାଶମୟ ଓ ଚେତନାଦୀପ୍ତ ଏକ ବୃହତ୍ତର ପଥଚାରଣା ଦ୍ୱାରାହିଁ ସେ ଏଠାରେ ଆସି ପହଞ୍ଚିବ । ମନ ଆଲୋକର ଅଭିଳାଷ ରଖିଥାଏ, ଜ୍ଞାନର ଅଭିଳାଷ ରଖିଥାଏ; ମନ ସେହି ପରମ ଓ ଅଦ୍ୱୟ ସତ୍ୟର ଜ୍ଞାନଲାଭ କରିବାର ଅଭିଳାଷ ରଖିଥାଏ, ଯାହାକୁ ଆଶ୍ରୟ କରି ଏହି ଯାବତୀୟ ସବୁକିଛି

'oaob.nitrkl.ac.in' images reprocessed

ବିଦ୍ୟମାନ ରହିଛି, ଯାହା ଜୀବ ତଥା ଜଗତର ସର୍ବମୂଳ ଅର୍ଥାତ୍ ସ୍ୱରୂପସ୍ଥ ସତ୍ୟରୂପେ ଅବସ୍ଥିତ ରହିଛି । ମାତ୍ର ତାହା ସଙ୍ଗେସଙ୍ଗେ ସେହି ପରମ ଅଦ୍ୱୟର ବହୁବିବିଧତା ତଥା ବହୁବିଚିତ୍ରତାର ସତ୍ୟଟିକୁ ଜାଣିବାଲାଗି ମଧ୍ୟ ଏହି ମନ ଅଭିଲାଷ ରଖିଥାଏ; ଏହି ବୈଚିତ୍ର୍ୟର ପୁଙ୍ଖାନୁପୁଙ୍ଖ ବିବରଣୀ, ପରିବେଶ, ତାହାର କର୍ମଗତତାର ବିଭିନ୍ନ ପ୍ରଣାଳୀ, ବିଭିନ୍ନ ରୂପ, ତାହାର ଯାବତୀୟ ଗତିସ୍ପନ୍ଦନ ତଥା ସଂଘଟନର ସକଳ ବିଧାନ, ବିବିଧ ଅଭିବ୍ୟକ୍ତି ଓ ବିବିଧ ବିସୃଷ୍ଟିକୁ ଜାଣିବାର ଅଭିଲାଷ ରଖିଥାଏ । ଜ୍ଞାନଲାଭ ସମ୍ଭବ ହେବା ସଙ୍ଗେସଙ୍ଗେ ସୃଷ୍ଟିରହସ୍ୟର ଭେଦ କରିବା ଓ ତାହାର ପରିଚୟ ଲାଭ କରିବାକୁହିଁ ଆମର ମନନସମର୍ଥ ମନ ଜୀବନର ଆନନ୍ଦ ବୋଲି ଅନୁଭବ କରିଥାଏ । ବିଜ୍ଞାନମୟ ରୂପାନ୍ତରଟି ଅତୁଳ ବୈପୁଲ୍ୟର ସହିତ ମନର ଏହି ଅଭିଲାଷଟିକୁ ପୂରଣ କରିଦେଇ ପାରିବ, ମାତ୍ର ତାହା ସଙ୍ଗେସଙ୍ଗେ ସେହି ରୂପାନ୍ତର ଏହାକୁ ଏକ ନୂତନ ଧର୍ମ ବା ପ୍ରକୃତିଦ୍ୱାରା ସଂକ୍ରାମିତ କରିଦେବ । ଏହା ସେତେବେଳେ ଅଜ୍ଞାତକୁ ଆବିଷ୍କାର କରି ଆପଣାର କାର୍ଯ୍ୟ କରିବ ନାହିଁ, ମାତ୍ର ଜ୍ଞାତକୁ ପ୍ରକଟ କରିହିଁ କାର୍ଯ୍ୟ କରିବ; ସେତେବେଳେ ଯାହାକିଛି ହେବ, ତାହା "ଆତ୍ମସତ୍ତାର ଭୂମିରେ ଆତ୍ମସତ୍ତା ଦ୍ୱାରା ଆତ୍ମସତ୍ତାର"ହିଁ ପରିଚୟ ଲାଭ କରିବା ପରି ହେବ । କାରଣ ବିଜ୍ଞାନମୟ ପୁରୁଷର ଆତ୍ମସତ୍ତାଟି ସେତେବେଳେ ଆଉ ଆମର ଏହି ମନୋଗତ ଅହଂଟା ପରି ହୋଇ ରହି ନଥିବ, ମାତ୍ର ସବୁଟି ଭିତରେ ଏକରୂପ ହୋଇ ରହିଥିବା ପରମ ତଦ୍‌ବସ୍ତୁରେ ପରିଣତ ହୋଇଥିବ । ବିଶ୍ୱଜଗତକୁ ସେ ସେହି ତଦ୍‌ବସ୍ତୁ ଦ୍ୱାରା ପରିପୂର୍ଣ୍ଣ ଏକ ବିଶ୍ୱରୂପେ ଦେଖୁଥିବ । ସକଳ ବସ୍ତୁର ଅନ୍ତର୍ନିହିତ ସତ୍ୟଟିର ପରିଚୟ ମିଳିବ, ଅର୍ଥାତ୍ ପରମ ତଦାତ୍ମକତା ତଦାତ୍ମକତାର ଆବିଷ୍କାର କରିବ, ସକଳ ଆନରେ ସେହି ତଦାତ୍ମକ ସତ୍ୟଟିକୁ ଆବିଷ୍କାର କରିବ ଏବଂ ସେହି ତଦାତ୍ମକତାର ସାମର୍ଥ୍ୟ, କ୍ରିୟାତ୍ମକତା ଓ ସମ୍ବନ୍ଧଗୁଡ଼ିକୁ ମଧ୍ୟ ଆବିଷ୍କାର କରିବ । ବିସୃଷ୍ଟିର ଅଜସ୍ର ଧାରା, ସୁବିପୁଳ ରୂପାୟନ ତଥା ତାହାର ସମଗ୍ର ପରିବେଶ ଏବଂ ବିସ୍ତାରଟି ମଧ୍ୟରେ ଯାହାକିଛି ପ୍ରକାଶିତ ହେବ, ତାହାର ସବୁକିଛି ସେତେବେଳେ କେବଳ ସେହି ପରମ ଅଦ୍ୱୟ ତତ୍ତ୍ୱର ବିଚିତ୍ର ସତ୍ୟଟିର ଅସୁମାରି ଐଶ୍ୱର୍ଯ୍ୟ ବୋଲିହିଁ ଅନୁଭୂତ ହେବ, ତାହାର ଆତ୍ମାର ରୂପ ଓ ସାମର୍ଥ୍ୟ ବୋଲି ଅନୁଭୂତ ହେବ, ଅନ୍ତହୀନ ଭାବରେ ତାହାର ଏକତ୍ୱଟିକୁହିଁ ପ୍ରକଟ କରି ଦେଉଥିବା ତା'ର ରୂପାୟନଗତ ଏକ ଅପରୂପ ବିଚିତ୍ରତା ଓ ବହୁଳତା ବୋଲି ଅନୁଭୂତ ହେବ । ସବୁକିଛି ସହିତ ଏକାତ୍ମତା ଅର୍ଜନ କରି, ସବୁରି ଅନ୍ତଃପ୍ରବେଶ କରି ଏହି ଜ୍ଞାନ ଆପଣା ମାର୍ଗରେ ଅଗ୍ରସର ହେବ; ଏବଂ ଯେଉଁ ସଂସ୍ପର୍ଶଦ୍ୱାରା ଆତ୍ମ-ଆବିଷ୍କାରର ଉତ୍କୃଷ୍ଟରଣ ସମ୍ଭବ ହୁଏ, ଯଥାର୍ଥ ପରିଚୟର ଏକ ଅଗ୍ନିଶିଖା ପ୍ରଜ୍ୱଳିତ ହୋଇଉଠେ, ସେହି ସଂସ୍ପର୍ଶର ପରିଣାମରୂପେହିଁ ଏହି ଜ୍ଞାନ ପ୍ରକାଶିତ ହେବ; ମନ ଯେତକିଯାଏ ପହଞ୍ଚି ପାରୁଛି, ତାହାଠାରୁ

'oaob.nitrkl.ac.in' images reprocessed

ଅଧିକ ବୃହତ୍ ଓ ଅଧିକ ନିଶ୍ଚିତ ଏକ ସତ୍ୟଗତ ବୋଧଚେତନାଦ୍ୱାରାହିଁ ଏହି ଜ୍ଞାନ ଅଗ୍ରସର ହୋଇଆସିବ । ଲବ୍ଧ ସତ୍ୟଟିକୁ ଯେଉଁଭଳି ଉପାୟରେ ମୂର୍ତ୍ତ ଓ ବ୍ୟାବହାରିକ କ୍ଷେତ୍ରରେ ନିୟୋଜିତ କରାଯାଇ ପାରିବ, ଏହାର ଗତିଶୀଳ ପ୍ରକ୍ରିୟାଗୁଡ଼ିକୁ ଯେପରି ଭାବରେ କାର୍ଯ୍ୟକାରୀ କରାଯାଇ ପାରିବ, ତାହାର ଏକ ବୋଧଚେତନା ମଧ୍ୟ ଉପଲବ୍ଧ ହେବ; ଏକ ଅପରୋକ୍ଷ ଓ ଅନ୍ତରଙ୍ଗ ଯଥାର୍ଥସମ୍ପନ୍ନତା ଉପଲବ୍ଧ ହେବ, ଯାହାକି ପ୍ରାଣ ତଥା ଭୌତିକ ଇନ୍ଦ୍ରିୟଗୁଡ଼ିକୁ ବାଟ ଦେଖାଇ ନେଉଥିବ; ଯେତେବେଳେ ପରମ ଚିନ୍ମୟତାର କ୍ରିୟା ଓ ପରିଚର୍ଯ୍ୟାର ଭୂମିରେ ବାହନ ହୋଇ ପାରିବାଲାଗି ତାହାକୁହିଁ ପ୍ରାଣ ତଥା ଜଡ଼ରେ ପ୍ରତିଫଳିତ କରାଇବା ସକାଶେ ପ୍ରାଣ ତଥା ଇନ୍ଦ୍ରିୟଚେତନା ଲାଗି ଆହ୍ୱାନ ଆସି ପହଞ୍ଚିବ, ସେତେବେଳେ ଏହି ଜ୍ଞାନହିଁ ପ୍ରତ୍ୟେକ ପଦକ୍ଷେପରେ ସେଗୁଡ଼ିକୁ ପରିଚାଳିତ କରିନେବ ।

ଯେଉଁଠି କେବଳ ବୁଦ୍ଧିକୁହିଁ ସାଧନରୂପେ ବ୍ୟବହାର କରି ଯାବତୀୟ ଅନ୍ୱେଷଣ ଚାଲିଛି, ସେଠାରେ ତାହା ପରିବର୍ତ୍ତରେ ଅତିମାନସ ଏକତ୍ୱବୋଧ ଓ ସେହି ଏକତ୍ୱ ମଧ୍ୟରେ ଯାହାକିଛି ଅବସ୍ଥିତ ରହିଛି, ସେଗୁଡ଼ିକର ଏକ ବିଜ୍ଞାନମୟ ଅନ୍ତର୍ବୋଧ ଦ୍ୱାରାହିଁ ଏହି ଅନ୍ୱେଷଣଟି ସମ୍ପାଦିତ ହେବ; ସେହି ତଦ୍‌ବସ୍ତୁହିଁ ସେତେବେଳେ ସର୍ବଗତ ହୋଇ ରହିବ, ତାହାର ଆଲୋକ ଜ୍ଞାନର ସମୁଦାୟ ପ୍ରକ୍ରିୟାଟିରେ ଭେଦକରି ରହିଥିବ, ତାହାର ପ୍ରୟୋଗଗତ ପ୍ରକ୍ରିୟାଗୁଡ଼ିକରେ ମଧ୍ୟ ପ୍ରବେଶ କରିଥିବ, ଯାହାଫଳରେ କି ଜ୍ଞାତା, ଜ୍ଞାନ ତଥା ଜ୍ଞେୟ ଗୋଟିଏ ସମଗ୍ରତା ମଧ୍ୟରେ ଏକସୂତ୍ରବଦ୍ଧ ହୋଇ ରହିଥିବେ, ଅର୍ଥାତ୍ କର୍ତ୍ତାରୂପେ ଅଧିଷ୍ଠିତ ଚେତନା, କ୍ରିୟାର ସାଧନ ତଥା ସ୍ୱୟଂ କ୍ରିୟାଟି ଗୋଟିଏ ସମଗ୍ରତାର ଅନ୍ତର୍ଗତ ହୋଇ ରହିଥିବେ; ଏବଂ ତେଣେ ଅଦ୍ୱୟ ଆତ୍ମସତ୍ତାଟି ସମଗ୍ରୀଭୂତ ସକଳ ଗତିସ୍ପନ୍ଦନଟି ଉପରେ ଦୃଷ୍ଟିପାତ କରି ରହିଥିବ ଏବଂ ତାହାର ମଧ୍ୟରେ ଆପଣାକୁ ପରିପୂର୍ଣ୍ଣ କରି ଦେଉଥିବ ଏବଂ ତାହାକୁ ଆପଣାକୁ ରୂପାୟିତ କରିବାର ଏକ ନିଖୁଣ ଓ ନିର୍ଦ୍ଦୋଷ ଏକକରେ ପରିଣତ କରି ରଖିଥିବ;—ଜ୍ଞାନ ତଥା ଜ୍ଞାନଗତ କ୍ରିୟାର ପ୍ରତ୍ୟେକ ବିଜ୍ଞାନମୟ ଗତ୍ୟାତ୍ମକତାରେ ଏହାହିଁ ଲକ୍ଷଣ ହୋଇ ରହିବ । ମନ ପର୍ଯ୍ୟବେକ୍ଷଣ ଓ ଯୁକ୍ତିବିଚାର ଦ୍ୱାରା ଯେଉଁଟିକୁ ଜାଣିବାକୁ ଇଚ୍ଛା କରୁଥାଏ, ଅନେକ ପରିଶ୍ରମ କରି ତାହାଠାରୁ ଆପଣାକୁ ବିଚ୍ଛିନ୍ନ ଓ ତଟସ୍ଥ କରି ରଖିବାର ଚେଷ୍ଟା କରେ, ତାହାକୁ ସମ୍ପୂର୍ଣ୍ଣ ବିଷୟଗତ ଭାବରେ ଓ ନିର୍ମଳ ଭାବରେ ଦେଖିବାକୁ ଇଚ୍ଛା କରେ । ମନ ତାହାକୁ ତାହାର ଆପଣାଠାରୁ ଭିନ୍ନ ଏକ ଅନାତ୍ମାରୂପେ ଜାଣିବାକୁ ଚେଷ୍ଟାକରେ, ଆପଣାର ସତ୍ୟଠାରୁ ଭିନ୍ନ ଏକ ସ୍ୱତନ୍ତ୍ର ଅନ୍ୟ-ସତ୍ୟରୂପେ ଜାଣିବାକୁ ଚେଷ୍ଟାକରେ ଯାହାକି ବ୍ୟକ୍ତିଗତ ଭାବନା ଅଥବା ବ୍ୟକ୍ତିସତ୍ତାର କୌଣସି ଆରୋପଣ କିମ୍ବା ଉପସ୍ଥିତି ଦ୍ୱାରା କୌଣସିପ୍ରକାରେ ପ୍ରଭାବିତ ହୋଇ ନଥାଏ । ମାତ୍ର ବିଜ୍ଞାନମୟ ଚେତନା ଯାହାକୁ

'oaob.nitrkl.ac.in' images reprocessed

ଜାଣିବାକୁ ଚାହିଁବ, ତାହାକୁ ଅତି ଅନ୍ତରଙ୍ଗ ଭାବରେ ତତ୍କ୍ଷଣାତ୍ ଜାଣିବାକୁ ସମର୍ଥ ହେବ, ତାହା ସହିତ ଏକ ବୋଧସମ୍ପନ୍ନ ଓ ଅନ୍ତର୍ପ୍ରବିଷ୍ଟ ଏକାତ୍ମବୋଧ ଦ୍ୱାରା ଆପଣାର ବିଷୟଟିକୁ ସେ ଯଥାର୍ଥ ଭାବରେ ଜାଣିପାରିବ । ସେ ଯାହାକୁ ଜାଣିବାଲାଗି ଇଚ୍ଛା କରୁଛି, ତାହାକୁ ସେ ଅତିକ୍ରମ କରି ଚାଲିଯିବ, ମାତ୍ର ତାହାକୁ ସେ ଆପଣା ଭିତରେ ଅନ୍ତର୍ଭୁକ୍ତ କରି ରଖିବ । ସତେଯେପରି ସେ ଆପଣା ସତ୍ତାରହିଁ କୌଣସି ଏକ ଅଂଶ ଅଥବା ଗତିକ୍ରିୟାକୁ ଜାଣୁଛି, ଠିକ୍ ସେହିପରି ଆପଣାର ଯାବତୀୟ ଜ୍ଞାନବିଷୟକୁ ସେ ଆପଣାର ଏକ ଅଂଶରୂପେହିଁ ଜାଣିବ । ବିଷୟଟି ସହିତ ଏପରି ଭାବରେ ଏକରୂପ ହୋଇଯିବା ଦ୍ୱାରା ତାକୁ ଆପଣାକୁ କୌଣସି ପ୍ରକାରେ ସଙ୍କୁଚିତ କରି ରଖିବାକୁ ପଡ଼ିବ ନାହିଁ କିମ୍ବା ଆପଣାର ଭାବନାଟିକୁ କୌଣସି ପ୍ରକାରେ ବାନ୍ଧି ପକାଇ ଆପଣା ଜ୍ଞାନଭୂମିରେ ବନ୍ଧନଗ୍ରସ୍ତ ଓ ସୀମିତ ହୋଇ ରହିବାକୁ ପଡ଼ିବ ନାହିଁ । ବିଜ୍ଞାନମୟ ପୁରୁଷ ଯେଉଁ ଜ୍ଞାନ ଲାଭ କରିବ, ସେଥିରେ ଏକ ପ୍ରତ୍ୟକ୍ଷ ଓ ଅନ୍ତର୍ଗତ ଜ୍ଞାନର ଅନ୍ତରଙ୍ଗତା, ଯଥାର୍ଥତା ଓ ପରିପୂର୍ଣ୍ଣତା ବିଦ୍ୟମାନ ରହିଥିବ । ଯେଉଁ ବ୍ୟକ୍ତିସଙ୍କୁଚିତ ମନର ବଶରେ ପଡ଼ି ଆମେ ସତତ କେତେ ନା କେତେ ଭୁଲ କରିବାରେ ଲାଗିଥାଉ, ତାହା ବିଜ୍ଞାନମୟ ପୁରୁଷର ଜ୍ଞାନକୁ କଦାପି ପଥଚ୍ୟୁତ କରି ପାରିବ ନାହିଁ । କାରଣ ଚେତନା ଏହି କ୍ଷେତ୍ରରେ ଏକ ସୀମାବଦ୍ଧ ଓ ଅହଂବିମୁଢ଼ ବ୍ୟକ୍ତିର ଚେତନା ନହୋଇ ଏକ ବିଶ୍ୱାତ୍ମକ ବ୍ୟକ୍ତିର ଚେତନା ହୋଇ ରହିଥିବ । ଏହି ଚେତନା ସକଳ ଓ ସର୍ବବାଧ ଜ୍ଞାନର ଅଭିମୁଖରେ ଆପଣାକୁ ପ୍ରେରିତ କରିବ; ପ୍ରକୃତରେ କେଉଁ ସତ୍ୟଟି ସ୍ଥାୟୀ ଓ ବଳବତ୍ତର ହୋଇ ରହୁଛି, ତାହା ଜାଣିବାଲାଗି ଗୋଟାଏ ସତ୍ୟକୁ ନେଇ ଆଉଗୋଟାଏ ସତ୍ୟ ସହିତ ଲଢ଼ାଇ ଦେବ ନାହିଁ; ମାତ୍ର ସକଳ ସତ୍ୟ ଯେଉଁ ସମଗ୍ର ପରମସତ୍ୟର ନାନା ବିଭାବରୂପେ ଅବସ୍ଥିତ ରହିଛନ୍ତି, ତାହାର ଆଲୋକରେହିଁ ତାହା ଗୋଟିଏ ସତ୍ୟକୁ ଆଉଗୋଟିଏ ସତ୍ୟଦ୍ୱାରା ପୂର୍ଣ୍ଣ କରି ଦେଉଥିବ । ତାହାର ସକଳ ଭାବନା, ସକଳ ଦୃଷ୍ଟି ତଥା ସକଳ ବୋଧ ଲାଗି ଏହି ଅନ୍ତର୍ଗତ ଅବଲୋକନହିଁ ସ୍ୱଭାବଗତ ଧର୍ମ ହୋଇ ରହିବ; ସେଥିରେ ଏକ ଅନ୍ତରଙ୍ଗ ଓ ସମ୍ପ୍ରସାରିତ ଆତ୍ମବୋଧ ରହିଥିବ, ଆପଣାକୁ ଏକ ସମଗ୍ରତା ଆଣି ଦେଉଥିବା ଏକ ବୃହତ୍ତର ଜ୍ଞାନ ରହିଥିବ; ସତ୍ୟସତ୍ତାର ଏକ ସ୍ୱୟଂସାଧିତ ସୁସମତା ମଧ୍ୟରେ ଆଲୋକକୁ ଆଲୋକ ଉପରେ କାର୍ଯ୍ୟକାରୀ କରାଇବାର ମାଧ୍ୟମରେ ଆପଣାକୁ କାର୍ଯ୍ୟକାରୀ କରାଉଥିବା ଏକ ଅବିଭାଜ୍ୟ ସମଗ୍ରତା ବି ରହିଥିବ । ସେହି କ୍ଷେତ୍ରରେ ଯେଉଁ ଉନ୍ମୋଚନ ଘଟିବ, ତାହା ଅନ୍ଧାର ଭିତରୁ ଆଲୋକ ମୁକ୍ତିଲାଭ କରି ବାହାରି ଆସିବାପରି ହେବ ନାହିଁ, ମାତ୍ର ଆଲୋକରୁହିଁ ଆଲୋକ ନିଃସୃତ ହୋଇ ଆସିଲାପରି ହେବ । କାରଣ ବିବର୍ତ୍ତନଶୀଳ ଏକ ଅତିମାନସ ଚେତନା ହୁଏତ ଯଦି ଆପଣା ଆତ୍ମସଂବିତ୍ତିଗତ ସମ୍ପଦର ଗୋଟିଏ ଅଂଶକୁ ଆପଣା ଭିତରେ ପ୍ରଚ୍ଛନ୍ନ କରି ରଖେ,

'oaob.nitrkl.ac.in' images reprocessed

ତେବେ ଅବିଦ୍ୟାର କୌଣସି ପଦକ୍ଷେପ କିମ୍ବା କର୍ମରୂପେ ତାହା ସେପରି କରିବ ନାହିଁ, ମାତ୍ର ଆପଣାର କାଳାତୀତ ଜ୍ଞାନକୁ କାଳଗତ ଅଭିବ୍ୟକ୍ତିର ଏକ ପ୍ରକ୍ରିୟା ଭିତରକୁ ପ୍ରକାଶିତ କରି ଆଣିବାର ଏକ ଧାରାରୂପେ ଇଚ୍ଛାପୂର୍ବକ ତାହା କରିବ । ଜ୍ୟୋତି ମଧ୍ୟରୁ ଜ୍ୟୋତିର ପ୍ରକାଶ ଅର୍ଥାତ୍ ଆପଣାର ଜ୍ୟୋତିଦ୍ୱାରାହିଁ ଆପଣାର ପ୍ରକାଶ,—ଏହାହିଁ ବିବର୍ତ୍ତନଶୀଳ ଅତିମାନସ ପ୍ରକୃତିର ଜ୍ଞାନଲାଭ କରିବାର ରୀତି ହୋଇ ରହିବ ।

ମନ ଯେପରି ଆଲୋକର ଅନ୍ୱେଷଣ କରୁଥାଏ, ଜ୍ଞାନର ଆବିଷ୍କାର କରିବାକୁ ଚାହୁଁଥାଏ ଓ ଜ୍ଞାନଦ୍ୱାରା ଆପଣାର ପ୍ରଭୁତ୍ୱ ପ୍ରତିଷ୍ଠା କରିବାକୁ ଚାହୁଁଥାଏ, ଠିକ୍ ସେହିପରି ପ୍ରାଣ ମଧ୍ୟ ଆପଣା ସାମର୍ଥ୍ୟର ବିକାଶ ଚାହୁଁଥାଏ, ଏବଂ ଏହି ସାମର୍ଥ୍ୟଟି ଦ୍ୱାରା ଆପଣାର ପ୍ରଭୁତ୍ୱ ପ୍ରତିଷ୍ଠା କରିବାକୁ ବି ଚାହୁଁଥାଏ । ପ୍ରାଣ ଅଭିବୃଦ୍ଧି ଚାହୁଁଥାଏ, ଶକ୍ତିସମ୍ପନ୍ନତା ଚାହୁଁଥାଏ, ବିଜୟଦ୍ୱାରା ଅଧିକାର କରିବାକୁ ଚାହୁଁଥାଏ; ତୃପ୍ତି, ସୃଷ୍ଟି, ଆନନ୍ଦ, ପ୍ରେମ ଓ ସୌନ୍ଦର୍ଯ୍ୟ ଚାହୁଁଥାଏ । ଆପଣାକୁ ସତତ ଅଭିବ୍ୟକ୍ତ ଓ ବିକଶିତ କରାଇ, କର୍ମର ବହୁଳ ବିଚିତ୍ରତା ମଧ୍ୟରେ ଆପଣାକୁ ତତ୍ପର ରଖି, ନାନା ବିଚିତ୍ର ସୃଷ୍ଟି ଓ ଭୋଗରେ ଆପଣାକୁ ବ୍ୟାପୃତ ରଖି ପ୍ରାଣ ଆନନ୍ଦ ଲାଭ କରୁଥାଏ; ଆପଣାକୁ ଓ ଆପଣାର ସାମର୍ଥ୍ୟକୁ ବିପୁଳ ଓ ସବଳ ଭାବରେ ପ୍ରଗାଢ଼ କରି ଆନନ୍ଦ ଲାଭ କରୁଥାଏ । ବିଜ୍ଞାନମୟ ବିବର୍ତ୍ତନଟି ପ୍ରାଣର ସେହି ଆନନ୍ଦଟିକୁ ତାହାର ଉଚ୍ଚତମ ଓ ପୂର୍ଣ୍ଣତମ ଅଭିବ୍ୟକ୍ତିର ଭୂମିକୁ ଉତ୍ତୋଳିତ କରି ନେଇଯିବ; ମାତ୍ର ଏଥିରୁ ଏପରି ମନେକରିବା ଉଚିତ ନୁହେଁ ଯେ ବିଜ୍ଞାନମୟ ବିବର୍ତ୍ତନ ସେହି ମନୋଗତ ଅଥବା ପ୍ରାଣଗତ ଅହଂର ଶକ୍ତିକୁ ସମୁଚ୍ଚ କରାଇବା ପାଇଁ, ତାହାରି ତୃପ୍ତି ସାଧନ ଓ ଉପଭୋଗ ପାଇଁହିଁ କାର୍ଯ୍ୟ କରିବ ବା ଏହି ଅହଂଟି ଅତି ସଙ୍କୁଚିତ ହୋଇ ଯେପରି ଆପଣାକୁ ଆବୋରି ଧରି ରହିବାରେ ସମର୍ଥ ହେବ, ବ୍ୟଗ୍ର ଭାବରେ ଅନ୍ୟମାନଙ୍କୁ ଅଥବା ଅନ୍ୟ ବସ୍ତୁଗୁଡ଼ିକୁ ଆପଣା ହାତମୁଠାରେ ଯାବୁଡ଼ି ଧରିବାର ଲାଳସାକାଙ୍କ୍ଷାଟିକୁ ଯେପରି ଚରିତାର୍ଥ କରି ପାରିବ ବା ଏହା ଯେପରି ଆପଣାକୁ ଅଧିକ ପ୍ରତିପତ୍ତି ସହକାରେ ପ୍ରତିଷ୍ଠିତ ରଖିପାରିବ କିମ୍ବା ଏଡ଼େବଡ଼ ଆକାରଟାଏ ଧରି ଆପଣାକୁ ରୂପାୟିତ କରିଦେଇ ପାରିବ, ସେଥିଲାଗି ବିଜ୍ଞାନମୟ ବିବର୍ତ୍ତନ ସତେଅବା ଏକ ସାଧନପରି କାର୍ଯ୍ୟ କରିବ । କାରଣ ସେପରି ହେଲେ ଆଦୌ କୌଣସି ଆଧ୍ୟାତ୍ମିକ ପୂର୍ଣ୍ଣତା କିମ୍ବା ପୂର୍ଣ୍ଣାଙ୍ଗତା କଦାପି ସମ୍ଭବ ହେବ ନାହିଁ । ତା’ର ଆପଣା ଭିତରେ ତଥା ଏହି ବିଶ୍ୱଭୁବନରେ ଯେଉଁ ପରମ ଦିବ୍ୟସତ୍ତା ବିଦ୍ୟମାନ ଅଛନ୍ତି, ବିଜ୍ଞାନମୟ ଜୀବନ କେବଳ ତାହାରିଲାଗି ବିଦ୍ୟମାନ ରହିବ, କେବଳ ତାହାରିଲାଗିହିଁ କାର୍ଯ୍ୟ କରିବ; ସବୁରି ଭିତରେ ତଥା ସର୍ବବସ୍ତୁ ଭିତରେ ବିଦ୍ୟମାନ ପରମ ଦିବ୍ୟସତ୍ତାଟି ଲାଗି ତାହା କାର୍ଯ୍ୟ କରିବ । ସେହି ପରମ ଦିବ୍ୟ ସାନ୍ନିଧ୍ୟ, ଦିବ୍ୟ ଆଲୋକ, ଦିବ୍ୟ

'oaob.nitrkl.ac.in' images reprocessed

ସାମର୍ଥ୍ୟ, ଦିବ୍ୟ ପ୍ରେମ, ଆନନ୍ଦ ତଥା ସୌନ୍ଦର୍ଯ୍ୟରେହିଁ ବ୍ୟକ୍ତିସତ୍ତା ତଥା ବିଶ୍ୱଜଗତକୁ ଅଧିକରୁ ଅଧିକ ଭାବରେ ଅଧିକାର ଓ ଗ୍ରହଣ କରିନେବାକୁହିଁ ବିଜ୍ଞାନମୟ ପୁରୁଷ ଆପଣା ଜୀବନର ତାତ୍ପର୍ଯ୍ୟ ବୋଲି ଜାଣିଥିବ । ସେହି କ୍ରମବର୍ଦ୍ଧମାନ ଅଭିବ୍ୟକ୍ତି ଆପଣାକୁ ଅଧିକରୁ ଅଧିକ ପୂର୍ଣ୍ଣାଙ୍ଗ ଭାବରେ ଚରିତାର୍ଥ କରୁଥିବା ସଙ୍ଗେ ସଙ୍ଗେ ବିଜ୍ଞାନମୟ ଭୂମିରେ ଅବସ୍ଥିତ ବ୍ୟକ୍ତି ମଧ୍ୟ ଅଧିକରୁ ଅଧିକ ସନ୍ତୋଷ ଲାଭ କରୁଥିବ । ସେହି ବୃହତ୍ତର ଜୀବନ ଓ ପ୍ରକୃତିକୁ ଏଠାରେ ପ୍ରକଟ କରିଦେବାରେ ଓ ବିସ୍ତୃତ କରି ରଖିବାରେ ପରାପ୍ରକୃତିର ଶକ୍ତି ହାତରେ ଏକ ନିମିତ୍ତ ହୋଇ ରହିବାରେହିଁ ତାହାର ଯଥାର୍ଥ ଶକ୍ତି ନିହିତ ହୋଇ ରହିଥିବ । ସେହି କ୍ଷେତ୍ରରେ ଯାହାକିଛି ବିଜୟ ବା ସାହସିକତା ସଂଘଟିତ ହେବ, ତାହା କେବଳ ସେଇଥି ସକାଶେହିଁ ହେଉଥିବ ଏବଂ କୌଣସି ବ୍ୟକ୍ତିଗତ ଅଥବା ସମଷ୍ଟିଗତ ଅହଂର ରାଜ୍ୟପ୍ରତିଷ୍ଠା ଲାଗି କଦାପି ହେଉ ନଥିବ । ବିଜ୍ଞାନମୟ ପୁରୁଷ ପ୍ରେମକୁ ଆତ୍ମା ସହିତ ଆତ୍ମାର ସଂସ୍ପର୍ଶ, ସମ୍ମିଳନ ଓ ସଂଯୋଗ ବୋଲି ଅନୁଭବ କରୁଥିବ; ତଦ୍‌ବସ୍ତୁ ସହିତ ତଦ୍‌ବସ୍ତୁର ମିଳନରୂପେ ଅନୁଭବ କରୁଥିବ । ସତ୍ତା ସହିତ ସତ୍ତା ଏକତ୍ୱବଦ୍ଧ ହୋଇ ରହିବ, ଆତ୍ମା ସହିତ ଆତ୍ମା ସାମର୍ଥ୍ୟଯୁକ୍ତ ହେବ, ଆନନ୍ଦଯୁକ୍ତ ହେବ, ଅନ୍ତରଙ୍ଗ ନୈକଟ୍ୟର ସୂତ୍ରରେ ଏକାଠି ବାନ୍ଧି ହୋଇ ରହିଥିବ । ଅର୍ଥାତ୍ ସେହି ପରମ ଅଦ୍ୱୈତ ସହିତ ପରମ ଅଦ୍ୱୈତର ମିଳନ ଘଟିବ, ଏକତ୍ୱତତ୍ତ୍ୱଟି ସହିତ ଏକ ବହୁରୂପାୟିତ ଏକତତ୍ତ୍ୱର ପରିଣାମସକଳ ଏକତ୍ର ସମ୍ମିଳିତ ହୋଇ ରହିବାର ଆନନ୍ଦ ଅନୁଭୂତ ହେବ । ପରମ ଅଦ୍ୱିତୀୟଙ୍କର ଏକ ଆତ୍ମପ୍ରକାଶମୟ ଅନ୍ତରଙ୍ଗ ବହୁବିଧତାରୁ ଉପଲବ୍ଧ ହେଉଥିବା ଏହି ଆନନ୍ଦ, ପରମ ଏକଙ୍କ ମଧ୍ୟରେ ଅବସ୍ଥିତ ଅଗଣିତ ବସ୍ତୁର ଏହି ପାରସ୍ପରିକ ମିଳନ, ଏହି ଆନନ୍ଦମୟ କ୍ରିୟା ଓ ପ୍ରତିକ୍ରିୟା;—ବିଜ୍ଞାନମୟ ପୁରୁଷ ଏହାକୁହିଁ ଜୀବନର ପୂର୍ଣ୍ଣପ୍ରକାଶମୟ ତାତ୍ପର୍ଯ୍ୟ ବୋଲି ଜାଣିବ । ରସମୟ ସୃଷ୍ଟି ହେଉ କିମ୍ବା ଗତିସମ୍ପନ୍ନ ସୃଷ୍ଟି ହେଉ, କିମ୍ବା ମନୋଗତ, ପ୍ରାଣଗତ ଅଥବା ଭୌତିକ ଯେକୌଣସି ସୃଷ୍ଟି ହେଉ ପଛକେ, ତା'ଲାଗି ଏହି ସବୁଗୁଡ଼ିକର ଏକା ତାତ୍ପର୍ଯ୍ୟ ରହିବ । ଏଗୁଡ଼ିକୁ ସେ ସେହି ପରମ ଶାଶ୍ୱତ ସାମର୍ଥ୍ୟ, ପରମ ଆଲୋକ, ପରମ ସୌନ୍ଦର୍ଯ୍ୟ ଓ ପରମ ସତ୍ୟରହିଁ ତାତ୍ପର୍ଯ୍ୟପୂର୍ଣ୍ଣ ନାନା ରୂପାୟନର ବିସୃଷ୍ଟି ବୋଲି ଅନୁଭବ କରିବ, ସେଗୁଡ଼ିକୁ ସେ ତାହାର ରୂପ ତଥା ଦେହର ସୌନ୍ଦର୍ଯ୍ୟ ଓ ସତ୍ୟ ବୋଲି ଜାଣିବ, ତାହାର ଶକ୍ତି ତଥା ଗୁଣର ସୌନ୍ଦର୍ଯ୍ୟ ଓ ସତ୍ୟ ବୋଲି ଜାଣିବ, ତାହାର ଆତ୍ମାର ସୌନ୍ଦର୍ଯ୍ୟ ଓ ସତ୍ୟ ତଥା ତାହାର ସ୍ୱରୂପ ଓ ସାରସତ୍ତାର ଅରୂପ ସୌନ୍ଦର୍ଯ୍ୟ ବୋଲି ଜାଣିବ ।

ଏହି ସମୂଳ ପରିବର୍ତ୍ତନ ଓ ଚେତନାଗତ ରୂପାନ୍ତର ମନ, ପ୍ରାଣ ତଥା ଭୌତିକ ଭୂମିଟି ସହିତ ତଦ୍‌ବସ୍ତୁର ଏକ ନୂତନ ସମ୍ବନ୍ଧର ସ୍ଥାପନା କରିଦେବ

'oaob.nitrkl.ac.in' images reprocessed

ଏବଂ ସେହି ସମ୍ବନ୍ଧକୁ ଏକ ନୂତନ ତାତ୍ପର୍ଯ୍ୟ ଓ ପରିପୂର୍ଣ୍ଣତାରେ ପ୍ରତିଷ୍ଠିତ କରି ରଖିବ । ଏବଂ ତାହାର ପରିଣାମରୂପେ ଚିଦ୍‌ବସ୍ତୁ ଓ ତାହାର ନିବାସ ବା ଆସ୍ଥାନ-ସ୍ୱରୂପ ଏହି ଦେହଟିର ସମ୍ବନ୍ଧଗୁଡ଼ିକରେ ମଧ୍ୟ ଏକ ପରିପୂର୍ଣ୍ଣତାର ନୂତନ ତାତ୍ପର୍ଯ୍ୟ ଆସି ଦେଖାଦେବ । ଆମ ଜୀବନଧାରଣର ଏହି ବର୍ତ୍ତମାନ ବ୍ୟବସ୍ଥାଟିରେ ଆମର ଅନ୍ତରାତ୍ମା ମନ ଓ ପ୍ରାଣର ମଧ୍ୟଦେଇ ଆପଣାକୁ ଯେତେଦୂର ପାରୁଛି ପ୍ରକାଶ କରିବାରେ ଲାଗିଛି; ଅବଶ୍ୟ ଏକଥା ସତ୍ୟ ଯେ ସେହି ପ୍ରକାଶ ସ୍ୱଚ୍ଛନ୍ଦ ନହୋଇ କୁଣ୍ଠିତ ହୋଇ ରହିବାକୁ ବାଧ୍ୟ ହେଉଛି, ଅଥବା ଅଧିକତର କ୍ଷେତ୍ରରେ ଅନ୍ତରାତ୍ମାର ଅନୁମୋଦନରେହିଁ ମନ ତଥା ପ୍ରାଣ କାର୍ଯ୍ୟ କରୁଛି ଏବଂ ଆମର ସ୍ଥୂଳ ଦେହଟି ସେହି କ୍ରିୟାର ବାହନ ବା ଏକ ସାଧନଯନ୍ତ୍ର ହୋଇ ରହିଛି । ମାତ୍ର ଏହିପରି କେବଳ ବୋଲ ମାନି କାର୍ଯ୍ୟ କରୁଥିବା ସମୟରେ ମଧ୍ୟ ଦେହ ଆପଣାର ଜଡ଼ଭୂମିଗତ ନୈମିତ୍ତିକତାର ନାନା ପ୍ରକାରେ ସୀମାବଦ୍ଧ ଯାବତୀୟ ସମ୍ଭାବନା ଓ ସ୍ୱୋପାର୍ଜିତ ଲକ୍ଷଣଟି ଦ୍ୱାରା ମନ ଏବଂ ପ୍ରାଣର ଏହି ଆତ୍ମ-ଅଭିବ୍ୟକ୍ତିଟିକୁ ମଧ୍ୟ ସୀମାବଦ୍ଧ କରି ପକାଉଛି ଓ ଆପଣାର ପ୍ରଭାବଦ୍ୱାରା ତାହାକୁ ଖର୍ବ କରି ରଖୁଛି । ଏହା ବ୍ୟତୀତ ଏହାର ଆପଣାର ମଧ୍ୟ ଏକ ସ୍ୱକୀୟ କର୍ମବିଧାନ ରହିଛି, ଆପଣାର ଅବଚେତନ ଅଥବା ଅର୍ଦ୍ଧ-ଉନ୍ମୀଳିତ ଚେତନ ସତ୍ତ୍ୱାଶକ୍ତିର ଏକ ସ୍ୱକୀୟ ଗତିକ୍ରିୟା ଓ ସଂକଳ୍ପ ବା ସାମର୍ଥ୍ୟ ବା ଗତିକ୍ରିୟାଗତ ଆକୂତି ମଧ୍ୟ ରହିଛି ଯାହା ଉପରେ କି ମନ ଓ ପ୍ରାଣର କେବଳ ଏକ ଆଂଶିକ ପ୍ରଭାବ ପଡ଼ୁଛି ଓ ଯାହାକୁ ସେମାନେ କେବଳ ଆଂଶିକ ଭାବରେହିଁ ବଦଳାଇ ପାରୁଛନ୍ତି । ଏବଂ ଆପଣା ପ୍ରଭାବର ସେତିକ ଅଂଶଟିରେ ମଧ୍ୟ ଅଧିକତର କ୍ଷେତ୍ରରେ ପ୍ରତ୍ୟକ୍ଷ ଭାବରେ କ୍ରିୟା ନକରି କେବଳ ପରୋକ୍ଷ ଭାବରେହିଁ କ୍ରିୟା କରୁଛନ୍ତି; ଅଥବା ପ୍ରତ୍ୟକ୍ଷ ଭାବରେ କ୍ରିୟା କରୁଥିଲେ ମଧ୍ୟ ଇଚ୍ଛାକୃତ ଓ ସଚେତନ ଭାବରେ କ୍ରିୟା ନକରି ଅଧିକତର କ୍ଷେତ୍ରରେ କେବଳ ଅବଚେତନ ଭାବରେ କ୍ରିୟା କରୁଛନ୍ତି । ମାତ୍ର ଜୀବନ ଅସ୍ତିତ୍ୱ ଓ ଜୀବନ ଧାରଣର ବିଜ୍ଞାନମୟ ସରଣୀଟିରେ କେବଳ ସେହି ଚିଦ୍‌ବସ୍ତୁର ସଂକଳ୍ପ ଓ ଇଚ୍ଛାହିଁ ଶରୀରର ଗତିସ୍ପନ୍ଦନ ତଥା ବିଧାନଗୁଡ଼ିକୁ ପ୍ରତ୍ୟକ୍ଷ ଭାବରେ ନିୟନ୍ତ୍ରଣ କରିବ ଓ ସେଗୁଡ଼ିକର ନିରୂପଣ କରି ପାରିବ । କାରଣ ଶରୀରର ଯାବତୀୟ ବିଧାନ କେବଳ ଅବଚେତନ ବା ନିଶ୍ଚେତନ ମଧ୍ୟରୁହିଁ ନିଷ୍ପନ୍ନ ହୋଇଆସିଛି; ମାତ୍ର ବିଜ୍ଞାନମୟ ପୁରୁଷର ଜୀବନଭୂମିରେ ସେହି ଅବଚେତନ ଚେତନରୂପେ ରୂପାନ୍ତରିତ ହୋଇ ଯାଇଥିବ, ଅତିମାନସ ନିୟନ୍ତ୍ରଣର ଅଧୀନ ହୋଇ ରହିଥିବ ଏବଂ ତାହା ଭିତରେ ସେହି ଅତି-ମାନସର ଆଲୋକ ଓ କ୍ରିୟାତ୍ମକତା ଭେଦ କରି ରହିଥିବ । ନିଶ୍ଚେତନାର ଆୟତନ-ଭୂମିରେ ଯେଉଁ ଅସ୍ପଷ୍ଟତା ଓ ସଂଶୟମୟ ଦ୍ୱିଧାମାନ ଘର କରି ରହିଥାଏ, ସେଠାରେ ଯେଉଁ ବାଧାସବୁ ଠିଆହୋଇ ରହିଥାଏ ଓ ଯେପରି ଶ୍ଲଥତା ସହିତ ତାହା ଆପଣାର ପ୍ରତିସ୍ପନ୍ଦନଗୁଡ଼ିକୁ ଜଣାଇବାରେ ଅଭ୍ୟସ୍ତ ଥାଏ, ଅତିମାନସର ଆବିର୍ଭାବ ଦ୍ୱାରା ତାହା

'oaob.nitrkl.ac.in' images reprocessed

ଏକ ଉନ୍ନତର ବା ସହାୟକ ଅଧିଚେତନାରୂପେ ରୂପାନ୍ତରିତ ହୋଇ ଯାଇଥିବ । ଏପରିକି ଉପଲବ୍ଧ ହୋଇ ସାରିଥିବା ଉଚ୍ଚତର ମନଃସତ୍ତାର ସୋପାନଟିରେ ଏବଂ ବୋଧିଚେତନା ତଥା ଅଧିମାନସ ସତ୍ତାର ସୋପାନଟିରେ ମଧ୍ୟ ଶରୀର ଯଥେଷ୍ଟ ପରିମାଣରେ ସଚେତନ ହୋଇ ସାରିଥିବ ଓ ସେହି ପରମ ଭାବନା ଓ ପରମ ଇଚ୍ଛାଶକ୍ତିର ପ୍ରଭାବ ଉଦ୍ଦେଶ୍ୟରେ ଆପଣାର ପ୍ରତିସ୍ପନ୍ଦନ ଜଣାଇ ପାରୁଥିବ, ଯେପରିକି ଆମର ଏହି ବର୍ତ୍ତମାନ ସୋପାନଟିରେ ଅତ୍ୟନ୍ତ ଅବିକଶିତ, ଶୃଙ୍ଖଳାହୀନ ଓ ପ୍ରାୟ ସର୍ବଦା ବାଧିତାବଶ ହୋଇ ରହିଥିବା ଆମର ଭୌତିକ ଅଂଶଗୁଡ଼ିକରେ ସଙ୍ଘଟିତ ହେଉଥିବା ମନର କ୍ରିୟାଟି ମଧ୍ୟ ଆପଣା ମଧ୍ୟରେ ଅନେକ ପରିମାଣରେ ଶକ୍ତି-ସମ୍ପନ୍ନତାର ବିକାଶ କରି ପାରିଥିବ ମାତ୍ର ଅଧିମାନସ ସତ୍ତାର ସୋପାନକୁ ଆସି ସେହି ପରମ ସଦ୍‌ଭୂତ-ବିଜ୍ଞାନକୁ ଆପଣା ମଧ୍ୟରେ ଧାରଣ କରି ରଖିଥିବା ସେହି ଚେତନାହିଁ ସବୁକିଛିର ନିୟନ୍ତ୍ରା ହୋଇ ରହିବ । ଏକ ସତ୍ୟାନୁଭବରୂପେ ଏହି ସଦ୍‌ଭୂତ-ବିଜ୍ଞାନ ଆପଣାକୁ ସ୍ୱତଃହିଁ କାର୍ଯ୍ୟକାରୀ କରେ; କାରଣ ତାହା ତଦ୍‌ବସ୍ତୁର କେବଳ ପ୍ରତ୍ୟକ୍ଷ କ୍ରିୟାରହିଁ ଭାବ ଓ ସଂକଳ୍ପ ହୋଇ ରହିଥାଏ ଏବଂ ସତ୍ତାର ଉପାଦାନରେ ତାହା ଏପରି ଏକ ଗତ୍ୟାତ୍ମକତାର ସ୍ପନ୍ଦନ କରାଏ ଯାହାକି ତାହାର ସ୍ଥିତି ଓ କ୍ରିୟା ମଧ୍ୟରେ ଆପଣାକୁ ଅତି ଅନିବାର୍ଯ୍ୟ ଭାବରେ କାର୍ଯ୍ୟକାରୀ କରିବାକୁ ଅବଶ୍ୟ ସମର୍ଥ ହୁଏ । ଆପଣାର ସର୍ବୋଚ୍ଚ ସୋପାନରେ ଯାଇ ଉପନୀତ ହୋଇଥିବା ପରମ ଋତ-ଚିତ୍ତର ଏହି ଗତିଶୀଳ ଓ ଅପ୍ରତିହତ ଆଧ୍ୟାତ୍ମିକ ବାସ୍ତବତାହିଁ ବିବର୍ତ୍ତିତ ହୋଇ ଆସିଥିବା ବିଜ୍ଞାନମୟ ସତ୍ତାଟି ମଧ୍ୟରେ ଚେତନରୂପେ ବିକାଶଲାଭ କରିଥିବ ଓ ସଚେତନ ଭାବରେ ଆପଣାର ଶିଖରେ ଯାଇ ପହଞ୍ଚିବାର ସାମର୍ଥ୍ୟ ଅର୍ଜନ କରିଥିବ । ବର୍ତ୍ତମାନ ସ୍ଥିତିଟିରେ ଏହା ଯେପରି ଏକ ଆପାତ ନିଶ୍ଚେତନା ମଧ୍ୟରେ ନିଜକୁ ଆଚ୍ଛାଦିତ କରି ରଖି ଓ ଏକ ଯନ୍ତ୍ରବତ୍ ପ୍ରକ୍ରିୟାର ବିଧାନଦ୍ୱାରା ଆପଣାକୁ ବଡ଼ ସୀମାବଦ୍ଧ କରି ରଖି କାର୍ଯ୍ୟ କରିବାକୁ ବାଧ୍ୟ ହେଉଛି, ସେତେବେଳେ ଏହା ଆଦୌ ସେପରି କାର୍ଯ୍ୟ କରିବ ନାହିଁ; ମାତ୍ର ଆପଣାର କ୍ରିୟାଦ୍ୱାରା ଆପଣାକୁହିଁ କାର୍ଯ୍ୟକାରୀ କରୁଥିବା ଏକ ସାର୍ବଭୌମ ସତ୍ୟ ହିସାବରେ ତାହା କାର୍ଯ୍ୟ କରିବ । ସେତେବେଳେ ପୂର୍ଣ୍ଣ ଜ୍ଞାନ ଓ ପୂର୍ଣ୍ଣ ଶକ୍ତି ଦ୍ୱାରା ମଣ୍ଡିତ ହୋଇ ଏହାହିଁ ସମଗ୍ର ଜୀବନର ନିର୍ବାହଟିକୁ ଆପଣା ହାତରେ ଗ୍ରହଣ କରିବ; ତାହାର ସେହି ଶାସନଟି ମଧ୍ୟରେ ଦେହର କ୍ରିୟା ଓ କ୍ରିୟାତ୍ମକତାଟି ମଧ୍ୟ ଅନ୍ତର୍ଭୁକ୍ତ ହୋଇ ରହିବ । ସେହି ଆଧ୍ୟାତ୍ମିକ ଚେତନାର ଶକ୍ତିଟି ଦ୍ୱାରା ଆମର ଏହି ଦେହ ପରମ ତଦ୍‌ବସ୍ତୁର ଏକ ଯଥାର୍ଥ, ଯୋଗ୍ୟ ଏବଂ ପରିପୂର୍ଣ୍ଣ ଭାବରେ ପ୍ରତିସ୍ପନ୍ଦନ-ସମର୍ଥ ଏକ ସାଧନରୂପେ ରୂପାନ୍ତରିତ ହୋଇଯିବ ।

'oaob.nitrkl.ac.in' images reprocessed

ଚିତ୍‌ସତ୍ତା ଓ ଦେହସତ୍ତା ମଧ୍ୟରେ ଏହି ନୂତନ ସମ୍ବନ୍ଧଟିର ପ୍ରତିଷ୍ଠା ଜଡ଼-ପ୍ରକୃତିର ସମୁଦାୟ କ୍ଷେତ୍ରଟିକୁ ସ୍ୱାଧୀନ ଭାବରେ ଆପଣା ଭିତରକୁ ଗ୍ରହଣ କରିନେବ, ବା ସେହିଭଳି ଗ୍ରହଣ କରିନେବାର ସମ୍ଭାବନା ଆସି ପହଞ୍ଚିବ; ସେତେବେଳେ ତାହାକୁ ଆଉ ବର୍ଜନ କରିବାର କୌଣସି ପ୍ରୟୋଜନ ନଥିବ । ଏହି ପ୍ରକୃତିର କ୍ଷେତ୍ରଟିରୁ ଆପଣାକୁ ପ୍ରତ୍ୟାହୃତ କରିଆଣିବା, ତାହା ସହିତ କୌଣସିପ୍ରକାରେ ଏକାତ୍ମକ ହୋଇ ନରହିବା ବା ତାହାକୁ ଗ୍ରହଣ କରିବାଲାଗି ନାସ୍ତି କରିଦେବା,— ଆପଣାର ମୁକ୍ତିସାଧନ ସକାଶେ ଆଧ୍ୟାତ୍ମିକ ଚେତନାଲାଗି ପ୍ରଥମ ସ୍ତରରେ ଏସବୁର ଏକ ସ୍ୱାଭାବିକ ପ୍ରୟୋଜନ ଅବଶ୍ୟ ରହିଥାଏ ସତ, ମାତ୍ର ବିଜ୍ଞାନମୟ ଭୂମିକୁ ଆସି ତାହା ଆଉ ଅନିବାର୍ଯ୍ୟ ହୋଇ ରହେ ନାହିଁ । ଆଧ୍ୟାତ୍ମିକ ମୁକ୍ତିସାଧନ ଲାଗି ହେଉ ବା ଆଧ୍ୟାତ୍ମିକ ପରିପୂର୍ଣ୍ଣତା ଓ ପ୍ରକୃତି ଉପରେ କର୍ତ୍ତୃତ୍ୱଲାଭ କରିବାଲାଗି ହେଉ ପଛକେ, ସେଥିରେ ସଫଳତା ପାଇବା ବାଟରେ ଦେହ ସହିତ ଆପଣାକୁ ଏକରୂପ ବୋଲି ନଭାବିବା ଓ ଦେହଗତ ଚେତନାଟିରୁ ଆପଣାକୁ ଅଲଗା କରି ରଖିବାକୁ ଏକ ଆବଶ୍ୟକ ସୋପାନ ବୋଲି ସବୁଠାରେ ସ୍ୱୀକାର କରାଯାଇ ଥାଏ । ମାତ୍ର ଏହି ମୁକ୍ତିଟି ଯେତେବେଳେ ସାଧିତ ହୋଇଯାଏ, ସେତେବେଳେ ଆଧ୍ୟାତ୍ମିକ ଆଲୋକ ତଥା ସାମର୍ଥ୍ୟର ଅବତରଣ ପଥରେ ଆଉ କୌଣସି ଅନ୍ତରାୟ ରହେ ନାହିଁ, ତାହା ଏହି ଦେହଟିକୁ ମଧ୍ୟ ଆକ୍ରମଣ ଓ ଅଧିକାର କରିପାରେ ଏବଂ ଏକ ନୂତନ ଓ ସ୍ୱାଧୀନ ବିଧାନ ଅନୁସାରେ ପୂର୍ଣ୍ଣ ପ୍ରଭୁତ୍ୱର ସହିତ ଜଡ଼ସ୍ଥ ଏହି ପ୍ରକୃତିଟିକୁ ମଧ୍ୟ ଗ୍ରହଣ କରି ନେଇପାରେ । ଚିତ୍‌ସତ୍ତା ଓ ଜଡ଼ସତ୍ତା ମଧ୍ୟରେ ଯଦି ଏକ ନୂତନ ସଂଯୋଗ ସ୍ଥାପିତ ହୋଇଯାଏ, ଏକ ନୂତନ ନିୟନ୍ତ୍ରଣ ସମ୍ଭବ ହୁଏ, ଚିତ୍‌ସତ୍ତାକୁ ଆବରଣ କରି ରଖି ତାହା ଉପରେ ଆପଣାର ପ୍ରତିପତ୍ତି ଜାରି କରି ରଖିବାଲାଗି ଜଡ଼ଗତ ପ୍ରକୃତିଟିକୁ ଗୋଟାପୁଣି ବାଟ ଛାଡ଼ି ଦେଉଥିବା ଏହି ପାରସ୍ପରିକ ସ୍ଥିତିଟିର ଭାରସାମ୍ୟରେ ଯଦି ଏକ ସମ୍ପୂର୍ଣ୍ଣ ରୂପାନ୍ତର ସଂଘଟିତ ହୁଏ, ତେବେଯାଇ ତାହା-ସମ୍ଭବ ହୋଇଥାଏ । ଏକ ବୃହତ୍ତର ଜ୍ଞାନର ଆଲୋକଦୀପ୍ତତା ମଧ୍ୟରେ ଜଡ଼ ମଧ୍ୟ ବ୍ରହ୍ମ ହୋଇ ଦେଖାଯାଏ, ବ୍ରହ୍ମରୁ ଉତ୍ସାରିତ ହୋଇ ଆସିଥିବା ତାହାରି ଏକ ଆତ୍ମଶକ୍ତିରୂପେ ଦେଖାଦିଏ, ସେହି ବ୍ରହ୍ମରହିଁ ଗୋଟିଏ ରୂପ ଓ ଉପାଦାନରୂପେ ପରିଦୃଷ୍ଟ ହୁଏ । ଜଡ଼ୋପାଦାନ ମଧ୍ୟରେ ସଗୁପ୍ତ ରହିଥିବା ଏହି ଚେତନାଟିର ସନ୍ଧାନ ଲାଭ କରି, ଏହି ବୃହତ୍ତର ଜ୍ଞାନମଧ୍ୟରେ ସୁପ୍ରତିଷ୍ଠିତ ରହି ବିଜ୍ଞାନଭୂମିସ୍ଥ ଆଲୋକ ତଥା ସାମର୍ଥ୍ୟ ସେହିଭଳି ଦୃଷ୍ଟ ହେଉଥିବା ଜଡ଼ ସହିତ ଆପଣାକୁ ନେଇ ସମ୍ମିଳିତ କରି ଦେଇପାରେ ଏବଂ ତାହାକୁ ଆଧ୍ୟାତ୍ମିକ ଅଭିବ୍ୟକ୍ତିର ଏକ ସାଧନରୂପେ ଗ୍ରହଣ କରି ନେଇପାରେ । ସେତେବେଳେ ଜଡ଼ପ୍ରତି ଏକ ପରମ ଶ୍ରଦ୍ଧାଭାବର ବି ଉଦ୍ରେକ ହୁଏ, ଜଡ଼ ସହିତ ଆମର ଯାବତୀୟ ସମ୍ବନ୍ଧରେ ଏକ ପବିତ୍ରତାବୋଧ ମଧ୍ୟ ସଞ୍ଚରିତ ହେବାକୁ ଲାଗେ । ଗୀତାରେ ଆହାର ଗ୍ରହଣ

'oaob.nitrkl.ac.in' images reprocessed

କରିବାକୁ ଯେପରି ଦ୍ରବ୍ୟଯଜ୍ଞ ବୋଲି ବୁଝାଯାଇଛି, ବ୍ରହ୍ମର ଉଦ୍ଦେଶ୍ୟରେ ବ୍ରହ୍ମଦ୍ୱାରା ବ୍ରହ୍ମରହିଁ ସମର୍ପଣ ବୋଲି ବୁଝାଯାଇଛି, ଠିକ୍ ସେହିପରି ବିଜ୍ଞାନମୟ ଚେତନା ବା ବିଜ୍ଞାନମୟ ବୋଧ ଚିତ୍‌ସତ୍ତ୍ୱର ଜଡ଼ ସହିତ ଯାବତୀୟ କ୍ରିୟାକୁ ମଧ୍ୟ ଏହିଭଳି ଏକ ଦୃଷ୍ଟିରେ ଦେଖିପାରିବ । ବିଶ୍ୱସୃଷ୍ଟ ଜୀବସକଳଙ୍କର କଲ୍ୟାଣ ଓ ଆନନ୍ଦ ସକାଶେ ଓ ଯୋଗକ୍ଷେମ ସକାଶେ ଆପଣାକୁ ଗୋଟିଏ ସାଧନରୂପେ ଉପସ୍ଥାପିତ କରି ରଖିବାକୁ, ବିଶ୍ୱର ହିତ ଓ ବିଶ୍ୱର ସେବାରେ ଜଡ଼ରୂପେ ଆପଣାକୁ ନିବେଦନ କରିଦେଇ ପାରିବାକୁ ପରମ ଚିଦ୍‌ବସ୍ତୁହିଁ ଆପଣାକୁ ଜଡ଼ରେ ପରିଣତ କରିଛନ୍ତି । ବିଜ୍ଞାନମୟ ସତ୍ତ୍ୱା ଜଡ଼କୁ ବ୍ୟବହାର କରିବ ସତ, ଭୌତିକ ଅଥବା ପ୍ରାଣଗତ ଯାବତୀୟ ଆସକ୍ତି ଓ ବାସନାରୁ ରହିତ ହୋଇ ସେ ଏହା କରିବ; ଏବଂ ଜଡ଼କୁ ଏହିପରି ଭାବରେ ବ୍ୟବହାର କଲାବେଳେ ସେ କେବଳ ସେହି ପରମ ଚିତ୍‌ସତ୍ତ୍ୱରହିଁ ଏହି ରୂପଟିକୁ ତାହାର ସମ୍ମତି ଓ ତାହାର ଅନୁମୋଦନ ସହିତ ତାହାରି ଉଦ୍ଦେଶ୍ୟରେ ବ୍ୟବହାର କରୁଥିବା ପରି ଅନୁଭବ କରୁଥିବ । ତା' ଭିତରେ ଭୌତିକ ବସ୍ତୁଗୁଡ଼ିକ ପ୍ରତି ଏକପ୍ରକାର ସମ୍ମାନ ଓ ଶ୍ରଦ୍ଧାଭାବ ରହିଥିବ, ସେହିସବୁ ବସ୍ତୁ ଭିତରେ ଅନ୍ତର୍ଗୂଢ଼ ଥିବା ଚେତନାଟି ବିଷୟରେ ସେ ପୂର୍ଣ୍ଣସଚେତନ ରହିଥିବ; ଏବଂ ସେହି ଚେତନାଟି ମଧ୍ୟରେ ଯେ ବିଶ୍ୱହିତସାଧନ ଏବଂ ବିଶ୍ୱସେବାର ଏକ ଅବ୍ୟକ୍ତ ଓ ମୌନ ଇଚ୍ଛା ନିହିତ ରହିଛି, ସେ ତାହା ଅନୁଭବ କରି ପାରୁଥିବ । ସେ ଯାହାକିଛି ବ୍ୟବହାର କରୁଥିବ, ତାହା ଭିତରେ ସେ ତନ୍ମଧ୍ୟସ୍ଥ ବ୍ରହ୍ମରହିଁ ପୂଜା କରୁଥିବ, କେବଳ ତାଙ୍କର ଉପାସନା ଓ ସେବା କରୁଥିବ । ତା'ର ବ୍ୟବହୃତ ଏହିସବୁ ଦିବ୍ୟ ଦ୍ରବ୍ୟଗୁଡ଼ିକୁ ସେ ଯେପରି ନିଖୁଣ ଓ ନିର୍ଦ୍ଦୋଷ ଭାବରେ ବ୍ୟବହାର କରିପାରେ, ଜଡ଼ର ଜୀବନରେ ସେ ଯେପରି ଏକ ଯଥାର୍ଥ ଛନ୍ଦୋମୟତା, ସୁଶୃଙ୍ଖଳ ସୌଷମ୍ୟ ଓ ସୌନ୍ଦର୍ଯ୍ୟକୁ ଫୁଟାଇ ଦେଇପାରେ, ସେଥିଲାଗି ସେ ସତତ ଯତ୍ନଶୀଳ ରହିଥିବ ।

ପରମ ଚିତ୍‌ସତ୍ତ୍ୱା ଓ ଦେହଗତ ପ୍ରକୃତି ମଧ୍ୟରେ ଏହି ନୂତନ ସମ୍ବନ୍ଧଟି ସ୍ଥାପିତ ହେବା ଫଳରେ ବିଜ୍ଞାନମୟ ବିବର୍ତ୍ତନ ଅନ୍ନମୟ ସତ୍ତ୍ୱାକୁ ଏକ ଅଧ୍ୟାତ୍ମସତ୍ତ୍ୱାରେ ରୂପାନ୍ତରିତ କରିଦେବ, ତାହାକୁ ପରିପୂର୍ଣ୍ଣତା ଆଣିଦେବ ଓ ସର୍ବତୋଭାବେ ସାର୍ଥକ କରିଦେବ । ମନ ତଥା ପ୍ରାଣର ଭୂମିରେ ଏହା ଯାହାସବୁ ଘଟାଇବ, ଅନ୍ନମୟ ଭୂମିରେ ମଧ୍ୟ ଠିକ୍ ତାହାହିଁ ଘଟାଇବ । ଆମର ଦେହଚେତନା ମଧ୍ୟରେ ଯେଉଁସବୁ ତ୍ରୁଟି, ତାମସିକତା ଓ ସୀମିତତାମାନ ରହିଛି, ଏହି ରୂପାନ୍ତରଟି ଦ୍ୱାରା ସେଗୁଡ଼ିକ ନିରାକୃତ ହୋଇଯିବ; ମାତ୍ର ତାହାର ଏହିସବୁ ଅଭାବ ସତ୍ତ୍ୱେ ଦେହଚେତନା ମଧ୍ୟରେ ଏକ ଅସୀମଧୈର୍ଯ୍ୟଶାଳୀ ଆନୁଗତ୍ୟ ମଧ୍ୟ ରହିଛି । ଦେହ ଭିତରେ ଯେଉଁ ବିପୁଳ ଶକ୍ତିର ସଞ୍ଚୟଟି ଗୋପନରେ ସଂରକ୍ଷିତ ହୋଇ ରହିଛି, ତାହାରି ସାହାଯ୍ୟରେ ଦେହ

'oaob.nitrkl.ac.in' images reprocessed

ବ୍ୟକ୍ତିସତ୍ତ୍ୱର ଏକ ଶକ୍ତିଶାଳୀ ସାଧନରୂପେ ମଧ୍ୟ ବ୍ୟବହୃତ ହୋଇପାରେ । ଏବଂ ଏହି ଦେହ ଖାସ୍ ଆପଣା ସକାଶେ ପ୍ରକୃତିରେ ଅତି ଅଳ୍ପହିଁ ଦାବି କରିଥାଏ । ଏହା କେବଳ ଆୟୁ, ସ୍ୱାସ୍ଥ୍ୟ, ବଳ, ଦୈହିକ ପୂର୍ଣ୍ଣତା ଓ ଦୈହିକ ସୁଖର ଅଭିଳାଷ ରଖିଥାଏ; ଦୁଃଖ ଓ ଯନ୍ତ୍ରଣାରୁ ମୁକ୍ତି ଚାହିଁଥାଏ, ଟିକିଏ ସ୍ୱାଚ୍ଛନ୍ଦ୍ୟ ମଧ୍ୟ ଚାହିଁଥାଏ । ଏହି ଦାବିଗୁଡ଼ିକୁ କେବଳ ସେହିଗୁଡ଼ିକର ଭୂମିରେ ବିଚାର କରି କଦାପି ଅଗ୍ରହଣୀୟ, ଗ୍ଲାନିଯୁକ୍ତ କିମ୍ବା ଅନ୍ୟାୟୋଚିତ ବୋଲି କଦାପି କୁହାଯିବ ନାହିଁ; କାରଣ ସେଗୁଡ଼ିକ ଜଡ଼ଗତ ଭୂମିରେ ରୂପ ତଥା ଉପାଦାନଗତ ପୂର୍ଣ୍ଣତା ଆଣିଦିଅନ୍ତି, ସେଥିରେ ଶକ୍ତି ଓ ଆନନ୍ଦର ଅଭିବ୍ୟକ୍ତି ଘଟାଇଥା'ନ୍ତି ଏବଂ ଏସବୁ କେବଳ ସେହି ଚିତ୍‌ସତ୍ତ୍ୱରହିଁ ସ୍ୱାଭାବିକ ଓ ପ୍ରକାଶମୟ ଅଭିବ୍ୟକ୍ତିରୂପେ ବାହାରକୁ ନିଃସୃତ ହୋଇ ଆସିଥାଏ । ଯେତେବେଳେ ବିଜ୍ଞାନମୟ ଶକ୍ତିଟି ଶରୀର ମଧ୍ୟରେ କାର୍ଯ୍ୟ କରିବାକୁ ସମର୍ଥ ହୁଏ, ସେତେବେଳେ ଏହିସବୁ ସମ୍ପଦର ପ୍ରତିଷ୍ଠା ସମ୍ଭବ ହୋଇଥାଏ; କାରଣ ଭୌତିକ ମନ ଉପରେ, ଆମର ସ୍ନାୟୁଗତ ଓ ଜଡ଼ଗତ ପ୍ରାଣ ଉପରେ ତଥା ସ୍ଥୂଳ ଦେହଟି ଉପରେ ଯେତେବେଳେ ବହିର୍ଗତ ନାନା ଶକ୍ତିର ଚାପ ଆସି ପଡ଼େ, ସେତେବେଳେ ସେହିସବୁ ସମ୍ପଦର ବିପରୀତ ତତ୍ତ୍ୱଗୁଡ଼ିକର ଆବିର୍ଭାବ ହୋଇଥାଏ । ଏପରି ଏକ ଅବିଦ୍ୟା ହେତୁ ଏସବୁର ଆବିର୍ଭାବ ହୁଏ, ଏହିସବୁ ବାହ୍ୟ ଶକ୍ତିର ସମ୍ମୁଖୀନ ହେବାଲାଗି ଯାହାକୁ କି କୌଣସି ଉପାୟ ଜଣା ନ ଥାଏ ଓ ସେହି ହେତୁରୁ ଯିଏ ଯଥାର୍ଥ ଓ ସବଳ ଭାବରେ ସେଗୁଡ଼ିକର ସମ୍ମୁଖୀନ ହୋଇ ପାରେ ନାହିଁ । ଅଥବା ଯେତେବେଳେ ଆମର ଜଡ଼ଚେତନାର ଉପାଦାନଟିରେ କୌଣସି ପ୍ରକାର ଏକ ଅଜ୍ଞାନତା ଓ ତମସାଚ୍ଛନ୍ନତା ମଧ୍ୟ ପରିବ୍ୟାପ୍ତ ହୋଇ ରହିଥାଏ ଯାହା ଅତ୍ୟନ୍ତ ବିକୃତ ଭାବରେ ଶକ୍ତିର ଅଭିଘାତଗୁଡ଼ିକୁ ଗ୍ରହଣ କରେ ଓ ଦୋଷପୂର୍ଣ୍ଣଭାବରେ ସେଗୁଡ଼ିକ ଉଦ୍ଦେଶ୍ୟରେ ଆପଣାର ପ୍ରତିସ୍ପନ୍ଦନ ଜଣାଏ । ଆପଣାକୁ ଆପେ କାର୍ଯ୍ୟକାରୀ କରୁଥିବା ଏକ ଆତ୍ମକ୍ରିୟାତ୍ମକ ଅତିମାନସ ଜ୍ଞାନ ଓ ସଚିତ୍‌ସମ୍ପନ୍ନତା ଏହି ଅବିଦ୍ୟାକୁ ସମ୍ପୂର୍ଣ୍ଣ ଭାବରେ ଦୂର କରିଦେବ, ଶରୀରସ୍ଥ ତମସାବୃତ ଓ ଦୂଷିତ ସହଜାତ ବୋଧଚେତନାଟିକୁ ମୁକ୍ତ କରିଦେବ, ସେଗୁଡ଼ିକର ପୁନରୁଦ୍ଧାର କରିବ ଏବଂ ଏକ ବୃହତ୍ତର ଚେତନାଶୀଳ କ୍ରିୟାଦ୍ୱାରା ସେଗୁଡ଼ିକୁ ଆଲୋକଦ୍ୱାରା ବିକଶିତ ଏବଂ ପରିପୂର୍ଣ୍ଣ କରିବ । ଏହି ପରିବର୍ତ୍ତନ ଫଳରେ ବସ୍ତୁସମୂହରେ ଏକ ଯଥାର୍ଥ ଇନ୍ଦ୍ରିୟଗତ ବୋଧ ଗଠିତ ହୋଇପାରିବ ତଥା ପ୍ରତିଷ୍ଠିତ ହୋଇ ରହିବ; ବସ୍ତୁ ତଥା ଶକ୍ତିଗୁଡ଼ିକ ସହିତ ଏକ ଯଥାର୍ଥ ସମ୍ବନ୍ଧ ସ୍ଥାପିତ ହେବ, ସେଗୁଡ଼ିକୁ ଯଥାର୍ଥ ପ୍ରତିକ୍ରିୟା ଜଣାଇହେବ; ଆମର ମନ, ଦେହ ତଥା ସ୍ନାୟୁମଣ୍ଡଳରେ ଏକ ଯଥାର୍ଥ ଛନ୍ଦୋମୟତା ସମ୍ଭବ ହେବ । ତାହା ଶରୀର ଭିତରେ ଏକ ଉଚ୍ଚତର ଆଧ୍ୟାତ୍ମିକ ଶକ୍ତି ଆଣିଦେବ, ବିଶ୍ୱମୟ ପ୍ରାଣଶକ୍ତି ସହିତ ସମ୍ମିଳିତ ହୋଇ ରହିଥିବା ଓ ତାହାଠାରୁ ପ୍ରେରଣା ପାଉଥିବା ଏକ

'oaob.nitrkl.ac.in' images reprocessed

ବୃହତ୍ତର ପ୍ରାଣଶକ୍ତି ଆଣିଦେବ; ତଦ୍ଦ୍ୱାରା ଏହି ଦେହଟି ମଧ୍ୟ ଜଡ଼ପ୍ରକୃତି ସହିତ ଏକ ଜ୍ୟୋତିର୍ମୟ ଦିବ୍ୟ ସୁଷମାରେ ଏକତ୍ର ବନ୍ଧାହୋଇ ରହିବ, ଏକ ଶାଶ୍ୱତ ପରମ ଶାନ୍ତିର ବିପୁଳ ଓ ପ୍ରଶାନ୍ତ ସ୍ପର୍ଶ ଲାଭ କରି ଦେହ ଏକ ଦିବ୍ୟତର ଶକ୍ତି ଓ ସ୍ୱଚ୍ଛନ୍ଦତା ଦ୍ୱାରା ପୂର୍ଣ୍ଣ ହୋଇଉଠିବ । ଏବଂ ସର୍ବୋପରି, ଆମର ସବୁଠାରୁ ଅଧିକ ଆବଶ୍ୟକ ତଥା ସର୍ବମୌଳିକ ପରିବର୍ତ୍ତନରୂପେ ଏହା ଆମର ସମୁଦାୟ ସତ୍ତାଟିକୁ ପରମ ଚୈତନ୍ୟ-ଶକ୍ତିର ଏକ ପରମ ବୀର୍ଯ୍ୟଦ୍ୱାରା ପ୍ଲାବିତ କରିଦେବ; ବିଶ୍ୱଗତ ଯେଉଁସବୁ ଶକ୍ତି ଏହି ଦେହକୁ ଆବେଷ୍ଟନ କରି ରହିଛନ୍ତି ଓ ତାହା ଉପରେ ଆପଣାର ଛାପ ପକାଉଛନ୍ତି, ଏହି ଚିତ୍‌ଶକ୍ତିହିଁ ସେଗୁଡ଼ିକର ସମ୍ମୁଖୀନ ହୋଇ ସେଗୁଡ଼ିକୁ ଆପଣା ଭିତରକୁ ଗ୍ରହଣ କରିନେବ ଅର୍ଥାତ୍ ଆପଣା ସହିତ ସେଗୁଡ଼ିକୁ ସୁଷମାବଦ୍ଧ କରି ରଖିବ ।

ମନୋମୟ, ପ୍ରାଣମୟ ତଥା ଅନ୍ନମୟ ସତ୍ତାରେ ଆପଣାକୁ ଅଭିବ୍ୟକ୍ତ କରୁଥିବା ଚିତ୍‌ଶକ୍ତି ବଡ଼ ଅସମ୍ପୂର୍ଣ୍ଣ ଓ ଦୁର୍ବଳ ହୋଇ ରହିଥାଏ, ସ୍ୱେଚ୍ଛାପ୍ରଣୋଦିତ ହୋଇ ତାହା କିଛିହେଲେ ଗ୍ରହଣ କିମ୍ବା ବର୍ଜନ କରି ପାରୁ ନଥାଏ; ଅଥବା, ଗ୍ରହଣ କରି ପାରୁଥିଲେ ମଧ୍ୟ ତା' ଉପରେ ନିକ୍ଷିପ୍ତ ହେଉଥିବା ବିଶ୍ୱଗତ ଶକ୍ତିର ଯାବତୀୟ ସ୍ପର୍ଶକୁ ତାହା ସ୍ୱକୀୟ ସମ୍ପଦରେ ପରିଣତ କରିବାକୁ କିମ୍ବା ସେଗୁଡ଼ିକ ମଧ୍ୟରେ ସମନ୍ୱୟ ଆଣିବାକୁ ଅସମର୍ଥ ହୋଇ ରହିଥାଏ । ଏଇଥିରୁହିଁ ଦୁଃଖ ଓ ଯାତନା ଜନ୍ମଲାଭ କରେ । ଅନ୍ନମୟ ଜଡ଼ଗତ ଭୂମିରେ ଏକ ସମ୍ପୂର୍ଣ୍ଣ ବୋଧଶୂନ୍ୟତାରୁହିଁ ପ୍ରକୃତିକୁ ଆପଣାର କ୍ରିୟା ଆରମ୍ଭ କରିବାକୁ ହୁଏ, ଏବଂ ଏହା ଏକ ଉଲ୍ଲେଖଯୋଗ୍ୟ କଥା ଯେ ତୁଳନାତ୍ମକ ଦୃଷ୍ଟିରୁ ବିଚାର କରି ଦେଖିଲେ ଏକ ବୋଧଶୂନ୍ୟତା ବା ଏକ କ୍ଷୀଣଶକ୍ତି ବୋଧସମ୍ପନ୍ନତା କିମ୍ବା ଅନେକ ସମୟରେ ଦୁଃଖକଷ୍ଟ ପ୍ରତି ଏକ ଅଧିକତର ସହିଷ୍ଣୁତା ଓ ଏକ ବୋଧକାଠିନ୍ୟହିଁ ପ୍ରାଣଲୀଳାର ପ୍ରଥମ ପର୍ବଟିରେ ଦୃଷ୍ଟିଗୋଚର ହୋଇଥାଏ; ଇତରପ୍ରାଣୀର ସ୍ତରରେ ଏବଂ ଆଦିମ ଅର୍ଥାତ୍ ଅଳ୍ପବିକଶିତ ମନୁଷ୍ୟ-ଠାରେ ମଧ୍ୟ ତାହା ଦେଖିବାକୁ ମିଳେ । ବିବର୍ତ୍ତନର ମାର୍ଗରେ ଅଧିକ ବୃଦ୍ଧିପ୍ରାପ୍ତ ହେବା ସଙ୍ଗେସଙ୍ଗେ ମନୁଷ୍ୟର ବୋଧଶକ୍ତି ମଧ୍ୟ ବୃଦ୍ଧି ପାଏ ଏବଂ ତାହାଫଳରେ ସେ ମନ, ପ୍ରାଣ ତଥା ଆପଣାର ଦେହରେ ଦୁଃଖକୁ ଅଧିକ ଉତ୍କଟ ଭାବରେ ଅନୁଭବ କରିବାଲାଗି ମଧ୍ୟ ସମର୍ଥ ହୋଇଥାଏ । କାରଣ ଚେତନା ବୃଦ୍ଧିପ୍ରାପ୍ତ ହେବା ସହିତ ଶକ୍ତିର ସମାନୁପାତିକ ବିକାଶ ବା ବୃଦ୍ଧି ଘଟି ନଥାଏ; ଶରୀର ଅଧିକ ସୂକ୍ଷ୍ମ ହୁଏ, ସୂକ୍ଷ୍ମାନୁଭବ ଲାଗି ଅଧିକ ସମର୍ଥ ହୁଏ, ମାତ୍ର ଆପଣାର ବାହ୍ୟ ଶକ୍ତିର କ୍ଷେତ୍ରରେ ସେପରି ପୂର୍ଣ୍ଣଭାବରେ କାର୍ଯ୍ୟକାରୀ ହୋଇ ନଥାଏ । ଆପଣାର ସ୍ନାୟୁସତ୍ତାଟିରେ ଅଧିକ ଗତିଶୀଳତା ଆଣିଦେବାକୁ ଓ ସେଥିରେ ଆବଶ୍ୟକ ସଂଶୋଧନ ଆଣି ତାହାକୁ ଆପଣାର ନିୟନ୍ତ୍ରଣରେ ରଖିବାକୁ ମନୁଷ୍ୟ ଆପଣାର ସଂକଳ୍ପଶକ୍ତି ଓ ମନଃଶକ୍ତିର

'oaob.nitrkl.ac.in' images reprocessed

ସାହାଯ୍ୟ ନେବାକୁ ବାଧ୍ୟ ହୁଏ; ଆପଣାର ସାଧନଗୁଡ଼ିକଠାରୁ ସେ ଯେଉଁ କଠିନ କାର୍ଯ୍ୟମାନ କରିବାର ଦାବି କରୁଥାଏ, ସେଥିଲାଗି ସେ ସ୍ନାୟୁସତ୍ତାଟିକୁ ଜୋରକରି କାମରେ ଲଗାଏ; ଦୁଃଖ, ଯନ୍ତ୍ରଣା ଓ ଦୁର୍ବିପାକ ଆଗରେ ତାହାକୁ ଇଚ୍ଛାନୁରୂପ ଟାଣି କରି ରଖେ । ଆଧ୍ୟାତ୍ମିକ ଆରୋହଣଟି ସମ୍ଭବ ହୋଇଯିବା ପରେ ଚେତନାର ଏହି ଶକ୍ତି, ସାଧନଗୁଡ଼ିକ ଉପରେ ଏହାର ସଂକଳ୍ପଗତ ପ୍ରଭାବ, ବାହ୍ୟ ମନୋଭୂମି, ସ୍ନାୟୁସତ୍ତା ତଥା ଶରୀର ଉପରେ ଚିତ୍‌ସତ୍ତା ଏବଂ ଅନ୍ତର୍ଗତ ମନୋମୟତାର ନିୟନ୍ତ୍ରଣ-ସାମର୍ଥ୍ୟ,—ଏଗୁଡ଼ିକ ବିପୁଳ ଭାବରେ ବୃଦ୍ଧିଲାଭ କରେ; ସକଳ ଘାତ, ଅଭିଘାତ ଓ ସଂଘର୍ଷ ଆଗରେ ଏକ ପ୍ରଶାନ୍ତ ଓ ଉଦାର ଚିଦ୍‌ଗତ ସମତାବସ୍ଥା ବଜାୟ ରଖି ପାରିବାର ସାମର୍ଥ୍ୟ ଆସି ପହଞ୍ଚେ, ଏବଂ ତାହାହିଁ ଅତ୍ୟନ୍ତ ସାଧାରଣ ଅବସ୍ଥାରେ ପରିଣତ ହୁଏ । ଏବଂ କେବଳ ମନର ଭୂମି ଉପରୁ ଏହି ଅବସ୍ଥାଟି ପ୍ରାଣଗତ ଅଂଶଗୁଡ଼ିକ ମଧ୍ୟକୁ ବି ପ୍ରସାରିତ ହୋଇଯିବାର ଏବଂ ସେଠାରେ ମଧ୍ୟ ଶକ୍ତିମନ୍ତ ଓ ଶାନ୍ତିସ୍ଥିତର ଏକ ବିପୁଳ ଓ ସ୍ଥାୟୀ ଉଦାରତା ବଜାୟ ରଖିବାର ସାମର୍ଥ୍ୟ ରଖିଥାଏ । ଏପରିକି ଏହି ଶରୀର ଭିତରେ ମଧ୍ୟ ଏହି ଅବସ୍ଥାଟି ଆପଣାକୁ ସଞ୍ଚାରିତ କରି ଦେଇପାରେ ଏବଂ ସେଇଠି ଅନ୍ତର୍ଗତ ଭାବରେ ଅବସ୍ଥିତ ରହି ସକଳ ଦୁଃଖ, ଯାତନା ତଥା ସର୍ବବିଧ ଯନ୍ତ୍ରଣାର ଆଘାତର ସମ୍ମୁଖୀନ ହୋଇପାରେ । ଏହି କ୍ଷେତ୍ରରେ ହୁଏତ ଏକ ସ୍ୱେଚ୍ଛାକୃତ ବୋଧଶୂନ୍ୟତାର ଶକ୍ତି ଆସି ଉପସ୍ଥିତ ହୋଇ ପାରେ ଅଥବା ଯାବତୀୟ ଅଭିଘାତ ତଥା ଆଘାତରୁ ମନୋଗତ ଭାବରେ ଆପଣାକୁ ଅଲଗା କରି ରଖିବାର ଏକ ଶକ୍ତି ମଧ୍ୟ ହାସଲ କରାଯାଇ ପାରେ; ଏବଂ ଏହିସବୁ ଆମକୁ ସ୍ପଷ୍ଟଭାବରେ ପ୍ରମାଣ ଦେଇଯାଏ ଯେ ଜଡ଼ପ୍ରକୃତିର ଚିରାଭ୍ୟସ୍ତ ପ୍ରତିକ୍ରିୟା ଅଥବା ପ୍ରତିସ୍ପନ୍ଦନ ଆଗରେ ଆମର ଦୈହିକ ସତ୍ତାଟି ଅତି ବିବଶ ଭାବରେ ଆତ୍ମସମର୍ପଣ କରିଦେବାର ଯେଉଁ ସାଧାରଣ ରୀତିଟି ଚାଲିଆସିଛି, ତାହା ଯେ ସବୁଦିନଲାଗି ଅବଶ୍ୟ ସେହିଭଳି ରହିବ ବା ସେଥିରେ କୌଣସି ପରିବର୍ତ୍ତନ କେବେହେଲେ ସମ୍ଭବ ହେବ ନାହିଁ, ସେକଥାଟା ଆଦୌ ସତ୍ୟ ନୁହେଁ । ପୁଣି, ଅଧ୍ୟାତ୍ମମନ ବା ଅଧିମାନସର ସ୍ତରରେ ଯେଉଁ ଶକ୍ତିଟି ଆସି ଦୁଃଖର ଅଭିଘାତ ବା ସ୍ପନ୍ଦନଗୁଡ଼ିକୁ ଆନନ୍ଦରେ ରୂପାନ୍ତରିତ କରିଦିଏ, ସେଇଟିର ଆହୁରି ଅଧିକ ମହତ୍ତ୍ୱ ରହିଛି । ଏହି ଶକ୍ତିଟି ଭିତରେ ଯଦି କେବଳ ଏକ ନିର୍ଦ୍ଦିଷ୍ଟ ସୀମାଯାଏହିଁ ଯାଇ ପାରିବାର ସାମର୍ଥ୍ୟ ଥାଏ ଓ ଏଥିରୁ ପୂର୍ଣ୍ଣତା ଲାଭ କରିବା ସମ୍ଭବ ନହୁଏ, ତଥାପି ଏଥିରୁ ବଡ଼ ସ୍ପଷ୍ଟଭାବରେ ବୁଝିହେଉଛି ଯେ ଚେତନାଗତ ପ୍ରତିକ୍ରିୟାର ଯେଉଁ ସାଧାରଣ ବିଧାନଟି ସହିତ ଆମେ ପରିଚିତ ହୋଇ ରହିଛୁ, ତାହାକୁ ଏକ ସମ୍ପୂର୍ଣ୍ଣ ବିପରୀତ ଦିଗକୁ ବୁଲାଇଦେବା ମଧ୍ୟ ଆଦୌ ଅସମ୍ଭବ ନୁହେଁ । ପୁନଶ୍ଚ, ଯେଉଁସବୁ ଅଭିଘାତକୁ ରୂପାନ୍ତରିତ କରିବା ବଡ଼ ଦୁରୂହ ହୋଇ ରହିଥାଏ ଅଥବା ଯାହାକୁ ସହ୍ୟ କରିବା କଷ୍ଟକର ମନେ

'oaob.nitrkl.ac.in' images reprocessed

ହେଉଥାଏ, ସେଗୁଡ଼ିକର ଧରଣକୁ ମଧ୍ୟ ବଦଳାଇ ଦେଇ ତାହାର କବଳରୁ ଆପଣାକୁ ରକ୍ଷା କରିପାରିବାର ଶକ୍ତିଟି ମଧ୍ୟ ଏହି ଶକ୍ତିଟି ସହିତ ଆସି ସଂଯୁକ୍ତ ହୋଇପାରେ । ବିଜ୍ଞାନମୟ ବିବର୍ତ୍ତନ ଏକ ନିର୍ଦ୍ଦିଷ୍ଟ ସୋପାନରେ ଆସି ପହଞ୍ଚିଲେ ଏହି ଧରଣପରିବର୍ତ୍ତନ ପୂର୍ଣ୍ଣରୂପେ ସାଧିତ ହୋଇଥାଏ, ଆପଣାକୁ ସୁରକ୍ଷିତ କରି ରଖିବାର ଶକ୍ତିଟି ମଧ୍ୟ ପୂର୍ଣ୍ଣତା ପାଏ; ତାହାର ପରିଣାମସ୍ୱରୂପ ଦୁଃଖରୁ ମୁକ୍ତି ପାଇବାକୁ, ପୂର୍ଣ୍ଣ ନିଷ୍କୃତି ପାଇବାକୁ ଏବଂ ପ୍ରଶାନ୍ତି ଲାଭ କରିବାକୁ ଦେହର ଯେଉଁ ଦାବିଟି ରହିଛି, ତାହା ପରିପୂର୍ଣ୍ଣ ହୁଏ ଏବଂ ଦେହ ମଧ୍ୟରେ ଶୁଦ୍ଧସତ୍ତାର ସମଗ୍ର ଆନନ୍ଦଟିକୁ ଆସ୍ୱାଦନ କରି ପାରିବାର ଶକ୍ତି ଗଠିତ ହେବାକୁ ଆରମ୍ଭ କରେ । ସେତେବେଳେ ଏକ ଆଧ୍ୟାତ୍ମିକ ଆନନ୍ଦ ଏହି ଶରୀର ଭିତରକୁ ପ୍ରବାହିତ ହୋଇ ଆସିପାରେ, ଶରୀରର ସମସ୍ତ କୋଷ ଓ ତନ୍ତୁକୁ ମଧ୍ୟ ପ୍ଲାବିତ କରି ଦେଇପାରେ । ଏହି ଉଚ୍ଚତର ଆନନ୍ଦ ଯେତେବେଳେ ଜ୍ୟୋତିର୍ମୟ ଭାବରେ ଏହିପରି ଦେହାବସ୍ଥିତ ହୋଇ ରହେ, ସେତେବେଳେ କେବଳ ତାହାରିଦ୍ୱାରାହିଁ ଜଡ଼ଗତ ପ୍ରକୃତିର ନାନା ଅପୂର୍ଣ୍ଣତାରେ ପୂର୍ଣ୍ଣ ଓ ବିରୋଧଧର୍ମୀ ଗ୍ରହଣଶୀଳତାଗୁଡ଼ିକରେ ଏକ ସମଗ୍ର ରୂପାନ୍ତର ମଧ୍ୟ ସମ୍ଭବ ହୋଇପାରେ ।

ଆମ ସତ୍ତାର ସମଗ୍ର ଧାତୁଟି ଭିତରେ ଶୁଦ୍ଧସତ୍ତାର ଅଖଣ୍ଡ ଓ ପରମ ଆନନ୍ଦଟି ଲାଭ କରିବାଲାଗି ଏକ ପ୍ରଚ୍ଛନ୍ନ ଅଭୀପ୍ସା ରହିଛି, ଏକ ଦାବି ନିଗୂଢ଼ ହୋଇ ରହିଛି । ମାତ୍ର ଆମ ପ୍ରକୃତିର ବିଭିନ୍ନ ଅଂଶଗୁଡ଼ିକ ପରସ୍ପରଠାରୁ ଅଲଗା ହୋଇ ରହିଥିବାରୁ, ସେଗୁଡ଼ିକର ଆକୃତି ସର୍ବଦା ସମାନଧର୍ମୀ ରହୁ ନଥିବାରୁ ଏବଂ କେବଳ ଏକ ବହିଃସ୍ତରୀୟ ସୁଖଟା ବ୍ୟତୀତ ଅଧିକ ଆଉକିଛିର କଳ୍ପନା ବା ଧାରଣା କରିବାଲାଗି ସେଗୁଡ଼ିକର ଯେଉଁ ଅସମର୍ଥତା ରହିଛି, ତାହାରିଦ୍ୱାରା ଅନ୍ଧକାରାଚ୍ଛନ୍ନ ହୋଇ ରହିଥିବାରୁ ସେହି ଅଭୀପ୍ସା ଓ ସେହି ଦାବି ଅନ୍ତରାଳରେ ରହିଯାଇଛି । ଦେହଚେତନାର ଏହି ଭୂମିଟିରେ ଏହି ଦାବିଟି କେବଳ ଦେହଗତ ସୁଖର ଏକ ଆକାର ଧାରଣ କରି ପକାଉଛି, ପ୍ରାଣଚେତନାର ଅଂଶଗୁଡ଼ିକରେ ପ୍ରାଣଗତ କେତେ ସୁଖର ଏକ ଆକୃତିରେ ଆପଣାକୁ ପ୍ରକାଶ କରୁଛି, କେତେଭଳି ହର୍ଷ ଓ ପୁଲକ ଉଦ୍ଦେଶ୍ୟରେ ଓ ପରିତୃପ୍ତିର ଯାବତୀୟ ଚମକପ୍ରଦ ସଂଘଟନ ଉଦ୍ଦେଶ୍ୟରେ ଏକ ତୀବ୍ର ସ୍ପନ୍ଦନମୟ ପ୍ରତିବେଦନରୂପେ ଆପଣାକୁ ପ୍ରକାଶ କରୁଛି । ମନର ଭୂମିରେ ତାହା ମନୋଗତ ଆନନ୍ଦର ଯାବତୀୟ ସଂସ୍ପର୍ଶକୁ ଅକୁଣ୍ଠିତ ଭାବରେ ଗ୍ରହଣ କରିନେବାର ଏକ ନୈପୁଣ୍ୟରୂପେ ଆକାର ନେଉଛି, ଏବଂ ଏକ ଉଚ୍ଚତର ସୋପାନରେ ଶାନ୍ତ ଓ ଦିବ୍ୟ ସଂସ୍ପର୍ଶାନୁଭୂତି ଲାଗି ଅଧ୍ୟାତ୍ମମନର ଆକୃତି ହୋଇ ଆପଣାକୁ ପ୍ରକଟ କରୁଛି । ଏହି ଅଭୀପ୍ସା ଓ ଦାବିର ମୂଳଟି ସତ୍ତାର ସତ୍ୟମଧ୍ୟରେହିଁ ନିହିତ ହୋଇ ରହିଛି, କାରଣ କେବଳ ଆନନ୍ଦହିଁ ହେଉଛି ବ୍ରହ୍ମର ମର୍ମସ୍ୱରୂପ,

'oaob.nitrkl.ac.in' images reprocessed

ସର୍ବଗତ ସେହି ପରମସତ୍ୟର ପରମା ପ୍ରକୃତି । ଅଭିବ୍ୟକ୍ତିର ଅବରୋହୀ ସୋପାନ-ଗୁଡ଼ିକରେ ସ୍ୱୟଂ ଅତିମାନସ ମଧ୍ୟ କେବଳ ସେହି ଆନନ୍ଦରୁ ଆବିର୍ଭୂତ ହେଉଛି ଏବଂ ବିବର୍ତ୍ତନପ୍ରକ୍ରିୟାଟିର ଆରୋହକ୍ରମରେ ସେହି ଆନନ୍ଦରେ ବିଲୀନ ହୋଇଯାଉଛି । ଅବଶ୍ୟ ଏକଥା ସତ ଯେ ଏହି ବିଲୀନ ହେବାଦ୍ୱାରା ତାହା ସେଠାରେ ନିର୍ବାପିତ କିମ୍ବା ବିଲୁପ୍ତ ହୋଇ ଯାଉ ନାହିଁ, ମାତ୍ର ସେଇଠି ତାହାରି ମଧ୍ୟରେ ଅନ୍ତର୍ନିହିତ ହୋଇ ରହୁଛି; ପରମ ସତ୍‌ସ୍ୱରୂପଙ୍କର ଆନନ୍ଦ ମଧ୍ୟରେ ଯେଉଁ ଆତ୍ମସଚେତନତା ଓ ସ୍ୱୟଂକ୍ରିୟାଶୀଳ ଶକ୍ତି ବିଦ୍ୟମାନ ରହୁଛି, ତାହା ତାହାର ସହିତ ଅଭିନ୍ନ ଭାବରେ ସମ୍ମିଳିତ ହୋଇ ରହୁଛି, ତାହାରି ସହିତ ଏକରୂପ ହୋଇ ରହୁଛି । ସମ୍ପ୍ରତିକାଳୀନ ଅବରୋହଣ ତଥା ବିବର୍ତ୍ତନକାଳର ପ୍ରତ୍ୟାବର୍ତ୍ତନ ମଧ୍ୟରେ ଅତିମାନସ ପରମ ସତ୍‌ସ୍ୱରୂପଙ୍କର ସେହି ମୂଳଗତ ଆନନ୍ଦଟିକୁହିଁ ଆଶ୍ରୟ କରି ରହିଛି ଏବଂ ଆପଣାର ଯାବତୀୟ କ୍ରିୟାରେ ସେହି କ୍ରିୟାଗୁଡ଼ିକର ଧାରଣଶକ୍ତି ହିସାବରେ ସେହି ଆନନ୍ଦକୁ ବହନ କରି ଚାଲିଛି । କାରଣ, ଆମେ ହୁଏତ ଏପରି ବି କହିପାରିବା ଯେ ପରମ ଚିଦ୍‌ବସ୍ତୁର ଭୂମିରେ ଚେତନା ତାହାର ଜନକଶକ୍ତି ହୋଇ ରହିଛି, ମାତ୍ର ଆନନ୍ଦହିଁ ତାହାର ଆଧ୍ୟାତ୍ମିକ ଆଧାରରୂପେ ଅବସ୍ଥିତ ରହୁଛି ଯାହାଭିତରୁ କି ସେ ଜନ୍ମଗ୍ରହଣ କରୁଛି; ଏବଂ ଯେତେବେଳେ ଆତ୍ମା ପରମ ଚିଦ୍‌ସତ୍ତାର ସେହି ପରମସ୍ଥିତିଟିକୁ ବାହୁଡ଼ିଯାଉଛି, ସେତେବେଳେ ଅତିମାନସ ତାହାକୁ ଆନନ୍ଦର ଏହି ମୂଳ ଉତ୍ସଟି ମଧ୍ୟକୁ ବାହୁଡ଼ାଇ ନେଇଯାଉଛି । ଅତିମାନସ ଅଭିବ୍ୟକ୍ତିର ଆରୋହଣପର୍ବରେ ଆତ୍ମପରିଣାମର ଏକ ପରବର୍ତ୍ତୀ ଓ ପରିପୂର୍ଣ୍ଣତାକାରୀ ଅବସ୍ଥାରୂପେ ବ୍ରହ୍ମର ସେହି ପରମ ଆନନ୍ଦହିଁ ଆପଣାକୁ ପ୍ରକଟ କରିଦେବ । ବିଜ୍ଞାନମୟ ସତ୍ତାର ବିବର୍ତ୍ତନ ପଛକୁ ଆନନ୍ଦମୟ ସତ୍ତାର ବିବର୍ତ୍ତନ ସଂଘଟିତ ହେବ; ବିଜ୍ଞାନମୟ ସତ୍ତା ଶରୀର ମଧ୍ୟକୁ ପ୍ରକଟ ହୋଇଆସିଲେ ତାହାର ପରିଣାମସ୍ୱରୂପ ଆନନ୍ଦମୟ ସତ୍ତାର ମଧ୍ୟ ରୂପାୟନ ଘଟିବ । ଅବଶ୍ୟ ଏକଥା ଅତ୍ୟନ୍ତ ସ୍ପଷ୍ଟ ଯେ ବିଜ୍ଞାନମୟ ସତ୍ତାମଧ୍ୟରେ ଓ ବିଜ୍ଞାନମୟ ଜୀବନର ଭୂମିରେ ଅତିମାନସ ଆତ୍ମ-ଅନୁଭବର ଏକ ଅଭିନ୍ନ ଅଙ୍ଗସ୍ୱରୂପ ହୋଇ ତାହାରି ଏକ ସର୍ବତୋବ୍ୟାପ୍ତ ସାର୍ଥକତାରୂପେ ସେହି ଆନନ୍ଦରହିଁ କିଛି ନା କିଛି ଶକ୍ତି ସତତ ବର୍ତ୍ତମାନ ରହିଥିବ । ଅବିଦ୍ୟାର କବଳରୁ ମୁକ୍ତି ଲାଭ କରିବାପରେ ଶାନ୍ତିହିଁ ଆମ ଆତ୍ମାର ପ୍ରଥମ ପ୍ରତିଷ୍ଠାଭୂମି ହୋଇ ରହିବ, ସେହି ପରମ ଶାଶ୍ୱତ ଓ ଅନନ୍ତଙ୍କର ନୈଃଶବ୍ଦ୍ୟ, ନିସ୍ତଲତା ଓ ନୀରବତାହିଁ ବିରାଜିତ ରହିବ । ମାତ୍ର ଆଧ୍ୟାତ୍ମିକ ଆରୋହଣଟି ଯେତେବେଳେ ଅଧିକ ପରିପୂର୍ଣ୍ଣ ଶକ୍ତିମତ୍ତା ଓ ଏକ ବୃହତ୍ତର ଅଭିବ୍ୟକ୍ତିର ସ୍ତରକୁ ଉନ୍ନୀତ ହୋଇଯିବ, ସେତେବେଳେ ମୁକ୍ତିଜନିତ ଏହି ଶାନ୍ତ ଅବସ୍ଥାଟି ଏକ ପରିପୂର୍ଣ୍ଣ ଅସ୍ତିତ୍ୱର ଆନନ୍ଦ ତଥା ଶାଶ୍ୱତ ଆନନ୍ଦମୟତାର ଉପଲବ୍ଧି ମଧ୍ୟକୁ ରୂପାନ୍ତରିତ ହୋଇଯିବ, ପରମ ଶାଶ୍ୱତ ଓ ପରମ ଅନନ୍ତଙ୍କର ଆନନ୍ଦ ମଧ୍ୟରେ

'oaob.nitrkl.ac.in' images reprocessed

ପରିଗୃହୀତ ହେବ । ଏକ ବିଶ୍ୱଗତ ଆନନ୍ଦରୂପେ ଏହି ଆନନ୍ଦ ବିଜ୍ଞାନମୟ ଚେତନାଟି ଭିତରେ ଅନ୍ତର୍ନିହିତ ଓ ସଦାବର୍ତ୍ତମାନ ହୋଇ ରହିଥିବ ଏବଂ ବିଜ୍ଞାନମୟ ପ୍ରକୃତିର ବିବର୍ତ୍ତନ ସଙ୍ଗେସଙ୍ଗେ ବୃଦ୍ଧିପ୍ରାପ୍ତ ହେବାରେ ଲାଗିଥିବ ।

ଅନେକେ ମତ ଦେଇ କହିଛନ୍ତି ଯେ ଅଧ୍ୟାତ୍ମସାଧନାରେ ଆନନ୍ଦରେ ଅଭିଭୂତ ହୋଇ ରହିଥିବା ଅବସ୍ଥାମାନ ହେଉଛି ଏକ ନିମ୍ନସ୍ତରୀୟ ଅବସ୍ଥା, ଏଇଟି ହେଉଛି ଏକ ଅସ୍ଥାୟୀ ମଧ୍ୟବର୍ତ୍ତୀ ମାର୍ଗସ୍ୱରୂପ; ଏବଂ ପରମବ୍ରହ୍ମଙ୍କର ଉପଲବ୍ଧି ଦ୍ୱାରା ଯେଉଁ ଶାନ୍ତି ଉପଲବ୍ଧ ହୋଇଥାଏ, ତାହାହିଁ ଚରମ ଉପଲବ୍ଧି, ତାହାହିଁ ହେଉଛି ପରିପୂର୍ଣ୍ଣ ଓ ନିତ୍ୟସ୍ଥାୟୀ ଅନୁଭୂତି । ଅଧ୍ୟାତ୍ମମନର ଭୂମି ଉପରେ ବିଚାର କଲାବେଳେ ଏଇଟିର ନିଶ୍ଚୟ ସତ୍ୟତା ଥାଇପାରେ, କାରଣ ସେଠାରେ ପ୍ରଥମେ ଯେଉଁ ମହୋଲ୍ଲାସର ଅନୁଭୂତି ପ୍ରାପ୍ତ ହୋଇଥାଏ, ତାହାକୁ ଯଥାର୍ଥରେ ଏକ ଆଧ୍ୟାତ୍ମିକ ଆନନ୍ଦ ବୋଲି କୁହାଯିବ; ମାତ୍ର ଏହି ଅନୁଭୂତିଟି ତନ୍ମୟତାଦ୍ୱାରା ଗୃହୀତ ଆମର ପ୍ରାଣମୟ ଜୀବନାଂଶ-ଗୁଡ଼ିକର ଏକ ପରମ ସୁଖାନୁଭବ ସହିତ ହୁଏତ ମିଶ୍ରିତ ହୋଇ ରହିପାରେ ଏବଂ ଅଧିକାଂଶ କ୍ଷେତ୍ରରେ ଏହା ପ୍ରକୃତରେ ସେହିଭଳି ମିଶ୍ରିତ ହୋଇ ରହିଥାଏ । ଏହି ଅନୁଭୂତି ଭିତରେ ଏକ ଗର୍ବାନୁଭବ ରହିଥାଏ, ବିଜୟୋଲ୍ଲାସ ରହିଥାଏ, ଉତ୍ତେଜନା ବି ରହିଥାଏ; ହୃଦ୍‌ଗତ ଆନନ୍ଦର ଏକ ଉଚ୍ଚତମ ପ୍ରଗାଢ଼ତା ରହିଥାଏ, ଏବଂ ଆତ୍ମାର ଏକ ଅନ୍ତର୍ଗତ ଶୁଦ୍ଧାନୁଭବ ମଧ୍ୟ ରହିଥାଏ, ଯାହାକୁ କି ଏକ ଚମତ୍କାର ମଧ୍ୟପଥ ବୋଲି ବା ଏକ ଉତ୍ତୋଳନକାରୀ ଶକ୍ତି ବୋଲି ବେଶ୍ କୁହାଯାଇ ପାରିବ, ମାତ୍ର ଉପଲବ୍ଧିର ଚରମ ଓ ସର୍ବସ୍ଥାୟୀ ଭିତ୍ତିବୋଲି କଦାପି ଗ୍ରହଣ କରି ହେବ ନାହିଁ । ମାତ୍ର ଆଧ୍ୟାତ୍ମିକ ଆନନ୍ଦର ଉଚ୍ଚତମ ଶିଖରଗୁଡ଼ିକରେ ଏହି ଶକ୍ତିମୟ ଗର୍ବୋତ୍ଫୁଲ୍ଲତା କିମ୍ବା ଉତ୍ତେଜନାଟି ଆଦୌ ଦେଖିବାକୁ ମିଳେ ନାହିଁ; ତାହା ପରିବର୍ତ୍ତରେ ଏକ ଅନନ୍ତ ଆନନ୍ଦାଭିଭୂତି ମଧ୍ୟରେ ଅଂଶଗ୍ରହଣ କରୁଥିବାର ଏକ ଅପରିମେୟ ଗମ୍ଭୀରତାର ଉପଲବ୍ଧି ହୋଇଥାଏ । ଏହି ଅଭିଭୂତିଟି ସେହି ଶାଶ୍ୱତ ପରମ ଜୀବନରେ ପ୍ରତିଷ୍ଠିତ ହୋଇ ରହିଥାଏ ଏବଂ ତେଣୁ ଶାଶ୍ୱତ ଶାନ୍ତିର ଏକ ପରମ ପ୍ରସନ୍ନ ପ୍ରଶାନ୍ତିରହିଁ ଉପଲବ୍ଧି ହୋଇଥାଏ । ଏହି ଉପଲବ୍ଧିର କ୍ଷେତ୍ରରେ ସେହି ପ୍ରଶାନ୍ତି ଓ ସେହି ଅଭିଭୂତି ମଧ୍ୟରେ ଆଉ କୌଣସି ଅନ୍ତର ରହେ ନାହିଁ ଓ ଦୁହେଁ ପରସ୍ପର ସହିତ ମିଶି ଏକରୂପ ହୋଇଯାଆନ୍ତି । ସକଳ ବିରୋଧ ଓ ପାର୍ଥକ୍ୟ ମଧ୍ୟରେ ସମନ୍ୱୟସାଧନ କରି ସମସ୍ତଙ୍କୁ ଏକଲୀନ କରି ଦେଉଥିବା ଅତିମାନସହିଁ ଏହି ଏକତ୍ୱୋପଲବ୍ଧିକୁ ବହନ କରି ନେଇ-ଆସେ । ଏକ ଉଦାର ସ୍ଥିରସ୍ଥିତି ଏବଂ ସକଳ ଜୀବନକୁ ସମ୍ଭାରି ରଖିଥିବା ଏକ ଗମ୍ଭୀର ଆନନ୍ଦମୟତା ଏହାର ଆତ୍ମୋପଲବ୍ଧି ପଥରେ କେତେକ ପ୍ରଥମକାଳୀନ ସୋପାନରୂପେ ଆବିର୍ଭୂତ ହୋଇଥାଏ; ମାତ୍ର ଏହି ସ୍ଥିରସ୍ଥିତି ଓ ଏହି ଆନନ୍ଦ

'oaob.nitrkl.ac.in' images reprocessed

ଏକନିଷ୍ଠ ଓ ସଚେତଅବା ଗୋଟିଏ ଅବସ୍ଥା ପରେ ଆବିର୍ଭୂତ ହୁଅନ୍ତି; ଦୁହେଁଯାକ ଏକାଠି ଅଧିକରୁ ଅଧିକ ପ୍ରଗାଢ଼ ହେବାରେ ଲାଗିଥା'ନ୍ତି ଏବଂ ଚରମ ସ୍ତରକୁ ଆସି ସେହି ଶାଶ୍ୱତ ଆନନ୍ଦାଭିଭୂତି ଓ ପରମ ଅନନ୍ତରୂପୀ ସେହି ଆନନ୍ଦନିବାସରେ ପରିପୂର୍ଣ୍ଣତା ଲାଭ କରନ୍ତି । ବିଜ୍ଞାନମୟ ଚେତନାର ଯେକୌଣସି ପର୍ଯ୍ୟାୟରେ ମଧ୍ୟ ସତ୍ତ୍ୱାର ସମଗ୍ର ଗଭୀରତିରେ ଏହି ମୌଳିକ, ଆଧ୍ୟାତ୍ମିକ ଓ ଚେତନାମୟ ଜୀବନଗତ ଆନନ୍ଦଟି କେତେକ ପରିମାଣରେ ହେଲେ ମଧ୍ୟ ସର୍ବଦା ମହିଜୁଦ ହୋଇ ରହିଥାଏ; ମାତ୍ର ପ୍ରକୃତିକ୍ଷେତ୍ରର ଯାବତୀୟ ଗତିସ୍ପନ୍ଦନ ମଧ୍ୟରେ ବି ତାହା ବ୍ୟାପ୍ତ ହୋଇ ରହିଥାଏ ତଥା ପ୍ରାଣ ଓ ଦେହସ୍ତରର ସକଳ କ୍ରିୟା ଓ ପ୍ରତିକ୍ରିୟାରେ ମଧ୍ୟ ତାହା ପରିବ୍ୟାପ୍ତ ଥାଏ; ସେହି ପରମ ଆନନ୍ଦଟିର ବିଧାନ ଓ ଶାସନ ମଧ୍ୟରୁ ଖସି ପଳାଇବାକୁ ଆଉ କାହାରି ଗତି ନଥାଏ । ଏପରିକି, ବିଜ୍ଞାନମୟ ରୂପାନ୍ତରଟି ଘଟିବାର ପୂର୍ବରୁ ମଧ୍ୟ ଏକ ବହୁବିଚିତ୍ର ସୌନ୍ଦର୍ଯ୍ୟ ଓ ଆନନ୍ଦରେ ପରିଣତ ହୋଇଯିବାର ଏହି ମୌଳିକ ଅଭିଭୂତିର ପର୍ବଟି ଆରମ୍ଭ ବି ହୋଇଯାଇ ପାରେ । ଆମ ମନର କ୍ଷେତ୍ରଟିରେ ଏହା ଆଧ୍ୟାତ୍ମିକ ଅନୁଭବ, ଆଧ୍ୟାତ୍ମିକ ଦୃଷ୍ଟି ଓ ଆଧ୍ୟାତ୍ମିକ ଜ୍ଞାନର ପ୍ରଗାଢ଼ ଆନନ୍ଦଜନିତ ଏକ ସ୍ଥିର-ସମାହିତ ଅବସ୍ଥାରୂପେ ଉଦ୍ଭୁଟି ଉଠେ; ହୃଦୟ ଭିତରେ ତାହା ବିଶ୍ୱ ସହିତ ସମ୍ମିଳିତ ହୋଇ ରହିଥିବାର ଏକ ବିସ୍ତୃତ ଓ ଗଭୀର ଆନନ୍ଦୋଚ୍ଛଳତାରୂପେ ଦେଖାଦିଏ; ବିଶ୍ୱପ୍ରେମ, ବିଶ୍ୱସଂବେଦନଶୀଳତାର ଆନନ୍ଦ ଅଥବା ସକଳ ସତ୍ତ୍ୱା ଓ ସକଳ ବସ୍ତୁମଧ୍ୟରେ ଅନ୍ତର୍ନିହିତ ରହିଥିବା ଆନନ୍ଦ ରୂପରେ ପ୍ରକଟିତ ହୋଇଉଠେ । ଆମର ସଂକଳ୍ପ ଓ ପ୍ରାଣଗତ ଭୂମିରେ ତାହା ଆପଣାକୁ ସତତ କ୍ରିୟାଶୀଳ କରି ରଖିଥିବା ଏକ ଦିବ୍ୟ ପ୍ରାଣଶକ୍ତିର ଆନନ୍ଦମୟତା ଅଥବା ସର୍ବତ୍ର କେବଳ ସେହି ପରମ ଅଦ୍ୱିତୀୟଙ୍କୁହିଁ ଦେଖୁଥିବା ବା ଭେଟୁଥିବା ଇନ୍ଦ୍ରିୟାନୁଭୂତିର ଏକ ପରମପରିତୃପ୍ତ ଅବସ୍ଥାରୂପେ ଅନୁଭୂତ ହୁଏ; ଆମର ଇନ୍ଦ୍ରିୟଗୁଡ଼ିକ ସେତେବେଳେ ଆପଣାର ଏକ ସ୍ୱାଭାବିକ ବିଶ୍ୱରସମୟ ବୋଧରୂପେ ଏହି ସୃଷ୍ଟିର ଏକ ବିଶ୍ୱଗତ ସୌନ୍ଦର୍ଯ୍ୟ ଓ ଅନ୍ତର୍ଗୂଢ଼ ସୌଷମ୍ୟରହିଁ ଅନୁଭବ କରୁଥା'ନ୍ତି, ଆମର ମନ ଯାହାର କେବଳ ଏକ ଆଭାସମାତ୍ରହିଁ ଲାଭ କରିପାରେ ଏବଂ ଅତି ବିରଳ ଭାବରେ ଯାହାକୁ ଏକ ଅତିପ୍ରାକୃତ ବ୍ୟାପାର ହିସାବରେ ଅନୁଭବ କରିପାରେ । ଆମର ଏହି ଶରୀର ମଧ୍ୟରେ ସୁଦ୍ଧା ତାହା ଏକ ପରମ ଏକତ୍ୱ-ବୋଧମୂଳକ ଆନନ୍ଦରୂପେ ଅନୁଭୂତ ହୁଏ; ସେତେବେଳେ ଚିଦ୍‌ଗତତାର ଉର୍ଦ୍ଧ୍ୱଦେଶ-ଗୁଡ଼ିକରୁ ଦେହ ଭିତରକୁ ସଚେତଅବା କେତେକ'ଣ ଅଜାଡ଼ି ହୋଇ ପଡ଼ୁଥାଏ, ଏକ ଶୁଦ୍ଧ ଓ ଅଧ୍ୟାତ୍ମସ୍ୱଭାବଦ୍ୱାରା ଅନୁସିକ୍ତ ଶରୀରଗତ ଅସ୍ତିତ୍ୱର ଶାନ୍ତି ଓ ଆନନ୍ଦମୟତା ଅଜାଡ଼ି ହୋଇ ପଡ଼ୁଥାଏ । ସେତେବେଳେ ସତ୍ତ୍ୱାର ଏକ ବିଶ୍ୱଗତ ସୌନ୍ଦର୍ଯ୍ୟ ତଥା ମହିମାମୟତା ପ୍ରକଟିତ ହେବାକୁ ଆରମ୍ଭ କରେ । ଆମର ଏହିସ୍ତରୀୟ ମନ ତଥା ଜଡ଼ ଇନ୍ଦ୍ରିୟକୁ ଯେଉଁ କ୍ଷେତ୍ରସୀମା, ଯେଉଁ ସ୍ପନ୍ଦନ, ସାମର୍ଥ୍ୟ ଓ ସୌଷମ୍ୟଦ୍ୟୋତକ

'oaob.nitrkl.ac.in' images reprocessed

ତାତ୍ପର୍ଯ୍ୟଗୁଡ଼ିକ ଅପ୍ରକଟ ଓ ପ୍ରଚ୍ଛନ୍ନ ହୋଇ ରହିଥାଏ, ସେତେବେଳେ ବିଶ୍ୱମଧ୍ୟ ପ୍ରତ୍ୟେକ ବସ୍ତୁରେ ତାହା ପ୍ରକଟିତ ହୋଇଆସେ । ଏହି ସମୁଦାୟ ବିଶ୍ୱବ୍ୟାପାରଟିରେ ସେହି ଶାଶ୍ୱତ ଓ ପରମ ଆନନ୍ଦ ପ୍ରକଟିତ ହୋଇଉଠେ ।

ଅତିମାନସ ପ୍ରକୃତିର ଅପରିହାର୍ଯ୍ୟ ପରିଣାମରୂପେ ଯେଉଁ ଆଧ୍ୟାତ୍ମିକ ରୂପାନ୍ତର ସଂଘଟିତ ହୋଇଥାଏ, ତାହାର କେତେକ ପ୍ରଧାନ ପରିପ୍ରକାଶସ୍ୱରୂପ ଏଗୁଡ଼ିକ ଘଟେ । ମାତ୍ର କେବଳ ଅନ୍ତର୍ଗତ ଅସ୍ତିତ୍ୱଟିରେହିଁ ପରିପୂର୍ଣ୍ଣତା ଆଣିବା, କେବଳ ଅନ୍ତରସ୍ଥ ଚେତନା ଓ ଅନ୍ତର୍ଗତ ଆନନ୍ଦଟିକୁହିଁ ପୂର୍ଣ୍ଣାଙ୍ଗତା ଆଣିଦେବା ଉଦ୍ଦେଶ୍ୟ ନହୋଇ ଯଦି ଆମର ସମଗ୍ର ଜୀବନ ତଥା କର୍ମଗତ ସମଗ୍ର ଭୂମିଟିକୁ ପରିପୂର୍ଣ୍ଣ କରିପାରିବା ଉଦ୍ଦେଶ୍ୟ ବା ଆକାଙ୍‌କ୍ଷା ହୋଇ ରହିଥାଏ, ତେବେ ଆମର ମାନସିକ ଦୃଷ୍ଟିକୋଣର ଭୂମିଟି ଉପରେ ଆମକୁ ଦୁଇଟି ପ୍ରଶ୍ନର ସମ୍ମୁଖୀନ ହେବାକୁ ପଡ଼େ, ଆମ ଜୀବନ ଓ ତାହାର ଗତିଚର୍ଯ୍ୟାଗୁଡ଼ିକ ବିଷୟରେ ରହିଥିବା ଆମର ମାନୁଷୀ ଭାବନାଲାଗି ଯାହାକି ଅନେକ ବା ସର୍ବପ୍ରଥମ ମହତ୍ତ୍ୱ ରଖିଥାଏ । ବିଜ୍ଞାନମୟ ସତ୍ତାରେ ବ୍ୟକ୍ତିସତ୍ତା ବା ବ୍ୟକ୍ତିଭାବାପନ୍ନତାର କେଉଁଭଳି ସ୍ଥାନ ରହିବ, ବ୍ୟକ୍ତିତ୍ୱଗତ ରୂପ ଓ ବ୍ୟକ୍ତିତ୍ୱଗତ ଜୀବନକୁ ଆମେ ବର୍ତ୍ତମାନ ଯେପରି ଭାବରେ ଅନୁଭବ କରୁଛୁ, ବିଜ୍ଞାନମୟ ସୋପାନକୁ ଆସି ସତ୍ତାର ଅବସ୍ଥା ଓ ସଂଗଠନରୂପଟି ଠିକ୍ ସେହିଭଳି ରହିବ ବା ଅଲଗା ପ୍ରକାରର ହେବ,—ଏଇଟି ହେଉଛି ପ୍ରଥମ ପ୍ରଶ୍ନ । ଯଦି ବ୍ୟକ୍ତିତ୍ୱ ଅଥବା ବ୍ୟକ୍ତିଭାବାପନ୍ନତା ବୋଲି କୌଣସି ବସ୍ତୁ ଥାଏ, ଏବଂ ଆପଣାର କୃତକର୍ମଗୁଡ଼ିକ ଲାଗି ଏହାର କୌଣସି ଦାୟିତ୍ୱ ରହିଥାଏ, ତେବେ ସେହି କ୍ଷେତ୍ରରେ ନୀତିଗତ ଉପାଦାନଟିର ପରବର୍ତ୍ତୀ ପ୍ରଶ୍ନଟି ମଧ୍ୟ ଉଠିବ, ଏବଂ ବିଜ୍ଞାନମୟ ପ୍ରକୃତିକୁ ଉତ୍ତୀର୍ଣ୍ଣ ହୋଇ ସେହି ଉପାଦାନଟି କପରି ଭାବରେ ପରିପୂର୍ଣ୍ଣ ବା ପୂର୍ଣ୍ଣାଙ୍ଗପ୍ରାପ୍ତ ହେବ, ସେଇଟିକୁ ବି ଆଲୋଚନା କରିବାକୁ ପଡ଼ିବ । ସାଧାରଣତଃ ଆମର ଏହି ଏତ୍ରସ୍ଥାପ୍ତ ନିତ୍ୟନୈମିତ୍ତିକ ଧାରଣାଟି ଅନୁସାରେ ଭେଦଧର୍ମୀ ଅହଂକୁହିଁ ଆମେ ଆମର ଆତ୍ମସତ୍ତା ବୋଲି ଜାଣିଥାଉ; ତେଣୁ, ଏକ ବିଶ୍ୱାତୀତ ଅଥବା ବିଶ୍ୱବ୍ୟାପୀ ବୃହତ୍ତର ଚେତନା ମଧ୍ୟରେ ଅହଂକୁ ଯଦି ବିଲୀନ ହୋଇଯିବାକୁ ହୁଏ, ତେବେ ସେତେବେଳେ ବ୍ୟକ୍ତିଗତ ଜୀବନ କିମ୍ବା ବ୍ୟକ୍ତିଗତ କର୍ମ ବୋଲି ଆଉ କିଛିହେଲେ ରହିବ ନାହିଁ । କାରଣ ଯେତେବେଳେ ଅଲଗା ବ୍ୟକ୍ତିସତ୍ତାଟି ଅନ୍ତର୍ହିତ ହୋଇଯିବ, ସେତେବେଳେ କେବଳ ଏକ ନୈର୍ବ୍ୟକ୍ତିକ ଚେତନାହିଁ ଅବଶିଷ୍ଟ ରହିବ, କେବଳ ଏକ ବିଶ୍ୱାତ୍ମସତ୍ତାହିଁ ରହିବ । ମାତ୍ର ଯଦି ବ୍ୟକ୍ତିରୂପ ସତ୍ତାଟିକୁ ସମ୍ପୂର୍ଣ୍ଣରୂପେ ନିର୍ବାପିତ ହୋଇଯିବାକୁ ହୁଏ, ତେବେ ସେହି ସ୍ଥଳରେ ଆଉ ବ୍ୟକ୍ତିତ୍ୱ, ବ୍ୟକ୍ତିଗତ ଦାୟିତ୍ୱ କିମ୍ବା ନୀତିଗତ ପୂର୍ଣ୍ଣପରିପକ୍ୱତାର ମଧ୍ୟ ଆଉ କୌଣସି ପ୍ରଶ୍ନ ରହିବ ନାହିଁ । ଆଉଗୋଟିଏ ମତ ଅନୁସାରେ ସେହି ଅବସ୍ଥାରେ

'oaob.nitrkl.ac.in' images reprocessed

ଚନ୍ମୟ ବ୍ୟକ୍ତି ଅବଶ୍ୟ ରହିବ, ମାତ୍ର ତାହା ମୁକ୍ତ ଓ ଶୁଦ୍ଧ ହୋଇଯାଇଥିବ, ଏବଂ ସ୍ୱର୍ଗୀୟ ଅସ୍ତିତ୍ୱର ଆୟତନ ଭିତରେ ତାହାର ପ୍ରକୃତି ସକଳ ପୂର୍ଣ୍ଣାଙ୍ଗତା ଲାଭ କରିଥିବ । ମାତ୍ର ମୁକ୍ତ ହୋଇସାରି ମଧ୍ୟ ଆମେ ସେତେବେଳେ ଏହି ପୃଥିବୀରେହିଁ ରହିଥିବୁ; ଏବଂ ତଥାପି ଅନୁମାନ କରାଯିବ ଯେ ସେତେବେଳେ ଅହଂଗତ ସକଳ ବ୍ୟକ୍ତିତ୍ୱର ମୂଳପୋଛ ହୋଇଯାଏ ଏବଂ ତାହା ସ୍ଥାନରେ ଏକ ବିଶ୍ୱଗତ ଆଧ୍ୟାତ୍ମିକ ବ୍ୟକ୍ତିର ଆବିର୍ଭାବ ହୁଏ ଯିଏକି ପରମ ବିଶ୍ୱାତୀତ ସତ୍ତାଙ୍କର ଏକ କେନ୍ଦ୍ର ଓ ସାମର୍ଥ୍ୟ-ରୂପେ ଅବସ୍ଥାନ କରିବାକୁ ଲାଗେ । ଏଥିରୁ ଏପରି ଏକ ସିଦ୍ଧାନ୍ତ କରାଯାଇ ପାରିବ ଯେ ଏହି ବିଜ୍ଞାନମୟ ବା ଅତିମାନସ ବ୍ୟକ୍ତିଟିର ଏକ ଆତ୍ମସତ୍ତା ଅବଶ୍ୟ ରହିଥାଏ, ମାତ୍ର କୌଣସି ବ୍ୟକ୍ତିତ୍ୱାପନ୍ନତା ନଥାଏ, ଅର୍ଥାତ୍ ସେ ଜଣେ ନୈର୍ବ୍ୟକ୍ତିକ ପୁରୁଷ-ରୂପେ ଅବସ୍ଥାନ କରୁଥାଏ । ଏହିପରି ଏକାଧିକ ବା ଅନେକ ବିଜ୍ଞାନମୟ ବ୍ୟକ୍ତି ବେଶ୍ ସମ୍ଭବ ହୋଇ ପାରିବେ, ମାତ୍ର ସେମାନଙ୍କର କୌଣସି ସ୍ୱତନ୍ତ୍ର ବ୍ୟକ୍ତିତ୍ୱାପନ୍ନତା ନଥିବ, ସମସ୍ତଙ୍କର ସତ୍ତା ଓ ପ୍ରକୃତି କେବଳ ଅଭିନ୍ନ ଓ ସମାନ ହୋଇ ରହିଥିବ । ଏଥିରୁ ପୁଣି ଏହି ଧାରଣାଟିର ସୃଷ୍ଟି ହେବ ଯେ ଆମର ବର୍ତ୍ତମାନ ଏହି ସତ୍ତାରେ ଆମେ ଯାହାକୁ ବେଶ୍ ଦେଖିବାକୁ ପାଉଛୁ ଓ ଆପଣାର ବହିଶ୍ଚେତନାରେ ଯାହାକୁ ଏକ ସ୍ୱତନ୍ତ୍ର ସତ୍ତା ବୋଲି ମନେକରୁଛୁ, ସେଭଳି କୌଣସି ବିଶିଷ୍ଟ ବ୍ୟକ୍ତିତ୍ୱର ଗଠନ ନକରି ଏକ ଶୁଦ୍ଧ ସତ୍ତାର ଶୂନ୍ୟଗର୍ଭ ମଧ୍ୟରୁହିଁ ଅନୁଭବଶୀଳ ଚେତନାର କ୍ରିୟା ଓ ବୃତ୍ତିସବୁ ଉତ୍ଥିତ ହୋଇ ଆସିବ । ମାତ୍ର, ଅହଂର ଅବଲୟ ଘଟିବାପରେ ଏକ ଚନ୍ମୟ ବ୍ୟକ୍ତିଚେତନାର ଅସ୍ତିତ୍ୱ ଓ ଅନୁଭୂତି ଭିତରେ ତାହାର ବୋଧ ବର୍ତ୍ତମାନ ରହିବା ପ୍ରକୃତରେ ସମ୍ଭବ କି ନୁହେଁ, ଏଇଟିଦ୍ୱାରା ସେହି ସମସ୍ୟାଟିର ଏକ ମନୋମୟ ସମାଧାନ ବେଶ୍ ସମ୍ଭବ ହୋଇ ପାରୁଛି, ମାତ୍ର ଏହା କୌଣସି ଅତିମାନସ ସମାଧାନ ଦେଇ ପାରୁ ନାହିଁ । ଅତିମାନସ ଚେତନାର ଭୂମିରେ ବ୍ୟକ୍ତିତ୍ୱାପନ୍ନତା ଓ ନୈର୍ବ୍ୟକ୍ତିକତା ଦୁଇଟିଯାକ ତତ୍ତ୍ୱ ଆଦୌ ପରସ୍ପରର ବିପରୀତ ନୁହନ୍ତି, ସେମାନେ ହେଉଛନ୍ତି ସେହି ଗୋଟିଏମାତ୍ର ସତ୍ୟର ଗୋଟିଏ ଗୋଟିଏ ଅବିଚ୍ଛେଦ୍ୟ ବିଭାବ ବା ଅବିଚ୍ଛେଦ୍ୟ ଦିଗ । ସେତେବେଳେ ଏହି ସତ୍ୟକୁ ଏକ ଅହଂ ବୋଲି ବୁଝାଯାଏ ନାହିଁ; ତାହାକୁ ଏକ ସତ୍ତା ବୋଲି ବୁଝାଯାଏ; ସେହି ସତ୍ତା ହେଉଛି ଆପଣାର ପ୍ରକୃତିଗତ ଉପାଦାନରେ ଏକ ନୈର୍ବ୍ୟକ୍ତିକ ସତ୍ତା ଓ ଏକ ବିଶ୍ୱଗତ ସତ୍ତା, ମାତ୍ର ତାହା ନିଜର ଆତ୍ମପ୍ରକୃତିରୁ ଏକ ପ୍ରକାଶସମର୍ଥ ବ୍ୟକ୍ତିସତ୍ତାକୁ ମଧ୍ୟ ରଚନା କରିଦିଏ ଯାହାକି ପ୍ରକୃତିର ଯାବତୀୟ ପରିଣତି ଓ ପରିବର୍ତ୍ତନ ମଧ୍ୟରେ ତାହାରି ଆତ୍ମାରହିଁ ଏକ ରୂପ ହୋଇ ରହିଥାଏ ।

ମୂଳତଃ ନୈର୍ବ୍ୟକ୍ତିକତା ହେଉଛି ଏକ ମୌଳିକ ତତ୍ତ୍ୱ ଓ ଏକ ବିଶ୍ୱାତ୍ମକ ତତ୍ତ୍ୱ; ନୈର୍ବ୍ୟକ୍ତିକତା ହେଉଛି ଏକ ସତ୍ତା, ଏକ ଶକ୍ତି ଓ ଏକ ଚେତନା ଯାହାକି ଆପଣାର

'oaob.nitrkl.ac.in' images reprocessed

ସତ୍ତା ତଥା ଶକ୍ତିରେ ବହୁବିଧ ଆକାର ଧାରଣ କରିଥାଏ । ଶକ୍ତି, ଗୁଣ ବା ସାମର୍ଥ୍ୟର ଏହି ଅନେକ ଆକାର ମଧ୍ୟରୁ ପ୍ରତ୍ୟେକଟି ମୂଳତଃ ସାମାନ୍ୟାତ୍ମକ, ନୈର୍ବ୍ୟକ୍ତିକ ଓ ସର୍ବଗତ ହୋଇ ରହିଥାଏ ସତ, ମାତ୍ର ବ୍ୟକ୍ତିଜୀବ ଆପଣାର ବ୍ୟକ୍ତିସତ୍ତାଟିକୁ ଗଠନ କରିବା ନିମନ୍ତେ ତାହାକୁ ଏକ ଉପାଦାନରୂପେ ଗ୍ରହଣ କରିଥାଏ । ଏହିପରି ଭାବରେ ବିଚାର କଲେ, ଈଶ୍ୱର ସେହି ଆଦିମୂଳ ଓ ଅବ୍ୟାକୃତ ସତ୍ୟର ଭୂମିରେ ନୈର୍ବ୍ୟକ୍ତିକତା ସେହି ପରମସତ୍ତା ବା ପରମ ପୁରୁଷର ଆତ୍ମସ୍ୱଭାବଗତ ଶୁଦ୍ଧ ଉପାଦାନରୂପେ ବର୍ତ୍ତମାନ ରହିଥାଏ; ପୁଣି ସେହି ଈଶ୍ୱର ଗତିଶୀଳ ସତ୍ୟଟିର ଭୂମିରେ ତାହା ଆପଣାର ସାମର୍ଥ୍ୟଗୁଡ଼ିକରେ ନାନା ବୈଚିତ୍ର୍ୟ ଓ ବିଶିଷ୍ଟତା ସୃଷ୍ଟି କରିଦିଏ ଏବଂ ଆପଣାର ସେହିସବୁ ବୈଚିତ୍ର୍ୟ ଦେଇ ସେଗୁଡ଼ିକୁ ବ୍ୟକ୍ତିସତ୍ତାର ଅଭିବ୍ୟକ୍ତି ଲାଗି ପ୍ରେରିତ କରି ରଖେ । ପ୍ରେମ ହେଉଛି ପ୍ରେମିକର ସ୍ୱଭାବ, ସାହସ ଯୋଦ୍ଧାର ସ୍ୱଭାବ; ପ୍ରେମ ଓ ସାହସ ହେଉଛି ସେହି ବିଶ୍ୱଗତ ପରମ ସାମର୍ଥ୍ୟର ଗୋଟିଏ ଗୋଟିଏ ନୈର୍ବ୍ୟକ୍ତିକ ଓ ବିଶ୍ୱାତ୍ମକ ସାମର୍ଥ୍ୟ ବା ରୂପାୟନ, କେବଳ ସେହି ଚିତ୍ପୁରୁଷଙ୍କରହିଁ ବିଶ୍ୱାତ୍ମକ ସତ୍ତା ତଥା ପ୍ରକୃତିର ଗୋଟିଏ ଗୋଟିଏ ସାମର୍ଥ୍ୟ । ଅର୍ଥାତ୍ ପରମ ପୁରୁଷ ବା ପରମ ସତ୍ତା ଏହିପରି ଭାବରେ ନୈର୍ବ୍ୟକ୍ତିକ ହୋଇ ରହିଥିବା ସକଳ ତତ୍ତ୍ୱକୁ ଧାରଣ କରି ରହିଛନ୍ତି, ତାହାକୁ ଆପଣାର ଏକ ସମ୍ପଦରୂପେ ଆପଣା ଭିତରେ ଧରି ରଖିଛନ୍ତି, ଆପଣା ଆତ୍ମାର ଏକ ପ୍ରକୃତିରୂପେ ବହନ କରୁଛନ୍ତି; ସେ ପ୍ରେମିକ ତଥା ଯୋଦ୍ଧାର ତତ୍ତ୍ୱସ୍ୱରୂପ ହୋଇ ରହିଛନ୍ତି । ଆମେ ଯାହାକୁ ସେହି ପରମ ପୁରୁଷର ବ୍ୟକ୍ତିତ୍ୱ ବା ବ୍ୟକ୍ତିଭାବ ବୋଲି କହିଥାଉ, ତାହା ହେଉଛି ଏହି ପ୍ରକୃତିଗତ ଅବସ୍ଥିତି ଓ ପ୍ରକୃତିଗତ କ ସ୍ଥାର ଭୂମିରେ ତାଙ୍କର ଏକ ଅବସ୍ଥିତି ମାତ୍ର; ଆପଣା ଆତ୍ମସତ୍ତାର ମୂଳରେ ଓ ପରିଣାମ-ଭୂମିରେ ସେ ଆପଣାର ବ୍ୟକ୍ତିସତ୍ତାଠାରୁ ଅନେକ ବଡ଼ । ସେ ଆପଣାର ଯେଉଁ ରୂପଟିକୁ ବ୍ୟକ୍ତ ତଥା ପୂର୍ବପରିଣତ ପ୍ରାକୃତ ସତ୍ତା ଅର୍ଥାତ୍ ପ୍ରକୃତିମଧ୍ୟସ୍ଥ ଆତ୍ମାରୂପେ ଆଣି ଉପସ୍ଥାପିତ କରିଦିଅନ୍ତି, ତାହାହିଁ ତାଙ୍କର ବ୍ୟକ୍ତିସତ୍ତା । ରୂପାୟିତ ବ୍ୟକ୍ତିସତ୍ତାର ସୀମାଟି ମଧ୍ୟରେ ସେ ଯାହା ମୂଳତଃ ନୈର୍ବ୍ୟକ୍ତିକ, ତାହାକୁହିଁ ଏକ ବ୍ୟକ୍ତିଭାବାପନ୍ନ ଅଭିବ୍ୟକ୍ତିରେ ଫୁଟାଇଦିଅନ୍ତି; ଅର୍ଥାତ୍ ବ୍ୟକ୍ତି ଆପଣାର ବ୍ୟକ୍ତିସୀମାର କ୍ଷେତ୍ରରେ ସେହି ନୈର୍ବ୍ୟକ୍ତିକତାକୁହିଁ ଆତ୍ମସାତ୍ କରି ଫୁଟିଉଠେ । ଆମେ ଏପରି ବି କହିପାରିବା ଯେ ବହିସୃଷ୍ଟିର କ୍ଷେତ୍ରରେ ପୁରୁଷ ସେହି ନୈର୍ବ୍ୟକ୍ତିକତାର ଉପାଦାନଟିକୁ ନେଇ ଆପଣାର ଏକ ସାର୍ଥକ ବ୍ୟକ୍ତିରୂପର ସର୍ଜନା କରିନିଅନ୍ତି । ସକଳ ରୂପ ଓ ସୀମାର ଅତୀତ ଆପଣାର ସତ୍ୟାତ୍ମସତ୍ତାର ଭୂମିରେ ପରମ ଓ ଯଥାର୍ଥ ପୁରୁଷ ପ୍ରକୃତରେ କୌଣସି ବ୍ୟକ୍ତିରୂପ ନୁହନ୍ତି, ମାତ୍ର ଆପଣା ଭିତରେ ସେ ଅନନ୍ତ ଓ ବିଶ୍ୱଗତ କେତେ ସମ୍ଭାବନାକୁ ଅନ୍ତର୍ଗତ କରି ରଖିଥା'ନ୍ତି । ମାତ୍ର ଦିବ୍ୟ ପରମ ବ୍ୟକ୍ତି ହିସାବରେ ସେ ସେଗୁଡ଼ିକୁ ସେଗୁଡ଼ିକର ବହିସୃଷ୍ଟି ସମସ୍ତରେ ଆପଣାର ସ୍ୱକୀୟ ବୈଶିଷ୍ଟ୍ୟଟିକୁ ମଧ୍ୟ

'oaob.nitrkl.ac.in' images reprocessed

ଦେଇ ରଖିଥା'ନ୍ତି, ଯାହା ଫଳରେ କି ପରମ ବହୁବିସୃଷ୍ଟିର ପ୍ରତ୍ୟେକଟି କେବଳ ସେହି ପରମ ଓ ଅଦ୍ୱିତୀୟ ଦିବ୍ୟସତ୍ତାଙ୍କରହିଁ ଏକ ଅନନ୍ୟ ଆତ୍ମରୂପ ହୋଇ ପ୍ରକାଶିତ ହୁଏ । ସେହି ପରମ ଦିବ୍ୟ ଓ ପରମ ଶାଶ୍ୱତ ସତ୍ତାହିଁ ଆପଣାକୁ ଅସ୍ତିତ୍ୱରୂପେ ପ୍ରକାଶିତ କରନ୍ତି, ଚେତନା ଓ ଆନନ୍ଦ ହୋଇ ଫୁଟିଉଠନ୍ତି; ପ୍ରଜ୍ଞା, ଜ୍ଞାନ ତଥା ସୌନ୍ଦର୍ଯ୍ୟରୂପେ ଅଭିବ୍ୟକ୍ତ ହୁଅନ୍ତି । ତାଙ୍କୁ ଆମେ ଏହିସବୁ ନୈର୍ବ୍ୟକ୍ତିକ ତଥା ବିଶ୍ୱଗତ ଶକ୍ତିରୂପେ କଳ୍ପନା କରିପାରୁ ଏବଂ ଏସବୁକୁ ସେହି ଶାଶ୍ୱତ ଦିବ୍ୟ ସତ୍ତାଙ୍କର ପ୍ରକୃତିରୂପେ ମଧ୍ୟ ଦେଖିପାରୁ । ଆମେ ଏକଥା ବେଶ୍ କହିପାରୁ ଯେ ସେହି ଭଗବାନହିଁ ପ୍ରେମ, ଭଗବାନହିଁ ପ୍ରଜ୍ଞା, ସେହି ହେଉଛନ୍ତି ସତ୍ୟ ଓ ଋତ । ମାତ୍ର ତଥାପି ସେ ସ୍ୱୟଂ କୌଣସି ନୈର୍ବ୍ୟକ୍ତିକ ଅବସ୍ଥା କିମ୍ବା ଏହିଭଳି ନାନା ଅବସ୍ଥା ଓ ଗୁଣମୟତାର ଏକ ବସ୍ତୁବିଚ୍ଛିନ୍ନ କଳ୍ପନା ମାତ୍ର ନୁହନ୍ତି । ସିଏ ପରମସତ୍ତା; ଏକାଧାରରେ ନିଷ୍କଳ ଓ ନିର୍ବିଶେଷ, ବିଶ୍ୱଗତ ଏବଂ ବ୍ୟକ୍ତିତ୍ୱସମ୍ପନ୍ନ । ଏହିଭଳି ଏକ ଭୂମି ଉପରୁ ତାଙ୍କୁ ଅବଲୋକନ କରିପାରିଲେ ଆଉ କଦାପି କୌଣସି ବିରୋଧ ରହିବ ନାହିଁ, କୌଣସି ଅସଙ୍ଗତି ରହିବ ନାହିଁ, ପରମ ନୈର୍ବ୍ୟକ୍ତିକତା ତଥା ପରମ ବ୍ୟକ୍ତିତ୍ୱସମ୍ପନ୍ନତାର ଏକ ସହାବସ୍ଥିତି ଅଥବା ଏକାବସ୍ଥିତିର କୌଣସି ଅସମ୍ଭବତା ମଧ୍ୟ ରହିବ ନାହିଁ । ସେତେବେଳେ ଗୋଟିଏ ଆଉଟି ହୋଇ ପରିଦୃଷ୍ଟ ହେବ; ଏକତ୍ର ବାସ କରୁଥିବା ପରି ଓ ପରସ୍ପର ମଧ୍ୟରେ ଏକାତ୍ମ ହୋଇ ରହିଥିବା ପରି ଅନୁଭୂତ ହେବ ଏବଂ ତଥାପି ଗୋଟିଏ ଦୃଷ୍ଟିରୁ ଦେଖିଲାବେଳେ ସେହି ଏକ ପରମସତ୍ୟର ସତେଅବା ବିଭିନ୍ନ ବହୁ ପ୍ରାନ୍ତ, ଦିଗ, ଏପଟ ବା ସେପଟ ହୋଇ ଦେଖାଯାଇ ପାରୁଥିବ । ବିଜ୍ଞାନମୟ ପୁରୁଷ ମଧ୍ୟରେ ସେହି ପରମ ଦିବ୍ୟପୁରୁଷଙ୍କର ପ୍ରକୃତିଟିହିଁ ପ୍ରକାଶଲାଭ କରିଥିବ, ତେଣୁ ତାହା ମଧ୍ୟରେ ଅସ୍ତିତ୍ୱର ଏହି ସ୍ୱଭାବଗତ ଋଦ୍ଧିଷ୍ଟିର ମଧ୍ୟ ଅବଶ୍ୟ ପୁନରାବୃତ୍ତି ହେବ ।

ଜଣେ ଅତିମାନସ ବିଜ୍ଞାନମୟ ବ୍ୟକ୍ତି ଯେ ଜଣେ ଆଧ୍ୟାତ୍ମିକ ପୁରୁଷ ହେବେ ସେଥିରେ ଆଦୌ କୌଣସି ସନ୍ଦେହ ନାହିଁ; ମାତ୍ର ଏକ ବ୍ୟକ୍ତିତ୍ୱ କହିଲେ ଆମେ ଯେପରି ନିର୍ଦ୍ଦିଷ୍ଟ କେତୋଟି ଗୁଣର ନିରୂପିତ ସମାହାର ଦେଇ କୌଣସି ଏକ ବିଶେଷ ଚରିତ୍ର ବା ବିଶେଷ କିସମରୂପେ ଗଠିତ ହୋଇଥିବା ଏକ ବ୍ୟକ୍ତିସତ୍ତାକୁ ବୁଝିଥାଉ, ବିଜ୍ଞାନମୟ ବ୍ୟକ୍ତି କଦାପି ସେପରି ଏକ ବ୍ୟକ୍ତିତ୍ୱକୁ ବହନ କରୁ ନଥିବେ । ସେ କଦାପି ସେପରି ହୋଇ ପାରିବେ ନାହିଁ, କାରଣ ସେ ବିଶ୍ୱଗତ ତଥା ବିଶ୍ୱାତୀତରହିଁ ଏକ ଚେତନ ଅଭିବ୍ୟକ୍ତି ହୋଇ ରହିଥିବେ । ମାତ୍ର ଅପର ପକ୍ଷରେ ତାଙ୍କର ସତ୍ତା କେବଳ ଖିଆଲଦ୍ୱାରା ପରିଚାଳିତ ଏକ ନୈର୍ବ୍ୟକ୍ତିକ ପ୍ରବାହ ମଧ୍ୟ ହୋଇ ପାରିବ ନାହିଁ, ଯାହାକି କାଳର ମଧ୍ୟଦେଇ ଗତି କରୁଥିବା ବେଳେ କେବଳ ଉଦ୍ଦେଶ୍ୟହୀନ ଭାବରେହିଁ ନାନା ରୂପର ବ୍ୟକ୍ତିତ୍ୱତରଙ୍ଗମାନ ଉପରକୁ କ୍ଷିପ୍ତ କରି କରି ଚାଲି

'oaob.nitrkl.ac.in' images reprocessed

ଯାଉଥିବ । ଅବଶ୍ୟ ଯେଉଁ ମନୁଷ୍ୟମାନଙ୍କର କେନ୍ଦ୍ରସ୍ଥ ଗଭୀରରେ କୌଣସି ଶକ୍ତିଶାଳୀ ପୁରୁଷସତ୍ତ୍ୱର ପ୍ରତିଷ୍ଠା ହୋଇ ନାହିଁ ଏବଂ ଯେଉଁ ବିଶେଷ ମୁହୂର୍ତ୍ତରେ ସେମାନଙ୍କ ଭିତରେ ଯେଉଁ ବିଶେଷ ଉପାଦାନଟି ପ୍ରାଧାନ୍ୟ ଲାଭ କରୁଛି, ଯେଉଁମାନେ କେବଳ ତାହାରି ଦ୍ୱାରା ଅନୁପ୍ରେରିତ ହୋଇ ଗୋଟାଏ ପ୍ରକାର ଚମ୍ପୂସ୍ଥାନ ଅନେକବ୍ୟକ୍ତିତ୍ୱର ଭୂମିରୁହିଁ କାର୍ଯ୍ୟ କରିବାରେ ଲାଗିଛନ୍ତି, ହୁଏତ ସେହିମାନଙ୍କ ଭିତରେ ସେଭଳି ଏକ ଉଦ୍ଦେଶ୍ୟହୀନ ତରଙ୍ଗୋତ୍କ୍ଷେପ ଅନୁଭୂତ ହୋଇପାରେ । ମାତ୍ର ବିଜ୍ଞାନମୟ ଚେତନା ହେଉଛି ଏକ ସୌଷମ୍ୟର ଚେତନା, ଆତ୍ମଜ୍ଞାନ ତଥା ଆତ୍ମକର୍ତ୍ତୃତ୍ୱର ଚେତନା; ଏବଂ ତେଣୁ ଏଥିରେ ସେପରି ବିଶୃଙ୍ଖଳାଲାଗି କଦାପି ସ୍ଥାନ ରହିବ ନାହିଁ । ବ୍ୟକ୍ତିତ୍ୱ ବା ବ୍ୟକ୍ତିଚରିତ୍ର କହିଲେ କ'ଣ ବୁଝାଏ ବା ବୁଝାଇବା ଉଚିତ, ସେହି ବିଷୟରେ ଅବଶ୍ୟ ନାନାପ୍ରକାର ଧାରଣା ରହିଆସିଛି । ଗୋଟିଏ ମତ ବା ଧାରଣା ଅନୁସାରେ ବ୍ୟକ୍ତିତ୍ୱ ହେଉଛି କେତେକ ସୁନିରୂପିତ ଗୁଣକୁ ନେଇ ଗଠିତ ହୋଇଥିବା ଏକ ନିର୍ଦ୍ଦିଷ୍ଟ ରୂପ ବା ରଚନା, ଯାହାର ମଧ୍ୟଦେଇ ସତ୍ତ୍ୱର କୌଣସି ଏକ ବିଶେଷ ଶକ୍ତିର ପ୍ରକାଶ ଘଟିଥାଏ । ମାତ୍ର ଆଉ ଏକ ମତ ବ୍ୟକ୍ତିତ୍ୱ ଓ ଚରିତ୍ର ମଧ୍ୟରେ ଏକ ପାର୍ଥକ୍ୟ ରହିଥିବାର ଦେଖାଇଥାଏ; ତାହା ବ୍ୟକ୍ତିତ୍ୱକୁ ଆତ୍ମ-ଅଭିବ୍ୟକ୍ତିମୂଳକ ବା ଗ୍ରହଣଶୀଳ ଓ ପ୍ରତିସ୍ପନ୍ଦନସମର୍ଥ ସତ୍ତ୍ୱର ଏକ ସତତ ପ୍ରବହମାନତା ବୋଲି କହିଥାଏ ଏବଂ ଚରିତ୍ରକୁ ପ୍ରକୃତିଦ୍ୱାରା ନିରୂପିତ ବ୍ୟକ୍ତିରୂପାୟନର ଏକ ସ୍ଥାଣୁ ରୂପ ବୋଲି ସୂଚାଇ ଦେଇଥାଏ । ମାତ୍ର ପ୍ରକୃତିର ପ୍ରବହମାନତା ହେଉ ଅଥବା ତାହାର ସୁ ବ୍ୟବସ୍ଥିତତା ହେଉ, ଏଗୁଡ଼ିକ ହେଉଛନ୍ତି ସତ୍ତ୍ୱର ଏପରି ଦୁଇଟି ବିଭାବ, ଯେଉଁଟିକୁ କୌଣସି ଗୋଟିକୁ ଅଥବା ଏକତ୍ର ଦୁଇଟିଯାକକୁ ମଧ୍ୟ ଆମେ ବ୍ୟକ୍ତିତ୍ୱର ଏକ ସଂଜ୍ଞା ବୋଲି ଆଦୌ ଗ୍ରହଣ କରିପାରିବା ନାହିଁ । କାରଣ ସବୁ ମଣିଷଙ୍କ ଭିତରେ ଦୁଇଟି ଉପାଦାନ ଏକାବେଳକେ କାର୍ଯ୍ୟ କରୁଛି; ଗୋଟିଏ ହେଉଛି ସତ୍ତା ବା ପ୍ରକୃତିର ଅଗଠିତ ଅଥଚ ଏକ ସୀମିତ ପ୍ରବାହ ଓ କ୍ରିୟାଶୀଳତାର ଦିଗ, ଯାହାମଧ୍ୟରୁ ବ୍ୟକ୍ତିତ୍ୱ ଆକାର ଗ୍ରହଣ କରୁଛି; ଏବଂ ଅନ୍ୟଟି ହେଉଛି ସେହି ପ୍ରବାହ ମଧ୍ୟରୁ ଗଠିତ ବା ରୂପାୟିତ ହେଉଥିବା ବ୍ୟକ୍ତିସତ୍ତ୍ୱର ଏକ ବ୍ୟକ୍ତ ବିଗ୍ରହ । ଏହି ରୂପାୟନଟି ବେଳେବେଳେ ବଡ଼ ଅନମନୀୟ ଓ କଠିନ ହୋଇ ରହିପାରେ ଓ ଏଥିରେ ସହଜରେ କୌଣସି ପରିବର୍ତ୍ତନ ଘଟି ନପାରେ; ଅଥବା ତାହା ଏପରି ନମନୀୟ ହୋଇ ରହିପାରେ ଯେ ସେଥିରେ ସତତ ନାନା ପରିବର୍ତ୍ତନ ଓ ବିକାଶ ମଧ୍ୟ ଲାଗି ରହିପାରେ । ମାତ୍ର ଏହି ଗଠନଶୀଳ ପ୍ରବାହଟିର ମଧ୍ୟଦେଇହିଁ ଏହି ପରିବର୍ତ୍ତନ ଓ ବିକାଶ ଘଟେ ଏବଂ ସେଇଥିରୁ ବ୍ୟକ୍ତିତ୍ୱର ପରିବର୍ତ୍ତନ, ପରିବର୍ଦ୍ଧନ, ବା ପୁନର୍ଗଠନ ମଧ୍ୟ ସମ୍ଭବ ହୋଇଥାଏ । ମାତ୍ର ଯେଉଁ ବ୍ୟକ୍ତିସତ୍ତ୍ୱଟି ଗଠିତ ହେବାର ପ୍ରକ୍ରିୟାରେ ଯେଉଁଭଳି ରୂପରେ ଅବସ୍ଥିତ ରହିଛି, ସାଧାରଣତଃ ତାହାକୁ ଏକା-

'oaob.nitrkl.ac.in' images reprocessed

ଦେଲକେ ବିଲୁପ୍ତ କରିଦେଇ ତାହା ଜାଗାରେ ସତ୍ତାର ଏକ ସମ୍ପୂର୍ଣ୍ଣ ନୂତନ ବିଗ୍ରହର ସ୍ଥାପନା ହୁଏ ନାହିଁ; କେବଳ ଏକ ଅସ୍ୱାଭାବିକ ବା ଅତିପ୍ରାକୃତ ରୂପାନ୍ତର ଘଟିବା ସମୟରେ ହୁଏତ ଏପରି ଘଟିପାରେ । ମାତ୍ର ଏହି ପ୍ରବହମାନତା ଓ ଏହି ସ୍ଥିର-ବସ୍ଥିତତାର ଦୁଇ ସ୍ୱଭାବକୁ ଛାଡ଼ିଦେଲେ ଏକ ତୃତୀୟ ଉପାଦାନ ମଧ୍ୟ ଏହି କ୍ଷେତ୍ରରେ ପ୍ରଚ୍ଛନ୍ନ ହୋଇ ରହିଥାଏ; ତାହା ହେଉଛି ସେହି ଅନ୍ତର୍ଗୂଢ଼ ପୁରୁଷ, ଯାହାର ଏକ ଆତ୍ମରୂପାୟନରୂପେ ବ୍ୟକ୍ତିତ୍ୱ ବା ବ୍ୟକ୍ତିସତ୍ତା ଆପଣାକୁ ଅଭିବ୍ୟକ୍ତ କରେ । ସେହି ପୁରୁଷ ଆପଣାର ଭୂମିକା, ଚରିତ୍ର ବା ମୁଖାବରଣରୂପେ ବ୍ୟକ୍ତିତ୍ୱର ଉପସ୍ଥାପନା କରିଥାଏ; ଅଭିବ୍ୟକ୍ତ ଅସ୍ତିତ୍ୱକୁ ନେଇ ଲାଗି ରହିଥିବା ଆପଣାର ଦୀର୍ଘ ନାଟକଟିର ଉପସ୍ଥିତ ଅଙ୍କଟିରେହିଁ ପୁରୁଷ ସେଗୁଡ଼ିକର ଉପସ୍ଥାପନା କରିଥାଏ । ମାତ୍ର ପୁରୁଷ ତାହାର ବ୍ୟକ୍ତିତ୍ୱଠାରୁ ଅନେକ ବଡ଼; ଏବଂ ହୁଏତ ଏପରି ମଧ୍ୟ ଘଟିପାରେ ଯେ ଅନ୍ତରସ୍ଥ ଏହି ବୃହତ୍ତରତା ଉପରିସ୍ତରସ୍ଥ ରୂପାୟନଟି ଭିତରକୁ ମଧ୍ୟ ପ୍ରବାହିତ ହୋଇ ଆସେ । ତାହାଫଳରେ ସତ୍ତାର ଏଭଳି ଏକ ଆତ୍ମ-ଅଭିବ୍ୟକ୍ତି ଘଟିଥାଏ, ଯାହାକୁ କି ଆଉ କେବଳ କେତୋଟି ନିର୍ଦ୍ଦିଷ୍ଟ ଗୁଣ, ମନୋଗତ କେତୋଟି ସାଧାରଣ ମିଜାଜ, କ୍ଷେତ୍ରଟିକୁ ଅନୁସୂଚିତ କରି ରଖିଲାଭଳି କେତୋଟି ନିର୍ଦ୍ଦିଷ୍ଟ ରୂପରେଖ ଅଥବା ରୂପାୟନଗତ କେତେକ ବିଶିଷ୍ଟ ସୀମାଦ୍ୱାରା ଆଦୌ ବର୍ଣ୍ଣନା କରିହୁଏ ନାହିଁ ବା ଅଙ୍କିତ କରି ରଖାଯାଇ ପାରେ ନାହିଁ । ମାତ୍ର ତାହାକୁ ତଥାପି କେବଳ ଏକ ବୈଶିଷ୍ଟ୍ୟରହିତ ଓ କୌଣସି ପ୍ରକାରେ ଧରିଛୁଆଁ ଦେଉ ନଥିବା ଆକାରହୀନ ପ୍ରବାହ ବୋଲି ବି ବୁଝାଯାଇ ପାରେ ନାହିଁ । ଅବଶ୍ୟ ଏକଥା ସତ ଯେ ଏହାର ପ୍ରକୃତିଗତ କ୍ରିୟାଗୁଡ଼ିକୁ ବାରିପାରିବା ସମ୍ଭବ ହୁଏ, ମାତ୍ର ତାହାର ସ୍ୱରୂପଟିକୁ ବାରି ହୁଏ ନାହିଁ; ତଥାପି ସୁସ୍ପଷ୍ଟଭାବରେ ତାହାକୁ ଅନୁଭବ କରିହୁଏ, ତାହାର କ୍ରିୟାଗତ ଧାରାଗୁଡ଼ିକର ଅନୁସରଣ କରିହୁଏ ଏବଂ ତାହାକୁ ବେଶ୍ ଚିହ୍ନି ହୁଏ । ଅବଶ୍ୟ ତାହାକୁ ସହଜରେ ବର୍ଣ୍ଣନା କରାଯାଇ ପାରେ ନାହିଁ, କାରଣ ଏହାକୁ କୌଣସି ଏକ ରୂପବିଶିଷ୍ଟ ସଂରଚନା ବୋଲି ଯେତେ ବୁଝାଯାଇ ନପାରିବ, ସତ୍ତାରହିଁ ଏକ ସାମର୍ଥ୍ୟ ବୋଲି ତା'ଠାରୁ ଅଧିକ ପରିମାଣରେ ବୁଝାଯାଇ ପାରିବ । ବ୍ୟକ୍ତିର ଜୀବନ, ଭାବନା ତଥା କ୍ରିୟାଗୁଡ଼ିକ ଉପରେ ଯେଉଁ ବିଶେଷ ଲକ୍ଷଣଗୁଡ଼ିକ ଛାପା ମରାହୋଇ ପରି ଅଙ୍କିତ ହୋଇ ରହିଥାଏ, ଯେଉଁ ନିର୍ଦ୍ଦିଷ୍ଟ ଖାଞ୍ଚଟିରେ ତାହାର ଉପରିସ୍ଥ ସତ୍ତାଟି ରଚିତ ହୋଇଥାଏ ଓ ତାହାର ଆତ୍ମସତ୍ତାଟି ଆପଣାକୁ ଅଭିବ୍ୟକ୍ତ କରୁଥାଏ, ସେହିଗୁଡ଼ିକର ଏକ ବର୍ଣ୍ଣନା ଦେଇ ଆମେ ଏକ ଆପ୍ୟାତନସିଦ୍ଧ ସାଧାରଣ ବ୍ୟକ୍ତିସତ୍ତାକୁ ଆପଣା ଧାରଣାଦ୍ୱାରା ସହଜରେ ଧରି ରଖିପାରିବା । ଏହିପରି ଭାବରେ ବାହାରକୁ ପ୍ରକଟ ହୋଇ ପାରୁ ନଥିବା ଉପାଦାନ-ଗୁଡ଼ିକ ହୁଏତ ଆମର ଦୃଷ୍ଟି ଏଡ଼ାଇ ଖସିଯିବ, ମାତ୍ର ତଥାପି ତାହାକୁ ଆମେ ବ୍ୟକ୍ତିସତ୍ତାଟିର ଯେଉଁ ପର୍ଯ୍ୟାପ୍ତ ପରିଚୟ ପାଇଛୁ, ସେଥିରେ ଏକ ସାମାନ୍ୟ ବ୍ୟତିକ୍ରମ

'oaob.nitrkl.ac.in' images reprocessed

ବୋଲି ହିଁ କୁହାଯିବ । କାରଣ ଏହିପରି ଅଲକ୍ଷିତ ହୋଇ ରହି ଯାଉଥିବା ଉପାଦାନଟି ସାଧାରଣତଃ ହୁଏତ ସେପର୍ଯ୍ୟନ୍ତ କେବଳ ଏକ ଆକାରହୀନ କଞ୍ଚାମାଲ ହୋଇ ରହିଥିବ; ସେଇଟି ପ୍ରବାହ ମଧ୍ୟରେ ରହିଥିବ ସତ, ମାତ୍ର ବ୍ୟକ୍ତିସତ୍ତାର କୌଣସି ଯଥାର୍ଥ ଅଙ୍ଗରୂପେ ପରିଣତ ହୋଇ ନଥିବ । ମାତ୍ର ଯେତେବେଳେ ଅନ୍ତରସ୍ଥ ପୁରୁଷର ପରମାତ୍ମଶକ୍ତି ଆପଣାକୁ ଅଧିକ ବିପୁଳ ଭାବରେ ପ୍ରକାଶିତ କରିବାକୁ ଆରମ୍ଭ କରିବ ଏବଂ ଆପଣାର ସଙ୍ଗୁପ୍ତ ଦେବଶକ୍ତିକୁ ଉପରିଭାଗସ୍ଥ ସଂରଚନା ତଥା ଜୀବନର ଭୂମି ଉପରେ ଆଣି ଉପସ୍ଥାପିତ କରିଦେବ, ସେତେବେଳେ ସେହି ପୁରୁଷକୁ ଅଭିବ୍ୟକ୍ତ କରି ପାରିବାପାଇଁ ଏହିଭଳି ଏକ ବର୍ଣ୍ଣନା ଅତ୍ୟନ୍ତ ଅଯଥେଷ୍ଟ ସାବ୍ୟସ୍ତ ହେବ । ସେତେବେଳେ ଆମେ ଆପଣାକୁ ଏକ ଚେତନାଲୋକର ସାନ୍ନିଧ୍ୟ ମଧ୍ୟରେ ଅବସ୍ଥିତ ରହିଥିବା ପରି ଅନୁଭବ କରିବା, ଏକ ସମ୍ଭାବନାମୟ ଶକ୍ତିମତ୍ତା ଓ ସାମର୍ଥ୍ୟର ଏକ ସମୁଦ୍ର ମଧ୍ୟରେ ରହିଥିବା ପରି ଅନୁଭବ କରିବା; ତାହାର ଗୁଣ ଓ କର୍ମର ସ୍ୱତନ୍ତ୍ର ଓ ମୁକ୍ତ ତରଙ୍ଗଗୁଡ଼ିକୁ ପୃଥକ୍ ଭାବରେ ଚିହ୍ନି ନେଇ ପାରିବା ବା ତାହାର ବର୍ଣ୍ଣନା ବି କରିପାରିବା, ମାତ୍ର ତାହାର ସ୍ୱରୂପଟିକୁ ନିର୍ଣ୍ଣୟ କରି ପାରୁ ନଥିବା; ମାତ୍ର ତଥାପି ସେଠାରେ ବ୍ୟକ୍ତିସତ୍ତାର ଅବଶ୍ୟ ଏକ ଛାପ ରହିଥିବ, ଏକ ମହାବୀର୍ଯ୍ୟଶାଳୀ ସତ୍ତାର ସାନ୍ନିଧ୍ୟ ଅନୁଭୂତ ହେଉଥିବ । ତାହାକୁ ଅବଲୋକନ କଲାବେଳେ ଜଣେ ଅଧ୍ୟକ୍ଷ, ବଳବାନ୍ ଓ ସୌନ୍ଦର୍ଯ୍ୟଯୁକ୍ତ ପରିଚୀୟମାନ ପୁରୁଷ ପରି ମନେ ହେଉଥିବ ଯିଏକି ପ୍ରକୃତିର ଅଧୀନ କୌଣସି ସୀମିତ ଜୀବ ହୋଇ ଅବସ୍ଥିତ ରହି ନଥିବେ, ମାତ୍ର ଏକ ପରମ ଆତ୍ମସତ୍ତା, ଆତ୍ମା ବା ପୁରୁଷରୂପେ ବର୍ତ୍ତମାନ ରହିଥିବେ । ବିଜ୍ଞାନମୟ ବ୍ୟକ୍ତିପୁରୁଷ ଠିକ୍ ଏହିପରି ଜଣେ ଆବରଣବିମୋଚିତ ଅନ୍ତରସ୍ଥ ପୁରୁଷ ହୋଇ ରହିବେ, ସେ ଦୁଇଟିଯାକ ଗଭୀରତାର ଅଧିକାରୀ ହୋଇ ରହିବେ, ଆଗପରି ଆପଣା ମଧ୍ୟରେ ଆପେ ଲୁକ୍କାୟିତ ହୋଇ ରହିବେ ନାହିଁ; ଏବଂ ଏହି ଉପରିଭାଗଟିକୁ ମଧ୍ୟ ସେ ଏକ ଏକତ୍ୱବିଦ୍ଧ ଆତ୍ମଚେତନତା ମଧ୍ୟରେ ଅଧିକାର କରି ରହିଥିବେ । ସେ କେବଳ ଆଂଶିକ ଭାବରେ ଏକ ବୃହତ୍ତର ପ୍ରଚ୍ଛନ୍ନ ସତ୍ତାକୁ ପ୍ରକାଶିତ କରୁଥିବା ଏକ ଉପରି ଭାଗସ୍ଥ ବ୍ୟକ୍ତିତ୍ୱ ହେବେ ନାହିଁ; ସେ କେବଳ ତରଙ୍ଗମାତ୍ର ହୋଇ ରହିବେ ନାହିଁ, ସେ ସମୁଦ୍ରରୂପେ ବର୍ତ୍ତମାନ ରହିଥିବେ । ସେ ସେହି ପୁରୁଷରୂପେ ଅବସ୍ଥାନ କରିବେ, ଅର୍ଥାତ୍ ଆତ୍ମପ୍ରକାଶିତ ଅନ୍ତରସ୍ଥ ସେହି ଚେତନାମୟ ପରମ ଅସ୍ତିତ୍ୱ ହୋଇ ରହିବେ ଏବଂ ସେତେବେଳେ କୌଣସି ଖଣ୍ଡିତ ପ୍ରକାଶସମର୍ଥ ମୁଖାବରଣ ଲାଗି ତାଙ୍କର ଆଉ କୌଣସି ପ୍ରୟୋଜନହିଁ ରହିବ ନାହିଁ ।

ତା'ହେଲେ ଏହାହିଁ ହେବ ବିଜ୍ଞାନମୟ ପୁରୁଷର ପ୍ରକୃତି;—ଏକ ଅନନ୍ତ ବିଶ୍ୱପୁରୁଷ କାଳର ଭୂମି ଉପରେ ବ୍ୟକ୍ତିଭାବର ସାର୍ଥକ ଆତ୍ମରୂପାୟନ ଏବଂ ଅଭିବ୍ୟକ୍ତି-ସମର୍ଥ ଶକ୍ତିର ମଧ୍ୟଦେଇ ଶାଶ୍ୱତ ଆତ୍ମାରୂପେ ଆପଣାକୁ ପ୍ରକାଶ କରିଦେବେ, ଅଥବା

'oaob.nitrkl.ac.in' images reprocessed

ଆମର ମନୋମୟ ଅବିଦ୍ୟା ମଧ୍ୟରେ ସେହି ଭାବର ଆଭାସକୁ ଜାଗ୍ରତ କରି ଦେଉଥିବେ । ମାତ୍ର ବ୍ୟକ୍ତରୂପରେ ପ୍ରକୃତିର ପରିପ୍ରକାଶ ସୁସ୍ପଷ୍ଟ ଓ ଦୃଢ଼ ରେଖାଦ୍ୱାରା ଅଙ୍କିତ ଏକ ଚିତ୍ରରୂପରେ ହେଉ ଅଥବା ବହୁବିଚିତ୍ର ବହୁଳତା ସତ୍ତ୍ୱେ ଏକ ସୁଷମ ଅଭିବ୍ୟକ୍ତରୂପେ ହେଉ ପଛକେ, ସେଥିରେ ପରିପୂର୍ଣ୍ଣ ସତ୍ତାର ସମୁଦାୟଟି କଦାପି ଫୁଟିଉଠି ପାରିବ ନାହିଁ, ମାତ୍ର ତାହା ସେହି ସତ୍ତାକୁ ଅବଶ୍ୟ ସୂଚିତ କରି ଦେଉଥିବ; ସିଏ ଯେ ନିଜସ୍ୱ ଯାବତୀୟ ପ୍ରକାଶର ପଛରେ ବିରାଜମାନ ରହିଛନ୍ତି, ତାହା ଅନୁଭୂତ ହେଉଥିବ । ତାହାକୁ ଚିହ୍ନି ହେଉଥିବ, ମାତ୍ର ତାହାର ସଂଜ୍ଞାନିରୂପଣ କରି ହେଉ ନଥିବ, ଅନ୍ତ ମିଳୁ ନଥିବ । ବିଜ୍ଞାନମୟ ପୁରୁଷର ଚେତନା ମଧ୍ୟ ଏକ ଅନନ୍ତ ଚେତନା ହୋଇ ରହିବ; ଆତ୍ମ-ଅଭିବ୍ୟକ୍ତିର ନାନା ରୂପକୁ ତାହା ଉକୁଟାଇ ଦେଉଥିବ, ମାତ୍ର ତଥାପି ଆପଣାର ଅନାବିଳ ଅନନ୍ତତା ତଥା ବିଶ୍ୱାତ୍ମକତା ସମ୍ବନ୍ଧରେ ସର୍ବଦା ଚେତନ ହୋଇ ରହିଥିବ ଏବଂ ଅଭିବ୍ୟକ୍ତିକ୍ଷେତ୍ରର ସୀମାବିଶିଷ୍ଟତା ମଧ୍ୟରେ ବି ଆପଣାର ଏହି ଅନନ୍ତତା ଓ ବିଶ୍ୱାତ୍ମକତାର ସାମର୍ଥ୍ୟ ତଥା ବୋଧଟିକୁ ବହନ କରିବାରେ ଲାଗିଥିବ; ଏବଂ ଏହାଦ୍ୱାରା ଅଧିକ ଆତ୍ମ-ଉନ୍ମୋଚନର ପରବର୍ତ୍ତୀ ଗତିଶୀଳତାଟିରେ ମଧ୍ୟ ତାହା ଆଦୌ ବାଧିହୋଇ ପଡ଼ିବ ନାହିଁ । ମାତ୍ର ତଥାପି ଚେତନାର ଏହି ପ୍ରକାଶଟି କେବଳ ଏକ ଅନିୟନ୍ତ୍ରିତ ଓ ଅନଧିଗମ୍ୟ ପ୍ରବହମାନତା ହୋଇ ରହିବ ନାହିଁ, ତାହା ଆତ୍ମପ୍ରକାଶର ଏପରି ଏକ ପ୍ରକ୍ରିୟା ହୋଇ ରହିବ ଯାହାକି ପରମ ଅନନ୍ତଙ୍କର ଯାବତୀୟ ଅଭିବ୍ୟକ୍ତିର କ୍ଷେତ୍ରରେ ସ୍ୱଭାବଗତ ହୋଇ ରହିଥିବା ସେହି ସୌଷମ୍ୟପୂର୍ଣ୍ଣ ବିଧାନଟି ଅନୁସାରେ ଆପଣାର ଅସ୍ତିତ୍ୱଗତ ସାମର୍ଥ୍ୟଗୁଡ଼ିକର ଅନ୍ତର୍ନିହିତ ସତ୍ୟଟିକୁ ପ୍ରକଟ କରି ଦେଉଥିବ ।

ବିଜ୍ଞାନମୟ ପୁରୁଷର ଜୀବନ ତଥା କର୍ମଗତ ଯାବତୀୟ ପ୍ରବୃତ୍ତି ସମ୍ପୂର୍ଣ୍ଣ ଆତ୍ମନିୟନ୍ତ୍ରିତ ଭାବରେ ତାହାର ବିଜ୍ଞାନମୟ ବ୍ୟକ୍ତିସ୍ୱଭାବଟିରୁହିଁ ଉତ୍ଥିତ ହୋଇ ଆସିବ । ସେଥିରେ ନୀତିଗତ ଅଥବା ସେହିଭଳି ଆଉ କୌଣସି କ୍ଷେତ୍ରର କୌଣସି ସ୍ୱତନ୍ତ୍ର ସମସ୍ୟା ଆଦୌ ରହିବ ନାହିଁ, ଭଲ ଓ ମନ୍ଦ ଭିତରେ କୌଣସି ଦ୍ୱନ୍ଦ୍ୱ ବି ରହିବ ନାହିଁ । ବସ୍ତୁତଃ ସେଥିରେ କୌଣସି ସମସ୍ୟା ରହିବା ସମ୍ଭବ ବି ହେବ ନାହିଁ; କାରଣ ଆମର ଯାବତୀୟ ସମସ୍ୟା କେବଳ ଜ୍ଞାନର ଅଭିଳାଷ ରଖିଥିବା ଆମର ଏହି ଅବିଦ୍ୟାଶ୍ରିତ ମନଟିଦ୍ୱାରାହିଁ ସୃଷ୍ଟ ହୋଇଥାଏ ଏବଂ ଯେଉଁଠି ଜ୍ଞାନ ଆପେ ଆପଣାକୁ ଜନ୍ମ ଦେଉଛି, କର୍ମ ସେହି ଜ୍ଞାନମଧ୍ୟରୁ ଆପେ ସମ୍ଭୂତ ହେଉଛି ଅର୍ଥାତ୍ ଚେତନ ତଥା ଆତ୍ମନିର୍ଭରସମ୍ପନ୍ନ ସତ୍ତାର ଏକ ପୂର୍ବାବସ୍ଥିତ ସତ୍ୟରୁହିଁ ନିଷ୍ପନ୍ନ ହୋଇଆସୁଛି, ସେହିଭଳି ଏକ ଚେତନା ଭିତରେ ଏହିସବୁ ସମସ୍ୟାଙ୍କର ଆଦୌ କୌଣସି ସ୍ଥାନ ନଥିବ । ଏହି କ୍ଷେତ୍ରରେ ଏକ ମର୍ମଗତ ଓ ବିଶ୍ୱାତ୍ମକ ଅଧ୍ୟାତ୍ମସତ୍ୟହିଁ ଆପଣାକୁ ପ୍ରକଟ କରୁଥିବ, ଆପଣାର ସ୍ୱପ୍ରକୃତି ଏବଂ ଆପେ ଆପଣାକୁ କାର୍ଯ୍ୟକାରୀ କରାଉଥିବା

'oaob.nitrkl.ac.in' images reprocessed

ସ୍ୱଚେତନା ମଧ୍ୟରେହିଁ ଆପଣାକୁ ପୂର୍ଣ୍ଣ ମୁକ୍ତ ଭାବରେ ପରିପୂର୍ଣ୍ଣ କରୁଥିବ; ଆପଣା ସତ୍ତାର ଏକ ଅନ୍ତଃସ୍ଥ ଚୈତନ୍ୟ ମଧ୍ୟରେ ରହି ମଧ୍ୟ ତାହା ସକଳବସ୍ତୁରେ କେବଳ ସେହି ଏକ ସତ୍ତାରୂପେ ବିରାଜି ରହିଥିବ ଏବଂ ସକଳବସ୍ତୁଙ୍କୁ କେବଳ ଏକ ତଥା ଅଭିନ୍ନରୂପେ ଅନୁଭୂତ କରାଉଥିବ । ତେଣୁ ସେହି ସତ୍ତା ଆପଣାର ପ୍ରକୃତିଦ୍ୱାରା ପରିଚାଳିତ ହୋଇ ଆପଣାକୁ ପ୍ରକଟ କରାଉଥିବା ଏକ ମର୍ମଗତ ଓ ବିଶ୍ୱାତ୍ମକ କଲ୍ୟାଣରୂପେ ମଧ୍ୟ ଅବସ୍ଥାନ କରିବ, ଆପଣାର ସ୍ୱପ୍ରକୃତି ତଥା ଆପଣାକୁ କାର୍ଯ୍ୟକାରୀ କରାଉଥିବା ସ୍ୱଚେତନା ମଧ୍ୟରେହିଁ ଆପଣାକୁ ପରିପୂର୍ଣ୍ଣ କରିଦେବ; ତାହା ସକଳବସ୍ତୁ ମଧ୍ୟରେ ଏକ କଲ୍ୟାଣବିଧାୟକ ସତ୍ତାରୂପେ ବିରାଜି ରହିବ ଓ ଆପଣା କଲ୍ୟାଣକରତାର ଏକ ଅନ୍ତଃସ୍ଥ ଚୈତନ୍ୟ ମଧ୍ୟରେ ବି ତାହା ସକଳବସ୍ତୁ ଲାଗି ଉଦ୍ଦିଷ୍ଟ ଓ ବିତରିତ ହୋଇ ରହିବ । ସେହି ପରମ ଓ ଶାଶ୍ୱତ ସ୍ୱୟମ୍ଭୂସତ୍ତାର ପୂର୍ଣ୍ଣଶୁଦ୍ଧତା ସେତେବେଳେ ସକଳ କର୍ମ ଭିତରକୁ ଅନାୟତ୍ତ ହୋଇପଡ଼ିବ ଏବଂ ଯାବତୀୟ ବସ୍ତୁଙ୍କୁ ଶୁଦ୍ଧ କରିଦେବ, ଶୁଦ୍ଧ କରି ରଖିବ । ମିଥ୍ୟା ସଂକଳ୍ପ ଓ ମିଥ୍ୟା ସୋପାନ ଉପରକୁ ଭ୍ରଷ୍ଟ କରି ନେବାଭଳି କୌଣସି ଅବିଦ୍ୟା ବା ଅଜ୍ଞାନଗ୍ରସ୍ତତାର ସ୍ଥାନ ନଥିବ, ଆପଣାର ଅବିଦ୍ୟାଚ୍ଛନ୍ନତା ଓ ସ୍ୱତନ୍ତ୍ର ବିରୋଧଧର୍ମୀ ଇଚ୍ଛାଦ୍ୱାରା କୌଣସି ବିରୋଧପ୍ରକୃତି ଅହଂମନ୍ୟତା ଆପଣା ଉପରେ ଅଥବା ଅନ୍ୟମାନଙ୍କ ଉପରେ କୌଣସି ଅନିଷ୍ଟ ଘଟାଇ ପାରିବ ନାହିଁ; ଆପଣାଦ୍ୱାରା ପରିଚାଳିତ ହୋଇ ତାହା ଆପଣାର ଆତ୍ମା, ମନ, ପ୍ରାଣ କିମ୍ବା ଶରୀର ପ୍ରତି କୌଣସି ଅନ୍ୟାୟାଚରଣ କରିବ ନାହିଁ ବା ଅନ୍ୟମାନଙ୍କର ଆତ୍ମା, ମନ, ପ୍ରାଣ ଓ ଶରୀର ପ୍ରତି ମଧ୍ୟ କୌଣସି ଅନ୍ୟାୟ ଆଚରଣ କରିବ ନାହିଁ; ଏବଂ ମନୁଷ୍ୟର ଜୀବନସ୍ତରରେ ମନ୍ଦ ବା ଅନିଷ୍ଟ କହିଲେ ସବୁଠାରେ ବସ୍ତୁତଃ ଏହି ଅନ୍ୟାୟ ଆଚରଣକୁହିଁ ବୁଝାଇଥାଏ । ପୁଣ୍ୟ ଓ ପାପ ତଥା ଇଷ୍ଟ ଓ ଅନିଷ୍ଟର ବେଢ଼କୁ ପାରି ହୋଇ ଉପରକୁ ଉଠିଯିବାକୁ ବୈଦାନ୍ତିକ ମୁକ୍ତିଭାବରେ ଏକ ମହତ୍ତ୍ୱପୂର୍ଣ୍ଣ ଅଂଶରୂପେ ସ୍ୱୀକାର କରାଯାଇଛି, ଏବଂ ଏହି ପାରସ୍ପରିକସମ୍ବନ୍ଧତାରେ ଏକ ଅତି ସୁସ୍ପଷ୍ଟ ପୂର୍ବାପରସମ୍ବନ୍ଧ ମଧ୍ୟ ରହିଛି । କାରଣ ମୁକ୍ତି କହିଲେ ସର୍ବାଗ୍ରତ ସେହି ଯଥାର୍ଥ ଆଧ୍ୟାତ୍ମିକ ପ୍ରକୃତି ମଧ୍ୟରେ ଜନ୍ମଲାଭ କରିବାକୁ ବୁଝାଇବ ଯେଉଁଠାରେକି ଯାବତୀୟ କର୍ମ କେବଳ ସେହି ସତ୍ତାରହିଁ ଏକ ସ୍ୱୟଂଚାଳିତ ଆତ୍ମପ୍ରକାଶ ହୋଇ ରହିବ ଏବଂ ସେହି ସତ୍ତାଟି ବ୍ୟତୀତ ଯେଉଁଠାରେ ଆଉ କିଛିହେଲେ ରହିବ ନାହିଁ । ଆମର ବିଭିନ୍ନ ଅଙ୍ଗ ତଥା ବୃତ୍ତିର ଏହି ଅପୂର୍ଣ୍ଣତା ଓ ଦ୍ୱନ୍ଦ୍ୱର ଭୂମି ଉପରେହିଁ ଆଚରଣର ଏକ ଯଥାର୍ଥ ମାନଭୂମିରେ ଯାଇ ଉପନୀତ ହେବାକୁ ଏବଂ ସେହି ମାନଦଣ୍ଡକର ପାଳନ କରିବାକୁ ସତତ ଏକ ଚେଷ୍ଟା ଲାଗି ରହିଥାଏ । ସେତେବେଳେ ଏହିପରି କରିବାକୁ ନୀତି, ଧର୍ମ ବା ପୁଣ୍ୟ ବୋଲି କୁହାଯାଏ ଏବଂ ଏହାର ବିପରୀତ ଆଚରଣ କରିବାକୁ ଅନୀତି, ଅଧର୍ମ ବା ପାପ କୁହାଯାଏ । ନୀତିଶାସିତ ମନ ପ୍ରେମର

'oaob.nitrkl.ac.in' images reprocessed

ଏକ ନିୟମ ବଖାଣି କରି ରଖେ, ନ୍ୟାୟ ଓ ସତ୍ୟର ନିୟମସବୁ ଖଞ୍ଜି ରଖିଥାଏ, ଓ ଆହୁରି କେତେକେତେ ନିୟମର ଘୋଷଣା କରିବାରେ ଲାଗିଥାଏ; ସେଗୁଡ଼ାକୁ ପାଳନ କରିବା ସବୁବେଳେ ଦୁଃସାଧ୍ୟପ୍ରାୟ ହୋଇ ରହିଥାଏ, ଏବଂ ଗୋଟିଏ ନୀତିକୁ ଆଉ ଗୋଟିଏ ନୀତି ସହିତ ଖାପ ଖୁଆଇ ରଖିବା ବି କଷ୍ଟକର ହୁଏ । ମାତ୍ର ଅନ୍ୟମାନଙ୍କ ସହିତ ଆପଣାର ଏକତ୍ୱବୋଧ ଓ ସତ୍ୟ ସହିତ ଆପଣାର ଏକତ୍ୱବୋଧ ଯଦି ଉପଲବ୍ଧ ଆଧ୍ୟାତ୍ମିକ ପ୍ରକୃତିର ମର୍ମସତ୍ୟରେ ପରିଣତ ହୋଇ ସାରିଥାଏ, ତେବେ ସତ୍ୟ ବା ପ୍ରେମ ଲାଗି ଆଉ କୌଣସି ନିୟମ ବା ସୂତ୍ର ବାନ୍ଧିକରି ରଖିବା ଦରକାର ହୁଏ ନାହିଁ । ବର୍ତ୍ତମାନ ତ ଯାବତୀୟ ନିୟମ ବା ଆଚରଣମାନଙ୍କୁ ଆମ ଉପରେ ଜୋର କରି ଲଦି ରଖିବାକୁ ପଡ଼ୁଛି, କାରଣ ଆମର ଏହି ପ୍ରକୃତି-ଅଧୀନ ସତ୍ତାଟି ଭିତରେ ବିଚ୍ଛିନ୍ନ ହୋଇ ରହିବାର ଏକ ବିପରୀତ ଶକ୍ତି ମଧ୍ୟ କାମ କରୁଛି, ବିରୋଧିତାର ଏକ ସମ୍ଭାବନା ରହିଛି; ବିସମ୍ବାଦ, ଅସଦିଚ୍ଛା ଓ ସଂଘାତର ଏକ ଶକ୍ତି ବର୍ତ୍ତମାନ ରହିଛି । ଆମର ଯେଉଁ ପ୍ରକୃତିଟି ଅବିଦ୍ୟାରୁ ଜାତ ହୋଇଥିବା କେତେ ଅନ୍ଧକାର ଶକ୍ତି ଦ୍ୱାରା ନାନା ଅନର୍ଥ ଓ ମନ୍ଦଦ୍ୱାରା ବନ୍ଧ ହୋଇ ରହିଛି, ତାହାରି ମଧ୍ୟରେହିଁ ଯେକୌଣସି ପ୍ରକାରେ ଏକ କଲ୍ୟାଣପ୍ରତିଷ୍ଠାର ପ୍ରୟାସରୁହିଁ ଯାବତୀୟ ନୀତିନିୟମର ସୃଷ୍ଟି ହୋଇଛି । ବେଦାନ୍ତର ପ୍ରାଚୀନ କଥା ଓ ଉପାଖ୍ୟାନ-ଗୁଡ଼ିକରେ ମଧ୍ୟ ଆମେ ଠିକ୍ ଏହି ଅଭିପ୍ରାୟଟି ବ୍ୟକ୍ତ ହୋଇଥିବାର ପ୍ରମାଣ ପାଇବା । ମାତ୍ର ଯେଉଁ ଭୂମିକୁ ଆସି ସବୁକିଛି କେବଳ ସେହି ସତ୍ତାଗତ ଓ ଚେତନ ସତ୍ୟଟିଦ୍ୱାରା ଆତ୍ମନିୟନ୍ତ୍ରିତ ହେବାକୁ ଲାଗେ, ସେ ଭୂମିରେ ଆଉ କୌଣସି ପୂର୍ବନିରୂପିତ ଆଦର୍ଶର ଲୋଡ଼ା ହୁଏ ନାହିଁ, ତାହାକୁ ପାଳନ କରି ଅଗ୍ରସର ହେବାଲାଗି ଆଉ କୌଣସି ସଂଗ୍ରାମ କରିବାକୁ ପଡ଼େ ନାହିଁ; ସେତେବେଳେ ପ୍ରକୃତି ମଧ୍ୟରେ ପୁଣ୍ୟ ବା ସୁକୃତ ଏବଂ ପାପ ବା ଦୁଷ୍କୃତ ଲାଗି ଆଉ ସ୍ଥାନ ରହେ ନାହିଁ । ସେତେବେଳେ ସେହି କ୍ଷେତ୍ରରେ ପ୍ରେମର ସାମର୍ଥ୍ୟ, ସତ୍ୟ ଓ ଋତର ସାମର୍ଥ୍ୟସବୁ ବର୍ତ୍ତମାନ ରହେ, ମାତ୍ର ମନଦ୍ୱାରା ବିରଚିତ ଏକ ନିୟମ ବା ସୂତ୍ର ହିସାବରେ ନୁହେଁ, ଆତ୍ମପ୍ରକୃତିର ମୂଳ ଗଠନ ଓ ଉପାଦାନରୂପେହିଁ ବର୍ତ୍ତମାନ ରହିଥାଏ; ପୁନଶ୍ଚ, ସତ୍ତାର ପୂର୍ଣ୍ଣାଙ୍ଗତା ଉପଲବ୍ଧ ହୋଇସାରିଥିବାରୁ ସକଳ କର୍ମର ବି ଗଠନରୂପ ଓ ଉପାଦାନରୂପେ ଅବସ୍ଥିତ ଥାଏ । ଆପଣା ଯଥାର୍ଥ ସତ୍ତାର ଏହି ପ୍ରକୃତିଟି ମଧ୍ୟକୁ ଆପଣାକୁ ବିକଶିତ କରି ନେଇଯିବା, ଅଧ୍ୟାତ୍ମସତ୍ୟ ତଥା ଅଧ୍ୟାତ୍ମ ଏକତ୍ୱବୋଧର ଏକ ପ୍ରକୃତି ମଧ୍ୟକୁ ଉନ୍ମୀଳିତ ହୋଇଯିବା,—ଅଧ୍ୟାତ୍ମସତ୍ତାର ବିବର୍ତ୍ତନ ଫଳରେ ଆମର ଏହିଭଳି ଏକ ମୁକ୍ତି ଉପଲବ୍ଧ ହୋଇ ପାରିବ । ବିଜ୍ଞାନମୟ ବିବର୍ତ୍ତନ ଆମକୁ ଆପଣାର ଯଥାର୍ଥ ସତ୍ୟଭୂମିଟିକୁ ଫେରି ଆସିବାର ପରିପୂର୍ଣ୍ଣ ଗତ୍ୟାତ୍ମକତାଟି ଆଣି ଦେଇଯିବ । ଅରେ ସେଇଟି ସାଧ୍ୟ ହୋଇଗଲେ ପୁଣ୍ୟ ବା ଧର୍ମର କୌଣସି ମାନଦଣ୍ଡ ଧାର୍ଯ୍ୟ କରିବାର

'oaob.nitrkl.ac.in' images reprocessed

ସକଳ ପ୍ରୟୋଜନୀୟତା ଅନ୍ତର୍ହିତ ହୋଇଯିବ; ସେତେବେଳେ ଚିନ୍ମୟ ମୁକ୍ତକଣ୍ଠିତ୍ୱରହିଁ ଏକ ବିଧାନ ବା ଆତ୍ମଶୃଙ୍ଖଳାହିଁ ବର୍ତ୍ତମାନ ରହିବ, ଧର୍ମାଚରଣର କୌଣସି ମନୋରଚିତ ସୂତ୍ରର ଆରୋପଣ ଆଦୌ ଦରକାର ହେବ ନାହିଁ । ସେତେବେଳେ ସବୁ କେବଳ ଅଧ୍ୟାତ୍ମଭୂମିଗତ ସ୍ୱଭାବର ସ୍ୱପ୍ରଭାବ ବା ସ୍ୱଧର୍ମ ହୋଇ ରହିବ ।

ମନୋଗତ ଅବିଦ୍ୟାର ଜୀବନ ଏବଂ ବିଜ୍ଞାନମୟ ସତ୍ତା ତଥା ପ୍ରକୃତିରେ ଅବସ୍ଥିତ ଜୀବନ ମଧ୍ୟରେ ଯେଉଁ ଗତିଶୀଳ ପ୍ରଭେଦଟି ରହିଛି, ଏଠାରେ ଆମେ ତାହାର ମୂଳଟିକୁହିଁ ଦେଖିବାକୁ ପାଉଛୁ । ଏଠି ଗୋଟିଏ ପାଖରେ ଏକ ସମଗ୍ର ଓ ପୂର୍ଣ୍ଣଚେତନ ସତ୍ତା ଆପଣାର ଅସ୍ତିତ୍ୱସମ୍ବନ୍ଧୀ ସତ୍ୟଟିର ପୂର୍ଣ୍ଣ ଅଧିକାରୀ ହୋଇ ରହିଛି, ସକଳ କୃତ୍ରିମ ବିଧାନରୁ ମୁକ୍ତ ରହି କେବଳ ନିଜସ୍ୱ ସ୍ୱାଧୀନତାରେହିଁ ସେହି ସତ୍ୟଟିକୁ ପ୍ରକାଶିତ କରିଦେଉଛି ଏବଂ ତଥାପି ତାହାର ଜୀବନରେହିଁ ସମୁଦିତ ଯାବତୀୟ ଯଥାର୍ଥ ବିଧାନ ଆପଣାର ମୌଳିକ ଭାବ ତଥା ଅର୍ଥରେ ସତତ ପରିପୂର୍ଣ୍ଣ ହେବାରେ ଲାଗିଛି । ତେଣେ ଅନ୍ୟପାଖରେ ଅବିଦ୍ୟାଚ୍ଛନ୍ନ ଓ ଆତ୍ମବିଭକ୍ତ ଏକ ଖଣ୍ଡିତ ସତ୍ତା ଅବସ୍ଥିତ ରହିଛି; ସିଏ କେବଳ ଆପଣା ସତ୍ୟଟିର ଅନ୍ୱେଷଣ କରିବାରେ ଲାଗିଛି ଏବଂ ସେହି ଅନ୍ୱେଷଣରୁ ଯାହାକିଛି ପାଉଛି; ତାହାକୁ ନାନା ବିଧାନର ଗୁମ୍ଫରେ ତିଆରି କରି ରଖିବାର ଚେଷ୍ଟା କରୁଛି ଓ ଏହିପରି ଗଠିତ ସେହି ଗୁମ୍ଫଟି ଅନୁସାରେ ଆପଣାର ଜୀବନଟିକୁ ମଧ୍ୟ ତିଆରି କରିବାରେ ଲାଗିଛି । ଯାବତୀୟ ଯଥାର୍ଥ ବିଧାନ ବା ନିୟମକୁ ଆମେ ଏକ ସତ୍ୟରହିଁ ଯଥାର୍ଥ ଗତି ଓ ପ୍ରକ୍ରିୟା ବୋଲି କହିବା; ସତ୍ତାଗତ ଏକ ଶକ୍ତି ବା ସାମର୍ଥ୍ୟ ବୋଲି କହିବା ଯାହାକି ନିଜକୁ କ୍ରିୟାଶୀଳ କରି ଆପଣାର ସତ୍ତାଗତ ସତ୍ୟଟିରେହିଁ ଆତ୍ମନିହିତ ହୋଇ ରହିଥିବା ଆପଣାର ସ୍ୱକୀୟ ଅନ୍ତର୍ନିହିତ ଗତିଛନ୍ଦନଟିକୁ ପରିପୂର୍ଣ୍ଣ କରିବାରେ ଲାଗିଛି । ଏହି ବିଧାନ ହୁଏତ ଏକ ଅଚେତନ ବିଧାନ ହୋଇପାରେ ଓ କେବଳ ଯନ୍ତ୍ରବତ୍ କାର୍ଯ୍ୟ କରୁଥିବା ପରି ମଧ୍ୟ ପ୍ରତୀତ ହୋଇପାରେ; ଏହି ଭୌତିକ ପ୍ରକୃତି ମଧ୍ୟରେ ତାହାହିଁ ହେଉଛି ସକଳ ବିଧାନର ଲକ୍ଷଣ, ଅଥବା ଅନ୍ତତଃ ସକଳ ବିଧାନ ଏଠାରେ ଠିକ୍ ସେହିପରି ହୋଇଥିବା ପରିହିଁ ମନେହେଉଛି, ଅଥବା, ତାହା ଏକ ଚେତନ ସାମର୍ଥ୍ୟ ମଧ୍ୟ ହୋଇପାରେ, ଆପଣାର ସତ୍ତାମଧ୍ୟରେ ଅବସ୍ଥିତ ସେହି ଚେତନାଟି ଦ୍ୱାରାହିଁ ତାହା ପୂର୍ଣ୍ଣମୁକ୍ତ ଭାବରେ ପରିଚାଳିତ ହୋଇପାରେ । ସେହି ଚେତନା ଆପଣା ସତ୍ୟର ଅବଶ୍ୟମ୍ଭାବୀ ପରିଣାମଟି ବିଷୟରେ ପୂର୍ଣ୍ଣସଚେତନ ଥାଇପାରେ, ସେହି ସତ୍ୟର ଆତ୍ମ-ଅଭିବ୍ୟକ୍ତିଗତ ସକଳ ସମ୍ଭାବନା ସମ୍ବନ୍ଧରେ ତାହାର ପୂର୍ଣ୍ଣ ଜ୍ଞାନ ଥାଇପାରେ; ସମ୍ପୂର୍ଣ୍ଣ ସମଗ୍ରଟି ବିଷୟରେ ସଚେତନ ଓ ସବଲ୍‌ସମ୍ପନ୍ନ ରହିବା ସଙ୍ଗେସଙ୍ଗେ ପ୍ରତ୍ୟେକ ମୁହୂର୍ତ୍ତରେ ଉପଲବ୍ଧି କରିବାକୁ ରହିଥିବା ବାସ୍ତବତାଗୁଡ଼ିକ ବିଷୟରେ ମଧ୍ୟ ବିଶଦ

'oaob.nitrkl.ac.in' images reprocessed

ଭାବରେ ସଚେତନ ରହିପାରେ । ପରମ ଚିଦ୍‌ସତ୍ତାର ବିଧାନ କହିଲେ ଆମେ ସବୁବେଳେ ଏହିଭଳି ଏକ ବ୍ୟବସ୍ଥାକୁ ବୁଝିବା । ଚିନ୍ମୟତାର ପରିପୂର୍ଣ୍ଣ ସ୍ୱାଧୀନତା, ଆପଣାକୁ ସୃଷ୍ଟି କରିବାର ଓ କାର୍ଯ୍ୟକାରୀ କରିବାର ତଥା ଆପଣା ସ୍ୱାଭାବିକ ଓ ଅନିବାର୍ଯ୍ୟ ଗତିସ୍ପନ୍ଦନରେ ଆତ୍ମପ୍ରତିଷ୍ଠିତ ହୋଇ ରହିଥିବା ଏକ ଆପେକ୍ଷିକମାନ ନିତ୍ୟଲୀଳା, —ଏହାକୁହିଁ ଆମେ ବିଜ୍ଞାନମୟ ପରାପ୍ରକୃତିର ଗତିକ୍ରିୟା ମଧ୍ୟରେ ରହିଥିବା ଲକ୍ଷଣ ବା ଧର୍ମ ବୋଲି ଜାଣିରଖିବା ।

ସତ୍ତାର ସର୍ବୋଚ୍ଚ ଶିଖରରେ ସେହି ପରମ ନିର୍ବିଶେଷହିଁ ଅବସ୍ଥିତ ରହିଛନ୍ତି, ସେଠାରେ ଆପଣାର ଆନନ୍ତ୍ୟ ମଧ୍ୟରେ ସେ ପରମ ସ୍ୱାଧୀନତାର ଅଧିକାରୀ ହୋଇ ରହିଛନ୍ତି; ଏବଂ ତହିଁ ସଙ୍ଗେସଙ୍ଗେ ଆପଣାର ଚରମ ଓ ପରମସତ୍ୟ ତଥା ସତ୍ତାର ସେହି ପରମ ଓ ଚରମ ଶକ୍ତିର ବି ଅଧିକାରୀ ହୋଇ ରହିଛନ୍ତି । ପରାପ୍ରକୃତିସ୍ଥ ଚିଦ୍‌ଗତତାର ଜୀବନରେ ମଧ୍ୟ ଏହି ଦୁଇଟିଯାକ ବିଭବର ପ୍ରକାଶ ପରିଲକ୍ଷିତ ହେଉଛି । ସେଠାରେ ଯାବତୀୟ କାର୍ଯ୍ୟ କେବଳ ସେହି ପରମାତ୍ମାଙ୍କର କାର୍ଯ୍ୟ ଓ ପରାପ୍ରକୃତିର ସତ୍ୟଭୂମିରେ ସେହି ପରମେଶ୍ୱରଙ୍କର କାର୍ଯ୍ୟ ହୋଇ ରହିଛି । ଏହା ଏକାଧାରରେ ଆତ୍ମସତ୍ତାର ସତ୍ୟ ହୋଇ ରହିଛି ଏବଂ ସେହି ସତ୍ୟଟି ସହିତ ଏକରୂପ ହୋଇ ରହିଥିବା ସେହି ଈଶ୍ୱରେଚ୍ଛାର ମଧ୍ୟ ସତ୍ୟ ହୋଇ ରହିଛି ଏବଂ ତାହାହିଁ ଏକ ଦ୍ୱିଶାଖ ସତ୍ୟରୂପେ ବିଜ୍ଞାନମୟ ପ୍ରତ୍ୟେକ ବ୍ୟକ୍ତିପୁରୁଷ ମଧ୍ୟରେ ତାହାର ଆପଣାର ପରାପ୍ରକୃତିଟି ଅନୁସାରେ ଆପଣାକୁ ଅଭିବ୍ୟକ୍ତ କରିବାରେ ଲାଗିଛି । ଆପଣା ସତ୍ତାର ସତ୍ୟଟିକୁ ତଥା ଆପଣା ସାମର୍ଥ୍ୟଗୁଡ଼ିକର ଶକ୍ତିକୁ ଆପଣାର ଜୀବନରେ ଗତିଶୀଳ ଭାବରେ ପରିପୂର୍ଣ୍ଣ କରିବାଲାଗି ବିଜ୍ଞାନମୟ ପୁରୁଷର ଯେଉଁ ଚିଦ୍‌ଗତ ସ୍ୱାଧୀନତା ରହିଛି, ଆମେ ତାହାକୁହିଁ ତ ହାର ଯଥାର୍ଥ ସ୍ୱାଧୀନତା ବୋଲି କହିବା । ମାତ୍ର ଏହି ସ୍ୱାଧୀନତା କହିଲେ ପ୍ରକୃତରେ ଯାହା ବୁଝାଇବ, ତାହାର ଜୀବନ ମଧ୍ୟରେ ଅଭିବ୍ୟକ୍ତ ହୋଇଥିବା ଆତ୍ମାଟିର ପରମସତ୍ୟ ଲାଗି ଓ ତା'ର ନିଜମଧ୍ୟରେ ଓ ସମସ୍ତଙ୍କ ମଧ୍ୟରେ ରହିଥିବା ପରମ ଦିବ୍ୟସତ୍ତାର ଇଚ୍ଛାଟି ଲାଗି ନିଜକୁ ସମ୍ପୂର୍ଣ୍ଣ ଭାବରେ ଅନୁଗତ କରି ରଖିବା ବୋଲି କହିଲେ ମଧ୍ୟ ଠିକ୍ ସେହିକଥା ବୁଝାଇବ । ଏହି ସର୍ବଗତ ପରମ ଇଚ୍ଛା ପ୍ରତ୍ୟେକ ବିଜ୍ଞାନମୟ ବ୍ୟକ୍ତିପୁରୁଷଙ୍କ ମଧ୍ୟରେ, ବିଜ୍ଞାନମୟ ସକଳ ବ୍ୟକ୍ତିପୁରୁଷଙ୍କ ମଧ୍ୟରେ ଏବଂ ସେମାନଙ୍କୁ ଆପଣାର ଅନ୍ତର୍ଗତ କରି ଆପଣାମଧ୍ୟରେ ଧାରଣ କରି ରଖିଥିବା ସେହି ଚେତନ ପରମ ସର୍ବଗତତା ମଧ୍ୟରେ ଅଭିନ୍ନ ଭାବରେ କେବଳ ଗୋଟିଏ ବସ୍ତୁ ହୋଇ ରହିଛି । ବିଜ୍ଞାନମୟ ପ୍ରତ୍ୟେକ ବ୍ୟକ୍ତିପୁରୁଷ ମଧ୍ୟରେ ତାହା ପୂର୍ଣ୍ଣଭାବରେ ଆତ୍ମଚେତନ ହୋଇ ରହିଛି, ସେଠାରେ ତାହା ଆପଣାର ଇଚ୍ଛାଟି ସହିତ ଏକରୂପ ହୋଇ ରହିଛି ଏବଂ ଯୁଗପତ୍ ଭାବରେ ସବୁକିଛି ମଧ୍ୟରେ ନାନା ବିଚିତ୍ରଭାବେ କ୍ରିୟାଶୀଳ ହୋଇ ରହିଥିବା ସେହି ଏକ ପରମ

'oaob.nitrkl.ac.in' images reprocessed

ଇଚ୍ଛା ବା ସଙ୍କଳ୍ପ, ସେହି ଗୋଟିଏ ଆତ୍ମା ଓ ଗୋଟିଏ ପରମ ସାମର୍ଥ୍ୟ ବିଷୟରେ ମଧ୍ୟ ଚେତନାସମ୍ପନ୍ନ ରହିଛି । ବିଜ୍ଞାନମୟ ଅନେକ ବ୍ୟକ୍ତିଙ୍କ ମଧ୍ୟରେ ଆପଣାର ଅଭିନ୍ନତା ବିଷୟରେ ଚେତନାସମ୍ପନ୍ନ ହୋଇ ରହିଥିବା, ଆପଣାର ସମନ୍ୱୟଧର୍ମୀ ସମଗ୍ରତା ବିଷୟରେ ତଥା ଆପଣା ବୈଚିତ୍ର୍ୟଗୁଡ଼ିକର ପ୍ରକୃତ ଅର୍ଥ ଓ ସମ୍ମିଳନ ବିନ୍ଦୁଟି ବିଷୟରେ ପୂର୍ଣ୍ଣ ସଚେତ ରଖିଥିବା ଏହିଭଳି ଏକ ବିଜ୍ଞାନମୟ ଚେତନା ଓ ବିଜ୍ଞାନମୟ ଇଚ୍ଛା ଯେ ସମଗ୍ରଟି ମଧ୍ୟରେ ଆପଣାର କାର୍ଯ୍ୟ କରୁଥିବା ସମୟରେ ଏକତାନବଦ୍ଧ ହୋଇ ଗତି କରିବ, ତାହାର ଗତି ଯେ ସର୍ବଦା ଏକତ୍ୱର ବିଧାୟକ ହୋଇ ରହିଥିବ ଓ କେବଳ ସୌଷମ୍ୟ ଓ ପାରସ୍ପରିକତାରହିଁ ପ୍ରତିଷ୍ଠା କରୁଥିବ, ଏଥିରେ କୌଣସି ସଂଶୟର ଅବକାଶ ରହି ନପାରେ । ଏବଂ ତହିଁ ସଙ୍ଗେ ସଙ୍ଗେ ତାହା ବ୍ୟକ୍ତିର ଜୀବନକ୍ଷେତ୍ରରେ ମଧ୍ୟ ତା'ର ସତ୍ତାଗତ ସକଳ ସାମର୍ଥ୍ୟ ତଥା ଗତିସ୍ପନ୍ଦନର ଏକ ଏକତ୍ୱ ଓ ଏକତାନଗତ ସଙ୍ଗତିକୁ ସତତ ଅବ୍ୟାହତ କରି ରଖିଥାଏ । ସତ୍ତାର ଯାବତୀୟ ସାମର୍ଥ୍ୟ ସର୍ବଦା ଆପଣାକୁ ଅଭିବ୍ୟକ୍ତ କରିବାକୁ ବାଟ ଖୋଜୁଥାଆନ୍ତି, ଏବଂ ଆପଣା ଯାତ୍ରାପଥରେ ସର୍ବୋଚ୍ଚ ସୋପାନକୁ ଉଠି ସେମାନେ କେବଳ ଆପଣାର ସେହି ପରମ ଅବସ୍ଥାଟିରେହିଁ ପହଞ୍ଚିବାକୁ ଚାହୁଁଥା'ନ୍ତି; ପରମ ଓ ସର୍ବୋଚ୍ଚ ଆତ୍ମାର ଉପଲବ୍ଧି ସ୍ତରକୁ ଆସି ସେମାନେ ସେହି ପରମ ଅବସ୍ଥାଟିର ପରିଚୟ ପାଆନ୍ତି, ଏବଂ ତହିଁ ସଙ୍ଗେ ସଙ୍ଗେ ଆପଣାର ପରମ ଏକତ୍ୱ, ସୌଷମ୍ୟ ତଥା ପାରସ୍ପରିକତାର ପରିଚୟ ମଧ୍ୟ ଲାଭ କରନ୍ତି, ଅତିମାନସ ବିଜ୍ଞାନମୟତାର ସ୍ୱତଃ-ପରିଣାମ ତଥା ଆତ୍ମବିସ୍ତୃତିର ସର୍ବଦର୍ଶୀ ଓ ସର୍ବସମନ୍ୱୟୀ ସର୍ବୀୟ ଶକ୍ତିରେ ଆପଣାର ମିଳିତ ଏବଂ ସାଧାରଣ ଆତ୍ମରୂପାୟନରେ ସେମାନେ ଏହି ଏକତ୍ୱ, ସୌଷମ୍ୟ ତଥା ପାରସ୍ପରିକତା ଲାଭ କରିଥା'ନ୍ତି । ଯେଉଁ ବିବିକ୍ତ ସତ୍ତାଟି ଆପଣାକୁ କେବଳ ଆପଣା ମଧ୍ୟରେହିଁ ବର୍ତ୍ତମାନ ରହିଥିବାର କଳ୍ପନା କରୁଥାଏ, ଅନ୍ୟ ବିବିକ୍ତ ସତ୍ତାଗୁଡ଼ିକ ସହିତ ତାହାର ଏକ ବିରୋଧ ହୁଏତ ରହିପାରେ; ସେମାନେ ସମସ୍ତେ ଯେଉଁଠି ସହାବସ୍ଥିତ ହୋଇ ରହିଥା'ନ୍ତି, ସେହି ବିଶ୍ୱଗତ ସକଳବସ୍ତୁ ସହିତ ମଧ୍ୟ ତାହାର ମେଳ ନଖାଇପାରେ, ଏହି ବିଶ୍ୱଜଗତରେ ଆପଣାକୁ ଅଭିବ୍ୟକ୍ତ କରିବାକୁ ଇଚ୍ଛା କରୁଥିବା କୌଣସି ପରମସତ୍ୟ ସହିତ ତାହାର ଏକ ବିରୋଧୀ ସମ୍ବନ୍ଧ ବି ଉପସ୍ଥିତ ହୋଇପାରେ । ଅବିଦ୍ୟାଗ୍ରସ୍ତ ବ୍ୟକ୍ତିକୁ ଠିକ୍ ଏହିପରି ଏକ ଦୁର୍ଦ୍ଦଶାରେ ପଡ଼ିବାକୁ ହୋଇଥାଏ, କାରଣ ଏକ ବିଚ୍ଛିନ୍ନ ଓ ବିବିକ୍ତ ବ୍ୟକ୍ତିସତ୍ତାର ଚେତନା ଉପରେ ସେ ଆପଣାର ଡେରା ବାନ୍ଧି ରହିଥାଏ । ସତ୍ତାର ଯେଉଁସବୁ ସତ୍ୟ, ସାମର୍ଥ୍ୟ, ଧର୍ମ, ଶକ୍ତିମତ୍ତା ଓ ସ୍ଥିତିଗୁଡ଼ିକ ବ୍ୟକ୍ତି ତଥା ବିଶ୍ୱର ଭୂମି ଉପରେ ଅଲଗା ଅଲଗା ଶକ୍ତି ପରି କାର୍ଯ୍ୟ କରୁଥା'ନ୍ତି, ସେଗୁଡ଼ିକର କ୍ଷେତ୍ରରେ ମଧ୍ୟ ଅନୁରୂପ ଏକ ଦ୍ୱନ୍ଦ୍ୱ, ବିସମ୍ବାଦ ବା ବିଷମତା ଆସି ଉପସ୍ଥିତ ହୋଇପାରେ । ନାନା ଦ୍ୱନ୍ଦ୍ୱରେ ପୂର୍ଣ୍ଣ ହୋଇ ରହିଥିବା

'oaob.nitrkl.ac.in' images reprocessed

ଏକ ଜଗତ୍, ଆମ ନିଜ ଭିତରେ ନାନାବିଧ ଦ୍ୱନ୍ଦ୍ୱ ଏବଂ ବ୍ୟକ୍ତିର ପରିପାର୍ଶ୍ୱରୂପେ ଅବସ୍ଥିତ ରହିଥିବା ଜଗତ ସହିତ ବ୍ୟକ୍ତିର ଦ୍ୱନ୍ଦ୍ୱ,—ଏଗୁଡ଼ିକ ହେଉଛି ଅବିଦ୍ୟାଜଡ଼ିତ ବିବିକ୍ତ ଚେତନା ଏବଂ କୌଣସି ଯଥାର୍ଥ ସୁସମ ଅବସ୍ଥାରେ ଆସି ପହଞ୍ଚି ପାରି ନଥିବା ଆମର ଏହି ଅସ୍ତିତ୍ୱଟିର ସ୍ୱାଭାବିକ ଅପରିହାର୍ଯ୍ୟ ଲକ୍ଷଣ । ମାତ୍ର ବିଜ୍ଞାନମୟ ଚେତନାରେ ଏସବୁର ଘଟିବାଲାଗି ଆଉ କୌଣସି ଅବକାଶ ନଥିବ, କାରଣ ସେଠାରେ ପ୍ରତ୍ୟେକ ବ୍ୟକ୍ତି ଆପଣାର ସମ୍ପୂର୍ଣ୍ଣ ଆତ୍ମାର ଦର୍ଶନ ଲାଭ କରିଥିବେ; ଏବଂ ସବୁକିଛିକୁ ଅତିକ୍ରମ କରି ଯାହା ଅବସ୍ଥିତ ରହିଛି ଏବଂ ସବୁକିଛି ମୂଳତଃ ଯାହାକୁହିଁ ଅଭିବ୍ୟକ୍ତ କରି ଦେଉଛନ୍ତି, ତାହାରି ମଧ୍ୟରେ ସମସ୍ତେ ଆପଣା ଆପଣାର ସ୍ୱକୀୟ ସତ୍ୟର ପରିଚୟ ଲାଭ କରିବେ ଏବଂ ଆପଣାର ବିଭିନ୍ନ ପ୍ରବେଗଗୁଡ଼ିକରେ ଏକ ସୌଷମ୍ୟ ଅନୁଭବ କରି ପାରିବେ । ତେଣୁ ବିଜ୍ଞାନମୟ ଜୀବନଭୂମିରେ ସତ୍ତ୍ୱାର ମୁକ୍ତ ଆତ୍ମପ୍ରକାଶ ତଥା ବସ୍ତୁଗୁଡ଼ିକର ବିଶ୍ୱଗତ ପରମସତ୍ୟର ଅନ୍ତର୍ନିହିତ ବିଧାନଟି ପ୍ରତି ପୂର୍ଣ୍ଣ ଅନୁଗତ ହୋଇ ରହିବା ମଧ୍ୟରେ କେବେହେଲେ କୌଣସି ବିରୋଧ ଉପୁଜିବ ନାହିଁ । ବିଜ୍ଞାନମୟ ବ୍ୟକ୍ତି ଏଗୁଡ଼ିକୁ ସେହି ଗୋଟିଏ ପରମସତ୍ୟରହିଁ ପରସ୍ପରସଂଲଗ୍ନ ନାନା ବିଭବ ବା ଦିଗରୂପେ ପ୍ରତ୍ୟକ୍ଷ କରିବ; ସେ ଏହାକୁ ତାହାର ଆପଣା ସତ୍ତ୍ୱାରହିଁ ପରମସତ୍ୟ ବୋଲି ଜାଣିବ, ଯାହାକି କେବଳ ଗୋଟିଏ ପରାପ୍ରକୃତିର ଆବେଷ୍ଟନ ଭିତରେହିଁ ତା’ ନିଜର ତଥା ଏହି ବିଶ୍ୱଜଗତର ସମୁଦାୟ ଓ ସମ୍ମିଳିତ ସତ୍ୟଟିର ଭୂମି ଉପରେ ଆପଣାକୁ କାର୍ଯ୍ୟକାରୀ କରିବାରେ ଲାଗିଛି । ସତ୍ତ୍ୱାର ବହୁ ତଥା ବହୁବିଭିନ୍ନ ସାମର୍ଥ୍ୟ ଓ ସେଗୁଡ଼ିକର କ୍ରିୟା ଭିତରେ ମଧ୍ୟ ଆଉ କୌଣସି ବିରୋଧ ରହିବ ନାହିଁ; କାରଣ ଆପଣାର ଆପାତ ପ୍ରବେଗର କ୍ଷେତ୍ରରେ ଯାହାସବୁ ପରସ୍ପର-ବିରୋଧୀ ହୋଇ ରହିଛନ୍ତି ଓ ଆମର ମନ ଉପରେ ଉଠୁଥିବା ସେଗୁଡ଼ିକର ଅନୁଭୂତିରେ ସତେଅବା ଦ୍ୱନ୍ଦ୍ୱମଧ୍ୟରେ ପ୍ରବିଷ୍ଟ ହୋଇ ରହିଥିବା ପରି ମନେ ହେଉଛନ୍ତି, ସେଗୁଡ଼ିକ ମଧ୍ୟ ଏହି ସୋପାନରେ ଅତ୍ୟନ୍ତ ସ୍ୱାଭାବିକ ଭାବରେ ପରସ୍ପର ସହିତ ଆପଣାକୁ ତଥା ଆପଣାର ଯାବତୀୟ କାର୍ଯ୍ୟକୁ ଖାପ ଖୁଆଇ ରଖିବେ । କାରଣ ସେତେବେଳେ ପ୍ରତ୍ୟେକେ ଆପଣାର ଆତ୍ମସତ୍ୟଟିକୁ ଧାରଣ କରି ରହିଥିବେ, ଅନ୍ୟମାନଙ୍କ ସହିତ ଆପଣାର ସମ୍ବନ୍ଧଗତ ସତ୍ୟଟିକୁ ଧାରଣ କରିଥିବେ; ଏବଂ ବିଜ୍ଞାନମୟ ପରାପ୍ରକୃତିରେ ଏହା ଆପେଆପେ ଉପଲବ୍ଧ ଓ ରୂପାୟିତ ହୋଇ ରହିବ ।

ତେଣୁ ଅତିମାନସର ବିଜ୍ଞାନମୟ ପ୍ରକୃତିରେ ଶୃଙ୍ଖଳା ସମ୍ବନ୍ଧରେ ମନୋଭୂମି-ସୁଲଭ ସେହି କଠୋର ପଦ୍ଧତି ଓ ଅନମନୀୟ ଗଠଣିଲାଗି ଆଉ କୌଣସି ଆବଶ୍ୟକତା ରହିବ ନାହିଁ; ଏକ ନିର୍ଦ୍ଦିଷ୍ଟ ବା ସ୍ଥିରୀକୃତ ଆଦର୍ଶ ମଧ୍ୟରେ ସୀମାବଦ୍ଧ ହୋଇ ରହିବାର, ଏକ ଦୃଢ଼ନିବଦ୍ଧ ଗଠିତ ଓ ମିତର ଆରୋପଣ ମଧ୍ୟରେ ବାନ୍ଧିହୋଇ

'oaob.nitrkl.ac.in' images reprocessed

ରହିବାର କୌଣସି ଆବଶ୍ୟକତା ରହିବ ନାହିଁ । ମନ ସେଇଟାକୁହିଁ ସତ୍ତ୍ୱଗତ ଏକମାତ୍ର ଯଥାର୍ଥ ସତ୍ୟ ଓ ଏକମାତ୍ର ଯଥାର୍ଥ ଆଚରଣ ବୋଲି କହୁଛି ବୋଲି ଆପଣାକୁ ଏକମାତ୍ର ନ୍ୟାଯ୍ୟ ଓ ନ୍ୟାୟଯୁକ୍ତ ବୋଲି ଦାବି କରୁଥିବା କୌଣସି ଗୋଟିଏ ନକ୍ସା କିମ୍ବା ବ୍ୟବସ୍ଥା ଭିତରେ ଜୀବନକୁ ବାନ୍ଧି କରି ରଖିବାର ଆଉ ପ୍ରୟୋଜନ ନଥିବ । କାରଣ ଏପରି ଏକ ନିର୍ଦ୍ଦିଷ୍ଟ ସୀମାଙ୍କନ ଆପଣା ଭିତରେ ସମଗ୍ର ଜୀବନଟିକୁ କଦାପି ଅନ୍ତର୍ଭୁକ୍ତ କରି ରଖି ପାରିବ ନାହିଁ, ଏପରି ଗୋଟିଏ ନକ୍ସା ସମଗ୍ର ଜୀବନକୁ ଆପଣା ଭିତରକୁ ଗ୍ରହଣ କରିନେଇ ପାରିବ ନାହିଁ; ପରମ ସର୍ବଜୀବନର ପ୍ରକୃତି ସହିତ ଏହା ଆପଣାକୁ ମୁକ୍ତଭାବରେ ଅନୁକୂଳିତ ବି କରି ପାରିବ ନାହିଁ, ବିବର୍ତ୍ତନଶୀଳ ସେହି ପରମ ସାମର୍ଥ୍ୟଟି ସହିତ ବି ଆପଣାକୁ ଖାପ ଖୁଆଇ ରଖି ପାରିବ ନାହିଁ । ତାହାର ଆପଣା ହାତରୁ ଅଥବା ଆପଣାଗଢ଼ା ସୀମାଟିର ଅଡ଼ାଭିତରୁ ନିସ୍ତାର ପାଇବାକୁ ହେଲେ ତାହାକୁ ହୁଏତ ମୁଖ ବଦଳେଇବାକୁ ହେବ, ଆପଣାକୁ ଏକାବେଳକେ ଚୂର୍ଣ୍ଣୀଭୂତ କରିଦେବାକୁ ହେବ ଅଥବା ଏକ ଉତ୍କଟ ସଂଘର୍ଷ ଓ ବିଦ୍ରୋହର ବିକ୍ଷୁବ୍ଧତା ମଧ୍ୟଦେଇ ଗତି କରିବାକୁ ପଡ଼ିବ । ଆମେ ଏହିପରି ପାଶବଦ୍ଧ ହୋଇ ରହିଥିବାରୁ ଓ ତାହାର ଦୃଷ୍ଟି ତଥା ସାମର୍ଥ୍ୟ ଏପରିଭାବରେ ସୀମାବଦ୍ଧ ଥିବାରୁ ମନକୁ ବାଧ୍ୟ ହୋଇ ଆପଣାଲାଗି ଏକ ସୀମିତ ଜୀବନପନ୍ଥା ଓ ଜୀବନବିଧାନ ବାଛିନେବାକୁ ହୋଇଥାଏ । ମାତ୍ର ବିଜ୍ଞାନମୟ ପୁରୁଷ ଜୀବନ ଓ ଅସ୍ତିତ୍ୱର ସମୁଦାୟ କ୍ଷେତ୍ରଟିକୁହିଁ ଆପଣାମଧ୍ୟରେ ଗ୍ରହଣ କରି ନେଇଥାଏ, ସେ ତାହାକୁ ଅନନ୍ତ ଭାବରେ ଏକ ତଥା ଅନନ୍ତ ଭାବରେ ଅନେକ, ଏବଂ ଏକାଧାରରେ ଅଦ୍ୱୟ ଓ ବିଚିତ୍ର ଏକ ବିରାଟ ପରମସତ୍ୟର ସୌଷମ୍ୟପୂର୍ଣ୍ଣ ଆତ୍ମପ୍ରକାଶ ମଧ୍ୟକୁ ପରିପୂର୍ଣ୍ଣ ଓ ରୂପାନ୍ତରିତ କରି ଦେଇଥାଏ । ବିଜ୍ଞାନମୟ ପୁରୁଷର ଜ୍ଞାନ ଏବଂ କ୍ରିୟାରେ ଏକ ଅନନ୍ତ ସ୍ୱାଧୀନତାର ଉଦାରତା ଓ ସ୍ଥିତିସ୍ଥାପକତା ବିଦ୍ୟମାନ ରହିଥିବ । ତାହାର ଜ୍ଞାନ ତାହାର ଜ୍ଞେୟ ବସ୍ତୁସକଳକୁ ସମଗ୍ରତାର ବିପୁଳ ଓ ଉଦାର ଭୂମି ମଧ୍ୟରେହିଁ ଗ୍ରହଣ କରି ନେଉଥିବ, ସେହି ଜ୍ଞାନ କେବଳ ସମଗ୍ର ତଥା ଅଖଣ୍ଡ ପୂର୍ଣ୍ଣାଙ୍ଗ ସତ୍ୟ ତଥା ବସ୍ତୁର ଅନ୍ତରଙ୍ଗତମ ଓ ପୂର୍ଣ୍ଣତମ ସତ୍ୟଟିଦ୍ୱାରାହିଁ ଆବଦ୍ଧ ହୋଇ ରହିଥିବ; ମାତ୍ର କୃତ୍ରିମ ଭାବରେ ରଚିତ ଯେଉଁ ଧାରଣା ବା ବଦ୍ଧମୂଳ ମନୋଗତ ପ୍ରତୀକଗୁଡ଼ିକ ଭିତରେ ଆମର ମନ ଛନ୍ଦିହୋଇ ପଡ଼ି ରହିଥାଏ ଓ ସେଇଠି କବଳିତ ଓ ଅବରୁଦ୍ଧ ହୋଇ ରହି ଆପଣା ଜ୍ଞାନର ସ୍ୱାତନ୍ତ୍ର୍ୟଟିକୁ ହରାଇ ବସିଥାଏ, ସେହି ଜ୍ଞାନ ତାହାଦ୍ୱାରା କୌଣସିପ୍ରକାରେ ବାଧ୍ୟ ହୋଇ ରହି ନଥିବ । ବିଜ୍ଞାନମୟ ପୁରୁଷର କୌଣସି କର୍ମ ପରିବର୍ତ୍ତନଶୂନ୍ୟ କୌଣସି ଅନମନୀୟ ବିଧାନର, ଅଥବା ଅତୀତର କୌଣସି ଅବସ୍ଥା ଅର୍ଥାତ୍ କର୍ମର ବା କର୍ମଫଳର କୌଣସି ଦୁଶ୍ଛେଦ୍ୟ ବନ୍ଧନରେ ବନ୍ଧାହୋଇ ରହି ନଥିବ । ତାହାର କ୍ରିୟାମଧ୍ୟରେ ଏକ ଅନୁକ୍ରମ ଅବଶ୍ୟ ରହିଥିବ,

'oaob.nitrkl.ac.in' images reprocessed

ମାତ୍ର କେବଳ ଆପଣାରହିଁ ସୀମାଗୁଡ଼ିକ ଉପରେ ପ୍ରତ୍ୟକ୍ଷ ଭାବରେ କାର୍ଯ୍ୟ କରୁଥିବା ପରମ ଅନନ୍ତଙ୍କର ଆତ୍ମପରିଚାଳିତ ତଥା ଆତ୍ମବିବର୍ତ୍ତିତ ସ୍ଥିତିସ୍ଥାପକତାହିଁ ସେହି ନିଷ୍ଠାର ଧର୍ମ ହୋଇ ରହିଥିବ । ଏହି ଗତିନିଷ୍ଠାଟି ଦ୍ୱାରା ଆଦୌ କୌଣସି ଉଦ୍ଦେଶ୍ୟହୀନ ପ୍ରବହମାନତା ବା ବିଶୃଙ୍ଖଳାର ସୃଷ୍ଟି ହେବ ନାହିଁ, କେବଳ ଏକ ମୁକ୍ତ ଓ ସୌଷମ୍ୟଯୁକ୍ତ ସତ୍ୟହିଁ ପ୍ରକାଶଲାଭ କରୁଥିବ । ଏକ ସ୍ଥିତିସ୍ଥାପକ ଓ ସମ୍ପୂର୍ଣ୍ଣରୂପେ ସଚେତନ ପ୍ରକୃତିର କ୍ଷେତ୍ରରେ ସେହି ପରମ ଚିଦ୍‌ଗତ ସତ୍ତାଙ୍କରହିଁ ଏକ ପୂର୍ଣ୍ଣମୁକ୍ତ ଆତ୍ମବ୍ୟାକୃତି ଲାଗି ରହିଥିବ ।

ପରମ ଅନନ୍ତଙ୍କର ଚେତନା ମଧ୍ୟରେ ପ୍ରବିଷ୍ଟ ବ୍ୟକ୍ତିଭାବାପନ୍ନତା ବିଶ୍ୱାତ୍ମକତାକୁ ଭାଙ୍ଗିପକାଏ ନାହିଁ କିମ୍ବା ତାହାକୁ ପରିକଳ୍ପିତ କରି ରଖେ ନାହିଁ, ବିଶ୍ୱାତ୍ମକତା ମଧ୍ୟ ବିଶ୍ୱାତୀତତାର ଏକ ବିରୋଧୀ ତତ୍ତ୍ୱରୂପେ ଦେଖାଦିଏ ନାହିଁ । ପରମ ଅନନ୍ତସତ୍ତାର ଚେତନା ମଧ୍ୟରେ ଅବସ୍ଥାନ କରୁଥିବା ବିଜ୍ଞାନମୟ ବ୍ୟଷ୍ଟିପୁରୁଷ ଜଣେ ବ୍ୟଷ୍ଟି ହିସାବରେ ଆପଣାର ସ୍ୱକୀୟ ଆତ୍ମ-ଅଭିବ୍ୟକ୍ତିଟିକୁ ସୃଷ୍ଟି କରିବ ସତ, ମାତ୍ର ଏକ ବୃହତ୍ତର ବିଶ୍ୱାତ୍ମକତାର ଏକ କେନ୍ଦ୍ରରୂପେହିଁ ସେ ଏହା କରିବ ଏବଂ ତଥାପି ଯୁଗପତ୍ ଭାବରେ ପରମ ବିଶ୍ୱାତୀତତା ଲାଗି ମଧ୍ୟ ଏକ କେନ୍ଦ୍ର ହୋଇ ରହିଥିବ । ଜଣେ ବିଶ୍ୱାତ୍ମକ ବ୍ୟଷ୍ଟି ଓ ତାହାର ସକଳ ନିଷ୍ଠାର ବିଶ୍ୱମୟ ନିଷ୍ଠାଟି ସହିତ ପୂର୍ଣ୍ଣ ସୌଷମ୍ୟ ରହିଥିବ; ମାତ୍ର ତା' ଭିତରେ ବିଶ୍ୱାତୀତତାର ଉପାଦାନଟି ମଧ୍ୟ ଅନ୍ତର୍ନିହିତ ହୋଇ ରହିଥିବାରୁ ସେହି ନିଷ୍ଠା ଏକ ଅସ୍ଥାୟୀ ତଥା ନିମ୍ନସ୍ତରସ୍ଥ ରୂପାୟନ ଦ୍ୱାରା କୌଣସି ପ୍ରକାରେ ସୀମାବଦ୍ଧ ହୋଇ ରହିବ ନାହିଁ ବା ବିଶ୍ୱଗତ କୌଣସି କିମ୍ବା ପ୍ରତ୍ୟେକ ଶକ୍ତିର ଅଧୀନ ହୋଇ କଦାପି ରହିବ ନାହିଁ । ତାହାର ବିଶ୍ୱାତ୍ମକତା ଆପଣା ଚାରିପାଖରେ ରହିଥିବା ଅବିଦ୍ୟାକୁ ମଧ୍ୟ ସେହି ଅବିଦ୍ୟାର ବୃହତ୍ତର ଆତ୍ମଚେତନାଟିର ଭୂମିରେ ଆପଣା ମଧ୍ୟରେ ଧାରଣ କରି ରହିଥିବ; ମାତ୍ର ସେହି ଅବିଦ୍ୟା ବିଷୟରେ ତାହାର ପୂର୍ଣ୍ଣ ସଚେତନତା ରହିଥିଲେ ମଧ୍ୟ ସେ ନିଜେ ତାହାଦ୍ୱାରା କଦାପି ସଂକ୍ରାମିତ ହୋଇ ପଡ଼ିବ ନାହିଁ । ବିଜ୍ଞାନମୟ ପୁରୁଷ ସର୍ବଦା ଆପଣା ବିଶ୍ୱାତୀତ ବ୍ୟଷ୍ଟିସତ୍ତାଟିର ବିଧାନକୁହିଁ ଅନୁସରଣ କରୁଥିବ ଏବଂ ଆପଣାର ସତ୍ତା ତଥା ନିଷ୍ଠାର ସ୍ୱକୀୟ ଶୈଳୀରେ ତାହାର ବିଜ୍ଞାନମୟ ସତ୍ୟଟିକୁ ଅଭିବ୍ୟକ୍ତ କରିବାରେ ଲାଗିଥିବ । ତାହାର ଜୀବନ କେବଳ ସେହି ଆତ୍ମାରହିଁ ଏକ ମୁକ୍ତ ଓ ସୌଷମ୍ୟଯୁକ୍ତ ପରିପ୍ରକାଶ ହୋଇ ରହିବ; ମାତ୍ର ତାହାର ଉଚ୍ଚତମ ଆତ୍ମସତ୍ତାଟି ଈଶ୍ୱରଙ୍କର ସତ୍ତା ସହିତ ଏକରୂପ ହୋଇ ରହିଥିବାରୁ ଜୀବନର ଭୂମି ଉପରେ ତାହାର ଆତ୍ମପ୍ରକାଶର ଧାରାଟି ଅତ୍ୟନ୍ତ ସ୍ୱାଭାବିକ ଭାବରେ ତାହାର ଉଚ୍ଚତମ ସତ୍ତା ଓ ପରାପ୍ରକୃତି ବା ତାହାର ଆପଣା ପରାପ୍ରକୃତିର ଦିବ୍ୟ ପ୍ରଶାସନ ଦ୍ୱାରା ନିୟନ୍ତ୍ରିତ ହେଉଥିବ; ତାହାର ଜ୍ଞାନରେ, ଜୀବନରେ ଏବଂ ଯାବତୀୟ କର୍ମରେ ସେହି ପ୍ରଶାସନର ଏକ ବୃହତ୍ ସକଳବାଧାମୁକ୍ତ ଓ ଋତମୟ ପୂର୍ଣ୍ଣ



'oaob.nitrkl.ac.in' images reprocessed

ଛନ୍ଦ ତଥା ସୁଷମାକୁ ସ୍ୱୟଂପ୍ରେରିତ ଭାବରେ ବହନ କରି ନେଇଆସିବ । ସେହି ଈଶ୍ୱର ଏବଂ ପରାପ୍ରକୃତି ପ୍ରତି ତାହାର ବ୍ୟକ୍ତିପ୍ରକୃତିର ଆନୁଗତ୍ୟ ତା' ଜୀବନର ଏକ ସ୍ୱାଭାବିକ ଛନ୍ଦ ହୋଇ ରହିବ ଏବଂ ବସ୍ତୁତଃ ଏହି ଆନୁଗତ୍ୟରେହିଁ ତା'ର ଆତ୍ମସ୍ୱାତନ୍ତ୍ର୍ୟର ବିଧାନଟି ଆପଣାର ସାର୍ଥକତା ଲାଭ କରୁଥିବ; କାରଣ ଏହାଦ୍ୱାରା ସେ କେବଳ ତା'ର ନିଜର ପରମ ସତ୍ତାଟିକୁହିଁ ଆନୁଗତ୍ୟ ଦେଖାଉଥିବ, ତା'ର ସକଳ ଅସ୍ତିତ୍ୱର ପରମ ଆଦିମୂଳଙ୍କର ବୋଲ ମାନିହିଁ ସେ କାମ କରୁଥିବ । ସେତେବେଳେ ବ୍ୟକ୍ତିର ପ୍ରକୃତି ଆଉ କୌଣସି ସ୍ୱତନ୍ତ୍ର ଓ ବିଲଗ ବ୍ୟାପାର ହୋଇ ରହିବ ନାହିଁ, ତାହା କେବଳ ସେହି ପରାପ୍ରକୃତିର ଏକ ଧାରାରେହିଁ ପରିଣତ ହୋଇ ରହିବ । ପୁରୁଷ ଓ ପ୍ରକୃତିକୁ ନେଇ ଯେତେଯାହା ଦ୍ୱନ୍ଦ୍ୱ ବା ବିରୋଧର କଳ୍ପନା ରହିଛି, ଆତ୍ମା ଓ ପ୍ରକୃତିକୁ ନେଇ ଯେତେ ଅଦ୍‌ଭୁତ ଓ ବିଚିତ୍ର ବିଭକ୍ତତା ତଥା ଭାରସାମ୍ୟହୀନତା ଅବିଦ୍ୟାକୁ କାମୁଡ଼ି ଧରିଛି, ସେସବୁ ସମ୍ପୂର୍ଣ୍ଣଭାବରେ ନିରାକୃତ ହେବ । କାରଣ ସେତେବେଳେ ପ୍ରକୃତି କେବଳ ସେହି ପରମ ପୁରୁଷସତ୍ତାର ଆତ୍ମଗତ ଶକ୍ତିରୁହିଁ ନିର୍ଗତ ହୋଇ ଆସୁଥିବ, ଏବଂ ପୁରୁଷସତ୍ତା ସେହି ପରାପ୍ରକୃତି ଅର୍ଥାତ୍ ସେହି ପରମ ଈଶ୍ୱରଙ୍କର ଅତିମାନସ ସତ୍ତାଶକ୍ତିରୁହିଁ ନିର୍ଗତ ହୋଇ ଆସୁଥିବ । ତା' ସତ୍ତାର ଏହି ପରମସତ୍ୟ ଅର୍ଥାତ୍ ଅନନ୍ତ ସୌଷମ୍ୟଯୁକ୍ତ ଏକ ତତ୍ତ୍ୱହିଁ ତା'ର ଆଧ୍ୟାତ୍ମିକ ସ୍ୱାତନ୍ତ୍ର୍ୟର ସମ୍ପୂର୍ଣ୍ଣ ବ୍ୟବସ୍ଥାଟିର ସର୍ଜନା କରିବ, ସେହି ବ୍ୟବସ୍ଥାଟିକୁ ଅବିମିଶ୍ରିତ, ସ୍ୱୟଂସ୍ଫୂର୍ତ୍ତ ଓ ସାବଲୀଳ କରି ରଖିବ ।

ନିମ୍ନତର ସ୍ତରର ଜୀବନଭୂମିରେ ଏହି ବ୍ୟବସ୍ଥା ଏକ ଯନ୍ତ୍ରବତ୍ ବ୍ୟବସ୍ଥା ହୋଇ ରହିଥାଏ, ପ୍ରକୃତିର ନିୟମବନ୍ଧନ ସମ୍ପୂର୍ଣ୍ଣ ହୋଇ ରହିଥାଏ, ଚାଲିବାର ବାଟଟି ଅତ୍ୟନ୍ତ ନିର୍ଦ୍ଦିଷ୍ଟ ଓ ଅଲଂଘନୀୟ ହୋଇ ରହିଥାଏ । ସେଠାରେ ବିଶ୍ୱଗତ ଚିତ୍‌ଶକ୍ତି ପ୍ରକୃତିର ଏକ ବିଶେଷ ସଞ୍ଚରଣରୀତିର ପ୍ରବର୍ତ୍ତନ କରାଇ ଆଣିଥାଏ, କର୍ମ କରିବାର ଏକ ସ୍ୱକୀୟ ଅଭ୍ୟସ୍ତ ଗ୍ରନ୍ଥି ଓ ସୁନିର୍ଦ୍ଦିଷ୍ଟ ନିୟମକୁ ବିବର୍ତ୍ତିତ କରି ଆଣିଥାଏ ଏବଂ ସବୃତବୁଦ୍ଧି ଜୀବଟିକୁ ସେହି ଗ୍ରନ୍ଥିଟି ଅନୁସାରେ ଜୀବନଧାରଣ ତଥା କର୍ମ କରିବାକୁ ବାଧ୍ୟ କରି ରଖିଥାଏ; ସେହି ଗ୍ରନ୍ଥି ବା ରୁଟିନ୍ ଭିତରେ ବାନ୍ଧି ହୋଇ ବଞ୍ଚିବାକୁ ବାଧ୍ୟ କରିଥାଏ । ମାତ୍ର ଆନ୍ତର ବିବର୍ତ୍ତନ ଘଟିବା ସଙ୍ଗେସଙ୍ଗେ ତାହା ସେହି ନକ୍‌ସାଟିକୁ କ୍ରମଶଃ ବୃହତ୍ତର କରିଦିଏ, ଗ୍ରନ୍ଥିଟିରେ ସମ୍ପ୍ରସାରଣ ଘଟାଏ; ଏବଂ ଏହି ଅନମନୀୟ ଅଚେତନ ଅଥବା ଅର୍ଦ୍ଧଚେତନ ଯାନ୍ତ୍ରିକ ବିଧାନଟିର ଏକ ସ୍ଥାନାପନ୍ନ ହିସାବରେ ବିଚାରଧାରଣା, ଅର୍ଥବ୍ୟଞ୍ଜକତା ଏବଂ ସ୍ୱୀକୃତ ଜୀବନୋଦ୍ଦେଶ୍ୟଗୁଡ଼ିକର ଏକ ନୂତନ ବ୍ୟବସ୍ଥାକୁ ଆଣି ବସାଇବାକୁ ଚେଷ୍ଟା କରେ, ଅଥବା ବୁଦ୍ଧିସମର୍ଥିତ କୌଣସି ଉଦ୍ଦେଶ୍ୟ, ପ୍ରୟୋଜନ ଓ ଅନୁକୂଳତା ଦ୍ୱାରା ପରିଚାଳିତ ଏକ ବୁଦ୍ଧିପ୍ରେରିତ ଆଦର୍ଶ କମ୍ପା

'oaob.nitrkl.ac.in' images reprocessed

ବ୍ୟବସ୍ଥାଟିଏ ଗଢ଼ି ରଖିବାର ପ୍ରୟାସ କରୁଥାଏ । ମନୁଷ୍ୟସ୍ତରରେ ତାହାର ଜ୍ଞାନ ଓ ଜୀବନର ସଂଗଠନଗୁଡ଼ିକରେ ପ୍ରକୃତରେ କୌଣସିଟି ତାକୁ ସମ୍ପୂର୍ଣ୍ଣରୂପେ ବାନ୍ଧି ପକାଇ ନଥାଏ ବା ତାକୁ ସବୁଦିନ ଲାଗି ଅଧୀନ କରି ରଖି ନଥାଏ; ମାତ୍ର ତଥାପି ମନୁଷ୍ୟ କେବଳ ଭାବନା, ଜ୍ଞାନ, ବ୍ୟକ୍ତିତ୍ୱ, ଜୀବନ ତଥା ଜୀବନାଚରଣର କେତେଗୁଡ଼ିଏ ସାଧାରଣ ମାନ ଢାଞ୍ଚା କରି ରଖିବା ବ୍ୟତୀତ ପ୍ରକୃତରେ ଆଉ କିଛି କରି ପାରେ ନାହିଁ । ଏସବୁକୁ ସେ ଅଳ୍ପବହୁତ ସଚେତନ ତଥା ସମ୍ପୂର୍ଣ୍ଣ ଭାବରେହିଁ କରୁଥାଏ, ଆପଣାର ଜୀବନାସ୍ତିତ୍ୱଟିକୁ ସେହିଗୁଡ଼ିକ ଉପରେ ଠିଆ କରି ରଖିଥାଏ, ଅଥବା ଅନ୍ତତଃ ଆପଣାର ସ୍ୱନିର୍ବାଚିତ ବା ସ୍ୱଗୃହୀତ ସଂସ୍କାରଗୁଡ଼ିକର ବୁଦ୍ଧିରଚନାଟି ଅନୁସାରେ ଆପଣା ଜୀବନଟିକୁ ନିୟନ୍ତ୍ରିତ କରି ରଖିବାକୁ ଯଥାସାଧ୍ୟ ଚେଷ୍ଟା କରୁଥାଏ । ମାତ୍ର ଆଧ୍ୟାତ୍ମିକ ଜୀବନଭୂମିକୁ ଉତ୍ତୀର୍ଣ୍ଣ ହୋଇଯିବାର ବାଟରେ ଏହି ନିୟମର ବନ୍ଧନଟା ଆଉ ତା'ର ସର୍ବୋଚ୍ଚ ଆଦର୍ଶ ହୋଇ ରହି ପାରେ ନାହିଁ; ସେତେବେଳେ ଚିଦ୍‌ଗତ ସ୍ୱାତନ୍ତ୍ର୍ୟହିଁ ଆଦର୍ଶ ହୋଇ ରହେ । ସକଳ ସୂତ୍ର ତଥା ନିୟମବଦ୍ଧତାର ବାଡ଼ଗୁଡ଼ାକୁ ଲଙ୍ଘିଦେଇ ଚିଦ୍‌ସତ୍ତା ଆପଣାର ଆତ୍ମାଟିକୁ ଆବିଷ୍କାର କରିବାଲାଗି ବାହାରିଆସେ, ଏବଂ ତାହାକୁ ଯଦି ତଥାପି ଅଭିବ୍ୟକ୍ତିର ପ୍ରକ୍ରିୟାଟି ସହିତ ସଂଲଗ୍ନ ହୋଇ ରହିବାକୁ ପଡ଼େ, ତେବେ ଏକ କୃତ୍ରିମ ଅଭିବ୍ୟକ୍ତିର ପରିବର୍ତ୍ତରେ ତାହାକୁ ଏକ ମୁକ୍ତ ଓ ସତ୍ୟଦୀପ୍ତ ଅଭିବ୍ୟକ୍ତିର ସ୍ୱାତନ୍ତ୍ର୍ୟ ମଧ୍ୟରେ ଆସି ଉପନୀତ ହେବାକୁ ପଡ଼େ, ଏକ ସତ୍ୟଦୀପ୍ତ ଓ ସ୍ୱତଃସ୍ଫୂର୍ତ୍ତ ଆଧ୍ୟାତ୍ମିକ ବ୍ୟବସ୍ଥାରେ ଆସି ପହଞ୍ଚିବାକୁ ପଡ଼େ । "ସର୍ବଧର୍ମାନ୍ ପରିତ୍ୟଜ୍ୟ ମାମେକଂ ଶରଣଂ ବ୍ରଜ,"—ପରମ ଦିବ୍ୟସତ୍ତା ପ୍ରତ୍ୟେକ ଅନ୍ୱେଷକ ଓ ସାଧକ ଆଗରେ ଏହାକୁହିଁ ସର୍ବୋଚ୍ଚ ଜୀବନସ୍ଫୁରଣାର ସର୍ବୋତ୍ତମ ଚୂଡ଼ାନ୍ତ ନିୟମରୂପେ ଉତ୍ତୋଳିତ କରି ଧରିଛନ୍ତି । ସ୍ୱାଧୀନତାର ଏହି ଅନୁକାମନା ଭିତରେ, କୃତ୍ରିମ ନିୟମ-ବନ୍ଧନରୁ ମୁକ୍ତିଲାଭ କରି ଆତ୍ମା ତଥା ଚିଦ୍‌ସତ୍ତାର ନିୟମ ମଧ୍ୟରେ ପ୍ରବେଶ କରିବାରେ, ମନର ଯାବତୀୟ ନିୟନ୍ତ୍ରଣକୁ ଫିଙ୍ଗିଦେଇ ତାହାର ବିକଳ୍ପରୂପେ ଅଧ୍ୟାତ୍ମସତ୍ୟର ନିୟନ୍ତ୍ରଣକୁ ସ୍ୱୀକାର କରିନେବାରେ, ମନୋଭୂମିର ନିମ୍ନସ୍ତରୀୟ କୃତ୍ରିମ ସତ୍ୟଟିକୁ ପରିହାର କରି ସତ୍ତାର ମର୍ମଗତ ଉଚ୍ଚତର ସତ୍ୟକୁ ଗ୍ରହଣ କରିବାରେହିଁ ଏପରି ଏକ ସୋପାନକୁ ଉତ୍ତୀର୍ଣ୍ଣ ହୋଇଯିବା ଅବଶ୍ୟ ସମ୍ଭବ ହୋଇପାରିବ, ଯେଉଁଠାରେ କି ଏକ ଅନ୍ତର୍ଗତ ସ୍ୱାଧୀନତା ସର୍ବଦା ରହିଥିବ, ମାତ୍ର ବାହାରକୁ ଦେଖିବାଲାଗି କୌଣସି ବ୍ୟବସ୍ଥାବଦ୍ଧତା ଆସି ନଥିବ । ସେତେବେଳେ ନିସ୍ୱାର ଧାରରେ ଯେଉଁ ପ୍ରକୃତି ପ୍ରକାଶ ପାଉଥିବ, ତାହା ହୁଏତ ବାଳକବତ୍ ହୋଇ ରହିଥିବ ଅଥବା ଭୂପତିତ କିମ୍ବା ବାୟୁଦ୍ୱାରା ଚାଳିତ ନିଷ୍କ୍ରିୟ ଶୁଷ୍କପତ୍ର ପରି ଜଡ଼ବତ୍ ବା ଏପରିକି ବହିଃଦୃଷ୍ଟିରେ ଉନ୍ମତ୍ତବତ୍ ବା ପିଶାଚବତ୍ ବି ହୋଇ ରହିଥିବ । ଏହି କ୍ଷେତ୍ରରେ ସାମଗ୍ରିକ ଭାବରେ ବ୍ୟବସ୍ଥାବଦ୍ଧ ଏକ ଆଧ୍ୟାତ୍ମିକ ଆତ୍ମ-ଅଭିବ୍ୟକ୍ତିରେ ଆସି ଉପନୀତ ହେବା ବି ବେଶ୍

'oaob.nitrkl.ac.in' images reprocessed

ସମ୍ଭବ ହେବ ଯାହାକି ସାଧକ ଅଚଳରେ ଅଥବା ଏହି ଜୀବନରେ ଯେଉଁ ସୋପାନଟି ଯାଏ ପହଞ୍ଚି ପାରିବ, ସେଥିଲାଗି ଯଥେଷ୍ଟ ବୋଲି ପ୍ରମାଣିତ ହେଉଥିବ। ଅଥବା ତାହା ହୁଏତ ଆତ୍ମ-ଅଭିବ୍ୟକ୍ତିର ଏକ ବ୍ୟକ୍ତିଗତ ବ୍ୟବସ୍ଥାବଦ୍ଧତା ବି ହୋଇଥିବ; ସାଧକ ଅଧ୍ୟାତ୍ମସତ୍ୟରୁ କେବଳ ଯେତିକି ଉପଲବ୍ଧି କରିପାରିଛି, ତାହାରି ଅନୁସାରେ ତାହା ସମୀଚୀନ ବା ଯୁକ୍ତିଯୁକ୍ତ ହୋଇ ରହିଥିବ; ମାତ୍ର ପରବର୍ତ୍ତୀ ପଦକ୍ଷେପରେ ସେ ଯେଉଁ ବୃହତ୍ତର ସତ୍ୟଟିର ଉପଲବ୍ଧି କରିବାକୁ ବାହାରିବ, ତାହାକୁ ଅଭିବ୍ୟକ୍ତ କରିବାର ଆଧ୍ୟାତ୍ମିକ ଶୃଙ୍ଖଳରେହିଁ ତାହା ପରେ ପରିବର୍ତ୍ତିତ ହୋଇ ଯାଉଥିବ। ମାତ୍ର ଅତିମାନସସ୍ଥ ବିଜ୍ଞାନମୟ ପୁରୁଷ ଏପରି ଏକ ଚେତନାଭୂମି ଉପରେ ଦଣ୍ଡାୟମାନ ରହିବ, ଯେଉଁଥିରେ କି ସକଳ ଜ୍ଞାନ ଆପେବର୍ତ୍ତିମାନ ହୋଇ ରହିଥିବ ଏବଂ ପରା-ପ୍ରକୃତି ମଧ୍ୟରେ ଅବସ୍ଥିତ ପରମ ଅନନ୍ତଙ୍କର ଇଚ୍ଛାଦ୍ୱାରାହିଁ ଆତ୍ମନିୟନ୍ତ୍ରିତ ହେଉଥିବା ବ୍ୟବସ୍ଥା ଓ ବିଧିଟି ଅନୁସାରେ ଆପଣାକୁ ବ୍ୟକ୍ତ କରି ଦେଉଥିବ। ଏକ ଆପେ-ବର୍ତ୍ତିମାନ ଜ୍ଞାନଦ୍ୱାରା ପରିଚାଳିତ ଏହି ଆତ୍ମନିୟନ୍ତ୍ରଣର ଆବିର୍ଭାବ ପ୍ରକୃତିଗତ ଯାବତୀୟ ଯାନ୍ତ୍ରିକତାକୁ ଦୂର କରିଦେବ ଏବଂ ଅସ୍ତିତ୍ୱର ମର୍ମସ୍ଥଳରେ ଆପଣାକୁ ସର୍ବତ୍ରସମ୍ପନ୍ନ ଓ ସନ୍ନିହିତ କରି ରଖିଥିବା ଏକ ସତ୍ୟର ସ୍ୱତଃସ୍ଫୂର୍ତ୍ତିତା ଦ୍ୱାରା ଆମ ମନଭୂମିଗତ ସକଳ ମାନଦଣ୍ଡକୁ ଅପସରାଇଦେବ।

ପରମସତ୍ତାର ଆତ୍ମସତ୍ୟ ତଥା ସମଗ୍ର ସତ୍ୟର ବିଧାନ ମାତ୍ର ଚଳୁଥିବା ସ୍ୱାଧୀନ ସ୍ୱଭାବରେ ଆପେହିଁ ଆପଣାର ନିୟନ୍ତ୍ରଣ କରୁଥିବା ଏହି ଜ୍ଞାନ ବିଜ୍ଞାନମୟ ପୁରୁଷର ଜୀବନରେ ତାହାର ସ୍ୱକୀୟ ବା ସ୍ୱଧର୍ମଗତ ନିୟମ ହୋଇ ରହିବ। ତା'ର ଜୀବନଭୂମିରେ ଜ୍ଞାନ ଓ ସଂକଳ୍ପ ଏକରୂପ ହୋଇ ରହିଥିବେ ଓ ଦୁହିଁଙ୍କ ଭିତରେ ଆଦୌ କୌଣସି ଦ୍ୱନ୍ଦ୍ୱ ଉପୁଜି ନଥିବ। ତଦ୍‌ବସ୍ତୁର ସତ୍ୟ ତଥା ଜୀବନର ସତ୍ୟ ଏକରୂପ ହୋଇଯିବେ ଓ ସେଗୁଡ଼ିକ ମଧ୍ୟରେ କେବେହେଲେ କୌଣସି ବିରୋଧ ନଥିବ। ତାହାର ସତ୍ତା ଆପଣାକୁ କାର୍ଯ୍ୟକାରୀ କରୁଥିବାର କ୍ଷେତ୍ରରେ ତଦ୍‌ବସ୍ତୁ ଓ ତାହାର ଜୀବନାଙ୍ଗଗୁଡ଼ିକ ମଧ୍ୟରେ କୌଣସି ସଂଘର୍ଷ, ବୈଷମ୍ୟ କିମ୍ବା ଘାତଭେଦ ରହିବ ନାହିଁ। ସ୍ୱାଧୀନ ଆତ୍ମଚାଳନା ତଥା ନିୟମବଦ୍ଧତାର ଯେଉଁ ତତ୍ତ୍ୱଦୁଇଟି ଏହି ମନ ଓ ପ୍ରାଣର ଭୂମି ଉପରେ ସତେଅବା ଦୁଇଟି ଅତିବିରୋଧୀ ଓ ପରସ୍ପରବହିଷ୍କାରୀ ତତ୍ତ୍ୱରୂପେ ଆପଣାର ପରିଚୟ ଦେଇଆ'ନ୍ତି, ଅତିମାନସ ଚେତନାର ଭୂମିରେ ସେହି ଦୁଇଟିରୁ ଗୋଟିଏ ଅନ୍ୟଟି ଭିତରେହିଁ ଅଧିଷ୍ଠିତ ରହିଥିବ ଏବଂ ଏପରିକି ମୂଳତଃ ଦୁଇଟିଯାକ ଗୋଟିଏ ହୋଇ ରହିଥିବାର ଅନୁଭୂତି ମିଳୁଥିବ। ଅବଶ୍ୟ ଏକଥା ସତ୍ୟ ଯେ ଯଦି ଜ୍ଞାନ ସେହି ସ୍ୱାଧୀନତାର ପ୍ରହରୀ ହୋଇ ରହିଥିବ ଓ ସେହି ନିୟମବଦ୍ଧତା ସତ୍ତାର ସତ୍ୟ ଉପରେ ଆଧାରିତ ଥିବ, ତେବେ ଉକ୍ତ ଦୁଇଟି ତତ୍ତ୍ୱର ପରସ୍ପରର

'oaob.nitrkl.ac.in' images reprocessed

ବିରୋଧୀ ହେବାଲାଗି ଆଦୌ କୌଣସି ପ୍ରୟୋଜନ ନଥିବ । ଅତିମାନସ ଚେତନାରେ ଦୁଇଟିଯାକ ମୂଳତଃ ଗୋଟିଏ ହୋଇ ରହିବେ, କାରଣ ସେଠି ଦୁଇଟିଯାକହିଁ ଅନ୍ତରସ୍ଥ ସେହି ଏକ ଅଧ୍ୟାତ୍ମସତ୍ତାର ଅବିଚ୍ଛେଦ୍ୟ ଦୁଇ ବିଭାବରୂପେ ଅନୁଭୂତ ହେବେ ଏବଂ ସେହି କାରଣରୁ ସେଗୁଡ଼ିକର ବ୍ୟାକୃତିଗୁଡ଼ିକ ମଧ୍ୟ ପରସ୍ପର ସହିତ ଏକରୂପ ହୋଇ ରହିବ । ସେଗୁଡ଼ିକ ପରସ୍ପର ମଧ୍ୟରେ ଅନ୍ତର୍ନିହିତ ହୋଇ ରହିଥିବେ; କାରଣ ଏକ ଅଭିନ୍ନ ଏକତ୍ୱ ମଧ୍ୟରୁହିଁ ଦୁହେଁଯାକ ନିଷ୍ପନ୍ନ ହୋଇଥିବେ ଏବଂ ସେହି କାରଣରୁ କ୍ରିୟାତ୍ମକ କ୍ଷେତ୍ରରେ ମଧ୍ୟ ଏକ ସ୍ୱାଭାବିକ ଏକରୂପତାରେ ମିଳିତ ହୋଇ ରହିବେ । ବିଜ୍ଞାନମୟ ପୁରୁଷ ତା'ର ଭାବନା ଅଥବା କ୍ରିୟାସକଳର ଅଲଂଘ୍ୟ ବ୍ୟବସ୍ଥାଟି ଦ୍ୱାରା ତାହାର ସ୍ୱାଧୀନତାଟି କୌଣସି ପ୍ରକାରେ ବା କୌଣସି ମାତ୍ରାରେ ଖଣ୍ଡିତ ହୋଇ ପଡ଼ୁଥିବା ପରି କଦାପି ଅନୁଭବ କରିବ ନାହିଁ; କାରଣ ସେହି ବ୍ୟବସ୍ଥା ତାହାର ଅନ୍ତରସ୍ଥ ଏକ ବ୍ୟବସ୍ଥା ହୋଇ ରହିଥିବ, ଏକ ସ୍ୱତଃସ୍ଫୂର୍ତ୍ତ ବ୍ୟବସ୍ଥା ହୋଇ ରହିଥିବ । ଆପଣାର ସ୍ୱାଧୀନତାକୁ ତଥା ସ୍ୱାଧୀନତାର ନିୟମବଦ୍ଧତାକୁ ସେ କେବଳ ତାହାର ସତ୍ତାଗତ ସତ୍ୟରୂପେହିଁ ଅନୁଭବ କରିବ । ତାହାର ଜ୍ଞାନଗତ ସ୍ୱାଧୀନତା ତାକୁ କଦାପି ମିଥ୍ୟା ବା ଅସତ୍ୟର ଅନୁଧାବନ କରିବାରେ ପ୍ରବୃତ୍ତ କରାଇବ ନାହିଁ । କାରଣ ଜ୍ଞାନାଧିକାରରେ ସମର୍ଥ ହେବାଲାଗି ଅସତ୍ୟ ଓ ମିଥ୍ୟାର ସମ୍ଭାବନା ଭିତର ଦେଇ ଗତି କରିବାକୁ ମନର ଯେଉଁ ଆବଶ୍ୟକତାଟି ରହିଛି, ତାହାର ଆଦୌ ସେପରି କୌଣସି ଆବଶ୍ୟକତା ନାହିଁ । ଅପରପକ୍ଷରେ ଏହି ମାର୍ଗବିଚ୍ୟୁତିମାନ କେବଳ ବିଜ୍ଞାନମୟ ପ୍ରକୃତିରୁହିଁ ବିଚ୍ୟୁତ ହୋଇଯିବାରହିଁ ସୂଚନା ଦେବ; ଏହାଦ୍ୱାରା ତା'ର ଆତ୍ମଗତ ସତ୍ୟଟି ଖର୍ବ ହୋଇ ପଡ଼ିବ, ତା'ର ସତ୍ତାଲାଗି ତାହା ବିଜାତୀୟ ଓ ଅନଷ୍ଟକାଙ୍କ୍ଷ ବୋଲି ପ୍ରମାଣିତ ହେବ । କାରଣ ତାହାର ସ୍ୱାଧୀନତା ଏକ ଅନ୍ଧକାର-ଚାରୀ ସ୍ୱାଧୀନତା ନୁହେଁ; ଆଲୋକରେ ଏହାର ଅଧିଷ୍ଠାନ । କର୍ମ କରିବାଲାଗି ତା'ର ଯେଉଁ ସ୍ୱାଧୀନତା ରହିଛି, ତାହାକୁ ଅସତ୍ୟ ସଙ୍କଳ୍ପ ଓ ଅବିଦ୍ୟାମୟ ମିଥ୍ୟାବେଗର ପ୍ରରୋଚନା ବୋଲି କଦାପି ବୁଝାଯିବ ନାହିଁ; କାରଣ ତାହା ତାହାର ସତ୍ତାଲାଗି ଏକ ବିଜାତୀୟ ବ୍ୟାପାର ହୋଇ ରହିଥିବ, ତା'ର ସତ୍ତାକୁ ସୀମାବଦ୍ଧ ଓ ଖର୍ବ କରି ପକାଉଥିବ, ତାହା ପ୍ରକୃତରେ କୌଣସି ସ୍ୱାଧୀନତାହିଁ ହୋଇ ରହିବ ନାହିଁ । କୌଣସି ଅସତ୍ୟ ଅଥବା ମିଥ୍ୟାସଙ୍କଳ୍ପକୁ ଚରିତାର୍ଥ କରିବାଲାଗି ଏକ ବାସନାବେଗକୁ ସେ ସ୍ୱାଧୀନତା ଆଡ଼କୁ ପ୍ରେରିତ କରି ନେଉଥିବା ଏକ ଗତିସ୍ପନ୍ଦନରୂପେ ଅନୁଭବ କରିବ ନାହିଁ, ତାହାକୁ ସେ ତଦ୍‌ଗତ ସ୍ୱାଧୀନତା ଉପରେ ଏକ ହିଂସାଚରଣ ବୋଲି ଜାଣିବ, ଏକ ଆକ୍ରମଣ ବା ବହିରାରୋପଣ ପରି ଅନୁଭବ କରିବ, ତା'ର ପରାପ୍ରକୃତି ଉପରେ ଏକ ଅତ୍ୟାଚାର ଓ କୌଣସି ବିଜାତୀୟ ପ୍ରକୃତିର ଏକ ଉତ୍ପୀଡ଼ନ ବୋଲି ମନେକରିବ ।

'oaob.nitrkl.ac.in' images reprocessed

ଅତିମାନସ ଚେତନା ମୂଳତଃ ଏକ ପରମ ସତ୍ୟଚେତନା ହୋଇ ରହିବ, ସତ୍ତା ଓ ବସ୍ତୁସମୂହର ସତ୍ୟଟିକୁ ତାହା ପ୍ରତ୍ୟକ୍ଷ ଏବଂ ଅନ୍ତର୍ନିହିତ ଭାବରେ ଜାଣିବାର ସାମର୍ଥ୍ୟ ରଖିଥିବ । ତାହାର ଏହି ଚେତନାଶକ୍ତି ପରମ ଅନନ୍ତସତ୍ତା ଆପଣାର ଅନ୍ତର୍ବିଶିଷ୍ଟ ସତ୍ତାଗୁଡ଼ିକୁ ଜାଣି ସେଗୁଡ଼ିକ ଉପରେ କାର୍ଯ୍ୟ କରୁଥିବା ଶକ୍ତିବୁଦ୍ଧି ବୁଝାଇବ, ପରମ ବିଶ୍ୱାତ୍ମକତା ଆପଣାର ସର୍ବୈକତ୍ୱ ତଥା ବିଶଦ ଏକକଗୁଡ଼ିକୁ ଜାଣି ସେଗୁଡ଼ିକ ଉପରେ କାର୍ଯ୍ୟ କରୁଥିବାର ଶକ୍ତିଟିକୁ ବୁଝାଇବ, ଆପଣାର ବିଶ୍ୱଗତତା ତଥା ବ୍ୟକ୍ତିଭାବାପନ୍ନତାଗୁଡ଼ିକୁ ଜାଣି ସେଗୁଡ଼ିକ ଉପରେ କାର୍ଯ୍ୟ କରିବାର ଶକ୍ତିବୁଦ୍ଧି ବୁଝାଇବ । ପରମ ସତ୍ୟ ଉପରେ ତାହାର ଆତ୍ମ-ଅଧିକାର ରହିଥିବ, ତେଣୁ ତାହାକୁ ଆମର ସାଧାରଣ ଅର୍ଥରେ ଆଦୌ କୌଣସି ସତ୍ୟର ଅନ୍ୱେଷଣ କରିବାକୁ ପଡ଼ିବ ନାହିଁ; ଅବିଦ୍ୟାଶ୍ରିତ ଏହି ମନ ଯେପରି ସେହି ସତ୍ୟଟିକୁ ହରାଇ ବସିବାର ପ୍ରମାଦଟିରୁ ସର୍ବଦା କ୍ଲେଶ ପାଉଥାଏ, ଅତିମାନସ ଚେତନାକୁ ସେପରି କୌଣସି କ୍ଲେଶ ଭୋଗ କରିବାକୁ ହେବ ନାହିଁ । ଏକ ବିଜ୍ଞାନମୟ ଭୂମିକୁ ଉନ୍ନୀତ ହୋଇ ଆସିଥିବା ପୁରୁଷ ପରମ ଅନନ୍ତ ତଥା ପରମ ବିଶ୍ୱଗତତାର ଏହି ଋତଚକ୍ର ମଧ୍ୟରେ ଅବଶ୍ୟ ପ୍ରବିଷ୍ଟ ହୋଇଥିବ, ଏବଂ ସେହି ଋତଚକ୍ରହିଁ ତା'ଲାଗି ଓ ତା' ଭିତରେ ରହି ତାହାର ବ୍ୟକ୍ତିଜୀବନଗତ ସକଳ ଦେଖିବା ଓ ସକଳ କର୍ମର ନିୟନ୍ତ୍ରଣ ଓ ବିଧାନ କରିବାରେ ଲାଗିଥିବ । ତା'ର ଚେତନା ଏକ ବିଶ୍ୱମୟ ଏକତ୍ୱବୋଧର ଚେତନା ହୋଇ ରହିଥିବ ଏବଂ ତାହା ଫଳରେ ଅଥବା ଅନ୍ତର୍ନିହିତ ଭାବରେ ଏକ ପରମ ସତ୍ୟଜ୍ଞାନ, ସତ୍ୟଦୃଷ୍ଟି, ସତ୍ୟାନୁଭବ, ସତ୍ୟସଂକଳ୍ପ, ସତ୍ୟବୋଧ ତଥା ସକ୍ରିୟ ସତ୍ୟମୟ ଗତିନିଚୟରୂପେ ସେହି ପରମ ଅଦ୍ୱିତୀୟ ସତ୍ତା ସହିତ ତା'ର ଏକତ୍ୱବୋଧ ମଧ୍ୟରେହିଁ ସମ୍ୟକ୍ ଭାବରେ ନିହିତ ହୋଇ ରହିଥିବ ଏବଂ ପରମ ସକଳଟି ସହିତ ତା'ର ଏକତ୍ୱବୋଧରୁ ଅତ୍ୟନ୍ତ ସ୍ୱତଃସ୍ଫୂର୍ତ୍ତ ଭାବରେ ଜାଗ୍ରତ ହେବାରେ ଲାଗିଥିବ । ତାହାର ଜୀବନ ଏକ ଆଧ୍ୟାତ୍ମିକ ପରମ ବିମୁକ୍ତତା ଓ ପରମୋଦାରତାର ସୋପାନ-ଗୁଡ଼ିକ ଉପରେ କ୍ରମଶଃ ଅଗ୍ରସର ହୋଇଯିବାର ଏକ ଗତିସ୍ପନ୍ଦନରେ ପରିଣତ ହୋଇଯିବ; ସେତେବେଳେ ତାହା ମାନସିକ ଯାବତୀୟ ଧାରଣାର ବିଧାନ ତଥା ପ୍ରାଣଗତ ଓ ଦୈହିକ ଆବଶ୍ୟକତା, ବାସନା ଏବଂ ଚତୁର୍ଦ୍ଦିଗରୁ ଆବୋରି ରହିଥିବା ଏକ ଜୀବନର ଯାବତୀୟ ବାଧ୍ୟବାଧକତାର ବିଧାନର ଏକ ସ୍ଥାନାପନ୍ନ ହିସାବରେ ଆପଣାକୁ ପ୍ରତିଷ୍ଠିତ କରିପାରିବ । ତା'ର ଜୀବନ ଆଉ କର୍ମ କୌଣସି ନିର୍ଦ୍ଦେଶ ବା ବୋଲରେ ବନ୍ଧାହୋଇ ରହି ନଥିବେ, କେବଳ ସେହି ଦିବ୍ୟ ପରମପ୍ରଜ୍ଞା ଓ ଦିବ୍ୟ ପରମ ସଂକଳ୍ପହିଁ ଆପଣାର ପରମ ଋତଚକ୍ରର ବିଧାନ ଅନୁସାରେ ତା'ଉପରେ ଆପଣାକୁ କାର୍ଯ୍ୟକାରୀ କରୁଥିବ । ମନୁଷ୍ୟର ଅହଂ ସର୍ବଦା ନାନା ପ୍ରକାରେ ବିଭକ୍ତ ଓ କ୍ଷୁଦ୍ର ହୋଇ ରହିଥାଏ, ଆପଣାକୁ ନେଇ ଅନ୍ୟ ଉପରେ ଲଦିଦେବାର, ଅନ୍ୟମାନଙ୍କୁ

'oaob.nitrkl.ac.in' images reprocessed

ଅଧିକାର କରି ସେମାନଙ୍କର ଜୀବନକୁ ନିଜର ଉଦ୍ଦେଶ୍ୟ ସାଧନରେ ଲଗାଇବା ସକାଶେ ତାହା ଏକ ଆବଶ୍ୟକତା ଅନୁଭବ କରୁଥାଏ; ତେଣୁ ବୁଦ୍ଧିଦ୍ୱାରା ଗଢ଼ା ହୋଇଥିବା କୌଣସି ବିଧାନ ନମାନି ଚଳିଲେ ଅବିଦ୍ୟା ମଧ୍ୟରେ ରହିଥିବା ତାହାର ଜୀବନରେ ନିଶ୍ଚିତ ନାନା ସଂଘର୍ଷ, ସ୍ୱେଚ୍ଛାଚରଣ ଏବଂ ଅହଙ୍କାରପ୍ରଣୋଦିତ ନାନା ବିଶୃଙ୍ଖଳା ଆସି ଉପସ୍ଥିତ ହୋଇପାରେ ବୋଲି ଅନେକ ସମୟରେ ଆଶଙ୍କା କରାଯାଇଥାଏ; କିନ୍ତୁ ବିଜ୍ଞାନମୟ ପୁରୁଷର ଜୀବନରେ ଏସବୁ କିଛିହେଲେ ରହିବ ନାହିଁ । କାରଣ ଏକ ଅତିମାନସ ସତ୍ତାର ବିଜ୍ଞାନମୟ ଚୈତନ୍ୟ ମଧ୍ୟରେ ସତ୍ତାର ସକଳ ଅଂଶ ଓ ସକଳ ଗତିସ୍ପନ୍ଦନଗୁଡ଼ିକର ସମ୍ବନ୍ଧସତ୍ୟମାନ ଅବଶ୍ୟ ପ୍ରତିଷ୍ଠିତ ହୋଇ ରହିଥିବ । ସେହି ସତ୍ତା କୌଣସି ଜଣେ ବ୍ୟକ୍ତିର ସତ୍ତା ହୋଇଥାଉ କିମ୍ବା କୌଣସି ବିଜ୍ଞାନମୟ ବ୍ୟକ୍ତିସମୂହର ସତ୍ତା ହୋଇଥାଉ ପଛକେ, ସେଠାରେ ଚେତନାର ଯାବତୀୟ ଗତିସ୍ପନ୍ଦନ ଓ ଜୀବନଗତ ଯାବତୀୟ କର୍ମମୟତାରେ କେବଳ ଏକ ସ୍ୱତଃସ୍ଫୂର୍ତ୍ତି ଓ ଜ୍ୟୋତିର୍ମୟ ଏକତ୍ୱ ଏବଂ ସମଗ୍ରତ୍ୱହିଁ ବିରାଜମାନ କରୁଥିବ । ସେତେବେଳେ ଜୀବନଭୂମିର ବିଭିନ୍ନ ଅଙ୍ଗଗୁଡ଼ିକ ମଧ୍ୟରେ କୌଣସି କଳହ ବା କନ୍ଦଳ ନଥିବ; କାରଣ କେବଳ ଜ୍ଞାନଗତ ଓ ସଂକଳ୍ପଗତ ଚେତନା ନୁହେଁ, ମାତ୍ର ଯାହାକିଛି ଆମ ଭିତରେ ପ୍ରକୃତିର ସଂବେଗମୟ, ପ୍ରାଣମୟ ତଥା ଅନ୍ନମୟ ଅଂଶରୂପେ ଆତଯାତ ହେଉଥାଏ, ସେହି ହୃଦ୍‌ଗତ ଚେତନା, ପ୍ରାଣ ଓ ଶରୀରଗତ ଚେତନା ମଧ୍ୟ ସମସ୍ତତ୍ୱ ଓ ଏକତ୍ୱର ଏହି ପୂର୍ଣ୍ଣାଙ୍ଗପ୍ରାପ୍ତ ସୌଷମ୍ୟ ମଧ୍ୟରେ ଅନ୍ତର୍ଭୁକ୍ତ ହୋଇ ରହିବ । ଏହାକୁ ଆମର ନିଜ ଭାଷାରେ ବ୍ୟକ୍ତ କରି ଆମେ ନିଶ୍ଚିତ କହିବା ଯେ ସେତେବେଳେ ବିଜ୍ଞାନମୟ ପୁରୁଷର ଅତିମାନସ ଜ୍ଞାନସଂକଳ୍ପହିଁ ମନ, ପ୍ରାଣ ଓ ଦେହକୁ ଆପଣାର ପୂର୍ଣ୍ଣ ନିୟନ୍ତ୍ରଣରେ ରଖିଥିବ । ମାତ୍ର କେବଳ ମଧ୍ୟବର୍ତ୍ତୀ ସୋପାନଟି ଲାଗିହିଁ ଏହି ବର୍ଣ୍ଣନାଟି ପ୍ରଯୁଜ୍ୟ ହୋଇ ପାରିବ; କାରଣ କେବଳ ମଧ୍ୟବର୍ତ୍ତୀ ପର୍ଯ୍ୟାୟଟିରେହିଁ ପରାପ୍ରକୃତି ଏହିସବୁ ଜୀବନାଙ୍ଗଗୁଡ଼ିକୁ ଆପଣାର ସ୍ୱକୀୟ ପ୍ରକୃତି ମଧ୍ୟକୁ ପୁନର୍ଗଠିତ କରି ନେଉଥିବ । ମାତ୍ର ସେହି ମଧ୍ୟବର୍ତ୍ତୀ ଅବସ୍ଥାଟି ଅତିକ୍ରାନ୍ତ ହୋଇଗଲେ ତା'ପରେ ଆଉ କୌଣସିପ୍ରକାର ନିୟନ୍ତ୍ରଣର ପ୍ରୟୋଜନ ହେବ ନାହିଁ; କାରଣ ସେତେବେଳେ ସବୁ କେବଳ ସେହି ଏକୀଭୂତ ଚେତନା ମଧ୍ୟରେ ଏକରୂପ ହୋଇ ରହିବ ଏବଂ ସେହି କାରଣରୁ ଏକ ସ୍ୱତଃସ୍ଫୂର୍ତ୍ତ ପୂର୍ଣ୍ଣାଙ୍ଗତା ଓ ଏକତ୍ୱ ମଧ୍ୟରେ ଏକ ଅଖଣ୍ଡ ସମଗ୍ରତାରୂପେ କାର୍ଯ୍ୟ କରିବ ।

ବିଜ୍ଞାନମୟ ପୁରୁଷର ଜୀବନକ୍ଷେତ୍ରରେ ତା'ର ଅହଂର ଆତ୍ମପ୍ରତିଷ୍ଠା ଏବଂ ପରମ ଅହଂର ନିୟନ୍ତ୍ରଣ ମଧ୍ୟରେ ଆଦୌ କୌଣସି ସଂଘାତ ଉପୁଜିବ ନାହିଁ; କାରଣ ଆପଣା ଜୀବନର ଯାବତୀୟ କର୍ମରେ ବିଜ୍ଞାନମୟ ବ୍ୟକ୍ତି ଏକାଧାରରେ ଆପଣାର ଅର୍ଥାତ୍ ଆପଣା ସତ୍ତାର ସ୍ୱକୀୟ ସତ୍ୟଟିର ଅଭିବ୍ୟକ୍ତି ଘଟାଇବ ଏବଂ ତେଣେ ଆପଣା

'oaob.nitrkl.ac.in' images reprocessed

ଜୀବନରେ ସେହି ପରମ ଦିବ୍ୟ ଇଚ୍ଛାଟିକୁ ମଧ୍ୟ କାର୍ଯ୍ୟକାରୀ କରୁଥିବ; ପରମ ଦିବ୍ୟତାକୁହିଁ ସେ ଆପଣାର ଯଥାର୍ଥ ଆତ୍ମା ଓ ଆପଣା ଚିଦ୍‌ସତ୍ତାର ପରମ ଉତ୍ସ ତଥା ପରମ ସମ୍ପଦ ବୋଲି ଜାଣୁଥିବ । ତେଣୁ ତା'ର ଜୀବନାଚରଣର ଏହି ଦୁଇଟିଯାକ ଉତ୍ପ୍ରେରଣା ଏଠାରେ କେବଳ ଯେ ଗୋଟିଏ କ୍ରିୟାଶୀଳତାର ଭୂମିରେହିଁ ଯୁଗପତ୍‌ ଭାବରେ କାର୍ଯ୍ୟ କରିବେ ତାହା ନୁହେଁ, ମାତ୍ର ଦୁହେଁଯାକ କେବଳ ସେହି ଏକ ଓ ଅଭିନ୍ନ କ୍ରିୟାତ୍ମିକା ଶକ୍ତି ହୋଇ ରହିଥିବେ । ପ୍ରତ୍ୟେକ ପରିସ୍ଥିତିରେ ଏହି ପ୍ରେରଣା-ଶକ୍ତି ସେହି ପରିସ୍ଥିତିର ସତ୍ୟଟି ଅନୁସାରେ କାର୍ଯ୍ୟ କରୁଥିବ, ପ୍ରତ୍ୟେକ ବ୍ୟକ୍ତିସତ୍ତା ମଧ୍ୟରେ ତାହାର ପ୍ରୟୋଜନ, ପ୍ରକୃତି ଓ ସମ୍ବନ୍ଧର ଅନୁରୂପ ହୋଇ ପ୍ରତ୍ୟେକ ଘଟଣାରେ ଦିବ୍ୟ ପରମ ଇଚ୍ଛାର ସେହି ଘଟଣାଟି ଉପରେ ରହିଥିବା ଦାବିଟି ଅନୁସାରେହିଁ କାର୍ଯ୍ୟ କରୁଥିବ । କାରଣ ଏହି କ୍ଷେତ୍ରରେ ଯାହାକିଛି ରହିଥିବ, ତାହା କେବଳ ସେହି ଏକ ପରମଶକ୍ତିର ବହୁମୁଖୀ ଅନେକ ଶକ୍ତିର ଏକ ଜଟିଳ ସମାହାର ଓ ଏକ ନିବିଡ଼ ଗ୍ରନ୍ଥି ହୋଇହିଁ ରହିଥିବ; ବିଜ୍ଞାନମୟ ଚେତନା ତଥା ପରମ ସତ୍ୟସଙ୍କଳ୍ପ ଏହିସବୁ ଶକ୍ତିର ଅନ୍ତର୍ନିହିତ ସତ୍ୟଟିକୁ ଦେଖିବାରେ ସମର୍ଥ ହେଉଥିବେ, ପ୍ରତ୍ୟେକଟି ଶକ୍ତିର ସତ୍ୟକୁ ତଥା ମିଳିତଭାବରେ ସବୁ ଶକ୍ତିଗୁଡ଼ିକର ସତ୍ୟଟିକୁ ଦେଖୁଥିବେ ଓ ତାହାଙ୍କ ମଧ୍ୟଦେଇ ଦିବ୍ୟ ପୁରୁଷର ଅଭିପ୍ରେତ ସିଦ୍ଧିଟିକୁ ମୂର୍ତ୍ତ କରିଦେବା ସକାଶେ ଏହି ଶକ୍ତିବ୍ୟୂହଟି ଉପରେ ସେହି ଚେତନା ଓ ସଙ୍କଳ୍ପ ପ୍ରୟୋଜନ ଅନୁସାରେ ଅଭିଘାତ ଓ ହସ୍ତକ୍ଷେପ କରୁଥିବେ; କେବଳ ଯେତିକି ପ୍ରୟୋଜନ ସେତିକି, ତା'ଠାରୁ ବେଶୀ ନୁହେଁ କି କମ୍‌ ବି ନୁହେଁ । ଯେଉଁ ପରମ ଅଭିନ୍ନତ୍ୱଟି ସର୍ବତ୍ର ବିଦ୍ୟମାନ ରହିଛି, ସବୁରି କ୍ରିୟାନ୍ତା ହୋଇ ରହିଛି ଏବଂ ସକଳ ବୈଚିତ୍ର୍ୟକୁ ଗୋଟିଏ ସୌଷମ୍ୟ ମଧ୍ୟରେ ଗୁନ୍ଥି ରଖୁଛି, ତାହାର ପରିଣାମସ୍ୱରୂପ ଏହି କ୍ଷେତ୍ରରେ ଭେଦଧର୍ମୀ ଅହଂର ଆଉ କୌଣସି କାର୍ଯ୍ୟକଳାପ ରହିବ ନାହିଁ, ସ୍ୱତନ୍ତ୍ର ଭାବରେ ଆପଣାକୁ ପ୍ରତିଷ୍ଠିତ କରି ରଖିବାର ତା'ର ସକଳ ପ୍ରବୃତ୍ତି ଅନ୍ତର୍ହିତ ହୋଇଯିବ । ବିଜ୍ଞାନମୟ ପୁରୁଷର ଆତ୍ମସଙ୍କଳ୍ପ ପରମେଶ୍ୱରଙ୍କର ସଙ୍କଳ୍ପର ସମବାଚୀ ହୋଇ ରହିବ, ଏହା ତାହାଠାରୁ ବିଚ୍ଛିନ୍ନ କୌଣସି ବିରୋଧୀ ଆତ୍ମସଙ୍କଳ୍ପ ହୋଇ ରହିବ ନାହିଁ । ଆପଣା କର୍ମ ତଥା ତଜ୍ଜନିତ ଫଳରୁ ତାହା ନିଶ୍ଚୟ ଆନନ୍ଦ ପାଉଥିବ, ମାତ୍ର ଅହଂଗତ ଯାବତୀୟ ଦାବିରୁ ମୁକ୍ତ ହୋଇ ରହିଥିବ, ସକଳ କର୍ମାସକ୍ତି ଓ ଫଳ କାମନାରୁ ମୁକ୍ତ ରହିଥିବ । କେବଳ ତାହା ଯାହାକିଛିକୁ କର୍ତ୍ତବ୍ୟ ବୋଲି ଦେଖିବ ଓ କରିବାର ପ୍ରେରଣା ପାଇବ, ସେହି ସଙ୍କଳ୍ପ ଖାଲି ସେତିକି କରି ଯାଉଥିବ । ମନୋମୟ ପ୍ରକୃତିରେ ଏହି କ୍ଷେତ୍ରରେ ହୁଏତ ଆପଣାର ଚେଷ୍ଟା ଏବଂ ଉଚ୍ଚତର ପରମ ଇଚ୍ଛାଟି ପ୍ରତି ଆପଣାର ଆନୁଗତ୍ୟ ମଧ୍ୟରେ ସର୍ବଦା ଏକ ବିରୋଧ ବା ବୈଷମ୍ୟ ଉପୁଜିବାର ଆଶଙ୍କା ରହିଥିବ, କାରଣ ସେଠି ବ୍ୟକ୍ତି-ଆତ୍ମା ଅଥବା ଜୀବାତ୍

'oaob.nitrkl.ac.in' images reprocessed

ବ୍ୟକ୍ତିସତ୍ତା ଆପଣାକୁ ସେହି ପରମ ସତ୍ତା, ପରମ ଇଚ୍ଛା ବା ପରମ ପୁରୁଷଙ୍କଠାରୁ ବିଲଗ ହୋଇ ରହିଥିବା ପରି ଦେଖୁଥିବ। ମାତ୍ର ଏଠାରେ ଏହି ବିଜ୍ଞାନମୟ ଭୂମିରେ ବ୍ୟକ୍ତିପୁରୁଷ କେବଳ ସେହି ପରମସତ୍ତାରହିଁ ଏକ ସତ୍ତା ହୋଇ ରହିଥିବ ଏବଂ ସେହି କାରଣରୁ ଏଠାରେ କୌଣସି ବିରୋଧ କିମ୍ବା ବୈଷମ୍ୟ ଉପୁଜିବାର ଆଦୌ ଅବକାଶ ନଥିବ। ଏଠାରେ ବ୍ୟକ୍ତି ଯାହାକିଛି କରିବ, ତାହା ସେହି ବ୍ୟକ୍ତିର ମଧ୍ୟରେ ଅବସ୍ଥିତ ଈଶ୍ୱରଙ୍କର କର୍ମ ହୋଇହିଁ ରହିଥିବ, ଅନେକ ମଧ୍ୟରେ ଅବସ୍ଥିତ ସେହି ପରମ ଏକରହିଁ କର୍ମ ହୋଇ ରହିଥିବ; ଏବଂ ତେଣୁ ଆପଣାର ଅଲଗା ଇଚ୍ଛାର ପ୍ରତିଷ୍ଠା କିମ୍ବା ସ୍ୱତନ୍ତ୍ର ରହିବାର କୌଣସି ଦମ୍ଭଲାଗି ଏଠାରେ ଆଦୌ କୌଣସି କାରଣ ନଥିବ।

ଦିବ୍ୟ ଜ୍ଞାନ ଓ ଦିବ୍ୟ ଶକ୍ତି ତଥା ପରମା ପରାପ୍ରକୃତି ବିଜ୍ଞାନମୟ ପୁରୁଷର ମଧ୍ୟଦେଇ କାର୍ଯ୍ୟ କରିବ ଏବଂ ସେହି କ୍ରିୟାରେ ବିଜ୍ଞାନମୟ ପୁରୁଷ ସମ୍ପୂର୍ଣ୍ଣ ଭାବରେ ଅଂଶଗ୍ରହଣ କରୁଥିବ, ଏହାରି ଉପରେହିଁ ବିଜ୍ଞାନମୟ ପୁରୁଷର ସ୍ୱାତନ୍ତ୍ର୍ୟ ପ୍ରତିଷ୍ଠିତ ହୋଇ ରହିବ। ଏହି ଏକତ୍ୱାନୁଭୂତିହିଁ ତାହାକୁ ତା'ର ସେହି ସ୍ୱାତନ୍ତ୍ର୍ୟ ଆଣିଦେବ। ଅଧ୍ୟାତ୍ମ ପୁରୁଷ ଯାବତୀୟ ବିଧିନିଷେଧରୁ, ଏପରିକି ଧର୍ମାଧର୍ମର ନିଷେଧରୁ ଯେ ସମ୍ପୂର୍ଣ୍ଣ ମୁକ୍ତ ରହିଛନ୍ତି ବୋଲି ଅନେକ ସମୟରେ ଯାହା କୁହାଯାଇ ଥାଏ, ସେହି ଉକ୍ତିଟି ତାହାର ଇଚ୍ଛାଟି ସହିତ ପରମ ଶାଶ୍ୱତଙ୍କର ଇଚ୍ଛାର ଏକରୂପତା ଉପରେହିଁ ଆଧାରିତ ହୋଇ ରହିଥାଏ। ସେଠାରେ ମନୋଗତ ଯାବତୀୟ ମାପଦଣ୍ଡ କୁଆଡ଼େ ଅନ୍ତର୍ହିତ ହୋଇଯିବେ, କାରଣ ସେଠି ସେଗୁଡ଼ିକର ଆଉ କୌଣସି ଆବଶ୍ୟକତାହିଁ ନଥିବ। ଦିବ୍ୟ ପରମ ଆତ୍ମା ସହିତ ଏକରୂପତା ତଥା ସକଳ ସତ୍ତା ସହିତ ଏକରୂପତାର ଉଚ୍ଚତର ଓ ଅଧିକ ପ୍ରାମାଣିକ ବିଧାନଟି ସେଠାରେ ସେଗୁଡ଼ିକର ସ୍ଥାନାପନ୍ନ ଭାବରେ କାର୍ଯ୍ୟ କରୁଥିବ। ସେଠାରେ ସ୍ୱାର୍ଥପର ଅଥବା ସ୍ୱାର୍ଥରହିତ ହେବାର କୌଣସି ପ୍ରଶ୍ନ ନଥିବ, ଆପଣାର ଓ ଅନ୍ୟମାନଙ୍କର ବୋଲି ଭାବିବାର କୌଣସି ଅବକାଶ ନଥିବ; କାରଣ ସମସ୍ତେ କେବଳ ସେହି ଗୋଟିଏ ଆତ୍ମାରୂପେ ପରିଦୃଷ୍ଟ ଓ ଅନୁଭୂତ ହେଉଥିବେ ଏବଂ ପରମ ସତ୍ୟ ତଥା ପରମ ଶିବହିଁ ଯାହାକିଛି ହେଉ ବୋଲି ଦାବି କରୁଥିବ, କେବଳ ତାହାହିଁ କରାଯାଉଥିବ। ଏହି କର୍ମଟି ମଧ୍ୟରେ ଏକ ଅପେ-ବର୍ତ୍ତିମାନ ବିଶ୍ୱପ୍ରେମ, ସମ୍ବେଦନଶୀଳତା ଓ ଏକତ୍ୱର ଭାବ ସର୍ବତ୍ର ଭେଦ କରି ରହିଥିବ; ମାତ୍ର ସେହି ଭାବ ବା ଅନୁଭୂତି ସେହି କର୍ମରେ କେବଳ ପ୍ରବିଷ୍ଟ ହୋଇ ରହିଥିବ, ସେଥିରେ ବିଚରଣ କରୁଥିବ ଓ ତାହାକୁ ଆପଣା ରଙ୍ଗରେ ଅନୁରଞ୍ଜିତ କରି ରଖିଥିବ, ମାତ୍ର ତାହାକୁ ପୂର୍ଣ୍ଣରୂପେ ପ୍ରଭାବିତ ବା ନିୟନ୍ତ୍ରିତ କରୁ ନଥିବ। ଏହି ଅନୁଭୂତି କଦାପି ଏକ ସ୍ୱତନ୍ତ୍ର ଅନୁଭୂତିରୂପେ ଠିଆହୋଇ ବସ୍ତୁଗୁଡ଼ିକର ଅନ୍ତର୍ନିହିତ ବୃହତ୍ତର ସତ୍ୟଟିର ବିରୋଧ କରିବାକୁ ଯିବ ନାହିଁ କିମ୍ବା ଦିବ୍ୟ ପରମ

'oaob.nitrkl.ac.in' images reprocessed

ଇଚ୍ଛା ତାହାଲାଗି ଯେଉଁ ଯଥାର୍ଥ ଗତିନିୟତିର ନିରୂପଣ କରି ଦେଇଥିବ, କୌଣସି ବ୍ୟକ୍ତିଗତ ଅଭିପ୍ରାୟସିଦ୍ଧି ସକାଶେ ତାହାକୁ ସେଥିରୁ ଜୋରକରି ବିଚ୍ୟୁତ କରି ପକାଇବ ନାହିଁ। କେବଳ ଅବିଦ୍ୟା ଭିତରେହିଁ ଏହି ବିରୋଧ ବା ବିଚ୍ୟୁତିର ଅବକାଶ ଥିବ; ଅବିଦ୍ୟାର ଭୂମିରେ ପ୍ରେମ ବା ପ୍ରକୃତିଗତ ଆଉ କୌଣସି ପ୍ରବଳ ଚିତ୍ତବୃତ୍ତି ଆପଣାକୁ ଯଥାର୍ଥ ବିବେକଟିଠାରୁ ବିଚ୍ୟୁତ କରି ଦେଇ ରଖିପାରିବ; ଶକ୍ତିଠାରୁ ମଧ୍ୟ ବିଚ୍ୟୁତ ହୋଇ ରହିପାରିବ। ମାତ୍ର ଅତିମାନସ ବିଜ୍ଞାନମୟତାର ଭୂମିରେ ସକଳ ଶକ୍ତି ଓ ସାମର୍ଥ୍ୟ ପରସ୍ପରର ଅନ୍ତରଙ୍ଗ ହୋଇ ରହିଥିବେ ଏବଂ ଠିକ୍ ଗୋଟିଏ ଶକ୍ତିପରି କାର୍ଯ୍ୟ କରୁଥିବେ। ବିଜ୍ଞାନମୟ ବ୍ୟକ୍ତିପୁରୁଷ ମଧ୍ୟରେ ପରମ ସତ୍ୟଜ୍ଞାନହିଁ ନେତୃତ୍ୱ ଦେଉଥିବ ଓ ସମୁଦାୟ କ୍ଷେତ୍ରଟିର ନିୟନ୍ତ୍ରଣ କରୁଥିବ ଏବଂ ସତ୍ତ୍ୱର ଅନ୍ୟାନ୍ୟ ସକଳ ଶକ୍ତି ସଂଘଟିତ ନିୟତି ସହିତ ଆସି ମିଳିତ ହେଉଥିବେ। ପ୍ରକୃତିର ବିଭିନ୍ନ ଶକ୍ତି ମଧ୍ୟରେ କୌଣସି ଦ୍ୱନ୍ଦ୍ୱ ବା ବିଷମତା ଘଟିବାର ଆଦୌ ଆଶଙ୍କା ନଥିବ। ଯାବତୀୟ କର୍ମ ମଧ୍ୟରେ ସତ୍ତ୍ୱର ଏକ ଅଦମ୍ୟ ପ୍ରେରଣାହିଁ ଆପଣାକୁ ପୂର୍ଣ୍ଣ କରିବାକୁ ଚାହୁଁଥାଏ; ଏପର୍ଯ୍ୟନ୍ତ ଯାହାର ପ୍ରକାଶ ଘଟି ନାହିଁ, ସତ୍ତ୍ୱର ସେହିଭଳି ଏକ ସତ୍ୟକୁ ପ୍ରକାଶିତ କରିବାକୁ ହୁଏ ଅଥବା ଯେଉଁ ସତ୍ୟଟି ପ୍ରକାଶିତ ହୋଇ ସାରିଛି, ତାହାକୁ ବିବର୍ତ୍ତିତ କରି ଆଣିବାକୁ ହୁଏ, ତାହାର ବୃଦ୍ଧିସାଧନ କରିବାକୁ ହୁଏ ଓ ତାହାକୁ ପରିପୂର୍ଣ୍ଣ କରିବାକୁ ହୁଏ। ଏବଂ ଯଦି ତାହା ପରିପୂର୍ଣ୍ଣ ଭାବରେ ପ୍ରକାଶିତ ହୋଇ ସାରିଥାଏ, ତେବେ ତାହାମଧ୍ୟରେ ସତ୍ତ୍ୱର ଆନନ୍ଦ ଅର୍ଥାତ୍ ଆତ୍ମସମ୍ଭୂତିର ଆସ୍ୱାଦନ କରିବାକୁ ହୁଏ। ଅବିଦ୍ୟାର ଅର୍ଦ୍ଧ-ଆଲୋକ ଓ ଅର୍ଦ୍ଧ-ସମର୍ଥତା ମଧ୍ୟରେ ସେହି ପ୍ରେରଣାଟି ଗୂଢ଼ ହୋଇ ରହିଯାଇଥାଏ, କିମ୍ବା କେବଳ ଅର୍ଦ୍ଧ-ଉନ୍ମୀଳିତ ଅବସ୍ଥାରେ ଥାଏ; ଏବଂ ତାହାକୁ ପରିପୂର୍ଣ୍ଣ କରିବାର ଆବେଗଟି ମଧ୍ୟ କେବଳ ଏକ ଅତ୍ୟନ୍ତ ଅପୂର୍ଣ୍ଣ ଆବେଗ ହୋଇ ରହିଥାଏ, କେବଳ ସଂଗ୍ରାମ କରିବାରେ ଲାଗିଥାଏ ଓ ଆଂଶିକ ଭାବରେ ପ୍ରାୟ ବ୍ୟର୍ଥପ୍ରୟାସ ହୋଇ ଗତି କରୁଥାଏ। ମାତ୍ର ବିଜ୍ଞାନମୟ ସତ୍ତ୍ୱରେ ଓ ବିଜ୍ଞାନମୟ ଜୀବନରେ ସତ୍ତ୍ୱର ଏହିସବୁ ଉତ୍ସଗତ ପ୍ରେରଣା ସେହି ଅନ୍ତର ଭିତରେହିଁ ଅନୁଭୂତ ହେବ, ଅନ୍ତରଙ୍ଗଭାବରେ ବୋଧର ଚକ୍ଷୁ ସମକ୍ଷରେ ଭାସିଉଠିବ ଓ କାର୍ଯ୍ୟରେ ପରିଣତ ହେବ। ସେଗୁଡ଼ିକର ସକଳ ସମ୍ଭାବନା ମୁକ୍ତଭାବରେ ଆପଣାକୁ ଅବତୀର୍ଣ୍ଣ କରାଇ ପାରିବେ, ପରିସ୍ଥିତିର ସତ୍ୟଟି ଅନୁସାରେ ତଥା ପରାପ୍ରକୃତି ମଧ୍ୟରେ ନିହିତ ରହିଥିବା ଅଭିପ୍ରାୟଟି ଅନୁସାରେ ସେଗୁଡ଼ିକ ସିଦ୍ଧ ବି ହୋଇପାରିବେ। ଏଗୁଡ଼ିକ ସମସ୍ତେ ଜୀବନର ଭୂମି ଉପରେ ପରିଦୃଷ୍ଟ ହେବେ ଏବଂ କର୍ମର ମଧ୍ୟଦେଇ ଆତ୍ମପ୍ରକାଶ କରିବେ; ନିଃସାରିତ ଶକ୍ତିଗୁଡ଼ିକ ମଧ୍ୟରେ କୌଣସି ଅନିଷ୍ଟିତ ସଂଘର୍ଷ କିମ୍ବା ପାରସ୍ପରିକ ଉତ୍ପୀଡ଼ନ ନଥିବ। ସେଠି ସତ୍ତ୍ୱମଧ୍ୟରେ କୌଣସି ବିସଙ୍ଗତି ନଥିବ,

'oaob.nitrkl.ac.in' images reprocessed

ଚେତନାର କ୍ରିୟାତ୍ମକତାରେ କୌଣସି ବିରୋଧ ବି ନଥିବ; ଯଥାର୍ଥ ସତ୍ୟଟି ଅନ୍ତର୍ନିହିତ ରହିଥିବାରୁ ଓ ପ୍ରକୃତିର କ୍ରିୟାତ୍ମକତା ମଧ୍ୟରେ ତାହା ସ୍ୱତଃସ୍ଫୂର୍ତ୍ତି ଭାବରେ କାର୍ଯ୍ୟ କରୁଥିବାରୁ ସେଠାରେ କୌଣସି ଯାନ୍ତ୍ରିକ ବିଧାନର ବାହ୍ୟ ମାପଦଣ୍ଡକୁ ଆଣି ଜୋରକରି ଲଦିଦେବା ଲାଗି ଆଦୌ କୌଣସି ଆବଶ୍ୟକତା ନଥିବ । କର୍ମରେ ପରିପୂର୍ଣ୍ଣ ସୌଷମ୍ୟ ରହିଥିବ, ଦିବ୍ୟ ଅଭିପ୍ରାୟଟି ସିଦ୍ଧ ହୋଇ ଉଠୁଥିବ, ବସ୍ତୁଗୁଡ଼ିକର ଅମୋଘ ସତ୍ୟଟି ଆପଣାକୁ କାର୍ଯ୍ୟକାରୀ କରାଇ ନେଉଥିବ;—ସେଠାରେ ଏହାହିଁ ଅସ୍ତିତ୍ୱର ସମଗ୍ର ଭୂମିଟିର ବିଧାନ ଏବଂ ସ୍ୱଭାବଗତ ଗତିକ୍ରିୟା ହୋଇ ରହିଥିବ ।

ପୂର୍ଣ୍ଣାଙ୍ଗ ସତ୍ତାର ଶକ୍ତିଗୁଡ଼ିକୁ ବ୍ୟବହାର କରି ଏକାତ୍ମଜ୍ଞାନ ଦ୍ୱାରା ପୁରୁଷର ବିଭୂତିକୁ ଦିବ୍ୟ ସାଧନର ଐଶ୍ୱର୍ଯ୍ୟରେ ରୂପାନ୍ତରିତ କରିଦେବା ହେଉଛି ଅତିମାନସ ଜୀବନର ରୀତି ଓ ତତ୍ତ୍ୱ । ବିଜ୍ଞାନମୟ ଚେତନାର ଅନ୍ୟାନ୍ୟ ସୋପାନରେ ଆଧ୍ୟାତ୍ମିକ ସତ୍ତା ତଥା ଚେତନାର ଏକ ସତ୍ୟ ଆପଣାକୁ ପରିପୂର୍ଣ୍ଣ କରିବ ସତ, ମାତ୍ର କ୍ରିୟାସାଧନର ଉପକରଣଟି ସେଠାରେ ଭିନ୍ନ ପ୍ରକାରର ହୋଇ ରହିଥିବ । ଏକ ଉଚ୍ଚତରମାନସିକ ସତ୍ତା ଭାବନାଗତ ସତ୍ୟର ମାଧ୍ୟମରେ କାର୍ଯ୍ୟ କରୁଥିବ, ସାମାନ୍ୟ-ବୋଧର ସତ୍ୟ ମଧ୍ୟଦେଇ କାର୍ଯ୍ୟ କରିବ ଏବଂ ସେହି ସତ୍ୟଟିକୁହିଁ ଜୀବନର କ୍ରିୟାରେ ପ୍ରତିଷ୍ଠିତ କରି ଦେଉଥିବ । ମାତ୍ର ଅତିମାନସ ବିଜ୍ଞାନମୟତାର ଭୂମିରେ ଭାବନା କେବଳ ଏକ ନିଷ୍ପନ୍ନ ହୋଇଥିବା ଗତିସ୍ପନ୍ଦନ ହୋଇ ରହିଥିବ, ସତ୍ୟଦୃଷ୍ଟିର ଏକ ରୂପାୟନମାତ୍ର ହୋଇ ରହିଥିବ, ନିୟନ୍ତ୍ରଣକାରୀ ସର୍ବପ୍ରଧାନ ପ୍ରେରକଶକ୍ତିରୂପେ କାର୍ଯ୍ୟ କରୁ ନଥିବ । ସେହି କ୍ଷେତ୍ରରେ ଭାବନା ଜ୍ଞାନର ଅଭିବ୍ୟକ୍ତି ଲାଗିହିଁ ଏକ ନିମିତ୍ତ ହୋଇ ରହିଥିବ, ମାତ୍ର ଜ୍ଞାନରେ ଉପନୀତ ହେବାର କିମ୍ବା କର୍ମର ନିମିତ୍ତ ହୋଇ ରହି ନଥିବ; ଅଥବା ଏକତ୍ୱର ଜ୍ଞାନ ଓ ସଂକଳ୍ପର କେବଳ ଏକ ଭେଦନ-ଦ୍ୱାରରୂପେ ତାହା କ୍ରିୟାମଧ୍ୟରେ ଅନୁପ୍ରବିଷ୍ଟ ହୋଇପାରିବ । ସେହିପରି ନିମ୍ନତର ବିଜ୍ଞାନଭୂମିରେ ଅବସ୍ଥିତ ଉଦ୍ଭାସିତ ମନବିଶିଷ୍ଟ ପୁରୁଷସତ୍ତାରେ ସତ୍ୟଗତ ଦୃଷ୍ଟିହିଁ କର୍ମର ସର୍ବପ୍ରଧାନ ଉତ୍ପ୍ରେରକ ହୋଇ ରହିବ ଏବଂ ବୋଧିଚେତନାସମ୍ପନ୍ନ ପୁରୁଷ-ସତ୍ତାରେ ସତ୍ୟ ସହିତ ଏକ ପ୍ରତ୍ୟକ୍ଷ ସଂସ୍ପର୍ଶ ଓ ଅନୁଭୂତିଗତ ସତ୍ୟବୋଧହିଁ ସେହି ଉତ୍ପ୍ରେରକରୂପେ କାର୍ଯ୍ୟ କରୁଥିବ । ଅଧିମାନସ ସ୍ତରରେ ବସ୍ତୁଗୁଡ଼ିକ ମଧ୍ୟରେ ନିହିତ ରହିଥିବା ସତ୍ୟର, ପ୍ରତ୍ୟେକ ବସ୍ତୁର ସତ୍ତାଗତ ତତ୍ତ୍ୱଟିର ତଥା ତାହାର ଯାବତୀୟ ଗତିଶୀଳ ପରିଣାମର ଏକ ସର୍ବଗ୍ରାହୀ ସାକ୍ଷାତ ବୋଧ ବିଜ୍ଞାନମୟ ଦୃଷ୍ଟି ଓ ବିଜ୍ଞାନମୟ ଭାବନାର ଏକ ବିପୁଳ ପ୍ରସାରକୁ ଜନ୍ମ ଦେବ ଏବଂ ହାଉଁଟି ଆଣିବ ତଥା ଜ୍ଞାନ ଓ କ୍ରିୟାଲାଗି ଏକ ମୂଳଦୁଆ ତିଆରି କରିଦେଇ ପାରିବ । ସତ୍ତାରୂପେ ଅବସ୍ଥିତ ରହିବାର, ଅବଲୋକନ କରିବାର ଓ କର୍ମ କରିବାର ଏହି ବିପୁଳତା ଏକ ଅନ୍ତର୍ନିହିତ

'oaob.nitrkl.ac.in' images reprocessed

ଏକତ୍ୱବୋଧୀ ଚେତନାର ବିଚିତ୍ର ଫଳରୂପେ ପ୍ରକଟ ହେଉଥିବ ସତ, ମାତ୍ର ସେହି ଏକତ୍ୱବୋଧଟି ଚେତନାର ମର୍ମୋପାଦାନ ଏବଂ କର୍ମର ସର୍ବମୂଳ ଶକ୍ତିରୂପେ ପୃଷ୍ଠଭାଗରେ ଆଦୌ ଅବସ୍ଥିତ ରହି ନଥିବ । ମାତ୍ର ଅତିମାନସ ବିଜ୍ଞାନମୟତାର ଭୂମିରେ ସକଳବସ୍ତୁ ମଧ୍ୟରେ ଅବସ୍ଥିତ ସତ୍ୟର ଏହି ଯାବତୀୟ ଉଦ୍ଭାସିତ ସାକ୍ଷାତ ପରିଚୟଲାଭ, ସତ୍ୟବୋଧ, ସତ୍ୟଦୃଷ୍ଟି ଓ ସତ୍ୟଭାବନା ସବୁଗୁଡ଼ିକ ଆପଣାର ମୂଳଉତ୍ସ ସେହି ଏକତ୍ୱଚେତନା ପାଖକୁ ଫେରିଯାଇ ପାରିବେ ଏବଂ ସେଠାରେ ଏକ ଅଖଣ୍ଡ ଜ୍ଞାନରୂପେ ବର୍ତ୍ତମାନ ରହିବେ । ଏହି ଏକତ୍ୱଚେତନାହିଁ ସବୁକିଛିର ନାୟକ ହୋଇ ରହିବ ଓ ସମସ୍ତଙ୍କୁ ଆପଣା ଭିତରେ ଅନ୍ତର୍ଭୁକ୍ତ କରି ରଖିବ । ସତ୍ତାର ସକଳ ଉପାଦାନରେ ଓ ତାହାର ଅଣୁପରମାଣୁରେ ଏହି ଏକତ୍ୱଚେତନା ଜ୍ଞାନରୂପେ ଆତ୍ମପ୍ରକାଶ କରିବ, ଆପଣାକୁ ପରିପୂର୍ଣ୍ଣ କରି ପାରିବାଲାଗି ତାହାମଧ୍ୟରେ ଯେଉଁ ଶକ୍ତିଟି ରହିଛି; ତାହାକୁ ପ୍ରକଟ କରିଦେବ ଏବଂ ସକ୍ରିୟ ଓ ଶକ୍ତିଶାଳୀ ଭାବରେ ଚେତନା ତଥା କର୍ମର ବିଶିଷ୍ଟ ରୂପାୟନରେ ଆପଣାକୁ ସିଦ୍ଧ କରିଦେବ । ଏହି ସ୍ୱଭାବସିଦ୍ଧ ଏକତ୍ୱଜ୍ଞାନହିଁ ଅତିମାନସ ବିଜ୍ଞାନମୟତାର ଯାବତୀୟ କ୍ରିୟାର ମୂଳ ଉତ୍ସ ଓ ମୂଳ ତତ୍ତ୍ୱ; ଏହା ଏକ ସ୍ୱୟଂସମ୍ପୂର୍ଣ୍ଣ ତତ୍ତ୍ୱ, ଏହାକୁ ରୂପାୟିତ ବା ମୂର୍ତ୍ତିମନ୍ତ କରିବାରେ ଅନ୍ୟ କୌଣସି କିଛିର ପ୍ରୟୋଜନ ହେବ ନାହିଁ । ତଥାପି ତାହାମଧ୍ୟରେ ଜ୍ୟୋତିର୍ମୟ ଦିବ୍ୟ ଦର୍ଶନ କିମ୍ବା ଜ୍ୟୋତିର୍ମୟ ଦିବ୍ୟ ମନନ ପ୍ରଭୃତି ଅଧ୍ୟାତ୍ମ ଚେତନାର ଅନ୍ୟସମସ୍ତ ଗତି ବା ବିଭୂତିର ଲୀଳା ସକାଶେ ଆଦୌ କୌଣସି ଅଭାବ ରହିବ ନାହିଁ; ସେଗୁଡ଼ିକର ନିଜର ପ୍ରଭାସ୍ୱର କ୍ରିୟାତ୍ମକତା ଲାଗି, ଏକ ଦିବ୍ୟ ଐଶ୍ୱର୍ଯ୍ୟ ତଥା ବୈଚିତ୍ର୍ୟ ଲାଗି, ଆତ୍ମପ୍ରକାଶର ବହୁ ବୈଚିତ୍ର୍ୟମୟ ଆନନ୍ଦ ଲାଗି ଏବଂ ପରମ ଅନନ୍ତଙ୍କର ନାନା ସାମର୍ଥ୍ୟଗତ ଆନନ୍ଦଟି ଲାଗି ସେଗୁଡ଼ିକ ଉନ୍ମୁକ୍ତ ସାଧନରୂପେ ବର୍ତ୍ତମାନ ରହିଥିବେ । ବିଜ୍ଞାନଭୂମିର ମଧ୍ୟବର୍ତ୍ତୀ ସୋପାନ ବା ପର୍ଯ୍ୟାୟଗୁଡ଼ିକରେ ଦିବ୍ୟ ପରମସତ୍ତା ତଥା ପରମା ପ୍ରକୃତିର ଭିନ୍ନଭିନ୍ନ ବିଭାବଗୁଡ଼ିକ ହୁଏତ ବିଭିନ୍ନ ଓ ବିଚିତ୍ର ଭାବରେ ଅଭିବ୍ୟକ୍ତ ହେବାର ଏକ ସମ୍ଭାବନା ରହିଥିବ । ପ୍ରେମର ଏକ ଆତ୍ମା ଓ ଜୀବନ, ଦିବ୍ୟ ଆଲୋକ ତଥା ଜ୍ଞାନର ଏକ ଆତ୍ମା ଓ ଜୀବନ, ଦିବ୍ୟ ସାମର୍ଥ୍ୟ, ତାହାର ଅବାଧ କ୍ରିୟା ଏବଂ ବିସୃଜନର ଏକ ଆତ୍ମା ଓ ଜୀବନ ଏବଂ ଦିବ୍ୟ ଜୀବନର ଆହୁରି ଅଗଣିତ କେତେକେତେ ରୂପ ହୁଏତ ପ୍ରକାଶିତ ହୋଇଉଠିବ । ଅତିମାନସର ସେହି ଶିଖରଦେଶରେ ଏକ ବୈଚିତ୍ର୍ୟମୟ ପରମ ଏକତ୍ୱ ମଧ୍ୟରେ ସତ୍ତା ଓ ଜୀବନର ଏକ ଚରମ ପୂର୍ଣ୍ଣାଙ୍ଗତା ସେଗୁଡ଼ିକୁ ନିଜ ଭିତରକୁ ଗ୍ରହଣ କରିନେବ । ସତ୍ତାର ସକଳ ଅବସ୍ଥା ଅର୍ଥାତ୍ ବିଭାବ ଏବଂ ଶକ୍ତିର ଏକ ଆଲୋକଉଦ୍ଭାସିତ ଆନନ୍ଦମୟ ସମାହାର ମଧ୍ୟରେ ଏବଂ ସେଗୁଡ଼ିକର ଆତ୍ମତୃପ୍ତ ଓ ନିରଙ୍କୁଶ କ୍ରିୟାତ୍ମକତା ଭିତରେ ସତ୍ତାର ପରିପୂର୍ଣ୍ଣତାଲାଭହିଁ ଏହି ବିଜ୍ଞାନମୟ ଜୀବନର ଯଥାର୍ଥ ତାତ୍ପର୍ଯ୍ୟ ହୋଇ ରହିବ ।

'oaob.nitrkl.ac.in' images reprocessed

ଅତିମାନସର ସକଳ ବିଜ୍ଞାନମୟତା ମଧ୍ୟରେ ଋତଚିତ୍‌ର ଦୁଇଟି ଧାରା ଯୁଗପତ୍‌ ଭାବରେ ରହିଛି;—ଗୋଟିଏ ହେଉଛି ଅନ୍ତର୍ନିହିତ ଆତ୍ମଜ୍ଞାନର ଏକ ଚେତନାର ଧାରା ଏବଂ ଆଉଟି ହେଉଛି, ଆତ୍ମସତ୍ତା ତଥା ବିଶ୍ୱସତ୍ତାର ଏକରୂପତା ଦ୍ୱାରା ସମ୍ଭବ ହେଉଥିବା ଅନ୍ତରଙ୍ଗ ବିଶ୍ୱଜ୍ଞାନର ଚେତନାର ଧାରା । ଏହି ଜ୍ଞାନ ହେଉଛି ବିଜ୍ଞାନମୟତାର ମାନଦଣ୍ଡ, ତାହାର ବିଶିଷ୍ଟ ସାମର୍ଥ୍ୟ । ମାତ୍ର ଏହି ଜ୍ଞାନ କେବଳ ଏକ ବିଶୁଦ୍ଧ ଧାରଣାଗତ ଜ୍ଞାନ ନୁହେଁ; ଏହା କେବଳ ଏକ ପର୍ଯ୍ୟବେକ୍ଷଣ କରୁଥିବା, ସାମାନ୍ୟ ବୋଧର କେତେକ ଗ୍ରନ୍ଥି ତିଆରି କରି ରଖୁଥିବା ଓ ସେହିଗୁଡ଼ିକୁ କାର୍ଯ୍ୟରେ ପରିଣତ କରିବାକୁ ଚେଷ୍ଟା କରୁଥିବା ଚେତନା ମଧ୍ୟ ନୁହେଁ । ଏହା ହେଉଛି ଚେତନାର ଏକ ସ୍ୱରୂପଗତ ଆଲୋକ, ସତ୍ତା ତଥା ସମ୍ଭୂତିଗତ ସକଳ ସତ୍ୟର ଆତ୍ମଗତ ଜ୍ୟୋତି ଏବଂ ଆପଣାକୁ ନିରୂପିତ, ରୂପାୟିତ ତଥା ଫଳଦାୟୀ ଭାବରେ ପ୍ରତିଷ୍ଠିତ କରି ପାରୁଥିବା ସତ୍ତାର ଆତ୍ମଗତ ସତ୍ୟ । କେବଳ ଜାଣିବାହିଁ ଏହି ରୂପାୟନର ମୂଳ ଅଭିପ୍ରାୟ ନୁହେଁ, ସତ୍ତାକୁ ଧାରଣ କରିବା ହେଉଛି ଏହାର ଯଥାର୍ଥ ଉଦ୍ଦେଶ୍ୟ । ଜାଣିବା କହିଲେ କେବଳ ସତ୍ତାଗତ କ୍ରିୟାଶୀଳ ଚେତନାର ନୈମିତ୍ତିକତାକୁହିଁ ବୁଝାଇବ । ଏହି ପୃଥିବୀରେ ବିଜ୍ଞାନମୟ ଜୀବନର ସଞ୍ଚାର କହିଲେ ସର୍ବଦା ଏହି କଥାକୁହିଁ ବୁଝାଇବ;—ଋତଚିନ୍ମୟ ସତ୍ତାର ଏକ ଅଭିବ୍ୟକ୍ତ ଅର୍ଥାତ୍‌ ଲୀଳାକୁ ବୁଝାଇବ, ସକଳ ବସ୍ତୁରେ ଆପଣାରହିଁ ସଚେତନ୍‌ ଲାଭ କରିବାକୁ ସମର୍ଥ ସତ୍ତାକୁ ବୁଝାଇବ; ପ୍ରାକୃତ ଜୀବମାନଙ୍କ ପରି ତାହାର ଚେତନା କଦାପି ଆତ୍ମହରା ହୋଇ ପଡ଼ିବ ନାହିଁ, ରୂପ ଓ କ୍ରିୟା ମଧ୍ୟରେ ଏକାନ୍ତ ଭାବରେ ନିମଜ୍ଜିତ ହୋଇପଡ଼ି ତାହା ଆପଣାର ଯଥାର୍ଥ ଅସ୍ତିତ୍ୱଟି ବିଷୟରେ ଆଉ ଆତ୍ମବିସ୍ମୃତ ଅଥବା ଅର୍ଦ୍ଧବିସ୍ମୃତ ହୋଇ ରହିବ ନାହିଁ, ମାତ୍ର ଆପଣାର ପୂର୍ଣ୍ଣମୁକ୍ତ ପରିପ୍ରକାଶ ଲାଗି ତାହା ଏକ ବିମୋଚିତ ଆଧ୍ୟାତ୍ମିକ ସାମର୍ଥ୍ୟଦ୍ୱାରା ରୂପ ତଥା କ୍ରିୟାକୁ ସର୍ବଦା କାମରେ ଲଗାଇ ପାରୁଥିବ । ତାହା ଆଉ ଆପଣାର ଗୁପ୍ତ ବା ବିସ୍ମୃତ ବା ଆବରଣସ୍ଥ ଓ ଲୁକ୍କାୟିତ ତାତ୍ପର୍ଯ୍ୟଟିକୁ ବା ତାତ୍ପର୍ଯ୍ୟଗୁଡ଼ିକୁ ଅନ୍ୱେଷଣ କରି ବୁଲିବ ନାହିଁ, କୌଣସି ପ୍ରକାରେ ପାଶବଦ୍ଧ ହୋଇ ରହିବ ନାହିଁ, ମାତ୍ର ନିଶ୍ଚେତନା ତଥା ଅବିଦ୍ୟା ମଧ୍ୟରୁ ସମ୍ପୂର୍ଣ୍ଣ ଭାବରେ ମୁକ୍ତ ହୋଇ ଆସିଥିବ; ଆପଣାର ଯାବତୀୟ ସତ୍ୟ ଓ ସାମର୍ଥ୍ୟ ବିଷୟରେ ତାହାର ପରିପୂର୍ଣ୍ଣ ସଚେତନ୍‌ ରହିଥିବ । ଆପଣାର ବିଶ୍ୱାତ୍ମକ ପରମ ସତ୍ୟଟି ସହିତ ସକଳ ବିଶଦତାରେ ସତତ ସମ୍ମିଳିତ ତଥା ଛନ୍ଦୋବଦ୍ଧ ହୋଇ ରହିଥିବା ଏକ ଗତିସ୍ପନ୍ଦନ ଦ୍ୱାରା ତାହା ସମ୍ପୂର୍ଣ୍ଣ ମୁକ୍ତ ଭାବରେ ଆପଣାର ଯାବତୀୟ ରୂପାୟନର ନିର୍ଦ୍ଧାରଣ କରି ପାରୁଥିବ; ଆପଣାର ଉପାଦାନ, ଚେତନା, ଅସ୍ତିତ୍ୱଗତ ସାମର୍ଥ୍ୟ ତଥା ଅସ୍ତିତ୍ୱରେ ରହିବାର ଆନନ୍ଦର ଲୀଳାଟିକୁ ମଧ୍ୟ ନିୟନ୍ତ୍ରିତ ଓ ପରିଚାଳିତ କରିବାଲାଗି ସତତ ସମର୍ଥ ହୋଇ ରହିଥିବ ।

'oaob.nitrkl.ac.in' images reprocessed

ବିଜ୍ଞାନମୟ ବିବର୍ତ୍ତନରେ ସତ୍ତାର ଚେତନା, ଶକ୍ତି ତଥା ଆନନ୍ଦର ସ୍ଥିତି, ଅବସ୍ଥା ଏବଂ ସୌଷମ୍ୟସ୍ୱଭାବରେ ମଧ୍ୟ ସବୁବେଳେ ଏକ ବିପୁଳ ବୈଚିତ୍ର୍ୟ ରହିବ । ବିବର୍ତ୍ତନଶୀଳ ଅତିମାନସ ଆଧାର ଉପରକୁ ଆରୋହଣ କରି ଆପଣାର ସ୍ୱକୀୟ ଶିଖରଗୁଡ଼ିକୁ ଉଠିଯାଉଥିବାବେଳେ ସମନ୍ୱୟକ୍ରମେ ସ୍ୱଭାବତଃ ଅନେକ ସୋପାନର ଆବିର୍ଭାବ ହେଉଥିବ । ମାତ୍ର ପ୍ରତ୍ୟେକ ସୋପାନରେ ସେହି ଏକ ଭିତ୍ତି ରହିଥିବ ଓ ସେହି ଗୋଟିଏ ସାଧାରଣ ତତ୍ତ୍ୱ କାର୍ଯ୍ୟ କରୁଥିବ । ପରମ ଚିଦ୍‌ସତ୍ତା ଆପଣାକୁ ପ୍ରକଟ ଓ ଅଭିବ୍ୟକ୍ତ କରିବାର ପର୍ବରେ ସତ୍ତାପୁରୁଷ ଆପଣାର ସବୁକିଛିକୁ ଜାଣିଥିଲେ ମଧ୍ୟ ଆପଣାର ସାକ୍ଷାତ ସମଗ୍ର ଶକ୍ତି ଓ ଆତ୍ମପ୍ରକାଶର ସମୁଦାୟ ସମ୍ଭାବନାଟିକୁ ପ୍ରକାଶର କ୍ଷେତ୍ରରେ ବାସ୍ତବ ରୂପାୟନ ଓ କ୍ରିୟା ମଧ୍ୟରେ ପୁରୋଭାଗରେ ଆଣି ଉପସ୍ଥାପିତ କରିବାଲାଗି ବାଧ୍ୟ ହେବ ନାହିଁ; ସେ କେବଳ ଏକ ପୁରୋଭାଗସ୍ଥ ଆତ୍ମ-ଅଭିବ୍ୟକ୍ତିକୁହିଁ ଉନ୍ମୀଳିତ କରି ଧରି ରଖିବ ଏବଂ ଆତ୍ମସତ୍ତାର ଏକ ଅନଭିବ୍ୟକ୍ତ ଆନନ୍ଦାବେଶ ଭିତରେ ଅବଶିଷ୍ଟ ସବୁକୁ ପ୍ରତ୍ୟାହୃତ କରି ରଖିବ । ମାତ୍ର ପଶ୍ଚାଦ୍‌ଦେଶରେ ଅବସ୍ଥିତ ସେହିସବୁ ଓ ତାହାର ଆନନ୍ଦ ବହିଃପ୍ରକାଶର ପୁରୋଭାଗରେ ଦେଖିପାରିବ ଓ ତାହାର ମଧ୍ୟରେ ନିଜକୁ ଜାଣିପାରିବ ଏବଂ ଆପଣାର ସାନ୍ନିଧ୍ୟ, ସମଗ୍ରତାର ଅନୁଭୂତି ଓ ଅନନ୍ତତା ଦ୍ୱାରା ପ୍ରକାଶିତ ଓ ଅଭିବ୍ୟକ୍ତ ଜଗତଟିକୁ ପରିପ୍ଲାବିତ କରି ରଖିବ, ତାହାକୁ ସୁପ୍ରତିଷ୍ଠ କରି ରଖିବ । ଏହିପରି ଭାବରେ ପୁରୋଭାଗରେ ରୂପାୟିତ ହେବା ଏବଂ ଅବଶିଷ୍ଟସବୁ ଅଂଶଟିକୁ ରୂପାୟନର ପଛରେ ତନ୍ମଧ୍ୟସ୍ଥ ଶକ୍ତିଦ୍ୱାରା ଧାରଣ କରି ରଖିବା,—ଏଇଟି ହେଉଛି ଆତ୍ମଜ୍ଞାନର କ୍ରିୟା, ଅବିଦ୍ୟାର କ୍ରିୟା ନୁହେଁ; ଏହା ଅତିଚେତନାରହିଁ ଏକ ଜ୍ୟୋତିର୍ମୟ ଆତ୍ମପ୍ରକାଶ, ନିଶ୍ଚେତନାର କୌଣସି ଉତ୍‌କ୍ଷେପମାତ୍ର ନୁହେଁ । ବିଜ୍ଞାନମୟ ଚେତନା ତଥା ବିଜ୍ଞାନଗତ ଜୀବନର ବିବର୍ତ୍ତନଗତ ସୌନ୍ଦର୍ଯ୍ୟ ଓ ପୂର୍ଣ୍ଣତା ମଧ୍ୟରେ ଏକ ବିପୁଳ ସୌଷମ୍ୟମଣ୍ଡିତ ବୈଚିତ୍ର୍ୟହିଁ ଏହିପରି ଭାବରେ ଏକ ଉପାଦାନ ହୋଇ ରହିବ । ବିଜ୍ଞାନମୟ ବିବର୍ତ୍ତନର ଅପେକ୍ଷାକୃତ ଅଧିକ ନିମ୍ନରେ ଥିବା ସୋପାନଗୁଡ଼ିକର ସମ୍ମୁଖୀନ ହେବାପରି ଆପଣାର ଚତୁଷ୍ପାର୍ଶ୍ୱରେ ଅବସ୍ଥିତ ଅବିଦ୍ୟାଗତ ମନଟିର ସମ୍ମୁଖୀନ ହେବା ସମୟରେ ମଧ୍ୟ ଅତିମାନସ ଜୀବନ ଆପଣାର ସତ୍ତାଗତ ପରମସତ୍ୟଟିର ଏହି ଅନ୍ତର୍ନିହିତ ଶକ୍ତି ତଥା ଗତିସ୍ପନ୍ଦନକୁ ମଧ୍ୟ କାମରେ ଲଗାଇବ; ସେହି ସମଗ୍ର ଓ ପୂର୍ଣ୍ଣାଙ୍ଗ ସତ୍ୟର ଆଲୋକ-ମଣ୍ଡଳ ଭିତରେ ତାହା ଆପଣାର ସତ୍ତାଗତ ସତ୍ୟଟିକୁ ଅବିଦ୍ୟା ପଛରେ ଗୂଢ଼ ହୋଇ ରହିଥିବା ସତ୍ତାଗତ ସତ୍ୟଟି ସହିତ ସମ୍ବନ୍ଧିତ କରାଇଦେବ । ସର୍ବସମାବେଶୀ ସେହି ଚିନ୍ମୟ ଏକତ୍ୱର ଭୂମି ଉପରେହିଁ ସେ ନିଜର ଯାବତୀୟ ସମ୍ବନ୍ଧକୁ ପ୍ରତିଷ୍ଠିତ କରି ରଖିବ ଏବଂ ଅଭିବ୍ୟକ୍ତ ସକଳ ବିଭିନ୍ନତା ଓ ବିଶିଷ୍ଟତାକୁ ଗ୍ରହଣ କରିନେଇ ସେଥିରେ ସୌଷମ୍ୟ ଆଣିଦେବ । ବିଜ୍ଞାନଚେତନାର ପରମାଲୋକ ସକଳ ପରିସ୍ଥିତିରେ

'oaob.nitrkl.ac.in' images reprocessed

ପ୍ରତ୍ୟେକଟିକୁ ପ୍ରତ୍ୟେକଟି ସହିତ ଯଥାର୍ଥ ସମ୍ବନ୍ଧରେ ସଂଯୁକ୍ତ କରି ରଖିବ, ସେଗୁଡ଼ିକୁ ଯଥାର୍ଥ ନିୟମ ଓ ପ୍ରକ୍ରିୟାଦ୍ୱାରା ପ୍ରେରିତ କରାଇ ରଖିବ। ବିଜ୍ଞାନଚେତନାର ସାମର୍ଥ୍ୟ ଓ ପ୍ରଭାବ ଅପେକ୍ଷାକୃତ ଅଧିକ ବିକଶିତ ତଥା ଅଳ୍ପ-ବିକଶିତ ଜୀବନକୁ ଯଥାର୍ଥ ସମ୍ବନ୍ଧରେ ବାନ୍ଧି ରଖିବ, ଆପଣାର ପ୍ରଭାବଶାଳିତା ବଳରେ ନିମ୍ନସ୍ତରର ଅସ୍ତିତ୍ୱଭୂମିରେ ଏକ ବୃହତ୍ତର ସୌଷମ୍ୟ ସ୍ଥାପନା କରି ରଖିବ ଏବଂ ଐକ୍ୟଭାବର ବିପୁଳ ସଙ୍ଗଠ ମଧ୍ୟରେ ସେଗୁଡ଼ିକୁ ସମସ୍ତଙ୍କୁ ସଫଳ କରାଇଦେବ।

ଆରୋହଧର୍ମୀ ବିବର୍ତ୍ତନର କ୍ରମଟି ଯେଉଁଠାରେ ଅଧିମାନସର ବାଡ଼ ଡେଇଁ ଅତିମାନସ ବିଜ୍ଞାନମୟତାର ଭୂମିରେ ପ୍ରବିଷ୍ଟ ହୋଇଥାଏ; ଆମର ମନୋଗତ ଧାରଣା ଓ କଳନା ଦେଇ ଆମେ କେବଳ ସେହି ପର୍ଯ୍ୟନ୍ତହିଁ ତାହାର ଅନୁସରଣ କରିପାରିବା; ଏବଂ ସେପର୍ଯ୍ୟନ୍ତ ଏହାହିଁ ବିଜ୍ଞାନମୟ ବ୍ୟକ୍ତିପୁରୁଷର ସତ୍ତା, ଜୀବନ ତଥା କର୍ମର ପ୍ରକାଶରୂପ ହୋଇ ରହିବ। ବିଜ୍ଞାନମୟତାର ଏହି ପ୍ରକୃତିହିଁ ନିଶ୍ଚିତ ଭାବରେ ବିଜ୍ଞାନମୟ ପୁରୁଷମାନଙ୍କର ଜୀବନ ଅଥବା ସମଷ୍ଟିଗତ ଜୀବନର ଯାବତୀୟ ସମ୍ବନ୍ଧକୁ ନିରୂପିତ କରିବ, କାରଣ ଯେକୌଣସି ବିଜ୍ଞାନମୟ ଗୋଷ୍ଠୀ ବା ସମୂହ କେବଳ ସେହି ପରମ ଋତଚିତ୍‌ର ସମଷ୍ଟୀଭୂତ ଆତ୍ମଶକ୍ତି ବ୍ୟତୀତ ଆଉକିଛି ହୋଇ ରହିବ ନାହିଁ; ବିଜ୍ଞାନମୟ ବ୍ୟକ୍ତିପୁରୁଷ ଯେପରି ସେହି ଋତଚିତ୍‌ର ଏକ ବ୍ୟକ୍ତିଭାବ-ପ୍ରବିଷ୍ଟ ଆତ୍ମଶକ୍ତି ବ୍ୟତୀତ ଆଉକିଛି ହୋଇ ରହିବ ନାହିଁ, ଠିକ୍ ସେହିପରି। ବିଜ୍ଞାନମୟ ଗୋଷ୍ଠୀଜୀବନ ମଧ୍ୟରେ ଜୀବନ ଠିକ୍ ସେହିପରି ଭାବରେ ପୂର୍ଣ୍ଣାଙ୍ଗପ୍ରାପ୍ତ ହୋଇଥିବ, ତାହାର କର୍ମ ମଧ୍ୟ ସେହିଭଳି ପୂର୍ଣ୍ଣ ସମ୍ମିଳିତତା ଲାଭ କରିଥିବ, ସତ୍ତାର ଚେତନାମୟ ଏକତ୍ୱଟି ଠିକ୍ ସେହିପରି ଭାବରେ ଉପଲବ୍ଧ ହୋଇଥିବ; ତାହା ଭିତରେ ଠିକ୍ ସେହି ସ୍ୱତଃସ୍ଫୂର୍ତ୍ତିତା ବିଦ୍ୟମାନ ଥିବ, ସେହି ଅନ୍ତରଙ୍ଗ ଏକତ୍ୱାନୁଭବ ଓ ଆପଣାକୁ ତଥା ପରସ୍ପରକୁ ନେଇ ସେହି ଏକ ତଥା ପାରସ୍ପରିକ ସତ୍ୟଦୃଷ୍ଟି ଓ ସତ୍ୟବୋଧ ବର୍ତ୍ତମାନ ରହିଥିବ; ପ୍ରତ୍ୟେକ ସହିତ ପ୍ରତ୍ୟେକଙ୍କର ଏବଂ ସମୂହ ସହିତ ସମସ୍ତଙ୍କର ସମ୍ବନ୍ଧରେ ଠିକ୍ ସେହି ସତ୍ୟହିଁ କ୍ରିୟାଶୀଳ ହୋଇ ରହିଥିବ। ଏହି ଗୋଷ୍ଠୀ ବା ସମୂହ ସେତେବେଳେ ଏକ ଯନ୍ତ୍ରବତ୍ ଏକକତା ପରି ନହୋଇ ବା କାର୍ଯ୍ୟ ନକରି ଏକ ଆଧ୍ୟାତ୍ମିକ ଏକକତା ପରି ହେବ ଓ କାର୍ଯ୍ୟ କରିବ। ସେତେବେଳେ ସମୂହଗତ ସେହି ଜୀବନରେ ସ୍ୱାଧୀନତା ଓ ଶୃଙ୍ଖଳାର ଏକତ୍ର ସମ୍ମିଳନ ସେହିପରି ଭାବରେ ଅନିବାର୍ଯ୍ୟ ହୋଇ ରହିବ। ପରମ ଅନନ୍ତସତ୍ତା ଦିବ୍ୟ ଅନେକ ଆତ୍ମାଙ୍କୁ ନେଇ ଯେଉଁ ବିଚିତ୍ର ଲୀଳାଗତ ସ୍ୱାଧୀନତାର ପରିଚୟ ଦେଇଥା'ନ୍ତି, ଏହା ସେହିଭଳି ଏକ ସ୍ୱାଧୀନତା ହୋଇ ରହିବ। ଅତିମାନସ ସେହି ପରମ ଅନନ୍ତଙ୍କର ବିଧାନରୂପେ ଯେଉଁ ଶୃଙ୍ଖଳା ଓ ବ୍ୟବସ୍ଥା ସଚେତନ ଭାବରେ ସକଳ

'oaob.nitrkl.ac.in' images reprocessed

ଆତ୍ମାକୁ ଏକାଠି ବାନ୍ଧି ରଖିଥାଏ, ଏହା ସେହିଭଳି ଏକ ଶୃଙ୍ଖଳା ଓ ବ୍ୟବସ୍ଥା ହୋଇ ରହିବ । ଏକତ୍ୱର ଏହି କଳ୍ପନାଟିକୁ ଯେତେବେଳେ ଆମେ ଆମ ମନର ପଟ୍ଟ ଉପରେ ପ୍ରତିଫଳିତ କରି ଦେଖିବାକୁ ଯାଉ, ସେତେବେଳେ ସେଗୁଡ଼ିକୁ ସତେଅବା କେବଳ ଗୋଟିଏ ଗ୍ରନ୍ଥିରେହିଁ ଗୁଳାହୋଇ ରହିଥିବା ପରି ଦେଖିବାକୁ ପାଉ । ଆପଣାର ଯୁକ୍ତି ଓ ବୁଦ୍ଧିସମ୍ବଳିତ ସକଳ ବିବେକ ଦେଇ ମନ ଯାହାକୁ ଏକ ପରିପୂର୍ଣ୍ଣ ଏକତ୍ୱରୂପେ ପ୍ରତିଷ୍ଠିତ କରି ରଖିବାକୁ ଯାଉଥାଏ, ତାହା ଆପଣାର ଏକମାତ୍ର ସାଧନରୂପେ କେବଳ ଏକ ଅଧିକରୁ ଅଧିକ ପରିପୂର୍ଣ୍ଣ ସମରୂପତା ଆଡ଼କୁ ଅଗ୍ରସର ହେଉଥାଏ । ସେହି କ୍ଷେତ୍ରରେ କେବଳ ଅତି ସାମାନ୍ୟ କେତେକ ଭିନ୍ନତା ଓ ଭେଦକୁ କ୍ରିୟାଶୀଳ ରହିବାକୁ ଦିଆଯାଏ । ମାତ୍ର ବିଜ୍ଞାନମୟ ଜୀବନର ବିଧାନରେ ଏକତ୍ୱର ଆତ୍ମପ୍ରକାଶ ମଧ୍ୟରେ ବହୁବିପୁଳ ବୈଚିତ୍ର୍ୟମୟତାହିଁ ତାହାର ଏକ ଐଶ୍ୱର୍ଯ୍ୟ ହୋଇ ସବୁବେଳେ ରହିବ । ବିଜ୍ଞାନଚେତନାରେ ପାର୍ଥକ୍ୟର ଅବସ୍ଥିତିରୁ ଆଦୌ କୌଣସି ବିସଙ୍ଗତି ନିଷ୍ପନ୍ନ ହେବ ନାହିଁ, ତାହା ସ୍ୱତଃସ୍ଫୂର୍ତ୍ତି ସର୍ବସ୍ୱୀକାରୀ ସ୍ୱାଭାବିକତା ଆଡ଼କୁ ଅଗ୍ରସର କରାଇନେବ, ପରସ୍ପରର ଅନୁପୂରକ ଏକ ପରିପୂର୍ଣ୍ଣତା ଆଡ଼କୁ ପ୍ରେରିତ କରିନେବ; ଗୋଷ୍ଠୀ ବା ସମୂହର ଜୀବନରେ ଯାହାକିଛି ଜାଣିବାକୁ, କାର୍ଯ୍ୟାନ୍ୱିତ କରିବାକୁ ବା ଫୁଟାଇବାକୁ ହେବ, ସେଠାରେ ତାହା ସମ୍ଭବ ତଥା ଅନେକମୁଖୀ ହୋଇ ସଂସାଧିତ ହେଉଥିବ । କାରଣ ଏହି କ୍ଷେତ୍ରରେ ମନ ଓ ପ୍ରାଣର ଭୂମି ଉପରେ ଯେଉଁ ବାଧାଟି ଆସି ଉପସ୍ଥିତ ହୋଇଥାଏ, ତାହା କେବଳ ଅହଂଦ୍ୱାରାହିଁ ସମ୍ଭବ ହୋଇଥାଏ; ଅହଂ ପ୍ରତ୍ୟେକ ପଦାର୍ଥକୁ ତଦନ୍ତର୍ଗତ ନାନା ଅଂଶରେ ଭାଗ ଭାଗ କରି ରଖିଦିଏ, ଏବଂ ସେହି ଅଂଶଗୁଡ଼ିକ ପରସ୍ପରର ବିରୋଧୀ, ବିପରୀତ ତଥା ବିଷମ ତତ୍ତ୍ୱ ହିସାବରେ ଆସି ଦେଖାଦେବାରେ ଲାଗନ୍ତି । ସେଗୁଡ଼ିକୁ ପରସ୍ପରଠାରୁ ବିଚ୍ଛିନ୍ନ କରିଦେଉଥିବା ସକଳ ଉପାଦାନଗୁଡ଼ିକହିଁ ସବୁଠାରୁ ଅଧିକ ସହଜରେ ଓ ସ୍ପଷ୍ଟଭାବରେ ଅନୁଭୂତ ହୁଅନ୍ତି, ସବୁଠାରୁ ଅଧିକ ଦୃଢ଼ ଭାବରେ ପ୍ରତିଷ୍ଠିତ ହୋଇ ରହନ୍ତି ଓ ସବୁଠାରୁ ଅଧିକ ମହତ୍ତ୍ୱପୂର୍ଣ୍ଣ ବୋଲି ଘୋଷିତ ହୁଅନ୍ତି । ମାତ୍ର ଯେଉଁସବୁ ସ୍ଥଳରେ ବା ଉପାଦାନରେ ସେଗୁଡ଼ିକ ପରସ୍ପର ସହିତ ଆସି ସମ୍ମିଳିତ ହୁଅନ୍ତି, ଯାହାକିଛି ସେଗୁଡ଼ିକର ଆପାତଭେଦର ବୈଚିତ୍ର୍ୟଗୁଡ଼ିକୁ ଏକାଠି ବାନ୍ଧି ରଖିଥାଏ, ସେଗୁଡ଼ିକ ପ୍ରଧାନତଃ ଆମର ଦୃଷ୍ଟି ବାହାରେ ରହୁଥାଏ ବା ଅତ୍ୟନ୍ତ ଆୟାସ ସହକାରେହିଁ ସେଗୁଡ଼ିକୁ ଠଉରାଇ ପାରିବା ସମ୍ଭବ ହୁଏ । ଏହି କ୍ଷେତ୍ରରେ ଯାହାକିଛି କରାଯାଏ, ଭେଦଗୁଡ଼ାକୁ ଲଙ୍ଘିଯାଇ ଅଥବା ସେଗୁଡ଼ିକ ମଧ୍ୟରେ କୌଣସି ଏକ ଅନୁକୂଳନ ଆଣାଇ ଓ ତଦ୍ଦ୍ୱାରା ଏକ କୃତ୍ରିମ ଏକତାର ସୃଷ୍ଟି କରି ତାହା କରାଯାଇଥାଏ । ମାତ୍ର ତଥାପି ସବୁକିଛି ପଛରେ ଏକତ୍ୱର ଏକ ଭିତ୍ତିଗତ ସତ୍ୟ ସର୍ବଦା ପ୍ରଚ୍ଛନ୍ନ ଓ ଅନ୍ତର୍ନ୍ୟସ୍ତ ହୋଇ ରହିଥାଏ ଏବଂ ଯେକୌଣସି ଏକତାର

'oaob.nitrkl.ac.in' images reprocessed

ସ୍ଥାପନା ସମୟରେ ପ୍ରକୃତି ସେଇଟିର ଉନ୍ମେଷ ଘଟାଇବାରେ ଅତ୍ୟନ୍ତ ଜୋର ଦେଇଥାଏ । କାରଣ ଏହି ପ୍ରକୃତି ଭିତରେ ଏକାଧାରରେ ସାମୂହିକତାର ଧର୍ମ ରହିଛି, ଗୋଷ୍ଠୀଗତତାର ବି ଧର୍ମ ରହିଛି ଏବଂ ତାହା ସଙ୍ଗେ ସଙ୍ଗେ ବ୍ୟକ୍ତିସ୍ୱର ତଥା ଅହଂଗତତାର ବି ଧର୍ମ ରହିଛି; ଆପଣାର ସାଧନ ବା ଉପାୟରୂପେ ପ୍ରକୃତି ସଙ୍କଳ୍ପସା, ସହାନୁଭୂତି, ସାଧାରଣ ଆବଶ୍ୟକତା ଓ ସାଧାରଣ ସ୍ୱାର୍ଥ, ଆକର୍ଷଣ ଓ ଆତ୍ମୀୟତାବୋଧର ବ୍ୟବହାର କରିଥାଏ ଏବଂ ଆବଶ୍ୟକ ହେଲେ କେତେ ନୃଶଂସ ଉପାୟର ଅବଲମ୍ବନ କରି ମଧ୍ୟ ଐକ୍ୟର ପ୍ରତିଷ୍ଠା କରିବାରେ ପ୍ରବୃତ୍ତ ହୋଇଥାଏ । ମାତ୍ର ଏକ ଗୌଣ ତତ୍ତ୍ୱ ହିସାବରେ ତାହା ଉପରେ ଆରୋପିତ ହୋଇ ରହିଥିବା ଓ ଆପଣା ପ୍ରାଧାନ୍ୟରେ ଅତ୍ୟନ୍ତ ପ୍ରବଳ ହୋଇ ଉଠିଥିବା ତାହାର ଅହଂଜୀବନ ତଥା ଅହଂପ୍ରକୃତିଗତ ଭିତ୍ତିଟି ଏହି ଭିତ୍ତିଟିକୁ ସତେଅବା ଗୋଟାସୁଦ୍ଧା ଆବୋରି ରହିଥାଏ ବା ଆଚ୍ଛନ୍ନ କରି ବସିଥାଏ ଏବଂ ଏହାର ସକଳ ସଂରଚନକୁ ନାନା ଅପୂର୍ଣ୍ଣତା ଓ ଅନିଶ୍ଚିତତା ଦ୍ୱାରା ସଙ୍କଟାପନ୍ନ କରି ରଖିଥାଏ । ପୁଣି ସେହି କ୍ଷେତ୍ରରେ ବୋଧଚେତନା ତଥା ପ୍ରତ୍ୟକ୍ଷ ଅନ୍ତର୍ଗତ ସଂସ୍ପର୍ଶ ଅନୁପସ୍ଥିତ ଥିବାରୁ ଅଥବା ଅପୂର୍ଣ୍ଣଭାବେ କାର୍ଯ୍ୟକାରୀ କରୁଥିବାରୁ ଆହୁରି ଏକ ବାଧା ଆସି ଉପସ୍ଥିତ ହୁଏ; ତାହା ପ୍ରତ୍ୟେକକୁ ଏକ ବିଚ୍ଛିନ୍ନ ଓ ଅଲଗା ଭାବରେ ପରିଣତ କରି ରଖିଥାଏ, ସେମାନେ କେବଳ ନାନା ଆୟାସ ଓ କଷ୍ଟସ୍ୱୀକାର ଦ୍ୱାରାହିଁ ପରସ୍ପରର ସଙ୍ଗ ତଥା ପ୍ରକୃତି ସହିତ ପରିଚିତ ହେବାର ଚେଷ୍ଟା କରିବାକୁ ବାଧ୍ୟ ହୁଅନ୍ତି ଏବଂ ଅନ୍ତର୍ଗତ ଭାବରେ ଏକ ପ୍ରତ୍ୟକ୍ଷ ଅନୁଭବ ଓ ବୋଧର ପରିବର୍ତ୍ତେ ସେମାନେ କେବଳ ବାହାରେ ଆଇହିଁ ପରସ୍ପରକୁ ବୁଝିବାକୁ, ପରସ୍ପରର ସମ୍ବନ୍ଧଟିକୁ ଅନୁଭବ କରିବାକୁ ଏବଂ ପରସ୍ପରକୁ ଏକ ସମନ୍ୱୟ ମଧ୍ୟରେ ଦେଖିବାକୁ ଚେଷ୍ଟା କରୁଥା'ନ୍ତି । ଫଳରେ ମନ ଓ ପ୍ରାଣର ଭୂମି ଉପରେ ଯେତେବେଳେ ଯାହାକିଛି ଆଦାନପ୍ରଦାନ ହୁଏ, ତାହା କେବଳ ବାଧାପ୍ରାପ୍ତ ହୋଇ ରହିଥାଏ, ଅହଂକଳୁଷ ଦ୍ୱାରା କଳୁଷିତ ହୋଇ ରହିଥାଏ ଏବଂ ପାରସ୍ପରିକ ଅବିଦ୍ୟାର ଆବରଣଟି ଦ୍ୱାରା କେବଳ ଅପୂର୍ଣ୍ଣ ଓ ଦୋଷଯୁକ୍ତ ହୋଇ ରହିବାକୁ ବାଧ୍ୟ ହୁଏ । ମାତ୍ର ବିଜ୍ଞାନମୟ ସମୂହଜୀବନରେ ଯାବତୀୟ ତତ୍ତ୍ୱକୁ ଗୋଟିଏ ପୂର୍ଣ୍ଣାଙ୍ଗତା ମଧ୍ୟରେ ପରିପୂର୍ଣ୍ଣ କରି ରଖିଥିବା ସତ୍ୟବୋଧ ତଥା ବିଜ୍ଞାନମୟ ପ୍ରକୃତିର ସର୍ବସଂବାଦୀ ଏକତ୍ୱଧର୍ମିତା ସକଳ ବୈଚିତ୍ର୍ୟ ଓ ଆପାତଭେଦକୁ କେବଳ ଏକ ସ୍ୱଚ୍ଛନ୍ଦ ଐଶ୍ୱର୍ଯ୍ୟଶାଳିତାରୂପେହିଁ ଆପଣା ଭିତରେ ବହନ କରି ରହିଥିବ ଏବଂ ଭାବନା, କ୍ରିୟା ତଥା ଅନୁଭୂତିର ଏକ ଅନେକରୂପ ସମଷ୍ଟିକୁ ଏକ ଜ୍ୟୋତିର୍ମୟ ଓ ଜୀବନପ୍ରତିଷ୍ଠ ସମଗ୍ରତାରେ ରୂପାନ୍ତରିତ କରିଦେବ । ପରମ ଋତଚେତନାର ସ୍ୱଭାବଗତ ପ୍ରକୃତିର ଏହାହିଁ ଏକାନ୍ତ ଓ ନିଶ୍ଚିତ ତତ୍ତ୍ୱ ହୋଇ ରହିବ, ସେଥିରୁ ଅତି ଅନିବାର୍ଯ୍ୟରୂପେ ଏହି ପରିଣାମହିଁ ନିଷ୍ପନ୍ନ ହୋଇ ଆସିବ । ପରମ ଋତଚେତନା ଗତିଶୀଳ ଭାବରେ ସକଳ ସତ୍ତାର ଯେଉଁ ଆଧ୍ୟାତ୍ମିକ



'oaob.nitrkl.ac.in' images reprocessed

ଉପଲବ୍ଧି ହାସଲ କରିଥାଏ, ସେଇଥିରୁହିଁ ଏହା ନିଷ୍ପନ୍ନ ହୋଇ ଆସିବ। ଏହି ଉପଲବ୍ଧିକୁ ଆମେ ଜୀବନରେ ପୂର୍ଣ୍ଣତା ଆଣିବାଲାଗି ସର୍ବପ୍ରଧାନ ଚାବିକାଠି ବୋଲି ଜାଣିବା; ମନର ଭୂମି ଉପରେ ଏହି ଉପଲବ୍ଧି ସର୍ବଥା ଆୟାସଲଭ୍ୟ ହୋଇ ରହିଥିବ, ଏପରିକି ଉପଲବ୍ଧ ହୋଇପାରିଲେ ମଧ୍ୟ ତାହାକୁ ସୁସଂବଦ୍ଧ ଓ ବୀର୍ଯ୍ୟବନ୍ତ କରିବା ବଡ଼ କଷ୍ଟକର ହୋଇ ରହିବ। ମାତ୍ର ବିଜ୍ଞାନମୟ ସକଳ ସୃଷ୍ଟି ତଥା ସକଳ ଜୀବନରେ ତାହା ଅତି ସ୍ୱାଭାବିକ ଭାବରେ ଗତିଶୀଳ ଓ ବୀର୍ଯ୍ୟବନ୍ତ ହୋଇପାରିବ, ବଡ଼ ସ୍ୱତଃସ୍ଫୂର୍ତ୍ତ ଭାବରେ ଆପେ ଆପଣାକୁ ସୁସଂବଦ୍ଧ କରି ରଖିବ।

ବିଜ୍ଞାନମୟ ପୁରୁଷମାନେ ଅବିଦ୍ୟାଗ୍ରସ୍ତ ଜୀବନ ସହିତ କୌଣସି ସଂସ୍ପର୍ଶରେ ନଆସି କେବଳ ଆପଣାର ଜୀବନଟିକୁହିଁ ଆପଣା ରୀତିରେ ବଞ୍ଚିବାରେ ଲାଗିଥା'ନ୍ତି, ଏହିଭଳି ଭାବରେ ପ୍ରସଙ୍ଗଟିର ବିଚାର କରୁଥିବା ପର୍ଯ୍ୟନ୍ତ ଏସବୁ ବିଷୟ ବଡ଼ ସହଜରେ ଆମର ବୋଧଗମ୍ୟ ହୋଇ ପାରିବ। ମାତ୍ର ଏଠାରେ ସଂଘଟିତ ହେଉଥିବା ବିବର୍ତ୍ତନ-ପ୍ରକ୍ରିୟାଟିର ବ୍ୟବସ୍ଥା ଅନୁସାରେ ବିଜ୍ଞାନମୟ ପ୍ରକାଶ ଏହି ସମୁଦାୟ ବିସୃଷ୍ଟି ମଧ୍ୟରେ ଯେତେ ମୀମାଂସକ ଏକ ପରିବେଶ ହେଲେ ମଧ୍ୟ କେବଳ ଗୋଟିଏମାତ୍ର ପରିବେଶ ହୋଇ ରହିଥିବ। ଏଠାରେ ଚେତନା ତଥା ଜୀବନର ନିମ୍ନତର ସୋପାନଗୁଡ଼ିକ ମଧ୍ୟ ବଳବତ୍ତର ରହିଥିବ; ସେଥିମଧ୍ୟରୁ କେତେକ ସୋପାନ ସେହି ଅବିଦ୍ୟା ମଧ୍ୟରେ ବି ଅଭିବ୍ୟକ୍ତି ଲାଭ କରିଥିବେ ଏବଂ ଆଉ କେତେକ ଏହି ଅବିଦ୍ୟାଗତ ପ୍ରକାଶ ତଥା ବିଜ୍ଞାନମୟ ପ୍ରକାଶର ମଧ୍ୟବର୍ତ୍ତୀ ହୋଇ ରହିଥିବେ। ସତ୍ତା ଓ ଜୀବନର ଏହି ଦୁଇଟିଯାକ ରୂପ ହୁଏତ ପରସ୍ପରର ପାର୍ଶ୍ୱବର୍ତ୍ତୀ ହୋଇ ରହିଥିବେ ଅଥବା ପରସ୍ପର ମଧ୍ୟରେ ପ୍ରବିଷ୍ଟ ବି ହୋଇଥିବେ। ଦୁଇଟିଯାକ କ୍ଷେତ୍ରରେ ସଙ୍ଗେସଙ୍ଗେ ନହେଲେ ମଧ୍ୟ ତଥାପି ଚରମ ପରିଣାମରୂପେ ବିଜ୍ଞାନମୟ ତତ୍ତ୍ୱଟି ଯେ ସମୁଦାୟ ଭୂମିଟିକୁ ଅଧିକାର କରି ବସିବ, ଏକଥା ନିଶ୍ଚୟ ଆଶା କରାଯାଇ ପାରିବ। ଉଚ୍ଚତର ଆଧ୍ୟାତ୍ମିକ-ମାନସିକ ସୋପାନଗୁଡ଼ିକ ଅତିମାନସ ତତ୍ତ୍ୱଟିର ସଂସ୍ପର୍ଶରେହିଁ ରହିଥିବେ; ଅତିମାନସ ତତ୍ତ୍ୱହିଁ ବର୍ତ୍ତମାନ ପ୍ରକାଶ୍ୟ ଭାବରେ ସେଗୁଡ଼ିକର ଆଶ୍ରୟ ଓ ଅବଲମ୍ବନ ହୋଇ ରହିଥିବ ଏବଂ ସେଗୁଡ଼ିକୁ ଏକାଠି ଧରି ରଖିଥିବ। ଏବଂ ଏହାଫଳରେ ସେଗୁଡ଼ିକ ସେଗୁଡ଼ିକୁ ଏକଦା ଆଚ୍ଛନ୍ନ କରି ରଖିଥିବା ଅବିଦ୍ୟା ଓ ନିଶ୍ଚେତନାର କବଳରୁ ମୁକ୍ତିଲାଭ କରି ବାହାରି ଆସିବେ। ଯେତେ କୁଣ୍ଠିତ ଓ ପରିବର୍ତ୍ତିତ ରୂପରେ ହେଲେ ମଧ୍ୟ ସତ୍ତାଗତ ସତ୍ୟର ରୂପପ୍ରକାଶ ହିସାବରେ ସେମାନେ ସେହି ଅତିମାନସ ବିଜ୍ଞାନମୟତାରୁହିଁ ଆପଣାର ସକଳ ଆଲୋକ ଓ ସାମର୍ଥ୍ୟକୁ ଆହରଣ କରି ଆଣିବେ ଏବଂ ତାହାରି ନିମିତ୍ତଗତ ଯାବତୀୟ ସାମର୍ଥ୍ୟର ବିପୁଳ ସଂସ୍ପର୍ଶରେ ଆସିପାରିବେ। ସେମାନେ ସ୍ୱୟଂ ମଧ୍ୟ ସେହି ଚିଦ୍‌ଗତତାର ପ୍ରେରକଶକ୍ତିରେ ପରିଣତ ହେବେ ଏବଂ

'oaob.nitrkl.ac.in' images reprocessed

ଆପଣାର ପୂର୍ଣ୍ଣୋପଲବ୍ଧ ଚିନ୍ମୟ ଉପାଦାନରେ ପୂର୍ଣ୍ଣ ଶକ୍ତିମତ୍ତା ଲାଭ କରି ନଥିଲେହେଁ ସେମାନେ ଆଉ କଦାପି ଖଣ୍ଡିତ, ବିମିଶ୍ରିତ, କ୍ଷୀଣଶକ୍ତି ଓ ଜଡ଼ଶ୍ଚେତନାର ଉପାଦାନଦ୍ୱାରା ତମସାବୃତ ହୋଇ ରହିଥିବା କୌଣସି ନିମ୍ନସ୍ତରୀୟ ନୈମିତ୍ତିକତାର ଅଧୀନ ହୋଇ ରହିବେ ନାହିଁ । ସେତେବେଳେ ଯାହାକିଛି ଅବିଦ୍ୟା ଅଧିମାନସ ତଥା ବୋଧିଚେତନା ମଧ୍ୟକୁ ଏବଂ ଉଦ୍ଭାସିତ ମନ ଅଥବା ଉଚ୍ଚତର ମନର ସତ୍ତା ଭିତରକୁ ଉତ୍ଥିତ ହୋଇ ଆସିବ ଅଥବା ପ୍ରବେଶ କରିବ, ତାହା ଆଉ ଅବିଦ୍ୟାଚ୍ଛନ୍ନ ହୋଇ ରହିବ ନାହିଁ; ସେତେବେଳେ ତାହା ଆଲୋକ ମଧ୍ୟରେ ପ୍ରବିଷ୍ଟ ହେବ ଏବଂ ଯେଉଁ ସତ୍ୟଟିକୁ ତାହା ଏପର୍ଯ୍ୟନ୍ତ ଆପଣାର ଅନ୍ଧକାରଟି ଦ୍ୱାରା ଆଚ୍ଛନ୍ନ କରିଥିଲା, ସେହି ଆଲୋକର ଭୂମି ଉପରେ ତାହା ସେହି ସତ୍ୟର ଉପଲବ୍ଧି କରିବ । ତଦ୍ୱାରା ତାହା ଭିତରେ ଏକ ବିମୋଚନ ଓ ଏକ ରୂପାନ୍ତର ସଂଘଟିତ ହେବ; ଚେତନା ତଥା ସତ୍ତାର ଏକ ନୂତନ ସୋପାନକୁ ଉତ୍ତୋଳନ ଘଟିବ ଯାହାକି ତାହାକୁ ଏହିସବୁ ଉଚ୍ଚତର ସ୍ଥିତି ମଧ୍ୟକୁ ଅନ୍ତର୍ଭୁକ୍ତ କରିନେବେ ଏବଂ ତାହାକୁ ଅତିମାନସ ସ୍ଥିତିଟି ଲାଗି ମଧ୍ୟ ପ୍ରସ୍ତୁତ କରିବେ । ଏବଂ ସେତେବେଳେ ସେଠାରେ ଆଗରୁ ସଂବୃତ ଭାବରେ ରହିଥିବା ବିଜ୍ଞାନମୟ ତତ୍ତ୍ୱଟି ବର୍ତ୍ତମାନ ପ୍ରକାଶ୍ୟ ଭାବରେ କାର୍ଯ୍ୟ କରିବାକୁ ଆରମ୍ଭ କରିବ; ତାହା ବର୍ତ୍ତମାନ ଏକ ସତତ ଗତିଶୀଳ ଶକ୍ତିରୂପେ ଜାଗ୍ରତ ହୋଇ ଉଠିବ ଏବଂ ଆଗପରି କେବଳ ଅନ୍ତରାଳରେ ରହି କିମ୍ବା ଓ ପ୍ରକାରର ପ୍ରବର୍ତ୍ତନା ଦେବା, ଆବରଣର ଅନ୍ତରାଳରୁହିଁ ସକଳ ବସ୍ତୁର ଆଧାର ତଥା ଆଶ୍ରୟ ହୋଇ ରହିବା ଅଥବା ମଧ୍ୟେ ମଧ୍ୟେ କ୍ୱଚିତ୍ ହସ୍ତକ୍ଷେପ କରିବାହିଁ ଆଉ ତାହାର କ୍ରିୟାପଦ୍ଧତି ହୋଇ କଦାପି ରହିବ ନାହିଁ । ତେଣୁ ସେତେବେଳେ ଅବିଦ୍ୟା ତଥା ଜଡ଼ଶ୍ଚେତନାରୂପେ ଯାହାକିଛି ତଥାପି ଅବଶିଷ୍ଟ ରହିଥିବ, ତାହା ଉପରେ ମଧ୍ୟ ଅତିମାନସ ଆପଣା ସୌଷମ୍ୟର ବିଧାନଟିକୁ କେତେକ ପରିମାଣରେ ଆଣି ପ୍ରତିଷ୍ଠିତ କରିବାଲାଗି ଅବଶ୍ୟ ସମର୍ଥ ହେବ । କାରଣ ସେଗୁଡ଼ିକ ମଧ୍ୟରେ ଅନ୍ତର୍ଗୂଢ଼ ଓ ପ୍ରଚ୍ଛନ୍ନ ହୋଇ ରହିଥିବା ବିଜ୍ଞାନମୟ ସାମର୍ଥ୍ୟ ଏକ ଆଧାର ତଥା ପ୍ରବର୍ତ୍ତନା ହିସାବରେ ବର୍ତ୍ତମାନ ଅଧିକତର ଶକ୍ତିମତ୍ତା ସହିତ କାର୍ଯ୍ୟ କରିବ, ସେଗୁଡ଼ିକର କ୍ଷେତ୍ରରେ ଅଧିକ ସ୍ୱାଧୀନ ଓ ଶକ୍ତିଶାଳୀ ଭାବରେ ହସ୍ତକ୍ଷେପ କରିପାରିବ । ବିଜ୍ଞାନମୟ ପୁରୁଷମାନଙ୍କର ସଙ୍ଗଲାଭ କରି ତଥା ବିଜ୍ଞାନମୟତାର ଆଲୋକଦ୍ୱାରା ପ୍ରଭାବଶାଳୀ ହୋଇଥିବା ଏବଂ ପାର୍ଥିବ ପ୍ରକୃତିରେ ଉନ୍ମେଷଲାଭ କରିଥିବା ବୀର୍ଯ୍ୟବନ୍ତ ଅତିମାନସ ସତ୍ତା ଓ ଶକ୍ତିର ସାନ୍ନିଧ୍ୟ ଲାଭ କରି ଅବିଦ୍ୟା ମଧ୍ୟରେ ଆଚ୍ଛନ୍ନ ହୋଇ ରହିଥିବା ବ୍ୟକ୍ତିମାନେ ମଧ୍ୟ ଅଧିକତର ଚେତନାଶୀଳ ହୋଇଉଠିବେ, ସେମାନଙ୍କର ପ୍ରତିସ୍ପନ୍ଦନଶକ୍ତି ଆହୁରି ଅଧିକ ହୋଇଉଠିବ । ଏପରିକି ମନୁଷ୍ୟସମାଜର ରୂପାନ୍ତର ଘଟି ନଥିବା ଅଂଶଟିରେ ମଧ୍ୟ ହୁଏତ ମନୋମୟ ମନୁଷ୍ୟସତ୍ତାର ଏକ ନୂତନ ଓ ବୃହତ୍ତର ଉପଶାଖା ଆବିର୍ଭାବ ଲାଭ କରିବ; କାରଣ ପ୍ରତ୍ୟକ୍ଷ ଭାବରେ ବୋଧି-

'oaob.nitrkl.ac.in' images reprocessed

ଚେତନାସମ୍ପନ୍ନ ଅଥବା ଆଂଶିକଭାବରେ ବୋଧିଚେତନା ଲାଭ କରିଥିବା ଅଥଚ ତଥାପି ବିଜ୍ଞାନମୟ ମନୋମୟ ସତ୍ତାରୂପେ ଅବତୀର୍ଣ୍ଣ ହୋଇ ନଥିବା ବ୍ୟକ୍ତିମାନଙ୍କର ଆବିର୍ଭାବ ଘଟିବ; ପ୍ରତ୍ୟକ୍ଷ ଭାବରେ ଅଥବା ଆଂଶିକ ଭାବରେ ଆଲୋକଦୀପ୍ତ ମନୋମୟ ସତ୍ତା ତଥା ଉଚ୍ଚତର ମନନଭୂମି ସହିତ ଅପରୋକ୍ଷ ଅଥବା ଆଂଶିକ ଭାବରେ ଯୋଗସୂତ୍ର ସ୍ଥାପନ କରି ପାରୁଥିବା ମନୋମୟ ସତ୍ତାର ଆବିର୍ଭାବ ଘଟିବ । ଏହି ନବ-ଜାତମାନଙ୍କର ସଂଖ୍ୟା କ୍ରମଶଃ ବୃଦ୍ଧି ପାଉଥିବ, ସେମାନେ ଅଧିକରୁ ଅଧିକ ବିବର୍ତ୍ତିତ ହୋଇ ଆପଣାର ସ୍ୱପ୍ରକୃତିରେ ଅଧିକରୁ ଅଧିକ ପ୍ରତିଷ୍ଠିତ ହେବାରେ ଲାଗିଥିବେ । ଏପରିକି ସେମାନେ ହୁଏତ ଉଚ୍ଚତର ମନୁଷ୍ୟସମୂହର ଏକ ଜାତିରୂପେ ସଂସ୍ଥାପିତ ହେବେ, ଓ କେବଳ ସେହି ଅଦ୍ୱୟ ପରମ ଦିବ୍ୟତାହିଁ ଜୀବମାତ୍ରେ ସବୁରି ମଧ୍ୟରେ ପ୍ରକାଶରୂପ ଧାରଣ କରିଛି, ଏହିପରି ଏକ ବୋଧରୁ ସଞ୍ଜାତ ହେଉଥିବା ଏକ ଯଥାର୍ଥ ଭ୍ରାତୃଭାବ ଦ୍ୱାରା ଅନୁପ୍ରାଣିତ ହୋଇ ଅପେକ୍ଷାକୃତ କମ୍ ବିବର୍ତ୍ତିତ ଅନ୍ୟମାନଙ୍କୁ ମଧ୍ୟ ବାଟ ଦେଖାଇ ଉପରକୁ ନେଇଯିବେ । ଏହି ଦୃଷ୍ଟିରୁ ବିଚାର କଲେ ଉଚ୍ଚତମ ସୋପାନଟି ଆପଣାକୁ ପରିପୂର୍ଣ୍ଣ କରାଇବା ଦ୍ୱାରା ଯାହା ସେତେବେଳେ ମଧ୍ୟ ନିମ୍ନତର ହୋଇ ରହିବାକୁ ବାଧ୍ୟ ହେଉଥିବ, ତାହାର ମଧ୍ୟ ଆପଣା ସାଧ୍ୟଭୂମିର ଆୟତନ ମଧ୍ୟରେ ଏକ ପରିପୂର୍ଣ୍ଣତା ଅବଶ୍ୟ ଘଟିବ । ବିବର୍ତ୍ତନର ସେହି ଉଚ୍ଚତର ପ୍ରାନ୍ତବିନ୍ଦୁଟିରେ ଅତିମାନସର ଆରୋହ ଭୂମି ତଥା ଶିଖରଗୁଡ଼ିକ ସେତେବେଳେ ସଚ୍ଚିଦାନନ୍ଦଙ୍କର ଶୁଦ୍ଧ ଓ ଚିନ୍ମୟ ସତ୍ତା, ଚେତନା ତଥା ଆନନ୍ଦର ଆଉ କୌଣସି ପରମ ପ୍ରକାଶର ଅଭିମୁଖରେ ସୋପାନ ଆରୋହଣ କରି ଚାଲିଯିବାକୁ ଆରମ୍ଭ କରି ଦେଇଥିବେ ।

ଏହି ବିଜ୍ଞାନମୟ ରୂପାନ୍ତରସାଧନ, ବିବର୍ତ୍ତନର ମାର୍ଗ ଅନୁସରଣ କରି ଏକ ବିଜ୍ଞାନମୟ ଅଥବା ତଦୂର୍ଦ୍ଧ୍ୱ ଭୂମିକୁ ଏହି ଉତ୍ତୋଳନଟି ଫଳରେ ଶୀଘ୍ର ହେଉ ଅଥବା ବିଳମ୍ବରେ ହେଉ, ନିଶ୍ଚେତନା ମଧ୍ୟରୁ ସଂଘଟିତ ହେଉଥିବା ବିବର୍ତ୍ତନଟି ହୁଏତ ଏକାବେଳକେ ବନ୍ଦ ହୋଇଯିବ,—ଏଠାରେ ହୁଏତ ଏପରି ଏକ ପ୍ରଶ୍ନ ଉତ୍‌ଥାପନ କରାଯାଇ ପାରେ । କାରଣ ଏହି କ୍ଷେତ୍ରକୁ ଆସି ସେତେବେଳେ ବସ୍ତୁଗୁଡ଼ିକ ଏହିପରି ଅନ୍ଧକାରଚ୍ଛନ୍ନ ଓ ଅସ୍ପଷ୍ଟ ଭାବରେ ଉନ୍ମେଷ ଲାଗି ଆଉ କୌଣସି କାରଣହିଁ ନଥିବ । ଜଗଦସ୍ତିତ୍ୱର ଦୁଇ ମେରୁରୂପେ ଅବସ୍ଥିତ ରହିଥିବା ଅତିଚେତନା ତଥା ନିଶ୍ଚେତନା ମଧ୍ୟରେ ଲାଗି ରହିଥିବା ଏହି ଗତିନିସ୍ଥିତିଟି ପ୍ରକୃତରେ ଜଗତ୍‌ପ୍ରକାଶର ଗୋଟିଏ ଚିରନ୍ତନ ବିଧାନ ଅଥବା ତାହା ହେଉଛି କେବଳ ଏକ ସାମୟିକ କାର୍ଯ୍ୟର ସାଧକ ଏକ ପରିବେଶମାତ୍ର, ଏହି ଦ୍ୱିବିଧ ପ୍ରଶ୍ନଟିର ଉତ୍ତର ଉପରେହିଁ ସେହି ପ୍ରଶ୍ନର ଉତ୍ତର ନିର୍ଭର କରି ରହିବ । ଏହି ଗତିନିସ୍ଥିତିଟିକୁ କେବଳ ଏକ ସାମୟିକ ପରିବେଶ ବୋଲି ଗ୍ରହଣ କରିବା ଅବଶ୍ୟ କଷ୍ଟକର; କାରଣ ଏହି ସମୁଦାୟ ଜଡ଼ଜଗତରେ

'oaob.nitrkl.ac.in' images reprocessed

ନିଶ୍ଚେତନାର ଭିତ୍ତିଟି ଏପରି ବ୍ୟାପକ ଓ ଦୃଢ଼ନିଶ୍ଚିତ ଭାବରେ ଅବସ୍ଥାପିତ ହୋଇ ରହିଛି ଯେ ସେହି ଶକ୍ତିର ପ୍ରଚଣ୍ଡ ଆବେଗକୁ ଏକ ସାମୟିକ ଅଥବା ନୈମିତ୍ତିକ ବ୍ୟାପାର ବୋଲି କହିବାଲାଗି ଆମର ମନରେ ସ୍ୱଭାବତଃ ଏକ କୁଣ୍ଠାଭାବର ଉଦୟ ହୁଏ । ବିବର୍ତ୍ତନର ଏହି ପ୍ରଥମ ଭିତ୍ତିଟି ସମ୍ପୂର୍ଣ୍ଣ ଭାବରେ ରୂପାନ୍ତରିତ ବା ଉଚ୍ଛିନ୍ନ ହୋଇଯିବାର ଏହି ଅର୍ଥ ହେବ ଯେ ତଦ୍ଦ୍ୱାରା ଯୁଗପତ୍ ଭାବରେ ଏହି ବିଶ୍ୱବ୍ୟାପ୍ତ ପରମ ନିଶ୍ଚେତନାର ପ୍ରତ୍ୟେକ ଅଂଶରେହିଁ ଏପର୍ଯ୍ୟନ୍ତ ସଂବୃତ ଓ ପ୍ରଚ୍ଛନ୍ନ ହୋଇ ରହିଥିବା ଚେତନାଟି ପୂର୍ଣ୍ଣପ୍ରକାଶ ଲାଭ କରିବ । ପ୍ରକୃତିର କୌଣସି ଏକ ନିର୍ଦ୍ଦିଷ୍ଟ କ୍ଷେତ୍ରରେ ଉଦାହରଣସ୍ୱରୂପ ଏହି ପାର୍ଥିବ କ୍ଷେତ୍ରରେ ଏହିଭଳି ଏକ ରୂପାନ୍ତର ଘଟିଲେ ତଦ୍ଦ୍ୱାରା ସର୍ବତ୍ର ଯେ ଠିକ୍ ସେହିଭଳି ଏକ ରୂପାନ୍ତର ନିଶ୍ଚୟ ଦେଖାଦେବ, ସେକଥା ଆଦୌ ସମ୍ଭବ ନୁହେଁ । ପାର୍ଥିବ ପ୍ରକୃତିର ପରିପ୍ରକାଶକ୍ଷେତ୍ରରେ ତାହାର ଏକ ସ୍ୱକୀୟ ଗତିଧାରା ଓ ଗତିରେଖା ସବୁବେଳେ ରହିଛି ଏବଂ ଏହି ରୂପାନ୍ତର ଫଳରେ ଖୁବ୍ ବେଶୀ ହେଲେ ସେହି ଗତିରେଖା ଆପଣାର ଏକ ସମ୍ପୂର୍ଣ୍ଣତାହିଁ ଲାଭ କରିପାରିବ । ଏଠାରେ ସାହସ କରି କେବଳ ଏତିକି ଅନୁମାନ କରାଯାଇ ପାରେ ଯେ ଯେତେବେଳେ ବିବର୍ତ୍ତିକ୍ରମର ଅନ୍ତିମ ପରିଣାମରୂପେ ଏକ ଦିବ୍ୟସୃଷ୍ଟି ଆତ୍ମପ୍ରକାଶ ଲାଭ କରିବ, ଅଥବା ଚିନ୍ମୟ ପୁରୁଷଙ୍କର ଊର୍ଦ୍ଧ୍ୱତର ମଣ୍ଡଳଟିର ତତ୍ତ୍ୱସକଳ ଯେତେବେଳେ ନିମ୍ନତର ମଣ୍ଡଳର ଏହି ତ୍ରିତତ୍ତ୍ୱଟି ମଧ୍ୟରେ ମୂର୍ତ୍ତି ହୋଇ ଉଠିବ, ସେତେବେଳେ ଇହବିବର୍ତ୍ତନର ସୋପାନପରମ୍ପରା ବା ସେଗୁଡ଼ିକର ପ୍ରକାଶଗତ ତାରତମ୍ୟ ଠିକ୍ ପୂର୍ବପରିହିଁ ବଜାୟ ରହିଥିବ, ମାତ୍ର ସମସ୍ତ ସଂଘଟନଟି ସୌଷମ୍ୟମୟ ଏକ ପରମଛନ୍ଦର ଅଧୀନ ହୋଇ ରହିବ; ସେତେବେଳେ ବସ୍ତୁନିଚୟ ମଧ୍ୟରେ ଏକତ୍ୱର ବିଧାନ ଆସି ଦେଖାଦେବ, ବହୁ ବା ଅନେକ କେବଳ ସେହି ପରମ ଏକର ଲୀଳା ବା କ୍ରୀଡ଼ାରେ ପର୍ଯ୍ୟବସିତ ହୋଇ ରହିବ । ସେତେବେଳେ ସେହି ବିବର୍ତ୍ତନ ମଧ୍ୟରେ ଆଉ କୌଣସି ସଂଘର୍ଷ ବା ବିରୋଧ ନଥିବ, ତାହା ସୋପାନରୁ ସୋପାନକୁ, ନିମ୍ନତର ଭୂମିର ଆଲୋକରୁ ବୃହତ୍ତର ଭୂମିର ଆଲୋକ ମଧ୍ୟକୁ ଏବଂ ଆପଣାକୁ ଉନ୍ମୋଚିତ କରି ଦେଉଥିବା ଏକ ଜୀବନର ସାମର୍ଥ୍ୟ ଏବଂ ସୌନ୍ଦର୍ଯ୍ୟଗତ ପ୍ରକାଶ-ସ୍ତରରୁ ଉଚ୍ଚତର ପ୍ରକାଶସ୍ତର ମଧ୍ୟକୁ ଏକ ସୁଷମାମୟ ବିକାଶରେ ପରିଣତ ହୋଇଯିବ । ନିଶ୍ଚେତନା ମଧ୍ୟରେ ଚିତ୍‌ସତ୍ତ୍ୱର ଏହି ଅବଗାହନ କରିବାର ମୂଳରେ ପରମ ଅନନ୍ତଙ୍କର ଅନିର୍ବଚନୀୟ ସମ୍ଭାବନାର ଯେଉଁ ତତ୍ତ୍ୱଟି ନିହିତ ହୋଇ ରହିଛି, ସେହି ସମ୍ଭାବନାର ପରିସ୍ଫୁରଣ ଲାଗି କୌଣସି କାରଣରୁ ଯଦି ସଂଘର୍ଷ ଓ ଦୁଃଖଯାତନାର ଏକ ପ୍ରୟୋଜନ ରହିଥାଏ, ତେବେଯାଇ ଏହି ବିବର୍ତ୍ତନ ଅନ୍ୟ ପ୍ରକାରରେ ଓ ଅନ୍ୟ ପଥରେ ଗତି କରିବ । ମାତ୍ର ଯେପରି ବୋଧ ହେଉଛି, ଅତିମାନସ ବିଜ୍ଞାନ ସେହି ନିଶ୍ଚେତନା ମଧ୍ୟରୁ ଥରେ ଉନ୍ମେଷଲାଭ କରି ବାହାରି ଆସିଲେ ପାର୍ଥିବ ପ୍ରକୃତି ଲାଗି ଆଉ ଏଭଳି

'oaob.nitrkl.ac.in' images reprocessed

କୌଣସି ପ୍ରୟୋଜନ ରହିବ ନାହିଁ । ବିଜ୍ଞାନଚେତନାର ଆବିର୍ଭାବ ସଙ୍ଗେ ସଙ୍ଗେ ଏକ ନୂତନ ପରିବର୍ତ୍ତନର ସୂତ୍ରପାତ ହେବ; ଯେତେବେଳେ ଅତିମାନସ ବିବର୍ତ୍ତନ ସମ୍ପୂର୍ଣ୍ଣତା ଲାଭ କରିବ ଓ ଆପଣାକୁ ସଚ୍ଚିଦାନନ୍ଦଙ୍କର ଏକ ପରମ ପ୍ରକାଶର ସେହି ବୃହତ୍ତର ପରିପୂର୍ଣ୍ଣତା ମଧ୍ୟକୁ ଉତ୍ତୋଳିତ କରି ନେଇଯିବ, ସେହି ପରିବର୍ତ୍ତନର ପଦ୍ଧତି ଯେତେବେଳେ ଯାଇ ପୂର୍ଣ୍ଣ ସାର୍ଥକତା ଲାଭ କରିପାରିବ ।

'oaob.nitrkl.ac.in' images reprocessed

# ଅଷ୍ଟାବିଂଶ ପରିଚ୍ଛେଦ

## ଦ୍ୱିବିଧ ଜୀବନ

ତ୍ୱମଗ୍ନେ ବୃଜିନବର୍ତ୍ତନିଂ ନରଂ ସକ୍ମନ୍ ପିପର୍ଷି ବିଦଥେ ବିଚର୍ଷଣେ ।

—ଋକ୍‌ବେଦ, ୧ । ୩୧ । ୬

ହେ ସର୍ବଦର୍ଶୀ ଅଗ୍ନି, ଯେଉଁ ବ୍ୟକ୍ତି କୁଟିଳ ପଥରେ ଗତି କରୁଥାଏ, ତାହାକୁ ତୁମେ ଦିବ୍ୟ ସତ୍ୟ ଓ ଜ୍ଞାନ ମଧ୍ୟକୁ ମୁକ୍ତ କରି ନେଇଯାଅ ।

ଉଭେ ପୁନାମି ରୋଦସୀ ଋତେନ ।

—ଋକ୍‌ବେଦ, ୧ । ୧୩୩ । ୧

ମୁଁ ସତ୍ୟଦ୍ୱାରା ପୃଥିବୀ ଓ ସ୍ୱର୍ଗ ଉଭୟ ଲୋକକୁ ପବିତ୍ର କରିଦିଏ ।

ସୋ ମଦଃ ।
ଦ୍ୱା ଜନା ଯାତୟନ୍ନନ୍ତରୀୟତେ ନରା ଚ ଶଂସଂ ଦୈବ୍ୟଂ ଚ ଧର୍ତ୍ତରି ॥

—ଋକ୍‌ବେଦ, ୯ । ୮୬ । ୪୨

ଦିବ୍ୟ ଏକତ୍ୱବୋଧରୁ ଜାତ ଆନନ୍ଦାଭିବ୍ୟକ୍ତିକୁ ଯେ ନିଜ ମଧ୍ୟରେ ଧାରଣ କରି ରହିଥାଏ, ତାହାର ସେହି ଅଭିବ୍ୟକ୍ତ ଦୁଇଟି ଜନ୍ମରେ ପରିବେଶର ପ୍ରକାଶ କରେ । ଗୋଟିଏ ହେଉଛି ତାହାର ମାନବରୂପରେ ଓ ଅପରଟି ଦିବ୍ୟ ରୂପରେ ଅନ୍ତପ୍ରକାଶ, ଏବଂ ଏହି ଦୁଇଟି ମଧ୍ୟରେହିଁ ତାହା ବିଚରଣ କରିବାରେ ଲାଗିଥାଏ ।

ତେ ଅସ୍ୟ ସନ୍ତୁ କେତବୋଽମୃତ୍ୟବୋଽଦାଭ୍ୟାସୋ ଜନୁଷୀ ଉଭେ ଅନୁ ।
ଯେଭିର୍ନୃମ୍ଣା ଚ ଦେବ୍ୟା ଚ ପୁନତେ ॥

—ଋକ୍‌ବେଦ, ୯ । ୭୦ । ୩

'oaob.nitrkl.ac.in' images reprocessed

ତାହାର ବୋଧିଚେତନାର ଅପସରଣହେତୁ ସ୍ଫୁରଣଗୁଡ଼ିକ ଅମୃତର ଅନ୍ୱେଷଣ କରୁଥିବା ତାହାର ଦୁଇଟିଯାକ ଜନ୍ମରେ ବ୍ୟାପ୍ତ ହୋଇ ରହିଥାଇ; କାରଣ ସେହିଗୁଡ଼ିକ ଦ୍ୱାରହିଁ ସେ ଗୋଟିଏ ପ୍ରବାହର ମଧ୍ୟଦେଇ ମନୁଷ୍ୟର ବୀର୍ଯ୍ୟ ତଥା ଦେବତାର ଅଦ୍ଭୁତ ଦୁଇଟିଯାକୁ ଉନ୍ମେଷିତ କରିଥାନ୍ତି ।

ଆଦିତ୍ ତେ ବିଶ୍ୱେ, କ୍ରତୁଂ ଜୁଷନ୍ତ
ଶୁଷ୍କାଦ୍ ଯଦ୍ ଦେବ, ଜୀବୋ ଜନିଷ୍ଠାଃ ।
ଭଜନ୍ତ ବିଶ୍ୱେ, ଦେବତ୍ୱଂ ନାମ
ଋତଂ ସପନ୍ତୋ, ଅମୃତମେବୈଃ ॥

—ଋକ୍‌ବେଦ, ୧ । ୬୮ । ୨

ତୁମେ ଯେତେବେଳେ ଶୁଷ୍କ ବୃକ୍ଷମଧ୍ୟରୁ ଜୀବନ୍ତ ଦେବତାରୂପେ ଜନ୍ମଗ୍ରହଣ କର, ସେତେବେଳେ ସମସ୍ତେ ତୁମରି ଇଚ୍ଛାକୁ ସ୍ୱୀକାର କରନ୍ତି; ସେପରିକି ସମସ୍ତେ ଦେବତ୍ୱର ଅଧିକାରୀ ହୋଇପାରିବେ, ତୁମରି ଗତିବେଗରେ ପ୍ରେରିତ ହୋଇ ସତ୍ୟ ଓ ଅମୃତକୁ ଲାଭ କରିପାରିବେ ।

ଜଡ଼ଗତ ଏହି ବିଶ୍ୱଜଗତରେ ଗୋଟିଏ ଗୋଟିଏ ଚେତନାଶୀଳ ସତ୍ତା ହିସାବରେ ଆମ ଜୀବନଟିର ପ୍ରକୃତରେ କି ତାତ୍ପର୍ଯ୍ୟ ରହିଛି ଏବଂ ସେହି ତାତ୍ପର୍ଯ୍ୟଟିକୁ ଥରେ ଆବିଷ୍କାର କରିପାରିବା ପରେ ତାହା ଆମକୁ କେଉଁ ଦିଗରେ କେତେ ଦୂର କେଉଁ ମାନବିକ ଅଥବା ଦିବ୍ୟ ଭବିଷ୍ୟ ଆଡ଼କୁ ପରିଚାଳିତ କରି ନେଇଯାଏ, ତାହାର ସନ୍ଧାନ ପାଇବାକୁହିଁ ଆମେ ପ୍ରୟାସ କରିଆସିଛୁ । ଆମର ଏହି ଅସ୍ତିତ୍ୱଟି ବସ୍ତୁତଃ କେବଳ ଜଡ଼ର ମହତ୍ତ୍ୱହୀନ ଏକ ଖିଆଲମାତ୍ରହିଁ ହୋଇପାରେ ଅଥବା ସେହି ଜଡ଼କୁ ନିର୍ମାଣ କରୁଥିବା କୌଣସି ଶକ୍ତିର ବି ଖିଆଲ ହୋଇପାରେ; ଅଥବା ତାହା ପରମ ଚିନ୍ମୟସତ୍ତାର ଏକ ଅବୋଧ୍ୟ ଖିଆଲ ହୋଇପାରେ । ଅଥବା, ଆମର ଇହଜୀବନକୁ ବିଶ୍ୱବହିର୍ଭୂତ କୌଣସି ସ୍ରଷ୍ଟାର ଏକ ସ୍ୱେଚ୍ଛାପ୍ରଣୋଦିତ କଳ୍ପନା ବୋଲି ବି କୁହାଯାଇପାରେ । ତା'ହେଲେ ଏହି ଅସ୍ତିତ୍ୱର ପ୍ରକୃତରେ କୌଣସି ମହତ୍ତ୍ୱ ନାହିଁ କି କୌଣସି ଅର୍ଥ ନାହିଁ; ଯଦି ଜଡ଼ ଅଥବା କୌଣସି ଅଚେତନ ଶକ୍ତି ଏହି ତୁଚ୍ଛା କଳ୍ପନାଟାର ସର୍ଜନା କରିଥାଏ, ତେବେ ଏହାର କୌଣସି ଯଥାର୍ଥ ମହତ୍ତ୍ୱ ରହିଛି ବୋଲି କିଏ କହିବାକୁ ଯିବ ? କାରଣ, ସେହି କ୍ଷେତ୍ରରେ ଖୁବ୍ ବେଶୀ ହେଲେ ଏହି ଅସ୍ତିତ୍ୱକୁ ପରମ ଆକସ୍ମିକତାର ଭ୍ରାମ୍ୟମାଣ କୁଣ୍ଡଳଦ୍ୱାରା ରଚିତ ଏକ ଅନିର୍ଦ୍ଦେଶ୍ୟ ବିବରଣ ବା କାହାଣୀ ବୋଲିହିଁ କୁହାଯାଇ ପାରିବ କିମ୍ବା କୌଣସି ଅନ୍ଧ ନିୟତିଦ୍ୱାରା ଅଙ୍କିତ ଏକ କଠିନ ରେଖାପାତ ବୋଲି କୁହାଯିବ । ତେବେ ତାହାର

'oaob.nitrkl.ac.in' images reprocessed

କେବଳ ଏକ ଭ୍ରମୋତ୍ପାଦକ ତାତ୍ପର୍ଯ୍ୟ ଥାଇପାରେ ଏବଂ ଯଦି ତାହା ଚିତ୍‌ସତ୍ତାର ଏକ ଭ୍ରମମାତ୍ରହିଁ ହୋଇଥାଏ, ତେବେ ତାହାର ସେହି ତାତ୍ପର୍ଯ୍ୟଟି ପରିଶେଷରେ କେବଳ ଶୂନ୍ୟରେହିଁ ମିଳାଇଯାଏ । ଏହି ସ୍ରଷ୍ଟା ଯଦି ଚେତନାଶୀଳ ହୋଇଥା'ନ୍ତେ, ତେବେ ଆମର ଅସ୍ତିତ୍ୱ ମଧ୍ୟରେ ସେ ନିଶ୍ଚୟ ଏକ ଅର୍ଥ ବା ତାତ୍ପର୍ଯ୍ୟ ମଧ୍ୟ ଯୁକ୍ତ କରି ରଖିଥା'ନ୍ତେ; ମାତ୍ର ସେପରି କ୍ଷେତ୍ରରେ ତାଙ୍କର ଇଚ୍ଛାକୁ ସେ ସ୍ୱେଚ୍ଛାରେ ପ୍ରକାଶିତ କଲେ ଯାଇ ଆମେ ସେହି ତାତ୍ପର୍ଯ୍ୟଟିର ଆବିଷ୍କାର କରିପାରିବା ଏବଂ ବସ୍ତୁଗୁଡ଼ିକର ଆତ୍ମସ୍ୱଭାବ ମଧ୍ୟରେ ତାହା ସ୍ୱତଃପ୍ରକାଶିତ ହୋଇ ରହି ନଥାଏ ଓ ତେଣୁ ସେଠାରେ ତାହାକୁ ଆବିଷ୍କାର କରିବା ସମ୍ଭବ ହୁଏ ନାହିଁ । ମାତ୍ର ଯଦି ଏକ ଆପେକ୍ଷିକ ପରମସତ୍ୟର ଅବସ୍ଥିତିକୁ ସ୍ୱୀକାର କରାଯାଏ ଏବଂ ଆମର ଇହଭୂମିସ୍ଥ ଅସ୍ତିତ୍ୱଟିକୁ ତାହାରି ଏକ ପରିଣାମ ବୋଲିବୁଝାଯାଏ, ତେବେ ଯେଉଁ ପରମ ସତ୍‌ସ୍ୱରୂପ ଏଠି ଆପଣାକୁ ଅଭିବ୍ୟକ୍ତ କରୁଛି ଏବଂ ଏଠାରେ ଆପଣାକୁ କାର୍ଯ୍ୟକାରୀ କରାଉଛି ଓ ଏକ ବିବର୍ତ୍ତନର ମଧ୍ୟଦେଇ ଗତି କରୁଛି, ତାହା ଭିତରେ ଏକ ସତ୍ୟ ମଧ୍ୟ ଅବସ୍ଥିତ ରହିଥିବ; ଏବଂ ସେହି ସତ୍ୟକୁହିଁ ଆମ ନିଜର ସତ୍ତା ତଥା ଜୀବନର ମଧ୍ୟ ତାତ୍ପର୍ଯ୍ୟ ବୋଲି ବୁଝାଯିବ । ସେହି ପରମସତ୍ୟ ପ୍ରକୃତରେ ଯାହା ହୋଇଥାଉ ପଛକେ, ଏହା ଏପରି ଏକ ସତ୍ୟ ଯାହାକି କାଳର ଭୂମି ଉପରେ ଏକ ସମ୍ଭୂତିର ରୂପଧରି ଦେଖାଦେଉଛି । ସେହି ସମ୍ଭୂତି ଏକ ଅବିଭାଜ୍ୟ ସମ୍ଭୂତି; କାରଣ ଆମର ବର୍ତ୍ତମାନ ଓ ଆମର ଭବିଷ୍ୟତ ଆପଣାର ସୃଜନକାରୀ ସେହି ଅତୀତକୁ ମଧ୍ୟ ଆପଣା ଭିତରେ ବହନ କରି ଚାଲିଛନ୍ତି, ଏଗୁଡ଼ିକ ମଧ୍ୟରେ ଅତୀତହିଁ ରୂପାନ୍ତରିତ ହୋଇଉଠିଛି ଓ ଏକ ଅନ୍ୟ ରୂପ ଧାରଣ କରିଛି; ଏବଂ ଆମର ଅତୀତ ତଥା ବର୍ତ୍ତମାନର ଗର୍ଭରେ ସେମାନଙ୍କର ସେହି ଅଦୃଷ୍ଟ ଭବିଷ୍ୟତରୂପେ ରୂପାନ୍ତରିତ ହୋଇଯିବାର ସମ୍ଭାବନାଟି ମଧ୍ୟ ବିଧୃତ ହୋଇ ରହିଛି, ଆଗରୁ ବିଧୃତ ହୋଇ ରହିଆସିଛି ଓ ବର୍ତ୍ତମାନ ମଧ୍ୟ ବିଧୃତ ହୋଇ ରହିଛି । ସେହି ଭବିଷ୍ୟ ଆମଲାଗି ଅଦୃଶ୍ୟ ହୋଇ ରହିଛି, କାରଣ ତାହା ଅବ୍ୟକ୍ତ ଓ ଅବିବର୍ତ୍ତିତ ରହିଛି । ଆମର ଇହଭୂମିଗତ ଅସ୍ତିତ୍ୱଟିର ତାତ୍ପର୍ଯ୍ୟହିଁ ଆମର ଭବିଷ୍ୟତ ନିୟତିଟିକୁ ନିରୂପିତ କରିବାରେ ଲାଗିଛି; ସେହି ନିୟତି ବର୍ତ୍ତମାନ ମଧ୍ୟ ଆମ ଭିତରେ ଏକ ଅନିବାର୍ଯ୍ୟତା ତଥା ସମ୍ଭାବନାରୂପେ ପୂର୍ବାବସ୍ଥିତ ହୋଇ ରହିଛି । ଆମ ସତ୍ତାର ପ୍ରଚ୍ଛନ୍ନ ଓ ଉନ୍ମିଷନ୍ତ ସତ୍ୟର ପ୍ରୟୋଜନଗତ ଏକ ଅନିବାର୍ଯ୍ୟତାରୂପେ ଓ କ୍ରମଶଃ କାର୍ଯ୍ୟକାରୀ ହୋଇ ଉଠୁଥିବା ଏହାର ବହୁସମ୍ଭାବନାର ଏକ ସତ୍ୟରୂପେ ଅବସ୍ଥିତ ରହିଛି । ଏହି ପ୍ରୟୋଜନ ଓ ଏହି ସମ୍ଭାବନା ଏବେମଧ୍ୟ ପୂର୍ଣ୍ଣୋପଲବ୍ଧ ହୋଇ ନାହିଁ; ତଥାପି ଯେତିକି ଅଭିବ୍ୟକ୍ତ ହୋଇ ସାରିଲାଣି, ତା' ଭିତରେ ମଧ୍ୟ ଏହାର ବ୍ୟଞ୍ଜନାଟି ପରିସ୍ଫୁଟ ହୋଇଉଠୁଛି । ଯଦି ଏକ ପରମସତ୍ତାହିଁ ସମ୍ଭୂତି ମଧ୍ୟଦେଇ ଗତି କରୁଛି, ନିଖିଳ ଜୀବନକୁ ବହନ କରି ରହିଥିବା

'oaob.nitrkl.ac.in' images reprocessed

ଏକ ପରମସତ୍ୟହିଁ ଯଦି କାଳର ଅନନ୍ତଭୂମିରେ ଆପଣାକୁ ଅନାବୃତ କରିଦେବାରେ ଲାଗିଛି, ତେବେ ସେହି ସତ୍ତା ଓ ସେହି ସତ୍ୟ ଅନ୍ତର୍ଗୂଢ଼ ଭାବରେ ଯେଉଁ ପରିଚୟସୂଚିକୁ ଧାରଣ କରି ରହିଛନ୍ତି, ଆମକୁ ତାହାହିଁ ହେବାକୁ ପଡ଼ିବ, ଏବଂ ସେହିଭଳି ହୋଇ ପାରିବାକୁହିଁ ଆମ ଜୀବନର ତାତ୍ପର୍ଯ୍ୟ ବୋଲି ଜାଣିବାକୁ ପଡ଼ିବ ।

କାଳକୁ କ୍ଷେତ୍ରରୂପେ ବ୍ୟବହାର କରି ଏହିଭଳି ଭାବରେ ଯାହାକୁ ପ୍ରକାଶିତ କରାଇ ଦେବାର ପ୍ରୟାସ ହେଉଛି, ଚେତନା ତଥା ଜୀବନ ହେଉଛନ୍ତି ତାହା ମଧ୍ୟରେ ସବୁଠାରୁ ଅଧିକ ମହତ୍ତ୍ୱପୂର୍ଣ୍ଣ, ଯାହାକ ଏଠି ସକଳ ସମାଧାନରେ ଚାବିକାଠି ପରି କାର୍ଯ୍ୟ କରିବ । କାରଣ ସେହି ଦୁଇଟିକୁ ବାଦ ଦେଲେ ଜଡ଼ କେବଳ ଏକ ନିରର୍ଥକ ପ୍ରତିଭାସମାତ୍ର ହୋଇ ରହିବ, କେବଳ ଗୁଛା ଗୋଟାଏ ଆକସ୍ମିକତା ଦ୍ୱାରା ଜଡ଼ ଏଠାରେ ଆସି ହଠାତ୍ ପହଞ୍ଚିଯାଇଛି ଅଥବା ଏକ ଚେତନାହୀନ ନିୟତିଦ୍ୱାରାହିଁ ତାହାର ଆବିର୍ଭାବ ଘଟିଛି ବୋଲି ବୁଝାଯିବ । ତଥାପି ଚେତନା ହେଉ କିମ୍ବା ଜୀବନ ହେଉ, ସେମାନେ ବର୍ତ୍ତମାନ ଯେଉଁ ସ୍ଥିତିରେ ରହିଛନ୍ତି, ତଦ୍ୱାରା ସମୁଦାୟ ରହସ୍ୟଟିର ଉଦ୍‌ଘାଟନ କରିବା କଦାପି ସମ୍ଭବ ହେବ ନାହିଁ । କାରଣ ସ୍ପଷ୍ଟତଃ ଦୁଇଟିଯାକ ଏବେମଧ୍ୟ ଅସମ୍ପୂର୍ଣ୍ଣ ହୋଇ ରହିଛନ୍ତି ଓ ଗଠିତ ହେବାର ପ୍ରକ୍ରିୟା ମଧ୍ୟଦେଇ ଗତି କରୁଛନ୍ତି । ଆମ ଭିତରେ ଏହି ଚେତନା ମନରହିଁ ସମବାଚୀ ହୋଇ ରହିଛି ଏବଂ ଆମର ମନ ଅବିଦ୍ୟାଚ୍ଛନ୍ନ ଓ ଅପୂର୍ଣ୍ଣ ରହିଛି, ଏକ ମଧ୍ୟବର୍ତ୍ତୀ ସାମର୍ଥ୍ୟ ହିସାବରେ ଏହା ଆପଣାକୁ ବିକଶିତ କରାଇଆଣିଛି ଏବଂ ଆପଣାର ସୀମା ସେପାଖରେ ଅବସ୍ଥିତ ଊର୍ଦ୍ଧ୍ୱତର ଆଉକିଛିର ଅଭିମୁଖରେ ତାହା ଆଜି ମଧ୍ୟ ବିକଶିତ ହେବାରେ ଲାଗିଛି । ଏହି ମନର ପୂର୍ବବର୍ତ୍ତୀ ଭାବରେ ଚେତନାର କେତେ ନିମ୍ନସ୍ତରର ଆବିର୍ଭାବ ହି ହୋଇଥିଲା, ମନ ସେହି ସ୍ତରଗୁଡ଼ିକରୁହିଁ ଉନ୍ମେଷ ଲାଭ କଲା । ଏବଂ ଆହୁରି ଆଗକୁ ଅତି ନିଶ୍ଚିତ ଭାବରେ ଊର୍ଦ୍ଧ୍ୱତର ଆହୁରି ଅନେକ ସ୍ତର ମଧ୍ୟ ବିଦ୍ୟମାନ ରହିଛି ଏବଂ ମନ ସେଗୁଡ଼ିକରେ ଯାଇ ପହଞ୍ଚିବା ଲାଗି ଉଠି ଉଠି ଯାଉଛି । ଆମର ଏହି ମନନସମର୍ଥ, ବୁଦ୍ଧିଯୁକ୍ତ ଓ ବସ୍ତୁରସମ୍ପନ୍ନ ମନର ଆବିର୍ଭାବ ଘଟିବା ପୂର୍ବରୁ ଏପରି ଏକ ଚେତନା ବିରାଜମାନ କରୁଥିଲା ଯାହାର କି କୌଣସି ମନନଶକ୍ତି ନଥିଲା, ମାତ୍ର ଯାହାର ପ୍ରାଣ ଥିଲା, ବୋଧଶକ୍ତି ମଧ୍ୟ ରହିଥିଲା । ଏବଂ ତା' ପୂର୍ବରୁ ଅବଚେତନ ଥିଲା, ଅଚେତନ ମଧ୍ୟ ଥିଲା । ଆମର ଏହି ସୋପାନଟିର ଏକ ଉତ୍ତରସୋପାନରୂପେ ଏବଂ ଏପର୍ଯ୍ୟନ୍ତ ତଥାପି ବିବର୍ତ୍ତିତ ହୋଇ ନଥିବା ଆତ୍ମଭାଗଗୁଡ଼ିକରେ ଏକ ବୃହତ୍ତର ଚେତନା ହୁଏତ ଆପଣାର ଦ୍ୱାରୋଦ୍‌ଘାଟନ ଲାଗି ଅପେକ୍ଷା କରି ରହିଛି । ସେହି ଚେତନା ଆପଣାର ଜ୍ୟୋତିରେ ଜ୍ୟୋତିର୍ମୟ ହୋଇ ରହିଥିବା ଏକ ଚେତନା, କୃତ୍ରିମ ଭାବନାରଚନ ଉପରେ ତାହା କୌଣସିପ୍ରକାରେ ନିର୍ଭର କରି ରହି ନାହିଁ । ଆମର ଏହି ଅପୂର୍ଣ୍ଣତାକୁ

'oaob.nitrkl.ac.in' images reprocessed

ଅବିଦ୍ୟାଶ୍ରିତ ମନନଶୀଳ ମନକୁ ଆମେ କଦାପି ଚେତନାର ଶେଷ ରୂପାୟନ ବୋଲି କହିବା ନାହିଁ, ତାହାର ସର୍ବଶେଷ ଚରମ ସମ୍ଭାବ୍ୟତା ବୋଲି କହିବା ନାହିଁ । କାରଣ ଆପଣା ସମ୍ପର୍କରେ ତଥା ଆପଣାର ଯାବତୀୟ ବିଷୟ ସମ୍ପର୍କରେ ଯଥାର୍ଥ ଭାବରେ ସଂବିତ୍‌ସମ୍ପନ୍ନ ହୋଇ ରହିବାର ସାମର୍ଥ୍ୟଟି ହେଉଛି ଚେତନାର ସର୍ବମୂଳ କଥା; ଏବଂ ଆପଣାର ସ୍ୱାଭାବିକ କ୍ରିୟାତ୍ମକତାର କ୍ଷେତ୍ରରେ ଏହି ସାମର୍ଥ୍ୟ ଏକ ପ୍ରତ୍ୟକ୍ଷ ସାମର୍ଥ୍ୟରେ ପରିଣତ ହୋଇ ରହିଥିବ, ଆପଣାର ଚରମ ସାର୍ଥକତା ତଥା ପରିପୂର୍ଣ୍ଣତା ଲାଭ କରିଥିବ । ଆଜି ଆମ ଭିତରେ ଏହି ଚେତନା କେବଳ ପରୋକ୍ଷ ଭାବରେ କାର୍ଯ୍ୟ କରୁଛି, ବଡ଼ ଅସମ୍ପୂର୍ଣ୍ଣ ହୋଇ ରହିଛି, ଆପଣାର ଚରମ ସାର୍ଥକତା ଲାଭ କରି ପାରି ନାହିଁ, କୃତ୍ରିମ ଭାବରେ ରଚିତ ହୋଇଥିବା ସାଧନଗୁଡ଼ିକୁ ନିର୍ଭର କରି ରହିଛି । କାରଣ ଏହି ପ୍ରକୃତିରେ ତାହା ଏକ ମୂଳଭୂତ ଓ ଆଚ୍ଛାଦକ ନିଶ୍ଚେତନାର ଆବରଣ ଫୁଟାଇ ବାହାରିଆସୁଛି ଏବଂ ଏବେସୁଦ୍ଧା ନିଶ୍ଚେତନାର ସ୍ୱଧର୍ମଗତ ସେହି ଅଚେତନ ଆଦି ଆବରଣଟି ଦ୍ୱାରା ଭାରାକ୍ରାନ୍ତ ଓ ଆବୃତ ହୋଇ ରହିଛି । ମାତ୍ର ଏଥିରୁ ସମ୍ପୂର୍ଣ୍ଣ ଭାବରେ ମୁକୁଳି ଆସିବାର ପୂର୍ଣ୍ଣ ଶକ୍ତି ଯେ ସେହି ଚେତନା ଭିତରେ ଅବଶ୍ୟ ରହିଛି, ଏଥିରେ ଆଦୌ କୌଣସି ସନ୍ଦେହ ନାହିଁ । ଆପଣାର ପରିପୂର୍ଣ୍ଣତାଟି ମଧ୍ୟକୁ ଅର୍ଥାତ୍ ଆପଣାର ଯଥାର୍ଥ ସ୍ୱଭାବଟି ମଧ୍ୟକୁ ବିକଶିତ ହୋଇଉଠିବାହିଁ ତାହାର ନିୟତି ହୋଇ ରହିଛି । ଆପଣାର ବିଷୟବସ୍ତୁମାନଙ୍କୁ ସମ୍ପୂର୍ଣ୍ଣ ଭାବରେ ଜାଣିବା ହେଉଛି ସେହି ଚେତନାର ଯଥାର୍ଥ ସ୍ୱଭାବ; ଏବଂ ଏହି ବିଷୟଗୁଡ଼ିକ ମଧ୍ୟରେ ସର୍ବପ୍ରଥମ ବିଷୟଟି ହେଲା ଆତ୍ମା ବା ସେହି ଆତ୍ମସତ୍ତା, ଯିଏକି ଏହି ଭୂମିରେ ଆପଣାର ଚେତନାକୁ ବିକଶିତ କରିନେବାରେ ଲାଗିଛି । ଏହି ଆତ୍ମାଟିକୁ ଛାଡ଼ି ଏଠାରେ ବାକି ଯାହାକିଛି ରହିଛି, ଆମେ ତାହାକୁ ଅନାତ୍ମାରୂପେ ଦେଖୁଛୁ । ମାତ୍ର ନିଖିଳ ଅସ୍ତିତ୍ୱ ଯଦି ଏକ ଅବିଭାଜ୍ୟ ଅସ୍ତିତ୍ୱହିଁ ହୋଇଥାଏ, ତେବେ ଯଥାର୍ଥତଃ ସେହି ତଥାକଥିତ ଅନାତ୍ମା ମଧ୍ୟ କେବଳ ଆତ୍ମା ବ୍ୟତୀତ ଆଉ କିଛି ହୋଇ ନପାରେ । ତେଣୁ, ଆପଣାର ସଂବିତ୍‌ସମ୍ପନ୍ନତାର କ୍ଷେତ୍ରରେ ସକଳାଙ୍ଗ ଓ ସର୍ବପରିପୂର୍ଣ୍ଣ ହୋଇପାରିବା, ସମ୍ପୂର୍ଣ୍ଣ ଭାବରେ ଆତ୍ମସଂବିତ୍‌ସମ୍ପନ୍ନ ତଥା ସର୍ବସଂବିତ୍‌ସମ୍ପନ୍ନ ହୋଇପାରିବାହିଁ ବିବର୍ତ୍ତନଶୀଳ ସେହି ଚେତନାର ଯଥାର୍ଥ ଅଭୀଷ୍ଟ ହୋଇ ରହିବାକୁ ବାଧ୍ୟ ହେବ । ଚେତନାର ଏହି ସ୍ୱାଭାବିକ ପୂର୍ଣ୍ଣସ୍ଥିତିଟି ଆମକୁ ଏକ ଅତିଚେତନାର ସ୍ଥିତି ପରି ବୋଧ ହୋଇଥାଏ, ଏହି ସ୍ଥିତିଟିକୁ ଆମେ ଆମ ପହଞ୍ଚର ଅତୀତରୂପେ କଳ୍ପନା କରିଥାଉ । ଆମର ଏହି ମନଟିକୁ ଯଦି ଏହି ମୁହୂର୍ତ୍ତରେ ସେହି ସ୍ଥିତି ବା ସେହି ଭୂମିକୁ ଉଠାଇ ନିଆଯାଏ, ତେବେ ତାହା ହଠାତ୍ ସେଠାରେ କୌଣସି ପ୍ରକାର କାର୍ଯ୍ୟ କରିବାଲାଗି ହୁଏତ ଏକାନ୍ତ ଅସମର୍ଥ ହୋଇପଡ଼ିବ । ମାତ୍ର ଏଥିରେ ଆଦୌ କୌଣସି ସଂଶୟ ନାହିଁ ଯେ ଆମର ଚେତନସତ୍ତାଟି ଆପଣାକୁ କେବଳ ସେହି ଅତିଚେତନ ସ୍ଥିତିଟି ଆଡ଼କୁହିଁ

'oaob.nitrkl.ac.in' images reprocessed

ବିକଶିତ ଓ ବିବର୍ତ୍ତିତ କରାଇନେଉଛୁ । କିନ୍ତୁ ଆମର ଏହି ଚେତନାର ସେହି ଅତିଚେତନା ଅର୍ଥାତ୍ ଏହାର ପରମ ବା ଶିଖରଚେତନାଟି ଆଡ଼କୁ ବିବର୍ତ୍ତିତ ହୋଇଯିବା କେବଳ ସେତିକିବେଳେ ସମ୍ଭବ ହେବ, ଯଦି ଏଠାରେ ଆମର ଭିତ୍ତି ହୋଇ ରହିଥିବା ନିଶ୍ଚେତନାଟି ଯଥାର୍ଥତଃ ସ୍ୱୟଂ ଏକ ସଂବୃତ ଅତିଚେତନାରୂପେ ଅବସ୍ଥିତ ରହିଥିବ । କାରଣ ଆମ ଭିତରେ ଯାହା ପରମସତ୍ୟର ସମୂର୍ତ୍ତରୂପରେ ପ୍ରକାଶିତ ହୋଇ ଉଠିବ, ତାହା ଆଗରୁ ସେଇଠାରେ ଆପଣାର ସର୍ବପ୍ରଥମ ଭୂମିଟିରେ ମଧ୍ୟ ଅବଶ୍ୟ ସଂବୃତ ଓ ପ୍ରଚ୍ଛନ୍ନ ହୋଇ ରହିଥିବ । ଏକ ଅଚେତନ ଶକ୍ତିଦ୍ୱାରା ସୃଜିତ ହୋଇଥିବା ଏହି ଜଡ଼ଗତ ସୃଷ୍ଟିକୁ ଅନ୍ତରଙ୍ଗ ଭାବରେ ଅବଲୋକନ କରି ଆମେ ଯେତେବେଳେ ଏହାକୁ ଏକ ସର୍ବବ୍ୟାପ୍ତ ସଂବୃତ ପରମପ୍ରଜ୍ଞାର କରଣୀ ବୋଲି ଅନୁଭବ କରିବା, ଏହି ସୃଷ୍ଟିର ନାନା ବିଚିତ୍ର ରଚନା ଓ ଅନନ୍ତ କୌଶଳର କର୍ମମଧ ଭିତରେ ଯେତେବେଳେ ଆମେ ସେହି ପରମପ୍ରଜ୍ଞାକୁ ଆବିଷ୍କାର କରିନେବା, ସେତେବେଳେ ବିଶ୍ୱମୟ ନିଶ୍ଚେତନାକୁ ଆମେ ବଡ଼ ସହଜରେ ଏକ ସଂବୃତ ପରମସତ୍ତା ଅଥବା ପରମ ସାମର୍ଥ୍ୟ ବୋଲି ମଧ୍ୟ କଳ୍ପନା କରିପାରିବା । ସେତେବେଳେ ଆମେ ନିଜକୁ ମଧ୍ୟ ସେହି ପ୍ରଜ୍ଞାର ଏକ ପ୍ରେରଣାଂଶ ବୋଲି ଜାଣିବା, ଆମ ନିଜକୁ ମଧ୍ୟ ଆମେ ଏହି ସଂବୃତି ମଧ୍ୟରୁ ବିକଶିତ ହୋଇ ଉଠୁଥିଲା ପରି ଅନୁଭବ କରିବା; ଅଧିକରୁ ଅଧିକ ଉନ୍ମେଷ ଲାଭ କରୁଥିବା ଏକ ଚେତନାରୂପେ ଅନୁଭବ କରିବା, ଯାହାର ଉନ୍ମେଷଲାଭ କରିବାର ଏହି ପ୍ରକ୍ରିୟାଟି ପରମ ସଂବୃତିଟି ପରିପୂର୍ଣ୍ଣ ଭାବରେ ବିବର୍ତ୍ତିତ ହୋଇ ଆପଣାକୁ ପୂର୍ଣ୍ଣତଃ ଏକ ପରମ ଆତ୍ମସଂବିତ୍ସମ୍ପନ୍ନ ତଥା ସର୍ବସଂବିତ୍ସମ୍ପନ୍ନ ପ୍ରଜ୍ଞାରୂପେ ପ୍ରକାଶିତ କରି ନଦେଲା ପର୍ଯ୍ୟନ୍ତ କେବେହେଲେ ଅଧବାଟରେ ଅଟକି ରହିବ ନାହିଁ । ସେହି ଚେତନାଟିକୁହିଁ ଆମେ ଅତିମାନସ ବା ବିଜ୍ଞାନମୟ ସତ୍ତା ବୋଲି ଅଭିହିତ କରିଛୁ । କାରଣ ଯେଉଁ ପରମ ସତ୍ୟ, ପରମ ସତ୍ତା ବା ପରମ ତଦ୍‌ବସ୍ତୁ ଆମର ଭିତରେ ପ୍ରଚ୍ଛନ୍ନ ହୋଇ ରହିଛନ୍ତି ଓ ଏଠାରେ ଧୀରେ ଧୀରେ ପ୍ରକଟ ହେଉଛନ୍ତି, ଅତିମାନସଚେତନା କେବଳ ତାଙ୍କର ଚେତନା । ଆମେ ସମସ୍ତେ କେବଳ ସେହି ପରମସତ୍ତାଙ୍କରହିଁ ସମୂର୍ତ୍ତି ଏବଂ ତାଙ୍କର ସ୍ୱଭାବ ମଧ୍ୟକୁହିଁ ଆମକୁ ବିକଶିତ ହୋଇ ଉଠିବାକୁ ହେବ ।

ଯଦି ଚେତନାହିଁ ଏହି ଜଡ଼ଗତ ସତ୍ତାର ମର୍ମରହସ୍ୟ ହୋଇଥାଏ, ତେବେ ପ୍ରାଣକୁ ଆମେ ତାହାର ବହିର୍ସଙ୍କେତ ବୋଲି କହିପାରିବା, ତାହାର କାର୍ଯ୍ୟସାଧନକାରୀ ସାମର୍ଥ୍ୟ ବୋଲି କହିପାରିବା । କାରଣ ପ୍ରାଣହିଁ ଚେତନାକୁ ମୁକ୍ତ କରିଦିଏ, ତାହାକୁ ଶକ୍ତିର ବିଗ୍ରହରେ ରୂପାୟିତ କରେ ଏବଂ ଜଡ଼ଭୂମିଗତ କ୍ରିୟା ମଧ୍ୟରେ ତାହାକୁ ସଂସ୍ଥାପିତ କରିରଖେ । ଯଦି ଜଡ଼ ମଧ୍ୟରେ ଆପଣାର ଏକ ପରିପ୍ରକାଶ ଏବଂ ପ୍ରଭାବସଞ୍ଚାର ଏଠାରେ ବିବର୍ତ୍ତନଶୀଳ ପରମସତ୍ତାର ଜନ୍ମଗ୍ରହଣ କରିବାର ଚରମ ଉଦ୍ଦେଶ୍ୟ ହୁଏ

'oaob.nitrkl.ac.in' images reprocessed

ତେବେ ପ୍ରାଣକୁହିଁ ଆମେ ସେହି ପରିପ୍ରକାଶ ଓ ପ୍ରତ୍ୟାବସ୍ଥାରର ଏକ କ୍ରିୟାଶୀଳ ଓ ବହିଃକ୍ଷେତ୍ରୀୟ ସଙ୍କେତ ଓ ପ୍ରମାଣ ବୋଲି ବେଶ୍ କହିପାରିବା । ମାତ୍ର ପ୍ରାଣ ବର୍ତ୍ତମାନ ଯେଉଁ ସ୍ଥିତିରେ ରହିଛି, ସେଠାରେ ତାହା ବଡ଼ ଅପୂର୍ଣ୍ଣ ହୋଇ ରହିଛି, ତାହାର ବିବର୍ତ୍ତନ ତଥାପି ଲାଗିରହିଛି । ଚେତନାର ଅଭିବୃଦ୍ଧି ଘଟିବା ସଙ୍ଗେସଙ୍ଗେ ପ୍ରାଣର ମଧ୍ୟ ଅଭିବୃଦ୍ଧି ହେବାରେ ଲାଗିଛି ଏବଂ ପ୍ରାଣ ଆପଣାକୁ ଅଧିକ ସୁସଙ୍ଗଠିତ ଓ ପରିପୂର୍ଣ୍ଣ କରୁଥିବା ସଙ୍ଗେସଙ୍ଗେ ଚେତନାର ମଧ୍ୟ ଉତ୍ତରୋତ୍ତର ବିବର୍ତ୍ତନ ହେବାରେ ଲାଗିଛି । ଏକ ବୃହତ୍ତର ଚେତନା କେବଳ ଏକ ବୃହତ୍ତର ପ୍ରାଣରହିଁ ସୂଚନା ଦେଉଛି । ମନ ପରମସତ୍ତାଙ୍କର ସର୍ବପ୍ରଥମ ଓ ସର୍ବୋତ୍ତମ ଚେତନାସାମର୍ଥ୍ୟ ହୋଇ ନଥିବାରୁ ମନୋମୟ ମନୁଷ୍ୟର ପ୍ରାଣ ଆପଣାର ପୂର୍ଣ୍ଣତା ଲାଭ କରି ନାହିଁ । ଏବଂ ଯଦି ମନ ପ୍ରକୃତରେ ଏକ ପୂର୍ଣ୍ଣସାମର୍ଥ୍ୟଯୁକ୍ତ ତତ୍ତ୍ୱ ହୋଇ ରହିଥା'ନ୍ତା, ତଥାପି ଅନୁପଲବ୍ଧ କିଛି ନା କିଛି ନିଶ୍ଚୟ ବାକୀ ରହି ଯାଇଥା'ନ୍ତା, କିଛି ନା କିଛି ଅପ୍ରକଟ ହୋଇ ରହିଥା'ନ୍ତା । କାରଣ ଯାହା ଆପଣାକୁ ସମ୍ବୃତ କରି ରଖିଛି ଓ ଯାହା ଉନ୍ମେଷଲାଭ କରୁଛି, ତାହା ମନ ନୁହେଁ; ତାହା ହେଉଛି ଏକ ଚିତ୍‌ସତ୍ତା, ଏବଂ ମନକୁ କଦାପି ସେହି ପରମ ଚିତ୍‌ସତ୍ତାର ଚେତନାକ୍ଷେତ୍ରୀୟ ସହଜାତ ଗତିଶୀଳତା ବୋଲି କୁହାଯାଇ ପାରିବ ନାହିଁ । ଅତିମାନସ ଅର୍ଥାତ୍ ବିଜ୍ଞାନମୟତାର ସେହି ଆଲୋକ ହେଉଛି ଏହାର ସହଜାତ ଗତିଶୀଳତା । ତେଣୁ ଯଦି ପ୍ରାଣକୁ ସେହି ପରମ ଚିତ୍‌ବସ୍ତୁରହିଁ ଏକ ଅଭିବ୍ୟକ୍ତିରେ ପରିଣତ ହେବାକୁ ହୁଏ, ତେବେ ଆମ ଭିତରେ ଏକ ଅଧ୍ୟାତ୍ମସତ୍ତାର ପରିପ୍ରକାଶ ତଥା ଅଧ୍ୟାତ୍ମସତ୍ତାର ଏକ ଅତିମାନସ ଅଥବା ବିଜ୍ଞାନମୟ ସାମର୍ଥ୍ୟ ମଧ୍ୟରେ ପରିପୂର୍ଣ୍ଣତା ଲାଭ କରିଥିବା ଏକ ଚେତନାଦ୍ୱାରା ପରିପ୍ଲାବିତ ସେହି ଦିବ୍ୟ ଜୀବନର ପ୍ରସ୍ଫୁରଣହିଁ ବିବର୍ତ୍ତନଶୀଳ ପ୍ରକୃତିର ପ୍ରଚ୍ଛନ୍ନ ଦାୟିତ୍ୱ ଓ ଅଭିପ୍ରାୟ ହୋଇ ରହିବା ଉଚିତ ।

ତତ୍ତ୍ୱତଃ ଯାବତୀୟ ଅଧ୍ୟାତ୍ମ ଜୀବନକୁ ଆମେ ଦିବ୍ୟ ଜୀବନସ୍ତରଣାର ଏକ ଭୂମି ମଧ୍ୟକୁ ବିକଶିତ ହୋଇ ଉଠିବା ବୋଲି କହିପାରିବା । ବିକଶିତ ହେବାର ଏହି ପଥରେ ଠିକ୍ କେଉଁଠି ମନୋମୟ ଜୀବନର ଶେଷ ହେବ ଏବଂ ଦିବ୍ୟ ଜୀବନ ଆରମ୍ଭ ହେବ, ସେଭଳି ଏକ ସୀମାନିର୍ଦ୍ଦେଶକ ଗାର ଟାଣି ଦେଖାଇଦେବା ବଡ଼ କଷ୍ଟକର । କାରଣ ଏହି ଦୁଇଟିଯାକ ପରସ୍ପର ମଧ୍ୟକୁ କେବଳ ପ୍ରକ୍ଷେପିତ ହୋଇ ରହିଛନ୍ତି ଏବଂ ଏକ ଦୀର୍ଘବ୍ୟାପ୍ତ ମଧ୍ୟଭୂମିରେ ଦୁହେଁଯାକ ପରସ୍ପର ସହିତ ମିଶ୍ରିତ ବି ହୋଇ ରହିଛନ୍ତି । ଆଧ୍ୟାତ୍ମିକତାର ଆବେଗରେ ପଡ଼ି ଯଦି ସାଧକ ଇହଜଗତ ପ୍ରତି ଏକାନ୍ତ ଭାବରେ ବିମୁଖ ହୋଇ ନପଡ଼ି ଥାଏ, ତେବେ ଏହି ମଧ୍ୟବର୍ତ୍ତୀ ଭୂମିର ଏକ ବୃହତ୍ ଅଂଶକୁ ଆବୋରି ଧରି ଏକ ଉଚ୍ଚତର ଜୀବନର ନିର୍ମାଣ କରୁଥିବାର ଏକ ପ୍ରକ୍ରିୟା ଅବଶ୍ୟ ପରିଲକ୍ଷିତ ହୋଇପାରେ । ଚିତ୍‌ବସ୍ତୁର ଆଲୋକଦ୍ୱାରା ମନ ଓ ପ୍ରାଣ

'oaob.nitrkl.ac.in' images reprocessed

ଆପଣାକୁ ଆଲୋକିତ କରିଦେବା ସଙ୍ଗେସଙ୍ଗେ ଦିବ୍ୟତାର କଳାଗୁଡ଼ିକୁ ପରିଧାନ କରିବାକୁ ବା ପ୍ରତିଫଳିତ କରିବାକୁ ମଧ୍ୟ ଆରମ୍ଭ କରିଦିଅନ୍ତି, ସେହି ପ୍ରଚ୍ଛନ୍ନ ବୃହତ୍ତର ସତ୍ୟଟିକୁ ପ୍ରତିଫଳିତ କରିବାରେ ଲାଗନ୍ତି । ମଧ୍ୟବର୍ତ୍ତୀ ଭୂମି ବା ପଥଟି ଅତିକ୍ରାନ୍ତ ହୋଇଯିବା ଯାଏ ଏହି ବୃତ୍ତିଟି ଉତ୍ତରୋତ୍ତର ବୃଦ୍ଧି ପାଇଥାଏ ଏବଂ ସେତେବେଳେ ଅସ୍ତିତ୍ୱର ସମୁଦାୟ କ୍ଷେତ୍ରଟି ଅଧ୍ୟାତ୍ମତତ୍ତ୍ୱର ପୂର୍ଣ୍ଣ ଆଲୋକ ଏବଂ ପୂର୍ଣ୍ଣ ସାମର୍ଥ୍ୟ ଦ୍ୱାରା ଏକ ଅଖଣ୍ଡତାରେ ପରିଣତ ହେବାକୁ ଲାଗେ । ମାତ୍ର ବିବର୍ତ୍ତନର ପ୍ରକ୍ରିୟାଟିରେ ନିହିତ ହୋଇ ରହିଥିବା ଆକୂତିଟିର ପରିପୂର୍ଣ୍ଣ ସାର୍ଥକତାରେ ଉପନୀତ ହେବାକୁ ହେଲେ ଏହି ଆଲୋକନ ତଥା ପରିବର୍ତ୍ତନକୁ ସମୁଦାୟ ସତ୍ତାଟିକୁହିଁ ଆପଣା ହାତରେ ଗ୍ରହଣ କରିନେବାକୁ ହୁଏ; ମନ, ପ୍ରାଣ ଓ ଦେହଟିକୁ ଗ୍ରହଣ କରିନେବାକୁ ହୁଏ ଓ ସେଗୁଡ଼ିକୁ ନୂଆକରି ତିଆରି କରିବାକୁ ହୁଏ । ପରମ ଦିବ୍ୟତାକୁ ନେଇ କେବଳ ଏକ ଅନ୍ତର୍ଗତ ଅନୁଭୂତିଲାଭରେ କାମ ଚଳେ ନାହିଁ, ମାତ୍ର ସେହି ଦିବ୍ୟତାର ସାମର୍ଥ୍ୟଟି ଦ୍ୱାରା ଆନ୍ତର ଓ ବାହ୍ୟ ଦୁଇଟିଯାକ ଅସ୍ତିତ୍ୱକୁ ନୂଆକରି ବଦଳେଇବାକୁ ହୁଏ । କେବଳ ବ୍ୟକ୍ତିର ଆପଣା ଜୀବନରେ ନୁହେଁ, ମାତ୍ର ପାର୍ଥିବ ପ୍ରକୃତିରେ ଅବତୀର୍ଣ୍ଣ ହୋଇଥିବା ସେହି ପରମ ଚିଦ୍‌ସତ୍ତାର ଏକ ପରମ ଓ ସର୍ବୋତ୍ତମ ସମୂର୍ତ୍ତସାମର୍ଥ୍ୟ ଓ ସମୂର୍ତ୍ତରୂପରୂପେ ପ୍ରତିଷ୍ଠିତ ହୋଇଥିବା ବିଜ୍ଞାନମୟ ପୁରୁଷସତ୍ତାମାନଙ୍କୁ ଏକାଠି କରି ଏକ ସାମୂହିକ ବା ଗୋଷ୍ଠୀଗତ ଜୀବନରେ ମଧ୍ୟ ଏହାକୁ ରୂପ ଗ୍ରହଣ କରିବାକୁ ହୁଏ । ଏକଥା ସମ୍ଭବ ହେବାକୁ ହେଲେ ଆମ ଭିତରେ ଅବସ୍ଥାନ କରୁଥିବା ଅଧ୍ୟାତ୍ମ ଏକକକୁ ତା' ସତ୍ତାର କେବଳ ସେହି ଅନ୍ତଃସ୍ଥିତିଟିରେ ଯେ ଆପଣାର ସମସ୍ତ ପରିପୂର୍ଣ୍ଣତାଟିକୁ ବିକଶିତ କରାଇବାକୁ ପଡ଼ିବ ତାହା ନୁହେଁ, ତାହାର ବହିର୍ଗାମୀ ଶକ୍ତିପ୍ରବାହ ଭିତରେ ମଧ୍ୟ ଆପଣାର ପରିପୂର୍ଣ୍ଣ ସିଦ୍ଧିରେ ପ୍ରତିଷ୍ଠିତ ହେବାକୁ ପଡ଼ିବ; ଏବଂ ସେହି ପରିପୂର୍ଣ୍ଣତାର ବଳରେ ଓ ଆପଣାର ପରିପୂର୍ଣ୍ଣ କ୍ରିୟାତ୍ମକତାର ଏକ ପ୍ରୟୋଜନରୂପେ ତାହାକୁ ଆପଣାର ବାହ୍ୟ ଜୀବନକ୍ଷେତ୍ରଟିକୁ ମଧ୍ୟ ଏକ ସ୍ୱକୀୟ ଗତ୍ୟାତ୍ମକତା ଦେବାକୁ ପଡ଼ିବ ଏବଂ ଏକ ସ୍ୱକୀୟ ନମିତ୍ତ ବା ସାଧନଯନ୍ତ୍ରରୂପେ ବିକଶିତ କରାଇବାକୁ ପଡ଼ିବ ।

ଏଥିରେ ଲେଶମାତ୍ର ସନ୍ଦେହ ନାହିଁ ଯେ ଆମ ଅନ୍ତର୍ଜୀବନର କ୍ଷେତ୍ରରେ ଏକ ଆଧ୍ୟାତ୍ମିକ ଜୀବନ ବେଶ୍ ସମ୍ଭବ ହୋଇପାରିବ, ଆମ ଭିତରେ ଏପରି ଏକ ସ୍ୱର୍ଗରାଜ୍ୟର ପ୍ରତିଷ୍ଠା ହୋଇପାରିବ ଯାହାକି ବହିଃସ୍ଥ ସତ୍ତାର କୌଣସି ବାହ୍ୟ ରୂପାୟନ ଅଥବା ସାଧନ ଉପରେ ଆଦୌ ନିର୍ଭରଶୀଳ ହୋଇ ରହିବ ନାହିଁ । ଏକଥା ସତ ଯେ ଆମ ଅନ୍ତର୍ଜୀବନର ଏକ ପରମ ଆଧ୍ୟାତ୍ମିକ ମହତ୍ତ୍ୱ ସବୁବେଳେ ରହିଛି, ଏବଂ ଆମର ବାହ୍ୟ ସ୍ଥିତିଟି ଯେତିକି ପରିମାଣରେ ସେହି ଅନ୍ତଃସ୍ଥିତିଟିକୁ ଅଭିବ୍ୟକ୍ତ କରିପାରୁଛି, ତାହାର କେବଳ ସେତିକି ମୂଲ୍ୟ ରହିଛି । ଅବଶ୍ୟ ସ୍ମରଣ ରଖିବାକୁ ହେବ ଯେ

'oaob.nitrkl.ac.in' images reprocessed

ଆଧ୍ୟାତ୍ମିକ ଉପଲବ୍ଧି କରିଥିବା ପୁରୁଷଙ୍କର ଆଚରଣ, ବିଚରଣ ତଥା କର୍ମ ଯାହାହେଉ ପଛକେ, ତାଙ୍କର ପ୍ରତ୍ୟେକ ଆଚରଣ ଓ କର୍ମ କରିବାର ସ୍ଥିତିରେ ସେ ଗୀତାର ଭାଷାରେ "ସ ସର୍ବଥା ମୟି ବର୍ତ୍ତତେ"। ସେ ପରମ ଦିବ୍ୟସତ୍ତା ମଧ୍ୟରେହିଁ ବାସ କରୁଥା'ନ୍ତି, ଆଧ୍ୟାତ୍ମିକ ଜୀବନର ଉପଲବ୍ଧି କରିଥା'ନ୍ତି। ଆପଣାର ଆଧ୍ୟାତ୍ମିକ ଆତ୍ମସତ୍ତାର ସତତ ବୋଧ ସହିତ ଓ ଆପଣା ଭିତରେ ତଥା ସର୍ବତ୍ର ସେହି ଦିବ୍ୟ ସତ୍ତାର ଉପଲବ୍ଧି କରି ବାସ କରୁଥିବା ଅଧ୍ୟାତ୍ମ ବ୍ୟକ୍ତି ଅନ୍ତର୍ଗତ ଭାବରେ ଏକ ଦିବ୍ୟ ଜୀବନ ଅତିବାହିତ କରୁଥିବେ। ଏବଂ ଜୀବନର ବହିର୍ଭୂମିରେ ତାଙ୍କର ଯାବତୀୟ କ୍ରିୟା ଉପରେ ମଧ୍ୟ ତାହାର ପ୍ରତିବିମ୍ବ ଅବଶ୍ୟ ପଡ଼ୁଥିବ। ସେହି କର୍ମଗୁଡ଼ିକ ପାର୍ଥିବ ପ୍ରକୃତିର ଏହି ଜଗତ୍‌କ୍ଷେତ୍ରରେ ମାନୁଷୀ ଭାବନା ଓ କ୍ରିୟାଶୀଳତାର ନିତ୍ୟନୈମିତ୍ତିକତା ମଧ୍ୟରେ ଆବଦ୍ଧ ହୋଇ ରହୁଥିଲେହେଁ ଅଥବା ସେହିପରି ପ୍ରତୀତ ହେଉଥିଲେହେଁ, ତାହା ଉପରେ ଅବଶ୍ୟ ଦିବ୍ୟ ଜୀବନଯାପନର ଛାପ ଆସି ପଡ଼ୁଥିବ। ଏହାହିଁ ହେଉଛି ଦିବ୍ୟ ଜୀବନର ସର୍ବପ୍ରଥମ ସତ୍ୟ ଓ ସର୍ବସାର ବିଷୟ। ମାତ୍ର ତଥାପି ଏକ ଆଧ୍ୟାତ୍ମିକ ସମୂଳବିବର୍ତ୍ତନର ଦୃଷ୍ଟିକୋଣରୁ ବିଚାର କଲେ ଏହାକୁ ଯଥାର୍ଥରେ କୌଣସି ପରିବର୍ତ୍ତନ ଘଟି ନଥିବା ଏକ ପାରିବେଶିକ ଅସ୍ତିତ୍ୱଭୂମିରେ କେବଳ ଗୋଟାଏ ବ୍ୟକ୍ତିଗତ ମୁକ୍ତିଲାଭ ଓ ପରିପୂର୍ଣ୍ଣତା ବୋଲି ବୁଝାଯିବ। ଖାସ୍ ଏହି ପାର୍ଥିବ ପ୍ରକୃତିରେ ଏକ ବୃହତ୍ତର ଓ ଗତିଶୀଳ ପରିବର୍ତ୍ତନ ଘଟାଇବାକୁ ହେଲେ, ଜୀବନ ତଥା କର୍ମର ସମୁଦାୟ ତନ୍ତ୍ର ଓ ନୈମିତ୍ତିକତାରେ ଏକ ଆଧ୍ୟାତ୍ମିକ ରୂପାନ୍ତର ଘଟାଇବାକୁ ପଡ଼ିବ; ଦିବ୍ୟ ପରିଣତିକ୍ରମର ଚରମ ଓ ପରିପୂର୍ଣ୍ଣ ଅବସ୍ଥା ସମ୍ବନ୍ଧରେ ଆମର ଯେଉଁ ଧାରଣା ରହିଛି, ତାହାର ଭିତରେ ଦେବମାନବ ବ୍ୟକ୍ତିମାନଙ୍କର ଏକ ନୂତନ ଗଣ ଏବଂ ପୃଥିବୀ ଉପରେ ଏକ ନୂତନ ଜୀବନର ଆବିର୍ଭାବକୁ କଳ୍ପନା କରିବାକୁ ପଡ଼ିବ। ଏଠାରେ ବିଜ୍ଞାନମୟ ରୂପାନ୍ତରଟିହିଁ ସବୁଠାରୁ ଅଧିକ ମହତ୍ତ୍ୱପୂର୍ଣ୍ଣ ହୋଇପଡ଼ୁଛି। ତାହାପୂର୍ବରୁ ଯାହାକିଛି ଘଟିବ, ଆମେ ତାହାକୁ ସମସ୍ତ ପ୍ରକୃତିର ଏହି ନବୋନ୍ମେଷକାରୀ ରୂପାନ୍ତର ନିମନ୍ତେ ଏକ ନିର୍ମାଣକାଳ ଅଥବା ପ୍ରସ୍ତୁତିପର୍ବରୂପେ ବିଚାର କରିପାରିବା। କାରଣ ଗତିଶୀଳ ଜୀବନସ୍ଫୁରଣାର ଏକ ବିଜ୍ଞାନମୟ ମାର୍ଗହିଁ ଏହି ପୃଥିବୀ ଉପରେ ଦିବ୍ୟ ଜୀବନକୁ ପରିପୂର୍ଣ୍ଣ ହେବାର ପ୍ରତିଷ୍ଠା ଦେଇପାରିବ; ଜୀବନ ବଞ୍ଚିବାର ଏହି ସରଣୀଟି ଆମର ଏହି ଜଡ଼ ଅସ୍ତିତ୍ୱର ଭୂମି ଉପରେ ଚେତନାକୁ ଯଥାର୍ଥ ଭାବରେ ଗତିସମ୍ପନ୍ନ କରାଇବା ଲାଗି ବିଶ୍ୱଜ୍ଞାନ ତଥା ବିଶ୍ୱକର୍ମର ଉଚ୍ଚତର ସାଧନଗୁଡ଼ିକୁ ବିକଶିତ କରାଇଆଣିବ, ଜଡ଼ଗତ ପ୍ରକୃତିର ଚଳଣିଦ୍ୱାରା ଚଳୁଥିବା ଏକ ପୃଥିବୀର ଯାବତୀୟ ମୂଲ୍ୟ ଓ ମୂଲ୍ୟବୋଧକୁ ଆପଣା ହାତରେ ଗ୍ରହଣ କରିନେବ ଓ ସେଥିରେ ରୂପାନ୍ତର ଆଣିଦେବ।

'oaob.nitrkl.ac.in' images reprocessed

ମାତ୍ର ବିଜ୍ଞାନମୟ ଜୀବନର ସମସ୍ତ ଭିତ୍ତିଟି ସର୍ବଦା ସ୍ୱଭାବତଃ ବାହ୍ୟରେ ନୁହେଁ, କେବଳ ସେହି ଭିତରେହିଁ ପ୍ରତିଷ୍ଠିତ ହେବ । ଚିଦ୍‌ଗତ ଜୀବନରେ କେବଳ ଏହି ଚିଦ୍‌ଗତତା ବା ଅନ୍ତରସ୍ଥ ପରମସତ୍ୟଟିହିଁ ଆପଣାର ସାଧନରୂପେ ମନ, ପ୍ରାଣ ତଥା ଦେହକୁ ତିଆରି କରି ରଖିଛି ଓ ସେଗୁଡ଼ିକୁ ଆପଣାର କାମରେ ଲଗାଉଛି । ଆମର ଭାବନା, ଅନୁଭୂତି ଓ କର୍ମ,—ଏଗୁଡ଼ିକ ଆପଣା ଭିତରେହିଁ ଆପେ ତିଷ୍ଠି ରହି ନାହାନ୍ତି; ସେମାନେ ଉଦ୍ଦେଶ୍ୟରୂପେ ଅବସ୍ଥିତ ହୋଇ ରହି ନାହାନ୍ତି, କେବଳ ସାଧନରୂପେହିଁ ରହିଛନ୍ତି । ଆମ ଭିତରେ ଯେଉଁ ଦିବ୍ୟ ପରମସତ୍ୟ ଆପଣାକୁ ଅଭିବ୍ୟକ୍ତ କରିଦେଉଛି, ତାହାକୁହିଁ ପ୍ରକାଶ କରିବା ସକାଶେ ସେମାନେ ପରିକର ହୋଇଅଛନ୍ତି । ତା' ନହୋଇଥିଲେ, ଅର୍ଥାତ୍ ଏହି ଅନ୍ତର୍ଗତତା ବା 'ଆଧ୍ୟାତ୍ମିକ ପ୍ରବର୍ତ୍ତନା ବ୍ୟତୀତ ଅତିମାତ୍ରାରେ ବାହ୍ୟଭାବେ ସଞ୍ଚରି ରହିଥିବା ଏକ ଚେତନାରେ ଏବଂ କେବଳ ବାହ୍ୟ ସାଧନଗୁଡ଼ିକର ସାହାଯ୍ୟରେ କୌଣସି ବୃହତ୍ତର ଅଥବା ଦିବ୍ୟ ଜୀବନ କଦାପି ସମ୍ଭବ ହୁଅନ୍ତା ନାହିଁ । ବର୍ତ୍ତମାନର ଆମର ଏହି ପ୍ରକୃତିଗତ ଜୀବନରେ, ଆପଣା ସ୍ୱଭାବରେ ଗୋଟାସୁଦ୍ଧା ବାହ୍ୟ ହୋଇ ରହିଥିବା ଉପରିଭାଗସ୍ଥ ଏହି ଜୀବନଯାତ୍ରାରେ ଆମର ମନେହେଉଛି, ସତେଯେପରି ଏହି ପୃଥିବୀହିଁ ଆମକୁ ସୃଷ୍ଟି କରିଛି । ମାତ୍ର ଆଧ୍ୟାତ୍ମିକ ଜୀବନ ଆଡ଼କୁ ମଙ୍ଗଟିକୁ ମୋଡ଼ିଦେବା ପରେ, ଆମେ ନିଜେହିଁ ଆମର ତଥା ଆମ ପୃଥିବୀଟିର ସ୍ରଷ୍ଟା ହୋଇପାରିବା ଉଚିତ । ସୃଷ୍ଟିର ଏହି ନୂତନ ସୂତ୍ରର ବିଧାନରେ ଆମର ଆନ୍ତର ଜୀବନଟିହିଁ ପ୍ରଥମେ ମହତ୍ତ୍ୱପୂର୍ଣ୍ଣ ବୋଲି ସାବ୍ୟସ୍ତ ହୁଏ ଏବଂ ତାହା ବ୍ୟତୀତ ଆଉ ଯାହା ଅବଶିଷ୍ଟ ରହେ, ତାହା କେବଳ ସେହି ଆନ୍ତର ଜୀବନଟିର ପ୍ରକାଶ ଓ ପରିଣାମ ହୋଇ ରହିଥାଏ । ପରିପୂର୍ଣ୍ଣ ହେବାଲାଗି ଆମର ସକଳ ଉଦ୍ୟମରେ ବସ୍ତୁତଃ ତାହାହିଁ ସର୍ବଦା ସୂଚିତ ହୋଇଥାଏ, ଆମ ନିଜର ଆତ୍ମା, ମନ ତଥା ଜୀବନର ଏବଂ ଆମ ଗୋଷ୍ଠୀଗତ ଜୀବନର ପରିପୂର୍ଣ୍ଣତା କଥା କହିଲାବେଳେ ତାହାହିଁ ଅଭିପ୍ରେତ ହୋଇ ରହିଥାଏ । କାରଣ ଆମେ ଏଠି ଯେଉଁଭଳି ଏକ ପୃଥିବୀରେ ବିଚରଣ କରୁଛୁ, ତାହା ନାନା ଅସ୍ପଷ୍ଟତା ଦ୍ୱାରା ଆଚ୍ଛନ୍ନ ହୋଇ ରହିଛି, ଅବିଦ୍ୟାଗ୍ରସ୍ତ ରହିଛି, ଜଡ଼ର ନାନା ପାଶରେ ବନ୍ଧା ହୋଇଛି, ବହୁ ଦୋଷଯୁକ୍ତ ଓ ଅପୂର୍ଣ୍ଣ ହୋଇ ରହିଛି । ଏବଂ ଆମର ଏହି ବାହ୍ୟ ଚେତନାଗତ ସତ୍ତାଟି ମଧ୍ୟ ଏହି ବିଶାଳ ଓ ନିର୍ବାକ୍ ଅସ୍ପଷ୍ଟତାର ନାନା ସାମର୍ଥ୍ୟଦ୍ୱାରା, ତାହାରି ରୂପଦ୍ୱାରା ଓ ଗ୍ରନ୍ଥିରେ ପକାଇ କିଛି ଗଢ଼ିଦେବାର ଏକ ନିସ୍ୱାତ୍ମକତା ଦ୍ୱାରା ବିସୃଜିତ ହେଉଛି, ଆମର ଏହି ପାର୍ଥିବ ଜନ୍ମ, ପରିବେଶ ଏବଂ ଏହି ଜୀବନର ନାନା ପ୍ରଭାବ ତଥା ଅଭିଘାତ ମଧ୍ୟଦେଇ ଆମକୁ ମିଳୁଥିବା ତାଲିମ ଦ୍ୱାରା ଆକାର ଗ୍ରହଣ କରୁଛି । ଏବଂ ତଥାପି ଯେତେ ଅସ୍ପଷ୍ଟ ଭାବରେ ହେଲେ ମଧ୍ୟ ଆମେ ଅନୁଭବ କରୁଛୁ ଯେ ଆମ ଭିତରେ ଏହିପରି ଭାବରେ ତିଆରି ହୋଇଥିବା ସବୁକିଛିଠାରୁ ଭିନ୍ନ ଆଉ ଗୋଟାଏ

'oaob.nitrkl.ac.in' images reprocessed

କିଛି ରହିଛି ବା ଆମ ଭିତରେ କେହି ଯେପରି ସେହିପରି ଭିନ୍ନ କିଛି ହେବାର ଆକାଙ୍‌କ୍ଷା ରଖିଛି; ଆମ ଭିତରେ ଏକ ଆପେକ୍ଷିତ୍ୱମାନ ଚିତ୍‌ସତ୍ତା ଅଧିଷ୍ଠିତ ରହିଛି, ଆପେ ଆପଣାର ନିୟନ୍ତ୍ରଣ ଓ ସଞ୍ଚାଳନ କରୁଛି, ସଙ୍ଗୁପ୍ତ ହୋଇ ରହିଥିବା ଆପଣାର ଏକ ପରିପୂର୍ଣ୍ଣତା ଅଥବା ପରିପୂର୍ଣ୍ଣତାର ସଦ୍‌ଭୂତ ବିଜ୍ଞାନକୁ ନେଇ ଏକ ଆଦର୍ଶ ପ୍ରତିରୂପ ନିର୍ମାଣ କରି ରଖିବାକୁ ତାହା ଆମ ପ୍ରକୃତିକୁ ଉଦ୍‌ବୋଧିତ କରିନେଉଛି ଏହି ଦାବିଟିକୁ ସ୍ୱତିସ୍ପନ୍ଦନ ଜଣାଇ ଆମ ଭିତରେ ସତେଅବା କେହି ବା କିଛି ସତତ ବିକଶିତ ହେବାରେ ଲାଗିଛି, ସେହି ଦିବ୍ୟ ପରମାତ୍ମାଙ୍କର ପ୍ରତିରୂପ ହୋଇ ଉଠିବାର ହେବାର ଉଦ୍ୟମ କରୁଛି; ଏବଂ ତାହାକୁ ତାହାର ଭୂମିରୂପେ ବଢ଼ାଇ ଦିଆଯାଇ ଥିବା ଏହି ବହିଃପୃଥିବୀକୁ ମଧ୍ୟ ସେ ସେହି ଅନୁସାରେ କେତେ କ'ଣ କରି ଗଢ଼ିବାରେ ଲାଗିଯାଉଛି, ତାହାକୁ ମଧ୍ୟ ସେ ଏକ ବୃହତ୍ତର ଆଦର୍ଶରେ ନୂତନ ଭାବରେ ଗଢ଼ିବାକୁ ଅଗ୍ରସର ହେଉଛି, ଆପଣାର ଆଧ୍ୟାତ୍ମିକ, ମନୋଗତ ତଥା ପ୍ରାଣଗତ ଅଭିବୃଦ୍ଧିର ଆଦର୍ଶରେ ଗଢ଼ିବାଲାଗି ବାହାରିପଡ଼ୁଛି । ଆମର ଏହି ପୃଥିବୀକୁ ମଧ୍ୟ ଆମର ନିଜର ଏହି ମନ ଏବଂ ସ୍ୱତଃ-ଉତ୍‌ସାରିତ ଚିତ୍‌ସତ୍ତାର ଭାବାନୁରୂପ କରି ଗଢ଼ିବାକୁ ଆଗଭର ହେଉଛି; ତାହାକୁ ଏକ ନୂଆ ରୂପ ଦେବାକୁ, ସେଥିରେ ସୌଷମ୍ୟ ଓ ପରିପୂର୍ଣ୍ଣତା ଆଣିଦେବା ଲାଗି ଉଦ୍ୟମ କରିବାର ପ୍ରେରଣା ପାଉଛି ।

ମାତ୍ର ଆମର ପ୍ରାକୃତ ମନ ହେଉଛି ଏକ ଅନ୍ଧକାରାଚ୍ଛନ୍ନ ମନ, ଏହାର ଯାବତୀୟ ଧାରଣା କେବଳ ଆଂଶିକ ଧାରଣା; ନାନା ବିପରୀତଧର୍ମୀ ବିଷୟର ପ୍ରତିଭାସ ଦ୍ୱାରା ଏହା କେତେପ୍ରକାରେ ପଥଭ୍ରଷ୍ଟ ହେବାରେ ଲାଗିଥାଏ ଏବଂ ବିଭିନ୍ନ କେତେ ସମ୍ଭାବନା ମଧ୍ୟରେ ବିଭକ୍ତ ହୋଇ ପଡ଼ିଥାଏ । ଏହି ମନ ତିନୋଟି ବିଭିନ୍ନ ଦିଗରେ ଚାଳିତ ହେଉଥାଏ ଏବଂ ଏଥିମଧ୍ୟରୁ ଯେକୌଣସି ଗୋଟିକୁ ମଧ୍ୟ ଐକାନ୍ତିକ ଅଗ୍ରାଧିକାର ବି ଦେଇପାରେ । ଯାହା ଅବଶ୍ୟ ହେବା ଉଚିତ, ତାହାର ସନ୍ଧାନ କରିବାକୁ ଯାଇ ଆମର ମନ ଆମ ନିଜର ଆଧ୍ୟାତ୍ମିକ ଅଭିବୃଦ୍ଧି ତଥା ପରିପୂର୍ଣ୍ଣତା ଉପରେ ଅଭିନିବିଷ୍ଟ ହେବା ଦିଗରେ ଆଗେଇ ଯାଏ, ଆମ ନିଜର ବ୍ୟକ୍ତିଗତ ସତ୍ତା ଏବଂ ଆନ୍ତର ଜୀବନଗୁଡ଼ିକ ଆଡ଼କୁ ମଧ୍ୟ ଆପଣାକୁ ମୁହାଁଇନିଏ । ଅଥବା, ବ୍ୟକ୍ତିଗତ ଭାବରେ ଆମ ଉପରିଭାଗସ୍ଥ ପ୍ରକୃତିର ବିକାଶ ଦିଗରେ ବି ପ୍ରବୃତ୍ତ ହୋଇ ରହେ, ଆମର ଭାବନାଟିକୁ ପୂର୍ଣ୍ଣାଙ୍ଗ କରିବାରେ, ବାହ୍ୟ ଜଗତରେ ଗତିଶୀଳ ବା ବ୍ୟାବହାରିକ କର୍ମଟିକୁ ପୂର୍ଣ୍ଣତା ଆଣିଦେବାରେ ଅଥବା ପାରିପାର୍ଶ୍ୱିକ ଜଗତ ସହିତ ବ୍ୟକ୍ତିଗତ ସମ୍ବନ୍ଧର କୌଣସି ଆଦର୍ଶରେ ନେଇ ଆପଣାକୁ ପ୍ରତିଷ୍ଠିତ କରିବା ସକାଶେ ଅଭିନିବିଷ୍ଟ ରହିଥାଏ । ଅଥବା ଖାସ୍ ଏହି ବହିର୍ଜଗତରେହିଁ ଆପଣାକୁ ଅଭିନିବିଷ୍ଟ କରି ରଖିବାକୁ ମନ କରେ; ଏଇଟିକୁ ଅଧିକ ଉନ୍ନତ କରାଇବାକୁ, ଆମର ଭାବଧାରା ଓ ମନୋରୁଚି ମୁତାବକ ଅଥବା ଯାହା ହେବା ଉଚିତ, ତାହାରି ବିଷୟରେ

'oaob.nitrkl.ac.in' images reprocessed

ଆମର ରହିଥିବା କଳ୍ପନାଟି ଅନୁସାରେ ତାହାକୁ ଅନୁକୂଳିତ କରି ରଖେ । ଗୋଟିଏ ପାଖରେ ଆମର ଅଧ୍ୟାତ୍ମସତ୍ତା ଅର୍ଥାତ୍ ଆମର ଯଥାର୍ଥ ଆତ୍ମସତ୍ତାରୁ ଆହ୍ୱାନ ଆସି ବାଜୁଥାଏ, ସେହି ବିଶ୍ୱାତୀତ ସତ୍ୟ ବା ଦିବ୍ୟ ପରମ ପୁରୁଷଙ୍କର ଏକ ସତ୍ତାର ଆହ୍ୱାନ ଆସୁଥାଏ; ଏହି ଜଗତଦ୍ୱାରା ଯାହା ସୃଷ୍ଟ ହୋଇ ନାହିଁ, ଯାହା ସର୍ବଦା ନିଜ ମଧ୍ୟରେ ନିଜେ ବାସ କରିବାକୁ ନିଶ୍ଚୟ ସମର୍ଥ ହୋଇପାରିବ, ଏହି ଜଗତ୍ ସୀମାଟିକୁ ପାରି ହୋଇ ଏକ ବିଶ୍ୱାତୀତତା ମଧ୍ୟକୁ ଉତ୍ତୋଳିତ ହୋଇ ଯିବାଲାଗି ତାହାର ଆହ୍ୱାନ ଆସି ପହଞ୍ଚିବାରେ ଲାଗିଥାଏ । ଏବଂ ଅନ୍ୟପାଖରେ ଆମ ଚାରି ପାଖରେ ଆମକୁ ଘେରି ରହିଥିବା ଏହି ଜଗତର ଦାବିଟି ମଧ୍ୟ ଘୋଷିତ ହୋଇ ଉଠୁଥାଏ; ଏକ ବିଶ୍ୱମୟ ଆକାର ଧରିଥିବା ଯେଉଁ ଜଗତ ସେହି ଦିବ୍ୟ ପରମସତ୍ତାର ଏକ ରୂପାୟନ ମାତ୍ର, ଛଦ୍ମବେଶରେ ସେହି ପରମ ସତ୍ୟର ଏକ ସାମର୍ଥ୍ୟ ମାତ୍ର, ତାହାର ଦାବି ଆସି କାନରେ ବାଜୁଥାଏ । ଏତଦ୍‌ବ୍ୟତୀତ ଏହି ଦୁଇଟି ଭୂମିର ମଝିରେ ଅବସ୍ଥିତ ରହିଥିବା ଆମର ଯେଉଁ ପ୍ରାକୃତ ସତ୍ତାଟି ସେଗୁଡ଼ିକ ଉପରେ ନିର୍ଭର କରି ରହିଛି ଓ ଦୁହିଁଙ୍କୁ ଏକାଠି ଗଅଁଠାଇ ରଖିଛି, ତାହାର ବିଭକ୍ତ ବା ଯୁଗଳ ଦାବିଟି ମଧ୍ୟ ଆସି ପହଞ୍ଚୁଥାଏ । କାରଣ, ଆପାତଦୃଷ୍ଟିରୁ ଆମର ପ୍ରାକୃତ ସତ୍ତାଟି ସତେଅବା ଏହି ଜଗତଟି ଦ୍ୱାରାହିଁ ତିଆରି ହୋଇଥିଲା ପରି ମନେ ହେଉଥାଏ, ମାତ୍ର ତଥାପି ତାହାର ଯଥାର୍ଥ ସ୍ରଷ୍ଟା ଆମ ନିଜ ଭିତରେ ବିଦ୍ୟମାନ ରହିଥିବାରୁ ଏବଂ ଯେଉଁ ଜାଗତିକ ନୈମିତ୍ତିକତା ଦ୍ୱାରା ତାହା ତିଆରି ହୋଇଥିବା ପରି ବୋଧହେଉଛି, ସେଇଟି କେବଳ ଏକ ପ୍ରଥମ ଉପାୟରୂପେ ଅବଲମ୍ବନ କରାଯାଇ ଥିବାରୁ, ଏହା ଆମର ଭିତରେ ଅବସ୍ଥିତ ଏକ ବୃହତ୍ତର ଆଧ୍ୟାତ୍ମିକ ସତ୍ତାର କେବଳ ଗୋଟିଏ ରୂପାୟନ ବା ଛଦ୍ମରୂପ ଅଭିବ୍ୟକ୍ତି ବ୍ୟତୀତ ଆଉକିଛି ନୁହେଁ । ଏହି ଦାବି ଗୋଟିଏ ଦିଗରେ ଏକ ଅନ୍ତର୍ଗତ ପରିପୂର୍ଣ୍ଣତା ବା ଆଧ୍ୟାତ୍ମିକ ଗ୍ରନ୍ଥିମୋଚନ ଉପରେ ଅଭିନିବିଷ୍ଟ ହୋଇ ରହିବା ଓ ଅପର ଦିଗରେ ଏହି ବହିର୍ବିଶ୍ୱ ଏବଂ ତାହାର ରୂପାୟନ ଉପରେ ଅଭିନିବିଷ୍ଟ ହୋଇ ରହିବା ମଧ୍ୟରେ ମଧ୍ୟସ୍ଥତା କରୁଥାଏ, ଦୁହିଁଙ୍କ ମଧ୍ୟରେ ଏକ ସୁଖସମ୍ବନ୍ଧ ସ୍ଥାପନ କରି ରଖିବାଲାଗି ଚାପ ଦେଉଥାଏ ଏବଂ ଏକ ଅଧିକ ବିଚରଣଯୋଗ୍ୟ ବିଶ୍ୱରେ ଏକ ଯୋଗ୍ୟତର ବ୍ୟକ୍ତିକୁ ସମ୍ଭବ କରାଇବାଲାଗି ଆଦର୍ଶ-ରୂପେ ମାଗୁଥାଏ । ମାତ୍ର କେବଳ ଆମର ଭିତରେହିଁ ପରମସତ୍ୟର ପରିଚୟ ମିଳିବ, ଏକ ପରିପୂର୍ଣ୍ଣ ଜୀବନର ଉତ୍ସ ତଥା ଆଧାରର ସନ୍ଧାନ ମିଳିପାରିବ । ବାହାରର କୌଣସି ରୂପାୟନକୁ ଏହାର ବିକଳ୍ପରୂପେ ଗ୍ରହଣ କରାଯାଇ ପାରିବ ନାହିଁ; ଏହି ଜଗତରେ ତଥା ଏହି ପ୍ରକୃତିରେ ଯଥାର୍ଥ ଜୀବନଟିର ଉପଲବ୍ଧି କରିବାକୁ ହେଲେ ଆମର ଅନ୍ତର ଭିତରେହିଁ ଯଥାର୍ଥ ଆତ୍ମାର ଉପଲବ୍ଧି କରିବାକୁ ହେବ ।

'oaob.nitrkl.ac.in' images reprocessed

ଏକ ଦିବ୍ୟ ଜୀବନ ମଧ୍ୟକୁ ବିକଶିତ ହୋଇ ଉଠିବାକୁ ହେଲେ ଚୈତ୍ୟସତ୍ତାହିଁ ପ୍ରଥମ ଅଭିନିବେଶ ହୋଇ ରହିବା ଉଚିତ । ଚୈତ୍ୟସତ୍ତା ବର୍ତ୍ତମାନ ମନୋଗତ, ପ୍ରାଣଗତ ତଥା ଦେହଗତ କେତେ ପରସ୍ତ ଓ ଛଦ୍ମାବରଣ ଭିତରେ ଗୁଡ଼ାଇହୋଇ ରହିଛି; ତାହାକୁ ସେଠାରୁ ବାହାର କରିଆଣି ଆମର ଆତ୍ମସତ୍ତା ଭିତରେ ପ୍ରକାଶିତ କରିଦେବାକୁ ହେବ । ଉପନିଷଦର କହିଲାଭଳି ଅନେକ ଧୈର୍ଯ୍ୟର ସହିତ ତାହାକୁ ଆମର ଏହି ଦେହଭୂମିଟା ମଧ୍ୟରୁ ନିଷ୍କାସିତ କରିନେବାକୁ ପଡ଼ିବ ଏବଂ ଆମ ନିଜ ଭିତରେ ଚୈତ୍ୟସତ୍ତା ବା ଚିଦ୍‌ଗତତାର ଏକ ଆନ୍ତର ଜୀବନର ପ୍ରତିଷ୍ଠା କରିବାକୁ ପଡ଼ିବ; ଏବଂ ଏହା ଅତି ସ୍ପଷ୍ଟ କଥା ଯେ ସେପର୍ଯ୍ୟନ୍ତ ଆମର ବହିଃକ୍ଷେତ୍ରରେ ମଧ୍ୟ କୌଣସି ଦିବ୍ୟ ଜୀବନ କଦାପି ସମ୍ଭବ ହେବ ନାହିଁ । ଅବଶ୍ୟ ଯଦି ଆମେ ଆମର କୌଣସି କାମ୍ୟବସ୍ତୁ ହିସାବରେ କେବଳ ଏକ ମାନସିକ ଅଥବା ପ୍ରାଣମୟ ଦେବଶକ୍ତିର କଳ୍ପନା କରୁଥାଉ ଓ ସେହିପରି ହେବାର ଅଭିଳାଷ ରଖିଥା'ଉ, ତେବେ ତାହା ଅନ୍ୟକଥା ହେବ । ମାତ୍ର ସେତେବେଳେ ମଧ୍ୟ ଆମ ଭିତରେ ରହିଥିବା ମାନସିକ ବ୍ୟକ୍ତିସତ୍ତା ବା ସାମର୍ଥ୍ୟସତ୍ତା ତଥା ପ୍ରାଣଗତ ସକଳ ଆବେଗ ତଥା ଆକାଙ୍‌କ୍ଷାକୁ ପ୍ରଥମେ ଏକ ଦେବଶକ୍ତିର ରୂପରେ ସମୁଚ୍ଚ ହୋଇ ଉଠିବାକୁ ପଡ଼ିବ; ତେବେଯାଇ ସେହି ଗୌଣସ୍ତରୀୟ ଅର୍ଥରେ ଆମ ଜୀବନ ଏକ ଦିବ୍ୟପ୍ରେରଣାରେ ପ୍ରବୃତ୍ତ ହୋଇପାରିବ, ତେବେଯାଇ ଆମ ଭିତରେ ସେହି ଅବଚେତନୀୟ ଅତିମାନବ, ମନୋଗତ ଅର୍ଦ୍ଧଦେବତା ବା ପ୍ରାଣମୟ ଦୈତ୍ୟବଳ ଅଥବା ଦେବ ବା ଅସୁର ସମ୍ଭବ ହେବ । ତେଣୁ ପ୍ରଥମେ ଏହି ଅନ୍ତର୍ଗତ ଜୀବନଟିର ପ୍ରତିଷ୍ଠା ହୋଇଗଲେ ତା'ପରେ ଆମର ଏହି ଉପରିସ୍ତରସ୍ଥ ସମୁଦାୟ ଅସ୍ତିତ୍ୱଟିକୁ ଅର୍ଥାତ୍ ଏହି ପୃଥିବୀମଧ୍ୟସ୍ଥ ଆମର ସକଳ ଭାବନା, ଅନୁଭବ ତଥା କର୍ମକୁ ସେହି ଅନ୍ତର୍ଗତ ଜୀବନର ଏକ ପୂର୍ଣ୍ଣ ସାମର୍ଥ୍ୟରୂପେ ନବଦୀକ୍ଷିତ କରିନେବାହିଁ ଆମର ପରବର୍ତ୍ତୀ ପ୍ରୟାସ ହୋଇ ରହିବ । ଆମ ଜୀବନସ୍ଫୁରଣାର ଗତିଶୀଳ କ୍ଷେତ୍ରଗୁଡ଼ିକରେ ଆମେ ସେହି ଅଧିକ ଗଭୀର ତଥା ବୃହତ୍ତର ସ୍ତରରେ ଆପଣାର ଜୀବନଟିକୁ ବଞ୍ଚାଇପାରିଲେ ଯାଇ ଏକ ବୃହତ୍ତର ଜୀବନର ନିର୍ମାଣଲାଗି ଏକ ବେଗ ଓ ବଳର ସୃଷ୍ଟି ହୋଇପାରିବ; ସେତେବେଳେ ଯାଇ ମନ ତଥା ପ୍ରାଣର କୌଣସି ଶକ୍ତି ବା ପରିପୂର୍ଣ୍ଣତା ଦ୍ୱାରା ହେଉ ଅଥବା ସେହି ପରମ ଚିଦ୍‌ବସ୍ତୁର ଶକ୍ତି କିମ୍ବା ପରିପୂର୍ଣ୍ଣତା ଦ୍ୱାରା ହେଉ ପଛକେ, ଏହି ପୃଥିବୀକୁ ନୂଆ କରି ଗଢ଼ିବା ସମ୍ଭବ ହେବ । ଯେଉଁ ମନୁଷ୍ୟମାନେ ସ୍ୱୟଂ ଅପୂର୍ଣ୍ଣ ହୋଇ ରହିଛନ୍ତି, ସେମାନେ ମନୁଷ୍ୟଲାଗି କୌଣସି ଆଦର୍ଶ ପୃଥିବୀର ରଚନା କରିପାରିବେ ନାହିଁ କିମ୍ବା ସେହିମାନେ ରହିଲେହିଁ ଆମର ଏହି ପୃଥିବୀ ଏକ ଆଦର୍ଶ ପୃଥିବୀରେ ପରିଣତ ହୋଇଯିବ ନାହିଁ । ଏପରିକି ଯଦି ଆମର ସକଳ କ୍ରିୟାଶୀଳତା ଅତ୍ୟନ୍ତ ଯତ୍ନ ସହକାରେ ଶିକ୍ଷା, ଆଇନକାନୁନ ଅଥବା ସମାଜନୀତି ତଥା ରାଜନୀତିକୁ ଚଳାଉଥିବା

'oaob.nitrkl.ac.in' images reprocessed

କୌଣସି ତନ୍ତ୍ର ବା ଯନ୍ତ୍ରଦ୍ୱାରା ନିୟମିତ ବା ନିୟନ୍ତ୍ରିତ ହୋଇ ରହେ, ତଦ୍ୱାରା ହୁଏତ କେବଳ ମନଗୁଡ଼ିକୁ ନେଇ ଏକ ପୂର୍ଣ୍ଣନିୟମିତ ଗୁଚ୍ଛର ସୃଷ୍ଟି କରାଯାଇ ପାରିବ, ଜଗତସ୍ଥ ଜୀବନଗୁଡ଼ିକୁ ଯନ୍ତ୍ରବତ୍ ଏକ ନିର୍ଦ୍ଦିଷ୍ଟ ଢଙ୍ଗରେ ଚାଳିତ କରାଯାଇ ପାରିବ ବା ଜୀବନର ଆଚରଣଟିକୁ ଏକ କର୍ଷିତ ମାର୍ଗରେ ପରିଚାଳିତ କରିନେଇ ହେବ । ମାତ୍ର କେବଳ ଏହି ଗୁମ୍ଫରେ ପଡ଼ି ସ୍ୱତ ମାନ ଚଳିବାଦ୍ୱାରା ଭିତରର ମଣିଷଟି କେବେହେଲେ ବଦଳିବ ନାହିଁ, ନୂଆ କରି କଦାପି ଗଢ଼ା ହୋଇ ପାରିବ ନାହିଁ, ଆପଣା ନିୟମାନୁଶାସନର ଗାର ଚଳାଇ ତାହା କଦାପି କୌଣସି ପୂର୍ଣ୍ଣ ଆତ୍ମା, ପୂର୍ଣ୍ଣ ମନନଶୀଳ ମନୁଷ୍ୟ ଅଥବା ଏକ ପରିପୂର୍ଣ୍ଣ ବା ବର୍ଦ୍ଧନଶୀଳ ପୁରୁଷକୁ କାଟି ବାହାର କରିପାରିବ ନାହିଁ । କାରଣ ଆତ୍ମା ହେଉ, ମନ ହେଉ ଅଥବା ପ୍ରାଣ ହେଉ, ଏସବୁ କେବଳ ସେହି ସତ୍ତାରହିଁ ଗୋଟିଏ ଗୋଟିଏ ସାମର୍ଥ୍ୟ, ଏଗୁଡ଼ିକ ବିକଶିତ ହୋଇପାରିବେ, ଆପଣାର ଅଭିବୃଦ୍ଧି ଘଟାଇ ପାରିବେ, ମାତ୍ର ପଥରରୁ ମୂର୍ତ୍ତି କାଟିଲି ପରି କଟାଯାଇ କିମ୍ବା ଗଢ଼ାଯାଇ ପାରିବେ ନାହିଁ । ବହିର୍ଭୂମିର କୌଣସି ପ୍ରକ୍ରିୟା ବା ରୂପାୟନ ଆତ୍ମା, ମନ ଅଥବା ପ୍ରାଣର ଅଭିବୃଦ୍ଧିରେ ସାହାଯ୍ୟ କରିପାରିବ; ସେଗୁଡ଼ିକୁ ବ୍ୟକ୍ତ କରିପାରିବ ମାତ୍ର ତାହାର ସୃଷ୍ଟି କରିପାରିବ ନାହିଁ କିମ୍ବା ବିକଶିତ କରାଇ ଆଣି ପାରିବ ନାହିଁ । କଳ ଭିତରୁ ଜିନିଷ ତିଆରି କଲାପରି ନୁହେଁ, ମାତ୍ର ସତ୍ତା ଉପରେ ଉତ୍‌ପ୍ରେରକ ନାନା ପ୍ରଭାବ ପକାଇ ଅଥବା ଆପଣାର ଆତ୍ମଶକ୍ତି, ମନଃଶକ୍ତି ତଥା ପ୍ରାଣଶକ୍ତି ଦ୍ୱାରା ତାହାକୁ ବଳୀୟାନ୍ କରି ଆମେ କୌଣସି ସତ୍ତାକୁ ତା'ର ବିକାଶଧାରାରେ ଅବଶ୍ୟ ସାହାଯ୍ୟ କରିପାରିବା; ମାତ୍ର ତେବେସୁଦ୍ଧା ଯାହାକିଛି ବିକାଶ ଘଟିବ, ତାହା କେବଳ ସେହି ଭିତରୁହିଁ ଘଟିବ; ଏହିସବୁ ପ୍ରଭାବ ଓ ଶକ୍ତିମତ୍ତାକୁ କିପରି କାର୍ଯ୍ୟକାରୀ କରିବାକୁ ହେବ, ତାହାର ନିର୍ଦ୍ଧାରଣ ସେହି ଭିତରୁହିଁ ହେଉଥିବ, ବାହାରୁ ହେବ ନାହିଁ । ସୃଷ୍ଟିଧର୍ମ । ଆମର ସକଳ ଉତ୍ସାହ ଓ ଆକାଙ୍କ୍ଷାକୁ ପ୍ରଥମେ ଏହି ସତ୍ୟଟିକୁହିଁ ଜାଣି ରଖିବାକୁ ହେବ, ତା' ନହେଲେ ମନୁଷ୍ୟତ୍ୱରେ ଆମର ଯାବତୀୟ ପ୍ରଚେଷ୍ଟା କେବଳ ଏକ ନିରର୍ଥକ ଭଉଁରି ବୁଲିବା ଭିତରେ ଧନ୍ଦି ହୋଇ ରହିବାରେହିଁ ପରିଣତ ହେବ ଏବଂ ସେଥିରୁ ଆମକୁ ଯେଉଁ ତଥାକଥିତ ସଫଳତା ମିଳିବ, ତାହା କେବଳ ଏକ ବିପୁଳ ବଞ୍ଚନାରେହିଁ ପର୍ଯ୍ୟବସିତ ହୋଇ ରହିବ ।

କିଛି ହେବା ବା କୌଣସି ଏକ ରୂପରେ ସମ୍ଭୂତ ହେବା କିମ୍ବା ଲୁକ୍କାୟିତ ହୋଇ ରହିଥିବା କୌଣସି ସମ୍ପଦକୁ ସତ୍ତାରୂପେ ପ୍ରକାଶିତ କରିଦେବାକୁହିଁ ଆମେ ପ୍ରକୃତସାମର୍ଥ୍ୟର ସକଳ ସାଧନା ବୋଲି କହିପାରିବା । ଜାଣିବାର, ଅନୁଭବ କରିବାର ଓ କିଛି କରିବାର ମଧ୍ୟ ଏକ ମୂଲ୍ୟ ଅବଶ୍ୟ ରହିଛି; ମାତ୍ର ଏଗୁଡ଼ିକ ହେଉଛି ଗୋଟିଏ ଗୋଟିଏ ଗୌଣ ସାମର୍ଥ୍ୟ । କାରଣ ସତ୍ତାର ଯଥାର୍ଥ ଆତ୍ମପ୍ରକାଶର ଆଂଶିକ

'oaob.nitrkl.ac.in' images reprocessed

ଉପଲବ୍ଧିରେ ଏଗୁଡ଼ିକ ତା'ର ସହାୟକ ଭାବରେ କାର୍ଯ୍ୟ କରନ୍ତି; ଏବଂ ସତ୍ତାର ଅନ୍ତର ଯାହାକିଛି ହେବାଲାଗି ବାକି ରହିଛି ସେହି ଅନୁପଲବ୍ଧ ଉପସ୍ଥିତିକୁ ବ୍ୟକ୍ତ କରି ପାରିବାର ଆକାଙ୍କ୍ଷାରେ ମଧ୍ୟ ଏଗୁଡ଼ିକ ସତ୍ତାକୁ ସାହାଯ୍ୟ କରନ୍ତି । ମାତ୍ର ଜ୍ଞାନ, ଭାବନା ବା କର୍ମ,—ତାହା ଧର୍ମଗତ, ନୀତିଗତ, ରାଜନୈତିକ, ସାମାଜିକ, ଅର୍ଥନୈତିକ, ପ୍ରୟୋଜନାତ୍ମକ ବା ସୁଖାତ୍ମକ ତାହା ମାନସିକ, ପ୍ରାଣିକ ଅଥବା ଭୌତିକ ଯେଉଁ ଜାତିର ବା ଯେଉଁ କିସମର ହେଉ ପଛକେ,—ଏସବୁକୁ ଆମ ଜୀବନରେ କଦାପି ଅସଲ ଉଦ୍ଦେଶ୍ୟରୂପେ ଗ୍ରହଣ କରାଯାଇ ପାରିବ ନାହିଁ । ସତ୍ତା ଅଥବା ତା'ର ସମ୍ଭୂତି ମଧ୍ୟରେ ଯେଉଁ ସାମର୍ଥ୍ୟମାନ ରହିଛି, ସେଗୁଡ଼ିକ ହେଉଛି ଏହିସବୁ ସାମର୍ଥ୍ୟର ଗୋଟିଏ ଗୋଟିଏ କ୍ରିୟା ମାତ୍ର; ସତ୍ତାର ଗତିଶୀଳ ଏକ ସ୍ୱକୀୟ ପ୍ରତୀକ ମାତ୍ର, ଶକ୍ତିରଙ୍ଗ ଛନ୍ଦସ୍ପନ୍ଦର ବିସୃଷ୍ଟି ମାତ୍ର; ସତ୍ତା ଯାହା ହେବାକୁ ଲୋଡ଼ୁଛି, ତା'ହାକୁ ଆବିଷ୍କାର ବା ରୂପାୟିତ କରିଦେବା ସକାଶେ ଗୋଟିଏ ଗୋଟିଏ ସାଧନ ମାତ୍ର । ମାତ୍ର ଏକ ସ୍ୱାଭାବିକ ପ୍ରବୃତ୍ତିର ବଶବର୍ତ୍ତୀ ହୋଇ ମନୁଷ୍ୟର ଜଡ଼ବଦ୍ଧ ମନଟି ଅନ୍ୟପ୍ରକାରେ ଦେଖିବାକୁ ଚାହେଁ, ସେ ବସ୍ତୁଗୁଡ଼ିକର ଯଥାର୍ଥ ସ୍ଥିତିଟିକୁ ଓଲଟା କରିଦିଏ; କାରଣ ପ୍ରକୃତିର କେବଳ ଉପରିଭାଗସ୍ଥ ଶକ୍ତିସଞ୍ଚରଣ ଓ ପ୍ରତୀକସବୁଗୁଡ଼ିକୁହିଁ ସେ ମର୍ମଗତ ଓ ମୌଳିକ ବୋଲି ଗ୍ରହଣ କରିପକାଏ । କେବଳ ଦୃଶ୍ୟମାନ ତଥା ବାହ୍ୟ ପ୍ରକ୍ରିୟାଟି ଦ୍ୱାରା ପ୍ରକୃତି ଯାହାକିଛି ସୃଷ୍ଟି କରୁଥାଏ, ଜଡ଼ସ୍ଥ ମନ ତାହାକୁହିଁ ପ୍ରକୃତିକ୍ରିୟାର ସମ୍ପୂର୍ଣ୍ଣ ସାରସତ୍ୟ ବୋଲି ଗ୍ରହଣ କରିନିଏ; ଏବଂ ଏଇଟି ଯେ କେବଳ ଏକ ଗୌଣ ପ୍ରତୀକ ମାତ୍ର ଓ ଏହାର ତଳେ ଆଉ ଏକ ବୃହତ୍ତର ପ୍ରକ୍ରିୟା ଯେ ପ୍ରଚ୍ଛନ୍ନ ଭାବରେ ବର୍ତ୍ତମାନ ରହିଛି, ସେ ସେଇଟିକୁ ଦେଖିବାକୁ ମଧ୍ୟ ଚାହେଁ ନାହିଁ । କାରଣ ପ୍ରକୃତି ମଧ୍ୟରେ ଅନ୍ତର୍ଗୂଢ଼ ରହି କାର୍ଯ୍ୟ କରୁଥିବା ପ୍ରକ୍ରିୟାଟି ସତ୍ତାର ସାମର୍ଥ୍ୟ ତଥା ରୂପଗୁଡ଼ିକୁ ବିକଶିତ କରିଆଣି କେବଳ ସେହି ସତ୍ତାରହିଁ ବିକାଶ ଘଟାଏ; ବହିର୍ଭୂମି ଉପରେ ପ୍ରକୃତିର ଯେଉଁ ରୂପ ପଡ଼ୁଥାଏ, ତାହା କେବଳ ଏହି ବିବର୍ତ୍ତନଟିର ବା ଏହି ଆତ୍ମରୂପାୟନର ଆବଶ୍ୟକତା ଅନୁସାରେ ସଂବୃତ୍ତ ହୋଇ ରହିଥିବା ସତ୍ତାକୁହିଁ ଜାଗ୍ରତ କରିଦେବାରେ ଏକ ସାଧନପରି କାର୍ଯ୍ୟ କରୁଥାଏ । ଏହିପରି ଭାବରେ ତା'ର ବିବର୍ତ୍ତନକ୍ରମରେ ଯେତେବେଳେ ଆଧ୍ୟାତ୍ମିକ ସୋପାନଟି ଆସି ପହଞ୍ଚେ, ସେତେବେଳେ ଏହି ଅନ୍ତର୍ଗୂଢ଼ ପ୍ରକ୍ରିୟାଟିକୁ ସମୁଦାୟ ପ୍ରକ୍ରିୟାରେ ପରିଣତ ହେବାକୁ ପଡ଼େ । ସେତେବେଳେ ପ୍ରକ୍ରିୟାର ଅଧୀନ ହୋଇ ରହିବାର ଆବରଣଟିକୁ ଭାଙ୍ଗି ବାହାରିଯିବା ଓ ସେଗୁଡ଼ିକର ପ୍ରଚ୍ଛନ୍ନ ମୂଳ ପ୍ରେରଣା ଅର୍ଥାତ୍ ସ୍ୱୟଂ ସେହି ଚିଦ୍‌ସତ୍ତା ପାଖରେ ଯାଇ ପହଞ୍ଚି ପାରିବାହିଁ ସବୁଠାରୁ ଅଧିକ ମହତ୍ତ୍ୱପୂର୍ଣ୍ଣ ହୋଇ ରହେ । ଆପଣାକୁ ଉପଲବ୍ଧି କରିବା ବା ଆତ୍ମସ୍ୱରୂପରେ ଅବତୀର୍ଣ୍ଣ ହେବା ହେଉଛି ସର୍ବପ୍ରଥମ କର୍ତ୍ତବ୍ୟ, ମାତ୍ର ଯାହା ଆମର ଭିତରେ ସେହି ଅନ୍ତର୍ଭୂମିରେ ବର୍ତ୍ତମାନ ରହିଛି, ତାହାହିଁ ହେଉଛି ଆମର ଯଥାର୍ଥ

'oaob.nitrkl.ac.in' images reprocessed

ସ୍ୱରୂପ, ଯଥାର୍ଥ ପରତତ୍ତ୍ୱ । ତେଣୁ ଦେହ, ପ୍ରାଣ ଓ ମନର ଏହି ବାହ୍ୟ ଆତ୍ମସଜ୍ଜାଟିକୁ ଅତିକ୍ରମ କରିଯିବା ହେଉଛି ଏହି ପରମ ସତ୍ତା ବା ଆମର ଯଥାର୍ଥ ଓ ଦିବ୍ୟ ସତ୍ତାର ଆତ୍ମପ୍ରକାଶ ଘଟାଇବାର ଓ ତାହାକୁ କ୍ରିୟାଶୀଳ କରାଇବାର ଏକମାତ୍ର ସର୍ତ୍ତ । କେବଳ ଆପଣା ଭିତରେ ସେହି ଆବଶ୍ୟକ ଅନ୍ତର୍ବୃଦ୍ଧିଟି ଘଟାଇ ପାରିଲେ ଓ ଆପଣା ଭିତରେହିଁ ବାସ କରି ରହିବାକୁ ସମର୍ଥ ହେଲେ ଯାଇ ଆମେ ତାହାକୁ ଲାଭ କରିପାରିବା । ଯେତେବେଳେ ସେଇଟି ସାଧ୍ୟ ହୋଇଯିବ ସେତେବେଳେ ସେହିଠାରେ ଅବସ୍ଥିତ ରହି ଆମର ଆଧ୍ୟାତ୍ମିକ ବା ଦିବ୍ୟ ମନ, ପ୍ରାଣ ଓ ଦେହଟିକୁ ଗଢ଼ିନେବାକୁ ପଡ଼ିବ ଓ ଏହି ନିର୍ମିତିଟି ସାହାଯ୍ୟରେ ଦିବ୍ୟ ଜୀବନାଚରଣର ଏକ ଯଥାର୍ଥ ପରିବେଶ ହୋଇ ପାରିବାଭଳି ଏକ ପୃଥିବୀର ନିର୍ମାଣ କରି ପାରିବାକୁ ହେବ;—ଶକ୍ତିମୟୀ ପ୍ରକୃତି ଏଇଟିକୁହିଁ ଚରମ ଉଦ୍ଦେଶ୍ୟରୂପେ ଆମର ସମ୍ମୁଖରେ ଉପସ୍ଥାପିତ କରି ରଖିଛି । ତେଣୁ ସର୍ବପ୍ରଥମ ଆବଶ୍ୟକତାରୂପେ ବ୍ୟକ୍ତି, ଅର୍ଥାତ୍ ପ୍ରତ୍ୟେକ ବ୍ୟକ୍ତି ତା'ର ଆପଣା ଭିତରେ ଥିବା ସେହି ଚୈତ୍ୟସତ୍ତା ଅର୍ଥାତ୍ ଦିବ୍ୟସତ୍ୟଟିର ଆବିଷ୍କାର କରିବ ଏବଂ ଆପଣାର ସମଗ୍ର ସତ୍ତା ତଥା ଜୀବନର ସମଗ୍ର କ୍ଷେତ୍ରଟିରେ ତାହାକୁ ବ୍ୟକ୍ତ କରିଦେବ । ଦିବ୍ୟ ଜୀବନ ଅର୍ଥାତ୍ ପ୍ରଥମତଃ ଓ ପ୍ରଧାନତଃ ଏକ ଅନ୍ତଃପ୍ରେରିତ ଜୀବନ, ଏକ ଅନ୍ତରସ୍ଥ ଜୀବନ; କାରଣ ଯାହାକିଛି ଭିତରେ ରହିଛି, ବାହାରର ଜୀବନଟି ତାହାର କେବଳ ଏକ ବ୍ୟକ୍ତ ରୂପହିଁ ହୋଇଥିବାରୁ, ଭିତରେ ଦିବ୍ୟତ୍ୱର ପ୍ରତିଷ୍ଠା ନହେବା ପର୍ଯ୍ୟନ୍ତ ବାହାରର ଭୂମିଟିରେ ମଧ୍ୟ କୌଣସି ଦିବ୍ୟଭାବ କଦାପି ସମ୍ଭବ ହେବ ନାହିଁ । ମନୁଷ୍ୟ ଭିତରେ ରହିଥିବା ଦିବ୍ୟତା ତା'ର ସେହି ଚିଦ୍‌ଗତ କେନ୍ଦ୍ରଟିରେହିଁ ପ୍ରଚ୍ଛନ୍ନ ହୋଇ ବାସ କରୁଥାଏ; ମନୁଷ୍ୟର ଭିତରେ ଯଦି ଏକ ଶାଶ୍ୱତ ଆତ୍ମା ଓ ଚିଦ୍‌ଗତତାର ସତ୍ୟ ସଂସ୍ଥାପିତ ହୋଇ ରହି ନଥା'ନ୍ତା, ତେବେ ତା' ଲାଗି ଆପଣାକୁ ଅତିକ୍ରମ କରିଯିବା ଅଥବା ଆପଣାର ଜୀବନରେ କୌଣସି ଉଚ୍ଚତର ସମ୍ପଦର ଅଧିକାରୀ ହେବାର ଆଦୌ କୌଣସି ପ୍ରସଙ୍ଗହିଁ ଉଠୁ ନଥା'ନ୍ତା ।

ପରିଣତ ହେବା ଏବଂ ପୂର୍ଣ୍ଣରୂପେ ପରିଣତ ହେବା ହେଉଛି ଆମର ଭିତରେ ନିହିତ ରହିଥିବା ପ୍ରକୃତିର ଉଦ୍ଦେଶ୍ୟ, ମାତ୍ର ପୂର୍ଣ୍ଣରୂପେ ପରିଣତ ହେବାର ଅର୍ଥ ହେଉଛି ଆପଣାର ସତ୍ତା ସମ୍ବନ୍ଧରେ ପରିପୂର୍ଣ୍ଣ ଭାବରେ ଚେତନାଶୀଳ ହୋଇଉଠିବା । ଅଚେତନା, ଅର୍ଦ୍ଧଚେତନା ଅଥବା ଅପୂର୍ଣ୍ଣଚେତନା ମଧ୍ୟରେ ଆପଣାକୁ ପୂର୍ଣ୍ଣରୂପେ ପାଇବା ସମ୍ଭବ ହୁଏ ନାହିଁ । ଏହାକୁ ହୁଏତ ଜୀବନ ବୋଲି କୁହାଯାଇ ପାରିବ, କିନ୍ତୁ ସତ୍ତାର ପରିପୂର୍ଣ୍ଣତା ବୋଲି କହି ହେବ ନାହିଁ । ଆପଣାକୁ ସମ୍ପୂର୍ଣ୍ଣରୂପେ ଜାଣିବା ଓ ପୂର୍ଣ୍ଣାଙ୍ଗ ଭାବରେ ଜାଣିବା ତଥା ଆପଣା ସତ୍ତାର ସକଳ ସତ୍ୟକୁ ସମସ୍ତ ଓ ସକଳାଙ୍ଗରୂପେ ଜାଣିବା ହେଉଛି ଜୀବନର ଯଥାର୍ଥ ଅଧିକାରୀ ହୋଇପାରିବା

'oaob.nitrkl.ac.in' images reprocessed

ଲାଗି ଏକାନ୍ତ ଆବଶ୍ୟକ । ଏହି ଆତ୍ମଜ୍ଞାନ ବା ଆତ୍ମଅବଗତି ହେଉଛି ଅଧ୍ୟାତ୍ମଜ୍ଞାନ; ଏକ ଅନ୍ତର୍ସ୍ଵଭାବଗତ ଆପେଆପି ବର୍ତ୍ତିମାନ ଚେତନା ହେଉଛି ଅଧ୍ୟାତ୍ମଜ୍ଞାନର ସବୁମୂଳ କଥା । ତା' ଜ୍ଞାନର ଯାବତୀୟ କ୍ରିୟାରେ, ଏପରିକି ତାହାର ଯେକୌଣସି କ୍ରିୟାରେ ମଧ୍ୟ କେବଳ ଏହି ଚେତନାହିଁ ଆପଣାକୁ ରୂପାୟିତ କରି ରଖିଥାଏ । ଅନ୍ୟ ଯାବତୀୟ ଜ୍ଞାନକୁ କେବଳ ଏକ ଆତ୍ମବିସ୍ମୃତ ଚେତନା ବୋଲି ବୁଝାଯିବ, ଆପଣାକୁ ଭୁଲି ଯାଇ ପୁନର୍ବାର ଆପଣାକୁ ତଥା ଆପଣା ଭିତରେ ଅବସ୍ଥିତ ସମ୍ପଦଗୁଡ଼ିକୁ ଜାଣିବାର ଏକ ପ୍ରୟାସ ବୋଲି ବୁଝାଯିବ; ଆପଣାକୁ ପୁନର୍ବାର ଆତ୍ମଜ୍ଞାନରେ ରୂପାନ୍ତରିତ କରିପାରିବା ଲାଗି କୃଚ୍ଛ୍ରକ୍ଲେଶ କରୁଥିବା ଆତ୍ମ-ଅଜ୍ଞାନ ବୋଲିହିଁ ବୁଝାଯିବ ।

ପୁଣି, ଚେତନା କେବଳ ଆପଣା ମଧ୍ୟରେ ସତ୍ତ୍ୱର ଶକ୍ତିକୁ ବହନ କରି ରହିଥାଏ ବୋଲି, ତାହାର ସ୍ୱଭାବଗତ ପୂର୍ଣ୍ଣାଙ୍ଗ ଶକ୍ତିକୁ ଲାଭ କରିବାକୁହିଁ ସମ୍ଭୂତିର ଚରମ ଉତ୍କର୍ଷ ବୋଲି ବୁଝାଯିବ । ତାହାର ଅର୍ଥ ହେଉଛି ଏହାଦ୍ୱାରା ଆତ୍ମାର ସକଳ ଶକ୍ତିର ଅଧିକାର ଉପଲବ୍ଧ ହୁଏ ଏବଂ ସେହି ଶକ୍ତିଗୁଡ଼ିକୁ ସବୁପ୍ରକାରେ ବ୍ୟବହାର କରିବାର ଅଧିକାର ମଧ୍ୟ ଉପଲବ୍ଧ ହୁଏ । କେବଳ ଜୀବନ ଧାରଣ କରିବା, ଅର୍ଥାତ୍ ଆପଣା ସତ୍ତ୍ୱର ଶକ୍ତି ଉପରେ ଆପଣାର କୌଣସି ଅଧିକାର ନଥାଇ ଅଥବା କେବଳ ଅର୍ଦ୍ଧମାତ୍ର କିମ୍ବା ଅପୂର୍ଣ୍ଣ ଅଧିକାର ଥାଇ ଜୀବନ ଧାରଣ କରିବା ଅର୍ଥ ଏହି ଜୀବନରେ ବଡ଼ ଖର୍ବ ଓ ଖଣ୍ଡିତ ହୋଇ ରହିବା । ଏହାଦ୍ୱାରା ଜୀବନ ଧାରଣ କରିହେବ ସତ, ମାତ୍ର ଏହାକୁ ପରିପୂର୍ଣ୍ଣ ଜୀବନ ବୋଲି କଦାପି ବୁଝାଯିବ ନାହିଁ । ପୁଣି, ସତ୍ତ୍ୱର ସମସ୍ତ ଶକ୍ତିକୁ ଆତ୍ମସମାହୃତ କରିଆଣି ଆତ୍ମାର ଏକ ନିଶ୍ଚଳ ସ୍ଥିତିରେ ଅବସ୍ଥିତ ରହିବା ସମ୍ଭବ ହୋଇପାରେ; ତା' ହେଲେ ବି, କ୍ରିୟାତ୍ମକତା ତଥା ନିଶ୍ଚଳତା ଉଭୟକୁ ଧାରଣ କରିବାହିଁ ସ୍ୱଭାବତ ଅସ୍ତିତ୍ୱର ପରିପୂର୍ଣ୍ଣତା । ଆତ୍ମସତ୍ତ୍ୱର ଶକ୍ତି ହେଉଛି ଆପଣା ମଧ୍ୟରେ ଅବସ୍ଥିତ ସେହି ଦିବ୍ୟତ୍ୱର ଏକ ସଙ୍କେତ; ଶକ୍ତିହୀନ ଚିତ୍‌ସତ୍ତ୍ୱ ପ୍ରକୃତରେ ପୂର୍ଣ୍ଣଚିତ୍‌ସତ୍ତ୍ୱ ନୁହେଁ । ଅଧ୍ୟାତ୍ମଚେତନା ଏକ ସ୍ୱରୂପସ୍ଥ ଓ ସ୍ୱବର୍ତ୍ତିମାନ ଚେତନା ହେଲାପରି ଆମ ଅଧ୍ୟାତ୍ମସତ୍ତ୍ୱର ଏହି ଶକ୍ତିଟି ମଧ୍ୟ ସ୍ୱରୂପସ୍ଥ ଓ ସ୍ୱୟଂକ୍ରିୟ ହୋଇ ରହିଥିବା ଉଚିତ, ଆପଣା ଭିତରେ ଆପେ ଅବସ୍ଥିତ ରହିଥିବା ଉଚିତ ଓ ଆପଣାକୁ ଆପେ ପରିପୂର୍ଣ୍ଣ କରି ପାରୁଥିବା ଉଚିତ । ନମିତ୍ତ ସ୍ୱଭାବରେ ଏହା ଯାହାକିଛି ବ୍ୟବହାର କରୁଥିବ, ତାହା ଏହାର କେବଳ ଏକ ଅଂଶ ହୋଇହିଁ ରହିଥିବ । ଏପରିକି ଏହା ବ୍ୟବହାର କରୁଥିବା ଯେକୌଣସି ବାହ୍ୟ ନମିତ୍ତକୁ ମଧ୍ୟ ଏହାର ଏକ ଅଂଶରେ ପରିଣତ କରିବାକୁ ପଡ଼ିବ ଓ ଏହାର ଆପଣା ସତ୍ତ୍ୱକୁ ଅଭିବ୍ୟକ୍ତ କରି ପାରିବାଲାଗି ସମର୍ଥ କରିବାକୁ ପଡ଼ିବ । ସତ୍ତ୍ୱର ଶକ୍ତି ଯେତେବେଳେ ଚେତନାଶୀଳ ଭାବରେ କ୍ରିୟାଶୀଳ ହେବାକୁ ଲାଗେ, ସେତେବେଳେ ତାହା ଇଚ୍ଛାଶକ୍ତି ବା

'oaob.nitrkl.ac.in' images reprocessed

ଫଳରେ ପରିଣତ ହୁଏ । ଏବଂ ସତ୍ତା ତଥା ସମୂତକ୍ଷେତ୍ରରେ ଚକ୍ରସତ୍ତାର ଚେତନ ଇଚ୍ଛା ବୋଲି ଯାହାକିଛି ରହିଛି, ସମଗ୍ର ଜୀବନ ବୈଷମ୍ୟର ସହିତ ତାହାକୁ ପରିପୂର୍ଣ୍ଣ କରିପାରିବା ଲାଗି ସମର୍ଥ ହେବା ଉଚିତ । ଯେଉଁ କ୍ରିୟା ବା କ୍ରିୟାଶକ୍ତି ମଧ୍ୟରେ ଏହି ସ୍ୱାଧୀନତାଟି ରହି ନାହିଁ, ଯାହା ସ୍ୱୟଂ ଆପଣାର କର୍ମସାଧନଗୁଡ଼ିକର ପ୍ରଭୁ ହୋଇ ରହି ନାହିଁ, ସେହି ଦୋଷଟି ହେତୁ ତାହା ସତ୍ତାଗତ ଶକ୍ତିର କ୍ଷେତ୍ରରେ ଅପୂର୍ଣ୍ଣତାରହିଁ ଏକ ସତ୍ୟକ ବହନ କରି ଚାଲିଛି, ତାହାର ଚେତନା ବିଭକ୍ତ ହୋଇଯାଇଛି ଓ ଏହିପରି ଭାଗ ଭାଗ ହୋଇ ତାହା ପ୍ରକୃତରେ ଅସମର୍ଥ ହୋ'ଇ ରହିଛି, ସତ୍ତାର ଅଭିବ୍ୟକ୍ତିରେ ସେଠାରେ ଅପୂର୍ଣ୍ଣତା ରହିଯାଇଛି ।

ପରିଶେଷରେ, ପରିପୂର୍ଣ୍ଣ ହୋଇ ବଞ୍ଚିବାର ଅର୍ଥ ସତ୍ତାଗତ ପରିପୂର୍ଣ୍ଣ ଆନନ୍ଦର ଅଧିକାରୀ ହୋଇ ରହିବା । ଯେଉଁଠି ସତ୍ତା ରହିଛି ଅଥଚ ଆନନ୍ଦ ନାହିଁ ଅର୍ଥାତ୍ ଆତ୍ମୋପଲବ୍ଧିର ଆନନ୍ଦ ନାହିଁ କି ବିଶ୍ୱାତ୍ମବୋଧର ପରିପୂର୍ଣ୍ଣ ଆନନ୍ଦ ନାହିଁ, ସେହି କ୍ଷେତ୍ରରେ କହିବାକୁ ହେବ ଯେ ସେଠି ଅସ୍ତିତ୍ୱ ବଡ଼ ଉଦାସୀନ ଓ ଖର୍ବ ହୋଇ ରହିଛି; ଅସ୍ତିତ୍ୱ ରହିଛି, ମାତ୍ର ସତ୍ତାର ପରିପୂର୍ଣ୍ଣତା ନାହିଁ । ଏହି ଆନନ୍ଦଟିକୁ ମଧ୍ୟ ଏକ ସ୍ୱରୂପସ୍ଥ, ସ୍ୱବର୍ତ୍ତିମାନ ଓ ସ୍ୱୟଂକ୍ରିୟ ଆନନ୍ଦ ହେବାକୁ ପଡ଼ିବ । ତାହା ଆପଣା ବାହାରେ ଥିବା ଆଉକୌଣସି ବସ୍ତୁ ଉପରେ ନିର୍ଭର କରି ରହୁ ନଥିବ; ଯାହାକିଛି ତାହାକୁ ଆନନ୍ଦ ଦେବ, ସେ ତାକୁ ଆପଣାର ଏକ ଅଂଶରୂପେ ପରିଣତ କରିନେବ, ଆପଣାର ବିଶ୍ୱାତ୍ମବୋଧର ଏକ ଅଂଶରୂପେହିଁ ସେ ସେଥିରୁ ଆନନ୍ଦ ପାଉଥିବ । ସକଳ ନିରାନନ୍ଦ, ସକଳ ଦୁଃଖ ଓ ସକଳ ଯନ୍ତ୍ରଣାକ୍ଲେଶ,—ଏସବୁ କେବଳ ଅପୂର୍ଣ୍ଣତା ଓ ଅପରିପୂର୍ଣ୍ଣତାର ଗୋଟିଏ ଗୋଟିଏ ସୂଚନା । ସତ୍ତା ଖଣ୍ଡ ଖଣ୍ଡ ହୋଇଯିବା ଫଳରେ ସେସବୁ ଜାତ ହୁଅନ୍ତି, ସତ୍ତାଗତ ଚେତନାର ଅପୂର୍ଣ୍ଣତାରୁ ଜାତ ହୁଅନ୍ତି, ସତ୍ତାଗତ ଶକ୍ତିର ଅପରିପୂର୍ଣ୍ଣତାରୁ ଜାତ ହୋଇଥା'ନ୍ତି । ସତ୍ତାରେ ପରିପୂର୍ଣ୍ଣ ହେବା, ସତ୍ତାଗତ ଚେତନା, ସତ୍ତାଗତ ଶକ୍ତି ତଥା ସତ୍ତାଗତ ଆନନ୍ଦରେ ପରିପୂର୍ଣ୍ଣ ହେବା ଏବଂ ଏହି ସମସ୍ତ ଓ ସକଳାଙ୍ଗ ପରିପୂର୍ଣ୍ଣତାରେ ଅଧିଷ୍ଠିତ ହୋଇ ରହିବା,—ତାହାହିଁ ଦିବ୍ୟଭାବରେ ଜୀବନ ବିତାଇବା ।

ମାତ୍ର ପରିପୂର୍ଣ୍ଣ ହେବା ଅର୍ଥ ବିଶ୍ୱାତ୍ମକ ହେବା । ଯେଉଁଠି ନାନା ସୀମାବାଡ଼ ଭିତରେ କ୍ଷୁଦ୍ର ଅହଂଟିର ସୀମିତତା ମଧ୍ୟରେ ଜୀବନ ଧରି ରହିବାକୁ ହୁଏ, ସେଠାରେ ତାହାକୁ ମଧ୍ୟ ଏକ ଜୀବନ ବୋଲି ବୁଝାଯିବ ସତ, ମାତ୍ର ତାହା କେବଳ ଏକ ଅପୂର୍ଣ୍ଣ ଜୀବନ ହୋଇ ରହିବ । ଆପଣାର ସ୍ୱଭାବିକ ପରିଣାମସ୍ୱରୂପ ତାହା ଏକ ଅପୂର୍ଣ୍ଣ ଚେତନା ମଧ୍ୟରେ ବଞ୍ଚିରହିବା ପରି ହେବ, ସତ୍ତାର ଏକ ଅପୂର୍ଣ୍ଣ ଶକ୍ତି ତଥା ଅପୂର୍ଣ୍ଣ ଆନନ୍ଦ ମଧ୍ୟରେ ପଡ଼ିରହିବା ପରି ହେବ । ଏହାଦ୍ୱାରା ଆପଣାର ପୂର୍ଣ୍ଣାତ୍ମ ଜୀବନଠାରୁ

'oaob.nitrkl.ac.in' images reprocessed

ଶ୍ରେଷ୍ଠ ହୋଇ ରହିବାକୁ ପଡ଼ିବ, ଏବଂ ତଦ୍ଦ୍ୱାରା ଅପରିହାର୍ଯ୍ୟ ଭାବରେ ଅଜ୍ଞାନ, ଦୁର୍ବଳତା ଓ ନାନା ଯାତନାରେ ପଡ଼ି ରହିବାହିଁ ସାର ହେବ । ଏବଂ, ପ୍ରକୃତିର କୌଣସି ଦୈବୀ ସମ୍ପଦର ପ୍ରଭାବରେ କୌଣସି ପ୍ରକାରେ ଏଗୁଡ଼ିକରୁ ନିଜକୁ ବଞ୍ଚାଇ ରଖିବା ସମ୍ଭବ ହେଲେ ମଧ୍ୟ, ଜୀବନର ପରିସର ଅତ୍ୟନ୍ତ ସଙ୍କୁଚିତ ହୋଇ ରହିବ, ଚେତନା ଓ ଶକ୍ତି ତଥା ଜୀବନର ଆନନ୍ଦ ବି ବଡ଼ ସଙ୍କୁଚିତ ହୋଇ ରହିବ । ସତ୍ତା କହିଲେ ସର୍ବଦା ଏକ ଅଖଣ୍ଡ ସତ୍ତାକୁହିଁ ବୁଝାଏ, ଏବଂ ତେଣୁ ଆପଣାର ପରିପୂର୍ଣ୍ଣ ସତ୍ତାରେ ଅବସ୍ଥିତ ରହିବାର ଅର୍ଥ ହେଉଛି ସତ୍ତା ବୋଲି ଅଖଣ୍ଡ ଭାବରେ ଯାହାକିଛି ରହିଛି, ସେହି ସମଷ୍ଟିକୁ ଆପଣାର ସତ୍ତା ମଧ୍ୟରେ ଅନୁଭବ କରିବା । ସମସ୍ତଙ୍କର ଅଥବା ସମଷ୍ଟିର ସତ୍ତା ମଧ୍ୟରେ ଆପଣାର ସତ୍ତାକୁ ଅନୁଭବ କରିବା ଏବଂ ଆପଣାର ସତ୍ତା ମଧ୍ୟରେ ସମଷ୍ଟିକୁ ଅନ୍ତର୍ଭୁକ୍ତ କରି ରଖିବା, ସମଷ୍ଟିର ଚେତନାରେ ଆପେ ସଚେତନ ହୋଇ ରହିବା ଏବଂ ଶକ୍ତିର କ୍ଷେତ୍ରରେ ବିଶ୍ୱମୟ ଶକ୍ତି ସହିତ ଏକତ୍ରସମାବିଷ୍ଟ ହୋଇ ରହିବା, ସକଳ କ୍ରିୟା ତଥା ସକଳ ଅନୁଭବକୁ ଆପଣା ଭିତରେ ବହନ କରି ତାହାକୁ ଆପଣାର କ୍ରିୟା ଓ ଅନୁଭୂତିରୂପେ ଅନୁଭବ କରିବା, ସକଳ ଆତ୍ମସତ୍ତାକୁ ଆପଣାର ଆତ୍ମସତ୍ତାରୂପେ ଅନୁଭବ କରିବା ଏବଂ ସତ୍ତାଗତ ଯାବତୀୟ ଆନନ୍ଦକୁ ଆପଣାରହିଁ ଆନନ୍ଦ ବୋଲି ଅନୁଭବ କରିବା,—ଆମେ ଏହାକୁ ଏକ ସର୍ବପରିପୂର୍ଣ୍ଣ ଦିବ୍ୟ ଜୀବନ-ସ୍ଫୁରଣାର ଅପରିହାର୍ଯ୍ୟ ସାଧନ ବୋଲି ଜାଣିରଖିବା ।

ମାତ୍ର ଆପଣା ବିଶ୍ୱାତ୍ମକତାର ମୁକ୍ତ ତଥା ପୂର୍ଣ୍ଣ ଭୂମି ଉପରେ ବିଶ୍ୱାତ୍ମକ ବା ବିଶ୍ୱଗତ ହୋଇ ଜୀବନ ବଞ୍ଚିବାକୁ ହେଲେ ଆମକୁ ବିଶ୍ୱାତୀତ ହୋଇ ବଞ୍ଚିବାକୁ ପଡ଼ିବ । ସତ୍ତାର ଆଧ୍ୟାତ୍ମିକ ପରିପୂର୍ଣ୍ଣତାକୁ ଶାଶ୍ୱତତା ବୋଲି ବୁଝାଯାଇ ପାରିବ; ଯଦି ଆମ ଭିତରେ ସେହି କାଳାତୀତ ଶାଶ୍ୱତ ସତ୍ତାର କୌଣସି ଚେତନା ନଥାଏ, ଯଦି ଶରୀର, ଶରୀରସ୍ଥ ମନ ଓ ଶରୀରସ୍ଥ ପ୍ରାଣର ତଥାପି ଅଧୀନ ହୋଇ ରହିବାକୁ ପଡ଼ୁଥାଏ ଅଥବା ଏହି ଜଗତ ବା ସେହି ଜଗତ କିମ୍ବା ସତ୍ତାର ଏହି ଅବସ୍ଥା ବା ସେହି ଅବସ୍ଥାଟି ଉପରେ ନିର୍ଭର କରିବାକୁ ପଡ଼ୁଥାଏ, ତେବେ ଆମେ ଆତ୍ମାର ସତ୍ୟରେ ପ୍ରତିଷ୍ଠିତ ହୋଇ ରହିଛୁ ଅଥବା ଆମର ଅଧ୍ୟାତ୍ମଜୀବନ ପୂର୍ଣ୍ଣତାପ୍ରାପ୍ତ ହୋଇଛି ବୋଲି ଆଦୌ କୁହାଯିବ ନାହିଁ । କେବଳ ଶରୀରକୁ ଆପଣାର ସମଗ୍ରସତ୍ତା ଜାଣି ତାହାରି ଭିତରେ ବଞ୍ଚିରହିବା ଯାଏ ଅର୍ଥାତ୍ କେବଳ ଶରୀରନିର୍ଭର ହୋଇ ବଞ୍ଚିଥିବା ଯାଏ ଆମେ କେବଳ ଏକ ନଶ୍ୱର ପ୍ରାଣୀମାତ୍ର ହୋଇ ରହିଥିବା; ମୃତ୍ୟୁର ଅଧୀନ ହୋଇ ରହିଥିବା, ବାସନା, ଯାତନା, ଯନ୍ତ୍ରଣା, କ୍ଷୟ ଓ ଅବକ୍ଷୟର ଅଧୀନ ହୋଇ ରହିଥିବା । ମାତ୍ର ଏହି ଶରୀରଚେତନାଟିକୁ ଅତିକ୍ରମି ଯାଇପାରିଲେ, ଶରୀରସୀମାରୁ ଉଠି ଉପରକୁ ଚାଲିଗଲେ ଅର୍ଥାତ୍ କେବଳ ଶରୀରଟାର ଭିତରେ ବା

'oaob.nitrkl.ac.in' images reprocessed

ଶରୀରଟା ଦ୍ୱାରାହିଁ ବାଧ୍ୟହୋଇ ନରହିଲେ, ଶରୀରକୁ କେବଳ ଗୋଟିଏ ନିମିତ୍ତ ବୋଲି ଅନୁଭବ କଲେ ଅର୍ଥାତ୍ ତାହାକୁ ଆମ ଆତ୍ମସତ୍ତାର ଏକ ଗୌଣ, ବହିର୍ଗତ ରୂପାୟନ ବୋଲି ଜାଣିଲେ ତାହାକୁହିଁ ଦିବ୍ୟ ଜୀବନଯାପନର ପ୍ରଥମ ପଦକ୍ଷେପ ବୋଲି କୁହାଯିବ । ଅଜ୍ଞାନ ଓ ଚେତନାଗତ ନାନାବିଧ ସୀମାଦ୍ୱାରା କବଳିତ ହୋଇ ରହିଥିବା ମନଟା ଭିତରେହିଁ ପଡ଼ି ନରହି ତାହାକୁ ଅତିକ୍ରମି ଯିବା, ତାହାକୁ ଏକ ନିମିତ୍ତ ବୋଲି ଜାଣି ସେହିପରି ଭାବରେ ତାହାର ସମ୍ମୁଖୀନ ହେବା, ତାହାକୁ ଆମ ଆତ୍ମସତ୍ତାର ଏକ ବହିରଙ୍ଗ ରୂପାୟନ ବୋଲି ଜାଣି ତାକୁ ଆପଣାର ଆୟତ୍ତରେ ରଖିବା,—ଏଇଟି ହେଉଛି ଏକ ଦ୍ୱିତୀୟ ପଦକ୍ଷେପ । ଆତ୍ମସତ୍ତା ଓ ଚିନ୍ମୟତା ମଧ୍ୟରେ ଅବସ୍ଥାନ କରିପାରିବା, ପ୍ରାଣ ଉପରେ ନିର୍ଭରଶୀଳ ନରହିବା ଅଥବା ପ୍ରାଣ ସହିତହିଁ ଆପଣାକୁ ଏକରୂପ କରି ନପକାଇବା, ପ୍ରାଣସୀମାର ଊର୍ଦ୍ଧ୍ୱକୁ ଉଠି ଏହାକୁ ସେହି ଆତ୍ମସତ୍ତାର ଏକ ବ୍ୟକ୍ତ ରୂପ ଓ ନିମିତ୍ତ ଭାବରେ ଆପଣାର ଆୟତ୍ତରେ ରଖି ତାହାକୁ ଆପଣାର କାର୍ଯ୍ୟରେହିଁ ନିୟୋଜିତ କରି ରଖିବା,—ଏଇଟି ହେବ ଏକ ତୃତୀୟ ପଦକ୍ଷେପ । ଏପରିକି, ଯଦି ଚେତନା ସମ୍ପୃକ୍ତ ଶରୀରଟିର ସୀମାତିକ୍ରମ କରି ଜଡ଼ଗତ ସମଗ୍ର ଅସ୍ତିତ୍ୱଟି ସହିତ ଆପଣାର ଶରୀରଗତ ଏକରୂପତାଟିକୁ ଅନୁଭବ ନକରେ, ତେବେ ସେହି ଶାରୀରିକ ସୋପାନର ଜୀବନଟି ମଧ୍ୟ ଆପଣାର କ୍ଷେତ୍ରରେ ଆପଣା ପରିପୂର୍ଣ୍ଣ ସତ୍ତାର ଅଧିକାରୀ ହୋଇ ପାରିବ ନାହିଁ । ଯଦି ଚେତନା କେବଳ ଏକ ବ୍ୟକ୍ତି-ଆୟତନଗତ ପ୍ରାଣମୟତାର ଏକ ଅତିସୀମାବଦ୍ଧ ଲୀଳାଟିର କ୍ଷୁଦ୍ର ସୀମାଟିକୁ ଅତିକ୍ରମ ନକରିପାରେ, ବିଶ୍ୱମୟ ପ୍ରାଣକୁ ଆପଣାର ପ୍ରାଣ ବୋଲି ଅନୁଭବ କରି ସକଳ ପ୍ରାଣ ସହିତ ଆପଣାର ଏକାତ୍ମତା ଅନୁଭବ କରି ନପାରେ, ତେବେ ପ୍ରାଣଗତ ଜୀବନ ଆପଣାର ସେହି ସୀମିତ କ୍ଷେତ୍ରଟିରେ ମଧ୍ୟ କଦାପି ପରିପୂର୍ଣ୍ଣ ଜୀବନର ଅଧିକାରୀ ହୋଇ ପାରିବ ନାହିଁ । ଯଦି ଆମେ ଏକ ବ୍ୟକ୍ତିଗତ ଆୟତନର ମନୋଗତ ସୀମାଗୁଡ଼ିକୁ ଅତିକ୍ରମି ନପାରିବା ଓ ବିଶ୍ୱମନ ତଥା ଅନ୍ୟ ସକଳ ମନ ସହିତ ଏକ ଏକାତ୍ମତା ଅନୁଭବ ନକରିବା, ସେମାନଙ୍କର ନାନା ବୈଚିତ୍ର୍ୟମୟ ଐଶ୍ୱର୍ଯ୍ୟ ଭିତରେ ଆପଣାର ଚେତନାକୁ ପରିପୂର୍ଣ୍ଣ କରିଦେଇ ଯଦି ଆମେ ଚେତନାଗତ ସ୍ୱକୀୟ ସମଗ୍ରତାଟିକୁ ଅନୁଭବ କରି ନପାରିବା, ତେବେ ଆମର ମନୋମୟ ଜୀବନଟି ମଧ୍ୟ ତା'ର ଆପଣା କ୍ଷେତ୍ରରେ ଏକ ପୂର୍ଣ୍ଣଚେତନ ଜୀବନ ଅଥବା ପୂର୍ଣ୍ଣଚେତନ କ୍ରିୟାଶୀଳତାରୂପେ ପ୍ରତିଷ୍ଠିତ ହୋଇ ପାରିବ ନାହିଁ । ମାତ୍ର କେବଳ ବ୍ୟକ୍ତିଗତ ଆୟତନର ବ୍ୟବଧାନଟିକୁ ଅତିକ୍ରମି ଗଲେ ଯଥେଷ୍ଟ ହେବ ନାହିଁ, ବିଶ୍ୱ-ଆୟତନର ବ୍ୟବଧାନଟିକୁ ମଧ୍ୟ ପାରି ହୋଇଯିବାକୁ ପଡ଼ିବ, କାରଣ କେବଳ ଏହିପରି ଭାବରେହିଁ ବ୍ୟକ୍ତିର ଜୀବନ ତଥା ବିଶ୍ୱଗତ ଜୀବନ ଦୁହେଁ ଆପଣାର ସ୍ୱକୀୟ ଯଥାର୍ଥ ସତ୍ତାଟିକୁ ଉପଲବ୍ଧି କରିପାରିବେ, ଏକ ପୂର୍ଣ୍ଣାଙ୍ଗ ସୌଷମ୍ୟ ଅର୍ଜନ କରିପାରିବେ । ଆପଣା

'oaob.nitrkl.ac.in' images reprocessed

ଆପଣାର ବହିରଙ୍ଗ ରୂପାୟନରେ ଦୁହେଁ ହେଉଛନ୍ତି ସେହି ପରମ ବିଶ୍ୱାତୀତତାରହିଁ ଗୋଟିଏ ଗୋଟିଏ ଅପୂର୍ଣ୍ଣ ବିସ୍ତାରମାତ୍ର, ମାତ୍ର ଆପଣାର ମୌଳିକ ଓ ମର୍ମଗତ ସତ୍ତାରେ ସେମାନେ ସେହି ବିଶ୍ୱାତୀତତା ବ୍ୟତୀତ ଆଉ କିଛି ନୁହନ୍ତି; ଏବଂ କେବଳ ସେହି ମର୍ମଗତ ସତ୍ୟଟି ବିଷୟରେ ଚେତନାଶୀଳ ହୋଇପାରିଲେ ଯାଇ ବ୍ୟଷ୍ଟିଚେତନା ତଥା ବିଶ୍ୱଚେତନା ଆପଣା ସତ୍ୟର ପୂର୍ଣ୍ଣତା ଓ ସ୍ୱାତନ୍ତ୍ର୍ୟଟିକୁ ଉପଲବ୍ଧି କରିପାରିବେ । ନଚେତ୍ ହୁଏତ ବ୍ୟଷ୍ଟି କେବଳ ଏହି ବିଶ୍ୱଗତ ଗତିସ୍ପନ୍ଦନଟିର ଅଧୀନ ହୋଇ ରହିଯିବ, ତାହାର ଯାବତ ପ୍ରତିକ୍ରିୟା ତଥା ସୀମାବଦ୍ଧତାର ଅଧୀନ ହୋଇ ରହିବ ଏବଂ ତାହା ଫଳରେ ଆପଣାର ସମ୍ପୂର୍ଣ୍ଣ ଆଧ୍ୟାତ୍ମିକ ସ୍ୱାତନ୍ତ୍ର୍ୟଟିକୁ ହରାଇବସିବ । ତେଣୁ ତାକୁ ସେହି ସର୍ବପରମ ଦିବ୍ୟସତ୍ୟଟି ମଧ୍ୟରେ ପ୍ରବିଷ୍ଟ ହେବାକୁ ପଡ଼ିବ, ତାହା ସହିତ ଏକାତ୍ମତା ଅନୁଭବ କରିବାକୁ ପଡ଼ିବ, ତାହାର ଭିତରେ ବାସ କରିବାକୁ ପଡ଼ିବ ଏବଂ ତାହାର ଆତ୍ମବିସ୍ତୃତିରେ ପରିଣତ ହେବାକୁ ପଡ଼ିବ । ତା'ର ସକଳ ମନ, ପ୍ରାଣ ତଥା ଦେହଗତତାକୁ ତା'ର ପରାପ୍ରକୃତିରେ ରୂପାନ୍ତରିତ କରିନେବାକୁ ପଡ଼ିବ; ତା'ର ସକଳ ଭାବନା, ଅନୁଭୂତି ତଥା କର୍ମ କେବଳ ଏହାରିଦ୍ୱାରାହିଁ ନିରୂପିତ ଓ ନିୟନ୍ତ୍ରିତ ହେବ ଓ ତାହାରି ରୂପକୁହିଁ ଧାରଣ କରିବ, ତାହାରି ଆତ୍ମରୂପାୟନ ହୋଇ ରହିବ । ଯେତେବେଳେ ସେ ଅବିଦ୍ୟାକୁ ପାର ହୋଇ ବିଦ୍ୟାର ଭୂମିକୁ ଉନ୍ନୀତ ହୋଇଯିବ ଏବଂ ସେହି ବିଦ୍ୟାର ମଧ୍ୟଦେଇ ସେହି ପରମ ଚେତନା, ତା'ର ସତ୍ୟାତ୍ମକତା ଓ ପରମ ଆନନ୍ଦମୟତା ମଧ୍ୟକୁ ଅତିକ୍ରମି ଯିବ, କେବଳ ସେତିକିବେଳେ ଯାଇ ତାହାରି ଭିତରେ ଏସବୁ ସୁପ୍ରତିଷ୍ଠିତ ହେବ । ମାତ୍ର ଆଧ୍ୟାତ୍ମିକ ପରିବର୍ତ୍ତନର ପ୍ରଥମ ପର୍ବରେହିଁ ଏହିସବୁ ସମ୍ପଦର ସ୍ୱରୂପ କେତେକାଂଶରେ ପ୍ରକଟିତ ହେବାକୁ ଆରମ୍ଭ କରିବ, ସେଗୁଡ଼ିକ ଯଥେଷ୍ଟ ଭାବରେ ରୂପାୟିତ ହେବାକୁ ଲାଗିବ; ଏବଂ ବିଜ୍ଞାନମୟ ପରାପ୍ରକୃତିର ଜୀବନରେ ଯାଇ ତାହା ଆପଣାର ଚରମ ସାର୍ଥକତା ଲାଭ କରିବ ।

ମାତ୍ର ଏକ ଅନ୍ତର୍ନିବେଶିତ ଜୀବନଯାପନ ବ୍ୟତୀତ ଏହିସବୁ ସିଦ୍ଧି କଦାପି ସମ୍ଭବ ନୁହେଁ । କେବଳ ଏକ ବହିଃସ୍ଥର ଚେତନାର କ୍ଷେତ୍ରରେ ବହିର୍ମୁଖ ହୋଇ ରହିଥିବା ପର୍ଯ୍ୟନ୍ତ ଏବଂ କେବଳ ବା ପ୍ରଧାନତଃ ଏହି ଉପରିଭାଗଟା ଉପରେ ଓ ଉପରିଭାଗରୁ କ୍ରିୟାଶୀଳ ହେଉଥିବା ପର୍ଯ୍ୟନ୍ତ ସେହିସବୁ ସମ୍ପଦ କଦାପି ପ୍ରାପ୍ତ ହେବ ନାହିଁ । ବ୍ୟଷ୍ଟି ଆପଣାକୁ ଆବିଷ୍କାର କରିବ, ତାକୁ ଯଥାର୍ଥ ଜୀବନଟିକୁ ଆବିଷ୍କାର କରିବାକୁ ପଡ଼ିବ । କେବଳ ଆପଣାର ଅନ୍ତର୍ପଥରେ ଯାତ୍ରା କରି ଓ ସେହି ଅନ୍ତର ଭିତରେ ଓ ଅନ୍ତର ଭିତରୁ ବଞ୍ଚିରହି ସେ ଏକଥା କରିପାରିବ । କାରଣ ଏହି ବହିଃକ୍ଷେତ୍ରରେ କେବଳ ବହିଃସ୍ଥର ଭାବରେ ଯେଉଁ ଚେତନା ଅବସ୍ଥିତ ରହିଛି ଓ

'oaob.nitrkl.ac.in' images reprocessed

ଯେଉଁ ଜୀବନ ଆତଯାତ ହେଉଛି ଓ ଯାହା ଅନ୍ତରସ୍ଥ ଚିଦ୍‌ବସ୍ତୁଟିଠାରୁ ଆପଣାକୁ ଅଲଗ କରି ରଖିଛି, ଆମେ ତାହାକୁହିଁ ଅବିଦ୍ୟାର କ୍ଷେତ୍ର ବୋଲି ଜାଣିବା ଏବଂ କେବଳ ଏକ ଅନ୍ତର୍ଗତ ଆତ୍ମା ତଥା ଜୀବନର ବୃହତ୍ତରପରିସର ମଧ୍ୟକୁ ନିଜକୁ ଉନ୍ମୋଚିତ କରିଦେଇହିଁ ତାହା ଆପଣାକୁ ଲଂଘିଯାଇ ପାରିବ ଓ ସେହି ଅବିଦ୍ୟାକୁ ମଧ୍ୟ ଲଂଘିଯାଇ ପାରିବ । ଯଦି ଏହି ଆମରି ଭିତରେ ପ୍ରକୃତରେ ଏକ ବିଶ୍ୱାତୀତ ସତ୍ତା କେଉଁଠି ରହିଥାଏ, ତେବେ ତାହା ଆମର ସେହି ଅନ୍ତର୍ଗୂଢ଼ ଆତ୍ମାଟି ଭିତରେହିଁ ଅଛି; ଏହି ଉପରିସ୍ତରରେ କେବଳ ପ୍ରକୃତିର ଅଧୀନ ଏକ ନଶ୍ୱର ପ୍ରାଣସତ୍ତା ରହିଛି, ତାହା କେବଳ ସୀମା ତଥା କେତୋଟି ପରିବେଶ ଦେଇ ତିଆରି ହୋଇଛି । ଯଦି ଆମ ଭିତରେ ବୃହତ୍ତରପ୍ରସାର ଏବଂ ବିଶ୍ୱାତ୍ମକତାର ସମର୍ଥ ଏକ ଆତ୍ମା ରହିଛି, ସେହି ଆତ୍ମାର ଯଦି ବିଶ୍ୱଚେତନା ମଧ୍ୟରେ ପ୍ରବିଷ୍ଟ ହେବାଲାଗି ପ୍ରକୃତରେ ଏକ ସାମର୍ଥ୍ୟ ରହିଛି, ତେବେ ସେଇଟି ମଧ୍ୟ କେବଳ ଆମ ଅନ୍ତରସତ୍ତାର ଅଭ୍ୟନ୍ତରରେହିଁ ରହିଛି । ବହିର୍ଭାଗୀୟ ଚେତନାଟି ହେଉଛି କେବଳ ଏକ ଜଡ଼ଗତ ଚେତନା, ଓ ମନ, ପ୍ରାଣ ତଥା ଦେହର ଛିଦ୍ରଦ୍ୱାରା ତାହା ଆପଣାର ବ୍ୟକ୍ତି-ଆୟତନଗତ ସୀମାଗୁଡ଼ିକ ମଧ୍ୟରେହିଁ ବାନ୍ଧିହୋଇ ରହିଛି । ଏହି ବାହାରେ ଆଉ କୌଣସି ପ୍ରକାର ବିଶ୍ୱାତ୍ମକତା ଅର୍ଜନ କରିବାର ପ୍ରୟାସ କରି ବାହାରିଲେ ତଦ୍ୱାରା ହୁଏତ ଅହଂଟାକୁହିଁ ଅଧିକ ସ୍ଫୀତ ବା ବିସ୍ତାରିତ କରିଦେବା ସାର ହେବ ଅଥବା ସମଷ୍ଟି ଭିତରେ ବ୍ୟକ୍ତିକୁ କୁଆଡ଼େ ବିଲୀନ କରିଦେଇ ବା ତାହାକୁ ସମଷ୍ଟିର ଅଧୀନସ୍ଥ କରି ରଖି ତାକୁ ମୂଳପୋଛ କରିଦେବାକୁ ପଡ଼ିବ । ତେଣୁ କେବଳ ଏକ ଅନ୍ତର୍ଗତ ଅଭିବୃଦ୍ଧି, ଅନ୍ତର୍ଗତ ଗତ୍ୟାତ୍ମକତା ତଥା ଅନ୍ତର୍ଗତ କ୍ରିୟାଦ୍ୱାରାହିଁ ବ୍ୟକ୍ତି ଆପଣାର ସତ୍ତାକୁ ଯଥାର୍ଥ ମୁକ୍ତ ଓ ସଫଳ ଭାବରେ ବିଶ୍ୱବୋଧ ତଥା ବିଶ୍ୱାତୀତ ବୋଧଦ୍ୱାରା ସନାମିତ କରିଦେଇ ପାରିବ । ଆପଣାର ଜୀବନଝରଣାକୁ ଦିବ୍ୟତ୍ୱଦ୍ୱାରା ଅନୁସିକ୍ତ କରି ରଖିବାକୁ ହେଲେ ଆମକୁ ଆପଣାର କେନ୍ଦ୍ରଟିକୁ ବାହାରୁ ଅପସାରି ଆଣି ଅନ୍ତର ଭିତରେ ସ୍ଥାପିତ କରିବାକୁ ହେବ, ସେହି ଅନ୍ତର ମଧ୍ୟରେହିଁ ଗତ୍ୟାତ୍ମକ ସକଳ କ୍ରିୟାତ୍ମକତାର ପ୍ରତ୍ୟକ୍ଷ ଉତ୍ସଟିକୁ ଆବିଷ୍କାର କରିନେବାକୁ ହେବ; କାରଣ ଆମର ଅନ୍ତରାତ୍ମା ସେହି ଅନ୍ତର ଭିତରେ ଅବସ୍ଥିତ ରହିଛି, ମାତ୍ର ତାହା ଆବରଣ ତଳେ ରହିଛି ଅଥବା ଅର୍ଦ୍ଧାବୃତ ହୋଇ ରହିଛି ଏବଂ ଆମର ଏହି ତାତ୍କାଳିକ ସତ୍ତା ତଥା ଆମ କର୍ମର ଏହି ତାତ୍କାଳିକ ଉତ୍ସଟି ବର୍ତ୍ତମାନ କେବଳ ଉପରିସ୍ତରରେହିଁ ରହିଛି । ଉପନିଷଦରେ କୁହାଯାଇଛି ଯେ ପରମ ସ୍ୱୟମ୍ଭୂସତ୍ତା ଆମ ଚେତନାର ଦୁଆରଟିକୁ କେବଳ ବାହାରଆଡ଼କୁ କାଟି ବାହାରକୁହିଁ ମେଲିଦେଇଛି, ତେଣୁ ସାଧାରଣ ମଣିଷ କେବଳ ବାହାର ଦିଗଟାକୁ ଦେଖିପାରୁଛି; ମାତ୍ର କେବଳ ଅଳ୍ପସଂଖ୍ୟକ କେତେଜଣ ଭିତର ଆଡ଼କୁ ଆଖି ପକାଇ ଦେଖିବାକୁ ସମର୍ଥ ହେଉଛନ୍ତି । ଏବଂ ଏହିମାନେହିଁ ସେହି ପରମ

'oaob.nitrkl.ac.in' images reprocessed

ଚୈତ୍ୟପୁରୁଷର ଦର୍ଶନ ଓ ପରିଚୟ ଲାଭ କରୁଛନ୍ତି ଏବଂ ଆପଣା ଭିତରେ ଚୈତ୍ୟସତ୍ତ୍ୱର ବିକାଶ କରାଇ ପାରୁଛନ୍ତି । ତେଣୁ ଆମର ସେହି ଭିତର ଆଡ଼କୁ ଚନାଇବା, ଭିତରଟାକୁ ଦେଖିବା ଓ ଭିତରେ ପ୍ରବିଷ୍ଟ ହେବା ଏବଂ ସେହି ଭିତରେ ବସି ରହିବାକୁହିଁ ଆମେ ପ୍ରକୃତିର ଯଥାର୍ଥ ରୂପାନ୍ତର ତଥା ଦିବ୍ୟ ଜୀବନଲାଗି ସର୍ବପ୍ରଥମ ଆବଶ୍ୟକତା ବୋଲି ଜାଣିରଖିବା ।

ଏହିପରି ଭାବରେ ଅନ୍ତଃପ୍ରବିଷ୍ଟ ହେବା ଓ ଅନ୍ତର ମଧ୍ୟରେ ବାସ କରିବା ହେଉଛି ମନୁଷ୍ୟର ଏହି ପ୍ରାକୃତ ସାଧାରଣ ଚେତନା ପକ୍ଷରେ ଏକ ଦୁରୂହ ସାଧନା । ତଥାପି ଆପଣାକୁ ଆବିଷ୍କାର କରିବାଲାଗି ଆଉକୌଣସି ଅନ୍ୟ ପନ୍ଥା ନାହିଁ । ଜଡ଼ବାଦୀ ଦାର୍ଶନିକ ଏହି ବାହାର ଓ ଭିତର ମଧ୍ୟରେ ଏକ ବିରୋଧ ଗଢ଼ି ଠିଆ କରିଦିଏ ଏବଂ ତା'ପରେ ଜୀବନର ବହିସ୍ତର ଓ ବହିର୍ମୁଖୀ ଦୃଷ୍ଟିକୋଣଟିକୁହିଁ ଏକମାତ୍ର ନିରାପଦ ପନ୍ଥା ବୋଲି ଦେଖାଇଦିଏ । ତା'ର ମତରେ ଭିତରେ ପ୍ରବେଶ କରିବାକୁ ସେ କେବଳ ଅନ୍ଧକାର ବା କୌଣସି ଶୂନ୍ୟଗର୍ଭ ଫମ୍ପା ଭିତରେ ପ୍ରବେଶ କରିବା ବୋଲି ଅଥବା ଚେତନାର ଭାରସାମ୍ୟଟିକୁ ହରାଇପକାଇ ବ୍ୟାଧିତ ହୋଇ ରହିବା ବୋଲି ବୁଝିଥାଏ । ସେ କହେ ଯେ ଭିତରେ ଅନ୍ତର୍ଗତ ଜୀବନ ବୋଲି ଯାହାକିଛି ରଚନା କରିବା ଆମପକ୍ଷରେ ସମ୍ଭବ, କେବଳ ଏହି ବାହାରୁହିଁ ତାହାର ସୃଷ୍ଟି ହୋଇଥାଏ ଏବଂ ସେହି ଅନ୍ତର୍ଗତ ଜୀବନର ପୁଷ୍ଟିପୋଷକ ଉତ୍ସମୂଳରୂପେ ଏହି ବାହାରଟା ଉପରେ ଏକାନ୍ତ ନିର୍ଭର କରି ରହିବାଦ୍ୱାରା ଯାଇ ଅନ୍ତର୍ଜୀବନ ସୁସ୍ଥ ହୋଇ ରହିବାର ଆଶା କରାଯାଇ ପାରେ । କେବଳ ବହିର୍ଜଗତର ବାସ୍ତବସତ୍ତାଟି ଉପରେହିଁ ଦୃଢ଼ଭାବରେ ଅବଲମ୍ବିତ ହୋଇ ରହିଲେ ଯାଇ ବ୍ୟକ୍ତିର ମନ ତଥା ଜୀବନରେ ଅଭିଳଷିତ ଭାରସାମ୍ୟଟି ଆଣିପାରିବା ସମ୍ଭବ ହୁଏ, କାରଣ ଏହି ଜଡ଼ଗତ ଜଗତହିଁ ହେଉଛି ଏକମାତ୍ର ମୌଳିକ ସତ୍ୟ । ଜଡ଼ସ୍ଥ ବ୍ୟକ୍ତି ଲାଗି ହୁଏତ ଏକଥା ସତ୍ୟ ହୋଇପାରେ, ଯିଏକି ବହିର୍ମୁଖ ହୋଇ ଏଠି ଜନ୍ମ ହୋଇଛି ଓ ଆପଣାକୁ ଏହି ବହିସ୍ତର ପ୍ରକୃତି ମଧ୍ୟରୁ ସମ୍ଭୂତ ହୋଇଥିବା ଗୋଟାଏ ପ୍ରାଣୀ ବୋଲି ଅନୁଭବ କରୁଛି, ସେହି ପ୍ରକୃତିଦ୍ୱାରା ଗଢ଼ାହୋଇଛି ଓ ତାହାରି ଉପରେ ଗୋଟାପୁରା ନିର୍ଭର କରି ରହିଛି । ଏହିପରି ଜଣେ ବ୍ୟକ୍ତି ଯଦି କେବେ ଆପଣା ଭିତରେ ପ୍ରବେଶ କରିବାକୁ ଯାଏ, ତେବେ ସେ ଏକାବେଳକେ ବଣା ହୋଇଯିବ ଓ ଆପଣାକୁ ହରାଇବସିବ । ତା'ଲାଗି ଅନ୍ତରସତ୍ତା ବୋଲି ପ୍ରକୃତରେ କୋଉଠି କିଛି ନାହିଁ, ଅନ୍ତର୍ଜୀବନ ବୋଲି ମଧ୍ୟ କିଛି ନାହିଁ । ମାତ୍ର ଏହି ଧାଟର ତଥାକଥିତ ଅନ୍ତର୍ମୁଖୀ ବ୍ୟକ୍ତି ମଧ୍ୟ ସେହି ଅନ୍ତର୍ଜୀବନକୁ ଉପଲବ୍ଧି କରି ନାହିଁ, ଆପଣାର ସେହି ଯଥାର୍ଥ ଅନ୍ତରସ୍ଥା ଓ ଅନ୍ତର୍ବସ୍ତୁଗୁଡ଼ିକ ସମ୍ବନ୍ଧରେ ତା'ର ଆଦୌ କୌଣସି ଦୃଷ୍ଟି ନାହିଁ; ସେହି ବ୍ୟକ୍ତିକୁ

'oaob.nitrkl.ac.in' images reprocessed

ଆମେ ଜଣେ କ୍ଷୁଦ୍ରଦୃଷ୍ଟି ମନୋମୟ ବ୍ୟକ୍ତି ବୋଲି କହିବା ଯିଏକି କେବଳ ଉପରଠାଉରିଆ ଭାବରେହିଁ ଆପଣା ଭିତରକୁ ଅନାଇବାର ଚେଷ୍ଟା କରିଥାଏ ଏବଂ ସେଠାରେ ଆପଣାର ଅଧ୍ୟାତ୍ମସତ୍ତାଟିକୁ ନଦେଖି କେବଳ ପ୍ରାଣଗତ ତଥା ମନୋଗତ ଅହଂଟାକୁହିଁ ଦେଖିଥାଏ, ଏବଂ ଏହି କ୍ଷୁଦ୍ର ଦମ୍ଭମୟ ଖର୍ବାକାର ପ୍ରାଣୀଟିର ଗତି ଓ ନୈସ୍ୱାଗୁଡ଼ିକୁ ନେଇ ଅସୁସ୍ଥଭାବରେ ତତ୍ପର ଓ ବ୍ୟସ୍ତ ହୋଇ ରହିଥାଏ । ଯେଉଁ ମନ ଅହରହ କେବଳ ଏହି ଉପରିଭାଗଟରେ ବାସ କରିଆସିଛି ଓ କୌଣସି ଅନ୍ତରବସ୍ତୁ ସମ୍ବନ୍ଧରେ ଯାହାର କୌଣସି ଉପଲବ୍ଧି ନାହିଁ, ଭିତର ଆଡ଼କୁ ଅବଲୋକନ କରି ସେହି ମନହିଁ କେବଳ ଅନ୍ଧକାର ଘୋଟି ରହିଥିବାର ଅନୁଭବ କରିଥାଏ । ଅନ୍ତରବସ୍ତୁ କହିଲେ ତାହାର ଭିତରଟା ବିଷୟରେ କେବଳ ଅତି କୃତ୍ରିମଭାବରେ ରଚିତ କେତେକ ଅନୁଭୂତିହିଁ ରହିଥାଏ, ଯାହାକି ଆପଣା ସତ୍ତାର ଯାବତୀୟ ସାମଗ୍ରୀଲାଗି ଏହି ବହିଃସ୍ଥ ପୃଥିବୀଟାକୁହିଁ ନିର୍ଭର କରି ରହେ । ମାତ୍ର ଆହୁରି ଅଧିକ ସାର୍ଥକ ଭାବରେ ଅନ୍ତର ଭିତରେ ବାସ କରିବାର ଶକ୍ତି ଦେଇ ଯେଉଁମାନଙ୍କର ସତ୍ତାଟି ଗଠିତ ହୋଇଛି, ଅନ୍ତରରେ ପ୍ରବେଶ କରି ଓ ଅନ୍ତର ମଧ୍ୟରେ ବାସ କରି ସେମାନେ ସେଠି କୌଣସି ଅନ୍ଧକାର କିମ୍ବା ନୀରସ ଶୂନ୍ୟ ଦେଖିବାକୁ ପାଆନ୍ତି ନାହିଁ, ସେମାନେ ସେଠାରେ ଏକ ବିପୁଳ ପ୍ରସାରଣ ଅନୁଭବ କରନ୍ତି, କେତେ ନୂତନ ଅନୁଭୂତିର ଦ୍ରୁତ ପ୍ରବାହଦ୍ୱାରା ସେମାନେ ସଚେତଅବା ଆଲୋକିତ ହୋଇପଡ଼ନ୍ତି; ଏକ ବୃହତ୍ତର ଦୃଷ୍ଟି ଲାଭ କରନ୍ତି, ବୃହତ୍ତର ସାମର୍ଥ୍ୟର ଅଧିକାରୀ ହୁଅନ୍ତି । ଆମର ଏହି ନିତ୍ୟନୈମିତ୍ତିକ ଜଡ଼ଗତ ମନୁଷ୍ୟସ୍ତରରେ ଆତଯାତ ହେଉଥିବା ଜୀବନ ଆପଣାଲାଗି ଯେଉଁ କ୍ଷୁଦ୍ରତାଟିକୁ ରଚନା କରି ରଖିଥିଲା, ତାହାଠାରୁ ଅନ୍ତସ୍ଥାନ ଭାବରେ ଅଧିକ ସତ୍ୟମୟ ଓ ଅଧିକ ବିଚିତ୍ର ଏକ ଅଧିକ ସମ୍ପ୍ରସାରିତ ଜୀବନର ସୂତ୍ରପାତ ହୋଇଥାଏ, ଆପଣାର ଗତିଯୁକ୍ତ ପ୍ରାଣଶକ୍ତି ଓ କର୍ମଗତତା ବା ମନୋଗତ ଅନ୍ତର୍ଦୃଷ୍ଟିର କୌଣସି ସୂକ୍ଷ୍ମତା କିମ୍ବା ପ୍ରୀତିଦ୍ୱାରା କେବଳ ବାହାରେ ବିଚରଣ କରୁଥିବା ପ୍ରାଣମୟ ମନୁଷ୍ୟ ଅଥବା ଉପରିସ୍ତରସ୍ଥ ମନୋମୟ ମନୁଷ୍ୟପ୍ରାଣୀ ଏହି ଅନ୍ତର୍ଦୃଷ୍ଟିର ଯେଉଁକି ଆନନ୍ଦ ଲାଭ କରେ, ଏଠାକୁ ଆସି ତାହାଠାରୁ ଅଧିକ ବୃହତ୍ତର ଓ ଅଧିକ ଐଶ୍ୱର୍ଯ୍ୟଶାଳୀ ଏକ ଆନନ୍ଦର ଅଧିକାରୀ ହୋଇପାରିବା ସମ୍ଭବ ହୁଏ । ଏହି ଅନ୍ତର୍ଗତ ଆଧ୍ୟାତ୍ମିକ ଅନୁଭବର ଅଙ୍ଗରୂପେ ଏକ ନିଶ୍ଚଳତା ବିରାଜମାନ କରେ, ଏକ ପ୍ରଶସ୍ତ ବା ଏପରିକି ବିପୁଳ ଅଥବା ଅନ୍ତସ୍ଥାନ ମହାଶୂନ୍ୟତା ମଧ୍ୟରେ ପ୍ରବେଶ କରିବା ସମ୍ଭବ ହୁଏ । ଏହି ନିଶ୍ଚଳତା ଓ ଶୂନ୍ୟଭାବକୁ ଜଡ଼ସ୍ଥ ମନ ଗୋଟାଏ ପ୍ରକାର ଭୟର ଦୃଷ୍ଟିରେ ଦେଖିଥାଏ, କେବଳ ବହିଃକ୍ଷେତ୍ରଟାରେହିଁ ସକ୍ରିୟ ହୋଇ ରହିଥିବା ମନନଶୀଳ ବା ପ୍ରାଣଧର୍ମୀ କ୍ଷୁଦ୍ର ମନଟା ତାହା ସମ୍ମୁଖରେ ସଙ୍କୁଚିତ ହୋଇ ରହିଥାଏ, ତାହାପ୍ରତି ଅଶ୍ରଦ୍ଧାଭାବ ରଖିଥାଏ । କାରଣ ଭ୍ରମରେ ପଡ଼ି ଏହି ନିଶ୍ଚଳତାକୁ ସେ ମନ ଓ ପ୍ରାଣର ଅସମର୍ଥତା

'oaob.nitrkl.ac.in' images reprocessed

ବୋଲି ଭାବିନିଏ ଓ ସେହି ଶୂନ୍ୟଭାବକୁ ସର୍ବଲୋପ ଅଥବା ଅନସ୍ତିତ୍ୱ ବୋଲି ବିଚାର କରୁଥାଏ; ମାତ୍ର ଏହି ନିଷ୍କଳତା ହେଉଛି ସେହି ତତ୍ତ୍ୱସତ୍ତାରହିଁ ନିଷ୍କଳତା, ଯେଉଁଥିରୁ କି ଏକ ବୃହତ୍ତର ଜ୍ଞାନ, ସାମର୍ଥ୍ୟ ତଥା ଆନନ୍ଦ ଉତ୍ସାରିତ ହୋଇଥାଏ, ଏବଂ ଏହି ଶୂନ୍ୟତାଟି କେବଳ ଆମର ଏହି ପ୍ରାକୃତ ସତ୍ତାରୂପୀ ପାତ୍ରଟିର ଶୂନ୍ୟତାକୁହିଁ ବୁଝାଏ, ତାହାର ଆବିଳ ଓ ବିଷୟଗତ ନାନା ଆବର୍ଜନା ଭିତରୁ ମୁକ୍ତ ହୋଇଯିବାକୁ ବୁଝାଏ ଯାହାଦ୍ୱାରା କି ତାହା ଭଗବତ୍ ଚେତନାର ସୁରସରେ ପରିପୂର୍ଣ୍ଣ ହୋଇଯିବାର ସମ୍ଭାବନାଟି ଅର୍ଜନ କରେ । ଏହାଦ୍ୱାରା କୌଣସି ଅନସ୍ତିତ୍ୱ ଭିତରେ ଯାଇ ଝାସ ଦେବାକୁ ପଡ଼େ ନାହିଁ, ତାହା ଏକ ବୃହତ୍ତର ଜୀବନ ମଧ୍ୟକୁ ବାଟ ଦେଖାଇ ନେଇଯାଏ । ଏପରିକି ଯେତେବେଳେ ସତ୍ତା ଆପଣାକୁ ବିଲୁପ୍ତ କରିଦେବା ଲାଗି ମଧ୍ୟ ଏକ ପ୍ରବୃତ୍ତିର ସୂଚନା ଦିଏ, ସେତେବେଳେ ମଧ୍ୟ ତାହା ଅନସ୍ତିତ୍ୱ ମଧ୍ୟରେ ଆତ୍ମବିଲୟକୁ ଆଦୌ ବୁଝାଏ ନାହିଁ; ତାହା ଅଧ୍ୟାତ୍ମସତ୍ତାର କୌଣସି ଅନ୍ତସ୍ଥଳ ଅନିର୍ବଚନୀୟତା ମଧ୍ୟରେ ଆପଣାକୁ ନିର୍ଲୀନ କରିଦେବାକୁ ବୁଝାଏ, ଅଥବା ପରମ ନିର୍ବିଶେଷଙ୍କର ସେହି ଅବାଙ୍‌ମନସଗୋଚର ଅତିଚେତନ ମଧ୍ୟରେ ନିମଗ୍ନ ହୋଇଯିବାକୁ ବୁଝାଏ ।

ବସ୍ତୁତଃ ଏହିପରି ଅନ୍ତରାଭିମୁଖୀ ହେବା ଓ ଅନ୍ତର ମଧ୍ୟକୁ ଅପସରି ହେବାଦ୍ୱାରା ବ୍ୟକ୍ତିସତ୍ତାର କୌଣସି କାରାଗାର ମଧ୍ୟରେ ଆଦୌ ବନ୍ଦୀ ହୋଇ ରହିବାକୁ ପଡ଼େ ନାହିଁ, ଏକ ଯଥାର୍ଥ ବିଶ୍ୱାତ୍ମକତା ବା ବିଶ୍ୱାତ୍ମବୋଧ ଅର୍ଜନ କରିବା ଦିଗରେ ଏହାଦ୍ୱାରା ଏକ ପ୍ରଥମ ପଦକ୍ଷେପ ଗ୍ରହଣ କରାଯାଏ, ଏହି ଅନ୍ତଃପ୍ରବେଶ ଆମଲାଗି ଆମର ବହିର୍ଗତ ତଥା ଅନ୍ତର୍ଗତ ଉଭୟ ଅସ୍ତିତ୍ୱର ସତ୍ୟଟିକୁହିଁ ବହନ କରିଆଣେ । କାରଣ ବିଶ୍ୱମୟ ନିଖିଳ ଜୀବନକୁ ଆପଣାର ବେଢ଼ ଭିତରେ ଆପଣାର କରି ଗ୍ରହଣ କରିନେବାଲାଗି ଆପଣାକୁ ସମ୍ପ୍ରସାରିତ କରିଦେବାର ସାମର୍ଥ୍ୟ ଏହି ଅନ୍ତର୍ଗତ ଜୀବନ ମଧ୍ୟରେ ସର୍ବଦା ବର୍ତ୍ତମାନ ରହିଥାଏ; ଆମର ଏହି ଉପରିଭାଗସ୍ଥ ଚେତନାର ସାଧାଗତ ହୋଇ ରହିଥିବା ଏକ ବୃହତ୍ତର ସତ୍ୟ ତଥା ଗତ୍ୟାତ୍ମକ ଶକ୍ତି ସହିତ ତାହା ନିଖିଳଜୀବନର ସଂସ୍ପର୍ଶରେ ଆସିପାରେ, ତାହାର ମର୍ମଭେଦ କରିପାରେ ଏବଂ ତାହାକୁ ଘେରି କରି ରହିପାରେ । ଏହି ବାହାରେ ଉପରିସ୍ତରଟାରେ ଯେତେ ଅବେଗର ସହିତ ଆମେ ଆପଣାକୁ ବିଶ୍ୱାତ୍ମକ କରି ରଖିବାକୁ ଚେଷ୍ଟା କରୁଥାଉ ନା କାହିଁକି, ସେହି ପ୍ରୟାସ ସର୍ବଦା ବଡ଼ ଦୈନ୍ୟକ୍ଲିଷ୍ଟ ଓ ଭଗ୍ନପାଦ ହୋଇଯାଏ; ସେହି ବିଶ୍ୱାତ୍ମକତା କେବଳ ଉପରକୁ ସେହିଭଳି ଏକ ପ୍ରକାରରେ ରଚିତ ହୋଇ ରହିଥାଏ, କେବଳ ଆପଣାକୁ ଜଣାଇବାରେ ଲାଗିଥାଏ; ମାତ୍ର ଯଥାର୍ଥ ବିଶ୍ୱାତ୍ମକତାଠାରୁ ତାହା ଦୂରାପସାରିତ ହୋଇ ରହିଥାଏ । ଆମର ଉପରିଭାଗସ୍ଥ ଏହି ଚେତନାର କ୍ଷେତ୍ରରେ ଅନ୍ୟମାନଙ୍କର ଚେତନାଠାରୁ ଆପଣାର ଚେତନାକୁ

'oaob.nitrkl.ac.in' images reprocessed

ବିଚ୍ଛିନ୍ନ କରି ରଖିବା ବ୍ୟତୀତ ଆମର ଆଉ ଅନ୍ୟ ଗତି ନଥାଏ, ଅହଂର ଶିକୁଳିଗୁଡ଼ାକୁ ଭୂଷଣ କରି ପିନ୍ଧିବା ବ୍ୟତୀତ ଆଉ ଅନ୍ୟ ଗତି ନଥାଏ । ସେଠାରେ ଆମେ ଯାହାକୁ ଗୋଟାପୁଣା ନିଃସ୍ୱାର୍ଥପରତା ବା ପରାର୍ଥପରତା ବୋଲି କହୁଥାଉ, ଅଧିକାଂଶତଃ ସେଇଟା ମଧ୍ୟ କେବଳ ସ୍ୱାର୍ଥପରତାରହିଁ ଏକ ଶୋଧିତ ଛଦ୍ମବେଶ ହୋଇ ରହିଥାଏ ବା ହୁଏତ ଏକ ବୃହତ୍ତର କ୍ଷେତ୍ରରେ ତଥାପି ଆମର ସେହି ଅହଂଟାକୁହିଁ ପ୍ରତିଷ୍ଠିତ କରି ରଖିବାକୁ ଚାହୁଁଥାଏ । କେବଳ ଆମ ବ୍ୟକ୍ତିଗତ ସତ୍ତାଟାକୁ, ଆମ ନିଜର ଭାବନାଗୁଡ଼ାକୁ, ଆମର ମନୋମୟ ତଥା ପ୍ରାଣମୟ ବ୍ୟକ୍ତିତ୍ୱଟାକୁ ତଥା ଆମ ଅହଂଟାକୁ ସ୍ଫୀତ କରି ରଖିବାର ଆବଶ୍ୟକତାଟାକୁହିଁ ଆମ ସମ୍ପ୍ରସାରିତ କକ୍ଷଟି ଭିତରେ ଆମେ ଗ୍ରହଣ କରି ନେଇଥିବା ଅନ୍ୟମାନଙ୍କ ଉପରେ ନେଇ ଲଦିଦେବା ପାଇଁହିଁ ଯେ ଏହି ପରାର୍ଥପରତା ଏକ ଆବରଣ ପରି କାର୍ଯ୍ୟ କରୁଛି, ପରାର୍ଥପରତାର ଛଳନାଟାରେ ସନ୍ତୁଷ୍ଟ ରହି ଆମେ ସେକଥାଟି ଆଦୌ ଦେଖିପାରୁ ନାହିଁ । ଅନ୍ୟମାନଙ୍କ ଲାଗି ବଞ୍ଚିବାରେ ଆମେ ଯଥାର୍ଥରେ ଯେତିକି ସଫଳତା ଲାଭ କରିଥାଉ, ତାହା ପ୍ରେମ ଓ ସହାନୁଭୂତିର କେବଳ ଏକ ଅନ୍ତର୍ଗତ ଆଧ୍ୟାତ୍ମିକ ଶକ୍ତିଦ୍ୱାରାହିଁ ସମ୍ଭବ ହୋଇଥାଏ । ମାତ୍ର ଆପଣାକୁ ସଫଳ ଭାବରେ ନିଷ୍ପାଦିତ କରି ପାରିବାଲାଗି ଆମ ଭିତରେ ଏହି ଶକ୍ତିର ସାମର୍ଥ୍ୟ ଓ କ୍ଷେତ୍ରଟି ସର୍ବଦା ବଡ଼ ଅଳ୍ପପରିସର ହୋଇ ରହିଥାଏ; ଯେଉଁ ଚୈତ୍ୟ ଗଠନିସ୍ଥାଟି ଏହାର ଉତ୍ପ୍ରେରକରୂପେ କାର୍ଯ୍ୟ କରେ, ସେଇଟି ମଧ୍ୟ ବଡ଼ ଅପୂର୍ଣ୍ଣ ହୋଇ ରହିଥାଏ, ତାହାର ନିସ୍ଥାଟି ମଧ୍ୟ ଅନେକ ସମୟରେ ଅଜ୍ଞାନ ଦ୍ୱାରା ଆଚ୍ଛନ୍ନ ହୋଇ ରହିଥାଏ, କାରଣ ଅନ୍ୟମାନଙ୍କ ସହିତ ଆମର ମନ ତଥା ହୃଦୟର ସଂସ୍ପର୍ଶ ଘଟିଥାଏ ସତ, ମାତ୍ର ଆମର ସତ୍ତା ଅନ୍ୟମାନଙ୍କର ସତ୍ତାକୁ ଆପଣାର ପରି ଆଲିଙ୍ଗନ କରିନେଇ ପାରି ନଥାଏ । ଅନ୍ୟମାନଙ୍କ ସହିତ କେବଳ ଏକ ବାହ୍ୟ ଏକାତ୍ମତା ସ୍ଥାପିତ ହୋଇଥିବା ସମୟରେ ତଦ୍ୱାରା କେବଳ ବାହ୍ୟ ଜୀବନଗୁଡ଼ିକହିଁ ଯୋଡ଼ାହୋଇ ରହିଥାଏ ବା ପରସ୍ପରର ସଂସର୍ଗରେ ଆସୁଥାଏ ଏବଂ ତଦ୍ୱାରା କେବଳ କୁଣ୍ଠିତ ପରିମାଣରେହିଁ ଅନ୍ତର୍ଗତ ଫଳ ମିଳିଥାଏ । ଆମର ମନ ଓ ଆମ ହୃଦୟ ଆପଣାର ସକଳ ଗଠନିସ୍ଥାକୁ କେବଳ ଏହି ସାଧାରଣ ଜୀବନଟି ସହିତ ଓ ସେହି କ୍ଷେତ୍ରରେ ଯେଉଁମାନଙ୍କ ସହିତ ଆମର ଭେଟ ହୁଏ ସେମାନଙ୍କ ସହିତ ଯୁକ୍ତ କରି ରଖିଥା'ନ୍ତି; ମାତ୍ର ସେହି ସାଧାରଣ ବାହ୍ୟ ଜୀବନଟିହିଁ ଏହି କ୍ଷେତ୍ରରେ ମୂଳଭିତ୍ତି ହୋଇ ରହିଥାଏ, ଏବଂ ପାରସ୍ପରିକ ଅଜ୍ଞାନାଚ୍ଛନ୍ନତା, ସଂଘାତପୂର୍ଣ୍ଣ ନାନା ଅହଂବୋଧ, ମନର ସଂଘାତ, ହୃଦୟର ସଂଘାତ, ପ୍ରାଣକ୍ଷେତ୍ରୀୟ ରୁଚି ଓ ବୃତ୍ତିଗୁଡ଼ିକର ସଂଘାତ ଏବଂ ନାନା ସ୍ୱାର୍ଥର ସଂଘାତ ସତ୍ତ୍ୱେ ସେଠାରେ ତଥାପି ଯେଉଁ କୃତ୍ରିମ ଏକତ୍ୱଟି ବା ତାହାର ଯେତିକି ଅଂଶ ଅନ୍ତର୍ଗତ ଭାବରେ ରହିଥାଏ, ତାହା କେବଳ ଆଂଶିକ ଓ ଅନିଶ୍ଚିତ ଭାବରେହିଁ

'oaob.nitrkl.ac.in' images reprocessed

ରହିଥାଏ, କେବଳ ବାହାରୁ ଆସି ଉପରେ ଥୁଆ ହୋଇଥିବା ପରି ରହିଥାଏ । ଅଧ୍ୟାତ୍ମ-ଚେତନା ଓ ଅଧ୍ୟାତ୍ମଜୀବନ ଏହି ଗଠନତନ୍ତ୍ରଟିକୁ ଏକାବେଳକେ ଓଲଟାଇ ଦେଇଯାଏ; ସମଷ୍ଟିଗତ ଜୀବନରେ ଆପଣାର ସକଳ କ୍ରିୟାକୁ ଏହା ଏକ ଅନ୍ତରସ୍ଥ ଅନୁଭୂତି ଉପରେହିଁ ଆଧାରିତ କରି ରଖେ, ଆମ ଆପଣା ସତ୍ତାଟି ମଧ୍ୟରେ ଅନ୍ୟମାନଙ୍କୁ ଅନ୍ତର୍ଭୁକ୍ତ କରି ରଖେ, ଏକତ୍ୱର ଏକ ଅନ୍ତର୍ଗତ ବୋଧ ତଥା ସତ୍ୟବସ୍ତୁ ଉପରେହିଁ ସାମୂହିକ କ୍ଷେତ୍ରର ସକଳ କର୍ମକୁ ଆଧାରିତ କରି ରଖେ । ଗୋଟିଏ ଆତ୍ମା ଆଉଗୋଟିଏ ଆତ୍ମା ଉପରେ ଯଥାର୍ଥରେ ଯେଉଁ ଦାବିଟି କରିଥାଏ, ଜୀବନରେ ଯେଉଁ ଯଥାର୍ଥ ଆବଶ୍ୟକତାଟି ଅନ୍ତର୍ନିହିତ ହୋଇ ରହିଥାଏ, ଏବଂ କଲ୍ୟାଣ ତଥା ପ୍ରେମ ଓ ସହାନୁଭୂତି ଦ୍ୱାରା ଅନୁପ୍ରେରିତ ଯେଉଁ କାର୍ଯ୍ୟ ଯଥାର୍ଥରେ ସାଧିତ ହୋଇ ପାରିବ ବୋଲି ଦିଶୁଥାଏ, ତାହାରି ଏକ ବୋଧ ଦ୍ୱାରା ସ୍ୱତଃପ୍ରେରିତ ହୋଇ ଆଧ୍ୟାତ୍ମିକ ବ୍ୟକ୍ତି ଆପଣାର ଯାବତୀୟ କାର୍ଯ୍ୟ କରିଯାଏ । ଏହି ଆଧ୍ୟାତ୍ମିକ ଏକତ୍ୱର ଉପଲବ୍ଧି ଏବଂ ସର୍ବଭୂତରେ ଅବସ୍ଥିତ ଅଦ୍ୱୟ ଆତ୍ମାର ସେହି ଅପରୋକ୍ଷ ଚେତନାର ଗତିଶୀଳତା;—କେବଳ ଏହାହିଁ ଦିବ୍ୟ ଜୀବନର ସକଳ କାର୍ଯ୍ୟରେ ଭୂମି ହୋଇ ରହିପାରେ ଏବଂ ଆପଣାର ସତ୍ୟଟି ଦ୍ୱାରା ତାହାର ନିୟନ୍ତ୍ରଣ କରିବାକୁ ସମର୍ଥ ହୋଇପାରେ ।

ବିଜ୍ଞାନମୟ ସତ୍ତାରେ ବା ଦିବ୍ୟ ସତ୍ତାରେ, ଅର୍ଥାତ୍ ବିଜ୍ଞାନମୟ ଜୀବନରେ ଅନ୍ୟମାନଙ୍କର ଆତ୍ମସତ୍ତା ବିଷୟରେ ଏକ ଅନ୍ତରଙ୍ଗ ପୂର୍ଣ୍ଣଚେତନା ଲାଭ କରିବା ସମ୍ଭବ ହୋଇଯିବ; ସେମାନଙ୍କର ମନ, ପ୍ରାଣ ତଥା ଦେହସତ୍ତାର ଏକ ପୂର୍ଣ୍ଣଚେତନା ଉପଲବ୍ଧ ହେବ, ସେମାନଙ୍କର ଏହିସବୁ ସତ୍ତା ସତେଅବା ଆପଣାରହିଁ ସତ୍ତା ବୋଲି ଅନୁଭୂତ ହେବ । କେବଳ ଉପରିସ୍ତରସ୍ଥ କୌଣସି ପ୍ରେମ, ସହାନୁଭୂତି ଅଥବା ସେହିପରି ଅନ୍ୟକୌଣସି ଭାବଦ୍ୱାରା ଅନୁପ୍ରବୃତ୍ତ ହୋଇ ବିଜ୍ଞାନମୟ ବ୍ୟକ୍ତି କାର୍ଯ୍ୟ କରିବ ନାହିଁ, ସେ ଏହି ଅନ୍ତରଙ୍ଗ ଓ ନିବିଡ଼ ପାରସ୍ପରିକ ଚେତନା ଓ ଅନ୍ତରଙ୍ଗ ଏକତ୍ୱଦ୍ୱାରା ପ୍ରବୃତ୍ତ ହୋଇ ସକଳ କାର୍ଯ୍ୟ କରିବ । ଏହି ଜଗତରେ ସେ କରୁଥିବା ଯାବତୀୟ କର୍ମ ଯାହା ପ୍ରକୃତରେ କରଣୀୟ, ତାହାରି ଏକ ସତ୍ୟଦୃଷ୍ଟି ଦ୍ୱାରା ଆଲୋକିତ ହୋଇ ରହିଥିବ; ତାହା ଭିତରେ ତଥା ଅନ୍ୟମାନଙ୍କ ମଧ୍ୟରେ ରହିଥିବା ସେହି ଏକ ଦିବ୍ୟ ପରମସତ୍ୟର ଇଚ୍ଛାକୁହିଁ ପୂରଣ କରୁଛି ବୋଲି ଏକ ଭାବନାରେ ସେ ସବୁକିଛି କରିବ, ଏବଂ ଅନ୍ୟମାନଙ୍କ ମଧ୍ୟରେ ତଥା ସବୁରି ଭିତରେ ଅବସ୍ଥିତ ପରମ ଦିବ୍ୟ ସତ୍ତାଟି ଲାଗିହିଁ ସେ ସବୁକିଛି କରୁଥିବ । ସର୍ବୋପରି ଅବସ୍ଥିତ ସେହି ପରମ ଚେତନାର ଆଲୋକ ମଧ୍ୟରେ ଅବଲୋକନ କଲାବେଳେ ଏବଂ ପରାପ୍ରକୃତିର ସାମର୍ଥ୍ୟକ୍ଷେତ୍ରରେ ଯେଉଁଭଳି ସ୍ତରରେ ବା ଯେଉଁସବୁ ସୋପାନ ମଧ୍ୟଦେଇ ତାହା ଅବଶ୍ୟ କାର୍ଯ୍ୟକାରୀ ହୋଇଥା'ନ୍ତା, ସେହି ଦୃଷ୍ଟିରୁ ବିଚାର କଲାବେଳେ ସେହି ପରମ ସର୍ବଗତତାର ଯେଉଁ



'oaob.nitrkl.ac.in' images reprocessed

ଉଦ୍ଦେଶ୍ୟଗତ ସତ୍ୟଟି ଅନୁଭୂତ ହେବ, ସେହି ସତ୍ୟଟିକୁ କାର୍ଯ୍ୟାନ୍ୱିତ କରିବାଲାଗିହିଁ ବିଜ୍ଞାନମୟ ପୁରୁଷ କାର୍ଯ୍ୟ କରିବ। ଆପଣାର ସକଳ ପରିପୂର୍ଣ୍ଣତାରେ ସେ ତା'ରି ଭିତରେ ସେହି ଦିବ୍ୟ ପରମ ସତ୍ତା ଓ ପରମ ଇଚ୍ଛାହିଁ ପରିପୂର୍ଣ୍ଣ ହେଉଥିବାର ଅନୁଭବ କରିବ, ତଥାପି କେବଳ ସେଇଥିରେହିଁ ସେ ଆପଣାର ପୂର୍ଣ୍ଣ ପରିତୃପ୍ତିଟିକୁ ଉପଲବ୍ଧି କରିପାରିବ ନାହିଁ; ଅନ୍ୟମାନଙ୍କର ପରିପୂର୍ଣ୍ଣତାରେ ମଧ୍ୟ ସେ ଆପେ ପରିପୂର୍ଣ୍ଣ ହେବାଭଳି ଅନୁଭବ କରୁଥିବ। ତାହାର ବିଶ୍ୱଗତ ବ୍ୟକ୍ତିସତ୍ତାଟି ସକଳ ଭୂତରେ ସନ୍ନିବିଷ୍ଟ ସେହି ପରମ ସର୍ବଗତତାର ପରିସ୍ପନ୍ଦନ ମଧ୍ୟରେହିଁ ଆପଣାକୁ କାର୍ଯ୍ୟକାରୀ କରିବ ଏବଂ ଆପଣାର ବୃହତ୍ତର ସମୂହଟି ଆଡ଼କୁ ବାଟ ଫିଟାଇଦେବ। ସେ ସର୍ବଦା କେବଳ ଏକ ଦିବ୍ୟ ଶକ୍ତିହିଁ କାର୍ଯ୍ୟ କରୁଥିବାର ପ୍ରତ୍ୟକ୍ଷ କରୁଥିବ; ସେହି ଦିବ୍ୟ କର୍ମର ସମଷ୍ଟି ମଧ୍ୟକୁ ତା'ର ଆପଣା ଭିତରୁ, ଅର୍ଥାତ୍ ତା'ରି ଭିତରେ କାର୍ଯ୍ୟ କରୁଥିବା ଅନ୍ତର୍ଗତ ଆଲୋକ, ସଂକଳ୍ପ ତଥା ସାମର୍ଥ୍ୟଟି ଭିତରୁ ଯାହାକିଛି ପ୍ରବେଶ କରୁଥିବ, ତାହାହିଁ ତାହାର କର୍ମ ହୋଇ ରହିଥିବ। କୌଣସି କର୍ମର ଉପୋଦ୍‌ଘାତ କରିବା ଲାଗି ତା' ଭିତରେ ବିଲଗ ଓ ବିଚ୍ଛିନ୍ନ ହୋଇ କୌଣସି ଅହଂ ଅବସ୍ଥିତ ନଥିବ, ତାହାର ବିଶ୍ୱଗତ ବ୍ୟକ୍ତିସତ୍ତାଟିକୁ ନିମିତ୍ତରୂପେ ବ୍ୟବହାର କରି କେବଳ ସେହି ପରମ ବିଶ୍ୱାତୀତତା ଓ ପରମ ବିଶ୍ୱଗତତାହିଁ ବିଶ୍ୱର କର୍ମସମୂହ ମଧ୍ୟକୁ ଅଗ୍ରସର ହୋଇ ଯାଉଥିବ। କୌଣସି ବିଲଗ କିମ୍ବା ବିଚ୍ଛିନ୍ନ ଅହଂ ନିମନ୍ତେ କିମ୍ବା ସମଷ୍ଟିଗତ ବା ସାମୂହିକ ଜୀବନରେ ଆରୋପିତ କୌଣସି ଅହଂର ଅଭୀଷ୍ଟସିଦ୍ଧି ସକାଶେ ମଧ୍ୟ ସେ ବଞ୍ଚୁ ନଥିବ। ଆପଣା ଅନ୍ତର ଭିତରେ ଅବସ୍ଥିତ ପରମ ଦିବ୍ୟତା ଭିତରେ ଓ ସେହି ଦିବ୍ୟତାଟି ଲାଗିହିଁ ବଞ୍ଚି ରହିଥିବ; ସମୂହ ବା ସମଷ୍ଟି ମଧ୍ୟରେ ଅବସ୍ଥିତ ପରମ ଦିବ୍ୟତାରେ ଓ ସେହି ଦିବ୍ୟତାଲାଗି ବଞ୍ଚି ରହିଥିବ, ସବୁକିଛିର ମଧ୍ୟରେ ଅବସ୍ଥିତ ପରମ ଦିବ୍ୟତାରେ ତଥା ସେହି ଦିବ୍ୟତାଟି ସକାଶେ ଜୀବନ ବିତାଉଥିବ। ସକଳ ମଧ୍ୟରେ ଅବସ୍ଥିତ ଏକତ୍ୱର ଉପଲବ୍ଧ ବୋଧ ଉପରେ ପ୍ରତିଷ୍ଠିତ ରହି ଏକ ସର୍ବଦର୍ଶୀ ପରମ ଇଚ୍ଛାଦ୍ୱାରା ପରିଚାଳିତ ଓ ସଂପ୍ରେରିତ ହୋଇ କର୍ମ କରିଯିବାର ଏହି ବିଶ୍ୱାତ୍ମକତା,—ତା'ରି ଦିବ୍ୟ ଜୀବନଚରଣରେ ଏହାହିଁ ଏକ ସ୍ୱକୀୟ ବିଧାନ ହୋଇ ରହିଥିବ।

ତେଣୁ ଏକ ଦିବ୍ୟ ଜୀବନର କଥା କହିବାବେଳେ ଆମେ ପ୍ରଥମେ ତାହାକୁ ବ୍ୟକ୍ତିଜୀବନକୁ ପରିପୂର୍ଣ୍ଣ କରିବାଲାଗି ରହିଥିବା ଆକୂତିଟିର ଆଧ୍ୟାତ୍ମିକ ପରିପୂର୍ଣ୍ଣତାଲାଭ ତଥା ସତ୍ତାର ଏକ ଅନ୍ତର୍ଗତ ପରିପୂର୍ଣ୍ଣତା ଅର୍ଥରେହିଁ ବୁଝିଥାଉ। ଏହି ଜଗତରେ ଏକ ପୂର୍ଣ୍ଣତାପ୍ରାପ୍ତ ଜୀବନର ଉପଲବ୍ଧି କରିବାଲାଗି ଏହାହିଁ ହେଉଛି ସର୍ବପ୍ରଥମ ସର୍ତ୍ତ, ଏବଂ ସେହି କାରଣରୁ ଆପଣାର ଜୀବନଟିକୁ ଯଥାସମ୍ଭବ ପରିପୂର୍ଣ୍ଣ କରିବାଲାଗି ଆମେ ଯେପରି ଆପଣାର ସର୍ବପ୍ରଥମ ପରମ କର୍ତ୍ତବ୍ୟରୂପେ ଗ୍ରହଣ କରିଥାଉ, ତଦ୍ୱାରା ଆମେ

'oaob.nitrkl.ac.in' images reprocessed

କେବଳ ଠିକ୍‌ହିଁ କରିଥାଉ । ଆପଣା ଚତୁର୍ଦ୍ଦିଗସ୍ଥ ସମସ୍ତଙ୍କ ସହିତ ବ୍ୟକ୍ତିର ଆଧ୍ୟାତ୍ମିକ ତଥା ବ୍ୟାବହାରିକ ପରିପୂର୍ଣ୍ଣତା ଲାଭ ହେଉଛି ଆମର ଦ୍ୱିତୀୟ ଅଭିଳାଷ ଓ ଅଭିନିବେଶ । ଜଗତସ୍ଥ ଜୀବନମାତ୍ରକେ ସବୁରି ସହିତ ଏକ ପରିପୂର୍ଣ୍ଣ ବିଶ୍ୱବୋଧ ତଥା ଏକତ୍ୱ-ବୋଧର ଉପଲବ୍ଧି ଦ୍ୱାରା ଏହି ଦ୍ୱିତୀୟ ଅତ୍ୟଭିଳଷିତ ବସ୍ତୁଟିର ପରିପୂରଣ ଘଟିଥାଏ ଏବଂ ବିଜ୍ଞାନମୟ ଚେତନା ଓ ବିଜ୍ଞାନମୟ ପ୍ରକୃତି ମଧ୍ୟକୁ ଆପଣାକୁ ବିବର୍ତ୍ତିତ କରି ନେଇଗଲେହିଁ ତାହାର ଆନୁଷଙ୍ଗିକ ଫଳରୂପେ ଏହା ଉପଲବ୍ଧ ହୋଇଥାଏ । ମାତ୍ର ତଥାପି ଏକ ତୃତୀୟ ଆବଶ୍ୟକତାର ପରିପୂରଣ ବାକି ରହିଥାଏ; ଅର୍ଥାତ୍ ଏକ ନୂତନ ପୃଥିବୀର ସଂସ୍ଥାପନ କରିବା ବାକି ଥାଏ, ମନୁଷ୍ୟସମାଜର ସମଗ୍ର ଜୀବନରେ ଏକ ପରିବର୍ତ୍ତନ ଘଟାଇବା ବାକି ଥାଏ; ଅଥବା, ଅନ୍ତତଃ ଏହି ପାର୍ଥିବ ପ୍ରକୃତିରେ ଏକ ପୂର୍ଣ୍ଣତାପ୍ରାପ୍ତ ନୂତନ ଗୋଷ୍ଠୀଜୀବନର ପ୍ରବର୍ତ୍ତନ ବାକି ରହିଥାଏ । ଏଥିଲାଗି ଏକ ଅବିବର୍ତ୍ତିତ ଗଣପିଣ୍ଡ ମଧ୍ୟରେ କାର୍ଯ୍ୟ କରୁଥିବା ପରସ୍ପରବିଚ୍ଛିନ୍ନ ଓ ଅତିବିରଳ କେତେ ଜଣ ପୂର୍ଣ୍ଣବିବର୍ତ୍ତିତ ବ୍ୟକ୍ତିଙ୍କର ଆବିର୍ଭାବହିଁ ଯଥେଷ୍ଟ ହୁଏ ନାହିଁ, ମାତ୍ର ଆପଣାକୁ ନୂଆ ମଣିଷଙ୍କର ଏକ ଗୋଷ୍ଠୀରୂପେ ତିଆରି କରିଥିବା ଅନେକ ବିଜ୍ଞାନମୟ ବ୍ୟକ୍ତିପୁରୁଷଙ୍କର ଆବିର୍ଭାବ ଆବଶ୍ୟକ ହୁଏ; ବର୍ତ୍ତମାନର ବ୍ୟକ୍ତିଗତ ତଥା ଗୋଷ୍ଠୀଜୀବନ ତୁଳନାରେ ଅନେକ ଉଚ୍ଚତର ସ୍ତରରେ ଅବସ୍ଥିତ ଏକ ସମୂହଗତ ନୂତନ ଜୀବନର ଆବିର୍ଭାବ ଦରକାର ହୁଏ । ବିଜ୍ଞାନମୟ ବ୍ୟକ୍ତିପୁରୁଷର ଜୀବନ ଯେଉଁ ତତ୍ତ୍ୱଟି ଉପରେ ପ୍ରତିଷ୍ଠିତ ରହିଥାଏ, ଏହି ପ୍ରକାରର ଏକ ଗୋଷ୍ଠୀଜୀବନକୁ ମଧ୍ୟ ସ୍ପଷ୍ଟତଃ ଠିକ୍ ସେହି ତତ୍ତ୍ୱ ଉପରେହିଁ ପ୍ରତିଷ୍ଠିତ ରହିବାକୁ ପଡ଼େ । ମନୁଷ୍ୟ-ଅସ୍ତିତ୍ୱର ଆମର ଏହି ବର୍ତ୍ତମାନ ଭୂମିରେ ସାଧାରଣ ଜଡ଼ଗତ ବାସ୍ତବ ଜୀବନ ଓ ସେଥିରୁ ଉଦ୍ଭୂତ ଯାବତୀୟ ବିଷୟଦ୍ୱାରା ଏକତ୍ରିଧୃତ କେବଳ ଏକ ଜଡ଼ଭୂମିଗତ ସାମୂହିକତାହିଁ ଅବସ୍ଥିତ ଥାଏ; ସ୍ୱାର୍ଥର ସାଦୃଶ୍ୟ ରହିଥାଏ, ଏକ ସାଧାରଣ ସଭ୍ୟତା ବା ସଂସ୍କୃତି ଥାଏ, ସମାଜରେ ସାଧାରଣ ଏକ ବିଧାନ ଚାଲୁଥାଏ, ଏକ ସମଷ୍ଟିଗତ ମନ କାର୍ଯ୍ୟ କରୁଥାଏ, ଅର୍ଥନୀତି କ୍ଷେତ୍ରରେ ଏକ ମିଳିତ ଉଦ୍‌ଯୋଗ ରହିଥାଏ, ଏବଂ ଗୋଷ୍ଠୀଗତ ଅହଂର ନାନା ଆଦର୍ଶ, ନାନା ସଂବେଗ ତଥା ନାନା ଉଦ୍ୟମ ଆପଣାକୁ କାର୍ଯ୍ୟକାରୀ କରାଉଥାଏ ଓ ବ୍ୟକ୍ତିଗତ ସମ୍ବନ୍ଧ ଓ ବନ୍ଧନର ଏକ ବହୁ ସମୁଦାୟ ଗୋଷ୍ଠୀଟି ମଧ୍ୟରେ ବିସ୍ତାରି ରହିଥାଏ ଓ ତାହାକୁ ଗୋଟିଏ ହୋଇ ରହିବାରେ ସାହାଯ୍ୟ କରୁଥାଏ । ଅଥବା, ଯେଉଁଠି ଏହିସବୁ କ୍ଷେତ୍ରରେ ପାର୍ଥକ୍ୟ, ବିରୋଧ କିମ୍ବା ଦ୍ୱନ୍ଦ୍ୱ ରହିଥାଏ, ସେଠାରେ ଏକତ୍ର ବାସ କରିବାର ପ୍ରୟୋଜନ ଦ୍ୱାରା ବାଧ୍ୟ ହୋଇ ଏକ ବ୍ୟାବହାରିକ ପରସ୍ପର ସହାବସ୍ଥାନ ତଥା ଆନୁଷ୍ଠାନିକ ସାଲିସକୁ ଜାରି କରି ରଖାଯାଇଥାଏ । ଏହିପରି ସ୍ତରରେ କେତେବେଳେ ଏକ ସ୍ୱାଭାବିକ ଓ ପୁଣି କେତେ-ବେଳେ ଏକ କୃତ୍ରିମ ସାମ୍ୟ ଗଢ଼ି ଦିଆଯାଇ ଥାଏ । ଏହାକୁ ସାମୂହିକ ଜୀବନର

'oaob.nitrkl.ac.in' images reprocessed

ବିଜ୍ଞାନମୟ ଓ ଦିବ୍ୟ ସତ୍ତା ବୋଲି ଆଦୌ କୁହାଯିବ ନାହିଁ । କାରଣ ସେଠାରେ ଯେଉଁ ସୃଜନି ସମସ୍ତଙ୍କୁ ଏକାଠି ବାନ୍ଧି ରଖିବ, ତାହା କେବଳ ଏକ ଯଥେଷ୍ଟ ପରିମାଣର ସମ୍ମିଳିତ ସମାଜଚେତନା ସୃଷ୍ଟି କରୁଥିବା ଏକ ଜୀବନବିଷୟରେ ପର୍ଯ୍ୟବସିତ ହୋଇ ରହିବ ନାହିଁ, ତାହା ଏକ ସମୂହଜୀବନର ଦୃଢ଼ ପ୍ରତିଷ୍ଠା କରୁଥିବା ଏକ ସମୂହଚେତନା ହୋଇ ରହିବ । ସେତେବେଳେ ପ୍ରତ୍ୟେକଙ୍କ ମଧ୍ୟରେ ଯେଉଁ ପରମ ଋତଚିତ୍ତର ବିକାଶ ଘଟିଥିବ, ସମସ୍ତେ ତାହାରିଦ୍ୱାରାହିଁ ଏକତ୍ରିବଦ୍ଧ ହୋଇ ରହିବେ । ଏହି ଚେତନା ସେମାନଙ୍କ ମଧ୍ୟରେ ଯେଉଁ ରୂପାନ୍ତରିତ ଜୀବନସତ୍ତାର ପ୍ରତିଷ୍ଠା କରିଦେବ, ତାହାରି ଭିତରେ ପ୍ରେରିତ ହୋଇ ରହି ସେମାନେ ଆପଣାକୁ ସତେଅବା ଗୋଟିଏ ଅଖଣ୍ଡ ଆତ୍ମାରହିଁ ଅନେକ ଶରୀର ବୋଲି ଅନୁଭବ କରିବେ, ଏକ ଅଦ୍ୱୟ ପରମସତ୍ୟର ଗୋଟିଏ ଗୋଟିଏ ଆତ୍ମା ବୋଲି ଅନୁଭବ କରିବେ । ଜୀବନର ଏକ ମୂଳଭୂତ ଅଭିନ୍ନତା ଦ୍ୱାରା ଆଲୋକିତ ଓ ଅଭିପ୍ରେତ ହୋଇ, ଏକ ଏକତ୍ରିବଦ୍ଧ ମୂଳଭୂତ ଇଚ୍ଛା ତଥା ସଂବେଗଦ୍ୱାରା ସଂପ୍ରେରିତ ଓ ପରିଚାଳିତ ହୋଇ ଅଧ୍ୟାତ୍ମ ପରମସତ୍ୟଟିକୁ ପ୍ରକାଶ କରି ଦେଉଥିବା ଏକ ଜୀବନ ସେହିମାନଙ୍କର ମଧ୍ୟଦେଇ ଆପଣାର ସ୍ୱକୀୟ ସମୂହର ସ୍ୱାଭାବିକ ରୂପାୟନଗୁଡ଼ିକୁହିଁ ଦେଖିବାକୁ ପାଇବ । ସେଥିରେ ଏକ ବ୍ୟବସ୍ଥା ବା ଶୃଙ୍ଖଳା ଅବଶ୍ୟ ରହିବ, କାରଣ ଏକତ୍ୱସତ୍ୟ ଆପଣାର ଏକ ସ୍ୱକୀୟ ଶୃଙ୍ଖଳା ଅବଶ୍ୟ ରଚନା କରି ରଖିଥିବ; ଜୀବନଯାପନର ଏକ ବିଧାନ ବା ବିଧାନମାନ ହୁଏତ ଅବଶ୍ୟ ରହିବ, ମାତ୍ର ଏଗୁଡ଼ିକ ଆତ୍ମନିରୂପିତ ହୋଇ ରହିବ । ସେଗୁଡ଼ିକ ଆଧ୍ୟାତ୍ମିକ ଭୂମିରେ ଏକତ୍ୱର ଉପଲବ୍ଧି କରିଥିବା ଏକ ସତ୍ତ୍ୱଗତ ସତ୍ୟ ତଥା ଅଧ୍ୟାତ୍ମିକ ଭୂମିରେ ଏକତ୍ୱର ଉପଲବ୍ଧି କରିଥିବା ଏକ ଜୀବନସତ୍ତାର ଅଭିବ୍ୟକ୍ତ ହୋଇ ରହିବ । ଏହିପରି ଏକ ଜୀବନକ୍ଷେତ୍ରରେ ଆଧ୍ୟାତ୍ମିକ ଶକ୍ତିସବୁ କେବଳ ସ୍ୱତଃସ୍ଫୂର୍ତ୍ତି ଭାବରେହିଁ ଆପଣାକୁ କାର୍ଯ୍ୟକାରୀ କରୁଥିବେ, ଏବଂ ସେହିଗୁଡ଼ିକର ଆତ୍ମନିର୍ମାଣରୁହିଁ ଗୋଷ୍ଠୀଗତ ଜୀବନର ସମୁଦାୟ ରୂପାୟନଟି ମୂର୍ତ୍ତି ହୋଇଉଠିବ । ଅନ୍ତରସ୍ଥ ସତ୍ତା ଏହିସବୁ ଶକ୍ତିକୁ ଅନ୍ତର୍ଗତ ଭାବରେ ଗ୍ରହଣ କରି ନେଉଥିବ ଏବଂ ଭାବ, କର୍ମ ତଥା ଆଦର୍ଶରେ ଏକ ସ୍ୱଭାବସିଦ୍ଧ ସୌଷମ୍ୟ ମଧ୍ୟରେ ସେଗୁଡ଼ିକୁ ପ୍ରକଟ ଅଥବା ଆତ୍ମପ୍ରକଟ କରି ଦେଉଥିବ ।

ଜୀବନକୁ କ୍ରମଶଃ ଅଧିକରୁ ଅଧିକ ଯନ୍ତ୍ରବତ୍ କରି ରଖିବା, କୌଣସି ଗୋଟାଏ ସ୍ୱୀକୃତ ସାଧାରଣ ସୂତ୍ର ଅନୁସାରେ ସମସ୍ତଙ୍କୁ ଗଢ଼ିକରି ରଖିବାର ପ୍ରବୃତ୍ତି ରଖିବା,— ଏସବୁ ହେଉଛି ମନର ଧାତ; ମାତ୍ର ଏହି ଜୀବନର କ୍ଷେତ୍ରରେ ଏଇଟା କଦାପି ପ୍ରଧାନ ହୋଇ ରହିବ ନାହିଁ । ସେତେବେଳେ ବିଜ୍ଞାନମୟ ବିଭିନ୍ନ ଗୋଷ୍ଠୀ ମଧ୍ୟରେ ପ୍ରଚୁର ଓ ସ୍ୱଚ୍ଛନ୍ଦ ବୈଚିତ୍ର୍ୟମୟତା ଅବଶ୍ୟ ରହିବ; ପ୍ରତ୍ୟେକ ଗୋଷ୍ଠୀ ତନ୍ମଧ୍ୟସ୍ଥ ଜୀବନକୁ

'oaob.nitrkl.ac.in' images reprocessed

ନେଇ ଆପଣା ଆପଣାର ସ୍ୱକୀୟ ରୂପାୟନଟିକୁ ଗଢ଼ିଦେଇ ପାରୁଥିବ କୌଣସି ଗୋଟିଏ ଗୋଷ୍ଠୀରେ ମଧ୍ୟ ବିଭିନ୍ନ ବ୍ୟକ୍ତିଙ୍କର ଆତ୍ମ-ଅଭିବ୍ୟକ୍ତିର କ୍ଷେତ୍ରରେ ପ୍ରଚୁର ଓ ସ୍ୱଚ୍ଛନ୍ଦ ବୈଚିତ୍ର୍ୟମୟତା ରହିଥିବ । ମାତ୍ର ସେହି ସ୍ୱଚ୍ଛନ୍ଦ ବୈଚିତ୍ର୍ୟମୟତା କଦାପି ଏକ ଅରାଜକତାରେ ପରିଣତ ହୋଇଯିବ ନାହିଁ ଏବଂ କୌଣସି ସଂଘର୍ଷ ବା ବିସମ୍ବାଦର ସୃଷ୍ଟି କରିବ ନାହିଁ; କାରଣ ଜ୍ଞାନ ଓ ଜୀବନର ସେହି ଅଦ୍ୱୟ ପରମ ସତ୍ୟଟିର କ୍ଷେତ୍ରରେ ଯେଉଁ ବୈଚିତ୍ର୍ୟ ରହିବ, ତାହା ପରସ୍ପରର ବିରୋଧୀ ନହୋଇ ପରସ୍ପର ସହିତ ସମ୍ବନ୍ଧିତ ହୋଇ ରହିବ । ବିଜ୍ଞାନମୟ ଚେତନା ମଧ୍ୟରେ ବ୍ୟକ୍ତିଗତ ଭାବ ଓ ବ୍ୟକ୍ତିଗତ ଧାରଣାଦ୍ୱାରା ସଂକଳିତ ଅହଂଗତ କୌଣସି ଜିଦ୍ ରହିବ ନାହିଁ, ବ୍ୟକ୍ତିଗତ ଇଚ୍ଛା ବା ବ୍ୟକ୍ତିଗତ ସ୍ୱାର୍ଥକୁ ଆଣି ପୁରୋଭାଗରେ ସ୍ଥାପିତ କରି ରଖିବାକୁ କୌଣସି ହୁଲ୍ଲାଡ଼ ବା କୋଳାହଳ ମଧ୍ୟ ନଥିବ । ତତ୍ପରିବର୍ତ୍ତରେ ସେଠାରେ ନାନା ରୂପରେ ଏକ ସାଧାରଣ ପରମସତ୍ୟର ଏକତ୍ୱବିଧାୟକ ଏକ ବୋଧହିଁ ରହିଥିବ, ନାନା ଚେତନା ଓ ନାନା ଶରୀରକୁ ବାହନ କରି ଏକ ସାଧାରଣ ଆତ୍ମା ବିରାଜି ରହିବ । ସେଠାରେ ଏକ ବିଶ୍ୱଗତତା ଓ ଏକ ସ୍ୱାଭାବିକ ନମନୀୟତା ଆପଣାର ଅନେକ ପ୍ରତିରୂପ ଭିତରେ କେବଳ ସେଇ ପରମ ଅଦ୍ୱିତୀୟକୁହିଁ ପ୍ରତ୍ୟକ୍ଷ କରୁଥିବ ଓ କେବଳ ତାହାକୁହିଁ ବ୍ୟକ୍ତ କରୁଥିବ ଏବଂ ପରମ ଋତଚିତ୍ର ଅନ୍ତର୍ନିହିତ ବିଧାନରୂପେ ଓ ତାହାର ପ୍ରକୃତଗତ ସତ୍ୟରୂପେ ସକଳ ବୈଚିତ୍ର୍ୟ ମଧ୍ୟରେ କେବଳ ଏକ ଅଭିନ୍ନତ୍ୱକୁହିଁ କାର୍ଯ୍ୟକାରୀ କରୁଥିବ । ସମସ୍ତେ କେବଳ ସେହି ଗୋଟିଏ ପରମ ଚିତ୍ଶକ୍ତି ବିଷୟରେ ସଚେତନ ହୋଇ ରହିଥିବେ ଏବଂ ଆପଣାକୁ କେବଳ ତାହାର ସାଧନରୂପେ ଦେଖୁଥିବେ; ସେହି ଚିତ୍ଶକ୍ତିହିଁ ସମସ୍ତଙ୍କ ମଧ୍ୟରେ ରହି କାର୍ଯ୍ୟ କରୁଥିବ ଏବଂ ସେମାନଙ୍କର ସକଳ କାର୍ଯ୍ୟକୁ ଏକତ୍ର ସୌଷମ୍ୟବଦ୍ଧ କରି ରଖିଥିବ । ବିଜ୍ଞାନମୟ ବ୍ୟକ୍ତିସ୍ୱରୂପ ସମସ୍ତଙ୍କ ଭିତରେ ପରାପ୍ରକୃତିର କେବଳ ସେହି ଗୋଟିଏ ଅଖଣ୍ଡ ସାମର୍ଥ୍ୟ କାର୍ଯ୍ୟ କରୁଥିବାର ଅନୁଭବ କରିବ; ଆପଣା ଭିତରେ ମଧ୍ୟ ସେ ସେହି ସାମର୍ଥ୍ୟଟିର ରୂପାୟନକୁ ସ୍ୱୀକାର କରିନେବ, ଏବଂ ଦିବ୍ୟ କର୍ମର ସମ୍ପାଦନ ସକାଶେ ସେହି ସାମର୍ଥ୍ୟ ତାହାକୁ ଯେଉଁ ଜ୍ଞାନ ଓ ଶକ୍ତି ଦେଇଥିବ, ସେ ତାହାର ନିର୍ଦ୍ଦେଶ ମାନି ଚାଲୁଥିବ ଓ ତାହାକୁ କାମରେ ଲଗାଉଥିବ । ମାତ୍ର ଆପଣା ମଧ୍ୟରେ ଥିବା ଜ୍ଞାନ ତଥା ଶକ୍ତିକୁ ଅନ୍ୟମାନଙ୍କର ଜ୍ଞାନ ତଥା ଶକ୍ତିର ବିରୁଦ୍ଧରେ ପ୍ରୟୋଗ କରିବାଲାଗି ସେ କେବେହେଲେ କୌଣସି ତାଡ଼ନା କିମ୍ବା ପ୍ରୟୋଜନ ଅନୁଭବ କରିବ ନାହିଁ ଅଥବା ଅନ୍ୟ ଅହଂଗୁଡ଼ିକର ପ୍ରତିଦ୍ୱନ୍ଦ୍ୱିତା କରୁଥିବା ଏକ ଅହଂରୂପେ ଆପଣାକୁ ପ୍ରତିଷ୍ଠିତ କରି ରଖିବାକୁ ମନ ବଳାଇବ ନାହିଁ । କାରଣ ଆପଣାର ଚିନ୍ମୟ ସ୍ୱରୂପଟିର ଉପଲବ୍ଧି କରିଥିବା ବ୍ୟକ୍ତିର ନିକଟ ଏକ ଅବିଚ୍ଛିନ୍ନ ଆନନ୍ଦ ତଥା ପ୍ରାଚୁର୍ଯ୍ୟ ବିଦ୍ୟମାନ ରହିଥିବ, ଯାହାକୁ କି ସେ ସକଳ

'oaob.nitrkl.ac.in' images reprocessed

ଅବସ୍ଥାରେ ଅବ୍ୟାହତ ଭାବରେ ଅନୁଭବ କରି ପାରୁଥିବ; ତାହାର ହୃଦୟ ମଧ୍ୟରେ ସତ୍ତାଗତ ସତ୍ୟର ସ୍ୱକୀୟ ଅନ୍ତହୀନତାଟି ବିରାଜିତ ରହିଥିବ । ଏବଂ ତାହାର ବାହ୍ୟ ରୂପାୟନଟି ଯାହା ହୋଇଥାଉ ପଛକେ, ସେ ଏହାକୁ ପରିପୂର୍ଣ୍ଣ ଭାବରେ ଅନୁଭବ କରୁଥିବ । ତା'ର ଅନ୍ତର୍ଗତ ଚିନ୍ମୟ ସତ୍ୟଟି କୌଣସି ଏକ ନିର୍ଦ୍ଦିଷ୍ଟ ରୂପର ମାଧ୍ୟମରେ ପ୍ରକାଶିତ ହେବା ଉପରେ ନିର୍ଭର କରି ରହି ନଥିବ । ତେଣୁ କୌଣସି ନିର୍ଦ୍ଦିଷ୍ଟ ବହିର୍ଗତ ରୂପାୟନ ଓ ଆତ୍ମପ୍ରତିଷ୍ଠା ଲାଗି ସଂଗ୍ରାମ କରିବାକୁ ତା'ର ଆଦୌ କୌଣସି ପ୍ରୟୋଜନ ନଥିବ । ରୂପାୟନଗୁଡ଼ିକ ଏକ ସହଜ ସାବଲୀଳତା'ରେ ଆପଣାଛାଏଁ ସମୁତ୍ଥିତ ହୋଇ ଆସୁଥିବେ, ଅନ୍ୟାନ୍ୟ ରୂପାୟନଗୁଡ଼ିକ ସହିତ ସେମାନଙ୍କର ଯଥାର୍ଥ ଓ ଉପଯୁକ୍ତ ସମ୍ବନ୍ଧ ରହିଥିବ ଏବଂ ସମୁଦାୟ ରୂପାୟନପଟଟି ଉପରେ ସେମାନେ ଆପଣା ଆପଣାର ଉପଯୁକ୍ତ ସ୍ଥାନରେହିଁ ଅବସ୍ଥିତ ରହିଥିବେ । ଆପଣାକୁ ପ୍ରତିଷ୍ଠିତ କରି ଦେଉଥିବା ବିଜ୍ଞାନମୟ ଚେତନା ତଥା ବିଜ୍ଞାନମୟ ସତ୍ତାର ସତ୍ୟଟି ଆପଣାର ଚତୁଷ୍ପାର୍ଶ୍ୱସ୍ଥ ଅନ୍ୟ ସକଳ ସତ୍ତାଗତ ସତ୍ତା ସହିତ ଆପଣାର ସୌଷମ୍ୟ ଓ ସଙ୍ଗତିଟିକୁ ଆବିଷ୍କାର କରିନେବାରେ ନିଶ୍ଚୟ ସମର୍ଥ ହେବ । ଜଣେ ବିଜ୍ଞାନମୟ ବା ଅଧ୍ୟାତ୍ମ ବ୍ୟକ୍ତି ଆପଣାର ଚତୁଷ୍ପାର୍ଶ୍ୱସ୍ଥ ସମୁଦାୟ ବିଜ୍ଞାନମୟ ଜୀବନଟି ସହିତ ଆପଣାର ସୌଷମ୍ୟ ଓ ସଙ୍ଗତିଟିକୁ ଆବିଷ୍କାର କରିନେବ ରେ ମଧ୍ୟ ନିଶ୍ଚୟ ସମର୍ଥ ହେବ; ସମୁଦାୟଟି ମଧ୍ୟରେ ତାହାର ସ୍ଥାନ ଯେଉଁଠାରେ ହୋଇଥାଉ ନା କାହିଁକି ତାହା ଭିତରେ ଏହି ସାମର୍ଥ୍ୟଟି ସବୁବେଳେ ରହିଥିବ । ସମୁଦାୟଟି ମଧ୍ୟରେ ତା'ର ସ୍ଥାନଟି ଅନୁସାରେ ସେ ନାୟକ ଓ ଶାସକ ହୋଇ ପାରୁଥିବ, ଏବଂ ଆପଣାକୁ ଅଧୀନସ୍ଥ କରି ରଖି ଆଦେଶର ପାଳନ ବି କରି ପାରୁଥିବ । ଦୁଇଟିଯାକ କାର୍ଯ୍ୟରେହିଁ ସେ ସମାନ ଆନନ୍ଦ ଲାଭ କରୁଥିବ । କାରଣ ଚିଦ୍‌ସତ୍ତାର ସ୍ୱାତନ୍ତ୍ର୍ୟ ଏକ ଚିରନ୍ତନ, ଅପରିବର୍ତ୍ତମାନ ଏବଂ ଅଚ୍ଛେଦ୍ୟ ସ୍ୱାତନ୍ତ୍ର୍ୟ ହୋଇଥିବାରୁ ତାହା ପରିଚର ହୋଇ ରହିଥିବା ସମୟରେ, ସ୍ୱେଚ୍ଛାରେ ଆପଣାକୁ ଅନ୍ୟର ଅଧୀନ କରି ରଖିଥିବା ସମୟରେ ଓ ଅନ୍ୟମାନଙ୍କ ସହିତ ଆପଣାକୁ ଅନୁକୂଳିତ କରି ଦେଉଥିବା ସମୟରେ ଯେପରି ଭାବରେ ଅନୁଭୂତ ହୋଇ ପାରିବ, କ୍ଷମତାପନ୍ନ ହୋଇ ଅନ୍ୟର ଶାସନ କରୁଥିବା ସମୟରେ ମଧ୍ୟ ଠିକ୍ ସେହିପରି ଅନୁଭୂତ ହେଉଥିବ । ଏକ ଅନ୍ତର୍ଗତ ଚିଦ୍‌ଗତ ସ୍ୱାତନ୍ତ୍ର୍ୟ ଏକ ଅନ୍ତର୍ଗତ ଚିନ୍ମୟ ସୋପାନକ୍ରମର ସତ୍ତା ମଧ୍ୟରେ ଆପଣାର ବିହିତ ସ୍ଥାନଟିକୁ ଯେପରି ସ୍ୱୀକାର କରିନେବ, ଠିକ୍ ସେହିପରି ଏକ ଆଧାରଭୂତ ଚିଦ୍‌ଗତ ସାମ୍ୟର ସତ୍ତା ଭିତରେ ମଧ୍ୟ ଆପଣାର ସ୍ଥାନଟିକୁ ସ୍ୱୀକାର କରିନେଇ ପାରିବ ଓ ଦୁଇଟି ମଧ୍ୟରେ ସେ କୌଣସି ପ୍ରକାର ବିସଙ୍ଗତି ରହିଥିବାର ଅନୁଭବ କରିବ ନାହିଁ । ସତ୍ୟର ନିଜସ୍ୱ ଏହି ଆତ୍ମବ୍ୟବସ୍ଥା ତଥା ଚିଦ୍‌ଗତ ସତ୍ତାର ଏହି ସ୍ୱାଭାବିକ କ୍ରମବିନ୍ୟାସଟି ଗୋଷ୍ଠୀ ବା ସମଷ୍ଟିର ସାଧାରଣ ଜୀବନରେ ମଧ୍ୟ ଆସି ଦେଖାଦେବ ଏବଂ ସେହି ସମଷ୍ଟି ଭିତରେ ପରିବର୍ତ୍ତନଶୀଳ

'oaob.nitrkl.ac.in' images reprocessed

ବିଜ୍ଞାନମୟ ଅନେକ ବ୍ୟକ୍ତି ବିଭିନ୍ନ ସାମର୍ଥ୍ୟକୁ ବହନ କରି ବିଭିନ୍ନ ସୋପାନରେ ଅବସ୍ଥିତ ରହିଥିବେ । ଏକତ୍ୱ ହେଉଛି ବିଜ୍ଞାନମୟ ଚେତନାର ମୂଳଭିତ୍ତି, ପାରସ୍ପରିକତା ହେଉଛି ବସ୍ତୁର ନାନା ବୈଚିତ୍ର୍ୟ ମଧ୍ୟରେ ଏକତ୍ୱର ଅପରୋକ୍ଷ ଅବଗତି ଲାଭ କରିବାର ସ୍ୱାଭାବିକ ପରିଣାମ ଏବଂ ସୌଷମ୍ୟ ହେଉଛି ତାହାର ସାମର୍ଥ୍ୟଟି ଆପଣାକୁ କାର୍ଯ୍ୟକାରୀ କରିବାର ଅବଶ୍ୟମ୍ଭାବୀ ଶକ୍ତି । ତେଣୁ ଏହି ଏକତ୍ୱ, ପାରସ୍ପରିକତା ଏବଂ ସୌଷମ୍ୟହିଁ ଏକ ସାଧାରଣ ବା ସମଷ୍ଟିଗତ ବିଜ୍ଞାନମୟ ଜୀବନର ଅପରିହାର୍ଯ୍ୟ ବିଧାନ ହୋଇ ରହିବ । ସେହି ଜୀବନ ଠିକ୍ କେଉଁଭଳି ରୂପ ଗ୍ରହଣ କରିବ ତାହା ସବୁବେଳେ ସେହି ପରାପ୍ରକୃତି ମଧ୍ୟରେ କାର୍ଯ୍ୟ କରୁଥିବା ଚିରନ୍ତନଗତ ରୂପାୟନଟିର ଇଚ୍ଛା ଉପରେହିଁ ନିର୍ଭର କରିବ; ମାତ୍ର ଏହାହିଁ ତାହାର ସ୍ୱାଭାବିକ ସାଧାରଣ ଧର୍ମ ତଥା ତତ୍ତ୍ୱ ହୋଇ ରହିବ ।

ଅବିଦ୍ୟା ଭିତରେ ପଡ଼ିଥିବା ସତ୍ତାଟି ଯେଉଁ ମୁକ୍ତି ଓ ପରିପୂର୍ଣ୍ଣତାର ଆକାଂକ୍ଷା ରଖିଛି, ଆପଣାକୁ ଯେପରି ଭାବରେ ସାର୍ଥକ କରିଦେବାର ବାଟ ଖୋଜୁଛି, ତାହା କେବଳ ଅବିଦ୍ୟାଶ୍ରିତ ଏହି ବର୍ତ୍ତମାନ ପ୍ରକୃତିଟି ଭିତରୁ ଆଧ୍ୟାତ୍ମିକ ଆତ୍ମଜ୍ଞାନ ତଥା ଆଧ୍ୟାତ୍ମିକ ବିଶ୍ୱଜ୍ଞାନ ମଧ୍ୟକୁ ବାହାରିଯାଇ ପାରିଲେହିଁ ଉପଲବ୍ଧ ହୋଇପାରିବ; ଏବଂ କେବଳ ମନୋଗତ, ଦେହଗତ ଏବଂ ପ୍ରାଣଗତ ଭୂମିଟି ଭିତରୁ ବାହାରିଯାଇ ଆଧ୍ୟାତ୍ମିକ ତଥା ଅତିମାନସ ସତ୍ତା ଓ ଜୀବନ ମଧ୍ୟରେ ପ୍ରବେଶ କରିବାର ପଥଟିର ଅନ୍ତର୍ନିହିତ ବିଧାନ ତଥା ପ୍ରୟୋଜନ କହିଲେ ଆମେ ସର୍ବଦା ପୂର୍ଣ୍ଣଭାବରେ ସେହି କଥାଟିକୁହିଁ ବୁଝିବା । ଏହି ଉଚ୍ଚତର ପ୍ରକୃତିଟିକୁ ଆମେ ପରାପ୍ରକୃତି ବୋଲି କହୁଛୁ, କାରଣ ଏଇଟି ତାହାର ବର୍ତ୍ତମାନ ଚେତନା ତଥା ସାମର୍ଥ୍ୟସ୍ତରର ଅତୀତ ହୋଇ ରହିଛି । ମାତ୍ର ବସ୍ତୁତଃ ଏଇଟି ତାହାର ଯଥାର୍ଥ ପ୍ରକୃତି, ତା'ର ପ୍ରକୃତିର ଉଚ୍ଚତମ ଓ ପରିପୂର୍ଣ୍ଣତମ ଶିଖର ଏବଂ ଆପଣାର ଯଥାର୍ଥ ଆତ୍ମାଟିକୁ ଲାଭ କରି ପାରିବାକୁ ହେଲେ ଏବଂ ଆପଣା ସତ୍ତାର ସମୁଦାୟ ସମ୍ଭାବନାଟିକୁ ଉପଲବ୍ଧି କରିବାକୁ ହେଲେ ତାହାକୁ ସେହିଠାରେହିଁ ଯାଇ ପହଞ୍ଚିବାକୁ ପଡ଼ିବ । ପ୍ରକୃତିର ଭୂମିରେ ଯାହାକିଛି ଘଟିବ, ତାହା ସେହି ପ୍ରକୃତିର ଏକ ପରିଣାମରୂପେ ଘଟିବ; ତାହା ଭିତରେ ଯାହା ଉଦ୍ଦିଷ୍ଟ ବା ଅନ୍ତର୍ନିହିତ ହୋଇ ରହିଛି, ତାହାକୁହିଁ କାର୍ଯ୍ୟକାରୀ କରିବାଦ୍ୱାରା ସେହି ପ୍ରକୃତିର ଅନିବାର୍ଯ୍ୟ ପରିଣତି ଓ ପରିଣାମରୂପେ ତାହା ଘଟିବ । ଯଦି ଆମର ପ୍ରକୃତି ଏକ ମୂଳଭୂତ ନିଶ୍ଚେତନା ଓ ଅବିଦ୍ୟା ହୋଇ ରହିଥିବ, ବଡ଼ ଆୟାସସାଧ୍ୟ ଭାବରେ ଯଦି ତାହାକୁ କେବଳ ଏକ ଅପୂର୍ଣ୍ଣ ଜ୍ଞାନରେହିଁ ଉପନୀତ ହେବାକୁ ପଡ଼ୁଥିବ, ଚେତନା ଓ ସତ୍ତାର କେବଳ ଏକ ଅତି ଅପୂର୍ଣ୍ଣ ରୂପାୟନ ବ୍ୟତୀତ ଯଦି ଆଉ କିଛିହେଲେ ସମ୍ଭବ ହେଉ ନଥିବ, ତେବେ ଆମର ସତ୍ତା, ଜୀବନ, କର୍ମ ଓ ଯାବତୀୟ ସୃଜନରେ ବର୍ତ୍ତମାନ ଯେଉଁଭଳି ହୋଇ ରହିଛି, କେବଳ ସେହିଭଳି ଫଳ ଫଳିବ । ସେଗୁଡ଼ିକର

'oaob.nitrkl.ac.in' images reprocessed

କ୍ଷେତ୍ରରେ ଅପୂର୍ଣ୍ଣତା ଲାଗି ରହିଥିବ, କେବଳ ଏକ ଅନିଶ୍ଚିତ ଅର୍ଦ୍ଧଫଳମାତ୍ର ଲାଭ ହେଉଥିବ; ଆମର ମନ, ଆମର ପ୍ରାଣ ଓ ଆମର ଦେହଗତ ଅସ୍ତିତ୍ୱ କେବଳ ନାନା ଅପୂର୍ଣ୍ଣତାଦ୍ୱାରା ଅସମର୍ଥ ହୋଇ ରହିଥିବ । ଆମେ ସବୁବେଳେ ଜ୍ଞାନ ତଥା ଜୀବନର ଏପରି କେତେଗୁଡ଼ିଏ ବ୍ୟବସ୍ଥା ତିଆରି କରି ରଖିବାକୁ ଇଚ୍ଛା କରୁଅଛୁ, ଯାହାଦ୍ୱାରା କି ଆମେ ଆମ ଅସ୍ତିତ୍ୱରେ କୌଣସି ନା କୌଣସି ପରିପୂର୍ଣ୍ଣତା ଆଣିପାରିବୁ, ଯଥାର୍ଥ ସମ୍ବନ୍ଧର ଏକ ବ୍ୟବସ୍ଥା ରଚନା କରି ରଖିପାରିବୁ, ଆମର ଏହି ମନକୁ ଯଥାର୍ଥ ଭାବରେ କାର୍ଯ୍ୟରେ ଲଗାଇ ପାରିବୁ, ଜୀବନକୁ ଯଥାର୍ଥ ଭାବରେ ନିୟୋଜିତ କରିପାରିବୁ, ଜୀବନକୁ ସୁଖୀ ଓ ସୁନ୍ଦର କରିପାରିବୁ ଏବଂ ଆମ ଶରୀରକୁ ମଧ୍ୟ ଠିକ୍‌ଭାବରେ ବ୍ୟବହାର କରିପାରିବୁ । ମାତ୍ର ଆମେ ଯେତିକି ଲାଭ କରୁ, ତାହା କେବଳ ଏକ କୃତ୍ରିମ ଅର୍ଦ୍ଧଯଥାର୍ଥତା ବ୍ୟତୀତ ଆଉକିଛି ହୋଇ ପାରେ ନାହିଁ; ଏବଂ ତାହା ଭିତରେ ଏପରି ଆହୁରି ଅନେକ ଜିନିଷ ମିଶ୍ରିତ ରହିଥାଏ, ଯାହାକୁ କେବଳ ଭୁଲ, ଅସୁନ୍ଦର ଓ ଦୁଃଖକର ବୋଲିହିଁ କୁହାଯାଇ ପାରିବ । ଆମର ତତ୍‌ପରବର୍ତ୍ତୀ ବିରଚନାଗୁଡ଼ିକ, ସେଗୁଡ଼ିକରେ ଏହି ମୂଳ ଦୋଷଟି ରହିଯାଏ ବୋଲି ଏବଂ ଆମର ମନ ଓ ପ୍ରାଣ ଆପଣାର ବାସନାର ଭୂମିରେ କେଉଁଠିହେଲେ ସ୍ଥାୟୀଭାବରେ ତୃପ୍ତହୋଇ ରହିପାରନ୍ତି ନାହିଁ ବୋଲି ଆପଣା ବ୍ୟବସ୍ଥାଗୁଡ଼ିକର ବିନାଶ, ଅବକ୍ଷୟ ତଥା ବିଘଟନ ଦ୍ୱାରା ବିପନ୍ନ ହୁଅନ୍ତି । ତା'ପରେ ସେଗୁଡ଼ିକୁ ଛାଡ଼ି ଆମେ ଅନ୍ୟ ବିରଚନାଗୁଡ଼ିକୁ ଧରିବାକୁ ଯାଉ; ଏବଂ ସେଗୁଡ଼ିକ କୌଣସି ନା କୌଣସି ଦିଗରୁ ପୂର୍ବଗୁଡ଼ିକର ତୁଳନାରେ ଅଧିକ ସମୃଦ୍ଧ, ଅଧିକ ପୂର୍ଣ୍ଣ ଅଥବା ବୁଦ୍ଧିଗତ ଦୃଷ୍ଟିରୁ ଅଧିକ ସମୀଚୀନ ହୋଇଥିଲେ ମଧ୍ୟ ପରିଶେଷରେ ପୂର୍ବଗୁଡ଼ିକ ଅପେକ୍ଷା କୌଣସି ପ୍ରକାରେ ଅଧିକ ସଫଳ କିମ୍ବା ଅଧିକ ସ୍ଥାୟୀ ବୋଲି ଆଦୌ ସାବ୍ୟସ୍ତ ହୁଅନ୍ତି ନାହିଁ । ଏହା କେବେହେଁ ଅନ୍ୟପ୍ରକାରର ହୋଇପାରି ନ'ଥାନ୍ତା, କାରଣ ଏପରି କିଛି ରଚନା କରି ପାରିବାକୁ ଆମର ଆଦୌ ସାମର୍ଥ୍ୟ ନାହିଁ ଯାହାକି ଆମର ଏହି ପ୍ରକୃତିର ବାଡ଼ଗୁଡ଼ିକୁ ଡେଇଁଯାଇ ପାରୁଥିବ । ଆମେ ସ୍ୱୟଂ ଅପୂର୍ଣ୍ଣ ହୋଇ ରହିଥିବାରୁ ଆମର ମନୋଗତ ନୈପୁଣ୍ୟ-କୌଶଳର ଉଦ୍‌ଭାବିତ ସମସ୍ତ ଯନ୍ତ୍ରଟା ଆମକୁ ଯେତେ ଅଦ୍‌ଭୁତ ଶକ୍ତିସମ୍ପନ୍ନ ଓ ବାହ୍ୟତଃ ଯେତେ କାର୍ଯ୍ୟସାଧକ ବୋଲି ବୋଧ ହେଉଥିଲେହେଁ ଆମେ ପୂର୍ଣ୍ଣତାକୁ ରୂପଦେଇ ପାରିବୁ ନାହିଁ; ଆମେ ସ୍ୱୟଂ ଅବିଦ୍ୟା ମଧ୍ୟରେ ଛିନ୍ନ ହୋଇ ରହିଥିବାରୁ ଆମେ ସମ୍ପୂର୍ଣ୍ଣ ଯଥାର୍ଥ ଓ ଫଳଦାୟକ ଆତ୍ମଜ୍ଞାନ ବା ବିଶ୍ୱଜ୍ଞାନର କୌଣସି ବ୍ୟବସ୍ଥାକୁ କଦାପି ତିଆରି କରିପାରିବୁ ନାହିଁ । ଆମର ତଥାକଥିତ ବିଜ୍ଞାନଟା ମଧ୍ୟ ସେହିଭଳି ଏକ ବିରଚନା, କେତେଟା ସୂତ୍ର ଓ କୌଶଳର ଏକ କୃତ୍ରିମ ସମଷ୍ଟିମାତ୍ର । ପ୍ରକ୍ରିୟାଗତ ଜ୍ଞାନକୁ ଆୟତ୍ତ କରିବାରେ ଓ ପୁଣି ନାନା ଯନ୍ତ୍ର ଓ ଯାନ୍ତ୍ରିକତାର ଉଦ୍ଭାବନ କରିବାରେ କେହି ତାହାର ସରି ହେବେ ନାହିଁ; ମାତ୍ର ତଥାପି ସେହି ବିଜ୍ଞାନ

ଆମର ସତ୍ତା ତଥା ବିଶ୍ୱସତ୍ତାର ଯଥାର୍ଥ ଭିତ୍ତିଗୁଡ଼ିକ ବିଷୟରେ ପ୍ରକୃତରେ ବଡ଼ ଅଜ୍ଞ ହୋଇ ରହିଛୁ । ତାହା ଆମର ପ୍ରକୃତିରେ କଦାପି ପୂର୍ଣ୍ଣତା ଆଣିପାରିବ ନାହିଁ ଓ ତେଣୁ ଆମର ଜୀବନକୁ ମଧ୍ୟ ପୂର୍ଣ୍ଣାଙ୍ଗ କରିଦେଇ ପାରିବ ନାହିଁ ।

ଯେଉଁ ସତ୍ତାମାନେ ପରସ୍ପର ବିଷୟରେ ଅଜ୍ଞ ହୋଇ ରହିଥା'ନ୍ତି, ପରସ୍ପରଠାରୁ ବିଚ୍ଛିନ୍ନ ହୋଇ ରହିଥା'ନ୍ତି, ଆପଣାର ବଦ୍ଧମୂଳ ଅହଂଗୁଡ଼ିକ ଭିତରେ ପୋତି ହୋଇ ରହି ଆଆନ୍ତି ଏବଂ ଆପଣା ଆପଣାର ଖଣ୍ଡୀକୃତ ଅଜ୍ଞାନଗୁଡ଼ିକ ମଧ୍ୟରେହିଁ କୌଣସି ନା କୌଣସି ପ୍ରକାର ସମ୍ବନ୍ଧର ପ୍ରତିଷ୍ଠା କରିବା ବ୍ୟତୀତ ଯେଉଁମାନଙ୍କର ଅନ୍ୟକୌଣସି କର୍ତ୍ତବ୍ୟ ନଥାଏ, ଆମର ପ୍ରକୃତି ଓ ଆମର ଚେତନା ହେଉଛି ସେହିମାନଙ୍କର ପ୍ରକୃତି ଓ ସେଇମାନଙ୍କର ଚେତନା । କାରଣ ଏକଥା ସତ୍ୟ ଯେ ସକଳ ପ୍ରକୃତି ମଧ୍ୟରେ ସମ୍ମିଳିତ ଓ ସମ୍ବନ୍ଧିତ ହେବାର ଏକ ଆବେଗ ସର୍ବଦା ଅନ୍ତର୍ନିହିତ ହୋଇ ରହିଛି ଓ ସେହି ସମ୍ମିଳନ ଓ ସମ୍ବନ୍ଧଗୁଡ଼ିକର ବିଧାନ କରୁଥିବା ଶକ୍ତିଗୁଡ଼ିକ ମଧ୍ୟ ନିହିତ ହୋଇ ରହିଛି । ତାହାର ଫଳରେ ଆମର ଏଠି ବ୍ୟଷ୍ଟି ତଥା ସମଷ୍ଟିଗତ ନାନା ସୌଷମ୍ୟ ଓ ସଙ୍ଗତିର ସ୍ଥାପନା ହୋଇଥାଏ, ଅବଶ୍ୟ ସେଗୁଡ଼ିକୁ କେବଳ ଆପେକ୍ଷିକ ଏବଂ ଦୋଷଯୁକ୍ତ ଭାବରେହିଁ ପୂର୍ଣ୍ଣ ବୋଲି ବୁଝାଯାଇ ପାରେ; ଏକ ସାମାଜିକ ସମ୍ବଦ୍ଧତା ମଧ୍ୟ ସମ୍ଭବ ହୋଇଥାଏ । ମାତ୍ର ଏହିପରି ଭାବରେ ଗଠିତ ହେଉଥିବା ସମ୍ବନ୍ଧଗୁଡ଼ିକ ସମସ୍ତତଃ ନାନାପ୍ରକାରେ ଦୋଷଦୁଷ୍ଟ ସହାନୁଭୂତି, ଦୋଷଦୁଷ୍ଟ ପାରସ୍ପରିକ ବୋଧ, ଭୁଲ୍‌ଭାଲ ବୁଝିବା, ବିବାଦ, ବିସମ୍ବାଦ ଓ ଦୁଃଖମୟତା ଦ୍ୱାରା ସତତ ବ୍ୟାହତ ଓ ପୀଡ଼ିତ ହୋଇ ରହିଥାଏ । ଆତ୍ମଜ୍ଞାନମୟ ଏକ ପ୍ରକୃତି, ଅନ୍ତର୍ଗତ ପାରସ୍ପରିକ ଜ୍ଞାନ, ଏକ ଅନ୍ତର୍ଗତ ଏକତ୍ୱର ଉପଲବ୍ଧି ଓ ଆମ ସତ୍ତା ତଥା ଜୀବନର ଅନ୍ତର୍ଗତ ସାମର୍ଥ୍ୟଗୁଡ଼ିକର ଏକ ସୁଷ୍ଠୁସଙ୍ଗତି ଦ୍ୱାରା ଚେତନା ସହିତ ଚେତନାର ଯଥାର୍ଥ ମିଳନ ଓ ସଂଯୋଗ ସମ୍ଭବ ହୋଇ ନଥିବା ପର୍ଯ୍ୟନ୍ତ ଏହା କଦାପି ଅନ୍ୟପ୍ରକାର ହୋଇ ପାରିବ ନାହିଁ । ଆମର ସାମାଜିକ ଗଢ଼ଣିଟିରେ ମଧ୍ୟ ଆମେ ଏକତା, ପାରସ୍ପରିକତା ଓ ସୁଷମତାର ଏକ ଆଂଶିକ ପ୍ରତିଷ୍ଠାଲାଗି କେତେ ପ୍ରକାରେ ଚେଷ୍ଟା କରିଥାଉ; କାରଣ ଏସବୁ ବ୍ୟତିରେକେ ସମଜରେ କୌଣସି ପୂର୍ଣ୍ଣାଙ୍ଗ ଜୀବନଯାପନ ଆଦୌ ସମ୍ଭବ ହୋଇ ପାରିବ ନାହିଁ । ମାତ୍ର ବାସ୍ତବ କ୍ଷେତ୍ରରେ କେବଳ ଏକ କୃତ୍ରିମ ଏକତ୍ୱର ସ୍ଥାପନା କରି ରଖିବାହିଁ ଫଳ ହୁଏ, କେବଳ କେତେଟା କାନୁନ ବା ଚଳଣିଦ୍ୱାରା ଲଦି ଦିଆଯାଇ ଥିବା ନାନା ସ୍ୱାର୍ଥ ଓ ଅହଂର ଏକ ଏକତ୍ରସନ୍ନିବନ୍ଧହିଁ ଘଟିଥାଏ । ତାହା ଆମ ଉପରେ ଏପରି ଏକ କୃତ୍ରିମ ସମୂହବ୍ୟବସ୍ଥାକୁ ଆଣି ଲଦିଦିଏ, ଯାହାମଧ୍ୟରେ କି କେତେକଙ୍କର ସ୍ୱାର୍ଥ ଅବଶିଷ୍ଟ ଅନ୍ୟମାନଙ୍କର ସ୍ୱାର୍ଥ ଉପରେ ଆଧିପତ୍ୟ ବିସ୍ତାର କରି ରହିଥାଏ ଏବଂ

'oaob.nitrkl.ac.in' images reprocessed

କେବଳ ଏକ ଅର୍ଦ୍ଧସ୍ୱୀକୃତ ଓ ଅର୍ଦ୍ଧବାଧ୍ୟ, ଅର୍ଦ୍ଧପାରସ୍ପରିକ ଓ ଅର୍ଦ୍ଧକୃତ୍ରିମ ଗୋଟାଏ ପ୍ରକାର ସାଲିଶ୍‌ହିଁ ସମାଜର ସମଗ୍ର ଜୀବନଟିକୁ ବଜାୟ ରଖିଥାଏ । ଗୋଟିଏ ଗୋଷ୍ଠୀ ସହିତ ଆଉଗୋଟିଏ ଗୋଷ୍ଠୀର ସାଲିଶ୍ ବା ବୁଝାମଣା ଆହୁରି ଦୁର୍ବଳ ହୋଇ ରହିଥାଏ ଏବଂ ଫଳରେ ଗୋଟିଏ ଗୋଷ୍ଠୀଗତ ଅହଂ ସହିତ ଆଉଗୋଟିଏ ଗୋଷ୍ଠୀଗତ ଅହଂର ସତତ ନାନା କନ୍ଦଳ ଓ କଳହ ଲାଗି ରହିଥାଏ । କେବଳ ଏତିକି ବ୍ୟତୀତ ଆଉକିଛି କରିବାପାଇଁ ଆମର ସାମର୍ଥ୍ୟ ନଥାଏ; ଏବଂ ସମାଜର ଏହି ବ୍ୟବସ୍ଥାଟି ଭିତରେ ଯେତେଯାହା ଅଦଳବଦଳ କରିବାରେ ଲାଗି ପଡ଼ିଥିଲେ ମଧ୍ୟ ଜୀବନର କେବଳ ଏକ ଅତିଅପୂର୍ଣ୍ଣ ପରିଗଠନ ବ୍ୟତୀତ ଆଉକିଛି ସମ୍ଭବ କରିବା ଆମଦ୍ୱାରା ହୋଇ ପାରେ ନାହିଁ ।

ଆପଣା ବିକାଶର କ୍ରମରେ ଆମର ଏହି ପ୍ରକୃତି ଯଦି ଆପଣାର ବର୍ତ୍ତମାନ ସୀମାଗୁଡ଼ିକୁ ପାର ହୋଇ ଯାଇପାରେ, ଯଦି ଏହା ଆତ୍ମଜ୍ଞାନ, ପାରସ୍ପରିକ ପୂର୍ଣ୍ଣବୋଧ ତଥା ଏକତ୍ୱଭାବର ଏକ ପ୍ରକୃତିରେ ପରିଣତ ହୁଏ, ଯଥାର୍ଥ ସତ୍ତା ତଥା ଯଥାର୍ଥ ଜୀବନର ଏକ ପ୍ରକୃତିରୂପେ ପରିବର୍ତ୍ତିତ ହୋଇଯାଏ, ତେବେଯାଇ ତାହାରି ପରିଣାମସ୍ୱରୂପ ଆମ ଭିତରେ ଓ ଆମର ଜୀବନରେ ଏକ ପୂର୍ଣ୍ଣାଙ୍ଗତା ସମ୍ଭବ ହୋଇ ପାରିବ, ଯଥାର୍ଥ ସତ୍ତାର ଏକ ଜୀବନ ସମ୍ଭବ ହେବ; ଏକତ୍ୱ, ପାରସ୍ପରିକତା ଓ ସୌଷମ୍ୟର ଜୀବନ ସମ୍ଭବ ହେବ, ଜୀବନରେ ଯଥାର୍ଥ ସୁଖର ଉପଲବ୍ଧି ହୋଇ ପାରିବ, ଜୀବନ ସୌଷମ୍ୟମଣ୍ଡିତ ହେବ, ସୁନ୍ଦର ହେବ । ମାତ୍ର ଯଦି ଆମର ପ୍ରକୃତି ବର୍ତ୍ତମାନ ଯେପରି ରହିଛି ବା ବର୍ତ୍ତମାନ ସୁଦ୍ଧା ଯେତିକି ହୋଇପାରିଛି, ତାହାରି ଭିତରେହିଁ ଅଟକି ରହିଯାଏ, ତେବେ ଏହି ପାର୍ଥିବ ଜୀବନରେ ଆଉକୌଣସି ପୂର୍ଣ୍ଣାଙ୍ଗତା କିମ୍ବା ଯଥାର୍ଥ ଓ ସ୍ଥାୟୀ ସୁଖ କଦାପି ସମ୍ଭବ ହେବ ନାହିଁ । ତେବେ ଆମକୁ ପୂର୍ଣ୍ଣାଙ୍ଗତା ବା ପୂର୍ଣ୍ଣତାଲାଗି ସକଳ ଅନ୍ୱେଷଣକୁ ପରିହାର କରିଦେବାକୁ ହେବ, ଏବଂ ଆମର ଏହି ଅପୂର୍ଣ୍ଣତାଗୁଡ଼ିକ ଭିତରେ ଅଧିକରୁ ଅଧିକ ଯେତିକି ସମ୍ଭବ କେବଳ ସେତିକି ଲାଗି ପ୍ରୟାସ କରିବାକୁ ପଡ଼ିବ; ଅଥବା, ଏହି ଜଗତର ବାହାରେ ଆଉ କେଉଁଠି ବା ଏହାପରେ ଅନ୍ୟକେଉଁ ଲୋକରେ ତାହାର ସନ୍ଧାନ କରିବାକୁ ପଡ଼ିବ; କିମ୍ବା ଏହିସବୁ ଯାବତୀୟ ଲୋଡ଼ିବା ବା ଖୋଜିବାର ସେପାଖକୁ ପଳାଇଯାଇ ଆମର ଏହି ଅତି ବିଚିତ୍ର ଓ ଅସନ୍ତୋଷମୟ ସତ୍ତା ବା ଅସ୍ତିତ୍ୱଟି ସମ୍ଭୂତ ହୋଇ ଆସିଥିବା କୌଣସି ଏକ ପରମ ନିର୍ବିଶେଷ ସତ୍ତା ମଧ୍ୟରେ ଆପଣାର ପ୍ରକୃତିକୁ ଓ ଅହଂକୁ ନିର୍ବାପିତ କରିଦେଇ ଜୀବନକୁ କାଟି ଚାଲିଯିବାକୁ ପଡ଼ିବ । ମାତ୍ର ଯଦି ଆମରି ଭିତରେ ଏକ ଅଧ୍ୟାତ୍ମସତ୍ତା ବର୍ତ୍ତମାନ ରହିଥାଏ ଓ ତାହା କ୍ରମଶଃ ଆପଣାକୁ ପ୍ରକାଶିତ କରିଆଣୁଥାଏ, ଏବଂ ଆମର ଏହି

'oaob.nitrkl.ac.in' images reprocessed

ବର୍ତ୍ତମାନ ଭୂମିଟି ପ୍ରକୃତରେ ଏକ ଅପୂର୍ଣ୍ଣତା ବା ଅର୍ଦ୍ଧ-ଆବିର୍ଭାବ ମାତ୍ର ହୋଇଥାଏ, ଯଦି ବିଶ୍ୱଚେତନାର ଏହି ଭୂମିଟି କେବଳ ଏକ ପ୍ରଥମ ଚରଣ ହୋଇଥାଏ ଏବଂ ଏହାର ଭିତରେ ବିବର୍ତ୍ତନ ଲାଭ କରିବାକୁ ଅପେକ୍ଷା କରିଥିବା ଏକ ଅତିଚେତନା ଓ ପରାପ୍ରକୃତି ଅନ୍ତର୍ନିହିତ ଶକ୍ତି ଓ ସମ୍ଭାବନାରୂପେ ଅବସ୍ଥିତ ରହିଥାଏ, ବିଶ୍ୱଚେତନାରୂପ ପ୍ରାତିଭାସିକ ପ୍ରକୃତିର ଏକ ଆବରଣ ତଳେ ଯଦି ସେହି ବୃହତ୍ତର ଚେତନାଟି ସଗୁପ୍ତ ହୋଇ ରହିଥାଏ ଓ ତାହାରି ମଧ୍ୟରୁ ଆପଣାକୁ ଉନ୍ମୋଚିତ କରିଆଣିବ ବୋଲି ଅଭିପ୍ରେତ ହୋଇ ରହିଥାଏ, ଯଦି ସତ୍ତାର ଏକ ପୂର୍ଣ୍ଣ ବିବର୍ତ୍ତନହିଁ ବିଧାନ ହୋଇଥାଏ, ତେବେ ଆମେ ଯେଉଁ ସମାଧାନଟିର ଅନ୍ୱେଷଣରେ ବାହାରିଛୁ, ତାହା ଯେ କେବଳ ସମ୍ଭବ ତାହା ନୁହେଁ, ମାତ୍ର ବିଶ୍ୱନିୟତିର ଅପରିହାର୍ଯ୍ୟ ପରିଣାମରୂପେ ତାହା ଘଟିବହିଁ ଘଟିବ । ସେହି ପରାପ୍ରକୃତିଟିକୁ ବ୍ୟକ୍ତ କରିବା ଓ ସେହି ପରାପ୍ରକୃତିରେ ପରିଣତ ହେବା,—ତାହାହିଁ ହେଉଛି ଆମର ଆଧ୍ୟାତ୍ମିକ ନିୟତି; କାରଣ ଏହାହିଁ ହେଉଛି ଆମ ଯଥାର୍ଥ ଆତ୍ମାର ପ୍ରକୃତି, ଏପର୍ଯ୍ୟନ୍ତ ବିବର୍ତ୍ତିତ ହୋଇ ନଥିବାରୁ ଆମଲାଗି ତଥାପି ଗୁପ୍ତ ହୋଇ ରହିଥିବା ଆମ ସମଗ୍ର ସତ୍ତାଟିର ପ୍ରକୃତି । ଏକ ଏକତ୍ୱବାଦୀ ପ୍ରକୃତିର ଆତ୍ମପ୍ରକାଶ ଘଟିଲେ ତାହାର ଅପରିହାର୍ଯ୍ୟ ପରିଣାମରୂପେ ଆମ ଜୀବନଭୂମିରେ ମଧ୍ୟ ଏକତ୍ୱର ପ୍ରତିଷ୍ଠା ହେବ, ପାରସ୍ପରିକତା ତଥା ସୌଷମ୍ୟର ପ୍ରତିଷ୍ଠା ହେବ । ପରିପୂର୍ଣ୍ଣ ଚେତନା ଓ ଚେତନାଗତ ଏକ ପୂର୍ଣ୍ଣ ଶକ୍ତି ମଧ୍ୟରୁ ଜାଗ୍ରତ ହୋଇ ଉଠିଥିବା ଏକ ଅନ୍ତର୍ଗତ ଜୀବନ ସେହି ଜୀବନକୁ ଧାରଣ କରି ରହିଥିବା ସମସ୍ତଙ୍କ ଭିତରେ ଆପଣାର ଅନିବାର୍ଯ୍ୟ ଫଳଟିକୁ ଅବଶ୍ୟ ଫଳାଇଦେବ; ଆତ୍ମଜ୍ଞାନ ଉପଲବ୍ଧ ହେବ, ଅସ୍ତିତ୍ୱ ପୂର୍ଣ୍ଣାଙ୍ଗତା ଲାଭ କରିବ, ପୂର୍ଣ୍ଣତୃପ୍ତ ସତ୍ତାର ଆନନ୍ଦ ଓ ପୂର୍ଣ୍ଣ ସାର୍ଥକତା ଲାଭ କରିଥିବା ଏକ ପ୍ରକୃତିର ପରମ ସୁଖ ବିକଶିତ ହୋଇ ଆସିବ ।

ବିଜ୍ଞାନମୟ ଚେତନା ଓ ପରାପ୍ରକୃତି ମଧ୍ୟରେ ଅତ୍ୟନ୍ତ ସ୍ୱାଭାବିକ ଭାବରେ ପୂର୍ଣ୍ଣଦୃଷ୍ଟି ଓ ପୂର୍ଣ୍ଣ କର୍ମଶକ୍ତି ବିଦ୍ୟମାନ ରହିଥିବ, ଜ୍ଞାନ ସହିତ ଜ୍ଞାନ ଏକତ୍ର ସୂତ୍ରରେ ମିଳିତ ହୋଇ ରହିଥିବ; ଆମର ଏହି ମନୋଭୂମିର ଦେଖିବା ଓ ଜାଣିବାରେ ଯାହାକିଛି ବିରୋଧଦ୍ୱାରା ପୂର୍ଣ୍ଣ ହୋଇଥିବା ପରି ବୋଧହେଉଛି, ତାହା ଭିତରେ ସାମଞ୍ଜସ୍ୟତା ଆସିବ; ଜ୍ଞାନ ତଥା ସଂକଳ୍ପ ଏଠାରେ ଏକ ହୋଇ ଗୋଟିଏ ଶକ୍ତିରୂପେ ବସ୍ତୁଗୁଡ଼ିକର ସତ୍ୟ ସହିତ ସମଛନ୍ଦ ହୋଇ କାର୍ଯ୍ୟ କରିବେ । ପରାପ୍ରକୃତିର ଏହି ସ୍ୱାଭାବିକ ଧର୍ମଟି ହେଉଛି ତାହାର ପରିପୂର୍ଣ୍ଣ ଏକତ୍ୱ, ପାରସ୍ପରିକତା, ଓ କ୍ରିୟା ମଧ୍ୟରେ ରହିଥିବା ଯାବତୀୟ ସୌଷମ୍ୟର ମୂଳଭିତ୍ତି । ମନୋଗତ ସଂସ୍କୃତି ମଧ୍ୟରେ ତାହାର ଆପଣାରଚିତ ଜ୍ଞାନଟିର ବସ୍ତୁଗୁଡ଼ିକର ଯଥାର୍ଥ ଅର୍ଥାତ୍ ସମସ୍ତ ସତ୍ୟଟି ସହିତ ସତତ ଏକ ବିସଙ୍ଗତି ଲାଗି ରହିଥାଏ, ଯାହାଫଳରେ କି ତାହା ଭିତରେ ତଥାପି ଜ୍ଞାନର

'oaob.nitrkl.ac.in' images reprocessed

ଯେତିକି ସତ୍ୟ ରହିଥାଏ, ସେଇକି ମଧ୍ୟ ଅନେକ ସମୟରେ ବା ପରିଶେଷରେ ସଫଳ ଭାବରେ କାର୍ଯ୍ୟକାରୀ ହୋଇ ପାରେ ନାହିଁ ଅଥବା କେବଳ ଆଂଶିକ ଭାବରେ ଫଳପ୍ରସୂ ହୋଇଥାଏ । ଆମର ଆବିଷ୍କୃତ ସତ୍ୟଗୁଡ଼ିକୁ ମିଥ୍ୟା ବୋଲି ପୁଣି ପରିତ୍ୟାଗ କରିବାକୁ ପଡ଼େ; ହୃଦୟର ପରିପୂର୍ଣ୍ଣ ଆବେଗ ଦେଇ ଆମେ ଯେଉଁ ସତ୍ୟକୁ କାର୍ଯ୍ୟକାରୀ କରି ପାରିଛୁ ବୋଲି ମନେ କରିଥାଉ, ସେଇଟି ମଧ୍ୟ ବ୍ୟର୍ଥ ପ୍ରତିପାଦିତ ହୋଇଯାଏ । ଅନେକ ସମୟରେ ଆମ ସକଳ କର୍ମର ଫଳ କେବଳ ଅବାଞ୍ଛିତ ଫଳ ବୋଲି ସାବ୍ୟସ୍ତ ହୁଏ; ଆମେ ଯାହା ପ୍ରକୃତରେ ଇଚ୍ଛା କରି ନଥାଉ ଅଥବା ଯାହାର ଉଦ୍ଦେଶ୍ୟଟିକୁ ଆମେ ବାଧ୍ୟସଙ୍ଗତ ବୋଲି ଭାବି ନଥାଉ, ତୁଏତ ସେହି ଫଳଟି ତାହାର ଏକ ଅଂଶ ହୋଇ ଦେଖାଦେବାକୁ ଲାଗେ । ଅଥବା ବାସ୍ତବିକ କାର୍ଯ୍ୟକ୍ଷେତ୍ରରେ ଯେଉଁ ସଫଳତାଟି ଆମର ହସ୍ତଗତ ହୁଏ, ତଦ୍ଦ୍ୱାରା ଆମର ଭାବଗତ ସତ୍ୟଟି ପରାଭୂତ ଓ ପ୍ରବଞ୍ଚିତ ହୋଇ ରହେ । ଏପରିକି ଏହି ଭାବଟିର ଏକ ସଫଳ ଉପଲବ୍ଧି ସମ୍ଭବ ହେଲାବେଳେ ମଧ୍ୟ, ସେହି ଭାବଟି ଅପୂର୍ଣ୍ଣ ହୋଇଥିବାରୁ, ଅର୍ଥାତ୍ ବସ୍ତୁଗତ ଅଖଣ୍ଡ ଓ ସମଗ୍ର ସତ୍ୟଟିରୁ ବିଚ୍ଛିନ୍ନ ହୋଇ ରହିଥିବା ଏହି ମନରହିଁ ଏକ ଅସଫଳନ୍ମ ରଚନା ମାତ୍ର ହୋଇଥିବାରୁ, ଶୀଘ୍ର ହେଉ କିମ୍ବା ବିଳମ୍ବରେ ହେଉ, ତାହାର ତଥାକଥିତ ସଫଳତାଟି ମଧ୍ୟ ପରିଶେଷରେ କେବଳ ଏକ ଭ୍ରମ ବୋଲି ପଦାରେ ପଡ଼ିଯାଏ ଓ ତା'ପରେ ପୁଣି ନୂଆକରି ପ୍ରୟାସ କରିବା ଆବଶ୍ୟକ ହୁଏ । ଆମର ଦେଖା ଓ ଆମର ଧାରଣାର ବସ୍ତୁଗୁଡ଼ିକର ଯଥାର୍ଥ ତଥା ସମଗ୍ର ସତ୍ୟଟି ସହିତ ଯେଉଁ ବିସଙ୍ଗତି ରହିଥାଏ, ଆମ ମନର ପ୍ରବଞ୍ଚକ ରଚନାଗୁଡ଼ିକ ଯେପରି କେବଳ ଉପରିଭାଗସ୍ଥ ଆଂଶିକ ସତ୍ୟଟାକୁ ବ୍ୟକ୍ତ କରୁଥାଏ, ତାହାହିଁ ଆମ ସକଳ ବ୍ୟର୍ଥତାର କାରଣ ହୁଏ । ମାତ୍ର ସେହି ଗୋଟିଏ ସତ୍ତା ଭିତରେ କେବଳ ଯେ ଜ୍ଞାନ ସହିତ ଜ୍ଞାନର ବିସଙ୍ଗତି ରହିଥାଏ ତାହା ନୁହେଁ, ମାତ୍ର ଇଚ୍ଛା ସହିତ ଇଚ୍ଛାର ବିସଙ୍ଗତି ରହିଥାଏ ଏବଂ ଇଚ୍ଛା ସହିତ ଜ୍ଞାନର ମଧ୍ୟ ବିସଙ୍ଗତି ରହିଥାଏ; ସେମାନଙ୍କ ଭିତରେ ଏକ ବିଭାଜନ ଓ ଅସମନ୍ୱିତତା ରହି ଯାଇଥାଏ; ଯାହାଫଳରେ କି ଯେଉଁଠି ଜ୍ଞାନ ଯଥେଷ୍ଟ ଓ ପରିପକ୍ୱ ହୋଇ ବିଦ୍ୟମାନ ଥାଏ, ସେଠାରେ ସତ୍ତା ମଧ୍ୟରେ ଥିବା କୌଣସି ଇଚ୍ଛା ତାହାର ବିରୋଧ କରେ ଅଥବା ତାହାର ଗୋଡ଼କୁ ବାନ୍ଧି କରି ରଖେ, ଅଥବା ଯେଉଁଠି ଇଚ୍ଛା ଶକ୍ତିଶାଳୀ ହୋଇ ରହିଥାଏ, ତେଜସ୍ୱୀ ଅଥବା ଦୃଢ଼ଭାବରେ ବା ପରାକ୍ରମ ସହିତ ଆପଣାର କାର୍ଯ୍ୟଟିକୁ ସାଧନ କରିବାର ସାମର୍ଥ୍ୟ ରଖିଥାଏ, ସେଠାରେ ତାହାକୁ ଉଚିତ ପଥରେ କାର୍ଯ୍ୟକାରୀ କରିବାକୁ ଓ ପରିଚାଳିତ କରିବାକୁ ଯଥାର୍ଥ ଜ୍ଞାନଟିର ଅଭାବ ରହିଥାଏ । ଆମ କାର୍ଯ୍ୟରେ ଜ୍ଞାନ, ଇଚ୍ଛା, ସାମର୍ଥ୍ୟ, କର୍ମ କରିବାର ଶକ୍ତି ଓ ଆଚରଣର ଯାବତୀୟ ପ୍ରକାରର ବିସଙ୍ଗତି, ପ୍ରମାଦପୂର୍ଣ୍ଣ ଅନୁକଳନ ଓ ଅପୂର୍ଣ୍ଣତା ଆସି ସତତ ବାଧା ହୋଇ ଠିଆହୁଏ, ଆମ ଜୀବନଟିକୁ କାର୍ଯ୍ୟକାରୀ କରିବାର କ୍ଷେତ୍ରରେ ହସ୍ତକ୍ଷେପ କରେ ଏବଂ

'oaob.nitrkl.ac.in' images reprocessed

ଅନେକ ଅପୂର୍ଣ୍ଣତା ଓ ଅକ୍ଷମତାର ଏକ ବିଶିଷ୍ଟ କାରଣ ହୋଇ ଦେଖାଦିଏ । ଏକ ଅବିଦ୍ୟାଶ୍ରିତ ସ୍ଥିତି ଓ ସାମର୍ଥ୍ୟ ଭିତରେ ଏହିସବୁ ବିଶୃଙ୍ଖଳା, ଦୋଷ ଓ ବିସଙ୍ଗତି ବଡ଼ ସ୍ୱାଭାବିକ ଜଡ୍ୟବିଷୟ ହୋଇ ବିଦ୍ୟମାନ ରହିଥାଏ, ଏବଂ ମନୋଗତ ତଥା ପ୍ରାଣଗତ ପ୍ରକୃତିର ଆଲୋକଠାରୁ ବୃହତ୍ତର କେବଳ ଆଉକୌଣସି ଆଲୋକଦ୍ୱାରାହିଁ ତାହାର ଅପସାରଣ ସମ୍ଭବ ହୋଇଥାଏ । ବିଜ୍ଞାନମୟ ଯାବତୀୟ ଅବଲୋକନ ଓ ଯାବତୀୟ କର୍ମରେ ସତ୍ୟ ସହିତ ସତ୍ୟର ଏକତ୍ୱବନ୍ଧତା, ପ୍ରାମାଣିକତା ଏବଂ ସାମଞ୍ଜସ୍ୟପୂର୍ଣ୍ଣତା ଏକ ସହଜ ଓ ସ୍ୱାଭାବିକ ଧର୍ମ ହୋଇ ରହିଛି । ଆମର ମନ ବିଜ୍ଞାନମୟତା ମଧ୍ୟକୁ ସମୁଚ୍ଚ ହୋଇ ଉଠିବା ସଙ୍ଗେସଙ୍ଗେ ବିଜ୍ଞାନମୟ ଆଲୋକ ମଧ୍ୟକୁ ଉତ୍ତୋଳିତ ହୋଇ ଯାଇଥିବା ଓ ସେହି ଆଲୋକର ଶାସନଦ୍ୱାରା ପରିଚାଳିତ ହେଉଥିବା ଆମର ମନୋଗତ ଅବଲୋକନ ତଥା ମନୋଗତ କର୍ମ ସେହି ସ୍ୱାଭାବିକ ଧର୍ମରେହିଁ ଅଂଶଗ୍ରହଣ କରିବାକୁ ଆରମ୍ଭ କରିବ, ଏବଂ, ଯଦି ତାହା ତଥାପି ସୀମିତଶକ୍ତି ହୋଇ ରହିଥିବ ବା ନାନା ସୀମା ଭିତରେ ଆବଦ୍ଧ ହୋଇ ରହିଥିବ, ତେବେସୁଦ୍ଧା ଅନେକ ଅଧିକ ପରିମାଣରେ ପରିପୂର୍ଣ୍ଣ ହେବାକୁ ଆରମ୍ଭ କରିବ ଓ ଏହିସବୁ ସୀମା ଭିତରେ ଯଥାର୍ଥ ଓ ଫଳପ୍ରଦ ଭାବରେ କାର୍ଯ୍ୟ କରିବାକୁ ଆରମ୍ଭ କରିବ । ସେତେବେଳେ ଆମ ଅସାମର୍ଥ୍ୟ ଓ ବ୍ୟର୍ଥତାର ଯାବତୀୟ କାରଣ ହ୍ରାସହେବାକୁ ଆରମ୍ଭ କରିବ ଓ କ୍ରମେ ଅନ୍ତର୍ହିତ ହୋଇଯିବ । ମାତ୍ର ତହିଁ ସଙ୍ଗେସଙ୍ଗେ ସେହି ବୃହତ୍ତର ଅନ୍ତର୍ଦୃଷ୍ଟି ମଧ୍ୟ ଏକ ବୃହତ୍ତର ଚେତନା ଏବଂ ବୃହତ୍ତର ସାମର୍ଥ୍ୟର କେତେକେତେ ସମ୍ଭାବନାମୟ ଶକ୍ତିମଣ୍ଡଳ ସହିତ ମନର ଆୟତନଟିକୁ ଆକ୍ରାନ୍ତ କରିଦେବାକୁ ଆସିବ, ସତ୍ତାର ନୂତନ କେତେକେତେ ଶକ୍ତି ଉଦ୍‌ଘାଟିତ ହୋଇଯିବ । ଜ୍ଞାନ ହେଉଛି ଚେତନାର ସାମର୍ଥ୍ୟ ଓ ଚେତନାର କ୍ରିୟାତ୍ମକ ପରିଣାମ; ସଂକଳ୍ପ ହେଉଛି ସତ୍ତାଗତ ଶକ୍ତିର ଚେତନ ସାମର୍ଥ୍ୟ ଓ ଚେତନ କ୍ରିୟାତ୍ମକତା । ବିଜ୍ଞାନମୟ ସତ୍ତାର ଭୂମିରେ ଉପଗତ ହୋଇ ଆମର ବର୍ତ୍ତମାନର ଜ୍ଞାତ ସୀମାଗୁଡ଼ିକର ତୁଳନାରେ ଉଭୟେ ଏକ ବିପୁଳତର ସମନ୍ୱିତତାରେ ପ୍ରସ୍ଫୁରିତ ହୋଇ ଉଠିବେ, ଆପଣାର ଏକ ଉଚ୍ଚତର ସୋପାନର ଉପଲବ୍ଧି କରିପାରିବେ ଓ ଅଧିକ ସମନ୍ୱିତ ଭାବରେ ନିର୍ଭରରୂପେ ବ୍ୟବହୃତ ହୋଇ ପାରିବେ । କାରଣ ଚେତନାର ଅଭିବୃଦ୍ଧି ଘଟିଲେହିଁ ସତ୍ତାର ଅନ୍ତର୍ନିହିତ ସାମର୍ଥ୍ୟ ତଥା ପ୍ରକଟିତ ପ୍ରକୃତ ସାମର୍ଥ୍ୟରେ ମଧ୍ୟ ଏକ ଅଭିବୃଦ୍ଧି ଅବଶ୍ୟ ଘଟିବ ।

ଜ୍ଞାନ ଓ ସାମର୍ଥ୍ୟର ପାର୍ଥିବ ରୂପାୟନକ୍ଷେତ୍ରରେ ଦୁହିଁଙ୍କ ମଧ୍ୟରେ ରହିଥିବା ଏହି ସମ୍ବନ୍ଧଟି ଖୁବ୍ ସ୍ପଷ୍ଟଭାବରେ ପ୍ରକାଶିତ ହୋଇ ପାରେ ନାହିଁ, କାରଣ ସେଠାରେ ସ୍ୱୟଂ ଚେତନାହିଁ ଏକ ମୂଳଭୂତ ନିଶ୍ଚେତନା ମଧ୍ୟରେ ବୁଡ଼ିକରି ରହିଥାଏ ଏବଂ ତାହାର ସାମର୍ଥ୍ୟଗୁଡ଼ିକର ସ୍ୱାଭାବିକ ଶକ୍ତି ତଥା ଛନ୍ଦଟି ସେଗୁଡ଼ିକର ଉନ୍ମେଷ ସମୟରେ

'oaob.nitrkl.ac.in' images reprocessed

ଅବିଦ୍ୟାଗତ ନାନା ବିସଙ୍ଗତି ତଥା ଆବରଣ ଦ୍ୱାରା ବଦ୍ଧ ବ୍ୟାହତ ଓ କୁଣ୍ଠିତ ହୋଇ ରହିଥାଏ । ସେଠାରେ ନିଶ୍ଚେତନାହିଁ ମୂଳଭୂତ ଓ ଅନ୍ତର୍ନିହିତ ଶକ୍ତିରୂପେ ଅବସ୍ଥିତ ଥାଏ, ତେଣୁ ତାହାହିଁ ସ୍ୱତଃ ସେଠାରେ ଏକମାତ୍ର କାର୍ଯ୍ୟସାଧକ ଶକ୍ତି ହୋଇ ରହିଥାଏ, ଚେତନ ମନଟି କେବଳ ଏକ ଅତିକ୍ଷୁଦ୍ର ଆତ୍ମାସକ୍ଲିଷ୍ଟ ଅନୁଚରମାତ୍ର ହୋଇ ରହିଥାଏ । ମାତ୍ର ସେପରି ହୁଏ, କାରଣ ଆମ ଭିତରେ କାର୍ଯ୍ୟ କରୁଥିବା ଚେତନ ମନଟିର କ୍ରିୟା କେବଳ ଏକ ବ୍ୟକ୍ତିଗତ କ୍ଷେତ୍ରରେ କାର୍ଯ୍ୟକାରୀ ହେଉଥାଏ ଏବଂ ଅନ୍ୟପକ୍ଷରେ ନିଶ୍ଚେତନା ଏକ ବିଶ୍ୱଗତ ପ୍ରଚ୍ଛନ୍ନ ପରମଚେତନାର ବିପୁଳ କ୍ରିୟାତ୍ମକତାରୂପେ ଅବସ୍ଥିତ ରହିଥାଏ । ଜଡ଼ର ଛଦ୍ମବେଶରେ ଯେଉଁ ବିଶ୍ୱଶକ୍ତି ଉପସ୍ଥିତ ହୋଇ ରହିଥାଏ, ସେଇଟି ଅନବଚ୍ଛିନ୍ନ ଭାବରେ ଆପଣାକୁ ଏକ ଜଡ଼-ପ୍ରକ୍ରିୟା ମଧ୍ୟରେ ଜଡ଼ିତ କରି ରଖିଥିବା ହେତୁ ଆମପାଖରୁ ଏହି ଗୁପ୍ତ ରହସ୍ୟଟିକୁ ଲୁଚାଇ କରି ରଖିଥାଏ ଯେ ନିଶ୍ଚେତନାର ଏହି କ୍ରିୟାଟି ହେଉଛି ଯଥାର୍ଥରେ ଏକ ବିପୁଳ ବିଶ୍ୱଗତ ପ୍ରାଣ ତଥା ଆବରଣ ଭିତରେ ପ୍ରଚ୍ଛନ୍ନ ହୋଇ ରହିଥିବା ଏକ ବିଶ୍ୱଗତ ମନରହିଁ ଅଭିବ୍ୟକ୍ତି ମାତ୍ର; ତାହା ହେଉଛି ଏକ ଅନ୍ତର୍ଗୂଢ଼ ବିଜ୍ଞାନମୟ ଚେତନାରହିଁ ଆତ୍ମପ୍ରକାଶ । ନିଶ୍ଚେତନାର ମୂଳଉତ୍ସରୂପେ ଏସବୁ ନିହିତ ହୋଇ ରହି ନଥିଲେ ସେଥିରେ କାର୍ଯ୍ୟ କରିବାର ଆଦୌ କୌଣସି ସାମର୍ଥ୍ୟ ନଥା'ନ୍ତା ଓ ସଂଗଠନକ୍ଷମ କୌଣସି ସଂଗତି ମଧ୍ୟ ନଥା'ନ୍ତା । ଜଡ଼ଭୂମିଗତ ଜଗତରେ ପ୍ରାଣର ଶକ୍ତିହିଁ ମନ ତୁଳନାରେ ଅଧିକ ଗତିଶୀଳ ତଥା କାର୍ଯ୍ୟସାଧନସମ୍ପନ୍ନ ବୋଲି ମନେ ହୋଇଥାଏ; ଆମର ମନ କେବଳ ଅବଧାରଣା ତଥା ବିଷୟବୋଧର କ୍ଷେତ୍ରରେ ମୁକ୍ତ ଏବଂ ପୂର୍ଣ୍ଣଭାବରେ ଶକ୍ତିଶାଳୀ ହୋଇ ରହିଥାଏ, ମାତ୍ର ଏହି ମନୋମୟ କ୍ଷେତ୍ରଟିର ସୀମା ବାହାରେ ଏହାର କ୍ରିୟାଶକ୍ତି ତଥା କାର୍ଯ୍ୟସାଧିକା ଶକ୍ତି କେବଳ ପ୍ରାଣ ଓ ଜଡ଼ ସହିତ କାର୍ଯ୍ୟ କରିବାକୁ ଓ ସେଗୁଡ଼ିକୁ ଆପଣାର ସାଧନରୂପେ ବ୍ୟବହାର କରିବାକୁ ବାଧ୍ୟ ହୋଇଥାଏ; ଏବଂ ପ୍ରାଣ ଓ ଜଡ଼ ତା' ଉପରେ ଯେଉଁ ପରିବେଶଗୁଡ଼ିକୁ ଆଣି ଲଦି ଦେଇଥା'ନ୍ତି, ତାହାରି ଭିତରେ ରହିବାକୁ ପଡ଼ୁଥିବାରୁ ଆମର ମନ ଅନେକ ପରିମାଣରେ ବାଧାପ୍ରାପ୍ତ ହୁଏ ଓ କେବଳ ଅର୍ଦ୍ଧଫଳଦାୟକ ହୁଏ । ମାତ୍ର ତଥାପି ଆମେ ବେଶ୍ ଦେଖିଥାଉ ଯେ ମନୋମୟ ମନୁଷ୍ୟସତ୍ତା ମଧ୍ୟରେ ପ୍ରକୃତିର ଯେତିକି ଶକ୍ତି କାର୍ଯ୍ୟ କରୁଥାଏ, ତାହା ଇତରପ୍ରାଣୀ ମଧ୍ୟରେ କାର୍ଯ୍ୟ କରୁଥିବା ପ୍ରକୃତିଶକ୍ତିର ତୁଳନାରେ ଅଧିକ ଶକ୍ତିଶାଳୀ ଭାବରେ ସେହି ମନୁଷ୍ୟଟିର ପ୍ରାଣର ତଥା ଜଡ଼ର ସମ୍ମୁଖୀନ ହୋଇଥାଏ, ଏହି କ୍ଷେତ୍ରରେ ଚେତନା ତଥା ଜ୍ଞାନର ଯେଉଁ ବୃହତ୍ତର ସାମର୍ଥ୍ୟଟି ରହିଥାଏ, ସଙ୍କଳ୍ପ ତଥା ସଂକଳ୍ପର ଯେଉଁ ବୃହତ୍ତର ଶକ୍ତିଟି ଆପଣାକୁ ଆବିର୍ଭୂତ କରାଇଥାଏ, ତାହାହିଁ ସେହି ଅଧିକତର ଉତ୍କର୍ଷର କାରଣ ହୁଏ । ମନୁଷ୍ୟଜୀବନର ଭୂମିରେ ବି ଅଧିକ ପ୍ରାଣଶକ୍ତିସମ୍ପନ୍ନ ମନୁଷ୍ୟ ମୁଖ୍ୟତଃ

'oaob.nitrkl.ac.in' images reprocessed

ମନୋମୟ ମନୁଷ୍ୟଠାରୁ ଅଧିକ ଗତିଶୀଳତା ଓ ସକ୍ରିୟତାର ଅଧିକାରୀ ହୋଇ ରହିଥିବା ପରି ବୋଧହୁଏ, କାରଣ ଗତିଶୀଳ ପ୍ରାଣଶକ୍ତିର କ୍ଷେତ୍ରରେ ସେ ମନୋମୟ ମନୁଷ୍ୟଟିଠାରୁ ଅଧିକ ସାମର୍ଥ୍ୟଯୁକ୍ତ ହୋଇ ରହିଥାଏ । ବୁଦ୍ଧିଜୀବୀ ସାଧାରଣତଃ ଭାବନା ଓ ବିଚାରର କ୍ଷେତ୍ରରେ ପ୍ରଭାବ ବିସ୍ତାର କରିଥାଏ, ମାତ୍ର ପୃଥିବୀ ଉପରେ କ୍ଷମତା ହାସଲ କରିବାକୁ ଅସମର୍ଥ ଓ ଅପାରଗ ହୋଇ ରହେ; ଏବଂ ଅପର ପକ୍ଷରେ ଗତିଶୀଳ ପ୍ରାଣବନ୍ତ ମନୁଷ୍ୟ ଜୀବନର ବହିଃକ୍ଷେତ୍ରରେ ପ୍ରାଧାନ୍ୟ ବିସ୍ତାର କରି ରହିଥାଏ । ମାତ୍ର କେବଳ ନିଜର ମନଟିକୁହିଁ କାମରେ ଲଗାଇ ପ୍ରାଣପ୍ରଧାନ ମନୁଷ୍ୟ ଆପଣାର ଏହି ଉତ୍କର୍ଷଟିରୁ ପୂର୍ଣ୍ଣ ସୁଯୋଗ ନେବାରେ ସମର୍ଥ ହୋଇଥାଏ; ଏବଂ ନିମ୍ନାଶ୍ରିତ ପ୍ରାଣ ତା'ର ଆପଣା ଶକ୍ତିରେ ଯେତିକି ସାଧ୍ୟ କରିପାରେ ଅଥବା ଫଳପ୍ରଦ ଜୀବନକ୍ଷେତ୍ରରେ ଘଟୁଥିବା ଅଭିବୃଦ୍ଧିର କୌଣସି ସାହାଯ୍ୟ ନନେଇ ପ୍ରାଣମୟ ମନୁଷ୍ୟ ନିଜର ପ୍ରାଣଶକ୍ତି ଓ ପ୍ରାଣଗତ ସହଜାତ ବୃତ୍ତିଗୁଡ଼ିକ ସାହାଯ୍ୟରେ ଯେତିକି ସଫଳତା ଲାଭ କରେ, ମନୋମୟ ମନୁଷ୍ୟ ଜ୍ଞାନର ଶକ୍ତି ଓ ନିଜ ବିଜ୍ଞାନ ବଳରେ ପରିଶେଷରେ ଜୀବନର କ୍ଷେତ୍ରରେ ତାହା ଅପେକ୍ଷା ଅନେକ ଅଧିକ ଆଧିପତ୍ୟ ବିସ୍ତାର କରିବାକୁ ସମର୍ଥ ହୁଏ । ଏବଂ ଯେତେବେଳେ ମନ ଅପେକ୍ଷା ଆହୁରି ବୃହତ୍ତର ଚେତନା ଆପଣାକୁ ଆବିର୍ଭୂତ କରାଇଆଣିବ ଓ ଆମର ଏହି ବ୍ୟକ୍ତିସ୍ୱଭାବଗତ ସୀମାବଦ୍ଧ ଜୀବନଟି ମଧ୍ୟରେ ଯେଉଁ ମନୋମୟ କ୍ରିୟାତ୍ମକତାଟି କୁଣ୍ଠିତ ଓ ବାଧାପ୍ରାପ୍ତ ହୋଇ ରହିଛି, ଆପେ ତାହାର ସ୍ଥାନକୁ ଅଧିକାର କରିନେବ, ସେତେବେଳେ ସମସ୍ତ ଜୀବନ ତଥା ପ୍ରକୃତି ଉପରେ ଏକ ଅତିବିରାଟ ଶକ୍ତିମୟତାର ସ୍ୱରୂପ ପ୍ରକାଶିତ ହୋଇଉଠିବ ।

ଯେତେବେଳେ ମନ ଆପଣା ଉପରେ ତଥା ଜଗତ ଉପରେ ସବୁଠାରୁ ଅଧିକ ପ୍ରଭୁତ୍ୱ ପ୍ରତିଷ୍ଠା କରିବାକୁ ସମର୍ଥ ହୋଇ ରହିଥାଏ, ସେତେବେଳେ ମଧ୍ୟ ମୂଳତଃ ମନ ଉପରେ ପ୍ରାଣ ଏବଂ ଜଡ଼ର କର୍ତ୍ତୃତ୍ୱ କେତେକ ପରିମାଣରେ ବଜାୟ ରହିଥାଏ; ମନକୁ ସେହି କର୍ତ୍ତୃତ୍ୱକୁ ମାନିକରି ଚାଲିବାକୁ ହୁଏ । ସେତେବେଳେ ମଧ୍ୟ ମନର କର୍ତ୍ତୃତ୍ୱ ପ୍ରତ୍ୟକ୍ଷ ଭାବରେ ସର୍ବପ୍ରଧାନ କର୍ତ୍ତୃତ୍ୱରୂପେ ଅଧିଷ୍ଠିତ ହୋଇ ରହି ପାରେ ନାହିଁ, ସେତେବେଳେ ମଧ୍ୟ ମନ ତାହାର ଆପଣା ଶକ୍ତିଦ୍ୱାରା ସଂସାର ଏହିସବୁ ଦୁଷ୍ପରିହାର୍ଯ୍ୟ ନିମ୍ନତର ଶକ୍ତିର ବିଧାନ ତଥା କ୍ରିୟାତ୍ମକତାକୁ ସମ୍ପୂର୍ଣ୍ଣଭାବରେ ବଦଳାଇ ଦେଇ ପାରେ ନାହିଁ । ମାତ୍ର ମନର ଏହି ଅସମର୍ଥତାଟି ଯେ ସର୍ବଦା ଅନତିକ୍ରମ୍ୟ ହୋଇ ରହିଥିବ, ସେକଥା ଆଦୌ ନୁହେଁ । ଗୁପ୍ତବିଦ୍ୟା ଆମକୁ ଏହି କଥାଟି ଦେଖାଇଦିଏ ଓ ଅଧ୍ୟାତ୍ମଜ୍ଞାନର ଏକ ଗତ୍ୟାତ୍ମକ ଶକ୍ତିରୁ ମଧ୍ୟ ଆମେ ଠିକ୍ ସେହି ପ୍ରମାଣଟି ପାଇଥାଉ ଯେ ମନ ଯେ ଏହିପରି ଜଡ଼ର ଅଧୀନ ହୋଇ ରହିଛି ଓ ତଦ୍‌ବସ୍ତୁ ମଧ୍ୟ ଯେପରି ଜୀବନର ଏକ ନିମ୍ନତର ବିଧାନର ଅଧୀନ ହୋଇ

'oaob.nitrkl.ac.in' images reprocessed

ରହିଛି, ତାହା ପ୍ରଥମେ ଯେଭଳି ଦେଖାଯାଉଥାଏ, ତାହା ପ୍ରକୃତରେ ସେଭଳି ନୁହେଁ । ତାହା ବସ୍ତୁଗୁଡ଼ିକର ଏକ ମୂଳଗତ ବିଧାନ ନୁହେଁ କିମ୍ବା ପ୍ରକୃତିର ଏକ ଅଲଂଘ୍ୟ ବା ଅପରିବର୍ତ୍ତନୀୟ ବିଧାନ ମଧ୍ୟ ନୁହେଁ । ଏହି ମନ ଏବଂ ତା'ଠାରୁ ଆହୁରି ଅଧିକ ସଫଳ ଭାବରେ ଚିଦ୍‌ବସ୍ତୁର ଶକ୍ତି ନାନା ପରୀକ୍ଷିତ ତଥା ଅପରୀକ୍ଷିତ ମାର୍ଗରେ, ଭୌତିକ ବିଜ୍ଞାନଦ୍ୱାରା ଉଦ୍‌ଭାବିତ ଅଧିକ କାର୍ଯ୍ୟଦକ୍ଷ ଭୌତିକ ସାଧନଗୁଡ଼ିକ ଭଳି କେବଳ କେତେକ ବାହ୍ୟ କୌଶଳ କିମ୍ବା ଉଦ୍‌ଭାବନ ଦ୍ୱାରା ନୁହେଁ, ମାତ୍ର ଆପଣାର ପ୍ରକୃତି ତଥା ପ୍ରତ୍ୟକ୍ଷ ସାମର୍ଥ୍ୟ ବଳରେ ପ୍ରାଣ ଓ ଜଡ଼ର ବାଡ଼କୁ ଡେଇଁଯାଇ ପାରିବ ଏବଂ ସେଗୁଡ଼ିକୁ ଆପଣାର କର୍ତ୍ତୃତ୍ୱାଧୀନ କରି ରଖିପାରିବ ବୋଲି ମନୁଷ୍ୟ ଯେଉଁଦିନ ଆବିଷ୍କାର କରିବାକୁ ସମର୍ଥ ହେବ, ସେଦିନ ତାହାହିଁ ମନୁଷ୍ୟର ସବୁଠାରୁ ଅଧିକ ମହତ୍ତ୍ୱପୂର୍ଣ୍ଣ, ସ୍ୱାଭାବିକ ଓ ବୃହତ୍ତମ ଆବିଷ୍କାର ହୋଇ ରହିବ । ବିଜ୍ଞାନମୟ ପରା-ପ୍ରକୃତିର ବିକାଶ ହେବା ସଙ୍ଗେ ସଙ୍ଗେ ଚେତନାର ଏହି ପ୍ରତ୍ୟକ୍ଷ ସାମର୍ଥ୍ୟ, ସତ୍ତ୍ୱଗତ ଶକ୍ତିର ଏହି ପ୍ରତ୍ୟକ୍ଷ କ୍ରିୟା ଏବଂ ପ୍ରାଣ ତଥା ଜଡ଼ ଉପରେ ଏହାର ପୂର୍ଣ୍ଣମୁକ୍ତ କର୍ତ୍ତୃତ୍ୱ ତଥା ନିୟନ୍ତ୍ରଣ ଯଥାର୍ଥ ପରିପୂର୍ଣ୍ଣତା ଲାଭ କରିବ ଓ ଆପଣାର ପରାକାଷ୍ଠାରେ ପହଞ୍ଚିପାରିବ । କାରଣ ବିଜ୍ଞାନମୟ ବ୍ୟକ୍ତିପୁରୁଷର ବୃହତ୍ତର ଜ୍ଞାନଟି ମୁଖ୍ୟତଃ ଏକ ବାହ୍ୟ ଭାବରେ ଲବ୍ଧ ଓ ଆହୃତ ଜ୍ଞାନ ହୋଇ ରହିବ ନାହିଁ, ମାତ୍ର ତାହା ଚେତନା ତଥା ଚେତନାଗତ ଶକ୍ତିର ଏକ ବିବର୍ତ୍ତନରହିଁ ପରିଣାମ ହେବ, ସତ୍ତ୍ୱଗତ ଏକ ନୂତନ ଗଠଣୀଳତାର ପରିଣାମ ହେବ । ଫଳରେ ବିଜ୍ଞାନମୟ ବ୍ୟକ୍ତି ବହୁ ବସ୍ତୁର ଜ୍ଞାନ ମଧ୍ୟରେ ଜାଗ୍ରତ ହୋଇ ଉଠିବ ଏବଂ ସେଗୁଡ଼ିକର ଅଧିକାରୀ ହୋଇ ରହିବ, ଆତ୍ମା ବିଷୟରେ ତାହାର ଏକ ସ୍ୱଚ୍ଛ ଓ ସମ୍ପୂର୍ଣ୍ଣ ଜ୍ଞାନ ରହିବ, ଅନ୍ୟମାନଙ୍କ ବିଷୟରେ ପ୍ରତ୍ୟକ୍ଷ ଜ୍ଞାନ ରହିବ, ସଂଗୁପ୍ତ ନାନା ଶକ୍ତି ବିଷୟରେ ପ୍ରତ୍ୟକ୍ଷ ଜ୍ଞାନ ରହିବ; ମନ, ପ୍ରାଣ ତଥା ଜଡ଼ ମଧ୍ୟରେ ଯେଉଁ ସଂଗୁପ୍ତ ନୈମିତ୍ତିକତାଟି କାର୍ଯ୍ୟକାରୀ ହେଉଛି, ଓ ଯାହାସବୁ ଆମର ବର୍ତ୍ତମାନ ସାଧ୍ୟସୀମାର ବାହାରେ ଅବସ୍ଥିତ ରହିଛି, ତାହା ବିଷୟରେ ମଧ୍ୟ ସେ ପ୍ରତ୍ୟକ୍ଷ ଜ୍ଞାନ ଲାଭ କରିବ । ଏହି ନୂତନ ଜ୍ଞାନ ଓ ଜ୍ଞାନପ୍ରେରିତ କ୍ରିୟା ବସ୍ତୁଗୁଡ଼ିକ ସମ୍ବନ୍ଧରେ ଏକ ଅପରୋକ୍ଷ ବୋଧିଚେତନାକୁହିଁ ଭିତ୍ତି କରି ରହିଥିବ, ବସ୍ତୁଗୁଡ଼ିକ ଉପରେ ଏକ ଅପରୋକ୍ଷ ବୋଧିଚେତନାଗତ ନିୟନ୍ତ୍ରଣକୁହିଁ ଭିତ୍ତି କରି ରହିଥିବ । ବର୍ତ୍ତମାନ ଆମଲାଗି ଯାହା ଅତିପ୍ରାକୃତ ହୋଇ ରହିଛି, ସେହିପରି ଏକ କ୍ରିୟାଶୀଳ ଅନ୍ତର୍ଦୃଷ୍ଟି ଏହି ନୂତନ ଚେତନାର ସ୍ୱାଭାବିକ କ୍ରିୟା ହୋଇ ରହିବ ଏବଂ ସଂଘଟିତ ପରିବର୍ତ୍ତନଟିର ଫଳସ୍ୱରୂପ ସକଳ କର୍ମପ୍ରଚେଷ୍ଟା ସମଗ୍ର ଭାବରେ ଓ ତାହାର ପ୍ରତ୍ୟେକ ଭାଗ ତଥା ଅନୁବିଭାଗରେ ସୁନିଶ୍ଚିତ ତଥା ସକଳାଙ୍ଗ ହୋଇ ଫଳପ୍ରଦ ହେବାକୁ ଲାଗିବ । କାରଣ ବିଜ୍ଞାନମୟ ବ୍ୟକ୍ତିପୁରୁଷ ସବୁରି ଆଦିସ୍ଥଳ ସେହି ପରମ ଚୈତନ୍ୟଶକ୍ତି

'oaob.nitrkl.ac.in' images reprocessed

ସହିତ ସମ୍ମିଳିତ ଓ ସଂଯୁକ୍ତ ହୋଇ ରହିଥିବ, ତା'ର ଦୃଷ୍ଟି ଓ ତା'ର ଇଚ୍ଛାର ମଧ୍ୟଦେଇ କେବଳ ସେହି ଅତିମାନସ ସଦ୍‌ଭୂତ ବିଜ୍ଞାନର ହିଁ ଦୃଷ୍ଟି ଓ ଇଚ୍ଛା ପ୍ରକାଶିତ ହେଉଥିବ, ସେହି ଆତ୍ମବିଧାୟକ ପରମ ସତ୍ୟସାମର୍ଥ୍ୟର ଇଚ୍ଛା ହିଁ ପ୍ରକାଶିତ ହେଉଥିବ । ତାହାର ଯାବତୀୟ କର୍ମ ଅସ୍ତିତ୍ୱଗତ ସେହି ମୂଳସାମର୍ଥ୍ୟର ଶକ୍ତି ଓ ନିଷ୍ଠାକୁ ପୂର୍ଣ୍ଣମୁକ୍ତ ଭାବରେ ରୂପାୟିତ କରିଦେବ; ଯାହାର ଚେତନାର ରୂପାୟନ-ଗୁଡ଼ିକ ମନ, ପ୍ରାଣ ତଥା ଜଡ଼ ମଧ୍ୟରେ ଅବ୍ୟର୍ଥ ଭାବରେ ଫୁଟି ଉଠୁଛନ୍ତି, ସେହି ସଚେତନ ଓ ସର୍ବନିୟନ୍ତା ବିଧାତାପୁରୁଷର ଶକ୍ତିକୁ ହିଁ ରୂପାୟିତ କରିଦେବ । ଆପଣାକୁ ବିବର୍ତ୍ତିତ କରି ଆଣୁଥିବା ବିଜ୍ଞାନମୟ ପୁରୁଷ ସେହି ଅତିମାନସ ଜ୍ଞାନର ଆଲୋକ ତଥା ସାମର୍ଥ୍ୟ ମଧ୍ୟରେ ଆପଣାକୁ କର୍ମପ୍ରେରିତ କରି ରଖି ଅଧିକରୁ ଅଧିକ ପରିମାଣରେ ଆପେ ଆପଣାର ନିୟାମକ ହୋଇ ରହିବ, ଚେତନାଶକ୍ତିର ନିୟାମକ ହୋଇ ରହିବ, ପ୍ରକୃତି ମଧ୍ୟରେ କାର୍ଯ୍ୟକାରୀ ହେଉଥିବା ସକଳ ଶକ୍ତିକୁ ଆପଣାର ନିୟନ୍ତ୍ରଣରେ ରଖିବ, ପ୍ରାଣ ଓ ଜଡ଼ରୂପୀ ନିମିତ୍ତଗୁଡ଼ିକର ନିୟନ୍ତା ହୋଇ ରହିବ । ନିମ୍ନତର ସ୍ଥିତିଗୁଡ଼ିକରେ ଅର୍ଥାତ୍ ବିବର୍ତ୍ତନଶୀଳ ବିଜ୍ଞାନମୟ ପ୍ରକୃତିର ମଧ୍ୟବର୍ତ୍ତୀ ସୋପାନ ବା ରୂପାୟନଗୁଡ଼ିକରେ ଏହି ଶକ୍ତି ପରିପୂର୍ଣ୍ଣ ହୋଇ ବିଦ୍ୟମାନ ନଥିବ, ତଥାପି ଆପଣା ନିଷ୍ଠାମୂଳକତାର କେତେକ ମାତ୍ରାରେ ତାହା ସେଠାରେ ରହିଥିବ; ସେହିଠାରେ ଉନ୍ମେଷ ଲାଭ କରିବ ଓ ସୋପାନକ୍ରମଟିର ଆରୋହଣ ସଙ୍ଗେ ସଙ୍ଗେ ବୃଦ୍ଧିପ୍ରାପ୍ତ ହେଉଥିବ; ଚେତନା ଓ ଜ୍ଞାନର ଅଭିବୃଦ୍ଧି ହେଉଥିବା ସଙ୍ଗେ ସଙ୍ଗେ ଅତି ସ୍ୱାଭାବିକ ଭାବରେ ତାହାର ଶକ୍ତି ମଧ୍ୟ ବୃଦ୍ଧି ହେବାରେ ଲାଗିଥିବ ।

ଆପଣାର ବିବର୍ତ୍ତନମାର୍ଗରେ ଗତି କରି ଯେତେବେଳେ ପରମ ଚିତ୍‌ଶକ୍ତି ମନର ବାଡ଼କୁ ଅତିକ୍ରମ କରିଯିବ ଓ ଏକ ଉଚ୍ଚତର ଜ୍ଞାନର ଗତିଶୀଳ ତତ୍ତ୍ୱରେ ଯାଇ ଉପନୀତ ହୋଇପାରିବ, ସେତେବେଳେ ତାହାର ଅବଶ୍ୟପରିଣାମରୂପେ ଚେତନାର ଏକ ନୂତନ ଶକ୍ତି ଅଥବା ନୂତନ ଅନେକ ଶକ୍ତି ଉତ୍ସାରିତ ହୋଇଆସିବ । ଏହିସବୁ ଶକ୍ତିର ମର୍ମସ୍ୱଭାବଗତ ଧର୍ମଟି ଅନୁସାରେ ପ୍ରାଣ ଓ ଜଡ଼ ଉପରେ ମନର ନିୟନ୍ତ୍ରଣଶକ୍ତି ରହିଥିବ, ଜଡ଼ ଉପରେ ସଚେତନ ପ୍ରାଣ-ଇଚ୍ଛା ତଥା ପ୍ରାଣଶକ୍ତିର ନିୟନ୍ତ୍ରଣ ରହିଥିବ; ମନ, ପ୍ରାଣ ତଥା ଜଡ଼ ଉପରେ ଚିତ୍‌ସତ୍ତ୍ୱର ନିୟନ୍ତ୍ରଣ ରହିଥିବ । ଆତ୍ମା ଓ ଆତ୍ମା, ମନ ଓ ମନ ତଥା ପ୍ରାଣ ଓ ପ୍ରାଣ ଭିତରେ ଯେଉଁସବୁ ବାଧା ଓ ବ୍ୟବଧାନମାନ ବର୍ତ୍ତମାନ ଠିଆହୋଇ ରହିଛି, ସେଗୁଡ଼ିକୁ ଭାଙ୍ଗି ପକାଇବା ମଧ୍ୟ ସେହିସବୁ ଶକ୍ତିର ଧର୍ମ ହୋଇଥିବ; ଏବଂ ବିଜ୍ଞାନମୟ ଜୀବନର ପ୍ରତିଷ୍ଠା ସକାଶେ ଏହି ପରିବର୍ତ୍ତନଟି ଘଟିବା ଏକାନ୍ତ ଅପରିହାର୍ଯ୍ୟ ହୋଇ ରହିଥିବ । କାରଣ ଏକ ସମଗ୍ର ବିଜ୍ଞାନମୟ ଅଥବା ଦିବ୍ୟ ଜୀବନ ମଧ୍ୟରେ କେବଳ ଯେ ସତ୍ତ୍ୱର ବ୍ୟକ୍ତିଜୀବନଟି



'oaob.nitrkl.ac.in' images reprocessed

ଅନ୍ତର୍ଭୁକ୍ତ ହୋଇ ରହିବ ତାହା ନୁହେଁ, ସେଥିରେ ଅନ୍ୟମାନଙ୍କର ଜୀବନ ମଧ୍ୟ ଅନ୍ତର୍ଭୁକ୍ତ ହୋଇ ରହିବ ଏବଂ ଏକ ସାଧାରଣ ଓ ଏକତ୍ୱବିଧାୟକ ଚେତନା ଦ୍ୱାରା ତାହା ବ୍ୟକ୍ତିର ଜୀବନ ସହିତ ଏକରୂପ ହୋଇ ରହିଥିବ । କୃତ୍ରିମ ଭାବରେ ଗଢ଼ା ହୋଇଥିବା କୌଣସି ଏକତ୍ୱ ଏବଂ ସୌଷମ୍ୟ ନୁହେଁ, କେବଳ ଏକ ସ୍ୱତଃସ୍ଫୂର୍ତ୍ତି ଓ ଅନ୍ତର୍ଗତ ଏକତ୍ୱ ଏବଂ ସୌଷମ୍ୟହିଁ ଏହିପରି ଏକ ଜୀବନର ସର୍ବପ୍ରଧାନ ସ୍ୱଭାବଶକ୍ତି ହୋଇ ରହିଥିବ । ଏବଂ ବ୍ୟକ୍ତି ଓ ବ୍ୟକ୍ତି ମଧ୍ୟରେ ସତ୍ତା ତଥା ଚେତନାର କ୍ଷେତ୍ରରେ ଏକ ବୃହତ୍ତର ଏକରୂପତା ଘଟିଲେ ଯାଇ ସେହି ଏକତ୍ୱ ଓ ସୌଷମ୍ୟ ସମ୍ଭବ ହୋଇପାରିବ । ବ୍ୟକ୍ତି ଓ ବ୍ୟକ୍ତି ଆପଣା ଚିନ୍ମୟ ମୂଳୋପାଦାନଟିର ଭୂମି ଉପରେହିଁ ପରସ୍ପର ସହିତ ସମ୍ମିଳିତ ହୋଇ ରହିବେ, ସେମାନେ ଆପଣାକୁ ଗୋଟିଏ ଅଭିନ୍ନ ଆତ୍ମା ବୋଲି ଏବଂ ସେହି ଅଦ୍ୱୟ ସ୍ୱୟମ୍ଭୂ ସତ୍ତାର ଆତ୍ମା ବୋଲି ଅନୁଭବ କରୁଥିବେ ଏବଂ ଏକ ବୃହତ୍ତର ଏକତ୍ୱମୂଳକ ଜ୍ଞାନଶକ୍ତି ଓ ବୃହତ୍ତର ସତ୍ତାଗତ ଶକ୍ତିଦ୍ୱାରା ପ୍ରେରିତ ହୋଇ ସକଳ କାର୍ଯ୍ୟ କରୁଥିବେ । ଏକତ୍ୱ ତଥା ଏକରୂପତାର ଏକ ଚେତନା, ପରସ୍ପରର ସତ୍ତା ବିଷୟରେ ପରିପୂର୍ଣ୍ଣ ସଚେତନତା ତଥା ପରସ୍ପରର ଭାବନା, ଅନୁଭବ, ବାହ୍ୟ ତଥା ଅନ୍ତରସ୍ଥ ଗତିସ୍ପନ୍ଦନ ବିଷୟରେ ଏକ ପରିପୂର୍ଣ୍ଣ ସଚେତନତା, ମନ ସହିତ ମନର ତଥା ହୃଦୟ ସହିତ ହୃଦୟର ଏକ ଚେତନାମୟ ସଂଯୋଗ, ଜୀବନ ଉପରେ ଜୀବନର ଏକ ଚେତନାମୟ ପ୍ରଭାବ ଏବଂ ସତ୍ତାଗତ ଶକ୍ତିଚୟ ସହିତ ସତ୍ତାଗତ ଶକ୍ତିଚୟର ଏକ ଚେତନାମୟ ଆଦାନପ୍ରଦାନ,—ଏହିଗୁଡ଼ିକୁ ଭିତ୍ତି କରିହିଁ ଏହି କ୍ଷେତ୍ରରେ ଏକ ଅନ୍ତର୍ଗତ ତଥା ଅପରୋକ୍ଷ ପାରସ୍ପରିକ ଜ୍ଞାନ ଅବଶ୍ୟ ପ୍ରତିଷ୍ଠିତ ହୋଇ ରହିବ । ଏହିସବୁ ଶକ୍ତି ଓ ସେଗୁଡ଼ିକର ଅନ୍ତରଙ୍ଗ ଆଲୋକର କୌଣସି ଅନୁପସ୍ଥିତି କିମ୍ବା ଅଭାବ ରହିଥିଲେ ଯଥାର୍ଥ ଓ ପରିପୂର୍ଣ୍ଣ ଏକତ୍ୱବିଧାନ କଦାପି ସମ୍ଭବ ହେବ ନାହିଁ ଏବଂ ପ୍ରତ୍ୟେକ ବ୍ୟକ୍ତିର ସତ୍ତା, ଭାବନା, ଅନୁଭୂତି, ତଥା ବାହ୍ୟ ଏବଂ ଅନ୍ତରସ୍ଥ ଗତିସ୍ପନ୍ଦନଗୁଡ଼ିକୁ ତାକୁ ଘେରି ରହିଥିବା ଅନ୍ୟ ବ୍ୟକ୍ତିମାନଙ୍କର ସତ୍ତା, ଭାବନା ଓ ଅନୁଭୂତି ଇତ୍ୟାଦି ସହିତ ଯଥାର୍ଥ, ସମ୍ପୂର୍ଣ୍ଣ ତଥା ସ୍ୱାଭାବିକ ଭାବରେ ଅନୁକୂଳିତ ଓ ସଂଯୁକ୍ତ କରି ରଖିବା ଆଦୌ ସମ୍ଭବ ହେବ ନାହିଁ । ଆମେ ହୁଏତ କହିପାରିବା ଯେ ସଚେତନ ସର୍ବସମ୍ମତିର ଏକ ସତତବୃଦ୍ଧିଶୀଳ ଭୂମି ଓ ସଂଗଠନହିଁ ଏହି ଅଧିକ ବିବର୍ତ୍ତିତ ଜୀବନକ୍ଷେତ୍ରଟିର ଧର୍ମ ବା ମୂଳସ୍ୱଭାବ ହୋଇ ରହିବ ।

ସୌଷମ୍ୟ ହେଉଛି ଚିଦ୍‌ସତ୍ତାର ସ୍ୱାଭାବିକ ବିଧାନ; ଅନେକତ୍ୱ ମଧ୍ୟରେ ଏକତ୍ୱର, ବିଚିତ୍ର ବହୁତ୍ୱ ମଧ୍ୟରେ ଏକତ୍ୱର ଏବଂ ଏକତ୍ୱ ମଧ୍ୟରେ ବହୁବିଚିତ୍ର ପରିପ୍ରକାଶର ଅନ୍ତର୍ନିହିତ ବିଧାନ ଓ ସ୍ୱତଃସ୍ଫୂର୍ତ୍ତି ପରିଣାମ । କେବଳ ଶୁଦ୍ଧ ତଥା ନିର୍ବିଷୟ ଏକ ଏକତ୍ୱ ମଧ୍ୟରେ ବସ୍ତୁତଃ ସୌଷମ୍ୟ ଲାଗି ଆଦୌ କୌଣସି ସ୍ଥାନ

'oaob.nitrkl.ac.in' images reprocessed

ରହିବ ନାହିଁ, କାରଣ ସେହି କ୍ଷେତ୍ରରେ ସୌଷମ୍ୟବନ୍ଧ କରି ରଖିବା ସକାଶେ କୌଣସି କିଛି ନଥିବ । ଏବଂ ଯେଉଁଠାରେ କେବଳ ଅନେକତ୍ୱ ରହିଛି ଅର୍ଥାତ୍ କେବଳ ଅନେକତ୍ୱ ବା ବହୁତ୍ୱରହିଁ ଶାସନ ଚାଲିଛି, ସେଠାରେ ନାନା ବିବଦମାନତା ବର୍ତ୍ତମାନ ରହିଥିବ ଅଥବା ଭେଦ ବା ପାର୍ଥକ୍ୟଗୁଡ଼ାକୁ ଏକାଠି ଗଣ୍ଠାଇ ରଖି ଦିଆଯାଇ ଥିବ, ଅର୍ଥାତ୍ କୃତ୍ରିମ ଭାବରେ ଗଣ୍ଠି ପକାଇଲା ପରି ଗୋଟାଏ ସଙ୍ଗଠନର ରଚନା କରାଯାଇ ଥିବ । ମାତ୍ର ଯେଉଁଠି ବୈଚିତ୍ର୍ୟ ମଧ୍ୟରେ ଏକ ବିଜ୍ଞାନମୟ ଏକତ୍ୱ ରହିଛି, ସେଠାରେ ପ୍ରତିଷ୍ଠିତ ହୋଇଥିବା ସୌଷମ୍ୟଟି ଏକତ୍ୱର ଏକ ସ୍ୱତଃସ୍ଫୂର୍ତ୍ତି ଅଭିବ୍ୟକ୍ତି ହୋଇ ରହିଥିବ ଏବଂ ଏହି ସ୍ୱତଃସ୍ଫୂର୍ତ୍ତି ଅଭିବ୍ୟକ୍ତିର ପୂର୍ବସର୍ତ୍ତ ହିସାବରେ ଏକ ଚେତନାଗତ ପାରସ୍ପରିକତା ବିରାଜିତ ଥିବ, ଯାହାକି ଏକ ଅପରୋକ୍ଷ ଓ ଅନ୍ତର୍ଗତ ସ୍ପର୍ଶ ଓ ପାରସ୍ପରିକ ଆଦାନପ୍ରଦାନ ଦ୍ୱାରା ଅନ୍ୟ ଚେତନାଗୁଡ଼ିକ ସମ୍ବନ୍ଧରେ ମଧ୍ୟ ସଚେତନ ହୋଇ ରହିଥିବ । ବୁଦ୍ଧି ଓ ବିଚାରଶକ୍ତି ଉନ୍ମେଷ ଲାଭ ନକରିଥିବା ଜୀବନକ୍ଷେତ୍ରରେ କେବଳ ପ୍ରକୃତିର ଏକ ସହଜାତ ପ୍ରବୃତ୍ତିଗତ ଏକତ୍ୱଦ୍ୱାରା ଏବଂ ପ୍ରକୃତିଗତ ନିୟମର ଏକତ୍ୱଦ୍ୱାରାହିଁ ସକଳ ସୌଷମ୍ୟ ଓ ସମଷ୍ଟିସତା ସୁଦୃଢ଼ ହୋଇ ରହିଥାଏ । କେବଳ ସହଜାତ ପ୍ରବୃତ୍ତିଦ୍ୱାରା ଚାଳିତ ହୋଇହିଁ ସକଳ ସଂଯୋଗସ୍ଥାପନ କରାଯାଇପାରେ, ଏକ ସହଜାତ ପ୍ରବୃତ୍ତିଗତ ବା ପ୍ରତ୍ୟକ୍ଷ ପ୍ରାଣବୋଧଗତ ଇନ୍ଦ୍ରିୟ-ବୋଧ ଦ୍ୱାରାହିଁ କୌଣସି ପଶୁ ବା ପତଙ୍ଗଜାତିର ପ୍ରତ୍ୟେକ ପ୍ରାଣୀ ପରସ୍ପର ସହିତ କୌଣସି ସହଯୋଗ କରିବାକୁ ସମର୍ଥ ହୋଇଥା'ନ୍ତି । ମାତ୍ର ମନୁଷ୍ୟଜୀବନର ସ୍ତରରେ ଏଇଟି ସ୍ଥାନରେ ଇନ୍ଦ୍ରିୟଜ୍ଞାନ ଓ ମାନସିକ ବୋଧଦ୍ୱାରା ପରସ୍ପରକୁ ବୁଝିବା ସମ୍ଭବ ହୁଏ ଓ ମୁଖର ଭାଷା ଦେଇ ପରସ୍ପର ସହିତ ଭାବର ଆଦାନପ୍ରଦାନ ହୋଇଥାଏ; ମାତ୍ର ତଥାପି ବ୍ୟବହାର୍ଯ୍ୟ ସାଧନଗୁଡ଼ିକ ବହୁଦୋଷଯୁକ୍ତ, ତଥା ସମଷ୍ଟିସତା ଏବଂ ସହଯୋଗ ମଧ୍ୟ ବଡ଼ ଅପୂର୍ଣ୍ଣ ହୋଇ ରହିଥାଏ । ବିଜ୍ଞାନମୟ ଜୀବନକ୍ଷେତ୍ରରେ ପରାବୁଦ୍ଧି ଓ ପରାପ୍ରକୃତିର ଏକ ଜୀବନ, ସର୍ବ ବିଷୟରେ ଏକ ଆତ୍ମଚେତନ ଚିନ୍ମୟ ଏକତ୍ୱ, ଏକ ଚିନ୍ମୟ ଭାବରେ ସଚେତନ ଗୋଷ୍ଠୀଜୀବନ ଓ ଚିନ୍ମୟ ଭାବରେ ସଚେତନ ପ୍ରକୃତିଗୁଡ଼ିକ ମଧ୍ୟରେ ଆଦାନପ୍ରଦାନହିଁ ସକଳ ବୁଝାମଣାର ଗଭୀର ଓ ବିପୁଳ ଉତ୍ସ ତଥା ଉତ୍ପ୍ରେରକ ହୋଇ ରହିଥିବ । ଏହି ବୃହତ୍ତର ଜୀବନ ଚେତନାକୁ ଚେତନା ସହିତ ଅନ୍ତର୍ଗତ ଭାବରେ ସମ୍ମିଳିତ କରି ରଖିବାପାଇଁ ନୂତନ ଓ ଅଧିକ ନିପୁଣ ନାନା ସାଧନ ଓ ସାମର୍ଥ୍ୟକୁ ବିକଶିତ କରାଇ ଆଣିଥିବ; ସେହି ସାଧନ ଓ ସାମର୍ଥ୍ୟ ବଳରେ ଚେତନା ଚେତନା ସହିତ ଅନ୍ତର୍ଗତ ଓ ଅପରୋକ୍ଷ ଭାବରେ ସଂଯୋଗ ସ୍ଥାପନ କରି ପାରୁଥିବ, ଭାବନା ଭାବନା ସହିତ, ଦୃଷ୍ଟି ଦୃଷ୍ଟି ସହିତ, ଇନ୍ଦ୍ରିୟ ଇନ୍ଦ୍ରିୟ ସହିତ, ପ୍ରାଣ ପ୍ରାଣ ସହିତ ଏବଂ ଶରୀରଗତ ସମ୍ବିତ୍ ଶରୀରଗତ ସମ୍ବିତ୍ ସହିତ ଅତି ସ୍ୱାଭାବିକ ଭାବରେ ଅନ୍ତରଙ୍ଗତା ଅର୍ଜନ କରି ପାରୁଥିବ । ଏହିସବୁ ଯାବତୀୟ

'oaob.nitrkl.ac.in' images reprocessed

ନବୋନ୍ମେଷିତ ସାମର୍ଥ୍ୟ ଆଗରୁ ରହିଥିବା ବାହ୍ୟ ସାଧନଗୁଡ଼ିକୁ ମଧ୍ୟ ଆପଣା ସହିତ ଗ୍ରହଣ କରିନେବେ, ସେଗୁଡ଼ିକୁ ଅନେକ ସାର୍ଥକତର ଉଦ୍ଦେଶ୍ୟର ସାଧନଲାଗି ଅଧିକତର ଶକ୍ତିସମ୍ପନ୍ନ ଗୋଟିଏ ଗୋଟିଏ ଗୌଣ ବା ଅଧୀନସ୍ଥ ସାଧନରୂପେ ବ୍ୟବହାର କରିବେ ଏବଂ ସତ୍ତା ତଥା ଜୀବନର ଏକ ଗଭୀର ଏକତ୍ୱବଦ୍ଧତା ମଧ୍ୟରେ ଚିତ୍‌ବସ୍ତୁର ଆତ୍ମପ୍ରକାଶ ଲାଗି ସେଗୁଡ଼ିକୁ ପରିକର କରି ରଖିଥିବେ ।

ଚେତନାର ଯେଉଁସବୁ ସାମର୍ଥ୍ୟ ସ୍ୱଭାବଗତ ଓ ଅନ୍ତର୍ନିହିତ ହୋଇ ରହିଛି ଅଥଚ ଏପର୍ଯ୍ୟନ୍ତ ବିବର୍ତ୍ତନ ଲାଭ କରି ପାରି ନାହିଁ, ସେଗୁଡ଼ିକର ପ୍ରକୃତିରେ ଏକ ବିବର୍ତ୍ତନ ଘଟିବ ବୋଲି ଆଧୁନିକ ମନ ସ୍ୱୀକାର କରି ପାରେ ନାହିଁ; କାରଣ ସେଗୁଡ଼ିକ ଆମ ବର୍ତ୍ତମାନ ପ୍ରକୃତିର ରୂପାୟନଗତ ବାସ୍ତବସୀମାଟିର ବାହାରେ ଅବସ୍ଥିତ ରହିଥା'ନ୍ତି ଏବଂ କେବଳ ଏକ ସୀମାବଦ୍ଧ ଅନୁଭୂତିକୁ ଆଶ୍ରୟ କରି ରହିଥିବା ଆମର ଅଜ୍ଞାନାଚ୍ଛନ୍ନ ପୂର୍ବକଳ୍ପନାଗୁଡ଼ିକ ଲାଗି ସେଗୁଡ଼ିକ ସେହି ଅତିପ୍ରାକୃତ, ଅଲୌକିକ ଓ ରହସ୍ୟଗୁପ୍ତ କ୍ଷେତ୍ରର ବ୍ୟାପାର ବୋଲି ମନେ ହୋଇଥା'ନ୍ତି । କାରଣ ବସ୍ତୁଗୁଡ଼ିକର ଏକମାତ୍ର କାରଣ ଓ ପ୍ରକାଶଧାରା ବୋଲି ବର୍ତ୍ତମାନ ସାଧାରଣତଃ ମାନି ନିଆଯାଉଥିବା ଓ ବିଶ୍ୱଶକ୍ତିର ଏକମାତ୍ର ନୈମିତ୍ତିକତା ବୋଲି ସ୍ୱୀକୃତ ହେଉଥିବା ଜଡ଼ ବା ଭୌତିକ ଶକ୍ତିର ଜ୍ଞାତ କ୍ରିୟାକ୍ଷେତ୍ରଟିର ବାହାରେହିଁ ସେଗୁଡ଼ିକର କ୍ରିୟା ଚାଲୁଥାଏ । ମାତ୍ର ଏହି ମନୁଷ୍ୟ ଯେତେବେଳେ ନାନା ଅଲୌକିକକୁ ସାଧନ କରି ଦେଖାଇଦିଏ, ପ୍ରକୃତି ଯେତିକିଦୂର ଯାଏ ସମ୍ଭବ କରିପାରିଛି, ତାହାକୁ ପଛରେ ପକାଇଦେଇ ଯେତେବେଳେ ଜଡ଼ଶକ୍ତିର ଏକ ବ୍ୟାପକତର ନୈମିତ୍ତିକତାର ଆବିଷ୍କାର କରି ଓ ବିକାଶ ଘଟାଇ ଚେତନାଶୀଳ ମନୁଷ୍ୟ ଏହିସବୁ ଅଲୌକିକକୁ ସାଧନ କରିଦିଏ, ସେତେବେଳେ ତାହାକୁ ସମସ୍ତେ ସମ୍ପୂର୍ଣ୍ଣ ସ୍ୱାଭାବିକ ଏକ ସତ୍ୟରୂପେ ଗ୍ରହଣ କରିନିଅନ୍ତି ଏବଂ ଆମ ଜୀବନର ପ୍ରାପ୍ୟ ଅପରିମିତ ଏକ ସମ୍ଭାବନାରୂପେ ସେଗୁଡ଼ିକୁ ମାନିନିଅନ୍ତି । କିନ୍ତୁ ଚେତନାଶକ୍ତି ତଥା ଚିଦ୍‌ଗତ, ମନୋମୟ ଏବଂ ପ୍ରାଣମୟ ସାମର୍ଥ୍ୟଗୁଡ଼ିକ ଯେ କେବେ ଜାଗ୍ରତ ହୋଇ, ଆପଣାକୁ ଆବିଷ୍କାର କରି ଅଥବା ନିମିତ୍ତରୂପେ ବ୍ୟବହାର କରି ପ୍ରକୃତି ତଥା ମନୁଷ୍ୟର ବର୍ତ୍ତମାନ ସାଧ୍ୟସୀମାଟିକୁ ପ୍ରକୃତରେ ଅତିକ୍ରମ କରିଯାଇ ପାରନ୍ତି ବା ପାରିବେ, ସେକଥା ସାଧାରଣତଃ ସମ୍ଭବ ବୋଲି ସ୍ୱୀକୃତ ହୋଇପାରେ ନାହିଁ । ମାତ୍ର ଏପରି ଏକ ବିବର୍ତ୍ତନ ମଧ୍ୟରେ ପ୍ରକୃତରେ ଅତିପ୍ରାକୃତ ଅଥବା ଅଲୌକିକ ବୋଲି ଆଦୌ କିଛି ରହିବ ନାହିଁ; ଆମ ମନୁଷ୍ୟପ୍ରକୃତି ବର୍ତ୍ତମାନ ଯେପରି ଇତରପ୍ରାଣୀ, ଉଦ୍‌ଭିଦ ତଥା ଜଡ଼ବସ୍ତୁଗୁଡ଼ିକର ପ୍ରକୃତିଲାଗି ତୁଳନାତ୍ମକ ଭାବରେ ଏକ ଅତିପ୍ରାକୃତ ବା ଋଦ୍ଧିଗ୍ରସ୍ତ ବ୍ୟାପାର ହୋଇ ରହିଛି, ଚେତନାର ବିବର୍ତ୍ତନଦ୍ୱାରା ଏହି ପ୍ରକୃତିର ଅତିକ୍ରମଣ କେବଳ ସେହିପରି ଆମ ମନୁଷ୍ୟପ୍ରକୃତି ଲାଗି

'oaob.nitrkl.ac.in' images reprocessed

ତୁଳନାତ୍ମକ ଭାବରେ ଏକ ଅତିପ୍ରାକୃତ ଓ ଅନନ୍ୟ ଉଚ୍ଚସ୍ତରୀୟ ବ୍ୟାପାରଟିଏ ହୋଇ ରହିବ । ଆମର ମନ ତଥା ମନୋଗତ ଯାବତୀୟ ସାମର୍ଥ୍ୟ, ବୁଦ୍ଧିଗତ ବିବେକବୋଧର ବ୍ୟବହାର, ଆମର ମନୋଗତ ବୋଧିଚେତନା ଓ ଅନ୍ତର୍ଦୃଷ୍ଟି, ଭାଷାଦ୍ୱାରା ଭାବପ୍ରକାଶ କରିବାର ଶକ୍ତି, ସତ୍ତା ମଧ୍ୟରେ ନିହିତ ହୋଇ ରହିଥିବା ସତ୍ୟ ଓ ସତ୍ୟସମ୍ଭାବନା-ଗୁଡ଼ିକର ଦାର୍ଶନିକ, ବୈଜ୍ଞାନିକ, ତଥା ସୌନ୍ଦର୍ଯ୍ୟବୋଧଗତ ଆବିଷ୍କାରର ନାନା ସମ୍ଭାବନା ଏବଂ ସତ୍ତାଗତ ସାମର୍ଥ୍ୟଗୁଡ଼ିକର ନିୟନ୍ତ୍ରଣ,—ବିବର୍ତ୍ତନର ଏହି ପାହାଚ-ଗୁଡ଼ିକୁ ଆମେ ପାରହୋଇ ଆସିସାରିଛୁ ଅର୍ଥାତ୍ ଏସବୁ ବିବର୍ତ୍ତନ ଆଗରୁ ଘଟିସାରିଛି । ମାତ୍ର ଇତରପ୍ରାଣୀର ଅଧିକ ସୀମାବଦ୍ଧ ଚେତନା ଓ ସାମର୍ଥ୍ୟର ଭୂମି ଉପରେ ଠିଆହୋଇ ଦୃଷ୍ଟିପାତ କଲେ ଏସବୁ ପ୍ରକୃତରେ ଅସମ୍ଭବ ବୋଲି ମନେହେବ, କାରଣ ଏହିଭଳି ଏକ ବିପୁଳ ପ୍ରଗତିର ସଙ୍କେତ ବିଷୟରେ ଆମର କୌଣସି ପ୍ରତ୍ୟୟ ଜନ୍ମାଇ ପାରିବାକୁ ସେଠାରେ କିଛିହେଲେ ନାହିଁ । କିନ୍ତୁ ତଥାପି ସେହି ଇତରପ୍ରାଣୀ ମଧ୍ୟରେ ଅସ୍ପଷ୍ଟ ଭାବରେ ଏଭଳି ସବୁ ପ୍ରାଥମିକ ପ୍ରକାଶ, ଅବିକଶିତ ଉପାଦାନ ବା ଅବରୁଦ୍ଧ ହୋଇ ରହିଥିବା ସମ୍ଭାବନା ଅବସ୍ଥିତ ଥିଲା, ଯାହାସବୁ କି ଏକ ଅତ୍ୟନ୍ତ ଅସମର୍ଥ ଓ ଦ୍ୟୋତନାହୀନ ଅବସ୍ଥାରୁ ଆପଣାର ଯାତ୍ରା ଆରମ୍ଭ କରି ଏବଂ ଏକ ଅକଳ୍ପନୀୟ ଓ ଅଭାବନୀୟ ପଥ ଅତିକ୍ରମ କରି ଆମର ମନନଶୀଳତା ଓ ବୁଦ୍ଧିଗତ ବିସ୍ତୃତିର ଏହି ଅସାଧାରଣ ପରିଣତି ଓ ଐଶ୍ୱର୍ଯ୍ୟରେ ଆସି ଉପନୀତ ହୋଇପାରିଛି । ଠିକ୍ ସେହିପରି ଆମର ଏହି ସାଧାରଣ ମନୁଷ୍ୟଭୂମିରେ ମଧ୍ୟ ବିଜ୍ଞାନମୟ ପରାପ୍ରକୃତିର କେତେ ଚିନ୍ମୟ ସାମର୍ଥ୍ୟ ଅବିକଶିତ ଅବସ୍ଥାରେ ଅବସ୍ଥିତ ରହିଛି; ସେଗୁଡ଼ିକ କେବଳ ମଝିରେ ମଝିରେ ଓ କ୍ୱଚିତ୍ ଆପଣାକୁ ସକ୍ରିୟ କରାଉଛନ୍ତି । ଏବଂ ବିବର୍ତ୍ତନର ଏହି ଯଥେଷ୍ଟ ଉଚ୍ଚତର ସୋପାନଟିରେ ସେହିସବୁ ଅବିକଶିତ ପ୍ରଥମସ୍ତରୀୟ ଉନ୍ମେଷ-ଗୁଡ଼ିକରୁ ଯେ ଏକ ତତ୍ତୁଲ୍ୟ ଅଥଚ ବୃହତ୍ତର ପ୍ରଗତି ସଂଘଟିତ ହେବ ଓ ତାହା ଏକ ବିପୁଳ ବିକାଶ ଆଡ଼କୁ ଓ ଏକ ସମ୍ପୂର୍ଣ୍ଣ ଅନ୍ୟ ସୋପାନକୁ ଆମକୁ ବହନ କରି ନେଇଯିବ, ଏପରି ଏକ ଅନୁମାନ କରିବାକୁ କଦାପି ଯୁକ୍ତି ବା ବୁଦ୍ଧିର ବିରୋଧୀ ବୋଲି କୁହାଯିବ ନାହିଁ ।

ତତ୍ତ୍ୱଦୃଷ୍ଟିଗତ ଅନୁଭବରେ, ଅର୍ଥାତ୍ ଯେତେବେଳେ ଅନ୍ତରସ୍ଥ କେନ୍ଦ୍ରଗୁଡ଼ିକ ଆପଣାକୁ ଉନ୍ମୁକ୍ତ କରି ଦେଇଥା'ନ୍ତି, ଅଥବା ଅନ୍ୟକୌଣସି ଉପାୟରେ, ସ୍ୱତଃସ୍ଫୂର୍ତ୍ତ ଭାବରେ ହେଉ, ସ୍ୱେଚ୍ଛାରେ ହେଉ ଅଥବା ପ୍ରଚେଷ୍ଟାରେ ହେଉ କିମ୍ବା ଆଧ୍ୟାତ୍ମିକ ଅଭିବୃଦ୍ଧିର ସ୍ୱାଭାବିକ ପରିଣତି ହେତୁ ହେଉ, ଚେତନାର ନାନା ନୂତନ ସାମର୍ଥ୍ୟ ବିକଶିତ ହୋଇଥା'ନ୍ତି ଏକଥା ଆମେ ଅବଶ୍ୟ ଜାଣିଛୁ । ସେହିସବୁ ଅନୁଭବ ଘଟିବା ସମୟରେ ମନେହୁଏ, ଯତେଅବା ଭିତରେ କେଉଁଠି ଗୋଟାଏ ଦ୍ୱାର ଖୋଲିଯିବା ଫଳରେ ସେଗୁଡ଼ିକ ତାହାର ଭିତରୁ ନିର୍ଗତ ହୋଇ ଆସୁଛନ୍ତି, ବା ସତ୍ତାର କୌଣସି

'oaob.nitrkl.ac.in' images reprocessed

ଆହ୍ୱାନ ପାଇ ତାହାର ପ୍ରତିସ୍ପନ୍ଦନରୂପେ ବାହାରି ଆସୁଛନ୍ତି । ସେହି କାରଣରୁହିଁ ଏହିସବୁ ସାମର୍ଥ୍ୟ ପଛରେ ବାଘ୍ର ହୋଇ ନଧାଇଁବାକୁ, ସେଗୁଡ଼ିକୁ ଗ୍ରହଣ କରି ନନେବାଲାଗି କିମ୍ବା ଆପଣା କାମରେ ବ୍ୟବହାର ନକରିବାଲାଗି ସାଧକକୁ ପରାମର୍ଶ ଦେବାକୁ ଆବଶ୍ୟକ ମନେହୋଇଛି । ଯେଉଁମାନେ ଜୀବନ ମଧ୍ୟରୁ ବାହାରି ଚାଲିଯିବାକୁ ଚାହାନ୍ତି, ସେମାନଙ୍କ ଲାଗି ଏହି ବର୍ଜନ ସମ୍ପୂର୍ଣ୍ଣ ଯୁକ୍ତିଯୁକ୍ତ; କାରଣ ବୃହତ୍ତର କୌଣସି ସାମର୍ଥ୍ୟକୁ ଗ୍ରହଣ କରିନେବାର ପ୍ରବୃତ୍ତି ଦେଖାଇଲେ ତଦ୍ୱାରା ଜୀବନଟା ସହିତ କେବଳ ବାନ୍ଧିହୋଇ ରହିବାହିଁ ସାର ହେବ ଏବଂ ମୋକ୍ଷଲାଭର ଶୁଦ୍ଧ ଓ ମିଶ୍ରଣବର୍ଜିତ ଆକାଂକ୍ଷା ଉପରେ ତାହା କେବଳ ଗୋଟାଏ ବୋଝ ହୋଇ ରହିବ । ଯେଉଁ ଭଗବଦ୍ଭକ୍ତପ୍ରେମୀ କେବଳ ସେହି ଭଗବାନଙ୍କ ଲାଗିହିଁ ଭଗବାନଙ୍କୁ ଖୋଜୁଥାଏ, ଓ କୌଣସିପ୍ରକାର ଶକ୍ତିର ଅର୍ଜନ ବା ସେପରି କୌଣସି ନିକୃଷ୍ଟତରବସ୍ତୁ ଆକର୍ଷଣରେ ପଡ଼ି ତାଙ୍କୁ ଲୋଡ଼ୁ ନଥାଏ, ଅନ୍ୟ ଯାବତୀୟ ଅଭୀଷ୍ଟ ଓ ଉଦ୍ଦେଶ୍ୟ ପ୍ରତି କେବଳ ଉଦାସୀନ ହୋଇ ରହିବା ତାହା ପକ୍ଷରେ ସମ୍ପୂର୍ଣ୍ଣ ସ୍ୱାଭାବିକ ହୋଇ ରହିବ । ଏହିସବୁ ପ୍ରଲୁବ୍ଧକ ଅଥଚ ବିପଦପୂର୍ଣ୍ଣ ସାମର୍ଥ୍ୟ ଓ ଶକ୍ତିଗୁଡ଼ିକର ଅନୁଧାବନ ତାକୁ ତା'ର ଉଦ୍ଦେଶ୍ୟପଥରୁ କେବଳ ବିଚ୍ୟୁତ କରାଇନେବ । ଜଣେ ଅପରିପକ୍ୱ ବା ଅପରିଣତ ସାଧକ ମଧ୍ୟ ଏହିପରି ବର୍ଜନଟିକୁ ଏକ ଆବଶ୍ୟକ ଆତ୍ମସଂଯମ ତଥା ଆଧ୍ୟାତ୍ମିକ ଶୃଙ୍ଖଳାରୂପେ ଗ୍ରହଣ କରିନେବ; କାରଣ ଏହିସବୁ ସାମର୍ଥ୍ୟଲାଭ ତାକୁ ହୁଏତ ମହାବିପଦରେ ନେଇ ପକାଇଦେବ, ହୁଏତ ଏକ ବିନାଶକାରୀ ବିପଦ ଭିତରକୁ ଟାଣି ନେଇଯିବ । କାରଣ ସେହିସବୁ ସାମର୍ଥ୍ୟର ଅତିପ୍ରାକୃତତା ହୁଏତ ଅତ୍ୟନ୍ତ ସହଜରେ ତା'ର ଅହଂଟାକୁହିଁ ବଡ଼ ଅସ୍ୱାଭାବିକ ଭାବରେ ସ୍ଫୀତ କରି ରଖିବାରେହିଁ ଇନ୍ଧନର କାର୍ଯ୍ୟ କରିବ । ପରିପୂର୍ଣ୍ଣତାର କାମନା ରଖିଥିବା ଜଣେ ସାଧକ ହୁଏତ ଯାବତୀୟ ଶକ୍ତିମତ୍ତାକୁ ପ୍ରଲୋଭନ ଓ ନେଣ୍ଟ ଆପଦ ମଣି ତାହାଠାରୁ ଦୂରରେ ରହିବାକୁ ଇଚ୍ଛା କରୁଥିବ, କାରଣ ଶକ୍ତିମତ୍ତା ବା କ୍ଷମତା ଭିତରେ ଉପରକୁ ଉଠାଇନେବାର ଶକ୍ତି ଯେପରି ରହିଛି, ତଳକୁ ଖସାଇ ଆଣିବାର ବି ସେହିପରି ଶକ୍ତି ରହିଛି ଏବଂ କ୍ଷମତାର କ୍ଷେତ୍ରରେହିଁ ତାହାର ଅପବ୍ୟବହାର କରିବାର ସବୁଠାରୁ ଅଧିକ ଭୟ ସବୁବେଳେ ରହିଛି । ମାତ୍ର ଯେତେବେଳେ ଏକ ବୃହତ୍ତର ଚେତନା ତଥା ବୃହତ୍ତର ଜୀବନ ମଧ୍ୟକୁ ଅଭିବୃଦ୍ଧି ଲାଭ କରିବାର ଅବଶ୍ୟପରିଣାମରୂପେ ନୂତନ ନାନା ସାମର୍ଥ୍ୟର ଆବିର୍ଭାବ ଘଟେ ଏବଂ ସେହି ଅଭିବୃଦ୍ଧି ଆମରି ଭିତରେ ଅବସ୍ଥିତ ଚିନ୍ମୟ ସତ୍ତାଟିର ମଧ୍ୟ ସ୍ୱକୀୟ ଉଦ୍ଦେଶ୍ୟ ହୋଇ ରହିଥାଏ, ସେତେବେଳେ ଆଉ ସେପରି କୌଣସି ପ୍ରମାଦ ଉପସ୍ଥିତ ହୁଏ ନାହିଁ । କାରଣ ସତ୍ତାର ଅଭିବୃଦ୍ଧି ଘଟିବା ସଙ୍ଗେ ସଙ୍ଗେ ଯଦି ଚେତନାର ତଥା ଜୀବନର ଏକ ବୃହତ୍ତର ସାମର୍ଥ୍ୟ ମଧ୍ୟ ଉପଲବ୍ଧ ହୁଏ ନାହିଁ ଏବଂ ସେହି ପରାପ୍ରକୃତିର ସ୍ୱଭାବର ଅନୁରୂପ ଜ୍ଞାନ ଓ ସାମର୍ଥ୍ୟଗତ ଏକ

'oaob.nitrkl.ac.in' images reprocessed

ନୈମିତ୍ତିକତାର ମଧ୍ୟ ଯଦି ସ୍ୱତଃସ୍ଫୂର୍ତ୍ତି ବିକାଶ ନଘଟେ, ତେବେ ପରାପ୍ରକୃତି ତଥା ପରାପ୍ରକୃତିଗତ ଜୀବନ ମଧ୍ୟକୁ ସତ୍ତାର ମଧ୍ୟ କୌଣସି ଅଭିବୃଦ୍ଧି ଘଟେ ନାହିଁ । ସତ୍ତାର ଏହି ପରବର୍ତ୍ତୀ ବିବର୍ତ୍ତିନଟି ମଧ୍ୟରେ ଏପରି କିଛୁ ନିହିତ ହୋଇ ରହି ନାହିଁ, ଯାହାକୁ କି ଆମେ ଯୁକ୍ତି ବା ବୁଦ୍ଧିର ବିରୋଧୀ ବୋଲି କହିବା କିମ୍ବା ବିଶ୍ୱାସଯୋଗ୍ୟ ନୁହେଁ ବୋଲି କହିବା । ଏହା ଭିତରେ ଅସ୍ୱାଭାବିକ ବା ଅଲୌକିକ ବୋଲି କିଛି ନାହିଁ । ଆମ ଅସ୍ଥିର ମନୋଗତ ପର୍ଯ୍ୟାୟଟିରୁ ଅଗ୍ରସର ହୋଇ ବିଜ୍ଞାନମୟ ବା ଅଧିମାନସ ରୂପାୟନର କ୍ଷେତ୍ରରେ ଆସି ପ୍ରବେଶ କରିବାର ପଥରେ ଚେତନା ଓ ତାହାର ଯାବତୀୟ ସାମର୍ଥ୍ୟ ବିବର୍ତ୍ତିତ ହୋଇ ନିଶ୍ଚିତନିର୍ଦ୍ଦିଷ୍ଟ ଭାବରେ କେବଳ ଏହିଠାରେହିଁ ଆସି ପହଞ୍ଚିବେ । ଆତ୍ମପରିଣତିର ମାର୍ଗଟିକୁ ଅନୁସରଣ କରି ଯେତେବେଳେ ସତ୍ତା ଏହି ନୂତନ ଉଚ୍ଚତର ଓ ବୃହତ୍ତର ଚେତନାରେ ଆସି ପ୍ରବିଷ୍ଟ ହେବ, ସେତେବେଳେ ଅତି ସହଜ, ସ୍ୱାଭାବିକ ଓ ସ୍ୱତଃସ୍ଫୂର୍ତ୍ତି ଭାବରେ ପରାପ୍ରକୃତିର ଲୀଳାମାନ ପରିଦୃଷ୍ଟ ହେବାକୁ ଲାଗିବ । ମନୋମୟ ପ୍ରକୃତି ମଧ୍ୟରେ ବିକାଶଲାଭ କରି ତାହାର ମନୋମୟ ଶକ୍ତିଗୁଡ଼ିକୁ ଆପଣାର ବ୍ୟବହାରରେ ଲଗାଇବା ଯେପରି ମନୁଷ୍ୟର ସ୍ୱଧର୍ମ ହୋଇ ରହିଛି, ବିଜ୍ଞାନମୟ ପୁରୁଷ ବିଜ୍ଞାନମୟ ଜୀବନଟିକୁ ଗ୍ରହଣ କରିନେବା ପରେ ଏହି ବୃହତ୍ତର ଚେତନାର ଶକ୍ତିସକଳର ବିକାଶ ଘଟାଇବା ଏବଂ ସେଗୁଡ଼ିକୁ କାର୍ଯ୍ୟରେ ଲଗାଇବା ତାହାପକ୍ଷରେ ଠିକ ସେହିପରି ତାହାର ସ୍ୱଭାବଗତ ହୋଇ ରହିବ ।

ବର୍ତ୍ତମାନ ସ୍ପଷ୍ଟ ହୋଇଯିବା ଉଚିତ ଯେ ଚେତନାର ସାମର୍ଥ୍ୟରେ ବା ସାମର୍ଥ୍ୟଗୁଡ଼ିକରେ ଏହିପରି ଅଭିବୃଦ୍ଧି ଘଟିବା କେବଳ ଯେ ଅତ୍ୟନ୍ତ ସ୍ୱାଭାବିକ ତାହା ନୁହେଁ, ମାତ୍ର ଏକ ବୃହତ୍ତର ଓ ପୂର୍ଣ୍ଣାଙ୍ଗତର ଜୀବନଲାଗି ତାହା ଏକାନ୍ତ ଅପରିହାର୍ଯ୍ୟ । ମନୁଷ୍ୟର ଜୀବନରେ ସୌଷମ୍ୟର ସ୍ଥାନ ବର୍ତ୍ତମାନ ମଧ୍ୟ ଅତ୍ୟନ୍ତ ସୀମାବଦ୍ଧ ହୋଇ ରହିଛି; ଅନେକ ସମୟରେ ସମାଜରେ ବାସ କରୁଥିବା ବ୍ୟକ୍ତିମାନଙ୍କ ଉପରେ ଏକ ନିର୍ଦ୍ଧାରିତ ବ୍ୟବସ୍ଥା ଓ ବିଧାନ ଲଦିଦେଇ ସେଠାରେ ଆଂଶିକ ଭାବରେ ଏକ ସମନ୍ୱୟତା ଆଣିବା ସମ୍ଭବ ହୋଇଥାଏ । ବ୍ୟକ୍ତିମାନେ କେତେକ ପରିମାଣରେ ସ୍ୱେଚ୍ଛାରେ, କେତେକ ପରିମାଣରେ ପ୍ରବର୍ତ୍ତନାର ବଶବର୍ତ୍ତୀ ହୋଇ, କେତେକ ପରିମାଣରେ ବାଧ୍ୟ ହୋଇ ଓ ପୁଣି କେତେକ ପରିମାଣରେ ସେମାନଙ୍କ ଉପରେ ସେଥିଲାଗି ବଳର ପ୍ରୟୋଗ ହେଉଥିବାରୁ ତାହାକୁ ନମାନିବା ବ୍ୟତୀତ ଆଉକୌଣସି ଉପାୟ ନଥାଏ ବୋଲି ସେହି ବିଧାନଗୁଡ଼ିକର ପାଳନ କରୁଥା'ନ୍ତି । ମାତ୍ର ଯେଉଁଠାରେ ଏହିସବୁ କାରଣ ଉପସ୍ଥିତ ନଥାଏ, ସେଠାରେ ତଥାପି ଯେଉଁ ସମନ୍ୱୟତା ସମ୍ଭବ ହୁଏ, ତାହା ସମାଜସ୍ଥ ବ୍ୟକ୍ତିମାନଙ୍କର ମନ, ହୃଦୟ ତଥା ପ୍ରାଣଗତ ବୋଧ ଭିତରେ ରହିଥିବା ଆଲୋକିତ ଅଥବା ଆଗ୍ରହପ୍ରେରିତ ଉପାଦାନ-

'oaob.nitrkl.ac.in' images reprocessed

ଗୁଡ଼ିକର ସମ୍ବନ୍ଧ ଉପରେହିଁ ନିର୍ଭର କରି ରହିଥାଏ; ସର୍ବସ୍ୱୀକୃତ ଭାବନା, ବାସନା, ପ୍ରାଣଗତ ପରିତୃପ୍ତି ତଥା ଜୀବନାଦର୍ଶର ଏକ ସମଷ୍ଟୀଭୂତ ସଂଗଠନକୁ ସ୍ୱୀକାର କରିନେବାଦ୍ୱାରାହିଁ ତାହା ସମ୍ଭବ ହୁଏ । ମାତ୍ର ଗଣସମଷ୍ଟିରେ ବାସ କରୁଥିବା ବ୍ୟକ୍ତିମାନେ ଆପେ ସ୍ୱୀକାର କରି ନେଇଥିବା ଏହିସବୁ ଭାବନା, ଜୀବନାଦର୍ଶ ତଥା ଜୀବନଗତ ଅଭିପ୍ରାୟଗୁଡ଼ିକୁ ବଡ଼ ଅପୂର୍ଣ୍ଣ ଭାବରେ ବୁଝିଥା'ନ୍ତି ଓ ଜାଣିଥା'ନ୍ତି; ସେଗୁଡ଼ିକୁ କାର୍ଯ୍ୟରେ ପରିଣତ କରିବାଲାଗି ସେମାନଙ୍କର ଶକ୍ତି ବଡ଼ ଅପୂର୍ଣ୍ଣ ହୋଇ ରହିଥାଏ ଏବଂ ସେଗୁଡ଼ିକୁ ଅବ୍ୟାହତ ତଥା ଅକ୍ଷୁଣ୍ଣ ଭାବରେ ସ୍ଥାୟୀ କରି ରଖିବାଲାଗି ସେମାନଙ୍କର ଇଚ୍ଛାରେ ମଧ୍ୟ ନାନା ଅପୂର୍ଣ୍ଣତା ରହିଥାଏ; ସେଗୁଡ଼ିକୁ ପୂର୍ଣ୍ଣରୂପେ ପାଳନ କରିବାରେ ଓ ଜୀବନରେ ଅଧିକ ପରିପୂର୍ଣ୍ଣତା ଆଣିଦେବାରେ ସେମାନଙ୍କର ଇଚ୍ଛା ମଧ୍ୟ ବଡ଼ ଅସମ୍ପୂର୍ଣ୍ଣ ହୋଇ ରହିଥାଏ । ଏହି କ୍ଷେତ୍ରରେ ଏକ ସଂଘର୍ଷ ଓ ବିସଙ୍ଗତିର ଉପାଦାନ ମଧ୍ୟ ବର୍ତ୍ତମାନ ରହିଥାଏ, ଅବଦମିତ ଓ ଅପରିତୃପ୍ତ ନାନା ବାସନା ତଥା ବ୍ୟର୍ଥକାମ ନାନା ଇଚ୍ଛା ସ୍ତୂପାକୃତ ହୋଇ ରହିଥା'ନ୍ତି; ତଳେ ଲୁଚିହୋଇ ରହିଥିବା କୌଣସି ଅତୃପ୍ତି ବୁହୁଳିବାରେ ଲାଗିଥାଏ ଅଥବା ଅସମାନ ଭାବରେ ପରିତୃପ୍ତ ନାନା ସ୍ୱାର୍ଥଜନିତ ଏକ ଅସନ୍ତୋଷ ସତେଅବା ହଠାତ୍ ଚେଇଁ ଉଠିଥାଏ ଓ ଅଗ୍ନ୍ୟୁଦ୍‌ଗାର କରିବାକୁ ଇଚ୍ଛା କରୁଥାଏ । ଏହା ସଙ୍ଗେ ସଙ୍ଗେ ଏପରି ଅନେକ ନୂତନ ଭାବନା ଓ ପ୍ରାଣଭୂମିଗତ ଅଭିପ୍ରାୟ ମଧ୍ୟ ରହିଥା'ନ୍ତି, ଯେଉଁଗୁଡ଼ିକ କି ବିକ୍ଷୁବ୍ଧ ତରଙ୍ଗ ପରି କେବଳ ଆଘାତ କରିବାରେ ଲାଗିଥା'ନ୍ତି ଏବଂ ବିଦ୍ରୋହ ଓ ବ୍ୟାଘାତ ଅଥବା ବିଘଟନ ସୃଷ୍ଟି କରିବା ବ୍ୟତୀତ ଆଉକୌଣସି ପ୍ରକାରେ ପରସ୍ପର ସହିତ ସମ୍ବନ୍ଧିତ ହୋଇ ରହିପାରୁ ନଥା'ନ୍ତି । ଆମ ମନୁଷ୍ୟମାନଙ୍କ ଭିତରେ ଓ ଆମର ପରିବେଶରେ ପ୍ରାଣଗତ ଏପରି ନାନା ଶକ୍ତି କାର୍ଯ୍ୟ କରିବାରେ ଲାଗିଥା'ନ୍ତି, ଯେଉଁଗୁଡ଼ିକ କି ପୂର୍ବରୁ ରଚିତ ହୋଇ ରହିଥିବା ସମଞ୍ଜସତା ସହିତ ଆଦୌ ଖାପ ଖାଇ ପାରନ୍ତି ନାହିଁ; ଏବଂ ମନ ଓ ପ୍ରାଣର ଏକ ସଂଘର୍ଷଧର୍ମୀ ବିଚିତ୍ରତାଦ୍ୱାରା ଏବଂ ବିଶ୍ୱପ୍ରକୃତିସ୍ଥ ବିଘଟନକାରୀ ଶକ୍ତିଗୁଡ଼ିକ ଆସି ଆକ୍ରାନ୍ତ କରିପକାଇବାଦ୍ୱାରା ଆମ ଭିତରେ ଯେଉଁ ବିସଙ୍ଗତି, ବିବାଦ ଓ ବିପର୍ଯ୍ୟୟମାନ ଘଟିବାରେ ଲାଗିଥାଏ, ତାହା ଉପରେ ବିଜୟ ହାସଲ କରିବାକୁ ଆମର ପରିପୂର୍ଣ୍ଣ ଶକ୍ତି ମଧ୍ୟ ନଥାଏ । ଏଠାରେ ଯଥାର୍ଥତଃ ଏକ ଅଧ୍ୟାତ୍ମ ଜ୍ଞାନ ଓ ଅଧ୍ୟାତ୍ମ ସାମର୍ଥ୍ୟରହିଁ ଅଭାବ ରହିଥାଏ, ଆପଣା ଉପରେ ବିଜୟଲାଭ କରିବାର ଶକ୍ତିଟିର ଅଭାବ ଥାଏ; ଅନ୍ୟମାନଙ୍କ ସହିତ ଏକ ଅନ୍ତର୍ଗତ ସମ୍ମିଳନଦ୍ୱାରା ଯେଉଁ ଶକ୍ତି ଜନ୍ମଲାଭ କରେ, ସେଇଟିର ଅଭାବ ଥାଏ; ଆମର ଚତୁର୍ଦ୍ଦିଗରେ ଘେରି ରହିଥିବା ବା ଆମକୁ ଆକ୍ରାନ୍ତ କରି ରଖିଥିବା ବିଶ୍ୱଶକ୍ତି-ଗୁଡ଼ିକର ସମ୍ମୁଖୀନ ହେବାକୁ ଓ ସେଗୁଡ଼ିକୁ ଆପଣା ବଶରେ ଆଣିବାକୁ ସାମର୍ଥ୍ୟର ଅଭାବ ରହିଥାଏ; ଆମର ଜ୍ଞାନକୁ ଫଳଦାୟୀ ଭାବରେ କାର୍ଯ୍ୟରେ ଲଗାଇବା ଲାଗି

'oaob.nitrkl.ac.in' images reprocessed

ଏକ ପୂର୍ଣ୍ଣତର ଦୃଷ୍ଟି ଓ ପୂର୍ଣ୍ଣତର ପ୍ରସ୍ତୁତ ଶକ୍ତିର ଅଭାବ ରହିଥାଏ । ଏବଂ ଆମ ଭିତରେ ଏହି ଯେଉଁସବୁ ସାମର୍ଥ୍ୟର ଅଭାବ ଥାଏ ବା ଅପୂର୍ଣ୍ଣ ଭାବରେ ରହିଥାଏ, ସେହିଗୁଡ଼ିକହିଁ ବିଜ୍ଞାନମୟ ପୁରୁଷର ସ୍ୱଭାବଗତ ଉପାଦାନରୂପେ ବିଦ୍ୟମାନ ଥାଏ, କାରଣ ସେଗୁଡ଼ିକ ବିଜ୍ଞାନମୟ ପ୍ରକୃତିର ଆଲୋକ ତଥା ଗତ୍ୟାତ୍ମକତା ମଧ୍ୟରେହିଁ ସତତ ଅନ୍ତର୍ନିହିତ ହୋଇ ରହିଥାଏ ।

ମାତ୍ର, ଯେଉଁ ବ୍ୟକ୍ତିମାନଙ୍କୁ ନେଇ ମନୁଷ୍ୟସମାଜର ଗଠନ ହୋଇଛି, ସେମାନଙ୍କର ମନ, ହୃଦୟ ତଥା ପ୍ରାଣର ପାରସ୍ପରିକ ମିଳନ ଓ ସମନ୍ୱସାଧନର କ୍ଷେତ୍ରରେ ଯେ କେବଳ ଅଭାବ ବା ଅପୂର୍ଣ୍ଣତା ରହିଛି ତାହା ନୁହେଁ, ପ୍ରତ୍ୟେକ ବ୍ୟକ୍ତିର ମନ ଓ ପ୍ରାଣକୁ ପରିଚାଳିତ କରୁଥିବା ତା' ଭିତରେ ଏପରି ଅନେକ ଶକ୍ତିମାନ ରହିଛି, ଯେଉଁଗୁଡ଼ିକର କି ପରସ୍ପର ସହିତ କୌଣସି ସଙ୍ଗତି ନାହିଁ । ସେମାନଙ୍କ ଭିତରେ ଗୋଟାଏ ସଙ୍ଗତି ସ୍ଥାପନ କରିବାଲାଗି ଆମର ସକଳ ପ୍ରଚେଷ୍ଟା ମଧ୍ୟ ବଡ଼ ଅପୂର୍ଣ୍ଣ ହୋଇ ରହିଛି ଏବଂ ସେଗୁଡ଼ିକ ମଧ୍ୟରୁ କୌଣସି ଗୋଟିଏକୁ ସମଗ୍ର ଅଥବା ସନ୍ତୋଷଜନକ ଭାବରେ ଜୀବନରେ କାର୍ଯ୍ୟକାରୀ କରି ପାରିବାର ଶକ୍ତି ତା'ଠାରୁ ଆହୁରି ଅଧିକ ଅପୂର୍ଣ୍ଣ ହୋଇ ରହିଛି । ଏହାର ଉଦାହରଣସ୍ୱରୂପ, ପ୍ରେମ ଓ ସଂବେଦନଶୀଳତାର ବିଧାନଟି ଆମ ଚେତନାର ଏକ ସ୍ୱାଭାବିକ ଧର୍ମ ହୋଇ ରହିଛି ଏବଂ ତଦ୍‌ବସ୍ତୁର କ୍ଷେତ୍ରରେ ଆମର ଅଭିବୃଦ୍ଧି ଘଟିବା ସଙ୍ଗେ ସଙ୍ଗେ ଆମ ଉପରେ ଏହି ବିଧାନର ଦାବିଟି ମଧ୍ୟ ବୃଦ୍ଧି ପାଇବାରେ ଲାଗିଛି । ମାତ୍ର ତେଣେ ଆମ ଭିତରେ ବୁଦ୍ଧିର ବି ଏକ ଦାବି ରହିଛି, ପ୍ରାଣଗତ ଶକ୍ତି ଓ ତାହାର ଆବେଗଗୁଡ଼ିକର ଦାବି ରହିଛି, ଏବଂ ପ୍ରେମ ତଥା ସଂବେଦନଶୀଳତା ସହିତ ଆଦୌ ମେଳ ଖାଉ ନଥିବା ଆହୁରି ଅନେକ ଉପାଦାନର ଦାବି ଓ ଚାପ ଆମ ଉପରେ ରହିଛି । ସେଗୁଡ଼ିକୁ ଆମ ଜୀବନର ସମଗ୍ର ବିଧାନଟି ସହିତ କିପରି ଅନୁକୂଳିତ କରି ରଖିବାକୁ ହେବ ଅଥବା ସେଗୁଡ଼ିକ ମଧ୍ୟରୁ କୌଣସିଟିକୁ କମ୍ବା ସବୁଗୁଡ଼ିକୁ କିପରି ଯଥାର୍ଥ ଓ ପରିପୂର୍ଣ୍ଣ ଭାବରେ ସାର୍ଥକ ଓ ଅବଶ୍ୟଗ୍ରହଣୀୟ କରି ପାରିବାକୁ ହେବ, ସେବିଷୟରେ ମଧ୍ୟ ଆମକୁ କିଛି ଜଣା ନାହିଁ । ଆମର ସମଗ୍ର ସତ୍ତା ତଥା ସମଗ୍ର ଜୀବନରେ ସେଗୁଡ଼ିକୁ ପରସ୍ପରର ପରିପୂରକ ଏବଂ ସଂହିତ ଭାବରେ ଫଳପ୍ରଦ କରିବାକୁ ହେଲେ ଆମକୁ ଏକ ପରିପୂର୍ଣ୍ଣତର ଚିନ୍ମୟ ପ୍ରକୃତି ମଧ୍ୟକୁ ଉତ୍ତୋଳିତ ହୋଇଯିବାକୁ ପଡ଼ିବ ଏବଂ ସେହି ଉତ୍ତୋଳନ ବା ଅଭିବୃଦ୍ଧିଟି ଘଟିବା ପରେ ଆମକୁ ଏପରି ଏକ ଉଚ୍ଚତର, ବୃହତ୍ତର ତଥା ଅଧିକ ସମଗ୍ର ଚେତନାର ଶକ୍ତିରେ ଏବଂ ସାମର୍ଥ୍ୟ ମଧ୍ୟରେ ବାସ କରିବାକୁ ପଡ଼ିବ, ଯାହା ଭିତରେ କି ଜ୍ଞାନ ଓ ଶକ୍ତିମତ୍ତା, ପ୍ରେମ ଓ ସଂବେଦନଶୀଳତା ତଥା ଜୀବନେଚ୍ଛାର ଯାବତୀୟ କ୍ରୀଡ଼ାପରିପୂର୍ଣ୍ଣତା ସବୁଯାକ ଅତ୍ୟନ୍ତ ସ୍ୱାଭାବିକ ଓ ପରସ୍ପର-ସଙ୍ଗତି ଭାବରେ ସତତବର୍ତ୍ତମାନ ହୋଇ ରହିଥିବ । ଆମକୁ ଏପରି ଏକ ମହାନ୍

'oaob.nitrkl.ac.in' images reprocessed

ସତ୍ୟର ଆଲୋକ ମଧ୍ୟରେ ବିଚରଣ କରିବାକୁ ପଡ଼ିବ ଯାହାଙ୍କ ବୋଧଦୀପ୍ତ ଏବଂ ସ୍ୱତଃସ୍ଫୂର୍ତ୍ତି ଭାବରେ ଯାହାକିଛି କର୍ତ୍ତବ୍ୟ ତାହାକୁ ସ୍ପଷ୍ଟ ଦେଖି ପାରୁଥିବ, ତାହାକୁ କିପରି କାର୍ଯ୍ୟକାରୀ କରିବାକୁ ହେବ ତାହା ଜାଣି ପାରୁଥିବ ଏବଂ ସେହି କର୍ମ ତଥା ଶକ୍ତିମତ୍ତା ମଧ୍ୟରେ ଆପଣାକୁ ବୋଧିସଂଯୁକ୍ତ ଓ ସ୍ୱତଃସ୍ଫୂର୍ତ୍ତି ଭାବରେ ପରିପୂର୍ଣ୍ଣ କରି ପାରୁଥିବ । ସେହି ଉପାଦାନଗୁଡ଼ିକର ସତ୍ୟଟିର ସେହି ବୋଧିଚେତନାମୟ ସ୍ୱତଃସ୍ଫୂର୍ତ୍ତିତା ମଧ୍ୟକୁ ତଥା ଏହାର ସହଜ, ଚିନ୍ମୟ ତଥା ପରମ ସ୍ୱଭାବସିଦ୍ଧତା ମଧ୍ୟକୁ ଆମକୁ ଆମ ସତ୍ତାଗତ ସକଳ ସାମର୍ଥ୍ୟର ଜଟିଳ ଗଠନଟିକୁ ଗ୍ରହଣ କରିନେବାକୁ ପଡ଼ିବ ଓ ପ୍ରକୃତିବିବର୍ତ୍ତନର ସକଳ ସୋପାନଗୁଡ଼ିକୁ ସେଗୁଡ଼ିକର ସୌଷମ୍ୟଗତ ସତ୍ୟଗୁଡ଼ିକଦ୍ୱାରା ପରିପ୍ଲୁତ କରିଦେବାକୁ ପଡ଼ିବ ।

ଏଠାରେ ଅତ୍ୟନ୍ତ ସ୍ପଷ୍ଟ ହୋଇଯିବା ଉଚିତ ଯେ ବୁଦ୍ଧିର ସାହାଯ୍ୟ ନେଇ ଖଣ୍ଡଗୁଡ଼ାକୁ ଆଣି ଏକାଠି ଯୋଡ଼ି ବସିଲେ ଅଥବା ମନୋରଚନାର ଯେତେଯାହା ପାରଙ୍ଗମତା ଦେଖାଇଲେ ଆମେ ଏହି ଜଟିଳତାଟିରେ କଦାପି ସଙ୍ଗତି ବା ସମଞ୍ଜସତା ଆଣିପାରିବା ନାହିଁ । କେବଳ ଏକ ଜାଗ୍ରତ ଚିଦ୍‌ସତ୍ତାର ବୋଧିଶକ୍ତି ଏବଂ ଆତ୍ମଜ୍ଞାନହିଁ ତାହା ସମ୍ଭବ କରିପାରିବ । ଏବଂ ତାହାହିଁ ବିବର୍ତ୍ତନ ଲାଭ କରିଥିବା ଅତିମାନସ ସତ୍ତା ଓ ତା'ର ଜୀବନର ସ୍ୱଭାବଧର୍ମ ହୋଇ ଆବିର୍ଭୂତ ହେବ; ତାହାର ଅଧ୍ୟାତ୍ମଦୃଷ୍ଟି ଓ ଅଧ୍ୟାତ୍ମବୋଧ ସତ୍ତାଗତ ସକଳ ସାମର୍ଥ୍ୟକୁ ଏକ ଏକତ୍ୱବିଧାୟକ ଚେତନା ମଧ୍ୟରେ ଗ୍ରହଣ କରିନେଇ ପାରିବ ଏବଂ ସେଗୁଡ଼ିକୁ ପରସ୍ପରସଙ୍ଗତ କ୍ରିୟାର ଏକ ସ୍ୱଭାବ-ସ୍ଥିତିରେ ଆଣି ଉପସ୍ଥାପିତ କରିଦେବ । କାରଣ ଏହି ସଙ୍ଗତି ଓ ଏହି ସମଞ୍ଜସତା ହେଉଛି ଚିଦ୍‌ସତ୍ତାର ଯଥାର୍ଥ ଓ ସ୍ୱାଭାବିକ ସ୍ଥିତି; ଆମ ଜୀବନ ତଥା ପ୍ରକୃତିର ଏହି ବିସଙ୍ଗତି ଓ ଅସମଞ୍ଜସତା ଅବିଦ୍ୟାଗତ ଜୀବନରେ ସମ୍ପୂର୍ଣ୍ଣ ସ୍ୱାଭାବିକ ହୋଇ ରହିଥିଲେହେଁ ଚିଦ୍‌ବସ୍ତୁଲାଗି ତାହା ଏକାନ୍ତ ଅସ୍ୱାଭାବିକ ହେବ । ବସ୍ତୁତଃ ଏହାହିଁ ହେବ, କାରଣ ଆମ ଭିତରେ ଥିବା କୌଣସି ଜ୍ଞାନ ଯେ ଅପରିତୃପ୍ତ ହୋଇ ରହିଛି ଏବଂ ଆମରି ଅସ୍ତିତ୍ୱର ଭୂମିରେ ଏକ ବୃହତ୍ତର ସମତାବସ୍ଥା ଲାଭ କରିବାପାଇଁ ଉଦ୍ୟମ କରିବାରେ ଲାଗିଛି, ଚିଦ୍‌ବସ୍ତୁ ଏହାକୁ କଦାପି ସ୍ୱାଭାବିକ ବୋଲି ଅନୁଭବ କରିବ ନାହିଁ । ସମଗ୍ର ସତ୍ତାର ଏହି ସଙ୍ଗତି ତଥା ସମଞ୍ଜସତା ବିଜ୍ଞାନମୟ ବ୍ୟକ୍ତିପୁରୁଷ ଲାଗି ଯେପରି ସ୍ୱାଭାବିକ ଓ ସ୍ୱଭାବଗତ ହୋଇ ରହିବ, ବିଜ୍ଞାନମୟ ବ୍ୟକ୍ତିମାନଙ୍କୁ ନେଇ ଗଠିତ ହୋଇଥିବା ଏକ ଗୋଷ୍ଠୀ ବା ସମଷ୍ଟିଲାଗି ମଧ୍ୟ ଠିକ୍ ସେହିପରି ସ୍ୱାଭାବିକ ଓ ସ୍ୱଭାବଗତ ହୋଇ ରହିବ । କାରଣ ଏକ ସାଧାରଣ ତଥା ପାରସ୍ପରିକ ଆତ୍ମଚେତନାର ଆଲୋକ ମଧ୍ୟରେ ଆତ୍ମା ସହିତ ଆତ୍ମାର ମିଳନ ଉପରେହିଁ ଗୋଷ୍ଠୀର ସେହି ଜୀବନଟି ପର୍ଯ୍ୟବସିତ ହୋଇ ରହିଥିବ । ଏକଥା ନିଶ୍ଚୟ ସତ ଯେ ପୃଥିବୀର

'oaob.nitrkl.ac.in' images reprocessed

ସମଗ୍ର ଜୀବନକ୍ଷେତ୍ରଟିରେ ବିଜ୍ଞାନମୟ ଜୀବନ କେବଳ ଗୋଟିଏ ଅଂଶ ହୋଇ ରହିଥିବ, ଏବଂ ତେଣୁ ଅପେକ୍ଷାକୃତ କମ୍ ବିକାଶଲାଭ କରିଥିବା ଏକ ଜୀବନଧାରା ମଧ୍ୟ ଏହା ମଧ୍ୟରେ ତଥାପି ବିଦ୍ୟମାନ ଥିବ । ବୋଧିଯୁକ୍ତ ଓ ବିଜ୍ଞାନମୟ ଜୀବନକୁ ଆପଣାକୁ ଏହି ସମଗ୍ର ଅଭିବ୍ୟକ୍ତି ମଧ୍ୟରେ ଖାପ ଖୁଆଇ ରହିବାକୁ ପଡ଼ିବ ଏବଂ ଆପଣାର ଏକତ୍ୱ ତଥା ସୌଷମ୍ୟଧର୍ମୀ ବିଧାନଟିକୁ ସେଇଟି ମଧ୍ୟକୁ ଯଥାସମ୍ଭବ ବହନ କରି ନେଇଯିବାକୁ ପଡ଼ିବ । ଏହି କ୍ଷେତ୍ରରେ ସ୍ୱତଃସ୍ଫୂର୍ତ୍ତି ସମସ୍ତପ୍ରକାର ବିଧାନଟି ହୁଏତ ଅପ୍ରଯୁଜ୍ୟ ବୋଲି ବୋଧ ହେବ, କାରଣ ଆପଣାର ଚତୁର୍ଦ୍ଦିଗସ୍ଥ ଅବିଦ୍ୟାମୟ ଜୀବନ ସହିତ ବିଜ୍ଞାନମୟ ଜୀବନର ଯେଉଁ ସମ୍ବନ୍ଧଟି ରହିଥିବ, ତାହା ଆତ୍ମଜ୍ଞାନର ପାରସ୍ପରିକତା ଏବଂ ସତ୍ତ୍ୱ ତଥା ଚେତନାଗତ ଏକତ୍ୱବୋଧ ଉପରେ ଆଦୌ ଆଧାରିତ ହୋଇ ରହି ନଥିବ; ତାହା ଜ୍ଞାନମୟ ନିଃସ୍ୱାର ଅଜ୍ଞାନଗତ ନିଃସ୍ୱା ସହିତ ଏକ ସମ୍ବନ୍ଧ ହୋଇ ରହିଥିବ । ମାତ୍ର ଏହି ସମସ୍ୟାଟି ଆମକୁ ହଠାତ୍ ଯେପରି ଏକ ଗୁରୁତର ସମସ୍ୟା ପରି ଦେଖାଯାଉଛି, ତାହା ବସ୍ତୁତଃ ଆଦୌ ସେପରି ଗୁରୁତର ନୁହେଁ । କାରଣ ବିଜ୍ଞାନଚେତନାର ଜ୍ଞାନଟି ମଧ୍ୟରେ ଅବିଦ୍ୟାଗତ ଚେତନାର ପୂର୍ଣ୍ଣ ବୋଧଟି ମଧ୍ୟ ସର୍ବଦା ବର୍ତ୍ତମାନ ରହିଥିବ; ଏବଂ ସେଥିଲାଗି ଆପଣାର ଜୀବନଟିକୁ ଏହି ପାର୍ଥିବ ପ୍ରକୃତି ମଧ୍ୟରେ ଆପଣା ସହିତ ସହାବସ୍ଥିତ ହୋଇ ରହିଥିବା ଅପେକ୍ଷାକୃତ ଅଳ୍ପବିକଶିତ ଯାବତୀୟ ଜୀବନ ସହିତ ସମତାଳରି କରି ରଖିବା ଏକ ସୁପ୍ରତିଷ୍ଠିତ ବିଜ୍ଞାନମୟ ଜୀବନଲାଗି ଆଦୌ ଅସମ୍ଭବ ହେବ ନାହିଁ ।

ବିବର୍ତ୍ତନର ମାର୍ଗଭୂମିଟି ଉପରେ ଯଦି ଏହାହିଁ ଆମର ଚରମ ପରିଣତି ଓ ନିୟତି ହୋଇଥାଏ, ତେବେ ବିବର୍ତ୍ତନଗତ ପୁରୋଯାତ୍ରାର ଏହି ମୁହୂର୍ତ୍ତଟିରେ ଆମେ ଠିକ୍ କେଉଁଠି ଠିଆହୋଇ ରହିଛୁ, ଆମକୁ ତାହାର ଏକ ସ୍ପଷ୍ଟ ଅବଧାରଣା କରିବାକୁ ପଡ଼ିବ । ଆମର ଏହି ଯାତ୍ରାର ପ୍ରଗତିସୂଚକ ରେଖାଟିକୁ ଏକ ସରଳରେଖା ବୋଲି କୁହାଯିବ ନାହିଁ; କାରଣ ଏହା ଅନେକ ଆବର୍ତ୍ତ ଭିତରେ ବୁଲିବୁଲି ଯାଇଛି ଅଥବା କୁଣ୍ଡଳୀ କାଟି ଗତି କରିଛି, ଅଥବା ଅନ୍ତତଃ ପ୍ରଗତିର ଏକ ଅତି ବକ୍ର ପଥର ଅନୁସରଣ କରିଛି; କେତେବେଳେ ଆଗକୁ ବାହାରିପଡ଼ିଛି ତ କେତେବେଳେ ପଛକୁ ବାହାରିପଡ଼ିଛି । ଏବଂ ଏକ ଅଦୂର ଅଥବା କାଳନିମ୍ନ ଭବିଷ୍ୟତରେ ଏହା ଏକ ମୀମାଂସକ ପଦକ୍ଷେପ ଗ୍ରହଣ କରିବ ବୋଲି ପ୍ରକୃତରେ କେତେଦୂର ସମ୍ଭାବନା ରହିଛି, ଆମକୁ ସେକଥାଟି ମଧ୍ୟ ବିଚାର କରି ଦେଖିବାକୁ ପଡ଼ିବ । ବ୍ୟକ୍ତିଗତ ପରିପୂର୍ଣ୍ଣତା ତଥା ସମଷ୍ଟିଗତ ଜୀବନକ୍ଷେତ୍ରରେ ପରିପୂର୍ଣ୍ଣତା ଲାଭ କରିବା ଦିଗରେ ମନୁଷ୍ୟର ଯେଉଁ ଆକାଂକ୍ଷା ରହିଛି, ତାହାର ଉପାଦାନଗୁଡ଼ିକରେ ଭବିଷ୍ୟତର ବିବର୍ତ୍ତନଟି ସମ୍ବନ୍ଧରେ ନିଶ୍ଚୟ ଏକ ପୂର୍ବାଭାସ ମିଳୁଛି, ଏବଂ ସେହି ଦିଗରେ ଏକ

'oaob.nitrkl.ac.in' images reprocessed

ପ୍ରଚେଷ୍ଟା ମଧ୍ୟ ଜାଗ୍ରତ କରିଦେଉଛି; ମାତ୍ର ଆମର ଏହି ଭୂମିଟିରେ ଜ୍ଞାନର ପୂର୍ଣ୍ଣ ଆଲୋକଟି ଏପର୍ଯ୍ୟନ୍ତ ପ୍ରତିଫଳିତ ହୋଇ ନାହିଁ ବୋଲି ଆମେ ସେହି ଉପାଦାନଗୁଡ଼ିକୁ ସ୍ପଷ୍ଟଭାବରେ ବୁଝି ପାରି ନାହୁଁ । ସେହି ପ୍ରଗତି ଲାଗି ଆବଶ୍ୟକ ଉପାଦାନଗୁଡ଼ିକ ମଧ୍ୟରେ ଏକ ବିସଙ୍ଗତି ବର୍ତ୍ତିମାନ ରହିଛି, ବିରୋଧଟା ଉପରେ ଅଧିକ ଗୁରୁତ୍ୱ ନ୍ୟସ୍ତ କରାଯାଇଛି ଓ ସମସ୍ୟାଟିର କେତେ କେତେ ସମାଧାନ ଭଡ଼ି ହୋଇ ରହିଛି ସତ, ମାତ୍ର ସେଗୁଡ଼ିକ ଆଦୌ ସନ୍ତୋଷଜନକ ବୋଲି ପ୍ରମାଣିତ ହେଉ ନାହିଁ କିମ୍ବା ଉପାଦାନ-ଗୁଡ଼ିକ ମଧ୍ୟରେ କୌଣସି ସଙ୍ଗତିର ସୂଚନା ବି ଦେଉ ନାହିଁ । ଏହି ସମାଧାନଗୁଡ଼ିକ ଭିତରେ ଆମ ଜୀବନାଦର୍ଶର ତିନୋଟିଯାକ ମୁଖ୍ୟ ପ୍ରବୃତ୍ତି ଦୋଳାୟମାନ ହୋଇ ରହିଛି: ଗୋଟିଏ ହେଉଛି ବ୍ୟକ୍ତି-ମନୁଷ୍ୟର ତା'ର ଆପଣା ଭିତରେହିଁ ପରିପୂର୍ଣ୍ଣ ଏକକ ବିକାଶ ଅର୍ଥାତ୍ ମନୁଷ୍ୟବ୍ୟକ୍ତିର ଅଧିକରୁ ଅଧିକ ପରିପୂର୍ଣ୍ଣତାଲାଭ, ଦ୍ୱିତୀୟଟି ଗୋଷ୍ଠୀ ଅର୍ଥାତ୍ ସମଷ୍ଟିଗତ ସତ୍ତାର ପୂର୍ଣ୍ଣାଙ୍ଗ ବିକାଶ ବା ମନୁଷ୍ୟସମାଜର ଅଧିକରୁ ଅଧିକ ପରିପୂର୍ଣ୍ଣତାଲାଭ ଏବଂ, ଅଧିକ ପରିମାଣରେ ପ୍ରୟୋଜନଗତ ସୀମିତ କ୍ଷେତ୍ରରେ ଏହାର ଆକାର, ତୃତୀୟଟି ହେଉଛି ବ୍ୟକ୍ତି ତଥା ସମାଜ ସହିତ ବ୍ୟକ୍ତିର ପୂର୍ଣ୍ଣାଙ୍ଗ ବା ଯଥାସମ୍ଭବ ଉତ୍କୃଷ୍ଟ ସମ୍ବନ୍ଧର ସ୍ଥାପନ, ଗୋଟିଏ ଗୋଷ୍ଠୀ ବା ସମଷ୍ଟିର ଆଉ ଗୋଟିଏ ଗୋଷ୍ଠୀ ବା ସମଷ୍ଟି ସହିତ ଯଥାସମ୍ଭବ ଉତ୍କୃଷ୍ଟ ସମ୍ବନ୍ଧର ସ୍ଥାପନ । ବେଳେବେଳେ କେବଳ ବ୍ୟକ୍ତିର ବିକାଶ ଉପରେହିଁ ଅତିରିକ୍ତ ବା ସର୍ବପ୍ରଧାନ ଗୁରୁତ୍ୱ ଦିଆଯାଇଥାଏ, କେତେବେଳେ ସାମୂହିକ ଜୀବନ ବା ସମାଜର ବିକାଶ ଉପରେ ଅତିରିକ୍ତ ଜୋର ଦିଆଯାଏ ଏବଂ ଆଉ କେତେବେଳେ ବ୍ୟକ୍ତି ଓ ସମୂହ ଅର୍ଥାତ୍ ମନୁଷ୍ୟସମୁଦାୟ ମଧ୍ୟରେ ଯଥାର୍ଥ ଓ ସନ୍ତୁଳିତ ସମ୍ବନ୍ଧ ସ୍ଥାପନ କରି ରଖିବାକୁ ମଧ୍ୟ ଏକାନ୍ତ ଅଗ୍ରାଧିକାର ଦିଆଯାଏ । ଗୋଟିଏ କଳ୍ପନା ଆମ ଅସ୍ତିତ୍ୱର ଯଥାର୍ଥ ଲକ୍ଷ୍ୟ ହିସାବରେ ମାନବ-ସତ୍ତାର ବୃଦ୍ଧିମନ୍ତ ଜୀବନ, ତାର ସ୍ୱାତନ୍ତ୍ର୍ୟ ବା ପୂର୍ଣ୍ଣାଙ୍ଗତାକୁ ସବୁଠାରୁ ଉଚ୍ଚ କରି ଧରିଥାଏ; ସେତେବେଳେ ତାହା କେବଳ ମାନବସତ୍ତାର ଏକ ବନ୍ଧନମୁକ୍ତ ଆତ୍ମ-ଅଭିବ୍ୟକ୍ତିକୁ ବା ପରିପୂର୍ଣ୍ଣ ମନ, ରୁଚିସମ୍ପନ୍ନ ଓ ବିଭବମୟ ପ୍ରାଣ ଏବଂ ପୂର୍ଣ୍ଣାଙ୍ଗ ଶରୀରକୁ ଏକତ୍ର କରି ଧରିଥିବା ଏକ ଆତ୍ମନିୟନ୍ତ୍ରିତ ସମଗ୍ରତାକୁ ଅଥବା ଏକ ଚିଦ୍‌ଗତ ପରିପୂର୍ଣ୍ଣତା ଏବଂ ବିମୁକ୍ତିକୁ ଆଦର୍ଶ ବୋଲି ଘୋଷଣା କରିଥାଏ । ଏହି ଦୃଷ୍ଟିକୋଣଟି ଅନୁସାରେ କେବଳ ବ୍ୟକ୍ତିମନୁଷ୍ୟର କ୍ରିୟାଶୀଳତା ଓ ଅଭିବୃଦ୍ଧିରହିଁ ଏକ କ୍ଷେତ୍ରରୂପେ ଏଠାରେ ସମାଜର ଏକ ଆବଶ୍ୟକତା ରହିଛି ଏବଂ ବ୍ୟକ୍ତିର ଭାବନା, କର୍ମ, ବିକାଶ ଓ ସତ୍ତାଗତ ପୂର୍ଣ୍ଣତମ ସମ୍ଭାବନାର ବିକାଶ ଲାଗି ସମାଜ ଯେତିକି ପରିମାଣରେ ଏକ ପ୍ରଶସ୍ତ ପରିସର, ପ୍ରଚୁର ସାଧନ, ଯଥେଷ୍ଟ ସ୍ୱାତନ୍ତ୍ର୍ୟ ଓ ଦିଗ୍‌ଦର୍ଶନ ଯୋଗାଇ ଦେଇପାରୁଛି, ତାହା ସେତିକି ଯଥାର୍ଥ ଭାବରେହିଁ ଆପଣାର କର୍ତ୍ତବ୍ୟ ସମ୍ପାଦନ କରୁଛି । ଏକ ବିରୋଧୀ କଳ୍ପନା ସମୂହ ବା ସାମୂହିକ ଜୀବନକୁହିଁ ସର୍ବପ୍ରଥମ ବା

'oaob.nitrkl.ac.in' images reprocessed

ଏକମାତ୍ର ମହତ୍ତ୍ୱ ଦେଇଥାଏ; ତାହା ଜାତି ବା ସମଷ୍ଟିର ଅସ୍ତିତ୍ୱ ଓ ଅଭିବୃଦ୍ଧିକୁହିଁ ସବୁକିଛି ବୋଲି ବୁଝେ । ବ୍ୟକ୍ତି କେବଳ ସମାଜଲାଗି ଅଥବା ମନୁଷ୍ୟଜାତି ଲାଗି ବଞ୍ଚିରହିବ, ଅଥବା ଏପରିକି ସମାଜରୂପୀ ଶରୀରଟିର ସେ କେବଳ ଗୋଟିଏ କୋଷ ମାତ୍ର ବୋଲି ତାହା ଘୋଷଣା କରିଥାଏ ଓ ଏତିକି ବ୍ୟତୀତ ବ୍ୟକ୍ତିର ଜନ୍ମ ହେବା ପଛରେ ଆଉ କୌଣସି ପ୍ରୟୋଜନ କିମ୍ବା ଅଭିପ୍ରାୟ ନାହିଁ, ପ୍ରକୃତି ମଧ୍ୟରେ ତା'ର ଅବସ୍ଥିତି ପଛରେ ଆଉ ଅନ୍ୟ କୌଣସି ଅର୍ଥ ନାହିଁ ଓ ପ୍ରକୃତି ମଧ୍ୟରେ ତାହାର ଅନ୍ୟକୌଣସି କାର୍ଯ୍ୟ ନାହିଁ ବୋଲି କହିଥାଏ । ଅଥବା ଦାବି କରିଥାଏ ଯେ ଜାତି, ସମାଜ ବା ଗୋଷ୍ଠୀ ହେଉଛି ଏକ ସମୂହବାଚକ ସତ୍ତା; ଆପଣାର ସଂସ୍କୃତି, ପ୍ରାଣଶକ୍ତି, ଆଦର୍ଶ, ଅନୁଷ୍ଠାନ ଓ ଆତ୍ମ-ଅଭିବ୍ୟକ୍ତିର ଅନ୍ୟ ସକଳ ମାଧ୍ୟମରେ ତାହା ଆପଣାର ଆତ୍ମାଟିକୁ ପ୍ରକାଶ କରି ଦେଇଥାଏ । ସଂସ୍କୃତିର ସେହି ଗ୍ରନ୍ଥିଟି ଭିତରେ ବ୍ୟକ୍ତିର ଜୀବନ କେବଳ ଆପଣାକୁ ଢାଳିଦେବ ଓ ସେହି ଅନୁସାରେ ଆପଣାକୁ ଗଢ଼ିକରି ରଖିବ; ସେ ସେହି ପ୍ରାଣଶକ୍ତିରହିଁ ସେବା କରିବ ଏବଂ ସାମୂହିକ ଅସ୍ତିତ୍ୱଟିକୁ ବଜାୟ ରଖିବାପାଇଁ ଓ ତାହାକୁହିଁ ପୂର୍ଣ୍ଣତରଦକ୍ଷ କରି ରଖିବାପାଇଁ ଆପଣାକୁ ଏକ ନମିତ୍ତରୂପେ ପରିଣତ କରିଦେଇହିଁ ସେ ବଞ୍ଚି ରହିବ । ଏବଂ ତୃତୀୟ କଳ୍ପନାଟି ଅନୁସାରେ ଅନ୍ୟ ମନୁଷ୍ୟମାନଙ୍କ ସହିତ ତା'ର ଆଚରଣଗତ ଓ ସାମାଜିକ ସମ୍ବନ୍ଧଗୁଡ଼ିକ ଉପରେହିଁ ମନୁଷ୍ୟର ପରିପୂର୍ଣ୍ଣତା ନିହିତ ରହିଛି ବୋଲି କୁହାଯାଏ । ମଣିଷ ହେଉଛି ଏକ ସାମାଜିକ ଜୀବ, ତାକୁ ସମାଜପାଇଁହିଁ ଜୀବନଧାରଣ କରି ରହିବାକୁ ପଡ଼ିବ; ଅନ୍ୟମାନଙ୍କ ପାଇଁ ଓ ଜାତି ବା ସମଷ୍ଟିର କାମରେ ଲାଗିବାପାଇଁ ବଞ୍ଚି ରହିବାକୁ ପଡ଼ିବ । ଅପର ପକ୍ଷରେ ସମାଜ ମଧ୍ୟ ସମସ୍ତଙ୍କର ସେବାଲାଗି ରହିଛି; ସବୁ ମଣିଷଙ୍କ ଲାଗି ସମ୍ୟକ୍ ସମ୍ବନ୍ଧ, ସମ୍ୟକ୍ ଶିକ୍ଷା ଓ ଦୀକ୍ଷା, ସମ୍ୟକ୍ ଆର୍ଥିକ ସୁଯୋଗ ତଥା ଜୀବନ ଧାରଣର ଏକ ସମ୍ୟକ୍ ଆଦର୍ଶ ଯୋଗାଇଦେବା ଲାଗି ସମାଜ ରହିଛି । ପୁରାତନ ସଂସ୍କୃତିଗୁଡ଼ିକରେ ଏହି ସମାଜ ବା ଗୋଷ୍ଠୀର ଜୀବନ ଉପରେ ଓ ବ୍ୟକ୍ତିକୁ ସେହି ସମାଜ ଭିତରେ ଖାପ ଖୁଆଇନେବା ଉପରେ ସବୁଠାରୁ ଅଧିକ ଗୁରୁତ୍ୱ ଦିଆ ଯାଇଥିଲା; ମାତ୍ର ତାହା ସହିତ ପୂର୍ଣ୍ଣାଙ୍ଗତାପ୍ରାପ୍ତ ବ୍ୟକ୍ତିର ଆଦର୍ଶଟି ମଧ୍ୟ ବିକାଶଲାଭ କରିଥିଲା । ପୁରାତନ ଭାରତରେ ଆଧ୍ୟାତ୍ମିକ ବ୍ୟକ୍ତିର ଆଦର୍ଶହିଁ ପ୍ରଧାନତମ ଆଦର୍ଶ ହୋଇ ରହିଥିଲା, ମାତ୍ର ତଥାପି ସମାଜ ଉପରେହିଁ ଚରମ ମହତ୍ତ୍ୱ ନ୍ୟସ୍ତ କରାଯାଇ ଥିଲା; କାରଣ କେବଳ ସେହି ସମାଜ ଭିତରେ ଓ ସମାଜର ଗଠନକ୍ଷମ ପ୍ରଭାବଗୁଡ଼ିକ ଦ୍ୱାରା ପ୍ରଭାବିତ ହୋଇହିଁ ବ୍ୟକ୍ତିକୁ ପ୍ରଥମେ ଭୌତିକ, ପ୍ରାଣଗତ ତଥା ମାନସିକ ସୋପାନର ସାମାଜିକ ସ୍ଥିତିଗୁଡ଼ିକର ମଧ୍ୟଦେଇ ଅଗ୍ରସର ହେବାକୁ ପଡ଼ୁଥିଲା; କୌଣସି ଯଥାର୍ଥତର ଆତ୍ମୋପଲବ୍ଧି ଏବଂ ମୁକ୍ତ ଅଧ୍ୟାତ୍ମଜୀବନ ଲାଗି ଉପଯୁକ୍ତ ହୋଇପାରିବା ପୂର୍ବରୁ ତାକୁ ଏହି ସମାଜ ଭିତରେହିଁ ଆପଣା ଅହଂ, ଅଭିଳାଷ,

'oaob.nitrkl.ac.in' images reprocessed

ଜ୍ଞାନର ଅନ୍ୱେଷଣ ଓ ସମ୍ୟକ୍ ଜୀବନଯାପନର ତୃପ୍ତିସାଧନ କରିବାକୁ ପଡ଼ୁଥିଲା । ଆଧୁନିକ ଯୁଗକୁ ଆସି ଜାତି ବା ସମୂହର ଜୀବନ ଉପରେହିଁ ଯାବତୀୟ ମହତ୍ତ୍ୱ ଦିଆଗଲା, ଏକ ପରିପୂର୍ଣ୍ଣ ଆଦର୍ଶ ସମାଜର ଅନ୍ୱେଷଣ ଉପରେହିଁ ସବୁ ଜୋର ଦିଆଗଲା; ଏବଂ ତା'ପରେ ସମଗ୍ର ମାନବସମାଜର ଜୀବନକୁ ଯଥାର୍ଥ ଭାବରେ ସଂଗଠିତ କରି ରଖିବା ଏବଂ ବିଜ୍ଞାନର ନାନା ଉପାୟରେ ସମାଜକୁ ଗୋଟାଏ ବଡ଼ ଯନ୍ତ୍ରପରି ନିର୍ଖୁଣ କରି ଗଢ଼ିବା ଉପରେହିଁ ସବୁଠାରୁ ଅଧିକ ମନୋନିବେଶ ହେଲା । ବର୍ତ୍ତମାନ ବ୍ୟକ୍ତିକୁ ବୃହତ୍ତର ସମୂହ ବା ସାମୂହିକତା ଭିତରେ କେବଳ ଜଣେ ସଦସ୍ୟପରି ଦେଖିବାର ଏକ ପ୍ରବୃତ୍ତି ଅଧିକତର ଭାବରେ ପ୍ରକାଶ ପାଇଲାଣି, ତାହାକୁ ଜାତି ବା ସମୁଦାୟ ଭିତରେ କେବଳ ଗୋଟାଏ ଏକକ ପରି ଦେଖିବାର ପ୍ରବୃତ୍ତି ଦେଖାଗଲାଣି । ଏହି ଏକକଟିକୁ ସଦାବେଳେ ସମାଜର ସର୍ବସାଧାରଣ ଉଦ୍ଦେଶ୍ୟ ତଥା ସମୂହ ସ୍ୱାର୍ଥଟିର ଅଧୀନ କରି ରଖିବାକୁ ହେବ ବୋଲି ବୁଝାଯାଉଛି; ବ୍ୟକ୍ତି ଯେ ସ୍ୱୟଂ ଗୋଟିଏ ମାନସିକ ତଥା ଆଧ୍ୟାତ୍ମିକ ସତ୍ତା ଏବଂ ତା'ର ଯେ ବଞ୍ଚିରହିବା ଲାଗି ଏକ ସ୍ୱକୀୟ ତଥା ସ୍ୱତନ୍ତ୍ର ଅଧିକାର ଓ ସାମର୍ଥ୍ୟ ରହିଛି, ସେଇଟିକୁ ଅତି କମ୍ ସ୍ୱୀକାର କରାଯାଉଛି ଅଥବା ଆଦୌ ସ୍ୱୀକାର କରାଯାଉ ନାହିଁ । ଏହି ପ୍ରବୃତ୍ତିଟି ଅବଶ୍ୟ ସବୁଆଡ଼େ ଆପଣାର ପରାକାଷ୍ଠାରେ ପହଞ୍ଚି ନାହିଁ, ମାତ୍ର ସବୁଠାରେ ତାହା କ୍ଷିପ୍ରଗତିରେ ବୃଦ୍ଧି ପାଉଛି ଏବଂ ପ୍ରଧାନତମ ପ୍ରବୃତ୍ତିଟିରେ ପରିଣତ ହେବାକୁ ଯାଉଛି ।

ଏହିପରି ଭାବରେ, ମନୁଷ୍ୟର ଚିନ୍ତାଜଗତରେ ନାନା ଅସ୍ଥିର ଦୋଳନ ମଧ୍ୟରେ ଗୋଟିଏ ପାଖରେ ମନୁଷ୍ୟବ୍ୟକ୍ତି ଆପଣାର ଯଥାର୍ଥ ଆତ୍ମପ୍ରତିଷ୍ଠାଟିକୁ ଆବିଷ୍କାର କରି ତାହାରି ଅନୁସରଣ କରିବାକୁ ପ୍ରବୃତ୍ତ ହେଉଛି ବା ସେଥିଲାଗି ତାକୁ ଆହ୍ୱାନ କରାଯାଉଛି; ତା'ର ନିଜର ମନ, ପ୍ରାଣ ତଥା ଶରୀରର ବିକାଶସାଧନ କରିବାଲାଗି ଓ ତା'ର ନିଜର ଆଧ୍ୟାତ୍ମିକ ପରିପୂର୍ଣ୍ଣତା ଲାଗି ଆଗଭର ହେବାଲାଗି ଆହ୍ୱାନ ଦିଆଯାଉଛି । ଏବଂ ଅନ୍ୟ ପାଖରେ ତାକୁ ଆପଣାର ସ୍ୱକୀୟ ସତ୍ତାଟିକୁ ଏକାବେଳକେ ମୂଳପୋଛ କରିଦେଇ ଆପଣାକୁ ସମାଜ ବା ସମୂହର ଅଧୀନ କରି ରଖିବାଲାଗି ଆହ୍ୱାନ ଦିଆଯାଇଛି; ସମୂହର ବିଚାର, ଆଦର୍ଶ, ଇଚ୍ଛା, ସହଜାତ ବୃତ୍ତି ତଥା ସ୍ୱାର୍ଥଗୁଡ଼ିକୁ ଆପଣାର ବିଚାର ଓ ଆଦର୍ଶ ଇତ୍ୟାଦିରୂପେ ମାନିନେବାକୁ ତାକୁ କୁହାଯାଇଛି । ତା'ର ପ୍ରକୃତି ତାକୁ ଆପଣାଲାଗି ବଞ୍ଚିରହିବା ଲାଗି ପ୍ରବୃତ୍ତ କରୁଛି ଏବଂ ତାହାରି ଭିତରେ ଅଧିକ ଗଭୀର ହୋଇ ଅବସ୍ଥିତ ରହିଥିବା ଆଉକିଛି ତାକୁ ତା'ର ବ୍ୟକ୍ତିତ୍ୱଟିର ପ୍ରତିଷ୍ଠା କରିବାଲାଗି ଉଦ୍‌ବୋଧନ ଦେଉଛି । ସମାଜ ଏବଂ ଏକ ମନୋଗତ ଆଦର୍ଶ ତାକୁ ସମଗ୍ର ମାନବଜାତି ପାଇଁ ବଞ୍ଚିବାକୁ ଓ ସମାଜର ବୃହତ୍ତର କଲ୍ୟାଣଲାଗି ଆପଣାକୁ ଉତ୍ସର୍ଗ କରି ରଖିବାକୁ ଆହ୍ୱାନ ଦେଉଛନ୍ତି । ଗୋଟିଏ ଦିଗରେ ଆତ୍ମପ୍ରତିଷ୍ଠା ଓ

'oaob.nitrkl.ac.in' images reprocessed

ତାହାର ସ୍ୱାର୍ଥସାଧନର ତତ୍ତ୍ୱଟି ସହିତ ଅନ୍ୟଦିଗରୁ ପରାର୍ଥପରତାର ତତ୍ତ୍ୱଟି ଆସି ସଂଘାତ ତଥା ବିରୋଧ ଲଗାଇଦେଉଛି । ତେଣେ ରାଷ୍ଟ୍ର ମଧ୍ୟ ଆପଣା ଦାବିଗୁଡ଼ିକର ଏକ ଦେବତ୍ୱପିରୂଳାକୁ ନେଇ ଠିଆ କରିଦେଉଛି; ବ୍ୟକ୍ତି ତାହାର ସମ୍ପୂର୍ଣ୍ଣ ବାଧ୍ୟ ଓ ଅନୁଗତ ହୋଇ ରହୁ ବୋଲି ଦାବି କରୁଛି, ତାହାର ଗୋଷ୍ଠୀସୁଦ୍ଧା ଅଧୀନ ହୋଇ ରହି ଆପଣାକୁ ଗୋଷ୍ଠୀସୁଦ୍ଧା ବିସର୍ଜନ କରିପକାଉ ବୋଲି ଦାବି କରୁଛି । ଏହିସବୁ ଅତିସ୍ଫୀତ ଓ ଅତିଉଗ୍ର ଦାବିଗୁଡ଼ିକ ସମ୍ମୁଖରେ ଠିଆ ହୋଇ ବ୍ୟକ୍ତିକୁ ଆପଣା ଆଦର୍ଶ, ଆପଣାର ବିଚାର, ଆପଣା ବ୍ୟକ୍ତିତ୍ୱ ତଥା ଆପଣା ବିବେକର ଅଧିକାରଗୁଡ଼ିକୁ ପ୍ରତିଷ୍ଠିତ କରି ରଖିବାକୁ ପଡ଼ୁଛି । ଏଥିରେ ଆଦୌ କୌଣସି ସନ୍ଦେହ ନାହିଁ ଯେ ନାନା ଆଦର୍ଶ ଓ ଆବଶ୍ୟକତା ମଧ୍ୟରେ ଏହି ଯେଉଁସବୁ ସଂଘାତ ତଥା ଦ୍ୱନ୍ଦ୍ୱମାନ ଦେଖାଦେଉଛି, ମନୁଷ୍ୟର ମନ ଭିତରେ ଆସ୍ଥାନମାଡ଼ି ରହିଥିବା ଅବିଦ୍ୟାର ସତେଅବା ଅନ୍ଧାର ଭିତରେ ବାଡ଼ି ବୁଲାଇବା ବ୍ୟତୀତ ତାହା ଆଉ କିଛି ନୁହେଁ; ସେହି ଅବିଦ୍ୟା ଆପଣାର ବାଟଟିକୁ ଖୋଜିବାରେ ଲାଗିଛି, ସତ୍ୟର ବିଭିନ୍ନ ଦିଗକୁ ଧରିବାଲାଗି ପ୍ରୟାସ କରୁଛି ସତ, ମାତ୍ର ସେଗୁଡ଼ିକୁ ଏକାଠି ଗୋଟିଏ ସମଗ୍ରସତ୍ତା ମଧ୍ୟରେ ସମଗ୍ରରୂପେ ଧରିବାଲାଗି ତା'ର ଜ୍ଞାନ ଭିତରେ ସେହି ଆବଶ୍ୟକ ସମଗ୍ରତାଟିର ଅଭାବ ରହିଥିବାରୁହିଁ ସେ ଅସଲ ସତ୍ୟଟିକୁ ଆଦୌ ଧରି ପାରୁ ନାହିଁ । ଯେଉଁ ଜ୍ଞାନ ଏକତ୍ୱ ଓ ସମଞ୍ଜସତାର ବିଧାନ କରି ପାରୁଥିବ, କେବଳ ତାହାଦ୍ୱାରାହିଁ ବାଟ ମିଳିବ; ମାତ୍ର ଜ୍ଞାନ ହେଉଛି ଆମ ସତ୍ତାର ଏକ ଗଭୀରତର ତତ୍ତ୍ୱଭୂମିର ଜ୍ଞାନ, ଯେଉଁଠାରେ କି ଏକତ୍ୱ ଓ ସର୍ବସମାବେଶକତା ସ୍ୱଭାବସିଦ୍ଧ ହୋଇ ରହିଛି । ଆମ ଭିତରେ କେବଳ ସେହି ଜ୍ଞାନଟିର ଆବିଷ୍କାର କରିପାରିଲେ ଯାଇ ଆମେ ଆମ ଜୀବନଗତ ଏହି ସମସ୍ୟାଟିର ଯଥାର୍ଥ ସମାଧାନ କରିପାରିବା ଏବଂ ତାହା ସହିତ ବ୍ୟକ୍ତିଗତ ତଥା ସାମୂହିକ ଜୀବନଯାପନର ଗୋଟିଏ ଯଥାର୍ଥ ବାଟ ବାହାର କରିବାର ସମସ୍ୟାଟିରେ ମଧ୍ୟ ଏକ ସମାଧାନ ପାଇଯିବା ।

ସବୁରି ଉପରେ ଏକ ପରମସତ୍ୟ ରହିଛି, ସକଳ ଅସ୍ତିତ୍ୱର ଏପରି ଏକ ସତ୍ୟ ରହିଛି ଯାହାକି ଆପଣାର ଏହି ଯାବତୀୟ ରୂପାୟନ ତଥା ଅଭିବ୍ୟକ୍ତିଠାରୁ ଅଧିକ ବୃହତ୍ ଓ ଅଧିକ ସ୍ଥାୟୀ । ସେହି ପରମସତ୍ୟଟିକୁ ଆବିଷ୍କାର କରି ତାହାରି ମଧ୍ୟରେ ଜୀବନ ବିତାଇବା, ଆପଣାକୁ ତାହାରି ଏକ ଯଥାସମ୍ଭବ ପରିପୂର୍ଣ୍ଣ ରୂପାୟନ ଓ ଅଭିବ୍ୟକ୍ତିରୂପେ ଗଢ଼ିପାରିବା,—ବ୍ୟକ୍ତିର ଜୀବନରେ ହେଉ ଅଥବା ସମୂହର ଜୀବନରେ ହେଉ, ତାହାହିଁ ପରିପୂର୍ଣ୍ଣତା ଲାଭ କରିବାର ନିଗୂଢ଼ ସତ୍ୟ ହୋଇ ରହିବା ଉଚିତ । ଏହି ପରମସତ୍ୟ ବସ୍ତୁମାତ୍ରକେ ପ୍ରତ୍ୟେକ ମଧ୍ୟରେ ଅବସ୍ଥିତ ରହିଛି, ଆପଣାର ପ୍ରତ୍ୟେକ ରୂପାୟନକୁ ସେହି ସତ୍ୟହିଁ ତା'ର ସତ୍ତାଗତ ସତ୍ୟଟିକୁ ପ୍ରଦାନ

'oaob.nitrkl.ac.in' images reprocessed

କରିଛି, ତା'ର ସତ୍ତ୍ୱାଗତ ମୂଲ୍ୟଟିକୁ ମଧ୍ୟ ପ୍ରଦାନ କରି ରଖିଛି । ଏହି ବିଶ୍ୱଜଗତ ମଧ୍ୟ କେବଳ ସେହି ପରମସତ୍ୟରହିଁ ଅଭିବ୍ୟକ୍ତି; ବିଶ୍ୱଜଗତ ମଧ୍ୟରେ ବିଶ୍ୱସତ୍ତ୍ୱର ଏକ ସତ୍ୟ ଓ ଏକ ଶକ୍ତି, ଏକ ବିଶ୍ୱ-ଆତ୍ମା ବା ବିଶ୍ୱ-ଚିଦ୍‌ସତ୍ତ୍ୱ ବର୍ତ୍ତମାନ ରହିଛି । ଏହି ମନୁଷ୍ୟ-ଭୂମି ହେଉଛି ବିଶ୍ୱଜଗତ ମଧ୍ୟରେ ରହିଥିବା ସେହି ପରମସତ୍ୟରହିଁ ଗୋଟିଏ ରୂପାୟନ ବା ଗୋଟିଏ ଅଭିବ୍ୟକ୍ତି; ତେଣୁ ମନୁଷ୍ୟଭୂମିର ମଧ୍ୟ ଗୋଟିଏ ସତ୍ୟ ଓ ଗୋଟିଏ ଆତ୍ମା ରହିଛି, ଏକ ଚିତ୍‌ସତ୍ତ୍ୱ ରହିଛି, ମନୁଷ୍ୟଜୀବନର ଏକ ଚରମ ନିୟତି ମଧ୍ୟ ରହିଛି । ମନୁଷ୍ୟର ସମାଜ ବା ଗୋଷ୍ଠୀଜୀବନ ହେଉଛି ସେହି ପରମସତ୍ୟର ଏକ ଅଭିବ୍ୟକ୍ତି, ମନୁଷ୍ୟ ଭିତରେ ଅବସ୍ଥିତ ସେହି ଚିତ୍‌ସତ୍ତ୍ୱରହିଁ ଏକ ପରିପ୍ରକାଶ; ଏବଂ ତେଣୁ ତା'ର ସାମୂହିକ ଗଠନସତ୍ତ୍ୱାଟିର ମଧ୍ୟ ଏକ ସତ୍ୟ ରହିଛି, ଏକ ଆତ୍ମା ରହିଛି ଏବଂ ଏକ ଶକ୍ତି ମଧ୍ୟ ରହିଛି । ବ୍ୟକ୍ତି ମଧ୍ୟ ସେହି ପରମସତ୍ୟର ଏକ ରୂପାୟନ; ଏବଂ ତେଣୁ ବ୍ୟକ୍ତିର ଏକ ସତ୍ୟ ରହିଛି, ଏକ ଆତ୍ମସତ୍ତ୍ୱା ଓ ଆତ୍ମା ରହିଛି ବା ଚିଦ୍‌ବସ୍ତୁ ରହିଛି ଯାହାକି ମନୁଷ୍ୟର ମନ, ପ୍ରାଣ ଓ ଦେହର ମାଧ୍ୟମରେ ଆପଣାକୁ ବ୍ୟକ୍ତ କରିପାରୁଛି, ଏବଂ ଯାହା ଏହି ମନ, ପ୍ରାଣ ତଥା ଦେହର ଅତୀତ ହୋଇ ରହିଛି ଏବଂ ଏପରିକି ମନୁଷ୍ୟ-ସୀମାର ଅତୀତ ହୋଇ ରହିଛି, ସେଇଟି ମଧ୍ୟରେ ବି ତାହା ଆପଣାକୁ ବ୍ୟକ୍ତ କରିଦେଇ ପାରିବ । କାରଣ ଆମର ଏହି ମନୁଷ୍ୟଭୂମିଟିହିଁ ପରମସତ୍ୟର ସମୁଦାୟ ଭୂମି ନୁହେଁ ଅଥବା ତାହାର ସର୍ବୋତ୍କୃଷ୍ଟ ଆତ୍ମରୂପାୟନ ବା ଆତ୍ମପ୍ରକାଶ ମଧ୍ୟ ନୁହେଁ । ମନୁଷ୍ୟର ଆବିର୍ଭାବ ହେବା ପୂର୍ବରୁ ବି ପରମସତ୍ୟ ଏକ ଅବମାନବୀୟ ରୂପାୟନ ଓ ଆତ୍ମ-ବିସୃଜନକୁ ସ୍ୱୀକାର କରିଛି ଏବଂ ମନୁଷ୍ୟର ପରବର୍ତ୍ତୀ ସୋପାନରୂପେ କିମ୍ବା ସେହି ମନୁଷ୍ୟର ଭିତରେହିଁ ତାହା ଏକ ଅତିମାନବୀୟ ରୂପାୟନ ଏବଂ ଆତ୍ମବିସୃଜନକୁ ସ୍ୱୀକାର କରିନେଇ ପାରିବ । ଚିଦ୍‌ବସ୍ତୁ ବା ଚିଦ୍‌ସତ୍ତ୍ୱରୂପୀ ମନୁଷ୍ୟ କେବଳ ଏହି ମନୁଷ୍ୟଭୂମିରେହିଁ କଦାପି ସୀମାବଦ୍ଧ ହୋଇ ରହି ନାହିଁ । ଆଗରୁ ସେ ମାନବତାଠାରୁ ଏକ ନିମ୍ନତର ସୋପାନରେ ରହିଥିଲା ଏବଂ ଏହାପରେ ମାନବତା ଅପେକ୍ଷା ଏକ ଉଚ୍ଚତର ସୋପାନକୁ ମଧ୍ୟ ଉଠିଯାଇ ପାରିବ । ବିଶ୍ୱଜଗତର ମଧ୍ୟଦେଇ ମନୁଷ୍ୟ ଆପଣାର ପରିଚୟ ପାଇଲାପରି ଏହି ବିଶ୍ୱଜଗତ ମଧ୍ୟ ମନୁଷ୍ୟର ମଧ୍ୟଦେଇ ଆପଣାର ପରିଚୟ ପାଉଛି । ମାତ୍ର ଏହି ବିଶ୍ୱଜଗତକୁ ବଳିଯାଇ ଆହୁରି ଅଧିକ କିଛି ହୋଇ ପାରିବାର ଶକ୍ତି ମଧ୍ୟ ତା' ଭିତରେ ରହିଛି; କାରଣ ଏହି ବିଶ୍ୱର ସୀମାକୁ ଅତିକ୍ରମ କରି ଆପଣା ଭିତରେ, ଏହି ଜଗତ ଭିତରେ ତଥା ଏହାକୁ ଅତିକ୍ରମ କରି ଅବସ୍ଥିତ ରହିଥିବା ଏକ ପରମ ସମଗ୍ରତ୍ୱକ୍ଷେତ୍ରରେ ପ୍ରବେଶ କରିବାଲାଗି ମଧ୍ୟ ତାହାର ସାମର୍ଥ୍ୟ ଅଛି । ମନୁଷ୍ୟ ତାହାର ଗୋଷ୍ଠୀଗତ କ୍ଷେତ୍ରଟିରେହିଁ ଆବଦ୍ଧ ହୋଇ ରହି ନାହିଁ । ଅବଶ୍ୟ ଏକଥା ସତ ଯେ ଗୋଟିଏ ଦୃଷ୍ଟିରୁ ବିଚାର କଲେ ତା'ର ମନ ଓ ପ୍ରାଣ ତା'ର ଗୋଷ୍ଠୀମନ ଓ ଗୋଷ୍ଠୀପ୍ରାଣର ଅଂଶ ହୋଇ ରହିଛି; ମାତ୍ର

'oaob.nitrkl.ac.in' images reprocessed

ତଥାପି ତା' ଭିତରେ ଏପରି କିଛି ରହିଛି ଯାହାକି ଏଗୁଡ଼ିକୁ ଅତିକ୍ରମ କରି ଆହୁରି ଆଗକୁ ଚାଲିଯାଇ ପାରିବ । ବ୍ୟକ୍ତି ସକାଶେ ବା ବ୍ୟକ୍ତି ମଧ୍ୟରେହିଁ ଗୋଷ୍ଠୀ ତିଷ୍ଠି ରହିଛି, କାରଣ ଗୋଷ୍ଠୀ ଭିତରେ ବାସ କରୁଥିବା ବ୍ୟକ୍ତିମାନଙ୍କର ମନ, ପ୍ରାଣ ଓ ଶରୀରକୁ ନେଇହିଁ ଗୋଷ୍ଠୀ ବା ସମାଜର ମନ, ପ୍ରାଣ ଓ ଶରୀର ଗଠିତ ହୋଇଛି । ଯଦି ବ୍ୟକ୍ତିକୁ ବିଚ୍ଛିନ୍ନ କରି ନିଆଯାଏ ଅଥବା ବ୍ୟକ୍ତିମାନଙ୍କୁ ନେଇ ଗଠିତ ହୋଇଥିବା ସମଷ୍ଟିଟିକୁ ଭାଙ୍ଗି ଦିଆଯାଏ, ତେବେ ଗୋଷ୍ଠୀର ଆଉ କୌଣସି ଅସ୍ତିତ୍ୱ ରହିବ ନାହିଁ, ଗୋଷ୍ଠୀ ମଧ୍ୟ ଖଣ୍ଡ ଖଣ୍ଡ ହୋଇଯିବ; ଅବଶ୍ୟ ଏକଥା ସମ୍ଭବ ଯେ ଏହାର କୌଣସି ଭାବ ବା ସାମର୍ଥ୍ୟ ହୁଏତ ଅନ୍ୟ ବ୍ୟକ୍ତିମାନଙ୍କ ମଧ୍ୟରେ ପୁନର୍ବାର ଆପଣାକୁ ଏକ ଗଠନରୂପ ଦେବାକୁ ଚେଷ୍ଟା କରିବ । ମାତ୍ର ବ୍ୟକ୍ତି ସମାଜର ଶରୀରକୁ ଗଠନ କରିଥିବା କେବଳ ଏକ କୋଷମାତ୍ର ନୁହେଁ; ସମଷ୍ଟିରୂପ ପିଣ୍ଡଟିରୁ ତାକୁ ବିଚ୍ଛିନ୍ନ କିମ୍ବା ବହିଷ୍କୃତ କରିଦେଲେ ସେ ତଥାପି ବଞ୍ଚି ରହିବ, ତାହାର ଏକ ସତ୍ତା ତଥାପି ରହିବ । କାରଣ ସମଷ୍ଟି କହି କିମ୍ବା ଗୋଷ୍ଠୀ କହି, ସମୁଦାୟ ମନୁଷ୍ୟଭୂମି କହିଲେ କେବଳ ତାହାକୁହିଁ ବୁଝାଇବ ନାହିଁ ଏବଂ ଏପରିକି ଏହି ପୃଥିବୀ କହିଲେ ମଧ୍ୟ କେବଳ ତାହାକୁହିଁ କଦାପି ବୁଝାଇବ ନାହିଁ । ଗୋଟିଏ ସମଷ୍ଟି ଭାଙ୍ଗିଗଲେ ମନୁଷ୍ୟବ୍ୟକ୍ତି ମନୁଷ୍ୟମାନଙ୍କର ଆଉକୌଣସି ସମଷ୍ଟିରେ ଅଥବା ଏହି ପୃଥିବୀରେ ଏକାକୀ ମଧ୍ୟ ବାସ କରିପାରିବ । ଗୋଷ୍ଠୀର ଜୀବନଟି ସେହି ଗୋଷ୍ଠୀରେ ବାସ କରୁଥିବା ବ୍ୟକ୍ତିମାନଙ୍କର ଜୀବନ ଉପରେ ପ୍ରାଧାନ୍ୟ ବିସ୍ତାର କରି ରହିଥାଏ ସତ, ମାତ୍ର ତଥାପି ତାହା ସେମାନଙ୍କର ସମୁଦାୟ ଜୀବନଟିକୁ ଆଦୌ ଆବୋରି କରି ରହି ନଥାଏ । ଯଦି ସମଷ୍ଟି ବା ଗୋଷ୍ଠୀର ସତ୍ତାଟି ବ୍ୟକ୍ତିମାନଙ୍କର ଜୀବନଦ୍ୱାରାହିଁ ଆପଣାକୁ ପ୍ରତିଷ୍ଠିତ କରି ରଖିଥାଏ, ତେବେ ବ୍ୟକ୍ତିର ମଧ୍ୟ ଆପଣାର ଏକ ସ୍ୱକୀୟ ସତ୍ତା ଅବଶ୍ୟ ରହିଛି ଯାହାକୁ କି ସେ ଗୋଷ୍ଠୀ ବା ସମଷ୍ଟିର ଜୀବନ ମଧ୍ୟରେ ପ୍ରତିଷ୍ଠିତ କରି ରଖିବାକୁ ଚାହୁଁଥାଏ । ମାତ୍ର ବ୍ୟକ୍ତି ଆପଣାର ସମାଜ ବା ସମଷ୍ଟି ସହିତ କେବେହେଲେ ଗୋଟାସୁଦ୍ଧା ବାନ୍ଧିହୋଇ ରହି ନଥାଏ; କୌଣସି ଆଉ ଏକ ସମାଜ ବା ସମଷ୍ଟିର ଜୀବନ ଭିତରେ ମଧ୍ୟ ସେ ଆପଣାକୁ ବେଶ୍ ପ୍ରତିଷ୍ଠିତ କରିପାରେ, ଅଥବା, ଯଦି ତା' ଭିତରେ ଯଥେଷ୍ଟ ଶକ୍ତି ରହିଥାଏ, ତେବେ ଏକ ଭ୍ରାମ୍ୟମାଣ ଯାଯାବର ଜୀବନ ଯାପନ କରିପାରେ କିମ୍ବା ତପସ୍ୱୀର ଏକାନ୍ତ ଓ ନିର୍ଜନବାସୀ ଜୀବନକୁ ବରି ନେଇପାରେ; ଯଦି ସେ ସେଠାରେ ଏକ ପରିପୂର୍ଣ୍ଣ ଭୌତିକ ବା ଅନ୍ନମୟ ଜୀବନ ଯାପନ କରି ବା ସମ୍ଭବ କରି ନପାରେ, ତେବେ ଏକ ଆଧ୍ୟାତ୍ମିକ ଜୀବନମାର୍ଗକୁ ସ୍ୱୀକାର କରିନେଇ ଆପଣାର ସତ୍ୟସ୍ୱରୂପ ତଥା ଅନ୍ତରଧିଷ୍ଠିତ ସତ୍ତାଟିର ଆବିଷ୍କାର ବି କରିପାରେ ।



'oaob.nitrkl.ac.in' images reprocessed

ବସ୍ତୁତଃ ଏହି ବ୍ୟକ୍ତି ହେଉଛି ଏହି ବିବର୍ତ୍ତନଗତ ସକଳ ଗତିସ୍ପନ୍ଦନର ଅସଲ ଚାବିକାଠି। କାରଣ ବ୍ୟକ୍ତିହିଁ ଆପଣାର ଆବିଷ୍କାର କରେ, ପରମସତ୍ୟଟିର ଚେତନାଟିକୁ ଉପଲବ୍ଧି କରେ। ସାମୂହିକ ଜୀବନର ଯାବତୀୟ ଗତିସ୍ପନ୍ଦନ ହେଉଛି ମୁଖ୍ୟତଃ ଏକ ଅବଚେତନ ଓ ଗଣଧର୍ମୀ ଗତିସ୍ପନ୍ଦନ। ଚେତନାସମ୍ପନ୍ନ ହେବାକୁ ହେଲେ ତାହାକୁ କେବଳ ବ୍ୟକ୍ତିମାନଙ୍କ ମାଧ୍ୟମରେହିଁ ଆପଣାକୁ ରୂପାୟିତ ତଥା ବ୍ୟକ୍ତ କରିବାକୁ ପଡ଼ିଥାଏ। ସାମୂହିକ ଜୀବନର ସାଧାରଣ ଗଣଚେତନାଟି ସର୍ବଦା ସେହି ସମୂହମଧ୍ୟସ୍ଥ ସବୁଠାରୁ ଅଧିକ ବିକଶିତ ବ୍ୟକ୍ତିମାନଙ୍କର ଚେତନା ତୁଳନାରେ ଅପେକ୍ଷାକୃତ କମ୍ ବିକଶିତ ହୋଇଥାଏ; ଏବଂ ସେହି ବ୍ୟକ୍ତିମାନଙ୍କର ଜୀବନଗତ ପ୍ରଭାବକୁ ତାହା ଯେତିକି ପରିମାଣରେ ଗ୍ରହଣ କରିପାରେ ଓ ସେମାନେ ଯେଉଁଟିର ବିକାଶ କରୁଛନ୍ତି, ଆପଣା ଭିତରେ ମଧ୍ୟ ତାହାର ବିକାଶ ଘଟାଇପାରେ, ସାମୂହିକ ଜୀବନ ପ୍ରାୟ ଠିକ୍ ସେତିକି ପରିମାଣରେହିଁ ଅଗ୍ରଗତି କରିଥାଏ। ମନୁଷ୍ୟବ୍ୟକ୍ତିର ସର୍ବୋଚ୍ଚ ଆନୁଗତ୍ୟ କୌଣସି ରାଷ୍ଟ୍ରପାଇଁ ନୁହେଁ କିମ୍ବା କୌଣସି ସମାଜ ବା ସମୂହର ଜୀବନଲାଗି ନୁହେଁ; ରାଷ୍ଟ୍ର ହେଉଛି ଗୋଟାଏ ଯନ୍ତ୍ର, ଏବଂ ସମାଜ ବା ସମୂହ ମଧ୍ୟ ବୃହତ୍ତର ସମଗ୍ର ଜୀବନର କେବଳ ଗୋଟିଏ ଅଂଶ, କଦାପି ସମୁଦାୟ ଅଂଶ ନୁହେଁ। ତାହାର ଚରମ ଆନୁଗତ୍ୟ କେବଳ ସେହି ପରମ ସତ୍ୟଲାଗି ରହିବ, ଆତ୍ମାଲାଗି ରହିବ, ପରମ ଚିଦ୍‌ଗତତା ଲାଗି ଓ ପରମ ଦିବ୍ୟତା ଲାଗି ରହିବ, ଯାହାକି ତା'ର ନିଜ ଭିତରେ ଓ ସବୁରି ଭିତରେ ବିଦ୍ୟମାନ ରହିଛି। ବ୍ୟକ୍ତି ଆପଣାକୁ କୌଣସି ଗଣସମଷ୍ଟିର ଅଧୀନ କରି ରଖିବ ନାହିଁ ଅଥବା ତାହାରି ଭିତରେ ଆପଣାକୁ ହଜାଇ ଦେବ ନାହିଁ; ମାତ୍ର ତାହାରି ଭିତରେ ପ୍ରଚ୍ଛନ୍ନ ହୋଇ ରହିଥିବା ସତ୍ତାଗତ ସତ୍ୟଟିକୁ ଆବିଷ୍କାର କରିବା, ସେଇଟିକୁହିଁ ବ୍ୟକ୍ତ କରିବା ଏବଂ ଆପଣାର ସମାଜ ତଥା ସମଗ୍ର ମନୁଷ୍ୟସମାଜକୁ ମଧ୍ୟ ଆପଣା ସତ୍ତାଟିର ସତ୍ୟ ଓ ପରିପୂର୍ଣ୍ଣତାର ଅନ୍ୱେଷଣ କରିବାରେ ସାହାଯ୍ୟ କରିବାହିଁ ବ୍ୟକ୍ତିଜୀବନର ପ୍ରକୃତ ଲକ୍ଷ୍ୟ ହୋଇ ରହିବ। ମାତ୍ର ବ୍ୟକ୍ତିର ଜୀବନ ବା ତା' ଭିତରେ ରହିଥିବା ଆଧ୍ୟାତ୍ମିକ ପରମସତ୍ୟର ସାମର୍ଥ୍ୟଟି ପ୍ରକୃତରେ କେତେଦୂର କାର୍ଯ୍ୟକାରୀ ହେବ, ତାହା ସର୍ବଦା ତା' ନିଜ ବିକାଶ ଉପରେହିଁ ନିର୍ଭର କରୁଥିବ। ସେ ଯେପର୍ଯ୍ୟନ୍ତ ଉପଯୁକ୍ତ ଭାବରେ ବିକଶିତ ହୋଇ ନଥିବ, ସେପର୍ଯ୍ୟନ୍ତ ତାକୁ ଆପଣାର ଏହି ଅବିକଶିତ ଜୀବନଟିକୁ ନାନାଭାବେ ଯାହାକିଛି ତାହାଠାରୁ ବୃହତ୍ତର, ତାହା ପାଖରେ ଅଧୀନ କରି ରଖିବାକୁ ପଡ଼ିବ। ଅଧିକରୁ ଅଧିକ ବିକଶିତ ହେବା ସଙ୍ଗେ ସଙ୍ଗେ ସେ ଏକ ଚିଦ୍‌ଗତ ସ୍ୱାତନ୍ତ୍ର୍ୟର ନିକଟ-ବର୍ତ୍ତୀ ହେବାରେ ଲାଗିଥିବ; ମାତ୍ର ତାହାର ଏହି ସ୍ୱାତନ୍ତ୍ର୍ୟକୁ ଆମେ ସର୍ବଗତ ଜୀବନଠାରୁ ସମ୍ପୂର୍ଣ୍ଣ ବିଚ୍ଛିନ୍ନ ଏକ ବସ୍ତୁରୂପେ କଳ୍ପନା କରିପାରିବା ନାହିଁ; ସେଇଟି ସହିତ ଏହା ସର୍ବଦା ଏକତ୍ର ଏକ ଏକତ୍ୱବଦ୍ଧତାର ସୂତ୍ରରେ ବାନ୍ଧିହୋଇ ରହିଛି, କାରଣ ସେଇଟି ମଧ୍ୟ

'oaob.nitrkl.ac.in' images reprocessed

ମର୍ମତଃ ସେହି ଆତ୍ମସତ୍ତା ବା ଚିଦ୍‌ସତ୍ତା ବ୍ୟତୀତ ଆଉ କିଛି ନୁହେଁ । ଆଧ୍ୟାତ୍ମିକ ପୂର୍ଣ୍ଣ ସ୍ୱାତନ୍ତ୍ର୍ୟ ଆଡ଼କୁ ଅଗ୍ରସର ହେବା ସଙ୍ଗେ ସଙ୍ଗେ ବ୍ୟକ୍ତି ଆଧ୍ୟାତ୍ମିକ ଏକତ୍ୱ ଆଡ଼କୁ ବି ଅଗ୍ରସର ହୋଇ ଯାଉଥିବ । ଗୀତାର ଭାଷାରେ ଆପଣାକୁ ଆଧ୍ୟାତ୍ମିକ ଭାବରେ ଉପଲବ୍ଧି କରିଥିବା ମୁକ୍ତ ବ୍ୟକ୍ତି ହେଉଛି ଜଣେ 'ସର୍ବଭୂତହିତେ ରତ' ହୋଇଥିବା ବ୍ୟକ୍ତି । ନିର୍ବାଣର ମାର୍ଗଟିକୁ ଆବିଷ୍କାର କରିବାକୁ ଯାଇ ବୁଦ୍ଧଙ୍କୁ ମଧ୍ୟ ଏହି ଜଗତମଧ୍ୟକୁ ପୁଣି ଫେରିଆସିବାକୁ ପଡ଼ିଥିଲା ଓ ଯେଉଁମାନେ ପ୍ରକୃତ ସତ୍ତାର ଅଥବା ଯାହାକୁ ଅସତ୍ତା ବୋଲି କୁହାଯାଇଛି, ସେହି ପରମସତ୍ତାର ସତ୍ୟଟିରୁ ବିଚ୍ୟୁତ ହୋଇ ଭେଦ ଓ ଅହଂବୋଧ ଦ୍ୱାରା ରଚିତ ସତ୍ତାଟିର ଭ୍ରମ ମଧ୍ୟରେ ନିପତିତ ହୋଇ ରହିଛନ୍ତି, ସେହିମାନଙ୍କ ସକାଶେହିଁ ସେହି ମାର୍ଗଟିକୁ ଉନ୍ମୁକ୍ତ କରିଦେବାକୁ ପଡ଼ିଥିଲା । ପରମ ନିର୍ବିଶେଷ ଓ ନିଷ୍କଳ ସତ୍ତାଙ୍କର ଆକର୍ଷଣକୁ ଯେତେ ଶକ୍ତିଶାଳୀ ଭାବରେ ଅନୁଭବ କରିଥିଲେ ମଧ୍ୟ ବିବେକାନନ୍ଦ ତଥାପି ଏହି ସଂସାରର ମନୁଷ୍ୟସମାଜ ଭିତରେହିଁ ଛଦ୍ମବେଶୀ ଓ ନରରୂପୀ ନାରାୟଣଙ୍କର ଆହ୍ୱାନକୁ ଅନୁଭବ କରିଥିଲେ ଓ ଦୁଃଖଗ୍ରସ୍ତ ଓ ପତିତ ମାନବର ଆର୍ତ୍ତିନାଦକୁହିଁ ସବୁଠାରୁ ଅଧିକ ସ୍ପଷ୍ଟଭାବରେ ଶୁଣି ପାରିଥିଲେ; ବିଶ୍ୱଜଗତର ଏହି ଅନ୍ଧକାରଜର୍ଜର ଭୂମିଟି ଉପରେ ଆତ୍ମା ଉଦ୍ଦେଶ୍ୟରେ ଆତ୍ମାର ଡାକଟିକୁ ଅନୁଭବ କରିଥିଲେ । ପ୍ରତ୍ୟେକ ଜାଗ୍ରତ ମନୁଷ୍ୟବ୍ୟକ୍ତି ପାଇଁ ତା'ର ସତ୍ତାଗତ ସତ୍ୟଟିର ଉପଲବ୍ଧି ଏବଂ ତା'ର ଅନ୍ତର୍ଗତ ମୁକ୍ତି ତଥା ଅନ୍ତର୍ଗତ ପରିପୂର୍ଣ୍ଣତାହିଁ ଅନ୍ୱେଷଣର ପ୍ରଥମ ବସ୍ତୁ ହୋଇ ରହିବା ଉଚିତ; ହଁ, ପ୍ରଥମ ବସ୍ତୁ ହୋଇ ରହିବା ଉଚିତ, କାରଣ ତାହାହିଁ ହେଉଛି ତା' ମଧ୍ୟରେ ଅବସ୍ଥିତ ପରମ ଚିଦ୍‌ଗତତାର ଆହ୍ୱାନ; ଏବଂ ତାହାର ଆଉ ଗୋଟିଏ କାରଣ ବି ହେଉଛି ଯେ କେବଳ ଆପଣାର ମୁକ୍ତିବିଧାନ ଅର୍ଥାତ୍ ସତ୍ତାଗତ ସତ୍ୟଟିର ପରିପୂର୍ଣ୍ଣତା ତଥା ଉପଲବ୍ଧି ଦ୍ୱାରାହିଁ ମନୁଷ୍ୟ ଯଥାର୍ଥ ଜୀବନଯାପନର ଭୂମିରେ ଆସି ଉପନୀତ ହୋଇପାରିବ । କେବଳ ବ୍ୟକ୍ତିମାନଙ୍କର ପରିପୂର୍ଣ୍ଣତାକୁ ଆଧାର କରିହିଁ ଏକ ପରିପୂର୍ଣ୍ଣ ଓ ପୂର୍ଣ୍ଣାଙ୍ଗ ଗୋଷ୍ଠୀଜୀବନ ସମ୍ଭବ ହୋଇପାରେ; ସମାଜ ବା ଗୋଷ୍ଠୀର ପ୍ରତ୍ୟେକ ବ୍ୟକ୍ତି ଯେତେବେଳେ ଆପଣାର ଚିଦ୍‌ଗତ ସତ୍ତାଟିର ଆବିଷ୍କାର କରିପାରିବେ ଓ ଜୀବନରେ ତାହାକୁ ପ୍ରତିଷ୍ଠିତ କରି ରଖିପାରିବେ, ଯେତେବେଳେ ସେମାନେ ସମସ୍ତେ ଆପଣାର ଚିଦ୍‌ଗତ ଏକତ୍ୱଟିକୁ ଆବିଷ୍କାର କରିପାରିବେ ଓ ତାହାର ପରିଣାମସ୍ୱରୂପ ଜୀବନର ଭୂମିଟିରେ ମଧ୍ୟ ସେହି ଏକତ୍ୱଟିର ପରିଚୟ ପାଇବେ, କେବଳ ସେତିକବେଳେ ଯାଇ ପରିପୂର୍ଣ୍ଣତା ସମ୍ଭବ ହେବ । ଆମର ଅନ୍ତର୍ଗତ ସତ୍ତା ଏବଂ ଚିଦ୍‌ଗତ ଜୀବନସତ୍ୟଟି ଏହି ନୈମିତ୍ତିକ ଜଗଦସ୍ତିତ୍ୱର ଯାବତୀୟ ସତ୍ୟକୁ ଆପଣା ଭିତରେ ସ୍ୱୀକାର କରିନେଇ ତାହାକୁ ଏକତ୍ୱ, ସମଗ୍ରତା ତଥା ସୌଷମ୍ୟଦ୍ୱାରା ଅନୁପ୍ରେରିତ କରି ନଦେବା ପର୍ଯ୍ୟନ୍ତ ଆମ ଜୀବନରେ କୌଣସି ଯଥାର୍ଥ ପରିପୂର୍ଣ୍ଣତା

'oaob.nitrkl.ac.in' images reprocessed

କଦାପି ସମ୍ଭବ ହେବ ନାହିଁ । ଆମ ଭିତରେ ରହିଥିବା ଚିଦ୍‌ଗତ ପରମସତ୍ୟଟିକୁ ଆବିଷ୍କାର କରିବା ଏବଂ ତାହାକୁ ପ୍ରକାଶିତ କରିବାକୁହିଁ ଆମର ଯଥାର୍ଥ ଓ ଏକମାତ୍ର ସ୍ୱାଧୀନତା ବୋଲି ବୁଝାଯିବ, ଏବଂ ଆମ ପ୍ରକୃତିର ସକଳ ଉପାଦାନରେ ସେହି ଚିଦ୍‌ଗତ ପରମସତ୍ୟକୁହିଁ ଅଧିପତିରୂପେ ବସାଇବା ଓ ଆତ୍ମପ୍ରକାଶିତ କରାଇବାକୁହିଁ ଯଥାର୍ଥ ପୂର୍ଣ୍ଣତାଲାଭର ଏକମାତ୍ର ଉପାୟ ବୋଲି ବୁଝାଯିବ ।

ଆମର ଏହି ପ୍ରକୃତି ଏକ ଜଟିଳ ପ୍ରକୃତି, ଏବଂ ଏହାର ଜଟିଳତା ଭିତରେ ରହିଥିବା କୌଣସି ପୂର୍ଣ୍ଣାଙ୍ଗ ଏକତା ଏବଂ ପରିପୂର୍ଣ୍ଣତାଟିର ଉଦ୍‌ଘାଟନ କରିପାରିବା ଲାଗି ଆମ ହାତରେ ଏକ ଉପଯୁକ୍ତ ସୂତ୍ର ରହିଥିବା ଦରକାର । ଜଡ଼ସ୍ତରର ଭୌତିକ ଜୀବନ ହେଉଛି ଏହି ପ୍ରକୃତିର ବିବର୍ତ୍ତନଗତ ସର୍ବପ୍ରଥମ ଭୂମି । ପ୍ରକୃତି ସେହି ଭୂମିରୁହିଁ ଆପଣାର କାର୍ଯ୍ୟ ଆରମ୍ଭ କରିଥିଲା, ଏବଂ ମନୁଷ୍ୟକୁ ମଧ୍ୟ ଠିକ୍ ସେହିଠାରୁ ଆରମ୍ଭ କରିବାକୁ ପଡ଼ିବ । ତାହାକୁ ସର୍ବପ୍ରଥମେ ଆପଣାର ଅନ୍ନମୟ ତଥା ପ୍ରାଣମୟ ଜୀବନରେ ପ୍ରତିଷ୍ଠିତ ହେବାକୁ ପଡ଼ିବ । ମାତ୍ର ଯଦି ସେ ସେତିକରେ ଅଟକିଯାଏ, ତେବେ ତା'ଲାଗି ଆଉ କୌଣସି ବିବର୍ତ୍ତନ ସମ୍ଭବ ହେବ ନାହିଁ । ଜଡ଼ସ୍ଥ ଏହି ଜୀବନଗ୍ରାମ ମଧ୍ୟରେ ଆପଣାକୁ ଏକ ମନୋମୟ ସତ୍ତାରୂପେ ଉପଲବ୍ଧି କରିପାରିବା ହେଉଛି ତା'ର ପରବର୍ତ୍ତୀ କର୍ତ୍ତବ୍ୟ ଓ ବୃହତ୍ତର କର୍ତ୍ତବ୍ୟ; ଅର୍ଥାତ୍ ବ୍ୟକ୍ତିଗତ ତଥା ସାମାଜିକ ଜୀବନରେ ଆପଣାକୁ ଯଥାସମ୍ଭବ ଅଧିକ ପୂର୍ଣ୍ଣତାପ୍ରାପ୍ତ ଏକ ମନୋମୟ ସତ୍ତାରୂପେ ଦେଖିବାକୁ ପାଇବା ହେଉଛି ତାର କର୍ତ୍ତବ୍ୟ । ହେଲେନିକ୍ ଅର୍ଥାତ୍ ଗ୍ରୀକ୍ ଦର୍ଶନ ଇଉରୋପୀୟ ସଭ୍ୟତାକୁ ଏହି ଦିଗ୍‌ଦର୍ଶନଟି ଦେଇଥିଲା ଏବଂ ସଂଗଠିତ ସତ୍ତା ବା କ୍ଷମତାଶକ୍ତିର ଆଦର୍ଶଦ୍ୱାରା ରୋମାନ୍ ସଭ୍ୟତା ସେଇଟିକୁ ପୁନର୍ବଳିତ କରିଦେଲା, —ବା ତାହାକୁ ଦୁର୍ବଳ କରିଦେଲା । ବୁଦ୍ଧିପୂର୍ବଗତ ବିଚାରକୁହିଁ ସର୍ବମୀମାଂସକ ଧର୍ମ ବୋଲି ମାନିବା, ସମୀକ୍ଷାତ୍ମକ, ପ୍ରୟୋଜନବାଦୀ ତଥା ସଂଗଠନ ଓ ସଂଯୋଗଦ୍ୱାରା ରଚିତ ଏକ ବୁଦ୍ଧି-ଆଶ୍ରିତ ବିଚାରଦ୍ୱାରା ଜୀବନର ବ୍ୟାଖ୍ୟା କରିବା ଏବଂ ବିଜ୍ଞାନର ସାର୍ବଜନୀନ ସୂତ୍ରଗୁଡ଼ିକ ଦ୍ୱାରାହିଁ ଜୀବନର ନିୟମନ ଓ ଶାସନ କରିବା,—ଏସବୁକୁ ଏହି ପ୍ରେରଣାଟିର ଅଦ୍ୟତମ ପ୍ରାପ୍ତଫଳ ବୋଲି ବୁଝିହୋଇ ପାରିବ । ମାତ୍ର ପୁରାତନ ଯୁଗରେ ସତ୍ୟ, କଲ୍ୟାଣ ଓ ସୌନ୍ଦର୍ଯ୍ୟର ଏକ ଆଦର୍ଶର ଅନୁଧାବନ କରିବା ଏବଂ ସେହି ଆଦର୍ଶଟି ଅନୁସାରେ ଆମର ମନ, ପ୍ରାଣ ଓ ଶରୀରକୁ ପରିପୂର୍ଣ୍ଣତା ଓ ସୌଷମ୍ୟ ଆଣିଦେବାହିଁ ଉଚ୍ଚତର ସୃଜନାତ୍ମକ ତଥା ଗତିଶୀଳ ଉପାଦାନରୂପେ ପରିଗଣିତ ହେଉଥିଲା । ମାତ୍ର ମନ ଯଥେଷ୍ଟ ପରିମାଣରେ ବିକଶିତ ହୋଇଉଠିବା ପରେ ସାଧନାର ଏହି ସୋପାନଟି ଡେଇଁ ହୋଇଯାଏ ଏବଂ ମନୁଷ୍ୟ ଭିତରେ ଆଧ୍ୟାତ୍ମିକ ବା ଚିଦ୍‌ଗତ ସାଧନାର ଅଭୀପ୍ସା ଜାଗ୍ରତ ହୁଏ, ଆପଣା ଭିତରୁ ଏକ ଆତ୍ମସତ୍ତା ଓ ସତ୍ତାଗତ

'oaob.nitrkl.ac.in' images reprocessed

ଅନ୍ତରତମ ଏକ ସତ୍ୟର ପରିଚୟ ମିଳେ ଏବଂ ମନୁଷ୍ୟର ମନ ଓ ପ୍ରାଣ ସେହି ପରମ ଚିଦ୍‌ବସ୍ତୁର ସତ୍ୟ ମଧ୍ୟକୁ ଉନ୍ମୋଚିତ ହୋଇଯାଆନ୍ତି । ସେହି ଚିଦ୍‌ସତ୍ତାର ସାମର୍ଥ୍ୟ ଦ୍ୱାରା ମନରେ ପୂର୍ଣ୍ଣତା ଆସେ ଏବଂ ଚିଦ୍‌ସତ୍ତା ମଧ୍ୟରେ ସକଳ ସତ୍ତା ଏକତା, ଏକସୂତ୍ରବଦ୍ଧତା ଓ ପାରସ୍ପରିକତା ମଧ୍ୟରେ ଅବସ୍ଥିତ ରହିଥିବାର ଅନୁଭୂତ ହୁଏ । ବୌଦ୍ଧଧର୍ମ ତଥା ଆଉକେତେକ ପ୍ରାଚୀନ ଧର୍ମ ଏହି ପ୍ରାଚ୍ୟ ଆଦର୍ଶଟିକୁ ଏସିଆ ଓ ମିଶରର ଉପକୂଳାଞ୍ଚଳଗୁଡ଼ିକୁ ବହନ କରି ନେଇଥିଲେ ଓ ସେଠାରୁ ତାହା ଖ୍ରୀଷ୍ଟିଆନ୍ ଧର୍ମଧାରାଟି ଦ୍ୱାରା ଇଉରୋପ ମଧ୍ୟକୁ ପ୍ରବାହିତ ହୋଇ ଆସିଥିଲା । ମାତ୍ର ପ୍ରାଚୀନ ସଭ୍ୟତାଗୁଡ଼ିକୁ ପ୍ରାୟ ବୁଡ଼ାଇ ବିଲୁପ୍ତ କରି ଦେଇଥିବା ବର୍ବରତାର ବନ୍ୟାପ୍ଲାବନ ସେଠାରେ ଯେଉଁ ଅନିଶ୍ଚିତତା ଓ ଅନ୍ଧକାରକୁ ସୃଷ୍ଟି କରି ରଖିଥିଲା, ତାହାରି ଭିତରେ ଏହି ଆଦର୍ଶ ଓ ପ୍ରେରଣାଗୁଡ଼ିକ ମଶାଲର କ୍ଷୀଣ ଆଲୋକପରି କିୟତ୍‌କାଳ ଜଳିବାକୁ ଲାଗିଲେ ଓ ତା'ପରେ ଆଧୁନିକ ଭାବପ୍ରବାହଟି ଦ୍ୱାରା ସମ୍ପୂର୍ଣ୍ଣରୂପେ ବର୍ଜିତ ହେଲେ । ଏହି ଆଧୁନିକ ଯୁଗଟି ହାତରେ ଆଉଗୋଟିଏ ଆଲୋକ ଥିଲା, ତାହା ହେଉଛି ବିଜ୍ଞାନର ଆଲୋକ । ଏହି ଆଧୁନିକ ଭାବପ୍ରେରଣା ଓ ଆକାଙ୍କ୍ଷା କେବଳ ଆର୍ଥିକ ଓ ସାମାଜିକ କ୍ଷେତ୍ରରେହିଁ ଚରମ ଉତ୍କର୍ଷର ଅନୁଧାବନ କରିଛି; ସଭ୍ୟତା ତଥା ଆୟାସମୁକ୍ତ ଜୀବନର ଭୌତିକ ସଂଗଠନକୁ ଆଦର୍ଶରୂପେ ଗ୍ରହଣ କରିଛି । ଯେଉଁ ପ୍ରୟୋଜନବାଦୀ ବୁଦ୍ଧିପ୍ରଧାନତା ଦ୍ୱାରା ମନୁଷ୍ୟବ୍ୟକ୍ତି ଏକ ପୂର୍ଣ୍ଣତାପ୍ରାପ୍ତ ଅର୍ଥନୀତିମୂଳ ସମାଜରେ ଜଣେ ପରିପୂର୍ଣ୍ଣ ସାମାଜିକ ଜୀବ ହୋଇ ତିଆରି ହୋଇ ପାରିବ, ତାହାକୁହିଁ ଏକ ସାର୍ବଜନୀନ ସମ୍ପଦରେ ପରିଣତ କରିବାଲାଗି ଏହି ଆଧୁନିକ ଜୀବନଦୃଷ୍ଟି ବୁଦ୍ଧିଗତ ବିସ୍ତାର, ବିଜ୍ଞାନ ଓ ଶିକ୍ଷାକୁ ଆପଣାର ସାଧନରୂପେ ବ୍ୟବହାର କରିଛି । ଏବଂ କେତେକାଳ ଯାଏ ପୂର୍ବର ସେହି ଚିଦ୍‌ଗତ ଆଦର୍ଶଟିରୁ ଯାହାକିଛି ଅବଶେଷ ରହିଲା, ତାହାକୁ ଆମେ ମନୋମୟ ଓ ଆନ୍ତରଗତ କେବଳ ଏକ ମାନବିକତାବାଦ ବୋଲିହିଁ କହିପାରିବା ଯେଉଁଥିରେ ଧର୍ମର ଗନ୍ଧମାତ୍ର ନାହିଁ; ଏବଂ ଏକ ସମାଜଗତ ନୀତିବାଦ ବୋଲି ବି କହିପାରିବା ଯାହାକି ଏକ ଧର୍ମପ୍ରେରଣାଯୁକ୍ତ ଓ ବ୍ୟକ୍ତିଗତ ନୀତିନିଷ୍ଠତାର ଏକ ସ୍ୱୟଂସମ୍ପୂର୍ଣ୍ଣ ବିକଳ୍ପରୂପେ ବିବେଚିତ ହେବାକୁ ଲାଗିଲା । ଏତିକିଯାଏ ଆସି ପହଞ୍ଚିବାପରେ ମନୁଷ୍ୟସମାଜ ଆପଣାକୁ ଆପଣାର ଏହି ପ୍ରବୃତ୍ତିଗତ ବେଗଦ୍ୱାରା ତାଡ଼ିତ ହୋଇ ଏକ ଆଶୟଗତ ଅରାଜକତା ଭିତରେ ଆସି ପଶି ଯାଇଥିବାର ଦେଖିବାକୁ ପାଇଲା, ଆପଣାର ଜୀବନକ୍ଷେତ୍ରରେ ଏକ ଅରାଜକତାର ସମ୍ମୁଖୀନ ହେଲା ଯେଉଁଥିରେ କି ସ୍ୱୀକୃତ ସକଳ ମୂଲ୍ୟ ଅନାମୀ ବୋଲି ବର୍ଜିତ ହୋଇ ରହିଲା, ଏବଂ ତା'ର ସାମାଜିକ ସଂଗଠନ, ଜୀବନାଚରଣ ତଥା ସଂସ୍କୃତିକ୍ଷେତ୍ରରେ ସତେଅବା ସବୁ ଭୂମି ଏକାବେଳକେ ଭୁଷୁଡ଼ି ଗଲାପରି ମନେହେଲା ।

'oaob.nitrkl.ac.in' images reprocessed

କାରଣ, ସଚେତନ ଭାବରେ କେବଳ ଭୌତିକ ଓ ଅର୍ଥନୀତିଗତ ଜୀବନଟା ଉପରେ ଏପରି ଅତିରିକ୍ତ ଗୁରୁତ୍ୱ ଦେବାର ଏହି ଆଦର୍ଶଟି ବସ୍ତୁତଃ ସଭ୍ୟତାର ସକଳ ପରିପାଟୀ ସହିତ ମନୁଷ୍ୟ-ଇତିହାସର ସେହି ଆଦିମ ପ୍ରଥମ ଅବସ୍ଥାଟିକୁ ଫେରିଯିବା ବ୍ୟତୀତ ଆଉ ଅନ୍ୟକିଛି ନଥିଲା; ଆପଣାର ସେହି ପ୍ରଥମ ଅବସ୍ଥାରେ ମନୁଷ୍ୟ ଯେପରି କେବଳ ପ୍ରାଣ ଓ ଜଡ଼କୁ ନେଇ ଏକାନ୍ତ ଭାବରେ ଲିପ୍ତ ହୋଇ ରହିଥିଲା, ବର୍ତ୍ତମାନ ମଧ୍ୟ ଠିକ୍ ସେହିପରି ଘଟିଲା; ପରିଣତ ମାନବର ମନୋଗତ ବିପୁଳ ଐଶ୍ୱର୍ଯ୍ୟ ଓ ଭୌତିକ ବିଜ୍ଞାନର ଅଭୂତପୂର୍ବ ପୂର୍ଣ୍ଣବିକାଶର ଅଧିକାରୀ ହୋଇ ମନୁଷ୍ୟ ଏଣେ ଆଧ୍ୟାତ୍ମିକ ବିକାଶର ଭୂମିରେ ପଛମୁହାଁ ହୋଇ ପଛକୁ ଫେରିଗଲା । ମନୁଷ୍ୟଜୀବନର ଜଟିଳ ସମଗ୍ରତାଟି ମଧ୍ୟରେ ଏକ ଅନ୍ୟତମ ଉପାଦାନ ହିସାବରେ ଏକ ପୂର୍ଣ୍ଣତାପ୍ରାପ୍ତ ଅର୍ଥନୀତିଗତ ଓ ଭୌତିକ ଜୀବନ ଉପରେ ଏହିଭଳି ଏକ ଗୁରୁତ୍ୱ ଦେବାର ଅବଶ୍ୟ ମୂଲ୍ୟ ରହିଛି; ମାତ୍ର କେବଳ ତାହାରି ଉପରେହିଁ ସବୁଯାକ ଗୁରୁତ୍ୱ ଆରୋପ କରିଦେବା ମଧ୍ୟରେ ମନୁଷ୍ୟସମାଜ ଲାଗି ତଥା ବିବର୍ତ୍ତନର ପ୍ରକ୍ରିୟାଟି ଲାଗି ମଧ୍ୟ ଅନେକ ବିପଦ ନିହିତ ହୋଇ ରହିଛି । ପ୍ରଥମ ବିପଦଟି ହେଉଛି ଏକ ସଭ୍ୟ ଆଭରଣ ତଳେ ପୁଣି ସେହି ପୁରାତନ ପ୍ରାଣପ୍ରଧାନ ଓ ଜଡ଼ାଭିମୁଖୀ ବର୍ବର ମଣିଷର ପ୍ରାଦୁର୍ଭାବ ବିସ୍ତାର କରିବାର ବିପଦ । ଏକଥା ଅବଶ୍ୟ ସତ ଯେ ଭୌତିକ ବିଜ୍ଞାନ ଆମ ହାତରେ ଏପରି ଶକ୍ତିଶାଳୀ ସାଧନମାନ ଆଣିଦେଇଛି, ଯାହା ଫଳରେ କି ଅଧିକ ବଳବାନ୍ ଆଦିମ ଗୋଷ୍ଠୀଗୁଡ଼ିକ ଦ୍ୱାରା ଆମର ଏହି ଜର୍ଜର ସଭ୍ୟତାଟି ଭାଙ୍ଗିରୁଜି ଯିବାର କିମ୍ବା ବିନଷ୍ଟ ହୋଇଯିବାର ହୁଏତ ଆଦୌ କୌଣସି ଆଶଙ୍କା ନାହିଁ । ମାତ୍ର ଆମରି ଭିତରେ, ଅର୍ଥାତ୍ ସଭ୍ୟ ମନୁଷ୍ୟ ଭିତରେହିଁ ସେହି ବର୍ବର ପୁଣି ପ୍ରବଳ ହୋଇ ଉଠିବାର ଆଶଙ୍କା ରହିଛି, ଏବଂ ବର୍ତ୍ତମାନ ଆମର ଚତୁର୍ଦ୍ଦିଗରେ ଆମେ ସେହି କଥାହିଁ ଦେଖିବାକୁ ପାଉଛୁ । କାରଣ, ଆମ ଭିତରେ ରହିଥିବା ପ୍ରାଣପ୍ରଧାନ ଓ ଜଡ଼ଗ୍ରସ୍ତ ମନୁଷ୍ୟଟିକୁ ଆପଣାର ନିୟନ୍ତ୍ରଣରେ ରଖି ତାହାକୁ ଉତ୍ତୋଳିତ କରିନେବା ପାଇଁ ଯଦି କୌଣସି ଉଚ୍ଚ ତଥା ସାଧନାସାପେକ୍ଷ ମାନସିକ ଏବଂ ନୈତିକ ଆଦର୍ଶ ନଥାଏ, ଏବଂ ମନୁଷ୍ୟକୁ ତା'ର ଆପଣା କବଳ ଭିତରୁ ମୁକ୍ତ କରି ତା'ର ଅନ୍ତର୍ଗତ ସତ୍ତା ମଧ୍ୟରେ ଆଣି ପ୍ରବିଷ୍ଟ କରାଇବାକୁ ଯଦି କୌଣସି ଆଧ୍ୟାତ୍ମିକ ଆଦର୍ଶ ନଥାଏ, ତେବେ ସେହି ଆଶଙ୍କାଟି ଫଳିବହିଁ ଫଳିବ । ଏବଂ ଏପରିକି ବର୍ବର ଅବସ୍ଥାକୁ ଲେଉଟି ଯିବାର ସେହି ଆଶଙ୍କାଟିକୁ ଏଡ଼ାଇ ଦିଆଯାଇ ପାରିଲେ ମଧ୍ୟ ଏହି ପଥରେ ଆଉ ଏକ ବିପଦ ବି ରହିଛି; କାରଣ ସମ୍ଭବତଃ ଏହାର ଆଉ ଏକ ପରିଣାମରୂପେ ବିବର୍ତ୍ତନ ଲାଗି ଆମର ଆକୂତିଟି ମଧ୍ୟ ସମ୍ପୂର୍ଣ୍ଣ ଭାବରେ ନିର୍ବାପିତ ହୋଇଯିବ; ସେଇଟି ସୁଖ ଓ ଆରାମଦାୟକ ଏପରି ଏକ ଯନ୍ତ୍ରବତ୍ ସାମାଜିକ ଜୀବନ ଭିତରେ କଠିନ ଦାନା ବାନ୍ଧି ରହିଯିବ ଯେ ସେଥିରେ ଆଦୌ କିଛି ଆଦର୍ଶ ନଥିବ, କୌଣସି ପୁରୋଦୃଷ୍ଟି

'oaob.nitrkl.ac.in' images reprocessed

ମଧ୍ୟ ନଥିବ । ଆଉ କୌଣସି କିଛିର ସହାୟ ନନେଇ କେବଳ ବୁଦ୍ଧିସର୍ବସ୍ୱ ବିଷୟର ମାନବଜାତିକୁ ତା'ର ପ୍ରଗତି ପଥରେ ଅଧିକକାଳ ଅବିଚଳ ରଖିପାରିବ ନାହିଁ; ଗୋଟିଏ ପାଖରେ ପ୍ରାଣ ତଥା ଦେହ ଓ ଅନ୍ୟ ପାଖରେ ତା' ମଧ୍ୟରେ ଅବସ୍ଥିତ କୌଣସି ଏକ ଉଚ୍ଚତର ଏବଂ ବୃହତ୍ତର ଐଶ୍ୱର୍ଯ୍ୟଟି ମଧ୍ୟରେ କେବଳ ଏକ ସଂଯୋଜକ ସେତୁ ହୋଇ ରହିପାରିଲେ ଯାଇ ବୁଦ୍ଧିଗତ ବିଷୟର ତାହା କରିବାକୁ ସମର୍ଥ ହେବ । କାରଣ ମନୁଷ୍ୟ ମନୋମୟ ସୋପାନଟିରେ ଆସି ପହଞ୍ଚିସାରିବା ପରେ ତା' ଭିତରେ ଯେଉଁ ଅନ୍ତର୍ଗତ ଆଧ୍ୟାତ୍ମିକ ଅନିବାର୍ଯ୍ୟତାଟି ପ୍ରଚ୍ଛନ୍ନ ହୋଇ ରହିଛି, ତାହା ଭିତରେ ଏପର୍ଯ୍ୟନ୍ତ ଅନୁପଲବ୍ଧ ହୋଇ ରହିଥିବା ଯାହାକିଛି ତାକୁ ଆହୁରି ଆଗକୁ ଯିବାର ଉଚ୍ଚାଟନ ଦେଇଯାଉଛି, ତାହାହିଁ ମନୁଷ୍ୟର ବିବର୍ତ୍ତନଗତ ପ୍ରେରଣାଟିକୁ ବଜାୟ ରଖିଥାଏ, ତା'ର ଅଧ୍ୟାତ୍ମସାଧନାର ପ୍ରୟାସଟିକୁ ମଧ୍ୟ ବଜାୟ ରଖିଥାଏ । ମାତ୍ର ସେଇଟି ଯେତେବେଳେ ତ୍ୟକ୍ତ ଓ ଲୁଣ୍ଠିତ ହୋଇ ରହିବ, ସେତେବେଳେ ମଣିଷକୁ ପଛମୁହାଁ ହୋଇ ପୂର୍ବାବସ୍ଥାକୁ ହୁଏତ ଫେରିଯିବାକୁ ପଡ଼ିବ ଓ ସମସ୍ତ ପ୍ରକ୍ରିୟାଟିକୁ ପୁଣି ନୂଆ କରି ଆରମ୍ଭ କରିବାକୁ ପଡ଼ିବ, ବା ବିବର୍ତ୍ତନଗତ ଏକ ବିଫଳତାରୂପେ ତା'ର ପୂର୍ବବର୍ତ୍ତୀ ଅନ୍ୟାନ୍ୟ ଜୀବନରୂପଗୁଡ଼ିକ ପରି ସେ ମଧ୍ୟ ଏହି ଧରାପୃଷ୍ଠରୁ ବିଲୁପ୍ତ ହୋଇଯିବ । ଉତ୍ତରୋତ୍ତର ବିବର୍ତ୍ତନର ଆକୂତିଟିକୁ ବଞ୍ଚାଇ ରଖିବାରେ ଓ ତାହାର ସହାୟକ ହେବାରେ ଆପଣାର ଅସମର୍ଥତା ଯୋଗୁଁହିଁ ସେ ବିଲୁପ୍ତ ହୋଇଯିବ । ଅଥବା, ଖୁବ୍ ବେଶୀ ହେଲେ ସେ ଗୋଟାଏ ପ୍ରକାର ମଧ୍ୟପର୍ଯ୍ୟାୟଗତ ଏକ ନିର୍ଦ୍ଦିଷ୍ଟ ଗ୍ରନ୍ଥିର ପରିପୂର୍ଣ୍ଣତା ମଧ୍ୟରେହିଁ ପଡ଼ି ରହିବ; ଅନ୍ୟାନ୍ୟ ଇତରପ୍ରାଣୀଙ୍କ ପରି ଯେଉଁଠି ଅଛି ସେଇଠି ରହିଥିବ, ଏବଂ ଏଣେ ପ୍ରକୃତି ତାକୁ ପଛରେ ପକାଇଦେଇ ଆଉ ଏକ ବୃହତ୍ତର ସୃଷ୍ଟି ଉଦ୍ଦେଶ୍ୟରେ ଆପଣାର ସ୍ୱକୀୟ ନିୟତିନିର୍ଦ୍ଦିଷ୍ଟ ପଥଟିରେ ଆଗକୁ ବାହାରିଯିବ ।

ବର୍ତ୍ତମାନ ମନୁଷ୍ୟଜାତି ତା'ର ବିବର୍ତ୍ତନପଥରେ ଏକ ସଙ୍କଟସନ୍ଧି ମଧ୍ୟଦେଇ ଗତି କରୁଛି; ଏଠାରୁ ସେ କେଉଁଆଡ଼କୁ ଯିବ ବା ତାହାର ନିୟତି କ'ଣ ହେବ, ସେଇଟି ବାଛିନେବା ଲାଗି ଏକ ଆହ୍ୱାନ ଆସି ପହଞ୍ଚିଛି । କାରଣ ମନୁଷ୍ୟ ବର୍ତ୍ତମାନ ଏପରି ଗୋଟିଏ ସୋପାନ ଉପରେ ଆସି ଠିଆହୋଇଛି, ଯେଉଁଠି କି ତା'ର ମନ କେତେକ କ୍ଷେତ୍ରରେ ପ୍ରଭୂତ ବିକାଶଲାଭ କରିପାରିଛି ଏବଂ ଅନ୍ୟ ଆଉ କେତେକ ଦିଗ ଓ କ୍ଷେତ୍ରରେ ତାହାର ଗତି ବନ୍ଦ ହୋଇ ରହିଛି, ସେ ସମ୍ପୂର୍ଣ୍ଣ ହତବୁଦ୍ଧି ହୋଇ ଠିଆହୋଇଛି ଓ ଆଗକୁ ଆଉ ବାଟ ପାଇ ପାରୁ ନାହିଁ । ଆପଣାର ସଦାସନ୍ଦିଗ୍ଧ ମନ ଓ ପ୍ରାଣ-ଇଚ୍ଛା ଦ୍ୱାରା ସେ ବହିଃସ୍ଥର ଓ ବାହ୍ୟ ଜୀବନର ଏକ ବିରାଟ ସୌଧ ତିଆରି କରି ରଖିଦେଇଛି; ଏବଂ ସେଇଟି କାଳକ୍ରମେ ଏଡ଼େ ଅତିକାୟ ଓ ଜଟିଳ ହୋଇପଡ଼ିଛି ଯେ ସେଇଟିକୁ ଆୟତ୍ତରେ ରଖି ଚଳାଇ ପାରିବାକୁ ତା'ର

'oaob.nitrkl.ac.in' images reprocessed

ଆଉ ପ୍ରାପ୍ତ ହୋଇ ପାରୁ ନାହିଁ । ତା'ର ମନୋଗତ, ପ୍ରାଣଗତ ତଥା ଭୌତିକ ଦାବି ଓ ଆକାଂକ୍ଷାଗୁଡ଼ିକର ପରିଚର୍ଯ୍ୟା ଲାଗି ସେ ଏହି ସୌଧଟି ତିଆରି କରି ରଖିଛି; ଏକ ଅତିଜଟିଳ ବହୁରଙ୍ଗଯୁକ୍ତ ରାଜନୀତିକ, ସାମାଜିକ, ଶାସନଗତ, ଅର୍ଥନୈତିକ ଓ ସାଂସ୍କୃତିକ ପ୍ରକାଣ୍ଡ ସନ୍ନିବେଶ ଗଢ଼ି ଥୋଇଦେଇଛି; ଆପଣାର ମସ୍ତିଷ୍କ, ଇନ୍ଦ୍ରିୟବୋଧ, ସୌନ୍ଦର୍ଯ୍ୟ-ପ୍ରବୃତ୍ତି ତଥା ଭୌତିକ ସୁଖ-ଇଚ୍ଛାର ତର୍ପଣ ଲାଗି ପରିପୂର୍ଣ୍ଣ କୌଶଳଦ୍ୱାରା ସଗଠିତ ହୋଇ ରହିଥିବା ଏକ ସାମୂହିକ ସାଧନସମ୍ପନ୍ନତାର ଆୟୋଜନ କରି ରଖିଛି । ମନୁଷ୍ୟ ଆପଣା ସଭ୍ୟତାର ଏପରି ଏକ ଗଠନ ସୃଷ୍ଟି କରି ରଖିଛି ଯାହାକି ତା'ର ସୀମାବଦ୍ଧ ମନଃସାମର୍ଥ୍ୟଟି ଲାଗି ଅତିରିକ୍ତ ବଡ଼ ଓ ତେଣୁ ସମ୍ପୂର୍ଣ୍ଣ ଅଚଳ ବୋଲି ସାବ୍ୟସ୍ତ ହୋଇଛି, ଆପଣାର ଏହି ମନଟି ଦେଇ ସେ ତାହାକୁ ଆଦୌ ବୁଝି ପାରୁ ନାହିଁ; ଏବଂ ଆପଣାର ଆହୁରି ଅଧିକ ସୀମାବଦ୍ଧ ଚିତ୍‌ଗତ ତଥା ନୈତିକ ସାମର୍ଥ୍ୟ ତାହାକୁ କାମରେ ଲଗାଇ ପାରୁ ନାହିଁ କି ଚଳାଇ ମଧ୍ୟ ପାରୁ ନାହିଁ । ମନୁଷ୍ୟର ସତତ ଭ୍ରାନ୍ତିପ୍ରବଣ ଅହଂ ଓ ସେହି ଅହଂର ଅସୁମାରି ତୃଷ୍ଣାଗୁଡ଼ାକ ଲାଗି ତାହା ଏକ ଅତି ବିପଜ୍ଜନକ ଆଜ୍ଞାକାରୀରୂପେ ଅବତୀର୍ଣ୍ଣ ହୋଇଛି । କାରଣ ଏପର୍ଯ୍ୟନ୍ତ ମଧ୍ୟ କୌଣସି ବୃହତ୍ତର ଦୃଷ୍ଟିସମ୍ପନ୍ନ ମନ କିମ୍ବା ଜ୍ଞାନଗତ କୌଣସି ବୋଧିଯୁକ୍ତ ଆତ୍ମା ମନୁଷ୍ୟଚେତନାର ଏହି ଉପରି ଭାଗରେ ଆସି ଆବିର୍ଭୂତ ହୋଇ ନାହିଁ ଯାହାକି ଜୀବନର ଏହି ପ୍ରଥମ ସୋପାନଗତ ପୂର୍ଣ୍ଣତାଟିକୁ ଏହାଠାରୁ ଅଧିକ ବା ଏହାର ଅତୀତ ଆଉ କୌଣସି ଉପଲବ୍ଧି ସକାଶେ ଏକ ଆବଶ୍ୟକ ପରିବେଶ-ରୂପେ ବ୍ୟବହାର କରିପାରନ୍ତା । ଜୀବନ-ସାଧନର ଏହି ନୂତନ ପୂର୍ଣ୍ଣତାଟି ମନୁଷ୍ୟର ଅର୍ଥନୈତିକ ଓ ଭୌତିକ ଅଭାବବୋଧଗୁଡ଼ିକର ଅବିରାମ ଓ ସଦା-ଅପରିତୃପ୍ତ ତାଡ଼ନାଟିରୁ ଆପଣାକୁ ମୁକ୍ତ କରି ରଖିବାର ଏହାର ଏକ ସାମର୍ଥ୍ୟ ବଳରେ ହୁଏତ କେବଳ ଏହି ଭୌତିକ ଅସ୍ତିତ୍ୱଠାରୁ ଅନେକ ଅଧିକ ଅନ୍ୟାନ୍ୟ ନାନା ବୃହତ୍ତର ଲକ୍ଷ୍ୟର ପରିପୂର୍ଣ୍ଣ ଅନୁଧାବନରେ ଆପଣାକୁ ଏକ ସୁଯୋଗରୂପେ ନିୟୋଜିତ କରିପାରନ୍ତା, ଏକ ଉଚ୍ଚତର ସତ୍ୟ, କଲ୍ୟାଣ ଓ ସତ୍ତାର ଆବିଷ୍କାରରେ ନିମିତ୍ତ ହୋଇପାରନ୍ତା ଏବଂ ଏକ ବୃହତ୍ତର ତଥା ଦିବ୍ୟତର ଚିତ୍‌ସତ୍ତାର ଆବିଷ୍କାର କରିବାରେ ସହାୟକ ହୋଇପାରନ୍ତା, ଯାହାକି ଆପଣାକୁ ଏ କ୍ଷେତ୍ରରେ ଅବତୀର୍ଣ୍ଣ କରାଇ ପ୍ରାଣକୁ ସତ୍ତାର ଏକ ଉଚ୍ଚତର ପରିପୂର୍ଣ୍ଣତା ଲାଗି କାର୍ଯ୍ୟରେ ଲଗାଇପାରନ୍ତା । ମାତ୍ର ତାହା ପରିବର୍ତ୍ତରେ ସେଇଟି ବର୍ତ୍ତମାନ କେବଳ ଶତବିଧ ଅଭାବକୁ ସହସ୍ରବିଧ କରି ଦେବାରେହିଁ ସାଧନ ହୋଇ ରହିଛି ଏବଂ ସମଷ୍ଟିଗତ ଅହଂର ଏକ ଉଗ୍ର ତଥା ଆକ୍ରମଣାତ୍ମକ ସମ୍ପ୍ରସାରଣରେ କାର୍ଯ୍ୟରେ ଲାଗୁଛି । ଏଣେ ଭୌତିକ ବିଜ୍ଞାନ ମଧ୍ୟ ବିଶ୍ୱଗତ ଶକ୍ତିର ଅନେକ ଅନ୍ତର୍ନିହିତ ସମ୍ଭାବନାକୁ ମନୁଷ୍ୟର ହାତରେ ଆଣି ଥୋଇଦେଇଛି, ଭୌତିକ କ୍ଷେତ୍ରରେ ସମଗ୍ର ମନୁଷ୍ୟଜାତିର ଜୀବନକୁ ଗୋଟିଏ

'oaob.nitrkl.ac.in' images reprocessed

ଜୀବନରେ ପରିଣତ କରିଦେଇଛି । ମାତ୍ର ଏହି ବିଶ୍ୱଗତ ଶକ୍ତିକୁ ବ୍ୟବହାର କରୁଥିବା ସ୍ୱୟଂ କର୍ତ୍ତାଟି କେବଳ ଏକ କ୍ଷୁଦ୍ରାକୃତି ମନୁଷ୍ୟବ୍ୟକ୍ତି ବା ସମଷ୍ଟିଗତ ଅହଂଟିଏ ହୋଇ ବସିଛି; ଏହାର ଜ୍ଞାନ ଓ ଗତିବିଧିର ଆଲୋକ ମଧ୍ୟରେ ଆଦୌ କୌଣସି ବିଶ୍ୱାତ୍ମକତା ନାହିଁ, କୌଣସି ଅନ୍ତର୍ଗତ ବୋଧ କିମ୍ବା ସାମର୍ଥ୍ୟ ନାହିଁ ଯାହାକି ମନୁଷ୍ୟଜଗତର ଭୌତିକ କ୍ଷେତ୍ରଟି ଏହିପରି ଏକତ୍ରସମ୍ବନ୍ଧିତ ହୋଇ ଆସିବାର ଏହି ଅବସରଟି ମଧ୍ୟରେ ଏକ ଯଥାର୍ଥ ପ୍ରାଣଗତ ଓ ମନୋଗତ ଐକ୍ୟର ସ୍ଥାପନା କରିଦିଅନ୍ତା ଅଥବା ଏକ ଚିଦ୍‌ଗତ ଏକତ୍ୱ ସମ୍ଭବ କରିପାରନ୍ତା । ବର୍ତ୍ତମାନ ଏହି କ୍ଷେତ୍ରରେ କେବଳ ପରସ୍ପର-ଦ୍ୱନ୍ଦ୍ୱରତ ମନୋମୟ ଧାରଣାଗୁଡ଼ିକରହିଁ ଏକ ଅରାଜକତା ବିଦ୍ୟମାନ ରହିଛି, ବ୍ୟକ୍ତି ତଥା ସମଷ୍ଟିଗତ ଭୌତିକ ଅଭାବ ଓ ଆବଶ୍ୟକତାର ଆକୁଳତାଗୁଡ଼ାକହିଁ ରହିଛି, ପ୍ରାଣସ୍ତରୀୟ ନାନା ଦାବି ଓ ବାସନା ରହିଛି, ଅବିଦ୍ୟା ମଧ୍ୟରେ ଲଣ୍ଡଭଣ୍ଡ ହେଉଥିବା ପ୍ରାଣଗତ ଅନ୍ତର୍ତାଡ଼ନାର ଆବେଗମୟତାହିଁ ରହିଛି; ବ୍ୟକ୍ତି, ବର୍ଗ ତଥା ଜାତିର ସ୍ତରରେ ପ୍ରାଣମୟ ପରିତୃପ୍ତିର କ୍ଷୁଧା ଓ ଆବେଦନମାନ ରହିଛି, ତିରୁ ଫୁଟିଲା ପରି କେତେ ରାଜନୀତିକ, ସାମାଜିକ ତଥା ଅର୍ଥନୈତିକ ସୁଲଭ ଯୋଜନା ଓ କଳ୍ପନାର ବିପୁଳ ଆଡ଼ମ୍ବରମାନ ବିସ୍ତାରିତ ହୋଇ ରହିଛି, ଆଦର୍ଶଗତ କେତେ ହୁଙ୍କାର ଓ ସକଳ ସମସ୍ୟାବ୍ୟାଧିର ତତ୍‌କ୍ଷଣାତ୍ ଆରୋଗ୍ୟ କରିଦେବାର ଦାବି କରୁଥିବା କେତେ ଔଷଧବ୍ୟବସ୍ଥାର ବହୁବିଚିତ୍ର ରଙ୍ଗକୋଳାହଳ ଲାଗିଛି, ଯେଉଁଥିପାଇଁ କି କେତେ କେତେ ଲୋକ ଅତ୍ୟାଚାର କରିବାକୁ ଏବଂ ଅତ୍ୟାଚାରିତ ହେବାକୁ ପ୍ରସ୍ତୁତ ହୋଇ ଯାଉଛନ୍ତି, ହାଣିବାକୁ ଓ ହଣାହେବାକୁ ବାହାରି ପଡ଼ୁଛନ୍ତି, ଆଜି ମନୁଷ୍ୟର ହାତରେ ଥିବା ଅତିବିପୁଳ ଓ ଅତିଭୀଷଣ ଶକ୍ତିର ସାହାଯ୍ୟ ନେଇ ସେମାନେ ସେଗୁଡ଼ିକୁ ଯେକୌଣସିମତେ ପରସ୍ପର ଉପରେ ନେଇ ଲଦିଦେବାର ଫିକର କରୁଛନ୍ତି ଏବଂ ନିଷ୍ଠାପର ଭାବରେ ଆପଣାର ମାର୍ଗଟିକୁହିଁ ଏକ ଆଦର୍ଶ ବ୍ୟବସ୍ଥା ପ୍ରବର୍ତ୍ତନ କରିବାର ଏକମାତ୍ର ମାର୍ଗ ବୋଲି ବିଶ୍ୱାସ କରୁଛନ୍ତି । ମନୁଷ୍ୟମନର ଓ ମନୁଷ୍ୟପ୍ରାଣର ବିବର୍ତ୍ତନ ଆମକୁ ଯେ ଅନିବାର୍ଯ୍ୟ ଭାବରେ ଏକ କ୍ରମବର୍ଦ୍ଧମାନ ବିଶ୍ୱାତ୍ମକତା ଆଡ଼କୁ ପରିଚାଳିତ କରି ନେଇଯିବ, ସେଥିରେ କୌଣସି ସନ୍ଦେହ ନାହିଁ; ମାତ୍ର ଆମର ଅହଂ ତଥା ସବୁକିଛିକୁ ଖଣ୍ଡିତ ଓ ବିଭକ୍ତ କରି ପକାଉଥିବା ଏହି ମନ ଆମର ଭୂମି ହୋଇ ରହିଥିବା ପର୍ଯ୍ୟନ୍ତ ବିଶ୍ୱାତ୍ମକତା ଆଡ଼କୁ ଏହି ଦ୍ୱାରଟି ଫିଟିଗଲେ ତଦ୍ୱାରା କେବଳ ପରସ୍ପର ସହିତ ଆଦୌ ମିଳୁ ନଥିବା ଅନେକ ଧାରଣା ଓ ଆବେଗର ବହୁଳ ଓ ବ୍ୟାପକ ସୃଷ୍ଟିହିଁ ସାର ହେବ, କେବଳ ନାନା ପ୍ରଚଣ୍ଡ ଶକ୍ତି ଓ ବାସନାମାନ ଉଦ୍‌ବେଳିତ ହୋଇଉଠିବ; ଏକ ବ୍ୟାପ୍ତତର ଅସ୍ଥିର ମନୋଗତ, ପ୍ରାଣଗତ ତଥା ଭୌତିକ ସାମଗ୍ରୀସବୁର ଏକ ଅପରିପାଚିତ ଓ ପରସ୍ପରମିଶ୍ରିତ ଅରାଜକତାର ଗୋଟିଏ ପ୍ରକାଣ୍ଡ ସମଷ୍ଟିରହିଁ ସୃଷ୍ଟି ହେବ, ଯାହାକି

'oaob.nitrkl.ac.in' images reprocessed

କୌଣସି ସୃଜନଶୀଳ ଓ ସମନ୍ତ୍ୱସତ୍ତାଧର୍ମୀ ଚିଦ୍‌ଗତ ଆଲୋକଦ୍ୱାରା ସ୍ୱୀକୃତ ଓ ଗୃହୀତ ହୋଇ ନଥିବ ଏବଂ ତେଣୁ ଏକ ବିଶ୍ୱବ୍ୟାପୀ ବିଶୃଙ୍ଖଳା ଓ ବିସଙ୍ଗତି ଭିତରେହିଁ ବଡ଼ ବିମୂଢ଼ ଭାବରେ ପଡ଼ି ରହିଥିବ ଓ ତାହା ଭିତରୁ କିଛି ବୃହତ୍ତର ସୁସଂବଦ୍ଧ ଜୀବନ ଗଢ଼ିପାରିବା ଆଦୌ ସମ୍ଭବ ହେବ ନାହିଁ । ଆଦର୍ଶ ଓ ଆପଣାର ଭାବଗୁଡ଼ିକୁ ଯଥାଶକ୍ତି ନାନା ସୀମା ମଧ୍ୟରେ ସୁଗଠିତ କରି ରଖି ମନୁଷ୍ୟ ଅତୀତରେ ଜୀବନରେ କୌଣସି ନା କୌଣସି ସୌଷମ୍ୟ ଆଣିବାର ପ୍ରୟାସୀ ହୋଇଛି; ନିର୍ଦ୍ଦିଷ୍ଟ ନାନା ଆଦର୍ଶ ତଥା ରୂଢ଼ିଗତତାକୁ ଭିତ୍ତି କରି ସେ କେତେ ସମାଜର ସୃଷ୍ଟି କରିଛି, ଏକ ନିର୍ଦ୍ଦିଷ୍ଟ ସଂସ୍କୃତି-ପରମ୍ପରା ଅଥବା ଏକ ସୁନିର୍ଦ୍ଦିଷ୍ଟ ଜୀବନଧାରା ଦେଇ ସମାଜ ଗଢ଼ି ଥୋଇଦେଇଛି ଏବଂ ଏହିପରି ଗଠିତ ତା'ର ପ୍ରତ୍ୟେକ ସମାଜରେ ଆପଣା ଆପଣାର ସ୍ୱକୀୟ ବିଧାନ ଓ ବ୍ୟବସ୍ଥାମାନ ମଧ୍ୟ ରହିଛି । ମାତ୍ର ଏହିସବୁ ମିଶ୍ରଣ ଓ ସମ୍ମିଶ୍ରଣ କ୍ରମଶଃ ଏକ ବିପୁଳ ଆକାର ଧାରଣ କରିଥିବା ଜୀବନର ଏହି ରନ୍ଧନପାତ୍ରଟି ମଧ୍ୟରେ ସବୁଗୁଡ଼ିକୁ ଏକତ୍ର କରି ନିକ୍ଷିପ୍ତ କରି ଦିଆଯାଇଛି ଏବଂ ତାହା ଉପରେ ପୁଣି ଆହୁରି ନୂଆ ନୂଆ ଭାବ, ଆଦର୍ଶ, ତଥ୍ୟ ଓ ସମ୍ଭାବନାର କେତେ କେତେ ଧାରାକୁ ଆଣି ଢାଳି ଦିଆହୋଇଛି; ମନୁଷ୍ୟ ଏକ ନୂତନ ଓ ବୃହତ୍ତର ଚେତନା ଆବଶ୍ୟକ କରୁଛି, କାରଣ ସେହି ଚେତନାହିଁ ଏହି ନିତ୍ୟବର୍ଦ୍ଧମାନ ସମ୍ଭାବନାଗୁଡ଼ିକୁ ଏକତ୍ର ସମ୍ମିଳିତ କରି, ସେଗୁଡ଼ିକୁ ଆତ୍ମସ୍ଥ କରି ତାହା ମଧ୍ୟରୁ ସେହି ଅଭିଳଷିତ ସୌଷମ୍ୟଟିକୁ ବିକଶିତ କରାଇ ଆଣିପାରିବ । ବୁଦ୍ଧିଗତ ବିଗ୍ଭର ଓ ଭୌତିକ ବିଗ୍ଭର ସବୁଗୁଡ଼ିକୁ କେବଳ କୌଣସି ଗୁମ୍ଫରେ ପକାଇବାରେ ବା ଶ୍ରେଣୀବଦ୍ଧ କରି ରଖିବାରେ ସାହାଯ୍ୟ କରିପାରିବେ, ଭୌତିକ ଜୀବନର ଏକ କୃତ୍ରିମ ଭାବରେ ରଚିତ ଯନ୍ତ୍ରବତ୍ ଏକତ୍ୱ ମଧ୍ୟରେ ସବୁଗୁଡ଼ିକୁ ଯଥାସ୍ଥାନରେ କଣ୍ଟା ବାଡ଼େଇ ଟାଙ୍ଗିଦେଇ ପାରିବେ । ମାତ୍ର ସବୁଟିକୁ ସମଗ୍ରଜୀବନର ଏକ ବୃହତ୍ତର ଏକତ୍ୱ ମଧ୍ୟରେ ଢାଳି ପାରିବାକୁ ହେଲେ ଏକ ବୃହତ୍ତର ସମଗ୍ର ସତ୍ତା ଦରକାର, ସମଗ୍ର-ଜ୍ଞାନ ଦରକାର, ସମଗ୍ର-ସାମର୍ଥ୍ୟ ମଧ୍ୟ ଦରକାର ।

ଆମ ସତ୍ତାର ଏକ ଅଧିକ ଗଭୀର ତଥା ବ୍ୟାପ୍ତତର ସତ୍ୟଟି ମଧ୍ୟରୁ ଏକତ୍ୱ, ପାରସ୍ପରିକତା ତଥା ସୌଷମ୍ୟର ଯେଉଁ ଜୀବନଟି ଜନ୍ମଲାଭ କରିଥିବ, କେବଳ ତାହାହିଁ ଅତୀତର ସେହି ଅପରିପୂର୍ଣ୍ଣ ମନୋଗତ ରଚନାଗୁଡ଼ିକର ଯଥାର୍ଥ ସ୍ଥାନାପନ୍ନ ଭାବରେ ପ୍ରତିଷ୍ଠିତ ହୋଇପାରିବ । ମନର ଯେଉଁ ଅପୂର୍ଣ୍ଣ ରଚନାଗୁଡ଼ିକ ପରସ୍ପର ସହିତ ମିଳିତ ହୋଇ ଏବଂ ନାନା ବିରୋଧ ଓ ଦ୍ୱନ୍ଦ୍ୱ ମଧ୍ୟରେ ସାମୟିକ ସାଳିଶ ଓ ନିୟନ୍ତ୍ରଣ ସାଧନ କରି ଗଠିତ ହୋଇଛନ୍ତି, ବ୍ୟକ୍ତି-ଅହଂ ଓ ବ୍ୟକ୍ତି-ସ୍ୱାର୍ଥଗୁଡ଼ାକୁ ଏକାଠି ମିଶାଇ, ସେଗୁଡ଼ିକୁ ଢାଳି ପକାଇ ଏକାଠି ଯୋଡ଼ି ବା ସେଗୁଡ଼ିକ ମଧ୍ୟରେ ସମନ୍ୱୟଙ୍କର

'oaob.nitrkl.ac.in' images reprocessed

ପ୍ରାଣଗତ ଆଶା ଓ ଆକାଙ୍‌କ୍ଷାଲାଗି ଏକ ବ୍ୟବସ୍ଥା ରଖି ଯେଉଁ ସମାଜବ୍ୟବସ୍ଥାଟିର ସ୍ଥାପନା ହୋଇଛି, ଜୀବନଗତ ସାଧାରଣ ପ୍ରୟୋଜନ ଓ ପ୍ରେରଣାମାନ, ଅନ୍ତଃବୋଧର ତାଡ଼ନା ଏବଂ ବହିଃଶକ୍ତି ସହିତ ସଂଘର୍ଷର ଗୁପ ଯେଉଁଠି ସମସ୍ତଙ୍କୁ ଏକାଠି କରି ରଖିବାଲାଗି ଏକ ଆଧାର ହୋଇ ରହିଛି, ତାହାର ସ୍ଥାନାପନ୍ନ ଭାବରେ ପ୍ରତିଷ୍ଠିତ ହୋଇପାରିବ । ଏହିପରି ଗୋଟିଏ ପରିବର୍ତ୍ତନ ଲାଗି ଓ ଜୀବନର ଏହିଭଳି ଏକ ନବଗଠନ ଲାଗି ମନୁଷ୍ୟଜାତି ବର୍ତ୍ତମାନ ସତେଅବା ଅନ୍ଧ ପରି ବାଟ ଖୋଜିବାକୁ ଆରମ୍ଭ କରିଛି; ଯଥାର୍ଥ ବାଟଟି ପାଇବା ଉପରେହିଁ ଯେ ତା'ର ଏଠାରେ ତିଷ୍ଠି ରହିବାଟା ନିର୍ଭର କରୁଛି, ଏହିଭଳି ଏକ ଭ୍ରମନ୍ତ୍ରିତ ବୋଧ ସହିତ ସେ ବର୍ତ୍ତମାନ ଅଧିକ ବ୍ୟଗ୍ର ହୋଇ ବାଟଟିଏ ଖୋଜି ବୁଲୁଛି । ପ୍ରାଣ ଉପରେ କ୍ରିୟାଶୀଳ ହୋଇଥିବା ମନର ବିବର୍ତ୍ତନ ମନୋମୟ କ୍ରିୟାତ୍ମକତାର ତଥା ଜଡ଼କୁ କାମରେ ଲଗାଇବାର ଯେଉଁ ସୁସଂଗଠିତ ରୂପଟିକୁ ବିକଶିତ କରିଦେଇଛି, ପ୍ରଥମେ ଏକ ଆନ୍ତର ପରିବର୍ତ୍ତନ ସଂଘଟିତ ନହେବାଯାଏ ମନୁଷ୍ୟର ସାମର୍ଥ୍ୟ ଆଉ ସେଇଟିକୁ ଧରି ରଖି ପାରୁ ନାହିଁ । ସଂସ୍ଥାବଦ୍ଧ ହୋଇ ରହିଥିବା ସମସ୍ତରେ ମଧ୍ୟ ମନୁଷ୍ୟର ଯେଉଁ ଅହଂକେନ୍ଦ୍ରିତ ବ୍ୟକ୍ତିତ୍ୱ ପରସ୍ପରଠାରୁ ଅଲଗା ହୋଇ ରହିଛି, ତାହାକୁ ଏକତ୍ୱ, ପୂର୍ଣ୍ଣ ପାରସ୍ପରିକତା ଏବଂ ସୌଷମ୍ୟ ଦାବି କରୁଥିବା ଏକ ଜୀବନଯାପନର ଧାରା ମଧ୍ୟକୁ ନେଇଆସିବା ବର୍ତ୍ତମାନ ଏକାନ୍ତ ଆବଶ୍ୟକ । ମାତ୍ର ମନୁଷ୍ୟର ବ୍ୟକ୍ତିତ୍ୱଟି ବର୍ତ୍ତମାନ ଯେପରି କ୍ଷୁଦ୍ରତା ମଧ୍ୟରେ ସଙ୍କୁଚିତ ହୋଇ ରହିଛି, ତାହାର ମନ ଓ ପ୍ରାଣଗତ ଆବେଗଗୁଡ଼ିକ ମଧ୍ୟ ଯେପରି ବଡ଼ କ୍ଷୁଦ୍ର ହୋଇ ରହିଛନ୍ତି, ସେଥିରେ ମନୁଷ୍ୟଜାତି ଉପରେ ଏହି ଯେଉଁ ବୋଝଟି ଲଦି ଦିଆଯାଉଛି, ସେଇଟି ତା'ଲାଗି ଅତିରିକ୍ତ ହୋଇପଡ଼ୁଛି । କାରଣ ଆବଶ୍ୟକ ହେଉଥିବା ପରିବର୍ତ୍ତନଟିକୁ ସେ କାର୍ଯ୍ୟକାରୀ କରି ପାରୁ ନାହିଁ, କାରଣ ଏହି ନୂତନ ସାଧନ ଓ ସଂଗଠନକୁ ସେ ମନୁଷ୍ୟର ସେହି ପୁରାତନ ଅବଚେତନସ୍ଥ ଓ ଅବବୌଦ୍ଧିକ ପ୍ରାଣାତ୍ମସତ୍ତାର ପରିଚର୍ଯ୍ୟା ଲାଗିହିଁ ନିୟୋଜିତ କରି ରଖିଛି । ତେଣୁ ମନୁଷ୍ୟଜାତିର ଭାଗ୍ୟ ସତେଯେପରି ଅତି ବିପଜ୍ଜନକ ଭାବରେ କେଉଁ ପତନଆଡ଼କୁ ଧାଇଁବାରେ ଲାଗିଛି, ସତେଅବା ବଡ଼ ଅଧୀର ଭାବରେ ଓ ଆପଣାର ଇଚ୍ଛା ବିରୁଦ୍ଧରେ ମଧ୍ୟ ଧାଇଁବାରେ ଲାଗିଛି । ଯେଉଁ ପ୍ରାଣଗତ ଅହଂଟି ଦ୍ୱାରା ସନ୍ତପ୍ତ ଓ ତାଡ଼ିତ ହୋଇ ସେ ଏଭଳି ଧାଇଁବାରେ ଲାଗିଛି, ତାହା ସେହି ମନୁଷ୍ୟଦ୍ୱାରା ବିକଶିତ ହୋଇଥିବା ଜୀବନ ତଥା ବୈଜ୍ଞାନିକ ଜ୍ଞାନର ଏହି ପ୍ରକାଣ୍ଡ ଯାନ୍ତ୍ରିକ ସଂଗଠନ ପରି ସମାନ ଭାବରେ ପ୍ରଚଣ୍ଡ ନାନା ଅତିପ୍ରବଳ ଶକ୍ତିର କବଳରେ ପଡ଼ିଯାଇଛି; ସେହି ପ୍ରଚଣ୍ଡତାଟିର ସମ୍ମୁଖୀନ ହେବାକୁ ମନୁଷ୍ୟବୁଦ୍ଧି ଓ ମନୁଷ୍ୟ-ଇଚ୍ଛାର ବଳ ପାଉ ନାହିଁ, ଏବଂ ତେଣୁ କେବଳ ସେହି ବିମୂଢ଼ତା, ଓ ପ୍ରବଳ ତଥା ସଦାଚଞ୍ଚଳ ଅନିଶ୍ଚୟତାର ବିନାଶମୁଖୀ ସଙ୍କଟ ଏବଂ ଅନ୍ଧକାରହିଁ ଲାଗି ରହିଛି ।

'oaob.nitrkl.ac.in' images reprocessed

ଏହାକୁ କେହି ହୁଏତ ଏକ ଅସ୍ଥାୟୀ ମଧ୍ୟାବସ୍ଥା ବା କେବଳ ଏକ ଆପାତପ୍ରତୀତ ବୋଲି କହିପାରେ, ତେବେ ମଧ୍ୟ ମନୁଷ୍ୟଜାତି ଯେପରି ଅପେକ୍ଷାକୃତ କମ୍ ବିପର୍ଯ୍ୟୟର ସମ୍ମୁଖୀନ ହୋଇ ଆପଣାର ଏହି ଅନିଶ୍ଚିତ ପଥଟିକୁ ପାର ହୋଇଯାଇ ପାରିବ, ସେଥିଲାଗି ବାହ୍ୟ ଜୀବନର ସଂଗଠନ ଭିତରେ ସହିପାରିବା ଭଳି ଏକ ଅଦଳବଦଳ ଯଦି କରି ନିଆଯାଏ, ତଥାପି ତାହା ସମସ୍ୟାଟିର ସମାଧାନ କରିବ ନାହିଁ, ନିଃଶ୍ୱାସ ମାରିବା ପାଇଁ କେବଳ ଯାହା କିଛିଏ ସମୟ ଦେବ । କାରଣ ପ୍ରକୃତ ସମସ୍ୟାଟି ହେଉଛି ଏକ ମୌଳିକ ସମସ୍ୟା, ଏବଂ ଏଇଟିକୁ ଉପସ୍ଥାପିତ କରି ମନୁଷ୍ୟ ମଧ୍ୟରେ କାର୍ଯ୍ୟ କରି ଚାଲିଥିବା ବିବର୍ତ୍ତନଗତ ପ୍ରକୃତି ଏପରି ଏକ ଗୁରୁତ୍ୱପୂର୍ଣ୍ଣ ନିର୍ବାଚନର ସମ୍ମୁଖୀନ ହେଉଛି; ଏବଂ ମନୁଷ୍ୟଜାତିକୁ ଆପଣାର ଗନ୍ତବ୍ୟସ୍ଥଳରେ ଯାଇ ପହଞ୍ଚି ପାରିବାକୁ ହେଲେ ଓ ଏପରିକି ତିଷ୍ଠି ରହିବାକୁ ହେଲେ ବି ଏହାର ଏକ ଯଥାର୍ଥ ସମାଧାନ କରିବାକୁହିଁ ପଡ଼ିବ, ଅର୍ଥାତ୍ ଏକ ଯଥାର୍ଥ ପଥ ବାଛିନେବାକୁହିଁ ପଡ଼ିବ । ପରିଣତିକ୍ରମର ପ୍ରେରକଶକ୍ତି ଏହି ପୃଥିବୀର ଜୀବନଭୂମିରେ ବିଶ୍ୱଶକ୍ତିର ବିକାଶ ଘଟାଇବାକୁ ଇଚ୍ଛା କରୁଛି; ତାହାର ସହାୟକ ଓ ଆଧାରରୂପେ ଏକ ବୃହତ୍ତର ମନୋମୟ ତଥା ପ୍ରାଣମୟ ସତ୍ତା ଆବଶ୍ୟକ ହେଉଛି, ଏକ ବ୍ୟାପ୍ତତର ମନ ଆବଶ୍ୟକ ହେଉଛି, ଏବଂ ଏକ ବୃହତ୍ତର, ପ୍ରଶସ୍ତତର ଓ ଅଧିକ ଚେତନାଶୀଳ ଜୈବସଂସ୍କାର-ବର୍ଜିତ ପ୍ରାଣାତ୍ମାର ପ୍ରୟୋଜନ ରହିଛି; ଏବଂ ସେଇଟିକୁ ସମ୍ଭବ କରାଇବା ଲାଗି ଆଧାର ତଥା ଆଶ୍ରୟରୂପେ କାର୍ଯ୍ୟ କରି ପାରିବାଭଳି ସେହି ତଦ୍‌ଗତ ଆତ୍ମାର ଏକ ଅନାବରଣ ମଧ୍ୟ ଆବଶ୍ୟକ ହେଉଛି ।

ପ୍ରାଣପ୍ରଧାନ ଓ ଜଡ଼ାଶ୍ରିତ ମନୁଷ୍ୟସତ୍ତା ଓ ତାହାର ଜୀବନ ଲାଗି ଏକ ବୁଦ୍ଧିପ୍ରସୂତ ବିଜ୍ଞାନସୃଜ, ଏକ ପୂର୍ଣ୍ଣାଙ୍ଗପ୍ରାପ୍ତ ଅର୍ଥନୀତିମୂଳକ ସମାଜ ଓ କେବଳ ଏକ ସାଧାରଣ ମଧ୍ୟସ୍ତରରେହିଁ ସନ୍ତୁଷ୍ଟ ହୋଇ ରହିଥିବା ମଣିଷଲାଗି ତିଆରି ହୋଇଥିବା ଓ ତାହାଦ୍ୱାରା ଚାଲୁଥିବା ଏକ ଗଣତାନ୍ତ୍ରିକ ପୌତ୍ତଳିକତାର ପ୍ରତିଷ୍ଠା;—ଉପସ୍ଥିତ ସଙ୍କଟଟିର ଏକ ସମାଧାନ ଦିଗରେ ଆଲୋକପାତ କରି ପାରିବାଲାଗି ଆଧୁନିକ ମନ କେବଳ ଏତିକି ପ୍ରତିଶ୍ରୁତି ବ୍ୟତୀତ ଆଉ ଅଧିକ କିଛି ଦେଇ ପାରୁ ନାହିଁ । ଏସବୁର ସମର୍ଥକ ସତ୍ୟଟି ଯାହା ହୋଇଥାଉ ନା କାହିଁକି, ଆପଣାର ବର୍ତ୍ତମାନ ସୀମାଟିକୁ ଅତିକ୍ରମ କରି ବିକଶିତ ହୋଇ ଉଠିବାଲାଗି ଉଦ୍ଦିଷ୍ଟ ହୋଇ ରହିଥିବା ମନୁଷ୍ୟଜାତିର ପ୍ରୟୋଜନ ଲାଗି ତାହା କଦାପି ଯଥେଷ୍ଟ ବା ପର୍ଯ୍ୟାପ୍ତ ନୁହେଁ । ଅଥବା, ଅନ୍ତତଃ ପକ୍ଷେ ଆପଣାର ଅସ୍ତିତ୍ୱ ଧରି ରହିବାଲାଗି ଯେଉଁ ମନୁଷ୍ୟଜାତିକୁ ତାହାର ବର୍ତ୍ତମାନ ସ୍ଥିତିଠାରୁ ଆହୁରି କେତେ କେତେ ସୋପାନ ବିବର୍ତ୍ତିତ ହୋଇଯିବାକୁ ପଡ଼ିବ, ତାହାର ଆବଶ୍ୟକତାଟି ଆଗରେ ତାହା ଆଦୌ ଯଥେଷ୍ଟ ନୁହେଁ । ସମଗ୍ରତଃ

'oaob.nitrkl.ac.in' images reprocessed

ମନୁଷ୍ୟଜାତି ଭିତରେ ଓ ଏପରିକି ସାଧାରଣ ମନୁଷ୍ୟ ଭିତରେ ବି ଏକ ପ୍ରାଣାକାଙ୍କ୍ଷୀ ସହଜାତ ପ୍ରବୃତ୍ତି କ୍ରମେ ଏହି ଅଯଥେଷ୍ଟତାଟିକୁ ସ୍ପଷ୍ଟଭାବରେ ଅନୁଭବ କରିବାକୁ ଆରମ୍ଭ କରିଛି ଓ ଆପଣାର ମୂଳଗତ ଭୂମିରେ ଏକ ରୂପାନ୍ତର ଘଟାଇବାକୁ ବା ନୂତନ ମୂଲ୍ୟଗୁଡ଼ିକର ଆବିଷ୍କାର କରିବାକୁ ଓ ଆପଣାର ଜୀବନକୁ ଏକ ନୂତନ ଭିତ୍ତି ଉପରେ ନେଇ ସ୍ଥାପିତ କରିବାକୁ ପ୍ରବୃତ୍ତ ହୋଇଛି । ଏହି ଆକାଂକ୍ଷାଟି ମନୁଷ୍ୟର ସାର୍ବଜନୀନ ଜୀବନରେ ଏକତ୍ୱ, ପରସ୍ପର-ନିର୍ଭରଶୀଳତା ତଥା ସମଷ୍ଟିସତ୍ତାର ଏକ ସରଳ ଓ ପୂର୍ବପ୍ରସ୍ତୁତ ଭୂମିଟିଏ ଖୋଜି ବାହାର କରିବାର ପ୍ରୟାସରୂପେ ଆକାର ଗ୍ରହଣ କରିଛି; ଅହଂ ଓ ଅହଂ ମଧ୍ୟରେ ପ୍ରତିଦ୍ୱନ୍ଦ୍ୱିତାମୂଳକ ସକଳ ସଂଘର୍ଷକୁ ଯେକୌଣସି ପ୍ରକାରେ ଦମନ କରିଦେଇ ନାନା ପାର୍ଥକ୍ୟଦ୍ୱାରା ପୂର୍ଣ୍ଣ ଏକ ଜୀବନ ସ୍ଥାନରେ ସମାଜ ଲାଗି ଏକ ସମସ୍ୱାର୍ଥଗତ ଏକତାବଦ୍ଧ ଜୀବନର ବ୍ୟବସ୍ଥା କରିବା ଉଦ୍ଦେଶ୍ୟରେ ସେହି ଲବ୍ଧ ଭିତ୍ତିଟିକୁ ସମସ୍ତଙ୍କ ଉପରେ ଜୋର କରି ଲଦିଦେବାର ଏକ ପ୍ରୟାସରୂପେ ଦେଖାଦେଇଛି । ମାତ୍ର ଏହି ବାଞ୍ଛିତ ଉଦ୍ଦେଶ୍ୟଗୁଡ଼ିକର ସିଦ୍ଧି ଲାଗି ଅନ୍ୟ ଯାବତୀୟ ବିଚାରକୁ ବାଦ ଦେଇ କେବଳ କେତୋଟି ଅତିସୀମାବଦ୍ଧ ବିଚାର ଓ ବୋଲଗୁଡ଼ାକୁ ସିଂହାସନରେ ବସାଇ ଜୋର କରି ଅତି ସଫଳ ଭାବରେ ସେଗୁଡ଼ିକୁ ବାସ୍ତବରେ ପରିଣତ କରିବାକୁହିଁ ସାଧନରୂପେ ଗ୍ରହଣ କରାଯାଇଛି, ବ୍ୟକ୍ତିର ମନକୁ ଦବାଇ ରଖି ଦିଆଯାଇଛି, ଜୀବନର ଉପାଦାନଗୁଡ଼ିକୁ ଯାନ୍ତ୍ରିକ ଭାବରେ କୌଣସି ନିର୍ଦ୍ଦିଷ୍ଟ ଗୁଳା ମଧ୍ୟରେ ଭର୍ତ୍ତି କରି ରଖାଯାଇଛି, ପ୍ରାଣଶକ୍ତି ଉପରେ ଏକ ଯାନ୍ତ୍ରିକ ଶାସନକୁ ମଡ଼ାଇଦେଇ ତାହାକୁ ଏକାଠି ଏକ ନିର୍ଦ୍ଦିଷ୍ଟ ନାଳୀରେ ପରିଚାଳିତ କରିବାର ଚେଷ୍ଟା କରାଯାଇଛି, ବ୍ୟକ୍ତି ଉପରେ ରାଷ୍ଟ୍ରର ବଳାତ୍କାର ହୋଇଛି, ଏବଂ ବ୍ୟକ୍ତିର ଅହଂ ଜାଗାରେ ସମୂହଗତ ଅହଂଟାକୁ ସ୍ଥାନାପନ୍ନ କରି ରଖାଯାଇଛି । ଜାତିର ଆତ୍ମା, ଗଣର ଆତ୍ମା ଓ ସମୂହର ଆତ୍ମା ବୋଲି କହି ଏହି ସମୂହଗତ ଅହଂକୁ ଏକ ଆଦର୍ଶର ସ୍ତରକୁ ଉଠାଇ ଦିଆଯାଇଛି । ମାତ୍ର ଏସବୁ କରି ଏକ ପ୍ରକାଣ୍ଡ ଭୁଲ କରାଯାଇଛି ଓ ତାହା ପରିଶେଷରେ ଏକ ପ୍ରାଣଘାତକ ଭୁଲରେ ମଧ୍ୟ ପରିଣତ ହେବାର ପୂର୍ଣ୍ଣ ଆଶଙ୍କା ରହିଛି । ଏକ ସୂତ୍ର ଖୋଜିବାକୁ ଯାଇ ସମୂହର ଆତ୍ମା ଓ ସମୂହର ଜୀବନକୁହିଁ ବୃହତ୍ତର ଆତ୍ମା ଓ ବୃହତ୍ତର ଜୀବନ ବୋଲି ଘୋଷଣା କରାଯାଇ ତାହାରି ଉତ୍ତେଜନା ମଧ୍ୟରେ ମନ, ପ୍ରାଣ ତଥା କର୍ମର କ୍ଷେତ୍ରରେ ଜୋର କରି ଏକ ମତୈକ୍ୟକୁ ମଡ଼ାଇ ଦିଆଯାଇଛି ଏବଂ ସେଗୁଡ଼ିକୁ ସେଗୁଡ଼ିକର ସଂଘାତମୟତାର ଉଚ୍ଚତମ ଶିଖରରେ ଆଣି ପହଞ୍ଚାଇ ଦିଆଯାଇଛି । ମାତ୍ର ଏହି ଅସ୍ପଷ୍ଟ ସମଷ୍ଟିସତ୍ତା କଦାପି ସାମୂହିକ ଜୀବନର ଆତ୍ମା ବୋଲି ସ୍ୱୀକୃତ ହୋଇ ପାରିବ ନାହିଁ; ଏହା ହେଉଛି କେବଳ ସେହି ପ୍ରାଣଭୂମିର ଏକ ଶକ୍ତି ଯାହାକି ଅବଚେତନ ମଧ୍ୟରୁ ଗାତ୍ରୋତ୍ଥାନ କରି

'oaob.nitrkl.ac.in' images reprocessed

ତାହାର ଆସିଛି ଏବଂ ତାକୁ ଉଚିତ ମାର୍ଗରେ ପରିଚାଳିତ କରି ନେବାଲାଗି ଯଦି ବୁଦ୍ଧିଗତ ବିଚାର ଓ ବିବେକର ଆଲୋକଟି ମଧ୍ୟ ଜାଗ୍ରତ ନଥାଏ, ତେବେ ତାହା କେବଳ ଅନ୍ଧକାରାଚ୍ଛନ୍ନ ଆତ୍ମପ୍ରୀଣନଶକ୍ତିମାନଙ୍କ ଦ୍ୱାରାହିଁ ପରିଚାଳିତ ହେବାକୁ ଆରମ୍ଭ କରିବ । ଏହି ଆତ୍ମପ୍ରୀଣନଶକ୍ତିଗୁଡ଼ିକ ଯେତେ ପରାକ୍ରମଶାଳୀ ହୋଇଥିଲେ ମଧ୍ୟ ସମୂହର ଜୀବନଲାଗି ବିପଜ୍ଜନକ, କାରଣ ମନୁଷ୍ୟ ଯେଉଁ ଚେତନାଶୀଳ ବିବର୍ତ୍ତନକ୍ରମଟିର ନ୍ୟାସୀ ଓ ବାହକ ହୋଇ ରହିଅଛି, ସେଗୁଡ଼ିକ ସେହି ବିବର୍ତ୍ତନର ଏକାନ୍ତ ବିରୋଧୀ । ବିବର୍ତ୍ତନଗତ ପ୍ରକୃତି ମନୁଷ୍ୟକୁ ଏହିଭଳି ଏକ ପଥରେ ଗତି କରିବାଲାଗି କଦାପି ନିର୍ଦ୍ଦେଶନା ଦେଇ ନାହିଁ; ପ୍ରକୃତି ଆପଣା ପଛରେ ଯାହାକୁ ଛାଡ଼ିଦେଇ ଆସିଛି, ଏହା କେବଳ ପୁଣି ତାହାର ଆଡ଼କୁ ମନ ବଳାଇବା ଲାଗି ପ୍ରରୋଚନା ଦେଉଛି ।

ଏହି କ୍ଷେତ୍ରରେ ଆଉ ଏକ ସମାଧାନକୁ ବି ଆଣି ଠିଆ କରି ଦିଆଯାଇ ଥାଏ, ଯାହା ସେହି ଜଡ଼ବାଦୀ ବୁଦ୍ଧିଟାକୁହିଁ ଆଶ୍ରୟ କରିଥାଏ ଏବଂ ମନୁଷ୍ୟଜାତିର ଅର୍ଥ-ନୀତିଗତ ଜୀବନକୁ ଏକ ଓ ଦୋରସ୍ତ କରି ଗଢ଼ିବା ଉପରେ ସର୍ବାଧିକ ଗୁରୁତ୍ୱ ଦେଉଥାଏ । ମାତ୍ର ଏଠାରେ ମଧ୍ୟ ଠିକ୍ ଆଗପରି ଏକ ଉପାୟର ଅବଲମ୍ବନ କରି ଏହା କରିବାପାଇଁ ଚିନ୍ତା କରାଯାଏ; ମନ ଓ ପ୍ରାଣକୁ ଜୋର କରି ଏକ ନିର୍ଦ୍ଦିଷ୍ଟ ଗୃଳା ଭିତରେ ଭର୍ତ୍ତି କରି ରଖାଯାଏ, ଏବଂ ଗୋଷ୍ଠୀଗତ ଜୀବନଟିକୁ ସତେଅବା ଗୋଟାଏ ଯନ୍ତ୍ରପରି ଖଞ୍ଜି ରଖି ଦିଆଯାଏ । କେବଳ ବିଗ୍ରହ ତଥା ଜୀବନର ସକଳ ସ୍ୱାତନ୍ତ୍ର୍ୟକୁ ଜୋରକରି ସଙ୍କୁଚିତ କରି ରଖିହିଁ ଏପରି ଏକ ଐକ୍ୟସାଧନକୁ ବଜାୟ ରଖାଯାଇ ପାରେ; ଏବଂ ତା'ଦ୍ୱାରା ହୁଏତ କେବଳ ଉଇମାନଙ୍କର ସମୂହପରି ଏକ ଦୃଢ଼ୀଭୂତ ପୂର୍ଣ୍ଣଦକ୍ଷ ସଂଘଜୀବନର ନିର୍ମାଣ ହୁଏ, ଅଥବା, ଜୀବନର ସକଳ ଉତ୍ସ କ୍ରମଶଃ ଶୁଷ୍କ ହୋଇଯାଏ ଏବଂ ଧୀର ବା କ୍ଷିପ୍ର ଯେଉଁ ଗତିରେ ହେଉ ପଛକେ, କେବଳ ଏକ ଅବକ୍ଷୟ ଘୋଟିଆସେ । ଚେତନାର ଅଭିବୃଦ୍ଧି ଦ୍ୱାରାହିଁ ସମୂହସ୍ଥ ଆତ୍ମା ତଥା ଏହାର ଜୀବନଟି ଆତ୍ମସଂବିତ୍‌ସମ୍ପନ୍ନ ହୋଇପାରିବେ ଏବଂ ବିକାଶ କରିପାରିବେ । ଏବଂ ଚେତନାର ସେହି ଅଭିବୃଦ୍ଧି ସକାଶେ ମନ ଓ ପ୍ରାଣ ମଧ୍ୟରେ ସ୍ୱାଧୀନ କ୍ରିୟାଶକ୍ତି ମଧ୍ୟ ରହିଥିବା ଏକାନ୍ତ ଆବଶ୍ୟକ; କାରଣ ଉଚ୍ଚତର ଆଉକୌଣସି ନିମିତ୍ତ ଓ ସାଧନର ବିକାଶ ସମ୍ଭବ ହେବାଯାଏ ମନ ଓ ପ୍ରାଣ ହେଉଛନ୍ତି ଆତ୍ମାର ଏକମାତ୍ର ସାଧନ ଓ ଏକମାତ୍ର ନିମିତ୍ତ । ତେଣୁ ସେଗୁଡ଼ିକର କ୍ରିୟାତ୍ମକତାରେ ସେଗୁଡ଼ିକୁ କୌଣସି ପ୍ରକାରେ ନିଷିଦ୍ଧ ଓ ନିରୋଧିତ କରି କଦାପି ରଖାଯିବ ନାହିଁ; ସେଗୁଡ଼ିକୁ ଅନମନୀୟ, ସ୍ଥିତିସ୍ଥାପକତାଶୂନ୍ୟ କରି ରଖିଲେ କିମ୍ବା ସେଗୁଡ଼ିକର ପ୍ରଗତିଶୀଳ ପ୍ରବୃତ୍ତିଗୁଡ଼ିକୁ ବ୍ୟାହତ କରି ରଖିଲେ ଆଦୌ କାମ ଚଳିବ ନାହିଁ । ବ୍ୟକ୍ତିମନ ଓ ବ୍ୟକ୍ତିପ୍ରାଣର ବୃଦ୍ଧିଗତ ପ୍ରତିଯୁକ୍ତିରୁ ଯେଉଁ ବାଧା ଅଥବା ବିଶୃଙ୍ଖଳାମାନ ଆସି ଉପସ୍ଥିତ ହେଉଥିବେ,

'oaob.nitrkl.ac.in' images reprocessed

ବ୍ୟକ୍ତିକୁ କେବଳ ଦବାଇ ରଖିବାଦ୍ୱାରା ଆମେ କଦାପି ସେଗୁଡ଼ିକର ସୁସ୍ଥ ନିରାକରଣ କରିପାରିବା ନାହିଁ । କେବଳ ଏକ ବୃହତ୍ତର ଚେତନା ଭିତରକୁ ବ୍ୟକ୍ତିକୁ ଅଗ୍ରସର କରାଇ ନେବାଦ୍ୱାରାହିଁ ଏହାର ଯଥାର୍ଥ ଆରୋଗ୍ୟ ବା ନିରାକରଣ ସମ୍ଭବ ହେବ, କାରଣ ଏକ ବୃହତ୍ତର ଚେତନା ମଧ୍ୟରେହିଁ ବ୍ୟକ୍ତି ପରିପୂର୍ଣ୍ଣ ହେବ ଓ ପୂର୍ଣ୍ଣ ସାର୍ଥକତା ଲାଭ କରିବ ।

ଏହାଛଡ଼ା ଆଉ ଏକ ବିକଳ୍ପ ସମାଧାନ ସାଧାରଣ ମନୁଷ୍ୟ ଭିତରେ ଏକ ସନ୍ଦୀପିତ ବିଚାରଶକ୍ତି ତଥା ସନ୍ଦୀପିତ ଇଚ୍ଛାର ବିକାଶସାଧନ କରିବାଲାଗି ପରାମର୍ଶ ଦେଇଥାଏ; ତାହା ଫଳରେ ସେ ଏକ ନୂତନ ସାମାଜିକ ଓ ସର୍ବସ୍ୱୀକୃତ ଜୀବନ ଅନୁସାରେ ଆପଣାକୁ ଗଢ଼ିବାଲାଗି ସମ୍ମତ ଦେଇପାରିବ ଓ ସେହିଭଳି ଏକ ସମାଜ ଭିତରେ ସାମାଜିକ ସାଧାରଣ ଜୀବନର ସ୍ୱାର୍ଥଦୃଷ୍ଟିରୁ ଆପଣାର ଅହଂଟିକୁ ସର୍ବଜନ-ଇଚ୍ଛାର ଅଧୀନ କରି ରଖିବ ବୋଲି ବୁଝାଯାଇଥାଏ । ଏପରି ଏକ ମୌଳିକ ପରିବର୍ତ୍ତନ କିଭଳି ସମ୍ଭବ ହେବ ବୋଲି ପଚାରି ବସିଲେ ଉତ୍ତରରେ ଦୁଇଟି ବିଷୟର ଉଲ୍ଲେଖ କରାଯାଏ : ପ୍ରଥମଟିରେ ଏକ ବୃହତ୍ତର ଓ ଉନ୍ନତତର ମାନସିକ ଜ୍ଞାନ, ସମ୍ୟକ୍ ବିଚାରଧାରଣା, ବସ୍ତୁସ୍ଥିତି ସମ୍ବନ୍ଧରେ ସମ୍ୟକ୍ ପରିଚିତି ଏବଂ ସମାଜସ୍ଥ ବ୍ୟକ୍ତି ବା ପୌରଜନ ହିସାବରେ ସମ୍ୟକ୍ ଭାବରେ ଶିକ୍ଷାଦେବାର ଉଲ୍ଲେଖ କରି ଯାଇଥାଏ; ଏବଂ ଦ୍ୱିତୀୟଟିରେ ଏକ ନୂତନ ସାମାଜିକ ଯନ୍ତ୍ରବ୍ୟବସ୍ଥାର କଳ୍ପନା କରାଯାଇଥାଏ ଯାହାକି ସମାଜରୂପୀ ଯନ୍ତ୍ରଟିର କୁହୁକ ପ୍ରୟୋଗ କରି ବଡ଼ ସହଜରେ ସବୁ ସମସ୍ୟାର ସମାଧାନ କରିଦେବ ଓ ମନୁଷ୍ୟଜାତିକୁ ଏକ ଉନ୍ନତତର ଛାଞ୍ଚରେ ଗଢ଼ିଦେଇ ପାରିବ । ମାତ୍ର ଏସବୁ ବିଷୟରେ ଏକଦା ଯାହାକିଛି ଆଶା କରାଯାଇ ଥାଉ ପଛକେ, ଅନୁଭୂତିରୁ ଏକଥାଟି କେବେହେଲେ ପ୍ରମାଣିତ ହୋଇ ନାହିଁ ଯେ କେବଳ ଶିକ୍ଷା ତଥା ମସ୍ତିଷ୍କର ତାଲିମ ଦ୍ୱାରାହିଁ ମନୁଷ୍ୟର ପରିବର୍ତ୍ତନ ସମ୍ଭବ ହୋଇପାରିବ । ଶିକ୍ଷା ଓ ବୁଦ୍ଧିର ତାଲିମ ମନୁଷ୍ୟବ୍ୟକ୍ତି ଏବଂ ସମଷ୍ଟିଗତ ଅହଂକୁ କେବଳ ଅଧିକ ତଥ୍ୟଜ୍ଞାନ ଓ ଅଧିକ ବିଷୟପରିଚିତି ଆଣିଦେଇ ପାରିବ, ତା'ର ଆତ୍ମପ୍ରତିଷ୍ଠା ଲାଗି ତା' ହାତରେ ଏକ ଦକ୍ଷତର ସାଧନ ଯୋଗାଇଦେବ, ମାତ୍ର ଆଗରୁ ତା' ଭିତରେ ମନୁଷ୍ୟର ଯେଉଁ ଅହଂଟି ରାଜତ୍ୱ କରି ରହିଥିଲା, ସେଇଟିକୁ ଠିକ୍ ସେହିପରି ଅପରିବର୍ତ୍ତିତ ଭାବରେ ଛାଡ଼ିଦେଇ ଯିବ । ପରିପୂର୍ଣ୍ଣତା କହିଲେ ଆମେ ସାଧାରଣତଃ ଯେଉଁଭଳି ଏକ ପରିପୂର୍ଣ୍ଣତାର କଳ୍ପନା କରିଥାଉ, ବଡ଼ କୃତ୍ରିମ ଭାବରେ ବିରଚିତ ଯେପରି ଏକ ବିକଳ୍ପ ବୋଲି ଭାବିଥାଉ, କୌଣସି ପ୍ରକାର ସମାଜଯନ୍ତ୍ର ଦ୍ୱାରା ଆମେ ମନୁଷ୍ୟର ମନ ଓ ପ୍ରାଣକୁ ସେହି ପରିପୂର୍ଣ୍ଣତାଟି ଅନୁସାରେ କଦାପି ଗଢ଼ିଦେଇ ପାରିବା ନାହିଁ । ଜଡ଼ ବା ଜଡ଼ବସ୍ତୁକୁ ଗଢ଼ିଦେଇ ପାରିବା, ହୁଏତ ବିଚାର ବା ଭାବନାକୁ ମଧ୍ୟ ଗଢ଼ିଦେଇ ପାରିବା; ମାତ୍ର ମନୁଷ୍ୟର ଏହି ଅସ୍ତିତ୍ୱ ଭୂମିରେ ଜଡ଼ ଓ ଭାବନା

'oaob.nitrkl.ac.in' images reprocessed

ହେଉଛନ୍ତି ଆତ୍ମା ଓ ପ୍ରାଣସ୍ଥ ଶକ୍ତି ହାତରେ କେବଳ ଗୋଟିଏ ଗୋଟିଏ ସାଧନ ମାତ୍ର । ଆତ୍ମା ଓ ପ୍ରାଣସ୍ଥ ଶକ୍ତିକୁ ନେଇ କୌଣସି ଯନ୍ତ୍ର ମେସିନ୍‌ରୁ ବାହାରିଲା ପରି କୌଣସି ସମରୂପୀ ଆକାରମାନ ଗଢ଼ିଦେଇ ପାରିବ ନାହିଁ; ଖୁବ୍ ବେଶୀ ହେଲେ ତାହା ବଳପ୍ରୟୋଗ ବା ବାଧ୍ୟ କରିପାରିବ, ଆତ୍ମା ତଥା ମନର ସକଳ କ୍ରିୟାତ୍ମକତାକୁ ହରଣ କରିନେଇ ତାହାକୁ ସ୍ଥାଣୁ କରିଦେଇ ପାରିବ ଓ ପ୍ରାଣର ବାହ୍ୟକ୍ରିୟାଟିକୁ ଆପଣାର ନିୟନ୍ତ୍ରଣରେ ରଖିପାରିବ, ମାତ୍ର କେବଳ ଏତିକ କଥାକୁ ମଧ୍ୟ ଯଥାର୍ଥ ଫଳପ୍ରଦ ଭାବରେ ସମ୍ଭବ କରିବାକୁ ହେଲେ ମନ ଓ ପ୍ରାଣକୁ ଜୋର କରି ସଙ୍କୁଚିତ କରି ରଖିବା ଅପରିହାର୍ଯ୍ୟ ହୋଇପଡ଼େ ଏବଂ ତାହାଫଳରେ ମନୁଷ୍ୟର ଜୀବନରେ ଏକ ପ୍ରଗତିଶୂନ୍ୟ ନିଶ୍ଚଳତା ବା ଅଧଃପତନ ଆସି ଉପସ୍ଥିତ ହୁଏ । ମନ ଓ ପ୍ରାଣକୁ କେବଳ ନିୟନ୍ତ୍ରଣାଧୀନ ବା ଯନ୍ତ୍ରାରୂଢ଼ କରି ରଖିବା ବ୍ୟତୀତ ପ୍ରକୃତିର ରହସ୍ୟମୟ ଓ ଜଟିଳ ଗତିକ୍ରିୟାଗୁଡ଼ିକୁ ଆୟତ୍ତ କରି ପାରିବାଲାଗି ନ୍ୟାୟଯୁକ୍ତିସମ୍ପନ୍ନ ବ୍ୟବହାରବୁଦ୍ଧିକୁ ସମ୍ବଳ କରି ଧରିଥିବା ବୁଦ୍ଧି-ଆଶ୍ରିତ ମନ ପାଖରେ ଆଉ କୌଣସି ଦ୍ୱିତୀୟ ଉପାୟ ନଥାଏ । ଏବଂ ଯଦି ପ୍ରକୃତରେ ତାହାହିଁ ଘଟେ, ତେବେ ହୁଏତ କେବଳ ଏକ ବିଦ୍ରୋହଘୋଷଣା କରିହିଁ ମନୁଷ୍ୟତାର ଆତ୍ମା ଆପଣା ସ୍ୱାଧୀନତା ଓ ଅଭିବୃଦ୍ଧିର ପୁନରୁଦ୍ଧାର କରିବ ଓ ଆପେ ଯେଉଁ ଯନ୍ତ୍ରଟିର କବଳ ଭିତରେ ପଡ଼ି ରହିଥିଲା, ସେଇଟିକୁ ଭାଙ୍ଗି ପକାଇବ, ଅଥବା ଜୀବନକୁ ଅସ୍ୱୀକାର କରି ପଳାଇ ଯିବାର ପଥ ଧରି ଆପଣାକୁ ଆପଣା ଭିତରେ ପ୍ରତ୍ୟାହୃତ କରି ରଖିବ । ମନୁଷ୍ୟ ଆପଣାର ଆତ୍ମାଟିକୁ ଆବିଷ୍କାର କରିବ, ଆପଣାର ଆତ୍ମଶକ୍ତିକୁ ଆବିଷ୍କାର କରିବ ଓ ଆପଣାର ଆତ୍ମଗତ ସାଧନଗୁଡ଼ିକୁ ମଧ୍ୟ ଆବିଷ୍କାର କରିବ ଏବଂ ତାହାକୁ ସ୍ଥାନାପନ୍ନ-ରୂପେ ପ୍ରତିଷ୍ଠିତ କରି ସେ ମନର ଯନ୍ତ୍ରାରୂଢ଼ତା ଏବଂ ପ୍ରାଣପ୍ରକୃତିର ଅଜ୍ଞାନ ଓ ବିଶୃଙ୍ଖଳା ଉଭୟକୁ ଦୂର କରିଦେବ;—ମନୁଷ୍ୟଲାଗି ଏହାହିଁ ହେଉଛି ଯଥାର୍ଥ ବାଟ ଓ ଯଥାର୍ଥ ସମାଧାନ । ମାତ୍ର ଅତିନିୟନ୍ତ୍ରିତ ଓ ଯନ୍ତ୍ରଭାବାପନ୍ନ ଏକ ନିରୂଜ ସମାଜ-ଗଠନ ଭିତରେ ଆତ୍ମ-ଆବିଷ୍କାର ତଥା ଆତ୍ମରୂପାୟନର ଏପରି ଏକ ଗତିକ୍ରିୟା ସକାଶେ ସ୍ଥାନ କେଉଁଠୁ ଆସିବ, ସ୍ୱାଧୀନତା ବା କେଉଁଠୁ ଆସିବ ?

ଜୀବନ ତଥା ସମାଜର ଏକ ଯାନ୍ତ୍ରିକ ବ୍ୟବସ୍ଥା ମଧ୍ୟରୁ ଲେଉଟି ଆସିବା ସମୟରେ ମନୁଷ୍ୟର ମନ ହୁଏତ ଏକ ଧର୍ମଗତତାର ଆଶ୍ରୟ ଗ୍ରହଣ କରିବ ଏବଂ ଧର୍ମଶାସିତ ବା ଧର୍ମଦ୍ୱାରା ନିୟନ୍ତ୍ରିତ ଏକ ସମାଜ ଭିତରକୁ ଯେ ଫେରିଆସିବ, ଏପରି ଏକ ସମ୍ଭାବନା ମଧ୍ୟ ରହିଛି । ମାତ୍ର ଅନୁଷ୍ଠାନଗତ ଧର୍ମ ମନୁଷ୍ୟବ୍ୟକ୍ତିର ଅନ୍ତର୍ଗତ ଉନ୍ନୟନ ଲାଗି ଏକ ସାଧନ ଯୋଗାଇଦିଏ ଏବଂ ତାହାର ଭିତରେ ଅଥବା ତାହାର ପଛରେ ଆଧ୍ୟାତ୍ମିକ ଅନୁଭୂତି ଆଡ଼କୁ ତାହାର ଏକ ଉନ୍ମୋଚନ ଲାଗି ବାଟ ରଖିଥାଏ

'oaob.nitrkl.ac.in' images reprocessed

ସତ, ମାତ୍ର ତାହାଦ୍ୱାରା ମନୁଷ୍ୟର ଜୀବନ ତଥା ସମାଜରେ କୌଣସି ଯଥାର୍ଥ ପରିବର୍ତ୍ତନ ଘଟାଇବା ଦିଗରେ ତାହା ଏପର୍ଯ୍ୟନ୍ତ ମଧ୍ୟ ସଫଳ ହୋଇ ପାରି ନାହିଁ । ଏହା ସମର୍ଥ ହୋଇ ପାରି ନାହିଁ, କାରଣ ସମାଜର ଶାସନ କରିବାକୁ ଯାଇ ଏହାକୁ ଜୀବନର ନିମ୍ନତର କ୍ଷେତ୍ରଗୁଡ଼ିକ ସହିତ ଅନେକପ୍ରକାରେ ସାଲିସ୍ କରିବାକୁ ହୋଇଛି ଏବଂ ସେହି କାରଣରୁ ତାହା ସମଗ୍ର ସତ୍ତାର ଅନ୍ତର୍ଗତ ପରିବର୍ତ୍ତନଟି ଉପରେ ଯଥେଷ୍ଟ ଜୋର ଦେବାରେ ଆଦୌ ଅଟଳ ରହି ପାରି ନାହିଁ । କେବଳ ଧର୍ମମତ ଓ ଧର୍ମ-ସୂତ୍ରଟିକୁ ମାନି ଚଳିବା ଉପରେ ଜୋର ଦେଇଛି, ଧର୍ମର ନୈତିକ ନିୟମଗୁଡ଼ାକୁ ଔପଚାରିକ ଭାବରେ ମାନିନେଇ କେବଳ ଆନୁଷ୍ଠାନିକତା, ଉତ୍ସବବିଧି ଓ ଆଚାର-ଗୁଡ଼ାକୁ ଠିକ୍ ରଖିବା ଉପରେହିଁ ଜୋର ଦେଇ ପାରିଛି । ଏହିପରି ଭାବରେ କଳ୍ପିତ ଧର୍ମ ସାମାଜିକ ଜୀବନର ବାହ୍ୟାଙ୍ଗଟାରେହିଁ ନୀତି ଓ ଧର୍ମଗତତାକୁ ନେଇ ହୁଏତ ଏକ ଅଲଗା ରଙ୍ଗର ଛିଟିକାଟିଏ ଲଗାଇ ରଖିପାରେ ବା ବେଳେବେଳେ, ଏହା ଭିତରେ ଅନ୍ତର୍ଗତ ଅନୁଭବର ଏକ ମର୍ମସାର ଦୃଢ଼ ହୋଇ ରହି ପାରିଥିଲେ ତାହା ହୁଏତ ଏକ ଅପରିପୂର୍ଣ୍ଣ ଆଧ୍ୟାତ୍ମିକ ପ୍ରବୃତ୍ତିକୁ କେତେକାଂଶରେ ସାଧାରଣ ଜୀବନ ମଧ୍ୟରେ ସଞ୍ଚାର କରି ରଖିପାରେ; ମାତ୍ର ଏହା ଜାତିର ଜୀବନରେ କୌଣସି ରୂପାନ୍ତର ସମ୍ଭବ କରି ପାରେ ନାହିଁ । ଏହା ମନୁଷ୍ୟର ଜୀବନଲାଗି କୌଣସି ନୂତନ ତତ୍ତ୍ୱର ବିକାଶ ଘଟାଇ ପାରେ ନାହିଁ । ମନୁଷ୍ୟର ସମଗ୍ର ଜୀବନ ତଥା ସମଗ୍ର ପ୍ରକୃତିକୁ ଏକ ସମଗ୍ର ଚିନ୍ମୟ ଦିଗରେ ଅନୁଧାବିତ କରାଇ ପାରିଲେ ଯାଇ ମନୁଷ୍ୟତା ଆପଣାର ଏହି ସୀମାଗୁଡ଼ିକୁ ଡେଇଁ ଉତ୍ତୋଳିତ ହୋଇଯାଇ ପାରିବ । ଧର୍ମଗତ ସମାଧାନଟିର ସମକାଳୀନ ଅନ୍ୟ ଯେଉଁ କଳ୍ପନାଟି ଏଠାରେ ସମ୍ଭବ ହୋଇପାରେ, ତାହା ଅଧ୍ୟାତ୍ମ ଉପଲବ୍ଧିସମ୍ପନ୍ନ ବ୍ୟକ୍ତିମାନେହିଁ ସମାଜକୁ ବାଟ ଦେଖାଇନେବେ ବୋଲି ମତ ବାଢ଼ିଥାଏ; ଗୋଟିଏ ବିଶ୍ୱାସ ବା ଗୋଟିଏ ସାଧନାପଥରେ ସମସ୍ତେ ଏକ ଭ୍ରାତୃତ୍ୱ-ସୂତ୍ରରେ ଏକତ୍ୱବଦ୍ଧ ହୋଇ ରହିବେ ବୋଲି ମତ ଦେଇଥାଏ । ଏହିପରି ଏକ ଏକତ୍ୱବଦ୍ଧତା ମଧ୍ୟକୁ ଜୀବନର ପୁରାତନ ବ୍ୟବସ୍ଥାଟିକୁ ଗ୍ରହଣ କରିନେଇ କିମ୍ବା ଏକ ସମ୍ପୂର୍ଣ୍ଣ ନୂତନ ବ୍ୟବସ୍ଥାର ଉଦ୍‌ଭାବନ କରି ତଦ୍ୱାରା ଜୀବନ ତଥା ସମାଜକୁ ଆଧ୍ୟାତ୍ମିକ ଭାବରେ ଅନୁପ୍ରେରିତ କରି ରଖାଯିବ ବୋଲି ଏଥିରେ ଭୁହାହୋଇଥାଏ । ଇତି-ହାସରେ ଏଇଟିକୁ ନେଇ ମଧ୍ୟ ପ୍ରୟୋଗ ଓ ପ୍ରଚେଷ୍ଟା ହୋଇଛି ଏବଂ ସେଗୁଡ଼ିକ ବିଫଳ ହୋଇଛି । ଏକାଧିକ ଧର୍ମରେ ଏହାହିଁ ଆଧାରସ୍ଥ ସଙ୍ଘମୂଳ କଳ୍ପନା ହୋଇ ରହିଆସିଛି । ମାତ୍ର ସେହିସବୁ କ୍ଷେତ୍ରରେ ମନୁଷ୍ୟର ଅହଂ ତଥା ପ୍ରାଣଗତ ପ୍ରକୃତି ଏପରି ଭାବରେ ପ୍ରବଳ ହୋଇ ରହିଥିଲା ଯେ କେବଳ ମନର କ୍ଷେତ୍ରରେ ତଥା ମନର ସାହାଯ୍ୟରେ କାର୍ଯ୍ୟ କରୁଥିବା ଏକ ଧର୍ମକଳ୍ପନା ତାହାର ପ୍ରତିରୋଧକୁ ଆଦୌ ପରାହତ କରିପାରିଲା ନାହିଁ । କେବଳ ଆତ୍ମାର ପରିପୂର୍ଣ୍ଣ ଆବିର୍ଭାବ ହୋଇ-



'oaob.nitrkl.ac.in' images reprocessed

ପାରିଲେ, ପରମ ଚିଦ୍‌ଗତତାର ସ୍ୱରୂପସ୍ଥ ଆଲୋକ ତଥା ସାମର୍ଥ୍ୟ ପରିପୂର୍ଣ୍ଣ ଭାବରେ ଅବତୀର୍ଣ୍ଣ ହୋଇଆସିଲେ ଏବଂ ତାହାଫଳରେ ଏକ ଚିନ୍ମୟ ଓ ଅତିମାନସ ପରାପ୍ରକୃତି ଦ୍ୱାରା ଆମର ଏହି ଅତ୍ୟନ୍ତ ଅପରିଶ୍ରେଷ୍ଠ ମନୋମୟ ତଥା ପ୍ରାଣମୟ ପ୍ରକୃତିଟି ସ୍ଥାନରେ ଏକ ନୂତନ ପ୍ରକୃତିର ସଞ୍ଚରଣ ଘଟିଲେ ଅଥବା ସେହି ପ୍ରକୃତିଟି ରୂପାନ୍ତରିତ ଏବଂ ଉଦ୍ବେଳିତ ହୋଇଯାଇ ପାରିଲେହିଁ ଆମର ବିବର୍ତ୍ତନ ମଧ୍ୟରେ ଏହି ପରମବିସ୍ମୟଟି ପ୍ରକୃତରେ ସଂଘଟିତ ହୋଇପାରିବ ।

ପ୍ରକୃତିର ଆମୂଳ ପରିବର୍ତ୍ତନ ଉପରେ ଏହି ଯେଉଁ ଏତେବେଶୀ ଜୋର ଦିଆଯାଉଛି, ସେଥିରୁ, ହଠାତ୍ ଦୃଷ୍ଟି ପକାଇଲା ବେଳକୁ ମନୁଷ୍ୟସମାଜର ସକଳ ଆଶା ସତେଅବା ବିବର୍ତ୍ତନଗତ ଏକ ସୁଦୂର ଭବିଷ୍ୟର ଗର୍ଭରେ ପରାହତ ହୋଇ ରହିଥିବା ପରି ମନେହେବ । କାରଣ ଆମର ଏହି ନିତ୍ୟନୈମିତ୍ତିକ ମନୁଷ୍ୟପ୍ରକୃତିର ସୀମାକୁ ଡେଇଁ ଉପରକୁ ଉଠିଯିବା, ଆମର ମନୋଗତ, ପ୍ରାଣଗତ ତଥା ଭୌତିକ ସତ୍ତ୍ୱଗୁଡ଼ିକୁ ସେଗୁଡ଼ିକର ଆପଣା ସୀମା ଡିଆଁଇ ଉପରକୁ ଉଠାଇନେବା;—ଏଗୁଡ଼ାକ ସତେଅବା ଗୋଟିଏ ଗୋଟିଏ ଅତ୍ୟନ୍ତ ଉଚ୍ଚ ଓ ଆୟାସସାଧ୍ୟ ପ୍ରୟାସ ବୋଲି ମନେହେବ ଏବଂ ବର୍ତ୍ତମାନ ମନୁଷ୍ୟ ଯେଉଁଠି ରହିଛି, ସେଠି ସେଗୁଡ଼ିକୁ ସାଧ୍ୟ କରିବା ତା' ପକ୍ଷରେ ଅସମ୍ଭବ ବୋଲି ବୋଧହେବ । ମାତ୍ର ଯଦି ପ୍ରକୃତରେ ତାହାହିଁ ହୋଇଥାଏ, ତେବେ ତଥାପି ତାହା ବ୍ୟଷ୍ଟିଗତ ମନୁଷ୍ୟର ସେହି ଆକାଙ୍କ୍ଷିତ ରୂପାନ୍ତରର ଆଉକୌଣସି ସମ୍ଭାବନା ନାହିଁ ବୋଲି ବୁଝାଯିବ । କାରଣ ମନୁଷ୍ୟପ୍ରକୃତିରେ ଏକ ଅନୁରୂପ ପରିବର୍ତ୍ତନ ନଘଟାଇ ମନୁଷ୍ୟ-ଜୀବନର ଏକ ଯଥାର୍ଥ ପରିବର୍ତ୍ତନର ଆଶା ରଖିବାଟାକୁ ଆମେ କେବଳ ଏକ ଅଯୌକ୍ତିକ ଓ ଅନାଧ୍ୟାତ୍ମିକ ଦାବି ବୋଲି କହିବା । ଏପରି କହିବାର ଅର୍ଥ ହେଉଛି ଏକ ଅସ୍ୱାଭାବିକ ଓ ଅବାସ୍ତବ ବସ୍ତୁର ଆଶା କରି ବସିବା, ଏକ ଅସମ୍ଭବ ଅଲୌକିକତାର ଯାଚଞ୍ଚା କରିବା । ମାତ୍ର ଏହି ପରିବର୍ତ୍ତନ ଆମଠାରୁ ଯେଉଁ ବାଟସୃଷ୍ଟିର ଦାବି କରୁଛି, ତାହା ପ୍ରକୃତରେ ଆମଠାରୁ ବହୁ ଦୂରରେ ନାହିଁ, ତାହା ଆମ ସତ୍ତ୍ୱାର ବିରୋଧୀ ନୁହେଁ କିମ୍ବା ତାହା ଆଦୌ ଅସମ୍ଭବ ନୁହେଁ । କାରଣ, ଯେଉଁଟିକୁ ବିକଶିତ କରାଇ ଆଣିବାକୁ ହେବ, ତାହା ଆମ ବାହାରେ ଅବସ୍ଥିତ କୌଣସି ପଦାର୍ଥ ନୁହେଁ, ତାହା ଆମର ସତ୍ତା ମଧ୍ୟରେହିଁ ଅବସ୍ଥିତ ରହିଛି । ବିବର୍ତ୍ତନଶୀଳ ପ୍ରକୃତି ଆମ ପାଖରୁ କେବଳ ଆମ ଆତ୍ମଜ୍ଞାନଟିକୁ ଜାଗ୍ରତ କରାଇଦେବା ଲାଗି ଦାବି କରୁଛି, ଆମଠାରୁ ଆତ୍ମ-ଆବିଷ୍କାର ଦାବି କରୁଛି, ଆତ୍ମ-ଅଭିବ୍ୟକ୍ତି ଦାବି କରୁଛି ଓ ଆମ ଭିତରେ ଅବସ୍ଥିତ ଚିଦ୍‌ସତ୍ତ୍ୱାକୁ ପ୍ରକାଶ କରିଦେବାକୁ ଦାବି କରୁଛି; ସେହି ଚିଦ୍‌ସତ୍ତ୍ୱାର ଆତ୍ମଜ୍ଞାନ, ଆତ୍ମସାମର୍ଥ୍ୟ ଏବଂ ତାହାର ସ୍ୱରୂପଗତ ନୈମିତ୍ତିକତାଟିକୁ

'oaob.nitrkl.ac.in' images reprocessed

ଉନ୍ମୋଚିତ କରି ଦେବାଲାଗି ଦାବି କରୁଛି ।ପୁଣି, ବିବର୍ତ୍ତନକ୍ରମର ଅତୀନ୍ଦ୍ରିୟ ସମସ୍ତ ପଥଟି କେବଳ ଏହି ପଦକ୍ଷେପ ପାଇଁ ଏକ ପ୍ରସ୍ତୁତିରୂପେ କାର୍ଯ୍ୟ କରିଆସିଛି; ମନୁଷ୍ୟ-ଜାତିର ପ୍ରତ୍ୟେକଟି ସନ୍ଧିକ୍ଷଣ ସେହି ପଦକ୍ଷେପଟିକୁ କ୍ରମଶଃ ଅଧିକ ନିକଟବର୍ତ୍ତୀ କରିଆଣିଛି । ମନୋମୟ ତଥା ପ୍ରାଣମୟ ପରିଣତିଧାରାଟି ଏପରି ଏକ ବିନ୍ଦୁରେ ଆସି ଉପଗତ ହୋଇଛି, ଯେଉଁଠାରେ କି ବୁଦ୍ଧି ତଥା ପ୍ରାଣଶକ୍ତିର ଚାପ ପ୍ରାୟ ଏକ ଚରମ ସୀମାରେ ଆସି ପହଞ୍ଚିଛି । ଏଥର ସେଗୁଡ଼ିକ ହୁଏତ ଏକାବେଳକେ ଖଣ୍ଡ ଖଣ୍ଡ ହୋଇ ଭାଙ୍ଗିଯିବ ଅଥବା ପରାଜୟର ଜଡ଼ତା ମଧ୍ୟରେ ଅବସାଦଗ୍ରସ୍ତ ହୋଇ ରହିବ, କିମ୍ବା ଏକ ପ୍ରଗତିରହିତ ନିଶ୍ଚେଷ୍ଟତା ମଧ୍ୟରେ ନିଦ୍ରାମଗ୍ନ ହୋଇ ରହିବ; ଅଥବା ଯେଉଁ ଆବରଣଟିର ବିରୁଦ୍ଧରେ ସେମାନେ ଆପଣାର ସମସ୍ତ ଶକ୍ତି ପ୍ରୟୋଗ କରି ଆସିଥିଲେ, ସେଇଟି ବିଦୀର୍ଣ୍ଣ ହୋଇଯିବ । ଅଳ୍ପ କେତେଜଣ ଅଥବା ଅନେକଙ୍କର ଦୃଷ୍ଟିରେ ଯେଉଁ ରୂପାନ୍ତରର ଛବିଟି ଅନୁଭୂତ ହେବାକୁ ଆରମ୍ଭ କରିଛି, ବର୍ତ୍ତମାନ ସମଗ୍ର ମାନବଜାତିର ଦୃଷ୍ଟିକୁ ସେଇଆଡ଼କୁ ବୁଲାଇ ଦେବାର ଆବଶ୍ୟକତା ଆସି ପହଞ୍ଚିଛି; ସେହି ରୂପାନ୍ତରଟିର ଯେ ଏକାନ୍ତ ଆବଶ୍ୟକତା ରହିଛି, ଏହା ଯେ ଅବଶ୍ୟ ସମ୍ଭବ ହେବ, ବର୍ତ୍ତମାନ ସମସ୍ତଙ୍କ ମଧ୍ୟରେ ସେହି ଅନୁଭୂତିଟି ଆଣିବାକୁ ହେବ; ଆପଣା ଭିତରେ ତାହାକୁ ସମ୍ଭବ କରିବାର ଓ ସେଥିଲାଗି ବାଟଟି ଖୋଜି ବାହାର କରିବାର ଇଚ୍ଛାଟିକୁ ଜାଗ୍ରତ କରିବାକୁ ହେବ । ସେହି ପ୍ରବୃତ୍ତିଟି ବର୍ତ୍ତମାନ ମଧ୍ୟ ବିଦ୍ୟମାନ ରହିଛି ଓ ମନୁଷ୍ୟର ବିଶ୍ୱପରିସ୍ଥିତି ମଧ୍ୟରେ ସଙ୍କଟଗତ ସଂଘାତଟି ସଙ୍ଗେ ସଙ୍ଗେ ସେଇଟି ମଧ୍ୟ ଅବଶ୍ୟ ବୃଦ୍ଧିପ୍ରାପ୍ତ ହେବ । ଏକ ଉଦ୍ଧାରପଥ ବା ସମାଧାନ ଅବଶ୍ୟ ଦରକାର ଏବଂ ଏକ ଆଧ୍ୟାତ୍ମିକ ସମାଧାନ ବ୍ୟତୀତ ସମସ୍ୟାଟିର ଯେ ଅନ୍ୟକୌଣସି ସମାଧାନ ନାହିଁ, ସଙ୍କଟଗତ ପରିସ୍ଥିତିର ତାଡ଼ନାରେ ପଡ଼ି ଏହି ଅନୁଭୂତିଟି ନିଶ୍ଚୟ ବୃଦ୍ଧି ପାଇବ ଏବଂ ମନୁଷ୍ୟଜାତିକୁ ସେଇଟିକୁ ସ୍ୱୀକାର କରିନେବାକୁ ବାଧ୍ୟ କରିବ । ମର୍ତ୍ତ୍ୟସତ୍ତ୍ୱର ଏହି ଆକୁଳ ଆହ୍ୱାନଟିରେ ଦିବ୍ୟ ପରମସତ୍ୟ ଓ ପରମା ପ୍ରକୃତିଟି ମଧ୍ୟରେ ଯେ ଏକ ପ୍ରତିସ୍ପନ୍ଦନ ଅବଶ୍ୟ ଜାଗିଉଠିବ, ସେଥିରେ ଆଦୌ କୌଣସି ସନ୍ଦେହ ନାହିଁ ।

ଏହି ପ୍ରତିସ୍ପନ୍ଦନ ହୁଏତ କେବଳ କେତେଜଣ ବ୍ୟକ୍ତିଙ୍କ କାନରେ ଆସି ବାଜିପାରେ କିମ୍ବା କେବଳ କେତେଜଣ ବ୍ୟକ୍ତିଙ୍କରିହିଁ ଉନ୍ମୋଚନ ଘଟାଇପାରେ । ଅର୍ଥାତ୍ ଏହା ଫଳରେ ଅଧ୍ୟାତ୍ମଭାବାପନ୍ନ ବ୍ୟକ୍ତିମାନଙ୍କର ସଂଖ୍ୟାରେ ହୁଏତ କିଞ୍ଚିତ୍ ବୃଦ୍ଧି ଘଟିପାରେ, ଅଥବା, ଏଇଟି ସମ୍ଭବ ହେଲାପରି ଲାଗୁ ନଥିଲେ ମଧ୍ୟ ବେଶ୍ କଳ୍ପନା କରିହେଉଛି ଯେ ଆଧ୍ୟାତ୍ମିକ ଭାବର କୌଣସି ସଂକ୍ରମଣ ଘଟି ନଥିବା ଗରି ମନୁଷ୍ୟଚେତନା ମଧ୍ୟରେ ଜଣେ ବା କେତେଜଣ ବିଜ୍ଞାନମୟ ବ୍ୟକ୍ତି ହୁଏତ ବଡ଼

'oaob.nitrkl.ac.in' images reprocessed

ବିଚ୍ଛିନ୍ନ ଭାବରେ ଏଠାରେ ବିଚରଣ କରିବାକୁ ରହିପାରନ୍ତି । ଏହି ଉପଲବ୍ଧିପ୍ରାପ୍ତ ବିଚ୍ଛିନ୍ନ ସିଦ୍ଧ ବ୍ୟକ୍ତିମାନଙ୍କୁ ହୁଏତ ଆପଣାର ଗୋପନ ଦିବ୍ୟ ବିଚରଣଭୂମି ଭିତରକୁ ଆପଣାକୁ ପ୍ରତ୍ୟାହାର କରିନେବାକୁ ପଡ଼ିବ ଓ ଏକ ଆଧ୍ୟାତ୍ମିକ ନିଃସଙ୍ଗତା ମଧ୍ୟରେ ଆପଣାକୁ ସତତ ପହରା ଦେଇ ରଖିବାକୁ ପଡ଼ିବ; ଅଥବା, ଏହିପରି ଏକ ପରିବେଶ ମଧ୍ୟରେ ଏକ ଅଧିକ ସୁଖମୟ ଭବିଷ୍ୟତ ସକାଶେ ମନୁଷ୍ୟସମାଜକୁ ଯେତିକି ପ୍ରସ୍ତୁତ କରାଯାଇ ପାରିବ, ସେଥିଲାଗି ଆପଣାର ଅନ୍ତର୍ଗତ ଆଲୋକଟି ମଧ୍ୟରୁ କ୍ରିୟା କରିବାକୁ ପଡ଼ିବ । ଯେତେବେଳେ ଜଣେ ବିଜ୍ଞାନମୟ ବ୍ୟକ୍ତି ଠିକ୍ ତାଙ୍କ ନିଜଭଳି କୌଣସି ଏକ ଅନ୍ତର୍ଗତ ଜୀବନକୁ ବହନ କରୁଥିବା ଅନ୍ୟ ବ୍ୟକ୍ତିମାନଙ୍କର ଆବିଷ୍କାର କରି-ପାରିବେ, ସେମାନଙ୍କ ସହିତ ଏକାଠି ଗୋଟିଏ ଗୋଷ୍ଠୀ ବା ସମ୍ପ୍ରଦାୟ ଗଢ଼ିପାରିବେ, କେବଳ ସେତିକିବେଳେ ଯାଇ ଅଭିଳଷିତ ଅନ୍ତର୍ଗତ ପରିବର୍ତ୍ତନଟି ଏକ ସମୂହଗତ ରୂପ ଗ୍ରହଣ କରିପାରିବ । ଏହି ଗୋଷ୍ଠୀଟିର ଆପଣାର ଏକ ସ୍ୱକୀୟ ସ୍ୱତନ୍ତ୍ର ଅସ୍ତିତ୍ୱ ବା ଜୀବନ ରହିବ, ଅଥବା, ଏଇଟି ଏକ ଅଲଗା ଗୋଷ୍ଠୀ ବା ସମ୍ପ୍ରଦାୟ ହିସାବରେ ବାସ କରିବ, ଏବଂ ଆପଣା ଜୀବନର ଅନ୍ତର୍ଗତ ବିଧାନଟିକୁ ମାନି ଚଳିବ । ଆଧ୍ୟାତ୍ମିକ ଜୀବନର ଅନ୍ତର୍ଗତ ଶକ୍ତି, ଉଦ୍ଦେଶ୍ୟ ତଥା ଆକାଂକ୍ଷା ସହିତ ଆପଣାକୁ ଗଅଁଠାଇ ରଖି ଆପଣା ଜୀବନର ବିଧାନଟି ଅନୁସାରେ ପୃଥକ୍ ଭାବରେ ଜୀବନଯାପନ କରିବାର ତଥା ତଦନୁରୂପ ଏକ ଉପଯୁକ୍ତ ସ୍ୱାଭାବିକ ପରିବେଶ ତିଆରି କରିନେବାର ଆବଶ୍ୟକତାରୁହିଁ ଅତୀତରେ ସନ୍ନ୍ୟାସୀମାନଙ୍କର ସମ୍ପ୍ରଦାୟଜୀବନ ଜନ୍ମଲାଭ କରିଛି ଏବଂ ଏକ ନୂତନ ଓ ପୃଥକ୍ ସମ୍ପ୍ରଦାୟ ଗଢ଼ିନେଇ ଆପଣାର ଆଧ୍ୟାତ୍ମିକ ତତ୍ତ୍ୱଗୁଡ଼ିକ ଦ୍ୱାରା ସାଧାରଣ ମନୁଷ୍ୟସମାଜଠାରୁ ଅଲଗା ଓ ଆତ୍ମଶାସିତ ହୋଇ ରହିବାର ବହୁବିଧ ଚେଷ୍ଟା ହୋଇଆସିଛି । ସନ୍ନ୍ୟାସୀ-ବିହାରର ଜୀବନ ସ୍ୱଭାବତଃ ଇହବିମୁଖ ଆକାଂକ୍ଷୀ ବା ସାଧକମାନଙ୍କର ଏକ ସଂଘଜୀବନ । ଏହି ସନ୍ନ୍ୟାସୀମାନେ ଆପଣାର ସମସ୍ତ ସାଧନାକୁ ଆପଣା ମଧ୍ୟରେହିଁ ଏକ ଆଧ୍ୟାତ୍ମିକ ଜୀବନର ଆବିଷ୍କାର କରିବାରେ ଓ ତାହାକୁ ଉପଲବ୍ଧି କରିବାରେ ନିୟୋଜିତ କରି ରଖିଥା'ନ୍ତି; ଏବଂ ଆପଣାର ସେହି ସାଧନାରେ ସହାୟକ ହେଉଥିବା ଜୀବନଯାପନଗତ ବିଧାନଗୁଡ଼ିକୁ ନେଇ ସେମାନେ ଆପଣା ସଂଘଜୀବନଟିକୁ ଗଢ଼ିଥା'ନ୍ତି । ଏହା ସାଧାରଣତଃ କୌଣସି ନୂତନ ଜୀବନ-ରୂପାୟନ ଉଦ୍ଦେଶ୍ୟରେ କୌଣସି ପ୍ରୟାସ କରେ ନାହିଁ ବା ସାଧାରଣ ମନୁଷ୍ୟସମାଜର ଆୟତନଟିକୁ ଅତିକ୍ରମ କରି ଏକ ନୂତନ ବିଶ୍ୱବ୍ୟବସ୍ଥାର ସୃଷ୍ଟି କରିବାଲାଗି କୌଣସି ଅଭିଳାଷ ରଖି ନଥାଏ । ହୁଏତ କୌଣସି ଏକ ଧର୍ମ ଭବିଷ୍ୟତକୁ ନେଇ ସେପରି କୌଣସି ଏକ ଚିତ୍ରକୁ ଆପଣାର ସମ୍ମୁଖରେ ଧରି ରଖିପାରେ ଅଥବା ଏହି ଦିଗରେ ଅଗ୍ରସର ହେବାଲାଗି କିଛି ପ୍ରଥମ ଉଦ୍ୟମ ବି କରିପାରେ; କିମ୍ବା ମନୋଗତ କୌଣସି ଆଦର୍ଶ ମଧ୍ୟ ଠିକ୍ ସେହିପରି ଏକ ପ୍ରୟାସ

'oaob.nitrkl.ac.in' images reprocessed

କରିପାରେ । ମାତ୍ର ଆମର ପ୍ରାଣାତ୍ମକ ମନୁଷ୍ୟପ୍ରକୃତି ଭିତରେ ଅଟଳ ଓ ଅଦମ୍ୟ ହୋଇ ରହିଥିବା ନିଶ୍ଚେତନା ଓ ଅବିଦ୍ୟାଦ୍ୱାରାହିଁ ଏହିସବୁ ଯାବତୀୟ ଚେଷ୍ଟା ସର୍ବଦା କେବଳ ପରାଭୂତ ଓ ପ୍ରତିହତ ହୋଇପଡ଼ିଛି; କାରଣ ସେହି ପ୍ରକୃତିଟି ଏପରି ଏକ ଅନ୍ତରାୟ ହୋଇ ଠିଆ ହୋଇଥାଏ ଯେ କେବଳ କୌଣସି ଆଦର୍ଶବାଦ କିମ୍ବା ଅପରିପକ୍ୱ ଆଧ୍ୟାତ୍ମିକ ଆକାଙ୍କ୍ଷା ତାହାର ପୁଞ୍ଜୀଭୂତ ପ୍ରବଳ ତାମସିକତାକୁ ଜୟ କରିପାରେ ନାହିଁ ଅଥବା ତାହା ଉପରେ କୌଣସି ସ୍ଥାୟୀ ପ୍ରଭାବ ବିସ୍ତାର କରିପାରେ ନାହିଁ । ହୁଏତ ଆପଣାର ଅପରିପୂର୍ଣ୍ଣତା ଯୋଗୁଁ ଏହି ପ୍ରୟାସଟି ବିଫଳ ହୋଇଯାଏ କିମ୍ବା ବହିର୍ଜଗତର ନାନା ଅପରିପୂର୍ଣ୍ଣତାଦ୍ୱାରା ଆକ୍ରାନ୍ତ ହୋଇ ଆପଣା ଆକାଙ୍କ୍ଷାର ଉଜ୍ଜ୍ୱଳ ଶିଖରଦେଶରୁ ତଳକୁ ଖସିଆସେ ଓ ଏହି ସାଧାରଣ ମନୁଷ୍ୟସ୍ତରରେ ଥିବା କୌଣସି ବିମିଶ୍ରିତ ନିକୃଷ୍ଟତା ଭିତରେ ଆସି ପତିତ ହୁଏ । ମନୋଗତ, ପ୍ରାଣଗତ ତଥା ଭୌତିକ ସତ୍ତାକୁ ନୁହେଁ, ମାତ୍ର ଅଧ୍ୟାତ୍ମସତ୍ତାଟିକୁହିଁ ବ୍ୟକ୍ତ କରିଦେବା ଯଦି କୌଣସି ସାର୍ବଜନୀନ ଅଧ୍ୟାତ୍ମଜୀବନର ଉଦ୍ଦେଶ୍ୟ ହୋଇଥାଏ, ତେବେ ତାହାକୁ ଏହି ସାଧାରଣ ମନୁଷ୍ୟସମାଜର ମନୋଗତ, ପ୍ରାଣଗତ ତଥା ଭୌତିକ ମୂଲ୍ୟଗୁଡ଼ିକ ତୁଳନାରେ କୌଣସି ବୃହତ୍ତର ମୂଲ୍ୟଗୁଡ଼ିକ ଉପରେ ଆଧାରିତ ଏବଂ ପରିପୁଷ୍ଟ ହୋଇ ରହିବାକୁ ପଡ଼ିବ; ଯଦି ତାହା ସେହିଭଳି ଭାବରେ ଆଧାରିତ ହୋଇ ନରହେ, ତେବେ ତାହା ହୁଏତ ଟିକିଏ ପାର୍ଥକ୍ୟ ଥିବା କେବଳ ସାଧାରଣ ମନୁଷ୍ୟସମାଜ ହୋଇହିଁ ରହିଯିବ । ତେଣୁ ସମ୍ପୂର୍ଣ୍ଣ ଭାବରେ ଏକ ନୂତନ ଚେତନା ଦରକାର, ଅନେକସଂଖ୍ୟକ ବ୍ୟକ୍ତିଙ୍କ ମଧ୍ୟରେ ଏହି ଚେତନାର ଉଦୟ ହୋଇପାରିବା ଉଚିତ ଯାହାକି ସେମାନଙ୍କର ସମୁଦାୟ ସତ୍ତାଟିକୁ ସମ୍ପୂର୍ଣ୍ଣ ଭାବରେ ରୂପାନ୍ତରିତ କରିଦେଇ ପାରିବ, ସେମାନଙ୍କର ମନୋଗତ, ପ୍ରାଣମୟ ତଥା ଭୌତିକ ପ୍ରକୃତିସତ୍ତାକୁ ରୂପାନ୍ତରିତ କରିଦେବ; ଏବଂ ତେବେ ଯାଇ ନୂତନ ଜୀବନର ଆବିର୍ଭାବ ହୋଇ-ପାରିବ । ସାର୍ବଜନୀନ ମନୋଗତ, ପ୍ରାଣଗତ ତଥା ଭୌତିକ ପ୍ରକୃତିରେ ଏହିପରି ଏକ ରୂପାନ୍ତର ସମ୍ଭବ ହେଲେ ଯାଇ ଏକ ଉପଯୁକ୍ତ ଓ ଆକାଙ୍କ୍ଷାନୁରୂପ ସାର୍ବଜନୀନ ଜୀବନ ପ୍ରବର୍ତ୍ତିତ ହେବ । କେବଳ ଏକ ନୂତନ ପ୍ରକାରର ମନୋଗତ ଜୀବସତ୍ତାର ଆବିର୍ଭାବ ଘଟାଇବା ବିବର୍ତ୍ତନଗତ ପ୍ରେରଣାର କାର୍ଯ୍ୟ ହୋଇ ରହିବ ନାହିଁ; ମାତ୍ର ତାହାକୁ ଏକ ନୂଆ ବ୍ୟବସ୍ଥା ବା ନୂଆ ସୋପାନର ଜୀବସତ୍ତାର ପ୍ରକାଶ ଘଟାଇବାକୁ ପଡ଼ିବ, ଯେଉଁମାନେ କି ଆମର ଏହି ବର୍ତ୍ତମାନର ମନୋମୟ ପଶୁ ସ୍ତରରୁ ଆପଣାର ସମୁଦାୟ ସତ୍ତାଟିକୁ ଉତ୍ତୋଳିତ କରି ନେଇଥିବେ ଏବଂ ପାର୍ଥିବ ପ୍ରକୃତିର ଏକ ଉଚ୍ଚତର ଆଧ୍ୟାତ୍ମିକ ସୋପାନରେ ଯାଇ ଉପନୀତ ହୋଇ ପାରିଥିବେ ।

'oaob.nitrkl.ac.in' images reprocessed

ପାର୍ଥିବ ଜୀବନର ଏହିଭଳି ଏକ ପରିପୂର୍ଣ୍ଣ ରୂପାନ୍ତର ଏକାବେଳକେ ବହୁ ସଂଖ୍ୟକ ମନୁଷ୍ୟଙ୍କ ମଧ୍ୟରେ ଆପଣାକୁ କଦାପି ପ୍ରତିଷ୍ଠିତ କରିଦେବ ନାହିଁ । ଏପରିକି ଯେତେବେଳେ ଆମେ ଶେଷ ମୋଡ଼ଟିରେ ଆସି ପହଞ୍ଚିଯିବା, ସୀମାଂସକ ରେଖାଟିକୁ ଅତିକ୍ରମ କରିଯିବା, ସେତେବେଳେ ମଧ୍ୟ ଉନ୍ମେଷର ଏହି ପ୍ରଥମ ପର୍ଯ୍ୟାୟରେ ଅବସ୍ଥିତ ନୂତନ ଜୀବନଟିକୁ ଅଗ୍ନିପରୀକ୍ଷା ଓ ଆୟାସସାଧ୍ୟ ବିକାଶର ଏକ ପର୍ଯ୍ୟାୟ ମଧ୍ୟଦେଇ ଗତି କରିବାକୁ ପଡ଼ିବ । ସମୁଦାୟ ଜୀବନଟିକୁ ଆଧ୍ୟାତ୍ମିକ ତତ୍ତ୍ୱଟି ମଧ୍ୟକୁ ସ୍ୱୀକାର କରିନେଇ ସାଧାରଣ ଭାବରେ ପୁରାତନ ଚେତନାଟିରୁ ପରିବର୍ତ୍ତିତ ହୋଇଆସିବା,— ଏଇଟିହିଁ ଆବଶ୍ୟକ ପ୍ରଥମ ପଦକ୍ଷେପ ହୋଇ ରହିବ । ଏଥିଲାଗି ପ୍ରସ୍ତୁତ ହେବାକୁ ହୁଏତ ଦୀର୍ଘକାଳ ଲାଗିବ ଏବଂ ଉନ୍ମେଷଲାଭ କରିସାରିବା ପରେ ମଧ୍ୟ ଏହି ରୂପାନ୍ତରଟି କେବଳ ପର୍ଯ୍ୟାୟକ୍ରମରେହିଁ ଅଗ୍ରସର ହେବ । ଏକ ନିର୍ଦ୍ଦିଷ୍ଟ ସ୍ଥାନରେ ପହଞ୍ଚି ବ୍ୟକ୍ତି ମଧ୍ୟରେ ହୁଏତ ତାହା ବିସ୍ତୃତ ହେବାକୁ ଆରମ୍ଭ କରିବ ଏବଂ ଏପରିକି ବିବର୍ତ୍ତନଟି ପୂର୍ବବିହିତ କ୍ରମବଦ୍ଧତାଟିକୁ ଭାଙ୍ଗିଦେଇ ଘଟୁଥିବା ଏକ ଲମ୍ଫପ୍ରଦାନ ଦ୍ୱାରା ଆପଣାକୁ ସାର୍ଥକ କରିଦେବ । ମାତ୍ର କେବଳ ଗୋଟିଏ ବ୍ୟକ୍ତିର ଜୀବନରେ ଏହି ରୂପାନ୍ତର ଘଟିଲେ ତାହାଦ୍ୱାରା ସତ୍ତାର ଏକ ନୂତନ ପ୍ରକାର ବା ସୋପାନ କଦାପି ସୃଷ୍ଟି ହେବ ନାହିଁ ଅଥବା ଏକ ନୂତନ ସାମାଜିକ ବ୍ୟବସ୍ଥା ମଧ୍ୟ ଜନ୍ମଲାଭ କରିବ ନାହିଁ । ହୁଏତ ଏପରି ମଧ୍ୟ କଳ୍ପନା କରାଯାଇ ପାରେ ଯେ ବେଶ୍ କେତେଜଣ ବ୍ୟକ୍ତି ଏହିପରି ପୃଥକ୍ ଭାବରେ ସେହି ପୁରାତନ ଜୀବନଟିର ମଧ୍ୟରେ ଅବସ୍ଥିତ ରହି ମଧ୍ୟ ଆପଣାକୁ ବିବର୍ତ୍ତିତ କରିନେବେ ଏବଂ ତା'ପରେ ପରସ୍ପର ସହିତ ସମ୍ମିଳିତ ହୋଇ ନୂତନ ଜୀବନ ଲାଗି ଆବଶ୍ୟକ କେନ୍ଦ୍ରଟିର ପ୍ରତିଷ୍ଠା କରିପାରିବେ । ମାତ୍ର ପ୍ରକୃତିର ନିସ୍ଥାଟି ଯେ ପ୍ରକୃତରେ ଏହିପରି ରୀତିରେ ହେବ, ସେକଥା ଆଦୌ ସମ୍ଭବ ମନେ ହେଉ ନାହିଁ ଏବଂ ନିମ୍ନତର ପ୍ରକୃତିର ଜୀବନ ଭିତରେ ଆବଦ୍ଧ ରହି କୌଣସି ବ୍ୟକ୍ତି ଯେ ଆପଣା ଭିତରେ ଏକ ସମ୍ପୂର୍ଣ୍ଣ ରୂପାନ୍ତର ସମ୍ଭବ କରିବ ଏହା ଅତ୍ୟନ୍ତ କଠିନ ହୋଇ ରହିବ । ଏକ ନିର୍ଦ୍ଦିଷ୍ଟ ପର୍ଯ୍ୟାୟରେ ଯୁଗ ଯୁଗ ଧରି ଅବଲମ୍ବିତ ହୋଇ ଆସିଥିବା ସେହି ଉପାୟଟିକୁ ଗ୍ରହଣ କରିବା ହୁଏତ ଆବଶ୍ୟକ ହେବାକୁ ଲାଗିବ ଏବଂ ସେହି ଅନୁସାରେ ଆପଣାର ଏକ ଅଲଗା ଗୋଷ୍ଠୀ ଗଢ଼ିବାକୁ ପଡ଼ିବ । ଏହା ପଛରେ ସର୍ବଦା ଦୁଇଟି ଉଦ୍ଦେଶ୍ୟ ରହିଥିବ: ପ୍ରଥମତଃ ଏକ ସୁନିଶ୍ଚିତ ଓ ନିର୍ଭରଯୋଗ୍ୟ ପରିବେଶ ଯୋଗାଇ ଦିଆଯାଇ ପାରିବ, ଏକ ଅଲଗା ସ୍ଥାନ ମିଳିପାରିବ ଓ ଅଲଗା ଜୀବନର ଅନୁଶୀଳନ ହୋଇପାରିବ; ଯେଉଁଠି କେବଳ ସେହି ଗୋଟିଏ ଉଦ୍ୟମ ଲାଗି ସବୁକିଛୁ ଉଦ୍ଦିଷ୍ଟ ଓ ଏକନିରଥିତ ହୋଇ ରହିଛି, ସେହିପରି ଏକ ଉପାଦେୟ ପରିବେଶ ମଧ୍ୟରେ ବ୍ୟକ୍ତିର ଚେତନା କେବଳ ଆପଣାର ବିବର୍ତ୍ତନ ଓ ବିକାଶ ଉପରେହିଁ ଏକାଭିନିବିଷ୍ଟ ହୋଇ ରହିପାରିବ । ଏବଂ, ତା'ପରେ, ଯେତେବେଳେ ସବୁକଥା ଉଚିତ ଭାବରେ ପ୍ରସ୍ତୁତ ହୋଇଯିବ,

'oaob.nitrkl.ac.in' images reprocessed

ଯେତେବେଳେ ସେହି ପରିବେଶଟି ମଧ୍ୟରେ ଓ ଯଥୋଚିତ ଭାବରେ ପ୍ରସ୍ତୁତ ହୋଇସାରିଥିବା ଆଧ୍ୟାତ୍ମିକ ବାତାବରଣଟି ଭିତରେ ନୂତନ ଜୀବନଟିର ରୂପାୟନ ତଥା ବିକାଶ କରାଯାଇ ପାରିବ । ହୁଏତ ଏପରି ହୋଇପାରେ ଯେ ଉଦ୍ୟମଟିକୁ ଏହିପରି ଭାବରେ ଏକାଭିନିବିଷ୍ଟ କରି ରଖିବାଦ୍ୱାରା ପରିବର୍ତ୍ତନର ପଥରେ ଅବସ୍ଥିତ ସକଳ ବାଧା ଓ ବିଘ୍ନମାନେ ବି ଆପଣାର ସକଳ ଶକ୍ତିକୁ ଠୁଳ କରିଆଣି ସଂଘର୍ଷ ଲାଗି ଆସି ଉପସ୍ଥିତ ହେବେ । କାରଣ ଯେତେବେଳେ ବ୍ୟକ୍ତିଗତ ଭାବରେ ପ୍ରତ୍ୟେକ ସାଧକ ମଧ୍ୟରେ ଭବିଷ୍ୟତ ସମ୍ଭାବନାକୁ ସଫଳ କରିବାଲାଗି ଯେପରି ଏକ ଆବେଗ ରହିଥିବ, ଠିକ୍ ସେହିପରି ଯେଉଁ ଜଗତଟିର ରୂପାନ୍ତର ସାଧନ କରିବାକୁ ହେବ, ତାହାର ନାନା ଅପୂର୍ଣ୍ଣତା ମଧ୍ୟ ରହିଥିବ; ସାଧକର ସାମର୍ଥ୍ୟ ସହିତ ତା'ର ପୁରାତନ ସଂସ୍କାରଗୁଡ଼ିକର ନାନା ବାଧା ଓ ବିରୋଧ ଆସି ମଧ୍ୟ ଉପସ୍ଥିତ ହେବ । ଯେଉଁଠାରେ ପ୍ରସାର ଅତି କ୍ଷୁଦ୍ର, ସାଧାରଣ ଜୀବନ ଅତି ସଙ୍କୀର୍ଣ୍ଣ ଓ ବ୍ୟକ୍ତିମାନଙ୍କର ଜୀବନ ପରସ୍ପରର ଅତି ନିକଟରେ ଅବସ୍ଥିତ, ସେଠାରେ ପରସ୍ପର ସହିତ ନାନାଭାବେ ବିମିଶ୍ରିତ ହୋଇ ଏହି ବାଧାଗୁଡ଼ିକ ହୁଏତ ବିଶେଷ ଭାବରେ ବୃଦ୍ଧି ପାଇବାକୁ ଲାଗିବେ ଏବଂ ବିବର୍ତ୍ତନର ସହାୟକ ସାମର୍ଥ୍ୟଗୁଡ଼ିକର ଶକ୍ତି ତଥା ଅଭିନିବେଶଟିକୁ ମଧ୍ୟ ବିପର୍ଯ୍ୟସ୍ତ କରି ପକାଇବେ । ସାଧାରଣସ୍ତରର ନିତ୍ୟନୈମିତ୍ତିକ ଏହି ମନୋଗତ ଓ ପ୍ରାଣଗତ ଜୀବନ ତୁଳନାରେ ଅଧିକ ଯଥାର୍ଥ ଏବଂ ଅଧିକ ସତ୍ୟ ଓ ସୌଷମ୍ୟଯୁକ୍ତ ଆଉକିଛିର ବିକାଶ ଘଟାଇବା ଲାଗି ମନୋମୟ ମନୁଷ୍ୟ ଯାହାକିଛି ପ୍ରୟାସ କରିଆସିଛି, ଠିକ୍ ଏହି ବାଧାଟିଦ୍ୱାରାହିଁ ତାହା ଭଗ୍ନମନୋରଥ ହୋଇପଡ଼ିଛି । ମାତ୍ର ଯଦି ପ୍ରକୃତ ଯଥୋଚିତ ଭାବରେ ପ୍ରସ୍ତୁତ ହୋଇପାରିଛି ଏବଂ ବିବର୍ତ୍ତନର ଆରୋହୀ ପଥରେ ଆପଣାର ଯଥୋଚିତ ନିଷ୍ପତ୍ତିଟିକୁ ଗ୍ରହଣ କରିନେଇଛି, ଅଥବା ଉଚ୍ଚତର ଭୂମିଗୁଡ଼ିକରୁ ଅବତୀର୍ଣ୍ଣ ହୋଇ ଆସୁଥିବା ସେହି ପରମ ଚିଦ୍‌ସତ୍ତାର ସାମର୍ଥ୍ୟଟି ଯଥେଷ୍ଟ ଭାବରେ ଶକ୍ତିଶାଳୀ ରହିଛି, ତେବେ ଏହି ବାଧାଟିକୁ ମଧ୍ୟ ଲଂଘିଯିବା ସମ୍ଭବ ହେବ ଏବଂ ଦିବ୍ୟ ବିବର୍ତ୍ତନର ରୂପାୟନଟି ବା ରୂପାୟନସବୁ ଆବିର୍ଭୂତ ହୋଇ ଆସିବାକୁ ଆରମ୍ଭ କରିବ ।

ମାତ୍ର ଯଦି ପଥପ୍ରଦର୍ଶକ ସେହି ପରମ ଆଲୋକ ତଥା ପରମ ଇଚ୍ଛା ଉପରେ ସମ୍ପୂର୍ଣ୍ଣ ଭାବରେ ନିର୍ଭର କରି ରହିବା ଏବଂ ଜୀବନକ୍ଷେତ୍ରରେ ସେହି ପରମ ଚିଦ୍‌ସତ୍ତାର ସତ୍ୟଟିର ଏକ ଜ୍ୟୋତିର୍ମୟ ପ୍ରକାଶ ଘଟାଇବାହିଁ ବିଧାନ ବୋଲି ଗ୍ରହଣ କରିନେବାକୁ ହୁଏ, ତେବେ ସେଥିଲାଗି ଏକ ବିଜ୍ଞାନମୟ ଜଗତର ପୂର୍ବାବସ୍ଥାଟିକୁ ସ୍ୱୀକାର କରିବାକୁ ପଡ଼ିବ; ସେହି ଜଗତଟିରେ ସେଥିରେ ବାସ କରୁଥିବା ଯାବତୀୟ ସତ୍ତାର ଚେତନା ଏହି ଭୂମିଟିକୁହିଁ ଭିତ୍ତି କରି ରହିଥିବ । ସେଠାରେ ଏକ ବିଜ୍ଞାନମୟ ଗୋଷ୍ଠୀ ଅଥବା ଗୋଷ୍ଠୀଗୁଡ଼ିକ ମଧ୍ୟରେ ବିଜ୍ଞାନମୟ ବ୍ୟକ୍ତିମାନଙ୍କ ଭିତରେ ଯେଉଁ

'oaob.nitrkl.ac.in' images reprocessed

ପ୍ରଗେତ ଆଦାନପ୍ରଦାନ ଲାଗି ରହିଥିବ, ତାହା ଯେ ସ୍ୱଭାବତଃ ଏକ ପୂର୍ଣ୍ଣ ବୋଧ ଏବଂ ସୌଷମ୍ୟଯୁକ୍ତ ପ୍ରକ୍ରିୟାରେହିଁ ସଂଘଟିତ ହେଉଥିବ, ତାହା ବେଶ୍ ବୁଝିହେଉଛି । ମାତ୍ର ଏଠାରେ ବାସ୍ତବ କ୍ଷେତ୍ରରେ ବିଜ୍ଞାନମୟ ବ୍ୟକ୍ତିମାନେ ଆପଣାର ସେଉଁ ଜୀବନଟି ଯାପନ କରୁଥିବେ, ଅବିଦ୍ୟାଗ୍ରସ୍ତ ଜୀବମାନଙ୍କର ସଂସାର ଭିତରେ କିମ୍ବା ସେହି ସଂସାରର ସମାନ୍ତର ଭାବରେହିଁ ସେମାନଙ୍କୁ ତାହା କରିବାକୁ ପଡ଼ୁଥିବ; ବିଜ୍ଞାନମୟ ଜୀବନ ଅବଶିଷ୍ଟ ଏହି ସଂସାରଟି ଭିତରେ ଆବିର୍ଭୂତ ହେବାକୁ ଚେଷ୍ଟା କରୁଥିବ ଅଥବା ତାହାର ଭିତରୁହିଁ ଆବିର୍ଭୂତ ହେବାକୁ ଚେଷ୍ଟା କରୁଥିବ । ମାତ୍ର ତଥାପି ଏହି ଦୁଇ ପୃଥକ୍ ଜୀବନର ବିଧାନଗୁଡ଼ିକ ପରସ୍ପରର ନିଶ୍ଚୟ ବିରୋଧ କରିବେ ତଥା ପରସ୍ପରକୁ ଆଘାତ କରିବାକୁ ଆସିବେ ବୋଲି ସର୍ବଦା ମନେ ହେଉଥିବ । ଏବଂ ସେତେବେଳେ ଆଧ୍ୟାତ୍ମିକ ଗୋଷ୍ଠୀ ବା ସମ୍ପ୍ରଦାୟର ଜୀବନକୁ ଅବିଦ୍ୟାଗ୍ରସ୍ତ ଜୀବନଠାରୁ ସମ୍ପୂର୍ଣ୍ଣ ବିଚ୍ଛିନ୍ନ ଓ ଅଲଗା କରି ରଖିବା ବ୍ୟତୀତ ହୁଏତ ଆଉ କୌଣସି ଉପାୟ ଦର୍ଶିବ ନାହିଁ । କାରଣ ତା' ନହେଲେ ଦୁଇ ଜୀବନ ମଧ୍ୟରେ ଗୋଟାଏ ପ୍ରକାର ରଫା ବା ସାଲିସ୍ କରିନେବା ଆବଶ୍ୟକ ହେବ ଏବଂ ଏହିଭଳି କୌଣସି ରଫା ହୋଇଗଲା ପରେ ବୃହତ୍ତର ଜୀବନଟି କ୍ଷୁଦ୍ରତର ଜୀବନଟି ଦ୍ୱାରା ସଂକୀମିତ ହୋଇ ପଡ଼ିବାର ଅଥବା ଅପୂର୍ଣ୍ଣ ହୋଇ ରହିଯିବାର ଏକ ଆଶଙ୍କା ଆସି ପଡ଼ୁଥିବ । ଅର୍ଥାତ୍ ସେହି କ୍ଷେତ୍ରରେ ପରସ୍ପର ସହିତ କୌଣସି ସାମଞ୍ଜସ୍ୟ ଓ ସଂଗତି ରଖି ନଥିବା ସମ୍ପୂର୍ଣ୍ଣ ପୃଥକ୍ ଦୁଇଟି ଜୀବନତତ୍ତ୍ୱ ପରସ୍ପରର ସଂସ୍ପର୍ଶରେ ଆସିବେ, ଏବଂ ବୃହତ୍ତର ଜୀବନଟି ସାଧାରଣତଃ ଅପରଟିକୁ ପ୍ରଭାବିତ କରୁଥିବ ବୋଲି ବୁଝାଗଲେ ମଧ୍ୟ, କ୍ଷୁଦ୍ରତର ଜୀବନର ବୃହତ୍ତରଟି ଉପରେ ନିଶ୍ଚୟ କୌଣସି ନା କୌଣସି ପ୍ରଭାବ ଅବଶ୍ୟ ପଡ଼ିବ; କାରଣ ପରସ୍ପରର ନିକଟବର୍ତ୍ତୀ ହୋଇ ରହିଥିଲେ ଓ ପରସ୍ପର ମଧ୍ୟରେ ଆଦାନପ୍ରଦାନ ଲାଗି ରହିଥିଲେ ପରସ୍ପର ଯେ ପରସ୍ପର ଉପରେ ଆପଣାର ପ୍ରଭାବ ନିଶ୍ଚୟ ପକାଇବେ, ଏହା ହେଉଛି ସ୍ୱାଭାବିକ ନିୟମ । ସେମାନଙ୍କର ଏହି ସମ୍ବନ୍ଧଟିର ପ୍ରଥମ ବିଧାନରୂପେ ହୁଏତ କେବଳ ଦ୍ୱନ୍ଦ୍ୱ ଓ ସଂଘାତହିଁ ଏହି କ୍ଷେତ୍ରରେ ପ୍ରଥମେ ଆସି ଦୃଷ୍ଟିଗୋଚର ହେବ, ଏଠାରେ ଏପରି ଏକ ପ୍ରଶ୍ନ ବି ପଚରି ଯାଇପାରେ । କାରଣ ଅବିଦ୍ୟା ଦ୍ୱାରା ପରିଚାଳିତ ଜୀବନକ୍ଷେତ୍ରରେ ଅନ୍ଧକାର ଓ ତାମସିକତାର କେତେକେତେ ଶକ୍ତିର ପ୍ରଚଣ୍ଡତା ବିଦ୍ୟମାନ ରହିଛି ଓ ଆପଣାକୁ ସକ୍ରିୟ କରି ରଖିଛି; ଅନର୍ଥ ଓ ହିଂସାର ପୋଷକ ସେହି ଶକ୍ତିଗୁଡ଼ିକ ବିଦ୍ୟମାନ ରହିଛି, ମନୁଷ୍ୟର ଜୀବନ ମଧ୍ୟରେ ପ୍ରବେଶ କରୁଥିବା ଯାବତୀୟ ଉଚ୍ଚତର ଆଲୋକକୁ ସଙ୍କୀମିତ କରିଦେବା ଓ ନଷ୍ଟ କରି ପକାଇବାରେହିଁ ସେମାନଙ୍କର ସର୍ବଦା ଏକ ଆଗ୍ରହ ରହିଛି । ଯାହାକିଛି ନୂଆ ଓ ଯାହାକିଛି ମନୁଷ୍ୟଭୂମିଗତ ଅବିଦ୍ୟାର ଏହି ପ୍ରତିଷ୍ଠିତ ବ୍ୟବସ୍ଥାଟିର ଉପରକୁ ଉଠିଯିବାକୁ ଅଥବା ତାହାର ଆୟତନଟିକୁ ଭାଙ୍ଗି ବାହାରିଯିବାର ପ୍ରୟାସ କରୁଛି, ସେହି

'oaob.nitrkl.ac.in' images reprocessed

ଶକ୍ତିଗୁଡ଼ିକ ତାହାର ବିରୋଧ କରୁଛନ୍ତି, ତାହାକୁ କୌଣସିମତେ ସହି ପାରୁ ନାହାନ୍ତି ଓ ଏପରିକି ତାକୁ ଶାସ୍ତି ଦେବାକୁ ବାହାରି ପଡ଼ୁଛନ୍ତି । ଏବଂ ଯେଉଁ କ୍ଷେତ୍ରରେ ନୂତନ ତତ୍ତ୍ୱଟି ବିଜୟୀ ହୋଇପାରୁଛି, ସେତେବେଳେ ତାହାକୁ ସ୍ୱୀକାର କରୁଥିଲେ ମଧ୍ୟ ତାହା ଭିତରେ ସେହି ଶକ୍ତି ଅନାହୂତ ଭାବରେ ଆସି ପ୍ରବେଶ କରିଛି ଏବଂ ସେତେ-ବେଳେ ଏହି ସ୍ୱୀକୃତିଟାହିଁ ଯାବତୀୟ ବିରୋଧ ଅପେକ୍ଷା ଆମର ଏହି ଜଗତଟି ସକାଶେ ଅଧିକ ବିପଜ୍ଜନକ ହୋଇପଡ଼ୁଛି; ଏବଂ ପରିଣାମସ୍ୱରୂପ ଜୀବନର ନୂତନ ତତ୍ତ୍ୱଟି ପରିଶେଷରେ ଅବନତ, କଳୁଷିତ ଅଥବା ଏକାବେଳକେ ବିଧ୍ୱସ୍ତ ହୋଇ ପଡ଼ୁଛି । ଅତୀତରେ ଏହି କଥାଟିହିଁ ଅଧିକତର କ୍ଷେତ୍ରରେ ଘଟିଛି । ଏବଂ ମୂଳତଃ ଏକ ନୂତନ ଆଲୋକ ବା ନୂତନ ସାମର୍ଥ୍ୟ ଯଦି ଏହି ପୃଥିବୀଟିକୁ ଆପଣାର ଉତ୍ତରାଧିକାରରୂପେ ଦାବି କରିବାକୁ ଆସିବ, ତେବେ ସେହି ବିରୋଧ ହୁଏତ ଆହୁରି ଅଧିକ ହିଂସ୍ର ଓ ଭୀଷଣ ଆକାର ଧାରଣ କରିବ ଏବଂ ତାହାର ବ୍ୟର୍ଥତା ଆହୁରି ଅଧିକ ହୋଇଯିବ । ମାତ୍ର ଆମେ ଅନୁମାନ କରିନେବା ଯେ ଏହି ନୂତନ ତଥା ପରିପୂର୍ଣ୍ଣତର ଆଲୋକ ଆପଣା ସହିତ ଏକ ନୂତନ ତଥା ପରିପୂର୍ଣ୍ଣତର ସାମର୍ଥ୍ୟକୁ ବହନ କରି ଆଣିବ । ଏବଂ ସେହି କ୍ଷେତ୍ରରେ ଆପଣାକୁ ସମ୍ପୂର୍ଣ୍ଣ ଭାବରେ ଅଲଗା କରି ରଖିବାଲାଗି ମଧ୍ୟ ଆଉ ତାହାର କୌଣସି ଆବଶ୍ୟକତା ନଥିବ । ହୁଏତ ସେ ଆପଣାକୁ ଏକାବେଳକେ ଅନେକ ଦ୍ୱୀପରେ ପ୍ରତିଷ୍ଠିତ କରି ରଖିବ, ଏବଂ ସେହି ଆସ୍ଥାନଗୁଡ଼ିକରୁ ପୁରାତନ ଜୀବନ ମଧ୍ୟକୁ ପ୍ରସାରିତ ହେବାକୁ ଆରମ୍ଭ କରିବ, ତାହା ଉପରେ ଆପଣାର ସ୍ୱକୀୟ ପ୍ରଭାବ ଓ ଅନୁପ୍ରବେଶଗୁଡ଼ିକୁ ନିକ୍ଷିପ୍ତ କରି ଆଣିବ, ତାହା ଉପରେ ଅଧିକାର ବିସ୍ତାର କରିବ; ଏବଂ ତାହା ଉପରକୁ ଏପରି ଏକ ସହାୟ ତଥା ସମୁଜ୍ଜ୍ୱଳତାକୁ ବହନ କରି ଆଣିବ, ଯାହାକୁ କି ମନୁଷ୍ୟଜାତି ମଧ୍ୟରେ ଅବସ୍ଥିତ ଏକ ନୂତନ ଆକାଂକ୍ଷା କାଳକ୍ରମେ ବୃଦ୍ଧିବାକୁ ଆରମ୍ଭ କରିବ ଓ ତାହାକୁ ସ୍ୱାଗତ କରି ଆଣିବାଲାଗି ପ୍ରସ୍ତୁତ ହୋଇଯିବ ।

ମାତ୍ର ଏସବୁ ସମସ୍ୟା ହେଉଛି କେବଳ ଏକ ପରିବର୍ତ୍ତନକାଳୀନ ସମସ୍ୟା; ବିବର୍ତ୍ତିତ ହେଉଥିବା ଶକ୍ତିଟି ବିଜୟ ଲାଭ କରି ପରିପୂର୍ଣ୍ଣ ଭାବରେ ରୂପାନ୍ତରିତ ହେବା ପୂର୍ବରୁ ଏବଂ ବିଜ୍ଞାନମୟ ଜୀବନଟି ଆମର ମନୋମୟ ସତ୍ତ୍ୱାଟି ବର୍ତ୍ତମାନ ଯେପରି ରହିଛି, ଠିକ୍ ସେହିପରି ଭାବରେ ଏହି ପାର୍ଥିବ ବିଶ୍ୱବ୍ୟବସ୍ଥାର ଏକ ସୁପ୍ରତିଷ୍ଠିତ ଅଂଶରେ ପରିଣତ ହେବା ପୂର୍ବରୁ ବିବର୍ତ୍ତନର ଯେଉଁ ମଧ୍ୟବର୍ତ୍ତୀ ପଥଟି ଅତିକ୍ରମ କରିବାକୁ ପଡ଼ିବ, ଏହା କେବଳ ତାହାର ସମସ୍ୟା । ପୃଥିବୀର ଏହି ଜୀବନକ୍ଷେତ୍ରରେ ବିଜ୍ଞାନ-ଚେତନାର ପ୍ରତିଷ୍ଠା ଘଟିବ ବୋଲି ଯଦି ଅନୁମାନ କରାଯାଏ, ତେବେ ସେତେବେଳେ ତାହା ମଧ୍ୟରେ ଯେଉଁ ସାମର୍ଥ୍ୟ ତଥା ଯେଉଁ ଜ୍ଞାନ ଅବସ୍ଥିତ ରହିଥିବ, ତାହା ମନୋମୟ ମନୁଷ୍ୟର ଜ୍ଞାନ ତଥା ସାମର୍ଥ୍ୟଠାରୁ ନିଶ୍ଚୟ ଅନେକ ଅଧିକ ହେବ; ଏବଂ

'oaob.nitrkl.ac.in' images reprocessed

ବିଜ୍ଞାନମୟ ବ୍ୟକ୍ତିମାନଙ୍କର ସଂଘଗତ ଜୀବନଟି ସମାଜର ଅବଶିଷ୍ଟ ଜୀବନଠାରୁ ପୃଥକ୍ ହୋଇ ରହିଥିବ ବୋଲି ଯଦି ଅନୁମାନ କରାଯାଏ, ତେବେ ଏକ ନିମ୍ନତର ପ୍ରାଣୀ-ଜାତିର ଆକ୍ରମଣ ସମ୍ମୁଖରେ ମନୁଷ୍ୟର ସଂଗଠିତ ତଥା ସଂଘବଦ୍ଧ ଜୀବନ ଯେତିକି ନିରାପଦ ରହିବା କଥା ସେତିକିବେଳେ ସେହି ବିଜ୍ଞାନମୟ ବ୍ୟକ୍ତିମାନଙ୍କର ସଂଘଗତ ଜୀବନଟି ମଧ୍ୟ ସକଳ ସମ୍ଭାବ୍ୟ ଆକ୍ରମଣ ସମ୍ମୁଖରେ ଠିକ୍ ସେହି ପରିମାଣରେ ନିରାପଦ ହୋଇ ରହିଥିବ । ମାତ୍ର ଏହି ଜ୍ଞାନ ତଥା ବିଜ୍ଞାନମୟ ପ୍ରକୃତିର ସ୍ୱକୀୟ ତତ୍ତ୍ୱଟି ଯେପରି ବିଜ୍ଞାନମୟ ବ୍ୟକ୍ତିମାନଙ୍କର ସଂଘଗତ ଜୀବନରେ ଏକ ଜ୍ୟୋତିର୍ମୟ ଏକତ୍ୱକୁ ସୁନିଶ୍ଚିତ କରି ରଖିବ, ଠିକ୍ ସେହିପରି ଏହି ଦୁଇ କିସମର ଜୀବନ ମଧ୍ୟରେ ବି ଏକ ସୌଷମ୍ୟ ତଥା ସମଞ୍ଜସତାକୁ ପ୍ରଭାବଶାଳୀ ଭାବରେ ସୁନିଶ୍ଚିତ କରି ରଖିବାଲାଗି ତାହା ନିଶ୍ଚୟ ସମର୍ଥ ହେବ । ପୃଥିବୀ ଉପରେ ପଡ଼ିଥିବା ଅତିମାନସ ତତ୍ତ୍ୱର ପ୍ରଭାବଟି ଅବିଦ୍ୟାଗ୍ରସ୍ତ ଜୀବନର କ୍ଷେତ୍ରଟି ଉପରେ ମଧ୍ୟ ଯାଇ ପଡ଼ିବ ଏବଂ ସେହି କ୍ଷେତ୍ରଟିର ଆପଣା ସୀମାଗୁଡ଼ିକ ମଧ୍ୟରେ ସେଠାରେ ଏକ ସୌଷମ୍ୟ ପ୍ରତିଷ୍ଠିତ କରି ରଖିପାରିବ । ବିଜ୍ଞାନମୟ ଜୀବନ ଯେ ଅବଶିଷ୍ଟ ସମୁଦାୟ ଜୀବନଟିରୁ ନିଜକୁ ପୃଥକ୍ କରି ରଖିଥିବ, ସେକଥା ବେଶ୍ କଳ୍ପନା କରି ହେଉଛି; ମାତ୍ର ତଥାପି ମନୁଷ୍ୟଜୀବନର ଯେତିକି ଅଂଶ ଆଧ୍ୟାତ୍ମିକତାର ଅଭିମୁଖୀ ହୋଇ ରହିଥିଲା ଓ ଅଭିଳଷିତ ଶିଖରଗୁଡ଼ିକ ଆଡ଼କୁ ଅଗ୍ରସର ହୋଇ ଯାଉଥିଲା, ବିଜ୍ଞାନମୟ ଜୀବନ ସେଇଟିକୁ ମଧ୍ୟ ଆପଣାର ପରିଧିଟି ମଧ୍ୟରେ ନିଶ୍ଚୟ ଗ୍ରହଣ କରିନେବ । ଏହାପରେ ଯେଉଁ ଅଂଶଟି ବାକୀ ରହିବ, ସେଇଟି ହୁଏତ ପ୍ରଧାନତଃ ମନୋମୟ ତତ୍ତ୍ୱଟିକୁ ଆଧାର କରି ସେହି ପୁରାତନ ଭିତ୍ତିଗୁଡ଼ିକ ଉପରେହିଁ ନିଜକୁ ସଂଗଠିତ କରିବାରେ ତତ୍ପର ରହିବ; ମାତ୍ର ଅତି ସ୍ପଷ୍ଟଭାବରେ ଅନୁଭୂତ ହେଉଥିବା ଏକ ବୃହତ୍ତର ଜ୍ଞାନର ସାହାଯ୍ୟରେ ଓ ତାହାଦ୍ୱାରା ପ୍ରଭାବିତ ହୋଇ ତାହା ଏପରି ଏକ ପରିପୂର୍ଣ୍ଣତର ସୌଷମ୍ୟ ସହିତ ଆପଣାକୁ ସଂଘଟିତ ଓ ପ୍ରତିଷ୍ଠିତ କରି ରଖିବାରେ ତତ୍ପର ରହିବ, ଯାହା କରିବାକୁ କି ମନୁଷ୍ୟର କୌଣସି ସମାଜ ଏପର୍ଯ୍ୟନ୍ତ ସମର୍ଥ ହୋଇ ନାହିଁ । ମାତ୍ର ଏଠାରେ ମଧ୍ୟ ମନ କେବଳ ଭବିଷ୍ୟତ ସମ୍ଭାବନାଗୁଡ଼ିକର ଏକ ଛବିହିଁ ଆଙ୍କିଦେଇ ପାରିବ; କିନ୍ତୁ ନୂତନ ବିଶ୍ୱବ୍ୟବସ୍ଥାଟି ବସ୍ତୁଗୁଡ଼ିକର ସତ୍ୟ ଅନୁସାରେ ବସ୍ତୁତଃ କିଭଳି ଏକ ଭାରସାମ୍ୟର ପ୍ରତିଷ୍ଠା କରିବ, ପରାପ୍ରକୃତି ମଧ୍ୟରେ ଅବସ୍ଥିତ କେବଳ ସେହି ଅତିମାନସ ତତ୍ତ୍ୱହିଁ ତାହାର ନିର୍ଣ୍ଣୟ କରିବ ।

ବିଜ୍ଞାନମୟ ସେହି ପରାପ୍ରକୃତି ଆମର ଏହି ଅବିଦ୍ୟାଚ୍ଛନ୍ନ ସାଧାରଣ ପ୍ରକୃତିଟିର ଯାବତୀୟ ମୂଲ୍ୟାୟନର ସୀମାଟିକୁ ଅତିକ୍ରମ କରି ଅବସ୍ଥିତ ରହିଛି । ଆମର ଯାବତୀୟ ମୂଲ୍ୟ ଓ ମାନଦଣ୍ଡ କେବଳ ଅବିଦ୍ୟାଦ୍ୱାରାହିଁ ସୃଷ୍ଟି ହୋଇଛି ଏବଂ ସେହି କାରଣରୁ

'oaob.nitrkl.ac.in' images reprocessed

ତାହା ଭିତରେ ପରାପ୍ରକୃତିର ଜୀବନକଳନା କରି ପାରିବାଲାଗି ଆଦୌ କିଛି ସାମର୍ଥ୍ୟ ନାହିଁ । ମାତ୍ର ଏକଥା ମଧ୍ୟ ସ୍ମରଣ ରଖିବାକୁ ହେବ ଯେ ଆମର ଏହି ବର୍ତ୍ତମାନ ପ୍ରକୃତିଟି ମୂଳତଃ ସେହି ପରାପ୍ରକୃତି ମଧ୍ୟରୁହିଁ ନିଷ୍ପନ୍ନ ହୋଇଛି; ଏହାକୁ ଆମେ ଯଥାର୍ଥରେ ଏକ ପୂର୍ଣ୍ଣ ଅବିଦ୍ୟା ବା ଅଜ୍ଞାନ ବୋଲି କହିପାରିବା ନାହିଁ, ଏହା ହେଉଛି ଏକ ଅର୍ଦ୍ଧ-ଜ୍ଞାନ । ତେଣୁ ସମ୍ପୂର୍ଣ୍ଣ ଯୁକ୍ତିଯୁକ୍ତ ଭାବରେ ଏକଥାଟି ଅନୁମାନ କରାଯାଇ ପାରିବ ଯେ ତାହାର ସକଳ ମୂଲ୍ୟ ଓ ମାନଦଣ୍ଡ ଭିତରେ ବା ତାହାର ଅନ୍ତରାଳରେ ଯାହାକିଛି ଚିନ୍ମୟ ସତ୍ୟ ବିଦ୍ୟମାନ ରହିଛି, ଉଚ୍ଚତର ଜୀବନଭୂମିରେ ତାହା ଅବଶ୍ୟ ପୁନରାବିର୍ଭୂତ ହୋଇ ଆସିବ; ମାପଦଣ୍ଡ ଅଥବା ମାନଦଣ୍ଡ ହିସାବରେ ନୁହେଁ, ମାତ୍ର ରୂପାନ୍ତରିତ ଉପାଦାନରୂପେ ଆବିର୍ଭୂତ ହୋଇ ଆସିବ; ଅବିଦ୍ୟାର ଗର୍ଭମଧ୍ୟରୁ ଉତ୍ତୋଳିତ ହୋଇ ଆସିବ, ଏକ ଅଧିକ ଜ୍ୟୋତିର୍ମୟ ଜୀବନର ଯଥାର୍ଥ ସୌଷମ୍ୟ ମଧ୍ୟକୁ ଉତ୍ତୋଳିତ ହୋଇଯିବ । ବିଶ୍ୱପ୍ରବିଷ୍ଟ ଚିନ୍ମୟ ବ୍ୟକ୍ତି ଆପଣାର ସୀମାସଙ୍କୁଚିତ ବ୍ୟକ୍ତିତ୍ୱ ଅର୍ଥାତ୍ ଅହଂଟିକୁ କାଢ଼ି ପକାଇଦେବା ସଙ୍ଗେ ସଙ୍ଗେ, ମନୋମୟତାର ପ୍ରାଚୀରବାଡ଼ଗୁଡ଼ିକୁ ଅତିକ୍ରମ କରି ପରାପ୍ରକୃତିସ୍ଥ ଏକ ପରିପୂର୍ଣ୍ଣତର ଜ୍ଞାନ ମଧ୍ୟକୁ ଉତ୍ତୋଳିତ ହୋଇଯିବା ସଙ୍ଗେ ସଙ୍ଗେ ମନୋଗତ ଆସ୍ପୃହାଟିର ଦ୍ୱନ୍ଦ୍ୱରତ ଯାବତୀୟ ଆଦର୍ଶ ତା'ଠାରୁ ଅଲଗା ହୋଇ ନିଷ୍ଟୟ ତଳକୁ ଖସିପଡ଼ିବ; ମାତ୍ର ସେଗୁଡ଼ିକ ପଛରେ ପ୍ରଚ୍ଛନ୍ନ ହୋଇ ରହିଥିବା ସତ୍ୟଟି ପରାପ୍ରକୃତିର ଜୀବନ ମଧ୍ୟରେ ଅବସ୍ଥାନ କରିବାକୁ ଆରମ୍ଭ କରିବ । ବିଜ୍ଞାନମୟ ଚେତନା ମଧ୍ୟରେ ସକଳ ବିରୋଧ ଓ ସକଳ ଦ୍ୱନ୍ଦ୍ୱାତ୍ମକତାର ଅବସାନ ଘଟିବ, ଅର୍ଥାତ୍ ଏକ ଉଚ୍ଚତର ଦୃଷ୍ଟି ତଥା ଉଚ୍ଚତର ସମ୍ଭୂତି ମଧ୍ୟରେ ସେଗୁଡ଼ିକ ପରସ୍ପର ମଧ୍ୟରେ ଏକତ୍ରସମାବିଷ୍ଟ ହୋଇ ରହିବ, ଏକ ଏକତ୍ୱବିଭ ଆତ୍ମଜ୍ଞାନ ତଥା ବିଶ୍ୱଜ୍ଞାନ ମଧ୍ୟରେ ସମାହିତ ହୋଇ ରହିବ । ବିଜ୍ଞାନମୟ ସତ୍ତ୍ୱ ମନର କୌଣସି ଆଦର୍ଶ ଅଥବା ମାନଦଣ୍ଡକୁ କେବେହେଁ ସ୍ୱୀକାର କରିବ ନାହିଁ; କେବଳ ଆତ୍ମସର୍ବସ୍ୱ ବା ଅହଂସର୍ବସ୍ୱ ହୋଇ ସେ କଦାପି ଜୀବନ ଧାରଣ କରିବାକୁ ପ୍ରେରିତ ହେବ ନାହିଁ; ଏପରିକି ମନୁଷ୍ୟସମାଜ ଲାଗି, ଅନ୍ୟମାନଙ୍କ ଲାଗି, ସମଷ୍ଟିଲାଗି କିମ୍ବା ରାଷ୍ଟ୍ରଲାଗି ମଧ୍ୟ ବଞ୍ଚି ରହିବାଲାଗି ନିଜକୁ ପ୍ରେରିତ କରିବ ନାହିଁ । କାରଣ ସେ ଏହିସବୁ ଯାବତୀୟ ଅର୍ଦ୍ଧସତ୍ୟଗୁଡ଼ିକ ଅପେକ୍ଷା ବୃହତ୍ତର ଏକ ସତ୍ୟର ସନ୍ଧାନ ଲାଭ କରିବ, ସେ ଦିବ୍ୟ ପରମସତ୍ୟର ସନ୍ଧାନ ଲାଭ କରିବ । ଏବଂ ସେହି ସତ୍ୟଟିଲାଗିହିଁ ସେ ବଞ୍ଚିରହିବ, ଆପଣା ଭିତରେ ତଥା ସବୁଟି ଭିତରେ ଜାଗ୍ରତ ହୋଇ ରହିଥିବା କେବଳ ତାହାରି ଇଚ୍ଛାଟିଲାଗିହିଁ ବଞ୍ଚିରହିବ । ସେ ବୃହତ୍ ବିଶ୍ୱାତ୍ମବୋଧର ଏକ ତଦ୍‌ସତ୍ତ୍ୱ ମଧ୍ୟରେ ବଞ୍ଚିରହିବ, ପରମ ବିଶ୍ୱାତୀତତାର ପରମ ଇଚ୍ଛାର ଆଲୋକ ମଧ୍ୟରେହିଁ ବଞ୍ଚିରହିବ । ଏବଂ ଠିକ୍ ସେହି କାରଣରୁହିଁ ବିଜ୍ଞାନମୟ ଜୀବନର ଭୂମି ଉପରେ ଆପଣାକୁ ପ୍ରତିଷ୍ଠିତ କରି ରଖିବା ତଥା ଅନ୍ୟମାନଙ୍କର ହିତଲାଗି ଜୀବନ

'oaob.nitrkl.ac.in' images reprocessed

ଧାରଣ କରିବା ମଧ୍ୟରେ ଦ୍ୱନ୍ଦ୍ୱ ଉପୁଜିବାର କୌଣସି ଅବକାଶ ନଥିବ, କାରଣ ବିଜ୍ଞାନମୟ ମନୁଷ୍ୟର ଆତ୍ମସତ୍ତା ସକଳ ବସ୍ତୁର ଆତ୍ମା ସହିତ ଏକୀଭୂତ ହୋଇ ରହିଥିବ । ସେଠାରେ ବ୍ୟକ୍ତିବାଦର ଆଦର୍ଶ ତଥା ସମଷ୍ଟିଗତ ଆଦର୍ଶ ମଧ୍ୟରେ ବି କୌଣସି ଦ୍ୱନ୍ଦ୍ୱ ରହିବ ନାହିଁ, କାରଣ ଉଭୟେ କେବଳ ଏକ ବୃହତ୍ତର ପରମ ସତ୍ୟରହିଁ ବିଭବ ହୋଇ ରହିଥିବେ; ଏବଂ କେବଳ ଯେତିକିଦୂର ଯାଏଁ ସେମାନେ ସେହି ପରମ ସତ୍ୟକୁହିଁ ବ୍ୟକ୍ତ କରି ଦେଉଥିବେ ଅର୍ଥାତ୍ ସେମାନଙ୍କର ପରିପୂର୍ତ୍ତିତା କେବଳ ସେହି ପରମସତ୍ୟର ଇଚ୍ଛାକୁହିଁ ପୂର୍ତ୍ତି କରି ଦେଉଥିବ, ବିଜ୍ଞାନମୟ ବ୍ୟକ୍ତିର ଚିଦ୍‌ସତ୍ତା ପାଖରେ ସେଗୁଡ଼ିକର କେବଳ ସେତିକିମାତ୍ର ମୂଲ୍ୟ ରହିବ । କିନ୍ତୁ ତା' ସଙ୍ଗେ ସଙ୍ଗେ ମନୋମୟ ଆଦର୍ଶ ମଧ୍ୟରେ ଯେଉଁ ସତ୍ୟଟି ଅବସ୍ଥିତ ରହିଛି ଓ ମନୋମୟ ଜୀବନର କ୍ଷେତ୍ରଟିରେ ଯାହା କେବଳ ଅସ୍ପଷ୍ଟ ଭାବରେହିଁ ବ୍ୟକ୍ତ ହୋଇ-ପାରିଛି, ସେଇଟି ମଧ୍ୟ ବିଜ୍ଞାନମୟ ବ୍ୟକ୍ତିର ଜୀବନରେ ଆପଣାର ସାର୍ଥକତା ଲାଭ କରିବ । କାରଣ ଏକଥା ଅବଶ୍ୟ ସତ ଯେ ତାହାର ଚେତନାଟି ମନୁଷ୍ୟର ଯାବତୀୟ ମୂଲ୍ୟଭୂମିକୁ ଅତିକ୍ରମ କରି ବ୍ୟାପ୍ତ ହୋଇ ରହିଥିବ ଏବଂ ସେହି କାରଣରୁ ସେ କଦାପି କୌଣସି ମନୁଷ୍ୟସମାଜ, କୌଣସି ଗୋଷ୍ଠୀ କିମ୍ବା ସମଷ୍ଟି, ଅଥବା କୌଣସି ରାଷ୍ଟ୍ର ଓ ଅନ୍ୟମାନଙ୍କୁ ଏବଂ ଏପରିକି ଆପଣାକୁ ମଧ୍ୟ ଭଗବାନଙ୍କର ଏକ ସ୍ଥାନାପନ୍ନ ଭାବରେ ଗ୍ରହଣ କରିପାରିବ ନାହିଁ; ମାତ୍ର ତା'ର ଆପଣା ମଧ୍ୟରେ ସେହି ପରମ ଦିବ୍ୟଭାବର ପ୍ରତିଷ୍ଠା, ଅନ୍ୟମାନଙ୍କ ମଧ୍ୟରେ ସେହି ପରମ ଦିବ୍ୟତାର ଏକ ବୋଧ, ମନୁଷ୍ୟତା, ଅନ୍ୟ ସକଳ ସତ୍ତା ତଥା ସମୁଦାୟ ଜଗତଟି ମଧ୍ୟରେ ସେହି ପରମ ଦିବ୍ୟସତ୍ତାହିଁ ଅବସ୍ଥାନ କରୁଛନ୍ତି ଏବଂ ସେମାନଙ୍କ ମଧ୍ୟରେ ସେହି କ୍ରମବିକାଶମାନ ପରମସତ୍ୟଟିହିଁ ଏକ ବୃହତ୍ତର ଓ ସାର୍ଥକତର ପ୍ରତିଷ୍ଠାଲାଗି ଅଗ୍ରସର ହେବାରେ ଲାଗିଛି ବୋଲି ସେମାନଙ୍କ ସମସ୍ତଙ୍କ ସହିତ ଏକତ୍ୱବୋଧ ଓ ଏକତ୍ୱର ଅନୁଭବ;—ଏହିଗୁଡ଼ିକହିଁ ବିଜ୍ଞାନମୟ ବ୍ୟକ୍ତିର ଜୀବନକ୍ରିୟାର ଅଙ୍ଗ ହୋଇ ରହିଥିବ । ମାତ୍ର ସେ କ'ଣ କରିବ, ତାହା ପ୍ରକୃତରେ ତାହାର ଭିତରେ କାର୍ଯ୍ୟ କରୁଥିବା ସେହି ପରମ ଜ୍ଞାନ ତଥା ପରମ ସଂକଳ୍ପର ସତ୍ୟ ଦ୍ୱାରାହିଁ ମୀମାଂସିତ ହେଉଥିବ,—ତା' ଭିତରର ଯେଉଁ ସମଗ୍ର ଅନନ୍ତ ସତ୍ୟ କୌଣସି ନିର୍ଦ୍ଦିଷ୍ଟ ମନୋଗତ ବିଧାନ କିମ୍ବା ମାନଦଣ୍ଡ ଆବଦ୍ଧ ହୋଇ ରହି ନଥିବ ଓ ପୂର୍ଣ୍ଣ ସ୍ୱାତନ୍ତ୍ର୍ୟ ସହିତ ସମୁଦାୟ ବସ୍ତୁସତ୍ୟଟି ମଧ୍ୟରେ କାର୍ଯ୍ୟ କରି ଯାଉଥିବ, ତାହାରି ଦ୍ୱାରାହିଁ ନିରୂପିତ ହେଉଥିବ । ଅଥଚ ଯାବତୀୟ ଖଣ୍ଡସତ୍ୟକୁ ସେଗୁଡ଼ିକର ଯଥାର୍ଥ ସ୍ଥାନରେ ଉପସ୍ଥାପିତ କରି ରଖିବାର ବିଧାନ ପାଇଁ ମଧ୍ୟ ତାହାର ସତତ ପୂର୍ଣ୍ଣ ସମ୍ମାନ ରହିଥିବ, ତଥା କ୍ରିୟାଶୀଳ ହୋଇ ରହିଥିବା ଶକ୍ତି ଏବଂ ବିଶ୍ୱପରିସ୍ଥିତିର ପ୍ରତ୍ୟେକ ପରିବେଶ ଓ ପ୍ରତ୍ୟେକ ସଂଘଟନରେ ପରମ ଦିବ୍ୟ ପ୍ରେରଣା ଆପଣାକୁ କିପରି ଭାବରେ ବ୍ୟକ୍ତ କରିବାକୁ ଇଚ୍ଛା କରୁଛନ୍ତି, ସେହି କ୍ରିୟାଟି ବିଷୟରେ ତାହାର ଏକ ସୁସ୍ପଷ୍ଟ ଜ୍ଞାନ ମଧ୍ୟ ବିଦ୍ୟମାନ ରହିଥିବ ।

'oaob.nitrkl.ac.in' images reprocessed

ବିଜ୍ଞାନମୟ ଚେତନା ଅର୍ଥାତ୍ ସେହି ଉପଲବ୍ଧି, ଅଧ୍ୟାତ୍ମଚେତନା ଲାଗି ସକଳ ଜୀବନ କେବଳ ଉପଲବ୍ଧି, ତଦ୍‌ଗତ ସତ୍ୟରହିଁ ପ୍ରକାଶ ବା ଅଭିବ୍ୟକ୍ତି ହୋଇ ରହିବ । କେବଳ ଯାହାକିଛି ଆପଣାର ସୀମାତିକ୍ରମ କରିପାରିବ, ସେହି ବୃହତ୍ତର ପରମ ସତ୍ୟରେ ଆପଣାର ସ୍ୱକୀୟ ତନ୍ମୟ ଆତ୍ମାଟିର ସନ୍ଧାନ ପାଇବ ଓ ତାହାର ସୌଷମ୍ୟ ମଧ୍ୟରେ ଆପଣାକୁ ମିଳାଇଦେଇ ପାରିବ, ତାହାହିଁ ଜୀବନରୂପେ ଗୃହୀତ ହେବ । ଏହିପରି ଭାବରେ ସେଥିମଧ୍ୟରେ କାହାର ସ୍ଥାନ ରହିବ ଅର୍ଥାତ୍ ଆମ ବର୍ତ୍ତମାନ ପ୍ରକୃତିର କେତେ ଅଂଶ ସେଠାରେ ଅବଶେଷ ରହିବ, ମନ ସେକଥାର କୌଣସି ନିର୍ଣ୍ଣୟ କରିପାରିବ ନାହିଁ; କାରଣ ସ୍ୱୟଂ ସେହି ଅତିମାନସ ବିଜ୍ଞାନଚେତନାହିଁ ଆପଣାର ନିଜସ୍ୱ ସତ୍ୟଟିକୁ ଏହି ଭୂମି ଉପରେ ଅବତୀର୍ଣ୍ଣ କରାଇଆଣିବ, ଏବଂ ଆମର ସକଳ ଆଦର୍ଶ ତଥା ମନ, ପ୍ରାଣ ଓ ଦେହର ସକଳ ଉପଲବ୍ଧି ମଧ୍ୟରେ ତାହାର ଯେତିକି ସତ୍ୟ ଉପସ୍ଥାପିତ ହୋଇ ରହିଥିବ, ସେ ସେତିକି ଗ୍ରହଣ କରିନେବ । ଏହିପରି ଅବଶେଷ ରହି ପାରୁଥିବା ଅଂଶଟିର ବର୍ତ୍ତମାନ ଆକାରଟି ହୁଏତ ସେତେବେଳେ ଆଉ ତାହାହିଁ ହୋଇ ରହିବ ନାହିଁ, କାରଣ ରୂପାନ୍ତରିତ ନହେଲେ କିମ୍ବା ନୂଆ କରି ଗଠିତ ହୋଇ ନପାରିଲେ ସେଗୁଡ଼ିକ ସମ୍ଭବତଃ ନୂତନ ଜୀବନଟି ସକାଶେ ଉପଯୁକ୍ତ ବୋଲି ଆଦୌ ସାବ୍ୟସ୍ତ ହେବ ନାହିଁ; ମାତ୍ର ସେଗୁଡ଼ିକ ମଧ୍ୟରେ, ଏବଂ ଏପରିକି ସେଗୁଡ଼ିକର ଆକାର ମଧ୍ୟରେ ଯାହାକିଛି ସତ୍ୟ ଓ ସ୍ଥାୟୀ ହୋଇ ରହିଥିବ, ତିଷ୍ଠି ରହିବା ସକାଶେ ସେଗୁଡ଼ିକୁ ମଧ୍ୟ ଆବଶ୍ୟକ ରୂପାନ୍ତରର ମଧ୍ୟଦେଇ ଗତି କରିବାକୁ ପଡ଼ିବ । ଆମର ଏହି ମନୁଷ୍ୟଭୂମିରେ ଯଥାର୍ଥ ଓ ସ୍ୱାଭାବିକ ବୋଲି ଦେଖାଯାଉଥିବା ଅନେକକିଛି ସେଠାରେ ଅନ୍ତର୍ହିତ ହୋଇଯିବ । ଆମର ମନୋ-ଭୂମିରେ ଯେଉଁ ବହୁସଂଖ୍ୟକ ଆଦର୍ଶ ଗୋଟିଏ ଗୋଟିଏ ପିଞ୍ଜୁଳାରୂପେ ପ୍ରତିଷ୍ଠିତ ହୋଇ ରହିଛନ୍ତି, ଯେଉଁସବୁ ନାନା ତତ୍ତ୍ୱ ଓ ସିଦ୍ଧାନ୍ତମତ କଳ୍ପିତ ହୋଇ ରହିଛନ୍ତି, ଆପଣାର ମନ ତଥା ପ୍ରାଣର ପ୍ରାପ୍ୟ ସକଳ କ୍ଷେତ୍ରରେ ମନୁଷ୍ୟ ଯେଉଁସବୁ ପରସ୍ପରଦ୍ୱନ୍ଦ୍ୱାତ୍ମକ ଆଦର୍ଶସବୁ ତିଆରି କରି ରଖିଛି, ବିଜ୍ଞାନଚେତନାର ଆଲୋକ-ପାତରେ ସେଗୁଡ଼ିକ ଆଉ ଗ୍ରହଣଯୋଗ୍ୟ କିମ୍ବା ସମ୍ମାନଯୋଗ୍ୟ ହୋଇ ରହିପାରିବ ନାହିଁ । ମାତ୍ର ଏହିସବୁ ଦେଖାସୁନ୍ଦର ପିଞ୍ଜୁଳା ଭିତରେ ଯଦି କୌଣସି ଯଥାର୍ଥ ସତ୍ୟ ଅନ୍ତର୍ନିହିତ ହୋଇ ରହିଥିବ, କେବଳ ତାହାହିଁ ଏକ ଅନେକ ପ୍ରଶସ୍ତତର ଭୂମି ଉପରେ ପ୍ରତିଷ୍ଠିତ ହୋଇଥିବା ସେହି ସୌଷମ୍ୟଟି ମଧ୍ୟକୁ ପ୍ରବେଶ କରିବାର ସୁଯୋଗ ପାଇପାରିବ । ଏକଥାଟି ଅତି ସ୍ପଷ୍ଟ ହୋଇଯାଇଛି ଯେ ବିଜ୍ଞାନଚେତନାଦ୍ୱାରା ପରିଚାଳିତ ତଥା ପ୍ରଶାସିତ ହେଉଥିବା ଏକ ଜୀବନ ମଧ୍ୟରେ ଯୁଦ୍ଧକଳହର ଶତ୍ରୁତା କିମ୍ବା ବୈର ସକାଶେ କୌଣସି ସ୍ଥାନ ରହିବ ନାହିଁ, ଏହାର ଯାବତୀୟ ନୃଶଂସତା, ବିନାଶ ତଥା ଅଜ୍ଞାନଜଡ଼ିତ ହିଂସା ରହିବ ନାହିଁ, ରାଜନୀତିଗତ ବିବାଦ ବା

'oaob.nitrkl.ac.in' images reprocessed

ବିସମ୍ବାଦର ଚିରନ୍ତନ ଦ୍ୱନ୍ଦ୍ୱସଂଘାତ, ଅନ୍ତରର ଅତ୍ୟାଗ୍ରହ, ଅସାଧୁତା, ନୀଚତା, ସ୍ୱାର୍ଥପରତା ତଥା ଅଜ୍ଞାନ, ଅଯୋଗ୍ୟତା ଏବଂ ଅସ୍ୱାଚ୍ଛନ୍ଦ୍ୟ ପାଇଁ ମଧ୍ୟ କୌଣସି ସ୍ଥାନ ରହିବ ନାହିଁ । ସେତେବେଳେ ନିମ୍ନତର ସ୍ତରର କୌଣସି ମନୋଗତ ଅଥବା ପ୍ରାଣଗତ ବିନୋଦନ, ଅବସରକାଳୀନ ଆମୋଦ-ଆସ୍ୱାଦନ, ଯାହା ଉଲ୍ଲାସ କିମ୍ବା ଦେଇ ପାରୁଥିବା କୌଣସି ଉତ୍ତେଜନା କିମ୍ବା ସୁଖ ଦେଇଯିବା ଲାଗି କଳା ଓ କାରିଗରିମାନ କେବଳ ପରିକର ହୋଇ ରହିବ ନାହିଁ; ସେଗୁଡ଼ିକ କେବଳ ସେହି ଚିଦ୍‌ଗତ ସତ୍ୟର ଅଭିବ୍ୟକ୍ତି ତଥା ସାଧନ ହୋଇ ରହିବ, ଜୀବନର ସୌନ୍ଦର୍ଯ୍ୟ ତଥା ଆନନ୍ଦକୁ ଫୁଟାଇ ଦେବାର ମାଧ୍ୟମ ଓ ବାହନ ହୋଇ ରହିବ । ସେତେବେଳେ ଆମର ପ୍ରାଣ ଓ ଆମର ଦେହ ଉପ୍ତୀଡ଼କ ପ୍ରଭୁପରି ଆମ ଉପରେ ଆରୂଢ଼ ରହି ଆପଣାର ତର୍ପଣଲାଗି ଆଉ ଆମ ଜୀବନର ଶତକରା ନବେଭାଗ କ୍ଷେତ୍ରକୁ ଅଧିକାର କରି ରଖିବାର ଦାବି କରିବାକୁ ଯିବେ ନାହିଁ, ସେମାନେ ମଧ୍ୟ ଚିଦ୍‌ସତ୍ତାର ଅଭିବ୍ୟକ୍ତି ସକାଶେ ଗୋଟିଏ ଗୋଟିଏ ସାଧନ ଏବଂ ସାମର୍ଥ୍ୟ ହୋଇ ରହିବେ । ଏବଂ ତହିଁ ସଙ୍ଗେ ସଙ୍ଗେ ଜଡ଼ ଓ ଦେହକୁ ମଧ୍ୟ ସ୍ୱୀକାର କରି ନିଆଯାଇ ଥିବାରୁ ଭୌତିକ ବସ୍ତୁଗୁଡ଼ିକର ନିୟନ୍ତ୍ରଣ ତଥା ଯଥାର୍ଥ ଉପଯୋଗ ମଧ୍ୟ ପାର୍ଥିବ ପ୍ରକୃତିର ଦିବ୍ୟ ପରିପ୍ରକାଶ କ୍ଷେତ୍ରରେ ସେହି ଚିଦ୍‌ଗତ ଜୀବନୋପଲବ୍ଧି ରହିଁ ଗୋଟିଏ ଅଂଶ ହୋଇ ରହିବ ।

ଆଧ୍ୟାତ୍ମିକ ଜୀବନକୁ ଯେ ଅନିବାର୍ଯ୍ୟତଃ ବୈରାଗ୍ୟ, ତ୍ୟାଗତପସ୍ୟା ତଥା ଅପରିଗ୍ରହର ଜୀବନ ହୋଇ ରହିବାକୁ ପଡ଼ିବ, ପୃଥିବୀଯାକ ପ୍ରାୟ ସମସ୍ତେ ଏହି ଅନୁମାନ କରିଆ'ନ୍ତି । ଶରୀରଟାର କେବଳ ବଞ୍ଚିରହିବା ସକାଶେ ଯେତିକି ନିତାନ୍ତ ଆବଶ୍ୟକ, କେବଳ ସେତିକି ବ୍ୟତୀତ ଆଉ ସକଳ ବସ୍ତୁକୁ ଅନାବଶ୍ୟକ ମଣି ପରିହାର କରି ଆସିବାକୁ ପଡ଼ିବ ବୋଲି ଏହି କ୍ଷେତ୍ରରେ ଅନୁମାନ କରାଯାଇଥାଏ । ଏବଂ ଯେଉଁ ଆଧ୍ୟାତ୍ମିକ ଜୀବନ ସ୍ୱଭାବତଃ ତଥା ଅଭିପ୍ରାୟତଃ ଜୀବନକ୍ଷେତ୍ରରୁ ଆପଣାକୁ ଅପସାରି ନେବାର ଏକ ଜୀବନ ହୋଇଥାଏ, ତାହାର ପାଇଁ ଏହି ଅନୁମାନଟି ଅବଶ୍ୟ ପ୍ରଯୁଜ୍ୟ ହୋଇପାରେ । ମାତ୍ର ସେହି ଆଦର୍ଶଗତ କଳ୍ପନାଟିକୁ ଛାଡ଼ିଦେଲେ ମଧ୍ୟ ଆଧ୍ୟାତ୍ମିକତାର ଅଭିମୁଖୀ ଜୀବନ ସର୍ବଦା ଅତ୍ୟନ୍ତ ସରଳତାମୟ ଜୀବନଯାପନକୁ ଯେ ଅବଶ୍ୟ ଆପଣାର ପ୍ରବୃତ୍ତି କରି ରଖିବ, ସେକଥାଟି ବେଶ୍ କଳ୍ପନା କରାଯାଇ ପାରେ; କାରଣ ତାହାବ୍ୟତୀତ ଆଉ ସବୁକିଛୁ କେବଳ ପ୍ରାଣମୟ ବାସନା ଓ ସ୍ଥୂଳ ଭୋଗାସକ୍ତିରେହିଁ ପର୍ଯ୍ୟବସିତ ହୋଇ ରହିବ । ମାତ୍ର ଏକ ପ୍ରଶସ୍ତତର ଦୃଷ୍ଟିକୋଣରୁ ବିଚାର କରି ଦେଖିଲେ ଏହା ଏକ ମନଃପ୍ରସୂତ ମାନଦଣ୍ଡ, ଯାହାକି କାମନାଦ୍ୱାରା ପରିଚାଳିତ ଅବିଦ୍ୟାର ବିଧାନକୁ ଭିତ୍ତି କରି ଠିଆହୋଇଥାଏ । ତେଣୁ ସେହି ଅବିଦ୍ୟାକୁ ପାର ହୋଇ ଅହଂଟିକୁ କାଟିବାକୁ ହେଲେ କେବଳ

'oaob.nitrkl.ac.in' images reprocessed

କାମନା ଓ ବାସନାର ପରିତ୍ୟାଗ ନୁହେଁ, ବାସନାକୁ ଚରିତାର୍ଥ କରିବାର ସାମର୍ଥ୍ୟ ରଖିଥିବା ସକଳ ପଦାର୍ଥକୁ ମଧ୍ୟ ଯେ ପରିତ୍ୟାଗ କରି ଚାଲିଯିବାକୁ ହେବ, ଏହି କଥାଟି ଏକ ଯଥାର୍ଥ ଓ ସମୀଚୀନ ତତ୍ତ୍ୱରୂପେ ଆମ ଆଗରେ ଆସି ଉପସ୍ଥିତ ହୋଇପାରେ । ମାତ୍ର ଏହି ପରିମାପକଟିକୁ ଅଥବା ମନଃପ୍ରସୂତ କୌଣସି ପରିମାପକକୁ ଏକ ଚରମ ପରିମାପକ ବୋଲି କଦାପି ବୁଝାଯିବ ନାହିଁ; ଏବଂ ଯେଉଁ ଚେତନାଟି ସକଳ ବାସନାର କ୍ଷେତ୍ରସୀମାରୁ ଉପରକୁ ଉଠିଯାଇଛି, ସେଇଟି ଉପରେ ତାହା କଦାପି ଏକ ନିୟମରୂପେ ଲାଗୁ ହୋଇ ପାରିବ ନାହିଁ । ଏକ ପରିପୂର୍ଣ୍ଣ ବିଶୁଦ୍ଧି ଓ ଆତ୍ମସଂଯମ ଏହି ଚେତନାର ସ୍ୱଭାବଗତ ଧାତୁ ହୋଇ ରହିଥିବ, ଏବଂ ତଥାକଥିତ ଦାରିଦ୍ର୍ୟ ମଧ୍ୟରେ ହେଉ ଅଥବା ଐଶ୍ୱର୍ଯ୍ୟ ମଧ୍ୟରେ ହେଉ, ଉଭୟ ସ୍ଥଳରେ ତାହା ଅବିକଳ ସେହିପରି ହିଁ ରହିବ । କାରଣ ତାହାକୁ ବିଚଳିତ କିମ୍ବା ପଙ୍କିଳ କରିଦେବା ଭଳି ଶକ୍ତି ଯଦି ଐଶ୍ୱର୍ଯ୍ୟର ବା ଦାରିଦ୍ର୍ୟର ରହିଥାଏ, ତେବେ ସେ ଚେତନା କଦାପି ଯଥାର୍ଥ ଓ ପରିପୂର୍ଣ୍ଣ ଚେତନା ହୋଇ ନଥିବ । ପରମ ଚିଦ୍‌ବସ୍ତୁର ଆତ୍ମପ୍ରକାଶହିଁ ବିଜ୍ଞାନମୟ ଜୀବନର ଏକକ ବିଧାନ ହୋଇ ରହିଥିବ, ଦିବ୍ୟ ପରମସତ୍ତାର ଇଚ୍ଛାହିଁ ତାହାର ଏକମାତ୍ର ପ୍ରେରକ ହୋଇ ରହିଥିବ; ଏବଂ ସେହି ଇଚ୍ଛା ତଥା ସେହି ଆତ୍ମପ୍ରକାଶ ଆପଣାକୁ ଅତିସରଳତା ମଧ୍ୟରେ ଯେପରି ସମ୍ଭବ କରାଇ ପାରିବ, ଅତିରିକ୍ତ ଜଟିଳତା ବା ଐଶ୍ୱର୍ଯ୍ୟଶାଳିତା ଅଥବା ଦୁହିଙ୍କର ଏକ ସ୍ୱାଭାବିକ ସମାନୁପାତିକତା ମଧ୍ୟରେ ବି ଠିକ୍ ସେହିପରି ସମ୍ଭବ କରାଇ ପାରିବ । କାରଣ ସୌନ୍ଦର୍ଯ୍ୟ ଏବଂ ପରିପୂର୍ଣ୍ଣତା, ବସ୍ତୁଗୁଡ଼ିକରୁ ଅନୁଭୂତ ଏକ ଗୋପନ ମାଧୁର୍ଯ୍ୟ ଏବଂ ସହାସ୍ୟତା, ତଥା ଜୀବନସ୍ଥ ଏକ ସୂର୍ଯ୍ୟାଲୋକତୁଲ୍ୟ ପ୍ରସନ୍ନତା ଓ ଆନନ୍ଦ;—ଏଗୁଡ଼ିକୁ ମଧ୍ୟ ସେହି ପରମ ଚିନ୍ମୟତାର ବୈଭବ ଓ ପ୍ରକାଶ ବୋଲି ନିଃସ୍ପୃହ ବୁଝାଯାଇ ପାରିବ । ପ୍ରକୃତିର ବିଧାନଟିକୁ ନିୟନ୍ତ୍ରିତ ଓ ନିରୂପିତ କରି ଦେଉଥିବା ଅନ୍ତରସ୍ଥ ସେହି ପରମ ଚିନ୍ମୟସତ୍ତାହିଁ ସକଳ କ୍ଷେତ୍ରରେ ଜୀବନର ଯଥାର୍ଥ ଗଠନଟିକୁ ନିରୂପିତ କରିଦେବ, ତାହାର ଯାବତୀୟ ପ୍ରଦେଶ ତଥା ପରିବେଶଗୁଡ଼ିକୁ ମଧ୍ୟ ନିରୂପିତ କରିଦେବ । ସବୁଠାରେ ଓ ସବୁ ଦିଗରେ ସେହି ଗୋଟିଏ ସ୍ଥିତିସ୍ଥାପକ ଓ ସାବଲୀଳ ତତ୍ତ୍ୱଟି କାର୍ଯ୍ୟକାରୀ ହୋଇ ରହିଥିବ; ମାତ୍ର ଏକ କଠିନ ଓ ଅନମନୀୟ ଗ୍ରନ୍ଥି ଭିତରେ ପକାଇ ସବୁଗୁଡ଼ିକୁ ଗୋଟିଏ ଆକାରରେ ଗଢ଼ିବା ମନର ଜଗତ-ଯୋଜନାରେ ଯେତେ ପ୍ରୟୋଜନୀୟ ବୋଲି ଅନୁଭୂତ ହେଉଥିଲେ ମଧ୍ୟ ଆଧ୍ୟାତ୍ମିକ ଜୀବନରେ ତାହା କଦାପି ବିଧାନ ହୋଇ ରହିପାରିବ ନାହିଁ । ଏହି କ୍ଷେତ୍ରରେ ଆତ୍ମ-ଅଭିବ୍ୟକ୍ତିର ଏକ ବହୁପରିସର ବୈଚିତ୍ର୍ୟ ଓ ସ୍ୱାତନ୍ତ୍ର୍ୟହିଁ ଆପଣାକୁ ପ୍ରକଟ କରିଦେବ ଓ ତାହା ଏକ ଅନ୍ତର୍ନିହିତ ଏକତ୍ୱ ଉପରେ ଦଣ୍ଡାୟମାନ ରହିଥିବ । ମାତ୍ର ସର୍ବତ୍ର କେବଳ ସୌଷମ୍ୟ ଓ ସତ୍ୟର ଛନ୍ଦଟିହିଁ ବିରାଜିତ ରହିଥିବ ।

'oaob.nitrkl.ac.in' images reprocessed

ଆମର ନିମ୍ନସ୍ତରନିର୍ଦ୍ଦିଷ୍ଟ ପରିଣତିକ୍ରମଟିକୁ ଏକ ଉଚ୍ଚତର ଅତିମାନସ ସ୍ଥିତିକୁ ବର୍ଦ୍ଧିତ କରି ନେଉଥିବା ବିଜ୍ଞାନମୟ ବ୍ୟକ୍ତିମାନଙ୍କର ଏକ ଜୀବନକୁ ଆମେ ଯଥାର୍ଥତଃ ଏକ ଦିବ୍ୟ ଜୀବନ ବୋଲି କହିପାରିବା; କାରଣ ତାହା ସେହି ପରମ ଦିବ୍ୟତା ମଧ୍ୟରେ ଅବସ୍ଥିତ ଏକ ଜୀବନ ହୋଇ ରହିଥିବ, ଜଡ଼ ପ୍ରକୃତି ମଧ୍ୟରେ ପ୍ରକଟ ହୋଇ ଆସୁଥିବା ଏକ ପରମଚୈତନ୍ୟ ଦିବ୍ୟ ଆଲୋକ ତଥା ସାମର୍ଥ୍ୟ ଓ ଆନନ୍ଦର ଏକ ଜୀବନ ହୋଇ ରହିଥିବ । ସେହି ଜୀବନ ଆମର ଏହି ମନୋଗତ ମନୁଷ୍ୟତ୍ୱରଟିକୁ ଅତିକ୍ରମ କରି ରହିବ; ଏବଂ ସେହି କାରଣରୁ ଏହାକୁ ଆମେ ଚୈତନ୍ୟ ତଥା ଅତିମାନସ ଅତିମାନବୀୟତାର ଏକ ଜୀବନ ବୋଲି ବର୍ଣ୍ଣନା କରିପାରିବା । ମାତ୍ର ଅତିମାନବ ଓ ଅତିମାନବୀୟତା ସମ୍ବନ୍ଧରେ ଆଗରୁ ତଥା ଏବେ ଯେଉଁ ପ୍ରଚଳିତ ଧାରଣାମାନ ରହିଛି, ଏହାକୁ ଆମେ ସେଗୁଡ଼ିକ ସହିତ ସମତୁଲ କରି ବିଚାରିବା ଲାଗି ଯେପରି କୌଣସି ଚେଷ୍ଟା ନକରୁ । କାରଣ ମନୋଗତ ଧାରଣା ବା କଳ୍ପନାଟି ଅନୁସାରେ ଅତିମାନବୀୟତା କହିଲେ ତାହା କେବଳ ଏହି ସାଧାରଣସାଧ୍ୟ ମନୁଷ୍ୟତ୍ୱରଟିକୁ ଟପିଯିବା ଅଥବା ବଳିଯିବାକୁ ବୁଝାଇଥାଏ; ଏଠାରେ କୌଣସି ରୂପାନ୍ତର ବା ଗୁଣାତ୍ମକ ପରିବର୍ତ୍ତନର ପ୍ରଶ୍ନ ଉଠେ ନାହିଁ; ମନୁଷ୍ୟର ଜୀବନବିଚରଣର ରୂପ ଓ ପ୍ରକୃତିଟି ବର୍ତ୍ତମାନ ଯେପରି ରହିଛି, କେବଳ ତାହାରି ଭିତରେହିଁ ଖାଲି ମାତ୍ରା ବା ପରିମାଣରେ ବଳିଯିବାକୁ ବୁଝାଇଥାଏ; ଆପଣାର ବ୍ୟକ୍ତିତ୍ୱଟିକୁ ବିସ୍ତୃତତର କରି, ଅହଂକୁ ଆହୁରି ବିସ୍ଫାରିତ ତଥା ବହୁଗୁଣିତ କରି ମନ ତଥା ପ୍ରାଣଶକ୍ତିର ସାମର୍ଥ୍ୟ ଓ ଦକ୍ଷତାରେ ବୃଦ୍ଧି ଘଟାଇ, ଏବଂ ମନୁଷ୍ୟଗତ ଅବିଦ୍ୟାର ଶକ୍ତିଗୁଡ଼ିକୁ ଶୋଧିତ, ପ୍ରଗାଢ଼ ତଥା ସ୍ଥୂଳଭାବରେ ଅତିରଞ୍ଜିତ କରାଇ ବର୍ତ୍ତମାନର ସ୍ତରଟିକୁ ବଳିଯିବାକୁହିଁ ବୁଝାଇଥାଏ । ଏବଂ ଏହିସବୁ ଅଧିକ ଶକ୍ତିଦ୍ୱାରା ସମ୍ପନ୍ନ ହୋଇ ଅତିମାନବ ଯେ ସାଧାରଣ ମାନବସମାଜ ଉପରେ ବଳପ୍ରୟୋଗ ଦ୍ୱାରା ଆପଣାର ଆଧିପତ୍ୟକୁ ମଡ଼ାଇ ଦେଇ ରହିବ, ତାହା ଭିତରେ ଏପରି ଏକ ଅନୁମାନ ମଧ୍ୟ ରହିଥାଏ ଓ ଅତିମାନବୀୟତା ବିଷୟରେ ବିଚାର କଲାବେଳେ ସାଧାରଣତଃ ଏହିପରି ଏକ ଅନ୍ତର୍ନିହିତ ଅର୍ଥକୁ ସୂଚିତ କରି ଦିଆଯାଇ ଥାଏ । ସେହି କଳ୍ପନାକୁ ଆମେ ନିତ୍ସେ (Nietzsche)-ମାର୍କା ଅତିମାନବୀୟତାର କଳ୍ପନା ବୋଲି କହିପାରିବା; ଏହି ଅତିମାନବୀୟତା ତାହାର ଚରମ ସୀମାରେ ଆସି ପହଞ୍ଚିଲେ ତାହା କେବଳ ଏକ ଗୌର, କୃଷ୍ଣବର୍ଣ୍ଣ ଅଥବା କୌଣସି ଅନ୍ୟ ବର୍ଣ୍ଣ ବା ଯାବତୀୟ ବର୍ଣ୍ଣର ଏକ ବର୍ବରତାର ରାଜତ୍ୱହିଁ ବୁଝାଇବ; ବର୍ବର ବଳ, ବର୍ବର ଅନ୍ଧତା ଓ ଅତିପ୍ରବଳତାର ପର୍ଯ୍ୟାୟଟିକୁ ପୁଣି ଫେରି ଆସିବାକୁ ବୁଝାଇବ । ମାତ୍ର ଏଇଟାକୁ ଆମେ କେବେ-ହେଲେ ବିବର୍ତ୍ତନ ବା ପରିଣତି ବୋଲି କହିବାକୁ ଯିବା ନାହିଁ, କେବଳ ଏକ ଆଦିମ ଓ ଧର୍ଷଣଧର୍ମୀ ବର୍ବରତା ମଧ୍ୟକୁ ଏକ ପ୍ରତ୍ୟାବର୍ତ୍ତନ ବୋଲି କହିବା । ଅଥବା,

'oaob.nitrkl.ac.in' images reprocessed

ତାହା ମନୁଷ୍ୟ ମଧ୍ୟରେ ରାକ୍ଷସ ବା ଅସୁର ଜନ୍ମଲାଭ କରିବାରହିଁ ସୂଚନା ଦେବ; ଆପଣାକୁ ବଳଯିବାକୁ ଓ ଆପଣା କର୍ମଧର ସୀମାଗୁଡ଼ାକୁ ଭାଙ୍ଗି ଆହୁରି ଅଧିକ ହେବାକୁ ମନୁଷ୍ୟ ପ୍ରାୟ ଅନୈଃଶ୍ୱାସୀ ହୋଇ ଯେଉଁ ପ୍ରୟାସ କରିଆସୁଛି, ସେହି ପ୍ରବୃତ୍ତି ଆପଣାକୁ ଭୁଲ ଢଗରେ ସଞ୍ଚାଳିତ କରିନେବାଦ୍ୱାରାହିଁ ଏହି ଅସୁରର ଆବିର୍ଭାବ ହେବ । ଏକ ହିଂସାତ୍ମକ ଦୁର୍ଦ୍ଦାନ୍ତ ଅତିସ୍ଫୀତ ପ୍ରାଣଗତ ଅହଂସର୍ବସ୍ୱତା ଏକ ଅତିପ୍ରବଳ ଓ ଯଥେଚ୍ଛାଲୁସା ଅରାଜକ ବଳଦର୍ପିତତା ସହିତ ଯେତେବେଳେ ନିଜକୁ ଅର୍ଥାତ୍ ନିଜର ଭୋଗବାସନାକୁ ଚରିତାର୍ଥ କରିବାର ଉଗ୍ର ଆକାଙ୍କ୍ଷା ନେଇ ବାହାରିବ, ସେତିକବେଳେହିଁ ସେ ରାକ୍ଷସସମାନ ଅତିମାନବର ରୂପ ଧାରଣ କରିବ । ମାତ୍ର ଏହି ଅସୁର, ପୃଥିବୀଗ୍ରାସକାରୀ ଏହି ଦୈତ୍ୟ ବା ରାକ୍ଷସ ଆଜି ବି ଏହି ସଂସାରରେ ବଞ୍ଚି ରହିଥିଲେ ମଧ୍ୟ, ତାହା ହେଉଛି ତଥାପି ସେହି ଅତୀତର, ଆପଣାର ସ୍ୱଭାବରେ ସେ କେବଳ ସେହି ଅତୀତଟାରହିଁ ଜୀବ ହୋଇ ରହିଛି । ସେହି ରାକ୍ଷସ ଏକ ବୃହତ୍ତର ରୂପ ଧରି ଯଦି ଆଜି ଆବିର୍ଭୂତ ହୋଇଆସେ, ତେବେ ସେଇଟାକୁ ମଧ୍ୟ ଏକ ପଶ୍ଚାନ୍ମୁଖୀ ବିବର୍ତ୍ତନ ବୋଲି କହିବାକୁ ହେବ, ପୁଣି ସେହି ଅଧମ ଅବସ୍ଥାକୁ ପ୍ରତ୍ୟାବର୍ତ୍ତନ ବୋଲି କହିବାକୁ ହେବ । ଅତିଶକ୍ତି ପରାକ୍ରମ ସହିତ ଆପଣାକୁ ପ୍ରଦର୍ଶିତ କରାଉଥିବା ଏକ ପ୍ରବଳ ଅତିଶକ୍ତି, ସ୍ୱପ୍ରତିଷ୍ଠ ତଥା ସ୍ୱନିରୁଦ୍ଧ ଏବଂ ଏପରିକି ହୁଏତ କଠୋର କୃଚ୍ଛ୍ର ତାଦ୍ୱାରା ଆପଣାକୁ କଠୋର ଶୃଙ୍ଖଳା ମଧ୍ୟରେ ବାନ୍ଧିବାନ୍ଧି ରଖିଥିବା ଏକ ମନୋଗତ ସାମର୍ଥ୍ୟ ତଥା ପ୍ରାଣଗତ ଶକ୍ତିଶାଳିତା, ଏକ ବଳଶାଳୀ, ଅବିଚଳିତ, ସ୍ନେହଶୂନ୍ୟ, ସୂକ୍ଷ୍ମ ଓ ଦୌରାତ୍ମ୍ୟପ୍ରବଣ ଅତିଦାରୁଣ ପ୍ରଚଣ୍ଡତା ତଥା ଏକାଧାରରେ ମନୋଗତ ଏବଂ ପ୍ରାଣଗତ ଅହଂର ଶୋଧିତ ଓ ସୂକ୍ଷ୍ମରୂପ ଏକ ସଂସ୍କରଣ,—ଏହାହିଁ ହେଉଛି ସେହି ଅସୁରର ରୂପ, ସେହି ଅସୁରର ପ୍ରକାର । ମାତ୍ର ଆମ ପୃଥିବୀ ଏହି ପ୍ରକାରର ଧର୍ଷଣ ଯଥେଷ୍ଟ ସହ୍ୟ କରିସାରିଛି, ଏବଂ ଏହାର ପୁନରାବୃତ୍ତି ଘଟିଲେ କେବଳ ସେହି ପୁରାତନ ଗୁଳାଟାରେ ବାଧ୍ୟ ହୋଇ ବାଟ ଭୁଲିବାହିଁ ସାର ହେବ । ଏଥିରେ ଆପଣାର ଭବିଷ୍ୟଲାଗି ପୃଥିବୀ ଆଦୌ କୌଣସି ପ୍ରକାରେ ଲାଭବାନ ହେବ ନାହିଁ, ସେହି ଅସୁରଠାରୁ ଆପଣାକୁ ଅତିକ୍ରମ କରିବାର କୌଣସି ଶକ୍ତି ସେ ଲାଭ କରି ପାରିବ ନାହିଁ; ଅସୁରଶକ୍ତିର ଅତିବୃଦ୍ଧି ଘଟିଲେ ଯେତେ ବଡ଼ ପରିଧି ମଧ୍ୟରେ ହେଉ ନା କାହିଁକି, ପୃଥିବୀ ଆପଣାର ସେହି ପୁରାତନ କକ୍ଷଟାରେହିଁ ବୁଲିବାରେ ଲାଗିଥିବ । ମାତ୍ର ଆମକୁ ଯାହାର ଆବିର୍ଭାବ ଘଟାଇବାକୁ ହେବ, ତାହା ହେଉଛି ଏହା ତୁଳନାରେ ଅନେକ ବେଶୀ ଆୟାସସାଧ୍ୟ, ଅଥଚ ଅନେକ ବେଶୀ ସରଳ । ଆମକୁ ଏକ ଆତ୍ମୋପଲବ୍ଧି ସ୍ତରରେ ଯାଇ ପହଞ୍ଚିବାକୁ ହେବ, ଚିନ୍ମୟ ସତ୍ତ୍ୱର ନିର୍ମାଣ କରିବାକୁ ହେବ, ଆତ୍ମାକୁ ଅଧିକ ପ୍ରଗାଢ଼ତା ତଥା ଅଧିକ ଆକୃତି ଦେବାକୁ ପଡ଼ିବ ଏବଂ ତାହାରି ଆଲୋକ,



'oaob.nitrkl.ac.in' images reprocessed

ସାମର୍ଥ୍ୟ ତଥା ସୌନ୍ଦର୍ଯ୍ୟକୁ ସମ୍ପୂର୍ଣ୍ଣ ମୁକ୍ତ କରିଆଣି ପରମ କର୍ତ୍ତାରୂପେ ପ୍ରତିଷ୍ଠିତ କରିବାକୁ ପଡ଼ିବ । ଯେଉଁ ଅହଂପ୍ରମତ୍ତ ଅତିମାନବୀୟତା ମନୁଷ୍ୟଜାତିର ମନ ଓ ପ୍ରାଣକୁ ଆତ୍ମସାତ୍ କରିନେଇ ତା' ଉପରେ ପ୍ରଭୁତ୍ୱ ବିସ୍ତାର କରିବାଲାଗି ଉନ୍ମୁଖ ହୁଏ, ଆମେ ସେଇଭଳି ପ୍ରତିଷ୍ଠା ବା ପ୍ରକାଶ ଘଟାଇବା ନାହିଁ; ଆମେ ସେହି ପରମ ଚିଦ୍‌ସତ୍ତାର ପୂର୍ଣ୍ଣାଧିକାରଟିକୁ ପ୍ରତିଷ୍ଠିତ କରିବା ଯାହାକି ଆପଣାର ନିଜସ୍ୱ ନିମିତ୍ତ ଓ ସାଧନଗୁଡ଼ିକରହିଁ ନିୟାମକ ଓ କର୍ତ୍ତା ହୋଇ ରହିବ, ଚିନ୍ମୟତାର ଭୂମି ଉପରେ ତାହା ଆପଣାର ତଥା ଜୀବନର ଅଧିକାରୀ ହୋଇ ରହିବ । ଏକ ନୂତନ ଚେତନାର ଉଦୟ ହେବ, ଯାହା ଭିତରେ ପ୍ରବିଷ୍ଟ ହୋଇ ମାନବସମାଜ ଆପଣାର ଏହି ସୀମାଗୁଡ଼ିକୁ ଅତିକ୍ରମ କରି ଯାଇପାରିବ ଓ ଆପଣାକୁ ପରିପୂର୍ଣ୍ଣ କରିଦେଇ ପାରିବ; ଯେଉଁ ପରମ ଦିବ୍ୟତା ତାହା ମଧ୍ୟରେ ଜନ୍ମଲାଭ କରିବାକୁ ପ୍ରୟାସ କରୁଛି, ତାହାର ପ୍ରକାଶ ଘଟିବାଦ୍ୱାରାହିଁ ଏହି ପରିପୂର୍ଣ୍ଣତା ସମ୍ଭବ ହେବ । ଯଥାର୍ଥ ଅତିମାନବୀୟତା କହିଲେ ଏକମାତ୍ର ଏହାକୁହିଁ ବୁଝାଇବ ଏବଂ କେବଳ ଏହାରିଦ୍ୱାରାହିଁ ବିବର୍ତ୍ତନଗତ ପ୍ରକୃତିରେ ଗୋଟିଏ ପାଦ ଅଗ୍ରସର ହେବା ଯଥାର୍ଥରେ ସମ୍ଭବ ହେବ ।

ବର୍ତ୍ତମାନର ଯେଉଁ ବିଧାନଟି ମନୁଷ୍ୟର ଚେତନା ତଥା ଜୀବନକୁ ପରିଚାଳିତ କରିବାରେ ଲାଗିଛି, ଏହି ନୂତନ ଉପଲବ୍ଧ ସ୍ଥିତିଟି ମଧ୍ୟରେ ସେଥିରେ ବସ୍ତୁତଃ ଏକ ରୂପାନ୍ତର ସଂଘଟିତ ହେବ, କାରଣ ତାହା ଏହି ଅବିଦ୍ୟାଗତ ଜୀବନର ସମୁଦାୟ ତତ୍ତ୍ୱଟିକୁହିଁ ରୂପାନ୍ତରିତ କରିଦେବ । ଆମେ ହୁଏତ ଏପରି ବି କଳ୍ପନା କରିପାରିବା ଯେ ଅବିଦ୍ୟାର ଏକ ଆସ୍ୱାଦନ ଲାଭ କରିବାକୁ ଏବଂ ତାହା ଭିତରେ ଅନ୍ତର୍ନିହିତ ବିସ୍ମୟ ଓ ସାହସିକତାଟିକୁ ଥରେ ଚାଖି ଦେଖିବାକୁହିଁ ଆତ୍ମା ଏହି ନିଶ୍ଚେତନା ମଧ୍ୟକୁ ଓହ୍ଲାଇ ଆସିଛି ଏବଂ ଜଡ଼ର ଛଦ୍ମରୂପ ଧାରଣ କରିଛି । ସୃଷ୍ଟି ଏବଂ ଆବିଷ୍କାରର ଦୁଃସାହସିକତା ତଥା ଆନନ୍ଦ ସକାଶେ ଏବଂ ଚିନ୍ମୟତାର ଓ ମନର ତଥା ପ୍ରାଣର ଏକ ସାହସଯାତ୍ରା ସକାଶେ, ଜଡ଼ ମଧ୍ୟରେ କ୍ରିୟା କରିବାର ସଙ୍କଟସଙ୍କୁଲତା ତଥା ବିସ୍ମୟାଭିଭୂତି ସକାଶେ ଏବଂ ନୂତନ ତଥା ଅନବଜ୍ଞାତର ଆବିଷ୍କାର ଓ ତାହା ଉପରେ ବିଜୟଲାଭ କରିବା ସକାଶେ ଏହି ଆତ୍ମା ଏଠାରେ ଅବତୀର୍ଣ୍ଣ ହୋଇଛି । ଜୀବନର ପ୍ରୟାସ ଓ ପ୍ରଚେଷ୍ଟା କହିଲେ ଏହିସବୁଗୁଡ଼ିକୁ ବୁଝାଉଛି, ଏବଂ ଅବିଦ୍ୟାର ଅବସାନ ଘଟିବା ସଙ୍ଗେ ସଙ୍ଗେ ଏଗୁଡ଼ିକର ମଧ୍ୟ ଅବସାନ ଘଟିବ । ମନୁଷ୍ୟର ଏହି ଜୀବନ ସେହି ଅବିଦ୍ୟାର ଆଲୋକ ଓ ଅନ୍ଧାରଦ୍ୱାରା ଗଢ଼ାହୋଇଛି, ଲାଭ ଓ କ୍ଷତିଦ୍ୱାରା ଗଢ଼ାହୋଇଛି, ବାଧା ଓ ବିପଦ ତଥା ସୁଖ ଓ ଦୁଃଖ ଦ୍ୱାରା ଗଢ଼ାହୋଇଛି; ନାନା ବର୍ଣ୍ଣ ଓ ବର୍ଣ୍ଣାଢ୍ୟତାର ଏକ କ୍ରୀଡ଼ାରୂପେ ତାହା ଜଡ଼ଗତ ଏକ ସାଧାରଣ ନିରପେକ୍ଷତାର ଭୂମି ଉପରେ ଅଗ୍ରସର ହେବାରେ ଲାଗିଛି ଏବଂ ନିଶ୍ଚେତନାର ଅଚେତନ ସ୍ଥିତି ଓ ବୋଧଶୂନ୍ୟତା

'oaob.nitrkl.ac.in' images reprocessed

ସେହି ଭୂମିଟିର ଆଧାର ହୋଇ ରହିଛି । ସେଭଳି ଜୀବନରେ ବିଜୟ ଓ ବିଫଳତାର ଆଦୌ କୌଣସି ପ୍ରତିକ୍ରିୟା ନାହିଁ, ପ୍ରାଣଗତ ଆନନ୍ଦ ନାହିଁ ବା ପ୍ରାଣଗତ ନିରାନନ୍ଦ ବି ନାହିଁ, ବାସନା ନାହିଁ କି ବିପଦ ନାହିଁ, ସୁଖ ଦୁଃଖ କିଛି ନାହିଁ, ଭାଗ୍ୟ,ସଂଘର୍ଷ, ସଂଗ୍ରାମ ବା ଉଦ୍ୟମର କୌଣସି ଦୋଳାୟମାନତା ନାହିଁ ବା ଅନିଶ୍ଚିତତା ନାହିଁ, ଅଜ୍ଞାତ ଓ ଅନାବିଷ୍କୃତ ମଧ୍ୟକୁ ଆପଣାକୁ ପ୍ରକ୍ଷେପିତ କରି ରଖିଥିବା ନୂତନତ୍ୱ, ବିସ୍ମୟ ଏବଂ ସୃଜନଜନିତ କୌଣସି ଆନନ୍ଦ ମଧ୍ୟ ନାହିଁ, ସାଧାରଣ ଏହିପ୍ରସ୍ତାବସ୍ଥ ପ୍ରାଣସତ୍ତାକୁ ସେହି ଜୀବନଟି ହୁଏତ ସମ୍ପୂର୍ଣ୍ଣ ବୈଚିତ୍ର୍ୟହୀନ ବୋଧ ହେବ ଓ ତେଣୁ ତାହା ସେଥିରୁ କୌଣସି ପ୍ରାଣଗତ ସ୍ୱାଦ ପାଉ ନଥିବ । ଏସବୁର ସୀମାକୁ ଅତିକ୍ରମ କରି ଯାଇଥିବା କୌଣସି ଜୀବନ ସେହି ପ୍ରାଣସତ୍ତାକୁ ବୈଶିଷ୍ଟ୍ୟରହିତ ତଥା ଶୂନ୍ୟପ୍ରାୟ ବୋଧ ହେବ ଏବଂ ଏକ ଅପରିବର୍ତ୍ତନୀୟ ନୀରସତାର ଅବତାରଣା କରାଇବ । ମନୁଷ୍ୟମନର ସ୍ୱର୍ଗଚିତ୍ରରେ ଏହିପରି ଏକ ଚିରନ୍ତନ ଏକସ୍ୱରତାର ବିରାମହୀନ ପୁନରାବୃତ୍ତିରହିଁ କଳ୍ପନା କରାଯାଇଥାଏ । ମାତ୍ର ଏହି କଳ୍ପନା ହେଉଛି ଏକ ଭୁଲ କଳ୍ପନା; କାରଣ ବିଜ୍ଞାନମୟ ଚେତନା ମଧ୍ୟକୁ ପ୍ରବେଶ କରିବା ସବୁବେଳେ ସେହି ପରମ ଅନନ୍ତ ମଧ୍ୟକୁ ପ୍ରବେଶ କରିବାକୁହିଁ ବୁଝାଇବ । ତାହା ଏପରି ଏକ ଆତ୍ମବିସୃଷ୍ଟି ହୋଇ ରହିବ, ଯାହାକି ପରମ ଅନନ୍ତକୁ ଅନନ୍ତ ସତ୍ତାରୂପରେ ପ୍ରକାଶିତ କରିଆଣିବ । ଏବଂ ଯେକୌଣସି ଅନ୍ତବିଶିଷ୍ଟତାର ଆନନ୍ଦ ଅପେକ୍ଷା ସେହି ପରମ ଅନନ୍ତଙ୍କର ଆନନ୍ଦ ଅନେକ ବୃହତ୍ତର ଓ ଅନେକ ବହୁମୁଖୀ ଏବଂ ତାହା ଅବିନାଶୀ ଭାବରେ ଅନେକ ଅଧିକ ଆନନ୍ଦମୟ । ଯେତେବେଳେ ସେହି ପରମ ଜ୍ଞାନର ବିବର୍ତ୍ତନ ଘଟିବ, ସେତେବେଳେ ତାହା ଏକ ଅଧିକ ସୁନ୍ଦର ଓ ଅଧିକ ମହିମାମୟ ପ୍ରକାଶରେ ଆମ ଆଗରେ ଫୁଟିକି ଉଠିବ, ଆମର ଚକ୍ଷୁ ସମକ୍ଷରେ ଅବିରାମ ଭାବରେ କେତେକେତେ ଦୃଷ୍ଟିଭୂମିକୁ ପ୍ରସାରିତ କରି ଦେଉଥିବ; ଏବଂ ଅବିଦ୍ୟାଶ୍ରିତ ଯେକୌଣସି ବିବର୍ତ୍ତନ ଅପେକ୍ଷା ତାହା ସକଳ ଦିଗରୁ ଓ ସକଳ ଦୃଷ୍ଟିରୁ ଅଧିକ ପ୍ରଗାଢ଼ ହେବ । ପରମ ଚିଦ୍‌ଗତତାର ଆନନ୍ଦ ହେଉଛି ଏକ ନିତ୍ୟନୂତନ ଆନନ୍ଦ, ତାହା ଗ୍ରହଣ କରୁଥିବା ସୌନ୍ଦର୍ଯ୍ୟରୂପର ସଂଖ୍ୟା ହେଉଛି ଅଗଣିତ, ତାହାର ଦେବତ୍ୱ ନିତ୍ୟତାରୁଣ୍ୟମୟ ଏବଂ ସେହି ଅନନ୍ତ-ସତ୍ତାର ରସାସ୍ୱାଦନ ମଧ୍ୟ ଚିରନ୍ତନ ଓ ଅଶେଷ । ବର୍ତ୍ତମାନର ଏହି ଅଭିବ୍ୟକ୍ତି ଭିତରେ ସୃଜନଲାଗି ଯେତିକି ଆଗ୍ରହ ରହିଛି, ଜୀବନର ସେହି ପୂର୍ଣ୍ଣତର ତଥା ଅଧିକ ଫଳପ୍ରସୂ ବିଜ୍ଞାନମୟ ପ୍ରକାଶଟି ଆପଣାର ଆଗ୍ରହକ୍ଷେତ୍ରରେ ତାହାଠାରୁ ଅଧିକ ପ୍ରଦୀପ୍ତ ହେବ, ଅଧିକ ରସମୟ ହେବ । ତାହା ଏକ ଅଧିକ ବୃହତ, ଅଧିକ ସୁଖଦାୟକ ସତତ ବିସ୍ମୟ ହୋଇ ରହିଥିବ ।

'oaob.nitrkl.ac.in' images reprocessed

ଏହି ଜଡ଼ପ୍ରସ୍ତ ପ୍ରକୃତିରେ ଯଦି ପ୍ରକୃତିରେ ଏକ ବିବର୍ତ୍ତନର ପ୍ରକ୍ରିୟା କାର୍ଯ୍ୟ କରୁଛି, ଯଦି ଚେତନା ତଥା ଜୀବନକୁ ଆପଣାର ଦୁଇଟି ମୂଳବିଭାବ ଓ ସାମର୍ଥ୍ୟରୂପେ ଗ୍ରହଣ କରି ତାହା ସତ୍ତାର ଏକ ବିବର୍ତ୍ତନରୂପେ ଆପଣାକୁ କାର୍ଯ୍ୟକାରୀ କରୁଛି, ତେବେ ପୂର୍ଣ୍ଣସତ୍ତା, ପୂର୍ଣ୍ଣଚେତନା ତଥା ଜୀବନର ପରିପୂର୍ଣ୍ଣତାହିଁ ଏହି ବିବର୍ତ୍ତନ ବା ବିକାଶର ଚରମ ଲକ୍ଷ୍ୟ ହୋଇ ରହିବା ଉଚିତ । ଆମେ ସମସ୍ତେ ବର୍ତ୍ତମାନ ସେହି ପରିପୂର୍ଣ୍ଣତାର ଅଭିମୁଖରେ ଅଗ୍ରସର ହେଉଛୁ ଏବଂ ଶୀଘ୍ର ହେଉ, ଅଥବା ବିଳମ୍ବରେ ହେଉ, ଆମର ଭବିଷ୍ୟନ୍ନିୟତିର କ୍ଷେତ୍ରରେ ଦିନେ ନା ଦିନେ ସେହି ପରିପୂର୍ଣ୍ଣତାହିଁ ଆପଣାକୁ ପ୍ରକାଶିତ କରିଦେବ । ଯେଉଁ ଆତ୍ମା, ଯେଉଁ ଚିତ୍‌ସତ୍ତା ଓ ସତ୍ୟ ଜୀବନ, ଜଡ଼ ଓ ପ୍ରାଣର ସେହି ପ୍ରଥମ ନିଶ୍ଚେତନାଟି ମଧ୍ୟରୁ ଆପଣାକୁ ଉନ୍ମୋଚିତ କରିଆସୁଛି, ଦିନେ ତାହା ସେହି ଜୀବନ ତଥା ସେହି ଜଡ଼ର ଭୂମି ଉପରେ ଆପଣା ସତ୍ତା ଓ ଆପଣା ଚେତନାର ସମ୍ପୂର୍ଣ୍ଣ ସତ୍ୟଟିକୁ ବିବର୍ତ୍ତିତ ଓ ବ୍ୟକ୍ତ କରିଆଣିବ । ସେତେବେଳେ ତାହା ଆପଣା ମଧ୍ୟକୁ ଫେରିଆସିବ; ଅଥବା, ଏକ ବ୍ୟକ୍ତି ହିସାବରେ ଆପଣାର ପରମ ନିଷ୍କଳତା ଏବଂ ନିର୍ବିଶେଷତା ମଧ୍ୟକୁ ଫେରିଆସିବା ଯଦି ତାହାର ଅନ୍ତିମ ଲକ୍ଷ୍ୟ ହୋଇ ରହିଥାଏ, ତେବେ ତାହା ତାହାର ମଧ୍ୟକୁହିଁ ଫେରିଯିବ । ଜୀବନର କୌଣସି ବ୍ୟର୍ଥତା ମଧ୍ୟଦେଇ ନୁହେଁ, ମାତ୍ର ଏହି ଜୀବନ ଭିତରେ ଆପଣାର ଏକ ଚିନ୍ମୟ ପରିପୂର୍ଣ୍ଣତାର ମଧ୍ୟଦେଇ ସେ ଆପଣା ପାଖକୁ ଫେରିଆସିବ । ଅବିଦ୍ୟା ମଧ୍ୟରେ ବର୍ତ୍ତମାନ ଆମର ଏହି ବିବର୍ତ୍ତନଟି, ଆତ୍ମ-ଆବିଷ୍କାର ତଥା ବିଶ୍ୱ-ଆବିଷ୍କାରର ତଦୁପଲବ୍ଧ ନାନା ବର୍ଣ୍ଣ-ବିଭବମୟ ଆନନ୍ଦ ତଥା ନିରାନନ୍ଦ, ତାହାର ଯାବତୀୟ ଅର୍ଦ୍ଧ-ପରିପୂର୍ଣ୍ଣତା, ଏହାର ଅବିରାମ ପାଇବା ଓ ଅବିରାମ ହରାଇବସିବା,—ଏସବୁ ହେଉଛି କେବଳ ଆମର ଏକ ପ୍ରଥମ ସ୍ଥିତି, ଆମ ବିବର୍ତ୍ତନଟିର ପ୍ରଥମ ପର୍ବ । ଅବିଦ୍ୟାଗତ ଏହି ବିବର୍ତ୍ତନ ଅନିବାର୍ଯ୍ୟ ଭାବରେ ଆମକୁ ପରମଜ୍ଞାନସ୍ଥ ସେହି ବିବର୍ତ୍ତନ ମଧ୍ୟକୁ ପରିଚାଳିତ କରିନେବ, ପରମ ଚିଦ୍‌ସତ୍ତାର ସେହି ଆତ୍ମ-ଆବିଷ୍କାର ଓ ଆତ୍ମ-ଉନ୍ମୋଚନ ଆଡ଼କୁ ନେଇଯିବ; ଆମଲାଗି ଯାହା ବର୍ତ୍ତମାନ କେବଳ ଏକ ପରାପ୍ରକୃତି ହୋଇ ରହିଛି, ପ୍ରକୃତିମଧ୍ୟସ୍ଥ ପରମ ଦିବ୍ୟସତ୍ତାର ସେହି ଯଥାର୍ଥ ସ୍ୱରୂପସାମର୍ଥ୍ୟର ଭୂମି ଉପରେ କେବଳ ତାଙ୍କରି ବିଶ୍ୱମୟ ଆତ୍ମପ୍ରକାଶ ଆଡ଼କୁ ଆମକୁ ବହନ କରିନେବ ।

—ସମାପ୍ତ—

'oaob.nitrkl.ac.in' images reprocessed

'oaob.nitrkl.ac.in' images reprocessed